ଶରତ ସାହିତ୍ୟ ସମଗ୍ର

ପ୍ରଫେସର ଡକ୍ଟର ଶରତଚନ୍ଦ୍ର ରଥ

ରାଜକବି ଧନଞ୍ଜୟ ଭଞ୍ଜଙ୍କ
କୃତି ଓ କୃତିତ୍ୱ

ପ୍ରଫେସର ଡକ୍ଟର ଶରତଚନ୍ଦ୍ର ରଥ

ଶରତ ଗ୍ରନ୍ଥାବଳୀ - ୪

ରାଜକବି ଧନଞ୍ଜୟ ଭଞ୍ଜଙ୍କ କୃତି ଓ କୃତିତ୍ୱ

ଲେଖକ : ପ୍ରଫେସର ଡକ୍ଟର ଶରତ ଚନ୍ଦ୍ର ରଥ
ମୁଦ୍ରଣ : ଦିବ୍ୟ ମୁଦ୍ରଣୀ
୫୮/୬୦, ଦିବ୍ୟବିହାର
ସାମନ୍ତରାପୁର, ଭୁବନେଶ୍ୱର - ୨
ତୃତୀୟ ସଂସ୍କରଣ : ୨୦୧୬
ମୂଲ୍ୟ : ....

RAJKABI DHANANJAY BHANJANKA
KRUTI O KRUTITWA
Author : Prof. Dr. Sarat chandra Rath

Printed at : Divya Mudrani
58/ 60, Divya Vihar,
Samantrapur, BBSR-2

Third Edition : 2016

Price : ...

ଉତ୍ସର୍ଗ

ମୋ ବୋଉଙ୍କ କର କମଳରେ -

ବିନୀତ

ଶରତ

ମୁଖବନ୍ଧ

ମଧ୍ୟଯୁଗୀୟ ଓଡ଼ିଆ ସାହିତ୍ୟରେ ଧନଞ୍ଜୟ ଭଞ୍ଜ ଏକ ଅବିସ୍ମରଣୀୟ ପ୍ରତିଭା । କବି ସମ୍ରାଟ ଉପେନ୍ଦ୍ର ଭଞ୍ଜଙ୍କ ପ୍ରତିଭାର ଆକଳନ କଲାବେଳେ ଧନଞ୍ଜୟଙ୍କ କବିତ୍ୱ ମାନଦଣ୍ଡ ରୂପେ ଗୃହୀତ ହୋଇଥାଏ । ଧନଞ୍ଜୟଙ୍କ ପ୍ରତିଭାର ଭିତ୍ତିରେ ଉପେନ୍ଦ୍ରଙ୍କ ପ୍ରତିଭାର ସ୍ଥିତି ହୋଇଛି ସୁଦୃଢ଼ ଓ ଅଭିବ୍ୟକ୍ତି ହେଉଛି ସୁରମ୍ୟ ତଥା ଶୋଭନୀୟ । ବିଧିବଦ୍ଧ ଭାବରେ ଓଡ଼ିଆ ରୀତି କାବ୍ୟର ପ୍ରଥମ ପ୍ରବକ୍ତା ଧନଞ୍ଜୟ ଭଞ୍ଜଙ୍କ ସଂପର୍କରେ ଆଲୋଚନା ମୂଳକ ଗ୍ରନ୍ଥର ଅଭାବ ରହିଛି । ଯାହାଙ୍କର କୃତି ଓ କୃତିତ୍ୱ ପରବର୍ତ୍ତୀ କାଳରେ ବହୁ କବିଙ୍କୁ ପ୍ରଭାବିତ କରିଛି ଓ ଏକ ସ୍ୱତନ୍ତ୍ର ଯୁଗର ସାହିତ୍ୟଧାରା ସୃଷ୍ଟି କରିଛି, ସେହି ସ୍ୱନାମଧନ୍ୟ କବି ଧନଞ୍ଜୟ ଭଞ୍ଜଙ୍କ ସଂପର୍କରେ ଆଲୋଚନା ମୂଳକ ଗ୍ରନ୍ଥର ଅଭାବକୁ କିଞ୍ଚିତ ଦୂର କରିବା ପାଇଁ ମୋର ଏହି ସାମାନ୍ୟତମ ପ୍ରଚେଷ୍ଟା । ତାଙ୍କର ଜୀବନଧାରା, ଶାସନ ପ୍ରଣାଳୀ ଓ ସାହିତ୍ୟ ସାଧନା ସମ୍ବନ୍ଧରେ ସମ୍ୟକ ଚର୍ଚ୍ଚା ଏହି ଗ୍ରନ୍ଥଟିରେ କରାଯାଇଛି । ଅପୂର୍ବ କବିତ୍ୱର ବିମୋହନ ବିଳାସରେ ରବ୍ଧିମନ୍ତ ତାଙ୍କର ସୃଷ୍ଟିସମ୍ଭାର ମଧ୍ୟରୁ କେତେକ ପ୍ରକାଶ ଲାଭ କରିଛି ଓ ଆଉ କେତେକ ଏବେ ମଧ୍ୟ ଅପ୍ରକାଶିତ ରହିଛି । ପ୍ରାଣସ୍ପର୍ଶୀ ଭାବଧାରା ଓ ଭାବାନୁସାରୀ ଶବ୍ଦ ଯୋଜନା କବି କୃତିକୁ ବରଣୀୟ କରିଛି । କବି କୃତିରେ ଅଳଙ୍କାରର ଜଟିଳତା ନାହିଁ, କ୍ଲିଷ୍ଟଶବ୍ଦ ସମ୍ଭାରର ସଂଯୋଜନା ନାହିଁ, ଅଛି ସରଳ ଲଳିତ ଭାଷାମାଧ୍ୟମରେ ମର୍ମସ୍ପର୍ଶୀ ଭାବର ମୋହିନୀ ମଧୁରିମା । ତାଙ୍କ ଲେଖନୀ ଓଡ଼ିଆ ସାହିତ୍ୟକୁ ଧର୍ମର ନିଗଡ଼ ବନ୍ଧନରୁ ବହୁ ପରିମାଣରେ ମୁକ୍ତି ପ୍ରଦାନ କରିଛି । ପ୍ରୀତିର ସୁବାସରେ ସୁବାସିତ ହୋଇଛି ତାଙ୍କର କୃତି କୁସୁମ କୁଞ୍ଜ । ଉପେନ୍ଦ୍ର ଭଞ୍ଜ କେତେକ କବିଙ୍କ ଗୁରୁ ପଦରେ ଅଧିଷ୍ଠିତ ହେଲାବେଳେ ଧନଞ୍ଜୟ ଗୁରୁଣାଂ ଗୁରୁର ଆସନ ଅଳଙ୍କୃତ କରିଛନ୍ତି । ତାଙ୍କର ପ୍ରତିଭାର ପଟ୍ଟାନ୍ତର ନାହିଁ । ଏହି ପୁସ୍ତକରେ ମୁଁ କେତେକ ତଥ୍ୟ ତାଙ୍କ ସଂପର୍କରେ ଉପସ୍ଥାପନା କଲେ ମଧ୍ୟ ତାଙ୍କ ପ୍ରତିଭାର ପୂର୍ଣ୍ଣାଙ୍ଗ ଆକଳନ ନିମନ୍ତେ ଆହୁରି ଅଧିକ ଆଲୋଚନାର ଆବଶ୍ୟକତା ରହିଛି ।

ଶ୍ରୀମା ଶ୍ରୀଅରବିନ୍ଦଙ୍କ ଚରଣ କମଳରେ ଏଇ ଅବସରରେ ଶତ ପ୍ରଣାମ ଜଣାଉଛି ।

ଡକ୍ଟର ଶରତ ଚନ୍ଦ୍ର ରଥ

ଓଡ଼ିଆ ସାହିତ୍ୟରେ ରୀତିଯୁଗ ସୁବର୍ଣ୍ଣ ଯୁଗର ଗୌରବରେ ଗୌରବାନ୍ୱିତ । କଥାବସ୍ତୁର ନିର୍ମଳ ନିର୍ଯ୍ୟାସ, ଭାଷାର ବିମୁଗ୍ଧ ବିନ୍ୟାସ ଓ ଛନ୍ଦର ବିମଳ ବିଳାସ ମଧ୍ୟରେ ରୀତିସାହିତ୍ୟର ବିଶେଷତ୍ୱ ପରିବ୍ୟାପ୍ତ । ଓଡ଼ିଆ ରୀତିସାହିତ୍ୟକୁ ବଳିଷ୍ଠ ତଥା ପରିପୁଷ୍ଟ କରିବା ଦିଗରେ ଘୁମୁସର ଭଞ୍ଜ ବଂଶର ଅବଦାନ ଅବିସ୍ମରଣୀୟ । ଏହି ଭଞ୍ଜ ବଂଶ ଲତାରେ ରାଜକବି ଧନଞ୍ଜୟ ଭଞ୍ଜଙ୍କର ସାହିତ୍ୟ ସ୍ରଷ୍ଟା ଭାବରେ ସ୍ଥିତି ସ୍ୱତନ୍ତ୍ର ଓ ସୁଦୃଢ଼ । ଜୀବନ ଥିଲା ତାଙ୍କର ସାରସ୍ୱତ ଆରାଧନା ପାଇଁ ଏକ ପବିତ୍ର ତୀର୍ଥ । ତାଙ୍କ ଜନ୍ମଗତ ସୃଜନଶୀଳ ପ୍ରତିଭାକୁ ଅଭିବ୍ୟକ୍ତ କରିବା ଦିଗରେ ପରିବେଶ ଗତ ସୌନ୍ଦର୍ଯ୍ୟର ପ୍ରଭାବ ଯଥେଷ୍ଟ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିଲା । ଗଞ୍ଜାମର ପ୍ରାକୃତିକ ପରିବେଶରେ ମଧୁରିମାର ଲଳିତ ସ୍ପର୍ଶକୁ ଅନୁଭବ କରି କୁଳମଣି ଦାଶ କାବ୍ୟତୀର୍ଥ କହନ୍ତି, ''କବିତ୍ୱର ସ୍ଫୁରଣ ପାଇଁ ଯେଉଁ ଯେଉଁ ଅବସ୍ଥା ଅନୁକୂଳ ଗଞ୍ଜାମରେ ସେ ସମସ୍ତ ପୂର୍ଣ୍ଣମାତ୍ରାରେ ବିଦ୍ୟମାନ ଥିଲାପରି ମନେ ହୁଏ । ଗଞ୍ଜାମ ଜିଲ୍ଲାର ପ୍ରାକୃତିକ ଅବସ୍ଥାନ ବଡ଼ ହୃଦୟସ୍ପର୍ଶୀ । ଏହାର ଏକ ଦିଗରେ 'ପ୍ରକୃତିର ଚାରୁଚିତ୍ରଶାଳା' ଶୋକପାଶୋରା ଅପସରା ଭୁବନ ଚିଲିକା ହ୍ରଦ ଓ ବଙ୍ଗୋପସାଗରର ନୀଳ ଫେନାକୁଳ ତୁଙ୍ଗ ତରଙ୍ଗ ଭଙ୍ଗୁର ସୁବିସ୍ତୃତ ବେଳା ପ୍ରଦେଶର ତମାଳତାଳୀ ବନରାଜିର ଶ୍ୟାମାୟମାନ ମାଧୁରୀ, ଅନ୍ୟ ଦିଗରେ ଅଭ୍ରଙ୍କଶ ମହେନ୍ଦ୍ରାଚଳର ନେତ୍ରବିନୋଦନ ସୁନୀଳ ପ୍ରଶାନ୍ତ ସ୍ୱର୍ଗୀୟ ଶୋଭା ନିତାନ୍ତ ନୀରସ ହୃଦୟକୁ ସୁଦ୍ଧା ନବୀନଭାବ ରାଜିରେ ପୂର୍ଣ୍ଣ କରିଦିଏ ।''

ଘୁମୁସର ଅଞ୍ଚଳ ନିଜସ୍ୱ ପ୍ରାକୃତିକ ସୁଷମାରେ କବି ଶେଖର ଚିନ୍ତାମଣିଙ୍କ ସ୍ୱର୍ଗକାତର କବିଚିତ୍ତରେ ଗଭୀର ଆଲୋଡ଼ନ ସୃଷ୍ଟି କରିଥିଲା । ମନ୍ତ୍ରମୁଗ୍ଧ କବିଙ୍କ କଣ୍ଠରେ ଝଙ୍କୃତ ହୋଇଥିଲା ଘୁମୁସରର ପ୍ରଶସ୍ତିଗାନ । କବିଙ୍କ ଭାଷାରେ -

'' ଅଥବାଗଞ୍ଜାମସୌନ୍ଦର୍ଯ୍ୟପୁସ୍ତିକା
ଘୁମୁସର ତା'ର ସୁବୋଧିନୀ ଟୀକା
ଶଶାଙ୍କ ମଣ୍ଡଳୀ ଉଜୁଳ-ଧରଣୀ
ଗଞ୍ଜାମ ତା'ମଧ୍ୟେ ପୂର୍ଣ୍ଣ ନିଶାମଣି
ଘୁମୁସର ଜ୍ୟୋସ୍ନା ସେ ନିଶାମଣିର
ଅତ୍ୟୁକ୍ତି ବର୍ଣ୍ଣନା ନୁହେଁ ଏହି ଗିର''

ରାଜକବି ଧନଞ୍ଜୟ ଭଞ୍ଜ ଜନ୍ମ ଗ୍ରହଣ କରିଥିଲେ ଏହି ଘୁମୁସର ରାଜବଂଶରେ ଖ୍ରୀ:୧୬୧୧ ମସିହାରେ । ଫାଲଗୁନ ଶୁକ୍ଳପକ୍ଷ ଦଶମୀ ଶୁକ୍ରବାର ବୃଷ ଲଗ୍ନରେ ସେ ଜନ୍ମ ଗ୍ରହଣ କରିଥିଲେ । ତାଙ୍କ ପିତାଙ୍କ ନାମ ଥିଲା ଗୋପୀନାଥ ଭଞ୍ଜ । ସାନଭାଇ ଗୋପୀନାଥ ଭଞ୍ଜ ତାଙ୍କ ବଡ଼ ଭାଇଙ୍କୁ ହତ୍ୟା କରି ୧୬୧୪ ଖ୍ରୀ:ଅରେ ସିଂହାସନ ଆରୋହଣ କରିଥିଲେ । ଧନଞ୍ଜୟ ଭଞ୍ଜଙ୍କର ନାମକରଣ ସଂପର୍କରେ ଏକ କିମ୍ବଦନ୍ତି ଶୁଣାଯାଏ ଯେ ଥରେ ଜଣେ ସନ୍ୟାସୀ ଘୁମୁସର ଭ୍ରମଣରେ ଆସିଥିଲେ । ଗୋପୀନାଥ ଭଞ୍ଜ ସେହି ସନ୍ୟାସୀଙ୍କୁ ନିଜର ଭବିଷ୍ୟତ ଓ ପୁତ୍ରର ଭବିଷ୍ୟତ କଥା ପଚାରିବାରୁ ସେ କହିଲେ ଯେ ଗୋପୀନାଥ ଭଞ୍ଜ ରାଜା ହେବେ ଓ ତାଙ୍କ ପୁତ୍ର ଦୀର୍ଘଜୀବୀ ହେବ । ପୁତ୍ର ବୀର, କବି ଓ ସଂଗୀତଜ୍ଞ ହୋଇ ଧନଞ୍ଜୟ ନାମରେ ସାର୍ଥକତା ଅର୍ଜନ କରିବେ । ଗୋପୀନାଥ ଭଞ୍ଜଙ୍କର

ଚାରିଗୋଟି ପୁତ୍ର ଥିଲେ । ସେମାନେ ହେଲେ - ୧. ଧନଞ୍ଜୟ ଭଞ୍ଜ, ୨. ଗୋବିନ୍ଦ ଭଞ୍ଜ, ୩. ବଳଭଦ୍ର ଭଞ୍ଜ ଛୋଟରାୟ, ୪. ନିଧି ଭଞ୍ଜ ସାମନ୍ତ ସଂହାର । ପିତାଙ୍କର ମୃତ୍ୟୁପରେ ଜ୍ୟେଷ୍ଠପୁତ୍ର ଧନଞ୍ଜୟ ଭଞ୍ଜ ୧୫୫୮ ଶକାବ୍ଦ ଅର୍ଥାତ ୧୬୩୬ ମସିହାରେ ସିଂହାସନ ଆରୋହଣ କଲେ । ଧନଞ୍ଜୟଙ୍କର ବାଲ୍ୟ ଜୀବନ ଆନନ୍ଦରେ ଅତିବାହିତ ହୋଇଥିଲା । ପିତା ଗୋପୀନାଥ ଭଞ୍ଜ ପାଞ୍ଚବର୍ଷ ବୟସରେ ପୁତ୍ର ଧନଞ୍ଜୟଙ୍କର ବିଦ୍ୟା ଶିକ୍ଷା ଆରମ୍ଭ କରାଇ ଥିଲେ । ଧନଞ୍ଜୟ ଖୁବ୍ କମ୍ ବୟସରେ ବହୁ ବିଦ୍ୟା ଆୟତ୍ତ କରିବାର ଦକ୍ଷତା ଅର୍ଜନ କରିଥିଲେ । ରାଜକୁମାର ଧନଞ୍ଜୟ କିପରି ସୁଶିକ୍ଷିତ ଓ ରାଜନୀତି ବିଶାରଦ ହେବେ ସେଥିପାଇଁ ଗୋପୀନାଥ ଭଞ୍ଜ ବିଶେଷ ଯତ୍ନ କରିଥିଲେ ।

ଦ୍ୱାଦଶ ବର୍ଷ ପରେ ରାଜପୁତ୍ର ଧନଞ୍ଜୟ ବିଦ୍ୟା ଶିକ୍ଷା ସହିତ ଶିକାର ଓ ଅସ୍ତ୍ରବିଦ୍ୟା ଶିକ୍ଷା କଲେ । ଗୋପୀନାଥ ଭଞ୍ଜ ଅତ୍ୟନ୍ତ ସାହିତ୍ୟ ଓ ସଂଗୀତ ପ୍ରେମୀ ଥିବାରୁ ତାଙ୍କ ରାଜତ୍ୱରେ ଘୁମୁସର ଥିଲା ବୁଧହଂସ କେଳିସର । ସେପରି ପରିବେଶ ଧନଞ୍ଜୟଙ୍କୁ ଦେଇଥିଲା ଅଶେଷ ପ୍ରେରଣା । ନିଜର ପ୍ରତିଭା ବଳରେ ଧନଞ୍ଜୟ ବ୍ୟାକରଣ, କାବ୍ୟ, ଦର୍ଶନ, ଅଳଙ୍କାର, ରାଜନୀତି, ଆୟୁର୍ବେଦ, ଜ୍ୟୋତିର୍ବେଦ, ତର୍କ, ନ୍ୟାୟ, ଧନୁର୍ବେଦ ଓ ସଂଗୀତ ଆଦି ଶାସ୍ତ୍ରରେ ପାରଦର୍ଶିତା ଅର୍ଜନ କରିଥିଲେ । ଉନବିଂଶ ବସୟରେ ଧନଞ୍ଜୟ ଯୁବରାଜ ପଦବୀରେ ଅଭିଷିକ୍ତ ହେଲେ । ରାଜ୍ୟର ବହୁ ଅଞ୍ଚଳ ପଦ ବ୍ରଜରେ ଭ୍ରମଣ କରି ଶାସନ କ୍ଷେତ୍ରରେ କେତେକ ପ୍ରକାରେ ପିତାଙ୍କୁ ସହାୟତା କରିଥିଲେ । ସମଗ୍ର ରାଜ୍ୟ କିପରି ଶସ୍ୟଶ୍ୟାମଳା ହେବ ସେ ଦିଗରେ ଧନଞ୍ଜୟ ଯଥେଷ୍ଟ ଧ୍ୟାନ ଦେବା ସଙ୍ଗେ ସଙ୍ଗେ କେତେକ କାର୍ଯ୍ୟାନୁଷ୍ଠାନ ମଧ୍ୟ ଗ୍ରହଣ କରିଥିଲେ । ସାହିତ୍ୟ ସାଧନାକୁ ଅଗ୍ରାଧିକାର ଦେଇ କବିତାମାନ ରଚନା କରି ସେ ପଣ୍ଡିତମାନଙ୍କୁ ଶୁଣାଇବାରେ ଅସୀମ ଆନନ୍ଦ ପାଉଥିଲେ । ସେତେବେଳେ ସଂସ୍କୃତ ଭାଷା ପ୍ରତି ହେୟ ଭାବଥିଲା । ପଣ୍ଡିତମାନଙ୍କର ପ୍ରାକୃତ ଭାଷା ପ୍ରତି ହୀନମନୋଭାବ ଲକ୍ଷ୍ୟ କରି ଧନଞ୍ଜୟ ପ୍ରାକୃତ ଭାଷାରେ ଉଚ୍ଚମାନର ସାହିତ୍ୟ ସୃଷ୍ଟି କରିବା ପାଇଁ ସୁଦୃଢ଼ ସଂକଳ୍ପ କଲେ । ପଚିଶ ବର୍ଷ ବୟସରେ ଧନଞ୍ଜୟ ରାଜ୍ୟର ଶାସନ ଭାର ହାତକୁ ନେଲେ ଓ ରାଜ୍ୟର ସର୍ବାଙ୍ଗୀଣ ବିକାଶ ନିମନ୍ତେ ନିଜକୁ ନିୟୋଜିତ କଲେ । ବିଭିନ୍ନ ସ୍ଥାନରୁ ପଣ୍ଡିତ ମାନଙ୍କୁ ଆବାହନ କରି ଯଥାମାନ୍ୟ ପୂର୍ବକ ନିଜ ଦରବାରରେ ସ୍ଥାନ ଦେବା ସଙ୍ଗେ ସଙ୍ଗେ ସେ ସଂଗୀତ ଓ ସାହିତ୍ୟର ବହୁଳ ଚର୍ଚ୍ଚା ନିମନ୍ତେ ଅନୁକୂଳ ପରିବେଶ ସୃଷ୍ଟି କରିଥିଲେ । ପ୍ରଜାମାନଙ୍କର କଲ୍ୟାଣ କାମନା ଥିଲା ତାଙ୍କର ଏକମାତ୍ର ସଂକଳ୍ପ । ଧନଞ୍ଜୟ ପୁର ଶାସନ ବସାଇବା ସଙ୍ଗେ ସଙ୍ଗେ ନିଜ ରାଜ୍ୟର ବହୁସ୍ଥାନରେ ସେ ପ୍ରଜାମାନଙ୍କର ଉନ୍ନତି କଳ୍ପେ ବହୁ କୂଅ, ପୋଖରୀ ଖୋଳାଇ ଥିଲେ । ବ୍ରାହ୍ମଣ ମାନଙ୍କ ପ୍ରତି ତାଙ୍କ ହୃଦୟରେ ଥିଲା ସୀମାହୀନ ଅନୁରକ୍ତି ଓ ଅପୂର୍ବ ଶ୍ରଦ୍ଧା । ସଂଗୀତ ଶାସ୍ତ୍ରରେ ଅଶେଷ ପ୍ରତିଷ୍ଠାର ଅଧିକାରୀ ହେବା ସଙ୍ଗେ ସଙ୍ଗେ ସାହିତ୍ୟ ରଚନା କ୍ଷେତ୍ରରେ ସେ ସ୍ୱତନ୍ତ୍ର ଭୂମିକା ଗ୍ରହଣ କରିଥିଲେ । କାବ୍ୟ ଶାସ୍ତ୍ରରେ ଗୁରୁ ଓ ଶିଳ୍ପ ଶାସ୍ତ୍ରରେ ବିଶ୍ୱକର୍ମାଙ୍କ ପରି ସମ୍ମାନ ସେ ପ୍ରାପ୍ତ ହୋଇଥିଲେ । ବୀଣା, ସିତାର, ପଖାଭଜ, ଖଞ୍ଜଣି ଆଦି ସବୁ ବାଦ୍ୟ ବାଦନରେ ତାଙ୍କର ଥିଲା ଅସୀମ ଦକ୍ଷତା । ସାତକୋଡ଼ି ନାଚୁଣୀଙ୍କୁ ବାହାରେ ରଖିଥିଲେ, ସତୁରୀ ହଜାର ଟଙ୍କା ବ୍ୟୟ କରି ଗୋଟିଏ ଜଗତୀ ନିର୍ମାଣ କରାଇଥିଲେ ଏବଂ ଏଥିରେ ରତ୍ନ ନିର୍ମିତ ଖଟ ଦୋଳି ବାଙ୍କିଆ ଆଦି ଖଞ୍ଜି ଦେଇଥିଲେ । ରାଜ୍ୟରେ ସୁଶାସନର ପ୍ରତିଷ୍ଠା ନିମନ୍ତେ ସଚେତନ ରାଜା ଧନଞ୍ଜୟ ଛଦ୍ମବେଶରେ ମଝିରେ ମଝିରେ ରାଜ୍ୟ ଭିତରେ ଭ୍ରମଣ କରି ବହୁ ତଥ୍ୟ ସଂଗ୍ରହ କରୁଥିଲେ । ଗୁପ୍ତଚର ମାନଙ୍କୁ ନିଯୁକ୍ତ କରି ସେମାନଙ୍କ ମାଧ୍ୟମରେ ପ୍ରଜାମାନଙ୍କର ସମସ୍ୟାକୁ ଜାଣି ପାରୁଥିଲେ ଓ ସମାଧାନ ପାଇଁ ଯଥାବିଧି ପଦକ୍ଷେପମାନ ଗ୍ରହଣ କରୁଥିଲେ । ରାଜ୍ୟ ରକ୍ଷା ନିମିତ୍ତ ସେ ବହୁ ପଦାତିକ ସୈନ୍ୟ, ଗଜାରୋହୀ ସୈନ୍ୟ, ଅଶ୍ୱାରୋହୀ ସୈନ୍ୟଙ୍କୁ ନିଯୁକ୍ତ କରାଇଥିଲେ । ଏହି ସୈନ୍ୟ ମାନଙ୍କୁ ପାଇକ, ନାଇକ ଓ ସର୍ଦ୍ଦାର ନାମରେ ତିନି ଭାଗରେ ବିଭକ୍ତ କରାଯାଇଥିଲା । ଧନଞ୍ଜୟ ଭଞ୍ଜଙ୍କ ରାଜତ୍ୱ କାଳରେ ଥରେ ୧୬୪୭ ଖ୍ରୀ: ସିଂହ ବଂଶ ସହିତ ତାଙ୍କର ଭୟାବହ ଯୁଦ୍ଧ ହୋଇଥିଲା । ଏହି ଯୁଦ୍ଧରେ ଧରାକୋଟ ବଡ଼ଗଡ଼ର ସୈନ୍ୟମାନେ

ଯୋଗ ଦେଇଥିଲେ । ଯୁଦ୍ଧରେ ଘୁମୁସର ସେନାପତି ଗୋବିନ୍ଦ ଭଞ୍ଜଙ୍କ ରଣକୌଶଳ ଓ ଧନଞ୍ଜୟଙ୍କର ମହାରଥୀତ୍ୱରେ ସିଂହ ବଂଶର ସୈନ୍ୟମାନେ ମୃତ୍ୟୁ ବରଣ କରିଥିଲେ । ଏ ବିଜୟରେ ସ୍ମାରକୀ ସ୍ୱରୂପ ଧନଞ୍ଜୟ ଭଞ୍ଜ ସିଂହ ମର୍ଦ୍ଦନ ନାମରେ ଗୋଟିଏ ଗ୍ରାମ ସ୍ଥାପନ କରିଥିଲେ । ରାଜ୍ୟ ରକ୍ଷା ଦିଗ ଉପରେ ଧନଞ୍ଜୟ ଯଥେଷ୍ଟ ଗୁରୁତ୍ୱ ଆରୋପ କରୁଥିଲେ । ସେଥିପାଇଁ ସେ କେତେକ ନୂତନ ଗଡ଼ ନିର୍ମାଣ କରାଇଥିଲେ ।

ସେମାନଙ୍କ ଭିତରେ କୁଲାଡ଼ ଗଡ଼ ଦୁର୍ଗାପ୍ରସାଦ ଗଡ଼, ବିଷ୍ଣୁଚକ୍ର ଗଡ଼, ମାଳତୀ ଗଡ଼, ତାରସିଙ୍ଗି ଗଡ଼ ଅନ୍ୟତମ । ବଡ଼ବଡ଼ ଗଡ଼ ଗୁଡ଼ିକୁ ଗୋବିନ୍ଦ ଭଞ୍ଜଙ୍କ ଅଧୀନରେ ରଖି ନିଜେ ଘୁମୁସର ତଥା କୁଲାଡ଼ ଗଡ଼ର ଦାୟିତ୍ୱ ନେଇଥିଲେ । ରାଜା ଧନଞ୍ଜୟ ସାତଗୋଟି କନ୍ୟା ବିବାହ କରିଥିଲେ ଓ ପାଞ୍ଚଗୋଟି କନ୍ୟାଙ୍କୁ ରଖିଥିଲେ । ଏହି ବିବାହିତ କନ୍ୟାମାନଙ୍କର ପୁତ୍ରମାନଙ୍କ ନାମ ହେଉଛି ଏହିପରି - ୧. ରାଉତ ଘର କନ୍ୟାଙ୍କ ପୁତ୍ର ଗଙ୍ଗାଧର ପାଟକୁମାର । ୨. ତୁରୁମୁ ଘର କନ୍ୟାଙ୍କ ପୁତ୍ର ଜ୍ୟେଷ୍ଠ ହରି ଶରଣ ଭଞ୍ଜ ଓ କନିଷ୍ଠ କେଶରୀ ମର୍ଦ୍ଦନ ଭଞ୍ଜ । ୩. ଧରାକୋଟ ଘର କନ୍ୟାଙ୍କ ପୁତ୍ର ବିଷ୍ଣୁ ନାଥ ମଙ୍ଗରାଜ । ୪. ନବଦୁର୍ଗ ଘର କନ୍ୟାଙ୍କ ପୁତ୍ର ଗଦାଧର ଭଞ୍ଜ ସାମନ୍ତସିଂହାର ।୬. ଖଲିକୋଟ ଘର କନ୍ୟାଙ୍କ ପୁତ୍ର ଗିରିଧର ଭଞ୍ଜ, ସଦାଶିବ ଭଞ୍ଜ ଓ ବାଉରୀ ଭଞ୍ଜ ।୭. ରାଉତ ଘର କନ୍ୟାଙ୍କ ପୁତ୍ର ଭ୍ରମରବର ଭଞ୍ଜ ଓ ଅର୍ଜୁନ ଭଞ୍ଜ । ଏହିପରି ସାତ ଗୋଟି ପତ୍ନୀଙ୍କଠାରୁ ତ୍ରୟୋଦଶଟି ପୁତ୍ର ଜାତ ହୋଇଥିଲେ । ଏହାଛଡ଼ା ଅନ୍ତର ସ୍ତ୍ରୀମାନଙ୍କଠାରୁ ପାଞ୍ଚଗୋଟି ପୁତ୍ର ଜାତ ହୋଇଥିଲେ । ଏପରି ମୋଟରେ ଧନଞ୍ଜୟଙ୍କର ଅଷ୍ଟାଦଶ ପୁତ୍ର ଥିଲେ ।

ଧନଞ୍ଜୟ ଭଞ୍ଜ ଅତ୍ୟନ୍ତ ବିଳାସୀ ଥିଲେ । ସଂଗୀତ ସାଧନାରେ ଓ ସାହିତ୍ୟ ଚର୍ଚ୍ଚାରେ ତାଙ୍କର ଦିନ ଅତିବାହିତ ହେଉଥିଲା । ରାଣୀମାନଙ୍କ ମଧ୍ୟରେ ନବଦୁର୍ଗ କନ୍ୟା ମଣ୍ଡା ଦେବୀ ରାଜାଙ୍କର ସର୍ବାପେକ୍ଷା ଅଧିକ ପ୍ରିୟ ଥିଲେ । ପ୍ରକୃତପକ୍ଷେ ଧନଞ୍ଜୟଙ୍କ ପରେ ଜ୍ୟେଷ୍ଠ ପୁତ୍ର ଗଙ୍ଗାଧର ରାଜପଦ ପ୍ରାପ୍ତ ହେବା କଥା, ମାତ୍ର ମଣ୍ଡା ଦେବୀ ସବୁବେଳେ ନିଜ ପୁତ୍ର ନୀଳକଣ୍ଠ ଭଞ୍ଜଙ୍କୁ ରାଜା କରାଇବା ପାଇଁ ଧନଞ୍ଜୟଙ୍କୁ ପ୍ରବର୍ତ୍ତାଇଲେ । ରାଜା ଧନଞ୍ଜୟ ଏଥିରେ ବିବ୍ରତ ହୋଇପଡ଼ିଲେ । ଦିନେ ରାଜ୍ୟକୁ ଅଶ୍ୱତଥାମା ନାମରେ ଜଣେ ପୁଣ୍ୟକର୍ମା ପୁରୁଷ ଆସିଥିଲେ । ରାଜା ଧନଞ୍ଜୟ ତାଙ୍କୁ ଯଥେଷ୍ଟ ସମ୍ମାନ ପ୍ରଦର୍ଶନ କରିବା ସଙ୍ଗେ ସଙ୍ଗେ ନିଜ ପରେ କିଏ ରାଜା ହେବ ବୋଲି ପଚାରିବାରୁ ସେ ସମସ୍ତ ପୁଅ ଓ ପୁତୁରାଙ୍କୁ ତାଙ୍କ ନିକଟକୁ ଆଣିବାକୁ କହିଲେ । ପୁଅ ଓ ପୁତୁରା ସମସ୍ତଙ୍କୁ ଦେଖି ସେ ପୁଣ୍ୟକର୍ମ । ପୁରୁଷ କହିଲେ ଧନପରେ ଘନ ରାଜା ହେବେ । ଏକଥା ଶୁଣି ରାଜା ଧନଞ୍ଜୟ ବିସ୍ମିତ ହେଲେ । ନିଜର ପୁତ୍ରମାନେ ଥାଉ ଥାଉ ଥାଟରାଜା ଗୋବିନ୍ଦ ଭଞ୍ଜଙ୍କର ପୁତ୍ର ଘନ ଭଞ୍ଜ ରାଜା ହେବ ବୋଲି ଶୁଣି ସେ ମର୍ମାହତ ହେଲେ । ରାଣୀ ମଣ୍ଡାଦେବୀ ଏସବୁ ଶୁଣି ନିଜ ପୁତ୍ରଙ୍କୁ ରାଜା କରିବା ପାଇଁ ଉପାୟ ପାଆଲେ । ତାଙ୍କ ପ୍ରରୋଚନାରେ ପଡ଼ି ଧନଞ୍ଜୟ ଭଞ୍ଜ ଥାଟରାଜାଙ୍କ ପୁତ୍ରମାନଙ୍କୁ କୁଲାଡ଼ ଗଡ଼ ତ୍ୟାଗ କରିବାକୁ ଆଦେଶ ଦେଲେ । ସେମାନେ ରାଜ୍ୟ ତ୍ୟାଗକରି ଚାଲିଗଲା ପରେ ମଣ୍ଡାଦେବୀ ଟିକିଏ ଆନନ୍ଦିତ ହେଲେ । ପୁନଶ୍ଚ ସେ ଗଙ୍ଗାଧର ଓ ତାଙ୍କ ପୁତ୍ର ଶତ୍ରୁଞ୍ଜୟଙ୍କୁ ମାରିବା ପାଇଁ ଉପାୟ ଚିନ୍ତା କଲେ । ନିଜ ପୁତ୍ର ଏହା ଫଳରେ ନିଷ୍କଣ୍ଟକ ରାଜ୍ୟ ଭୋଗ କରିବ ବୋଲି ମଣ୍ଡାଦେବୀ ଚିନ୍ତା କଲେ ।

ନୀଳକଣ୍ଠ ଭଞ୍ଜ ରାଜ୍ୟ ଲୋଭରେ ଜ୍ୟେଷ୍ଠାରାଣୀଙ୍କ ପୁତ୍ର ଗଙ୍ଗାଧର ପାଟକୁମାରଙ୍କୁ ଓ ତାଙ୍କ ପୁତ୍ର ଶତ୍ରୁଞ୍ଜୟ ଭଞ୍ଜଙ୍କୁ ହତ୍ୟା କଲେ । ରାଣୀ ମଣ୍ଡାଦେବୀ ବ୍ରାହ୍ମଣୀ ନାନୀ ଦ୍ୱାରା ଚକୁଳି ଦୁଗଧରେ ବିଷ ଦେଇ ରାଜା ଧନଞ୍ଜୟଙ୍କୁ ମାରି ନିଜ ପୁତ୍ରକୁ ସିଂହାସନରେ ଆସୀନ କରାଇବାର କିମ୍ବଦନ୍ତୀ ରହିଛି । ସେ ଯାହାହେଉ ଧନଞ୍ଜୟ ଭଞ୍ଜ ପଞ୍ଚଷ୍ଠି ବର୍ଷ ରାଜତ୍ୱ କରି ୧୭୦୧ ଖ୍ରୀ: ଅରେ ପ୍ରାଣ ତ୍ୟାଗ କଲେ ।

ବହୁମୁଖୀ ପ୍ରତିଭାର ଅଧିକାରୀ ଧନଞ୍ଜୟ ମାତୃଭାଷାରେ ସାହିତ୍ୟ ସୃଷ୍ଟି କରି ଉତ୍କଳବାଣୀ ଭଣ୍ଡାରକୁ ସମୃଦ୍ଧ

କରି ଯାଇଛନ୍ତି । କବିଙ୍କର ସୃଷ୍ଟି ସମ୍ଭାରରେ ଜୀବନ ଜିଜ୍ଞାସାର ସ୍ୱର ଝଙ୍କୃତ । ରୀତି ସାହିତ୍ୟର ଉପାଦାନ ସହିତ ଜୀବନଚିନ୍ତାର ସମ୍ୟକ ସମନ୍ୱୟ ତାଙ୍କ ସୃଷ୍ଟି ସମ୍ଭାରରେ ସଂଗଠିତ । ପ୍ରତିଷ୍ଠିତ କବିମାନଙ୍କର ଗୁଣ ଓ ବହୁ ଲକ୍ଷଣ ଧନଞ୍ଜୟଙ୍କଠାରେ ପରିଲିକ୍ଷିତ । ପ୍ରକୃତରେ କବିମାନେ ଉଭୟ ଭୌତିକ ଜଗତ ଓ ସୂକ୍ଷ୍ମ ଜଗତ ସଂପର୍କରେ ଏକ ସମୟରେ ସଚେତନ ଥାଆନ୍ତି । ସୂକ୍ଷ୍ମସ୍ତରରୁ ଦିବ୍ୟଛନ୍ଦକୁ ଅବତରଣ କରାଇ ନିମ୍ନ ଭୂମିରେ ପହଞ୍ଚାଇ ଦେବା ସଙ୍ଗେ ସଙ୍ଗେ ନିମ୍ନ ଭୂମିର ଆବେଗ, ଆକୁଳତା ଓ ଆବେଦନକୁ ଉଚ୍ଚତମ ଉଚ୍ଚତାରେ ଅଧିଷ୍ଠିତ କରାଇଥାନ୍ତି । ସେମାନେ ହୋଇଥାନ୍ତି ଏକାଧାରରେ ସତ୍ୟର ପ୍ରବକ୍ତା, ସୌନ୍ଦର୍ଯ୍ୟର ଦ୍ରଷ୍ଟା ଓ ବିଶ୍ୱ ଜୀବନର କଲ୍ୟାଣକାମୀ । ଶୁଷ୍କ, ରିକ୍ତ ଓ ରୁକ୍ଷ ନହୋଇ କବିବାଣୀ ଶାସ୍ତ୍ରବାଣୀ ପରି ପବିତ୍ର ଓ ଆଦରଣୀୟ ହୋଇଥାଏ । କବିମାନେ ସମାଜର ଜାଗ୍ରତ ପ୍ରହରୀ, ସମାଜରୁ ମାଳିନ୍ୟ ଭାବକୁ ଦୂର କରି ତାକୁ ସୁସ୍ଥ, ସୁନ୍ଦର କରିବା ତାଙ୍କର ମୁଖ୍ୟ ଆଭିମୁଖ୍ୟ । ଧନଞ୍ଜୟ ଭଞ୍ଜ ତାଙ୍କ ସୃଷ୍ଟି ସମ୍ଭାରରେ ଏହି ଆଭିମୁଖ୍ୟ ପ୍ରତି ସଚେତନ ଥିବାର ଜଣାଯାଏ । ରାଜକୀୟ ଚରିତ୍ର-ଚିତ୍ରଣ, ସଂଗୀତର ପରିବେଷଣ, ପ୍ରକୃତିର ବର୍ଣ୍ଣନା ବିଳାସ, ଶ୍ରୁତି ମଧୁର ଭାଷା ବିନ୍ୟାସ ମଧ୍ୟରେ ଏହି ମହତ ଲକ୍ଷ୍ୟ ବିସ୍ମୃତ ହୋଇନାହିଁ । ବିଶେଷତଃ କାବ୍ୟମାନଙ୍କରେ କବିଙ୍କର ସମାଜକୁ ସୁସ୍ଥ ତଥା ସ୍ୱାଭାବିକ କରିବାର ଲକ୍ଷ୍ୟ ଅଧିକ ଭାବରେ ପ୍ରକଟିତ ହୋଇଛି । କାବ୍ୟ ସୃଷ୍ଟି ବ୍ୟତୀତ କବିଙ୍କର କେତେକ ଚଉତିଶା ଓ ମଙ୍ଗଳଗୀତ ଅଛି, ସେ ସଂପର୍କରେ ଯଥା ସ୍ଥାନରେ ଆଲୋଚନା କରାଯାଇଛି । କବିଙ୍କର କାବ୍ୟକୃତିକୁ ମୁଖ୍ୟତଃ ଚାରିଗୋଟି ବିଭାଗରେ ବିଭକ୍ତ କରାଯାଇପାରେ ଯଥା - ରାମକାବ୍ୟ, କୃଷ୍ଣକାବ୍ୟ, କାଳ୍ପନିକକାବ୍ୟ, ଦୂତକାବ୍ୟ ।

ରଘୁନାଥ ବିଳାସ ଗ୍ରନ୍ଥଟି ରାମ କାବ୍ୟର ଅନ୍ତର୍ଭୁକ୍ତ । କୃଷ୍ଣକ୍ରୀଡ଼ା କାବ୍ୟର ସ୍ଥିତି କୃଷ୍ଣ କାବ୍ୟ ପର୍ଯ୍ୟାୟରେ । ଅନଙ୍ଗରେଖା, ଇଚ୍ଛାବତୀ, ମଦନମଞ୍ଜରୀ, ତ୍ରିପୁର ସୁନ୍ଦରୀ ଓ ରତ୍ନ ମଞ୍ଜରୀ କାବ୍ୟ କାଳ୍ପନିକ କାବ୍ୟ ପର୍ଯ୍ୟାୟର ଅନ୍ତର୍ଭୁକ୍ତ । କବିକୃତ ହଂସଦୂତ କାବ୍ୟଟି ଏକ ଦୂତକାବ୍ୟ ।

ରାମକାବ୍ୟ ହିସାବରେ କବିଙ୍କ ରଚିତ ରଘୁନାଥ ବିଳାସ ଅନନ୍ୟ ସାଧାରଣ ପ୍ରତିଷ୍ଠାର ଅଧିକାରୀ, ଶ୍ରୀ ରାମଚନ୍ଦ୍ରଙ୍କର ଲୀଳା ବିଳାସକୁ ଭିତ୍ତିକରି ଉକ୍ତ ଗ୍ରନ୍ଥଟି ରଚିତ । ଶ୍ରୀ ରାମଚନ୍ଦ୍ରଙ୍କ ପ୍ରତି କବିଙ୍କ ପ୍ରାଣରେ ସୀମାହୀନ ଅନୁରକ୍ତି ଓ ଅସାମାନ୍ୟ ଭକ୍ତିଭାବ ଥିବାରୁ ତାଙ୍କ ମହିମାଗାନ ପୂର୍ବକ ଏହି କାବ୍ୟଟିକୁ ସେ ରଚନା କରିଛନ୍ତି । ଘୁମୁସର ରାଜବଂଶର ବହୁ ରାଜାଙ୍କ ପରି ଧନଞ୍ଜୟ ମଧ୍ୟ ରାମ ଉପାସକ ଥିଲେ । କିମ୍ବଦନ୍ତି ଅଛିଯେ ଘୁମୁସର ରାଜବଂଶର କେତେକ ନରପତି ରାମାନନ୍ଦୀୟ ଶ୍ରୀବୈଷ୍ଣବ ସମ୍ପ୍ରଦାୟର ଶିଷ୍ୟ ଥିଲେ । ସେହି ପ୍ରଭାବ ଧନଞ୍ଜୟଙ୍କୁ ରାମସୀତାଙ୍କ ଲୀଳା ମୂଳକ କାବ୍ୟରଚନା କରିବା ପାଇଁ ପ୍ରେରଣା ଦେଇଥିବ ବୋଲି କୁହାଯାଇପାରେ ।

ସମଗ୍ର ଭାରତବର୍ଷରେ ରାମାୟଣ ମହାକାବ୍ୟର ପ୍ରସିଦ୍ଧି ଅମ୍ଲାନ ରହିଛି । ଏହା କେବଳ ଏକ ପୌରାଣିକ ଆଖ୍ୟାନମୂଳକ ସାହିତ୍ୟିକ ଗ୍ରନ୍ଥ ନୁହେଁ, ଏହାକୁ ଏକ ଶକ୍ତି ବୋଲି ମଧ୍ୟ କୁହାଯାଏ ଯାହାର ନାମ ହେଉଛି ରାମାୟଣୀ ଶକ୍ତି । ସମଗ୍ର ମାନବ ଜାତିକୁ ଦିଗ୍‌ଦର୍ଶନ ଦେବାପାଇଁ ଏହି ଶକ୍ତିର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି । ରାମକଥା ଶ୍ରବଣରେ ପୁଣ୍ୟ ଅର୍ଜିତ ହୁଏ ବୋଲି ଭାରତୀୟମାନେ ବିଶ୍ୱାସ କରନ୍ତି । ରାମାୟଣ ଆଖ୍ୟାୟିକା କେବଳ ଧର୍ମର ବଳୟ ମଧ୍ୟରେ ଆବଦ୍ଧ ନରହି ସାହିତ୍ୟିକ ମର୍ଯ୍ୟାଦା ଲାଭ କରିଛି । କବିଚିତ୍ତର ଭାବାନୁଭୂତି, କବିକୃତିର ଲଳିତ ଅଭିବ୍ୟକ୍ତିର ଭିତ୍ତିରେ ରାମାୟଣ ଏକ ମହାକାବ୍ୟରେ ପରିଣତ ହୋଇଛି । ଗର୍ଭରେ ତା'ର ରହିଛି ଅପରୂପ ସମୃଦ୍ଧି । ଏକ ସର୍ବୋତ୍କୃଷ୍ଟ ଯୁଗର ରୋମାଣ୍ଟିକ ସାହିତ୍ୟ ରୂପରେ ଏହା ପ୍ରତିଷ୍ଠା ଅର୍ଜନ କରିଛି । ଭାରତୀୟ ସାହିତ୍ୟ କ୍ଷେତ୍ରରେ ରାମାୟଣ ପ୍ରଥମ ମହାକାବ୍ୟର ଗୌରବ ଅର୍ଜନ କରିଛି । ରାମାୟଣର କବି ବାଲ୍ମୀକି ଆଦିକବିର ଗୌରବ ଲାଭ କରିଛନ୍ତି । ସମୟ କ୍ରମେ ଏହି ରାମାୟଣ କଥା ବିଭିନ୍ନ ପ୍ରାନ୍ତୀୟ ଭାଷାରେ ସୁଲଳିତ କାବ୍ୟ, ମହାକାବ୍ୟ ଆକାରରେ ଉପସ୍ଥାପିତ ହୋଇଛି ।

ବଳରାମ ଦାସ ଜଗମୋହନ ରାମାୟଣ ରଚନା କରି ଉତ୍କଳସାହିତ୍ୟ ଗନ୍ତାଘରକୁ ସମୃଦ୍ଧ କରିଛନ୍ତି । ଏହି ମହାକାବ୍ୟରେ ରାମଚନ୍ଦ୍ରଙ୍କ ମହିମା ଓ ମହତ୍ତ୍ୱ କେବଳ ଉପସ୍ଥାପିତ ହୋଇନାହିଁ, ଓଡ଼ିଶାର ଚିତ୍ରକଳା, ସ୍ଥାପତ୍ୟର ବୈଶିଷ୍ଟ୍ୟ ମଧ୍ୟ ଏଥିରେ ସ୍ପଷ୍ଟ ଭାବରେ ରୂପାୟିତ ହୋଇଛି । କେବଳ ଲିପିଶିଳ୍ପରେ ନୁହେଁ, ଉତ୍କଳରେ ବହୁ ମନ୍ଦିର ଗାତ୍ରରେ ରାମାୟଣର ବହୁଚିତ୍ର ଖୋଦିତ ହୋଇ ଉତ୍କଳରେ ରାମକଥାର ଜନପ୍ରିୟତାକୁ ପ୍ରତିଷ୍ଠା କରିଛି । ଭୁବନେଶ୍ୱରର ରାମେଶ୍ୱର ମନ୍ଦିର ସମ୍ମୁଖରେ ଅବସ୍ଥିତ ଲକ୍ଷ୍ମଣେଶ୍ୱର ଓ ଭରତେଶ୍ୱର ମନ୍ଦିର ଗାତ୍ରରେ ରାବଣର କୈଳାସ ପର୍ବତ ଉତ୍ପାଟନର ଚିତ୍ର ମଧ୍ୟ ଦେଖିବାକୁ ମିଳେ । ସୁବର୍ଣ୍ଣଜାଳେଶ୍ୱର ମନ୍ଦିର ଗାତ୍ରରେ ରାମଚନ୍ଦ୍ରଙ୍କର ମାୟାମୃଗ ଶିକାର, ସପ୍ତଶାଳ ଭେଦ, ବାଳୀବଧ, ସୁଗ୍ରୀବ ଜାମ୍ବବାନଙ୍କ ମନ୍ତ୍ରଣାର ଚିତ୍ର ପରିଦୃଷ୍ଟ ହୁଏ । ଏହାଛଡ଼ା ପ୍ରାଚୀନଦୀର କୂଳରେ ଥିବା ଚୌରାଶୀ ଗ୍ରାମର ବାରାହୀ ମନ୍ଦିରର ଜଗମୋହନ ବାଡ଼ରେ ସୀତା ହରଣ, ଜଟାୟୁ ବଧ ଆଦି ଚିତ୍ରମାନ ଖୋଦିତ ହୋଇଛି । ପ୍ରାଚୀନ ତାଳପତ୍ର ପୋଥି ଦେହରେ ମଧ୍ୟ ରାମାୟଣର ବିଭିନ୍ନ ଘଟଣା ସମ୍ବଳିତ ଚିତ୍ରମାନ ଅଙ୍କିତ ହୋଇଥିବାର ଦେଖାଯାଏ । ସୁତରାଂ ଉତ୍କଳରେ ସାହିତ୍ୟଠାରୁ ଆରମ୍ଭ କରି ସ୍ଥାପତ୍ୟ ତଥା ଚିତ୍ରକଳାରେ ମଧ୍ୟ ରାମକଥା ଯତ୍ନ ସହକାରେ ରୂପାୟିତ ହୋଇଛି ।

ରଘୁନାଥ ବିଳାସ :

ଓଡ଼ିଆ ଭାଷାରେ ରାମାୟଣର ବିଭିନ୍ନ ପ୍ରସଙ୍ଗକୁ ନେଇ ବହୁ କାବ୍ୟ ରଚିତ ହୋଇଛି । ସେଥିମଧ୍ୟରୁ କବି ଅର୍ଜୁନ ଦାସଙ୍କ 'ରାମବିଭା' କାବ୍ୟ ଅନ୍ୟତମ । ରାମ ଓ ଲକ୍ଷ୍ମଣଙ୍କୁ ବିଶ୍ୱାମିତ୍ର, ରାକ୍ଷସ ନିଧନ ଓ ଯଜ୍ଞ ରକ୍ଷା ପାଇଁ ବନକୁ ଆଣିବାର ଚିତ୍ର ସହିତ ସେମାନଙ୍କର ମିଥିଳା ଗମନ ଓ ରାମଚନ୍ଦ୍ରଙ୍କର ଶିବଧନୁ ଭଙ୍ଗ ତଥା ସୀତା ବିବାହ ପ୍ରସଙ୍ଗ ଏଥିରେ ଉପସ୍ଥାପିତ ।

ରାଜକବି ଧନଞ୍ଜୟ ଭଞ୍ଜ ରାମ କଥାମୃତକୁ ନେଇ ରଘୁନାଥ ବିଳାସ ଗ୍ରନ୍ଥ ରଚନା କରିଛନ୍ତି । ଅର୍ଜୁନ ଦାସଙ୍କ ପରେ ଓଡ଼ିଆ ରାମକାବ୍ୟ ରଚନା କ୍ଷେତ୍ରରେ ଧନଞ୍ଜୟଙ୍କୁ ମାନିବାକୁ ପଡ଼େ । ଧନଞ୍ଜୟଙ୍କର ରଘୁନାଥ ବିଳାସ ଗ୍ରନ୍ଥଟି ଏକ ମହାକାବ୍ୟର ଗୌରବ ଅର୍ଜନ କରିଛି । ଏହାକୁ ଶ୍ରୀରାମ ବିଳାସ ବା ରାଘବ ବିଳାସ ବୋଲି ମଧ୍ୟ କୁହାଯାଏ । ସଂସ୍କୃତ ମହାକାବ୍ୟର ପ୍ରାୟ ସବୁ ଲକ୍ଷଣ ଏହି ଗ୍ରନ୍ଥରେ ପରିଦୃଷ୍ଟ ହୁଏ । ରାମଚନ୍ଦ୍ରଙ୍କର ଦଶବିଧ ରୂପକୁ କବି ସ୍ୱୀକାର କରି ବିଭିନ୍ନ ଅବତାରର ଉଲ୍ଲେଖ କରିଛନ୍ତି । ମ୍ଲେଚ୍ଛ ନିଧନ ପାଇଁ ରାମଚନ୍ଦ୍ର କଳକି ଅବତାର ଧାରଣ କରିଛନ୍ତି ବୋଲି ସେ କହିଛନ୍ତି । ସୃଷ୍ଟି, ସ୍ଥିତି ଓ ଲୟର ପରମ ଠାକୁର ରୂପରେ ପ୍ରଭୁ ଶ୍ରୀରାମଚନ୍ଦ୍ରଙ୍କୁ ଆରାଧନା କରିଛନ୍ତି ।

''କରବାଳେ କରବାଳେ ମ୍ଲେଚ୍ଛ ଛେଦକାରୀ
ଧର୍ମକୁ ସ୍ଥାପିଲ ତୁମ୍ଭେ କଳ୍କି ରୂପ ଧରି
ରାମ ରାମରୂପୀ ତୁମ୍ଭେ ଦଶବିଧରୂପ
ଉତ୍ପତ୍ତି ପ୍ରଳୟ ସ୍ଥିତି କାରଣସ୍ୱରୂପ ।''

(ରଘୁନାଥ ବିଳାସ ୧/୧୬-୧୭)

କବି ରାମଚନ୍ଦ୍ରଙ୍କୁ ଯେପରି ବ୍ରହ୍ମା, ବିଷ୍ଣୁ ଓ ଶିବ ଭାବରେ ଗ୍ରହଣ କରିଛନ୍ତି ସେହିପରି ଲକ୍ଷ୍ମୀ, ସାବିତ୍ରୀ ଓ ଶିବାନୀ (ଉମା) ରୂପରେ ମଧ୍ୟ ଗ୍ରହଣ କରିଛନ୍ତି । ରାମଚନ୍ଦ୍ରଙ୍କର ଆଶୀର୍ବାଦ ଭିକ୍ଷା କରି ସେ ଏହି କାବ୍ୟଟି ରଚନା କରିଛନ୍ତି । ପୁରାଣ ପୃଷ୍ଠାର ସେହି କାହାଣୀକୁ ପ୍ରତିଷ୍ଠା ଦେଇ କବି ଧନଞ୍ଜୟ କହିଛନ୍ତି ଯେ ରାବଣର ଅତ୍ୟାଚାରରେ ଧରଣୀ ମର୍ମାହତ ହୋଇ ବ୍ରହ୍ମାଙ୍କ ନିକଟରେ ଦୁଃଖ ଜଣାଇବାରୁ ବ୍ରହ୍ମାକ୍ଷୀର ସିନ୍ଧୁତଟକୁ ଯାଇ ବିଷ୍ଣୁଙ୍କୁ ପ୍ରାର୍ଥନା ଜଣାଇ ପ୍ରତିକାର ବ୍ୟବସ୍ଥା ନିମିତ୍ତ ଅନୁରୋଧ କରିଛନ୍ତି । ଶୂନ୍ୟବାଣୀ ଶୁଣାଯାଇଛି ଯେ ବିଷ୍ଣୁ ନିଜେ ଯାଇ ଦଶରଥଙ୍କ ଘରେ

ଜନ୍ମ ନେବେ ଓ ରାବଣକୁ ସଂହାର କରି ସାଧୁ ଲୋକମାନଙ୍କର ମଙ୍ଗଳ ବିଧାନ କରିବେ । ଅଧର୍ମର ବିନାଶ ଘଟାଇ ଧର୍ମର ପ୍ରତିଷ୍ଠା କରିବାପାଇଁ ପରମପୁରୁଷ ଅବତାର ଗ୍ରହଣ କରିବେ ବୋଲି ଶୂନ୍ୟବାଣୀ ଶୁଣାଯାଇଛି । ବିଷ୍ଣୁ ଅବତାର ଗ୍ରହଣ କରି ରାମଚନ୍ଦ୍ର ନାମରେ ଦଶରଥଙ୍କ ଘରେ ଜନ୍ମ ହୋଇଛନ୍ତି । ରାମ ଓ ଲକ୍ଷ୍ମଣ ଟିକିଏ ବଡ଼ ହୋଇଯିବାରୁ ବିଶ୍ୱାମିତ୍ରଙ୍କ ଅନୁରୋଧ କ୍ରମେ ଦଶରଥଙ୍କ ନିର୍ଦ୍ଦେଶରେ ଅସୁର ନିଧନ ପାଇଁ ବିଶ୍ୱାମିତ୍ରଙ୍କ ସହ ବନକୁ ଯାଇଛନ୍ତି । ଏହି ଅଭିଯାନ ବାଲ୍ୟକାଳରୁ ପରମବ୍ରହ୍ମଙ୍କର ବିରୋଧୀ ଶକ୍ତି ଉପରେ ପୂର୍ଣ୍ଣ ବିଜୟ ହାସଲ ପାଇଁ ସୁଦୃଢ଼ ସଂକଳ୍ପ ଓ ଯଥାର୍ଥ କାର୍ଯ୍ୟାନୁଷ୍ଠାନର ପରିଚୟ ଦେଇଛି । ବନରେ ଅସୁର ନିଧନ ପରେ ରାମ ଓ ଲକ୍ଷ୍ମଣ କେତେକ ଋଷି ଆଶ୍ରମ ଭ୍ରମଣ କରିଛନ୍ତି । ବନଭୂମି ଓ ଉପବନର ବିମଳ ଶୋଭା ରାମଚନ୍ଦ୍ରଙ୍କ ମନକୁ ଆକୃଷ୍ଟ କରିଛି । ପ୍ରକୃତିର ଅନବଦ୍ୟ ରୂପାଲେଖ୍ୟ ତାଙ୍କ ମନରେ ଆପାର୍ଥିବ ଆନନ୍ଦର ବର୍ଣ୍ଣବିଭା ସୃଷ୍ଟି କରିଛି । କୋକିଳର କୁହୁତାନ ଶୁଣି ରାମଙ୍କ ହୃଦୟରେ ମୁଗ୍ଧ ମଧୁର ଭାବର ପ୍ଲାବନ ସୃଷ୍ଟି ହୋଇଛି । କୁସୁମିତ ଲତାକୁଞ୍ଜର ଦର୍ଶନରେ ହୃଦୟ ଭାବବିହ୍ୱଳ ହୋଇ ଉଠିଛି । ଏପରି ବର୍ଣ୍ଣନା ବିଳାସ ମାଧ୍ୟମରେ କବି ଧନଞ୍ଜୟଙ୍କର ଅସାମାନ୍ୟ ପ୍ରତିଭାର ରେଖାଙ୍କ ଅଙ୍କିତ ହୋଇଛି । ପ୍ରଭାତ ବର୍ଣ୍ଣନା ଅତ୍ୟନ୍ତ ଚମତ୍କାର ରୀତିରେ ଗ୍ରନ୍ଥରେ ଉପସ୍ଥାପିତ । ବନ ଉପବନରେ ନାନା ଜାତିର ଫୁଲ ଫୁଟିଛି, ଚକ୍ରବାକ ଦମ୍ପତି ଆନନ୍ଦ ମଗ୍ନ ହୋଇଛନ୍ତି । ପକ୍ଷୀମାନଙ୍କର କାକଳିରେ ଦିଗଦିଗନ୍ତ ଉଚ୍ଛୁଳି ପଡ଼ିଛି । ପୂର୍ବଦିଗ ରକ୍ତରାଗରେ ରଂଜିତ ହୋଇଛି । ପଦ୍ମଫୁଲ ଉଲ୍ଲସିତ ହେଲାବେଳେ କଇଁଫୁଲ ଶୋକାକୁଳ ହୋଇଛି । ବିଭିନ୍ନ ପ୍ରକାର ଉପମା ପ୍ରୟୋଗ ପୂର୍ବକ କବି ନବୋଦିତ ସୂର୍ଯ୍ୟଙ୍କର ବର୍ଣ୍ଣନା କରିଛନ୍ତି । ଦେବ ମନ୍ଦିରରେ ଶଙ୍ଖଧ୍ୱନି ଶୁଣାଯାଇଛି । ମଙ୍ଗଳ ଆଳତି ହୋଇଛି, ରାମଲକ୍ଷ୍ମଣ ଶଯ୍ୟାତ୍ୟାଗ କରିବା ପରେ ଋଷି ବିଶ୍ୱାମିତ୍ର ଯଜ୍ଞର ଅନୁଷ୍ଠାନ କରିଛନ୍ତି । ରାକ୍ଷସ ରାକ୍ଷସୀ ଆଦି ଅପଶକ୍ତିଗଣ ଯଜ୍ଞ କାର୍ଯ୍ୟରେ ବିଘ୍ନ ସୃଷ୍ଟି କରିବାରୁ ରାମଚନ୍ଦ୍ର ସେମାନଙ୍କୁ ନିଧନ କରି ବନଭୂମିକୁ ଶାନ୍ତ କରିଛନ୍ତି । ଏହି କାର୍ଯ୍ୟରେ ଆନନ୍ଦିତ ହୋଇ ଅମର ଭୁବନରୁ ଦେବତା ମାନେ ପୁଷ୍ପବୃଷ୍ଟି କରିଛନ୍ତି । ଦେବତାମାନେ ନିର୍ବିଘ୍ନରେ ମେରୁ ପର୍ବତରେ ବସି ସଭାକାର୍ଯ୍ୟ ଯଥାବିଧି ଆରମ୍ଭ କରିଛନ୍ତି । ଏହାପରେ ରାମଚନ୍ଦ୍ରଙ୍କର ମିଥିଳା ଗମନ ପ୍ରସଙ୍ଗ କାବ୍ୟରେ ବର୍ଣ୍ଣିତ ହୋଇଛି । ଗମନ କାଳରେ ବାଟରେ ପଡ଼ିଛି ଗୌତମଙ୍କ ଆଶ୍ରମର ଶାନ୍ତିମୟ ପରିବେଶ, ତାକୁ ଦେଖି ରାମଚନ୍ଦ୍ର ମୁଗ୍ଧ ହୋଇଛନ୍ତି । ଆଶ୍ରମର ଉପବନରେ ଥିବା ନାନାପ୍ରକାର ବୃକ୍ଷଲତାର ନାମ ଉଲ୍ଲେଖ ରହିଛି । ଡାହୁକ, ଚକ୍ରବାକ, ଟିଟିଭକ, କାରଣ୍ଡକ, ହଂସ ଓ ସାରସ ଆଦି ପକ୍ଷୀଙ୍କ ନାମ ଉଲ୍ଲେଖ କରାଯାଇଛି । ଗଙ୍ଗାନଦୀର ବର୍ଣ୍ଣନା ଅତ୍ୟନ୍ତ ଚମତ୍କାର ହୋଇଛି । କବିଙ୍କ ଭାଷାରେ ଗଙ୍ଗାନଦୀ ଲଳିତ ରୂପସଂପନ୍ନା ହୋଇ ଶୋଭା ପାଉଛି । ନୀଳପଦ୍ମ ହୋଇଛି ତା'ର ନୟନ, ଫେଣପୁଞ୍ଜ ତା'ର ହସ, ମୃଣାଳ ହୋଇଛି ବାହୁ, ରକ୍ତପଦ୍ମ ହୋଇଛି ହାତର ପାପୁଲି । ପାରିକରି ଦେବାକୁ ନାବିକକୁ ରାମଚନ୍ଦ୍ର ଡାକିଛନ୍ତି । ନାବିକ ତାଙ୍କୁ ପାରି କରିଦେବାକୁ ଅସମ୍ମତି ପ୍ରକାଶ କରିଛି । ତା'ର ନଉକା କାଳେ ରାମଙ୍କ ପାଦରେଣୁ ଲାଗି ନାରୀରେ ପରିଣତ ହେବ, ଏହି ଭୟ ତାକୁ ବିବ୍ରତ କରିଛି । ଶ୍ରୀରାମଚନ୍ଦ୍ରଙ୍କ ପାଦ ଧୋଇଦେଇ ନାବରେ ବସାଇବା ପାଇଁ ନାବିକ ଆଗ୍ରହ ପ୍ରକାଶ କରିଛି ।

କବିଙ୍କ ଭାଷାରେ -

''ଶୁଣି ଶ୍ରୀରାମ ଉତ୍ତର । ବୋଇଲା ସେହୁ ଧୀବର
ତୁମ୍ଭେ ରହ ରଘୁବୀର । ଧୋଇବି ତୋର ପୟର ।
ଏ ନାବ ମୋର ଜୀବିକା । ଏ ପୁଣି ନୋହୁ ନାୟିକା ।
ମୁଁ ପୁଣି କରିବି କିସ । ହେବ ମୋ କୁଟୁମ୍ବ ନାଶ ।''

(ରଘୁନାଥ ବିଳାସ -୬/୧୬-୧୭)

ରାମ ଲକ୍ଷ୍ମଣ ଗଙ୍ଗାନଦୀ ପାର ହୋଇ ମିଥିଳାରେ ପହଞ୍ଚିଛନ୍ତି । ରାମାୟଣର କଥାବସ୍ତୁକୁ ଗ୍ରନ୍ଥଟିର କଥାବସ୍ତୁ ଭାବରେ ଗ୍ରହଣ କଲେ ମଧ୍ୟ କବି ଧନଞ୍ଜୟ ରୀତିକାବ୍ୟର ମାଧୁରିମାକୁ ଏଥିରେ ସ୍ଥାନ ଦେଇଛନ୍ତି । ନାରୀର ରୂପ ବର୍ଣ୍ଣନା କ୍ଷେତ୍ରରେ କବି ଅସାଧାରଣ ଦକ୍ଷତାର ଅଧିକାରୀ । ସୀତାଙ୍କର ସଖୀଗହଣରେ ଉପସ୍ଥିତିର ଚିତ୍ର କବି ଲେଖନୀରେ ଅତ୍ୟନ୍ତ ହୃଦୟସ୍ପର୍ଶୀ । ହାତୀଦାନ୍ତ ପାନିଆରେ ରାଜକୁମାରୀ ସୀତାଙ୍କର କେଶ ଶାମଳି ଦେଇ ସଖୀମାନେ ବେଣୀ ରଚନା କରି ବେଣୀରେ ଖଂଜି ଦେଇଛନ୍ତି ମୋତିମାଳି, ଆଉ ଏକ ସଖୀ ଆଖିରେ ତାଙ୍କର ଟାଣି ଦେଇଛି କଜ୍ୱଳର ଗାର । କବି କଳ୍ପନାରେ କଜ୍ୱଳର ଲାଂଜି ଏପରି ଜଣାପଡୁଛି ଯେ ସତେଅବା ଦୁଇଟି ଖଂଜନ ପକ୍ଷୀ ଦୁଇଟି ପଦ୍ମଫୁଲରେ ବସିଛନ୍ତି ।

କବିଙ୍କ ଭାଷାରେ -

''ହରିଣ ନୟନୀ ନୟନେ ଅଞ୍ଜନ
ଖଞ୍ଜିଲା କେବଣ ଚତୁରୀ
ସରୁ କରି ବେନି ଲାଞ୍ଜି କର୍ଣ୍ଣଯାଏ
ରଞ୍ଜନରେ ଅତି ଚାତୁରୀ ।''
ଏମନ୍ତ ଶୋଭା ସେ ଦିଶିଲା ନୟନ
ବେନି ପୁଚ୍ଛଭାର ଲମ୍ବାଇ କି ପଦ୍ମେ ବସିଛନ୍ତି ବେନି ଖଞ୍ଜନ ।''

(ରଘୁନାଥ ବିଳାସ-୭/୧୦)

ସୀତାଙ୍କର କଟାକ୍ଷ ଛଟାର ବର୍ଣ୍ଣନା କବି କରିଛନ୍ତି । ତିଳଫୁଲ ପରି ନାସାରେ ଗୋଟିଏ ପୁଡ଼ାରେ ହୀରାର ଫୁଲ ଓ ଅନ୍ୟ ଗୋଟିଏ ପୁଡ଼ାରେ ମାଣିକ୍ୟର ଗୁଣା ଅତ୍ୟନ୍ତ ଶୋଭନୀୟ ଓ ଆକର୍ଷଣୀୟ ହୋଇଛି । ଦାନ୍ତର ଶୋଭା କବି ଚିତ୍ତକୁ ଆକୃଷ୍ଟ କରିଛି । ବାହୁରେ ବାହୁଟି, ମର୍କତର ବଳା କେଉଁ ଏକ ସଖୀ ପିନ୍ଧାଇ ଦେବାରୁ କବି କଳ୍ପନାରେ ତାହା ହେମଲତାରେ ରତ୍ନର ଫୁଲ ଫୁଟିଲା ପରି ଶୋଭା ପାଉଛି । ସୀତାଙ୍କ ପାଦରେ ଅଳତାଗାର ଆଙ୍କି ଦେଇଛି ଏକ ସଖୀ । ଉପବନ ବିହାର ଅବକାଶରେ ସଖୀମାନେ ସୀତାଙ୍କ ସେବାରେ ନିଯୁକ୍ତ ହୋଇଛନ୍ତି । କେଉଁ ସଖୀ ଆଲଟ ପକାଉଛି, କିଏ ଚାମର ଚାଳନା କରିଛି, ଆଉକିଏ ସୀତାଙ୍କ ଚଲାପଥକୁ କୁସୁମିତ କରି ଦେଉଛି । ସଂଗୀତର ସୁଧାଧାରାରେ ପରିବେଶ ସିକ୍ତ ତଥା ମର୍ମଗ୍ରାହୀ ହୋଇଛି । ପୂର୍ବରୁ ନିର୍ମିତ ରତ୍ନବେଦୀରେ ଅନଙ୍ଗ ପ୍ରତିମାକୁ ନାଗେଶ୍ୱର ଫୁଲରେ ସୁସଜ୍ଜିତ କରାଯାଇଛି । ସୀତା ସେହି ଅନଙ୍ଗ ପ୍ରତିମାକୁ ଆରାଧନା କରିଛନ୍ତି । ହରଗୌରୀଙ୍କ ପୂଜାମଧ୍ୟ ସେ କରିଛନ୍ତି । ହରଗୌରୀଙ୍କ ପୂଜା ପ୍ରସଙ୍ଗ ଉପସ୍ଥାପନାରେ କବି ଧନଞ୍ଜୟ ଆଗ୍ରହ ପ୍ରକାଶ କରିଛନ୍ତି । ଧନଞ୍ଜୟ ଭଞ୍ଜ କୁଲାଡ଼ ଠାରୁ ଦଶ ମାଇଲ ଦୂରରେ ଅବସ୍ଥିତ ଉତ୍ତରଗଡ଼ ତଳମୁଠାରେ ଥିବା ଚକ୍ରଘାଟି ନାମକ ସ୍ଥାନରେ ଜଳପଥ ମଧ୍ୟରେ ଶିବଲିଙ୍ଗଟିଏ ସ୍ଥାପନା କରିଥିବାର କିମ୍ବଦନ୍ତି ଶୁଣାଯାଏ । ଉପବନ ବିହାର ବେଳେ ସୀତା ରାମଚନ୍ଦ୍ରଙ୍କୁ ଦେଖି ମୁଗ୍ଧ ହୋଇଛନ୍ତି । ରାମଚନ୍ଦ୍ର ସୀତାଙ୍କ ଦର୍ଶନରେ ଦିବ୍ୟଆନନ୍ଦ ଅନୁଭବ କରିଛନ୍ତି । ପ୍ରଥମ ଦର୍ଶନରେ ସେ ସୀତାଙ୍କୁ ଜଗତମାତା ଲକ୍ଷ୍ମୀ, ଉମା ବୋଲି ପରିକଳ୍ପନା କରିଛନ୍ତି । କିନ୍ତୁ ପରେ ରତିଦେବୀ ମୂର୍ତ୍ତିମତୀ ହୋଇଛନ୍ତି ବୋଲି ତାଙ୍କର ଦୃଢ଼ ଧାରଣା ହୋଇଛି । ସୀତାଙ୍କର ଅନୁପମ ସୌନ୍ଦର୍ଯ୍ୟରେ ରାମଚନ୍ଦ୍ରଙ୍କର ହୃଦୟ ବିମୋହିତ ହୋଇଛି । ସୀତାଙ୍କୁ ଓଡ଼ିଶାର ରାଜପରିବାରର ଶୋଭାମୟୀ ରାଜକୁମାରୀ ରୂପରେ କବି ଚିତ୍ରଣ କରିଛନ୍ତି। ସୀତାଙ୍କର ବେଣୀକୁ ସେ କାମଦେବର ନୀଳପତାକା ବୋଲି କହିଛନ୍ତି । ଆଖିକୁ ଲାବଣ୍ୟର ପାତ୍ର, ଇନ୍ଦୀବର ଆଉ ଖଞ୍ଜନ ପକ୍ଷୀ ସହିତ ତୁଳନା କରିଛନ୍ତି । ରୀତିକାବ୍ୟରେ ନାୟିକାର ମୁଖଶୋଭା ସହିତ ସମକକ୍ଷ ନହୋଇ ପଦ୍ମଫୁଲ ତା'ର ପାଦରେ ଶରଣ ପଶିବା କଥା କଥିତ ହୋଇଥାଏ । ନାୟିକାର ମୁଖ ସର୍ବଦା ପ୍ରସ୍ଫୁଟିତ ପଦ୍ମଫୁଲର କାନ୍ତିରେ ମଞ୍ଜୁଳ

ଥିବାବେଳେ ସ୍ୱୟଂ ପଦ୍ମଫୁଲ କେବଳ ଦିନରେ ଫୁଟିଥାଏ ବୋଲି କବିମାନେ ତାକୁ ନ୍ୟୂନ କରିବାର ପରମ୍ପରା, ବିଶେଷତଃ ରୀତି ସାହିତ୍ୟରେ ଦେଖିବାକୁ ମିଳେ । ଧନଞ୍ଜୟ ସୀତାଙ୍କର ପାଦ ଦୁଇଟିକୁ ଦେଖି ଭକ୍ତିଭାବରେ ଗଦ୍‌ଗଦ୍ ହୋଇ ପଡ଼ିଛନ୍ତି । ତାଙ୍କ ଲେଖନୀରେ ପାଦର ପବିତ୍ରତା ପ୍ରକଟିତ । ପାଦରେ ଅଙ୍କିତ ଅଳତାଗାରକୁ କବି ତିନି-ଲୋକର ଅନୁରାଗର ମୂର୍ତ୍ତ ପ୍ରତୀକ ଭାବରେ ଗ୍ରହଣ କରିଛନ୍ତି । ପାଦତଳ ବିଦ୍ରୁମର ଶୋଭାଜିଣି ଅତି ସୁନ୍ଦର ଦେଖାଯାଉଛି ।

ପ୍ରଥମ ଦର୍ଶନ ପରେ ରାମଚନ୍ଦ୍ରଙ୍କ ସାମୟିକ ଅନୁପସ୍ଥିତି ସୀତାଙ୍କ ପାଇଁ ଅସହ୍ୟ ହୋଇପଡ଼ିଛି । ଶୀତଳ ସ୍ନିଗ୍ଧ ଚନ୍ଦ୍ରକିରଣ ତାଙ୍କୁ ପ୍ରଚଣ୍ଡ ସୌର ରଶ୍ମିପରି ମନେ ହୋଇଛି । କୁସୁମର ରେଣୁ ପଡ଼ିଲେ ତାଙ୍କୁ ଶରବିଦ୍ଧ ହେଲା ପରି ଲାଗିଛି । ସଖୀମାନେ ତାଙ୍କୁ ସାନ୍ତ୍ୱନା ଦେଇ କହିଛନ୍ତି ଯେ ରାମଚନ୍ଦ୍ର ନିଶ୍ଚୟ ଶିବଧନୁ ଭଙ୍ଗକରି ତାଙ୍କର ମନସ୍କାମନା ପୂର୍ତ୍ତ କରିବେ ।

ରାମଚନ୍ଦ୍ର ମଧ୍ୟ ସୀତାଙ୍କ ଅଦର୍ଶନରେ ମର୍ମାହତ ହୋଇଛନ୍ତି । ମନ ତାଙ୍କର ବିଷାକ୍ତ ହୋଇଯାଇଛି । କୋଇଲିର କୁହୁଗୀତ ତାଙ୍କୁ ବଜ୍ରପରି ମନେ ହୋଇଛି ।

ଏହି ପରିପ୍ରେକ୍ଷୀରେ ଗୀତଗୋବିନ୍ଦର ପ୍ରଭାବରେ ଧନଞ୍ଜୟ ଭଞ୍ଜ ପ୍ରଭାବିତ । ଗୀତଗୋବିନ୍ଦରେ ରାଧା ଓ ମାଧବ ପରସ୍ପର ବିଚ୍ଛେଦରେ ମର୍ମାହତ ହୋଇଛନ୍ତି। ଉଭୟଙ୍କ ପାଇଁ ଚତୁର୍ଦ୍ଦିଗରିକ୍ତ ଓ ବିଷାକ୍ତ ହୋଇଯାଇଛି । ଉଭୟଙ୍କ ମନ ବିଷାଦର ଘନକୃଷ୍ଣ ମେଘମାଳାରେ ଆଚ୍ଛାଦିତ ହୋଇଛି । ବେତକୁଞ୍ଜରେ ରାଧାଙ୍କ ବିରହରେ ବିବ୍ରତ ହୋଇ ଶ୍ରୀକୃଷ୍ଣ ବସିଥିବା ବେଳେ ସଖୀ ଆସି କୃଷ୍ଣ ବିରହିଣୀ ରାଧାଙ୍କ ଅବସ୍ଥା କୃଷ୍ଣଙ୍କ ଆଗରେ ବର୍ଣ୍ଣନା କରିଛି । ଜୟଦେବଙ୍କର ଭାଷା ସମ୍ଭାରରେ ଏହି ଭାବଧାରାର ଗଭୀରତା ଓ ଗମ୍ଭୀରତା ଅଭିବ୍ୟକ୍ତ ।

ରାମଚନ୍ଦ୍ରଙ୍କ ଦର୍ଶନରେ କେବଳ ସୀତା ନୁହନ୍ତି, ନଗରର ଅନ୍ୟ ନାରୀମାନେ ମଧ୍ୟ ଆତ୍ମବିହ୍ୱଳ ହୋଇ ପଡ଼ିଛନ୍ତି । ମିଥିଳା ଦାଣ୍ଡରେ ରାମ ଯାଉଥିବା ବେଳେ ନାରୀ ମାନେ ନିଜ ନିଜର କର୍ତ୍ତବ୍ୟ ଭୁଲି ଆସି ତାଙ୍କୁ ଦର୍ଶନ କରିଛନ୍ତି । କେଉଁ ନାରୀ ବେଶ ହେଉଥିବା ବେଳେ ଉଠି ଆସିଛି, ଆଉ କିଏ ଭ୍ରମରେ ଗଳାମାଳକୁ ପାଦରେ ଖଞ୍ଜି ଦେଇଛି । କିଏ ସିନ୍ଦୂରକୁ ସୀମନ୍ତରେ ନପିନ୍ଧି କୁଚ ଦ୍ୱୟର ମଝିରେ ଲଗାଇ ଦେଇଛି । କବିଙ୍କ ଭାଷାରେ -

ମିଥିଳା ରାଜଦାଣ୍ଡେ ଚଳନ୍ତେ ରାମ
ଦେଖି ଯୁବତୀ ଜନେ ହେଲେ ସଭ୍ରମ ଯେ
ନିଜ ଜ୍ଞାନକୁ ଦୂର କରି ଅବଳା
ଧାମେ ମହିଳା କାମେ ହୋଇ ଚଞ୍ଚଳା ଯେ ।
ପିନ୍ଧି ନ ପାରି ବାସ ଧାଇଁଲା ବେଗେ
ଅଧିକ ଲୋଟୁଅଛି ଅବନୀ ଭାଗେ ଯେ,
ସଖୀ କର ଧରିଣ ଚାଲେ ନଚାଲେ
ଶ୍ରୀରାମ ଦରଶନ କାମ ବିହ୍ୱଳେ ଯେ

(ରଘୁନାଥ ବିଳାସ-୧୧/୯, ୧୪)

ଶିବଧନୁ ଭାଙ୍ଗି ରାମଚନ୍ଦ୍ର ସୀତାଙ୍କୁ ବିବାହ କରିଛନ୍ତି । ବିବାହ ପୂର୍ବରୁ ବଧୂବେଶରେ ସୀତାଙ୍କୁ ସଖୀମାନେ ସଜାଇ ଦେଇଛନ୍ତି । ବିବାହ କାର୍ଯ୍ୟ ସୁଚାରୁ ରୂପେ ସମ୍ପାଦିତ ହୋଇଛି ।

ଦଶରଥ ସବୁ ପୁଅ ଓ ବୋହୂଙ୍କୁ ନେଇ ଅଯୋଧ୍ୟା ଫେରି ଯାଇଛନ୍ତି । କିଛିଦିନ ସମସ୍ତେ ଆନନ୍ଦରେ

ଅବସ୍ଥାନ କରିଛନ୍ତି । ରାଜା ଦଶରଥଙ୍କ ଇଚ୍ଛାରେ ଶ୍ରୀରାମଚନ୍ଦ୍ରଙ୍କର ଅଭିଷେକ ପାଇଁ ଆୟୋଜନ ଚାଲିଛି । ଏତିକି ବେଳେ ବିରୋଧୀ ଶକ୍ତିର ପ୍ରଭାବରୁ ରାମଚନ୍ଦ୍ରଙ୍କୁ ରାଜ୍ୟ ଛାଡ଼ି ବନଗମନ କରିବାକୁ ପଡ଼ିଛି । ତାଙ୍କ ସାଙ୍ଗରେ ଲକ୍ଷ୍ମଣ ଓ ସୀତା ମଧ୍ୟ ବନଗମନ କରିଛନ୍ତି । ବନର ଶୋଭା, ବନମଧ୍ୟସ୍ଥ ପୁଷ୍କରିଣୀର ସୁଷମା, ବହୁମୁନିଙ୍କ ଆଶ୍ରମର ପବିତ୍ର ପରିବେଶ ଶ୍ରୀରାମଚନ୍ଦ୍ରଙ୍କୁ ମନ୍ତ୍ରମୁଗ୍ଧ କରିଛି । ପୁଷ୍କରିଣୀର ଶୋଭା ଆକର୍ଷଣୀୟ ହୋଇଛି । ପଦ୍ମଫୁଲ ହୋଇଛି ପୋଖରୀର ମୁଖ, ମୀନ ହୋଇଛି ଆଖି, ଚକ୍ରବାକ ହେଇଛି କୁଚ ଓ ଶିଉଳି କେଶ ଗୁଚ୍ଛପରି ଶୋଭା ପାଉଛି । ବନବର୍ଣ୍ଣନା ପ୍ରସଙ୍ଗରେ ନାନା ଜାତିର ବୃକ୍ଷଲତା ପଶୁପକ୍ଷୀଙ୍କର ନାମୋଲ୍ଲେଖ କବି କରିଛନ୍ତି । ହେନ୍ତାଳ, ତମାଳ, ରସାଳ, ତାଳ, ବକୁଳ, ପିଆଶାଳ ଆଦି ବୃକ୍ଷର ନାମତାଲିକା ଉକ୍ତ ଗ୍ରନ୍ଥରେ ସେ ପ୍ରଦାନ କରିଛନ୍ତି । କୁସୁମିତ ଲତା କୁଞ୍ଜକୁ ଦେଖି କବି ପ୍ରାଣ ମନ୍ତ୍ରମୁଗଧ ହୋଇଛି । ପ୍ରକୃତିରେ ମାନବିକତ୍ୱ ଆରୋପ କରିବାକୁ ଯାଇ କବି ପୁଷ୍ପିତଲତା ମାନଙ୍କୁ କେତେବେଳେ ମାନିନୀ ରୂପରେ, ଆଉ କେତେବେଳେ ଖଣ୍ଡିତା ରୂପରେ ପୁଣି କେତେବେଳେ ଅଭିସାରିକା ରୂପରେ ପର୍ଯ୍ୟବେକ୍ଷଣର କରିଛନ୍ତି । ଫୁଲର ପାଖୁଡ଼ାରୁ ଶିଶିର ଝରିପଡ଼ିବାରୁ ଲତା ଲୋତକ ଝରାଇବା ପରି କବି ମନେ କରିଛନ୍ତି ।

ସ୍ୱକୀୟା ପ୍ରୀତିକୁ ଗ୍ରନ୍ଥରେ ଉଚ୍ଚାସନ ପ୍ରଦାନ କରିଛନ୍ତି ରାଜକବି ଧନଞ୍ଜୟ ଭଞ୍ଜ । ସୂକ୍ଷ୍ମ ପଟ୍ଟବସ୍ତ୍ର ପିନ୍ଧୁଥିବା ରାଜକୁମାରୀ ତଥା ରାଜବଧୂ ସୀତା ବନବାସିନୀ ହୋଇ ବଳକଳ ପିନ୍ଧିବା ବେଳେ ରାମଚନ୍ଦ୍ରଙ୍କ ମନରେ ଦାରୁଣ ଆଘାତ ଲାଗିଛି । ଫୁଲ ପାଖୁଡ଼ା ଲତାକୁଞ୍ଜରୁ ଝଡ଼ିପଡ଼ିଛି । ରାମଚନ୍ଦ୍ର ତାହାକୁ ସୀତାଙ୍କ ମୁଣ୍ଡରେ କୁସୁମ ବୃଷ୍ଟି ହେଉଛି ବୋଲି କହିଛନ୍ତି । ଲତାରେ ପବନର ସ୍ପର୍ଶ ଲାଗିବାରୁ ତାହା ଆନ୍ଦୋଳିତ ହୋଇଛି । କବିଙ୍କ ଦୃଷ୍ଟିରେ ପ୍ରକୃତି ସତେ ଯେମିତି ସୀତାଙ୍କୁ ଆଲଟ ଚାମର ପକାଇ ଅଭିନନ୍ଦନ ଜଣାଉଛି । ପ୍ରକୃତିରେ ପ୍ରାଣଶକ୍ତି ସଂଚାର କରିବାରେ କବି ଧନଞ୍ଜୟ ସଫଳତା ଅର୍ଜନ କରିଛନ୍ତି । ପ୍ରାଚୀନ ଓଡ଼ିଆ ସାହିତ୍ୟରେ ପ୍ରକୃତି, ଫଟୋଚିତ୍ର ରୂପରେ ଥିବା ବେଳେ ଧନଞ୍ଜୟ ଭଞ୍ଜଙ୍କ ଲେଖନୀରେ ପ୍ରକୃତି ଜୀବନ୍ୟାସ ପ୍ରାପ୍ତ ହୋଇଛି । ଓଡ଼ିଆ କାବ୍ୟକୁ ସଂସ୍କୃତ କାବ୍ୟର ସମକକ୍ଷ କରିବାର ପ୍ରୟାସ ଧନଞ୍ଜୟଙ୍କୁ ସ୍ୱତନ୍ତ୍ର ମର୍ଯ୍ୟାଦା ଆଣି ଦେଇଛି । ପ୍ରକୃତି ବର୍ଣ୍ଣନା ମଧ୍ୟରେ ଋତୁଚିତ୍ର ଅଧିକ ଆକର୍ଷଣୀୟ ହୋଇଛି ।

ଯେଉଁଠାରେ ସୁଯୋଗ ପାଇଛନ୍ତି ସେଠାରେ କବି ଧନଞ୍ଜୟ ଋତୁ ବର୍ଣ୍ଣନା କରିଛନ୍ତି । ରାମଚନ୍ଦ୍ରଙ୍କ ଜୀବନରେ ବିରହର ସ୍ଥିତି ଅତ୍ୟନ୍ତ ଦାରୁଣ ଯନ୍ତ୍ରଣା ସୃଷ୍ଟି କରିଛି । ସୀତାଙ୍କ ବିରହରେ ରାମଚନ୍ଦ୍ରଙ୍କ ହୃଦୟରେ ଯେଉଁ ଶୂନ୍ୟସ୍ଥାନ ସୃଷ୍ଟି ହୋଇଛି ତାହା ବର୍ଣ୍ଣନାତୀତ । ବର୍ଷାଋତୁ ଆସିଛି ତାଙ୍କ ପାଇଁ ପୁଞ୍ଜିଭୂତ ଯନ୍ତ୍ରଣାର ମୂର୍ତ୍ତ ପ୍ରତୀକ ଭାବରେ । ସଂଯୋଗୀ ଜନକୁ ବର୍ଷାଋତୁ ଆନନ୍ଦ ପ୍ରଦାନ କରେ ମାତ୍ର ବିଯୋଗୀ ଜନ ପ୍ରାଣରେ ଅଗ୍ନିବର୍ଷଣ କରେ ।

ବାହାରେ ଶୀତଳତାର ରାଜତ୍ୱ ଥିବାବେଳେ ଅନ୍ତର ଦାରୁଣ - ମର୍ମବେଦନାରେ ପ୍ରଜ୍ୱଳିତ ହେଉଥାଏ । ସାଧାରଣ ରସିକ ନାୟକ ପରି ରାମଚନ୍ଦ୍ର ବିବ୍ରତ ହୋଇପଡ଼ିଛନ୍ତି । ପୂର୍ବ ସୁଖକୁ ସ୍ମରଣ କରି ମର୍ମାହତ ହୋଇ ପଡ଼ିଛନ୍ତି । ମେଘ ଦର୍ଶନରେ ସୀତା କିପରି ରାମଚନ୍ଦ୍ରଙ୍କ ମୁହଁରେ ଚୁମ୍ବନ ଦେଉଥିଲେ ସେହି ପ୍ରସଙ୍ଗ ରାମଚନ୍ଦ୍ର ସ୍ମରଣ କରିଛନ୍ତି । କାମ ଶରରେ ରାମଚନ୍ଦ୍ର ବ୍ୟାକୁଳ ହୋଇ ପଡ଼ିଛନ୍ତି । ତାଙ୍କ ନୟନରୁ ଲୁହ ଧାର ଧାର ଝରି ପଡ଼ିଛି ।

ବର୍ଷାଋତୁ ପରେ ଗ୍ରନ୍ଥରେ ଶରତଋତୁର ବର୍ଣ୍ଣନା କରାଯାଇଛି । ବିରହୀ ରାମଚନ୍ଦ୍ରଙ୍କ ପ୍ରାଣରେ ଆନନ୍ଦ ପରିବର୍ତ୍ତେ ଦାରୁଣ ଦୁଃଖର ଅଗ୍ନି ପ୍ରଜ୍ୱଳିତ ହୋଇଛି । ଶରଦକାଳର ଚନ୍ଦ୍ର ଦର୍ଶନରେ ରାମଙ୍କ ହୃଦୟରେ ଲାଗିଛି ଦାରୁଣ ଆଘାତ । ପୂର୍ବ ସ୍ମୃତି ସବୁ ତାଙ୍କ ମାନସ ପଟରେ ଜାଗ୍ରତ ହୋଇଛି । କବିଙ୍କ ଲେଖନୀ ବନଭୂମିର ମାଧୁରିମାକୁ ଚିତ୍ରଣ କରିଛି । ଧନଞ୍ଜୟଙ୍କୁ ପ୍ରକୃତିର ବିମୋହନ ଶୋଭା ମୁଗ୍ଧ କରିଛି । ପ୍ରସଙ୍ଗ କ୍ରମେ ସେ ଦେଇଛନ୍ତି ବିଭିନ୍ନ ବୃକ୍ଷର ନାମ । ପକ୍ଷୀର କାକଳି, ମଧୁପର ଗୁଞ୍ଜନରେ ରାମଚନ୍ଦ୍ର ମୁଗ୍ଧ ହୋଇଛନ୍ତି । ଚିତ୍ରକୂଟର ନିର୍ଦ୍ଦିଷ୍ଟ ସ୍ଥାନରେ ଫୁଟିଛି ନବମାଳିକା

ଓ ଗଙ୍ଗଶିଉଳି ଫୁଲ । କବିଙ୍କର ସୂକ୍ଷ୍ମ ପର୍ଯ୍ୟବେକ୍ଷଣ ଶକ୍ତି ଓ ସାର୍ଥକ ପ୍ରକାଶ ଭଙ୍ଗୀ ଫଳରେ କାବ୍ୟସ୍ଥିତ ଏହି ବର୍ଣ୍ଣନା ଅତ୍ୟନ୍ତ ମର୍ମସ୍ପର୍ଶୀ ହୋଇପାରିଛି ।

ବିଭିନ୍ନ ରସର ସୁଷମ ପରିବେଷଣ କାବ୍ୟଟିରେ ହୋଇଛି ଅତ୍ୟନ୍ତ ହୃଦ୍ୟ ଓ ଅନୁଭବ୍ୟ । ଆଦି ରସର ବିଶେଷ ଚର୍ଚ୍ଚା ଗ୍ରନ୍ଥଟିରେ ଦେଖିବାକୁ ମିଳେ ।

ଧନଞ୍ଜୟ ଭଞ୍ଜ ବହୁ ସ୍ଥଳରେ ଶୃଙ୍ଗାର ରସର ପ୍ଲାବନ ସୃଷ୍ଟି କରିଛନ୍ତି । ସମ୍ଭୋଗ ଶୃଙ୍ଗାରର ସ୍ପଷ୍ଟ ଚିତ୍ର ନଥିଲେ ମଧ୍ୟ ବିପ୍ରଲମ୍ଭ ଶୃଙ୍ଗାରର ବଳିଷ୍ଠ ଚିତ୍ରଣ ଗ୍ରନ୍ଥରେ ଲକ୍ଷ୍ୟଣୀୟ । ବିପ୍ରଲମ୍ଭ ଶୃଙ୍ଗାର ପାଇଁ ବହୁ ପ୍ରକାରେ ପରିବେଶ ସୃଷ୍ଟି ହୋଇଛି । ଶ୍ରୀରାମଚନ୍ଦ୍ରଙ୍କ ଚରିତ୍ରରେ ଧୀରତ୍ୱ ସହିତ ବୀରତ୍ୱର ଅପୂର୍ବ ସମାବେଶ ଘଟିଛି । ହନୁମାନଙ୍କର ଚରିତ୍ରରେ ବୀରତ୍ୱର ବଳିଷ୍ଠ ପରିପ୍ରକାଶ ଲକ୍ଷ୍ୟଣୀୟ । ସେ ହେଉଛନ୍ତି ଶ୍ରୀରାମଚନ୍ଦ୍ରଙ୍କର ଦିବ୍ୟଶକ୍ତିର ସ୍ଥୁଳ ଘନୀଭୂତ ସ୍ୱରୂପ । ବୀରତ୍ୱ ତାଙ୍କର ଭୂଷଣ, ଜନ୍ମଗତ ଗୁଣ । ସମୁଦ୍ର ପାର ହୋଇ ସେ ଲଙ୍କା ନଗରରେ ପ୍ରବେଶ କରି ସୀତାଙ୍କୁ ଠାବ କରିଛନ୍ତି ।

ହନୁମାନର ଲଙ୍କାପୋଡ଼ି ପ୍ରସଙ୍ଗ ଅତ୍ୟନ୍ତ ହୃଦୟଗ୍ରାହୀ ହୋଇଛି । ଲଙ୍କା ପୁରକୁ ଅଗ୍ନି ଗ୍ରାସ କରୁଥିବା ବେଳର ଚିତ୍ରକୁ କବି ଚମତ୍କାର ଭାବରେ ବର୍ଣ୍ଣନା କରିଛନ୍ତି । ନିଆଁ ମାଡ଼ି ଆସୁଛି, ଭୟରେ କିଏ ମଲିମଲି ଡାକ ପକାଉଛି ।

ଲକ୍ଷ୍ମଣ ଓ ଇନ୍ଦ୍ରଜିତ ଦୁଇ ବୀରଙ୍କ ମଧ୍ୟରେ ଘୋର ଯୁଦ୍ଧ ଲାଗିଛି । ଏପରି ପ୍ରବଳ ଯୁଦ୍ଧ ହୋଇଛି ଯେ ଦିନରାତି ବାରି ହେଉ ନାହିଁ । ଇନ୍ଦ୍ରଜିତ ହାରିଯାଇଛନ୍ତି । ରାମ, ଲକ୍ଷ୍ମଣ ଓ ହନୁମାନଙ୍କର ବୀରତ୍ୱ ଅଧିକ ଭାବରେ ପ୍ରକଟିତ ହୋଇଛି ।

କରୁଣ ରସର ପ୍ଲାବନ ଲକ୍ଷ୍ମଣ ଶକ୍ତିଭେଦ ପ୍ରସଙ୍ଗରେ ଦେଖିବାକୁ ମିଳେ । ରାମଚନ୍ଦ୍ରଙ୍କର ଭ୍ରାତୃପ୍ରୀତିର ଗଭୀରତା ଅତ୍ୟନ୍ତ ଅନୁଭବ୍ୟ ଓ ଆକର୍ଷଣୀୟ । ପୌରାଣିକ କଥାବସ୍ତୁକୁ ସାହିତ୍ୟିକ ଶୋଭା ସମ୍ଭାରରେ ସଜାଇ ରାଜକବି ଧନଞ୍ଜୟ ଭଞ୍ଜ ଅମ୍ଳାନ ଯଶର ଅଧିକାରୀ ।

ବିଭିନ୍ନ ରାଗରେ ଛାନ୍ଦ ଗୁଡ଼ିକ ସଂଯୋଜିତ । ସଂଗୀତର ସମାବେଶରେ ଗ୍ରନ୍ଥଟିର ମହତ୍ତ୍ୱ ବହୁଗୁଣିତ । କଥାବସ୍ତୁର ମହନୀୟତା ସହିତ ଉପସ୍ଥାପନାରେ ସାଙ୍ଗତିକତାର ମୋହନ ବିଳାସର ସୁଷମ ସମନ୍ୱୟ ଘଟିଛି । ପାଠକ ପାଇଁ ଗ୍ରନ୍ଥଟି ସୁଖପାଠ୍ୟ ଓ ଆଦରଣୀୟ । ସଂଗୀତର ମଧୁକ୍ଷରା ପ୍ରଭାବରେ ପାଠକର ମନ ଓ ପ୍ରାଣ ମନ୍ତ୍ରମୁଗ୍ଧ । କବି ଧନଞ୍ଜୟ ଭଞ୍ଜଙ୍କର ଏ ଦିଗରେ ବିଶେଷତ୍ୱକୁ ମାନିବାକୁ ପଡ଼େ । ଧନଞ୍ଜୟ ଭଞ୍ଜ ତାଙ୍କ ସାହିତ୍ୟରେ ଅଳଙ୍କାରର ସୁଷମ ସଂଯୋଜନା କରିଛନ୍ତି । ଉପମା ଅଳଙ୍କାରର ସରଳ ପ୍ରୟୋଗ ରଘୁନାଥ ବିଳାସ ଗ୍ରନ୍ଥରେ ରହିଛି । ଶବ୍ଦାଳଙ୍କାରର ସଂଯୋଜନା କ୍ଷେତ୍ରରେ ମଧ୍ୟ ସେ ଅସାମାନ୍ୟ ସଫଳତାର ଅଧିକାରୀ । ଆଦ୍ୟ ଯମକ, ପ୍ରାନ୍ତ ଯମକ ଓ ମଧ୍ୟଯମକର ବହୁ ଉଦାହରଣ ଏହି ଗ୍ରନ୍ଥରେ ଦେଖିବାକୁ ମିଳେ । ୧୯ ଛାନ୍ଦରେ ଆଦ୍ୟ ଯମକ, ପ୍ରାନ୍ତ ଯମକ ଓ ସର୍ବ ଯମକର ବଳିଷ୍ଠ ଉପସ୍ଥାପନା ରହିଛି ।

ସାହିତ୍ୟ କେବଳ ପାଠକ ଚିତ୍ତରେ ଭାବାବେଗ ତଥା ଆନନ୍ଦ ସୃଷ୍ଟି କରିବା ପାଇଁ ଅଭିପ୍ରେତ ନୁହେଁ, ଜୀବନକୁ ସୂକ୍ଷ୍ମଭାବରେ ଅନୁଧ୍ୟାନ କରିବା ଦିଗରେ ମଧ୍ୟ ଏହା ଫଳପ୍ରଦ ପଦକ୍ଷେପ ନେଇପାରେ । ଜୀବନର ସୁଖ ଦୁଃଖକୁ ସାର୍ଥକ ରୂପ ଦେବାରେ ସାହିତ୍ୟର ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ । ରୀତି ସାହିତ୍ୟରେ ସାଧାରଣ ଜୀବନର ବିଭିନ୍ନ ଦିଗନ୍ତ ବହୁ ପରିମାଣରେ ଚିତ୍ରିତ ନହେଲେ ମଧ୍ୟ ଏହା ଯେ ଆଦୌ ନାହିଁ, ଏପରି ନୁହେଁ ।

ରଘୁନାଥ ବିଳାସ ଗ୍ରନ୍ଥରେ କବି ଶ୍ରୀଜଗନ୍ନାଥଙ୍କର କରୁଣା ଭିକ୍ଷା ସହିତ ତାଙ୍କ ଚରଣ କମଳରେ ଆତ୍ମ ନିବେଦନ କରିଛନ୍ତି । ଉତ୍କଳର ପ୍ରତି କବି, ସାହିତ୍ୟିକ, ଶିଳ୍ପୀ ତଥା ବ୍ୟକ୍ତି ବିଶେଷଙ୍କ ଦ୍ୱାରା ଶ୍ରୀଜଗନ୍ନାଥ ପୂଜିତ

ହୁଅନ୍ତି । ଶ୍ରୀଜଗନ୍ନାଥଙ୍କୁ ବାଦ ଦେଇ ଉତ୍କଳର ଧାର୍ମିକ, ସାଂସ୍କୃତିକ ମାନଚିତ୍ର ଅଙ୍କିତ ହୋଇପାରିବ ନାହିଁ । ଆଧ୍ୟାତ୍ମିକତାକୁ ଉତ୍କଳର ଏକ ବିଶେଷତ୍ୱ ବୋଲି କୁହାଯାଇପାରେ । ଉତ୍କଳୀୟ ଜନଜୀବନ ଏହି ଆଧ୍ୟାତ୍ମିକତାର ଭିତ୍ତିରେ ପ୍ରତିଷ୍ଠିତ ହୋଇ ନୂତନ ଦିଗନ୍ତ ଉନ୍ମୋଚନ କରିଛି । ଭାରତୀୟ ସଂସ୍କୃତିର ମୂଳତତ୍ତ୍ୱ ରୂପରେ ଆଧ୍ୟାତ୍ମିକତାକୁ ଗ୍ରହଣ କରାଯାଇଥାଏ । ଏ କଥା ମୁକ୍ତ କଣ୍ଠରେ କୁହାଯାଇପାରେ ଯେ ଭାରତୀୟ ମନର ଅସଲ ଚାବିକାଠି ହେଉଛି ଆଧ୍ୟାତ୍ମିକତା । ଭାରତୀୟ ସାହିତ୍ୟରେ, ସଂଗୀତରେ, ଶିଳ୍ପ ଆଦି ସବୁ ବିଭବରେ ଏହି ଆଧ୍ୟାତ୍ମିକତା ପ୍ରକଟିତ । ଉତ୍କଳରେ ମଧ୍ୟ ଅନୁରୂପ ଭାବରେ ପ୍ରତ୍ୟେକ ବିଭବରେ ଏହି ଆଧ୍ୟାତ୍ମିକତାର ସ୍ୱରୂପ ପରିସ୍ଫୁଟ । କବି ଧନଞ୍ଜୟ ନିଜର ବିଭୁପ୍ରାଣତାର ପରିଚୟ ଦେବାକୁ ଯାଇ ରଘୁନାଥ ବିଳାସର ପ୍ରତ୍ୟେକ ଛାନ୍ଦର ଶେଷରେ ପରମ ପ୍ରଭୁଙ୍କୁ ସ୍ମରଣ ପୂର୍ବକ ଗ୍ରନ୍ଥଟିକୁ ସମର୍ପଣ କରିଛନ୍ତି ।

ଗ୍ରନ୍ଥଟିର ନାମକରଣରେ କବିଙ୍କର ନିଜସ୍ୱ ମୌଳିକତା ପରିଲିକ୍ଷିତ ହୁଏ । ଓଡ଼ିଆ ସାହିତ୍ୟରେ ବିଳାସ କାବ୍ୟର ରଚନା କ୍ଷେତ୍ରରେ ଧନଞ୍ଜୟଙ୍କ ଅବଦାନ ଅବିସ୍ମରଣୀୟ ।

ରାଜକବି ଧନଞ୍ଜୟ ଭଞ୍ଜ ରାମ କଥାକୁ ନେଇ କାବ୍ୟ ରଚନା କରିବା ସଙ୍ଗେ ସଙ୍ଗେ କୃଷ୍ଣ ଲୀଳାକୁ ନେଇ ମଧ୍ୟ କାବ୍ୟ ରଚନା କରିଛନ୍ତି । କୃଷ୍ଣକ୍ରୀଡ଼ା କାବ୍ୟରେ ଶ୍ରୀକୃଷ୍ଣଙ୍କ ରାସଲୀଳା ସଂପର୍କୀୟ କଥାବସ୍ତୁ ଚିତ୍ରିତ ହୋଇଛି । ଭାରତୀୟ ସଂସ୍କୃତି ଓ ସାହିତ୍ୟରେ ରାସର ପରମ ପ୍ରତିଷ୍ଠା ପରିଦୃଷ୍ଟ ହୁଏ । ରାସଲୀଳାରେ ଦିବ୍ୟ ଆନନ୍ଦ ମୂର୍ତ୍ତିମନ୍ତ ହୋଇଥାଏ । କବିକୁଳ ଯୁଗେ ଯୁଗେ ଆନନ୍ଦର ଉପାସନା କରିଥାନ୍ତି । ତାଙ୍କ ସୃଷ୍ଟିର ମହତ୍ତ୍ୱ ମଧୁରତା ଭିତ୍ତିରେ ପ୍ରତିଷ୍ଠିତ । କବି ହେଉଛନ୍ତି ମଧୁକର, ବିଭିନ୍ନ ଫୁଲରୁ ମଧୁ ସଂଗ୍ରହ ପୂର୍ବକ ଜଗତ କଲ୍ୟାଣ ତାଙ୍କର କାମ୍ୟ । କବିତ୍ୱର ସୁକୁମାର ସ୍ପର୍ଶରେ ଧନଞ୍ଜୟ କୃଷ୍ଣକ୍ରୀଡ଼ା କାବ୍ୟଟିକୁ ଏତେ ଶୋଭନୀୟ କରିଛନ୍ତି ଯେ ତାହା ସାହିତ୍ୟ ରାଜ୍ୟରେ ଏକ ସୁଶ୍ରୀଶୋଭନକାରୁଶିଳ୍ପରେ ପରିଣତ ହୋଇଛି ।

ରାମଙ୍କ ପରି କୃଷ୍ଣ ମଧ୍ୟ ଭାରତୀୟ ଜୀବନର ଆରାଧ୍ୟ ଅଟନ୍ତି । ରାଧାକୃଷ୍ଣ ଉପାସନାର ମହତ୍ତ୍ୱ ଭାରତୀୟ ଜନଜୀବନରେ ସ୍ୱୀକୃତ ଓ ସମ୍ମାନିତ । ରାଧାକୃଷ୍ଣଙ୍କ ନାମ ସ୍ମରଣ, ନାମ ଶ୍ରବଣ, ନାମ କୀର୍ତ୍ତନରେ ଜୀବାତ୍ମା ମୁକ୍ତ ହୁଏ । ରାଧାକୃଷ୍ଣ ପ୍ରେମରେ ଭାସି ପାରିଲେ ହିନ୍ଦୁର ଜୀବନ ଧନ୍ୟ ହୁଏ, ଜନ୍ମ ତା'ର ସାର୍ଥକ ହୁଏ, ସେ ସ୍ୱର୍ଗ ଲାଭ କରିଥାଏ ବୋଲି ବିଶ୍ୱାସ ଅଛି ।

ରାଧା ହେଉଛନ୍ତି ଶ୍ରୀକୃଷ୍ଣଙ୍କର ହ୍ଲାଦିନୀ ଶକ୍ତିର ମୂର୍ତ୍ତିମନ୍ତ ପ୍ରତୀକ । ସେ ଆହ୍ଲାଦମୟୀ ହୋଇ ଥିବାରୁ ସର୍ବତ୍ର କେବଳ ଆହ୍ଲାଦ ବିତରଣ କରିଥାନ୍ତି । ରାଧାକୃଷ୍ଣଙ୍କର ଲୀଳା ବିଳାସକୁ ରାସଲୀଳା ନାମରେ ମୁଖ୍ୟତଃ ଅଭିହିତ କରାଯାଏ । ରାସ ଶବ୍ଦଟି 'ରସ୍' ଧାତୁରୁ ଭାବେ ଅଧିକରଣରେ 'ଘଞ୍' ପ୍ରତ୍ୟୟ ହୋଇ ସୃଷ୍ଟି ହୋଇଅଛି । ଏହାର ଅର୍ଥ ହେଉଛି କୋଳାହଳ, ଧ୍ୱାନ, ଗୋପୀମାନଙ୍କର କ୍ରୀଡ଼ା ବିଶେଷ । ଭାଗବତର ସ୍ୱନାମଧନ୍ୟ ଟୀକାକାର ଶ୍ରୀଧର ସ୍ୱାମୀ ବହୁ ନର୍ତ୍ତକୀ ଯୁକ୍ତ ନୃତ୍ୟକୁ ରାସ ବୋଲି ଗ୍ରହଣ କରିଛନ୍ତି । ପୂର୍ଣ୍ଣଚନ୍ଦ୍ର ଭାଷାକୋଷର ଲେଖକ ଗୋପାଳ ପ୍ରହରାଜ କହନ୍ତି ଯେ ରାସ ଶବ୍ଦ ରସ ଧାତୁ +ଭାବ-ଅ, ଏପରି ନିଷ୍ପନ୍ନ ହୋଇଛି, ଏହାର ଅର୍ଥ ହେଉଛି ଶବ୍ଦ କୋଳାହଳ, ଗୋପନାରୀ ପରିବେଷ୍ଟିତ ରାଧାକୃଷ୍ଣଙ୍କର ଯୁଗଳ ନୃତ୍ୟଲୀଳା । ସୁତରାଂ ଏକଥା ସ୍ୱୀକୃତ ଯେ ଶ୍ରୀକୃଷ୍ଣ ଓ ଶ୍ରୀରାଧାଙ୍କ ନୃତ୍ୟ ବିଳାସକୁ ରାସ ବୋଲି କୁହାଯାଏ । କବିଚନ୍ଦ୍ର କାଳୀଚରଣ ପଟ୍ଟନାୟକ ରାସ ଶବ୍ଦଟି 'ରସ' ଶବ୍ଦରୁ ଆସିଛି ବୋଲି କହିଛନ୍ତି । ଶ୍ରୀକୃଷ୍ଣ ହେଉଛନ୍ତି ରାସର ଅବତାର । ରାଧାକୃଷ୍ଣଙ୍କର ରାସଲୀଳା ଯାତ୍ରା ଭାବରେ ବର୍ଷରେ ଦୁଇଥର ଓଡ଼ିଶାରେ ଅନୁଷ୍ଠିତ ହୁଏ । ଶରତ କାଳୀନ ମଞ୍ଜୁଳ ପରିବେଶରେ ଅନୁଷ୍ଠିତ ଲୀଳାକୁ ଶରଦ ରାସ ଓ ବସନ୍ତ ଋତୁରେ ସ୍ନିଗ୍ଧ ସୁନ୍ଦର ପରିବେଶରେ ଅନୁଷ୍ଠିତ ଲୀଳାକୁ ବସନ୍ତ ରାସ କୁହାଯାଏ । ଉଭୟ ରାସଲୀଳାର ମାଦକତା ଅଭିନବ ଓ ଅନୁଭବ୍ୟ । ଓଡ଼ିଆ ସାହିତ୍ୟରେ ଉଭୟ ରାସର ବର୍ଣ୍ଣନା ଦେଖିବାକୁ ମିଳେ । ତେବେ

ବସନ୍ତରାସର ବର୍ଣ୍ଣନା ଶରଦ ରାସର ବର୍ଣ୍ଣନାଠାରୁ ଅଧିକ ଭାବରେ ଓଡ଼ିଆ ସାହିତ୍ୟରେ ପରିଲକ୍ଷିତ ହୁଏ ।

ବସନ୍ତ ରାସ ଚୈତ୍ରମାସରେ ପାଳିତ ହୁଏ । ଓଡ଼ିଶାର ବିଭିନ୍ନ ଅଞ୍ଚଳରେ ଏହି ରାସଲୀଳା ଏବେ ମଧ୍ୟ ପ୍ରଚଳିତ ଅଛି । ବାଣପୁର, ରଣପୁର, ସାକ୍ଷୀଗୋପାଳ ଓ ଗଞ୍ଜାମର ବହୁ ଅଞ୍ଚଳରେ ଏହି ରାସ ବହୁ ଆଡ଼ମ୍ବର ସହକାରେ ଅନୁଷ୍ଠିତ ହୁଏ । ବହୁ ଦର୍ଶକଙ୍କର ସମାବେଶରେ ଅତ୍ୟନ୍ତ ଉଲ୍ଲସିତ ପରିବେଶରେ ରାସଲୀଳା ଅନୁଷ୍ଠିତ ହୁଏ । ଅନେକ ଓଡ଼ିଆ କାବ୍ୟ ପରି ରାଜକବି ଧନଞ୍ଜୟ ଭଞ୍ଜଙ୍କ କୃଷ୍ଣକ୍ରୀଡ଼ା କାବ୍ୟରେ ଏହି ବସନ୍ତ ରାସର ମାଧୁରିମା ଉପସ୍ଥାପିତ ।

ଭାରତୀୟ ସଂସ୍କୃତିରେ ରାମ ଯେପରି ଆଦର୍ଶ ଓ ନୈତିକତାର ପ୍ରତୀକ, କୃଷ୍ଣ ସେପରି ପ୍ରେମ ଓ ଆନନ୍ଦର ପ୍ରତୀକ । ଭାରତୀୟ ସାହିତ୍ୟରେ କୃଷ୍ଣଙ୍କୁ ନେଇ ବହୁକାବ୍ୟ ମହାକାବ୍ୟ, ନାଟକ ଓ ଗଦ୍ୟ ସାହିତ୍ୟ ସୃଷ୍ଟି ହୋଇଛି । ରାସଲୀଳାର ଅଧୀଶ୍ୱର ହୋଇ ଶ୍ରୀକୃଷ୍ଣ ଗୋପାଙ୍ଗନା ମାନଙ୍କୁ ସୀମାହୀନ ଆନନ୍ଦ ପ୍ରଦାନ କରିଛନ୍ତି । ଖିଳ ହରିବଂଶରେ ଏହି ରାସକ୍ରୀଡ଼ା ପ୍ରସଙ୍ଗ ବର୍ଣ୍ଣିତ ହୋଇଛି । ଶ୍ରୀମଦ୍ ଭାଗବତରେ ଶ୍ରୀକୃଷ୍ଣ ଓ ଗୋପୀମାନଙ୍କର ରାସକେଳିକୁ ନେଇ ପାଞ୍ଚଗୋଟି ଅଧ୍ୟାୟ ରଚନା କରାଯାଇଛି ।

ବ୍ରହ୍ମବୈବର୍ତ୍ତ ପୁରାଣରେ ଶ୍ରୀକୃଷ୍ଣଙ୍କୁ ଟିକିଏ ଭିନ୍ନ ଭାବରେ ଚିତ୍ରଣ କରାଯାଇଛି । ରମଣ ଲାଳସାର ବଶବର୍ତ୍ତୀ ହୋଇ ସେ ନିଜ ଅଙ୍ଗକୁ ଦୁଇଭାଗ କରିଛନ୍ତି । ଦକ୍ଷିଣାଙ୍ଗ ହେଇଛି ଶ୍ରୀକୃଷ୍ଣ ଓ ବାମାଙ୍ଗ ହୋଇଛି ଶ୍ରୀରାଧା । ଏହି ପୁରାଣରେ ବସନ୍ତ ରାସର ଲଳିତ ଚିତ୍ର ଉପସ୍ଥାପିତ ହୋଇଛି ।

ଜୟଦେବଙ୍କର ଗୀତ ଗୋବିନ୍ଦରେ ଶ୍ରୀକୃଷ୍ଣଙ୍କର ପ୍ରେମମୟ ସ୍ୱରୂପ ପ୍ରକଟିତ । ଗ୍ରନ୍ଥର ପ୍ରାରମ୍ଭରେ କୁହାଯାଇଛି ଯେ ହରିଙ୍କୁ ସ୍ମରଣ କରି ମନକୁ ସରସ କରିବାର ଇଚ୍ଛା ଥିଲେ, ଶ୍ରୀକୃଷ୍ଣଙ୍କର ଲୀଳା ବିଳାସର ଚାତୁରୀ ଜାଣିବାକୁ ଇଚ୍ଛା ଥିଲେ, ଏହି ମଧୁର ପଦାବଳୀକୁ ଅଧ୍ୟୟନ କର । ଦ୍ୱାଦଶ ଶତାବ୍ଦୀରେ ରଚିତ ଏହି ଗ୍ରନ୍ଥରେ ଶ୍ରୀକୃଷ୍ଣ ଚିରକିଶୋର ଓ ଶ୍ରୀରାଧା ଚିରକିଶୋରୀ ଭାବରେ ଉପସ୍ଥାପିତ । ଏଥିରେ ରାଧାଙ୍କର ଅଭିସାରିକା, ବାସକସଜ୍ଜା, ଉତ୍କଣ୍ଠିତା, ବିପ୍ରଲବଧା, ଖଣ୍ଡିତା ଓ କଳହାନ୍ତରିତା ରୂପ ପ୍ରକଟିତ ।

ଓଡ଼ିଶାରେ ଚତୁର୍ଭୁଜ ମାଧବ ଓ ଗୋପୀନାଥ ଉପାସନାର ପ୍ରଚଳନ ବହୁ ପୂର୍ବରୁ ଥିଲା । ସେଥିପାଇଁ ଜୟଦେବ ତାଙ୍କ ଗୀତଗୋବିନ୍ଦରେ ମାଧବ ଓ ରାଧାମାଧବ ଶବ୍ଦ ବ୍ୟବହାର କରିଛନ୍ତି ।

ଖ୍ରୀଷ୍ଟିୟ ତ୍ରୟୋଦଶ ଶତାବ୍ଦୀରୁ ଓଡ଼ିଶାରେ ଗୋପୀନାଥ ଉପାସନା ଅଧିକ ପ୍ରାଧାନ୍ୟ ଲାଭ କରିଛି । ଯାଜପୁର, ଗୋପୀନାଥପୁର, ହୀରାପୁର, ଦାଣ୍ଡମୁକନ୍ଦପୁରରେ ଗୋପୀନାଥ ମୂର୍ତ୍ତି ପୂଜା ଅଦ୍ୟାବଧି ପ୍ରଚଳିତ ଅଛି । ବୈଷ୍ଣବ ଧର୍ମର ପ୍ରଚାର ଓ ପ୍ରସାର ନିମନ୍ତେ ଓଡ଼ିଶାରେ ଅନୁକୂଳ ବାତାବରଣ ଥିବାରୁ ବିଷ୍ଣୁପୂଜା ତଥା କୃଷ୍ଣ ଉପାସନା ଦୃଢ଼ ଭାବରେ ପ୍ରତିଷ୍ଠିତ ହୋଇଛି ।

ରାଜ ପୃଷ୍ଠପୋଷକତା ଯୋଗୁ ଓଡ଼ିଶାରେ ବହୁ ବୈଷ୍ଣବ ସାହିତ୍ୟ ରଚିତ ହୋଇଛି । ଗଜପତି ରାଜା ପୁରୁଷୋତ୍ତମ ଦେବଙ୍କଠାରୁ ଆରମ୍ଭ କରି ପ୍ରତାପରୁଦ୍ର ଦେବଙ୍କ ରାଜତ୍ୱର ଶେଷ ପର୍ଯ୍ୟନ୍ତ ପରିବ୍ୟାପ୍ତ ସମୟ ସୀମା ମଧ୍ୟରେ ବୈଷ୍ଣବ ଧର୍ମ ସମ୍ବନ୍ଧୀୟ ବହୁ ସାହିତ୍ୟ ସୃଷ୍ଟି କରାଯାଇଛି । ପ୍ରତାପରୁଦ୍ର ଦେବଙ୍କ ରାଜଗୁରୁ, କମି ଡିଣ୍ଡିମ ଜୀବଦେବାଚାର୍ଯ୍ୟଙ୍କର ପୁତ୍ର ଜୟଦେବାଚାର୍ଯ୍ୟ, ପୀୟୂଷ ଲହରୀ ଓ ବୈଷ୍ଣବ ଲୀଳାମୃତ ନାମକ ଦୁଇଟି ଗ୍ରନ୍ଥ ରଚନା କରିଥିଲେ ।

ସଂସ୍କୃତ ସାହିତ୍ୟ ବ୍ୟତୀତ ଓଡ଼ିଆ ସାହିତ୍ୟରେ ବହୁ ଗ୍ରନ୍ଥ କୃଷ୍ଣକଥାକୁ ନେଇ ରଚିତ । ଓଡ଼ିଆ ଭାଷାରେ ଏହି ଦିଗରେ ପ୍ରଥମ ସ୍ମରଣୀୟ ପ୍ରତିଭା ହେଉଛନ୍ତି ଆଦିକବି ସାରଳା ଦାସ । ତତ୍କାଳୀନ ସମୟର ପ୍ରଭାବ, ସାମାଜିକ ଅବସ୍ଥା ଓ ବିଧି ବ୍ୟବସ୍ଥା ତାଙ୍କ ଲେଖନୀକୁ ପ୍ରଭାବିତ କରିଛି । ତାଙ୍କ ସମୟକୁ ଓଡ଼ିଶାରେ ସହଜିଆ ସାଧକ

ମାନଙ୍କର ପରକୀୟା ପ୍ରୀତିଲୀଳା ପ୍ରବଳ ହୋଇ ପଡ଼ିଛି । ସେମାନେ ନିଜର କାମ ଲାଳସାର ତୃପ୍ତି ପାଇଁ ହୀନକାର୍ଯ୍ୟ ସବୁ କରିଛନ୍ତି । ଏହି କାମଲାଳସାର ଚିହ୍ନ ସାରଳା ଦାସଙ୍କ ବର୍ଣ୍ଣିତ କୃଷ୍ଣ ଚରିତ୍ରରେ ଦେଖିବାକୁ ମିଳେ । ରାଧାଙ୍କ ଚରିତ୍ରରେ ମଧ୍ୟ କଳଙ୍କର ବିସ୍ତୃତ ଆସ୍ତରଣ ଦେଖିବାକୁ ମିଳେ । କୃଷ୍ଣଙ୍କ ଭୟରେ ଚନ୍ଦ୍ରସେଣା ସାତ କବାଟ କିଳି ଘର ଭିତରେ ରାଧାଙ୍କୁ ରଖିଛନ୍ତି, କୃଷ୍ଣ ରାତିରେ ଆସି ଗୋପନରେ ରାଧାଙ୍କ ପୁରରେ ପଶି କବାଟକୁ ମୁଣ୍ଡରେ ଠେଲି ଦେଇଛନ୍ତି । କଣ୍ଢାବାଜି ମୁଣ୍ଡରୁ ଧାର ଧାର ରକ୍ତ ବୋହିବାରୁ ବିଧାତା କ୍ଷତ ସ୍ଥାନକୁ ମନ୍ତ୍ରରେ ଝାଡ଼ି ଦେଇଛନ୍ତି ଓ ତାଙ୍କୁ ଏକ ଲୌହ ଯନ୍ତ୍ର ପ୍ରଦାନ କରିଛନ୍ତି । ଏକ ପ୍ରକାର ଅଞ୍ଜନ କୃଷ୍ଣ ଆଖିରେ ଲଗାଇବାରୁ ଘରଟି ଆଲୋକିତ ହୋଇଛି । ଚନ୍ଦ୍ରସେଣା ଉପରେ ନିଦ୍ରାଧୂଳି ପକାଇ କୃଷ୍ଣ ତାକୁ ଗାଢ଼ ନିଦ୍ରାରେ ଅଭିଭୂତ କରାଇଛନ୍ତି । ଏହାପରେ ରାଧାଙ୍କ ସହିତ କୃଷ୍ଣ ରତି କ୍ରୀଡ଼ା ଆରମ୍ଭ କରିଛନ୍ତି । ଥରେ ନୁହେଁ, ଲକ୍ଷେ ଥର ଏପରି ଭାବରେ କୃଷ୍ଣ ରାଧାଙ୍କ ପୁରରେ ପଶି ତାଙ୍କ ସହ ରତିଲୀଳାରେ ପ୍ରମତ୍ତ ହୋଇଛନ୍ତି । ବଳରାମ ଦାସଙ୍କର ବେଦାନ୍ତସାର ଗୁପ୍ତଗୀତାରେ ରାଧାକୃଷ୍ଣଙ୍କର ସ୍ୱରୂପରେ ପ୍ରକୃତି ଓ ପୁରୁଷତତ୍ତ୍ୱକୁ ମୂର୍ତ୍ତିମନ୍ତ କରାଯାଇଛି । ଜଗନ୍ନାଥ ଦାସଙ୍କର ଶୈବାଗମ ଭାଗବତର ଷୋଡ଼ଶ ଅଧ୍ୟାୟରେ ରାଧାକୃଷ୍ଣଙ୍କର ବିବାହ ପ୍ରସଙ୍ଗ ବର୍ଣ୍ଣିତ । ଜଗନ୍ନାଥ ଦାସ ରାଧା ଓ କୃଷ୍ଣ ଗୋଟିଏ ରୂପର ଦୁଇଟି ପ୍ରକାଶ ବୋଲି କହିଛନ୍ତି । ତାଙ୍କର ଅନ୍ୟଏକ ଗ୍ରନ୍ଥ 'ଗୁପ୍ତ ଭାଗବତ'ରେ କୃଷ୍ଣଲୀଳା ବର୍ଣ୍ଣିତ । କୃଷ୍ଣଙ୍କର ଜନ୍ମ ପ୍ରସଙ୍ଗ ଏହି ଗ୍ରନ୍ଥରେ ଟିକିଏ ଭିନ୍ନ ଭାବରେ ଉଲ୍ଲେଖ କରାଯାଇଛି । ରାଧା ଓ କୃଷ୍ଣ ଏକ ତତ୍ତ୍ୱବୋଲି କବି କହିଛନ୍ତି । ଜଣକୁ ଡାକିଲେ ଅନ୍ୟଜଣଙ୍କର ନାମ ସେଥିରେ ଆପେଆପେ ଉଚ୍ଚାରିତ ହୁଏ ।

ପୁରାଣ ସାହିତ୍ୟ ବ୍ୟତୀତ ଓଡ଼ିଆ କାବ୍ୟରେ ମଧ୍ୟ ଶ୍ରୀକୃଷ୍ଣଙ୍କ ମହିମା ବର୍ଣ୍ଣିତ । ନରସିଂହ ସେଣଙ୍କର ଗୋପକାବ୍ୟରେ ରାଧାକୃଷ୍ଣ ଲୀଳାର ଚିତ୍ର ପ୍ରଥମ କରି ସ୍ଥାନ ପାଇଛି । ୧୬ଶ ଶତାବ୍ଦୀର ଅନ୍ୟତମ କବି ବନମାଳୀ ଦାସଙ୍କ ରଚିତ ବନମାଳୀ ରାହାସ ଓଡ଼ିଆ କୃଷ୍ଣଲୀଳା ମୂଳକ ସୃଷ୍ଟି ମଧ୍ୟରେ ସ୍ୱତନ୍ତ୍ର ସମ୍ମାନର ଅଧିକାରୀ । ଏଥିରେ କୃଷ୍ଣରାଧାଙ୍କ ଅପେକ୍ଷା ବୟସରେ ସାନ ହେଲେ ମଧ୍ୟ ରାଧାଙ୍କର କୃଷ୍ଣଙ୍କ ପ୍ରତି ଅସୀମ ଆକର୍ଷଣ ରହିଛି ।

ନାମକରଣ ବେଳେ ଦୋଳି ଉପରେ ଶ୍ରୀକୃଷ୍ଣଙ୍କୁ ଦେଖି ସେ ଆତ୍ମହରା ହୋଇଛନ୍ତି । ଗଭୀର ଶ୍ରଦ୍ଧା ସହ କୋଳରେ ଆଣି ରାଧା, କୃଷ୍ଣଙ୍କୁ ବସାଇବା ବେଳେ କୃଷ୍ଣ, ରାଧାଙ୍କର ବଦନରେ ଚୁମ୍ବନ ଆଙ୍କି ଦେଇଛନ୍ତି । ରାଧା ଅପରୂପ ସୌନ୍ଦର୍ଯ୍ୟମୟୀ ଲୀଳା ପ୍ରତିମା ଭାବରେ ଏହି ଗ୍ରନ୍ଥରେ ଆବିର୍ଭୂତା । ରାଧା ଓ କୃଷ୍ଣଙ୍କର ଲୀଳାବିଳାସ ସଂପର୍କରେ ଏକ ନୂତନ ପ୍ରସଙ୍ଗର ସଂଯୋଜନା କରାଯାଇଛି । ଦିନେ କୃଷ୍ଣ ଯମୁନା କୂଳରେ ରାଧାଙ୍କ ସହିତ କଥାବାର୍ତ୍ତା ହୋଇ ମୁକୁଳିତ କେଶା ବୃଦ୍ଧାରୂପ ଧରି ରାଧାଙ୍କ ଶାଶୁଙ୍କ ପାଖରେ ପହଞ୍ଚିଛନ୍ତି । ନିଜକୁ ରାଧାଙ୍କର ଭଉଣୀ ବୋଲି ପରିଚିତ କରାଇ ସେଠାରେ କିଛି ଦିନ ରହିଛନ୍ତି । ଗଲାବେଳେ କୃଷ୍ଣ ତାଙ୍କ ସାଙ୍ଗରେ କେତେ ପିଠା ନେଇଛନ୍ତି । ତାକୁ ଚନ୍ଦ୍ରସେଣାକୁ ଦେବାରୁ ସେ ଆନନ୍ଦିତ ହୋଇଛି । କୃଷ୍ଣ ସେଠାରେ ଦିନସାରା ବୃଦ୍ଧା ବେଶରେ ରହିଛନ୍ତି ଓ ରାତିରେ କନ୍ଦର୍ପଜିଣା ରୂପ ଧରି ରାଧାଙ୍କ ସହ ରତିଲୀଳା ରଚନା କରିଛନ୍ତି ।

ବନମାଳୀ ରାହାସ ପରି ଆଉ ଏକ ଗ୍ରନ୍ଥର ନାମ ହେଉଛି ମଧୁମାଳତୀ । ଏହାର ଲେଖକ ହେଉଛନ୍ତି ବ୍ରଜଦାସ । ଏହି ଗ୍ରନ୍ଥଟିରେ ରାଧାକୃଷ୍ଣଙ୍କର ରସମୟ ରୂପ ଚିତ୍ରିତ ହୋଇଛି । ଥରେ ରାଧା ତାଙ୍କ ନଣନ୍ଦ ତିଳୋତ୍ତମା ସହିତ ଯମୁନାକୁ ଯାଇଛନ୍ତି । କଦମ୍ବ ମୂଳରେ କୃଷ୍ଣଙ୍କୁ ଦେଖି ତାଙ୍କ ରୂପରେ ମୁଗ୍ଧ ହୋଇଛନ୍ତି ।

କୃଷ୍ଣ ମଧ୍ୟ ରାଧାଙ୍କୁ ଦେଖି ହସି ଦେଇଛନ୍ତି । କୃଷ୍ଣଙ୍କ ପାଇଁ ରାଧା ତାଙ୍କ ଶାଶୁ ନଣନ୍ଦଙ୍କଠାରୁ ଗାଳି ଶୁଣିଛନ୍ତି, କିନ୍ତୁ କୃଷ୍ଣଙ୍କୁ ଭୁଲି ପାରିନାହାନ୍ତି । କୃଷ୍ଣ ଜଣେ ନାରୀ ରୂପରେ ଆସି ଚନ୍ଦ୍ରସେଣା ଘରେ ପହଞ୍ଚିଛନ୍ତି । ନିଜକୁ ରାଧାଙ୍କର ଭଉଣୀ ମାଳତୀ ବୋଲି କହିଛନ୍ତି । ରାଧାଙ୍କ ପାଖରେ ନିଜ ରୂପ ଧରି ରତିଲୀଳା ଆରମ୍ଭ କରିଛନ୍ତି ।

ଶ୍ରୀଚୈତନ୍ୟ ଉତ୍କଳକୁ ଆସିବା ପରେ ପ୍ରେମମିଶ୍ରା ଭକ୍ତି ଧର୍ମର ପ୍ଲାବନ ଅଧିକ ହେଲା । ଚୈତନ୍ୟଙ୍କ

ଆଗମନ ପୂର୍ବରୁ ଉତ୍କଳରେ ଏହି ଧର୍ମଧାରା ଅପରିଚିତ ନଥିଲା । ରାଧାକୃଷ୍ଣ ଲୀଳା, ସଖୀ ତତ୍ତ୍ୱର ମହତ୍ତ୍ୱ, ପରକୀୟା ପ୍ରେମ ସଂପର୍କରେ ରାୟ ରାମାନନ୍ଦ ପ୍ରଥମେ ଆଲୋକପାତ କରିଥିଲେ । ଏହି ସବୁ ତତ୍ତ୍ୱ ଏକ ନିର୍ଦ୍ଦିଷ୍ଟ ସଂପ୍ରଦାୟ ମଧ୍ୟରେ ସୀମାବଦ୍ଧ ଥିଲା । ଶ୍ରୀଚୈତନ୍ୟଙ୍କ ପ୍ରଚେଷ୍ଟାରେ ଏହି ରାଧାକୃଷ୍ଣ ଲୀଳାତତ୍ତ୍ୱ ଜନସାଧାରଣଙ୍କ ହୃଦୟରେ ପ୍ରତିଷ୍ଠିତ ହୋଇଛି । ରାଜାନୁମୋଦିତ ଧର୍ମ ଭାବରେ ଚୈତନ୍ୟପନ୍ଥୀ ଗୌଡ଼ୀୟ ବୈଷ୍ଣବ ଧର୍ମ ସମ୍ମାନିତ ହେବାରୁ ତତ୍କାଳୀନ ସମାଜରେ ଏହି ଧର୍ମର ବହୁଳ ପ୍ରସାର ଘଟିଅଛି । ପଞ୍ଚସଖା ସାଧକଙ୍କ ପରେ ବିଶେଷ କରି ପ୍ରେମମିଶ୍ରା ଭକ୍ତି ଧର୍ମର ପ୍ରାଧାନ୍ୟ ପ୍ରତିଷ୍ଠିତ ହୋଇଛି । ଓଡ଼ିଶାରେ ଏହି ଧାରା ଏତେ ପ୍ରଭାବଶାଳୀ ହୋଇପଡ଼ିଛି ଯେ ଏହାର ପ୍ରଭାବରେ ପୁରପଲ୍ଲୀରେ ରାଧାକୃଷ୍ଣ ମନ୍ଦିର, ଚୈତନ୍ୟପନ୍ଥୀ ମଠ ନିର୍ମିତ ହୋଇଛି, ତତ୍କାଳୀନ ପରିବେଶରେ ରାଧାକୃଷ୍ଣ ପ୍ରେମଲୀଳା ସାହିତ୍ୟରେ ରୂପାୟିତ ହୋଇଛି ।

କୃଷ୍ଣକ୍ରୀଡ଼ା :

କୃଷ୍ଣକ୍ରୀଡ଼ା କାବ୍ୟଟି ରାଜକବି ଧନଞ୍ଜୟ ଭଞ୍ଜଙ୍କ ଦ୍ୱାରା ରଚିତ । ଏହା ପାଞ୍ଚଗୋଟି ସର୍ଗ ବିଶିଷ୍ଟ ଏକ ଲୀଳା ମୂଳକ କାବ୍ୟ । ଏହି ଗ୍ରନ୍ଥରେ କବିଙ୍କର ଭକ୍ତିମତ୍ତା ପରିସ୍ଫୁଟ । ରସିକଶେଖର ଶ୍ରୀକୃଷ୍ଣଙ୍କର ରସିକତାକୁ କବି ଗ୍ରନ୍ଥରେ ଚିତ୍ରଣ କରିଛନ୍ତି ।

ପ୍ରଥମ ଛାନ୍ଦରେ କବି ବନ୍ଦନା କରିଛନ୍ତି ଇନ୍ଦ୍ର ଗର୍ବଗଞ୍ଜନ ଦେବମୁରାରିଙ୍କୁ । ଦାନବବଳ ନାଶକାରୀ ସେହି ପରମପୁରୁଷଙ୍କର ମହାମହିମା ବର୍ଣ୍ଣନାରେ କବି ଶତମୁଖ ହୋଇଛନ୍ତି । କବି କହିଛନ୍ତି -

ଜୟ ଜୟ ଭକତବତ୍ସଳ ମୁରାରି
ଶକ୍ର ଗରବ ଗଞ୍ଜିଲେ ମନ୍ଦର ଧରି ।
ଯଦୁବଂଶ କଇରବ ପ୍ରକାଶ ଇନ୍ଦୁ
ଭକତ ଜନଲୋଚନ ଲାବଣ୍ୟ ସିନ୍ଧୁ ।
ସେ ପ୍ରଭୁ ଚରଣୁ ଅନ୍ୟ ନାହିଁ ମୋ ଗତି
ପ୍ରସନ୍ନ ହୋଇବା ମତେ କମଳାପତି ।
କିଛି ତୁମ୍ଭ ଯଶକଥା କହି ମୋ ମନ
ତେଣୁ ଆଜ୍ଞା ମାଗଇ କମଳ ଲୋଚନ ।

(କୃଷ୍ଣକ୍ରୀଡ଼ା ୧ମ ଛାନ୍ଦ/ ୧,୪,୯,୧୦ପଦ)

ବସନ୍ତକାଳରେ ଦିନେ ରାଧା ତାଙ୍କର ସଖୀମାନଙ୍କୁ ନେଇ କାଳିନ୍ଦୀ ତଟରେ ପହଞ୍ଚିଛନ୍ତି । କବି କାଳିନ୍ଦୀଙ୍କୁ ଏକ ରୂପବତୀ ରମଣୀ ରୂପରେ ପରିକଳ୍ପନା କରିଛନ୍ତି । ପ୍ରସ୍ଫୁଟିତ ପଦ୍ମଫୁଲ ତା'ର ମୁଖପରି ଶୋଭା ପାଉଛି । ନୀଳକଇଁ ଫୁଲ ତା'ର ଆଖିପରି ଦେଖାଯାଉଛି । ଭ୍ରମର ମାନେ ତା'ର ଭ୍ରୂଲତା ପରି ମନେ ହେଉଛନ୍ତି । ଶିଉଳି ହୋଇଛି ତା'ର କୁଞ୍ଚିତକେଶ, ମୃଣାଳ ହୋଇଛି ତା'ର ଦୁଇଟି ବାହୁ । ରକ୍ତପଦ୍ମ ହୋଇଛି ହାତର ପାପୁଲି । ପଦ୍ମକଢ଼କୁ ସେହି ନାୟିକାର ଉନ୍ନତସ୍ତନ ବୋଲି କବି କଳ୍ପନା କରିଛନ୍ତି । ମରାଳର ଧ୍ୱନି ଘୁଙ୍ଗୁର ଶବ୍ଦ ପରି କବିଙ୍କୁ ମନେ ହୋଇଛି ।

କବିଙ୍କ ଭାଷାରେ -

କାମିନୀ ପ୍ରାୟ କାଳିନ୍ଦୀ ଦିଶେ ସୁଷମ
ବିକଚ ଅମ୍ବୁଜ ତା'ର କି ୟେ ବଦନ ।

ନୀଳ ଇନ୍ଦୀବର ବେନି ନୟନ ଶୋଭା
ଯାହା ଦେଖି ମୁନି ମନ ହୋଇବ ଲୋଭ ।
ତଥିପାଶେ ଭୃଙ୍ଗାବଳି ମଧୁରେ ଲୋଭା
ରୁଚିର ଭ୍ରୂଲତା ଛବି ପାଏ କି ଶୋଭା ।
ଶଇବାଳରେ ତ କେଶ ମୃଦୁଳ ଜାଣି
ମୃଣାଳ ଭୁଜ କି କୋକନଦ ତା' ପାଣି ॥

(କୃଷ୍ଣକ୍ରୀଡ଼ା ୧ମ ଛାନ୍ଦ- ୧୮,୧୯, ୨୦, ୨୧ ପଦ)

ବୃନ୍ଦାବନର ଶୋଭାକବି ଲେଖନୀରେ ଚିତ୍ରିତ ହୋଇଛି । ବନର ବର୍ଣ୍ଣନା କରିବାକୁ ଯାଇ କବି କେତେକ ବୃକ୍ଷଲତାର ନାମ ତାଲିକା ପ୍ରଦାନ କରିଛନ୍ତି । କପୋତର ଧ୍ୱନିରେ ବନଭୂମି ମୁଖରିତ ହୋଇଛି । ତମାଳ ତରୁକୁ ମେଘ ବୋଲି ଭାବି ପୁଚ୍ଛତୋଳି ମୟୂର ନାଚିଛି । ତା'ର ନୀଳିମ ଆଭାଯୁକ୍ତ ପୁଚ୍ଛକୁ ନୀଳକଇଁଫୁଲ ମନେ କରି ଭ୍ରମରମାନେ ଆସି ଚୁମ୍ବନ କରିଛନ୍ତି । ମୟୂର ପୁଚ୍ଛକୁ ନୀଳକଇଁ ଭାବି ଭ୍ରମର ଚୁମ୍ବନ କରିବା କଥା ସଂସ୍କୃତ ସାହିତ୍ୟରେ ଦେଖିବାକୁ ମିଳେ । କାଳିଦାସଙ୍କ ଋତୁ ସଂହାରରେ ଏପରି ପ୍ରସଙ୍ଗର ଉପସ୍ଥାପନା ରହିଛି । ପୁନାଙ୍ଗ ବୃକ୍ଷରେ ଲବଙ୍ଗଲତାର ସମନ୍ୱିତ ରୂପଶୋଭା କବି ଧନଞ୍ଜୟଙ୍କୁ ଦାମ୍ପତ୍ୟ ଜୀବନର ପବିତ୍ର ପ୍ରୀତିମୟ ସ୍ୱରୂପ ସଂପର୍କରେ ସ୍ମରଣ କରାଇ ଦେଇଛି । ସହକାର ବୃକ୍ଷ ମୁକୁଳିତ ହୋଇ ନୟନ ଲୋଭା ଶୋଭା ଧାରଣ କରିଛି । ଅଶୋକ ଫୁଲରେ ଭ୍ରମର ଅନୁରାଗୀ ହୋଇପଡ଼ିଛି । ଫୁଟାଫୁଲର ସୁଷମା ଭିତରେ କବି ପ୍ରୀତିମୟୀ ନାୟିକାର ଭିନ୍ନଭିନ୍ନ ଅବସ୍ଥାକୁ ଲକ୍ଷ୍ୟ କରିଛନ୍ତି, କେଉଁ ଫୁଲକୁ ମାନମୟୀ ନାୟିକା ଭାବରେ, ଆଉ କେଉଁ ଫୁଲକୁ ଉତ୍କଣ୍ଠିତା ନାୟିକା ରୂପରେ ସେ ପରିକଳ୍ପନା କରିଛନ୍ତି ।

ବୃନ୍ଦାବନରୁ ନାନାବିଧି ଫୁଲ ତୋଳି ଗୋପବାଳାମାନେ ମାଳାରଚନା କରିଛନ୍ତି । ସେହି ମାଳାରେ କବରୀ ସଜାଇ, ହାତରେ କଞ୍ଚନ, କରବୀର ଫୁଲଧରି ଯାଉଯାଉ କଦମ୍ବ ମୂଳରେ ବନମାଳୀଙ୍କୁ ଦର୍ଶନ କରିଛନ୍ତି । ଶ୍ରୀକୃଷ୍ଣଙ୍କର ମଞ୍ଜୁମୁରଲୀ ତାନରେ ବନଭୂମି ପ୍ରଶାନ୍ତ ଓ ମନ୍ତ୍ରମୁଗ୍ଧ ହୋଇଉଠିଛି । ରାଧା ଓ କୃଷ୍ଣ ପରସ୍ପରକୁ ଦେଖି ଆନନ୍ଦିତ ହୋଇଛନ୍ତି । କିଛି ସମୟ ପରେ ରାଧା ତାଙ୍କ ସଖୀମାନଙ୍କ ସହ ନିଜ ଘରକୁ ଫେରି ଆସିଛନ୍ତି । ଶ୍ରୀକୃଷ୍ଣଙ୍କ ବିରହରେ ରାଧା ଦାରୁଣ ଦୁଃଖରେ ମର୍ମାହତ ହୋଇଛନ୍ତି । ଚନ୍ଦ୍ର, ଚନ୍ଦନ, କର୍ପୂର ଏସବୁ ଶୀତଳତା ଓ ସ୍ନିଗଧତାର ପରିବେଶ ସୃଷ୍ଟି ନକରି ରାଧାଙ୍କ ପାଇଁ ବିଷରେ ପରିଣତ ହୋଇଛନ୍ତି । ଭୋଜନ ଓ ଶୟନ ତ୍ୟାଗ କରି ସେ ଦିନରାତି କେବଳ କୃଷ୍ଣଙ୍କୁ ଧ୍ୟାନ କରିଛନ୍ତି । ଏକାଗ୍ର ଚିତ୍ତରେ ସ୍ମରଣ କରିବା ଫଳରେ ରାଧା ସ୍ୱପ୍ନରେ ଶ୍ରୀକୃଷ୍ଣଙ୍କର ରୂପ ଦର୍ଶନ କରିଛନ୍ତି । ଶ୍ରୀକୃଷ୍ଣଙ୍କ ରୂପ ଦଳାଅଞ୍ଜନ ଓ ମେଘମାଳାର ରଙ୍ଗକୁ ବଳି ଯାଇଛି । ଅଧର ବିମ୍ବ ଫଳ ପରି ରକ୍ତିମ ଆଭାଯୁକ୍ତ ହୋଇଛି । କାମଦେବର ତୂଣୀରକୁ ଜିଣି ସୁନ୍ଦର ଦିଶୁଛି ନାସା, କାନରେ କୁଣ୍ଡଳ ଶୋଭାପାଉଛି, ସୁନ୍ଦର ଜୁଡ଼ା ଉପରେ ମୟୂର ପୁଚ୍ଛର ସ୍ଥିତି ଅତ୍ୟନ୍ତ ଲୋଭନୀୟ ଶୋଭା ସୃଷ୍ଟି କରିଛି ।

ସଖୀ ଆଗରେ ରାଧା ଏସବୁ କହିବାପରେ ସଖୀ କୃଷ୍ଣଙ୍କ ନାମ ଉଚ୍ଚାରଣ କରିବାରୁ ରାଧା ଲଜ୍ଜିତା ହୋଇଛନ୍ତି । ରାଧା କୃଷ୍ଣ ଲୀଳାବିଳାସରେ ମିଳନ ଯେପରି ଗୁରୁତ୍ୱପୂର୍ଣ୍ଣ କଥା ବିରହ ମଧ୍ୟ ସେହିପରି ଆକର୍ଷଣୀୟ ଉପାଦାନ । ବିରହପରେ ମିଳନର ମାଧୁରିମା ବହୁଗୁଣିତ ହୋଇଥାଏ । ସଖୀମାନେ ରାଧାକୃଷ୍ଣ ମିଳନରେ ଯଥେଷ୍ଟ ସହାୟତା କରିଥାନ୍ତି । ଅକପଟ ସରଳ ଚିତ୍ତରେ କୌଣସି ଲାଭର ଆଶା ନ ରଖି, ସଖୀମାନେ ରାଧାମାଧବଙ୍କର ମିଳନ ଘଟାଇଥାନ୍ତି । ସେମାନେ ସଂଯୋଗ ସରଣୀ ପରି କାର୍ଯ୍ୟ କରନ୍ତି । ସେମାନଙ୍କର ଉପସ୍ଥିତି ଯୋଗୁ ରାଧାକୃଷ୍ଣ ଲୀଳା ଅଧିକ ରସସ୍ନିଗ୍ଧ ଓ ମାଧୁର୍ଯ୍ୟମୟ ହୋଇଥାଏ । କୃଷ୍ଣକ୍ରୀଡ଼ା କାବ୍ୟରେ ସଖୀଯାଇ ରାଧାଙ୍କ ବିରହକାଳୀନ ଅବସ୍ଥାର

କାରଣ ଓ ସ୍ୱରୂପ ସଂପର୍କରେ ଶ୍ରୀକୃଷ୍ଣଙ୍କୁ ଜଣାଇଛି । ପ୍ରବାଳ ଶେଯକୁ ଅଗ୍ନିମୟ ପିଣ୍ଡ ରୂପରେ ରାଧା ମଣିଛନ୍ତି । ସ୍ନିଗ୍ଧତା ଓ ଶୀତଳତାର ଆଧାର ଚନ୍ଦ୍ରକୁ ଉତ୍ତପ୍ତ ସୂର୍ଯ୍ୟ ପରି ରାଧା ଭାବୁଥିବା କଥା ସଖୀ କହିଛି । ରାଧାଙ୍କ ବିରହିଣୀ ଅବସ୍ଥାର ଚିତ୍ରଦେବାରେ ସଂସ୍କୃତ କାବ୍ୟ ତଥା ପ୍ରାଚୀନ ଓଡ଼ିଆ କାବ୍ୟ ଦ୍ୱାରା କବି ବହୁ ଭାବରେ ପ୍ରଭାବିତ ହୋଇଛନ୍ତି । ଶ୍ରୀକୃଷ୍ଣ ମଧ୍ୟ ରାଧାଙ୍କ ଅଦର୍ଶନରେ ଦାରୁଣ ବେଦନା ଅନୁଭବ କରିଛନ୍ତି । ତାଙ୍କୁ ଚନ୍ଦ୍ର, ଚନ୍ଦନ ବିଷତୁଲ୍ୟ ବୋଧ ହୋଇଛି । ନିଜକୁ ଚାତକ ଓ ରାଧାଙ୍କୁ ନବଘନ ରୂପେ ଶ୍ରୀକୃଷ୍ଣ ବିଚାର କରି ରାଧାଙ୍କୁ ଭେଟାଇବା ପାଇଁ ସଖୀଙ୍କୁ ଅନୁରୋଧ କରିଛନ୍ତି ।

କାବ୍ୟରେ କବି ରାଧା ଓ ଚନ୍ଦ୍ରାବଳୀ ମଧ୍ୟରେ କୌଣସି ପାର୍ଥକ୍ୟକୁ ସ୍ୱୀକାର କରିନାହାନ୍ତି । ସଖୀ ଆସି ଚନ୍ଦ୍ରାବଳୀ ଆଗରେ କୃଷ୍ଣଙ୍କର ଅବସ୍ଥାକୁ ବର୍ଣ୍ଣନା କରିଛି । ରାଧାଙ୍କ ନାମକୁ ମାଳା କରି କୃଷ୍ଣ ଜପୁଛନ୍ତି । ରକ୍ତିମ ଅଧରର କାନ୍ତି ତାଙ୍କର ମଉଳି ପଡ଼ିଛି ଓ ମୋହନ ମୁରଲୀ ହାତରୁ ଖସିପଡ଼ିଛି ବୋଲି ସଖୀ କହିଛି ।

ସୁଯୋଗ କ୍ରମେ ରୀତିକବି ନାୟିକାର ରୂପ ବର୍ଣ୍ଣନା କରିଥାନ୍ତି । ରୂପ ବର୍ଣ୍ଣନା ବିନା ରୀତିକାବ୍ୟର ସାର୍ଥକତା ପ୍ରକଟିତ ହୁଏ ନାହିଁ । ଧନଞ୍ଜୟ ମିଳନ ପାଇଁ ଉତ୍କଣ୍ଠିତା ରାଧାଙ୍କୁ ସୁବେଶ କରାଇ କାବ୍ୟକଳାର ଚମତ୍କାରିତା ଓ ସାର୍ଥକତା ଆଣିଛନ୍ତି । ମଥାରେ ମୋତିଜାଲି, କାନରେ ହୀରାର କାପ, ନାସାରେ ଗଜମୋତି ପିନ୍ଧି କାବ୍ୟନାୟିକା ଅନୁପମ ସୌନ୍ଦର୍ଯ୍ୟରେ ବିମଣ୍ଡିତା ହୋଇଛନ୍ତି । ମୋତିମାଳାରେ ବକ୍ଷଦେଶ ବିମଣ୍ଡନ କରି ସୂକ୍ଷ୍ମ ସୁନ୍ଦର ବସ୍ତ୍ର ପରିଧାନ କରି ସେ କୃଷ୍ଣ ଦର୍ଶନ ପାଇଁ ଅଗ୍ରସର ହୋଇଛନ୍ତି । କବିଙ୍କ ଭାଷାରେ-

ନବ ଘନ ଜ୍ୟୋତିଚାରୁ ଚିକୁର ସାଜିଲା
ତହିଁପରେ କ୍ଷୁଦ୍ର ମୋତିଜାଲି, ଆଚ୍ଛାଦିଲା
ରୁଚିର ନାସିକା ତା'ର ନିରୂପମ କାନ୍ତି
ତହିଁରେ ଭୂଷିତ ତା'ର ଚାରୁ ଗଜମୋତି ।

(୫ମ ଛାନ୍ଦ)

ରାଧା ବୃନ୍ଦାବନରେ ପହଞ୍ଚି ସେଠାର ସ୍ୱର୍ଗୀୟ ସୁଷମାରେ ଅଭିଭୂତ ହୋଇ ପଡ଼ିଛନ୍ତି । ସଖୀ ଯାଇ ଶ୍ରୀକୃଷ୍ଣଙ୍କୁ ରାଧାଙ୍କର ବୃନ୍ଦାବନକୁ ଆସିବା କଥା ଜଣାଇ ଦେଇଛି । ରାଧାକୃଷ୍ଣଙ୍କର ମଧୁରମିଳନ ସଂଗଠିତ ହୋଇଛି । ନାନା ଭାବରେ ରତି ବିଳାସରେ ମାତିରହି ରାଧାକୃଷ୍ଣ ଅପାର ଆନନ୍ଦ ଲାଭ କରିଛନ୍ତି । ପ୍ରେମ ହେଉଛି ଏକ ସଦବସ୍ତୁ ଯାହା ରାଧାକୃଷ୍ଣ ଲୀଳାରେ ମୂର୍ତ୍ତିମନ୍ତ ହୋଇଅଛି ।

କାବ୍ୟଟିର ଭାଷା ଭାବାନୁସାରୀ ହୋଇ ପାଠକର ମନକୁ ଆକୃଷ୍ଟ କରିଛି । ପ୍ରାଚୀନ ପ୍ରୟୋଗ ଭାଷାରେ ବିଶେଷ ନାହିଁ । ପ୍ରତିଟି ଛାନ୍ଦକୁ କବି ଭିନ୍ନ ଭିନ୍ନ ରାଗରେ ରଚନା କରିଛନ୍ତି । ସଂଗୀତ ପ୍ରତି କବିଙ୍କର ଅସୀମ ଶ୍ରଦ୍ଧାଯୋଗୁ ସେ ତାଙ୍କର ପ୍ରତ୍ୟେକ ରଚନାରେ ସାଙ୍ଗୀତିକତାର ଅପୂର୍ବ ସମନ୍ୱୟ କରିଛନ୍ତି । ଆରମ୍ଭରୁ ଶେଷ ପର୍ଯ୍ୟନ୍ତ ସବୁଠାରେ କଥାବସ୍ତୁରେ ଗତିଶୀଳତା ଲକ୍ଷ୍ୟଣୀୟ ।

ଅନଙ୍ଗରେଖା :

ଧନଞ୍ଜୟ ଭଞ୍ଜଙ୍କ ପୂର୍ବରୁ ଓଡ଼ିଆ ସାହିତ୍ୟରେ କାଳ୍ପନିକ କାବ୍ୟର ସ୍ଥିତି ଥିଲା । ଓଡ଼ିଶାରେ ପୁରାଣ ଓ ଧର୍ମାଦର୍ଶକୁ ଭିତ୍ତିକରି ରଚିତ ସାହିତ୍ୟ ପ୍ରତି କ୍ରମଶଃ ପାଠକ ମାନଙ୍କର ଆଗ୍ରହ କମିଯିବାରୁ ଓ ପାଠକମାନଙ୍କର ନିରୋଳା ସାହିତ୍ୟ ସୃଷ୍ଟି ପାଇଁ ଆବେଦନ ଆସିବାରୁ କବିମାନେ କାଳ୍ପନିକ କାବ୍ୟ ରଚନା ଦିଗରେ ଯତ୍ନବାନ ହେଲେ । ଧନଞ୍ଜୟ ଭଞ୍ଜଙ୍କର କାଳ୍ପନିକ କାବ୍ୟମାନଙ୍କ ଭିତରେ ଅନଙ୍ଗରେଖା ଅନ୍ୟତମ । କବି ଧନଞ୍ଜୟଙ୍କର ଏହା ଏକ ବିଶିଷ୍ଟ କୃତି ।

ଏହି କାବ୍ୟଟି ଓଡ଼ିଶା ସାହିତ୍ୟ ଏକାଡ଼େମୀ ତରଫରୁ ପ୍ରକାଶିତ ହୋଇଛି । ପଞ୍ଚବିଂଶ ଛାନ୍ଦରେ ଗଠିତ ଏହି ଗ୍ରନ୍ଥଟିର କଥାବସ୍ତୁ କାଳ୍ପନିକ ହେଲେ ମଧ୍ୟ ଅତ୍ୟନ୍ତ ସୁଖପାଠ୍ୟ ତଥା ଉପଭୋଗ୍ୟ । କାବ୍ୟର ନାୟକ ଓ ନାୟିକାଙ୍କୁ ନେଇ କାବ୍ୟର କଥାବସ୍ତୁ ଗଠିତ । ରାଜସଭାରେ ନୃତ୍ୟରତା ମଦାଳସୀର ପୁଷ୍ପଦନ୍ତ ଦର୍ଶନରେ ନୃତ୍ୟକଳାରେ ସ୍ଖଳନ ଘଟିବାରୁ ଇନ୍ଦ୍ର ଅଭିଶାପ ଦେଇଛନ୍ତି । ଦୀର୍ଘ ପଚିଶ ବର୍ଷ କାଳ ମର୍ତ୍ତ୍ୟରେ ଅବସ୍ଥାନ କରି ପୁନର୍ବାର ସ୍ୱର୍ଗକୁ ପ୍ରତ୍ୟାବର୍ତ୍ତନ କରିବାକୁ ନିର୍ଦ୍ଦେଶପାଇ ମର୍ତ୍ତ୍ୟରେ କର୍ଣ୍ଣାଟ ରାଜ୍ୟରେ ମଦାଳସୀ ଜନ୍ମଗ୍ରହଣ କରିଛନ୍ତି । ସେଠାରେ ତାଙ୍କ ନାମ ଦିଆଯାଇଛି ଅନଙ୍ଗରେଖା । କାଶୀରାଜ୍ୟର ରାଜକୁମାର କୁସୁମକେତୁର ରୂପଲାବଣ୍ୟ ପ୍ରସଙ୍ଗ ସଖୀମାନଙ୍କଠାରୁ ଶୁଣି ଯୁବତୀ ଅନଙ୍ଗରେଖାର ତାଙ୍କ ପ୍ରତି ଆକର୍ଷଣ ବଢ଼ିଛି । ସ୍ୱୟମ୍ବର ଆୟୋଜନ କରିଛନ୍ତି ଅନଙ୍ଗରେଖାର ପିତା କର୍ଣ୍ଣାଟଦେଶର ଅଧୀଶ୍ୱର ବିକ୍ରମବାହୁ । ସ୍ୱୟମ୍ବରରେ ପୂର୍ବଜନ୍ମର ପ୍ରେମିକ ପୁଷ୍ପଦନ୍ତ ବିଘ୍ନ ଘଟାଇଛି । ଫଳରେ ପ୍ରଥମ ଥର ସଭା ହୋଇପାରି ନାହିଁ । ଦ୍ୱିତୀୟଥର ସ୍ୱୟମ୍ବର ସଭା ଅନୁଷ୍ଠିତ ହୋଇଛି । ଏଥିରେ ଅନଙ୍ଗରେଖା ପତି ରୂପେ କୁସୁମକେତୁକୁ ବରଣ କରିଛି । ନାୟକ ନାୟିକାଙ୍କର ମିଳନ ଘଟିଛି । ଏହି ମିଳନକୁ ପୁଷ୍ପଦନ୍ତ ସହିନପାରି ନିଦ୍ରିତ କୁସୁମକେତୁକୁ ଅପହରଣ କରିନେଇ ରତ୍ନକୂଟ ପର୍ବତରେ ରଖି ଦେଇଛି । ନାୟକ ଓ ନାୟିକା ପରସ୍ପରର ବିଚ୍ଛେଦରେ ଦାରୁଣ ଦୁଃଖର ଶିକାର ହୋଇଛନ୍ତି । କିଛି ଦିନ ପରେ ପୁନର୍ବାର ନାୟକ ଓ ନାୟିକାଙ୍କର ମଧୁର ମିଳନ ଘଟିଛି । କଥାବସ୍ତୁ ସଂଯୋଜିତ ହୋଇଛି ଗତାନୁଗତିକ ଭାବରେ । କଥାବସ୍ତୁରେ ବିଶେଷ କିଛି ଅଭିନବତ୍ୱ ନ ଥିଲେ ମଧ୍ୟ ଉପସ୍ଥାପନାର ଧାରାରେ ଆକର୍ଷଣୀୟ ଉପାଦାନ ରହିଛି । କାବ୍ୟର ଆରମ୍ଭରେ ଆଶୀନମସ୍କ୍ରିୟା ପର୍ଯ୍ୟାୟରେ କବି ନୀଳାଚଳ ନାଥ ଶ୍ରୀଜଗନ୍ନାଥଙ୍କୁ ବନ୍ଦନା କରିଛନ୍ତି । ପ୍ରଭୁଙ୍କର ଆଖି ଦୁଇଟି କବିଙ୍କ ଦୃଷ୍ଟିରେ ଦୁଇଟି ସଜଫୁଟା ପଦ୍ମଫୁଲ ପରି ଶୋଭା ପାଉଛି । ସମସ୍ତ ଲୋକଙ୍କର ଆଖି ରୂପକ ମଧୁପ ପାଇଁ ତାହା ସୀମାହୀନ ଆକର୍ଷଣ ସୃଷ୍ଟି କରିଛି । ଶ୍ରୀଜଗନ୍ନାଥ ହେଉଛନ୍ତି ସମନ୍ୱୟର ଦେବତା । ତାଙ୍କ ପ୍ରତି ଉତ୍କଳର କବି ଓ କଳାକାରମାନଙ୍କର ଅଶେଷ ଭକ୍ତି ଓ ଗଭୀର ସମ୍ମାନ ରହିଛି । ଶ୍ରୀଜଗନ୍ନାଥଙ୍କର ଚରଣ କମଳରେ ନିଜକୁ ଓ ନିଜର ସାହିତ୍ୟିକ ସୃଷ୍ଟିକୁ ସମର୍ପଣ କରି ଉତ୍କଳର ବହୁ କବି ଆତ୍ମସନ୍ତୋଷ ଲାଭ କରିଛନ୍ତି । ଧନଞ୍ଜୟ ଶ୍ରୀଜଗନ୍ନାଥଙ୍କୁ ପ୍ରଣତି ଜଣାଇବାପରେ ମା'ଲକ୍ଷ୍ମୀଙ୍କୁ ପ୍ରଣାମ କରି ତାଙ୍କର ଆଶୀର୍ବାଦ ଭିକ୍ଷା କରିଛନ୍ତି । ଏହାପରେ କର୍ଣ୍ଣାଟ ନଗରର ଶୋଭା ଓ ରାଜାଙ୍କର ବୀରତ୍ୱ କଥା ବର୍ଣ୍ଣନା କରାଯାଇଛି । କବି ରାଜା ବିକ୍ରମବାହୁଙ୍କର ରାଜ୍ୟକୁ ସ୍ୱର୍ଗଠାରୁ ଆହୁରି ସୁନ୍ଦର ବୋଲି ପରିକଳ୍ପନା କରିଛନ୍ତି । ରାଜାଙ୍କର ଚାରିଲକ୍ଷ ମତ୍ତହସ୍ତୀ ଥିବାକଥା କୁହାଯାଇଛି । ସେ ଏତେ ବଳଶାଳୀ ଥିଲେ ଯେ ତାଙ୍କ ବିପକ୍ଷରେ ଯେତେ ରାଜାଥିଲେ, ସମସ୍ତେ ଯୁଦ୍ଧରେ ହାରି ଅରଣ୍ୟବାସୀ ହୋଇଥିଲେ ।

ରାଜା ବିକ୍ରମ ବାହୁ ସୌନ୍ଦର୍ଯ୍ୟରେ କନ୍ଦର୍ପକୁ ବଳିଯିବେ, ଧୈର୍ଯ୍ୟରେ ମେରୁଗିରିକୁ ଓ ଗମ୍ଭୀରତାରେ ସମୁଦ୍ରକୁ ଜିଣିଯିବେ ବୋଲି କବି କହିଛନ୍ତି । ଅଳଙ୍କାର ଶାସ୍ତ୍ର ମାନଙ୍କରେ ରାଜାଙ୍କର ଯେପରି ବର୍ଣ୍ଣନା କରିବାକୁ ନିର୍ଦ୍ଦେଶ ରହିଛି, କବି ଧନଞ୍ଜୟ ସେପରି କରିଛନ୍ତି । ପ୍ରତିଟି ଛାନ୍ଦ ଶେଷରେ ଇଷ୍ଟ ସ୍ମରଣ ପ୍ରାଚୀନ ତଥା ମଧ୍ୟଯୁଗୀୟ ସାହିତ୍ୟିକକୃତି ମଧ୍ୟରେ ଦେଖିବାକୁ ମିଳେ । ଧନଞ୍ଜୟ ଅନଙ୍ଗରେଖାରେ ପ୍ରତିଟି ଛାନ୍ଦ ଶେଷରେ ବିଭୁସ୍ମରଣ କରିଛନ୍ତି । କେତେବେଳେ ଶ୍ରୀଜଗନ୍ନାଥଙ୍କର ତ କେତେବେଳେ ଆଭୀର ବିହାରୀ ଶ୍ରୀକୃଷ୍ଣଙ୍କ ପାଦ କମଳରେ ପ୍ରଣତି ବାଢ଼ିଛନ୍ତି କବି ଧନଞ୍ଜୟ । କାବ୍ୟର ଶେଷରେ କବି ନୀଳାଚଳ ଅଧୀଶ୍ୱର ଜଗନ୍ନାଥଙ୍କୁ ଧ୍ୟାନ କରିଛନ୍ତି ।

ଅନଙ୍ଗରେଖା କାବ୍ୟରେ ରାଣୀ ରତ୍ନାବତୀଙ୍କର ଆଙ୍ଗିକ ସୁଷମା ସହିତ ଅନଙ୍ଗରେଖାର ମଧ୍ୟ ତନୁ ଲାବଣ୍ୟର ବର୍ଣ୍ଣନା କରାଯାଇଛି । ଅନଙ୍ଗରେଖାର ବଦନ ପୂର୍ଣ୍ଣିମାର ଜହ୍ନ ପରି ସୁନ୍ଦର ଦିଶୁଛି, ଲଲାଟଅର୍ଦ୍ଧଚନ୍ଦ୍ର ପରି ଏବଂ ନୟନ ଦୁଇଟି ଚକୋର ପକ୍ଷୀ ସଦୃଶ ଶୋଭାପାଉଛି । କୁଞ୍ଚିତ ଚିକ୍‌କଣ କେଶଗୁଚ୍ଛ ଅତ୍ୟନ୍ତ ଶୋଭାମୟ ହୋଇଛି । ଅନଙ୍ଗରେଖାର କୁଚଯୁଗଳ ଅଙ୍କୁରିତ ହେବାପରେ କାମଭାବନା ତାକୁ ଅସ୍ଥିର କରିପକାଇଛି । ସେ ନାୟକର

ଅଙ୍ଗସଙ୍ଗ ଲାଭ କରିବାକୁ ଇଚ୍ଛା ପ୍ରକାଶ କରିଛି । ସଖୀମାନେ ମିଳନ ପାଇଁ ବିହିତ ବ୍ୟବସ୍ଥା ଗ୍ରହଣ କରିବେ ବୋଲି କହିବାରୁ ଅନଙ୍ଗରେଖାର ମନରେ ଟିକିଏ ସାନ୍ତ୍ୱନା ଆସିଛି । କାଶୀ ଦେଶର ରାଜକୁମାରଙ୍କୁ ବିବାହ କରିବା ପାଇଁ ଅନଙ୍ଗରେଖା ସ୍ଥିର କରିଛି । ସ୍ୱୟମ୍ବର ସଭା ପ୍ରାକୃତିକ ବିପର୍ଯ୍ୟୟ ହେତୁ ଅନୁଷ୍ଠିତ ହୋଇ ନ ପାରିବାରୁ ନାୟିକାର ମନରେ ଦାରୁଣ ଆଘାତ ଲାଗିଛି, ତାକୁ ଚତୁର୍ଦ୍ଦିଗ ବିଷ ପରି ଲାଗିଛି । ଅନଙ୍ଗରେଖାକୁ ସଖୀମାନେ ଶିବପୂଜା କରିବା ପାଇଁ କହିଛନ୍ତି । ଦ୍ୱିତୀୟବାର ସ୍ୱୟମ୍ବର ଅନୁଷ୍ଠାନରେ ଅନଙ୍ଗରେଖା କୁସୁମକେତୁକୁ ପତି ରୂପେ ବରଣ କରି ଆନନ୍ଦଲାଭ କରିଛି । ସମ୍ଭୋଗ ଶୃଙ୍ଗାରର ସ୍ପଷ୍ଟଚିତ୍ର କବି ଧନଞ୍ଜୟ ପ୍ରଦାନ କରିଛନ୍ତି ।

ଅନଙ୍ଗରେଖା କାବ୍ୟରେ ପ୍ରକୃତିର ଚିତ୍ରଣ ଅତ୍ୟନ୍ତ ଆକର୍ଷଣୀୟ । ପ୍ରକୃତି ଚିତ୍ରଣ ଭିତରେ ଋତୁଚିତ୍ର ହୋଇଛି ଅନ୍ୟତମ । ଋତୁଚିତ୍ର ମାଧ୍ୟମରେ ନାୟକ ନାୟିକାଙ୍କର ବିପ୍ରଲମ୍ଭ ଶୃଙ୍ଗାରର ଚିତ୍ର ପ୍ରଦତ୍ତ । ଋତୁଚିତ୍ରକୁ ଉପସ୍ଥାପନା କଲାବେଳେ ନାୟକ ଓ ନାୟିକାଙ୍କ ଶୃଙ୍ଗାରିକତାକୁ ଯେପରି ଏହା ସହିତ ସମ୍ମିଶ୍ରିତ କରିବାର ପରମ୍ପରା ସଂସ୍କୃତ ସାହିତ୍ୟରେ ରହିଛି, ଓଡ଼ିଆ ରୀତିକାବ୍ୟ ମାନଙ୍କରେ ମଧ୍ୟ ସେପରି ପରମ୍ପରା ରହିଛି । ଅନଙ୍ଗରେଖା କାବ୍ୟରେ ବର୍ଷାଋତୁରେ ପର୍ବତର ଅଗ୍ର ଭାଗକୁ ମେଘମାଳା ଆଚ୍ଛାଦନ କରିବା କଥା କବି କହିଛନ୍ତି । ପୁନଶ୍ଚ ପର୍ବତର ମଧ୍ୟ ଦେଶକୁ ତାହା ଖସିଆସି ତାକୁ ଆଚ୍ଛନ୍ନ କରିବାର ବର୍ଣ୍ଣନା ରହିଛି । ବିରହୀ ନାୟକ କୁସୁମକେତୁ ଗତ ଦିନର ସୁଖ ସ୍ମୃତିକୁ ମାନସ ପଟରେ ଜାଗ୍ରତ କରି ଅନଙ୍ଗରେଖାକୁ ସ୍ମରଣ କରିଛି ।

ଶରତ ଋତୁର ପରିବେଶରେ ବିରହିଣୀ ଚିତ୍ତରେ ଯେଉଁ ପ୍ରତିକ୍ରିୟା ସୃଷ୍ଟି ହୋଇଛି କବି ତାହାର ଚିତ୍ର ଅଙ୍କନ କରିଛନ୍ତି । ଶାରଦୀୟ ଶୋଭାବିଭବର ରୁଚିର ଚିତ୍ର ଦେବାକୁ ଯାଇ କବି ସୁନୀଳ ଆକାଶରେ ଧଳାରଙ୍ଗର ମେଘମାଳାର ବିହାର କଥା କହିଛନ୍ତି । ମାଳତୀ ଫୁଲର ମଧୁର ସୁବାସରେ ଦିଗଦିଗନ୍ତ ଆମୋଦିତ ହୋଇଛି । ନଦୀମାନେ ନାୟିକାର ଭୂମିକା ନେଇ ଲଳିତ ପଦପାତରେ ସାଗର ସଙ୍ଗମପାଇଁ ଆଗେଇ ଯାଉଛନ୍ତି ।

କବିଙ୍କ ଭାଷାରେ -

ସତତ ଶତଦଳରେ ମଣ୍ଡିତା
ମାଳତୀ କୁସୁମରେ ସୁବାସିତା
ପାଣ୍ଡୁର ନୀରଧର ହାସିନୀ
ଅଖିଳ ଦିଶମୁଖ ପ୍ରକାଶିନୀ
ବାହିନୀ କାମିନୀ ଛବି ଧଇଲେ
ରତ୍ନାକର ପ୍ରିୟେ ଧୀରେ ଚଳିଲେ
ବିକାଶ କାଶଚୟ ବସନା
ବିମଳ କମଳମୟ ଲପନା ।

(ଅନଙ୍ଗରେଖା ୧୯/ ୨,୩)

ନାୟିକା ଅନଙ୍ଗରେଖା ନାୟକକୁ ଝୁରି ଝୁରି ଜ୍ଞାନଶୂନ୍ୟ ହୋଇପଡ଼ିଛି । ସଖୀମାନେ ତାହାକୁ ଉଠାଇଛନ୍ତି । ହେମନ୍ତ ଋତୁରେ ବିରହିଣୀ ଅନଙ୍ଗରେଖାର ମର୍ମନ୍ତୁଦ ଯନ୍ତ୍ରଣା କବି ଲେଖନୀରେ ମୂର୍ତ୍ତିମନ୍ତ ହୋଇଛି । ଚତୁର୍ଦ୍ଦିଗରେ ଶୀତଳତାର ରାଜତ୍ୱ ପ୍ରତିଷ୍ଠିତ ହେବାବେଳେ ନାୟିକା ପ୍ରାଣରେ ବିରହର ଅଗ୍ନି ପ୍ରଜ୍ୱଳିତ ହୋଇଉଠିଛି । ତା'ର ମାନସପଟରେ ନାୟକର ସ୍ମୃତି ଉଦ୍‌ଭାସିତ ହୋଇଉଠିଛି । ଭ୍ରମରମାନେ ପଦ୍ମବନକୁ ଛାଡ଼ି ବନ୍ଧୁକ ପୁଷ୍ପ ପ୍ରତି ଆକୃଷ୍ଟ ହୋଇଛନ୍ତି । ହଂସମାନଙ୍କର ଜଳକେଳି ଆରମ୍ଭ ହୋଇଛି । ଏସବୁ ଦେଖି ଅନଙ୍ଗରେଖା ଗଭୀର ଦୁଃଖରେ ମର୍ମାହତ ହୋଇଛି ।

ବସନ୍ତଋତୁ ଆସି କାଳଚକ୍ରର ଆବର୍ତ୍ତନରେ ପହଞ୍ଚି ଯାଇଛି । ସଂଯୋଗୀ ଜନର ପ୍ରାଣରେ ସରସତା ଓ ବିଯୋଗୀଜନଙ୍କର ପ୍ରାଣରେ ବିଷାଦ ସୃଷ୍ଟି ହୋଇଛି । ବସନ୍ତଋତୁକୁ ଯୋଦ୍ଧା ଭାବରେ କବି ପରିକଳ୍ପନା କରିଛନ୍ତି । ଏପରି ପରିକଳ୍ପନା ସାହିତ୍ୟ କ୍ଷେତ୍ରରେ ପୂର୍ବରୁ ସ୍ୱୀକୃତିଲାଭ କରିଛି । କବି କାଳିଦାସ ତାଙ୍କ ଋତୁ ସଂହାରରେ ବସନ୍ତ ଋତୁ ସୁରତ ପ୍ରିୟ ଲୋକମାନଙ୍କ ମନକୁ ବିଦ୍ଧ କରିବା ପାଇଁ ଯୋଦ୍ଧା ରୂପରେ ଉପସ୍ଥିତ ହୋଇଛି ବୋଲି କହିଛନ୍ତି ।

କାଳିଦାସଙ୍କ ଭାଷାରେ -

''ପ୍ରଫୁଲ୍ଲ ଚୂତାଙ୍କୁର ତୀକ୍ଷ୍ଣ ସାୟକୋ
ଦ୍ୱିରେଫମାଳା ବିଳସଦ୍ ଧନୁର୍ଗୁଣଃ
ମନାଂସି ଭେତ୍ତୁଂ ସୁରତ ପ୍ରସଙ୍ଗିନାଂ
ବସନ୍ତ ଯୋଦ୍ଧା ସମୁପାଗତ ପ୍ରିୟେ ।''

ଆମ୍ବବଉଳର ମିଠା ମିଠା ମହକରେ ଦିଗ ଦିଗନ୍ତ ପୁଲକିତ ହୋଇଛି । ଲତାକୁଞ୍ଜର କୁସୁମିତ ରୂପଶୋଭା ଅପାର୍ଥିବ ଆନନ୍ଦର କାବ୍ୟରଚନା କରିଛି । ଭ୍ରମରମାନେ ମଧୁପାନରେ ମତ୍ତ ହୋଇ ଆତ୍ମହରା ହୋଇଛନ୍ତି । ବିରହ ବିଦଗ୍ଧ ଜନମନ କିନ୍ତୁ ଝରାଫୁଲ ପରି ମଉଳି ଯାଇଛି । ଅଶୋକର ରକ୍ତିମ ଆଭା ତାକୁ ଆନନ୍ଦିତ କରୁନାହିଁ ବରଂ ତା'ର ହୃଦୟଭେଦୀଶର ସ୍ୱରୂପ ଆବିର୍ଭୁତ ହୋଇଛି । ଋତୁରାଜ ବସନ୍ତର ରାଜତ୍ୱ, ବିରହ ଅଗ୍ନିର ଦହନରେ ମର୍ମାହତ ନାୟକ ନାୟିକାଙ୍କ ପାଇଁ ପ୍ରୀତିକର ହୁଏ ନାହିଁ । ବସନ୍ତଋତୁ ବିଯୋଗୀ ପାଇଁ ଯମରାଜ୍ୟରେ ପରିଣତ ହୁଏ ବୋଲି କବି ଉଲ୍ଲେଖ କରିଛନ୍ତି । ଗ୍ରୀଷ୍ମଋତୁର ଆଗମନରେ ପାର୍ଥିବ ପରିବେଶ ରୁକ୍ଷ ଓ ରିକ୍ତ ହୋଇଛି । ମୃଗ, ସିଂହ, ହସ୍ତୀ ଆଦି ବନଚାରୀ ଜୀବଗଣ ତୃଷ୍ଣାରେ ବ୍ୟାକୁଳ ହୋଇଛନ୍ତି । ମରୀଚିକାକୁ ଜଳତରଙ୍ଗ ମନେକରି ହରିଣୀ ଧାଇଁ ଧାଇଁ ନିରାଶ ହୋଇଛି । ବୃକ୍ଷଲତାରୁ ସବୁଜିମା ଅପସାରିତ ହେବାରୁ ଶୁଷ୍କତାର ରାଜତ୍ୱ ଆରମ୍ଭ ହୋଇଛି । ଗ୍ରୀଷ୍ମର ତାପରେ ସନ୍ତାପିତ ମୟୂର ପୁଚ୍ଛର ଛାୟାରେ ସାପ ଆସି ଆଶ୍ରୟ ନେଲେ ମଧ୍ୟ ମୟୂର ତା'ର କିଛିକ୍ଷତି କରୁନାହିଁ, କବିଙ୍କ ଭାଷାରେ -

ତପତ ରେଣୁ ଦାଉରୁ କୁଣ୍ଡଳୀ...
ଶିଖୀ ପୁଚ୍ଛଛାୟାରେ ଲୁଚନ୍ତି
ଅହି ମକରେ ସନ୍ତାପୀ ନ ଭଜେ ଯାହା କଳାପୀ
ଯହୁଁ ନିଜଜ୍ଞାନ ତେଜିଛନ୍ତି ସେ...

ମୟୂର ପୁଚ୍ଛର ଛାୟାରେ ଗ୍ରୀଷ୍ମ ତାପରେ ସନ୍ତାପିତ ହୋଇ ସାପ ଆଶ୍ରୟ ନେବା କଥା କବି କାଳିଦାସ ଗ୍ରୀଷ୍ମ ବର୍ଣ୍ଣନା ଅବକାଶରେ ଉଲ୍ଲେଖ କରିଛନ୍ତି ।

କାଳିଦାସଙ୍କ ଭାଷାରେ -

ହୃତାଗ୍ନି କଳ୍ପୈଃ ସବିତୁର୍ଗଭସ୍ତିଭିଃକଳାପିନଃ କ୍ଲାନ୍ତଶରୀର ଚେତସଃ
ନଭୋଗିନଂ ଘ୍ନନ୍ତି ସମୀପବର୍ତ୍ତିନଂ କଳାପଚକ୍ରେଷୁ ନିବେଶିତାନନମ୍ ॥

କବି କାଳିଦାସଙ୍କ ଦ୍ୱାରା ଧନଞ୍ଜୟ ଭଞ୍ଜ ପ୍ରଭାବିତ ହୋଇଛନ୍ତି । କେବଳ ଋତୁ ବର୍ଣ୍ଣନା ନୁହେଁ ସନ୍ଧ୍ୟାର ବର୍ଣ୍ଣନା ମଧ୍ୟ ଅନଙ୍ଗରେଖା କାବ୍ୟରେ ମର୍ମସ୍ପର୍ଶୀ ହୋଇଅଛି । ରକ୍ତିମ ଆଭାଯୁକ୍ତ ଅସ୍ତଗାମୀ ସୂର୍ଯ୍ୟକୁ କବି ପକ୍ୱଫଳ ରୂପରେ ପରିକଳ୍ପନା କରିଛନ୍ତି । କ୍ରମଶଃ ଚତୁର୍ଦ୍ଦିଗ ଅନ୍ଧକାରରେ ଆଚ୍ଛନ୍ନ ହୋଇଛି । ଏଇ ଅବସରରେ ପଦ୍ମଫୁଲ ସବୁ ଲାଜରେ ନତମସ୍ତକ ହୋଇଛନ୍ତି । ଚକ୍ରବାକ ଦମ୍ପତ୍ତି ବିଚ୍ଛେଦ ହେତୁ ଦାରୁଣ କଷ୍ଟର ଶିକାର ହେଲେ । ପକ୍ଷୀମାନେ

କଳରୋଳ କରି ନିଜ ନିଜର ବସାକୁ ଫେରିଗଲେ । ଚନ୍ଦ୍ରଉଦିତ ହେବାରୁ ଦିଗସୁନ୍ଦରୀ ମୁଖରୁ ଅନ୍ଧକାର ଅପସରି ଯାଇ ପ୍ରଶାନ୍ତ ପ୍ରସନ୍ନତା ସୃଷ୍ଟି ହେଲା । ଏଇ ଅବସରରେ ନାୟକ ଓ ନାୟିକାଙ୍କର ମିଳନର ମଧୁସିକ୍ତ ଦିଗନ୍ତ ଉନ୍ମୋଚିତ ହୋଇଛି । ରୀତିକାବ୍ୟର ସ୍ରଷ୍ଟା ତା'ର ସାମାଜିକ ସ୍ଥିତିକୁ ଅସ୍ୱୀକାର କରିବା କଥା ଯାହା କୁହାଯାଏ, ତାହା ପ୍ରକୃତରେ ଠିକ୍ ନୁହେଁ । ଆବଶ୍ୟକତା ଅନୁସାରେ ସମାଜର ଚିତ୍ର, ସାମାଜିକ ସମସ୍ୟାକୁ କବି ତାଙ୍କ କାବ୍ୟରେ ସ୍ଥାନ ଦେଇଥାନ୍ତି । ଧନଞ୍ଜୟ ଭଞ୍ଜ ତାଙ୍କ କାବ୍ୟ ଅନଙ୍ଗରେଖାରେ ନିଜର ସମକାଳୀନ ସମାଜରେ ପ୍ରଚଳିତ ରୀତିନୀତି ସଂପର୍କରେ ସମ୍ୟକ୍ ସୂଚନା ଦେଇଛନ୍ତି । ସନ୍ତାନ ଜନ୍ମ ହେବା ଯୋଗୁ ଗୃହର ସାଜସଜ୍ଜା, ତା'ର ଗ୍ରହଗଣନା, ନାମକରଣ ଇତ୍ୟାଦି କଥାକୁ କବି ବାଦ୍ ଦେଇ ନାହାନ୍ତି, ସନ୍ତାନ ଜନ୍ମର ତିରିଶ ଦିନ ପରେ ରାଜା ବିକ୍ରମ ବାହୁ ନାମକରଣ ଉତ୍ସବ ପାଇଁ ଆୟୋଜନ କରିଛନ୍ତି । ରାଜାଙ୍କ ନିର୍ଦ୍ଦେଶରେ ମନ୍ତ୍ରୀ ରାଜଉଆସକୁ ଆଡ଼ମ୍ବର ସହକାରେ ସଜ୍ଜିତ କରିଛନ୍ତି । ବ୍ରାହ୍ମଣମାନେ ଆସି କନ୍ୟାର ନାମ 'ଅନଙ୍ଗରେଖା' ରଖିଛନ୍ତି । କବିଙ୍କ ଭାଷାରେ -

''ଶେଷ ହୋଇଲା ତିରିଶ ଦିବସ
ମନ୍ତ୍ରୀଡାକି ନୃପଦେଲେ ଆଦେଶ
ସୁତାନାମକରଣବିଧିକର
ବେଗେ ମଣ୍ଡିତ ହୋଇ ସର୍ବପୁର
ମଣିମୟ ପଲଙ୍କ ଶୋହିଅଛି
ହେମ ଶିକଳା ରେଖା ଯା ହେଉଛି
ତଥି ଉପରେ ଜେମାକୁ ଶୁଆଇ
ନାରୀ ଅଛନ୍ତି ଚାରିପାଶେ ରହି
ଦ୍ୱିଜବରେ ବନ୍ଦାପନା ସାରିଲେ
ନାମ 'ଅନଙ୍ଗରେଖା' ବୋଲି ଦେଲେ ।''

(ଅନଙ୍ଗରେଖା- ୨ୟ ଛାନ୍ଦ)

ଜନ୍ମଦିନର ତିରିଶ ଦିନରେ ସନ୍ତାନର ନାମକରଣ ପ୍ରଥା ଏବେ ମଧ୍ୟ ସମାଜରେ ପ୍ରଚଳିତ ଅଛି । ବିବାହ ବେଳେ କନ୍ୟା ଲୁଣ ଚଉଁରୀରେ ବସିବାର ପ୍ରଥା ଓଡ଼ିଆ ଘରେ ଏବେ ମଧ୍ୟ ରହିଛି । ବିବାହରେ ହାତଗଣ୍ଠି ପଡ଼ିବାର ପ୍ରଥାକୁ କବି ସମ୍ମାନ ଦେଇ କାବ୍ୟରେ ସ୍ଥାନ ଦେଇଛନ୍ତି । ବିବାହ ଉତ୍ସବରେ ଭୋଜି ତଥା ପଞ୍ଚଗ୍ରାସୀ ପ୍ରଭୃତି ପ୍ରସଙ୍ଗକୁ କବି ସାହିତ୍ୟରେ ସ୍ଥାନ ଦେଇଛନ୍ତି । ଆବଶ୍ୟକତା ଅନୁସାରେ ସାମାଜିକ ବିଧିବ୍ୟବସ୍ଥାର ଚିତ୍ର ସଂଯୋଜିତ ହୋଇଥିବାରୁ ଧନଞ୍ଜୟ ଭଞ୍ଜଙ୍କ କାବ୍ୟ ଅନଙ୍ଗରେଖା ସୁଖପାଠ୍ୟ ହୋଇଛି । ଧନଞ୍ଜୟ ମୁଖ୍ୟତଃ ବିଷ୍ଣୁ ଉପାସକ ହେଲେ ମଧ୍ୟ ଅନ୍ୟ ଦେବାଦେବୀଙ୍କ ଉପାସନା ପ୍ରତି ବିମୁଖ ନଥିଲେ । ଉଦାର ଚିତ୍ତରେ ସେ ଜଗନ୍ନାଥ, ଶିବ, ଦୁର୍ଗା, ଗଣେଶ ଆଦି ଦେବତାଙ୍କ ପ୍ରତି ପ୍ରଣତି ଜ୍ଞାପନ କରିଛନ୍ତି । ଓଡ଼ିଶାର ଧର୍ମଧାରାର ବୈଶିଷ୍ଟ୍ୟ ହେଉଛି ସମନ୍ୱୟ ଯାହା ଧନଞ୍ଜୟଙ୍କ ନିକଟରେ ଦେଖିବାକୁ ମିଳେ । ଓଡ଼ିଶାରେ ପଞ୍ଚଦେବତା ଉପାସନାର ପରମ୍ପରା ଥିଲେ ମଧ୍ୟ ଚୈତନ୍ୟଙ୍କ ଆଗମନ ଫଳରେ ଦେବ ଉପାସନାରେ ବିଷ୍ଣୁଙ୍କର ପ୍ରାଧାନ୍ୟ ଅଧିକ ହୋଇଥିଲା । ଧନଞ୍ଜୟ ସେହି ପ୍ରାଚୀନ ପରମ୍ପରାକୁ ଉଚ୍ଚ ଆସନ ଦେଇ ବିଷ୍ଣୁ ଉପାସକ ହୋଇ ମଧ୍ୟ ପଞ୍ଚଦେବତା ଉପାସନାକୁ ପ୍ରତିଷ୍ଠିତ କରିବାପାଇଁ ଯଥାସାଧ୍ୟ ପ୍ରଚେଷ୍ଟା କରିଛନ୍ତି । ଅନଙ୍ଗରେଖା କାବ୍ୟରେ ବହୁସ୍ଥଳରେ କବି ଜଗନ୍ନାଥଙ୍କ ଉଦ୍ଦେଶ୍ୟରେ ସଭକ୍ତି ପ୍ରଣାମ ଜଣାଇଛନ୍ତି । କାବ୍ୟର ଆରମ୍ଭରେ ନୀଳାଚଳପତି ଶ୍ରୀଜଗନ୍ନାଥଙ୍କ ପାଦପଦ୍ମରେ ବିନମ୍ର ପ୍ରଣତି ଜ୍ଞାପନ କରିଛନ୍ତି ।

କବିଙ୍କ ଭାଷାରେ -

ଜୟ ଜୟ ନୀଳାଚଳ ପତି ମୁକୁନ୍ଦ
ସନ୍ତ-ଜନ-ବନ୍ଧୁ ପ୍ରଭୁ ପରମାନନ୍ଦ

ଜଗତ-ଜନ-ନୟନ ଚକୋର ଇନ୍ଦୁ
ଅଶେଷ ଦୀନଜନର ଅହେତୁ ବନ୍ଧୁ ।

ବିକଚ ବାରିଜ ବେନି ନୟନ କିୟେ
ସକଳଜନ-ନୟନ-ମଧୁପମୋହେ ।

(ଅନଙ୍ଗରେଖା ୧୧ମ ଛାନ୍ଦ)

ବସ୍ତୁ ନିର୍ଦ୍ଦେଶ ପ୍ରସଙ୍ଗରେ କବି ସିନ୍ଧୁସୁତା ମହାଲକ୍ଷ୍ମୀଙ୍କୁ ବନ୍ଦନା କରିଛନ୍ତି । ତାଙ୍କ ଶୁଭାଶୀର୍ବାଦପାଇଁ ପ୍ରାର୍ଥନା କରିଛନ୍ତି । ପୁନଶ୍ଚ ଷଷ୍ଠ ଛାନ୍ଦର ଶେଷରେ ଶ୍ରୀକୃଷ୍ଣଙ୍କ ଚରଣରେ ବିନମ୍ର ପ୍ରଣତି ଜଣାଇ ତାଙ୍କୁ ଆଭୀରବିହାରୀ ନାମରେ ସ୍ମରଣ କରିଛନ୍ତି । ଏକାଦଶ ଛାନ୍ଦର ଶେଷରେ ସେ ପ୍ରାର୍ଥନା କରିଛନ୍ତି ମଦନଦହନ ଶିବଙ୍କୁ, ହେରମ୍ବ ପିତାର ଚରଣରେ ଧନଞ୍ଜୟଙ୍କର ମନସର୍ବଦା ରହୁବୋଲି ସେ କାମନା କରିଛନ୍ତି । ଗଣପତିଙ୍କର ବନ୍ଦନା କରିବାକୁ ଯାଇ ଅଷ୍ଟାଦଶ ଛାନ୍ଦର ଶେଷରେ 'ହେରମ୍ବ ଚରଣ, ନୃପ ଧନଞ୍ଜୟ ଭଞ୍ଜ ଶରଣ' ବୋଲି କହିଛନ୍ତି ।

ପଞ୍ଚସଖାଙ୍କ ସମୟରୁ ଉତ୍କଳରେ ସଙ୍କୁଚିତ ହୋଇଥିବା ଧାର୍ମିକ ଉଦାରତା ପୁନର୍ବାର ଧନଞ୍ଜୟଙ୍କ ଲେଖନୀରେ ଓଡ଼ିଆ କାବ୍ୟ ସାହିତ୍ୟରେ ଦେଖା ଦେଇଛି । ପରବର୍ତ୍ତୀ କାଳରେ ଲୋକନାଥ ବିଦ୍ୟାଧର, ଦୀନକୃଷ୍ଣ ଦାସ, ଉପେନ୍ଦ୍ର ଭଞ୍ଜ ପ୍ରଭୃତି କବିମାନେ ଏହି ପଦ୍ଧତିକୁ ଅନୁସରଣ କରି ଉତ୍କଳୀୟ ଧାର୍ମିକ ପରିବେଶର ଉଦାରତାକୁ ଉଚ୍ଚାସନ ଦେଇଛନ୍ତି ।

ସାହିତ୍ୟର ସୌନ୍ଦର୍ଯ୍ୟ ତଥା ସୌକୁମାର୍ଯ୍ୟ ପାଇଁ ଆଳଙ୍କାରିକତାର ଆବଶ୍ୟକତାକୁ ଅସ୍ୱୀକାର କରିହୁଏ ନାହିଁ । କବି ହୃଦୟର ଉତ୍ତାଳ ଭାବ-ତରଙ୍ଗମାଳା କାବ୍ୟକଳାର ମାଧ୍ୟମରେ ପାଠକ ହୃଦୟର ବେଳାଭୂମି ପର୍ଯ୍ୟନ୍ତ ପ୍ରସରିଯାଏ । ଆଳଙ୍କାରିକତା ହେଉଛି କାବ୍ୟକଳାର ଏକ ବଳିଷ୍ଠ ଅଙ୍ଗ ସଦୃଶ । ଏ ସଂପର୍କରେ କୁହାଯାଏ 'ସୌନ୍ଦର୍ଯ୍ୟମ୍ ଅଳଙ୍କାରଃ' ଅର୍ଥାତ୍ ଯାହାଦ୍ୱାରା କାବ୍ୟ ସାହିତ୍ୟର ସୌନ୍ଦର୍ଯ୍ୟ ବୃଦ୍ଧି ହୁଏ ତାହା ହିଁ ଅଳଙ୍କାର, କାବ୍ୟିକ ମାଧୁର୍ଯ୍ୟର ଅଭିବୃଦ୍ଧି ନିମିତ୍ତ ଅଳଙ୍କାରର ଭୂମିକା ଗୁରୁତ୍ୱପୂର୍ଣ୍ଣ ଥିବାରୁ 'କାବ୍ୟ ଗ୍ରାହ୍ୟମଳଙ୍କାରାତ୍'ବୋଲି ମଧ୍ୟ କୁହାଯାଏ । କବିର ସୃଜନୀପ୍ରତିଭା ଏକ ଗଭୀର ପାଣ୍ଡିତ୍ୟ ପୂର୍ଣ୍ଣ ଆଳଙ୍କାରିକତା ମଧ୍ୟ ଦେଇ ପରିପ୍ରକାଶିତ ହୋଇଥାଏ । ଭାରତୀୟ ସାହିତ୍ୟରେ ବେଦରୁ ଆରମ୍ଭ କରି ବ୍ରାହ୍ମଣ, ଆରଣ୍ୟକ ଓ ଉପନିଷଦ ମଧ୍ୟରେ ଆଳଙ୍କାରିକ ଭାବନାର କ୍ରମବିକାଶ ଘଟିଛି । ସଂସ୍କୃତ ଭାଷାରେ ମହାକାବ୍ୟ, କାବ୍ୟ ମଧ୍ୟ ସେ ଆଳଙ୍କାରିକତାର ବିକଶିତ ପର୍ଯ୍ୟାୟକୁ ଅଭିନନ୍ଦନ ଜଣାଇଛି । ପରବର୍ତ୍ତୀ ସମୟରେ ପ୍ରାକୃତ ଭାଷାରେ ରଚିତ ମହାକାବ୍ୟ, କାବ୍ୟକୁ ସଂସ୍କୃତ ସାହିତ୍ୟର ସମକକ୍ଷ କରିବାପାଇଁ ଅଦମ୍ୟ ପ୍ରୟାସ କବିଚିତ୍ତରେ ସୃଷ୍ଟି ହୋଇଛି । ମଧ୍ୟଯୁଗୀୟ କବିମାନେ ପ୍ରାନ୍ତୀୟ ଭାଷାରେ ରଚିତ କାବ୍ୟସମ୍ଭାରକୁ ସଂସ୍କୃତ କାବ୍ୟମାଳାର ଗୌରବ ଆଣିଦେବାପାଇଁ ବିଧିବଦ୍ଧ ପ୍ରୟାସ ଆରମ୍ଭ କରିଛନ୍ତି । ଶବ୍ଦାଳଙ୍କାର ଓ ଅର୍ଥାଳଙ୍କାର ଉଭୟ କ୍ଷେତ୍ରରେ ଧନଞ୍ଜୟ ଭଞ୍ଜଙ୍କର ପାଣ୍ଡିତ୍ୟ ଥିବାର ପ୍ରମାଣ ତାଙ୍କ ସାହିତ୍ୟରେ ଦେଖିବାକୁ ମିଳେ । ଅନଙ୍ଗରେଖା କାବ୍ୟରୁ କବିଙ୍କର ସଂସ୍କୃତ ଭାଷାରେ ଗଭୀର ପାଣ୍ଡିତ୍ୟ ଥିବାର ଜଣାପଡ଼େ ।

ଅନଙ୍ଗରେଖା କାବ୍ୟରେ ସଂଗୀତର ପ୍ରଭାବ ପରିସ୍ଫୁଟ । ଓଡ଼ିଶାରେ ସଂଗୀତର ଆଦର ଅଧିକ ଥିବାରୁ ଓଡ଼ିଆ ରୀତି କବିମାନେ ରାଗରାଗିଣୀ ଉପରେ ଗୁରୁତ୍ୱ ଦେଇ କାବ୍ୟ ରଚନା କରିବାକୁ ଇଚ୍ଛା କରିଛନ୍ତି । ଧନଞ୍ଜୟ ଏଥିରେ

ବଳିଷ୍ଠ ପଦକ୍ଷେପ ନେଇ ଏକ ନୂତନ ପରମ୍ପରା ସୃଷ୍ଟି କରିଛନ୍ତି । ଧନଞ୍ଜୟଙ୍କ ବେଳକୁ ଓଡ଼ିଶାରେ ସଂଗୀତ ଚର୍ଚ୍ଚାର ପ୍ରାବଲ୍ୟ ଥିଲା । ନୃତ୍ୟ ଗୀତର ମଧୁର ଲହରୀ ଉତ୍କଳୀୟ ସାମାଜିକ ଜୀବନରେ ବହୁ ପ୍ରଭାବ ପକାଇଥିଲା । ଧନଞ୍ଜୟଙ୍କ ପୂର୍ବରୁ ସାହିତ୍ୟ କ୍ଷେତ୍ରରେ ଏତେବେଶୀ ସାଂଗୀତିକତାର ପରିସ୍ଫୁଟ ହୋଇନଥିଲା । ସାରଳାଦାସଙ୍କ ସାହିତ୍ୟରେ ସାଂଗୀତିକତାର ବହୁଳ ପ୍ରଭାବ ନାହିଁ । ଦାଣ୍ଡୀବୃତ୍ତରେ ତାଙ୍କର ମହାଭାରତ ରଚିତ ହୋଇଛି । ଗୋଟିଏ ଛନ୍ଦରେ ରଚିତ ଗୋଟିଏ ଗୋଟିଏ ଗ୍ରନ୍ଥ ପାଠ କରିବାକୁ ପାଠକ ଇଚ୍ଛା ନ କରିବାରୁ ପରବର୍ତ୍ତୀ ସମୟରେ ଭିନ୍ନ ଭିନ୍ନ ଛନ୍ଦରେ,ରାଗରେ କାବ୍ୟ, ତଥା ମହାକାବ୍ୟ ରଚିତ ହୋଇଛି । ଅନଙ୍ଗରେଖାରେ କେଦାର, ମାଳବ, କଲ୍ୟାଣ ଆହାରୀ, ମଙ୍ଗଳଗୁଞ୍ଜରୀ, ନଳିନୀ ଗୌଡ଼ା, ବସନ୍ତ, ବଙ୍ଗଳାଶ୍ରୀ, କନଡ଼, ଶଙ୍କରାଭରଣ, ସିନ୍ଧୁକାମୋଦି, ଚିନ୍ତାକେଦାର, ବରାଡ଼ି ଓ ଚୋଖି ଆଦିରାଗ ସମୂହର ବ୍ୟବହାର କରାଯାଇଛି । ଉତ୍କଳ କଳାଗତ ସମୃଦ୍ଧିର ଚରମ ସୀମାରେ ଉପନୀତ ହୋଇଥିବାରୁ ଏଠାରେ ସଂଗୀତର ଆଦର ଅଧିକ । ବିଶେଷତଃ ମଧ୍ୟଯୁଗରେ ରାଜଦରବାରରେ ସଂଗୀତ ଉଚ୍ଚ ଆସନ ଲାଭ କରିଥିଲା । କବି, ପାଠକ ତଥା ନିଜେ ରାଜା ସଂଗୀତ ପ୍ରେମୀ ଥିବା ଯୋଗୁ ରୀତି ସାହିତ୍ୟ ସଂଗୀତର ବିଭବରେ ରଦ୍ଧିମନ୍ତ । ଅନଙ୍ଗରେଖା କାବ୍ୟର ସାଙ୍ଗିତିକତା, ବର୍ଣ୍ଣନା ବିଳାସ, ଆଳଙ୍କାରିକତା ଏତେ ହୃଦୟସ୍ପର୍ଶୀ ହୋଇଛି ଯେ ପାଠକ ଏହାକୁ ପାଠକରି ବିମଳକାବ୍ୟରସ ଅସ୍ୱାଦନ କରି ଅଭିଭୂତ ହୋଇପଡ଼େ ।

ଇଚ୍ଛାବତୀ :

ଧନଞ୍ଜୟ ଭଞ୍ଜଙ୍କର ଅନ୍ୟ ଏକ କାଳ୍ପନିକ କାବ୍ୟର ନାମ ଇଚ୍ଛାବତୀ । କବିଙ୍କର ପ୍ରତିଭା ଓ ପାଣ୍ଡିତ୍ୟର ସମନ୍ୱିତ ସ୍ୱରୂପ ଏହି କାବ୍ୟରେ ପରିଦୃଷ୍ଟ ହୁଏ । ଦଶଛାନ୍ଦ ବିଶିଷ୍ଟ ଏ କାବ୍ୟଟି ସାହିତ୍ୟ ଏକାଡ଼େମୀ ତରଫରୁ ପ୍ରକାଶିତ । ଏହାକୁ ସମ୍ପାଦନା କରିଛନ୍ତି ଅଧ୍ୟାପକ ଶ୍ରୀଯୁକ୍ତ ଗୌରୀକୁମାର ବ୍ରହ୍ମା । ଏହି କାବ୍ୟର ପୃଷ୍ଠଭୂମି ଦୁଇଟି ପଞ୍ଚାଶିକାର ଭିତ୍ତିରେ ଗଠିତ । ଗୋଟିଏ ହେଉଛି ପୂର୍ବ ପଞ୍ଚାଶିଗକା ଓ ଅନ୍ୟଟି ବିହ୍ଲଣଙ୍କ ଚୌର ପଞ୍ଚାଶିକା,ଦୁଇ ପଞ୍ଚାଶିକାର ଏକଶତ ଶ୍ଲୋକର ଛାୟାନୁବାଦ ଏଥିରେ ଦେଖିବାକୁ ମିଳେ । ସମଗ୍ର କାବ୍ୟଗ୍ରନ୍ଥଟିକୁ ଆଲୋଚନାର ସୁବିଧା ପାଇଁ ତିନିଗୋଟି ଭାଗରେ ବିଭକ୍ତ କରାଯାଇପାରେ । ପ୍ରଥମ ଛାନ୍ଦଠାରୁ ପଞ୍ଚମ ଛାନ୍ଦ ପର୍ଯ୍ୟନ୍ତ କେବଳ ଓଡ଼ିଆ ଭାଷାରେ ରଚିତ । ଷଷ୍ଠଛାନ୍ଦରୁ ସପ୍ତମ ଛାନ୍ଦ ପର୍ଯ୍ୟନ୍ତ ଅଂଶରେ ସଂସ୍କୃତ ସାହିତ୍ୟର ଛାୟାପାତ ଘଟିଛି । ଅଷ୍ଟମଛାନ୍ଦରୁ ଶେଷ ପର୍ଯ୍ୟନ୍ତ ଅଂଶ ବିଶେଷ ସଂସ୍କୃତ ସାହିତ୍ୟର ପ୍ରଭାବରେ ପ୍ରଭାବିତ ହୋଇଛି । ଏହି ପ୍ରଭାବିତ ଅଂଶରେ ଅଷ୍ଟମରୁ ଶେଷ ପର୍ଯ୍ୟନ୍ତ ଚୌର ପଞ୍ଚାଶିକାର ଛାୟା ପଡ଼ିଅଛି । କାବ୍ୟଟି ନାୟିକାର ନାମରେ ନାମିତ ହୋଇଛି । ବନମାଳୀ ଦାସଙ୍କ ଚାଟ ଇଚ୍ଛାବତୀର ପ୍ରଭାବରେ ଏହି କାବ୍ୟର କଥାବସ୍ତୁ କେତେକାଂଶରେ ପ୍ରଭାବିତ । ଇଚ୍ଛାବତୀ କାବ୍ୟରେ ନାୟକ ଓ ନାୟିକାଙ୍କର ପୂର୍ବ ଜନ୍ମ ବୃତ୍ତାନ୍ତ ବର୍ଣ୍ଣିତ ହୋଇଛି । ଇନ୍ଦ୍ର ଦିନେ ଅନ୍ୟ ଦେବତାମାନଙ୍କ ସହିତ ଆସି ହେମାଚଳ ଶିଖରରେ ଉପସ୍ଥିତ ହୋଇଛନ୍ତି । କୁସୁମିତ ବନାନୀର ସୁଷମାଦେଖି ଇନ୍ଦ୍ର ମୁଗ୍ଧ ହୋଇଯାଇଛନ୍ତି । ଚିତ୍ରରଥ ଗନ୍ଧର୍ବକୁ ଅପସରାମାନଙ୍କୁ ଆଣି ସେଠାରେ ନୃତ୍ୟ କରାଇବା ପାଇଁ ସେ ଆଦେଶ ଦେଇଛନ୍ତି । ନୃତ୍ୟ ଆରମ୍ଭ ହୋଇଛି ଓ ନୃତ୍ୟରେ କଳାବନ୍ତ ଓ କଳାବତୀ ଅଧିକ ଭାବବିହ୍ୱଳ ହୋଇ ଆତ୍ମଜ୍ଞାନ ହରାଇ ବସିବାରୁ ଇନ୍ଦ୍ର ଅଭିଶାପ ଦେଇଛନ୍ତି ସେ ଦୁହିଁଙ୍କୁ ମର୍ତ୍ତ୍ୟରେ ଜନ୍ମଲାଭ କରିବାପାଇଁ । ଏହି ଅଭିଶାପ ଯୋଗୁ କଳାବତୀ ଅବନ୍ତୀ ନଗରରେ ଭୋଜରାଜଙ୍କ କନ୍ୟା ରୂପରେ ଜନ୍ମଗ୍ରହଣ କରିଛି । ତା'ର ନାମ ଦିଆଯାଇଛି ଇଚ୍ଛାବତୀ । ଦେବରାଜଙ୍କ ଅଭିଶାପ ଯୋଗୁଁ କଳାବନ୍ତ ମଧୁବନ ରାଜପୁରରେ ଜନ୍ମଲାଭ କରିଛନ୍ତି । ତା'ର ନାମ ଦିଆଯାଇଛି ମଧୁକର । କେତେ ଦିନ ପରେ ଦିନେ ମଧୁକର ଉପବନରେ ଅବସାଦ ଗ୍ରସ୍ତ ହୋଇ ବସିଥିବାବେଳେ ନାରଦ ଯାଇ ସେଠାରେ ଉପସ୍ଥିତ ହେଲେ । ଦୁଃଖ ମୋଚନ ନିମନ୍ତେ କପାଳୀ ମଠରେ ଅଧ୍ୟୟନରତା ଇଚ୍ଛାବତୀ ନିକଟକୁ ଯିବାପାଇଁ ସେ ତାକୁ ପରାମର୍ଶ ଦେଲେ । କୁମରମଣି ସେଠାକୁ ଯାଇ ସେହି ପ୍ରଭୁଙ୍କ ଶିଷ୍ୟତ୍ୱ ଗ୍ରହଣ କରିଛି । ଦିନେ

ଇଚ୍ଛାବତୀର ଖଡ଼ିଟି ତଳକୁ ଗଡ଼ି ଯାଇଛି ଓ ସେ କୁମରମଣିକୁ ଅନୁରୋଧ କରିଛି ଖଡ଼ିଟିକୁ ଆଣି ନାୟିକାକୁ ଦେବାପାଇଁ । ଗଣେଶ ଚତୁର୍ଥୀ ପୂଜାପାଇଁ ଗୁରୁଙ୍କ ଅନୁମତି ନେଇ ନାୟକ ଓ ନାୟିକା ଫୁଲ ତୋଳିବାକୁ ବନକୁ ଯାଇଛନ୍ତି । ଅତ୍ୟନ୍ତ ଆନନ୍ଦରେ ଦୁଇଜଣ ଆତ୍ମହରା ହୋଇପଡ଼ିଛନ୍ତି । ଫୁଲ ତୋଳିବାକୁ ଇଚ୍ଛାବତୀ ଗଛରେ ଚଢ଼ିଛି । ତଳେ ରହିଛି ଚାଟ ମଧୁକର ଫୁଲ ଗୋଟାଇବା ପାଇଁ । ଗଛରେ ଥିବାବେଳେ ନାୟିକାର କୁଚରୁ ବସ୍ତ୍ର ଖସି ଯିବାରୁ କୁଚ ଦର୍ଶନ କରି ନାୟକ କାମମତ୍ତ ହୋଇପଡ଼ିଛି । ତା'ର ଜୀବନ ଧନ୍ୟ ହୋଇଛି ବୋଲି ସେ ମନେ କରିଛି । ପରସ୍ପର ବିବାହ ସୂତ୍ରରେ ଆବଦ୍ଧ ହେବାପାଇଁ ସ୍ଥିର କରି ଫୁଲ ଆଣି ଗୁରୁଙ୍କୁ ଦେଇଛନ୍ତି । କ୍ରମଶଃ ଇଚ୍ଛାବତୀର ଯୌବନ ପ୍ରାପ୍ତି ଘଟିଛି । ରାଜା ଆଉ କନ୍ୟାକୁ ବାହାରକୁ ନଛାଡ଼ି ତା'ର ଆନନ୍ଦ ନିମନ୍ତେ ଉଆସ ଭିତରେ ସମସ୍ତ ଆମୋଦ ପ୍ରମୋଦର ବ୍ୟବସ୍ଥା କରିଛନ୍ତି । ଏଣେ ଚାଟ ନିଃସଙ୍ଗ ହୋଇ ନାୟିକାକୁ ଝୁରିଝୁରି ବିଳାପ କରିଛି । ବିପ୍ରଲମ୍ଭ ଶୃଙ୍ଗାର ରସର ପ୍ଲାବନରେ କାବ୍ୟର ଏହି ଅଂଶଟି ସିକ୍ତ ହୋଇଛି । ବିରହ ବିଦଗ୍ଧ ହୋଇ ନିଜକୁ ହୀନ ମନେ କରିଛି ନାୟକ ମଧୁକର । ଏକାଏକା ବିଳାପ କରି ଭ୍ରମଣ କରୁଥିବାବେଳେ ଇଚ୍ଛାବତୀର ସଖୀ ଫୁଲ ତୋଳିବାକୁ ଆସି ପହଞ୍ଚିଛି । ସଖୀକୁ ମଧୁକର ଅନୁରୋଧ କରିଛି ଇଚ୍ଛାବତୀକୁ ଆଣି ତା'ପାଖରେ ପହଞ୍ଚାଇବାକୁ । ଆଶା ଦେଇ ସଖୀ ରାଜ ଉଆସକୁ ଫେରି ଯାଇଛି । ତା'ପରଦିନ ଯଥା ସମୟରେ ଆସି ଚାଟକୁ ରାଜଜେମାଙ୍କ ନିକଟକୁ ନେଇଯାଇଛି । ନାୟକ ରତି ମାଗିବାରୁ ନାୟିକା ଚନ୍ଦ୍ରଶାଳାପୁରରେ ଅନ୍ୟମାନେ ଥିବାରୁ ରତିଲୀଳା ସମ୍ଭବ ହେବନାହିଁ ବୋଲି କହିଛି । ନାୟକର ବ୍ୟାକୁଳତା ଦେଖି ଇଚ୍ଛାବତୀର ମନରେ ମଧ୍ୟ ଦୁର୍ବଳତା ସୃଷ୍ଟି ହୋଇଛି । ତା'ର ନିର୍ଦ୍ଦେଶକ୍ରମେ ନାୟକ ଏକ ନାରୀବେଶ ହୋଇ ଇଚ୍ଛାବତୀ ନିକଟରେ ପହଞ୍ଚିଛି । ସେଠାରୁ ସମସ୍ତେ ଚାଲି ଯିବାପରେ ନାୟକ ଇଚ୍ଛାବତୀକୁ କୋଳାଗ୍ରତ କରି ତା'ର ଅଧର ଚୁମ୍ବନ କରି ସ୍ତନରେ ନଖକ୍ଷତ କରିଛି ।

ଏହାପରେ ରତି ବିଳାସରେ ଦୁହେଁ ମାତିଛନ୍ତି । ଇଚ୍ଛାବତୀ ନିଜକବରୀରୁ କୁସୁମମାଳା କାଢ଼ି ଦୀପରେ ପକାଇ ଦୀପ ଲିଭାଇ ଦେଇଛି । ନାୟକ ଧରାପଡ଼ିଯାଇଛି । ରାଜାଙ୍କ ଡଗରମାନେ ତାକୁ ବାନ୍ଧିଦେଇ ରାଜାଙ୍କୁ ସମ୍ବାଦ ଦେଇଛନ୍ତି । ରାଜାଙ୍କ ଆଦେଶରେ ତାକୁ ନଗର ବାହାରକୁ ନେଇ ପ୍ରାଣଦଣ୍ଡରେ ଦଣ୍ଡିତ କରିବା ପାଇଁ ଆୟୋଜନ କରାଯାଇଛି ।

ଚାରମାନେ ଚାଟକୁ ଇଷ୍ଟ ସ୍ମରଣ କରିବା ପାଇଁ କହିଛନ୍ତି, କିନ୍ତୁ ଇଚ୍ଛାବତୀକୁ ସ୍ମରଣ କରିଛି ଚାଟ । ସେ କହିଛି ଯେ ଇଚ୍ଛାବତୀ ହେଉଛି ତା'ର ଇଷ୍ଟଦେବତା । ସେ ଇଷ୍ଟ ସ୍ମରଣ ପରିବର୍ତ୍ତେ ନାୟିକାର ବିପରୀତ ରତିକାଳୀନ ଶୋଭାକୁ ସ୍ମରଣ କରିଛି । ପ୍ରିୟା ପାଇଁ ନାୟକ ମନରେ ଅସୀମ ଆନ୍ତରିକତାର ପବିତ୍ର ପ୍ଲାବନ ସୃଷ୍ଟି ହୋଇଛି । ନାରଦ ଆସି ଯଥା ସମୟରେ ରାଜ ନଗରରେ ପହଞ୍ଚିଛନ୍ତି । ତାଙ୍କ କଥା ଅନୁସାରେ ଚାଟକୁ ମୁକ୍ତି ମିଳିଛି ଏବଂ ଇଚ୍ଛାବତୀ ସୁରକ୍ଷିତ ହୋଇଛି । ପୂର୍ବ ଜନ୍ମ, ଜନ୍ମ, ପୂର୍ବରାଗ, ମିଳନ, ବିରହ ଓ ମିଳନ ପର୍ଯ୍ୟାୟକ୍ରମେ ବର୍ଣ୍ଣିତ ହୋଇ କାବ୍ୟଟି ସୁଖପାଠ୍ୟ ହୋଇଅଛି ।

କାବ୍ୟର ରସ ପ୍ରବାହକୁ ବିଚାର କଲେ ମୁଖ୍ୟତଃ ଶୃଙ୍ଗାର ରସର ବଳିଷ୍ଠ ସ୍ଥିତିକୁ ଅନୁଭବ କରିହୁଏ । ଅସାମାନ୍ୟ ପ୍ରେମର ପୁଲକିତ ପରିବେଶ ସୃଷ୍ଟି ଯୋଗୁ କାବ୍ୟର ମଧୁରିମା ଉପଭୋଗ୍ୟ ହୋଇପାରିଛି । ସ୍ୱକୀୟା ପ୍ରୀତିର ଏକନିଷ୍ଠତା ମୂର୍ତ୍ତିମନ୍ତ ହୋଇ ଆତ୍ମପ୍ରକାଶ କରିଛି । ନାୟିକାର ଅପ୍ରାପ୍ତିରେ ନାୟକର ଜୀବନ ଅପୂର୍ଣ୍ଣ ହେବା ସଙ୍ଗେସଙ୍ଗେ ଅତ୍ୟନ୍ତ ଦୁର୍ବହ ହୋଇଛି । ଅତ୍ୟଧିକ ଭାବପ୍ରବଣ ହୋଇ ସେ ନିଜର ବଦନକୁ ନିନ୍ଦା କରିଛି କାରଣ ସେ ନାୟିକାର ସୁଧାସିକ୍ତ ଅଧରରୁ ଆଉ ମଧୁପାନ କରିପାରିବ ନାହିଁ । ଅଙ୍ଗ ହୋଇଛି ମୂଲ୍ୟହୀନ କାରଣ ତାହା ରାଜକୁମାରୀର ତନୁସ୍ପର୍ଶରୁ ବଞ୍ଚିତ ହୋଇଛି । ବିରହରେ ବ୍ୟାକୁଳ ହେଉଥିବାବେଳେ ଇଚ୍ଛାବତୀର ସଖୀ ଆସି ଆଶ୍ୱାସନା ବାଣୀ ଶୁଣାଇ ଦେଇଛି । ସଖୀଠାରୁ ଇଚ୍ଛାବତୀର ସାକ୍ଷାତ ପାଇବ ବୋଲି ଆଶ୍ୱାସନା ପାଇବାରୁ ତା'

ମନରେ ଆନନ୍ଦର ଉତ୍ତାଳ ଲହରୀମାଳ ସୃଷ୍ଟି ହୋଇଛି, ସେ ନୟନକୁ ସାନ୍ତ୍ୱନା ଦେଇଛି ଯେ ଇଚ୍ଛାବତୀର ଶୋଭା ଦେଖି ତାହା ଧନ୍ୟ ହେବ । ଇଚ୍ଛାବତୀ ପ୍ରତି ଅସାଧାରଣ ଅନୁରକ୍ତି ନାୟକ ପ୍ରାଣରେ ସୃଷ୍ଟି ହୋଇଛି । ଏପରିକି ଦାରୁଣ ଦୁଃଖରେ ପଡ଼ିଲେ ମଧ୍ୟ ସେ ନାୟିକାକୁ ଭୁଲିପାରି ନାହିଁ । ତା'ର ପ୍ରୀତିମୟୀ ରୂପକୁ ସେ ବାରମ୍ବାର ସ୍ମରଣ କରିଛି । ବିରହ ବ୍ୟଥାରେ ବିଚଳିତ ହୋଇ ସେ ପ୍ରିୟାର ବିପରୀତ ରତିକାଳୀନ ସ୍ୱରୂପକୁ ସ୍ମରଣ କରି କହିଛି ଯେ ମୁଖରୁ ଝାଳବିନ୍ଦୁ ଖସିବାର ଦୃଶ୍ୟ ଦେଖିଲେ ମନେହୁଏ ସତେ ଅବା ପ୍ରସ୍ଫୁଟିତ ପଦ୍ମଫୁଲ ମୋତି ବିତରଣ କରୁଛି ।

ବିପ୍ରଲମ୍ଭଶୃଙ୍ଗାର ରସର ସ୍ଥିତି ପରି ସମ୍ଭୋଗ ଶୃଙ୍ଗାର ରସର ସ୍ଥିତି ମଧ୍ୟ ଆକର୍ଷଣୀୟ । ରାଜଉଆସରେ ନାୟକ ଓ ନାୟିକା ରତିଲୀଳାରେ ଆତ୍ମବିଭୋର ହୋଇଛନ୍ତି । ସଖୀମାନେ ଇଚ୍ଛାବତୀ ନିକଟରୁ ଅପସରି ଯିବାପରେ ଛଦ୍ମବେଶୀ ଚାଟ ନାୟିକାର ତନୁରୁ ବାସ ଅନ୍ତର କରିଦେଇଛି । ସମ୍ଭୋଗ ଶୃଙ୍ଗାରର ଚିତ୍ର କବି ଏହା ପରେ ପ୍ରଦାନ କରିଛନ୍ତି ।

ଉପବନର ମନମୋହିନୀ ଶୋଭାର ଆଲେଖ୍ୟ କବିଙ୍କ ଲେଖନୀରେ ଅଙ୍କିତ ହୋଇଛି । ଫୁଟାଫୁଲ, ପିକଗାନ ଓ ମନ୍ଦ ପବନର ସମନ୍ୱୟରେ ଉପବନର ପରିବେଶ ହୋଇଛି ଅତ୍ୟନ୍ତ ଉପଭୋଗ୍ୟ । ବିଭିନ୍ନ ତରୁକୁ ଭିନ୍ନ ଭିନ୍ନ ଲତା ଆଲିଙ୍ଗନ କରିଥିବା ଦେଖି କବି ପାରମ୍ପରିକ ଢଙ୍ଗରେ ନାୟିକାର ସ୍ୱରୂପକୁ ସ୍ମରଣ କରିଛନ୍ତି । କେଉଁ ଲତା ଫୁଲରେ ବିମଣ୍ଡିତ ହୋଇ ଅବନତ ବଦନରେ ରହିଅଛି । ଆଉ କେଉଁ ଲତା ମାନବତୀ ହୋଇ ନାୟକକୁ ଦେଖି ଲୋତକ ମୋଚନ କରିଛି । ଏପରି ବର୍ଣ୍ଣନା ସଂସ୍କୃତ ସାହିତ୍ୟ ତଥା ଧନଞ୍ଜୟ ଭଞ୍ଜଙ୍କ ପୂର୍ବବର୍ତ୍ତୀ କବିଙ୍କ ଦ୍ୱାରା ରଚିତ ଓଡ଼ିଆ କାବ୍ୟରେ ଦେଖିବାକୁ ମିଳେ । ବିଷ୍ଣୁ ଦାସଙ୍କ ପ୍ରେମଲୋଚନା କାବ୍ୟରେ ବୃକ୍ଷ ଓ ଲତାର ସମନ୍ୱିତ ରୂପରେଖ ଅନୁରୂପ ଭାବରେ ବର୍ଣ୍ଣନା କରାଯାଇଛି । ଇଚ୍ଛାବତୀ କାବ୍ୟର ପ୍ରତିଟି ଛାନ୍ଦ ଭିନ୍ନ ଭିନ୍ନ ରାଗରେ ରଚିତ ହୋଇଛି । ପ୍ରଥମ ଛାନ୍ଦରେ ମଙ୍ଗଳ ଗୁଞ୍ଜରୀ, ଦ୍ୱିତୀୟ ଛାନ୍ଦରେ ବଙ୍ଗଳାଶ୍ରୀ, ତୃତୀୟ ଛାନ୍ଦରେ କନଡ଼ା, ଚତୁର୍ଥ ଛାନ୍ଦରେ ଶଙ୍କରାଭରଣ, ପଞ୍ଚମ ଛାନ୍ଦରେ ମାନବ, ଷଷ୍ଠ ଛାନ୍ଦରେ ଆଷାଢ଼ ଶୁକ୍ଲ, ସପ୍ତମ ଛାନ୍ଦରେ କାମୋଦୀ, ଅଷ୍ଟମ ଛାନ୍ଦରେ ଚୋଖି, ନବମ ଛାନ୍ଦରେ ଚିନ୍ତାଦେଶାକ୍ଷ ଓ ଦଶମ ଛାନ୍ଦରେ ଚିନ୍ତାଭୈରବ ରାଗ ବ୍ୟବହୃତ ହୋଇଛି । ତୃତୀୟ ଛାନ୍ଦରେ ବ୍ୟବହୃତ କନଡ଼ାରାଗର ପ୍ରୟୋଗ କ୍ଷେତ୍ରରେ କବି ନିଜସ୍ୱ ମୌଳିକତାକୁ ପ୍ରତିଷ୍ଠିତ କରିପାରିଛନ୍ତି ।

କାବ୍ୟ ନାୟକ ତା'ର ପ୍ରୀତିପ୍ରତିମା ଇଚ୍ଛାବତୀକୁ ନ ଦେଖି ମର୍ମାହତ ହୋଇଛି । ଇଚ୍ଛାବତୀର ସଖୀକୁ ଦେଖି ତା'ଠାରୁ ସାନ୍ତ୍ୱନାପୂର୍ଣ୍ଣବାଣୀ ଶୁଣି ନାୟକ ମନରେ ସୀମାହୀନ ଆନନ୍ଦ ସୃଷ୍ଟି ହୋଇଛି । ପ୍ରାଣପ୍ରିୟାର ସାନ୍ନିଧ୍ୟ ଲାଭ କରିବାର ଆଶା ତା' ମନରେ ସୃଷ୍ଟି ହେବାରୁ ସେ ନୟନକୁ ଇଚ୍ଛାବତୀର ଶୋଭାଦର୍ଶନରେ ସାର୍ଥକ କରିବାକୁ ଇଚ୍ଛା କରିଛି । ପ୍ରାଚୀନ ପରମ୍ପରା ଅନୁମୋଦିତ ତପସ୍ୟା ବିଷୟ ଇଚ୍ଛାବତୀ କାବ୍ୟରେ ଉଲ୍ଲେଖ କରାଯାଇଛି । ଅଭିଳଷିତ ବସ୍ତୁର ପ୍ରାପ୍ତି ପାଇଁ ଏକନିଷ୍ଠ ସାଧନା, ଆନ୍ତରିକ ଆଗ୍ରହ ଏକାନ୍ତ ଆବଶ୍ୟକ ବୋଲି ଭାରତୀୟ ସଂସ୍କୃତି ସ୍ୱୀକାର କରିଥାଏ । ଏହି ପ୍ରତିଷ୍ଠିତ ଧାରାକୁ ସମ୍ମାନ ଦେଇ ଇଚ୍ଛାବତୀ କାବ୍ୟର ନାୟକ ମନେ କରିଛି ଯେ ପୂର୍ବଜନ୍ମର ସୁକୃତ ଫଳରେ ନାୟିକାର ଅଙ୍ଗ ସାନ୍ନିଧ୍ୟ ମିଳିବା ସମ୍ଭବ ହୋଇପାରିବ । ପୂର୍ବବର୍ତ୍ତୀ ସାହିତ୍ୟ ଦ୍ୱାରା ଉପକୃତ ହୋଇ ନିଜର କାବ୍ୟକୁ ସମୃଦ୍ଧ କରିଥିଲେ ହେଁ ଧନଞ୍ଜୟଙ୍କ କାବ୍ୟିକ ସୁଷମାର ମୌଳିକତା ପରିଦୃଷ୍ଟ ହୁଏ । ଓଡ଼ିଆ ରୀତିକାବ୍ୟ ସୃଷ୍ଟି ପାଇଁ ଉପାଦାନ ସବୁକୁ ଏକତ୍ର କରି, ସେ ଏକ ବଳିଷ୍ଠ ନମୁନା ପ୍ରସ୍ତୁତ କରିଛନ୍ତି, ଯାହାକୁ ପରବର୍ତ୍ତୀ କବିମାନେ ଅନୁସରଣ କରିଛନ୍ତି ।

ମଦନ ମଞ୍ଜରୀ :

କବି ଧନଞ୍ଜୟ ଭଞ୍ଜଙ୍କ କାଳ୍ପନିକ କାବ୍ୟକୃତି ମଧ୍ୟରେ 'ମଦନ ମଞ୍ଜରୀ' ଅନ୍ୟତମ । କାବ୍ୟ ନାୟିକା 'ମଦନ ମଞ୍ଜରୀ'ର ନାମାନୁସାରେ କାବ୍ୟଟି ନାମିତ । ଏହି କାବ୍ୟଟି ପ୍ରଥମେ ତାରିଣୀଚରଣ ରଥଙ୍କ ଦ୍ୱାରା ସମ୍ପାଦିତ

ହୋଇ ପ୍ରକାଶିତ ହୋଇଥିଲା । ଶ୍ରୀଯୁକ୍ତ ରଥ ଏହାର ଭୂମିକା ଲେଖିଥିଲେ ।

କାବ୍ୟର କଥାବସ୍ତୁ ଗତାନୁଗତିକ ଧାରାରେ ପ୍ରବାହିତ, ସୋମବଂଶରେ ସମ୍ଭୂତ କୁନ୍ତଳ ଦେଶର ରାଜାଙ୍କ ନାମ ହେଉଛି ଚନ୍ଦ୍ରକେତୁ । ତାଙ୍କର ପାଟରାଣୀଙ୍କ ନାମ ରତିମତି । ରାରୀ ଅହରହ ପାର୍ବତୀଙ୍କୁ ଉପାସନା କରିବାର ଫଳସ୍ୱରୂପ ଏକ କନ୍ୟାଲାଭ କଲେ । ସେହି କନ୍ୟାର ନାମ ହେଲା ମଦନ ମଞ୍ଜରୀ । ମଦନମଞ୍ଜରୀ କାମ ଦେବଙ୍କୁ ପୂଜା ଦ୍ୱାରା ସନ୍ତୁଷ୍ଟ କରି ଦିନେ ସ୍ୱପ୍ନରେ ତା'ର ଭାବୀପତି ଅନଙ୍ଗକେତନକୁ ଦର୍ଶନ କଲା । ଅନଙ୍ଗକେତନ ହେଉଛି ମାଳବ ଦେଶର ରାଜା କୀର୍ତ୍ତି ସାଗରଙ୍କ ପୁତ୍ର । ସେ ମଧ୍ୟ ସ୍ୱପ୍ନରେ ମଦନ ମଞ୍ଜରୀକୁ ଦର୍ଶନ କରିପାରିଲା । ଏକ ଯୋଗିନୀର ସାହାଯ୍ୟ ନେଇ ଉଭୟ ନାୟକ ନାୟିକା ପରସ୍ପରର ଚିତ୍ରପଟ ପ୍ରାପ୍ତ ହେଲେ । ସ୍ୱୟମ୍ବର ସଭାରେ ମଦନ ମଞ୍ଜରୀ ସ୍ୱଇଚ୍ଛାରେ ଅନଙ୍ଗକେତନକୁ ବରଣ କରିବାରୁ ବିବାହ ଉତ୍ସବ ଅନୁଷ୍ଠିତ ହେଲା । ବିବାହ ପରେ ଅନଙ୍ଗ କେତନ ସ୍ୱଦେଶକୁ ପ୍ରତ୍ୟାବର୍ତ୍ତନ କଲା । କଥାବସ୍ତୁ ବିଳମ୍ବିତ ନ ହେଲେ ମଧ୍ୟ କବିଙ୍କର ବର୍ଣ୍ଣନା କୌଶଳ ଓ ଗଠନ ଚାତୁରୀ କାବ୍ୟକୁ ଏକ ଯଥାର୍ଥ ଆକର୍ଷଣୀୟ ରୂପ ପ୍ରଦାନ କରିଛି ।

କାବ୍ୟର ଆରମ୍ଭରେ କବି ଆଶୀନମସ୍କ୍ରିୟାରେ ଶ୍ରୀଜଗନ୍ନାଥଙ୍କର ବନ୍ଦନା କରିଛନ୍ତି । ଗୁଣ୍ଡିଚା ଯାତ୍ରାର କଥା କହି କବି ଜଗନ୍ନାଥଙ୍କୁ ଭକ୍ତଜନ ଲୋଚନ ରୂପକ ଚକୋର ପାଇଁ ଇନ୍ଦୁ ସଦୃଶ ବୋଲି ବର୍ଣ୍ଣନା କରିଛନ୍ତି । 'ମଦନ ମଞ୍ଜରୀ' ନାମରେ କାବ୍ୟ ରଚନା କରିବା ପାଇଁ କବି ଶ୍ରୀଜଗନ୍ନାଥଙ୍କ କରୁଣା ଭିକ୍ଷା କରିଛନ୍ତି । କବିଙ୍କ ଭାଷାରେ -

''ଜୟ ଜୟ ନୀଳାଦ୍ରି ନାୟକ ଗୋବିନ୍ଦ ।
ତ୍ରୈଲୋକ୍ୟ କାରଣ ପ୍ରଭୁ ପରମାନନ୍ଦ ।
ଇନ୍ଦ୍ରଦ୍ୟୁମ୍ନ ନାମେଣ ଏକଇ ରାଜନ ।
ଆଜ୍ଞା ହୋଇଅଛି ତାକୁ ଜଗଜ୍ଜୀବନ ।
ଏ ତୋର ଭକତି ଭାବେ ହୋଇଲୁ ବଶ ।
ଲକ୍ଷ୍ମୀ ତେଜିଯାତ୍ରାଏ କରିବୁ ଅବଶ୍ୟ ।
ଗୁଣ୍ଡିଚା ନାମେଣ ଯାତ୍ରା ଖ୍ୟାତହୋଇବ ।
ତୋହର କୀରତି ଯୁଗେ ଯୁଗେ ରହିବ ।
ମଦନ ମଞ୍ଜରୀ ନାମେ କରିବି ଛାନ୍ଦ ।
ଆଜ୍ଞାଦିଅ ପ୍ରଭୁ ମୋତେ ଆନନ୍ଦକନ୍ଦ ।''

(ମଦନ ମଞ୍ଜରୀ ୧ମ ଛାନ୍ଦ)

କଥାବସ୍ତୁର ଆରମ୍ଭରେ କୁନ୍ତଳ ଦେଶର ବର୍ଣ୍ଣନା କରାଯାଇଛି । ସଂସ୍କୃତ ସାହିତ୍ୟର ସମକକ୍ଷ କରିବାର ଲକ୍ଷ୍ୟ ନେଇ ରୀତିକବିମାନେ କାବ୍ୟ ରଚନା କରୁଥିବାରୁ ସଂସ୍କୃତ ସାହିତ୍ୟରେ ଯେପରି ନଗର ବର୍ଣ୍ଣନା ଓ ରାଜାଙ୍କର ପ୍ରଶସ୍ତିଗାନ କରାଯାଇଛି ରୀତି କାବ୍ୟରେ ସେମାନେ ସେପରି ବର୍ଣ୍ଣନା କରିଛନ୍ତି । ଏହାଛଡ଼ା ତତ୍କାଳୀନ ରାଜଦରବାରର ଐଶ୍ୱର୍ଯ୍ୟର ଚିତ୍ର କବିମାନେ କାବ୍ୟରେ ଉପସ୍ଥାପନା କରିଛନ୍ତି । ଧନଞ୍ଜୟ ନିଜେ ରାଜା ଥିବାରୁ ଏବଂ ପଣ୍ଡିତ ଥିବାରୁ ଅଳଙ୍କାର ଶାସ୍ତ୍ର ଅନୁମୋଦିତ ପନ୍ଥାରେ ରାଜଦରବାର ପ୍ରକୃଷ୍ଟ ଚିତ୍ର ପ୍ରାୟ ପ୍ରତ୍ୟେକ କାବ୍ୟରେ ଅଙ୍କନ କରିଛନ୍ତି । କୁନ୍ତଳ ଦେଶରେ ବହୁ ପ୍ରାସାଦର ସ୍ଥିତି କଥା ସେ କହିଛନ୍ତି ଓ ରାଜାଙ୍କର ବୀରତ୍ୱ, ଧୀରତ୍ୱ ଓ ଧର୍ମପ୍ରାଣତାକୁ ଅଭିନନ୍ଦନ ଜଣାଇଛନ୍ତି ।

ନଗର ବର୍ଣ୍ଣନାଠାରୁ ଅଧିକ ପ୍ରଭାବଶାଳୀ ପରିବେଶରେ ନାରୀ ରୂପର ବର୍ଣ୍ଣନା କବି କରିଛନ୍ତି । ଏହା ରୀତି କାବ୍ୟର ଏକ ବିଶିଷ୍ଟ ଗୁଣ ଓ ଲକ୍ଷଣ । ତତ୍କାଳୀନ ବିଳାସମୟ ଦରବାରୀ ବ୍ୟବସ୍ଥାରେ ନାରୀର କାମମୟୀ ସ୍ୱରୂପଟି ହିଁ

ଅଧିକ ଭାବରେ ଦେଖିବାକୁ ମିଳେ । ନାରୀର ତନୁ ଶୋଭାରେ ରାଜା ମୁଗ୍ଧ ହେଉଥିବାରୁ ଦରବାରୀ କବିମାନେ ନାରୀର ରୂପଲାବଣ୍ୟ ବର୍ଣ୍ଣନା ଉପରେ ଗୁରୁତ୍ୱ ଆରୋପ କରିବା ସ୍ୱାଭାବିକ । ନିଜେ ରାଜା ଧନଞ୍ଜୟ ରସିକ ଥିଲେ ବୋଲି କିମ୍ବଦନ୍ତିରୁ ଜଣାଯାଏ । ବାହାରେ ସାତକୋଡ଼ି ଓ ଭିତରେ ସାତକୋଡ଼ି ନାୟିକା ସେ ରଖିଥିବା କଥା କିମ୍ବଦନ୍ତୀ କୁହେ ।

କାବ୍ୟ ନାୟିକା ମଦନମଞ୍ଜରୀ ଯୌବନର ସ୍ୱର୍ଶରେ କିପରି ରୂପମୟୀ ହୋଇଛି ତା'ର ସ୍ପଷ୍ଟଚିତ୍ର କବି ପ୍ରଦାନ କରିଛନ୍ତି । ଅଧରର ଶୋଭା ବିମ୍ବଫଳର ରଙ୍ଗକୁ ଜିଣି ଯାଇଛି । ଏହା ଏକ ପାରମ୍ପରିକ ଚିତ୍ର । ଅଧରକୁ ବିମ୍ବଫଳ ସହିତ ତୁଳନା କରିବା ପାଇଁ ଅଳଙ୍କାର ଶାସ୍ତ୍ରରେ ନିର୍ଦ୍ଦେଶ ରହିଛି । ଚନ୍ଦ୍ରର କାନ୍ତିକି ଜିଣି ମଦନମଞ୍ଜରୀର ଦାନ୍ତଗୁଡ଼ିକ ଅତ୍ୟନ୍ତ ରମଣୀୟ ହୋଇଛି । ତା'ର କବରୀର କାଳିମା ନବଘନର ରଙ୍ଗକୁ ଜିଣି ଯାଇଛି । ନାୟିକାର ତନୁର କାନ୍ତି ତପ୍ତ କାଞ୍ଚନକୁ ନିନ୍ଦା କରିଛି । ପାଦ ତଳର ରକ୍ତିମ ଆଭା ମନ୍ଦାର ଫୁଲର ଶୋଭାକୁ ଜିଣି ଯାଇଛି । ପଦ୍ମ ଫୁଲର ଶୋଭା ନାୟିକାର ପାଦ ତଳର ଆଭା ଦେଖି ମଳିନ ହୋଇଯାଇଛି । ଏପରି ଚିନ୍ତାଧାରାରେ ବାସ୍ତବ ସତ୍ୟ ନଥାଇପାରେ, ମାତ୍ର ଯେଉଁ ସାହିତ୍ୟିକ ସତ୍ୟ ନିହିତ ଅଛି ତାକୁ ଅବମାନନା କରାଯାଇନପାରେ । ସଂସାରସାର ସୁଷମାରେ ଗଠିତ ମଦନ ମଞ୍ଜରୀର ଅଙ୍ଗ ଶୋଭା ମୁନି ମନକୁ ମୁଗ୍ଧ କରିପାରେ ବୋଲି କବି କହିଛନ୍ତି । ରାଜକୁମାରୀର ସଖୀମାନେ ତାକୁ ପୁଣି ନାନା ବିଧ ଅଳଙ୍କାର ଓ ପ୍ରସାଧନ ସାମଗ୍ରୀରେ ସଜାଇ ଦେଇଛନ୍ତି । ଜୁଡ଼ା ସଜାଡ଼ି ସେଥିରେ ଖଞ୍ଜି ଦେଇଛନ୍ତି କୁରୁଣ୍ଟକ ଫୁଲ । ତା'ପାଖରେ କରବୀର ପାଖୁଡ଼ା ଓ ମରୁଆ ଫୁଲ ଶୋଭା ପାଉଛି । ନାୟିକାର କବରୀ ମଝିରେ ଚନ୍ଦ୍ରଝୁମ୍ପି ଓ ଝିଲିମିଲି ମାଳି ହୋଇଛି ଅତ୍ୟନ୍ତ ଆକର୍ଷଣୀୟ । ରୀତି କାବ୍ୟରେ ଚନ୍ଦ୍ରଝୁମ୍ପି ଓ ଇନ୍ଦ୍ରଝୁମ୍ପି ଉଭୟ ଅଳଙ୍କାରର ବର୍ଣ୍ଣନା ଥିଲେ ମଧ୍ୟ ଚନ୍ଦ୍ରଝୁମ୍ପି ଅଳଙ୍କାର ବର୍ଣ୍ଣନା ଅଧିକ ପରିମାଣରେ ପରିଦୃଷ୍ଟ ହୁଏ । କର୍ଣ୍ଣରେ ତାଟଙ୍କ, ନାସାରେ ଗଜମୋତିର ବସଣି, ନୟନରେ କଜ୍ୱଳର ଗାର ପିନ୍ଧାଇ ସଖୀମାନେ ମଦନମଞ୍ଜରୀକୁ ସୌମ୍ୟାଶ୍ରୀମୟୀ ଲୀଳା-ପ୍ରତିମାରେ ପରିଣତ କରିଛନ୍ତି । କଜ୍ୱଳର ଲାଞ୍ଜି କାନ ପର୍ଯ୍ୟନ୍ତ ଲମ୍ବି ଯାଇଛି । କବି ଏ ଶୋଭାକୁ ଦୁଇଟି ଖଞ୍ଜନପକ୍ଷୀ ପୁଚ୍ଛ ଲମ୍ବାଇ ଦୁଇ ପଟରେ ବସିବା ସହିତ ସମାନ କରିଛନ୍ତି । କବିଙ୍କ ଭାଷାରେ -

'ସରୁଅଞ୍ଜନରେ ନେତ୍ର ଶୋଭନ । ଲାଞ୍ଜି କର୍ଣ୍ଣପରିଯନ୍ତେ ରଞ୍ଜନ ।
କିଏ ଖଞ୍ଜନ ଯୁଗମଉହୋଇ । ପୁଚ୍ଛ ଭାର କି ଅଛନ୍ତି ଲମ୍ବାଇ ।'

ହୀରା ଓ ମାଣିକର ଚାପସରି, ରତ୍ନର ଚୂଡ଼ି, ନୀଳକାନ୍ତମଣି ନିର୍ମିତ କଙ୍କଣକୁ ସଖୀମାନେ ମଦନମଞ୍ଜରୀକୁ ପିନ୍ଧାଇ ଦେଇଛନ୍ତି । ରକ୍ତିମ ଆଭାଯୋଗୁ ପାପୁଲି ଉପରକୁ ନୀଳରଙ୍ଗର କଙ୍କଣ ଥିବାରୁ ଭ୍ରମର ରକ୍ତ ପଦ୍ମରେ ବସିବା ପରି ଜଣାପଡୁଅଛି । ଆକାଶରୁ ତାରାମାନେ ଅବତରି ଆସି ନଖର ଶୋଭା ମଣ୍ଡନ କରିଛନ୍ତି । କାମଦେବଙ୍କ ପୂଜା କରିବାକୁ ସଖୀମାନଙ୍କ ଗହଣରେ ମଦନମଞ୍ଜରୀ ଯାଇଛି । ନାଗେଶ୍ୱର ବନାନୀର ପ୍ରସନ୍ନ ରୁଚିର ପରିବେଶରେ ଭ୍ରମରମାନେ ଉଡୁଥିବାର ଦେଖାଯାଇଛି । ବିବାହ ପରେ ନାୟିକାକୁ ମଧୁଶଯ୍ୟା ଉପଲକ୍ଷେ ବେଶ କରାଯାଇଛି । ସଖୀମାନେ କେଶ ସଜାଡ଼ି କବରୀ ରଚନା କରି ତା'ଉପରେ ମୋତି ଜାଲି ବେଢ଼ାଇ ଦେଇଛନ୍ତି । ନାସାରେ ମୋତି ନାକ ଚଣା, କଣ୍ଠରେ ମୋତି ଚାପସରି, ମଣିବନ୍ଧରେ ଚୂଡ଼ି ପିନ୍ଧାଇ ଦେଇ କଟିରେ କିଙ୍କିଣୀ ବାନ୍ଧି ଦେଇଛନ୍ତି । ନାରୀ ରୂପ ବର୍ଣ୍ଣନାରେ କବି ଧନଞ୍ଜୟଙ୍କର ସିଦ୍ଧହସ୍ତତା ସ୍ୱୀକାର୍ଯ୍ୟ ।

ପ୍ରକୃତି ଚିତ୍ରଣରେ କବିଙ୍କର ଦକ୍ଷତା ପ୍ରଶଂସନୀୟ । ତୃତୀୟ ଛାନ୍ଦରେ ବାସନ୍ତୀ ପରିବେଶରେ ପ୍ରସନ୍ନତା ପରିବେଷିତ । କୋଇଲିର କୁହୁତାନ, ଆମ୍ବ ବଉଳର ମିଠା ମିଠା ବାସ, କେତକୀ ଫୁଲର ମୃଦୁମୃଦୁ ହସ ଜନମାନସରେ ଭାବାନ୍ତର ସୃଷ୍ଟି କରିଛି । ଲତାମାନଙ୍କରେ ଫୁଲ ସବୁ ଫୁଟିବାରୁ ବନଭୂମି ନନ୍ଦନକାନନର ମଞ୍ଜୁଳ ଶୋଭା ଧାରଣ କରିଛି । ଗ୍ରୀଷ୍ମକାଳରେ ପ୍ରକୃତି ବର୍ଣ୍ଣନା ମଧ୍ୟରେ ବିରହ ବିଦଗ୍ଧ ଜନମାନସର ଚିତ୍ରକବି ଅଙ୍କନ କରିଛନ୍ତି । ପଳାଶଫୁଲ

ଫୁଟିବାରୁ ତା'ର ରକ୍ତିମ ଆଭା ପ୍ରକଟିତ ହୋଇଛି । ବିରହୀ ହୃଦୟକୁ ବିଦୀର୍ଣ୍ଣ କରି ସେହି ରକ୍ତରେ ରଞ୍ଜିତ ହୋଇଥିବା କାମଦେବର ଅଙ୍ଗୁଳିପରି ସେଗୁଡ଼ିକ ଦିଶୁଛନ୍ତି । କବିଙ୍କ ଭାଷାରେ -

କିଂଶୁକ କୁସୁମ ବିକାଶ ହେଲା, ଅନଙ୍ଗ ନଖ ପ୍ରାୟେ ପ୍ରକାଶିଲା ।
ବିରହୀ ହୃଦ ବିଦାରିକି ମାର । ଶୋଣିତ ଲାଗି ଦିଶେ ଭୟଙ୍କର
ଯୁବାଜନ ହସ୍ତୀ, ଆରୋହଣ କରିଛି ରତିପତି । (ମଦନ ମଞ୍ଜରୀ / ୫ମ ଛାନ୍ଦ)

ବର୍ଷାଋତୁର ଆଗମନରେ ପ୍ରକୃତି ନୂତନ ରଙ୍ଗରେ ରଞ୍ଜିତ ହୋଇଛି । ପର୍ବତର ଅଗ୍ରଭାଗକୁ ଆବୃତ କରିଥିବା ମେଘ ଦେହରେ ବିଜୁଳିର ଝଲକ ଦେଖି ବିରହୀ ଜନର ପ୍ରାଣ ଆକୁଳ ହୋଇଛି । ସ୍ୱପ୍ନ ଦର୍ଶନ ପରେ ନାୟକ ପ୍ରାଣ ଦଗ୍‌ଧୀଭୂତ ହୋଇଛି । ନାୟିକାର ପ୍ରାପ୍ତି ପାଇଁ ମନରେ ତା'ର ସୃଷ୍ଟି ହୋଇଛି ସୀମାହୀନ ଉତ୍କଣ୍ଠା । ଦୂରରେ ଥିଲେ ମଧ୍ୟ ନାୟିକା ପ୍ରତି ସେ ଯଥେଷ୍ଟ ସମବେଦନା ପ୍ରକାଶ କରି କାମଦେବଙ୍କୁ ପ୍ରାର୍ଥନା କରି କହିଛି -

''ବେନି କର ଯୋଡ଼ି ସେ ମାରକୁ ବୋଲଇ,
ମୋତେ ମାର ନ ମାରତୁ ମୋ ପ୍ରାଣସହି ।''

ନିଜ ଦୁଃଖରେ ଦୁଃଖୀ ନ ହୋଇ ନାୟିକାର ଦୁଃଖରେ ଦୁଃଖୀ ହୋଇଛି ଅନଙ୍ଗକେତନ । ସରଳ ଭାଷାରେ କବିଙ୍କ ଲେଖନୀ ବିରହୀ ନାୟକର ମର୍ମାନୁଭୂତି ଯେପରି ପ୍ରକାଶ କରିଛି ତାହାର ପଟାନ୍ତର ନାହିଁ । ପ୍ରୀତିର ପ୍ରଗାଢ଼ତା ଏଥିରୁ ପ୍ରତିପାଦିତ ହେବା ସଙ୍ଗେ ସଙ୍ଗେ ରୀତି କାବ୍ୟରେ ଯେ ମାନବିକ ମୂଲ୍ୟବୋଧର ସ୍ଥିତି ରହିଛି, ଏକଥା ଏଥିରୁ ପ୍ରମାଣିତ ହୋଇଛି ।

ବର୍ଷାଋତୁ ପରେ ମଦନ ମଞ୍ଜରୀର ପିତା ତା' ବିବାହ ନିମନ୍ତେ ସ୍ୱୟମ୍ବର ଉତ୍ସବର ଆୟୋଜନ କରିଛନ୍ତି । ସ୍ୱୟମ୍ବର ଉତ୍ସବରେ ଶିବଙ୍କୁ ସ୍ମରଣ କରି ରାଜବାଳା ଅନଙ୍ଗ କେତନର ଗଳାରେ ବରଣମାଳା ପିନ୍ଧାଇ ଦେଇଛି । ବିବାହ ଉତ୍ସବ ଯଥାବିଧି ସମାହିତ ହୋଇଛି । ଉତ୍କଳୀୟ ସାମାଜିକ ବିଧି ବ୍ୟବସ୍ଥା ପ୍ରତି କବି ଧନଞ୍ଜୟ ଯଥେଷ୍ଟ ସମ୍ମାନ ପ୍ରଦର୍ଶନ କରିଛନ୍ତି । ପାହାନ୍ତିଆରେ କୋଇଲି ବୁଢ଼ କନ୍ୟା ପକାଇଛି । ହାତଗଣ୍ଠି ପରେ ଜୁଆ ଖେଳ, ସୁନା କଉଡ଼ି ଖେଳ ଓ ମଣୋହି ଇତ୍ୟାଦି ଯଥାବିଧି କରାଯାଇଛି । କେବଳ କାବ୍ୟ କବିତା ରଚନା କଲେ ଜଣେ କବି ହୁଏ ନାହିଁ । କବି ହେବା ପାଇଁ ଆବଶ୍ୟକ ଏକାଧାରରେ ସୂକ୍ଷ୍ମ ଦୃଷ୍ଟି, ସମାଜ ସଚେତନତା ଏବଂ ଗଠନ ମୂଳକ ଚିନ୍ତାଧାରା । କବି ସ୍ୱାଧୀନ ହୋଇପାରନ୍ତି ମାତ୍ର ସେ ସ୍ୱେଚ୍ଛାଧୀନ ହେଲେ ଚଳିବ ନାହିଁ । ସମାଜକୁ ସୁସ୍ଥ ସୁନ୍ଦର କରିବା ପାଇଁ ପ୍ରଚଳିତ ପରମ୍ପରାଗତ ସାମାଜିକ ବିଧିବ୍ୟବସ୍ଥାକୁ ସମ୍ମାନ ଦେବା ଏକାନ୍ତ ଆବଶ୍ୟକ । ଏ ଦୃଷ୍ଟିରୁ ଧନଞ୍ଜୟ ଭଞ୍ଜଙ୍କୁ ଜଣେ ବଳିଷ୍ଠ ସମାଜ ସଚେତନ କବି ହିସାବରେ ମାନିବାକୁ ପଡ଼େ ।

କାବ୍ୟର ବିଭିନ୍ନ ଛାନ୍ଦକୁ କବି ଭିନ୍ନ ଭିନ୍ନ ରାଗରେ ରଚନା କରିଛନ୍ତି । ଗୁଜ୍ଜରୀ, ମାଳବ, ମଙ୍ଗଳ ଧନାଶ୍ରୀ, ଆଷାଢ଼ ଶୁକ୍ଳ, ଶୋକ ବରାଡ଼ି, ପଟ୍ଟମଞ୍ଜରୀ, ବିଚିତ୍ର ଦେଶାକ୍ଷ, ରାମକେରୀ, କାଳୀ, ମଙ୍ଗଳ ବରାଡ଼ି, ରସ କୋଇଲା ଓ ବଙ୍ଗଳାଶ୍ରୀ ଆଦି ରାଗ କାବ୍ୟରେ ବ୍ୟବହୃତ ହୋଇଅଛି । କବିଙ୍କର ସଂଗୀତ ଶାସ୍ତ୍ରରେ ଗଭୀର ଜ୍ଞାନ ତାଙ୍କୁ ବିଭିନ୍ନ ରାଗରାଗିଣୀରେ କାବ୍ୟ ରଚନା ପାଇଁ ପ୍ରେରଣା ଦେଇଛି । ବିଭିନ୍ନ ଦିଗରୁ ବିଚାର କଲେ ମଦନ ମଞ୍ଜରୀ କାବ୍ୟଟି ହୋଇଛି ସୁଖପାଠ୍ୟ ତଥା ହୃଦୟସ୍ପର୍ଶୀ ।

ତ୍ରିପୁର ସୁନ୍ଦରୀ :

ଧନଞ୍ଜୟ ଭଞ୍ଜଙ୍କ ତ୍ରିପୁର ସୁନ୍ଦରୀ କାବ୍ୟଟି ଦ୍ୱାଦଶ ଛାନ୍ଦ ବିଶିଷ୍ଟ ଏକ ଅପ୍ରକାଶିତ କାବ୍ୟ । ଅନ୍ୟାନ୍ୟ କାବ୍ୟ ପରି ଏହାର କଥାବସ୍ତୁ ନାୟକ ନାୟିକାଙ୍କର ପ୍ରଣୟ ବିଳାସକୁ କେନ୍ଦ୍ର କରି ରଚିତ । ଏଥିରେ ଆରମ୍ଭରେ ଆଶୀନମସ୍କ୍ରିୟା

ନାହିଁ । କୌଣସି ଦେବ ଦେବୀଙ୍କୁ ଆରାଧନା କରା ନ ଯାଇ କାବ୍ୟଟି ଆରମ୍ଭ ହୋଇଛି । ଧନଞ୍ଜୟ ଭଞ୍ଜଙ୍କର ଅନ୍ୟସବୁ କାବ୍ୟରେ ପ୍ରଥମେ ଇଷ୍ଟସ୍ତୁତି ଥିଲେ ହେଁ ଏହି କାବ୍ୟରେ ତାହା ନାହିଁ ।

ହିମାଳୟର ଉତ୍ତର ଉପକଣ୍ଠରେ ଥିବା ଏକ ସ୍ଥାନର ବର୍ଣ୍ଣନା କାବ୍ୟର ଆରମ୍ଭରେ ରହିଛି । ସେହି ବନରେ ଅଛି ମଞ୍ଜୁଳ ମନ୍ଦାର ଫୁଲର ମନୋଜ୍ଞ ସମ୍ଭାର । ସେ ଫୁଲ, ରଙ୍ଗ ଓ ବାସରେ ସ୍ୱର୍ଗର ପାରିଜାତକୁ ମଧ୍ୟ ଜିଣି ଯାଇଛି । ସେହି ବନ ଭୂମିରେ ଦର୍ଶନରେ ବିମୁଗ୍ଧ ହୋଇଛନ୍ତି ଇନ୍ଦ୍ରଙ୍କ ସୁତ ଓ ଜଣେ ଦେବବାଳା । ତାଙ୍କର ରତି କ୍ରୀଡ଼ା ପରେ ଏକ କନ୍ୟା ସେଠାରେ ଜାତ ହୋଇଛି । ସେହି କନ୍ୟାଟିକୁ ନିକଟସ୍ଥ ଶିରୀଷ ଆଶ୍ରମର ମୁନିଙ୍କୁ ପ୍ରଦାନ କରି ଦେବବାଳା ଚାଲି ଯାଇଛି । ମୁନି ସେହି କନ୍ୟାର ନାମ ରଖିଛନ୍ତି ତ୍ରିପୁର ସୁନ୍ଦରୀ । ସୌନ୍ଦର୍ଯ୍ୟରେ ତିନିପୁରକୁ ମନ୍ତ୍ରମୁଗ୍ଧ କରି ରଖିବାର କ୍ଷମତା ଥିବାରୁ ମୁନି ତା'ର ଏପରି ନାମ ରଖିଛନ୍ତି । ସଦ୍ୟଜାତ କନ୍ୟାର ନାମଥିଲା ବିଳାସବତୀ । ମୁନି ତାକୁ ପରେ ପରିବର୍ତ୍ତନ କରି ତ୍ରିପୁର ସୁନ୍ଦରୀ ରଖିଛନ୍ତି ।

ତାଳପତ୍ର ପୋଥିଟିର ପ୍ରଥମ ଛାନ୍ଦର କିୟଦଂଶ ନଷ୍ଟ ହୋଇଯାଇ ଥିବାରୁ ନାୟକ ସଂପର୍କରେ ବିଶେଷ କିଛି ଜଣା ପଡୁନାହିଁ । ତେବେ ଏତିକି ଜଣାପଡୁଛି ଯେ ଚନ୍ଦନେଶ୍ୱର ନାମକ ଜଣେ ରାଜାଙ୍କ ପୁତ୍ରଙ୍କ ନାମ ହେଉଛି ଅଜ୍ଜକୁସୁମେଶ୍ୱର । ଏହାର ରୂପ ଲାବଣ୍ୟରେ ମୁଗ୍ଧ ହୋଇ ଋଷି କୁମାରମାନେ ଏହାକୁ ଅପହରଣ କରି ଆଣିଛନ୍ତି । ନାୟକ ନାୟିକାକୁ ଦେଖି ଭାବାଭିଭୂତ ହୋଇପଡ଼ିଛି । ତାକୁ ଜୀବନର ସର୍ବସ୍ୱ ଅର୍ପଣ କରିବାର ଦୃଢ଼ ସଂକଳ୍ପ ନେଇ ଜୀବନକୁ ସାର୍ଥକ କରିବା ପାଇଁ ନାୟିକା ଇଚ୍ଛା କରିଛି । ଚତୁର୍ଦ୍ଦିଗରେ ନାୟକର ରୂପ ତାକୁ ଦେଖା ଯାଇଛି । ସଖୀମାନେ ତାକୁ ବହୁ ପ୍ରକାରେ ବୁଝାଇଛନ୍ତି । ସଖୀମାନଙ୍କ ନାମ ହେଉଛି ସୁରଦତ୍ତା, ଇନ୍ଦ୍ରଦତ୍ତା ଓ ଚନ୍ଦ୍ରଦତ୍ତା । ମୁନି ଏସବୁ ଜାଣିପାରି କୁମାରକୁ ଆଣି ବିଧି ବିଧାନ ସହ ବିବାହ ଉତ୍ସବ ସମାପନ କରିଛନ୍ତି । ନାୟକ ଓ ନାୟିକାଙ୍କର ପରସ୍ପର ପ୍ରାପ୍ତିରେ ଆନନ୍ଦ ଓ ଲୀଳା ବିଳାସର ଚମତ୍କାର ଚିତ୍ରଣ କାବ୍ୟରେ ଦେଖିବାକୁ ମିଳେ । ସମ୍ଭୋଗ ଶୃଙ୍ଗାରର ଅକପଟଚିତ୍ର କାବ୍ୟରେ ପ୍ରଦତ୍ତ ହୋଇଛି । ଶୃଙ୍ଗାର ରସରେ ଅଭିଭୂତ ଥିବାବେଳେ ଶିବଗଣ ଆସି ନାୟକକୁ ଅପହରଣ କରିନେଇଛନ୍ତି । ନାୟକ ଓ ନାୟିକାଙ୍କ ମଧ୍ୟରେ ସୃଷ୍ଟି ହୋଇଛି ବିରହଜନିତ ହିମଶୀତଳ ପରିବେଶ । ବିରହୀ ନାୟକ ଛୁରୀଅନା ବନରେ ବସି ଅଶ୍ରୁମୋଚନ କରିଛି ତା'ର ପ୍ରାଣପ୍ରିୟା ପାଇଁ । ନାୟିକାର ଚିନ୍ତାରେ ଧ୍ୟାନମଗ୍ନ ଥିବାବେଳେ ନାଗେଶ୍ୱର ଫୁଲଟିଏ ତା'ଉପରେ ପଡ଼ିଯାଇଛି । ତାକୁ ତାହା ବଜ୍ର ପଡ଼ିଲା ପରି ମନେ ହୋଇଛି । ବିଭିନ୍ନ ଋତୁ ଅତିବାହିତ ହେବାପରେ ମିଳନ ପର୍ବ ଆରମ୍ଭ ହୋଇଛି, ଅଭିଶାପରୁ ମୁକ୍ତ ହୋଇ ନାୟକ ଯାଇଛି ନାୟିକା ପାଖକୁ । ବିଚୁଳନ ମେରୁର ଏକ ଗହନ ବନରେ ଜଣେ ମୁନିଙ୍କ ସହ ସାକ୍ଷାତ୍ ହୋଇଛି ନାୟକର । ସେ ମୁନିଙ୍କୁ ପ୍ରଣାମ କରିବାରୁ ତାଙ୍କର କରୁଣାଦୃଷ୍ଟି ପଡ଼ିଛି ଓ ସୌଭାଗ୍ୟ ଉଦୟ ହେବାରୁ ଦୁଃଖ କ୍ରମଶଃ ନିବାରିତ ହୋଇଛି । ମୁନି କହିଛନ୍ତି ଯେ ମଦମତ୍ତ ହୋଇ ହରପାର୍ବତୀଙ୍କୁ ଅବମାନନା କରିବାରୁ ଅଭିଶପ୍ତ ହୋଇ ଏପରି ବିରହ ଦଶା ନାୟକ ଭୋଗ କରୁଛନ୍ତି । ନାୟିକା ମଧ୍ୟ ଅଧିକ କଷ୍ଟ ଭୋଗ କରୁଅଛି ବୋଲି ମୁନି କହିଛନ୍ତି । ମେରୁ କୁସୁମ ହାତରେ ଧରି ଆଖିବୁଜି ନିଜ ଘର ଚିନ୍ତା କରିବାପାଇଁ ମୁନି ନିର୍ଦ୍ଦେଶ ଦେଇଛନ୍ତି । ନାୟକ ସେପରି କରନ୍ତେ ତ୍ରିପୁର ସୁନ୍ଦରୀ ଆସି ହୋଇଛନ୍ତି ଉପସ୍ଥିତ । ନାୟକ ନାୟିକା ପରସ୍ପରକୁ ଦେଖି ଆତ୍ମହରା ହୋଇ ପଡ଼ିଛନ୍ତି । ମିଳନର ମଧୁସିକ୍ତ ପରିବେଶ ସୃଷ୍ଟି ହେବା ସଙ୍ଗେସଙ୍ଗେ କାବ୍ୟର ପରିସମାପ୍ତି ଘଟିଛି ।

କାବ୍ୟର ଅଧିକ ଅଂଶ କେବଳ ଶୃଙ୍ଗାର ରସରେ ଅନୁରଞ୍ଜିତ । ସମ୍ଭୋଗ ଓ ବିପ୍ରଲମ୍ଭ ଉଭୟ ଅବସ୍ଥାର ବହୁଳ ବର୍ଣ୍ଣନା ରହିଛି । ବିରହ ବର୍ଣ୍ଣନା ଓ ତା'ପରେ ମିଳନର ସୁଧାସିକ୍ତ ପରିବେଶ ଆସିଛି । ନାୟକ ଆଲିଙ୍ଗନ କରି ନାୟିକାର ମୁଖରେ ଚୁମ୍ବନ ଦେଇଛି । ନିଜ ଗଣ୍ଡଦେଶକୁ ପ୍ରିୟା ଅଧରରେ ଲଗାଇ ନାୟକ ଚୁମ୍ବନ ମାଗିଛି । ଶିବଗଣଙ୍କ ଦ୍ୱାରା ଅପହୃତ ହୋଇ ସେ ଇଲାଖଣ୍ଡର ଘୋର ଅରଣ୍ୟରେ ରହିଛି । ପ୍ରିୟାର ସ୍ମୃତିକୁ ଭୁଲି ନ ପାରି

ବିଳାପ କରିଛି । ଆଳଙ୍କାରିକ ଛଟାରେ ଏହି ବେଦନା ଅଭିବ୍ୟକ୍ତ ହୋଇଛି ।

ବର୍ଷାଋତୁର ଶୀତଳ ପରିବେଶ ବିରହୀ ନାୟକ ମନରେ ଦାରୁଣ ଦୁଃଖର ଅଗ୍ନି ଜାଳି ଦେଇଛି । ରୀତିକାବ୍ୟରେ ବର୍ଷାକାଳ ବିଯୋଗୀ ଜନପାଇଁ ଦାରୁଣ ମନସ୍ତାପ ଓ ମର୍ମବେଦନା ଆଣିଦିଏ । ବର୍ଷାଦିନର ସାଧାରଣ ଚିତ୍ର ଦେବାକୁ ଯାଇ କବି କହିଛନ୍ତି ଯେ ବର୍ଷା ହେବାରୁ ସବୁ ସ୍ଥାନ ପଙ୍କିଳ ହୁଏ, ବିଜୁଳି ମାରେ ଓ ଘଡ଼ଘଡ଼ିର ଶବ୍ଦରେ ଆକାଶ ଫାଟିପଡ଼େ । ଦିନରାତି ବାରି ହୁଏ ନାହିଁ । କବିଙ୍କ ଭାଷାରେ -

ଆକାଶକଲା କଳାନବଘନ । ଅଞ୍ଜନ ବୋଳି ହୋଇଲା ରଞ୍ଜନ
କ୍ରମେ କ୍ରମେ କରି ଘେନିଲାଦିଶ । ରଜନୀ ସୋଦର କଲାଦିବସ
''କେ ବୋଲେ ଜଳଦ
ଜଳଦ ନୋହେ ବିରହୀ ଭୟଦ'' ।(ତ୍ରିପୁରସୁନ୍ଦରୀ ୮/୨)

ନାୟକ ପରି ବିରହିଣୀ ନାୟିକା ମଧ୍ୟ ଦାରୁଣ ଯନ୍ତ୍ରଣାରେ ଜର୍ଜରିତ ହୋଇଛି । ସଖୀମାନେ ତାକୁ ଆଶ୍ୱାସନାର ବାଣୀ ଶୁଣାଇଛନ୍ତି ।

ଶରତ ଋତୁର ନିର୍ମଳ ଆକାଶ ଓ ସୁନ୍ଦର ଧରିତ୍ରୀ ସମସ୍ତଙ୍କ ମନରେ ଭାବାନ୍ତର ସୃଷ୍ଟି କରିଥାଏ । ବିଶେଷତଃ ପ୍ରବାସୀ ବିରହୀମାନେ ଏହି ଋତୁରେ ଦିଗ ଦିଗନ୍ତର ପ୍ରସନ୍ନତା ଦେଖି ଅଧିକ ବିବ୍ରତ ହୋଇପଡ଼ନ୍ତି । କବି ଧନଞ୍ଜୟଙ୍କ କାବ୍ୟ ବର୍ଣ୍ଣନାରେ କଇଁଫୁଲ ଫୁଟିବାରୁ ସରସୀର ଶୋଭା ବର୍ଦ୍ଧିତ ହୋଇଛି । ଶାରଦୀୟ ଚନ୍ଦ୍ର କିରଣରେ ଚତୁର୍ଦ୍ଦିଗ ହୋଇଛି ମଧୁସିକ୍ତ ଓ ପ୍ରାଣବନ୍ତ । ନାୟକ ଏପରି ପରିବେଶ ଦେଖି ମର୍ମେ ମର୍ମେ ଦଗ୍ଧୀଭୂତ ହୋଇଛି ।

ରୀତିକାବ୍ୟରେ କେବଳ ପ୍ରଣୟର ବିମୁଗ୍ଧ ବିଳାସ ନାହିଁ, ଆନ୍ତରିକତା, ତ୍ୟାଗର ମହିମାମୟ ଆଲେଖ୍ୟ ମଧ୍ୟ ରହିଛି । ତ୍ରିପୁର ସୁନ୍ଦରୀ କାବ୍ୟରେ ନାୟକ ନିଜର ପ୍ରାଣ ବିନିମୟରେ ନାୟିକାର ସୁଖ ସମୃଦ୍ଧି କାମନା କରିଛି । ବିରହ ବେଦନା ଯେତିକି ମର୍ମନ୍ତୁଦ ହୋଇଅଛି ମିଳନର ପର୍ବ ସେତିକି ପ୍ରୀତିପ୍ରଦ ହୋଇଅଛି । ନାୟକ ଓ ନାୟିକା ପରସ୍ପରକୁ ଆଲିଙ୍ଗନ କରି ସ୍ୱର୍ଗ ସୁଖ ଲାଭ କରିଛନ୍ତି ।

ପ୍ରାକୃତିକ ସୌନ୍ଦର୍ଯ୍ୟ ନିମିତ୍ତ କବି ଚିତ୍ତରେ ସୀମାହୀନ ଆକର୍ଷଣ ଥାଏ । ସନ୍ଧ୍ୟା, ସକାଳର ଦୃଶ୍ୟ ଅନ୍ୟମାନଙ୍କ ପାଇଁ ଯେତେ ଆକର୍ଷଣୀୟ ହୁଏ ନାହିଁ କବିମାନଙ୍କ ପାଇଁ ତାହା ସେତେ ଆକର୍ଷଣୀୟ ହୋଇଥାଏ । ତ୍ରିପୁର ସୁନ୍ଦରୀ କାବ୍ୟରେ ପ୍ରକୃତିର ଏକ ସ୍ୱାଭାବିକ ସରଳ ଚିତ୍ର ପ୍ରଦତ୍ତ ହୋଇଛି । କବି କହିଛନ୍ତି ଯେ ସକାଳ ହେବାରୁ କଇଁଫୁଲ ମୁଦ୍ରିତ ହେବା ସଙ୍ଗେସଙ୍ଗେ ପଦ୍ମଫୁଲ ବିକଶିତ ହେବାକୁ ଆରମ୍ଭ କରେ । ଆଉ ମଧ୍ୟ ପ୍ରଭାତର ପରିବେଶର ପବିତ୍ରତା, ସ୍ନିଗ୍ଧତା କବି ଲେଖନୀରେ ମୂର୍ତ୍ତିମନ୍ତ । ଶେଫାଳି ଫୁଲ ଗଛରୁ ଝଡ଼ିପଡ଼ି ମହୀମଣ୍ଡନ କରିବାର ଦୃଶ୍ୟ କବି ଚିତ୍ତକୁ ଆକୃଷ୍ଟ କରିଛି । ଶୁକମାନେ ବେଦପାଠ କରିବାରୁ ମୁନି କୁମାରମାନେ ନିଦ୍ରା ତ୍ୟାଗ କରିଛନ୍ତି ।

ନାୟିକାର ତନୁ ଲାବଣ ବର୍ଣ୍ଣନା ରୀତି କାବ୍ୟରେ ଆକର୍ଷଣର ଉଚ୍ଚତମ ଉଚ୍ଚତାକୁ ଆରୋହଣ କରିଥାଏ । ତ୍ରିପୁର ସୁନ୍ଦରୀର ରୂପଶୋଭା ପାଠକ ଚିତ୍ତକୁ ମୁଗ୍ଧ କରିଛି । ପୁରୁଷକୁ ଅନାଇ ଦାରୁଣ ବେଦନାରେ ବ୍ୟଥିତ ସଖୀମାନେ ତ୍ରିପୁର ସୁନ୍ଦରୀକୁ ଗାଳିଦେଇ କହିଛନ୍ତି ଯେ ପୁରୁଷ ଦର୍ଶନ କରିବା ଉଚିତ ନୁହେଁ । କାଠରେ କାଠ ଘଷିଲେ ଯେପରି ଅଗ୍ନି ସମ୍ଭବ ହୁଏ, ଯୁବକ ଯୁବତୀଙ୍କର ଚାରି ଚକ୍ଷୁର ମିଳନ ହେଲେ ସେପରି ଦୁଃଖର ଅଗ୍ନି ପ୍ରଜ୍ୱଳିତ ହୋଇଥାଏ । ଏପରି ବହୁ ପ୍ରକାର ତିକ୍ତମଧୁର ବଚନ କହି ଶେଷରେ ସେମାନେ ସମସ୍ୟାର ସମାଧାନ ପାଇଁ ଯଥାସାଧ୍ୟ ପ୍ରଚେଷ୍ଟା କରିଛନ୍ତି ।

ଆରମ୍ଭରେ ବିଭୁ ବନ୍ଦନା ନ କଲେ ମଧ୍ୟ ଛାନ୍ଦ ସବୁର ଶେଷରେ ଇଷ୍ଟ ସ୍ମରଣ କରିଛନ୍ତି କବି ଧନଞ୍ଜୟ ।

ବାଣୀ ବିଳାସରେ ଚମତ୍କାରିତାର ସ୍ପର୍ଶ ରହିବା ସଙ୍ଗେ ସଙ୍ଗେ ଆତ୍ମନିମଗ୍ନ ଭାବର ସ୍ପର୍ଶ ରହିଛି । ତ୍ରିପୁର ସୁନ୍ଦରୀ କାବ୍ୟ ଯେ ଖଣ୍ଡିଏ ସୁଶ୍ରୀଶୋଭନ ଲିପିଶିଳ୍ପ ଏଥିରେ ସନ୍ଦେହ ନାହିଁ ।

ରତ୍ନମଞ୍ଜରୀ :

କବି ଧନଞ୍ଜୟ ଭଞ୍ଜଙ୍କର ଅନ୍ୟ ଏକ ଅପ୍ରକାଶିତ କାଳ୍ପନିକ କାବ୍ୟର ନାମ ହେଉଛି ରତ୍ନମଞ୍ଜରୀ । କବିଙ୍କର ଅମ୍ଳାନ କବିତ୍ୱର ସ୍ପର୍ଶରେ ଏହି କାବ୍ୟଟି ଅତ୍ୟନ୍ତ ହୃଦୟସ୍ପର୍ଶୀ ହୋଇଛି । କାବ୍ୟଟି ଅସମାପ୍ତ ରୂପରେ ମିଳୁଛି । ଅପୂର୍ଣ୍ଣ ପୋଥିଟିରେ ସପ୍ତବିଂଶତି ଛାନ୍ଦ ମାତ୍ର ରହିଛି । କାବ୍ୟଟିରେ କବି ପ୍ରତିଭାର ସମୁଜ୍ଜ୍ୱଳ ସ୍ୱାକ୍ଷର ପରିଦୃଷ୍ଟ । ତାଙ୍କର ଅନ୍ୟାନ୍ୟ କାବ୍ୟ ପରି ଏହି କାବ୍ୟଟି ମଧ୍ୟ ନାୟିକାର ନାମରେ ନାମିତ । କଥାବସ୍ତୁ ଅପେକ୍ଷା ବର୍ଣ୍ଣନା ବିଳାସ, ମଧୁର ପଦଯୋଜନା ଏଥିରେ ଅଧିକ ପ୍ରୀତିପ୍ରଦ ।

କବି ଗ୍ରନ୍ଥର ଆରମ୍ଭରେ ଶ୍ରୀଜଗନ୍ନାଥଙ୍କ ବର୍ଣ୍ଣନା ଓ ବନ୍ଦନା କରିଛନ୍ତି । ଇନ୍ଦ୍ର ଓ ଇନ୍ଦ୍ରାଣୀଙ୍କର ରତିଲୀଳା ପ୍ରସଙ୍ଗରୁ କାବ୍ୟର କଥାବସ୍ତୁ ଆରମ୍ଭ ହୋଇଛି । ବସନ୍ତ କାଳର ସ୍ନିଗ୍ଧ ସୁନ୍ଦର ପରିବେଶରେ ଇନ୍ଦ୍ର ଓ ଇନ୍ଦ୍ରାଣୀଙ୍କର ଲୀଳା ବିଳାସ ଅନୁଷ୍ଠିତ ହୋଇଛି । ସେତେବେଳେ ନବଯୌବନା ନାରୀମାନେ କାନନରୁ ଫୁଲ ତୋଳିଲେ । ଜଣେ ତରୁଣ ଓ ଜଣେ ତରୁଣୀଙ୍କ ବ୍ୟବହାରରେ ଇନ୍ଦ୍ର ଅସନ୍ତୁଷ୍ଟ ହୋଇ ସେ ଦୁହିଁଙ୍କୁ ମର୍ତ୍ତ୍ୟରେ ଜନ୍ମ ନେବାପାଇଁ ଅଭିଶାପ ଦେଲେ । ହେମବନ୍ତ ରାଜ୍ୟର ରାଜା କୁସୁମଶର ଓ ରାଣୀ ଚନ୍ଦ୍ରାବତୀଙ୍କ କନ୍ୟା ରୂପରେ ସେ ତରୁଣୀ ଜନ୍ମଲାଭ କଲା । ତା'ର ନାମ ହେଲା ରତ୍ନ ମଞ୍ଜରୀ । ସେ ଦିନକୁ ଦିନ ଶଶିକଳା ପରି ବଢ଼ିବାକୁ ଲାଗିଲେ । ଯୌବନର ପ୍ରଭାବରେ ନାୟକର ଅଙ୍ଗ ସ୍ପର୍ଶ ନିମନ୍ତେ ସେ ବ୍ୟାକୁଳ ହୋଇପଡ଼ିଲା । ଦିବ୍ୟବାଣୀ ଶୁଣି ସେହି ଦିବ୍ୟବାଣୀ ଅନୁସାରେ ହଂସୀକୁ ଭେଟି ତା'ଠାରୁ ନାୟକ 'କୁସୁମକେତୁ' କଥା ଶୁଣିଲେ । ନାୟକ ନିକଟକୁ ପ୍ରେମପତ୍ର ଦେବା ପାଇଁ ହଂସୀ ରତ୍ନମଞ୍ଜରୀକୁ ଅନୁରୋଧ କରନ୍ତେ ରତ୍ନମଞ୍ଜରୀ ଏକ ପ୍ରେମପତ୍ର ଦେଲା । ହଂସୀ ସେହି ପ୍ରେମ ପତ୍ରଟି ନେଇ ନାୟକ ନିକଟକୁ ଚାଲିଗଲା । ତେଣେ ନାୟକ ତା'ର ଅନ୍ତରଙ୍ଗ ସଖା ମାନଙ୍କ ସହିତ ମଳୟ ପର୍ବତର କାନନରେ କ୍ରୀଡ଼ା କରୁଥିଲେ । କୁସୁମ ସୁବାସରେ ବନଭୂମି ଆମୋଦିତ ହେଉଥିଲା । ସେହି ବନଭୂମି ଅନ୍ତର୍ଗତ ଏକ ପୁଷ୍କରିଣୀରେ କେତେଜଣ ସୁବର୍ଣ୍ଣବର୍ଣ୍ଣା ଦିବ୍ୟ ନାରୀ ସ୍ନାନ କରୁଥିବାର ଦେଖି ନାୟକ ଆତ୍ମହରା ହୋଇପଡ଼ିଲେ । ସେମାନେ ସ୍ନାନ ସାରି ଫେରିଯିବା ପରେ ସେମାନଙ୍କ ସ୍ମୃତି ନାୟକକୁ ଦାରୁଣ ଦୁଃଖରେ ମର୍ମାହତ କରାଇଲା । ନାୟକ ଅଗସ୍ତି ମୁନିଙ୍କ ନିର୍ଦ୍ଦେଶରେ ସିଦ୍ଧ ବନକୁ ଯାଇ ତାଙ୍କ ପ୍ରଦତ୍ତ ମନ୍ତ୍ର ଜପ କଲା । ବହୁ ଦିନ ପରେ ଏକ ଜଙ୍ଗମ ଆସି ଦର୍ଶନ ଦେଇ ନାୟକର ପୂର୍ବ ଜନ୍ମ କଥା କହିଲା ଓ ହଂସୀ ଆସି ଆସନ୍ତାକାଲି ପହଞ୍ଚିବ ବୋଲି କହି ଚାଲିଗଲା ।

ହଂସୀ ଯଥା ସମୟରେ ଆସି ପହଞ୍ଚି ନାୟକକୁ ସେହି ପ୍ରେମ ପତ୍ରଟି ପ୍ରଦାନ କଲା । ସେହି ପତ୍ରଟି ପଢ଼ି ନାୟକର ଦେହରେ ସୃଷ୍ଟି ହେଲା କଦମ୍ବ ରୋମାଞ୍ଚ । ନାୟକଠାରୁ ପ୍ରେମପତ୍ରଟି ନେଇ ହଂସୀ ନାୟିକା ପାଖକୁ ଯାତ୍ରା ଆରମ୍ଭ କଲା । ଚିଠିର ଶେଷରେ ଲେଖିଥିଲା ନାୟକ -

'ଆଉ ଅଧିକ କି ଲେଖିବଇଁ, ସବୁ ହଂସୀ ଆଗେ ଅଛି କହି,
ପୂର୍ବ ଦୟା ମୋତେ ଲେଶମାତ୍ର ଥିଲେ ଏଥୁ ତାରିବୁ ବନଜ ମୁହିଁରେ ।।'

ଏଣେ ବିରହ ବ୍ୟଥାରେ ଜର୍ଜରିତା ରତ୍ନମଞ୍ଜରୀକୁ ନେଇ ସଖୀମାନେ ଚନ୍ଦନବନସ୍ଥିତ ପୋଖରୀ ନିକଟରେ ରଖିଥିଲେ ।

ପୋଖରୀର ଚାରିପଟେ ଥିଲା ସୁନାର ପାହାଚ । ସେହି ପୋଖରୀରେ ଚନ୍ଦ୍ରକାନ୍ତ ମଣି ନିର୍ମିତ ଗୋଟିଏ ପୁର

ଥିଲା । ସେଠାରେ ବେଦୀଟିଏ ଗଢ଼ି ତା'ଉପରେ କୁମାରୀକୁ ଶୁଆଇ ଦେଲେ । କୁମାରୀ ସେବାରେ ସଖୀମାନେ ଆତ୍ମନିୟୋଗ କରି ଆତ୍ମସନ୍ତୋଷ ଲାଭ କଲେ ।

କିଛି ଦିନ ପରେ କୁମାରୀ ପାଇଁ ରାଜା ସ୍ୱୟମ୍ବର ସଭାର ଆୟୋଜନ କଲେ । ରତ୍ନମଞ୍ଜରୀ ସେହି ସଭାରେ ବରଣମାଳା ଲମ୍ବାଇ ଦେଲା କୁସୁମକେତୁ ଗଳାରେ । ବିବାହ ଉତ୍ସବ ଆଡ଼ମ୍ବର ସହିତ ଅନୁଷ୍ଠିତ ହେଲା ।

ନାୟକ ନାୟିକାଙ୍କର ମଧୁଶଯ୍ୟାର ବର୍ଣ୍ଣନା ରହିଛି । ଏହାପରେ ରତ୍ନମଞ୍ଜରୀ ଶାଶୁଘରକୁ ବିଦାୟ ନେବା ଅବକାଶରେ କୁମାରୀର ମାତା ତାକୁ ଉପଦେଶ ଦେଇଛନ୍ତି -

''ଶୁଣ ମୋର କୁଳମଣ୍ଡଣି ମାତା ।
ଆଗେ ପତି ସେବାରେ ନିତ୍ୟେଥିବୁ ।
ଶାଶୁଶଶୁର ବେନିଥିବୁ ସେବି, ତନୁମନେ ତୁ ଆନ ନ ଧରିବୁରେ
କୁଦନ୍ତି ! ମାନ କେବେ ହେଁ ନ କରିବୁ
ବିନୟେ ସବୁଙ୍କର ଚିତ୍ତକୁ ଘେନୁଥିବୁ ତେବେ କୁଳମଣ୍ଡନ ହେବୁ ।''

ବସନ୍ତଋତୁର ଲଳିତ ମଧୁର ପରିବେଶ କବିଙ୍କର ଲେଖନୀରେ ପ୍ରାଣବନ୍ତ ହୋଇଉଠିଛି । ଷଡ଼ବିଂଶ ଛାନ୍ଦରେ ବସନ୍ତ ଋତୁକୁ ଏକ ନାୟିକା ସହିତ ତୁଳନା କରିଛନ୍ତି କବି । ମୁଖ ହୋଇଛି ତା'ର ପ୍ରସ୍ଫୁଟିତ ପଦ୍ମଫୁଲ, ଭଅଁରମାନେ ତା'ର ଚିକୁର, ଶ୍ରବଣ ହୋଇଛି ପାଟଳିଫୁଲ, ତିଳଫୁଲ ତା'ର ନାସା, ପିକଧ୍ୱନି ତା'ର ମଞ୍ଜୁଳ ଭାଷା, ଲତିକା ତା'ର ଭ୍ରୂଲତା, ଡାଳିମ୍ବମଞ୍ଜି ତା'ର ଦାନ୍ତ ଓ ଫୁଲ ସବୁତାର ହସପରି ଶୋଭାପାଉଛନ୍ତି ।

ସେ ରାଜକୁମାର ପରେ ତାଙ୍କ ରାଜ୍ୟରେ ରାଜାହେଲେ ଓ ରତ୍ନମଞ୍ଜରୀ ରାଜରାଣୀ ହେଲେ । ଏହାପରେ ରାଜା ଓ ରାଣୀ ଉପବନ ବିହାରକୁ ଯିବାକଥା କବି ଉଲ୍ଲେଖ କରିଛନ୍ତି । ବିଭିନ୍ନ ଋତୁରେ ଉପବନର ନୟନଲୋଭା ଶୋଭା କବିଙ୍କ ଭାଷାରେ ବର୍ଣ୍ଣିତ ହୋଇଛି । କାବ୍ୟରେ ପ୍ରକୃତିର ବିମୋହନ ରୂପବିଭା ହୋଇଛି ମୂର୍ତ୍ତିମନ୍ତ । ଏହା ସହିତ କବିଙ୍କ ଲେଖନୀ ମଧ୍ୟ ସମାନ୍ତରାଳ ଭାବରେ ପ୍ରଣୟୀ ପ୍ରଣୟିନୀଙ୍କର ମନର ବିଭିନ୍ନ ଅବସ୍ଥାର ଅକପଟଚିତ୍ର ଅଙ୍କନ କରିଛି । ବିଶେଷ କରି ବାସନ୍ତୀ ପରିବେଶରେ ନାୟକ ନାୟିକାଙ୍କର ଆବେଗ, ଆକୁଳତା ପ୍ରକଟିତ ହୋଇଛି । କାଳିଦାସଙ୍କ ଋତୁବର୍ଣ୍ଣନା ଯେପରି ମନୋଜ୍ଞ ଓ ପ୍ରାଣସ୍ପର୍ଶୀ, କବି ଧନଞ୍ଜୟଙ୍କ ପ୍ରଦତ୍ତ ଋତୁଚିତ୍ର ସେପରି ହୃଦୟଗ୍ରାହୀ । ବହୁ ସ୍ଥଳରେ ଭିନ୍ନଭିନ୍ନ ଋତୁ ବର୍ଣ୍ଣନା ଅବକାଶରେ କବି ଧନଞ୍ଜୟ କାଳିଦାସଙ୍କ ପ୍ରଭାବରେ ପ୍ରଭାବିତ ହୋଇଛନ୍ତି । ରତ୍ନମଞ୍ଜରୀ କାବ୍ୟରେ ଏକାଧିକ ସ୍ଥାନରେ ଉପବନର ବର୍ଣ୍ଣନା ପରିଦୃଷ୍ଟ ହୁଏ । ଦ୍ୱିତୀୟ ଛାନ୍ଦରେ ପ୍ରଦତ୍ତ ଉପବନର ବର୍ଣ୍ଣନା କ୍ରମେ ଦେବଦାରୁ, ନାରିକେଳ, ବକୁଳ, ପୁନ୍ନାଗ, ଶାଳ, ରସାଳ, ତମାଳ, ହେନ୍ତାଳ, ଆଦି ବୃକ୍ଷ ଓ କନିଅର, ନାଗେଶ୍ୱର, ଚମ୍ପକ, ସେବତୀ, ମଲ୍ଲୀ ଆଦି ଫୁଲର ନାମ କବି ଉଲ୍ଲେଖ କରିଛନ୍ତି ।

ଅଗସ୍ତିଙ୍କ ଆଶ୍ରମ ବର୍ଣ୍ଣନା ଚମତ୍କାର ଭାବରେ କାବ୍ୟରେ ଉପସ୍ଥାପିତ । ଆଶ୍ରମର ଶାନ୍ତ ସରଳ ପରିବେଶ କବିଙ୍କୁ ମୁଗ୍ଧ କରିଛି । ସିଂହ, ବ୍ୟାଘ୍ର, ମୃଗ ସମସ୍ତେ ସେଠାରେ ଏକତ୍ରବାସ ଓ ବିହାର କରୁଛନ୍ତି । ଏହା ହିଁ ଆଶ୍ରମର ବିଶେଷତ୍ୱ । ସେଠାରେ ଏକତ୍ର ଆନନ୍ଦରେ ବିଚରଣ କରିଥାନ୍ତି । ସର୍ପ, ମୟୂରର ପୁଚ୍ଛତଳେ ରହି ପ୍ରଚଣ୍ଡ ରୌଦ୍ର ତାପରୁ ନିଜକୁ ରକ୍ଷା କରିଥାଏ । ପବିତ୍ର ଆଶ୍ରମ ପରିବେଶର ଚିତ୍ର ଅଙ୍କନ ଅବକାଶରେ କବି କେତେକ ଫୁଲର ନାମ ଉଲ୍ଲେଖ କରିଛନ୍ତି । ଫୁଟାଫୁଲର ମହକରେ ଦିଗ ଦିଗନ୍ତ ଆମୋଦିତ ହୋଇଛି ବୋଲି କହିଛନ୍ତି ।

ଚତୁର୍ଦ୍ଦଶଛାନ୍ଦରେ ନାୟକର ମୃଗୟା ପ୍ରସଙ୍ଗ ବର୍ଣ୍ଣିତ । ବନ ବର୍ଣ୍ଣନା ପରିପ୍ରେକ୍ଷୀରେ କେତେକ ଫୁଲର ବର୍ଣ୍ଣନା ମଧ୍ୟ ଦେଖିବାକୁ ମିଳେ । କବିଙ୍କ କଥାରେ -

'କୁନ୍ଦ ମନ୍ଦାର ଯେ ମଲ୍ଲୀ ସେବତୀ
କରବୀର ବାଣ ଚାରି ମାଳତୀ
ଟଗର ତରାଟ କୃବେଳି ଦାଢ଼
ତରଙ୍ଗିଣୀ ରଙ୍ଗିଣୀ ବାସ ଦାଢ଼
ସେ ମୃଗ ମଲ୍ଲିକା
ଭୂଚମ୍ପା, ଚିନି ଚମ୍ପକ, ଯୂଥିକା ।''

ଭିନ୍ନଭିନ୍ନ ପକ୍ଷୀମାନଙ୍କ ଭିତରେ କବି କୋକିଳ, ଚକ୍ରବାକ, ଚାତକ, ମୟୂର, ଖଞ୍ଜନ, ବକ, ଶାରିକା, ଶୁକ, କପୋତ, ପାରା, ଗେଣ୍ଡାଳିଆ, ବାଲିଶୁଆ, କଜ୍ଜଳପାତି ଆଦି ନାମ ଉଲ୍ଲେଖ କରିଛନ୍ତି ।

ଦ୍ୱାବିଂଶ ଛାନ୍ଦରେ ରତ୍ନମଞ୍ଜରୀକୁ ସଖୀମାନେ ସଜାଇ ଦେଇଛନ୍ତି । ମଧୁଶଯ୍ୟା ନିମିତ୍ତ ତା'ର ଏ ବେଶସଜ୍ଜା ଅତ୍ୟନ୍ତ ମର୍ମସ୍ପର୍ଶୀ ହୋଇଛି । କେଶ ସାଉଁଳି କବରୀ ସଜାଡ଼ି ସେମାନେ ସେଥିରେ ଖଞ୍ଜି ଦେଇଛନ୍ତି ଝିଲିମିଳି ମାଳି । ବିଭିନ୍ନ ଅଳଙ୍କାରରେ ସଜାଇ ଧନଞ୍ଜୟ ତାଙ୍କ କାବ୍ୟ ନାୟିକାମାନଙ୍କୁ ନାହିଁ ନଥିଲା ନୋହିବ ସୁନ୍ଦରୀରେ ପରିଣତ କରିଛନ୍ତି ।

ଉତ୍କଳୀୟ ସଂସ୍କୃତିକୁ ଯଥାଯୋଗ୍ୟ ସମ୍ମାନ ଦେଇଛନ୍ତି ରାଜକବି ଧନଞ୍ଜୟ ଭଞ୍ଜ । ବିବାହକାଳୀନ ବିଧିବିଧାନକୁ ଉପଯୁକ୍ତ ମର୍ଯ୍ୟାଦା ସହ ସାହିତ୍ୟରେ ସେ ସମ୍ମାନ ଦେଇଛନ୍ତି । ଲବଣଚଉରୀ, ହାତଗଣ୍ଠି ଓ ପଞ୍ଚଗ୍ରାସୀ ପ୍ରସଙ୍ଗ ବର୍ଣ୍ଣିତ ହୋଇଛି । କନ୍ୟା ବିଦାୟ ବେଳର ଦୃଶ୍ୟ ଅତ୍ୟନ୍ତ ଅନୁଭବ୍ୟ ହୋଇଛି ।

ରତ୍ନମଞ୍ଜରୀ କାବ୍ୟରେ ଦୂତର ଭୂମିକା ଗ୍ରହଣ କରିଛି ହଂସୀ । ଧନଞ୍ଜୟ ଭଞ୍ଜଙ୍କ ଶିବଭକ୍ତି ଉକ୍ତ କାବ୍ୟରେ ଉପସ୍ଥାପିତ ହୋଇଛି । ନାୟକ ବିବାହ ପରେ କନ୍ୟାକୁ ଆଣି ଫେରିବାବେଳେ ପଥଅବରୋଧ କରିଥିବା ନୃପତି ମାନଙ୍କ ସହିତ ଯୁଦ୍ଧ କରିଛି । ଯୁଦ୍ଧରେ ଶର ନିକ୍ଷେପ ବେଳେ ସେ ଶିବଙ୍କୁ ସ୍ମରଣ କରିଛି । କାବ୍ୟଟି ଯେପରି ସୁଖପାଠ୍ୟ ସେପରି ଆକର୍ଷଣୀୟ ହୋଇଛି।

ହଂସଦୂତ :

ହଂସଦୂତ ଧନଞ୍ଜୟ ଭଞ୍ଜଙ୍କର ଅନ୍ୟ ଏକ କାବ୍ୟ । ଗ୍ରନ୍ଥଟିର ଆରମ୍ଭରେ ଶ୍ରୀକୃଷ୍ଣଙ୍କର ବନ୍ଦନା କରାଯାଇଛି । ଶ୍ରୀକୃଷ୍ଣଙ୍କର ମହିମା ଉପସ୍ଥାପନା କରିବା ପାଇଁ କବି ବ୍ରହ୍ମାଙ୍କର ବତ୍ସାହରଣ, କୃଷ୍ଣଙ୍କର ଅଘା, ବକା କେଶୀ ଆଦି ଅସୁରଙ୍କ ନିଧନ, ଗୋବର୍ଦ୍ଧନ ଧାରଣ ଆଦି ପ୍ରସଙ୍ଗ ଉଲ୍ଲେଖ କରିଛନ୍ତି । ଶ୍ରୀକୃଷ୍ଣଙ୍କର ପାଦତଳର ରକ୍ତିମ ଆଭା ଜବାକୁସୁମର ଶୋଭାକୁ ନିନ୍ଦା କରୁଛି ଓ ତନୁର କାନ୍ତି କୋଟିଏ ମଞ୍ଜୁଳ ତମାଳର ବର୍ଣ୍ଣବିଭାକୁ ଜିଣି ଯାଇଛି ବୋଲି ଉଲ୍ଲେଖ ରହିଛି । କବିଙ୍କ ଭାଷାରେ -

''ପଦ୍ମଯୋନି ଯାହାର ଲୀଳାରେ ହୋଇ ଭ୍ରମ
ବତ୍ସାବାଳକେହରିଣ ଲଭେ ବହୁଶ୍ରମ ।
ଗୋପରକ୍ଷା ପାଇଁ କରେ ଧରି ଗୋବର୍ଦ୍ଧନ
ଇଷିତେ ଖଣ୍ଡିଲ ସୁରବର ବହୁମାନ ।
ଅଘା ବକାକେଶୀଷଣ୍ଢାସୁରଗଣନାଶି
ନାନା ବିଳାସେ ତୋଷିଲ ଗୋପର ନିବାସୀ
ରାଧିକା ହୃଦ ଚନ୍ଦନ ଭକ୍ତ ଜନବନ୍ଧୁ

ଯୋଗୀହୃଦ ପାରାବର ଆନନ୍ଦର ଇନ୍ଦୁ ।''

(ହଂସଦୂତ :୧/୪-୫-୬-୭)

ଶ୍ରୀକୃଷ୍ଣ ଗୋପପୁର ଛାଡ଼ି ମଥୁରାକୁ ଯିବା ପରେ ରାଧାଙ୍କ ହୃଦୟ ବିରହ ବେଦନାରେ ବିଦୀର୍ଣ୍ଣ ହୋଇଯାଇଛି । ବିରହ ଜନିତ ଦାରୁଣ ଦୁଃଖର ଦହନରୁ ମୁକ୍ତ ହେବା ପାଇଁ ସଖୀମାନଙ୍କୁ ନେଇ ଦିନେ ରାଧା ଯମୁନା କୂଳକୁ ଯାଇଛନ୍ତି । ଯମୁନା କୂଳର କୁଞ୍ଜବନ ଦର୍ଶନରେ ରାଧାଙ୍କ ମନରେ ଭାବାନ୍ତର ସୃଷ୍ଟି ହେବାଫଳରେ ସେ ସଂଜ୍ଞାହୀନ ହୋଇପଡ଼ିଛନ୍ତି । ତନୁ ତାଙ୍କର ସ୍ୱେଦ ଜର୍ଜରିତ ହୋଇଛି । କେଉଁ ସଖୀ ପଦ୍ମ ପତ୍ର ଧରି ଛିଞ୍ଚି ଦେଇଛି, ଆଉ କିଏ ରାଧାଙ୍କ କାନକୁ ଫୁଙ୍କି ଦେଇଛି । କିଛି ସମୟ ପରେ ରାଧାଙ୍କ ସଂଜ୍ଞା ଫେରି ଆସିଛି । ସଖୀ ଲଳିତା ତାଙ୍କୁ ପତ୍ରର ଶେଯରେ ଶୁଆଇ ଦେଇ ପାଣି ଟିକିଏ ଆଣିବା ପାଇଁ ଯମୁନାକୁ ଯାଇଛି । ଯମୁନା ଜଳରେ ଏକ ରାଜହଂସ ଖେଳୁଥିବାର ସେ ଦେଖିଛି । ସେହି ହଂସକୁ ଶ୍ରୀକୃଷ୍ଣଙ୍କ ପାଖକୁ ଦୂତ କରି ପଠାଇବା ପାଇଁ ଗୋପୀମାନେ ସ୍ଥିର କରିଛନ୍ତି । ହଂସର ଗମନ ପାଇଁ ମାର୍ଗ ନିର୍ଦ୍ଦେଶର ବ୍ୟବସ୍ଥା ସେମାନେ କରିଛନ୍ତି । ମାର୍ଗରେ କଦମ୍ବ ବୃକ୍ଷରେ ଆଶ୍ରୟ ନେବା ପାଇଁ ସେମାନେ ହଂସକୁ କହିଛନ୍ତି କାରଣ କଦମ୍ବ ବୃକ୍ଷ ସହିତ ସେମାନଙ୍କର ଅନେକ ସ୍ମୃତି ବିଜଡ଼ିତ ଅଛି । ଗିରି ଗୋବର୍ଦ୍ଧନକୁ ଦର୍ଶନ କରିବା ପାଇଁ ଗୋପୀମାନେ ହଂସକୁ ଅନୁରୋଧ କରିଛନ୍ତି । କାଳିନ୍ଦୀ ହ୍ରଦକୁ ଦର୍ଶନ କରିବା ପାଇଁ ସେମାନେ ମଧ୍ୟ ହଂସକୁ ଅନୁରୋଧ କରିଛନ୍ତି । କୃଷ୍ଣଙ୍କ ମହିମା ଓ ଅପାର କରୁଣା ବଳରେ ମଧୁର ହୋଇଥିବା ସେହି ହ୍ରଦର ଜଳପାନ କରିବା ପାଇଁ ହଂସକୁ ଅନୁରୋଧ କରିଛନ୍ତି ଗୋପବାଳାମାନେ ।

ହଂସ ମଥୁରା ପୁରରେ ପହଞ୍ଚିଲା ପରେ କେଉଁ କେଉଁ ଦୃଶ୍ୟ ତା'ର ନୟନରେ ପଡ଼ିବ ସେ ସଂପର୍କରେ ଗୋପୀମାନେ ସୂଚନା ଦେଇଛନ୍ତି । କୁସୁମିତ ତରୁଲତା ମନ ଓ ନୟନକୁ ଆକୃଷ୍ଟ କରିବେ ଓ ପକ୍ଷୀମାନଙ୍କର କାକଳିରେ ମନରେ ଆନନ୍ଦ ଆସିବ । ଶ୍ରୀକୃଷ୍ଣ କିପରି ସ୍ଥାନରେ ରହୁଥିବେ ସେ ସମ୍ବନ୍ଧରେ ଗୋପୀମାନେ କହିଛନ୍ତି ଯେ ଶ୍ରୀକୃଷ୍ଣ ମଣିମୟ ପୁରରେ ରହୁଥିବେ । ତାଙ୍କର ମକର କୁଣ୍ଡଳ ଓ ପୀତବସନ ନୟନ ଲୋଭନୀୟ ଶୋଭା ସୃଷ୍ଟି କରୁଥିବ ଇତ୍ୟାଦି କହୁ କହୁ ଗୋପୀମାନେ ଭାବବିହ୍ୱଳ ହୋଇପଡ଼ିଛନ୍ତି । କୃଷ୍ଣ ପ୍ରେମରେ ବନ୍ଧା ଗୋପୀମାନଙ୍କ ଜୀବନ ନିବେଦିତ କୃଷ୍ଣଙ୍କ ଚରଣ ତଳେ । ମଥୁରାର ରାଜରାଣୀମାନଙ୍କୁ ନିଜଠାରୁ ଅଧିକ ଉଚ୍ଚାସନ ଦେଇଛନ୍ତି ଗୋପୀମାନେ । କବିଙ୍କ ଭାଷାରେ-

''କଳିନ୍ଦ ନନ୍ଦିନୀ ଛବି କି ଗଞ୍ଜିତ ଗୋବିନ୍ଦ ତନୁ ମନୋହର
ମକର କୁଣ୍ଡଳ ବେନି ଢଳିବାରେ ଗଣ୍ଡ ଦିଶୁଥିବ ରୁଚିର
ହଂସ ହେ, ପିନ୍ଧିଥିବେ ପୀତବସନ,
ଏସନ ପ୍ରକାରେ ଦେଖନ୍ତେ ମୁକୁନ୍ଦ, ପବିତ୍ର କରିବୁ ନୟନ''

(ହଂସଦୂତ ୩/୨୭)

ଯେତେବେଳେ ଶ୍ରୀକୃଷ୍ଣ ବନବିହାର କରୁଥିବେ ସେତେବେଳେ ଶୀତଳ ପବନ ବହୁଥିବ, କୋକିଳର ପଞ୍ଚମ ତାନରେ ବନଭୂମି ମନ୍ତ୍ର ମୁଗ୍ଧ ହେଉଥିବ । ଗୋପୀମାନଙ୍କର ନିବେଦନ ବାଣୀକୁ ସେତିକିବେଳେ ତାଙ୍କୁ ଶୁଣାଇବାକୁ ଗୋପୀମାନେ ହଂସକୁ ଅନୁରୋଧ କରିଛନ୍ତି । କପିଳା ନାମକ ବାଛୁରୀ ଯାହାକୁ ଡାଳପତ୍ର ଦେଇ ପିଲାଦିନରୁ ଗୋପୀମାନେ ପୋଷିଥିଲେ ସେ ଗର୍ଭବତୀ ହୋଇଛି ବୋଲି ଶ୍ରୀକୃଷ୍ଣଙ୍କୁ ହଂସ ହାତରେ ଲଳିତା ସମ୍ବାଦ ଦେଇଛି । ପୁନଶ୍ଚ ଯେଉଁ ମାଧବୀ ଲତାକୁ କଦମ୍ବ ବୃକ୍ଷ ମୂଳରେ ରୋପଣ କରାଯାଇଥିଲା, ତାହା କୁସୁମିତ ହୋଇଛି ଏବଂ କୃଷ୍ଣ ବିରହରେ ଅଶ୍ରୁମୋଚନ କରୁଛି ବୋଲି ଲଳିତା କହିଛି । ଲଳିତାର ଅନାବିଳ ସ୍ନେହ ଓ ଅପୂର୍ବ ସରଳତା କାବ୍ୟରେ ପରିସ୍ଫୁଟ । ରାଧାଙ୍କ ଦୁଃଖରେ ସେ ହୋଇଛି ମର୍ମାହତ । ରାଧାଙ୍କ ଆଖିରେ ଲୁହ ଦେଖି ତା' ହୃଦୟ ଫାଟି

ପଡ଼ିଛି । ଗୋପୀମାନଙ୍କ ମଧ୍ୟରେ ଶ୍ରୀରାଧାଙ୍କ ସ୍ଥାନ ସ୍ୱତନ୍ତ୍ର । ଶ୍ରୀକୃଷ୍ଣଙ୍କର ରାଧାଙ୍କଠାରେ ପ୍ରୀତି ଅଧିକ । ବହୁ ଫୁଲ ଥିଲେ ମଧ୍ୟ ଭ୍ରମରର ପ୍ରୀତି ଯେପରି ଜାଇଫୁଲରେ ଅଧିକ, ସେପରି ବହୁ ଗୋପୀ ଥିଲେ ମଧ୍ୟ ଶ୍ରୀକୃଷ୍ଣଙ୍କର ରାଧାଙ୍କଠାରେ ପ୍ରୀତି ବେଶୀ । ଭଗବାନ ଯେଉଁ ଶକ୍ତି ଦ୍ୱାରା ବିଶ୍ୱକୁ ଆନନ୍ଦ ଦିଅନ୍ତି ସେହି ହ୍ଲାଦିନୀ ଶକ୍ତିର ମୂର୍ତ୍ତିମନ୍ତ ପ୍ରତୀକ ହେଉଛନ୍ତି ଶ୍ରୀରାଧା । କୃଷ୍ଣ ବିରହିଣୀ ରାଧାଙ୍କ ଦୁଃଖରେ ମର୍ମାହତ ହୋଇ ଲଳିତା କୃଷ୍ଣଙ୍କୁ ସ୍ୱାର୍ଥପର ବୋଲି କହିବାକୁ ଯାଇ କୋଇଲିର ଉଦାହରଣ ଦେଇଛି । କୋଇଲି ତା'ର ଡିମ୍ବକୁ ନେଇ କାଉ ବସାରେ ରଖିଦିଏ । କାଉ ଜାଣି ନ ପାରି ତାକୁ ଫୁଟାଏ । ଯତ୍ନରେ ପାଳନ କରେ, ଟିକିଏ ବଡ଼ ହେଲେ କୋଇଲି କୁଆଠାରୁ ଦୂରେଇ ଯାଏ । ଲଳିତାର ଭାଷାରେ ଶ୍ରୀକୃଷ୍ଣ ହେଉଛନ୍ତି କୋଇଲି ପରି ସ୍ୱାର୍ଥପର । ଅନ୍ୟର ସ୍ନେହ ବା ମମତାର ମୂଲ୍ୟ ବୁଝିବା ପାଇଁ ତାଙ୍କ ହୃଦୟରେ ଶକ୍ତି ନାହିଁ । ବିଶେଷ କରି ରାଧାଙ୍କ ପ୍ରତି ସହାନୁଭୂତି ପ୍ରକାଶ କରି ଲଳିତା କହିଛି -

''ଆମ୍ଭ ଭିତରେ ଯେହୁ ଚୂଡ଼ାମଣି
ଯେହୁ ସେ ବୃଷଭାନୁର ଦୁଲଣୀ
ତାକୁ କରିଥିଲୁ ଶିର ଭୂଷଣ
ତାକୁ ଏବେ କଲୁ ତୁ ସାଧାରଣ
ମାଧବ, ସବୁ ନାରୀରେ ସରି
ସମାନ ହୋଇଲା ନବ କିଶୋରୀ ।''

ରାଧାଙ୍କ ନୟନରୁ ଲୁହ ଧାର ଝରିଝରି ଏକ ନଦୀରେ ପରିଣତ ହୋଇଛି । ସେହି ନଦୀର ରଙ୍ଗ ଯମୁନାର ରଙ୍ଗକୁ ଜିଣି ଯାଇଛି । ସେ ନଦୀରେ ତରଙ୍ଗ ଆସିଛି ବୋଲି ଲଳିତା ପ୍ରକାଶ କରିଛି । ଶ୍ରୀକୃଷ୍ଣ ନାହାନ୍ତି, ମାତ୍ର ଚତୁର୍ଦ୍ଦିଗରେ କେବଳ ତାଙ୍କର ମୂର୍ତ୍ତି ହିଁ ରାଧାଙ୍କୁ ଦିଶୁଅଛି । ମିଳନର ଆଶା ରାଧାଙ୍କ ମନରେ ସୃଷ୍ଟି ହୋଇଛି । ଦିନକର ସ୍ମୃତି ମନେ ପକାଇ ରାଧା କହିଛନ୍ତି ଯେ ଶ୍ରୀକୃଷ୍ଣ ତାଙ୍କୁ ଗୋଡ଼ାଇ ଧରିଲେ, କୋଳରେ ବସାଇ ଚୁମ୍ବନ ଦେଲେ । ସେ ବିବସନା ହୋଇ ପଡ଼ିବାରୁ ବୃକ୍ଷଲତାମାନେ ପୁଷ୍ପ ଛଳରେ ହସିବାକୁ ଲାଗିଲେ । ଏହି ପ୍ରସଙ୍ଗର ଉପସ୍ଥାପନାରୁ ରୀତି କବିଙ୍କର ଶୃଙ୍ଗାର ରସର ବର୍ଣ୍ଣନା ପ୍ରତି ଗଭୀର ଅନୁରକ୍ତି ଥିବା କଥା ଜଣା ପଡୁଛି ।

କବି ଧନଞ୍ଜୟ ବୈଷ୍ଣବ ଧର୍ମର ଆଦର୍ଶକୁ ସମ୍ମାନ ପ୍ରଦର୍ଶନ କରିଛନ୍ତି । ପ୍ରେମଭକ୍ତି ରସ ଧାରାରେ କାବ୍ୟ ଭୂମି ରସସିକ୍ତ ହୋଇଛି । ଶ୍ରୀରାଧାଙ୍କୁ ଏହି କାବ୍ୟରେ ଉଚ୍ଚଆସନ ଦିଆଯାଇଛି । ବୈଷ୍ଣବ ଜନମାନଙ୍କୁ ଆହ୍ୱାନ କରି କବି କହିଛନ୍ତି -

'ରାଧାକୃଷ୍ଣ ବେନି ପାଦ ଧାୟି । ନୃପ ଧନଞ୍ଜୟ ଭଞ୍ଜ କହି
ଶୁଣି ବୈଷ୍ଣବ ଜନେ ହୋଅ ସନ୍ତୋଷ ।
ପ୍ରେମଭକ୍ତି ୟେଥେ ଅଛି ରହି ହେ ସୁଜନେ ।'

କାବ୍ୟଟି ୯ଗୋଟି ଛାନ୍ଦରେ ସମାପ୍ତ ହୋଇଛି । ଆକାରରେ କ୍ଷୁଦ୍ର ହେଲେ ମଧ୍ୟ ଏହା ପାଠକର ହୃଦୟକୁ ଗଭୀର ଭାବରେ ସ୍ପର୍ଶ କରିପାରିଛି । କବିତ୍ୱର ଚରମ ପ୍ରତିଷ୍ଠା ଓ ପରମ ପରାକାଷ୍ଠା ଏଥିରେ ଉପସ୍ଥାପିତ ହୋଇଛି ।

କାବ୍ୟ ବ୍ୟତୀତ କବି ଧନଞ୍ଜୟଙ୍କର ଆଉ କେତେକ କୃତି ରହିଛି ସେଗୁଡ଼ିକ ମଧ୍ୟରେ ମଧ୍ୟ କବିଙ୍କର ସ୍ୱର୍ଶ କାତର ଚିତ୍ତର ବାର୍ତ୍ତା ଉପସ୍ଥାପିତ । କାବ୍ୟେତର ସେହି କେତେକ ସୃଷ୍ଟି ଭିତରେ କେତେକ ମଙ୍ଗଳ ଗୀତ, ଚଉପଦୀ ଓ ଚଉତିଶା ଅନ୍ତର୍ଭୁକ୍ତ ।

ମଙ୍ଗଳ ଗୀତ :

ଆନନ୍ଦ ଦାୟକ ଉତ୍ସବ ମାନଙ୍କରେ ଗାନ କରାଯାଉଥିବା ମାଙ୍ଗଳିକ ଗୀତକୁ ମଙ୍ଗଳ ଗୀତ କୁହାଯାଏ । ବିବାହ କାର୍ଯ୍ୟରେ ବିଶେଷ କରି ଏହି ଗୀତ ଗାନ କରାଯାଏ । ଓଡ଼ିଶାରେ ବିବାହର ପୂର୍ବ ଦିନଟିକୁ ମଙ୍ଗଳକୃତ୍ୟ କୁହାଯାଏ । ପୁରୋହିତ ବିବାହ ବେଦୀରେ ବସି ସଂସ୍କୃତରେ ରଚିତ ମଙ୍ଗଳାଷ୍ଟକ ଗାନ କରନ୍ତି ।

ପ୍ରାଚୀନ ବଙ୍ଗ ସାହିତ୍ୟରେ ଏହି ମଙ୍ଗଳଗାନର ପ୍ରଚଳନ ଅଧିକ ଦେଖିବାକୁ ମିଳେ । ଏଥିରେ ଗାନ ବ୍ୟତୀତ ଏକ କାହାଣୀର ପ୍ରଚଳନ ଅଛି । ଓଡ଼ିଆ ମଙ୍ଗଳ ଗୀତରେ କାହାଣୀ ନ ଥିଲେ ମଧ୍ୟ ହୃଦୟର ଆବେଗ ଓ ଭାବବିଭବ ସ୍ଥାନ ପାଇଥାଏ । ସାରଳା ମହାଭାରତରେ କେତେକ ସ୍ଥାନରେ ମଙ୍ଗଳ ଗୀତର ଉଲ୍ଲେଖ ଦେଖିବାକୁ ମିଳେ । ସପ୍ତଦଶ ଶତାବ୍ଦୀରେ ରଚିତ କାବ୍ୟରାଜି ମଧ୍ୟରୁ କେତେକ କାବ୍ୟରେ ମଙ୍ଗଳ ଗୀତ ଗାନ ସଂପର୍କରେ ଅବତାରଣା କରାଯାଇଛି । ବିବାହ ଉତ୍ସବରେ ମଙ୍ଗଳ ଗୀତର ପ୍ରଚଳନ ପ୍ରସଙ୍ଗ କାର୍ତ୍ତିକ ଦାସଙ୍କ ରୁକ୍ମିଣୀ ବିଭା କାବ୍ୟରେ ରହିଛି । ବରକନ୍ୟାଙ୍କୁ ମଙ୍ଗୁଳିବା ବେଳେ ମଙ୍ଗଳ ଗୀତର ପ୍ରଚଳନ ଥିବାର ଦେଖଯାଏ । ମଙ୍ଗଳ ଗୀତରୁ କେତେକ ମଙ୍ଗଳ କଳସା ବୃତ୍ତରେ ରଚିତ । କେତେକ ଗୀତ କେଦାର, ଚକ୍ରକେଳି, ରାମକେରୀ, ଶଙ୍କରାଭରଣ ଆଦି ବୃତ୍ତରେ ରଚିତ ହୋଇଛି । ଶ୍ରୀଜଗନ୍ନାଥଙ୍କ ବନ୍ଦନା ଓ ଶ୍ରୀକୃଷ୍ଣଙ୍କ ବନ୍ଦନା କେତେକ ଗୀତରେ ରହିଛି । ଅନୁକୂଳ କରି ଘରୁ ଗଲାବେଳେ, ମଙ୍ଗଳଗୀତ ଗାନ କରାଯାଏ । ମଙ୍ଗଳ ଗୀତ ଗାନ କଲେ ବିଘ୍ନହାନି ଘଟେ ବୋଲି ଲୋକଙ୍କର ବିଶ୍ୱାସ ରହିଛି ।

ଧନଞ୍ଜୟ ତାଙ୍କର ଏକ ମଙ୍ଗଳ ଗୀତରେ ନନ୍ଦରାଜା ଘରର ଚିତ୍ର ପ୍ରଦାନ କରିଛନ୍ତି । ନନ୍ଦରାଜାଙ୍କ ଘରେ ବିରିମୁଗ ରଗଡ଼ା ହେବାର ଚିତ୍ର ଏହି ଗୀତରେ ପ୍ରଦତ୍ତ । ସେଥିପାଇଁ ସାହି ପଡ଼ିଶାରୁ ଅହ୍ୟ ସ୍ତ୍ରୀଲୋକମାନଙ୍କୁ ଆମନ୍ତ୍ରଣ କରାଯାଇଛି । ସାତଜଣ ସ୍ତ୍ରୀଲୋକ ମିଶି ଗୋଟାମୁଗ ଚୂରିଛନ୍ତି । ବଳରାମଙ୍କର ବିବାହ ପ୍ରସଙ୍ଗ ଏଥିରେ ଉପସ୍ଥାପିତ ହୋଇଛି । ବଳରାମଙ୍କୁ ପ୍ରଣାମ ଜଣାଇ ଧନଞ୍ଜୟ ଗୀତଟିକୁ ସମାପ୍ତ କରିଛନ୍ତି ।

‘ବିରି ମୁଗ ଚୁରି, ସାରି ସେଠାରୁ ବିନଏ
ନୃପ ଧନଞ୍ଜୟ ରାମ ପାଦପଦ୍ମ ଧ୍ୟାଏ ।’

ଆଉ ଗୋଟିଏ ଗୀତରେ ରାମଚନ୍ଦ୍ରଙ୍କର ବିବାହ ପ୍ରସଙ୍ଗ ବର୍ଣ୍ଣିତ । ବିବାହ ପାଇଁ ମୁକୁଟ ଆଣିବାକୁ ବଶିଷ୍ଠ ଦଶରଥଙ୍କୁ କହିବାରୁ ଦଶରଥ ସୁମନ୍ତଙ୍କୁ ଡାକି ମୁକୁଟ ଆଣିବାକୁ ନିର୍ଦ୍ଦେଶ ଦେଇଛନ୍ତି । ସୁମନ୍ତ ଯାଇ ଦୁଇଜଣ ଅହ୍ୟ ସ୍ତ୍ରୀଲୋକଙ୍କୁ ନୂଆବସ୍ତ୍ର ପିନ୍ଧାଇଲେ । ଚିତ୍ରକାର ଘରକୁ ଯାଇ ମୁକୁଟ ବନ୍ଧାଇ ଆଣି ଆସିଲେ ।

କବିଙ୍କ ଭାଷାରେ -

‘‘ଏହା ଶୁଣି ଦଶରଥ ସୁମନ୍ତକୁ ରାଇ
ମୁକୁଟ ଅଣାଅ ବୋଲି ବେଗେ ଆଜ୍ଞାଦେଇ ।
ସୁମନ୍ତ ମନ୍ତ୍ରୀବରଯେ ତହୁଁ ଚଳିଗଲେ
ଅହ୍ୟ ବ୍ରାହ୍ମଣୀ ଦିଜଣ ବହନ ଆଣିଲେ ।
ଗାଇଲେ ମଙ୍ଗଳଗୀତ ଦେଲେ ହୁଳହୁଳୀ
ପଞ୍ଚଶର ବାଦ୍ୟନାଦେ ସିନ୍ଧୁ କି ଉଛୁଳି ।
ଗଉତମ ଋଷିସଙ୍ଗେ ବିଜୟେ କରିଲେ
ଧନଞ୍ଜୟ ଭଞ୍ଜ ଏହା ଗୀତରେ ଭଣିଲେ ।’’

ଆଉ ଏକ ମଙ୍ଗଳ ଗୀତରେ ଧନଞ୍ଜୟ ରାମଚନ୍ଦ୍ରଙ୍କର ବେଶ ହେବା କଥା ଉଲ୍ଲେଖ କରିଛନ୍ତି । ଦାସୀ ପାଟର

ଖରଡ଼ ପାରି ଦେଇଛି । ତା' ଉପରେ ରାମଚନ୍ଦ୍ର ଅବସ୍ଥାନ କରିଛନ୍ତି । ମଙ୍ଗଳ ଗୀତ ଗାନ କରାଯିବା ସଙ୍ଗେ ସଙ୍ଗେ ବାହାରେ ମଙ୍ଗଳ ମହୁରୀ ମଧ୍ୟ ବାଜି ଉଠିଛି । କୌଶଲ୍ୟା ନିଜେ ରାମଚନ୍ଦ୍ରଙ୍କୁ ବେଶ କଲାବେଳେ ଦିବ୍ୟ ଆନନ୍ଦ ଉପଲବ୍ଧ କରିଛନ୍ତି । କେଶକୁ ସଜାଡ଼ି କର୍ଣ୍ଣରେ କୁଣ୍ଡଳ ଦେଇ ମୁକୁଟ ପିନ୍ଧାଇଛନ୍ତି । ହୃଦୟରେ ନବରତ୍ନ ପଦ୍ମ ଭୁଜରେ ସ୍ୱର୍ଣ୍ଣ ନିର୍ମିତ ଏକ ଅଳଙ୍କାର ଖଞ୍ଜିଛନ୍ତି । ହାତରେ ସୁନାର ଖଡୁ ଓ ଦଶ ଆଙ୍ଗୁଳିରେ ମୁଦି ପିନ୍ଧାଇଛନ୍ତି । କବିଙ୍କ ଭାଷାରେ -

''ସେହିପରି ଆଭରଣ ଥୋଇଲେକ ଆଣି
ସୁବେଶ ହୋଇବେ ବୋଲି ରଘୁକୁଳ ମଣି ।
ପାଟର ଖରଡ଼ ଦାସୀ ପାରିଦେଲେ ଆଣି
ତହିଁ ବିଜେକଲେ ପ୍ରଭୁ ରଘୁକୁଳ ମଣି ।
ଗାଇଲେ ମଙ୍ଗଳଗୀତ ଦେଲେ ହୁଳହୁଳୀ
ବାହାରେ ବାଜଇ ଗୀତ ମଙ୍ଗଳ ମହୁରୀ
ମାତା ତାଙ୍କ କଉଶଲ୍ୟା ସୁବେଶ କରାନ୍ତି
ରାମଚନ୍ଦ୍ର ମୁଖ ଦେଖି ଆନନ୍ଦ ହୁଅନ୍ତି
ନବରସ ପଦ୍ମ ଯେ ହୃଦରେ ଖଞ୍ଜିଲେ
କନକର ବାଳଚାନ୍ଦ ଶ୍ରୀଭୁଜେବାନ୍ଧିଲେ
ସୁବର୍ଣ୍ଣର ଖଡ଼କି ଯେ ଶ୍ରୀହସ୍ତରେ ଶୋଭା
ଦଶ ଅଙ୍ଗୁଠିରେ ମୁଦି କି ଉପମା ଦେବା ।''

ଧନଞ୍ଜୟ ଭଞ୍ଜଙ୍କର ଆଉ ଏକ ମଙ୍ଗଳଗୀତରେ ସୀତାଙ୍କର ଈଶାଣ ପୂଜା ପ୍ରସଙ୍ଗ ଉପସ୍ଥାପିତ । ଶ୍ରୀଜଗନ୍ନାଥଙ୍କର ନାମ ସ୍ମରଣ କରି ଦିନେ ସୀତା ଈଶାଣରେ ଶ୍ରୀମହାପ୍ରସାଦ ଦେଇଛନ୍ତି । ସେ କର୍ପୂର, ଚୂଆ, ଚନ୍ଦନ ଦେଇଛନ୍ତି । ପିତୃ ଦେବତାଙ୍କୁ ସନ୍ତୁଷ୍ଟ କରିବା ପାଇଁ ଦହିଗୁଡ଼ ଛେନାରେ ପ୍ରସ୍ତୁତ ପଣା ସୀତା ଈଶାଣରେ ଅର୍ପଣ କରିଛନ୍ତି । ରାଧାକୃଷ୍ଣ ଚରଣରେ ପ୍ରଣାମ ଜଣାଇ କବି ଧନଞ୍ଜୟ ଗୀତଟିକୁ ସମାପ୍ତ କରିଛନ୍ତି ।

କବି କହିଛନ୍ତି -

''ଶ୍ରୀମହାପ୍ରସାଦ ସୀତା ଈଶାଣରେ ଦେଲେ
ପିତୃ ଦେବତାଙ୍କୁ ସୀତା ସନ୍ତୋଷ ଯେ କଲେ ।
କର୍ପୂର ଚୂଆ ଚନ୍ଦନ ଈଶାଣରେ ଦେଲେ,
ପିତୃ ଦେବତାଙ୍କୁ ସୀତା ସନ୍ତୋଷ କରାଇଲେ ।
ଦଧି ଗୁଡ଼ ଛେନା ପଣା ଈଶାଣରେ ଦେଇ,
ପିତୃ ଦେବତାଙ୍କ ମନ ସନ୍ତୋଷ କରାଇ ।
ରାଧା କୃଷ୍ଣ ଚରଣରେ ରହୁ ମୋର ମତି
ଗୀତରେ ଭଣିଲେ ଧନଞ୍ଜୟ ନରପତି ।''

ମଙ୍ଗଳ ଗୀତ ଗୁଡ଼ିକ ଯେ କେବଳ କଳାଲଳିତ ମାଙ୍ଗଳିକ ଗାନ, ଏପରି ନୁହେଁ, ଏହା ମଧ୍ୟ ତତ୍କାଳୀନ ସାମାଜିକ ଜୀବନର ଆଚାର ବ୍ୟବହାରର ଏକ ଏକ ଦର୍ପଣ । ଆନନ୍ଦ ଦାନ ଓ ଜୀବନ ଚର୍ଯ୍ୟା ଉଭୟ ଆଭିମୁଖ୍ୟ ଥିବାରୁ ମଙ୍ଗଳ ଗୀତକୁ ଏକ ଉଚ୍ଚମାନର ଲିପିଶିଳ୍ପ ଭାବରେ ଗ୍ରହଣ କରାଯାଇପାରେ ।

ଚଉପଦୀ :

ଚଉପଦୀ ପ୍ରାଚୀନ ଓ ମଧ୍ୟଯୁଗୀୟ ସାହିତ୍ୟର ଏକ ବିଶିଷ୍ଟ ବିଭବ । ଏଥିରେ କବିଚିତ୍ତର ସ୍ୱର୍ଶକାତରତା ନିରାଡ଼ମ୍ବର ଭାବରେ ଉପସ୍ଥାପିତ ହୋଇଥାଏ । ଏହା ସାଧାରଣତଃ ଚାରିପଦ ବିଶିଷ୍ଟ ଏକ ଏକ ଲଳିତ ସଂଗୀତ । ଭାଷାକୋଷ ଅନୁସାରେ ଚଉପଦୀର ଅର୍ଥ ହେଉଛି ଚାରି ଓ କ୍ୱଚିତ ତତୋଽଧିକ ପଦ ବିଶିଷ୍ଟ ସଂଗୀତ ବା କବିତା ।

ପଞ୍ଚଦଶ ଶତାବ୍ଦୀ ପୂର୍ବରୁ ଚଉପଦୀ ରଚନାରେ ବିଶେଷ କିଛି ପ୍ରମାଣ ମିଳୁ ନାହିଁ । ଷୋଡ଼ଶ ଶତାବ୍ଦୀରୁ ଗୀତ ଅର୍ଥରେ ଚଉପଦୀର ବ୍ୟବହାର ଦେଖାଯାଏ । ଜଗନ୍ନାଥ ଦାସଙ୍କର ଚାରିଗୋଟି ଗୀତ ଥିବା ରଚନାକୁ 'ଚାରି ଚଉପଦୀ' ନାମରେ ନାମିତ କରାଯାଇଛି । ପଞ୍ଚସଖା ଯୁଗପରେ ଓଡ଼ିଆ ସାହିତ୍ୟରେ ରୀତି ଯୁଗରେ ବହୁ ଚଉପଦୀ ରଚିତ ହୋଇଛି । ବୈଷ୍ଣବ ଧର୍ମର ପ୍ରଚାର ଓ ପ୍ରସାର ଏହି ସମୟରେ ଅଧିକ ଭାବରେ ସଂଗଠିତ ହୋଇଥିବାରୁ ରାଧାମାଧବ ଲୀଳାବିଳାସର ମଧୁର ରସରେ ବହୁ ଚଉପଦୀ ରସସିକ୍ତ ହୋଇଛି । ବିଂଶ ଶତାବ୍ଦୀ ପର୍ଯ୍ୟନ୍ତ ଚଉପଦୀ ରଚନାରେ ଏହି ପରମ୍ପରା ଓ ପରିବେଶ ଅବ୍ୟାହତ ରହିଛି । କେଉଁଠାରେ କୃଷ୍ଣଙ୍କର ବିରହ ବେଦନାସିକ୍ତ ଅବସ୍ଥା ରୂପାୟିତ ତ ଆଉ କେଉଁଠାରେ ରାଧାଙ୍କର ବିରହ ବେଦନା ଜର୍ଜରିତ ପରିବେଶ ଚିତ୍ରିତ । ରାଧା କେତେବେଳେ ଶ୍ୟାମ ମନମୋହିନୀ ଅଭିସାରିକା ରୂପରେ ପରିଦୃଷ୍ଟ, ପୁଣି କେତେବେଳେ ମାନିନୀ ରୂପରେ ଚିତ୍ରିତ ।

ମିଳନର ମଧୁରିମା ଅପେକ୍ଷା ବିରହର ମ୍ଳାନିମା ଚଉପଦୀ ଗୁଡ଼ିକରେ ଅଧିକ ଦେଖାଯାଏ ।

ଅଧିକାଂଶ ଚଉପଦୀରେ ବିପ୍ରଲମ୍ଭ ଶୃଙ୍ଗାରର ଚିତ୍ର ପ୍ରକଟିତ । ଏଥିରେ ସାଧାରଣତଃ ପୂର୍ବରାଗ, ମାନ, ପ୍ରବାସ ଓ କରୁଣଭାବ ଚିତ୍ରିତ । ରାଧାକୃଷ୍ଣ ପ୍ରୀତି ମୂଳକ ଚଉପଦୀରେ ସଖୀର ଭୂମିକା ଅତ୍ୟନ୍ତ ଆକର୍ଷଣୀୟ । ରାଧାକୃଷ୍ଣ ଲୀଳା ବ୍ୟତୀତ କାଳ୍ପନିକ ନାୟକ ନାୟିକାଙ୍କର ପ୍ରୀତିସ୍ନିଗ୍ଧ ସ୍ମୃତି ଚିତ୍ରକୁ ଭିତ୍ତିକରି ବହୁ ଚଉପଦୀ ରଚିତ । ନାୟକ ଓ ନାୟିକାଙ୍କର ପରସ୍ପରର ଅପ୍ରାପ୍ତି ଜନିତ ଦାରୁଣ ଦୁଃଖ ଯନ୍ତ୍ରଣାର ଅକପଟ ଚିତ୍ର ବହୁ ଚଉପଦୀରେ ଚିତ୍ରିତ ହୋଇଛି ।

ଚଉପଦୀର ଲୋକପ୍ରିୟତାର ଆଉ ଏକ କାରଣ ହେଉଛି ତା'ର ସଂଗୀତମୟତା । ଛନ୍ଦମାଧୁର୍ଯ୍ୟ ଓ ଗାନମୟତାର ଐଶ୍ୱର୍ଯ୍ୟରେ ଚଉପଦୀଗୁଡ଼ିକ ଦୀପ୍ତିମୟ ହୋଇ ପାଠକ ପ୍ରାଣରେ ସୀମାହୀନ ଆକର୍ଷଣ ସୃଷ୍ଟି କରିଥାନ୍ତି ।

ରାଜକବି ଧନଞ୍ଜୟ ଭଞ୍ଜ ଚଉପଦୀ ରଚନାରେ ସିଦ୍ଧହସ୍ତତା ଅର୍ଜନ କରିଛନ୍ତି । ତାଙ୍କ କବିତ୍ୱର ବିମଳ ବିଭାରେ ବିମଣ୍ଡିତ ହୋଇ ପ୍ରତ୍ୟେକଟି ଚଉପଦୀ ଆକର୍ଷଣୀୟ ହୋଇଛି । ସ୍ୱରଚିତ ଚଉପଦୀକୁ ଏକତ୍ରିତ କରି ସେହି ଚଉପଦୀଗୁଡ଼ିକୁ ଚଉପଦୀଭୂଷଣ ନାମରେ ସେ ନାମିତ କରିଛନ୍ତି ।

ଚଉପଦୀ ଭୂଷଣ :

ଏହା କବିଙ୍କର ଏକ ଅମ୍ଳାନ କୃତି । ଏଥିରେ ଚଉତିରିଶ ଗୋଟି ଚଉପଦୀ ରହିଛି । 'କ'ଠାରୁ 'କ୍ଷ' ପର୍ଯ୍ୟନ୍ତ ପ୍ରତ୍ୟେକ ବର୍ଣ୍ଣକୁ ଆଦ୍ୟରେ ରଖି ଗୋଟିଏ ଗୋଟିଏ ଚଉପଦୀ ରଚିତ ହୋଇଛି । ପ୍ରାୟ ପ୍ରତ୍ୟେକ ଚଉପଦୀରେ ସେହି ବିପ୍ରଲମ୍ଭ ଶୃଙ୍ଗାର ରସର ଚର୍ଚ୍ଚା ଦେଖିବାକୁ ମିଳେ । ନାୟକର ବିଗତ ଦିନର ସମ୍ଭୋଗ ଜନିତ ସୁଖସ୍ମୃତିର ସ୍ମରଣ ହୋଇଛି ଚଉପଦୀମାନଙ୍କର କଥାବସ୍ତୁ । ନାୟକଠାରୁ ତା'ର ପ୍ରାଣପ୍ରିୟା ବହୁଦୂରରେ କୌଣସି କାରଣରୁ ରହିଯାଇଛି । ବିରହର ହିମଶୀତଳ ପରିବେଶ ନାୟକକୁ ଅସ୍ଥିର ତଥା ବିବ୍ରତ କରିଦେଇଛି । ହୃଦୟରେ ତା'ର ଦାରୁଣ ଆଘାତ ଲାଗିଛି । ମନେପଡ଼ିଛି ସେଦିନର କଥା, ଯେଉଁଦିନ କୋଇଲିର ସ୍ୱର ଶୁଣି କାମାତୁରା ହୋଇ ନାୟିକା ଆଲିଙ୍ଗନ କରିଥିଲା ନାୟକକୁ । ବିଗତ ଦିନର ଚିତ୍ର ଚର୍ଚ୍ଚିତ ରଜନୀରେ କାମକେଳିର ମଧୁର ସ୍ମୃତି ଆଉ କେଉଁ ଚଉପଦୀରେ ଉପସ୍ଥାପିତ ହୋଇଛି ।

ସମ୍ଭୋଗ ଶୃଙ୍ଗାରର ଭିନ୍ନ ଭିନ୍ନ ଅବସ୍ଥାର ଚିତ୍ରଣ ଅବକାଶରେ ଚୁମ୍ବନ, ଆଲିଙ୍ଗନ ନଖକ୍ଷତ ପ୍ରସଙ୍ଗ କେତେକ ଚଉପଦୀରେ ଉପସ୍ଥାପିତ । 'ଚ' ଗୀତରେ ଚନ୍ଦ୍ରଚାଳନା ଏବଂ ଦୁଇଜନୁ ମିଶି ଏକ ହୋଇଯିବା କଥା ଉଲ୍ଲେଖ କରାଯାଇଛି । ରୀତିକାବ୍ୟର ନାୟକ ସର୍ବଦା ନାୟିକାର ସେବକ ହେବାକୁ ଇଚ୍ଛା କରିଥାଏ । ଆଲୋଚ୍ୟ ଚଉପଦୀମାନଙ୍କରେ ନାୟକ ମଧ୍ୟ ନାୟିକାର ପାଦତଳ କିଣାକିଙ୍କର ହେବାକୁ ଇଚ୍ଛା କରିଛି । ନାୟିକାକୁ ଆରାଧ୍ୟ ଠାକୁର ଭାବରେ ପରିକଳ୍ପନା କରିବାକୁ ନାୟକ ପଶ୍ଚାତପଦ ହୋଇନାହିଁ । ଧନଞ୍ଜୟଙ୍କ ଚଉପଦୀରେ ବିରହର ସ୍ୱରୂପ ଅତ୍ୟନ୍ତ ହୃଦୟସ୍ପର୍ଶୀ । ଅବଶ୍ୟ ଚଉପଦୀ ଗୁଡ଼ିକର କଥାବସ୍ତୁରେ ନୂତନତ୍ୱ ବା ଚମତ୍କାରିତା ବିଶେଷ କିଛି ନାହିଁ । ଅନୁପମ ସାଂଗୀତିକତାର ମୋହନ ବିଳାସ ପାଠକ ଓ ଶ୍ରୋତାମାନଙ୍କୁ ମନ୍ତ୍ର ମୁଗ୍ଧ କରେ । ଯମକ ଓ ଅନୁପ୍ରାସ ଅଳଙ୍କାରର ବ୍ୟବହାର କେତେକ ଚଉପଦୀରେ ଦେଖାଯାଏ । 'ସ' ଗୀତରେ ଏହାର ଉଜ୍ଜ୍ୱଳ ଦୃଷ୍ଟାନ୍ତ ମିଳେ ।

''ସୁଧା ହାସିରେ ! ସାରସବରଗମନୀ
ସଧୀରେ ସଧୀରେ ପୟରେ ନୂପୁର
କରୁଥାଇ ମଞ୍ଜୁଧ୍ୱନି ।''

'ର' ଗୀତରେ ମଧ୍ୟ ଏପରି ଆଳଙ୍କାରିକ ଛଟା ପରିଦୃଷ୍ଟ ହୁଏ ।

''ରହି ରହି ଚୁମ୍ବ ଦେବାର କେସନ ପାରିବି ମୁରୁଛି
ରହ ରହ ବୋଲି ଆଲିଙ୍ଗନ ଦେଉ ସେହି ସିନା ମନେ ରହିଛି ।
ରସବଶେ ବଶ କରିଣ ମୋ ମନ ନେଉଛି ହରିଣ
ରଣ ରଣଙ୍କ ମୁଖେମତେ ପକାଇ ହୋଇଲୁ ତ ଅତିଦାରୁଣ ।''

ନାୟକର ଆତ୍ମଚିନ୍ତନ ବହୁ ଚଉପଦୀରେ ରହିଛି । କେତେକ ଚଉପଦୀରେ ସେ ନାୟିକାର ମର୍ମବେଦନାକୁ ଉପଲବ୍ଧି କରି ପ୍ରକାଶ କରିଛି ।

କବିଙ୍କ ଭାଷାରେ -

''ଆରେ ରମଣୀମଣି ତୋ କେଳିପୁର
ଏବେ ଯେ ହୋଇଥିବ କାରା ଆକାର,
ଅନ ବରତେ ତେଜୁଥିବୁ ଲୋତକ
ଅଙ୍ଗ ଯେ ଦହୁଥିବ ଫୁଲ ଶାୟକ ।''

'ଥ'ଗୀତରେ ନାୟକ ଦୁଃଖ କରିଛି ନାୟିକା ପାଇଁ

''ଥିବୁ ହର୍ମ୍ୟପୁରେ ଏକା ହୋଇ
ଥରୁଥିବୁ କାମେ ଚାନ୍ଦ ମୁହିଁ
ଥୋଇଥିଲା ବିହି ଅନେକ ଅବସ୍ଥା
ପ୍ରାଣବନ୍ଧୁ ତୋହ ପାଇଁ ।।''

ନାୟିକାକୁ ହୃଦୟ ସିଂହାସନରେ ରାଜରାଣୀର ଆସନ ଦେଇ ନାୟକ ଭିନ୍ନ ଭିନ୍ନ ପ୍ରକାରେ ତାକୁ ସମ୍ବୋଧନ କରିଛି । ନାୟିକାକୁ କୁରଙ୍ଗୀ ନୟନୀ, କୃଶୋଦରୀ, ଗଜଗମନୀ, ଘନଜଘନୀ, ଚନ୍ଦ୍ରମୁଖୀ, ଝଟକ ହାସିନୀ, ଡାଳିମ୍ବଦଶନୀ, ଧରଣୀ ମଣ୍ଡନା, ଧୀର ଗମନା, ନଳିନନେତ୍ରୀ, ବିମ୍ବାଧରୀ, ବିଧୁମୁଖୀ, ମହୀମଣ୍ଡନା, ସୁଧାହାସୀ, ସାରସବରଗମନୀ ଇତ୍ୟାଦି ନାମରେ ସମ୍ବୋଧନ କରି ନାୟକ ଆତ୍ମଶାନ୍ତି ଲାଭ କରିଛି ।

କେତେକ ଚଉପଦୀର ଶେଷରେ ବିଭୁ ନାମର ଉଲ୍ଲେଖ ନାହିଁ । ଆଉ କେତେକ ଚଉପଦୀରେ ଶେଷରେ କବି ବିଭୁନାମ ସ୍ମରଣ କରିଛନ୍ତି । ବିଭୁନାମ ମଧ୍ୟରେ ବିଶ୍ୱନାଥ, ପଞ୍ଚାନନ, ଯଦୁନନ୍ଦନ ଶ୍ରୀକୃଷ୍ଣ, ଶ୍ରୀଜଗନ୍ନାଥ, ବ୍ରହ୍ମା, ବିଷ୍ଣୁ, ରାମଚନ୍ଦ୍ର ଓ ଶିବଙ୍କ ନାମ କବି ଉଲ୍ଲେଖ କରିଛନ୍ତି ।

ଗାନମୟତା ହେଉଛି ଚଉପଦୀର ଅନ୍ୟତମ ଆକର୍ଷଣୀୟ ବିଭବ । ପ୍ରତ୍ୟେକ ଚଉପଦୀ ଉଭୟ ପାଠ୍ୟ ତଥା ଗୀତ ହେବାପାଇ ଉଦ୍ଦିଷ୍ଟ । ଚଉପଦୀ ଭୂଷଣରେ କବି ଧନଞ୍ଜୟ ଭଞ୍ଜ ଚିନ୍ତାସିନ୍ଧୁଡ଼ା, ଆହାରୀ, କାଫି, ଆଶାବରୀ, କେଦାର କାମୋଦୀ, ଭାଟିଆରି, ବଙ୍ଗଳାଶ୍ରୀ, ବରାଡ଼ି, କାମୋଦୀ, କରୁଣାଶ୍ରୀ, ଶଙ୍କରାଭରଣ, କେଦାରଗଉଡ଼ା ମଙ୍ଗଳ ଧନାଶ୍ରୀ, ଆଦି ରାଗ ରାଗିଣୀର ବ୍ୟବହାର କରିଛନ୍ତି ।

ସ୍ୱକୀୟା ପ୍ରୀତିର ନିର୍ମଳ ନିଷ୍ଠା ଓ ପରମ ପ୍ରତିଷ୍ଠା ଚଉପଦୀ ଗୁଡ଼ିକରେ ପରିଦୃଷ୍ଟ ହୁଏ । ନାୟକ ଏଥିରେ ଅନୁକୂଳ ନାୟକ । ସେ ଅନ୍ୟ କୌଣସି ନାୟିକା ପ୍ରତି ଆକୃଷ୍ଟ ନ ହୋଇ ନିଜର ନାୟିକାକୁ ଲାଭ କରିବା ପାଇଁ ବ୍ୟାକୁଳ ହୋଇଛି । ଭାରତୀୟ ସଂସ୍କୃତିରେ ଦାମ୍ପତ୍ୟ ପ୍ରେମର ପବିତ୍ରତାର ପଟାନ୍ତର ନାହିଁ । ସ୍ୱର୍ଗପ୍ରାପ୍ତି ନିମନ୍ତେ ବଳିଷ୍ଠ ଚେତନାର ବିମଳ ବିକାଶର ମାଧ୍ୟମ ଭାବରେ ଏହାର ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ । ଏହି ଦୃଷ୍ଟିକୋଣରୁ ବିଚାର କଲେ ଧନଞ୍ଜୟଙ୍କ ଚଉପଦୀ ଭୂଷଣର ପ୍ରତ୍ୟେକଟି ଚଉପଦୀ ସାମାଜିକ ଜୀବନର ବିକାଶ ଓ ଭାରତୀୟ ସଂସ୍କୃତିର ନିରାଜନା କରି ଗୌରବର ଉଚ୍ଚତମ ସୋପାନରେ ଅଧିଷ୍ଠିତ ହୋଇଛି । ଶୃଙ୍ଗାରରସର ବିଚାର ଓ ବିଶ୍ଳେଷଣ ଥିଲେ ମଧ୍ୟ ସମାଜକୁ ଉଦ୍‌ଭ୍ରାନ୍ତ କରିବାର କୌଣସି ପ୍ରୟାସ ଏଥିରେ ନାହିଁ । ଆଦିରସର ଅଭିବ୍ୟକ୍ତିରେ କବି ଟିକିଏ ମୁକ୍ତକଣ୍ଠ ହେଲେ ହେଁ ଏଥିରେ ଥିବା ପ୍ରୀତିର ପରାକାଷ୍ଠା ଅନୁଭବ୍ୟ । ପ୍ରୀତି ହେଉଛି ଜୀବନର ମୂଳମନ୍ତ୍ର, ଜୀବନର ମୂଲ୍ୟବାନତତ୍ତ୍ୱ । ଯେଉଁ ହୃଦୟରେ ପ୍ରୀତି ନାହିଁ, ସେ ହୃଦୟ ମରୁଭୂମି ପରି ଶୁଷ୍କ । ଜୀବନକୁ ପ୍ରକୃତ ଅର୍ଥରେ ସାର୍ଥକ କରିବା ପାଇଁ ପ୍ରୀତିର ଆବଶ୍ୟକତା ଅପରିହାର୍ଯ୍ୟ । ଏହି ଦିଗରୁ ବିଚାର କଲେ 'ଚଉପଦୀଭୂଷଣ' ଗୀତିଗୁଚ୍ଛଟି ପ୍ରୀତିମୟତାର ସୁବର୍ଣ୍ଣସ୍ତମ୍ଭ ଭାବରେ ବିବେଚିତ । କବି ଏଥିରେ ଧାର୍ମିକ ପରିବେଶ ସୃଷ୍ଟି ନ କରି ମାର୍ମିକ ପରିବେଶ ସୃଷ୍ଟି କରିଛନ୍ତି । କଥାବସ୍ତୁ ଯେପରି ରସସିକ୍ତ ଭାଷା ସେପରି ଆକର୍ଷଣୀୟ ବହୁ ତତ୍ସମଶବ୍ଦର ବ୍ୟବହାର ରହିଛି । ଅପେକ୍ଷାକୃତ କ୍ଲିଷ୍ଟ ଶବ୍ଦର ବ୍ୟବହାର ଯୋଗୁଁ କେତେକ ସ୍ଥଳରେ ଭାଷାଗତ ଗମ୍ଭୀରତା ସୁରକ୍ଷିତ । 'କ୍ଷ' ଗୀତରେ ଲୌକିକ ଭାଷାରେ 'ଛ' ଧ୍ୱନି ଶବ୍ଦ ବ୍ୟବହୃତ ହୋଇଛି । ଅତଏବ ଏକଥା ସ୍ୱୀକାର୍ଯ୍ୟ ଯେ ଭାବ, ଭାଷା ଓ ସଂଗୀତମୟତାର ଅପୂର୍ବ ମିଳନରେ ଏହି ଗୀତିଗୁଚ୍ଛ ଅତ୍ୟନ୍ତ ଲୋକପ୍ରିୟ ଓ ପ୍ରଭାବଶାଳୀ ହୋଇଛି । ଏହା ଏତେ ପ୍ରଭାବଶାଳୀ ହୋଇଛି ଯେ ପରବର୍ତ୍ତୀ କାଳରେ ଉପେନ୍ଦ୍ରଭଞ୍ଜ, ଦୀନବନ୍ଧୁ ରାଜହରିଚନ୍ଦନ ଓ କବିସୂର୍ଯ୍ୟ ବଳଦେବ ରଥ ପ୍ରଭୃତି କବିଙ୍କୁ ଏତାଦୃଶ କବିତା ରଚନା କରିବାକୁ ଏହା ଅନୁପ୍ରାଣିତ କରିଛି ।

ଏହା ବ୍ୟତୀତ ଧନଞ୍ଜୟ ଭଞ୍ଜଙ୍କର କେତେକ ଚଉପଦୀ ରହିଛି । ସେଗୁଡ଼ିକ ଏ ପର୍ଯ୍ୟନ୍ତ ପ୍ରାୟତଃ ଅପ୍ରକାଶିତ ଅବସ୍ଥାରେ ରହିଛି । କଥାବସ୍ତୁ ଦୃଷ୍ଟିରୁ ସେଗୁଡ଼ିକୁ ମାନବିକ ପ୍ରୀତିମୂଳକ ଓ ରାଧାକୃଷ୍ଣ ଲୀଳାମୂଳକ ଏହିପରି ଦୁଇ ଭାଗରେ ବିଭକ୍ତ କରାଯାଇପାରେ । ପ୍ରାୟ ପ୍ରତ୍ୟେକ ଚଉପଦୀରେ ବିରହୀ ନାୟକ ବା ବିରହିଣୀ ନାୟିକାଙ୍କର ମର୍ମବାଣୀ ଉପସ୍ଥାପିତ । ମାନବିକ ପ୍ରୀତିମୂଳକ ଚଉପଦୀଗୁଡ଼ିକର ନାୟକ ଓ ନାୟିକାଙ୍କର ନାମ ଉଲ୍ଲେଖ କରାଯାଇ ନାହିଁ । ସେମାନଙ୍କର ବିରହବ୍ୟଥିତ ହୃଦୟର ବ୍ୟାକୁଳତା ଏଥିରେ ସ୍ପଷ୍ଟ ଭାବରେ ରୂପାୟିତ ହୋଇଛି । 'ନାଥର ହୃଦୟ ମୋର ପଥର ହେଲା ଗୋ' ଶୀର୍ଷକ ଚଉପଦୀରେ ନାୟିକାର ମର୍ମବେଦନା ରୂପାୟିତ ହୋଇଛି । ଆଉ କାହା କଥାରେ ପଡ଼ି ନାୟକ ତାକୁ ଭୁଲି ଯାଇଛି ବୋଲି କହିବାକୁ ଯାଇ ସେ କହିଛି -

''ନାହାର ବିଚ୍ଛେଦ ଦେଖି ଆହାର ନରୁଚେ ସଖି
କାହାର ବଚନେ ମତେ ବାହାର କଲା ଗୋ ।''

''କ୍ଷତ୍ରି କୁଳ ଶିରୋମଣି ଧନଞ୍ଜୟ ଭଞ୍ଜ ଭଣି
ତାଙ୍କ ସେବା ସେବି ମୋର ବିଫଳ ହେଲା ଗୋ ।''

କବିଙ୍କର 'ମଧୁରତେ କାନ୍ତ ବିଦେଶ ଗଲା' ଶୀର୍ଷକ ଅନ୍ୟ ଏକ ଚଉପଦୀରେ ବାସନ୍ତୀ ପରିବେଶର ନିର୍ମଳ ଚିତ୍ର ଅଙ୍କିତ । ନାୟକ ବିଦେଶରେ ରହୁଥିବାରୁ ବିରହିଣୀ ନାୟିକାର ପ୍ରାଣରେ ସୀମାହୀନ ବ୍ୟଥା ସୃଷ୍ଟି ହୋଇଛି । ସେ ପ୍ରବାସୀ ନାୟକ ଉପରେ ଅଭିମାନ କରିଛି । ନାୟକ ରହୁଥିବା ଦେଶରେ ବସନ୍ତର ପ୍ରଭାବ ଅଛି କି ନାହିଁ ବୋଲି ସନ୍ଦେହ ପ୍ରକାଶ କରିଛି ନାୟିକା । ସେ ଦେଶରେ କ'ଣ କୋଇଲିର ଲଳିତ ସଂଗୀତ ଶୁଭେ ନାହିଁ, ଫୁଟା ଫୁଲକୁ କ'ଣ ଭ୍ରମର ଚୁମ୍ବନ କରେ ନାହିଁ ଇତ୍ୟାଦି ପ୍ରଶ୍ନ ସବୁ ତା' ମନକୁ ଆସିଛି । ପୁଣି ସେ ଭାବିଛି ଯେ ସମ୍ଭବତଃ ଶିବ ସେ ଦେଶର ଅଧୀଶ୍ୱର ହୋଇଥିବାରୁ ମଦନ ତାଙ୍କ ଡରରେ ସେ ଦେଶକୁ ପ୍ରବେଶ କରିପାରୁ ନାହିଁ । ପରିକଳ୍ପନାରେ ଚମତ୍କାରିତା ଏହି ଚଉପଦୀଟିରେ ଲକ୍ଷ୍ୟଣୀୟ । କବି କହିଛନ୍ତି -

କାନ୍ତ ଦେଶରେ କି ବସନ୍ତ ନାହିଁ
କିବା ବନପ୍ରିୟ ନରାବେ ତହିଁ ।୩।
ତହିଁ କିବା ମୂକ ମଧୁପମାଳି
ବିକଚ କୁସୁମେ ନକରେ କେଳି ।୪।
କିବା ତହିଁ ନାହିଁ ଶଶିକିରଣ
ତହିଁ କି ନାହାନ୍ତି ବିରହୀଜନ ।୫।
ହର ଅଛନ୍ତିକି ସେହୁ ଦେଶରେ
ଅନଙ୍ଗ ନ ଯାଇ ମରିବା ଡରେ ।୬।
କିବା ତହିଁ ନୋହେ ରାତ୍ରଦିବସ
ନୃପଧନଞ୍ଜୟ ଭଣେ ଏ ରସ ।୭।

'ନୀରଜ ମୁଖୀ ମୁଖେ ଗନ୍ଧ ତିଳକ' ଶୀର୍ଷକ ଅନ୍ୟ ଏକ ଚଉପଦୀରେ ନାୟିକା ପରି ପ୍ରବାସୀ ନାୟକ ମଧ୍ୟ ବିରହ ଜନିତ ଯନ୍ତ୍ରଣାରେ ଜର୍ଜରିତ ହୋଇ ପ୍ରାଣପ୍ରିୟାର ପ୍ରୀତିସ୍ନିଗ୍ଧ ସ୍ମୃତିକୁ ସ୍ମରଣ କରିଛି । ଜୀବନ ବେଦରୁ କିଏ ଯେମିତି ଲିଭାଇ ଦେଇଛି ଆଶାର ଗାୟତ୍ରୀ ମନ୍ତ୍ର । ସ୍ମୃତିପଟରେ ଉଦ୍‌ଭାସିତ ହୋଇ ଉଠିଛି ନାୟିକାର ପଦ୍ମ ମୁଖର ମଧୁରିମା ଓ ନାସାମଣ୍ଡନୀ ମୋତିର ସୁଷମା । ଏହି ଚଉପଦୀରେ ନାୟିକାର କାରୁଣ୍ୟସିକ୍ତ ମନ ଓ ଲୋତକ ପୂର୍ଣ୍ଣ ନୟନ ନାୟକର ସ୍ମୃତିପଟରେ ମୂର୍ତ୍ତିମନ୍ତ ହୋଇ ଉଠିଛି । ଦାରୁଣ ଦୁଃଖରେ ମର୍ମାହତ ହୋଇ ସେ କହିଛି -

''ଏବେ କି କରୁଥିବ ଚନ୍ଦ୍ରବଦନୀ
ମୋ ଗୁଣ ଗୁଣି କଷ୍ଟେ ନେବ ରଜନୀ
ଲୋତକେ କରିଥିବ ପୂର୍ଣ୍ଣ ନୟନ
ବିଲୀନ ହୋଇଥିବ ଶଯ୍ୟା ଅଙ୍କେଣ ।''

'ମୋର ଜୀବନଧନ ପରାଣମଣି' ଶୀର୍ଷକ ଅନ୍ୟ ଏକ ଚଉପଦୀରେ ବିରହୀ ନାୟକ ନିଜ କଥା ଚିନ୍ତାକରିବା ସଙ୍ଗେ ସଙ୍ଗେ ନାୟିକାର ଦୁର୍ଦ୍ଦଶା କଥା ମଧ୍ୟ ଚିନ୍ତା କରିଛି । ମନ ଦର୍ପଣରେ ସେ ତା'ର ନାୟିକାର ବିଷାଦବ୍ୟଥିତ ମଳିନ ମୁଖକୁ ଦେଖି ପାରିଛି । ବ୍ୟାକୁଳ ହୋଇ ବିରହୀ ନାୟକ କହିଛି -

''ବିଧୁ ମୁଖ ଦିଶୁଥିବ ବିରସ

ନଥିବ ମୁଖେ ତୋ ମଧୁର ହାସ
ଆରେ ଜୀବନଧନି !
ଗରୁ ମଣୁଥିବୁ ଝିନ ପତନୀରେ ।''

'ଦେଖି ନବଘନ ଚିନ୍ତି ପ୍ରିୟା ଗୁଣମାନ' ଶୀର୍ଷକ ଅନ୍ୟ ଏକ ଚଉପଦୀରେ ବିରହୀ ନାୟକର ଅନୁଚିନ୍ତା ଉପସ୍ଥାପିତ ହୋଇଛି । ବର୍ଷାକାଳୀନ ପରିବେଶ ମନରେ ତା'ର ଭାବାନ୍ତର ସୃଷ୍ଟି କରିଛି । ବିଗତ ଦିନର ସମ୍ଭୋଗ କାଳୀନ ଚିତ୍ର ନାୟକର ମାନସପଟରେ ଜୀବନ୍ତ ହୋଇଉଠିଛି । ନାୟିକାର ନୂପୁର ଧ୍ୱନି, ଝୁଣ୍ଟିଆ ଶବ୍ଦ ଆଉ ନ ଶୁଣିବାରୁ ନିଜର ଜୀବନ ଅସାର୍ଥକ ହୋଇଛି ବୋଲି ନାୟକ ବିଚାର କରିଛି ।

''ଝମକେଝୁଣ୍ଟିଆ, କାମନୃପର ଖୁଣ୍ଟିଆ
ନଶୁଣି କର୍ଣ୍ଣ ମୋ ବିଫଳ ଫାଟୁଅଛି ହିଆ
କାମୁକରତନ, ତେଜେ ତନୁର ଯତନ
ନୃପଧନଞ୍ଜୟ ଭଣେ ପ୍ରିୟାଚିନ୍ତି ହୋଇଲା ବିମନ ।''

କବିଙ୍କର 'କି କରୁଥିବ ସେ ଚନ୍ଦ୍ରବଦନୀ' ଶୀର୍ଷକ ଚଉପଦୀରେ ବିରହ କାତର ନାୟକ ପବନ ହାତରେ ନାୟିକା ପାଖକୁ ହୃଦୟର ବାର୍ତ୍ତା ପ୍ରେରଣ କରିଛି । ପବନ ଯେ ତା'ର ସମ୍ବାଦ ନେଇ ପ୍ରିୟାପାଖରେ ପହଞ୍ଚାଇ ଦେବ ଏଇ ବିଶ୍ୱାସ ନେଇ ପବନକୁ ସେ ଦୂତ ରୂପରେ ପ୍ରେରଣ କରିଛି । ପ୍ରିୟାବିନା କୋଇଲିର କୁହୁଗୀତ ତାକୁ ବିଷପରି ଲାଗିଛି । ଭୋଜନ ତାକୁ ବିଷ ପରି ଲାଗିଛି, ରାତି ଭାବି ଭାବି ସରୁନାହିଁ ଇତ୍ୟାଦି କଥା ନାୟକ ଏହି ଚଉପଦୀରେ କହିଛି । ନାୟକ କହିଛି ।

''କୋଇଲି ମଧୁପ ମଧୁର ବାଣୀ
ତା' ବିନୁ ଏହେଲା ଏବେ ଅଶନି
ଏବେ ନିଶି ମୋର ନସରଇ
ତା'ମୁଖ ପଦ୍ମ ବସି ଧ୍ୟାଇ ଧ୍ୟାଇ ।''
''ପ୍ରିୟାଦୁଃଖେ ଦୁଃଖୀ ବରପୁରୁଷ
କହେ ମରୁତେ ବିଦେଶେ ସନ୍ଦେଶ
ନୃପଧନଞ୍ଜୟ ଏରସେ ଭଣେ
ଚିତ୍ତ ନୀଳାଚଳ ପତି ଚରଣେ ।''

ଏହି ନାୟକ ସ୍ୱକୀୟ ତଥା ଅନୁକୂଳ ନାୟକର ଭୂମିକାରେ ଅବତୀର୍ଣ୍ଣ । ଚାତକ ଯେପରି କେବଳ ବର୍ଷା ଜଳ ପ୍ରତି ଆକୃଷ୍ଟ ହୁଏ ସେପରି ଏହି ନାୟକ କେବଳ ନିଜ ନାୟିକା ପ୍ରତି ଆକୃଷ୍ଟ ହୋଇଛି । ସ୍ୱକୀୟା ପ୍ରୀତିର ମହତ୍ତ୍ୱ ଓ ମୂଲ୍ୟବୋଧ ପ୍ରତିଷ୍ଠିତ ହେବା ପାଇଁ କବିଙ୍କର ସାର୍ଥକ ପ୍ରୟାସ ଏଥିରେ ମୂର୍ତ୍ତିମନ୍ତ । ସମାଜକୁ ସୁସ୍ଥ ସୁନ୍ଦର କରିବା ପାଇଁ କବିଙ୍କର ଆନ୍ତରିକତା ଏହି ପରିପ୍ରେକ୍ଷୀରେ ଅଭିନନ୍ଦନୀୟ ।

ମାନବିକ ପ୍ରୀତିମୂଳକ ଚଉପଦୀ ବ୍ୟତୀତ ଧନଞ୍ଜୟ ଭଞ୍ଜଙ୍କର କେତେକ ରାଧାକୃଷ୍ଣ ଲୀଳା ମୂଳକ ଚଉପଦୀ ରହିଛି । ପ୍ରୀତିର ସ୍ନେହ ମଞ୍ଜୁଳ ସ୍ୱର୍ଶରେ ପ୍ରତ୍ୟେକଟି ଚଉପଦୀ ହୋଇଛି ସୁଶ୍ରୀଶୋଭନ ଓ ଆକର୍ଷଣୀୟ । ରାଧା ହେଉଛନ୍ତି ଆହ୍ଲାଦିନୀ ଶକ୍ତିର ପ୍ରତୀକ । ରାଧାଙ୍କ ବିନା କୃଷ୍ଣଙ୍କର ଅଭିବ୍ୟକ୍ତି ନାହିଁ କି କୃଷ୍ଣଙ୍କ ବିନା ରାଧାଙ୍କର ସ୍ଥିତି ନାହିଁ । ଧନଞ୍ଜୟଙ୍କର ଗୋଟିଏ ଚଉପଦୀରେ ରାଧା ଦିନେ ମୁରଲୀଧାରୀଙ୍କୁ ଦେଖିବା କଥା ଉପସ୍ଥାପିତ । ମଦନ ମୋହନ ରୂପରେ ଆଖି ତାଙ୍କର ବନ୍ଦୀ ହୋଇଯାଇଛି ଓ ମନ ତାଙ୍କର ବାନ୍ଧି ହୋଇଯାଇଛି। ଶ୍ରୀକୃଷ୍ଣଙ୍କର ବଂଶୀସ୍ୱନ,

ମକର କୁଣ୍ଡଳର ଝୁଲଣ ଶୋଭା ରାଧାଙ୍କୁ ଆକୃଷ୍ଟ କରିଛି ।

ଶ୍ରୀକୃଷ୍ଣ କେବଳ ସୌନ୍ଦର୍ଯ୍ୟର ପ୍ରତୀକ ନୁହନ୍ତି, ସେ ମଧ୍ୟ ତେଜର ପ୍ରତୀକ । ସେ ହେଉଛନ୍ତି ସୂର୍ଯ୍ୟପରି ତେଜୀୟାନ । ଯେଉଁଠାରେ ଶ୍ରୀକୃଷ୍ଣଙ୍କର ସ୍ଥିତି ଅଛି ସେଠାରେ ମାୟାରୂପୀ ଅନ୍ଧକାରର ସ୍ଥାନ ନାହିଁ ବୋଲି ଚୈତନ୍ୟ ଚରିତାମୃତରେ କୁହାଯାଇଛି । ଧନଞ୍ଜୟ ଭଞ୍ଜ 'ନେତ୍ର ଅରୁଣ ଦିଶେ' ଶୀର୍ଷକ ଚଉପଦୀରେ ରାଧାଙ୍କର ଖଣ୍ଡିତା ରୂପର ପରିକଳ୍ପନା ଓ ଉପସ୍ଥାପନା କରିଛନ୍ତି । କୃଷ୍ଣଙ୍କର ଅଙ୍ଗରେ କଜ୍ଜଳ, ସିନ୍ଦୂରର ଦାଗ ଦେଖି, ଗଳାରେ ମଣିକଙ୍କଣର ଚିହ୍ନ ଦେଖି, ନୟନରେ ରକ୍ତିମ ଆଭା ଦେଖି ରାଧା ବିକ୍ଷୁବ୍ଧ ହୋଇଛନ୍ତି । କବିଙ୍କ ଭାଷାରେ -

'କଜ୍ଜଳ ସିନ୍ଦୂରେ ରୁଚିର ଅଙ୍ଗ । କାହାର ପୁରେ କଲ ରହି ରଙ୍ଗ ।
ମଣିକଙ୍କଣ ଚିହ୍ନ ଗଳେ ସାଜେ । କାହା ନଖରେଖା ଅଙ୍ଗେ ବିରାଜେ
ଭ୍ରମେ କି କାହ୍ନୁ ଅଇଲ ସଦନେ । ନୃପତି ଧନଞ୍ଜୟ ଭଞ୍ଜଭଣେ ।'

'ମୋ ସଖୀ ବିରହୀ' ଶୀର୍ଷକ ଅନ୍ୟ ଏକ ଚଉପଦୀରେ ରାଧାଙ୍କର ନୟନରୁ ଲୁହଧାରା ଝରିବାର ଚିତ୍ର ପ୍ରଦତ୍ତ । କୃଷ୍ଣ ବିରହରେ କୋକିଳର ଗାନ ଶୁଣି ସେ ଚମକି ପଡ଼ିଛନ୍ତି । ପଦ୍ମନାଡ଼କୁ ସର୍ପ ମଣି ସେ ଭୟଭୀତ ହୋଇଛନ୍ତି । ଦିନକୁ ଦିନ ଦୁର୍ବଳ ହୋଇଛି ତାଙ୍କର ଶରୀର । ତାଙ୍କର ଆଉ କାହିଁରେ ମନ ଲାଗୁ ନାହିଁ ବୋଲି ସଖୀ ଯାଇ ଶ୍ରୀକୃଷ୍ଣଙ୍କୁ ଜଣାଇଛି ।

କବିଙ୍କ ଭାଷାରେ -

''ସଜଳ ମୃଣାଳ ମଣେ ଭୁଜଙ୍ଗ । ଦିନୁ ଦିନୁ ତା' ଦୁରୁବଳ ଅଙ୍ଗ ।
ବିଷୟ ବିଳାସେ ନରସେ ମନ । କେବଳ ଭାବେ ତୋ ଚନ୍ଦ୍ର ବଦନ ।''
ହାରାଭାରାସମ ମଣଇ ବାଳି । କବରୀ ତା'ର ଅଙ୍ଗେ ଅଛି ଢଳି
ଭଣନ୍ତି ଧନଞ୍ଜୟ ନରପତି । ବେଗେ ଶ୍ରୀପତି ରଖ କୁନ୍ଦଦନ୍ତୀ ।

ବିରହିଣୀ ରାଧାଙ୍କର ମାନସିକ ବ୍ୟାକୁଳତାର ଚିତ୍ର କବିଙ୍କର 'କୁଞ୍ଜେ ବାଉଛି ବେଣୁ' ଶୀର୍ଷକ ଚଉପଦୀରେ ପ୍ରଦତ୍ତ । କୃଷ୍ଣ ପ୍ରାପ୍ତି ପାଇଁ ତାଙ୍କ ମନରେ ଆସିଛି ଦୁର୍ବାର ବାସନା । ତାଙ୍କ ମାନସ ପଟରେ କେବଳ କୃଷ୍ଣଙ୍କର ଚିତ୍ର ଅଙ୍କିତ ହୋଇ ଅମ୍ଳାନ ରହିଛି ।

ମାନିନୀ ରାଧାଙ୍କର ମାନଭଞ୍ଜନ ପାଇଁ ଶ୍ରୀକୃଷ୍ଣ ବହୁ ପ୍ରକାର ଚେଷ୍ଟା କରିଛନ୍ତି । ସେଥିପାଇଁ ସେ ଚାଟୁବାକ୍ୟ ପ୍ରୟୋଗ କରିଛନ୍ତି । କବିଙ୍କର 'ଚନ୍ଦ୍ରମା ବଦନୀ କୁରଙ୍ଗୀ ନୟନୀ ମଉକୋକିଳ ବଚନୀ' ଶୀର୍ଷକ ଚଉପଦୀରେ ଶ୍ରୀକୃଷ୍ଣ ସାଧାରଣ ସ୍ତରର ବିରହୀ ନାୟକ ଭାବରେ ଚିତ୍ରିତ । ମର୍ମସ୍ପର୍ଶୀ ଶବ୍ଦ ସମ୍ଭାରରେ ହୃଦୟର ଭାବ ପରିସ୍ଫୁଟ ।

କବିଙ୍କ ଭାଷାରେ -

''ତୁ ଶିରମଣ୍ଡନ, ତୁ ତନୁଚନ୍ଦନ ତୁ ମୋର ମନ ସଦନ
ତୁ ମୋର ହୃଦରେ ଥାଉ ଅହର୍ନିଶ ତରୁଣୀ ବର ରତନ ।
ରେ ଧନ, ଛାଡ଼ ତୁ ସଂଶୟମାନ
ନିର୍ଦ୍ଦୟ ମଦନ ହୃଦରେ ଦହୁଛି ଦିଅମୋତେ ପ୍ରେମ ଦାନରେ ।''

ନିଜକୁ ଦାସାନୁଦାସ ମନେ କରି ଶ୍ରୀରାଧାଙ୍କ ପାଦରେ ଶ୍ରୀକୃଷ୍ଣ ଆତ୍ମ ସମର୍ପଣ କରନ୍ତେ ଶ୍ରୀରାଧା ମାନ ତ୍ୟାଗ କରି ରତି ପ୍ରଦାନ କରିବାକୁ ସମ୍ମତ ହୋଇଛନ୍ତି । ବିବିଧ ବନ୍ଧରେ ରତିଲୀଳାରେ ରାଧାକୃଷ୍ଣ ମାତି ରହି ସାରାରାତି ଅତିବାହିତ କରିଛନ୍ତି ।

ଧନଞ୍ଜୟଙ୍କର 'କରକମଳେ ତୋ ମୁଖ କମଳ' ଶୀର୍ଷକ ଅନ୍ୟ ଏକ ଚଉପଦୀରେ ମଧ୍ୟ କୃଷ୍ଣଙ୍କର ଚାଟୁବାଣୀ ଅଭିବ୍ୟକ୍ତ ହୋଇଛି । ଏଥିରେ କୃଷ୍ଣ ନିଜକୁ ରାଧାଙ୍କର ଦାସ ବୋଲି ମନେ କରିଛନ୍ତି ।

କବିଙ୍କ ଭାଷାରେ -

'ମିତଣି ମୋରେ ନ ହୁଅ ବିରସ
ଜାଣ ମୁଁ ତୋର ରତି କେଳି ଦାସ ।'
ମୋରେ ଦୟାକର ମୃଗଲୋଚନୀ
ନୋହିଲେ ଜୀବ ନେବ ଚିଉଯୋନି ।
କୁବଳୟନୀଳ ନୟନେ ତୋର
କୃପାନୀର ସିଞ୍ଚ ମୋର ଉପର ।
ଏସନେ ଶୁଣି ଶ୍ରୀକୃଷ୍ଣ ବିନୟ
ସରସ ହେଲା ରାଧିକା ହୃଦୟ
ମାନ ତେଜିଣ ହସିଲା ତରୁଣୀ
ନୃପଧନଞ୍ଜୟ ଏରସ ଭଣି ।

କବିଙ୍କର 'ଗୋକୁଳ ତେଜିଗଲା ଗୋପିପତି' ଶୀର୍ଷକ ଚଉପଦୀରେ ରାଧା ବିପ୍ରଲବ୍ଧା ନାୟିକା ରୂପରେ ଆତ୍ମ ପ୍ରକାଶ କରିଛନ୍ତି । ରାଧାଙ୍କର ପ୍ରାଣଧନ ଶ୍ରୀକୃଷ୍ଣ ମଥୁରାକୁ ଯିବାପରେ ଆଉ ଗୋପପୁରକୁ ନ ଫେରିବାରୁ ରାଧା ଅକଥନୀୟ ଦୁଃଖର ଶିକାର ହୋଇଛନ୍ତି ।

ରାଧା ଦୂତୀ ଆଗରେ ମନର କଥା କହିଛନ୍ତି, ଗୋପିପତି ନାମରେ ପରିଚିତ ହୋଇ ଶ୍ରୀକୃଷ୍ଣ ମଥୁରା ନାରୀଙ୍କୁ ପ୍ରୀତିଦାନ କରିବା କଥା ନେଇ ରାଧା ବିବ୍ରତ ହୋଇ ପଡ଼ିଛନ୍ତି । କୁବୁଜାକୁ ସୌନ୍ଦର୍ଯ୍ୟ ଦାନ କରି ତା'ର ପାଦ ତଳର ଦାସ ହୋଇ କୃଷ୍ଣ ରହିଛନ୍ତି ବୋଲି ରାଧା ଦୂତୀ ଆଗରେ ଦୃଢ଼ ସ୍ୱରରେ ପ୍ରକାଶ କରିଛନ୍ତି ।

କବିଙ୍କ ଭାଷାରେ-

'ଗୋପିପତି ବୋଲି ବୋଲାଇ ହରି
ଏବେ ଭଜିଲା ମଥୁରା ଚତୁରୀ ।
କୁବୁଜାକୁ କରିଅଛି ସୁନ୍ଦର
ତାରେ ଭଜି କୃଷ୍ଣ ହେଲା କୋଏର ।''

କେବଳ ଚାଟୁବାକ୍ୟ ଶୁଣାଇ ଯେ ଶ୍ରୀକୃଷ୍ଣ ରାଧାଙ୍କୁ ମୁଗ୍ଧ କରିଛନ୍ତି ତାହା ନୁହେଁ, ରାଧାଙ୍କ ବିରହ ଦୁଃଖର ବହ୍ନିବଳୟ ମଧ୍ୟରେ ଦଗ୍ଧୀଭୂତ ହୋଇଛନ୍ତି ଏବଂ ସୁଦୂରରୁ ମେଘ ହାତରେ ରାଧାଙ୍କ ନିକଟକୁ ବାର୍ତ୍ତା ପଠାଇଛନ୍ତି । ମେଘକୁ ଦୂତ କରିବାର ପରମ୍ପରା ସଂସ୍କୃତରେ ରହିଛି । ମେଘର କ୍ଷିପ୍ରଗତି ବିରହୀ ନିକଟରେ ଦୂତ ହେବାପାଇଁ ସମ୍ଭବତଃ ତାକୁ ଯୋଗ୍ୟତା ଆଣି ଦେଇଛି । ପ୍ରିୟା ଛାମୁରେ କହିବା ପାଇଁ ଶ୍ରୀକୃଷ୍ଣ କହିଛନ୍ତି -

''ତା'ର ବିନାସବୁ ମଣିଲି ବିଷ
ନିମିଷ ହୋଇଲା କୋଟି ବରଷ
ଚନ୍ଦ୍ର ବଦନ ମୋ ଗଳାର ହାରା
ତା ବିନୁ ମଣିଲି ଜଗତ କାରା

x x x x

''ନୃପଧନଞ୍ଜୟ ଭଣେ ଏ ରସ
ଶ୍ରୀକୃଷ୍ଣ ଚରଣେ ଦେଇ ମାନସ ।''

ମେଘକୁ ଦୂତ କରିବାର ପ୍ରଥା ଯେପରି ଭାରତୀୟ ସାହିତ୍ୟରେ ରହିଛି, ସେପରି କୋକିଳକୁ ଦୂତ କରିବାର ବହୁ ଉଦାହରଣ ରହିଛି । କୋକିଳର ସ୍ୱର ବିରହୀ ହୃଦୟରେ ଭାବାନ୍ତର ସୃଷ୍ଟି କରେ । ତାକୁ ଆପଣାର ମନେ କରି ବିରହ ସନ୍ତପ୍ତ ନାୟକ ନାୟିକା ତା' ଆଗରେ ନିଜ ନିଜର ମନକଥା କହିଥାନ୍ତି । କୋକିଳ ମିଷ୍ଟଭାଷୀ ହୋଇଥିବାରୁ ସମ୍ଭବତଃ ସାହିତ୍ୟରେ ଦୂତର ଭୂମିକା ଗ୍ରହଣ କରିବାର ଯୋଗ୍ୟତା ତାକୁ ମିଳିଛି । ଧନଞ୍ଜୟଙ୍କର 'କୋକିଳ କହ ପ୍ରିୟାକୁ ଯାଇ' ଚଉପଦୀରେ ଶ୍ରୀକୃଷ୍ଣ କୋକିଳ ହାତରେ ଶ୍ରୀରାଧାଙ୍କ ନିକଟକୁ ସନ୍ଦେଶ ପଠାଇଛନ୍ତି । ପୁନଶ୍ଚ ରାଧାଙ୍କଠାରୁ ସନ୍ଦେଶ ଆଣିବା ପାଇଁ ଅନୁରୋଧ କରିଛନ୍ତି । ଚନ୍ଦ୍ର ହୋଇଛି ଶ୍ରୀକୃଷ୍ଣଙ୍କ ପାଇଁ ପ୍ରଜ୍ୱଳିତ ସୂର୍ଯ୍ୟପରି । ଶୀତଳ ଚନ୍ଦନ ତାଙ୍କୁ ଗରଳ ପରି ମନେ ହୋଇଛି ।

''କୋକିଳ କହ ପ୍ରିୟାକୁ ଯାଇ
ତା'ବିନୁ ନିମିଷ ଯୁଗ ମଣଇ ।
ଚନ୍ଦ୍ରମାକର ଚଣ୍ଡକର ଜାଳ
ଚନ୍ଦ୍ର ଚନ୍ଦନ ଯେସନେ ଗରଳ ।
ମଧୁରତୁ ମଧୁବଳେ ମୋ ମନ
ମଦିରାକ୍ଷୀ ବିନୁ ଲଭେ ଉଚ୍ଛନ୍ନ
ମୋର ସନ୍ଦେଶ କହିବୁ ତୁରିତ
ମୋ'ର ପ୍ରାଣପ୍ରିୟା ମୋର ଜୀବିତ
ଭଣେ ଧନଞ୍ଜୟ ଭଞ୍ଜ ରାଜନ
ରାଧାକୃଷ୍ଣ ବେନି ପ୍ରେମ ନିଧାନ ।''

କୋକିଳ ହାତରେ ସନ୍ଦେଶ ଦେବା, ମେଘ ହାତରେ ସମ୍ବାଦ ଦେବା, ଭ୍ରମର ହାତରେ ବାର୍ତ୍ତା ଦେବା କଥା ଯେଉଁ ଯେଉଁ ଚଉପଦୀ ମାନଙ୍କରେ ରହିଛି ସେଗୁଡ଼ିକୁ ସନ୍ଦେଶ ମୂଳକ ଚଉପଦୀ ନାମରେ ନାମିତ କରାଯାଇ ପାରେ ।

ଚଉପଦୀ ସାଧାରଣତଃ ଚାରିପଦ ବିଶିଷ୍ଟ ଗୀତିକା ହେଲେ ହେଁ ଭାବାଭିବ୍ୟକ୍ତି ପାଇଁ ଏହାଠାରୁ ଅଧିକ ପଦର ସଂଯୋଜନା ଦୋଷାବହ ନୁହେଁ । କେଉଁଥିରେ ଚାରିପଦ, କେଉଁଥିରେ ପାଞ୍ଚପଦ, କେଉଁଥିରେ ଆଠପଦ ଓ କେଉଁଥିରେ ନଅ ପଦ ମଧ୍ୟ ଦେଖିବାକୁ ମିଳେ । ଧନଞ୍ଜୟ ଭଞ୍ଜଙ୍କ ଦ୍ୱାରା ଲିଖିତ ଚଉପଦୀ ଗୁଡ଼ିକରେ କେଉଁଥିରେ ଚାରିପଦ ଓ ଆଉ କେଉଁଥିରେ ଚାରିରୁ ଅଧିକ ପଦ ମଧ୍ୟ ରହିଛି । ସବୁ ଚଉପଦୀରେ ଘୋଷା ପଦ ନାହିଁ । ପ୍ରାୟ ସବୁ ଚଉପଦୀ ପାଇଁ ରାଗ ନିର୍ଦ୍ଦେଶ କରାଯାଇଛି । ତୋଡ଼ି, ଆନନ୍ଦଭୈରବ, କୁମ୍ଭକାମୋଦୀ, ଦେଶାଖ, କେଦାରଗଉଡ଼ା, କଳହଂସକେଦାର, ଆଦି ରାଗର ବ୍ୟବହାର କବି କରିଛନ୍ତି । ଏକଥା ମୁକ୍ତ କଣ୍ଠରେ ସ୍ୱୀକାର କରାଯାଇପାରେ ଯେ ଭାବ ଭାଷା ଓ ସାଙ୍ଗୀତିକତାର ଅପୂର୍ବ ସମନ୍ୱୟରେ କଳାମଞ୍ଜୁଳ ହୋଇ ରାଜକବି ଧନଞ୍ଜୟ ଭଞ୍ଜଙ୍କର ପ୍ରତିଟି ଚଉପଦୀ ଓଡ଼ିଆ ଚଉପଦୀ ସାହିତ୍ୟର ଗନ୍ତାଘରକୁ ଋଦ୍ଧିମନ୍ତ କରିଅଛି ।

ଚଉତିଶା :

ସାହିତ୍ୟର ବିଭିନ୍ନ ବିଭବ ମଧ୍ୟରେ ଗୀତି କବିତା ଏକ ଅଲିଭା ଆଲେଖ୍ୟ । ଏହାର ଆକର୍ଷଣ ସ୍ୱତନ୍ତ୍ର ଓ

ଅଭିନବ । ଗୀତି କବିତା ମଧ୍ୟରେ ଚଉତିଶାର ସାହିତ୍ୟିକ ମୂଲ୍ୟବୋଧ ଅତ୍ୟନ୍ତ ଆକର୍ଷଣୀୟ । ଚଉତିଶାର ରଚନାରୀତି ଏତେ ଲୋକପ୍ରିୟ ଯେ ପ୍ରାଚୀନ ତଥା ମଧ୍ୟଯୁଗୀୟ ଓଡ଼ିଆ ସାହିତ୍ୟର କୋଇଲି, ଭଜନ, ଜଣାଣ, ମାଳିକା, ବୋଲି, ଚଉପଦୀ ଓ ଚମ୍ପୂ ଆଦି ବିଭାଗ ଏହି ରୀତି ଦ୍ୱାରା ପ୍ରଭାବିତ । ଚଉତିରିଶଟି ବ୍ୟଞ୍ଜନ ବର୍ଣ୍ଣ ମଧ୍ୟରୁ କ୍ରମାନୁସାରେ ଗୋଟିଏ ଗୋଟିଏ ବର୍ଣ୍ଣକୁ ଆଦ୍ୟ ଅକ୍ଷର ରୂପେ ବ୍ୟବହାର ପୂର୍ବକ ଗଠିତ ପଦ ଦ୍ୱାରା ସଂଯୋଜିତ ପଦ୍ୟ ରଚନା ହେଉଛି ଚଉତିଶା । ଏହାକୁ ବର୍ଣ୍ଣ ପରେ ବର୍ଣ୍ଣ ମନେ ପକାଇ ଗାନ କରାଯାଇପାରେ । ଚଉତିଶା ଏକାଧାରରେ ସୁଖପାଠ୍ୟ ଓ ଗାନଯୋଗ୍ୟ ହୋଇଥିବାରୁ ଆଦରଣୀୟ ।

ଓଡ଼ିଆ ସାହିତ୍ୟ ବ୍ୟତୀତ ଅନ୍ୟ ପ୍ରାନ୍ତୀୟ ସାହିତ୍ୟ ତଥା ସଂସ୍କୃତ ସାହିତ୍ୟରେ ମଧ୍ୟ ଚଉତିଶାର ସ୍ଥିତି ରହିଛି । ହିନ୍ଦୀ ସାହିତ୍ୟରେ ଏହାକୁ ଚୌତିଂଶା କୁହାଯାଏ । ବଙ୍ଗଳା ସାହିତ୍ୟରେ ବିଶେଷ କରି ଦେବୀଙ୍କର ସ୍ତୁତି ପାଇଁ ବହୁ ପଦ୍ୟ ଚଉତିଶା ରୀତିରେ ରଚିତ ହୋଇଛି । ଓଡ଼ିଆ ସାହିତ୍ୟରେ ଚଉତିଶାର ଗଠନ ରୀତିରେ ବହୁ କାରୁକାର୍ଯ୍ୟ ଦେଖିବାକୁ ମିଳେ । 'କ'ଠାରୁ'କ୍ଷ' ପର୍ଯ୍ୟନ୍ତ ବର୍ଣ୍ଣ ଗୁଡ଼ିକୁ କ୍ରମାନ୍ୱୟରେ ନରଖି 'କ୍ଷ' ଠାରୁ 'କ' ପର୍ଯ୍ୟନ୍ତ ବର୍ଣ୍ଣ ଗୁଡ଼ିକୁ ବିପରୀତ ରୀତିରେ ଚରଣର ଆଦ୍ୟରେ ବ୍ୟବହାର କରାଯାଇ ଯେଉଁ ଚଉତିଶାମାନ ରଚନା କରାଯାଏ ସେଗୁଡ଼ିକୁ ଓଲଟ ଚଉତିଶା କୁହାଯାଏ । ସେଗୁଡ଼ିକୁ ବିପରୀତ ଚଉତିଶା ମଧ୍ୟ କୁହାଯାଏ । ଓଡ଼ିଆରେ ବହୁ ଓଲଟ ଚଉତିଶା ରଚିତ ହୋଇଛି । ଶ୍ୟାମଘନଙ୍କର 'ହଂସଦୂତଚଉତିଶା', ବ୍ରଜସୁନ୍ଦରଙ୍କର 'ସବ୍ୟସାଚୀ ଚଉତିଶା', ଜୟସିଂହଙ୍କର ''ଜୟସିଂହ ଚଉତିଶା''କୁ ଓଲଟ ଚଉତିଶାର ଏକ ଏକ ସାର୍ଥକ ଉଦାହରଣ ରୂପେ ଗ୍ରହଣ କରାଯାଇପାରେ ।

ଆଉ ଏକ ପ୍ରକାର ଚଉତିଶା ଓଡ଼ିଆ ସାହିତ୍ୟରେ ଦେଖିବାକୁ ମିଳେ ଯହିଁରେ ପ୍ରଥମ ପଦର ଆଦ୍ୟରେ 'କ', ଦ୍ୱିତୀୟ ପଦର ଆଦ୍ୟରେ ଶେଷବର୍ଣ୍ଣ 'କ୍ଷ', ତୃତୀୟ ପଦର ଆଦ୍ୟରେ 'ଖ' ଏବଂ ଚତୁର୍ଥ ପଦର ଆଦ୍ୟରେ 'ହ' ଏପରି ସଜ୍ଜୀକରଣ ହୋଇଥାଏ। ଏହି ପ୍ରକାର ଚଉତିଶାକୁ ମେଷଯୁଦ୍ଧ ଚଉତିଶା କୁହାଯାଏ ।

ଆଉ ଏକ ପ୍ରକାର ଚଉତିଶା ଅଛି ଯାହାର ଗୋଟିଏ ପଦରେ ଦୁଇଟି ବ୍ୟଞ୍ଜନ ବର୍ଣ୍ଣ ପଦର ଆଦ୍ୟ ଓ ପ୍ରାନ୍ତରେ ବ୍ୟବହୃତ ହୋଇଥାଏ । ପ୍ରଥମ ପଦର ଶେଷରେ ବ୍ୟବହୃତ ବ୍ୟଞ୍ଜନ ବର୍ଣ୍ଣ ଦ୍ୱିତୀୟ ପଦର ପ୍ରଥମରେ ବ୍ୟବହୃତ ହୋଇଥାଏ । ବ୍ୟଞ୍ଜନ ବର୍ଣ୍ଣ ଗୁଡ଼ିକ ଶୃଙ୍ଖଳାର ସହିତ ଏପରି ବ୍ୟବହୃତ ହେଉଥିବାରୁ ଏ ପ୍ରକାର ଚଉତିଶାକୁ ଶୃଙ୍ଖଳାବଦ୍ଧ ଚଉତିଶା କୁହାଯାଏ ।

ଚଉତିଶାର ପଦସଂଖ୍ୟା ସାଧାରଣତଃ ଚଉତିରିଶ ଥାଏ । ଏଥିରୁ କମ୍ ସଂଖ୍ୟକ ପଦ ସଂଯୋଜନା ଦ୍ୱାରା ମଧ୍ୟ ଚଉତିଶା ରଚିତ ହୋଇପାରେ । ଚଉତିଶାର ନିର୍ଦ୍ଦିଷ୍ଟ କୌଣସି ପଦ ସଂଖ୍ୟା ନାହିଁ । ଚଉତିଶା ଦୁଇ, ତିନି, ଛଅ, ନଅ, ବାର, ସତର, ଚଉତିରିଶ, ଅଠଷଠି ପୁଣି ଶତାଧିକ ପଦରେ ମଧ୍ୟ ରଚିତ ହୋଇପାରେ ।

ଚଉତିଶା ଗୁଡ଼ିକର ନାମକରଣ ବିଭିନ୍ନ ଭାବରେ କରାଯାଇପାରେ । ସମ୍ବୋଧିତ ପଦର ନାମାନୁସାରେ, ସନ୍ଦେହବାହକର ନାମାନୁସାରେ, ନାୟିକା ଭେଦର ନାମାନୁସାରେ ଚଉତିଶା ଗୁଡ଼ିକର ନାମକରଣ କରାଯାଇଥାଏ ।

ଓଡ଼ିଆ ସାହିତ୍ୟରେ ରଚିତ ସୁନ୍ଦରୀ ଚଉତିଶା, ମରୁଆଫୁଲ ଚଉତିଶା, ନିଆଳୀ ଚଉତିଶା, ମାନିନୀ ଚଉତିଶା, ଚନ୍ଦ୍ରମୁଖୀ ଚଉତିଶା, ବାନ୍ଧବୀ ଚଉତିଶା ଆଦିରେ ସମ୍ବୋଧିତପଦ ହେଉଛି ଯଥାକ୍ରମେ ସୁନ୍ଦରୀ, ମରୁଆଫୁଲ, ନିଆଳୀ, ମାନିନୀ, ଚନ୍ଦ୍ରମୁଖୀ ଓ ବାନ୍ଧବୀ । ସମ୍ବୋଧିତପଦ ଗୁଡ଼ିକରେ ଗୁରୁତ୍ୱ ଆରୋପିତ ହେଉଥିବାରୁ ଏହି ଚଉତିଶା ଗୁଡ଼ିକର ଏପରି ନାମକରଣ କରାଯାଇଛି ।

ସନ୍ଦେଶ ବାହକ ଚଉତିଶା ଗୁଡ଼ିକରେ ଦୂତମାନଙ୍କ ଉପରେ ଗୁରୁତ୍ୱ ଆରୋପିତ ହୋଇଥାଏ । କୋଇଲି, ମେଘ, ହଂସ, ଶୁକ, ଭ୍ରମରକୁ ଦୂତର ଭୂମିକା ଗ୍ରହଣ କରିବାକୁ ପଡ଼ିଥାଏ । ଏପରି ଚଉତିଶା ଗୁଡ଼ିକର ଭାବ ଅତ୍ୟନ୍ତ

ହୃଦୟସ୍ପର୍ଶୀ । ବଳରାମଙ୍କ 'କୋଇଲି ଚଉତିଶା', ଦୟାନିଧିଙ୍କ 'ମେଘଦୂତ ଚଉତିଶା', ରଘୁନାଥଙ୍କ 'ଚନ୍ଦ୍ରଦୂତ ଚଉତିଶା', ନରେନ୍ଦ୍ରଙ୍କ 'ପବନ ଚଉତିଶା' ଏହି ପର୍ଯ୍ୟାୟର ଅନ୍ତର୍ଗତ ।

ଦେବଦେବୀଙ୍କ ନାମାନୁସାରେ ରଚିତ ଚଉତିଶା ଗୁଡ଼ିକରେ ଭକ୍ତପ୍ରାଣର ମର୍ମବାଣୀ ଉପସ୍ଥାପିତ ହୋଇଥାଏ । ଯେଉଁ ଦେବଦେବୀଙ୍କୁ ପ୍ରାର୍ଥନା କରାଯାଇଥାଏ, ତାଙ୍କର ନାମ ଅନୁସାରେ ଏହି ସବୁ ଚଉତିଶା ନାମିତ ହୋଇଥାଏ । ସାରଳା, ମହାଲକ୍ଷ୍ମୀ, ଗଣେଶ, ବାଲୁଙ୍କେଶ୍ୱର ଆଦି ବହୁ ଦେବଦେବୀଙ୍କ ନାମରେ ଓଡ଼ିଆରେ ଚଉତିଶାମାନ ରଚିତ ହୋଇଛି । 'କଳସା ଚଉତିଶା'ଠାରୁ ପ୍ରାଚୀନ ଆଉ କୌଣସି ଚଉତିଶା ମିଳୁ ନଥିବାରୁ 'କଳସା ଚଉତିଶା' ଓଡ଼ିଆ ଭାଷାର ପ୍ରଥମ ଚଉତିଶା ବୋଲି ଗ୍ରହଣ କରାଯାଇଥାଏ । ଓଡ଼ିଶାର ଜନଜୀବନକୁ ଚଉତିଶା ଗୁଡ଼ିକ ଅଧିକ ପରିମାଣରେ ପ୍ରଭାବିତ କରିଛନ୍ତି । ଓଡ଼ିଆ ଭଜନ, ଜଣାଣ ପରି ଚଉତିଶାର ଶେଷରେ କବିଙ୍କର ଭଣିତା ଥାଏ । ମଝିରେ ଭଣିତା ଥିବାର କେତେକ ଚଉତିଶା ମଧ୍ୟ ରହିଛି । ଧନଞ୍ଜୟ ଭଞ୍ଜଙ୍କର 'ହଂସଦୂତ ଚଉତିଶା'ଏହାର ଏକ ପ୍ରକୃଷ୍ଟ ଉଦାହରଣ ।

ଚଉତିଶାର ରାଗରାଗିଣୀ ଅତ୍ୟନ୍ତ ଆକର୍ଷଣୀୟ ହୋଇଥିବାରୁ ସାଧାରଣ ଜନତା ନିକଟରେ ତାହା ଆଦରଣୀୟ ହୋଇଥାଏ । ରାଗରାଗିଣୀ ଉପରେ ଗୋଟିଏ ଗୋଟିଏ ଚଉତିଶାରେ ଏତେ ଗୁରୁତ୍ୱ ଆରୋପିତ ହୋଇଛି ଯେ ସେ ସବୁର ନାମକରଣ ରାଗରାଗିଣୀର ନାମାନୁସାରେ କରାଯାଇଛି । ଧନଞ୍ଜୟ ଭଞ୍ଜ ବଙ୍ଗଳାଶ୍ରୀ ରାଗରେ ଏକ ଚଉତିଶା ରଚନା କରି ତା'ର ନାମ ଦେଇଛନ୍ତି - 'ବଙ୍ଗଳାଶ୍ରୀ ଚଉତିଶା' କବିସୂର୍ଯ୍ୟ ବଳଦେବ ରଥ 'ଶଙ୍କରା ଭରଣ' ରାଗରେ ଚଉତିଶା ଲେଖି ତା'ର ନାମ ଦେଇଛନ୍ତି 'ଶଙ୍କରାଭରଣ ଚଉତିଶା' । ଦାମୋଦରଙ୍କ 'ରସକୂଲ୍ୟା ଚଉତିଶା' ରସକୂଲ୍ୟା ରାଗକୁ ନେଇ ରଚିତ ହୋଇଛି ।

ଚଉତିଶା ଗୁଡ଼ିକୁ କଥାବସ୍ତୁ ଦୃଷ୍ଟିରୁ ଭକ୍ତିମୂଳକ ଓ ପ୍ରୀତିମୂଳକ ଏହିପରି ଦୁଇ ଭାଗରେ ବିଭକ୍ତ କରାଯାଇପାରେ । ଦେବତାଙ୍କ ମହିମା ଓ ଗୌରବକୁ ଭିତ୍ତି କରି ଭକ୍ତି ମୂଳକ ଚଉତିଶା ସବୁ ରଚିତ । ଜଗନ୍ନାଥ, ବିଷ୍ଣୁ, କୃଷ୍ଣ, ରାମ, ସୀତା, ଦୁର୍ଗା, ଲକ୍ଷ୍ମୀ, ରାଧାଙ୍କ ସମେତ ବହୁ ଦେବଦେବୀଙ୍କ ଆରାଧନା ନିମିତ୍ତ ବହୁ ଚଉତିଶା ରଚିତ ହୋଇଛି ।

ଓଡ଼ିଆ ସାହିତ୍ୟରେ ଆଦିରସ ଭିତ୍ତିକ ବହୁ ଚଉତିଶା ଦେଖିବାକୁ ମିଳେ । ନାୟକ ନାୟିକା ଭେଦରେ ସେଗୁଡ଼ିକୁ ପୌରାଣିକ ଓ କାଳ୍ପନିକ ଏପରି ଦୁଇ ଭାଗରେ ବିଭକ୍ତ କରାଯାଇପାରେ ।

ଧନଞ୍ଜୟଙ୍କର ପ୍ରକାଶିତ ଏବଂ ମୋ ଦ୍ୱାରା ସଂଗୃହୀତ ତଥା ଅପ୍ରକାଶିତ କେତେକ ଚଉତିଶା ପ୍ରୀତିକୁ ଅବଲମ୍ବନ କରି ରଚିତ ହୋଇଛି । କେତେକ ଚଉତିଶାରେ କାଳ୍ପନିକ ନାୟକ ନାୟିକାଙ୍କର ମର୍ମବାଣୀ ଉପସ୍ଥାପିତ ଏବଂ ଆଉ କେତେକ ଚଉତିଶାରେ ରାଧା କୃଷ୍ଣଙ୍କର ଲୀଳାବିଳାସ ଚିତ୍ରିତ । କବିଙ୍କ ଦ୍ୱାରା ରଚିତ ଚଉତିଶାଗୁଡ଼ିକ ଭିତରେ ମରୁତ ଚଉତିଶା ଅନ୍ୟତମ ।

ମରୁତ ଚଉତିଶା :

ଧନଞ୍ଜୟ ଭଞ୍ଜଙ୍କର 'ମରୁତ ଚଉତିଶା' ଚଉତିଶା ସଞ୍ଚୟନର ପ୍ରଥମ ଭାଗରେ ପ୍ରକାଶିତ ହୋଇଛି । ଏହାର ରାଗ ହେଉଛି ଆହାରୀ । ଏଥିରେ କାଳ୍ପନିକ ନାୟକ ନାୟିକାଙ୍କ ପ୍ରୀତିବର୍ଣ୍ଣିତ । ବସନ୍ତ କାଳରେ କୌଣସି ଏକ ପ୍ରବାସୀ ବିରହୀ ନାୟକର ମର୍ମବାଣୀ ଏଥିରେ ଅଭିବ୍ୟକ୍ତ । ମରୁତକୁ ଦୂତ କରି ତା'ହାତରେ ସମ୍ବାଦ ଦେଇଛି ଚଉତିଶାର ନାୟକ । ଗତ ଦିନର ସୁଖ ସ୍ମୃତି ତାକୁ ବିଚଳିତ କରିଛି । କାମ ଲାଳସାରେ ସେ ଅସ୍ଥିର ହୋଇପଡ଼ିଛି । ସୁଦୂରରେ ଥିବା ନାୟିକା ମନରେ ଯେ ଅକଥନୀୟ କଷ୍ଟ ହେଉଥିବ - ଏକଥା ବିରହୀ ନାୟକ ମର୍ମେ ମର୍ମେ ଉପଲବ୍ଧି କରିଛି । ମନନେତ୍ରରେ ସେ ତା'ର ନାୟିକାର ଶ୍ରୀହୀନ ରୂପକୁ ଦେଖି ପାରିଛି । ନାୟିକା ଆଉ କର୍ପୂର, ଚନ୍ଦନ ଲଗାଉନଥିବ, ମୋତିହାର ପିନ୍ଧୁ ନଥିବ, କେବଳ ବିରହ ବ୍ୟଥାରେ କାତର ହୋଇ ତା'ର ନାମ ଘୋଷୁଥିବ

ବୋଲି ନାୟକ କହିଛି । ଘଡ଼ିକି ଘଡ଼ି ସେ ଚେତନା ଶୂନ୍ୟ ହୋଇପଡୁଥିବ ବୋଲି ନାୟକ ଅନୁଭବ କରିଛି । ପଲଙ୍କ ତ୍ୟାଗ କରି ତଳେ ଶୋଇଥିବ, ଭୋଜନ ତାକୁ ବିଷପରି ଲାଗୁଥିବ, ପ୍ରତିପଦାର କ୍ଷୀଣଜହ୍ନ ପରି ତା'ର ଅଙ୍ଗ ମ୍ଳାନ ଦିଶୁଥିବ । ତା'ର ଆନ୍ତରିକତାର ବିମଳ ଆଲେଖ୍ୟ ଏହି ଚଉତିଶାରେ ଅଙ୍କିତ ହୋଇଛି । ପବନକୁ ଆପଣାର ମନେ କରି ମନର ଯେତେ ଯନ୍ତ୍ରଣା ସବୁକୁ ତା' ଆଗରେ ଅଭିବ୍ୟକ୍ତି କରିଛି ଚଉତିଶାର ନାୟକ । କାମକ୍ରୀଡ଼ା ଜନିତ ସ୍ମୃତିକୁ ବିଶେଷ ଭାବରେ ସ୍ମରଣ କରି ନାୟକ ମର୍ମାହତ ହୋଇଛି । ଭାବାନୁସାରୀ ଭାଷାର ପ୍ରୟୋଗ ଆଲୋଚ୍ୟ ଚଉତିଶାରେ ଦେଖିବାକୁ ମିଳେ । ଭାବ ଗତାନୁଗତିକ ହେଲେ ମଧ୍ୟ ବିରକ୍ତିକର ନ ହୋଇ ବରଂ ଆକର୍ଷଣୀୟ ହୋଇଛି । ଚଉତିଶାରେ ନାୟକ ପାଇଁ ନାୟିକା ହୋଇଛି ଦରିଦ୍ର ଗଳାର ରତ୍ନମାଳା, ଜୀବନ ବେଦର ପବିତ୍ର ଗାୟତ୍ରୀ ମନ୍ତ୍ର । ତା'ବିନା ନାୟକର ଜୀବନ ହୋଇଛି ଦୁର୍ବହ, ଅପୂର୍ଣ୍ଣ ଓ ଅର୍ଥହୀନ । ଏପରି ଚିନ୍ତାଧାରାର ପରିପ୍ରକାଶ ଭିତରେ କବି ସ୍ୱକୀୟା ପ୍ରୀତିର ନିର୍ମଳ ଚିତ୍ର ପ୍ରଦାନ କରିଛନ୍ତି । ସମାଜକୁ ଶୃଙ୍ଖଳିତ ତଥା ସୁସ୍ଥ କରିବାପାଇଁ କବିଙ୍କର ପ୍ରୟାସ ସର୍ବଦା ଅଭିନନ୍ଦନୀୟ ।

ପଣ୍ଡିତବୋଧ ଚଉତିଶା :

ଏହା ଚୋଖୀ ରାଗରେ ରଚିତ । ଡଃ କୁଞ୍ଜବିହାରୀ ଦାଶଙ୍କ ଦ୍ୱାରା ସମ୍ପାଦିତ ଚଉତିଶା ସଞ୍ଚୟନର ଦ୍ୱିତୀୟ ଭାଗରେ ଏହା ସ୍ଥାନ ପାଇଛି । ମାନମୟୀ ଏକ କାଳ୍ପନିକ ନାୟିକାର ମାନଭଞ୍ଜନ ପାଇଁ ନାୟକର ଚାଟୁବାଣୀକୁ ଭିତ୍ତି କରି ଚଉତିଶାଟି ରଚିତ । ପଦ୍ମନୟନୀ ନାୟିକା ଆଗରେ ଅତି ନମ୍ରତାର ସହିତ ଆତ୍ମ ନିବେଦନ କରିଛି ନାୟକ । ବର୍ଷା କାଳରେ ଅନଙ୍ଗଶରରେ ବିଦ୍ଧ ହୋଇ ସେ ମର୍ମାହତ ହୋଇଛି । ସେହି ଯନ୍ତ୍ରଣାର ଉପଶମ ନିମନ୍ତେ ଉପଯୁକ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଅନୁରୋଧ ଜଣାଇଛି । ନାୟିକାର ପ୍ରଣୟ ବିନା ଜୀବନରେ ତା'ର ବିଷାଦର ମେଘମାଳା ସୃଷ୍ଟି ହୋଇଛି । ମଳୟପବନ, କର୍ପୂର ଆଦି ଚିତ୍ତଉଲ୍ଲାସକାରୀ ବସ୍ତୁ ନାୟକ ପାଇଁ କ୍ଲେଶ ଦାୟକ ହୋଇଛି । କାମ କବଳରୁ ଉଦ୍ଧାର କରିବା ନିମନ୍ତେ ସେ ନାୟିକାକୁ ଅନୁରୋଧ କରିଛି । ଚନ୍ଦ୍ରମୁଖ ଟେକି ଚାହିଁ ଦେଲେ ଜନ୍ମ ଜନ୍ମର କେତେ ଦୁଃଖ ତୁଟିଯିବ ବୋଲି ନାୟକ କହିଛି । ଏଥିରେ କାମ ଲାଳସାର ରସଘନ ଚିତ୍ର ଉପସ୍ଥାପିତ । ନାୟିକା ନିକଟରେ ନିଜକୁ ସାନ ମନେ କରିବାରେ ରୀତିକାବ୍ୟର ନାୟକ ଆତ୍ମ ସନ୍ତୋଷ ଲାଭ କରିଥାଏ । ନାରୀ ହେଉଛି ତା'ର ସର୍ବସ୍ୱ, ଇହକାଳର ସଙ୍ଗିନୀ ଓ ପରକାଳର ମୁକ୍ତିଦାତ୍ରୀ । ଆଲୋଚ୍ୟ ଚଉତିଶାରେ ଏହି ଭାବ ପ୍ରକଟିତ । ନିଜକୁ ଦାସାନୁଦାସ ବୋଲି କହି ନାୟକ କହିଛି -

'ଦିଅ ମୋତେ ଦୃଢ଼ ଆଶ୍ୱାସ
ଦୟାନିଧି ରଖ ମୁଁ ତୋ ଦାସର ଦାସ ।'

ଜନ୍ମ ଜନ୍ମର ପୁଣ୍ୟ ଫଳରୁ ନାୟିକା ପ୍ରାପ୍ତି ହୋଇଛି ବୋଲି ନାୟକ ବିଚାର କରିଛି । ହୃଦୟରୁ ବିଷାଦର ବିଷାକ୍ତ ଭାବକୁ ଦୂର କରି ଆନନ୍ଦିତ ହୋଇ ରତିଦାନ କରିବାକୁ ନାୟିକାକୁ ସବିନୟ ଅନୁରୋଧ ଜଣାଇ ନାୟକ କହିଛି -

''ହୁଅ ତୁ ହରଷ ପ୍ରିୟା ହୃଦରୁ ତେଜି ନିର୍ଦ୍ଦୟା
ହର ହରରିପୁ ତାପ ହରିଣୀଦୃଶୀ,
ହେଉ ଏକ ତନୁ ତନୁ ହରଷ ଭଜ ସୁତନୁ
ହୁଅତୁ କାମଦାୟିନୀ କୁଟିଳ କେଶୀ ।''

ନାୟକର ଚାଟୁବାଣୀ ଓ ବାରମ୍ବାର ସବିନୟ ଅନୁରୋଧରେ ନାୟିକାର ମାନଭଞ୍ଜନ ଘଟିଛି । ସେ ଆନନ୍ଦିତ ହୋଇ ନାୟକର ଗଳାରେ ଦୁଇବାହୁ ଛନ୍ଦି ତାକୁ ଆଲିଙ୍ଗନ କରିଛି । ମିଳନାତ୍ମକ ପରିବେଶରେ ଚଉତିଶାଟି ସମାପ୍ତ

ହୋଇଛି । ନାୟକ ଓ ନାୟିକା ସୀମାହୀନ ଅନନ୍ଦରେ ଭାବବିଭୋର ହୋଇ ଉଠିଛନ୍ତି । କ୍ଷୀର ସାଗର ତନୟା ଲକ୍ଷ୍ମୀଙ୍କର ପତି ଅର୍ଥାତ୍ ବିଷ୍ଣୁଙ୍କ ଚରଣକମଳରେ ଶରଣ ନେଇ ଧନଞ୍ଜୟ ଚଉତିଶାଟିକୁ ସମାପ୍ତ କରିଛନ୍ତି -

'କ୍ଷୀରଜା ପତିର ଚରଣ
କ୍ଷମେ ନୃପ ଧନଞ୍ଜୟ ପଶେ ଶରଣ ।'

ଅନୁଚିନ୍ତା ଚଉତିଶା :

ଏହା ସିନ୍ଧୁ କାମୋଦୀ ରାଗରେ ରଚିତ । ଏଥିରେ କାଳ୍ପନିକ ନାୟକର ବିରହୀ ହୃଦୟ ଚିତ୍ରିତ ହୋଇଛି । ଏଥିରେ ମଧୁପ ଆଗରେ ହୃଦୟର ବାଣୀ ଶୁଣାଇଛି ବିରହୀ ବିଦେଶୀ ନାୟକ । କାନ୍ତାର ଚିନ୍ତା ତାକୁ ଅସ୍ଥିର କରିଛି । ଗତ ଦିନର ରତିକାଳୀନ ଚିତ୍ରକୁ ସ୍ମରଣ କରି ତା'ର ଦିନରାତି ସରୁନି । ନାୟିକାକୁ ଠାକୁର ରୂପରେ ପରିକଳ୍ପନା କରିଛି ଚଉତିଶାର ନାୟକ । କଥାବସ୍ତୁରେ ଚମତ୍କାରିତା ନାହିଁ, ମାତ୍ର ବିରହୀ ଜୀବନର କରୁଣ କାହାଣୀ ମର୍ମସ୍ପର୍ଶୀ ରୂପରେ ଚିତ୍ରିତ ହୋଇଛି । ନିଜକୁ ଦୋଷୀ ମନେ କରି ନାୟିକା ଦ୍ୱାରା ଦଣ୍ଡିତ ହେବାପାଇଁ ଇଚ୍ଛା କରିଛି ନାୟକ । ସେ କହିଛି -

''ଦୟା ଉଦଧିରୁ ମୋ ଦରିଦ୍ର ଧନ
ଦୋଷ ବିଚାରି ଦଣ୍ଡ ଏ ଦାସଜନରେ ।''

ନାୟିକା ହୋଇଛି ରୀତି ସାହିତ୍ୟରେ ନାୟକ ପାଇଁ ନିର୍ବାଣ ଦାୟିନୀ । ଉକ୍ତ ଚଉତିଶାରେ ଅନୁରୂପ ଚିନ୍ତାଧାରା ପ୍ରକାଶିତ ହୋଇଛି ନାୟକର ନିମ୍ନଲିଖିତ ଉକ୍ତିରେ -

''ନୟନ ପ୍ରତିମା ତୁ ନିର୍ବାଣ ଦାତା
ନିର୍ମାଣ କଲା କେତେ ଯୁଗେ ବିଧାତା ।''

ଉପବନରେ ବହୁ ପ୍ରକାର ଫୁଲ ଥିଲେ ମଧ୍ୟ ଭ୍ରମର ମାଳତୀ ଫୁଲକୁ ଅଧିକ ଆଦର କରିଥାଏ । ସେ ପ୍ରୀତିରେ ସ୍ୱତନ୍ତ୍ରତା ଥିବାରୁ ସେହି ପ୍ରୀତିକୁ ଭୃଙ୍ଗ ମାଳତୀ ପ୍ରୀତି କୁହାଯାଏ । ଏହି ଚଉତିଶାରେ ସେହି ଭୃଙ୍ଗମାଳତୀ ପ୍ରୀତିର ଉଲ୍ଲେଖ ରହିଛି । ପ୍ରୀତିକୁ ଉଚ୍ଚାସନ ଦେଇ ନାୟକ ମୁଖରେ କବି କହିଛନ୍ତି ଯେ ପ୍ରୀତି ପରି ମୂଲ୍ୟବାନ ଉପାଦାନ ତିନିପୁରରେ ଆଉ କିଛି ନାହିଁ । ସ୍ୱକୀୟା ପ୍ରୀତିର ବିମଳ ବିଭା ପ୍ରକଟିତ ହୋଇଛି ଆଲୋଚ୍ୟ ଚଉତିଶାରେ । ମଧୁପକୁ ଦୂତ କରି ପଠାଇଛି ଚଉତିଶାର ନାୟକ । ଏହା ଏକ ସନ୍ଦେଶମୂଳକ ଚଉତିଶା । ଏହାର ଶେଷରେ ଧନଞ୍ଜୟ ଭଞ୍ଜଙ୍କର ଭଣିତା ରହିଛି ମାତ୍ର କବିଙ୍କର ବିଭୁ ସ୍ମରଣ ନାହିଁ । ଶବ୍ଦ ସମ୍ଭାର ସରଳ ଓ ଭାବପୂର୍ଣ୍ଣ ହୋଇଥିବାରୁ ପ୍ରତ୍ୟେକ ସ୍ତରର ପାଠକ ମାନଙ୍କ ପାଇଁ ଚଉତିଶାଟି ଆକର୍ଷଣୀୟ ତଥା ଆଦରଣୀୟ ହୋଇଛି ।

ବଙ୍ଗଳାଶ୍ରୀ ଚଉତିଶା :

ଏହା ବଙ୍ଗଳାଶ୍ରୀ ରାଗରେ ରଚିତ ଓ ଏଥିରେ କୃଷ୍ଣଲୀଳା ପ୍ରସଙ୍ଗ ଉପସ୍ଥାପିତ । କୃଷ୍ଣଙ୍କ ମନରେ ରାଧାଙ୍କ ଦର୍ଶନ ଜନିତ ଅନୁରକ୍ତି ମର୍ମସ୍ପର୍ଶୀ ରୂପରେ ଏଥିରେ ଚିତ୍ରିତ । ରାଧାବୋଲି ପ୍ରଥମରୁ ନଜାଣି ସେ ତାଙ୍କୁ କେହି ଜଣେ ରୂପସୀ ତରୁଣୀ ବୋଲି ଧରି ନେଇଛନ୍ତି । ତରୁଣୀର କବରୀ ସଜ୍ଜା ତାଙ୍କୁ ମୁଗ୍ଧ କରିଛି । ମୁଗ୍ଧ କରିଛି ସେଥିରେ ଖଞ୍ଜା ହୋଇଥିବା ଉଜ୍ଜ୍ୱଳ କାନ୍ତି ଯୁକ୍ତ ମୁକ୍ତାସବୁ । ସେହି ତରୁଣୀର ନାସିକାରେ ଶୋଭା ପାଉଥିବା ନୀଳମଣି ନାକଚଣା ଶ୍ରୀକୃଷ୍ଣଙ୍କ ମନରେ ଭାବାନ୍ତର ସୃଷ୍ଟି କରିଛି । ନିଜେ ଶିବ ମଧ୍ୟ ସେ ଶୋଭା ଦେଖି ଆତ୍ମ ବିଭୋର ହୋଇ ପଡ଼ିବେ ବୋଲି ଶ୍ରୀକୃଷ୍ଣ କହିଛନ୍ତି । ସେ ରମଣୀର ଦାନ୍ତ ଗୁଡ଼ିକ ଏତେ ସୁନ୍ଦର ଦିଶୁଛି ଯେ ଜଣା ପଡୁଛି ସତେ ଅବା ମାରାଗ ନିର୍ମିତ ଫରୁଆରେ ମୋତି ଗୁଡ଼ିଏ ମଦନ ସଜାଇ ରଖିଛି । ସେହି ଚନ୍ଦ୍ରବଦନୀର ଅଙ୍ଗସଙ୍ଗ ଲାଭ କଲେ ଜୀବନ

ସାର୍ଥକ ହେବ ବୋଲି ସେ ମନେ କରିଛନ୍ତି । ଶିବ ତାଙ୍କର ଅର୍ଦ୍ଧାଙ୍ଗରେ ଯେପରି ପାର୍ବତୀଙ୍କୁ ଧାରଣ କରିଛନ୍ତି, ସେହିପରି ସେ ତରୁଣୀକୁ ପାଇଲେ ଶ୍ରୀକୃଷ୍ଣ ତାକୁ ଅର୍ଦ୍ଧାଙ୍ଗରେ ଧାରଣ କରିବେ ବୋଲି ଦୂତୀ ଆଗରେ କହିଛନ୍ତି । ଶ୍ରୀକୃଷ୍ଣଙ୍କର ସୀମାହୀନ ଉତ୍କଣ୍ଠା ଦେଖି ଦୂତୀ କହିଛି ଯେ ସେହି ତରୁଣୀ ହେଉଛନ୍ତି ବୃଷଭାନୁ କନ୍ୟା ଶ୍ରୀରାଧା । ଏହାପରେ ଦୂତୀ ଯାଇ ଶ୍ରୀରାଧାଙ୍କ ନିକଟରେ ପହଞ୍ଚିଛି । କୁଞ୍ଜବନରେ ବନଫୁଲରମାଳା ମଣ୍ଡିତ ପୀତବସ୍ତ୍ର ପରିହିତ ଏକ ସୌମ୍ୟଦର୍ଶନ ତରୁଣଙ୍କୁ ଦେଖି ତା'ର ମନ ମୁଗ୍ଧ ହୋଇଗଲା ବୋଲି ଦୂତୀ ଶ୍ରୀରାଧାଙ୍କ ଆଗରେ ପ୍ରକାଶ କରିଛି । ଏହା ଶୁଣି ରାଧାଙ୍କ ମନରେ ଭାବାନ୍ତର ସୃଷ୍ଟି ହୋଇଛି । ତାଙ୍କ ଦେହରେ ସୃଷ୍ଟି ହୋଇଛି କଦମ୍ବରୋମାଞ୍ଚ । ସେହି ତରୁଣକୁ ପାଇବାର ଆଶା ତାଙ୍କୁ ଅସ୍ଥିର କରି ପକାଇଛି । ଏପରି ପରିବେଶ ସୃଷ୍ଟି କରି ଦୂତୀ ଶ୍ରୀକୃଷ୍ଣଙ୍କୁ ଆଣିବାକୁ ଯାଇଛି ।

ଶ୍ରୀକୃଷ୍ଣଙ୍କ ନିକଟରେ ପହଞ୍ଚି ଦୂତୀ ଶ୍ରୀରାଧାଙ୍କର ମନର ଭାବକୁ ଜଣାଇ ଦେଇଛି । ଏହାପରେ ରାଧାକୃଷ୍ଣଙ୍କର ମିଳନ ଘଟାଇ ଦୂତୀ ଅପସରି ଯାଇଛି ଓ ଚଉତିଶାଟି ସଂପୂର୍ଣ୍ଣ ହୋଇଛି ।

ହଂସଦୂତ ଚଉତିଶା :

ଏହି ଚଉତିଶାଟିରେ କୃଷ୍ଣ ବିରହ ଜନିତ ରାଧାଙ୍କର ଦୁରବସ୍ଥାର ଚିତ୍ର ପ୍ରଦତ୍ତ । ରାଧାଙ୍କର ପ୍ରାଣ ସଜନୀ ଲଳିତା ଏଥିରେ ମର୍ମାହତ ହୋଇ ହଂସ ହାତରେ ଶ୍ରୀକୃଷ୍ଣଙ୍କ ପାଖକୁ ଯେଉଁ ସନ୍ଦେଶ ପଠାଇଛି ତାହା ହୋଇଛି ଚଉତିଶାର ମୁଖ୍ୟ କଥାବସ୍ତୁ । କାଳିନ୍ଦୀ ଜଳରେ ହଂସକୁ ଦେଖି ତାକୁ ଦୂତ ରୂପରେ କୃଷ୍ଣଙ୍କ ପାଖକୁ ପ୍ରେରଣ କରି ଲଳିତା ରାଧାଙ୍କ ପ୍ରତି ଯେଉଁ ଆନ୍ତରିକତା ପ୍ରଦର୍ଶନ କରିଛି ତାହାର ପଟାନ୍ତର ନାହିଁ । ହଂସର ଯାତ୍ରା ଶୁଭଙ୍କର ତଥା ବିଘ୍ନ ରହିତ ହେଉ ଏହି କାମନା କରିଛି ଲଳିତା । କୃଷ୍ଣ ବିରହରେ ରାଧା ପାଗଳିନୀ ହୋଇ ଯାଇଛନ୍ତି । କୃଷ୍ଣ ନାମ ନିରନ୍ତର ଘୋଷି ଘୋଷି ସେ ମର୍ମାହତ ହୋଇଛନ୍ତି । ଯେଉଁ ରାଧାଙ୍କୁ କୃଷ୍ଣ ତାଙ୍କର ଜୀବର ଜୀବନ ବୋଲି କହୁଥିଲେ ସେହି ରାଧା ଅଶନ, ବସନ ତ୍ୟାଗ କରି ଭୁଲୁଣ୍ଠିତା ହୋଇଛନ୍ତି ।

କୃଷ୍ଣ ପକ୍ଷରେ ଚନ୍ଦ୍ରକଳା ଯେପରି ଦିନକୁ ଦିନ କ୍ଷୟ ଘଟେ, ରାଧାଙ୍କର ତନୁ ଦିନକୁ ଦିନ ସେପରି ହେଉଛି ବୋଲି ଲଳିତା କହିଛି ।

କବିଙ୍କ ଭାଷାରେ -

''ଛଇଳ ମଣି ଧରାଧରଣୀଧରଙ୍କୁ କହିବ ମଣାଇ
ଛାର କରିଥାଅ ଫୁଲଶିରି ମୁଖକୁ ଯାହାର ଅନାଇ
ହଂସ ହେ, ଛଣେ ହେଁ ସୁଖ ନାହିଁ ତା'ର
ଛିଣ ହେଲା କଳାକର ମୁଖୀ କଳାକର କଳାକର ଆକାର ।''

ରାଧାଙ୍କର ତନୁ ଏତେ କ୍ଷୀଣ ହୋଇଯାଇଛି ଯେ ସେ ଶେଯରେ ଶୋଇ ରହି ଥିଲାବେଳେ ଭଲ କରି ନ ଚାହିଁଲେ ଜଣେ ତାଙ୍କର ସ୍ଥିତିକୁ ଜାଣିପାରିବ ନାହିଁ । ଅବସ୍ଥା ତାଙ୍କର ଏତେ ସଙ୍କଟଜନକ ହୋଇଛି ଯେ ସେ ମୃତ ପ୍ରାୟ ପଡ଼ି ରହିଛନ୍ତି । ନାକରେ ତୁଳା ଦେଇ ନିଃଶ୍ୱାସ ଚଳପ୍ରଚଳ ହେଉଛି କି ନାହିଁ ଦେଖିବାକୁ ପଡୁଛି ।

ଶ୍ରୀକୃଷ୍ଣଙ୍କ ସହିତ ରତିକ୍ରୀଡ଼ା କଲାବେଳେ, ଯେଉଁ ବାଣୀ ରାଧାଙ୍କ ମୁଖରୁ ବାହାରୁଥିଲା, କୃଷ୍ଣଙ୍କ ବିଚ୍ଛେଦରେ ହିତାହିତ ଜ୍ଞାନ ହରାଇଲାବେଳେ ରାଧାଙ୍କ ମୁଖରୁ ସେହିବାଣୀ ବାହାରୁଥିଲା ବୋଲି ଲଳିତା ହଂସ ଆଗରେ ପ୍ରକାଶ କରିଛି ।

ହଂସଯାଇ ଶ୍ରୀକୃଷ୍ଣଙ୍କ ଛାମୁରେ ସବୁକଥା ଜଣାଇଛି । ଶ୍ରୀକୃଷ୍ଣ ସବୁ ଶୁଣି ଦୁଃଖ ପ୍ରକାଶ କରିଛନ୍ତି ।

ଗୋପନାଗରୀମାନଙ୍କ ନିକଟକୁ ସେହି ହଂସ ହାତରେ ସେ ବାର୍ତ୍ତା ପଠାଇଛନ୍ତି । ହଂସ ଫେରିଆସି କାନ୍ତାମାନଙ୍କୁ କୃଷ୍ଣ ଦେଇଥିବା ସନ୍ଦେଶ କହିଦଇଛି । ଧନଞ୍ଜୟ ଭଞ୍ଜ ଏହିଠାରେ ଚଉତିଶାଟିକୁ ସମାପ୍ତ କରିଛନ୍ତି ।

କବିଙ୍କର ଶବ୍ଦ ସଂଯୋଜନା ଓ ଆଳଙ୍କାରିକତା ପାଠକ ମନରେ ଆକର୍ଷଣ ସୃଷ୍ଟି କରିଛି । ବୈଷ୍ଣବ ମତରେ ଲଳିତା ହେଉଛି ରାଧାଙ୍କର ପ୍ରାଣସଙ୍ଗିନୀ । ରାଧାଙ୍କର ସୁଖ ଦୁଃଖରେ ସେ ସମଭାଗିନୀ । ତ୍ୟାଗଶୀଳା, ସ୍ନେହସ୍ନିଗ୍ଧା ଲଳିତାର ହୃଦୟବତ୍ତା ଅନନ୍ୟ ଓ ଅସାଧାରଣ । ରାଧା ଓ କୃଷ୍ଣଙ୍କର ମିଳନ ପାଇଁ ତା'ର ଆଗ୍ରହ ଅପରିସୀମ । ଏହି ଚଉତିଶାଟି ଯେପରି ସୁଖପାଠ୍ୟ ହୋଇଛି ସେହିପରି ହୃଦୟସ୍ପର୍ଶୀ ହେବାର ଗୌରବ ଅର୍ଜନ କରି କବିକୃତିର ସାର୍ଥକତାକୁ ପ୍ରତିଷ୍ଠା କରିଛି ।

କେଳି କଳ୍ପଦ୍ରୁମ ଚଉତିଶା :

ଏହା ଧନଞ୍ଜୟ ଭଞ୍ଜଙ୍କ ଦ୍ୱାରା ରଚିତ ରାଧାକୃଷ୍ଣ ଲୀଳାତ୍ମକ ଏକ ସନ୍ଦେଶ ମୂଳକ ଚଉତିଶା । ଶ୍ରୀରାଧାଙ୍କୁ କେଳିକଳ୍ପଦ୍ରୁମ ଭାବରେ ଶ୍ରୀକୃଷ୍ଣ ଆଖ୍ୟାୟିତ କରିଥିବାରୁ ଚଉତିଶାଟିର ନାମକରଣ ଏପରି ହୋଇଛି । ରାଧା ଓ କୃଷ୍ଣ ହେଉଛନ୍ତି ତତ୍ତ୍ୱ ଦୃଷ୍ଟିରୁ ଏକ ଓ ଅଭିନ୍ନ । କେବଳ ଲୀଳା ରଚନା ନିମିତ୍ତ ଏକ ସତ୍ତା ଭିନ୍ନଭିନ୍ନ ଦୁଇ ରୂପ ଧାରଣ କରିଛନ୍ତି । ସେହି ଲୀଳା ଅପ୍ରାକୃତ ପ୍ରେମଲୀଳା, ଯାହା ଅହରହ ଅନୁଷ୍ଠିତ ହୁଏ । ଏହି ଲୀଳାକୁ ପୁରାଣ, କାବ୍ୟ, ମହାକାବ୍ୟ, ଆଦିରେ କବିମାନେ୍ ଲୌକିକ ସ୍ତରକୁ ଆଣିଥାନ୍ତି । ମାନବିକ ପ୍ରଣୟାନୁଭୂତିର ମାର୍ମିକ ରୂପରେଖକୁ ରାଧାକୃଷ୍ଣଙ୍କର ଲୀଳାବିଳାସରେ ଆରୋପ କରିଥାନ୍ତି କବିମାନେ । ଏହି କେଳି କଳ୍ପଦ୍ରୁମ ଚଉତିଶାରେ ବିରହୀ ଶ୍ରୀକୃଷ୍ଣଙ୍କର ମାନସିକ ଅବସ୍ଥାର ଚିତ୍ର ପ୍ରଦତ୍ତ । ରାଧାଙ୍କ ବିରହରେ ଶ୍ରୀକୃଷ୍ଣ ମର୍ମାହତ । ଦୂତୀ ଆଗରେ ମନର ଦୁଃଖ ଉପସ୍ଥାପନା କରି ସେ କହିଛନ୍ତି ଯେ ରାଧା ହେଉଛନ୍ତି ତାଙ୍କର ନୟନ ପ୍ରତିମା, କ୍ଷଣକ ପାଇଁ ତାଙ୍କୁ ଭୁଲି ହେଉନାହିଁ । ନିଜକୁ ଦାସାନୁଦାସ ମନେକରି ରାଧାଙ୍କ କରୁଣା ଲାଭ କରିବାକୁ ଆଶାପୋଷଣ କରିଛନ୍ତି ସେ । ଶ୍ରୀରାଧାଙ୍କ ବିନା ଆଉ କେହି ସାହାଭରସା ନାହିଁ ବୋଲି କହିବାକୁ ଯାଇ ଶ୍ରୀକୃଷ୍ଣ କହିଛନ୍ତି ଦୂତୀ ଆଗରେ ।

''ଏଣୀ ନୟନା ବିନୁ ସାହା କାହିଁ

ଏଣାଙ୍କ ମୁଖୀ ଏହା ଜାଣିଥାଇ ।''

ରାଧାଙ୍କୁ ପ୍ରାଣର ମଣି, ହେମବରଣୀ ନାମରେ ଅଭିହିତ କରି କୃଷ୍ଣ ତାଙ୍କ ସାହଚର୍ଯ୍ୟ ପାଇଁ ଆକୁଳ ଚିତ୍ତରେ ଅପେକ୍ଷା କରିଛନ୍ତି । କୃଷ୍ଣଙ୍କଠାରୁ ବାର୍ତ୍ତାନେଇ ଦୂତୀ ପହଞ୍ଚିଛି ରାଧାଙ୍କ ପାଖରେ । ସେ ରାଧାଙ୍କୁ କୃଷ୍ଣଙ୍କର ଦୁରବସ୍ଥାର କାରଣ ଓ ସ୍ୱରୂପ ସଂପର୍କରେ ବୁଝାଇ ଦେବାକୁ ରାଧାଙ୍କ ଅଧରରୁ ସ୍ମିତହାସର ମାଧୁରିମା ଝରି ପଡ଼ିଛି । କୃଷ୍ଣଙ୍କୁ ଆଣି ସାକ୍ଷାତ୍‌କରାଇବା ଲାଗି ଦୂତୀକୁ ରାଧା ଆବେଦନ କରିଛନ୍ତି । ଦୂତୀ ଯାଇ ଶ୍ରୀକୃଷ୍ଣଙ୍କୁ ଆଣି ରାଧାଙ୍କ ସହ ଭେଟ କରାଇଛି ଓ ରାଧା କୃଷ୍ଣଙ୍କର ଲୀଳା ଆରମ୍ଭ ହୋଇଛି । ମିଳନାନ୍ତକ ପରିବେଶରେ ଧନଞ୍ଜୟ ଭଞ୍ଜ ବିଷ୍ଣୁଙ୍କ ପାଦପଦ୍ମକୁ ସ୍ମରଣ କରି ଚଉତିଶାଟିକୁ ସମାପ୍ତ କରିଛନ୍ତି ।

ଉହୁଁ ଚଉତିଶା :

ଏହି ଚଉତିଶାରେ କୃଷ୍ଣ ବିରହିଣୀ ଗୋପୀମାନଙ୍କର ଶୋଚନୀୟ ଅବସ୍ଥାର ଚିତ୍ର ଅଙ୍କିତ । ବିଗତ ଦିନର ସ୍ମୃତି ସେମାନଙ୍କ ମାନସପଟରେ ଜାଗ୍ରତ ହୋଇଉଠିଛି । କୃଷ୍ଣଙ୍କ ବିନା ଜୀବନ ସେମାନଙ୍କର ସାରଶୂନ୍ୟ ଓ ମୂଲ୍ୟହୀନ । ମନରେ ସୃଷ୍ଟି ହୋଇଛି ଏକ ବିରାଟ ଶୂନ୍ୟସ୍ଥାନ । ଜୀବନରୁ କିଏ ଯେମିତି ସବୁ ଆନନ୍ଦ ଚୋରିକରି ନେଇଛି । କୃଷ୍ଣଙ୍କର ଗୋବର୍ଦ୍ଧନ ଧାରଣ, ଇନ୍ଦ୍ରଗର୍ବ ଗଞ୍ଜନ, ଗଜ ଉଦ୍ଧାରଣ ପ୍ରସଙ୍ଗ ସେମାନଙ୍କର ମାନସ ପଟରେ ଜୀବନ୍ତ କରିଛନ୍ତି ଗୋପୀମାନେ । ଏ କଥା ଜାଣିଥିଲେ ସେମାନେ କୃଷ୍ଣଙ୍କ ସହିତ ପ୍ରୀତିଭାବ ବଢ଼ାଇ ନଥାନ୍ତେ ବୋଲି

ବିଚାର କରିଛନ୍ତି । ଗୋପୀମାନେ କୃଷ୍ଣଙ୍କୁ କ୍ଷଣକ ପାଇଁ ମଧ୍ୟ ଭୁଲି ପାରି ନାହାନ୍ତି । ନିଜ ନିଜର ଜୀବନକୁ ମୂଲ୍ୟହୀନ ମନେକରି ସେମାନେ ବିଧାତାକୁ ଦୋଷ ଦେଇଛନ୍ତି । ଅତୀତର ସ୍ମୃତି ଚାରଣ କରି ସେମାନେ କହିଛନ୍ତି-

''ଥିଲେ କଦମ୍ବର ତଳେ ଗୋ । ଥିଲେ ଗୋପସୁତ ମେଳେ ॥
ଥଣ୍ଟ ଚିରି ବକାସୁର ମାଇଲା । ଖଣ୍ଟ ଶିରୋମଣି ଛାଡ଼ିଣ ଗଲା ॥
ଥିବେ ଏବେ ମଧୁପୁରେ ଗୋ ବୋଲେ ଉହୁଁ ହୁଁ ।''

କୃଷ୍ଣହୀନା ହୋଇ ବଞ୍ଚି ରହିବାକୁ ସେମାନେ ଇଚ୍ଛା କରିନାହାନ୍ତି । କୃଷ୍ଣ ତାଙ୍କର ସର୍ବସ୍ୱ, ହୃଦୟର ହାର, ଜୀବର ଜୀବନ, କୃଷ୍ଣଙ୍କ ବିନା ତାଙ୍କର ସ୍ଥିତି ନାହିଁ । କୃଷ୍ଣହୀନ ହୋଇ ବଞ୍ଚିବା ଅପେକ୍ଷା ମହୁରା ବିଷ ଖାଇ ପ୍ରାଣତ୍ୟାଗ କରିବା ଭଲ ବୋଲି ସେମାନେ ମନେ କରିଛନ୍ତି । ସେମାନଙ୍କୁ ଦିଗ ଦିଗନ୍ତ ବିଷମୟ ଲାଗିଛି । ସୌଭାଗ୍ୟର ଫଳରୁ କୃଷ୍ଣଙ୍କୁ ସେମାନେ ଲାଭ କରିଥିଲେ ବୋଲି କହିଛନ୍ତି । ଯମୁନା କୂଳରୁ କୁଞ୍ଜବନରେ କୃଷ୍ଣଙ୍କ ସହିତ କେଳି କରି ଗୋପୀମାନେ ଜାତି କୁଳଧର୍ମ ତ୍ୟାଗ କରିଥିଲେ । ସେହି କୃଷ୍ଣ ସେମାନଙ୍କୁ ଛାଡ଼ିଯିବାରୁ ସେମାନଙ୍କ ମନରେ ଦାରୁଣ ଆଘାତ ଲାଗିଛି । ସମସ୍ତେ ହରପୂଜା ପାଇଁ ବାହାରିଛନ୍ତି । ଶ୍ରୀକୃଷ୍ଣଙ୍କ ପାଦପଦ୍ମକୁ ସ୍ମରଣ କରି ଧନଞ୍ଜୟ ଭଞ୍ଜ ଉକ୍ତ ଚଉତିଶାଟିକୁ ସମାପ୍ତ କରିଛନ୍ତି । ପ୍ରତି ପଦର ଶେଷରେ 'ଉହୁଁ ହୁଁ'ବୋଲି ଉଲ୍ଲେଖ କରାଯାଇଥିବାରୁ ଚଉତିଶାଟିର ନାମ 'ଉହୁଁ ଚଉତିଶା' ଦିଆଯାଇଛି । କବିଙ୍କର ଉକ୍ତି ଯଥେଷ୍ଟ ଭାବମୟ ଓ ମର୍ମସ୍ପର୍ଶୀ । ପ୍ରୀତିର ସ୍ୱରୂପ ଓ ପ୍ରଭାବ ସଂପର୍କରେ ଏଥିରେ ଯେଉଁ ମହତ୍ତ୍ୱପୂର୍ଣ୍ଣ ତଥ୍ୟ ଓ ତତ୍ତ୍ୱ ଉପସ୍ଥାପିତ ହୋଇଛି ତାହା ଚଉତିଶାଟିକୁ ସ୍ୱତନ୍ତ୍ର ପ୍ରତିଷ୍ଠା ଆଣି ଦେଇଛି ।

କବି ଧନଞ୍ଜୟ ଭଞ୍ଜ ତାଙ୍କର ପ୍ରତ୍ୟେକ କାବ୍ୟ ତଥା କାବ୍ୟେତର ସୃଷ୍ଟିରେ ନିଜର ପ୍ରତିଭା ଓ ପାଣ୍ଡିତ୍ୟର ନିର୍ମଳ ନିଦର୍ଶନ ରଖିଛନ୍ତି । ପ୍ରତ୍ୟେକ ସୃଷ୍ଟି ହୋଇଛି ତାଙ୍କର ସୁଖପାଠ୍ୟ ଓ ଆକର୍ଷଣୀୟ ।

ସ୍ଥପତି ତା'ର ସ୍ଥାପତ୍ୟ ବିଦ୍ୟା ମାଧ୍ୟମରେ ପଥର ଦେହରେ କମନୀୟ ଭାବଭଙ୍ଗିମା ଫୁଟାଏ । ସଂଗୀତଜ୍ଞ ତା'ର ସ୍ୱର ଝଙ୍କାରରେ ବାତାବରଣକୁ ସ୍ୱର୍ଗକାତର କରିଥାଏ । ଚିତ୍ରକାର ସରଳ, ଜଟିଳ ରେଖାର ଜାଲ ଭିତରେ ମନର ଗୁପ୍ତ ଭାବକୁ ବ୍ୟକ୍ତ କରିଥାଏ । ସାହିତ୍ୟିକ ଲେଖନୀ ଚାଳନା କରି ଲିପିମାଳା ମଧ୍ୟରେ ହୃଦୟରବାର୍ତ୍ତାକୁ ସାହିତ୍ୟରେ ଉପସ୍ଥାପନା କରିଥାଏ । ସେ ଆତ୍ମକଥାକୁ ବିଶ୍ୱ କଥାରେ, ଆତ୍ମଚେତନାକୁ ବିଶ୍ୱଚେତନାରେ ପରିଣତ କରିବା ପାଇଁ ପ୍ରବଳ ପ୍ରଚେଷ୍ଟା କରିଥାଏ । ଏଥିପାଇଁ ଯେଉଁ ପ୍ରେରଣା ଆସେ ତାହାର ମୂଳଉତ୍ସ ହେଉଛି ପ୍ରତିଭା । ପ୍ରତିଭା ହେଉଛି କବିତ୍ୱର କାରଣ । ଜ୍ଞାନ ଓ ଅଭ୍ୟାସ ପ୍ରତିଭାରୂପୀ ବୀଜର ବିକାଶ ନିମିତ୍ତ ମାଟି ଓ ଜଳ ପରି କାମ କରନ୍ତି । ପ୍ରତିଭାର ବିମଳ ବିକାଶ ପାଇଁ ବହୁଶାସ୍ତ୍ରଦର୍ଶିତା ଏକାନ୍ତ ପ୍ରୟୋଜନ । ବହୁଶାସ୍ତ୍ରଦର୍ଶୀ କବି ଧନଞ୍ଜୟ ତାଙ୍କ ପୂର୍ବବର୍ତ୍ତୀ ସଂସ୍କୃତ ସାହିତ୍ୟ ଓ ଓଡ଼ିଆ ସାହିତ୍ୟ ଦ୍ୱାରା କେତେକାଂଶରେ ପ୍ରଭାବିତ ହୋଇଛନ୍ତି ।

ସଂସ୍କୃତ ସାହିତ୍ୟରେ କାବ୍ୟାଦର୍ଶ ମୁଖ୍ୟତଃ ଦୁଇ ପ୍ରକାରର । ଗୋଟିଏ ହେଉଛି ରସମାର୍ଗ ଓ ଅନ୍ୟଟି ଅଳଙ୍କାର ମାର୍ଗ । ରସମାର୍ଗ ଅପେକ୍ଷାକୃତ ସରଳ ଓ ଭାବମୟ । ଅଳଙ୍କାର ମାର୍ଗ ସାମାନ୍ୟ ଜଟିଳ ଓ ଶବ୍ଦମୟ । ବ୍ୟାସ, ବାଲ୍ମୀକି, କାଳିଦାସ ଆଦି କବିମାନେ ଅଳଙ୍କାର ମାର୍ଗକୁ ଅନୁସରଣ କରିଛନ୍ତି । କବି ଧନଞ୍ଜୟ ଅଳଙ୍କାର ମାର୍ଗ ଅପେକ୍ଷା ରସମାର୍ଗଦ୍ୱାରା ଅଧିକ ପ୍ରଭାବିତ । କବି ଶ୍ରୀହର୍ଷଙ୍କ ଦ୍ୱାରା ଧନଞ୍ଜୟ ଯେତେ ପ୍ରଭାବିତ ହୋଇ ନାହାନ୍ତି, କାଳିଦାସଙ୍କ ଦ୍ୱାରା ସେତେ ପ୍ରଭାବିତ ହୋଇଛନ୍ତି । କାଳିଦାସଙ୍କ ରସସ୍ନିଗ୍ଧ ଅଭିବ୍ୟକ୍ତି କବି ଧନଞ୍ଜୟଙ୍କ ହୃଦୟରେ ରେଖାପାତ କରିଛି । କାଳିଦାସ ହେଉଛନ୍ତି ଭାରତୀୟ ସାହିତ୍ୟିକ ଆତ୍ମାର ମୂର୍ତ୍ତିମନ୍ତ ପ୍ରତୀକ । ସାହିତ୍ୟକୁ ଜୀବନର ପରିବ୍ୟାପ୍ତ ପରିଧି ସହ ସମନ୍ୱିତ କରି ସେ ଏପରି ଏକ ନୀଳବଳୟ ସୃଷ୍ଟି କରିଛନ୍ତି ଯାହା ପ୍ରତି ବିଭିନ୍ନ ସମୟରେ ବହୁ କବି ଆକୃଷ୍ଟ ହୋଇଛନ୍ତି ।

ଜୀବନର ଗଭୀର ଅଧ୍ୟୟନ କାଳିଦାସ କରିଛନ୍ତି । ଜୀବନରେ ଦିବ୍ୟ ଚେତନାର ଗୁରୁତ୍ୱକୁ ସେ ଉପଲବ୍ଧ କରିଛନ୍ତି । ତାଙ୍କ କବିତ୍ୱର ପରମ ପରାକାଷ୍ଠା ଏତେ ଉଚ୍ଚତାକୁ ସ୍ପର୍ଶ କରିଛି ଯେ ସଂସ୍କୃତ ସାହିତ୍ୟର ବିଚାର ଓ ବିଶ୍ଳେଷଣବେଳେ କାଳିଦାସ ହିଁ ପ୍ରଥମ କବି ଭାବରେ ବିବେଚିତ ହୁଅନ୍ତି । ଭାରତୀୟ ସଂସ୍କୃତିର ପରମ ପୂଜାରୀ ସାଜି ସେ ତାଙ୍କ ସାହିତ୍ୟକୁ ସଂସ୍କୃତିର ମୁକୁର କରି ଗଢ଼ିଛନ୍ତି । ଭାରତର ପ୍ରାକୃତିକ ପରିବେଶ ତାଙ୍କୁ ମୁଗ୍ଧ କରିଛି । ଆଦ୍ୟ ଆଷାଢ଼ର ମେଘମାଳାଠାରୁ ଆରମ୍ଭ କରି ବନାନୀର ସବୁଜିମା ପର୍ଯ୍ୟନ୍ତ ସବୁ କିଛି ତାଙ୍କ ହୃଦୟରେ ଭାବାନ୍ତର ସୃଷ୍ଟି କରିଛି । ଭାରତର ନଦନଦୀ, କାନନ, କେଦାର ସବୁ ତାଙ୍କ ନିକଟରେ ନୂଆ ଚେତନା ନେଇ ଆତ୍ମ ପ୍ରକାଶ କରିଛନ୍ତି । ତେଣୁ ଏ କଥା କୁହାଯାଇପାରେ, କାଳିଦାସ ଏ ମାଟିର ମହାକବି, ଏ ଜାତିର ପ୍ରଗତିର ଜାଗ୍ରତ ପ୍ରହରୀ, ଏ ସଂସ୍କୃତିର ପରମ ପୂଜାରୀ । ସେ ଏକାଧାରରେ ପ୍ରୀତିର ପ୍ରବକ୍ତା, ସୌନ୍ଦର୍ଯ୍ୟର ଦ୍ରଷ୍ଟା ଓ ଚେତନାର ଉପାସକ । ସେଥିପାଇଁ ତାଙ୍କୁ କବି କୁଳଗୁରୁ ବୋଲି କୁହାଯାଏ । ସଂସ୍କୃତରେ କୁହାଯାଏ -

''ପୁଷ୍ପେଷୁ ମଲ୍ଲୀ ନଗରେଷୁ ଦିଲ୍ଲୀ
କାବ୍ୟେଷୁ ମାଘ, କବି କାଳିଦାସଃ ।''

ଏହିପରି ଉଚ୍ଚ ମର୍ଯ୍ୟାଦା ସଂପନ୍ନ ଭାରତୀୟ ସଂସ୍କୃତିର ଏକ ନିଷ୍ଠ ସେବକ କବି କାଳିଦାସଙ୍କର ମେଘଦୂତର ପ୍ରଭାବ ଧନଞ୍ଜୟଙ୍କର ହଂସଦୂତ କାବ୍ୟରେ କିଛିକାଂଶରେ ଦେଖିବାକୁ ମିଳେ । ଯକ୍ଷ ଯେପରି ମେଘକୁ ମାର୍ଗ ନିର୍ଦ୍ଦେଶ କରିଛି, ଲଳିତା ସେପରି ହଂସକୁ ମାର୍ଗ ନିର୍ଦ୍ଦେଶ କରିଛି । ମେଘଦୂତରେ ଯକ୍ଷ ଯେପରି ମେଘକୁ ପର୍ବତ ଉପରେ ବିଶ୍ରାମ କରିବାକୁ ଓ ନଦୀ, ଝରଣାର ଜଳପାନ କରିବାକୁ ନିର୍ଦ୍ଦେଶ ଦେଇଛି ସେପରି ଲଳିତା ହଂସକୁ 'ପକ୍ୱ ଜମ୍ବୁରୁଚିର କଳିନ୍ଦ ସୁତାନୀର କରିବୁ ମାର୍ଗେ ଯାଉପାନ' ଏବଂ 'ଯାନ୍ତେ ତୁହି ଅମ୍ବର ଶୁଣହେ ହଂସବର କଦମ୍ବେ କରିବୁ ଆରୂଢ଼'ଆଦି କଥା କହିଛି । ମେଘ ଆକାଶରେ ଭାସିଗଲାବେଳେ ବିରହିଣୀ ନାୟିକାମାନେ ତାକୁ ଏକ ଲୟରେ ଚାହିଁ ରହିବେ ବୋଲି ମେଘଦୂତରେ କୁହାଯାଇଛି । ସେପରି କଥା କହିବାକୁ ଯାଇ ଧନଞ୍ଜୟ ହଂସଦୂତ କାବ୍ୟରେ କହିଛନ୍ତି ଯେ ହଂସ ମଧୁର ରବ କରି ଆକାଶମର୍ଗରେ ଗଲାବେଳେ ଗୋପବାଳାମାନେ ତାକୁ ଚାହିଁ ରହିବେ । ପୁନଶ୍ଚ ମେଘକୁ ଦୂତ କରି କବି ଧନଞ୍ଜୟ ଗୋଟିଏ ଚଉପଦୀ ରଚନା କରିଛନ୍ତି । ସେହି ଚଉପଦୀରେ ମେଘହାତରେ ନାୟକ ଶ୍ରୀକୃଷ୍ଣ ବାର୍ତ୍ତା ପ୍ରେରଣ କରିଛନ୍ତି ଶ୍ରୀରାଧାଙ୍କ ନିକଟକୁ ।

କାଳିଦାସଙ୍କର 'ଋତୁ ସଂହାର'ର ପ୍ରଭାବ ଧନଞ୍ଜୟଙ୍କ ସାହିତ୍ୟରେ ପରିଦୃଷ୍ଟ ହୁଏ । 'ପ୍ରାବୃଟ ବର୍ଣ୍ଣନମ୍'ରେ ବର୍ଷା ଋତୁକୁ କବି କାଳିଦାସ ରାଜା ରୂପରେ ପରିକଳ୍ପନା କରିଛନ୍ତି । କବିଙ୍କ ମତରେ ମେଘଗଣ ଘଡ଼ଘଡ଼ି ରୂପକ ବାଜାବଜାଇ, ବିଜୁଳି ରୂପକ ଗୁଣ ଲାଗିଥିବା ଇନ୍ଦ୍ରଧନୁକୁ ଧାରଣ କରି ଜଳଧାରା ରୂପକ ଶରରାଶି ବର୍ଷଣ କରୁଛନ୍ତି । ଏହିପରି ଭାବଧାରାରେ ଅନୁପ୍ରାଣିତ ହୋଇ କବି ଧନଞ୍ଜୟ ତାଙ୍କ କାବ୍ୟ ଅନଙ୍ଗରେଖାରେ କହିଛନ୍ତି ଯେ ବର୍ଷାକାଳ ନବଘନ ଗଜକୁ ଆରୋହଣ କରି ଘଡ଼ଘଡ଼ି ରୂପକ ବାଜା ବଜାଇ ବିଜୁଳି ରୂପକ ଗୁଣ ଲାଗିଥିବା ଇନ୍ଦ୍ରଧନୁ ଧାରଣ କରି ଜଳଧାରା ରୂପକ ବାଣ ବର୍ଷଣ କରି ପ୍ରବାସୀମାନଙ୍କର ମନକୁ ଆକୁଳ କରେ ।

କାଳିଦାସଙ୍କ ଭାଷାରେ -

ବଳାହକାଶ୍ଚ ଶନିଶଦ୍ଦମର୍ଦ୍ଦଳାଃ
ସୁରେନ୍ଦ୍ର ଚାପଂ ଦଧତଃ ସ୍ତଡ଼ିତ୍ଗୁଣମ୍
ସୁତୀକ୍ଷଣ ଧାରାପତ ନୋଗ୍ରସାୟକୈଃ
ସ୍ତୁଦନ୍ତି ଚେତଃ ପ୍ରସଭଂ ପ୍ରବାସିନାମ୍

(ଋ.ସଂ ୨/୪)

ଏହାର ପ୍ରଭାବରେ ପ୍ରଭାବିତ ହୋଇ ଧନଞ୍ଜୟ ଭଞ୍ଜ ଲେଖିଛନ୍ତି-

'ନବଘନ ଗଜ ଅଛି ଆରୋହି
ଅଶନି ଘନବାଦ୍ୟ ପ୍ରକାଶଇ
ତଡ଼ିବ ଗୁଣଇନ୍ଦ୍ରଚାପ ଧରି
ଜଳଧାରା ବାଣଗଣ ପ୍ରହାରି ।'

(ଅନଙ୍ଗରେଖା ୧୮/୧୧)

ଅଳକାପୁରରେ କୁବେରଙ୍କ ବନ୍ଧୁ ଶିବ ସ୍ୱୟଂ ବାସ କରନ୍ତି ବୋଲି ଅନଙ୍ଗ ସେଠାରେ ତା'ର ପ୍ରଭାବ ବିସ୍ତାର କରିପାରେ ନାହିଁ, ଏକଥା ଉତ୍ତରମେଘରେ ପ୍ରସଙ୍ଗକ୍ରମେ କାଳିଦାସ କହିଛନ୍ତି । ଧନଞ୍ଜୟ 'ମଧୁରତେ କାନ୍ତ ବିଦେଶ ଗଲା' ଶୀର୍ଷକ ଚଉପଦୀରେ ''ହର ଅଛନ୍ତି କି ସେହୁ ଦେଶରେ । ଅନଙ୍ଗ ନଯାଇ ମରିବା ଡରେ'' ବୋଲି କହିଛନ୍ତି ।

ନାୟକ ଓ ନାୟିକା ପରସ୍ପରକୁ ପାଇଲେ ତାହା ବହୁ ପୁଣ୍ୟଫଳ ହେତୁ ସମ୍ଭବ ହୁଏ ବୋଲି ଧାରଣା କରିବାର ପରମ୍ପରା ଆର୍ଯ୍ୟ ଦର୍ଶନରେ ଦେଖିବାକୁ ମିଳେ । କାଳିଦାସଙ୍କର କୁମାର ସମ୍ଭବରେ ଶିବଙ୍କୁ ପାଇବା ପାଇଁ ପାର୍ବତୀଙ୍କ ଏକନିଷ୍ଠତା ଅତୁଳନୀୟ । ତପସ୍ୱିନୀ ସାଜି ସେ କଠୋର ତପସ୍ୟା କରିଛନ୍ତି । ଏପରିକି ଗ୍ରୀଷ୍ମ କାଳରେ ନିଜ ଚାରିପଟରେ ଅଗ୍ନି ପ୍ରଜ୍ୱଳନ କରି ତା' ମଧ୍ୟରେ ରହି ତପ ଆଚରଣ କରିଛନ୍ତି । କବିଙ୍କର ପଣ୍ଡିତବୋଧ ଚଉତିଶାରେ ବିରହୀ ନାୟକ ତା'ର ଗତ ଦିନର ସ୍ମୃତିକୁ ସ୍ମରଣ କରି ଦାରୁଣ ଯନ୍ତ୍ରଣା ଅନୁଭବ କରିଛି । ବହୁ ଜନ୍ମ ଶିବଙ୍କୁ ସେବାକରି ସେହି ପୁଣ୍ୟବଳରେ ନାୟିକାକୁ ଲାଭ କରିଥିଲା ବୋଲି ସେ କହିଛି ।

ଧନଞ୍ଜୟଙ୍କ ସାହିତ୍ୟରେ ଶ୍ରୀଗୀତଗୋବିନ୍ଦର ପ୍ରଭାବ ମଧ୍ୟ ଅନୁଭୂତ ହୁଏ । ଜୟଦେବଙ୍କଦ୍ୱାରା ରଚିତ ଗୀତଗୋବିନ୍ଦ ଗ୍ରନ୍ଥଟି ଭାରତୀୟ ସାହିତ୍ୟ ଗନ୍ତାଘରରେ ଏକ ଅମୂଲ୍ୟରତ୍ନ । ଏଥିରେ ରାଧାକୃଷ୍ଣ ଲୀଳା ବିଳାସ ବର୍ଣ୍ଣିତ । ବିପ୍ରଲମ୍ଭ ଶୃଙ୍ଗାରର ମର୍ମସ୍ପର୍ଶୀ ଉପସ୍ଥାପନା ସହିତ ସମ୍ଭୋଗ ଶୃଙ୍ଗାରର ଆକର୍ଷଣୀୟ ଚିତ୍ର ଏଥିରେ ଦେଖିବାକୁ ମିଳେ । ରାଧାଙ୍କ ବିରହରେ କୃଷ୍ଣ ମର୍ମାହତ । ଭୃଙ୍ଗଗୁଞ୍ଜନ ତାଙ୍କ ପାଇଁ ଅସହ୍ୟ ହୋଇଛି । ପୁନଶ୍ଚ କୃଷ୍ଣ ବିରହିଣୀ ରାଧାଙ୍କ ମଳିନ ଚିତ୍ର ଅତ୍ୟନ୍ତ ପ୍ରାଣସ୍ପର୍ଶୀ ହୋଇଛି । ରାଧା କପାଳରେ କର ଦେଇ ବସିଛନ୍ତି । ନବପଲ୍ଲବ ନିର୍ମିତ ଶେଯକୁ ଦେଖି ତାକୁ ଜ୍ୱଳନ୍ତ ଅଗ୍ନି ବୋଲି ସେ ମନେ କରିଛନ୍ତି । ଧନଞ୍ଜୟଙ୍କ କୃଷ୍ଣକ୍ରୀଡ଼ା ଗ୍ରନ୍ଥରେ ବିରହିଣୀ ରାଧାଙ୍କର ଅବସ୍ଥା ଏହିପରି ହୋଇଛି । ସେ ମଧ୍ୟ ଶେଯକୁ ଅଗ୍ନିପରି ମନେ କରିଛନ୍ତି । କୃଷ୍ଣକ୍ରୀଡ଼ା ଗ୍ରନ୍ଥରେ ରାଧାକୃଷ୍ଣ ପରସ୍ପରକୁ ଦର୍ଶନ କରିଛନ୍ତି ଏବଂ ଉଭୟଙ୍କ ମନରେ ପୂର୍ବରାଗ ସୃଷ୍ଟି ହୋଇଛି । ପରସ୍ପରଠାରୁ ଦୂରେଇ ଯିବାପରେ ବିରହର ତାପ ଅସହ୍ୟ ହୋଇପଡ଼ିଛି । ବିରହିଣୀ ରାଧା ଯେପରି ଗୀତ ଗୋବିନ୍ଦରେ ଚନ୍ଦନ, ଚନ୍ଦ୍ର କିରଣକୁ ବିଷପରି ମନେ କରିଛନ୍ତି, କୃଷ୍ଣକ୍ରୀଡ଼ାରେ ସେପରି ଚନ୍ଦ୍ର ଚନ୍ଦନ, କର୍ପୂରକୁ ବିଷ ପରି ମନେ କରିଛନ୍ତି । ଏହାର ପ୍ରଭାବରେ କୃଷ୍ଣକ୍ରୀଡ଼ା ଗ୍ରନ୍ଥରେ ଧନଞ୍ଜୟ ଭଞ୍ଜ ଶ୍ରୀକୃଷ୍ଣଙ୍କ ବଂଶୀଧ୍ୱନି ଶୁଣି ଧେନୁମାନେ ତୃଣ ନ ଚରିବା କଥା କହିଛନ୍ତି ।

ମୁରଲୀଧ୍ୱନି ଶୁଣି ରାଧା ବ୍ୟାକୁଳ ହୋଇଛନ୍ତି କୃଷ୍ଣ ପ୍ରାପ୍ତି ପାଇଁ । ତାଙ୍କ ତନୁ ଓ ମନରେ କଦମ୍ବରୋମାଞ୍ଚ ସୃଷ୍ଟି ହୋଇଛି । ତିମିରାଭିସାର ପାଇଁ ରାଧା ଅଳଙ୍କାର ବିମଣ୍ଡିତା ହୋଇ ବିଦଗ୍ଧମାଧବ ନାଟକରେ ରାସସ୍ଥଳକୁ ଆସିଛନ୍ତି । ହୃଦୟର ଉଦ୍‌ବେଳନ ଓ ମନର ଉଦ୍‌ବେଗ ଯୋଗୁଁ ଅଳଙ୍କାର ଗୁଡ଼ିକ ଯଥା ସ୍ଥାନରେ ସ୍ଥାପିତ ହୋଇପାରି ନାହିଁ । ରାସସ୍ଥଳକୁ ଲଳିତା ସହିତ ରାଧା ଆସିଛନ୍ତି । କୁଞ୍ଜବନରେ ଆସି ପହଞ୍ଚିବା ପରେ ଲଳିତା ରାଧାଙ୍କ ରୂପକୁ ଦେଖି ଆଶ୍ଚର୍ଯ୍ୟ ହୋଇଯାଇଛି । ରାଧା ନୀଳରତ୍ନ ଖଚିତ ହାରକୁ ବକ୍ଷସ୍ଥଳରେ ନ ପିନ୍ଧି କବରୀରେ ପିନ୍ଧିଛନ୍ତି । ନେତ୍ରର ଅଞ୍ଜନକୁ ଅଙ୍ଗରେ ବୋଳି ହୋଇଛନ୍ତି । କସ୍ତୁରୀକୁ ନେତ୍ରରେ ଅଞ୍ଜନ ରୂପେ ବ୍ୟବହାର କରିଛନ୍ତି । ଧନଞ୍ଜୟଙ୍କର

'ରଘୁନାଥ ବିଳାସ' ଗ୍ରନ୍ଥରେ ମିଥିଳାର ନାରୀମାନେ ରାମଚନ୍ଦ୍ରଙ୍କୁ ଦର୍ଶନ କରିବା ପାଇଁ ଘରୁ ବାହାରି ଆସିଲାବେଳେ ଉଦ୍‌ବେଗ ହେତୁ ଅଳଙ୍କାର ସବୁକୁ ଯଥା ସ୍ଥାନରେ ପିନ୍ଧିପାରି ନାହାନ୍ତି । କେଉଁ ନାରୀ ଗଳାମାଳାକୁ ଆଣି ପାଦରେ ଖଞ୍ଜି ଦେଇଛି ତ ଆଉ କିଏ ହାତରବଳାକୁ ପାଦରେ ପିନ୍ଧିଛି । କିଏ ଅଙ୍ଗରେ ଚତୁଃସମ ଅଧା ଲଗାଇ ଧାଇଁ ଆସିଛି । କିଏ ଲୁଗାପିନ୍ଧି ନ ପାରି ତରତର ହୋଇ ଧାଇଁଛି ଯେ, ତା'ର ବାସର ଅର୍ଦ୍ଧାଧିକଅଂଶ ଦେହରେ ନ ଲାଗି, ତଳେ ଲୋଟୁଅଛି ।

ବିଦଗ୍ଧମାଧବ ନାଟକରେ କୃଷ୍ଣଙ୍କୁ ଅବତାରୀ ରୂପରେ ଚିତ୍ରଣ କରାଯାଇଛି । ତାଙ୍କର ଦଶଅବତାର ତାଙ୍କଠାରେ ରହିଛି ବୋଲି ଏଥିରେ କୁହାଯାଇଛି । ମୀନ ଅବତାରର ଚିହ୍ନ ତାଙ୍କଠାରେ ରହିଛି । ମୀନ ଜଳରେ ରହେ, ଚଞ୍ଚଳତା ତା'ର ପ୍ରକୃତି ଅଟେ । ଶ୍ରୀକୃଷ୍ଣ ବନରେ ରହୁଥିବାରୁ ଓ ଚଞ୍ଚଳତା ତାଙ୍କର ପ୍ରକୃତି ହୋଇଥିବାରୁ ତାଙ୍କ ମୀନରୂପ ତାଙ୍କଠାରେ ରହିଛି ବୋଲି କୁହାଯାଇଛି । ଶ୍ରୀକୃଷ୍ଣଙ୍କ ମନ କଠିନ ହୋଇଥିବାରୁ କୂର୍ମ ଅବତାରର ଚିହ୍ନ ତାଙ୍କଠାରେ ପରିଲକ୍ଷିତ ହୋଇଛି । ଗୋ ଅର୍ଥ ପୃଥିବୀ, ଏହି ପୃଥିବୀ ସହ ବରାହର ମିଳନ ପରି ଗୋରୁମାନଙ୍କର ସହିତ କୃଷ୍ଣ ସର୍ବଦା ବିଚରଣ କରୁଥିବାରୁ ଲଳିତା କୃଷ୍ଣଙ୍କଠାରେ ବରାହ ଅବତାରର ଚିହ୍ନ ଦେଖିଛି । ନୃସିଂହ ଅବତାରର ଚିହ୍ନ ଶ୍ରୀକୃଷ୍ଣଙ୍କ ନଖର କ୍ରୂରତାରେ ଦେଖାଯାଇଛି । କୃଷ୍ଣଙ୍କର କପଟତା ବାମନଙ୍କ କପଟତା ସହିତ ସମାନ । ଭୀଷଣତାରେ ସେ ହେଉଛନ୍ତି ପର୍ଶୁରାମ । ସେ ପୁଣି ରାମ ଅଟନ୍ତି । ମଦିରାମତ୍ତ ଚଞ୍ଚଳ ନୟନଯୁକ୍ତ ବଳରାମଙ୍କ ପରି ସେ ଦେଖାଯାନ୍ତି । କଳଙ୍କୀ ରୂପର ଚିହ୍ନ ଶ୍ରୀକୃଷ୍ଣଙ୍କଠାରେ ରହିଛି ବୋଲି ଲଳିତା କହିଛି ।

ପୁନଶ୍ଚ ରଘୁନାଥ ବିଳାସରେ ଧନଞ୍ଜୟ ଭଞ୍ଜ ପ୍ରଥମଛାନ୍ଦରେ ଦଶଅବତାର କଥା କହିଛନ୍ତି । ସେ ଗୋପୀବଲ୍ଲଭ ଶ୍ରୀକୃଷ୍ଣଙ୍କୁ ଅବତାରର ଅନ୍ତର୍ଭୁକ୍ତ କରିଛନ୍ତି । ଏପରି ଦଶାବତାର ବର୍ଣ୍ଣନାର ମୂଳରେ ରୂପ ଗୋସ୍ୱାମୀଙ୍କର ପ୍ରଭାବ ଯେ ରହିଛି ଏକଥା ଅସ୍ୱୀକାର କରି ହେବ ନାହିଁ । କବି ଧନଞ୍ଜୟ ନିଜେ ଚୈତନ୍ୟ ଦେବଙ୍କ ପ୍ରଦର୍ଶିତ ମାର୍ଗର ଶ୍ରେଷ୍ଠ ପୃଷ୍ଠପୋଷକ ଭାବରେ ରୂପଗୋସ୍ୱାମୀଙ୍କୁ ଗ୍ରହଣ କରି ତାଙ୍କର ଜୟଗାନ କରିଛନ୍ତି । ଧନଞ୍ଜୟ ଷଡ଼ରତୁର ଏକତ୍ର ସମାବେଶ ପ୍ରସଙ୍ଗ ତାଙ୍କ ହଂସଦୂତ କାବ୍ୟରେ ଉଲ୍ଲେଖ କରିଛନ୍ତି । ମଧୁବନରେ ଷଡ଼ରତୁ ବିଶ୍ରାମ କରିଛନ୍ତି ବୋଲି ଲଳିତା ମୁଖରେ କବି କହିଛନ୍ତି । କାଳିଦାସଙ୍କ ମେଘଦୂତରେ ଉଲ୍ଲେଖ ଅଛି ଯେ ଅଳକାନଗରୀରେ ଷଡ଼ରତୁ ଏକସମୟରେ ଅବସ୍ଥାନ କରିଥାନ୍ତି । ସେଠାରେ ସବୁ ସମୟରେ ଷଡ଼ରତୁର ଫୁଲ ଫୁଟେ ଏବଂ ନାୟିକାମାନେ ସେହି ଫୁଲ ସବୁକୁ ଅଳଙ୍କାର ରୂପେ ଗ୍ରହଣ କରି ଅଙ୍ଗମଣ୍ଡନ କରିଥାନ୍ତି । ଅଳକାର ବଧୂମାନେ କ୍ରୀଡ଼ାପଦ୍ମ ହାତରେ ଧରିଥାନ୍ତି, କେଶରେ ସଜଫୁଟା କୁନ୍ଦଫୁଲ ପିନ୍ଧିଥାନ୍ତି, ମୁଖରେ ଲୋଧ୍ର ପୁଷ୍ପର ପରାଗ ବୋଳିଥାନ୍ତି, କେଶରେ କୁରୁବକ ଫୁଲ ଖୋସିଥାନ୍ତି, କାନରେ ଶିରୀଷ ଫୁଲ ଓ ସୀମନ୍ତରେ କଦମ୍ବ ଫୁଲ ପିନ୍ଧିଥାନ୍ତି ବୋଲି କବି କାଳିଦାସ ମେଘକୁ କହିଛନ୍ତି । ପଦ୍ମଫୁଲ ହେଉଛି ଶରତ ଋତୁର ଫୁଲ । କୁନ୍ଦ ଫୁଲ ହେମନ୍ତ ଋତୁରେ ଫୁଟେ । ଲୋଧ୍ର ଫୁଲ ଶିଶିର ଋତୁରେ, କୁରୁବକ ଫୁଲ ବସନ୍ତ ଋତୁରେ, ଶିରୀଷ ଫୁଲ ଗ୍ରୀଷ୍ମଋତୁରେ ଓ କଦମ୍ବ ଫୁଲ ବର୍ଷା ଋତୁରେ ଫୁଟେ । କାଳିଦାସଙ୍କ ପ୍ରଭାବରେ ପ୍ରଭାବିତ ହୋଇ ଧନଞ୍ଜୟ ଷଡ଼ରତୁର ସମାବେଶ ପ୍ରସଙ୍ଗକୁ ନିଜ କାବ୍ୟରେ ଉପସ୍ଥାପନା କରିଛନ୍ତି ।

ନୈଷଧର ପ୍ରଭାବ କବି ଧନଞ୍ଜୟଙ୍କ ସାହିତ୍ୟକୃତିର କେତେକ ସ୍ଥଳରେ ପରିଦୃଷ୍ଟ ହୁଏ । ନୈଷଧରେ ହଂସକୁ ଶ୍ରୀହର୍ଷ ଦୂତ ଭାବରେ ନିର୍ବାଚନ କଲାପରି ଧନଞ୍ଜୟ ତାଙ୍କ ହଂସଦୂତ କାବ୍ୟରେ ଓ ହଂସଦୂତ ଚଉତିଶାରେ ହଂସକୁ ଦୂତ ଭାବରେ ଗ୍ରହଣ କରିଛନ୍ତି । ଅନଙ୍ଗରେଖା କାବ୍ୟର କେତେକାଂଶରେ ନୈଷଧର ପ୍ରଭାବ ଅନୁଭୂତ ହୁଏ । ଅନଙ୍ଗରେଖା ଯେପରି କାମ ପ୍ରଭାବରେ ଅସ୍ଥିର ହୋଇ କାମକୁ ନିନ୍ଦା କରିଛି, ନୈଷଧରେ ମଧ୍ୟ କାମକୁ ସେପରି ନିନ୍ଦା କରାଯାଇଛି ।

ସଂସ୍କୃତ କାବ୍ୟ, ମହାକାବ୍ୟ ବ୍ୟତୀତ ଆଳଙ୍କାରିକ ଗ୍ରନ୍ଥମାନ ଧନଞ୍ଜୟ ପାଠ କରିଥିବାର ବହୁ ପ୍ରମାଣ ତାଙ୍କ କୃତିରୁ ଦେଖିବାକୁ ମିଳେ । ବିଶ୍ୱନାଥ କବିରାଜଙ୍କର 'ବାକ୍ୟଂ ରସାତ୍ମକଂ କାବ୍ୟମ୍' ଉକ୍ତିର ଯଥାର୍ଥତା ବିଶେଷ ଭାବରେ ତାଙ୍କ ରଚନାରେ ପ୍ରତିପାଦିତ ହୋଇଛି । କାବ୍ୟର ନାୟକ କିପରି ହେବ, ନାୟିକାର କେଉଁ କେଉଁ ଲକ୍ଷଣ ରହିବ, ଉପବନ କିପରି ବର୍ଣ୍ଣିତ ହେବ, ଏ ସଂପର୍କରେ ଆଳଙ୍କାରିକ ଗ୍ରନ୍ଥ ମାନଙ୍କରେ ନୀତିନିୟମକୁ ଧନଞ୍ଜୟ ଅବମାନନା ନକରି ବରଂ ସାଦରେ ଗ୍ରହଣ କରି ନେଇଛନ୍ତି । ସଂସ୍କୃତ ସାହିତ୍ୟ ଦ୍ୱାରା ଧନଞ୍ଜୟଙ୍କ ପୂର୍ବବର୍ତ୍ତୀ କବିମାନେ ପ୍ରଭାବିତ ହୋଇଛନ୍ତି, ମାତ୍ର ଧନଞ୍ଜୟଙ୍କ କାଳରୁ ହିଁ ଓଡ଼ିଆ କାବ୍ୟକୁ ସଂସ୍କୃତ କାବ୍ୟାନୁସାରୀ କରିବାର ଉଦ୍ୟମର ସୂତ୍ରପାତ ହୋଇଛି, ଏହାମୁକ୍ତ କଣ୍ଠରେ ସ୍ୱୀକାର ଯୋଗ୍ୟ ।

କେବଳ ସଂସ୍କୃତ ସାହିତ୍ୟ ନୁହେଁ, କବି ଧନଞ୍ଜୟ ତାଙ୍କ ପୂର୍ବରୁ ରଚିତ ଓଡ଼ିଆ କାବ୍ୟ ଦ୍ୱାରା ମଧ୍ୟ ପ୍ରଭାବିତ ହୋଇଛନ୍ତି । ଅନଙ୍ଗରେଖା କାବ୍ୟରେ ନାୟକ ନାୟିକା ପଞ୍ଚଗ୍ରାସୀ କରିବା ସମୟରେ ନାୟିକା ତା'ର ରତ୍ନ ଚୂଡ଼ୀରେ ନାୟକର ପ୍ରତିବିମ୍ବ ଦେଖି ଆନନ୍ଦିତ ହୋଇଛି । ଏହିପରି ବର୍ଣ୍ଣନା ତାଙ୍କ ପୂର୍ବରୁ ଓଡ଼ିଆ ସାହିତ୍ୟରେ ଅର୍ଜୁନ ଦାସଙ୍କର ରାମବିଭା କାବ୍ୟରେ ପରିଦୃଷ୍ଟ ହୁଏ । ସେଥିରେ ରାମଚନ୍ଦ୍ର ଓ ସୀତାଙ୍କର ମଣୋହି ବେଳେ ସୀତା ତାଙ୍କର ରତ୍ନଚୂଡ଼ିରେ ପ୍ରତିଫଳିତ ରାମଚନ୍ଦ୍ରଙ୍କର ରୂପ ଦେଖି ଆନନ୍ଦିତ ହୋଇଛନ୍ତି । ଧନଞ୍ଜୟଙ୍କ ଭାଷାରେ -

ପଞ୍ଚଗ୍ରାସ କରନ୍ତି କୁମର କୁନ୍ଦଦନ୍ତୀ
ପାଣିପଣା ପଇଡ଼ ମାନ
କାନ୍ତର ପ୍ରତିବିମ୍ବ ରତ୍ନଚୂଡ଼ିରେ ହୋନ୍ତେ
ସୁନ୍ଦରୀମଣି ହେଲା ଛନ୍ନ ସେ । (ଅନଙ୍ଗରେଖା ୧୧/ ୨୯)

ଅନଙ୍ଗରେଖା କାବ୍ୟର ଅନ୍ୟ ଏକ ସ୍ଥଳରେ କବି ନରସିଂହ ସେଣଙ୍କର ପରିମଳାର ପ୍ରଭାବ ଅନୁଭୂତ ହୁଏ । ଅନଙ୍ଗରେଖା କାବ୍ୟର ନାୟକ କୁସୁମକେତୁ ତା'ର ନାୟିକାର ଅଦର୍ଶନରେ ମର୍ମାହତ ହୋଇ ନିଜ ମନ ଓ ନୟନକୁ ଯେପରି ଆଶ୍ୱାସନାର ବାଣୀ ଶୁଣାଇଛି, ପରିମଳା କାବ୍ୟର ବିରହୀ ନାୟକ ସେପରି ଆଶ୍ୱାସନାର ବାଣୀ ନିଜ ମନ ଓ ନୟନକୁ ଶୁଣାଇଛି । ପୁନଶ୍ଚ ଧନଞ୍ଜୟଭଞ୍ଜଙ୍କ ରଚିତ କାବ୍ୟ ରତ୍ନ ମଞ୍ଜରୀରେ ବର୍ଣ୍ଣିତ ହୋଇଛି ଯେ କେଉଁବାଳା ଗଛରୁ ଫୁଲ ତୋଳୁଥିବା ବେଳେ ତା'ର କୁଚରୁ ବାସ ଖସିଯାଇଛି । ଏହା ଦେଖି ନାୟକ ଆନନ୍ଦିତ ହୋଇଛି । ନାୟିକାର ତନୁରେ ମଧ୍ୟ ସୃଷ୍ଟି ହୋଇଛି କଦମ୍ବରୋମାଞ୍ଚ । ପରିମଳା କାବ୍ୟରେ ଏପରି ଏକ ବର୍ଣ୍ଣନା ରହିଛି । ଅପସରାମାନେ ମଳୟଗିରିର କାନନରେ ଯାଇ ଭ୍ରମଣ କଲାବେଳେ କିଏ ଗଛରେ ଚଢ଼ି ଫୁଲ ତୋଳିଛି । କାହାର କୁଚରୁ ବସ୍ତ୍ର ଖସିଯାଇଛି ଓ କାହାର ବସ୍ତ୍ର ଚିରିଯାଇଛି ବୋଲି କବି ନରସିଂହ ସେଣ ଉଲ୍ଲେଖ କରିଛନ୍ତି । ଧନଞ୍ଜୟଙ୍କର କାବ୍ୟ ଇଚ୍ଛାବତୀରେ ମଧ୍ୟ ଏପରି ପରିବେଶ ଚିତ୍ରିତ ହୋଇଛି । କାବ୍ୟନାୟକ ମଧୁକର ଓ ନାୟିକା ଇଚ୍ଛାବତୀ ବିଘ୍ନରାଜଙ୍କ ପୂଜା ନିମିତ୍ତ ଗୁରୁଙ୍କ ନିର୍ଦ୍ଦେଶରେ ବଣକୁ ଫୁଲ ଆଣିବାକୁ ଯାଇଛନ୍ତି । ନାୟିକା ଗଛରେ ଚଢ଼ି ଫୁଲ ତୋଳି ତଳକୁ ପକାଇଛି, ନାୟକ ତଳେ ରହି ସେଗୁଡ଼ିକୁ ସଂଗ୍ରହ କରିଛି । ସେତେବେଳେ ନାୟିକାର କୁଚ ଉପରୁ ଅଞ୍ଚଳ ପବନରେ ଉଡ଼ିଯାଇଛି ଓ ନାୟକ ତାହା ଦେଖି ଆନନ୍ଦ ଲାଭ କରିଛି । ରୀତି ସାହିତ୍ୟ ହେଉଛି ପ୍ରୀତିର ସାହିତ୍ୟ, ଏଥିରେ ଫୁଲଫଗୁଣ, ଚନ୍ଦ୍ର ଚନ୍ଦନର ବହୁ ବର୍ଣ୍ଣନା ଦେଖିବାକୁ ମିଳେ । କାବ୍ୟରେ ଏହିପରି ଦୃଶ୍ୟର ଆକର୍ଷଣ ସ୍ୱତନ୍ତ୍ର ଓ ଅଭିନବ । ଧନଞ୍ଜୟଙ୍କ ତ୍ରିପୁରସୁନ୍ଦରୀ କାବ୍ୟରେ କାବ୍ୟନାୟିକା ତ୍ରିପୁରସୁନ୍ଦରୀ ଓ ତା'ର ସଖୀମାନେ ଉପବନରୁ ନବମାଳିକା, ସେବତୀ ଆଦିଫୁଲ ତୋଳିବାର ଚିତ୍ର ପ୍ରଦତ୍ତ । ପୁନଶ୍ଚ କୃଷ୍ଣକ୍ରୀଡ଼ା କାବ୍ୟର ପ୍ରଥମ ଛାନ୍ଦରେ ଗୋପମାଳାମାନେ ବୃନ୍ଦାବନରୁ ନାନା ପ୍ରକାର ଫୁଲ ତୋଳି ସେହି ଫୁଲରେ କବରୀ ସଜାଇଛନ୍ତି । ଧନଞ୍ଜୟଙ୍କ

ପୂର୍ବରୁ ଓଡ଼ିଆ ସାହିତ୍ୟରେ ଫୁଲ ତୋଳିବାର ଲଳିତ ଚିତ୍ର ନରସିଂହ ସେଣଙ୍କ ଗୋପ କାବ୍ୟରେ ଦେଖିବାକୁ ମିଳେ । ସେହି କାବ୍ୟରେ ବୃନ୍ଦାବନରେ ଗୋପବାଳାମାନେ ଯାଇ ଉପଗତ ହୋଇଛନ୍ତି । ଭିନ୍ନ ଭିନ୍ନ ଫୁଲର ମଞ୍ଜୁଳ ସମ୍ଭାରରେ ବୃନ୍ଦାବନର ପରିବେଶ ହୋଇଛି ଅତ୍ୟନ୍ତ ଉପଭୋଗ୍ୟ । ସେମାନେ ଅତି ଆନନ୍ଦରେ ଗଙ୍ଗଶିଉଳି, ରଙ୍ଗଧାତୁକି, ଚାରୁକଦମ୍ୟ, ଗନ୍ଧଟଗର, ମଧୁମାଧବୀ ଆଦି ବହୁ ପ୍ରକାରର ଫୁଲ ତୋଳିଛନ୍ତି । ଗୋପକାବ୍ୟର ଏହି ବିଭବ ଦ୍ୱାରା କବି ଧନଞ୍ଜୟ ପ୍ରଭାବିତ ହୋଇଛନ୍ତି ।

କବି ଧନଞ୍ଜୟଙ୍କର ସାହିତ୍ୟରେ ଥିବା ସ୍ୱତନ୍ତ୍ର ମୂଲ୍ୟବୋଧ ଯୋଗୁଁ ସେହି ସାହିତ୍ୟ ପରବର୍ତ୍ତୀ କବିମାନଙ୍କୁ କେତେକାଂଶରେ ପ୍ରଭାବିତ କରିଛି । ମଙ୍ଗଳ ଗୀତିକା ହେଉଛି ଏକ ବଳିଷ୍ଠ ତଥା ଅଭିନବ ବିଭବ ଯାହାକୁ ରଚନା କରି କବି ଧନଞ୍ଜୟ ଓଡ଼ିଆ ଗୀତିକବିତା କ୍ଷେତ୍ରରେ ଏକ ବିଶିଷ୍ଟ ଦିଗନ୍ତ ଉନ୍ମୋଚନ କରିଛନ୍ତି । କବିଙ୍କର 'ଚଉପଦୀ ଭୂଷଣ' ଓଡ଼ିଆ ସାହିତ୍ୟରେ ଏକ ଅଭିନବ ସୃଷ୍ଟି । ଏହା ପୂର୍ବରୁ ଏପରି ରଚନା ଓଡ଼ିଆ ସାହିତ୍ୟରେ ପ୍ରାୟ ଦେଖିବାକୁ ମିଳେ ନାହିଁ । ପରବର୍ତ୍ତୀ କାଳରେ ବହୁ କବି ଏପରି ରଚନା ଦ୍ୱାରା ପ୍ରଭାବିତ ହେବାର ଜଣାଯାଏ । ସଂଗୀତର ଲାବଣ୍ୟମୟ ସ୍ୱର୍ଶରେ କବିଙ୍କର ସୃଷ୍ଟି ସମ୍ଭାର ହୋଇଛି ସୁଲଳିତ ଓ ଆକର୍ଷଣୀୟ । ସ୍ୱରଚିତ ସାହିତ୍ୟକୁ ଶୋଭାମୟ ତଥା ସୁଖପାଠ୍ୟ କରିବାପାଇଁ ଆଦ୍ୟଯମକ, ପ୍ରାନ୍ତ ଯମକ, ମଧ୍ୟ ଯମକ ଓ ସର୍ବ ଯମକ ଆଦି ଶବ୍ଦାଳଙ୍କାର ସହିତ ଉପମା, ରୂପକ ପ୍ରଭୃତି ଅର୍ଥାଳଙ୍କରର ପ୍ରୟୋଗ ସେ କରିଛନ୍ତି । ତାଙ୍କ କାବ୍ୟରେ ଅଳଙ୍କାରର ବହୁଳ ପ୍ରୟୋଗ ଦେଖିବାକୁ ମିଳେ ନାହିଁ । କେବଳ କାବ୍ୟକୁ ସୁଖପାଠ୍ୟ କରିବାପାଇଁ ଯେତିକି ଆବଶ୍ୟକ, ସେତିକି ଅଳଙ୍କାର ସେ ବ୍ୟବହାର କରିଛନ୍ତି ।

କବିଙ୍କ ସାହିତ୍ୟ ସାଧନା ଭିତରେ ଭାରତୀୟ ସଂସ୍କୃତି ମୂର୍ତ୍ତିମନ୍ତ ହୋଇଛି । ଭାରତୀୟ ସଂସ୍କୃତିରେ ପାରିବାରିକ ବନ୍ଧନ ଅତ୍ୟନ୍ତ ଦୃଢ଼ । ବ୍ୟକ୍ତିଙ୍କୁ ଉଚ୍ଚତମ ଚେତନାର ସ୍ତରରେ ଅଧିଷ୍ଠିତ କରିବାପାଇଁ ତାହା ଏକ ବଳିଷ୍ଠ ମାଧ୍ୟମ । କବି ଧନଞ୍ଜୟଙ୍କ ସାହିତ୍ୟରେ ସ୍ୱକୀୟା ପ୍ରୀତିଭିତ୍ତିକ ପାରିବାରିକ ଜୀବନର ଚିତ୍ର ପ୍ରାୟ ଦେଖିବାକୁ ମିଳେ । ଭାରତୀୟ ସଂସ୍କୃତିର ତଥା ଉତ୍କଳୀୟ ସଂସ୍କୃତିର ଅନ୍ୟ ଏକ ପ୍ରତିଷ୍ଠିତ ବଳିଷ୍ଠ ଉପାଦାନ ହେଉଛି ଆଧ୍ୟାତ୍ମିକତା, ଯାହାର ରୂପରେଖ କବିଙ୍କ ସୃଷ୍ଟି ସମ୍ଭାରରେ ପରିଦୃଷ୍ଟ ହୁଏ । ଆଧ୍ୟାତ୍ମିକତାର ଏକ ଦିଗ ଭାବରେ ବିଭୁ ସ୍ମରଣ ପ୍ରତିଷ୍ଠିତ ହୋଇଛି କବିଙ୍କର କାବ୍ୟକୃତି ମଧ୍ୟରେ । ଉତ୍କଳୀୟ ସଂସ୍କୃତିର ପ୍ରାଣକେନ୍ଦ୍ର ଶ୍ରୀଜଗନ୍ନାଥଙ୍କୁ କବି ବହୁ ସ୍ଥଳରେ ତାଙ୍କ କାବ୍ୟରେ ସ୍ମରଣ କରିଛନ୍ତି । ଆଧ୍ୟାତ୍ମିକତାର ମୂଲ୍ୟବୋଧକୁ ହୃଦୟଙ୍ଗମ କରିବା ସଙ୍ଗେସଙ୍ଗେ ସାହିତ୍ୟର ଭୂମି ଓ ଭୂମିକାର ମହତ୍ତ୍ୱକୁ ଅନୁଭବ କରିଛନ୍ତି । ଏକ ଭାବାତୀତ ରାଜ୍ୟକୁ ମଣିଷକୁ ସାହିତ୍ୟ ନେଇଯାଇପାରେ ଓ ଆତ୍ମଜ୍ଞାନ ଆହରଣ ନିମନ୍ତେ ସୁଯୋଗ ସୃଷ୍ଟି କରେ, ଏକଥା ଧନଞ୍ଜୟ ହୃଦୟଙ୍ଗମ କରିପାରିଛନ୍ତି । ସାହିତ୍ୟର ମୁଖ୍ୟ ଅବଲମ୍ବନୀୟ ଉପାଦାନ ଭାବରେ ସ୍ୱୀକୃତ ସୌନ୍ଦର୍ଯ୍ୟବୋଧ କବିଙ୍କ କୃତିରେ ପାଇଛି ଅସୀମ ପ୍ରତିଷ୍ଠା ଓ ଅସାମାନ୍ୟ ମୂଲ୍ୟ । ତାଙ୍କ କାବ୍ୟ ନାୟିକା ତିନି ପ୍ରକାର ସୌନ୍ଦର୍ଯ୍ୟର ଅଧିକାରିଣୀ । ଏ କେତ ସେମାନେ ଆଜନ୍ମ ସୁନ୍ଦରୀ, ଦ୍ୱିତୀୟରେ ଯୌବନର ମଧୁର ସ୍ୱର୍ଶରେ ସେମାନଙ୍କ ଶୋଭା ବହୁଗୁଣିତ, ତୃତୀୟରେ ବହୁ ଅଳଙ୍କାରର ସାହାଯ୍ୟରେ ସେମାନଙ୍କ ଶୋଭା ଅଧିକ ଆକର୍ଷଣୀୟ ହୋଇଛି ।

କାବ୍ୟ ନାୟିକାର ଅଙ୍ଗେ ଅଙ୍ଗେ ବହୁ ପ୍ରକାର ଅଳଙ୍କାର ଖଞ୍ଜି ଦେଇଛନ୍ତି କବିଧନଞ୍ଜୟ। ସଂସ୍କୃତ ସାହିତ୍ୟରେ ଅଳଙ୍କାରଗୁଡ଼ିକ ଆବେଧ୍ୟ, ନିବନ୍ଧନୀୟ, ପ୍ରକ୍ଷେପ ଓ ଆରୋପ୍ୟ ନାମରେ ଚାରିଭାଗରେ ବିଭକ୍ତ କରାଯାଇଛି । ଯେଉଁସବୁ ଅଳଙ୍କାରକୁ ପିନ୍ଧିବା ପାଇଁ ଅବୟବକୁ ବିଦ୍ଧ କରିବାକୁ ପଡ଼ିଥାଏ, ସେହି ସବୁ ଅଳଙ୍କାରକୁ ଆବେଧ୍ୟ ପର୍ଯ୍ୟାୟର ଅନ୍ତର୍ଭୁକ୍ତ କରାଯାଏ । କୁଣ୍ଡଳ, ତାଟଙ୍କ, ନୋଥ, ବସଣୀ ଆଦି ଅଳଙ୍କାର ଏହି ପର୍ଯ୍ୟାୟଭୁକ୍ତ । ଯେଉଁ ଅଳଙ୍କାର ଅବୟବରେ ବନ୍ଧାହୁଏ ତାକୁ ନିବନ୍ଧନୀୟ ଅଳଙ୍କାର କୁହାଯାଏ । ମଣିମେଖଳା ଅଙ୍ଗଦ, କରଦନୀ ଆଦି

ଅଳଙ୍କାର ଏହି ଶ୍ରେଣୀର ଅନ୍ତର୍ଗତ । ମଞ୍ଜିର, ନୂପୁର କଟକ ଆଦି ଅଳଙ୍କାର ଅଙ୍ଗରେ ପ୍ରକ୍ଷିପ୍ତ ହେଉଥିବାରୁ ସେଗୁଡ଼ିକୁ ପ୍ରକ୍ଷେପ ଅଳଙ୍କାର କୁହାଯାଏ । ହେମମାଳା, ରତ୍ନହାର, ନକ୍ଷତ୍ର ମଲ୍ଲିକା ଆଦି ଅଳଙ୍କାର ଅଙ୍ଗରେ ଆରୋପିତ ହେଉଥିବାରୁ ତାହାକୁ ଆରୋପ୍ୟ ଅଳଙ୍କାର କୁହାଯାଏ । ଧନଞ୍ଜୟ ତାଙ୍କ କାବ୍ୟ ନାୟିକାର ରୂପସଜ୍ଜା ପାଇଁ ପ୍ରତ୍ୟେକ ବିଭାଗର ଭିନ୍ନ ଭିନ୍ନ ଅଳଙ୍କାରର ନାମ ଉଲ୍ଲେଖ କରିଛନ୍ତି । ତାଙ୍କ କାବ୍ୟ ନାୟିକା ହୋଇଛି ନାହିଁ, ନ ଥିଲା, ନୋହିବ ସୁନ୍ଦରୀ ।

ପରବର୍ତ୍ତୀ ସମୟରେ ବହୁ କବି ଧନଞ୍ଜୟଙ୍କ ଦ୍ୱାରା ପ୍ରଭାବିତ ହୋଇଛନ୍ତି । ଏପରିକି ଉପେନ୍ଦ୍ର ଭଞ୍ଜ ମଧ୍ୟ ତାଙ୍କ କବିତ୍ୱ ଦ୍ୱାରା ପ୍ରଭାବିତ ହୋଇଛନ୍ତି । ଉପେନ୍ଦ୍ର ଭଞ୍ଜଙ୍କର ପ୍ରତିଭାର ବିମଳ ବିକାଶ ନିମନ୍ତେ ଧନଞ୍ଜୟଙ୍କର ପ୍ରତ୍ୟକ୍ଷ ଓ ପରୋକ୍ଷ ଅବଦାନ ଉଲ୍ଲେଖ ଯୋଗ୍ୟ । ଧନଞ୍ଜୟଙ୍କ କବିତ୍ୱର ମୁଖ୍ୟ ଉପାଦାନର ଭିତ୍ତିରେ ସୁସଙ୍ଗଠିତ ହୋଇ ଉପେନ୍ଦ୍ର ଭଞ୍ଜଙ୍କ କବିତ୍ୱର ସୌଧ ପ୍ରତିଷ୍ଠା ଅର୍ଜନ କରିଛି । ଭିତ୍ତିଭୂମିର ସୁଦୃଢ଼ତା ହେତୁ ଭଞ୍ଜ ସାହିତ୍ୟର ସୁରମ୍ୟ ସୌଧଟି ଦୀର୍ଘସ୍ଥାୟୀ ହୋଇପାରିଛି ଓ ନିଜସ୍ୱ ମଞ୍ଜୁଳ କାନ୍ତି ବିକିରଣ କରି ଦର୍ଶକର ନୟନ ମୁଗ୍ଧ କରୁଛି । ଉପେନ୍ଦ୍ର ଭଞ୍ଜ ଗଭୀର ଆନ୍ତରିକତାର ସହିତ ଧନଞ୍ଜୟଙ୍କର ଗୁଣଗାନ କରିଛନ୍ତି ।

ଉପେନ୍ଦ୍ର ଭଞ୍ଜଙ୍କ ଭାଷାରେ -

''ଯେ କୁଳେ ନୃପ ଧନଞ୍ଜୟ
ସମସ୍ତ ଗୁଣର ନିଳୟ
ଘୁମୁସର ଅଧିପ ପଣେ
ଲୋକେ ବିଖ୍ୟାତ କବି ଗୁଣେ
ତଦ୍‌ବତ ତାହାଙ୍କ ତନୁଜ
ନରେଶ ନୀଳକଣ୍ଠ ଭଞ୍ଜ
ତାହାଙ୍କ ଜ୍ୟେଷ୍ଠ ସୁତମୁହିଁ
ଉପେନ୍ଦ୍ର ଭଞ୍ଜ ନାମ ବହି ।''

(ଲାବଣ୍ୟବତୀ)

ଧନଞ୍ଜୟଙ୍କର 'ରଘୁନାଥ ବିଳାସ' ଗ୍ରନ୍ଥର ପ୍ରଭାବରେ ପ୍ରଭାବିତ ହୋଇ ଉପେନ୍ଦ୍ର ଭଞ୍ଜ ବୈଦେହୀଶ ବିଳାସ ଗ୍ରନ୍ଥ ରଚନା କରିଛନ୍ତି । ରଘୁନାଥ ବିଳାସର ପ୍ରତ୍ୟକ୍ଷ ପ୍ରଭାବ ବୈଦେହୀଶ ବିଳାସରେ ଥିବାର ଜଣାଯାଏ ।

ରଘୁନାଥ ବିଳାସ ଗ୍ରନ୍ଥରେ କବି କହିଛନ୍ତି -

''ଶୁଣି ଶ୍ରୀରାମ ଉତ୍ତର, ବୋଲଇ ସେହୁ ଧୀବର
ତୁମେ ରହ ରଘୁବୀର, ଧୋଇବି ତୋର ପୟର ।
ଏ ନାବ ମୋର ଜୀବିକା, ଏ ପୁଣି ନୋହୁ ନାୟିକା
ମୁଁ ପୁଣି କରିବି କିସ ହେବ ମୋ କୁଟୁମ୍ବ ନାଶ ।''

ବୈଦେହୀଶ ବିଳାସ ଗ୍ରନ୍ଥରେ ଉପେନ୍ଦ୍ର ଭଞ୍ଜ କହିଛନ୍ତି -

'ବଧୀର ନୁହଇଁ ବୀର ବୋଇଲା ତହୁ ଧୀବର
ଶୁଣିଲିଣି ପଥରେ ପଥର ଅବଳା,
ବାଲିପଡ଼ି ତୋ' ଚରଣୁ ଆଶଙ୍କା ଉପୁଜେ ଏଣୁ

ନଉକା ନାୟିକା ହେଲେ ବୁଡ଼ିବ ଭେଳା
ବୃତ୍ତି ଏ ମୋ ପୋଷେ କୁଟୁମ୍ବ
ବସାଇ ନଦେବି ପାଦ ନ ଧୋଇ ନାବ ।''

ବୈଦେହୀଶ ବିଳାସ' ବ୍ୟତୀତ ତାଙ୍କର ଅନ୍ୟ କାବ୍ୟରେ ମଧ୍ୟ ଧନଞ୍ଜୟଙ୍କର ପ୍ରଭାବ ଦେଖିବାକୁ ମିଳେ ।

ଅନଙ୍ଗରେଖା କାବ୍ୟରେ

କବି ଧନଞ୍ଜୟ କହିଛନ୍ତି -

ରଥ ପୋତ ଆକାର ମଗର କରୀବର
ଗ୍ରାହ ଯୂଥ ସେ ହୟବର
ଧ୍ୱଜ ଲହରୀ ଜାଣି କୂର୍ମ ଚର୍ମ ଆଡ଼େଣି
ମୀନ ସମୂହ ସର୍ବ ନର ହେ, ନୃପବର ।

ଲାବଣ୍ୟବତୀରେ କବି ଉପେନ୍ଦ୍ର ଭଞ୍ଜ କହିଛନ୍ତି -

''ଛାଡୁ ସେବନ ସେବନଧର ମାଡ଼ି ଆସିଲା ମଣି ସାଗର
ଅତ୍ୟନ୍ତ ଲୋଳ ପତାକା ଚୀର କଲ୍ଲୋଳ ପ୍ରତେ ଯେ
କରୀ ମଣିଲେ ମକରୀ କରି ତୁରଙ୍ଗ ତହିଁ ଶଫରୀ ପରି
କୂର୍ମ ସୁଚର୍ମ ସୁଷମଫରୀ ଉଷ୍ଣୀଷ ଫେନ ଯେ ।''

ଭକ୍ତଚରଣଙ୍କ ଲେଖାରେ ମଧ୍ୟ ଧନଞ୍ଜୟଙ୍କର ପ୍ରଭାବ ଦେଖିବାକୁ ମିଳେ । ରଘୁନାଥ ବିଳାସରେ ମିଥିଳା ରାଜଦାଣ୍ଡରେ ରାମଚନ୍ଦ୍ର ଗଲାବେଳେ ତାଙ୍କ ଦର୍ଶନ ପାଇଁ ପୁର ନାରୀମାନେ ବ୍ୟାକୁଳତାର ସହିତ ଆସି ଦ୍ୱାରଦେଶରେ ଉପସ୍ଥିତ ହୋଇଛନ୍ତି । ଧନଞ୍ଜୟ କହିଛନ୍ତି ଯେ ରାମଙ୍କୁ ଦେଖିବା ପାଇଁ ଏତେ ଉତ୍କଣ୍ଠାର ସହ ଆସିଛନ୍ତି ଯେ ସେମାନଙ୍କ ବାସଭୂଷଣ ଅସଜଡ଼ା ହୋଇଯାଇଛି ।

କବିଙ୍କ ଭାଷାରେ -

'ପିନ୍ଧି ନ ପାରି ବାସ ଧାଇଁଲା ବେଗେ
ଅଧିକ ଲୋଟୁ ଅଛି ଅବନୀ ଭାଗେ'

ଭକ୍ତ ଚରଣ ତାଙ୍କ ମଥୁରାମଙ୍ଗଳରେ ଅନୁରୂପ ପରିବେଶକୁ ଚିତ୍ରଣ କରିଛନ୍ତି । ମଥୁରାର ରାଜଦାଣ୍ଡରେ ଶ୍ରୀକୃଷ୍ଣ ଗଲାବେଳେ ତାଙ୍କୁ ଦେଖିବା ପାଇଁ ପୁରନାରୀମାନେ ଅସୀମ ବ୍ୟାକୁଳତା ପ୍ରକାଶ କରିଛନ୍ତି । ବାସ ଭୁଷଣକୁ ନସଜାଡ଼ି ସେମାନେ ଶ୍ରୀକୃଷ୍ଣଙ୍କୁ ଦେଖିବା ପାଇଁ ଧାଇଁ ଆସିଛନ୍ତି । ମଥୁରାମଙ୍ଗଳ କାବ୍ୟରେ ଏହି ଚିତ୍ର ପ୍ରଦାନ କରି କବି କହିଛନ୍ତି ।

''କେବଣ ନାରୀ ସୁଝୀନ ଶାଢ଼ି
ଭୂଷଣ ହେଉଥିଲା,
ଅଧେ ଧରିଛି ଅଧେ ପିନ୍ଧିଛି
ଉସୁକେ ପକାଇଲା ।''

ଶ୍ରୀରାମଙ୍କୁ ଦର୍ଶନ କରିବା ପାଇଁ ଆଗ୍ରହୀ ହୋଇଥିବା ମିଥିଳାର ନାରୀମାନେ ଯେପରି କୁଳଶୀଳ, ମାନମର୍ଯ୍ୟାଦା ସବୁ ଭୁଲି ଯାଇଛନ୍ତି, ଶ୍ରୀକୃଷ୍ଣଙ୍କୁ ଦର୍ଶନ କରିବା ପାଇଁ ସେପରି ମଥୁରା ନାରୀମାନେ ଲାଜ, ମାନ, ଗୁରୁ ଗଉରବ ଭୁଲି

ଯାଇଛନ୍ତି । କେତେକ ନାରୀ ଏତେ ଭାବବିହ୍ୱଳ ହୋଇପଡ଼ିଛନ୍ତି ଯେ ଭ୍ରମରେ ହାତର ଅଳଙ୍କାର ପାଦରେ ଓ ପାଦର ଅଳଙ୍କାର ହାତରେ ପିନ୍ଧି ପକାଇଛନ୍ତି । ମିଥିଳା ନାରୀମାନଙ୍କର ଶ୍ରୀରାମଙ୍କ ଦର୍ଶନ ନିମନ୍ତେ ଉତ୍କଣ୍ଠାର ରୂପରେଖ ଅଙ୍କନ କରି ଧନଞ୍ଜୟ କହିଛନ୍ତି ରଘୁନାଥ ବିଳାସରେ -

''କର ବଳୟ କାଞ୍ଚି ଖଞ୍ଜିଲା ପାଦେ
ଧାମନ୍ତେ ପାଦଶୋଭା କଙ୍କଣନାଦେ ।''

ଅନୁରୂପ ରୂପଚିତ୍ର ଅଙ୍କନ କରିଛନ୍ତି ଭକ୍ତ ଚରଣ ତାଙ୍କର 'ମଥୁରା ମଙ୍ଗଳ' କାବ୍ୟରେ ।

କବିଙ୍କ ଭାଷାରେ -

''ଚରଣ ଆଭରଣ ସକଳ କରେ ଖଞ୍ଜିଲା ନେଇ
କର କଟକ ପାଦେ ଝଟକ ମାତ୍ର ଘେନିଲା କେହି ।''

ଶ୍ରୀରାମଙ୍କ ଦର୍ଶନରେ ମିଥିଳା ନାରୀ ମାନଙ୍କର ତନୁ ପ୍ରକମ୍ପିତ ହୋଇଛି ।

ଏ ପ୍ରସଙ୍ଗରେ ଧନଞ୍ଜୟ କହିଛନ୍ତି ରଘୁନାଥ ବିଳାସରେ -

''ପୁଲକେ ପୂରିଅଛି କାହାରି ତନୁ
କମ୍ପି ଅସ୍ଥିର ହେଲା କାହାର ଜାନୁ ।''

ଶ୍ରୀକୃଷ୍ଣଙ୍କୁ ଦେଖି ମଥୁରା ନାରୀଙ୍କର ତନୁ ପୁଲକିତ ହେବା କଥା କବି ଭକ୍ତଚରଣ କହିଛନ୍ତି । 'ମଥୁରା ମଙ୍ଗଳ' କାବ୍ୟରେ କବି କହିଛନ୍ତି -

''କେବଣ ରମ୍ଭା ଜଘନୀ ରମ୍ଭା
ପରାୟେ କମ୍ପେ ତନୁ
ଅତି ଆତୁରେ ଧାଏଁ କାତରେ
ଦେଖିବା ପାଇଁ କାହ୍ନୁ ।''

ନାରୀର ସୌନ୍ଦର୍ଯ୍ୟ ଧନଞ୍ଜୟଙ୍କ ଲେଖନୀରେ ଉଚ୍ଚତମ ଉଚ୍ଚତାରେ ଅଧିଷ୍ଠିତ । ଏପରିକି କାବ୍ୟ ନାୟିକା ଯେଉଁ ଦିଗକୁ ଚାହୁଁଛି, ସେ ଦିଗରେ କୁସୁମ ବୃଷ୍ଟି ହେଉଛି । 'ତ୍ରିପୁରସୁନ୍ଦରୀ' କାବ୍ୟରେ କବି କହିଛନ୍ତି -

''ଯେଣେ ଯେଣେ ଚାହୁଁଅଛି ବିନ୍ଧୋଷ୍ଟୀ
ସେ ଦିଗେ ହେଉଛି କୁସୁମ ବୃଷ୍ଟି''

ଆଧୁନିକ ଓଡ଼ିଆ ସାହିତ୍ୟର ସ୍ୱନାମଧନ୍ୟ କବି ରାଧାନାଥ ନାରୀର ଆଙ୍ଗିକ ଲାବଣ୍ୟର ପ୍ରଭାବ ଉପସ୍ଥାପନା କରିବା ଅବକାଶରେ ବହୁ ଭାବରେ ଓଡ଼ିଆ ରୀତି କାବ୍ୟ ଦ୍ୱାରା ପ୍ରଭାବିତ ହୋଇଛନ୍ତି । ତାଙ୍କ ଲେଖନୀରେ ନାୟିକା ଚନ୍ଦ୍ରଭାଗାର ଅସାମାନ୍ୟ ସୌନ୍ଦର୍ଯ୍ୟ ପ୍ରକଟିତ । ଚନ୍ଦ୍ରଭାଗା ଯେଉଁ ଦିଗକୁ ଚାହୁଁଛି, ସେ ଦିଗରେ କୁସୁମ ବୃଷ୍ଟି ହେଉଛି ବୋଲି କହିବାକୁ ଯାଇ ରାଧାନାଥ କହିଛନ୍ତି -

''ଯେଣେ ଅନାଉଛି ଲଳନା
ଫୁଲ ଯାଏ ବରଷି ।''

ରାଧାନାଥ ନିଜକୁ ଉପେନ୍ଦ୍ର ଭଞ୍ଜଙ୍କ ଅନୁକାରୀ ବୋଲି ଅଭିହିତ କରିଥିଲେ । କେବଳ ସେ ନୁହଁନ୍ତି ବହୁ କବି ଭଞ୍ଜଙ୍କ ପ୍ରଭାବରେ ଅଳ୍ପେ ବହୁତେ ପ୍ରଭାବିତ ହେବାର ଦେଖାଯାଏ । ଭଞ୍ଜଙ୍କୁ ଗୁରୁ ଭାବରେ ଗ୍ରହଣ କରିଛନ୍ତି ଅଭିମନ୍ୟୁଙ୍କଠାରୁ ଆରମ୍ଭ କରି ରାଧାନାଥଙ୍କ ପର୍ଯ୍ୟନ୍ତ ବହୁ କବି । ଉପେନ୍ଦ୍ର ଭଞ୍ଜଙ୍କ ପିଲାଦିନରୁ ସ୍ୱପ୍ରତିଭାର ବିମଳ

ବିକାଶ ନିମେନ୍ତ ଧନଞ୍ଜୟଙ୍କଠାରୁ ଯେଉଁ ପ୍ରବଳ ପ୍ରେରଣା ଓ ସୀମାହୀନ ଆନ୍ତରିକତା ଲାଭ କରିଥିଲେ, ତା'ର ପଟାନ୍ତର ନାହିଁ । ଉପେନ୍ଦ୍ରଭଞ୍ଜଙ୍କର ପ୍ରତିଭାର ବିକାଶ ନିମନ୍ତେ ଗୁରୁର ଭୂମିକା ଗ୍ରହଣ କରି ଥିବାରୁ ରାଜକବି ଧନଞ୍ଜୟ ପରବର୍ତ୍ତୀ କବିମାନଙ୍କର ଗୁରୁଣାଂ ଗୁରୁ ଭୂମିକାରେ ଅବତୀର୍ଣ୍ଣ ହେବାର ଗୌରବ ଲାଭ କରିଛନ୍ତି, ଏଥିରେ ସନ୍ଦେହ ନାହିଁ ।

ସାହିତ୍ୟ ସାଧକମାନେ ନିଜ ନିଜର ସାଧନା ଦ୍ୱାରା ସମାଜକୁ ନୂତନ ଦିଗ୍ ଦର୍ଶନ ଦେଇଥାନ୍ତି । ମହତ୍ତର ତଥା ବୃହତ୍ତର ଚେତନା ସହ ତାଙ୍କ ଚେତନା ସମନ୍ୱିତ ହୋଇଥାଏ । ସୌନ୍ଦର୍ଯ୍ୟର ସ୍ୱର୍ଶରେ ଜୀବନକୁ ମଧୁମୟ କରିବା ହେଉଛି ସାହିତ୍ୟର ମୌଳିକ ଲକ୍ଷ୍ୟ । ଓଡ଼ିଆ ରୀତି ସାହିତ୍ୟ ଉକ୍ତ ଲକ୍ଷ୍ୟ ପୂରଣ ଦିଗରେ ବହୁ ପ୍ରକାରେ ପ୍ରୟାସ କରିଛି । ଏଥିରେ ଜୀବନର ଚିତ୍ର ସହିତ ଜୀବନ ଜିଜ୍ଞାସାର ଚିତ୍ର ମଧ୍ୟ ଦେଖିବାକୁ ମିଳେ । ମନକୁ ମନ ଦେଇ ଅନୁଭବ କରିବା ପାଇଁ, ହୃଦୟକୁ ହୃଦୟ ଦେଇ ବୁଝିବା ପାଇଁ ପ୍ରୟାସ ଅଛି ଏହି ସାହିତ୍ୟରେ । ଛଳନା, ପ୍ରତାରଣାର ସ୍ଥାନ ଏ ସାହିତ୍ୟରେ ନାହିଁ । ଏ ସାହିତ୍ୟ ସମାଜକୁ ଉଦ୍‌ଭ୍ରାନ୍ତ କରିନାହିଁ । ସ୍ୱକୀୟା ପ୍ରୀତିର ନିର୍ମଳ ନିଷ୍ଠା ପ୍ରଦର୍ଶନ କରି ସୁସ୍ଥ ସମାଜ ଗଠନ ପାଇଁ ପ୍ରୟାସ କରି ଅମ୍ଳାନ ଯଶର ଅଧିକାରୀ ହୋଇଛି ।

ଓଡ଼ିଆ ସାହିତ୍ୟରେ ବିଧିବଦ୍ଧ ଭାବରେ ରୀତିକାବ୍ୟ ରଚନା କରିବାର ଉଦ୍ୟମ କରି ଧନଞ୍ଜୟ ଭଞ୍ଜ ସଫଳକାମ ହୋଇଛନ୍ତି ଓ ଓଡ଼ିଆରୀତି କାବ୍ୟର ପ୍ରଥମ ପ୍ରବକ୍ତା ହେବାର ଗୌରବ ଅର୍ଜନ କରିଛନ୍ତି ।

ସମୀକ୍ଷା ସୌରଭ

ମୁଖବନ୍ଧ

ଯୁଗେ ଯୁଗେ ଭାରତୀୟ ସଂସ୍କୃତି ମାନବିକ ମୂଲ୍ୟବୋଧକୁ ସ୍ୱୀକାର କରିଛି । ଆତ୍ମିକ ସଚେତନତା ଉପରେ ସେ ଗୁରୁତ୍ୱ ଦେଇଛି ବୋଲି ବହୁ ଘାତପ୍ରତିଘାତ ତାକୁ ନିଃଶେଷ କରିପାରି ନାହିଁ । ଏବେ ମଧ୍ୟ ସେ ବଞ୍ଚି ରହିଛି ; ଆଉ ବଞ୍ଚି ରହିଛି ସମଗ୍ର ବିଶ୍ୱର କଲ୍ୟାଣ ପାଇଁ । ପାଶ୍ଚାତ୍ୟ ଜଗତରେ ଯେଉଁ ଅଭୂତପୂର୍ବ ପରିବର୍ତ୍ତନ ସଂଗଠିତ ହେଉଛି, ସେଥିରୁ ସ୍ପଷ୍ଟ ଅନୁଭବ କରି ହେଉଛି ଯେ ସମୟ ଆସୁଛି ଯେତେବେଳେ କି ସର୍ବତ୍ର ମାନବିକ ମୂଲ୍ୟବୋଧ ହିଁ ପ୍ରତିଷ୍ଠା ଅର୍ଜନ କରିବ । ବିଶ୍ୱଜୀବନ ହେବ ନୂଆ ଏକ ବରିଷ୍ଠ ଚେତନାର ଲୀଳାନଗରୀ । ଭାରତବର୍ଷ ଯେଉଁ ମୂଲ୍ୟବୋଧ ଉପରେ କାଳେକାଳେ ଗୁରୁତ୍ୱ ଦେଇଆସିଛି ଏବେ ତାହା ପାଶ୍ଚାତ୍ୟ ଜଗତରେ ଅଧିକରୁ ଅଧିକ ବରଣୀୟ ହେବାକୁ ଯାଉଛି । ଏଥିରୁ ଭାରତୀୟ ସଂସ୍କୃତିର ମହତ୍ତ୍ୱ ଓ ଗୁରୁତ୍ୱ ସହଜରେ ଅନୁଭବ କରାଯାଇପାରେ । ଆମ ସଂସ୍କୃତିର ବିଶ୍ଳେଷଣ ଓ ପ୍ରୟୋଗ ସମଗ୍ର ବିଶ୍ୱଜୀବନର କଲ୍ୟାଣ ନିମନ୍ତେ ଦ୍ୱାର ଉନ୍ମୋଚନ କରିବ, ଏଥିରେ ସନ୍ଦେହ ନାହିଁ । ଏହା ଭାବ ପ୍ରବଣତା ଜନିତ ବକ୍ତବ୍ୟ ନୁହେଁ, ଏଥିରେ ବାସ୍ତବତା ରହିଛି । ସମଗ୍ର ମାନବଜାତିକୁ ଦିଗ୍‌ଦର୍ଶନ ଦେବା ନିମନ୍ତେ ଆବଶ୍ୟକୀୟ ସଚେତନତା ଭାରତୀୟ ସଂସ୍କୃତିରେ ରହିଛି ବୋଲି ପ୍ରାଚ୍ୟ ଓ ପାଶ୍ଚାତ୍ୟର ବହୁ ଚିନ୍ତାନାୟକ ଉଦ୍‌ଘୋଷଣା କରିଛନ୍ତି ।

ଏହି ଅବକାଶରେ ଏହା ମୁକ୍ତ କଣ୍ଠରେ ସ୍ୱୀକାର୍ଯ୍ୟ ଯେ ଭାରତୀୟ ସଂସ୍କୃତିର ମୂଳତତ୍ତ୍ୱକୁ ବୁଝିବା ଓ ଜୀବନରେ ତା'ର ପ୍ରୟୋଗ କରିବାର ଅର୍ଥ ହେଉଛି ବିଶ୍ୱଜୀବନର କଲ୍ୟାଣକଳ୍ପେ କାର୍ଯ୍ୟ କରିବା । ଏଥିନିମନ୍ତେ ଆମ ଦେଶରେ ପ୍ରଚଳିତ ଭିନ୍ନ ଭିନ୍ନ ଭାଷାରେ ଆମ ସଂସ୍କୃତିର ବିଭିନ୍ନ ଦିଗ ଉପରେ ବିଚାର ଓ ବିଶ୍ଳେଷଣ ଯେ ଆଜିର ପ୍ରାଥମିକ ଆବଶ୍ୟକତା, ଏଥିରେ ସନ୍ଦେହ ନାହିଁ । ସେହି ଆବଶ୍ୟକତାକୁ ପୂରଣ କରିବା ପାଇଁ ନୁହେଁ, ଆବଶ୍ୟକତାକୁ ସୂଚେଇ ଦେବା ନିମନ୍ତେ ମୁଁ ଏହି ପୁସ୍ତକରେ ସ୍ଥାନିତ କେତେକ ପ୍ରବନ୍ଧରେ ସାମାନ୍ୟ ପ୍ରୟାସ ମାତ୍ର କରିଛି ।

ସଂସ୍କୃତି ସହିତ ସାହିତ୍ୟର ସଂପର୍କ ଅତ୍ୟନ୍ତ ନିବିଡ଼ । ଗୋଟିଏ ଜାତିର ମାର୍ଜିତ ରୁଚି ହେଉଛି ସଂସ୍କୃତି । ସାହିତ୍ୟରେ ସେହି ମାର୍ଜିତ ରୁଚି ରୂପାୟିତ ହେଉଥିବାରୁ ସଂସ୍କୃତି ସହ

ସାହିତ୍ୟର ସମ୍ବନ୍ଧ ସ୍ୱତନ୍ତ୍ର ଓ ଅଭିନବ । ସାହିତ୍ୟ ଓ ସଂସ୍କୃତି ସତେ ଯେମିତି ଗୋଟିଏ ଚେତନାର ଦୁଇଟି ପରିଭାଷା, ଗୋଟିଏ ନଦୀର ଦୁଇଟି ଧାର, ଗୋଟିଏ ବୀଣାର ଦୁଇଟି ତାର ଆଉ ଗୋଟିଏ ବୃନ୍ତର ଦୁଇଟି ଫୁଲ । ତେଣୁ ଏହି ପୁସ୍ତକରେ କେତେକ ସାହିତ୍ୟିକ ପ୍ରବନ୍ଧ ମଧ୍ୟ ପ୍ରକାଶିତ ହୋଇଛି । ପୁସ୍ତକରେ ପ୍ରକାଶିତ ସମସ୍ତ ପ୍ରବନ୍ଧ ମଧ୍ୟରୁ କେତେକ ପ୍ରବନ୍ଧ ପୂର୍ବରୁ ବିଭିନ୍ନ ପତ୍ରପତ୍ରିକାରେ ପ୍ରକାଶିତ ହୋଇଛି ।

ଏହି ପୁସ୍ତକଟିର ମୁଦ୍ରଣ ଦାୟିତ୍ୱ ବହନ କରିଥିବାରୁ ଦିବ୍ୟ ମୁଦ୍ରଣୀ ତତ୍ତ୍ୱାବଧାରକଙ୍କୁ ମୁଁ ସାଧୁବାଦ ଜଣାଉଛି । ପରିଶେଷରେ ସହୃଦୟ ପାଠକମାନଙ୍କର ଆନ୍ତରିକତା କାମନା କରି ରହୁଛି ।

ଡକ୍ଟର ଶରତ ଚନ୍ଦ୍ର ରଥ

ଭାରତୀୟ ସଂସ୍କୃତିର ରୂପରେଖ

ବିଶ୍ୱର ପ୍ରାଚୀନ ସଂସ୍କୃତିମାନଙ୍କ ଭିତରେ ଭାରତୀୟ ସଂସ୍କୃତି ଅନ୍ୟତମ । ଏହି ସଂସ୍କୃତିର ସ୍ୱତନ୍ତ୍ର ମୂଲ୍ୟବୋଧ ଉଚ୍ଚତମ ଉଚ୍ଚତାରେ ଅଧିଷ୍ଠିତ । ଏଥିରେ ଜୀବନଧାରା ଅପେକ୍ଷାକୃତ ମାର୍ଜିତ ତଥା ରୁଚିପୂର୍ଣ୍ଣ । ଜୀବନର ପୂର୍ଣ୍ଣତା ନିମନ୍ତେ ଆବଶ୍ୟକୀୟ ଉପାଦେୟ ଉପାଦାନର ପ୍ରାଚୁର୍ଯ୍ୟ ହେତୁ ଉକ୍ତ ସଂସ୍କୃତି ତା'ର ନିଜସ୍ୱ ମୌଳିକତାରେ ବରଣୀୟ ହୋଇପାରିଛି । ପ୍ରାଗ୍‌ଐତିହାସିକ ଯୁଗରେ ଭାରତରେ ଆର୍ଯ୍ୟ ଋଷିକଣ୍ଠରୁ ଯେଉଁ ବିଶ୍ୱକଲ୍ୟାଣକାମୀ ବାର୍ତ୍ତା ଉତ୍ସାରିତ ହୋଇଥିଲା ତା'ର ଭିତ୍ତି ଯେପରି ସୁଦୃଢ଼ ଥିଲା ବ୍ୟାପ୍ତି ସେପରି ସୁଦୂରପ୍ରସାରୀ ଥିଲା । ଶୋଭା ଶ୍ୟାମଳ ବନଭୂମିଠାରୁ ଜନପଦ ପର୍ଯ୍ୟନ୍ତ ବିଶ୍ୱପ୍ରେମର ବାଣୀ ହୋଇଥିଲା ପ୍ରସାରିତ ଓ ଅଭିଷିକ୍ତ । ଋଷିପ୍ରାଣର ପ୍ରଶାନ୍ତ ପବିତ୍ର ଅନୁଭୂତିମାଳା ସମଗ୍ର ମାନବ ଜାତିର କଲ୍ୟାଣକଳ୍ପେ ଶବ୍ଦରେ ରୂପାୟିତ ହୋଇ ଆଶାନୁରୂପ ମାଙ୍ଗଳିକ ଭାବତରଙ୍ଗ ସୃଷ୍ଟି କରିଥିଲା । ହୀନମନ୍ୟତା କିମ୍ବା ଆତ୍ମଶ୍ଲାଘା ପରିବର୍ତ୍ତେ ଆତ୍ମଜ୍ଞାନ ପ୍ରସୂତ ନମ୍ରତାର ତୁଳସୀସ୍ତବକ ଦେଇ ଆଚାର୍ଯ୍ୟଗଣ କରିଥିଲେ ବିଶ୍ୱଜୀବନର ନିରାଜନା । ସେହି ଅକପଟ ଉଦାର ପ୍ରଶସ୍ତ ପ୍ରଶାନ୍ତ ଚିତ୍ତ ଋଷିଗଣ, ଆଚାର୍ଯ୍ୟଗଣ ଆଜି ସଦେହରେ ନାହାନ୍ତି ସତ ; ମାତ୍ର ପ୍ରତ୍ୟେକ ଏକ ଏକ ମହନୀୟ ଅନୁଷ୍ଠାନରେ ପରିଣତ ହୋଇଛନ୍ତି । ଭାରତୀୟ ପାଣି ପବନରେ ସେମାନଙ୍କ ହୃଦୟର ପବିତ୍ର ଚିନ୍ତା, କଣ୍ଠର ସୁଧାସିକ୍ତ ବାର୍ତ୍ତାର ପ୍ରଭାବଶାଳୀ ତରଙ୍ଗମାଳା ଏବେ ମଧ୍ୟ ବିଦ୍ୟମାନ ରହିଛି । ବହୁ ଘାତ ପ୍ରତିଘାତ ସହି ତଥାପି ଭାରତୀୟ ସଂସ୍କୃତି ବଞ୍ଚି ରହିଛି ସମଗ୍ର ବିଶ୍ୱ ପାଇଁ । ସମଗ୍ର ବିଶ୍ୱର ଗୁରୁହେବାର ଗୁରୁତ୍ୱପୂର୍ଣ୍ଣ ଭୂମିକାରେ ଆଗାମୀ ଭାରତ ଅବତୀର୍ଣ୍ଣ ହେବ, ଏହା ପ୍ରାଚ୍ୟ ଓ ପାଶ୍ଚାତ୍ୟର ବହୁ ଚିନ୍ତାବିତ୍ ଉଦ୍‌ଘୋଷଣା କରିଛନ୍ତି । ଏ କ୍ଷେତ୍ରରେ ସ୍ୱାମୀ ବିବେକାନନ୍ଦ, ସ୍ୱାମୀ ଆନନ୍ଦାଚାର୍ଯ୍ୟ, ଶ୍ରୀଅରବିନ୍ଦ ଏବଂ ଫ୍ରାନ୍‌ସର ଡାଃ ଜୁଲବର୍ଣ୍ଣ, ଇସ୍‌ରାଏଲ୍‌ର ପ୍ରଫେସର ହରାର, ଇଂଲଣ୍ଡର ପ୍ରଫେସର କୀରୋ, ସ୍ୱେନର ପ୍ରଫେସର ଜି. ବେଜଲେଟିନ୍, ହଙ୍ଗେରୀର ଦିବ୍ୟଦର୍ଶିନୀ ମହିଳା ଶ୍ରୀମତୀ ବୋରିସ୍କାଙ୍କ ନାମ ଉଲ୍ଲେଖଯୋଗ୍ୟ । ଜର୍ମାନ୍ ମନୀଷି ମାକ୍‌ସମୁଲ୍ଲର ଭାରତୀୟ ସଂସ୍କୃତିର ମହତ୍ତ୍ୱ ଓ ମୂଲ୍ୟବୋଧକୁ ଅନୁଭବ କରି କହିଥିଲେ ''ଯଦି ସମଗ୍ର ପୃଥିବୀ ଭିତରେ ଏପରି ଏକ ଦେଶର ସନ୍ଧାନ ଦେବାକୁ ମୋତେ କୁହାଯାଏ, ଯାହା ପ୍ରକୃତିର ଶ୍ରେଷ୍ଠତମ ସମ୍ପଦ, ଶକ୍ତି ଓ ସୌନ୍ଦର୍ଯ୍ୟରେ ବିପୁଳ ରୂପେ ସମୃଦ୍ଧ ଓ ଯାହାର କେତେକ ଅଂଶକୁ ପୃଥିବୀର ନନ୍ଦନକାନନ ଆଖ୍ୟା ଦିଆଯାଇପାରେ ତେବେ ମୁଁ କହିବି ସେହି ଦେଶ ହେଉଛି ଭାରତବର୍ଷ ।'' ସଂସ୍କୃତିର ଅନ୍ତର୍ଗତ କେତେକ ଚେତନା ଭିତରୁ ଧର୍ମ, ଦର୍ଶନ, ସାହିତ୍ୟ, କଳାର ଚେତନା ଅନ୍ୟତମ । ଗୋଟିଏ ବାକ୍ୟରେ କହିଲେ ସଂସ୍କୃତି ହେଉଛି ଗୋଟିଏ ଜାତିର ମାର୍ଜିତ ଚିନ୍ତା ଓ ଚେତନା । ରୁଚିବୋଧ, ଶାଳୀନତା, ଆତ୍ମସମ୍ମାନବୋଧ, ଉଦାରତା

ଏହାର ଭିତ୍ତିଭୂମି ରୂପେ ପ୍ରତିଷ୍ଠିତ । ସଭ୍ୟତା ହେଉଛି ସଂସ୍କୃତିର ବାହ୍ୟତମ ବ୍ୟାବହାରିକ ସ୍ଥୂଳସ୍ୱରୂପ । ସଂସ୍କୃତି ବିନା ସଭ୍ୟତାର ସ୍ଥିତି ନାହିଁ ଏବଂ ସଭ୍ୟତା ବିନା ସଂସ୍କୃତିର ଅଭିବ୍ୟକ୍ତି ନାହିଁ । ପରସ୍ପରର ପରିପୂରକ ଏଇ ଦୁଇଟି ଦିଗନ୍ତ ମାନବ ଜୀବନର ମୂଲ୍ୟବୋଧକୁ ବହୁଗୁଣିତ କରିଥାଏ । ଫୁଲରେ ସୁବାସପରି, ଶରୀରରେ ଆତ୍ମା ପରି ସଭ୍ୟତାରେ ସଂସ୍କୃତିର ସ୍ଥିତି ।

ଭାରତୀୟ ଜୀବନଧାରାର ପ୍ରାଚୀନତ୍ୱ ସର୍ବବାଦୀସମ୍ମତ । ହଜାର ହଜାର ବର୍ଷ ତଳେ ଏହାର ଉଦ୍ଭବ ଘଟିଛି । କ୍ରମବିକାଶଧାରାରେ ଅଗ୍ରଗତି କରି ଭାରତୀୟ ସଂସ୍କୃତି ଆଜିର ରୂପ ଗ୍ରହଣ କରିଛି । ଏହି ସଂସ୍କୃତିର ସ୍ୱରୂପ ଉଦ୍‌ଘାଟନ କରିବାକୁ ଯାଇ ସ୍ୱାମୀ ବିବେକାନନ୍ଦ ଯାହା କହିଛନ୍ତି ତାହା ପ୍ରଣିଧାନଯୋଗ୍ୟ । ତାଙ୍କ ମତରେ ''ଯେତେବେଳେ ଗ୍ରୀସ୍‌ର ଜନ୍ମ ହୋଇ ନାହିଁ ରୋମ୍ କଥା କେହି ଭାବି ନାହିଁ, ବର୍ତ୍ତମାନର ୟୁରୋପୀୟମାନଙ୍କର ପୂର୍ବପୁରୁଷଗଣ ବିଚିତ୍ର ଅଙ୍ଗରାଗରେ ରଞ୍ଜିତ ଅରଣ୍ୟବାସୀ ମାତ୍ର ଥିଲେ, ସେହି ସୁଦୂର ଯୁଗରେ ଭାରତ ମଧ୍ୟ ତାହାର ସଂସ୍କୃତିର ସାଧନାରେ କର୍ମମୁଖର ଥିଲା । ବର୍ତ୍ତମାନ ପର୍ଯ୍ୟନ୍ତ କେତେ ଉଚ୍ଚ ଉଚ୍ଚ ଭାବ, ଶାନ୍ତି ଓ ଶୁଭେଚ୍ଛାର ବାଣୀ ଭାରତରୁ ଜଗତ ମଧ୍ୟରେ ବିଶ୍ୱ ହୋଇପଡ଼ିଛି ।'' ଏହି ଯେଉଁ ସଂସ୍କୃତିରେ ଜୀବନ ସ୍ୱର୍ଗର ଖଣ୍ଡିଏ ସୁଶ୍ରୀଯୁକ୍ତ କାରୁଶିଳ୍ପ, ଅପାର୍ଥିବ ଆନନ୍ଦର ଖଣ୍ଡିଏ କାବ୍ୟ ହେବା ପାଇଁ ଅଭିପ୍ରେତ ସେହି ସଂସ୍କୃତିର ଭିତ୍ତିରୂପେ ପ୍ରତିଷ୍ଠିତ କେତେକ ଉପାଦାନ ସମ୍ପର୍କରେ ନିମ୍ନରେ ଆଲୋଚନା କରାଯାଇଛି ।

ଅଧ୍ୟାତ୍ମ ଚେତନା :

ଅଧ୍ୟାତ୍ମ ଚେତନା ହେଉଛି ଭାରତୀୟ ସଂସ୍କୃତିର ଏକ ମୌଳିକ ଉପାଦାନ । ଅଧ୍ୟାତ୍ମ ଚେତନା ଧର୍ମାନ୍ଧତା ନୁହେଁ, କୁସଂସ୍କାର ଜର୍ଜରିତ କ୍ଷୀଣ ମାନବିକ ଚେତନା ନୁହେଁ, ଏହା ସ୍ୱତନ୍ତ୍ର ଶକ୍ତିରେ ଶକ୍ତିମୟ ଓ ଆଲୋକରେ ଆଲୋକମୟ ଏକ ଜାଗ୍ରତ ଅବସ୍ଥା । ଧର୍ମଗତ ମତବାଦସବୁର ଉର୍ଦ୍ଧ୍ୱରେ ଏହାର ସ୍ଥିତି । ସବୁ ଧର୍ମର ଶେଷଲକ୍ଷ୍ୟ ତଥା ଶୀର୍ଷବିନ୍ଦୁ ଭାବରେ ଅଧ୍ୟାତ୍ମ ଚେତନାର ସ୍ଥିତି ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ଓ ଗୌରବଦୀପ୍ତ । ଜୀବକୁ ଶିବଜ୍ଞାନ କରିବା ଏହାର ବିଶିଷ୍ଟ ପ୍ରୟୋଗଧାରା । କ୍ଷୁଦ୍ର ଅଣୁଠାରୁ ବିଶାଳ ପର୍ବତ ପର୍ଯ୍ୟନ୍ତ ସର୍ବତ୍ର ଏକ ଅଦ୍ୱିତୀୟ ଚେତନାର ଉପସ୍ଥିତିର ଅନୁଭୂତି ଏହି ଚେତନାର ବିଶିଷ୍ଟ ଗୁଣ ଭାବରେ ଗ୍ରହଣୀୟ । ଭାରତୀୟ ସଂସ୍କୃତିରେ ଆଧ୍ୟାତ୍ମିକତାର ଏତେ ଅଧିକ ପ୍ରଭାବ ପ୍ରାଚୀନକାଳରେ ଥିଲା ଯେ ତା'ର ସଫଳ ପଦାଙ୍କ ଭାରତୀୟ ନୀତିଶାସ୍ତ୍ର ଓ ସମାଜଶାସ୍ତ୍ରରେ ମଧ୍ୟ ଦେଖିବାକୁ ମିଳେ । ଅହଂ ବିବର୍ଜିତ ଏକ ଉଦାର ପ୍ରଶସ୍ତ ଶୁଚିସ୍ନିଗ୍ଧ ମାନବିକତାର ଭିତ୍ତିରେ ଅଧ୍ୟାତ୍ମ ଚେତନାର ସ୍ଥିତି । ଜୀବନର ପରିପୂର୍ଣ୍ଣତା ପାଇଁ ଏହି ଶକ୍ତିର ଆବଶ୍ୟକତା ଏକାନ୍ତ ଅପରିହାର୍ଯ୍ୟ । ବିଶ୍ୱସ୍ରଷ୍ଟାଙ୍କ ସର୍ବବ୍ୟାପକତାର ସୂଚନା ଧର୍ମ ନିର୍ବିଶେଷରେ ଯେଉଁ ଚେତନାରେ ପ୍ରତିଷ୍ଠିତ ତାହା ହେଉଛି ଅଧ୍ୟାତ୍ମ ଚେତନା । ଅନ୍ୟ ଭିତରେ ନିଜକୁ ଓ ନିଜ ଭିତରେ ଅନ୍ୟକୁ ଅନୁଭବ କରିବାର ପ୍ରୟାସ ଅଧ୍ୟାତ୍ମ ଚେତନାର ମୂଳମନ୍ତ୍ର ଭାବରେ ବିବେଚିତ । ତେଣୁ କୁହାଯାଇଛି ''ଆତ୍ମବତ୍ ସର୍ବଭୂତେଷୁ ପଶ୍ୟତି ସ ପଣ୍ଡିତଃ'' । ଆଧ୍ୟାତ୍ମିକତାର ଅର୍ଥ ନୁହେଁ ବିଦ୍ୟାବିମୁଖତା କିମ୍ବା ଜୀବନରୁ ପ୍ରଳାୟନ । ଧନବିମୁଖତା ମଧ୍ୟ ଏହାର ଗୁଣ ବା ଲକ୍ଷଣ ନୁହେଁ । ଆଧ୍ୟାତ୍ମିକତାର ମୌଳିକ ତତ୍ତ୍ୱ ହେଉଛି ଜୀବନରେ ବସ୍ତୁର ଆବଶ୍ୟକତାକୁ ଆବଶ୍ୟକତା ଅନୁସାରେ ଅନୁଭବ କରିବା । ଜୀବନକୁ ସୁସ୍ଥ, ସୁନ୍ଦର ତଥା ପରିପୂର୍ଣ୍ଣ କରିବାର ପ୍ରୟାସ, ଜୀବନକୁ ଦିବ୍ୟ ଜୀବନରେ ପରିଣତ କରିବାର ଆନ୍ତରିକତା ଅଧ୍ୟାତ୍ମଚେତନାର ମୌଳିକ ତତ୍ତ୍ୱ କହିଲେ ଅତ୍ୟୁକ୍ତି ହେବ ନାହିଁ । ଭାରତୀୟ ନୀତିଶାସ୍ତ୍ରରେ ଉଦ୍‌ଘୋଷିତ ହୋଇଛି -

''ଅଜରାମର ବତ୍ ପ୍ରାଜ୍ଞଃ ବିଦ୍ୟାମର୍ଥଞ୍ଚ ଚିନ୍ତୟେତ୍
ଆକୃଷ୍ଟଇବ କେଶେଷୁ ମୃତ୍ୟୁନାଂ ଧର୍ମମାଚରେତ ।''

ଶ୍ରୀମଦ୍ ଭଗବଦ୍ ଗୀତାରେ ଯେଉଁ ଆତ୍ମତତ୍ତ୍ୱ ଉପସ୍ଥାପିତ ହୋଇଛି ତାହାର ପଟାନ୍ତର ନାହିଁ । ଏହି ଗ୍ରନ୍ଥସ୍ଥ ଶ୍ଲୋକମାଳା ସମଗ୍ର ମାନବ ଜାତିକୁ ଉଦ୍‌ବୁଦ୍ଧ କରିବାପାଇଁ ଯୋଗ୍ୟତା ଅର୍ଜନ କରିଥିବାରୁ ଏହାକୁ ଅସାଂପ୍ରଦାୟିକ ଗ୍ରନ୍ଥ ବୋଲି କୁହାଯାଏ । ଧର୍ମ ଧାରଣା ନୁହେଁ ଅଧ୍ୟାତ୍ମ ଚେତନାକୁ ଅନୁଭବ କରିବା ପାଇଁ ଗୀତୋକ୍ତ ପଥ ଯେପରି ପ୍ରଶସ୍ତ ସେପରି ପରିଚ୍ଛନ୍ନ । ଆଶାବାଦୀ ଜୀବନ ଚିନ୍ତାର ନିର୍ମଳ ନିର୍ଯ୍ୟାସରେ ପ୍ରାଣବନ୍ତ ଗୀତାଗ୍ରନ୍ଥ ବିଶ୍ୱମାନବ ପ୍ରାଣରେ ଆଶ୍ୱାସନାର ଶୀତଳତା ସୃଷ୍ଟି କରିବାର କ୍ଷମତା ଅର୍ଜନ କରିଛି । ଗୀତା ପାଠକରି ମୁଗ୍ଧ ହୋଇଥିବା ପାଶ୍ଚାତ୍ୟ ମନୀଷି ଚାର୍ଲସ ଉଇଲିକିନସ୍ ୧୭୮୫ ମସିହାରେ ଗୀତାର ଯେଉଁ ଇଂରାଜୀ ଅନୁବାଦ କରିଥିଲେ, ତାହାର ମୁଖବନ୍ଧରେ ୱାରେନ୍ ହେଷ୍ଟିଂସ ମତ ଦେଇଥିଲେ ଯେ, ଗୀତାପାଠ ଦ୍ୱାରା କେବଳ ଇଂରେଜ ଜାତି ନୁହନ୍ତି ସମଗ୍ର ବିଶ୍ୱବାସୀ ଉପକୃତ ହେବେ । ଗୀତା ଧର୍ମର ଅନୁଶୀଳନ ଦ୍ୱାରା ମାନବ ଜୀବନ ଶାନ୍ତିଧାମରେ ପରିଣତ ହେବ ।'' ପୁନଶ୍ଚ ୧୮୨୩ ଖ୍ରୀ:ଅ:ରେ ଜର୍ମାନ ମନୀଷି ଉଇଲିୟମ ଶ୍ଲେଗେଲ ଗୀତାଗ୍ରନ୍ଥକୁ ଲାଟିନ୍ ଭାଷାରେ ଅନୁବାଦ କରିଥିଲେ । ପରେ ଉକ୍ତ ଗ୍ରନ୍ଥ ପାଠକରି ହମ୍‌ବୋଲ୍‌ଟ ନାମକ ଅନ୍ୟ ଜଣେ ଜର୍ମାନ ମନୀଷି ଯେଉଁ ମତ ଦେଇଥିଲେ ତାହା ଅତ୍ୟନ୍ତ ଆକର୍ଷଣୀୟ ଓ ଗୁରୁତ୍ୱପୂର୍ଣ୍ଣ । ତାଙ୍କ ମତରେ, ''ମୁଁ ଏହି ଗ୍ରନ୍ଥଟି ପଢ଼ିଲି, ପଢ଼ିବା ସମୟରେ ଭାଗ୍ୟଦେବତାଙ୍କ ପ୍ରତି ମୋର ହୃଦୟ କୃତଜ୍ଞତାରେ ପୂର୍ଣ୍ଣ ହୋଇଗଲା, କାରଣ ତାଙ୍କ ପ୍ରସାଦ ଯୋଗୁ ମୁଁ ଏହି ଗ୍ରନ୍ଥଟି ପଢ଼ିବାର ସୁଯୋଗ ପାଇଲି । ପୃଥିବୀର ଗଭୀରତମ ଓ ଉଚ୍ଚତମ ଚିନ୍ତାର ଉତ୍ସ ସମ୍ଭବତଃ ଏଥିରେ ରହିଛି ।'' କେବଳ ଗୀତା ନୁହେଁ, ବେଦ ଓ ଉପନିଷଦରେ ଭରି ରହିଛି ଯେଉଁ ଅଧ୍ୟାତ୍ମ ଚେତନାର ବାର୍ତ୍ତା, ତାହା ସମଗ୍ର ମାନବ ଜାତି ପାଇଁ ଅଭିପ୍ରେତ କାରଣ ତାହାର ବ୍ୟାବହାରିକ ଉପଯୋଗିତା ଦେଶ, କାଳ, ପାତ୍ରର ବନ୍ଧନରେ ଆବଦ୍ଧ ନୁହେଁ । ଯେଉଁ ଆତ୍ମିକଚେତନା ଜାତି, ଧର୍ମ, ବର୍ଣ୍ଣ ନିର୍ବିଶେଷରେ ପ୍ରତ୍ୟେକ ମନୁଷ୍ୟର ମୂଳକଥା, ସେହି ଚେତନା ସଂପର୍କରେ ଅବତାରଣା କରିଛି ଭାରତୀୟ ଅଧ୍ୟାତ୍ମଚେତନା । ଆତ୍ମିକଚେତନା ଭାରତୀୟ ଅଧ୍ୟାତ୍ମ ଚେତନାର ମୂଳଭିତ୍ତି ହୋଇଥିବାରୁ ଏହା କୌଣସି ଏକ ସଂପ୍ରଦାୟ ବା ଧର୍ମର ସଂକୀର୍ଣ୍ଣ ଗଣ୍ଡି ଭିତରେ ଆବଦ୍ଧ ହୋଇନାହିଁ ।

ସନାତନତ୍ୱ :

ସନାତନତ୍ୱ ହେଉଛି ଭାରତୀୟ ସଂସ୍କୃତିର ଅନ୍ୟତମ ବିଶିଷ୍ଟ ଦିଗ । ଇତିହାସର ସୃଷ୍ଟି ପୂର୍ବରୁ ଏହାର ସ୍ଥିତି ଥିଲା । ତେବେ ଏହି ମାର୍ଜିତ ସଂସ୍କୃତିର ରୂପାୟଣ ଋଗ୍‌ବେଦରେ ଦେଖିବାକୁ ମିଳେ । ଋଗ୍‌ବେଦ ପୃଥିବୀର ସବୁଠାରୁ ପ୍ରାଚୀନତମ ଗ୍ରନ୍ଥ ବୋଲି ସ୍ୱୀକୃତିଲାଭ କରିଛି । କେବଳ ପ୍ରାଚୀନତ୍ୱ ନୁହେଁ ଚିରନ୍ତନତ୍ୱ ମଧ୍ୟ ଏହି ସଂସ୍କୃତିର ଅନ୍ୟ ଏକ ଦିଗ ଯାହା ଏହାକୁ ସ୍ୱତନ୍ତ୍ର ମୂଲ୍ୟବୋଧ ଆଣି ଦେଇଛି । ହଜାର ହଜାର ବର୍ଷ ଧରି ବହୁ ବାଧାବିଘ୍ନର ସମ୍ମୁଖୀନ ହୋଇ ମଧ୍ୟ ସେ ସଂସ୍କୃତି ମ୍ଳାନ ହୋଇ ନାହିଁ । ଗ୍ରୀକ୍ ସଂସ୍କୃତି ଓ ମିଶର ସଂସ୍କୃତି ପ୍ରାଚୀନ ହେଲେ ମଧ୍ୟ ଚିରନ୍ତନତ୍ୱ ଅଭାବରୁ ଏହାର ପୂର୍ବସ୍ଥିତ ଆଜି ଆଉ ନାହିଁ । ଭାରତୀୟ ସଂସ୍କୃତି ଯେଉଁ ଶାଶ୍ୱତ ମୂଲ୍ୟବୋଧ ଉପରେ ପ୍ରତିଷ୍ଠିତ ତାହା ହେଉଛି ଅନ୍ତର୍ମୁଖୀନତା । ଦାନ, ଦୟା ଓ ଇନ୍ଦ୍ରିୟ ନିଗ୍ରହ ଆଦି ମହନୀୟ ଉପାଦାନରେ ଗଠିତ ମାନବିକତାର ମୂଲ୍ୟବୋଧରେ ଏହି ସଂସ୍କୃତି ହୋଇଛି ମୂଲ୍ୟବାନ ଏବଂ ଆକର୍ଷଣୀୟ ।

ଧର୍ମ :

ଜୀବନାର ପ୍ରତ୍ୟେକ କ୍ଷେତ୍ରରେ ଧର୍ମର ମହତ୍ତ୍ୱ ଭାରତୀୟ ସଂସ୍କୃତିରେ ଅନୁଭବ କରିହୁଏ । ଧର୍ମକୁ ଭାରତୀୟ ଜନଜୀବନର ଆଧାର କହିଲେ ଅତ୍ୟୁକ୍ତି ହେବ ନାହିଁ । ମହାଭାରତରେ ଧର୍ମର ସଂଜ୍ଞା ପ୍ରସଙ୍ଗରେ ଉଲ୍ଲେଖ କରାଯାଇଛି -

''ଧାରଣାର୍ଦ୍ଧର୍ମ ମିତ୍ୟାହୁ ଧର୍ମୋ ଧାରୟତେ ପ୍ରଜାଃ
ଯସ୍ମାଦ୍ଧାରଣ ସଂଯୁକ୍ତଃ ସ ଧର୍ମ ଇତି ନିଶ୍ଚୟଃ ।''

ସମ୍ପଦରେ, ବିପଦରେ, ଦୀର୍ଘଶ୍ୱାସରେ ସ୍ମିତ ହାସରେ ସବୁ ସମୟରେ ଧର୍ମ ହେଉଛି ଭାରତୀୟ ଜୀବନର ସାଥୀ ଓ ସାରଥି । ଆର୍ଯ୍ୟ ଜୀବନର ଚାରି ପୁରୁଷାର୍ଥ ମଧ୍ୟରେ ଧର୍ମ ହେଉଛି ମୁଖ୍ୟ । ଅନ୍ୟ ତିନିଗୋଟି ଅର୍ଥାତ୍ ଅର୍ଥ, କାମ ଓ ମୋକ୍ଷର ଭିତ୍ତି ହେଉଛି ଧର୍ମ । ଓଡ଼ିଆ ସାହିତ୍ୟର ସ୍ୱନାମଧନ୍ୟ କବି ରାଧାନାଥ ଧର୍ମକୁ ସଂସାର ସାଗର ତରିବାର ମାଧ୍ୟମ ରୂପେ ପରିକଳ୍ପନା କରି କହିଛନ୍ତି -

''ଧର୍ମ ଏକ ପୋତ ଗଢ଼ିଛନ୍ତି ବିଧି
ତରିବାକୁ ଏହି ସଂସାର ବାରିଧି ।''

ଧର୍ମ ଏକ ଶକ୍ତି ଯାହା ବ୍ୟକ୍ତିକୁ ଅଜ୍ଞତାରୁ ଜ୍ଞାନ ଆଡ଼କୁ, ସାଧାରଣ ସ୍ତରରୁ ଅସାଧାରଣ ସ୍ତରକୁ, ଅନ୍ଧାରରୁ ଆଲୋକ ଆଡ଼କୁ ନେଇଯାଇପାରେ । ଧର୍ମର ମୁଖ୍ୟ କର୍ମ ହେଉଛି ବ୍ୟକ୍ତିକୁ, ସମାଜକୁ ଅବିଦ୍ୟାରୁବିଦ୍ୟା ଆଡ଼କୁ ନେବା, ଦେହ ସତ୍ତାକୁ ତା'ର ସର୍ବୋତ୍ତମ ଲକ୍ଷ୍ୟରେ ଉପନୀତ କରାଇବା, ପ୍ରାଣକୁ ତା'ର ସର୍ବୋତ୍ତମ ସ୍ଥିତିରେ ଅଧିଷ୍ଠିତ କରାଇବା, ମନକୁ ତା'ର ସ୍ୱକୀୟ ସମୁଜ୍ଜ୍ୱଳତା ଆଣିଦେବା ଓ ସର୍ବୋପରି ଆତ୍ମିକ ଚେତନାକୁ ନେତୃତ୍ୱ ଦେବା ନିମନ୍ତେ ସୁଯୋଗଦେବା । ଧର୍ମ ଏକ ଜାଗ୍ରତ ଚେତନା ଯାହା ସମୟକ୍ରମେ ଭିନ୍ନଭିନ୍ନ କାରଣରୁ ମ୍ଲାନ ପଡ଼ିଥାଏ, ସ୍ୱୟଂ ଭଗବାନ ସେତେବେଳେ ଅବତାର ଗ୍ରହଣ ପୂର୍ବକ ଧର୍ମ ଉପରେ ଥିବା କୃତ୍ରିମ ମ୍ଲାନିମାକୁ ଦୂର କରିଥାନ୍ତି ।

କର୍ମବାଦ :

ଭାରତୀୟ ସଂସ୍କୃତିରେ କର୍ମବାଦ ଉପରେ ସର୍ବାଧିକ ଗୁରୁତ୍ୱ ଆରୋପିତ ହୋଇଛି । କର୍ମଫଳ ନୁହେଁ କର୍ମ ହିଁ ଏକମାତ୍ର ଆରାଧ୍ୟ ଦେବତା ବୋଲି ଶ୍ରୀମଦ୍ ଭଗବତ ଗୀତାରେ ଉଦ୍‌ଘୋଷିତ ହୋଇଛି । କର୍ମ ଏକ ଯୋଗ, ଏକ ବଳିଷ୍ଠ ମାଧ୍ୟମ, କର୍ମ ହିଁ ସାକ୍ଷାତ୍ ଈଶ୍ୱର । କିଛି ପ୍ରାପ୍ତି ଆଶା ନ ଥାଇ ମଧ୍ୟ ଭଗବାନ ଶ୍ରୀକୃଷ୍ଣ ନିରନ୍ତର କର୍ମରତ ରହିଛନ୍ତି ବୋଲି ଶ୍ରୀମଦ୍ ଭାଗବଦ୍ ଗୀତାରେ ସେ ନିଜେ ଉଦ୍‌ଘୋଷଣା କରିଛନ୍ତି । କର୍ମ ନିୟନ୍ତ୍ରଣ କରିଥାଏ ଭାଗ୍ୟକୁ, ସୁକର୍ମ ବ୍ୟକ୍ତିର ଜୀବନକୁ ସୁନ୍ଦର ତଥା ସୁସ୍ଥ କରିଥାଏ, ସଚେତନତାର ଅଭିବୃଦ୍ଧି କରିଥାଏ । କର୍ମବାଦର ମୂଲ୍ୟବୋଧ ପ୍ରକଟିତ ହୁଏ ପୂର୍ଣ୍ଣ ଭାବରେ ଇନ୍ଦ୍ରିୟ ଏବଂ ଆବେଗ ସକଳର ଅଧୀନ ନ ହୋଇ ଅନ୍ୟପକ୍ଷରେ ସେମାନଙ୍କୁ ଅଧୀନସ୍ଥ କରିବାରେ । ଶ୍ରୀମଦ୍ ଭଗବଦ୍ ଗୀତାରେ ଶ୍ରୀକୃଷ୍ଣ କହିଛନ୍ତି ଯେ କାମନାଶୂନ୍ୟ ହୋଇ ଆତ୍ମସଂଯମ ସହିତ କର୍ମ କର । ଶ୍ରୀକୃଷ୍ଣ କହିଛନ୍ତି ଯେ, ''ନିୟତଂ କୁରୁ କର୍ମତ୍ୱମ୍'' । ବୁଦ୍ଧିଯୋଗ କର୍ମଯୋଗ ଦ୍ୱାରା ପୂର୍ଣ୍ଣତାଲାଭ କରିଥାଏ । କର୍ତ୍ତା ଭାବ ନ ରଖି ନିଜ ଭିତରର କୌଣସି ଅଂଶ ଦ୍ୱାରା ପ୍ରଣୋଦିତ ନ ହୋଇ କର୍ମର ବାହ୍ୟବିଧି ମାନି ଚଳିବା ହେଉଛି ପ୍ରକୃତ କର୍ମବାଦର ମୌଳିକ ତତ୍ତ୍ୱ । ଭାରତୀୟ ସଂସ୍କୃତିରେ ଯଜ୍ଞ ପାଇଁ କର୍ମ କରିବା ହେଉଛି ପ୍ରକୃତ କର୍ମବାଦର ସାର୍ଥକ ରୂପାୟଣ । ଅହଂକୁ ଗୁରୁତ୍ୱ ନ ଦେଇ

ଭଗବତ ଅଭିମୁଖୀ ହୋଇ କର୍ମ କରିବା ହିଁ ପ୍ରକୃତ କର୍ମବାଦର ସ୍ୱରୂପ ବୋଲି ଭାରତୀୟ ସଂସ୍କୃତି ସ୍ୱୀକାର କରିଛି ।

ସମନ୍ୱୟବାଦ :

ଭାରତୀୟ ସଂସ୍କୃତିର ଏକ ବିଶିଷ୍ଟ ଦିଗ ରୂପରେ ଏହା ଏକ ଚେତନାର ଭିତ୍ତି ଉପରେ ପ୍ରତିଷ୍ଠିତ । ଭାରତ ଏକ ଉପମହାଦେଶ ଯେଉଁଠାରେ ବହୁଭାଷା, ବହୁଧର୍ମ, ବହୁ ପ୍ରକାର ଆଚାର ବ୍ୟବହାର ଦେଖିବାକୁ ମିଳେ । ବୈଷମ୍ୟ ମଧ୍ୟରେ ସାମ୍ୟର ପ୍ରତିଷ୍ଠା ସମନ୍ୱୟବାଦର ମୌଳିକ ଲକ୍ଷ୍ୟ । ଭିନ୍ନ ଭିନ୍ନ କାରଣରୁ କେତେକ ସଂସ୍କୃତି ଏ ଦେଶକୁ ଆସିଛି ; ମାତ୍ର ଏ ଦେଶ ନିଜ ସଂସ୍କୃତିର ମୂଲ୍ୟବୋଧର ସୁରକ୍ଷା କରିପାରିଛି । ବିଦେଶାଗତ ସଂସ୍କୃତି ଦ୍ୱାରା ସଂପୂର୍ଣ୍ଣ ନଷ୍ଟ ହୋଇ ନାହିଁ ବରଂ ସମନ୍ୱୟ ଚେତନାକୁ ପ୍ରୟୋଗ କରି ଆଗତ ସଂସ୍କୃତିକୁ ନିଜ ଭିତରେ ସ୍ଥାନ ଦେଇଛି । ଭାରତୀୟ ଜୀବନଧାରାରେ ତେତିଶକୋଟି ଦେବତାଙ୍କର ପରିକଳ୍ପନା କରାଯାଇଛି ଓ ସମସ୍ତ ଦେବତାଙ୍କୁ ସମ୍ମାନ ପ୍ରଦର୍ଶନର ବିଧି ବ୍ୟବସ୍ଥା ରହିଛି । ସମନ୍ୱୟ ଭାବନା ଦ୍ୱାରା ଅନୁପ୍ରାଣିତ ହୋଇ ଏପରି କୁହାଯାଇଛି ଯେ ''ସର୍ବଦେବ ନମସ୍କାରଃ କେଶବଂ ପ୍ରତିଗଚ୍ଛତି'' । ବୈଦିକ ଧର୍ମ ଓ ଦର୍ଶନରେ ଏହି ସମନ୍ୱୟବାଦର ସୁଦୂରପ୍ରସାରୀ ପ୍ରଭାବ ଅନୁଭବ କରିହୁଏ । ସମଗ୍ର ବିଶ୍ୱର କଲ୍ୟାଣ ପାଇଁ ଋଷିକଣ୍ଠରୁ ଝଙ୍କୃତ ହେଉଥିଲା, ''ସର୍ବେ ଭବନ୍ତୁ ସୁଖିନଃ, ସର୍ବେ ସନ୍ତୁ ନିରାମୟାଃ'' ଏବଂ ''ଶୃଣ୍ୱନ୍ତୁ ବିଶ୍ୱେ ଅମୃତସ୍ୟ ପୁତ୍ରାଃ'' ଇତ୍ୟାଦି ଶ୍ଲୋକମାଳା । ହିମାଳୟଠାରୁ କୁମାରୀକା ପର୍ଯ୍ୟନ୍ତ ପରିବ୍ୟାପ୍ତ ଏହି ଭାରତୀୟ ଭୂଖଣ୍ଡକୁ ଏକ ମହିମାମୟ ଜାଗ୍ରତ ଚେତନା ବାନ୍ଧି ରଖିଛି ଯାହାର ବ୍ୟାବହାରିକ ରୂପଟି ସମନ୍ୱୟବାଦ କହିଲେ ଅତ୍ୟୁକ୍ତି ହେବ ନାହିଁ । ନିମ୍ନୋକ୍ତ ଶ୍ଲୋକରେ ଏକ ସମୟରେ କିପରି ବ୍ରହ୍ମା, ଶିବ, ବିଷ୍ଣୁ, ବୁଦ୍ଧ, ଜିନଙ୍କୁ ଉପଯୁକ୍ତ ସମ୍ମାନ ପ୍ରଦତ୍ତ ହୋଇଛି ତାହା ଲକ୍ଷ୍ୟଣୀୟ ।

ଯ ଯ ଶୈବା ସମୁପାସନେ ଶିବ ଇତି ବ୍ରହ୍ମେତି ବେଦାନ୍ତିନୋ
ବୌଦ୍ଧାବୁଦ୍ଧ ଇତି ପ୍ରମାଣ ପଟବଃ କର୍ତ୍ତେତି ନୈୟାୟିକାଃ
ଅର୍ହନ୍ନିତ୍ୟଥ ଜୈନଶାସନରତାଃ କର୍ମେତି ମୀମାଂସକା
ସୋଃୟଂ ଯୋ ବିଦ୍‌ଧାତୁ ବାଂଛିତ ଫଳ ତ୍ରୈଲୋକାନାଥୋ ହରିଃ ।

ଶାନ୍ତିପ୍ରିୟତା :

ଭାରତୀୟ ସଂସ୍କୃତିର ଅନ୍ୟତମ ଉପାଦାନ ଭାବରେ ଶାନ୍ତିପ୍ରିୟତାର ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ । ପରିବେଶରେ ଶାନ୍ତି ଭରିଯାଉ, ଦିବ୍ୟ ସୁଷମା ବିଚ୍ଛୁରିତ ହେଉ, ପବନରେ ଶୀତଳତା ଭରିଯାଉ, ଫୁଲରେ ସୁବାସ ଭରିଯାଉ, ଦିଗଦିଗନ୍ତ ସୁବାସିତ ହେଉ ଏହି ଆଶାରେ ଋଷିଙ୍କର ପ୍ରାଣ ପରିପୂରିତ ହେଉଥିଲା । ସମଗ୍ର ବିଶ୍ୱ ଆଜି ବିଭିନ୍ନ ସମସ୍ୟାରେ ଜର୍ଜରିତ ହୋଇପଡ଼ିଛି । ଏହି ଅବସ୍ଥାରେ ଭାରତବର୍ଷର ଭୂମିକା ଯେ ଗୁରୁତ୍ୱପୂର୍ଣ୍ଣ ଏକଥା କହିବାନୁଯାଇ ଶ୍ରୀଅରବିନ୍ଦ କହିଛନ୍ତି -''ଆଜି ସମଗ୍ର ବିଶ୍ୱ ଯେଉଁ ସମସ୍ୟା ନେଇ ବିବ୍ରତ ଓ କିଂକର୍ତ୍ତବ୍ୟବିମୂଢ଼ ହୋଇପଡ଼ିଛି, ଯଦି ଭାରତ ସଂକଳ୍ପ କରେ ତେବେ ଏହି ସମସ୍ୟାର ଦେଇପାରେ ଏକ ଯଥାର୍ଥ ସମାଧାନ ।'' ସମସ୍ତେ ଶାନ୍ତିରେ ବାସ କରନ୍ତୁ ଏହି ଆଶା ଓ ବିଶ୍ୱାସ ରହିଛି ଭାରତୀୟ ସଂସ୍କୃତିରେ । ମଙ୍ଗଳାଚରଣରେ ସମସ୍ତଙ୍କ କଲ୍ୟାଣ କାମନା ପୂର୍ବକ କୁହାଯାଏ -

''ଓଁ ସର୍ବେଷାଂ ସ୍ୱସ୍ତି ଭବତୁ, ସର୍ବେଷାଂ ଶାନ୍ତିର୍ଭବତୁ ।
ସର୍ବେଷାଂ ପୂର୍ଣ୍ଣଂ ଭବତୁ, ସର୍ବେଷାଂ ମଙ୍ଗଳଂ ଭବତୁ'' ଇତ୍ୟାଦି ।

ଗଗନ ପବନରେ, ଜଳରେ ସ୍ଥଳରେ ଶାନ୍ତି ବିରାଜମାନ କରୁ ଏକଥା କହିବାକୁ ଆର୍ଯ୍ୟଋଷି ଗାଇଛନ୍ତି -

ଓଁ ଦ୍ୟୌ ଶାନ୍ତିଃ, ଅନ୍ତରୀକ୍ଷ ଶାନ୍ତିଃ, ପୃଥ୍ୱୀ ଶାନ୍ତିଃ ବିଶ୍ୱେ ଦେବା ଶାନ୍ତିଃ,
ଓଁ ବ୍ରହ୍ମଶାନ୍ତିଃ ସର୍ବଂଶାନ୍ତିଃ, ଶାନ୍ତିରେବ ହି ଶାନ୍ତିଃ, ସାମାଂ ଶାନ୍ତିରେଧି,
ଓଁ ଶାନ୍ତିଃ ଶାନ୍ତିଃ ଶାନ୍ତିଃ ।

ଉପରୋକ୍ତ ଆଲୋଚନାରୁ ଏକଥା ସ୍ପଷ୍ଟ ଯେ ଭାରତୀୟ ସଂସ୍କୃତିରେ ମାନବିକତାର ନିରଜନା ପାଇଁ ରହିଛି ପ୍ରଶସ୍ତ କ୍ଷେତ୍ର ଓ ପ୍ରଚୁର ସୁଯୋଗ । ଜୀବନର ସର୍ବାଙ୍ଗୀନ ବିକାଶ ନିମନ୍ତେ ଏଥିରେ ଯେଉଁ ସମୁଜ୍ଜ୍ୱଳ ବର୍ଣ୍ଣବିଭା ବିଦ୍ୟମାନ, ତାହାର ପଟାନ୍ତର ନାହିଁ । ଅତଏବ ଏକଥା ମୁକ୍ତକଣ୍ଠରେ ସ୍ୱୀକାରଯୋଗ୍ୟ ଯେ ଭାରତୀୟ ସଂସ୍କୃତି ହେଉଛି ଏକାଧାରରେ ସତ୍ୟ, ଶିବ ଓ ସୁନ୍ଦରର ପୂଜାରୀ । ରାଜାଠାରୁ ପ୍ରଜା ପର୍ଯ୍ୟନ୍ତ ସମସ୍ତେ ନ୍ୟାୟ ମାର୍ଗରେ ପରିଚାଳିତ ହୁଅନ୍ତୁ, ସୁଖୀ ହୁଅନ୍ତୁ ବୋଲି ଉଦ୍‌ଘୋଷିତ ହୋଇଛି ଏହି ସଂସ୍କୃତିରେ । ତେଣୁ କୁହାଯାଇଛି -

''ଓଁ ସ୍ୱସ୍ତି ପ୍ରଜାଭ୍ୟଃ ପରିପାଲୟନ୍ତାଂ
ନ୍ୟାୟେଣ ମାର୍ଗେନ ମହୀଂ ମହୀଶାଃ
ଗୋ ବ୍ରାହ୍ମଣେଭ୍ୟଃ ଶୁଭମସ୍ତୁ ନିତ୍ୟଂ
ଲୋକାଃ ସମସ୍ତାଃ ସୁଖିନୋ ଭବନ୍ତୁ ।''

ଅନ୍ଧକାରରୁ ଆଲୋକକୁ ନେବା ପାଇଁ, ଅସତ୍ୟରୁ ସତ୍ୟ ଆଡ଼କୁ, ମୃତ୍ୟୁରୁ ଅମୃତ ଆଡ଼କୁ ବ୍ୟକ୍ତିକୁ ନେଇଯିବାର ଯୋଗ୍ୟତା ଯେଉଁ ସଂସ୍କୃତିରେ ରହିଛି ତାକୁ ଶତପ୍ରଣାମ । ସେହି ଦେଶ ପ୍ରତି ଶ୍ରଦ୍ଧାରେ, ଭକ୍ତିରେ ସ୍ୱତଃ ମଥା ନଇଁଯାଏ । ମନେପଡ଼େ ସ୍ୱାମୀ ବିବେକାନନ୍ଦଙ୍କ ବାଣୀ, ''ଯଦି ପୃଥିବୀ ମଧ୍ୟରେ ଏପରି କୌଣସି ଦେଶ ଥାଏ, ଯାହାକୁ ପୁଣ୍ୟଭୂମି ନାମରେ ନାମିତ କରାଯାଇପାରେ, ଯଦି ଏପରି କୌଣସି ଦେଶ ଥାଏ ଯେଉଁଠାରେ ମନୁଷ୍ୟ ଜାତି ମଧ୍ୟରେ ସର୍ବାପେକ୍ଷା ଅଧିକ କ୍ଷାନ୍ତି, ଧୃତି, ଦୟା ପ୍ରଭୃତି ସଦ୍‌ଗୁଣର ବିକାଶ ହୋଇଛି, ତେବେ ନିଶ୍ଚିତ ଭାବରେ ମୁଁ କହିପାରେ ତାହା ହେଉଛି ଭାରତବର୍ଷ ।''

ସମଦର୍ଶନ ଓ ଭାରତବର୍ଷ

ଭାରତବର୍ଷ କେବଳ ଏକ ଭୂଖଣ୍ଡ ନୁହେଁ, ଏହା ଏକ ଜାଗ୍ରତ ଚେତନା । ନିଜସ୍ୱ ଜୀବନୀଶକ୍ତିର ପ୍ରଭାବରେ ତାହା ସ୍ମରଣାତୀତ କାଳରୁ ତିଷ୍ଠି ରହିଛି । ବିଶ୍ୱର ସର୍ବାଙ୍ଗୀନ କଲ୍ୟାଣସାଧନ ହେଉଛି ତା'ର ଲକ୍ଷ୍ୟ ଓ ଉଦ୍ଦେଶ୍ୟ । ବାହ୍ୟ ପ୍ରକୃତିର ସମ୍ମୋହନ ରୂପ ସହିତ ମାନବିକତାର ବଳିଷ୍ଠ ରୂପାୟଣ ଏଠାରେ ସୁଲଭ । ଏକତ୍ୱର ମୋହନମନ୍ତ୍ରରେ ଜୀବନଧାରା ଅଭିଷିକ୍ତ ହେବାର ପରମ୍ପରା ଏଠାରେ ରହିଛି । ଏକମନ ହେବା, ଏକ ସ୍ୱରରେ ଚେତନାର ବାର୍ତ୍ତା ଅଭିବ୍ୟକ୍ତ କରିବା, ତଥା ଏକତ୍ରିତ ହେବା ପାଇଁ ଭାରତର ଋଷିଗଣ ଯେଉଁ ଆହ୍ୱାନ ଦେଇଥିଲେ ତାହାର ପଟାନ୍ତର ନାହିଁ, ଅନ୍ୟ କୌଣସି ଦେଶରେ ସମଦର୍ଶନର ସ୍ୱର ଏତେ ବଳିଷ୍ଠ ହେବାର ଦୃଷ୍ଟାନ୍ତ ମିଳି ନାହିଁ । ଏ ସଂପର୍କରେ ଋଗ୍‌ବେଦରୁ ଶ୍ଲୋକଟିଏ ଉଦ୍ଧାର କରାଯାଇପାରେ -

''ସଂଗଚ୍ଛଧ୍ୱଂ ସଂ ବଦଧ୍ୱଂ
ସଂ ବୋ ମନାଂସି ଜାନତାମ୍
ଦେବାଭାଗଂ ଯଥା ପୂର୍ବେ
ସଂ ଜାନନା ଉପାସତେ ।''

ଏହାର ଅର୍ଥ ହେଉଛି ଏକତାବଦ୍ଧ ହେବା, ଏକସ୍ୱରରେ କହିବା, ଏକମନ ହେବା, ଦେବତାମାନେ ଯେପରି ନିଜ ନିଜ ଭାଗରେ ସନ୍ତୁଷ୍ଟ ରହୁଥିଲେ ସେପରି ଆମେ ନିଜ ନିଜ ଭାଗରେ ସନ୍ତୁଷ୍ଟ ରହିବା । ଏକତ୍ୱ ପ୍ରତିଷ୍ଠାର ପ୍ରୟାସ ହିଁ ଭାରତୀୟ ସଂସ୍କୃତିର ମୌଳିକ ନିର୍ଯ୍ୟାସ । ଭ୍ରାତୃଭାବ ଏହି ପ୍ରୟାସର ଭିତ୍ତିଭୂମି ରୂପରେ ପ୍ରତିଷ୍ଠାପ୍ରାପ୍ତ । ଭିନ୍ନଭାଷା, ଭିନ୍ନ ବେଶଭୂଷା ଓ ଖାଦ୍ୟାଭ୍ୟାସ ଭିତରେ ମଧ୍ୟ ଏକତ୍ୱର ପ୍ରାଣ ପ୍ରତିଷ୍ଠା ନିମନ୍ତେ ଭାରତୀୟ ସଂସ୍କୃତିରେ ବଳିଷ୍ଠ ଆହ୍ୱାନ ରହିଛି । ଅବଶ୍ୟ ସାମ୍ୟବାଦୀ ଦର୍ଶନ ଓ ସମଦର୍ଶନ ଏକ କଥା ନୁହେଁ । ସମଦର୍ଶନର ଭିତ୍ତି ହେଉଛି ଭ୍ରାତୃଭାବ ଯାହାର ସ୍ଥିତି ଅତ୍ୟନ୍ତ ଦୃଢ଼ ଓ ଅବିଚଳିତ । ଭୌତିକ ସମ୍ପଦର ସୁଷମ ବଣ୍ଟନରେ କେବଳ ବିଶ୍ୱାସୀ ସାମ୍ୟବାଦ ଚିରସ୍ଥାୟୀ ହୋଇପାରେନା । ସମଭାବ ବାହ୍ୟଦୃଷ୍ଟିରୁ ପ୍ରତିଷ୍ଠିତ ହେଲେ ତାହା ଅସ୍ଥାୟୀ ହୁଏ, ଅଭ୍ୟନ୍ତରରେ ସମଭାବର ପ୍ରତିଷ୍ଠା ହେଲେ ତାହା ସ୍ଥାୟୀ ହୋଇପାରେ । ଭାରତୀୟ ଜୀବନଧାରାରେ ପ୍ରତିଷ୍ଠିତ ସମଦର୍ଶନ ହେଉଛି ଅନ୍ତର୍ମୁଖୀ, ଏହା ସାମ୍ୟବାଦୀ ଦର୍ଶନ ପରି ବହିର୍ମୁଖୀ ନୁହେଁ ।

ଭାତୃତ୍ୱ କେବଳ ମୁଖର କଥା ନୁହେଁ, ହୃଦୟରେ ସଂଗଠିତ ଚେତନାର ସୁସଂହତ ରୂପାୟଣ । ଗୋଟିଏ ପିତାର ଯଦି ଚାରୋଟି ସନ୍ତାନ ଥାଆନ୍ତି, ତେବେ ସେହି ସନ୍ତାନମାନଙ୍କ ଭିତରେ ଥିବା ଅନ୍ତର୍ନିହିତ ସାମ୍ୟ ହିଁ ଭାତୃତ୍ୱର ମୂଳତତ୍ତ୍ୱ ରୂପେ ବିବେଚିତ ହୋଇଥାଏ । ସୁତରାଂ ଏକ ପରମପିତାଙ୍କର ସନ୍ତାନ ଭାବରେ ସମଗ୍ର ବିଶ୍ୱର ସବୁଜାତିର ଲୋକଙ୍କ ମଧ୍ୟରେ ଭ୍ରାତୃଭାବ କାହିଁକି ନ ଆସିବ ? ଭବିଷ୍ୟ ପୁରାଣରେ କୁହାଯାଇଛି -

''ପାଦ ପ୍ରଚାରୈସ୍ତନୁବର୍ଣ୍ଣ କେଶୈଃ
ସୁଖେନ ଦୁଃଖେନ ଚ ଶୋଣିତେନ
ତ୍ୱଙ ମାସ ମେଦୋଽସ୍ଥିରସୈଃ ସମାନାଶ୍ଚତୁଃ
ପ୍ରଭେଦାହି କଥଂ ଭବନ୍ତି ।''

ଅର୍ଥାତ୍ ପାଦପ୍ରଚାର, ତନୁ, ବର୍ଣ୍ଣ, କେଶ, ସୁଖ, ଦୁଃଖ, ରକ୍ତ, ତ୍ୱକ, ମାଂସ-ମେଦ, ଅସ୍ଥି ଓ ରସ ଇତ୍ୟାଦିରେ ସମସ୍ତେ ସମାନ, ତେବେ ପ୍ରଭେଦ କେଉଁଠି ? ଏହି ସତ୍ୟକୁ ଭାରତବର୍ଷ ସ୍ୱୀକାର କରିଥିବାରୁ ଭ୍ରାତୃଭାବର ପ୍ରତିଷ୍ଠା ଏଠାରେ ଅଧିକ ଭାବରେ ସ୍ଥାୟୀ । ପ୍ରତ୍ୟେକ ବ୍ୟକ୍ତିର ଦେହ ହେଉଛି ପରମ ପ୍ରଭୁଙ୍କର ସ୍ଥୂଳତମ ଅଭିବ୍ୟକ୍ତି । ଏହା ଭଗବାନଙ୍କ ସିଂହାସନ ନିମନ୍ତେ ଏକ ସୁନିର୍ବାଚିତ ଭିତ୍ତି । ଭଗବାନ ମନ୍ଦିରରେ ନ ଥାନ୍ତି କି ମସ୍‌ଜିଦ୍‌ରେ ନ ଥାନ୍ତି, ସେ ଥାଆନ୍ତି ପ୍ରତ୍ୟେକଙ୍କ ପାଖରେ । କବୀର ଭଗବାନଙ୍କ ମୁହଁରେ ଏହିକଥା କହିବାକୁ ଯାଇ କହିଛନ୍ତି -

''ମୋ କୋ କଁହା ଢୁ ଢୋ ବନ୍ଦେ
ମୈଁ ତୋ ତେରେ ପାସ ମେଁ

ନା ମୈଁ ଦେବଲ ନା ମୈଁ ମସ୍‌ଜିଦ୍
ନା କା ବେ କୈଳାସମୈଁ ।''

ଅର୍ଥାତ ଭଗବାନ କହିଛନ୍ତି ''ମୋତେ କାହିଁକି ବୃଥାରେ ବାହାରେ ଖୋଜି ଧନ୍ଦି ହେଉଛୁ, ମୁଁ ରହିଛି ତୋ ପାଖରେ । ମୁଁ ଦେବାଳୟରେ ନଥାଏ, ନ ଥାଏ ମସ୍‌ଜିଦ୍‌ରେ, ନଥାଏ କାବାରେ, ନ ଥାଏ କୈଳାସରେ ।'' ତେଣୁ ସଂପ୍ରଦାୟ ଭିତରେ ବାଦାନୁବାଦ ଯେ କେତେ ନିରର୍ଥକ ଓ ଭିତ୍ତିହୀନ, ଏକଥା ଏଥିରୁ ସ୍ପଷ୍ଟ ବୁଝି ହୁଏ । କବୀରଙ୍କ ପରି ଦାଦୁ ମଧ୍ୟ ଏହି ସମଦର୍ଶନର ସୁଦୃଢ଼ ସ୍ୱର ଉତ୍ତୋଳନ କରି କହିଛନ୍ତି- ''ସବ ଘଟ ଏକୈ ଆତ୍ମା, କ୍ୟା ହିନ୍ଦୁ ମୁସଲମାନ'' ହିନ୍ଦୁ ଓ ମୁସଲମାନ ହେଉଛନ୍ତି ଦୁଇ ହାତ । ଦୁଇ ହାତ ଯୁକ୍ତ ହୋଇ ଅଞ୍ଜଳି ନ ହେଲେ କିପରି ଜନ୍ମଭୂମିର ଅମୃତରସ ପାନ କରାଯିବ ?''

''ଦୁନୁଁ ହାଥୀ ହେ ରହେ, ମିଲି ରସ ପିୟା ନ ଜାଇ ।''

ଦାଦୁଙ୍କର ରଜ୍ଜବତୀ ନାମରେ ଜଣେ ପରମ ଭକ୍ତ ଥିଲେ । ସେ ସାଂପ୍ରଦାୟିକ ମନୋଭାବରୁ ବହୁ ଉର୍ଦ୍ଧ୍ୱରେ ଥିଲେ । ତାଙ୍କର ଚିନ୍ତା ଓ ଚେତନା ଯେପରି ସୁଦୂରପ୍ରସାରୀ ସେପରି ସୁଗଭୀର ଥିଲା । ସେ କହିଛନ୍ତି ଯେ ଆମର ହୃଦୟ କନ୍ଦରରେ ପ୍ରଭୁ ସର୍ବଦା ତାଙ୍କର ଧର୍ମଶାସ୍ତ୍ର ଲେଖୁଛନ୍ତି । ତାହାକୁ କେହି ଦେଖିପାରନ୍ତି ନାହିଁ । ମାନବ ଇତିହାସରେ ପ୍ରଭୁଙ୍କର ଅଖଣ୍ଡ ବେଦ ଉଚ୍ଚାରିତ । ବାହାରର ମିଛ ଆଲୋକ ଲିଭାଇଦେଇ ଅନ୍ତରର ସେଇ ବେଦ କୋରାନ ପଢ଼ିବାକୁ ସେ ଆହ୍ୱାନ କରିଛନ୍ତି । ଏହିପରି ବହୁ ସାଧକ ଜୀବନର ମୂଲ୍ୟାୟନ କରିବା ସଙ୍ଗେ ସଙ୍ଗେ ଜୀବନର ଲକ୍ଷ୍ୟ ଯେ ଏକ ଓ ଅଭିନ୍ନ ଏହା ଉପଲବ୍ଧି କରି ସମଗ୍ର ମାନବଜାତିକୁ ସମୁଚିତ ଦିଗ୍‌ଦର୍ଶନ ଦେଇଛନ୍ତି ।

ସାହିତ୍ୟ, ସଙ୍ଗୀତ, ଶିଳ୍ପକଳା ଓ ସ୍ଥାପତ୍ୟ ବିଦ୍ୟା କ୍ଷେତ୍ରରେ ମଧ୍ୟଯୁଗରେ ହିନ୍ଦୁ, ମୁସଲମାନ ଓ ଅନ୍ୟାନ୍ୟ ସଂପ୍ରଦାୟ ମଧ୍ୟରେ ପାରସ୍ପରିକ ବୁଝାମଣା ଫଳରେ ସମଦର୍ଶନର ସ୍ୱରୂପ ସ୍ପଷ୍ଟ ଭାବରେ ପ୍ରକଟିତ ହୋଇଥିଲା । ମୁସଲମାନ ରାଜତ୍ୱକାଳରେ ବହୁ ସଂସ୍କୃତ ଗ୍ରନ୍ଥ ଫରାସୀ ଭାଷାରେ ଅନୂଦିତ ହୋଇଥିଲା । ଅବଦର ରହିମ, ଆଜିମଶାହା ପ୍ରଭୃତି ଶାସ୍ତ୍ରବିଦ୍‌ଗଣ ରସସିକ୍ତ ବୈଷ୍ଣବ ସାହିତ୍ୟର ସ୍ୱନାମଧନ୍ୟ ଗ୍ରାହକ ଥିଲେ । ଅବଦର ରହିମ୍‌ଙ୍କର ରଚନାର ଗୋଟିଏ ପଂକ୍ତି ଏ ପରିପ୍ରେକ୍ଷୀରେ ପ୍ରମାଣ ସ୍ୱରୂପ ଗ୍ରହଣ କରାଯାଇପାରେ ।

''ଶରଦ ନିଶି ନିଶୀଥେ ଚାଁଦକୀ ରୋଶନାଇ
ସଘନ ବନ ନିକୁଞ୍ଜେ କାନ୍‌ହ ବଂଶୀ ବଜାଇ ।''

ସମ୍ରାଟ ଆକବରଙ୍କ ରାଜତ୍ୱକାଳରେ ନାଗୋରୀ ମୁବାରକଙ୍କ ପୁତ୍ର ଆବୁଲଫାଜଲ ଓ ଫୈଜୀ ବହୁ ସଂସ୍କୃତ ଗ୍ରନ୍ଥର ଅନୁବାଦ କରିଥିଲେ । ସମ୍ରାଟ ସାହାଜାହାନଙ୍କର ଜ୍ୟେଷ୍ଠ ପୁତ୍ର ଦାରାଶିକୋ ଏ କ୍ଷେତ୍ରରେ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିଲେ । ସେ ସଂସ୍କୃତରୁ ପଚାଶ ଖଣ୍ଡ ଉପନିଷଦ ପାରସୀ ଭାଷାରେ ଅନୁବାଦ କରିଥିଲେ । ସଂସ୍କୃତ ପ୍ରତି ଅଶେଷ ପ୍ରୀତିପ୍ରବଣତା ତାଙ୍କର ସମଦର୍ଶୀ ମନୋବୃତ୍ତିର ସୁବର୍ଣ୍ଣସ୍ମାରକୀ କହିଲେ ଅତ୍ୟୁକ୍ତି ହେବ ନାହିଁ ।

ଏହିପରି ବିଚାର କଲେ ଜଣାଯାଏ ଯେ ସମଦର୍ଶୀ ମନୋଭାବର ପ୍ରଚାର ପ୍ରସାର ଭାରତବର୍ଷରେ ବିଭିନ୍ନ ସମୟରେ ହୋଇଛି । ଅବଶ୍ୟ ସମୟ ସମୟରେ ଦର୍ପଣରେ ଧୂଳିଜମି ମୁହଁ ନ ଦିଶିଲା ଅବସ୍ଥା ହୋଇଛି ।

ସେତେବେଳେ ନୂତନ ଦିଗ୍‌ଦ୍ରଷ୍ଟାଙ୍କର ଆବିର୍ଭାବ ହୋଇଛି ଏବଂ ସେହି ମଳିନତା ତାଙ୍କ ନିର୍ଦ୍ଦେଶରେ ଅପସରି ଯାଇଛି । ଆଜି ସମୟ ସମୟରେ ସାଂପ୍ରଦାୟିକ ମନୋମାଳିନ୍ୟ ସୃଷ୍ଟି ହୋଇ ଏକ ଏକ ସମସ୍ୟା ସୃଷ୍ଟି ହେଉଛି । ଏହି ସମସ୍ୟାର ସହଜ ସମାଧାନ ନିମନ୍ତେ ସମଦର୍ଶନର ଚିନ୍ତା ହିଁ ଏକମାତ୍ର ପନ୍ଥା । ଧର୍ମ ଦୃଷ୍ଟିରୁ ବାହାରକୁ ସବୁ ଧର୍ମ ଅସମାନ ପରି ମନେ ହେଲେ ହେଁ ଆଧ୍ୟାତ୍ମିକତା ଦୃଷ୍ଟିରୁ ପ୍ରତ୍ୟେକ ଧର୍ମ ସମାନ । ଆଧ୍ୟାତ୍ମିକତାରେ ଜାତି, ବର୍ଣ୍ଣ ଓ ଧର୍ମର ଭେଦାଭେଦ ନାହିଁ । ଜାତି ଜାତି ଭିତରେ, ଭାଷା ଭାଷା ଭିତରେ ସଦ୍‌ଭାବ ଆଣିବା ନିମନ୍ତେ ଆଧ୍ୟାତ୍ମିକତାକୁ ଚାବିକାଠି ରୂପରେ ଗ୍ରହଣ କରାଯାଇପାରେ । ଏହା ମନୁଷ୍ୟକୁ କର୍ଦ୍ଦମରୁ ଭାଗବତ ଶକ୍ତିଆଡ଼କୁ ନେଇ ଯାଇପାରେ, ଜୀବନକୁ ସୁସ୍ଥ ଓ ସାର୍ଥକ କରିପାରେ । ଧର୍ମ ଭିତରେ ଆଚାରଗତ ପାର୍ଥକ୍ୟ ଥିବାରୁ ଓ ଏହା ଉପରେ ଗୁରୁତ୍ୱ ଆରୋପିତ ହେଉଥିବାରୁ ଅହମିକା ମନରେ ଜମାଟ ବାନ୍ଧି ଯାଇ ଚେତନାର ବିକାଶକୁ ବ୍ୟାହତ କରିଥାଏ । ଫଳରେ ଅସ୍ୱାସ୍ଥ୍ୟକର ପରିବେଶ ସୃଷ୍ଟି ହୁଏ । ଏହି ପରିବେଶର ପ୍ରଭାବରୁ ମୁକ୍ତିଲାଭ କରିବାକୁ ହେଲେ ସଂପ୍ରଦାୟର ଉର୍ଦ୍ଧ୍ୱରେ ସ୍ଥିତ ସେହି ଚରମସତ୍ୟ ଓ ପରମତତ୍ତ୍ୱର ନିରାଜନା କରିବାକୁ ହେବ । ଆଧ୍ୟାତ୍ମିକତା ଜୀବନକୁ ଭିତ୍ତିକରି ସଂଗଠିତ ହୋଇଥାଏ । ଭୌତିକ ଜୀବନକୁ ଭୁଲି, ହତାଦର କରି ଧର୍ମ କରି ହୁଏ ; କିନ୍ତୁ ଆଧ୍ୟାତ୍ମିକତାରେ ଜୀବନ ପ୍ରତି ଆବଶ୍ୟକୀୟ ଅନୁରାଗ ବରଣୀୟ ହୋଇଥାଏ । ଆଧ୍ୟାତ୍ମିକତା ହେଉଛି ସବୁଗୋଷ୍ଠୀ ଓ ସବୁ ଧର୍ମର ଶେଷ ବିନ୍ଦୁ । ସେ ଏକ ପବିତ୍ର ପରମଦୀକ୍ଷା ଯହିଁରେ ଦୀକ୍ଷିତ ହେଲେ ମନୁଷ୍ୟ ମନୁଷ୍ୟ ଭିତରେ ଭାବସାମ୍ୟ ପ୍ରତିଷ୍ଠିତ ହୋଇପାରିବ । ଗୋଷ୍ଠୀ ସୃଷ୍ଟି କରିବା ନୁହେଁ, ସାଂପ୍ରଦାୟିକ ମନୋଭାବରୁ ମୁକ୍ତରହି ଚିନ୍ତା ଓ ଚେତନାରେ ମୂଳଉତ୍ସ ସହିତ ଯୁକ୍ତ ରହିବା ଆଜିର ପ୍ରଥମ ଆବଶ୍ୟକତା । ଏହି ଆବଶ୍ୟକତାକୁ ଆଧ୍ୟାତ୍ମିକତା ହିଁ ପୂରଣ କରିପାରିବ ।

ଭାରତବର୍ଷରେ ଏହି ଆବଶ୍ୟକତା ପୂରଣ ହେଲେ ଅର୍ଥାତ୍ ଭ୍ରାତୃତ୍ୱର ବନ୍ଧନ ସୁଦୃଢ଼ ହେଲେ ତାହା କ୍ରମଶଃ ବିଶ୍ୱରେ ପରିବ୍ୟାପ୍ତ ହେବ । କାରଣ ଭାରତ ହେଉଛି ସମଗ୍ର ବିଶ୍ୱର ଆଶା ଓ ଆଶ୍ୱାସନାର ପ୍ରାଣକେନ୍ଦ୍ର । ଶ୍ରୀଅରବିନ୍ଦଙ୍କ କଥାରେ ''ଭାରତ ଯଦି ସଂକଳ୍ପ କରେ, ତେବେ ମାନବ ଜାତି ଆଜି ଯେଉଁ ସମସ୍ୟା ନେଇ ବିବ୍ରତ ଓ କିଂକର୍ତ୍ତବ୍ୟବିମୂଢ଼ ହୋଇପଡ଼ିଛି, ସେସବୁର ଦେଇପାରେ ଏକ ଅବ୍ୟର୍ଥ ମୀମାଂସା, ଏକ ନୂତନ ନିର୍ଦ୍ଦେଶ ।'' ଭାରତରେ ଶାନ୍ତି ଆସିଲେ ଜଗତରେ ଶାନ୍ତି ପ୍ରତିଷ୍ଠିତ ହେବ । ଭାରତ ହେଉଛି ଅନୁଭବର କେନ୍ଦ୍ରବିନ୍ଦୁ, ଏକ ନିଶ୍ଚିତ ଗଠନମୂଳକ ନିର୍ଦ୍ଦେଶର ମହାମନ୍ତ୍ର । ଭାରତର ଜାଗରଣରେ ପାର୍ଥିବ ପରିବେଶର ଜାଗୃତି, ଭାରତର ଅଗ୍ରଗତିରେ ବିଶ୍ୱ ମାନବର ପ୍ରଗତି, ଏହା କହିବାର ତାତ୍ପର୍ଯ୍ୟ ହେଉଛି ଯେ ଭାରତ ହେଉଛି ଜଗତର ଆତ୍ମିକ ଶକ୍ତି । ଆତ୍ମିକ ଚେତନା ଜାଗ୍ରତ ହେଲେ ଯେପରି ପ୍ରତ୍ୟେକ ଅଙ୍ଗ ତାହାର ଯଥାର୍ଥ ରୂପ ପ୍ରାପ୍ତ ହୁଏ, ସେପରି ଭାରତ ଜାଗ୍ରତ ହେଲେ ସମଗ୍ର ବିଶ୍ୱର ପ୍ରଗତିସାଧନ ସମ୍ଭବ ହେବ । ଶ୍ରୀମା ଏ ପ୍ରସଙ୍ଗରେ କହିଛନ୍ତି, ''ଭାରତର ଭବିଷ୍ୟତ ଖୁବ୍ ସ୍ପଷ୍ଟ, ଭାରତ ହିଁ ଜଗତର ଗୁରୁ । ପୃଥିବୀର ରୂପରେଖ ଭାରତର ଭବିଷ୍ୟତ ଖୁବ୍ ସ୍ପଷ୍ଟ, ଭାରତ ହିଁ ଜଗତର ଗୁରୁ । ପୃଥିବୀର ରୂପରେଖ ଭାରତ ଉପରେ ନିର୍ଭର କରେ, ଭାରତ ହିଁ ଜୀବନ୍ତ ଆତ୍ମା ।''

ଭାରତର ଆତ୍ମାକୁ ଆବିଷ୍କାର କରି ତାକୁ ଜାଗ୍ରତ କରାଇପାରିଲେ ପାର୍ଥିବ ପରିବେଶରେ ଦିବ୍ୟ ଜୀବନର କଳାଲଳିତ ରୂପାୟଣ ସମ୍ଭବ ହେବ । ଏ ଦିଗରେ ପ୍ରତ୍ୟେକ ଭାରତୀୟଙ୍କର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି । ଅନ୍ୟ ଭାଷାରେ କହିଲେ ବିଶ୍ୱ ସମସ୍ୟାର ସମାଧାନ ନିମନ୍ତେ ପ୍ରତ୍ୟେକ ସଚେତନ ଭାରତୀୟ ସାନ୍ତ୍ୱନାର ଏକ ଏକ

ପୂର୍ଣ୍ଣାଙ୍ଗ ଏକକ । ଏଥିପାଇଁ ପ୍ରତ୍ୟେକ ଭାରତୀୟ, ଧର୍ମ, ବର୍ଣ୍ଣ, ଭାଷାର ଭେଦଜନିତ ଭିନ୍ନତାର ଉର୍ଦ୍ଧ୍ୱରେ ରହି ଆମ ପରମ୍ପରାରେ ପୂର୍ବ ପ୍ରତିଷ୍ଠିତ ସମଦର୍ଶନର ତୀର୍ଥରେ ଅବଗାହନ କରି ସ୍ୱ ସ୍ୱ ଆତ୍ମିକ ସତ୍ତାକୁ ଆବିଷ୍କାର କରିବା ଏକାନ୍ତ ଆବଶ୍ୟକ । ଏହି ବ୍ୟକ୍ତିଗତ ଆବିଷ୍କାର ହିଁ ଜାତିଗତ ଆତ୍ମାକୁ ତଥା ଦେଶଗତ ଆତ୍ମାକୁ ଆବିଷ୍କାର କରିବାର ଶକ୍ତି ଓ ସାମର୍ଥ୍ୟ ଆଣିଦେବ । ଫଳରେ ବିଶ୍ୱ ମାନବ ଆଲୋକିତ ପଥର ପଥିକ ହେବ, ବିଶ୍ୱ ଜୀବନରୁ ଅବସାଦର ଅନ୍ଧକାର ଅପସରି ଯିବ । ଶାନ୍ତି ଓ ପ୍ରୀତିର ରଶ୍ମିରେଖା ବିଶ୍ୱ ଦିଗ୍‌ବଳୟରେ ପ୍ରତ୍ୟକ୍ଷୀଭୂତ ହେବ ।

ତେବେ ଭାରତବାସୀଙ୍କୁ ଯେଉଁ ଗୁରୁଦାୟିତ୍ୱ ବହନ କରିବାକୁ ପଡ଼ିବ ତାହା ହେଲା ଆତ୍ମଜ୍ଞାନ ଅର୍ଜନ । ଏଥିପାଇଁ ଜୀବନରୁ ପଳାୟନ କରିବାକୁ ପଡ଼ିବ ନାହିଁ, ବରଂ ଜୀବନକୁ ଭଲ ପାଇବାକୁ ପଡ଼ିବ ନାନା ଭାବରେ । ଜଡ଼ବିଜ୍ଞାନ ଓ କାରିଗରୀ କୌଶଳକୁ ସ୍ୱାଗତ କରି ତାହାର ସଦୁପଯୋଗ କରିବାକୁ ହେବ । ରିକ୍ତ ସନ୍ନ୍ୟାସୀର ରୁକ୍ଷତା ନୁହେଁ, ଅନୁରାଗ ହେବ ଜୀବନର ମୂଳମନ୍ତ୍ର । ପ୍ରତିକୂଳ ପରିବେଶ ସୃଷ୍ଟି କରୁଥିବା ସବୁ ଦୁଶ୍ଚିନ୍ତାକୁ ବର୍ଜନ କରିବାକୁ ହେବ । ଗ୍ରହଣ ଓ ବର୍ଜନର କ୍ରିୟା ସେତେବେଳେ ସହଜରୁ ସହଜତର ହେବ ଯେତେବେଳେ ଦିବ୍ୟଚେତନା ପ୍ରତି ହୃଦୟର କୋଣ ଅନୁକୋଣରେ ପ୍ରେମଭାବ ଜାଗ୍ରତ ହେବ । ସେହି ପରମପ୍ରେମମୟ ହେବେ ଜୀବନର ଦିଗନ୍ତଦିଶାରୀ । ତାଙ୍କ ପ୍ରତି ଗଭୀର ପ୍ରେମ ଭାବରେ ନିମଗ୍ନ ହୋଇ ସେଦିନ ପ୍ରତ୍ୟେକ ଭାରତୀୟ ରବୀନ୍ଦ୍ରନାଥଙ୍କର ସ୍ୱରରେ ମିଶାଇ ଗାଇ ଉଠିବେ

‘‘ଅହରହ ତବ ଆହ୍ୱାନ ପ୍ରଚାରିତ
ଶୁନି ତବ ଉଦାରବାଣୀ
ହିନ୍ଦୁ, ବୌଦ୍ଧ, ଶିଖ, ଜୈନ, ପାରସିକ
ମୁସଲମାନ, ଖ୍ରୀଷ୍ଟାନୀ
ପୂରବ ପଶ୍ଚିମ ଆସେ ତବ ସିଂହାସନ ପାଶେ
ପ୍ରେମହାର ହୟ ଗାଁଥା ।
ଜନଗଣ-ଐକ୍ୟ ବିଧାୟକ ଜୟ ହେ ଭାରତ ଭାଗ୍ୟ ବିଧାତା
ଜୟ ହେ, ଜୟ ହେ, ଜୟ ହେ, ଜୟ, ଜୟ, ଜୟ, ଜୟ ହେ ।’’

ଭାରତ ବିଦ୍ୟାର ଭିତ୍ତି ଓ ପରିବ୍ୟାପ୍ତି

ଦେବଭୂମି ଭାବରେ ଭାରତର ପ୍ରଶସ୍ତି ରହିଛି । ସଚେତନତା ହେଉଛି ଭାରତୀୟ ମାନସର ଚାବିକାଠି । ଆଧ୍ୟାତ୍ମିକତା ହେଉଛି ଭାରତୀୟ ଜୀବନର ମୂଳମନ୍ତ୍ର । ନିଜସ୍ୱ ମୌଳିକ ସଚେତନ ଦୃଷ୍ଟିକୋଣ ନିମନ୍ତେ ଭାରତ ବର୍ଷ ବିଶ୍ୱଦରବାରରେ ସ୍ୱତନ୍ତ୍ର ଆସନ ପାଇବାର ଯୋଗ୍ୟତା ଅର୍ଜନ କରିଛି । ଏହି ଦୃଷ୍ଟିକୋଣ ଭାରତ ବିଦ୍ୟାରେ କେବଳ ଉପସ୍ଥାପିତ ନୁହେଁ, ଏହାର ଭିତ୍ତିଭୂମି ଭାବରେ ମଧ୍ୟ ପ୍ରତିଷ୍ଠିତ ହୋଇଛି । ଅତୀତରେ ଭାରତବର୍ଷ ବିଦ୍ୟାର ବହୁ ଦିଗନ୍ତ ଉନ୍ମୋଚନ କରି ଅନ୍ୟମାନଙ୍କୁ ଆକୃଷ୍ଟ ତଥା ପ୍ରଭାବିତ କରିଥିବାର ଦେଖାଯାଏ । ଭବିଷ୍ୟତର ଭାରତ ହେବ ଆଗାମୀ ବିଶ୍ୱର ଗୁରୁ । ଅତୀତର ମର୍ଯ୍ୟାଦା ଓ ଗୌରବ ହଜି ଯାଇ ନାହିଁ, ଭବିଷ୍ୟତରେ ସ୍ୱତନ୍ତ୍ର ଶକ୍ତିର ଅଧିକାରୀ ହେବାର ଯୋଗ୍ୟତା ଭାରତବର୍ଷର ରହିଛି । ପୁନର୍ବାର କପିଳ ସଂହିତାର ସେହି ଉକ୍ତି ''ବର୍ଷାଣାଂ ଭାରତଃ ଶ୍ରେଷ୍ଠଃ'' ଅଧିକରୁ ଅଧିକ ଅଧିକ ଯୁକ୍ତିଯୁକ୍ତ ବୋଲି ପ୍ରମାଣିତ ହେବ । ଭାରତ ସମଗ୍ର ମାନବ ଜାତିକୁ ଦେବ ଅଭ୍ରାନ୍ତ ଦିଗ୍‌ଦର୍ଶନ । ଭାରତ ବହୁ ଝଞ୍ଝା ସହି ବଞ୍ଚି ରହିଛି, ବଞ୍ଚି ରହିଛି ସମଗ୍ର ଜଗତ ପାଇଁ । ଭାରତୀୟ ସଂସ୍କୃତି ନିଜସ୍ୱ ଜୀବନୀ ଶକ୍ତି ବଳରେ ବଞ୍ଚି ରହିଛି । ଯେଉଁ ଶକ୍ତି ବଳରେ ଭାରତ ତିଷ୍ଠି ରହିଛି ସେଥି ମଧ୍ୟରେ ତା'ର ପ୍ରାଚୀନ ବିଦ୍ୟା ଅନ୍ୟତମ । ଉଭୟ ପରା ବିଦ୍ୟା ଓ ଅପରା ବିଦ୍ୟା କ୍ଷେତ୍ରରେ ପ୍ରାଚୀନ ଭାରତର କୃତିତ୍ୱ ଅସାଧାରଣ । ସେ ବିଦ୍ୟାର ଶକ୍ତି ଏତେ ଅଧିକ ଯେ ବହୁ ପାଶ୍ଚାତ୍ୟ ମନୀଷି ତାହାଦ୍ୱାରା ଅଭିଭୂତ ଓ ପ୍ରଭାବିତ ହେବାର କେତେକ ଦୃଷ୍ଟାନ୍ତ ରହିଛି । ବହୁ ପାଶ୍ଚାତ୍ୟ ମନୀଷି ଭାରତ ପ୍ରତି ସେମାନଙ୍କର ଅନ୍ତରର ଶ୍ରଦ୍ଧା ଜ୍ଞାପନ କରିଛନ୍ତି, ଏହାର ମହିମା ସେମାନଙ୍କ କଣ୍ଠରେ ଉଦ୍‌ଘୋଷିତ ହୋଇଛି । ସେହି ମନୀଷି ମାନଙ୍କ ମଧ୍ୟରୁ ମାକ୍‌ସମୁଲର ହେଉଛନ୍ତି ଜଣେ । ତାଙ୍କ ମତରେ ''ମୁଁ ଯଦି ନିଜକୁ ପଚାରେ ଆମେ ଇଉରୋପୀୟମାନେ ଯେଉଁମାନେ କି ପୂର୍ଣ୍ଣ ଭାବରେ ଗ୍ରୀକ୍ ଓ ରୋମାନ୍ ତଥା ଆଦିମ ଇହୁଦୀୟ ଚିନ୍ତାଧାରାରେ ଲାଳିତ ପାଳିତ ହୋଇ ଆସିଛୁ, ଆମର ଅନ୍ତର୍ଜୀବନକୁ ଆହୁରି ପରିପୂର୍ଣ୍ଣ ଆହୁରି ସର୍ବାଙ୍ଗୀନ, ଆହୁରି ମାନବିକ କରିବାକୁ ହେଲେ କେଉଁ ଦେଶର ସାହିତ୍ୟରୁ ଆମେ ଯଥାର୍ଥ ଗଠନମୂଳକ ପ୍ରେରଣା ପାଇପାରିବୁ, ତେବେ ପୁନର୍ବାର ମୁଁ ନିର୍ଦ୍ଦେଶ କରିବି, ଭାରତ ବର୍ଷ ହେଉଛି ସେହି ଦେଶ ।'' ଭାରତୀୟ ସଂସ୍କୃତି ପ୍ରାଚୀନ ଯୁଗରୁ ଅଦ୍ୟାବଧି ବଞ୍ଚି ରହିଛି । ଗ୍ରୀକ୍ ସଂସ୍କୃତି ଓ ରୋମ ସଂସ୍କୃତି ପରି ଏହା ବିଲୁପ୍ତ ହୋଇନାହିଁ । ଯେଉଁ ଅନ୍ତର୍ନିହିତ ଜୀବନୀଶକ୍ତି ଭାରତକୁ ବଞ୍ଚାଇ ରଖିଛି ତାହା ହେଉଛି ଭାରତର ବିଦ୍ୟା । ଆର୍ଯ୍ୟଭୂମି ଭାରତରୁ ଉଦ୍ଭୁତ ଏହି ବିଦ୍ୟା ଆଜି ସମଗ୍ର ବିଶ୍ୱରେ ଗଭୀର ଆଲୋଡ଼ନ ସୃଷ୍ଟି କରିଛି । ଭାରତୀୟ ଜୀବନର ଅସଲ ମୂଳ ଭିତ୍ତି ହେଉଛି ଆଧ୍ୟାତ୍ମିକତା । ଏହାର ଅର୍ଥ ନୁହେଁ ଯେ ଭାରତ ଭୌତିକ ବିଦ୍ୟାକୁ ଘୃଣା କରିଛି । ବରଂ ଏ କଥା ସ୍ୱୀକାର୍ଯ୍ୟ ଯେ ପ୍ରାଚୀନ ଭାରତରେ ଉଭୟ ପରା ବିଦ୍ୟା ଓ ଅପରା ବିଦ୍ୟାର ସମ୍ୟକ ସମନ୍ୱୟ ଦେଖିବାକୁ

ମିଳେ । ପ୍ରାଚୀନ ଭାରତରେ ସାହିତ୍ୟ, ଦର୍ଶନ, ବିଜ୍ଞାନ, ଶିଳ୍ପକଳାର ବହୁତ ଉନ୍ନତି ସାଧିତ ହୋଇଥିଲା । ପ୍ରାୟ ଦ୍ୱାଦଶ ଶତାବ୍ଦୀ ପର୍ଯ୍ୟନ୍ତ ଭାରତର ସମୃଦ୍ଧି ଥିଲା ଅକ୍ଷତ ଓ ଅବ୍ୟାହତ । ପ୍ରାଗୈତିହାସିକ ଯୁଗଠାରୁ ଆରମ୍ଭ କରି ଦ୍ୱାଦଶ ଶତାବ୍ଦୀ ପର୍ଯ୍ୟନ୍ତ ଭିନ୍ନ ଭିନ୍ନ କ୍ଷେତ୍ରରେ ବ୍ୟାସ, ବାଲ୍ମୀକି, କାଳିଦାସ, ଭବଭୂତି, ଭାରବୀ, ଶ୍ରୀହର୍ଷ, ବିଷ୍ଣୁଶର୍ମା, ଦାର୍ଶନିକ ଯାଜ୍ଞବଳକ୍ୟ, ପତଞ୍ଜଳି, ଗୌତମ, ଶଙ୍କର, ପାଣିନୀ, କାତ୍ୟାୟନ, ପିଙ୍ଗଳ, ଆର୍ଯ୍ୟଭଟ୍ଟ, ବରାହମିହିର, ଚରକ, ସୁଶ୍ରୁତ, କୌଟିଲ୍ୟ ଓ ନାଗାର୍ଜୁନ ପ୍ରତିଷ୍ଠା ଅର୍ଜନ କରିଥିଲେ ।

ପ୍ରାଚୀନ ଭାରତରେ ବିଜ୍ଞାନର ଚର୍ଚ୍ଚା ନ ଥିଲା, ପାଶ୍ଚାତ୍ୟରେ ବିଜ୍ଞାନର ଚର୍ଚ୍ଚା ଆରମ୍ଭ ହୋଇଛି ଇତ୍ୟାଦି ଧାରଣା ସାଧାରଣତଃ ପୋଷଣ କରାଯାଇଥାଏ ; କିନ୍ତୁ ପ୍ରକୃତରେ ବିଜ୍ଞାନର ବହୁଳ ଚର୍ଚ୍ଚା ପ୍ରାଚୀନ ଭାରତରେ ଥିଲା । ଆର୍ଯ୍ୟଭଟ୍ଟ ପଞ୍ଚମ ଶତାବ୍ଦୀରେ ସର୍ବ ପ୍ରଥମେ ପୃଥିବୀର ଆବର୍ତ୍ତନ ଯୋଗୁ ଦିବାରାତ୍ରି ହେଉଛି ବୋଲି ମତ ବ୍ୟକ୍ତ କରିଥିଲେ, ଏ କଥାଟିକୁ ପରେ ପାଶ୍ଚାତ୍ୟ ବୈଜ୍ଞାନିକ ସ୍ପଷ୍ଟ ଭାବରେ ଉଦ୍‌ଘୋଷଣା କଲେ । ଭାରତ ଭୂମିର ଭାସ୍କରାଚାର୍ଯ୍ୟ ଦ୍ୱାଦଶ ଶତାବ୍ଦୀରେ ମାଧ୍ୟାକର୍ଷଣ ଶକ୍ତି ଆବିଷ୍କାର କରିଥିଲେ । ବହୁପରେ ଅର୍ଥାତ୍ ସପ୍ତଦଶ ଶତାବ୍ଦୀରେ ପାଶ୍ଚାତ୍ୟ ଭୂଖଣ୍ଡର ସ୍ୱନାମଧନ୍ୟ ବୈଜ୍ଞାନିକ ନିଉଟନ ଏହି କଥା ଉଦ୍‌ଘୋଷଣା କରିଥିଲେ ।

ପାଟି ଗଣିତ ହେଉଛି ଏକ ବିଦ୍ୟା ଯହିଁରେ ଭାରତବର୍ଷର କୃତିତ୍ୱ ଅସାଧାରଣ । ଏକଠାରୁ ନଅ ପର୍ଯ୍ୟନ୍ତ ସଂଖ୍ୟାର ଆବିଷ୍କାର ଭାରତରେ ପ୍ରଥମେ କରାଯାଇଥିଲା । ପୂର୍ଣ୍ଣସଂଖ୍ୟାର ଯୋଗ, ବିଯୋଗ, ଗୁଣନ, ହରଣ, ବର୍ଗମୂଳ ଆଦି ଭାରତରେ ପ୍ରଥମେ ଆବିଷ୍କୃତ ହୋଇଥିଲା । କେବଳ ଗଣିତ ନୁହେଁ ଜ୍ୟୋତିଷ ବିଦ୍ୟାରେ ମଧ୍ୟ ଭାରତ ପାରଦର୍ଶିତା ଅତୀତରେ ଅର୍ଜନ କରିଥିଲା । ଆର୍ଯ୍ୟଭଟ୍ଟ ୨୩ ବର୍ଷ ବୟସରେ ''ଆର୍ଯ୍ୟଭଟ୍ଟ ତନ୍ତ୍ର'' ନାମରେ ଗ୍ରନ୍ଥଟିଏ ରଚନା କରି ଯେଉଁ ଅପାର କୃତିତ୍ୱ ପ୍ରଦର୍ଶନ କରିଥିଲେ ତାହାର ପଟାନ୍ତର ନାହିଁ । ଗଣିତଜ୍ଞ ଭାସ୍କରାଚାର୍ଯ୍ୟ ୩୬ ବର୍ଷ ବୟସରେ 'ସିଦ୍ଧାନ୍ତ ଶିରୋମଣି' ନାମକ ଗ୍ରନ୍ଥଟିଏ ରଚନା କରିଥିଲେ । ଜ୍ୟାମିତି କ୍ଷେତ୍ରରେ ପ୍ରାଚୀନ ଭାରତର ସ୍ଥାନ ଥିଲା ସ୍ୱତନ୍ତ୍ର ଓ ଅଭିନବ । ବୈଦିକ ଯୁଗରେ ବିଶେଷ କରି ଯଜ୍ଞ ବେଦୀ ନିର୍ମାଣ ମାଧ୍ୟମରେ ଜ୍ୟାମିତି ପାଠର ବହୁଳ ଚର୍ଚ୍ଚା କରାଯାଉଥିଲା । ସମକୋଣୀ ତ୍ରିଭୁଜର କର୍ଣ୍ଣ ଉପରେ ଅଙ୍କିତ ବର୍ଗକ୍ଷେତ୍ରର କ୍ଷେତ୍ରଫଳ ଅପର ବାହୁଦ୍ୱୟର ଉପରେ ଅଙ୍କିତ ବର୍ଗକ୍ଷେତ୍ରରେ କ୍ଷେତ୍ରଫଳର ସମଷ୍ଟି ସଙ୍ଗେ ସମାନ, ଏକଥା ଆବିଷ୍କାର କରିଥିଲେ ଭାରତର ସୁଯୋଗ୍ୟ ସନ୍ତାନ 'ବୌଧାୟନ' । ପରେ ପାଶ୍ଚାତ୍ୟର ପିଥାଗୋରାସ ଏହି କଥାଟିକୁ ବୁଝାଇଦେଲେ । ତାଙ୍କର ନାମାନୁସାରେ ଉକ୍ତ ଉପପାଦ୍ୟଟି 'ପିଥାଗୋରାସ ଉପପାଦ୍ୟ' ହୋଇଛି । ଏ ପରିପ୍ରେକ୍ଷୀରେ ବୌଧାୟନଙ୍କର ନାମର ଉଲ୍ଲେଖ ନାହିଁ । ପ୍ରାଚୀନ ଭାରତରେ ଚରକ ଓ ସୁଶ୍ରୁତ ଚିକିତ୍ସା ବିଜ୍ଞାନ କ୍ଷେତ୍ରରେ ଅପୂର୍ବ ସଫଳତା ଅର୍ଜନ କରିଥିଲେ । ଧାତୁ ବିଜ୍ଞାନ କ୍ଷେତ୍ରରେ ମଧ୍ୟ ବହୁ ନୂତନ ତଥ୍ୟ ଭାରତରେ ଆବିଷ୍କୃତ ହୋଇଥିଲା । ଭାରତୀୟମାନେ ପ୍ରଥମେ ସୁନା ଆବିଷ୍କାର କରିଥିଲେ ବୋଲି ଜଣାଯାଏ । ଛାନ୍ଦୋଗ୍ୟ ଉପନିଷଦରେ ସୁନା, ରୂପା, ଲୁହା, ଟିଣ ଓ ସୀସା ଆଦି ପଞ୍ଚଧାତୁର ନାମ ଉଲ୍ଲେଖ କରାଯାଇଛି । ରସାୟନ ବିଦ୍ୟାକ୍ଷେତ୍ରରେ ଭାରତର ପ୍ରସିଦ୍ଧି ଥିଲା ଅନ୍ୟାନ୍ୟ ସାଧାରଣ । ନାଗାର୍ଜୁନ ପାତନ ଓ ଭସ୍ମୀକରଣ ପ୍ରକ୍ରିୟା ଆବିଷ୍କାର କରିଥିଲେ । ମୌର୍ଯ୍ୟ ରାଜତ୍ୱ ପୂର୍ବରୁ କାଚର ପ୍ରସ୍ତୁତ ପ୍ରଣାଳୀ ଭାରତୀୟମାନେ ଜାଣିଥିଲେ । ଅତଏବ ବିଭିନ୍ନ କ୍ଷେତ୍ରରେ ପ୍ରାଚୀନ ଭାରତ ସିଦ୍ଧିର ଉଚ୍ଚତମ ଉଚ୍ଚତାରେ ଅଧିଷ୍ଠିତ ହୋଇଥିଲା ।

ଅପରା ବିଦ୍ୟାରେ ପ୍ରାଚୀନ ଭାରତ ଯେତେ ଉନ୍ନତି କରିଥିଲା, ପରାବିଦ୍ୟାରେ ତା'ଠାରୁ ଅଧିକ ଉନ୍ନତି କରିଥିଲା । ମାନବଜାତିର ସର୍ବାଙ୍ଗୀନବିକାଶର ଅସଲ ମନ୍ତ୍ରଟି ଏହି ଆଧ୍ୟାତ୍ମିକତାରେ ରହିଛି, ଏହା ଆର୍ଯ୍ୟଋଷି

ଉଦ୍‌ଘୋଷଣା କରିଛନ୍ତି । ଭାରତୀୟ ସଂସ୍କୃତିର ପୃଷ୍ଠଭୂମି ହେଉଛି ଆଧ୍ୟାତ୍ମିକତା । ଭାରତୀୟ ସଂସ୍କୃତିର ରୂପାୟଣ ଉପନିଷଦ, ଶ୍ରୀମଦ୍ ଭଗବଦ୍ ଗୀତା ଓ ଧମ୍ମପଦରେ ଦେଖିବାକୁ ମିଳେ । ଶ୍ରୀକୃଷ୍ଣ ସମସ୍ତ ଧର୍ମର ସାର ସ୍ୱରୂପ ଉପଦେଶମାଳାକୁ ଗୀତାରେ ଯେପରି ସ୍ଥାନ ଦେଇଛନ୍ତି ବୁଦ୍ଧଦେବ ବିଶ୍ୱପ୍ରେମମୂଳକ କେତେକ ବାଣୀକୁ ଧମ୍ମପଦ ଗ୍ରନ୍ଥରେ ସେପରି ସ୍ଥାନ ଦେଇଛନ୍ତି । ଉପନିଷଦ ସମଗ୍ର ବିଶ୍ୱର କଲ୍ୟାଣକାମୀ ବାର୍ତ୍ତା ବହନ କରିଛି । ଉପନିଷଦ, ଗୀତା ଓ ଧମ୍ମପଦର ବାଣୀ ସଂପ୍ରଦାୟର ସୀମା ଅତିକ୍ରମ କରି ଅସାଂପ୍ରଦାୟିକ ହୋଇଛି । ଜାତି, ଧର୍ମ ନିର୍ବିଶେଷରେ ସମଗ୍ର ମାନବ ଜାତି ପାଇଁ କଲ୍ୟାଣ କାମନା କରି ଭାରତୀୟ ସଂସ୍କୃତିର ମହନୀୟତାକୁ ଆଲୋଚ୍ୟ ଗ୍ରନ୍ଥରାଜି ବହୁ ଗୁଣିତ କରିଛନ୍ତି । ପ୍ରାଚୀନ ଭାରତର ସେହି ଗ୍ରନ୍ଥରାଜିର ମହତ୍ତ୍ୱ ଆଧୁନିକ ସଭ୍ୟ ଜଗତ ଦ୍ୱାରା ଅନୁଭୂତ ହେଉଛି । ଶ୍ରୀମଦ୍ ଭଗବଦ୍ ଗୀତାର ଚର୍ଚ୍ଚା ତଥା ଅନୁଶୀଳନ କେବଳ ଭାରତରେ ସୀମିତ ନ ହୋଇ ଭାରତ ବାହାରେ ମଧ୍ୟ ପରିବ୍ୟାପ୍ତ ହୋଇଛି । ଅଷ୍ଟାଦଶ ଶତାବ୍ଦୀର ଶେଷ ଭାଗରେ ପାଶ୍ଚାତ୍ୟ ମନୀଷୀମାନଙ୍କର ଦୃଷ୍ଟି ଆକର୍ଷଣ କରିଥିଲା ଶ୍ରୀମଦ୍ ଭଗବଦ୍ ଗୀତା । ଉଇଲକିନସ୍ ସଂସ୍କୃତ ଭାଷାରେ ପାଣ୍ଡିତ୍ୟ ଅର୍ଜନ କରିବା ସଙ୍ଗେ ସଙ୍ଗେ ଇଂରାଜି ଭାଷାରେ ଶ୍ରୀମଦ୍ ଭଗବତ ଗୀତାକୁ ଅନୁବାଦ କରିଥିଲେ । ପାଶ୍ଚାତ୍ୟର ପଣ୍ଡିତମାନଙ୍କ ଦ୍ୱାରା ଶ୍ରୀମଦ୍ ଭଗବଦ୍ ଗୀତା ଯେପରି ଆଦୃତ ହୋଇଛି କେତେକ ଉପନିଷଦ ମଧ୍ୟ ସେପରି ଆଦୃତ ହୋଇଛି । ଉପନିଷଦ ବେଦର ଶେଷ ସିଦ୍ଧାନ୍ତ ଉପରେ ଅବସ୍ଥାପିତ ହୋଇଥିବାରୁ ଏହାର ଅନ୍ୟନାମ ହେଉଛି ବେଦାନ୍ତ । ଉପନିଷଦଗୁଡ଼ିକରେ ଆତ୍ମିକ ତତ୍ତ୍ୱର ସ୍ପଷ୍ଟ ଉପସ୍ଥାପନା ରହିଛି । ମଣିଷ ମନର ବହୁ ପ୍ରଶ୍ନର ଉତ୍ତର ଏଥିରେ ଅଛି । ମଣିଷ କାହିଁକି ଜନ୍ମ ନିଏ ? କାହିଁକି ମନୁଷ୍ୟ ମୃତ୍ୟୁବରଣ କରିଥାଏ ? ଦୁଃଖ ଓ ଅଶାନ୍ତିର କାରଣ କ'ଣ ? ଏସବୁ ପ୍ରଶ୍ନର ଯଥାଯଥ ଉତ୍ତର ଏହି ଗ୍ରନ୍ଥ ଗୁଡ଼ିକରେ ପ୍ରଦତ୍ତ ହୋଇଛି । ୧୬୫୦ ଖ୍ରୀ:ଅ:ରେ ମୋଗଲ ସମ୍ରାଟ ଶାହାଜାହାନଙ୍କ ଜ୍ୟେଷ୍ଠପୁତ୍ର ଦ୍ୱାରା ମୂଳ ସଂସ୍କୃତରେ ଲିପିବଦ୍ଧ ୫୦ ଖଣ୍ଡ ଉପନିଷଦକୁ ପାରସୀ ଭାଷାରେ ଅନୁବାଦ କରିଥିଲେ । ଫରାସୀ ପଣ୍ଡିତ ଆକେତିଲ ଦ୍ୟୁଁପେର ଭାରତକୁ ଆସି ଦାରାଙ୍କ ଦ୍ୱାରା ଅନୂଦିତ ଉପନିଷଦ ଗ୍ରନ୍ଥରୁ କେତେକ ସଂଗ୍ରହ କରିଥିଲେ ଓ ସେଗୁଡ଼ିକୁ ପାଠ କରି ଅଭିଭୂତ ହୋଇଥିଲେ । ସେଥିମଧ୍ୟରୁ କେତେକ ଗ୍ରନ୍ଥର ଲାଟିନ୍ ଅନୁବାଦ ସେ କରିଥିଲେ । ତାଙ୍କର ଏହି ଅନୁବାଦ ମାଧ୍ୟମରେ ବୈଦିକ ସାହିତ୍ୟର ମୂଲ୍ୟବୋଧ ଇଉରୋପରେ ବହୁ ଭାବରେ ପ୍ରତିଷ୍ଠିତ ହୋଇଛି । ଜର୍ମାନ ଦାର୍ଶନିକ ଶୋପେନ ହାଉଏର ଉପନିଷଦ ଗ୍ରନ୍ଥ ଉପରେ ମନ୍ତବ୍ୟ ଦେଇ କହିଛନ୍ତି - ''ପୃଥିବୀରେ ଉପନିଷଦ ପାଠ ଅପେକ୍ଷା ଆନନ୍ଦଦାୟକ ଆଉ କିଛି ହୋଇନପାରେ, ଏଥିରୁ ହିଁ ପାଇଛି ମୋର ଜୀବନର ସାନ୍ତ୍ୱନା ।''

ଗୀତା ଓ ଉପନିଷଦ ପରି ଇଉରୋପୀୟ ପରିବେଶରେ ବହୁ ଆଦର ଲାଭ କରିଛି ଧମ୍ମପଦ ଗ୍ରନ୍ଥ । ପାଲିଭାଷାରେ ରଚିତ ଏହି ଧମ୍ମପଦ ଗ୍ରନ୍ଥକୁ ୧୮୫୫ ଖ୍ରୀ:ଅ:ରେ ମାଇକେଲ୍, ଭିଗୋ, ଫଜବୋଲ ଲାଟିନ୍ ଭାଷାରେ ଅନୁବାଦ କରିଥିଲେ । ପରେ ପରେ ଇଂରାଜି, ଫରାସୀ, ଜର୍ମାନ, ଇଟାଲୀୟ ଭାଷାରେ ଏହି ଗ୍ରନ୍ଥ ଅନୂଦିତ ହୋଇ ବହୁ ପାଠକଙ୍କର ଦୃଷ୍ଟି ଆକର୍ଷଣ କରିପାରିଛି । ସେଥିରେ ଅଛି ବିଶ୍ୱବ୍ୟାପି ବିଶାଳ ଉଦାର ଭାବଧାରା ସମଗ୍ର ମାନବଜାତିର କଲ୍ୟାଣ ନିମନ୍ତେ ଆନ୍ତରିକ ବାର୍ତ୍ତା । ଦେଶର ଅତୀତ, କାଳର ଅତୀତ ହୋଇଥିବାରୁ ସେ ଗ୍ରନ୍ଥ ଇଉରୋପୀୟ ପରିବେଶରେ ମଧ୍ୟ ଆଦରଲାଭ କରିଛି । ଭାରତୀୟ ସଂସ୍କୃତିର ମହନୀୟତା, ଉଦାରତା,ବିଶାଳତା ଏଥିରେ ମୂର୍ତ୍ତିମନ୍ତ ହୋଇଛି କହିଲେ ଅତ୍ୟୁକ୍ତି ହେବ ନାହିଁ । ୧୮୮୯ ଖ୍ରୀ:ଅ:ରେ ମାକ୍ସମୁଲ୍ଲର ଏହି ଧର୍ମପଦ ଗ୍ରନ୍ଥକୁ ଇଂରାଜୀ ଭାଷାରେ ଅନୁବାଦ କରିଥିଲେ । ଥିଓଡର ସୁଲଜ୍

ଜର୍ମାନ ଭାଷାରେ ଏହି ଗ୍ରନ୍ଥର ଅନୁବାଦ କରିଥିଲେ ।

ଅକ୍ସଫୋର୍ଡ଼ ବିଶ୍ୱ ବିଦ୍ୟାଳୟର ସଂସ୍କୃତ ଅଧ୍ୟାପକ ମ୍ୟାକଡ଼ୋନେଲ୍ ବୌଦ୍ଧ ସାହିତ୍ୟରେ ଧମ୍ମପଦର ଭୂମିକା ସଂପର୍କରେ ମତଦେଇ କହିଛନ୍ତି - "It is a collection of aphorisms representing the most beautiful, profound and poetical thoughts in Buddhist Literature" ଏହି ଧର୍ମପଦ ଗ୍ରନ୍ଥଟିର ମହନୀୟତାର ତୁଳନା ନାହିଁ । ମନ ହିଁ ସବୁକିଛିର ମୂଳ, ମନ ହେଉଛି ଜାଗତିକ ଜୀବନଧାରାର ପ୍ରଭୁ, ଧର୍ମପଦରେ ମନ ଉପରେ ଅଶେଷ ଗୁରୁତ୍ୱ ଆରୋପିତ ହୋଇଛି ।

ଅତଏବ ଏକଥା ମୁକ୍ତ କଣ୍ଠରେ ସ୍ୱୀକାର୍ଯ୍ୟ ଯେ ପ୍ରାଚୀନ ଭାରତ ହେଉଛି ବିଦ୍ୟାର ବିକାଶକ୍ଷେତ୍ର । ଏହି ଭୂମିରୁ ପରାବିଦ୍ୟା ଓ ଅପରାବିଦ୍ୟାର ରଶ୍ମିରେଖା ଭିନ୍ନ ଭିନ୍ନ ଦିଗନ୍ତକୁ ବିଚ୍ଛୁରିତ ହେବା ସଙ୍ଗେ ସଙ୍ଗେ ସମଗ୍ର ମାନବଜାତିକୁ ଉଦ୍‌ବୁଦ୍ଧ କରିଛି । ପାଶ୍ଚାତ୍ୟର ବୈଜ୍ଞାନିକମାନେ ବିଜ୍ଞାନ ସମ୍ବନ୍ଧରେ ଯେଉଁ ତଥ୍ୟ ଓ ତତ୍ତ୍ୱ ସମଗ୍ର ବିଶ୍ୱ ସମ୍ମୁଖରେ ଉପସ୍ଥାପନା କରିଛନ୍ତି, ସେମାନଙ୍କ ଆଗରୁ ସେଥିରୁ କେତେକ ତତ୍ତ୍ୱର ମୌଳିକ ଦିଗ୍‌ଦର୍ଶନ ଭାରତୀୟ ବିଦ୍ୱାନମାନେ ଦେଇଛନ୍ତି । ସତ୍ୟର ପୂଜା ସହିତ ସୌନ୍ଦର୍ଯ୍ୟର ଆରାଧନା ଭାରତ ବିଦ୍ୟାର ବୈଶିଷ୍ଟ୍ୟ । ପ୍ରାଚୀନ ଭାରତର ଶିକ୍ଷା ପଦ୍ଧତିରେ ସତ୍ୟ ଶିବ ସୁନ୍ଦରର ଉପାସନା ଅତ୍ୟନ୍ତ ଆକର୍ଷଣୀୟ । ପାର୍ଥିବ ଓ ଆଧ୍ୟାତ୍ମିକ ଏହି ଦୁଇ ବିଷୟର ସାମଞ୍ଜସ୍ୟ ବିଧାନ କରିବା ପ୍ରାଚୀନ ଭାରତର ଶିକ୍ଷାର ମୂଳତତ୍ତ୍ୱ । ସଂସାରରେ ଜୀବନର ପ୍ରକୃତ ଲକ୍ଷ୍ୟ ହେଉଛି ଜୀବନକୁ ପରିପୂର୍ଣ୍ଣ କରି ଗଢ଼ିତୋଳିବା, ଏହି ଲକ୍ଷ୍ୟ ପୂରଣ ନିମନ୍ତେ ଭାରତ ଯୁଗେ ଯୁଗେ ପ୍ରୟାସ କରିଛି । ପୂର୍ଣ୍ଣଜ୍ଞାନ, ପୂର୍ଣ୍ଣ ଆନନ୍ଦ ହେଉଛି ଜୀବନର ପୂର୍ଣ୍ଣତା ପାଇଁ ଏକାନ୍ତ ଅପରିହାର୍ଯ୍ୟ । ଦୃଶ୍ୟମାନ, ଜାଗତିକ ବସ୍ତୁ ସହ ଅନ୍ତରର ଭାବସତ୍ତାର ସମ୍ୟକ ବିଦ୍ୟା ଉଦ୍‌ଘୋଷଣା କରିଛି । ଆଜି ଏହି ବିଦ୍ୟା ସଂପର୍କରେ ଦେଶରେ ଓ ବିଦେଶରେ ଅଧିକରୁ ଅଧିକ ବିଚାର, ଆଲୋଚନା ଚାଲିଛି । ପ୍ରାଚୀନ ଭାରତର ବିଦ୍ୟାର ମହତ୍ତ୍ୱ ଭାରତକୁ ଯଥାର୍ଥ ସମ୍ମାନ ଆଣିଦେଇଛି ଏଥିରେ ସନ୍ଦେହ ନାହିଁ ।

-o-

ପ୍ରାଚୀନ ଭାରତୀୟ ପାରିବାରିକ ଜୀବନଧାରା

ଭାରତୀୟ ସଂସ୍କୃତିରେ ପାରିବାରିକ ଜୀବନର ମହତ୍ତ୍ୱ ଅତୁଳନୀୟ । ପରିବାରରୁ ଆରମ୍ଭ ହୁଏ ବ୍ୟକ୍ତିର ଜୀବନ । ପରିବାର ହିଁ ଶିଶୁର ପ୍ରଥମ ପାଠଶାଳା, ଚେତନାର ବିକାଶ ନିମନ୍ତେ ପ୍ରଥମ ପବିତ୍ର ତୀର୍ଥ । ଶିଶୁର ଶାରୀରିକ ଓ ମାନସିକ ବିକାଶରେ ପରିବାରର ଭୂମିକା ସବୁଠାରୁ ଅଧିକ ଗୁରୁତ୍ୱପୂର୍ଣ୍ଣ । ଯେଉଁ ପରିବାରର ରୁଚି ଯେତେ ମାର୍ଜିତ, ସେ ପରିବାରର ପରିବେଶ ସେତେ ପ୍ରଭାବଶାଳୀ । ପାର୍ଥିବ ଜଗତରେ ପରିବାର ଏକ ଅର୍ଥପୂର୍ଣ୍ଣ କେନ୍ଦ୍ର, ଏହା ଭାରତବର୍ଷରେ ସମସ୍ତେ ମୁକ୍ତ କଣ୍ଠରେ ସ୍ୱୀକାର କରନ୍ତି । ପାରସ୍ପରିକ ସ୍ନେହ ଓ ଆନ୍ତରିକତା ପରିବାରର ପରିବେଶକୁ ସ୍ୱର୍ଗୀୟ ମାଧୁରିମାରେ ମଣ୍ଡିତ କରିଥାଏ । ବୈକୁଣ୍ଠ ଭୁବନର ମାଦକତା ସୁସ୍ଥ, ପାରିବାରିକ ପରିବେଶରୁ ମିଳିଥାଏ । ଭକ୍ତକବି ମଧୁସୂଦନଙ୍କ ଭାଷାରେ -

''ବୈକୁଣ୍ଠ ସମାନ ଆହା ଅଟେ ସେହି ଘର
ପରସ୍ପର ସ୍ନେହ ଯହିଁ ଥାଏ ନିରନ୍ତର ।''

ପ୍ରାଚୀନ ଭାରତରେ ପାରିବାରିକ ଜୀବନର ମହତ୍ତ୍ୱ ଓ ମୂଲ୍ୟବୋଧ ଥିଲା ସ୍ୱତନ୍ତ୍ର ଓ ଅସାଧାରଣ । ଏକାନ୍ନବର୍ତ୍ତୀ ପରିବାର ହେଉଛି ପ୍ରାଚୀନ ଭାରତୀୟ ସଂସ୍କୃତିର ଏକ ବଳିଷ୍ଠ ବିଭବ । ଗୋଟିଏ ପରିବାରରେ ଭିନ୍ନ ଭିନ୍ନ ବୟସର ବ୍ୟକ୍ତିମାନେ ରହିଥାନ୍ତି । ପ୍ରତ୍ୟେକଙ୍କର ରୁଚି ଅନ୍ୟଠାରୁ ଭିନ୍ନ ଥିଲେ ମଧ୍ୟ ପାରସ୍ପରିକ ବୁଝାମଣା ଯୋଗୁ ପରିବେଶରେ କୌଣସି ଅସ୍ୱାଭାବିକତା ଦେଖାଦିଏ ନାହିଁ । କେତେ ଲୋକଙ୍କୁ ଏକସୂତ୍ରରେ ବାନ୍ଧିବାର ମୌଳିକ ଗୁଣଟି ପରିବାରରେ ରହିଥାଏ । ପିଲାଟିଏ ଏପରି ପରିବେଶରୁ ନିଜକୁ ଅନ୍ୟମାନଙ୍କ ସହିତ ଖାପଖୁଆଇ ଚଳାଇ ନେବାକୁ ଶିଖିଥାଏ । ପରବର୍ତ୍ତୀ ଅବସ୍ଥାରେ ନାଗରିକ ଭାବରେ ସୁସ୍ଥ ସାମାଜିକ ପରିବେଶ ଗଠନ ନିମନ୍ତେ ଏହି ସହନଶୀଳତା ଅତ୍ୟନ୍ତ ଆବଶ୍ୟକ ହୋଇଥାଏ । ପ୍ରାଚୀନ ପରିବାରରେ ପିତା ଥିଲେ ମୁଖ୍ୟକର୍ତ୍ତା । ସନ୍ତାନମାନଙ୍କର ବିକାଶ ପ୍ରତି ସେ ଗଭୀର ଭାବରେ ସଚେତନ ଥିଲେ । ପୂର୍ବ ପୁରୁଷଙ୍କର ସ୍ମୃତିକୁ ସ୍ମରଣ କରି ସେମାନଙ୍କ ପ୍ରତି ଶ୍ରଦ୍ଧା ନିବେଦନ କରିବା ସଙ୍ଗେ ଉତ୍ତର ପୁରୁଷଙ୍କର ସର୍ବାଙ୍ଗୀନ ବିକାଶ ନିମନ୍ତେ ପରିବାରର କର୍ତ୍ତା ମନୋନିବେଶ କରୁଥିଲେ । ପରିବାର ଥିଲା ଏକ ସୁରମ୍ୟ କର୍ମଶାଳା । ପରିବାରର ଅନ୍ୟ ନାମ ଗୃହସ୍ଥାଶ୍ରମ । ସେହି ଆଶ୍ରମରେ ଜ୍ଞାନର ଚର୍ଚ୍ଚା ହେବା ସଙ୍ଗେସଙ୍ଗେ ବ୍ୟକ୍ତିତ୍ୱର ପୂର୍ଣ୍ଣାଙ୍ଗ ବିକାଶ ନିମନ୍ତେ ସର୍ବବିଧ ସୁଯୋଗ ଥାଏ । ଦେବ ଉପାସନା ଥିଲା ପ୍ରାଚୀନ ଭାରତୀୟ ପରିବାରର ମୁଖ୍ୟ ଅନୁଷ୍ଠାନ । ବିଭିନ୍ନ ପର୍ବପର୍ବାଣୀ ମାଧ୍ୟମରେ ଦେବପୂଜା କରାଯାଇ ଆତ୍ମାର ଉନ୍ନତିକଳ୍ପେ ପ୍ରୟାସ କରାଯାଉଥିଲା ।

ପ୍ରାଚୀନ ଭାରତରେ କର୍ତ୍ତବ୍ୟସାଧନ ଉପରେ ଯଥେଷ୍ଟ ଗୁରୁତ୍ୱ ଆରୋପିତ ହେଉଥିଲା । ପିତାମାତା, ଭାଇ-ବନ୍ଧୁ, ଜ୍ଞାତି-କୁଟୁମ୍ବ ପ୍ରତ୍ୟେକଙ୍କ ପାଇଁ ଯାହା ଯାହା କର୍ତ୍ତବ୍ୟ ତାକୁ ପୁଙ୍ଖାନୁପୁଙ୍ଖ ଭାବରେ ଅନୁଶୀଳନ କରିବାର ପରିବେଶ ସେତେବେଳେ ଥିଲା । ତ୍ୟାଗ ଥିଲା ସେତେବେଳେ ପାରିବାରିକ ଜୀବନର ମୂଳ ଆଦର୍ଶ । ତ୍ୟାଗରେ ଭୋଗ ଥିଲା ତତ୍କାଳୀନ ଜୀବନଧାରାର ମୌଳିକ ଆଭିମୁଖ୍ୟ । ବସ୍ତୁବାଦ ଉପରେ ଆବଶ୍ୟକତାଠାରୁ ଅଧିକ ଗୁରୁତ୍ୱ ଦିଆଯାଉନଥିଲା । ସତ୍ୟ ଥିଲା ଭାରତୀୟ ଜୀବନଚର୍ଯ୍ୟାର ମୂଳତତ୍ତ୍ୱ । ପାଶ୍ଚାତ୍ୟ ସଂସ୍କୃତି ଭୋଗରେ ଜୀବନର ସାର୍ଥକତା ରହିଛି ବୋଲି ବିଚାର କଲାବେଳେ ପ୍ରାଚ୍ୟ ସଂସ୍କୃତି ବିଶେଷତଃ ଭାରତୀୟ ସଂସ୍କୃତିରେ ତ୍ୟାଗରେ ଜୀବନର ପରିପୂର୍ଣ୍ଣତାକୁ ସ୍ୱୀକାର କରାଯାଉଥିଲା । ଏହି ଚେତନା ହିଁ ଭାରତକୁ ଆଣି ଦେଇଛି ସ୍ୱତନ୍ତ୍ର ମର୍ଯ୍ୟାଦା ଓ ଶାଶ୍ୱତ ମୂଲ୍ୟବୋଧ ।

ଇଶା ବାସ୍ୟୋପନିଷଦରେ କୁହାଯାଇଛି -

''ଇଶା ବାସ୍ୟ ମିଦଂ ସର୍ବଯତ୍ କିଂଚ ଜଗତ୍ୟାଂ ଜଗତ୍

ତେନ ତ୍ୟକ୍ତେନ ଭୁଞ୍ଜିଥା ମାଗୃଧଃକସ୍ୟସ୍ୱିଦ୍ଧନମ୍ ।''

ପ୍ରଥମ ଆଶ୍ରମ ହେଉଛି ବ୍ରହ୍ମଚର୍ଯ୍ୟାଶ୍ରମ ଯହିଁରେ ତ୍ୟାଗ ଓ ତପସ୍ୟା ନିହିତ ଥିଲା । ତା'ପରେ ଗୃହସ୍ଥାଶ୍ରମରେ ଦାନ ଓ ସଂଯମ ଥିଲା ତ୍ୟାଗର ସାର୍ଥକ ରୂପାୟଣ । ବାନପ୍ରସ୍ଥରେ ତ୍ୟାଗ ଓ ତପସ୍ୟା ଉପରେ ଗୁରୁତ୍ୱ ଆରୋପିତ ହେଉଥିଲା । ସନ୍ୟାସରେ ସର୍ବତ୍ୟାଗ ସ୍ୱୀକୃତିଲାଭ କରିଥିଲା । ମୋଟ ଉପରେ ପାରିବାରିକ ଜୀବନ ଆରମ୍ଭରୁ ଶେଷ ପର୍ଯ୍ୟନ୍ତ ତ୍ୟାଗର ଭିତ୍ତିରେ ପ୍ରତିଷ୍ଠିତ ଥିଲା ।

ଅତିଥି ଚର୍ଚ୍ଚା ଦ୍ୱାରା ଦେବତାଙ୍କର ଆରାଧନା କରାଯାଏ ବୋଲି ଦୃଢ଼ ବିଶ୍ୱାସ ଆମ ସଂସ୍କୃତିରେ ଦେଖିବାକୁ ମିଳେ । ଯଥାଶକ୍ତି ଯଥାବିଧି ଅତିଥି ସତ୍କାର କରିବାରେ ଅଶେଷ ପୁଣ୍ୟ ଅର୍ଜିତ ହୁଏ ବୋଲି ବିଶ୍ୱାସ ଥିଲା । ଗୃହସ୍ଥାଶ୍ରମରେ ଅତିଥି ଚର୍ଚ୍ଚା ନିମନ୍ତେ ତ୍ୟାଗର ପରାକାଷ୍ଠା ସଂପର୍କରେ ଶ୍ରୀରାମକୃଷ୍ଣ ପରମହଂସ ଯେଉଁ କାହାଣୀଟି କହୁଥିଲେ ତାହାର ନିର୍ଯ୍ୟାସ ହେଉଛି ଯେ ବୃକ୍ଷରେ ବାସ କରୁଥିଲେ ପକ୍ଷୀ ଓ ପକ୍ଷିଣୀ । ସେହି ବୃକ୍ଷତଳରେ ତୃଷାର୍ତ୍ତ ଓ କ୍ଷୁଧାର୍ତ୍ତ ହୋଇ କେତେ ଜଣ ପଥିକ ଆଶ୍ରୟ ନେଲେ । ବୃକ୍ଷତଳରେ ଆଶ୍ରୟ ନେଇଥିବାରୁ ପକ୍ଷୀ ପରିବାରର ସେମାନେ ଅତିଥି ହେଲେ । ସେମାନେ ଗଛତଳେ ଅଗ୍ନି ଜାଳି ବସିଥିଲେ । ପକ୍ଷୀଟିର ଅତିଥି ସତ୍କାର ପାଇଁ ପ୍ରବଳ ଆଗ୍ରହ ଥିଲେ ମଧ୍ୟ ପାଖରେ ଅତିଥିଙ୍କ ଚର୍ଚ୍ଚା ପାଇଁ କିଛି ବସ୍ତୁ ନ ଥିଲା । ସେ ନିଜେ ବୃକ୍ଷରୁ ନିଜର ପ୍ରାଣ ବିସର୍ଜନ କରିବାକୁ ପଶ୍ଚାତପଦ ହୋଇନଥିଲା । ତଳେ ଜଳୁଥିବା ଅଗ୍ନିରେ ଝାସଦେଇ ଅତିଥିମାନଙ୍କର ଖାଦ୍ୟ ହୋଇ ଗୃହସ୍ଥାଶ୍ରମର ଧର୍ମ ରକ୍ଷା କରିଥିଲା । ଅତିଥିଙ୍କର ସନ୍ତୋଷରେ ଜୀବନର ସାର୍ଥକତା ଆସିଥାଏ ବୋଲି ଭାରତୀୟ ପରିବେଶରେ ଦୃଢ଼ ବିଶ୍ୱାସ ଥିଲା । ଅତିଥି ଚର୍ଚ୍ଚା ଯେ ପରମଧର୍ମ ଏକଥା ଧନୀ, ନିର୍ଦ୍ଧନ ସମସ୍ତେ ହୃଦୟଙ୍ଗମ କରିଥିଲେ ।

ପ୍ରାଚୀନ ଭାରତୀୟ ପରିବାରର ଅନ୍ୟତମ ବିଶିଷ୍ଟ ଆକର୍ଷଣୀୟ ବିଭବ ଥିଲା ଭାତୃଭାବ । ଆଜି ସମଗ୍ର ବିଶ୍ୱ ଯେଉଁ ସମସ୍ୟାସବୁ ନେଇ ବିବ୍ରତ ଓ କିଂକର୍ତ୍ତବ୍ୟବିମୂଢ଼ ହୋଇପଡ଼ିଛି, ସେହି ସବୁ ସମସ୍ୟାର ସମାଧାନ ସହଜରେ ହୋଇପାରିବ ଭାତୃଭାବର ପ୍ରାଣ ପ୍ରତିଷ୍ଠାରେ । ଭାତୃଭାବର ପ୍ରତିଷ୍ଠାରେ ଧରା ହେବ ସ୍ୱର୍ଗର ସୌନ୍ଦର୍ଯ୍ୟ ଓ ସମ୍ପଦରେ ବରଣୀୟ ଓ ଆକର୍ଷଣୀୟ । ଆନନ୍ଦର ମନ୍ଦାକିନୀଧାରାରେ ପୁଲକିତ ହେବ ତା'ର ଦିଗ ଓ ଦିଗନ୍ତ । ଆଜି ଶିକ୍ଷା ଓ ସଭ୍ୟତାର ପ୍ରଭାବରେ ଭାରତୀୟ ଜୀବନଧାରାରେ ସ୍ୱାର୍ଥପରତା ରାଜତ୍ୱ କରୁଛି ।

ଅତୀତର ପାରିବାରିକ ଜୀବନର ମଧୁରତା ଆଜି ଅନ୍ତର୍ହିତ ପ୍ରାୟ । ମାନବିକତାର ପୂଜା ପାଇଁ ଅତୀତର ପାରିବାରିକ ଜୀବନ ଏକ ସ୍ନିଗ୍ଧ ସୁନ୍ଦରସୋହାଗ ତୀର୍ଥ ଥିଲା । ଭାରତର ମହତ୍ତ୍ୱ ତା'ର ପାରିବାରିକ ପରିବେଶ ଉପରେ ନିର୍ଭରଶୀଳ ଥିଲା । ସ୍ୱାମୀ ବିବେକାନନ୍ଦଙ୍କ ମତରେ, ''ଯଦି ପୃଥିବୀ ମଧ୍ୟରେ ଏପରି କୌଣସି ଦେଶ ଥାଏ ଯେଉଁଠାରେ ମନୁଷ୍ୟ ଜାତି ମଧ୍ୟରେ ଅଧିକ କ୍ଷାନ୍ତି, ଧୃତି, ଦୟା ପ୍ରଭୃତି ସଦ୍‌ଗୁଣର ବିକାଶ ହୋଇଛି, ତେବେ ନିଶ୍ଚିତ ଭାବରେ ମୁଁ କହିପାରେ ତାହା ହେଉଛି ଭାରତବର୍ଷ ।''

ଭଉଣୀ ନିଜ ଭାଇର ଶୁଭକାମନା କରି କେତେ ଓଷାବ୍ରତ କରିବାର ପରମ୍ପରା ଭାରତରେ ହିଁ ରହିଛି । ପୁରୁଷୋତ୍ତମ କ୍ଷେତ୍ରରେ ଶ୍ରୀଜଗନ୍ନାଥ ଭାଇ ଓ ଭଉଣୀଙ୍କସହ ପୂଜା ପାଇବାର ବିଧି ଭାରତୀୟ ପାରିବାରିକ ଜୀବନର ମହତ୍ତ୍ୱ ଓ ମୂଲ୍ୟବୋଧର ଆକଳନ କରିବାରେ ଯଥେଷ୍ଟ ସହାୟତା କରିଥାଏ ।

ପରିବାରରେ ସହଧର୍ମିଣୀ ଭାବରେ ସ୍ତ୍ରୀର ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ । ପରିବାରକୁ ସୁସ୍ଥ ଓ ସୁନ୍ଦର କରିବାର ଯୋଗ୍ୟତା ନାରୀର ରହିଛି । ଭାରତୀୟ କୂଳବଧୂ ସୀତା ଓ ସାବିତ୍ରୀଙ୍କର ଆଦର୍ଶରେ ଅନୁପ୍ରାଣିତ ହୋଇ ପାରିବାରିକ ଜୀବନକୁ ସ୍ନେହ ମଞ୍ଜୁଳ ଓ ରୁଚିସ୍ନିଗ୍ଧ କରିଥିଲା । ଯେଉଁ ଗୃହରେ ଗୃହିଣୀ ନଥାନ୍ତି ସେ ଘର ଅରଣ୍ୟସହ ସମାନ ବୋଲି ବିଚାର କରାଯାଉଥିଲା । ''ଗୃହଂ ତୁ ଗୃହିଣୀହୀନମ୍ ଅରଣ୍ୟ ସଦୃଶଂମତମ୍ ।'' ସ୍ତ୍ରୀର ସନ୍ନ୍ଧାନରେ ପରିବାରର ପରିବେଶ ଶୋଭନୀୟ ଓ ଲୋଭନୀୟ ହୋଇଥାଏ । ଆଚାର୍ଯ୍ୟ ମନୁଙ୍କ ମତରେ ''ନାର୍ଯ୍ୟସ୍ତୁ ପୂଜ୍ୟତେ ଯତ୍ର ପୂଜ୍ୟତେ ସ୍ତତ୍ରଦେବତାଃ ।'' ଯେଉଁଠାରେ ନାରୀକୁ ଉପଯୁକ୍ତ ସନ୍ନ୍ଧାନ ଦିଆଯାଏ ସେଠାରେ ଦେବତାମାନେ ବାସ କରନ୍ତି । ନାରୀ ହେଉଛି ଘରର ଲକ୍ଷ୍ମୀ, ଶ୍ରୀ ଓ ଶୋଭା । ତାଙ୍କ ବିନା ଘରର ସ୍ଥିତି ବିକୃତ ଓ ବିକଳାଙ୍ଗ, ଏକଥା ଭାରତୀୟ ସଂସ୍କୃତିରେ ବିଶ୍ୱାସ କରାଯାଇଛି । ସ୍ତ୍ରୀ ଏକାଧାରରେ ବନ୍ଧୁ, ସଖା, ମନ୍ତ୍ରୀ ବୋଲି କୁହାଯାଇଛି । ହନୁମାନ ବିରଚିତ ମହାନାଟକରେ କୁହାଯାଇଛି -

''କାର୍ଯ୍ୟେ ଚ ମନ୍ତ୍ରୀ କରଣେ ଚ ଦାସୀ
ଧର୍ମେ ଚ ପତ୍ନୀ ସହନେ ଧରିତ୍ରୀ
ସ୍ନେହେଷୁ ମାତା ଶୟନେ ଷୁବେଶ୍ୟା
ରଙ୍ଗେ ସଖୀ ଲକ୍ଷ୍ମଣ ସା ପ୍ରିୟାମେ ।''

ନାରୀ ବିଧାତାଙ୍କର ଏକ ସ୍ୱତନ୍ତ୍ର ଦାନ । ସମାଜରୂପୀ ବେଦର ଗାୟତ୍ରୀ ମନ୍ତ୍ର । ଭାରତର ନାରୀ ସାମାଜିକ ଜୀବନଧାରାକୁ ଆଗେଇ ନେବା ଦିଗରେ ତ୍ୟାଗର ମହତ୍ତ୍ୱରେ ବିମଣ୍ଡିତ ହୋଇ ଗୁରୁତ୍ୱପୂର୍ଣ୍ଣ ଭୂମିକା ଅତୀତରେ ଗ୍ରହଣ କରିଥିଲା । ସନ୍ତାନର ପ୍ରଥମ ଶିକ୍ଷୟିତ୍ରୀ ମାର୍ଗନିର୍ଦ୍ଦେଶକାରିଣୀ ମାଆ ହୋଇ ସେ ସୁସ୍ଥ ସମାଜ ଗଠନ ଦିଗରେ ଗୁରୁତ୍ୱପୂର୍ଣ୍ଣ ଭୂମିକା କାଳେ କାଳେ ଗ୍ରହଣ କରିଆସିଛି । ସରଳ ବାଳକ ବାଳିକାଙ୍କ ମନରେ ପ୍ରଶସ୍ତ, ଉଦାର ମହନୀୟ ଭାବର ସଞ୍ଚାର କରିବାରେ ମା'ର ଅବଦାନ ସବୁଠାରୁ ଅଧିକ । ଯେଉଁ ପରିବାରରେ ମା' ଯେତେ ସଚେତନ, ସେହି ପରିବାର ସେତେ ମାର୍ଜିତ ଓ ଉନ୍ନତ । ଅତଏବ ଏକଥା ମୁକ୍ତକଣ୍ଠରେ ସ୍ୱୀକାର୍ଯ୍ୟ ଯେ ଭାରତୀୟ ପରିବାରର ସମୃଦ୍ଧିର ଚାବିକାଠି ଅତୀତରେ ମାଆମାନଙ୍କ ହାତରେ ଥିଲା ଏବଂ ଏବେ ମଧ୍ୟ ସେହି ମାତୃ ଜାତି ହାତରେ ରହିଛି । ସେମାନେ ଆତ୍ମଜ୍ଞାନର ଅଧିକାରିଣୀ ହେଲେ ଭାରତୀୟ ପରିବାର ପ୍ରଗତିପଥରେ ଅଧିକରୁ ଅଧିକ ଅଗ୍ରଗତି କରିପାରିବ । ଭାରତ ହେବ ଆଗାମୀ ଦିନରେ ବିଶ୍ୱମାନବର ଦିଗନ୍ତଦିଶାରୀ, ଏକଥା ପ୍ରାଚ୍ୟ ଓ ପାଶ୍ଚାତ୍ୟର ବହୁ ଚିନ୍ତାନାୟକ ଉଦ୍‌ଘୋଷଣା କରି ସାରିଛନ୍ତି । ଏ ପ୍ରସଙ୍ଗରେ

ଜର୍ମାନ ମନୀଷି ମାକ୍ସମୁଲ୍ଲରଙ୍କର ଉକ୍ତି ସ୍ମରଣ କରାଯାଇପାରେ । ତାଙ୍କ ମତରେ, ''ଯଦି ସମଗ୍ର ପୃଥିବୀ ଭିତରେ ଏପରି ଏକ ଦେଶର ସନ୍ଧାନ ଦେବାକୁ ମତେ କୁହାଯାଏ, ଯାହା ପ୍ରକୃତିର ଶ୍ରେଷ୍ଠତମ ସମ୍ପଦ, ଯାହାର କେତେକ ଅଂଶକୁ ପୃଥିବୀର ନନ୍ଦନକାନନ ଆଖ୍ୟା ଦିଆଯାଇପାରେ, ତେବେ ମୁଁ କହିବି ସେହି ଦେଶ ହେଉଛି ଭାରତବର୍ଷ । ଆମର ଅନ୍ତର୍ଜୀବନକୁ ଆହୁରି ପରିପୂର୍ଣ୍ଣ, ଆହୁରି ସାର୍ବଜନୀନ ଓ ବାସ୍ତବରେ ମାନବିକ କରିବାକୁ ହେଲେ କେଉଁ ଦେଶର ସାହିତ୍ୟରୁ ଆମେ ଯଥାର୍ଥ ଗଠନମୂଳକ ପ୍ରେରଣା ପାଇପାରିବୁ । ତେବେ ମୁଁ ପୁନର୍ବାର ନିର୍ଦ୍ଦେଶ କରିବି ସେହି ଦେଶ ହେଉଛି ଭାରତବର୍ଷ ।'' ଏଥିରୁ ଭାରତର ମହତ୍ତ୍ୱ ଓ ପ୍ରତିଷ୍ଠା ସହଜରେ ବୁଝି ହୁଏ । ଏହା ପ୍ରତ୍ୟେକ ଭାରତବାସୀ ପାଇଁ ଗର୍ବ ଓ ଗୌରବର ବିଷୟ ଯେ ଆଗାମୀ ବିଶ୍ୱ ଚାହିଁ ରହିଛି ଭାରତବର୍ଷକୁ । ଏ ଦେଶରୁ ଦୟା, କ୍ଷମା, ଶାନ୍ତି, ସ୍ନେହ ଆଦି ମାନବିକ ଗୁଣସବୁ ବିଶ୍ୱ ବକ୍ଷରେ ପ୍ରସାରିତ ହେବ । ଏସବୁର ମୂଳରେ ରହିଛି ଭାରତୀୟ ନାଗରିକଙ୍କର ସଚେତନତା, ଯାହା ଭାରତୀୟ ପରିବାରରୁ ପ୍ରଥମେ ଶିଖିବାକୁ ହେବ । ପରିବାର ହେବ ସବୁ ସମୃଦ୍ଧିର ଶିକ୍ଷାକେନ୍ଦ୍ର । ପରିବାରର ଭିତ୍ତି ସୁଦୃଢ଼ ହେଲେ ସାମାଜିକ ଜୀବନ ସୁସ୍ଥ ଓ ସୁନ୍ଦର ହେବ, ଏଥିରେ ସନ୍ଦେହର ଅବକାଶ ନାହିଁ ।

-o-

ଆଗାମୀ ଭାରତର ଭୂମିକା

ସାଂପ୍ରତିକ ପରିବେଶରେ ମାନବଜାତି ନିଜସ୍ୱ ଅଜ୍ଞତାଭିତ୍ତିକ ଅଚେତନା ଯୋଗୁଁ ଦାରୁଣ ଦୁଃଖ ଓ ଗଭୀର ନୈରାଶ୍ୟର କାରାଗାରରେ ବନ୍ଦୀ ହୋଇଛି । ବହୁ ସମସ୍ୟାର ଜାଲ ସମଗ୍ର ବିଶ୍ୱର ମାନବ ସମାଜକୁ ଘେରି ରହିଛି । କେତେକ ସମସ୍ୟାର ସମ୍ମୁଖୀନ ହେବାପାଇଁ ପୃଥିବୀର ବହୁଦେଶ ଆଣବିକ ବୋମାକୁ ଆମୋଘ ଅସ୍ତ୍ର ଭାବରେ ବିବେଚନା କରି ସେହି ଅସ୍ତ୍ର ମହଜୁଦ୍ ରଖିବାକୁ ବ୍ୟାକୁଳତା ପ୍ରକାଶ କରୁଛନ୍ତି । ଯେତିକି ଆଣବିକ ବୋମା ପୃଥିବୀର ବିଭିନ୍ନ ଦେଶମାନଙ୍କରେ ଗଚ୍ଛିତ ରହିଛି, ତଦ୍ଦ୍ୱାରା ପୃଥିବୀକୁ ଥରେ ନୁହେଁ, ବହୁବାର ଧ୍ୱଂସ କରି ଦିଆଯାଇପାରିବ ବୋଲି ବୈଜ୍ଞାନିକମାନେ ମତ ଦେଉଛନ୍ତି । ସୁଖରେ ରହିବାକୁ ଭାବି ଅଣୁଅସ୍ତ୍ରରେ ସଜ୍ଜିତ ହୋଇ ସୁଖ ପରିବର୍ତ୍ତେ ଦାରୁଣ ଦୁଃଖ, ମାନସିକ ଯନ୍ତ୍ରଣାର ଶିକାର ହୋଇଛି ମାନବଜାତି । ଅହମିକାର ପରିତୃପ୍ତି ପାଇଁ ମାରଣାସ୍ତ୍ରରେ ସଜ୍ଜିତ ହୋଇ କେତେକ ଦେଶ ଯେଉଁ ଆନନ୍ଦଲାଭ କରୁଛନ୍ତି ତାହା ପ୍ରକୃତ ଆନନ୍ଦ ନୁହେଁ । ଆନନ୍ଦର ସ୍ଥିତି ଈର୍ଷାରେ ନ ଥାଏ, ଧ୍ୱଂସାତ୍ମକ ମନୋଭାବରେ ନଥାଏ । ଆନନ୍ଦ ଥାଏ ପାରସ୍ପରିକ ବୁଝାମଣାରେ ଏବଂ ଶାନ୍ତିପୂର୍ଣ୍ଣ ସହାବସ୍ଥାନରେ । ଶାନ୍ତି ହେଉଛି ସେହି ଆନନ୍ଦର ମୂଳଭିତ୍ତି ଏବଂ ଶାନ୍ତିପୂର୍ଣ୍ଣ ସହାବସ୍ଥାନ ନୀତି ହେଉଛି ସେହି ଆନନ୍ଦର ଅଭିବ୍ୟକ୍ତି - ଏ କଥାରେ ଭାରତବର୍ଷ ବିଶ୍ୱାସ କରେ । ଗୋଷ୍ଠୀ ନିରପେକ୍ଷତା ତଥା ନିରସ୍ତ୍ରୀକରଣ ନିମନ୍ତେ ଆନ୍ତରିକତା ପୋଷଣପୂର୍ବକ ଭାରତ ଏ ଦିଗରେ କେତେକ ପଦକ୍ଷେପ ଗ୍ରହଣ କରି ମାନବ ଯେ ଅମୃତର ସନ୍ତାନ ଏକଥା ପ୍ରମାଣ କରିବାକୁ ଚେଷ୍ଟା କରିଛି । ଅହଂ ଭାବର ତୃପ୍ତିରେ ଶାନ୍ତି ନାହିଁ, ବରଂ ନିଜକୁ ତଥା ମାନବ ଜାତିକୁ ଧ୍ୱଂସ ମୁଖକୁ ଟାଣିନେବା ପାଇଁ ସେଥିରେ ଅପଶକ୍ତି ରହିଛି, ଏକଥା ଭାରତ ଅତୀତରେ ଉଦ୍‌ଘୋଷଣା କରିଛି ଓ ଏବେ ମଧ୍ୟ ଘୋଷଣା କରୁଛି । ବିଶ୍ୱଜୀବନରେ ପ୍ରଶାନ୍ତିର ଶୁଚିସ୍ନିଗ୍ଧ ପରିବେଶ ସୃଷ୍ଟି ହେବାପାଇଁ ଭାରତ ଆନ୍ତରିକ ଭାବରେ କାମନା କରେ । ସମଗ୍ର ମାନବଜାତିକୁ ଉପଯୁକ୍ତ ଦିଗ୍‌ଦର୍ଶନ ଦେବା ନିମନ୍ତେ ଭାରତ ବର୍ଷର ଆତ୍ମିକ ସାମର୍ଥ୍ୟ ରହିଛି ଏଥିରେ ଦ୍ୱିମତ ନାହିଁ, ଏକଥା ଉଦ୍‌ଘୋଷିତ ହୋଇଛି ମହାଯୋଗୀ ଶ୍ରୀଅରବିନ୍ଦଙ୍କ ବାଣୀରେ । ତାଙ୍କ ମତରେ, ''ଭାରତ ଯଦି ସଂକଳ୍ପ କରେ ତେବେ ମାନବ ଜାତି ଆଜି ଯେଉଁ ସମସ୍ୟା ନେଇ ବିବ୍ରତ ଓ କିଂକର୍ତ୍ତବ୍ୟବିମୂଢ଼ ହୋଇପଡ଼ିଛି, ସେ ସବୁର ଦେଇପାରେ ଏକ ଅବ୍ୟର୍ଥ ମୀମାଂସା, ଏକ ନୂତନ ନିର୍ଦ୍ଦେଶ ।'' କେବଳ ଶ୍ରୀଅରବିନ୍ଦ ନୁହନ୍ତି ଭାରତର ମହତ୍ତ୍ୱ ଓ ଗୁରୁତ୍ୱକୁ ଉପସ୍ଥାପନା କରିବା ନିମନ୍ତେ ସ୍ୱାମୀ ବିବେକାନନ୍ଦ ଯେଉଁ ଆହ୍ୱାନ ଦେଇଛନ୍ତି ତାହାର ପ୍ରଭାବ ସ୍ୱତନ୍ତ୍ର ଓ ଅଭିନବ । ସ୍ୱାମୀ ବିବେକାନନ୍ଦଙ୍କ ମତରେ, ''ଯେତେବେଳେ ଗ୍ରୀସ୍‌ର ଜନ୍ମ ହୋଇ ନାହିଁ, ରୋମ କଥା କେହି ଭାବି ନାହିଁ, ବର୍ତ୍ତମାନର ୟୁରୋପୀୟ ପୂର୍ବ ପୁରୁଷଗଣ ବିଚିତ୍ର ଅଙ୍ଗରାଗରେ ରଞ୍ଜିତ ଅରଣ୍ୟବାସୀ ମାତ୍ର

ଥିଲେ, ସେହି ସୁଦୂର ଯୁଗରେ ମଧ୍ୟ ଭାରତ ତାହାର ସଂସ୍କୃତିର ସାଧନାରେ କର୍ମମୁଖର ଥିଲା । ତାହାର ପୂର୍ବରୁ ବର୍ତ୍ତମାନ ପର୍ଯ୍ୟନ୍ତ କେତେ ଉଚ୍ଚ ଉଚ୍ଚ ଭାବ, ଶାନ୍ତି ଓ ଶୁଭେଚ୍ଛାର ବାଣୀ ବହନ କରି ଭାରତରୁ ଜଗତ ମଧ୍ୟରେ ବିଚ୍ଛୁ ହୋଇ ପଡ଼ିଛି ।''କେତେକ ପାଶ୍ଚାତ୍ୟ ମନୀଷି ମଧ୍ୟ ଭାରତର ଗୁରୁତ୍ୱପୂର୍ଣ୍ଣ ଭୂମିକା ସଂପର୍କରେ ଆଲୋଚନା କରିଛନ୍ତି । ଭାରତ ଦେବ ଶାନ୍ତିର ଆଲୋକ, ସତ୍ୟର ଜ୍ୟୋତି ଓ ଆନନ୍ଦର ସଂଜୀବନୀ ଶକ୍ତି, ଏକଥା ସେମାନେ ସ୍ୱୀକାର କରିଛନ୍ତି । ଆଲୋକବରଣୀ ଉଷାର ସ୍ନେହମାଞ୍ଜୁଳ ସ୍ୱର୍ଶରେ ବିଶ୍ୱଚେତନାର ବିଭିନ୍ନ ସ୍ତର ଉନ୍ମୋଚନ କରିବ ଭାରତବର୍ଷ । ସମୟର ଏଇ ଆହ୍ୱାନ ଶୁଣି କାର୍ଯ୍ୟରେ ପରିଣତ କରିବାର ସମୟ ସମାଗତ ହୋଇଛି, ଭାରତର ରହିଛି ସୁଦୀର୍ଘ ଗୌରବଦୀପ୍ତ ପରମ୍ପରା ଯାହାର ତୁଳନା ନାହିଁ । ସଂକୀର୍ଣ୍ଣତାର ବହୁଉର୍ଦ୍ଧ୍ୱରେ ରହି ବିଶ୍ୱଜନର କଲ୍ୟାଣ କାମନା କରି ଆର୍ଯ୍ୟଋଷି ଗାଇଥିଲେ -

''ସର୍ବେ ଭବନ୍ତୁ ସୁଖିନଃ, ସର୍ବେ ସନ୍ତୁ ନିରାମୟାଃ
ସର୍ବେ ଭଦ୍ରାଣି ପଶ୍ୟନ୍ତୁ, ମା କଶ୍ଚିଦ୍ ଦୁଃଖଭାଗ୍ ଭବେତ୍
ଓଁ ଶାନ୍ତିଃ, ଶାନ୍ତିଃ, ଶାନ୍ତିଃ"

ଆତ୍ମିକଚେତନାରେ ଅନୁଭବ କରିଥିଲେ ଆର୍ଯ୍ୟଋଷି ଶାନ୍ତିର ମହତ୍ତ୍ୱ ଓ ମୂଲ୍ୟବୋଧ । ବସ୍ତୁ ଥିଲା, ବସ୍ତୁର ମହତ୍ତ୍ୱ ଥିଲା, ବସ୍ତୁର ଉପଯୋଗିତା ଆବଶ୍ୟକତା ଅନୁସାରେ ଉପଲବ୍ଧ ହେଉଥିଲା । ସଚେତନତା ଥିଲା ଭାରତୀୟ ଜୀବନଧାରାର ମୂଳତତ୍ତ୍ୱ । ଜୀବନକୁ ସାର୍ଥକ କରିବାପାଇଁ ଅଭିପ୍ରେତ ପ୍ରୟାସରୁ ସୃଷ୍ଟି ହୋଇଥିଲା ଭାରତୀୟ ଦର୍ଶନ, କଳା ଓ ସାହିତ୍ୟ । ସବୁଥିରେ ଥିଲା ଗଭୀରତା ଓ ଚିରନ୍ତନତ୍ୱର ଅନୁପମ ଆଲେଖ୍ୟ ଓ ନିର୍ମଳ ନିର୍ଯ୍ୟାସ । ଶ୍ୟାମଳସୁନ୍ଦର ବନ ଭୂମିର କୁଞ୍ଜେ କୁଞ୍ଜେ ମନ୍ତ୍ରମାଳାର ମୋହନ ବଂଶୀ ବାଜି ଉଠୁଥିଲା, ଭରି ଦେଇଥିଲା ଜନମାନସରେ ରୁଚିମଧୁର ଦିବ୍ୟଭାବ ଓ ସୁକୁମାର ସୁସ୍ଥ ଅନୁଭବ ଅତୀତର ଭାରତୀୟ ଜୀବନଧାରାର ମୂଳମନ୍ତ୍ର ଥିଲା ଆଧ୍ୟାତ୍ମିକତା । ଆଜି ସେହି ଆଧ୍ୟାତ୍ମିକତା ଲୁପ୍ତ ହୋଇ ନାହିଁ ଭାରତୀୟ ପରିବେଶରୁ । ଧର୍ମଧାରା ନୁହେଁ, ସେହି ଆଧ୍ୟାତ୍ମିକତା ହିଁ ବିଶ୍ୱକୁ ସଙ୍କଟରୁ ଉଦ୍ଧାର କରିବ । ଦେଶ, କାଳରେ ଆଧ୍ୟାତ୍ମିକତା ଆବଦ୍ଧ ନୁହେଁ, ଏହା ଧାର୍ମିକଧାରଣାର ବହୁ ଉର୍ଦ୍ଧ୍ୱରେ ଚେତନାର ଉଚ୍ଚତମ ଭୂମିରେ ମାନବଜାତିକୁ ଅବସ୍ଥାପିତ କରିବାର ଶକ୍ତିରେ ଶକ୍ତିଶାଳୀ । ଜୀବନରୁ ପଳାୟନ ଆଧ୍ୟାତ୍ମିକତା ନୁହେଁ, ବରଂ ଦିବ୍ୟପୂର୍ଣ୍ଣତାରେ ଜୀବନକୁ ପୂର୍ଣ୍ଣାଙ୍ଗ କରିବାର ପ୍ରୟାସରେ ଯଥାର୍ଥ ଆଧ୍ୟାତ୍ମିକତାର ମୂଳମନ୍ତ୍ର ନିହିତ ।

ଆଜି ଭାରତବର୍ଷ ସେହି ଶାନ୍ତିପୂର୍ଣ୍ଣ ସହାବସ୍ଥାନ ନୀତିରେ ବିଶ୍ୱାସୀ । ଶାନ୍ତି ହିଁ ପ୍ରଗତିର ମୂଳଭିତ୍ତି । ଶାନ୍ତି ବିନା ଅଗ୍ରଗତି ନାହିଁ । ଶାନ୍ତିର ବାର୍ତ୍ତା ଯୁଗେ ଯୁଗେ ଭାରତ ପ୍ରଚାର କରିଛି । ଭାରତ ମାଟି ଗୋଡ଼ିରେ ଗଢ଼ା ଏକ ଜଡ଼ପିଣ୍ଡ ନୁହେଁ, ସେ ଏକ ଜୀବନ୍ତ ଦେବୀ । ଭାରତ ଯୁଗେ ଯୁଗେ ସମଗ୍ର ବିଶ୍ୱ ପାଇଁ ବଞ୍ଚିରହିଛି ବୋଲି ଶ୍ରୀଅରବିନ୍ଦ କହିଛନ୍ତି । ଶ୍ରୀଅରବିନ୍ଦଙ୍କ ମତରେ, ''ଭାରତବର୍ଷ ଅନ୍ୟ ଦେଶ ତୁଲ୍ୟ ନିଜ ସକାଶେ ଜାଗ୍ରତ ହୋଇନାହିଁ ବା ବଳଶାଳୀ ହୋଇନାହିଁ, ଦୁର୍ବଳକୁ ଗୋଡ଼ରେ ଦଳିଦେବାକୁ ଉଠି ନାହିଁ । ତା'ପାଖରେ ନ୍ୟସ୍ତଥିବା ଶାଶ୍ୱତ ଜ୍ୟୋତିକୁ ଜଗତରେ ବିକୀର୍ଣ୍ଣ କରିବ ବୋଲି ତାହାର ଉତ୍‌ଥାନ ହୋଇଛି । ଭାରତ ଚିରଦିନ ବଞ୍ଚି ରହିଛି ବିଶ୍ୱମାନବଙ୍କ ସକାଶେ,ନିଜ ସକାଶେ ନୁହେଁ, ଆଉ ଆଜି ତାକୁ ବଡ଼ ହେବାକୁ ହେବ ବିଶ୍ୱମାନବସମାଜ ପାଇଁ, ନିଜ ପାଇଁ ନୁହେଁ ।'' ଆଗାମୀ କାଲିର ଭାରତ ହେବ ଆହୁରି ସଚେତନ । ଦିଗନ୍ତଦିଶାରୀର ଗୁରୁତ୍ୱପୂର୍ଣ୍ଣ ଭୂମିକାକୁ ବରଣ କରି ସେ ହେବ ସମଗ୍ର ବିଶ୍ୱର ଗୁରୁ । ପୃଥିବୀର ଭବିଷ୍ୟତ ରୂପରେଖ ଭାରତର ଆଗାମୀ

ରୂପରେଖ ଉପରେ ନିର୍ଭର କରେ । ଚେତନାର ରଶ୍ମିରେଖା ଭାରତରୁ ବିଚ୍ଛୁରିତ ହୋଇ ବିଶ୍ୱ ଜୀବନକୁ ଉଦ୍‌ଭାସିତ କରିବ । ବର୍ତ୍ତମାନ ଭାରତ ଜନନୀ ସମଗ୍ର ବିଶ୍ୱର ଭାର ସ୍କନ୍ଧରେ ବହନ କରି ଉଠୁଛନ୍ତି । ଏହି ଅବକାଶରେ ଭାରତୀୟ ନାଗରିକଙ୍କର ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ । ନିଜର ପାଦରେ ଦଣ୍ଡ ହୋଇ ଛିଡ଼ା ହୋଇ ଆତ୍ମବିଶ୍ୱାସର ଶକ୍ତି ହାସଲ କରି ଅନ୍ଧ ବିଶ୍ୱାସରୁ ମୁକ୍ତ ରହିବାକୁ ପଡ଼ିବ, ସମନ୍ୱୟବାଦ ଉପରେ ଅଧିକ ଗୁରୁତ୍ୱ ଆରୋପ କରିବାକୁ ପଡ଼ିବ । ଆଧ୍ୟାତ୍ମିକ ଜ୍ଞାନର ଚର୍ଚ୍ଚା କରିବା ଯେପରି ଆବଶ୍ୟକ, ବିଜ୍ଞାନଚର୍ଚ୍ଚା, ପରୀକ୍ଷାନିରୀକ୍ଷା ଓ ପ୍ରମାଣ ପ୍ରୟୋଗ ଦ୍ୱାରା ସତ୍ୟାସତ୍ୟ ନିର୍ଣ୍ଣୟଧାରାକୁ ଗ୍ରହଣ କରିବା ସେପରି ଆବଶ୍ୟକ । ଫଳରେ ନୂଆଧାରା ପ୍ରବର୍ତ୍ତିତ ହେବ ଯାହା ସମଗ୍ର ବିଶ୍ୱ ଜୀବନକୁ ପ୍ରଭାବିତ ତଥା ପରିବର୍ତ୍ତିତ କରିବ । ସବୁକାର୍ଯ୍ୟ କରିବାକୁ ହେବ, ଜୀବନର କୌଣସି କାର୍ଯ୍ୟକୁ ଅବହେଳା କରାଯିବ ନାହିଁ ; କିନ୍ତୁ ଟିକିଏ ଭିନ୍ନ ଚେତନାରେ ରହି କରିବାକୁ ହେବ, ଏକଥା କହିବାକୁ ଯାଇ ଶ୍ରୀଅରବିନ୍ଦ କହିଛନ୍ତି, ''ଆମ୍ଭେମାନେ ଜଗତର କୌଣସି କାର୍ଯ୍ୟ ବାଦ୍ ଦେବାକୁ ଚାହୁଁ ନାହୁଁ । ରାଜନୀତି, ବାଣିଜ୍ୟ, ସମାଜ, କାବ୍ୟ, ଶିଳ୍ପକଳା, ସାହିତ୍ୟ ସବୁ ହିଁ ରହିବ । ଏ ସମସ୍ତଙ୍କୁ କେବଳ ନୂତନ ପ୍ରାଣ, ନୂତନ ଆକାର ଦେବାକୁ ହେବ ।'' ନୂତନ ଆକାର ଦେବାର ସାମର୍ଥ୍ୟ ଭାରତୀୟ ଜୀବନର ମଗ୍ନଚୈତନ୍ୟରେ ରହିଛି, ସେଥିପାଇଁ କେବଳ ଆତ୍ମଜାଗୃତି ଆବଶ୍ୟକ ।

ଏହି ଜାଗରଣ ନିମନ୍ତେ ଆମର ଅତୀତର ସମୃଦ୍ଧିଶୀଳ ଦିଗ ପ୍ରତି ଉନ୍ମୁଖ ରହିବାକୁ ହେବ । ଆମର ପରମ୍ପରାକୁ ବିଶ୍ଳେଷଣ କରି ସେଥିରୁ ଆବଶ୍ୟକୀୟ ଉପାଦାନ ସବୁକୁ ଗ୍ରହଣ କରିବାକୁ ହେବ ଓ ଅନ୍ଧବିଶ୍ୱାସ ଆଦି ଅପୂର୍ଣ୍ଣ ଉପାଦାନକୁ ବର୍ଜନ କରିବାକୁ ହେବ । ଭବିଷ୍ୟତର ଗଠନ ନିମନ୍ତେ ଅତୀତର ଯେ କିଛି ଅବଦାନ ରହିଛି, ଏକଥା ଆମକୁ ସ୍ୱୀକାର କରିବାକୁ ହେବ । ସ୍ୱାମୀ ବିବେକାନନ୍ଦ ଏଇ ପ୍ରସଙ୍ଗ ଉପରେ ଗୁରୁତ୍ୱ ଦେଇ ଯେଉଁ ମତ ଦେଇଛନ୍ତି ତାହା ଆଲୋଚନାର ପରିସରଭୁକ୍ତ କରାଯାଇପାରେ । ସେ କହିଛନ୍ତି, ''ଲୋକମାନେ ମୋତେ କହିଛନ୍ତି ଯେ ପୂର୍ବଗୌରବ ସ୍ମରଣ କଲେ ମନର ଅବନତି ହୁଏ, ଏଥିରେ କୌଣସି ଫଳଲାଭ ହୁଏନା, ତେଣୁ ଆମକୁ ଭବିଷ୍ୟତ ପ୍ରତି ଦୃଷ୍ଟି ରଖି କାର୍ଯ୍ୟ କରିବାକୁ ହେବ, ଏକଥା ସତ ମାତ୍ର ଏହା ମଧ୍ୟ ବୁଝିବାକୁ ହେବ ଯେ ଅତୀତ ଗର୍ଭରୁ ହିଁ ଭବିଷ୍ୟତର ଜନ୍ମ । ଅତଏବ ଯେତେ ଦୂରପାର ପଶ୍ଚାତ ଦୃଷ୍ଟିକର । ପ୍ରାଚୀନକାଳରେ ଭାରତ ଯେତେ ଦୂର ଉଚ୍ଚଗୌରବ ଶିଖରରେ ଆରୁଢ଼ ହୋଇଥିଲା,ତାହାକୁ ତଦ୍‌ପେକ୍ଷା ଉଚ୍ଚତର, ଉଜ୍ଜ୍ୱଳତର ଓ ମହତ୍ତର କରିବାକୁ ଚେଷ୍ଟା କର ।'' ଏହି ଆହ୍ୱାନ ପ୍ରମାଣ କରୁଛି ଯେ ଭାରତବର୍ଷର ଭୂମିକା ଆଗାମୀ ଦିନରେ ସ୍ୱତନ୍ତ୍ର ହେବ ଓ ଭାରତୀୟ ନାଗରିକର ଭୂମିକା ଆଗାମୀ ଦିନରେ ସ୍ୱତନ୍ତ୍ର ହେବ । ଏହା ଭାରତ ଓ ଭାରତୀୟଙ୍କ ପକ୍ଷରେ କମ୍ ଗୌରବର କଥା ନୁହେଁ । ଆଗାମୀ ବିଶ୍ୱଗଠନ ଭିତରେ ଆବଶ୍ୟକୀୟ ଶକ୍ତି ଓ ସାମର୍ଥ୍ୟ ରହିଛି, ଏହା କମ୍ ସୌଭାଗ୍ୟର କଥା ନୁହେଁ । ଏ କଥାରେ ଭାବପ୍ରବଣତା ନାହିଁ, ଅଛି ଜୀବନ୍ତ ବାସ୍ତବତା । ସାମର୍ଥ୍ୟର ଅଧିକାରୀ ବୋଲି କେବଳ ସନ୍ତୁଷ୍ଟ ରହିଲେ ଚଳିବ ନାହିଁ । ସାମର୍ଥ୍ୟକୁ କାର୍ଯ୍ୟକାରୀ କରିବାର ସମୟ ଆସିଛି, ଏଥି ନିମନ୍ତେ ପ୍ରାଥମିକ ଆବଶ୍ୟକତା ହେଉଛି ଆତ୍ମଜ୍ଞାନ ଯାହାକୁ ପ୍ରୟୋଗ କରି ପ୍ରାଚ୍ୟ ଓ ପାଶ୍ଚାତ୍ୟ ଚେତନା ଭିତରେ ସମ୍ୟକ୍ ସମନ୍ୱୟ ଆସିବ । ସମନ୍ୱୟ ପ୍ରଥମେ ଚେତନାରେ ଅଧିଷ୍ଠିତ ହୋଇପାରେ କ୍ରମଶଃ ବାସ୍ତବ କ୍ଷେତ୍ରରେ, ଜୀବନର ପ୍ରତିଟି କ୍ଷେତ୍ରରେ ପ୍ରକଟିତ ହେବ । ଭାରତକୁ ଆହୁରି ସୁସ୍ଥ, ବଳିଷ୍ଠ କରି ଗଢ଼ିବାକୁ ହେବ, କାରଣ ଭାରତ ଯେତିକି ବିକଶିତ ହେବ ବିଶ୍ୱ ସେତିକି ବିକଶିତ ହେବ । ଭାରତ ହେଉଛି ଚେତନାରେ ସମଗ୍ର ବିଶ୍ୱର ପ୍ରତିନିଧି । ଭାରତର ଉନ୍ନତିରେ ବିଶ୍ୱର ଉନ୍ନତି ଅବଶ୍ୟମ୍ଭାବୀ ।

ଶ୍ରୀମାଙ୍କ କଥାରେ, ''ପୃଥିବୀର କଲ୍ୟାଣ ନିମିତ୍ତ ଭାରତକୁ ରକ୍ଷା କରିବାକୁ ହେବ, କାରଣ ଭାରତ ହିଁ ଏକମାତ୍ର ଦେଶ ଯାହା ଶାନ୍ତି ଓ ନୂତନ ସାମାଜିକ ଶୃଙ୍ଖଳା ସ୍ଥାପନ କରିବାରେ ପୃଥିବୀକୁ ନେତୃତ୍ୱ ଦେବ ।'' ଏଥିରୁ ସ୍ପଷ୍ଟ ଜଣାପଡୁଛି ଯେ ଯେତେଦିନ ପର୍ଯ୍ୟନ୍ତ ଭାରତର ଜୀବନଧାରା ପୂର୍ଣ୍ଣାଙ୍ଗ ନ ହୋଇଛି ସେତେଦିନ ପର୍ଯ୍ୟନ୍ତ ବିଶ୍ୱଜୀବନରେ ପୂର୍ଣ୍ଣତା ଆସିବ ନାହିଁ । ଭାରତର ସଚେତନତା ଉପରେ ବିଶ୍ୱ ଜୀବନଧାରା ନିର୍ଭରଶୀଳ ହୋଇ ରହିଛି । ଏହା ମୁକ୍ତ କଣ୍ଠରେ ପ୍ରାଚ୍ୟ ଓ ପାଶ୍ଚାତ୍ୟର ବହୁ ମନୀଷି ସ୍ୱୀକାର କରିଛନ୍ତି । ଏହି ପରିପ୍ରେକ୍ଷୀରେ ଭାରତୀୟ ନାଗରିକଙ୍କୁ ଆତ୍ମଗଠନ ମାଧ୍ୟମରେ ଦେଶଗଠନ ଓ ଦେଶଗଠନ ମାଧ୍ୟମରେ ବିଶ୍ୱଗଠନ ନିମନ୍ତେ ଯେଉଁ ଆହ୍ୱାନ ଆସୁଛି, ସେଥିପାଇଁ ପ୍ରସ୍ତୁତ ହେବା ଆଜିର କେବଳ ଅନୁଚିନ୍ତା ନୁହେଁ, ଅପରିହାର୍ଯ୍ୟ ଆବଶ୍ୟକତା କହିଲେ ଅତ୍ୟୁକ୍ତି ହେବ ନାହିଁ ।

-୦-

ଆଗାମୀ ବିଶ୍ୱ ଓ ଭାରତବର୍ଷ

ବିଶ୍ୱ ଜୀବନଧାରାକୁ ଭିନ୍ନ ଭିନ୍ନ ଦିଗରୁ ଅନୁଧାନ କଲେ ଏହା ଅନୁଭବ କରିହୁଏ ଯେ ଅଶାନ୍ତି, ଅସନ୍ତୋଷ, ଅସହିଷ୍ଣୁତା ଓ ଈର୍ଷା ଏହାକୁ କବଳିତ କରି ରଖିଛି । ଦେଶ ଦେଶ ଭିତରେ ବୁଝାମଣାର ଅଭାବ ବିଶ୍ୱରେ ଅସ୍ୱସ୍ତିକର ପରିବେଶ ସୃଷ୍ଟି କରୁଛି । ମଣିଷର ସଂଖ୍ୟା ବଢ଼ିଛି, ମାତ୍ର ମାନବିକତାର ମୂଲ୍ୟବୋଧ କମିଆସିଲାପରି ମନେ ହେଉଛି । ପାରସ୍ପରିକ ଏକତା, ସମନ୍ୱୟ, ଆନ୍ତରିକତା ଆଜି ସୁଦୂରପରାହତ । ଜୀବନଯାତ୍ରା ଆଜି ଘନୀଭୂତ ମ୍ଲାନିମାରେ ଆଚ୍ଛନ୍ନ ହୋଇ ଅସ୍ୱାଭାବିକ ହୋଇଛି । ବହୁ ସମସ୍ୟା ମାନବଜାତିର ଅଗ୍ରଗତି ଧାରାକୁ ବ୍ୟାହତ କରୁଛି । ଅବଶ୍ୟ କେତେକ ସମସ୍ୟାର ସମାଧାନ ପାଇଁ ଯେ ଉଦ୍ୟମ ନ ହୋଇଛି ଏପରି ନୁହେଁ ; କିନ୍ତୁ ସେ ଉଦ୍ୟମ ବିଶେଷ ସଫଳ ହୋଇ ନାହିଁ କହିଲେ ଚଳେ । ରାଜନୈତିକ ଧାରାରେ ପରିବର୍ତ୍ତନ ହେଲେ, ଭୌତିକ ସମ୍ପଦର ସମବଣ୍ଟନ ହେଲେ ସବୁ ସମସ୍ୟାର ସମାଧାନ ହେବ ନାହିଁ । ସବୁ ସମସ୍ୟାର ସମାଧାନର ଚାବିକାଠି ହେଉଛି ଆନ୍ତରିକତା, ଯାହାର ଭିତ୍ତି ହେବ ସମଦର୍ଶନର ଭାବ । ସମଦର୍ଶନ ହେଉଛି ଆତ୍ମିକ ସ୍ତରରେ ସମଭାବନାର ସ୍ନିଗ୍ଧସୁନ୍ଦର ଅଭିବ୍ୟକ୍ତି । ସବୁଧର୍ମ, ସବୁଭାଷା, ସବୁ ସଂପ୍ରଦାୟ ପ୍ରତି ସମଭାବର ଚେତନା ବିଶ୍ୱ ପରିବାର ଗଠନ ନିମନ୍ତେ ଏକାନ୍ତ ଅପରିହାର୍ଯ୍ୟ । ଏକ ସତ୍ୟ, ବହୁ ନାମରେ, ଭିନ୍ନ ଭାଷାରେ ଉପସ୍ଥାପିତ ହୋଇଛି ମାତ୍ର । ହିନ୍ଦୁମାନଙ୍କର ଯିଏ ବ୍ରହ୍ମ, ପାର୍ସିମାନଙ୍କର ସେ ଅହୁରମଜ୍ଦା, ବୌଦ୍ଧମାନଙ୍କର ସେ ବୁଦ୍ଧ, ଇସ୍‌ଲାମଙ୍କର ସେ ଆଲ୍ଲା, ଇହୁଦୀମାନଙ୍କର ଜିହୋବା ପୁଣି ଖ୍ରୀଷ୍ଟିଆନମାନଙ୍କର ସେହି ଯୀଶୁ । ସମଦର୍ଶନର ଏହି ଭାବ ଯେତେ ଦୃଢ଼ ହେବ ସାଂପ୍ରତିକ ବିଶ୍ୱର ସମସ୍ୟା ସେତେ ଶୀଘ୍ର ସମାଧାନ କରାଯାଇ ପାରିବ ।

ଭାରତୀୟ ସଂସ୍କୃତିରେ ସମଦର୍ଶନ ଭାବର ଭିତ୍ତି ଓ ସ୍ଥିତି ବହୁ ପ୍ରାଚୀନ । ଏହାର ମୁଖ୍ୟ ଉପାଦାନ ସବୁ ବୈଦିକ ମନ୍ତ୍ରମାଳାରେ ଉପସ୍ଥାପିତ ହୋଇ ରହିଛି । ଗିରିଗୁହାରୁ ଉତ୍‌ଥିତ, ଶୋଭାଶ୍ୟାମଳ ବନ ଭୂମିରୁ ଉଚ୍ଚାରିତ ନଦୀ-ନିର୍ଝରତୀରସ୍ଥ ସୁରମ୍ୟ ପରିବେଶରୁ ପ୍ରଚାରିତ, ଜନପଦରୁ ପ୍ରସାରିତ ଆର୍ଯ୍ୟଋଷିର ବାଣୀରେ ସମଗ୍ର ମାନବଜାତିର କଲ୍ୟାଣ କାମନା ମୂର୍ତ୍ତିମନ୍ତ ହୋଇଥିଲା । ଋଷିମାନେ ବେଦର ସ୍ରଷ୍ଟା ନ ହେଲେ ମଧ୍ୟ ସେମାନେ ଥିଲେ ପବିତ୍ର ବୈଦିକ ଚେତନାର ପ୍ରମୁଖ ବାର୍ତ୍ତାବହ, ପାର୍ଥିବ ପରିବେଶରେ ଦିବ୍ୟ ଚେତନାର ବିଚ୍ଛୁରଣ ନିମନ୍ତେ ଏକ ଏକ ବିଶିଷ୍ଟ ଆଧାର । 'ଶୃଣ୍ୱନ୍ତୁ ବିଶ୍ୱେ ଅମୃତସ୍ୟ ପୁତ୍ରାଃ'ରେ ନିହିତ ଚେତନାଟି ଯେତିକି ପରିବ୍ୟାପ୍ତ ସେତିକି ବରଣୀୟ କହିଲେ ଅତ୍ୟୁକ୍ତି ହେବ ନାହିଁ । 'ସର୍ବେ ଭବନ୍ତୁ ସୁଖୀନଃ, ସର୍ବେ ସନ୍ତୁ ନିରାମୟାଃ' ଉକ୍ତିଟି ଯେଉଁ ପ୍ରମୁକ୍ତ, ସମୁଜ୍ଜ୍ୱଳ ଚେତନାର ପ୍ରତିନିଧିତ୍ୱ କରୁଛି, ତାହାର ତୁଳନା ନାହିଁ । ଭାରତୀୟ ସଂସ୍କୃତିରେ

ବିଶ୍ୱପ୍ରେମର ଉତ୍ତାଳ ତରଙ୍ଗମାଳା ଓ ତା'ର ପରିପ୍ଲାବନ କାଳେ କାଳେ ଅନୁଭବର ବିଷୟ ହୋଇ ରହିଛି ରହିବ । ଈର୍ଷା ନାହିଁ, ଅସ୍ୱୟା ନାହିଁ, ଅସହିଷ୍ଣୁତା ନାହିଁ, ଅଛି ପ୍ରାଚୀନ ଭାରତର ସଂସ୍କୃତିରେ ସହାନୁଭୂତିର ସ୍ନିଗ୍ଧଶୋଭନ ଚିତ୍ର, ହୃଦୟବତ୍ତାର ନିର୍ମଳ ଆଲେଖ୍ୟ, ସ୍ନେହ ମମତାର ସୁସଂଗତିପୂର୍ଣ୍ଣ ମଧୁସିକ୍ତ ଅଭିବ୍ୟକ୍ତି । ସୁଦୂର ଅତୀତରୁ ଅଦ୍ୟାବଧି ଭାରତୀୟ ଜୀବନଧାରା ବିଶ୍ୱକଲ୍ୟାଣ କାମନାର ମୂଲ୍ୟବୋଧକୁ ଉଚ୍ଚ ସ୍ଥାନ ଦେଇଛି । ଭାରତୀୟ ଜୀବନ ହେଉଛି ବିଶ୍ୱ ଜୀବନର ସାର୍ଥକ ପ୍ରତିନିଧି । ସନାତନ ଧର୍ମର ଏ ଦେଶକୁ ସମୟକ୍ରମେ ଆସିଛନ୍ତି ଇହୁଦୀମାନେ, ଆସିଛନ୍ତି ରୋମାନ୍ ମାନେ, ଆସିଛି ଇସଲାମ୍, ଖ୍ରୀଷ୍ଟିଆନ୍ ଆଦି ବହୁ ଧର୍ମ । ଭାରତୀୟମାନେ ଯେ କେବଳ ସବୁ ଧର୍ମକୁ ସହ୍ୟ କରନ୍ତି ତାହା ନୁହେଁ, ବରଂ ସବୁ ଧର୍ମ ଗୁଡ଼ିକୁ ସତ୍ୟ ବୋଲି ବିଶ୍ୱାସ କରନ୍ତି । ସମଗ୍ର ବିଶ୍ୱକୁ ଶାନ୍ତିଧାମରେ ପରିଣତ କରିବା ପାଇଁ ଭାରତୀୟ ସଂସ୍କୃତିରେ ରହିଛି ବହୁମୂଲ୍ୟ ଉପାଦାନ । ସମଗ୍ର ମାନବ ଜାତିକୁ ମାନବିକତାର ଦୀକ୍ଷାରେ ଦୀକ୍ଷିତ କରିବାପାଇଁ ଭାରତୀୟ ସଂସ୍କୃତି କାଳେ କାଳେ ପ୍ରୟାସ କରିଛି । ଭାରତବର୍ଷରେ ଏକ ଆତ୍ମିକ ଶକ୍ତିର ସଞ୍ଚରଣ ରହିଛି । ଯାହାକୁ ପ୍ରାଚ୍ୟ ଓ ପାଶ୍ଚାତ୍ୟର ବହୁ ମନୀଷି ମୁକ୍ତ କଣ୍ଠରେ ସ୍ୱୀକାର କରିଛନ୍ତି । ଶ୍ରୀଅରବିନ୍ଦଙ୍କ ମତରେ, ''ଭାରତ ଧ୍ୱଂସ ହୋଇ ନ ପାରେ । ଆମ୍ଭମାନଙ୍କର ଜାତି ସୁପ୍ତ ହୋଇ ନ ପାରେ, କାରଣ ମାନବ ଗୋଷ୍ଠୀ ସମୂହ ମଧ୍ୟରେ ଭାରତ ସକାଶେ ନିର୍ଦ୍ଦିଷ୍ଟ ରହିଛି ସମଗ୍ର ମାନବଜାତିର ଭବିଷ୍ୟତ ହିତାର୍ଥେ ଅପରିହାର୍ଯ୍ୟ ଏକ ଉଜ୍ଜ୍ୱଳତମ ଓ ମହତ୍ତମସିଦ୍ଧି ।'' ଭିନ୍ନ ଭିନ୍ନ ସମୟରେ ବିଭିନ୍ନ କାରଣରୁ ବହିଃଶତ୍ରୁ ଆକ୍ରମଣର ଶିକାର ହୋଇଛି ଭାରତ ବର୍ଷ । ଭାରତୀୟ ଜୀବନର ସମୃଦ୍ଧି ଓ ସଂହତି ଯେ ବ୍ୟାହତ ନ ହୋଇଛି ଏପରି ନୁହେଁ । ତଥାପି ଭାରତ ବଞ୍ଚି ରହିଛି ଓ ବଞ୍ଚି ରହିବ ନିଜ ପାଇଁ ବିଶେଷ କରି ସମଗ୍ର ଜଗତ ପାଇଁ । ଆଗାମୀ ବିଶ୍ୱ ପାଇଁ ଭାରତର ଭୂମିକା ହେବ ସ୍ୱତନ୍ତ୍ର ଓ ଅଭିନବ । ନିଜସ୍ୱ ମୌଳିକ, ଉଦାର ପରିବ୍ୟାପ୍ତ ଚେତନା ବଳରେ ସମଗ୍ର ମାନବଜାତିକୁ ଉପଯୁକ୍ତ ଦିଗ୍ ଦର୍ଶନ ଦେଇ ଭାରତ ହେବ ଆଗାମୀ ବିଶ୍ୱର ଗୁରୁ । ଭାରତ ବଞ୍ଚିଲେ ପୃଥିବୀ ବଞ୍ଚିବ । ଭାରତର କ୍ଷତିରେ ପୃଥିବୀର କ୍ଷତି ହେବ । ଏ ପ୍ରସଙ୍ଗରେ ସ୍ୱାମୀ ବିବେକାନନ୍ଦଙ୍କ ବାଣୀ ସ୍ମରଣକୁ ଆସେ । ତାଙ୍କ ମତରେ, ''ଭାରତର ବିନାଶରେ ଜଗତରୁ ସମୁଦାୟ ଆଧ୍ୟାତ୍ମିକତା ଲୋପ ପାଇବ, ଚରିତ୍ରର ସମସ୍ତ ମହାନ ଆଦର୍ଶ ନଷ୍ଟ ହେବ । ସମସ୍ତ ଧର୍ମ ପ୍ରତି ମଧୁର ସହାନୁଭୂତିର ଭାବ ନଷ୍ଟ ହେବ, ସମୁଦାୟ ଭାବୁକତାର ବିନାଶ ହେବ । ତତ୍ ପରିବର୍ତ୍ତେ କାମ ଓ ବିଳାସିତା ରୂପକ ଦେବାଦେବୀ ରାଜତ୍ୱ କରିବେ । ଅର୍ଥ ହେବ ତାଙ୍କର ପୁରୋହିତ, ପ୍ରତାରଣା, ପାଶବ ବଳ ଓ ପ୍ରତିଦ୍ୱନ୍ଦିତା ହେବ ପୂଜା ପଦ୍ଧତି ଏବଂ ମାନବାତ୍ମାକୁ ସେଠାରେ ବଳି ଦିଆଯିବ ।'' ଏଥିରୁ ଭାରତର ଭୂମିକା ଆଗାମୀ ବିଶ୍ୱ ପାଇଁ କେତେ ଗୁରୁତ୍ୱପୂର୍ଣ୍ଣ, ତାହା ସହଜରେ ଅନୁମେୟ । ସେଦିନ ଆସିବ ଯେଉଁଦିନ ଭାରତୀୟ ମାନବପ୍ରେମୀ ଚିନ୍ତା ଓ ଚେତନାର ଭାବତରଙ୍ଗ ବିଶ୍ୱର କୋଣେ ଅନୁକୋଣେ ପ୍ରସାରିତ ହେବ । ନୈରାଶ୍ୟର ଅମାଅନ୍ଧକାର କ୍ରମଶଃ ବିଶ୍ୱ ଜୀବନରୁ ଅପସାରିତ ହେବ । ଆଶାବାଦର ଆଲୋକରେ ଆଲୋକିତ ହେବ ବିଶ୍ୱ ମାନବର ଚଲାପଥ । ଭାରତୀୟ ସଂସ୍କୃତିର ଏକ ବିଶିଷ୍ଟ ଉପାଦାନ ଭାବରେ ଆଶାବାଦ ସ୍ୱୀକୃତ । ବୈଦିକ ଯୁଗରୁ ଏହି ଆଶାବାଦର ସୁମଧୁର ସ୍ୱର ଶୁଣିବାକୁ ମିଳେ । ଆଶାବାଦ ଆଣିଦିଏ ମନରେ ଅସୀମ ସାହସ ଓ ଦେହରେ ଅମାପ ଶକ୍ତି । ନିରାଶାକୁ ନିବିଡ଼ ଅନ୍ଧକାର ରୂପରେ ପରିକଳ୍ପନା କରିବା ସଙ୍ଗେ ସଙ୍ଗେ ନିରାଶାବାଦୀକୁ ଭାବନାହୀନ, ଅଜ୍ଞାନ ବୋଲି ବେଦରେ ବିଚାର କରାଯାଇଛି । ବେଦ ମତରେ ଆଶା ହେଉଛି ଜୀବନର ସୂଚନା ଓ ନିରାଶା ହେଉଛି ମୃତ୍ୟୁର ଯନ୍ତ୍ରଣା । ବୈଦିକ ମନ୍ତ୍ର ନିରାଶାର ମେଘମାଳାକୁ ଦୂରୀଭୂତ କରି ଆଶାର ସ୍ନିଗ୍ଧ ସୁନ୍ଦର ମଧୁଚନ୍ଦ୍ରିକାରେ ଜୀବନକୁ ପ୍ଲାବିତ କରିବା ପାଇଁ ସୂଚନା ଦେଇଛି ।

ଯଜୁଃ ବେଦରେ ପ୍ରାର୍ଥନା ସ୍ୱରୂପ ଉପସ୍ଥାପିତ ହୋଇଛି -

''ତେଜୋଽସି ତେଜାମୟି ଧେହି
ବୀର୍ଯ୍ୟମସି ବୀର୍ଯ୍ୟଂମୟି ଧେହି
ବଳମସି ବଳଂ ମୟି ଧେହି
ଓଜୋଽସି ଓଜାମୟି ଧେହି ।''

ବିଶ୍ୱ ଜୀବନର ପରିପୂର୍ଣ୍ଣତା ନିମନ୍ତେ ମଧୁରତା ଏକ ଅପରିହାର୍ଯ୍ୟ ଆବଶ୍ୟକତା । ଏହି ମଧୁରତାର ସାର୍ଥକ ରୂପରେଖ ଉପନିଷଦୀୟ ମନ୍ତ୍ରମାଳାରେ ଦେଖିବାକୁ ମିଳେ । ପରିବେଶ ମଧୁସିକ୍ତ ହେଉ, ଜୀବନରେ ମଧୁରତାର ସଞ୍ଚରଣ ଘଟୁ, ବିଶ୍ୱଜୀବନ ଦିବ୍ୟ ଆନନ୍ଦରେ ଶିହରିଉଠୁ, ଏହି କାମନା ଭାରତୀୟ ସଂସ୍କୃତିକୁ ସ୍ୱତନ୍ତ୍ର ମର୍ଯ୍ୟାଦା ଦେଇଛି । ଉପନିଷଦରେ ଅଛି -

''ମଧୁବାତା ଋତାୟତେ ମଧୁକ୍ଷରନ୍ତି ସିନ୍ଧବଃ
ମାଧ୍ୱିର୍ନଃ ସନ୍ତ୍ୱୋଷଧି, ମଧୁ ନକ୍ତ ଭୂତୋଽଅସି
ମଧୁମତ ପାର୍ଥିବଂ ରଜଃ, ମଧୁ ଦୌରସ୍ତୁନଃପିତା
ମଧୁମାନ୍ନୋ ବନସ୍ପତିଃ, ମଧୁମାନସ୍ତୁ ସୂର୍ଯ୍ୟ ।''

ଅର୍ଥାତ୍ ପବନ ଆନନ୍ଦ ଆଣୁ, ନଦୀ ସୁଖ ଆଣୁ, ଲତାମାନେ ଆନନ୍ଦ ଦିଅନ୍ତୁ, ରାତି ଓ ଦିନ ଆନନ୍ଦ ଦିଅନ୍ତୁ, ଗଛମାନେ ଆନନ୍ଦ ଦିଅନ୍ତୁ, ସୂର୍ଯ୍ୟ ଆନନ୍ଦ ଦିଅନ୍ତୁ ଇତ୍ୟାଦି...

ଆଗାମୀ ବିଶ୍ୱ ପାଇଁ ଧାର୍ମିକଚେତନା ବିଶେଷ କିଛି ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିପାରିବ ନାହିଁ । ଆଧ୍ୟାତ୍ମିକତା ହିଁ ସମଗ୍ର ବିଶ୍ୱ ଜୀବନର ବିକାଶ ନିମନ୍ତେ ଦୃଢ଼ ପଦକ୍ଷେପ ନେଇପାରିବ । ଧର୍ମ ଯାହା ପାରିବ ନାହିଁ, ଆଧ୍ୟାତ୍ମିକତା ତାହା କରିବାକୁ ସମର୍ଥ ହେବ । ଆଧ୍ୟାତ୍ମିକତାର ସ୍ପର୍ଶରେ ଜୀବନ ହୋଇଉଠିବ ସ୍ୱର୍ଗର ସୁଶ୍ରୀଶୋଭନ ଏକ ଏକ କାରୁ ଶିଳ୍ପ, ଅପାର୍ଥିବ ଆନନ୍ଦର ଏକ ଏକ କାବ୍ୟ । ଧର୍ମ ଦେଇପାରେ ସ୍ୱର୍ଗର ସନ୍ଧାନ, କହିପାରେ ମୁକ୍ତିର ପଥ, ଆଧ୍ୟାତ୍ମିକତା କିନ୍ତୁ ଧରାରେ ସ୍ୱର୍ଗକୁ ଅବତରଣ କରାଇପାରେ । ଧର୍ମ ବହୁ ପରିମାଣରେ ଆଚାର ଉପରେ ଆସ୍ଥା ସ୍ଥାପନ କଲାବେଳେ ଆଧ୍ୟାତ୍ମିକତା ବିଚାର ଉପରେ ଗୁରୁତ୍ୱ ଆରୋପ କରେ । ଜୀବନରୁ ପଳାୟନ ନୁହେଁ, ବରଂ ଦିବ୍ୟ ପୂର୍ଣ୍ଣତାରେ ପୂର୍ଣ୍ଣ କରି ଗଢ଼ିତୋଳିବା ହେଉଛି ଆଧ୍ୟାତ୍ମିକତାର ମୁଖ୍ୟ ଆଭିମୁଖ୍ୟ । ଆଧ୍ୟାତ୍ମିକତା ଜୀବନକୁ ଆଦର କରେ, ଜଗତକୁ ଆଦର କରେ, ଜୀବନର ଅପୂର୍ଣ୍ଣତାକୁ ଖୋଜି ତାକୁ ପୂର୍ଣ୍ଣ କରିବା ପାଇଁ ପ୍ରଚେଷ୍ଟା କରେ । ଗୈରିକବସନ ପରିଧାନ, ଦଣ୍ଡ କମଣ୍ଡଳୁ ଧାରଣ, ଭସ୍ମ ବିଲେପନ, ଶରୀରରେ ଚିତାଅଙ୍କନ ଏଥିରେ ମୁଖ୍ୟ ନୁହେଁ, ସଚେତନତା ଏହାର ମୂଳତତ୍ତ୍ୱ ଭାବରେ ଗୃହୀତ । ଜଡ଼ ବିଜ୍ଞାନକୁ ଆଧ୍ୟାତ୍ମିକତା ବିରୋଧ କରେ ନାହିଁ, ବରଂ ତା'ର ସଦ୍ ବ୍ୟବହାର ପାଇଁ ପ୍ରେରଣା ଦିଏ । ପ୍ରକୃତରେ ବିଜ୍ଞାନ ଓ ଆଧ୍ୟାତ୍ମିକତା ଭିତରେ ନିବିଡ଼ ସଂପର୍କ ରହିଛି । ଏହି ପ୍ରସଙ୍ଗରେ ପାଶ୍ଚାତ୍ୟର ବୈଜ୍ଞାନିକ ଆଇନ୍‌ଷ୍ଟାଇନ୍‌ଙ୍କ ମତ ସ୍ମରଣ କରାଯାଇପାରେ । ତାଙ୍କ ମତରେ, ''ମୁଁ ଈଶ୍ୱରଙ୍କୁ ବିଶ୍ୱାସ କରେ, ସୃଷ୍ଟି ନିୟମ ଗୁଡ଼ିକୁ ସେହି ଈଶ୍ୱର ନିୟନ୍ତ୍ରଣ କରନ୍ତି । ମୁଁ ସ୍ୱୀକାର କରେ ଯେ ପ୍ରକୃତର ଅନ୍ତରାଳରେ ଏକ ଚେତନଶକ୍ତି କାର୍ଯ୍ୟ କରୁଛି ।'' ପାଶ୍ଚାତ୍ୟ ଜଗତରେ ଈଶ୍ୱର ବିଶ୍ୱାସ ତଥା ଆଧ୍ୟାତ୍ମିକ ଚେତନା ଯେତିକି ରହିଛି ତାହା ଜୀବନର ପରିପୂର୍ଣ୍ଣତା ନିମନ୍ତେ

ଯଥେଷ୍ଟ ନୁହେଁ । ସେହି ଆଧ୍ୟାତ୍ମିକ ଚେତନାର ଅଭିବୃଦ୍ଧି ନିମନ୍ତେ ଭାରତ ନେତୃତ୍ୱ ନେବ ।

ଭାଷାର ଏକୀକରଣରେ ବିଶ୍ୱ ଜୀବନରୁ ସମସ୍ୟା ଦୂର ହେବ ନାହିଁ, ବସ୍ତୁଭିତ୍ତିକ ସାମ୍ୟବାଦୀ ଭାବନାର ପ୍ରୟୋଗରେ ମଧ୍ୟ ସମସ୍ୟାର ସମାଧାନ ହେବ ନାହିଁ । ଭାଷାର ଭିନ୍ନତା ଦେଶ ଭେଦରେ ରହିବ, ଆଚାର ବ୍ୟବହାରରେ ପାର୍ଥକ୍ୟ ରହିବ । ଆତ୍ମଜ୍ଞାନ ହିଁ ବିଶ୍ୱ ଜୀବନରେ ଶାନ୍ତି, ସଂହତି ଓ ଆଶାନୁରୂପ ପ୍ରଗତି ଆଣିଦେଇପାରିବ । ଭାରତର ଭୂମିକା ଆଗାମୀ ବିଶ୍ୱ ପାଇଁ ଗୁରୁତ୍ୱପୂର୍ଣ୍ଣ ହୋଇଥିବାରୁ ପ୍ରତ୍ୟେକ ଭାରତୀୟଙ୍କ ଭୂମିକା ଯେ କେତେ ଗୁରୁତ୍ୱପୂର୍ଣ୍ଣ ତାହା ସହଜରେ ଅନୁମେୟ । ନିଜ ପାଦରେ ଛିଡ଼ା ହୋଇ ଆତ୍ମଜ୍ଞାନ ଅର୍ଜନ କରିବାକୁ ହେବ । ସେହି ଆତ୍ମଜ୍ଞାନର ଆଲୋକ ପରିବେଶକୁ ଆଲୋକିତ କରିବ । ଆତ୍ମଜ୍ଞାନ ନିମନ୍ତେ ପ୍ରାଚ୍ୟର ଆଧ୍ୟାତ୍ମିକତା ଯେତିକି ଆବଶ୍ୟକ ପାଶ୍ଚାତ୍ୟର ବିଜ୍ଞାନ ବିଚାର ସେତିକି ଆବଶ୍ୟକ । ଏ ପରିପ୍ରେକ୍ଷୀରେ ଶ୍ରୀଅରବିନ୍ଦଙ୍କ ବାଣୀ ସ୍ମରଣୀୟ । ତାଙ୍କ ମତରେ, ''ପାଶ୍ଚାତ୍ୟର ବିଜ୍ଞାନ, ଯୁକ୍ତି, ଉନ୍ନତିଶୀଳ ଓ ଆଧୁନିକ ଯୁଗର ସକଳ ମୂଳସତ୍ୟକୁ ଆମେ ଗ୍ରହଣ କରିବା ; କିନ୍ତୁ ଆମର ନିଜସ୍ୱ ଜୀବନଧାରା ଉପରେ ଛିଡ଼ା ହୋଇ ତାହାକୁ ଆମର ଅଧ୍ୟାତ୍ମ ଆଦର୍ଶ ଓ ଲକ୍ଷ୍ୟ ସହ ମିଳାଇ ଧରି, ଆମର ଚତୁର୍ଦ୍ଦିଗରେ ଯେଉଁ ଜୀବନ ପ୍ରବାହ ବିଦ୍ୟୁତ ସ୍ପନ୍ଦନ ନେଇ ଛୁଟି ଚାଲିଛି, ଆଧୁନିକ ପ୍ରାଣରେ ଯେତେ ଐତିହ୍ୟପ୍ରେରଣା ଯେତେ ଆଧିଭୌତିକ କର୍ମେଷଣାର ଆଲୋଡ଼ନ ଦେଖା ଦେଇଛି, ତା' ଭିତରେ ଆମେ ଝାମ୍ପ ଦେଇପାରୁ, କିନ୍ତୁ ସେଥିପାଇଁ ଈଶ୍ୱରଙ୍କ ସମ୍ବନ୍ଧରେ, ମନୁଷ୍ୟ ସମ୍ବନ୍ଧରେ ଆମର ଯେଉଁ ମୂଳ ଉପଲବ୍ଧି ତାହାକୁ ପରିତ୍ୟାଗ କରିବାକୁ ହେବ କାହିଁକି ? ଦୁଇଟି ଭିତରେ ତ କୌଣସି ବିସମ୍ବାଦ ନାହିଁ, ବରଂ ସେମାନେ ନିଜ ନିଜର ତାତ୍ପର୍ଯ୍ୟ ଓ ଭାବ ବ୍ୟଞ୍ଜନାର ପ୍ରକାଶ ପାଇଁ ନିଜ ନିଜର ପରିପୂର୍ଣ୍ଣ ଅଭିବ୍ୟକ୍ତି ଓ ଋଦ୍ଧିମନ୍ତ ଜାଗୃତି ପାଇଁ ପରସ୍ପରର ପରିପୂରକ ।''

କାବ୍ୟ ରତ୍ନମଞ୍ଜରୀ ଓ କବି ଧନଞ୍ଜୟ ଭଞ୍ଜ

ରତ୍ନମଞ୍ଜରୀ ରାଜକବି ଧନଞ୍ଜୟ ଭଞ୍ଜଙ୍କର ଏକ କାଳ୍ପନିକ କାବ୍ୟ । କାବ୍ୟ ନାୟିକାର ନାମାନୁସାରେ କାବ୍ୟଟି ନାମିତ । କାବ୍ୟଟି ଅଦ୍ୟାବଧି ଅପ୍ରକାଶିତ । ଉତ୍କଳ ବିଶ୍ୱବିଦ୍ୟାଳୟର ପରିଜା ପାଠାଗାରର ପୋଥି ବିଭାଗରେ ସଂଗୃହୀତ ହୋଇ ରହିଥିବା ପୋଥିରେ ସପ୍ତବିଂଶ ଛାନ୍ଦ ରହିଛି । କାବ୍ୟଟି ଅସଂପୂର୍ଣ୍ଣ ଅବସ୍ଥାରେ ମିଳୁଛି । ମିଳୁଥିବା ସେହି ଅସଂପୂର୍ଣ୍ଣ କାବ୍ୟ ଉପରେ କିଛି ଆଲୋଚନା ଏହି ପ୍ରବନ୍ଧରେ କରାଯାଇଛି ।

ମଞ୍ଜୁଳ କଳାବିଳାସର ମନୋଜ୍ଞ ଆଲୋଖ୍ୟ ଅଙ୍କିତ ହୋଇଛି ଧନଞ୍ଜୟଙ୍କ କାବ୍ୟକୁଞ୍ଜରେ । ଜୀବନର ବାସ୍ତବତା ଅପେକ୍ଷା କଳ୍ପନାବିଳାସର ସରସଚିତ୍ର କବି ଲେଖନୀରେ ଚିତ୍ରିତ ହୋଇଛି । ତାହା ଥିଲା ତତ୍କାଳୀନ ଯୁଗଧର୍ମ । ତତ୍କାଳୀନ ସମାୟର ଆବେଦନ ଓ ପ୍ରଭାବ ସାହିତ୍ୟକୁ ନିୟନ୍ତ୍ରଣ କରିଥିଲା । ସାହିତ୍ୟର ଆଭିମୁଖ୍ୟ ଥିଲା ଅଳସ ବିଳାସରେ ପରିପାଳିତ ରାଜକୀୟ ପରିବେଶର ସ୍ପଷ୍ଟ ପ୍ରତିଫଳନ ଘଟାଇବା । ରତ୍ନ ମଞ୍ଜରୀ କାବ୍ୟରେ ଅନୁରୂପ ପରିବେଶର ଚାରୁଚିତ୍ର ଅଙ୍କିତ ହୋଇଛି ।

ରତ୍ନମଞ୍ଜରୀ କାବ୍ୟର ଆରମ୍ଭରେ କବି ଶ୍ରୀଜଗନ୍ନାଥଙ୍କର ବନ୍ଦନା କରିଛନ୍ତି । ଶ୍ରୀଜଗନ୍ନାଥଙ୍କ ସହିତ ବଳଭଦ୍ର ଓ ମାତା ସୁଭଦ୍ରାଙ୍କ କଥା ମଧ୍ୟ କହିଛନ୍ତି । ଶ୍ରୀଜଗନ୍ନାଥ ହେଉଛନ୍ତି ଉତ୍କଳୀୟ ଜନଜୀବନର ସାର୍ଥକ ସାରଥି । ଶ୍ରୀଜଗନ୍ନାଥଙ୍କ ନାମ ନେଇ ପ୍ରତ୍ୟେକ ଶୁଭକାର୍ଯ୍ୟ ଅନୁଷ୍ଠାନ କରିବାର ପରମ୍ପରା ଉତ୍କଳରେ ଏବେ ମଧ୍ୟ ଦେଖିବାକୁ ମିଳେ । ଉତ୍କଳର କବିମାନେ ନିଜନିଜ କାବ୍ୟକୃତିର ନିର୍ବିଘ୍ନ ପରିସମାପ୍ତି ପାଇଁ ପରମପ୍ରଭୁ ଶ୍ରୀଜଗନ୍ନାଥଙ୍କ ଚରଣ ତଳେ ଶତ ପ୍ରଣିପାତ କରିଥାନ୍ତି । ପ୍ରଭୁଙ୍କ କୃପା ଅପାର, ଅସୀମ ଯାହା ଅସମ୍ଭବକୁ ସମ୍ଭବ କରିପାରେ, ପଙ୍ଗୁକୁ ଗିରି ଲଂଘନ କରିବାର ସାମର୍ଥ୍ୟ ଦେଇଥାଏ । ଧନଞ୍ଜୟ ଭଞ୍ଜ ନିଜ ଲିପିଶିଳ୍ପର ସୁଷମ ଗଠନ ଓ ସାର୍ଥକ ଆବେଦନ ନିମନ୍ତେ ପରମପ୍ରଭୁଙ୍କୁ ପ୍ରାର୍ଥନା କରିଛନ୍ତି । ଏହା ସହିତ ଅନ୍ୟାନ୍ୟ ଦେବଦେବୀଙ୍କୁ ମଧ୍ୟ ସେ ପ୍ରାର୍ଥନା କରି ଉତ୍କଳୀୟ ଧାର୍ମିକ ପରମ୍ପରାର ବୈଶିଷ୍ଟ୍ୟକୁ ଉଚ୍ଚ ସମ୍ମାନ ଦେଇଛନ୍ତି । ଧନଞ୍ଜୟ ଭକ୍ତକବି ନ ଥିଲେ ମଧ୍ୟ ନାସ୍ତିକ ନ ଥିଲେ । ଉତ୍କଳୀୟ ଜନମାନସର ଚାବିକାଠି ଭାବରେ ପ୍ରତିଷ୍ଠିତ ଆଧ୍ୟାତ୍ମିକତାର ସ୍ପର୍ଶ ତାଙ୍କଠାରେ ଥିଲା । ଉତ୍କଳୀୟ ସଂସ୍କୃତିର ସୁରକ୍ଷା ଓ ସମୃଦ୍ଧି ନିମେନ୍ତ ତାଙ୍କ ହୃଦୟରେ ଥିଲା ପ୍ରବଳ ପ୍ରେରଣା ଓ ଲେଖନୀରେ ଥିଲା ଅପୂର୍ବ କର୍ମଚଞ୍ଚଳତା । କାବ୍ୟ ରତ୍ନମଞ୍ଜରୀରେ ନମ୍ରତାର ନିର୍ମଳ ନିଦର୍ଶନ ଦେଇଛନ୍ତି କବି ଧନଞ୍ଜୟ ଭଞ୍ଜ ।

କାବ୍ୟଟିର ଆରମ୍ଭରେ ବାସନ୍ତୀ ପରିବେଶର ସୁଶ୍ରୀଶୋଭନ ରୂପାୟନ ଘଟିଛି । ବନାନୀର କୁଞ୍ଜେ କୁଞ୍ଜେ ଅପୂର୍ବ ବର୍ଣ୍ଣବିଭା ଉକୁଟି ଉଠିଛି । ଦିଗ ଦିଗନ୍ତରେ ମାଦକତାର ମନମୋହିନୀ ସ୍ପର୍ଶ କବି ଚିତ୍ତରେ

ଭାବାନ୍ତର ଆଣିଦେଇଛି । ଇନ୍ଦ୍ର ଓ ଶଚୀଦେବୀଙ୍କର ଲୀଳାବିଳାସରେ ପରିବେଶ ଅଧିକ ସ୍ୱର୍ଗକାତର ହେବା ସଙ୍ଗେ ସଙ୍ଗେ ଅନୁଭବ୍ୟ ହୋଇପାରିଛି । ନାରୀମାନେ ନୟନଲୋଭନୀୟ ବେଶଭୂଷଣରେ ସୁସଜ୍ଜିତ ହୋଇ ସେଠାରେ ଉପସ୍ଥିତ ରହିଛନ୍ତି । କେଉଁ ତରୁଣୀର ନୟନରେ କଜ୍ଜଳର ଲାଞ୍ଛି ତିନିପୁରକୁ ବଶ କରୁଛି, ସତେ ଯେମିତି ତାହା ବିଷାକ୍ତ ଶର ବର୍ଷଣ କରୁଛି । ଆଉ କେଉଁ ତରୁଣୀ କୁଞ୍ଚିତ କେଶରେ ମୋତିର ଅଳଙ୍କାର ପିନ୍ଧି, ଲଲାଟରେ ଝିଲିମିଲି ମାଳି ପିନ୍ଧି ଅତ୍ୟନ୍ତ ଆକର୍ଷଣୀୟ ହୋଇଛି । ଯୁବାମନକୁ ଅବିଳମ୍ବେ କିଣି ନେବାକୁ ଦକ୍ଷତା ସେ ଅର୍ଜନ କରିଛି । ଇନ୍ଦ୍ରଙ୍କ ନିର୍ଦ୍ଦେଶରେ ନାରୀମାନେ ବନରୁ ଫୁଲ ତୋଳିଛନ୍ତି । ଏହି ଅବକାଶରେ କବି ବନରେ ଥିବା କେତେକ ବୃକ୍ଷର ନାମ ତାଲିକା ପ୍ରଦାନ କରିଛନ୍ତି । ସେଗୁଡ଼ିକ ଭିତରେ ନାରୀକେଳ, ବକୁଳ, ପୁନ୍ନାଗ, ଶାଳ, ରସାଳ, ହେନ୍ତାଳ, ତମାଳ ଆଦି ପ୍ରଧାନ । ଫୁଲଗଛ ଭିତରେ କନିଅର, ପାଟଳୀ, ନାଗେଶ୍ୱର, ଚମ୍ପକ, ସେବତୀର ନାମ ଉଲ୍ଲେଖ କରାଯାଇଛି । କାନନର ମଧୁର ପରିବେଶକୁ ଚିତ୍ରଣ କରିବା ଅବକାଶରେ କବି ସେଠାରେ ଉପସ୍ଥିତ ତରୁଣ ଓ ତରୁଣୀମାନଙ୍କର ଭାବାବେଗର ଚିତ୍ର ଅଙ୍କନ କରିଛନ୍ତି । କେଉଁ ନାୟିକା ଫୁଲ ତୋଳିଲାବେଳେ ପବନରେ ତା'ର କୁଚରୁ ଲୁଗା ଖସିଯିବା ଦେଖି ନାୟକ ଉତ୍‌ଫୁଲ୍ଲ ହେବା ସହିତ କୁଚରେ ନଖକ୍ଷତ ଦେବା କଥା କହିବା ଛଳରେ କବି ଧନଞ୍ଜୟ ରୀତିକାବ୍ୟରେ ଅନୁମୋଦିତ ତଥା ପ୍ରତିଷ୍ଠିତ ବିଳାସୀ ବାତାବରଣର ଆଲେଖ୍ୟ ଅଙ୍କନ କରିଛନ୍ତି । ସମ୍ଭୋଗ ଶୃଙ୍ଗାରର ଚିତ୍ର ମଧ୍ୟ ଏହି ଅବକାଶରେ ପ୍ରଦାନ କରାଯାଇଛି । କାମରେ ବିହ୍ୱଳ ହୋଇ ନିଜକୁ ଭୁଲି ଯାଇଛନ୍ତି ତରୁଣ ଓ ତରୁଣୀମାନେ । କେଉଁ ନାୟିକା ମାନ କରିଛି, ମାନଭଞ୍ଜନ ପାଇଁ ନାୟକର ଅଦମ୍ୟ ଉଦ୍ୟମ ଆରମ୍ଭ ହୋଇଛି । ବାହ୍ୟଜ୍ଞାନ ହରାଇ କେଳିବିଳାସରେ ମାତି ରହିଥିବା ଦୁଇଜଣ ତରୁଣ ତରୁଣୀଙ୍କୁ ଇନ୍ଦ୍ର ଅଭିଶାପ ଦେଇଛନ୍ତି ଓ ମର୍ତ୍ତ୍ୟପୁରରେ ଜନ୍ମଗ୍ରହଣ କରିବାପାଇଁ କହିଛନ୍ତି, ତରୁଣୀ ଇନ୍ଦ୍ରଙ୍କ ନିର୍ଦ୍ଦେଶରେ ହେମବନ୍ତ ରାଜ୍ୟରେ ରାଜା କୁସୁମଶରଙ୍କ ଔରସରୁ ରାଣୀ ଚନ୍ଦ୍ରାବତୀଙ୍କ ଗର୍ଭରୁ ଜନ୍ମଲାଭ କରିଛି, ତାଙ୍କ ନାମ ରହିଛି ରତ୍ନମଞ୍ଜରୀ । ଦିନକୁ ଦିନ କାବ୍ୟନାୟିକା ରତ୍ନମଞ୍ଜରୀ ବଢ଼ିବାରେ ଲାଗିଛି । ନାୟିକାର ବାଲ୍ୟ ଅବସ୍ଥାର ଚିତ୍ର ବିଶେଷ ପ୍ରଦାନ କରାଯାଇ ନାହିଁ । କିଶୋର ଅବସ୍ଥା ତଥା ଯୌବନର ଚିତ୍ର ମୁଖ୍ୟ ଭାବରେ ପରିବେଷିତ ହୋଇଛି । ନାୟିକାର ଚାଲିରେ, ହସରେ, କଥାଭଙ୍ଗୀରେ ଥିବା ମାଧୁରିମା କବି ଲେଖନୀରେ ମୂର୍ତ୍ତିମନ୍ତ ହୋଇପାରିଛି । ବଦନ ହୋଇଛି ତା'ର ମଦନ ଦର୍ପଣ, ନାସା ତିଳଫୁଲ ପରି ସୁଦୃଶ୍ୟ ହୋଇଛି । ଅଧରକୁ ବଧୂଳିଫୁଲ ଓ ଦନ୍ତଗୁଡ଼ିକୁ କୁନ୍ଦକଢ଼ସହ କବି ତୁଳନା କରିଛନ୍ତି । ଶିଖଠାରୁ ନଖ ପର୍ଯ୍ୟନ୍ତ ଆଙ୍ଗିକ ଲାବଣ୍ୟର ସୁରମ୍ୟ ଲିପିଗତ ରୂପାୟନ କବି ଲେଖନୀରେ ଆତ୍ମପ୍ରକାଶ କରିଛି । ପ୍ରତି ନିଃଶ୍ୱାସରେ ପଦ୍ମଫୁଲର ମଧୁଗନ୍ଧ ପ୍ରସରି ଯାଉଛି ବୋଲି କବି ପ୍ରକାଶ କରିଛନ୍ତି । ନାୟିକାର ଦୁଇ ନିତମ୍ବକୁ ମଦନର ଚାରୁଚକ୍ର ବୋଲି କଳ୍ପନା କରାଯାଇଛି । ଗତିର ମାଧୁର୍ଯ୍ୟ ଦେଖି ରାଜହଂସମାନେ ବିସ୍ମିତ ତଥା ଲଜ୍ଜିତ ହୋଇ ସ୍ଥଳଭାଗ ଛାଡ଼ି ଜଳ ଭାଗରେ ପ୍ରବେଶ କରିଛନ୍ତି ବୋଲି କବି କହିଛନ୍ତି । ଏହିପରି ଭାବରେ କାବ୍ୟନାୟିକାକୁ ରସିକ ହୃଦୟର ଲାବଣ୍ୟନିଧି ଭାବରେ ବିଚାର କରି ରୀତିକାବ୍ୟର ସ୍ୱତନ୍ତ୍ରତାର ସୁରକ୍ଷା କରିଛନ୍ତି କବି ଧନଞ୍ଜୟ ଭଞ୍ଜ ।

କାବ୍ୟରେ ବସନ୍ତ ବର୍ଣ୍ଣନାର କଳାଲଳିତ ମନମୁଗ୍ଧକର ଚିତ୍ର ପ୍ରଦତ୍ତ ହୋଇଛି । ମନ୍ଦ ମଳୟ ପ୍ରବାହରେ ଭରିଯାଇଛି ସୀମାହୀନ ମାଦକତା, ଫୁଟାଫୁଲର ମନମୋହିନୀ ସୁବାସରେ ଉନ୍ମାଦନାର ସ୍ନିଗ୍ଧ ସଞ୍ଚରଣ ଆସିଛି । ପରିବେଶରେ ଆସିଛି ଭୁବନଭୁଲା ବର୍ଣ୍ଣବିଭା, ଏ କଥା କବି ପ୍ରକାଶ କରିଛନ୍ତି । କୋକିଳର କୁହୁଗୀତି, ନାଗେଶ୍ୱର ଫୁଲର ସମ୍ଭାର, ଆମ୍ବବଉଳର ସୁଶ୍ରୀଶୋଭନ ରୂପଗତ ଅଭିବ୍ୟକ୍ତି କବି ଚିତ୍ତକୁ ଭାବବିଭୋର

କରିଛି । କାବ୍ୟନାୟିକା ରତ୍ନମଞ୍ଜରୀ ଉପଯୁକ୍ତ ନାୟକର ପ୍ରାପ୍ତି ପାଇଁ ବିଚଳିତ ହୋଇ ପଡ଼ିବା ବେଳେ ଦିବ୍ୟବାଣୀ ଶୁଣାଯାଇଛି ଯେ ରାଜହଂସୀ ଦ୍ୱାରା ନାୟକ ସହ ମିଳିତ ହେବାର ଶୁଭ ସୂଚନା ଯଥାସମୟରେ ମିଳିବ । ଏହି ବାଣୀ ଶ୍ରବଣରେ ନାୟିକାର ଅଙ୍ଗେ ଅଙ୍ଗେ ଶିହରଣ ଭରିଯାଇଛି, ମନରେ ପ୍ରାଣରେ ଭରିଯାଇଛି ସୀମାହୀନ ଉନ୍ମାଦନାର କଦମ୍ବ ରୋମାଞ୍ଚ । ଯେପରି ଚାତକପକ୍ଷୀ ବିଜୁଳି ଦେଖିଲେ ଆନନ୍ଦିତ ହୁଏ, ସେହିପରି ରତ୍ନମଞ୍ଜରୀ ଆନନ୍ଦିତ ହୋଇଛି ବୋଲି କବି କହିଛନ୍ତି । ଯଥା ସମୟରେ ହଂସୀର ସାକ୍ଷାତ ଲାଭ କରିଛି ରାଜକୁମାରୀ ରତ୍ନମଂଜରୀ । ହଂସୀଠାରୁ ନାୟକ କୁସୁମକେତୁର କଥା ରତ୍ନମଞ୍ଜରୀ ଶୁଣି ବିମୁଗ୍ଧ ହୋଇଯାଇଛି । ନାୟକ ନିକଟକୁ ପ୍ରେମପତ୍ର ଦେବା ନିମନ୍ତେ ହଂସୀ ରତ୍ନମଞ୍ଜରୀକୁ ଅନୁରୋଧ କରନ୍ତେ ରତ୍ନମଞ୍ଜରୀ ଭୋଜପତ୍ରରେ ମନର କଥା ଲେଖି ଦେଇଛି । ହଂସୀ ହାତରେ ସେହି ପତ୍ରଟି ଦେଇ ପୁନଶ୍ଚ ନାୟକଠାରୁ ପ୍ରେମପତ୍ର ଆଣିବା ପାଇଁ ନାୟିକା ହଂସୀକୁ ଅନୁରୋଧ ଜଣାଇଛି ।

ପ୍ରକୃତିରେ ପ୍ରାଣଶକ୍ତିର ସଞ୍ଚାର କରି ତାକୁ ଆକର୍ଷଣୀୟ କରିବା ଦିଗରେ ଧନଞ୍ଜୟଙ୍କର ପାରଦର୍ଶିତା ଅଭିନନ୍ଦନୀୟ । କାବ୍ୟରେ ବନାନୀର ସୌନ୍ଦର୍ଯ୍ୟକୁ ମୂର୍ତ୍ତିମନ୍ତ କରିବା ସଙ୍ଗେ ସଙ୍ଗେ ସେଥିରେ ଥିବା ବୃକ୍ଷଲତାକୁ କବି ଲୀଳାବିଳାସିନୀ ନାୟିକା ପରି ଚିତ୍ରଣ କରିଛନ୍ତି । ମଳୟ ପର୍ବତର କାନନରେ ପ୍ରବେଶ କରିଛି ନାୟକ ତା'ର ସଖା ମାନଙ୍କ ସହିତ । ମୃଦୁମନ୍ଦ ପବନରେ ଫୁଲର ସୁବାସ ପ୍ରସରିଯାଇ ଭୁବନଭୁଲା ମାଦକତା ସୃଷ୍ଟି କରିଛି । ଚନ୍ଦନବନରେ ପହଞ୍ଚି ସେଠାରେ ଏକ ମନୋରମ ପୁଷ୍କରିଣୀ ଦେଖି ଆନନ୍ଦିତ ହୋଇଛି କାବ୍ୟନାୟକ । ସୁନାର ପାହାଚ ପରିବେଷ୍ଟିତ ସେହି ପୁଷ୍କରିଣୀରେ ସ୍ନାନ ସାରି ଫେରି ଯାଉଥିବା ସୁରନାରୀମାନଙ୍କୁ ଦେଖି ହତଜ୍ଞାନ ହୋଇଯାଇଛି ନାୟକ । ଏହି ବର୍ଣ୍ଣନା ବିଳାସରେ ବାସ୍ତବତା ଯେତିକି ନାହିଁ, କବି କଳ୍ପନାର ଲଳିତ ରୂପାଲେଖ୍ୟ ସେତେ ବେଶୀ ରହିଛି । ଷଡ଼ରତୁ ଏକ ସମୟରେ ଏହି ଆଶ୍ରମରେ କ୍ରିୟାଶୀଳ ରହିଛନ୍ତି ବୋଲି ଯେଉଁ ପରିକଳ୍ପନା କରିଛନ୍ତି ଧନଞ୍ଜୟ ଭଞ୍ଜ, ସେହି ପରିକଳ୍ପନା ପରବର୍ତ୍ତୀ ଅବସ୍ଥାରେ ଉପେନ୍ଦ୍ର ଭଞ୍ଜଙ୍କୁ ପ୍ରଭାବିତ କରିଛି । ରତ୍ନମଞ୍ଜରୀରେ ଷଡ଼ରତୁ ସେହି ଆଶ୍ରମରେ ଘର କରିଛନ୍ତି ବୋଲି ଧନଞ୍ଜୟ କହିଛନ୍ତି ।

ଅଗସ୍ତିଙ୍କ ନିର୍ଦ୍ଦେଶରେ ରାଜପୁତ୍ର ସିଦ୍ଧବନକୁ ଯାଇ ମୁନିଙ୍କ ଦ୍ୱାରା ପ୍ରଦତ୍ତ ମନ୍ତ୍ର ଜପ କଲେ । କେତେ ଦିନ ପରେ ଏକ ଜଙ୍ଗମ ଆସି ହଂସୀ ଆସି ପହଞ୍ଚିବାର ଆଗାମୀ ସୂଚନା ପ୍ରଦାନ କରନ୍ତେ ନାୟକ ଆଶ୍ୱାସନା ଲାଭ କରିଛି । ହଂସୀ ଆସି ଯଥା ସମୟରେ ପହଞ୍ଚି ନାୟିକାର ପତ୍ରିକାଟିକୁ ନାୟକକୁ ଦେଇଛି । ପତ୍ରିକାଟିକୁ ପାଇ ନୟନ ମନରେ ଭାବପ୍ରବଣତାର ଉଚ୍ଛୁଳପ୍ଲାବନ ଆସିଛି, ଅଙ୍ଗେ ଅଙ୍ଗେ ଭରିଯାଇଛି ଶତ ଶିହରଣ । ରଙ୍କ ସତେ ଅବା ଦିବ୍ୟଭୋଜନ ପାଇଲା ବୋଲି କବି କହିଛନ୍ତି । ଚକୋର ସତେ ଅବା ଚନ୍ଦ୍ରକିରଣ ଲାଭ କଲା, ପଦ୍ମବନ ସତେ ଅବା ସୂର୍ଯ୍ୟକିରଣ ଲାଭ କଲା ବୋଲି କବି ପରିକଳ୍ପନା କରିଛନ୍ତି । ଏହିପରି ଭାବ ବିଭୋରତାର ପ୍ଲାବନ ଧନଞ୍ଜୟଙ୍କ କାବ୍ୟକୁ ସୁକୁମାରତାର ପବିତ୍ର ସ୍ପର୍ଶ ଆଣି ଦେଇଛି । ହୃଦୟବତ୍ତାର ବିମଳ ଆଲେଖ୍ୟ ଅଙ୍କିତ ହୋଇ କାବ୍ୟକୁ ତାଙ୍କର ସୁଖପାଠ୍ୟ ତଥା ଆକର୍ଷଣୀୟ କରିପାରିଛି । ନାୟକ ନାୟିକାଙ୍କର ବିରହ ଓ ମିଳନକୁ କେବଳ ଶାସ୍ତ୍ରୀୟ ଆଧାରରେ ତଥା ଯାନ୍ତ୍ରିକଧାରାରେ କବି ଉପସ୍ଥାପନା ନ କରି ନିଜର ଆନ୍ତରିକତାର ରଙ୍ଗରେ ତାହାକୁ ରଞ୍ଜିତ କରିଛନ୍ତି । ନାୟିକାଠାରୁ ନାୟକ ଚିଠି ପାଇଲାକ୍ଷଣି ତା'ଦେହରେ ସୃଷ୍ଟି ହୋଇଛି କଦମ୍ବରୋମାଞ୍ଚ, ପଞ୍ଚେନ୍ଦ୍ରିୟ ବ୍ୟାକୁଳ ହୋଇ ପଡ଼ିଛନ୍ତି । ଆଖି, କାନ ଓ ରସନା ଭିତରେ ତୀବ୍ର ପ୍ରତିଯୋଗିତା ଆରମ୍ଭ ହୋଇଯାଇଛି । ଦର୍ଶନ ଜନିତ ଆନନ୍ଦ କେବଳ ନୟନର ରହିଛି ବୋଲି କହି କର୍ଣ୍ଣତାକୁ ଉଚ୍ଚସ୍ଥାନ ଦେଇଛି ।

''କର୍ଣ୍ଣ ବୋଲଇ ନୟନ ତୁମ୍ଭେ ମୋର
ଏ ବିନୟ ବାଣୀ ଘେନ,
ତୁମ୍ଭ ଗୁଣ ମୋତେ କ୍ଷଣେ ମାତ୍ର ଦିଅ
ଦେଖିବି ଲେଖିବା ବର୍ଣ୍ଣ ।''

ନୟନ ଦେଇଛି ଉଚ୍ଚ ଆସନ ଶ୍ରବଣକୁ, କାରଣ ଶ୍ରବଣ ନାୟିକାର ପ୍ରେମରସସିକ୍ତ ବାଣୀ ଶୁଣିବାର ଯୋଗ୍ୟତା ଅର୍ଜନ କରିଛି । ହଂସୀ ପୁଣି ନାୟକଠାରୁ ପ୍ରେମପତ୍ର ନେଇଯାଇଛି ନାୟିକାକୁ ଦେବାପାଇଁ । ନାୟକର ଚିଠି ପାଇ ନାୟିକା ମନ୍ତ୍ରମୁଗ୍ଧ ହୋଇଯାଇଛି । ନାୟକ ଓ ନାୟିକାଙ୍କର ମିଳନ ପାଇଁ ଗୋଟିଏ ଉପାୟ ହଂସୀ ସ୍ଥିର କରିଛି । ଗ୍ରୀଷ୍ମଋତୁରେ ଅନୁଷ୍ଠିତ ଯାତ୍ରାକୁ ସମସ୍ତ ରାଜାମାନେ ଆସିଥାନ୍ତି । ଏଇ ରାଜପୁତ୍ର ଆସିଲେ ରତ୍ନମଞ୍ଜରୀ ସହିତ ମିଳନ ହେବ ବୋଲି ହଂସୀ କହିଲା । ବିରହର ଜ୍ୱାଳାରେ ଦଗ୍ଧୀଭୂତ ହେଲା ରତ୍ନମଞ୍ଜରୀ, ସେ ହତଜ୍ଞାନ ହୋଇପଡ଼ିଲା ସେହି ଦାରୁଣ ଚିନ୍ତାରେ । ସଖୀମାନେ ତାକୁ ନେଇ ଚନ୍ଦନବନସ୍ଥିତ ଏକ ପୋଖରୀ ନିକଟରେ ରଖାଇଛନ୍ତି । ପୋଖରୀର ଚାରିପଟରେ ସୁନାର ପାହାଚ, ସ୍ୱର୍ଣ୍ଣକମଳ ସେଥିରେ ବିକଶିତ ହୋଇଛି । ତା' ମଧ୍ୟରେ ଗୋଟିଏ ଚନ୍ଦ୍ରକାନ୍ତମଣି ନିର୍ମିତ ପୁର ଅଛି । ସେଠାରେ ବେଦୀଟିଏ ଗଢ଼ି ସେମାନେ ତା' ଉପରେ କୁମାରୀକୁ ଶୁଆଇ ଦେଲେ । ବିରହବ୍ୟାଧି ଯୋଗୁ ସବୁ ବସ୍ତୁ ଅସ୍ୱାଭାବିକ ମନେ ହୋଇଛି ନାୟିକାକୁ । ଫୁଲର ରେଣୁ ସବୁ ତାକୁ ସୂର୍ଯ୍ୟ ପରି ମନେ ହୋଇଛି ।

''ବିକଚ କୁସୁମ ରେଣୁ ଭାନୁପ୍ରାୟ ମଣି
ବେଳୁବେଳ ଶୂନ୍ୟଜ୍ଞାନ ଲଭଇ ତରୁଣୀ ।''

ଏଣେ ଗ୍ରୀଷ୍ମଋତୁର ବର୍ଣ୍ଣନା ଉପସ୍ଥାପିତ ହୋଇଛି ମର୍ମସ୍ପର୍ଶୀ ଭାବରେ ଆଲୋଚ୍ୟ କାବ୍ୟରେ । ନାୟକର ମୃଗୟା ପ୍ରସଙ୍ଗ ବର୍ଣ୍ଣିତ ହୋଇଛି । ଭିନ୍ନ ଭିନ୍ନ ବୃକ୍ଷଲତାରେ ବିମଣ୍ଡିତ ହୋଇଛି ସେହି ବନ । ଗତାନୁଗତିକତାକୁ ସମ୍ମାନ ଦେଇ ଧନଞ୍ଜୟ ବୃକ୍ଷର ନାମତାଲିକା ପ୍ରଦାନ କରିଛନ୍ତି । ପୁନାଗ, ରସାଳ, ବକୁଳ, ତାଳ, କୋଚିଳା, କରଞ୍ଜ, କଇଁଥ, ଶିମୁଳି, ଅୟେଁଳା, ଜେଉଟ, ପଣସ, ନାରିକେଳ, ଗମ୍ଭାରୀ, ମର୍କଟକେନ୍ଦୁ ଆଦି ଫଳଗଛ ସହିତ କୁନ୍ଦ, ମନ୍ଦାର, କେତକୀ, କୁରୁବକ, ବନମଲ୍ଲିକା, ଛୁରିଅନା, କୁଞ୍ଜଲତା, କନିଅର, କଣ୍ଢାସେବତୀ, ମରୁଆ, ଦୟଣା ଆଦି ଫୁଲଗଛ ସେହି ବନରେ ଥିବା କଥା କବି କହିଛନ୍ତି । ଭିନ୍ନଭିନ୍ନ ପକ୍ଷୀମାନେ କୋଳାହଳ କରୁଥିବା କଥା କହିବାକୁ ଯାଇ କବି କୋକିଳ, ଚକ୍ରବାକ, ଶତପତ୍ର, ଚାତକ, ମୟୂର ଖଞ୍ଜନ ପକ୍ଷୀ, ବକ, ଟିଟିଭକ, ଶାରୀ, ଶୁକ, କପୋତ, ଗୋବରା, ବଣି କୁମ୍ଭାଟୁଆ ଆଦି ପକ୍ଷୀଙ୍କର ନାମ ତାଲିକା ପ୍ରଦାନ କରିଛନ୍ତି । ମୃଗୟାର ଚିତ୍ର ଜୀବନ୍ତ ଭାବରେ କାବ୍ୟରେ ଉପସ୍ଥାପିତ ହେବା ଅବକାଶରେ ବୀର ରସର ପ୍ଲାବନ କାବ୍ୟରେ ରହିଛି ।

ସ୍ୱୟମ୍ବର ସଭାରେ ବିଭିନ୍ନ ଦେଶର ରାଜାମାନେ ଆସି ଉପସ୍ଥିତ ହୋଇଛନ୍ତି । କେଉଁ ରାଜାଙ୍କର ଉପସ୍ଥିତି ଶରତ ଋତୁର ପ୍ରସନ୍ନରୁଚିର ପରିବେଶ ସୃଷ୍ଟି କରିଛି, ଆଉ କେଉଁ ରାଜାଙ୍କର ଉପସ୍ଥିତ ବାସନ୍ତୀ ପରିବେଶର ମାଧୁରିମା ସୃଷ୍ଟି କରିଛି । ରାଜକୁମାରୀ ରତ୍ନମଞ୍ଜରୀକୁ ପାଇବା ପାଇଁ ନାୟକ ପ୍ରାଣରେ ଯେଉଁ ବ୍ୟାକୁଳତା ଆସିଛି ତାହାର ତୁଳନା ନାହିଁ । ସୀମାହୀନ ଭାବପ୍ରବଣତାରେ ହୃଦୟ ତା'ର ଭରିଯାଇଛି, ନାୟିକା

ପାଇଁ ଯେତେ କଷ୍ଟ ସହିବାକୁ ପଡ଼ିବ ସବୁ କଷ୍ଟ ପାଇଁ ନାୟକ ପ୍ରସ୍ତୁତ ରହିଛି, ହଂସୀର ପାଦ ଧରି ଶତବାର ଅନୁରୋଧ କରି ନାୟକ କହିଛି -

''ଜାହ୍ନବୀ ଯେହୁ ପତିତପାବନୀ, ଗ୍ରାସି ଲଭିବି ମୁଁ ସେହି କାମିନୀ
ଏଥି ଅଛନ୍ତି ଉମା ମହେଶ୍ୱର,ତାଙ୍କୁ କାଟି ଦେବି ଶିର ମୋହର
ଏମନ୍ତ ପ୍ରକାରେ
ଶିବ ତୋଷିବି କହିବୁ ତାହାରେ ।''

ନାୟିକା ହେଉଛି ନାୟକର ଜୀବନର ଜୀବନ, ହୃଦୟ ଆକାଶରେ ପୂର୍ଣ୍ଣିମାର ଜହ୍ନ । ହଂସୀଦୂତ ହୋଇ ଉଭୟଙ୍କ ମଧ୍ୟରେ ପରସ୍ପରର ସମ୍ବାଦ ପରିବେଷଣ କରିଛି । ସ୍ୱୟମ୍ବରକୁ ଯିବାପାଇଁ ନାୟକ ସୁସଜ୍ଜିତ ହୋଇଛି । କାନରେ ପିନ୍ଧିଛି ମଣିମୟ କୁଣ୍ଡଳ, ନାନା ପ୍ରକାର ଫୁଲରେ କେଶ ମଣ୍ଡନ କରିଛି । ରାଜକୁମାର କୁସୁମକେତୁ ସ୍ୱୟମ୍ବର ହେଉଥିବା ରାଜ୍ୟରେ ଯାଇ ପହଞ୍ଚିଛି । ସେହି ନାୟକର ଗଳାରେ ରତ୍ନମଞ୍ଜରୀ ବରଣମାଳା ପ୍ରଦାନ କରିବାରୁ ଦିଗଦିଗନ୍ତରେ ଆନନ୍ଦଲହରୀର ପ୍ଲାବନ ପରିଲକ୍ଷିତ ହୋଇଛି । ଶୁଭଶଙ୍ଖର ଧ୍ୱନିରେ ଚତୁର୍ଦ୍ଦିଗ ଉଛୁଳିପଡ଼ିଛି । ତା'ପର ଦିନ ବିବାହ ଉତ୍ସବ ଅନୁଷ୍ଠିତ ହେବା ନିମନ୍ତେ ସମସ୍ତ ଆୟୋଜନ କରାଯାଇଛି ।

କନ୍ୟାକୁ ବଧୂବେଶରେ ସଜାଇବା ନିମନ୍ତେ ପଙ୍ଗମହିଷୀ ନିଜେ ଲାଗିପଡ଼ିଛନ୍ତି । କାନରେ ହୀରାର ତାଟଙ୍କ, ନୀଳକାନ୍ତ ମଣିର ଅବତଂସ ଶୋଭା ପାଉଛି । ଲବଣଚଉରୀ ତଥା ଅନ୍ୟାନ୍ୟ ବିବାହ ବିଧି ପାଳିତ ହୋଇଛି । ନାୟକ ଓ ନାୟିକାଙ୍କର ମିଳନ ଅବସରର ଅବ୍ୟବହିତ ପୂର୍ବରୁ ସଖୀମାନେ ରାଜକୁମାରୀର କେଶ ସାଉଁଳି କବରୀ ରଚି ସେଥିରେ ଝିଲିମିଲି ମାଳି ଖଞ୍ଜି ଦେଇଛନ୍ତି । ସର୍ବାଙ୍ଗରେ ଯଥାବିଧି ଅଳଙ୍କାରମାନ ଖଞ୍ଜିବା ବର୍ଣ୍ଣନା ଅବକାଶରେ କବି ଧନଞ୍ଜୟ ଭଞ୍ଜ ରୀତିକାବ୍ୟର ମହତ୍ତ୍ୱ ତଥା ଗୌରବର ଉପସ୍ଥାପନା କରିଛନ୍ତି । ସମ୍ଭୋଗ ଶୃଙ୍ଗାର ରସର ସ୍ପଷ୍ଟ ଚିତ୍ର ଅଙ୍କନ କରାଯାଇଛି ଆଲୋଚ୍ୟ କାବ୍ୟରେ ।

ଶାଶୁଘରକୁ କନ୍ୟା ବିଦାୟ ବେଳେ ରାଜମାତା ରତ୍ନମଞ୍ଜରୀକୁ ଯେଉଁ ଉପଦେଶ ସବୁ ଦେଇଛନ୍ତି ସେଥିରେ ଭାରତୀୟ ସଂସ୍କୃତି ମୂର୍ତ୍ତିମନ୍ତ ହୋଇଉଠିଛି । ଭାରତୀୟ ସଂସ୍କୃତି ତଥା ଉତ୍କଳୀୟ ସଂସ୍କୃତିର ସୁରକ୍ଷା ହେଉଛି ରୀତି କବିଙ୍କର ମୁଖ୍ୟ ଆଭିମୁଖ୍ୟ । ସେହି ଆଭିମୁଖ୍ୟ ନେଇ କବି ଧନଞ୍ଜୟ କହିଛନ୍ତି ରାଜମାତାଙ୍କ ମୁଖରେ ।

''ଶୁଣ ମୋହର କୁଳମଣ୍ଡଣି ମାତା
ଆଗେ ପତିସେବାରେ ନିତ୍ୟେ ଥିବୁ
ଶାଶୁ ଶଶୁର ବେନିଥିବୁ ସେବି
ତନୁ ମନେ ତୁ ଆନ ନ ଧରିବୁ ।''

ଶୁଭବେଳାରେ ବରକନ୍ୟା ରଥରେ ବସି ଯାଇ ସରସ୍ୱତୀ ନଦୀକୂଳରେ ପହଞ୍ଚିଛନ୍ତି । ସେତେବେଳେ ସେହି ନଦୀ କୂଳରେ ଅନ୍ୟ ନୃପତିମାନେ ସୈନ୍ୟସାମନ୍ତ ଧରି ସେଠାରେ ଉପସ୍ଥିତ ହୋଇଛନ୍ତି ଯୁଦ୍ଧ କରି ନବବିବାହିତା ରାଜକନ୍ୟା ରତ୍ନମଞ୍ଜରୀକୁ ନେଇଯିବା ପାଇଁ । ସବୁ ରାଜାଙ୍କୁ ଜୟକରି ନିର୍ବିଘ୍ନରେ ରାଜକୁମାର ରତ୍ନମଞ୍ଜରୀ ସହିତ ନିଜ ଦେଶରେ ପହଞ୍ଚିଛି । କିଛି ଦିନ ପରେ ସେ ରାଜା ଓ ରତ୍ନମଞ୍ଜରୀ ରାଣୀ ହୋଇଛନ୍ତି ।

ଉପବନ ବିହାରର ଚିତ୍ର ଅତ୍ୟନ୍ତ ହୃଦୟଗ୍ରାହୀ ହୋଇଅଛି । ଉପବନରେ ନାନାଜାତିର ଫୁଲଗଛ ଥିବା କଥା କହିଛନ୍ତି ଧନଞ୍ଜୟ ଭଞ୍ଜ । ଭିନ୍ନ ଭିନ୍ନ ପ୍ରକୃତିର ସ୍ପଷ୍ଟ ଚିତ୍ର ଅଙ୍କିତ ହୋଇ କାବ୍ୟର ଶୋଭାବର୍ଦ୍ଧନ କରୁଛି । ରୀତି କାବ୍ୟର ଉପବନ ବର୍ଣ୍ଣନା ହେଉଛି ଏକ ବିଶିଷ୍ଟ ଉପାଦାନ, ଏହି ଉପାଦାନକୁ କବି ସମ୍ମାନ ଦେଇଛନ୍ତି ତାଙ୍କ କାବ୍ୟରେ । ବସନ୍ତ ଋତୁର ଶୋଭାବିଭବ ବର୍ଣ୍ଣନା ଅବକାଶରେ କବିଙ୍କ ଲେଖନୀରେ ବସନ୍ତ ହୋଇଛି କାନ୍ତାପରି ମଞ୍ଜୁଳ ଓ ସୁଶ୍ରୀଶୋଭନ । ସେହି କାନ୍ତାର ମୁଖ ସହିତ ତୁଳନୀୟ ହୋଇଛି ପଦ୍ମଫୁଲ । ଭଅଁରମାନେ ହେଉଛନ୍ତି ତା'ର ଚିକୁର । ଶ୍ରବଣ ହୋଇଛି ପାଟଳି ଫୁଲ, ତିଳଫୁଲ ହୋଇଛି ଖଞ୍ଜନପକ୍ଷୀ, ପିକ ଧ୍ୱନି ହୋଇଛି ସେହି ନାୟିକା ରୂପକ ବସନ୍ତ ଋତୁର ସ୍ନେହମଞ୍ଜୁଳ ଭାଷା । ଲତା ସବୁ ତା'ର ଭ୍ରୁଲତା ପରି ଫୁଲସବୁ ତା'ର ହସ ପରି ଶୋଭା ପାଉଛନ୍ତି ।

ବସନ୍ତ ପରେ ଗ୍ରୀଷ୍ମଋତୁର ଚିତ୍ର କବିଙ୍କ ଲେଖନୀରେ ଚିତ୍ରିତ । ପକ୍ଷୀମାନେ ଗ୍ରୀଷ୍ମ ଉତ୍ତାପରେ ଆକୁଳ ହୋଇ ପଡ଼ିବା କଥା କବି ଉଲ୍ଲେଖ କରିଛନ୍ତି । ହରିଣୀ ଜଳଆଶାରେ ମୃଗତୃଷ୍ଣା ପଛରେ ଧାଇଁବାର ଚିତ୍ର କାବ୍ୟରେ ଅଙ୍କିତ ହୋଇଛି । ଗ୍ରୀଷ୍ମ ପରେ ବର୍ଷା ଆସିଛି, କବିଙ୍କ ଲେଖନୀ ବର୍ଷାକୁ ନୃପତି ରୂପରେ ଚିତ୍ରଣ କରିଛି । ଏହି ରାଜାଙ୍କର ମହିମାଗାନରେ ପ୍ରମତ୍ତ ଅଛନ୍ତି ମୟୂର ଓ ବେଙ୍ଗମାନେ ।

ଋତୁ ବର୍ଣ୍ଣନା, ଉପବନ ବର୍ଣ୍ଣନା, ନାୟିକାର ବେଶ ଓ ତନୁ ଲାବଣ୍ୟର ବର୍ଣ୍ଣନା ସହିତ ଭାରତୀୟ ତଥା ଉତ୍କଳୀୟ ସଂସ୍କୃତିର ସୁରକ୍ଷା ଦିଗରେ ସଚେତନ ହୋଇ କବି ଧନଞ୍ଜୟ ଭଞ୍ଜ ଅମ୍ଲାନଯଶର ଅଧିକାରୀ ହୋଇଛନ୍ତି । ଯେତେ ଦିନ ପର୍ଯ୍ୟନ୍ତ ଓଡ଼ିଆ ସାହିତ୍ୟ ଥିବ ସେତେଦିନ ତାଙ୍କର କୀର୍ତ୍ତି ଅମଳିନ ରହିବ, ତାଙ୍କର ନାମ ସ୍ୱର୍ଣ୍ଣାକ୍ଷରରେ ଲିପିବଦ୍ଧ ହୋଇ ରହିଥିବ । ବିଧିବଦ୍ଧ ଭାବରେ ରଚିତ ଓଡ଼ିଆ ରୀତି ସାହିତ୍ୟର ଆଦି ପ୍ରବକ୍ତା ଭାବରେ ତାଙ୍କର ସ୍ଥାନ ସୁରକ୍ଷିତ ହୋଇ ରହିଥିବ ଏଥିରେ ସନ୍ଦେହ ନାହିଁ ।

କାବ୍ୟେତର ସାହିତ୍ୟକୃତିରେ ଧନଞ୍ଜୟ ଭଞ୍ଜ

ଓଡ଼ିଆ ରୀତି ସାହିତ୍ୟରେ ଧନଞ୍ଜୟ ଭଞ୍ଜଙ୍କ ନାମ ବହୁଳ ବିଦିତ । ଉପେନ୍ଦ୍ର ଭଞ୍ଜଙ୍କର ପ୍ରତିଭାକୁ ପ୍ରଥମରୁ ଚିହ୍ନି ତା'ର ଲାଳନପାଳନ ତଥା ଅଭିବୃଦ୍ଧି ଦିଗରେ ତାଙ୍କର ଅବଦାନ ଅବିସ୍ମରଣୀୟ । ୧୬୧୧ ଖ୍ରୀ:ଅ:ରେ ଘୁମୁସର ରାଜବଂଶରେ ତାଙ୍କର ଜନ୍ମ । ୧୬୩୬ ଖ୍ରୀ:ଅରେ ସେ ସିଂହାସନ ଆରୋହଣ କରିଥିଲେ । ୧୬୩୬ ଖ୍ରୀ:ଅ:ରୁ ୧୭୦୧ ଖ୍ରୀ:ଅ: ପର୍ଯ୍ୟନ୍ତ ରାଜ୍ୟର ଶାସନକାର୍ଯ୍ୟ ସୁଚାରୁଭାବେ ସମ୍ପାଦନ କରିବା ସଙ୍ଗେ ସଙ୍ଗେ ସେ ସାହିତ୍ୟ ସାଧନା କ୍ଷେତ୍ରରେ ମଧ୍ୟ ଅସାମାନ୍ୟ କୃତିତ୍ୱ ପ୍ରଦର୍ଶନ କରିଥିଲେ । ସୁଶାସକ ଓ ସୁପ୍ରତିଷ୍ଠିତ କବି ପୁଣି ଜଣେ ଶ୍ରେଷ୍ଠ ସଙ୍ଗୀତ ରସିକ ହିସାବରେ ତାଙ୍କର ସ୍ଥିତି ସୁଦୃଢ଼ ଓ ସ୍ମୃତି ସଦା ଅମ୍ଳାନ । ବିଭିନ୍ନ ସ୍ଥାନରୁ ପଣ୍ଡିତ, ସଙ୍ଗୀତଜ୍ଞ ପୁଣି ସାହିତ୍ୟସେବୀମାନଙ୍କୁ ନିମନ୍ତ୍ରଣ କରି ସେ ନିଜ ଦରବାରରେ ସେମାନଙ୍କର ଉପଯୁକ୍ତ ସତ୍କାର କରିବା ସଙ୍ଗେ ସଙ୍ଗେ ଉତ୍କଳୀୟ କଳା ଓ ସାହିତ୍ୟର ଅଭିବୃଦ୍ଧି ପାଇଁ ଯଥେଷ୍ଟ ଧ୍ୟାନ ଦେଉଥିଲେ । ଉପେନ୍ଦ୍ର ଭଞ୍ଜ ତାଙ୍କ ଦ୍ୱାରା ବହୁଭାବରେ ପ୍ରଭାବିତ ହୋଇଥିଲେ ଓ ତାଙ୍କୁ କାବ୍ୟ ଗୁରୁ ରୂପରେ ସ୍ୱୀକାର କରିଥିଲେ ।

କାଳେକାଳେ ଘୁମୁସର ଅଞ୍ଚଳ କଳାଲକ୍ଷ୍ମୀଙ୍କର ଲୀଳାବିଳାସର କ୍ଷେତ୍ର ରୂପେ ପ୍ରତିଷ୍ଠିତ ଥିଲା । ବିଶେଷତଃ କଳା, ସାହିତ୍ୟପ୍ରେମୀ ଭଞ୍ଜ ରାଜବଂଶର ଏ ଦିଗରେ ଭୂମିକା ଥିଲା ଅଧିକ ଗୁରୁତ୍ୱପୂର୍ଣ୍ଣ । ଧନଞ୍ଜୟ ସେ ବଂଶଲତାରେ ବିକଶିତ ଏକ ସୁରଭିତ ପୁଷ୍ପ ତାଙ୍କ ପାଇଁ ଗୌରବ-ଗର୍ବିତ ଘୁମୁସର ରାଜବଂଶ, ସର୍ବୋପରି ଓଡ଼ିଆ ସାହିତ୍ୟ । ସାରସ୍ୱତ ସାଧନାରେ ବ୍ରତୀ ଧନଞ୍ଜୟ କେତେକ କାବ୍ୟ ସହିତ କେତେକ ଚଉତିଶା, ଚଉପଦୀ, ମଙ୍ଗଳଗୀତ ସୃଷ୍ଟି କରିଛନ୍ତି । ଆଲୋଚ୍ୟ ପ୍ରବନ୍ଧରେ କବିଙ୍କର କାବ୍ୟେତର ଅନ୍ୟାନ୍ୟ କୃତି ପ୍ରତି ଦୃଷ୍ଟିପାତ ଲକ୍ଷ୍ୟଣୀୟ ।

ଧନଞ୍ଜୟଙ୍କ ପୂର୍ବରୁ ଓଡ଼ିଆରେ ଚଉତିଶାର ସ୍ଥିତି ଥିଲା, କିନ୍ତୁ ଧନଞ୍ଜୟ ଚଉତିଶାରେ ପ୍ରୀତିର ରସାଳ ଭାବର ଯେପରି ବିନ୍ୟାସ ଘଟାଇଲେ, ତାହା ଏତେ ଘନୀଭୂତ ଭାବରେ ପୂର୍ବରୁ ଥିବାର ବିଶେଷ ପ୍ରମାଣ ମିଳି ନାହିଁ । ଧର୍ମରୁ ରୀତି ସାହିତ୍ୟ କେତେକ ପରିମାଣରେ ବିଚ୍ଛିନ୍ନ ହେଲା । ପ୍ରେମର ଅଖଣ୍ଡ ଆଧିପତ୍ୟ ବିସ୍ମୃତ ହେଲା ସାମାଜିକ ଆବେଦନର ଉତ୍ତର ରୂପରେ । ପ୍ରେମ ଜୀବନର ଏକ ବିଶିଷ୍ଟ ବିଭବ, ପ୍ରେମ ବିନା ଜୀବନର ସ୍ଥିତି ନାହିଁ କି ଅଭିବ୍ୟକ୍ତି ନାହିଁ । ଆନନ୍ଦର ଉଦାର ଗମ୍ଭୀର ରୂପଟି, ସ୍ନେହ, ସୁନ୍ଦର ରଙ୍ଗଟି ଏଥିରେ ନିହିତ ଅଛି । ପ୍ରେମରେ ନିହିତ ଅଛି ସାର୍ଥକ ଜୀବନ ଚର୍ଯ୍ୟାର ଗୁପ୍ତମନ୍ତ୍ର । ପରମ ତୀବ୍ରତାର ପ୍ରଜ୍ୱଳିତ ଉଲ୍ଲାସ ହେଉଛି ପ୍ରେମର ଅନ୍ତର୍ନିହିତ ନିର୍ଯ୍ୟାସ । ସାଗରର ଉଚ୍ଛୁଳା ତରଙ୍ଗରେ, ଝରଣାର ଝରଝର ସ୍ୱର ଝଙ୍କାରରେ, ବର୍ଷାର

ତାନରେ, ଜୋଛନାର ଲାଜଲାଜ ଭାବରେ, ଆକାଶର ନୀଳିମବ୍ୟାପ୍ତି ମଧ୍ୟରେ, ତାରାଫୁଲର ସଂଯୋଜନାରେ ପ୍ରେମ ହିଁ ମୁଖ୍ୟ ଅନୁଭବ୍ୟ ତଥା ଦ୍ରଷ୍ଟବ୍ୟ ଉପାଦାନ । ଜରା, ରୋଗ, ଶୋକ, ଯନ୍ତ୍ରଣା, ହତାଶା ଓ ମୃତ୍ୟୁର କବଳରେ ସଦା କବଳିତ ପ୍ରାଣଟିଏ ପାଇଁ ବଞ୍ଚିବାର ଏକମାତ୍ର ଦିବ୍ୟଉପାଦାନ । ଏତେ କ୍ଷତିର ପୂରଣ ଯେ କରେ ସେହି ପ୍ରେମର ତୁଳନା ନାହିଁ କି କଳନା ନାହିଁ । ପ୍ରେମରେ ବାଧା ନାହିଁ, ବନ୍ଧନ ନାହିଁ, ଅନୁଶୋଚନା ଯେ ନାହିଁ ଏପରି ନୁହେଁ, ସେ କିନ୍ତୁ ଭିନ୍ନ ସ୍ୱାଦର ବାଧା ଓ ଦ୍ୱିଧା । ବିଭୁପ୍ରେମ ହେଉଛି ସାତ୍ତ୍ୱିକ ପ୍ରେମ ଓ ସର୍ବଶ୍ରେଷ୍ଠ ପ୍ରେମ, ତାକୁ ପ୍ରାପ୍ତ ହେବା ନିମନ୍ତେ ମାନବିକ ପ୍ରେମର ମାଧ୍ୟମ ବରଣୀୟ । ଏହି ଚରମସତ୍ୟକୁ ସ୍ୱୀକାର କରି ନେଇଛନ୍ତି ରାଜକବି ଧନଞ୍ଜୟ ଭଞ୍ଜ । ସେ ରାଧାମାଧବଙ୍କର ପ୍ରୀତିବିଳାସକୁ ନେଇ ଚଉତିଶା ରଚନା କରିବା ସଙ୍ଗେ ସଙ୍ଗେ ମାନବିକ ସ୍ତରର ପ୍ରୀତିଭିତ୍ତିକ ସାଧାରଣ ଅନୁଭବକୁ କେନ୍ଦ୍ର କରି ଚଉତିଶା ମଧ୍ୟ ରଚନା କରିଛନ୍ତି ।

କବିଙ୍କର ରାଧାକୃଷ୍ଣ ଲୀଳାମୂଳକ ଚଉତିଶା ମଧ୍ୟରୁ ବଙ୍ଗଳାଶ୍ରୀ ଚଉତିଶା ଅନ୍ୟତମ । ବଙ୍ଗଳାଶ୍ରୀ ରାଗରେ ରଚିତ ହୋଇଥିବାରୁ ଏହାର ଏପରି ନାମକରଣ କରାଯାଇଛି । ଶ୍ରୀକୃଷ୍ଣ କାଳିନ୍ଦୀ କୂଳରେ ରାଧାଙ୍କୁ ଦେଖି ତାଙ୍କ ଲାବଣ୍ୟରେ ମୁଗ୍ଧ ହୋଇ ରାଧାଙ୍କ ନାସିକାର ନୀଳମଣିଶୋଭାକୁ ବର୍ଣ୍ଣନା କରି କହିଛନ୍ତି -

''ଯୁବତୀ ରତନ ନାସିକାରେ ଶୋହେ ନୀଳମଣି ନାକଚଣା
ଯେବେ ଦେଖିବେ ସ୍ୱୟମ୍ଭୁ, ଶମ୍ଭୁ ବେନି ନିଶ୍ଚୟେ ହୋଇବେ ବଣା ।''

ଦୂତୀ ଯାଇ ଶ୍ରୀରାଧାଙ୍କୁ ଶ୍ରୀକୃଷ୍ଣଙ୍କର ଉତ୍କଣ୍ଠା ପ୍ରସଙ୍ଗ ବୁଝାଇ କହନ୍ତେ ଶ୍ରୀରାଧାଙ୍କ ଦେହରେ ସୃଷ୍ଟି ହୋଇଛି କଦମ୍ବରୋମାଞ୍ଚ । ରାଧାକୃଷ୍ଣଙ୍କର ମିଳନ ଘଟାଇ ଦୂତୀ ଅପସରି ଯାଇଛି ବହୁ ଦୂରକୁ । ସମ୍ଭୋଗ ଶୃଙ୍ଗାରର ଚିତ୍ର ଏହି ଚଉତିଶାରେ ରହିଛି । କବିଙ୍କର ଅନ୍ୟ ଏକ ଚଉତିଶାରେ ବିରହର ହୃଦୟବିଦାରକ ଦୃଶ୍ୟ ଚିତ୍ରିତ ହୋଇଛି । ଚଉତିଶାଟିର ନାମ ହେଉଛି ହଂସଦୂତ ଚଉତିଶା । ଏଥିରେ ଶ୍ରୀରାଧା ମର୍ମାହତ ହୋଇଛନ୍ତି ଶ୍ରୀକୃଷ୍ଣଙ୍କ ବିଚ୍ଛେଦରେ । ପାଗଳିନୀ ପ୍ରାୟ ଶ୍ରୀରାଧାଙ୍କ ଦୁଃଖ ଦେଖି ପ୍ରାଣସଖି ଲଳିତା ହଂସ ହାତରେ ଶ୍ରୀକୃଷ୍ଣଙ୍କ ପାଖକୁ ସନ୍ଦେଶ ପଠାଇ କହିଛି ଯେ କୌଣସି ପ୍ରକାରେ ଶ୍ରୀକୃଷ୍ଣଙ୍କୁ ରାଧାଙ୍କ ପାଖକୁ ଆଣିବା ପାଇଁ । ଶ୍ରୀକୃଷ୍ଣ ହଂସଠାରୁ ସବୁ ଶୁଣି ଦୁଃଖ କରିବା ସଙ୍ଗେ ସଙ୍ଗେ ଆଶ୍ୱାସନାମୟୀ ବାର୍ତ୍ତା ପଠାଇଛନ୍ତି ହଂସ ହାତରେ ।

ଆଉ ଏକ ଚଉତିଶା ହେଉଛି କେଳିକଳ୍ପଦ୍ରୁମ ଚଉତିଶା, ଯହିଁରେ ଶ୍ରୀକୃଷ୍ଣ କେଳିକଳ୍ପଦ୍ରୁମ ଭାବରେ ଶ୍ରୀରାଧାଙ୍କୁ ଗ୍ରହଣ କରିଛନ୍ତି । ରାଧାକୃଷ୍ଣଙ୍କ ଲୀଳାଲହରୀରେ ରସସିକ୍ତ ହୋଇଛି ଏହି ଚଉତିଶାର ପଂକ୍ତି ସବୁ । ରାଧାବିରହୀ କୃଷ୍ଣଙ୍କ ଭାଷା ଏହିପରି-

''ଏଣୀନୟନା ବିନୁ ସାହା କାହିଁ ଏଣାଙ୍କ ମୁଖୀ ଏହା ଜାଣିଥାଇଁ ।''

ରାଧାଙ୍କ ପରି ଗୋପିମାନେ ମଧ୍ୟ କୃଷ୍ଣଙ୍କର ପ୍ରାଣରୁ ଅଧିକ । ଗୋପୀମାନଙ୍କର ବିରହରେ ଗୋପିନାଥ ପାଗଳପ୍ରାୟ । ଉହୁଁ ଚଉତିଶାରେ ଗୋପିନାଥଙ୍କ ବିରହରେ ଗୋପିଙ୍କର ଅବସ୍ଥା ବର୍ଣ୍ଣନାତୀତ । ଉଦାହରଣସ୍ୱରୂପ ନିମ୍ନୋକ୍ତ ପଂକ୍ତିଟିକୁ ଗ୍ରହଣ କରାଯାଇପାରେ -

'' ଥିଲେ କଦମ୍ବର ତଳେ ଗୋ, ଥିଲେ ଗୋପସୁତ ମେଳେ
ଥଣ୍ଟ ଚିରି ବକାସୁର ମାଇଲେ, ଖଣ୍ଟ ଶିରୋମଣି ଛାଡ଼ିଣ ଗଲେ ।।
ଏବେ ଥିବେ ମଧୁପୁରେ ଗୋ ।''

କୃଷ୍ଣହୀନ ହୋଇ ବଞ୍ଚିବାଠାରୁ ମହୁରାବିଷ ଖାଇ ପ୍ରାଣତ୍ୟାଗ କରିବା ଶ୍ରେୟସ୍କର ବୋଲି ବିଚାର କରିଛନ୍ତି ଗୋପିମାନେ । କୃଷ୍ଣ ତାଙ୍କ ହୃଦୟର ହାର, ଅନ୍ଧର ଲଉଡ଼ି । ହରପୂଜା କରିବା ପାଇଁ ସମସ୍ତେ ବାହାରିଛନ୍ତି ଓ ଚଉତିଶାଟି ଏତିକିରେ ଶେଷ ହୋଇଛି । ମାନବିକ ପ୍ରୀତିମୂଳକ ଚଉତିଶାରେ ଭାବଧାରାରେ ବିଶେଷ ପାର୍ଥକ୍ୟ କିଛି ନାହିଁ । କବିଙ୍କର କେଉଁ ଚଉତିଶାରେ ବିରହୀ ନାୟକର ମର୍ମନ୍ତୁଦ ଯନ୍ତ୍ରଣା ଅସହ୍ୟ ହୋଇଛି ତ କେଉଁଥିରେ ବିରହିଣୀ ନାୟିକାର ଯନ୍ତ୍ରଣା ଚିତ୍ରିତ ହୋଇଛି । 'ମରୁତ ଚଉତିଶା' କବିଙ୍କର ଏକ ଚଉତିଶା ଯାହା ଚଉତିଶା ସଞ୍ଚୟନର ପ୍ରଥମ ଭାଗରେ ପ୍ରକାଶିତ । ବସନ୍ତକାଳରେ ପ୍ରବାସୀ ପ୍ରେମିକର ବିରହଜନିତ ହୃଦୟଜ୍ୱାଳା ଏପରି ଭାବରେ ଏଥିରେ ଚିତ୍ରିତ ଯେ ଏହାକୁ ପାଠକଲେ ପାଠକ ଆତ୍ମହରା ହୋଇପଡ଼େ । ମରୁତକୁ ଦୂତ କରି ପଠାଇଥିବାରୁ ଚଉତିଶାର ନାମଟି ଏପରି ହୋଇଛି । ଏହି ଚଉତିଶାରେ ସ୍ୱକୀୟାପ୍ରୀତିର ମହତ୍ତ୍ୱ ଓ ମୂଲ୍ୟବୋଧ ପ୍ରକଟିତ ହୋଇଛି । ସମାଜକୁ ସୁସ୍ଥ ଓ ସୁନ୍ଦର କରିବାକୁ କବିଙ୍କର ଫଳପ୍ରଦ ପ୍ରୟାସର ଏହା ଏକ ସାର୍ଥକ ଉଦାହରଣ । ପାରିବାରିକ ଜୀବନର ସମୃଦ୍ଧି ଉପରେ ପ୍ରତିଷ୍ଠିତ ଭାରତୀୟ ସଂସ୍କୃତିର ଗୁରୁତ୍ୱ ବେଶ୍ ଆକର୍ଷଣୀୟ । ଏହି ସଂସ୍କୃତିର ମହନୀୟତାକୁ ସ୍ୱୀକାର କରି ଧନଞ୍ଜୟ ଭଞ୍ଜ ସ୍ୱକୀୟା ପ୍ରୀତିର ଗୌରବମୟ ଚିତ୍ର ତାଙ୍କର ଏହି ଚଉତିଶାଟିରେ ଆଙ୍କିଛନ୍ତି ।

କବିଙ୍କର ଅନ୍ୟ ଏକ ଚଉତିଶାର ନାମ 'ପଣ୍ଡିତବୋଧ ଚଉତିଶା' । ଏଥିରେ ନାୟିକାର ମାନଭଞ୍ଜନ ପାଇଁ ନାୟକର ଉଦ୍ୟମ ଲକ୍ଷ୍ୟଣୀୟ । ବର୍ଷାକାଳରେ ଅନଙ୍ଗ ଶରରେ ଆହତ ନାୟକ ନିଜକୁ ଯନ୍ତ୍ରଣାରୁ ରକ୍ଷା କରିବା ପାଇଁ ନାୟିକାକୁ ଅନୁରୋଧ କରିଛି । କର୍ପୂର ଆଦି ଶୀତଳ ଉପାଦାନ ତାକୁ ବିଷପରି ମନେ ହୋଇଛି । ନିଜକୁ ନାୟିକାର ପାଦରେ ଦାସାନୁଦାସ ଭାବରେ ଅର୍ପଣ କରି ନାୟକ କହିଛି -

''ଦିଅ ମୋତେ ଦୃଢ଼ ଆଶ୍ୱାସ
ଦୟାନିଧି ରଖ ମୁଁ ତୋ ଦାସର ଦାସ ।''

ନାୟକର ଚାଟୁବାଣୀ ଓ ବାରମ୍ବାର ସବିନୟ ଅନୁରୋଧରେ ନାୟିକାର ମାନଭଞ୍ଜନ ଘଟିଛି । ଉଭୟଙ୍କର ମଧୁର ମିଳନରେ ଚଉତିଶାର ପରିସମାପ୍ତି ଘଟିଛି ।

ଆଉ ଏକ ଚଉତିଶା ଅନୁଚିନ୍ତା ଚଉତିଶାରେ ନାୟକର ବିରହଜର୍ଜରିତ ବିକ୍ଷୁବ୍ଧ ଚିତ୍ତର ପ୍ରତିଫଳନ ଘଟିଛି । ଗୋଟିଏ ଦିନ ତା'ପାଇଁ ଗୋଟିଏ ଯୁଗପରି ମନେ ହୋଇଛି । ମଧୁପ ହୋଇଛି ଏଥିରେ ଦୂତ । ସ୍ୱକୀୟା ପ୍ରେମର ଉଜ୍ଜ୍ୱଳତା ଏଥିରେ ଉପସ୍ଥାପିତ । ଏହିପରି କେତେକ ଚଉତିଶା ବ୍ୟତୀତ ଅନ୍ୟାନ୍ୟ କୃତି ମଧ୍ୟରେ କେତେକ ଚଉପଦୀ ଅନ୍ୟତମ । ଚଉପଦୀଗୁଡ଼ିକରେ ପ୍ରୀତି ହୋଇଛି ବରଣୀୟ ଉପାଦାନ । ଏହା ମାନବିକ ପ୍ରୀତି ଓ ରାଧାକୃଷ୍ଣ ପ୍ରୀତି ଭାବରେ ଦୁଇଭାଗରେ ବିଭକ୍ତ । ନାୟକ ନାୟିକା ପରସ୍ପରଠାରୁ ବିଧିର ବିଧାନରେ ଦୂରରେ ଥିବାରୁ ଉଭୟେ ମର୍ମାହତ ।

କେତେକ ଚଉପଦୀରେ ନାୟିକାର ମନର ଦୁଃଖ ପ୍ରକଟିତ ଆଉ କେତେକ ଚଉପଦୀରେ ନାୟକର ମନର ଦୁଃଖ ଚିତ୍ରିତ । ''ନାଥର ହୃଦୟ ମୋର ପଥର ହେଲା ଗୋ'' ଶୀର୍ଷକ ଚଉପଦୀରେ ବିରହଣୀ ନାୟିକା ବିଳାପ କରିଛି ବନକପୋତୀ ପରି । ସେ କହିଛି -

''ନାହାର ବିଚ୍ଛେଦ ଦେଖି ଆହାର ନ ରୁଚେ ସଖି
କାହାର ବଚନେ ମତେ ବାହାର କଲା ଗୋ ।''

ଅନ୍ୟ ଏକ ଚଉପଦୀରେ ବାସନ୍ତୀ ପରିବେଶର ଚାରୁଚିତ୍ର ଅଙ୍କିତ ଏବଂ ବିରହିଣୀ ବାଳାର ବିରହଯନ୍ତ୍ରଣା ମୂର୍ତ୍ତିମନ୍ତ । ନାୟକ ରହୁଥିବା ଦେଶରେ ବସନ୍ତର ସ୍ଥିତି ସଂପର୍କରେ ସନ୍ଦିହାନ ହୋଇ ନାୟିକା କହିଛି -

''କାନ୍ତ ଦେଶରେ କି ବସନ୍ତ ନାହିଁ
କିବା ବନପ୍ରିୟ ନ ରାବେ ତହିଁ
ତହିଁ କିବା ମୂକ ମଧୁପ ମାଳି
ବିକଚ କୁସୁମେ ନ କରେ କେଳି ।''

କେବଳ ଅକ୍ଷର ମିଳାଇ କବିତା ଲେଖି ନାହାନ୍ତି କବି ଧନଞ୍ଜୟ ଭଞ୍ଜ । ଭାବଧାରାର ବଳିଷ୍ଠତାରେ ଉକ୍ତ ଚଉପଦୀଟି ସୁଖପାଠ୍ୟ ତଥା ଅନୁଭବ୍ୟ ହୋଇପାରିଛି । ନାୟିକା ପରି ନାୟକ ମଧ୍ୟ ବିଚ୍ଛେଦରେ ଦାବଦହନରେ ଦଗ୍ଧୀଭୂତ ହୋଇଛି । ଦୂରସ୍ଥିତ ପ୍ରାଣବଲ୍ଲଭାର ପ୍ରୀତିସ୍ନିଗ୍ଧ, ଶୁଚିସୁନ୍ଦର ସ୍ମୃତି ତାକୁ ଅଧୀର କରିଛି । ହୃଦୟରେ ଭରିଯାଇଛି ବିଷାଦର ଘନକୃଷ୍ଣ ମେଘମାଳା, ଜୀବନ ବେଦରୁ କିଏ ଯେମିତି ଲିଭାଇ ଦେଇଛି ଆଶାର ଗାୟତ୍ରୀ ମନ୍ତ୍ର । 'ନୀରଜମୁଖୀ ମୁଖେ ଗନ୍ଧତିଳେକ' ଶୀର୍ଷକ ଚଉପଦୀରେ ନାୟକର ଏପରି ମନୋଭାବ ପାଠକ ମନରେ ଗଭୀର ରେଖାପାତ କରିଛି । ନାୟିକାର ଦୁଃଖକୁ ଅନୁଭବ କରି ନାୟକ କହିଛି -

''ଏବେ କି କରୁଥିବ ଚନ୍ଦ୍ରବଦନୀ
ମୋ ଗୁଣ ଗୁଣି କଷ୍ଟେ ନେବ ରଜନୀ
ଲୋତକେ କରିଥିବ ପୂର୍ଣ୍ଣ ନୟନ
ବିଲୀନ ହୋଇଥିବ ଶଯ୍ୟା ଅଙ୍କେଣ ।

ମାନବିକ ପ୍ରୀତିମୂଳକ ଚଉପଦୀ ବ୍ୟତୀତ ରାଧାକୃଷ୍ଣ ଲୀଳାତ୍ମକ ଚଉପଦୀଗୁଡ଼ିକରେ ଧନଞ୍ଜୟ ଭଞ୍ଜଙ୍କ କବି ପ୍ରତିଭାର ସ୍ପଷ୍ଟ ପ୍ରତିଫଳନ ପରିଦୃଷ୍ଟ । ରାଧାକୃଷ୍ଣ ପରସ୍ପରର ବିରହରେ ମର୍ମାହତ ହୋଇ ଯେପରି ଭାବ ପ୍ରକଟ କରିଛନ୍ତି ତାହାର ଲିପିଗତ ରୂପ କବି ଅଙ୍କନ କରିଛନ୍ତି । କୃଷ୍ଣଙ୍କର ବଂଶୀସ୍ୱନ ଓ ମକର କୁଣ୍ଡଳର ଝୁଲଣ ଶୋଭା ରାଧାଙ୍କୁ ଆତ୍ମହରା କରିଦେଇଛି । ଏଣେ ରାଧାଙ୍କର ତନୁଲାବଣ୍ୟ କୃଷ୍ଣଙ୍କୁ ପାଗଳ କରିଦେଇଛି । 'ନେତ୍ର ଅରୁଣ ଦିଶେ' ଶୀର୍ଷକ ଚଉପଦୀରେ ରାଧାଙ୍କର ଖଣ୍ଡିତାରୂପ ପ୍ରକାଶିତ । କୃଷ୍ଣଙ୍କ ଅଙ୍ଗରେ କଜ୍ଜଳ, ସିନ୍ଦୂରର ଦାଗ ଦେଖି ରାଧା ବିକ୍ଷୁବ୍ଧ ହୋଇଛନ୍ତି । ମାନିନୀ ରାଧାଙ୍କର ମାନଭଞ୍ଜନର ଚିତ୍ର 'ଚନ୍ଦ୍ରମାବଦନୀ, କୁରଙ୍ଗୀନୟନୀ, ମଉକୋକିଳ ବଚନୀ' ଶୀର୍ଷକ ଚଉପଦୀରେ ପରିଦୃଷ୍ଟ ହୁଏ । ମର୍ମସ୍ପର୍ଶୀ ଶବ୍ଦ ସମ୍ଭାରରେ ନାୟକର ମର୍ମବାଣୀ ଏଥିରେ ପରିସ୍ଫୁଟ ହୋଇଛି ।

''ତୁ ଶିର ମଣ୍ଡନ, ତୁ ତନୁ ଚନ୍ଦନ, ତୁ ମୋର ମନସଦନ
ତୁ ମୋର ହୃଦରେ ଥାଉ ଅହର୍ନିଶି ତରୁଣୀବର ରତନ ।''

ଚଉପଦୀ ବ୍ୟତୀତ କବି ଧନଞ୍ଜୟଙ୍କର ଅନ୍ୟ ଏକ ବିଶିଷ୍ଟ କୃତି ହେଉଛି ମଙ୍ଗଳଗୀତ । ମଙ୍ଗଳଗୀତ ବିବାହ ଆଦି ଅନୁଷ୍ଠାନରେ ଗାନ କରାଯିବା ପାଇଁ ଅଭିପ୍ରେତ । ଆଜିକାଲି ମଙ୍ଗଳଗୀତର ବିଶେଷ ପ୍ରଚାର ନାହିଁ, କିନ୍ତୁ ରୀତିଯୁଗରେ ଏହି ଗୀତର ପ୍ରଚାର ଓ ପ୍ରସାର ଥିଲା । ଧନଞ୍ଜୟ ତାଙ୍କର ଏକ ମଙ୍ଗଳଗୀତରେ ନନ୍ଦରାଜା ଘରର ବିରି-ମୁଗ ରଗଡ଼ାର ଚିତ୍ର ବଳରାମଙ୍କର ବିବାହ ପ୍ରସଙ୍ଗରେ ଅଙ୍କନ କରି କହିଛନ୍ତି -

''ବିରି ମୁଗ ଚୂରା ସାରି ସେଠାରୁ ବିନଏ
ନୃପ ଧନଞ୍ଜୟ ରାମପାଦ ପଦ୍ମ ଧ୍ୟାଏ ।''

ଆଉ ଗୋଟିଏ ଗୀତରେ ରାମଚନ୍ଦ୍ରଙ୍କର ବିବାହ ପ୍ରସଙ୍ଗ ବର୍ଣ୍ଣିତ । କୌଶଲ୍ୟା ରାମଙ୍କ କେଶକୁ ସଜାଡ଼ି, କର୍ଣ୍ଣରେ କୁଣ୍ଡଳ ଦେଇ ମୁକୁଟ ପିନ୍ଧାଇ, ହୃଦୟରେ ନବରତ୍ନ ପଦ୍ମ, ଶ୍ରୀଭୁଜରେ ସ୍ୱର୍ଣ୍ଣାଳଙ୍କାର ପିନ୍ଧାଇ ବେଶ କରିଛନ୍ତି । ଅନ୍ୟ ଏକ ମଙ୍ଗଳଗୀତରେ ସୀତାଙ୍କର ଈଶାଣ ପୂଜା କଥା କବି ବର୍ଣ୍ଣନା କରିଛନ୍ତି । ଶ୍ରୀମହାପ୍ରସାଦ ଦେଇ ସୀତା ଈଶାଣ ପୂଜା କରିବା ପ୍ରସଙ୍ଗରେ କବି କହନ୍ତି -

''ଶ୍ରୀମହାପ୍ରସାଦ ସୀତା ଈଶାଣରେ ଦେଲେ
ପିତୃ ଦେବତାଙ୍କୁ ସୀତା ସନ୍ତୋଷ ଯେ କଲେ ।''

ସେ କର୍ପୂର, ଚୂଆ, ଚନ୍ଦନ ଦେଇଛନ୍ତି ପିତୃଦେବତାଙ୍କୁ ସନ୍ତୁଷ୍ଟ କରିବାପାଇଁ । ରାଧାକୃଷ୍ଣଙ୍କ ଚରଣରେ ପ୍ରଣାମ ଜଣାଇ କବି ଧନଞ୍ଜୟ ଉକ୍ତ ମଙ୍ଗଳ ଗୀତଟିକୁ ସମାପ୍ତ କରିବାକୁ ଯାଇ କହିଛନ୍ତି -

''ରାଧାକୃଷ୍ଣ ଚରଣରେ ରହୁ ମୋର ମତି
ଗୀତରେ ଭଣିଲେ ଧନଞ୍ଜୟ ନରପତି ।''

ଉପଯୁକ୍ତ କାବ୍ୟେତର କୃତି ସମୂହରୁ ଏତିକି ସ୍ପଷ୍ଟ ହୁଏ ଯେ କବି ଧନଞ୍ଜୟ ସାହିତ୍ୟକୁ ଧର୍ମର ନିଗଡ଼ ବନ୍ଧନୀରୁ ମୁକ୍ତ କରିବାକୁ ଉଦ୍ୟମ କରି କେତେକାଂଶରେ ସଫଳ ହୋଇଛନ୍ତି । ତାଙ୍କର ଆହୁରି ଅନେକ ଚଉପଦୀ, ଚଉତିଶା, ମଙ୍ଗଳଗୀତ ଥାଇପାରେ । କବିକୃତିରୁ ମୁଁ ଯେତିକି ସଂଗ୍ରହ କରିଛି ସେ ସଂପର୍କରେ ଏହି ପ୍ରବନ୍ଧରେ ଆଲୋଚନା କରିଛି । ଏହା ବାହାରେ ଥିବା ଅନ୍ୟାନ୍ୟ କୃତି ସଂପର୍କରେ ଅଧିକ ଗବେଷଣା କରାଗଲେ କବିଙ୍କର କବିତ୍ୱ ସଂପର୍କରେ ଅଧିକ ସ୍ପଷ୍ଟ ଓ ବଳିଷ୍ଠଧାରଣା କରିହେବ ।

ଭଞ୍ଜସାହିତ୍ୟରେ ଜୀବନଚିନ୍ତା

ଜୀବନ ସଂପର୍କରେ ଜ୍ଞାନ ଆହରଣ କରି ଜୀବନର ରହସ୍ୟକୁ ଉଦ୍‌ଘାଟନ କରିବା ମାନବଜାତିର ଆଦିମ ପିପାସା । ଏ ପିପାସାକୁ କେତେକାଂଶରେ ଚରିତାର୍ଥ କରିବାକୁ ସାହିତ୍ୟ ସମର୍ଥ ହୋଇଥାଏ । ଜ୍ଞାନ ଓ ଚେତନାର ମୂର୍ତ୍ତିମନ୍ତ ପ୍ରତୀକ ହୋଇଥିବାରୁ ସାହିତ୍ୟକୁ ପଞ୍ଚମ ବେଦ ନାମରେ ନାମିତ କରାଯାଏ । ଜୀବନକୁ ନେଇ ସାହିତ୍ୟର ସ୍ଥିତି ଓ ଅଭିବ୍ୟକ୍ତି । ଜୀବନକୁ ବାଦଦେଲେ ସାହିତ୍ୟ ବିକୃତ ତଥା ବିକଳାଙ୍ଗ ହୋଇପଡ଼େ । ଜୀବନଚର୍ଚ୍ଚା ହିଁ ସାହିତ୍ୟର ମୂଳକଥା । ଜୀବନ ସଂପର୍କରେ ସର୍ବକାଳୀନ ଚିନ୍ତା ସହିତ ସାହିତ୍ୟ ଯଦି ତା'ର ସମକାଳୀନ ଜୀବନ ସଂପର୍କରେ ଚିନ୍ତା ପ୍ରକଟ କରିଥାଏ, ତେବେ ସେ ସାହିତ୍ୟ ପ୍ରଥମ ଶ୍ରେଣୀର ସାହିତ୍ୟ ବୋଲି ବିବେଚିତ ହୁଏ ।

ଭଞ୍ଜ ସାହିତ୍ୟ ଛନ୍ଦର ସାହିତ୍ୟ, ଜୀବନର ସାମସଙ୍ଗୀତ । ଜୀବନକୁ ଭୁଲି କେବଳ କଳ୍ପନାବିଳାସର ରଙ୍ଗରେ ଏହା ରଞ୍ଜିତ ହୋଇ ନାହିଁ । ବରଂ ଏ କଥା ସ୍ୱୀକାର କରିବାକୁ ହୁଏ ଯେ ଜୀବନକୁ ସୁସ୍ଥ, ସୁନ୍ଦର ତଥା ସାର୍ଥକ କରିବା ପାଇଁ ଭଞ୍ଜ ସାହିତ୍ୟ ସଦାତତ୍ପର ଓ କ୍ରିୟାଶୀଳ ।

ଜୀବନର ଲକ୍ଷ୍ୟ ହେଉଛି ସୁଚାରୁଛନ୍ଦର ମାଧ୍ୟମରେ ସର୍ବାଙ୍ଗୀନ ପ୍ରଗତି ସାଧନ । ପ୍ରଗତିର ମୂଳତତ୍ତ୍ୱଟି ରହିଛି ପାରିବାରିକ ଜୀବନର ସୁଷମ ସଂଗଠନରେ । ଜୀବନ ଆରମ୍ଭ ହୁଏ ପାରିବାରିକ ପରିବେଶରୁ । ପ୍ରୀତି ହେଉଛି ପ୍ରଗତିର ଚାବିକାଠି । ପ୍ରୀତିହୀନ ଜୀବନ ହିଁ ଭିତ୍ତିହୀନ ଜୀବନ । ଉପନିଷଦକାର କହନ୍ତି - ''ପ୍ରେମମୂଳାମେଦିନୀ, ପ୍ରେମାଶ୍ରିତା ଜୀବନବୃତ୍ତି'' । ପ୍ରେମରେ ଫୁଲ ଫୁଟେ, ପବନ ବହେ, ସାଗର ଉଚ୍ଛୁଳେ, ନଦୀ-ଝରଣା ପ୍ରବାହିତ ହୁଏ । ହୃଦୟକୁ ହୃଦୟ ସହିତ, ମନକୁ ମନ ସହିତ, ପ୍ରାଣକୁ ପ୍ରାଣ ସହିତ ସଂଯୋଗ କରିବାକୁ ପ୍ରେମ ସୁବର୍ଣ୍ଣ ଶିକୁଳିପରି କାମ କରିଥାଏ । ପ୍ରୀତିରେ ଗତିମୁକ୍ତି ମିଳେ, ଦିବ୍ୟ ଭୁବନରୁ ସଂଜୀବନୀସୁଧାର ଝରଣା ଝରିଆସେ । ସବୁଠାରୁ ଉଚ୍ଚ ଆସନରେ ଭଞ୍ଜ କବି ଦାମ୍ପତ୍ୟ ପ୍ରେମକୁ ଆସୀନ କରାଇଛନ୍ତି । ଇନ୍ଦ୍ର ସମ୍ପତ୍ତିଠାରୁ ଏ ପ୍ରୀତି ବଡ଼ ବୋଲି ମୁକ୍ତକଣ୍ଠରେ ସ୍ୱୀକାର କରିଛନ୍ତି । ପବିତ୍ର ଦାମ୍ପତ୍ୟ ପ୍ରେମରେ ପ୍ରତିଷ୍ଠିତ ଗୃହସ୍ଥାଶ୍ରମର ସ୍ଥାନ ଅତୀବ ଉଚ୍ଚରେ । ଏହା ସମଗ୍ର ସମାଜର କଲ୍ୟାଣ ବିଧାୟକ ହୁଏ ବୋଲି ଶାସ୍ତ୍ରବାଣୀ ରହିଛି । ଭଞ୍ଜ କବି ଏ ବାଣୀର ମହତ୍ତ୍ୱ ଓ ମୂଲ୍ୟବୋଧକୁ ହୃଦୟଙ୍ଗମ କରି ସମଗ୍ର ମାନବଜାତିର କଲ୍ୟାଣକାମନା ପୂର୍ବକ ସ୍ୱକୀୟାପ୍ରୀତି ତଥା ଦାମ୍ପତ୍ୟ ପ୍ରେମର ସୁବର୍ଣ୍ଣ ଆଲେଖ୍ୟ ତାଙ୍କ ସାହିତ୍ୟରେ ଅଙ୍କନ କରିଛନ୍ତି । ନାୟକ ଓ ନାୟିକା ପରସ୍ପର ପ୍ରତି ନିବିଡ଼ ସ୍ନେହ-ବନ୍ଧନରେ ଆବଦ୍ଧ ରହି ଜୀବନକୁ ସାର୍ଥକ କରିଛନ୍ତି । ଜଣଙ୍କ ବିନା ଆଉ ଜଣଙ୍କର ସ୍ଥିତି ନାହିଁ । ଜଣେ ଅନ୍ୟ ଜଣକର ପରିପୂରକ ହୋଇ ସାମାଜିକ କ୍ଷେତ୍ରରେ ଆତ୍ମପ୍ରକାଶ କରିଛନ୍ତି । ଦୈହିକ କାମନା ବ୍ୟତୀତ ମାନସିକ ପ୍ରୀତି ଓ ମାନବିକତାର ଜୟଗାନ ବହୁସ୍ଥଳରେ ଭଞ୍ଜ କବି କରିବାକୁ ଭୁଲି ନାହାନ୍ତି । କବିଙ୍କ ଲାବଣ୍ୟବତୀ କାବ୍ୟରେ ନାୟକ ଚନ୍ଦ୍ରଭାନୁ ନିଜ ଆୟୁଷ ଦାନ କରି ତା'ର ନାୟିକାକୁ ସୁଖୀ କରିବ ବୋଲି କହିବାକୁ କୁଣ୍ଠା ପ୍ରକାଶ କରି ନାହିଁ ।

ଅନୁରାଗ ହେଉଛି ଜୀବନର ସର୍ବଶ୍ରେଷ୍ଠ ବରଣୀୟ ଉପାଦାନ । ବୈରାଗ୍ୟରେ ଜୀବନ ସାର୍ଥକ ହୁଏ ନାହିଁ । ଭଞ୍ଜ ସାହିତ୍ୟରେ କେଉଁ ସ୍ଥାନରେ ମଧ୍ୟ ମ୍ଲାନିମା ନାହିଁ । ଅନୁରାଗର ଦିବ୍ୟ ମାଧୁରିମାର ପରମସ୍ପର୍ଶରେ ଭଞ୍ଜ ସାହିତ୍ୟର ଫୁଲକୁଞ୍ଜ କଳାଲଳିତ ହୋଇଛି । ମିଳନ ପରି ବିଚ୍ଛେଦ ଆସିଛି ଦାମ୍ପତ୍ୟ ଜୀବନରେ । ବିରହରେ ମର୍ମାହତ ହୋଇଛନ୍ତି ନାୟକ ଓ ନାୟିକାଗଣ । ନାୟକ ବା ନାୟିକା କେହି କିନ୍ତୁ ପଳାୟନପନ୍ଥୀ ହୋଇ ନୈରାଶ୍ୟକୁ ବରଣ କରି କେଉଁଠାରେ ଅସ୍ୱାଭାବିକ ପରିସ୍ଥିତି ସୃଷ୍ଟି କରିନାହାନ୍ତି । ବରଂ ଆଶାବାଦରେ ବିଶ୍ୱାସ ରଖି ବିରହର ଦାବଦହନକୁ ସହ୍ୟ କରି ନେଇଛନ୍ତି । ଆଶାରେ ଜୀବନ ସଂଗଠିତ ହୁଏ, ସମୃଦ୍ଧିବନ୍ତ ହୁଏ । ଆଶା ଗୋଟିଏ ଭଗବତ୍ ସଦ୍‌ଗୁଣ, ଏହା ଦିବ୍ୟ ଜୀବନ ଗଠନରେ ବଳିଷ୍ଠ ଭୂମିକା ଗ୍ରହଣ କରେ । ସୁତରାଂ ଆଶା ହିଁ ଜୀବନ, ନୈରାଶ୍ୟ ହିଁ ମୃତ୍ୟୁ । ଭଞ୍ଜ ସାହିତ୍ୟ ଯେହେତୁ ସବୁବେଳେ ଜୀବନର କଥା କହିଛି, ସେହେତୁ ଆଶାର ଲଳିତ ସ୍ୱର ସର୍ବଦା ସେଥିରେ ଶୁଣିବାକୁ ମିଳିଛି । ହଜିଗଲେ ମଧ୍ୟ ଖୋଜିପାଇବାର ପ୍ରବଳ ଇଚ୍ଛା, ଅସୀମ ଧୈର୍ଯ୍ୟ ଓ ଆତ୍ମବିଶ୍ୱାସ ଭଞ୍ଜ ସାହିତ୍ୟରେ ସ୍ୱତନ୍ତ୍ର ଦିଗନ୍ତ ଉନ୍ମୋଚନ କରିଛି । କେବଳ ସର୍ବକାଳୀନ ଜୀବନ ନୁହେଁ, ତତ୍କାଳୀନ ଉତ୍କଳୀୟ ସାମାଜିକ ଜୀବନର ସୁସ୍ଥତା ପାଇଁ ଭଞ୍ଜକବି ଯଥେଷ୍ଟ ପ୍ରଚେଷ୍ଟା କରିଛନ୍ତି । ସାହିତ୍ୟରେ ସେ ନାରୀକୁ ଯଥେଷ୍ଟ ସମ୍ମାନ ଦେଇଛନ୍ତି । ମୋଗଲ ରାଜତ୍ୱର ପ୍ରଭାବରେ ପରକୀୟା ପ୍ରୀତି ପ୍ରସାରଲାଭ କରୁଥିବା ଦେଖି କବି ମର୍ମାହତ ହୋଇଛନ୍ତି । ବିଳାସୀ ବାଦଶାହମାନେ ନିଜେ ବିଳାସବ୍ୟସନରେ ମାତିରହି ନାରୀକୁ ପଣ୍ୟଦ୍ରବ୍ୟ, ଭୋଗ୍ୟବସ୍ତୁ ରୂପେ ରୂପ ଦେଇଛନ୍ତି । ଏ ଚିନ୍ତାକୁ, ଏ ପ୍ରଥାକୁ ବିରୋଧ କରିଛନ୍ତି ଭଞ୍ଜ କବି । ସାହିତ୍ୟରେ ଦୃଢ଼ସ୍ୱର ଉତ୍ତୋଳନ କରି ଏହାର ପ୍ରତିବାଦ ଜଣାଇ ପରସ୍ତ୍ରୀ, ପରଦ୍ରବ୍ୟ ହରଣଠାରୁ ମରଣ ଶ୍ରେୟସ୍କର ବୋଲି ଘୋଷଣା କରିଛନ୍ତି । ନାରୀ କେଳିର ଖେଳନା ନୁହେଁ, ସେ ଆଦର୍ଶର ପ୍ରତୀକ, ପ୍ରଗତିର ପ୍ରତିମୂର୍ତ୍ତି । ସେ ଏକାଧାରରେ ଗୃଧ୍ନମୁଗ୍‌ଧା, ବିଦଗ୍‌ଧା ଓ ଜ୍ଞାନସିଦ୍ଧା । ତା'ର ସାମାଜିକ ସ୍ଥିତି ଓ ଗୌରବ ରହିଛି । ନାରୀକୁ ଉଚ୍ଚାସନ ଦେବାର ବହୁ ପ୍ରସଙ୍ଗ ଭଞ୍ଜ ସାହିତ୍ୟରେ ଥାଇ ସୂଚାଇ ଦେଉଛି କବିଙ୍କର ସୂକ୍ଷ୍ମ ଦୃଷ୍ଟି ଓ ଶାଣିତ ଚେତନା । ଉଦାହରଣ ରୂପରେ ବୈଦେହୀଶ ବିଳାସରୁ ଗୋଟିଏ ପ୍ରସଙ୍ଗ ଗ୍ରହଣ କରାଯାଇପାରେ । ଶ୍ରୀରାମଚନ୍ଦ୍ର ସ୍ୱକୀୟା ପ୍ରୀତିର ମହନୀୟତାକୁ ସମ୍ମାନ ଦେଇ ସାରାଜୀବନ ଏକ ପତ୍ନୀବ୍ରତ ପାଳନ କରିବେ ବୋଲି ପ୍ରତିଜ୍ଞା କରିଛନ୍ତି । ସୀତା କିନ୍ତୁ ଆଉ ପାଦେ ଆଗେଇଯାଇ ତାଙ୍କ କଥାର ମୌନ ପ୍ରତିବାଦ ସ୍ୱରୂପ ଜନ୍ମେ ଜନ୍ମେ ସ୍ୱକୀୟା ପ୍ରୀତି ପାଳନ କରିବେ ବୋଲି କେତକୀର ପାଖୁଡ଼ାରେ ଲେଖି ଦେଇଛନ୍ତି । ଏଥିରୁ ନାରୀର ବିଦଗ୍‌ଧ ଭାବ ଓ ମହତ୍ତ୍ୱକୁ ଭଞ୍ଜକବି କେତେକ ପରିମାଣରେ ସମ୍ମାନ ଦେଇଛନ୍ତି ତାହା ସହଜରେ ଅନୁମେୟ । ଯୁଗେ ଯୁଗେ ଭଞ୍ଜ ସାହିତ୍ୟ ଶାସ୍ତ୍ରସ୍ୱରୂପ ସମାଜକୁ ରୁଚିପୂର୍ଣ୍ଣ ଦିଗ୍‌ଦର୍ଶନ ଦେଇ ଉତ୍କଳ ସାହିତ୍ୟ ଗନ୍ତାଘରରେ ଅମୂଲ୍ୟରତ୍ନ ରୂପେ ବିରାଜିତ ହୋଇ ରହିବ, ଏହା କହିବା ବାହୁଲ୍ୟମାତ୍ର ।

ଭଞ୍ଜ ସାହିତ୍ୟ, ଦେବମନ୍ଦିରର ରୂପ ଓ ଗୁଣ ଧାରଣ କରିଛି । ମନ୍ଦିର ଗାତ୍ରରେ ଥାଏ ଅଶ୍ଳୀଳ ଚିତ୍ର, ଦର୍ଶକକୁ ସଂସାରର ମୋହ, ମାୟା ସଂପର୍କରେ ଅଧିକ ସଚେତନ କରି ଜୀବନକୁ ବିଶ୍ଳେଷଣ କରିବାକୁ ସୁଯୋଗ ଦେବା ପାଇଁ । ଏହି ପଟଳକୁ ଭେଦ କଲେ ସିଂହାସନାସୀନ ଆରାଧ୍ୟ ଦେବତା ଦୃଶ୍ୟମାନ ହୁଅନ୍ତି । ଭଞ୍ଜ ସାହିତ୍ୟ ସେପରି ବାହାରକୁ ଅଶ୍ଳୀଳ ଚିତ୍ର ଦେଲାପରି ମନେ ହେଲେ ମଧ୍ୟ ଆଭ୍ୟନ୍ତରୀଣ କ୍ଷେତ୍ରରେ ଜୀବନର କଲ୍ୟାଣବ୍ରତ ବରଣ କରି ଆଦର ଓ ଗୌରବ ଲାଭ କରିଛି । ନିଜ କବିତାରେ ଭଞ୍ଜ କବି କହନ୍ତି ଯେ ନାୟକ ସାଧନା ମାଧ୍ୟମରେ ଆକାଂକ୍ଷିତ ନାୟିକା ପ୍ରାପ୍ତ ହୋଇପାରେ । ଶିବଙ୍କୁ ସେବା କଲେ, ଗଙ୍ଗାରେ ସ୍ନାନ କଲେ ସୁଫଳ ସ୍ୱରୂପ ସୁନାରୀ ମିଳିଥାଏ । ସାଧନା ହିଁ ଜୀବନର ଏକ ବଳିଷ୍ଠ ଉପାଦାନ, ଯାହାର ସଂସ୍ଥିତିରେ ଅଭୀଷ୍ଟ ପୂର୍ଣ୍ଣ ହୁଏ । 'ଲାବଣ୍ୟବତୀ' କାବ୍ୟରେ ପ୍ରଭାକର କଠୋର ସାଧନାରେ ନିମଗ୍ନ ରହିଛି ବାଞ୍ଛାବତୀକୁ ନାୟିକା

ଭାବରେ ପାଇବା ପାଇଁ । ଜୀବନ ଏକ ସାଧନାର ପୀଠ । ତେଣୁ ଜୀବନବାଦୀ ଭଞ୍ଜକବି ସାଧନାକୁ ସାମାନ୍ୟ ଜ୍ଞାନ କରି ନାହାନ୍ତି । ଏକନିଷ୍ଠ ସାଧନାର ମୂଲ୍ୟକୁ ଉପଲବ୍ଧି କରି ଜୀବନ ଗଠନ କରିବାକୁ ସେ ସମାଜକୁ ଆହ୍ୱାନ କରିଛନ୍ତି କହିଲେ ଅତ୍ୟୁକ୍ତି ହେବ ନାହିଁ ।

ଜୀବନର ଯାହା ପ୍ରକୃତ ଅଭୀଷ୍ଟ ଧନ, ଅମ୍ଲାନରତ୍ନ, ସେହି ପରମ ପୁରୁଷଙ୍କ ସଂପର୍କରେ ଭଞ୍ଜକବି ସଚେତନ ରହି ସାହିତ୍ୟ ରଚନା କରିଥିବାରୁ ସାହିତ୍ୟରେ ବିଭୁଚିନ୍ତାର ବିମଳ ବିଭା ପ୍ରକଟିତ ହୋଇଛି । ପରମପ୍ରଭୁଙ୍କ ଚରଣାରବିନ୍ଦରେ ନିଜକୁ ଅର୍ପଣ କରିଦେବାର ବହୁ ଦୃଷ୍ଟାନ୍ତ ତାଙ୍କ ସାହିତ୍ୟରେ ଅଛି । ରାମତାରକ ମନ୍ତ୍ରରେ ସିଦ୍ଧି ଲାଭ କରି ସେ କବିତ୍ୱ ପ୍ରାପ୍ତ ହୋଇଥିଲେ ବୋଲି କହିବା ମାଧ୍ୟମରେ ଜୀବନରେ ବିଭୁ କରୁଣାର କେତେ ମୂଲ୍ୟ ଅଛି ତାହା ସୂଚାଇ ଦେଇଛନ୍ତି । 'ବୈଦେହୀଶବିଳାସ'ରେ ରାମ ଓ ସୀତାଙ୍କର ମହିମା ବର୍ଣ୍ଣନା କରିବାକୁ ସୁଯୋଗ ପାଇଛନ୍ତି ବୋଲି ଆତ୍ମପ୍ରସାଦ ଲାଭ କରିଛନ୍ତି । ରାମ ହେଉଛନ୍ତି ମର୍ଯ୍ୟାଦା ପୁରୁଷୋତ୍ତମ ଓ ସୀତା ପରମା ପ୍ରକୃତି, କେବଳ ରାମ-ସୀତା ନୁହନ୍ତି, ଶ୍ରୀକୃଷ୍ଣ, ଶ୍ରୀଜଗନ୍ନାଥଙ୍କ ବର୍ଣ୍ଣନା ଓ ବନ୍ଦନା ତାଙ୍କ ସାହିତ୍ୟରେ ଉପସ୍ଥାପିତ ହୋଇଛି । ଲାବଣ୍ୟବତୀ, ପ୍ରେମସୁଧାନିଧି, ସୁବର୍ଣ୍ଣରେଖା ଆଦି କାବ୍ୟରେ ରାମଙ୍କ ବନ୍ଦନା କରାଯାଇଛି ଓ କୋଟିବ୍ରହ୍ମାଣ୍ଡ ସୁନ୍ଦରୀ, ସୁଭଦ୍ରା ପରିଣୟ, ରସିକ ହାରାବଳୀ ଆଦି କାବ୍ୟରେ ଶ୍ରୀଜଗନ୍ନାଥଙ୍କ ବନ୍ଦନା କରାଯାଇଛି । କଳାକଉତୁକ ଗ୍ରନ୍ଥରେ ଭଞ୍ଜକବି ଶ୍ରୀକୃଷ୍ଣଙ୍କର ଲୀଳାର ମହିମା ଗାନ କରିଛନ୍ତି । କେବଳ କାବ୍ୟରେ ନୁହେଁ, ଜୀବନରେ ମଧ୍ୟ ବିଭୁଚେତନାର ସୁଦୃଢ଼ ସ୍ଥିତି ପାଇଁ ଉପେନ୍ଦ୍ର ଭଞ୍ଜ ଆନ୍ତରିକତାର ସହ ପ୍ରୟାସ କରିଛନ୍ତି । ବିଭୁ ଚିନ୍ତା ସହିତ ଜାଗତିକ ଜୀବନଚିନ୍ତାର ମଧୁର ସମନ୍ୱୟ ଉପରେ ତାଙ୍କର ଅଖଣ୍ଡ ବିଶ୍ୱାସ ଅଛି । ଏ ଦୃଷ୍ଟିରୁ ବିଚାର କଲେ ଭଞ୍ଜ କବି ଯେ କେତେ ପରିମାଣରେ ଜୀବନବାଦୀ ତାହା ସ୍ପଷ୍ଟ ବାରି ହୋଇପଡ଼େ ।

କେବଳ ଶବ୍ଦଲାବଣ୍ୟ, ଅଳଙ୍କାରଚାତୁରୀ ଓ ଅର୍ଥଗୌରବ ନେଇ ଭଞ୍ଜ ସାହିତ୍ୟ, ଅମରତ୍ୱଲାଭ କରି ନାହିଁ, ପ୍ରକୃତରେ ସେ ସାହିତ୍ୟ ବଞ୍ଚି ରହିଛି ତନ୍ମଧ୍ୟରେ ଥିବା ଜୀବନ ଚିନ୍ତାକୁ ନେଇ । ଉପେନ୍ଦ୍ର ଭଞ୍ଜଙ୍କ କବିତ୍ୱ ଅମ୍ଲାନ ରହିଛି ଜୀବନଚିନ୍ତାକୁ ଭିତ୍ତିକରି । କବିଶେଖର ଚିନ୍ତାମଣି କବି ସମ୍ରାଟ ଉପେନ୍ଦ୍ର ଭଞ୍ଜଙ୍କର ବୈଶିଷ୍ଟ୍ୟକୁ ମର୍ମେ ମର୍ମେ ଉପଲବ୍ଧି କରି ଏତେ ଭାବପ୍ରବଣ ହୋଇ ଯାଇଛନ୍ତି ଯେ ସେ ତାଙ୍କ ସେବକ ପଦବୀ ମଣ୍ଡନ କରିଥାନ୍ତେ ବୋଲି ଆଶା ପୋଷଣ କରିବାକୁ କୁଣ୍ଠା ପ୍ରକାଶ କରିନାହାନ୍ତି । କବିବର ରାଧାନାଥ ମଧ୍ୟ ଉପେନ୍ଦ୍ରଙ୍କର ମହତ୍ତ୍ୱକୁ ସ୍ୱୀକାର କରି କହିଛନ୍ତି - ''କଳ୍ପନାରେ ଭାରତରୁ ମହାଭାରତକୁ ବାହାର କରିଦିଅନ୍ତୁ, ଭାରତ କେମନ୍ତେ ବିକଳାଙ୍ଗ ହୋଇଯିବ । ଉପେନ୍ଦ୍ର ଭଞ୍ଜ ଆମ୍ଭମାନଙ୍କ ଭଳି ସାମାନ୍ୟ ମନୁଷ୍ୟ ଥିଲେ । ମାତ୍ର କଳ୍ପନାରେ ଉତ୍କଳରୁ ତାହାଙ୍କୁ ବାହାର କରିଦିଅନ୍ତୁ, ଉତ୍କଳ କେମନ୍ତ ବିକଳାଙ୍ଗ ହୋଇଯିବ ।''

ଉପେନ୍ଦ୍ର ଭଞ୍ଜ ଆମ ସାହିତ୍ୟର ଗର୍ବ ଓ ଗୌରବ । ଆଜୀବନ ବାଣୀ ସାଧକ ଉପେନ୍ଦ୍ର ଆଜି ଗୋଟିଏ ଦେହରେ ନ ଥିଲେ ମଧ୍ୟ କୋଟିଏ ଦେହରେ ବଞ୍ଚି ରହିଛନ୍ତି । ତାଙ୍କ ଯୋଗୁ ଓଡ଼ିଆଭାଷା ପ୍ରାଣବନ୍ତ ହୋଇଛି । ପଲ୍ଲୀକବି ନନ୍ଦକିଶୋର ଏଥିପାଇଁ କହିଛନ୍ତି-

''ତୁମ୍ଭ ଯୋଗୁ ମାତୃଭାଷା ଆଜି ହେ ଶାଳିନୀ
ତୁମ୍ଭ ଯୋଗୁ ମାତୃଭାଷା ଆଜି ହେ ମାନିନୀ ।''

ଏକଥା ସତ୍ୟ ଯେ ଯେତେ ଦିନ ପର୍ଯ୍ୟନ୍ତ ଓଡ଼ିଆ ଭାଷା ଓ ସାହିତ୍ୟ ଥିବ, ସେତେ ଦିନ ଭଞ୍ଜ କବିଙ୍କ ନାମ ସ୍ୱର୍ଣ୍ଣାକ୍ଷରରେ ଲିପିବଦ୍ଧ ଥିବ ।

-୦-

ଭକ୍ତକବି ଶ୍ୟାମସୁନ୍ଦର ଭଞ୍ଜ

ଓଡ଼ିଶାରେ ଭଞ୍ଜ ରାଜବଂଶର ସାହିତ୍ୟିକ ସୃଷ୍ଟିଶୀଳତା ଓ ଲିପିଗତ ଅଭିବ୍ୟକ୍ତିର ମହତ୍ତ୍ୱ ଅବିସମ୍ବାଦିତ । ଏହି ବଂଶର ସୃଷ୍ଟି ସମୟ ନିର୍ଦ୍ଦିଷ୍ଟ ଭାବରେ ଏପର୍ଯ୍ୟନ୍ତ ଜଣାଯାଇ ନାହିଁ । ତେବେ କିମ୍ବଦନ୍ତୀ ଉପରେ ନିର୍ଭର କରି ଏକଥା କୁହାଯାଏ ଯେ ଏହି ବଂଶ ମୟୂର ଡିମ୍ବରୁ ଜାତ ହୋଇଛି । ଘୁମୁସରରେ ଭଞ୍ଜବଂଶର ପ୍ରାଧାନ୍ୟ ଓ ପ୍ରତିଷ୍ଠା ଅଧିକ । ଘୁମୁସର ବ୍ୟତୀତ ଓଡ଼ିଶାର ଆଉ କେତେକ ସ୍ଥାନରେ ଅର୍ଥାତ୍ ମୟୂରଭଞ୍ଜ, କେନ୍ଦୁଝର, ବଉଦ, ଦଶପଲ୍ଲା ଓ ଖୋର୍ଦ୍ଧା ନିକଟବର୍ତ୍ତୀ ହଳଦିଆରେ ଭଞ୍ଜବଂଶର ସ୍ଥିତି ଦେଖିବାକୁ ମିଳେ । ଶ୍ୟାମସୁନ୍ଦର ଭଞ୍ଜ ଏହି ହଳଦିଆରେ ଭଞ୍ଜବଂଶର ଜଣେ ବିଶିଷ୍ଟ କବି । ଏହି କବିଙ୍କ ସଂପର୍କରେ ଏ ପର୍ଯ୍ୟନ୍ତ ବିଶେଷ କିଛି ଆଲୋଚନା ହୋଇ ନାହିଁ । ପଣ୍ଡିତ ନୀଳମଣିମିଶ୍ର କୋଣାର୍କ, ଦ୍ୱିତୀୟ ବର୍ଷ, ତୃତୀୟ ଓ ଚତୁର୍ଥ ସଂଖ୍ୟା (୧୯୬୧)ରେ କବି ଶ୍ୟାମସୁନ୍ଦରଙ୍କର 'ରାଧାକୃଷ୍ଣ ଲୀଳା ଚଉପଦୀ', 'ରସରତ୍ନାକର', 'ବସନ୍ତକ୍ରୀଡ଼ା ସମୁଜ୍ଜ୍ୱଳ ରସାବଳୀ', 'ଶରତ କେଳି ରସୋଦୟ', 'କେଳିକଳାନିଧି' ଆଦି ଗ୍ରନ୍ଥ ସଂପର୍କରେ ଏକ ପ୍ରବନ୍ଧରେ ଆଲୋକପାତ କରିଛନ୍ତି । ପ୍ରତ୍ୟେକ ଗ୍ରନ୍ଥରେ କବିଙ୍କର କବିତ୍ୱର ବର୍ଣ୍ଣିଳ ବିନ୍ୟାସ ସହିତ ଭକ୍ତିମଉାର ମଧୁର ମିଶ୍ରଣ ଘଟିଅଛି । ଏହି ଗ୍ରନ୍ଥସବୁ ବ୍ୟତୀତ କବି ଶ୍ୟାମସୁନ୍ଦରଙ୍କର କେତେକ ଭଜନ ଓ ଜଣାଣ ରହିଛି । ସେଥିରୁ କେତୋଟି ଭଜନ ଓ ଜଣାଣକୁ ନେଇ ମୁଁ ଏହି ପ୍ରବନ୍ଧର ପ୍ରାଣପ୍ରତିଷ୍ଠା କରିଛି ।

କବି ଶ୍ୟାମସୁନ୍ଦର ଭଞ୍ଜଙ୍କର ସମୟକୁ ଅଷ୍ଟାଦଶ ଶତାବ୍ଦୀର ଶେଷଭାଗ କିମ୍ବା ଊନବିଂଶ ଶତାବ୍ଦୀର ପ୍ରଥମ ଭାଗ ବୋଲି ପଣ୍ଡିତ ନୀଳମଣି ମିଶ୍ର ମତ ଦିଅନ୍ତି । ପ୍ରତ୍ୟେକ ଭଜନରେ କବିଙ୍କର ଆନ୍ତରିକତା ପ୍ରକଟିତ ହୋଇଛି । କୌଣସି ଭୌତିକ ବସ୍ତୁର ପ୍ରାପ୍ତି ଆଶାରେ ସେ ପ୍ରଭୁଙ୍କୁ ଆରାଧନା କରି ନାହାନ୍ତି । ହୃଦୟର ନିର୍ମଳ ତଥା ପବିତ୍ର ଭାବକୁ ପ୍ରଭୁଙ୍କ ପାଦତଳେ ଅର୍ପଣ କରି କେବଳ ତାଙ୍କ କରୁଣାଭିକ୍ଷା କରିଛନ୍ତି । ଏହା ହେଉଛି ଉତ୍ତମାଭକ୍ତିର ଚିହ୍ନ । ଲାଭର ଆଶା ବା କୌଣସି ପ୍ରକାର ଲୋଭ ଏଥିରେ ନ ଥାଏ ।

କେବଳ ଶାନ୍ତିଲାଭ ଓ ପ୍ରୀତି ଭାବର ସଞ୍ଚରଣ ପାଇଁ ଏହି ଭକ୍ତି ଉଦ୍ଦିଷ୍ଟ । କବି ଶ୍ୟାମସୁନ୍ଦରଙ୍କର ଧନ, ମାନ, ଯଶ ପ୍ରତିଷ୍ଠା ପାଇଁ କୌଣସି ଅନୁରକ୍ତି ଭଜନମାନଙ୍କରେ ପ୍ରକଟିତ ହୋଇନାହିଁ । କବିଙ୍କର ସ୍ୱର୍ଶକାତର ଚିତ୍ତ ବିମୁଗ୍ଧ ହୋଇଛି ଜଗନ୍ନାଥଙ୍କର ଦର୍ଶନ ଓ ମହିମା କୀର୍ତ୍ତନରେ । ଜୀବନର ଶେଷ ଭାଗରେ ସେ ନୀଳାଚଳ ଧାମରେ ରହିଥିଲେ ବୋଲି ପଣ୍ଡିତ ନୀଳମଣି ମିଶ୍ର ମତ ଦେଇଛନ୍ତି । ତାଙ୍କ ମତର ଯଥାର୍ଥତା ସ୍ୱୀକାରଯୋଗ୍ୟ । ଶ୍ରୀଜଗନ୍ନାଥଙ୍କର ବିଭିନ୍ନ ବେଶର ପ୍ରତ୍ୟକ୍ଷଦର୍ଶୀ ବିବରଣୀ ଶ୍ୟାମସୁନ୍ଦରଙ୍କ ଭଜନରେ ଦେଖିବାକୁ ମିଳେ । ମହାପ୍ରଭୁ ଶ୍ରୀଜଗନ୍ନାଥ ସକାଳେ ଅପହୁଡ଼ ହୁଅନ୍ତି, ରତ୍ନପଲଙ୍କରୁ ଉଠି ରତ୍ନ ସିଂହାସନରେ ଅଧିଷ୍ଠିତ ହୁଅନ୍ତି ।

ସେବକମାନେ ପର୍ଯ୍ୟାୟକ୍ରମେ ଆସି ସେବା କରିବାକୁ ଉପସ୍ଥିତ ହୁଅନ୍ତି । ଭକ୍ତଗଣ ପ୍ରଭୁଙ୍କର ଦର୍ଶନ ନିମିତ୍ତ ବ୍ୟାକୁଳଚିତ୍ତରେ ସମାଗତ ହେବାକଥା କବି କହିଛନ୍ତି -

''ଗଗନେ ନକ୍ଷତ୍ର ପନ୍ତି ପ୍ରଭା ଅସ୍ତ ହେଲେଣି
ବାଜୁଅଛି ଘଣ୍ଟ ଭକ୍ତଗଣ ମେଳ ହେବେଣି ।
ଭଣେ ଭଞ୍ଜ ଶ୍ୟାମନିଶି ଅବଶେଷ ହେଲାଣି
ଜଗମୋହନରେ ଲୋକ ଗହଳ ତ ହେବେଣି ।''

ଶ୍ରୀଜଗନ୍ନାଥଙ୍କର ବଡ଼ସିଂହାରବେଶ ଦେଖି କବି ମୁଗ୍ଧ ହୋଇଛନ୍ତି । ପ୍ରାୟ ଅର୍ଦ୍ଧରାତ୍ରବେଳକୁ ଏହି ବେଶ ହୋଇଥାଏ । ଏହି ବେଶର ବର୍ଣ୍ଣନା କରି କବି କହନ୍ତି -

''ବଡ଼ସିଂହାର ସମୟ ଶ୍ରୀହରି ହେଲାଣି
ହୋଇଥିବେ ରମାନାଥ ନାନାରୂପେ ସାଜେଣି
ଥିବେ ବସି କୋଳେ ବିହିସୁତା, ମହୀଦୁଲଣୀ ।''

ଶ୍ରୀଜଗନ୍ନାଥ ବଡ଼ଭୋଗୀ ହୋଇଥିବାରୁ ତାଙ୍କର ବିଳାସ ନିମନ୍ତେ ଏପରି ବେଶର ଆୟୋଜନ କରାଯାଏ । ସେତେବେଳେ ଦ୍ୱାର ମୁହଁରେ ଦୁଇ ଚାରି ଗାୟେଣୀ ଛିଡ଼ାହୋଇ ବୀଣାବାଦନ କରନ୍ତି । କବିଙ୍କ ଭାଷାରେ -

''ଛିଡ଼ାହୋଇ ଛାମୁଦ୍ୱାରେ ଦୁଇ ଚାରି ଗାୟେଣୀ
ବାଉଥିବେ କରି ମନ୍ଦମନ୍ଦ ପରିବାଦିନୀ ।''

ତ୍ରିଭୁବନରେ ଏହି ଶୋଭାର ସମକକ୍ଷ ଶୋଭା ନାହିଁ । ଭକ୍ତ ପାଇଁ ଏହି ଶୋଭାର ମହତ୍ତ୍ୱ ଅବର୍ଣ୍ଣନୀୟ । କବି ଏହି ଶୋଭାରେ ଭାବବିହ୍ୱଳ ହୋଇ କହିଛନ୍ତି -

''ରସେ ଦୁଃଖି ଭଞ୍ଜ ଶ୍ୟାମ ଭାସେ ବରବର୍ଣ୍ଣିନୀ
ନାହିଁ ଏ ସମୟ ଶୋଭା କାହିଁ ତିନି ଅବନୀ ।''

ରାଜକବି ଶ୍ୟାମସୁନ୍ଦର ଭଞ୍ଜ ରାଜକୀୟ ପରିବେଶରେ ରହିଥିଲେ ମଧ୍ୟ ତାଙ୍କ ମନ ଅପୂର୍ଣ୍ଣତାର କଳାମେଘରେ ଆଚ୍ଛାଦିତ ହୋଇଥିଲା । ସେହି ଅପୂର୍ଣ୍ଣତାକୁ ଦୂର କରିବା ପାଇଁ କବି ପ୍ରଭୁଙ୍କର କରୁଣା ଭିକ୍ଷା କରିଛନ୍ତି । ଜଗନ୍ନାଥଙ୍କୁ ଜୀବର ଜୀବନ, ଦରିଦ୍ରଗଳାର ରତ୍ନମାଳା, ସମ୍ପଦର ସଖା ଭାବରେ ସେ ବରଣ କରି ନେଇଛନ୍ତି ।

ତାଙ୍କ ଉକ୍ତିରେ -

''ଆହେ ପ୍ରଭୁ ଘନ କାଳିଆ,
କନକ ବସନ ବନମାଳିଆ
ନୁହ ମୋରେ ନିଷ୍ଠୁର ହିଆ ତବ ବିନୁ ନାହିଁ ମୋ ସାହା
ଭବଜଳେ ପଡ଼ି ମରୁଛି ମୁଁ ବୁଡ଼ି ତ୍ରାହିକର ଚିତ୍ତେବହି ସୁଦୟା ।''

ବହୁ ଆଶାକରି ଯେତେବେଳେ କବି କିଛି ଭରସା ପାଇନାହାନ୍ତି ସେତେବେଳେ ତାଙ୍କ ହୃଦୟ ନୈରାଶ୍ୟରେ ଜର୍ଜରିତ ହୋଇଉଠିଛି । ସେ ତାଙ୍କର ଦାବିକୁ ଦୃଢ଼ କରିବାକୁ ପ୍ରଭୁଙ୍କର କରୀତାରଣ, ଦ୍ରୌପଦୀଙ୍କର ଲଜ୍ଜାବାରଣ, ମୃଗୀରକ୍ଷଣ ଆଦି ପ୍ରସଙ୍ଗକୁ ପାରମ୍ପରିକ ଢଙ୍ଗରେ ଉପସ୍ଥାପନା କରିଛନ୍ତି । ଜଗନ୍ନାଥଙ୍କଠାରେ ସେ ରାମ ଓ

କୃଷ୍ଣଙ୍କର ସ୍ୱରୂପ ଓ ସ୍ୱଭାବକୁ ଆରୋପ କରିଛନ୍ତି । ଏହା ହେଉଛି ଉତ୍କଳର ବୈଶିଷ୍ଟ୍ୟ । ଏଠାରେ ଜଗନ୍ନାଥ ହେଉଛନ୍ତି ପରମ ଆରାଧ୍ୟଦେବତା । ତାଙ୍କୁ ଛାଡ଼ି ଉତ୍କଳୀୟ ସଂସ୍କୃତିର ସ୍ଥିତିକୁ ପରିକଳ୍ପନା କରାଯାଇପାରିବ ନାହିଁ । ସେ ହେଉଛନ୍ତି ସମନ୍ୱୟର ଦେବତା । ସେ ସବୁ ସ୍ୱରୂପର ଏକତ୍ରିତ ସ୍ୱରୂପ, ସବୁ ଧର୍ମର ସମ୍ମିଶ୍ରିତ ରୂପ । ନିଜର ଉଦାରତା ଓ ବ୍ୟାପକତା ମଧ୍ୟରେ ସେ ସବୁ ରୂପ ଓ ସବୁ ଧର୍ମକୁ ଆପଣାର କରି ନେଇଛନ୍ତି । ଉତ୍କଳର କବି ଶ୍ୟାମସୁନ୍ଦର ଜଗନ୍ନାଥଙ୍କର ବ୍ୟାପକତାକୁ ଉଚ୍ଚାସନ ଦେଇ ତାଙ୍କଠାରେ ଭିନ୍ନଭିନ୍ନ ଅବତାରର ଭିନ୍ନଭିନ୍ନ ମହିମାକୁ ଆରୋପ କରିଛନ୍ତି । ଏପରିକି ଗୋଟିଏ ଭଜନରେ ରାମଙ୍କର ଅହଲ୍ୟା ତାରଣ, କୃଷ୍ଣଙ୍କର ପୂତନାନିଧନ, ଦ୍ରୌପଦୀକୁ କୋଟିବସ୍ତ୍ର ଦାନ, ମୃଗୁଣୀ ଉଦ୍ଧାରଣ କଥା ବର୍ଣ୍ଣନା କରିଛନ୍ତି । ଜଗନ୍ନାଥଙ୍କୁ ରାଜା ଭାବରେ ଗ୍ରହଣ କରି ନିଜକୁ ପ୍ରଜାପରି ମନେ କରିଛନ୍ତି ।

''ପ୍ରଜାର ଗୁହାରି ରାଜା ପ୍ରାୟ କରି
ଯେବେ ନ ଶୁଣିବ କର୍ଣ୍ଣେ
ତା'ର ଦୁଃଖମାନ ହରିବାକୁ କ୍ଷମ
ଅଛିଟିକି ଆଉ ଜଣେ ।''

କେବଳ ପ୍ରଜା ନୁହେଁ ନିଜକୁ ପାପୀ, ଅଜ୍ଞାନ, ଅଧମ ବୋଲି କବି କଳ୍ପନା କରିଛନ୍ତି । ରାଜକୀୟ ମନୋବୃତ୍ତି ଜନିତ ଅହମିକା ତାଙ୍କ ପାଖରୁ ଦୂରେଇ ଯାଇଛି । ହୃଦୟର ନିଭୃତ କୁଞ୍ଜରେ ମୁରଲୀର ମୃଦୁଧ୍ୱନି ସେ ଶୁଣିପାରିଛନ୍ତି । ଆଧ୍ୟାତ୍ମିକତା ମାଧ୍ୟମରେ ଜୀବନକୁ ଜାଣିବା ପାଇଁ କବିଙ୍କ ମନରେ ଆଗ୍ରହ ସୃଷ୍ଟି ହୋଇଛି । ନିଜକୁ ତୃଣାଦପିତୁଚ୍ଛ ମନେକରି ସେ କହିଛନ୍ତି ଯେ ସେ ଜଣେ ପତିତ, ହରିନାମ ତୁଣ୍ଡରେ ଧରନ୍ତି ନାହିଁ । କଳିବିବାଦରେ ତାଙ୍କ ମନ ସର୍ବଦା ମାତିଥାଏ । ଅତିଥି ଚର୍ଚ୍ଚାପରି ପୁଣ୍ୟକର୍ମ ସେ କରନ୍ତି ନାହିଁ । ଅସତ୍ ଚିନ୍ତାରେ, ଅସତ୍ କଥାରେ ଦିନ ତାଙ୍କର ଅତିବାହିତ ହୁଏ ।

କବି ଶ୍ୟାମସୁନ୍ଦରଙ୍କର ମନରେ ଏ ଭାବ ଆସିଛି ଯେ ଭଗବାନ ତାଙ୍କର ଅନୁରକ୍ତ ଭକ୍ତମାନଙ୍କୁ କେବଳ ଆଶ୍ରୟ ଦାନ କରନ୍ତି । ଅନ୍ୟମାନଙ୍କୁ ସେ ସେହି ସୌଭାଗ୍ୟ ଦିଅନ୍ତି ନାହିଁ । ଉଦାହରଣ ଦେଇ ସେ କହିଛନ୍ତି ଯେ ଜଟାୟୁ ରାମଚନ୍ଦ୍ରଙ୍କ ପକ୍ଷରୁ ରାବଣ ସହିତ ଯୁଦ୍ଧ କରି ପ୍ରାଣ ବିସର୍ଜନ କରିଥିବାରୁ ତା'ର ସ୍ୱର୍ଗପ୍ରାପ୍ତି ହୋଇଅଛି । କୌସ୍ତୁଭ ରାଜା ଗଭୀର ଅନୁରକ୍ତିସହ ବିଷ୍ଣୁଙ୍କ ହୃଦୟରେ ସ୍ଥାନଲାଭ କରିବା ପାଇଁ କାମନା କରିଥିବାରୁ ପ୍ରଭୁ ତାଙ୍କର କାମନା ପୂରଣ କରିଛନ୍ତି । ନିଜର ଅନୁରକ୍ତି ନ ଥିଲେ ସୁଦ୍ଧା ପ୍ରଭୁ ଯଦି ସ୍ୱତଃ କରୁଣାବାରି ବର୍ଷଣ କରନ୍ତେ ତା'ହେଲେ ସେ ଧନ୍ୟ ହୁଅନ୍ତେ ବୋଲି କବି ଶ୍ୟାମସୁନ୍ଦର କାମନା କରିଛନ୍ତି ।

କବିଙ୍କର ଅଭିମାନ ହୃଦୟର ଗଭୀରତମ ପ୍ରଦେଶରୁ ଉପସ୍ଥାପିତ ହୋଇଛି । ଅଜାମିଳର ମୁକ୍ତି ଓ ସ୍ୱର୍ଗପ୍ରାପ୍ତି ପ୍ରସଙ୍ଗରେ କବି କହିଛନ୍ତି -

''ଅଜାମିଳ ହରି ପୁତ୍ର ନାମ ଧରି ଡାକିବା ମାତ୍ରକେ କତିକି
ଦୂରୁ ପଳାଇଲେ ପରା ଯମଚରେ ତୁମ୍ଭଙ୍କୁ କରି ଭୀତିକି ।
x x x x
ପୂତନାର ପାପ ଲେଖିଲେ ଅମାପ ଭାରା ସେ ଥିଲା ପୃଥ୍ୱୀକି
ଭକ୍ଷଣ କ୍ଷୀରକୁ ରଖିଲ ଯେ ତାକୁ ଶ୍ରୀଅଙ୍ଗେ ଦେଇ ଗତିକି ।''

ଏହାଛଡ଼ା କବି ତାଙ୍କର ଏକ ଭଜନରେ ନିଜସ୍ୱ ମୌଳିକ ଚିନ୍ତାଧାରାର ଆଲେଖ୍ୟ ଅଙ୍କନ କରିଛନ୍ତି । ଭବସାଗର ପାରିହେବା ପାଇଁ ସେ ଈଶ୍ୱରଙ୍କୁ ଗୋଟିଏ ପୋତ ରୂପରେ ପରିକଳ୍ପନା କରିଛନ୍ତି । ଜାହାଜରେ ପଟାବାଡ଼ ଥାଏ । କବି ପ୍ରଭୁଙ୍କର କୃପାକଟାକ୍ଷକୁ ପଟାବାଡ଼ ବୋଲି କହିଛନ୍ତି । ଜାହାଜରେ ଥାଏ ଖିଲ । କବି ବିଲଙ୍କା ଦଳନକାରୀ ଶ୍ରୀରାମଙ୍କୁ ଖିଲ ରୂପରେ ଗ୍ରହଣ କରିଛନ୍ତି । ଜଗନ୍ନାଥଙ୍କୁ ଲଙ୍ଗର ଭାବରେ ବିଚାର କରିଛନ୍ତି । ହରିଣୀ ଉଦ୍ଧାରକାରୀ ନାରାୟଣଙ୍କୁ ମଣିସ୍ତମ୍ଭ ଭାବରେ ଚିତ୍ରଣ କରିବା ସଙ୍ଗେସଙ୍ଗେ ଭୋଜରାଜା କଂସର ବିବାଦୀ କୃଷ୍ଣକୁ ଅଝାଲ ରୂପରେ ଓ ଫଣୀମର୍ଦ୍ଦନକାରୀ ଶ୍ରୀକୃଷ୍ଣଙ୍କୁ ନଳୁଆ ଅର୍ଥାତ୍ ଆହୁଲା ଭାବରେ ଗ୍ରହଣ କରିଛନ୍ତି । କବିଙ୍କ ଭାଷାରେ -

''ପଟାବାଡ଼ କରି କୃପାକଟାକ୍ଷ ହରିଙ୍କି
ଖିଲ କରି ବସାଦୃଢ଼େ ବିଲଙ୍କାଦଳୀଙ୍କି
ଲଙ୍ଗର କରିଣ ଭବ ମଙ୍ଗଳକାରୀଙ୍କି
ମଣିସ୍ତମ୍ଭ କରି ସ୍ଥାପ ଏଣୀ ନିସ୍ତାରୀଙ୍କି
ଅଝାଲ କରିଣ ଭୋଜରାଜା ବିବାଦୀଙ୍କି
ନଳୁଆ କର ତୁ ଫଣୀକାଳିଆ ମର୍ଦ୍ଦିଙ୍କି ।''

ଶ୍ରୀଜଗନ୍ନାଥ ହେଉଛନ୍ତି ଲୀଳାର ଠାକୁର । ବାରମାସରେ ତେରଯାତ୍ରା ତାଙ୍କର ଅନୁଷ୍ଠିତ ହୁଏ । ଯେତେ ଯାତ୍ରା ହୁଏ ସେଥିମଧ୍ୟରୁ ଦୁଇଟି ଯାତ୍ରାରେ ସ୍ୱୟଂ ଜଗନ୍ନାଥ ରତ୍ନସିଂହାସନରୁ ଅବତରି ଆସନ୍ତି । ସ୍ନାନଯାତ୍ରାରେ ସ୍ନାନମଣ୍ଡପକୁ ଓ ଘୋଷଯାତ୍ରାରେ ବଡ଼ଦାଣ୍ଡକୁ ସେ ଆସିଥାନ୍ତି । ଏହି ଘୋଷଯାତ୍ରା ଦେଖିବା ପାଇଁ ବହୁଯାତ୍ରୀ ବହୁ ସ୍ଥାନରୁ ଆସିଥାନ୍ତି । ଘୋଷଯାତ୍ରାର ପହଣ୍ଡି ବିଜେ ଅତ୍ୟନ୍ତ ଆକର୍ଷଣୀୟ ହୋଇଥାଏ । ସେହି ଦୃଶ୍ୟର ମାଧୁରିମା ଅନୁଭବ କରି ହୁଏ, ଅନୁମାନ କରି ବୁଝି ହୁଏ ନାହିଁ । ପ୍ରଭୁଙ୍କର ସୁରଙ୍ଗ ଅଧାଅଧା ହସ, କଟୀର ପୀତବସ୍ତ୍ରର ଶୋଭା, ଭାଲର ଚିତାର କାନ୍ତି କବି ଶ୍ୟାମ ସୁନ୍ଦରଙ୍କୁ ମୁଗ୍ଧ କରିଛି । କବିଙ୍କ ଭାଷାରେ -

''ସୁରଙ୍ଗ ଅଧର ଶୋଭା ଦିଶୁଥିବ ସଜନୀ
ଭାସୁଥିଲା ପରିଜଳେ ପଦ୍ମରାଗ ତରଣୀ ।
x x x x
ଲାଖିଥିବ ଭାଲେ ନବରତ୍ନ ଚିତା ସାଜେଣୀ
ଗଗନେ ଉଦିତ ହେଲାପରି ପ୍ରାତଃ ତରଣି ।
x x x x
କହେ ଶ୍ୟାମ ଏ ଉତ୍ସବ ନାହିଁ ତିନି ଧରଣୀ
ଧନ୍ୟ ହେବ ନେତ୍ର ତୋର ଆଗୋ ପ୍ରାଣମିତଣି ।''

ଅନ୍ୟସବୁ ଆଶା, ସବୁ ଭରସା ଛାଡ଼ି କବି କେବଳ ପ୍ରଭୁଙ୍କ ପାଦରେ ମନ ରଖିଛନ୍ତି । ଆର୍ତ୍ତୀଭକ୍ତ ହୋଇ ନିଜର ଦୁଃଖ ଜଣାଇଛନ୍ତି ଏବଂ ଶଙ୍ଖଚକ୍ରଧାରୀ ବିଷ୍ଣୁଙ୍କୁ ଆକୁଳ ପ୍ରାର୍ଥନା କରିଛନ୍ତି କରୁଣାକଟାକ୍ଷରେ ତାଙ୍କୁ ଟିକିଏ ଅନାଇ ଦେବାପାଇଁ । କବିଙ୍କ ଭାଷାରେ -

''କ୍ଷୀରସିନ୍ଧୁ-ସୁତାବନ୍ଧୁ ପ୍ରଭୁ ବଇକୁଣ୍ଠନାଥ ହେ
ଅଶରଣ ଜନସାହା, ତୁମ୍ଭେ ଶଙ୍ଖଚକ୍ର ବାହା ।
ମୋଠାରେ କାହିଁକି ଏତେ ନିରାଶ, ହୃଦୟ କରୁଅଛ ପରକାଶ
ଛାଡ଼ି ସବୁ ପରା, ତୁମ୍ଭଙ୍କୁ ଆଶା ମୁଁ କରିଛି ସନ୍ତତ ହେ ।''

କବି ଶ୍ୟାମସୁନ୍ଦରଙ୍କର ଅନ୍ତରର ଅନାବିଳ ଅଭିବ୍ୟକ୍ତି ପ୍ରତିଟି ଭଜନରେ ମୂର୍ତ୍ତିମନ୍ତ ହୋଇଛି । ଭକ୍ତି ଭାବନାର ବିମଳଧାରା ପ୍ରବାହିତ ହୋଇଛି ପ୍ରତ୍ୟେକ ଭଜନରେ । ସେହି ଧାରା କବିଙ୍କୁ ଓଡ଼ିଆ ସାହିତ୍ୟ ସାମ୍ରାଜ୍ୟରେ ସ୍ୱତନ୍ତ୍ର ଆସନ ଆଣିଦେଇଛି ।

-୦-

ଓଡ଼ିଆ ରାଗାନୁଗା ଭକ୍ତିସାହିତ୍ୟ

ପ୍ରାଚୀନ ଓ ମଧ୍ୟଯୁଗୀୟ ଓଡ଼ିଆ ସାହିତ୍ୟର କେତେକାଂଶ ସହିତ ଧର୍ମର ସଂପର୍କ ଏକାଧାରରେ ଅନବଦ୍ୟ ଓ ଅବିଚ୍ଛେଦ୍ୟ । ସେହି କେତେକାଂଶ ହେଉଛି ଧର୍ମଧାରାର ସ୍ଥିତି ପାଇଁ ଏକ ମୁକ୍ତ ସୁସମଞ୍ଜସ୍ୟ କ୍ଷେତ୍ର । ଧର୍ମ ହେଉଛି ସେ ସାହିତ୍ୟର ସମୃଦ୍ଧି ଓ ଅଭିବ୍ୟକ୍ତି ନିମିତ୍ତ ଏକ ପ୍ରକୃଷ୍ଟ ଅବଲମ୍ବନ । ଯେତେବେଳେ ସାମାଜିକ ଜୀବନରେ ଯେଉଁ ସଂପ୍ରଦାୟ ପ୍ରାଧାନ୍ୟଲାଭ କରିଛି, ସେତେବେଳେ ତଦନୁସାରୀ ସାହିତ୍ୟ ସୃଷ୍ଟି ହୋଇଛି । ରାଗାନୁଗା ଭକ୍ତିଧର୍ମ ବା ସଗୁଣ କୃଷ୍ଣକୈନ୍ଦ୍ରିକ ବୈଷ୍ଣବ ଧର୍ମର ମନ୍ଦାକିନୀଧାରା ଯେତେବେଳେ ଉତ୍କଳୀୟ ଜନମାନସ ଭୂମିକୁ ଭାବସିକ୍ତ କରିଛି,ସେତେବେଳେ ସାହିତ୍ୟରେ ତା'ର ସ୍ପଷ୍ଟ ବଳିଷ୍ଠ ଚିତ୍ର ପ୍ରକଟିତ ହୋଇଛି । ରାଗାନୁଗା ଭକ୍ତିଧର୍ମରେ କୃଷ୍ଣ ହେଉଛନ୍ତି ଆରାଧ୍ୟଦେବତା । ବିଷ୍ଣୁଙ୍କର ଗୁଣ ଓ ଲକ୍ଷଣସବୁ କୃଷ୍ଣଙ୍କଠାରେ ଆରୋପିତ ହୋଇଛି । ବିଷ୍ଣୁ ଶବ୍ଦର ଭିନ୍ନ ଭିନ୍ନ ବ୍ୟୁତ୍ପତ୍ତିଗତ ଅର୍ଥ ରହିଛି । ଯଥା - ''ବେବେଷ୍ଟି ବ୍ୟାପ୍ନୋତି ବିଶ୍ୱଂ ଯଃ'' ଅର୍ଥାତ୍ ଯେ ବିଶ୍ୱକୁ ବ୍ୟାପିକରି ରହିଅଛନ୍ତି । ପୁନଶ୍ଚ - 'ବେଷତି ସିଞ୍ଚତି ଆପ୍ୟାୟତେ ବିଶ୍ୱମିତି'' ଅର୍ଥାତ୍ ବିଶ୍ୱକୁ ଯେ ଆପ୍ୟାୟିତ କରୁଅଛନ୍ତି ସେ ହେଉଛନ୍ତି ବିଷ୍ଣୁ । ପୁନଶ୍ଚ ''ବିଷ୍ଣାତି ବିଯୁର୍ନକ୍ତି ଭକ୍ତାନ୍ ମାୟାପସାରଣେନ ସଂସାରା ଦିତି'' ଅର୍ଥାତ୍ ଯିଏ ମାୟା ଅପହରଣ ପୂର୍ବକ ଭକ୍ତମାନଙ୍କୁ ସଂସାରରୁ ମୁକ୍ତ କରନ୍ତି ସେ ହେଉଛନ୍ତି ବିଷ୍ଣୁ । ବିଷ୍ଣୁ ପୁରାଣରେ ବିଷ୍ଣୁଙ୍କ ସର୍ବମୟ ସ୍ଥିତି ସଂପର୍କରେ ଉଲ୍ଲେଖ ରହିଛି । ଯଥା -

''ଯସ୍ମାତ୍ ବିଶ୍ୱମିଦଂ ସର୍ବଂ ତସ୍ୟ ଶକ୍ତ୍ୟା ମହାତ୍ମନଃ,
ତସ୍ମା ଦେବେଚ୍ୟତେ ବିଷ୍ଣୁବଶଧାତୋଃ ପ୍ରବେଶନାତ୍ ।''

ଅର୍ଥାତ୍ ସର୍ବ ଭୂତରେ ଯିଏ ରହିଛନ୍ତି ଓ ଯାହାଙ୍କଠାରେ ସର୍ବଭୂତ ରହିଛି ସେ ହେଉଛନ୍ତି ବିଷ୍ଣୁ । ଅଗ୍ନିପୁରାଣରେ ବିଷ୍ଣୁଙ୍କୁ ଯେଉଁଭଳି ବିଚାର କରାଯାଇଛି ତାହା ହେଲା ସେ ହେଉଛନ୍ତି ଏକାଧାରରେ ସ୍ରଷ୍ଟା ଓ ସୃଷ୍ଟି ପୁଣି ପାଲ୍ୟ ଓ ପାଳୟିତା ।

''ସ ଏବ ସୃଜ୍ୟ ସ ଚ ସର୍ଗକର୍ତ୍ତା
ସ ଏବ ପାତା ସ ତ ପାଲ୍ୟତେ ଚ
ବ୍ରହ୍ମାଦ୍ୟବସ୍ଥା ଭିର ଶେଷ ମୂର୍ତ୍ତିଃ
ବିଷ୍ଣୁଃ ବରିଷ୍ଠୋ ବରଦୋ ବରେଣ୍ୟଃ'' ।

ଅର୍ଥାତ୍ ସେହି ବିଷ୍ଣୁ ହିଁ ସୃଜ୍ୟ, ପୁଣି ସେ ସ୍ରଷ୍ଟା । ସେ ହିଁ ପାଲ୍ୟ ପୁଣି ସେ ହିଁ ପାଳୟିତା । ବ୍ରହ୍ମାଦି ନିଖିଳ ଦେବତା ତାଙ୍କର ହିଁ ମୂର୍ତ୍ତି । ସୁତରାଂ ବିଷ୍ଣୁ ହିଁ ବରିଷ୍ଠ, ବିଷ୍ଣୁ ହିଁ ବରଦ ଓ ବିଷ୍ଣୁ ହିଁ ବରଣୀୟ । କୃଷ୍ଣକୈନ୍ଦ୍ରିକ

ବୈଷ୍ଣବ ଧର୍ମ ନିର୍ଗୁଣ ଓ ସଗୁଣ ଉପାସନା ଭିତ୍ତିରେ ଦୁଇଭାଗରେ ବିଭକ୍ତ । ନିର୍ଗୁଣ କୃଷ୍ଣ ଉପାସନାଭିତ୍ତିକ ଧର୍ମକୁ କୁହାଯାଏ ଜ୍ଞାନାଶ୍ରୟୀ ଭକ୍ତିଧର୍ମ ଓ ସଗୁଣ କୃଷ୍ଣ ଉପାସନା ଭିତ୍ତିକ ଧର୍ମକୁ କୁହାଯାଏ ରାଗାନୁଗା ଭକ୍ତିଧର୍ମ । ରାଗାନୁଗା ଭକ୍ତିଧର୍ମ ଦ୍ୱାରା ପ୍ରଭାବିତ ସାହିତ୍ୟକୁ ରାଗାନୁଗା ଭକ୍ତି ସାହିତ୍ୟ ନାମରେ ନାମିତ କରାଯାଇଛି ।

ଓଡ଼ିଆ ରାଗାନୁଗା ଭକ୍ତି ସାହିତ୍ୟର ଆଙ୍ଗିକ ସୌନ୍ଦର୍ଯ୍ୟ ଯେପରି ଆକର୍ଷଣୀୟ, ଆତ୍ମିକ ମାଧୁର୍ଯ୍ୟ ସେପରି ଅନୁଭବ୍ୟ । ରାଗାନୁଗା ଭକ୍ତିର ନିର୍ଯ୍ୟାସ ହେଉଛି ନିର୍ମଳ ଆସକ୍ତି । ଆତ୍ମତୃପ୍ତିର କାମନା ନ ଥାଇ କୃଷ୍ଣ ତୃପ୍ତିର ବାସନା ଏଥିରେ ଥାଏ ।

ଶ୍ରୀକୃଷ୍ଣଙ୍କୁ ବ୍ରଜବାସୀଗଣ ଯେଉଁ ନିର୍ମଳ ଭକ୍ତି ଅକପଟ ଶ୍ରଦ୍ଧା ପ୍ରଦର୍ଶନ କରିଥିଲେ ତାହା ହେଉଛି ରାଗାତ୍ମିକା ଭକ୍ତି । ଏହା ଦାସ୍ୟ, ସଖ୍ୟ, ବାତ୍ସଲ୍ୟ ଓ କାନ୍ତା ଭେଦରେ ଚାରି ଭାଗରେ ବିଭକ୍ତ । କାନ୍ତାପ୍ରେମ ହେଉଛି କାମରୂପା ରାଗାତ୍ମିକ ଭକ୍ତି । ଶ୍ରୀରାଧା ଓ ଅନ୍ୟ ବ୍ରଜବାଳାମାନେ ଏହି ଭକ୍ତି ମାଧ୍ୟମରେ ଶ୍ରୀକୃଷ୍ଣଙ୍କୁ ତୃପ୍ତ କରିଥିଲେ । 'ଚୈତନ୍ୟ ଚରିତାମୃତ'ରେ ଏ ସଂପର୍କରେ କୁହାଯାଇଛି-

''ଆତ୍ମେନ୍ଦ୍ରିୟ ପ୍ରୀତି ବାଞ୍ଛା ତାରେ .ବଲି କାମ
କୃଷ୍ଣେନ୍ଦ୍ରିୟ ପ୍ରୀତି ବାଞ୍ଛା ଧରେ ପ୍ରେମ ନାମ ।''

ସର୍ବଭାରତୀୟ ସ୍ତରରେ ଶୁଦ୍ଧ ରାଗାନୁଗା ଭକ୍ତିମାର୍ଗର ପ୍ରଚାରକ୍ରିୟା ଆରମ୍ଭ ହୁଏ ଷୋଡ଼ଶ ଶତାବ୍ଦୀରେ । ଶ୍ରୀଚୈତନ୍ୟ ଏହି ମାର୍ଗର ପ୍ରକୃତରେ ପ୍ରତିଷ୍ଠାତା ନୁହନ୍ତି । ତାଙ୍କର ଉତ୍କଳ ଆଗମନ ପୂର୍ବରୁ ଉତ୍କଳରେ ଏହି ଭକ୍ତିର ପ୍ରବାହ ଥିଲା । ରାୟ ରାମାନନ୍ଦ ପଟ୍ଟନାୟକ ଶ୍ରୀଚୈତନ୍ୟଙ୍କ ପୂର୍ବରୁ ଓଡ଼ିଶାରେ ଏହି ପ୍ରେମଭକ୍ତି ଧର୍ମ ପ୍ରତିଷ୍ଠା କରିଥିଲେ । ଶ୍ରୀଚୈତନ୍ୟ ଏହି ଧର୍ମର ସର୍ବଶ୍ରେଷ୍ଠ ପ୍ରଚାରକର ଭୂମିକା ଗ୍ରହଣ କରିଥିଲେ । ଏହି ଧର୍ମର ପ୍ରଧାନ ଦେବତା ହେଉଛନ୍ତି ଶ୍ରୀକୃଷ୍ଣ ଓ ଶ୍ରୀରାଧା । ଯେଉଁ ରାଗ ବା ଆସକ୍ତି ମନୁଷ୍ୟ ପାଇଁ ବନ୍ଧନର କାରଣ ହୋଇଥାଏ ତାକୁ ଈଶ୍ୱରାଭିମୁଖୀ କଲେ ଆତ୍ମିକ ବିକାଶ ହୋଇପାରେ ବୋଲି ଏହି ଧର୍ମ ଘୋଷଣା କରିଛି । 'ହେ ବଜ୍ରତନ୍ତ୍ର' ଗ୍ରନ୍ଥରେ କୁହାଯାଇଛି - 'ରାଗେନ ବଧ୍ୟତେ ଲୋକେ ରାଗେନୈବ ବିମୁଚ୍ୟତେ' । ଶ୍ରୀଚୈତନ୍ୟ ନିଜର ଆଚରଣ ମଧ୍ୟରେ ରାଗକୁ କିପରି କୃଷ୍ଣାଭିମୁଖୀ ରାଗରେ ପରିଣତ କରାଯାଇପାରେ, ତାହା ପ୍ରଦର୍ଶନ କରିଥିଲେ । ଶ୍ରୀଚୈତନ୍ୟଙ୍କ ଦ୍ୱାରା ପ୍ରଚାରିତ ଏହି ଧର୍ମକୁ ଅଧିକ ଲୋକପ୍ରିୟ କରିବା ପାଇଁ ସର୍ବଶ୍ରୀ ରୂପ ଗୋସ୍ୱାମୀ, ସନାତନ ଗୋସ୍ୱାମୀ, ରଘୁନାଥ ଦାସ, ରଘୁନାଥ ଭଟ୍ଟ, ଜୀବ ଗୋସ୍ୱାମୀ, ଗୋପାଳ ଭଟ୍ଟ ପ୍ରମୁଖ ଷଡ଼ ଗୋସ୍ୱାମୀ ପ୍ରବଳ ଉଦ୍ୟମ କରିଥିଲେ । ଶ୍ରୀଚୈତନ୍ୟଙ୍କ ଦେହରକ୍ଷା ପରେ ବୃନ୍ଦାବନରେ ଏକ ପ୍ରଚାର କେନ୍ଦ୍ର ସ୍ଥାପିତ ହୋଇଥିଲା । ଏହାର ସଞ୍ଚାଳକ ଥିଲେ ଶ୍ରୀ ଜୀବ ଗୋସ୍ୱାମୀ । ଏଠାରୁ ଭାରତର ବିଭିନ୍ନ ଅଞ୍ଚଳକୁ ଜଣେ ଜଣେ ପ୍ରଚାରକଙ୍କୁ ରାଗାନୁଗା ଭକ୍ତିଧର୍ମ ପ୍ରଚାର କରିବାକୁ ପଠାଯାଉଥିଲା । ସପ୍ତଦଶ ଶତାବ୍ଦୀର ଦ୍ୱିତୀୟ ଦଶକରେ ଶ୍ରୀଜୀବ ଗୋସ୍ୱାମୀଙ୍କ ଦ୍ୱାରା ପ୍ରେରିତ ହୋଇ ଶ୍ରୀଶ୍ୟାମାନନ୍ଦ ଗୋସ୍ୱାମୀ ଓଡ଼ିଶାକୁ ଆସିଥିଲେ । ସେ ସଙ୍ଗରେ ଆଣିଥିବା ଗ୍ରନ୍ଥଗୁଡ଼ିକ ବାଟରେ ଚୋରି ହୋଇଗଲା । ସେଥିରେ ସେ ଭାଙ୍ଗି ନ ପଡ଼ି ପୂର୍ଣ୍ଣ ପ୍ରାଣରେ ଧର୍ମ ପ୍ରଚାର କାର୍ଯ୍ୟରେ ଆତ୍ମନିଯୋଗ କରିଥିଲେ । ଉତ୍ତର ଓଡ଼ିଶାରେ ପ୍ରଚାରକାର୍ଯ୍ୟ ଆରମ୍ଭ କରି ରସିକାନନ୍ଦ ଗୋସ୍ୱାମୀଙ୍କୁ ସେ ରାଗାନୁଗା ଭକ୍ତି ଧର୍ମରେ ଦୀକ୍ଷିତ କରିଥିଲେ । ରସିକାନନ୍ଦଙ୍କ ଆନ୍ତରିକ ଉଦ୍ୟମ ଯୋଗୁଁ କେନ୍ଦୁଝର, ମୟୂରଭଞ୍ଜ, ପାଟଣା, ନୀଳଗିରି ଆଦି ଅଞ୍ଚଳର ରାଜାମାନେ ଏହି ଧର୍ମକୁ ଗ୍ରହଣ କରିଥିଲେ । ରାଜଧର୍ମରେ ପରିଣତ ହେବାରୁ ଏହି ଧର୍ମର ବହୁଳ ପ୍ରଭାବ ଗଣ ଜୀବନରେ ଅନୁଭୂତ ହେଲା । ରସିକାନନ୍ଦଙ୍କ ଦ୍ୱାରା ପ୍ରଥମେ ରାଧାମୂର୍ତ୍ତି ନିର୍ମିତ

ହୋଇ ମୟୂରଭଞ୍ଜ ରାଜାଙ୍କ ପୃଷ୍ଠପୋଷକତାରେ ରାଧାକୃଷ୍ଣଙ୍କ ବିବାହ କାର୍ଯ୍ୟ ସମାପିତ ହୋଇଥିଲା । ରସିକାନନ୍ଦ ପରି ଉତ୍କଳର ଆଉ ଏକ ପରିବାରର ବ୍ୟକ୍ତିମାନେ ରାଗାନୁଗା ଭକ୍ତିଧର୍ମର ପ୍ରଚାର ପାଇଁ ପ୍ରବଳ ଉଦ୍ୟମ କରିଥିଲେ । ସେହି ପରିବାର ହେଉଛି ବୃନ୍ଦାବତୀ ଦାସୀଙ୍କ ପରିବାର । ସେ ଓ ତାଙ୍କ ସ୍ୱାମୀ, ଶଶୁର, ପୁତ୍ର, ନାତି ସମସ୍ତେ ଏହି ମାର୍ଗର ନିଷ୍ଠାପର ସେବକ ଥିଲେ । ବୃନ୍ଦାବତୀ ଦାସୀଙ୍କର 'ପୂର୍ଣ୍ଣତମ ଚନ୍ଦ୍ରୋଦୟ', ତାଙ୍କ ପୁତ୍ର ଭୀମ ଦାସଙ୍କର 'ଭକ୍ତି ରତ୍ନାବଳୀ', ନାତି କୃପାସିନ୍ଧୁ ଦାସଙ୍କ 'ଉପାସନାଦୀପିକା' ଓଡ଼ିଆ ରାଗାନୁଗା ଭକ୍ତି ସାହିତ୍ୟ ଗନ୍ତାଘରର ଏକ ଏକ ଅମୂଲ୍ୟରତ୍ନ କହିଲେ ଅତ୍ୟୁକ୍ତି ହେବ ନାହିଁ ।

ଅଷ୍ଟାଦଶ ଶତାବ୍ଦୀ ହେଉଛି ଓଡ଼ିଆ ରାଗାନୁଗା ଭକ୍ତି ସାହିତ୍ୟର ସୁବର୍ଣ୍ଣଯୁଗ । ଏହାର ପ୍ରଚ୍ଛଦପଟରେ ଥିବା ପ୍ରସ୍ତୁତିର ବିଚାର ଓ ବିଶ୍ଳେଷଣ କଲେ ନିମ୍ନୋକ୍ତ କେତେକ ଉପାଦାନ ଦେଖିବାକୁ ମିଳେ । ଷୋଡ଼ଶ ଶତାବ୍ଦୀରେ ଶ୍ରୀଚୈତନ୍ୟଙ୍କର ପ୍ରେମ ଭକ୍ତିଧର୍ମର ପ୍ରଚାର ଓ ସପ୍ତଦଶ ଶତାବ୍ଦୀରେ ବୈଷ୍ଣବ ଗୋସ୍ୱାମୀମାନଙ୍କର ବହୁଗ୍ରନ୍ଥ ପ୍ରଣୟନ ସତ୍ତ୍ୱେ ଅଷ୍ଟାଦଶ ଶତାବ୍ଦୀବେଳକୁ ପ୍ରଚାରିତ ଧର୍ମଧାରାର କୌଣସି ଦାର୍ଶନିକ ସିଦ୍ଧାନ୍ତ ସୃଷ୍ଟି ହୋଇ ନ ଥିଲା। ଜୟପୁରର ରାଜା ଶ୍ରୀଚୈତନ୍ୟ ପନ୍ଥାରେ ଦୀକ୍ଷିତ ହୋଇ ପରମାରାଧ୍ୟ ଗୋବିନ୍ଦ ଜୀଉଙ୍କ ପାଖରେ ରାଧାମୂର୍ତ୍ତି ସ୍ଥାପନ କଲାବେଳେ ପଣ୍ଡିତମାନେ ଘୋର ଆପତ୍ତି କରିଥିଲେ । ସେମାନଙ୍କ ମତରେ ରାଧାମୂର୍ତ୍ତି ପ୍ରତିଷ୍ଠା ଓ ଚୈତନ୍ୟଙ୍କ ମତ ଅଶାସ୍ତ୍ରୀୟ ଥିଲା । ଜୟପୁରର ରାଜା ଏହାର ଏକ ସ୍ଥାୟୀ ସମାଧାନ ପାଇଁ ସର୍ବଭାରତୀୟ ସ୍ତରରେ ଏକ ଧର୍ମ ସମ୍ମିଳନୀ ଆହ୍ୱାନ କଲେ । ଭାରତର ବିଭିନ୍ନ ଅଞ୍ଚଳରୁ ବହୁ ସଂପ୍ରଦାୟର ପ୍ରତିନିଧିତ୍ୱ କରିବାପାଇଁ ବୃନ୍ଦାବନରୁ ବଳଦେବ ବିଦ୍ୟାଭୂଷଣ ଆସିଥିଲେ । ସେ ଓଡ଼ିଶାର ଜଣେ ଯୋଗଜନ୍ମା ସାଧକ ଥିଲେ । ସେହି ଧର୍ମସଭାର ଅନୁମତି ନେଇ ସେ ୧୫ ଦିନ ଭିତରେ 'ଗୋବିନ୍ଦଭାଷ୍ୟ' ନାମକ ଏକ ପ୍ରାମାଣିକ ଗ୍ରନ୍ଥ ରଚନା କରିଥିଲେ । ଏଥିରେ କେତେକ ଧର୍ମଶାସ୍ତ୍ରରୁ ଉଦ୍ଧୃତି ପ୍ରଦାନ କରି ଶେଷରେ ସେ ଶ୍ରୀଚୈତନ୍ୟଙ୍କ ମତାମତକୁ 'ଅଚିନ୍ତ୍ୟ ଭେଦାଭେଦବାଦ' ନାମରେ ନାମିତ କରିଥିଲେ । ଶ୍ରୀଯୁକ୍ତ ବିଦ୍ୟାଭୂଷଣଙ୍କର ଏତାଦୃଶ କାର୍ଯ୍ୟ ଫଳରେ ଅଷ୍ଟାଦଶ ଶତାବ୍ଦୀରୁ ଶ୍ରୀଚୈତନ୍ୟପନ୍ଥୀ ବୈଷ୍ଣବ ସଂପ୍ରଦାୟର ପ୍ରାଧାନ୍ୟ ଓ ପ୍ରତିଷ୍ଠା ସର୍ବଭାରତୀୟ ସ୍ତରରେ ବହୁଗୁଣିତ ହେଲା । ପରେପରେ ଭାରତର ବିଭିନ୍ନ ପ୍ରାନ୍ତରେ ଶ୍ରୀଚୈତନ୍ୟପନ୍ଥୀ ବୈଷ୍ଣବ ମଠସବୁ ସ୍ଥାପିତ ହେଲା । ଓଡ଼ିଶାରେ ମଧ୍ୟ ଏହି ପ୍ରଭାବ ଅନୁଭୂତ ହୋଇଥିଲା । ବିଶେଷ କରି ଅଷ୍ଟାଦଶ ଶତାବ୍ଦୀରେ ଅର୍ଥାତ୍ ମରହଟ୍ଟା ଶାସନରେ ଓଡ଼ିଶାର ପୁରପଲ୍ଲୀରେ ମଠ ମନ୍ଦିରମାନ ଗଢ଼ି ଉଠିଲା । ଏ ସଂପର୍କରେ ଐତିହାସିକ କେଦାରନାଥ ମହାପାତ୍ର କହିଛନ୍ତି - ''ପରନ୍ତୁ ମରହଟ୍ଟା ରାଜତ୍ୱରେ ବହୁ ନୂତନ ଦେବାଳୟ ଓ ମଠ ପ୍ରତିଷ୍ଠିତ ହୋଇଥିଲା । ସାଧାରଣତଃ ଦେବାଳୟ, ମଠ ସାମନ୍ତରାଜାଙ୍କ ଆଶ୍ରୟରେ ବାସ କରୁଥିବା କବି, ପଣ୍ଡିତମାନେ ନିରବଚ୍ଛିନ୍ନ ଭାବରେ ବାଣୀ ଆରାଧନାରେ ନିରତ ରହିଲେ ।'' ଏହି ସମୟରେ ବୃନ୍ଦାବନରୁ ବୈଷ୍ଣବ ଗୋସ୍ୱାମୀମାନେ ଧାରାବାହିକ ଭାବେ ଓଡ଼ିଶାକୁ ଧର୍ମ ପ୍ରଚାର କରିବାକୁ ଆସି ସେମାନଙ୍କର ମଠ ସବୁ ସ୍ଥାପନ କରିଥିଲେ । ସଦାନନ୍ଦ କବିସୂର୍ଯ୍ୟ ବ୍ରହ୍ମାଙ୍କର ଅବଦାନ ଏ କ୍ଷେତ୍ରରେ ଅବିସ୍ମରଣୀୟ ବୋଲି କହିଲେ ଅତ୍ୟୁକ୍ତି ହେବ ନାହିଁ । ଅଷ୍ଟାଦଶ ଶତାବ୍ଦୀର ତୃତୀୟ ଦଶକରୁ ଚତୁର୍ଥ ଦଶକ ମଧ୍ୟରେ ସେ ପଦବ୍ରଜରେ ଦକ୍ଷିଣ ଓଡ଼ିଶା ଭ୍ରମଣ କରି ସେ ଅଞ୍ଚଳର ରାଜାମାନଙ୍କୁ ପ୍ରଭାବିତ କରିଥିଲେ ।

ଏହିପରି ଏକ ସୁଦୃଢ଼ ପୃଷ୍ଠଭୂମି ଉପରେ ଓଡ଼ିଶାରେ ଏହି ବୈଷ୍ଣବ ଧର୍ମ ଅବଲମ୍ବିତ ସାହିତ୍ୟ ସୃଷ୍ଟି ହୋଇଛି । ଓଡ଼ିଆ ରାଗାନୁଗା ଭକ୍ତି ସାହିତ୍ୟର ସୃଷ୍ଟି ସପ୍ତଦଶ ଶତାବ୍ଦୀର ଶେଷ ଭାଗରୁ ହୋଇଛି । ଉନବିଂଶ

ଶତାବ୍ଦୀ ପର୍ଯ୍ୟନ୍ତ ଏହା ପ୍ରଚଳିତ ହୋଇଛି । ଆଲୋଚନାର ସୁବିଧା ପାଇଁ ଏହି ସାହିତ୍ୟକୁ ଚାରିଗୋଟି ପର୍ଯ୍ୟାୟରେ ବିଭକ୍ତ କରାଯାଇପାରେ ।

ପ୍ରଥମ ପର୍ଯ୍ୟାୟ : (୧୭ ଶତାବ୍ଦୀର ଶେଷପାଦରୁ ୧୮ଶ ଶତାବ୍ଦୀର ତୃତୀୟ ଦଶକ)

ଏହି ପର୍ଯ୍ୟାୟରେ ବୃନ୍ଦାବତୀ ଦାସୀ ଓ ତାଙ୍କ ପରିବାରର ଅନ୍ୟ କେତେକ ଶ୍ରୀକୃଷ୍ଣ ପ୍ରେମୀ ସାଧକ ଲେଖନୀଚାଳନା କରିଥିଲେ । ବୃନ୍ଦାବତୀ ଦାସୀଙ୍କ ସ୍ୱାମୀ ଶ୍ରୀ ଚନ୍ଦ୍ର ଶେଖର ଦାସ ଲେଖିଥିଲେ 'ଶ୍ରୀକୃଷ୍ଣ ତତ୍ତ୍ୱ ଚନ୍ଦ୍ରୋଦୟ ଗ୍ରନ୍ଥ' । ଏହାଛଡ଼ା ଏହି ସମୟ ମଧ୍ୟରେ ଦେବ ଦୁର୍ଲଭ ଦାସଙ୍କର 'ରହସ୍ୟମଞ୍ଜରୀ', ଶରଣ ଦାସଙ୍କର 'ଚାଚେରୀ ଲୀଳା' ଦନାଇ ଦାସଙ୍କ 'ଗୋପୀଭାଷା', ଭୂପତି ପଣ୍ଡିତଙ୍କର 'ପ୍ରେମପଞ୍ଚାମୃତ', ଦୀନକୃଷ୍ଣ ଦାସଙ୍କ 'ରସକଲ୍ଲୋଳ', କବି ଲୋକନାଥଙ୍କ 'ବୃନ୍ଦାବନ ବିହାର' ପ୍ରଭୃତି କାବ୍ୟ ରଚିତ ହୋଇଥିଲା । ଏ ଗ୍ରନ୍ଥମାନଙ୍କରେ ରାଧାକୃଷ୍ଣ ଲୀଳା ଉପସ୍ଥାପିତ ହୋଇଥିଲେ ହେଁ ରାଗାନୁଗା ଭକ୍ତି ଭାବନାରେ ରଚିତ ଏକ ପୂର୍ଣ୍ଣାଙ୍ଗ ଗ୍ରନ୍ଥର ଆରମ୍ଭ ଗତି ଓ ପରିଣତି କିପରି ହେବ, ତାହା ଏଥିରୁ ଦେଖିବାକୁ ମିଳେ ନାହିଁ । ଏହି ଶୂନ୍ୟତାକୁ ପୂରଣ କରିବା ପାଇଁ କବି ଦାଶରଥି ଦାସ ଦଶବୋଲି ବିଶିଷ୍ଟ 'ବ୍ରଜବିହାର' କାବ୍ୟ ରଚନା କରିଥିଲେ । ଏହି କାବ୍ୟଟି ଖ୍ରୀ:ଅ: ୧୭୨୦ରେ ଆରମ୍ଭ ହୋଇ ଖ୍ରୀ:ଅ: ୧୭୩୧ରେ ଶେଷ ହୋଇଥିଲା । ଏଥିରେ ଶ୍ରୀରାଧା ଓ ଶ୍ରୀକୃଷ୍ଣଙ୍କର ଜନ୍ମ, ବାଲ୍ୟ, ପୌଗଣ୍ଡ, କୈଶୋର ତଥା ବିରହ ମିଳନ ଆଦି ପ୍ରସଙ୍ଗ ସହିତ ଶ୍ରୀରାଧାଙ୍କର ପ୍ରତିପକ୍ଷ ନାୟିକା ଚନ୍ଦ୍ରାବଳୀ ଚରିତ୍ରର ଅବତାରଣା ମଧ୍ୟ କରାଯାଇଛି । ଏହି କାବ୍ୟର ଅନୁସରଣରେ ଅନେକ କବି କୃଷ୍ଣଲୀଳା ମୂଳକ କାବ୍ୟସବୁ ରଚନା କରିଥିଲେ । ତନ୍ମଧ୍ୟରୁ କୃଷ୍ଣଚନ୍ଦ୍ର ନରେନ୍ଦ୍ରଙ୍କର 'ବ୍ରଜବିଳାସ', ନୃସିଂହ ପଟ୍ଟନାୟକଙ୍କ 'ବାସୁଦେବ ବିଳାସ', ବୈଶ୍ୟ ଗଙ୍ଗାଧରଙ୍କ 'ଶ୍ରୀବ୍ରଜ ମଙ୍ଗଳ', ଦ୍ୱିଜ ଶ୍ରୀଧରଙ୍କର 'ବ୍ରଜବିଳାସ' କାବ୍ୟ ଅନ୍ୟତମ ।

ଦ୍ୱିତୀୟ ପର୍ଯ୍ୟାୟ :

ଏହି ପର୍ଯ୍ୟାୟର ରାଧାକୃଷ୍ଣ ଲୀଳାମୂଳକ କାବ୍ୟ ହେଉଛି ରୀତିଲକ୍ଷଣାଶ୍ରୟୀ । ଅଷ୍ଟାଦଶ ଶତାବ୍ଦୀର ମଧ୍ୟଭାଗ ବେଳକୁ ଓଡ଼ିଆ ସାହିତ୍ୟରେ ରୀତିଲକ୍ଷଣର ଉପସ୍ଥିତି ପରିଲକ୍ଷିତ ହୋଇଛି । ଏହି ପର୍ଯ୍ୟାୟର କାବ୍ୟ ସଂଖ୍ୟା ଅପେକ୍ଷାକୃତ ଅଧିକ । ସେଥିମଧ୍ୟରୁ ଘନ ଭଞ୍ଜଙ୍କର 'ଗୋବିନ୍ଦ ବିଳାସ', ଦୀନବନ୍ଧୁରାଜ ହରିଚନ୍ଦନଙ୍କର 'ନବବୃନ୍ଦାବନ ବିହାର' ଓ ରାଧା ବିଳାସ କାବ୍ୟ, ବଡ଼ଖେମଣ୍ଡିର ରାଜା ପୁରୁଷୋତ୍ତମ ଅନଙ୍ଗଭୀମ ଦେବଙ୍କର 'କୃଷ୍ଣକେଳି ତରଙ୍ଗିଣୀ,' ଭକ୍ତଚରଣଙ୍କର 'ମଥୁରାମଙ୍ଗଳ' ସଦାନନ୍ଦ କବିସୂର୍ଯ୍ୟ ବ୍ରହ୍ମାଙ୍କର 'ଯୁଗଳ ରସାମୃତ ଲହରୀ', 'ଯୁଗଳ ରସାମୃତ ଭଉଁରୀ', 'ପ୍ରେମ ତରଙ୍ଗିଣୀ', 'ନାମ ଚିନ୍ତାମଣି', ଚକ୍ରପାଣି ପଟ୍ଟନାୟକଙ୍କର 'କୃଷ୍ଣ ବିଳାସ', ଶ୍ୟାମସୁନ୍ଦର ଦେବଙ୍କର 'ଅନୁରାଗକଳ୍ପଲତା', ବିଶ୍ୱମ୍ଭର ରାଜେନ୍ଦ୍ର ଦେବଙ୍କର 'କୃଷ୍ଣଲୀଳା', 'ରାହାସ ଲୀଳା' ଓ 'ଶରଦରାହାସ' ପ୍ରଧାନ ।

ତୃତୀୟ ପର୍ଯ୍ୟାୟ :

ଏହି ପର୍ଯ୍ୟାୟର ରାଗାନୁଗା ଭକ୍ତି ସାହିତ୍ୟରେ ବହୁ ଗୀତିକା ଦେଖିବାକୁ ମିଳେ । ରାଧାକୃଷ୍ଣ ଲୀଳାତ୍ମକ କାବ୍ୟଗୁଡ଼ିକ ରୀତିଲକ୍ଷଣଯୁକ୍ତ ହୋଇ ଅତ୍ୟନ୍ତ କ୍ଲିଷ୍ଟ ହୋଇପଡ଼ିବାରୁ ତାହା ସାଧାରଣ ଜନତାଠାରୁ ଆଦରଲାଭ କଲା ନାହିଁ । ପୁନଶ୍ଚ ରୀତିଛଟାରେ ଥିବା ନଗ୍ନସମ୍ଭୋଗ ଶୃଙ୍ଗାର ବର୍ଣ୍ଣନା ରାଧାକୃଷ୍ଣ ଚରିତ୍ରକୁ ବିକୃତ କରି

ଦେଇଥିଲା । ରାଧାକୃଷ୍ଣ ଓ ଗୋପୀକୃଷ୍ଣଙ୍କର ଅପ୍ରାକୃତ ପ୍ରେମଲୀଳା ମଧ୍ୟରେ ବ୍ୟଞ୍ଜିତ ରାଗାତ୍ମିକ ପ୍ରେମଭକ୍ତିକୁ ସର୍ବସାଧାରଣରେ ସୁବୋଧ କରାଇବା ପାଇଁ କେତେକ କବି କେତେଗୀତିକା ରଚନା କରିଥିଲେ । ସେହି କବିମାନଙ୍କ ମଧ୍ୟରେ ବନମାଳୀ, ଗୋପାଳକୃଷ୍ଣ ପ୍ରଧାନ । ଏମାନଙ୍କ ପୂର୍ବରୁ କବି ସାଲବେଗ ବହୁ ଭକ୍ତିସଙ୍ଗୀତ ରଚନା କରିଥିଲେ । ଅନ୍ୟ କବିମାନଙ୍କ ମଧ୍ୟରେ କବି ଯଦୁମଣି, ଦ୍ୱିଜ ଗୌରଚରଣ, ଗୌରହରି ପରିଚ୍ଛା, ମାନଗୋବିନ୍ଦ ଓଡା ବିଶିଷ୍ଟ ସ୍ଥାନ ଅଧିକାର କରିଛନ୍ତି ।

ଚତୁର୍ଥ ପର୍ଯ୍ୟାୟ :

ଏହି ପର୍ଯ୍ୟାୟରେ ରାଧାକୃଷ୍ଣ ଲୀଳାମୂଳକ ଗୀତାଭିନୟ ସବୁ ଦେଖିବାକୁ ମିଳେ । ଏଗୁଡ଼ିକର ରଚନାକାଳ ହେଉଛି ଊନବିଂଶ ଶତାବ୍ଦୀର ଶେଷାର୍ଦ୍ଧ । ସରସ ସୁଧାସିକ୍ତ ରାଧାକୃଷ୍ଣ କେଳିବିଳାସକୁ ଯାତ୍ରା, ଲୀଳା, ସୁଆଙ୍ଗ ଆକାରରେ ପରିବେଷଣ କରିବା ଦ୍ୱାରା ତାହା ଦର୍ଶକମାନଙ୍କ ପାଇଁ ଅତ୍ୟନ୍ତ ଆକର୍ଷଣୀୟ ହୋଇପାରିଛି । କବି ରଘୁନାଥ ପରିଚ୍ଛା ଗୋପୀନାଥ ବଲ୍ଲଭ ନାଟକ ସହିତ 'ଶ୍ରୀ ରାଧାକୃଷ୍ଣ ପରିହାସ ଚିନ୍ତାମଣିମୁକ୍ତା ଚରିତ', 'ବାସୁଦେବ ନାଟକ' ଓ 'କୃଷ୍ଣ ସୁଦାମା' ନାମରେ କେତେକ ଗୀତାଭିନୟ ରଚନା କରିଥିଲେ । ଊନବିଂଶ ଶତାବ୍ଦୀର ଶେଷ ଭାଗରେ ଚିକିଟି ରାଜା କିଶୋରଚନ୍ଦ୍ର ରାଜେନ୍ଦ୍ର ଦେବ ରୂପ ଗୋସ୍ୱାମୀଙ୍କର 'ଲଳିତ ମାଧବ'ର ଛାୟାରେ 'ଶ୍ରୀରାଧା ପ୍ରେମମାଳା' ନାଟକ ନାମରେ ଗୀତାଭିନୟ ରଚନା କରିଥିଲେ । ସେ ମଧ୍ୟ 'ବସନ୍ତ ରାହାସ', 'ଝୁଲଣ ଚମ୍ପୂ' ଓ 'ଚନ୍ଦନଯାତ୍ରା ପାଲା' ନାମକ ତିନିଗୋଟି ଗୀତାଭିନୟ ରଚନା କରିଥିଲେ ।

ଓଡ଼ିଆ ଶୁଦ୍ଧ ରାଗାନୁଗା ଭକ୍ତି ସାହିତ୍ୟ ଯେ ଓଡ଼ିଆ ସାହିତ୍ୟର ଏକ ବଳିଷ୍ଠ ତଥା ବିଶିଷ୍ଟ ବିଭବ ଏଥିରେ ସନ୍ଦେହ ନାହିଁ । ଏ ପର୍ଯ୍ୟନ୍ତ ଏ ସଂପର୍କରେ ଆଶାନୁରୂପ ଆଲୋଚନା ହୋଇନାହିଁ । ବହୁ ଗ୍ରନ୍ଥ ମୁଦ୍ରିତ ନ ହୋଇ ତାଳପତ୍ରର ଗର୍ଭରେ ରହିଅଛି । ଏଗୁଡ଼ିକର ମୁଦ୍ରଣ ହେଲେ ବହୁ ନୂତନ ତଥ୍ୟ ସଂଗୃହୀତ ହେବ, ଏଥିରେ ସନ୍ଦେହର ଅବକାଶ ନାହିଁ ।

ସମୀକ୍ଷା ସ୍ତବକ

ଡକ୍ଟର ଶରତ ଚନ୍ଦ୍ର ରଥ

ଉତ୍ସର୍ଗ

ଶ୍ରୀମା' ଶ୍ରୀଅରବିନ୍ଦଙ୍କ
ଚରଣକମଳରେ ସମର୍ପଣ କରି
ବୋଉଙ୍କ ହାତରେ ଅର୍ପଣ କଲି ।

ଶରତ

ମୁଖବନ୍ଧ

ସାହିତ୍ୟ ଏକ ଶକ୍ତି, ଜୀବନ ଚିନ୍ତାର ଏକ ମାର୍ମିକ ଅଭିବ୍ୟକ୍ତି । ଶବ୍ଦ ଶିଳ୍ପରେ ତା'ର ରୂପାୟଣ ଯେପରି ମର୍ମସ୍ପର୍ଶୀ ସେପରି ମହତ୍ତ୍ୱପୂର୍ଣ୍ଣ । ଜୀବନକୁ ବୁଝିବାକୁ ଓ ଅନୁଭବ କରିବାକୁ ଏହା ଏକ ବଳିଷ୍ଠ ମାଧ୍ୟମ । ନିଜକୁ ଖୋଜୁଥିବା ମଣିଷ ମନରେ ଅଶେଷ ପ୍ରଶ୍ନବାଚୀ । ସେଥିରୁ କେତେକ ପ୍ରଶ୍ନର ଉତ୍ତର ସାହିତ୍ୟରୁ ମିଳିଥାଏ । ସାହିତ୍ୟରେ ମୌଳିକ ସୃଷ୍ଟି ଯେତିକି ମହତ୍ତ୍ୱପୂର୍ଣ୍ଣ ତା'ର ଆଲୋଚନା ମଧ୍ୟ ସେତିକି ଗୁରୁତ୍ୱପୂର୍ଣ୍ଣ । ସାହିତ୍ୟ ସୃଷ୍ଟିର ମଧୁମୟତା ତା'ର ଆଲୋଚନା ମାଧ୍ୟମରେ ପାଠକ ନିକଟରେ ସୁଚାରୁଛନ୍ଦରେ ପରିବେଷିତ ହୋଇପାରେ । ଭିନ୍ନଭିନ୍ନ ସମୟର ସାହିତ୍ୟ ସଂପର୍କରେ କିଛି ଆଲୋଚନା ଉକ୍ତ ପୁସ୍ତକରେ ସନ୍ନିବେଶିତ । ବିଶେଷତଃ ସାହିତ୍ୟ କ'ଣ ଓ କାହିଁକି ପ୍ରବନ୍ଧଟି ମୋର ନିଜସ୍ୱ ଅବବୋଧ ଉପରେ ଆଧାରିତ । ପ୍ରାକ୍ ରୀତି ସାହିତ୍ୟ, ରୀତିସାହିତ୍ୟ ଓ ପ୍ରବନ୍ଧ ସାହିତ୍ୟର କେତେକ ତଥ୍ୟରୁ କିଛି ତଥ୍ୟ ଅବଲମ୍ବନରେ ରଚିତ ପ୍ରବନ୍ଧ ସବୁ ଏଥିରେ ସ୍ଥାନିତ । ଉକ୍ତ ପୁସ୍ତକର ପ୍ରଣୟନରେ ମୋର ସାନଭାଇ ସୁରେଶ ଚନ୍ଦ୍ରର ସହଯୋଗ ଭୁଲି ହେବ ନାହିଁ ।

ବାସ୍ତବରେ ଓଡ଼ିଆ ସାହିତ୍ୟର ଆଲୋଚନା ଏକ ମହାସାଗର ହେଲେ ଉକ୍ତ ପୁସ୍ତକରେ ଥିବା ଆଲୋଚନା ଏକ ଜଳବିନ୍ଦୁ ମାତ୍ର । ବିନ୍ଦୁଏ ହେଲେ ମଧ୍ୟ ଏହା ସାରସ୍ୱତ ମହାତୀର୍ଥର ଜଳବିନ୍ଦୁ ହୋଇଥିବାରୁ ପାଠକମାନଙ୍କ ଦ୍ୱାରା ଆଦୃତ ହେବ ବୋଲି ମୋର ଆଶା ।

ଡକ୍ଟର ଶରତ ଚନ୍ଦ୍ର ରଥ

ସୂଚୀପତ୍ର

ବିଷୟ ପୃଷ୍ଠା

୧. ସାହିତ୍ୟର ଭୂମି ଓ ଭୂମିକା

୨. ଓଡ଼ିଆ ପ୍ରାକ୍ ରୀତି ସାହିତ୍ୟର ସ୍ୱର ଓ ସ୍ୱରୂପ

୩. ଓଡ଼ିଆ ରୀତି ସାହିତ୍ୟର ଭିତ୍ତିଭୂମି

୪. ରାଧାନାଥଙ୍କ ପଦ୍ୟସୃଷ୍ଟିରେ ମହାଭାରତୀୟ ଚେତନା

୫. ପ୍ରବନ୍ଧ 'ସାହିତ୍ୟ ଓ ଜୀବନ' ଏକ ଅଧ୍ୟୟନ

୬. ପ୍ରବନ୍ଧ'କର୍ତ୍ତବ୍ୟ ବିରୋଧ' ଏକ ଅଧ୍ୟୟନ

୭. 'ଅଶ୍ରୁ' ପ୍ରବନ୍ଧ ଏକ ବିଶ୍ଳେଷଣ

୮. 'ସ୍ୱାମୀ ବିବେକାନନ୍ଦ-ଏକ ଗୁହାମୁକ୍ତିର ପ୍ରୟାସ'
ଏକ ବିଶ୍ଳେଷଣ

୯. ଓଡ଼ିଆ ରୀତିକାବ୍ୟ ସଂପର୍କରେ
କେତେକ ଜ୍ଞାତବ୍ୟ ତଥ୍ୟ

୧୦. ଭାରତୀୟ ସଂସ୍କୃତି ଓ ସ୍ୱାମୀ ବିବେକାନନ୍ଦ

ଓଡ଼ିଆ ପ୍ରାକ୍ ରୀତିସାହିତ୍ୟର ସ୍ୱର ଓ ସ୍ୱରୂପ

ଓଡ଼ିଆ ରୀତିସାହିତ୍ୟ ଏକ ଧାରା ତଥା ପଦ୍ଧତିର ସାହିତ୍ୟ । ପ୍ରୀତିପ୍ରବଣତା ଏହାର ମୌଳିକ ନିର୍ଯ୍ୟାସ ରୂପେ ପ୍ରତିଷ୍ଠିତ । ସୁକୁମାରତା ଏହାର ଆତ୍ମିକ ମୂଲ୍ୟବୋଧ ଭାବରେ ସ୍ୱୀକୃତ । ଆନନ୍ଦର ଭିତ୍ତିରେ ଜୀବନର ଅଭିବ୍ୟକ୍ତି, ଆନନ୍ଦ ପ୍ରତି ଜୀବନର ଅନୁରକ୍ତି ଯେପରି ମହତ୍ତ୍ୱପୂର୍ଣ୍ଣ ସେପରି ଗୁରୁତ୍ୱପୂର୍ଣ୍ଣ । ରୀତି ସାହିତ୍ୟ ଆନନ୍ଦର ନନ୍ଦନ ଫୁଲରେ କଳା ଲକ୍ଷ୍ମୀଙ୍କର ନିରାଜନା କରି ନିଜର ସ୍ୱତନ୍ତ୍ର ସ୍ଥିତିକୁ ସୁଦୃଢ଼ କରିଛି । ରସର ମଳୟ ସ୍ପର୍ଶରେ, ବର୍ଣ୍ଣନାର ବର୍ଣ୍ଣଳ ବିନ୍ୟାସରେ ଆଳଙ୍କାରିକତାର ମୋହନ ବିଳାସରେ, ବକ୍ରୋକ୍ତିର ଛଟକରେ, ଧ୍ୱନିର ଶୋଭା ବିଭବରେ, ଶବ୍ଦ ସଂଯୋଜନାର କଳା କୌଶଳରେ, ଔଚିତ୍ୟବୋଧର ରୁଚି ସ୍ନିଗ୍ଧ ମଧୁରିମାରେ ଓଡ଼ିଆ ରୀତି ସାହିତ୍ୟ ପ୍ରାଣବନ୍ତ ଓ ପ୍ରଭାଦୀପ୍ତ ହୋଇଛି । ରୀତିକାବ୍ୟର ଉପାଦାନ ସବୁ ଗୋଟିଏ ଦିନରେ ଆତ୍ମପ୍ରକାଶ କରି ନାହିଁ । ଏଥିପାଇଁ ଦୀର୍ଘ ଦିନର ପ୍ରସ୍ତୁତି ଆବଶ୍ୟକ ହୋଇଛି । ରୀତିର ଉପାଦାନ କ୍ରମବିକଶିତ ପର୍ଯ୍ୟାୟରେ ଅଗ୍ରଗତି କରି ସ୍ୱୟଂ ସଂପୂର୍ଣ୍ଣ ରୂପରେ ଆବିର୍ଭୂତ ହୋଇଛି ରୀତି ଯୁଗରେ । ଏହି ପ୍ରସ୍ତୁତିର ସମୟରେ ରଚିତ ସାହିତ୍ୟକୁ ଆଲୋଚକମାନେ ପ୍ରାକ୍ ରୀତିସାହିତ୍ୟ ନାମରେ ନାମିତ କରିଛନ୍ତି ଯାହାର ସମୟ ସୀମା ୧୫୫୦ ଖ୍ରୀ:ଅ:ରୁ ୧୬୫୦ ଖ୍ରୀ:ଅ: ପର୍ଯ୍ୟନ୍ତ ପରିବ୍ୟାପ୍ତ । ପ୍ରକୃତପକ୍ଷେ ପ୍ରାକ୍ ରୀତିସାହିତ୍ୟର ଆରମ୍ଭ ପ୍ରାୟ ୧୫୨୦ ଖ୍ରୀ:ଅ:ରୁ ହୋଇଛି କହିବା ଅଧିକ ଯୁକ୍ତିଯୁକ୍ତ । ଧର୍ମର ବନ୍ଧନରୁ ମୁକ୍ତ ହେବା ପାଇଁ ପ୍ରୟାସ ଏ ସାହିତ୍ୟରେ ଲକ୍ଷ୍ୟଣୀୟ । ରାମାୟଣ, ମହାଭାରତ ଓ ଭାଗବତରୁ କଥାବସ୍ତୁ ସଂଗୃହୀତ ହେଲେ ହେଁ କଳ୍ପନାବିଳାସର ମଧୁର ଲହରୀରେ ତାହା ରସାଣିତ ହୋଇଛି । ଓଡ଼ିଆ ପ୍ରାକ୍ ରୀତି ସାହିତ୍ୟ ସଂପର୍କରେ ଆଲୋଚନା କରିବା ଉକ୍ତ ପ୍ରବନ୍ଧର ଉଦ୍ଦେଶ୍ୟ । ଏହି ପର୍ଯ୍ୟାୟର ଅନ୍ତର୍ଭୁକ୍ତ କେତେକ କାବ୍ୟକୁ ଆଲୋଚନାର ପରିସରଭୁକ୍ତ କରାଯାଇଛି । ପଞ୍ଚସଖା ସାହିତ୍ୟରେ ଧର୍ମ ସହିତ ସାହିତ୍ୟିକ ସୌକୁମାର୍ଯ୍ୟର ମିଶ୍ରଣ ଘଟିଛି । ପୁନଶ୍ଚ ସ୍ୱତନ୍ତ୍ର ଭାବରେ ଧର୍ମକୁ ବାଦ ଦେଇ କାବ୍ୟ ସାହିତ୍ୟ ସୃଷ୍ଟି ହୋଇଛି । ସେଥିରେ କଥାବସ୍ତୁ ସହିତ ଉଚ୍ଚକୋଟୀର ବର୍ଣ୍ଣନା ବିଳାସ, ଶୃଙ୍ଗାରିକତାର ସ୍ନିଗ୍ଧ ବିନ୍ୟାସ ସ୍ଥାନ ଲାଭ କରିଛି ।

ରାମ ବିଭା : କବି ଅର୍ଜୁନ ଦାସ ରାମ ବିଭା କାବ୍ୟଟି ରଚନା କରିଛନ୍ତି । କାବ୍ୟଟିରେ ରାମଚନ୍ଦ୍ରଙ୍କର ବିବାହ ପ୍ରସଙ୍ଗ ବର୍ଣ୍ଣିତ । ଆଦୌ ଆଶୀଃ ନମସ୍କ୍ରିୟା ପ୍ରସଙ୍ଗରେ ଦାରୁ କଳେବର ଶ୍ରୀଜଗନ୍ନାଥଙ୍କର ବନ୍ଦନା କରାଯାଇଛି । କାବ୍ୟର ବକ୍ତା ମାର୍କଣ୍ଡେୟ ଓ ଶ୍ରୋତା ହେଉଛନ୍ତି ଯୁଧିଷ୍ଠିର । ଶ୍ରୋତା ଓ ବକ୍ତାଙ୍କୁ ମହାଭାରତରୁ ଆଣି ରାମାୟଣର କଥାବସ୍ତୁର ଭିତ୍ତିରେ ରୀତିଶୈଳୀରେ କବି ଅର୍ଜୁନ ଦାସ ଏହି କାବ୍ୟଟିକୁ ରଚନା କରିଛନ୍ତି । ସୁଧାସିକ୍ତ ରାମକଥା ପରିବେଷଣ କରି ଓଡ଼ିଶାର ଧାର୍ମିକ ବାତାବରଣରେ ସେ ଏକ ସୁବର୍ଣ୍ଣସ୍ତମ୍ଭ ସ୍ଥାପନା କରିବା

ସଙ୍ଗେ ସଙ୍ଗେ ଓଡ଼ିଆ ସାହିତ୍ୟ କ୍ଷେତ୍ରରେ ନୂତନ ଉଷାଲୋକର ସଂଚାର କରିଛନ୍ତି । କବିଙ୍କର ସମୟ ନିର୍ଦ୍ଦିଷ୍ଟ ଭାବରେ ନିର୍ଦ୍ଧାରିତ ନହେଲେ ହେଁ ସେ ଯେ ୧୫ ଶ ଶତାବ୍ଦୀର ଶେଷଭାଗ ଓ ୧୬ଶ ଶତାବ୍ଦୀର ପ୍ରଥମ ଭାଗର କବି, ଏକଥା ଡଃ ଆର୍ତ୍ତବଲ୍ଲଭ ମହାନ୍ତି ଉଲ୍ଲେଖ କରିଛନ୍ତି ।

କାବ୍ୟଟିରେ ପ୍ରକୃତି ବର୍ଣ୍ଣନା, ନାୟକ ଓ ନାୟିକାଙ୍କର ବିଶେଷ ବର୍ଣ୍ଣନା, ସମ୍ଭୋଗ ଶୃଙ୍ଗାର ବର୍ଣ୍ଣନା ଆଦି କେତେକ ବଳିଷ୍ଠ ବିଭବ ଦେଖିବାକୁ ମିଳେ । ଏ ସମସ୍ତ ରୀତିଶୈଳୀର ଅଂଶବିଶେଷ ବୋଲି ମୁକ୍ତକଣ୍ଠରେ ସ୍ୱୀକାର କରାଯାଇପାରେ ।

ଗଙ୍ଗାନଦୀ ପାର ହୋଇ ରାମଚନ୍ଦ୍ର ଯେଉଁ ବନ ଭୂମିରେ ପଦାର୍ପଣ କରିଛନ୍ତି, ସେହି ବନାନୀର ସୁଷମ ଆଲେଖ୍ୟ କବି ଲେଖନୀରେ ଅଙ୍କିତ ହୋଇଛି । କୁରଙ୍ଗ, କରୀ ଓ କେଶରୀଙ୍କର କ୍ରୀଡ଼ା ବିଳାସ ଦେଖି ରାମଚନ୍ଦ୍ର ମୁଗ୍ଧ ହୋଇଛନ୍ତି । ଫୁଟାଫୁଲ ଗଛରୁ ଝଡ଼ିପଡ଼ି ରାମଚନ୍ଦ୍ରଙ୍କର ଚଲାବାଟକୁ ସଜାଇ ଦେଇଛି, ଶୀତଳ ପବନ ମୃଦୁ ମୃଦୁ ହୋଇ ପ୍ରବାହିତ ହୋଇଛି । ଭ୍ରମରର ଗୁଞ୍ଜନରେ ବନଭୂମି ଶିହରି ଉଠିଛି । ଏ ସମସ୍ତ ଶୋଭାରେ ମୁଗ୍ଧ ହୋଇ ରାମଚନ୍ଦ୍ର ଏହି ବନକୁ କାମରକେଳି ନଗର ଆଖ୍ୟା ଦେଇଛନ୍ତି ।

ବିବାହ ପୂର୍ବରୁ ସୀତାଙ୍କୁ ମୁଦୁସୁଲୀମାନେ ସୁବେଶ କରାଇଛନ୍ତି । ଶିଖଠାରୁ ନଖ ପର୍ଯ୍ୟନ୍ତ ଅଳଙ୍କାରରେ ବିମଣ୍ଡିତା ହୋଇ ସୀତା ଲୀଳାପ୍ରତିମାରେ ପରିଣତ ହୋଇଛନ୍ତି । ସେମାନେ ସୁବାସିତ ଫୁଲରେ ସୀତାଙ୍କ କବରୀ ମଣ୍ଡନ କରିଛନ୍ତି, ତା' ଉପରେ ମୁକୁତା ଜାଲି ବେଢ଼ାଇ ଦେଇଛନ୍ତି । ସେମାନେ ସୀତାଙ୍କ ନାସାରେ ଗଜମୋତି, କପାଳରେ ସୁନ୍ଦର ଚିତା ଓ କାନରେ ତାଟଙ୍କ ପିନ୍ଧାଇ ଦେଇଛନ୍ତି, ବେକରେ ହାର ଲମ୍ବାଇ ଦେଇ କଟିରେ ମେଖଳା ଖଞ୍ଜି ଦେଇଛନ୍ତି । ହୀରା, ମାଣିକ୍ୟରେ ଶୋଭିତ ଏହି ମେଖଳା ଅତ୍ୟନ୍ତ ରମଣୀୟ ହୋଇଛି ।

ରାମଚନ୍ଦ୍ରଙ୍କୁ ମଧ୍ୟ ରାଜକୁମାରମାନେ ସୁବେଶରେ ସଜାଇ ଦେଇଛନ୍ତି । ତାଙ୍କ ଅଙ୍ଗରେ ଚତୁଃସମ ଲେପନ କରି ରାଜକୁମାରମାନେ ତାଙ୍କୁ ହଳଦିଆ ପାଟ ପିନ୍ଧାଇ ଦେଇଛନ୍ତି, ଚୂଳରେ ଫୁଲ ଖଞ୍ଜି ଦେଇଛନ୍ତି ।

ବିବାହ ପରେ ରାମଚନ୍ଦ୍ର ଓ ସୀତାଙ୍କର ମଣୋହି ପାଇଁ ଆୟୋଜନ କରାଯାଇଛି । ସୁବର୍ଣ୍ଣ ଥାଳିରେ ଅନ୍ନ ଦିଆଯାଇଛି । ସୀତା କିନ୍ତୁ ସୁବର୍ଣ୍ଣ ଥାଳିରୁ ହାତ ନକାଢ଼ି ତାଙ୍କ କର କଙ୍କଣରେ ପ୍ରତିଫଳିତ ରାମଚନ୍ଦ୍ରଙ୍କ ପ୍ରତିବିମ୍ବ ଦେଖି ଆନନ୍ଦିତ ହୋଇଛନ୍ତି । ଅନ୍ନ ଭୋଜନଠାରୁ ରାମଙ୍କ ଦର୍ଶନ ତାଙ୍କ ପାଇଁ ଅଧିକ ସୁଖକର ହୋଇଛି । ଏପରି ବର୍ଣ୍ଣନା ପ୍ରସଙ୍ଗରେ କବି ଅର୍ଜୁନ ଦାସଙ୍କର ରସିକତା ପ୍ରକାଶ ପାଇଛି । ଏପରି ରସିକତା ବହୁ ରୀତିକବିଙ୍କଠାରେ ଦେଖାଯାଏ ଏବଂ ରୀତିକାବ୍ୟରେ ରସିକତା ଭିତ୍ତିରେ ଗଠିତ ବହୁଚିତ୍ର ଦେଖିବାକୁ ମିଳେ । ମଣୋହି ପରେ ମଧୁଶଯ୍ୟାର ବର୍ଣ୍ଣନା କାବ୍ୟରେ କରାଯାଇଛି । ରାମଚନ୍ଦ୍ରଙ୍କର ନିବିଡ଼ ଆଲିଙ୍ଗନରେ ସୀତାଙ୍କ ତନୁରେ ଶିହରଣ ସୃଷ୍ଟି ହୋଇଛି ; ଚୁମ୍ବନରେ ସୀତାଙ୍କ ଚନ୍ଦ୍ରମୁଖରେ ଦାଗ ପଡ଼ିଯାଇଛି । ସୀତାଙ୍କ ବେକରୁ ହାର ଖସିପଡ଼ିଛି । ପିନ୍ଧାବାସ ଫିଟି ଯାଇଛି । କାମକେଳିରେ ମତ୍ତହୋଇ ନାୟକ ଓ ନାୟିକା ଉଭୟ ନିଜର ସ୍ୱତନ୍ତ୍ର ସ୍ଥିତିକୁ ମଧ୍ୟ ଭୁଲିଯାଇଛନ୍ତି । ବିପରୀତ ରୀତିର କଥା ମଧ୍ୟ କବି ବର୍ଣ୍ଣନା କରିଛନ୍ତି । ରାମ ଓ ସୀତା ଏ କାବ୍ୟରେ ଦେବଦେବୀ ଭାବରେ ଚିତ୍ରିତ ହୋଇ ନାହାନ୍ତି । ମର୍ତ୍ତ୍ୟର ମାନବ ଓ ମାନବୀ ପରି ସେମାନେ ସାଧାରଣ ଧାରାରେ କାର୍ଯ୍ୟ କରିଛନ୍ତି ।

ରାମ ଓ ସୀତା ରତିବିଳାସରେ ସାରାରାତି ମଜ୍ଜି ରହିଛନ୍ତି । ସକାଳେ ଶେଯରୁ ଉଠି ଆସି ସୀତା ରାମଚନ୍ଦ୍ରଙ୍କ ପାଦତଳେ ପଡ଼ି ତାଙ୍କୁ ଏକପତ୍ନୀ ବ୍ରତପାଳନ କରିବା ପାଇଁ ପ୍ରତିଜ୍ଞା କରିବାକୁ ଅନୁରୋଧ କରିଛନ୍ତି ।

ଏକ ପତ୍ନୀବ୍ରତ ପାଳନ ଉପରେ ରୀତିକାବ୍ୟ ଅଧିକ ଗୁରୁତ୍ୱ ଦେଇଥାଏ । ନାୟକ ଯେତେ ଦୂରରେ ଥିଲେ ମଧ୍ୟ ସେ ଏହି ବ୍ରତ ପାଳନରେ ଏକାଗ୍ରତା ରଖିଥାଏ । ଚନ୍ଦ୍ର ଓ କୁମୁଦ ପ୍ରୀତିକୁ ସ୍ମାରକୀ ସ୍ୱରୂପ ମନରେ ରଖି ସେ ଆଶା ଓ ଆଶ୍ୱାସନା ଲାଭ କରେ । ରୀତିକାବ୍ୟର ଏହି ବିଶିଷ୍ଟ ଲକ୍ଷଣଟି ରାମବିଭା କାବ୍ୟରେ ସ୍ଥାନ ପାଇଛି । ରତି ବିଳାସ ବର୍ଣ୍ଣନା କ୍ଷେତ୍ରରେ ମଧ୍ୟ ଏହି କାବ୍ୟଟି ରୀତି କାବ୍ୟର ଲକ୍ଷଣକୁ ଧାରଣ କରିଛି । ରତି ବର୍ଣ୍ଣନା ବିନା ରୀତିକାବ୍ୟ ଅପୂର୍ଣ୍ଣ ରହିଯାଏ । ରତି ବର୍ଣ୍ଣନାର ମାନଦଣ୍ଡରେ କାବ୍ୟର ବୈଶିଷ୍ଟ୍ୟ ନିରୂପିତ ହୋଇଥାଏ ।

ବିଭିନ୍ନ ଦୃଷ୍ଟିରୁ ବିଚାର କଲେ ରାମବିଭା କାବ୍ୟଟି ଏକ ବିଶିଷ୍ଟ ରୀତିକାବ୍ୟ ନ ହେଲେ ହେଁ ଏଥିରେ ରୀତି କାବ୍ୟର କେତେକ ବଳିଷ୍ଠ ଲକ୍ଷଣ ଦେଖିବାକୁ ମିଳେ, ଏହା ମୁକ୍ତ କଣ୍ଠରେ ସ୍ୱୀକାର୍ଯ୍ୟ ।

କଳ୍ପଲତା : ଅର୍ଜୁନ ଦାସଙ୍କର ଅନ୍ୟ ଏକ କୃତି ଭାବରେ କଳ୍ପଲତା ପାଠକ ନିକଟରେ ନିଜସ୍ୱ ବିଶେଷତ୍ୱ ଯୋଗୁଁ ପ୍ରତିଷ୍ଠା ପାଇଛି । ଏହା ଓଡ଼ିଆ ସାହିତ୍ୟରେ ପ୍ରଥମ କାଳ୍ପନିକ ରୀତି କାବ୍ୟର ଗୌରବ ଅର୍ଜନ କରିଛି । କାବ୍ୟଟି ରାମବିଭା କାବ୍ୟ ପରେ ରଚିତ ହୋଇଛି । ରାମବିଭାର ପ୍ରଥମ ଛାନ୍ଦ ବାଣୀରେ କଳ୍ପଲତାର ନବମ ଛାନ୍ଦକୁ ଗାଇବା ପାଇଁ ନିର୍ଦ୍ଦେଶ ରହିଛି । ନାୟିକାର ନାମାନୁସାରେ କାବ୍ୟଟି ନାମିତ ହୋଇଛି । କବି ଅର୍ଜୁନ ଦାସ କଳ୍ପଲତା କାବ୍ୟକୁ ଜ୍ୟେଷ୍ଠ ପୂର୍ଣ୍ଣିମାର ପବିତ୍ର ତିଥିରେ ଆରମ୍ଭ କରିଥିଲେ ବୋଲି ପଣ୍ଡିତ ସୂର୍ଯ୍ୟନାରାୟଣ ଦାଶ ମତ ପ୍ରଦାନ କରିଛନ୍ତି ।

କାବ୍ୟର ଆରମ୍ଭରେ ଜଗନ୍ନାଥଙ୍କର ସ୍ନାନଯାତ୍ରା ବର୍ଣ୍ଣିତ ହୋଇଛି । ସେହି ଯାତ୍ରାର ଶାନ୍ତ ଲଳିତ ପରିବେଶରେ ବ୍ରହ୍ମା, ଇନ୍ଦ୍ର, ରୁଦ୍ର ସମସ୍ତେ ଉପସ୍ଥିତ ହୋଇଛନ୍ତି । ଗନ୍ଧର୍ବଗଣ ଗୀତରେ ଓ ଅପ୍ସରାଗଣ ନୃତ୍ୟରେ ଆତ୍ମବିଭୋର ହୋଇଥିବା କଥା କବି କହିଛନ୍ତି ।

ଲୀଳାମୟ ଶ୍ରୀଜଗନ୍ନାଥଙ୍କର ବିଚିତ୍ର ଲୀଳା ବର୍ଣ୍ଣନାରେ କବି ଅର୍ଜୁନ ଦାସ ଆଶୀନମସ୍କ୍ରିୟା ପର୍ବଟି ସମାପନ କରିଛନ୍ତି ।

ନାୟକ ଅମର ଶିଖର ଓ ନାୟିକା କଳ୍ପଲତାଙ୍କର ବିବାହ ତଥା ମିଳନ ବିରହର କାହାଣୀକୁ ନେଇ କାବ୍ୟଟି ରଚିତ । କଥାବସ୍ତୁ ବିଳମ୍ବିତ ହେଲେ ମଧ୍ୟ ବିରକ୍ତିକର ନୁହେଁ । ଶାପଗ୍ରସ୍ତ ହୋଇ ବସନ୍ତକ ନାମକ ଗନ୍ଧର୍ବ ମର୍ତ୍ତ୍ୟରେ ମଲ୍ଲାଳ ଦେଶର ରାଜା ବିଦ୍ୟା ବିନୋଦଙ୍କର ପୁତ୍ର ରୂପେ ଜନ୍ମଗ୍ରହଣ କଲେ । ଶାପଗ୍ରସ୍ତା ଅପ୍ସରା ସୁରେଖା, କର୍ଣ୍ଣାଟ ଦେଶର ରାଜକୁମାରୀ ଭାବରେ ଜନ୍ମଗ୍ରହଣ କରିଥିଲେ । କାବ୍ୟର କଥାବସ୍ତୁରେ ଅଲୌକିକତା ଥିଲେ ମଧ୍ୟ ତାହା ସୁଖପାଠ୍ୟ ହୋଇପାରିଛି । ନାୟକ ଓ ନାୟିକାଙ୍କର ବିବାହ ପରେ ପରସ୍ପର ମଧ୍ୟରେ ବିଚ୍ଛେଦ ଘଟିଛି । ଶେଷରେ ବିରହର ହିମଶୀତଳ ପରିବେଶ ଅପସରି ଯାଇ ମିଳନର ମଧୁଗନ୍ଧ ସୃଷ୍ଟି ହୋଇଛି ଓ କାବ୍ୟର ସମାପ୍ତି ଘଟିଛି ।

କାବ୍ୟଟିରେ କେତେକ ରୀତି ଲକ୍ଷଣ ଦେଖିବାକୁ ମିଳେ । କାବ୍ୟଟି ଆଦି ରସାତ୍ମକ ହେଲେ ମଧ୍ୟ ଏଥିରେ ଶୃଙ୍ଗାର ରସର ନଗ୍ନ ବର୍ଣ୍ଣନା ନାହିଁ । ପ୍ରକୃତି ବର୍ଣ୍ଣନା କ୍ଷେତ୍ରରେ କବିଙ୍କର ଦକ୍ଷତା ପରିସ୍ଫୁଟ ହୋଇଛି । ମଲାଳ ଦେଶର ପ୍ରାକୃତିକ ଶୋଭା କବି ଲେଖନୀକୁ ମୁଗ୍ଧ କରିଛି । ଷଡ଼ଋତୁର ସମାବେଶରେ ସେ ଦେଶ ଶୋଭାମୟ ହୋଇଛି । ଫୁଟାଫୁଲର ମହକରେ ପରିବେଶ ଦିବ୍ୟ ପ୍ରଭାବରେ ପ୍ରଭାବିତ ହୋଇ ଆକର୍ଷଣୀୟ ହୋଇଛି । ଷଡ଼ଋତୁର ଲୀଳାବିଳାସ ବସ୍ତୁତଃ ଏକ ସମୟରେ ସମ୍ଭବ ନହେଲେ ମଧ୍ୟ ସାହିତ୍ୟରେ ଏପରି ବର୍ଣ୍ଣନା

ଦୋଷାବହ ନୁହେଁ । କେବଳ ଋତୁ ବର୍ଣ୍ଣନା ନୁହେଁ ସାଧାରଣ ଦୃଶ୍ୟମାନ ପ୍ରକୃତିଚିତ୍ର ମଧ୍ୟ ସାହିତ୍ୟରେ ଅଧିକ କଳାମାଞ୍ଜୁଳ ସ୍ୱରୂପ ନେଇ ଆତ୍ମପ୍ରକାଶ କରିଥାଏ । ଭୌତିକ ପ୍ରକୃତି ଯେତେ ଅସୁନ୍ଦର ହେଲେ ମଧ୍ୟ ସାହିତ୍ୟରେ ତାହା ପ୍ରୀତିପ୍ରଦ ହୋଇଥାଏ ।

କାବ୍ୟ କଳ୍ପଲତାରେ ନାୟିକାର ଆଙ୍ଗିକ ସୁଷମାର ବର୍ଣ୍ଣନା କବି କରିଛନ୍ତି, ନାୟିକାର ବଦନକାନ୍ତିକୁ କବି ପୂର୍ଣ୍ଣିମାର ଚନ୍ଦ୍ରମା ସହିତ ତୁଳନା କରିଛନ୍ତି, ଅଧରକୁ ବଧୂଲୀ ଫୁଲ ସହିତ ଓ ଦାନ୍ତକୁ ଚନ୍ଦ୍ରକିରଣ ସହିତ ତୁଳନା କରିଛନ୍ତି ।

ବିବାହ ପୂର୍ବରୁ ସଖୀମାନେ ରାଜବାଳା କଳ୍ପଲତାକୁ ସୁଶ୍ରୀ ଶୋଭନ ବେଶରେ ସଜାଇ ଦେଇଛନ୍ତି । ତାଙ୍କ କବରୀରେ ସଖୀମାନେ ସୁଗନ୍ଧକୁସୁମ ଖୋସି ଦେଇଛନ୍ତି । କବରୀକୁ ବେଢ଼ାଇ ମୁକୁତା ଜାଲି ମଣ୍ଡନ କରିଛନ୍ତି, ଫଳରେ ଜଣାଯାଇଛି ସତେ ଯେପରି ବଦନ ଚନ୍ଦ୍ରକୁ ତାରା ସବୁ ବେଢ଼ି ରହିଛନ୍ତି । କଳ୍ପଲତାର ତିଳ ଫୁଲ ଜିଣା ନାସାକୁ ଗଜମୋତି ଦ୍ୱାରା ଶୋଭିତ କରାଯାଇଛି । ତା'ର ଗଳାରେ ମୁକ୍ତାରେ ନିର୍ମିତ ମାଳା ଶୋଭା ପାଉଛି । ନାୟିକାର ରୂପସଜ୍ଜା ପ୍ରସଙ୍ଗରେ ରୀତି ଲକ୍ଷଣ ଏହି କାବ୍ୟରେ ଦେଖିବାକୁ ମିଳେ ।

ରାଜନବର ମଧ୍ୟରେ ଯେଉଁ ପୁଷ୍କରିଣୀ ଥାଏ, ତାହାର ଶୋଭା ଅବର୍ଣ୍ଣନୀୟ ଅଟେ । କେତେକ ରୀତି କାବ୍ୟରେ ଜଳକ୍ରୀଡ଼ାର ବର୍ଣ୍ଣନା କରାଯାଇଥାଏ । କଳ୍ପଲତା କାବ୍ୟରେ ଏକ ପୁଷ୍କରିଣୀର ବର୍ଣ୍ଣନା ରହିଛି । ଏହାର ଶୋଭା ଅସାଧାରଣ ସ୍ତରକୁ ଉନ୍ନୀତ ହୋଇଛି । ଜଳ କୂଳରେ ଷଡ଼ଋତୁର ପକ୍ଷୀମାନଙ୍କର ସମାବେଶ ହୋଇଛି । ଶୁଦ୍ଧ ସୁବର୍ଣ୍ଣରେ ପାହାଚମାନ ନିର୍ମିତ ହୋଇଛି । ପଦ୍ମଫୁଲ ଫୁଟି ଲୋଭନୀୟ ଶୋଭା ସୃଷ୍ଟି କରିଛି । ନାୟକ ନାୟିକା ସେଥିରେ ଜଳକ୍ରୀଡ଼ା କରିଛନ୍ତି । କ୍ରୀଡ଼ା ସମୟରେ ଭ୍ରମର ସବୁ ପଦ୍ମଫୁଲକୁ ଛାଡ଼ିଆସି କଳ୍ପଲତାର ମୁଖ ପଦ୍ମକୁ ଚୁମ୍ବନ କରିଛନ୍ତି । ରୀତି ସାହିତ୍ୟରେ ନାୟିକାର ମୁଖକୁ ପଦ୍ମଫୁଲ ସହିତ ତୁଳନା କରାଯାଏ । ବାସ୍ତବରେ ତାହା ପଦ୍ମଫୁଲ ନୁହେଁ କିନ୍ତୁ ରୀତି କବି ତାହାକୁ ପଦ୍ମଗନ୍ଧର ଉତ୍ସବୋଲି ବର୍ଣ୍ଣନା କରିଥାନ୍ତି । ରାମ ବିଭାରେ ଜଳକ୍ରୀଡ଼ା ନାହିଁ, କିନ୍ତୁ କଳ୍ପଲତାରେ ଜଳକେଳିର ବର୍ଣ୍ଣନା ରହିଛି ।

ବିପ୍ରଲମ୍ଭ ଶୃଙ୍ଗାରର ଭୂମିକା ରୀତିକାବ୍ୟରେ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ଅଟେ । କଳ୍ପଲତା କାବ୍ୟରେ ବିପ୍ରଲମ୍ଭ ଶୃଙ୍ଗାରର ସଫଳ ରେଖାଙ୍କ ଅଙ୍କିତ ହୋଇଛି । ନାୟକ ଅମର ଶିଖର ଓ ନାୟିକା କଳ୍ପଲତା ପରସ୍ପର ଠାରୁ ବିଚ୍ଛିନ୍ନ ହେବାରୁ ବିଚ୍ଛେଦ ଜନିତ ଦୁଃଖର ଶିକାର ହୋଇଛନ୍ତି । ନାୟିକା କଳ୍ପଲତା କାନ୍ତ ବିରହରେ ଗଗନ ଫଟାଇ ଚିତ୍କାର କରିଛି । କେଉଁ ଅପରାଧ ଯୋଗୁଁ ନାୟକ ତାକୁ ଛାଡ଼ିଗଲାବୋଲି କହି ସେ ନାୟକର ଗୁଣଗାନ କରିଛି । ଜୀବନ ତା'ର ମୂଲ୍ୟହୀନ ହୋଇପଡ଼ିଛି, ଦଶଦିଗ ଶୂନ୍ୟ ହୋଇଛି । ତେଣୁ ସେ ଅନଳରେ ଝାସ ଦେବା ପାଇଁ ସ୍ଥିର କରିଛି । କ୍ରମଶଃ ତା'ର ଦେହ କ୍ଷୀଣ ହୋଇଯାଇଛି । ମୁହଁ କଳା ପଡ଼ିଯାଇଛି । ମାଟିରେ ଲୋଟି ଲୋଟି କେବଳ ସେ ଅଶ୍ରୁବର୍ଷଣ କରିଛି । ଗୋଟିଏ ଦିନ ତା'ପାଇଁ କୋଟିଏ ଯୁଗ ପରି ହୋଇଛି ।

ଦୀର୍ଘ ଦିନର ବିରହ ପରେ ନାୟକ ଓ ନାୟିକାଙ୍କର ମିଳନ ଘଟିଛି । ହୁଳହୁଳି, ହରିବୋଲ ଧ୍ୱନିରେ ଦିଗଦିଗନ୍ତ ଉଛୁଳି ପଡ଼ିଛି । କାବ୍ୟଟିର ଶେଷାଂଶଟି ମିଳନର ଛନ୍ଦରେ ଛନ୍ଦାୟିତ ହୋଇଥିବାରୁ ପାଠକ ପାଇଁ କାବ୍ୟଟି ଅଧିକ ଆକର୍ଷଣ ସୃଷ୍ଟି କରିଛି ।

କାବ୍ୟ ପରେ କାବ୍ୟ ରଚିତ ହେବା ଫଳରେ ଓଡ଼ିଆ ରୀତି ସାହିତ୍ୟ କ୍ରମ ବିକାଶ ପଥରେ ଅଗ୍ରଗତି କରିଛି ।

ପରିମଳା : କବି ଅର୍ଜୁନ ଦାସଙ୍କ ପରେ ଓଡ଼ିଆ ସାହିତ୍ୟ କ୍ଷେତ୍ରରେ କବି ନରସିଂହ ସେଣଙ୍କର ଆବିର୍ଭାବ ଘଟିଛି । ସେ ତାଙ୍କର ଲେଖନୀ ଚାଳନା କରି ଓଡ଼ିଆ ସାହିତ୍ୟର ଶ୍ରୀବୃଦ୍ଧି ସାଧନ କରିଛନ୍ତି । ପରିମଳା ତାଙ୍କର ଏକ ସୁଷମ ସୃଷ୍ଟି । ପ୍ରାଚୀନ ଓଡ଼ିଆ କାବ୍ୟ ମଧ୍ୟରେ ଏହାର ସ୍ଥାନ ସ୍ୱତନ୍ତ୍ର ବୋଲି ବିବେଚନା କରାଯାଏ ।

ପରିମଳା କାବ୍ୟରେ କବି ନରସିଂହ ସେଣଙ୍କର ଅମ୍ଳାନ ପ୍ରତିଭାର ସୁବର୍ଣ୍ଣ ସ୍ୱାକ୍ଷର ଲିପିବଦ୍ଧ । କବି ସଂସ୍କୃତ ସାହିତ୍ୟରେ ପାରଦର୍ଶିତା ଅର୍ଜନ କରିଥିଲେ । ତାଙ୍କର ପିତାଙ୍କ ନାମ ତପନ ସେଣ ଥିଲା । ତପନ ସେଣ ଗଜପତି ପ୍ରତାପରୁଦ୍ର ଦେବଙ୍କ ରାଜସଭାର ଜଣେ ପ୍ରସିଦ୍ଧ କବି ଥିଲେ । ସୁତରାଂ ନରସିଂହ ସେଣଙ୍କ ପାଇଁ କବି ହେବା ନିମନ୍ତେ ପରିବେଶଗତ ପ୍ରେରଣା ଯଥେଷ୍ଟ ଥିଲା । ପରିମଳା କାବ୍ୟଟିର ରଚନାକାଳ ନିର୍ଦ୍ଦିଷ୍ଟ ଭାବରେ କହିବା କଷ୍ଟକର ଅଟେ । ବିଶିଷ୍ଟ ଐତିହାସିକ କେଦାର ନାଥ ମହାପାତ୍ରଙ୍କ ମତରେ ଏହା ୧୫୬୮ ଖ୍ରୀ:ଅ:ର ପୂର୍ବବର୍ତ୍ତୀ ରଚନା ଅଟେ ।

ପରିମଳାର ତନୁ ଲାବଣ୍ୟ ଅତ୍ୟନ୍ତ ଆକର୍ଷଣୀୟ ହୋଇଛି ବୋଲି କବି ଚାର ମୁଖରେ କାବ୍ୟରେ ଉପସ୍ଥାପନା କରିଛନ୍ତି । ଚାର, ରାଜକୁମାର ଆଗରେ ପରିମଳାର ବିଭିନ୍ନ ଅଙ୍ଗ ପ୍ରତ୍ୟଙ୍ଗର ଶୋଭା ବର୍ଣ୍ଣନା କରିଛି । ମୁଖକୁ ଚନ୍ଦ୍ର ମଣ୍ଡଳ ସମାନ ହେବ ନାହିଁ ବୋଲି ସେ କହିଛି । ନାୟିକାର କୁଞ୍ଚିତ କେଶର ଆଭା ନୀଳମେଘର ଶୋଭାକୁ ଜିଣି ଯାଇଛି । ଦାନ୍ତ ଗୁଡ଼ିକ ଡାଳିମ୍ବ ମଞ୍ଜିଠାରୁ ଅଧିକ ସୁନ୍ଦର ଦିଶୁଛି । ନାୟିକାର ଆଙ୍ଗୁଳି ଚମ୍ପା କଢ଼ିପରି, କୁଚ ଯୁଗଳ ସୁବର୍ଣ୍ଣକଳସ ପରି ଦେଖାଯାଉଛି ବୋଲି କବି କହିଛନ୍ତି । ପାଦ, ରକ୍ତପଦ୍ମର ଶୋଭାକୁ ଜିଣିଯାଇଛି । ନାୟିକାର ଦେହର ରଙ୍ଗକୁ କେତକୀର ରଙ୍ଗ ସହିତ ତୁଳନା କରାଯାଇଛି । ତା'ର ବଦନ ଫୁଟାଫୁଲର ଶୋଭା ଧାରଣ କରିଥିବାରୁ ମଧୁପାନ ଲୋଭରେ ଭ୍ରମରମାନେ ଗୋଡ଼ାଇଛନ୍ତି । ନାୟିକାକୁ ଅସାମାନ୍ୟ ସୁନ୍ଦରୀ ବୋଲି ବର୍ଣ୍ଣନା କରିବାର ପ୍ରବୃତ୍ତି ରୀତିକାବ୍ୟରେ ବହୁଳ ଭାବରେ ଦେଖିବାକୁ ମିଳେ । ଏହା ଏକ ବିଶିଷ୍ଟ ରୀତି ଲକ୍ଷଣ ଭାବରେ ଗୃହୀତ । ପରିମଳା କାବ୍ୟରେ ଏହି ଲକ୍ଷଣଟି ନାୟିକାର ରୂପ ବର୍ଣ୍ଣନା କ୍ଷେତ୍ରରେ ସ୍ପଷ୍ଟ ପରିସ୍ଫୁଟ ହୋଇଛି ବୋଲି କୁହାଯାଇପାରେ ।

ପରିମଳାର ବିବାହ ବେଳେ ବରକୁ ଦେଖିବାକୁ ନାରୀମାନେ ଆଗ୍ରହରେ ଘରୁ ବାହାରି ଆସିଛନ୍ତି । ସେତେବେଳେ କେଉଁ ତରୁଣୀର କବରୀ ଫିଟି ଯାଇଛି, ଫୁଲ ସବୁ ଭୂଇଁରେ ଖସିପଡ଼ିଛି । ଆଉ କାହାର ଗୋଟିଏ ଆଖିରେ କଜ୍ଜଳ ଲାଗିଛି ଓ ଅନ୍ୟ ଆଖିରେ ଲାଗିନାହିଁ । ଆଉ କିଏ ମୁକ୍ତା ଗୁନ୍ଥୁଥିଲା, ତରବରରେ ଉଠି ଯିବାରୁ ମୁକ୍ତା ତଳେ ପଡ଼ିଯାଇଛି ଓ ହାତରେ କେବଳ ସୂତାଟି ରହିଯାଇଛି ।

ବିବାହ ଉପଲକ୍ଷେ ମୁଦୁସୁଲୀମାନେ ପରିମଳାକୁ ବଧୁବେଶରେ ସଜାଇ ଦେଉଛନ୍ତି । ବର୍ଣ୍ଣନା ଗତାନୁଗତିକ ହେଲେ ମଧ୍ୟ ଅରୁଚିକର ହୋଇନାହିଁ । କପାଳରେ କସ୍ତୁରୀର ଚିତା, ନୟନରେ କଜ୍ଜଳ, ଗଭାରେ ମୁକ୍ତାଫଳ ଦେଇ ମୁଦୁସୁଲୀମାନେ ନାୟିକାକୁ ସଜାଇ ଦେଇଛନ୍ତି । କାନରେ ସୁନାର ତଡ଼କା, କାନଫୁଲ, ଗଳାରେ ଗଜମୁକ୍ତାର ହାର, ହାତରେ ଚୂଡ଼ି, ଅଙ୍ଗୁଳିରେ ମୁଦି ଖଞ୍ଜି ଦେଇଛନ୍ତି । ନାୟିକାର ଆଙ୍ଗିକ ସୁଷମା ସହିତ ଶିବ ଓ ବିଷ୍ଣୁଙ୍କର ଶୋଭା ସମାନ ହେବ ନାହିଁ ବୋଲି କବି କହିଛନ୍ତି । ପରିମଳାର ଉରୁ ଗଦା ପରି, ଚାରୁ ଶ୍ରୋଣୀ ଚିତ୍ରପରି, ବଦନ ପଦ୍ମପରି ଓ ଗଳା ଶଙ୍ଖ ପରି ଶୋଭାପାଉଛି । ବିଷ୍ଣୁଙ୍କର ଚାରି ଆୟୁଧକୁ କୁମାରୀ ନିଜ ଅଙ୍ଗରେ ଧାରଣ କରିଛି ।

ଋତୁ ବର୍ଣ୍ଣନାର ବାହୁଲ୍ୟ କାବ୍ୟରେ ନଥିଲେ ମଧ୍ୟ ସଂକ୍ଷିପ୍ତତା ମଧ୍ୟରେ ପ୍ରକୃତିର ସୁଷମା ଚିତ୍ର ଅଙ୍କିତ ହୋଇଛି । ସରଳ ଭାଷାରେ ଲଳିତ ଭାବ ମୂର୍ତ୍ତିମନ୍ତ ହୋଇଛି । ପ୍ରତ୍ୟେକ ଋତୁଚିତ୍ର ସହିତ ପ୍ରେମକୁ ସଂପର୍କିତ କରାଯାଇଛି । ବର୍ଷା ଋତୁରେ ବିରହୀ ନାୟକ ମକ୍ରକେତୁର ମନର ବେଦନା ବହୁ ଗୁଣରେ ବଢ଼ିଯାଇଛି । ବିପ୍ରଲମ୍ଭ ଶୃଙ୍ଗାରର ସ୍ୱରୂପ ଉତ୍କଟ ହୋଇ ଆତ୍ମପ୍ରକାଶ କରିଛି । ଦିବା ନିଶି ପ୍ରବଳ ବର୍ଷା ହେବା ଫଳରେ ନଦୀମାନେ କୂଳଲଂଘି ପ୍ରବାହିତ ହୋଇଛନ୍ତି । ସୂର୍ଯ୍ୟ ମେଘ ଆବରଣରେ ଲୁଚି ଯାଇଛନ୍ତି । ବଣମଲ୍ଲୀ ଫୁଟିଛି, ମାଳତୀ ଫୁଲ ଫୁଟିଛି । ନାୟକ ମକ୍ରକେତୁ ପୂର୍ବ ସୁଖ ସ୍ମୃତିକୁ ମନେପକାଇଛି ।

ବର୍ଷାପରେ ଶରତ ଋତୁ ଆସିଛି । ଆକାଶରେ ଚନ୍ଦ୍ର ଶ୍ୱେତଛତ୍ର ପରି ଶୋଭା ପାଇଛି । କଇଁ ଫୁଲରେ ଜଳାଶୟ ମଣ୍ଡିତ ହୋଇଛି । କାଶତଣ୍ଡି ଫୁଲରେ ଧରଣୀ ସୁଶୋଭିତ ହୋଇଛି । ପରିମଳାର ବିରହରେ ନାୟକର ହୃଦୟ ଫାଟିଯାଇଛି, ଦାରୁଣ ଦୁଃଖରେ ସେ ମର୍ମାହତ ହୋଇପଡ଼ିଛି । ଶୀତଋତୁର ଶୀତଳତାରେ ନାୟକର ମନ ଅଧୀର ହୋଇପଡ଼ିଛି । ବିଗତ ଦିନର ଭୋଗ ଜନିତ ସୁଖ ସ୍ମୃତିକୁ ମନେ ପକାଇ ସେ ଦୁଃଖ କରିଛି । ଦାରୁଣ ଦୁଃଖରୁ ଉଦ୍ଧାର କରିବାପାଇଁ ପରିମଳାକୁ ଆହ୍ୱାନ କରିଛି ।

ହେମନ୍ତ ଋତୁର ଆଗମନ ଓ ତା'ର ବର୍ଣ୍ଣନା ମଧ୍ୟ କାବ୍ୟରେ କରାଯାଇଛି । ବସନ୍ତ ଋତୁର ଶୋଭାର ଆଲେଖ୍ୟ କାବ୍ୟରେ ଅଙ୍କିତ ହୋଇଛି । ରୀତିକାବ୍ୟରେ ଋତୁ ବର୍ଣ୍ଣନା ଏକ ଅପରିହାର୍ଯ୍ୟ ବସ୍ତୁ ରୂପରେ ଗୃହୀତ ହୋଇଥିବାରୁ ପ୍ରତ୍ୟେକ ରୀତିକବି ଏକ ବା ଏକାଧିକ ଋତୁର ବର୍ଣ୍ଣନା ତାଙ୍କ କାବ୍ୟରେ କରିଥାନ୍ତି । ପରିମଳା କାବ୍ୟରେ ଥିବା ଋତୁର ଚିତ୍ର ଅତ୍ୟନ୍ତ ହୃଦୟସ୍ପର୍ଶୀ ହୋଇଛି । ଅବଶ୍ୟ ଋତୁ ବର୍ଣ୍ଣନା ପ୍ରସଙ୍ଗରେ କବି ଆଳଙ୍କାରିକ ଛଟାର ବିଶେଷ ପ୍ରୟୋଗ କରିନାହାନ୍ତି । ସହଜ, ସରଳ ଶୈଳୀରେ ବର୍ଣ୍ଣନା କରିଥିବାରୁ ପାଠକକୁ ଅଧିକ କଳ୍ପନା ରାଜ୍ୟରେ ବିଚରଣ କରିବାକୁ ପଡ଼େ ନାହିଁ ।

ପରିମଳା କାବ୍ୟଟି ଏକ ପକ୍ଷରେ ଯେପରି ସୁଖପାଠ୍ୟ ହୋଇଛି ଅନ୍ୟ ପକ୍ଷରେ ପୂର୍ବବର୍ତ୍ତୀ କାବ୍ୟମାନଙ୍କ ଅପେକ୍ଷା ଅଧିକ ରୀତି ଲକ୍ଷଣରେ ବିମଣ୍ଡିତ ହୋଇ ସୁଶ୍ରୀଶୋଭନ ହୋଇପାରିଛି ।

ଗୋପକେଳି : କବି ନରସିଂହ ସେଣଙ୍କାର ଅନ୍ୟ ଏକ ଲିପିଶିଳ୍ପର ନାମ ହେଉଛି ଗୋପକେଳି । ଏଥିରେ କବିଙ୍କର କବିତ୍ୱ ପରିସ୍ଫୁଟ ହୋଇଛି । ରୀତିକାବ୍ୟର ସମସ୍ତ ଗୁଣ ଏଥିରେ ନଥିଲେ ମଧ୍ୟ କେତେକ ବିଶିଷ୍ଟ ଲକ୍ଷଣ ପରିଦୃଷ୍ଟ ହୁଏ । କଥା ବସ୍ତୁରେ ବିଶେଷ କିଛି ଚମତ୍କାରିତା ନାହିଁ, କିନ୍ତୁ ବର୍ଣ୍ଣନାବିଳାସ ଉପରେ ଯଥେଷ୍ଟ ଗୁରୁତ୍ୱ ଆରୋପିତ ହୋଇଛି । ବସନ୍ତରାସର ଲୀଳାକୁ ନେଇ କାବ୍ୟଟି ରଚିତ ହୋଇଛି । କୁସୁମିତ ଲତାରେ ଶୋଭିତ ହୋଇ ଯମୁନା ନଦୀର ତଟଭୂମି ରାସଲୀଳା ପାଇଁ ଯଥାଯୋଗ୍ୟ ସ୍ଥାନ ଭାବରେ କବିଙ୍କ ଲେଖନୀରେ ସ୍ଥାନ ପାଇଛି । କାବ୍ୟଟିରେ ଆରମ୍ଭରୁ ଶେଷ ପର୍ଯ୍ୟନ୍ତ ସୁକୁମାରତାର ପ୍ରସନ୍ନସ୍ପର୍ଶ ଅନୁଭବ କରିହୁଏ । ମୋହନବଂଶୀ ଶୁଣି ସେଥିରେ ଆକୃଷ୍ଟ ହୋଇ ଗୋପିକାମାନେ ବୃନ୍ଦାବନକୁ ଆସିଛନ୍ତି । ଶ୍ରୀକୃଷ୍ଣ ଓ ଗୋପିକାମାନଙ୍କ ସହିତ ସମାନ ଭାବରେ ଆନନ୍ଦବିଭୋର ହୋଇଛି ଯମୁନା ନଦୀ । କବିଙ୍କ ବିଚାରରେ ସେ ଅଭିସାରିକା ସାଜିଛି । ହୃଦୟରେ ସୀମାହୀନ ଅନୁରାଗ ରଖି ସାଗର ଅଭିମୁଖେ ଅଗ୍ରସର ହେଉଛି ବୋଲି କବି କହିଛନ୍ତି ।

ବୃନ୍ଦାବନର କୁସୁମିତ ଲତାକୁଞ୍ଜର ବାତକମ୍ପିତ ଅବସ୍ଥାକୁ କବି ଜୀବନ୍ତ ରୂପ ପ୍ରଦାନ କରିଛନ୍ତି । ଭୃଙ୍ଗକୁ ନାୟକ ଭାବରେ ଓ ଲତାକୁ ନାୟିକା ଭାବରେ ସେ ଚିତ୍ରଣ କରିଛନ୍ତି । ତରୁ ଉପରେ ଲତାର ସ୍ଥିତିକୁ ନାୟକ

ଉପରେ ନାୟିକାର ରତିକାଳୀନସ୍ଥିତି ସହିତ ସମାନ ବୋଲି ଗ୍ରହଣ କରିଛନ୍ତି । ଶୃଙ୍ଗାରିକତାର ମୂର୍ତ୍ତିମନ୍ତ ଆଲେଖ୍ୟ ବୃନ୍ଦାବନର ବର୍ଣ୍ଣନାରେ କବି ସ୍ପଷ୍ଟ ଭାବରେ ଅଙ୍କନ କରିଛନ୍ତି ।

ବୃନ୍ଦାବନର ଲତାକୁଞ୍ଜରୁ ଗୋପିମାନେ ନାନା ଜାତିର ଫୁଲତୋଳି ସେଥିରେ ଶ୍ରୀକୃଷ୍ଣଙ୍କୁ ସଜାଇ ଦେବା ସଙ୍ଗେସଙ୍ଗେ ନିଜକୁ ମଧ୍ୟ ସଜାଇ ଦେଇଛନ୍ତି । ଫୁଲମାନଙ୍କର ନାମ ସହିତ ତା'ର ଆଦି ରସ ସଂପର୍କିତ ସ୍ୱରୂପ ସମ୍ବନ୍ଧରେ କବି ଉଲ୍ଲେଖ କରିଛନ୍ତି । କଣ୍ଟିସେବତୀ, କଣ୍ଟିକାର, ମଧୁମାଧବୀ, ରଙ୍ଗଧାତୁକୀ, ଚାରୁକଦମ୍ବ, କଞ୍ଚନ ଫୁଲ, କୁମୁଦିନୀ, ନୀଳ ଉତ୍‌ପଳ ଆଦି ଫୁଲମାନଙ୍କ ସଂପର୍କରେ କବି ଏହି କାବ୍ୟରେ କେତେକ ସୂଚନା ଦେଇଛନ୍ତି । ଗୋପୀମାନେ କାନରେ ଫୁଲ ନିର୍ମିତ କର୍ଣ୍ଣିକାର, ହାତରେ ଫୁଲର ଚୁଡ଼ି, ବାହୁରେ ଫୁଲ ନିର୍ମିତ ତାଡ଼ ପିନ୍ଧିଛନ୍ତି ବୋଲି କବି ଉଲ୍ଲେଖ କରିଛନ୍ତି ।

ଇନ୍ଦ୍ରିୟ ଲାଳସାଜନିତ ସ୍ୱର୍ଶକାତାର ପରିବେଶରେ କାବ୍ୟଟି ଗଠିତ ହୋଇ ସୁଖପାଠ୍ୟ ହୋଇପାରିଛି । ଏହାକୁ ସର୍ବ ପ୍ରଥମ କୃଷ୍ଣଲୀଳାମୂଳକ ଓଡ଼ିଆ କାବ୍ୟ ବୋଲି ସମାଲୋଚକ ସଚ୍ଚିଦାନନ୍ଦ ମିଶ୍ର ମତ ଦିଅନ୍ତି । କାବ୍ୟଟିରେ ନାୟିକା ଉପରେ ଅଧିକ ଗୁରୁତ୍ୱ ପ୍ରଦାନ କରାଯାଇଛି । ଆକାରରେ କ୍ଷୁଦ୍ର ହେଲେ ମଧ୍ୟ କାବ୍ୟଟିର ଆଙ୍ଗିକ ଓ ଆତ୍ମିକ ମାଧୁର୍ଯ୍ୟ ଅତ୍ୟନ୍ତ ଆକର୍ଷଣୀୟ ହୋଇଛି ।

ଚାଟଇଚ୍ଛାବତୀ : ଚାଟଇଚ୍ଛାବତୀ କାବ୍ୟଟି ପ୍ରାଚୀନ ଓଡ଼ିଆ ସାହିତ୍ୟ ଭଣ୍ଡାରର ଏକ ଅମୂଲ୍ୟରତ୍ନ ବୋଲି କୁହାଯାଇପାରେ । ଏହା ଏକ କାଳ୍ପନିକ କାବ୍ୟ । ଏହାର ନାୟକର ନାମ ଚାରୁବ୍ରହ୍ମ ଓ ନାୟିକାର ନାମ ଇଚ୍ଛାବତୀ । ନାୟକ ଓ ନାୟିକା ଉଭୟଙ୍କ ନାମାନୁସାରେ ଏହି କାବ୍ୟର ନାମକରଣ କରାଯାଇଛି । କବି ବନମାଳୀ ଦାସ ଏହି କାବ୍ୟଟିକୁ ରଚନା କରିଛନ୍ତି । ତାଙ୍କ ଆବିର୍ଭାବ ସମୟକୁ ଷୋଡ଼ଶ ଶତାବ୍ଦୀର ଶେଷ ଭାଗ ବୋଲି ଶ୍ରୀକେଦାର ନାଥ ମହାପାତ୍ର ମତ ଦିଅନ୍ତି । ତାଙ୍କର ମତ ଗ୍ରହଣୀୟ ଅଟେ ।

କାବ୍ୟର କଥାବସ୍ତୁଟି ସୁଗଠିତ ଓ ସୁବିନ୍ୟସ୍ତ ହୋଇଥିବାରୁ ସୁଖପାଠ୍ୟ ହୋଇପାରିଛି । ଚାଟ ଚାରୁବ୍ରହ୍ମ ଓ ଇଚ୍ଛାବତୀର ପ୍ରଣୟ କାହାଣୀକୁ ନେଇ କାବ୍ୟଟି ରଚିତ ହୋଇଛି । କାବ୍ୟଟିରେ ରୀତି କାବ୍ୟର ସମସ୍ତ ଲକ୍ଷଣ ନ ଥିଲେ ମଧ୍ୟ କେତେକ ଲକ୍ଷଣ ଦେଖିବାକୁ ମିଳେ । ନାୟକ ଓ ନାୟିକାଙ୍କର ସ୍ୱକୀୟା ପ୍ରେମର ନିଷ୍ଠା ରୀତି କାବ୍ୟରେ ଉପସ୍ଥାପିତ ହୋଇଥାଏ । ଏହି ବିଶିଷ୍ଟ ଲକ୍ଷଣର ସ୍ୱରୂପ ଚାଟଇଚ୍ଛାବତୀ କାବ୍ୟରେ ବହୁଳ ଭାବରେ ପରିଦୃଷ୍ଟ ହୁଏ ।

ସମ୍ଭୋଗ ଶୃଙ୍ଗାର ଉପରେ ଯଥେଷ୍ଟ ଗୁରୁତ୍ୱ ଆରୋପ କରିବାର ପ୍ରବୃତ୍ତି ରୀତି ସାହିତ୍ୟରେ ଦେଖାଯାଏ । ଚାଟଇଚ୍ଛାବତୀ କାବ୍ୟରେ ସମ୍ଭୋଗ ଶୃଙ୍ଗାର ବର୍ଣ୍ଣନା ସ୍ପଷ୍ଟ ଭାବରେ କରାଯାଇଛି । ନାୟକର ନାୟିକାକୁ ଚୁମ୍ବନ ଦେବା, ଭୁଜଭିଡ଼ି ଆଲିଙ୍ଗନ କରିବାର ଚିତ୍ର ମୁକ୍ତ ଭାବରେ ଉପସ୍ଥାପିତ ହୋଇଛି ।

ଗୁରୁଦେବ ଚାଟ ଗୁରୁ ବ୍ରହ୍ମଙ୍କୁ ସନ୍ଦେହ କରି ଚାଟଶାଳୀକୁ ଆସିବାକୁ ମନା କରି ଦେଇଛନ୍ତି । ତା'ର ଅନୁପସ୍ଥିତିରେ ଇଚ୍ଛାବତୀ ଅସହ୍ୟ ବେଦନା ଅନୁଭବ କରିଛି । ଭୋଜନ, ଶୟନ, ବାସଭୂଷଣ ସବୁକିଛି ତାକୁ ବିଷତୁଲ୍ୟ ମନେ ହୋଇଛି । ସମ୍ଭୋଗ ଶୃଙ୍ଗାର ପରି ବିପ୍ରଲମ୍ଭ ଶୃଙ୍ଗାର ମଧ୍ୟ ଗୁରୁତ୍ୱପୂର୍ଣ୍ଣ ଭୂମିକା ସହ କାବ୍ୟରେ ସ୍ଥାନ ପାଇଛି । ରାଣୀଙ୍କ ଆଶ୍ୱାସନାରେ ରାଜବାଳା ଇଚ୍ଛାବତୀର ମନବେଦନା କମି ନାହିଁ, ବରଂ ଅଗ୍ନିଶିଖା ପରି ଜଳିଜଳି ତା'ର ତନୁ ମନକୁ ଜାଳି ଦେଇଛି । କର୍ପୂର, ଚନ୍ଦନ, ସୁବାସିତ ଶୀତଳ ଜଳ ଆଦି ଉପାଦାନ ସବୁ ତା'ପାଇଁ ମୂଲ୍ୟହୀନ ହୋଇପଡ଼ିଛି । ସଖି ଅମ୍ବୁବତୀ ଗୁପ୍ତରେ ଆଣି ଚାରୁବ୍ରହ୍ମକୁ ରାଜଅନ୍ତଃପୁରରେ ପହଞ୍ଚାଇ

ଦେବାରୁ ଇଚ୍ଛାବତୀ ଆନନ୍ଦ ଲାଭ କରିଛି । ନାୟକ ଓ ନାୟିକା ଚଉଷଠି ବନ୍ଧରେ ରତିକ୍ରୀଡ଼ା କରିଛନ୍ତି ।

ରୀତିକାବ୍ୟରେ ନାୟିକା ଅପେକ୍ଷା ନାୟକ ଉପରେ ଅଧିକ ଗୁରୁତ୍ୱ ଦିଆଯାଏ ନାହିଁ । କେତେକ କାବ୍ୟରେ ନାୟକ ନିଜକୁ ନାୟିକା ପାଖରେ ସାନ ବୋଲି କହିଥାଏ । ଚାଟ ଇଚ୍ଛାବତୀ କାବ୍ୟରେ ନାୟକ ଚାରୁବ୍ରହ୍ମ ନିଜକୁ ପିତୃମାତୃହୀନ ବୋଲି ହୀନ ମନେ କରିଛି । ଇଚ୍ଛାବତୀ ରାଜକୁମାରୀ ହୋଇଥିବାରୁ ତାକୁ ମନରେ ଉଚ୍ଚ ଆସନ ଦେଇଛି ।

କାବ୍ୟର ଭାଷା ସରଳ ଓ ବୋଧଗମ୍ୟ ହୋଇଛି, ବର୍ଣ୍ଣନାରେ ଅତି ରଞ୍ଜନ ଦେଖାଯାଏ ନାହିଁ । ପାଠକର ଉତ୍କଣ୍ଠା କାବ୍ୟଟିରେ ମୂଳରୁ ଶେଷ ପର୍ଯ୍ୟନ୍ତ ସୁରକ୍ଷିତ ହେବାପାଇଁ କବି ପରିବେଶ ସୃଷ୍ଟି କରିଛନ୍ତି । ଛଅଗୋଟି ଛାନ୍ଦରେ ରଚିତ ଏହି କ୍ଷୁଦ୍ର କାବ୍ୟଟି ପାଠକ ପାଇଁ ଆକର୍ଷଣ ସୃଷ୍ଟି କରି କାଳଜୟୀ ହୋଇପାରିଛି ।

ବନମାଳୀ ରାହାସ : କବି ବନମାଳୀ ଦାସଙ୍କର ଅନ୍ୟ ଏକ ସାହିତ୍ୟିକ ସୃଷ୍ଟି ହେଉଛି ବନମାଳୀ ରାହାସ । ଏହା ଲୀଳାମୟ ଶ୍ରୀକୃଷ୍ଣ ଓ ଗୋପୀମାନଙ୍କର ରାସଲୀଳାକୁ ନେଇ ରଚିତ ହୋଇଛି । ରାସଲୀଳା ସହିତ ଅନ୍ୟାନ୍ୟ ଲୀଳା ମଧ୍ୟ କାବ୍ୟରେ ସ୍ଥାନ ପାଇଛି । ଶବର ଠାରୁ କୋଳି ଖାଇବାର ଚିତ୍ର ଅତ୍ୟନ୍ତ ଆକର୍ଷଣୀୟ ହୋଇଛି । ସ୍ନାନ କରାଇ ମାଆ ରାମ ଓ କୃଷ୍ଣଙ୍କୁ ବିଭିନ୍ନ ଅଳଙ୍କାରରେ ମଣ୍ଡନ କରିବାର ଚିତ୍ର ଅତ୍ୟନ୍ତ ହୃଦୟଗ୍ରାହୀ ହୋଇଅଛି । ବଳରାମ ନୀଳବସ୍ତ୍ର ଓ କୃଷ୍ଣ ହଳଦିଆ ରଙ୍ଗର ବସ୍ତ୍ର ପିନ୍ଧିଛନ୍ତି । ଦୁହିଁଙ୍କର ସର୍ବାଙ୍ଗରେ କୁଙ୍କୁମ ଲେପିତ ହୋଇଛି । ଶ୍ରୀକୃଷ୍ଣଙ୍କ କଣ୍ଠରେ ବାଘ ନଖ ସହିତରେ ସୁବର୍ଣ୍ଣ ଓ ପୋହଳା ମିଶାଇ ମାଆ ବାନ୍ଧି ଦେଇଛନ୍ତି । ତାଙ୍କର ନାସାରେ ଗଜମୋତି, ହାତରେ କଙ୍କଣ ଓ ମୁଦ୍ରିକା ଅତ୍ୟନ୍ତ ଲୋଭନୀୟ ଶୋଭା ସୃଷ୍ଟି କରିଛି ।

ବଳରାମଙ୍କର ରକ୍ତପଦ୍ମ ପରି ଆଖିରେ କଜ୍ଜଳ ରଞ୍ଜିତ ହୋଇଛି । ସେ ଚରଣରେ ନୂପୁର, ହାତରେ କଙ୍କଣ ଓ କଟିରେ ଓଡ଼ିଆଣୀ ପିନ୍ଧିଛନ୍ତି ।

ଶୃଙ୍ଗାର ରସର ଆଲେଖ୍ୟ ସ୍ପଷ୍ଟ ଭାବରେ ଅଙ୍କିତ ହୋଇଛି ଏହି ଗ୍ରନ୍ଥରେ । ଜଣେ ଗୋପୀ ସହିତ ରତିକ୍ରୀଡ଼ା କରି ଶ୍ରୀକୃଷ୍ଣ ପଲଙ୍କ ଉପରେ ଶୋଇଥିବାବେଳେ ସେ ଗୋପୀର ଶାଶୁ ଆସି ଦେଖିଛି ଓ ତା'ର କୁଳରେ କଳଙ୍କ ଲାଗିଲା ବୋଲି କହିଛି ।

କବିଙ୍କ ବର୍ଣ୍ଣନାରେ ବୃନ୍ଦାବନର ଶୋଭା ଅତ୍ୟନ୍ତ ମର୍ମସ୍ପର୍ଶୀ ହୋଇଛି । ଶୀତଳ ପବନ ବହୁଅଛି, ବନରେ ମୃଗ, ସମ୍ବର, ଶୁକର, ବାଘ, ସିଂହ, ଭାଲୁ, ବାନର, ମଇଁଷି, ହାତୀ ସ୍ୱଚ୍ଛନ୍ଦରେ ବିଚରଣ କରୁଛନ୍ତି । ସେହି ବୃନ୍ଦାବନରୁ ଗୋପ ବାଳକମାନେ ଫୁଲ ତୋଳିଛନ୍ତି । ଆନନ୍ଦରେ ଗୋପିନାଥ କୁଣ୍ଡଳାକାରରେ ନୃତ୍ୟ କରିଛନ୍ତି । ବସନ୍ତ ପବନ ମନ୍ଦମନ୍ଦ ହୋଇ ପ୍ରବାହିତ ହେଉଛି । ଲବଙ୍ଗଲତାମାନଙ୍କରେ ସୁଷମାର ହାଟ ବସିଛି । ଚମ୍ପା, ନାଗେଶ୍ୱର, ସୁନାରି, ଶିମୁଳି, କଞ୍ଚନ, ପାଳଧୂଆ, ମନ୍ଦାର, ଡାଳିମ୍ବ, ପଳାଶଫୁଲ ତୋଳି ନିଜେ କୃଷ୍ଣ ନିଜର ଚୂଳକୁ ମଣ୍ଡନ କରିଛନ୍ତି ।

ରାଧାଙ୍କୁ ଦେଖି କୃଷ୍ଣ ଆତ୍ମହରା ହୋଇପଡ଼ିଛନ୍ତି । ରାଧାଙ୍କର କୁନ୍ତଳ କୁସୁମରେ ମଣ୍ଡିତ ହୋଇଛି । କମ୍ବୁ କଣ୍ଠରେ ତାଙ୍କର ହାର ଶୋଭା ପାଉଛି । ବିପୁଳ କୁଚ ଉପରେ ମୋତିମାଳା ଶୋଭା ପାଉଥିବାରୁ ଗଙ୍ଗା ନଦୀ ଶିବଙ୍କ ଶିରରେ ପଡ଼ିଲା ପରି ଜଣାପଡୁଛି ବୋଲି କବି କହିଛନ୍ତି ।

ରୀତି ସାହିତ୍ୟର ସମସ୍ତ ଲକ୍ଷଣ ନ ଥିଲେ ମଧ୍ୟ କେତୋଟି ଲକ୍ଷଣ ଏହି ଗ୍ରନ୍ଥରେ ଦେଖିବାକୁ ମିଳେ ।

ଭାବାନୁସାରେ ଭାଷାର ପ୍ରୟୋଗ ଏଥିରେ ଦେଖାଯାଏ । ବର୍ଣ୍ଣନାରେ ସୌକୁମାର୍ଯ୍ୟ ଏବଂ ଯୁକ୍ତିଯୁକ୍ତତା ସମାନ୍ତରାଳ ଭାବରେ ପରିଦୃଷ୍ଟ ହୁଏ । ଏଥିରେ ବର୍ଣ୍ଣିତ ଲୀଳାବିଳାସ ପାଠକ ମନରେ ସୀମାହୀନ ଆନନ୍ଦ ସୃଷ୍ଟି କରିବାକୁ ସମର୍ଥ ହୋଇଛି ।

ରୁଦ୍ରସୁଧାନିଧି : ଏହା ଏକ ପଦ୍ୟ ନୁହେଁ ମାତ୍ର ପଦ୍ୟାତ୍ମକ ଗଦ୍ୟରେ ରଚିତ ଏକ ଅଭିନବ ଲିପିଶିଳ୍ପ । ନାରାୟଣାନନ୍ଦ ଅବଧୂତ ସ୍ୱାମୀଙ୍କ ଦ୍ୱାରା ରଚିତ ଏହି ଗ୍ରନ୍ଥଟିର ରଚନାକାଳ ନିର୍ଦ୍ଦିଷ୍ଟ ଭାବରେ ସ୍ଥିରୀକୃତ ନ ହୋଇଥିଲେ ମଧ୍ୟ ଏହା ଯେ ସପ୍ତଦଶ ଶତାବ୍ଦୀର ଶେଷ ଭାଗବେଳକୁ ବହୁଳ ଭାବେ ପ୍ରତିଷ୍ଠାଲାଭ କରିଥିଲା, ଏକଥା ସ୍ୱୀକାରଯୋଗ୍ୟ । ଏହି ଗ୍ରନ୍ଥଟି ଏକାଧାରରେ ଯୁଗରୁଚି ସମ୍ବଳିତ ଏବଂ ସୁଖପାଠ୍ୟ । ଏହା କାବ୍ୟ ନହେଲେ ମଧ୍ୟ କାବ୍ୟିକ ବର୍ଣ୍ଣନାର ବିଚିତ୍ର ବିଳାସ ଏଥିରେ ଦେଖିବାକୁ ମିଳେ । ରୀତି କାବ୍ୟର ଭାବପ୍ରବଣ ପ୍ରକାଶ ଭଙ୍ଗୀ ଏଥିରେ କେତେକାଂଶରେ ପରିଦୃଷ୍ଟ ହୁଏ । ଉଦାହରଣ ସ୍ୱରୂପ ଏକଥା କୁହାଯାଇପାରେ ଯେ ସୁକୁମାରୀ କନ୍ୟାର ରୂପ ବର୍ଣ୍ଣନାରେ କବି ଯେପରି ଶୈଳୀ ଓ ଭାଷା ପ୍ରୟୋଗ କରିଛନ୍ତି, ତାହା ରୀତିକାବ୍ୟର ଶୈଳୀ ଓ ଭାଷାଠାରୁ କୌଣସି ଗୁଣରେ ନ୍ୟୂନ ନୁହେଁ । ଗ୍ରନ୍ଥକାରଙ୍କ ଭାଷାରେ - ''ସେ ଶଶିବଦନୀ, ସେ ପିକବଚନୀ, ସେ ମୃଗନୟନୀ, ସେ ଲୀଳାମତ୍ତ କରୀବର ଗମନୀ, ସେ ମନ୍ମଥ ଉତ୍ସୁକ କଳାବର୍ଦ୍ଧନୀ, ସେ କନକ ସୌଦାମିନୀ କାମିନୀ, ସେ ମୁନିଜନ ମନ ନାଶିନୀ, ସେ ଦ୍ୱିତୀୟ କମଳିନୀ'' । ନାୟିକାର ବେଶ ବର୍ଣ୍ଣନା ପାଇଁ ଗ୍ରନ୍ଥକାର ରୀତିକବିର ଭୂମିକା ଗ୍ରହଣ କରିଛନ୍ତି । ନାୟିକାର ଅଙ୍ଗ ପ୍ରତ୍ୟଙ୍ଗକୁ ଯଥାର୍ଥ ଭାବରେ ବର୍ଣ୍ଣନା କରିବା ପାଇଁ ସେ ସଯତ୍ନ ପ୍ରୟାସ କରିଛନ୍ତି । କନ୍ୟାର ଅଧର ପଲ୍ଲବକୁ ଗ୍ରନ୍ଥକାର ବର୍ଣ୍ଣନା କରିବାକୁ ଯାଇ ଗତାନୁଗତିକ ଉପମାନ ସବୁକୁ ଗ୍ରହଣ କରିଥିଲେ ମଧ୍ୟ ନିଜର ସୂକ୍ଷ୍ମଦୃଷ୍ଟି କୋଣର ପରିଚୟ ପ୍ରଦାନ କରିଛନ୍ତି । ଅଧର ପଲ୍ଲବକୁ ସଂସ୍କୃତ ସାହିତ୍ୟରେ ବନ୍ଧୂକ ଫୁଲ ସହିତ ଉପମା ଦିଆଯାଏ । ରୁଦ୍ରସୁଧାନିଧି ଗ୍ରନ୍ଥରେ ଲେଖକ ଏହା ସହିତ ଏକମତ ହୋଇ ନାହାନ୍ତି । ଅଧରର ସୌନ୍ଦର୍ଯ୍ୟ ସର୍ବଦା ଅମ୍ଳାନ ରହେ, କିନ୍ତୁ ବନ୍ଧୂକ ଫୁଲ ସାତଘଡ଼ି ହେଲେ ଫୁଟେ । କିଶୁକ ସହିତ ଅଧରକୁ ତୁଳନା କରିବାକୁ ମଧ୍ୟ ସେ ଇଚ୍ଛାକରି ନାହାନ୍ତି । କାରଣ ଅଧର ଦିବା ଓ ନିଶି ସବୁବେଳେ ରକ୍ତିମ ଆଭାଯୁକ୍ତ ହୋଇ ରହିଥାଏ । କିଂଶୁକ ଫୁଲ ସୂର୍ଯ୍ୟକିରଣ ବିନା ଫୁଟେ ନାହିଁ । ଏହିପରି ଭାବରେ ଗ୍ରନ୍ଥାକାର ନିଜର ସୂକ୍ଷ୍ମ ବିଶ୍ଳେଷଣକୁ ଗ୍ରନ୍ଥରେ ଉପସ୍ଥାପନା କରିଛନ୍ତି ।

''ଯଦି ବନ୍ଧୂକ ପୁଷ୍ପ ବୋଲିବା ସେ ସାତଘଡ଼ିରେ ଫୁଟଇ । କିଂଶୁକ ଯେବେ ବୋଲିବା ସେ ଅଂଶୁଭାବେ ନ ଘଟଇ । ଡାଳିମ୍ବ ପୁଷ୍ପ ଯେବେ ବୋଲିବା ସେ କାଳିକି ରଙ୍ଗ । ପ୍ରବାଳ ଖଣ୍ଡ ଯେବେ ବୋଲିବା ସେ କଠିନ ଅଂଶ । ପଦ୍ମକେଶର ଯେବେ ବୋଲିବା ସେ ପରାଗେ ନଘଟଇ । ରକ୍ତଉତ୍ପଳ ଯେବେ ବୋଲିବା ସେ ଜଳରେ ଥାଇ ।''

ରୁଦ୍ରସୁଧାନିଧି ଗ୍ରନ୍ଥଟି ରୀତିସାହିତ୍ୟର ପ୍ରଭାବକୁ ନେଇ ରଚିତ ହୋଇଛି । ଏହା ମଧ୍ୟ ପରବର୍ତ୍ତୀ ସମୟର ସାହିତ୍ୟକୁ ପ୍ରଭାବିତ କରିଅଛି । ଏହାର ପ୍ରଭାବ କେତେକାଂଶରେ ଶରଣ ଦାସଙ୍କକୃତ ଚାଚେରୀଲୀଳାରେ ପରିଦୃଷ୍ଟ ହୁଏ ।

ଚାଚେରୀଲୀଳା : ଏହି ଗ୍ରନ୍ଥଟି ଡଃ ଆଶୁତୋଷ ପଟ୍ଟନାୟକଙ୍କ ଦ୍ୱାରା ସଂପାଦିତ ହୋଇ ପ୍ରକାଶିତ ହୋଇଛି । ରୁଦ୍ରସୁଧାନିଧି ପରି ଚାଚେରୀଲୀଳା ଗ୍ରନ୍ଥଟି ମଧ୍ୟ ପଦ୍ୟାତ୍ମକ ଗଦ୍ୟଶୈଳୀରେ ରଚିତ ହୋଇଛି ।

ଗ୍ରନ୍ଥଟିର ରଚନାକାଳକୁ ସପ୍ତଦଶ ଶତାବ୍ଦୀର ଶେଷ ଭାଗ ବୋଲି ଗ୍ରନ୍ଥଟିର ସଂପାଦକ ଡଃ ଆଶୁତୋଷ ପଟ୍ଟନାୟକ ମତ ଦିଅନ୍ତି । ଗ୍ରନ୍ଥଟିରେ ରଚନାକାଳ ସଂପର୍କରେ କୌଣସି ନିର୍ଦ୍ଦିଷ୍ଟ ସୂଚନା ନ ଥିବାରୁ ଏହିମତ ଆହୁରି ଆଲୋଚନାର ଅପେକ୍ଷା ରଖିଥାଏ । ପ୍ରଥମତଃ ଏହା କାବ୍ୟ ନୁହେଁ, ପୁଣି ରୀତିସାହିତ୍ୟର ବିକାଶଧାରାରେ ସମୟ କ୍ରମେ ଏହାର ସ୍ଥାନ କେଉଁଠି, ତାହା ନିରୂପଣ କରିବା ମଧ୍ୟ କଷ୍ଟକର ବ୍ୟାପାର ଅଟେ । ଗ୍ରନ୍ଥର ଆରମ୍ଭରେ ବସନ୍ତଋତୁର ବର୍ଣ୍ଣନା କରାଯାଇଛି, ସରଳ ଭାଷାରେ ଯତିପାତ ସହ ବର୍ଣ୍ଣନାଟି ଉପସ୍ଥାପିତ ହୋଇଥିବାରୁ ତାହା ସୁଖପାଠ୍ୟ ହୋଇଅଛି । ବସନ୍ତ ବର୍ଣ୍ଣନା ପ୍ରସଙ୍ଗରେ ଗ୍ରନ୍ଥକାର କହନ୍ତି - ''ଶୀତଅନ୍ତେ ତରୁ ପଲ୍ଲବିତ ହେଲେ । କଇଁଫୁଲ ଆଉ ଫୁଟିଲା ନାହିଁ । ସୁଶୀତଳ ପବନ ପ୍ରବାହିତ ହେଲା । କୋଇଲି ପଞ୍ଚମତାନରେ ଗାନ ଆରମ୍ଭ କଲା । ବନଭୂମି ଶୋଭାମୟ ଦିଶିଲା'' । ବସନ୍ତ ଫୁଲର ସୁରଭି ଦିଗଦିଗନ୍ତକୁ ଆମୋଦିତ କରିଛି । ସେହି ଗନ୍ଧରେ ଯତିମତି ମଧ୍ୟ ବିଭ୍ରାନ୍ତ ହୋଇଛି ବୋଲି ଲେଖକ କହିଛନ୍ତି । ପବିତ୍ର ଦୋଳଯାତ୍ରାର ବର୍ଣ୍ଣନା ଗ୍ରନ୍ଥରେ ସ୍ଥାନ ପାଇଛି । ମଦନଗୋପାଳଙ୍କର ପାଦରେ ନୂପୁର, ଅଙ୍ଗୁଳିରେ ନବରତ୍ନନିର୍ମିତ ମୁଦ୍ରିକା, ହୃଦୟରେ ମୁକ୍ତାମାଳ ଓ ନାକରେ ମୋତିବର ଶୋଭା ପାଉଥିବା କଥା ଗ୍ରନ୍ଥକାର ବ୍ୟକ୍ତ କରିଛନ୍ତି ।

ଗୋପନଗରର ବର୍ଣ୍ଣନା କଲାବେଳେ ଶରଣ ଦାସ କାବ୍ୟିକଛଟାର ଅବତାରଣା କରିଛନ୍ତି । ବୃନ୍ଦାବନର ନିକଟରେ ଅବସ୍ଥିତ ହୋଇ ଏହି ନଗରଟି ଧରଣୀଶିରରେ କୁସୁମର ଗଭାପରି ଶୋଭା ପାଉଛି । ରୀତି କାବ୍ୟରେ ଯେପରି ନଗର ବର୍ଣ୍ଣନା କରାଯାଏ, ଏହି ଗ୍ରନ୍ଥରେ ମଧ୍ୟ ସେହିପରି ନଗର ବର୍ଣ୍ଣନା କରାଯାଇଛି ।

କାମସେନୀ ଦୂତୀମୁଖରେ ରାଧାଙ୍କର ରୂପ ବର୍ଣ୍ଣନା ଗ୍ରନ୍ଥକର୍ତ୍ତା ଉପସ୍ଥାପନା କରିଛନ୍ତି । ତାଙ୍କ ଭାଷାରେ ରାଧା ହେଉଛନ୍ତି, ''ତ୍ରିପୁର ସୁନ୍ଦରୀ, ଆଜନ୍ମ ସୁକୁମାରୀ, ବିମ୍ବଅଧରୀ, ନୃପକୁମାରୀ, ଶରଦଚନ୍ଦ୍ର ବଦନୀ, ମୋତିବରଦଶନୀ, ଇନ୍ଦୀବରଲୋଚନୀ, କନ୍ଦର୍ପଦର୍ପମୋଚନୀ, ପିକବଚନୀ, ହେମକୁମ୍ଭ ଯଉବନୀ...ଇତ୍ୟାଦି ।''

ଯେଉଁଠାରେ ସୁଯୋଗ ପାଇଛନ୍ତି, ସେଠାରେ ଶରଣ ଦାସ ଶୃଙ୍ଗାରିକତାର ଆଲେଖ୍ୟ ଅଙ୍କନ କରିଛନ୍ତି । ନଳକୁବେର ମୁଖରେ ସେ କହିଛନ୍ତି ଯେ, ଦିନେ ମନ୍ଦାକିନୀ ତଟରେ ରାମ ଷୋଳ ସହସ୍ର ଚତୁରୀନାରୀଙ୍କୁ ଭେଟିଲେ । ସେମାନେ ପ୍ରେମରେ ଜରଜର ହୋଇ ହୋଇଥିଲେ । ତାଙ୍କର ନୀବିବନ୍ଧ ଫିଟିଯାଇଥିଲା, ସେମାନେ ରାମଙ୍କୁ ସୁରତି ମାଗିଲେ ।

ଗ୍ରନ୍ଥର ଗଦ୍ୟଶୈଳୀ ଆକର୍ଷଣୀୟହେବା ସଙ୍ଗେସଙ୍ଗେ ପଦ୍ୟାତ୍ମକ ଭାବଧାରା ମର୍ମସ୍ପର୍ଶୀ ହୋଇଅଛି ।

ଉଷାଭିଳାଷ : ରୀତିସାହିତ୍ୟର ସ୍ରୋତରେ ଉଷାଭିଲାଷ କାବ୍ୟଟିର ଭୂମିକା ଗୁରୁତ୍ୱପୂର୍ଣ୍ଣ ଅଟେ । ଦ୍ୱାଦଶ ଛାନ୍ଦରେ ରଚିତ ଏହି କାବ୍ୟଟିର କବି ହେଉଛନ୍ତି ଶିଶୁ ଶଙ୍କର ଦାସ । ଗବେଷକ ଆର୍ତ୍ତବଲ୍ଲଭ ମହାନ୍ତିଙ୍କ ମତରେ ଏହି କାବ୍ୟଟି ୧୫୫୫ଖ୍ରୀ:ଅ:ରେ ରଚିତ ହୋଇଛି । ବାଣାନନ୍ଦିନୀ ଉଷା ଓ ପ୍ରଦ୍ୟୁମ୍ନ ନନ୍ଦନ ଅନିରୁଦ୍ଧଙ୍କର ପ୍ରଣୟ କାହାଣୀକୁ ନେଇ କାବ୍ୟଟି ରଚିତ ହୋଇଛି । କବି କଥାବସ୍ତୁକୁ ବିଭିନ୍ନ ପୌରାଣିକ ସୂତ୍ରରୁ ଆହରଣ କରିଛନ୍ତି । ସାରଳା ମହାଭାରତର ଉଷାହରଣ ପ୍ରସଙ୍ଗରୁ, ଶ୍ରୀମଦ୍‌ଭାଗବତର ବାଣା ଉପାଖ୍ୟାନରୁ, ବ୍ରହ୍ମବୈବର୍ତ୍ତ ପୁରାଣର ଉଷା ଅନିରୁଦ୍ଧ ସମ୍ବାଦରୁ କେତେକ ଉପାଦାନ ଆଣି କବି ଶିଶୁ ଶଙ୍କର କାବ୍ୟଟିକୁ ପ୍ରଣୟନ କରିଛନ୍ତି ।

କଥାବସ୍ତୁ ପୌରାଣିକ ହେଲେ ମଧ୍ୟ କାବ୍ୟର ଗଠନକୌଶଳ ଓ ଶୈଳୀରେ କବିଙ୍କର ଉଚ୍ଚକୋଟୀର

ପ୍ରତିଭାର ପରିଚୟ ମିଳେ । ରୀତିସାହିତ୍ୟର ବହୁ ଲକ୍ଷଣ ଏହି କାବ୍ୟରେ ପରିଦୃଷ୍ଟ ହୁଏ । ନାୟିକା ଉପରେ ଅସାମାନ୍ୟ ଗୁରୁତ୍ୱ ଆରୋପିତ ହେବା ସଙ୍ଗେସଙ୍ଗେ, ନାୟିକାର ରୂପ ବର୍ଣ୍ଣନା ପ୍ରତି ଯଥେଷ୍ଟ ଧ୍ୟାନ କାବ୍ୟରେ ଦିଆଯାଇଛି । ଉଷାର ତନୁଲାବଣ୍ୟରେ ଜଗତ ମୁଗ୍ଧ ହୋଇଛି । ମୁଖମଣ୍ଡଳ ତା'ର ପୂର୍ଣ୍ଣିମା ଜହ୍ନପରି ଶୋଭା ପାଉଛି । ତାଙ୍କର କୁଞ୍ଚିତକେଶ ଭ୍ରମରପରି ଦିଶୁଛି ଯାହା ଉଷାରୂପକ କାମରଥର ନୀଳପତାକା ପରି ଶୋଭା ପାଉଛି ବୋଲି କବି କହିଛନ୍ତି । କବି ନାୟିକା ଉଷାର ରୂପ ଓ ଗୁଣକୁ ମଳୟ ସମୀର ବୋଲି ଅଭିହିତ କରିଛନ୍ତି । ଯୁବକମାନଙ୍କର ମନକୁ ଆମ୍ବଗଛ ରୂପରେ ପରିକଳ୍ପନା କରିଛନ୍ତି । ମଳୟ ସ୍ୱର୍ଶରେ ଆମ୍ବଗଛ କଅଁଳିଲା ପରି, ଉଷାର ରୂପ ଦର୍ଶନରେ ? ଯୁବକମାନଙ୍କର ମନକୁ ଚନ୍ଦ୍ରକାନ୍ତମଣି ସହିତ କବି ତୁଳନା କରିଛନ୍ତି । ଉଷାର ରୂପକୁ ଚନ୍ଦ୍ର ସହିତ ସମାନ କରିଛନ୍ତି । ଚନ୍ଦ୍ରକାନ୍ତ ମଣି ଚନ୍ଦ୍ରକିରଣରେ ଦ୍ରବୀଭୂତ ହେଲାପରି, ପୁରୁଷର ମନରୂପକ ଚନ୍ଦ୍ରକାନ୍ତମଣି, ଉଷାରୂପକ ଚନ୍ଦ୍ରକିରଣରେ ତରଳିଯିବ ବୋଲି କବି କହିଛନ୍ତି । ଉଷାର ହାତ ପାପୁଲିକୁ କବି ରକ୍ତକଇଁ ସହିତ ତୁଳନା କରିଛନ୍ତି । ପାଦ ଶୋଭାକୁ ସ୍ଥଳପଦ୍ମ ସମାନ ହେବନାହିଁ ବୋଲି ସେ ମତ ଦେଇଛନ୍ତି । ବିଶେଷ କରି ଋତୁମତୀ ହେବାରୁ ଉଷା ମନରେ ସୀମାହୀନ ଆନନ୍ଦ ସୃଷ୍ଟି ହୋଇଛି । ସେ ଉପବନ ବିହାର ପାଇଁ ଆଗ୍ରହ ପ୍ରକାଶ କରିଛି ।

ବସନ୍ତ ଋତୁର ଆଗମନରେ ଉପବନର ମଞ୍ଜୁଳଶୋଭା ଅଧିକ ଉପଭୋଗ୍ୟ ହୋଇଛି । ଉଷା କେବଳ ସୁଷମାର ମର୍ତ୍ତ୍ୟଲକ୍ଷ୍ମୀ ନୁହନ୍ତି, ସେ ମଧ୍ୟ ଜ୍ଞାନର ଦେବୀ ପ୍ରତିମା ଭାବରେ ବିରାଜମାନ କରିଛନ୍ତି । ନୃତ୍ୟ, ସଙ୍ଗୀତ, ବାଦ୍ୟ ଆଦି ବିଦ୍ୟାରେ ସେ ପାରଦର୍ଶିତା ଅର୍ଜନ କରିଛନ୍ତି ।

ଶୃଙ୍ଗାରର ଚର୍ଚ୍ଚା ରୀତିକାବ୍ୟର ଏକ ଅବିଚ୍ଛେଦ୍ୟଅଙ୍ଗ ହୋଇଥିବାରୁ ଉଷାଭିଳାଷ କାବ୍ୟରେ କବି ଶୃଙ୍ଗାରିକତାକୁ ସ୍ଥାନ ଦେଇଛନ୍ତି । ଉଷା ଓ ଅନିରୁଦ୍ଧଙ୍କର ସମ୍ଭୋଗକାଳୀନ ଅବସ୍ଥାର ଏକ ଅକପଟ ଶବ୍ଦଚିତ୍ର କବି ପ୍ରଦାନ କରିଛନ୍ତି । ନୂଆ ମେଘରେ ବିଜୁଳି ନିଶ୍ଚଳ ହୋଇ ରହିଲେ, ଯେପରି ଶୋଭା ସୃଷ୍ଟି ହୁଅନ୍ତା, କୃଷ୍ଣବର୍ଣ୍ଣ ଅନିରୁଦ୍ଧ ଓ ହେମାଙ୍ଗୀ ଉଷାର ମିଳନ କାଳରେ ସେପରି ଶୋଭା ସୃଷ୍ଟି ହୋଇଛି ବୋଲି କବି କହିଛନ୍ତି ।

ନାୟକ ଅନିରୁଦ୍ଧଙ୍କର ଅତୀତର ସ୍ମୃତିଚାରଣ ମାଧ୍ୟମରେ ଉଷାର ରୂପ ବର୍ଣ୍ଣନା ଅତ୍ୟନ୍ତ ପ୍ରାଣସ୍ପର୍ଶୀ ହୋଇଛି । କବି ବିଭିନ୍ନ ଫୁଲର ଆଙ୍ଗିକ ସୁଷମା ଓ ଆତ୍ମିକ ମାଧୁରିମା ସହିତ ଉଷାର ବିଭିନ୍ନ ଅଙ୍ଗପ୍ରତ୍ୟଙ୍ଗକୁ ତୁଳନା କରିଛନ୍ତି । କବିଙ୍କ କଥାରେ ନାୟିକାର ଅଧର ରଙ୍ଗଣୀଫୁଲ ପରି ରକ୍ତିମ ଆଭାଯୁକ୍ତ ହୋଇଛି । ଦାନ୍ତ ଗୁଡ଼ିକ ଡାଳିମ୍ବମଞ୍ଜି ପରି ସୁଗଠିତ ଓ ସୁସଜ୍ଜିତ ହୋଇଛି । ନାସା ତିଳଫୁଲ ପରି ସୁଦୃଶ୍ୟ ହୋଇଛି । ତନୁ ଶିରୀଷ ଫୁଲ ପରି କୋମଳ ଓ କେତକୀଫୁଲ ପରି ଗୌରବର୍ଣ୍ଣ ଥିବା କଥା କବି କହିଛନ୍ତି । ଏତାଦୃଶ ବର୍ଣ୍ଣନା ଭିତରେ ଅତିରଞ୍ଜନ ରହିଛି, କିନ୍ତୁ ଏପରି ଅତିରଞ୍ଜନ ରୀତିସାହିତ୍ୟରେ ଦୋଷାବହ ନୁହେଁ ।

ବର୍ଷାକାଳରେ ପ୍ରକୃତିର ପାରମ୍ପରିକ ଦୃଶ୍ୟର ଚିତ୍ର କାବ୍ୟରେ ସ୍ପଷ୍ଟ ଭାବରେ ଅଙ୍କିତ ହୋଇଛି । ପ୍ରକୃତିର ରୂପଶୋଭା ଭିତରେ ନାୟକ, ନାୟିକାଙ୍କ ମଧ୍ୟରେ ଥିବା ଶୃଙ୍ଗାରିକ ଭାବର ଆରୋପ କରାଯାଇଛି । କୁସୁମିତ କଦମ୍ବର ଶୋଭା ସହିତ ଚୁମ୍ବନକାଳୀନ ନାୟିକାର ଗଣ୍ଡସ୍ଥଳର ଆଭାକୁ ତୁଳନା କରାଯାଇଛି ।

ଶରତକାଳର ପ୍ରକୃତି ମଧୁମୟୀ ଲୀଳାବିଳାସିନୀ ହେବାକଥା କବି ପ୍ରକାଶ କରିଛନ୍ତି । ଗଙ୍ଗଶିଉଳି ଫୁଲଟିର ଯେଉଁ ଲଳିତ ରୂପଚିତ୍ର କବି ଆଙ୍କିଛନ୍ତି, ତାହାର ପଟାନ୍ତର ନାହିଁ । କବି ଫୁଲଟିର ଶ୍ୱେତଅଙ୍ଗଟିକୁ

କଇଁ ଫୁଲ ସହିତ ଓ ନାରଙ୍ଗବର୍ଣ୍ଣର ବୃନ୍ତଟିକୁ ରକ୍ତପଦ୍ମ ସହିତ ତୁଳନା କରିଛନ୍ତି । ମୁକ୍ତା ଓ ପୋହଳାର ଏକ ସାର୍ଥକ ସଂଯୋଗ ଘଟିଛି ବୋଲି ସେ ମତ ଦେଇଛନ୍ତି ।

ପୌରାଣିକ ଚରିତ୍ର ଥିଲେ ମଧ୍ୟ, ଅନୁସୃତ ରୀତିଶୈଳୀ ଯୋଗୁଁ କାବ୍ୟଟି ସୁଖପାଠ୍ୟ ହୋଇପାରିଛି । କେବଳ ଏହି କାବ୍ୟଟି ନୁହେଁ, ଏହାର ପରବର୍ତ୍ତୀ ସମୟରେ ରଚିତ କେତେକ କାବ୍ୟ ମଧ୍ୟ ଏପରି ଗୌରବର ଅଧିକାରୀ ହୋଇଛି ।

ଗୋପୀଚନ୍ଦନ : ଏହି କାବ୍ୟଟି କୃଷ୍ଣଲୀଳାମୂଳକ ଏକ ଲଳିତ କାବ୍ୟ । କାବ୍ୟଟି ସାତଗୋଟି ଛାନ୍ଦରେ ରଚିତ ହୋଇଛି । କବି ଚାନ୍ଦ ଦାସ ଏହି କାବ୍ୟର ରଚୟିତା ଅଟନ୍ତି । କାବ୍ୟଟିର ରଚନାକାଳ ଜାଣିବା ପାଇଁ କାବ୍ୟରେ ସେପରି କିଛି ଉପାଦାନ ନାହିଁ । କବି ନିଜେ ତାଙ୍କ ସଂପର୍କରେ କିମ୍ବା କାବ୍ୟର ରଚନା ସମୟ ସଂପର୍କରେ କାବ୍ୟରେ କୌଣସି ସୂଚନା ଦେଇ ନଥିବାରୁ ଆଲୋଚକମାନଙ୍କର ମତାମତ ଉପରେ ନିର୍ଭର କରିବାକୁ ପଡ଼ିଥାଏ । ଐତିହାସିକ କେଦାରନାଥ ମହାପାତ୍ରଙ୍କ ମତରେ ଚାନ୍ଦ ଦାସ ହେଉଛନ୍ତି ଭୋଇ ବଂଶର ଗଜପତି ରାମଚନ୍ଦ୍ର ଦେବଙ୍କ ସମୟର କବି । ରାମଚନ୍ଦ୍ର ଦେବଙ୍କ ରାଜତ୍ୱ ସମୟ ହେଉଛି ୧୫୬୮ ଖ୍ରୀ:ଅ:ରୁ ୧୬୦୦ଖ୍ରୀ:ଅ: ଏହି ସମୟସୀମା ଭିତରେ କେଉଁ ନିର୍ଦ୍ଦିଷ୍ଟ ସମୟରେ କାବ୍ୟଟି ରଚିତ ହୋଇଛି ତାହା ଜାଣିବା କଷ୍ଟକର ଅଟେ । ଏସଂପର୍କରେ ପଣ୍ଡିତ ନୀଳମଣି ମିଶ୍ରଙ୍କର ମତାମତ ଯୁକ୍ତିଯୁକ୍ତ ମନେହୁଏ । କାବ୍ୟଟିରେ ଜଗନ୍ନାଥଙ୍କର ବନ୍ଦନା, ତାଙ୍କ ସେବା, ପୂଜା, ଧୂପ, ଦୀପର ବର୍ଣ୍ଣନା ଥିଲାବେଳେ, ମୁକ୍ତି ମଣ୍ଡପ ନିର୍ମାଣର ପୂର୍ବବର୍ତ୍ତୀ ସମୟର ରଚନା ବୋଲି କହିଛନ୍ତି । ମୁକ୍ତିମଣ୍ଡପ ୧୫୯୩ ଖ୍ରୀ:ଅରେ ନିର୍ମିତ ହେଲା । ତେଣୁ ଉକ୍ତ ଗ୍ରନ୍ଥଟି ୧୫୯୩ ଖ୍ରୀ:ଅ ପୂର୍ବରୁ ରଚିତ ହୋଇଛି । ଏ ମତ ଗ୍ରହଣୀୟ ଅଟେ ।

କାବ୍ୟଟିରେ ଶ୍ରୀକୃଷ୍ଣ, ଦ୍ୱାରକାର ଅଷ୍ଟପାଟରାଣୀ ଓ ଗୋପୀମାନଙ୍କର ଲୀଳାବିଳାସ ବର୍ଣ୍ଣିତ ହୋଇଛି । ଦ୍ୱାରକାରେ ଦିନେ ଶ୍ରୀକୃଷ୍ଣ ତାଙ୍କର ଅଷ୍ଟନାୟିକାଙ୍କୁ ଗୋପୀମାନଙ୍କର ମହତ୍ତ୍ୱ କଥା କହିବାରୁ, ଅଷ୍ଟନାୟିକାମାନେ ଗୋପୀମାନଙ୍କୁ ଦେଖିବାକୁ ଇଚ୍ଛା କରିଛନ୍ତି । ଜଗତି ଉପରେ ବସି ଶ୍ରୀକୃଷ୍ଣଙ୍କ ସହିତ ସେମାନେ ଦ୍ୱାରକାରୁ ଯାଇ ଗୋପପୁରରେ ପହଞ୍ଚିଛନ୍ତି । ସେଠାରେ ଗୋପୀମାନଙ୍କୁ ଦହି ବିକୁଥିବାର ଦେଖି ଉପହାସ କରିଛନ୍ତି । ଗୋପୀମାନଙ୍କ ପ୍ରତି ହେୟ ଭାବ ପୋଷଣ କରିବାରୁ ଶ୍ରୀକୃଷ୍ଣ ତାଙ୍କର ଗର୍ବ ଗଞ୍ଜନ କରିବାପାଇଁ ଗୋଟିଏ ଉପାୟ ଚିନ୍ତା କରିଛନ୍ତି । ସେ ପୁଷ୍ପକ ବିମାନ ପଠାଇ ଗୋପୀମାନଙ୍କୁ ଦ୍ୱାରକା ଅଣାଇଛନ୍ତି । ଗୋପୀମାନେ ଶ୍ରୀକୃଷ୍ଣଙ୍କୁ ଦେଖି ଭାବବିହ୍ୱଳ ହୋଇପଡ଼ିଛନ୍ତି । ସେମାନେ ଶ୍ରୀକୃଷ୍ଣଙ୍କ ସେବାରେ ମନପ୍ରାଣ ଢାଳି ଦେଇଛନ୍ତି । ଶ୍ରୀକୃଷ୍ଣ ରାସଲୀଳା ରଚନା କରିବାକୁ ମନସ୍ଥ କରିଛନ୍ତି । ଅଷ୍ଟପାଟରାଣୀ ଏବଂ ଗୋପୀମାନଙ୍କ ଗହଣରେ ସେ ରାସବେଶରେ ସଜ୍ଜିତ ହୋଇ ରାସୋତ୍ସବ ଆରମ୍ଭ କରିଛନ୍ତି । ନାୟିକାମାନେ କୃଷ୍ଣ ପ୍ରେମରେ ଆତ୍ମହରା ହୋଇ ଅଶେଷ ଆନନ୍ଦଲାଭ କରିଛନ୍ତି । ନାରଦ ପରମ ପ୍ରଭୁଙ୍କର ନିତ୍ୟରାସ ଦେଖିବା ପାଇଁ ପ୍ରାର୍ଥନା କରିଛନ୍ତି । ସେ ରାଧାକୁଣ୍ଡରେ ସ୍ନାନ କରି ଯୁବତୀ ବେଶରେ ନିତ୍ୟ ରାସସ୍ଥଳୀରେ ପ୍ରବେଶ କରିଛନ୍ତି ଓ ରାସଲୀଳା ଦେଖି ପରମ ତୃପ୍ତି ଲାଭ କରିଛନ୍ତି । କଥାବସ୍ତୁର ସଂଯୋଜନାରେ କୌଣସି ଅସ୍ୱାଭାବିକତା ନଥିଲେ ମଧ୍ୟ ଗୋପୀମାନେ ଦ୍ୱାରକାକୁ ଆସିବା କଥା କୌଣସି ପୁରାଣରେ ନାହିଁ । ଏହି ପ୍ରସଙ୍ଗଟି କବି ତାଙ୍କର କଳ୍ପନାରୁ ସୃଷ୍ଟି କରିଛନ୍ତି ।

କାବ୍ୟରେ ଶ୍ରୀକୃଷ୍ଣ ଓ ଗୋପୀମାନଙ୍କର ପୁଷ୍ପବନ ବିହାରର ବର୍ଣ୍ଣନା ଅତ୍ୟନ୍ତ ମନୋରମ ହୋଇଛି । ଷଡ଼ଋତୁର ସମାବେଶରେ ବନର ପରିବେଶ ମଧୁମୟ ହୋଇ ଉଠିଛି । ଶୁକ, ପିକ, ମୟୂର, ଡାହୁକଙ୍କର

ରାବରେ ବନଭୂମି ମୁଖରିତ ହୋଇଛି । ଗୋପୀମାନେ ସୀମାହୀନ ମାଦକତାରେ ମାତି ଉଠିଛନ୍ତି । ଶ୍ରୀକୃଷ୍ଣ ତାଙ୍କର ଜୀବର ଜୀବନ, ନୟନର ମଣି, ସଂପଦର ସଖା ଆଉ ବିପଦର ବନ୍ଧୁ ହୋଇଥିବାରୁ ତାଙ୍କୁ ପାଇ ଗୋପୀମାନେ ଦିବ୍ୟ ଆନନ୍ଦଲାଭ କରିଛନ୍ତି । କେଉଁ ଗୋପୀ ଫୁଲ ତୋଳିମାଳ କରି କୃଷ୍ଣଙ୍କ ମୁଣ୍ଡରେ ପିନ୍ଧାଇ ଦେଇଛି । ଆଉ କିଏ ଫୁଲ ହାରରେ ତାଙ୍କ ଅଙ୍ଗ ମଣ୍ଡନ କରିଛି । ଏପରି ବର୍ଣ୍ଣନା ଅତ୍ୟନ୍ତ ମର୍ମସ୍ପର୍ଶୀ ହୋଇଛି । ରୀତି କାବ୍ୟରେ ନାୟକ ନାୟିକାଙ୍କର ବନ ବିହାର ବର୍ଣ୍ଣନା ପରି ଏହି ବର୍ଣ୍ଣନାରେ ମଧୁରିମା ରହିଛି ।

ରାସ ରଚନା କରିବା ପୂର୍ବରୁ ତାଙ୍କୁ ବେଶ କରିବା ଲାଗି ଶ୍ରୀକୃଷ୍ଣ ରୁକ୍ମିଣୀଙ୍କୁ କହିଛନ୍ତି । ରୁକ୍ମିଣୀ ଏଥିପାଇଁ ଅସାମର୍ଥ୍ୟ ପ୍ରକାଶ କରିବାରୁ ଶ୍ରୀକୃଷ୍ଣ ଗୋପୀମାନଙ୍କୁ ଅନୁମତି ଦେଇଛନ୍ତି । ଗୋପୀମାନେ ଶ୍ରୀକୃଷ୍ଣଙ୍କୁ ନଟବର ବେଶରେ ସଜାଇ ଦେଇଛନ୍ତି । ତାଙ୍କର ରାଜକୀୟ ବେଶକୁ ଉଲାଗି କରି ସେମାନେ ତାଙ୍କ ଶିରରେ ମୟୂରପୁଚ୍ଛର ଚୂଳ, କାଇଁଚମାଳା ଓ ଗୁଞ୍ଜାଫଳ ପିନ୍ଧାଇ ଦେଇଛନ୍ତି । ନାସାରେ ମୋତି ଓ ଗଳାରେ ବନଫୁଲର ମାଳା ପିନ୍ଧାଇ ଦେଇଛନ୍ତି । ବହୁ ପ୍ରକାର ଫୁଲରେ ଶ୍ରୀକୃଷ୍ଣଙ୍କ ଅଙ୍ଗମଣ୍ଡନ କରିଛନ୍ତି । ତାଙ୍କ ନିର୍ଦ୍ଦେଶରେ ରାଧାଙ୍କୁ ମଧ୍ୟ ବେଶ କରାଯାଇଛି । ରୁକ୍ମିଣୀ, ଶ୍ରୀକୃଷ୍ଣଙ୍କର ଏପରି ଭୁବନ ଭୁଲା ବେଶ ଦେଖି ମୁଗ୍ଧ ହୋଇଛନ୍ତି । କବି ଚାନ୍ଦଦାସ ଏପରି ବର୍ଣ୍ଣନା କାବ୍ୟର ପଞ୍ଚମ ଛାନ୍ଦରେ ଉପସ୍ଥାପନା କରିଛନ୍ତି ।

କାବ୍ୟଟିରେ ରୀତିସାହିତ୍ୟର ବହୁଲକ୍ଷଣ ନାହିଁ, ତଥାପି କେତେକ ଲକ୍ଷଣ ଦେଖିବାକୁ ମିଳେ । ବିଶେଷ କରି ରାସବର୍ଣ୍ଣନା, ରାସସ୍ଥଳର ପ୍ରାକୃତିକ ସୁଷମାର ଚିତ୍ରଣ ଅତ୍ୟନ୍ତ ପ୍ରାଣସ୍ପର୍ଶୀ ତଥା କଳାଲଳିତ ହୋଇପାରିଛି । ରୀତିକାବ୍ୟର ବର୍ଣ୍ଣନାଗତ ମାଧୁର୍ଯ୍ୟ ଏହି ପ୍ରସଙ୍ଗମାନଙ୍କରୁ ଅନୁଭୂତ ହେଉଅଛି । ରୀତି ସାହିତ୍ୟର ବିକାଶଧାରାରେ ଗୋପୀ ଚନ୍ଦନ କାବ୍ୟର ଅବଦାନ ସ୍ୱୀକାରଯୋଗ୍ୟ ଅଟେ ।

ରହସ୍ୟମଞ୍ଜରୀ : ଚତୁର୍ବିଂଶ ଛାନ୍ଦ ବିଶିଷ୍ଟ ରହସ୍ୟମଞ୍ଜରୀ କାବ୍ୟଟି ଦେବ ଦୁର୍ଲ୍ଲଭ ଦାସଙ୍କ ଦ୍ୱାରା ରଚିତ । ଏଥିରେ ଶ୍ରୀକୃଷ୍ଣଙ୍କର ବୃନ୍ଦାବନର ମାଧୁର୍ଯ୍ୟ ଲୀଳାକୁ ଦ୍ୱାରକାର ଐଶ୍ୱର୍ଯ୍ୟଲୀଳାଠାରୁ ଅଧିକ ଗୁରୁତ୍ୱ ପ୍ରଦାନ କରାଯାଇଛି । କବି ନିଜେ କାବ୍ୟ ସୃଷ୍ଟିର ସମୟ କାବ୍ୟରେ ଉଲ୍ଲେଖ କରି ନାହାନ୍ତି । ଆଲୋଚକମାନଙ୍କ ମତ ଉପରେ ନିର୍ଭର କରି କାବ୍ୟର ସମୟ ନିର୍ଦ୍ଧାରିତ ହୋଇଛି । କାବ୍ୟଟିରେ ଷୋଡ଼ଶ ଶତାବ୍ଦୀ ପରର କୌଣସି ରାଗ ବ୍ୟବହାର କରାଯାଇ ନାହିଁ ବୋଲି ପଣ୍ଡିତ ସୂର୍ଯ୍ୟ ନାରାୟଣ ଦାସ ମତ ଦିଅନ୍ତି । ସେ କାବ୍ୟଟିକୁ ଷୋଡ଼ଶ ଶତାବ୍ଦୀର ରଚନା ବୋଲି କହିଛନ୍ତି । ଏ ମତ ଗ୍ରହଣୀୟ ଅଟେ । ପୁଣି ଗ୍ରନ୍ଥଟିର ପ୍ରଥମଛାନ୍ଦରେ ଜଗନ୍ନାଥଙ୍କର ବର୍ଣ୍ଣନା ଓ ବନ୍ଦନା ସହିତ ମୁକ୍ତିମଣ୍ଡପର ବର୍ଣ୍ଣନା ଦେଖିବାକୁ ମିଳେ । ଇତିହାସରୁ ଜଣାଯାଏ ଯେ ମୁକ୍ତିମଣ୍ଡପ ଷୋଡ଼ଶ ଶତାବ୍ଦୀର ଶେଷ ଦଶକରେ ନିର୍ମିତ ହୋଇଛି । ମୁକ୍ତିମଣ୍ଡପର ନାମ ଓ ଅବସ୍ଥିତି କଥା ରହସ୍ୟମଞ୍ଜରୀ କାବ୍ୟରେ ଥିବାରୁ ଏକଥା ପ୍ରମାଣିତ ହୁଏ ଯେ ମୁକ୍ତିମଣ୍ଡପର ଗଠନ ବେଳେ କିମ୍ବା ଗଠନ ପରେ କାବ୍ୟଟି ରଚିତ ହୋଇଛି । ଅର୍ଥାତ କାବ୍ୟଟିର ରଚନାକାଳ ହେଉଛି ଷୋଡ଼ଶ ଶତାବ୍ଦୀର ଶେଷ ଦଶକ ।

ପୌରାଣିକ କଥାବସ୍ତୁର ଭିତ୍ତିରେ କବିତ୍ୱର ମୋହନ-ବିଳାସକୁ ସମନ୍ୱିତ କରି କବି, କାବ୍ୟଟିକୁ ରଚନା କରିଛନ୍ତି । ସୁରେନ୍ଦ୍ର ମହାନ୍ତିଙ୍କ ମତରେ କବିତ୍ୱର ଐନ୍ଦ୍ରଜାଲିକ ସ୍ପର୍ଶ କାବ୍ୟଟିକୁ ଗୀତିମୟ ତଥା ସ୍ୱାଦୁଯୁକ୍ତ କରିଅଛି । ଦ୍ୱାରକାର ଐଶ୍ୱର୍ଯ୍ୟଲୀଳା ଶ୍ରୀକୃଷ୍ଣଙ୍କୁ ଆନନ୍ଦ ଦେଇପାରି ନାହିଁ । ବୃନ୍ଦାବନର ମାଧୁର୍ଯ୍ୟ ଲୀଳାକୁ ମନେ ପକାଇ ସେ ବିଷାଦଗ୍ରସ୍ତ ହୋଇ ପଡ଼ିଛନ୍ତି । ରୁକ୍ମିଣୀ, ଅବସାଦର କାରଣ ପଚାରିବାରୁ ଉତ୍ତରରେ ଶ୍ରୀକୃଷ୍ଣ ଗୋପୀମାନଙ୍କର ଶ୍ରେଷ୍ଠତ୍ୱ ଓ ସେମାନଙ୍କ ପ୍ରେମର ମହତ୍ତ୍ୱ କଥା କହିଛନ୍ତି ।

ତେଣେ ଶ୍ରୀକୃଷ୍ଣଙ୍କ ବିରହରେ ଗୋପପୁର ଶ୍ରୀହୀନ ହୋଇପଡ଼ିଛି । ଗୋପୀମାନେ ଶ୍ରୀକୃଷ୍ଣଙ୍କୁ ଝୁରିଝୁରି ଝାଉଁଳି ପଡ଼ିଛନ୍ତି । କିନ୍ତୁ ଉପାୟ ନପାଇ ଶେଷରେ ଶ୍ରୀରାଧା ଓ ଅନ୍ୟ ସଖୀମାନେ ଦିନେ ନିଜ ନିଜ ଅଙ୍ଗରୁ କୁମାରୀମାନଙ୍କୁ ସୃଷ୍ଟି କରି ଗୋପୀମାନଙ୍କ କଥା ଶ୍ରୀକୃଷ୍ଣଙ୍କୁ କହିବାକୁ ଦ୍ୱାରକାକୁ ପଠାଇଛନ୍ତି । ମନ୍ତ୍ରକୁମାରୀମାନେ ଦ୍ୱାରକାରେ ପହଞ୍ଚି ଶ୍ରୀକୃଷ୍ଣଙ୍କ ମନ ଉଚ୍ଚାଟ କରିଛନ୍ତି । ଏହାପରେ ଶ୍ରୀକୃଷ୍ଣ ତାଙ୍କର ଅଷ୍ଟନାୟିକାଙ୍କ ସହ ଆସି ଗୋପପୁରରେ ପହଞ୍ଚିଛନ୍ତି । ଶ୍ରୀକୃଷ୍ଣ କଦମ୍ବ ମୂଳରେ ମୋହନବଂଶୀ ବଜାଇବାରୁ ଗୋପୀମାନେ ଆସିଛନ୍ତି । ଗୋପୀମାନଙ୍କ ସହିତ ଶ୍ରୀକୃଷ୍ଣଙ୍କର ରାସୋତ୍ସବ ଆରମ୍ଭ ହୋଇଛି । ସେହି ମଧୁର ରାସଲୀଳା ଦେଖି ଅଷ୍ଟମହିଷୀମାନଙ୍କ ମନରେ ଭାବାନ୍ତର ସୃଷ୍ଟି ହୋଇଛି । ଏତେ ଆତ୍ମହରା ହୋଇପଡ଼ିଛନ୍ତି ଯେ ସେମାନେ ରାଧାଙ୍କର ପରିଜନ ହେବେ ବୋଲି ଇଚ୍ଛା ପୋଷଣ କରିଛନ୍ତି । ରାସଲୀଳା ପରେ ଅଷ୍ଟନାୟିକାମାନେ ଶ୍ରୀରାଧାଙ୍କ ମହତ୍ତ୍ୱକୁ ତାଙ୍କ ଆଗରେ ସ୍ୱୀକାର କରିଛନ୍ତି । ରୁକ୍ମିଣୀଙ୍କ ଭାଷାରେ ରାଧା, ଠାକୁରାଣୀ ପଣରେ ବଡ଼ ଅଟନ୍ତି । ଅଷ୍ଟମହିଷୀମାନଙ୍କର ମନଦୃଢ଼ ନୁହେଁ ବୋଲି ସେ କହିଛନ୍ତି । ରୁକ୍ମିଣୀ ଦ୍ୱାରକା ଫେରିଯିବା ପରେ ତାଙ୍କ ମନରେ ଏକ ପ୍ରକାର ଅଭିମାନ ଲାଗି ରହିଛି । ଶ୍ରୀକୃଷ୍ଣଙ୍କ ନିକଟରେ ଅଯୋଗ୍ୟ, ମହାପାପୀ ବୋଲି ସେ ନିଜକୁ ହୀନ ମନେ କରିବାରୁ ଶ୍ରୀକୃଷ୍ଣ ସାନ୍ତ୍ୱନା ଦେଇ କହିଛନ୍ତି ଯେ ରୁକ୍ମିଣୀ ହେଉଛନ୍ତି ନାରାୟଣୀ, ବ୍ରହ୍ମାୟଣୀ ଓ ରୁଦ୍ରାଣୀ । ରାଧା, କୃଷ୍ଣ ଓ ରୁକ୍ମିଣୀଙ୍କ ମଧ୍ୟରେ କିଛି ପ୍ରଭେଦ ନାହିଁ ବୋଲି ଶ୍ରୀକୃଷ୍ଣ କହିଛନ୍ତି । ତାଙ୍କ ଭାଷାରେ ରୁକ୍ମିଣୀ ରତି, ରାଧାପ୍ରୀତି ଓ ସେ ନିଜେ ଶ୍ରୁତି ଅଟନ୍ତି । କଥାବସ୍ତୁରେ ବୈଷ୍ଣବତତ୍ତ୍ୱର ବିଶ୍ଳେଷଣ ଓ ଅନୁଶୀଳନ ଥିଲେ ମଧ୍ୟ, କଥାବସ୍ତୁର ସଂଯୋଜନା ଆକର୍ଷଣୀୟ ହୋଇଛି ।

କବି ଦେବଦୁର୍ଲ୍ଲଭଙ୍କର ବର୍ଣ୍ଣନା ବିନ୍ୟାସ ପାଠକର ମନକୁ ମୁଗ୍ଧ କରିଥାଏ । ବାର ମାସର ତଥା ଷଡ଼ଋତୁର ସ୍ପଷ୍ଟ ଚିତ୍ର କାବ୍ୟରେ ଦେଖିବାକୁ ମିଳେ । ବୈଶାଖ ଶେଷରେ ଝାଞ୍ଜିପବନ ବହିବା, ଆମ୍ବ ପଣସ ପାଚିବା କଥା କାବ୍ୟରେ ଉଲ୍ଲେଖ କରାଯାଇଛି । କବି ଲେଖନୀରେ ବର୍ଷା କାଳରେ ବିଜୁଳି ମାରିବା, ଘଡ଼ଘଡ଼ି ମାରିବାର ଚିତ୍ର କାବ୍ୟରେ ଅଙ୍କିତ ହୋଇଛି । ଶରତ ଋତୁରେ ସୂର୍ଯ୍ୟ ତେଜଦୀପ୍ତ ହେବା କଥା, ଆକାଶରେ ଭାସମାନ ମେଘଖଣ୍ଡର କଥା କାବ୍ୟରେ ଉଲ୍ଲେଖ କରାଯାଇଛି । ଶୀତ କାଳରେ ଶୀତଳ ପବନ ଉତ୍ତର ଦିଗରୁ ବହିଲା ବୋଲି କବି କହିଛନ୍ତି । କାର୍ତ୍ତିକ ଶେଷରେ ମାର୍ଗଶୀର ଆସେ ଓ କାକର ପଡ଼େ ବୋଲି କୁହାଯାଇଛି । ପଦ୍ମବନ ନାଶ ହେବାକଥା ମଧ୍ୟ ଉପସ୍ଥାପିତ ହୋଇଛି । ବସନ୍ତ ଋତୁରେ ତରୁଲତା ନବ ପଲ୍ଲବରେ ବିମଣ୍ଡିତ ହୋଇଛି । ନାନା ପ୍ରକାର ଫୁଲ ଫୁଟିଛି, ଚାଚେରୀଲୀଳା ଅନୁଷ୍ଠିତ ହୋଇଛି । ସବୁଠାରୁ ଅଧିକ ଗୁରୁତ୍ୱପୂର୍ଣ୍ଣ ବିଷୟ ହେଉଛି ଏହି ଯେ କବି ପ୍ରତ୍ୟେକ ଋତୁର ବର୍ଣ୍ଣନା ସହିତ ଶୃଙ୍ଗାରିକତାକୁ ସଂପର୍କିତ କରିଛନ୍ତି । ପ୍ରାୟ ପ୍ରତ୍ୟେକ ରୀତି କବି ଏପରି କରିଥାନ୍ତି । ଏପରି କୁହାଯାଇପାରେ ଯେ ରୀତିକାବ୍ୟରେ ଶୃଙ୍ଗାରିକତାର ଅଧିକ ବର୍ଣ୍ଣନା ପାଇଁ ଷଡ଼ଋତୁର ବର୍ଣ୍ଣନାକୁ ଏକ ମାଧ୍ୟମ ରୂପେ ଗ୍ରହଣ କରାଯାଇଥାଏ ।

କେବଳ ଷଡ଼ଋତୁ ନୁହେଁ, ବୃନ୍ଦାବନ ବର୍ଣ୍ଣନା କ୍ଷେତ୍ରରେ ମଧ୍ୟ କବି ଅସାମାନ୍ୟ କୃତିତ୍ୱ ପ୍ରଦର୍ଶନ କରିଛନ୍ତି । ଅନ୍ୟ ରୀତିକବିଙ୍କ ପରି ଦେବ ଦୁର୍ଲ୍ଲଭ, ବନବର୍ଣ୍ଣନା ପ୍ରସଙ୍ଗଟି ହୃଦୟସ୍ପର୍ଶୀ କରିପାରିଛନ୍ତି । ବର୍ଣ୍ଣନାରେ ଅତିରଞ୍ଜନ ଥିଲେ ହେଁ ଏହା ବିରକ୍ତିକର ହୋଇନାହିଁ । ବର୍ଣ୍ଣନାଗତ ଅତିରଞ୍ଜନ ରୀତିକାବ୍ୟରେ ଉପେକ୍ଷିତ ନହୋଇ ଆଦୃତ ହେଉଥିବାରୁ ଏ କ୍ଷେତ୍ରରେ କବି ସମାଲୋଚନାର ପାତ୍ର ନୁହନ୍ତି । ଚାଚେରୀଲୀଳାର ଅବିର ବୃଷ୍ଟି ପରି ବୃନ୍ଦାବନରେ ଫୁଟା ଫୁଲରୁ ପରାଗରେଣୁ ଝଡ଼ି ପଡୁଛି । ଗୋପବାଳାମାନଙ୍କର ମୁଖ ସବୁ ସୁନ୍ଦର ଓ ପଦ୍ମ ସୁବାସରେ ସୁବାସିତ

ହୋଇଥିବାରୁ ସେମାନେ ଗଛରେ ଚଢ଼ି ଫୁଲ ତୋଳିଲାବେଳେ ଭ୍ରମରମାନେ ଭ୍ରମରେ ପଡ଼ି ଫୁଲକୁ ଛାଡ଼ି ଗୋପୀଙ୍କ ମୁଖ ଚୁମ୍ବନ କରିଛନ୍ତି । ଏଥିରେ ନାୟିକାମାନଙ୍କର ଆଙ୍ଗିକ ସୌନ୍ଦର୍ଯ୍ୟ ଉପରେ ଗୁରୁତ୍ୱ ଆରୋପିତ ହୋଇ ରୀତିକାବ୍ୟର ଧର୍ମ ସୁରକ୍ଷିତ ହୋଇଛି । ବୃନ୍ଦାବନରେ ଫୁଟିଥିବା ଫୁଲମାନଙ୍କର ଏକ ନାମ ତାଲିକା କବି ପ୍ରଦାନ କରିଛନ୍ତି । ରଙ୍ଗଣୀ, ପଦ୍ମ, ଜାଈ, ଯୂଇ, ମଧୁମାଳତୀ, ଟଗର, ମାଳତୀ, ସେବତୀ, ମଲ୍ଲୀ, ଚମ୍ପା, ନାଗେଶ୍ୱର, ଗଙ୍ଗଶିଉଳି, କନିଅର, ନୀଳକଇଁ, ଅଶୋକ, ଗେଣ୍ଡୁଫୁଲ, ଛୁରିଅନା, ଅପରାଜିତା ଆଦି ଫୁଲସବୁ ସେହି ତାଲିକାର ଅନ୍ତର୍ଭୁକ୍ତ । ଏ ସମସ୍ତ ଫୁଲର ଉପସ୍ଥିତିରେ ବୃନ୍ଦାବନର ଶୋଭା ପୁରାଣକଳ୍ପିତ ନନ୍ଦନକାନନର ଶୋଭାକୁ ବଳିଯାଇଛି । ପ୍ରତ୍ୟେକ ରୀତିକବିଙ୍କ ପରି ଦେବଦୁର୍ଲ୍ଲଭଙ୍କଠାରେ ଫୁଲ ପ୍ରତି ସୀମାହୀନ ଆକର୍ଷଣ ଥିବା କଥା କାବ୍ୟଟିରୁ ପ୍ରମାଣିତ ହୁଏ ।

ଶ୍ରୀକୃଷ୍ଣଙ୍କ ପାଇଁ ଗୋପବାଳାମାନେ ସୁବାସିତ ଫୁଲରେ ବୈଜୟନ୍ତୀ ମାଳା ଗଠନ କରିଛନ୍ତି । ଗୋପୀମାନେ ନିଜେ ଫୁଲରେ ବିମଣ୍ଡିତା ହୋଇ କେତକୀ ପାଖୁଡ଼ା ବେଢ଼ାଇ କବରୀ ରଚନା କରିଛନ୍ତି । ମଲ୍ଲୀ କଢ଼ରେ ଅଳକା ନିର୍ମାଣ କରି କଇଁ ଫୁଲରେ ବେଣୀ ମଣ୍ଡନ କରିଛନ୍ତି । କାନରେ କନିଅର ଫୁଲ ନିର୍ମିତ କାପ ପିନ୍ଧି ନାଗେଶ୍ୱର ଫୁଲରେ ମେଖଳା ସାଜିଛନ୍ତି । ନାନା ପ୍ରକାର ଫୁଲରେ ନାନାବିଧ ଅଳଙ୍କାର ଗଢ଼ି ସେଥିରେ ବିଭୂଷିତ ହୋଇଛନ୍ତି ।

କଳାବତୀ : କଳାବତୀ କାବ୍ୟଟି ସାତଗୋଟି ଛାନ୍ଦରେ ରଚିତ ହୋଇଛି । ପ୍ରତ୍ୟେକ ଛାନ୍ଦର ଭଣିତାରେ ରଣପୁରର ରାଜକୁମାର ପାର୍ଥ ଶ୍ରୀଚନ୍ଦନଙ୍କ ନାମ ଦେଖିବାକୁ ମିଳେ । ପ୍ରକୃତରେ କାବ୍ୟଟିର ରଚୟିତା ହେଉଛନ୍ତି ବିଷ୍ଣୁ ଦାସ । ବିଷ୍ଣୁ ଦାସ ରଣପୁରର ରାଜସଭା ମଣ୍ଡନ କରୁଥିବାରୁ କୃତଜ୍ଞତାର ନିଦର୍ଶନ ସ୍ୱରୂପ ପାର୍ଥ ଶ୍ରୀଚନ୍ଦନଙ୍କ ନାମରେ କାବ୍ୟଟିକୁ ସେ ଭଣିତା କରିଦେଇଛନ୍ତି । ଏପରି ଦୃଷ୍ଟାନ୍ତ ଓଡ଼ିଆ ସାହିତ୍ୟରେ ବିରଳ ନୁହେଁ । ବିଷ୍ଣୁ ଦାସ ଭୋଇ ବଂଶର ଗଜପତି ରାମଚନ୍ଦ୍ର ଦେବଙ୍କ ରାଜତ୍ୱକାଳ ମଧ୍ୟରେ (୧୫୬୮ ଖ୍ରୀ:ଅରୁ ୧୬୦୦ ଖ୍ରୀ:ଅ) କବି ଥିଲେ ବୋଲି କେଦାର ନାଥ ମହାପାତ୍ର ମତ ଦିଅନ୍ତି ।

ନାୟିକାର ନାମାନୁସାରେ କାବ୍ୟଟିର ନାମକରଣ କରାଯାଇଛି । 'ଆଦୌ ଆଶୀନମସ୍ତ୍ରିୟା' ପ୍ରସଙ୍ଗଟି ଅନ୍ୟାନ୍ୟ ରୀତିକାବ୍ୟ ପରି କଳାବତୀ କାବ୍ୟରେ ମଧ୍ୟ ଦେଖାଯାଏ । କାବ୍ୟର ଆରମ୍ଭରେ ଦଶରଥ ନନ୍ଦନ ରାମଚନ୍ଦ୍ରଙ୍କର କ୍ରିୟାକଳାପ ଓ ମହିମା ବର୍ଣ୍ଣନା କରାଯାଇଛି ।

କାବ୍ୟଟିର ଶୈଳୀ ଅତ୍ୟନ୍ତ ହୃଦୟସ୍ପର୍ଶୀ ହୋଇଛି । କାବ୍ୟରେ ବିପ୍ରଲମ୍ଭ ଶୃଙ୍ଗାରର ଉପସ୍ଥାପନା ଅତ୍ୟନ୍ତ ପ୍ରଭାବଶାଳୀ ହୋଇଛି । ନାୟିକାର ବିରହରେ ନାୟକ ଭାଙ୍ଗିପଡ଼ିଛି । ଆକାଶରେ ଚନ୍ଦ୍ରମଣ୍ଡଳ ଦେଖି ସେ ନାୟିକାର ମୁଖଚନ୍ଦ୍ରକୁ ଝୁରିଝୁରି ହତଜ୍ଞାନ ହୋଇପଡ଼ିଛି । ଜ୍ଞାନଲାଭ କରି ପୁଣି ବିଳାପ କରିଛି । ନାୟିକାର ହେମଗୌର ତନୁ, ପୃଥୁଳ ନିତମ୍ବକୁ ମାନସ ଚକ୍ଷୁରେ ଦେଖି ସେ ଅସ୍ଥିର ହୋଇ ଉଠିଛି । ଅତୀତର ପ୍ରୀତିବିଳାସ କଥା ସ୍ମରଣ କରି ସେ ବ୍ୟାକୁଳ ହୋଇପଡ଼ିଛି ।

ବର୍ଷାଋତୁ ଆସିବାରୁ ପ୍ରକୃତିରେ ନାନାବିଧ ଦୃଶ୍ୟ ସୃଷ୍ଟି ହୋଇଛି । ମାଳତୀ ଫୁଲର ସୁବାସରେ ଦିଗ ସୁବାସିତ ହୋଇଛି । ଡାହୁକର ଡାକ ଶୁଣାଯାଇଛି । ବାହ୍ୟ ପରିବେଶରେ ଶୀତଳତାର ସ୍ପର୍ଶ ଆସିଛି, କିନ୍ତୁ ନାୟକ ମନରେ କାନ୍ତା ବିରହରେ ଦୁଃଖର ଅଗ୍ନି ଲେଲିହାନ ଶିଖା ଟେକି ଜଳି ଉଠିଛି । ନାୟିକା ମଧ୍ୟ ବ୍ୟାକୁଳ ମନରେ ନାୟକର ସ୍ମୃତିକୁ ସ୍ମରଣ କରିଛି । ନାୟକର ଅନୁପସ୍ଥିତିରେ ଜୀବନ ତା'ର ବିଷମୟ ହୋଇଉଠିବାରୁ

ସଖୀମାନେ ଶୀତଳ ଉପଚାର କରିଛନ୍ତି । ପଦ୍ମପତ୍ରରେ କଳାବତୀକୁ ଶୁଆଇ ତା'ର ଦେହ ଓ ପ୍ରାଣକୁ ଶାନ୍ତ ଶୀତଳ କରିବା ପାଇଁ ଚେଷ୍ଟା କରିଛନ୍ତି । ରୀତିକାବ୍ୟରେ ଏପରି ବର୍ଣ୍ଣନା ଦେଖିବାକୁ ମିଳେ ।

କଥାବସ୍ତୁରେ ଚମତ୍କାରିତା ରହିବା ସଙ୍ଗେସଙ୍ଗେ କଥାବସ୍ତୁର ବିକାଶରେ ରୀତି ଲକ୍ଷଣ ମଧ୍ୟ ରହିଛି । ପୂର୍ବାନୁରାଗ, ମିଳନ, ମିଳନ ପରେ ବିରହ, ବିରହ ପରେ ପୁଣି ମିଳନର ଚିତ୍ର ଅନ୍ୟାନ୍ୟ ରୀତିକାବ୍ୟ ପରି ଏହି କାବ୍ୟରେ ମଧ୍ୟ ରହିଛି । ବର୍ଣ୍ଣନା ବିନ୍ୟାସ ପ୍ରସଙ୍ଗରେ ଏକଥା କୁହାଯାଇ ପାରେ ଯେ କବି ଅଳ୍ପ ପଦରେ ବହୁକଥା କହିଛନ୍ତି । କାବ୍ୟଟି ଆକାରରେ କ୍ଷୁଦ୍ର ହେଲେ ମଧ୍ୟ ରୀତିକାବ୍ୟର ସ୍ୱାଦୁଯୁକ୍ତ ହୋଇପାରିଛି ।

ପ୍ରେମଲୋଚନା : ପ୍ରେମଲୋଚନା କାବ୍ୟଟି କବି ବିଷ୍ଣୁଦାସଙ୍କ ଅନ୍ୟ ଏକ ରଚନା । ଏହା ଏକ କାଳ୍ପନିକ କାବ୍ୟ । କୋଡ଼ିଏଟି ଛାନ୍ଦରେ କାବ୍ୟଟି ରଚିତ । ନାୟିକାର ନାମାନୁସାରେ କାବ୍ୟଟି ନାମିତ । କବି ବିଷ୍ଣୁ ଦାସ ଏହି କାବ୍ୟ ରଚନାବେଳକୁ ବାଣପୁରର ରାଜା ରଘୁନାଥ ହରିଚନ୍ଦନଙ୍କ ରାଜଦରବାର ମଣ୍ଡନ କରୁଥିଲେ । ସେ ଶ୍ରେଷ୍ଠ କବି ଭାବରେ ପ୍ରତିଷ୍ଠା ଅର୍ଜନ କରିଥିଲେ । ଭୋଇବଂଶର ରାଜା ପୁରୁଷୋତ୍ତମ ଦେବଙ୍କ ରାଜତ୍ୱ କାଳ ଅର୍ଥାତ ୧୬୦୦ଖ୍ରୀ:ଅରୁ ୧୬୨୧ ଖ୍ରୀ:ଅ ମଧ୍ୟରେ କୌଣସି ଏକ ସମୟକୁ ଗ୍ରହଣ କରାଯିବା ସମୀଚିନ ଅଟେ ।

କଥାବସ୍ତୁଟି ଆକର୍ଷଣୀୟ ହେବା ସଙ୍ଗେ ସଙ୍ଗେ ବର୍ଣ୍ଣନାଶୈଳୀ ମଧ୍ୟ ହୃଦୟଗ୍ରାହୀ ହୋଇଛି । ନାୟିକାର ରୂପ ବର୍ଣ୍ଣନା ରୀତିଶୈଳୀରେ ଉପସ୍ଥାପିତ ହୋଇଛି । ସୁଷମାର ମୂର୍ତ୍ତିମତୀ ଦେବୀ ଭାବରେ କବି ପ୍ରେମଲୋଚନାକୁ ଚିତ୍ରଣ କରିଛନ୍ତି । ଶିଖଠାରୁ ନଖ ପର୍ଯ୍ୟନ୍ତ ପ୍ରତ୍ୟେକ ଅଙ୍ଗର ଶୋଭାକୁ କବି ବର୍ଣ୍ଣନା କରିଛନ୍ତି । ତା'ର କବରୀ ଫୁଲମାଳରେ ମଣ୍ଡିତ ହୋଇଛି । କାନରେ ହୀରାର ତାଟଙ୍କ ଓ ନାକରେ ମଣିମୁକ୍ତାର ଅଳଙ୍କାର ଶୋଭା ପାଉଛି । କାବ୍ୟରେ ଉପବନ ବିହାର ପ୍ରସଙ୍ଗ ଅତ୍ୟନ୍ତ ଆମୋଦପ୍ରଦ ହୋଇଛି । ଜଳକ୍ରୀଡ଼ାର ବର୍ଣ୍ଣନା ମଧ୍ୟ କାବ୍ୟରେ ପରିଦୃଷ୍ଟ । କାବ୍ୟରେ ବସନ୍ତ ଋତୁରେ ପ୍ରାକୃତିକ ପରିବେଶର ମାଦକତା କିପରି ନୟନ ଲୋଭନୀୟ ହୋଇଥାଏ, ତା'ର ଚିତ୍ର ସହିତ ପ୍ରବାସୀ ନାୟକର ମନୋଭାବକୁ କବି ସ୍ପଷ୍ଟ ଭାବରେ ଅଭିବ୍ୟକ୍ତ କରିଛନ୍ତି । କେଉଁ ପୁରୁଷ ପ୍ରବାସରୁ ଚିଠି ଲେଖିଛି ତା'ର କାନ୍ତା ନିକଟକୁ, ଆଉ କିଏ ନିଜର ପ୍ରାଣସଖା ଆଗରେ ନିଜର ସୁବର୍ଣ୍ଣବର୍ଣ୍ଣା କାମିନୀର କଥା କହି ଭାବବିହ୍ୱଳ ହୋଇପଡ଼ିଛି । କେଉଁ ପ୍ରିୟା ପୁଣି ତା'ର ପ୍ରିୟର ଗୁଣ ଗୁଣି ଅଧୀରା ହୋଇପଡ଼ିଛି । କେଉଁ ପ୍ରବାସୀ ପୁରୁଷ, ବସନ୍ତ ଋତୁର ଆଗମନ ହେତୁ ଗୃହକୁ ପ୍ରତ୍ୟାବର୍ତ୍ତନ କରିଛି । କାନ୍ତ ଆସିବାରୁ କେଉଁ କାନ୍ତା ଅର୍ଘ୍ୟଥାଳୀ ଧରି ତାଙ୍କର ବନ୍ଦାପନା କରିଛି । ଏହାପରେ ନାୟକ ଓ ନାୟିକାଙ୍କର ପରସ୍ପର ପ୍ରତି ପ୍ରଗାଢ଼ ଅନୁରକ୍ତି ମିଳନର ଲୀଳାବିଳାସରେ ଅଭିବ୍ୟକ୍ତ ହୋଇଛି ।

କାବ୍ୟନାୟିକା ପ୍ରେମଲୋଚନାର ବେଶ ବର୍ଣ୍ଣନାରେ କବି ଶତମୁଖ ହୋଇଛନ୍ତି । ହଂସୀଟି ରାଜକୁମାର ସୁଧାକର ଆଗରେ ଶ୍ରୁତିମଧୁର ଶବ୍ଦ ସମ୍ଭାରରେ ନାୟିକାର ତନୁ ଶୋଭା ବର୍ଣ୍ଣନା କରିଛି । କବିଙ୍କ ଭାଷାରେ ଭ୍ରୂଲତା ତା'ର ମଦନକୋଦଣ୍ଡ ପରି ଶୋଭାପାଉଛି । ନାସା ତିଳଫୁଲ ପରି ଦେଖାଯାଉଛି । ଅଧର ସୁଧାଭରା ପାତ୍ର ପରି ଦିଶୁ ଅଛି । ସ୍ୱୟଂମ୍ବର ସଭାକୁ ଯିବା ପୂର୍ବରୁ ସଖୀମାନେ ତାଙ୍କୁ ସଜାଇ ଦେଇଛନ୍ତି । ବେଣୀ ପଛକୁ ପଡ଼ିଛି । ଆଗପଟକୁ ମୁକ୍ତାର ମାଳ ଖଞ୍ଜା ହୋଇଛି । କଳା ରଙ୍ଗ ଉପରେ ଶ୍ୱେତ ବର୍ଣ୍ଣର ସ୍ଥିତିକୁ କବି କାଳନ୍ଦୀ ଉପରେ ଗଙ୍ଗାର ପ୍ରବାହ ସହିତ ତୁଳନା କରିଛନ୍ତି । ସଖୀମାନେ କବରୀ ଉପରେ ମୁକୁତାଜାଲି ବେଢ଼ାଇ ଦେଇଛନ୍ତି । ନାକରେ ମୋତିର ଅଳଙ୍କାର, କଣ୍ଠରେ ମୋତିହାର ପିନ୍ଧି ପ୍ରେମଲୋଚନା ଶୋଭାମୟୀ ହୋଇଛି ।

ଚଞ୍ଚଳ ନୟନରେ କଜ୍ଜଳର ଲାଞ୍ଛି ଶୋଭାପାଉଛି । କବି କଳ୍ପନାରେ ତାହା ବିଧାତାର କଳାମୁଦ ବୋଲି କୁହାଯାଇଛି । ଯଥାଯୋଗ୍ୟ ଶବ୍ଦ ମାଧ୍ୟମରେ ପ୍ରେମଲୋଚନାର ଅଙ୍ଗଶୋଭା ବର୍ଣ୍ଣନା କରି କବି କାବ୍ୟରସିକମାନଙ୍କର ଅନ୍ତରତମ ପ୍ରଦେଶକୁ ଚମତ୍କୃତ କରି ଦେଇଛନ୍ତି ।

ବନର ବର୍ଣ୍ଣନାକ୍ରମେ କବି ବୃକ୍ଷ ଓ ଲତାମାନଙ୍କର ପାରସ୍ପରିକ ସଂପର୍କ ପ୍ରସଙ୍ଗ ଉପସ୍ଥାପନା କରିଛନ୍ତି । କେଉଁ ଲତା ବୃକ୍ଷ ଉପରେ ନଲୋଟି ତଳେ ପଡ଼ିଅଛି, କବିଙ୍କ ଭାଷାରେ ସେ ଯେପରି ପୁଷ୍ପବତୀ ହୋଇ ଭୂମିରେ ଶୋଇଛି । ଆଉ କେଉଁ ଲତା କାନ୍ତକୁ ନିବିଡ଼ ଆଲିଙ୍ଗନ କରି ରହିଛି । କେଉଁ ନବୀନ ଲତା ତରୁ ଉପରକୁ ହାତ ମାତ୍ର ବଢ଼ାଇ ଅଛି । କେଉଁ ଲତା ତରୁ ମୂଳରେ ଶୋଇ ରହିଛି । କବିଙ୍କ ମତରେ ତାହା ସତେ ଯେପରି କାନ୍ତ ତରୁକୁ ପ୍ରଣିପାତ ଜଣାଉଛି । ରୀତିକାବ୍ୟରେ ଏପରି ବର୍ଣ୍ଣନାର ସ୍ୱତନ୍ତ୍ର ଆକର୍ଷଣ ରହିଛି ।

ପ୍ରକୃତି ବର୍ଣ୍ଣନାର ବିମଳ ଆଲେଖ୍ୟ ଆଙ୍କି ଅନ୍ୟାନ୍ୟ ରୀତିକବିଙ୍କ ପରି ବିଷ୍ଣୁଦାସ ଅପାର୍ଥିବ ଆନନ୍ଦ ଲାଭ କରିଛନ୍ତି । ରସ-ଉଦୟ କାନନର ବର୍ଣ୍ଣନା କରିବାକୁ ଯାଇ କବି ସେଠାରେ ଥିବା ବହୁ ପ୍ରକାର ବୃକ୍ଷର ନାମୋଲ୍ଲେଖ କରିଛନ୍ତି । ଶାଳ, ତମାଳ, ରସାଳ, ବକୁଳ, ହେନ୍ତାଳ, ତାଳ, ହିଞ୍ଚାଳ, ଜାତି ଫଳ ଆଦି ବୃକ୍ଷ ସବୁ ତାଙ୍କ ତାଲିକାର ଅନ୍ତର୍ଭୁକ୍ତ ହୋଇଅଛି । ଏହା ବ୍ୟତୀତ କେତକୀ, କୁରୁବକ, ଚମ୍ପକ, ଅଶୋକ, ମନ୍ଦାର, କନିଅର, ନାଗେଶ୍ୱର ଆଦି ଫୁଲଗଛର ନାମୋଲ୍ଲେଖ କରାଯାଇଛି । ରାତ୍ରିରେ ଚନ୍ଦ୍ର ଉଦିତ ହେବାରୁ ତା'ର କିରଣ ବନଭୂମିର ସ୍ଥାନେସ୍ଥାନେ ଭୂମିସ୍ପର୍ଶ କରିଛି । ସେହି ଦୃଶ୍ୟଟିକୁ କବି କାଳିନ୍ଦୀ ଭିତରେ ପଦ୍ମ ଫୁଟିବାର ଦୃଶ୍ୟ ସହିତ ସମକକ୍ଷ କରିଛନ୍ତି । ଏଥିରୁ କବିଙ୍କର ଅସାମାନ୍ୟ ସୌନ୍ଦର୍ଯ୍ୟ ପ୍ରିୟତାର ସାର୍ଥକ ସୂଚନା ମିଳିଥାଏ ।

ସନ୍ଧ୍ୟାର ବର୍ଣ୍ଣନାରେ କବିଙ୍କର ଦୃଷ୍ଟିଭଙ୍ଗୀ ଅତ୍ୟନ୍ତ ମହତ୍ତ୍ୱପୂର୍ଣ୍ଣ ହୋଇଛି । ପ୍ରକୃତିର ତତ୍କାଳୀନ ଅବସ୍ଥା ଭିତରେ ସେ କଳ୍ପନାମୟତାକୁ ସଂଯୁକ୍ତ କରି ରସିକ ପାଠକ ପ୍ରାଣରେ ଆନନ୍ଦ ସୃଷ୍ଟି କରିଛନ୍ତି । ପଶ୍ଚିମ ଦିଗକୁ ଯିବାରୁ ସୂର୍ଯ୍ୟ ମୂର୍ଚ୍ଛିତ ହୋଇଛନ୍ତି । ମଦପାନ କରି ତାଙ୍କ ଆଖି ଲାଲ ହୋଇଛି । ସୂର୍ଯ୍ୟଙ୍କର ଏ ଅବସ୍ଥା ଦେଖି ପଦ୍ମଫୁଲ ସ୍ୱଇଚ୍ଛାରେ ସଙ୍କୁଚିତ ହୋଇ ମୁଦ୍ରିତ ହୋଇଛି । ସନ୍ଧ୍ୟା ଆସନ୍ତେ କାନ୍ତର ଦେହରେ କାମନାର ଶତ ଦୀପାଳି ଜଳି ଉଠିଛି । ଆଉ କିଛି ତା'ର ମନେପଡ଼ି ନାହିଁ, କେବଳ ପ୍ରିୟା ସହିତ ଲୀଳା ବିଳାସ ପାଇଁ ସେ ଅଧୀର ହୋଇଛି ।

ପ୍ରେମଲୋଚନା କାବ୍ୟଟିର ମହତ୍ତ୍ୱ ମୁକ୍ତ କଣ୍ଠରେ ସ୍ୱୀକାର ଯୋଗ୍ୟ । ଏହାର ପ୍ରଭାବରେ ପରବର୍ତ୍ତୀ କାବ୍ୟ ଅନ୍ତେ ବହୁତେ ପ୍ରଭାବିତ ହୋଇଛି ।

ରୁକ୍ମିଣୀବିଭା : ଏହି କାବ୍ୟଟି କବି କାର୍ତ୍ତିକ ଦାସଙ୍କର ଏକ ସୁଷମ ସୃଷ୍ଟି । ଶ୍ରୀକୃଷ୍ଣ ଓ ରୁକ୍ମିଣୀଙ୍କର ବିବାହ ପ୍ରସଙ୍ଗ ନେଇ ଦଶଗୋଟି ଛାନ୍ଦରେ କାବ୍ୟଟି ରଚିତ ହୋଇଛି । କାବ୍ୟର ରଚନାକାଳ ସଂପର୍କରେ ନିର୍ଦ୍ଦିଷ୍ଟ କୌଣସି ତଥ୍ୟ କାବ୍ୟରୁ ମିଳେ ନାହିଁ । ଡଃ ଆର୍ତ୍ତବଲ୍ଲଭ ମହାନ୍ତି କାବ୍ୟଟି ୧୬୦୦ଖ୍ରୀ:ଅରୁ ୧୬୫୦ଖ୍ରୀ:ଅ ମଧ୍ୟରେ ରଚିତ ହୋଇଛି ବୋଲି ମତ ଦିଅନ୍ତି । ପଣ୍ଡିତ ସୂର୍ଯ୍ୟନାରାୟଣ ଦାଶଙ୍କ ମତରେ କାର୍ତ୍ତିକ ଦାସ ହେଉଛନ୍ତି ଶିଶୁଶଙ୍କର ଓ ଦ୍ୱାରକାଦାସଙ୍କର ମଧ୍ୟବର୍ତ୍ତୀ ସମୟର କବି ।

କବି କାର୍ତ୍ତିକ ଦାସ କାବ୍ୟର କଥାବସ୍ତୁ ପାଇଁ ପଦ୍ମ ପୁରାଣରୁ ଉପାଦାନ ସଂଗ୍ରହ କରିଛନ୍ତି ବୋଲି ସ୍ୱୀକାର କରିଛନ୍ତି । କେବଳ ପଦ୍ମପୁରାଣ ନୁହେଁ ସଂସ୍କୃତ ଭାଗବତରେ ବର୍ଣ୍ଣିତ ରୁକ୍ମିଣୀ ପରିଣୟ ପ୍ରସଙ୍ଗ ଦ୍ୱାରା କବି ମଧ୍ୟ ପ୍ରଭାବିତ ହୋଇଛନ୍ତି । ଅଚ୍ୟୁତାନନ୍ଦଙ୍କର ସାତଖଣ୍ଡିଆ ହରିବଂଶରେ ଥିବା ସ୍ୱୟମ୍ବର ସଭାର ବର୍ଣ୍ଣନାକୁ ଅନୁସରଣ

କରି ରୁକ୍ମିଣୀଙ୍କ ସ୍ୱୟମ୍ବର ସଭାର ବର୍ଣ୍ଣନା କରିଛନ୍ତି । କଥାବସ୍ତୁ ଦୃଷ୍ଟିରୁ ବିଶେଷ କିଛି ନୂତନତ୍ୱ କାବ୍ୟରେ ଦେଖାଯାଏ ନାହିଁ । ରୁକ୍ମିଣୀ ହେଉଛନ୍ତି କାବ୍ୟର ନାୟିକା, କୃଷ୍ଣଚନ୍ଦ୍ର କାବ୍ୟର ନାୟକ । ନାୟକ ନାୟିକାଙ୍କର ଜନ୍ମବୃତ୍ତାନ୍ତର ସୂଚନା କାବ୍ୟରେ ରହିଛି । ଉଭୟଙ୍କର ବାଲ୍ୟ ଓ ନାୟକଙ୍କର କୈଶୋର ବର୍ଣ୍ଣନାରେ ବିଶେଷ ଗୁରୁତ୍ୱ ଆରୋପ କରାଯାଇନାହିଁ । ବିବାହ ବୟସ ହେବାରୁ ରୁକ୍ମିଣୀଙ୍କ ପାଇଁ ସ୍ୱୟମ୍ବରର ଆୟୋଜନ କରାଯାଇଛି । ସେଥିପାଇଁ ବିଭିନ୍ନ ଦେଶର ରାଜାମାନଙ୍କୁ ନିମନ୍ତ୍ରଣ କରାଯାଇଛି । ଶ୍ରୀକୃଷ୍ଣ ନିଜେ ସେହି ସଭାକୁ ଆସି ଶିଶୁପାଳଙ୍କ ଦ୍ୱାରା ରାଜା ନୁହନ୍ତି ବୋଲି ଅପମାନିତ ହୋଇଛନ୍ତି । ଶ୍ରୀକୃଷ୍ଣଙ୍କର ନିର୍ଦ୍ଦେଶରେ ଗରୁଡ଼ ସ୍ୱୟମ୍ବର ସଭାକୁ ଭାଙ୍ଗି ଦେଇଛି । ତା'ପରେ ରାଜା କଉଶିକ ଶ୍ରୀକୃଷ୍ଣଙ୍କୁ ନିଜ ସିଂହାସନ ଦେଇ ରାଜା କରାଇଛନ୍ତି । ଦ୍ୱିତୀୟବାର ସ୍ୱୟମ୍ବର ହୋଇ ନାହିଁ । ରୁକ୍ମିଣୀଙ୍କ ଭାଇ ଓ ବାପା ତାଙ୍କୁ ଶିଶୁପାଳଙ୍କ ସହିତ ବିବାହ ଦେବାକୁ ସ୍ଥିର କରିଛନ୍ତି । ବିବାହ ଦିନ ଶ୍ରୀକୃଷ୍ଣ ଓ ବଳରାମ ଗୁପ୍ତ ଭାବରେ ଆସି ବିଦର୍ଭ ରାଜଧାନୀରେ ପହଞ୍ଚିଛନ୍ତି । ଜରାସନ୍ଧଙ୍କ ପରାମର୍ଶ ଅନୁସାରେ କନ୍ୟାକୁ ସ୍ନାନ କରାଇ ଦୁର୍ଗାଙ୍କ ମନ୍ଦିରକୁ ଠାକୁରାଣୀଙ୍କ ଦର୍ଶନ ନିମନ୍ତେ ନିଆଯାଇଛି । ଶ୍ରୀକୃଷ୍ଣ ସେହି ମନ୍ଦିରରେ ଥିଲେ ଓ ସେ ରୁକ୍ମିଣୀଙ୍କ ହାତ ଧରି ନେଇଯାଇଛନ୍ତି । ଶ୍ରୀକୃଷ୍ଣ ଓ ରୁକ୍ମିଣୀଙ୍କ ବିବାହ ଉତ୍ସବ ଅନୁଷ୍ଠିତ ହୋଇଛି ।

କଥାବସ୍ତୁ ପୌରାଣିକ ହେଲେ ମଧ୍ୟ କାବ୍ୟଟିର ରଚନାଶୈଳୀ ମର୍ମସ୍ପର୍ଶୀ ହୋଇଅଛି । ରତି ବିଳାସର ବର୍ଣ୍ଣନା ନଥିବାରୁ କାବ୍ୟଟି ସୁଖପାଠ୍ୟ ହେବା ସଙ୍ଗେ ସଙ୍ଗେ କାବ୍ୟର କିଛି ହାନି ଘଟିନାହିଁ ବୋଲି ପଣ୍ଡିତ ସୂର୍ଯ୍ୟନାରାୟଣ ମତ ଦିଅନ୍ତି । ସାଧାରଣ ପାଠକର ଉପଭୋଗ ପାଇଁ କବି କାବ୍ୟଟିକୁ ମଧୁର ଛନ୍ଦରେ ଲେଖିଛନ୍ତି ଏବଂ ଏଥିରେ ଉତ୍କଳୀୟ କାବ୍ୟକଳାର ମୌଳିକତା ସୁରକ୍ଷିତ ଓ ପ୍ରତିଷ୍ଠିତ ହୋଇଛି । ନାୟକ, ନାୟିକାଙ୍କର ରୂପ ବର୍ଣ୍ଣନା ରୀତିକାବ୍ୟର ଏକ ଅବିଚ୍ଛେଦ୍ୟ ଅଙ୍ଗ ଭାବରେ ଗୃହୀତ । ଆଲୋଚ୍ୟ କାବ୍ୟରେ ଶ୍ରୀକୃଷ୍ଣ ଓ ରୁକ୍ମିଣୀଙ୍କର ରୂପ ବର୍ଣ୍ଣନା କରାଯାଇଛି । ରୁକ୍ମିଣୀ ବାଳଭାବ ଛାଡ଼ି କୈଶୋର ବୟସର ପଦାର୍ପଣ କରନ୍ତେ, ତାଙ୍କ ମନରେ ଯେଉଁ ଭାବାନ୍ତର ସୃଷ୍ଟିହେଲା ଏବଂ ତା' ଫଳରେ ଯେଉଁ କ୍ରିୟାସବୁ ସଂଗଠିତ ହେଲା ତା'ର ଚିତ୍ର କବି ପ୍ରଦାନ କରିଛନ୍ତି । ଯୌବନ ପ୍ରବେଶ କରନ୍ତେ ସେ ଅନୁପମ ରୂପଶ୍ରୀ ବିମଣ୍ଡିତା ହୋଇଛନ୍ତି । କୁଞ୍ଚିତ କେଶରେ ରଚିତ କବରୀ ମୟୂରପୁଚ୍ଛଠାରୁ ଆହୁରି ସୁନ୍ଦର ହୋଇଛି । ନୀଳ କବରୀ ଉପରେ ମୋତିଜାଲିର ସୁଷମାକୁ କବି ନୂଆ ମେଘରେ ତାରାଗଣଙ୍କ ପ୍ରକାଶ ସହିତ ତୁଳନା କରିଛନ୍ତି ।

ଶ୍ରୀକୃଷ୍ଣଙ୍କର ଅଙ୍ଗଶୋଭାର ବର୍ଣ୍ଣନା କବି ଅପେକ୍ଷାକୃତ ସଂକ୍ଷେପରେ ଶେଷ କରିଛନ୍ତି । ତାଙ୍କର ଭୂଲତା ଦୁଇଟି ଅତ୍ୟନ୍ତ ସୁନ୍ଦର ଦେଖାଯାଉଛି । ଆଖି ଦୁଇଟି ପଦ୍ମଫୁଲର ଶୋଭାକୁ ଜିଣି ମନଲୋଭା ହୋଇଛି । ଅଧରର ରକ୍ତିମ ଆଭା ନୟନ ରଞ୍ଜନ କରୁଛି । କଟିତଟରେ ପୀତାମ୍ବର, ହୃଦୟର ବନମାଳ ଶୋଭାପାଉଛି ବୋଲି ପ୍ରକାଶ କରିଛନ୍ତି । ଶବ୍ଦ ଯୋଜନା ଚାତୁରୀ ଏ କାବ୍ୟର ଶ୍ରୀବୃଦ୍ଧି ସାଧନ କରିଛି । ପ୍ରକୃତି ବର୍ଣ୍ଣନାର ସଫଳ ରୂପାୟନ ଯଥୋଚିତ ଭାବରେ କରାଯାଇଛି । ପ୍ରଭାତ ବର୍ଣ୍ଣନା ଘଟଣାଗତ ବିବରଣୀ ମୂଳକ ହେଲେ ମଧ୍ୟ ଏଥିରେ କବିଙ୍କର ସୂକ୍ଷ୍ମ ପର୍ଯ୍ୟବେକ୍ଷଣ ଶକ୍ତି ଲକ୍ଷ୍ୟଣୀୟ ଅଟେ । ପୂର୍ବଦିଗର ରକ୍ତିମା, ତାରାପଟଳ ଓ ଜହ୍ନର ମ୍ଳାନିମା, ସଜଫୁଟା ପଦ୍ମଫୁଲର ସୁଷମା ତଥା ପବନର ଶୀତଳତା କଥା କବି ଏହି ବର୍ଣ୍ଣନା ଛଳରେ ପ୍ରକାଶ କରିଛନ୍ତି । ପ୍ରଦୋଷ ବର୍ଣ୍ଣନାରେ କବି ରୀତିଯୁଗର ସାହିତ୍ୟାଦର୍ଶକୁ ସମ୍ମାନ ଦେଇ ଚମତ୍କାର ପଦଯୋଜନା କରିଛନ୍ତି । ଚନ୍ଦ୍ର ଓ ତାରକାଙ୍କର ଦୀପ୍ତିର ବର୍ଣ୍ଣନା ଅତ୍ୟନ୍ତ ହୃଦୟସ୍ପର୍ଶୀ ହୋଇଛି । ଶଶିକଳାର ସ୍ୱଭାବ ଓ

ସ୍ୱରୂପର ଶବ୍ଦଚିତ୍ର ସ୍ପଷ୍ଟ ଭାବରେ ଅଙ୍କିତ ହୋଇଛି । ଚକୋର ପାଇଁ ଏହା ଚଞ୍ଚୁ କବାଟ ଖୋଲିବାରେ କୁଞ୍ଚିପରି କାମ କଲାବେଳେ ଚକ୍ରବାକୀ ନିମନ୍ତେ ଏହା ମାରଣାସ୍ତ୍ର ପରି କାମ କରୁଛି ବୋଲି କବି କଳ୍ପନା କରିଛନ୍ତି ।

ବିଭିନ୍ନ ଦୃଷ୍ଟିରୁ ବିଚାର କଲେ ଏହା ସ୍ୱୀକାରଯୋଗ୍ୟ ଯେ ରୁକ୍ମିଣୀ ବିଭା କାବ୍ୟଟି ପରବର୍ତ୍ତୀ ରୀତିକବିମାନଙ୍କୁ ଅଗ୍ରଗତି ପାଇଁ ଯଥେଷ୍ଟ ପ୍ରେରଣା ପ୍ରଦାନ କରିଛି ।

ଲୀଳାବତୀ : ଲୀଳାବତୀ ବାଣପୁରର ରାଜା ରଘୁନାଥ ହରିଚନ୍ଦନଙ୍କ ଦ୍ୱାରା ଲିଖିତ ଏକ ରୀତିକାବ୍ୟ । ଭୋଇ ବଂଶର ରାଜା ପୁରୁଷୋତ୍ତମଦେବଙ୍କ ରାଜତ୍ୱକାଳରେ ରଘୁନାଥ ହରିଚନ୍ଦନ ବାଣପୁରରେ ରାଜତ୍ୱ କରୁଥିଲେ । ସେ ଜଣେ ସୁସାହିତ୍ୟିକ ଓ ସାହିତ୍ୟପ୍ରେମୀ ନରପତି ଥିଲେ । ତାଙ୍କ ରଚିତ ଲୀଳାବତୀ କାବ୍ୟ ପ୍ରାଚୀନ ଓଡ଼ିଆ ସାହିତ୍ୟରେ ଏକ ଅମୂଲ୍ୟ ରତ୍ନ ବୋଲି କେଦାରନାଥ ମହାପାତ୍ର ମତ ଦିଅନ୍ତି ।

ଜଗନ୍ନାଥଙ୍କର ବନ୍ଦନାରେ କାବ୍ୟର ଆରମ୍ଭ ହୋଇଛି । ଜଗନ୍ନାଥଙ୍କ ସହିତ ବଳଭଦ୍ର,ସୁଭଦ୍ରା ଓ ସୁଦର୍ଶନ ଆଦି ଚତୁର୍ଦ୍ଧାମୂରତିଙ୍କର ନାମ ଉଲ୍ଲେଖ କରାଯାଇଛି । ଶ୍ରୀମନ୍ଦିରର ବେଢ଼ା ଭିତରେ ଥିବା ଅନ୍ୟାନ୍ୟ ଦେବଦେବୀଙ୍କର ନାମ ଓ ମହିମା ଗାନରେ କବି ଆତ୍ମସନ୍ତୋଷ ଲାଭ କରିଛନ୍ତି । ଶ୍ରୀକ୍ଷେତ୍ରରେ ରଥଯାତ୍ରା କଥା ଉପସ୍ଥାପନା କରିଛନ୍ତି । ଏହାପରେ କଥାବସ୍ତୁଟି ଆରମ୍ଭ ହୋଇଛି । କଥାବସ୍ତୁଟି ସଂପୂର୍ଣ୍ଣ କାଳ୍ପନିକ ଅଟେ । କାବ୍ୟ ନାୟିକା ଲୀଳାବତୀର ନାମାନୁସାରେ କାବ୍ୟଟି ନାମିତ ହୋଇଛି । ମଳୟାଚଳ ଦେଶର ରାଜକୁମାରୀ ହେଉଛନ୍ତି ଲୀଳାବତୀ । ତାଙ୍କର ଜନ୍ମପରେ ଜାତକ ଅନୁସାରେ ଗ୍ରହ ଗଣନା କରି ତାଙ୍କ ସଂପର୍କରେ କେତେକ କଥା କବି କହିଛନ୍ତି । କ୍ରମଶଃ ବୟସ ବୃଦ୍ଧି ହେବା ପରେ ନାୟିକାର ବେଶ ବର୍ଣ୍ଣନା କରାଯାଇଛି । ଅନ୍ୟାନ୍ୟ ରୀତିକବିଙ୍କ ପରି ରଘୁନାଥ ହରିଚନ୍ଦନ ନାୟିକାର କେଶ ବର୍ଣ୍ଣନା କଲେ ମଧ୍ୟ କବିଙ୍କର ସୂକ୍ଷ୍ମ ପର୍ଯ୍ୟବେକ୍ଷଣ ଜନିତ ସ୍ୱାତନ୍ତ୍ର୍ୟ କାବ୍ୟଟିରେ ବେଶ୍ ଲକ୍ଷ୍ୟଣୀୟ । କେଶସଜ୍ଜା ପ୍ରସଙ୍ଗରେ ହାତୀଦାନ୍ତ ପାନିଆର କଥା କବି ଉଲ୍ଲେଖ କରିଛନ୍ତି । ରାଜବାଳା ଲୀଳାବତୀର ବେଣୀକୁ ସଖୀମାନେ ଖୋଲିଦେବାରୁ ତାହା ଏପରି ମଧୁର ସୁବାସ ବିତରଣ କରିଛି ଯେ ଭ୍ରମରମାନେ ଆକୃଷ୍ଟ ହୋଇ ଧାଇଁ ଆସିଛନ୍ତି । ମୁକ୍ତ କେଶକୁ ମେଘମାଳା ପୁଣି ତମାଳଲତା ସହିତ ତୁଳନା କରି ତାହା ସୁନାଗିରି ଶିଖରରୁ ତଳକୁ ଖସିଆସିଛି ବୋଲି କବି କଳ୍ପନା କରିଛନ୍ତି । କେଶ ମାର୍ଜନା ସାରି ସଖୀମାନେ ମୂଳରେ ସେବତୀର ମାଳା ବେଢ଼ାଇ ଦେଇଛନ୍ତି । ଗୋଟାଗୋଟା ଚମ୍ପାଫୁଲ ମୂଳରେ ଖଞ୍ଜି ଦେଇଛନ୍ତି । ମୁଣ୍ଡରେ ଝିଲିମିଲି ମାଳି, ଚନ୍ଦ୍ରଝୁମ୍ପା ପିନ୍ଧାଇ ଦେଇଛନ୍ତି । କଣ୍ଠରେ ଚନ୍ଦନ ଲେପନ କରି ମାଳା ଲମ୍ବାଇ ଦେଇଛନ୍ତି । ବାହୁରେ ବାହୁଟୀ ଓ କଚଟି ପାଖରେ ମରକତ ଚୂଡ଼ୀ ପିନ୍ଧାଇ ଦେଇଛନ୍ତି । ଅଙ୍ଗୁଳିରେ ମୁଦ୍ରିକା, ନଖରେ ଲାକ୍ଷାରସ, ପାଦରେ ବଳା, ଘାଗୁଡ଼ି ଓ ହଂସକ ଲଗାଇ ଦେଇଛନ୍ତି । ବର୍ଣ୍ଣନାରେ ଅବଶ୍ୟ ଅଙ୍ଗପ୍ରତ୍ୟଙ୍ଗର କ୍ରମିକ ବର୍ଣ୍ଣନା ଦେଖିବାକୁ ମିଳେ ନାହିଁ ।

ନାୟକର ନାମ ଚନ୍ଦ୍ରାପିଡ଼ । ତାଙ୍କ ପିତାଙ୍କ ନାମ ଚନ୍ଦ୍ରଭାନୁ ଓ ମାତାଙ୍କ ନାମ ଚନ୍ଦ୍ରରେଖା । ସେ ହିମାଳୟ ଉପକଣ୍ଠରେ ବଦ୍ରିକାଶ୍ରମ ନିକଟରେ ଥିବା ଶ୍ରୀନଗର ଦେଶର ରାଜକୁମାର ଥିଲେ । ଚନ୍ଦ୍ରାପିଡ଼ ରୂପରେ ସୁନ୍ଦର, ଗୁଣରେ ମହତ୍ ଥିଲେ । ନାୟକ ଓ ନାୟିକାଙ୍କ ମଧ୍ୟରେ ପାରସ୍ପରିକ ଅନୁରାଗ ସୃଷ୍ଟି କରିବା ପାଇଁ ମାଧ୍ୟମ ଭାବରେ ଐନ୍ଦ୍ରଜାଲିକକୁ କାବ୍ୟରେ ଗ୍ରହଣ କରାଯାଇଛି । ନାୟକ ଓ ନାୟିକା ପରସ୍ପରକୁ ପାଇବା ପାଇଁ ବ୍ୟାକୁଳତା ପ୍ରକାଶ କରିଛନ୍ତି । କିଛି ଦିନ ପରେ ମିଳନ ଘଟିଛି ଓ ବିବାହ ଉତ୍ସବ ଅନୁଷ୍ଠିତ ହୋଇଛି ।

କାବ୍ୟରେ ଋତୁଚକ୍ରର ବର୍ଣ୍ଣନା ମଧ୍ୟରେ ଶୃଙ୍ଗାରିକ ଭାବ ଅପେକ୍ଷା ବାସ୍ତବ ପରିବେଶ ଅଧିକ ଚିତ୍ରିତ ହୋଇଛି । ଗ୍ରୀଷ୍ମଋତୁରେ ସାପ ଯାଇ ମୟୂରର ଛାଇରେ ବିଶ୍ରାମ ନେବା ଓ ହରିଣ ଯାଇ ସିଂହ ନିକଟରେ ବିଶ୍ରାମ ନେବା କଥା କବି ବର୍ଣ୍ଣନା କରିଛନ୍ତି । ବର୍ଷାଋତୁରେ ଆକାଶ ମେଘମାଳା ଆଚ୍ଛାଦିତ ହେବାର ଚିତ୍ର କବି ପ୍ରଦାନ କରିବା ସହିତ ଇନ୍ଦ୍ରଧନୁର ମନୋରମ ଶୋଭା ସଂପର୍କରେ ଉଲ୍ଲେଖ କରିଛନ୍ତି ।

ଶରତ ଋତୁରେ ଆକାଶରେ ଧଳା ଧଳା ମେଘଖଣ୍ଡ ଭାସିବାର ଚିତ୍ର କାବ୍ୟରେ ଅଛି । ବସନ୍ତ ଋତୁର ଆଗମନ ଯୋଗୁ କୋଇଲିର କୁହୁଗୀତ ଶୁଣାଯାଇଛି, ଛୁରିଅନା ଫୁଲଫୁଟିଛି ଓ ନାଗେଶ୍ୱର ଫୁଲର ସୁବାସରେ ଦିଗ ସୁବାସିତ ହେଲା ବୋଲି କବି କହିଛନ୍ତି ।

ନାୟକ ଓ ନାୟିକାଙ୍କର ବିରହକାଳୀନ ବର୍ଣ୍ଣନା ଅତ୍ୟନ୍ତ ଜୀବନ୍ତ ଭାବରେ କାବ୍ୟରେ ସ୍ଥାନ ପାଇଛି । ବିଚ୍ଛେଦର ଅପସାରଣ ପରେ ଆରମ୍ଭ ହୋଇଛି ମିଳନର ପର୍ବ । ବିବାହ ଉତ୍ସବ ମହାସମାରୋହରେ ଅନୁଷ୍ଠିତ ହୋଇଛି । ଚାନ୍ଦୁଆ ଟଣାଯାଇଛି, ମୁକୁତା ପ୍ରବାଳ ଓ ନୀଳମଣିରେ ଗଠିତ ମାଳମାନ ଝୁଲାଇ ଦିଆଯାଇ ସାଜସଜ୍ଜା କରାଯାଇଛି । ନଗରର ଲୋକମାନେ ବରକନ୍ୟାକୁ ଦେଖି ବରକୁ କନ୍ୟା ଓ କନ୍ୟାକୁ ବର ଉପଯୁକ୍ତ ହୋଇଅଛି ବୋଲି ପ୍ରଶଂସା କରିଛନ୍ତି ।

ଆଦି ରସର ପ୍ଲାବନ ଓ ପ୍ରତିଷ୍ଠା ରୀତି କାବ୍ୟରେ ଦେଖିବାକୁ ମିଳେ । ଲୀଳାବତୀ କାବ୍ୟରେ ଶୃଙ୍ଗାରିକତାର ସ୍ୱର ଅତ୍ୟନ୍ତ ଶାଣିତ ତଥା ଦୃଢ଼ ହୋଇଛି। ସଖୀମାନେ ନାୟିକା ଲୀଳାବତୀକୁ କହିଛନ୍ତି ଯେ କୁଚକୁମ୍ଭ ମର୍ଦ୍ଦନରେ ବାତବିନାଶ ହୁଏ ଓ ପିତ୍ତ ଶାନ୍ତ ହୁଏ । ତାଙ୍କ ମତରେ ଗାଢ଼ ସୁରତ ଶ୍ରମ ଶ୍ଳେଷ୍ମ ନାଶକରେ ଓ ଶୃଙ୍ଗାର ସବୁ ରୋଗ ବିନାଶ କରେ । ରୀତିକାବ୍ୟରେ ନାୟିକାର ପ୍ରାଧାନ୍ୟ ପ୍ରତିଷ୍ଠିତ ହେବାର ଦେଖାଯାଏ । ଲୀଳାବତୀ କାବ୍ୟରେ ନାୟିକାକୁ ଉଚ୍ଚାସନ ଦିଆଯାଇଛି । ନାୟକ ନିଜକୁ ନାୟିକାର କିଙ୍କର ବୋଲି ଗ୍ରହଣ କରିନେଇଛି ।

ରୀତି ସାହିତ୍ୟର ଆଦର୍ଶକୁ ଭିତ୍ତିକରି କାବ୍ୟଟି ରଚିତ ହୋଇଥିଲେ ହେଁ କେତେକ ଦିଗରୁ କାବ୍ୟଟି ଆଶାନୁରୂପ ସଫଳତା ହାସଲ କରିନାହିଁ । ବର୍ଣ୍ଣନା ବିଳାସରେ ବାସ୍ତବତା ଅଛି ମାତ୍ର ମାଦକତା ନାହିଁ । ପଦଯୋଜନା ମଧ୍ୟ ବିଶେଷ ଉନ୍ନତ ଧରଣର ହୋଇନାହିଁ ।

ଶଶିସେଣା : କବି ପ୍ରତାପରାୟ ସ୍ୱରଚିତ କାବ୍ୟ ଶଶିସେଣାରେ ନିଜ ସମ୍ବନ୍ଧରେ କିଛି କହି ନାହାନ୍ତି । ଆଲୋଚକମାନଙ୍କର ଆଲୋଚନା ଉପରେ ନିର୍ଭର କରି କାଳ ନିରୂପଣ କରିବା ବ୍ୟତୀତ ଅନ୍ୟ ଉପାୟ ନାହିଁ । ଶିଶୁଶଙ୍କରଙ୍କର ଉଷାଭିଳାଷ କାବ୍ୟ ରଚନା ପରେ ପ୍ରତାପରାୟଙ୍କର ଶଶିସେଣା ରଚିତ ହୋଇଛି ବୋଲି ଆର୍ତ୍ତବଲ୍ଲଭ ମହାନ୍ତି ମତ ଦେଇଛନ୍ତି । ତାଙ୍କ ମତରେ ଶଶିସେଣା କାବ୍ୟଟି ୧୬୫୫ଖ୍ରୀ:ଅରେ ରଚିତ ହୋଇଛି । ଚତୁର୍ଦ୍ଦଶ ଛାନ୍ଦ ବିଶିଷ୍ଟ ଏହି କାବ୍ୟଟି ରୀତିଶୈଳୀରେ ଗଠିତ ହୋଇଛି ।

କାବ୍ୟର ଆରମ୍ଭରେ କବି ପ୍ରଭୁ ଜଗନ୍ନାଥଙ୍କର ବନ୍ଦନା କରିବା ସହିତ ବଳଭଦ୍ର ଓ ସୁଭଦ୍ରାଙ୍କର ବନ୍ଦନା ମଧ୍ୟ କରିଛନ୍ତି । ଏହାପରେ ଗଣପତିଙ୍କର ବନ୍ଦନା କରି ତାଙ୍କର କରୁଣା ଭିକ୍ଷା ପୂର୍ବକ କଥାବସ୍ତୁ ଆରମ୍ଭ କରିଛନ୍ତି । କଥାବସ୍ତୁ ଏକ ଭିନ୍ନ ସ୍ୱାଦରେ ଗଠିତ ହୋଇଛି । ବକ୍ତା ଚାରୁବ୍ରହ୍ମ ଇଚ୍ଛାସୁନ୍ଦରୀ ଆଗରେ ଶଶିସେଣାର ଚରିତ ସମ୍ବନ୍ଧରେ ଯାହାଯାହା କହିଛନ୍ତି ତାକୁ ନେଇ କାବ୍ୟଟି ରଚିତ ହୋଇଛି । କଥାବସ୍ତୁ ଟିକିଏ କ୍ଲିଷ୍ଟ ହୋଇପଡ଼ିଛି । ଏଥିରେ ଥିବା କାହାଣୀଧର୍ମିତା ପାଠକକୁ ଆନନ୍ଦ ଦେବାପାଇଁ ସମର୍ଥ ହୋଇଛି ।

ଏଥିରେ ମିଳୁଥିବା ରୀତିର ଉପାଦାନ ମଧ୍ୟରୁ ନାୟିକାର ରୂପବର୍ଣ୍ଣନା ଅନ୍ୟତମ । କାବ୍ୟନାୟିକାର ମୁଖମଣ୍ଡଳକୁ ଶରଦ ଚନ୍ଦ୍ରମା ସହିତ ତୁଳନା କରିଛନ୍ତି । ତା'ର ଭ୍ରୂଲତା ଯୁଗଳ କାମକମାଣ ପରି ଶୋଭା ପାଉଅଛି । ଫୁଲମଣ୍ଡିତ କବରୀ, ପାଦର ରକ୍ତିମଆଭା, ରତ୍ନ ନୂପୁରର ଚାରୁ ଝଙ୍କାର ନାୟିକାକୁ ଅସାମାନ୍ୟ ସୌନ୍ଦର୍ଯ୍ୟର ଅଧିକାରିଣୀ କରାଇଛନ୍ତି । ନାୟିକା ନାହିଁ, ନଥିଲା, ନୋହିବ ସୁନ୍ଦରୀ ଭାବରେ କବି ଲେଖନୀରେ ରୂପାୟିତ ହୋଇଛି ।

ଗୁରୁଙ୍କ ଅଭିଭାବକତ୍ୱରେ ସଂପାଦିତ ହୋଇଛି ନାୟକ ନାୟିକାଙ୍କର ବିବାହ ଉତ୍ସବ । ଉତ୍ସବରେ କୋକିଳ ମଙ୍ଗଳଗୀତ ଗାଇଛି, ଭ୍ରମର ମଲ୍ଲୀ କଢ଼ି ରୂପକ ଶଙ୍ଖ ବଜାଇଛି ଓ ଶୁକସାରୀ ବେଦବାଣୀ ଉଚ୍ଚାରଣ କରିଛନ୍ତି । ବିବାହ କାର୍ଯ୍ୟରେ ପ୍ରକୃତିର ଅନୁମୋଦନ ଏଥିରୁ ଲକ୍ଷଣୀୟ ଅଟେ । ଏହି ବର୍ଣ୍ଣନା ମାଧ୍ୟମରେ କବି କେବଳ ବାହ୍ୟ ପ୍ରକୃତିର ବର୍ଣ୍ଣନା କରିନାହାନ୍ତି ବରଂ ପ୍ରକୃତି ଭିତରେ ଥିବା ଚିତ୍‌ଶକ୍ତିର ବ୍ୟଞ୍ଜନା ଉପରେ ଗୁରୁତ୍ୱ ଆରୋପ କରିଛନ୍ତି । ସ୍ୱର୍ଶକାତର କବିଚିତ୍ତର ସ୍ୱଭାବ ସୁଲଭ ଅଭିବ୍ୟକ୍ତି ଏଥିରେ ଘଟିଛି । ଏହା ବ୍ୟତୀତ କବି ଲେଖନୀରେ କାବ୍ୟର ମୌଳିକ ଲକ୍ଷ୍ୟ ଉପରେ ଗୁରୁତ୍ୱ ଆରୋପିତ ହୋଇଛି । ଜୀବନରେ ଧର୍ମ ଓ ସତ୍ୟର ପ୍ରଭାବ ଓ ପ୍ରତିଷ୍ଠାକୁ କବି ସ୍ୱୀକାର କରିଛନ୍ତି । ଧର୍ମ ଓ ସତ୍ୟ ପରସ୍ପର ସଂପର୍କିତ, ଗୋଟିଏ ମୁଦ୍ରାର ଦୁଇଟି ପାଖ ପରି । ସତ୍ୟର ଭିତ୍ତି ଉପରେ ଧର୍ମ ପ୍ରତିଷ୍ଠିତ ହୁଏ ଏବଂ ଧର୍ମ ମାଧ୍ୟମରେ ସତ୍ୟ ଅଭିବ୍ୟକ୍ତ ହୁଏ । ଜୀବନର ବିକାଶ ପାଇଁ ଏ ଦୁଇଟି ଉପାଦାନର ଗୁରୁତ୍ୱ ଉପଲବ୍ଧି କରିଥିବାରୁ କବି ଆଲୋଚ୍ୟ କାବ୍ୟରେ ଧର୍ମ ଓ ସତ୍ୟର କଥା କହିଛନ୍ତି ।

କାବ୍ୟରେ ସକାଳର ବର୍ଣ୍ଣନା ଚମତ୍କାର ଭାବରେ କରାଯାଇଛି । ଅଳ୍ପ ଶବ୍ଦରେ ବହୁ ଭାବର ପ୍ରକାଶ ଘଟିଛି । କାଉର ରାବ, ପଦ୍ମଫୁଲର ବିକାଶ, କଇଁଫୁଲର ସଙ୍କୋଚ, କୋକିଳର ମଧୁର ଗାନ, ଚକ୍ରବାକର ଆନନ୍ଦ କଥା କବି ଏ ପ୍ରସଙ୍ଗରେ କହିଛନ୍ତି ।

ବନାନୀର ବର୍ଣ୍ଣନା ଅତ୍ୟନ୍ତ ପ୍ରୀତିକର ହୋଇଅଛି । ବାସ୍ତବତାର ସ୍ୱର୍ଶରେ ତାହା ମୂର୍ତ୍ତିମନ୍ତ ହୋଇଉଠିଛି । ବନରେ ଥିବା ଫଳ ଓ ଫୁଲ ଗଛର ଏକ ତାଲିକା କବି ପ୍ରସ୍ତୁତ କରିଛନ୍ତି । ଫଳ ଗଛ ଭିତରେ କେନ୍ଦୁ, କଇଥ, ଜାମୁ, ନିମ୍ବ, ବେଲ, ମହୁଲ, ଜେଉଟ, ତାଳ, ଖଜୁରୀ, ଚାର, ପଣସ ଓ ତେନ୍ତୁଳି ଗଛର ନାମ ଉଲ୍ଲେଖ କରାଯାଇଛି । ମନ୍ଦାର, ମାଳତୀ, ସେବତୀ, ମଲ୍ଲୀ, ଗଙ୍ଗଶିଉଳି,ରଙ୍ଗଣୀ ଆଦି ଫୁଲର କଥା କୁହାଯାଇଛି । ଶୁକ, ପିକ, ସାରୀ, ହଂସ, ହରଡ଼, ଡାହୁକ, ଖଞ୍ଜନ, କାକ ଇତ୍ୟାଦି ପକ୍ଷୀମାନେ ବନରେ ବାସ ଓ ବିହାର କରୁଛନ୍ତି ବୋଲି କବି ଉଲ୍ଲେଖ କରିଛନ୍ତି । ପ୍ରତ୍ୟେକ ଛାନ୍ଦ ଭିନ୍ନ ଭିନ୍ନ ରାଗରେ ରଚିତ ହୋଇଛି । ଭାଷାର ପ୍ରୟୋଗ ଭାବାନୁସାରୀ ହୋଇଥିବାରୁ କବିଙ୍କର ଚିନ୍ତାଧାରା ସ୍ପଷ୍ଟ ଭାବରେ ରୂପାୟିତ ହୋଇଛି । ଅଳଙ୍କାରର ବିଶେଷ ପ୍ରୟୋଗ ନ ଥିଲେ ମଧ୍ୟ କାବ୍ୟର ଗତିଶୀଳ ଚମତ୍କାର କଥାବସ୍ତୁ ଓ ସଙ୍ଗୀତର ସରଳ ସାବଲୀଳ ପ୍ରବାହ ପାଠକକୁ ଆକୃଷ୍ଟ କରୁଛି, ଏଥିରେ ସନ୍ଦେହ ନାହିଁ । ଉକ୍ତ ପ୍ରସଙ୍ଗରେ ପ୍ରାକ୍‌ରୀତି ସାହିତ୍ୟର ଧାରା ସମ୍ବନ୍ଧରେ କିଛି ଆଲୋଚନା କରାଯାଇଛି । ଭବିଷ୍ୟତର ଆଲୋଚକମାନଙ୍କୁ ଏହା ଯେ କିଛି ପରିମାଣରେ ସାହାଯ୍ୟ କରିବ, ଏଥିରେ ସନ୍ଦେହ ନାହିଁ ।

ଓଡ଼ିଆ ରୀତିସାହିତ୍ୟର ଭିତ୍ତିଭୂମି

ସାହିତ୍ୟ ବ୍ୟକ୍ତିଗତ ଜୀବନ ସହିତ ସଂପର୍କିତ । ବ୍ୟଷ୍ଟିଗତ ଜୀବନକୁ ବିଶ୍ୱଗତ ଜୀବନ ସହିତ ମିଶାଇ ଦେବାରେ ସାହିତ୍ୟର ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ । ଜନ ଜୀବନର ପୂର୍ଣ୍ଣାଙ୍ଗ ବିକାଶ ପାଇଁ ସାହିତ୍ୟର ଅବଦାନ ଅତୁଳନୀୟ । ଧର୍ମ, ଅର୍ଥ, କାମ ଓ ମୋକ୍ଷ ଆଦି ଚତୁର୍ବର୍ଗ ଫଳପ୍ରାପ୍ତି ସାହିତ୍ୟ ଯୋଗୁଁ ସମ୍ଭବ ହୋଇପାରେ । ସାହିତ୍ୟ ଭୌତିକ ଜଗତ ସଂପର୍କରେ ଧାରଣା ଦେବା ସଙ୍ଗେ ସଙ୍ଗେ ଅଭୌତିକ ଜଗତର ବହୁ ସ୍ୱର୍ଶକାତର ଅନୁଭୂତି ପ୍ରଦାନ ପାଇଁ ସୁଯୋଗ ସୃଷ୍ଟି କରିଥାଏ । ଅତଏବ ଏକଥା ମୁକ୍ତ କଣ୍ଠରେ ସ୍ୱୀକାର୍ଯ୍ୟ ଯେ ସାହିତ୍ୟ ବିଦ୍ୟା ଏକଦିଗଦର୍ଶୀ ବିଦ୍ୟା ନୁହେଁ, କେବଳ ହୃଦୟର ଏକ ଉଚ୍ଛ୍ୱାସ ନୁହେଁ, ବରଂ ବିଚାର ବୁଦ୍ଧି ଓ ହୃଦୟର ସମ୍ମିଳିତ ପରିପକ୍ୱ ଅଭିବ୍ୟକ୍ତି ଭାବରେ ଏହାକୁ ଗ୍ରହଣ କରାଯାଇପାରେ । ଏକ ସମୟରେ ଜୀବନର ସମୃଦ୍ଧି ସାଧନ, ଉଦ୍ଦେଶ୍ୟ ପୂରଣ ଏବଂ ନବମୂଲ୍ୟାୟନ ଦିଗରେ ଏହାର କର୍ମକୁଶଳତା ପ୍ରଣିଧାନଯୋଗ୍ୟ । ଭାବର ସୁନା ଶିକୁଳିରେ ସାହିତ୍ୟ ଜୀବନକୁ ଗଣଜୀବନ ସହିତ ବାନ୍ଧିଦିଏ, ସ୍ଥୁଳ ପ୍ରାଣସତ୍ତାକୁ ସୂକ୍ଷ୍ମ ମହାପ୍ରାଣ ସହିତ ଛନ୍ଦି ଦିଏ, ପୁଣି ଆତ୍ମା ଭ୍ରମରକୁ ପରମାତ୍ମାଙ୍କ ପାଦପଦ୍ମରେ ବନ୍ଦୀ କରେ । ଏପରି ଏକ ଗୁରୁତ୍ୱପୂର୍ଣ୍ଣ କ୍ରିୟାର ସଂପାଦନ ପାଇଁ ସାହିତ୍ୟ ଯେ ସର୍ବଦା ଗୋଟିଏ ଶୈଳୀରେ ଆତ୍ମପ୍ରକାଶ କରିଥାଏ ତାହା ନୁହେଁ, ବରଂ ସମୟର ଆବେଦନ କ୍ରମେ ତାହା ଭିନ୍ନ ଭିନ୍ନ ରୂପରେଖ ଗ୍ରହଣ କରିଥାଏ । କେତେବେଳେ ତାହା ଧର୍ମ ଉପରେ ଅଧିକ ଗୁରୁତ୍ୱ ଆରୋପ କରିଥାଏ ତ ଆଉ କେତେବେଳେ ଧର୍ମର ବନ୍ଧନରୁ ମୁକ୍ତ ହେବାକୁ ପ୍ରଯତ୍ନ କରିଥାଏ । ଓଡ଼ିଆ ରୀତି ସାହିତ୍ୟକୁ ନିରୀକ୍ଷଣ କଲେ ଜଣାଯାଏ ଯେ ଏହି ସାହିତ୍ୟ ଧର୍ମବନ୍ଧନରୁ ଆବଶ୍ୟକତା ଅନୁସାରେ ମୁକ୍ତ ହୋଇ ଆନ୍ତରିକ ପ୍ରେମ ସହିତ ଯୁକ୍ତ ହୋଇ ଏକ ସ୍ୱର୍ଣ୍ଣିମ ସିଂହାସନରେ ଅଭିଷକ୍ତ ହୋଇଛି । ଜୀବନକୁ ସୁସ୍ଥ ଓ ସୁନ୍ଦର କରିବାକୁ, ସମାଜକୁ ବଳିଷ୍ଠ ଓ ବରଣୀୟ କରିବାକୁ ଏହା ପ୍ରଯତ୍ନ କରିବା ସଙ୍ଗେସଙ୍ଗେ ପାଠକ ପ୍ରାଣରେ ଶିହରଣ ସୃଷ୍ଟି କରିବା ପାଇଁ ଯେଉଁ ସୁକୁମାର ପରିବେଶ ସୃଷ୍ଟି କରିଛି ତାହାର ପଟାନ୍ତର ନାହିଁ । ଓଡ଼ିଆ ରୀତି ସାହିତ୍ୟର ଏକ ସୁଦୃଢ଼ ଭିତ୍ତିଭୂମି ରହିଛି ଯାହା ସଂପର୍କରେ ଉକ୍ତ ପ୍ରବନ୍ଧରେ ଆଲୋଚନା କରାଯାଇଛି । ଆଲୋଚନାର ସୁବିଧା ପାଇଁ ପୃଷ୍ଠଭୂମିକୁ ବିଭିନ୍ନ ବିଭାଗରେ ବିଭକ୍ତ କରାଯାଇଛି ଯଥା -(କ) କଳାତ୍ମକ ପୃଷ୍ଠଭୂମି, (ଖ) ରାଜନୈତିକ ପୃଷ୍ଠଭୂମି, (ଗ) ସାମାଜିକ ପୃଷ୍ଠଭୂମି, (ଘ) ଅର୍ଥନୈତିକ ପୃଷ୍ଠଭୂମି, (ଙ) ଧାର୍ମିକ ପୃଷ୍ଠଭୂମି ।

କଳାତ୍ମକ ପୃଷ୍ଠଭୂମି : ଯେଉଁ ଓଡ଼ିଆ ଜାତିର ଶିଳ୍ପୀ କର୍କଶ ପାଷାଣ ଗାତ୍ରରେ ଆଙ୍କି ଦେଇପାରେ କୁସୁମିତ ଲତାର ଚିତ୍ର, ସେ ମାଟିର କବି ଲେଖନୀରେ କମନୀୟ କାବ୍ୟକଳା ସୃଷ୍ଟି ହେବା କିଛି ବିଚିତ୍ର କଥା

ନୁହେଁ । ପ୍ରତ୍ୟେକ ପ୍ରାଦେଶିକ ସାହିତ୍ୟରେ ରୀତି ସାହିତ୍ୟର ଧାରା ଥିଲେ ମଧ୍ୟ ଓଡ଼ିଆ ସାହିତ୍ୟରେ ରୀତିର ସର୍ବାଧିକ ପୁଷ୍ଟଳ ସ୍ୱରୂପ ଦେଖିବାକୁ ମିଳେ ।

ଉତ୍କଳୀୟ ମନ୍ଦିର ଗଠନ କଳା ସମଗ୍ର ଭାରତବର୍ଷରେ ଅଦ୍ୱିତୀୟ ବୋଲି ପ୍ରତ୍ନତତ୍ତ୍ୱବିତ୍ ତଥା ଗବେଷକମାନେ ମତ ଦିଅନ୍ତି । ଆଧ୍ୟାତ୍ମିକତାର ପୁଣ୍ୟପୀଠ ଭାବରେ ପ୍ରତିଷ୍ଠିତ ଏହି ମନ୍ଦିର ଗାତ୍ରରେ କଳାର ଯେଉଁ କମନୀୟ ନିଦର୍ଶନ ଦେଖାଯାଏ ତାହାର ପଟାନ୍ତର ନାହିଁ । ଗ୍ରୀକ୍ ଶିଳ୍ପକଳା ଓ ରୋମାନ ଶିଳ୍ପକଳାଠାରୁ ଭିନ୍ନ ହୋଇ ଉତ୍କଳୀୟ କାରୁଶିଳ୍ପ ଓ ଚାରୁକଳା ବିଶ୍ୱ ଦରବାରରେ ସ୍ୱତନ୍ତ୍ର ସମ୍ମାନଲାଭ କରିଛି । ସାହିତ୍ୟ ଓ ସୌନ୍ଦର୍ଯ୍ୟ ପରସ୍ପର ସହ ସଂପର୍କିତ । ସୌନ୍ଦର୍ଯ୍ୟକୁ ଛାଡ଼ିଦେଲେ ସାହିତ୍ୟର ସ୍ଥିତି ନାହିଁ । ସୌନ୍ଦର୍ଯ୍ୟର ଅନନ୍ତ ପ୍ରକାଶରେ ସାହିତ୍ୟର ସାର୍ଥକତା ଫୁଟିଉଠେ । ଖ୍ରୀ:ଅ ୫ମରୁ ୧୬ଶ ଶତାବ୍ଦୀ ପର୍ଯ୍ୟନ୍ତ ଓଡ଼ିଶାରେ ବହୁ ସଂଖ୍ୟାରେ ମନ୍ଦିର ନିର୍ମିତ ହୋଇଥିଲା । ମନ୍ଦିର ମାଳିନୀ ଏକାମ୍ର ତୀର୍ଥ ଥିଲା କଳା ସ୍ଥାପତ୍ୟର ପ୍ରଧାନ ପୀଠ । ଶିଳ୍ପସ୍ଥାପତ୍ୟ ସହିତ ସମାଜର, କଳା ସହିତ କବିତାର, ଭାଷା ସହିତ ଭାବଧାରାର ସଂପର୍କ ନିବିଡ଼ । ଯେଉଁ ଦେଶର କଳା ଓ ସ୍ଥାପତ୍ୟ ଉନ୍ନତ ତା'ର ସମାଜ ଅନୁନ୍ନତ ହୋଇପାରେ ନାହିଁ ।

କୋଣାର୍କ ଓ ଭୁବନେଶ୍ୱରର ମନ୍ଦିର ଗାତ୍ରରେ କଳାମୟୀ ଲକ୍ଷ୍ମୀଙ୍କର ପୂଜା କରାଯାଇଛି । ଓଡ଼ିଆ କାବ୍ୟ ଯୁଗରେ ପାଠକ ଯେଉଁ ପ୍ରେମ, ପ୍ରଣୟ, ଅଳସ ବିଳାସର ଚିତ୍ରପାଏ ତା'ର ମୂଳଉତ୍ସ ଯେ ଏହି କଳା ସ୍ଥାପତ୍ୟ, ଏହା ଅସ୍ୱୀକାର କରିହେବ ନାହିଁ । ମଧ୍ୟଯୁଗୀୟ ଓ ଓଡ଼ିଆ କବିମାନେ ଭାବୁଥିଲେ ଯେ କାବ୍ୟ ଏକ ପକ୍ଷରେ ହେବ ମନ୍ଦିର ପରି ଦୃଢ଼ ଓ ସୁଗଠିତ ଏବଂ ଅନ୍ୟ ପକ୍ଷରେ ଭାଷାର ଭାସ୍କର୍ଯ୍ୟ ଦ୍ୱାରା ତାହା ହେବ ଅଳଂକୃତ। ଓଡ଼ିଶାର କବିମାନେ ଓଡ଼ିଶୀ ଦେଉଳରୁ ଓ ଓଡ଼ିଶାର ସ୍ଥପତି ଭାସ୍କରବର୍ଗ ଓଡ଼ିଶୀ କାବ୍ୟରୁ ପ୍ରେରଣା ସଂଗ୍ରହ କରୁଥିଲେ । ପୁଣି ସ୍ଥାପତ୍ୟ ଓ କାବ୍ୟ ରଚନା ପଦ୍ଧତି ମଧ୍ୟରେ ଏକ ବଳିଷ୍ଠ ଭାବସାମ୍ୟ ରହିଛି ବୋଲି କୁହାଯାଇପାରେ । ଏହି ଆଖ୍ୟାୟିକା କାବ୍ୟଗୁଡ଼ିକୁ ଓଡ଼ିଶାର ମନ୍ଦିରମାନଙ୍କର ଗଠନ ରୀତି ସହିତ ତୁଳନା କରାଯାଇପାରେ । ସ୍ଥାପତ୍ୟ, ଭାସ୍କର୍ଯ୍ୟ ରୀତି ପୁଣି ଶୈଳୀ ଦୃଷ୍ଟିରୁ ସବୁ ମନ୍ଦିର ପ୍ରାୟ ସମାନ ହେଲେ ହେଁ ସେଥିରେ କଳା ନୈପୁଣ୍ୟର ପ୍ରତିଭା ବିଭିନ୍ନ ମନ୍ଦିରକୁ ଭିନ୍ନଭିନ୍ନ ସ୍ୱାତନ୍ତ୍ର୍ୟ ପ୍ରଦାନ କରିଥାଏ । ଶାଳଭଞ୍ଜିକା, ନୃତ୍ୟପରାୟଣୀ ଓ ଅନ୍ୟ ମୂର୍ତ୍ତି ସବୁ ମନ୍ଦିରରେ ସମାନ ଭାବରେ ପରିଦୃଷ୍ଟ ହେଲେ ହେଁ ମୂର୍ତ୍ତିଗଠନ ବା ଭାସ୍କର୍ଯ୍ୟରେ କଳାନୈପୁଣ୍ୟ ସବୁ ମନ୍ଦିରର ସମାନ ନୁହେଁ । ଓଡ଼ିଶାର ମନ୍ଦିର ଶିଳ୍ପର ବୈଶିଷ୍ଟ୍ୟ ସଂପର୍କରେ ଆଲୋଚକ ତଥା ଗବେଷକମାନେ ଗୁରୁତ୍ୱ ଆରୋପ କରିଥାନ୍ତି । ଅନ୍ୟ ପ୍ରଦେଶ ମାନଙ୍କରେ ଶିଳ୍ପ ଚାତୁରୀ ଅଛି, ସ୍ଥାପତ୍ୟ ବିଦ୍ୟା ରହିଛି କିନ୍ତୁ ଓଡ଼ିଶା ପରି ଏତେ ଲଳିତ କମନୀୟ ନିଦର୍ଶନ ଆଉ କେଉଁଠି ଦେଖାଯାଏ ନାହିଁ । ଏଠାରେ କଳା ଓ ସାହିତ୍ୟ ପରସ୍ପର ସହ ସଂପର୍କିତ । ମନ୍ଦିର ଗାତ୍ରରେ ଲୀଳାମୟୀ ନାୟିକାର ଯେଉଁ ରୂପ ବିନ୍ୟାସ ଦେଖାଯାଏ, ଓଡ଼ିଆ ରୀତି ସାହିତ୍ୟରେ ମଧ୍ୟ ସେହିପରି ରୂପସଜ୍ଜା ପରିଦୃଷ୍ଟ ହୁଏ । ସପ୍ତମ ଅଷ୍ଟମ ନବମ ଶତାବ୍ଦୀରେ ମୁକ୍ତେଶ୍ୱର ମନ୍ଦିର, ରାଜରାଣୀ ମନ୍ଦିର, ଲିଙ୍ଗରାଜ ମନ୍ଦିରର ପ୍ରସ୍ତର ଉପରେ ନିହଣ-ଲେଖନୀ ସାହାଯ୍ୟରେ ଯେଉଁ ଅପୂର୍ବ କଳାପୂର୍ଣ୍ଣ ଜୀବନ୍ତ ଚିତ୍ର ଓଡ଼ିଆ ଶିଳ୍ପୀମାନେ ନିର୍ମାଣ କରି ଜାତିର ଉନ୍ନତ କଳା ଓ ସଂସ୍କୃତିର ପରିଚୟ ଦେଇ ଅକ୍ଷୟ କୀର୍ତ୍ତି ରଖି ଯାଇଥିଲେ ତା'ର ପରମ୍ପରା ଧାରା ଶୁଷ୍କ ହୋଇନଥିଲା । ବହୁପରେ ନରସିଂହଦେବ କୋଣାର୍କ ମନ୍ଦିରରେ ସେହି କଳାର ସର୍ବୋଚ୍ଚ ବିକାଶ ପ୍ରତିଫଳିତ କରାଇ ଜାତିର କଳାପୂର୍ଣ୍ଣ ଉନ୍ନତ ସଂସ୍କୃତିର ପରମ୍ପରା ରକ୍ଷା କରିଥିଲେ । ଦୀନକୃଷ୍ଣ ଓ ଉପେନ୍ଦ୍ର ଲେଖନୀ ମୁନରେ ପରବର୍ତ୍ତୀ

ସମୟରେ ଅକ୍ଷର କାମରେ କମନୀୟ କଳାପୂର୍ଣ୍ଣ କାବ୍ୟ ମନ୍ଦିର ନିର୍ମାଣ କରି ଜାତିର ଏହି ଗୌରବମୟ ପରମ୍ପରାକୁ ରକ୍ଷା କରିଛନ୍ତି ।

ଏସବୁ ଶିଳ୍ପକଳାର ମୂଳ ଉତ୍ସ ହୋଇପାରେ ସଂସ୍କୃତ ସାହିତ୍ୟ, କାରଣ ପ୍ରାଥମିକ ସ୍ତରର ସଂସ୍କୃତ ସାହିତ୍ୟରେ ନାୟିକାର ଅପରୂପ ଠାଣି ବର୍ଣ୍ଣିତ ହୋଇଛି । ରାଜରାଣୀ ମନ୍ଦିର ଗାତ୍ରରେ ଖୋଦିତ ହୋଇଥିବା ରୂପଗୁଡ଼ିକ ସୂକ୍ଷ୍ମକଳା ଦୃଷ୍ଟିରୁ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ । ପ୍ରତ୍ୟେକ ରୂପ ବା ମୂର୍ତ୍ତିରେ ଭାବ ପ୍ରଚ୍ଛନ୍ନ ନରହି ପରିଷ୍କାର ଭାବେ ଫୁଟି ଉଠିଛି । ଭାବ, ଅଙ୍ଗପ୍ରତ୍ୟଙ୍ଗର ଅବିଚ୍ଛିନ୍ନ ସମ୍ବନ୍ଧ, ଅଙ୍ଗସୌଷ୍ଠବ, ନାତିବିସ୍ତୃତ କଟାକ୍ଷ, ଉନ୍ନତ ନାସା, ଶିଥିଳ କବରୀ, ବିସ୍ତୀର୍ଣ୍ଣ ଲଲାଟ ଓ ବକ୍ଷ, ଦୀର୍ଘ-ନୟନ, ସ୍ନିଗ୍ଧ ତନୁ, ଦୀର୍ଘ ଓ ବର୍ତ୍ତୁଳ ଅଙ୍ଗୁଳି, କ୍ଷୀଣକଟି ଶାସ୍ତ୍ରାନୁଯାୟୀ ହୋଇଛି ।

ଓଡ଼ିଶାର କଳା ଓ ସାହିତ୍ୟ ଉପରେ ଗୀତ ଗୋବିନ୍ଦର ପ୍ରଭାବ ସ୍ୱୀକାରଯୋଗ୍ୟ । ସାରଳା ଦାସଙ୍କଠାରୁ ଆରମ୍ଭ କରି ରୀତିକବି ଦୀନକୃଷ୍ଣ, ଉପେନ୍ଦ୍ର ଓ ଅଭିମନ୍ୟୁ ପ୍ରଭୃତି କବିମାନେ ଜୟଦେବଙ୍କ ଆଦର୍ଶରେ ଅଳ୍ପେ ବହୁତେ ଅନୁପ୍ରାଣିତ ହୋଇଛନ୍ତି । ସାରଳା ଦାସଙ୍କ ବେଳକୁ ଓଡ଼ିଶାରେ ଗୀତଗୋବିନ୍ଦର ଲୋକପ୍ରିୟତା ପ୍ରତିଷ୍ଠିତ ହୋଇ ସାରିଥିଲା । ତେଣୁ ମହାଭାରତରେ ଦଶାବତାର ଶାଢ଼ୀ, ଦଶାବତାର ମୁଦି, ଦଶାବତାର ମାଳାର ସୂଚନା ରହିଛି । ବିରାଟ ପର୍ବରେ କୀଚକ କରୁଣାନାମ୍ନୀ ଦାସୀ ହାତରେ ସୈରିନ୍ଧ୍ରୀ ନିକଟକୁ ପ୍ରେରଣ କରିଥିବା ଆଭରଣ ସାମଗ୍ରୀ ମଧ୍ୟରେ ଦଶାବତାର ମାଳାର ଉଲ୍ଲେଖ ରହିଛି ।

'ବଳା ଚାପସରି ଦଶ ଅବତାର ମାଳା
ସୁବର୍ଣ୍ଣ ଚୂଡ଼ି କଟି କିଙ୍କିଣୀ ମେଖଳା ।'

ଗୀତଗୋବିନ୍ଦର ମାଞ୍ଜୁଳ ରସାଳ ପରିବେଶ ପରବର୍ତ୍ତୀ କବିଙ୍କୁ ଆକୃଷ୍ଟ କରିଛି । ଶିଶୁଶଙ୍କରଙ୍କ ଉଷାଭିଳାଷ ଦେବଦୁର୍ଲ୍ଲଭଙ୍କର ରହସ୍ୟମଞ୍ଜରୀ ଦୀନକୃଷ୍ଣଙ୍କ ରସକଲ୍ଲୋଳ ପ୍ରଭୃତିରେ ଜୟଦେବଙ୍କର ଗୀତ ଗୋବିନ୍ଦର ପ୍ରଭାବ ବହୁଳ ଭାବରେ ପରିଦୃଷ୍ଟ ହୁଏ । ଗୀତ ଗୋବିନ୍ଦର ଦଶମ ସର୍ଗରେ ମାନିନୀ ରାଧାଙ୍କ ମାନଭଞ୍ଜନ ପାଇଁ କୃଷ୍ଣ ଯେପରି ଚାଟୁବାକ୍ୟ ପ୍ରୟୋଗ କରିଛନ୍ତି, ଉଷାଭିଳାଷରେ ସେହିପରି ବାଣୀର ପ୍ରୟୋଗ ଦେଖିବାକୁ ମିଳେ । ଆଙ୍ଗିକ ଓ ଆତ୍ମିକ ଦୃଷ୍ଟିରୁ ଦୀନକୃଷ୍ଣଙ୍କର ରସକଲ୍ଲୋଳ କାବ୍ୟ ଗୀତଗୋବିନ୍ଦର ବଳିଷ୍ଠ ପ୍ରଭାବ ବହନ କରିଛି । ଶୃଙ୍ଗାରିକ ତଥା ଯୌବନର ନିରାଜନା ଯାହା କି ରୀତି ସାହିତ୍ୟର ମୁଖ୍ୟ ପ୍ରବୃତ୍ତି ତା'ର ଅନୁବର୍ତ୍ତନ ମୂଳରେ ଗୀତ ଗୋବିନ୍ଦର ପ୍ରଭାବ ଅପରିସୀମ । ଏପରି ମଧ୍ୟ କୁହାଯାଇପାରେ ସଂସ୍କୃତ ନଜାଣିଥିବା ପାଠକମାନେ ଅଭିମନ୍ୟୁ, ଦୀନକୃଷ୍ଣ ତଥା ଉପେନ୍ଦ୍ରଙ୍କ କାବ୍ୟ ପଢ଼ି ଗୀତଗୋବିନ୍ଦର ସ୍ୱାଦ କିଛିକାଂଶରେ ଆସ୍ୱାଦନ କରିପାରିବେ ।

ରାଜନୈତିକ ପୃଷ୍ଠଭୂମି : ସାହିତ୍ୟ କେତେକ ସମୟରେ ରାଜନୈତିକ ପରିବେଶ ଦ୍ୱାରା ନିୟନ୍ତ୍ରିତ ହୋଇଥାଏ । ସ୍ୱାଧୀନତାର ପରିବେଶରେ ଯେପରି ଭାବରେ ସାହିତ୍ୟ ରଚିତ ହୁଏ ପରାଧୀନତାର ପରିବେଶରେ ସାହିତ୍ୟର ସେହି ସ୍ୱରୂପ ବା ସ୍ୱଭାବ ଆଉ ସ୍ଥିର ହୋଇ ରହିପାରେ ନାହିଁ । ଏହା ପରିବର୍ତ୍ତିତ ହେବାକୁ ବାଧ୍ୟ ହୁଏ । ତେଣୁ ସାହିତ୍ୟର ଆଲୋଚନା କଲାବେଳକୁ ତତ୍କାଳୀନ ରାଜନୈତିକ ପରିବେଶ ସଂପର୍କରେ ସଚେତନ ରହିବା ଏକାନ୍ତ ଆବଶ୍ୟକ ।

୧୧ଶ ଶତାବ୍ଦୀରେ ମହମ୍ମଦ ଘୋରୀଙ୍କ ଦିଲ୍ଲୀ ସିଂହାସନ ପ୍ରାପ୍ତି ପରେ ଭାରତରେ ମୁସଲମାନ ରାଜତ୍ୱ ଆରମ୍ଭ ହେଲା । ଶାସନ କ୍ଷେତ୍ରରେ ବିଭ୍ରାଟ ସୃଷ୍ଟି ହେଲା । ଅନଙ୍ଗ ଭୀମଦେବଙ୍କ ବେଳକୁ ଓଡ଼ିଶାର ଚତୁଃପାର୍ଶ୍ୱସ୍ଥ

ରାଜ୍ୟସବୁ ମୁସଲମାନଙ୍କ ଦ୍ୱାରା ଶାସିତ ହେଉଥିଲା । କେତେକ ସ୍ଥାନରେ ମୁସଲମାନ ଆକ୍ରମଣ ଅନୁଭୂତ ହେଉଥିଲେ ମଧ୍ୟ ଓଡ଼ିଶା ବହୁ ଦିନ ଧରି ସେଥିରୁ ମୁକ୍ତଥିଲା । ମୁସଲମାନମାନେ ଅତି ଅଳ୍ପକାଳ ମଧ୍ୟରେ ପ୍ରାୟ ସମଗ୍ର ଭାରତବର୍ଷକୁ ଏକ ପ୍ରକାର କରଗତ କରିଥିଲେ । କିନ୍ତୁ ଓଡ଼ିଶା ଆକବରଙ୍କ ରାଜତ୍ୱ ପର୍ଯ୍ୟନ୍ତ (୧୫୬୮) ମୁସଲମାନଙ୍କର ଶାସନାଧୀନ ହୋଇନଥିଲା । ଖ୍ରୀ ୧୨୧୧ରୁ ଖ୍ରୀ ୧୨୩୮ ମଧ୍ୟରେ ଅନଙ୍ଗ ଭୀମଦେବ ତୃତୀୟଙ୍କ ସମୟରେ ମୁସଲମାନମାନେ ପ୍ରଥମ କରି ଓଡ଼ିଶା ଆକ୍ରମଣ କରି ଫେରିଗଲେ । ଖ୍ରୀ:ଅ ୧୨୩୮ରୁ ୧୨୬୪ ମଧ୍ୟରେ ନରସିଂହ ଦେବଙ୍କ ଶାସନ କାଳରେ ବଙ୍ଗର ସୁଲତାନ ଓଡ଼ିଶା ଆକ୍ରମଣ କରି ପରାସ୍ତ ହେଲେ । ଖ୍ରୀ୧୪୩୫ ପର୍ଯ୍ୟନ୍ତ ଗଙ୍ଗବଂଶର ରାଜାମାନେ ଓଡ଼ିଶାକୁ ମୁସଲମାନ ଆକ୍ରମଣରୁ ରକ୍ଷା କରିଥିଲେ । ଓଡ଼ିଶାର ରାଜା ଦକ୍ଷିଣ ଭାରତ ଓ ବଙ୍ଗଳାର ମୁସଲମାନ ରାଜାମାନଙ୍କୁ ବାରମ୍ବାର ପରାସ୍ତ କରି ନିଜର ସାମ୍ରାଜ୍ୟକୁ ଆଧୁନିକ ମାଦ୍ରାସଠାରୁ ବଙ୍ଗଳା ପର୍ଯ୍ୟନ୍ତ ଅର୍ଥାତ୍ ଗୋଦାବରୀ ନଦୀଠାରୁ ଗଙ୍ଗାନଦୀ ପର୍ଯ୍ୟନ୍ତ ବିସ୍ତୃତ କରିଥିଲେ । ସ୍ୱାଧୀନ ଓଡ଼ିଶାରେ ଗଙ୍ଗବଂଶୀୟ ରାଜାମାନେ ନ୍ୟାୟନିଷ୍ଠ ଥିଲେ । ସେମାନେ ପ୍ରଜାମାନଙ୍କର ମଙ୍ଗଳ କଳ୍ପେ କାର୍ଯ୍ୟ କରୁଥିଲେ । ନିର୍ଦ୍ଦିଷ୍ଟ ପରିମାଣର କର ପ୍ରଜାମାନଙ୍କଠାରୁ ଆଦାୟ କରୁଥିଲେ । ଦେବାଳୟ, ପୁଷ୍କରିଣୀ ଆଦି ପ୍ରତିଷ୍ଠା କରି ପ୍ରଜାମାନଙ୍କର ହିତ ସାଧନ କରୁଥିଲେ । ଦେଶରେ ଶୃଙ୍ଖଳିତ ଶାସନ ପ୍ରତିଷ୍ଠିତ ଥିଲା । ୧୬ଶ ଶତାବ୍ଦୀର ମଧ୍ୟଭାଗରେ ଶାସନ କ୍ଷେତ୍ରରେ ଏକ ବିରାଟ ପରିବର୍ତ୍ତନ ଆସିଲା । ଶେଷ ସ୍ୱାଧୀନ ରାଜା ମୁକୁନ୍ଦଦେବଙ୍କୁ ପରାସ୍ତ କରି ମୋଗଲ ଶାସନ କ୍ରମଶଃ ପ୍ରତିଷ୍ଠିତ ହେଲା । ରାଜାମାନେ କେବଳ ଖଜଣା ଆଦାୟକାରୀ ମାଧ୍ୟମ ଭାବରେ ରହିଲେ । ଦେଶରକ୍ଷାର କୌଣସି ଦାୟିତ୍ୱ ତାଙ୍କର ନ ଥିଲା । ଫଳରେ ରାଜାମାନଙ୍କର ମୂଲ୍ୟବାନ ସମୟ ବିଳାସ ବ୍ୟସନରେ ବ୍ୟୟିତ ହେବାକୁ ଲାଗିଲା । ସାଧାରଣ ଜନଜୀବନଠାରୁ ସେମାନେ ଦୂରେଇ ଗଲେ । ଦେଶର କ୍ଷୁଦ୍ର କ୍ଷୁଦ୍ର ଅଞ୍ଚଳରେ ରାଜତ୍ୱ କରୁଥିବା ରାଜାମାନେ ସାଧାରଣ ପ୍ରଜାର କୌଣସି ଦାୟିତ୍ୱ ନନେଇ ଭୋଗବିଳାସରେ ଜୀବନଯାପନ କରୁଥିଲେ । ମୁସଲମାନ ଶାସକମାନେ ସ୍ୱେଚ୍ଛାଚାରୀ ଥିଲେ, ହିନ୍ଦୁମାନଙ୍କର ସୁଖ ସୁବିଧା ପାଇଁ ସେମାନେ ନଜର ଦେଉ ନଥିଲେ, ହିନ୍ଦୁମାନେ ଭୟ ଓ ଆତଙ୍କରେ ଜୀବନଯାପନ କରୁଥିଲେ । ମୁସଲମାନ ଶାସକମାନେ ସ୍ୱେଚ୍ଛାଚାରୀ ଥିଲେ, ହିନ୍ଦୁମାନେ ଭୟ ଓ ଆତଙ୍କରେ ଜୀବନଯାପନ କରୁଥିଲେ । ହିନ୍ଦୁମାନଙ୍କଠାରୁ ଅନ୍ୟାୟରେ ବିଭିନ୍ନ ପ୍ରକାରେ କର ଆଦାୟ କରାଯାଉଥିଲା । ମୋଗଲ ଶାସକମାନେ ମଧ୍ୟ ଦିଲ୍ଲୀରେ ରହି ପ୍ରଜାମାନଙ୍କଠାରୁ କର ନେଇ ବିଳାସରେ ଜୀବନ ଯାପନ କରୁଥିଲେ । କରଦ ରାଜାମାନେ ମୋଗଲ ଶାସକଙ୍କ ଆଦେଶରେ ପ୍ରଜାମାନଙ୍କୁ ଶୋଷଣ କରୁଥିଲେ । ତତ୍କାଳୀନ ମୋଗଲ ଦରବାର ବିଳାସର ଏକ ଲୀଳାଭୂମି ଥିଲା । ମୋଗଲ ଦରବାରର ପ୍ରଶଂସାରେ ଶତମୁଖ ହୋଇଛନ୍ତି ଟ୍ରେବର୍ନିୟର, ବର୍ନିୟର ଆଦି ବିଦେଶୀ ପର୍ଯ୍ୟଟକମାନେ । ହୀରା, ନୀଳାର ସୁଷମ ସଜ୍ଜିକରଣରେ ମୋଗଲ ଦରବାର ଅଳକାପୁରୀର ଗୌରବକୁ ନ୍ୟୂନ କରିଦେଉଥିଲା । ଜୀବନ କେବଳ ଉପଭୋଗ ପାଇଁ ଉଦ୍ଦିଷ୍ଟ ଥିଲା । ଭୋଗ ବିଳାସରେ ଜୀବନକୁ ସାର୍ଥକ କରିବାର ପ୍ରୟାସ ମୋଗଲ ଶାସକମାନଙ୍କର ଥିଲା । ବେଗମ୍ ମହଲର ରୂପଶୋଭା ନିକଟରେ ପୁରାଣ କଳ୍ପିତ ସ୍ୱର୍ଗର ଚନ୍ଦ୍ରଶାଳାପୁର ମଧ୍ୟ ପରାସ୍ତ ହେଉଥିଲା । ଲଳନାଗଣ ରତ୍ନଖଚିତ ଅଳଙ୍କାରରେ ବିମଣ୍ଡିତ ହୋଇ ଅନ୍ତଃପୁର ମଣ୍ଡନ କରୁଥିଲେ । ଅତରର ମହକରେ ସେମାନଙ୍କର ବାସ ମହକି ଉଠୁଥିଲା । ନଗର ଭିତରେ ବହୁ ଉପବନ, ଉଦ୍ୟାନ, ସରୋବର ପ୍ରଭୃତି ଥିଲା । ସର୍ବ ଭାରତୀୟ ସ୍ତରରେ ସୃଷ୍ଟି ହୋଇଥିବା ଏପରି ବାତାବରଣ ତତ୍କାଳୀନ ଓଡ଼ିଆ ସାହିତ୍ୟ ଉପରେ ଯଥେଷ୍ଟ ପ୍ରଭାବ ପକାଇଛି । ସାହିତ୍ୟ ରାଜଛତ୍ର ତଳେ ଆତ୍ମରକ୍ଷା ପାଇଁ ଆଶ୍ରୟ ନେଇଛି । କୃତ୍ରିମଶୈଳୀ ଓ କୃତ୍ରିମ ସଜ୍ଜିକରଣ ସାହିତ୍ୟର ମୁଖ୍ୟ ସ୍ୱର

ଭାବରେ ପ୍ରତିଷ୍ଠିତ ହୋଇଛି । ସାହିତ୍ୟ ଯେ ସମାଜ ପାଇଁ ଉଦ୍ଦିଷ୍ଟ, ସମାଜର ବହୁ ମୂଲ୍ୟ ସମ୍ପଦ, ଏକଥା ସାହିତ୍ୟିକମାନେ ଭୁଲିଯାଇ ରାଜାଙ୍କୁ ସନ୍ତୁଷ୍ଟ କରିବା ପାଇଁ ଏକଦେଶଦର୍ଶୀ ସାହିତ୍ୟ ସୃଷ୍ଟି କରିଛନ୍ତି, ଭାଷାତା'ର ସହଜ ସ୍ୱାଧୀନତା ହରାଇ ବସିଛି । ଭାଷା ଶୃଙ୍ଖଳା, ଅଳଙ୍କାର, ଯମକ, ଅନୁପ୍ରାସର ସୁବର୍ଣ୍ଣ ଶିକୁଳି ବାଛି ନେଇଛି ; କଥାବସ୍ତୁ ପ୍ରଥାଗତ ହୋଇଛି । ରାଜସଭାର ଆଡ଼ମ୍ବରମୟ ପରିବେଶ ରୀତି ସାହିତ୍ୟ ସୃଷ୍ଟି ପାଇଁ ପ୍ରବଳ ପ୍ରେରଣା ଦେଇଛି । ରସ ଲିପ୍‌ସା ହୋଇଛି ସାହିତ୍ୟିକ ଓ ପାଠକର ମୁଖ୍ୟ ଆଦର୍ଶ । କେତେକ ସ୍ଥଳରେ ରାଜାମାନେ ମଧ୍ୟ ନିଜେ କାବ୍ୟ ରଚନା କରିଛନ୍ତି । ଏ କ୍ଷେତ୍ରରେ ଓଡ଼ିଶାରେ ଭଞ୍ଜନୃପତିମାନଙ୍କୁ ଆଦର୍ଶ ଭାବରେ ଗ୍ରହଣ କରାଯାଇପାରେ । ଓଡ଼ିଆ ରୀତି ସାହିତ୍ୟର ଆଦି ପ୍ରବକ୍ତା ଭାବରେ ଧନଞ୍ଜୟ ଭଞ୍ଜକୁ ଗ୍ରହଣ କରାଯାଏ । ସେ ବହୁ ପଣ୍ଡିତଙ୍କୁ ବିଭିନ୍ନ ଦେଶରୁ ନିମନ୍ତ୍ରଣ କରି କବି ମଣ୍ଡଳୀରେ କାଳଯାପନ କରୁଥିଲେ, ତାଙ୍କ ଦ୍ୱାରା ଉଦ୍‌ବୁଦ୍ଧ ହୋଇ ଓଡ଼ିଶାର ଅନେକ ସାମନ୍ତ ବଂଶ ପରବର୍ତ୍ତୀ କାଳରେ କାବ୍ୟକଳାର ବିକାଶ ପାଇଁ ଦୃଷ୍ଟି ଦେଇଥିଲେ ।

ଉତ୍କଳ ଭୂମି ୧୫୬୮ ଖ୍ରୀ:ଅଠାରୁ ପରାଧୀନ ହେଲେ ମଧ୍ୟ ୧୬୦୭ ଖ୍ରୀ:ଅ ପର୍ଯ୍ୟନ୍ତ ଓଡ଼ିଶାର ଶାସନ କ୍ଷେତ୍ରରେ ଘୋର ଅନିଶ୍ଚିତତା ଦେଖାଦେଇଥିଲା । ୧୬୦୭ ମସିହାରେ ହାସିମ୍ ଖାଁ ମୋଗଲ ଶାସକ ଜାହାଙ୍ଗୀରଙ୍କ ଦ୍ୱାରା ଓଡ଼ିଶାର ଶାସକ ଭାବରେ ନିଯୁକ୍ତ ହେଲେ । ୧୬୦୭ ଖ୍ରୀ:ଅରେ ଓଡ଼ିଶା ଏକ ସ୍ୱତନ୍ତ୍ର ସୁବାରେ ପରିଣତ ହେଲା, ଏହା ଆଗରୁ ଓଡ଼ିଶା ବଙ୍ଗ ସୁବାର ଅଧୀନ ଥିଲା । ପ୍ରଥମେ ମୋଗଲମାନେ ଶାସନ ପାଇଁ କୌଣସି ନୂତନ ପଦ୍ଧତି ପ୍ରଚଳନ କରିନଥିଲେ । ତାଙ୍କ ପୂର୍ବରୁ ପ୍ରଚଳିତ ଗଜପତି ରାଜାମାନଙ୍କର ଶାସନ ପ୍ରଣାଳୀକୁ ସେମାନେ ବିଶେଷ ପରିବର୍ତ୍ତନ ନ କରି ଶାସନ କାର୍ଯ୍ୟ ପରିଚାଳନା କଲେ । ଗଜପତି ରାଜାଙ୍କ ଶାସନରେ ଦେଶ ଯେପରି ରାଜାବର ଓ ସାମନ୍ତ ରାଜ୍ୟ ହିସାବରେ ଦୁଇ ଭାଗରେ ବିଭକ୍ତ ଥିଲା, ମୋଗଲ ରାଜତ୍ୱରେ ତୋଡ଼ରମଲ୍ଲଙ୍କ ବନ୍ଦୋବସ୍ତ ଅନୁସାରେ ସେହିପରି ମୋଗଲ ବନ୍ଦୀ ଓ ଗଡ଼ଜାତ ନାମରେ ଦୁଇ ଭାଗରେ ବିଭକ୍ତ ହୋଇ ରହିଲା । ଗଡ଼ଜାତର ରାଜାମାନେ ଆଗରୁ ସାମନ୍ତରାଜା ବା ଭୂଇଁଆ ନାମରେ ପରିଚିତ ଥିଲେ । ମୋଗଲମାନେ ସେମାନଙ୍କୁ ଜମିଦାର ଆଖ୍ୟା ଦେଲେ । ପ୍ରଥମେ କେବଳ ଖୋରଧା, ଆଳି, ସାରଙ୍ଗଗଡ଼ ଓ ଗଡ଼ଜାତ ରାଜାମାନେ ଜମିଦାର ଆଖ୍ୟା ପାଇଥିଲେ ।

ପ୍ରାଥମିକ ଅବସ୍ଥାରେ ଶାସନ ଶୃଙ୍ଖଳିତ ଥିଲେ ମଧ୍ୟ ପରବର୍ତ୍ତୀ କାଳରେ ବିଶେଷ କରି ଆଉରଙ୍ଗଜେବଙ୍କ ବେଳକୁ ତାହା ଅସ୍ୱାଭାବିକ ହୋଇପଡ଼ିଲା । ହିନ୍ଦୁମାନଙ୍କ ପ୍ରତି ଅତ୍ୟନ୍ତ କଠୋର ବ୍ୟବହାର କରାଯିବାରୁ ଜନଜୀବନରେ ଅସନ୍ତୋଷ ବ୍ୟାପିଲା । ହିନ୍ଦୁମାନଙ୍କର ମନ୍ଦିର, ଧର୍ମାନୁଷ୍ଠାନ ଭାଙ୍ଗି ଦେବାପାଇଁ ସମ୍ରାଟ ଆଉରଙ୍ଗଜେବ ନିର୍ଦ୍ଦେଶ ଦେଲେ । ଏଥିରେ କୃତକାର୍ଯ୍ୟ ହେଉଥିବା ସୁବାଦାର ଓ କର୍ମଚାରୀମାନଙ୍କୁ ଦିଲ୍ଲୀ ଦରବାରରୁ ପୁରସ୍କାର ମିଳୁଥିଲା । ଆକବରଙ୍କ ରାଜତ୍ୱରେ ରାଜସ୍ୱର ପରିମାଣ ଯାହାଥିଲା, ଆଉରଙ୍ଗଜେବଙ୍କ ବେଳକୁ ତାହାର ପରିମାଣ ୩ଗୁଣ ହେଲା । ଆକବରଙ୍କ ସମୟରେ ରାଜସ୍ୱ ଟଙ୍କା ବା କଉଡ଼ିରେ ଆଦାୟ ହେଉନଥିଲା । ଫସଲର ପରିମାଣ ଅନୁସାରେ ସେହି ଫସଲର କେତେକ ଅଂଶ ରାଜସ୍ୱ ଆକାରରେ ଆଦାୟ କରାଯାଉଥିଲା । ଶରତ କାଳ ରାଜସ୍ୱ ଆଦାୟର ଉପଯୁକ୍ତ ସମୟ ଥିଲା । ଭୋଦେଇ ଧାନରୁ ରାଜସ୍ୱ ଦିଆଯାଉଥିଲା । ଜମିଦାର ବା ରାଜାମାନେ କେବଳ ଟଙ୍କା ଆକାରରେ ରାଜସ୍ୱ ଦେଉଥିଲେ । ଆଉରଙ୍ଗଜେବଙ୍କ ଶାସନ ଦୁର୍ବହ ଥିଲା, ସେତେବେଳେ ଶାସନଗତ ଅବ୍ୟବସ୍ଥା ଯୋଗୁ ହିନ୍ଦୁ ଧର୍ମର ମଧ୍ୟ ଅବନତି ଘଟିଲା ।

ସମ୍ରାଟଙ୍କ ନିର୍ଦ୍ଦେଶ ଅନୁସାରେ ବହୁ ମନ୍ଦିର ଭାଙ୍ଗି ଦିଆଗଲା । ଏତିକି ବେଳେ କଟକ, ସାରଳା କ୍ଷେତ୍ର ଆଦି ସ୍ଥାନରେ ବହୁ ମନ୍ଦିର ଭାଙ୍ଗି ଦିଆଯାଇ ତା'ସ୍ଥାନରେ ମସ୍‌ଜିଦ୍ ନିର୍ମାଣ କରାଗଲା । ମୋଟ ଉପରେ ଏକଥା ସ୍ୱୀକାରଯୋଗ୍ୟ ଯେ ଗଜପତି ରାଜା ମୁକୁନ୍ଦଦେବଙ୍କ ମୃତ୍ୟୁଠାରୁ ପ୍ରାୟ ୨୦୦ବର୍ଷ ଧରି ଓଡ଼ିଶାରେ ବିପ୍ଳବ, ଲୁଣ୍ଠନ, ଅତ୍ୟାଚାରର କରାଳଲୀଳା ଲାଗି ରହିଥିଲା । ପରାଧୀନ ହୋଇ ଓଡ଼ିଆ ଜାତିର ସେତେବେଳେ ସମସ୍ତ ବିକାଶ ବ୍ୟାହତ ହେଲା । ଆଉରଙ୍ଗଜେବଙ୍କ ପରେ ଟାଣୁଆ ଶାସକର ଅଭାବରୁ ଓଡ଼ିଶାରେ ପୁନଶ୍ଚ ରାଜନୈତିକ ଅସ୍ଥିରତା ଦେଖା ଦେଇଥିଲା । ଖ୍ରୀ:ଅ ୧୭୧୩ ରୁ ଖ୍ରୀ:ଅ୧୭୪୧ ପର୍ଯ୍ୟନ୍ତ ଓଡ଼ିଶା ବଙ୍ଗଳାର ନିଜାମ ମାନଙ୍କ ଶାସନରେ ରହିଲା । ୧୭୪୧ ଖ୍ରୀ:ଅରୁ୧୭୫୧ ଖ୍ରୀ:ଅ ପର୍ଯ୍ୟନ୍ତ ଓଡ଼ିଶାର ଅଧିକାର ପାଇଁ ମରହଟ୍ଟା ଓ ମୋଗଲମାନଙ୍କ ମଧ୍ୟରେ ପ୍ରବଳ ଯୁଦ୍ଧ ହୋଇଥିଲା । ଶେଷରେ ୧୭୫୧ ଖ୍ରୀ:ଅରୁ ୧୮୦୩ ପର୍ଯ୍ୟନ୍ତ ମରହଟ୍ଟାମାନେ ଓଡ଼ିଶାକୁ ଶାସନ କଲେ । ମରହଟ୍ଟା ଶାସକମାନେ ପୂର୍ବ ପ୍ରଚଳିତ ଶାସନ ବ୍ୟବସ୍ଥାକୁ ପୂରାପୂରି ଭାଙ୍ଗି ନ ଦେଇ ସେଥିରେ ସାମାନ୍ୟ ପରିବର୍ତ୍ତନ ଆଣିଥିଲେ । ଓଡ଼ିଶା ପୂର୍ବପରି ଗଡ଼ଜାତ ଓ ମୋଗଲବନ୍ଦୀ ଏହିପରି ଦୁଇ ଭାଗରେ ବିଭକ୍ତ ହୋଇ ରହିଲା । ଗଡ଼ଜାତ ମଧ୍ୟରେ ମୋଗଲ ସମୟର ସକଳ ଗଡ଼ଜାତ ରାଜ୍ୟ ଓ ସମୁଦ୍ର ତୀରବର୍ତ୍ତୀ କନିକା, ଆଳି, କୁଜଙ୍ଗ, ହରିଶପୁର, ସାରଙ୍ଗଗଡ଼ ରହିଥିଲା । ମରହଟ୍ଟାମାନେ ସେହି ରାଜ୍ୟକୁ କିଲା ଏବଂ ସେହି ରାଜାମାନଙ୍କୁ କିଲାଦାର ବୋଲି କହୁଥିଲେ ।

ମୋଗଲବନ୍ଦୀ ରାଜ୍ୟର ଶାସନ କ୍ଷେତ୍ରରେ ମରହଟ୍ଟାମାନେ ସାମାନ୍ୟ ପରିବର୍ତ୍ତନ କରିଥିଲେ । ମୋଗଲବନ୍ଦୀ ଅଞ୍ଚଳ ମରହଟ୍ଟା ଶାସନରେ ବିଶେଷ ସଙ୍କୁଚିତ ହୋଇ କେବଳ ସୁବର୍ଣ୍ଣରେଖା ନଦୀ ଓ ପୁରୀ ଜିଲ୍ଲାର ପୂର୍ବାର୍ଦ୍ଧ ମଧ୍ୟରେ ସୀମାବଦ୍ଧ ଥିଲା । ମୋଗଲମାନେ ଏହାକୁ ୫ ଟି ସରକାରରେ ବିଭକ୍ତ କରିଥିଲେ । କିନ୍ତୁ ମରହଟ୍ଟାମାନେ ସେହି ଭୂଖଣ୍ଡକୁ ପିପିଲି, କଟକ, ଭଦ୍ରକ, ସୋରୋ ଓ ବାଲେଶ୍ୱର ଏହିପରି ପାଞ୍ଚ ଚକଲାରେ ବିଭକ୍ତ କରିଥିଲେ । ପ୍ରତ୍ୟେକ ଚକଲା ପ୍ରାୟ ୧୫୦ଟି ପ୍ରଗନ୍ନାରେ ବିଭକ୍ତ ହୋଇଥିଲା । ଏହି ପ୍ରଗନ୍ନାମାନ ୩୨ ଜଣ ମାତ୍ର ଆମିଲଙ୍କ ମଧ୍ୟରେ ବିଭକ୍ତ ଥିଲା । ଶାସନ ଓ ରାଜସ୍ୱ ଆଦାୟ ନିମନ୍ତେ ଆମିଲମାନେ ନିଯୁକ୍ତ ହୋଇଥିଲେ । ସେମାନେ ବେତନ ପାଉନଥିଲେ, 'ନାନକର' ନାମରେ ନିଷ୍କର ଜାଗିରୀ ଭୋଗ କରୁଥିଲେ ।

ଧର୍ମଦୃଷ୍ଟିରୁ ଓଡ଼ିଶାର ଜନଜୀବନ ଅପେକ୍ଷାକୃତ ସୁରକ୍ଷିତ ତଥା ସ୍ୱାଭାବିକ ଥିଲେ ମଧ୍ୟ ରାଜନୈତିକ କ୍ଷେତ୍ରରେ, ଅର୍ଥନୈତିକ କ୍ଷେତ୍ରରେ ପରାଧୀନତା ଯୋଗୁଁ ବିକଳାଙ୍ଗ ଥିଲା କହିଲେ ଚଳେ । ଓଡ଼ିଶା ମାଟିର ଶାସନ ଦାୟିତ୍ୱ ଅନ୍ୟମାନଙ୍କ ହାତରେ ନ୍ୟସ୍ତ ଥିବାରୁ, ରାଜ୍ୟ ରକ୍ଷା ପାଇଁ ରାଜ୍ୟର ବିକାଶ ପାଇଁ ସାଧାରଣ ଜନତା କୌଣସି ପ୍ରକାରେ ସୁଯୋଗ ପାଉନଥିଲେ । ତେଣୁ ଓଡ଼ିଆ ଜାତିର ନିଜସ୍ୱ ବିଶେଷତ୍ୱର ବିକାଶ ବ୍ୟାହତ ହୋଇଥିଲା । ଅନ୍ୟାନ୍ୟ ଦିଗପରି ସାହିତ୍ୟ କ୍ଷେତ୍ରରେ ମଧ୍ୟ ଯାନ୍ତ୍ରିକତା ଦେଖା ଦେଲା । ସାଧାରଣ ଜନଜୀବନର ଚିତ୍ର ଏଥିରେ ସ୍ଥାନ ପାଇଲା ନାହିଁ । ରାଜାମାନେ ରାଜ ଦରବାରରେ କବିମାନଙ୍କୁ ରଖି ସେମାନଙ୍କ ଦ୍ୱାରା ବରାଦଦିଆ ସାହିତ୍ୟ ସୃଷ୍ଟି କରାଇଲେ । କବିମାନେ ରାଜପୃଷ୍ଠପୋଷକତାରେ ରହୁଥିବାରୁ ରାଜ ପ୍ରଶସ୍ତି ବ୍ୟତୀତ ଆଉ କିଛି ବର୍ଣ୍ଣନା କଲେ ନାହିଁ । ରାଜକୁମାର, ରାଜକୁମାରୀ, ରାଜ ଅନ୍ତଃପୁର, ରାଜ ଉଦ୍ୟାନ ପ୍ରଭୃତିର ଅତିରଞ୍ଜନ ବର୍ଣ୍ଣନାରେ ସାହିତ୍ୟ ରଦ୍ଧିମନ୍ତ ହେଲା । ପ୍ରେମର ଚିତ୍ରଣ ରହିଲା, ମାତ୍ର ତାହା ତ୍ୟାଗର ଭିତ୍ତିରେ ପ୍ରତିଷ୍ଠିତ ହେଲା ନାହିଁ । ଭୋଗ ହେଲା ଜୀବନର ଚରମ ପୁରୁଷାର୍ଥ ।

ସାମାଜିକ ପୃଷ୍ଠଭୂମି : ରୀତି ସାହିତ୍ୟ ହେଉଛି କଳାର ସାହିତ୍ୟ । ଏହା ଆଳଙ୍କାରିକ ଛଟାରେ ବିମଣ୍ଡିତ ହୋଇ କେବଳ ସୁଶ୍ରୀଶୋଭନ ଲିପି ଶିଳ୍ପରେ ପରିଣତ ହୋଇଛି । ଏଥିରେ ଜୀବନର ବାସ୍ତବତା ପ୍ରକଟିତ ହୋଇନାହିଁ । ମଞ୍ଜୁଳବାଣୀ ବିଳାସ, ପ୍ରେମର ବହୁଳ ବର୍ଣ୍ଣନାରେ ଏହା ରସାଳ ହୋଇଅଛି, ମାତ୍ର ଏଥିରେ ଗଣଜୀବନର କୌଣସି ସମସ୍ୟା ଉପସ୍ଥାପିତ ହୋଇନାହିଁ । ସମାଜର ଅଗଣିତ ନରନାରୀଙ୍କର ଆଶା ଆକାଂକ୍ଷାର ଚିତ୍ରଣ ନାହିଁ ।

ମଧ୍ୟଯୁଗୀୟ ସମାଜ ଜୀବନ ବିସ୍ତୃତ ନଥିଲା । ସମ୍ରାଟ ଥିଲେ ସାମାଜିକ ବିଧି ବ୍ୟବସ୍ଥାର କେନ୍ଦ୍ରବିନ୍ଦୁ । ସେତେବେଳେ ସମାଜରେ ମୁଖ୍ୟତଃ ଦୁଇଗୋଟି ଗୋଷ୍ଠୀ ଥିଲେ । ଗୋଟିଏ ହେଲେ ଉପଭୋକ୍ତା ଗୋଷ୍ଠୀ ଆଉ ଅନ୍ୟଟି ହେଲେ ଉତ୍ପାଦକଗୋଷ୍ଠୀ । ଉଚ୍ଚଶ୍ରେଣୀର ଲୋକମାନେ ଉପଭୋକ୍ତା ହୋଇ ଅନ୍ୟମାନଙ୍କର ଶ୍ରମ ଉପରେ ନିର୍ଭର କରୁଥିଲେ । ଅମାର, ସୁବେଦାର, ମାନସୁବେଦାର ପ୍ରଭୃତି ଶାସନ ସଂପର୍କିତ ଗୋଷ୍ଠୀ ; ବିଳାସ ବ୍ୟସନରେ ରହି କାଳ କାଟୁଥିଲେ । ନିମ୍ନ ଶ୍ରେଣୀର ଲୋକମାନଙ୍କ ପାଇଁ ତାଙ୍କ ମନରେ ଟିକିଏ ହେଲେ ସହାନୁଭୂତି ନଥିଲା । ମୁସଲମାନମାନେ ହିନ୍ଦୁମାନଙ୍କୁ ହୀନ ଦୃଷ୍ଟିରେ ଦେଖୁଥିଲେ । ଅନ୍ୟ ପକ୍ଷରେ କୃଷକ ଓ ଶ୍ରମିକମାନେ ଉତ୍ପାଦନ କାର୍ଯ୍ୟରେ ନିଯୁକ୍ତ ରହି ଜୀବନ ଯାପନ କରୁଥିଲେ । ସମ୍ରାଟଙ୍କ ପରିବାର ଓ ଦରବାର ସହିତ ସେମାନଙ୍କର କୌଣସି ସଂପର୍କ ନଥିଲା ।

ସମାଜରେ କିନ୍ତୁ କବି ଓ କଳାକାରମାନଙ୍କର ସମ୍ମାନ ସୁରକ୍ଷିତ ଥିଲା । ରାଜଛତ୍ରଛାୟା ତଳେ ଆଶ୍ରୟ ନେଇ ସେମାନେ ଭୌତିକ ସଂପଦ ଓ ସମ୍ମାନ ଲାଭ କରୁଥିଲେ । ତାଙ୍କର କର୍ତ୍ତବ୍ୟ ଥିଲା କାବ୍ୟ ରଚନା, ଏକମାତ୍ର ଲକ୍ଷ୍ୟ ଥିଲା ରସପ୍ରାପ୍ତି । ମାନସିକ ପ୍ରେମ ଓ ମିଳନ ଅପେକ୍ଷା ଦୈହିକ ପ୍ରେମ ଓ ଆକର୍ଷଣ ସାହିତ୍ୟକୁ ଆଚ୍ଛନ୍ନ କରିଥିଲା । ତେଣୁ ପ୍ରେମର ଏକନିଷ୍ଠତା ପରିବର୍ତ୍ତେ ଉପଭୋଗ ପ୍ରଧାନ ବିଳାସ ରସିକତା ଏ ଯୁଗର ମୁଖ୍ୟ ପ୍ରବୃତ୍ତି ବୋଲି କୁହାଯାଇଥାଏ । ନାରୀ, ସାହିତ୍ୟ ସୃଷ୍ଟି ପାଇଁ ମୁଖ୍ୟ ଉପାଦାନ । ସାହିତ୍ୟ ହେଲା ବିଳାସର ମୁକ୍ତକ୍ଷେତ୍ର । ନାୟିକାର ଚାଲିରେ ସୁନାର ପଦ୍ମ ଫୁଟିଲା, ନାରୀ ହେଲା ସୁଷମାର ମଧୁମାସ । ପ୍ରକୃତିର ଯେତେ ସବୁ ରମ୍ୟବିଭବ ଅଛି ସେସବୁ ରୀତି ନାୟିକାର ରୂପଶୋଭା ନିକଟରେ ପରାଜିତ ହେଲେ । ଇନ୍ଦ୍ରିୟ ଗ୍ରାହ୍ୟସ୍ଥୂଳ ପ୍ରେମର ବର୍ଣ୍ଣନା ବହୁଳ ଭାବରେ ସାହିତ୍ୟରେ ଦୃଷ୍ଟିଗୋଚର ହେଲା । ସମ୍ଭୋଗ ହେଲା ନାୟକ ନାୟିକା ଜୀବନର ଚରମ ପୁରୁଷାର୍ଥ । ନାୟକ ଓ ନାୟିକା ଚରିତ୍ରକୁ ସ୍ପଷ୍ଟ ଓ ପରିପୁଷ୍ଟ କରିବା ପାଇଁ କେତେକ ଗୌଣଚରିତ୍ର ସାହିତ୍ୟରେ ସ୍ଥାନ ପାଇଲେ, କେତେକ ନିର୍ଦ୍ଦିଷ୍ଟ ପରିବେଶର ଚିତ୍ରଣ ମଧ୍ୟ କରାଗଲା । ତେଣୁ ସାମାଜିକ ଚିତ୍ରର ପରିବେଷଣ ରୀତିସାହିତ୍ୟରେ ଖୁବ୍ କମ୍ ପରିମାଣରେ ଦେଖିବାକୁ ମିଳିଥାଏ । ଓଷାବ୍ରତ, ବେଶଭୂଷା, ବିବାହ ଉତ୍ସବ ; ଖାଦ୍ୟପେୟ ଆଦିର କଥା ସାହିତ୍ୟରେ ସ୍ଥାନ ପାଇଛି । ରୀତିସାହିତ୍ୟର ନାୟିକା ଆଚାର ବିଚାରରେ ସଂପୂର୍ଣ୍ଣ ଓଡ଼ିଆଣୀ ରୂପରେ ଉପସ୍ଥାପିତ ହୋଇଛି । ବିବାହ ଉତ୍ସବରେ କୋକିଳ ସ୍ନାନ, ବାଟବରଣ, ଲାଜାହୋମ, ପଞ୍ଚଗ୍ରାସୀ ଆଦି ପ୍ରଥାର ନିଖୁଣଚିତ୍ର କାବ୍ୟମାନଙ୍କରେ ଲିପିବଦ୍ଧ ହୋଇଛି । ସୁତରାଂ ଏକଥା ସ୍ୱୀକାର୍ଯ୍ୟ ଯେ ସମାଜର ସବୁ ଶ୍ରେଣୀର ବ୍ୟକ୍ତିଚରିତ୍ର ଓଡ଼ିଆ ରୀତିସାହିତ୍ୟରେ ଚିତ୍ରିତ ନହେଲେ ମଧ୍ୟ ସମାଜର ବାହ୍ୟ ରୂପର କିଛି ଘଟଣାଗତ ସୌନ୍ଦର୍ଯ୍ୟ ଏଥିରେ ଉଦ୍‌ଘାଟିତ ହୋଇଅଛି ।

ଅର୍ଥନୈତିକ ପୃଷ୍ଠଭୂମି : ମୁସଲମାନ ଶାସକମାନଙ୍କର ଅଶୁଭ ଦୃଷ୍ଟି, ଓଡ଼ିଶାର ସାଧାରଣ ଜନଜୀବନର ସମୃଦ୍ଧି ପଥକୁ ଅବରୁଦ୍ଧ କରିଥିଲା । ରାଜସ୍ୱର ପରିମାଣ ବଢ଼ିଯିବାରୁ ସାଧାରଣ ପ୍ରଜା ହତାଶାରେ ଭାଙ୍ଗି

ପଡ଼ିଲେ । ଶ୍ରମିକମାନଙ୍କ ଅବସ୍ଥା ଦିନକୁ ଦିନ ଶୋଚନୀୟ ହେବାକୁ ଲାଗିଲା । ସେମାନେ ସାରାଦିନ ଖଟିଖଟି ପେଟପୂରା ମୁଠାଏ ଖାଇବାକୁ ପାଉନଥିଲେ । ମରହଟ୍ଟା ଶାସନରେ ମଧ୍ୟ ସାଧାରଣ ଲୋକେ ଭଲରେ ନ ଥିଲେ । ପୁଣି ପ୍ରାକୃତିକ ବିପର୍ଯ୍ୟୟ ଯୋଗୁ ଓଡ଼ିଶାର ଅର୍ଥନୈତିକ ମାନଦଣ୍ଡ ଦୁର୍ବଳ ହୋଇ ପଡ଼ିଥିଲା । ପ୍ରତିକୂଳ ପରିସ୍ଥିତିର ସମ୍ମୁଖୀନ ହେବାପାଇଁ ଓଡ଼ିଶାର ସାଧବ ଗୋଷ୍ଠୀ ଯଥାସାଧ୍ୟ ଚେଷ୍ଟା କରୁଥିଲେ । ସେମାନେ ବହିର୍ବାଣିଜ୍ୟ ଦ୍ୱାରା ଅର୍ଥ ଉପାର୍ଜନ କରୁଥିଲେ । ଦେଶରେ ବୟନ, ଶର୍କରା, ଲୌହ ପ୍ରଭୃତି ଶିଳ୍ପର ଉତ୍କର୍ଷଯୋଗୁ ବହୁ ଅର୍ଥ ଆୟ ହେଉଥିଲା ।

ମରହଟ୍ଟା ଶାସନକାଳରେ ଉତ୍କଳଭୂଖଣ୍ଡ ଦୁଇ ଭାଗରେ ବିଭକ୍ତ ଥିଲା, ଯଥା-ମୋଗଲବନ୍ଦୀ ଓ ଗଡ଼ଜାତ ରାଜଦରବାରରେ ଶିଳ୍ପୀ ଓ ସଙ୍ଗୀତଜ୍ଞଙ୍କର ଆଦର ଥିଲା । କେତେକ କବି କାବ୍ୟ ଲେଖି ରାଜାଙ୍କ ନାମରେ ଭଣିତା କରି ରାଜାଙ୍କଠାରୁ ବହୁମୁଦ୍ରା, ବିଶିଷ୍ଟ ଉପାଧି ଓ ଉପଢୌକନ ଆଦି ପାଇଥିଲେ । କହିବାକୁ ଗଲେ କବି ସମାଜର ଅବସ୍ଥା କିଛି ପରିମାଣରେ ଭଲ ଥିଲା । ଏହି ସମୟରେ ଏହି ପଣ୍ଡିତମାନଙ୍କ ଦ୍ୱାରା କାବ୍ୟ, ନାଟକ ବ୍ୟତୀତ ବ୍ୟାକରଣ, ଦର୍ଶନ, ଗଣିତ, ଅଭିଧାନ, ଯୁଦ୍ଧ ବିଦ୍ୟା ଜ୍ୟୋତିଷ, ଆୟୁର୍ବେଦ, ଶିଳ୍ପ ବିଷୟରେ ବହୁଶାସ୍ତ୍ର ରଚିତ ହୋଇଥିଲା ।

ଧାର୍ମିକ ପୃଷ୍ଠଭୂମି : ମୋଗଲ ରାଜତ୍ୱ ସମୟକୁ ଓଡ଼ିଶାରେ ମୁଖ୍ୟତଃ ବୈଷ୍ଣବ ଧର୍ମର ପ୍ଲାବନ ଘଟିଥିଲା । ଜଗନ୍ନାଥ ସଂସ୍କୃତି ହେଉଛି ଉତ୍କଳର ସଂସ୍କୃତି, ଉତ୍କଳର ପ୍ରତିଟି କବିଙ୍କ ଲେଖନୀରେ ଜଗନ୍ନାଥଙ୍କ ମହିମା ପ୍ରକଟିତ ହୋଇଛି । ସେ ଶାକ୍ତ ହୁଅନ୍ତୁ, ତାନ୍ତ୍ରିକ ହୁଅନ୍ତୁ, ଗାଣପତ୍ୟ ହୁଅନ୍ତୁ, ଶୈବ ହୁଅନ୍ତୁ, ଶ୍ରୀଜଗନ୍ନାଥ ତାଙ୍କର ଉପାସ୍ୟ ଦେବତା । ଉତ୍କଳ ବାହାରୁ କେତେ ଧର୍ମ ପ୍ରଚାରକ ଆସି ଏଠାରେ ଆତ୍ମହରା ହୋଇପଡ଼ିଛନ୍ତି । ଜଗନ୍ନାଥ ସଂସ୍କୃତି ସମସ୍ତଙ୍କୁ ଆପଣାର କରିନେଇଛି । ଷୋଡ଼ଶ ଶତାବ୍ଦୀର ପ୍ରଥମ ଦଶକରେ ଶ୍ରୀଚୈତନ୍ୟଙ୍କର ଆଗମନ ଫଳରେ ଉତ୍କଳରେ ରାଗାନୁଗା ଭକ୍ତିର ଧାରା ପ୍ରବାହିତ ହୋଇଛି । ଗୀତଗୋବିନ୍ଦ ତଥା ଚଣ୍ଡୀଦାସ ଓ ବିଦ୍ୟାପତିଙ୍କର ପଦାବଳୀର ଆବୃତ୍ତି ଓ ଆଲୋଚନା, ବୃନ୍ଦାବନର ଷଡ଼ଗୋସ୍ୱାମୀଙ୍କର ଆଦର୍ଶ ଓ ଧର୍ମଚେତନା ଉତ୍କଳରେ ପ୍ରଚାରିତ ହୋଇଛି । ଏକ ଦିଗରେ ଉତ୍କଳୀୟ ବୈଷ୍ଣବ ଧର୍ମର ଜ୍ଞାନମିଶ୍ରା ଭକ୍ତି ଓ ଅନ୍ୟ ଦିଗରେ ଗୌଡ଼ୀୟ ମତବାଦର ପ୍ରେମମିଶ୍ରା ଭକ୍ତି ଯେତେବେଳେ ଗଣଚିତ୍ତକୁ ପ୍ରଭାବିତ କରୁଛି, ସେତେବେଳେ ମୋଗଲମାନେ ଓଡ଼ିଶା ଅଧିକାର କରିଛନ୍ତି । ପ୍ରଥମ ଅବସ୍ଥାରେ ମୁସଲମାନ ଧର୍ମର ପ୍ରଚାର ନିମନ୍ତେ ମୋଗଲମାନେ ବିଶେଷ କିଛି ଯତ୍ନ କରିନାହାନ୍ତି । ଆକବର ତାଙ୍କ ରାଜତ୍ୱ କାଳରେ ହିନ୍ଦୁଧର୍ମ ଉପରେ ବିଶେଷ ପ୍ରଭାବ ବିସ୍ତାର କରିନାହାନ୍ତି । ଆଉରଙ୍ଗଜେବ ସମ୍ରାଟ ହେବା ସଙ୍ଗେସଙ୍ଗେ ମୁସଲମାନ ଧର୍ମର ପ୍ରସାର ନିମନ୍ତେ ପ୍ରଚେଷ୍ଟା କଲେ । ହିନ୍ଦୁ ଧର୍ମ ପ୍ରତି ଅବମାନନା କରାଗଲା । ହିନ୍ଦୁ ମନ୍ଦିର ଭାଙ୍ଗି ମସ୍‌ଜିଦ୍ ଗଢ଼ିବାପାଇଁ ସମ୍ରାଟଙ୍କଠାରୁ ନିର୍ଦ୍ଦେଶ ଆସିଲା ।

ଅବଶ୍ୟ ମରହଟ୍ଟା ଶାସନରେ ହିନ୍ଦୁମାନେ ଧର୍ମ ଦୃଷ୍ଟିରୁ ଏତେ ଅତ୍ୟାଚାରିତ ହେଉନଥିଲେ । କାରଣ ମରହଟ୍ଟାମାନେ ହିନ୍ଦୁ ଥିବାରୁ ଜଗନ୍ନାଥଙ୍କୁ ଅବମାନନା କରୁନଥିଲେ । ଏପରିକି ମରହଟ୍ଟାମାନେ ଜଗନ୍ନାଥଙ୍କ ସେବା ପୂଜାପାଇଁ ରାଜସ୍ୱରୁ ବାର୍ଷିକ କିଛି ଅଂଶ ଖଞ୍ଜା କରାଇଥିଲେ । କୋଣାର୍କ ମନ୍ଦିରର ନାଟ ମନ୍ଦିର ଭାଙ୍ଗିପଡ଼ିବାରୁ, ସେହି ପଥର ସବୁ ଆଣି ସେଥିରେ ଜଗନ୍ନାଥଙ୍କ ଭୋଗମଣ୍ଡପ କରାଇଥିଲେ । କୋଣାର୍କ ମନ୍ଦିରର ଅରୁଣସ୍ତମ୍ଭ ଆଣି ପୁରୀ ମନ୍ଦିର ଆଗରେ ବସାଇଲେ ।

ରୀତିଯୁଗରେ ମୋଗଲ ଶାସନକାଳରେ ଧର୍ମ ବିଶେଷ କଳୁଷିତ ହୋଇଥିଲା । ତଥାପି ରୀତିଯୁଗର କବିମାନେ, ଉତ୍କଳୀୟ ଧର୍ମଧାରାରୁ ବିଚ୍ୟୁତ ହେଉ ନଥିଲେ । ବିଳାସର ପରିବେଶକୁ ଭିତ୍ତି କରି ସାହିତ୍ୟ ଗଠିତ ହେଲେ ହେଁ ରାମ-ସୀତା, ରାଧା-କୃଷ୍ଣଙ୍କୁ ନାୟକ ନାୟିକା ଭାବରେ ପ୍ରାୟ ଗ୍ରହଣ କରାଯାଇଛି । ରୀତି ସାହିତ୍ୟରେ ଶ୍ରୀଜଗନ୍ନାଥଙ୍କର ବନ୍ଦନା ଓ ବର୍ଣ୍ଣନା ନୀଳାଚଳ ଧାମର ପ୍ରଶସ୍ତି କାବ୍ୟରେ ସୁରକ୍ଷିତ ହେଲା । ଏକଥା ସ୍ୱୀକାରଯୋଗ୍ୟ ଯେ ପରାଧୀନ ଓଡ଼ିଶାରେ କବିମାନେ ଧର୍ମତଃ ଯଥାସମ୍ଭବ ସ୍ୱାଧୀନମନା ଥିଲେ । ମୁସଲମାନମାନଙ୍କର ଭୋଗଲାଳସା ସାହିତ୍ୟରେ ସ୍ଥାନ ପାଇଲା । ଆର୍ଯ୍ୟ ସଂସ୍କୃତିର ମହତ୍ତ୍ୱ ପୂର୍ଣ୍ଣ ମାତ୍ରାରେ ସଂରକ୍ଷିତ ହୋଇପାରିଲା ନାହିଁ । ଉପରକୁ ନାମକରଣ ଦୃଷ୍ଟିରୁ ଆର୍ଯ୍ୟ ଜାତିର ନାୟକ ନାୟିକାଙ୍କୁ ସାହିତ୍ୟରେ ଗ୍ରହଣ କରାଯାଇଥିଲେ ମଧ୍ୟ ଭିତରେ ସେହି ଯୌନ ଲାଳସାର ଭିତ୍ତିରେ ପ୍ରେମର ବର୍ଣ୍ଣନା ଦେଖିବାକୁ ମିଳିଲା ।

ରାଧାନାଥଙ୍କ ପଦ୍ୟସୃଷ୍ଟିରେ ମହାଭାରତୀୟ ଚେତନା

ଆଧୁନିକ ଓଡ଼ିଆ ସାହିତ୍ୟର ସ୍ୱନାମଧନ୍ୟ ବରେଣ୍ୟ କବିମାନଙ୍କ ମଧ୍ୟରୁ କବିବର ରାଧାନାଥ ଅନ୍ୟତମ । ସେ ଆଜି ଦେହରେ ନ ଥିଲେ ମଧ୍ୟ ବିଦେହରେ ହୋଇଛନ୍ତି ଏକ ସାର୍ଥକ ସାରସ୍ୱତ ଅନୁଷ୍ଠାନ । ସେହି ଅନୁଷ୍ଠାନର ଅସପତ୍ନ ପ୍ରତିଷ୍ଠା ମନରେ ଯେତିକି ବିସ୍ମୟ ସୃଷ୍ଟିକରେ ସେତିକି ଆନନ୍ଦ ସୃଷ୍ଟିକରେ । ରାଧାନାଥଙ୍କ ସୃଷ୍ଟି ସମ୍ଭାରରେ ବିଶେଷତଃ ପଦ୍ୟ ସୃଷ୍ଟିରେ ଓଡ଼ିଶାର ଚିତ୍ରବହୁଳ ଭାବରେ ପରିଦୃଷ୍ଟ । ମନେହୁଏ ସେ ଯେପରି ଉତ୍କଳୀୟ ପ୍ରାକୃତିକ ପରିବେଶର ସର୍ବଶ୍ରେଷ୍ଠ ଚିତ୍ରକାର । ଉତ୍କଳୀୟ ଉପାଦାନକୁ ବାଦଦେଲେ କବିଙ୍କ କୃତିରେ ମହାଭାରତୀୟ ଚେତନାର ସୁଚାରୁଛନ୍ଦର ଉପସ୍ଥାପନା ପାଠକୀୟ ଦୃଷ୍ଟିକୁ ଆକୃଷ୍ଟ କରେ । ଏ ପରିପ୍ରେକ୍ଷୀରେ ଭାରତ ବନ୍ଦନା ଉଦ୍ଦେଶ୍ୟରେ ତାଙ୍କ ଦ୍ୱାରା ରଚିତ କବିତା ସ୍ମରଣକୁ ଆସେ । ଏଥିରେ ସେ ଭାରତକୁ ଧରଣୀର କଳ୍ପଲତା ବୋଲି ଉଲ୍ଲେଖ କରିବା ସଙ୍ଗେସଙ୍ଗେ ଏକ ପଦ୍ମଫୁଲ ଭାବରେ ମଧ୍ୟ ବିଚାର କରିଛନ୍ତି । ପ୍ରତ୍ୟେକ ଅଞ୍ଚଳ ଏକ ଏକ ପାଖୁଡ଼ା ରୂପରେ ରହି ଏହି ପଦ୍ମଫୁଲଟିକୁ ସର୍ବାଙ୍ଗ ସୁନ୍ଦର କରିଛନ୍ତି ବୋଲି ସେ ଉଲ୍ଲେଖ କରିଛନ୍ତି । ଏହି ଗୀତିକାଟି ସେତେବେଳେ ଉତ୍କଳ ସମ୍ମିଳନୀରେ ଗୀତ ହେବା ନିମନ୍ତେ ରଚିତ ହୋଇଥିଲା । ସମନ୍ୱୟ ଚେତନାର ସୁଲଳିତ ଛନ୍ଦ ଏହି ଗୀତିକାରେ ଉପସ୍ଥାପିତ । ସମନ୍ୱୟ ଚେତନା ହେଉଛି ପ୍ରକୃତ ଭାରତୀୟ ଜୀବନଧାରାର ଅସଲ ମର୍ମ ରୂପ । ଅନେକତ୍ୱ ମଧ୍ୟରେ ଏକତ୍ୱ ହେଉଛି ଏହାର ଆତ୍ମିକ ନିର୍ଯ୍ୟାସ । ଏହି ଚେତନା ପ୍ରାଗ୍‌ଐତିହାସିକ ଯୁଗରୁ ଅଦ୍ୟାବଧି ଉଜ୍ଜ୍ୱଳ ବର୍ଣ୍ଣବିଭା ବିସ୍ତାର କରି ଆତ୍ମପ୍ରତିଷ୍ଠା ଅର୍ଜନ କରିଛି ।

ଏହି ଅବକାଶରେ ଋଗ୍‌ବେଦର ସେହି ଶ୍ଲୋକଟି ସ୍ମରଣୀୟ :

'ସଂଗଚ୍ଛଧ୍ୱଂ ସଂବଦଧ୍ୱଂ
ସଂବୋ ମନାଂସି ଜାନତାମ୍,
ଦେବା ଭାଗଂ ଯଥାପୂର୍ବେ
ସଂ ଜାନାନା ଉପାସତେ ।'

ଏହି ଶ୍ଲୋକରେ ଉଦ୍‌ଘୋଷିତ ସମନ୍ୱୟର ବାର୍ତ୍ତା ଓ ଚେତନା ହିଁ ବିଭିନ୍ନତାରେ ବିଭୂଷିତ ଭାରତ ଭୂଖଣ୍ଡକୁ ବାନ୍ଧି ରଖିବା ଦିଗରେ ମୁଖ୍ୟ ଉପାଦନ କହିଲେ ଅତ୍ୟୁକ୍ତି ହେବ ନାହିଁ । ଆମେ ନିଜକୁ ଗୋଟିଏ ଦେଶ ତଥା ଜାତି ବୋଲି ଅନୁଭବ କରିବା ନିମନ୍ତେ ସମନ୍ୱୟ ଚେତନାର ଯେଉଁ ଭୂମିକା ରହିଛି ତାହା ଯେପରି ଗୁରୁତ୍ୱପୂର୍ଣ୍ଣ ସେପରି ମହତ୍ତ୍ୱପୂର୍ଣ୍ଣ । କବିଙ୍କ ଚିନ୍ତା ଓ ଚେତନାରେ ଭାରତ ଆମର ଗତିମୁକ୍ତିଦାତ୍ରୀ, ଦିବ୍ୟ ଚେତନାର ମୂର୍ତ୍ତ ବିଗ୍ରହ । ଭାରତମାତାଙ୍କ ଚରଣବନ୍ଦନା ଆମର ଏକାନ୍ତ କାମ୍ୟ । କବିଙ୍କ ଉକ୍ତିରେ -

'ଭାରତ ମେକା ଗତିରସ୍ମାକଂ
ନାପରାସ୍ତି ଭୁବିନାମ,
ସର୍ବାଦୌ ପରିଷତ୍-କର୍ମଣି ତତ୍
ଭାରତ ମେବ ନମାମଃ ।'

ସଂସ୍କୃତ ଭାଷା ଓ ସାହିତ୍ୟରେ କବିଙ୍କର ପାରଦର୍ଶିତା ଥିଲା ଅସାଧାରଣ । ମେଘଦୂତ ଖଣ୍ଡକାବ୍ୟ ତାଙ୍କର ଏକ ଅନୁପମ ସୃଷ୍ଟି । ଏହା ମହାକବି କାଳିଦାସଙ୍କର 'ମେଘଦୂତମ୍'ର ଭାଷାନୁବାଦ ନୁହେଁ ବରଂ ଭାବାନୁବାଦ ବୋଲି କୁହାଯାଇପାରେ । ଏଥିରେ ରାଧାନାଥଙ୍କର ସ୍ୱର୍ଣ୍ଣକାତର କବିଚିତ୍ତର ମନମୋହିନୀ ମଧୁରିମା ଯେପରି ପ୍ରକଟିତ ତାହାର ପଟାନ୍ତର ନାହିଁ । ସଂସ୍କୃତ ସାହିତ୍ୟରେ ଗଭୀର ଅନୁଶୀଳନ ଓ ଅନୁଧ୍ୟାନ ନ ଥିଲେ ଏଥିରେ ଭାବ ଏତେ ଚମତ୍କାର ଭାବରେ ଫୁଟିପାରି ନଥାନ୍ତା । ଏହା ମୁକ୍ତକଣ୍ଠରେ ସ୍ୱୀକାର୍ଯ୍ୟ ଯେ ରାଧାନାଥ ତାଙ୍କ ସାହିତ୍ୟ ସୃଷ୍ଟି ପାଇଁ କେବଳ ପାଶ୍ଚାତ୍ୟକୁ ଚାହିଁ ନାହାନ୍ତି, ପ୍ରାଚ୍ୟ ଭୂମି ଓ ପ୍ରାଚ୍ୟ ସାହିତ୍ୟକୁ ମଧ୍ୟ ନିରୀକ୍ଷଣ କରିଛନ୍ତି । ସେ ଥିଲେ କଳାର ସାର୍ଥକ ପୂଜାରୀ । ସୌନ୍ଦର୍ଯ୍ୟର କୁସୁମମାଳାରେ କଳାଲକ୍ଷ୍ମୀଙ୍କର ନିରାଜନା କରିବା ତାଙ୍କ ପ୍ରତିଭାର ମୂଳତତ୍ତ୍ୱ । ଯେଉଁଠାରେ ସୁକୁମାରତାର ସୁଲଳିତ ସ୍ୱର୍ଗ ସେ ପାଇଛନ୍ତି, ତାକୁ ନିଜର ଅନୁଭବରେ ରସାଣିତ କରି ପାଠକ ପାଇଁ ସଜାଇ ଦେଇଛନ୍ତି । ମେଘଦୂତରେ ଭାବାନୁସାରୀ ଭାଷା-ସଂଯୋଜନା କବିକୃତିକୁ ସୁଖପାଠ୍ୟ ଓ ଅନୁଭବ୍ୟ କରିଛି । କବି ମାତ୍ରେ ସମାଜର ଜାଗ୍ରତ ପ୍ରହରୀ ଓ ସୁଦକ୍ଷସ୍ଥପତି । ସମାଜର ସୁରକ୍ଷା ଓ ଶ୍ରୀବୃଦ୍ଧି ନିମନ୍ତେ ତାଙ୍କର ଅବଦାନ ଏକାଧାରରେ ଅନବଦ୍ୟ ଓ ଅଭିନନ୍ଦନୀୟ । କବିବର ରାଧାନାଥ ଭାରତୀୟ ସଂସ୍କୃତିର ଏକ ଉପାଦାନ ଉପରେ ଗୁରୁତ୍ୱ ଆରୋପ କରି ମେଘଦୂତ ଖଣ୍ଡକାବ୍ୟରେ ଉଲ୍ଲେଖ କରିଛନ୍ତି ।

'ମହତ ଜନଠାରେ କରୁଣା କଲେ
ସେ କରୁଣା ନଯାଏ କେବେ ବିଫଳେ
ଆଶୁ ସୁଫଳ ଜାତ ନିଶ୍ଚେ ହୁଅଇ
କରୁଣା ପ୍ରଭା ପୁଣି ପ୍ରତିଫଳଇ ।'

କବିଙ୍କ ଦ୍ୱାରା ରଚିତ ମହାଯାତ୍ରା ମହାକାବ୍ୟ ଅମ୍ଳାନଦୀପ୍ତିର ଅଧିକାରୀ । ପାଣ୍ଡବମାନଙ୍କୁ ଉତ୍କଳଭୂମିରେ ବିଭିନ୍ନ ତୀର୍ଥ ପର୍ଯ୍ୟଟନ କରାଇଛନ୍ତି । ସେହି ଅବକାଶରେ କବି ସେହି ତୀର୍ଥଗୁଡ଼ିକର ମହତ୍ତ୍ୱ ଓ ଗୁରୁତ୍ୱ ପ୍ରସଙ୍ଗ ଅବତାରଣା କରିଛନ୍ତି ।

ଭାରତୀୟ ଦର୍ଶନର ଏକ ଦିଗନ୍ତ ଉପରେ ଗୁରୁତ୍ୱ ଆରୋପ କରି କବି ଯେଉଁ ସିଦ୍ଧହସ୍ତତାର ପରିଚୟ ଦେଇଛନ୍ତି ତାହାର ପଟାନ୍ତର ନାହିଁ । କାମନା ହିଁ ଦୁଃଖର କାରଣ । କାମନାର ବିନାଶରେ ଦୁଃଖର ବିନାଶ । ଏହି ଚେତନାକୁ ଉପଜୀବ୍ୟ କରି ରାଧାନାଥ ଉଲ୍ଲେଖ କରିଛନ୍ତି ମହାଯାତ୍ରାରେ-

'ଧନ୍ୟ ସେହି ଅତନ୍ଦ୍ରିତ ଋଷିବୃନ୍ଦଭବେ
ବିଷୟ ବିମୁଖ ହୋଇ ସାଧନ୍ତି ଯେ ସଦା
ସୁଖ ବୃଦ୍ଧି ତୃଷ୍ଣାକ୍ଷୟେ ତୃଷ୍ଣାଲୟେ ପୁଣି
ସୀମାତୀତ ସୁଖରାଜ୍ୟେ ବିହରନ୍ତି ମୁଦେ ।'

ମହାଯାତ୍ରାର କଥାବସ୍ତୁ ଚୟନପ୍ରୟାସ କବିଙ୍କର ଭାରତୀୟ ସଂସ୍କୃତି ପ୍ରତି ଆନ୍ତରିକତାର ବଳିଷ୍ଠ ପ୍ରମାଣ ପ୍ରଦାନ କରେ ।

'ସାବିତ୍ରୀ ଚରିତ' କବିଙ୍କର ଅନ୍ୟତମ ଖଣ୍ଡକାବ୍ୟ ଯହିଁରେ ତପସ୍ୟା, ଐକାନ୍ତିକତା, ଏକନିଷ୍ଠତା ଏବଂ ଦାମ୍ପତ୍ୟ ପ୍ରେମର ସମୁଜ୍ଜ୍ୱଳ ବର୍ଣ୍ଣବିଭା ଉଦ୍‌ଭାସିତ । ସତ୍ୟବାନଙ୍କୁ ବିପଦମୁକ୍ତ କରିବାପାଇଁ ତିନିଦିନ ଓପାସ ରହିବାପରେ ହୋମାନଳରେ ଯଥାବିଧି ଆହୂତି ଦେଇ ସାବିତ୍ରୀ ତାଙ୍କ ଶାଶୁଶଶୁରଙ୍କ ପାଦଧୂଳି ନେବାବେଳେ ଅଶୀର୍ବାଦ ଭିକ୍ଷା କରିଛନ୍ତି । ପୂଜ୍ୟପୂଜା, ଗୁରୁଜନଙ୍କୁ ସଭକ୍ତି ପ୍ରଣାମ, ବ୍ରାହ୍ମଣଙ୍କୁ ପ୍ରଣାମ ହେଉଛି ଭାରତୀୟ ସଂସ୍କୃତିର ଏକ ଏକ ମହନୀୟ ଦିଗ ଯାହାକୁ ପ୍ରଭାବଶାଳୀ ଭାବରେ ଉପସ୍ଥାପନା କରିଛନ୍ତି କବି ରାଧାନାଥ । କବିଙ୍କ ଭାଷାରେ -

'ହୋମାନଳେ ଯଥାବିଧି ଦେଲାକ ଆହୂତି
ତଦନ୍ତେ ବିନୟେ ଯାଇ ରାଜା-ରାଣୀ ପାଦୁଁ
ପଦଧୂଳି ନେଇ ବୋଳି ହେଲା ନିଜ ମାଥେ
ବନ୍ଦିଦ୍ୱିଜବର୍ଗେ ନେଲା ତାଙ୍କ ଆଶୀର୍ବାଣୀ ।'

ନିଜସ୍ୱ ସାଧନାବଳରେ ପ୍ରୀତିପୂଜାରିଣୀ, ମୃତ୍ୟୁ ବିଜୟିନୀ ଦେବୀ ସାବିତ୍ରୀ ମନ ଜଗତରେ ସ୍ତର ପରେ ସ୍ତର ଅତିକ୍ରମ କରି ଅବଚେତନର ରୁଦ୍ଧ ଦୁଆର ଭାଙ୍ଗି ଅତିମାନସର ସ୍ତରରେ ଉପନୀତ ହୋଇଥିଲେ । ମୃତ୍ୟୁର ଦେବତା ଯମଙ୍କଠାରୁ ନିଜ ସାଧନାର ଶକ୍ତି ବଳରେ ସ୍ୱାମୀଙ୍କର ଜୀବନ ଫେରାଇ ଆଣି ସେ କେବଳ ସନ୍ତୁଷ୍ଟ ହୋଇନାହାନ୍ତି, ସେ ଭାରତୀୟ ଆର୍ଯ୍ୟ ଧର୍ମ ପାଳନ କରି କୁଳବଧୂର ଗୌରବଦୀପ୍ତ ଭୂମିକାର ମର୍ଯ୍ୟାଦା ରକ୍ଷା କରି ଶଶୁରଙ୍କର ଅନ୍ଧତ୍ୱ ଓ ଦାରିଦ୍ର୍ୟ ଦୂର କରିବା ପାଇଁ ଯମ ରାଜାଙ୍କୁ ମଧ୍ୟ ପ୍ରାର୍ଥନା କରିଛନ୍ତି । କବିଙ୍କ ଭାଷାରେ -

'ମୋହର ପତିଙ୍କ ପିତା, ଅନ୍ଧ ରାଜଋଷି
ଲଭନ୍ତୁ ସ୍ୱଚକ୍ଷୁ, ପୁଣି ଜରାଜୀର୍ଣ୍ଣ ଦେହେ
ହେଉନ୍ତୁ ସବଳ ସୁସ୍ଥ ତେଜସ୍ୱୀ ଦୀର୍ଘାୟୁ ।
କହିଲେ ସାବିତ୍ରୀ ମୋର ପତିଙ୍କର ପିତା
ସ୍ୱରାଜ୍ୟ ହରାଇ ଏବେ ଦାରୁଣ କଷଣେ
ନିଷ୍ପେଷିତ ହୋଇ କାଳ କାଟନ୍ତି କୁଟୀରେ
ଲଭନ୍ତୁ ସେ ରାଜ୍ୟ ପୁଣି, ପୁଣି ଧର୍ମେ ନ୍ୟାୟେ
ପାଳନ୍ତୁ ପରଜା ଆଗେ ପାଳୁଥିଲେ ଯଥା ।

ଯମରାଜ ଏହି ପ୍ରାର୍ଥନା ପୂରଣ କରିଛନ୍ତି । ଦ୍ୟୁମତସେନ୍ ଚକ୍ଷୁ ଫେରିପାଇବା ସଙ୍ଗେସଙ୍ଗେ ନିଜରାଜ୍ୟ ମଧ୍ୟ ଫେରିପାଇଛନ୍ତି । ଏପରି କଥାବସ୍ତୁକୁ ନେଇ ଖଣ୍ଡକାବ୍ୟ ସୃଷ୍ଟି କରିବା ମୂଳରେ କବିଙ୍କର ଭାରତୀୟ ସଂସ୍କୃତି ପ୍ରତି ଯେଉଁ ଆନ୍ତରିକତା ପ୍ରକଟିତ ତା'ର କଳନା ନାହିଁ ।

'ଦଶରଥ ବିୟୋଗେ'ରେ ସନ୍ତାନ ପ୍ରତି ପିତାମାତାଙ୍କର ସ୍ନେହ ଓ ସନ୍ତାନର ପିତାମାତାଙ୍କ ପ୍ରତି ଭକ୍ତିଭାବ ଅତ୍ୟନ୍ତ ସ୍ପଷ୍ଟ ଭାବରେ ଉପସ୍ଥାପିତ । ସମାଜକୁ ଉଦ୍‌ଭ୍ରନ୍ତ କରିବା ପରିବର୍ତ୍ତେ ବରଂ ଉପକୃତ କରାଇବାର

ପ୍ରୟାସ ଏଥିରେ ଲକ୍ଷଣୀୟ । ରାମାୟଣରୁ ଉକ୍ତ କାହାଣୀଟିକୁ କବି ସଂଗ୍ରହ କରିଛନ୍ତି । ଭାରତୀୟ ପରମ୍ପରାରେ ସନ୍ତାନର ପିତାମାତାଙ୍କ ପ୍ରତି କର୍ତ୍ତବ୍ୟ ଶେଷ ପର୍ଯ୍ୟନ୍ତ ରହିଛି । ଏହି ପ୍ରସଙ୍ଗ ଉପରେ କବି ରାଧାନାଥ ଗୁରୁତ୍ୱ ଦେଇଛନ୍ତି । ବାତ୍ସଲ୍ୟସ୍ନେହର ମନ୍ଦାକିନୀଧାରାରେ ରସସିକ୍ତ ହୋଇଛି ଉକ୍ତ କୃତିର ଭିତ୍ତିଭୂମି ।

ଅନ୍ଧମୁନିଙ୍କ ମୁଖରେ କବି କହିଛନ୍ତି -

'ରଙ୍କର ତୁ ନିଧିବାବୁ, ବୃଦ୍ଧର ଲଉଡ଼ି
ଅଚକ୍ଷୁର ଚକ୍ଷୁ ତୁହି, ଅଗତିର ଗତି
ରହିଛନ୍ତି ଆଜିଯାଏ ତୋହଯୋଗୁଁ ସିନା
ଏ ଅନ୍ଧଅନ୍ଧୁଣୀ, ବାବୁ, ଜୀବନେ ବରତି ।'

କବିବର ରାଧାନାଥ ଉପରୋକ୍ତ ପ୍ରସଙ୍ଗମାନ ଉପସ୍ଥାପନା ପୂର୍ବକ କେବଳ ଯେ ଭାରତୀୟ ଚେତନାର ନିର୍ମଳ ନିରାଜନା କରିଛନ୍ତି ତାହା ନୁହେଁ, ଶ୍ରୀଜଗନ୍ନାଥ ସଂସ୍କୃତି ଉପରେ ଗୁରୁତ୍ୱ ଆରୋପ କରି ସେ ମଧ୍ୟ ଭାରତୀୟ ଭାବଧାରାରେ ଭାବିତ ହୋଇଛନ୍ତି । ଶ୍ରୀଜଗନ୍ନାଥ ଓଡ଼ିଶାରେ ନୀଳାଚଳରେ ସିଂହସନାସୀନ ହେଲେ ହେଁ, ସେ କେବଳ ଓଡ଼ିଶାର ନୁହନ୍ତି, ସମଗ୍ର ଭାରତର ଦେବତା ଭାବରେ ଗୃହୀତ ଓ ପୂଜିତ । ସବୁ ସଂପ୍ରଦାୟର ମହାମିଳନପୀଠ ଭାବରେ ପ୍ରତିଷ୍ଠିତ ଶ୍ରୀକ୍ଷେତ୍ର କ୍ଷେତ୍ରରାଜ ନାମରେ ନାମିତ । ଶ୍ରୀଜଗନ୍ନାଥ ସବୁ ଦେବତାଙ୍କ ମଧ୍ୟରେ ଶ୍ରେଷ୍ଠତ୍ୱର ଅଧିକାରୀ । ତେଣୁ ସଂସ୍କୃତରେ କୁହାଯାଇଛି -

''ସର୍ବେଷାଂ ସର୍ବକ୍ଷେତ୍ରାଣାଂ ରାଜା ଶ୍ରୀ ପୁରୁଷୋତ୍ତମଃ
ସର୍ବେଷାଂ ସର୍ବ ଦେବାନାଂ ରାଜା ଶ୍ରୀ ପୁରୁଷୋତ୍ତମଃ ।''

ଶ୍ରୀଜଗନ୍ନାଥ ମହାପ୍ରଭୁ ହେଉଛନ୍ତି ସମନ୍ୱୟ ଚେତନାର ଦେବତା । ଅନ୍ୟ ଦେବଦେବୀଙ୍କର ସେ ଆରାଧ୍ୟ । ଚନ୍ଦ୍ରଭାଗା ଖଣ୍ଡକାବ୍ୟରେ କବିବର ରାଧାନାଥ ଶ୍ରୀଜଗନ୍ନାଥଙ୍କର ରାମାଭିଷେକ ଉତ୍ସବ ବର୍ଣ୍ଣନା ଅବକାଶରେ କେତେକ ଦେବଦେବୀଙ୍କର ସମାବେଶ ସଂପର୍କରେ ଉଲ୍ଲେଖ କରିଛନ୍ତି । ହରଚଣ୍ଡୀ, ମଙ୍ଗଳା, କାଳିଜାଈ, ସୂର୍ଯ୍ୟ, ରତି, କନ୍ଦର୍ପ ଆଦି ବହୁ ଦେବଦେବୀ ସମବେତ ହୋଇଛନ୍ତି ସିଂହଦ୍ୱାରରେ । ଏହି ପ୍ରସଙ୍ଗରୁ ସମନ୍ୱୟ ଚେତନା ସଂପର୍କରେ ଯେଉଁ ସୂଚନା ମିଳେ ତାହା ହିଁ ଭାରତୀୟ ସଂସ୍କୃତିର ନିର୍ମଳ ନିର୍ଯ୍ୟାସ ।

କବି ପ୍ରତିଭାର ସ୍ୱର୍ଣ୍ଣିମ ଆଲେଖ୍ୟ ଅଙ୍କିତ ଅନ୍ୟ ଏକ ଖଣ୍ଡ କବିତା 'ତୁଳସୀ ସ୍ତବକ'ରେ । ଏହା 'ବର୍ଷା' ଓ 'ଶରତ' ଶିରୋନାମାରେ ଦୁଇଭାଗରେ ବିଭକ୍ତ । ଏଥିରେ ତୁଳସୀ ଦାସଙ୍କ ରାମଚରିତମାନସର ପ୍ରଭାବ ସ୍ପଷ୍ଟ ହେଲେ ହେଁ କବିଙ୍କର ଏପରି ଏକ ବିଷୟବସ୍ତୁ ଚୟନ ମୂଳରେ ଥିବା ଆନ୍ତରିକତା ଯେ ଅତ୍ୟନ୍ତ ଆକର୍ଷଣୀୟ ଏଥିରେ ସନ୍ଦେହ ନାହିଁ । ଭାରତୀୟ ସଂସ୍କୃତି ପ୍ରତି ସୀମାହୀନ ଅନୁରକ୍ତିର ଅକପଟ ଅଭିବ୍ୟକ୍ତି ଏଥିରେ ସୁଲଭ । ଭାରତୀୟ ଚେତନାର ନବନିର୍ମାଣ ତଥା ନବମୂଲ୍ୟାୟନ ନିମନ୍ତେ କବିଙ୍କର ପ୍ରୟାସ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ । ଏହି ଖଣ୍ଡକାବ୍ୟଟି ଜୀବନବାଦୀ କାଳଜୟୀ ଏକ ସାରସ୍ୱତ କୃତି କହିଲେ ଅତ୍ୟୁକ୍ତି ହେବ ନାହିଁ । ବଞ୍ଚିବାର ଯଥାର୍ଥକଳା ସଂପର୍କରେ ଏଥିରେ କେତେକ ତଥ୍ୟ ଉପସ୍ଥାପିତ ଯାହା ଭାରତୀୟ ସଂସ୍କୃତିର ମହନୀୟ ଦିଗନ୍ତର ଅନ୍ତର୍ଭୁକ୍ତ । ଏଥିରେ ରାଧାନାଥ ନିଜକୁ ନିଜେ ଅତିକ୍ରମି ଗଲାପରି ମନେହୁଏ । ମହାଭାରତୀୟ ଚେତନାରେ ଉଦ୍‌ବୁଦ୍ଧ ହୋଇ ସ୍ୱଧର୍ମ ପାଳନପୂର୍ବକ ନିଜ ମାଟି ଉପରେ ପାଦ ଥାପିବାକୁ କବି ସତେ ଯେପରି ଆହ୍ୱାନ କରିଛନ୍ତି । ଭୂମି ସହିତ ଭୂମାଙ୍କର ସଂଯୋଗ ପାଇଁ ସୁବର୍ଣ୍ଣସେତୁ ହୋଇଛି ଉକ୍ତ ଖଣ୍ଡକାବ୍ୟ । ଈଶ୍ୱରାନୁଚିନ୍ତା

ସଂପର୍କରେ ପ୍ରସଙ୍ଗକ୍ରମେ କବି କେତେକ ପଂକ୍ତି ଏଥିରେ ଉପସ୍ଥାପନା କରିଛନ୍ତି । ଜୀବନରେ ନୈତିକତା, ଧାର୍ମିକଭାବନା ତଥା ମାନବିକତାର ସୁମଧୁର ସ୍ପର୍ଶ ସମ୍ବନ୍ଧରେ କବି ଯାହାସବୁ ଉଲ୍ଲେଖ କରିଛନ୍ତି ସେସବୁ ପ୍ରଣିଧାନଯୋଗ୍ୟ । ଜୀବନକୁ ସୁସ୍ଥ ସୁନ୍ଦର କରିବା ପାଇଁ ସତେ ଯେମିତି ରାଧାନାଥ ଲୋକ ଶିକ୍ଷକର ଭୂମିକାରେ ଅବତୀର୍ଣ୍ଣ । ଏଥିରେ ପାଶ୍ଚାତ୍ୟ ଭୂମିର ତତ୍ତ୍ୱ ଉପରେ ଗୁରୁତ୍ୱ ଆରୋପିତ ନ ହୋଇ ଭାରତୀୟ ଚିନ୍ତା ଓ ଚେତନା ପ୍ରତି ଆନ୍ତରିକତା ପ୍ରକଟିତ ହୋଇଛି । ଏହି ଖଣ୍ଡକାବ୍ୟରୁ କବିଙ୍କର ଭାରତୀୟ ସଂସ୍କୃତି ପ୍ରତି ଅନୁରକ୍ତି ସଂପର୍କରେ ସମ୍ୟକ ଧାରଣା କରିହୁଏ ।

'ଶିବାଜୀଙ୍କ ଉତ୍ସାହବାକ୍ୟ' ଶୀର୍ଷକ ଅନ୍ୟ ଏକ କବିତାରେ କବିଚିତ୍ତର ମହନୀୟ ଦିଗନ୍ତ ଉନ୍ମୋଚିତ ଓ ଉପସ୍ଥାପିତ । ଏହା ଏକ ଉଦ୍‌ବୋଧନ ମୂଳକ କବିତା । ଏଥିରେ ଭାରତଭୂମିର ମହତ୍ତ୍ୱ ଓ ଗୁରୁତ୍ୱ ପ୍ରତିଷ୍ଠାପ୍ରାପ୍ତ । ଶିବାଜୀଙ୍କ ମୁଖରେ ଯେଉଁ ଉତ୍ସାହବାଣୀ କବି ପ୍ରଦାନ କରିଛନ୍ତି, ତାହା ଏକାଧାରରେ ଅବିସ୍ମରଣୀୟ ଓ ଅନୁଭବ୍ୟ । ଭାରତର ଜୟଗୀତିରେ ବିମୁଗ୍ଧ କବିକଣ୍ଠ ଶିବାଜୀଙ୍କ ସ୍ୱର ସହ ମିଳାଇ ଗାଇ ଉଠିଛି -

''ଏ ଭାରତ ଭୂମି ଆମ୍ଭର ଜନନୀ
ପୁଣ୍ୟ ଭୂମି ନାହିଁ ସରି ଏହାର
ଅମୂଲ୍ୟ ଦୁର୍ଲ୍ଲଭ ରତନର ଖଣି
ସବୁଦେଶ ମଧ୍ୟେ ଏ ଦେଶ ସାର ।''

କବିଙ୍କର ଭାରତ ପ୍ରତି ସୀମାହୀନ ମମତା ନ ଥିଲେ ସ୍ପଷ୍ଟ ଭାବରେ ଏପରି ଭାବସମନ୍ୱୟର ପଦମାଳା ତାଙ୍କ ଲେଖନୀରେ ଆତ୍ମପ୍ରକାଶ କରି ନ ଥାନ୍ତା ।

ଅତଏବ ବିଭିନ୍ନ ଦୃଷ୍ଟିରୁ ବିଚାର କଲେ ଏହା ପ୍ରତିପାଦିତ ଯେ ରାଧାନାଥ କେବଳ ସୁଷମାର ଗ୍ରାହକ ନୁହଁନ୍ତି, କେବଳ ଉତ୍କଳୀୟ ପ୍ରାକୃତିକ ଶୋଭାର ସାର୍ଥକ ଚିତ୍ରକର ନୁହଁନ୍ତି, କେବଳ ପ୍ରୀତିପ୍ରବଣତାର ସ୍ୱର୍ଣ୍ଣିମସ୍ୱାକ୍ଷର ନୁହନ୍ତି, ସେ ମଧ୍ୟ ମହାଭାରତୀୟ ଚେତନାରେ ବହୁ ଭାବରେ ଅନୁପ୍ରାଣିତ ଏକ ବିଶିଷ୍ଟ ବ୍ୟକ୍ତିତ୍ୱ, ଏଥିରେ ସନ୍ଦେହର ଅବକାଶ ନାହିଁ ।

ଓଡ଼ିଆ ରୀତିକାବ୍ୟ ସଂପର୍କରେ କେତେକ ଜ୍ଞାତବ୍ୟ ତଥ୍ୟ

ରୀତିସାହିତ୍ୟ ହେଉଛି ଏକ ନିର୍ଦ୍ଦିଷ୍ଟ ଶୃଙ୍ଖଳାର ସାହିତ୍ୟ । ସମାଜର ରୁଚିକୁ ନେଇ ସମାଜର କଲ୍ୟାଣ ପାଇଁ ଏହା ଅଭିପ୍ରେତ । ଜୀବନକୁ ଖୋଜିବା ପାଇଁ ଏଥିରେ ବହୁ ଉପାଦାନ ଉପସ୍ଥାପିତ । ଏପରି ମଧ୍ୟ କୁହାଯାଇପାରେ ଯେ ଏହା ତତ୍କାଳୀନ ଜୀବନଧାରାର ସୁଲଳିତ ଭାଷ୍ୟ । ଭାଷାର ବିମୁଗ୍ଧ ବିନ୍ୟାସ, ଛନ୍ଦର ବିମଳ ବିଳାସରେ ଏହାର ବିଶେଷତ୍ୱ ପରିବ୍ୟାପ୍ତ । ପାଠକ ପ୍ରତି ସୀମାହୀନ ଆନ୍ତରିକତା ଏଥିରେ ଅନୁଭବ୍ୟ । ପ୍ରୀତିପ୍ରବଣତା, ସୌନ୍ଦର୍ଯ୍ୟବୋଧ ଓ ଆନନ୍ଦବୋଧ ଏହାର ମୁଖ୍ୟ ଉପାଦାନ ଭାବରେ ଗୃହୀତ । ଧର୍ମ ଏଠାରେ ଗୌଣ ଉପାଦାନ ଭାବରେ ଗୃହୀତ । କଥାବସ୍ତୁର ଗଠନ ଓ ଗତିଶୀଳତାରେ ନିର୍ଦ୍ଦିଷ୍ଟ ଶୃଙ୍ଖଳା ପ୍ରାୟ ଅନୁସୃତ । ଖୁବ୍ ଅଳ୍ପ କେତେକ କାବ୍ୟକୁ ବାଦଦେଲେ ଅନ୍ୟ ସବୁ କାବ୍ୟ ମିଳନାନ୍ତକ ।

ପ୍ରୀତି ପ୍ରବଣତାକୁ ଉଚ୍ଚ ଆସନ ଦିଆଯାଇ ଜୀବନର ଏକ ବିଶିଷ୍ଟ ଦିଗ ପ୍ରତି ସଚେତନତା ଏଥିରେ ପ୍ରକଟିତ । ପ୍ରେମ ହିଁ ଜୀବନର ମୂଳମନ୍ତ୍ର । ପ୍ରେମ ନାହିଁ ତ ଜୀବନ ନାହିଁ । ପ୍ରେମ କହିଲେ ନିଃସ୍ୱାର୍ଥପରତା ଭିତ୍ତିକ ଭଲପାଇବାକୁ ବୁଝାଏ । ଶ୍ରୀଅରବିନ୍ଦଙ୍କ ମତରେ - 'Love is not to possess but to give one self । ଜୀବନର ସ୍ଥିତି ପ୍ରେମରେ ଓ ଅଭିବ୍ୟକ୍ତି ମଧ୍ୟ ପ୍ରେମରେ । ପଣ୍ଡିତ ବିନାୟକ ମିଶ୍ରଙ୍କ ମତରେ ''ପ୍ରେମହୀନ ହୃଦୟ ହୃଦୟ ନୁହେଁ । ପ୍ରେମଲାଗି ମନୁଷ୍ୟର ଜୀବନ ମଧୁମୟ ହୁଏ ଓ ସଂସାର ତାହା ପକ୍ଷରେ ନନ୍ଦନକାନନରେ ପରିଣତ ହୁଏ । ପ୍ରେମରେ ମନୁଷ୍ୟର ସ୍ୱର୍ଗଭୋଗ, ପ୍ରେମରେ ମନୁଷ୍ୟର ମୁକ୍ତି । ପ୍ରେମରେ ସଂସାର ଚଳେ । ପ୍ରେମ ହିଁ ସାହିତ୍ୟର ପ୍ରାଣ, ପ୍ରେମ ହେଉଛି ସାହିତ୍ୟର ଭୂଷଣ ।'' ଅତଏବ ଜୀବନରେ ଯାହା ସତ୍ୟ ରୀତିକାବ୍ୟରେ ତାହା ସତ୍ୟ । ପ୍ରେମ ସେଠାରେ ରାଜସିଂହାସନରେ ଅଭିଷିକ୍ତ । ପ୍ରେମ ବିକୃତ ନୁହେଁ, ବୀଭତ୍ସ ନୁହେଁ, ଶାରଦୀୟ ଜ୍ୟୋତ୍ସ୍ନାପରି ଶୀତଳ ଓ ଅନୁପମ । ପ୍ରେମପାଇଁ ଉପନିଷଦରେ କୁହାଯାଇଛି 'ପ୍ରେମମୂଳାମେଦିନୀ, ପ୍ରେମାଶ୍ରିତା ଜୀବନବୃତ୍ତି ।'

ଆନନ୍ଦବୋଧର ଆଧାର ହେଉଛି ମନୁଷ୍ୟର ଜୀବନ । ଜୀବନର ପୂର୍ଣ୍ଣତା ପ୍ରକଟିତ ଆନନ୍ଦରେ । ଆନନ୍ଦ କେବଳ ମନୁଷ୍ୟ ଜୀବନର ନୁହେଁ ସମଗ୍ର ବିଶ୍ୱର ମୂଳତତ୍ତ୍ୱ କହିଲେ ଅତ୍ୟୁକ୍ତି ହେବ ନାହିଁ । ଆନନ୍ଦରେ ଫୁଲ ଫୁଟେ, ଆନନ୍ଦରେ ନଦୀ ପ୍ରବାହିତ ହୁଏ, ଆନନ୍ଦରେ ସାଗର ଉଚ୍ଛୁଳେ । ବ୍ୟକ୍ତି ଜୀବନରେ ଆନନ୍ଦ ପାଇବାର ଆଶା ହିଁ ବଞ୍ଚିବାପାଇଁ ପ୍ରବଳ ପ୍ରେରଣା ପ୍ରଦାନ କରିଥାଏ, ନିଜକୁ ଯେତେ ଦୁଃଖୀ ବୋଲି ପ୍ରମାଣ କରିବାକୁ ପ୍ରଚେଷ୍ଟା କଲେ ମଧ୍ୟ ବ୍ୟକ୍ତି ଯେ ଦୁଃଖଠାରୁ ଅଧିକ ଆନନ୍ଦ ଜୀବନରେ ପାଇଥାଏ, ଏଥିରେ ସନ୍ଦେହ ନାହିଁ । ଅତଏବ ଜୀବନର ସାରବସ୍ତୁ ହିଁ ଆନନ୍ଦ । ଆନନ୍ଦ ନଥିଲେ ଜୀବନ ହୋଇଯାନ୍ତା ଶୁଷ୍କ, ନୀରସ, ନିର୍ବେଦ ଓ ଜଡ଼, ଜୀବନ ବଞ୍ଚି ହୁଅନ୍ତା ନାହିଁ । ଜୀବନର ଏହି ବିଶିଷ୍ଟ ବିଭବଟି ରୀତିସାହିତ୍ୟର ଛତ୍ରେଛତ୍ରେ ପ୍ରକଟିତ, ସ୍ନାୟୁରେ ଶିରାରେ ସଂଚରିତ ।

ସୌନ୍ଦର୍ଯ୍ୟବୋଧର ଭୂମିକା ଜୀବନରେ ଅତ୍ୟନ୍ତ ସ୍ୱତନ୍ତ୍ର ଓ ବୈଶିଷ୍ଟ୍ୟପୂର୍ଣ୍ଣ । ଏହି ସୌନ୍ଦର୍ଯ୍ୟବୋଧ ହିଁ ମନୁଷ୍ୟକୁ ଅରଣ୍ୟବାସୀରୁ ପ୍ରାସାଦବାସୀ କରାଇଛି । ଏହା ଉନ୍ନତ ରୁଚି ସୃଷ୍ଟି କରିଛି ମଣିଷ ମନରେ । ସାହିତ୍ୟ ବିଶେଷ କରି ରୀତି ସାହିତ୍ୟରେ ସୌନ୍ଦର୍ଯ୍ୟବୋଧ ଉପରେ ଅଧିକ ଗୁରୁତ୍ୱ ଆରୋପିତ । ସାହିତ୍ୟ ଓ ସୌନ୍ଦର୍ଯ୍ୟ ପ୍ରବନ୍ଧରେ ସଚ୍ଚି

ରାଉତରାୟ କହନ୍ତି, ''ସୌନ୍ଦର୍ଯ୍ୟକୁ ଛାଡ଼ି ସାହିତ୍ୟ କେବେହେଲେ ବଞ୍ଚିପାରେ ନାହିଁ । ସୌନ୍ଦର୍ଯ୍ୟର ଅନନ୍ତ ପ୍ରକାଶରେ ହିଁ ସାହିତ୍ୟର ଚରମ ସାର୍ଥକତା ।'' ଶ୍ରୀଅରବିନ୍ଦଙ୍କ ମତରେ ''ଶବ୍ଦରେ ସୌନ୍ଦର୍ଯ୍ୟକୁ ଗୁନ୍ଥି ନିର୍ମଳ ଆନନ୍ଦ ସୃଷ୍ଟି କରିବା ହେଉଛି କବିର ଯଥାର୍ଥ କର୍ମ''। ୱାଟସ ଜନଟନ୍‌ଙ୍କ ମତରେ "The poet must not forget that his final quest is beauty" । ଅତଏବ ଏ ଦୃଷ୍ଟିରୁ ରୀତିକାବ୍ୟର ସ୍ଥିତି ସ୍ୱତନ୍ତ୍ର ସୋପାନରେ, ଏଥିରେ ସନ୍ଦେହ ନାହିଁ ।

ପାଠକ ପ୍ରତି ଆଗ୍ରହ ଓ ଆକର୍ଷଣ ଓଡ଼ିଆ ରୀତିକାବ୍ୟରେ ସ୍ପଷ୍ଟ ଭାବରେ ଉପଲବ୍ଧ । ସୁଜନ, ବିଦୁଷ, ଧୀର, ପଣ୍ଡିତ, ସାଧୁଜନ, ସୁହୃଦ, କୋବିଦ, ରସିକ, ବିଚକ୍ଷଣ, ବିବୁଧ, ବିଜ୍ଞ, ଗୁଣବନ୍ତ, ଅର୍ଥୀଜନ ଇତ୍ୟାଦି ସମ୍ବୋଧନ ମାଧ୍ୟମରେ କବିଚିତ୍ତରୁ ପାଠକ ପ୍ରତି ଯେଉଁ ଆନ୍ତରିକତା ବିଚ୍ଛୁରିତ ତାହାର ପଟାନ୍ତର ନାହିଁ ।

ଓଡ଼ିଆ ରୀତିକାବ୍ୟରେ ସଂସ୍କୃତ କାବ୍ୟତତ୍ତ୍ୱର କେତେକ ଦିଗର ଉପସ୍ଥିତି ଅନୁଭବ୍ୟ । ସମଭାବରେ ନହେଲେ ମଧ୍ୟ ଊଣା ଅଧିକେ ରସବାଦ, ରୀତିବାଦ, ଅଳଙ୍କାରବାଦ, ଧ୍ୱନିବାଦ, ବକ୍ରୋକ୍ତିବାଦ ଓ ଔଚିତ୍ୟବାଦର ସ୍ଥିତି ଏଥିରେ ଲକ୍ଷ୍ୟଣୀୟ । ଏ ପରିପ୍ରେକ୍ଷୀରେ ଉପେନ୍ଦ୍ରଭଞ୍ଜଙ୍କର ଲାବଣ୍ୟବତୀର ଅଂଶ ବିଶେଷକୁ ଉଦାହରଣ ଭାବରେ ଗ୍ରହଣ କରାଯାଇପାରେ । ଏଥିରୁ ଭଞ୍ଜଙ୍କର କାବ୍ୟାଦର୍ଶ ସଂପର୍କରେ ଧାରଣା କରିହୁଏ ।

କବିଙ୍କ ଭାଷାରେ -

''ମୂର୍ତ୍ତିମନ୍ତ କରି ମୃଦୁଗୀତ ବିଚାରଇ
ଏଣୁ କରି ଥିବ ଅଳଙ୍କାର ଯୁକ୍ତ ହୋଇ
ପଦ ସରଳ ଧ୍ୱନିରେ ମାନସ ମୋହିବ
ଅର୍ଥୀଜନ ପ୍ରକରକୁ ଆନନ୍ଦ କରିବ ।'' (ଲାବଣ୍ୟବତୀ)

ଏହାର ବାଖ୍ୟା ଏହିପରି -

ମୂର୍ତ୍ତିମନ୍ତ କରି ମୃଦୁଗୀତ ବିଚାରଇ- ରସବାଦ
ଏଣୁ କରିଥିବ ଅଳଙ୍କାର ଯୁକ୍ତ ହୋଇ - ଅଳଙ୍କାରବାଦ
ପଦ ସରଳ - ରୀତିବାଦ
ଧ୍ୱନିରେ ମାନସ ମୋହିବ - ଧ୍ୱନିବାଦ
ଅର୍ଥୀଜନ ପ୍ରକରକୁ - ବକ୍ରୋକ୍ତିବାଦ
ଆନନ୍ଦ କରିବ - ଔଚିତ୍ୟବାଦ

ଏହି ପରିପ୍ରେକ୍ଷୀରେ ପ୍ରତ୍ୟେକ ସଂପ୍ରଦାୟର ମୁଖ୍ୟ ଆଚାର୍ଯ୍ୟଙ୍କ ନାମ ସ୍ମରଣୀୟ ।

ରସବାଦ - ଭରତ ରୀତିବାଦ - ବାମନ
ଅଳଙ୍କାରବାଦ - ଭାମହ ଧ୍ୱନିବାଦ- ଆନନ୍ଦବର୍ଦ୍ଧନ
ବକ୍ରୋକ୍ତିବାଦ - କୁନ୍ତକ ଔଚିତ୍ୟବାଦ - କ୍ଷେମେନ୍ଦ୍ର ।

କଥାବସ୍ତୁ ଏଥିରେ ପ୍ରଥାଗତ ହୋଇଛି । ନାୟକ ନାୟିକାଙ୍କର ପୂର୍ବରାଗ, ମିଳନ, ବିରହ ଓ ପୁନର୍ମିଳନରେ କଥାବସ୍ତୁର ପରିସର ସୀମିତ । କଥା ବସ୍ତୁରେ ଚମତ୍କାରିତା ନାହିଁ, ଅଛି ରସିକତା । ସାହିତ୍ୟରେ ରସିକତା ପାଇଁ ପରିବେଶର ଅନୁମୋଦନ ସେତେବେଳେ ଥିଲା । ଜୀବନ ଅଧିକ ସମସ୍ୟାରେ ଜର୍ଜରିତ ନଥିଲା । ଏ ସଂପର୍କରେ ମାୟାଧର ମାନସିଂହଙ୍କର ମତ ଉଲ୍ଲେଖଯୋଗ୍ୟ । ତାଙ୍କ ମତରେ ''ସେ କାଳରେ ସାମାଜିକ ଜୀବନ ନିତାନ୍ତ ଶାନ୍ତ ଥିଲା । ଜୀବନ ସଂଗ୍ରାମ ଏତେ ଭୀଷଣ ନଥିଲା, ତେଣୁ ସ୍ୱଭାବତଃ ଲୋକେ ରସିକତାରେ ବୈଚିତ୍ର୍ୟ ଖୋଜୁଥିଲେ ।''

ସାଙ୍ଗୀତିକତା ଉପରେ ରୀତିକାବ୍ୟରେ ଅଧିକ ପ୍ରାଧାନ୍ୟ ଆରୋପିତ । ସଂଗୀତ ଥିବା ଯୋଗୁଁ ଏହା ପାଠକର

ହୃଦୟକୁ ଟାଣିନିଏ ଏବଂ କିଣିନିଏ । ଫଳତଃ ପାଠକ ପାଖରେ ସ୍ମରଣୀୟ ହୋଇ ରହିଯାଏ । ସଙ୍ଗୀତର ଅପୂର୍ବ ଦିବ୍ୟ ସାମର୍ଥ୍ୟ ରହିଛି ଯାହାଦ୍ୱାରା ସାର୍ଥକ ଭାବରେ ପ୍ରଭାବିତ ହେଲେ ବ୍ୟକ୍ତିର ଚେତନା ବିକଶିତ ହୁଏ । ହୃଦୟକୁ ପ୍ରଶସ୍ତ, ମନକୁ ପ୍ରଶାନ୍ତ, ଚିତ୍ତବୃତ୍ତିକୁ ଲଳିତ କରିବା ନିମନ୍ତେ ସଂଗୀତର ଭୂମିକା ସ୍ୱତନ୍ତ୍ର କହିଲେ ଅତ୍ୟୁକ୍ତି ହେବ ନାହିଁ । ମଣିଷକୁ ମାନସର ଉର୍ଦ୍ଧ୍ୱରାଜ୍ୟକୁ ନେଇଯିବାର କ୍ଷମତା ସଂଗୀତର ରହିଛି । ଭାରତୀୟ ଶାସ୍ତ୍ରରେ ସଂଗୀତକୁ ଉଚ୍ଚଆସନ ଦିଆଯାଇଛି । ଜୀବନର ସୁକୁମାର ଅନୁଭବ ସବୁକୁ ସଂଗୀତ ମାଧ୍ୟମରେ ରୂପାୟିତ କରାଯାଇପାରେ । ବିଭୁ ଭକ୍ତିର ମନ୍ଦାକିନୀଧାରା ଭକ୍ତ ପ୍ରାଣରେ ପ୍ରବାହିତ ହେବା ପାଇଁ ସଂଗୀତ ଯେଉଁ ସହାୟତାକରେ ତାହା ଅନିର୍ବଚନୀୟ । ଏପରି ମଧ୍ୟ କୁହାଯାଇଛି ସଂଗୀତର ତାନ ଓ ଲୟ ବ୍ୟକ୍ତିଚିତ୍ତକୁ ମୋକ୍ଷମାର୍ଗଗାମୀ କରିବାକୁ ସମର୍ଥ ହୋଇପାରେ । ସଂଗୀତ ପାରିଜାତ ଗ୍ରନ୍ଥରେ ଉଲ୍ଲେଖ କରାଯାଇଛି -

''ବୀଣା ବାଦନ ତତ୍ତ୍ୱଜ୍ଞ ଶ୍ରୁତିଜାତି ବିଶାରଦ
ତାଳଜ୍ଞଶ୍ଚାପ୍ରୟାସେନ ମୋକ୍ଷମାର୍ଗଂ ନିଗଚ୍ଛତି ।''

ଭକ୍ତମାନେ ଯେଉଁଠାରେ ଗାନ କରନ୍ତି ସେଠାରେ ଈଶ୍ୱରଙ୍କ ଅବସ୍ଥାନ ସୁଦୃଢ଼ ହୋଇଥାଏ ବୋଲି ଭାରତୀୟ ଜୀବନଧାରାରେ ବିଶ୍ୱାସ ଅତୁଟ ରହିଛି । ଭକ୍ତିଶାସ୍ତ୍ରରେ କୁହାଯାଇଛି-

''ନାହଂତିଷ୍ଠାମି ବୈକୁଣ୍ଠେ ମୁନିନାଂ ହୃଦୟେ ନଚ
ମଦ୍‌ଭକ୍ତା ଯତ୍ରଗାୟନ୍ତି ତତ୍ରତିଷ୍ଠାମି ନାରଦ ।''

ସଂଗୀତର ଏପରି ମନମୋହିନୀ ମାଧୁରିମା ଓ ମହନୀୟତ୍ୱ ଏକାଧାରରେ ଅନୁଭବ୍ୟ ଓ ହୃଦୟସ୍ପର୍ଶୀ । ଏ ପରିପ୍ରେକ୍ଷୀରେ ବିଚାର କଲେ ରୀତିସାହିତ୍ୟରେ ଥିବା ସାଙ୍ଗୀତିକତାର ମୂଲ୍ୟବୋଧ ସ୍ୱତନ୍ତ୍ର ମର୍ଯ୍ୟାଦାର ଅଧିକାରୀ । ଅବଶ୍ୟ ଏଥିପାଇଁ ସାମାଜିକ ପରିବେଶ ସେତେବେଳେ ଅନୁକୂଳ ଥିଲା । ଜନ ଜୀବନ ଥିଲା ସ୍ୱଚ୍ଛନ୍ଦ ଓ ସ୍ୱାଭାବିକ । ଜୀବନରେ ଆଜିପରି ଅହେତୁକ ଅଶାନ୍ତି ନଥିଲା । ଜୀବନ ଥିଲା ଶାନ୍ତ, ସରଳ ଓ ଆନନ୍ଦମୟ । ତତ୍କାଳୀନ ଜୀବନଧାରାର ଆଲେଖ୍ୟ ସଂପର୍କରେ ଜଗବନ୍ଧୁ ସିଂହ ପ୍ରାଚୀନ ଉତ୍କଳ ଗ୍ରନ୍ଥରେ କହିଛନ୍ତି ଯେ - 'ଜାତି ଯେତେବେଳେ ନିଶ୍ଚିନ୍ତ ଅବସ୍ଥାରେ ଥାଏ, ଉଦର ଜ୍ୱାଳାରେ ପୀଡ଼ିତ ନହୋଇ ସୁଖ ଶାନ୍ତିରେ କାଳଯାପନ କରୁଥାଏ, ସେତେବେଳେ ସଂଗୀତର ସ୍ରୋତ ପ୍ରବାହିତ ହୁଏ ।''

ପୁନଶ୍ଚ ରୀତିଯୁଗରେ କବି ହେବାପାଇଁ ବହୁ ଶାସ୍ତ୍ର ପଠନ ଉପରେ ଗୁରୁତ୍ୱ ଆରୋପିତ ହେଉଥିଲା । ପାଣ୍ଡିତ୍ୟ ନଥିଲେ ଲେଖନୀ ଚାଳନା ଏକ ପ୍ରକାର ଅସମ୍ଭବ ଥିଲା । କେବଳ ପ୍ରତିଭା ବଳରେ କବି ହେବାର ଗୌରବ ମିଳୁନଥିଲା । ଏଥି ସହିତ ଏକାନ୍ତ ଆବଶ୍ୟକ ଥିଲା ବହୁଶାସ୍ତ୍ରଦର୍ଶିତା । ବିଶେଷତଃ ସଂସ୍କୃତ ସାହିତ୍ୟ ଓ ଅଳଙ୍କାର ଗ୍ରନ୍ଥ ସମୂହକୁ ପାଠ କରିବା ଥିଲା ଅପରିହାର୍ଯ୍ୟ ଆବଶ୍ୟକତା । ଓଡ଼ିଆ ସାହିତ୍ୟକୁ ସଂସ୍କୃତ ସାହିତ୍ୟର ସମକକ୍ଷ କରିବା ପାଇଁ ସମୟର ଆହ୍ୱାନ ଓ ଯୁଗ ଧର୍ମର ଆବଶ୍ୟକତାକୁ ପୂରଣ କରିବା ଉଦ୍ଦେଶ୍ୟରେ କବିମାନେ ଲେଖନୀ ଚାଳନା କରୁଥିଲେ । ତେଣୁ ସେମାନେ ବିଶେଷତଃ ସଂସ୍କୃତ କାବ୍ୟ ସାହିତ୍ୟ ଅଧ୍ୟୟନ ଉପରେ ଆଗ୍ରହ ପ୍ରକାଶ କରୁଥିଲେ । ସଂସ୍କୃତ ପଣ୍ଡିତ ମାନଙ୍କର ଓଡ଼ିଆ ସାହିତ୍ୟ ପ୍ରତି ହେୟ ଭାବ ଥିବାର ଲକ୍ଷ୍ୟ କରି ଓଡ଼ିଆ କବିମାନେ ସ୍ୱରଚିତ କାବ୍ୟମାନଙ୍କୁ ସଂସ୍କୃତ କାବ୍ୟ ସମକକ୍ଷ କରିବାର ପ୍ରୟାସ ଓ ପ୍ରଚେଷ୍ଟା ଅବ୍ୟାହତ ରଖିଥିଲେ । କବି ସମ୍ରାଟ ଉପେନ୍ଦ୍ର ଭଞ୍ଜଙ୍କର ଉକ୍ତିକୁ ଏ କ୍ଷେତ୍ରରେ ଉଦାହରଣ ରୂପରେ ଗ୍ରହଣ କରାଯାଇପାରେ । ଉପେନ୍ଦ୍ର ଭଞ୍ଜଙ୍କ ମତରେ-

''ଏତ ପରାକୃତ କାବ୍ୟ ଛାନ୍ଦପ୍ରାନ୍ତ ସତ
ଦୃଷ୍ଟି ଦୃଷ୍ଟାନ୍ତର ଏଥି ଅଛି ବିଶେଷତଃ
ଘେନ ନୈଷଧ ପରାୟେ
କହେ ଉପଇନ୍ଦ୍ର ବୁଧ ପ୍ରମୋଦ କରାଏ ।''(କୋଟି ବ୍ରହ୍ମାଣ୍ଡ ସୁନ୍ଦରୀ)

ରୀତି କବିମାନେ ବିଶେଷତଃ ଲଘୁତ୍ରୟୀ ଓ ଗୁରୁତ୍ରୟୀ ଗ୍ରନ୍ଥ ପାଠରେ ଅଧିକ ଗୁରୁତ୍ୱ ପ୍ରଦାନ କରୁଥିଲେ ।

କାଳିଦାସଙ୍କର ରଘୁବଂଶ, କୁମାରସମ୍ଭବ ଏବଂ ମେଘଦୂତକୁ ଲଘୁତ୍ରୟୀ ବୋଲି କୁହାଯାଏ । ଭାରବୀଙ୍କର କିରାତାର୍ଜୁନୀୟ, ମାଘଙ୍କର ଶିଶୁପାଳ ବଧ ଏବଂ ଶ୍ରୀହର୍ଷଙ୍କର ନୈଷଧୀୟ ଚରିତକୁ ଗୁରୁତ୍ରୟୀର ଅନ୍ତର୍ଭୁକ୍ତ ବୋଲି କୁହାଯାଏ ।

ରୀତିକାବ୍ୟରେ ଶୃଙ୍ଗାରରସ ବା ଆଦିରସକୁ ମୁଖ୍ୟରସ ଭାବରେ ଗ୍ରହଣ କରାଯାଇ ଅନ୍ୟ ରସକୁ ଗୌଣସ୍ଥାନ ପ୍ରଦାନ କରାଯିବାର ପରମ୍ପରା ଦେଖିବାକୁ ମିଳେ । ଏପରି କୁହାଯାଇପାରେ ଯେ ଶୃଙ୍ଗାର ବ୍ୟତୀତ ଅନ୍ୟ ରସ ଆବଶ୍ୟକତା ଅନୁସାରେ ଉପସ୍ଥାପିତ ହୋଇଛି । ଗୋଟିଏ ଗୋଟିଏ କାବ୍ୟରେ ପ୍ରାୟ ୪/୫ଟି ରସର ଚର୍ଚ୍ଚା ମଧ୍ୟ କରାଯାଇଛି । କବି ସମ୍ରାଟ ସ୍ୱରଚିତ କାବ୍ୟ ସୁଭଦ୍ରା ପରିଣୟରେ ବହୁରସର ସମାବେଶ ପ୍ରସଙ୍ଗ ଉଲ୍ଲେଖ କରି କହିଛନ୍ତି -

''ସପ୍ତ ତିରିଶ ପଦେ ପୂରିତ, ବୀର କାରୁଣ୍ୟ ହାସ୍ୟ ଅଦ୍ଭୁତ
ବୀଭତ୍ସ ଭୟାନକ ସୁଶାନ୍ତ ରୌଦ୍ରଶୃଙ୍ଗାର ଯେ
ସୁବ୍ୟକ୍ତ ଗୁଣି ସ୍ଥାନ ସ୍ଥାନକେ ପ୍ରତୀତ ହେବ ଆଳଙ୍କାରିକେ
ଶୁଣି ତୃପତ ହେବେ ରସିକେ ପଣ୍ଡିତ ନର ଯେ ।''

ଅଳଙ୍କାର ପ୍ରତି ସ୍ୱର୍ଶକାତରତା ରୀତି କବି ନିକଟରେ ଲକ୍ଷ୍ୟଣୀୟ । ଉଭୟ ଶବ୍ଦାଳଙ୍କାର ଓ ଅର୍ଥାଳଙ୍କାର ପ୍ରୟୋଗରେ କବିମାନେ ସିଦ୍ଧହସ୍ତ । ରାତି ଯେପରି ଚନ୍ଦ୍ରବିନା ଶୋଭନୀୟ ହୁଏ ନାହିଁ, ରୀତିକାବ୍ୟ ସେପରି ଅଳଙ୍କାର ବିନା ଶୋଭନୀୟ ହୁଏ ନାହିଁ, କାବ୍ୟରେ ଅଳଙ୍କାରର ଶୋଭା ବିଭବକୁ ଦେଖି ଅଭିଭୂତ ହୋଇ ପଣ୍ଡିତ ବିନାୟକ ମିଶ୍ର ସ୍ୱରଚିତ ଓଡ଼ିଆ ସାହିତ୍ୟର ଇତିହାସ ପୁସ୍ତକରେ ଲେଖିଛନ୍ତି -

''ଓଡ଼ିଆ କାବ୍ୟଯୁଗର ଏକ ପ୍ରଧାନ ବୈଶିଷ୍ଟ୍ୟ ହେଉଛି ତାହାର ଶବ୍ଦାଳଙ୍କାର ଓ ଅର୍ଥାଳଙ୍କାରର ପ୍ରାଚୁର୍ଯ୍ୟ । ଭାରତର ଅନ୍ୟାନ୍ୟ ପ୍ରାଦେଶିକ ରୀତି ସାହିତ୍ୟରେ ଏତେ ଆଳଙ୍କାରିକତା ଲକ୍ଷ୍ୟ କରାଯାଏ ନାହିଁ ।'' ରୀତି କାବ୍ୟରେ ଉପମା ଅଳଙ୍କାରର ପ୍ରାଧାନ୍ୟ ଲକ୍ଷଣୀୟ । ନାୟିକାର ରୂପ ବର୍ଣ୍ଣନା ଅବକାଶରେ ଆଳଙ୍କାରିକତାର ଅଧିକ ପ୍ରୟୋଜନୀୟତା ପରିଦୃଷ୍ଟ ହୁଏ । ନାୟିକାର ତନୁ ଲାବଣ୍ୟର ସୁରମ୍ୟ ଆଲେଖ୍ୟ ଅଙ୍କନ କରିବା ବେଳେ କବିମାନେ ବିଭିନ୍ନ ଉପାଦାନକୁ ଉପମାନ ଭାବରେ ଗ୍ରହଣ କରିଥାନ୍ତି । ଏହାକୁ ନାୟିକାର ନଖଶିଖ ବର୍ଣ୍ଣନା କୁହାଯାଏ । ଏଥିପାଇଁ କେତେକ ନିର୍ଦ୍ଦିଷ୍ଟ ନିୟମ ରହିଛି ଯାହାକୁ ବର୍ଣ୍ଣନାର ପରମ୍ପରା କହିଲେ ଚଳେ । ସେଥିରୁ କେତେକ ନିମ୍ନରେ ପ୍ରଦତ୍ତ ହେଲା ।

କେଶ ତୁଳିତ ହୁଏ - ଚାମର, ମେଘ, ମୟୂରପୁଚ୍ଛ
ଭ୍ରୂକୁଟୀ - ଧନୁ, ତରଙ୍ଗ, କାମକତୁରୀ
ମୁଖ - ପଦ୍ମ, ଦର୍ପଣ, ବିଧୁ
ନେତ୍ର - ମୀନ, ପଦ୍ମ, ଖଞ୍ଜନ, ତୀର, ମଦିରା
ଦୃଷ୍ଟି - ବଡ଼ଶୀ
ନାସିକା - ତିଳପୁଷ୍ପ, ତୂଣୀର, ଶୁକଚଞ୍ଚୁ
ଅଧର - ପ୍ରବାଳ, ବିମ୍ବଫଳ, ବନ୍ଧୂକ ଫୁଲ
ଦନ୍ତ - କୁନ୍ଦକଢ଼ି, ମୁକ୍ତା, ସୁଧା, ହୀରକ, ଡାଳିମ୍ବମଞ୍ଜି
ଗ୍ରୀବା - ଶଙ୍ଖ, ପୂର୍ଣ୍ଣକୁମ୍ଭ
ଭୁଜ - କନକଦଣ୍ଡ, ମୃଣାଳନାଡ଼, ହସ୍ତୀଶୁଣ୍ଡ

ଅଙ୍ଗୁଳି - ଚମ୍ପକ କଳିକା, କଳ୍ପଲତାର ପଞ୍ଚଶାଖା

କଟୀ - ସିଂହକଟୀ, ଉମ୍ବରୁ ମଧ୍ୟ

ଚରଣ - କମଳ, ପଲ୍ଲବ

ପାଦନଖ - ମୁକ୍ତା, ପ୍ରବାଳ, ଚନ୍ଦ୍ରକାନ୍ତମଣି ଇତ୍ୟାଦି ।

ଉଦାହରଣସ୍ୱରୂପ ଏଥିପାଇଁ ଗୋଟିଏ ଦୁଇଟି ଶ୍ଲୋକ ଉଦ୍ଧାର କରାଯାଇପାରେ । ଶ୍ରୀଜଗନ୍ନାଥ ନାରାୟଣଦେବଙ୍କ କବି କଣ୍ଠହାର ଗ୍ରନ୍ଥରେ ଉଲ୍ଲେଖ କରାଯାଇଛି ଅଧର ବର୍ଣ୍ଣନା ନିମନ୍ତେ ନିମ୍ନୋକ୍ତ ଶ୍ଲୋକ ।

''ଅଧରସ୍ୟ ତୁ ବନ୍ଧୁକଂ ଜବାଭି ନବ ପଲ୍ଲବଃ
ପାଟଳୀ ଦାଡ଼ିମି ପୁଷ୍ପଂ ପ୍ରବାଳଂ ବିମ୍ବିକା ଫଳମ୍ ।''

ପୁନଶ୍ଚ ହସ ପାଇଁ ଅନ୍ୟ ଏକ ଶ୍ଲୋକ ଉଦ୍ଧାର କରାଯାଇପାରେ ।

''ହାସସ୍ୟ ପୁଷ୍ପଂ ପୀୟୁଷ, ଝର ଜ୍ୟୋସ୍ନା, ଯଶାଂସିଚ
କର୍ପୂରଂ ହୀରକଂ ମୁକ୍ତା ଯଥାଯୋଗ୍ୟଂ ହସତ୍ରୟେ ।''

ପ୍ରକୃତି ବର୍ଣ୍ଣନା କ୍ଷେତ୍ରରେ ରୀତିକାବ୍ୟର ସିଦ୍ଧି ଓ ପ୍ରସିଦ୍ଧି ଲକ୍ଷ୍ୟଣୀୟ । ପ୍ରକୃତି ଏଠାରେ ଜଡ଼ ନୁହେଁ, କେତେକାଂଶରେ ଚେତନାର ଅଧିକାରୀ । ଈଶ୍ୱରଙ୍କର ଦୃଶ୍ୟମାନ ଭୌତିକ ଅଭିବ୍ୟକ୍ତି ହେଉଛି ପ୍ରକୃତି । ସାହିତ୍ୟରେ ଏହାର ସ୍ଥିତି ଅନବଦ୍ୟ ଓ ଅଭିନନ୍ଦନୀୟ । ରୀତି ସାହିତ୍ୟରେ ପ୍ରକୃତି ବର୍ଣ୍ଣନାର ସ୍ୱର୍ଣ୍ଣିମ ଆଲେଖ୍ୟ ଅଙ୍କିତ । ନାୟକ ନାୟିକାଙ୍କର ମନୋଭାବ ପ୍ରକୃତି ବର୍ଣ୍ଣନା ମାଧ୍ୟମରେ ଆରୋପିତ ହୋଇଥାଏ । ରୀତିକାବ୍ୟରେ ପ୍ରକୃତି କେବଳ ଫଟୋଗ୍ରାଫ ବୋଲି କେତେକ ଆଲୋଚକ କହିଥାନ୍ତି । କିନ୍ତୁ ପ୍ରକୃତ ପକ୍ଷେ ଏହା ସେପରି ନୁହେଁ । ରୀତି କାବ୍ୟରେ ପ୍ରକୃତିରେ ପ୍ରାଣସତ୍ତା ଲକ୍ଷ୍ୟ କରିହୁଏ ।

ଏ ପ୍ରସଙ୍ଗରେ ଗୋଟିଏ ଦୁଇଟି କାବ୍ୟରୁ ଉଦାହରଣ ଦିଆଯାଇପାରେ । ଲାବଣ୍ୟବତୀ କାବ୍ୟରେ କବି ସମ୍ରାଟ ଉପେନ୍ଦ୍ର ଭଞ୍ଜ ବନ ପ୍ରକୃତିର ବର୍ଣ୍ଣନା ଅବକାଶରେ କହିଛନ୍ତି -

''କେଉଁ ଲତାରୁ କୁସୁମ ଖସିବାରୁ ଏମନ୍ତ ହେଉଛି ପରତେ
ଧନ୍ୟ ଧନ୍ୟ ବୋଲି ପ୍ରଶଂସା କରିକି ରତ୍ନ ବିଞ୍ଚୁଛନ୍ତି ନିରତେ
ପରାଗ, ଛଳେ ସିଞ୍ଚୁଛନ୍ତି କର୍ପୂର
ପଲ୍ଲବଚ୍ଛଳେ ପଣତେ ବିଞ୍ଚୁଛନ୍ତି ଉପକାରକୃତେ ତାଙ୍କର ।''

ରୀତିକାବ୍ୟରେ ଷଡ଼ଋତୁର ବର୍ଣ୍ଣନା, ସକାଳ ସନ୍ଧ୍ୟାର ବର୍ଣ୍ଣନା ଉଦ୍ୟାନ, ଉପବନ ବର୍ଣ୍ଣନା, ନଦୀର ବର୍ଣ୍ଣନା ଅତ୍ୟନ୍ତ ହୃଦୟଗ୍ରାହୀ ହୋଇଥାଏ । ବର୍ଣ୍ଣନା ଅବକାଶରେ ମଝିରେ ମଝିରେ ପ୍ରକୃତିରେ ଜୀବନ୍ୟାସ ଆରୋପିତ ହୁଏ । ରସକଲ୍ଲୋଳ କାବ୍ୟରେ କବି ଦୀନକୃଷ୍ଣ ବନ ବର୍ଣ୍ଣନା ସମୟରେ କହିଛନ୍ତି -

''କେଉଁ ଲତାରୁ ଫୁଲ ପାଖୁଡ଼ା ଖସେ
କୁସୁମ ବରଷିଲା ପରାୟେ ଦିଶେ
କୁସୁମିତ ବଲ୍ଲରୀ ପବନେ ଚଳେ
କିଶୋର କିଶୋରୀଙ୍କୁ ଚାମର ଢାଳେ
କେଉଁ ବଲ୍ଲରୀ ଫଳେ ନମ୍ରତା ହୋଇ
କୃଷ୍ଣ ଗୋପୀଙ୍କି ନମସ୍କାର କରଇ ।''

ନାୟିକା ଉପରେ ଅସାମାନ୍ୟ ଗୁରୁତ୍ୱ ଆରୋପିତ ହୁଏ ରୀତିକାବ୍ୟରେ । ବହୁ ରୀତିକାବ୍ୟ ଏହି କାରଣରୁ ନାୟିକାର ନାମରେ ନାମିତ । ନାୟକ ନିଜକୁ ନାୟିକାର ପ୍ରେମରେ କିଣାଜନ ବୋଲି ବିଚାର କରିବାକୁ କୁଣ୍ଠା

ପ୍ରକାଶ କରେ ନାହିଁ । ଏ ପ୍ରସଙ୍ଗରେ ଲାବଣ୍ୟବତୀ କାବ୍ୟରୁ ପଦେ ଦୁଇପଦ ସ୍ମରଣକୁ ଆସେ । କବିଙ୍କ ଭାଷାରେ କାବ୍ୟ ନାୟକ ମୁଖରେ କୁହାଯାଇଛି ।

''କଲେ ତୁ ଚିର ଅନୁଗ୍ରହ ସୁଦନ୍ତୀ
ଅଳତା ପତ୍ରେ ଚିତ୍ରକର ହୁଅନ୍ତି
ସେବାରେ ଆଳୀ ଫୁଲ ଗୁନ୍ଥାରେ ମାଳୀ
ହୋଇ ଲଗାନ୍ତି କାମ ବଦନେ କାଳି ।''

ନାୟିକାକୁ ଅଧିକ ବିଦଗ୍ଧା, ମୃଗ୍ଧା ନାୟିକାରେ ପରିଣତ କରିବା ପାଇଁ ରୀତିକାବ୍ୟରେ କବି ସୁଯୋଗ ସୃଷ୍ଟି କରିଥାନ୍ତି । ବୈଦେହୀବିଳାସ କାବ୍ୟରୁ ଏ ପ୍ରସଙ୍ଗରେ ଉଦାହରଣଟିଏ ଦିଆଯାଇପାରେ । ରାମଚନ୍ଦ୍ର ଓ ସୀତାଙ୍କର ପ୍ରଥମ ସାକ୍ଷାତରେ ରାମଚନ୍ଦ୍ର ଯାହା କହିଛନ୍ତି ସୀତା ତା'ଠାରୁ ଆଉ ଟିକିଏ ଅଧିକ କଥା ଲେଖା ମାଧ୍ୟମରେ କହିଛନ୍ତି । ରାମଚନ୍ଦ୍ରଙ୍କ ମୁଖରେ -

''ବିଦଗ୍ଧ ଶ୍ରୀରାମଚନ୍ଦ୍ର କହେ
ବନ୍ଧୁ ଜୀବନ ଥିବାର ଏ ଦେହେ
ବିଳାସିନୀ ନ କରିବି ଆନକୁ
ବୋଲି ଛୁଇଁ ଦୀପ ହୁତାଶନକୁ''

ପୁନଶ୍ଚ ସୀତାଙ୍କ ଦ୍ୱାରା କବି ଯାହା କରାଇଛନ୍ତି ତାହା ଏହିପରି -

''ବଇଦେହୀ କେଶୁ କାଢ଼ି କେତକୀ
ବର୍ଣ୍ଣଲିଖିତ ପୋଛି କସ୍ତୁରୀ କି
ବଳି ନାହିଁ ଆନେ ଆଜଯାଏ ତ
ବଳାଇବି ଜନ୍ମେ ଜନ୍ମେ ମୋ ଚିତ୍ତ
ବର ମଣ୍ଡପରୁ ଯିବ ବାହୁଡ଼ି
ବାର୍ତ୍ତାବହେ ତୁମକୁ ଥିବି ଲୋଡ଼ି ।''

ନାୟିକା କେବଳ ନୁହେଁ ଅନ୍ୟାନ୍ୟ ନାରୀ ଚରିତ୍ର ମଧ୍ୟ ରୀତିକାବ୍ୟରେ ବିଦଗ୍ଧା ହୋଇଥିବାର ଲକ୍ଷ୍ୟ କରିହୁଏ । ନାରୀର ପ୍ରକୃତ ମହତ୍ତ୍ୱ ରହିଛି ବିଦଗ୍ଧତାରେ । ଏହି ତତ୍ତ୍ୱରେ ରୀତିକାବ୍ୟ ବିଶ୍ୱାସ କରେ । ଉଦାହରଣ ଭାବରେ ଲାବଣ୍ୟବତୀରୁ ଗୋଟିଏ ଦୁଇଟି ପଦ ଗ୍ରହଣ କରାଯାଇପାରେ ଯେଉଁଥିରେ ମନ୍ତ୍ରୀ କନ୍ୟା ପ୍ରଶ୍ନ କରିଛି ଅପୂର୍ବ ଛଟାରେ ରାଜକୁମାରୀକୁ । ରାଜକୁମାରୀ ହସିହସି ସେ ପ୍ରଶ୍ନର ଉତ୍ତର ଦେଇଛି । ପ୍ରଶ୍ନୋତ୍ତର ଏହିପରି -

''ମନ୍ତ୍ରୀଜା ପୁଚ୍ଛିଲା ଜେମାକୁ ଚଉବର୍ଣ୍ଣେ ଏସନ
ଏକାକ୍ଷରେ ଖ୍ୟାତ ଧରଣୀ କରଭୂଷାତ୍ରିବର୍ଣ୍ଣ
ବ୍ୟସ୍ତେ ବସନ୍ତାଦି ଫୁଲେକ ପୁଣି ତଟର ନାମ
ସମସ୍ତ ପଢ଼ିଲେ ହୋଇବ ଜଳେ ଥିଲା କୁସୁମ ।
ଚତୁରୀ ତୁରିତେ ଜାଣିଲା ହସି କହିଲା ତହିଁ
କଂସ କରିବର ପରାୟେ ମୋତେ ପରତେ ହୋଇ ।''

ଉକ୍ତ ଉଦ୍ଧୃତାଂଶରେ ଭଞ୍ଜ କବିଙ୍କର ଶବ୍ଦ ପାଣ୍ଡିତ୍ୟର ବର୍ଣ୍ଣବିଭା ପ୍ରକଟିତ । ଶବ୍ଦଟି ହେଉଛି କୁବଳୟ । ଏକାକ୍ଷରେ ଖ୍ୟାତ ଧରଣୀ ଅର୍ଥାତ୍ 'କୁ'ର ଅର୍ଥ ହେଉଛି ଧରଣୀ । 'କର ଭୂଷା ତ୍ରିବର୍ଣ୍ଣ' ଅର୍ଥାତ ବଳୟ । ଓଲଟା ପାଲଟା କରି ପଢ଼ିଲେ ବସନ୍ତ ଋତୁର ଫୁଲ ଅର୍ଥାତ୍ ବକୁଳ ହେବ । ପୁଣି ଏକାଠି ପଢ଼ିଲେ ହେବ ଜଳର ଫୁଲ

ଅର୍ଥାତ କୁବଳୟ । ହସିହସି ରାଜକୁମାରୀ ଉତ୍ତରରେ କହିଲା ଯେ ଶବ୍ଦଟି କଂସ କରୀବର ଅର୍ଥାତ କୁବଳୟ ଅଟେ । ନାରୀର ବିଦଗ୍ଧତା ଭିତରେ କବିଙ୍କର ପାଣ୍ଡିତ୍ୟ ପ୍ରକାଶିତ ହୋଇଅଛି । ପଞ୍ଚସଖା ସାହିତ୍ୟର ଇଡ଼ା, ପିଙ୍ଗଡ଼ା ଓ ଗୋଲାହାଟର ତତ୍ତ୍ୱ ଆଉ ରହିପାରିଲା ନାହିଁ । ଓଡ଼ିଆ କାବ୍ୟ ଦିଗ୍‌ବଳୟରେ ନୂତନ ଶୈଳୀର ଉଷାଲୋକ ପ୍ରକଟିତ ହେଲା । ଲଳିତ କଳାକୌଶଳର ବିମଳବିଭାରେ ବିମଣ୍ଡିତ ହେଲା କାବ୍ୟ କଳେବର । ଯେଉଁ ଉପାଦାନ ସବୁ ଏଥିପାଇଁ କବିମାନଙ୍କୁ ମୁଖ୍ୟତଃ ପ୍ରେରଣା ଦେଲା ତାହାହେଲା -

୧. ରାମାୟଣ, ମହାଭାରତ ଓ ଭାଗବତରୁ ଉପାଦାନ

୨. ସଂସ୍କୃତ ଅଳଙ୍କାର ଗ୍ରନ୍ଥରୁ କାବ୍ୟ ସୌନ୍ଦର୍ଯ୍ୟର ଆହରଣ

୩. ଗୋସ୍ୱାମୀମାନଙ୍କର ରଚନାର ପ୍ରଭାବ ।

ବିଭିନ୍ନ ଧାରାରୁ ଭିନ୍ନଭିନ୍ନ ଉପାଦାନର ସମନ୍ୱୟରେ ଓଡ଼ିଆ ରୀତି ସାହିତ୍ୟ ହୋଇଛି ପବିତ୍ର ସୁନ୍ଦରତୀର୍ଥ । ଏ ତୀର୍ଥର ମହିମା ଓ ମାଧୁରିମା ସ୍ୱତନ୍ତ୍ର ଭାବରେ ଅନୁଭବ୍ୟ । ରୁଚିବୋଧ ଏଥିରେ ରହିଛି, ଜୀବନର ଚିରନ୍ତନ ସ୍ପନ୍ଦନରୁ କେତେକ ଏଥିରେ ରୂପାୟିତ ହୋଇଛି । ଜୀବନକୁ ଏକ ସୁକୁମାର ଦିଗରୁ ବୁଝିବାକୁ ଏହା ପ୍ରେରଣା ଦିଏ । ସାହିତ୍ୟର ଲକ୍ଷ୍ୟ ପୂରଣ ଦିଗରେ ରୀତି ସାହିତ୍ୟ ଯେ ଗୁରୁତ୍ୱପୂର୍ଣ୍ଣ ଭୂମିକାରେ ଅବତୀର୍ଣ୍ଣ, ଏହା ମୁକ୍ତ କଣ୍ଠରେ ସ୍ୱୀକାର୍ଯ୍ୟ ।

ସାହିତ୍ୟ କାଳେ କାଳେ ଯଥାଯୋଗ୍ୟ ଭାଷାଶ୍ରୟୀ ଓ ଭାବରେ ଅବଗାହୀ । ପାଠକ ମନରେ ରୁଚିମଧୁରତା ସୃଷ୍ଟି କରିବା ଏହାର ଅନ୍ୟତମ କ୍ରିୟା । ପାଠକର ମନକୁ ସ୍ପର୍ଶ ନକଲେ ସାହିତ୍ୟ ହୁଏ ମୂଲ୍ୟହୀନ । ରୀତି କାବ୍ୟର ସୁଲଲିତ ପ୍ରଭାବକୁ ପାଠକ ପଢ଼ି ଅନୁଭବ କରିଥାନ୍ତି । ସଂଗୀତଜ୍ଞ ଅଭିଭୂତ ହୁଅନ୍ତି ରୀତିକାବ୍ୟର ସାଂଗୀତିକ ମଧୁରିମାରେ । ନୃତ୍ୟ ଶିଳ୍ପୀଙ୍କର ନୃତ୍ୟର ମୁଦ୍ରାରେ ରୂପାୟିତ ହୁଏ ରୀତିକାବ୍ୟର ଭାବବିଳାସ । ଗବେଷକ ପାଇଥାନ୍ତି ଅନେକ ତଥ୍ୟ ତତ୍କାଳୀନ ସାମାଜିକ, ରାଜନୈତିକ ଜୀବନ ତଥା ସାଂସ୍କୃତିକ ଜୀବନ ସଂପର୍କରେ । ସମାଜର ବିଭିନ୍ନ ଶ୍ରେଣୀର ବ୍ୟକ୍ତିଙ୍କୁ ଆନନ୍ଦ ପ୍ରଦାନ କରିବାର ସାମର୍ଥ୍ୟ ଥିବାରୁ ରୀତି ସାହିତ୍ୟ ହୋଇଛି ଆଦରଣୀୟ ଓ ବରଣୀୟ । ଆଜିର ସମସ୍ୟା ସେଥିରେ ପ୍ରତିଫଳିତ ହୋଇ ନାହିଁ, ଏହା ସତ୍ୟ ମାତ୍ର ସମସ୍ୟାର କେବଳ ଉପସ୍ଥାପନାରେ ସାହିତ୍ୟର ମର୍ଯ୍ୟାଦା ବୃଦ୍ଧି ହୁଏ ବୋଲି କୁହାଯାଇ ପାରିବ ନାହିଁ । ଜୀବନର ଚଲାପଥରେ ଯେଉଁ ସାହିତ୍ୟ ଅଗ୍ରଗତି କରିବାକୁ ଯେତିକି ପ୍ରେରଣା ଦିଏ ତାହା ସେତିକି ପରିମାଣରେ ସାର୍ଥକ ସାହିତ୍ୟ ବୋଲି ଗ୍ରହଣୀୟ । ଶ୍ରୀଅରବିନ୍ଦଙ୍କର ସାହିତ୍ୟ ସଂପର୍କରେ ମତ ଏଠାରେ ଅବତାରଣା କରାଯାଇପାରେ । ସେ ମତ ଦେଇ କହିଛନ୍ତି ''କୌଣସି ଏକ ସାହିତ୍ୟର ମହତ୍ତ୍ୱ ନିର୍ଭରକରେ ତା'ର ଉପାଦାନର ମହତ୍ତ୍ୱ ଓ ମୂଲ୍ୟ ଉପରେ, ତା'ର ଭାବଧାରା ଏବଂ ଭାଷାଗତ ସୌନ୍ଦର୍ଯ୍ୟର ମୂଲ୍ୟବୋଧ ଉପରେ ।'' ଏହି ପରିପ୍ରେକ୍ଷୀରୁ ବିଚାର କଲେ ରୀତି ସାହିତ୍ୟର ସ୍ଥାନ କେଉଁଠାରେ ତାହା ସହଜରେ ଅନୁମେୟ ।

-୦-

ଭାରତୀୟ ସଂସ୍କୃତି ଓ ସ୍ୱାମୀ ବିବେକାନନ୍ଦ

ଭାରତୀୟ ସଂସ୍କୃତି ଏକ ପ୍ରବହମାନ ଧାରା । ସୁଦୂର ଅତୀତରୁ ଏହାର ଗତିଶୀଳତା ଅବ୍ୟାହତ ରହିଛି । ସମୟକ୍ରମେ ବହୁବାଧାବିଘ୍ନ ଆସି ଅପସରି ଯାଇଛି, ଭାରତୀୟ ସଂସ୍କୃତିର ବିଶେଷ କିଛି କ୍ଷତି କରିପାରି ନାହିଁ । ଏହାର କେତେକ କାରଣ ଭିତରୁ ଏଥିରେ ଥିବା ଅନ୍ତର୍ନିହିତ ଜାଗ୍ରତ ଚେତନା ଅନ୍ୟତମ । ସଂସ୍କୃତି ହେଉଛି ଗୋଟିଏ ଜାତିର ମାର୍ଜିତ ରୁଚିବୋଧ ଓ ଚେତନାର ଅନ୍ୟନାମ । ଏହା ରୂପ ପ୍ରାପ୍ତ ହେଲେ ସଭ୍ୟତା ନାମରେ ନାମିତ ହୁଏ । ସଂସ୍କୃତିର ମାନଦଣ୍ଡରେ ଗୋଟିଏ ଜାତିର ମାନସିକ ଉଚ୍ଚତାକୁ ମାପିହୁଏ । ଚକ୍ରବର୍ତ୍ତୀ ରାଜଗୋପାଳଚାରୀଙ୍କ ମତରେ ଯେଉଁ ଅନୁଚିନ୍ତା ମାନବଜୀବନକୁ ପୂର୍ଣ୍ଣକରେ ତାହା ହିଁ ସଂସ୍କୃତି । ଅନୁରୂପ ଭାବରେ ମତ ଦେଇଛନ୍ତି T.S. Eliot ତାଙ୍କ ମତରେ "Culture may even be described as that which makes life worth living" ଅତଏବ ଏହା ମୁକ୍ତକଣ୍ଠରେ ସ୍ୱୀକାର୍ଯ୍ୟ ଯେ ମନୁଷ୍ୟ ଜୀବନ ସହିତ ସଂସ୍କୃତି ଅଙ୍ଗାଙ୍ଗୀ ଭାବେ ଜଡ଼ିତ । ଗୋଟିକୁ ଅନ୍ୟଠାରୁ ପୃଥକ କରିହେବ ନାହିଁ ।

ଭାରତୀୟ ସଂସ୍କୃତିର ବିଚାର ଓ ବିଶ୍ଳେଷଣ କଲାବେଳେ ଏଥିରେ ଥିବା କେତେକ ଉପାଦାନ ସ୍ପଷ୍ଟ ଭାବରେ ଦୃଷ୍ଟିଗୋଚର ହୁଏ । ତନ୍ମଧ୍ୟରେ ପ୍ରାଚୀନତା ହେଉଛି ଏକ ଉପାଦାନ ଯାହା ଭାରତୀୟ ସଂସ୍କୃତିକୁ ସ୍ୱତନ୍ତ୍ର ସମ୍ମାନ ଆଣିଦେଇଛି । ଗ୍ରୀକ୍ ସଂସ୍କୃତି ଓ ରୋମ ସଂସ୍କୃତିଠାରୁ ଏହାର ପ୍ରାଚୀନତ୍ୱ ସ୍ୱୀକୃତ ଓ ସମ୍ମାନିତ । ଏ ପରିପ୍ରେକ୍ଷୀରେ ସ୍ୱାମୀ ବିବେକାନନ୍ଦଙ୍କ ମତ ସ୍ମରଣକୁ ଆସେ । ତାଙ୍କ ମତରେ, ''ଯେତେବେଳେ ଗ୍ରୀସର ଜନ୍ମ ହୋଇନାହିଁ, ରୋମ କଥା କେହି ଭାବିନାହିଁ, ସେହି ସୁଦୂର ଯୁଗରେ ଭାରତ ତାହାର ସଂସ୍କୃତିର ସାଧନାରେ କର୍ମମୁଖର ଥିଲା ।'' ଭାରତବର୍ଷକୁ ସ୍ୱାମୀଜୀ ଖଣ୍ଡେ ଭୂମି ଭାବରେ, ଭାଷାର ଏକ ଅଳଙ୍କାର ଭାବରେ ଗ୍ରହଣ ନ କରି, ଏହାକୁ ଏକ ଜୀବନ୍ତ ଦେବୀ, ଏକ ଅଫୁରନ୍ତ ମହାଶକ୍ତି ଭାବରେ ବରଣ କରିଛନ୍ତି । ଭାରତୀୟ ସଂସ୍କୃତିର ପୂର୍ଣ୍ଣାଙ୍ଗ ଇତିହାସ ଏପର୍ଯ୍ୟନ୍ତ ଲେଖାଯାଇପାରି ନାହିଁ । ଏହାର କାରଣ ହେଉଛି ଇତିହାସ ଲେଖାର ପ୍ରୟାସର ବହୁ ପୂର୍ବରୁ ଭାରତୀୟ ସଂସ୍କୃତିର ସ୍ଥିତିଥିଲା, ରଗ୍‌ବେଦରେ ଏହି ସଂସ୍କୃତିର କେତେକ ବିଭବ ଉପସ୍ଥାପିତ ହୋଇଛି । ରଗ୍‌ବେଦକୁ ସମଗ୍ର ବିଶ୍ୱର ପ୍ରାଚୀନତମ ଗ୍ରନ୍ଥ ବୋଲି ମାନ୍ୟତା ଦିଆଯାଉଥିବାରୁ ଭାରତୀୟ ସଂସ୍କୃତି ଯେ ବିଶ୍ୱର ପ୍ରାଚୀନତମ ସଂସ୍କୃତି, ଏହା ନିର୍ବିବାଦରେ ସ୍ୱୀକାର କରାଯାଇପାରେ ।

ଅଧ୍ୟାତ୍ମଚେତନା ହେଉଛି ଅନ୍ୟ ଏକ ସୁମହତ ଉପାଦାନ ଯାହା ଭାରତୀୟ ସଂସ୍କୃତିକୁ ସୁଶୋଭିତ ଓ ସୁବାସିତ କରିଛି । ଈଶ୍ୱରାନୁଚିନ୍ତା ସହିତ ଈଶ୍ୱରଙ୍କଠାରେ ସମର୍ପଣ ଭାବ ହିଁ ଆଧ୍ୟାତ୍ମିକତାର ମୂଳତତ୍ତ୍ୱ । ଧର୍ମ ପ୍ରତି ସଚେତନତା ଓ ଆଧ୍ୟାତ୍ମିକତା ଏକାକଥା ନୁହେଁ । ଧାର୍ମିକ ଚେତନା ଆଚାର ପ୍ରଧାନ ହେଲାବେଳେ ଆଧ୍ୟାତ୍ମିକତା ବିଚାର ପ୍ରଧାନ ହୋଇଥାଏ । ତେବେ ଆଧ୍ୟାତ୍ମିକତାରେ ପହଞ୍ଚିବା ନିମନ୍ତେ ଧାର୍ମିକ ଭାବନା ଏକ ମାଧ୍ୟମ ବୋଲି କୁହାଯାଇପାରେ । ଯେତେ ମତ ସେତେ ପଥ ନ୍ୟାୟରେ ବିଭିନ୍ନ ଧର୍ମ ଗୋଟିଏ ଗୋଟିଏ ପଥ ହେଲେ ହେ ପ୍ରତ୍ୟେକ ଧର୍ମର ଲକ୍ଷ୍ୟ ଓ

ଆଭିମୁଖ୍ୟରେ ଅଭିନ୍ନତ୍ୱ ଅନୁଭୂତ ହୁଏ । ଜୀବକୁ ଶିବଜ୍ଞାନ କରିବା ଆଧ୍ୟାତ୍ମିକତାର ଏକ ବଳିଷ୍ଠ ଲକ୍ଷଣ । ଏଥିପାଇଁ ଜାତି, ବର୍ଣ୍ଣ, ଧର୍ମର ବନ୍ଧନ ନିରର୍ଥକ । ପରମପୁରୁଷ ଶ୍ରୀରାମକୃଷ୍ଣ ଶିବଜ୍ଞାନେ ଜୀବସେବା ଉପରେ ଗୁରୁତ୍ୱ ଆରୋପ କରିଛନ୍ତି । ସ୍ୱାମୀ ବିବେକାନନ୍ଦ ମଧ୍ୟ ଏହାର ବହୁଳ ପ୍ରଚାର କରି ଯାଇଛନ୍ତି । ନିଜଠାରେ ଅନ୍ୟକୁ ରଖିବାରେ ପ୍ରକୃତ ମାନବିକତା ପ୍ରକଟିତ ହୁଏ । ବେଦ, ଉପନିଷଦ, ସଂହିତା ତଥା ପୁରାଣ ମାନଙ୍କରେ ଏହି ଚେତନା ମୂର୍ତ୍ତିମନ୍ତ ହୋଇଛି । 'ବସୁଧୈବ କୁଟୁମ୍ବକମ୍' କଥାଟି ଏହି ପାରସ୍ପରିକ ମମତ୍ୱବୋଧର ଭିତ୍ତି ଉପରେ ପ୍ରତିଷ୍ଠିତ ଯାହାକୁ ବିଶ୍ୱପ୍ରେମର ମୂଳମନ୍ତ୍ର ବୋଲି କୁହାଯାଇପାରେ । ଆଧ୍ୟାତ୍ମିକତା ସଂପର୍କରେ ସ୍ୱାମୀ ବିବେକାନନ୍ଦଙ୍କ ମତ ସ୍ମରଣୀୟ । ତାଙ୍କ ମତରେ ''ଆଧ୍ୟାତ୍ମିକତା ଆମର ଜାତୀୟ ଜୀବନର ଶୋଣିତ ପ୍ରବାହ । ଯେତେଦିନ ଭାରତର ଆଧ୍ୟାତ୍ମିକ ଦୃଷ୍ଟିଭଙ୍ଗୀ ଅବ୍ୟାହତ ରହିବ, ସେତେଦିନ ଭାରତୀୟ ଜାତିର ବିନାଶ ନାହିଁ ।'' ଆଧ୍ୟାତ୍ମିକତାକୁ କେତେକ ବୈରାଗ୍ୟ, ସଂସାର ବର୍ଜନ ତଥା ନିଃସଙ୍ଗ ଜୀବନଯାପନକୁ ବୁଝିଥାନ୍ତି । ପ୍ରକୃତରେ କଥାଟି ସେପରି ନୁହେଁ । ପଳାୟନବାଦରେ ଆଧ୍ୟାତ୍ମିକତା ଆଦୌ ବିଶ୍ୱାସ କରେନାହିଁ କାରଣ ପଳାୟନ କେବେ ବି ବିଜୟ ଗୌରବ ଆଣେ ନାହିଁ ।

ସମାଜରେ ରହି ଜୀବନ ଓ ପରିବେଶ ପ୍ରତି ଆବଶ୍ୟକୀୟ ଅନୁରକ୍ତି ପୋଷଣ ମାଧ୍ୟମରେ ଆଧ୍ୟାତ୍ମିକ ଜୀବନଯାପନ କରାଯାଇପାରେ । ଆଧ୍ୟାତ୍ମିକତା, ଏକ ଦିଗ୍‌ଦର୍ଶୀ ନୁହେଁ ବରଂ ଜୀବନର ସର୍ବାଙ୍ଗୀନ ବିକାଶ ତା'ର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ବୋଲି କୁହାଯାଇପାରେ । ଜୀବନକୁ ସାର୍ଥକ କରିବା ପାଇଁ ଏହାର ପ୍ରୟାସ ଅଭିନନ୍ଦନୀୟ । ଭାରତର ଅତୀତକୁ ନିରୀକ୍ଷଣ କଲେ ଏହା ସ୍ପଷ୍ଟ ଭାବରେ ଅନୁଭୂତ ହୁଏ ଯେ ଆଧ୍ୟାତ୍ମିକତାର ସ୍ପର୍ଶ ଭାରତୀୟ ଜୀବନକୁ ନୀରସ, ଶୁଷ୍କ କରିନାହିଁ, ବସ୍ତୁ ପ୍ରତି ବିମୁଖ କରାଇନାହିଁ । ଆମ ନୀତିଶାସ୍ତ୍ରରେ ଉଲ୍ଲେଖ କରାଯାଇଛି ।

'ଅଜରାମରବତ ପ୍ରାଜ୍ଞଃ ବିଦ୍ୟାମର୍ଥଞ୍ଚ ଚିନ୍ତୟେତ'

ଅର୍ଥାତ ବିଦ୍ୟା ଓ ଅର୍ଥ ଅର୍ଜନବେଳେ ନିଜକୁ ଅଜର ଅମର ପ୍ରାୟ ମନେକରିବା ଉଚିତ୍ । ଏଥିରୁ ସ୍ପଷ୍ଟ ପ୍ରମାଣିତ ଯେ ଭାରତୀୟ ସଂସ୍କୃତିରେ ଧନ ବିମୁଖତା, ବିଦ୍ୟା ବିମୁଖତା ଦେଖାଯାଏ ନାହିଁ । ଧନ ଅର୍ଜନ ଏଠାରେ ଚେତନାର ବିନାଶ ନକରି ବରଂ ଚେତନାର ବିକାଶ ପଥରେ ସହାୟତା କରିଥାଏ । ଧନସମ୍ପଦ ହେଉଛି ଈଶ୍ୱରୀୟ ଶକ୍ତିର ଏକ ବାହ୍ୟତମ ବ୍ୟାବହାରିକ ରୂପବୋଲି କହିଲେ ଅତ୍ୟୁକ୍ତି ହେବ ନାହିଁ । ଜ୍ଞାନ, ଭକ୍ତି ଓ କର୍ମ ଏହି ତିନି ମାର୍ଗର ଗୁରୁତ୍ୱ ଆଧ୍ୟାତ୍ମିକତା କ୍ଷେତ୍ରରେ ଉପଲବ୍ଧ କରାଯାଏ । ପ୍ରାଣ ପ୍ରଧାନ ବ୍ୟକ୍ତିଙ୍କ ପାଇଁ କର୍ମମାର୍ଗ, ହୃଦୟପ୍ରଧାନ ବ୍ୟକ୍ତିଙ୍କ ପାଇଁ ଭକ୍ତିମାର୍ଗ ଓ ମନ ପ୍ରଧାନ ବ୍ୟକ୍ତିଙ୍କ ପାଇଁ ଜ୍ଞାନମାର୍ଗ ଶାସ୍ତ୍ରୀୟ ମତରେ ଉଦ୍ଦିଷ୍ଟ । ଏ ତିନି ମାର୍ଗ ଭିତରେ ପାରସ୍ପରିକ ବିରୋଧଭାବ ନାହିଁ । ବରଂ ପ୍ରତ୍ୟେକ ପରସ୍ପରର ପରିପୂରକ । ଅନ୍ୟ ଭାଷାରେ କହିଲେ ଯଥାର୍ଥ ହେବ ଯେ ତିନି ମାର୍ଗର ସମ୍ୟକ ସମନ୍ୱୟରେ ପରିପୂର୍ଣ୍ଣତା ସର୍ବାଙ୍ଗ ସୁନ୍ଦର ହୁଏ । ସ୍ୱାମୀ ବିବେକାନନ୍ଦ ଏହା ଉପରେ ଗୁରୁତ୍ୱ ଆରୋପ କରିଛନ୍ତି ।

ସାମଗ୍ରିକତା ଆମ ସଂସ୍କୃତିର ଅନ୍ୟ ଏକ ଉପାଦାନ । ବିଭାଜନରେ ଆମର ଆସ୍ଥା ନଥାଏ । ଏକତା ହିଁ ଜୀବନର ବିକାଶ ନିମନ୍ତେ କୁସୁମିତ ପଥ ରଚନା କରେ ବୋଲି ଆମ ସଂସ୍କୃତି ଘୋଷଣା କରେ ।

ଭାରତବର୍ଷରେ ବହୁଭାଷା, ବହୁ ଚଳଣି ଦେଖିବାକୁ ମିଳେ । ଜଳବାୟୁଗତ, ଚଳଣିଗତ ଏତେ ଆଞ୍ଚଳିକ ବିଭିନ୍ନତା ରହିଛି ଯେ ଏଥିପାଇଁ ଭାରତକୁ ଏକ ଉପମହାଦେଶର ଆଖ୍ୟା ଦିଆଯାଇପାରେ । ଏତେ ବିଭିନ୍ନତା ସତ୍ତ୍ୱେ କୌଣସି ଏକ ଶକ୍ତି ସବୁକୁ ବାନ୍ଧି ରଖିଛି । ଯେତେବେଳେ ଭାରତରେ ଚେତନାରେ ମ୍ଲାନିମା ଆସିଛି ସେତେବେଳେ ଭଗବତସତ୍ତା ଆତ୍ମପ୍ରକାଶ କରି ପୁନର୍ବାର ତାକୁ ସମୁଜ୍ଜ୍ୱଳ କରିବା ପାଇଁ ସଯତ୍ନ ପ୍ରୟାସ କରିଛନ୍ତି । ବହୁ ଦେବତାର ଉପାସନା ସନାତନ ସଂପ୍ରଦାୟରେ ଥିଲେ ହେଁ ଉପାସକ ଗୋଷ୍ଠୀଙ୍କ ମଧ୍ୟରେ କୌଣସି ମନୋମାଳିନ୍ୟ ସ୍ଥାୟୀ ହୋଇ ରହିନାହିଁ । ଏହା ଭାରତୀୟ ଜୀବନଧାରାର ଏକ ବିଶେଷତ୍ୱ । ସବୁ ଗୋଷ୍ଠୀର ମତବାଦକୁ ସମ୍ମାନ ଦେବା ଭାରତୀୟ

ସଂସ୍କୃତିର ଉଦାରତା ଓ ମହନୀୟତାର ପରିଚୟ ଦିଏ । କୁହାଯାଏ 'ସର୍ବଦେବ ନମସ୍କାରଃ କେଶବଂ ପ୍ରତିଗଚ୍ଛତି ।' ଯେତେ ନାମରେ ଯେତେ ପ୍ରକାରେ ଉପାସନା କଲେ ମଧ୍ୟ ତାହା ଏକ ମହାଚେତନା ନିକଟରେ ପହଞ୍ଚିଥାଏ ବୋଲି ଭାରତୀୟ ସଂସ୍କୃତିରେ ବିଶ୍ୱାସ ରହିଛି । ଅତୀତରେ ଆର୍ଯ୍ୟଋଷି ମୁକ୍ତକଣ୍ଠରେ ଘୋଷଣା କରିଥିଲେ ''ସର୍ବେ ଭବନ୍ତୁ ସୁଖୀନଃ ସର୍ବେସନ୍ତୁ ନିରାମୟାଃ ।'' ଏଥିରେ ଦେଶ, କାଳ ଭେଦରେ ସମଗ୍ର ମାନବ ଜାତିକୁ ଅନ୍ତର୍ଭୁକ୍ତ କରାଯାଇଛି । ଅତଏବ ଏପରି ଦେଶ ଏ ବିଶ୍ୱରେ ଆଉ କେଉଁଠି ମିଳିବ ନାହିଁ ଯିଏ ଏକ ସମୟରେ ସମସ୍ତଙ୍କର କଲ୍ୟାଣ କାମନା କରିପାରେ, ବ୍ୟକ୍ତିଗତ ସଂକୀର୍ଣ୍ଣତାରୁ ଦୂରେଇଯାଇ ସମଷ୍ଟିଗତ ବ୍ୟାପ୍ତି ଭିତରେ ନିଜକୁ ହଜାଇ ଦେଇପାରେ । ଏଇ ପରିପ୍ରେକ୍ଷୀରେ ସ୍ୱାମୀଜୀଙ୍କ ମତାମତ ସ୍ମରଣୀୟ । ତାଙ୍କ ମତରେ, ''ଯଦି ପୃଥିବୀ ମଧ୍ୟରେ ଏପରି କୌଣସି ଦେଶ ଥାଏ ଯାହାକୁ ପୁଣ୍ୟଭୂମି ଭାବରେ ଅଭିହିତ କରାଯାଇପାରେ, ଯଦି ଏପରି ଦେଶ ଥାଏ, ଯେଉଁଠାରେ ମନୁଷ୍ୟ ଜାତି ମଧ୍ୟରେ ସର୍ବାପେକ୍ଷା ଅଧିକ କ୍ଷାନ୍ତି, ଧୃତି, ଦୟା ପ୍ରଭୃତି ସଦ୍‌ଗୁଣର ବିକାଶ ଘଟିଛି, ତେବେ ମୁଁ ନିଶ୍ଚିତ ଭାବରେ କହିବି ତାହା ହେଉଛି ଭାରତବର୍ଷ ।''

ଭାରତୀୟ ଜୀବନଧାରା ଏକ ସ୍ୱଚ୍ଛ ମୁକୁର ସଦୃଶ । ବେଳେବେଳେ କେତେକ କାରଣରୁ ଏଥିରେ ଧୂଳି ପଡ଼ିଯାଇ ଏହା ମଳିନ ହୋଇଯାଏ । ସେତେବେଳେ ଏକ ବା ଏକାଧିକ ମହାପୁରୁଷ ଆସି ନିଜ ଚେତନାର କର ସ୍ପର୍ଶରେ ଏହି ମଳିନତାକୁ ଦୂର କରନ୍ତି । ଉନବିଂଶ ଶତାବ୍ଦୀ ହେଉଛି ଏପରି ଏକ ସମୟ ଯେତେବେଳେ ଭାରତୀୟ ଜୀବନ ଅବଚେତନାରେ ଜର୍ଜରିତ ଓ ବିଭିନ୍ନ କୁସଂସ୍କାରରେ ଜଡ଼ିତ ଥିଲା । ସଂପ୍ରଦାୟ ସଂପ୍ରଦାୟ ଭିତରେ ଉତ୍ତମ ବୁଝାମଣାର ଅଭାବ ଅନୁଭୂତ ହେଉଥିଲା । ସାଂପ୍ରଦାୟିକ ସଦ୍‌ଭାବ ସୃଷ୍ଟି କରିବାର ଆଶା ଓ ଆନ୍ତରିକତା ନେଇ ଶ୍ରୀରାମକୃଷ୍ଣ ଯାହା ସବୁ କହିଛନ୍ତି ତାହା ପ୍ରଣିଧାନଯୋଗ୍ୟ । ସେ ଗୋଟିଏ ପୋଖରୀର ଉଦାହରଣ ଦେଇ କଥାଟିକୁ ବୁଝାଇ ଦେଇଛନ୍ତି । ପୋଖରୀର ଭିନ୍ନଭିନ୍ନ ତୁଠରୁ ସଂଗୃହୀତ ଜଳକୁ ଭିନ୍ନ ଭିନ୍ନ ନାମରେ ନାମିତ କରାଗଲେ ମଧ୍ୟ ବସ୍ତୁଟି ଯେ ଏକ ଓ ଅଭିନ୍ନ, ଏକଥା ସେ କହିଛନ୍ତି । ୱାଟର କହିଲେ ଯାହା, ନୀଲୁ କହିଲେ ତାହା, ପାଣି କହିଲେ ଯାହା, ଜଳ କହିଲେ ମଧ୍ୟ ତାହା । ତେଣୁ ସବୁ ଧର୍ମ ଓ ସବୁ ମତବାଦର ମୂଳତତ୍ତ୍ୱ ଏକ । ନାମର ପରିବର୍ତ୍ତନରେ ମୂଳତତ୍ତ୍ୱ ପରିବର୍ତ୍ତିତ ହୁଏ ନାହିଁ । ଏକଇ ଈଶ୍ୱର ସବୁଠାରେ ବିରାଜିତ, ଏକଥା ଶ୍ରୀରାମକୃଷ୍ଣ ମୁକ୍ତ କଣ୍ଠରେ ଉଦ୍‌ଘୋଷଣା କରିଛନ୍ତି । ସ୍ୱାମୀ ବିବେକାନନ୍ଦ ହେଉଛନ୍ତି ଶ୍ରୀରାମକୃଷ୍ଣଙ୍କ ରୂପକ ଅଗ୍ନିର ଦାହିକା ଶକ୍ତି । ଯେପରି ଅଗ୍ନିଠାରୁ ତା'ର ଦାହିକା ଶକ୍ତିକୁ ଭିନ୍ନ କରିହେବ ନାହିଁ ସେପରି ଶ୍ରୀରାମକୃଷ୍ଣଙ୍କଠାରୁ ସ୍ୱାମୀଜୀଙ୍କୁ ଭିନ୍ନ କରିହେବ ନାହିଁ ।

ସ୍ୱାମୀଜୀ ସବୁ ଧର୍ମର ଉର୍ଦ୍ଧ୍ୱକୁ ଯାଇ ନୂତନ ଧର୍ମର ସନ୍ଦେଶ ଦେଇଛନ୍ତି । ଏହା କେବଳ ଭାରତବର୍ଷ ପାଇଁ ଉଦ୍ଦିଷ୍ଟ ନୁହେଁ, ଏହା ସମଗ୍ର ବିଶ୍ୱ ପାଇଁ ମଧ୍ୟ ଅଭିପ୍ରେତ । ତାଙ୍କ ମତରେ, ''ଅନ୍ୟର ମଙ୍ଗଳ କରିବା ହେଉଛି ଧର୍ମ, ଅନ୍ୟର କ୍ଷତି କରିବା ହେଉଛି ପାପ । ଅନ୍ୟକୁ ସୁଖ ପାଇବା, ଆଦର କରିବା ହେଉଛି ଧର୍ମ, ଅନ୍ୟକୁ ଘୃଣା କରିବା ହେଉଛି ପାପ । ଏକତାର ଜ୍ଞାନ ହିଁ ଧର୍ମ, ବିଚ୍ଛିନ୍ନତାବାଦ ହିଁ ପାପ ।'' ଏହା ହିଁ ଯଥାର୍ଥରେ ମାନବିକ ଧର୍ମ । ଏପରି ମହାପୁରୁଷଙ୍କୁ ଥରେ ନୁହେଁ ସହସ୍ରଥର ପ୍ରଣାମ କରିବାକୁ ଇଚ୍ଛା ହୁଏ।''

କେବଳ ଧାର୍ମିକ ପରିବେଶରେ ସଂସ୍କାର ଆଣିବା ପାଇଁ ଯେ ସ୍ୱାମୀଜୀ ପ୍ରୟାସ କରିଛନ୍ତି ତାନୁହେଁ, ଅନ୍ୟାନ୍ୟ ଦିଗରେ ମଧ୍ୟ ଯଥେଷ୍ଟ ଦିଗ୍‌ଦର୍ଶନ ଦେଇଛନ୍ତି । ସେବା, ତ୍ୟାଗର ଦେଶ ଆମର ଭାରତବର୍ଷ । ତ୍ୟାଗରେ ଭୋଗ ତାହାର ଅମ୍ଳାନ ଆଦର୍ଶ । ପାଶ୍ଚାତ୍ୟ ସଂସ୍କୃତିର ପ୍ରଭାବରେ ଭାରତରେ ଜଡ଼ବାଦର ଉପାସନା ସ୍ୱାମୀଜୀଙ୍କୁ ବିଚଳିତ କରିଛି । ସେ ମର୍ମାହତ ହୋଇ କହିଛନ୍ତି, ''ମନେରଖ, ଯଦି ତୁମେମାନେ ଆଧ୍ୟାତ୍ମିକତାକୁ ଛାଡ଼ି ପାଶ୍ଚାତ୍ୟର ଜଡ଼ ସଭ୍ୟତା ପଛରେ ଧାଇଁବ, ତେବେ ଫଳହେବ, ଆଗାମୀ ତିନିପୁରୁଷ ମଧ୍ୟରେ ଜାତିର ବିନାଶ ଘଟିବ, କାରଣ ଏ ଜାତିର ମେରୁଦଣ୍ଡ ଭାଙ୍ଗିଯିବ ।'' ଏ କଥାରୁ ମନେ କରିବା ଉଚିତ ନୁହେଁ ଯେ ସ୍ୱାମୀଜୀ ପାଶ୍ଚାତ୍ୟ ସଭ୍ୟତାକୁ ଘୃଣା

କରୁଥିଲେ । ସେ ପାଶ୍ଚାତ୍ୟ ସଭ୍ୟତାର ଅନ୍ତର୍ଭୁକ୍ତ କେତେକ ଉପାଦାନକୁ ଯଥେଷ୍ଟ ପ୍ରଶଂସା କରୁଥିଲେ । ପାଶ୍ଚାତ୍ୟ ଜଡ଼ବିଜ୍ଞାନକୁ ନ୍ୟୂନ ଦୃଷ୍ଟିରେ ନଦେଖି ସେ ଏହା ସହିତ ପ୍ରାଚ୍ୟର ଦାର୍ଶନିକ ଅନୁଚିନ୍ତାର ସମନ୍ୱୟ ହେବା ଉଚିତ ବୋଲି କହୁଥିଲେ । ଉଭୟ ଭୂଖଣ୍ଡର ସଂସ୍କୃତିରେ କିଛି କିଛି ଅପୂର୍ଣ୍ଣତା ରହିଛି । ଉଭୟର ସମନ୍ୱୟରେ ପୂର୍ଣ୍ଣାଙ୍ଗ ପୂର୍ଣ୍ଣତା ସମ୍ଭବ ବୋଲି ସେ ମତ ଦେଇଛନ୍ତି । ପ୍ରାଚ୍ୟ ଜଗତ ପାଶ୍ଚାତ୍ୟଠାରୁ ଆଗ୍ରହର ସହିତ ଜଡ଼ ବିଜ୍ଞାନ କୌଶଳ ଶିକ୍ଷାକରିବା ଉଚିତ ଏବଂ ପାଶ୍ଚାତ୍ୟ ଜଗତ ନମ୍ରତାର ସହିତ ପ୍ରାଚ୍ୟ ଭୂଖଣ୍ଡରୁ ଆତ୍ମ ସଚେତନତା ତଥା ଆଧ୍ୟାତ୍ମିକ ଅନୁଚିନ୍ତା ଶିକ୍ଷା କରିବା ଉଚିତ୍, ଏହା ଉପରେ ସ୍ୱାମୀଜୀ ସୀମାହୀନ ଗୁରୁତ୍ୱ ଆରୋପ କରିଛନ୍ତି । ଏଥିପାଇଁ ଭାରତୀୟମାନଙ୍କୁ ନିଜ ପାଦକୁ ନିଜ ମାଟିରେ ଦୟରେ ରଖି ଆବଶ୍ୟକତା ଅନୁସାରେ ଅନ୍ୟ ସଂସ୍କୃତିରୁ ମହତ୍ୱପୂର୍ଣ୍ଣ ଉପାଦାନ ସବୁକୁ ଆହରଣ କରିବାପାଇଁ ସେ ଉଦ୍‌ବୋଧନ ଦେଇଛନ୍ତି । ପାଶ୍ଚାତ୍ୟ ଶିକ୍ଷା ସଂପର୍କରେ ନିଜସ୍ୱ ମତ ଦେଇ ସେ କହିଛନ୍ତି ଯେ ମଣିଷ ଗଢ଼ିବା ପାଇଁ ଏହା ଉଦ୍ଦିଷ୍ଟ ନୁହେଁ । ପିଲାଟିଏ ଏ ଶିକ୍ଷା ନୀତିରେ ବିଦ୍ୟାଳୟକୁ ଯାଇ ଶିଖୁଛି ଯେ ତା'ର ପିତା, ମୂର୍ଖ, ପିତାମହ ପାଗଳ, ତା'ର ଧର୍ମଶାସ୍ତ୍ର ସବୁ ମୂଲ୍ୟହୀନ ଇତ୍ୟାଦି ଅନେକ ଉଦ୍ଭଟ ତଥ୍ୟ । ପିଲାଟିକୁ ପ୍ରଚଳିତ ଶିକ୍ଷା ବୁଝାଇ ଦେଇଛି ଯେ ଗୀତାର ଷୋଳଅଣା ପ୍ରକ୍ଷିପ୍ତ, ବେଦରେ ପଲ୍ଲୀଗୀତ ପରି ବହୁ ପୁରୁଣା କଥା ସବୁ ଅଛି । ଏ ଦେଶର ନୀତି ନିୟମ ସବୁ ମୂଲ୍ୟହୀନ ବୋଲି ଶିଖାଇବା ସଙ୍ଗେ ସଙ୍ଗେ ପ୍ରଚଳିତ ଶିକ୍ଷା ପାଶ୍ଚାତ୍ୟର ସବୁ ଭଲ ବୋଲି ଭ୍ରମଧାରଣା ପିଲାଟିକୁ ଶିଖାଇ ଦେଇଛି । ଏହା ସହିତ ଛାତ୍ର ମନରୁ ଆତ୍ମବିଶ୍ୱାସ ଟିକକ ଏ ଶିକ୍ଷା କାଢ଼ି ନେଉଛି ବୋଲି ସ୍ୱାମୀଜୀ ମୁକ୍ତକଣ୍ଠରେ ଘୋଷଣା କରିଛନ୍ତି । ନାରୀଶିକ୍ଷା ପ୍ରତି ତାଙ୍କର ଅଶେଷ ଆନ୍ତରିକତା ଥିଲା, ମାତ୍ର ପ୍ରଚଳିତ ଶିକ୍ଷାନୀତି ଉପରେ ତାଙ୍କର ଆସ୍ଥା ନଥିଲା । ତାଙ୍କ ମତରେ ଯେଉଁମାନଙ୍କର ମା'ଶିକ୍ଷିତା ଓ ନୀତି ନିପୁଣା, ସେ ପିଲାମାନେ ମହତ ଗୁଣର ଅଧିକାରୀ ହେବା ଅପେକ୍ଷାକୃତ ସହଜସାଧ୍ୟ । ସୁଶିକ୍ଷା ପାଇଲେ ଭାରତର କନ୍ୟାମାନେ ଆଦର୍ଶ ନାରୀ ହୋଇପାରିବେ ଓ ସମଗ୍ର ବିଶ୍ୱରେ ଅଗ୍ରଗାମୀ ଭୂମିକାରେ ଅବତୀର୍ଣ୍ଣ ହୋଇପାରିବେ, ଏଥିପାଇଁ ପ୍ରାଥମିକ ଆବଶ୍ୟକତା ହେଉଛି ନିଜ ସଂସ୍କୃତି ପ୍ରତି ଆନ୍ତରିକତା ପ୍ରଦର୍ଶନ । ନମ୍ରତା ଆମ ଦେଶର ନାରୀ ଜାତିର ଭୂଷଣ । ନମ୍ରତା ସହିତ ସତ୍‌ସାହସର ସମନ୍ୱୟ ନାରୀ ଜାତି ଭିତରେ ରହିବା ଉଚିତ ବୋଲି ସ୍ୱାମୀଜୀ ମତବ୍ୟକ୍ତ କରିଛନ୍ତି । ପାରିବାରିକ ଜୀବନର ସୁଖ ଓ ସମୃଦ୍ଧି ନିମନ୍ତେ ଗୃହିଣୀର ଅବଦାନ ଅବିସ୍ମରଣୀୟ । ଭାରତୀୟ ସଂସ୍କୃତିର ମୂଲ୍ୟବୋଧକୁ ଦୃଷ୍ଟିରେ ରଖି ସେ କହିଛନ୍ତି, ''ମୁଁ ତ ସନ୍ୟାସୀ, ସନ୍ୟାସୀ କଦାପି ବିବାହ କରେ ନାହିଁ । ମନେ କରନ୍ତୁ, ଯଦି ମୁଁ ବିବାହ କରିଥାନ୍ତି ଏବଂ ମୋର ସ୍ତ୍ରୀ ମୋର ମା'ଙ୍କର ଅସନ୍ତୋଷର କାରଣ ହୁଅନ୍ତା, ତା'ହେଲେ ମୁଁ ମଧ୍ୟ ସ୍ତ୍ରୀ ଉପରେ ବିରକ୍ତ ହୁଅନ୍ତି।'' ତାଙ୍କ ମତରେ ନାରୀ ସାହସୀ ହେଉ, ସାହସୀ ହୋଇ ସମସ୍ୟାର ସମାଧାନ କରୁ। ମାତ୍ର ଉଗ୍ର ହୋଇ ସମସ୍ୟା ସୃଷ୍ଟି ନ କରୁ। ନାରୀ ଓ ପୁରୁଷ ଉଭୟଙ୍କର ସର୍ବାଙ୍ଗୀନ ବିକାଶ ପାଇଁ ସେ ଆତ୍ମବିଦ୍ୟା ଶିକ୍ଷା ଉପରେ ଗୁରୁତ୍ୱ ପ୍ରଦାନ କରିଛନ୍ତି । ଆତ୍ମବିଦ୍ୟା କହିଲେ ଜଟାଜୁଟ ଧାରଣ, ଦଣ୍ଡକମଣ୍ଡଳୁ ଭୂଷଣ ନୁହେଁ । ଉଭୟ ଆତ୍ମଜ୍ଞାନ ଓ ବୈଷୟିକ ଜ୍ଞାନ ହେଉଛି ଆତ୍ମବିଦ୍ୟାର ଦୁଇଟି ପକ୍ଷ ସ୍ୱରୂପ । ଏଥିପାଇଁ ଆବଶ୍ୟକ ଶିକ୍ଷାର୍ଥୀଙ୍କର ଏକାଗ୍ରତା, ଶାରୀରିକ ସୁସ୍ଥତା ତଥା ଅଦମ୍ୟ ଇଚ୍ଛା ଶକ୍ତି । ବ୍ରହ୍ମଚର୍ଯ୍ୟ ପାଳନ ଯେ ଆତ୍ମବିଦ୍ୟା ଶିକ୍ଷା ପାଇଁ ଏକ ବଳିଷ୍ଠ ଅସ୍ତ୍ର, ଏହା ଦୃଢ଼କଣ୍ଠରେ ଘୋଷଣା କରିଛନ୍ତି ସ୍ୱାମୀଜୀ ।

ଭ୍ରାତୃତ୍ୱ ଓ ରାଷ୍ଟ୍ରୀୟ ଚେତନା ଭାରତୀୟ ସଂସ୍କୃତିର ଅନ୍ୟତମ ବହୁମୂଲ୍ୟ ଉପାଦାନ । ଉଭୟ ପରସ୍ପର ସହ ଅଙ୍ଗାଙ୍ଗୀ ଭାବରେ ଜଡ଼ିତ । ଦେଶପ୍ରତି ଆନ୍ତରିକତା ଆସିଲେ ଦେଶବାସୀଙ୍କ ପ୍ରତି ହୃଦୟବତ୍ତା ରହିଲେ ପରମ୍ପରା ତଥା ସଂସ୍କୃତି ପ୍ରତି ସ୍ନେହଶୀଳତା ବୃଦ୍ଧିପାଏ । ଭାରତବର୍ଷ ପ୍ରତି ତଥା ଭାରତୀୟ ସଂସ୍କୃତି ପ୍ରତି ତାଙ୍କର ଆକର୍ଷଣର ଅନ୍ୟ ଏକ କାରଣ ହେଉଛି ଯେ ସେ ସୂକ୍ଷ୍ମ ଦୃଷ୍ଟିରେ ଦେଖି ପାରିଛନ୍ତି ଆଗାମୀ ଦିନରେ ଭାରତର ଭୂମିକାକୁ । ଭାରତ ହେବ ଆଗାମୀ ବିଶ୍ୱର ଗୁରୁ । ମାନବ ଜାତିର ଉତ୍କଟ ସମସ୍ୟାର ସମାଧାନ ସୂତ୍ର ନିହିତ ଅଛି ଭାରତୀୟ ସଂସ୍କୃତିରେ

ଉଚ୍ଚସ୍ଥାନ ଗ୍ରହଣ କରିଥିବା ମାନବିକତା ଭିତରେ । ତେଣୁ ଭାରତକୁ ଅପସଂସ୍କୃତି କବଳରୁ ବଞ୍ଚାଇବାକୁ ପଡ଼ିବ । ଭାରତ ବଞ୍ଚିଲେ ଜଗତ ବଞ୍ଚିବ, ଜଗତରୁ ଅନ୍ଧାର ଦୂରୀଭୂତ ହେବା ସଙ୍ଗେସଙ୍ଗେ ଶୁଦ୍ଧ ସୁନ୍ଦର ଉଷାଲୋକ ବିଚ୍ଛୁରିତ ହେବ । ସ୍ୱାମୀଜୀଙ୍କ ମତରେ ଏ ଦିଗରେ ପ୍ରତ୍ୟେକ ଭାରତବାସୀଙ୍କ ମହତ୍ତ୍ୱପୂର୍ଣ୍ଣ ଭୂମିକା ରହିଛି । ଭାରତରେ ଭ୍ରାତୃଭାବ ଅଧିକରୁ ଅଧିକ ପ୍ରତିଷ୍ଠା ପାଇଲେ ତା'ର ପ୍ରଭାବ ଦୂରକୁ ପ୍ରସାରିତ ହେବା ଅଧିକ ସହଜ ହେବ । ଅନ୍ୟ ଭାଷାରେ କହିଲେ ଏହା ଯଥାର୍ଥ ଯେ ଭାରତକୁ ଭଲପାଇବାର ଅର୍ଥ ସମଗ୍ର ବିଶ୍ୱକୁ ଭଲ ପାଇବା ଓ ବିଶ୍ୱ କଲ୍ୟାଣ ସାଧନରେ ବ୍ରତୀହେବା । ସ୍ୱାମୀଜୀ ଚାହିଁଥିଲେ ପ୍ରତ୍ୟେକ ଭାରତବାସୀ ଆତ୍ମନିମଗ୍ନ ହୋଇ କହନ୍ତୁ, ''ପ୍ରତ୍ୟେକ ଭାରତବାସୀ ମୋର ଭାଇ, ଭାରତବାସୀ ମୋର ପ୍ରାଣ, ଭାରତର ଦେବଦେବୀ ମୋର ଈଶ୍ୱର । ଭାରତର ସମାଜ ମୋର ଶୈଶବର ଶିଶୁ ଶଯ୍ୟା, ମୋର ଯୌବନର ଉପବନ, ମୋର ବାର୍ଦ୍ଧକ୍ୟର ବାରାଣସୀ । ଭାରତର ମୃତ୍ତିକା ମୋର ସ୍ୱର୍ଗ, ଭାରତର କଲ୍ୟାଣ ମୋର କଲ୍ୟାଣ ।'' କୁସଂସ୍କାର ସମୟକ୍ରମେ ଆମ ସଂସ୍କୃତିକୁ ମ୍ଳାନିମା ଆଣିଦେଇଛି । ଏ ମ୍ଳାନିମାର ସ୍ଥିତି ସାମୟିକ । ଆମର ସଚେତନ ଓ ସଯତ୍ନ ପ୍ରୟାସ ଏ କାଳିମା ଓ ମ୍ଳାନିମାକୁ ଦୂର କରିପାରିବ । କୁସଂସ୍କାର ମୁକ୍ତ ହେଲେ ଆମ ସଂସ୍କୃତିର ଦୀପ୍ତି ଓ ଦ୍ୟୁତି ବହୁଗୁଣରେ ଝଲସି ଉଠିବ ଏବଂ ସେହି ଆଲୋକ ଦ୍ୱାରା ସମଗ୍ର ବିଶ୍ୱ ଉପକୃତ ହେବ । ସ୍ୱାମୀଜୀଙ୍କ ଚିନ୍ତାଧାରାର ଭିତ୍ତି ହେଉଛି ଭାରତୀୟ ସଂସ୍କୃତି ଓ ଭାରତୀୟ ସଂସ୍କୃତିର ଆତ୍ମଅଭିବ୍ୟକ୍ତି ହେଉଛି ସ୍ୱାମୀଜୀଙ୍କ ବାଣୀ ଓ କ୍ରିୟାଧାରା । ଅତଏବ ଏହା ଅକ୍ଷର ଅକ୍ଷରେ ଯଥାର୍ଥ ଯେ ଭାରତୀୟ ସଂସ୍କୃତିର ନିର୍ମଳ ନିର୍ଯ୍ୟାସର ବିରଳ ବିଗ୍ରହ ହେଉଛନ୍ତି ସ୍ୱାମୀ ବିବେକାନନ୍ଦ । ଆଜି ଭାରତୀୟମାନଙ୍କ ନିକଟରେ ଜାତି, ଧର୍ମ ଓ ବର୍ଣ୍ଣ ନିର୍ବିଶେଷରେ ସେ ପରମପୂଜ୍ୟ ହୋଇରହିଛନ୍ତି ଓ ଆଗାମୀ ଦିନରେ ରହିବେ ମଧ୍ୟ ।

ସାହିତ୍ୟ ଚିନ୍ତନ

ପ୍ରଫେସର ଡକ୍ଟର ଶରତ ଚନ୍ଦ୍ର ରଥ

ସାହିତ୍ୟ ଚିନ୍ତନ

ଲେଖକ : ପ୍ରଫେସର ଡକ୍ଟର ଶରତ ଚନ୍ଦ୍ର ରଥ
ପ୍ରକାଶକ :
ପ୍ରକାଶ କାଳ : ପ୍ରଥମ ପ୍ରକାଶ - ଫେବୃୟାରୀ -୨୧-୧୯୯୪
ଦ୍ୱିତୀୟ ପ୍ରକାଶ -୨୦୧୬
ମୁଦ୍ରାକର : ଦିବ୍ୟ ପ୍ରକାଶନୀ
୫୮/୬୦, ଦିବ୍ୟବିହାର, ସାମନ୍ତରାପୁର, ଭୁବନେଶ୍ୱର-୨
ମୂଲ୍ୟ :

ଉତ୍ସର୍ଗ

ମୋ' ନନା ଓ ବୋଉଙ୍କ କର କମଳରେ.....

ବିନୀତ

ଶରତ

ଓଡ଼ିଶାର ଲୋକନାଟ୍ୟ : ଏକ ବିହଙ୍ଗମ ଦୃଷ୍ଟି

ଓଡ଼ିଶା କଳାର ଭୂମି ଭାବରେ ଖ୍ୟାତି ଅର୍ଜନ କରିଛି। କଳା ପ୍ରିୟତା ଏହାର ପ୍ରାଣବାଣୀ ରୂପେ ପରିଚିତ ଓ ପ୍ରତିଷ୍ଠିତ। ବିଦଗ୍ଧ କଳା ପରି ଲୋକକଳା ମଧ୍ୟ ଏଠାରେ ଜନତା ହୃଦୟ ଉଚ୍ଚ ସିଂହାସନରେ ଅଭିଷିକ୍ତ। ଲୋକକଳାର ନିର୍ଦ୍ଦିଷ୍ଟ ଜନ୍ମ ତାରିଖ ଜଣାପଡୁନଥିଲେ ହେଁ ଏହା ଯେ ପ୍ରାଚୀନ ଏଥିରେ ସନ୍ଦେହ ନାହିଁ। ଏହାର ଏକ ନିର୍ଦ୍ଦିଷ୍ଟ ଦିଗ ଭାବରେ ଲୋକନାଟ୍ୟକୁ ବିଚାର କରାଯାଇପାରେ। ଲୋକନାଟ୍ୟ ଏକାଧାରରେ ଜନଜୀବନକୁ ଆନନ୍ଦଦାନ ଓ ଲୋକଶିକ୍ଷା ମାଧ୍ୟମରେ ରଦ୍ଧିମନ୍ତ କରିଥାଏ। ଏହା ଏକ ପ୍ରବହମାନ ଧାରା ଯାହାର ଉପସ୍ଥାପନାର କଳାକୌଶଳ, ଅଞ୍ଚଳ ଭେଦରେ ଭିନ୍ନ ଭିନ୍ନ ହୋଇଥାଏ। ଏହି ଭିନ୍ନତା ଭିତରେ ଲୋକନାଟ୍ୟର ଭିନ୍ନ ଭିନ୍ନ ରୂପ ଦେଖିବାକୁ ମିଳେ। ପ୍ରତ୍ୟେକ ରୂପ ସତ୍ୟ-ଶିବ-ସୁନ୍ଦରର ପରମ ପୂଜାରୀ ସାଜି କଳାଶକ୍ତିର ନିରାଜନା କରିଥାଏ। ଶିକ୍ଷିତ, ଅଶିକ୍ଷିତ ଓ ଅଳ୍ପଶିକ୍ଷିତ ସମସ୍ତଙ୍କ ପାଇଁ ଏହା ଯେପରି ଆଦରଣୀୟ ସେହିପରି ବରଣୀୟ ହୋଇଥାଏ। ସୁଦୂର ଅତୀତରେ ନୃତ୍ୟ ଓ ସଂଗୀତର ମୂର୍ଚ୍ଛନାରେମଠ ଓ ମନ୍ଦିରମାନଙ୍କ ପରିବେଶ ମୁଖରିତ ହେଉଥିଲା। ଏହି ନୃତ୍ୟ ଓ ସଙ୍ଗୀତରୁ ଲୋକନାଟ୍ୟର ସୃଷ୍ଟି ବୋଲି କେତେକ ଆଲୋଚକ ମତ ଦିଅନ୍ତି। 'ଲୋକ' ଶବ୍ଦ ବ୍ୟାପକ ଅର୍ଥର ଅଧିକାରୀ। ଏହାର ଏକ ଅର୍ଥ ସାଧାରଣ ଜନତା। ଆଦିବାସୀମାନଙ୍କଠାରୁ ନଗରବାସୀଙ୍କ ପର୍ଯ୍ୟନ୍ତ ସମସ୍ତେ ଏହାର ବିଶାଳ ପରିଧିର ଅନ୍ତର୍ଭୁକ୍ତ। ଏହା ସର୍ବବାଦୀ ସମ୍ମତ ଯେ ଲୋକନାଟ୍ୟ ସାଧାରଣ ଜନତାଙ୍କ ଦ୍ୱାରା ଆଦୃତ ଓ ସମ୍ମାନିତ ହୋଇଥାଏ, ଯେଉଁଥିରେ କି ଜନଜୀବନର ଆଶା ଆକାଂକ୍ଷା, ଚାଲିଚଳଣିର ସ୍ପଷ୍ଟ ରୂପାୟଣ ଦେଖିବାକୁ ମିଳେ। ସମଗ୍ର ଭାରତରେ ପ୍ରଚଳିତ ଲୋକନାଟ୍ୟକୁ ମୁଖ୍ୟତଃ ଚାରି ଭାଗରେ ବିଭକ୍ତ କରାଯାଇପାରେ ସେଗୁଡ଼ିକ ହେଲା ୧. ଆଦିବାସୀ ନୃତ୍ୟ, ୨. ଗ୍ରାମ୍ୟ ପରିବେଶଭିତ୍ତିକ ଲୋକନୃତ୍ୟ, ୩. ଗ୍ରାମ୍ୟ ଓ ସହରୀ ପରିବେଶର ମଧ୍ୟସ୍ତରରେ ଲୋକନୃତ୍ୟ, ୪. ସହର ଅଭିମୁଖୀ ଶାସ୍ତ୍ରୀ କଳା ଆଧାରରେ ଆଧାରିତ ଲୋକନୃତ୍ୟ। ଓଡ଼ିଶାର ଲୋକନାଟ୍ୟକୁ ମଧ୍ୟ ଅନୁରୂପ ଭାବରେ ବିଭାଜନ କରାଯାଇପାରେ। ଭାରତର ଅନ୍ୟାନ୍ୟ ଅଞ୍ଚଳ ପରି ଓଡ଼ିଶାରେ ମଧ୍ୟ ଦୁଇ ପ୍ରକାର କଥାବସ୍ତୁ ଅର୍ଥାତ୍ ଭକ୍ତିମୂଳକ ଓ ବୀରଗାଥା ମୂଳକ କଥାବସ୍ତୁକୁ ଆଧାର କରି ଲୋକନୃତ୍ୟ ଗଢ଼ି ଉଠିଥିବାର ଦେଖାଯାଏ। ଧାର୍ମିକ ଚେତନା ସହ ପ୍ରାୟ ଲୋକନୃତ୍ୟର ନିବିଡ଼ ସମ୍ପର୍କ ସହଜରେ ଅନୁଭବ୍ୟ। ଲୋକନୃତ୍ୟ ପାଇଁ କୌଣସି ନିର୍ଦ୍ଦିଷ୍ଟ ମଞ୍ଚର ଆବଶ୍ୟକତା ନଥାଏ। ବେଶପୋଷାକ ପ୍ରତି ମଧ୍ୟ ବିଶେଷ ଧ୍ୟାନ ଦିଆଯାଇନଥାଏ। ପୌରାଣିକ କଥାବସ୍ତୁକୁ ଆଧାର କରି ଏହା ମୁଖ୍ୟତଃ ଗଢ଼ି ଉଠିଥାଏ। ଓଡ଼ିଶାର ଲୋକନାଟ୍ୟଗୁଡ଼ିକ ଭିତରୁ କେତେକ ଲୋକନାଟ୍ୟ ସମ୍ପର୍କରେ ଆଲୋଚନା କରିବା ଏହି ପ୍ରବନ୍ଧର ଉଦ୍ଦେଶ୍ୟ।

ଲୀଳା : ଲୋକନାଟ୍ୟର ପ୍ରମୁଖ ଶାଖା ଭାବରେ ଏହା ସ୍ୱତନ୍ତ୍ର ଆସନର ଅଧିକାରୀ। ଲୀଳା ଶବ୍ଦର ଆଭିଧାନିକ ଅର୍ଥ ହେଲା କ୍ରୀଡ଼ା। ରାମାୟଣ ଓ ମହାଭାରତରୁ ଶ୍ରୁତିରଞ୍ଜକ, ଶିକ୍ଷଣୀୟ କାହାଣୀ ଚୟନ କରି ତାକୁ ଭିନ୍ନ ଭିନ୍ନ ରଙ୍ଗ ରସରେ ରଞ୍ଜିତ କରିଥାନ୍ତି ଏହାର ଶିଳ୍ପୀମାନେ। ଓଡ଼ିଆ ଭାଷାରେ ଲୀଳା ପରମ୍ପରାର ସାର୍ଥକ ସ୍ରଷ୍ଟା ଓ ଦ୍ରଷ୍ଟା ଭାବରେ ଓଡ଼ିଆ ଭାଗବତକାର ଜଗନ୍ନାଥ ଦାସଙ୍କ ମହତ୍ତ୍ୱ ବହୁଗୁଣିତ। ତାଙ୍କ ଭାଗବତରେ ଥିବା ରାସଲୀଳାର ମନ ମୋହିନୀ

ମାଧୁରିମା ବହୁଶିଳ୍ପୀ, କଳାକାରମାନଙ୍କୁ ବହୁ ଭାବରେ ଆକୃଷ୍ଟ କରିବାର ପ୍ରକୃଷ୍ଟ ପ୍ରମାଣ ହେଉଛି ଓଡ଼ିଶାରେ ରାସଲୀଳାର ବହୁଳ ପ୍ରଚାର ଓ ପ୍ରସାର। ଏହି ରାସଲୀଳା ପ୍ରସଙ୍ଗ ପରବର୍ତ୍ତୀ ସମୟର ବହୁ କବିଙ୍କୁ ରାସଲୀଳା ଅନୁଷ୍ଠାନ କରିବା ପାଇଁ ଉତ୍ସାହିତ କରିଛି। ସୁଲଳିତ ଭାବଧାରାରେ ଅଭିଷିକ୍ତ ଓ ସାଙ୍ଗୀତିକତାରେ ରସାଣିତ ପ୍ରତ୍ୟେକ ଗୀତ ଶ୍ରୋତା ପ୍ରାଣରେ ସୃଷ୍ଟି କରେ ଅପୂର୍ବ ପୁଲକ ଓ ଅଶେଷ ସ୍ୱର୍ଗକାତରତା। ପଦ୍ୟାତ୍ମକତା ଏହାର ମୁଖ୍ୟ ଉପାଦାନ। ପ୍ରୀତିପ୍ରବଣତା ଏହାର ମୌଳିକ ନିର୍ଯ୍ୟାସ। ସୁକୁମାରତା ଏହାର ଛତ୍ରେ ଛତ୍ରେ ସଞ୍ଚରିତ ପ୍ରାଣଶକ୍ତି।

ରାମ କଥାମୃତ ପରିବେଷଣ ପାଇଁ ଅନୁଷ୍ଠିତ ରାମଲୀଳାର ଆକର୍ଷଣ ଉତ୍କଳୀୟ ଜନଜୀବନରେ ସ୍ୱତନ୍ତ୍ର ଓ ଅଭିନବ। ଆଦର୍ଶର ପ୍ରତୀକ ମର୍ଯ୍ୟାଦା ପୁରୁଷୋତ୍ତମ ଶ୍ରୀରାମଚନ୍ଦ୍ରଙ୍କର ମହତ୍ତ୍ୱ ଓ ଗୁରୁତ୍ୱ ଏଥିରେ ପ୍ରକଟିତ। ରାମଲୀଳା ମାଧ୍ୟମରେ ରାମକଥାର ଉପସ୍ଥାପନା ଉତ୍କଳରେ ଏବେ ମଧ୍ୟ ଦେଖିବାକୁ ମିଳେ। ବିଭିନ୍ନ ବେଶ ଓ ବାସରେ ସଜ୍ଜିତ, ସଙ୍ଗୀତର ତାଳେ ତାଳେ ଅଭିନୟରତ ଚରିତ୍ରଗୁଡ଼ିକୁ ଦେଖିଲେ ମନରେ ସୃଷ୍ଟି ହୁଏ ଆବେଗଧର୍ମୀ ଭାବପ୍ରବଣତା। ବିଭିନ୍ନ ରସର ଅବବୋଧରେ ଜାରିତ ଚିତ୍ତବୃତ୍ତି ଲାଭ କରେ ଅମ୍ଳାନ ଆନନ୍ଦ ଓ ଅସୀମ ସନ୍ତୋଷ। ଆନନ୍ଦର ଛନ୍ଦେ ଛନ୍ଦେ ପୁଣ୍ୟ ଅର୍ଜନର ଆଶା ଓ ବିଶ୍ୱାସରେ ମନରେ ଭରିଯାଏ ପବିତ୍ରତାର ବିମଳ ପ୍ରବାହ। କରୁଣ ରସକୁ ଅଙ୍ଗୀରସ କରି ରଚିତ ଅନେକ ଗୀତ ଶ୍ରୋତା ପ୍ରାଣରେ ଆଲୋଡ଼ନ ସୃଷ୍ଟି କରନ୍ତି। ଏଥିପାଇଁ ନିର୍ଦ୍ଦିଷ୍ଟ ରଙ୍ଗମଞ୍ଚର ଆବଶ୍ୟକତା ନଥାଏ। ଗାଁର ଧୂଳିଧୂସରିତ ଦାଣ୍ଡ ହୁଏ ଅଯୋଧ୍ୟାର ରାଜଦାଣ୍ଡ, ଦଣ୍ଡକାରଣ୍ୟର ସବୁଜ ଶ୍ୟାମଳ ବନଭୂମି, ତଥା ଆଖିଝଲସା ଲଙ୍କାନଗରୀ। ଦର୍ଶକଗଣ ବିମୁଗ୍ଧ ନେତ୍ରରେ ଅଭିନୟ ସହ ଏକାତ୍ମ ହୋଇ ନିଜର ଦୁଃଖ, ଜଞ୍ଜାଳ, ଅଭାବ ଅସୁବିଧା କଥା କ୍ଷଣକ ପାଇଁ ଭୁଲିଯାନ୍ତି। ଅଷ୍ଟାଦଶ ଶତକର କବି ରଘୁନାଥ ଦାସଙ୍କ ଦ୍ୱାରା ରଚିତ ରାମଲୀଳା ଏକ ବହୁଚର୍ଚ୍ଚିତ ଗ୍ରନ୍ଥ। ଏଥିରେ ଜଗମୋହନ ରାମାୟଣର ପ୍ରଭାବ ସ୍ପଷ୍ଟ। କାଣ୍ଡ ପରିବର୍ତ୍ତେ ମୁଖ୍ୟ ଘଟଣା ଭିତ୍ତିରେ ଲୀଳାର ନାମରେ ଏହାର ଅଂଶବିଶେଷ ନାମିତ। ଏହି ଲୀଳାର ନାମ ଜନ୍ମଲୀଳା, ବିଭାଲୀଳା, ବନବାସୀଲୀଳା, ଇନ୍ଦ୍ରଜିତ ବଧ ଲୀଳା, ଶକ୍ତିଭେଦ ଲୀଳା, ରାବଣବଧ ଲୀଳା, ରାଜ୍ୟାଭିଷେକ ଲୀଳା ଇତ୍ୟାଦି ଇତ୍ୟାଦି। ଅନ୍ୟତମ ଲୀଳାକାର ଅନଙ୍ଗ ନରେନ୍ଦ୍ର ଅଷ୍ଟାଦଶ ଶତାବ୍ଦୀରେ ରଚନା କରିଥିବା ରାମଲୀଳା ଓଡ଼ିଶାରେ ଯଥେଷ୍ଟ ଲୋକପ୍ରିୟତାର ଅଧିକାରୀ। ଏଥିରେ ତିନିଶହ ଉଣେଇଶ ଗୋଟି ସଂଗୀତ ସଂଯୋଜିତ ହୋଇଛି। ଏହି ଅଷ୍ଟାଦଶ ଶତାବ୍ଦୀରେ ବୈଶ୍ୟ ସଦାଶିବଙ୍କ ଦ୍ୱାରା ରଚିତ ଅନ୍ୟ ଏକ ରାମଲୀଳା ଗ୍ରନ୍ଥ ଦଶକର ସଶ୍ରଦ୍ଧ ଓ ବିମୁଗ୍ଧ ଦୃଷ୍ଟି ଆକର୍ଷଣ କରିଛି। ଏଥିରେ 'ବିଚିତ୍ର ରାମାୟଣ' ଓ ବୈଦେହୀଶ ବିଳାସର ପ୍ରଭାବ ସ୍ପଷ୍ଟ ଭାବେ ଅନୁଭବ୍ୟ। ଚିକିଟିର ରାଜା କୃଷ୍ଣଚନ୍ଦ୍ର ରାଜେନ୍ଦ୍ରଙ୍କ ଦ୍ୱାରା ରଚିତ ହୋଇଥିଲା ଚିକିଟି ରାମଲୀଳା। ଏହାର ରଚନାକାଳ ଅଷ୍ଟାଦଶ ଶତାବ୍ଦୀ। ଗଞ୍ଜାମ ଅଞ୍ଚଳରେ ଏହାର ଲୋକପ୍ରିୟତା ଏବେ ମଧ୍ୟ ଅକ୍ଷୁର୍ଣ୍ଣ ରହିଛି। ଏଥିରେ ସମୁଦାୟ ୫୦୭ଟି ସଂଗୀତ ସଂଯୋଜିତ। ଏକଥା ନିର୍ବିବାଦରେ ଗ୍ରହଣୀୟ ଯେ, ଅଷ୍ଟାଦଶ ଶତାବ୍ଦୀ ହେଉଛି ରାମଲୀଳା ରଚନା କ୍ଷେତ୍ରରେ ସ୍ମରଣୀୟ ସମୟ।

୧୯୧୧ ମସିହାରେ ଓଡ଼ିଶାର ଅନ୍ୟତମ କବି ପୀତାମ୍ବର ରାଜେନ୍ଦ୍ର 'ଜାନକୀ ବିଳାପ' ନାମରେ ଖଣ୍ଡିଏ ଲୀଳାଗ୍ରନ୍ଥ ରଚନା କରିଥିଲେ। ଏଥିରେ ମୁଖ୍ୟ ରସ ଭାବରେ କରୁଣରସ ଓ ବୀରରସ ସ୍ଥାନିତ। ରାମନବମୀର ଶୁଭ ଅବସରରେ ଏବେ ମଧ୍ୟ ଗ୍ରାମାଞ୍ଚଳରେ ରାମଲୀଳାର ଆୟୋଜନ ଦେଖିବାକୁ ମିଳେ। ରାମକଥା ଓଡ଼ିଶାର ଜନମାନସକୁ ଆକୃଷ୍ଟ କରେ, ଆପ୍ଲୁତ କରେ ନାନା ଭାବରେ। ଏଥିରେ ଏକ ସୂକ୍ଷ୍ମଶକ୍ତି ନିହିତ, ଯାହାକୁ କୁହାଯାଏ ରାମାୟଣୀ ଶକ୍ତି। ମନୋରଞ୍ଜନ ମାଧ୍ୟମରେ ଲୋକଶିକ୍ଷା ପ୍ରଦାନ ରାମଲୀଳାର ତୀର୍ଥଭୂମି। ବ୍ୟାସାସନରେ ରାମାୟଣ ପୋଥି ରଖାଯାଇ ପୂଜା କରାଯାଏ ଏବଂ ତା'ପରେ ରାମଲୀଳା ଅନୁଷ୍ଠିତ ହେବାର ପରମ୍ପରା ପ୍ରମାଣ କରେ ଉତ୍କଳୀୟ ପ୍ରାଣରେ ଥିବା ସୀମାହୀନ ଭକ୍ତିମତ୍ତାର ପ୍ରଗାଢ଼ତାକୁ। ଏଥିରେ ନାରୀ ଭୂମିକାରେ ପୁରୁଷମାନେ ଅଭିନୟ କରିଥାନ୍ତି। ଅଭିନୟ କଳାର ଚାରୋଟି ଦିଗ ଅର୍ଥାତ୍ ଆହାର୍ଯ୍ୟ, ବାଚିକ, ଆଙ୍ଗିକ ଓ ସାତ୍ତ୍ୱିକ ଉପରେ ଏଥିରେ ବିଶେଷ ଗୁରୁତ୍ୱ

ଆରୋପିତ ହୁଏ। ମୁଖ୍ୟ ଗାୟକ ସୂତ୍ରଧର ଭୂମିକାରେ ଅବତୀର୍ଣ୍ଣ ହୋଇଥାନ୍ତି। ରାମଲୀଳାରେ ଆକର୍ଷଣୀୟ ଅଭିନୟ, ସୁଲଳିତ ସଂଗୀତମାଳା ଦର୍ଶକ ମନରେ ସୀମାହୀନ ଆନନ୍ଦ ଓ ଭକ୍ତିଭାବ ସୃଷ୍ଟି କରିଥାଏ।

ରାମଲୀଳା ପରି କୃଷ୍ଣଲୀଳା ମଧ୍ୟ ଓଡ଼ିଶାର ଗ୍ରାମେ ଗ୍ରାମେ ପ୍ରତିଷ୍ଠିତ ଏକ ବିଶିଷ୍ଟ ଲୋକନାଟ୍ୟ। ଭାରତୀୟ ଜୀବନ ଧାରାରେ କୃଷ୍ଣ ଉପାସନାର ଭିତ୍ତି ଯେପରି ସୁଦୃଢ଼ ତାହାର ଭୂତି ସେହିପରି ଆକର୍ଷଣୀୟ। କୃଷ୍ଣଙ୍କର ଗୋପଲୀଳା ଓ ମଥୁରାଲୀଳା ପ୍ରସଙ୍ଗ ମହାଭାରତରେ ବର୍ଣ୍ଣିତ ହୋଇନାହିଁ। ଶ୍ରୀମଦ ଭାଗବତ ଓ ହରିବଂଶ ଏହି ଲୀଳା ବର୍ଣ୍ଣନା କ୍ଷେତ୍ରରେ ଏକ ଏକ ବିଶିଷ୍ଟ ଗ୍ରନ୍ଥ। ବିଦଗ୍ଧ ସାହିତ୍ୟ ବ୍ୟତୀତ ଲୋକସାହିତ୍ୟ ତଥା ଲୋକକଳାରେ ମଧ୍ୟ କୃଷ୍ଣଲୀଳାର ଲଳିତ ଚିତ୍ର ପରିସ୍ଫୁଟ। ଗୁଜୁରାଟ, ରାଜସ୍ଥାନ, ଆସାମ, ବଙ୍ଗଳା, ବିହାର, ଓଡ଼ିଶା ଆଦି ପ୍ରଦେଶମାନଙ୍କରେ କୃଷ୍ଣଲୀଳାଭିତ୍ତିକ ଲୋକକଳାର ପ୍ରଭାବ ଅଧିକ ଅନୁଭବ୍ୟ। ଦ୍ୱାଦଶ ଶତାବ୍ଦୀରେ ଉତ୍କଳୀୟ କବି ଜୟଦେବଙ୍କ ରଚିତ ଗୀତଗୋବିନ୍ଦ ଗ୍ରନ୍ଥ ହିଁ କୃଷ୍ଣଲୀଳାର ସ୍ୱାଦ ଆସ୍ୱାଦନ ପାଇଁ ବଳିଷ୍ଠ ପରିବେଶ ସୃଷ୍ଟି କରିଛି କହିଲେ ଅତ୍ୟୁକ୍ତି ହେବ ନାହିଁ। ଏହାର ପ୍ରଭାବରେ ପରେ ପରେ ଅନ୍ୟାନ୍ୟ ପ୍ରଦେଶର ଚଣ୍ଡୀ ଦାସ, ବିଦ୍ୟାପତି ତଥା ଶଙ୍କର ଦେବ ପ୍ରଭୃତି କବିମାନେ ଅନୁପ୍ରାଣିତ ହୋଇ କୃଷ୍ଣଲୀଳାର ମାଧୁରିମା ପରିବେଷଣ କରିଅଛନ୍ତି। ଓଡ଼ିଶାର ବହୁ ମଠ, ମନ୍ଦିରରେ ଶରତ ଋତୁ ଓ ବସନ୍ତ ଋତୁରେ କୃଷ୍ଣଲୀଳାର ଅଭିନୟର ଆୟୋଜନ କରାଯାଇଥାଏ। ଗୋପଲୀଳା, ବଂଶୀଚୋରୀ, କାଳୀୟ ଦଳନ ଲୀଳା, ଲବଣୀ ଚୋରି ଲୀଳା ସହିତ ରାଧାକୃଷ୍ଣ ଲୀଳାର ପରିବେଷଣ କୃଷ୍ଣଲୀଳା ବିଳାସର ଏକ ଏକ ଆକର୍ଷଣୀୟ ଦିଗ। କୃଷ୍ଣଲୀଳା ମୂଳକ କାବ୍ୟ ରଚନାରେ ନରସିଂହ ସେଣଙ୍କ ଅବଦାନ ଅବିସ୍ମରଣୀୟ। ଷୋଡ଼ଶ ଶତାବ୍ଦୀରେ ତାଙ୍କ ରଚିତ 'ଗୋପକେଳି' ଗ୍ରନ୍ଥକୁ ଏ ଦିଗରେ ପ୍ରଥମ ପଦକ୍ଷେପ ବୋଲି କୁହାଯାଇପାରେ। ଅଷ୍ଟାଦଶ ଶତକର ଶେଷ ଭାଗରେ ଦ୍ୱିଜ ଚୈତନ୍ୟ ରଚନା କରିଛନ୍ତି ତାଙ୍କର କୃଷ୍ଣଲୀଳା ଗ୍ରନ୍ଥ। ସେ ନିଜେ ଥିଲେ ଅଭିନେତା, ନିର୍ଦ୍ଦେଶକ ଓ ନାଟ୍ୟକାର। ସେ ନିଜେ ଗଢ଼ିଥିଲେ ଏକ ଯାତ୍ରାଦଳ। କୃଷ୍ଣଲୀଳା ପରିବେଷଣ କଲାବେଳେ ଗ୍ରାମାଞ୍ଚଳରେ ମୁକ୍ତାକାଶ ତଳେ ଅଭିନେତାମାନେ କୃଷ୍ଣ ରଚିତ ତଥା ମହିମା ଗାନ କରିବା ସଂଗେ ସଂଗେ ଲୀଳାକୁ ଅଧିକ ପ୍ରାଣସ୍ପର୍ଶୀ କରିବା ପାଇଁ ଅନ୍ୟାନ୍ୟ ଗ୍ରନ୍ଥରୁ ମଧ୍ୟ ବହୁ ପଦ ଆଣି ସଂଯୋଜନା କରିଥାନ୍ତି। ରାସଲୀଳା ରଚନା କ୍ଷେତ୍ରରେ ଅତୀତରେ ବନମାଳୀ ଦାସ, ପିଣ୍ଡିକ ଶ୍ରୀଚନ୍ଦନ, କୃଷ୍ଣ ଦାସ, ବିଶ୍ୱମ୍ଭର ରାଜେନ୍ଦ୍ର, ବନମାଳୀ ସାମନ୍ତରାୟ, ନାରାୟଣ ମର୍ଦ୍ଦରାଜ, ବୃନ୍ଦାବନ ଦାସ, ମୋହନ ଗୋସ୍ୱାମୀଙ୍କ ନାମ ଉଲ୍ଲେଖଯୋଗ୍ୟ। ଚିକିଟିର ଆକର୍ଷଣର ଅଧିକାରୀ, ଭାଷା ତାଙ୍କର ସରଳ ମାତ୍ର ଭାବ ହୃଦୟସ୍ପର୍ଶୀ। ଏହି ଲୀଳା ପରିବେଷଣ ସମୟରେ ଜଣେ ମୁଖ୍ୟ ଗାୟକର ଭୂମିକାରେ ଏବଂ ଅନ୍ୟ କେତେଜଣ ପାଳିଆ ଭୂମିକାରେ ଅବତୀର୍ଣ୍ଣ ହୋଇଥାଆନ୍ତି। ଉନବିଂଶ ଶତାବ୍ଦୀର ଶେଷ ଭାଗରେ ଚିକିଟିର ରାଜା କିଶୋର ଚନ୍ଦ୍ର ରାଜେନ୍ଦ୍ର ଦେବଙ୍କ ଦ୍ୱାରା ରଚିତ ଏବଂ ରାଧାମୋହନ, ରାଜେନ୍ଦ୍ର ଦେବଙ୍କ ଦ୍ୱାରା ସଂଶୋଧିତ 'ବସନ୍ତ ରାହାସ' ଗ୍ରନ୍ଥ କୃଷ୍ଣଲୀଳାର ଉପସ୍ଥାପନା କ୍ଷେତ୍ରରେ ଏକ ଆଲୋକ ମୀନାର କହିଲେ ଅତ୍ୟୁକ୍ତି ହେବ ନାହିଁ। ବିଂଶ ଶତାବ୍ଦୀର ପ୍ରଥମାର୍ଦ୍ଧରେ ଗୋବିନ୍ଦେଶ୍ୱର ଦେଓ ଏ ଦିଗରେ ସୁଦୃଢ଼ ପଦକ୍ଷେପ ନେଇ ରାସଲୀଳା ଗ୍ରନ୍ଥ ରଚନା କରିଥିଲେ। ଏହାପରେ ମୋହନ ସୁନ୍ଦର ଦେବ ଗୋସ୍ୱାମୀ କୃଷ୍ଣଲୀଳା ଉପସ୍ଥାପନା କ୍ଷେତ୍ରରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିଲେ। ନିଜେ ରାସପାର୍ଟି ଗଢ଼ି ସ୍ୱରଚିତ କୃଷ୍ଣଲୀଳାର ପ୍ରଚାର ଓ ପ୍ରସାର କରାଇଥିଲେ। ବାବାଜୀ ବୈଷ୍ଣବ ଚରଣ ଦାସ ମୋହନ ସୁନ୍ଦରଙ୍କ ଦଳରେ ଥିଲେ ବୋଲି କେତେକ ଆଲୋଚକ ମତ ଦିଅନ୍ତି। କବିଚନ୍ଦ୍ର କାଳୀଚରଣଙ୍କ ଅବଦାନ ରାସଲୀଳା ଗ୍ରନ୍ଥ ସୃଷ୍ଟି ଓ ତା'ର ପ୍ରସାର ଦିଗରେ ଅବିସ୍ମରଣୀୟ। ତାଙ୍କର ପରମ୍ପରା ପ୍ରତି ଥିଲା ଅସୀମ ଓ ଅସାଧାରଣ ଅନୁରକ୍ତି। ଉତ୍କଳର ପ୍ରାଚୀନ କଳା, ସଂଗୀତ, ନୃତ୍ୟ ପ୍ରତି ସୀମାହୀନ ଆନ୍ତରିକତା ତାଙ୍କର ଲେଖନୀକୁ ପ୍ରଭାବିତ କରିଥିଲା। ଲୀଳା ରଚନାରୁ ତାଙ୍କର ନାଟ୍ୟସ୍ରଷ୍ଟାର ଜୀବନ ଆରମ୍ଭ ହୋଇଥିଲା। ୧୯୨୨ ମସିହାରେ ତାଙ୍କର ପ୍ରଥମ ଲୀଳା 'ବାଂଶରୀ ବିଳାସ' ରଚିତ ହୋଇଥିଲା। ୧୯୩୮ ପର୍ଯ୍ୟନ୍ତ ସେ ଲୀଳା ରଚନା କ୍ଷେତ୍ରରେ ନିଜକୁ ସକ୍ରିୟ ରଖିଥିଲେ। ତାଙ୍କ ରଚିତ ଶେଷ ଲୀଳାଗ୍ରନ୍ଥ ଯାହା ୧୯୩୮ରେ ରଚିତ ହୋଇଥିଲା

ତାହାର ନାମ ହେଉଛି 'ମାନିନୀ'। ସାଙ୍ଗୀତିକତାର ସୁଲଳିତ ସ୍ପର୍ଶ ଯୋଗୁ ତାଙ୍କ ଲୀଳାଗୁଡ଼ିକ ହୋଇଛି ଏକାଧାରରେ ଶ୍ରୁତିମଧୁର ଓ ହୃଦୟସ୍ପର୍ଶୀ।

ଭାରତ ଲୀଳା : ସାରଳା ମହାଭାରତର ସୁଭଦ୍ରା ହରଣ ଉପାଖ୍ୟାନ ଏହାର ମୂଳଭିତ୍ତି। ଏଥିରେ ଦ୍ୱାରୀର ଭୂମିକା ଅତ୍ୟନ୍ତ ଅନୁଭବ୍ୟ ହୋଇଥିବାରୁ ଏହାର ଅନ୍ୟ ନାମ ହେଉଛି ଦ୍ୱାରୀ ନାଟ। ସଙ୍ଗୀତ ଓ ନୃତ୍ୟର ରସାଣିତ ସ୍ପର୍ଶ ଏଥିରେ ଲକ୍ଷଣୀୟ। କିଛି କିଛି ଗଦ୍ୟ ସଂଳାପରେ ସମାହାର ଏଥିରେ ଦେଖାଯାଏ। ମହାଭାରତର କଥାବସ୍ତୁ ଭିତ୍ତିରେ କୃଷ୍ଣଲୀଳାର ପ୍ରସଙ୍ଗ ଏଥିରେ ଉପସ୍ଥାପିତ ହେଉଥିବାରୁ ଏହାକୁ ଭାରତଲୀଳା ନାମରେ ନାମିତ କରାଯାଇଛି। ବେଶପୋଷାକର ବ୍ୟବହାର, ସଙ୍ଗୀତର ପ୍ରୟୋଗବିଧି, ରସ ପରିବେଷଣ କଳା, ବାଦ୍ୟଯନ୍ତ୍ରର ବ୍ୟବହାର ଏହାକୁ ଯାତ୍ରାର ନିକଟବର୍ତ୍ତୀ କରାଇଛି। ଗଞ୍ଜାମ ଅଞ୍ଚଳରେ ଏହାର ଲୋକପ୍ରିୟତା ସର୍ବାଧିକ।

ଯାତ୍ରା : ଲୋକନାଟ୍ୟର ଅନ୍ୟତମ ଦିଗନ୍ତ ଭାବରେ ଯାତ୍ରାର ସ୍ଥିତି ସ୍ୱତନ୍ତ୍ର ଓ ଅସାଧାରଣ। ଦେବଦେବୀର ଲୀଳାକୁ ନେଇ ମୁଖ୍ୟତଃ ଯାତ୍ରା ସ୍ପଷ୍ଟ ଓ ସମୃଦ୍ଧ। ମୁକ୍ତ ଆକାଶ ତଳେ ଏହାର ଅଭିନୟ ଦର୍ଶକ ମନରେ ଭରିଦିଏ ସୀମାହୀନ ଆନନ୍ଦ। ସମାଜର ବିଭିନ୍ନ ସମସ୍ୟା ଉପସ୍ଥାପନା ମାଧ୍ୟମରେ ଲୋକଶିକ୍ଷା ଦେବା ଯାତ୍ରାର ଅନ୍ୟତମ ଲକ୍ଷ୍ୟ। ବୀରରସ ବା ଶୃଙ୍ଗାର ରସକୁ ଅଙ୍ଗୀରସ ଭାବରେ ଯାତ୍ରାରେ ଗ୍ରହଣ କରାଯାଏ। କେନ୍ଦ୍ରାପଡ଼ା ଅଞ୍ଚଳର ଜଣେ ସ୍ୱନାମଧନ୍ୟ ସ୍ରଷ୍ଟା ଭାବରେ ଗୋପାଳ ଦାସ ଯାତ୍ରା କ୍ଷେତ୍ରରେ ନିଜକୁ ପ୍ରତିଷ୍ଠିତ କରିଥିଲେ। ସେ ଥିଲେ ଏକାଧାରରେ ଯାତ୍ରାର ରଚୟିତା, ନିର୍ଦ୍ଦେଶକ, ସଂଗୀତ ନିର୍ଦ୍ଦେଶକ ଓ ଅଭିନେତା। ତାଙ୍କର ସୃଷ୍ଟି ଭିତରେ 'ବ୍ରଜଲୀଳା', 'ଜାନୁଭଗ୍ନ', 'କର୍ଣ୍ଣବଧ', 'ମାଧବ ସୁଲୋଚନା', 'ଜୟଦେବ', 'ସୀତା ବିବାହ' ପ୍ରଭୃତିର ନାମ ଉଲ୍ଲେଖଯୋଗ୍ୟ। ତାଙ୍କର ପ୍ରଭାବରେ ପରବର୍ତ୍ତୀ ସମୟରେ କବି ବୈଷ୍ଣବ ପାଣି, ବାଳକୃଷ୍ଣ ମହାନ୍ତି ଇତ୍ୟାଦି ସ୍ରଷ୍ଟାଗଣ ପ୍ରଭାବିତ ହେବାର ଜଣାଯାଏ। ଯାତ୍ରା ଅର୍ଥରେ ଗୀତିନାଟ୍ୟକୁ ମଧ୍ୟ ଗ୍ରହଣ କରାଯାଇପାରେ। ଏ କ୍ଷେତ୍ରରେ ବୈଷ୍ଣବ ପାଣି, ବାଳକୃଷ୍ଣ ମହାନ୍ତି, ମାଗୁଣି ସାହୁ, ଉଦୟନାଥ ରାଉତ, ରାମଚନ୍ଦ୍ର ସ୍ୱାଇଁ ପ୍ରଭୃତି ସ୍ରଷ୍ଟାଙ୍କ ନାମ ଉଲ୍ଲେଖଯୋଗ୍ୟ। କାନ୍ତକବି ଲକ୍ଷ୍ମୀକାନ୍ତ ପୌରାଣିକ କଥାବସ୍ତୁକୁ ନେଇ କେତେକ ଯାତ୍ରା, ନାଟକ ରଚନା କରିଥିଲେ। ସେଗୁଡ଼ିକ ମଧ୍ୟରେ 'କାଳୀୟ ଦଳନ', 'ବ୍ରଜ ବର୍ଜ୍ଜନ', 'ଶରତ ରାସ' ଇତ୍ୟାଦି ଅନ୍ତର୍ଭୁକ୍ତ। କବିମଞ୍ଜୁଳ କୃଷ୍ଣପ୍ରସାଦ ବସୁଙ୍କ ନାମ ମଧ୍ୟ ଏ କ୍ଷେତ୍ରରେ ସ୍ମରଣୀୟ। ବିରଜା ଅପେରା ଦଳ ମାଧ୍ୟମରେ ସ୍ୱରଚିତ ନାଟ୍ୟ କୃତିଗୁଡ଼ିକୁ ଅଭିନୟ କରାଇ ତତ୍କାଳୀନ ପରିବେଶରେ ସେ ଆଣିଥିଲେ ଯଥୋଚିତ ପ୍ରାଣସ୍ପନ୍ଦନ। ତାଙ୍କ ଦ୍ୱାରା ରଚିତ ନାଟ୍ୟକୃତି ଭିତରେ 'ଶକୁନ୍ତଳା', 'କାରାଗାର', 'କୃଷ୍ଣଚରିତ', 'ବବ୍ରୁବାହନ', 'ହରିଶ୍ଚନ୍ଦ୍ର', 'ଯଯାତି କେଶରୀ' ଅନ୍ୟତମ। ଯାତ୍ରା ରଚନା, ଅଭିନୟ ଓ ନିର୍ଦ୍ଦେଶନା କ୍ଷେତ୍ରରେ ବୈଷ୍ଣବ ପାଣି ଏକ ବଳିଷ୍ଠ ପ୍ରତିଭା। 'ରଙ୍ଗସଭା', 'କର୍ଣ୍ଣବଧ', 'ଦକ୍ଷଯଜ୍ଞ', 'ମେଘନାଦ ବଧ', 'ପ୍ରଭାସ ମିଳନ', 'କାଞ୍ଚିକାବେରୀ' ସମେତ ଆହୁରି ଅନେକ ଗୀତିନାଟ୍ୟର 'ସ୍ରଷ୍ଟା' ଭାବରେ ସେ ପ୍ରତିଷ୍ଠିତ। ବାଳକୃଷ୍ଣ ମହାନ୍ତି ମଧ୍ୟ ଏ କ୍ଷେତ୍ରରେ ଅସାମାନ୍ୟ କୃତିତ୍ୱର ଅଧିକାରୀ। 'ବାଣା ପରାଜୟ', 'ଅମର ବିଳାସ', 'ବିଜୟ ବସନ୍ତ', 'ଶଶିରେଖା ହରଣ', 'ମୋହନ ସୁନ୍ଦର', 'କାଞ୍ଚନ ବାଳା', 'ସୁଦାମା' ସମେତ ଆହୁରି ଅନେକ ଗୀତିନାଟ୍ୟର ପ୍ରଣେତା ଭାବରେ ତାଙ୍କର ପ୍ରସିଦ୍ଧି ସର୍ବଜନବିଦିତ। ଏହାଛଡ଼ା ଆହୁରି କେତେକ ସ୍ରଷ୍ଟାଙ୍କ ନାମ ଏ ଦିଗରେ ସ୍ମରଣୀୟ। ସେମାନଙ୍କ ମଧ୍ୟରେ ଶ୍ରୀ ରଘୁନାଥ ପଣ୍ଡା, ବାଲେଶ୍ୱର ଜିଲ୍ଲାର କୃଷ୍ଣପ୍ରସାଦ ବେହେରା ଅନ୍ୟତମ। ସାଂପ୍ରତିକ ପରିବେଶରେ କେତେ ପରୀକ୍ଷା-ନିରୀକ୍ଷା ମଧ୍ୟ ଦେଇ ଓଡ଼ିଆ ଯାତ୍ରା ଗତି କରୁଛି। ଏବେ ମଧ୍ୟ ଜନଜୀବନରେ ଏହାର ପ୍ରଭାବ ଅତୁଟ ରହିଛି।

ଛଉନୃତ୍ୟ : ଭାରତୀୟ ଲୋକନୃତ୍ୟ ପରମ୍ପରାରେ ଓଡ଼ିଶାର ଛଉନୃତ୍ୟର ଭୂମିକା ସ୍ୱତନ୍ତ୍ର। ଓଡ଼ିଶାର ମୟୂରଭଞ୍ଜରେ ଏହି ନୃତ୍ୟର ପ୍ରଚଳନ ଦେଖାଯାଏ। ପାଇକଗୋଷ୍ଠୀର ଲୋକମାନେ ଏହି ନୃତ୍ୟରେ ମୁଖ୍ୟତଃ

ଅଂଶଗ୍ରହଣ କରିଥାନ୍ତି। 'ଛଉ' ଶବ୍ଦର ଉତ୍ପତ୍ତି ସମ୍ପର୍କରେ ଡ. ସୁକୁମାର ସେନ କହନ୍ତି ଯେ ଏହା ପତଞ୍ଜଳିକୃତ ମହାଭାଷ୍ୟରେ ଥିବା ଶୌତ୍ତିକ ଶବ୍ଦରୁ ସୃଷ୍ଟି ହୋଇଛି। କେତେକ ସମାଲୋଚକ ଛଉନୃତ୍ୟକୁ ମୂକ ନୃତ୍ୟ କହିବା ବେଳେ ଆଉ କେତେକ ସମାଲୋଚକ ଛଉକୁ ଓଡ଼ିଆ ଜାତିର ସମର ପ୍ରିୟତାର ତତ୍ତ୍ୱ ଉପରେ ପ୍ରତିଷ୍ଠିତ ବୋଲି କହିଥାନ୍ତି। 'ଛାଉଣୀ' ଶବ୍ଦରୁ ଛଉ ନାମଟିର ସୃଷ୍ଟି ବୋଲି କେତେକ ଆଲୋଚକ କହିଥାନ୍ତି। ବହୁକାଳ ପୂର୍ବେ ଛଉ ଶିଳ୍ପୀମାନେ ଜାମୁଗଛ ଓ ଆମ୍ବଗଛର ଡାଳ ଧରି ନୃତ୍ୟ କରୁଥିବାରୁ ଏହାକୁ ଜାମଡାଳିଆ ନୃତ୍ୟ ମଧ୍ୟ କୁହାଯାଏ। ଚୈତ୍ର ପର୍ବର ଶୁଭ ଅବସରରେ ଏହି ନୃତ୍ୟ ଅନୁଷ୍ଠାନ ଅଧିକ ଭାବରେ କରାଯାଇଥାଏ। ସ୍ତମ୍ଭ ଆକାରରେ ଶିବଙ୍କର ପ୍ରତିଷ୍ଠା ପ୍ରଥମେ ମଞ୍ଚ ଉପରେ କରିବାକୁ ପଡ଼େ। କଳାକାରମାନେ ପ୍ରଥମେ ଶିବଙ୍କୁ ଓ ପରେ ଅମ୍ବିକାଙ୍କୁ ପ୍ରାର୍ଥନା କରି ନୃତ୍ୟ ଆରମ୍ଭ ନିମନ୍ତେ ପ୍ରସ୍ତୁତ ହୋଇଥାନ୍ତି। ଛଉନୃତ୍ୟରେ ଯେଉଁ କେତେକ ବାଦ୍ୟଯନ୍ତ୍ରର ବ୍ୟବହାର ଦେଖାଯାଏ, ତନ୍ମଧ୍ୟରୁ ଧୂମସା; ଢୋଲ, ମହୁରୀ, ଚଡ଼ଚଡ଼ିର ନାମ ଉଲ୍ଲେଖଯୋଗ୍ୟ। ମୟୂରଭଞ୍ଜର ରାଜପରିବାରର ପୃଷ୍ଠପୋଷକତା କରିଥିବାରୁ ଏହାର ପ୍ରଚାର ଓ ପ୍ରସାର ଅଧିକରୁ ଅଧିକ ହୋଇପାରିଛି। ଛଉନୃତ୍ୟର ଆରମ୍ଭରୁ ରଙ୍ଗବାଦ୍ୟ ବାଜେ। ରଙ୍ଗ ବାଦ୍ୟ ବାଜିସାରିବା ପରେ ପ୍ରକୃତ ନୃତ୍ୟର ଅନୁଷ୍ଠାନ ପୂର୍ବରୁ ଦୁଇଟି ଚରିତ୍ର ମଞ୍ଚ ଉପରକୁ ଆସିଥାନ୍ତି। ଏମାନେ ଅଳ୍ପ ଆଳାପରେ ନାଟ୍ୟ ବିଷୟ ସମ୍ପର୍କରେ ଦେଇଥାନ୍ତି ସମ୍ୟକ୍ ସୂଚନା। ଏହି ପ୍ରଣାଳୀକୁ କୁହାଯାଏ 'ବିଦୂଷକ ପ୍ରଣାଳୀ'। ପ୍ରତ୍ୟେକ ଚରିତ୍ର ସ୍ୱତନ୍ତ୍ର ଶୈଳୀ ଓ ପଦକ୍ଷେପରେ ଆସି ମଞ୍ଚରେ ନିଜକୁ ଉପସ୍ଥାପନା କରିଥାନ୍ତି। ଛଉନୃତ୍ୟ ମୁଖ୍ୟତଃ ଆଙ୍ଗିକ ଅଭିନୟ ଉପରେ ନିର୍ଭରଶୀଳ ହୋଇଥିବା ଦୃଷ୍ଟିରୁ ବାଚିକ ଅଭିନୟର ବିଶେଷ ଆବଶ୍ୟକତା ଅନୁଭୂତ ହୁଏ ନାହିଁ। ମହୁରୀ ବାଦ୍ୟର ପ୍ରଚଳନ ଏଥିରେ ଅଧିକ ଭାବରେ ଦେଖାଯାଏ। ବଂଶୀ ମଧ୍ୟ ଆବଶ୍ୟକ ସ୍ଥଳେ ବ୍ୟବହୃତ ହୁଏ। ମୟୂରଭଞ୍ଜ ଛଉରେ କଳାକାରମାନେ ମଞ୍ଚକୁ ଆସିଲାବେଳେ ଭିନ୍ନ ଭିନ୍ନ ଭଙ୍ଗୀରେ ଆସିଥାନ୍ତି। ଏହି ଭଙ୍ଗୀର ବହୁ ସାମଞ୍ଜସ୍ୟ ରହିଛି ଓଡ଼ିଶୀ ନୃତ୍ୟର ତ୍ରିଭଙ୍ଗୀ ଠାଣି ସହିତ। ଛଉନୃତ୍ୟରେ ମୁଖ୍ୟତଃ ତିନି ଗୋଟି ପର୍ଯ୍ୟାୟ ଥାଏ। ସେଗୁଡ଼ିକ ହେଉଛି ହତିଆର ଧରା, କଳିକଟା ଓ କଳିଭଙ୍ଗା। ଏଥିରୁ ହତିଆର ଧରା ଓ କଳିକଟା ହେଉଛି ତାଣ୍ଡବ ବିଭାଗର ଅନ୍ତର୍ଭୁକ୍ତ। କଳିଭଙ୍ଗାକୁ ଲାସ୍ୟ ବିଭାଗର ଅନ୍ତର୍ଭୁକ୍ତ କରାଯାଏ। ଛଉର କଥାବସ୍ତୁର ସୀମା ଯେପରି ପ୍ରଶସ୍ତ ସେପରି ଆକର୍ଷଣୀୟ। ପୁରାଣ କଥାବସ୍ତୁରୁ କେତେକ ପ୍ରସଙ୍ଗକୁ ଛଉରେ ଗ୍ରହଣ କରାଯାଏ। ରାମାୟଣ, ମହାଭାରତ ତଥା ଅନ୍ୟାନ୍ୟ ପୁରାଣରୁ କଥାବସ୍ତୁ ଆହରଣର ପରମ୍ପରା ଏଥିରେ ଥାଏ। ଜୀବଜନ୍ତୁମାନଙ୍କର ଆଚରଣ ପଦ୍ଧତି ଅନୁସାରେ ନୃତ୍ୟ ନାଟକ ରଚିତ ହୁଏ। ସେଥିମଧ୍ୟରୁ ମୟୂର ନୃତ୍ୟ, ପ୍ରଜାପତି ନୃତ୍ୟ ଓ କୁରୁଙ୍ଗ ନୃତ୍ୟ ଅନ୍ୟତମ। କାଳ୍ପନିକ କଥାବସ୍ତୁକୁ ଭିତ୍ତି କରି ମଧ୍ୟ ଏହି ନୃତ୍ୟ ସଂଗଠିତ ହୋଇଥାଏ। ମୁକ୍ତ ଆକାଶ ତଳେ ମଞ୍ଚ ଉପରେ ଏହା ପରିବେଷିତ ହୁଏ। ନୃତ୍ୟକାରମାନେ ବାଦ୍ୟର ତାଳେ ତାଳେ ଆସି ମଞ୍ଚ ଉପରେ ଉପସ୍ଥିତ ହୁଅନ୍ତି। ମଣ୍ଡପ ଆକୃତିର ମଞ୍ଚର ଗୋଟିଏ ଦିଗରେ ବାଦ୍ୟକାରୀଙ୍କ ପାଇଁ ସ୍ଥାନ ଉଦ୍ଦିଷ୍ଟ ହୋଇଥାଏ ଏବଂ ଅନ୍ୟ ତିନି ଦିଗରେ ଦର୍ଶକମାନଙ୍କ ବସିବା ପାଇଁ ସ୍ଥାନ ନିର୍ଦ୍ଦିଷ୍ଟ ହୋଇଥାଏ।

ଛଉନୃତ୍ୟ ଓଡ଼ିଶାର ସ୍ୱତନ୍ତ୍ର କଳା। ଏହାର ଆକର୍ଷଣ ସ୍ୱତନ୍ତ୍ର ଓ ଅଭିନବ କହିଲେ ଅତ୍ୟୁକ୍ତି ହେବ ନାହିଁ। ଏତଦ୍‌ବ୍ୟତୀତ ଆଉ କେତେକ ଲୋକନାଟକ ରହିଛି ଯାହାର ଆକର୍ଷଣ ବିସ୍ତୃତ ହେବାର ନୁହେଁ। ସେଗୁଡ଼ିକ ମଧ୍ୟରେ ପାଲା, ଦାସକାଠିଆ, ମୋଗଲତାମସା, ଦଣ୍ଡନାଟ ଅନ୍ୟତମ।

ପାଲା : ଏହା ଏକ ପବିତ୍ର ଅନୁଷ୍ଠାନ। ଏଥିରେ ଉଭୟ ହିନ୍ଦୁ ଓ ମୁସଲମାନ ସମ୍ପ୍ରଦାୟର ଭକ୍ତମାନେ ଶ୍ରୋତା ଭାବରେ ଯୋଗ ଦିଅନ୍ତି। ମୋଗଲ ସମ୍ରାଟ ଉଭୟ ସଂପ୍ରଦାୟ ଭିତରେ ଭାତୃଭାବ ଓ ଆନ୍ତରିକତା ପ୍ରକଟିତ କରିବା ପାଇଁ ଏପରି ଏକ ଚିତ୍ତମୋହନ କଳାର ସୃଷ୍ଟି କରିଥିଲେ ବୋଲି କେତେକ ଆଲୋଚକ ମତ ଦିଅନ୍ତି। ସତ୍ୟପୀର ଉପାସନା ଏହି ପାଲାର ମୂଳକଥା ଓ ମୁଖ୍ୟ କଥା। ପାଲାର ଭାଷା ଖାଣ୍ଟି ଓଡ଼ିଆ ନୁହେଁ। ଏଥିରେ ପାର୍ଶି, ବଙ୍ଗଳା ଭାଷା ମିଶ୍ରିତ ହୋଇଥାଏ। ଭାଷା ଭାଷା ମଧ୍ୟରେ ସହନଶୀଳତା ସୃଷ୍ଟି କରିବାର ଆବେଗ ଏଥିରେ ଅନୁଭବ

କରିହୁଏ। ଯିଏ ମୁସଲମାନଙ୍କର ପୀର ସେ ହିନ୍ଦୁମାନଙ୍କର ହରି, ଏକଥା ଉଦ୍‌ଘୋଷଣା କରି ପାଲା ପ୍ରକାଶ କରେ ଯେ,

"ଅଦ୍‌ଭୂତ ପୀରେର ମାୟା କି ବଲିତେ ପାରି
ମୁସଲମାନ ବଲେ ପୀର ହିନ୍ଦୁ ବଲେ ହରି"

କୋରାନର ମହିମା ସହିତ ପୁରାଣର ମହିମା ସମାନ ବୋଲି ପାଲାରେ ଉଲ୍ଲେଖ କରାଯାଇଛି। ଶୃଙ୍ଗାର, ବୀର, କରୁଣ, ଶାନ୍ତ ତଥା ବାତ୍ସଲ୍ୟରସର ବହୁଳ ପରିବେଷଣ କରି ଦର୍ଶକର ମନୋରଞ୍ଜନ ନିମନ୍ତେ କଳାକାରମାନେ ଦୃଢ଼ ପ୍ରୟାସ କରିଥାନ୍ତି।

ଦାସକାଠି : ଏହାର ଲୋକପ୍ରିୟତା ଗଞ୍ଜାମ ଜିଲ୍‌ତଲାରେ ସର୍ବାଧିକ। ଦାସକାଠି ଶବ୍ଦର ଅର୍ଥ ତର୍ଜମା କଲେ ଦାସକୁ ଭୃତ୍ୟ ବା ଭକ୍ତ ଭାବରେ ଗ୍ରହଣ କରାଯାଇପାରେ। ରାମାୟଣ ଯୁଦ୍ଧ ବେଳେ ଦୁଇଖଣ୍ଡ କାଠିକୁ ବାଦ୍ୟ ରୂପେ ବ୍ୟବହାର କରି ଲକ୍ଷ୍ମଣ ସୈନ୍ୟମାନଙ୍କ ମଧ୍ୟରେ ଅସୀମ ଉତ୍ସାହ ସୃଷ୍ଟି କରିଥିଲେ ବୋଲି କୁହାଯାଏ। ଲକ୍ଷ୍ମଣ ନିଜକୁ ରାମଚନ୍ଦ୍ରଙ୍କର ଦାସ ଭାବରେ ଗ୍ରହଣ କରିଥିବାରୁ ଏହି ବାଦ୍ୟକୁ କୁହାଯାଏ ଦାସକାଠି। ଏହି ନୃତ୍ୟରେ ଅଂଶଗ୍ରହଣ କରୁଥିବା ଦୁଇଜଣଙ୍କ ମଧ୍ୟରୁ ଜଣେ ଗାୟକ ଓ ଅନ୍ୟଜଣକ ପାଳିଆ ଭୂମିକାରେ ଅବତୀର୍ଣ୍ଣ ହୋଇଥାନ୍ତି। ଗାୟକ ପାଲା ଗାୟନରେ କ୍ଲାନ୍ତି ଅନୁଭବ କଲାବେଳେ ପାଳିଆ ହାସ୍ୟରସ ପରିବେଷଣ କରି ପରିବେଶକୁ ଆକର୍ଷଣୀୟ କରିଥାନ୍ତି। ଗାୟକ ଓ ପାଳିଆ ଉଭୟ ରାଜକୀୟ ବେଶ ଭୂଷଣରେ ବିମଣ୍ଡିତ ହୋଇ ନୃତ୍ୟମଞ୍ଚରେ ଅବତୀର୍ଣ୍ଣ ହୁଅନ୍ତି। ଉଭୟେ ପାଇକଚ୍ଛା ମାରି ପାଟ ପରିଧାନ କରିଥାନ୍ତି। କାନରେ କୁଣ୍ଡଳ, ପାଦରେ ନୂପୁର, ହାତରେ କାଠି ଶୋଭା ପାଇଥାଏ। ମୁକ୍ତ ଆକାଶ ତିଳେ ୮/୧୦ ହାତର ଖୋଲାଭୂମିରେ ଦାସକାଠିଆ ଅନୁଷ୍ଠିତ ହୁଏ। ସେହି ଭୂମିକୁ କୁହାଯାଏ ମଣ୍ଡଳ। ଦର୍ଶକମାନେ ମଣ୍ଡଳର ଚାରିପଟେ ବସିଥାନ୍ତି। ଦେବଦେବୀଙ୍କ ନାମ କୀର୍ତ୍ତନ ତଥା ମହିମା ବର୍ଣ୍ଣନାରୁ ଦାସକାଠି ଆରମ୍ଭ ହୁଏ। ପାଳିଆ ମଝିରେ ମଝିରେ "ରାମ ଯେ ହରି ରାମ ଯେ, ନବୀନ ସୁନ୍ଦର ରାମ ଯେ" ବୋଲି ଘୋଷା ପଦଟିଏ ଉଚ୍ଚାରଣ କରୁଥାଆନ୍ତି। କେତେକ ଆଲୋଚକ ଦାସକାଠିକୁ ପାଲାର ଅଗ୍ରଜ ବୋଲି କହିଥାନ୍ତି। ଦାସରି ସଂପ୍ରଦାୟ ଦ୍ୱାରା ସୃଷ୍ଟି ହୋଇଥିବା ଏହି ବାଦ୍ୟଯନ୍ତ୍ରକୁ ଦାସକାଠି ବୋଲି ବିଚାର କରାଯାଏ। ଏହି ଦଶ ଆଙ୍ଗୁଳି ସାହାଯ୍ୟରେ କାଠି ଦ୍ୱାରା ତାଳ ନିୟନ୍ତ୍ରିତ ହେଉଥିବାରୁ ଏହାର ଅନ୍ୟ ନାମ ଦାସକାଠି। ଦାସକାଠି ନୃତ୍ୟରେ ଦୁଇପ୍ରକାର ବାଦ୍ୟଯନ୍ତ୍ର ଥାଏ। ଗୋଟିଏ ହେଉଛି 'ରାମତାଳ' ଓ ଅନ୍ୟଟି ହେଉଛି 'ଲକ୍ଷ୍ମଣତାଳ'। ଏହା ବ୍ୟତୀତ ଅନ୍ୟ କୌଣସି ପାରମ୍ପରିକ ବାଦ୍ୟଯନ୍ତ୍ର ବ୍ୟବହାର କରିବାର ବିଧି ନାହିଁ। ଗାୟକଙ୍କ ଦ୍ୱାରା ବ୍ୟବହୃତ ବାଦ୍ୟର ନାମ ରାମତାଳ। ଏହା ଏକ ଚାଖଣ୍ଡ ଲମ୍ବ ବିଶିଷ୍ଟ ଦୁଇମଙ୍ଗ ସରୁଥିବା ଦୁଇଫାଳିଆ କାଠବିଶେଷ। ଏହାକୁ ଗୋଟାଏ ହାତରେ ଧରିଲେ ଏହା ଗୋଟାଳିଆ ଦିଶେ। ରାମତାଳ ଭଳି ଚାଖଣ୍ଡେ ଲମ୍ବ ଚାରିଫାଳିଆ କାଠକୁ ପାଳିଆ ବ୍ୟବହାର କରିଥାନ୍ତି। ଏହାର ନାମ ଲକ୍ଷ୍ମଣତାଳ ବା ଦାସକାଠି। ଏହି ରାମତାଳ ବା ଲକ୍ଷ୍ମଣତାଳ ସାଧାରଣତଃ ଶିଶୁକାଠରେ ପ୍ରସ୍ତୁତ କରିବାର ପରମ୍ପରା ରହିଛି। ଶିଶୁକାଠ ହାଲକା ଓ ମଜଭୁତ ହୋଇଥିବାରୁ ଏଥିରେ ଦାସକାଠି ବାଦ୍ୟ ନିର୍ମିତ ହୁଏ। ପୌରାଣିକ ଯୁଗରୁ ବିଶ୍ୱକର୍ମା ଏହି କାଠରେ ଏହି ବାଦ୍ୟଯନ୍ତ୍ର ନିର୍ମାଣ କରିଥିଲେ ବୋଲି ଲୋକବିଶ୍ୱାସ ରହିଛି।

ମୋଗଲ ତାମସା : ଏହା ଏକ ଆକର୍ଷଣୀୟ ଲୋକନାଟ୍ୟ ଯାହା ଉତ୍ତର ଓଡ଼ିଶାରେ ପ୍ରଚଳିତ ଥିବାର ଦେଖାଯାଏ। ଏଥିରେ ହିନ୍ଦୁ ଓ ମୁସଲମାନ ଉଭୟ ସଂସ୍କୃତିର ରମ୍ୟ ସମନ୍ୱୟ ଦେଖିବାକୁ ମିଳେ। ମୀରଜା ଏଥିରେ ମୁଖ୍ୟ ଚରିତ୍ର ଭାବରେ ଚିତ୍ରିତ। ତାଙ୍କର ସେବାକାରୀ ଭାବରେ କେତେଜଣ ଥାଆନ୍ତି। ମୀରଜା ସାହେବଙ୍କ ସମ୍ମୁଖରେ ନୃତ୍ୟକାରୀମାନେ ନୃତ୍ୟ ପରିବେଷଣ କରିଥାଆନ୍ତି। ଦହିବାଲୀ, ଫୁଲବାଲୀ, ଅତରବାଲୀ ଇତ୍ୟାଦି କେତେକ ଚରିତ୍ର ଆସି ନିଜସ୍ୱ ଶୈଳୀରେ ନୃତ୍ୟ ପରିବେଷଣ କରନ୍ତି। ହିନ୍ଦୁ ସଂସ୍କୃତିର ଅନ୍ତର୍ଭୁକ୍ତ କେତେକ ନୃତ୍ୟଶୈଳୀ ଏଥିରେ

ସମନ୍ୱିତ ହୋଇଥାଏ। ମଞ୍ଚଟିକୁ ସୁଦୃଶ୍ୟ ରୂପରେ ସଜାଇବା ସଙ୍ଗେ ସଙ୍ଗେ ମଞ୍ଚ ଉପରେ ଗୋଟି, ପାଖରେ ଗୋଟିଏ ସ୍ଥାନରେ ମୀରଜାଙ୍କ ସିଂହାସନ ପ୍ରତିଷ୍ଠା କରାଯାଏ। ମଞ୍ଚର ଗୋଟିଏ ପାଖରେ ବାଦ୍ୟକାରଗଣ ବସନ୍ତି। ଅନ୍ୟ ଦୁଇ ପାଖରେ ଦର୍ଶକମାନେ ବସିବାର ବ୍ୟବସ୍ଥା ଥାଏ। ବାଦ୍ୟ ଭିତରେ ଯୋଡ଼ିନାଗରା, କାହାଳୀ ଢୋଲ, ପଖାଉଜ, ଗିନି ଓ ବେହେଲା ଇତ୍ୟାଦି ବ୍ୟବହୃତ ହୁଏ। ମୀରଜା କହନ୍ତି ପାର୍ସୀ ଭାଷା। ସେବାକାରୀମାନେ ମିଶ୍ରିତ ଭାଷା ବ୍ୟବହାର କରନ୍ତି। ସ୍ଥାନୀୟ ଚରିତ୍ରମାନେ ଓଡ଼ିଆ ଭାଷା ବ୍ୟବହାର କରନ୍ତି। ସ୍ରଷ୍ଟା ବଂଶୀବଲ୍ଲଭ ଗୋସ୍ୱାମୀ ଓଡ଼ିଶାରେ ମରହଟ୍ଟା ଶାସନ କାଳରେ କେତେକ ମୋଗଲ ତାମସା ରଚନା କରିଥିଲେ। ସେଗୁଡ଼ିକ ମଧ୍ୟରେ ଯୋଗୀ ତାମ୍‌ସା, ଭୀଲା ତାମ୍‌ସା, ରାଧାକୃଷ୍ଣ ତାମ୍‌ସା, ଫକୀର ତାମ୍‌ସା ଅନ୍ୟତମ। ଗୁଜୁରାଟ ଓ ମହାରାଷ୍ଟ୍ରରେ ପ୍ରଚଳିତ ତାମ୍‌ସା ଲୋକନୃତ୍ୟ ସହ ଏହାର ସାଧାରଣ ସାମ୍ୟ ରହିଛି। ତେବେ ସେଠାରେ ତାମ୍‌ସା ପୌରାଣିକ ବିଷୟବସ୍ତୁ ଉପରେ ଆଧାରିତ ହେବାବେଳେ ଓଡ଼ିଶାରେ ମୋଗଲ ତାମସା ମୁସଲମାନ ଶାସନର କଳାତ୍ମକ ବିଭବ ଉପରେ ପର୍ଯ୍ୟବସିତ ହୋଇଥାଏ।

ଚଇତି ଘୋଡ଼ାନାଚ : ଚୈତ୍ର ପୂର୍ଣ୍ଣିମାର ଶୁଭ ଅବସରରେ ଅନୁଷ୍ଠିତ ଏହି ଲୋକନୃତ୍ୟ ଉତ୍କଳୀୟ ଜନମାନସରେ ଭରିଦିଏ ଅଶେଷ ପୁଲକ। ଏହା ମୁଖ୍ୟତଃ କୈବର୍ତ୍ତ ସଂପ୍ରଦାୟର ନୃତ୍ୟବିଶେଷ। ଏହି ନାଚ ସହିତ ଘୋଡ଼ାର ପ୍ରତିକୃତିକୁ ନଚାଯାଉଥିବାରୁ ଏହାର ନାମ ଘୋଡ଼ାନାଚ ହୋଇଛି। ବାରଖଣ୍ଡ ବାଉଁଶ ଚିରି ତହିଁରେ ନିର୍ମିତ ହୁଏ ଅଶ୍ୱର ଏକ ଆକୃତି। ସେଥିରେ ସଂଯୋଜିତ ହୁଏ ମାଟିର ଗଢ଼ା ଅଶ୍ୱର ମୁଣ୍ଡ। ବ୍ରହ୍ମାଙ୍କୁ ସ୍ମରଣ କରାଯାଇ ସେହି ଘୋଡ଼ା ସୁସଜ୍ଜିତ ହୁଏ। ଘୋଡ଼ା ଭିତରେ ଜଣେ ବ୍ୟକ୍ତି ପ୍ରବେଶ କରି ବାଦ୍ୟର ତାଳେ ତାଳେ ନୃତ୍ୟ କରିଥାଆନ୍ତି। ଢୋଲ, ମହୁରୀ ବାଦ୍ୟରେ ନୃତ୍ୟସ୍ଥଳ ପ୍ରକମ୍ପିତ ହୋଇ ଉଠେ। ଏଥିପାଇଁ କୌଣସି ସ୍ଥାୟୀ ମଞ୍ଚର ଆବଶ୍ୟକତା ପଡ଼େ ନାହିଁ। ସାହି ସାହି ବୁଲି ବୁଲି ଏହି ନୃତ୍ୟ ପ୍ରଦର୍ଶନ କରାଯାଏ। ଚଢ଼େୟା, ଚଢ଼େୟାଣୀ ଭିତରେ କଥୋପକଥନ ହିଁ ଏହାର ମୁଖ୍ୟ କଥାବସ୍ତୁ ଭାବରେ ଗୃହୀତ। ଚଢ଼େୟାଣୀର ପ୍ରଶ୍ନର ଉତ୍ତର ଦିଏ ଗୀତ ମାଧ୍ୟମରେ ଚଢ଼େୟା। ପ୍ରଶ୍ନ ଉତ୍ତର ଅତ୍ୟନ୍ତ ହୃଦୟସ୍ପର୍ଶୀ ହୋଇଥାଏ। ଶ୍ରୋତାଙ୍କ ମନରେ ସୃଷ୍ଟି ହୁଏ ପ୍ରସନ୍ନ ସୁକୁମାର ଭାବ। ଚଢ଼େୟାଣୀର ଗୀତରେ ପ୍ରଶ୍ନ କେତେ ପ୍ରକାରର ଥାଏ। ତନ୍ମଧ୍ୟରୁ ଉଦାହରଣସ୍ୱରୂପ ଗୋଟିଏ ପ୍ରଶ୍ନକୁ ନିମ୍ନରେ ଉଲ୍ଲେଖ କରାଯାଇଛି -

ଚଢ଼େୟାଣୀ ମୁଖରେ -

"କଳା ଚାରିଜାତି କହିଲୁ ନାଗର
ନାଲି ଚାରି ଜାତି କହ
ନାଲି ଚାରି ଜାତି କହି ନ ପାରିଲେ
କଳାକାହୁ କାଳିଆରେ
ବାସନ ମାଜିବୁ ରହ ।"

ଉତ୍ତରରେ ଚଢ଼େୟା କହେ-

"ନାଲି ଶୁଆ ଥଣ୍ଡ ନାଲି ତୋର ଓଠ
ନାଲି ତ ଫୁଲ ମନ୍ଦାର
ଆହୁରି ନାଲିଏ ବତାଇ ଦେଉଛି
କଳା ବୋଉ କୋକିଳାଲୋ
ନାଲି ତୋ ମଥା ସିନ୍ଦୂର।

ରସମୟତାର ଲଳିତ ସ୍ପର୍ଶରେ କବିତାର ବେଳାଭୂମି ଯେତିକି ସିକ୍ତ ସେତିକି ସ୍ନିଗ୍ଧ ହୋଇ ଶ୍ରୋତାର ମନରେ ଗଭୀର ଆନନ୍ଦର ସଞ୍ଚରଣ ଘଟାଇଥାଏ। ଏହି ସଂଗୀତର ସ୍ୱରସଜ୍ଜା ଯେପରି ଶ୍ରୁତିମଧୁର ସେପରି ହୃଦୟସ୍ପର୍ଶୀ।

ଡାଲଖାଇ : ଓଡ଼ିଶାର ପଶ୍ଚିମାଞ୍ଚଳର ଲୋକପ୍ରିୟ ଲୋକନୃତ୍ୟ ହିସାବରେ ଏହାର ପ୍ରତିଷ୍ଠା ଅସାଧାରଣ। ଡାଲଖାଇ ଦେବୀ ଏହି ଅନୁଷ୍ଠାନର ଆରାଧ୍ୟ ଦେବୀ ହୋଇଥିବାରୁ ଏହାର ନାମକରଣ ଏପରି ହୋଇଛି। ଆଦିବାସୀ ସଂପ୍ରଦାୟରେ ଏହି ନୃତ୍ୟ ଅତି ଆଗ୍ରହ ସହକାରେ ପାଳିତ ହୁଏ। ଆଶ୍ୱିନ ମାସରେ ମହାଷ୍ଟମୀଠାରୁ ଦଶହରା ପର୍ଯ୍ୟନ୍ତ ତିନିଦିନ ଧରି ଏହି ନୃତ୍ୟ ଅନୁଷ୍ଠାନ ମନରେ ଭରିଦିଏ ଅସୀମ ଆନନ୍ଦ। ଆଦିବାସୀ ତରୁଣୀମାନେ ଏକତ୍ରିତ ହୋଇ ପରସ୍ପରର ଅଣ୍ଟାରେ ହାତ ଛନ୍ଦି, ଆଗକୁ ପଛକୁ ଝୁଲି ଝୁଲି ଗୀତ ଗାଇ ଗାଇ ନୃତ୍ୟ କରିଥାନ୍ତି। ଅର୍ଦ୍ଧ ବୃତ୍ତାକାରରେ ସେମାନେ ଠିଆ ହୋଇଥାନ୍ତି। ଗୀତଗୁଡ଼ିକ ସାଧାରଣତଃ ଶୃଙ୍ଗାର ରସାତ୍ମକ ହୋଇଥାଏ। ଗୀତ ଗାଇସାରିବା ପରେ ସମସ୍ତେ ସମତାଳରେ ନାଚିବାକୁ ଆରମ୍ଭ କରନ୍ତି। ନୃତ୍ୟବେଳେ ପାଦଠାରୁ ଅଣ୍ଟା ପର୍ଯ୍ୟନ୍ତ ଅଙ୍ଗପ୍ରତ୍ୟଙ୍ଗ ସଳଖ ହୋଇ ରହିଥାଏ। କେବଳ ମୁଣ୍ଡ ନୁଆଇଁ ସେମାନେ ନାଚିଥାନ୍ତି। ଗୀତର ଘୋଷାରେ 'ଡାଲଖାଇ'ରେ ଉଚ୍ଚାରଣ ବାରମ୍ବାର କରାଯାଏ। ଉଦାହରଣସ୍ୱରୂପ ଗୋଟିଏ ଗୀତର ଗୋଟିଏ ଅଂଶ ନିମ୍ନରେ ପ୍ରଦାନ କରାଯାଇଛି।

"ଜୀବର ଧନ କଳାକାହ୍ନୁ କଦମ୍ ଡାଲେ ଥାଇ
ଦୁଇ ହାତେ ବଇଁଶୀ ଧରି, ହସ ହସ ହୋଇ
ରାଧେ, ରାଧେ, ରାଧେ ବୋଲି ଦେଉଛେ ବଜାଇ
ବେନୁର ସୁର କାନେ ବାଜଲେ କିଏ ପାରବା ରହି ?
ବେନୁର ସୁର କାନେ ବାଜଲେ କିଏ ପାରବା ରହି ?
ଯିବା ତ ପଲାଇ, ଯିବା ତ ପଲାଇ, କାଏ "ଡାଲଖାଇରେ"

ଡାଲଖାଇ ଓଷା ପାଳନ ଅବକାଶରେ ଡାଲଖାଇ ଗୀତ ଗାନ କରାଯାଏ। ଏହାର ପ୍ରଚ୍ଛଦପଟ୍ଟରେ ଏକ ଲୋକକଥା ରହିଛି। ତାହା ଏହିପରି "କୋଶଳ ଦେଶରେ ନାଲିତ ନାମରେ ଜଣେ ଆଦିବାସୀ ରାଜା ରାଜତ୍ୱ କରୁଥିଲେ। ତାଙ୍କ ରାଣୀଙ୍କ ନାମ ଥିଲା ନୀଳାବତୀ। ରାଜା ରାଣୀଙ୍କର ଦୁଇପୁତ୍ରଙ୍କ ନାମ ଥିଲା ଦେବ ଓ ରାମ। ରାଣୀଙ୍କର କନ୍ୟା ନଥିଲା। ପ୍ରାର୍ଥନା ବଳରେ ରାଣୀ କନ୍ୟା ରତ୍ନ ଲାଭ କରିଥିଲେ। ସେ କନ୍ୟାର ନାମ ହେଲା ରଇଲାବତୀ। ରଇଲାବତୀ ମର୍ତ୍ତ୍ୟରେ ପ୍ରଥମେ ଏ ଓଷା ଆରମ୍ଭ କରିବାକୁ ଇଚ୍ଛା ପ୍ରକାଶ କଲା। ବାପା, ମା ରାଜି ନ ହେବାରୁ ସେ ନିତାଇଧୋବଣୀ ଘାଟରେ ଝାସ ଦେଲା। ପରେ ଦେଖାଗଲା, ସେ ସାତ ଭଉଣୀଙ୍କ ସଙ୍ଗରେ ଆନନ୍ଦରେ ଜଳକେଳି କରୁଛି। ଡାଲଖାଇ ଓଷା କଲେ ସାତ ଭଉଣୀ ରଇଲାବତୀକୁ ଛାଡ଼ିଦେବେ ବୋଲି କହିଲେ। ରଇଲାବତୀ ପ୍ରଥମେ ଡାଲଖାଇ ଗୀତ ଗାଇଲା ଓ ନାଚିଲା। ସେହିଦିନଠାରୁ ପଶ୍ଚିମ ଓଡ଼ିଶାର ଗାଁରେ ଗାଁରେ ଓଷା କରି ଝିଅମାନେ ଢୋଲ, ମହୁରୀର ତାଳେ ତାଳେ ଏହି ନୃତ୍ୟ କରୁଛନ୍ତି ବୋଲି ଲୋକଶ୍ରୁତି ରହିଛି।

କରମା ନାଚ : ସମ୍ବଲପୁର ଜିଲ୍ଲାରେ ଏହା ବିଶେଷ ଭାବରେ ଦେଖାଯାଏ। ଏହା ଆଦିବାସୀ ସଂପ୍ରଦାୟର ନୃତ୍ୟ ହେଲେ ହେଁ ଏହାର ଆକର୍ଷଣ ସୁଦୂର ପ୍ରସାରୀ। କଳାପ୍ରିୟ ପ୍ରତ୍ୟେକ ଦର୍ଶକର ମନୋରଞ୍ଜନ ନିମନ୍ତେ ଏଥିରେ ଯଥେଷ୍ଟ ଉପାଦାନ ରହିଛି, ଏଥିରେ ଦ୍ୱିମତ ନାହିଁ। 'କରମସାନି' ଦେବୀଙ୍କର ସନ୍ତୋଷଜନିତ ଏହି ନୃତ୍ୟର ଆୟୋନ କରାଯାଏ। ଭାଦ୍ରମାସ ଶୁକ୍ଲପକ୍ଷ ଏକାଦଶୀ ଦିନ ଯୁବକଯୁବତୀମାନେ ଜଙ୍ଗଲରୁ ଶାଳଗଛର ଡାଳଟିଏ କାଟି ଆଣି ତାକୁ ସୁସଜ୍ଜିତ ସ୍ଥାନରେ ପୋତିଦିଅନ୍ତି। ସେଠାରେ ହୁଏ କରମସାନିର ମହିମା ବର୍ଣ୍ଣନା ଓ ପୂଜା ଅର୍ଚ୍ଚନା। ଯୁବକଯୁବତୀମାନେ ଧାଡ଼ିବାନ୍ଧି ନୃତ୍ୟରେ ଯୋଗ ଦିଅନ୍ତି। ଅର୍ଦ୍ଧବୃତ୍ତାକାରରେ ସଜ୍ଜିତ ହୋଇ ପରସ୍ପରର ଅଣ୍ଟାରେ ହାତ ଦେଇ ଗୋଡ଼ ହାତ ହଲାଇ ଦୋହଲି ଦୋହଲି ସେମାନେ ନାଚନ୍ତି। ଏହାକୁ ମଧ୍ୟ କେଲିକଦମ୍ ନାଚ କହନ୍ତି, କରମାଗୀତର ଗୋଟିଏ ଅଂଶ ଉଦାହରଣ ସ୍ୱରୂପ ନିମ୍ନରେ ପ୍ରଦାନ କରାଯାଇଛି।

"ନାଲି ଗୀତ କେରି କେରି ବାଜରେ ବାଂଶରୀ
ବନ୍ଧୁ ଗଲେ ପରବାସ ନ ଆସିଲେ ଫେରି

ଆଜି ଗୁରୁବାର ଆଏରେ କାଲି ଶୁକରବାର
ସମଧିଘର ଦେଇଗଲେ ଖଜାଖିଆ ଭାର
ଭୋକ କଲେ ଘିନି ଦେମି ଖଜା ଦୁଇ ପୈସାର
ଶୋଷ କଲେ ଘିନି ଦେମି ନବାତର ପାନି
ଆଉ ତରେ ଦୂରେ ଅଛେ ଦିଅର
ନ କର ଭାଲୁନି।”

ଲୋକନୃତ୍ୟର ଆବେଦନ ଅନୁଭବର ବିଷୟ, ବଚନର ବିଷୟ ନୁହେଁ। ଭାଷାରେ ଯେତେ କହିଲେ ମଧ୍ୟ ତାହାର ମୂଲ୍ୟବୋଧ ପୂର୍ଣ୍ଣଭାବରେ ଉପସ୍ଥାପିତ ହୋଇପାରିବ ନାହିଁ। ଗୋଟିଏ ଜାତିର ରୁଚିକର ମାନସିକତା ଗଠିତ ହୁଏ ତା'ର କଳା ଓ ସାହିତ୍ୟର ପ୍ରଭାବରେ। ଯେଉଁ ଦେଶର କଳା, ସାହିତ୍ୟ ଓ ସଂଗୀତ ଯେତେ ରୁଚିକର ଓ ଉନ୍ନତ ସେ ଜାତି ସେତେ ମାର୍ଜିତ ତଥା ବିକଶିତ। ଏହି ପରିପ୍ରେକ୍ଷୀରେ ବିଚାର କଲେ ଏହା ଅନୁଭବ୍ୟ ଯେ ଉତ୍କଳୀୟ କଳାର ମାଧୁର୍ଯ୍ୟ ଉତ୍କଳୀୟତାର ପ୍ରାଣ ପ୍ରାଚୁର୍ଯ୍ୟ ବହନ କରି ଅମ୍ଳାନ ଶୋଭା ବିଭବର ଅଧିକାରୀ। ଯେତିକି ସୁନ୍ଦର ଉତ୍କଳର କଳା ବିଭବ ସେତିକି ମଧୁର ତା'ର ସୂକ୍ଷ୍ମ ଅନୁଭବ। ବହୁ ବର୍ଷ ଧରି ପରାଧୀନତାର ଶିକାର ହୋଇ, ବହୁ ପ୍ରତିକୂଳ ବାତାବରଣର ସମ୍ମୁଖୀନ ହୋଇ ମଧ୍ୟ ଏହା ନିଜସ୍ୱ ମୌଳିକତା ଓ ମୂଲ୍ୟବୋଧ ହରାଇ ନାହିଁ। ଆନନ୍ଦଦାନ ମାଧ୍ୟମରେ ଲୋକଶିକ୍ଷାର ଆଭିମୁଖ୍ୟ ତାହାର ଅତୁଟ ରହିଛି। ଶୁଦ୍ଧ ସୁବର୍ଣ୍ଣ ପରି ବାରମ୍ବାର ଅଗ୍ନିରେ ଦଗ୍ଧୀଭୂତ ହୋଇ ବାସ ଚନ୍ଦନ କାଠ ପରି ବାରମ୍ବାର ଘୃଷ୍ଟ ହୋଇ ତାର ମୂଲ୍ୟ କମି ନାହିଁ, ମହତ୍ତ୍ୱ କ୍ଷୁର୍ଣ୍ଣ ହୋଇନାହିଁ ବରଂ ଅଧିକରୁ ଅଧିକ ସମୁଜ୍ଜଳ ହୋଇଛି।

ଭାଗବତ ଦର୍ଶନ ଓ ଜଗନ୍ନାଥ ଦାସ

ଭାଗବତ ଚେତନାକୁ ନିଜ ଭିତରେ ସ୍ଥାୟୀ ଭାବରେ ପ୍ରତିଷ୍ଠା କରିବା ନିମନ୍ତେ ମନ୍ଦିରଟିକୁ ଶୁଦ୍ଧ ରଖିବାକୁ ହେବ। ବ୍ୟକ୍ତିର ହୃଦୟ ହେଉଛି ଭଗବାନଙ୍କ ପାଇଁ ଉଦ୍ଦିଷ୍ଟ ପବିତ୍ର ମନ୍ଦିର। ଏହାକୁ ଶୁଦ୍ଧ ରଖିବାର ଉପାୟ ହେଲା ଆଲୋକ ଏବଂ ଅନ୍ଧକାର, ଆତ୍ମଦାନ ଏବଂ ସ୍ୱାର୍ଥପରତା ଆଦି ପରସ୍ପର ବିରୋଧୀ ଉପାଦାନଗୁଡ଼ିକୁ ଏକ ସଙ୍ଗରେ ରହିବାକୁ ସୁଯୋଗ ନଦେବା। ଅନ୍ୟ ଅର୍ଥରେ କହିଲେ କେବଳ ଆଲୋକ, ନିଃସ୍ୱାର୍ଥପରତା ତଥା ସଚେତନତାକୁ ହୃଦୟ ଭିତରେ ସ୍ଥାନ ଦେଲେ ଭଗବତ କରୁଣା ଦୃଢ଼ ଭାବରେ ପ୍ରତିଷ୍ଠିତ ହୋଇପାରେ। ଏହା ହିଁ ଆଧ୍ୟାତ୍ମିକତାର ସଫଳ ରୂପାୟନ କହିଲେ ଅତ୍ୟୁକ୍ତି ହେବ ନାହିଁ। ଯେଉଁଠାରେ ପ୍ରାଣଗତ ଦାବି, ଚିନ୍ତା ଓ ଚେତନାରେ ଅଶୁଦ୍ଧି, ପ୍ରାପ୍ତିର ଲାଳସା, ସର୍ବୋପରି ଅହମିକା ରହିଥାଏ, ସେଠାରେ ଭଗବତ କରୁଣା ପ୍ରତ୍ୟକ୍ଷ ଭାବରେ କାର୍ଯ୍ୟ କରିପାରେ ନାହିଁ। ଅହମିକାର ସାମାନ୍ୟ ସ୍ପର୍ଶ ରହିଲେ ଅଜ୍ଞାନତାର ଅଖଣ୍ଡ ରାଜତ୍ୱ ପ୍ରତିଷ୍ଠିତ ହୁଏ। ଅହମିକା ସମୂଳେ ଅପସାରିତ ନ ହେଲେ ପ୍ରକୃତ ଆଧ୍ୟାତ୍ମିକତାର ସମ୍ପୂର୍ଣ୍ଣ ପ୍ରତ୍ୟାଖ୍ୟାନ ହେଉଛି ଆଧ୍ୟାତ୍ମିକତାର ମୂଳମନ୍ତ୍ର। 'ପ୍ରଭୁଙ୍କର ଇଚ୍ଛା ପୂର୍ଣ୍ଣ ହେଉ', 'ପ୍ରଭୁଙ୍କର ସନ୍ତୋଷ ବିଧାନ ଜୀବନର ଲକ୍ଷ୍ୟ ହେଉ'- ଇତ୍ୟାଦି ଭାବନାରେ ଅହମିକାର ଗନ୍ଧ ରହେ ନାହିଁ। ଅହମିକା ନ ରହିଲେ ସମର୍ପଣ ଭାବ ସୃଷ୍ଟି ହୁଏ। ପରମ ପ୍ରଭୁଙ୍କ ପାଦପଦ୍ମରେ ନିଜେ ଓ ନିଜର ଯାହା କିଛିଅଛି ସେ ସବୁକୁ ସମର୍ପଣ କରିପାରିଲେ ଜୀବନର ପ୍ରକୃତ ଲକ୍ଷ୍ୟ ପୂରଣ ହୋଇପାରେ।

ଅହମିକା ବିବର୍ଜିତ ଆତ୍ମସମର୍ପଣକୁ ଭାଗବତ ଦର୍ଶନର ମୂଳଭିତ୍ତି ରୂପେ ସ୍ୱୀକାର କରାଯାଇଛି। ଏଥିରେ ପ୍ରାପ୍ତିର ଲାଳସା, ଏପରିକି ମୁକ୍ତି ବା ମୋକ୍ଷର କାମନା ମଧ୍ୟ ନ ଥାଏ। ନିର୍ମଳ ଭକ୍ତିକୁ ଭିତ୍ତି କରି ଭାଗବତ ଦର୍ଶନ ସଂଗଠିତ ଓ ପ୍ରତିଷ୍ଠିତ। ଧର୍ମ, ଅର୍ଥ, କାମ ଏବଂ ମୋକ୍ଷ ଏଥିରୁ କୌଣସି ଗୋଟିଏ ମଧ୍ୟ ଭାଗବତ ଦର୍ଶନରେ ଉଚ୍ଚ ଆସନ ପାଇନାହିଁ। ଉଚ୍ଚ ଆସନ ପାଇଛି ପ୍ରଭୁଙ୍କର ପ୍ରେମରେ ପ୍ରେମୀ ହେବା ପାଇଁ ନିଜକୁ ପ୍ରସ୍ତୁତ କରିବାର ଚେତନା। ବୈଦିକ କର୍ମକାଣ୍ଡରେ ବା ଉପନିଷଦୀୟ ଜ୍ଞାନତତ୍ତ୍ୱରେ ଭାଗବତ ଦର୍ଶନ ବିଶେଷ ଆସ୍ଥା ରଖିପାରି ନାହିଁ। ଭକ୍ତି ଭାବରେ ଭାବିତ ହେବା ଏହି ଦର୍ଶନର ମୂଳତତ୍ତ୍ୱ। ଭକ୍ତି ଭାବର ସ୍ପର୍ଶରେ ମନରେ ଅପୂର୍ବ ମାଦକତା ଓ ଅନବଦ୍ୟ ଶିହରଣ ସୃଷ୍ଟି ହୁଏ। ଭକ୍ତିର ସୋପାନ କ୍ରମରେ ସଂସ୍କୃତ ଭାଗବତରେ ନବଧା ଭକ୍ତିର ପରିକଳ୍ପନା ରହିଛି। ସେଥିରେ କୁହାଯାଇଛି -

"ଶ୍ରବଣଂ, କୀର୍ତ୍ତନଂ, ବିଷ୍ଣୁ ସ୍ମରଣଂ ପଦସେବନମ୍
ଅର୍ଚ୍ଚନଂ, ବନ୍ଦନଂ ଦାସ୍ୟଂ ସଖ୍ୟମାତ୍ମନିବେଦନମ୍।"

ଶ୍ରୀମଦ୍‌ଭଗବଦ୍ ଗୀତାରେ ଥିବା ଭକ୍ତିଯୋଗର ବ୍ୟାପକ ବିଶ୍ଳେଷଣ ସଂସ୍କୃତ ଭାଗବତରେ ଦେଖିବାକୁ ମିଳେ। ସଂସ୍କୃତ ଭାଗବତର ବ୍ୟାପକ ତଥା ପ୍ରଶସ୍ତ ପ୍ରଭାବ ଓଡ଼ିଆ ଭାଗବତରେ ରହିଛି। ସଂସ୍କୃତ ଭାଗବତର ଭାବାନୁବାଦ ହିସାବରେ ଓଡ଼ିଆ ଭାଗବତକୁ ଗ୍ରହଣ କରାଯାଇପାରେ। ସଂସ୍କୃତ ଭାଗବତର ଚିନ୍ତା ଓ ଚେତନା ବହୁ ଭାବରେ ଜଗନ୍ନାଥ ଦାସଙ୍କୁ ପ୍ରଭାବିତ କରିଥିବାର ଏହା ଏକ ପ୍ରମାଣ। ଜଗନ୍ନାଥ ଦାସ ପୁରୀ ଜିଲ୍ଲାର କପିଳେଶ୍ୱରପୁର

ଶାସନରେ ଏକ ବ୍ରାହ୍ମଣ ପରିବାରରେ ଜନ୍ମଗ୍ରହଣ କରିଥିଲେ। ତାଙ୍କର ପିତାଙ୍କର ନାମ ଭଗବାନ ଦାସ ଓ ମାତାଙ୍କର ନାମ ଥିଲା ପଦ୍ମାବତୀ ଦେବୀ। ତାଙ୍କର ଜନ୍ମ ସମୟ ୧୪୮୭ ଖ୍ରୀଅ ବୋଲି କୁହାଯାଏ। ଭାଦ୍ର ଶୁକ୍ଳ ପକ୍ଷ ଅଷ୍ଟମୀ ତିଥିରେ ତାଙ୍କର ଜନ୍ମ ହୋଇଥିଲା। ତାଙ୍କ ସମ୍ପର୍କରେ ଜଗନ୍ନାଥ ଚରିତାମୃତରେ ବର୍ଣ୍ଣିତ ହୋଇଛି ଯେ -

"ନାମ କପିଳେଶ୍ୱରପୁର ଶାସନ ମଧ୍ୟେ ତାଙ୍କ ଘର ॥
ପୁରାଣ ପଣ୍ଡା ଭଗବାନ ପଦ୍ମା ବୋଲିଣ ପତ୍ନୀ ନାମ ॥
ପିତାଙ୍କୁ ବିଦ୍ୟା ନାସ୍ତି କଲେ ସକଳ ବିଦ୍ୟାୟେ ପଢ଼ିଲେ ॥
ଯଜୁର୍ବେଦ ସାମବେଦକୁ କଣ୍ଠସ୍ଥ କଲେକ ତାହାକୁ ॥"

ଖ୍ରୀ.ଅ ୧୫୪୭ରେ ଜଗନ୍ନାଥ ଦାସ ଇହଧାମ ତ୍ୟାଗ କରିଥିଲେ। ସାଧୁସଙ୍ଗ ଦ୍ୱାରା ଭକ୍ତି ଭାବର ମୂଲ୍ୟ ବହୁଗୁଣିତ ହୁଏ ଏବଂ ମାନବ ଜନ୍ମ ସାର୍ଥକ ହୁଏ ବୋଲି ଓଡ଼ିଆ ଭାଗବତ ଉଦ୍‌ଘୋଷଣା କରିଛି। ସଜ୍ଜନ ସଙ୍ଗତି ଭାଗବତ ଦର୍ଶନର ଏକ ବିଶିଷ୍ଟ ଦିଗ। ସଂସାରର ପାପ ତାପ ବିଜଡ଼ିତ ଗ୍ଲାନିମାକୁ ଦୂର କରିବା ନିମନ୍ତେ ସାଧୁସଙ୍ଗ ଏକ ଅବ୍ୟର୍ଥ ଔଷଧ ବୋଲି ଏଥିରେ ସ୍ୱୀକାର କରାଯାଇଛି। ଯୋଗୀମାନେ କାୟାସାଧନା ମାଧ୍ୟମରେ ଯାହା ପାଇପାରନ୍ତି ନାହିଁ, ଭକ୍ତମାନେ ନିର୍ମଳ ଚିତ୍ତରେ ପ୍ରଭୁଙ୍କର ନାମ ସ୍ମରଣ ତଥା ଗୁଣ କୀର୍ତ୍ତନରେ ତାହା ଲାଭ କରିପାରନ୍ତି ବୋଲି ଜଗନ୍ନାଥ ଦାସ ଉଲ୍ଲେଖ କରିଛନ୍ତି।

"ଭକତି ଯୋଗ ସାଧ କରି । ଭବୁ ଭକତେ ଯାନ୍ତି ତରି
ଯୋଗୀଏ ଯୋଗମାର୍ଗେ ଭ୍ରମି । ଫୁଟି ହୁଅନ୍ତି ପଥଶ୍ରମୀ"

ଶ୍ରୀମଦ୍‌ଭଗବଦ୍ ଗୀତାରେ ଯେପରି କର୍ମଫଳ ତ୍ୟାଗ କରିବା ପାଇଁ ଉପଦେଶ ଦିଆଯାଇଛି, ଭାଗବତରେ ମଧ୍ୟ ସେପରି କର୍ମଫଳ ତ୍ୟାଗ ନିମନ୍ତେ ଉପଦେଶ ଦିଆଯାଇଛି। ଜଗନ୍ନାଥ ଦାସଙ୍କ ଭାଷାରେ -

'ସକଳ କର୍ମଫଳ ତେଜ । ସର୍ବ ସଂପୂର୍ଣ୍ଣେ ମୋତେ ଭଜ'

କର୍ମଯୋଗ ପ୍ରସଙ୍ଗରେ କହିବାକୁ ଯାଇ ସେ କହିଛନ୍ତି ଯେ କର୍ମ ହେଉଛି ସବୁ ସୁଖ ଦୁଃଖର ମୂଳକଥା। କର୍ମଫଳ ହିଁ ଜୀବକୁ ଭୋଗ କରିବାକୁ ପଡ଼ିଥାଏ। ଜ୍ଞାନ ଯୋଗ ପ୍ରସଙ୍ଗରେ ଅବତାରଣା କରିବାକୁ ଯାଇ ସେ କହିଛନ୍ତି ଏହା ଅତ୍ୟନ୍ତ ଜଟିଳ ମାର୍ଗ। ସହଜରେ ଏ ମାର୍ଗରେ ବିଭୁପ୍ରାପ୍ତି ଘଟେ ନାହିଁ। ଭକ୍ତିର ସ୍ଥାନ କର୍ମ ଓ ଜ୍ଞାନଠାରୁ ଉଚ୍ଚରେ ବୋଲି ଭାଗବତ ଦର୍ଶନରେ ସ୍ୱୀକୃତ ହୋଇଛି ଏବଂ ଜଗନ୍ନାଥ ଦାସଙ୍କ ଓଡ଼ିଆ ଭାଗବତରେ ଉଦ୍‌ଘୋଷିତ ହୋଇଛି। ଭକ୍ତି ମଧ୍ୟରେ ଗୋପୀଭକ୍ତିର ସ୍ଥାନ ଅନନ୍ୟ ଓ ଅସାଧାରଣ ବୋଲି ଭାଗବତ ଦର୍ଶନରେ ଗୃହୀତ ହୋଇଛି। ଗୋପୀଭକ୍ତିର ମୂଳକଥା ଓ ମୁଖ୍ୟକଥା ହେଉଛି ସ୍ୱାର୍ଥହୀନ ଆତ୍ମସମର୍ପଣ। ଅହମିକାର ସାମାନ୍ୟତମ ଚିହ୍ନ ଏଥିରେ ନ ଥାଏ। ଚୈତ୍ୟପୁରୁଷ ଜାଗ୍ରତ ହେଲେ ଭକ୍ତି ଭାବର ଉଦ୍ରେକ ହୁଏ। ଏ ପ୍ରସଙ୍ଗରେ ଶ୍ରୀଅରବିନ୍ଦଙ୍କର ଉକ୍ତି ସ୍ମରଣୀୟ। ତାଙ୍କ ମତରେ- "Bhakti is not an experience. It is a state of the heart and soul. It is a State which comes when the psychic being is awake and prominent."

ଭାଗବତ ଦର୍ଶନର ଅନ୍ୟ ଏକ ଦିଗ ହେଉଛି ଅବତାରବାଦ। ଅବତାରବାଦର ମୂଳକଥା ଧର୍ମରକ୍ଷା। ମାନବ ସମାଜକୁ ଗ୍ରାସ କରିବାକୁ ବସିଥିବା ଧର୍ମର ଗ୍ଲାନି ଓ ଗ୍ଲାନିମାକୁ ଦୂର କରିବା ପାଇଁ ପରମ ପ୍ରଭୁ ଅବତାର ଗ୍ରହଣ କରିଥାନ୍ତି। ଏହି ପ୍ରସଙ୍ଗ ଜଗନ୍ନାଥ ଦାସ ଭାଗବତ ଗ୍ରନ୍ଥରେ ବହୁ ସ୍ଥାନରେ ଉଲ୍ଲେଖ କରିଛନ୍ତି। ଏକାଦଶ ସ୍କନ୍ଧରେ ସେ କହିଛନ୍ତି -

"ଏଣୁ ଧର୍ମ ତୁ ରକ୍ଷା ଅର୍ଥେ । ଶରୀର ବହୁ ନାନା ମତେ
ଗଗନେ ଯେହ୍ନେ ମେଘପନ୍ତି । ଉତ୍ତାରି ପୁଣି ଲୀନ ହୋନ୍ତି
ଏମନ୍ତ ତୋ ମାୟା ବିଭୂତି । କେଜାଣି ପାରଇ ଶ୍ରୀପତି।"

ଗୁରୁବାଦର ଗୁରୁତ୍ୱ ସମ୍ପର୍କରେ ବହୁଳ ଚର୍ଚ୍ଚା ଜଗନ୍ନାଥ ଦାସଙ୍କ ଭାଗବତ ଗ୍ରନ୍ଥରେ ମଧ୍ୟ ଦେଖିବାକୁ ମିଳେ। ଭାରତୀୟ ଦର୍ଶନର ଏକ ବଳିଷ୍ଠ ଉପାଦାନ ଭାବରେ ଗୁରୁଭକ୍ତି ସ୍ୱୀକୃତି ଲାଭ କରିଛି। ଗୁରୁଙ୍କ ଆସନ ଯେ ସର୍ବାପେକ୍ଷା ଅଧିକ ଉଚ୍ଚତାରେ ପ୍ରତିଷ୍ଠିତ, ଏହା ଭାରତୀୟ ସଂସ୍କୃତି ଘୋଷଣା କରିଛି। ଏପରିକି ଦେବତାଙ୍କଠାରୁ ମଧ୍ୟ ଗୁରୁ ବଡ଼ ବୋଲି ଏଥିରେ ସ୍ୱୀକାର କରାଯାଇଛି। ଦେବତାଙ୍କ କୋପ ହେଲେ ଗୁରୁ ରକ୍ଷା କରିପାରନ୍ତି। କିନ୍ତୁ ଗୁରୁଙ୍କର କୋପ ହେଲେ କେହି ରକ୍ଷିପାରନ୍ତି ନାହିଁ ବୋଲି କୁହାଯାଏ। ଜ୍ଞାନାର୍ଣ୍ଣବ ତନ୍ତ୍ରରେ କୁହାଯାଇଛି -

"ଗୁରୁଃ ପିତା ଗୁରୁମାତା ଗୁରୁଦେବୋ ଗୁରୁଗତିଃ
ଶିବେ ରୁଷ୍ଟେ ଗୁରୁସ୍ତ୍ରାଣଂ ଗୁରୌରୁଷ୍ଟେ ନକଶ୍ଚନଃ"

ଅର୍ଥାତ୍ ଗୁରୁ ହେଉଛି ପିତା, ମାତା ତଥା ଦେବତା ସଦୃଶ। ଶିବକୋପରୁ ଗୁରୁ ରକ୍ଷା କରିପାରନ୍ତି ମାତ୍ର ଗୁରୁ କୋପ କଲେ କେହି ରକ୍ଷିପାରନ୍ତି ନାହିଁ। ଗୁରୁ ଶବ୍ଦର ଅର୍ଥ ପାଇଁ ଆଗମସାର ତନ୍ତ୍ରଗ୍ରନ୍ଥରେ କୁହାଯାଇଛି-

"ଗ-କାରଃ ସଦ୍ଦିଦଃ ପ୍ରୋକ୍ତଃ ରେଫଃ ପାପସ୍ୟଦାହକଃ
ଉ କାର ଶମ୍ଭୁରିତ୍ୟୁକ୍ତଃ କ୍ରିତୟାତ୍ମା ଗୁରୁଃପରଃ।"

ଅର୍ଥାତ୍ 'ଗ' କାର ହେଉଛି ସର୍ବସିଦ୍ଧି ଦାୟକ, 'ର' କାର ପାପର ନିବାରକ ଓ 'ଉ' କାର ଶମ୍ଭୁସ୍ୱରୂପ ଅଟେ। ଭାଗବତରେ ଗୁରୁଙ୍କର ଶ୍ରେଷ୍ଠତ୍ୱ ବିଚାର କରାଯିବା ସଙ୍ଗେ ସଙ୍ଗେ ଗୁରୁଙ୍କ ପାଇଁ ଶିଷ୍ୟର କର୍ତ୍ତବ୍ୟ ସମ୍ବନ୍ଧରେ ମଧ୍ୟ ଅବତାରଣା କରାଯାଇଛି। ଭାଗବତର ଏକାଦଶ ସ୍କନ୍ଧରେ ଶ୍ରୀକୃଷ୍ଣଙ୍କର ଉଦ୍ଧବଙ୍କୁ ଉପଦେଶ ପ୍ରଦାନ ଅବକାଶରେ ଅବଧୂତ ଯଦୁ ରାଜାଙ୍କ ସମ୍ବାଦ ଉପସ୍ଥାପିତ ହୋଇଛି। ଭାଗବତରେ ଏହାକୁ ଚବିଶ ପ୍ରସଙ୍ଗ ବୋଲି କୁହାଯାଏ। ଅନୁବାଦ କରି ଜଗନ୍ନାଥ ଦାସ କହିଛନ୍ତି -

"ପୃଥିବୀ ପବନ ଅନଳ । ବାଳକ ଆକାଶ ମଣ୍ଡଳ
ରବି ଶଶାଙ୍କ ଆପସିନ୍ଧୁ । କୁଞ୍ଜର ସର୍ବ ପୁଷ୍ପବନ୍ଧୁ
ମୀନ ପିଙ୍ଗଳା ବେଶ୍ୟାନାରୀ । କୁରର ବ୍ରାହ୍ମଣ କୁମାରୀ
ହରିଣ ଉର୍ଣ୍ଣନାଭ କରି । ଶରକାରକା ମଧୁହାରୀ"

ପ୍ରତ୍ୟେକ ଗୁରୁଙ୍କଠାରୁ ଏକ ବା ଏକାଧିକ ମହତ ଗୁଣ ଅବଧୂତ ଶିକ୍ଷା କରିଛନ୍ତି ବୋଲି ଜଗନ୍ନାଥ ଦାସ ଉଲ୍ଲେଖ କରିଛନ୍ତି। ପୃଥିବୀ ଠାରୁ ସହିଷ୍ଣୁତା, ପରୋପକାର, ବାୟୁ ଠାରୁ ନିର୍ଲିପ୍ତତା, ଅଗ୍ନି ଠାରୁ ଖାଦ୍ୟରେ ଭାବସାମ୍ୟ, ଶିଶୁ ଠାରୁ ଉଦାର ମଧୁର ଭାବ, ଆକାଶ ମଣ୍ଡଳରୁ ବ୍ୟାପକତା, ସୂର୍ଯ୍ୟଙ୍କ ଠାରୁ ସମାନତା, ଚନ୍ଦ୍ରଙ୍କ ଠାରୁ ଆତ୍ମାର ଜରାମରଣ ମୁକ୍ତତା, ଜଳ ଠାରୁ ପରୋପକାର, ସମୁଦ୍ର ଠାରୁ ସ୍ଥିତପ୍ରଜ୍ଞତା, ହସ୍ତୀର ନିର୍ବିଚାର ବୋଧରୁ ବିଚାରବୋଧ, ମଧୁ ମକ୍ଷିକାର ଲୋଭରୁ ନିର୍ଲୋଭତ୍ୱ, କପୋତ ପକ୍ଷୀଠାରୁ ଅତ୍ୟଧିକ ସେହ୍ନଜନିତ ଅସୁବିଧା କଥା, ପତଙ୍ଗ ଠାରୁ ଇନ୍ଦ୍ରିୟ ପରତନ୍ତ୍ରତାର ଭୟାବହ ପରିଣତି କଥା, ସର୍ପଠାରୁ ସନ୍ନ୍ୟାସ ଧର୍ମର ବୈଶିଷ୍ଟ୍ୟ, ମୀନ ଠାରୁ ଜିହ୍ୱାସଂଯମ, ପିଙ୍ଗଳା ଠାରୁ ଆତ୍ମଚେତନା, ବ୍ରାହ୍ମଣ କୁମାରୀଠାରୁ ନିର୍ଜନତା, ହରିଣଠାରୁ ଇନ୍ଦ୍ରିୟ ସଂଯମ, ବୁଢ଼ୀଆଣିଠାରୁ ସୃଷ୍ଟି ଓ ଧ୍ୱଂସ କ୍ରିୟା, ଶରକାରକଠାରୁ ଏକାଗ୍ରତା, ଲୁବ୍ଧକଠାରୁ ଆନନ୍ଦ, କୁମ୍ଭାରିଆ ପୋକଠାରୁ ରୂପାନ୍ତର ନିମନ୍ତେ ପ୍ରଚେଷ୍ଟା କଥା ଅବଧୂତ ଶିକ୍ଷା କରିଥିଲେ। ଚବିଶ ଗୁରୁଙ୍କଠାରୁ ବହୁ କଥା ଶିକ୍ଷା କରିବା ପରେ ଅବଧୂତ ଶେଷରେ ନିଜର ଆତ୍ମାକୁ ଗୁରୁ ଭାବରେ ବରଣ କରିଛନ୍ତି। ସବୁ ଗୁରୁଙ୍କ ଠାରୁ ନିଜ ଆତ୍ମାକୁ ଶ୍ରେଷ୍ଠ ଆସନ ସେ ଦେଇଛନ୍ତି। ସଂସ୍କୃତ ଭାଗବତରେ ଆତ୍ମା ପ୍ରସଙ୍ଗରେ କୁହାଯାଇଛି-

"ଆତ୍ମନୋ ଗୁରୁରାତ୍ମୈବ ପୁରୁଷସ୍ୟ ବିଶେଷତଃ
ଯତ୍ ପ୍ରତ୍ୟକ୍ଷାନୁ ମାନାଭ୍ୟାଂ ଶ୍ରେୟୋଽସାବନୁ ବିନ୍ଦତେ"

ଭାଗବତ ଦର୍ଶନର ସାରତତ୍ତ୍ୱ ତଥା ନିର୍ମଳ ନିର୍ଯ୍ୟାସକୁ ଅଶେଷ ମର୍ଯ୍ୟାଦା ପ୍ରଦାନ କରିଛନ୍ତି ଜଗନ୍ନାଥ ଦାସ। ସଂସ୍କୃତ ଭାଗବତ ଗ୍ରନ୍ଥକୁ ମୂଳ ଭାବରେ ଗ୍ରହଣ କରି ସେ ତାଙ୍କର ଓଡ଼ିଆ ଭାଗବତ ରଚନା କରିଛନ୍ତି। ତେଣୁ ଓଡ଼ିଆ ଭାଗବତରେ ଭାଗବତ ଦର୍ଶନ ସ୍ପଷ୍ଟ ଭାବରେ ପ୍ରକଟିତ ହୋଇପାରିଛି। ଅବଶ୍ୟ ଏକଥା ସ୍ୱୀକାର୍ଯ୍ୟ ଯେ ଜଗନ୍ନାଥ ଦାସଙ୍କର ଓଡ଼ିଆ ଭାଗବତ ରଚନାରେ ଘଟଣା ବିନ୍ୟାସ କ୍ଷେତ୍ରରେ କେତେକ ମୌଳିକତା ରହିଛି ସଂସ୍କୃତ ଭାଗବତର ଅଧ୍ୟାୟମାନଙ୍କର ନାମକରଣ ପ୍ରାୟତଃ ଓଡ଼ିଆ ଭାଗବତରେ ଦେଖିବାକୁ ମିଳେନାହିଁ। ପୁନଶ୍ଚ ସଂସ୍କୃତ ଭାଗବତରେ ସ୍ଥାନ ପାଇଥିବା କେତେକ ପ୍ରସଙ୍ଗ ମଧ୍ୟ ଓଡ଼ିଆ ଭାଗବତରେ ଦେଖାଯାଏ ନାହିଁ। ଅତଏବ ଏକଥା ମୁକ୍ତକଣ୍ଠରେ ସ୍ୱୀକାର କରାଯାଇପାରେ ଯେ ଜଗନ୍ନାଥ ଦାସ ହେଉଛନ୍ତି ଏକାଧାରରେ ସାଧକ ଓ କବି। ତାଙ୍କ ଠାରେ ସାଧନାର ନିଷ୍ଠା ଯେତିକି ଥିଲା, କବିତ୍ୱର ପ୍ରତିଷ୍ଠା ମଧ୍ୟ ସେତିକି ଥିଲା। ଏକ ଅପରିହାର୍ଯ୍ୟ ଆବଶ୍ୟକତାରୁ ଓଡ଼ିଆ ଭାଗବତର ସୃଷ୍ଟି ବୋଲି କୁହାଯାଏ। ତାଙ୍କ ମାଆଙ୍କୁ ଭାଗବତ ଦର୍ଶନ ଓ ଭାଗବତ ଚେତନା ସମ୍ପର୍କରେ ଅବହିତ କରିବା ପାଇଁ ଉକ୍ତ ଗ୍ରନ୍ଥର ସୃଷ୍ଟି ହୋଇଥିଲେ ହେଁ ପରିଣାମରେ ସେହି ଗ୍ରନ୍ଥ ଉତ୍କଳୀୟ ଜନମାନସ ଗନ୍ତାଘରର ଅମୂଲ୍ୟ ରତ୍ନ ରୂପେ ବିବେଚିତ ହେଲା। ଘରେ ଘରେ ଗ୍ରାମେ ଗ୍ରାମେ ପଠିତ ଏବଂ ଆଲୋଚିତ ହେଲା ଓଡ଼ିଆ ଭାଗବତ ଗ୍ରନ୍ଥ। ଓଡ଼ିଆ ସାହିତ୍ୟ ଉପବନରେ ପାରିଜାତର ମହକ ବିସ୍ତାର କରି ଓଡ଼ିଆ ଭାଗବତ ତତ୍‌ପରବର୍ତ୍ତୀ କବିମାନଙ୍କ ନିକଟରେ ବରଣୀୟ ହୋଇ ରହିଛି। ଉତ୍କଳର ଭାବୀ କବିକୁଳ ନିକଟରେ ମଧ୍ୟ ଜଗନ୍ନାଥ ଦାସଙ୍କ ନାମ ଅବିସ୍ମରଣୀୟ ହୋଇରହିବ, ଏଥିରେ ସନ୍ଦେହ ନାହିଁ।

ଉଷାଭିଳାଷ : ଏକ ଅଧ୍ୟୟନ

ସାହିତ୍ୟରେ ଯୁଗ ବିଭାଜନ ଏକ କଷ୍ଟସାଧ୍ୟ ବ୍ୟାପାର। କୃତ୍ରିମ ଉପାୟରେ ଆଲୋଚନାର ସୁବିଧା ପାଇଁ ଯୁଗ ବିଭାଜନ କରାଯାଇଥାଏ। ଓଡ଼ିଆ ସାହିତ୍ୟରେ ରୀତିଯୁଗ ନାମରେ ଗୋଟିଏ ସାହିତ୍ୟିକ ଯୁଗର ପରିକଳ୍ପନା କରାଯାଇଛି। ଏହା ପ୍ରାୟ ୩୦୦ ବର୍ଷ ପର୍ଯ୍ୟନ୍ତ ପରିବ୍ୟାପ୍ତ। ରୀତିଯୁଗର ପ୍ରାଥମିକ ପର୍ଯ୍ୟାୟକୁ ପ୍ରାକ୍ ରୀତିଯୁଗ ବୋଲି ଆଲୋଚକମାନେ ବିଚାର କରିଥାନ୍ତି। ଏହି ପର୍ଯ୍ୟାୟର ସମୟସୀମା ହେଉଛି ଖ୍ରୀ ୧୫୫୦ରୁ ଖ୍ରୀ ୧୬୫୦। ପରବର୍ତ୍ତୀ ପର୍ଯ୍ୟାୟ ଦୀର୍ଘ ୨୦୦ ବର୍ଷ ପର୍ଯ୍ୟନ୍ତ ପରିବ୍ୟାପ୍ତ ଅର୍ଥାତ୍ ଏହାର ସମୟସୀମା ହେଉଛି ଖ୍ରୀ୧୬୫୦ରୁ ଖ୍ରୀ୧୮୫୦। ଏହି ପ୍ରାକ୍ ରୀତି ଯୁଗରେ ରଚିତ ସାହିତ୍ୟକୁ ପ୍ରାକ୍‌ରୀତି ସାହିତ୍ୟ ନାମରେ ନାମିତ କରାଯାଇପାରେ। ଏଥିରେ ଅନ୍ତର୍ଭୁକ୍ତ ହୋଇଥିବା କେତେକ କାବ୍ୟ ଭିତରୁ ଉଚ୍ଚାଭିଳାଷ ଅନ୍ୟତମ। ଉଚ୍ଚାଭିଳାଷ କାବ୍ୟ ସମ୍ପର୍କରେ ଆଲୋଚନା କରିବା ପୂର୍ବରୁ ରୀତିର ସଂଜ୍ଞା ଓ ସ୍ୱରୂପ ସମ୍ବନ୍ଧରେ ସାମାନ୍ୟ କିଛି ଅବତାରଣା କରାଯିବା ଏକାନ୍ତ ଅପରିହାର୍ଯ୍ୟ।

'ରୀଙ୍' ଧାତୁରୁ କ୍ତିନ ପ୍ରତ୍ୟୟ ଯୋଗରେ ରୀତି ଶବ୍ଦ ନିଷ୍ପନ୍ନ। 'ରୀଙ୍' ଧାତୁର ଅର୍ଥ ଗତି, ଢଙ୍ଗ, ମାର୍ଗ, ପଦ୍ଧତି ବିଶିଷ୍ଟ ରୀତିବାଦୀ ଆଚାର୍ଯ୍ୟ ବାମନ ବିଶିଷ୍ଟପଦ ସଂଘଟନକୁ ରୀତି ବୋଲି କହିଛନ୍ତି, ସେ ବିଶିଷ୍ଟପଦକୁ ଅର୍ଥ ଗୁଣଯୁକ୍ତ ପଦ ବୋଲି ବିଚାର କରିଛନ୍ତି। ବିଶ୍ୱନାଥ କବିରାଜ ରୀତିର ସଂଜ୍ଞା ଦେବାକୁ ଯାଇ କହିଛନ୍ତି, 'ପଦ ସଂଘଟନ ରୀତି ଅଙ୍ଗ ସଂସ୍ଥା ବିଶେଷବତ୍' ଅର୍ଥାତ ହସ୍ତପଦାଦି ଆଗର ଯଥା ସ୍ଥାନସଂସ୍ଥାନ ବା ସଂଯୋଗ ପରି କାବ୍ୟରେ ପଦମାନଙ୍କର ଯଥାସ୍ଥାନ ପ୍ରୟୋଗକୁ ରୀତି କୁହାଯାଏ। ଅବଶ୍ୟ ସଂସ୍କୃତରେ ରୀତିବାଦ ଏକ ସ୍ୱତନ୍ତ୍ର ପର୍ଯ୍ୟାୟର ଅନ୍ତର୍ଭୁକ୍ତ। ଓଡ଼ିଆ ସାହିତ୍ୟରେ ରୀତିବାଦ କହିଲେ ସଂସ୍କୃତରେ ଥିବା ରସବାଦ, ରୀତିବାଦ, ଧ୍ୱନିବାଦ, ଅଳଙ୍କାରବାଦ, ଔଚିତ୍ୟବାଦ ଓ ବକ୍ରୋକ୍ତିବାଦର ସମନ୍ୱୟରେ ସଂଗଠିତ ଏକ କଳାତ୍ମକ ବିଭବ। ସାଧାରଣତଃ ରୀତି କହିଲେ ଓଡ଼ିଆ ସାହିତ୍ୟରେ ଏକ ଅଳଙ୍କୃତ ଶୈଳୀକୁ ବୁଝାଇଥାଏ ଯାହାର ଅନ୍ତର୍ଗତ ଉପାଦାନ ରୂପେ ରସ, ଧ୍ୱନି, ବକ୍ରୋକ୍ତି, ଔଚିତ୍ୟକୁ ଗ୍ରହଣ କରାଯାଏ।

ଉଷାଭିଳାଷ କାବ୍ୟର ସ୍ରଷ୍ଟା ଶିଶୁଶଙ୍କର ଦାସ ଶିଶୁ ସଂପ୍ରଦାୟର କବି ଥିଲେ। ଉକ୍ତ କାବ୍ୟଟି ୧୬ଶ ଶତାବ୍ଦୀରେ ରଚିତ ହୋଇଥିଲା। ପ୍ରାଚୀ ସମିତି ଆନୁକୂଲ୍ୟରେ ପ୍ରକାଶିତ ଏହି ଗ୍ରନ୍ଥର ପ୍ରଥମ ସଂସ୍କରଣର ମୁଖବନ୍ଧରେ ଡ. ଆର୍ତ୍ତବଲ୍ଲଭ ମହାନ୍ତି ଉଲ୍ଲେଖ କରିଛନ୍ତି, "କବି କାର୍ତ୍ତିକ ତଦୀୟ ରୁକ୍ମିଣୀ ବିଭାଗ ଗ୍ରନ୍ଥର ନବମ ଛାନ୍ଦରେ ଲେଖିଛନ୍ତି ଦିଶମଙ୍ଗଳ ଉଷା ୨ୟ ଛାନ୍ଦବାଣୀରେ ଗାଇବ।" କବି ପଦ୍ମନାଭ ତଦୀୟ ଶଶିରେଖା ଗ୍ରନ୍ଥରେ ଦ୍ୱାବିଂଶ ଛାନ୍ଦରେ ଲେଖିଛନ୍ତି, "ଭାଷା ପଙ୍କ ବଦନଲୁଳେ' ବାଣୀରେ ଗାଇବ। କବି ପ୍ରତାପ ରାୟ ତଦୀୟ ଶଶିସେଣା ଗ୍ରନ୍ଥର ତୃତୀୟ ଛାନ୍ଦରେ ଲେଖିଛନ୍ତି ଉଷା ୨ୟ ଛାନ୍ଦବାଣୀରେ ଗାଇବ। କବି ରଘୁନାଥ ତଦୀୟ ଲୀଳାବତୀ କାବ୍ୟର ନବମ ଛାନ୍ଦରେ ଲେଖିଛନ୍ତି ଭାବୁକ ନିକଟ ଯେ ଭକତ ଜନବନ୍ଧୁ.... ଉଷା ୬ଷ୍ଠ ଛାନ୍ଦବାଣୀରେ ଗାଇବ ଏବଂ ଭଞ୍ଜ କବି ଧନଞ୍ଜୟ ମଧ୍ୟ ତଦୀୟ ରସମଞ୍ଜରୀ କାବ୍ୟର ପଞ୍ଚଦଶ ଛାନ୍ଦରେ ଉଷାଭିଳାଷର ପୂର୍ବୋକ୍ତ ପଦଟି ଉଲ୍ଲେଖ କରି ତାହାର ବାଣୀ

ନିର୍ଦ୍ଦେଶ କରିଛନ୍ତି। ଏହସବୁ ପ୍ରାଚୀନ ଲେଖାରୁ ସ୍ଥୁଳ ଭାବେ ଏତକ ଜଣାଯାଏ ଯେ ଆମ୍ଭମାନଙ୍କର ବର୍ଣ୍ଣିତ କବି, ଶିଶୁଶଙ୍କର ଉଲ୍ଲିଖିତ କବିମାନଙ୍କର ପୂର୍ବବର୍ତ୍ତୀ।" ବିଭିନ୍ନ କବିଙ୍କର ସମୟକୁ ବିଚାର କରି ଗବେଷକ ଡ. ଆର୍ତ୍ତବଲ୍ଲଭ ମହାନ୍ତି ଉଷାଭିଳାଷର ରଚନାକାଳ ପ୍ରାୟ ୧୫୫୫ ଖ୍ରୀଅ ବୋଲି ମତ ପ୍ରଦାନ କରିଛନ୍ତି।

କଥାବସ୍ତୁ : କାବ୍ୟର କଥାବସ୍ତୁ ପୁରାଣ ପୃଷ୍ଠାରୁ ଆନୀତ। ଉଷା ଅନିରୁଦ୍ଧ ପ୍ରଣୟ ପ୍ରସଙ୍ଗକୁ ଭିତ୍ତି କରି କଥାବସ୍ତୁ ସୁଗଠିତ। ସାରଳା ମହାଭାରତର ମଧ୍ୟପର୍ବରେ ବର୍ଣ୍ଣିତ ଉଷା ହରଣ ପ୍ରସଙ୍ଗକୁ କବି ଶିଶୁଶଙ୍କର ସ୍ୱରଚିତ କାବ୍ୟର କଥାବସ୍ତୁ ଭାବରେ ଗ୍ରହଣ କରିଛନ୍ତି। ସାରଳା ମହାଭାରତରେ ଉଲ୍ଲେଖ କରାଯାଇଛି ଯେ ବୈତରଣୀ ନଦୀ ତୀରସ୍ଥ ଶୋଣିତପୁର ଥିଲା ବାଣାସୁରର ରାଜଧାନୀ। ବାଣାସୁରର କନ୍ୟା ଉଷା ଥିଲା ଅନିନ୍ଦ୍ୟ ରୂପଲାବଣ୍ୟମୟୀ। କନ୍ୟାର ଯୁବା ବୟସ ଉପନୀତ ହୁଅନ୍ତେ, ତା'ର ତନୁ ଶୋଭା ବହୁଗୁଣିତ ହେବାକୁ ଲାଗିଲା। ତା'ର ସଖୀ ଚିତ୍ରଲେଖା ଥିଲା ବୁଦ୍ଧିମତୀ ଓ ବିଦଗ୍ଧା। ଉଷା ସ୍ୱପ୍ନରେ ଏକ ରାଜକୁମାରଙ୍କର ରୂପ ଦେଖି ଆତ୍ମବିଭୋର ହୋଇପଡ଼ିଲା। ସେହି ଦିବ୍ୟ ପୁରୁଷ ତା'କୁ ଆଲିଙ୍ଗନ କରିଥିବାର ସେ ସ୍ୱପ୍ନରେ ଦେଖି ନିଜର ହିତାହିତ ଜ୍ଞାନ ହରାଇ ବସିଲା। ସାରଳାଙ୍କ ଭାଷାରେ-

"ରୟଣୀ ପ୍ରଭାତେ ଦେଖିଲା ସ୍ୱପନ
ଦିବ୍ୟ ପୁରୁଷେକ ମିଳିଲା ସନ୍ନିଧାନ
ପଲଙ୍କେ ବସିଣ ଅଳପେ ମୃଦୁ ହସି
ଉପରେ ଦେଇ ହାତ ଚାଟୁ ବଚନ ଭାଷି
କୋଳେ ବସାଇଣ ଚୁମ୍ବଇ ଅଧର
ଯେସନେକ ସମୟେ ନିଦ୍ରା ଭାଙ୍ଗିଲା ତାହାର"

ଉଷା ଠାରୁ ସପ୍ନ ବୃତ୍ତାନ୍ତ ଶୁଣି ଚିତ୍ରଲେଖା ସେହି ସ୍ୱପ୍ନପୁରୁଷଙ୍କୁ ଜାଣିବା ପାଇଁ ବହୁ ରାଜକୁମାରଙ୍କ ଚିତ୍ର ଅଙ୍କନ କରି ଉଷାଙ୍କୁ ଦେଖାଇଲା। ଅନିରୁଦ୍ଧର ଚିତ୍ରପଟ ପ୍ରଦର୍ଶନ କଲାବେଳେ ଉଷା ଭାବବିହ୍ୱଳ ହୋଇପଡ଼ି ସେ ଯେ ସେହି ସ୍ୱପ୍ନପୁରୁଷ, ଏକଥା ପ୍ରକାଶ କଲା। ଚିତ୍ରଲେଖାଠାରୁ ଉଷା ଜାଣିଲା ଯେ ସେ ଥିଲେ କୃଷ୍ଣଙ୍କ ପୌତ୍ର ଏବଂ କନ୍ଦର୍ପଙ୍କର ପୁତ୍ର। ତାଙ୍କୁ ପାଇବା ପାଇଁ ବ୍ୟାକୁଳ ହେଲା ଉଷାର ମନ। ସହାନୁଭୂତିଶୀଳା ଚିତ୍ରଲେଖା ନିଦ୍ରିତ ଅନିରୁଦ୍ଧକୁ ପଲଙ୍କ ସହିତ ମନ୍ତ୍ରବଳରେ ଉଠାଇ ଆଣି ଉଷାର ଅନ୍ତଃପୁରରେ ପହଞ୍ଚାଇ ଦେଲା। ଉଷା ଓ ଅନିରୁଦ୍ଧ ପରସ୍ପର ନିବିଡ଼ ପ୍ରେମ ବନ୍ଧନରେ ଆବଦ୍ଧ ରହିଲେ। କିଛି ଦିନପରେ ରାଜା ଅନିରୁଦ୍ଧଙ୍କ ଉପସ୍ଥିତି ଜାଣିପାରି ଅନ୍ତଃପୁରରେ ପ୍ରବେଶ କରି ଅନିରୁଦ୍ଧ ସହିତ ଯୁଦ୍ଧ ଆରମ୍ଭ କଲା। ନାଗଫାଶ ଶର ପ୍ରୟୋଗ କରି ଅନିରୁଦ୍ଧକୁ ବନ୍ଦୀ କଲା। ବାଣାସୁର ଅନିରୁଦ୍ଧ ବନ୍ଦୀ ସମ୍ବାଦ ନାରଦଙ୍କ ଠାରୁ ଦ୍ୱାରକା ପୁରୀରେ ବଳରାମ ଓ ଶ୍ରୀକୃଷ୍ଣ ପାଇ ମର୍ମାହତ ହେଲେ। ସେମାନେ ଶୋଣିତପୁର ଆକ୍ରମଣ କଲେ। ଶ୍ରୀକୃଷ୍ଣଙ୍କର ଓ ବାଣାସୁରର ଯୁଦ୍ଧବେଳେ ରୁଦ୍ର ସମର ଭୂମିରେ ପ୍ରବେଶ କଲେ। ବାଣା ପରାସ୍ତ ହେଲେ ଏବଂ ମହାଦେବଙ୍କ ଅନୁରୋଧ କ୍ରମେ ତାଙ୍କର ସହସ୍ର ବାହୁରୁ ମାତ୍ର ଚାରିଗୋଟି ବାହୁ ରହିଲା। ନିଜର କନ୍ୟାକୁ ଅନିରୁଦ୍ଧ ସହିତ ବାଣାସୁର ଆନନ୍ଦରେ ବିଦାୟ ଦେଲେ ଦ୍ୱାରକାପୁରକୁ। ଦ୍ୱାରକାର ପୁରନାରୀଗଣ ବରକନ୍ୟାଙ୍କର ବନ୍ଦାପନା କଲେ ଏବଂ ଉଷାଙ୍କର ରୂପଲାବଣ୍ୟର ଅଶେଷ ପ୍ରଶଂସା କଲେ।

ଓଡ଼ିଆ ଭାଗବତ : ଜଗନ୍ନାଥ ଦାସଙ୍କର ଓଡ଼ିଆ ଭାଗବତ ଗ୍ରନ୍ଥରେ ଦଶମ ସ୍କନ୍ଧରେ ଦ୍ୱାରକା ଲୀଳାରେ ଉଷା ଅନିରୁଦ୍ଧ ବିବାହ ପ୍ରସଙ୍ଗ ଉପସ୍ଥାପିତ ହୋଇଛି। ଏଥିରେ ଉଲ୍ଲେଖ କରାଯାଇଛି ଯେ ଶୋଣିତପୁରର ରାଜା ବାଣାସୁର ମହାଦେବଙ୍କୁ ତପସ୍ୟା କରି ଅମିତ ବିକ୍ରମର ଅଧିକାରୀ ହୋଇଥିଲା। ସମକକ୍ଷ ଯୋଦ୍ଧା ନ ମିଳିବାରୁ ସେ ଶିବଙ୍କ ସହିତ ଯୁଦ୍ଧ କରିବା ପାଇଁ ମନସ୍ଥ କରିଥିଲା। ତାଣ୍ଡବ ନୃତ୍ୟରେ ଶିବ ମଜ୍ଜିଥିବା ବେଳେ ବାଣାସୁର ମୃଦଙ୍ଗ

ବଜାଇ ତାଙ୍କ କୃପାପ୍ରାପ୍ତ ହୋଇଥିଲେ, ମହାଦେବ ବର ପ୍ରଦାନ କରିବାକୁ ଚାହିଁବାରୁ ବାଣାସୁର ନିଜେ ମହାଦେବଙ୍କ ସହିତ ଯୁଦ୍ଧ କରିବା ପାଇଁ ଇଚ୍ଛା ପ୍ରକାଶ କଲେ। ଏହା ଶୁଣି ଅସୁର ରାଜା ବାଣାସୁରଙ୍କର ଦୁଃସାହସ ଦେଖି କ୍ରୋଧାନ୍ୱିତ ହୋଇ ଶିବ କହିଲେ, "ତୋର ରଥରୁ ଯେଉଁ ଦିନ ଧ୍ୱଜା ଖସି ଭୂପତିତ ହେବ, ସେଦିନ ତୋର ଗର୍ବ ଭାଙ୍ଗିବା ପାଇଁ ଶୋଣିତପୁରରେ ଶତ୍ରୁ ପ୍ରବେଶ କରିବେ ଏବଂ ସେହି ଶତ୍ରୁ ସହିତ ସମରରେ ଭୁଜଭାରର ବ୍ୟଥା ଦୂର ହେବ।"

ବାଣାସୁରର କନ୍ୟା ଉଷା ଥିଲେ ପରମ ଶୋଭାର ଅଧିକାରିଣୀ। କନ୍ୟା ବୟଃପ୍ରାପ୍ତ ହୁଅନ୍ତେ ବାଣାସୁର ତାକୁ ଦୁର୍ଗମପୁର ଭିତରେ ସଖୀମାନଙ୍କ ଗହଣରେ ରଖିବାର ବ୍ୟବସ୍ଥା କରିଥିଲା। ଦିନେ ରାତ୍ରିରେ ଉଷା ସ୍ୱପ୍ନରେ ଦେଖିଲା ଅନିରୁଦ୍ଧଙ୍କୁ, ସ୍ୱପ୍ନ ଭାଙ୍ଗିବାରୁ ଆର୍ତ୍ତସ୍ୱରରେ ବିଳାପ କରିବାକୁ ଲାଗିଲା ଉଷା। ସଖୀ ଚିତ୍ରଲେଖା ପ୍ରଳାପର କାରଣ ପଚାରି ସମସ୍ତ ବୁଝିଲା, ନିଜର ସିଦ୍ଧ ବିଦ୍ୟାବଳରେ ଉଷା ସହିତ ସ୍ୱପ୍ନ କୁମାରଙ୍କର ମିଳନ ଘଟାଇବାକୁ ଦୃଢ଼ ପ୍ରତିଶ୍ରୁତି ଦେଇ ଚିତ୍ରଲେଖା କହିଲା, "ସିଦ୍ଧ ବିଦ୍ୟାବଳରେ ତିନିପୁରରେ ଥିବା ରାଜକୁମାରମାନଙ୍କର ଚିତ୍ରପଟ ମୁଁ ଅଙ୍କନ କରୁଛି। ସେମାନଙ୍କୁ ମଧ୍ୟରୁ କାହାକୁ ଚିହ୍ନିଲେ ମୁଁ ତା'କୁ ଆଣି ପାଖରେ ପହଞ୍ଚାଇ ଦେବି।" ଅନିରୁଦ୍ଧର ଚିତ୍ରପଟ ଦେଖି ଆନନ୍ଦରେ ଉତ୍‌ଫୁଲ୍ଲ ହେଲା ଉଷା ଓ ସେ ହିଁ ନିଜର ସ୍ୱପ୍ନ ପୁରୁଷ ବୋଲି ସ୍ୱୀକାର କଲା। ନିଜର ସିଦ୍ଧ ବିଦ୍ୟାବଳରେ ଚିତ୍ରଲେଖା ଦ୍ୱାରକା ଗମନ କଲା। ଶଯ୍ୟା ସହିତ ଅନିରୁଦ୍ଧଙ୍କୁ ଶୋଣିତପୁରକୁ ଆଣିବାର ବ୍ୟବସ୍ଥା କଲା ଚିତ୍ରଲେଖା। ରତିକ୍ରୀଡ଼ାରେ କାଳାତିପାତ କଲେ ଅନିରୁଦ୍ଧ ଓ ଉଷା ଶୋଣିତପୁରରେ। କିଛିଦିନ ପରେ ପ୍ରହରୀମାନେ ଉଷାର ଗତିବିଧି ଉପରେ ସନ୍ଦେହ କରି ବାଣାସୁରକୁ ଏକଥା ଜଣାଇଲେ। ଦ୍ୱାରୀମାନଙ୍କଠାରୁ ଏହି ସମ୍ବାଦ ପାଇ ବାଣାସୁର କ୍ରୋଧରେ ଜର୍ଜରିତ ହେଲା। ସେତେବେଳେ ତା'ର ରଥରୁ ଧ୍ୱଜ ପତିତ ହେଲା। ବାଣାସୁର ଯୁଦ୍ଧ ଆରମ୍ଭ କଲା ଅନିରୁଦ୍ଧ ସହିତ। ଅନିରୁଦ୍ଧକୁ ନାଗଫାଶରେ ବନ୍ଦୀ କଲା ବାଣାସୁର।

ଏଣେ ଦ୍ୱାରକାପୁରରୁ ଅନ୍ତର୍ଦ୍ଧାନ ହେବାର ଚାରି ମାସ ପର୍ଯ୍ୟନ୍ତ ଅନିରୁଦ୍ଧଙ୍କୁ ଖୋଜା ହେଉଥିଲା। ଦିନେ ନାରଦ ଯାଇ ଦ୍ୱାରକାପୁରରେ ପହଞ୍ଚି ଅନିରୁଦ୍ଧର ଦୁର୍ଦ୍ଦଶା ଜଣାଇଲେ। ଶ୍ରୀକୃଷ୍ଣଙ୍କ ଆଦେଶରେ ଯାଦବ ସେନା ଆକ୍ରମଣ କଲେ ଶୋଣିତପୁରର ବନ, ଉପବନ, ଗ୍ରାମ ଓ ନଗର। ଏହା ଦେଖି ବାଣାସୁର ବିବ୍ରତ ହୋଇପଡ଼ିଲେ ଓ ରୁଦ୍ରଙ୍କର ଶରଣାପନ୍ନ ହେଲେ। ମହାଦେବ ତାଙ୍କର ରୁଦ୍ରଗଣଙ୍କୁ ସଙ୍ଗରେ ଧରି ଶ୍ରୀକୃଷ୍ଣଙ୍କୁ ବିରୋଧ କଲେ। କୃଷ୍ଣ ଓ ରୁଦ୍ରଗଣଙ୍କର ଯୁଦ୍ଧ ଅନୁଷ୍ଠିତ ହେଲା। ଭାଗବତରେ ଏହି ଯୁଦ୍ଧ ବର୍ଣ୍ଣନା ଅତ୍ୟନ୍ତ ହୃଦୟସ୍ପର୍ଶୀ ହୋଇଛି। ଯୁଦ୍ଧର ପ୍ରଥମ ଅବସ୍ଥାରେ ଭୂତନାଥ ମୋହିତ ହେବାବେଳେ ରୁଦ୍ରଗଣଙ୍କର ପରାଜୟ ଘଟିଲା। ବାଣାସୁର ଭୂମିଶାୟିତ ହେବାରୁ ତା'ର ମାତା ପୁତ୍ରର ମରଣ ଚିନ୍ତାରେ ବ୍ୟାକୁଳ ହୋଇ ସମର ପ୍ରାଙ୍ଗଣରେ ଉପସ୍ଥିତ ହେଲେ ସିଦ୍ଧ ଯୋଗିନୀ ବେଶରେ। ସିଦ୍ଧ ଯୋଗିନୀ ସେ ନାରୀ ବିବସନା ହୋଇ ନିଜର ପରାକ୍ରମ ପ୍ରକାଶ କରନ୍ତେ, କୃଷ୍ଣ ଅଧୋମୁଖ ହୋଇ ବିଷ୍ଣୁଙ୍କୁ ସ୍ମରଣ କଲେ। ଏହି ଅବକାଶରେ ବାଣାସୁର ଯୁଦ୍ଧକ୍ଷେତ୍ରରୁ ପଳାୟନ କଲା। ମହାଦେବ ସ୍ୱଦେହରୁ ରୁଦ୍ରଜ୍ୱରକୁ ସୃଷ୍ଟି କରି ଶ୍ରୀକୃଷ୍ଣଙ୍କୁ ନାଶ କରିବା ନିମନ୍ତେ ଆଦେଶ ଦେଲେ। ବିଷ୍ଣୁ ମଧ୍ୟନିଜ ଶରୀରରୁ ଅନୁରୂପ ଜ୍ୱର ସୃଷ୍ଟି କରି ରୁଦ୍ର ଜ୍ୱରକୁ ପ୍ରତିହତ କରିବା ପାଇଁ ଆଦେଶ ଦେଲେ। ବିଷ୍ଣୁ ଜ୍ୱରର ଆକ୍ରମଣ ଫଳରେ ଭୟଭୀତ ହୋଇ ରୁଦ୍ରଜ୍ୱର ତିନିପୁରରେ ଆତ୍ମରକ୍ଷା ନିମନ୍ତେ ଆଶ୍ରୟ ଲୋଡ଼ିଲେ। ଶେଷରେ କୌଣସିଠାରେ ଆଶ୍ରୟ ନ ପାଇ ବିଷ୍ଣୁଙ୍କ ପାଦରେ ରୁଦ୍ରଜ୍ୱର ଶରଣାପନ୍ନ ହେବା ଫଳରେ ଜ୍ୱର ଯୁଦ୍ଧର ଅବସାନ ଘଟିଲା।

ବାଣାସୁର ପୁନର୍ବାର ଯୁଦ୍ଧକ୍ଷେତ୍ରରେ ପ୍ରବେଶ କରି ଘୋରଯୁଦ୍ଧରେ ବ୍ୟାପୃତ ହେଲା। ଶ୍ରୀକୃଷ୍ଣ ତାଙ୍କର ସୁଦର୍ଶନ ଚକ୍ର ପ୍ରେରଣ କରି ବାଣାର ବାମ ଓ ଡାହାଣ ସ୍କନ୍ଧରୁ ଭୁଜମାନ ଛେଦନ କରିବାକୁ ଆରମ୍ଭ କଲେ। ଭୂତନାଥଙ୍କର ସ୍ତୁତି ଯୋଗୁ ନାରାୟଣ ବାଣାକୁ ବଧ ନକରି ବାହୁଚ୍ଛେଦନ ପୂର୍ବକ ହୀନବଳ କରିଦେଲେ। ଚାରିଭୁଜବିଶିଷ୍ଟ ହୋଇ ଅଜରାମର ହୋଇ ରହୁ ବୋଲି ସେ ବାଣାସୁରକୁ ବର ପ୍ରଦାନ କରିଥିଲେ, ନିଜର ଭକ୍ତ ପ୍ରହ୍ଲାଦଙ୍କ ଘରେ ବାଣାସୁରର ଜନ୍ମ ହୋଇଥିବାରୁ ବାଣାସୁରକୁ ନାରାୟଣ ବଧ କଲେ ନାହିଁ। ଭାଗବତରେ ଏ ପ୍ରସଙ୍ଗରେ କୁହାଯାଇଛି -

"ମୋର ଭକତ ପ୍ରହଲାଦ । ତାରେ ନ ଲାଗେ ପରମାଦ
ତାର କୁମର ବୈଲୋଚନ । ବଳି ତାହାର ବୀର୍ଯ୍ୟେ ଜନ୍ମ
ବଳିର ପୁତ୍ର ବାଣାସୁର । ଏଣୁ ଏ ଅବଧ ମୋହର"

ଏହାପରେ ବାଣାସୁର ନିଜର କନ୍ୟାକୁ ଅନିରୁଦ୍ଧ ହସ୍ତରେ ଅର୍ପଣ କଲା।

ବ୍ରହ୍ମ ବୈବର୍ତ୍ତ ପୁରାଣ : ବ୍ରହ୍ମ ବୈବର୍ତ୍ତ ପୁରାଣ ଅନୁସାରେ କୃଷ୍ଣ କୁମର ପ୍ରଦ୍ୟୁମ୍ନଙ୍କ ପୁତ୍ର ଅନିରୁଦ୍ଧ ଥିଲେ ଦ୍ୱାରକାପୁରୀର ଅନ୍ୟତମ ସୁନ୍ଦର ପୁରୁଷ। ଥରେ ସେ ସ୍ୱପ୍ନରେ ଏକ ଅନୁପମ ଲାବଣ୍ୟର ଅଧିକାରିଣୀ ଦିବ୍ୟନାରୀକୁ ଦେଖି ବିମୋହିତ ହୋଇପଡ଼ିଲେ। ସୁବର୍ଣ୍ଣ ପଲଙ୍କରେ ଶାୟିତା, ନାନା ଅଳଙ୍କାର ବିଭୂଷିତା, ସୌମ୍ୟଦର୍ଶନା ସେହି ନାରୀ କୁସୁମିତ ଲତା ପରି ଶୋଭା ପାଉଥିଲା। ତାର ସୁରଙ୍ଗ ଅଧର, କୁନ୍ଦଦନ୍ତ, ଶରତ ପଙ୍କଜ ପତ୍ର ସଦୃଶ ଲୋଚନ, କଦଳୀ ସ୍ତମ୍ଭକୁ ଜିଣିଥିବା ଜଘନ ଅନିରୁଦ୍ଧର ଦେହରେ ମନରେ ଓ ପ୍ରାଣରେ ଆଣିଦେଲା ଘନଘନ ଶିହରଣ। ବ୍ରହ୍ମ ବୈବର୍ତ୍ତ ପୁରାଣ ଅନୁସାରେ ସ୍ୱପ୍ନ କୁମାରୀର ରୂପ ନିମ୍ନ ପ୍ରକାରେ ବର୍ଣ୍ଣିତ ହୋଇଛି।

"ଶରତ ପଙ୍କଜ ପତ୍ର ସଦୃଶ ଲୋଚନ
କଦଳୀ ଗଛକୁ ନିନ୍ଦା କରଇ ଜଘନ
ଦାଡ଼ିମ୍ବ ଫଳ ପରାଏ ତାର ସ୍ତନଯୁଗ
ଦେଖିଲେ ପାଇବ ମୁନି ମାନସ ଉଦ୍‌ବେଗ"

କାମପୀଡ଼ାରୁ ମୁକ୍ତି ଦେବା ପାଇଁ ଅନିରୁଦ୍ଧ ସେ ନାରୀ ରତ୍ନକୁ ନିବେଦନ କରିଛନ୍ତି।

ସ୍ୱପ୍ନକୁ ସତ୍ୟ ବୋଲି ବିଚାର କରି କାମଜ୍ୱାଳାରେ ଦଗ୍ଧ ହେବା ହେତୁ ଅନିରୁଦ୍ଧଙ୍କର ତନୁ ବେଳକୁ ବେଳ କ୍ଷୀଣ ହେବାକୁ ଲାଗିଲା। ଏକଥା ରୁକ୍ମିଣୀ ଜଣାଇଲେ ଶ୍ରୀକୃଷ୍ଣଙ୍କୁ, ଦୁର୍ଗା ଓ ଶିବଙ୍କର ସମ୍ଭୋଗ ଦେଖି ବାଣାସୁର କନ୍ୟା କାମାତୁରା ହୋଇପଡ଼ିଲେ।

ଶ୍ରୀକୃଷ୍ଣ ଅନିରୁଦ୍ଧଙ୍କର ରୂପ ଗ୍ରହଣ ପୂର୍ବକ ଉଷାଙ୍କୁ ସ୍ୱପ୍ନରେ ଦର୍ଶନ ଦେବାରୁ ଉଷା କାମବାଣରେ ଆହତ ହୋଇ ବିବ୍ରତ ହୋଇପଡ଼ିଲେ। ଗାନ୍ଧର୍ବ ମତ ଅନୁସାରେ ତାଙ୍କୁ ଗ୍ରହଣ କରିବା ନିମନ୍ତେ ଇଚ୍ଛା ପ୍ରକାଶ କଲେ ଉଷା। ଅନିରୁଦ୍ଧ ରୂପୀ କୃଷ୍ଣ ନିଜର ପିତା ଓ ପିତାମହଙ୍କର ଅନୁମତି ବିନା ବିବାହ ସମ୍ଭବ ନୁହେଁ ବୋଲି ଜଣାଇଲେ।

ସ୍ୱପ୍ନ ଭାଙ୍ଗିଯିବାରୁ ଉଷା ଆକୁଳ ହୋଇ ରୋଦନ କରିବାକୁ ଲାଗିଲେ। ଚତୁରୀ ସଖୀ ଚିତ୍ରଲେଖା ଦୁଃଖର କାରଣ ପଚାରି ବୁଝିଲେ ଏବଂ ଶିବ ପାର୍ବତୀଙ୍କ ଦୟାରୁ ଦୁଃଖ ଦୂର ହେବ ବୋଲି ଆଶ୍ୱାସନା ଦେଲେ ବାଣା ନନ୍ଦିନୀ ଉଷାଙ୍କୁ। ସଖୀ ଯାଇ ବାଣାସୁର ପୁରରେ ଉପସ୍ଥିତ ହୋଇ ଶିବ, ପାର୍ବତୀ ଓ ଗଣେଶଙ୍କର ଉପସ୍ଥିତିରେ ଉଷାର ସ୍ୱପ୍ନ ପ୍ରସଙ୍ଗ ଜଣାଇଲେ। ବାଣାସୁର ଏକଥା ଜାଣି ମର୍ମାହତ ହେଲେ। ଗଣେଶଙ୍କ ପରାମର୍ଶ ଅନୁସାରେ ଚିତ୍ରଲେଖା ଦ୍ୱାରକାରୁ ଯୋଗବଳରେ ଅନିରୁଦ୍ଧକୁ ଆଣି ଶୋଣିତପୁରରେ ପହଞ୍ଚାଇ ଦେଲେ। ଅନିରୁଦ୍ଧର ଅନୁପସ୍ଥିତିରେ ଦ୍ୱାରକାପୁରରେ ଚହଳ ପଡ଼ିଲା। ଶ୍ରୀକୃଷ୍ଣ ଯୋଗବଳରେ ଅନିରୁଦ୍ଧ ହରଣର ସମସ୍ତ ରହସ୍ୟ ଉଦ୍‌ଘାଟନ କଲେ। ଏହି ଘଟଣାରେ କ୍ରୋଧାନ୍ୱିତ ହୋଇ ବାଣାସୁର ଯେ ଅନର୍ଥ ଘଟାଇବ, ଏକଥା ଜାଣି ନିଜର ସୈନ୍ୟମାନଙ୍କୁ ଯୁଦ୍ଧ ପାଇଁ ପ୍ରସ୍ତୁତ ହେବାକୁ ନିର୍ଦ୍ଦେଶ ଦେଲେ ଶ୍ରୀକୃଷ୍ଣ। ଏଣେ ଚିତ୍ରଲେଖା ଗାନ୍ଧର୍ବ ମତରେ ଉଷା ଓ ଅନିରୁଦ୍ଧଙ୍କର ବିବାହ କାର୍ଯ୍ୟ ସମାପନ କଲେ। ଉଷା ଅନିରୁଦ୍ଧଙ୍କର ଦାମ୍ପତ୍ୟ ଜୀବନ ଆରମ୍ଭ ହେଲା। କେତେଦିନ ପରେ ଅନିରୁଦ୍ଧର ଔରସରେ ଗର୍ଭବତୀ ହେଲେ ଉଷା। ତା'ର ମୁଖମଣ୍ଡଳ ବିବର୍ଣ୍ଣ ଦିଶିଲା। ଏସବୁ ଜାଣି କ୍ରୋଧ ଜର୍ଜରିତ ହୋଇ ବାଣାସୁର ଯୁଦ୍ଧ କରିବାକୁ ଉଦ୍ୟତ ହେଲେ ବାଣାସୁର ସହିତ। ଏ ଯୁଦ୍ଧ ଆରମ୍ଭ କରିଦେଲେ ଶ୍ରୀକୃଷ୍ଣ ରଣକ୍ଷେତ୍ରରେ ଆସି ଅବତୀର୍ଣ୍ଣ ହୋଇଯିବେ ଓ ଶୋଣିତପୁରର ବହୁ କ୍ଷୟକ୍ଷତି ଘଟାଇବେ, ଏକଥା ସୂଚାଇ ଦେଲେ ବାଣାସୁରକୁ ରୁଦ୍ରଗଣ। ବାଣାସୁର

ଯୁଦ୍ଧ କରିବାକୁ ଅଟଳ ରହିଲେ। ଉଭୟ ବୀରଙ୍କ ମଧ୍ୟରେ ଘୋର ଯୁଦ୍ଧ ଚାଲିଲା। ଶେଷରେ ଅନିରୁଦ୍ଧ ପ୍ରୟୋଗ କରିଥିବା ଜୃମ୍ଭଣ ଶରରେ ବାଣାସୁରକୁ ହତ୍ୟା କରିବାକୁ ଉଦ୍ୟମ କରିବାରୁ କାର୍ତ୍ତିକ ତାଙ୍କର ପ୍ରତିରୋଧ କଲେ। ଉଭୟଙ୍କ ମଧ୍ୟରେ ଯୁଦ୍ଧ ପ୍ରବଳରୁ ପ୍ରବଳତର ହେଲା। ଗଣେଶଙ୍କ ମଧ୍ୟସ୍ଥତା ଫଳରେ କାର୍ତ୍ତିକେୟ ନିଜ ପୁରକୁ ଓ ଅନିରୁଦ୍ଧ ଉଷାର ଗୋପନପୁରକୁ ଫେରିଗଲେ। ଶ୍ରୀକୃଷ୍ଣ, ବଳରାମ ତଥା ଯାଦବ ସେନାନୀଙ୍କ ଦ୍ୱାରା ଶୋଣିତପୁର ଆକ୍ରମଣର ଶିକାର ହେଲା, ନିଜର ପ୍ରିୟ ଭକ୍ତ ବାଣାସୁରକୁ ରକ୍ଷା କରିବା ପାଇଁ ଶିବ ଅନୁରୋଧ କଲେ ମା' ଦୁର୍ଗାଙ୍କୁ। ଦେବୀ କହିଲେ -

"ଶିବଙ୍କ ବଚନ ଶୁଣି ଦୁର୍ଗା ହସି କରି
ବାଣାକୁ ବୋଇଲେ ଶୁଣ ଆହେ ଦଣ୍ଡଧାରୀ
ମଣିରତ୍ନ ମୁକ୍ତାଫଳ ହୀରକ ସହିତେ
ଉତ୍କୃଷ୍ଟ ପଦାର୍ଥ ରଖି ଅଛ ଘରେ ଯେତେ
ତାହା ସହିତରେ ଉଷା କୁମାରୀକୁ ନେଇ
ଶ୍ରୀକୃଷ୍ଣଙ୍କ ପାଶେ ଦେଇ ଆସ କହୁଥାଇ
ତେମନ୍ତହେଲେ ସୁଖରେ ରାଜ୍ୟରେ ରହିବ
କାହାଠାରୁ ହେଲେ ଭୟଭ୍ରାନ୍ତି ନ ପାଇବ"

ବାଣା ଏହି ଉପଦେଶର କୌଣସି ମୂଲ୍ୟ ନ ଦେଇ ଯୁଦ୍ଧ ପାଇଁ ପ୍ରସ୍ତୁତ ହେଲା। ଭାଗବତ ପରି ବ୍ରହ୍ମ ବୈବର୍ତ୍ତ ପୁରାଣରେ ଯୁଦ୍ଧ ବେଳେ ବୈଷ୍ଣବ ଜ୍ୱର ତଥା ମାହେଶ୍ୱର ଜ୍ୱର କଥା ଉପସ୍ଥାପିତ ହୋଇଛି। ମାହେଶ୍ୱର ଜ୍ୱରର ପରାସ୍ତ ପ୍ରସଙ୍ଗ ମଧ୍ୟ ବର୍ଣ୍ଣିତ ହୋଇଛି। ଶ୍ରୀକୃଷ୍ଣ ସୁଦର୍ଶନ ଚକ୍ରରେ ବାଣାସୁରର ଭୁଜ ଛେଦନ କରି ତା'ର ଗର୍ବକୁ ଚୂର୍ଣ୍ଣ କରିଛନ୍ତି। ପରାଜିତ ବାଣାସୁର ନିଜର କନ୍ୟାକୁ ଅନିରୁଦ୍ଧ ହାତରେ ଅର୍ପଣ କଲେ।

ଉକ୍ତ ଗ୍ରନ୍ଥତ୍ରୟୀର ଅବଲମ୍ବନରେ ଉଷାଭିଳାଷ ଗ୍ରନ୍ଥଟି କାବ୍ୟଗ୍ରନ୍ଥ ହୋଇଥିବାରୁ ଏଥିରେ କାବ୍ୟିକ ମାଧୁରିମା ଅଧିକ ପ୍ରକଟିତ ଓ ଅନୁଭବ୍ୟ। ଶୋଣିତପୁରର ବର୍ଣ୍ଣନା ପ୍ରସଙ୍ଗରେ କୁହାଯାଇଛି ଯେ ବାଳିକୁମର ବାଣାସୁର ଶୋଣିତପୁରର ରାଜା ଥିଲେ ବୋଲି ସାରଳା ମହାଭାରତ, ଶ୍ରୀମଦ୍ ଭାଗବତ, ବ୍ରହ୍ମବୈବର୍ତ୍ତ ପୁରାଣ ଏବଂ ଉଷାଭିଳାଷରେ ଉଲ୍ଲେଖ କରାଯାଇଛି। ସାରଳା ମହାଭାରତରେ ଶୋଣିତପୁରର ସ୍ଥିତି ବୈତରଣୀ ନଦୀ କୂଳରେ ଥିଲା ବୋଲି କୁହାଯାଇଛି। ଏହା ଫଳରେ ସାରଳା ଦାସଙ୍କର ଜାତି ପ୍ରୀତି ପ୍ରକଟିତ ହୋଇଛି। କିନ୍ତୁ ବ୍ରହ୍ମବୈବର୍ତ୍ତ ପୁରାଣ, ଭାଗବତ, ଉଷାଭିଳାଷରେ ଶୋଣିତପୁରର ଭୌଗୋଳିକ ସ୍ଥିତି ପ୍ରସଙ୍ଗ ବର୍ଣ୍ଣିତ ହୋଇନାହିଁ। ମହାଭାରତରେ ଥିବା ନଗର ବର୍ଣ୍ଣନା ଅପେକ୍ଷାକୃତ ସଂକ୍ଷିପ୍ତ। ଭାଗବତ ଓ ବ୍ରହ୍ମବୈବର୍ତ୍ତ ପୁରାଣରେ ଶୋଣିତପୁରର ବର୍ଣ୍ଣନା ପ୍ରାୟ ନାହିଁ କହିଲେ ଚଳେ।

ଉଷାର ସୌନ୍ଦର୍ଯ୍ୟ ବର୍ଣ୍ଣନା ମହାଭାରତ ଓ ବ୍ରହ୍ମବୈବର୍ତ୍ତରେ ବିସ୍ତୃତ ଭାବରେ ଉପସ୍ଥାପିତ ହୋଇଛି। ଭାଗବତରେ ଏପରି ବିସ୍ତୃତ ବର୍ଣ୍ଣନା ଦେଖିବାକୁ ମିଳେ ନାହିଁ। ଉଷାଭିଳାଷର ଦ୍ୱିତୀୟ ଛାନ୍ଦ ଉଷାର ରୂପ ଗୁଣ ବର୍ଣ୍ଣନା ପାଇଁ ଅଭିପ୍ରେତ। ଉଷାଭିଳାଷ କାବ୍ୟରେ କବି ଶିଶୁଶଙ୍କର ଉଷାକୁ ଏକାଧାରରେ ସୁନ୍ଦରୀ, ସୁଗୁଣବତୀ ଓ ସୌଭାଗ୍ୟବତୀ କରି ଗଢ଼ିଛନ୍ତି।

ସ୍ୱପ୍ନଦର୍ଶନ ପ୍ରସଙ୍ଗରେ ମହାଭାରତରେ ବର୍ଣ୍ଣିତ ହୋଇଛି ଯେ ଉଷା ରାତ୍ରିରେ ବିଳମ୍ବିତ ପ୍ରହରରେ ସ୍ୱପ୍ନରେ ଅନିରୁଦ୍ଧଙ୍କୁ ଦର୍ଶନ କରିଥିଲା। ବ୍ରହ୍ମବୈବର୍ତ୍ତ ପୁରାଣ ଅନୁସାରେ ଶ୍ରୀକୃଷ୍ଣ ଅନିରୁଦ୍ଧ ରୂପରେ ଆସି ଉଷାକୁ ସ୍ୱପ୍ନରେ ଦେଖାଦେଇ ବିମୋହିତ କରିଛନ୍ତି। ଚିତ୍ରଲେଖା ପ୍ରସଙ୍ଗରେ ଉଷାଭିଳାଷରେ କୁହାଯାଇଛି ଯେ ଉଷାର ପ୍ରିୟ ସଖୀ ଥିଲେ ଚିତ୍ରଲେଖା। ମନ୍ତ୍ରୀ କନ୍ୟାର ନାମ ମହାଭାରତ ଓ ଭାଗବତରେ ଚିତ୍ରରେଖା ବୋଲି ଉଲ୍ଲେଖ ରହିଛି।

ମହାଭାରତରେ ଚିତ୍ରରେଖା ସ୍ତମ୍ଭନମୋହନ ବଶୀବରଣ ବିଦ୍ୟା ନାରଦଙ୍କ ଠାରୁ ପାଇଥିବା କଥା ଉଲ୍ଲେଖ କରାଯାଇଛି। ଭାଗବତ ଅନୁସାରେ ଚିତ୍ରରେଖା ସିଦ୍ଧ ଯୋଗିନୀଠାରୁ ସେ ଶକ୍ତି ପାଇଛନ୍ତି। ବ୍ରହ୍ମବୈବର୍ତ୍ତ ପୁରାଣରେ ମାୟା ବଳରେ ଚିତ୍ରରେଖା ଦ୍ୱାରକା ଯିବା ପ୍ରସଙ୍ଗ ବର୍ଣ୍ଣିତ ହୋଇଛି ମାତ୍ର କେଉଁଠାରେ ଚିତ୍ରରେଖା ଏହି ମାୟା ଶକ୍ତିଲାଭ କରିଛି, ତାହା ଉପସ୍ଥାପିତ ହୋଇନାହିଁ। ଶିଶୁ ଶଙ୍କରଙ୍କର ଚିତ୍ରଲେଖା ଶ୍ରୀକୃଷ୍ଣଙ୍କୁ ମନେ ମନେ ସ୍ମରଣ କରି ତାଙ୍କ କରୁଣାରୁ ଦ୍ୱାରକାପୁରରେ ପହଞ୍ଚିଛନ୍ତି।

ଉଷାଭିଳାଷରେ ଅଙ୍ଗୀରସ ଚର୍ଚ୍ଚା :

ରସ ପରିବେଷଣ କ୍ଷେତ୍ରରେ କାବ୍ୟର ଭୂମିକା ଅନନ୍ୟ ସାଧାରଣ। 'ରସ୍ୟତେ ଇତି ରସଃ' ଅର୍ଥାତ୍ ଯାହା ଆସ୍ୱାଦିତ ହୁଏ ତାହା ହିଁ ରସ। କାବ୍ୟ ରସର ମହତ୍ତ୍ୱ ଓ ମୂଲ୍ୟବୋଧ ସ୍ୱତନ୍ତ୍ର ହୋଇଥିବାରୁ ତା'କୁ ବ୍ରହ୍ମାନନ୍ଦ ସହୋଦର ବୋଲି ଆଖ୍ୟାୟିତ କରାଯାଏ। ସ୍ରଷ୍ଟାମାନଙ୍କର ସ୍ୱର୍ଶକାତରତା ରସ ଭାବରେ ପାଠକ ହୃଦୟରେ ସଞ୍ଚରିତ ହୁଏ। ପାଠକ ହୃଦୟ ସିକ୍ତ ହୁଏ ରସର ସ୍ୱର୍ଶରେ, ସ୍ନିଗ୍ଧ ହୁଏ ରସର ଆବେଶରେ। ବ୍ରହ୍ମାଙ୍କ ସୃଷ୍ଟିରେ ଷଡ଼ରତୁର ସ୍ଥିତି ଅନୁଭୂତ ହେଲାବେଳେ କବି ସୃଷ୍ଟିରେ ନବରସର ସ୍ଥିତି ଅନୁଭବ କରିହୁଏ। ସାହିତ୍ୟରେ ରସ ସଂଖ୍ୟା ନଅ ଠାରୁ ଅଧିକ ବୋଲି କେତେକ ଆଲୋଚକ ମଧ୍ୟ ମତ ଦେଇଥାଆନ୍ତି। ବ୍ରହ୍ମାଙ୍କ ସୃଷ୍ଟିରେ ମଧୁର, ଅମ୍ଳ, କଟୁ, ଲବଣ, ତିକ୍ତ, କଷାୟ, ଆଦି ଷଡ଼ରସ ଥିଲାବେଳେ କବି ସୃଷ୍ଟିରେ ଶୃଙ୍ଗାର, ହାସ୍ୟ, କରୁଣ, ବୀର, ରୌଦ୍ର, ଭୟାନକ, ବୀଭତ୍ସ, ଅଦ୍ଭୁତ ଓ ଶାନ୍ତ ଏହିପରି ନବରସର ଉପସ୍ଥିତି ଦେଖିବାକୁ ମିଳେ। ବିଶ୍ୱନାଥ କବିରାଜ ବାତ୍ସଲ୍ୟ ନାମରେ ଅନ୍ୟ ଏକ ରସକୁ ରସଚର୍ଚ୍ଚାର ପର୍ଯ୍ୟାୟଭୁକ୍ତ କରିଛନ୍ତି। ଫଳରେ ତାଙ୍କ ମତରେ ରସ ସଂଖ୍ୟା ଦଶକୁ ବୃଦ୍ଧି ପାଇଛି। ଆଚାର୍ଯ୍ୟ ରୁଦ୍ରଟ ପ୍ରେୟାନ ନାମକ ରସର ସଂଯୋଜନା କରି ରସର ସଂଖ୍ୟା ଏକାଦଶକୁ ଉନ୍ନୀତ କରିଛନ୍ତି। ଏହିପରି ଭିନ୍ନ ଭିନ୍ନ ସମୟରେ ଆଚାର୍ଯ୍ୟମାନଙ୍କ ଦ୍ୱାରା ନୂଆ ନୂଆ ରସର ସଂଯୋଜନା ଫଳରେ ରସ ସଂଖ୍ୟା ଷୋହଳକୁ ବୃଦ୍ଧି ପାଇଛି। ସବୁ ରସ ଭିତରେ ଶୃଙ୍ଗାର ରସ ସର୍ବପ୍ରଧାନ। ଏହାକୁ ଆଦିରସ ନାମରେ ନାମିତ କରାଯାଇଛି। ଏହାର ସ୍ଥାୟୀ ଭାବ ହେଉଛି ରତି, ଆଲମ୍ବନ ବିଭାବ ଭାବରେ କାବ୍ୟର ନାୟକ ନାୟିକାଙ୍କୁ ଏଥିରେ ବିଚାର କରାଯାଏ। ଚନ୍ଦ୍ର, ଚନ୍ଦନ, ବାସନ୍ତୀ ପରିବେଶ, କୋକିଳର କୁହୁତାନ, ଫୁଲର ସୁବାସ ଉଦ୍ଦୀପନ ବିଭାବ ଭାବରେ ଏଥିରେ ସ୍ୱୀକୃତ। କଟାକ୍ଷଚ୍ଛଟା, ସ୍ମିତହାସ୍ୟ, ଅଧୋବଦନ, ପରସ୍ପର ପ୍ରତି ଅନୁରାଗ ପୂର୍ଣ୍ଣ ଲାବଣ୍ୟମୟ ଦୃଷ୍ଟିପାତ ଅନୁଭାବର ଅନ୍ତର୍ଭୁକ୍ତ। ଶୃଙ୍ଗାର ରସର ବୈଶିଷ୍ଟ୍ୟ ନିମନ୍ତେ ଧ୍ୱନ୍ୟାଲୋକରେ ଉଲ୍ଲେଖ କରାଯାଇଛି-

"ଶୃଙ୍ଗାର ଏବ ମଧୁରଃ ପରପ୍ରହ୍ଲାଦନୋରସଃ
ତନ୍ମୟଂ କାବ୍ୟ ମାଶ୍ରିତ୍ୟ ମାଧୁର୍ଯ୍ୟଂ ପ୍ରତିତିଷ୍ଠତେ"

ଅର୍ଥାତ୍ ଶୃଙ୍ଗାର ଏକମାତ୍ର ମଧୁର ଓ ଶ୍ରେଷ୍ଠ ଆନନ୍ଦକାରୀ ରସ। ସେହି ରସ କାବ୍ୟକୁ ଆଶ୍ରୟ କରି ମାଧୁର୍ଯ୍ୟ ଗୁଣକୁ ପ୍ରକାଶ କରିଥାଏ। କବିଙ୍କର କୃତିରେ ଶୃଙ୍ଗାର ରସର ମାଦକତା ବହୁଗୁଣିତ ହୋଇ ପାଠକ ପ୍ରାଣରେ ଆନନ୍ଦର ମଧୁଲହରୀ ସୃଷ୍ଟି କରେ। ଅପୂର୍ବ ଆବେଗରେ ହଜିଯାଏ ପାଠକର ମନ କିଛି କ୍ଷଣ ପାଇଁ। ସାହିତ୍ୟରେ ସମ୍ଭୋଗ ଶୃଙ୍ଗାରର ଚର୍ଚ୍ଚା ଅପେକ୍ଷା ବିପ୍ରଲମ୍ଭ ଶୃଙ୍ଗାର ଅଧିକ ଭାବରେ ଚର୍ଚ୍ଚିତ ହୁଏ। ମନକୁ ଅଧିକ ସ୍ୱର୍ଶ କରିବାର ଯୋଗ୍ୟତା ରହିଛି ବିପ୍ରଲମ୍ଭ ଶୃଙ୍ଗାରର। କବିମାତ୍ରେ ଆନନ୍ଦାଭିଳାଷୀ, ଅନ୍ୟମାନଙ୍କୁ ଆନନ୍ଦ ପ୍ରଦାନରେ ଏକାନ୍ତ ପ୍ରୟାସୀ। ଶୃଙ୍ଗାରିକ ଅନୁଚିନ୍ତା ବଳରେ କବି କାବ୍ୟକୁଞ୍ଜରେ ଆନନ୍ଦର ନନ୍ଦନ ମନ୍ଦାର ଫୁଟାଇ ପାରନ୍ତି। ସେ ନୀରସ ଭାବରେ ଭାବିତ ହେଲେ ସାହିତ୍ୟ ହୋଇଯାଏ ଶୁଷ୍କ, ନୀରସ ଓ ନିଷ୍ପ୍ରାଣ। ଭୋଜରାଜଙ୍କ ମତରେ-

"ଶୃଙ୍ଗାରୀଚେତ କବିଃ କାବ୍ୟେଜାତଂ ରସମୟଂ ଜଗତ
ସ ଏବେ ବୀତରାଗଶ୍ଚେତ୍ ନୀରସଂସର୍ବମେବତତ୍"

ଅର୍ଥାତ୍ ରସମୟ କାବ୍ୟ ସୃଷ୍ଟି କରିବାକୁ ହେଲେ କବିଙ୍କୁ ଶୃଙ୍ଗାରୀଚେତ୍ ଅର୍ଥାତ୍ ଅନୁରାଗଯୁକ୍ତ ହେବାକୁ

ପଡ଼ିବ। ସେ ବୀତରାଗ ହେଲେ ସମସ୍ତ ସୃଷ୍ଟି ନିରସରେ ପରିଣତ ହେବ। ଓଡ଼ିଆ ପ୍ରାକ୍‌ରୀତି ତଥା ରୀତିକାବ୍ୟରେ ଅଙ୍ଗୀରସ ଭାବରେ ଶୃଙ୍ଗାରକୁ ଗ୍ରହଣ କରାଯାଏ। ଉଷାଭିଳାଷ କାବ୍ୟରେ ମଧ୍ୟ ଅଙ୍ଗୀରସ ଭାବେ ଶୃଙ୍ଗାର ରସ ଗୃହୀତ ଓ ପ୍ରତିଷ୍ଠିତ। ଉଷା ଅନିରୁଦ୍ଧ ପ୍ରଣୟ ପ୍ରସଙ୍ଗକୁ କଥାବସ୍ତୁ ହିସାବରେ ଗ୍ରହଣ କରି କାବ୍ୟକାର ଉକ୍ତ କାବ୍ୟ ରଚନା କରିଛନ୍ତି। ଯୌବନର ଲାବଣ୍ୟମୟ ସ୍ୱର୍ଶରେ ଉଷା ମନରେ ଭାବାନ୍ତର ଆସିଛି। ପ୍ରୀତିପ୍ରବଣତାର ଅପରୂପ ଦୀପ୍ତି ପ୍ରକଟିତ ହୋଇଛି। ଉପବନର ଶୋଭା, ମଳୟର ମୃଦୁ ପ୍ରବାହ, କୋଇଲିର ପଞ୍ଚମ ତାନ, ପକ୍ଷୀମାନଙ୍କର କଳରବ ବାଣାସୁର ନନ୍ଦିନୀ ଉଷା ମନରେ ଶୃଙ୍ଗାରିକ ଭାବ ବିଭାବ ସୃଷ୍ଟି କରିଛନ୍ତି। ସ୍ୱପ୍ନରେ ଦର୍ଶନ କରିଛି ଏକ ସୌମ୍ୟଦର୍ଶନ ଯୁବକଙ୍କୁ। ପରେ ବାସ୍ତବରେ ତାକୁ ପାଇବାକୁ ଇଚ୍ଛା କରି ବିବ୍ରତ ହୋଇପଡ଼ିଛି ଉଷା। କବିଙ୍କ ଭାଷାରେ -:

"କହୁ କହୁ ତାର ତରଳ ଲୋଚନୁ ବହେ କଜ୍ଜଳ ଜଳଧାର
ଚିତ୍ରଲେଖା ବୋଲେ ଚିତ୍ତ ସ୍ଥିର କଲେ ଲିହିବି ଚିତ୍ରପଟ ସାର"

ସମ୍ଭୋଗ ଶୃଙ୍ଗାର ସମ୍ପର୍କରେ ଅବତାରଣା କରିଛନ୍ତି କବି ଶିଶୁଶଙ୍କର ଆଲୋଚ୍ୟ କାବ୍ୟରେ। ନିଜକୁ ପରମ ଭାଗ୍ୟବାନ ମନେ କରିଛି ଅନିରୁଦ୍ଧ ଯେତେବେଳେ ଉଷା ସହିତ ତା'ର ମିଳନ ଘଟିଛି। ଏପରିକି ସେ ବିଚାର କରିଛି ଯେ ଶ୍ରୀକୃଷ୍ଣଙ୍କ କୋଳରେ ବସିବା ହେତୁ ଅର୍ଜିତ ପୁଣ୍ୟଫଳ ବଳରେ ଉଷାର ଅଙ୍ଗସଙ୍ଗ ତାକୁ ମିଳିଲା। କବିଙ୍କ ଭାଷାରେ -

"ତ୍ରିଭୁବନ ନାଥ କୋଳରେ ବସି ମୁଁ ନିରନ୍ତରେ କରେ ରଙ୍ଗ
ସେଫଳ ସୁଫଳ ହୋଇଲା ସଜନି ଲଭିଲି ତୋ ଅଙ୍ଗସଙ୍ଗ"

ଶୃଙ୍ଗାର ରସର ସାର୍ଥକ ଚିତ୍ରଣ କାବ୍ୟରେ କରାଯିବା ସଙ୍ଗେ ସଙ୍ଗେ ଅନ୍ୟାନ୍ୟ ରସର ମଧ୍ୟ ଅବତାରଣା କରାଯାଇଛି। ତନ୍ମଧ୍ୟରେ କରୁଣ ରସର ପ୍ରାଧାନ୍ୟ ଅଧିକ ଅନୁଭୂତ ହୁଏ। ଉଷାଭିଳାଷ ଗ୍ରନ୍ଥରେ କରୁଣ ରସର ଉପସ୍ଥାପନା ରହିଛି। ଉଷା ସ୍ୱପ୍ନରେ କୌଣସି ଏକ ରାଜକୁମାରକୁ ଦେଖି ସ୍ୱପ୍ନ ଭାଙ୍ଗିଲା ପରେ ଉଚ୍ଚ ସ୍ୱରରେ ବିଳାପ କରିଛି। ଶିଶୁଶଙ୍କରଙ୍କ ଭାଷାରେ -

"ପଲଙ୍କ ତେଜିଣ ଉଠିଲା ସୁମୁଖୀ
ସପନ ସଙ୍କେତ ପାଇଣ
ଆହା ପ୍ରାଣନାଥ କେଣେ ଗଲୁ ବୋଲି
ଉଚ୍ଚସ୍ୱରେ କରେ କାରୁଣ୍ୟ
ଦଇବ ! ଦେଖାଇ ନିଧି ହରିନେଲୁ
ଶିଶୁକୁମାରୀ ମୁଁ କିଛି ନ ଜାଣଇ
କିମ୍ପାଇ ମୋତେ ଏହା କଲୁ"

ପୁନଶ୍ଚ ଉଷା ସହିତ ଅନିରୁଦ୍ଧଙ୍କର ଗୋପନ ପ୍ରଣୟର ସୂଚନା ପାଇ ବାଣାସୁର କ୍ରୋଧ ଜର୍ଜରିତ ହେଲା। ସେ ଅନିରୁଦ୍ଧକୁ ତତ୍‌କ୍ଷଣାତ୍ ବନ୍ଦୀ କଲା। ଏକଥା ଦେଖି ଉଷା ମନରେ ଦାରୁଣ ଆଘାତ ଲାଗିଲା। ଉଷା କହିଛି -

"ଆହା ପ୍ରାଣନାଥ ଛାଡ଼ି ଗଲୁ ତୁ କାହିଁ
ଲୋଚନ ଢାଙ୍କିବା ତୁ ଯେ ନ ପାରୁ ସହି"

ଉଚ୍ଚାଭିଳାଷରେ ବର୍ଣ୍ଣିତ କରୁଣ ରସର ଉପସ୍ଥାପନା ଅତ୍ୟନ୍ତ ହୃଦୟଗ୍ରାହୀ ହୋଇଛି। ସାରଳା ଦାସଙ୍କର ବର୍ଣ୍ଣିତ ଉପାଖ୍ୟାନରେ ଉଷାର ବିଳାପ ଅପେକ୍ଷା ଉଷାଭିଳାଷର ଉଷାର ବିଳାପ ମଧ୍ୟ ଅଧିକ ହୃଦୟସ୍ପର୍ଶୀ ହୋଇଛି।

ପ୍ରକୃତି ଚିତ୍ରଣ : ପ୍ରକୃତିର ଚାରୁଚିତ୍ର ସାହିତ୍ୟର ଛତ୍ରେଛତ୍ରେ ପ୍ରତିଫଳିତ। କବିଚିତ୍ତରେ ପ୍ରକୃତି ସୃଷ୍ଟି କରେ ଅପୂର୍ବ ଭାବାବେଗ। ସ୍ୱର୍ଶକାତରତା ବଳରେ କବି ଖୋଜିଯାଏ ଅମାପ ଆନନ୍ଦ ନିଜର ହୃଦୟ ମଧ୍ୟରୁ, ଲେଖନୀ

ମନରେ ତା'ର ଚିତ୍ରଣ କରି ସୃଷ୍ଟି କରେ କଳାର କୋଣାର୍କ। ବାହ୍ୟ ପ୍ରକୃତିର ସ୍ୱର୍ଗୀୟ ସୁଷମା କବି ଲେଖନୀକୁ ଚଳଚଞ୍ଚଳ କରିଥାଏ। ଝରଣାର ଝର୍ଝର ନାଦରେ, ବର୍ଷାର ରିମଝିମ୍ ସ୍ୱରରେ, ମଳୟର ମୃଦୁ ପ୍ରବାହରେ, କୋଇଲିର କୁହୁତାନରେ, ଫୁଲକୁଞ୍ଜର ଝୁଲଣ ଲୀଳାରେ, ସମୁଦ୍ରର ତରଙ୍ଗମାଳାରେ ଯେଉଁ ସାହିତ୍ୟିକ ଉପାଦାନର ରମ୍ୟ ବିଳାସ ରହିଛି, ତା'ର ଅପୂର୍ବ ଆକର୍ଷଣରେ କବିଚିତ୍ତ ବିମୁଗ୍ଧ ହୁଏ। ସେହି ମୁଗ୍ଧ ମଧୁର ଭାବାବେଗକୁ ସାର୍ଥକ ଭାବରେ ରୂପାୟଣ କରିବାର ସିଦ୍ଧହସ୍ତତା କବିଙ୍କୁ ଦେଇପାରେ ଅମ୍ଲାନ ଗୌରବ। ଭାବୁକର ଭାବନାକୁ, କବିର ଲେଖନୀକୁ, ଚିତ୍ରକର ତୂଳୀକୁ, ସ୍ଥପତିର ନିହଣକୁ, ସଂଗୀତଜ୍ଞର କଣ୍ଠକୁ ପ୍ରଭାବିତ କରିଥାଏ ପ୍ରକୃତିର ଭୀମକାନ୍ତ ଭାବ। ରାଗ ରାଗିଣୀର ସୃଷ୍ଟି ହୁଏ ପ୍ରକୃତିରୁ ଆହରିତ ଆବେଗ ଓ ଭାବପ୍ରବଣତାରୁ। ସଂସ୍କୃତରେ ତଥା ଓଡ଼ିଆ ସାହିତ୍ୟରେ ବ୍ୟବହୃତ ବହୁ ରାଗରାଗିଣୀର ସୃଷ୍ଟି, ପ୍ରକୃତିର ଶୋଭା ବିଭବର ଅନୁଭବରୁ। ଅତଏବ ଲିପିଶିଳ୍ପର ସୁରମ୍ୟ ଉପସ୍ଥାପନା କ୍ଷେତ୍ରରେ ପ୍ରକୃତି ଚିତ୍ରଣର ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ଓଡ଼ିଆ ସାହିତ୍ୟରେ ବିଶେଷତଃ ମଧ୍ୟଯୁଗୀୟ କାବ୍ୟ ସମ୍ଭାରରେ ପ୍ରକୃତିର ନୈସର୍ଗିକ ଚିତ୍ର ପ୍ରଦତ୍ତ। ଗ୍ରୀଷ୍ମ, ବର୍ଷା, ଶରତ, ହେମନ୍ତ, ଶୀତ, ବସନ୍ତ ଆଦି ଷଡ଼ରତୁ ସହିତ ସକାଳ, ସନ୍ଧ୍ୟା, ଉପବନ, ଉଦ୍ୟାନ, ଜ୍ୟୋସ୍ନା ପ୍ଲାବିତ ରଜନୀର ଲାବଣ୍ୟମୟ ରୂପବିଭା କାବ୍ୟର ନାୟକ ନାୟିକାଙ୍କର ମିଳନ ବିରହ କ୍ଷେତ୍ରରେ ଅଶେଷ ପ୍ରଭାବ ବିସ୍ତାର କରିଥାଏ। ଉଦ୍ଦୀପନବିଭବ ଭାବରେ କ୍ରିୟା କରି ଶୃଙ୍ଗାର ରସକୁ ପରିପୁଷ୍ଟ କରିବା ଦିଗରେ ଏସବୁ ବଳିଷ୍ଠ ଭୂମିକା ନେଇଥାନ୍ତି।

ଉଷାଭିଳାଷ କାବ୍ୟରେ ତୃତୀୟ ଛାନ୍ଦରେ ବସନ୍ତ ଋତୁର ଚାରୁଚିତ୍ର ଉପସ୍ଥାପିତ। ମଲ୍ଲୀଫୁଲ ଫୁଟିଛି, ଭ୍ରମର ମଲ୍ଲୀଫୁଲରେ ବସି ଗୁଞ୍ଜନ ଧ୍ୱନି କରୁଛି। କବିଚିତ୍ତକୁ ଏପରି ପ୍ରତ୍ୟୟ ହେଉଛି ଯେ ମଦନ ରାଜାଙ୍କ ସ୍ୱାଗତ ଉତ୍ସବ ଉପଲକ୍ଷେ ସତେ ଯେପରି ଶଙ୍ଖନାଦ ହେଉଛି। କବି କଳ୍ପନାର ଚମତ୍କାରିତା ଏଥିରେ ପ୍ରକଟିତ। ପୁନଶ୍ଚ ଏହି ତୃତୀୟ ଛାନ୍ଦରେ ସକଳର ସୁରମ୍ୟ ଚିତ୍ର ଅଙ୍କିତ। ସକାଳର ଧୀର ପବନରେ ହଲିଯାଇଛି ଫୁଟା ପଦ୍ମଫୁଲ। ଭ୍ରମର ପଦ୍ମଫୁଲରେ ବସିପାରୁନାହିଁ। କବି ନିଜର କଳ୍ପନା ନେତ୍ରରେ ଟିକିଏ ଭିନ୍ନ ଦିଗରୁ କଥାଟାକୁ ବିଚାର କରି କହିଛନ୍ତି ଯେ କଇଁଫୁଲ କୋଳରେ ଭ୍ରମର ରାତ୍ରିଯାପନ କରିଥିବାରୁ ପଦ୍ମଫୁଲ କ୍ରୋଧାନ୍ୱିତ ହୋଇ ତାକୁ ନାହିଁ ନାହିଁ କରୁଛି। ଏହି କଥା କହିବାରେ କବି ଶିଶୁଶଙ୍କର ଭଙ୍ଗିକାବ୍ୟ ଦ୍ୱାରା ପ୍ରଭାବିତ ହୋଇଛନ୍ତି। ଶିଶୁଶଙ୍କରଙ୍କ ଭାଷାରେ -

"ପଦ୍ମିନୀ କମ୍ପାଇବାରେ ଭ୍ରମର ଚାହିଁ
କୁମୁଦିନୀସଙ୍ଗ କିଏ ପ୍ରକୋପ ସେ ହୋଇ"

ଭଙ୍ଗି କାବ୍ୟରେ ଉଲ୍ଲେଖ ରହିଛି ଯେ -

"ପ୍ରଭାତ ବାତାହତା କମ୍ପିତାକୃତି
କୁମୁଦବତୀ ରେଣୁ ପିଷଙ୍ଗ ବିଗ୍ରହ
ନିରାଶଭୃଙ୍ଗଂ କୁପିତେଃ ପଦ୍ମିନୀ
ନ ସଂସହତେ ମାନିନୀ ଅନ୍ୟସଙ୍ଗମମ୍"

ଦଶମଛାନ୍ଦରେ ବର୍ଷା ଋତୁର ବର୍ଣ୍ଣନା ଓ ଶରତ ଋତୁର ବର୍ଣ୍ଣନା କରାଯାଇଛି। ନାୟକ ଅନିରୁଦ୍ଧର ଚାଟୁବାଣୀ ପ୍ରୟୋଗ ଅବକାଶରେ ବର୍ଷା ବର୍ଣ୍ଣନା କରାଯାଇ ଏକ ସ୍ୱତନ୍ତ୍ର ପରିବେଶ ସୃଷ୍ଟି କରାଯାଇଛି। ବାହ୍ୟ ପ୍ରକୃତିର ବର୍ଣ୍ଣନା ସହିତ ଉଷାର ରୂପଲାବଣ୍ୟକୁ କବି ଏପରି ଭାବରେ ସମନ୍ୱୟ କରିଛନ୍ତି ଯେ ତାକୁ ପାଠ କଲେ ପାଠକ ଅଭିଭୂତ ହୋଇପଡ଼େ।

ଶରତ ଋତୁର ବର୍ଣ୍ଣନା ଅବକାଶରେ ଅନିରୁଦ୍ଧ ମୁଖରେ ଚାଟୁବଚନ ମାଧ୍ୟମରେ ଉଷାର ଅନିନ୍ଦ୍ୟ ରୂପଲାବଣ୍ୟର ଜୟଜୟକାର କରାଯାଇଛି। ଗଙ୍ଗଶିଉଳି ଫୁଲର ଶୋଭାରେ କବି ପୋହଳା ଓ ମୁକ୍ତାର ସମନ୍ୱିତ ସୁଷମାକୁ ନିରୀକ୍ଷଣ କରିଛନ୍ତି। କଇଁଫୁଲ ପାଖରେ ରକ୍ତପଦ୍ମର କାନ୍ତି କବିଙ୍କ ମନରେ ସୃଷ୍ଟି କରିଛି ଅପୂର୍ବ ପୁଲକ। କବି ନିର୍ମଳ ହୃଦୟ

ସହିତ ସ୍ନେହ ଅନୁରାଗର ସମନ୍ୱୟର ଚିତ୍ର ଅଙ୍କନ କରିଛନ୍ତି ଏହି ଶୋଭାଦର୍ଶନରେ। ପଲ୍ଲବିତ ଲତାର ରକ୍ତିମ ଆଭା ଉଷାର ପାଦର ଶୋଭା ବହନ କରିଛି ବୋଲି କହିଛନ୍ତି କବି।

"କୁମୁଦ ପାଶେ କୋକନଦ ଜ୍ୟୋତି
ଶେଫାଳିକା ଶୋଭା ପୋଏଳା ମୋତି
ରଙ୍ଗଶୁକଳ ବିହି କଲା ଯୋଗ
ସ୍ୱଚ୍ଛ ହୃଦୟେ ସ୍ନେହ ଅନୁରାଗ
ପଲ୍ଲବିତ ଲତା
ବହିଛନ୍ତି ତୋର ଚରଣ ରତା" (୧୦/୧୨)

ଚତୁର୍ଥ ଛାନ୍ଦରେ ଗ୍ରୀଷ୍ମଋତୁର ବର୍ଣ୍ଣନା ରହିଛି। ନବଯୌବନା ଉଷାର ମୁଗ୍ଧ ଅନୁଭବ, ନବ ନବ ହାବଭାବ ଏଥିରେ ଉପସ୍ଥାପିତ। ପ୍ରକୃତିର ସ୍ୱରୂପ ରଚନା ସହିତ ନାୟିକା ଉଷାର ଆଙ୍ଗିକ ତଥା ମାନସିକ ଅବସ୍ଥାର ଚିତ୍ରଣ କରାଯାଇ ଶୃଙ୍ଗାରୀଚେତ୍ କବି ଉକ୍ତିର ଯଥାର୍ଥତା ପ୍ରତିପାଦିତ। ଗ୍ରୀଷ୍ମକାଳୀନ ପରିବେଶର ଚିତ୍ର ଚିତ୍ରଣ କରି କବି କହିଛନ୍ତି -

"ଏମନ୍ତ ପ୍ରକାରେ ଗଲା କେତେକ ଦିନ
ଝିଙ୍କାରୀ ଶବଦେ ବହେ ଝଞ୍ଜା ପବନ
ପ୍ରଚଣ୍ଡ ଚଣ୍ଡ କିରଣ ଗଗନେ ଘୋଟେ
ବନଜନ୍ତୁ ଲୁଚେ କୁଞ୍ଜ ବନୀର ତଟେ" (୪/୧୧-୧୨)

ଗ୍ରୀଷ୍ମ ଋତୁରେ ରାତ୍ରିର ଶୀତଳତା ସମସ୍ତଙ୍କୁ ଆନନ୍ଦ ଦିଏ ପ୍ରକୃତିର ଅବସ୍ଥା ଭିତରେ ନାୟକ ନାୟିକାଙ୍କର ଶୃଙ୍ଗାରିକ ଅନୁଚିନ୍ତାର ପ୍ରକଟନ କବି କରିଛନ୍ତି। କବିଙ୍କ ଭାଷାରେ -

"ନିଶି ଅବଲମ୍ବ ହୋଏ ସକଳ ଜନେ
ଚିର ବିରହିଣୀ ଯେହ୍ନେ କାନ୍ତ ଦର୍ଶନେ
ବିପିନ ଅନଳ ଗିରି ଶିଖରେ ଦିଶେ
ବିଯୋଗୀ ହୃଦୟ ଦହେ କାମହୁତାଶେ" (୪/୧୫-୧୬)

ରବି ରଶ୍ମିରେ ଜଳାଶୟ ସବୁ ଶୁଷ୍କ ହୋଇଯିବାରୁ ଆକାଶରେ ମେଘ ମାଳା ସୃଷ୍ଟି ହୁଏ। ମେଘ ଆଢୁଆଳରେ ସୂର୍ଯ୍ୟ ଲୁଚି ରହିଥାନ୍ତି। ଯେପରି ବିରହୀ ହୃଦୟରେ କନ୍ଦର୍ପ ଲୁଚି ରହିଥାନ୍ତି। ଗ୍ରୀଷ୍ମତାପରୁ ରକ୍ଷା ପାଇଁ ସମ୍ଭ୍ରାନ୍ତ ବଂଶଜ ବ୍ୟକ୍ତିମାନେ ବିଶେଷତଃ ନାୟକ ନାୟିକାମାନେ ଜଳକ୍ରୀଡ଼ା କରିଥାନ୍ତି।

ଦଶମ ଛାନ୍ଦର ଆରମ୍ଭରେ ବର୍ଷାଋତୁର ପରିବେଶ ଚିତ୍ରିତ ହୋଇଛି। ଆକାଶ ଦେଶରେ ମେଘ ଘୋଟିଯିବାରୁ ସୂର୍ଯ୍ୟ, ଚନ୍ଦ୍ର, ତାରା ଅଦୃଶ୍ୟ ହେଲେ, ମାଟି ପଙ୍କରେ ପରିଣତ ହେଲା, ଡାହୁକ ଡାକ ଶୁଭିଲା, ବେଙ୍ଗ ରଡ଼ିରେ ପରିବେଶ ମୁଖରିତ ହେଲା। ବିଦେଶୀମାନେ ଦେଶକୁ ଏତେବେଳେ ଫେରିଆସିଲେ, ଚାତକ କୁଳ ବର୍ଷା ଜଳ ପାଇ ଆନନ୍ଦରେ ଗଦଗଦ ହେଲେ। ବର୍ଷାଧାରାରେ ଦିଗ ବାରି ହେଲା ନାହିଁ, ଦିନ ରାତ୍ରି ମଧ୍ୟ ଜାଣିହେଲା ନାହିଁ। ଚତୁର୍ଦ୍ଦିଗରେ ଅନ୍ଧାର ଘୋଟିଗଲା, ଚନ୍ଦ୍ର ଲୁଚିଗଲେ ମେଘ ଭିତରେ, ଚକୋରୀ ହୃଦୟରେ ଚନ୍ଦ୍ରଙ୍କ ଅଦର୍ଶନରେ ଲାଗିଲା ଦାରୁଣ ଆଘାତ। ଅତଏବ ଉଷାଭିଳାଷ ଗ୍ରନ୍ଥରେ କବି ଶିଶୁଶଙ୍କର ପ୍ରକୃତି ବର୍ଣ୍ଣନାର ଅନ୍ତର୍ଭୁକ୍ତ କରିଛନ୍ତି ମୁଖ୍ୟତଃ ଗ୍ରୀଷ୍ମ, ବର୍ଷା, ଶରତ ଓ ବସନ୍ତ ଋତୁକୁ। ସନ୍ଧ୍ୟା, ସକାଳର ବର୍ଣ୍ଣନା ମଧ୍ୟ କବି ଲେଖନୀରେ ମନମୋହିନୀ ପ୍ରଭାବର ଅଧିକାରିଣୀ ହୋଇଛି। ପ୍ରକୃତି ଚିତ୍ରଣ କ୍ଷେତ୍ରରେ କବି ଶିଶୁଶଙ୍କର ଯେଉଁ ଅସାଧାରଣ ଦକ୍ଷତା ପ୍ରଦର୍ଶନ କରିଛନ୍ତି, ତାହାର ପଟାନ୍ତର ନାହିଁ କହିଲେ ଅତ୍ୟୁକ୍ତି ହେବ ନାହିଁ।

କବିଙ୍କ ଭକ୍ତିମତ୍ତା : କବି ଶିଶୁଶଙ୍କରଙ୍କ କାବ୍ୟକୃତି ଉଷାଭିଳାଷରେ ବିଷ୍ଣୁ ବନ୍ଦନାର ସୁବର୍ଣ୍ଣ ସ୍ୱାକ୍ଷର ଦେଖିବାକୁ ମିଳେ। ଭକ୍ତି ଭାବରେ ଭାବିତ କବିଚିତ୍ତର ସୁରମ୍ୟ ଆତ୍ମପ୍ରକାଶ ଭିତରେ ପାଠକ ପାଏ ଶୀତଳତା ତଥା ସ୍ନିଗ୍ଧତାର ସୁଲଳିତ ସ୍ପର୍ଶ। ଭକ୍ତିଭାବ ଚେତନାର ବିଷୟ, ଅନୁଭବର କଥା, ଏହା ଦୃଶ୍ୟମାନ ଭୌତିକ ବସ୍ତୁ ମାତ୍ର ନୁହେଁ। ଯେଉଁ ଶକ୍ତି ଦ୍ୱାରା ମନ ଭଗବାନଙ୍କ ଆଡ଼କୁ ଆକୃଷ୍ଟ ହୋଇଥାଏ, ତାକୁ ଭକ୍ତି କୁହାଯାଏ। ଭକ୍ତିର ମୂଳ ଉପାଦାନ ହେଉଛି ବ୍ୟାକୁଳତା। ସ୍ନେହ ସଜଳା ମା' ତାର ସନ୍ତାନ ଚିନ୍ତାରେ, ପତିବ୍ରତା ସତୀ ନାରୀ ତା'ର ପତି ଚିନ୍ତାରେ, କୃପଣ ଧନ ଚିନ୍ତାରେ ଯେପରି ବ୍ୟାକୁଳ ହୁଏ, ସବୁ ଚିନ୍ତା ତ୍ୟାଗ କରି ଭଗବତ ଚିନ୍ତାରେ ସେପରି ବ୍ୟାକୁଳ ହେବାର ନାମ ହିଁ ଭକ୍ତି। ଗଣ ଭେଦରେ ଭକ୍ତି ତ୍ରିବିଧ। ଯଥା ତାମସୀ ଭକ୍ତି, ରାଜସୀ ଭକ୍ତି ଓ ସାତ୍ତ୍ୱିକୀ ଭକ୍ତି। ଅନ୍ୟର ଅହିତ କାମନା କରି ଯେଉଁମାନେ ଭଗବାନଙ୍କୁ ଭକ୍ତି କରିଥାନ୍ତି, ସେହିମାନେ ଭକ୍ତିକୁ ତାମସୀ ଭକ୍ତି କୁହାଯାଏ। ଯଶ ବା ଐଶ୍ୱର୍ଯ୍ୟ ପ୍ରାପ୍ତି ନିମନ୍ତେ ଯେଉଁମାନେ ଭଗବାନଙ୍କ ପୂଜାଅର୍ଚ୍ଚନା କରିଥାନ୍ତି, ସେମାନଙ୍କର ଭକ୍ତିକୁ ରାଜସୀ ଭକ୍ତି କୁହାଯାଏ। ଯେଉଁମାନେ ମୋକ୍ଷ ବାସନା ସହିତ କର୍ମ ସମର୍ପଣ ପୂର୍ବକ ଆନନ୍ଦ ଅନୁଭବ କରିଥାନ୍ତି, ସେମାନଙ୍କର ଭକ୍ତି ହେଉଛି ସାତ୍ତ୍ୱିକୀ ସ୍ଥାନୀୟ ଭକ୍ତି। ଭକ୍ତି ଧନୀ ଗରିବାର ବିଚାର କରେ ନାହିଁ। ତଥାକଥିତ ଶିକ୍ଷିତ ଅଶିକ୍ଷିତର ମଧ୍ୟ ବିଚାର କରେନାହିଁ। ଭକ୍ତି ବୟସର ବିଚାର କରେ ନାହିଁ। ପରିଣତ ବୟସ ଆସିଲେ ଭକ୍ତି ଆସେ ଏପରି ନୁହେଁ। ଭକ୍ତିର ଆଗମନ ପାଇଁ ବୟସର ନିର୍ଦ୍ଦିଷ୍ଟ କୌଣସି ସୀମା ନାହିଁ। ବାଳକର କୋମଳ ହୃଦୟରେ ମଧ୍ୟ ଭକ୍ତିର ସଞ୍ଚରଣ ଘଟିପାରେ। ଭକ୍ତମାନଙ୍କ ମଧ୍ୟରେ ଜାତି, ବିଦ୍ୟା, ରୂପ, କୁଳ, ଧନ ତଥା କ୍ରିୟାଦି ଭେଦରେ କୌଣସି ମୂଲ୍ୟ ନାହିଁ ବୋଲି ନାରଦ ଭକ୍ତି ସୂତ୍ରରେ ଉଲ୍ଲେଖ କରାଯାଇଛି।

"ନାସ୍ତି ତେଷୁ ଜାତି ବିଦ୍ୟା ରୂପ କୁଳ କ୍ରିୟାଦି ଭେଦଃ"

(ନାରଦ ଭକ୍ତି ସୂତ୍ର)

ଗୀତାରେ ବର୍ଣ୍ଣିତ ଅଛି ତିନି ପ୍ରକାରର ଭକ୍ତଙ୍କ କଥା, ସେମାନେ ହେଲେ ଆର୍ତ୍ତୀ, ଅର୍ଥାର୍ଥୀ ଓ ଜିଜ୍ଞାସୁ ଭକ୍ତ। ଏହ ତିନି ଶ୍ରେଣୀର ଭକ୍ତମାନଙ୍କ ଭିତରେ ଜ୍ଞାନୀ ଭକ୍ତ ସର୍ବୋତ୍ତମ ବୋଲି ବିଚାର କରାଯାଇଛି।

କବି ଶିଶୁଶଙ୍କରଙ୍କର ଭକ୍ତିଭାବର ଗଭୀରତା ପ୍ରମାଣିତ ହୁଏ କାବ୍ୟର କଥାବସ୍ତୁ ଚୟନରୁ। କବି ପୌରାଣିକ ଆଖ୍ୟାନକୁ ନେଇ କାବ୍ୟ ରଚନା କରିବା ଭିତରେ ନିଜର ଭକ୍ତିମତ୍ତା ପ୍ରକଟିତ କରିଛନ୍ତି। କାଳ୍ପନିକ ଆଖ୍ୟାନକୁ ନେଇ କାବ୍ୟ ନ ଲେଖି ସେ ଲେଖିଛନ୍ତି ପୌରାଣିକ କାବ୍ୟ। ଶ୍ରୀକୃଷ୍ଣଙ୍କ ମହିମାର ପ୍ରସାର ପାଇଁ ସେ ଯତ୍ନଶୀଳ ହୋଇଛନ୍ତି ଆଲୋଚ୍ୟ କାବ୍ୟରେ। ତତ୍କାଳୀନ ପରିବେଶରେ ଧାର୍ମିକ ଚେତନା ବ୍ୟକ୍ତିଗତ ଜୀବନକୁ ଏବଂ ସାମାଜିକ ଜୀବନକୁ ପ୍ରଭାବିତ କରିଥିଲା। ତେଣୁ ସାହିତ୍ୟ ସେହି ଧାର୍ମିକ ଅନୁଚିନ୍ତା ଦ୍ୱାରା ପ୍ରଭାବିତ ହେବା ସ୍ୱାଭାବିକ। ପ୍ରାଚୀନ ଓଡ଼ିଆ ସାହିତ୍ୟର ପ୍ରାୟ ପ୍ରତ୍ୟେକ ସୃଷ୍ଟି ଭିତରେ ଧାର୍ମିକ ଚେତନା ମୂର୍ତ୍ତିମନ୍ତ ହୋଇଥିବାର ଦେଖାଯାଏ। ସାରଳା ଓ ପଞ୍ଚସଖା ଯୁଗର ସାହିତ୍ୟ ଦେବାଦେବୀଙ୍କର ମହିମାର ବହୁଳ ବର୍ଣ୍ଣନାରେ ଶତମୁଖ ହେଲାବେଳେ ପ୍ରାକ୍ ରୀତି ଯୁଗୀୟ କାବ୍ୟମାଳାରୁ କେତେକ କାବ୍ୟରେ ଦେବଦେବୀଙ୍କର ମହିମା ଆଂଶିକ ଭାବରେ ଉପସ୍ଥାପିତ ହୋଇଛି।

କାବ୍ୟର ଆରମ୍ଭରେ 'ଆଶୀନମସ୍କ୍ରିୟା' ମାଧ୍ୟରେ କବି ନିଜ ହୃଦୟର ଭକ୍ତିମତ୍ତା ପ୍ରକଟନ କରିଥାନ୍ତି। ଶିଶୁଶଙ୍କର ଏହି ପରିପ୍ରେକ୍ଷୀରେ ଶ୍ରୀଜଗନ୍ନାଥଙ୍କ ଚରଣ କମଳରେ ନିଜକୁ ଅର୍ପଣ କରି କାବ୍ୟ ରଚନା କରିଛନ୍ତି। ଶ୍ରୀଜଗନ୍ନାଥ ଉତ୍କଳୀୟ ଜନତାର ଆରାଧ୍ୟ ଦେବତା। ଜଗନ୍ନାଥ ସଂସ୍କୃତି, ଉତ୍କଳୀୟ ସଂସ୍କୃତିର ସାର୍ଥକ ପ୍ରତିନିଧିତ୍ୱ କରିଥାଏ। ଉତ୍କଳର କବି, କଳାକାର ସମସ୍ତେ ଜଗନ୍ନାଥଙ୍କ ଚରଣରେ ଶରଣ ନେଇ ନିଜକୁ କୃତାର୍ଥ ମନେକରନ୍ତି। କବି ଶିଶୁଶଙ୍କର ପ୍ରଥମ ଛାନ୍ଦରେ ଶ୍ରୀଜଗନ୍ନାଥଙ୍କଠାରେ ଶ୍ରୀକୃଷ୍ଣତ୍ୱ ଆରୋପ କରି କହିଛନ୍ତି -

"ନିର୍ମଳ ନବ ଜଳ ଧର ତନୁ
କଂସ-କେଶୀ ବକା-ତୃଣା-କୃଶାନୁ

ଆଭୀରୀଭୀରୁଜନ କାମଧେନୁ
ଯାଦବ-କୁଳ-କମଳର ଭାନୁ
ଶ୍ରୀ ଗୋପୀନାଥଙ୍କ ବେନି ଚରଣ
ଭବ-ଭୟ-ଜନଙ୍କର ଶରଣ।"

କାବ୍ୟର ପ୍ରତ୍ୟେକ ଛାନ୍ଦର ଶେଷରେ ମଧ୍ୟ କବି ନାମ ଚିନ୍ତନ କରିଛନ୍ତି।

ଶିବ ପାର୍ବତୀଙ୍କ ଲୀଳା ବିଳାସ ପ୍ରସଙ୍ଗ କବି ଉପସ୍ଥାପନ କରିବା ଭିତରେ ମଧ୍ୟ ଭାଗବତ ଚେତନା ସମ୍ପର୍କରେ ନିଜସ୍ୱ ଆଗ୍ରହ ଓ ଆନ୍ତରିକତା ପ୍ରକଟିତ କରିଛନ୍ତି।

ଉଷା ଅନିରୁଦ୍ଧ ପ୍ରଣୟ ପ୍ରସଙ୍ଗରେ ଶ୍ରୀକୃଷ୍ଣଙ୍କ ମହିମା ମୁକ୍ତ କଣ୍ଠରେ କବି ଗାନ କରିଛନ୍ତି।

ଷଷ୍ଠ ଛାନ୍ଦରେ କବି ଚିତ୍ରରେଖା ମାଧ୍ୟମରେ ଅନିରୁଦ୍ଧଙ୍କର ପରିଚୟ ପ୍ରଦାନ ପ୍ରସଙ୍ଗରେ ଶ୍ରୀକୃଷ୍ଣଙ୍କର ମହିମା ବର୍ଣ୍ଣନା କରିଛନ୍ତି, ଏଥିରୁ କବିଙ୍କର ବିଷ୍ଣୁ ଭକ୍ତିର ବଳିଷ୍ଠ ପରିଚୟ ମିଳିଥାଏ। ଭକ୍ତି ଭାବର ମନ୍ଦାକିନୀ ପ୍ରବାହରେ ସିକ୍ତ ତାଙ୍କର ହୃଦୟର ଭୂମି। ଶ୍ରୀକୃଷ୍ଣଙ୍କର ଦୁଷ୍ଟଜନ ନାଶନ କ୍ରିୟା ସମ୍ପର୍କରେ କବି ପୁତନା, ଶକଟା, ବକା, ବତ୍ସାସୁର କଥା ଉଲ୍ଲେଖ କରିଛନ୍ତି। କବିଙ୍କ ଭାଷାରେ-

"ପୂତନା ଶକଟା ବତ୍ସା ବକା ଅର୍ଘାସୁର
ପ୍ରଳମ୍ବା ଧେନୁକା ତୃଣା କେଶୀ ମହାବୀର ଗୋ" (୬/୫)

ବକାସୁରର ଭଗିନୀ ପୂତନା କଂସ ଦ୍ୱାରା ଶ୍ରୀକୃଷ୍ଣଙ୍କୁ ବଧ କରିବା ପାଇଁ ପ୍ରେରିତ ହୋଇଥିଲା। କପଟରେ ସ୍ତନ ପାନ ମାଧ୍ୟମରେ ଶ୍ରୀକୃଷ୍ଣଙ୍କୁ ବିଷ ଦେବାବେଳେ ଶ୍ରୀକୃଷ୍ଣ କ୍ଷୀର ସହିତ ତା'ର ପ୍ରାଣ ଶୋଷଣ କରିଥିଲେ।

କୃଷ୍ଣଙ୍କର ନିଧନ ନିମନ୍ତେ କଂସ ଦ୍ୱାରା ପ୍ରେରିତ ହୋଇଥିଲା ଶକଟାସୁର। କୃଷ୍ଣଙ୍କ ଜନ୍ମ ଦିନରେ ଯଶୋଦା ତାଙ୍କୁ ଶଗଡ଼ ତଳେ ଶୁଆଇ ଦେଇଥିଲେ। ଶ୍ରୀକୃଷ୍ଣଙ୍କ ଗୋଡ଼ ଶଗଡ଼ରେ ବାଜିବାରୁ ଶଗଡ଼ଟି ନିଜର ଆସୁରିକ ସ୍ୱରୂପ ପ୍ରକଟ କରି ମୃତ୍ୟୁବରଣ କଲା। ବୃନ୍ଦାବନରେ କଂସ ପ୍ରେରିତ ଏକ ଅସୁର ବତ୍ସା ରୂପ ଧରି ବୁଲୁଥିଲା। ଶ୍ରୀକୃଷ୍ଣ ଏକଥା ଜାଣିପାରି ତା'ର ବିନାଶ କରିଥିଲେ। ପୁନଶ୍ଚ କଂସର ବିଶ୍ୱସ୍ତ ସେନାପତି ଅଘାସୁର ଅଜଗର ସାପ ରୂପ ଧରି ଶ୍ରୀକୃଷ୍ଣଙ୍କର କ୍ଷତି ଇଚ୍ଛା କରିବାରୁ ଶ୍ରୀକୃଷ୍ଣ ତାକୁ ନିଧନ କରିଥିଲେ। ଏହିପରି ବହୁ ଅସୁରଙ୍କୁ ବିନାଶ କରିବା ହେତୁ ଶ୍ରୀକୃଷ୍ଣଙ୍କର ଅଶେଷ ମହିମା ପୁରାଣରେ ବର୍ଣ୍ଣିତ ହୋଇଛି। ଶିଶୁଶଙ୍କର ପୁରାଣକୁ ଅବଲମ୍ବନ କରି ଏପରି ବର୍ଣ୍ଣନାକୁ ଉଚ୍ଚ ଆସନ ଦେଇଛନ୍ତି। କାଳୀୟଦଳନ, ଅଷ୍ଟମଲ୍ଲ ନିଧନ, ଯାମଳାର୍ଜୁନଭଞ୍ଜନ, ଇନ୍ଦ୍ରଗର୍ବ ଗଞ୍ଜନ କଥା କବି ସଂକ୍ଷେପରେ ଉପସ୍ଥାପନ କରିଛନ୍ତି। କବିଙ୍କ ଭାଷାରେ -

"କୁବେର ନନ୍ଦନ କଲେ ଶାପରୁ ମୁକତ
ଗିରିତୋଳି ସୁର ପତି ଗର୍ବ କଲେ ହତ ଗୋ" (୬/୭)

ଦ୍ୱାଦଶ ଛାନ୍ଦରେ ଶୋଣିତପୁରରେ ଶ୍ରୀକୃଷ୍ଣ ସୈନ୍ୟମାନଙ୍କ ସହ ପହଞ୍ଚିଲେ। ଶ୍ରୀକୃଷ୍ଣ ଓ ବାଣାସୁର ମଧ୍ୟରେ ପ୍ରବଳ ସଂଗ୍ରାମ ହେଲା। ଶେଷରେ ପରାଜିତ ହେଲେ ବାଣାସୁର। ଶ୍ରୀକୃଷ୍ଣଙ୍କର ମହିମା ବହୁଗୁଣିତ ହେଲା। ଶ୍ରୀକୃଷ୍ଣ ଆଡ଼ମ୍ବର ସହକାରେ ଉଷା ଓ ଅନିରୁଦ୍ଧଙ୍କୁ ଆଣି ଦ୍ୱାରକାପୁରକୁ ପ୍ରତ୍ୟାବର୍ତ୍ତନ କଲେ। କାବ୍ୟର ଶେଷରେ ପୁନଶ୍ଚ କବି ଶ୍ରୀଜଗନ୍ନାଥଙ୍କର ବନ୍ଦନା କରିଛନ୍ତି। କବିଙ୍କ ଭାଷାରେ -

"ନୀଳଗିରି ନାୟକ-କମଳାଦେବୀ ପତି
ତାହାର ପଦ୍ମପାଦକୁ ଭକ୍ତୁ ମୋର ମତି
କହଇ ଶିଶୁଶଙ୍କର ତୁଚ୍ଛ ବୁଦ୍ଧିହୀନ
ଦ୍ୱାଦଶ ଛାନ୍ଦରେ ଉଷା ହୋଇଲା ସମ୍ପୂର୍ଣ୍ଣ।" (୧୨/୧୬)

ଉଷାଭିଳାଷ କାବ୍ୟରେ ପରମ୍ପରାର ପ୍ରଭାବ :

ପ୍ରତ୍ୟେକ କବି ପୂର୍ବସ୍ୱରୀମାନଙ୍କ ଦ୍ୱାରା ପ୍ରଭାବିତ ହୋଇଥାନ୍ତି। ପରମ୍ପରାର ପ୍ରଭାବକୁ କୌଣସି କବି ଅସ୍ୱୀକାର କରିପାରେ ନାହିଁ, କବି ଚିତ୍ତରସ୍ନିଗ୍ଧଲଳିତ ଅନୁଭବ, ମୁଗ୍ଧମଧୁର ଅଭିବ୍ୟକ୍ତି ଭାବରେ କାବ୍ୟରେ ରହି କାବ୍ୟକୁ କାଳଜୟୀ କରିଥାଏ। ସେହି ଅଭିବ୍ୟକ୍ତିର ସ୍ୱର ଓ ସ୍ୱାକ୍ଷର ସମସାମୟିକ ତଥା ପରବର୍ତ୍ତୀ କବିମାନଙ୍କର ମନରେ ରେଖାପାତ କରେ। ଅତଏବ ପ୍ରତ୍ୟେକ କବି ଜଣେ ଜଣେ ସଫଳ ପାଠକ। ପଠନ, ମନନ, ଅନୁଶୀଳନ ମାଧ୍ୟମରେ କବି କେତେ ତଥ୍ୟ ଆହରଣ କରିଥାନ୍ତି ପୂର୍ବସ୍ୱରୀଙ୍କ ଲେଖା ମଧ୍ୟରୁ। ସେହି ସଂଗୃହୀତ ତଥ୍ୟ ଓ ନିଜଦ୍ୱାରା ଉପଲବ୍ଧ ସତ୍ୟକୁ ନିଜସ୍ୱ ଶୈଳୀରେ କବି ଉପସ୍ଥାପନା କରିଥାନ୍ତି। ପରବର୍ତ୍ତୀ ସମୟରେ କବିଗଣ ଏହା ଦ୍ୱାରା ପ୍ରଭାବିତ ହୋଇଥାନ୍ତି।

ତେଣୁ କୁହାଯାଏ,

"ନାସ୍ତ୍ୟ ଚୌର କବିଜନଃ
ନାସ୍ତ୍ୟ ଚୌର ବଣିଗ୍‌ଜନଃ"।

ସାହିତ୍ୟରେ ଭାବ ଓ ଭାବନାର ଆହରଣ ଧର୍ତ୍ତବ୍ୟ ଅପରାଧ ନୁହେଁ।

କବି ସୃଷ୍ଟିର ମହତ୍ତ୍ୱ ସ୍ୱତନ୍ତ୍ର ଓ ଅସାଧାରଣ। ବ୍ରହ୍ମାଙ୍କ ସୃଷ୍ଟି ଠାରୁ ଏହାର ରୂପ ଓ ରୁଚିରେ ଅଭିନବତ୍ୱ ଅନୁଭବ୍ୟ। ମମ୍ମଟ 'କାବ୍ୟ ପ୍ରକାଶ' ଗ୍ରନ୍ଥରେ ଉଲ୍ଲେଖ କରିଛନ୍ତି -

"ନିୟତିକୃତ ନିୟମରହିତାଂ ହ୍ଲାଦେକମୟୀ ମନନ୍ୟପରତନ୍ତ୍ରାମ
ନବରସ ରୁଚିରାଂ ନିର୍ମିତା ମାଦଧତୀଭାରତୀ କବେର୍ଜୟତି"

ଅର୍ଥାତ ବ୍ରହ୍ମାଙ୍କ ସୃଷ୍ଟି ନିୟମ ସହିତ, କିନ୍ତୁ କବି ସୃଷ୍ଟି ନିୟମ ରହିତ। କବି ସୃଷ୍ଟିରେ କେବଳ ଆନନ୍ଦ ରହିଛି, ବ୍ରହ୍ମାଙ୍କ ସୃଷ୍ଟିରେ ଦୁଃଖ ଓ ସୁଖ ଉଭୟ ରହିଛି। ବ୍ରହ୍ମାଙ୍କର ସୃଷ୍ଟି ପାଇଁ କାରଣ ଆବଶ୍ୟକ। କିନ୍ତୁ କବି ସୃଷ୍ଟି ପାଇଁ କୌଣସି କାରଣର ଆବଶ୍ୟକତା ନାହିଁ। କବି ମାତ୍ରେ ଆହରଣପ୍ରିୟ। ଆଲୋଚ୍ୟ କାବ୍ୟ ଉଷାଭିଳାଷର କବି ଶିଶୁଶଙ୍କର ମଧ୍ୟ ତାଙ୍କର ପୂର୍ବ ସୂରୀମାନଙ୍କ ଦ୍ୱାରା କେତେକାଂଶରେ ପ୍ରଭାବିତ ହୋଇଛନ୍ତି। କଥାବସ୍ତୁ ଆହରଣ କ୍ଷେତ୍ରରେ ସେ ସାରଳା ଦାସ, ଭାଗବତକାର ଜଗନ୍ନାଥ ଦାସଙ୍କ ଦ୍ୱାରା ପ୍ରଭାବିତ।

'ଉଷାଭିଳାଷ' କାବ୍ୟରେ ଅନୁଭୂତ ପାରମ୍ପରିକ ପ୍ରଭାବକୁ ମୁଖ୍ୟତଃ ଦୁଇ ଭାଗରେ ବିଭକ୍ତ କରାଯାଇପାରେ। ପ୍ରଥମତଃ ସଂସ୍କୃତ କାବ୍ୟମାନଙ୍କର ପ୍ରଭାବ ଏବଂ ଦ୍ୱିତୀୟତଃ ଓଡ଼ିଆ କାବ୍ୟମାନଙ୍କର ପ୍ରଭାବ।

ଉଷାଭିଳାଷ କାବ୍ୟରେ ସଂସ୍କୃତ କାବ୍ୟାଦର୍ଶ ପ୍ରତି ଅନୁରକ୍ତି ପ୍ରକଟନ କରାଯାଇଛି। ଅଦୌ ଆଶୀନମସ୍କ୍ରିୟା ପର୍ଯ୍ୟାୟରେ କବି ଶ୍ରୀଜଗନ୍ନାଥଙ୍କୁ ସ୍ମରଣ କରି କହିଛନ୍ତି -

"ଶ୍ରୀ ପୁରୁଷୋତ୍ତମ ପବିତ୍ରଦେଶେ
ନୀଳ ମହୀଧର ନାମ ପ୍ରକାଶେ
ଅଶେଷ ବ୍ରହ୍ମାଣ୍ଡ ଭୂରୁହ କନ୍ଦ
ତଥିରେ ବିଜୟ ପରମାନନ୍ଦ"

ବସ୍ତୁ ନିର୍ଦ୍ଦେଶ କ୍ରମରେ ଶିଶୁଶଙ୍କର ଉଲ୍ଲେଖ କରିଛନ୍ତି ଯେ -

"ଛନ୍ଦିବି ଛାନ୍ଦ ଉଷା ଅଭିଳାଷ
ରସିକଜନକଙ୍କ ବିନୋଦବାସ
ଶ୍ରୀକୃଷ୍ଣଙ୍କ ଚରିତ ବିଚିତ୍ରରସ
ଫୁରୁ ଭାଷାମତେ ମଧୁର ରସ"

ସାଧୁ ସ୍ତୁତି ଓ ଖଳନିନ୍ଦା ସଂସ୍କୃତ କାବ୍ୟାଦର୍ଶର ଅନ୍ୟତମ ବିଭବ। ଏହି କାବ୍ୟାଦର୍ଶ ଅନୁସାରେ ମଧ୍ୟଯୁଗୀୟ ଓଡ଼ିଆ କାବ୍ୟରେ ପ୍ରଥମ ଛାନ୍ଦରେ ଗୁଣୀଜନଙ୍କର ପ୍ରଶଂସା କରାଯିବା ସଂଗେ ସଂଗେ ଦୁର୍ଜନମାନଙ୍କର ନିନ୍ଦା କରାଯାଏ। କବି ଶିଶୁଶଙ୍କର ଦୁଷ୍ଟଲୋକଙ୍କର ଦୁର୍ଗୁଣ ସମ୍ପର୍କରେ ସଚେତନତା ପ୍ରକଟ କରିଛନ୍ତି। ତାଙ୍କ ମତରେ-

"ସର୍ପସ୍ୱରୂପ ହୋଏ ଖଳଜନ
ଯଦି ଦେଇ ତାକୁ କ୍ଷୀର ଭୋଜନ"

ଶୋଣିତପୁରର ବର୍ଣ୍ଣନା ଅବକାଶରେ କବି ଶିଶୁଶଙ୍କର ଉଦ୍ୟାନକୁ ନନ୍ଦନବନ ଠାରୁ ଉତ୍ତମ ବୋଲି ଅବିହିତ କରିଛନ୍ତି। ସେଠାରେ ଷଡ଼ଋତୁ ବିଶ୍ରାମ କରିବା କଥା କବି ଉଲ୍ଲେଖ କରିଛନ୍ତି। ଷଡ଼ଋତୁର ଏକତ୍ର ଅବସ୍ଥାନ ବାସ୍ତବତା ଦୃଷ୍ଟିରୁ ସମୀଚିନ ନହେଲେ ମଧ୍ୟ କବି କଳ୍ପନାରେ ଅସମ୍ଭବ ନୁହେଁ। ଦ୍ୱିତୀୟ ବ୍ରହ୍ମା ଭାବରେ ପରିଚିତ କବି କଳ୍ପନାରେ ଅସମ୍ଭବ ବୋଲି କିଛି ନାହିଁ, କବି ପ୍ରସିଦ୍ଧି ଅନୁସାରେ ପ୍ରଭାବିତ ହୋଇ କବି ଲେଖନୀ ଷଡ଼ଋତୁର ଏକତ୍ର ସମାବେଶ ଏକ ସମୟରେ ଏକ ପରିବେଶରେ ଘଟାଇପାରେ। କବି ଗୁରୁ କାଳିଦାସ ଷଡ଼ଋତୁର ସମାବେଶ ସ୍ୱରଚିତ ମେଘଦୂତ ଖଣ୍ଡକାବ୍ୟରେ କରିଛନ୍ତି। ଅଳକା ନଗରୀର ଅଙ୍ଗନାମାନେ ଯେଉଁ ସବୁ ଫୁଲ ଅଳଙ୍କାର ରୂପେ ପରିଗ୍ରହଣ କରିଛନ୍ତି, ତାହା ଗୋଟିଏ ଋତୁର ଫୁଲ ନୁହେଁ, ତାହା ଛଅଋତୁର ଫୁଲ ବୋଲି ଜଣାଯାଏ। କାଳିଦାସଙ୍କ ଭାଷାରେ -

"ହସ୍ତେଲୀଳାକମଳମଳକେ ବାଳକୁଂଦାନୁ ବିଦ୍ଧଂ
ନୀତା ଲୋଧ୍ର ପ୍ରସବରଜସା ପାଣ୍ଡୁତାମାନନେଶ୍ରୀଃ
ଚୂଡ଼ାପାଶେ ନବକୁରୁବକଂ ଚାରୁକର୍ଣ୍ଣେ ଶିରୀଷଂ
ସୀମନ୍ତେ ଚ ତ୍ୱଦୁପଗମଜଂ ଯତ୍ର ନୀପଂ ବଧୂନାମ୍"

ଦ୍ୱାଦଶ ଶତାବ୍ଦୀରେ ବିରଚିତ ଗୀତଗୋବିନ୍ଦ ଗ୍ରନ୍ଥର ପ୍ରଭାବ ଉଷାଭିଳାଷ କାବ୍ୟରେ ପରିଲକ୍ଷିତ ହୁଏ। ଗୀତଗୋବିନ୍ଦରେ ଶ୍ରୀକୃଷ୍ଣଙ୍କର ରାଧାଙ୍କ ପ୍ରତି ଉକ୍ତିର ପ୍ରଭାବରେ ପ୍ରଭାବିତ ହୋଇଛନ୍ତି କବି ଶିଶୁଶଙ୍କର।

ଜୟଦେବଙ୍କ ଭାଷାରେ -

"ତ୍ୱମସି ମମଭୂଷଣଂ ତ୍ୱମସି ମମଜୀବନଂ
ତ୍ୱମସି ମମ ଭବ ଜଳଧିରତ୍ନମଂ
ଭବତୁ ଭବତୀହମୟି ସତତ ମନୁରୋଧିନୀ
ତତ୍ର ମମ ହୃଦୟମତିଯତ୍ନମଂ"

କବି ଶିଶୁଶଙ୍କରଙ୍କର ଉଷାଭିଳାଷ କାବ୍ୟର ସପ୍ତମ ଛାନ୍ଦରେ ନାୟକ ଅନିରୁଦ୍ଧ ଉଷାକୁ କହିଛି-

"ତୁ ମୋର ଚାରୁଚନ୍ଦନ ତୁ ମୋର ଶିର ବନ୍ଦନ
ତୁ ମୋର ମଦନ ଜଳ ନିଧି ତରଣୀ
ତୁ ମୋ ଗଳେ ବନମାଳ ତୁ ମୋର ବୀର୍ଯ୍ୟବଳ
ତୁ ମୋର ଭବ-ବିଭବ-ସୁଖସରଣୀ
ତୁ ମୋର ସବୁ ରମଣି !
ମୁଁ ତୋହର ପରିଚାର କି କେ ନଗଣି"

ସମ୍ଭୋଗ ଶୃଙ୍ଗାର ବର୍ଣ୍ଣନାର ଉପସ୍ଥାପନା ଉଷାଭିଳାଷ କାବ୍ୟରେ ସ୍ଥାନ ପାଇଛି। ରତିକ୍ରୀଡ଼ା ପରେ କାବ୍ୟନାୟକ ଅନିରୁଦ୍ଧ ସ୍ୱହସ୍ତରେ ନାୟିକାର ବିପର୍ଯ୍ୟସ୍ତ ବେଶବାସ ସଜାଡ଼ି ଦେଇ ପାଇଛି ଅମ୍ଳାନ ଆନନ୍ଦ। ପାଦରେ ମର୍କତ ନୂପୁର ଖଞ୍ଜି, ଅଳତାରେ ରଞ୍ଜି ଦେଇଛି ନାୟିକାର ପାଦଧାରକୁ। ଏପରି ବର୍ଣ୍ଣନାର ଅବକାଶରେ କବି ଶିଶୁଶଙ୍କର ଗୀତଗୋବିନ୍ଦ ଗ୍ରନ୍ଥ ଦ୍ୱାରା ପ୍ରଭାବିତ ହେବାର ଜଣାଯାଏ। କବିଶ୍ରୀଜୟଦେବ ସ୍ୱରଚିତ ଗୀତଗୋବିନ୍ଦରେ ଦ୍ୱାଦଶ

ସର୍ଗରେ ଶ୍ରୀକୃଷ୍ଣ ଶ୍ରୀରାଧାଙ୍କୁ ବେଶଭୂଷଣରେ ସୁସଜ୍ଜିତ କରିଛନ୍ତି। କଜ୍ୱଳ ଦେଇ ଆଖିକୁ ଉଜ୍ଜ୍ୱଳ କରିବାକୁ ରାଧା କହିଛନ୍ତି। ଅଳକାକୁ ସଜାଡ଼ି ଦେବା ପାଇଁ ରାଧା କହିଛନ୍ତି। କାନରେ କୁଣ୍ଡଳ ଖଞ୍ଜିବାକୁ ମଧ୍ୟ ସେ କହିଛନ୍ତି। 'ଗୀତଗୋବିନ୍ଦ'ରେ ରାଧା ଶ୍ରୀକୃଷ୍ଣଙ୍କୁ କହିଛନ୍ତି -

"କୁରୁ ଯଦୁନନ୍ଦନ ଚନ୍ଦନ ଶିଶିର ତରେଣ କରେଣ ପୟୋଧରେ
ମୃଗମଦ ପତ୍ରକମତ୍ର ମନୋଭବ ମଙ୍ଗଳ କଳଶ ସହୋଦରେ
ନିଜଗାଦସା ଯଦୁନନ୍ଦନେ କ୍ରୀଡ଼ତି ହୃଦୟା ନନ୍ଦନେ।"

କବି ଶିଶୁଶଙ୍କର ଅଷ୍ଟମ ଛାନ୍ଦରେ ଉଲ୍ଲେଖ କରିଛନ୍ତି ଯେ -

"ପୀନ କୁଚରେ ପତ୍ରାବଳି ଲିହି
ତହିଁ ମନକୁ ଥୋଇଲା ଲୁଚାଇ।"

(୮/୪୩)

ଉଷାଭିଳାଷରେ ଓଡ଼ିଆରେ ଭାଷାରେ ବିରଚିତ ଗ୍ରନ୍ଥମାନଙ୍କ ଭିତରୁ ସାରଳା ମହାଭାରତ, ଭାଗବତର ପ୍ରଭାବ ବହୁଳ ଭାବରେ ଦେଖିବାକୁ ମିଳେ। ସାରଳା ମହାଭାରତରେ ଥିବା ବାଣାସୁର କନ୍ୟା ଉଷାର ତନୁଲାବଣ୍ୟ ବର୍ଣ୍ଣନା କବି ଶିଶୁଶଙ୍କରଙ୍କୁ ପ୍ରଭାବିତ କରିଛି। ସାରଳା ଦାସ ନାୟିକାର ବିଭିନ୍ନ ଅଙ୍ଗର ସୌନ୍ଦର୍ଯ୍ୟ ବର୍ଣ୍ଣନା ଅବକାଶରେ କାମୋଦ୍ଦୀପକ ଭାବର ସୂଚନା ଦେଇଛନ୍ତି। ଅନୁରୂପ ଭାବରେ ଶିଶୁଶଙ୍କର ସ୍ୱରଚିତ କାବ୍ୟରେ ନାୟିକାର ଶୋଭା ବିଭବ ଉପସ୍ଥାପନାରେ କାମୋଦ୍ଦୀପକ ଭାବର ସୂଚନା ପ୍ରଦାନ କରିଛନ୍ତି। ସାରଳା ମହାଭାରତରେ ଉଷାର ସଖୀ ଚିତ୍ରରେଖା ନାରଦ ପ୍ରଦତ୍ତ ମନ୍ତ୍ରକୁ ସ୍ମରଣ କରି ଦ୍ୱାରକା ଗମନ କରିଛି। ଉଷାଭିଳାଷର ଚିତ୍ରଲେଖା ଶ୍ରୀକୃଷ୍ଣଙ୍କ ନାମ ସ୍ମରଣ ପୂର୍ବକ ଅନିରୁଦ୍ଧ ହରଣ କ୍ରିୟା ସମ୍ପାଦନ କରିଛି। ମନ୍ତ୍ର ସ୍ମରଣ ଉଭୟ ଗ୍ରନ୍ଥରେ କାର୍ଯ୍ୟ ସିଦ୍ଧିରେ ମାଧ୍ୟମ ହୋଇଛି। ଚିତ୍ରଲେଖାର ଏହି ମନ୍ତ୍ର ବିଦ୍ୟା ବଳରେ ଅସାଧ୍ୟ ସାଧନ କ୍ରିୟା ଶିଶୁଶଙ୍କର ଆଣିଛନ୍ତି ସାରଳା ମହାଭାରତରୁ, ଏହା ସ୍ୱୀକାରଯୋଗ୍ୟ।

ଓଡ଼ିଆ ଭାଗବତରେ ଉପସ୍ଥାପିତ ଉଷା ଅନିରୁଦ୍ଧ ବିବାହ ପ୍ରସଙ୍ଗ ଦ୍ୱାରା କବି ପ୍ରଭାବିତ ହୋଇଥିବା କଥା ଜଣାଯାଏ। ଦ୍ୱାରକାରୁ ଅନିରୁଦ୍ଧ ଅନ୍ତର୍ହିତ ହେବାର ଚାରି ମାସ ପରେ ନାରଦ ଅନିରୁଦ୍ଧର ସ୍ଥିତି ସମ୍ପର୍କରେ ଦ୍ୱାରକାରେ ସମ୍ବାଦ ଦେଇଛନ୍ତି। ଏହା ଭାଗବତରେ ଉଲ୍ଲେଖ କରାଯାଇଛି। ଏହାର ପ୍ରଭାବରେ ପ୍ରଭାବିତ ହୋଇ କବି ଶିଶୁଶଙ୍କର ମଧ୍ୟ ଏପରି ପ୍ରସଙ୍ଗର ଉପସ୍ଥାପନା କରିଛନ୍ତି।

ମହାଭାରତ ଓ ଭାଗବତରେ ଉଷାର ସଖୀର ନାମ ଚିତ୍ରରେଖା ଥିବାବେଳେ ବ୍ରହ୍ମବୈବର୍ତ୍ତ ପୁରାଣରେ ତା'ର ନାମ ରହିଛି ଚିତ୍ରଲେଖା। ଉଷାଭିଳାଷ କାବ୍ୟରେ ଶିଶୁଶଙ୍କର ଏହାର ନାମ ଚିତ୍ରଲେଖା ରଖିଛନ୍ତି। ପୁନଶ୍ଚ କାବ୍ୟ ପରିମଳା ଦ୍ୱାରା କବି ଶିଶୁଶଙ୍କର ପ୍ରଭାବିତ ହେବା କଥା ଜଣାଯାଏ। ମାନନୀ ନାରୀମାନ ତ୍ୟାଗ କଲେ ସୁନ୍ଦର ଦିଶିବା କଥା ପରିମଳାରେ ଯେପରି ଉପସ୍ଥାପିତ ହୋଇଛି, ଉଷାଭିଳାଷ କାବ୍ୟରେ ମଧ୍ୟ ଅନୁରୂପ ଭାବରେ ତାହା ଉପସ୍ଥାପିତ ହୋଇଛି।

ପରବର୍ତ୍ତୀ ସାହିତ୍ୟରେ ଉଷାଭିଳାଷର ପ୍ରଭାବ :

ସାହିତ୍ୟ ଏକ ଶାଶ୍ୱତ ନିରବଚ୍ଛିନ୍ନ ପ୍ରବାହ। ସମୟରୁ ସମୟକୁ ତା'ର ଗତିପଥ ପ୍ରଶସ୍ତ ତଥା ଉନ୍ମୁକ୍ତ ହୋଇଥାଏ। ପୂର୍ବସୂରୀଙ୍କ ଦ୍ୱାରା ପ୍ରଭାବିତ ହେବା ସାହିତ୍ୟ ସ୍ରଷ୍ଟାଙ୍କ ପକ୍ଷରେ ଅସମ୍ମାନଜନକ ନୁହେଁ। ଉଷାଭିଳାଷ କାବ୍ୟ ଦ୍ୱାରା ମଧ୍ୟ ପରବର୍ତ୍ତୀ ସାହିତ୍ୟ ସ୍ରଷ୍ଟାମାନେ ଅଳ୍ପେ ବହୁତେ ପ୍ରଭାବିତ ହୋଇଛନ୍ତି। କବି ସମ୍ରାଟ ଉପେନ୍ଦ୍ରଭଞ୍ଜଙ୍କର ଲାବଣ୍ୟବତୀରେ ଥିବା ସ୍ୱପ୍ନ ଦର୍ଶନ ବୃତ୍ତାନ୍ତ ଏ ପରିପ୍ରେକ୍ଷୀରେ ସ୍ମରଣୀୟ। ଲାବଣ୍ୟବତୀ ସ୍ୱପ୍ନରେ ତା'ର ନାୟକକୁ ଦେଖି ନିଦ ଭାଙ୍ଗିଲା ପରେ ଯେପରି ପ୍ରତିକ୍ରିୟା ପ୍ରକଟ କରିଛି, ଉଷା ସେପରି ପ୍ରତିକ୍ରିୟା ପ୍ରକଟ କରିଛି ଉଷାଭିଳାଷ

କାବ୍ୟରେ। ଉଷାଭିଳାଷର ପଞ୍ଚମ ଛାନ୍ଦରେ କବି କହିଛନ୍ତି -

"ପଲଙ୍କ ତେଜିଣ ଉଠିଲା ସୁମୁଖୀ ସପନ ସଙ୍କେତ ପାଇଣ
ଆହା ! ପ୍ରାଣନାଥ କେଣେ ଗଲୁ ବୋଲି ଉଚ୍ଚସ୍ୱରରେ କରେ କାରୁଣ୍ୟ
ଦଇବ; ଦେଖାଇ ନିଧି ହରିନେଲୁ
ଶିଶୁ କୁମାରୀ ମୁଁ କିଛି ନ ଜାଣଇ କିମ୍ପାଇ ମତେ ଏହା କଲୁ।"

ଏହାର ପ୍ରଭାବରେ ପ୍ରଭାବିତ ହୋଇ ଭଞ୍ଜ କବି ଲେଖିଛନ୍ତି ଲାବଣ୍ୟବତୀ କାବ୍ୟରେ -

"ଚେତି ଚତୁରୀ ଚାହିଁଲା ନିଶିନାଶେ ପାଶେ ନାହିଁ ଦିବ୍ୟତରୁଣ
ମାରି ହୃଦେ ହାତ ନାଥ ନାଥ ବୋଲି ଅତି ଉଚ୍ଚେ କଲା କାରୁଣ୍ୟ
ଖୋଜେ ଅଧୀରେ, ଚେତନାହତ ସେ ବିଧିରେ
ଶେଯ ଲେଉଟାଇ କବରୀ ଫିଟାଇ କର ଭରି କୁଚ ସନ୍ଧିରେ।"

ଅନଙ୍ଗରେଖା କାବ୍ୟଟି ଧନଞ୍ଜୟ ଭଞ୍ଜଙ୍କର ଏକ ଅମ୍ଲାନ କୃତି। କବି ଏହି କାବ୍ୟରେ ନାୟିକା ଅନଙ୍ଗରେଖାର ସ୍ୱପ୍ନଦର୍ଶନ ପ୍ରସଙ୍ଗ ବର୍ଣ୍ଣନା କରିଛନ୍ତି। ସ୍ୱପ୍ନ ଭଙ୍ଗ ପରେ ନାୟିକାର ଅବସ୍ଥା ହୋଇଛି ଅତ୍ୟନ୍ତ ମର୍ମନ୍ତୁଦ। ଆକୁଳ ଚିତ୍ତରେ ସେ ନାୟକକୁ ଖୋଜିଛି ଚତୁଃପାର୍ଶ୍ୱରେ। କବିଙ୍କ ଭାଷାରେ -

"ଶୁଣ ରସିକ ଜନେ ଯୁବତୀ ରୀତି
ନିଦ୍ରା ଶେଷରେ ହେଲା ଉତ୍ସୁକମତି
ଚେତି ଦେଖିଲା ନାହିଁ କୁମର ବର
କ୍ଷଣେ ଚକିତ ତନୁ କମ୍ପିତ ଭର ଯେ
x x x x
ଅତି ଆକୁଳ ହୋଇ ବୋଲଇ ବାଳା
କାହିଁ ଗଲ ହେ ମୋର ହୃଦୟ ମାଳା।"

ଏହି ବର୍ଣ୍ଣନା ପ୍ରସଙ୍ଗରେ କବି ଧନଞ୍ଜୟ ଭଞ୍ଜ ତାଙ୍କ ପୂର୍ବ ସୂରୀ ଶିଶୁଶଙ୍କରଙ୍କ ଦ୍ୱାରା ପ୍ରଭାବିତ ହୋଇଛନ୍ତି। ପ୍ରାକ୍‌ରୀତି ସାହିତ୍ୟର ଅନ୍ୟତମ କବି ପଦ୍ମନାଭ ନରେନ୍ଦ୍ର ସ୍ୱରଚିତ କାବ୍ୟ ଶଶିରେଖାରେ ନାୟିକାର ସ୍ୱପ୍ନଭଙ୍ଗ ପ୍ରସଙ୍ଗ ବର୍ଣ୍ଣନା ଅବକାଶରେ ବିରଚିତ ଉଷାଭିଳାଷର ଏହି ବର୍ଣ୍ଣନା ଦ୍ୱାରା ପ୍ରଭାବିତ ହେବାର ଜଣାଯାଏ। ଶଶିରେଖାରେ କବି କହନ୍ତି -

"ଚେତି ସଜନୀ ରଜନୀ ବିନାଶ ଚାହିଁ
ଦେଖିଲା ପଲଙ୍କେ ଯୁବା ପୁରୁଷ ନାହିଁ
ହୃଦୟରେ କର ମାରି କରେ କାରୁଣ୍ୟ
ବୋଇଲେ ଦଇବ ତୁହି ଏଡ଼େ ଦାରୁଣ"

ଉଷାଭିଳାଷ କାବ୍ୟର ପ୍ରଭାବ ଅନ୍ୟ ପ୍ରସଙ୍ଗରେ ପରବର୍ତ୍ତୀ କବିଙ୍କୁ ପ୍ରଭାବିତ କରିଛି। ବାଣାସୁରକୁ ପରାସ୍ତ କରି ଶ୍ରୀକୃଷ୍ଣ ଓ ବଳରାମ ଦ୍ୱାରକା ନଗରକୁ ଉଷା ଓ ଅନିରୁଦ୍ଧଙ୍କୁ ଆଣି ଫେରି ଆସିବା ବେଳର ବର୍ଣ୍ଣନା କବିଙ୍କ ଲେଖନୀରେ ହୋଇଛି ଅତ୍ୟନ୍ତ ଆକର୍ଷଣୀୟ। ଦ୍ୱାରକାର ପୁରନାରୀମାନେ ଉତ୍କଣ୍ଠାର ସହ ଅପେକ୍ଷାରତ ଉଷା ଅନିରୁଦ୍ଧଙ୍କୁ ଦେଖିବା ପାଇଁ। ବେଶବାସ ଅସମ୍ଭାଳ ହୋଇ କୁଳବଧୂମାନେ ତରତରରେ ଆସି ଗବାକ୍ଷ ଫାଙ୍କରେ ଚାହିଁ ରହିବାର ଦୃଶ୍ୟକୁ କବି ଶିଶୁଶଙ୍କର ମନୋଜ୍ଞ ଭାବରେ ଚିତ୍ରଣ କରିଛନ୍ତି। କବିଙ୍କ ଭାଷାରେ -

"ଆସନ୍ତି ଯୁବତୀ ଏକ ଆରେକକୁ ରାଇ

ଗୁରୁ ଗଉରବ ତେଜନ୍ତି ଉସ୍ଲୁକ ବଢ଼ାଇ
ହାର ଗୁନ୍ଥୁଥିଲା କେହୁ ହରାଇଲା ବାଟେ
ବସନ ଅଧେ ଫିଟିଲା ଧାଇଁବା ଉଚ୍ଚାଟେ
ବୀଣା ବାଉଥିଲା କେହୁ ରାମା ଛାଡ଼ିଗଲା
ବିଭ୍ରମେ କୁଚ ଆଉଁସେ ତୁମ୍ବୀମଣି ବାଳା
କୁଳବଧୂମାନେ ଜଳା ଗବାକ୍ଷରେ ଚାହିଁ
ବିହି ପ୍ରଶଂସା କରନ୍ତି ଏକଯୋଗ ହୋଇ।"

ଅନୁରୂପ ଉତ୍କଣ୍ଠିତ ପରିବେଶ ଚିତ୍ରିତ ହୋଇଛି ଧନଞ୍ଜୟଙ୍କର ରଘୁନାଥ ବିଳାସ ଗ୍ରନ୍ଥରେ। ରାମଚନ୍ଦ୍ର ଓ ଲକ୍ଷ୍ମଣ ମିଥିଳାର ରାଜଦାଣ୍ଡରେ ଗମନ କଲାବେଳେ ତାଙ୍କୁ ଦେଖିବା ପାଇଁ ପୁରନାରୀଙ୍କ ମନରେ ସୃଷ୍ଟି ହୋଇଛି ସୀମାହୀନ ଉତ୍କଣ୍ଠା। ବିପର୍ଯ୍ୟସ୍ତ ବେଶବାସରେ ସେମାନେ ଧାଇଁ ଆସିଛନ୍ତି ରାମ ଲକ୍ଷ୍ମଣଙ୍କୁ ଦେଖିବା ପାଇଁ। କବି ଧନଞ୍ଜୟଙ୍କ ଭାଷାରେ -

"ପିନ୍ଧି ନ ପାରି ବାସ ଧାଇଁଲା ବେଗେ
ଅଧିକ ଲୋଟୁଅଛି ଅବନୀ ଭାଗେ
x x x x
କର ବଳୟ କାଞ୍ଚି ଖଞ୍ଜିଲା ପାଦେ
ଧାବନ୍ତେ ପାଦ ଶୋଭା କଙ୍କଣନାଦେ।"

ଏପରି ବର୍ଣ୍ଣନାରେ ଉଷାଭିଳାଷର ପ୍ରଭାବ ଯେ ରହିଛି ତାହା ଅସ୍ୱୀକାର କରିହେବ ନାହିଁ। ମଥୁରା ମଙ୍ଗଳ କାବ୍ୟରେ ମଥୁରାର ରାଜଦାଣ୍ଡ ଶୋଭାମୟ ହୋଇଛି ରାମକୃଷ୍ଣଙ୍କ ଉପସ୍ଥିତିରେ। ଦିଗ ଦିଗନ୍ତରେ ଅପୂର୍ବ ଆନନ୍ଦର ଉଜୁଳ ପ୍ଲାବନ ସୃଷ୍ଟି ହୋଇଛି। ରାମକୃଷ୍ଣଙ୍କୁ ଦେଖିବା ପାଇଁ ପୁରବାସିନୀମାନେ ଅସୀମ ଉତ୍ସାହର ସହିତ ଆଗେଇ ଆସିଛନ୍ତି। ବିଭ୍ରମିତ ହୋଇ ହସ୍ତ ଅଳଙ୍କାର ପାଦରେ ଓ ପାଦ ଅଳଙ୍କାର ହାତରେ ପିନ୍ଧିବା କଥା କବି ଉଲ୍ଲେଖ କରିଛନ୍ତି। କବିଙ୍କ ଭାଷାରେ -

"କେବଣ ନାରୀ ସୁଝୀନ ଶାଢ଼ୀ ସୁବେଶ ହେଉଥିଲା
ଅଧେ ଧରିଛି ଅଧେ ପିନ୍ଧିଛି ଉସ୍ଲୁକେ ପଳାଇଲା
x x x x
ଚରଣ ଆଭରଣ ସକଳ କରେ ଖଞ୍ଜିଲା ନେଇ
କରକଟକ ପାଦେ ଝଟକ ମାତ୍ରେ ଖଞ୍ଜିଲା କେହି।"

ବିଭିନ୍ନ ଦିଗରୁ ବିଚାର କଲେ ଏହା ଯଥାର୍ଥ ଯେ ଉଷାଭିଳାଷର ପ୍ରଭାବ ପରବର୍ତ୍ତୀ କବିଙ୍କ କେତେକ କାବ୍ୟରେ ପ୍ରତିଫଳିତ ହୋଇଛି। ଯେଉଁ କାବ୍ୟର ପ୍ରଭାବ ପରବର୍ତ୍ତୀ କବିଙ୍କୁ ଯେତେ ପ୍ରଭାବିତ କରେ ସେ କାବ୍ୟ ସେତେ ବରଣୀୟ ହୋଇରହେ ଏବଂ କାଳଜୟୀ ହେବାର ଗୌରବ ଅର୍ଜନ କରେ। ଏହି ପରିପ୍ରେକ୍ଷୀରୁ ଚିନ୍ତା କଲେ ଉଷାଭିଳାଷ କାବ୍ୟ ଅଶେଷ ଗୌରବ ପ୍ରାପ୍ତିର ସାମର୍ଥ୍ୟ ଲାଭ କରିଛି।

-o-

ପଞ୍ଚସଖା ଧର୍ମଦର୍ଶନ ଓ ଶୂନ୍ୟସଂହିତା

ସାହିତ୍ୟ ହିଁ ସ୍ରଷ୍ଟା ମାନସର ସାର୍ଥକ ପ୍ରତିବିମ୍ବ। ସୁମହତ ଲକ୍ଷ୍ୟ ନେଇ ତା'ର ସ୍ଥିତି ଅନୁଭବ୍ୟ ଓ ଆକର୍ଷଣୀୟ। ସମାଜର ସମ୍ୟକହିତ ସାଧନ କରୁଥିବାରୁ ଏହାର ସ୍ଥାନ ସ୍ୱତନ୍ତ୍ର ଓ ଭୂମିକା ଗୁରୁତ୍ୱପୂର୍ଣ୍ଣ। ଅନ୍ତର୍ଚେତନା ସହ ବହିର୍ଚେତନାର ସମନ୍ୱୟ ସାଧନ ଦକ୍ଷତା ଅନୁସାରେ ଏହାର ମାନ ନିର୍ଦ୍ଧାରିତ ହୋଇଥାଏ। ସାହିତ୍ୟ ସୃଷ୍ଟି ପାଇଁ ସ୍ରଷ୍ଟା ମାନସର ଶାଣିତ ଅନୁଭବ ଯେତିକି ଆବଶ୍ୟକ ପରିଚ୍ଛନ୍ନ ଅଭିବ୍ୟକ୍ତି ମଧ୍ୟ ସେତିକି ଅପରିହାର୍ଯ୍ୟ। ସମୟ କ୍ରମେ ସାମାଜିକ ଆବେଦନ ଅନୁଯାୟୀ ସାହିତ୍ୟର ଆଙ୍ଗିକ ଓ ଆତ୍ମିକ ରୂପରେଖରେ ସାମାନ୍ୟ ପରିବର୍ତ୍ତନ ହୋଇଥାଏ। ତେବେ ଏ ପରିବର୍ତ୍ତନରେ ଏହାର 'ବହୁଜନ ସୁଖାୟ, ବହୁଜନ ହିତାୟ' ଆଦର୍ଶର ପରିବର୍ତ୍ତନ ଘଟେ ନାହିଁ। ମାନବ ଜାତିର କଲ୍ୟାଣ କାମନାରେ ଭାବବିଭୋର ସ୍ୱଚ୍ଛ ସୁନ୍ଦର ଚେତନାର ଅଧିକାରୀ ହୋଇ ସାହିତ୍ୟ କାଳେ କାଳେ ପ୍ରତିଷ୍ଠା ଅର୍ଜନ କରିଛି। କାଳ ଏହି ପ୍ରତିଷ୍ଠାକୁ କ୍ଷୁର୍ଣ୍ଣ କରିପାରିନାହିଁ।

ଓଡ଼ିଆ ସାହିତ୍ୟର ଆଦିରୂପ ସାରଳା ଦାସଙ୍କ ଲେଖନୀରେ ଆତ୍ମପ୍ରକାଶ କରିଛି। ସଂସ୍କୃତ ପୁରାଣ ପୃଷ୍ଠାରୁ କାହାଣୀ ଚୟନ କରି ତହିଁରେ ନିଜସ୍ୱ ଜାତୀୟ ଚେତନା, ସୂକ୍ଷ୍ମ ଅନୁଧ୍ୟାନ ତଥା ଆତ୍ମଜ୍ଞାନର ସମନ୍ୱୟ ଘଟାଇ ସେ ଯେଉଁ ସାରସ୍ୱତ କୀର୍ତ୍ତିସ୍ତମ୍ଭମାନ ନିର୍ମାଣ କରିଯାଇଛନ୍ତି ତାହା ତାଙ୍କୁ ସ୍ମରଣ କରିରଖିଛି। ତାଙ୍କ ସିଦ୍ଧିର ସ୍ୱର ଓ ସ୍ୱାକ୍ଷରକୁ ଅଧିକରୁ ଅଧିକ ଆକର୍ଷଣୀୟ କରିବା ପାଇଁ ପରବର୍ତ୍ତୀ ସମୟରେ ପଞ୍ଚସଖା ସାହିତ୍ୟର ସ୍ରଷ୍ଟାମାନେ ଯତ୍ନ କରିଥିଲେ। ସେମାନେ ଥିଲେ ସାରଳାଙ୍କର ଯଥାର୍ଥରେ ଉତ୍ତରଦାୟାଦ। ସମାଜକୁ ଦିଗ୍‌ଦର୍ଶନ ଦେବା ଦିଗରେ ଶିକ୍ଷକର ଭୂମିକାରେ ଅବତୀର୍ଣ୍ଣ ହୋଇ ସାହିତ୍ୟସାଧନା କରିଥିବାରୁ ସେମାନଙ୍କ ଭିତରୁ ପ୍ରତ୍ୟେକ ସ୍ରଷ୍ଟା ଅମ୍ଳାନ ଯଶ ଓ ପ୍ରତିଷ୍ଠା ପାଇଛନ୍ତି। ପ୍ରତ୍ୟେକ କବିଙ୍କ ରଚନାରେ ଜୀବନଚର୍ଯ୍ୟା ହୋଇଛି ମୂର୍ତ୍ତିମନ୍ତ ଓ ପ୍ରାଣବନ୍ତ। ଏକାଧାରରେ ସତ୍ୟ ଓ ସୌନ୍ଦର୍ଯ୍ୟର ସମନ୍ୱୟ ପୀଠ ହୋଇଛି। ପଞ୍ଚସଖା ସାହିତ୍ୟର ଧାର୍ମିକ ଚେତନା ଯେତିକି ମାର୍ମିକ ସେତିକି ଅନୁଭବ୍ୟ। ଜୀବନରେ ଚେତନାର ଅଭିବୃଦ୍ଧି ନିମନ୍ତେ ଏହାର ଆହ୍ୱାନ ଓ ଆବେଦନ ଅବିସ୍ମରଣୀୟ। କଳା ପାଇଁ କଳା ନୁହେଁ, ସାହିତ୍ୟ ପାଇଁ ସାହିତ୍ୟ ନୁହେଁ, ଜୀବନ ପାଇଁ କଳା ଓ ଜୀବନ ପାଇଁ ସାହିତ୍ୟ ସୃଷ୍ଟିର ସାର୍ଥକ ନିଦର୍ଶନ ଏଥିରେ ଦେଖିବାକୁ ମିଳେ। ବୈଷ୍ଣବ ଧର୍ମର ତତ୍ତ୍ୱସହିତ ଯୋଗଭିତ୍ତିକ ଦର୍ଶନର ସମନ୍ୱୟ ଏହାର ମର୍ମବାଣୀ ଭାବରେ ପ୍ରତିଷ୍ଠିତ ଓ ଗୌରବଦୀପ୍ତ। ଜୀବନର ପ୍ରକୃତ ଲକ୍ଷ୍ୟ ସାଧନ ଓ ସୂକ୍ଷ୍ମ ଆଧ୍ୟାତ୍ମିକ ସମସ୍ୟାର ସମାଧାନ ନିମନ୍ତେ ଏଥିରେ ଥିବା ଦିଗ୍‌ଦର୍ଶନର ପଟାନ୍ତର ନାହିଁ। ସାହିତ୍ୟର ଛନ୍ଦେ ଛନ୍ଦେ ଜୀବନ ପାଇଁ ବାର୍ତ୍ତାବହନ କରି, ଜୀବନର କଲ୍ୟାଣ କାମନା କରି ଏହା ହୋଇଛି ଏକାଧାରରେ ସୌନ୍ଦର୍ଯ୍ୟର ପୂଜାରୀ, ସତ୍ୟର ଉପାସକ ଓ ଶିବର ସେବକ। ମର୍ତ୍ତ୍ୟରେ ଅମର୍ତ୍ତ୍ୟ ଚେତନାର ଅବତରଣ ନିମନ୍ତେ ସାର୍ଥକ ପ୍ରୟାସ ଏ ସାହିତ୍ୟରେ ଯେପରି ରହିଛି ସେପରି ଅନ୍ୟତ୍ର ଦେଖିବାକୁ ମିଳେ ନାହିଁ। ଏହାର ମୂଳ କାରଣ ହେଲା ପଞ୍ଚସଖା ସାହିତ୍ୟର ସ୍ରଷ୍ଟାମାନଙ୍କ ମଧ୍ୟରୁ ପ୍ରତ୍ୟେକ ଜଣେ ଜଣେ ଅଧ୍ୟାତ୍ମ-ସାଧକ, ଦିବ୍ୟ ଚେତନାର ବିମୂର୍ତ୍ତ ବିଗ୍ରହ। ଏ ସାହିତ୍ୟରେ କଳ୍ପନା ବିଳାସର ଇନ୍ଦ୍ରଜାଲ ନାହିଁ, ଅଛି ସାଧକ ଜୀବନର ଜୀବନ୍ତ ଅନୁଭବ ଓ ସ୍ରଷ୍ଟାମାନସର ପରିଚ୍ଛନ୍ନ ଅଭିବ୍ୟକ୍ତି। ବିଷ୍ଣୁ ଉପାସନା ମାଧ୍ୟମରେ ସେମାନେ ଆତ୍ମ ଉପଲବ୍ଧି କରିବା ସଂଗେ ସଂଗେ ତା'ର ପ୍ରଚାର ଓ ପ୍ରସାର ନିମନ୍ତେ ଯଥାସାଧ୍ୟ ପ୍ରୟାସ କରିଯାଇଛନ୍ତି। ଜ୍ଞାନମିଶ୍ର ବୈଷ୍ଣବ

ଧର୍ମର ପ୍ରାଧାନ୍ୟ ଓ ପ୍ରାବଲ୍ୟ ସତ୍ତ୍ୱେ ପ୍ରେମମିଶ୍ରା ଧର୍ମର ସ୍ଥିତି ଓ ସମୃଦ୍ଧି ମଧ୍ୟ ଅନୁଭୂତ ହେଉଥିଲା। ମୋଟ ଉପରେ ଭଗବତ ଆରାଧନା, ନାମଜପ, ଧ୍ୟାନଧାରଣା ଉପରେ ଅଧିକ ଗୁରୁତ୍ୱ ଆରୋପିତ ହେଉଥିଲା। ସାଂସାରିକ ମୋହରୁ ନିଜକୁ ମୁକ୍ତ କରି ମୁକ୍ତିପଥର ପଥିକ ହେବା ନିମନ୍ତେ ପଞ୍ଚସଖା ସାଧକ ସାହିତ୍ୟ ମାଧ୍ୟମରେ ଜନମାନସକୁ ଉଦ୍‌ବୋଧନ ଦେଇଛନ୍ତି ସେମାନେ ଉତ୍ତମ ଆଚାର୍ଯ୍ୟର ଭୂମିକାରେ ଅବତୀର୍ଣ୍ଣ ହୋଇଛନ୍ତି। ଶ୍ରୀଜଗନ୍ନାଥ ଉତ୍କଳର ଆରାଧ୍ୟ ଦେବତା, ଉତ୍କଳୀୟ ମନ ସିଂହାସନରେ ଅଭିଷିକ୍ତ ରାଜରାଜେଶ୍ୱର। ଉତ୍କଳୀୟ ସଂସ୍କୃତି ତଥା ଚେତନାର ମୂଳ ତତ୍ତ୍ୱଟି ଜଗନ୍ନାଥ ସଂସ୍କୃତି ତଥା ଚେତନା ଭିତରେ ନିହିତ। ଶ୍ରୀଜଗନ୍ନାଥ ସମୟ କ୍ରମେ ଶୈବ, ଶାକ୍ତ, ଗାଣପତ୍ୟ, ସୌର, ବୈଷ୍ଣବ ଓ ନାଥ ପ୍ରତ୍ୟେକ ସମ୍ପ୍ରଦାୟର ଆରାଧ୍ୟ ଦେବତା ଭାବରେ ପ୍ରତିଷ୍ଠିତ ଓ ପୂଜିତ। ତେଣୁ ବହୁ ଭକ୍ତଙ୍କର ଭାବଧାରାର ମଧୁର ସମନ୍ୱୟ ଶ୍ରୀକ୍ଷେତ୍ରରେ ଅନୁଭବ କରିହୁଏ। ନୀଳାଦ୍ରିଧାମ ହୋଇଛି ବହୁ ଧାର୍ମିକ ଅନୁଚିନ୍ତାର ମହାମିଳନ ପୀଠ। ବିଭିନ୍ନତାର ବହୁ ସ୍ରୋତ ମିଶି ଏକାକାର ହୋଇଯାଇଛି ଜଗନ୍ନାଥ ଚେତନାରେ। ଶଙ୍କରାଚାର୍ଯ୍ୟ, ରାମାନୁଜ, ନାନକଦେବ, ବଲ୍ଲଭାଚାର୍ଯ୍ୟ, ମାଧ୍ୱାଚାର୍ଯ୍ୟ ପ୍ରଭୃତି ବହୁ ସାଧକ ଶ୍ରୀକ୍ଷେତ୍ରକୁ ଆଗମନ କରିଛନ୍ତି। ସମସ୍ତେ ଶ୍ରୀଜଗନ୍ନାଥଙ୍କୁ ଆପଣାର କରିନେଇଛନ୍ତି। ଶ୍ରୀରାଧାଙ୍କର ଉପାସନା ଶ୍ରୀଚୈତନ୍ୟଙ୍କ ଧର୍ମ ଦର୍ଶନ ପ୍ରଚାରର ବହୁ ପୂର୍ବରୁ ଉତ୍କଳରେ ପ୍ରଚଳିତ ଥିଲା। ରାଧାକୃଷ୍ଣ ଉପାସନା ପ୍ରାୟ ନବମ ଦଶମ ଶତାବ୍ଦୀ ବେଳକୁ ଓଡ଼ିଶାରେ ପ୍ରଚଳିତ ହେବାର ଜଣାଯାଏ। ଏହି ଉପାସନାର ପ୍ରାଚୀନତ୍ୱକୁ ପ୍ରମାଣିତ କରିବା ପାଇଁ ଦ୍ୱାଦଶ ଶତାବ୍ଦୀରେ ରଚିତ ଗୀତଗୋବିନ୍ଦ ଗ୍ରନ୍ଥ ଏକ ଅନବଦ୍ୟ କୃତି। ତାପରେ ରାୟ ରାମାନନ୍ଦ ରାଧାକୃଷ୍ଣ ଉପାସନାର ନିର୍ମଳ ମଧୁର ପ୍ରବାହରେ ଉତ୍କଳୀୟ ମାନସ ଭୂମିକୁ ସିକ୍ତ କରିବାକୁ ପ୍ରଯତ୍ନ କରିଥିଲେ। ଭାରତବର୍ଷରେ ବହୁ ବୈଷ୍ଣବ ସମ୍ପ୍ରଦାୟ ନିଜ ନିଜର ଧର୍ମପ୍ରଚାର ଯଥାବିଧି କରିଥିବାର ଜଣାଯାଏ। ସେମାନଙ୍କ ମଧ୍ୟରେ ରାମାନୁଜୀୟ ସମ୍ପ୍ରଦାୟ ନାରାୟଣଙ୍କୁ, ସାତ୍ୱତମାନେ ବାସୁଦେବଙ୍କୁ, ମାଧ୍ୱମାନେ ବିଷ୍ଣୁଙ୍କୁ, ବଲ୍ଲଭପନ୍ଥୀ ବାଳଗୋପାଳଙ୍କୁ ଆରାଧନା କରିଥାନ୍ତି। ଉତ୍କଳୀୟ ବୈଷ୍ଣବ ଧର୍ମାବଲମ୍ବୀମାନେ ଶ୍ରୀଜଗନ୍ନାଥଙ୍କୁ ମୁଖ୍ୟ ଆସନ ଦେଇଛନ୍ତି। ପୁରୁଷୋତ୍ତମ ଧାମ ଶ୍ରେଷ୍ଠ କ୍ଷେତ୍ରଭାବରେ ସେମାନଙ୍କ ଦ୍ୱାରା ଗୃହୀତ ହୋଇଛି। 'ହରେ ରାମ ମନ୍ତ୍ର' ମହାମନ୍ତ୍ର ଭାବରେ ପ୍ରଚଳିତ ହେବା ସଂଗେ ସଂଗେ ରାଧାକୃଷ୍ଣ ଯୁଗଳ ଗାୟତ୍ରୀର ପ୍ରଚଳନ ମଧ୍ୟ ରହିଛି। ନବଧା ଭକ୍ତିକୁ ମୁକ୍ତିର ସୋପାନ ଭାବରେ ପଞ୍ଚସଖା ଧର୍ମଦର୍ଶନରେ ଗ୍ରହଣ କରାଯାଇଛି।

"ଯନ୍ତ୍ରଂ, ମନ୍ତ୍ରଂ ତନ୍ତ୍ରଂ ଚୈବ ଛାୟା ଜ୍ୟୋତିରବାଡକଂ
ହଜ ସମାଧି ରସଗୁଣଞ୍ଚ ଯୋ ଜାନାତି ସ ବୈଷ୍ଣବଃ।"

ଅର୍ଥାତ୍ ଯନ୍ତ୍ର, ମନ୍ତ୍ର, ତନ୍ତ୍ର, ଛାୟା, ଜ୍ୟୋତି ଅବାଡ଼କ, ହଜ, ସମାଧି ଓ ରସଗୁଣ ଇତ୍ୟାଦି ନବମ ସୋପାନ ସାଧନାରେ ସିଦ୍ଧି ନିମନ୍ତେ ଅପରିହାର୍ଯ୍ୟ। ଯନ୍ତ୍ର କହିଲେ କେତେକ ରେଖାକୁ ବୁଝାଏ ଯାହା ଈଶ୍ୱରଙ୍କର ଶାରୀରିକ ସ୍ଥିତିର ପ୍ରକାଶ ବୋଲି ଗ୍ରହଣ କରାଯାଏ। ଅଚ୍ୟୁତାନନ୍ଦ ୮୪ ଯନ୍ତ୍ରର ପ୍ରସଙ୍ଗ ନିଜ ଗ୍ରନ୍ଥରେ ଉପସ୍ଥାପନା କରିଛନ୍ତି। ମନ୍ତ୍ରକୁ ଦେବତାମାନଙ୍କର ବାଚକ ବୋଲି କୁହାଯାଏ। ଅଚ୍ୟୁତାନନ୍ଦ ମଧ୍ୟ ୮୪ ମନ୍ତ୍ରର କଥା ସ୍ୱରଚିତ ଗ୍ରନ୍ଥରେ ଅଭିବ୍ୟକ୍ତି କରିଛନ୍ତି। ତନ୍ତ୍ର ହେଉଛି ଏକ ନିର୍ଦ୍ଦିଷ୍ଟ ସାଧନ ପ୍ରଣାଳୀ। ଏହି ପ୍ରଣାଳୀ ଦ୍ୱାରା ପ୍ରାଣ ପ୍ରବାହକୁ ସୁଷୁମ୍ନାରେ ଚାଳିତ କରିବା ନିମନ୍ତେ ପ୍ରଯତ୍ନ କରାଯାଏ। ଏହା ଫଳରେ ମନ ସ୍ଥିର ହୁଏ ଏବଂ ଏକପ୍ରକାର ଆନନ୍ଦଭାବ ମନରେ ଓ ଦେହରେ ସୃଷ୍ଟି ହୁଏ। ଛାୟାସାଧନା ହେଉଛି ଅନ୍ୟ ଏକ ସୋପାନ ଯେଉଁଠାରେ ଇଷ୍ଟମୂର୍ତ୍ତି ଓ ଜ୍ୟୋତିର ଛାୟାଦର୍ଶନ ସମ୍ଭବ ହୁଏ। ବ୍ରହ୍ମଙ୍କର ଛାୟା ଜ୍ୟୋତିକୁ ନିଜ ଭିତରେ ଦେଖିବାର ସାମର୍ଥ୍ୟ ଏତେବେଳେ ଆସିଥାଏ। ଛାୟା ଦର୍ଶନ କଲେ ଅଙ୍ଗଶୁଦ୍ଧ ହେବ, ମନ ନିର୍ମଳ ହେବ। ଏହା ପଞ୍ଚସଖା ଧର୍ମ ଦର୍ଶନରେ ସ୍ୱୀକୃତ। ଅଚ୍ୟୁତାନନ୍ଦଙ୍କର ଶୂନ୍ୟ ସଂହିତାରେ ଏ ସମ୍ପର୍କରେ ଉଲ୍ଲେଖ କରାଯାଇଛି -

"ସ୍ଥାବର ଜଙ୍ଗମ କୀଟ ପତଙ୍ଗାଦି କରି
ଛାୟା ବ୍ରହ୍ମ ରୂପେ ପୂରି ଅଛଂତି ଯେ ହରି,

ସେ ଛାୟା ଦର୍ଶନେ ଯେ ପାପମାନ ହତହୋୟେ
କ୍ଷଣେ ଦଣ୍ଡେ ବସି ଏକା କରୁଥିବ ଲୟେ
ଛାଇ ଯଉଁ ଦିଗେ ଥିବ ସେ ଦିଗକୁ ମୁଖ
ଅଗ୍ରେ ଛାୟା ଦେହ ଗୋଟି ଚିହ୍ନିଣ ନିରେଖ
X X X X
କମଳ ଆସନେ ବସି ବେନି ଭୁଜ ଛନ୍ଦି
ଛାୟା ଅଙ୍ଗେ ମନକୁ କରିବ ନେଇ ବନ୍ଦୀ। (୭/୩୬, ୩୭, ୩୮, ୫୨)

ଜ୍ୟୋତି ସାଧନା ହେଉଛି ଅନ୍ୟ ଏକ ସୋପାନ। ଲଲାଟ ଉପରେ ଦୃଷ୍ଟି ନିବଦ୍ଧ କରି ଅଭ୍ୟାସ ଦ୍ୱାରା ଜ୍ୟୋତି ଦର୍ଶନ କରିବାକୁ ହୁଏ। ଅଚ୍ୟୁତାନନ୍ଦ ସ୍ୱରଚିତ ଶୂନ୍ୟସଂହିତା ଗ୍ରନ୍ଥରେ ଉଲ୍ଲେଖ କରିଛନ୍ତି -

"ପିଛଡ଼ା ଟେକିଣ ଯେ ଲଲାଟ ପରେ ରଖ
ନୟନକୁ ଥିର କରି ଶୂନ୍ୟକୁ ନିରେଖ
x x x x
ଅଭ୍ୟାସ କରନ୍ତେ ଜ୍ୟୋତି ପ୍ରକାଶିବ ଯେବେ
ପାଇବ ପରମ ଗତି ଭ୍ରାନ୍ତି ଯିବ ତେବେ।" (୭/୭୪, ୭୬)

ଅବାଡ଼କ ଅନ୍ୟ ଏକ ରୂପ ଯାହା ପରେ ଆସେ ସହଜ ସାଧନାର ସୋପାନ। ସମାଧି ଓ ରସଗୁଣ ଏହାପରେ ସାଧନା କ୍ଷେତ୍ରରେ ଅନୁଭୂତ ହୁଏ। ପଞ୍ଚସଖାଙ୍କ ମଧ୍ୟରେ ବଳରାମ ଦାସ ଥିଲେ ବିଷ୍ଣୁସ୍ୱାମୀ ସମ୍ପ୍ରଦାୟର ଅନ୍ତର୍ଭୁକ୍ତ। କୃଷ୍ଣମନ୍ତ୍ର, ଅଜପାଜପ, ତାରକନାମ ଓ ସମାଧି ଯୋଗରେ ସେ ଥିଲେ ଅନୁରକ୍ତ। ଜଗନ୍ନାଥ ଦାସଙ୍କର ସଂପ୍ରଦାୟର ନାମ ଅତିବଡ଼ୀ ସମ୍ପ୍ରଦାୟ। ତାଙ୍କର ରାଧାମନ୍ତ୍ର, ଅଣାକାର ଜପ, ହରି ମନ୍ଦିର ତିଳକ, ଜ୍ଞାନ ସମାଧି ଯୋଗରେ ଅନୁରକ୍ତି ଥିଲା। ଅଚ୍ୟୁତାନନ୍ଦ ଥିଲେ ନିମ୍ବାର୍କ ପନ୍ଥୀ। ରାଜତନ୍ତ୍ର, ଷୋଡ଼ଶ ପ୍ରେମନାମ, ତୃରୀୟ ସମାଧିକୁ ସାଧନାର ଅଙ୍ଗ ଭାବରେ ସେ ବରଣ କରିଥିଲେ। ଯଶୋବନ୍ତ ଥିଲେ ମାଧ୍ୱାଚାର୍ଯ୍ୟ ପନ୍ଥୀ। ଶ୍ୟାମମନ୍ତ୍ର, ପ୍ରେମ ପଞ୍ଚାକ୍ଷର ନାମ, ନାସାର୍ଦ୍ଧରେ ତିଳକ ବଇଠି ଓ କପାଳରେ ହରି ମନ୍ଦିର ତିଳକ ତାଙ୍କର ସାଧନାର ଅଙ୍ଗବିଶେଷ ଥିଲା। ଅନନ୍ତ ଥିଲେ ରାମାନନ୍ଦ ସମ୍ପ୍ରଦାୟର ଅନ୍ତର୍ଭୁକ୍ତ। ଗୋପାଳ ମନ୍ତ୍ର, ଏକାକ୍ଷର ମନ୍ତ୍ର ଜପ, ଧ୍ୟାନ ସମାଧି ଊର୍ଦ୍ଧ୍ୱ ପୁଣ୍ଡରିତ ତିଳକ ଧାରଣରେ ତାଙ୍କର ଅତୁଟ ବିଶ୍ୱାସ ଥିଲା।

ଅଚ୍ୟୁତାନନ୍ଦ ସ୍ୱରଚିତ ଗ୍ରନ୍ଥ ଶୂନ୍ୟ ସଂହିତାରେ ଉଲ୍ଲେଖ କରିଛନ୍ତି ଯେ ଶୁଦ୍ର କୂଳରେ ଜାତ ଦୀନବନ୍ଧୁ ଖୁଣ୍ଟିଆ ଥିଲା ତାଙ୍କର ପିତାଙ୍କର ନାମ। ମାତାଙ୍କର ନାମ ଥିଲା ପଦ୍ମାବତୀ। ସନ୍ତାନହୀନ ହୋଇ ଦାରୁଣ ଦୁଃଖରେ କାଳାତିପାତ କଲାବେଳେ ଦୀନବନ୍ଧୁ ଖୁଣ୍ଟିଆଙ୍କୁ ସ୍ୱପ୍ନାଦେଶ ହେଲା ବଡ଼ଦେଉଳର ଗରୁଡ଼ଖମ୍ଭ ନିକଟକୁ ଯିବା ପାଇଁ। ସେ ସେଠାରେ ପହଞ୍ଚି ଗୋଟିଏ ପୁତ୍ର ସନ୍ତାନ ଦେଖିବାକୁ ପାଇଲେ। ପରେ ତାଙ୍କର ଏକ ପୁତ୍ର ସନ୍ତାନ ଜାତ ହେଲା। ତା'ର ନାମ ରଖାଗଲା ଅଗଣି। ନାମକରଣ ସମ୍ପର୍କରେ କବି ଉଲ୍ଲେଖ କରିଛନ୍ତି -

"ଜାତ କର୍ମମାନ ପିତାମାତା କଲେ ଷଠୀ ଉଠିଆରୀ ତୁଲେ
ଅଗଣା ଅପୋଛା କରିଣ ମୋ ନାମ ଅନେକ ପ୍ରକାରେ ଦେଲେ"

ତୁଳସୀ ଦୁଇ ପତ୍ରରୁ ବାସିଲା ପରି ଅଚ୍ୟୁତାନନ୍ଦଙ୍କର ବିଭୁଭକ୍ତି ପିଲାଦିନରୁ ପ୍ରକଟିତ ହୋଇଥିଲା। ଚେତନାର ଆଲୋକରେ ଆଲୋକିତ ହେବା ପାଇଁ ତାଙ୍କର ଅଭୀପ୍ସା ଥିଲା ଅସାମାନ୍ୟ। ଦୁଃଖ ଜର୍ଜରିତ ମାନବ ଜୀବନରେ ସଦ୍‌ଗୁରୁଙ୍କର କୃପା କେବଳ ଶାନ୍ତି, ଆନନ୍ଦ ଆଣିପାରେ, ଏ କଥା ସେ ମର୍ମେ ମର୍ମେ ଉପଲବ୍ଧ କରିଥିଲେ।

ଭାରତୀୟ ଶାସ୍ତ୍ରୀୟ ପରମ୍ପରାରେ ଏହି ଗୁରୁବାଦର ମହତ୍ତ୍ୱ ବହୁ ପ୍ରକାରେ ଉଦ୍‌ଘୋଷିତ ହୋଇଛି । ସଂସାରରେ ଗୁରୁଙ୍କ ତୁଲ୍ୟ ଆଉ କେହି ନାହାନ୍ତି ବୋଲି ଜ୍ଞାନସଂକଳନୀ ତନ୍ତ୍ରରେ ଉଲ୍ଲେଖ କରାଯାଇଛି ।

"ନ ମିତ୍ରଂ ନ ଚ ପୁତ୍ରାଶ୍ଚ ନ ପିତା ନ ଚ ବାନ୍ଧବାଃ
ନ ସ୍ୱାମୀ ଚ ଗୁରୋସ୍ତୁଲ୍ୟଂ ଯଦୃଷ୍ଟଂ ପରମପଦମ୍ ।"

ଶୂନ୍ୟ ସଂହିତା ଗ୍ରନ୍ଥରେ କବି ଗୁରୁବାଦର ମହନୀୟତା ପ୍ରକଟନ ନିମନ୍ତେ ଉଲ୍ଲେଖ କରିଛନ୍ତି ଯେ -

"ସଂସାର ଯେ ମହାଘୋର ଯାତନା ଜଞ୍ଜାଳ
ସଦ୍‌ଗୁରୁ ସେବା କଲେ ନାଶହୋୟେ କାଳ ।" (୨/୪)

x x x x

"ସଦ୍‌ଗୁରୁ ସେବା କଲେ ଫିଟିଯାଏ ଦ୍ୱନ୍ଦ୍ୱ
ବହନ୍ତା ଜଳରେ ଯେହ୍ନେ ପଡ଼ିଯାଏ ବନ୍ଧ ।" (୨/୮)

ସୃଷ୍ଟିତତ୍ତ୍ୱ ପ୍ରସଙ୍ଗ ପଞ୍ଚସଖା ଧର୍ମ ଦର୍ଶନର ଅନ୍ୟ ଏକ ବିଶିଷ୍ଟ ଦିଗ । ଶୂନ୍ୟ ପୁରୁଷ ହିଁ ଏ ସୃଷ୍ଟିର ସ୍ରଷ୍ଟା । ଯେତେବେଳେ ସୂର୍ଯ୍ୟ, ଚନ୍ଦ୍ର, ଗ୍ରହ ଓ ନକ୍ଷତ୍ର କିଛି ନ ଥିଲେ ସେତେବେଳେ ଶୂନ୍ୟ ପୁରୁଷ ବିଦ୍ୟମାନ ଥିଲେ । ଶୂନ୍ୟଙ୍କ ଠାରୁ ଅନାହତ, ଅନାହତରୁ ନାଦ, ନାଦରୁ ଏକାକ୍ଷର ବ୍ରହ୍ମ ଏବଂ ଏକାକ୍ଷରରୁ ସାକାର ଜଗତର ସୃଷ୍ଟି ହେଲା ବୋଲି ଅଚ୍ୟୁତାନନ୍ଦଙ୍କ ଶୂନ୍ୟସଂହିତାରେ ଉଲ୍ଲେଖ କରାଯାଇଛି ।

ପିଣ୍ଡବ୍ରହ୍ମାଣ୍ଡ ତତ୍ତ୍ୱର ପ୍ରାଧାନ୍ୟ ଓ ପ୍ରଶସ୍ତି ପଞ୍ଚସଖା ସାହିତ୍ୟରେ ଦେଖିବାକୁ ମିଳେ । ପିଣ୍ଡ ହେଉଛି ବ୍ରହ୍ମାଣ୍ଡର ସାର୍ଥକ ପ୍ରତୀକ ଓ ବ୍ରହ୍ମାଣ୍ଡ ହେଉଛି ପିଣ୍ଡର ବିସ୍ତୃତ ଅଭିବ୍ୟକ୍ତି । ଯାହା ଯାହା ଉପାଦାନ ଓ ଚେତନା ପିଣ୍ଡରେ ରହିଛି ସେ ସବୁ ବ୍ରହ୍ମାଣ୍ଡରେ ରହିଛି । ବ୍ରହ୍ମାଣ୍ଡରେ ଯେପରି ତଳ, ବିତଳ, ପାତାଳ, ସୁତଳ, ନିତଳ ଓ ରସାତଳ ଆଦିର ସ୍ଥିତି ଅଛି ପିଣ୍ଡ ଭିତରେ ସେପରି ମଧ୍ୟ ଏସବୁର ସ୍ଥିତି ରହିଛି । ଅଚ୍ୟୁତାନନ୍ଦ ଶୂନ୍ୟସଂହିତାରେ ଉଲ୍ଲେଖ କରିଛନ୍ତି ଯେ -

"ପିଣ୍ଡ ମଧ୍ୟେ ଶିର ଚଞ୍ଚୁ କର୍ଣ୍ଣ ନାସା ଘେନି
କପୋଳ ଯେ ଗଣ୍ଡସ୍ଥଳ ମୁଖ ଆଦି ପୁଣି
ପାତାଳପୁର ଯେ ଯେହି ଦେହ ମଧ୍ୟେ ଦେଖ
ପାଦ ଅଗ୍ରତଳକୁ ଯେ ତଳପୁର ଲେଖ
ତହୁଁ ଆର ଅଧକୁ ଯେ ତଳାତଳ ଜାଣ
ସୁତଳ ବୋଲିଣ ଗୁପ୍ତ ଦେଶ ଯେ ପ୍ରମାଣ । (୫/୨୩, ୨୪, ୨୫)

ଜଗନ୍ନାଥଙ୍କୁ ଅବତାରୀ ଭାବରେ ପଞ୍ଚସଖା ଦର୍ଶନରେ ଗ୍ରହଣ କରାଯାଏ । ଜଗନ୍ନାଥ ନାମ, ଜଗନ୍ନାଥ ଧାମ ସବୁଠାରୁ ଅଧିକ ଗୁରୁତ୍ୱର ଅଧିକାରୀ ବୋଲି ବିଚାର କରାଯାଏ । ଶୂନ୍ୟ ହିଁ ଜଗନ୍ନାଥ ବୋଲି ଅଚ୍ୟୁତାନନ୍ଦ କହିଛନ୍ତି । କବିଙ୍କ ଭାଷାରେ ଶୂନ୍ୟ ପୁରୁଷ, ଜ୍ୟୋତିବ୍ରହ୍ମ, ପରବ୍ରହ୍ମ ଓ ଜଗନ୍ନାଥଙ୍କ ମଧ୍ୟରେ କୌଣସି ପ୍ରଭେଦ ନାହିଁ । ଜଗନ୍ନାଥଙ୍କୁ ହୃଦୟ ସିଂହାସନରେ ଆସୀନ କରାଇ ଶୂନ୍ୟ ସଂହିତାରେ କହିଛନ୍ତି ଯେ -

'ଜଗନ୍ନାଥ ବଳଭଦ୍ର ଭଦ୍ରା ସୁଦ୍ରସେନ
ଚତୁର୍ଧା ମୂରତି ପଞ୍ଚ ରନ୍ ସିଂଘାସନ' (୮/୬୩)

ରାମଦାସଙ୍କ ପ୍ରଶ୍ନର ଉତ୍ତର ଦେଇ ସାଧକ କବି ଅଚ୍ୟୁତାନନ୍ଦ କହିଛନ୍ତି ଯେ

ହରି ଦ୍ୱାପର ଯୁଗରେ ବସୁଦେବ ଘରେ ଜନ୍ମ ଗ୍ରହଣ କରି ନାନା ପ୍ରକାର ଲୀଳା ରଚନା କରିଥିଲେ ।

ମର୍ତ୍ତ୍ୟରେ ଲୀଳାରେ ଶ୍ରୀକୃଷ୍ଣ ମଜ୍ଜି ରହିବାରୁ ସ୍ୱର୍ଗରେ ଇନ୍ଦ୍ରଦେବ ବିବ୍ରତ ହୋଇପଡ଼ିଲେ । କୃଷ୍ଣ କିପରି ସ୍ୱସ୍ଥାନକୁ ଫେରିଆସିବେ, ସେ କଥା ଇନ୍ଦ୍ର ଚିନ୍ତା କଲେ । ସମୟକ୍ରମେ ନିଜ ବଂଶ ନିଧନ କରି ଶ୍ରୀକୃଷ୍ଣ ସ୍ୱର୍ଗାରୋହଣ

କଲେ। ସେତେବେଳେ ସେ କଳିକାଳରେ ନୀଳାଚଳରେ ପୁନଶ୍ଚ ଆବିର୍ଭୂତ ହେବେ ବୋଲି ଇଚ୍ଛା ପ୍ରକାଶ କରିଥିଲେ। କବି ଅଚ୍ୟୁତାନନ୍ଦ ସ୍ୱରଚିତ ଗ୍ରନ୍ଥ ଶୂନ୍ୟସଂହିତାରେ ଉଲ୍ଲେଖ କରିଛନ୍ତି ଯେ -

"ମାନସିକ ସେବା ଭୋଗ ବିଳସିବୁ ହସ୍ତେ ନ ଭୁଞ୍ଜିବୁ ଆମ୍ଭେ
ଭକ୍ତଙ୍କ ସଙ୍ଗେ ଭୁଞ୍ଜିବୁ ନିରବଧି ବେଳଜାଣି ଯୋଗାଇବେ
ଶେଷଭୋଗେ ମୋର ନିର୍ମାଲ୍ୟ ହୋଇବ କୈବଲ୍ୟ ପସରା ବିକା
ବିକାକିଣା ଲାଗିଥିବ ନିରବଧି ନ ଥିବ କାହାରି ଶଙ୍କା
ଚଣ୍ଡାଳ ବ୍ରାହ୍ମଣ ଗୁରୁଶିଷ୍ୟ ପୁଣ ବାରଣ ନ ଥିବ ତହିଁ
ବିକାର ନ ଥିବ ଯେକାକାର ହେବ ନିରାକାର ଆଜ୍ଞା ଏହି।" (୨୫/୧୧୪, ୧୧୫, ୧୧୬)

ଭଗବତ ନାମର ମହତ୍ତ୍ୱ ଉପରେ ପଞ୍ଚସଖା ଧର୍ମ ଓ ଦର୍ଶନର ଗୁରୁତ୍ୱ ଆରୋପିତ ହୋଇଛି। ନାମ ଉପରେ ଗୁରୁତ୍ୱ ଆରୋପ ଭାରତୀୟ ସଂସ୍କୃତି ତଥା ଉତ୍କଳୀୟ ସଂସ୍କୃତିରେ ଦେଖିବାକୁ ମିଳେ। ସବୁ ସଂପ୍ରଦାୟ ପରି ବୈଷ୍ଣବ ସମ୍ପ୍ରଦାୟ ମଧ୍ୟ ନାମ ଉପରେ ଗୁରୁତ୍ୱ ପ୍ରଦାନ କରିଥାନ୍ତି। ବୈଷ୍ଣବ ସମ୍ପ୍ରଦାୟ ମତରେ ଥରେ ମାତ୍ର ହରିଙ୍କର ନାମ ଜପ କଲେ ଯେତେ ପାପ କ୍ଷୟ ହୁଏ ସେତେ ପାପ କରିବାର ସାଧ୍ୟ ଜୀବର ନାହିଁ। ନାମ ଜପ କରୁ କରୁ ଭଗବତ ପ୍ରେମର ସଞ୍ଚାର ଅଟେ। 'ଶ୍ରୀଚୈତନ୍ୟ ଚରିତାମୃତ' ଗ୍ରନ୍ଥରେ ଉଲ୍ଲେଖ ରହିଛି -

'ଏକ କୃଷ୍ଣ ନାମ କରେ ସର୍ବ ପାପ ନାଶ
ପ୍ରେମର କାରଣ ଭକ୍ତି କରନ୍ତି ପ୍ରକାଶ।'

କୀର୍ତ୍ତନ, ଶ୍ରବଣ ଓ ଜପ ଏ ସମସ୍ତ ନାମ ସାଧନାର ଅନ୍ତର୍ଭୁକ୍ତ ବୋଲି କୁହାଯାଏ। ଉଚ୍ଚସ୍ୱରରେ ଭଗବାନଙ୍କ ନାମ, ଗୁଣାଦି ଉଚ୍ଚାରଣ କରିବା ହେଉଛି କୀର୍ତ୍ତନ, ଆଗ୍ରହ ସହିତ ଶୁଣିବା ହେଉଛି ଶ୍ରବଣ ଏବଂ ନାମର ଲଘୁ ଉଚ୍ଚାରଣ ହେଉଛି ଜପ। ପ୍ରତ୍ୟେକ ମାର୍ଗ ଭକ୍ତିଭାବର ଅଭିବୃଦ୍ଧି ନିମନ୍ତେ ପ୍ରଶସ୍ତ ଓ ପରିବ୍ୟାପ୍ତ। ଆଦି ପୁରାଣରେ ସ୍ୱୟଂ ଭଗବାନ କହିଛନ୍ତି -

"ଗୀତା ଚ ମମ ନାମାନି ବିଚରେନ୍ମମ ସନ୍ନିଧୌ
ଇତି ବ୍ରବୀମି ତେ ସତ୍ୟଂ କ୍ରୀତୋଽହଂତସ୍ୟ ଚାର୍ଜୁନ।"

ଅର୍ଥାତ୍ ହେ ଅର୍ଜୁନ! ଯେଉଁ ବ୍ୟକ୍ତି ମୋର ନାମ ଗାନ ପୂର୍ବକ ମୋ ନିକଟରେ ବିଚରଣ କରନ୍ତି, ତୁମକୁ ସତ୍ୟ କରି କହୁଛି ମୁଁ ତାଙ୍କ ନିକଟରେ କ୍ରୀତଦାସ ରୂପେ ଅବସ୍ଥାନ କରିଥାଏ। 'କଳିଯୁଗରେ ନାମ ହିଁ ସାରକଥା। ନାମ ବିନା ଜୀବନ ଅସାର୍ଥକ। ଶ୍ରୀ ଗୌରାଙ୍ଗଦେବ କହିଛନ୍ତି -

"ହରେର୍ନାମ ହରେର୍ନାମ ହରେର୍ନାମେବ କେବଳଂ
କଲୌ ନାସ୍ତ୍ୟେବ ନାସ୍ତ୍ୟେବ ନାସ୍ତ୍ୟେବ ଗତିରନ୍ୟଥା।"

ନାମ ଜପ କରିବାକୁ ଆରମ୍ଭ କଲେ ପାପ ତାପ ଦୂର ହୁଏ। ସମସ୍ତ କାମନା ବାସନା ଦୂରୀଭୂତ ହୁଏ। ଦେହରେ ପୁଲକ, ମନରେ ଆନନ୍ଦର ଭାବଧାରା ସୃଷ୍ଟି ହୁଏ। ମନରୁ ହ୍ରାସ ପାଏ ଅଭିମାନର ଅନ୍ଧକାର। ଅହମିକାର କଳଙ୍କାବରଣ ଅପସରି ଯାଏ ନାମ ଶକ୍ତିର ପ୍ରଭାବଶାଳୀ ସ୍ପର୍ଶରେ। ସୂର୍ଯ୍ୟକିରଣରେ ଯେପରି ପଦ୍ମକଢ଼ି ବିକଶିତ ହୁଏ, ନାମର ପ୍ରଭାବରେ ସେପରି ଆତ୍ମଶକ୍ତି ଜାଗ୍ରତ ହୁଏ। ହୃଦୟର ଗଭୀରତମ ପ୍ରଦେଶରେ ଥିବା ବ୍ରହ୍ମବିଦ୍ୟାର ଜାଗରଣ ସମ୍ଭବ ହୋଇଥାଏ। ଶାସ୍ତ୍ରସାଗର ମନ୍ଥନରୁ ନାମ ରୂପକ ଅମୃତର ଉଦ୍ଭବ ହୋଇଛି। ହରିନାମ ଭଜନର ସୁଦୂରପ୍ରସାରୀ ମହତ୍ତ୍ୱ ଓ ଗୁରୁତ୍ୱ ପ୍ରାୟ ସବୁ ସମ୍ପ୍ରଦାୟ ଦ୍ୱାରା ସ୍ୱୀକୃତ ଓ ଅନୁମୋଦିତ। ବୈଷ୍ଣବ କବି ଗାଇଛନ୍ତି -

"ନାମ ଯାହା କୃଷ୍ଣ ତାହା ଭଜ ନିଷ୍ଠା କରି
ନାମର ସ୍ମରଣେ ଛନ୍ତି ସତତ ଶ୍ରୀହରି।"

ସାଧକ କବି ଅଚ୍ୟୁତାନନ୍ଦ ନାମ ଉପରେ ଗୁରୁତ୍ୱ ଆରୋପ କରିଛନ୍ତି। ନାମକୁ ଆଶ୍ରୟକଲେ ଜୀବର ପରମପଦ ପ୍ରାପ୍ତି ହୁଏ ବୋଲି ସେ ଉଲ୍ଲେଖ କରିଛନ୍ତି। ଭବସିନ୍ଧୁକୁ ପାରି ହେବା ପାଇଁ ନାମ ସୋଲ ଭେଳା ପରି ସହାୟତା କରିଥାଏ ବୋଲି ସେ କହିଛନ୍ତି। ମୁକ୍ତିମାର୍ଗର ପଥିକ ହେବା ନିମନ୍ତେ ନାମର ଆବଶ୍ୟକତା ସମ୍ପର୍କରେ ସେ କହିଛନ୍ତି ଶୂନ୍ୟସଂହିତାରେ -

"ନାମକୁ ଭଜିଲେ ସିନା ଗତି ମୁକ୍ତି ହୋଇ
ପିଣ୍ଡକୁ କାରଣ ନାମ ବିନୁ ଅନ୍ୟ ନାହିଁ।" (୨/୩)

ସାଧନାର ପ୍ରତ୍ୟେକ ସ୍ତରରେ ନାମ ଭଜନର ବହୁଳ ଆବଶ୍ୟକତା ସମ୍ପର୍କରେ ତାଙ୍କର ବକ୍ତବ୍ୟ ପ୍ରଣିଧାନଯୋଗ୍ୟ। ସ୍ଥିରଚିତ୍ତରେ ନାମ ଭଜନ କଲେ ବହୁ ଫଳ ମିଳେ। ମାଳାଧାରୀ ଭଜନ ଉପରେ ସେ ଗୁରୁତ୍ୱ ଆରୋପ କରିଛନ୍ତି। ନାମ ଜପବେଳେ ଯେପରି ବିଷୟାବିଷରେ ବୁଡ଼ି ନ ରହେ, ସେଥିପ୍ରତି ସତର୍କ ରହିବା ଉଚିତ। ଶରୀର ପର୍ଯ୍ୟନ୍ତ ନାମର ପ୍ରଭାବରେ ପୁଲକିତ ତଥା ନିର୍ମଳ ହୋଇପାରେ ବୋଲି ଶୂନ୍ୟସଂହିତାରେ କବି ଉଲ୍ଲେଖ କରିଛନ୍ତି -

"ନାମ ଘୋଷୁଥିଲେ ସର୍ବ ଦୂରିତ ଯେ ନାଶେ
ଶରୀର ମଳି ନାଶଇ ଭଗତି ପ୍ରକାଶେ
ନିରତେ ଭଜି ନାମ ଦୃଢ଼େ ଶିକ୍ଷା କରି
ନାମ ଭଜନକୁ ବାବୁ କେହି ନୋହେ ସରି।" (୮/୭୪, ୭୫)

ପଞ୍ଚସଖା ଧର୍ମଦର୍ଶନର ଅନ୍ୟ ଏକ ବଳିଷ୍ଠ ଚେତନା ହେଉଛି ଶୂନ୍ୟବାଦୀ ଭାବଧାରା। ଏହି ଶୂନ୍ୟବାଦର ପରମ ପ୍ରତିଷ୍ଠା ମଧ୍ୟ ବୌଦ୍ଧ ଧର୍ମରେ ଦେଖିବାକୁ ମିଳେ। ବଜ୍ରଯାନୀମାନେ ଶୂନ୍ୟକୁ ଶୂନ୍ୟ, ଅତିଶୂନ୍ୟ, ମହାଶୂନ୍ୟ ଓ ସର୍ବଶୂନ୍ୟ ବୋଲି ବିଚାର କରିଥାନ୍ତି। ଶୂନ୍ୟ ହିଁ ଆଲୋକର ପ୍ରତୀକ, ଚେତନାର ଅନ୍ୟ ରୂପ ଓ ପ୍ରଜ୍ଞାର ଅନ୍ୟ ନାମ।

ଶୂନ୍ୟକୁ ଚନ୍ଦ୍ରମଣ୍ଡଳର ପ୍ରତିଭାସ ବୋଲି ମଧ୍ୟ ପରିକଳ୍ପନା କରାଯାଇଛି ବୌଦ୍ଧ ଦର୍ଶନରେ। ଅତିଶୂନ୍ୟ ହେଉଛି ଶୂନ୍ୟରୁ ଜାତ ଉପାୟ ମାତ୍ର। ଅତି ଶୂନ୍ୟକୁ ସୂର୍ଯ୍ୟ ରୂପରେ କଳ୍ପନା କରାଯାଇଛି। ମହାଶୂନ୍ୟରେ ଆଲୋକର ଉପଲବ୍ଧି ହୁଏ। ଅବଶ୍ୟ ଏ ଆଲୋକ ପୂର୍ଣ୍ଣତାର ଆଲୋକ ନୁହେଁ। ଏଥିରେ ଅବିଦ୍ୟାର ଛାୟା ମିଶ୍ରିତ ହୋଇଥାଏ ପ୍ରକୃତରେ ସର୍ବଶୂନ୍ୟ ହିଁ ବିଶୁଦ୍ଧ ଆନନ୍ଦର ସନ୍ଧାନ ଦେଇଥାଏ। ଏଥିରେ ଅବିଦ୍ୟାର ସ୍ପର୍ଶ ନ ଥାଏ। ବୌଦ୍ଧମାନଙ୍କର ପ୍ରଥମ ତିନିଗୋଟି ଶୂନ୍ୟ ଅବସ୍ଥାର ପରିକଳ୍ପନା କରି ବୈଷ୍ଣବମାନଙ୍କର ବୃନ୍ଦାବନର ତିନିଗୋଟି ଅବସ୍ଥାକୁ ପରିକଳ୍ପନା କରାଯାଇଛି। ଶୂନ୍ୟ ଉପରେ ସୀମାହୀନ ଗୁରୁତ୍ୱ ଦେଇ ପଞ୍ଚସଖା ଧର୍ମଦର୍ଶନ କହେ ଯେ ଶୂନ୍ୟ ହିଁ ସବୁ, ଶୂନ୍ୟରୁ ସବୁ କିଛିର ସୃଷ୍ଟି, ଶୂନ୍ୟରେ ସବୁ କିଛିର ଅଭିବ୍ୟକ୍ତି। ଶୂନ୍ୟବାଦର ବର୍ଣ୍ଣନା ପ୍ରସଙ୍ଗରେ ରାଧାକୃଷ୍ଣଙ୍କର ବର୍ଣ୍ଣନା ପଞ୍ଚସଖା ସାହିତ୍ୟରେ ଦେଖାଯାଏ, କିନ୍ତୁ ସେ ରାଧାକୃଷ୍ଣ ନିତ୍ୟ ରାଧାକୃଷ୍ଣ, ତାଙ୍କର ଜନ୍ମ ମୃତ୍ୟୁ ନାହିଁ। କବି ଅଚ୍ୟୁତାନନ୍ଦ ଶୂନ୍ୟ ପୁରୁଷର ମହତ୍ତ୍ୱ ସମ୍ପର୍କରେ ଶୂନ୍ୟ ସଂହିତାରେ କହିଛନ୍ତି -

"ଭଲା ପଚାରିଲୁ ଗୁପତ ସନ୍ଧି
ଶୂନ୍ୟ ପୁରୁଷ ଶୂନ୍ୟ ଘରେ ବନ୍ଦୀ
ଶୂନ୍ୟ ପୁରୁଷ ଉଦାସରେ ରହେ
ଶୂନ୍ୟ ପୁରୁଷ ସବୁ ମାୟା ଭ୍ୟାୟେ
ଶୂନ୍ୟ ପୁରୁଷ ଦୟାଳୁ ଅଟଇ
ଶୂନ୍ୟ ପୁରୁଷ ସର୍ବଘଟେ ରହି
ଶୂନ୍ୟ ପୁରୁଷ କରେ ନଟଘଟ
ଶୂନ୍ୟ ପୁରୁଷ ଜାଣେ ଛନ୍ଦକୂଟ।" (୯/୪୫-୪୮)

ଲୋକଶିକ୍ଷା ନିମନ୍ତେ ସୁସ୍ଥ ସାର୍ଥକ ପରିବେଶ ସୃଷ୍ଟି କରିବା ସାହିତ୍ୟର ଲକ୍ଷ୍ୟ। ଏହି ଲକ୍ଷ୍ୟ ପୂରଣ ଦିଗରେ

ପଞ୍ଚସଖା ସାହିତ୍ୟର ଭୂମିକା ଅତ୍ୟନ୍ତ ଗୌରବମୟ। ତା'ର ବିଶାଳ ପରିଧି ଭିତରେ ସାର୍ବଜନୀନ ଜୀବନଚିନ୍ତା ଉପସ୍ଥାପିତ ହୋଇଥିବାରୁ ପ୍ରତ୍ୟେକ ପାଠକ ତାହାଦ୍ୱାରା ଉପକୃତ ହେବାର ଅବକାଶ ଥାଏ। ଜଗନ୍ନାଥ ଦାସଙ୍କ ଦ୍ୱାରା ରଚିତ ଓଡ଼ିଆ ଭାଗବତର ବହୁ ପଦ ପାଠକର ମନରେ ରେଖାପାତ କଲାଭଳି ଅଚ୍ୟୁତାନନ୍ଦଙ୍କର ଶୂନ୍ୟସଂହିତାରେ ସ୍ଥାନିତ କେତେକ ପଦ ପାଠକର ମନରେ ରେଖାପାତ କରିଥାଏ। କବିମାନଙ୍କୁ ସମାଜର ଜାଗ୍ରତ ବ୍ୟକ୍ତିତ୍ୱ ଭାବରେ ବିଚାର କରାଯାଏ, କାରଣ ସେମାନେ ଜୀବନତତ୍ତ୍ୱକୁ ମନ୍ଥନ କରି ନିର୍ଯ୍ୟାସ ବାହାର କରିଥାନ୍ତି। କବି ତ୍ରିକାଳଦର୍ଶୀ ଆଖ୍ୟାରେ ଆଖ୍ୟାୟିତ ହେବା ମୂଳରେ ରହିଛି ତାଙ୍କର ସଚେତନତା। ଜୀବନର ପରମ ସତ୍ୟକୁ ଅନ୍ତରରେ ଉପଲବ୍ଧି କରି ଭାଷାରେ ପ୍ରକାଶ କରବା କ୍ଷମତା କବି ନିକଟରେ ଅଧିକରୁ ଅଧିକ ଥିବା ଲକ୍ଷ୍ୟ କରିହୁଏ। କବି ଅଚ୍ୟୁତାନନ୍ଦ ସଂସାର ବନ୍ଧନର ନଶ୍ୱରତା ସମ୍ବନ୍ଧରେ ଆଲୋଚନା କରି କହିଛନ୍ତି -

"କିଏ କାହାର ମିଥ୍ୟା ଏ ସଂସାର
ଆପେ ତରିଲେ ଭବ-ସିନ୍ଧୁ ପାର
ଆପକୁ ଆପେ ଚିହ୍ନିଲେରେ ବାବୁ
କାଳେ କାଳେ ଅକ୍ରାମ୍ୟର ହୋଇବୁ।"

(୧୦/୧୪୨-୧୪୩)

ଜୀବନରୁ ଦୁଃଖ, ଶୋକ ଦୂର କରିବା ନିମନ୍ତେ ଶ୍ରୀକୃଷ୍ଣଙ୍କ ନାମ ଓ ପ୍ରେମର ମହିମା ଯେ ଅମୋଘ ଔଷଧ ବୋଲି କବି ଉଲ୍ଲେଖ କରିଛନ୍ତି। ଈଶ୍ୱରଙ୍କ ମହିମା ଅପରିସୀମ ଓ ଅନିର୍ବଚନୀୟ। ପ୍ରଭୁଙ୍କ କୃପା ସମସ୍ତଙ୍କ ପାଇଁ ରହିଛି, ଗ୍ରହଣଶୀଳତା ଅନୁସାରେ ବ୍ୟକ୍ତି ଏହାକୁ ପ୍ରାପ୍ତ ହୁଏ। ଚିତ୍ତବୃତ୍ତିର ସରଳତା ଭଗବତ କୃପା ପ୍ରାପ୍ତି ଦିଗରେ ସହାୟକ। ଈଶ୍ୱରଙ୍କ ମହିମା ଶୁଣିଲେ ମନରୁ କାଳିମା ଅପସରି ଯାଏ ଓ ପାପତାପ ଦୂର ହୁଏ। ଅନ୍ତରର ଗ୍ରହଣଶୀଳତା କ୍ରମଶଃ ବୃଦ୍ଧି ପାଇବା ଫଳରେ ପ୍ରଭୁଙ୍କ କୃପାବାରି ବର୍ଷିତ ହୁଏ। କବିଙ୍କ ଭାଷାରେ -

"ସୂର୍ଯ୍ୟ ଅନଳେ ଶୀତ ରହିପାରେ କି
ପ୍ରଦୀପେ ଅନ୍ଧାର ନାଶ
ଶ୍ରୀହରି ମହିମା ଶ୍ରବଣେ ପାତେକ
ରାଶି ହୋଇଯାଏ ନାଶ।"

ଈଶ୍ୱରଙ୍କ କରୁଣା ପ୍ରାର୍ଥୀତ୍ୱରେ ଜାତି ବିଭାଜନ ଉପରେ କବି ଅଚ୍ୟୁତାନନ୍ଦ ଆଦୌ ଗୁରୁତ୍ୱ ଦେଇନାହାନ୍ତି। ବ୍ୟକ୍ତି ଶ୍ରୀକୃଷ୍ଣଙ୍କ ନାମରେ ଆନନ୍ଦମଗ୍ନ ହେଲେ ତା'ର ଜୀବନ ଧନ୍ୟ ହୁଏ। ଜାତିଗତ ଧାରଣାରେ ମଣିଷ ବଡ଼ ବା ସାନ ହୁଏ ନାହିଁ। ପ୍ରକୃତରେ ମହତ ବ୍ୟକ୍ତିଙ୍କୁ ଈଶ୍ୱର ଆରାଧନା ଓ ଧ୍ୟାନଧାରଣାରୁ ଚିହ୍ନି ହୁଏ ବୋଲି କବି ମତ ପ୍ରକାଶ କରିଛନ୍ତି -

"ହେଲେ ଜାତିହୀନ ତହିଁ ନାହିଁ ଭିନ୍ନ ଶ୍ରୀକୃଷ୍ଣ ବାସନା ଥାଏ
କଲିକତରା ପଙ୍କରେ ବୁଡ଼ିଲେ କି କର୍ଦ୍ଦମ ତା ଦେହେ ରହେ।"

(୧୯/୨୦)

ବିଭିନ୍ନ ଦୃଷ୍ଟିରୁ ବିଚାର କଲେ ଏହା ଯଥାର୍ଥରେ ପ୍ରତିପାଦିତ ହୁଏ ଯେ କବି ଅଚ୍ୟୁତାନନ୍ଦଙ୍କର ଶୂନ୍ୟସଂହିତା ଗ୍ରନ୍ଥରେ ସ୍ପଷ୍ଟ ଭାବରେ ପଞ୍ଚସଖା ଧର୍ମଦର୍ଶନ ଉପସ୍ଥାପିତ ହୋଇ ଉକ୍ତ ପାଠକମାନଙ୍କର ଚିତ୍ତବୃତ୍ତିକୁ ଆକୃଷ୍ଟ କରୁଛି। କବି ପ୍ରତିଭାର ନିର୍ମଳ ସ୍ପର୍ଶ କେତେକ ପଦରେ ରହିଥିବାରୁ ଗ୍ରନ୍ଥଟି ସାହିତ୍ୟିକ ମର୍ଯ୍ୟାଦାର ଅଧିକାରୀ ହୋଇଛି। ଧର୍ମ ଓ ଦର୍ଶନର ସମୁଜ୍ଜ୍ୱଳତା କବି ପ୍ରତିଭା ବଳରେ ଅଧିକରୁ ଅଧିକ ପ୍ରକଟିତ ହୋଇ ଶୂନ୍ୟସଂହିତା ଗ୍ରନ୍ଥରେ ସ୍ଥାନ ପାଇଥିବାରୁ ଗ୍ରନ୍ଥଟି ଅସାଧାରଣ ମର୍ଯ୍ୟାଦାର ଅଧିକାରୀ ହୋଇଛି, ଏଥିରେ ସନ୍ଦେହର ଅବକାଶ ନାହିଁ।

ଆଧୁନିକ ଓଡ଼ିଆ ସାହିତ୍ୟର ପୃଷ୍ଠଭୂମି

ଆଧୁନିକ ଓଡ଼ିଆ ସାହିତ୍ୟର ସୃଷ୍ଟି ହୋଇଛି ପ୍ରାଚ୍ୟ ଓ ପାଶ୍ଚାତ୍ୟ ଭାବଚେତନା ଭିତରେ ସଂଗଠିତ ସଂଘର୍ଷମୂଳକ ଚିତ୍ତବୃତ୍ତିରୁ। ନବାଗତ ପାଶ୍ଚାତ୍ୟ ସଭ୍ୟତା, ଶିକ୍ଷା ଓ ସଂସ୍କୃତି ସହିତ ପ୍ରଚଳିତ ପ୍ରାଚ୍ୟ ସଭ୍ୟତା, ଶିକ୍ଷା ଓ ସଂସ୍କୃତିର କ୍ରମଶଃ ସମନ୍ୱୟ ଘଟିଛି। ଯାହାହୋଇଛି ଆଧୁନିକ ଓଡ଼ିଆ ସାହିତ୍ୟର ଭିତ୍ତିଭୂମି। ପ୍ରାଚ୍ୟ ମୂଲ୍ୟବୋଧର ପୂର୍ଣ୍ଣ ପରିତ୍ୟାଗ ନୁହେଁ କିମ୍ବା ପାଶ୍ଚାତ୍ୟ ଚେତନାର ପୂର୍ଣ୍ଣ ଅନୁସରଣ ନୁହେଁ, ଏପରି ଏକ ମଧ୍ୟବର୍ତ୍ତୀକାଳୀନ ମନୋଭାବକୁ ମୂଳତତ୍ତ୍ୱ ରୂପରେ ଗ୍ରହଣ କରାଯାଇ ରଚିତ ହୋଇଛି ଆଧୁନିକ ଓଡ଼ିଆ ସାହିତ୍ୟ। ନବଜାଗରଣର ରଶ୍ମିରେଖାରେ ଆଲୋକିତ ଉନବିଂଶ ଶତାବ୍ଦୀ ସମଗ୍ର ଭାରତବର୍ଷ ପାଇଁ ନୂତନ ମାର୍ଗଦର୍ଶନର ଭୂମି ପ୍ରସ୍ତୁତ କରିଛି। ପୂର୍ବରୁ ପ୍ରଚଳିତ ଅବାଞ୍ଛିତ କୁସଂସ୍କାର ରୂପକ ଭୂତ ଗ୍ରାସରୁ ଭାରତୀୟ ସାମାଜିକ ବାତାବରଣକୁ ରକ୍ଷା କରିବା ପାଇଁ ପ୍ରୟାସ କରାଯାଇଛି ବହୁ ଅଧ୍ୟାତ୍ମ ସାଧକ ତଥା ସମାଜ ସଂସ୍କାରକଙ୍କ ଦ୍ୱାରା। ଏହି ଶତାବ୍ଦୀରେ ଆବିର୍ଭୂତ ହୋଇଛନ୍ତି ଶ୍ରୀରାମକୃଷ୍ଣ, ସ୍ୱାମୀ ବିବେକାନନ୍ଦ, ଶ୍ରୀଅରବିନ୍ଦ, ମହାତ୍ମାଗାନ୍ଧି, ସ୍ୱାମୀ ଦୟାନନ୍ଦ, ଭୀମଭୋଇ, କେଶବ ଚନ୍ଦ୍ର ସେନଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତିତ୍ୱ। ପ୍ରତ୍ୟେକ ଏକ ଏକ ଆଲୋକବର୍ତ୍ତିକା ସାଜି ଅନ୍ଧବିଶ୍ୱାସର ଅନ୍ଧକାରକୁ ଦୂର କରିବା ନିମନ୍ତେ ପ୍ରୟାସ ଓ ପ୍ରଚେଷ୍ଟା କରିଛନ୍ତି।

ଓଡ଼ିଶାରେ ପାଶ୍ଚାତ୍ୟ ଶିକ୍ଷା ଓ ସଭ୍ୟତାର ପ୍ରସାର ଅବଶ୍ୟ ଅନ୍ୟାନ୍ୟ ପ୍ରଦେଶ ଅପେକ୍ଷା ବିଳମ୍ବରେ ଘଟିଛି। ୧୮୦୩ ମସିହାରେ ଇଂରେଜମାନେ ଓଡ଼ିଶା ଅଧିକାର କରିଛନ୍ତି। ୧୮୦୪ ମସିହାରେ ସେମାନେ ଜମିଜମା ବନ୍ଦୋବସ୍ତ କରାଇ ଖଜଣାର ହାରବୃଦ୍ଧି କରିଛନ୍ତି। ଫଳତଃ ସାଧାରଣ ଲୋକମାନେ ବହୁ ସମସ୍ୟାର ସମ୍ମୁଖୀନ ହୋଇପଡ଼ିଛନ୍ତି। ଖଜଣାର ହାର ବୃଦ୍ଧି ଯୋଗୁ ଖଜଣା ଦେଇନପାରି କେତେକ ଜମିର ମାଲିକ ସେମାନଙ୍କର ଜମି ହରାଇବାକୁ ବାଧ ହେଲେ। କର ଆଦାୟକାରୀ ଏବଂ ଅନ୍ୟାନ୍ୟ କେତେକ ପ୍ରଶାସକ ଶ୍ରେଣୀୟ ବ୍ୟକ୍ତି ସେହି ଜମିକୁ ନିଲାମ ଧରି କିଣି ନେଲେ। ଫଳତଃ ଜମିଦାର ମାଲିକାନା ସତ୍ତ୍ୱରେ କେତେକ ପରିବର୍ତ୍ତନ ଘଟିଲା। ନୂତନ ଜମିଦାର ଶ୍ରେଣୀ ସାମାଜିକ ଚେତନାରେ ଭାରସାମ୍ୟ ନ ରଖି ପାରିବାରୁ ଅହମିକାର ବଶବର୍ତ୍ତୀ ହୋଇ ଜନସାଧାରଣଙ୍କର ବହୁ ଅସନ୍ତୋଷର କାରଣ ହେଲେ। ଜମି ହରାଇ କିଛି ଲୋକ ହତାଶାର ଶିକାର ହେଲେ। ସେମାନଙ୍କର ଅର୍ଥନୈତନିକ ମାନଦଣ୍ଡ ଦୁର୍ବଳରୁ ଦୁର୍ବଳତର ହୋଇଗଲା। ବନ୍ୟା, ମରୁଡ଼ିଜନିତ ଦୁର୍ଭିକ୍ଷର କରାଳ ଗ୍ରାସରେ ମଉଳିଗଲା ଉତ୍କଳୀୟ ଜନମାନସରୁ ସରସତା, ଶାନ୍ତି ଓ ଆନନ୍ଦର ଭାବ। ହତାଶା ଓ ଗ୍ଲାନିର ପ୍ରଭାବ ଅନୁଭୂତ ହେଲା ଜନଜୀବନରେ। ୧୮୬୬ ମସିହା ନଅଙ୍କ ଦୁର୍ଭିକ୍ଷ ଯୋଗୁ ଓଡ଼ିଶାର ଯେଉଁ କ୍ଷତି ହେଲା, ତା'ର ତୁଳନା ନାହିଁ। ଅନ୍ନାଭାବରେ ଲୋକମାନେ କ୍ଷୁଧା ନିବାରଣ ନିମନ୍ତେ ନାନା ଅଖାଦ୍ୟ ଖାଇବାରୁ ଏବଂ ପ୍ରଚଣ୍ଡ ରୌଦ୍ରତାପର ପ୍ରଭାବରୁ ଓଲାଉଠା ରୋଗର ପ୍ରାଦୁର୍ଭାବ ଦେଖାଦେଲା। ଦୁର୍ଭିକ୍ଷ ପ୍ରପୀଡ଼ିତ ଜନତାର ଆତଙ୍କିତ ଚିତ୍ତବୃତ୍ତିକୁ ଲକ୍ଷ୍ୟ କରି ଉତ୍କଳଦୀପିକାରେ ପ୍ରକାଶିତ ପ୍ରତିକ୍ରିୟାର କ୍ରିୟଦଂଶ ଉଦାହରଣ ରୂପରେ ଉଲ୍ଲେଖଯୋଗ୍ୟ -

"ଅକାଳ ଚିନ୍ତାରେ ଲୋକଙ୍କ ମନ ଏପରି ବ୍ୟସ୍ତ ଯେ କୌଣସି କଥାରେ କାହାରି ଉତ୍ସାହ କି ମନ ନାହିଁ। କି ଧନୀ କି ଦରିଦ୍ର ଯାହାକୁ ଦେଖ ଏକାଚାଉଳର କଥା ସମସ୍ତଙ୍କ ମୁଖରୁ ଶୁଣାଯାଉଛି। ଚାଉଳ ଦୁଷ୍ପ୍ରାପ୍ୟ ହେତୁ ବହୁ

ସଂଖ୍ୟକ ଲୋକ ସବଂଶରେ ନାଶ ହେଲେ, ବିସ୍ତର ପ୍ରାଣୀ ଶମନଭବନ ନିକଟବର୍ତ୍ତୀ ହୋଇଛନ୍ତି।" ଅନାବୃଷ୍ଟିଜନିତ ଦୁଃଖ ଓ ଯନ୍ତ୍ରଣା ନ ସରୁଣୁ ଅତିବୃଷ୍ଟି ଜନିତ ଦୁଃଖ ଜନଜୀବନକୁ ଆକ୍ରାନ୍ତ କରିଥିଲା। ଫଳତଃ ଓଡ଼ିଶାବାସୀଙ୍କ ଭାଗ୍ୟାକାଶ ଅଧିକରୁ ଅଧିକ ଅନ୍ଧକାରାଚ୍ଛନ୍ନ ହୋଇଗଲା। ଉତ୍କଳଦୀପିକାରେ ୧୮୬୬ ମସିହା ସେପ୍ଟେମ୍ବର ମାସ ୮ ତାରିଖରେ ପ୍ରକାଶିତ ହୋଇଥିଲା।

"ବୋଧହୁଅଇ ଲୋକଙ୍କ ଦୁର୍ଦ୍ଦଶା ଅବଲୋକନରେ ବିଧାତାର ପ୍ରୀତିକର ହେଉଛି କାରଣ ଲୋକମାନେ ଏକପ୍ରକାର ଦୁଃଖରୁ ମୁକ୍ତ ହେବାର ଆଶା ପୋଷଣ କରିବା ମାତ୍ରେ ଅନ୍ୟପ୍ରକାର ଦୁଃଖ ଆସି ତାଙ୍କୁ ନିରାଶ କରୁଛି। ଗତବର୍ଷ ପ୍ରାୟ ସର୍ବତ୍ର ଅନାବୃଷ୍ଟି ହେତୁ ସର୍ବନାଶ ହୋଇଥିଲା। ଏଥର ଅଧିକ ଜଳବୃଷ୍ଟିକୁ ସେହି ଫଳ ପ୍ରାୟ ଘଟୁଅଛି।" ମରୁଡ଼ି ପଛକୁ ବନ୍ୟା ଆସି ଓଡ଼ିଶାର ଅର୍ଥନୈତିକ ମେରୁଦଣ୍ଡକୁ ଭାଙ୍ଗିଦେଇଛି। କରୁଣ କ୍ରନ୍ଦନ ଧ୍ୱନିରେ ପ୍ରକମ୍ପିତ ହୋଇଛି ଗଗନପବନ। ଅନ୍ନ ବିହୁନେ ହାହାକାର ପଡ଼ିଯାଇଛି ଦିଗଦିଗନ୍ତରେ। ଦାରୁଣ ଦୁଃଖରେ ବିଦୀର୍ଣ୍ଣ ହୋଇଛି ମଣିଷର ମନ। ଦୀର୍ଘଶ୍ୱାସରେ ଆଲୋଡ଼ିତ ହୋଇଛି ଓଡ଼ିଶାର ବାତାବରଣ। ଉତ୍କଳଦୀପିକାରେ ପ୍ରକାଶ ପାଇଛି ଏ ସମ୍ପର୍କରେ କବିତାଟିଏ -

"ବୁଡ଼ିଲା ବିଆଳି କେପାରେ ସମ୍ଭାଳି
ଭାଙ୍ଗିଲା ଅନେକ ବନ୍ଧ
ଦୁଇ ସପ୍ତଦିନ ପାଣିରେ ରହିଣ ଗଛ ପଚି ଛାଡ଼େ ଗନ୍ଧ
ସେ ତାହା,
ଦେଖି ମନ ଛାଡ଼ନ୍ତି ଆହା,
ହେବ ଏଥର କେ ଅବା ସାହା, ସରିଗଲା
ଶେଷ ଥିଲା ଯାହା।"

ଉନବିଂଶ ଶତାବ୍ଦୀରେ ଅନ୍ୟତମ କଳଙ୍କିତ ପ୍ରଥା ଥିଲା ସତୀଦାହ ପ୍ରଥା ଯାହା ମାନବିକ ମୂଲ୍ୟବୋଧ ଉପରେ ବହୁ ଭାବରେ କୁଠାରାଘାତ କରୁଥିଲା। ହିନ୍ଦୁଧର୍ମରେ ସ୍ୱାମୀ ସ୍ତ୍ରୀର ଇହକାଳର ଏବଂ ପରକାଳର ଦେବତାର ଆସନରେ ଆସୀନ, ଏହି ବିଶ୍ୱାସ ଥିବାରୁ ସ୍ୱାମୀର ମୃତ୍ୟୁରେ ସ୍ୱାମୀ ସହ ସହଗାମିନୀ ହେବା ପାଇଁ ସ୍ତ୍ରୀ ସ୍ୱାମୀ ଚିତାରେ ଝାସ ଦେଉଥିଲା। ଅଧିକାଂଶ କ୍ଷେତ୍ରରେ ଜବରଦସ୍ତି ସ୍ତ୍ରୀକୁ ସ୍ୱାମୀର ଚିତାରେ ନିକ୍ଷେପ କରାଯାଉଥିଲା।

ବାଲ୍ୟ ବିବାହ ଥିଲା ତତ୍କାଳୀନ ସମାଜରେ ଅନ୍ୟ ଏକ କୁସଂସ୍କାର। ବାଲ୍ୟାବସ୍ଥାରୁ ବିବାହ ସମ୍ପନ୍ନ ହେଉଥିଲା। ଫଳରେ ଉଭୟ ସ୍ୱାମୀ ଓ ସ୍ତ୍ରୀଙ୍କର ଦେହ ଓ ମନର ବିକାଶ ଯଥାସମ୍ଭବ ସଂଗଠିତ ହୋଇପାରୁ ନଥିଲା। ବିଶେଷତଃ ସ୍ୱାମୀର ମୃତ୍ୟୁରେ ବାଲ୍ୟକାଳରୁ ବିଧବା ହୋଇ ଅସହ୍ୟ ଦୁଃଖ, ନିନ୍ଦା, ଅପବାଦର ଶିକାର ହେଉଥିଲା ସ୍ତ୍ରୀ। ବିଧବା ବିବାହର ପ୍ରଚଳନ ମଧ୍ୟ ନ ଥିଲା। ଅବହେଳିତ, ନିର୍ଯ୍ୟାତିତ ବାଲ୍ୟବିଧବାଙ୍କ ଦୀର୍ଘଶ୍ୱାସରେ ପରିବେଶ ସ୍ୱର୍ଶକାତର ହୋଇଉଠୁଥିଲା। ନାରୀଶିକ୍ଷାର ପ୍ରସାର ଓ ପ୍ରଚାର ନ ଥିବାରୁ ଜନଜୀବନରେ ସଚେତନତାର ସ୍ୱର ଶୁଣାଯାଇ ନ ଥିଲା।

ଉନବିଂଶ ଶତାବ୍ଦୀରେ ଇଂରେଜମାନେ ସେମାନଙ୍କର ଶାସନ କାର୍ଯ୍ୟରେ ସୁବିଧା ନିମନ୍ତେ ଓଡ଼ିଶା ଅନ୍ତର୍ଗତ କେତେକ ଅଞ୍ଚଳକୁ ଅନ୍ୟ ଅଞ୍ଚଳ ସହିତ ମିଶାଇ ଦେଇଥିଲେ। ଜମି ଉପରେ ଅଧିକ କର ବୃଦ୍ଧି, ଲବଣର ମୂଲ୍ୟ ବୃଦ୍ଧି, ଗଜପତିଙ୍କ ପ୍ରତି ଅସମ୍ମାନବୋଧ ପାଇକ ବିଦ୍ରୋହର କେତେକ କାରଣ ଭିତରୁ ଗୋଟିଏ ଗୋଟିଏ କାରଣ ହୋଇଥିଲା। ୧୮୧୭ ମସିହାରେ ଘଟିଥିବା ପାଇକ ବିଦ୍ରୋହ ଉତ୍କଳ ଇତିହାସର ଏକ ଅବିସ୍ମରଣୀୟ ଅଧ୍ୟାୟ। ଇଂରେଜ ଶାସନ ପ୍ରଣାଳୀ ବିରୁଦ୍ଧରେ ପ୍ରଚଣ୍ଡ ପ୍ରତିକ୍ରିୟାରୁ ଏହାର ସୃଷ୍ଟି ହୋଇଥିଲା। ୧୮୧୪ ମସିହାର ପ୍ରବର୍ତ୍ତିତ ଲବଣ ଆଇନ ଜନଜୀବନକୁ ଦୁଃଖରେ ଜର୍ଜରିତ କରିଥିଲା। ଅର୍ଥନୈତିକ ଜୀବନ ଅନ୍ତଃସାରଶୂନ୍ୟ ହେବା ଫଳରେ

ସାମାଜିକ ଜୀବନରେ ଦୁଃଖ ଓ ଦୈନ୍ୟର ଆଧିପତ୍ୟ ଅନୁଭୂତ ହେଲା। ବିଚାରାଳୟରେ ଉତ୍କୋଚର ପ୍ରାବଲ୍ୟ ହେତୁ ଜନସାଧାରଣ କଚେରୀକୁ ଯିବାକୁ ଇଚ୍ଛା କରୁନଥିଲେ। ଭାଗ୍ୟ ଆଦରି ଦୁଃଖ ସହିବା ଅପେକ୍ଷା ଅନ୍ୟ ଉପାୟ କିଛି ନ ଥିଲା।

ଇଂରେଜମାନେ ଓଡ଼ିଶାର ଧର୍ମ ଓ ସଂସ୍କୃତିକୁ ପ୍ରଭାବିତ କରିବା ପାଇଁ ଦୃଢ଼ ପଦକ୍ଷେପ ନେଇଥିଲେ। ଖ୍ରୀଷ୍ଟଧର୍ମର ପ୍ରଚାର ପାଇଁ ସେମାନେ ଯଥାସାଧ୍ୟ ଉଦ୍ୟମ କରିଥିଲେ।

ଆଧୁନିକ ଶିକ୍ଷାନୀତି ପ୍ରବର୍ତ୍ତିତ ହେବା ଫଳରେ ପାଶ୍ଚାତ୍ୟ ସଂସ୍କୃତିର ପ୍ରଚାର ପାଇଁ ବିପୁଳ ସୁଯୋଗ ସୃଷ୍ଟି ହୋଇଥିଲା। ରକ୍ଷଣଶୀଳ ଉତ୍କଳୀୟ ଜନମାନସ କିନ୍ତୁ ସହଜରେ ଆଧୁନିକ ଶିକ୍ଷାକୁ ଗ୍ରହଣ କରିପାରିନଥିଲା। ଓଡ଼ିଆ ଜାତିର ସାଥୀ ଓ ସାରଥୀ ଶ୍ରୀଜଗନ୍ନାଥଙ୍କୁ ଘୃଣା ଚକ୍ଷୁରେ ଇଂରେଜମାନେ ଦେଖୁଥିବାରୁ ଓଡ଼ିଆ ଲୋକମାନେ ଇଂରେଜ ଶାସନ ପ୍ରତି ଗଭୀର ଅନାସକ୍ତି ପ୍ରକଟ କରିଥିଲେ। ସଟନ୍ ସାହେବ କୋଣାର୍କ ମନ୍ଦିରର କାରୁକାର୍ଯ୍ୟକ ଅଶ୍ଳୀଳତାର ପ୍ରତୀକ ରୂପେ ବିଚାର କରିବା ସଙ୍ଗେ ସଙ୍ଗେ ଓଡ଼ିଆ ଜାତିର ଚିନ୍ତା ଓ ଚେତନାକୁ ଘୃଣା ଚକ୍ଷୁରେ ଦେଖୁଥିଲେ। ରଥଯାତ୍ରାକାଳୀନ ରଥଗୀତ, ସେବକମାନଙ୍କର ନୃତ୍ୟ ତାଙ୍କୁ ଅଶୋଭନୀୟ ମନେ ହେଉଥିଲା। ଓଡ଼ିଶାର ପବିତ୍ର ପରମ୍ପରା ଉପରେ ଆଘାତ କରିବାର ମୂଳ କାରଣ ଥିଲା ଖ୍ରୀଷ୍ଟଧର୍ମ ପ୍ରତି ଲୋକଙ୍କୁ ଆକୃଷ୍ଟ କରାଇବା।

ଶିକ୍ଷାର ପ୍ରସାର ନିମନ୍ତେ ମିଶନାରୀଙ୍କର ଉଦ୍ୟମକୁ ତ୍ୱରାନ୍ୱିତ କରିବା ଦିଗରେ ମୁଦ୍ରଣଯନ୍ତ୍ରର ପ୍ରତିଷ୍ଠାର ଭୂମିକା ଥିଲା ଗୁରୁତ୍ୱପୂର୍ଣ୍ଣ। ପାଦ୍ରି ରେଭରେଣ୍ଡ ଲେସିଙ୍କ ପ୍ରଚେଷ୍ଟାରେ ୧୮୩୭ ମସିହାରେ ମୁଦ୍ରଣ ଯନ୍ତ୍ରଣ କଟକ ମିଶନ ପ୍ରେସ ପ୍ରତିଷ୍ଠିତ ହେଲା। ୧୮୬୬ ସାଲରେ ପ୍ରତିଷ୍ଠିତ ହେଲା କଟକ ପ୍ରିଣ୍ଟିଂ ପ୍ରେସ। ପରେ ଫକୀରମୋହନଙ୍କ ଦ୍ୱାରା ଉତ୍କଳ ପ୍ରିଣ୍ଟିଂ ପ୍ରେସ ପ୍ରତିଷ୍ଠିତ ହେଲା। କ୍ରମେ କ୍ରମେ ଉତ୍କଳ ହିତୈଷିଣୀ ପ୍ରେସ (୧୮୮୩), ଭକ୍ତି ପ୍ରଦାୟିନୀ ଯନ୍ତ୍ରାଳୟ (୧୮୭୪), ମୟୂରଭଞ୍ଜ ପ୍ରେସ (୧୮୭୯), ଭିକ୍‌ଟୋରିଆ ପ୍ରେସ୍ (୧୮୮୫) ଇତ୍ୟାଦି ପ୍ରେସ ପ୍ରତିଷ୍ଠିତ ହୋଇଥିଲା। ଏତଦ୍‌ବ୍ୟତୀତ ୧୮୯୦ରେ ପୁରୀର ପ୍ରିଣ୍ଟିଂ କର୍ପୋରେସନ ପ୍ରେସ, ୧୮୯୪ରେ ରାୟପ୍ରେସ, ୧୮୯୯ରେ ଦର୍ପଣୀ ପ୍ରେସ ଇତ୍ୟାଦି ଅନ୍ୟ କେତେକ ପ୍ରେସ ପ୍ରତିଷ୍ଠା କରାଗଲା। ଏହି ପ୍ରେସଗୁଡ଼ିକରେ ପାଠ୍ୟପୁସ୍ତକ ମୁଦ୍ରଣ, ପତ୍ରପତ୍ରିକାର ମୁଦ୍ରଣ କାର୍ଯ୍ୟ କରାଯାଉଥିଲା।

ମୁଦ୍ରଣ ଯନ୍ତ୍ର ଯୋଗୁ ବହୁ ପତ୍ରପତ୍ରିକାର ପ୍ରଚାର ଓ ପ୍ରସାର ନିମନ୍ତେ ବିପୁଳ ସୁଯୋଗ ସୃଷ୍ଟି ହେଲା।

ପ୍ରଥମ ମୁଦ୍ରିତ ପତ୍ରିକା ମିଶନାରୀମାନଙ୍କ ଦ୍ୱାରା ଆତ୍ମପ୍ରକାଶ ଲାଭ କରିଥିଲା। ଜ୍ଞାନାରୁଣ ପତ୍ରିକା ପ୍ରକାଶିତ ହେଲା ୧୮୪୯ ମସିହାରେ ସି. ଲେସିଙ୍କ ସମ୍ପାଦନାରେ। ୧୮୫୬ ମସିହାରେ ପ୍ରକାଶିତ ହେଲା ପ୍ରବୋଧ ଚନ୍ଦ୍ରିକା ପତ୍ରିକା। ୧୮୬୬ ମସିହାରେ ଆତ୍ମପ୍ରକାଶ କଲା ଉତ୍କଳ ଦୀପିକା ପତ୍ରିକା ଯହିଁରେ ତତ୍କାଳୀନ ଜୀବନର ଚିତ୍ର ଉପସ୍ଥାପିତ ହୋଇଥିଲା। ପରେ ପରେ ବାଲେଶ୍ୱର ସମ୍ବାଦବାହିକା (୧୮୬୯), ଉତ୍କଳ ହିତୈଷିଣୀ (୧୮୬୯), ଉତ୍କଳ ଦର୍ପଣ (୧୮୭୩) ମସିହାରେ ପ୍ରକାଶିତ ହୋଇଥିଲା। ଉତ୍କଳ ଦୀପିକା ବାଲେଶ୍ୱର ସମ୍ବାଦ ବାହିକା ଦ୍ୱୟରେ ଭାଷା ବିଲୋପ ଆନ୍ଦୋଳନ ଏବଂ ନଅଙ୍କ ଦୁର୍ଭିକ୍ଷର ସ୍ପଷ୍ଟ ଆଲେଖ୍ୟ ଅଙ୍କିତ ହୋଇଥିଲା। ଭାଷା ବିଲୋପ ଆନ୍ଦୋଳନର ଆହ୍ୱାନ, ପ୍ରଭାବ ଓ ପ୍ରତିକ୍ରିୟା ଯୋଗୁ ଆଧୁନିକ ଓଡ଼ିଆ ସାହିତ୍ୟର ସ୍ୱରୂପ ଓ ସ୍ୱଭାବ କେତେକାଂଶରେ ପ୍ରଭାବିତ ହୋଇଥିଲା। ଭାଷା ହେଉଛି ସାହିତ୍ୟର ଅଭିବ୍ୟକ୍ତି ପାଇଁ ବଳିଷ୍ଠ ମାଧ୍ୟମ। ଭାଷା ପ୍ରତି ପରିବେଶରେ ଆସ୍ଥା ପ୍ରକଟିତ ନ ହେଲେ ସାହିତ୍ୟ ସୃଷ୍ଟି ନିମ୍ନମାନର ହୋଇଯିବ, ଏଥିରେ ସନ୍ଦେହ ନାହିଁ। କାନ୍ତିଚନ୍ଦ୍ର ଭଟ୍ଟାଚାର୍ଯ୍ୟଙ୍କର 'ଉଡ଼ିୟା ଏକ ସ୍ୱତନ୍ତ୍ର ଭାଷା ନୟେ' ପ୍ରଚାରକୁ ପ୍ରତିରୋଧ କରିବା ସଙ୍ଗେ ସଙ୍ଗେ ତତ୍କାଳୀନ ଚିନ୍ତାଶୀଳ ଦେଶପ୍ରେମୀ ସୃଜନଶୀଳ ସ୍ରଷ୍ଟାମାନେ ନୂତନ ସାହିତ୍ୟ ସୃଷ୍ଟି ପାଇଁ ପ୍ରଗାଢ଼ ଉଦ୍ୟମ କରିଥିଲେ। ଓଡ଼ିଆ ଭାଷାର ସୁରକ୍ଷା ନିମନ୍ତେ ବୀମସ୍ ସାହେବଙ୍କର କେତେକ ଗବେଷଣାମୂଳକ ପ୍ରବନ୍ଧ, ହଣ୍ଟର ସାହେବଙ୍କ ଓଡ଼ିଶା ଇତିହାସ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିଲା। ୧୮୬୯ରେ ଭାଷାବିଲୋପ ଆନ୍ଦୋଳନର ପ୍ରଭାବ ଅତ୍ୟନ୍ତ ଶାଣିତ ହେଲେ ମଧ୍ୟ ତା'ର ଯଥେଷ୍ଟ ପୂର୍ବରୁ

ଏହାର ସ୍ଥିତି ଅନୁଭବ କରି ହେଉଥିଲା। ୧୮୭୧/୭୨ ବେଳକୁ ଏହି ଆନ୍ଦୋଳନ ପ୍ରଶମିତ ହେବା ଫଳରେ ପରବର୍ତ୍ତୀ ଓଡ଼ିଆ ସାହିତ୍ୟ ଉପରେ ତା'ର ପ୍ରଭାବ ଯଥେଷ୍ଟ ଦୃଷ୍ଟିଗୋଚର ହେଲା। ଉନବିଂଶ ଶତକର ଶେଷ ଦୁଇ ଦଶକରେ ମଧ୍ୟ କେତେକ ପତ୍ରପତ୍ରିକା ପ୍ରକାଶିତ ହୋଇ ଓଡ଼ିଆ ଭାଷା ଓ ସାହିତ୍ୟର ବିଶେଷ ପ୍ରତିଷ୍ଠା ନିମନ୍ତେ ସକ୍ରିୟ ସହଯୋଗ କରିଥିଲେ। ସେଗୁଡ଼ିକ ମଧ୍ୟରେ ଉତ୍କଳପ୍ରଭା (୧୮୯୧), ଇନ୍ଦ୍ରଧନୁ (୧୮୯୩), ବିଜୁଳି (୧୮୯୩), ବ୍ରାହ୍ମ (୧୮୯୪), ଉତ୍କଳବନ୍ଧୁ (୧୯୮୬), ଉତ୍କଳ ସାହିତ୍ୟ (୧୮୯୬) ଇତ୍ୟାଦି ଅନ୍ୟତମ।

ଇଂରେଜ ଶାସନର ପ୍ରାରମ୍ଭରେ ପାଶ୍ଚାତ୍ୟ ଶିକ୍ଷା ପାଇଁ ସ୍କୁଲ ପ୍ରତିଷ୍ଠିତ ହୋଇନଥିଲା। କିଛି ବର୍ଷ ପରେ ଇଂରାଜୀ ସ୍କୁଲ ପ୍ରତିଷ୍ଠା କରାଗଲେ ମଧ୍ୟ ପ୍ରଥମେ ପ୍ରଥମେ ଧର୍ମହାନି ଭୟରେ ଏଥିରେ ଛାତ୍ରମାନେ ଯୋଗଦେଇ ଶିକ୍ଷାର୍ଜନ କରିନଥିଲେ। ୧୮୭୦ ମସିହା ବେଳକୁ ପ୍ରାୟ ୯୫ଟି ସ୍କୁଲ ପରିଚାଳିତ ହେଉଥିଲା। ଓଡ଼ିଶାବାସୀଙ୍କର ଆଭିମୁଖ୍ୟ କ୍ରମଶଃ ପରିବର୍ତ୍ତିତ ହୋଇଥିଲା। ୧୮୭୦ ପରେ ଦେଶରେ ବହୁ ସଂଖ୍ୟାରେ ନିମ୍ନ ଶ୍ରେଣୀର ସ୍କୁଲ ଆରମ୍ଭ କରାଗଲା। ସ୍କୁଲରେ ଉପଯୁକ୍ତ ବାତାବରଣ ସୃଷ୍ଟି ହେବା ଯୋଗୁ ଇଂରେଜି ଶିକ୍ଷା ପ୍ରତି ଜନଜୀବନରେ ଆକର୍ଷଣ ବୃଦ୍ଧି ପାଇଲା। ଆଧୁନିକ ଶିକ୍ଷାର ବିସ୍ତାର କ୍ରମଶଃ ଓଡ଼ିଶାରେ ଅନୁଭବ କରାଗଲା। ନୂତନ ଶିକ୍ଷିତ ଶ୍ରେଣୀର ଆବିର୍ଭାବ ଘଟିବା ଫଳରେ ପରିବେଶରେ ପରିବର୍ତ୍ତନର ସୂତ୍ରପାତ ହେଲା। ଆଧୁନିକ ଓଡ଼ିଆ ସାହିତ୍ୟର ବିକାଶ ଦିଗରେ ଏହି ଶିକ୍ଷିତ ଗୋଷ୍ଠୀର ଅବଦାନ ଅବିସ୍ମରଣୀୟ। ୧୮୬୮ରେ ପ୍ରତିଷ୍ଠିତକଲେଜର ନାମ ୧୮୮୦ରେ ହେଲା ରେଭେନ୍‌ସା କଲେଜ। ଏହି କଲେଜର ଅବଦାନ ଉଚ୍ଚଶିକ୍ଷା କ୍ଷେତ୍ରରେ ସ୍ୱତନ୍ତ୍ର ଓ ଅଭିନବ ଥିଲା କହିଲେ ଅତ୍ୟୁକ୍ତି ହେବ ନାହିଁ। ରେଭେନ୍‌ସା କଲେଜ ସ୍ଥାପିତ ହେବା ପରେ ଯଦୁମଣି ଘୋଷ, ଦୁର୍ଗା ଚରଣ ସାହୁ, ଗୋପାଳ ବଲ୍ଲଭ ଦାସ ହେଉଛନ୍ତି ଏହାର ପ୍ରଥମ ଏଫ.ଏ, ବି.ଏ, ଏମ୍.ଏ ଶ୍ରେଣୀର ପାସ ଛାତ୍ର। ଭଗବତୀ ଚାଟାର୍ଜୀ, ବଳରାମ ଦାସ, ଚତୁର୍ଭୁଜ ପଟ୍ଟନାୟକ, ମଧୁସୂଦନ ରାଓ ଇତ୍ୟାଦି ବିଶିଷ୍ଟ ବ୍ୟକ୍ତିମାନେ ଏହି ଅନୁଷ୍ଠାନରେ ଶିକ୍ଷାଲାଭ କରି ନିଜକୁ ଦେଶ ଓ ଜାତିର ସେବାରେ ଉତ୍ସର୍ଗ କରିଥିଲେ। ୧୮୬୮-୮୦ ମସିହା ଭିତରେ ପଣ୍ଡିତ କପିଳେଶ୍ୱର ବିଦ୍ୟାଭୂଷଣ, ପଣ୍ଡିତ ଗୋବିନ୍ଦ ରଥ, ଗୌରୀଶଙ୍କର ରାୟ, ବିଚ୍ଛନ୍ଦ ଚରଣ ପଟ୍ଟନାୟକ, ନିମାଇଁ ବଲ୍ଲଭ ବିଦ୍ୟାସାଗର, ପ୍ରଭାକର ବିଦ୍ୟାରତ୍ନ, ଭୁବନେଶ୍ୱର ଦତ୍ତ, ଉମେଶ ଚନ୍ଦ୍ରବସୁ ପ୍ରଭୃତି ବିଶିଷ୍ଟ ଶିକ୍ଷାବିତ୍‌ମାନେ ଓଡ଼ିଆ ଭାଷା ସାହିତ୍ୟର ଯେଉଁ ଉନ୍ନତି ସାଧନ କରିଯାଇଛନ୍ତି, ତାହାର ତୁଳନା ନାହିଁ। ୧୮୯୧-୧୯୦୦ ଭିତରେ ଗୋପାଳ ଚନ୍ଦ୍ର ପ୍ରହରାଜ, ଅଭିରାମ ଭଞ୍ଜ, ନନ୍ଦକିଶୋର ବଳ, ଗୋପବନ୍ଧୁ ଦାସ ପ୍ରମୁଖ ଲିପିଶିଳ୍ପୀମାନେ ଓଡ଼ିଆ ସାହିତ୍ୟର ଅଶେଷ ଉନ୍ନତି ସାଧନ କରି ଯଶୋଦେହରେ ଆୟୁଷ୍ମାନ ହୋଇରହିଛନ୍ତି।

ଧାର୍ମିକ ଆନ୍ଦୋଳନର ଭୂମି ଓ ଭୂମିକା :

ଉତ୍କଳଭୂମିର ଧାର୍ମିକ ଅନୁଚିନ୍ତା କାଳେ କାଳେ ସ୍ୱତନ୍ତ୍ର ସ୍ଥିତିରେ ଅଧିଷ୍ଠିତ ଓ ଗୁରୁତ୍ୱପୂର୍ଣ୍ଣ ଭୂମିକାର ଅଧିକାରୀ। ଧର୍ମବିଶ୍ୱାସ ଉତ୍କଳୀୟ ଜନତାର ମୂଳମନ୍ତ୍ର। ଦୁଃଖରେ, ସୁଖରେ, ସୁବିଧା ଅସୁବିଧାରେ ଧର୍ମକୁ ମହତପଣିଆ ବୋଲି ବିଚାର କରି ଉତ୍କଳବାସୀ ଆତଯାତ ହୋଇଥାନ୍ତି। ଧର୍ମ ଏକ ଶକ୍ତି ଯାହା ମଣିଷକୁ କର୍ଦ୍ଦମରୁ ଭାଗବତୀ ଚେତନା ପର୍ଯ୍ୟନ୍ତ ଉତ୍ତୋଳନ କରି ଦେଇପାରେ। ମନକୁ ନିର୍ମଳ କରେ, ହୃଦୟକୁ ପ୍ରଶସ୍ତ କରେ, ପ୍ରାଣସତ୍ତାକୁ ପବିତ୍ର ଓ ପ୍ରଶାନ୍ତ କରେ ଧାର୍ମିକ ଅନୁଚିନ୍ତା। ଧାର୍ମିକ ଚେତନା ଏକ ମୁଗ୍ଧ ଅନୁଭବ, ଅନ୍ତରର ସ୍ୱଚ୍ଛ ବିମୁକ୍ତ ବୋଧଶକ୍ତି ଯାହା ଆତ୍ମସନ୍ତୋଷ ଆଣିଦିଏ ମଣିଷ ମନରେ। ଆତ୍ମସଚେତନ ବ୍ୟକ୍ତି ନିମନ୍ତେ ଆବଶ୍ୟକୀୟ ସାମର୍ଥ୍ୟ ଚେତନାରୁ ମିଳିଥାଏ। ମହତ୍ତର ତଥା ବୃହତ୍ତର ସତ୍ତା ସହିତ ଏକାତ୍ମ ହେବାର ବଳିଷ୍ଠ ପ୍ରୟାସ ହିଁ ଧାର୍ମିକ ଚେତନାର ଅନ୍ତର୍ଭୁକ୍ତ। ସାଧାରଣ ଜୀବନକୁ ତାହା ସୁସ୍ଥ, ସୁନ୍ଦର, ବିକଶିତ କରିଥାଏ। ମାନବିକତା ହେଉଛି ଧର୍ମ ଧାରଣାର ମୂଳତତ୍ତ୍ୱ। ଯେଉଁଠାରେ ମାନବିକତା ନାହିଁ ବା ପ୍ରକାଶିତ ହେବା ପାଇଁ ପରିବେଶ ନାହିଁ, ସେଠାରେ ଧର୍ମର ସ୍ଥିତି ନାହିଁ ବୋଲି ମୁକ୍ତ କଣ୍ଠରେ କୁହାଯାଇପାରେ।

ଉନବିଂଶ ଶତାବ୍ଦୀର ପରିବେଶ ବହୁଳ ପରିବର୍ତ୍ତନରେ ସମ୍ମୁଖୀନ ହେବା ଫଳରେ ଉତ୍କଳୀୟ ଜୀବନଧାରାରେ କେତେକ ପରିବର୍ତ୍ତନ ସଂଗଠିତ ହେଲା। ଧାର୍ମିକ ଚେତନା କ୍ଷେତ୍ରରେ ମଧ୍ୟ କେତେକ ପରିବର୍ତ୍ତନ ଦୃଷ୍ଟି ପଥାରୂଢ଼ ହେଲା। ଖ୍ରୀଷ୍ଟିୟାନ ଧର୍ମର ପ୍ରଭାବ ବିସ୍ତାର କରିବା ପାଇଁ ଶାସକ ଶ୍ରେଣୀଭୁକ୍ତ ଇଂରେଜମାନେ ଯଥାଶକ୍ତି କାର୍ଯ୍ୟାନୁଷ୍ଠାନ କରିଥିଲେ।

୧୮୨୨ ମସିହାରେ ଖ୍ରୀଷ୍ଟିୟାନ ପାଦ୍ରିମାନେ ଓଡ଼ିଶାରେ ପ୍ରବେଶ କରି ନିଜ ଧର୍ମ ପ୍ରଚାରର ପଥ ସୁଗମ କରିବା ନିମନ୍ତେ ଆନ୍ତରିକ ପ୍ରୟାସ କରିଥିଲେ। ଶିକ୍ଷାନୁଷ୍ଠାନ ମାଧ୍ୟମରେ ଧର୍ମପ୍ରଚାର ନିମନ୍ତେ ସୁଯୋଗ ସୃଷ୍ଟି କରିବା ଥିଲା ତାଙ୍କର ଲକ୍ଷ୍ୟ ଓ ଆଭିମୁଖ୍ୟ। ଅବଶ୍ୟ ଓଡ଼ିଶାରେ ଖ୍ରୀଷ୍ଟଧର୍ମ ପ୍ରଚାର ବଙ୍ଗଳା ଅପେକ୍ଷାରେ ସମାହିତ ହୋଇଥିଲା। ବାଲେଶ୍ୱରକୁ ଧର୍ମ ପ୍ରଚାର ଉଦ୍ଦେଶ୍ୟରେ ଆସିଥିଲେ ପ୍ରଥମେ ମିଷ୍ଟର ପିଟରସ୍। ୧୮୨୨ ମସିହାରେ ଜୁନ୍ ୧ ତାରିଖରେ କଟକରେ ପ୍ରତିଷ୍ଠିତ ହେଲା ପ୍ରଥମ ବିଦ୍ୟାଳୟ। ୧୮୨୩ ମସିହାରେ ଲେସି ସାହେବ ଓ ତାଙ୍କ ପତ୍ନୀ, ୧୮୨୫ରେ ସଟନ୍ ସାହେବ ଓ ତାଙ୍କ ପତ୍ନୀ, ୧୮୩୦ରେ ଉଇଲିୟମ ବ୍ରାଉନ, ୧୮୩୩ରେ ଜେ. ଗୋବୀ ଓ ତାଙ୍କ ପତ୍ନୀ ଓଡ଼ିଶା ଆସି ଧର୍ମ ପ୍ରଚାର ନିମନ୍ତେ ଯତ୍ନ କରିଥିଲେ। କ୍ରମେ କ୍ରମେ ଶିକ୍ଷାର ବିସ୍ତାର ହେବା ଫଳରେ ନୂତନ ଶୈଳୀରେ ରଚିତ ପାଠ୍ୟପୁସ୍ତକମାନଙ୍କ ମାଧ୍ୟମରେ ଧର୍ମ ପ୍ରଚାର କାର୍ଯ୍ୟ ସୁଗମ ହେଲା। ପ୍ରାଥମିକ ଅବସ୍ଥାରେ ଓଡ଼ିଶାର ଜନସାଧାରଣ ଖ୍ରୀଷ୍ଟଧର୍ମ ପ୍ରତି ଆକୃଷ୍ଟ ହୋଇନଥିଲେ ମଧ୍ୟ ପରେ ପରେ ପୂର୍ବ ଧାରଣା ବଦଳାଇ ନବାଗତ ଧର୍ମଧାରା ସମ୍ପର୍କରେ କିଛି ତଥ୍ୟ ଜାଣିବା ପାଇଁ ଆଗ୍ରହ ପ୍ରକାଶ କଲେ। ସ୍ତ୍ରୀ ଶିକ୍ଷା ପ୍ରତି ଆଗ୍ରହ ପ୍ରକାଶ କରିଥିଲେ ପାଦ୍ରିମାନେ। ତାଙ୍କର ଲକ୍ଷ୍ୟ ଥିଲା ଓଡ଼ିଶାର ତଥା ଭାରତର ନାରୀଶକ୍ତିକୁ ଖ୍ରୀଷ୍ଟଧର୍ମ ପ୍ରତି ଆକୃଷ୍ଟ କରାଇବା। ଡଃ ଥମାସ ସ୍ମିଥ ନାମକ ଜଣେ ପାଦ୍ରି ସ୍ତ୍ରୀ ଶିକ୍ଷା ମାଧ୍ୟମରେ ଭାରତକୁ ଖ୍ରୀଷ୍ଟଧର୍ମାଦର୍ଶରେ ଅନୁପ୍ରାଣିତ କରିବା ନିମନ୍ତେ ପ୍ରଚେଷ୍ଟା କରିଥିଲେ ବୋଲି ସ୍ୱୀକାର କରିଛନ୍ତି।

ଜନଗହଳିପୂର୍ଣ୍ଣ ତୀର୍ଥସ୍ଥାନମାନଙ୍କରେ, ଶିକ୍ଷାନୁଷ୍ଠାନ ନିକଟରେ, ହାଟବଜାର ନିକଟରେ, ଖ୍ରୀଷ୍ଟଧର୍ମ ଗ୍ରନ୍ଥ ସବୁ ବିନା ମୂଲ୍ୟରେ ବଣ୍ଟନ କରୁଥିଲେ ଧର୍ମପ୍ରଚାରକମାନେ। କ୍ରମଶଃ ସାହେବମାନଙ୍କର ଆଚାର ବ୍ୟବହାର ଶିକ୍ଷିତ ଜନତାଙ୍କୁ କେତେକାଂଶରେ ଆକୃଷ୍ଟ କରିଥିଲା। କେତେକ ଶିକ୍ଷିତ ବ୍ୟକ୍ତି ମଧ୍ୟ ଧର୍ମାନ୍ତର ଗ୍ରହଣ କରିବାକୁ କୁଣ୍ଠିତ ହେଲେ ନାହିଁ। ୧୮୨୮ ଖ୍ରୀଷ୍ଟାବ୍ଦରେ ଲେସି ସାହେବଙ୍କ ଦ୍ୱାରା ପ୍ରରୋଚିତ ହୋଇ ଗଙ୍ଗାଧର ଷଡ଼ଙ୍ଗୀ ନାମକ ଜଣେ ବ୍ୟକ୍ତି ଖ୍ରୀଷ୍ଟଧର୍ମ ଗ୍ରହଣ କରିଥିଲେ। ୧୮୩୦ ଖ୍ରୀଷ୍ଟାବ୍ଦରେ ରାମଚନ୍ଦ୍ର ଯାଚକ ଖ୍ରୀଷ୍ଟଧର୍ମରେ ଦୀକ୍ଷିତ ହୋଇଥିଲେ। ୧୮୬୬ ମସିହାର ନଅଙ୍କ ଦୁର୍ଭିକ୍ଷର କବଳରେ ପଡ଼ି ଅନ୍ୟ ଉପାୟ ନ ପାଇ କେତେକ ହିନ୍ଦୁ ଧର୍ମାନ୍ତରିତ ହୋଇଥିଲେ।

ଏକଥା ସ୍ପଷ୍ଟ ଭାବରେ ସ୍ୱୀକାର୍ଯ୍ୟ ଯେ ଆଧୁନିକ ଓଡ଼ିଆ ସାହିତ୍ୟର ଉନ୍ମେଷ ଉନବିଂଶ ଶତାବ୍ଦୀର ଓଡ଼ିଶାର ରାଜନୈତିକ, ଧାର୍ମିକ, ସାମାଜିକ ତଥା ସାଂସ୍କୃତିକ ପରିବେଶ ଦ୍ୱାରା ପ୍ରଭାବିତ ହୋଇ ସଂଗଠିତ ହୋଇଛି।

ବିବେକୀ ପ୍ରବନ୍ଧ ଓ ସ୍ରଷ୍ଟା ରାଧାନାଥ

ଭାରତୀୟ ସାହିତ୍ୟରେ ପ୍ରବନ୍ଧ ଶବ୍ଦଟିର ପ୍ରାଚୀନ ଅର୍ଥ ଯାହା ଥିଲା, ତାହା ସହିତ ନୂତନ ଅର୍ଥର କିଛି ସମ୍ପର୍କ ନାହିଁ। ଆଜିର ଅର୍ଥରେ ପ୍ରବନ୍ଧ ହେଉଛି ଗଦ୍ୟର ଏକ ରୁଚିକର ଚାରୁକଳା। ପ୍ରାଚୀନ ଅର୍ଥରେ ପ୍ରବନ୍ଧ ଥିଲା ପଦ୍ୟମୂଳକ। କବି ଜୟଦେବ ତାଙ୍କର ରାଧାମାଧବ ଲୀଳା ବିଳାସଭିତ୍ତିକ 'ଗୀତଗୋବିନ୍ଦ' ଗ୍ରନ୍ଥକୁ ପ୍ରବନ୍ଧ ନାମରେ ଅଭିହିତ କରିଛନ୍ତି। ତାଙ୍କ ଭାଷାରେ, "ଶ୍ରୀ ବାସୁଦେବ-ରତି କେଳିକଥା ସମେତ ମେତଂ କରୋତି ଜୟଦେବ କବିଃ ପ୍ରବନ୍ଧଃ"। ଅତୀତରେ ଓଡ଼ିଆ ସାହିତ୍ୟରେ ପ୍ରବନ୍ଧ ଶବ୍ଦଟିକୁ ପଦ୍ୟ ଅର୍ଥରେ ବ୍ୟବହାର କରାଯିବାର ବହୁଳ ଦୃଷ୍ଟାନ୍ତ ରହିଛି। ପଞ୍ଚସଖା ସାହିତ୍ୟର ସ୍ୱନାମଧନ୍ୟ କବି ଜଗନ୍ନାଥ ଦାସ ସ୍ୱକୃତ ଓଡ଼ିଆ ଭାଗବତରେ କହିଛନ୍ତି, 'ଭାଷା ପ୍ରବନ୍ଧେ ଭାଗବତ, କହଇ ଦାସ ଜଗନ୍ନାଥ'। ତାଙ୍କ ପରେ ବିଦଗ୍ଧ କବି ଅଭିମନ୍ୟୁ ମଧ୍ୟ ପ୍ରବନ୍ଧକୁ ପଦ୍ୟ ଅର୍ଥରେ ଗ୍ରହଣ କରି କହିଛନ୍ତି, 'ଯମକାଦି ଚିତ୍ରକାବ୍ୟ ପ୍ରବନ୍ଧେ ପ୍ରବନ୍ଧ' ପୁନଶ୍ଚ କବି ଯଦୁମଣି ତାଙ୍କ ପ୍ରବନ୍ଧ ପୂର୍ଣ୍ଣଚନ୍ଦ୍ରର ପ୍ରଥମ ଛାନ୍ଦରେ କହିଛନ୍ତି, "ଦ୍ୱିବିଧ ପୂର୍ଣ୍ଣଚନ୍ଦ୍ର ସିଦ୍ଧି ନିର୍ବନ୍ଧେ ପ୍ରବନ୍ଧ ହୋଇଲା ଖ୍ୟାତ"। ଆଜି କିନ୍ତୁ ପ୍ରବନ୍ଧ ଏକ ଗଦ୍ୟଶିଳ୍ପ, ଏଥିରେ ପଦ୍ୟାତ୍ମକତାର ସ୍ପର୍ଶ ନାହିଁ। ଏହାର ରଚନାରୀତି ଓ ଆବେଦନରେ ବହୁଳ ପରିବର୍ତ୍ତନ ତଥା ସ୍ୱତନ୍ତ୍ରତା ପରିଲକ୍ଷିତ ହୁଏ। ଆଜିର ପ୍ରବନ୍ଧ ଇଂରାଜୀ Essayର ଓଡ଼ିଆ ପ୍ରତିଶବ୍ଦ ଭାବରେ ଗୃହୀତ ଓ ବ୍ୟବହୃତ। ତେଣୁ ପ୍ରବନ୍ଧର ଗଠନ ରୀତି ଇଂରାଜୀ Essayର ଗଠନରୀତି ସହିତ ସମ୍ପର୍କିତ। ଇଂରାଜୀରେ Essayର ସଂଜ୍ଞା ସହିତ ପ୍ରବନ୍ଧର ସଂଜ୍ଞା କେତେକାଂଶରେ ସମ୍ବନ୍ଧିତ। 'The Advanced Learner's Dictionary' ଅନୁସାରେ ପ୍ରବନ୍ଧର ସଂଜ୍ଞା ଏହିପରି - 'Piece of writing usally short and is prose on any subject'। ପ୍ରବନ୍ଧର ପରିସର ଅତ୍ୟନ୍ତ ବିସ୍ତୃତ, ଜୀବନର ପ୍ରତ୍ୟେକ ଦିଗ ଓ ଦିଗନ୍ତକୁ ସ୍ପର୍ଶ କରିପାରେ ପ୍ରବନ୍ଧର ପରିମିତି। ବିଜ୍ଞାନ ଠାରୁ ଆରମ୍ଭ କରି ବ୍ୟକ୍ତିଗତ ଅନୁଭୂତି ପର୍ଯ୍ୟନ୍ତ ପ୍ରତ୍ୟେକ ଉପାଦାନକୁ ନେଇ ପ୍ରବନ୍ଧ ଲିଖିତ ହୋଇପାରେ।

ଆଧୁନିକ ଓଡ଼ିଆ ସାହିତ୍ୟରେ ପ୍ରବନ୍ଧ ଏକ ଅଭିନନ୍ଦିତ ବିଭବ। ଜୀବନର ସ୍ୱରୂପ ଓ ସ୍ୱଧର୍ମ ଏଥିରେ ପ୍ରକଟିତ ହୋଇପାରୁଛି। କଳ୍ପନା ବିଳାସର କାଉଁରୀ ସ୍ପର୍ଶ ନୁହେଁ, ବାସ୍ତବତାର ସୁବର୍ଣ୍ଣ ସ୍ୱାକ୍ଷର ନେଇ ମୂର୍ତ୍ତିମନ୍ତ ଓ ଦୀପ୍ତିବନ୍ତ ଓଡ଼ିଆ ପ୍ରବନ୍ଧ ଆଜି ଉଚ୍ଚମାନର ଅଧିକାରୀ। ଓଡ଼ିଆ ପ୍ରବନ୍ଧର ଜନ୍ମତିଥି ଉନବିଂଶ ଶତାବ୍ଦୀର ଶେଷ ତିନି ଦଶକ ବୋଲି ବିଚାର କରାଯାଏ। ପ୍ରବନ୍ଧର ଜନ୍ମ ପାଇଁ ପତ୍ରପତ୍ରିକାର ଅବଦାନ ଅବିସ୍ମରଣୀୟ। ଓଡ଼ିଶାରେ ପାଶ୍ଚାତ୍ୟ ଶିକ୍ଷାର ପ୍ରବର୍ତ୍ତନ ଫଳରେ ସାହିତ୍ୟ ସୃଷ୍ଟି କ୍ଷେତ୍ରରେ କେତେକ ନୂତନତ୍ୱ ପରିଲକ୍ଷିତ ହେଲା, ଏହାର ଏକ ସାର୍ଥକ ରୂପାୟନ ହେଉଛି ପତ୍ରପତ୍ରିକା। ୧୮୭୩ ମସିହା ପରେ ପତ୍ରପତ୍ରିକାର ଆତ୍ମପ୍ରକାଶ ଆଧୁନିକ ସାହିତ୍ୟର ବଳିଷ୍ଠ ଗଠନ ପାଇଁ ଅନୁକୂଳ ପରିବେଶ ସୃଷ୍ଟି କରିଛି। ୧୮୭୩ ମସିହାରେ ପ୍ରକାଶିତ ଉତ୍କଳ ଦର୍ପଣର ପୃଷ୍ଠା ମଣ୍ଡନ କରି ଆତ୍ମପ୍ରକାଶ କରିଛି ରାଧାନାଥ ରାୟଙ୍କର ବିବେକୀ ପ୍ରବନ୍ଧ, ଯାହା ପ୍ରଥମ ଓଡ଼ିଆ ପ୍ରବନ୍ଧର ଗୌରବ ଓ ମର୍ଯ୍ୟାଦା ଅର୍ଜନ କରିଛି। ପ୍ରବନ୍ଧଟି ସୁଦୀର୍ଘ କହିଲେ ଅତ୍ୟୁକ୍ତି ହେବ ନାହିଁ। ରାଧାନାଥ ଏଥିରେ ଶିକ୍ଷକର ଭୂମିକାରେ ଅବତୀର୍ଣ୍ଣ ହୋଇ ସମାଜକୁ ଯେଉଁ କେତେକ ଦିଗ୍‌ଦର୍ଶନ ଦେଇଛନ୍ତି, ସେଥିରେ ଆନ୍ତରିକତାର ମୁଦ୍ରାଙ୍କ ବେଶ୍ ସ୍ପଷ୍ଟ ଓ ଅନୁଭବ୍ୟ।

ପ୍ରବନ୍ଧରେ ନିଜର ବକ୍ତବ୍ୟକୁ ସ୍ରଷ୍ଟା ଦୁଇଟି ପର୍ଯ୍ୟାୟରେ ପରିପ୍ରକାଶ କରିଛନ୍ତି। ପ୍ରଥମ ପର୍ଯ୍ୟାୟରେ ମାନବ ଜୀବନର ଦୁଃଖ, ଦୁର୍ଦ୍ଦଶା, ଅଭାବ, ଅସୁବିଧାର ଚିତ୍ର ଉପସ୍ଥାପିତ ହୋଇଛି। ସବୁ ଦୁରବସ୍ଥାର ମୂଳ କାରଣ ହେଉଛି ମାନସିକ ସଂକୀର୍ଣ୍ଣତା, ଏକଥା ପ୍ରାବନ୍ଧିକ ଉଲ୍ଲେଖ କରିଛନ୍ତି। ଦୁଃଖ ପ୍ରତି ସ୍ରଷ୍ଟା ରାଧାନାଥଙ୍କର ଦୃଷ୍ଟିଭଙ୍ଗୀ ବେଶ୍ ଶାଣିତ, ସୂକ୍ଷ୍ମ ତଥା ବାସ୍ତବ ହୋଇପାରିଛି। ଦୁଃଖ ବେଦନାଦାୟକ ହେଲେ ମଧ୍ୟ ତା'ର ଜୀବନର ବିକାଶରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି ବୋଲି ପ୍ରାବନ୍ଧିକ ସ୍ୱୀକାର କରିଛନ୍ତି ଓ ଦୃଢ଼ ସ୍ୱରରେ ଉଦ୍‌ଘୋଷଣା କରି କହିଛନ୍ତି, 'ବାସ୍ତବରେ ଦୁଃଖ ବହୁଦର୍ଶିତାର ପରିମାପକ ଅଟଇ' ଏ ପ୍ରସଙ୍ଗରେ ଶ୍ରୀଅରବିନ୍ଦଙ୍କର ବକ୍ତବ୍ୟ ସ୍ମରଣକୁ ଆସେ। ତାଙ୍କ ମତରେ 'ମନୁଷ୍ୟକୁ ଉନ୍ନତିର ଚରମ ସୀମାରେ ପହଞ୍ଚାଇବା ପାଇଁ ଦୁଃଖ ପରି ବନ୍ଧୁ ଓ ଶିକ୍ଷକ ଆଉ କେହି ନାହାନ୍ତି।' ଦୁଃଖ ପରୀକ୍ଷାରେ ଉତ୍ତୀର୍ଣ୍ଣ ହେବା ବରଂ ସହଜ କିନ୍ତୁ ସୁଖର ପରୀକ୍ଷାରେ ଉତ୍ତୀର୍ଣ୍ଣ ହେବା ତା' ଠାରୁ ବେଶୀ କଷ୍ଟକର; ପ୍ରକୃତରେ ଦୁଃଖ ଅନ୍ତରକୁ ନିର୍ମଳ କରେ। ଚିତ୍ତକୁ ଶୁଦ୍ଧ ଓ ପବିତ୍ର କରି ଅନ୍ତରର ସୁପ୍ତ ଚେତନାକୁ ଦୁଃଖ ହିଁ ଜାଗ୍ରତ କରିପାରେ। ଅମ୍ଳାନ ଜ୍ୟୋତିଶିଖାର ସନ୍ଧାନ ଦେବା କ୍ଷେତ୍ରରେ ଦୁଃଖର କୃତିତ୍ୱ ସର୍ବବାଦୀସମ୍ମତ। ଅବଶ୍ୟ ଏଥିପାଇଁ ଆବଶ୍ୟକ ହେଉଛି ଧୈର୍ଯ୍ୟ ଓ ସହନଶୀଳତା। ଏ ସମ୍ପର୍କରେ ରାଧାନାଥ ବିବେକୀ ପ୍ରବନ୍ଧରେ କହିଛନ୍ତି - 'ବିଳମ୍ବରେ ଅନେକ ବିଷୟ ଶିଖାଯାଏ। ସଂସ୍କୃତ ଭାଷା ଶିଖିବାକୁ ଅନେକ ଦିନ ଲାଗେ। ଅନେକ ଶ୍ରମ ଅପେକ୍ଷା କରେ, ମାତ୍ର ବ୍ୟୁତ୍ପତ୍ତି ଲଭିଲା ଉତ୍ତାରୁ ଆଉ କଷ୍ଟ ନାହିଁ।' ସମସ୍ତ ଦୁଃଖକଷ୍ଟରୁ ମୁକ୍ତି ପାଇବା ପାଇଁ ବିବେକର ଆଶ୍ରୟ ଏକାନ୍ତ କାମ୍ୟ ବୋଲି ପ୍ରାବନ୍ଧିକ ମତ ପ୍ରଦାନ କରିଛନ୍ତି। ମନୁଷ୍ୟ ସାଧାରଣତଃ ବିବେକର ପରାମର୍ଶ ନ ନେଇ ଅଜ୍ଞାନତାର କୁମନ୍ତ୍ରଣାରେ କାର୍ଯ୍ୟ କରିଥାଏ। ଉଦାହରଣ ଛଳରେ ଗୋଟିଏ ପ୍ରସଙ୍ଗରେ ଅବତାରଣା କରି ସ୍ରଷ୍ଟା ରାଧାନାଥ କହିଛନ୍ତି ଯେ ଏପରି ବହୁ ଲୋକ ଅଛନ୍ତି, ଯେ କି ନ ପଚାରିଲେ ମଧ୍ୟ ବହୁ କଥା ମନରୁ କହନ୍ତି ଓ ନିଜର ବଡ଼ିମା ଗାଆନ୍ତି। ପ୍ରାବନ୍ଧିକଙ୍କ ଭାଷାରେ 'କେତେଗୁଡ଼ିଏ ଲୋକ ଅଛନ୍ତି ଯେ ସେମାନଙ୍କୁ ନ ପଚାରୁଣୁ ସବୁ କଥାରେ ଆପଣା ମତ ଦେବେ, ସେ ବିଷୟମାନଙ୍କରେ ସେମାନେ ନିପଟ ଅଜ୍ଞ। ଏପରି ବିଷୟରେ ସୁଦ୍ଧା ସେମାନେ ସବୁବେଳେ ଉପଦେଶ ଦେବା ପାଇଁ ପ୍ରସ୍ତୁତ ଅଟନ୍ତି।' ଏହାର ମୂଳସୂତ୍ରଟି ଥାଏ ଅହମିକାରେ, ନିଜକୁ ସବୁଠାରୁ ମାର୍ଜିତ ପୁଣି ସର୍ବଜ୍ଞାଣ ମନେ କରିବାର ପ୍ରୟାସରୁ ଏହାର ସୃଷ୍ଟି। ଏପରିକି ନିଜ ନୀତିର କିଏ ଯଦି ସାମାନ୍ୟ ବିରୋଧ କରେ, ତେବେ ହୃଦୟରେ ଦାରୁଣ ଆଘାତ ଲାଗେ। ଅହମିକାକୁ ଚିହ୍ନିବା ବଡ଼ କଷ୍ଟସାଧ୍ୟ କାର୍ଯ୍ୟ। ସେ ଏପରି ଲୁକ୍‌କାୟିତ ଭାବରେ ଥାଏ ଯେ ହଠାତ୍ ତା'କୁ ଆବିଷ୍କାର କରିବା ସମ୍ଭବ ହୁଏ ନାହିଁ। ମନୁଷ୍ୟ ଭଲରେ ସମାଜରେ ଚଳିବା ପାଇଁ କେତେକ ନୀତି ନିର୍ଦ୍ଧାରଣ କରିବାକୁ ଯାଇ ଦ୍ୱିତୀୟ ପର୍ଯ୍ୟାୟରେ କେତେକ ସମାଧାନର ମାର୍ଗ ନିର୍ଦ୍ଦେଶ କରିଛନ୍ତି ପ୍ରାବନ୍ଧିକ। ରାଧାନାଥ କହିଛନ୍ତି ଯେ "ଯେଉଁମାନେ ତୁମ୍ଭଙ୍କୁ ତୁଚ୍ଛ ମଣନ୍ତି, ଏମନ୍ତ ଲୋକ ସହିତ ସବୁବେଳେ ସହବାସ କଲେ ତୁମର ଅତ୍ୟନ୍ତ ଅନିଷ୍ଟଜାତ ହୋଇପାରେ।" ଶିକ୍ଷକ ସୁଲଭ ଉପଦେଶ ଛଳରେ ଏକଥା କହି ପ୍ରତ୍ୟେକଙ୍କୁ ଏ ସମ୍ପର୍କରେ ସଚେତନ ହେବା ପାଇଁ ସେ ଉଦ୍‌ବୋଧନ ଦେଇଛନ୍ତି। ଜୀବନରେ ଆତ୍ମସନ୍ତୋଷ ଠାରୁ ଆଉ ଅଧିକ ମୂଲ୍ୟବାନ ଉପାଦାନ ନାହିଁ। ତାହା ପାଇଁ ନିମନ୍ତେ କେତେକ ନୀତି ଅବଲମ୍ବନ କରିବା ବିଧେୟ। ସେଥିମଧ୍ୟରୁ ଗୋଟିଏ ହେଉଛି ସମଭାବ, ଯାହା ନିନ୍ଦା ପ୍ରଶଂସାରେ ସ୍ଥିରତା ଆଣିଦିଏ। ସଂସ୍କୃତରେ ଅଛି -

'ନିନ୍ଦନ୍ତୁ ନୀତି ନିପୁଣା ଯଦିବା ସ୍ତବନ୍ତୁ
ଲକ୍ଷ୍ମୀଃ ସମାବିଶତୁ ବା ଯଥେଷ୍ଟମ୍
ଅଦ୍ୟୈବ ବା ମରଣମସ୍ତୁ ଯୁଗାନ୍ତରେ ବା
ନ୍ୟାୟାତ୍ ପଥଃ ପ୍ରବିଚଳନ୍ତି ପଦଂ ନ ଧୀରାଃ'

ଅନ୍ୟମାନଙ୍କର ଦୋଷ ନ ଦେଖି ଉଦାରତାରେ ଅନ୍ୟକୁ କ୍ଷମା ଦେବା ପାଇଁ ସ୍ରଷ୍ଟା ରାଧାନାଥ ତାଙ୍କ ପ୍ରବନ୍ଧରେ ଆହ୍ୱାନ କରିଛନ୍ତି। କ୍ଷମା ଏକ ଭଗବତ୍ ସଦଗୁଣ। ତା'ର ପ୍ରୟୋଗରେ ପୃଥିବୀରେ ସ୍ୱର୍ଗ ନଇଁ ଆସିପାରେ। ବିବେକର

ସାହାଯ୍ୟ ନେଇ ବିପଦରେ ଧୈର୍ଯ୍ୟ ଧରିବା ପାଇଁ ପରାମର୍ଶ ଦେଇ ସେ କହନ୍ତି, 'ଧୈର୍ଯ୍ୟ ଧରି ପ୍ରତୀକ୍ଷା କର, ଯାହା ସମୟରେ ଜାତ ହୋଇଛି, ସମୟରେ ତାହାର ଖଣ୍ଡନ ହେବ।' ମନୁଷ୍ୟ ଯେ ପରିସ୍ଥିତର ଦାସ, ଏ କଥା ପ୍ରାବନ୍ଧିକ ରାୟ କେତେକ ଉଦାହରଣ ଦେଇ ବୁଝାଇଛନ୍ତି। ପ୍ରତିଟି ଉଦାହରଣ ବେଶ୍ ଅନୁଭବ୍ୟ ଓ ବାସ୍ତବ। କଳ୍ପନାର ଅତିରଞ୍ଜନ ନାହିଁ, ନାହିଁ ମଧ୍ୟ ବାକ୍‌ବାହୁଲ୍ୟର ଘନଘଟା। ହଠାତ୍ ଜଣକ ପରେ କୌଣସି ମନ୍ତବ୍ୟ ଦେବା ଯୁକ୍ତିସଙ୍ଗତ ନୁହେଁ। ସେଥିରେ ଭୁଲ ହେବାର ବହୁ ସମ୍ଭାବନା ଥାଏ। ଆଲୋଚ୍ୟ ପ୍ରବନ୍ଧରେ ପ୍ରାବନ୍ଧିକ କହିଛନ୍ତି ଯେ ଜଣେ ବ୍ୟକ୍ତି ତାଙ୍କ ବନ୍ଧୁଙ୍କ ଘରକୁ ଯାଇଥିଲେ। ବନ୍ଧୁଜଣକ ତାଙ୍କ ଦୁଆରୁ ଭିକ୍ଷା ନ ଦେଇ ଭିକାରୀକୁ ଫେରାଇ ଦେଲେ। ଏ କଥା ଦେଖି ହଠାତ୍ ବ୍ୟକ୍ତିଜଣକ ଏଇ ସିଦ୍ଧାନ୍ତରେ ଉପନୀତ ହେଲେ ଯେ ବନ୍ଧୁଟି ତାଙ୍କର କୃପଣ, ନିର୍ଦ୍ଦୟ ଓ ହୃଦୟହୀନ। ଆଉ ଦିନେ ସେହି ବନ୍ଧୁଙ୍କୁ ସେ ଜଣେ ଅନ୍ଧର କୁଟୀରରୁ ବାହାରି ଆସିବାର ଦେଖିଲେ। ଅନ୍ଧଟିର ମୁହଁରେ କୃତଜ୍ଞତାର ଚିହ୍ନ ଦେଖି ସେ ବିସ୍ମିତ ହୋଇ ନିଜର ପୂର୍ବ ମତକୁ ପରିବର୍ତ୍ତନ କରିବାକୁ ବାଧ୍ୟ ହେଲେ।

ବିବେକୀ ବ୍ୟକ୍ତି କ୍ରୋଧକୁ ଦୂରରୁ ଜୁହାର କରିଥାନ୍ତି। କ୍ରୋଧ ତାଙ୍କ ଚିତ୍ତକୁ ଆନ୍ଦୋଳିତ କରିବାକୁ ସାହସ କରିପାରେ ନାହିଁ। ସେପରି ବିବେକୀ ବ୍ୟକ୍ତି ନିଜଠାରୁ ଧନୀ ବ୍ୟକ୍ତିଙ୍କୁ ଈର୍ଷା କରିପାରନ୍ତି ନାହିଁ। ଶିକ୍ଷା ଏକ ଗତିଶୀଳ ପ୍ରକ୍ରିୟା, ଏହାର ଶେଷ ନାହିଁ ବୋଲି ପ୍ରାବନ୍ଧିକ ମତ ଦେଇଛନ୍ତି। ଶାରୀରିକ ଅପରିପକ୍ୱତା, ମାନସିକ ଅପରିପକ୍ୱତା, ନୈତିକ ଅପରିପକ୍ୱତାର ଯଥାଯଥ ପରିପୂରଣ ନିମନ୍ତେ ଶିକ୍ଷାର ଅବଦାନ ଯଥେଷ୍ଟ ବେଶୀ। ଅପରିପକ୍ୱତା ଏକ ଲଜ୍ଜାକର କଥା ନୁହେଁ। ପ୍ରତ୍ୟେକ ବ୍ୟକ୍ତିଙ୍କର କିଛି ନା କିଛି ଅପରିପକ୍ୱତା ଅଛି। ରାଧାନାଥଙ୍କ ଭାଷାରେ 'କାହାର ଶାରୀରିକ ଅସୁବିଧା, କାହାର ମାନସିକ ଅସୁବିଧା, କାହାର ଅବସ୍ଥାଗତ ଅସୁବିଧା'। ମନେପଡ଼େ ଏଇ ପରିପ୍ରେକ୍ଷୀରେ ନନ୍ଦକିଶୋର ଏଇ ଉକ୍ତିଟି -

"ବିଧି କାହା ପତ୍ରେ ଅଜାଡ଼ି ନାହାନ୍ତି
ପାତ୍ର ପୂର୍ଣ୍ଣ ସୁଖ ସୁଧା
ଏ ସାରା ସଂସାରେ ମେଣ୍ଟିଅଛି କହ
କାହା ସୁଖ ଭୋଗ କ୍ଷୁଧା।"

ଅସୁବିଧା ବିଧିପ୍ରଦତ୍ତ, ତାହାର ମଧ୍ୟ କିଛି ମୂଲ୍ୟ ଅଛି। ଜଣେ ଭକ୍ତ ନିଜର ଅସୁବିଧାକୁ ଦୂର କରିବାକୁ ପ୍ରଭୁଙ୍କୁ ପ୍ରାର୍ଥନା କରନ୍ତେ, ପ୍ରାବନ୍ଧିକଙ୍କ ଭାଷାରେ ଉତ୍ତର ପାଇଲେ - 'ନା, ସେ ବୋଝ ଉତ୍ତାରି ଦେଲେ ତୁମର ଅନିଷ୍ଟ ହେବ, ସେ ବୋଝ ତୁମର ଆବଶ୍ୟକ, ବୋଝ ଉତ୍ତାରି ଦେବି ନାହିଁ।' ଭକ୍ତକୁ ଏପରି ଉତ୍ତରର ତାତ୍ପର୍ଯ୍ୟ ରହିଛି। ପ୍ରତ୍ୟେକ ଅସୁବିଧା ଆସେ ଚେତନାକୁ ଗୋଟିଏ ସ୍ତର ଉପରକୁ ନେଇଯିବା ପାଇଁ। ଅସୁବିଧା ବେଳେ ଆବଶ୍ୟକ ଶାନ୍ତ ଭାବରେ ଦୁଃଖକୁ ସହିଯିବାର ଶକ୍ତି ଓ ସଚେତନତା। ଏ ପ୍ରସଙ୍ଗରେ ଶ୍ରୀମାଙ୍କର ବାଣୀଟିଏ ସ୍ମରଣକୁ ଆସେ। ସେ କହନ୍ତି, 'ଦୁଃଖ, ଯନ୍ତ୍ରଣା ଓ ବାଧା ବିପତ୍ତି ସମସ୍ତଙ୍କ ସକାଶେ ଅଛି। ଏକମାତ୍ର କରଣୀୟ କାର୍ଯ୍ୟ ହେଲା ଧୀର ଓ ଶାନ୍ତ ଭାବେ, ଧୈର୍ଯ୍ୟ ଓ ସହିଷ୍ଣୁତା ସହ ଭଲ ଓ ମନ୍ଦ ସବୁ କିଛିର ସମ୍ମୁଖୀନ ହେବା। କାରଣ ସମସ୍ତ ପ୍ରକାର ଅସ୍ଥିରତା ବାଧା ବିପତ୍ତିକୁ ଆହୁରି କଷ୍ଟକର କରେ।'

ବିବେକୀ ପ୍ରବନ୍ଧକୁ ବିଶ୍ଳେଷଣ କଲେ ଏକଥା ପ୍ରତିପାଦିତ ହୁଏ ଯେ ପ୍ରବନ୍ଧଟିରେ ବହୁ ମନସ୍ତାତ୍ତ୍ୱିକ ତଥ୍ୟ ଓ ଜୀବନ ଚିନ୍ତାର ଅବତାରଣା ସନ୍ନିବେଶିତ ହୋଇଛି। ସାଧାରଣ ଜନଜୀବନର ବହୁ ଚିନ୍ତା ଓ ଚେତନା ତଥା ଅନୁଭୂତି ଏଥିରେ ସଂଯୋଜିତ ହୋଇଛି। ବ୍ୟକ୍ତିଗତ ସାଧାରଣ ଜୀବନରେ ଆସୁଥିବା ବହୁ ଅସୁବିଧା କଥା ଏଥିରେ ଉଲ୍ଲେଖ କରାଯାଇଛି। କଥାବସ୍ତୁ ଦୃଷ୍ଟିରୁ ବା ତଥ୍ୟ ସଂଯୋଜନା ଦୃଷ୍ଟିରୁ ବିଶେଷ କିଛି ନୂତନତ୍ୱ ଥିଲା ପରି ମନେହୁଏ ନାହିଁ। ନୂତନତ୍ୱ ରହିଛି ଶୈଳୀରେ, କିଛି ବାସ୍ତବ ଅନୁଭୂତିର ସଂଯୋଜନାରେ ତଥା ପ୍ରକାଶ ଭଙ୍ଗୀରେ। ସରଳ ଭାଷାରେ ଗୁରୁତ୍ୱପୂର୍ଣ୍ଣ କଥାଟିକୁ ବୁଝାଇ କହିବାରେ ପ୍ରାବନ୍ଧିକ ସିଦ୍ଧହସ୍ତ। ଆର୍ଯ୍ୟ ସଂସ୍କୃତିର ଆଦର୍ଶବାଦର ଭିତ୍ତିରେ ପ୍ରବନ୍ଧରେ

ସୃଷ୍ଟି ହେଲେ ମଧ୍ୟ ସଂଯୋଜନା ଶୈଳୀ ପ୍ରବନ୍ଧକୁ ସୁଖପାଠ୍ୟ କରିପାରିଛି। ପ୍ରବନ୍ଧଟିର ରଚନାକାଳ ହେଉଛି ଭାରତୀୟ ତଥା ଉତ୍କଳୀୟ ଜନଜୀବନର ଏକ ଘଡ଼ିସନ୍ଧି ମୁହୂର୍ତ୍ତ। ସେତେବେଳେ ସମାଜରେ ଅଜ୍ଞାନତାର ଘନ ଆସ୍ତରଣ ପରିବ୍ୟାପ୍ତ। ଚେତନାର ରଶ୍ମିରେଖା ତା'କୁ ଭେଦ କରିବାରେ ପ୍ରାୟତଃ ଅସମର୍ଥ। ଏପରି ଏକ ସମସ୍ୟା ସଙ୍କୁଳ ପରିବେଶରେ ସମାଧାନର ସୂତ୍ର ସମ୍ପର୍କରେ ପ୍ରତ୍ୟେକଙ୍କୁ ଆହ୍ୱାନ ଜଣାଇବା ପାଇଁ ଆଲୋଚ୍ୟ ପ୍ରବନ୍ଧର ପରିକଳ୍ପନା ଓ ଉପସ୍ଥାପନା। ତତ୍କାଳୀନ ଜଡ଼ତାର ପ୍ରାଚୀର ଭାଙ୍ଗି ଚେତନାର ମନ୍ଦାକିନୀ ପ୍ରବାହକୁ ଆଣିବାର ପ୍ରୟାସ ଓ ଉଦ୍ୟମ ଏଥିରେ ଅଛି। ନୈତିକ ବଳ ଭାଙ୍ଗି ପଡ଼ିଥିବା ଓଡ଼ିଆ ଜାତିକୁ ଆଲୋକର ଦିଗ୍‌ଦର୍ଶନ ଦେବା ନିମନ୍ତେ ଏପରି ପ୍ରୟାସ ସ୍ରଷ୍ଟାଙ୍କୁ ସ୍ୱତନ୍ତ୍ର ମର୍ଯ୍ୟାଦା ଆଣିଦେଇଛି। ବିବେକର ଆଲୋକବର୍ତ୍ତିକାକୁ ଧରି ଆଗେଇ ଯିବା ପାଇଁ ରାଧାନାଥଙ୍କର ଆହ୍ୱାନ କେବଳ ସେତେବେଳ ପାଇଁ ଉପଯୁକ୍ତ ତାହା ନୁହେଁ, ସବୁକାଳ ପାଇଁ ସବୁଦିନ ପାଇଁ ପ୍ରଯୁଜ୍ୟ ମଧ୍ୟ। ଏହି ଦିଗରୁ ଦେଖିଲେ ପ୍ରବନ୍ଧଟି କାଳଜୟୀ ପ୍ରତିଭାର ଅଧିକାରୀ। ଦେଶ, କାଳରେ ଆବଦ୍ଧ ନ ହୋଇ ପରିବ୍ୟାପ୍ତ ହୋଇ ସମଗ୍ର ମାନବ ଜାତି ଉଦ୍ଦେଶ୍ୟରେ ସମର୍ପିତ ଏହି ପ୍ରବନ୍ଧ ନିଜର ମୌଳିକ ମୂଲ୍ୟବୋଧରେ ମହୀୟାନ, ଏଥିରେ ସନ୍ଦେହ ନାହିଁ। କିପରି ଆଚରଣ କରିବାକୁ ହେବ, କିପରି ନିଜକୁ ଚିହ୍ନିବାକୁ ହେବ, କିପରି ଅନ୍ୟମାନଙ୍କ ସହିତ ଏକାତ୍ମ ହୋଇ ଚଳିବାକୁ ହେବ, ଏ ସମ୍ବନ୍ଧରେ ପ୍ରାବନ୍ଧିକଙ୍କର ଅନୁଚିନ୍ତା କି ଚମତ୍କାର ତାହା ଅନୁଭବର କଥା।

କବି ରାଧାନାଥ ଓ ପ୍ରାବନ୍ଧିକ ରାଧାନାଥ ଯେଭଳି ଦୁଇ ଭିନ୍ନ ଉପାଦାନରେ ଗଢ଼ା, ଏକଥା ମନେହୁଏ। ରାଧାନାଥଙ୍କର ପଦ୍ୟ ସମ୍ଭାର ଉତ୍କଳ ଭାରତୀଙ୍କର ପାଦପୂଜା ପାଇଁ ସଜଫୁଲର ଡାଲା ହେଲାବେଳେ ଏଇ ପ୍ରବନ୍ଧଟି ବାସ୍ତବତାର ବଳିଷ୍ଠ ଅନୁଚିନ୍ତନ କହିଲେ ଅତ୍ୟୁକ୍ତି ହେବ ନାହିଁ। କଳ୍ପନା ବିଳାସର ସାମାନ୍ୟ ସ୍ପର୍ଶର ଆଭାସ ନ ଥିବାରୁ ଏଇ ଲେଖକ ଯେ ପଦ୍ୟ ସୃଷ୍ଟିରେ ଏତେ କଳ୍ପନାବିଳାସୀ, ଭାବପ୍ରବଣ ତଥା ସ୍ପର୍ଶକାତର, ଏ କଥା ହଠାତ୍ ଅନୁମାନ କରିବା କଷ୍ଟକର ହୋଇପଡ଼େ। ଅବଶ୍ୟ ଉତ୍କଳଦର୍ପଣରେ ପ୍ରଥମେ ପ୍ରଥମେ ଗଦ୍ୟ କିଛି କିଛି ଲେଖିଥିଲେ ମଧ୍ୟ ପରେ ଆଉ ବେଶୀ ସେ ଦିଗକୁ ଧ୍ୟାନ ନ ଦେଇ ପଦ୍ୟ ରଚନାରେ ମନୋନିବେଶ କରିଛନ୍ତି। ପ୍ରାବନ୍ଧିକ ଭାବରେ ବିଶେଷ ପ୍ରତିଷ୍ଠା ତାଙ୍କର ନାହିଁ। ତେବେ ଆଲୋଚ୍ୟ ପ୍ରବନ୍ଧଟିରେ ତାଙ୍କର ସ୍ଥିତି ବେଶ୍ ସୁଦୃଢ଼ ଓ ସମ୍ମାନନୀୟ। ସମଗ୍ର ମାନବ ଜାତି ପାଇଁ ତାଙ୍କର ହୃଦୟବତ୍ତା ଏଥିରେ ଉପଲବ୍ଧ। ଏ ଜଗତକୁ ସ୍ୱର୍ଗରେ ପରିଣତ କରିବାର ଇଚ୍ଛା ଓ ସ୍ୱପ୍ନରେ ସେ ଆସ୍ଥା ସ୍ଥାପନ କରିଛନ୍ତି। ଯଦିବା ପ୍ରତ୍ୟକ୍ଷ ଭାବରେ ଏ ଧରା ସ୍ୱର୍ଗ ହେବ, ଏଠାରେ ଦିବ୍ୟ ଜୀବନର ଶୀତଳ ସୁନ୍ଦର ସ୍ପର୍ଶ ସଞ୍ଚରିତ ହେବ ଆଦି କଥା ସେ କହିନାହାନ୍ତି, ତେବେ ତାଙ୍କର ମନୋଭାବ ସେପରି ଥିଲା, ଏହା ପ୍ରବନ୍ଧରୁ ପ୍ରମାଣିତ। ସମାଜକୁ ସୁସ୍ଥ ସୁନ୍ଦର କରିବା ପାଇଁ ତାଙ୍କର ବଳିଷ୍ଠ ପ୍ରୟାସର ଉତ୍କୃଷ୍ଟ ରୂପାୟନ ଘଟିଛି ବିବେକୀ ପ୍ରବନ୍ଧରେ। ରାଧାନାଥଙ୍କର ହୃଦୟର ବାଣୀ ମୂର୍ତ୍ତିମନ୍ତ ହୋଇଛି ଏଇ ସୃଷ୍ଟିର ପ୍ରତିଟି ପଂକ୍ତିରେ। ଓଡ଼ିଆ ଭାଷାରେ ଲେଖା ହୋଇଥିଲେ ହେଁ ଏଥିରେ ଥିବା ସନ୍ଦେଶ ଯେ ସମଗ୍ର ମାନବ ଜାତି ପାଇଁ ଅଭିପ୍ରେତ ଏହା ମୁକ୍ତ କଣ୍ଠରେ ସ୍ୱୀକାର୍ଯ୍ୟ। ସମଗ୍ର ମାନବ ଜାତିର କଲ୍ୟାଣ କାମନା ହିଁ ଏହି ପ୍ରବନ୍ଧଟିକୁ ସ୍ୱତନ୍ତ୍ର ମୂଲ୍ୟବୋଧରେ ବିମଣ୍ଡିତ ହୋଇଛି, ଏଥିରେ ସନ୍ଦେହର ଅବକାଶ ନାହିଁ।

-୦-

କବି ନୀଳକଣ୍ଠ ଓ 'କୋଣାର୍କେ'ର ପ୍ରଥମ ଭାଗ

ସତ୍ୟବାଦୀ ସାହିତ୍ୟର ଅନ୍ୟତମ ସ୍ରଷ୍ଟା, ବିଶିଷ୍ଟ ଶିକ୍ଷାବିତ୍, ବରେଣ୍ୟ ଶିକ୍ଷକ ପଣ୍ଡିତ ନୀଳକଣ୍ଠ ଏକ ଅବିସ୍ମୃତ ପ୍ରତିଭା। ସେ ଆଜି ସଦେହରେ ନଥିଲେ ବି ବିଦେହରେ ଏକ ଜାତୀୟ ଅନୁଷ୍ଠାନର ଗୌରବ ଅର୍ଜନ କରିଛନ୍ତି। କାଳ ତାଙ୍କ ପ୍ରତିଭାକୁ ଗ୍ରାସ କରିପାରି ନାହିଁ। ସାହିତ୍ୟିକ ନୀଳକଣ୍ଠ ବିଶେଷତଃ କବି ନୀଳକଣ୍ଠଙ୍କର ମୃତ୍ୟୁ ନାହିଁ। ଚିର ଜାଜ୍ୱଲ୍ୟମାନ ସେହି ଅନୁପମ ସ୍ରଷ୍ଟା ମାନସର ବିମଳବିଭା ତାଙ୍କ କାବ୍ୟ ବଳୟର ଛତ୍ରେ ଛତ୍ରେ ପ୍ରକଟିତ ହୋଇଛି। ତାଙ୍କର କାବ୍ୟ କବିତା ଭିତରେ, ଦୁଇଟି ଉପାଦାନ ଦେଖିବାକୁ ମିଳେ। ସେଥିରୁ ଗୋଟିଏ ହେଉଛି ଅନୁବାଦ ଓ ଆହରଣ ଏବଂ ଅନ୍ୟଟି ତାଙ୍କର ମୌଳିକତା। ଆହରଣ ପାଇଁ ଟେନିସନୀୟ କବିତାକୁ ସେ ବିମୁକ୍ତ କ୍ଷେତ୍ର ଭାବରେ ଗ୍ରହଣ କରିଛନ୍ତି। 'ପ୍ରଣୟିନୀ' ଓ 'ଦାସ ନାଏକ' ତାଙ୍କର ଆହରଣ କଳାକୌଶଳର ଏକ ଏକ ସୁରମ୍ୟ ଆଲେଖ୍ୟ। 'କୋଣାର୍କେ' ଓ 'ଖାରବେଳ'ରେ କବି ଦୃଷ୍ଟି ମୌଳିକତାର ସ୍ୱର ଓ ସ୍ୱାକ୍ଷର ନେଇ ରଙ୍ଗିମନ୍ତ। ୧୯୧୭ ମସିହାର କୁମାର ପୂର୍ଣ୍ଣିମା ତିଥିରେ ଛାତ୍ରମାନଙ୍କ ଗହଣରେ କୋଣାର୍କ ମନ୍ଦିର ପରିଦର୍ଶନ ଅବକାଶରେ କବିଙ୍କ ଅନୁଭବ ଓ ଭାବାବେଗ 'କୋଣାର୍କେ' ଗ୍ରନ୍ଥରେ ଉପସ୍ଥାପିତ ଯାହା ୧୯୧୯ ମସିହାରେ କବିଙ୍କ ଦ୍ୱାରା ଲିପିବଦ୍ଧ। 'କୋଣାର୍କେ' ଦୁଇଟି କବିତା ଗ୍ରନ୍ଥର ସମାହାର। ପ୍ରଥମ ଭାଗଟି 'ରାମଚଣ୍ଡୀ ଠାରେ ରାତି ଓ ସକାଳ' ନାମରେ ନାମିତ ଯାହାକୁ ଏକ ଉଦ୍‌ବୋଧନମୂଳକ କବିତା ବୋଲି କୁହାଯାଇପାରେ। ଦ୍ୱିତୀୟ ଭାଗଟି ମାୟାଦେବୀ ନାମରେ ନାମିତ ଯାହା ଏକ ଗାଥା କବିତାର ଗୌରବରେ ଗୌରବାନ୍ୱିତ। 'ରାମଚଣ୍ଡୀଠାରେ ରାତି ଓ ସକାଳ' ଅର୍ଥାତ୍ ପ୍ରଥମ ଭାଗରେ ମୂର୍ତ୍ତିମନ୍ତ କବିଚିତ୍ତର ସ୍ୱର ଓ ସ୍ୱରୂପ ସମ୍ପର୍କରେ ସାମାନ୍ୟ ଆଲୋଚନା ଉକ୍ତ ପ୍ରବନ୍ଧରେ କରାଯାଇଛି।

କବିତା ହେଉଛି କବି ଜୀବନର ମୁଗ୍ଧ ଅନୁଭବର ସୁବର୍ଣ୍ଣ ସ୍ୱାକ୍ଷର। ନୃତ୍ୟ ପାଇଁ ଯେପରି ମୁଦ୍ରା, ସଂଗୀତ ପାଇଁ ଯେପରି ରାଗ, ତାଳର ଆବଶ୍ୟକତା ରହିଛି, କବିତା ପାଇଁ ସେପରି ଅନ୍ତର୍ନିହିତ ଅନୁଭବ ଓ ପରିଚ୍ଛନ୍ନ ଅଭିବ୍ୟକ୍ତି ଏକାନ୍ତ ଆବଶ୍ୟକ। କବି ନୀଳକଣ୍ଠ ଏହି ଦିଗରୁ ବିଚାର କଲେ ଏକ କାଳଜୟୀ ପ୍ରତିଭା, ଏଥିରେ ସନ୍ଦେହ ନାହିଁ। ତାଙ୍କର ଅନୁଭବ ଯେପରି ଶାଣିତ, ଅଭିବ୍ୟକ୍ତି ସେପରି ରସାଣିତ। ତେଣୁ ତାଙ୍କର ମୌଳିକ କାବ୍ୟସୃଷ୍ଟି ହୋଇଛି ଏକାଧାରରେ ସୁଖପାଠ୍ୟ ଓ ଅନୁଭବ୍ୟ। ସ୍ୱର୍ଣ୍ଣକାତର କବି ଚିତ୍ତର ମୋହିନୀ ମାଧୁରିମାରେ ସିକ୍ତ ଏଇ ପ୍ରଥମ ଭାଗର କେତେକ ପଂକ୍ତି। କୁମାର ପୂର୍ଣ୍ଣିମା ତିଥିରେ ପ୍ରତିକୂଳ ପାଗ ହେତୁ ଘରକୁ ଫେରି ନ ପାରି ରାମଚଣ୍ଡୀ ମନ୍ଦିରରେ ଆଶ୍ରୟ ନେଇଥିବା ଛାତ୍ରମାନଙ୍କ ଗହଣରେ ଶିକ୍ଷକ କବି ନୀଳକଣ୍ଠ ଯେଉଁ ଭାବାବେଗରେ ଭାବିତ ହୋଇଥିଲେ ତାହା ଆଲୋଚ୍ୟ ଅଂଶବିଶେଷରେ ମୂର୍ତ୍ତିମନ୍ତ। କୁମାର ପୂର୍ଣ୍ଣିମାରେ ପୁଅ ଝିଅ ସମସ୍ତେ ନବବସ୍ତ୍ର ପରିଧାନ କରିବାର ପରମ୍ପରା ପୁରୀ ନିକଟବର୍ତ୍ତୀ ଗ୍ରାମାଞ୍ଚଳରେ ରହିଛି। ପଞ୍ଚୁକୋଶୀ ଭିତରେ ପ୍ରଚଳିତ ଏହି ପ୍ରଥାକୁ କବି ସାହିତ୍ୟରେ ସ୍ଥାନ ଦେଇଛନ୍ତି। ବାତ୍ୟାବିକ୍ଷୁବ୍ଧ ପରିବେଶ କବିଙ୍କ ମନରେ ଭାବାନ୍ତର ଆଣିଦେଇଛି। ମୂଷଳ ଧାରାରେ ହେଉଥିବା ବର୍ଷାକୁ ଲକ୍ଷ୍ୟ କରି ଛାତ୍ରମାନଙ୍କ ପ୍ରତି ସହାନୁଭୂତିରେ ଜର୍ଜରିତ ହୋଇ କବି ଗାଇଛନ୍ତି -

"କି କରାଳ ଆଜି ରଜନୀ? ବହେ ଝଞ୍ଝା ପବନ
ତରା ନ ଦିଶଇ ଗଗନେ, ଶୁଭେ ଘନ ଗର୍ଜନ

ମୂଷଳ-ଧାରାରେ ଝଟିକା ଦିଏ କଚାଡ଼ି କେବେ
ଶୋଇ ପଡ଼ିଛ ତ ବାପା ହେ ଜାଣୁନଥିବ ଲବେ
ଆଜି ଯେ କୁଆଁର ପୁନିଅଁ କେତେ ସୁଖ ଶରଧା
ମାଆ ଭଉଣୀଙ୍କ ଆଦର, ନବ ବସନ ପିନ୍ଧା
ଲୁଗାରେ ହଳଦୀ ଲଗାଇ ଚାହିଁଥିବେ ଜନନୀ
ପିଠାପଣା ଖାଉନଥିବ ସୁଖେ ଆଜି ଭଗିନୀ"

ନିଦ୍ରିତ ଛାତ୍ରମାନଙ୍କ ପ୍ରତି ସମ୍ବେଦନଶୀଳତା ପ୍ରକାଶିତ ହୋଇଛି କବି ହୃଦୟର ଗଭୀରତମ ପ୍ରଦେଶରୁ। ଛାତ୍ରମାନଙ୍କର ପଥଶ୍ରମଜନିତ କ୍ଲାନ୍ତି ଓ ଅବସାଦକୁ ମର୍ମେ ମର୍ମେ ଉପଲବ୍ଧି କରିଛନ୍ତି ଶିକ୍ଷକ ନୀଳକଣ୍ଠ। ବାତ୍ୟା ବର୍ଷା ବିକ୍ଷୁବ୍ଧ ପରିବେଶ ଦର୍ଶନରେ ମର୍ମାହତ ହୋଇଛନ୍ତି କବି ନୀଳକଣ୍ଠ। ପ୍ରକୃତିର ପ୍ରତିକୂଳ ଅବସ୍ଥା ଅପସରି ଯାଉ ବୋଲି କବି କାମନା କରିଛନ୍ତି। କଳ୍ପନା ନେତ୍ରରେ କବି ଦେଖିଛନ୍ତି ନିର୍ମଳ ଜ୍ୟୋସ୍ନାବିଧୌତ ପୂର୍ଣ୍ଣିମା ଆକାଶର ଶୋଭା, ବାଲି ବିତାନରେ ଚନ୍ଦ୍ରକିରଣର ଲଳିତମୋହନ ଲୀଳା ବିଳାସ। ଭାବ ପ୍ରବଣ କଣ୍ଠରେ କବି ଗାଇଛନ୍ତି -

"ରହ ରହ ବାଆ ବତାସି ରହ ବରଷା ଧାରା
କୁଆଁର ପୁନିଅଁ ହେଉରେ ଆଜି ରଜନୀ ସାରା
ଉଠି ଆସୁ ନୀଳ ଲହରୀ ଭେଦି ତାରକା ରାଜି
ନିଶାମଣି ଶୋହୁ ଗଗନେ ମହୀ ମୁକୁର ମାଜି
ସରଗୁ ରଜତ କିରଣ ଖେଳିଯାଉ ଭୂତଳେ
ସରସ ବାଲୁକା ବିତାନ ହସୁ ଜୋଛନା ଖେଳେ"

ଛାତ୍ରମାନଙ୍କ ଗହଣରେ ଥିଲାବେଳେ ବାଲ୍ୟସ୍ମୃତି ମନେପଡ଼ିଛି କବିଙ୍କର। ପିଲାବେଳେ ସେ କିପରି କୋଣାର୍କ ମନ୍ଦିରର ଶୋଭା ଦେଖି ଅଭିଭୂତ ହୋଇଥିଲେ ସେ କଥା ବର୍ଣ୍ଣନା କରିଛନ୍ତି। ଜହ୍ନରାତିରେ କୋଣାର୍କ ମନ୍ଦିରର ମୂର୍ତ୍ତିଗୁଡ଼ିକ ରଜତ ପ୍ଲାବିତ ହୋଇ କବି ଚିତ୍ତରେ ମୋହିନୀ ମାଧୁରିମା ସୃଷ୍ଟି କରିଥିଲା। ତା'ର ସୁରମ୍ୟ ଆଲେଖ୍ୟ ଅଙ୍କନ କରିଛନ୍ତି କବି ଶବ୍ଦ ମାଧ୍ୟମରେ। ରୋମାଣ୍ଟିକ ଭାବାବେଗର ସ୍ପଷ୍ଟ ପରିପ୍ରକାଶ ଘଟିଛି ଏହି ଅବସରରେ। ପୁଲକିତ ଭାବରେ ଭାବିତ ହୋଇ ସ୍ମୃତିଚାରଣପୂର୍ବକ କବି କହିଛନ୍ତି -

"ଶିଳ୍ପ ବିରଚନ ଜାଣିଲି, ଗଲି ଭରସି ପାଶେ
ଦେଖିଲି ଜୋଛନା ଲାବଣ୍ୟେ କିବା ମୂରତି ହସେ
ବାରମ୍ବାର ଭ୍ରମେ ଦେଖିଲି ପୁଣି ନିରେଖି ଛବି
ବାରମ୍ବାର ଚିତ୍ତେ ଚମକି, ଗଲି ପୁଲକେ ଦ୍ରବି"

ବାତ୍ୟା ଆନ୍ଦୋଳିତ ସମୁଦ୍ରର ଅବସ୍ଥାକୁ ଚିନ୍ତା କରି କବିଚିତ୍ତରେ ଭାବାନ୍ତର ଆସିଛି। ସ୍ମୃତିପଥାରୂଢ଼ ହୋଇଛି ଉତ୍କଳର ସମୃଦ୍ଧିଶୀଳ ଚିତ୍ର। ଅତୀତ ଗୌରବ ପ୍ରତି ଉଦ୍‌ଗ୍ରୀବ ହୋଇ କବି ଯାହା ଯାହା ସ୍ମୃତି ନେତ୍ରରେ ଦେଖିଛନ୍ତି, ତନ୍ମଧ୍ୟରେ ଉତ୍କଳର ନୌବାଣିଜ୍ୟ ଅନ୍ୟତମ। ଓଡ଼ିଶାର ସାଧବ ପୁଅ ଅତୀତରେ ବାଣିଜ୍ୟ ଉଦ୍ଦେଶ୍ୟରେ ସୁଦୂର ଜାଭା, ବାଲି, ବୋର୍ଣ୍ଣିଓ ଆଦି ଦ୍ୱୀପକୁ ଯାଉଥିଲେ। ସେଠାରେ ବ୍ୟବସାୟ ସାରି ଧନ ରତ୍ନ ଆଣି ଜନ୍ମମାଟି ଉତ୍କଳକୁ ଫେରି ଆସୁଥିଲେ। ଏଣେ ସ୍ୱାମୀ ସନ୍ତାନର ପଥଚାହିଁ ବସୁଥିଲେ ସାଧବ ଘରର ବୋହୂ। ବାତ୍ୟା ବିକ୍ଷୁବ୍ଧ ପରିବେଶରେ ମନେମନେ ତାଙ୍କର ଯେଉଁ ଆଶଙ୍କା ସୃଷ୍ଟି ହେଉଥିଲା, ତା'କୁ କବି ନୀଳକଣ୍ଠ ମର୍ମେମର୍ମେ ଉପଲବ୍ଧି କରିଛନ୍ତି। ଏଠାରେ ହିଁ କବି କର୍ମର ଚମତ୍କାରିତା, ଏଠାରେ ହିଁ କବିକୃତିର ସାର୍ଥକତା ପ୍ରକଟିତ ହୋଇଛି। ଅନ୍ୟର ଅନୁଭବକୁ ଅନ୍ୟ ନିକଟରେ ସ୍ପଷ୍ଟ ଭାବରେ ଉପସ୍ଥାପନା କରିବା ହିଁ କବିତ୍ୱର ଚରମ ପ୍ରସିଦ୍ଧି। କବି ନୀଳକଣ୍ଠ ଏଥିରେ ସିଦ୍ଧହସ୍ତ।

ଉତ୍କଳର ସେଦିନର ନୌବାଣିଜ୍ୟ ଆଜି ଆଉ ନାହିଁ। ପରିବେଶ ପରିବର୍ତ୍ତିତ ହୋଇଛି ମାତ୍ର ଅତୀତର ଗୌରବଦୀପ୍ତ ଘଟଣା କବି ଦୃଷ୍ଟିରେ ମ୍ଲାନ ହୋଇନାହିଁ। ଓଡ଼ିଆ ଜାତିପାଇଁ ନୌବାଣିଜ୍ୟ ଏବେ ମଧ୍ୟ ସ୍ମରଣୀୟ ହୋଇରହିଛି। କବି ତାଙ୍କର ଛାତ୍ରମାନଙ୍କୁ ଅତୀତ ଗୌରବ ସମ୍ପର୍କରେ ସଚେତନ କରାଇବା ପାଇଁ ଏପରି ପ୍ରସଙ୍ଗର ଅବତାରଣା କରିଛନ୍ତି। ଅତୀତକୁ ନ ଜାଣିଲେ, ନ ବୁଝିଲେ କୌଣସି ଜାତି ଅଗ୍ରଗତି କରିପାରେ ନାହିଁ, ଏ କଥାରେ ଦୃଢ଼ ବିଶ୍ୱାସ ରଖି କବି ନୀଳକଣ୍ଠ ଛାତ୍ରମାନଙ୍କୁ ତଥା ଉତ୍କଳର ପାଠକମାନଙ୍କୁ ଉତ୍କଳର ଅତୀତ ଐଶ୍ୱର୍ଯ୍ୟ ପ୍ରତି ଦୃଷ୍ଟି ଫେରାଇବାକୁ ପ୍ରୟାସ କରିଛନ୍ତି। ନୌବାଣିଜ୍ୟର ସ୍ମୃତିଚାରଣ କରି କବି କହିଛନ୍ତି -

"କେଉଁ ରାଇଜରୁ ଆସିଁଛୁ ? କହ ବତାସି ମୋରେ
ଓଡ଼ିଆ-ବୋଇତ-ଖବର କିଛି ଆଣିଛୁ କିରେ ?
ନୀଳ ବୀଚି ଭାଙ୍ଗି ଆଣୁଛୁ ତଡ଼ି ବରଷା ଧାରା
କାଳ-ବୀଚି ଭାଙ୍ଗି ସ୍ମରଣ ଦୂରେ ଯାଉଛି ପରା।
x x x x
ଏହି କୂଳେ ବହି ଆଣିଛୁ କେତେ ବୋଇତ ପଟା
ଦେଖାଇ ଲଗାଇ ଦେଇଛୁ କେତେ ଶୋକର ହଟା
ଶଙ୍କାରେ ସାଧବ-ଲଳନା ତୋତେ ବାରିଛି କେତେ
ସୁତ ଦଇତଙ୍କୁ ସୁମରି ଦୂର ବୋଇତ ପଥେ।"

ମନେପଡ଼ିଛି କବିଙ୍କର ଅନ୍ୟ ଏକ ପ୍ରସଙ୍ଗ ଯାହା କିମ୍ବଦନ୍ତୀ ହିସାବରେ ଓଡ଼ିଶାରେ ପ୍ରଚଳିତ ଅଛି। କିମ୍ବଦନ୍ତୀ କହେ ଯେ କଳାପାହାଡ଼ କୋଣାର୍କରେ ହିନ୍ଦୁ ଦେବତାଙ୍କର ପବିତ୍ରତା ନଷ୍ଟ କରିବାବେଳେ ଦେବୀ ରାମଚଣ୍ଡୀ ନାରୀ ରୂପରେ ମାଠିଆଟିଏ ଧରି କୁଶଭଦ୍ରା ନଦୀକୁ ପାଣି ପାଇଁ ଯାଇଥିଲେ। କଳାପାହାଡ଼ ଦେବୀମୂର୍ତ୍ତିକୁ ମନ୍ଦିରରେ ନ ଦେଖି ଖୋଜି ଖୋଜି ଆସି ଦେଖିଲାବେଳକୁ ଦେବୀ କୁଶଭଦ୍ରାରେ ମାଠିଆ ଧରି ଭାସୁଛନ୍ତି। ସେହିଦିନ ଠାରୁ ଏପର୍ଯ୍ୟନ୍ତ ଦେବୀ ରାମଚଣ୍ଡୀ ଆଉ କୋଣାର୍କକୁ ଫେରିନାହାନ୍ତି। ଲୋକମାନେ ଏବେ ବି କହୁଛନ୍ତି -

"ଭଲା ରାମଚଣ୍ଡୀ ଭଲାରେ
କଳାପାହାଡ଼କୁ ଦୁଆରେ ବସାଇ
ଭଲା ପାଣି ଆଣି ଗଲାରେ।"

କବି ନୀଳକଣ୍ଠ ଏହି ପରିପ୍ରେକ୍ଷୀରେ କହିଛନ୍ତି -

"ଏହି ରାମଚଣ୍ଡୀ ଯବନ ଦଣ୍ଡେ ଆସିଣ ଏଥି
ଆଉ ସେହିଦିନୁ ଫେରାଇ ନାହାନ୍ତି ତହେ ଗତି।"

ପୁନଶ୍ଚ କବିଙ୍କର ମନେପଡ଼ିଛି ଇତିହାସ ପୃଷ୍ଠାରେ ଲିପିବଦ୍ଧ ଉତ୍କଳର ରାଜବଂଶର ଗୌରବମୟ କୀର୍ତ୍ତି କାହାଣୀ। କେଶରୀ ବଂଶର ପ୍ରଥମ ରାଜା ଯଯାତି କେଶରୀ ଯାଜପୁର ଠାରେ କରିଥିବା ଦଶାଶ୍ୱମେଧ ଯଜ୍ଞ କଥା କବି ସ୍ମରଣ କରିଛନ୍ତି। ଗଙ୍ଗବଂଶର ରାଜାମାନଙ୍କର ରାଜ୍ୟ ପ୍ରସାର ନୀତି କବି ସ୍ମୃତିରେ ଯେଉଁ ଆବେଗ ଓ ଉତ୍ସାହ ଆଣି ଦେଇଛି, ତାହାର କଳନା କରାଯାଇ ପାରିବ ନାହିଁ। ଛାତ୍ରମାନଙ୍କୁ ଅତୀତର ଗୌରବ ସମ୍ପର୍କରେ ଜଣାଇବାର ପ୍ରଚେଷ୍ଟା କରି କବି ଏତେସବୁ ପ୍ରସଙ୍ଗ ଉଲ୍ଲେଖ କରିଛନ୍ତି। ପୂର୍ବସୂରୀମାନଙ୍କର କୀର୍ତ୍ତି କାହାଣୀ ଶୁଣାଇବା ଥିଲା ସତ୍ୟବାଦୀ ସାହିତ୍ୟର ମୁଖ୍ୟ ଲକ୍ଷ୍ୟ ଓ ବଳିଷ୍ଠ ଆଭିମୁଖ୍ୟ। କବି ନୀଳକଣ୍ଠ ଏହି ଉଚ୍ଚ ଆଦର୍ଶରେ ଅନୁପ୍ରାଣିତ ହୋଇ ସମୟ ସ୍ରୋତରେ ଉଜାଣି ଯାଇ ଉତ୍କଳର ରଦ୍ଧିମନ୍ତ ଚିତ୍ର ମନ ନେତ୍ରରେ ଦେଖି ଅନ୍ୟମାନଙ୍କୁ ଦେଖାଇବାରେ ପ୍ରୟାସ କରିଛନ୍ତି। ଗଙ୍ଗବଂଶର ରାଜାମାନେ ଗଙ୍ଗାଠାରୁ କାବେରୀ ପର୍ଯ୍ୟନ୍ତ ରାଜ୍ୟ ବିସ୍ତାର କରିଥିଲେ। ଖାରବେଳଙ୍କ ସମୟରେ

ହିମାଳୟର ପାଦଦେଶରୁ କୁମାରିକା ପର୍ଯ୍ୟନ୍ତ ସବୁ କଳିଙ୍ଗ ରାଜ୍ୟର ଅନ୍ତର୍ଭୁକ୍ତ ଥିଲା। କବିଙ୍କ ଭାଷାରେ -

"ଭାଗୀରଥୀ ପୁଣି କାବେରୀ ହୋଇ କେବେ ଅଧୀର
ଦେବେ ଥରେ ଥରେ କମ୍ପାଇ ତାଙ୍କ ଦୂର ସଲିଳ
ତୁଙ୍ଗ ହିମଗିରି ହସିବ ଶୁଭ୍ର ତୁହିନ ହାସେ
ଅବାଚୀ ଦିଗନ୍ତେ କୁମାରୀ ଉର୍ମି ଭଙ୍ଗି ବିଳାସେ"

ଭାବ ବିଭୋର କବି ଚିତ୍ତକୁ ଆକୃଷ୍ଟ କରିଛି ଆଉ ଏକ ଜନଶ୍ରୁତି ଯାହା କୋଣାର୍କ ମନ୍ଦିରର ଗଠନ ସହିତ ସମ୍ପର୍କିତ।୧୨୦୦ ବଢ଼େଇ ବାରବର୍ଷ ଲାଗି କୋଣାର୍କ ମନ୍ଦିର କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇପାରିଲା ନାହିଁ। ମନ୍ଦିରର ଚୂଡ଼ା ନିର୍ମାଣ ସମ୍ଭବ ନ ହେବାରୁ ବାରଶହ ବଢ଼େଇଙ୍କ ମଧ୍ୟରେ ଭାଳେଣି ପଡ଼ିଲା। ସେହି ସଙ୍କଟ କାଳରେ କର୍ମରତ ଜଣେ ବଢ଼େଇର ବାରବର୍ଷର ପୁଅ ଧର୍ମପଦ ଆସି ପହଞ୍ଚିଲା ଏବଂ ମନ୍ଦିରର ଚୂଡ଼ା ସମ୍ପୂର୍ଣ୍ଣ କରି ନିଜର ଶିଳ୍ପନୈପୁଣ୍ୟର ପରାକାଷ୍ଠା ପ୍ରଦର୍ଶନ କରିଥିଲା। ବାରଶହ ବଢ଼େଇଙ୍କର ସୁରକ୍ଷା ପାଇଁ ହସି ହସି ପିତାଙ୍କର ଅନୁମତି ନେଇ ମନ୍ଦିର ଉପରୁ ତଳକୁ ଡେଇଁ ପ୍ରାଣ ବିସର୍ଜନ କରିଥିଲା ଧର୍ମପଦ, ଏହା ଜନଶ୍ରୁତି ଭାବରେ ରହିଛି। ଭାରତୀୟ ସଂସ୍କୃତି ତଥା ଉତ୍କଳୀୟ ସଂସ୍କୃତି ହେଉଛି ତ୍ୟାଗ, ତପସ୍ୟାର ସଂସ୍କୃତି। ଏଠାରେ ଜୀବନର ସାର୍ଥକତା ଅନ୍ୟର କଲ୍ୟାଣରେ ପ୍ରକଟିତ ହୁଏ, ଏକଥା ଛାତ୍ରମାନଙ୍କୁ ତଥା ଉତ୍କଳବାସୀଙ୍କୁ ଜଣାଇବାର ଲକ୍ଷ୍ୟ ନେଇ କବି ଧର୍ମପଦ ପ୍ରସଙ୍ଗ ଉଲ୍ଲେଖ କରିଛନ୍ତି।

କବିଙ୍କ ଭାଷାରେ -

"ଶିବେଇ ସାମନ୍ତା ଆସିବେ ଘେନି ବାରଶ ଶିଳ୍ପୀ
ଦେବ ହେ ବଢ଼େଇ ବାଳକ ସୁଖେ ପ୍ରାଣ ଅରପି
ପଡ଼ିବ ମନ୍ଦିର ଶିଖରୁ କଙ୍କରିଳ ପ୍ରାଙ୍ଗଣେ
ଭାଙ୍ଗିବଟି ନିଦ ଚମକି ତବ ମଧୁ ସ୍ୱପନେ।"

ସତ୍ୟବାଦୀ ବନବିଦ୍ୟାଳୟ କେବଳ ବିଦ୍ୟାଳୟ ମାତ୍ର ନଥିଲା, ତାହା ଥିଲା ଅଧିକନ୍ତୁ ଏକ ମଣିଷଗଢ଼ା କାରଖାନା। ସେହି କାରଖାନାର ଅନ୍ୟତମ ଶିଳ୍ପୀ, ସ୍ରଷ୍ଟା, ଦିଗଦ୍ରଷ୍ଟା, ଶିକ୍ଷକ କବି ନୀଳକଣ୍ଠ ସାହିତ୍ୟ ମାଧ୍ୟମରେ ଜାତି ଗଠନ ନିମନ୍ତେ ପଦକ୍ଷେପ ନେଇଛନ୍ତି। ଉତ୍କଳୀୟ ସଂସ୍କୃତି, ଉତ୍କଳର ଇତିହାସ, ଉତ୍କଳର କିମ୍ବଦନ୍ତୀର ମହତ୍ତ୍ୱପୂର୍ଣ୍ଣ ଦିଗ ଓ ଦିଗନ୍ତ କବିଙ୍କୁ ଅଭିଭୂତ କରିଛି। ଉତ୍କଳର ମାଟିର ପବିତ୍ରତା ପ୍ରସଙ୍ଗ ଉଲ୍ଲେଖ ଅବକାଶରେ କବି ଶାମ୍ବଙ୍କ ଶାପମୋଚନ କଥା ଅବତାରଣା କରିଛନ୍ତି।

କବିଙ୍କ ଭାଷାରେ -

"ଜାମ୍ବବତୀସୁତ ପଲକେ ଚନ୍ଦ୍ରଭାଗା ପୁଳିନେ
ବସିଯିବେ ତପ ଆଚରି ଚାହିଁ ଚଣ୍ଡ ତପନେ
ଚନ୍ଦ୍ରଭାଗା ଜଳେ ପଖାଳି ଦେହ, ଦୂରିତ ରାଶି
ଖଣ୍ଡିବେ, ସବିତା ସ୍ୱଦେହେ ବର ଦେବେ ହେ ଆସି।"

ଉତ୍କଳୀୟ ଚେତନାର ପ୍ରାଣକେନ୍ଦ୍ର ଭାବରେ ଜଗନ୍ନାଥ ନୀଳାଚଳରେ ବିରାଜିତ। ସେ ଉତ୍କଳରେ ଅବସ୍ଥାନ କଲେ ହେଁ ସମଗ୍ର ଜଗତର ନାଥ ଭାବରେ ପୂଜିତ। ତାଙ୍କୁ ବାଦ୍‌ଦେଲେ ଉତ୍କଳୀୟ ଜନଚେତନା ଅର୍ଥହୀନ, ଗୌରବହୀନ ତଥା ଦୀପ୍ତିହୀନ ହୋଇଯିବ।

ପ୍ରଥମେ ଶବର ଦେବତା ଭାବରେ ଜଗନ୍ନାଥ ପୂଜା ପାଉଥିଲେ। ମାଳବର ରାଜା ଇନ୍ଦ୍ରଦ୍ୟୁମ୍ନ ଜଗନ୍ନାଥଙ୍କ ଅନ୍ୱେଷଣରେ ବିଦ୍ୟାପତିଙ୍କୁ ପଠାଇଲେ। ବିଦ୍ୟାପତିଙ୍କ ଭକ୍ତିଭାବରେ ସନ୍ତୁଷ୍ଟ ହେଲେ ଶବର ଦେବତା। ନୀଳାଚଳରେ ଦାରୁରୂପରେ ରହିବେ ବୋଲି ସମ୍ମତି ପ୍ରଦାନ କଲେ ସେ ଦେବତା। ଏହାଛଡ଼ା କବିଙ୍କ ଲେଖନୀରେ ଜୈନଧର୍ମ,

ବୌଦ୍ଧଧର୍ମର ପ୍ରଚାର ଓ ପ୍ରସାର ଓଡ଼ିଶାରେ କିପରି ହୋଇଥିଲା ତାହା ଲିପିବଦ୍ଧ ହୋଇଛି। ଖଣ୍ଡଗିରିର ପ୍ରତ୍ନତତ୍ତ୍ୱ ଉପରେ କବି ମଧ୍ୟ ଆଲୋକପାତ କରିଛନ୍ତି। ପ୍ରତାପରୁଦ୍ରଙ୍କର ଭକ୍ତିଭାବ, ଚୈତନ୍ୟଙ୍କର ପ୍ରେମଭକ୍ତିର ପ୍ରଚାର, ପଞ୍ଚସଖାଙ୍କ କୃତିତ୍ୱ ସମ୍ବନ୍ଧରେ କବି ଅବତାରଣା କରିଛନ୍ତି। ବିଡ଼ାନାସୀ ଓ ଚଉଦୁଆର ପରେ ଓଡ଼ିଶାର ରାଜଧାନୀ ହୋଇଥିଲା ବାରବାଟୀ। ଅନଙ୍ଗଭୀମ ଦେବ ବାରବାଟୀ ଦୁର୍ଗ ନିର୍ମାଣ କରିଥିଲେ। ଏ ପ୍ରସଙ୍ଗରେ କବି କହିଛନ୍ତି -

"ବାରାଣସୀ ଚଉଦୁଆରୁ ଆଣି କୀରତି ମାଟି
ଅସି ମୁନଗାରେ ତୋଳିଲେ ଭୀମ ଏ ବାରବାଟୀ
ସେହିଦିନୁ କେବେ ଜନମେ ବାରବାଟୀରୁ ନାରୀ
ଶୁଣିନାହିଁ ଗଡ଼ ଦୁଆରେ ତୀବ୍ର ବଇରି ଭେରୀ"

ମର୍କତ କେଶରୀଙ୍କର କାଠଯୋଡ଼ି ପଥରବନ୍ଧ; ମହ୍ୟକେଶରୀଙ୍କର ପୁରୀ ଓ ଯାଜପୁରର ଅଠରନଳା, ଲଳିତ କେଶରୀରଙ୍କର ଭୁବନେଶ୍ୱର ମନ୍ଦିର ଓ ଅନଙ୍ଗଭୀମ ଦେବଙ୍କର ପୁରୀ ମନ୍ଦିର ଅକ୍ଷୟ କୀର୍ତ୍ତି ଭାବରେ ଏବେ ମଧ୍ୟ ବିରାଜିତ। ନୃପତିମାନେ ଆଜି ନାହାନ୍ତି ମାତ୍ର ସେମାନଙ୍କ କୀର୍ତ୍ତି ତାଙ୍କୁ ଅମରତ୍ୱ ପ୍ରଦାନ କରିଛି। ସେମାନେ ଯଶୋଦେହରେ ବଞ୍ଚି ରହିଛନ୍ତି। କବି ନୀଳକଣ୍ଠ ଏ ସମ୍ପର୍କରେ ସୂଚନା ଦେଇ କହିଛନ୍ତି -

"ମରକତ ମହ୍ୟଲଳିତ ବୀର ଅନଙ୍ଗଭୀମ
ତଟିନୀ ମେଖଳା ମନ୍ଦିର ଯହିଁ କୀର୍ତ୍ତି କରମ
ସ୍ମୃତି ପଥେ ଭାସି ପଲକେ ଯିବେ ବାପା ତୁମ୍ଭର
ଗୋଟି ଗୋଟି ପୁଣି ଗାଇବେ ବନ୍ଦୀ ଫିଟାଇ ସ୍ୱର"

ଇତିହାସର ସୁବର୍ଣ୍ଣ ଅଧ୍ୟାୟ ପ୍ରତି କବି ଯେତିକି ସଶ୍ରଦ୍ଧ ଦୃଷ୍ଟି ନିକ୍ଷେପ କରିଛନ୍ତି, କୋଣାର୍କ ମନ୍ଦିରର କାରୁକାର୍ଯ୍ୟ ପ୍ରତି ସେତିକି ଆନ୍ତରିକତା ପ୍ରଦର୍ଶନ କରିଛନ୍ତି। ତାଙ୍କ ମନ ନୟନକୁ କିଣି ନେଇଛି କୋଣାର୍କର କଳାବିଭବ। ନଦୀବକ୍ଷରେ କି ସାହସରେ କେତେ ପଥର ପୋତି ଯିଏ ମନ୍ଦିର ଗଢ଼ିଲେ ତାଙ୍କ ପ୍ରତି କବି ହୃଦୟରୁ କୃତଜ୍ଞତା ପ୍ରକଟିତ ହୋଇଛି। ମନ୍ଦିର ଗାତ୍ରରେ ଥିବା ମୂର୍ତ୍ତିମାନଙ୍କର ଲାବଣ୍ୟପ୍ରଭା କବି ଦୃଷ୍ଟିରେ ସୃଷ୍ଟି କରିଛି ସୁଷମାର ଶତ ଇନ୍ଦ୍ରଧନୁ। ଉତ୍କଳୀୟ ଚାରୁକଳାର ବିମଳ ବିଳାସ କୋଣାର୍କ ମନ୍ଦିରରେ ରୂପପ୍ରାପ୍ତ ତଥା ଜୀବନ୍ୟାସ ପ୍ରାପ୍ତ ହୋଇଥିବାର ଦେଖି କବି ପ୍ରାଣରେ ସୃଷ୍ଟି ହୋଇଛି ସୀମାହୀନ ଶିହରଣ। ପୂର୍ବ ସ୍ମୃତିକୁ ସ୍ମରଣ କରି ଏପରି ବର୍ଣ୍ଣନାର ଉପସ୍ଥାପନା କରିଛନ୍ତି ସେ। କୋଣାର୍କ ତାଙ୍କ ପାଇଁ ପ୍ରସ୍ତର ନିର୍ମିତ ମନ୍ଦିରଟିଏ ହୋଇନାହିଁ, ହୋଇଯାଇଛି ଲଳିତ କଳାର ମନ ମୁଗ୍ଧକର ମଞ୍ଜୁଳ ଏବଂ କୁଞ୍ଜ ବିଶେଷ ଓ ମାଦକତାର ଏକ ସ୍ନିଗ୍ଧ ସୋହାଗତୀର୍ଥ। ପାଣ୍ଡିତ୍ୟ ଭିତରେ ନମନୀୟ କବିଚିତ୍ତର କମନୀୟ ଶୋଭା ପ୍ରକଟିତ ହୋଇପାରେ ତାହାର ସାର୍ଥକ ରୂପରେଖ ଆଲୋଚ୍ୟ କବିତାର କେତେକାଂଶରେ ଦେଖିବାକୁ ମିଳେ। କବି ବିସ୍ମିତ ହୋଇ ଗାଇଛନ୍ତି -

"କିଏ ଗଢ଼ିଥିଲା ଏ ଭୂମେ ଏଡ଼େ କଳା ବିଶାଳ
କି ସାହସେ ନଦୀ ଗରଭେ ପୋତି ଏତେ ପଥର
x x x x
ମୋହନ ମୁଗୁନି ଅକର୍ମଶିଳା କି ଶସ୍ତ୍ର ଧରି
ମୂର୍ତ୍ତି ଗଢ଼ିଥିଲେ କିଏ ସେ ଏଡ଼େ ଜୀବନ୍ତ କରି
x x x x
ଲାବଣ୍ୟ ଝରଇ ଶ୍ରୀଅଙ୍ଗେ, ମୁଖେ ମୋହନ ଦ୍ୟୁତି
ବିକଚ କମଳ ଶ୍ରୀକରେ ଶୋହେ ସୂର୍ଯ୍ୟ ମୂରତି।"

'ରାମଚଣ୍ଡୀରେ ସକାଳ' ଅଂଶବିଶେଷରେ କବିପ୍ରାଣ ପ୍ରାକୃତିକ ଶୋଭା ବିଭବ ଦର୍ଶନରେ ମନ୍ତ୍ରମୁଗ୍ଧ। ମଳିନ ହୋଇଛି କୁଆଁତାରା, ନିର୍ମେଘ ହୋଇଛି ଆକାଶ, ନିର୍ମଳ ହୋଇଛି ପ୍ରାତଃ ପରିବେଶ। ସୂର୍ଯ୍ୟୋଦୟର ସୁନ୍ଦର ଶୋଭା କବି କଳ୍ପନାରେ ପ୍ରାଣବନ୍ତ ହୋଇଉଠିଛି। ଅତୀତରେ ଚନ୍ଦ୍ରଭାଗା କୂଳରେ ବସି ସେ କିପରି ସୂର୍ଯ୍ୟୋଦୟ ଦେଖିଥିଲେ ତାହା ବର୍ଣ୍ଣନା କରିଛନ୍ତି। ସୂର୍ଯ୍ୟ ଉଦିତ ହେବାବେଳେ ସମୁଦ୍ରରେ ପରିଦୃଷ୍ଟ ସ୍ୱର୍ଣ୍ଣିମ ଆଭା ସମ୍ପର୍କରେ ବର୍ଣ୍ଣନା କରି କବି କହିଛନ୍ତି -

"ବୃତ୍ତାଭାସ ପରି ଦିଶିଲା ଉଠି ଅର୍ଦ୍ଧମଣ୍ଡଳ
ବର୍ତ୍ତୁଳିତ ପ୍ରାନ୍ତ ଉମ୍ବରୁ କ୍ରମେ ଦିଶେ ସୁନ୍ଦର
ଉଠି ଆସେ ବିମ୍ବ, ଅଳପ ଲାଗି ରହିଲା ନୀରେ
ହାଟକ କଳସ ଭାସିଲା ଛୁଇଁ ମୁଖେ ସାଗରେ"

ମନୋଜ୍ଞ ପ୍ରକୃତିର ମନମୋହିନୀର ସୁଷମା ସମ୍ପର୍କରେ ବୁଝାଇ ବୁଝାଇ କବି ଯାଇ ପହଞ୍ଚିଛନ୍ତି ଯୁବରାଜ ନରସିଂହ ଓ ସାମନ୍ତ ଜେମା ମାୟାଦେବୀଙ୍କ ନିକଟରେ। 'କୋଣାର୍କେ'ର ଦ୍ୱିତୀୟ ଭାଗରେ ନରସିଂହ ଓ ମାୟାଦେବୀଙ୍କର ପ୍ରଣୟ କାହାଣୀ ବର୍ଣ୍ଣିତ ହୋଇଛି।

ମୋଟ ଉପରେ ଏକଥା ସ୍ପଷ୍ଟ ଯେ କବି ନୀଳକଣ୍ଠଙ୍କର କୋଣାର୍କେର ପ୍ରଥମ ଭାଗ ଅର୍ଥାତ୍ 'ରାମଚଣ୍ଡୀ ଠାରେ ରାତି ଓ ସକାଳ' ଅଂଶରେ ବହୁଭାବ ପ୍ରବାହର ମଧୁର ମିଳନ ସଂଗଠିତ ହୋଇଛି। ବହୁ ତଥ୍ୟ ଓ ତତ୍ତ୍ୱ ଏଥିରେ ସ୍ଥାନିତ ହୋଇଛି। ଗୁରୁଗମ୍ଭୀର ଶବ୍ଦମାଳା ଭିତରେ କବି ହୃଦୟର ଭାବଧାରା ପରିସ୍ଫୁଟ ହୋଇଛି। ପ୍ରତିଟି ପଂକ୍ତିରେ ସଞ୍ଚରିତ ସୁଚାରୁ ଛନ୍ଦର ସୁମଧୁର ସ୍ୱର୍ଗ ଅନୁଭବ କରିହୁଏ। କବିଙ୍କ ଲେଖନୀ ସ୍ୱର୍ଗରେ ଓଡ଼ିଶାର ଇତିହାସ, ଜନଶ୍ରୁତି ଓ ପୁରାଣ କାହାଣୀ ସବୁ କିଛି ସାହିତ୍ୟର ବଳୟ ଭିତରକୁ ଆସି ରସାଣିତ ହୋଇଛନ୍ତି। ଏକାଧାରରେ ପାଣ୍ଡିତ୍ୟର ଗଭୀରତା ଓ କବି ଚିତ୍ତର ସ୍ୱର୍ଗକାତରତା ମୂର୍ତ୍ତିମନ୍ତ ହୋଇଛି ଆଲୋଚ୍ୟ କବିତାରେ। ଶିକ୍ଷକର ହୃଦୟବତ୍ତା ସହିତ ବାସଲ୍ୟଭାବ ଯେପରି ପ୍ରକଟିତ ହୋଇଛି, ତା'ର ପଟାନ୍ତର ନାହିଁ। 'କୋଣାର୍କେ'ର ପ୍ରଥମ ଭାଗରେ ଏପରି ଏକ ସ୍ନିଗ୍ଧ ମଧୁର ଭାବ ପ୍ରବାହ ଅଛି ଯେ ତା'କୁ ବାରମ୍ବାର ପଢ଼ିଲେ ମଧ୍ୟ ପାଠକ ମନରେ କ୍ଲାନ୍ତି ଆସେ ନାହିଁ। ଅପୂର୍ବ ଆନନ୍ଦରେ ପାଠକ ଚିତ୍ତ ବିମୋହିତ ତଥା ଅଭିଭୂତ ହୋଇଯାଏ।

କୁନ୍ତଳା କୁମାରୀଙ୍କ ପ୍ରକୃତି ପ୍ରୀତି

କୁନ୍ତଳା କୁମାରୀ ସାବତ ଓଡ଼ିଆ ସାହିତ୍ୟରେ ଜଣେ ସ୍ୱନାମଧନ୍ୟ ସ୍ରଷ୍ଟା। ସେ ଥିଲେ ଏକାଧାରରେ କବି, ଔପନ୍ୟାସିକା, କେତେକ ପତ୍ରପତ୍ରିକାର ସମ୍ପାଦିକା ଏବଂ ବିଭିନ୍ନ ସଂଗଠନର ପରିଚାଳିକା। ତେବେ କବି ଭାବରେ ତାଙ୍କର ପ୍ରଭାବ ଓ ପ୍ରତିଷ୍ଠା ଅଧିକ ଲକ୍ଷ୍ୟଣୀୟ। ସେ କେବଳ ଓଡ଼ିଆ ଭାଷାରେ ସାହିତ୍ୟ ସର୍ଜନା କରିଛନ୍ତି, ତାହା ନୁହେଁ, ସେ ମଧ୍ୟ ହିନ୍ଦୀ ଭାଷାରେ କବିତା ରଚନା କରିଛନ୍ତି। ଓଡ଼ିଆ ଭାଷା ସହିତ ହିନ୍ଦୀ, ବଙ୍ଗଳା, ଉର୍ଦ୍ଦୁ ତଥା ଇଂରାଜୀ ଭାଷା ଅଧ୍ୟୟନରେ ତାଙ୍କର ଯଥେଷ୍ଟ ପାରଦର୍ଶିତା ଥିଲା। ଭାରତୀୟ ସାହିତ୍ୟର ଭିନ୍ନ ଭିନ୍ନ ଦିଗ ଓ ଦିଗନ୍ତକୁ ଅନୁଶୀଳନ କରି ତଦ୍ଦ୍ୱାରା ସେ ପ୍ରଭାବିତ ହୋଇଥିଲେ। ନିଜସ୍ୱ ପ୍ରତିଭା ବଳରେ ସେ ଯେଉଁ ସିଦ୍ଧିର ଅଧିକାରିଣୀ ହୋଇଥିଲେ, ସେହି ସିଦ୍ଧି ବିନିମୟରେ ଓଡ଼ିଆ ସାହିତ୍ୟର ଗନ୍ତାଘର ରତ୍ନମନ୍ତ ହୋଇଛି। ୧୯୦୧ ମସିହା ଫେବୃଆରୀ ୮ ତାରିଖରେ ତାଙ୍କର ଜନ୍ମ ହୋଇଥିଲା। ତାଙ୍କ ପିତାଙ୍କ ନାମ ଥିଲା ଦାନିଏଲ ସାବତ ଓ ମାତାଙ୍କ ନାମ ଥିଲା ମଣିକା ସାବତ। ଜନ୍ମତଃ ସେ ଖ୍ରୀଷ୍ଟିଆନ ଥିଲେ ମଧ୍ୟ ମର୍ମରେ ସେ ଥିଲେ ସମନ୍ୱୟ ଚେତନାର ଅଧିକାରିଣୀ। କୌଣସି ଧର୍ମକୁ ହୀନ ବା ସାନ ଜ୍ଞାନ କରିବା ତାଙ୍କର ପ୍ରକୃତି ବିରୁଦ୍ଧ ଥିଲା। ସବୁ ଧର୍ମର ମୂଲ୍ୟ ଓ ମୂଲ୍ୟବୋଧକୁ ସେ ଉଚ୍ଚ ଆସନ ଦେଇଥିଲେ। ବିଶେଷତଃ ସର୍ବପ୍ରାଚୀନ, ରୁଚିମଧୁର ସନାତନ ଧର୍ମ ପ୍ରତି ତାଙ୍କର ଆଗ୍ରହ ଓ ଆନ୍ତରିକତା ଥିଲା ସ୍ୱତନ୍ତ୍ର। ବୃତ୍ତି ତାଙ୍କର ଥିଲା ଡାକ୍ତରୀ ବ୍ୟବସାୟ। ମାତ୍ର ସାହିତ୍ୟ ସାଧନା ଥିଲା ତାଙ୍କର ପ୍ରବୃତ୍ତି। ଉଭୟ ବୃତ୍ତି ଓ ପ୍ରବୃତ୍ତିରେ ଯଥେଷ୍ଟ ସମ୍ମାନ ଅର୍ଜନ କରି ସେ ବହୁ ଲୋକଙ୍କର ଶ୍ରଦ୍ଧା ଭାଜନ ହୋଇପାରିଥିଲେ। ବାଲ୍ୟକାଳ ତାଙ୍କର ଅତିବାହିତ ହୋଇଥିଲା ପିତାମାତାଙ୍କ ସହ ସୁଦୂର ବର୍ମାରେ। ପରେ ସମୟ କ୍ରମେ ପ୍ରତିକୂଳ ପରିସ୍ଥିତର ଚାପରେ ପଡ଼ି ତାଙ୍କୁ ଓଡ଼ିଶାରେ ଆସି ରହିବାକୁ ହୋଇଥିଲା। ଓଡ଼ିଶା ହେଲା ତାଙ୍କର ଶିକ୍ଷାକ୍ଷେତ୍ର ଏବଂ ସୃଜନଶୀଳ ପ୍ରତିଭାର ଉନ୍ମେଷର କ୍ଷେତ୍ର।

୧୯୩୮ ମସିହାରେ ତାଙ୍କର ମହାପ୍ରୟାସ ଘଟିଥିଲା। ସ୍ୱଳ୍ପ ଜବୀନ କାଳ ଭିତରେ ସେ ପାଞ୍ଚଖଣ୍ଡି ପୂର୍ଣ୍ଣାଙ୍ଗ ଉପନ୍ୟାସ ରଚନା କରିଛନ୍ତି। ସେଗୁଡ଼ିକ ହେଲା ଭ୍ରାନ୍ତି, ନ' ତୁଣ୍ଡୀ, କାଳୀବୋହୂ, ପରଶମଣି ଓ ରଘୁ ଅରକ୍ଷିତ। ଚିତ୍ରପଟ ନାମରେ ଅନ୍ୟ ଏକ ଉପନ୍ୟାସ ତାଙ୍କର ଅପୂର୍ଣ୍ଣ ରହିଥିଲା, ପୂର୍ଣ୍ଣାଙ୍ଗ ହୋଇପାରିନଥିଲା। ତାଙ୍କ ରଚିତ କବିତ ଗ୍ରନ୍ଥଗୁଡ଼ିକ ମଧ୍ୟରେ ଅଞ୍ଜଳି (୧୯୨୨), ଉଚ୍ଛ୍ୱାସ (୧୯୨୬), ଅର୍ଚ୍ଚନା (୧୯୨୭), ଆହ୍ୱାନ (୧୯୩୦), ପ୍ରେମ ଚିନ୍ତାମଣି (୧୯୩୦), ଓଡ଼ିଆଙ୍କ କାହାଣୀ (୧୯୩୬) ପ୍ରକାଶିତ ହୋଇଥିଲା। ତାଙ୍କ କାବ୍ୟ ସ୍ୱରରେ ପ୍ରକୃତି ପ୍ରୀତି, ଦେଶ ଓ ଜାତି ପ୍ରୀତି, ବିଭୁପ୍ରୀତି ରୂପାୟିତ ହୋଇଛି। ସବୁ ଭିତରେ ବ୍ୟକ୍ତିଗତ ଜୀବନର ମାନସିକ ଯନ୍ତ୍ରଣା ଅଳ୍ପେ ବହୁତେ ଆତ୍ମ ପ୍ରକାଶିତ। ମଣିକାଞ୍ଜନ ତାଙ୍କର ଏକ ଅପୂର୍ଣ୍ଣ ସୃଷ୍ଟି ହେଲେ ହେଁ ଅନୁପମ ସୃଷ୍ଟି ଯହିଁରେ ସାବିତ୍ରୀ ଚରିତ୍ର ରୂପାୟିତ। ସେ ଜୀବନ, ନାରୀ, ଭାରତୀ ଓ ମହାବୀର ନାମରେ ହିନ୍ଦୀ ଭାଷାରେ ପ୍ରକାଶିତ ପତ୍ରପତ୍ରିକାର ସମ୍ପାଦନା ଦାୟିତ୍ୱ ନେଇଥିଲେ। ହିନ୍ଦୀ ଭାଷାରେ ବହୁ ସାହିତ୍ୟିକ କୁନ୍ତଳାଙ୍କ ବହୁବିଧ ପ୍ରତିଭାରେ ମୁଗ୍ଧ ହୋଇ ତାଙ୍କୁ ଅଜସ୍ର ପ୍ରଶଂସା କରିଥିଲେ। ହିନ୍ଦୀ ସାହିତ୍ୟର ଲବ୍ଧ ପ୍ରତିଷ୍ଠ ଲିପିଶିଳ୍ପୀ ଶ୍ରୀ ଜୈନେନ୍ଦ୍ର କୁନ୍ତଳାଙ୍କ ଜୀବନକୁ

ଆଧାର କରି ଏକ ଉପନ୍ୟାସ ଲେଖିଥିଲେ। କଲ୍ୟାଣି ନାମରେ ନାମିତ ସେହି ଉପନ୍ୟାସ ପାଠକ ମହଲରେ ଅତ୍ୟନ୍ତ ଆଦୃତ ହୋଇଛି।

ଓଡ଼ିଶାର ମାଟି, ପାଣି, ତରୁଲତା ସବୁକୁ ପ୍ରାଣଭରି ଭଲ ପାଉଥିଲେ, କୁନ୍ତଳା। ଅବଶ୍ୟ ଏଥିରେ ସଂକୀର୍ଣ୍ଣତାର ସ୍ଥାନ ନଥିଲା। ମହାଭାରତୀୟ ଚେତନାରେ ଉଦ୍‌ବୁଦ୍ଧ ହୋଇ ସେ କହିଥିଲେ, "ମୁଁ ପ୍ରଥମେ ଓଡ଼ିଆ, ପରେ ଭାରତୀୟ।' ଓଡ଼ିଶା ଭାରତରୁ ଭିନ୍ନ ନୁହେଁ, ଓଡ଼ିଆ ସାହିତ୍ୟ ଭାରତୀୟ ସାହିତ୍ୟ ସ୍ରୋତରୁ ଭିନ୍ନ ନୁହେଁ। ଅତଏବ ଓଡ଼ିଶାର ତଥା ଓଡ଼ିଆ ସାହିତ୍ୟର ସେବା କଲେ ଭାରତର ସେବା ତଥା ଭାରତୀୟ ସାହିତ୍ୟର ସେବା କରିହେବ, ଏହି ଚିନ୍ତାଧାରାରେ ତାଙ୍କର ଗଭୀର ଆସ୍ଥା ଥିଲା। ପ୍ରକୃତି ଚିତ୍ରଣ କ୍ଷେତ୍ରରେ ସେ ଉତ୍କଳୀୟ ନୁହନ୍ତି କି ଭାରତୀୟ ନୁହନ୍ତି ବରଂ ସମଗ୍ର ବିଶ୍ୱର ଅନ୍ତର୍ଭୁକ୍ତ ଏକ ସଚେତନ ସ୍ରଷ୍ଟା। ପ୍ରକୃତି ହେଉଛି ଐଶୀସତ୍ତାର ଛାୟାଚ୍ଛନ୍ନ ରୂପ। ବ୍ୟକ୍ତି ସତ୍ତାକୁ ବିଶ୍ୱସତ୍ତା ସହ ଯୁକ୍ତ କରିବାକୁ ଏକ ବଳିଷ୍ଠ ମାଧ୍ୟମ। ଏହାର ରୁଦ୍ର ସୁନ୍ଦର ଅଭିବ୍ୟକ୍ତି ସ୍ରଷ୍ଟା ମାନସରେ ସୃଷ୍ଟି କରେ ବିପୁଳ ବିସ୍ମୟାନନ୍ଦ ଓ ଅପୂର୍ବ ମନନଶୀଳତା। ପ୍ରକୃତିର ପୂଜାରିଣୀ ସାଜି କୁନ୍ତଳା କୁମାରୀ ଚେତନାର ସ୍ତର ପରେ ସ୍ତର ଅତିକ୍ରମ କରିଯାଇଛନ୍ତି। ବିପୁଳ ଭାବାବେଗ ସହିତ ଗଭୀର ଦାର୍ଶନିକ ଅନୁଚିନ୍ତା ତାଙ୍କ ପ୍ରକୃତି ପ୍ରୀତିରେ ସ୍ଥାନ ପାଇଛି। କବିତା ସଂକଳନ 'ଅଞ୍ଜଳି'ରେ ସ୍ଥାନିତ 'ବସନ୍ତ ଭାବନା' କବିତାରେ କବିଙ୍କର ଭାବାବେଗ ଆତ୍ମ ପ୍ରକାଶିତ। ବସନ୍ତର ଆଗମନରେ ଧରା ପରିବେଶ ଶୋଭା ସୁନ୍ଦର ହୋଇ ଜନମାନସକୁ ମୁଗ୍ଧ କରିଛି। ଧୀର ଧୀର ପବନ ପ୍ରବାହରେ ଫୁଲର ସୁବାସ ମିଶି ଦିଗେ ଦିଗେ ସୃଷ୍ଟି କରିଛି ଅପୂର୍ବ ଉଲ୍ଲାସ। କବିଙ୍କ ଭାଷାରେ -

"ଆସିଅଛି ଆଜି ବସନ୍ତ
ଫୁଲ ମୁକୁଟ ପିନ୍ଧି
ସୁନ୍ଦର ଦିଶୁଛି ଧରା କି
ନବ ନନ୍ଦନ ନିନ୍ଦି"

ଅନ୍ୟ ଏକ କବିତା 'ମୁଁ ତ ତାକୁ କେଭେ'ରେ ରହସ୍ୟବାସୀ କୁନ୍ତଳା ତାଙ୍କ ପ୍ରାଣର ଈଶ୍ୱର, ହୃଦୟର ପ୍ରେମିକଙ୍କ ଚିନ୍ତାରେ ନିମଗ୍ନ ଥିଲାବେଳେ ସ୍ମରଣ କରିଛନ୍ତି ଋତୁଚକ୍ରର ଚିତ୍ରକୁ। ବସନ୍ତର ଫୁଟାଫୁଲରେ, ମଳୟର ହିଲ୍ଲୋଳରେ, କବିଙ୍କ ପାଇଁ ଯାହାର ନାମ ଲିପିବଦ୍ଧ, କବି ତାକୁ ଝୁରି ଝୁରି କ୍ଷୀଣ ହୋଇଛନ୍ତି। ବର୍ଷା ମୁଖର ରାତିରେ ଚପଳା ଚମକ ପରି କ୍ଷଣକେ ଆସି ଯେ କ୍ଷଣକେ ଅପସରି ଯାଏ, ତାକୁ ନଗରେ ପ୍ରାନ୍ତରେ ବନେ ଉପବନେ ଖୋଜି ଖୋଜି କ୍ଲାନ୍ତ ହୋଇଛି କବିଚିତ୍ତ, ମାତ୍ର ତା'ର ଦେଖା ପାଇନାହିଁ। 'ହେମନ୍ତେ' ନାମକ ଏକ କବିତାରେ କବି ବାହ୍ୟ ପ୍ରକୃତିର ରୂପ ଶୋଭା ବର୍ଣ୍ଣନା ଅବକାଶରେ କାହାର ମଧୁର ହାସରେଖା ଦେଖିପାରିଛନ୍ତି। ଭୂମିଚେତନା ଓ ଭୂମାଚେତନାର ସମନ୍ୱୟରେ ତାଙ୍କ ପ୍ରତିଭାର ବିମଳ ବିକାଶ ସଂଗଠିତ। 'ଉଷାରେ' ନାମକ କବିତାରେ ଉଷାର ରୂପଚିତ୍ର ଅଙ୍କିତ ହେବା ସଂଗେ ସଂଗେ ଭକ୍ତ ପ୍ରାଣର ଅନୁଚିନ୍ତା ମୂର୍ତ୍ତିମନ୍ତ। ଭାଷାର ଉଜ୍ଜ୍ୱଳତା ଓ ପବିତ୍ରତା ସହ ଭଗବତ ଚେତନାର ଦୀପ୍ତି ଓ ପ୍ରଶାନ୍ତିକୁ ସମନ୍ୱିତ କରି ସେ ସୃଷ୍ଟି କରିଛନ୍ତି ଏକ ବିମୁଗ୍ଧ ବଳୟ, ଯାହାର ମଧୁରିମା ଅନୁଭବ୍ୟ ମାତ୍ର ଅନିର୍ବଚନୀୟ। 'ଉଚ୍ଛ୍ୱାସ' କବିତା ସଂକଳନରେ ସନ୍ନିବେଶିତ, କବିତାଗୁଡ଼ିକ ଯଥା ଶେଫାଳି ପ୍ରତି, ଚନ୍ଦ୍ର ପ୍ରତି, କାମିନୀ ପ୍ରତି, କମଳ ପ୍ରତି, ତାରା ପ୍ରତି ଓ ସହକାର ପ୍ରତି କବିତାରେ କବିଚିତ୍ତ ଯେତିକି ଭାବବିଭୋର, ଦାର୍ଶନିକ ଅନୁଚିନ୍ତାରେ ସେତିକି ଶାନ୍ତ ଗମ୍ଭୀର। ପ୍ରକୃତିର ଗନ୍ତାଘରରୁ ଛଅଟି ଶ୍ରେଷ୍ଠ ବିଭବକୁ ଉପାଦାନ ରୂପରେ ଗ୍ରହଣ କରି ପ୍ରତ୍ୟେକ ବିଷୟରେ ସେ କବିତା ରଚନା କରିଛନ୍ତି। ଏହି ପରିପ୍ରେକ୍ଷୀରେ ପଲ୍ଲୀ କବି ନନ୍ଦକିଶୋରଙ୍କର ଉକ୍ତି ସ୍ମରଣକୁ ଆସେ। ତାଙ୍କ ଭାଷାରେ 'ପ୍ରକୃତିର ଯେଉଁ ସାମଗ୍ରୀମାନ କବିମାନଙ୍କର ଚିରସମ୍ବଳ, ଆମ୍ଭମାନଙ୍କ କବି ତନ୍ମଧ୍ୟରୁ ଶ୍ରେଷ୍ଠ ଛଅଟି ବାଛି ନେଇ ଅତି ମନୋହର ଭାଷାରେ ଏହି କମନୀୟ ହାରଟି ଗୁନ୍ଥି ଉତ୍କଳ ଭାରତୀଙ୍କ କଣ୍ଠରେ ପିନ୍ଧାଇ ଦେଇଛନ୍ତି।" ଆଲୋଚନାର ଅନ୍ତର୍ଭୁକ୍ତ ଶେଫାଳି ପ୍ରତି କବିତାରେ ପ୍ରକୃତିର ରମ୍ୟକୁଞ୍ଜରେ ଈଶ୍ୱରଙ୍କର

ବିଶ୍ୱଗତ ରୂପକୁ ଦର୍ଶନ କରିବା ସଙ୍ଗେ ସଙ୍ଗେ ନିଜର ଜୀବନ ଦର୍ଶନର ସଫଳ ଆଲେଖ୍ୟ ଆଙ୍କିଛନ୍ତି। ଭାବପ୍ରବଣ ହୋଇ କବି ଗାଇଛନ୍ତି-

"କ୍ଷୁଦ୍ର ତୋର ତନୁ ତହିଁ ଭରା ଏତେ ଅମୃତ
ବିହିଲୀଳା କେ ବୁଝିବ ଜ୍ଞାନାତୀତ ଅଦ୍ଭୁତ
ଗୋପନେ ଫୁଟିଛୁ ଦୂରେ ତରୁପତ୍ର ଗହଳରେ
ତଥାପି ତୋ ବାସେ ମୋର ପ୍ରାଣ ହୁଏ ଆକୁଳ
କହ କେଉଁ ଶିଳ୍ପୀ ତୋତେ ଗଢ଼ିଅଛିରେ ଫୁଲ।"

ଶେଫାଳି ଏଠାରେ ସାମାନ୍ୟ ଫୁଲଟିଏ ନୁହେଁ, ତାହା ପ୍ରକୃତିର ଏକ ରମ୍ୟ ବିଭବ ଯାହା କବିଙ୍କ ଭାବନାକୁ ନେଇ ସ୍ରଷ୍ଟାଙ୍କ ପାଖରେ ପହଞ୍ଚାଇ ଦେଇଛି। 'ଶେଫାଳି ପ୍ରତି' କବିତା ଏକ ସାଧାରଣ କବିତା ନୁହେଁ, ବରଂ ଏହା ପାଠକ ଚିତ୍ତକୁ ସୃଷ୍ଟିର ସ୍ରଷ୍ଟା ନିକଟକୁ ଉତ୍ତୋଳନ କରି ନେବା ପାଇଁ ପବିତ୍ର ପ୍ରୟାସ କରି ଧନ୍ୟ ହୋଇଛି। ପୁନଶ୍ଚ ଫୁଲ ହେଉଛି ପ୍ରକୃତିର ସୂକ୍ଷ୍ମତମ ଅଭିବ୍ୟକ୍ତି। ଦିବ୍ୟ ଚେତନାର ଅଭିବ୍ୟକ୍ତି ପାଇଁ ଏକ ପବିତ୍ର ଆସନ। ଭକ୍ତଚିତ୍ତକୁ ଭଗବତ ଚେତନା ସହିତ ଯୁକ୍ତ କରିବା ଦିଗରେ ଫୁଲର ମହନୀୟ କ୍ରିୟା ସ୍ୱୟଂସିଦ୍ଧ। ସ୍ୱଳ୍ପକ୍ଷଣ ସ୍ଥାୟୀ ଶେଫାଳି ଫୁଲର ସ୍ଥିତିକୁ ଜୀବନର ସ୍ଥିତି ସହିତ ତୁଳନା କରି କବି ହତାଶ ହୋଇନାହାନ୍ତି ବରଂ ଆଶାବାଦର ବିମଳ ବିଳାସରେ ଆତ୍ମବିଭୋର ହୋଇ ଉଠିଛନ୍ତି।

'ଚନ୍ଦ୍ର' କବିତାରେ ଚାନ୍ଦିନୀ ରାତିର ଶୋଭା ଦର୍ଶନରେ କବି ମୁଗ୍ଧ ହୋଇଛନ୍ତି। ଚନ୍ଦ୍ରକୁ ସୁଧାମୟ ପ୍ରେମ ସହିତ ତୁଳନା କରାଯାଇ ତାରାଗଣକୁ ଅନ୍ୟାନ୍ୟ ସଦ୍‌ଗୁଣ ବୋଲି ବିଚାର କରାଯାଇଛି ଏହି କବିତାରେ।

ପ୍ରେମ ହିଁ ଜୀବନରେ ସର୍ବାଙ୍ଗୀନ ବିକାଶର ମୂଳମନ୍ତ୍ର। ପ୍ରେମ ହିଁ ମର୍ତ୍ତ୍ୟରେ ସ୍ୱର୍ଗ ରଚନା ପାଇଁ ସମର୍ଥ। ପ୍ରେମରେ ଜଗତର ସ୍ଥିତି ଓ ଅଭିବ୍ୟକ୍ତି ସମ୍ଭବ। ପ୍ରେମ ବିନା ସବୁ ମୂଲ୍ୟହୀନ, ଶୁଷ୍କ, ନିରସ। ଏହି ପ୍ରେମରେ ଉଦ୍‌ବୁଦ୍ଧ ହେବା ପାଇଁ କବି ଆହ୍ୱାନ ଦେଇଛନ୍ତି। ତାଙ୍କ ବିଚାରରେ ସମଗ୍ର ଭାରତବର୍ଷ ଏକଇ ସୂତ୍ରରେ ବନ୍ଧା ହେବା ପାଇଁ ପ୍ରେମ ହିଁ ଏକମାତ୍ର ଅବଲମ୍ବନ। ଭାରତର ସୀମା ଡେଇଁ କବିଙ୍କ ହୃଦୟ ଏହି କବିତାରେ ବିଶ୍ୱ ପରିକ୍ରମା କରିଛି। କ୍ଷୁଦ୍ର ସାମ୍ପ୍ରଦାୟିକତା ବଦଳରେ ବିଶ୍ୱ ଭ୍ରାତୃତ୍ୱ ପ୍ରତିଷ୍ଠା ପାଇଁ ଯେଉଁ ଆନ୍ତରିକତା ଏଥିରେ ପ୍ରକାଶ ପାଇଛି, ତା'ର ପଟାନ୍ତର ନାହିଁ। ଆଫ୍ରିକାର କାଫ୍ରି କୁଟୀରଠାରୁ ରୋମ ପର୍ଯ୍ୟନ୍ତ ଦୃଷ୍ଟି ତାଙ୍କରି ପ୍ରସରି ଯାଇଛି। ପ୍ରସଙ୍ଗ କ୍ରମେ ବାଲ୍ମୀକି, ରାମଚନ୍ଦ୍ର, ବୁଦ୍ଧଦେବ, ଯୀଶୁଖ୍ରୀଷ୍ଟ, ଫ୍ଲୋରେନସଙ୍କ କଥା କହିବା ଅବକାଶରେ ଉକ୍ତ କବିତାରେ କୁନ୍ତଳା କୁମାରୀ ପ୍ରାଚ୍ୟ ଓ ପାଶ୍ଚାତ୍ୟ ମଧ୍ୟରେ ଭାବ ସମ୍ପର୍କ ସ୍ଥାପନ କରିବା ପାଇଁ ପ୍ରୟାସ କରିଛନ୍ତି। ପ୍ରକୃତି ପ୍ରୀତି ଏଠାରେ କବିଙ୍କୁ ବିଶ୍ୱଜନୀନ ଚେତନାକୁ ଉତ୍ତୀର୍ଣ୍ଣ କରାଇ ପାରିଛି। ସେ ରକ୍ତମାଂସର ଦେହଧାରୀ ମଣିଷ ହୋଇ ନ ରହି, ହୋଇ ଯାଇଛନ୍ତି ଏକ ପରିବ୍ୟାପ୍ତ ଚେତନା। ଚନ୍ଦ୍ରଦର୍ଶନ ଚେତନାକୁ ତାଙ୍କର ବିଶ୍ୱମୟ କରିଦେଇଛି। 'କାମିନୀ ପ୍ରତି' କବିତାର ମର୍ମବାଣୀ ଯେପରି ବରଣୀୟ ସେପରି ଅନୁସରଣୀୟ। ଗୋଧୂଳି ଲଗନର ମଧୁର ବେଳାରେ କାମିନୀ ଫୁଲ ଫୁଟି ବାସ ଚହଟାଇ ଦିଏ। ପତ୍ର ଗହଳରେ ଲୁଚି ଲୁଚି ନିଜର ସୁବାସରେ ସେ ଅନ୍ୟକୁ ମନ୍ତ୍ରମୁଗ୍ଧ କରିଥାଏ। ପ୍ରକୃତିର ଏହି ଚାରୁଚିତ୍ର ଉପସ୍ଥାପନା ମାଧ୍ୟମରେ କବି ନାରୀତ୍ୱର ମହନୀୟତା କଥା କହିଛନ୍ତି। ନାରୀର ଭୂଷଣ ରୂପେ ଗୃହୀତ ଲଜ୍ଜା, କୋମଳତା ଓ ପବିତ୍ରତା ଆଦି ମହତ ଗୁଣରାଜିକୁ କାମିନୀଠାରେ ଦେଖି ଏହିସବୁ ମହତ ଗୁଣକୁ ନାରୀ ଜାତି ଅଧିକରୁ ଅଧିକ ଆଦର କରିବା ଉଚିତ ବୋଲି ସେ ଇଚ୍ଛା ପ୍ରକାଶ କରିଛନ୍ତି। 'କମଳ ପ୍ରତି' କବିତାରେ କୁନ୍ତଳା କୁମାରୀ ସୌନ୍ଦର୍ଯ୍ୟବୋଧ ସହିତ ଦାର୍ଶନିକ ଚେତନାର ମଞ୍ଜୁଳ ସମନ୍ୱୟ ଘଟାଇଛନ୍ତି। ପଙ୍କରୁ ପଙ୍କଜର ସୃଷ୍ଟି ହୁଏ, କଳୁଷ କାଳିମାରୁ ସୃଷ୍ଟି ହୋଇପାରେ ପବିତ୍ରତାର ମୋହନ ମାଧୁରିମା। ପଦ୍ମକୁ ଦେଖି ଆଶ୍ୱାସନା ଆସିଛି କବିଙ୍କ ମନରେ ଯେ ଦୁଃଖରେ, ଯନ୍ତ୍ରଣାରେ, ଅନ୍ଧାରରେ ଥିଲେ ମଧ୍ୟ ସେ ଦିନେ ନା ଦିନେ ଆଶାର ଆଲୋକ ଦର୍ଶନ

କରିବେ। ଏହି ଚିନ୍ତାଧାରା ଚୟନରେ ମଧୁସୂଦନଙ୍କ ପଦ୍ମ କବିତା ଦ୍ୱାରା କବି ପ୍ରଭାବିତ। ପଦ୍ମଫୁଲ ସହିତ ପ୍ରିୟଜନର ହସ୍ତପଦକୁ ଯେପରି ଉପମିତ କରାଯାଏ ବୋଲି ଭକ୍ତ କବି ମଧୁସୂଦନ କହିଛନ୍ତି, କୁନ୍ତଳା କୁମାରୀ ଅନୁରୂପ ଭାବରେ ସେକଥା ଏହି କବିତାରେ ଉଲ୍ଲେଖ କରିଛନ୍ତି। ପଦ୍ମଫୁଲ ପ୍ରେମର ପ୍ରତୀକ। ରବି କିରଣ ପ୍ରାପ୍ତି ପାଇଁ ମନରେ ତା'ର ଦୁର୍ବାର ଲାଳସା ବିଦ୍ୟମାନ। ଏହି କବିତାରେ ପଦ୍ମଫୁଲର ଶୋଭନ ସୁଷମା ଯେତିକି ବର୍ଣ୍ଣିତ ତା' ଠାରୁ ଅଧିକ ବର୍ଣ୍ଣିତ ହୋଇ ନିର୍ମଳ ପ୍ରେମର ପରାକାଷ୍ଠା।

ପ୍ରକୃତି ପ୍ରୀତିର ସୁବର୍ଣ୍ଣ ଆଲେଖ୍ୟ ଅଙ୍କିତ ହୋଇଛି ତାଙ୍କର ଅନ୍ୟ ଏକ କବିତାରେ। କବିତାର ନାମ ହେଉଛି 'ତାରା ପ୍ରତି'। ଆକାଶରେ ତାରାକୁ ଦେଖି କବି ଜୀବନ ଜିଜ୍ଞାସାକୁ ଦୃଢ଼ ଭାବରେ ଉପସ୍ଥାପନା କରିଛନ୍ତି। କବିଙ୍କ ଭାଷାରେ -

"ଆସିଲି ମୁଁ କାହୁଁ, ଯିବି ମୁଁ କେଣିକି
କହ ତାରା ମୁହିଁ ପାରିବି ଜାଣିକି
ଜଣାଇ ପାରୁ କି ନଭୋ ଦେଶବାସୀ
କାହିଁ ମୋର ଘର ? କିମ୍ପା ମୁଁ ପ୍ରବାସୀ ?"

ସୃଷ୍ଟିତତ୍ତ୍ୱର ରହସ୍ୟ ଉଦ୍‌ଘାଟନ ପାଇଁ ପ୍ରୟାସ କରିଛନ୍ତି କବି କୁନ୍ତଳା କୁମାରୀ। ତାରାକୁ ସମ୍ବୋଧନ କରି ବହୁ ତଥ୍ୟ ପରିବେଷଣ ପୂର୍ବକ କବି ବୁଦ୍ଧଦେବ, ଖ୍ରୀଷ୍ଟ, ଚୈତନ୍ୟ, ନେପୋଲିୟନ ଇତ୍ୟାଦି ବହୁ ବିଶିଷ୍ଟ ବ୍ୟକ୍ତିଙ୍କ ସମ୍ପର୍କରେ ଅବତାରଣା କରିଛନ୍ତି। ବିଶ୍ୱ ପରିକ୍ରମା ସାରି କବିଙ୍କର ମନ ଗ୍ରହରୁ ଗ୍ରହାନ୍ତରକୁ ପ୍ରଦକ୍ଷିଣ କରିଛି। ସହକାର ପ୍ରତି କବିତାରେ ମାନବିକତାର ମୂଲ୍ୟବୋଧ କଳନା କରାଯାଇଛି। ସହିଷ୍ଣୁତା ପରି ମହତ ଗୁଣର ଚର୍ଚ୍ଚା କରାଯାଇ କୁହାଯାଇଛି -

"ସହିଷ୍ଣୁତା ଗୁଣେ ତୁ ଯେ ମାନବକୁ ବଳୁ
କର୍ତ୍ତକ ମସ୍ତକେ ନମ୍ରେ ଛାୟା ଦାନ କରୁ।"

ମାନବିକତାର ବାର୍ତ୍ତା ପ୍ରଚାର ନିମନ୍ତେ ସହକାର ପ୍ରତି କବିତାର ମୂଲ୍ୟବୋଧ ସ୍ୱୀକୃତ ଓ ସମ୍ମାନିତ।

ଅତଏବ ଏକଥା କୁହାଯାଇପାରେ ଯେ କୁନ୍ତଳା କୁମାରୀଙ୍କ ପ୍ରକୃତି ବର୍ଣ୍ଣନା ପ୍ରକୃତିର ଫଟୋଚିତ୍ର ନୁହେଁ, ବରଂ ସଚେତନତାର ମୂର୍ତ୍ତ ପ୍ରତୀକ। ମଣିକାଞ୍ଚନ କବିଙ୍କର ଅନ୍ୟତମ ସଫଳ କୃତି ଯାହା ଅପୂର୍ବ ହେଲେ ହେଁ ପାଠକକୁ ଆନନ୍ଦ ଦେବା ପାଇଁ ସମର୍ଥ। ୨ୟ ସର୍ଗରେ ଏହାର ନାୟିକା ସାବିତ୍ରୀ ବିଭିନ୍ନ ସ୍ଥାନରେ ଭ୍ରମୁ ଭ୍ରମୁ କୌଣସି ଏକ ଋଷି ଆଶ୍ରମରେ ପହଞ୍ଚି ଯାଇଛନ୍ତି। ଆଶ୍ରମରେ ମୃଗ ଶିଶୁ ଚରିବାର ଦୃଶ୍ୟ, ସନ୍ୟାସୀଙ୍କର ଅର୍ଦ୍ଧନିମୀଳିତ ନେତ୍ରରେ ଧ୍ୟାନଯୋଗ, ତାପସୀମାନଙ୍କର ପ୍ରଭୁଙ୍କ ନାମ ଜପ ସାବିତ୍ରୀଙ୍କ ମନରେ ଭାବାନ୍ତର ସୃଷ୍ଟି କରିଛି। କୋଇଲି ପଞ୍ଚମତାନ, ଅଳି ଗୁଞ୍ଜରଣ, ମଳୟ ପବନର ଧୀର ସଞ୍ଚରଣ, ନାଗେଶ୍ୱର, ପଦ୍ମ, ଶିମୁଳି, ପଳାଶ, ସୁନାରୀ, ମନ୍ଦାର, ମାଧବୀ ଇତ୍ୟାଦି ଫୁଲର ବିକାଶ, ଶୁକ, ପିକ, କାକ, ମୟୁର, ଘରଚଟିଆ, ବାୟା, କଜ୍ଜଳପାତି ଇତ୍ୟାଦି ପକ୍ଷୀମାନଙ୍କର ସମାବେଶରେ ଆଶ୍ରମର ପବିତ୍ର ମଧୁର ପରିବେଶର ବର୍ଣ୍ଣବିଭା ବହୁଗୁଣିତ ହୋଇଛି। ଆଶ୍ରମର ଚଲାପଥର ଧାରେ ଧାରେ ଫୁଲକୁଞ୍ଜ ଶୋଭା ପାଉଛି। ସରସ ସୁନ୍ଦର ପଦରେ କବି କହିଛନ୍ତି-

"ବନଭୂମି ଅନ୍ତେ ଆଶ୍ରମସରଣୀ
ବେନି ପାଶେ ଫୁଲକୁଞ୍ଜ
ସେବତୀ ରଙ୍ଗଣୀ କାମିନୀ କରବୀ
ତରାଟ, ତୁଳସୀ ପୁଞ୍ଜ

ଫୁଲ ପେନ୍ଥା ପେନ୍ଥା ନଇଁ ସେ ଓହଳି
ଭୂଇଁ ଛୁଇଁ ପଡ଼େ ଡାଳ
କଣ୍ଢା ଫୁଲ ବେନି ଘେନି କୁରୁବକ
ବାଡ଼ କରେ ମାଳ ମାଳ।"

ପ୍ରକୃତି ପ୍ରୀତି କବି କୁନ୍ତଳା କୁମାରୀଙ୍କ ଆଶାବାଦର ନୀଳ ବଳୟକୁ ବିଶ୍ୱପ୍ରେମର ଉଚ୍ଚ ମାନସିକତାକୁ, ଆଦର୍ଶବାଦର ପବିତ୍ର ଆବେଗକୁ ମାନବିକ ମୂଲ୍ୟବୋଧର ଉଚ୍ଚତମ ଉଚ୍ଚତାକୁ ନେବା ପାଇଁ ପ୍ରୟାସ କରିଛି। ସର୍ବୋପରି କବିଙ୍କୁ ମାନବିକତାରୁ ଅତି ମାନବିକତା ଆଡ଼କୁ ଅଗ୍ରଗତି କରିବା ପାଇଁ ଜଣାଇଛି ସାଦର ନିମନ୍ତ୍ରଣ।

-୦-

ଓଡ଼ିଆ ସାହିତ୍ୟରେ ବୌଦ୍ଧଧର୍ମ ଓ ଦର୍ଶନ

ଅତୀତରେ ବୌଦ୍ଧଧର୍ମ ଦର୍ଶନର ପ୍ରଚାର ଓ ପ୍ରସାର ନିମିତ୍ତ ଓଡ଼ିଶାର ପରିବେଶ ବିଶେଷ ଅନୁକୂଳ ଥିଲା। ଓଡ଼ିଆ ଜାତିର ଗ୍ରହଣଶୀଳତା ଏହାର ମୁଖ୍ୟ କାରଣ ବୋଲି ମୁକ୍ତ କଣ୍ଠରେ କୁହାଯାଇପାରେ। ବିଭିନ୍ନ ସମୟରେ ଚାରୋଟି ପର୍ଯ୍ୟାୟରେ ବୌଦ୍ଧଦର୍ଶନ ଓଡ଼ିଶାରେ ପ୍ରଚାରିତ ହୋଇଥିଲା। ପ୍ରଥମ ପର୍ଯ୍ୟାୟ ସଂଗଠିତ ତପସୁ ଓ ଭଲ୍ଲିକଙ୍କର ଶିଷ୍ୟତ୍ୱକୁ ଭିତ୍ତି କରି। ବିନୟପୀଟକ ଗ୍ରନ୍ଥରେ ଉଲ୍ଲେଖ କରାଯାଇଛି ଯେ ବୁଦ୍ଧତ୍ୱ ପ୍ରାପ୍ତି ପରେ ବୁଦ୍ଧଦେବ ସାତ ସପ୍ତାହ ପର୍ଯ୍ୟନ୍ତ ଉପବାସ ରହିଥିଲେ। ସେତେବେଳେ ଉତ୍କଳର ଦୁଇଜଣ ବ୍ୟବସାୟୀ ତପସୁ ଓ ଭଲ୍ଲିକ ତାଙ୍କୁ ମଧୁପିଣ୍ଡଳ ଖାଇବାକୁ ଦେବା ସଙ୍ଗେ ସଙ୍ଗେ ତାଙ୍କର ଶିଷ୍ୟତ୍ୱକୁ ଗ୍ରହଣ କରିଥିଲେ। ଉତ୍କଳର ବିହାର ନିର୍ମାଣ କରି ବୌଦ୍ଧଦର୍ଶନର ପ୍ରଚାର ପାଇଁ ପ୍ରଥମ ପଦକ୍ଷେପ ନେଇଥିଲେ ବୁଦ୍ଧଙ୍କର ଏହି ଦୁଇଜଣ ଶିଷ୍ୟ ତପସୁ ଓ ଭଲ୍ଲିକ। ଦ୍ୱିତୀୟ ପର୍ଯ୍ୟାୟରେ ଅଶୋକଙ୍କ ପୃଷ୍ଠପୋଷକତାରେ ବୌଦ୍ଧ ଧର୍ମ ପ୍ରସାରିତ ହୋଇଥିଲା। ଓଡ଼ିଶାର ଧଉଳିଗିରି ଓ ଜଉଗଡ଼ ଠାରେ ଥିବା ଶିଳାଲେଖରେ ଧର୍ମାଶୋକଙ୍କର ବୌଦ୍ଧଧର୍ମ ଓ ଦର୍ଶନ ପ୍ରତି ରହିଥିବା ଆନୁଗତ୍ୟ ମୂର୍ତ୍ତିମନ୍ତ ହୋଇଛି। ଅଶୋକ ନିଜ ପୁତ୍ର, କନ୍ୟା ଏବଂ କେତେକ ଗୁଣୀ ବ୍ୟକ୍ତିଙ୍କୁ ଏହି ଧର୍ମ ପ୍ରଚାର କାର୍ଯ୍ୟରେ ନିଯୁକ୍ତ କରିଥିଲେ। ସେହି ପ୍ରଚାରକମାନଙ୍କ ଭିତରେ ଅଠର ଜଣ ରାଜପୁରୁଷ, ଅଠର ଜଣ ସମ୍ଭ୍ରାନ୍ତ ବ୍ୟକ୍ତି, ଆଠ ଜଣ ବ୍ରାହ୍ମଣ, ଆଠ ଜଣ ସାଧବ ଥିଲେ ବୋଲି କୁହାଯାଏ। ତୃତୀୟ ପର୍ଯ୍ୟାୟରେ କନିଷ୍କଙ୍କ ସମୟରେ ବୌଦ୍ଧଧର୍ମର ପ୍ରଚାର ଟିକିଏ ଭିନ୍ନ ଧାରାରେ ସଂଗଠିତ ହୋଇଥିଲା। ସେତେବେଳେ ବୌଦ୍ଧଧର୍ମ ଦୁଇ ଭାଗରେ ବିଭକ୍ତ ହେଲା। ଯଥା;ହୀନଯାନ ଓ ମହାଯାନ। ଚତୁର୍ଥ ପର୍ଯ୍ୟାୟରେ ହର୍ଷବର୍ଦ୍ଧନଙ୍କ ସମୟରେ ବୌଦ୍ଧଧର୍ମ ଅଧିକ ଗୁରୁତ୍ୱ ସହିତ ପ୍ରଚାରିତ ଓ ପ୍ରତିଷ୍ଠିତ ହୋଇଥିଲା। ସେତେବେଳେ ଓଡ଼ିଶାର ପୁଷ୍ପଗିରି ବିଶିଷ୍ଟ ବୌଦ୍ଧପୀଠ ଭାବରେ ପ୍ରତିଷ୍ଠା ଅର୍ଜନ କରିଥିଲା। ଇତିହାସରୁ ଜଣାଯାଏ ଯେ ସପ୍ତମ, ଅଷ୍ଟମ ଶତାବ୍ଦୀରେ ଓଡ଼ିଶାରେ ରାଜତ୍ୱ କରୁଥିବା ଭୌମବଂଶୀ ରାଜାମାନେ ବୌଦ୍ଧ ଧର୍ମାବଲମ୍ବୀ ଥିଲେ, ରାଣୀମାନେ ଶୈବଧର୍ମ ଗ୍ରହଣ କରିଥିଲେ। ଅତଏବ ବିଭିନ୍ନ ସମୟରେ ଓଡ଼ିଶାରେ ରାଜକୀୟ ସ୍ତରରୁ ସାଧାରଣ ସ୍ତର ପର୍ଯ୍ୟନ୍ତ ସର୍ବତ୍ର ବୌଦ୍ଧଧର୍ମର ଆକର୍ଷଣୀୟ ସ୍ଥିତି ଅନୁଭୂତ ହେଉଥିଲା। ସାହିତ୍ୟ ଜନମାନସର ସ୍ୱଚ୍ଛମୁକୁର ହୋଇଥିବାରୁ ସମାଜର ଚଳଣି, ସମାଜରେ ଆଦୃତ ଦାର୍ଶନିକ ତଥ୍ୟ ସର୍ବୋପରି ଧାର୍ମିକ ଅନୁଚିନ୍ତା ଏଥିରେ ପ୍ରତିବିମ୍ବିତ ହୋଇଥାଏ। ଏହି ଦୃଷ୍ଟିରୁ ବିଚାର କଲେ ଓଡ଼ିଶାରେ ନବମ, ଦଶମ ଶତାବ୍ଦୀରେ ରଚିତ ଲିପି ଶିଳ୍ପରେ ବୌଦ୍ଧଦର୍ଶନ ପ୍ରକଟିତ ହେବା ସ୍ୱାଭାବିକ। ଓଡ଼ିଆ ସାହିତ୍ୟର ପ୍ରାଥମିକ ରୂପରେଖ ଚର୍ଯାଗୀତିକାରେ ଦେଖିବାକୁ ମିଳେ। ଚର୍ଯ୍ୟାଗୀତିକାର ମୁଖ୍ୟ ଉପଜୀବ୍ୟ ଉପାଦାନ ହେଉଛି ବୌଦ୍ଧଧର୍ମ ଓ ଦର୍ଶନ। ଏହି ଗୀତିକାଗୁଡ଼ିକ ନବମ, ଦଶମ ତଥା ଏକାଦଶ ଶତାବ୍ଦୀରେ ରଚିତ ହୋଇଛି ବୋଲି ଆଲୋଚକମାନେ ମତ ଦିଅନ୍ତି। ଏଥିରେ ସହଜଯାନ ବୌଦ୍ଧଦର୍ଶନ ଆତ୍ମପ୍ରକାଶ କରିଛି। ସହଜଯାନର ପ୍ରବର୍ତ୍ତନ କରିଥିଲେ ଲକ୍ଷ୍ମୀଙ୍କରା। ବଜ୍ରଯାନ ପରେ ସହଜଯାନର ସ୍ଥିତି ବୋଲି ସ୍ୱୀକୃତ ହୋଇଛି। ଅଷ୍ଟମ ଶତାବ୍ଦୀର ଉଡ଼ଡୀୟାନର ରାଜା ଇନ୍ଦ୍ରଭୂତି ଥିଲେ ବଜ୍ରଯାନର ପ୍ରବକ୍ତା। ସହଜଯାନର ମୁଖ୍ୟ ତତ୍ତ୍ୱ ହେଉଛି ସ୍ୱାଭାବିକ ଧାରାରେ ମନୁଷ୍ୟର ଆତ୍ମବିକାଶ। ଏଥିରେ ମନୁଷ୍ୟର

ଜନ୍ମଗତ ସହଜ ପ୍ରକୃତିକୁ ଅବଦମିତ କରାଯାଏ ନାହିଁ। ପ୍ରତିମା ପୂଜାକୁ ଏଥିରେ ବିରୋଧ କରାଯାଏ। ସହଜଯାନରେ ମନୁଷ୍ୟ ଶରୀର ଉପରେ ଯଥେଷ୍ଟ ଗୁରୁତ୍ୱ ଆରୋପିତ ହୁଏ। ଶରୀରଚର୍ଯ୍ୟା ହିଁ ଶ୍ରେଷ୍ଠ କଥା ବୋଲି ସହଜଯାନୀ ବୌଦ୍ଧମାନେ ବିଚାର କରିଥାନ୍ତି। ବଜ୍ରଯାନ ପରେ ଏହାର ସୃଷ୍ଟି ହୋଇଥିବାରୁ ବଜ୍ରଯାନର କେତେକ ତଥ୍ୟ ଓ ତତ୍ତ୍ୱ ଏଥିରେ ଦେଖିବାକୁ ମିଳେ। ବଜ୍ରଯାନ ଯେପରି ବୋଧିଚିତ୍ତର ପ୍ରସଙ୍ଗ ଅବତାରଣା କରେ ସହଜଯାନ ସେପରି ବୋଧିଚିତ୍ତର ଅବତାରଣା କରିଥାଏ। ଏହି ବୋଧିଚିତ୍ତ ହେଉଛି କରୁଣା ଓ ଶୂନ୍ୟତାର ଏକ ସମନ୍ୱିତ ଅବସ୍ଥା। ସହଜଯାନରେ ଏହି ବୋଧିଚିତ୍ତର ତତ୍ତ୍ୱ ଅର୍ଥାତ୍ କରୁଣା ଓ ଶୂନ୍ୟକୁ ପ୍ରଜ୍ଞା ଓ ଉପାୟ, ଗ୍ରାହ୍ୟ ଓ ଗ୍ରାହକ, ଭାବ ଓ ନିର୍ବାଣ, ଆଳି ଓ କାଳି, ଧମଣ ଓ ଚମଣ, ବାମନାଡ଼ି ଓ ଦକ୍ଷିଣନାଡ଼ି ଇତ୍ୟାଦି ଶବ୍ଦରେ ପ୍ରକାଶ କରାଯାଏ। ଅବଶ୍ୟ ଏହି ଦେହଚର୍ଯ୍ୟାର କଥା କ୍ରମେ କ୍ରମେ ବିକୃତ ଅର୍ଥରେ ଅର୍ଥାୟିତ ହୋଇଯାଇଛି। ଚେତନାର ଭୂମି ଅପସାରିତ ହୋଇ ତା ସ୍ଥାନରେ ଅଚେତନତାର କଥା ସ୍ଥାନିତ ହୋଇଛି। ସାଧନାରେ ଅସ୍ପୃଶ୍ୟ ନାରୀର ସ୍ଥୂଳସାନ୍ନିଧ ଉପରେ ଗୁରୁତ୍ୱ ଆରୋପିତ ହୋଇଛି। ନାରୀମାନଙ୍କୁ ପ୍ରଜ୍ଞାପାରମିତା, ନୈରାତ୍ମାଦେବୀ ଓ ସହଜ ସୁନ୍ଦରୀ ଭାବରେ ଗ୍ରହଣ କରାଯାଇଛି। ଚର୍ଯ୍ୟାଗୀତିରେ ସନ୍ନିବେଶିତ ଗୀତିକାଗୁଡ଼ିକରେ ସହଜଯାନୀ ବୌଦ୍ଧଦର୍ଶନ ଉପସ୍ଥାପିତ ହୋଇଛି ସନ୍ଧ୍ୟାଭାଷା ମାଧ୍ୟମରେ। ସନ୍ଧ୍ୟା ଭାଷା ଏକ ସ୍ୱତନ୍ତ୍ର ଶୈଳୀର ଭାଷା। ଏହା ଦ୍ୱାରା ବାହାରେ ଏକ ଅର୍ଥ ଓ ଭିତରେ ଅନ୍ୟ ଏକ ଅର୍ଥ ପ୍ରକାଶିତ ହୁଏ। ଠାଏ ଠାଏ ଏହାକୁ ବୁଝିହୁଏ ଆଉ ଠାଏ ଠାଏ ଏହାକୁ ବୁଝିହୁଏ ନାହିଁ। ସନ୍ଧ୍ୟା ପରି ଆଲୋକ ଏବଂ ଅନ୍ଧକାରର ମିଶ୍ରିତ ରୂପ ଏଥିରେ ଦେଖିବାକୁ ମିଳେ। ଏ ପ୍ରସଙ୍ଗରେ ବିନୟତୋଷ ଭଟ୍ଟାଚାର୍ଯ୍ୟଙ୍କ ଉକ୍ତି ସ୍ମରଣୀୟ। ତାଙ୍କ ମତରେ -

"They wrote in a language which was designated by them as the Sandhya Bhasa or the twilight language, menaing, there by that the content may be explained either by the light of the day or by the darkness of night which had always a hidden or mystic meaning."

ମହାସୁଖ ଉପରେ ଅଶେଷ ଗୁରୁତ୍ୱ ପ୍ରଦାନ କରାଯାଇଛି ଚର୍ଯ୍ୟାଗୀତିକାରେ। ଏଥିରେ କୁହାଯାଇଛି 'ମହାରସପାନେ ମାତେ ଲାରା ତ୍ରିହୁଅନ ସେ ଏକ ଭଏ'। ମହାସୁଖ ପ୍ରାପ୍ତିର ଅନ୍ୟନାମ ହେଉଛି ସହଜାନନ୍ଦ ପ୍ରାପ୍ତି, କାହ୍ନୁପାଦଙ୍କର ଏକ ଗୀତିକାରେ ଶବରୀକୁ ସହଜ ସୁନ୍ଦରୀ ବୋଲି କୁହାଯାଇଛି। ଉନ୍ମତ୍ତ ଶବର ରାତ୍ରିଯାପନ କରିଛି ଦାରୀ ନୈରାମଣି ସହିତ। ଏଠାରେ ନୈରାମଣି ହେଉଛି ବୌଦ୍ଧିକ ନିର୍ବାଣର ଅନ୍ୟନାମ। ସହଜ ସୁନ୍ଦରୀ ହେଉଛି ମନୋରମ ସଂସାର। ଶବର ହେଉଛି ଯୋଗୀ। ଏହି ଗୀତିକାରେ ବାହାରେ ଏକ ଅର୍ଥ ପ୍ରକାଶିତ ହେଲାବେଳେ ଭିତରେ ଅନ୍ୟ ଏକ ଅର୍ଥ ପ୍ରକାଶିତ ହୋଇଛି। ସାଧାରଣ ବର୍ଣ୍ଣନା ଭିତରେ ଯୋଗ ସମ୍ପର୍କୀୟ ତତ୍ତ୍ୱ ନିହିତ ରହିଛି। କାହ୍ନୁପାଦଙ୍କ ଭାଷାରେ -

"ଉଁଚା ଉଁଚା ପାବତ ତହିଁ ବସଇ ସବରୀ ବାଳୀ
ମୋରଙ୍ଗୀ ପିଚ୍ଛ ପରହିଣ ସବରୀ, ଗୀବତ ଗୁଞ୍ଜରୀମାଳୀ
ଉମତ ସବରୋ, ପାଗଳ ସବରୋ ମାକର ଗୁଳୀ ଗୁହାଡ଼ି
ତୋହରିଣିଅ ଘରଣୀ ସହଜ ସୁନ୍ଦରୀ
ଣାଣା ତରୁବର ମୌଲିଲାରେ, ଗଅଣତ ଲାଗେଲି ଡାଲି
ଏକଲ ସବର ଏ ବନ ହିଣ୍ଡଇ କର୍ଣ୍ଣକୁଣ୍ଡଳ ବଜ୍ରଧାରୀ"

କାହ୍ନୁପାଦଙ୍କ ଅନ୍ୟ ଏକ ଗୀତିକାରେ ଯୋଗତତ୍ତ୍ୱ ପ୍ରକଟିତ ହୋଇଛି। ବାହାରେ ଗୋଟିଏ ଅର୍ଥ ଓ ଭିତରେ ଅନ୍ୟ ଏକ ଅର୍ଥ ପ୍ରକାଶ କରିଛି ଉକ୍ତ ଗୀତିକା। ଏଥିରେ କୁହାଯାଇଛି -

"ମାରିଅ ସାସୁ ନଣନ୍ଦ ଘରେ ଶାଳୀ
ମାଆ ମାରିଅ କାହ୍ନୁ ଭଇଲ କବାଳୀ"

ଏହାର ବାହ୍ୟ ଅର୍ଥ ହେଲା ଘରେ ଶାଶୁ, ନଣନ୍ଦ, ଶାଳୀ ଓ ମାଆକୁ ମାରି କାହ୍ନୁ ଯୋଗୀ ହେଲା କିନ୍ତୁ ଏହାର ଆଭ୍ୟନ୍ତରୀଣ ଅର୍ଥ ହେଉଛି ଯେ ଶାଶୁ ଅର୍ଥାତ ଶ୍ୱାସ, ନଣନ୍ଦ ଅର୍ଥାତ୍ ଆନନ୍ଦଦାୟୀ ଇନ୍ଦ୍ରିୟ ସବୁ, ମାଆ ଅର୍ଥାତ୍ ମାୟାକୁ ଛିନ୍ନ କରି କାହ୍ନୁପାଦ ଯୋଗୀ ହେଲେ।

ନାଥ ସାହିତ୍ୟରେ ସହଜଯାନୀ ବୌଦ୍ଧ ଦର୍ଶନ ଆତ୍ମପ୍ରକାଶ କରିଛି, ମାତ୍ର ଏଥିରେ ପଞ୍ଚମକାର ସାଧନା ଦେଖିବାକୁ ମିଳେ ନାହିଁ। ସହଜଯାନର ସଂଯତ ଓ ଶୃଙ୍ଖଳିତ ଆଚରଣ ନାଥ ଧର୍ମରେ ପ୍ରକଟିତ ହୋଇଛି। ବୌଦ୍ଧ ସହଜିୟାର ଶୂନ୍ୟ ଉପାସନା ଏଥିରେ ସ୍ଥାନିତ ଓ ଆଦୃତ। ଶିଶୁବେଦରେ ଏ ସମ୍ପର୍କରେ ଉଲ୍ଲେଖ କରାଯାଇଛି -

"ଦଶଗୁରୁ ବନ୍ଦିଲେ ପାଇବା ସ୍ୱରୂପ ଓ ବିଚାର
ଅଚଳ ଯେ ଶୂନ୍ୟଟି ସେ
ଯେ ଦୁହିଁଙ୍କ ରୂପରେଖ ନାହିଁ
ଚକ୍ଷୁ ନିରଞ୍ଜନ ଶୂନ୍ୟ ଘେନି ବର୍ଣ୍ଣ ତିନି କାହିଁ।"

ନାଥ ସାହିତ୍ୟରେ ମହାସୁଖ ସମ୍ବନ୍ଧରେ ଅବତାରଣା କରାଯାଇଛି। ପ୍ରଜ୍ଞା ଓ ଉପାୟର ମିଳନରେ ଏହାର ସୃଷ୍ଟି ବୋଲି ବିଚାର କରାଯାଇ ଶିଶୁ ବେଦରେ ଉଲ୍ଲେଖ କରାଯାଇଛି -

"ଯେବଣ ସେ ହସ୍ତୀ ମହାରସ ଖାଇଂ
ବେନି ପଛି ଛେଦିଲେ ଗଗନ ସଂସ୍ଥାଇଂ"

ମନ ଓ ଇନ୍ଦ୍ରିୟକୁ ତା'ର ନିଜର ସ୍ୱଭାବ ସୁଲଭ ମାର୍ଗରେ ପରିଚାଳନା କରି ସାଧନା କରିବା ହେଉଛି ସହଜ ସାଧନା। ଏକଥା ଚର୍ଯ୍ୟାଗୀତିକାରେ ଉପସ୍ଥାପିତ ହେଲେ ମଧ୍ୟ ନାଥ ସାହିତ୍ୟ ସୃଷ୍ଟି ବେଳକୁ ଅର୍ଥାତ୍ ପ୍ରାୟ ଚତୁର୍ଦ୍ଦଶ ଶତାବ୍ଦୀବେଳକୁ ଏହାର ଅର୍ଥ ସାମାନ୍ୟ ପରିବର୍ତ୍ତିତ ହୋଇଯାଇଛି। ସହଜତତ୍ତ୍ୱର ସଂଜ୍ଞା ନିରୂପଣ କରି ଗୋରକ୍ଷନାଥ କହନ୍ତି -

"ଯେଉଁ ପରମେଶ୍ୱର ବିଶ୍ୱାତୀତ, ସେ ନିଜେ ବିଶ୍ୱର ଯାବତୀୟ ବୈଚିତ୍ର୍ୟ ରୂପରେ ପ୍ରକାଶ୍ୟମାନ। ଏହା ଜାଣି ବା ଅନୁଭବ କରି ତାହାଙ୍କର ସତ୍ତାଙ୍କର ଅଦ୍ୱୟତ୍ୱ ସ୍ୱାନୁଭବ ଦ୍ୱାରା ଉପଲବ୍ଧ ଜ୍ଞାନକୁ ସହଜ କୁହାଯାଏ।"

ସାରଳା ସାହିତ୍ୟରେ ବୌଦ୍ଧଧର୍ମର ବିଚାର ଓ ବିଶ୍ଳେଷଣ ଯଥାଯଥ ଭାବରେ କରାଯାଇଛି। ସାରଳା ଦାସ ଓଡ଼ିଶାର ଧର୍ମ, ଚେତନା, ଦର୍ଶନ, ଚଳଣି, ବିଶ୍ୱାସ, ପରମ୍ପରା ଆଦି ବହୁ ମୂଲ୍ୟ ଉପାଦାନଗୁଡ଼ିକର ସାର୍ଥକ ରୂପକାର। ତାଙ୍କ ରଚିତ ମହାଭାରତ ଉତ୍କଳୀୟ ଭାବ ବିଭବର ମଧୁଚକ୍ର କହିଲେ ଅତ୍ୟୁକ୍ତି ହେବ ନାହିଁ। ବୌଦ୍ଧ ଧର୍ମରେ ତନ୍ତ୍ରର ଅନୁପ୍ରବେଶ ପରେ ବହୁ ଦେବାଦେବୀଙ୍କ ପୂଜାବିଧି ପ୍ରଚଳିତ ହେଲା। ଜାଗୁଳୀ, ତାରା, ମାରିଚୀ, ବରାହୀ, କଙ୍କାଳୀ, କାଳୀ, ତାରିଣୀ, ପର୍ଣ୍ଣଶବରୀ ଇତ୍ୟାଦି ଭିନ୍ନ ଭିନ୍ନ ନାମରେ ଦେବୀମାନେ ପୂଜିତ ହେଲେ। ବନପର୍ବରେ ପର୍ଶୁରାମଙ୍କ ପ୍ରସଙ୍ଗରେ କବି କେତେବେଳେ କେଉଁ ଦେବୀଙ୍କୁ ସ୍ମରଣ କରିବାକୁ ହେବ, ସେ କଥା ଉଲ୍ଲେଖ କରିଛନ୍ତି। କବିଙ୍କ ଭାଷାରେ -

"ବାଡ଼ି ଭେଦ କାଳେ ବରାହୀ ସୁମରିବ
ରାଜ ବିଗ୍ରହ କାଳେ ଇନ୍ଦ୍ରାୟଣୀ ନାମ ଯେ ଧରିବ
କାମରସ କାଳେ ସୁମରିବ କାମାକ୍ଷୀ
ବ୍ୟାଧି ପୀଡ଼ା କାଳେ ସୁମରିବ ପିଙ୍ଗଳାକ୍ଷୀ"

ସାରଳା ଦାସ ଉତ୍କଳୀୟତାର ପ୍ରାଣକେନ୍ଦ୍ର ଶ୍ରୀଜଗନ୍ନାଥଙ୍କୁ ବୌଦ୍ଧ ରୂପେ ବିଚାର କରିଛନ୍ତି। ବନ ପର୍ବରେ କବି କହିଛନ୍ତି -

"କଳିଯୁଗ ଚାରି ଲକ୍ଷ ବତିଶ ସହସ୍ର ବରଷ ପରିଯନ୍ତେ
ବଉଦ ରୂପେ ପୂଜା ପାଇବେ ନୀଳ କନ୍ଦର ପର୍ବତେ"

ଶୂନ୍ୟତତ୍ତ୍ୱ ଉପରେ ବୌଦ୍ଧଧର୍ମରେ ଗୁରୁତ୍ୱ ଆରୋପ କରାଯାଏ। ଶୂନ୍ୟରୁ ଜଗତର ଉତ୍ପତ୍ତି ବୋଲି ବୌଦ୍ଧ ଧର୍ମ ଘୋଷଣା କରିଛି। ଏହି ଚିନ୍ତା ଓ ଚେତନାରେ ପ୍ରଭାବିତ ହୋଇ କବି ସାରଳା ଦାସ ଶୂନ୍ୟରୁ ଜଗତର ଉତ୍ପତ୍ତି ବୋଲି ଆଦିପର୍ବରେ କହିଛନ୍ତି। ଯଥା -

"ଆଦ୍ୟରୁ ଶୂନ୍ୟ ହିଁ ଜାତ ଶୂନ୍ୟରୁ ପବନ
ପବନରୁ ଜାତ ଯୋଗ ପୁରୁଷ ସମାନ
ଯୋଗ ପୁରୁଷରୁ ଜାତ ହେବ ଗାୟତିରୀ
ଏହା ତହୁଁ ଉପୁଜିଲା ମହାମନ୍ତ୍ର ଚାରି"

ପିଣ୍ଡ ବ୍ରହ୍ମାଣ୍ଡ ତତ୍ତ୍ୱ ମୂଳତଃ ସହଜଯାନୀ ବୌଦ୍ଧ ଦର୍ଶନର ଅନ୍ତର୍ଭୁକ୍ତ ବୋଲି ଆଲୋଚକମାନେ ମତ ଦିଅନ୍ତି। ଶରୀର ଯେ ବ୍ରହ୍ମାଣ୍ଡର ପ୍ରତୀକ ଏକଥା ଏଥିରେ ବିଚାର କରାଯାଏ। କାଳଚକ୍ରଯାନ ଓ ବଜ୍ରଯାନରେ ମଧ୍ୟ ଏହି ତତ୍ତ୍ୱ ଆତ୍ମପ୍ରତିଷ୍ଠା ଅର୍ଜନ କରିଛି। ସହଜଯାନର ପ୍ରବର୍ତ୍ତିକା ଲକ୍ଷ୍ମଙ୍କରା ତାଙ୍କର ଅଦ୍ୱୟ ସିଦ୍ଧି ଗ୍ରନ୍ଥରେ ପ୍ରକାଶ କରିଛନ୍ତି "ପୂଜା ମ ସୈବ କାୟସ୍ୟ-କୁର୍ଯ୍ୟାନିତ୍ୟଂ ସମାହିତଃ"। ଦେହକୁ ପୂଜା କରିବା ବାଞ୍ଛନୀୟ। କାଠ ପଥରର ପୂଜା କଲେ ନିର୍ବାଣ ମିଳେ ନାହିଁ ବୋଲି ସେ ଉଲ୍ଲେଖ କରିଛନ୍ତି। ଦେହ ହିଁ ଦେବତାଙ୍କ ମନ୍ଦିର, ଦେହ ମଧ୍ୟରେ ରହିଛି ସକଳ ବ୍ରହ୍ମାଣ୍ଡ। ଏହି ଚିନ୍ତାଧାରାର ଅନୁରୂପ ପ୍ରତିଫଳନ ଘଟିଛି ସାରଳା ମହାଭାରତର ଆଦିପର୍ବରେ। ଅଗ୍ନିଦେବତା ପଣ୍ଡୁଙ୍କୁ ଉପଦେଶ ଛଳରେ କହିଛନ୍ତି ଯେ ଶରୀରରେ ତେତିଶକୋଟି ଦେବତାଙ୍କ ଉପସ୍ଥିତି ରହିଛି। କବିଙ୍କ ଭାଷାରେ -

"ଦେବତା କାହିଁ ହୁଅନ୍ତି ମହାବୀରା
ଶରୀର ସେ ନିଜ ଦେବତା ବସନ୍ତ ଦୋହୋରା
ପ୍ରଥମେଣ ଶିର ଯେ ତାଳୁରେ ବସେ ବ୍ରହ୍ମା
କପାଳ ପାଟିରେ ନାରାୟଣ ମହାତ୍ମା।"

ସାରଳା ଦାସ ସ୍ୱରଚିତ ମହାଭାରତ ଗ୍ରନ୍ଥରେ ବୁଦ୍ଧଦେବଙ୍କୁ ବିଷ୍ଣୁଙ୍କର ନବମ ଅବତାର ଭାବରେ ବର୍ଣ୍ଣନା କରିଛନ୍ତି। ସଭାପର୍ବରେ କବି କହିଛନ୍ତି -

"ନୀଳ ସୁନ୍ଦର ପର୍ବତ କଳ୍ପବଟ ତଳେ ମିଳି
ଆମ୍ଭେ ତହିଁ ବିଜେ କରିବୁ ବଉଦ୍ଧ ରୂପ ଧରି
x x x x
ଆମ୍ଭେ ଚାହିଁଥିବୁ ନୀଳ ସୁନ୍ଦର ପର୍ବତେ
ଲଙ୍କାଗଡ଼କୁ ଦୃଶ୍ୟ ହୋଇବୁ ଆମ୍ଭେ ତୋତେ।"

ଖ୍ରୀଷ୍ଟୀୟ ପ୍ରଥମ ଶତାବ୍ଦୀ ବେଳକୁ ବୌଦ୍ଧ ଧର୍ମରେ ତନ୍ତ୍ରବାଦ ଆସିଥିବାରୁ ବୌଦ୍ଧ ସାଧନାରେ ମୁଦ୍ରା, ମଣ୍ଡଳ, ଅଭିଷେକ, ସମାଧି ଆଦି ସହିତ ମାରଣ, ମୋହନ, ସ୍ତମ୍ଭନ, ଉଚ୍ଚାଟନ, ବଶୀକରଣ ଇତ୍ୟାଦି ସ୍ଥାନ ଲାଭ କଲା। ସାରଳା ଦାସ ଏହି ତନ୍ତ୍ରମନ୍ତ୍ର ସମ୍ପର୍କରେ ମହାଭାରତରେ ସୂଚନା ଦେଇଛନ୍ତି। ସଭାପର୍ବରେ ସୁଭଦ୍ରା ହରଣ ପ୍ରସଙ୍ଗରେ ବର୍ଣ୍ଣିତ ହୋଇଛି ଯେ ଅର୍ଜୁନ ଦ୍ୱାର ରୁଦ୍ଧ କରି ସାଧନାରତ ଥିବାବେଳେ ସତ୍ୟଭାମା ସୁଭଦ୍ରାଙ୍କ ସହ ଦ୍ୱାର ନିକଟରେ ଆସି ପହଞ୍ଚିଛନ୍ତି। ବୀର ଅର୍ଜୁନ ଦ୍ୱାର ଉନ୍ମୁକ୍ତ କରିବା ପାଇଁ ଅନିଚ୍ଛା ପ୍ରକାଶ କରିବାରୁ ସୁଭଦ୍ରା ବଶୀକରଣ ମନ୍ତ୍ର ପ୍ରୟୋଗ କରିଛନ୍ତି। ଏଥିରେ ଅଭିଭୂତ ହୋଇ ଅର୍ଜୁନ ନୂଆ ଭାବରେ ଭାବିତ ହୋଇଛନ୍ତି।

"ମାୟାବତୀ ଦେଇଥିଲା ଯେବଣ ମନ୍ତ୍ରଧୂଳି
ବାମପାଦ ତଳିପା ଧୂଳି ଅର୍ଜୁନ ଅଙ୍ଗେ ବୋଳି
ସାଧନ ବିଦ୍ୟାରେ ବଶ ହୋଇଥିଲା ଧନୁର୍ଜୟେ

ମଦନ ଆରତେଣ କମ୍ପଇ ତାର କାୟେ।"

ପଞ୍ଚସଖା ଓଡ଼ିଆ ସାହିତ୍ୟରେ ମଧ୍ୟ ବୌଦ୍ଧଧର୍ମର ଚେତନା ଉପସ୍ଥାପିତ ହୋଇଛି। ପଞ୍ଚସଖା ସାହିତ୍ୟର ମୌଳିକ ନିର୍ଯ୍ୟାସ ହେଉଛି ଧାର୍ମିକ ଅନୁଚିନ୍ତା। ଏହା କେବଳ ବଳରାମ, ଜଗନ୍ନାଥ, ଅଚ୍ୟୁତାନନ୍ଦ, ଯଶୋବନ୍ତ ଓ ଶିଶୁ ଅନନ୍ତଙ୍କ ସୃଷ୍ଟି ସମ୍ଭାରରେ ସୀମିତ ନୁହେଁ, ଏହାର ବ୍ୟାପ୍ତି ଓ ଅଭିବ୍ୟକ୍ତି ସୁଦୂର ପ୍ରସାରୀ। ଏମାନଙ୍କ ପରବର୍ତ୍ତୀ ସମୟରେ କିଛି ସମୟ ପର୍ଯ୍ୟନ୍ତ ପଞ୍ଚସଖା ତତ୍ତ୍ୱ ଓ ଦର୍ଶନ ପ୍ରଶସ୍ତି ଅର୍ଜନ କରିଥିବାର ଜଣାଯାଏ। ଏହି ତତ୍ତ୍ୱ ଓ ଦର୍ଶନକୁ ବିଶ୍ଳେଷଣ କଲେ ତାହା ବୌଦ୍ଧ ସିଦ୍ଧ ଚେତନାର ନିକଟବର୍ତ୍ତୀ ବୋଲି ଜଣାଯାଏ। ଏଥିପାଇଁ ସ୍ୱର୍ଗତ ନଗେନ୍ଦ୍ରନାଥ ବସୁ ପଞ୍ଚସଖା ସାଧକମାନଙ୍କୁ ପ୍ରଚ୍ଛନ୍ନ ବୌଦ୍ଧ ବୋଲି ଅଭିହିତ କରିଛନ୍ତି। ବଜ୍ରଯାନୀମାନେ ଶୂନ୍ୟକୁ କାୟାଶୂନ୍ୟ, ଆତ୍ମାଶୂନ୍ୟ, ପରମଶୂନ୍ୟ ଏବଂ ସହଜଶୂନ୍ୟ ନାମରେ ନାମିତ କରିଛନ୍ତି। ପଞ୍ଚସଖା ସାହିତ୍ୟର ଅନ୍ୟତମ ସ୍ରଷ୍ଟା ଅଚ୍ୟୁତାନନ୍ଦ ତାଙ୍କ ରଚିତ ଶୂନ୍ୟସଂହିତା ଗ୍ରନ୍ଥରେ ଶୂନ୍ୟ ପୁରୁଷ ସମ୍ପର୍କରେ ବହୁ ତଥ୍ୟ ପ୍ରକାଶ କରିଛନ୍ତି। କବିଙ୍କ ଭାଷାରେ -

"ଭଲା ପଚାରିଲୁ ଗୁପତ ସନ୍ଧି। ଶୂନ୍ୟ ପୁରୁଷ ଶୂନ୍ୟ ପରେ ବନ୍ଦୀ
ଶୂନ୍ୟ ପୁରୁଷ ଉଦାସରେ ରହେ। ଶୂନ୍ୟ ପୁରୁଷ ସବୁ ମାୟାଭ୍ୟାୟେ
ଶୂନ୍ୟ ପୁରୁଷ ଦୟାଳୁ ଅଟଇ। ଶୂନ୍ୟ ପୁରୁଷ ସର୍ବଘଟେ ରହି।"

ଶୂନ୍ୟ ସଂହିତାରେ ଅଚ୍ୟୁତାନନ୍ଦ ନିଜର ପୂର୍ବଜନ୍ମ ବୃତ୍ତାନ୍ତ ସମ୍ପର୍କରେ ସୂଚନା ଦେଇ କହିଛନ୍ତି ଯେ କଳିଯୁଗରେ ବୁଦ୍ଧଙ୍କ ସହିତ ସୁନ୍ଦରାନନ୍ଦ ଭାବରେ ତାଙ୍କର ଆବିର୍ଭାବ ଘଟିଥିଲା। ବୌଦ୍ଧଧର୍ମ ଓ ଦର୍ଶନର ଶୂନ୍ୟ ତତ୍ତ୍ୱର ପରିପ୍ରକାଶ ଘଟିଛି ସାଧକ ଚୈତନ୍ୟ ଦାସଙ୍କ 'ବିଷ୍ଣୁଗର୍ଭପୁରାଣ' ଗ୍ରନ୍ଥରେ।

ଚୈତନ୍ୟ ଦାସଙ୍କ ଭାଷାରେ -

"ଶୂନ୍ୟ ସଙ୍ଗତେ ଶୂନ୍ୟ ସେ ଶୂନ୍ୟେ ଶୂନ୍ୟରୂପୀ
ଶୂନ୍ୟ ସଙ୍ଗତେ ମିଶିଅଛି ସକଳ ସ୍ଥାନେ ବ୍ୟାପି
ଶୂନ୍ୟ ଯେ ତାହାର ଅଟଇ ନିଜ ଘର
ଶୂନ୍ୟରେ ଥାଇ ଶୂନ୍ୟେ କରଇ ବିହାର।"

ପଞ୍ଚସଖା ସାହିତ୍ୟରେ ଥିବା ପିଣ୍ଡ ବ୍ରହ୍ମାଣ୍ଡ ତତ୍ତ୍ୱ, କାୟାସାଧନା, ମନ୍ତ୍ର ଓ ତନ୍ତ୍ର ଚର୍ଚ୍ଚାକୁ ବିଚାର କଲେ ଜଣାଯାଏ ଯେ ବୌଦ୍ଧଧର୍ମ ଓ ଦର୍ଶନ ଦ୍ୱାରା ଏସବୁ କେତେକାଂଶରେ ପ୍ରଭାବିତ ହୋଇଛନ୍ତି।

ପଞ୍ଚସଖା ସାହିତ୍ୟ ପରି ଆଧୁନିକ ଓଡ଼ିଆ ସାହିତ୍ୟରେ ମଧ୍ୟ ବୌଦ୍ଧ ଧର୍ମର ଚେତନା ପ୍ରକଟିତ ହୋଇଛି। ଆଧୁନିକ ଓଡ଼ିଆ ସାହିତ୍ୟର ଅନ୍ୟତମ ସ୍ୱନାମଧନ୍ୟ ସ୍ରଷ୍ଟା ବ୍ୟାସକବି ଫକୀରମୋହନ ସ୍ୱରଚିତ ବୌଦ୍ଧାବତାର କାବ୍ୟରେ ଜୀବନ ପ୍ରତି ଏକ ଅସ୍ତିସୂଚକ ସୁନିର୍ଦ୍ଦିଷ୍ଟ ଦୃଷ୍ଟିଭଙ୍ଗୀ ପ୍ରକାଶ କରିଛନ୍ତି। ସୁଖ ଦୁଃଖକୁ ମନର ଏକ କଳ୍ପନା ବୋଲି ସେ ଉଲ୍ଲେଖ କରିଛନ୍ତି। କବିଙ୍କ ଭାଷାରେ ବୁଦ୍ଧଦେବଙ୍କର ବାର୍ତ୍ତା ଉପସ୍ଥାପିତ ହୋଇଛି। କବିଙ୍କ ଭାଷାରେ -

"ସେହି ଏକ ପଦାର୍ଥରେ ଏକ ଲଭେ ସୁଖ
ଦେଖୁଁ ଅନ୍ୟ ଲୋକ ସେହି ଦ୍ରବ୍ୟରେ ବିମୁଖ
x x x x
ଅନୁଭବେ କେହି ସୁଖ କରି ସୁରାପାନ
ବର୍ଜନ କରଇ ଅନ୍ୟସମ ବିଷଜ୍ଞାନ
ଏଣୁ ସୁଖଦୁଃଖ ଅନୁଭବ ଚିତ୍ତଭ୍ରାନ୍ତି
ଆକାଙ୍କ୍ଷା ବର୍ଜନେ ଚିତ୍ତ ମଧ୍ୟେ ଲଭେ ଶାନ୍ତି।"

ଏହାଛଡ଼ା ମୃତ୍ୟୁଞ୍ଜୟ ରଥଙ୍କ 'ନରାଜ' କାବ୍ୟରେ ଏବଂ ବୈକୁଣ୍ଠନାଥ ପଟ୍ଟନାୟକଙ୍କ କାବ୍ୟ ସଞ୍ଚୟନରେ ସ୍ଥାନିତ କେତେକ କବିତାରେ ବୌଦ୍ଧ ଦର୍ଶନର ଚିତ୍ର ପ୍ରକଟିତ ହୋଇଛି। ଆଧୁନିକ ଓଡ଼ିଆ ସାହିତ୍ୟର ଅନ୍ୟତମ

ସ୍ରଷ୍ଟା ଶ୍ରୀ ପଦ୍ମଚରଣ ପଟ୍ଟନାୟକଙ୍କ 'ଧଉଳି ପାହାଡ଼' କବିତାରେ ବୌଦ୍ଧ ଦର୍ଶନ ପ୍ରଭାବରେ ଅଶୋକଙ୍କ ମନରେ ଭାବାନ୍ତର ଆସିବା କଥା ଉଲ୍ଲେଖ କରାଯାଇଛି। କବିଙ୍କ ସ୍ୱର୍ଶକାତର ଚିତ୍ତ ପ୍ରଶ୍ନ କରିଛି ଧଉଳି ପାହାଡ଼କୁ -

"ଧଉଳି ପାହାଡ଼ ଧଉଳି ପାହାଡ଼
କି କଥା କହିଲ ରାଜାଙ୍କ କାନେ
କି ଗାଥା ଗାଇଲ ଘଡ଼ିକେ ରାଜନ
ବୁଡ଼ିଲେ ଅପୂର୍ବ ସମାଧି ଧ୍ୟାନେ"

ସୁରେନ୍ଦ୍ର ମହାନ୍ତି ଆଧୁନିକ ଓଡ଼ିଆ ସାହିତ୍ୟର ଜଣେ ଲବ୍ଧପ୍ରତିଷ୍ଠ ଲିପିଶିଳ୍ପୀ। ତାଙ୍କର କେତେକ ଗଳ୍ପରେ ବୌଦ୍ଧଦର୍ଶନର ବିଶ୍ଳେଷଣ ଲିପିବଦ୍ଧ ହୋଇଛି। ସାରୀପୁତ୍ତ ତାଙ୍କ ଦ୍ୱାରା ରଚିତ ଏକ ଜନପ୍ରିୟ ଗଳ୍ପ। ଏଥିରେ ସ୍ରଷ୍ଟାଙ୍କର ନିର୍ବାଣ ତତ୍ତ୍ୱ ଉପରେ ଏକ ବିଶ୍ଳେଷଣାତ୍ମକ ଦୃଷ୍ଟିଭଙ୍ଗୀ ପ୍ରକଟିତ। ଏହିପରି ଭାବରେ ବିଚାର କଲେ ଜଣାଯାଏ ଯେ ଓଡ଼ିଆ ସାହିତ୍ୟର କେତେ ଦିଗ ଓ ଦିଗନ୍ତକୁ ବୌଦ୍ଧଦର୍ଶନ ବହୁଭାବରେ ପ୍ରଭାବିତ କରିଛି।

ବ୍ରାହ୍ମଧର୍ମ ଦର୍ଶନ ଓ ଓଡ଼ିଆ ସାହିତ୍ୟ

ଭାରତୀୟ ଜୀବନଧାରା ଧାର୍ମିକ ଚେତନାର ସୁରଭିରେ କାଳେ କାଳେ ସୁରଭିତ। ଏଥିରେ ଆବଶ୍ୟକତା ଅନୁସାରେ ଧର୍ମାନୁଚିନ୍ତା ପରିବର୍ତ୍ତିତ ପରିବେଶରେ ଭିନ୍ନ ଭିନ୍ନ ରୂପରେ ଆତ୍ମପ୍ରକାଶ କରିଥାଏ। ଅତଏବ ଧାର୍ମିକତା କେବଳ ପାରମ୍ପରିକ ନୁହେଁ, ସମୟୋପଯୋଗୀ ମଧ୍ୟ। ଏହା ଯେପରି ପ୍ରାଚୀନ ସେପରି ନିତ୍ୟନୂତନ। ମାନବ ଜାତିର ଚେତନାର ବିକାଶ ତଥା ସାବଲୀଳ ଆତ୍ମପ୍ରକାଶ ନିମନ୍ତେ ଏହାର ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ଧାର୍ମିକ ଚେତନା ସମୟର ଆବେଦନରେ ନୂଆ ନୂଆ ରୂପରେଖ ନେଇ ଆବିର୍ଭୂତ ହୋଇଥାଏ। ଏଥିରେ ଥାଏ ଜୀବନ ପ୍ରତି ନୂତନ ମୂଲ୍ୟବୋଧର ପବିତ୍ର ସନ୍ଦେଶ। ଏହିପରି ଏକ ସମୟୋପଯୋଗୀ ଧର୍ମ ହେଉଛି ବ୍ରାହ୍ମଧର୍ମ ଯାହାର ସୃଷ୍ଟି ହୋଇଥିଲା ଉନବିଂଶ ଶତାବ୍ଦୀର ସମାଜର ଆବଶ୍ୟକତା ପୂରଣ ନିମନ୍ତେ ପରିବେଶର ଆବେଦନ କ୍ରମେ। ମାନସିକ ଅସନ୍ତୋଷରୁ ନୂତନ ଚେତନାର ସୃଷ୍ଟି ଓ ଅଭିଷେକ ଘଟିଥାଏ। ଖ୍ରୀଷ୍ଟିଆନମାନେ ଭାରତକୁ ଶାସନାଧୀନ କରି ଖ୍ରୀଷ୍ଟଧର୍ମ ଉପରେ ଗୁରୁତ୍ୱ ଆରୋପ କରିବା ସଂଗେ ସଂଗେ ହିନ୍ଦୁ ଓ ମୁସଲମାନ ଧର୍ମକୁ ନିନ୍ଦା କରିବାକୁ ପଶ୍ଚାତ୍‌ପଦ ହେଉନଥିଲେ। ଏହାଦ୍ୱାରା ହିନ୍ଦୁଧର୍ମର ମାନ ଯେ କେତେକାଂଶରେ କ୍ଷୁର୍ଣ୍ଣ ହେବାକୁ ବସିଥିଲା, ଏଥିରେ ସନ୍ଦେହ ନାହିଁ। ଏତିକିବେଳେ ରାଜା ରାମମୋହନ ରାୟ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରି ଏକ ନୂତନ ଧର୍ମର ସୂତ୍ରପାତ ଘଟାଇଥିଲେ। ସେ ଗଠନ କଲେ ବ୍ରାହ୍ମ ସମାଜ ନାମରେ ଏକ ସଂଗଠନ ଯାହା ବ୍ରାହ୍ମ ଧର୍ମର ମୂଳଭିତ୍ତି ରୂପେ ଗୃହୀତ ହେଲା। ବ୍ରାହ୍ମଧର୍ମର ମୂଳସୂତ୍ର ହେଉଛି ବିଶ୍ୱଜନୀନତା, ଏଥିରେ ସଂକୀର୍ଣ୍ଣତାର ସ୍ଥାନ ନାହିଁ। କୌଣସି ନିର୍ଦ୍ଦିଷ୍ଟ ଭୌଗୋଳିକ ଭୂଖଣ୍ଡରେ ସୀମିତ ହୋଇ ରହିବା ପାଇଁ ଏହାର ସୃଷ୍ଟି ନୁହେଁ। ଏହି ଧର୍ମରେ ସମଗ୍ର ବିଶ୍ୱକୁ ପବିତ୍ର ବ୍ରାହ୍ମ ମନ୍ଦିର ଭାବରେ ଗ୍ରହଣ କରାଯିବା ସଂଗେ ସଂଗେ ନିର୍ମଳ ହୃଦୟବତ୍ତାକୁ ତୀର୍ଥକ୍ଷେତ୍ର ରୂପେ, ସତ୍ୟକୁ ଅବିନଶ୍ୱର ଶାସ୍ତ୍ର ରୂପେ, ବିଶ୍ୱାସକୁ ମୂଳମନ୍ତ୍ର ରୂପେ, ପ୍ରେମକୁ ସର୍ବଶ୍ରେଷ୍ଠ ଆଧ୍ୟାତ୍ମିକ ସାଧନ ରୂପେ ଏବଂ ସ୍ୱାର୍ଥନାଶକୁ ଯଥାର୍ଥ ବୈରାଗ୍ୟ ରୂପେ ଗ୍ରହଣ କରାଯାଇଛି। ବ୍ରାହ୍ମଧର୍ମର ଆଭିମୁଖ୍ୟ ନିମ୍ନଲିଖିତ ଶ୍ଲୋକରେ ଅତ୍ୟନ୍ତ ସ୍ପଷ୍ଟ।

"ସୁବିଶାଳ ମିଦଂ ବିଶ୍ୱଂ ପବିତ୍ରଂ ବ୍ରହ୍ମ ମନ୍ଦିରମ୍
ଚେତଃ ସୁନିର୍ମଳଂ ତୀର୍ଥଂ ସତ୍ୟ ଶାସ୍ତ୍ରମନଶ୍ୱରମ୍
ବିଶ୍ୱାସୋ ଧର୍ମମୂଳଂ ହି ପ୍ରୀତିଃ ପରମ ସାଧନମ୍
ସ୍ୱାର୍ଥନାଶସ୍ତୁ ବୈରାଗ୍ୟୋ ବ୍ରହ୍ମରେତେ ପ୍ରକୀର୍ତ୍ତିତେ"

ଅର୍ଥାତ ଏହି ବିଶାଳ ବିଶ୍ୱ ହେଉଛି ପବିତ୍ର ବ୍ରହ୍ମ ମନ୍ଦିର। ନିର୍ମଳ ହୃଦୟ ହେଉଛି ତୀର୍ଥ। ସତ୍ୟ ହେଉଛି ଅବିନଶ୍ୱର ଶାସ୍ତ୍ର। ବିଶ୍ୱାସ ହେଉଛି ମୂଳମନ୍ତ୍ର। ପ୍ରେମ ହେଉଛି ସର୍ବଶ୍ରେଷ୍ଠ ଆଧ୍ୟାତ୍ମିକ ସାଧନ। ସ୍ୱାର୍ଥର ବିନାଶ ହେଉଛି ଯଥାର୍ଥ ବୈରାଗ୍ୟ।

ବ୍ରାହ୍ମଧର୍ମର ଉନ୍ମେଷ ଓ ବିକାଶ : ସମାଜରୁ କୁସଂସ୍କାର ଦୂର କରି ସମାଜରେ ସଚେତନତା ଏବଂ ସମନ୍ୱୟର ପରିବେଶ ସୃଷ୍ଟି କରିବାର ଲକ୍ଷ୍ୟ ନେଇ ଆତ୍ମପ୍ରକାଶ କରିଥିଲା ବ୍ରାହ୍ମଧର୍ମ। ଏହାର ପ୍ରବକ୍ତା ଭାବରେ

ରାଜା ରାମମୋହନ ଜନମାନସରେ ଚିରବନ୍ଦନୀୟ ହୋଇ ରହିଛନ୍ତି ଓ ରହିବେ। ମେରୀ କାର୍ପେଣ୍ଟରଙ୍କ ବକ୍ତବ୍ୟ ଏହି ପରିପ୍ରେକ୍ଷୀରେ ସ୍ମରଣକୁ ଆସେ। ତାଙ୍କ ମତରେ ରାମମୋହନଙ୍କର ଆବିର୍ଭାବ ଭାରତର ନବଯୁଗ ଆକାଶରେ ପ୍ରଭାତୀ ତାରା ସଦୃଶ। ଧର୍ମର ପ୍ରକୃତ ମର୍ମବାଣୀ ମାନବିକ ମୂଲ୍ୟବୋଧ ତଥା ନୀତିବାଦ ଉପରେ ପ୍ରତିଷ୍ଠାପ୍ରାପ୍ତ, ଏ କଥାରେ ରାମମୋହନଙ୍କର ପୂର୍ଣ୍ଣ ଆସ୍ଥା ଓ ବିଶ୍ୱାସ ଥିଲା। ପ୍ରଚଳିତ ଧାର୍ମିକ ବାତାବରଣରେ ସଂସ୍କାର ଆଣିବା ପାଇଁ ସେ ପ୍ରଥମେ ଛଅଗୋଟି କଥା ଉପରେ ଗୁରୁତ୍ୱ ଦେଲେ। ସେଗୁଡ଼ିକ ହେଲା -

୧. ସତ୍ୟରେ ଐକାନ୍ତିକନିଷ୍ଠା
୨. ପରକାଳରେ ଦୃଢ଼ ବିଶ୍ୱାସ
୩. ଲୋକଙ୍କ ପ୍ରତି ଦୟା
୪. ଲୋକମାନଙ୍କ ଉପକାର
୫. ଈଶ୍ୱରଙ୍କ ପ୍ରତି ପ୍ରଗାଢ଼ ଶ୍ରଦ୍ଧା
୬. ବ୍ରାହ୍ମ ସମାଜ ସ୍ଥାପନ ଓ ସହମରଣ ନିଷେଧ

ରାମମୋହନଙ୍କ ଦ୍ୱାରା ପ୍ରସ୍ତୁତ ଭିତ୍ତିଭୂମି ଉପରେ କାନ୍ଥ ଗଢ଼ିଦେଲେ ମହର୍ଷି ଦେବେନ୍ଦ୍ର ନାଥ ଠାକୁର। ଭାରତବର୍ଷରେ ଚେତନାର ପ୍ରବାହ ସୃଷ୍ଟି ପାଇଁ ଏହି ଧର୍ମ ମାଧ୍ୟମରେ ସେ କରିଥିବା ଉଦ୍ୟମ ସର୍ବାଦୌ ଅଭିନନ୍ଦନୀୟ। ଦେବେନ୍ଦ୍ରନାଥଙ୍କ ଆଦି ବ୍ରାହ୍ମସମାଜ ଥିଲା ଜ୍ଞାନପ୍ରଧାନ, ଯାହାକୁ ଅବଲମ୍ବନ କରି ଗଢ଼ି ଉଠିଥିଲା ତତ୍କାଳୀନ ବ୍ରାହ୍ମଧର୍ମ। ବ୍ରହ୍ମଜ୍ଞାନ, ବ୍ରହ୍ମଧ୍ୟାନ ଏବଂ ବ୍ରହ୍ମାନନ୍ଦ ରସପାନ ଉପରେ ଗୁରୁତ୍ୱ ଦେଇଥିଲେ ଦେବେନ୍ଦ୍ରନାଥ। ସେ ହିନ୍ଦୁଧର୍ମର ମୌଳିକତତ୍ତ୍ୱକୁ ପ୍ରାଧାନ୍ୟ ଦେବା ସହିତ ଉପନିଷଦୀୟ ଚେତନା ପ୍ରତି ସ୍ୱତନ୍ତ୍ର ଦୃଷ୍ଟିପାତ କରିଥିଲେ। ଆତ୍ମାରେ ପରମାତ୍ମାଙ୍କ ପ୍ରତିଷ୍ଠା କରି ଜ୍ଞାନ ଓ ପ୍ରୀତି ମାଧ୍ୟମରେ ଭଗବାନଙ୍କ ସେବା କରିବା ଅଧିକ ମହତ୍ତ୍ୱପୂର୍ଣ୍ଣ ବୋଲି ତାଙ୍କର ବିଚାର ଥିଲା। ୧୮୫୭ ମସିହାରେ ବ୍ରାହ୍ମ ସମାଜରେ ଯୋଗ ଦେଲେ କେଶବ ଚନ୍ଦ୍ର ସେନ ଯିଏକି ବ୍ରାହ୍ମଧର୍ମ ଅଧିକରୁ ଅଧିକ ସମୟୋପଯୋଗୀ ତଥା ସାର୍ବଜନୀନ କରି ଗଢ଼ିବାର ପ୍ରୟାସ କରିଥିଲେ। ପୃଥିବୀର ବିଭିନ୍ନ ଧର୍ମକୁ ଉଦାରତାର ସହ ବିଚାର କରିବା ସଙ୍ଗେ ସଙ୍ଗେ ବ୍ରାହ୍ମ ଧର୍ମକୁ ସେ ସମନ୍ୱୟ ଚେତନାର ମହାମିଳନ ପୀଠ ରୂପେ ରୂପାୟିତ କରିଥିଲେ। ୧୮୭୦ ମସିହାରେ ବିଲାତରୁ ଫେରି ଭାରତବର୍ଷରେ 'Indian Reform Association' ବା ଭାରତ ସଂସ୍କାର ସଭା ସେ ପ୍ରତିଷ୍ଠା କଲେ। ସମାଜକୁ କୁସଂସ୍କାର ବିମୁକ୍ତ କରିବା ନିମନ୍ତେ ସେ ବ୍ରାହ୍ମ ପ୍ରତିନିଧି ସଭାର ପ୍ରାଣ ପ୍ରତିଷ୍ଠା କରିଥିଲେ। କେଶବଙ୍କ ଚିନ୍ତାଧାରାର କେନ୍ଦ୍ରବିନ୍ଦୁ ଭାବରେ ମଣିଷକୁ ଗ୍ରହଣ କରାଯାଇଥିଲା। ଭକ୍ତି ଉପରେ ସେ ପ୍ରାଧାନ୍ୟ ଦେଇଥିଲେ। ବୈଷ୍ଣବୀୟ ଭକ୍ତିଭାବର ପବିତ୍ର ପ୍ରବାହ ଦ୍ୱାରା ବ୍ରାହ୍ମଧର୍ମର ଭୂମିକୁ ରସସିକ୍ତ କରିଥିଲେ କେଶବଚନ୍ଦ୍ର। ଖ୍ରୀଷ୍ଟିୟାନଙ୍କର ପାପବୋଧର ଚେତନାର ସମନ୍ୱୟ ମଧ୍ୟ ସେ କରିଥିଲେ। କେଶବଙ୍କ କନ୍ୟା ସୁନୀତିଦେବୀଙ୍କ ସହ କୁଚବିହାର ଯୁବରାଜଙ୍କ ବିବାହ ସମ୍ପର୍କ ନେଇ ମତଭେଦ ସୃଷ୍ଟି ହେବାରୁ ୧୮୭୮ରେ ପଣ୍ଡିତ ଶିବନାଥ ଶାସ୍ତ୍ରୀ ଓ ତାଙ୍କର ଅନୁଗାମୀମାନେ ଭାରତୀୟ ବ୍ରାହ୍ମ ସମାଜରୁ ଅଲଗା ହୋଇ ସାଧାରଣ ବ୍ରାହ୍ମ ସମାଜ ନାମକ ଏକ ବ୍ରାହ୍ମ ସମାଜ ସ୍ଥାପନ କଲେ। କେଶବଚନ୍ଦ୍ର ସେନ ଓ ତାଙ୍କ ଅନୁଗତମାନେ ତାଙ୍କ ବ୍ରାହ୍ମ ସମାଜକୁ ନବ ବିଧାନ ନାମରେ ନାମିତ କରିଥିଲେ। କ୍ରମଶଃ ଭାରତୀୟ ବ୍ରାହ୍ମ ସମାଜ ଆଦି ବ୍ରାହ୍ମସମାଜ, ସାଧାରଣ ବ୍ରାହ୍ମସମାଜ ଓ ନବବିଧାନ ଏପରି ୩ ଭାଗରେ ବିଭକ୍ତ ହୋଇଥିଲା। କେଶବ ଚନ୍ଦ୍ର ସର୍ବଧର୍ମର ସମନ୍ୱୟ ସାଧନ ସକାଶେ କେତେକ ଧର୍ମର କେତେକ ବ୍ୟକ୍ତିଙ୍କୁ ପ୍ରଚାର କାର୍ଯ୍ୟରେ ନିଯୁକ୍ତ କରିଥିଲେ। ସେମାନଙ୍କ ମଧ୍ୟରେ ଗୌର ଗୋବିନ୍ଦରାୟ (ହିନ୍ଦୁଧର୍ମ), ପ୍ରତାପଚନ୍ଦ୍ର ମଜୁମଦାର (ଖ୍ରୀଷ୍ଟିୟାନ ଧର୍ମ), ଗିରୀଶଚନ୍ଦ୍ର ସେନ (ମୁସଲମାନ ଧର୍ମ), ଅଘୋରନାଥ ଗୁପ୍ତ (ବୌଦ୍ଧଧର୍ମ), ମହେନ୍ଦ୍ର ନାଥ ବୋଷ (ଶିଖଧର୍ମ)ଙ୍କ ନାମ ଉଲ୍ଲେଖଯୋଗ୍ୟ।

ଓଡ଼ିଶାରେ ବ୍ରାହ୍ମଧର୍ମର ପ୍ରଚାର :

ବ୍ରାହ୍ମଧର୍ମର ପ୍ରଚାର ଓ ପ୍ରସାର ପାଇଁ କେତେକ ପତ୍ରପତ୍ରିକାର ଅବଦାନ ଅବିସ୍ମରଣୀୟ। ସେଗୁଡ଼ିକ ମଧ୍ୟରେ 'ଆଶା', ସଂସ୍କାରକ, ନବବିଧାନ, ନବସମ୍ବାଦ, ସାମ୍ୟବାଦୀ, ଉତ୍କଳ ସାହିତ୍ୟ ଅନ୍ୟତମ। ଚତୁର୍ଭୁଜ ପଟ୍ଟନାୟକଙ୍କର ତତ୍ତ୍ୱମାଳା, ଭଜନମାଳା, ସଂଗୀତ ପୁଷ୍ପାଞ୍ଜଳି ପ୍ରଭୃତି ପୁସ୍ତକ ବ୍ରାହ୍ମଧର୍ମର ତତ୍ତ୍ୱ ଓ ଦର୍ଶନ ପ୍ରଚାର ଦିଗରେ ଏକ ଏକ କୀର୍ତ୍ତିସ୍ତମ୍ଭ କହିଲେ ଅତ୍ୟୁକ୍ତି ହେବ ନାହିଁ। ଉନବିଂଶ ଶତାବ୍ଦୀର ଦ୍ୱିତୀୟାର୍ଦ୍ଧରେ ଓଡ଼ିଶାରେ ବ୍ରାହ୍ମଧର୍ମର ପ୍ରଚାର କାର୍ଯ୍ୟ ଆରମ୍ଭ ହୋଇଥିବାର ଜଣାଯାଏ। ୧୮୫୫ ମସିହାରେ ଆଦି ବ୍ରାହ୍ମ ସମାଜର ପ୍ରଚାରକ ଈଶାନ ଚନ୍ଦ୍ର ବସୁ ବାଲେଶ୍ୱର ଆସି ଏହି ଧର୍ମ ପ୍ରଚାର କାର୍ଯ୍ୟରେ ଆତ୍ମନିୟୋଗ କରିଥିଲେ। ପରେ ପରେ ପ୍ରସନ୍ନ କୁମାର ଚାଟାର୍ଜୀ ନିଜ ଗୃହରେ ବ୍ରହ୍ମ ଉପାସନା ଆରମ୍ଭ କରିଥିଲେ। ୧୮୬୪ ସାଲରେ କଟକରେ ଦେବେନ୍ଦ୍ର ନାଥଙ୍କ ଦ୍ୱାରା ଆଦିବ୍ରାହ୍ମ ସମାଜର ପ୍ରାଣ ପ୍ରତିଷ୍ଠା ଘଟିଥିଲା। ୧୮୬୯ ମସିହାରେ ଅଧ୍ୟାପକ ହରନାଥ ଭଟ୍ଟାଚାର୍ଯ୍ୟଙ୍କ ଉଦ୍ୟମରେ ପ୍ରତିଷ୍ଠିତ ହେଲା ଉତ୍କଳବ୍ରାହ୍ମସମାଜ। ୧୮୭୯ରେ ରାମକୁମାର ବିଦ୍ୟାରତ୍ନ କଟକ ଆସି ଏହି ଧର୍ମ ପ୍ରଚାର କାର୍ଯ୍ୟରେ ନିଜକୁ ନିୟୋଜିତ କରିଥିଲେ। ୧୮୮୦ ବେଳକୁ ଧର୍ମପ୍ରଚାର କ୍ଷେତ୍ରରେ ମୁଖ୍ୟ ଭୂମିକାର ଅଧିକାରୀ ହୋଇଥିଲେ ଦୀନନାଥ ବନ୍ଦ୍ୟୋପାଧ୍ୟାୟ, ହରନାଥ ଭଟ୍ଟାଚାର୍ଯ୍ୟ, ମଧୁସୂଦନ ରାଓ ପ୍ରମୁଖ ବିଶିଷ୍ଟ ବ୍ୟକ୍ତିଗଣ। ବ୍ରାହ୍ମଧର୍ମ ପ୍ରଚାରର ଆଦି ପର୍ଯ୍ୟାୟରେ ପ୍ୟାରୀମୋହନ ଆଚାର୍ଯ୍ୟଙ୍କ କୃତି ଓ କୃତିତ୍ୱ ସ୍ୱର୍ଣ୍ଣାକ୍ଷରରେ ଲିପିବଦ୍ଧ ହେବାର ଯୋଗ୍ୟତା ଅର୍ଜନ କରିଛି। ୧୮୮୧ ରୁ ୧୮୯୦ ଭିତରେ ଓଡ଼ିଶାର ବିଚ୍ଛିନ୍ନାଞ୍ଚଳରେ ବ୍ରାହ୍ମ ସମାଜ ପ୍ରତିଷ୍ଠିତ ହୋଇ ବ୍ରାହ୍ମଧର୍ମ ପ୍ରଚାର କାର୍ଯ୍ୟରେ ଯେଉଁ ଭୂମିକା ଗ୍ରହଣ କରିଥିଲା, ତାହା ଯେପରି ଗୁରୁତ୍ୱପୂର୍ଣ୍ଣ ସେପରି ଆକର୍ଷଣୀୟ। ଓଡ଼ିଶାରେ ମୋଗଲବନ୍ଦୀ ଓ ଗଡ଼ଜାତ ଅଞ୍ଚଳରେ ଧର୍ମ ପ୍ରଚାରର ଦାୟିତ୍ୱ ବହନ କରିଥିଲେ ଶ୍ରୀ ଚତୁର୍ଭୁଜ ପଟ୍ଟନାୟକ। ସେତେବେଳେ ନାରୀମାନଙ୍କ ଭିତରେ ଧର୍ମ ପ୍ରଚାର ପାଇଁ ମଧ୍ୟ ଉତ୍କଣ୍ଠା ସୃଷ୍ଟି ହେବାର ଲକ୍ଷ୍ୟ କରାଯାଇଥିଲା। ୧୮୮୩ ମସିହାରେ କଟକ ମେଡିକାଲ ସ୍କୁଲ ଛାତ୍ରମାନଙ୍କ ଦ୍ୱାରା 'ପ୍ରାର୍ଥନା ସମାଜ' ନାମରେ ଗୋଟିଏ ବ୍ରାହ୍ମସମାଜ ଗଠିତ ହୋଇଥିଲା। ୧୮୮୩ ମସିହା ବେଳକୁ କଟକ ଚାନ୍ଦିନୀଚୌକରେ ଗୋଟିଏ ବ୍ରାହ୍ମସମାଜ, ଭଦ୍ରକରେ ବ୍ରାହ୍ମ ସମାଜ ଇତ୍ୟାଦି ଅନୁଷ୍ଠାନ ମାଧ୍ୟମରେ ପ୍ରଚାର କାର୍ଯ୍ୟ ସମାହିତ ହେବା କଥା ଜଣାଯାଏ। ବିଶ୍ୱନାଥଙ୍କର ବ୍ରାହ୍ମ ସମାଜରେ ସଦସ୍ୟ ଭାବରେ ଯୋଗଦାନ କରିବା ସଙ୍ଗେ ସଙ୍ଗେ ଉକ୍ତ ଧର୍ମଦର୍ଶନର ପରିପ୍ରଚାର ନିମନ୍ତେ ସ୍ୱଲେଖନୀ ଚାଳନା ମାଧ୍ୟମରେ ଉଲ୍ଲେଖନୀୟ ଉଦ୍ୟମ କରିଥିଲେ। ସାହିତ୍ୟ ମାଧ୍ୟମରେ ଧର୍ମଦର୍ଶନର ପ୍ରସାର ଓ ପ୍ରଚାର ଦିଗରେ ବଳିଷ୍ଠ ପଦକ୍ଷେପ ନେଇଥିଲେ ଭକ୍ତ କବି ମଧୁସୂଦନ ରାଓ। ସେ ସାଧାରଣ ବ୍ରାହ୍ମ ସମାଜର ସଭ୍ୟ ହେଲେ ହେଁ ନବବିଧାନର ଧର୍ମ ଦର୍ଶନ ପ୍ରତି ଆକୃଷ୍ଟ ହୋଇଥିଲେ। ସେ ୧୮୭୦ରେ ହରନାଥ ଭଟ୍ଟାଚାର୍ଯ୍ୟଙ୍କ ଦ୍ୱାରା ବ୍ରାହ୍ମଧର୍ମରେ ଦୀକ୍ଷିତ ହୋଇଥିଲେ। ଓଡ଼ିଆ ସାହିତ୍ୟର ଗନ୍ତାଘରକୁ ଋଦ୍ଧିମନ୍ତ କରିଛି ମଧୁସୂଦନଙ୍କ ଲେଖନୀ। ବ୍ରାହ୍ମଧର୍ମ ଦର୍ଶନର ସୁବର୍ଣ୍ଣ ଆଲେଖ୍ୟ ଅଙ୍କିତ ହୋଇଛି ତାଙ୍କ ଲେଖନୀରେ। ବିମୋହିତ କବିଚିତ୍ତ ଜଳରେ, ସ୍ଥଳରେ, ଗଗନରେ, ପବନରେ, କାନନରେ, କେଦାରରେ ସର୍ବତ୍ର ଖୋଜିଛି ବ୍ରହ୍ମଙ୍କର ସ୍ଥିତିକୁ ଓ ଉପସ୍ଥିତିକୁ। ବ୍ରହ୍ମଜ୍ଞାନର ଅବତାରଣା, ବ୍ରହ୍ମଧ୍ୟାନର ମାଦକତା, ପ୍ରାର୍ଥନାର ସ୍ନିଗ୍ଧଶୀତଳତା ରୂପ ଦେଇ କବି ସ୍ୱତନ୍ତ୍ର ଏକ ଗୌରବର ଅଧିକାରୀ। ଓଡ଼ିଆ ସାହିତ୍ୟରେ ଯେଉଁ ଯଶସ୍ୱୀ ସ୍ରଷ୍ଟାମାନେ ବ୍ରାହ୍ମଦର୍ଶନ ସମ୍ବଳିତ ଲିପିଶିଳ୍ପମାନ ସୃଷ୍ଟି କରିଯାଇଛନ୍ତି, ତନ୍ମଧ୍ୟରେ ଭକ୍ତ କବିଙ୍କ ନାମ ସ୍ୱର୍ଣ୍ଣାକ୍ଷରରେ ଲିପିବଦ୍ଧ ହୋଇ ରହିବ କାରଣ ତାଙ୍କର ଦାର୍ଶନିକ ସୃଷ୍ଟି ସମ୍ଭାର ପ୍ରତି ପାଠକୀୟ ପ୍ରତିକ୍ରିୟା ନିଜସ୍ୱ ମହତ୍ତ୍ୱରେ ମହୀୟାନ ଓ ଗୁରୁତ୍ୱରେ ଗରୀୟାନ। ଅନ୍ୟ ଭାଷାରେ କହିଲେ ଯଥାର୍ଥ ହେବ ଯେ ମଧୁସୂଦନଙ୍କ ସାହିତ୍ୟର ବହୁ ଅଂଶ ଦାର୍ଶନିକ ଅନୁଚିନ୍ତାର ମନୋଜ୍ଞ ମଧୁଚକ୍ର। ୧୮୭୮ ମସିହାରେ ରଚିତ କବିତା ଜୀବନଚିନ୍ତାରେ କବିଙ୍କର ଦାର୍ଶନିକ ଚେତନା ପ୍ରକଟିତ ଓ ପ୍ରତିଷ୍ଠିତ। ଏହା ବ୍ରାହ୍ମଧର୍ମ ଓ ଦର୍ଶନ ଉପରେ ଆଧାରିତ ହେଲେ ହେଁ

ଏଥିରେ ଯେ ସାର୍ବଜନୀନ ଜୀବନ ଦର୍ଶନର ଅକପଟ ସ୍ୱଚ୍ଛ ଅଭିବ୍ୟକ୍ତି ରହିଛି ଏହା ନିର୍ବିବାଦରେ ସ୍ୱୀକାର୍ଯ୍ୟ। କବିଙ୍କ ପରିକଳ୍ପନାରେ ବ୍ରହ୍ମ ଅମୃତ ଜୀବନ ଦାତା, ବ୍ରହ୍ମାଣ୍ଡର ପରମ ଆଶ୍ରୟ। ବିଶ୍ୱାସକୁ ଦୃଢ଼ କରିବା ସ୍ୱାର୍ଥ, ଅହମିକା ନାଶ କରିବା ଦିଗରେ ସଚେତନ ପ୍ରୟାସ କରିବା ନିମନ୍ତେ ମାନବ ଜାତିକୁ ସେ ଦେଇଛନ୍ତି ବଳିଷ୍ଠ ଆହ୍ୱାନ। ତାଙ୍କ ଦୃଷ୍ଟିରେ ଏ ଜଗତ ମଧୁରତାର ପ୍ରତୀକ। ସାହିତ୍ୟର ସୁଷମା, ଦର୍ଶନର ମୂଲ୍ୟବୋଧ ସର୍ବୋପରି ବିଶ୍ୱ ଜୀବନର କଲ୍ୟାଣ କାମନାରେ କବିତାଟି ରଦ୍ଧିମନ୍ତ। ଭୌତିକ ଜୀବନର ବହୁ ହତାଶା, ଗ୍ଲାନି, ଯନ୍ତ୍ରଣା ସତ୍ତ୍ୱେ ଜୀବନ ଯେ ମୂଲ୍ୟବୋଧ ସମ୍ପନ୍ନ ଓ ତାତ୍ପର୍ଯ୍ୟପୂର୍ଣ୍ଣ, ଏଥିରେ କବି ଏକମତ। ଜୀବନର ଲକ୍ଷ୍ୟ ପୂରଣ ନିମନ୍ତେ ପୃଥିବୀ ଏକ ଅର୍ଥପୂର୍ଣ୍ଣ କେନ୍ଦ୍ର। ଏଠାରେ ଧୂଳି ମଳିନ ନର କଳେବର ସତ୍ୟ ଶିବ ସୁନ୍ଦରର ଅଂଶବିଶେଷ ଭାବରେ ବର୍ଣ୍ଣିତ। ଆତ୍ମାର ଶୁଭ ଅଭିଷେକ ହୋଇଥିବାରୁ ଦେହ ଅବମାନନାର ସାମଗ୍ରୀ ନୁହେଁ ବୋଲି କବି ଉଦ୍‌ଘୋଷଣା କରିଛନ୍ତି। ପଙ୍କରେ ପଦ୍ମଫୁଲ ଫୁଟିଲା ପରି ମର ଶରୀରରେ ଆତ୍ମା ପ୍ରକଟିତ ହୋଇଛି। କବିଙ୍କ ଭାଷାରେ -

ଧୂଳିର ଏ ମର କଳେବର
ଅହୋ ମାନବ ଜୀବନ କି ଅଦ୍ଭୁତ ଉଦ୍ଭାବନ
ବିରାଜେ ଅମର ଆତ୍ମା ଦିବ୍ୟ ସୌନ୍ଦର୍ଯ୍ୟରେ
କମଳ ଶୋଭଇ ଯଥା ପଙ୍କମୟ ସରେ।

ବିଭୁଚିନ୍ତାର ପବିତ୍ର ସୌର ରଶ୍ମିରେ ନିରାଶାର ଘନ କୁହୁଡ଼ି ଦୂର ହୋଇଯାଏ ବୋଲି କବି ଗଭୀର ଆଶାର ଅଧିକାରୀ। ବ୍ରହ୍ମଙ୍କର ନାମ ଉଚ୍ଚାରଣ ଓ ମହିମାଗାନରେ ଶତମୁଖ କବି ମଧୁସୂଦନ ଆଶାବାଦର ବୀଣାଝଙ୍କାର ତୋଳିଛନ୍ତି କବିତାକୁଞ୍ଜରେ। ଶ୍ରଦ୍ଧା ଓ ଭକ୍ତିରେ ସିକ୍ତ କବିଚିତ୍ତ ଗାଇ ଉଠିଛି -

"ପରିହରି ପାପ ପ୍ରଲୋଭନ
ଉଜ୍ଜ୍ୱଳ କର ବିଶ୍ୱାସ ସ୍ୱାର୍ଥ ଅହଂକାର ନାଶ
କରରେ ହୃଦୟାକାଶ ନିର୍ମଳ ବହନ
ତେବେ ରେ ଲଭିବୁ ଧର୍ମରସ ଆସ୍ୱାଦନ।"

'ଋଷି ପ୍ରାଣେ ଦେବାବତରଣ' କବିଙ୍କର ଅନ୍ୟତମ ସାର୍ଥକ ସୃଷ୍ଟି ଯହିଁରେ ବ୍ରହ୍ମବାଦୀ ଚେତନା ମୂର୍ତ୍ତିମନ୍ତ ଓ ଦୀପ୍ତିବନ୍ତ। ସରସ୍ୱତୀ ନଦୀ ତଟରେ ପବିତ୍ର ଉଷାକାଳ ଉପସ୍ଥିତ ନୂତନ ଚେତନାର ବାର୍ତ୍ତା ସହ। ଶୁଦ୍ଧ ନିର୍ମଳ ଋଷି ପ୍ରାଣରେ ସୀମାହୀନ ଶିହରଣ, ଅସୀମର ପୁଲକିତ ସ୍ପର୍ଶରେ ତନୁରେ ଶତ କଦମ୍ବର ରୋମାଞ୍ଚ। କଣ୍ଠରେ ବ୍ରହ୍ମ ନିରାଜନା ନିମନ୍ତେ ଭାଷାର ସମ୍ଭାର। ହୃଦୟରେ ଆନନ୍ଦର ଉତ୍ତାଳ ଜୁଆର। ଆର୍ଯ୍ୟ ଋଷିଙ୍କର ମୁଗ୍ଧ ଲଳିତ ଅନୁଭବ ରୂପପ୍ରାପ୍ତ ଯଥାଯୋଗ୍ୟ ଭାଷା ମାଧ୍ୟମରେ ଆଲୋଚ୍ୟ କବିତାରେ। କବିଚିତ୍ତ ସତେ ଯେମିତି ଏକାକାର ସେହି ପବିତ୍ର ଭାବଧାରାରେ। ଋଷିଙ୍କର ଭାବଧାରା କବିଙ୍କ ଭାଷାରେ ଅକପଟ ଭାବରେ ଉପସ୍ଥାପିତ। କବିଙ୍କ ଭାଷାରେ ବ୍ରାହ୍ମଦର୍ଶନର ମୌଳିକ ନିର୍ଯ୍ୟାସ ଉପସ୍ଥାପିତ ହୋଇଛି ଏହି କବିତାରେ -

"ଏକ ଅଦ୍ୱିତୀୟ ପ୍ରଭୁ ସର୍ବ ମୂଳାଧାର
ଏକମାତ୍ର ପରମାତ୍ମା ବ୍ରହ୍ମ ନିରାକାର
ଜୟ ହେ ମଙ୍ଗଳମୟ ମହାମହେଶ୍ୱର
ଜୟ ଜୟ ସତ୍ୟ ରୂପ ପରମ ସୁନ୍ଦର"

'ହିମାଚଳେ ଉଦୟ ଉତ୍ସବ' କବିତାରେ କବିପ୍ରାଣରେ ଅବତରି ଆସିଛି ଦିବ୍ୟ ଚେତନାର ମୁଗ୍ଧ ଅନୁଭବ। ପ୍ରକୃତିର ସୁଷମା ସହିତ ଏକାକାର ହୋଇଯାଇଛି କବିତାର ନାୟକର ଚିତ୍ତବୃତ୍ତି। କବି ଓ କବିତାର ନାୟକ ଅନୁଭୂତିରେ

ଏକ ହୋଇ ଯାଇଛନ୍ତି। ଅରୁଣିମା ବିଚ୍ଛୁରିତ ହୋଇଛି ହିମାଚଳ ଶିଖରରେ। ଦିଗ ଦିଗନ୍ତ ସ୍ନାତ ସେହି ଆଲୋକ ଲହରୀରେ। ତୁଷାର ଶୁଭ୍ର ହିମଗିରିର ପରିବେଶରେ ନୂତନ ଚେତନାର ଦୀପ୍ତିମୟ ସମାବେଶ କବି ଚିତ୍ତକୁ ଆନ୍ଦୋଳିତ କରିଛି ଭକ୍ତି ଭାବରେ। ମନ ହୋଇଛି ଚଞ୍ଚଳ, ଚିତ୍ତବୃତ୍ତି ହୋଇଛି ସ୍ତବ୍ଧ ଓ ପରିପୂର୍ଣ୍ଣ। ଲେଖନୀରେ ଭରିଯାଇଛି ଚଞ୍ଚଳତା, ଆନନ୍ଦମୟ ମୁହୂର୍ତ୍ତକୁ ଚିତ୍ରଣ କରିବାର ଅପୂର୍ବ ଦକ୍ଷତା। କବିଙ୍କ ଭାଷାରେ ଅଦୃଶ୍ୟ ମାତ୍ର ଅନୁଭବ୍ୟ ଚେତନାର ଅନୁପମ ଅଭିବ୍ୟକ୍ତି ଅତ୍ୟନ୍ତ ହୃଦୟଗ୍ରାହୀ ହୋଇଛି।

"ଆଜି ମୋ ଶ୍ରବଣୋତ୍ସବ ଏ ପ୍ରାଣ କନ୍ଦରେ
କି ଅମୃତ ରାଗିଣୀରେ କି ମହାଛନ୍ଦରେ
ଏ ପ୍ରାଣ ବୀଣାରେ ତବ ଶ୍ରୀକର ପରଶେ
ଗାୟତ୍ରୀ ଓଁକାରମୟୀ ଧ୍ୱନିତ ରଭସେ
ବଂଶୀଧ୍ୱନି ଶୁଣୁଛି ମୁଁ ପ୍ରାଣର ଶ୍ରୀହରି
ମୋହରି ମୋହରି ତୁହି ମୋହରି ମୋହରି"

ନବଯୁଗର ଅଭିଷେକ କବିତାରେ କବିଙ୍କର ମନୋଭାବ ଯେପରି ସ୍ପଷ୍ଟ ସେପରି ଅନୁଭବ୍ୟ। ବ୍ରାହ୍ମଦର୍ଶନର ସ୍ୱର୍ଣ୍ଣିମ ଆଲେଖ୍ୟ ଏଥିରେ ଅଙ୍କିତ। ବିଶ୍ୱ କବିଗଣ ଅମର ବୀଣା ଧରି ଗାଉଛନ୍ତି ବ୍ରାହ୍ମଦର୍ଶନର ବିମୁକ୍ତ ଭାବନା ଓ ଅଶେଷ ମହିମା। କବିଙ୍କ ଭାଷାରେ -

"ବ୍ରହ୍ମସୁତ ବ୍ରହ୍ମତନୟା ନରନାରୀ ନିକର
କର ଏ ସମ୍ବାଦ ଘୋଷଣା ସତ୍ୟ ଶିବ ସୁନ୍ଦର
ସ୍ୱରଗର ପ୍ରେମ ଆଲୋକ ଦଶ ଦିଗେ ପ୍ରକାଶୁ
ବିଧାତାର ପୁଣ୍ୟ ଆନନ୍ଦ ସ୍ରୋତେ ଜଗତଭାସୁ"

ଆଶାବାଦ ବ୍ରାହ୍ମଦର୍ଶନର ଅନ୍ୟତମ ବଳିଷ୍ଠ ବିଭବ ଯାହା ଉକ୍ତ କବିତାରେ ପ୍ରକଟିତ ଓ ପ୍ରତିଷ୍ଠିତ। 'ନବ ବସନ୍ତ ଭାବନା' କବିତାରେ ଶିକ୍ଷକ କବି ମଧୁସୂଦନଙ୍କର ଉକ୍ତି ହୋଇଛି ଉପଦେଶମୂଳକ। ନୂତନ ଉଷାଲୋକରେ ଜୀବନ ସରଣୀ ଉଦ୍‌ଭାସିତ ହେଉ, ଏହି ଆଶାରେ କବିଙ୍କ ହୃଦୟ ଉଦ୍‌ବେଳିତ ହୋଇଉଠିଛି।

"ପ୍ରେୟ ପଥ ତେଜି ଶ୍ରେୟର ପଥ ଆଶ୍ରୟ କର
ବ୍ରହ୍ମ ପଦେ ପ୍ରାଣ ବିସର୍ଜି ନବ ଜୀବନ ଧର
x x x x
ଆଶା ପାରିଜାତ ଫୁଟିବ ହୃଦ ନନ୍ଦନ ବନେ
ଜ୍ଞାନ ଭକ୍ତି କର୍ମ ସୌରଭ ବ୍ୟାପିଯିବ ଜୀବନେ
ସରଗର ଶିରୀ ସମ୍ପଦେ ହେବୁ ତୁହି ସୁନ୍ଦର
ଅମୃତ ସଂଗୀତ ଝଙ୍କାରେପୂରି ଯିବ ଅନ୍ତର।"

ବ୍ରାହ୍ମ ଧର୍ମର ଅନ୍ୟତମ ପ୍ରବକ୍ତା ମହର୍ଷି ଦେବେନ୍ଦ୍ରନାଥ ଠାକୁରଙ୍କ ସ୍ମୃତିରେ ମଧୁସୂଦନ ରଚନା କରିଛନ୍ତି ଏକ କବିତା। ଏଥିରେ ସେ ଦେବେନ୍ଦ୍ରନାଥଙ୍କୁ ବ୍ରହ୍ମସଖା, ବ୍ରହ୍ମପ୍ରାଣ ବ୍ରହ୍ମଭକ୍ତ ବୋଲି ଉଲ୍ଲେଖ କରିଛନ୍ତି। ରାମମୋହନଙ୍କ ଦ୍ୱାରା ପ୍ରବର୍ତ୍ତିତ ବ୍ରାହ୍ମଧର୍ମର ଦ୍ୱାର ଅଧିକ ମୁକ୍ତ ଓ ପ୍ରଶସ୍ତ କରିବା ପାଇଁ ଦେବେନ୍ଦ୍ରନାଥଙ୍କ ଅବଦାନକୁ ସ୍ମରଣ କରି କବି ତାଙ୍କ ପ୍ରତି ଶ୍ରଦ୍ଧାନତ ହୋଇଛନ୍ତି। ବ୍ରହ୍ମାନନ୍ଦରେ ଚିତ୍ତ ଯାହାର ପୁଲକିତ ଓ ବ୍ରହ୍ମ ଚିନ୍ତନରେ ଚକ୍ଷୁ ଯାର ଲୋତକାପ୍ଲୁତ ସେହି ଦେବେନ୍ଦ୍ରନାଥଙ୍କ ପ୍ରତି ଗଭୀର ଅନୁରକ୍ତି ରଖି କବି ତାଙ୍କର ଉଚ୍ଛ୍ୱସିତ ପ୍ରଶଂସା କରିଛନ୍ତି। ପବିତ୍ର ଗାୟତ୍ରୀ ମନ୍ତ୍ରର

ବିମୁଗ୍ଧ ଝଙ୍କାର ଦ୍ୱାରା ବ୍ରାହ୍ମଦର୍ଶନକୁ ସମୃଦ୍ଧ କରିଥିଲେ ଦେବେନ୍ଦ୍ରନାଥ। ଏକଥା ସ୍ମରଣ କରି କବି କହିଛନ୍ତି -

"ଗାୟତ୍ରୀର ପୁଣ୍ୟଗାଥା ଓଁକାର ସାଧନା
ଋଷି ହୃଦୟର ଉଦ୍‌ବୋଧନ
ସତ୍ୟମନ୍ତ୍ର-ଉଚ୍ଚାରଣେ ବ୍ରହ୍ମ ଆରାଧନା
ଅନନ୍ତେ କ୍ଷୁଦ୍ରର ବିସର୍ଜ୍ଜନ।"

ଏତଦ୍‌ବ୍ୟତୀତ ସଂଗୀତମାଳାର ଅନ୍ତର୍ଭୁକ୍ତ କେତେକ ସଂଗୀତରେ କବି ବ୍ରହ୍ମଙ୍କର ମହିମା ଗାନରେ ଶତମୁଖ। ବ୍ରହ୍ମଙ୍କୁ ପ୍ରାଣସଖା ଭାବରେ ରୂପ ଦେଇ ସେ କହନ୍ତି -

"ବ୍ରହ୍ମସମ ପ୍ରାଣସଖା ନାହିଁ ଆଉ
ତା ପାଦ ଚିନ୍ତନେ ମୋର ଦିନ ଯାଉ
କୋଟି ଶଶୀ ପ୍ରଭାକର ଜିଣି ଅସୀମ ସୁନ୍ଦର
ବ୍ରହ୍ମ ପାଦପଦ୍ମ ଦିଶେ ଦାଉ ଦାଉ।"

ପୁଣି ଏକ ସଙ୍ଗୀତରେ ଦେହ, ମନ, ଇନ୍ଦ୍ରିୟଗଣ ତଥା ପ୍ରତିଟି ନିଃଶ୍ୱାସ ପ୍ରଶ୍ୱାସ ହିଁ ବ୍ରହ୍ମଙ୍କର ପରିପ୍ରକାଶ ବୋଲି ସେ ଉଲ୍ଲେଖ କରିଛନ୍ତି। ସାଗର, ପର୍ବତ, ଭୂଲୋକ, ଦ୍ୟୁଲୋକ ସର୍ବତ୍ର ବ୍ରହ୍ମଙ୍କର କ୍ରୀଡ଼ା ଶିବିର ତଥା ଲୀଳାନଗରୀ ବୋଲି ପ୍ରକାଶ କରି କବି କହନ୍ତି -

"ଭୂଲୋକେ ଦ୍ୟୁଲୋକେ ବ୍ରହ୍ମ ସାଗରେ ପର୍ବତେ ବ୍ରହ୍ମ
ଜଳେ ବ୍ରହ୍ମ, ସ୍ଥଳେ ବ୍ରହ୍ମ ବିଶ୍ୱବ୍ରହ୍ମ ନିକେତନ।"

ଏଥିରେ ବ୍ରାହ୍ମଧର୍ମର ଦାର୍ଶନିକ ତତ୍ତ୍ୱ ଅର୍ଥାତ୍ 'ସୁବିଶାଳ ମିଦଂ ବିଶ୍ୱ ପବିତ୍ର ବ୍ରହ୍ମ ମନ୍ଦିର', ମୂର୍ତ୍ତିମନ୍ତ ହୋଇଛି। ବ୍ରହ୍ମଙ୍କୁ ଶାସ୍ତ୍ରଗୁରୁ, ବାଞ୍ଛା କଳ୍ପତରୁ ରୂପେ ପରିକଳ୍ପନା କରିଛନ୍ତି କବି ଉକ୍ତ ଚେତନାରେ। ବ୍ରହ୍ମ ପିତା, ବ୍ରହ୍ମ ମାତା, ବ୍ରହ୍ମ ମଙ୍ଗଳ ବିଧାତାବୋଲି ଉଲ୍ଲେଖ କରି ସେ କହିଛନ୍ତି -

"ବ୍ରହ୍ମପିତା ବ୍ରହ୍ମମାତା ବ୍ରହ୍ମ ନରନାରୀ ତ୍ରାତା
ବ୍ରହ୍ମ ମଙ୍ଗଳ ବିଧାତା ବ୍ରହ୍ମ କରୁଣା ନିଧାନ।"

ଏହାଛଡ଼ା ଆହୁରି କେତେକ କବିତାରେ କବିଙ୍କର ବ୍ରହ୍ମଙ୍କ ନିମନ୍ତେ ନିବେଦିତ ଭକ୍ତିମଉାର ନିର୍ମଳ ଚିତ୍ର ଅଙ୍କିତ।

ମଧୁସୂଦନଙ୍କ ଦ୍ୱାରା ଲିଖିତ କେତେକ ପ୍ରବନ୍ଧରୁ ବ୍ରାହ୍ମଦର୍ଶନର ଚିତ୍ର ମିଳିଥାଏ। 'ଅନନ୍ତ ଆତ୍ମାନଙ୍କର ଆଦର୍ଶ' ତାଙ୍କର ଏକ ପ୍ରବନ୍ଧ ଯହିଁରେ ସେ କହିଛନ୍ତି, "ହେ ନରନାରୀ! କାହିଁକି କ୍ଷୁଦ୍ର ସଂସାରର ପୁଣ୍ୟଶାଳାରେ ନିଜର ମହାମୂଲ୍ୟ ଦେବଦୁର୍ଲ୍ଲଭ ଆଧାତ୍ମିକ ସମ୍ପଦକୁ ବିକ୍ରୟ କରୁଅଛ? କାହିଁକି ଅସତ୍ୟ କୁଜଝଟିକା ଭିତରେ ପଡ଼ି ବିପଥଗାମୀ ହେଉଅଛ? କାହିଁକି ପାପ କଳୁଷ ଦ୍ୱାରା ଶୁଭ୍ର ପରିଶୁଦ୍ଧ ହୃଦୟକୁ କଳଙ୍କିତ କରୁଅଛ?" ବ୍ରାହ୍ମଧର୍ମ ସମ୍ପର୍କରେ ମଧୁସୂଦନ ମତ ଦେଇ କହନ୍ତି - "ଆମ୍ଭେମାନେ ପୂର୍ଣ୍ଣ ଧର୍ମପ୍ରୟାସୀ, ସେହି ସର୍ବାଙ୍ଗସୁନ୍ଦର, ଅନନ୍ତ ପୂର୍ଣ୍ଣ ବ୍ରହ୍ମଙ୍କର ଧର୍ମ ମଧ୍ୟରେ ସତ୍ୟ, ପ୍ରେମ, ମଙ୍ଗଳ, ଶାନ୍ତି, ଆନନ୍ଦ, ଯୋଗ, ବୈରାଗ୍ୟ, ଜ୍ଞାନ, କର୍ମ, ପ୍ରଭୃତି ଚିରବାଞ୍ଛିତ ସମସ୍ତ ସମ୍ପଦ ଏକାଧାରରେ ସନ୍ନିବିଷ୍ଟ ହୋଇଅଛି। ହେ ମନୁଷ୍ୟ! ନିଜର ଓ ପୃଥିବୀର ଅତୀତ ଇତିହାସ ଆଲୋଚନା କରି ଭବିଷ୍ୟତ ପ୍ରତି ଆଶା ଓ ବିଶ୍ୱାସ ନୟନରେ ବାରେ ଅନାଇ ଏ ପୂର୍ଣ୍ଣ ବ୍ରହ୍ମରୂପ କଳ୍ପତରୁର ଶୀତଳ ଚରଣ ତଳେ ଆତ୍ମସମର୍ପଣ କର।" 'ମହର୍ଷି ଦେବେନ୍ଦ୍ରନାଥ' ଶୀର୍ଷକ ଏକ ଗଦ୍ୟ ରଚନାରେ ମଧୁସୂଦନ ଏକ ଘଟଣାର ଅବତାରଣା କରିଛନ୍ତି। ସଂସ୍କୃତ ପୁସ୍ତକ ପାଠ କରି ଦେବେନ୍ଦ୍ରନାଥ ବିଶ୍ୱଗତ ଚେତନା ସମ୍ପର୍କରେ ଯାହା ଅବଗତ ହେଲେ ତହିଁରେ

ପ୍ରଚ୍ଛନ୍ନ ଭାବରେ ବ୍ରାହ୍ମ ଦର୍ଶନର ମୁଦ୍ରାଙ୍କ ଉପସ୍ଥାପିତ। ସେଥିରେ ଥିବା ଶ୍ଲୋକର ଅର୍ଥ ଭିତରେ ବ୍ରାହ୍ମଦର୍ଶନର ଅନୁଚିନ୍ତା ଅନେକାଂଶରେ ନିହିତ ଥିବା ମନେହୁଏ। ସବୁଠାରେ ପରମେଶ୍ୱରର ପରିପ୍ରକାଶ, ସବୁ କିଛି ପରମପୁରୁଷଙ୍କ ଦାନ। ତାଙ୍କ ପାଇଁ ହୃଦୟରେ ଭକ୍ତିଭାବ ରଖିବା ଏକାନ୍ତ କାମ୍ୟ ଇତ୍ୟାଦି ଇତ୍ୟାଦି ଶିକ୍ଷା ଭିତରେ ଯେଉଁ ଧର୍ମଶିକ୍ଷା ନିହିତ ବୋଲି ମଧୁସୂଦନ ଉଲ୍ଲେଖ କରିଛନ୍ତି, ପ୍ରତ୍ୟକ୍ଷ ଭାବରେ ବ୍ୟକ୍ତ ନ ହେଲେ ମଧ୍ୟ ତାହା ଯେ ବ୍ରାହ୍ମଧର୍ମର ଶିକ୍ଷା, ଏହାର ଅନସ୍ୱୀକାର୍ଯ୍ୟ।

ବ୍ରାହ୍ମଧର୍ମ ଦର୍ଶନରେ ଅନୁପ୍ରାଣିତ ହୋଇଥିଲେ ସ୍ରଷ୍ଟା ଶ୍ରୀବିଶ୍ୱନାଥ କର। ସେ ଓଡ଼ିଆ ସାହିତ୍ୟ ଆକାଶରେ ଏକ ଉଜ୍ଜ୍ୱଳ ନକ୍ଷତ୍ର କହିଲେ ଅତ୍ୟୁକ୍ତି ହେବ ନାହିଁ। ତାଙ୍କ ଦ୍ୱାରା ଲିଖିତ ପ୍ରବନ୍ଧମାନଙ୍କ ମଧ୍ୟରୁ କେତେକ ପ୍ରବନ୍ଧରେ ବ୍ରାହ୍ମଦର୍ଶନର ମୁଦ୍ରାଙ୍କ ଦେଖିବାକୁ ମିଳେ। 'ଅନନ୍ତ ପ୍ରେମ' ପ୍ରବନ୍ଧରେ ପ୍ରେମର ପରକାଷ୍ଠା ସମ୍ପର୍କରେ ଅନୁଶୀଳନ କରିଛନ୍ତି ପ୍ରାବନ୍ଧିକ ଶ୍ରୀଯୁକ୍ତ କର। ପ୍ରେମର ମୂଲ୍ୟବୋଧ ଓ ମହନୀୟତା ପ୍ରତିପାଦନ ଏହି ପ୍ରବନ୍ଧର ମର୍ମବାଣୀ। ପ୍ରାବନ୍ଧିକଙ୍କ ମତରେ 'ପ୍ରେମର ଧର୍ମ ହିଁ ଶ୍ରେଷ୍ଠଧର୍ମ। ଯେଉଁଠାରେ ଏହାର ବିପରୀତ ଭାବ, ସେଠାରେ ପ୍ରେମ ନାହିଁ- ପ୍ରେମ ନାମରେ ଅନ୍ୟ ଗୋଟାଏ ବିକୃତ ବସ୍ତୁର ଆଧିପତ୍ୟ ରହିଛି। ଅଗ୍ନି ଅଛି ଉତ୍ତାପ ନାହିଁ, ସୂର୍ଯ୍ୟ ଅଛି, ତାହାର ଆଲୋକ ନାହିଁ, ଏହା ଯେପରି ଅର୍ଥ ଶୂନ୍ୟକଥା, ପ୍ରେମ ଅଛି ଅଥଚ ପବିତ୍ରତା ନାହିଁ, ଏହା ମଧ୍ୟ ସେହିପରି।" ବ୍ରାହ୍ମଧର୍ମରେ ପ୍ରୀତିକୁ ପରମ ସାଧନ ଭାବରେ ଗ୍ରହଣ କରାଯାଇଥିବାରୁ ପ୍ରେମ ଉପରେ ଅସାମାନ୍ୟ ଗୁରୁତ୍ୱ ଶ୍ରୀଯୁକ୍ତ କର ଦେଇଥିଲା ପରି ମନେହୁଏ। ପିତୁଳା ପୂଜା ପ୍ରତି କୌଣସି ଆକର୍ଷଣ ବ୍ରାହ୍ମ ଧର୍ମରେ ନ ଥିବାରୁ ପ୍ରାବନ୍ଧିକ ଶ୍ରୀଯୁକ୍ତ କର ଏହି ଚେତନାରେ ପ୍ରଭାବିତ ହୋଇ ତାଙ୍କର ପ୍ରବନ୍ଧ 'ଅନନ୍ତପ୍ରେମ'ରେ ପିତୁଳା ପୂଜାର ନିରର୍ଥକତା ପ୍ରସଙ୍ଗ ଉଲ୍ଲେଖ କରିଛନ୍ତି। ତାଙ୍କ ମତରେ ଯେଉଁ ସାକାର ରୂପ ନିରାକାରଙ୍କର ନକଲ ସୁଦ୍ଧା ନୁହେଁ, ତାହା ଦ୍ୱାରା ଜୀବନର ଲକ୍ଷ୍ୟପୂର୍ଣ୍ଣ ହୋଇପାରିବ ନାହିଁ। ଈଶ୍ୱର ହେଉଛନ୍ତି ଅନନ୍ତ ପ୍ରେମର ସୁଲଳିତ ଆଧାର। ଜଗତର ସବୁ ବସ୍ତୁ ତଥା ସମସ୍ତ ବ୍ୟକ୍ତିଙ୍କ ପାଇଁ ତାଙ୍କର ପ୍ରେମ ଉଦ୍ଦିଷ୍ଟ। ପ୍ରାବନ୍ଧିକଙ୍କ ଭାଷାରେ, "ପ୍ରେମ ଏକା ଏ ସଂସାରରେ ଭୀରୁକୁ ସାହସୀ କରେ, ମୂକକୁ ବାଚାଳ କରେ-ଦୁଇ ଆତ୍ମା ମଧ୍ୟରେ ମହାଯୋଗ-ମହାମିଳନ ସଂସ୍ଥାପନ କରେ।"

ମନୁଷ୍ୟ କିନ୍ତୁ ସତ୍ୟପଥର ପଥିକ ହୋଇପାରୁ ନାହିଁ, ପ୍ରକୃତ ପ୍ରେମର ସ୍ୱାଦ ଅନୁଭବ କରିପାରୁ ନାହିଁ। ଏହାର କାରଣ ହେଉଛି ଇନ୍ଦ୍ରିୟ ସେବାରେ ପ୍ରମତ୍ତତା। ଇନ୍ଦ୍ରିୟ ସେବାରେ ନିଯୁକ୍ତ ହେବା ଯୋଗୁଁ ମରୀଚିକାକୁ ମନୁଷ୍ୟ ଜଳବେଣୀ ବୋଲି ବିଚାର କରି ଶେଷରେ ହତାଶ ହୁଏ। ଅନନ୍ତ ପ୍ରେମ ହିଁ ଜୀବନର ମହୌଷଧି, ଜୀବନକୁ ସୁସ୍ଥ ସୁନ୍ଦର ଓ ପୂର୍ଣ୍ଣାଙ୍ଗ କରିବା ପାଇଁ ତାହା ଅଭିପ୍ରେତ। ଏହି ପ୍ରେମ ବିନା ଅଗ୍ରଗତି ନାହିଁ କି ଅନ୍ୟ ଗତି ନାହିଁ। ଏ ସମ୍ପର୍କରେ ପ୍ରାବନ୍ଧିକ କହିଛନ୍ତି, "ଅନନ୍ତ ପ୍ରେମରେ ଦୀକ୍ଷିତ ନ ହେଲେ ମାନବାତ୍ମାର ସୁଖ ନାହିଁ, ଶାନ୍ତି ନାହିଁ, ଗତି ନାହିଁ କି ମୁକ୍ତି ନାହିଁ।" ଜୀବନର ସତ୍ୟ ଉଦ୍‌ଘାଟନ ତଥା ଲକ୍ଷ୍ୟ ନିରୂପଣ କରିବା ପାଇଁ ପ୍ରାବନ୍ଧିକଙ୍କର ଯେଉଁ ପ୍ରୟାସ ପ୍ରବନ୍ଧରେ ଉପସ୍ଥାପିତ ହୋଇଛି, ତାହା ଯେପରି ବରଣୀୟ ସେପରି ଅନୁସରଣୀୟ।

ପ୍ରାବନ୍ଧିକ ଶ୍ରୀଯୁକ୍ତ କର ସ୍ୱରଚିତ ପ୍ରବନ୍ଧ ସାଧନା ଓ ସିଦ୍ଧିରେ ଜୀବନର ମହତ୍ତମ ଲକ୍ଷ୍ୟକୁ ବୃହତ୍ତମ ଦୃଷ୍ଟିକୋଣରୁ ବିଚାର କରିଛନ୍ତି। ଚେତନାର ବିକାଶ ନିମନ୍ତେ ମନୁଷ୍ୟକୁ ତା'ର ଜୀବନ ମାଧ୍ୟମ ରୂପରେ ପ୍ରଦତ୍ତ। ଆହାର ବିହାର କରି ଜୀବନ ବିତାଇବାକୁ ମନୁଷ୍ୟ ଆସି ନାହିଁ। ମହତ୍ତର ଚିନ୍ତାରେ ଶକ୍ତି ଓ ସମୟକୁ ନିୟୋଜିତ କରିବାରେ ଜୀବନର ସାର୍ଥକତା ରହିଛି ବୋଲି ପ୍ରାବନ୍ଧିକ ଉଲ୍ଲେଖ କରିଛନ୍ତି। କର୍ତ୍ତବ୍ୟ ହିଁ ଧର୍ମ, ଏକଥା ଉପରେ ସେ ଗୁରୁତ୍ୱ ଆରୋପ କରିଛନ୍ତି। କର୍ତ୍ତବ୍ୟକୁ ପଣ୍ଡିତମାନେ ନାନା ଶ୍ରେଣୀରେ ବିଭକ୍ତ କରିଛନ୍ତି ବୋଲି ସେ କହିଛନ୍ତି। ତନ୍ମଧ୍ୟରେ ଆପଣା ପ୍ରତି କର୍ତ୍ତବ୍ୟ, ପରିବାର ପ୍ରତି କର୍ତ୍ତବ୍ୟ, ଦେଶ ପ୍ରତି କର୍ତ୍ତବ୍ୟ ଓ ଈଶ୍ୱରଙ୍କ ପ୍ରତି କର୍ତ୍ତବ୍ୟ କଥା ପ୍ରାବନ୍ଧିକ ଉଲ୍ଲେଖ କରିଛନ୍ତି। ତାଙ୍କ ମତରେ ସବୁ କର୍ତ୍ତବ୍ୟର ମୂଳତତ୍ତ୍ୱ ଏକ। ମନୁଷ୍ୟର ଆତ୍ମବିକାଶ ପାଇଁ କର୍ତ୍ତବ୍ୟ ହିଁ ଏକମାତ୍ର

ସହଜ ସରଳ ମାର୍ଗ। ଅସତ୍ୟ ଓ ଅନ୍ୟାୟ ବିରୋଧରେ କଟୁ ମନ୍ତବ୍ୟ ଦେବା ସଙ୍ଗେ ସଙ୍ଗେ ସତ୍ୟ ଓ ନ୍ୟାୟ ପ୍ରତି ଆନ୍ତରିକତା ପ୍ରକଟ କରିଛନ୍ତି ପ୍ରାବନ୍ଧିକ। 'ସତ୍ୟ ହିଁ ଜୀବନ, ସତ୍ୟ ହିଁ ଏକମାତ୍ର ସଦବସ୍ତୁ'-ଏ କଥା କହିବା ଭିତରେ ବ୍ରାହ୍ମଧର୍ମର ଚିତ୍ର ଯେ ପରୋକ୍ଷ ଭାବରେ ରହିଛି ଏହା ସ୍ୱୀକାରଯୋଗ୍ୟ।

ଆଧୁନିକ ଓଡ଼ିଆ ସାହିତ୍ୟରେ ପ୍ରତିଷ୍ଠିତ ଅନ୍ୟାନ୍ୟ କେତେକ ଲିପିଶିଳ୍ପୀଙ୍କର ସୃଷ୍ଟିରେ ବ୍ରାହ୍ମ ଦର୍ଶନର ପ୍ରଭାବ ଅନୁଭୂତ ହୁଏ। ଏହାର କାରଣ ହେଉଛି ଏହି ଯେ ଉନବିଂଶ ଶତାବ୍ଦୀର ଶେଷ ଭାଗରେ ତଥା ବିଂଶ ଶତାବ୍ଦୀର ପ୍ରଥମ ପାଦରେ ବ୍ରାହ୍ମ ଦର୍ଶନର ମହତ୍ତ୍ୱ ଓ ମୂଲ୍ୟବୋଧ ଅଧିକରୁ ଅଧିକ ଆକର୍ଷଣୀୟ ହୋଇଥିଲା। ପ୍ରତ୍ୟକ୍ଷ ଭାବରେ ବ୍ରାହ୍ମଧର୍ମ ଗ୍ରହଣ କରିନଥିଲେ ହେଁ କେତେକ ଲେଖକ ପରୋକ୍ଷ ଭାବରେ ବ୍ରାହ୍ମଦର୍ଶନରେ ଥିବା ଅନୁଚିନ୍ତାକୁ ମର୍ମେ ମର୍ମେ ଅନୁମୋଦନ କରି ତାହାକୁ ନିଜସ୍ୱ ସୃଷ୍ଟି ସମ୍ଭାରରେ ଆବଶ୍ୟକ ସ୍ଥଳେ ଉପସ୍ଥାପନା କରିଥିଲେ। ଅତଏବ ଏହା କହିଲେ ଯଥାର୍ଥ ହେବ ଯେ ବ୍ରାହ୍ମ ଦର୍ଶନର ପ୍ରଶସ୍ତ ଭାବବଳୟ ନିଜସ୍ୱ ମୂଲ୍ୟବୋଧ ଯୋଗୁଁ ବହୁ ଜିଜ୍ଞାସୁ, ଜ୍ଞାନୀ, ଭକ୍ତ ତଥା ସଚେତନ ବ୍ୟକ୍ତିଙ୍କୁ ଭାରତର ଅନ୍ୟାନ୍ୟ ଅଞ୍ଚଳ ପରି ଓଡ଼ିଶାରେ ମଧ୍ୟ ଅତୀତରେ ଆକୃଷ୍ଟ କରିଥିଲା।

-୦-

ମହିମା ଧର୍ମର ଦର୍ଶନ ଓ ଅଭିବ୍ୟକ୍ତି

ଉତ୍କଳୀୟ ଜୀବନଧାରା ଯୁଗେ ଯୁଗେ ଧର୍ମାନୁଚିନ୍ତା ଦ୍ୱାରା ସମୃଦ୍ଧ ହୋଇଛି। ଧର୍ମକୁ ବାଦ୍ ଦେଲେ ଏହା ଅନ୍ତଃସାର ଶୂନ୍ୟ ହୋଇଯିବ, ଏଥିରେ ସନ୍ଦେହ ନାହିଁ। ଧର୍ମରେ ଉତ୍କଳୀୟ ଜନମାନସର ସ୍ଥିତି ଓ ଅଭିବ୍ୟକ୍ତି ଅତ୍ୟନ୍ତ ସ୍ପଷ୍ଟ ଓ ବଳିଷ୍ଠ। ସମୟ କ୍ରମେ ଧାର୍ମିକ ଭାବନା ତଥା ପରିବେଶରେ ଆବଶ୍ୟକୀୟ ପରିବର୍ତ୍ତନ ଓଡ଼ିଶାରେ ସଂଗଠିତ ହୋଇଛି। ଉନବିଂଶ ଶତାବ୍ଦୀରେ ନୂତନ ଏକ ଧାର୍ମିକ ଅନୁଚିନ୍ତା ଓଡ଼ିଶାରେ ସୃଷ୍ଟି ହୋଇ ସୁନିର୍ଦ୍ଦିଷ୍ଟ ରୂପ ନେଇ ମହିମା ଧର୍ମ ନାମରେ ନାମିତ ହୋଇଛି। ମହିମା ଗୋସାଇଁ ଏହାର ପ୍ରାଣ ପ୍ରତିଷ୍ଠାତା ହୋଇଥିବାରୁ ତାଙ୍କର ନାମାନୁସାରେ ଏହି ଧର୍ମର ନାମ ଏପରି କରାଯାଇଛି। ମହିମା ଧର୍ମ ଓଡ଼ିଶା ମାଟିରୁ ଉଦ୍ଭୁତ ହୋଇ କ୍ରମଶଃ ଭାରତର ଅନ୍ୟାନ୍ୟ ଅଞ୍ଚଳରେ ହୋଇଛି ପ୍ରଚାରିତ ଓ ପ୍ରସାରିତ। ଡଃ ଆର୍ତ୍ତବଲ୍ଲଭ ମହାନ୍ତି ଏହି ଧର୍ମକୁ କୁମ୍ଭୀପଟିଆ ଧର୍ମ ବୋଲି ଉଲ୍ଲେଖ କରିଛନ୍ତି। କେତେକ ଆଲୋଚକ ଏହାକୁ ଅଲେଖ ଧର୍ମ ନାମରେ ନାମିତ କରିଛନ୍ତି।

ଓଡ଼ିଶାର ରାଜନୈତିକ ଆକାଶରୁ ସ୍ୱାଧୀନତାର ସୂର୍ଯ୍ୟ ଖ୍ରୀ.ଅ. ୧୫୬୮ରେ ଅସ୍ତାଚଳଗାମୀ ହେଲେ। ପରାଧୀନତାର ଶୃଙ୍ଖଳରେ ଆବଦ୍ଧ ଥିବାରୁ ସାମାଜିକ, ସାଂସ୍କୃତିକ ତଥା ଅର୍ଥନୈତିକ ଜୀବନଧାରାର ବହୁଳ କ୍ଷତି ଘଟିଲା। ୧୮୦୩ ମସିହା ପର୍ଯ୍ୟନ୍ତ ଓଡ଼ିଶା, ଆଫଗାନ, ମୋଗଲ ଓ ମରହଟ୍ଟାମାନଙ୍କ ଦ୍ୱାରା ଶାସିତ ହେଲା। ୧୮୦୪ ମସିହାରୁ ୧୮୧୯ ମସିହା ଭିତରେ ୯ ଥର ଜମିଜମା ବନ୍ଦୋବସ୍ତ କରାଇଥିଲେ ଇଂରେଜମାନେ। ୧୮୧୪ ମସିହାରେ ନୂତନ ଲବଣ ଆଇନ ପ୍ରଣୀତ ହେଲା ଯାହା ଫଳରେ ଲୁଣ ମାରିବା ନିଷେଧ ହେବା ସଙ୍ଗେ ସଙ୍ଗେ ଲୁଣର ଦର ପୂର୍ବାପେକ୍ଷା ୬ ଗୁଣ ବିତିଗଲା। ସାମାଜିକ ଜୀବନରେ ବହୁ କୁସଂସ୍କାରର ରାଜତ୍ୱ ଅନୁଭୂତ ହେଲା। ଉଭୟ ବନବାସୀ ସଂପ୍ରଦାୟ ଓ ସମତଳ ଅଞ୍ଚଳ ନିବାସୀ ସମ୍ପ୍ରଦାୟ ମଧ୍ୟରୁ କୁସଂସ୍କାରର ଦୂରୀକରଣ ନିମନ୍ତେ ଉଦ୍ୟମର ଆବଶ୍ୟକତା ସତେ ଯେପରି ମହିମା ସ୍ୱାମୀଙ୍କର ଆବିର୍ଭାବର କାରଣ ହୋଇଥିଲା। ମହିମା ଗୋସାଇଁଙ୍କ ଜନ୍ମ ସମୟ ଠିକ୍ ଭାବରେ ନିର୍ଦ୍ଧାରିତ ନ ହେଲେ ମଧ୍ୟ ତାହା ଯେ ଉନବିଂଶ ଶତାବ୍ଦୀର ପ୍ରଥମାର୍ଦ୍ଧ ଏହା ମୁକ୍ତ କଣ୍ଠରେ ସ୍ୱୀକାରଯୋଗ୍ୟ। ୧୮୧୬ ମସିହାରେ ଶ୍ରୀକ୍ଷେତ୍ରର ବଡ଼ଦାଣ୍ଡରେ ପ୍ରଥମେ ମହିମା ଗୋସାଇଁ ଦୃଷ୍ଟିଗୋଚର ହେଲେ ବୋଲି ଆଲୋଚକମାନେ କହିଥାନ୍ତି। ଶ୍ରୀକ୍ଷେତ୍ରରୁ ଧଉଳିଗିରି, ଖଣ୍ଡିଗିରି ତଥା ନୀଳଗିରି ଆଦି ସ୍ଥାନମାନଙ୍କୁ ଯାଇ ଦୀର୍ଘ ୧୨ ବର୍ଷ ନିରାହାରରେ କଟାଇଥିବାର କିମ୍ବଦନ୍ତୀ ଓଡ଼ିଶାରେ ପ୍ରଚଳିତ ଅଛି। ୧୮୩୮ ଖ୍ରୀ.ଅରେ ସେ ଢେଙ୍କାନାଳର କପିଳାସରେ ପହଞ୍ଚିଥିଲେ। ସେଠାରେ ଗୈରିକ ବସ୍ତ୍ର ଓ ଜଟାଭାର ପରିହାର କରି କୁମ୍ଭୀବୃକ୍ଷର ବକ୍‌କଳ ପରିଧାନ କଲେ। ସେ ସ୍ଥାନରେ ଫଳମୂଳ ଖାଇ ୧୨ ବର୍ଷ ଅତିବାହିତ କରିଥିବା କଥା ଜଣାଯାଏ। ସେତେବେଳେ ଜଗନ୍ନାଥ ନାମକ ଶିଷ୍ୟ ତାଙ୍କର ଶରଣାଗତ ହୋଇ ସନ୍ନ୍ୟାସ ଧର୍ମରେ ଦୀକ୍ଷିତ ହେବା ପାଇଁ ପ୍ରାର୍ଥନା ଜଣାଇଲେ। ମହିମା ସ୍ୱାମୀ ତାଙ୍କୁ ସନ୍ନ୍ୟାସ ଦୀକ୍ଷା ଦେଲେ ଓ ତାଙ୍କୁ ଗୋବିନ୍ଦ ବାବା ନାମରେ ନାମିତ କଲେ। ପରେପରେ ଢେଙ୍କାନାଳର ରାଜା ଭଗୀରଥ ଭ୍ରମରବର ମହିମାସ୍ୱାମୀଙ୍କ ଠାରୁ ଦୀକ୍ଷା ଗ୍ରହଣ କରିଥିଲେ। ମହିମା ସ୍ୱାମୀ ଏହାପରେ ଧର୍ମ ପ୍ରଚାର ଉଦ୍ଦେଶ୍ୟରେ ବିଭିନ୍ନ ସ୍ଥାନ ଭ୍ରମଣ କଲେ। ରେଢ଼ାଖୋଲ ଅନ୍ତର୍ଗତ କଙ୍କଣପଡ଼ାରେ ଜନ୍ମାନ୍ଧ

ଭୀମଭୋଇଙ୍କୁ ମୁଖ୍ୟ ଶିଷ୍ୟ ଭାବରେ ସେ ଲାଭ କରିଥିଲେ। ମହିମାସ୍ୱାମୀ ପକ୍ଷୀ ହେଲେ ଭୀମଭୋଇ ହେଲେ ତାଙ୍କର ପକ୍ଷ। ଉପଯୁକ୍ତ ଗୁରୁଙ୍କର ଉପଯୁକ୍ତ ଶିଷ୍ୟ ଭାବରେ ଭୀମଭୋଇ ମହିମା ଧର୍ମକୁ ସାହିତ୍ୟିକ ମର୍ଯ୍ୟାଦା ପ୍ରଦାନ କରି ଚିରନମସ୍ୟ ହୋଇ ରହିଛନ୍ତି। ଓଡ଼ିଆ ଭାଷାରେ ମହିମା ଧର୍ମର ସାବଲୀଳ ରୂପାୟଣ ଦିଗରେ ତାଙ୍କର ଭୂମିକା ଅବିସ୍ମରଣୀୟ ଓ ଚିର ବରଣୀୟ। ଜନ୍ମାନ୍ଧ ହେଲେ ହେଁ ସେ ଆତ୍ମତତ୍ତ୍ୱ ଦର୍ଶନରେ ଥିଲେ ସହସ୍ରାକ୍ଷ। ଅମାର୍ଜିତ ପରିବେଶରେ ଜନ୍ମ ହେଲେ ହେଁ ସେ ଥିଲେ ଆତ୍ମଜ୍ଞାନର ଦୀପ୍ତିମୟ ଏକ ଉଜ୍ଜ୍ୱଳ ନକ୍ଷତ୍ର, ବିଶ୍ୱକଲ୍ୟାଣ କାମନାରେ ଅଭିଷିକ୍ତ ଏକ ସାର୍ଥକ ମହନୀୟ ଚେତନା, ମହିମାସ୍ୱାମୀ ବିଭିନ୍ନ ସ୍ଥାନରେ ଧର୍ମପ୍ରଚାର ପାଇଁ ପ୍ରଯତ୍ନପୂର୍ବକ ଧୂନି ସ୍ଥାପନ କରିଥିଲେ।

ଖୁଣ୍ଟୁଣି ଗ୍ରାମରେ ମହିମା ପୂଜାର ଆୟୋଜନ ହେବା ସହିତ ଧୂନି ମଧ୍ୟ ସେଠାରେ ସ୍ଥାପିତ ହେଲା। ଖୋର୍ଦ୍ଧାର ଡମଣି ଗ୍ରାମରେ, ଅନ୍ଧାରୁଆ ଓ ଦାରୁଠେଙ୍ଗ ଗ୍ରାମରେ ମଧ୍ୟ ଧୂନି ସ୍ଥାପିତ ହୋଇଥିଲା। ବାଙ୍କି ଓ ତିଗିରିଆ ଅଞ୍ଚଳରେ ମହିମା ଧର୍ମର ବହୁଳ ପ୍ରଚାର ଓ ପ୍ରସାର ଘଟିଥିଲା। ବହୁ ସ୍ଥାନରେ ଧର୍ମ ପ୍ରଚାର କରି ୧୮୭୬ ଖ୍ରୀଅ ଫାଲଗୁନ ଶୁକ୍ଳ ଦଶମୀ ତିଥିରେ ଯୋରନ୍ଦାଠାରେ ମହିମା ସ୍ୱାମୀ ଦେହ ରକ୍ଷା କରିଥିଲେ। ସେ ଇହଲୀଳା ସମ୍ବରଣ କଲାବେଳକୁ ଓଡ଼ିଶାର ବିଭିନ୍ନ ଅଞ୍ଚଳରେ ଏବଂ ପଶ୍ଚିମବଙ୍ଗ, ଆସାମ, ବିହାର, ମଧ୍ୟପ୍ରଦେଶ, ଉତ୍ତରପ୍ରଦେଶର କେତେକ ଅଞ୍ଚଳରେ ମହିମା ଧର୍ମ ପ୍ରଚାରିତ ହୋଇସାରିଥିଲା। ମହିମାଧର୍ମର ମୁଖ୍ୟ ନୀତି ଭିତରେ ଜାତିଭେଦ ପ୍ରଥାର ବିରୋଧ ଓ ଅସ୍ପୃଶ୍ୟତା ଦୂରୀକରଣ ପାଇଁ ପ୍ରୟାସ ଅନ୍ତର୍ଭୁକ୍ତ। ପିତାମାତା ଓ ଆଚାର୍ଯ୍ୟଙ୍କୁ ଦେବତା ଜ୍ଞାନରେ ପୂଜା କରିବାର ବିଧି ଏଥିରେ ରହିଛି। ସକାଳେ ପୂର୍ବଦିଗକୁ ଓ ସନ୍ଧ୍ୟାରେ ପଶ୍ଚିମ ଦିଗକୁ ମୁହଁ କରି ଅଲେଖ ନାମ ପାଞ୍ଚଥର ଉଚ୍ଚାରଣ କରିବାର ବିଧି ଅଲେଖ ଧର୍ମରେ ଦେଖିବାକୁ ମିଳେ। ସନ୍ଧ୍ୟା ପୂର୍ବରୁ ଭୋଜନ ଗ୍ରହଣ ଓ ରାତ୍ରିରେ ଭୋଜନ ତ୍ୟାଗ ଉପରେ ଗୁରୁତ୍ୱ ଆରୋପିତ ହୁଏ। କାୟାର ପବିତ୍ରତା ରକ୍ଷା ନିମନ୍ତେ ଗୋମୟ ପ୍ରଲେପ ଓ ଗୋମୟ ଜଳ ଗ୍ରହଣ ବରଣୀୟ। ଗୋଟିଏ ସ୍ଥାନରେ ଦିନକରୁ ଅଧିକ ସମୟ ମହିମା ଧର୍ମାବଲମ୍ବୀ ରହନ୍ତି ନାହିଁ। ସନ୍ଧ୍ୟାରେ ଅବସ୍ଥାନ କାଳରେ ଧୂନି ସ୍ଥାପନ କରିବେ ଓ ତା' ପାଖରେ ଜଳଭାଣ୍ଡ ରଖି ଭୂମିରେ ଶୟନ କରିବେ। ମୁଁ ଏବଂ ମୋ ଇତ୍ୟାଦି ଶବ୍ଦର ବ୍ୟବହାରକୁ ପରିହାର କରି ମହିମାଧର୍ମୀମାନେ ଆମେ ଓ ଆମର ଶବ୍ଦ ପ୍ରୟୋଗ କରିବା ପାଇଁ ସଂକଳ୍ପବଦ୍ଧ ହେବେ। ଉପବୀତ ଗ୍ରହଣ, ମାଳାଧାରଣ, ଦେହରେ ଚିତା ଅଙ୍କନ ଏ ଧର୍ମରେ ନିଷେଧ। ସତସଙ୍ଗ ଓ ଇନ୍ଦ୍ରିୟ ସଂଯମ ଉପରେ ଗୁରୁତ୍ୱ ଆରୋପ କରିବାର ବିଧି ବ୍ୟବସ୍ଥା ଏଥିରେ ରହିଛି।

ଓଡ଼ିଆ ସାହିତ୍ୟ ଓ ମହିମା ଧର୍ମ :

ଧାର୍ମିକ ଅନୁଚିନ୍ତାର ମର୍ଯ୍ୟାଦାଦୀପ୍ତ ପୂର୍ଣ୍ଣାଙ୍ଗ ଅଭିବ୍ୟକ୍ତି ସାହିତ୍ୟ ମାଧ୍ୟମରେ ବଳିଷ୍ଠ ଭାବରେ ସଂଗଠିତ ହୋଇଥାଏ। ପାଠକ ଓ ଶ୍ରୋତା ହୃଦୟରେ ଆତ୍ମଜ୍ଞାନ ତଥା ଆତ୍ମଚେତନା ନିମନ୍ତେ ଧର୍ମଭିତ୍ତିକ ସାହିତ୍ୟର ଅବଦାନ ଅବିସ୍ମରଣୀୟ। ଓଡ଼ିଆ ସାହିତ୍ୟରେ କେତେକ ଧର୍ମର ସରସ ସୁନ୍ଦର ଉପସ୍ଥାପନା ପରି ମହିମା ଧର୍ମର ମଧ୍ୟ ଉପସ୍ଥାପନା ଲକ୍ଷଣୀୟ। ଶୂନ୍ୟର ଉପାସନା ପ୍ରଥା ମହିମା ଧର୍ମ ଓ ଦର୍ଶନର ଅନ୍ତର୍ଭୁକ୍ତ। ଭୀମଭୋଇଙ୍କ ଭଜନରେ ଶୂନ୍ୟର ମହିମା ଶତମୁଖରେ କୀର୍ତ୍ତିତ ଓ ପ୍ରଚାରିତ। କବିଙ୍କ ଦ୍ୱାରା ରଚିତ 'ରୂପରେଖ ନାହିଁ ହେ ଶୂନ୍ୟଦେହୀ' ଏବଂ 'ଶୂନ୍ୟ ସ୍ୱରୂପ ହେ ଘୋଟିଅଛ ତ୍ରିଭୁବନ ମହୀ' ଇତ୍ୟାଦି ପଂକ୍ତି ଏହି ଚେତନାର ନିର୍ମଳ ନିରାଜନା, ପାଇଁ ଅଭିପ୍ରେତ। ଭୀମଭୋଇଙ୍କ ଅମୂଲ୍ୟ ଅମ୍ଲାନ କୀର୍ତ୍ତି 'ସ୍ତୁତିଚିନ୍ତାମଣି'ରେ ମହିମା ଦର୍ଶନର ସୁସ୍ପଷ୍ଟ ଅଭିବ୍ୟକ୍ତି ପରିଦୃଷ୍ଟ ହୁଏ। ଭୀମଭୋଇଙ୍କର ଜନ୍ମ ସମୟକୁ ୧୮୫୫ ବୋଲି ଡକ୍ଟର ଆର୍ତ୍ତବଲ୍ଲଭ ମହାନ୍ତି ବିଚାର କରିଛନ୍ତି। କୁସଂସ୍କାର ବିରୋଧରେ ସ୍ୱର ଉତ୍ତୋଳନ କରିଥିଲେ ସତ୍ୟକବି ଭୀମଭୋଇ। ବେଦର କର୍ମକାଣ୍ଡ ପ୍ରତି ତାଙ୍କର ଆନ୍ତରିକତା ନ ଥିଲା। ଶରୀର ଉପରେ ଏଥିରେ ସୀମାହୀନ ମହତ୍ତ୍ୱ ପ୍ରଦାନ କରାଯାଇଛି। ଜୀବର ଉଦ୍ଧାର ପାଇଁ ଗୁରୁଭକ୍ତି ପଥ ପ୍ରଦର୍ଶନ କରିବ ବୋଲି ସେ ବିଚାର

କରିଛନ୍ତି। କବିଙ୍କ 'ସ୍ତୁତିଚିନ୍ତାମଣି' ଗ୍ରନ୍ଥଟି ଅନ୍ୟତମ ସ୍ୱନାମଧନ୍ୟ ଜୀବନଚିନ୍ତା ଭିତ୍ତିକ ଗ୍ରନ୍ଥ। ଏହି ଗ୍ରନ୍ଥରେ ଏକଶହ ବୋଲି ସ୍ଥାନ ପାଇଛି। ପ୍ରତ୍ୟେକ ବୋଲିରେ କୋଡ଼ିଏ ପଦ ରହିଛି। ନାମକରଣ ପ୍ରସଙ୍ଗରେ କବି କହିଛନ୍ତି -

"ଗୀତା ସାରସ୍ୱତ କରି ପଦ ଅର୍ଥ ଭୀମ ଅରକ୍ଷିତ ଭଣି
ଏ ଶାହାସ୍ର ଆଦ୍ୟ ବିଭୂତି ବୃତ୍ତାନ୍ତ ନାମସ୍ତୁତି ଚିନ୍ତାମଣି"

ଏହି ଗ୍ରନ୍ଥର ବିଷୟବସ୍ତୁ ତିନି ଭାଗରେ ବିଭାଜନ କରାଯାଇପାରେ ଯଥା କବିଙ୍କ ଜୀବନୀ ଓ ମହିମାସ୍ୱାମୀଙ୍କ ଜୀବନୀ, ସମସାମୟିକ ସମାଜର ଚିତ୍ର, ମହିମା ଧର୍ମ ଓ ଦର୍ଶନର ମହତ୍ତ୍ୱ। ଆତ୍ମଜୀବନୀ ପ୍ରସଙ୍ଗରେ କେତେକ ତଥ୍ୟ ଉପସ୍ଥାପନା କରି ନିଜର ବାଲ୍ୟ, କୈଶୋର ଓ ଯୌବନର ଚିତ୍ର ପ୍ରଦାନ କରିଛନ୍ତି। ପୂର୍ବ ସ୍ମୃତିକୁ ସ୍ମରଣ କରି କବି କହିଛନ୍ତି -

"ସେ କଥା ମାନ ଏବେ ମନେ ପଡ଼ିଲେ ହୃଦୟ ହେଉଛି ଯାହା
ଦେହ ପୁଲକିତ ହୋଇ ଉତ୍କଣ୍ଠିତ ଚମକି ଉଠୁଛି ହିଆ

x x x x

ଗର୍ଭଧାରୀ ପିତା ଛାଡ଼ିଗଲେ ମୋତେ ଜନ୍ମରୁ ନିସଖା ହୋଇ
ସୁସ୍ଥେ ଭୋଜନ ସୁଖଭୋଗ ବାଞ୍ଛିଲେ କାହିଁରୁ ପାଇବି ମୁହିଁ
ସପ୍ତ ବରଷରୁ ଅଷ୍ଟମ ନବମ ଦଶମ ଏଗାର ହେଲା
ବାର ବରଷରୁ ବସ୍ତ୍ରାଙ୍କ ସଙ୍ଗତେ ବନେ ବୁଲି ଦିନଗଲା

x x x x

ପୁଣି ବୁଲୁଥାଇ ବନେ ନିତିପ୍ରତି ଦିନେ ବସ୍ତ୍ରାଙ୍କୁ ସଙ୍ଗତେ ଘେନି
କ୍ଷୁଧା ତୃଷା କଲେ ଜୀବନ ବିକଳେ ପିଉଥାଇ ଝରପାଣି

x x x x

ଲୁହ ନାହିଁ ରକ୍ତ ବୋହୁଥାଏ ମୋର ଶ୍ରୀହସ୍ତେ ଦିଅଇ ପୋଛି
କେହି ନ ଜାଣନ୍ତି ଶ୍ରୀ ଗୁରୁ ଜାଣନ୍ତି ଯେତେ କଷ୍ଟ ପାଇଅଛି"

ମହିମା ସ୍ୱାମୀଙ୍କ ବର୍ଣ୍ଣନାରେ କବି ଶତଜିହ୍ୱ। ନିଜ ଜୀବନକୁ ତାଙ୍କ ଠାରେ ସମର୍ପି ସେ ପାଇଛନ୍ତି ଅମ୍ଳାନ ଆନନ୍ଦ ଓ ଅଶେଷ ଆତ୍ମସନ୍ତୋଷ। ସମସାମୟିକ ସମାଜର ବାସ୍ତବ ଚିତ୍ର କବିଙ୍କ ବର୍ଣ୍ଣନାରେ ମୂର୍ତ୍ତିମନ୍ତ। କବି ତାଙ୍କର ସୂକ୍ଷ୍ମଦୃଷ୍ଟି ବଳରେ ଏହି ଚିତ୍ରଗୁଡ଼ିକୁ ଦେଖିପାରିଛନ୍ତି। ବନ୍ଧୁବାନ୍ଧବଙ୍କ ଭିତରେ ଶ୍ରଦ୍ଧାର ଅଭାବ, ବ୍ରାହ୍ମଣଙ୍କ ଭିତରେ ଶୁଚିଭାବର ଅଭାବ, ବିଷୟାବିଷରେ ଜର୍ଜରିତ ଯୋଗୀପୁତ୍ରଠାରେ ଧର୍ମ ଭାବର ଅଭାବ, ପାଞ୍ଜିଶୂନ୍ୟ ଦାମ୍ଭିକ ବ୍ୟକ୍ତିଙ୍କଠାରେ ସତ୍ୟନିଷ୍ଠାର ଅଭାବ ଦେଖି ମର୍ମାହତ ହୋଇଛନ୍ତି କବି ଭୀମଭୋଇ। ମହିମା ଧର୍ମର ଦର୍ଶନ ତତ୍ତ୍ୱ ସମ୍ପର୍କରେ ଉକ୍ତ ଗ୍ରନ୍ଥରେ ଅବତାରଣା କରାଯାଇଛି। ଜୀବନ ଗତି ମୁକ୍ତିର ମାର୍ଗ, ଦୁର୍ଗତିର କାରଣ ଓ ନିରାକରଣ ପ୍ରସଙ୍ଗରେ କବି ଆଲୋଚନା କରିଛନ୍ତି। ପିତୁଳା ପୂଜାର ନିରର୍ଥକତା ସମ୍ବନ୍ଧରେ କବି ତାଙ୍କର ଦୃଢ଼ ମତ ପୋଷଣ କରିଛନ୍ତି ଆଲୋଚ୍ୟ ଗ୍ରନ୍ଥରେ। ଉକ୍ତ ଗ୍ରନ୍ଥରେ ମହିମା ସ୍ୱାମୀଙ୍କର ଆବିର୍ଭାବ ତଥା ମହିମା ସମ୍ପର୍କରେ କବି ଉଲ୍ଲେଖ କରିଛନ୍ତି। କବିଙ୍କର ପ୍ରଶସ୍ତ ମନର ପରିଚୟ ଏହି ଗ୍ରନ୍ଥର କେତେକ ସ୍ଥଳରେ ମିଳେ। ଭାରତୀୟ ଦର୍ଶନ ଯେପରି ସମସ୍ତଙ୍କ କଲ୍ୟାଣ କାମନା କରିଥାଏ ଜାତି, ଧର୍ମ, ଦେଶ, କାଳ ନିର୍ବିଶେଷରେ ଭୀମଭୋଇଙ୍କ ଦର୍ଶନ ମଧ୍ୟ ସେପରି ସାରା ବିଶ୍ୱର କଲ୍ୟାଣ କାମନା କରିବାକୁ ପଶ୍ଚାତପଦ ହୋଇନାହିଁ। ଆଲୋଚ୍ୟ ଗ୍ରନ୍ଥର ସପ୍ତବିଂଶ ବୋଲିରେ କବି ନିଜସ୍ୱ ସୁବିଶାଳ ଚେତନାକୁ ରୂପ ଦେଇ କହିଛନ୍ତି -

"ପ୍ରାଣୀଙ୍କ ଆରତ ଦୁଃଖ ଅପ୍ରମିତ ଦେଖୁ ଦେଖୁ କେବା ସହୁ
ମୋ ଜୀବନ ପଛେ ନର୍କେ ପଡ଼ିଥାଉ ଜଗତ ଉଦ୍ଧାର ହେଉ।"

ଏହି ଗ୍ରନ୍ଥର ଚଉଷଠି ବୋଲିରେ କବି ନିଜର ଦୁଃଖ ଯାତନା ସମ୍ପର୍କରେ ଅବତାରଣା କରିବା ସଙ୍ଗେ ସଙ୍ଗେ ଶେଷ ଜୀବନରେ ସେ କିପରି ସୁଖ ସମୃଦ୍ଧି ଲାଭ କରିଥିଲେ ସେ କଥା ବର୍ଣ୍ଣନା କରିଛନ୍ତି। ସାମାଜିକ ଜୀବନର ଦୁର୍ଦ୍ଦଶା ଦର୍ଶନରେ ମର୍ମାହତ କବି ସମସ୍ତଙ୍କର ମଙ୍ଗଳ ନିମନ୍ତେ ପରମ ବ୍ରହ୍ମଙ୍କୁ କାତର ପ୍ରାର୍ଥନା ଜଣାଇଛନ୍ତି। ସ୍ତୁତି ଚିନ୍ତାମଣି ଗ୍ରନ୍ଥ ହୋଇଛି କବିଚିତ୍ତର ସୁରମ୍ୟ ଅଭିବ୍ୟକ୍ତି। ପ୍ରତିଟି ଛତ୍ରେ ଛତ୍ରେ ଏଥିରେ ପ୍ରକଟିତ ହୋଇଛି ଭୀମଭୋଇଙ୍କର ସୁଗଭୀର ଅନୁଭବ ଯାହାର ପଟାନ୍ତର ନାହିଁ କହିଲେ ଚଳେ।

ଶ୍ରୁତି ନିଷେଧ ଗୀତା : ଭୀମଭୋଇଙ୍କର ଅନବଦ୍ୟ କୃତି ଭାବରେ ଏହି ଗ୍ରନ୍ଥର ଭୂମିକା ଅସାଧାରଣ। ଏଥିରେ କବି ଅନାଦି ବ୍ରହ୍ମ, ଅଲେଖ ପୁରୁଷ, ଅବଧୂତ ଗୋସ୍ୱାମୀଙ୍କୁ ବକ୍ତା ଭାବରେ ଏବଂ ଭକ୍ତ ଗୋବିନ୍ଦଙ୍କୁ ଶ୍ରୋତା ଭାବରେ ଗ୍ରହଣ କରିଛନ୍ତି। କର୍ମକାଣ୍ଡ ଉପରେ ଗୁରୁତ୍ୱ ନ ଦେଇ ଜ୍ଞାନକାଣ୍ଡ ଉପରେ ଗ୍ରନ୍ଥରେ ଗୁରୁତ୍ୱ ଆରୋପିତ। ଏଥିରେ ଜାତି ବିଭାଗକୁ ନିଷେଧ କରାଯାଇଛି। ସପ୍ତ ଅଧ୍ୟାୟ ବିଶିଷ୍ଟ ଏହି ଗ୍ରନ୍ଥରେ ଆଦିପୁରୁଷ ପରଂବ୍ରହ୍ମଙ୍କ ମହତ୍ତ୍ୱ ବର୍ଣ୍ଣିତ। ମହିମା ଗୋସ୍ୱାମୀଙ୍କ ଅବତାର ଗ୍ରହଣ କରିବା ପ୍ରସଙ୍ଗରେ କବି ଗାଇଛନ୍ତି -

"ମେଳଛ ପତିତ ପାମର । ଏ କଳିଯୁଗେ ବଳିଆର ।
ଧର୍ମ କର୍ମକୁ ଦୂରେ ଫିଙ୍ଗି । ଆପ ବଡ଼ିମା କଲେ ଭଙ୍ଗୀ ।
ବେଦଶାସ୍ତ୍ରକୁ ନ ମାନିଲେ । ସାଧୁ ସନ୍ଥକୁ ନ ସେବିଲେ ।
x x x x
ବହୁତ ଅନ୍ୟାୟ ଦେଖିଲୁ । ତେଣୁଟି ଆମ୍ଭେ ଉଦେ ହେଲୁ ।
ସ୍ୱରୂପ ବୁଦ୍ଧ ଅବତାର । ନିର୍ବେଦ କରିଛୁ ବିସ୍ତାର ।
ଧର୍ମରେ ରହୁ ବୋଲି ମହୀ । ତେଣୁ ମୁଁ ଆସିଅଛି ଧାଇଁ ।

ଦେବଦେବୀଙ୍କୁ ଅସ୍ୱୀକାର କରିଛନ୍ତି ଭୀମଭୋଇ। ଆପଣା ଘଟରେ ଥିବା ବ୍ରହ୍ମଙ୍କୁ ଚିହ୍ନିବା ପାଇଁ ସେ ଆହ୍ୱାନ କରିଛନ୍ତି ପ୍ରତ୍ୟେକ ମନୁଷ୍ୟକୁ। ପ୍ରାଣୀ ବିଭିନ୍ନ ମୂର୍ତ୍ତି ପୂଜା ମାଧ୍ୟମରେ ଅସାର ଗୋଲକ ଧନ୍ଦାରେ ପଡ଼ି ଧନ୍ଦିହୁଏ ବୋଲି ସେ ମତବ୍ୟକ୍ତ କରିଛନ୍ତି। ମୂର୍ତ୍ତିପୂଜାର ଅସାରତା ପ୍ରତିପାଦନ କରି ସେ କହନ୍ତି-

ଘଟରେ ବ୍ରହ୍ମଙ୍କୁ ନ ଚିହ୍ନି । ବାହ୍ୟରେ ଭ୍ରମୁଥାନ୍ତି ପୁଣି ।
ଚିତ୍ରପଟକୁ ନେତ୍ରେ ଦେଖି । ମନ ଆନନ୍ଦେ ହୋଇ ସୁଖୀ ।
ଏ ଘଟେ ଜଗନ୍ନାଥ ଅଛି । ପ୍ରତିମା ମିଛରେ ପୂଜୁଛି ।
ମୂର୍ତ୍ତି ପ୍ରତିମା ଶୁଷ୍କ କାଠ । ସେ ପୁଣି ନେବେ କି ବୈକୁଣ୍ଠ ।
ମିଥ୍ୟାରେ ଭୁଲି ମରେ ପ୍ରାଣୀ । ଘଟ ପ୍ରତିମାକୁ ନ ଚିହ୍ନି ।

ଉକ୍ତ ଗ୍ରନ୍ଥରେ ତୁଳସୀ ଗଛର ବୃତ୍ତାନ୍ତ ବର୍ଣ୍ଣିତ ହେବା ସଙ୍ଗେ ସଙ୍ଗେ ଏହାର ପୂଜାକୁ ବାରଣ କରାଯାଇଛି। ତୁଳସୀମାଳକୁ ପରିହାର କରିବା ପାଇଁ କବି ଉପଦେଶ ଦେଇଛନ୍ତି ଭକ୍ତମାନଙ୍କୁ ଓ ଶିଷ୍ୟମାନଙ୍କୁ। ବିଷ୍ଣୁ ନିର୍ମାଲ୍ୟକୁ ତ୍ୟାଗ କରି ନାମ ନିର୍ମାଲ୍ୟ ଜପ କରିବା ଉପରେ ସେ ଗୁରୁତ୍ୱ ପ୍ରଦାନ କରିଛନ୍ତି। ଦଶମୀ ପାଳନାକୁ ଦଶାଙ୍ଗଯୋଗ ଭାବରେ ଗ୍ରହଣ କରିବା ଏବଂ ଏକାଦଶୀକୁ ଏକାକ୍ଷର ରୂପେ ବରଣ କରିବାର ପକ୍ଷ ସମର୍ଥନ କରିଛନ୍ତି ସେ। ପରମ୍ପରା ଅନୁସାରେ ପାଳିତ ଏକାଦଶୀ ବ୍ରତକୁ ସମାଲୋଚନା କରି ସେ କହିଛନ୍ତି -

"ତହିଁ ନୁହଇ କିଛି ଫଳ । ଆତ୍ମାଟି ହୁଅଇ ବିକଳ ।
ପଞ୍ଚଭୂତକୁ ଦୁଃଖ ଦିଅନ୍ତି । କାୟାକୁ ଦଗଧ କରନ୍ତି ।

x x x x

ତହିଁରେ କିଛି ନାହିଁ ଧର୍ମ । ତହିଁ ପ୍ରସନ୍ନ ନୋହେ ବ୍ରହ୍ମ" ।

ମହିମା ଧର୍ମରେ ଜାତିଭେଦଜନିତ ସଂକୀର୍ଣ୍ଣତା ନାହିଁ। ଗୁରୁ ହିଁ ଏଥିରେ ଶ୍ରେଷ୍ଠ, ଅଜ୍ଞାନତାର ଅନ୍ଧକାର ଦୂର କରିବା ପାଇଁ ଆଲୋକର ମୂର୍ତ୍ତିମନ୍ତ ପ୍ରତୀକ। ଜୀବନକୁ ପୂର୍ଣ୍ଣାଙ୍ଗ ତଥା ପରିପୁଷ୍ଟ କରିବା ଦିଗରେ ତାଙ୍କର ଭୂମିକା ଅତୀବ ଗୁରୁତ୍ୱପୂର୍ଣ୍ଣ। ସତ୍ୟ, ନ୍ୟାୟ ତଥା ଧର୍ମମାର୍ଗରେ ଶିଷ୍ୟକୁ ପରିଚାଳନା କରିବା ପାଇଁ ଗୁରୁ ଦୃଢ଼ ପଦକ୍ଷେପ ନେଇଥାନ୍ତି। ଶ୍ରୁତିନିଷେଧ ଗୀତା ଗ୍ରନ୍ଥରେ ସନ୍ଥ କବି ଭୀମଭୋଇ ଗୁରୁବାଦର ମହତ୍ତ୍ୱ ଓ ମୂଲ୍ୟବୋଧକୁ ସ୍ୱୀକାର କରିବା ସଙ୍ଗେ ସଙ୍ଗେ ଗୁରୁଦ୍ରୋହରୁ ବଳି ପାପ ନାହିଁ ବୋଲି ଉଲ୍ଲେଖ କରିଛନ୍ତି। ତାଙ୍କ ଭାଷାରେ-

ଗୁରୁ ଦ୍ରୋହରୁ ନାହିଁ ପାପ । ଲାଗି ସେ ଥାଇ କୋଟି କଳ୍ପ।
ସ୍ୱର୍ଗେ ପାତାଳେ ନାହିଁ ସ୍ଥାନ । ଜୀବନ୍ତେ ଲଭେ ସେ ମରଣ ।

ଭାରତୀୟ ସଂସ୍କୃତିର ମୂଳଭିତ୍ତି ହେଉଛି ନୈତିକତା। ନୈତିକତା ବିହୀନ ସମାଜ ଭାରତୀୟ ପରିବେଶରେ ଆଦୃତ ହୁଏ ନାହିଁ। ଜୀବନରେ ଆତ୍ମଶାନ୍ତି ପାଇବାର ଗୁଢ଼ ରହସ୍ୟ ରହିଛି ନୈତିକତା ଭିତରେ। ପର ସ୍ତ୍ରୀ ହରଣ, ଚୋରି, ମିଥ୍ୟାକଥନ ଇତ୍ୟାଦି ବଦ୍‌ଗୁଣକୁ ପରିହାର କରିବାକୁ ଏ ଗ୍ରନ୍ଥରେ ପରାମର୍ଶ ଦେଇଛନ୍ତି କବି ଭୀମଭୋଇ।

କବିଙ୍କ ଭାଷାରେ -

"ପର ରମଣୀ ଯେହୁ ହରି । ଯେ ଧନ ଦ୍ୟନ୍ତି ଚୋରି କରି
ସଭାରେ ବସି ଯେଉଁ ଜନ । ମିଛ ଯେ କହନ୍ତି ବଚନ
ଏ ସର୍ବେ ଅମେଧ୍ୟ ଶରୀର । ନରକେ ନିବାସ ତାଙ୍କର"

ବ୍ରହ୍ମ ନିରୂପଣ ଗୀତା : ଏହା କବିଙ୍କର କୃତିତ୍ୱର ଅନ୍ୟତମ ସୁବର୍ଣ୍ଣ ସ୍ମାରକୀ। ଏହି ଗ୍ରନ୍ଥରେ ଚଉଦଟି ଅଧ୍ୟାୟ ଅଛି। ମହିମା ଧର୍ମ ଦର୍ଶନର ସ୍ପଷ୍ଟ ଅଭିବ୍ୟକ୍ତି ଏଥିରେ ସାବଲୀଳ ଭାଷାରେ ଉପସ୍ଥାପିତ ହୋଇଛି। ଅଲେଖ ପୁରୁଷଙ୍କର ମହିମା ଓ କୃତିତ୍ୱ ସମ୍ବନ୍ଧରେ କବି ଏଥିରେ ଅବତାରଣା କରିଛନ୍ତି। ଗୁରୁ ଶିଷ୍ୟ ସମ୍ବାଦ ଛଳରେ ମହିମା ଧର୍ମର ଦର୍ଶନ ଉପସ୍ଥାପନା କରିଛନ୍ତି କବି ଭୀମଭୋଇ ଆଲୋଚ୍ୟ ଗ୍ରନ୍ଥରେ। ମହିମା ଧର୍ମାବଲମ୍ବୀମାନଙ୍କ ପାଇଁ ଏହି ଗ୍ରନ୍ଥଟି ଅତ୍ୟନ୍ତ ସୁଖପାଠ୍ୟ ଓ ମୂଲ୍ୟବାନ ଅଟେ।

ଆଦିଅନ୍ତ ଗୀତା : ଆଦିଅନ୍ତ ଗୀତା ଗ୍ରନ୍ଥରେ ପରମବ୍ରହ୍ମଙ୍କୁ ସ୍ୱାମୀ ରୂପରେ ଓ ଜୀବକୁ ସ୍ତ୍ରୀ ରୂପରେ ପରିକଳ୍ପନା କରାଯାଇଛି। ସତୀ ସ୍ତ୍ରୀଙ୍କର ପତିବ୍ରତା ଧର୍ମର ମହତ୍ତ୍ୱ ଓ ମୂଲ୍ୟବୋଧ ସମ୍ପର୍କରେ ଏଥିରେ ଉଲ୍ଲେଖ ରହିଛି। ଶରୀରରେ ଦଶଦ୍ୱାର, ଦଶ ଅବତାର, ସାତଦ୍ୱୀପ, ନବରତ୍ନ, ଦଶସିଦ୍ଧି ଥିବା କଥା କବି ଉଲ୍ଲେଖ କରିଛନ୍ତି। ଗ୍ରନ୍ଥଟିର ବହୁଳାଂଶ ସାଧୁ ବ୍ରହ୍ମଚାରୀମାନଙ୍କ ପାଇଁ ପଠନୀୟ ନୁହେଁ। କାରଣ ଏଥିରେ କୋକଶାସ୍ତ୍ରାନୁସାରେ କେତେକ ତଥ୍ୟ ପରିବେଷିତ ହୋଇଛି। ଗ୍ରନ୍ଥର ଶେଷ ଅଧ୍ୟାୟରେ ବ୍ରହ୍ମପ୍ରାପ୍ତିର ମାର୍ଗ ତଥା ବ୍ରହ୍ମତତ୍ତ୍ୱ ସମ୍ପର୍କରେ କେତେକ ତଥ୍ୟ ଉପସ୍ଥାପିତ ହୋଇଛି। ଦେହ ସମ୍ପର୍କରେ ଆଦିଅନ୍ତ ବହୁ ତଥ୍ୟ ପରିବେଷିତ ହୋଇଥିବାରୁ ଏହାର ଏପରି ନାମକରଣ କରାଯାଇଛି।

ଅଷ୍ଟକ ବିହାରୀ ଗୀତା : କଳିଯୁଗର ଦୁଃସ୍ଥିତି ଏଥିରେ ବର୍ଣ୍ଣିତ। ଛଅଟି ଅଧ୍ୟାୟ ବିଶିଷ୍ଟ ଏହି ଗ୍ରନ୍ଥରେ ମହିମା ଧର୍ମର ମହତ୍ତ୍ୱ ପ୍ରସଙ୍ଗ ବର୍ଣ୍ଣିତ। ପ୍ରତିଟି ଅଧ୍ୟାୟରେ ଆଠଧାଡ଼ି ବିଶିଷ୍ଟ ଚଉତିଶାଧର୍ମୀ ପଦମାନ ରହିଛି। ସମସାମୟିକ ପରିବେଶର ବାସ୍ତବତାକୁ ଚିତ୍ରଣ କରି କବି କହିଛନ୍ତି -

"ଚାପି ଆସୁଛି ବଢ଼ି ପ୍ରାୟେ। ଧର୍ମରେ ହେଳା ନୁହ କିଏ
ଚାହିଁ ମୁଁ ସଂସାର ଭବିଷ । କହୁଛି ମୋର ନାହିଁ ଦୋଷ

ଚର୍ମ ରୂପରେ ଘୋଟି ମାୟା । ମାରା କଲାଣି ସର୍ବକାୟା
ଚାଣ୍ଡାଳ ଯୁଗ ଏବେ ଆସି । ସବୁଙ୍କୁ କରାଉଛି ଦୋଷୀ
ଚେତାଇ କହୁଅଛୁ ଆମ୍ଭେ । ସୁମରି ବସ ଧର୍ମନାବେ
ଚଳ ସତ୍ୟାଦି ପଥେ ସର୍ବେ । ନାମକୁ ଆଶ୍ରା କରି ଦମ୍ଭେ"

ସଂସାର ପାପ କଳୁଷ ଦେଖି ମହିମା ଗୋସାଇଁ ଅନ୍ତର୍ଦ୍ଧାନ ହୋଇଗଲେ ବୋଲି ଭୀମଭୋଇ ଉଲ୍ଲେଖ କରିବା ସଙ୍ଗେ ସଙ୍ଗେ ଏହି ଗ୍ରନ୍ଥରେ ସମସ୍ତ ସମସ୍ୟାର ସମାଧାନର ମାର୍ଗ ଯେ ମହିମା ଧର୍ମ ପାଳନ ଦ୍ୱାରା ଉନ୍ମୁକ୍ତ ହେବ, ଏହା ଉଦ୍‌ଘୋଷଣା କରିଛନ୍ତି।

ନିର୍ବେଦ ସାଧନ : ଏହି ଗ୍ରନ୍ଥର ପ୍ରଥମ ଅଧ୍ୟାୟରେ କବି ଅଲେଖଙ୍କର ମହିମା ଗୋସାଇଁଙ୍କ ସହିତ ସାକ୍ଷାତ ସମ୍ପର୍କରେ ଉଲ୍ଲେଖ କରିଛନ୍ତି। ଦ୍ୱିତୀୟ ଅଧ୍ୟାୟରେ ଗୋବିନ୍ଦ ବାବାଙ୍କର ଦୀକ୍ଷା ଗ୍ରହଣ ପ୍ରସଙ୍ଗ ଆଲୋଚିତ ହୋଇଛି। ଚତୁର୍ଥ ଅଧ୍ୟାୟରେ ଉଲ୍ଲେଖ କରାଯାଇଛି ଯେ ଗୋବିନ୍ଦ ଦାସ ଦୀକ୍ଷିତ ହେଲା ପରେ ମହିମା ଧର୍ମ ପ୍ରଚାର ପାଇଁ ବହିର୍ଗତ ହେଲେ। ସେ ସେତେବେଳେ ଜାତି ଧର୍ମର ବାଛବିଚାର ନ ରଖି ସମସ୍ତଙ୍କ ଘରେ ଭୋଜନ କରୁଥିଲେ, ଭୂମିରେ ଶୟନ କରୁଥିଲେ। ସେ ବସ୍ତ୍ର ପରିଧାନ ନ କରି ବଳକଳ ପରିଧାନ କରୁଥିଲେ। ପଞ୍ଚମ ଅଧ୍ୟାୟରେ ଅଲେଖଙ୍କର ସ୍ତୁତି ଓ ମହିମା ବର୍ଣ୍ଣନା କରାଯାଇଛି। ନବମ ଅଧ୍ୟାୟରେ ମଧୁକୈଟଭ ବୃତ୍ତାନ୍ତ ବର୍ଣ୍ଣିତ ହୋଇଛି। ପରେ ପରେ ଅନ୍ୟାନ୍ୟ ଅଧ୍ୟାୟମାନଙ୍କରେ ସୃଷ୍ଟିତତ୍ତ୍ୱ, ବ୍ରହ୍ମା, ବିଷ୍ଣୁ ଓ ମହେଶ୍ୱରଙ୍କର ସୃଷ୍ଟି ପ୍ରସଙ୍ଗ ବର୍ଣ୍ଣିତ ହୋଇଅଛି। କଳିଯୁଗର ଶେଷ ହେଲେ ସତ୍ୟ ଯୁଗ ପ୍ରକାଶିତ ହେବ। ଆଗାମୀ ସତ୍ୟଯୁଗରେ ମହିମା ଧର୍ମର ସାଧୁମାନେ ଆଦର ଲାଭ କରିବେ। ଆଗାମୀ ସତ୍ୟଯୁଗର ସମୁଜ୍ଜ୍ୱଳ ବର୍ଣ୍ଣବିଭା ସମ୍ପର୍କରେ କବିଙ୍କର ଦୃଷ୍ଟିକୋଣ ପ୍ରତ୍ୟେକ ପାଠକ ପ୍ରାଣରେ ଭାବାନ୍ତର ସୃଷ୍ଟି କରେ।

ଭଜନ : ଭଜନ ହେଉଛି ଆଧ୍ୟାତ୍ମିକ ଚେତନାର ସଂଗୀତ। ଭୀମଭୋଇ ଏ ଦିଗରେ ଯେଉଁ ପ୍ରୟାସ କରିଛନ୍ତି, ତାହା ତାଙ୍କୁ ସ୍ମରଣୀୟ କରି ରଖିଛି। ତାଙ୍କର ଭଜନଗୁଡ଼ିକ ଏପରି ଶକ୍ତିସମ୍ପନ୍ନ ଯେ ସେଗୁଡ଼ିକୁ ପାଠ କଲେ ପାଠକର ଚିତ୍ତ ଭକ୍ତିଭାବରେ ଭାବିତ ହୋଇଯାଏ। ଭୀମଭୋଇଙ୍କର ସଙ୍ଗୀତ ପ୍ରତି ଆନ୍ତରିକତା ଥିଲା ବୋଲି ଜଣାଯାଏ। କେତେକ କହନ୍ତି ସେ ଥିଲେ ସଂଗୀତପ୍ରେମୀ ଓ ସୁଗାୟକ, ସୁମଧୁର ଶୈଳୀରେ ଖଞ୍ଜଣି ବଜାଇବାରେ ସେ ଥିଲେ ସିଦ୍ଧହସ୍ତ। ଭୀମଭୋଇଙ୍କର ଭଜନରେ ନିଷ୍କାମ ଭକ୍ତି ଓ ନିର୍ଗୁଣ ଉପାସନାର ମହନୀୟ ମୂଲ୍ୟବୋଧ ଆତ୍ମପ୍ରକାଶିତ। ଭଜନମାନଙ୍କରେ ଗୀତିମୟତା ଅନୁଭବ୍ୟ। ପ୍ରଚଳିତ ଭିନ୍ନ ଭିନ୍ନ ଲୋକ ସଂଗୀତ ସ୍ୱରରେ ଏଗୁଡ଼ିକ ରଚିତ। ଏଗୁଡ଼ିକ ଯେପରି ସୁଖପାଠ୍ୟ ସେପରି ହୃଦୟଗ୍ରାହୀ। ବ୍ରହ୍ମଙ୍କୁ ଶ୍ରେଷ୍ଠ ଆସନ ଦେବା ସଙ୍ଗେ ସଙ୍ଗେ ନିଷ୍କାମ ଭକ୍ତି ପ୍ରତି ଅସାମାନ୍ୟ ଗୁରୁତ୍ୱ ଆରୋପ କରିଛନ୍ତି କବି ଭୀମଭୋଇ। ସ୍ୱରଚିତ ଏକ ଭଜନରେ ସେ କହିଛନ୍ତି -

"ସବୁଠାରୁ ସାର ବ୍ରହ୍ମ ନିଷ୍କାମ ଭକତି ଧର୍ମ
ଅକଳ୍ପଣା ଅଣାକାର ଅଣସାଧନେ ଉଦୟ।"

ବ୍ରହ୍ମଙ୍କର ମହିମା ଅନନ୍ତ, ଅସୀମ ଯାହା ବର୍ଣ୍ଣନାତୀତ ଏବଂ ବଚନାତୀତ। ବ୍ରହ୍ମଙ୍କର ସ୍ଥିତିରେ ଉଦୟ ନାହିଁ କି ଅସ୍ତ ନାହିଁ। ସେ ହେଉଛନ୍ତି ଚିରନ୍ତନ ଓ ଚିର ଜାଜ୍ୱଲ୍ୟମାନ। କବିଙ୍କ ଭାଷାରେ -

"ଯେଉଁଠାରେ ବ୍ରହ୍ମ ଅଛି ଉଦେ ଅସ୍ତ ନାହିଁ କିଛି
କହେ ଭୀମ ଅରକ୍ଷିତ ନିଗମ ସେ ଅନ୍ଧକାର।"

ସମାଜରେ ଅନୀତି ଅନ୍ୟାୟର ପ୍ରାର୍ଦୁଭାବ ଦେଖି କବିଚିତ୍ତ ଅଧୀର ହୋଇଉଠିଛି। ବ୍ୟକ୍ତିର ତଥା ସମଷ୍ଟିର ଶୁଭ କାମନାକୁ ଉଚ୍ଚ ଆସନ ଦେଇଛନ୍ତି କବି ଭୀମଭୋଇ। କବିଙ୍କ ଭାଷାରେ -

"ପର ଧନ ପର ନାରୀ ଚୋରି କରି ଅସତ୍ୟ କହି ସଭାର ଯେ
ପର୍ବତ ପ୍ରମାଣେ ଆପଣାର ଦେହେ ବହିଲେଣି ପାପଭାର।"

ଏକାକ୍ଷର ଜପିଲେ ସକଳ ଦୁଃଖ ଦୂର ହେବ ବୋଲି ସେ ଉଲ୍ଲେଖ କରିଛନ୍ତି। ଅନ୍ୟାନ୍ୟ ପାଠକୁ ଶାଠ ଭାବରେ ଗଣିଲାବେଳେ କବି ଭୀମଭୋଇ ଅରୂପକୁ ଧ୍ୟାନ କରିବା ଏବଂ ଅରୂପର ନାମକୁ ଜପ କରିବା ପାଇଁ ବାରମ୍ବାର ଆହ୍ୱାନ କରିଛନ୍ତି। ଗୋଟିଏ ଭଜନରେ ଏ ପ୍ରସଙ୍ଗରେ ସେ ଉଲ୍ଲେଖ କରିଛନ୍ତି-

"ଏକାକ୍ଷର ଥାଅଧାୟି ଯୁଗେ ଯୁଗେ ଥିବୁ ରହି
ଜନ୍ମମୃତ୍ୟୁ ନ ଲାଗଇ ଚିହ୍ନି ଧର ଧର ତାଙ୍କୁ
x x x x
ଋଣ ଅଭିଧାନ ପାଠ ଏସବୁ ଅଟନ୍ତି ଶାଠ
ସାରସ୍ୱତ ବ୍ୟାକରଣ ତେଜି ଜପ ଅରୂପାକୁ।"

ଧନ, ଦାରାସୁତ ଏସବୁ ଅସ୍ଥାୟୀ, ଏସବୁ ପ୍ରକୃତ ଆନନ୍ଦ ଦେଇପାରନ୍ତି ନାହିଁ। ଜୀବର ପ୍ରକୃତ ପକ୍ଷେ କଲ୍ୟାଣକାରୀ ହେଉଛନ୍ତି ବ୍ରହ୍ମ ଯାହାଙ୍କର କଳନା ନାହିଁ କି ତୁଳନା ନାହିଁ। ଯିଏ ସ୍ୱୟଂ ପୂର୍ଣ୍ଣ ଏବଂ ମହତ୍ତ୍ୱପୂର୍ଣ୍ଣ ତାଙ୍କ ସହିତ ସମକକ୍ଷ ହେବା ପାଇଁ ଆଉ କେହି କେଉଁଠାରେ ନାହିଁ।

ନିରନ୍ତର ନାମଜପ କରିବା ପାଇଁ ବାରମ୍ବାର ଆହ୍ୱାନ କରିଛନ୍ତି ଭୀମଭୋଇ। ନାମ ହିଁ କଳିଯୁଗର ମୂଳ ଅବଲମ୍ବନ। ଦାନ, ଯଜ୍ଞର କୌଣସି ଆବଶ୍ୟକତା ନାହିଁ କଳିଯୁଗରେ। କବିଙ୍କ କଥାରେ -

"ନିରନ୍ତରେ ଭଜୁଥାଅ ନାମକୁ ଗୋ
ଛାଡ଼ି ସୁତ ବିତ୍ତ ଦ୍ୱାରା ଧନକୁ ଗୋ"

ଜୀବେଦୟା ଯେ ପରମ ଧର୍ମ, ଏ କଥା କହିଛନ୍ତି ଭୀମଭୋଇ। ନାମରେ ଶରଣ ଓ ଜୀବ ଠାରେ ଦୟା, ଏ ଦୁଇଟି ଉପରେ ଗୁରୁତ୍ୱ ଆରୋପ କରିଛନ୍ତି ସେ। କାମ, କ୍ରୋଧ, ଲୋଭ, ମୋହ, ଛନ୍ଦ, ଈର୍ଷା ଆଦି ଖରାପ ଗୁଣକୁ ପରିତ୍ୟାଗ କରିବା ସଙ୍ଗେ ସଙ୍ଗେ ବ୍ରହ୍ମ ନାମ ଗାନରୁ ଝରୁଥିବା ସୁଧାପାନ କରିବା ପାଇଁ ଅଭୀପ୍ସା କରିବା ନିମନ୍ତେ କବିଙ୍କର ଦିଗଦର୍ଶନ ସ୍ପଷ୍ଟ ଭାବରେ କେତେକ ଭଜନରେ ଆମ୍ ପ୍ରକାଶିତ। ସେ କହିଛନ୍ତି -

"କାମ କ୍ରୋଧ ଲୋଭ ମୋହ, ଛନ୍ଦବାଦ ହିଂସା ଦ୍ରୋହ
ଆୟତ୍ତ କରାଇ ରଖ ଜ୍ଞାନ ତତ୍ତ୍ୱରୁ
ଖଚମିଛ କଥା ଛାଡ଼ ନିର୍ବେଦରେ କରେ ଦୃଢ଼
ସେବା ଜାଗି ସୁଧାରସ ପିଅ ପୟରୁ"

ମାତୃଗର୍ଭରେ ଥିଲାବେଳେ ଜୀବ ଯେଉଁ ଜ୍ଞାନଲାଭ କରିଥିଲା, ଭୂମିରେ ପଡ଼ିବା ମାତ୍ରେ ତାହା ଭୁଲିଗଲା, ଅବିଦ୍ୟା ତାକୁ ଗ୍ରାସ କଲା ବୋଲି କବି ଉଲ୍ଲେଖ କରିଛନ୍ତି। ଏଥିରେ ଅନ୍ୟ କାହାକୁ ଦୋଷ ଦେବା ନିରର୍ଥକ। ଜୀବ ଆସିଛି କିଛି ନେବା ପାଇଁ ନୁହେଁ, ବରଂ ନିଷ୍କାମ ଭକ୍ତିରେ ଆତ୍ମଜ୍ଞାନ ଲାଭ କରିବା ପାଇଁ ଏହା କବି ଉଦ୍‌ଘୋଷଣା କରିଛନ୍ତି।

"ମାତୃଗର୍ଭେ ସବୁ ଦେଇଛନ୍ତି ପ୍ରଭୁ
ଆପଣା ସୁଖେ ଗଲା ନାଶ ହେ
ଧରି ନ ପାରିଲା ମାୟାରେ ପଡ଼ିଲା
କାହାରି କିଛି ନାହିଁ ଦୋଷ ହେ।"

ମହିମା ଧର୍ମ ଓ ଦର୍ଶନର ପ୍ରଚାର ଓ ପ୍ରସାର ଦିଗରେ ବିଶ୍ୱନାଥ ବାବାଙ୍କର ଅବଦାନ ଅବିସ୍ମରଣୀୟ। ତାଙ୍କର ସାଧନା ଓ ସିଦ୍ଧ ବଳରେ ମହିମା ଗୋସାଇଁଙ୍କ ଦ୍ୱାରା ପ୍ରବର୍ତ୍ତିତ ଚିନ୍ତା ଓ ଚେତନାର ମାର୍ଗ ଅଧିକ ପ୍ରଶସ୍ତ ହୋଇ ଲୋକପ୍ରିୟତା ଅର୍ଜନ କରିଛି। ବିଶ୍ୱନାଥ ବାବାଙ୍କର ସଫଳ କୃତି ଭିତରେ 'ସାଧୁଗୀତା', 'ଶ୍ରୀମତ୍ ଚିନ୍ମୟ ବ୍ରହ୍ମଗୀତା', 'ସତ୍ୟ ମହିମା ଧର୍ମ', 'ସତ୍ୟ ମହିମା ଧର୍ମ ପ୍ରଦୀପ', 'ସତ୍ୟ ମହିମା ଧର୍ମ ପରିଚୟ' ଅନ୍ୟତମ। ସେ ପରମ ବ୍ରହ୍ମଙ୍କ ନିକଟରେ ନିବେଦିତ ତ୍ରିବିଧ ଶରଣ ଉପରେ ଗୁରୁତ୍ୱ ଆରୋପ କରିଛନ୍ତି। ତାହା ହେଲା କାୟିକ ଶରଣ, ବାଚିକ ଶରଣ ଓ ମାନସିକ ଶରଣ। କାୟିକ ଶରଣରେ ଯେଉଁ ନୀତି ନିୟମ ଅନୁସୃତ ହୁଏ ତାହା ହେଲା ପ୍ରାତଃ ବ୍ରାହ୍ମ ମୁହୂର୍ତ୍ତରେ ନିତ୍ୟକର୍ମ ସମାପନ କରି ମୁକ୍ତ ଆକାଶ ତଳେ ପୂର୍ବ ଦିଗକୁ ଲକ୍ଷ୍ୟ କରି ଦଣ୍ଡାୟମାନ ହୋଇ ଅଲେଖ ବ୍ରହ୍ମଙ୍କୁ ସଭକ୍ତି ପ୍ରଣାମ। ବାଚିକ ଶରଣ ପ୍ରସଙ୍ଗରେ ବିଶ୍ୱନାଥ ବାବା ଉଲ୍ଲେଖ କରିଛନ୍ତି ଯେ ମହିମା ଅଲେଖ ବ୍ରହ୍ମ ବୋଲି ଉଚ୍ଚସ୍ୱରରେ ଡାକିବାକୁ ପଡ଼ିବ। ମାନସିକ ଶରଣ ହେଉଛି ନିଶିଦିବସ ବ୍ରହ୍ମଙ୍କୁ ସ୍ମରଣ ଓ ସମର୍ପଣ କରିବାର ପ୍ରୟାସ। ପରଂବ୍ରହ୍ମ ଚେତନାରେ ନିଜ ମନକୁ ବାନ୍ଧି ରଖିବାର ଅଭୀପ୍ସା ଏହି ମାନସିକ ଶରଣର ମୁଖ୍ୟ ଲକ୍ଷ୍ୟ। ତ୍ରିବିଧ ଶରଣ ନେଇଥିବା ବ୍ୟକ୍ତି ପ୍ରେମ ପୁଲକିତ ଚିତ୍ତରେ ଭାବ ବିହ୍ୱଳ ହୋଇ ଗୁରୁଙ୍କର ତଥା ପରଂବ୍ରହ୍ମଙ୍କର ନାମଗାନ କରିବା ଉଚିତ ବୋଲି ସେ କହିଛନ୍ତି। ପରମ ପ୍ରଭୁଙ୍କ ନାମ ସ୍ମରଣ, ମହିମା କୀର୍ତ୍ତନ ଦ୍ୱାରା ଦୁଃଖ ଦୂର ହେବ ବୋଲି ସେ ଉଲ୍ଲେଖ କରିଛନ୍ତି।

ମହିମା ଧର୍ମରେ ଭକ୍ତିଭାବର ପ୍ରାଧାନ୍ୟ ଓ ପ୍ରତିଷ୍ଠା ସ୍ୱୀକୃତ ତଥା ସମ୍ମାନିତ। ନିରାକାର ବ୍ରହ୍ମ ଉପରେ ଅଖଣ୍ଡ ଓ ଐକାନ୍ତିକ ବିଶ୍ୱାସ ଏଥିରେ ଦେଖିବାକୁ ମିଳେ। ଏଥିରେ ଥିବା ସନ୍ନ୍ୟାସ ମାର୍ଗ ୩ ପ୍ରକାରେ ବିଭକ୍ତ ଯଥା ୧. ବୈରାଗୀ, ୨. ଅପର ସନ୍ନ୍ୟାସୀ, ୩. ପରସନ୍ନ୍ୟାସୀ। ସଂସାରର ଅନିତ୍ୟତାକୁ ଅନୁଭବ କରି ଯେଉଁମାନେ ଦୀକ୍ଷିତ ହୋଇ ଗୃହତ୍ୟାଗ କରିଥାନ୍ତି, ସେମାନଙ୍କୁ ବୈରାଗୀ କୁହାଯାଏ। ସଂଯମ ଓ ଶୃଙ୍ଖଳାରେ ନିଜକୁ ପରିଚାଳନା କରିବା ଦ୍ୱାରା ଯଥାର୍ଥ ବୈରାଗ୍ୟର ବର୍ଷ୍ଣବିଭା ପ୍ରକଟିତ ହୋଇଥାଏ। ମହିମା ଧର୍ମରେ ଗୃହୀ ସନ୍ନ୍ୟାସୀ ମଧ୍ୟ ରହିଥାନ୍ତି। ସେମାନେ ନିଜ ନିଜର କର୍ତ୍ତବ୍ୟ ସାଧନ ଉପରେ ଗୁରୁତ୍ୱ ଦେଇଥାନ୍ତି। ପବିତ୍ର ଚିତ୍ତରେ ପ୍ରଭୁଙ୍କୁ ସ୍ମରଣ କରି ଗୃହସ୍ଥାଶ୍ରମର କାର୍ଯ୍ୟ ସମ୍ପାଦନ କରିବା ପାଇଁ ଏଥିରେ ନିର୍ଦ୍ଦେଶ ରହିଛି। ସର୍ବଦା ସାଧୁସଙ୍ଗର ଅଭୀପ୍ସା ଭିତରେ ଜାଗ୍ରତ ତଥା ସଂଜୀବିତ ରହିବା ଏକାନ୍ତ କାମ୍ୟ। ଚୋରି, ପରଦାରାଗମନ ଓ ଜୀବହିଂସା ଏସବୁ ନ କରି ଉଚିତ ମାର୍ଗରେ ଅଗ୍ରଗତି କରିବାର ଆକାଂକ୍ଷା ପ୍ରବଳ ରହିବା ଅତ୍ୟନ୍ତ ଜରୁରୀ। ମିଥ୍ୟାଚାର, କପଟ, ଛଳନା, ଅସହିଷ୍ଣୁତା ଇତ୍ୟାଦି ଦୁର୍ଗୁଣକୁ ପରିହାର କରି ସତ୍ୟ, ଦୟା, କ୍ଷମା, ସରଳତା ପ୍ରଭୃତି ଦିବ୍ୟଗୁଣକୁ ଆହରଣ କରିବା ନିମନ୍ତେ ଅଭୀପ୍ସା ରହିବା ଏକାନ୍ତ ଆବଶ୍ୟକ। ଦୁଃଖ ଓ ସୁଖରେ ସମଚିତ୍ତତାର ସୁରକ୍ଷା ସାଧନାର ମାର୍ଗରେ ଗତି କରିବା ପାଇଁ ଯଥେଷ୍ଟ ସାହାଯ୍ୟକାରୀ ବୋଲି ମହିମା ଦର୍ଶନରେ ଉଦ୍‌ଘୋଷଣା କରାଯାଇଛି।

ଓଡ଼ିଶାରେ ମହିମା ଧର୍ମର ପ୍ରାଧାନ୍ୟ ଓ ପ୍ରତିଷ୍ଠା ଏବେ ମଧ୍ୟ ରହିଛି। କେବଳ ସନ୍ନ୍ୟାସୀ ନୁହନ୍ତି, ଗୃହସ୍ଥାଶ୍ରମ କରି ମଧ୍ୟ କେତେକ ବ୍ୟକ୍ତି ଏହି ଧର୍ମ ଅବଲମ୍ବନ କରିଛନ୍ତି। ଓଡ଼ିଶାରୁ ସୃଷ୍ଟ ଏହି ଧର୍ମର ପ୍ରଭା ନିଜସ୍ୱ ମହତ୍ତ୍ୱ ଓ ମୂଲ୍ୟବୋଧରେ ବରଣୀୟ ହୋଇପାରିଛି, ଏଥିରେ ସନ୍ଦେହ ନାହିଁ।

ଶରତ ଗ୍ରନ୍ଥାବଳୀ - ୨୫୭

ଆମ ସଂସ୍କୃତି ଓ ଅନ୍ୟାନ୍ୟ ପ୍ରବନ୍ଧ

ପ୍ରଫେସର ଡକ୍ଟର ଶରତ ଚନ୍ଦ୍ର ରଥ

ମହାବୀର ପ୍ରକାଶନ
ପୁରୁଣା ବସଷ୍ଟାଣ୍ଡ୍ ସାମ୍ନା, ଭୁବନେଶ୍ୱର-୯

ଯାହାଙ୍କ କରୁଣାରୁ ମୁଁ ଲେଖନୀ ଚାଳନା କରିଛି ସେହି ମୋର ଗୁରୁଦେବ ପରମାରାଧ୍ୟ ଶ୍ରୀମାଶ୍ରୀଅରବିନ୍ଦଙ୍କ ଚରଣ କମଳରେ ଏହି ବହିଟିକୁ ସମର୍ପଣ କରି ଯାହାଙ୍କ ପ୍ରେରଣାରୁ ଲେଖାଲେଖିରେ ଛାତ୍ରଜୀବନରୁ ଆଗେଇ ଯାଇଛି ସେହି ମୋର ବୋଉ ଶ୍ରୀମତୀ ମନୋରମା ଦେବୀଙ୍କ ହାତରେ ଗଭୀର ଭକ୍ତିସହ ଅର୍ପଣ କଲି ।

ବିନୀତ
ଶରତ

ସୂଚୀପତ୍ର

ଆଗରୁ ଦି'ପଦ...

ଆମ ସଂସ୍କୃତି ଏକାଧାରରେ ପ୍ରାଚୀନ ଓ ମହାନ । ନୈତିକତା, ଧାର୍ମିକତା ସର୍ବୋପରି ଆଧ୍ୟାତ୍ମିକତାରେ ଏହାର ପୁଷ୍ପଳ ପରିପ୍ରକାଶ ଅତୀତରୁ ଅଦ୍ୟାବଧି ଅକ୍ଷେବହୁତେ ଲକ୍ଷ୍ୟଣୀୟ । ଫୁଲର ସୁବାସ ପବନରେ ମିଶି ପବନକୁ ସୁବାସିତ କଲାପରି ଆମ ସଂସ୍କୃତିର ସୁରଭି ଜୀବନରେ ମିଶି ଜୀବନକୁ ସୁରଭିତ କରିଛି । ସଂସ୍କୃତିର ସଂଜ୍ଞା ଅତ୍ୟନ୍ତ ବ୍ୟାପକ, ଏହା ଏକ ଶୃଙ୍ଖଳିତ କଳାତ୍ମକ ଅନୁଭବ, ବଞ୍ଚିବାର କଳା ସହିତ ଓତପ୍ରୋତ ଭାବରେ ଜଡ଼ିତ । ଅନ୍ୟାନ୍ୟ ପଶୁଠାରୁ ମନୁଷ୍ୟ ଯେ ଭିନ୍ନ ଏହା ସଂସ୍କୃତି ଦ୍ୱାରା ଚିହ୍ନିତ ଓ ପ୍ରମାଣିତ ହୋଇଥାଏ । ସଂସ୍କୃତି ଏକ ଦୃଶ୍ୟମାନ ବସ୍ତୁ ନୁହେଁ ଏକ ଉପଲବ୍ଧ ଉପାଦାନ । ବ୍ୟବହାର, ରୁଚି, କଥାବାର୍ତ୍ତାରେ ସଚେତନତା, ଆନନ୍ଦ, ଆନ୍ତରିକତା, କର୍ତ୍ତବ୍ୟବୋଧ ଇତ୍ୟାଦି ବହୁ ଦିଗରେ ସଂସ୍କୃତିର ମହତ୍ତ୍ୱ ପରିବ୍ୟାପ୍ତ । ଅବଶ୍ୟ ଦେଶ ଭେଦରେ ଏହାର ପରିପ୍ରକାଶ ଭିନ୍ନ ଭିନ୍ନ ହୋଇଥାଏ । ବୈଦେଶିକ ଆକ୍ରମଣ ଏବଂ ବିଦେଶୀ ଶାସନ ଫଳରେ ଗୋଟିଏ ଦେଶର ସଂସ୍କୃତି ଉପରେ ଅନ୍ୟ ଦେଶ ଓ ଜାତିର ସାଂସ୍କୃତିକ ପ୍ରଭାବ ଅନୁଭୂତ ହୁଏ । ଉଭୟ ସଂସ୍କୃତିର ସମନ୍ୱୟ ଘଟିବା ପୂର୍ବରୁ ମାନସିକ ସନ୍ତୁଳନ ଦେଖାଯାଏ । ଆମ ସଂସ୍କୃତି ଆଜି ଏହି ସମସ୍ୟାର ସମ୍ମୁଖୀନ । ନିଜ ସଂସ୍କୃତିରୁ ଦୂରେଇ ଯିବା ସମାଧାନ ନୁହେଁ । ନିଜ ମାଟି ଉପରେ ପାଦ ରଖି ଅନ୍ୟ ସଂସ୍କୃତିରୁ ଭଲ ଭଲ ଉପାଦାନ ସଂଗ୍ରହ ହିଁ ଯଥାର୍ଥ ସମାଧାନର ମୂଳମନ୍ତ୍ର । ସେହି ସମୟ ଆସୁଛି ଯେତେବେଳେ ଦେଶ ଦେଶ ଭିତରେ, ଜାତି ଜାତି ଭିତରେ ସାଂସ୍କୃତିକ ଐକ୍ୟ ପ୍ରତିଷ୍ଠିତ ହେବା ସହିତ ପ୍ରାଚ୍ୟ ଓ ପାଶ୍ଚାତ୍ୟ ଭିତରେ ଥିବା ବିଭିନ୍ନ ସ୍ତରୀୟ ଚେତନାଗତ ବିଭେଦ ଦୂର ହେବ । ବିଶ୍ୱଗ୍ରାମ ଓ ବିଶ୍ୱପରିବାର ଗଠନ ପ୍ରକ୍ରିୟା ସେଦିନ ବାସ୍ତବତାରେ ରୂପାୟିତ ହେବ ।

ଆଜିର ସମୟ ପ୍ରସ୍ତୁତିର ସମୟ । ଅନ୍ୟ ଭାଷାରେ କହିଲେ ଏକ ଗୁରୁତ୍ୱପୂର୍ଣ୍ଣ ସମୟ । ଏ ସମୟ ଦେବମୁହୂର୍ତ୍ତ, ନୂତନ ଉଷାର ଆଗମନୀ ପାଇଁ ପ୍ରଦୀପ ସଜାଇ ରଖିବାର ଶୁଭ ସମୟ । ଏତେବେଳେ କେବଳ ଆତ୍ମପକ୍ଷ ସମର୍ଥନ ଯେପରି ସ୍ପୃହଣୀୟ ନୁହେଁ, ଅପରର ଅନ୍ଧାନୁସରଣ ସେପରି ଗ୍ରହଣୀୟ ନୁହେଁ । ଏହା ଏକ ବିଚାର ବିଶ୍ଳେଷଣର ସମୟ । ଆମ ସଂସ୍କୃତି, ଆମ ପରିବେଶ ତଥା ଆତ୍ମଜୀବନ ଧାରା ସଂପର୍କରେ କିଞ୍ଚିତ ଆଲୋଚନା ପାଇଁ ଏଇ ପୁସ୍ତକଟିର ପରିକଳ୍ପନା । ଏହି ଉଦ୍ୟମ ନିଶ୍ଚିତ କ୍ଷୀଣ ଓ ସାମାନ୍ୟ, ଏକଥା ମୁଁ କହି ରଖୁଛି । ପୁସ୍ତକରେ ସ୍ଥାନିତ ପ୍ରବନ୍ଧମାନଙ୍କରୁ ଅଧିକାଂଶ ଅମୃତାୟନ, ଉତ୍କଳପ୍ରସଙ୍ଗ, ପ୍ରତୀକ, ସ୍ୱାତୀ, ସକାଳ, ବସୁଧାରା, ଜନସୁଧା ସଂଜୀବନୀ ଓ ଦୈନିକ ସମାଜ, ସମେତ କେତେକ ପତ୍ର ପତ୍ରିକାରେ ପୂର୍ବରୁ ପ୍ରକାଶିତ ହୋଇଛି । ଏହି ଅବସରରେ ଉପରୋକ୍ତ ପତ୍ରିକାର ସମ୍ପାଦକମାନଙ୍କୁ ମୋର ଅନ୍ତରର କୃତଜ୍ଞତା ଜଣାଉଛି । ସଂସ୍କୃତି ସଂପର୍କିତ ପ୍ରବନ୍ଧ ଲେଖିବା ପାଇଁ ଛାତ୍ର ଜୀବନରୁ ଯଥେଷ୍ଟ ପ୍ରେରଣା ଦେଇଥିବାରୁ ଆଜି ଏଇ ଅବସରରେ ମୁଁ ମୋର ବୋଉ ଶ୍ରୀମତୀ ମନୋରମା ଦେବୀଙ୍କୁ କୃତଜ୍ଞତା ଜଣାଉଛି ।

ପରିଶେଷରେ ସହୃଦୟ ପାଠକମାନଙ୍କର ଆନ୍ତରିକତା କାମନା କରୁଛି ।

ପ୍ରଫେସର, ଡକ୍ଟର ଶରତ ଚନ୍ଦ୍ର ରଥ

ସମନ୍ୱୟର ଦେବତା ଶ୍ରୀଜଗନ୍ନାଥ

ଶ୍ରୀଜଗନ୍ନାଥ ନୀଳାଚଳ ଧାମରେ ପୂଜିତ ହେଲେ ମଧ୍ୟ ସେ କେବଳ ଉତ୍କଳର ନାଥ ନ ହୋଇ ସମଗ୍ର ଜଗତର ନାଥ ଭାବରେ ରତ୍ନ ସିଂହାସନରେ ବିରାଜମାନ। ତାଙ୍କ ଆବିର୍ଭାବର ପ୍ରକୃତ ସମୟ, ଇତିହାସ ରଖିନାହିଁ। ମହିମା ତାଙ୍କର ଯେପରି ଅକଳନ, ତାଙ୍କର ସ୍ଥିତିର ଇତିହାସ ସେପରି ରହସ୍ୟାଚ୍ଛନ୍ନ। ଜଗନ୍ନାଥ ଧର୍ମ ଓ ଦର୍ଶନ ପ୍ରତ୍ୟେକ ଉକ୍ତ, ଭାବୁକ, ଦର୍ଶକ, ଗବେଷକ ତଥା ସାଧକଙ୍କୁ ଯେତିକି ମୁଗ୍ଧ କରେ ସେତିକି ସ୍ତବ୍ଧ କରେ। ଯେତେ ବୁଝିବାକୁ ଚେଷ୍ଟା କଲେ ଦାରୁ ସାଧକଙ୍କୁ ଯେତିକି ମୁଗ୍ଧ କରେ ସେତିକି ସ୍ତବ୍ଧ କରେ। ଯେତେ ବୁଝିବାକୁ ଚେଷ୍ଟା କଲେ ଦାରୁ ମୂର୍ତ୍ତିଙ୍କୁ, ସେ ସେତେ ଅବୁଝା ରହନ୍ତି। ବିଶ୍ୱାସ ଦ୍ୱାରା କିଞ୍ଚିତ୍ ତାଙ୍କୁ ବୁଝି ହୁଏ ଓ ତାଙ୍କ ମହିମା ଅନୁଭବ କରିହୁଏ। ତର୍କ ବଳରେ ତାଙ୍କୁ ଜାଣିବା ଅସମ୍ଭବ। ବିଶ୍ୱାସରେ ତାଙ୍କୁ ଯିଏ ଯେଉଁ ଭାବରେ ଦେଖିଥାଏ, ସେ ତାକୁ ସେହି ରୂପରେ ଦେଖାଦେଇ ଚତୁର୍ବର୍ଗ ଫଳ ପ୍ରଦାନ କରିଥାନ୍ତି ବୋଲି ସ୍କନ୍ଦ ପୁରାଣ ଉତ୍କଳ ଖଣ୍ଡରେ ଉଲ୍ଲେଖ କରାଯାଇଛି।

ପ୍ରଚ୍ଛନ୍ନ ବପୁ ତସ୍ୟ ତନ୍ନନ୍ନାସ୍ୟ ବିଚାରୟତେ।
ଧର୍ମ ଗ୍ରାହ ପ୍ରମାଣେନ ଯାଦୃଗ୍‌ହୃଷଃ ସ ଏବ ସଃ।
ଚତୁର୍ବର୍ଗ ପ୍ରଦୋ ଦେବୋ ଯେ ଯଥା ତତ୍ ବିଭାବୟେତ୍ ॥

ସମଗ୍ର ଭାରତବର୍ଷରେ ଜଗନ୍ନାଥ ହେଉଛନ୍ତି ଏପରି ଏକ ଦେବତା ଯିଏ ସବୁ ଧର୍ମ ଓ ସବୁ ଦର୍ଶନକୁ ଆପଣାର କରିନିଅନ୍ତି। ସବୁ ଧର୍ମର ବ୍ୟକ୍ତିବିଶେଷ ତାଙ୍କଠାରେ ନିଜ ଧର୍ମର ତତ୍ତ୍ୱ ଓ ମହତ୍ତ୍ୱକୁ ଅନୁଭବ କରି ଭାବବିହ୍ୱଳ ହୋଇଥାନ୍ତି। ନିଜର ସବୁ ଆସ୍ପର୍ଦ୍ଧା, ଅଭିମାନ କ୍ଷଣକରେ ଲୁପ୍ତ ହୋଇଯାଏ। ମନେହୁଏ ଜଗନ୍ନାଥ ଯେପରି ସବୁ ଦେବତାଙ୍କର ଦେବତା, ଜଗନ୍ନାଥ ଦର୍ଶନ ଯେପରି ସବୁ ଦର୍ଶନର ଦର୍ଶନ ସ୍ୱରୂପ। ସବୁ ଧର୍ମ ଓ ଦର୍ଶନରେ ନିଜକୁ ଏବଂ ନିଜ ଭିତରେ ସବୁ ଧର୍ମ ଓ ଦର୍ଶନକୁ ପ୍ରକଟ କରିବାର ଗୌରବରେ ଜଗନ୍ନାଥ ଧର୍ମ ଓ ଦର୍ଶନ ଗୌରବାନ୍ୱିତ ହୋଇ ଆକର୍ଷଣର କେନ୍ଦ୍ରବିନ୍ଦୁ ହୋଇ ଆସିଛି। ସମଗ୍ର ଭାରତବର୍ଷରେ ଶ୍ରୀଜଗନ୍ନାଥ ଏକମାତ୍ର ଦେବତା ଯାହାଙ୍କଠାରୁ ସବୁ ସମ୍ପ୍ରଦାୟର ଦେବତା ନିଜକୁ ପ୍ରକାଶ କରିପାରନ୍ତି। ନୀଳାଚଳ କ୍ଷେତ୍ର ସମଗ୍ର ଭାରତବର୍ଷରେ ଏକମାତ୍ର କ୍ଷେତ୍ର ଯାହାକୁ ଓ ପରିବ୍ୟାପ୍ତ ହୋଇଛି ଜଗନ୍ନାଥ ଚେତନା, ତାହା ହେଉଛି ବିଶ୍ୱାପ୍ତ ଚେତନା। ନିଜକୁ ଅନ୍ୟଠାରେ ଓ ଅନ୍ୟକୁ ନିଜଠାରେ ଅନୁଭବ କରିବାର ପ୍ରଶାନ୍ତ ବିଶାଳତା ଏଥିରେ ରହିଛି ବୋଲି ଏହାର ଖ୍ୟାତି ହୋଇଛି ସୁଦୂର ପ୍ରସାରୀ। ଜଗନ୍ନାଥ ଧର୍ମ ଓ ଦର୍ଶନ କହିଲେ ସିଂହାସନାସୀନ ଚତୁର୍ଦ୍ଧାମୂର୍ତ୍ତିଙ୍କର ଧର୍ମ ଓ ଦର୍ଶନକୁ ବୁଝାଏ। ଚତୁର୍ଦ୍ଧାମୂର୍ତ୍ତିଙ୍କର ଏକକ ଅବସ୍ଥିତି, ଆଙ୍ଗିକ ରଙ୍ଗ ଶୋଭା, ସେବା ପୂଜା ଇତ୍ୟାଦିରେ ଏହି ସମନ୍ୱୟ ଚେତନା ମୂର୍ତ୍ତିମନ୍ତ ହେଲାପରି ମନେହୁଏ। ଏଣୁ ଶ୍ରୀଜଗନ୍ନାଥଙ୍କୁ ରାଜା ଭାବରେ ଓ ଜଗନ୍ନାଥ କ୍ଷେତ୍ରକୁ କ୍ଷେତ୍ରରାଜ ଭାବରେ ପରିକଳ୍ପନା କରାଯାଇଛି-

ସର୍ବେଷାଂ ସର୍ବ କ୍ଷେତ୍ରାଣାଂ ରାଜା ଶ୍ରୀପୁରୁଷୋତ୍ତମଃ।
ସର୍ବେଷାଂ ସର୍ବ ଦେବାନଂ ରାଜା ଶ୍ରୀପୁରୁଷୋତ୍ତମଃ ॥

କେବଳ ଧାର୍ମିକ ଦୃଷ୍ଟିକୋଣରୁ ନୁହେଁ ବ୍ୟାବହାରିକ ଦିଗରୁ ସମନ୍ୱୟବାଦୀ ଚିନ୍ତା ଓ ଚେତନା ଏହି ସଂସ୍କୃତିରେ ଅନୁଭବ୍ୟ। ସମନ୍ୱୟ ଆଜିର ବିଶ୍ୱ ସମସ୍ୟାର ସମାଧାନର ଚାବିକାଠି ବୋଲି କହିବା ଯଥାର୍ଥ। ଏହି ଚେତନାକୁ ଜଗନ୍ନାଥ ଧର୍ମ ଓ ଦର୍ଶନ ନିରବଚ୍ଛିନ୍ନ ଭାବେ ସମୟରୁ ସମୟକୁ ସଞ୍ଚରିତ କରି ଚାଲିଛି। ଆଜି ବିଶ୍ୱ ଜୀବନ ଧାରାକୁ ଲକ୍ଷ୍ୟ କଲେ ସ୍ପଷ୍ଟ ହୁଏ ଯେ ଅଶାନ୍ତି, ଅସନ୍ତୋଷ, ଅସହାୟତା, ହିସା ଓ ଘୃଣା ବିଶ୍ୱ ଜୀବନକୁ ଶାସନକରୁଛି। ଦେଶ ଦେଶ ଭିତରେ, ଧର୍ମ ଧର୍ମ ଭିତରେ, ଜାତି ଜାତି ଭିତରେ, ଭାଷା ଭାଷା ଭିତରେ ଅସହିଷ୍ଣୁତା ମାନବ ଜାତିକୁ ବେଳକୁ ବେଳ ଧ୍ୱଂସମୁଖୀ କରାଉଛି। ମଣିଷର ଗଣତି ସଂଖ୍ୟା ବଢ଼ିଛି ମାତ୍ର ମାନବିକ ମୂଲ୍ୟବୋଧ ଦିନକୁ ଦିନ କମିଯାଉଛି। ପାରସ୍ପରିକ ଏକତା, ଆନ୍ତରିକତା, ସହାନୁଭୂତି କ୍ରମଶଃ ସୁଦୂର ପରାହତ ଓ ବିପର୍ଯ୍ୟସ୍ତ ହୋଇ ବିଶ୍ୱ ଜୀବନରେ ଗ୍ଲାନି ସୃଷ୍ଟି କରୁଛି। ଏହି ସମସ୍ୟାର ସମାଧାନ ପାଇଁ ପ୍ରଚେଷ୍ଟା ନ ହୋଇଛି ତାହା ନୁହେଁ ମାତ୍ର ସେ ପ୍ରଚେଷ୍ଟା ଦ୍ୱାରା ସମସ୍ୟାର ସମାଧାନ ହୋଇନାହିଁ। ଏ ପ୍ରଚେଷ୍ଟା ରାଜନୀତିର ପରିବର୍ତ୍ତନ, ନୂତନ ଅର୍ଥନୀତିର ଅନୁବର୍ତ୍ତନ, ନୂତନ ସମାଜ ନୀତିର ପ୍ରବର୍ତ୍ତନକୁ ଭିତ୍ତିକରି ସଙ୍ଗଠିତ ହୋଇଛି ସତ ମାତ୍ର ତାହା ବିଶେଷ ଫଳପ୍ରଦ ହୋଇନାହିଁ। ସାମାଜିକ ଚଳଣିରେ ଆବଶ୍ୟକୀୟ ପରିବର୍ତ୍ତନ, ଆସିଗଲେ ବିଶ୍ୱ ଶାନ୍ତି ଯେ ଆସିଯିବ ଏପରି ମଧ୍ୟ ନୁହେଁ। ସବୁ ଧର୍ମକୁ ମିଶାଇ ବା ସବୁ ଧର୍ମରୁ ସାର ସଂଗ୍ରହ କରି ଗୋଟିଏ ଧର୍ମ ପ୍ରବର୍ତ୍ତନ କଲେ ଯେ ଶାନ୍ତି ଆସିଯିବ ତାହା ଆଶା କରିବା ବୃଥା। ସବୁ ଭାଷାରୁ କିଛି କିଛି ଶବ୍ଦ ନେଇ ଗୋଟିଏ ଭାଷା ଗଠନ କଲେ ଏବଂ ସେହି ଭାଷାକୁ ପ୍ରଚଳନ କଲେ ବିଶ୍ୱ ଜୀବନରେ ଶାନ୍ତି ଓ ସଂହତି ପ୍ରତିଷ୍ଠିତ ହେବ ନାହିଁ। ସବୁ ଧର୍ମ ରହିଲେ କିଛି କ୍ଷତି ନାହିଁ, କେବଳ ଧର୍ମ ଧର୍ମ ଭିତରେ ମର୍ଯ୍ୟାଦାବୋଧ ଓ ସହନଶୀଳତା ରହିବା ଆବଶ୍ୟକ। ସବୁ ଭାଷା, ଦର୍ଶନ ଦର୍ଶନ ଭିତରେ ସହିଷ୍ଣୁତା ରହିବା ଏକାନ୍ତ କାମ୍ୟ। ଏସବୁ ହେବ ଗୋଟିଏ ଚେତନା ଦ୍ୱାରା। ତାହା ହେଉଛି ସମନ୍ୱୟର ଚେତନା ଯାହାର ମୂଳଉତ୍ସ ଭାବରେ ଶ୍ରୀଜଗନ୍ନାଥ ଧର୍ମ ଓ ଦର୍ଶନର ଭୂମି ଓ ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ଚେତନା ସ୍ତରରେ ସମନ୍ୱୟ ଭାବ ଆସିଗଲେ ସମଗ୍ର ମାନବ ଜାତିର ସମସ୍ୟା ସୁବିଧାରେ ଓ ସହଜରେ ସମାହିତ ହୋଇଯିବ। ସୁଦୂର ଅତୀତରୁ ଶ୍ରୀଜଗନ୍ନାଥଙ୍କଠାରେ ସମନ୍ୱୟ ଭାବନା ପ୍ରଚଳିତ ହୋଇ ଆସୁଛି ଯାହା ଆଜିର ଏକାନ୍ତ ଧେୟ ବୋଲି ଗୃହୀତ ହେଉଛି।

ସମନ୍ୱିତ ନୀତି ବଳରେ ଶ୍ରୀଜଗନ୍ନାଥ ଭାରତରେ ପ୍ରଚଳିତ ବହୁ ସମ୍ପ୍ରଦାୟର ଦେବତାଙ୍କର ସୂକ୍ଷ୍ମ ଚେତନାକୁ ନିଜଠାରେ ମୂର୍ତ୍ତ କରିଛନ୍ତି। ଓଡ଼ିଆ ସାହିତ୍ୟର ଆଦିକବି ଆତ୍ମଜ୍ଞାନୀ ସାରଳା ଦାସ ବଳଭଦ୍ର, ସୁଭଦ୍ରା ଓ ଜଗନ୍ନାଥଙ୍କୁ ବ୍ରହ୍ମା, ବିଷ୍ଣୁ, ମହେଶ୍ୱର ବୋଲି କଳ୍ପନା କରିଛନ୍ତି। ତାଙ୍କ ଭାଷାରେ-

ପୀତ କୁଙ୍କୁମ ବରନ ସେହି ବ୍ରହ୍ମ ମୂର୍ତ୍ତି।
ଡାହାଣେ ଶୁକଳ ବର୍ଣ୍ଣ ମହାଦେବ ଜ୍ୟୋତି ॥
ରୂପରେ ତ ଜଗନ୍ନାଥ ବର୍ଣ୍ଣ ଅଟେ କଳା।
ବ୍ରହ୍ମା, ବିଷ୍ଣୁ, ମହେଶ୍ୱର ତିନି ଦେବ ମେଳା ॥

କବି ବଳରାମ ଦାସ ତାଙ୍କ "ବେଦାନ୍ତ ସାର ଗୁପ୍ତ ଗୀତା" ଗ୍ରନ୍ଥରେ ଶ୍ରୀଜଗନ୍ନାଥଙ୍କୁ ସମସ୍ତ ଅବତାରର ସ୍ରଷ୍ଟା ବୋଲି ଅଭିହିତ କରିଛନ୍ତି। ତାଙ୍କ ଭାଷାରେ-

ସର୍ବଦା ନୀଳାଦ୍ରିରେ ସ୍ଥିତି। ଏଥୁ ସକଳ ଜାତ ହୋନ୍ତି।
ସମସ୍ତ ଅବତାର ମାନ। ଜାତ ହୋଇଣ ପଶେ ପୁଣ ॥

ଶ୍ରୀକ୍ଷେତ୍ର ଯେ ସର୍ବଶ୍ରେଷ୍ଠ କ୍ଷେତ୍ର ଏବଂ ଶ୍ରୀଜଗନ୍ନାଥ ଯେ ସର୍ବଶ୍ରେଷ୍ଠ ଦେବତା ଏହିକଥା ବହୁ କବି ଉଦ୍‌ଘୋଷଣା କରିଛନ୍ତି। ଶ୍ରୀଜଗନ୍ନାଥଙ୍କ ନାଭି କମଳରୁ ବ୍ରହ୍ମଜାତ ହେଲେ ବୋଲି ମହାଦେବ ଦାସ ସ୍ୱରଚିତ "ନୀଳାଦ୍ରି ମହୋଦୟ" ଗ୍ରନ୍ଥରେ ଉଲ୍ଲେଖ କରିଛନ୍ତି। ଭକ୍ତ କବି ଦୀନକୃଷ୍ଣ ଦାସ ତାଙ୍କର "ରସ କଲ୍ଲୋଳ" କାବ୍ୟରେ ଶ୍ରୀଜଗନ୍ନାଥଙ୍କୁ ଅବତାରୀ ଭାବରେ ପରିକଳ୍ପନା କରିଛନ୍ତି-

କଚ୍ଛପ ମତ୍ସ୍ୟାଦି ଅବତାର ଯେତେକ।
କରିବାକୁ ଜାତ ଜଗନ୍ନାଥ ଜନକ ॥

ଚତୁର୍ଦ୍ଧାମୂର୍ତ୍ତି ଯେ ଏକ ବିଷ୍ଣୁଙ୍କର ଚାରିଗୋଟି ରୂପ ଏ କଥା ବହୁ ପୁରାଣରେ ଉଲ୍ଲେଖ କରାଯାଇଛି। ପୂର୍ବେ ଭାରତରେ ଶୈବ ଓ ବୈଷ୍ଣବମାନଙ୍କ ମଧ୍ୟରେ ମାତନ୍ତର ଥିଲା। 'ବ୍ରହ୍ମ ପୁରାଣ' ଅନୁସାରେ ପୁରୁଷୋତ୍ତମ କ୍ଷେତ୍ର ବୈଷ୍ଣବ କ୍ଷେତ୍ର ଭାବରେ ପ୍ରତିଷ୍ଠା ଅର୍ଜ୍ଜନ କରିବାରୁ ଶୈବମାନେ ମର୍ମାହତ ହେବା ଭୟରେ ପ୍ରଳୟ କାଳରେ ମାର୍କଣ୍ଡେୟ ମୁନି ବିଷ୍ଣୁଙ୍କୁ ପ୍ରାର୍ଥନା କରିବାରୁ ଉଭୟ ସ୍ୱରୂପ ଭଗବାନ ମାର୍କଣ୍ଡେୟଙ୍କୁ କହିଥିଲେ- "ନୀଳାଚଳ ଧାମରେ ହରିହର ପୂଜାର ଏକତ୍ର ସମାବେଶ କରାଯାଇଛି। ପୁନଶ୍ଚ ଏ କଥା ମଧ୍ୟ ଜଣାଯାଏ ଯେ ଅତୀତରେ ଶୈବ, ଶାକ୍ତ ଓ ବୈଷ୍ଣବ ସମ୍ପ୍ରଦାୟର ବିଷ୍ଣୁ ରୂପରେ ପୂଜା ପାଉଛନ୍ତି। ସୁଦର୍ଶନ ସୂର୍ଯ୍ୟଙ୍କ ପ୍ରତୀକ ଭାବରେ ପରିକଳ୍ପିତ ହୋଇଥିବାରୁ ସୌରମାନଙ୍କ ମତବାଦର ସମନ୍ୱୟ ମଧ୍ୟ ଘଟିଛି।

କିମ୍ବଦନ୍ତି ଅନୁସାରେ ଜଗନ୍ନାଥ ପ୍ରଥମେ ଶବର ଦେବତା ନୀଳମାଧବ ଭାବରେ ପୂଜିତ ହେଉଥିଲେ। ବିଦ୍ୟାପତିଙ୍କ ଦ୍ୱାରା ରାଜା ଇନ୍ଦ୍ରଦ୍ୟୁମ୍ନ ତାଙ୍କର ସନ୍ଧାନ କରାଇଥିଳେ। ବିଦ୍ୟାପତି ଓ ଲଳିତାଙ୍କ ବିବାହରେ ଆର୍ଯ୍ୟ ଓ ଅନାର୍ଯ୍ୟ ସଂସ୍କୃତିର ସମନ୍ୱୟ ଘଟିଲା। ଏହି ସମନ୍ୱୟକୁ ଯଥାମାନ୍ୟ ଦେବାପାଇଁ ସମନ୍ୱୟର ଦେବତା ଶ୍ରୀଜଗନ୍ନାଥଙ୍କ ମନ୍ଦିରରେ ବିଦ୍ୟାପତି ଓ ଲଳିତାଙ୍କର ବଂଶଧରଙ୍କୁ ଠାକୁରଙ୍କ ସେବା ପୂଜାରେ ଅଂଶ ଗ୍ରହଣ କରିବାର ସୁଯୋଗ ଦିଆଯାଇଛି। ସେହି ନୀଳମାଧବ ଅନ୍ତର୍ଦ୍ଧାନ ହୋଇ ଦାରୁ ରୂପରେ ବାଙ୍କୀ ମୁହାଣରେ ଆବିର୍ଭୂତ ହେଲେ ଏବଂ ତହିଁରୁ ମୂର୍ତ୍ତିମାନ ଗଠିତ ହେଲା ବୋଲି ଜନଶ୍ରୁତି ରହିଛି। ଅତଏବ ଏକଥା ସ୍ୱୀକାର୍ଯ୍ୟ ସେ ଶ୍ରୀଜଗନ୍ନାଥ ଧର୍ମ ଓ ଦର୍ଶନ ଆର୍ଯ୍ୟ ଅନାର୍ଯ୍ୟ ଉଭୟ ସଂସ୍କୃତିର ସମନ୍ୱିତ ଭିତ୍ତି ଉପରେ ପ୍ରତିଷ୍ଠିତ ଓ ପରିବ୍ୟାପ୍ତ। ଦଇତାପତିମାନେ ନବକଳେବର ରଥଯାତ୍ରା ଏବଂ ଅଣସର ସମୟରେ ଚତୁର୍ଦ୍ଧା ମୂର୍ତ୍ତିଙ୍କର ସେବା ପୂଜାରେ ସକ୍ରୀୟ ଅଂଶ ଗ୍ରହଣ କରିଥାନ୍ତି।

ବଳରାମ ଦାସ ତାଙ୍କର 'ବଟ ଅବକାଶ' ଗ୍ରନ୍ଥରେ ଜଗନ୍ନାଥ ଯେ ସମନ୍ୱୟରେ ଦେବତା ଏକଥା ଉଲ୍ଲେଖ କରିଛନ୍ତି। ସେ ବଳଭଦ୍ର, ଜଗନ୍ନାଥ ଓ ସୁଭଦ୍ରାଙ୍କୁ ଶିବ, ବିଷ୍ଣୁ ଓ ଦୁର୍ଗା ରୂପରେ ପରିକଳ୍ପନା କରିଛନ୍ତି। ମରହଟ୍ଟା ଯୁଗର ଓଡ଼ିଆ କବି ପୀତାମ୍ବର ଦାସ ସ୍ୱରଚିତ 'ନୃସିଂହ ପୁରାଣ' ଗ୍ରନ୍ଥରେ ଚାରି ବୈଷ୍ଣବ ସମ୍ପ୍ରଦାୟର ଚିତ୍ର ଜଗନ୍ନାଥ ମନ୍ଦିରରେ ଦେଖିପାରିଛନ୍ତି। ଏକ ଜଗନ୍ନାଥଙ୍କ ନିକଟକୁ ଯିବାକୁ ଯେପରି ଚାରି ଗୋଟି ଦ୍ୱାର ଏକ ଭଗବତ ସତ୍ତା ନିକଟକୁ ଚାରି ବୈଷ୍ଣବ ସମ୍ପ୍ରଦାୟ ସେପରି ଚାରି ଗୋଟି ମାର୍ଗରେ ଅଗ୍ରସର ହୋଇପାରନ୍ତି।

ଚାରି ସମ୍ପ୍ରଦାୟଙ୍କ ନଥାଇ ହୃଦେ ଛନ୍ଦ।
ନଜାଣିଣ ପାପୀଜନେ କରୁଥାନ୍ତି ଦ୍ୱନ୍ଦ୍ୱ ॥
ଶ୍ରୀବୈକୁଣ୍ଠ ମୋହର ଚାରି ଦ୍ୱାର ସରି।
ଯେ ଯେଉଁ ଦ୍ୱାରେ ସେବି ସେ ଏକା ନରହରି ॥

ଶ୍ରୀଜଗନ୍ନାଥଙ୍କ ଚକାଡ଼ୋଳରେ ରାଧାକୃଷ୍ଣ ଯୁଗଳ ମୂର୍ତ୍ତିର ଅବତାରଣା କରିଛନ୍ତି ପଞ୍ଚସଖା ଯୁଗର ସାହିତ୍ୟ ସାଧକମାନେ। ଶ୍ରୀକ୍ଷେତ୍ର ମାହାତ୍ମ୍ୟ ଯେ ଅନିର୍ବଚନୀୟ ଏ କଥା କେତେକ ପୁରାଣ ପୃଷ୍ଠାରେ ଉପସ୍ଥାପିତ। ସ୍କନ୍ଦପୁରାଣରେ ଉଲ୍ଲେଖ ଅଛି-

ପୃଥିବ୍ୟାଂ ଗୋପିତଂ ସ୍ଥାନଂ ତଚାପି ସୁଦୁଲ୍ଲଭମ୍।
ଅର୍ଥାତ୍ ଏ କ୍ଷେତ୍ରର ମାହାତ୍ମ୍ୟ ସହଜରେ ଜଣାଯାଏ ନାହିଁ।

ତନ୍ତ୍ର ମତବାଦର ପ୍ରଚାର ଓ ପ୍ରସାର ଭାରତରେ ବହୁଳ ଭାବରେ ଦେଖିବାକୁ ମିଳେ। ଶ୍ରୀଜଗନ୍ନାତଙ୍କଠାରେ ତନ୍ତ୍ରବାଦର ଆରୋପ ମଧ୍ୟ କରାଯାଇଛି। ତନ୍ତ୍ର ମତରେ ଶ୍ରୀଜଗନ୍ନାଥଙ୍କୁ ମହାକାଳ ଭୈରବ ରୂପେ ପୂଜା କରାଯାଏ। 'ହେ ଚକ୍ର ତନ୍ତ୍ର' ଗ୍ରନ୍ଥରୁ ଜଣାଯାଏ ଯେ 'ବିମଳା ଭୈରବୀ ଯତ୍ର ଜଗନ୍ନାଥସ୍ତୁ ଭୈରବ'।

ଶ୍ରୀକୃଷ୍ଣ ରୂପରେ ଜଗନ୍ନାଥଙ୍କୁ ଦେଖିବାର ଧାରା ଓ ପରମ୍ପରା ଓଡ଼ିଶାରେ ତଥା ଭାରତବର୍ଷରେ ବହୁ ପ୍ରାଚୀନ ଓ

ପ୍ରତିଷ୍ଠିତ। ଦ୍ୱାଦଶ ଶତାବ୍ଦୀରେ ରଚିତ ଗୀତଗୋବିନ୍ଦ ଗ୍ରନ୍ଥରେ କବି ଜୟଦେବ ଶ୍ରୀଜଗନ୍ନାଥଙ୍କୁ ରାଧାକୃଷ୍ଣଯୁଗଳ ମୂର୍ତ୍ତି ଭାବରେ ଗ୍ରହଣ କରିଛନ୍ତି। ପଞ୍ଚସଖା ସାଧକ ଅଚ୍ୟୁତାନନ୍ଦ ଦାସ ଦଶାକ୍ଷର ମନ୍ତ୍ର "ଗୋପୀଜନ ବଲ୍ଲଭାୟ ନମଃ" ପ୍ରୟୋଗ ପୂର୍ବକ ଘୋଷଣା କଲେ ଯେ ଶ୍ରୀଜଗନ୍ନାଥ ହିଁ ଶ୍ରୀକୃଷ୍ଣ। ଏବେ ମଧ୍ୟ ଗୋପୀଜନ ବଲ୍ଲଭାୟ ଶବ୍ଦ ତାଙ୍କ ପୂଜା ମନ୍ତ୍ରରେ ବ୍ୟବହୃତ ହେଉଛି। ପ୍ରତାପରୁଦ୍ରଙ୍କ ମନ୍ତ୍ରୀ ରାୟରାମାନନ୍ଦ କହିଲେ ଯେ ଜଗନ୍ନାଥ ହେଉଛନ୍ତି କୃଷ୍ଣ। ହରେ ରାମକୃଷ୍ଣ ମନ୍ତ୍ରସ୍ଥ ରାମ ଶବ୍ଦ ରାଧା ଭାବ ଓ କୃଷ୍ଣ ଭାବର ସମନ୍ୱୟ ଭାବର ଦ୍ୟୋତକ ବୋଲି ସେ ଉଲ୍ଲେଖ କରିଛନ୍ତି।

ଶ୍ରୀଜଗନ୍ନାଥଙ୍କୁ ରାମ ଉପାସକ ଭକ୍ତମାନେ ରାମ ଭାବରେ ଗ୍ରହଣ କରିଥାନ୍ତି। ରାମ, ଲକ୍ଷ୍ମଣ, ସୀତାଙ୍କୁ ଜଗନ୍ନାଥ, ବଳଭଦ୍ର ଓ ସୁଭଦ୍ରାଙ୍କଠାରେ ସେମାନେ ଦର୍ଶନ କରିଥାନ୍ତି। ସନ୍ଥ ତୁଳସୀ ଦାସ ଶ୍ରୀଜଗନ୍ନାଥ, ବଳଭଦ୍ର, ସୁଭଦ୍ରାଙ୍କୁ ଦେଖି ଶ୍ରୀରାମ, ଲକ୍ଷ୍ମଣ, ସୀତା ଭାବରେ ଗ୍ରହଣ କରି ଅଭିଭୂତ ହୋଇପଡ଼ିଥିଲେ। ପୌଷ ପୂର୍ଣ୍ଣିମା ତିଥିରେ ପୁଷ୍ୟାଭିଷେକ ଯାତ୍ରା ଅବକାଷର ତ୍ରିମୂର୍ତ୍ତି ଏବେ ମଧ୍ୟ ଶ୍ରୀରାମ, ଲକ୍ଷ୍ମଣ ଓ ସୀତାଙ୍କ ବେଶ ଧାରଣ କରୁଛନ୍ତି। ବଳରାମ ଦାସ, ଶ୍ରୀଜଗନ୍ନାଥଙ୍କୁ ରାମଚନ୍ଦ୍ର ଭାବରେ ପରିକଳ୍ପନା କରିଛନ୍ତି। ଏବେ ମଧ୍ୟ ମିଥିଲା ଓ ଅଯୋଧ୍ୟାରୁ ଆସୁଥିବା ଯାତ୍ରୀମାନେ ଶ୍ରୀକ୍ଷେତ୍ରକୁ ଅଯୋଧ୍ୟାପୁରୀ ଓ ଗୁଣ୍ଡିଚାବାଡ଼ିକୁ ଜନକପୁରୀ ରୂପରେ ବିଚାର କରିଥାନ୍ତି।

ବୌଦ୍ଧ ଧର୍ମାବଲମ୍ବୀମାନେ ଶ୍ରୀଜଗନ୍ନାଥଙ୍କୁ ଦେଖି ତାଙ୍କଠାରେ ବୁଦ୍ଧତ୍ୱ ଆରୋପ କରିଥାନ୍ତି। ଶ୍ରୀଜଗନ୍ନାଥଙ୍କ ନାଭି କମଳରେ ବୁଦ୍ଧଦେବଙ୍କ ଦାନ୍ତ ରହିଛି ବୋଲି ଜନଶ୍ରୁତି ରହିଛି। ବୌଦ୍ଧମାନେ ତ୍ରିଭୂର୍ତ୍ତିକୁ, ବୁଦ୍ଧ, ସଙ୍ଘ ଓ ଧର୍ମର ପ୍ରତୀକ ରୂପରେ ଗ୍ରହଣ କରନ୍ତି। ବର୍ଷାରମ୍ଭ ପରେ ବୁଦ୍ଧ ମୂର୍ତ୍ତି ରଥରେ ବସି ପରିକ୍ରମା କରିବାର ପ୍ରଥାରୁ ବର୍ଷା କାଳରେ ହେଉଥିବା ଶ୍ରୀଜଗନ୍ନାଥଙ୍କ ରଥଯାତ୍ରାର ସୃଷ୍ଟି ବୋଲି କେତେକ ଆଲୋଚକ ମତ ଦିଅନ୍ତି। ପୁରୀ ଶବ୍ଦ ଦନ୍ତପୁରୀ ଶବ୍ଦରୁ ଆସିଛି ବୋଲି ମଧ୍ୟ କୁହାଯାଏ। ଓଡ଼ିଆ ସାହିତ୍ୟର ଆଦିକବି ଜଗନ୍ନାଥଙ୍କୁ ବୁଦ୍ଧ ଭାବରେ ପରିକଳ୍ପନା କରି ସ୍ୱରଚିତ 'ମହାଭାରତ' ଗ୍ରନ୍ଥର ବିରାଟ ପର୍ବରେ କହିଛନ୍ତି-

ମହୋଦଧି ତୀରେ ବଡ଼ ଦେଉଳରେ ବସି
ଦରିଦ୍ରମାନଙ୍କ ଦୁଃଖ ଦେଉଅଛି ଧ୍ୱଂସି।
ବଉଦ୍ଧ ରୂପରେ କଳିଯୁଗେ ଅବତାର
ହୋଇଣ ପାପୀ ଜନଙ୍କୁ କରୁଛ ଉଦ୍ଧାର।

ଜୈନମାନେ ଜଗନ୍ନାଥଙ୍କୁ ନିଜର ଦେବତା ଜ୍ଞାନ କରନ୍ତି। ସେମାନଙ୍କ ବିଚାରରେ ଜୀନନାଥ ଶବ୍ଦରୁ ଜଗନ୍ନାଥ ଶବ୍ଦର ଉତ୍ପତ୍ତି। ଜୈନ ସାଧକମାନଙ୍କୁ କେବଳୀ କୁହାଯାଏ। କେବଳୀ ଶବ୍ଦରୁ ଜଗନ୍ନାଥଙ୍କର କୈବଲ୍ୟ ଶବ୍ଦ ସୃଷ୍ଟି ହୋଇଛି ବୋଲି କେତେକ ଆଲୋଚକ ମତ ଦିଅନ୍ତି।

ଶ୍ରୀଜଗନ୍ନାଥଙ୍କ ସେବକ ସମ୍ପ୍ରଦାୟକୁ ବିଚାରକଲେ ଜଣାଯାଏ ଯେ ଜଗନ୍ନାଥଙ୍କ ସେବା ପୂଜା ବହୁ ସମ୍ପ୍ରଦାୟର ସମନ୍ୱୟରେ ହିଁ ସମାହିତ ହୁଏ। ଜନଶ୍ରୁତି ଅଛି ଯେ ଜଗନ୍ନାଥ ମନ୍ଦିରରେ ଠାକୁରଙ୍କ ସେବାରେ ଛତିଶ ପ୍ରକାର ସେବକ ଅଛନ୍ତି। କିନ୍ତୁ ପ୍ରକୃତରେ ସେବକ ସମ୍ପ୍ରଦାୟର ସଂଖ୍ୟା ଛତିଶରୁ ଅଧିକ। ୧୮୦୭ ମସିହାରେ ତତ୍କାଳୀନ ପୁରୀ କଲେକ୍ଟର ଗ୍ରୋମ୍ ସାହେବ ଯେଉଁ ରିପୋର୍ଟ ଦାଖଲ କରିଥିଲେ, ସେଥିରେ ସେବକ ସମ୍ପ୍ରଦାୟର ସଂଖ୍ୟା ୨୫୦ ଥିବାର ଜଣାଯାଏ। ଗଜପତି ମହାରାଜା ହେଉଛନ୍ତି ଶ୍ରୀଜଗନ୍ନାଥଙ୍କ ପ୍ରଥମ ସେବକ। ମନ୍ଦିରରେ ତାଙ୍କ ସେବା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ରଥାଯାତ୍ରା ବେଳେ ରଥରେ ଛେରାପହଁରା କାର୍ଯ୍ୟ ସମ୍ପାଦନରେ ତାଙ୍କର ଭୂମିକା ଅତି ମହତ୍ତ୍ୱପୂର୍ଣ୍ଣ। ତାଙ୍କ ବ୍ୟତୀତ ଅନ୍ୟାନ୍ୟ ସେବକମାନଙ୍କ ମଧ୍ୟରେ ମୁଦିରଥ ରାଜାଙ୍କ ଅନିବାର୍ଯ୍ୟ କାରଣ ଜନିତ ଅନୁପସ୍ଥିତିରେ ରଥରେ ଛେରାପହଁରା କାର୍ଯ୍ୟ କରିଥାନ୍ତି। ଏହା ବ୍ୟତୀତ ପ୍ରତି ଦିନର ନୀତିଗତି ଭିତରେ ଭିତର ଛୋ ମହାପାତ୍ର ଦ୍ୱାର ଫିଟା ନୀତି କରନ୍ତି, ସର୍ବପ୍ରଥମେ ମନ୍ଦିର ପ୍ରବେଶ କରି ଶାଢ଼ୀ ବନ୍ଧା ନୀତି କରିବା ସହିତ 'ଅମୁଣିଆ' ପରୀକ୍ଷା କରି ଦେଖନ୍ତି। ତଳିଛୋ ମହାପାତ୍ରଙ୍କର ରୋଷ ଉପରେ କର୍ତ୍ତୃତ୍ୱ ଅଧିକ ଥାଏ। ଭଣ୍ଡାର ମେକାପ ସମ୍ପ୍ରଦାୟ ସିଂହାସନାସୀନ ଦେବତାଙ୍କର ନିତ୍ୟ ବ୍ୟବହାର୍ଯ୍ୟ ଅଳଙ୍କାରାଦି ବସ୍ତ୍ର ଭଣ୍ଡାର ଘରୁ ବାହାର କରିଥାନ୍ତି। ପୂଜକ, ପୂଜାପଣ୍ଡା ଓ ବଡ଼ପଣ୍ଡା

ପୂଜା କରିବାର ଦାୟିତ୍ୱ ନେଇଥାନ୍ତି। ସିଂହାରୀ ଓ ପଶୁପାଳକ ଠାକୁରମାନଙ୍କ ବେଶ କରି ଦିଅନ୍ତି ଓ ଫୁଲ ଲାଗି କହନ୍ତି। ଗରାବଡୁ ଯୋଗାନ୍ତି ପୂଜା ଅବସରରେ ଜଳ। ପତ୍ରବଡୁ ଦିଅନ୍ତି ପୂଜାର ଅନ୍ୟାନ୍ୟ ଉପକରଣ। ଶଙ୍ଖୁଆ ବଜାନ୍ତି ଶଙ୍ଖ, ମାଦେଳୀ ବଜାନ୍ତି ମାଦକ। କାହାଳିଆ ବିଜେ କାହାଳୀ ବଜାଇ ପରିବେଶରେ ଆନନ୍ଦ ଓ ତଲ୍ଲୀନ ଭାବ ଭରିଦିଅନ୍ତି। ବୀଣାକାର ଠାକୁରଙ୍କ ପହଡ଼ ପୂର୍ବରୁ ବୀଣା ବଜାନ୍ତି। ଦଇତାମାନେ ନବ କଳେବର, ରଥଯାତ୍ରା ଓ ଅଣସର ବେଳେ ଅଧିକ ସକ୍ରିୟ ଅଂଶ ଗ୍ରହଣ କରନ୍ତି ଜଗନ୍ନାଥଙ୍କ ସେବା କାର୍ଯ୍ୟରେ। ପାଣିଆ ପଟ ଦିନ ସାରା ମନ୍ଦିରରେ ଆବଶ୍ୟକୀୟ ପାଣି ଯୋଗାନ୍ତି। ବଳିତା, ସେବକ ଦିଅନ୍ତି ବଳିତା ସେବକ ମାଳିଆ ସୁଆସିଆଁ ଯୋଗାନ୍ତି କାଠ ପିଢ଼ା। ଘଟୁଆରୀ ଦୈନିକ ନୀତି ନିମନ୍ତେ ଅଁଳା, ଚନ୍ଦନ ଓ ମହାଦୀବ ଯୋଗାଇଥାନ୍ତି। ରଥଭୋଇ ରଥ କାର୍ଯ୍ୟ କରିଥାନ୍ତି। ଚିତ୍ରକାର ଓ ରୂପକାରମାନେ ରଥପାଇଁ ନିର୍ମାଣ କରିଥାନ୍ତି ପ୍ରତିମା ଓ ପ୍ରତିମାର କେତେକ ଚିତ୍ର। ଅଣସର ବେଳେ ଠାକୁରଙ୍କୁ ପାଚନ ଦେଇଥାନ୍ତି ବୈଦ୍ୟ । ଏହାଛଡ଼ା ଆହୁରି ଅନେକ ସେବକ ସମ୍ପ୍ରଦାୟ ଶ୍ରୀଜଗନ୍ନାଥଙ୍କ ସେବା ପୂଜାରେ ନିଯୁକ୍ତ ହୋଇଥାନ୍ତି। ସମସ୍ତଙ୍କର ସଯୋଗରେ ଠାକୁରଙ୍କ ସେବା କାର୍ଯ୍ୟ ସମାହିତ ହୁଏ। ବିଭିନ୍ନ ସମ୍ପ୍ରଦାୟର କାର୍ଯ୍ୟଦକ୍ଷତାର ସମନ୍ୱୟରେ ପ୍ରଭୁଙ୍କ କାର୍ଯ୍ୟ ସୁଚାରୁ ରୂପେ ସମ୍ପାଦିତ ହୁଏ।

ଶ୍ରୀଜଗନ୍ନାଥଙ୍କ ଧର୍ମ ଓ ଦର୍ଶନରେ ଅନାର୍ଯ୍ୟ ସଂସ୍କୃତି ଓ ଆର୍ଯ୍ୟ ସଂସ୍କୃତିର ସମ୍ୟକ୍ ସମନ୍ୱୟ ଦେଖାଯାଏ। ଏହି ସମନ୍ୱୟ ଚେତନା ଯୋଗୁଁ ଯୁଗେ ଯୁଗେ ବହୁ ଗବେଷକ, ସାଧକ, ଭକ୍ତ, ଦାର୍ଶନିକ ଓ ପରିବ୍ରାଜକ ଶ୍ରୀଜଗନ୍ନାଥଙ୍କ ପ୍ରତି ଆକୃଷ୍ଟ ହୋଇଛନ୍ତି। ଶ୍ରୀଜଗନ୍ନାଥ ହେଉଛନ୍ତି ସର୍ବ ଧର୍ମମତକୁ ଆଶ୍ରୟ କରିଥିବା ବିଶିଷ୍ଟ ଦେବତା। ଏହି ପରିପ୍ରେକ୍ଷୀରେ ଦ୍ୱାଦଶ ଶତାବ୍ଦୀର କବି ଉଦୟନାଥ ଆଚାର୍ଯ୍ୟଙ୍କ ଭକ୍ତି ସ୍ମରଣକୁ ଆସେ-

ଯଂ ଶୈବାଃ ସମୁପାସତେ ଶିବମିତି ବ୍ରହ୍ମେତି ବେଦାନ୍ତିନଃ।
ବୌଦ୍ଧଃ ବୁଦ୍ଧ ଇତି ପ୍ରମାଣ ପଟବଃ କର୍ତ୍ତେତି ନୈୟାୟିକାଃ ॥
ଅର୍ହନ୍ନିତ୍ୟଥ ଜୈନ ଶାସନରତାଃ କର୍ମେତି ମୀମାଂସକାଃ।
ସୋଃୟଂବଃ ବିଦଧାତୁ ବାଞ୍ଛିତଫଳଃ ତ୍ରୈଲୋକ୍ୟନାଥୋ ହରିଃ ॥

ଆର୍ଯ୍ୟ, ଅନାର୍ଯ୍ୟ, ଦ୍ରାବିଡ଼, ବ୍ରାହ୍ମଣ୍ୟ, ଜୈନ, ବୌଦ୍ଧ, ଶୈବ, ଶାକ୍ତ, ଗାଣପତ୍ୟ, ସୌର, ବୈଷ୍ଣବ ଶିଖ ପ୍ରଭୃତି ବହୁ ଦର୍ଶନରେ ପରିପୁଷ୍ଟ ହୋଇଛି ଜଗନ୍ନାଥ ଦର୍ଶନ। ସମନ୍ୱୟ ଚେତନା ବଳରେ ଏହା ସମ୍ଭବ ହୋଇଛି। ଶବର ବିଶ୍ୱାବସୁ, ବୈଷ୍ଣବ ଇନ୍ଦ୍ରଦ୍ୟୁମ୍ନ, ବୌଦ୍ଧ ଇନ୍ଦ୍ରଭୂତି, ଅଦ୍ୱୈତବାଦୀ ଶଙ୍କରାଚାର୍ଯ୍ୟ, ଦ୍ୱୈତବାଦୀ ମାଧ୍ୱାଚାର୍ଯ୍ୟ, ସନକ ସମ୍ପ୍ରଦାୟର ନିମ୍ବାର୍କାଚାର୍ଯ୍ୟ, ଶୁଦ୍ଧ ଭକ୍ତିବାଦୀ ଚୈତନ୍ୟ, ଶୂନ୍ୟବାଦୀ ବଳରାମ, ଶିଖ ଗୁରୁ ନାନକ, ଯବନ ହରିଦାସ, ମହାପୁରୁଷ କବୀର, ଗାଣପତ୍ୟ ଗଣପତି ଭଟ୍ଟ ରାମ ପ୍ରେମୀ ସନ୍ଥ ତୁଳସୀ ଦାସ ଇତ୍ୟାଦି ବିଶିଷ୍ଟ ଆଚାର୍ଯ୍ୟଗଣ ଜଗନ୍ନାଥଙ୍କୁ ନିଜ ନିଜ ଦର୍ଶନର କଷଟି ପଥରରେ କଷି ଶେଷରେ ଆପଣାର କରି ନେଇଛନ୍ତି। ବୌଦ୍ଧମାନଙ୍କ ପାଇଁ ସେ ବୁଦ୍ଧ, ଜୈନମାନଙ୍କ ଜୀନଦେବ, ବୈଷ୍ଣବମାନଙ୍କ ପାଇଁ ବିଷ୍ଣୁ, ଶୈବମାନଙ୍କ ପାଇଁ ପରମ ଶିବ, ଶାକ୍ତମାନଙ୍କ ପାଇଁ ଦକ୍ଷିଣ କାଳିକା, ସୌରମାନଙ୍କ ପାଇଁ ସୂର୍ଯ୍ୟ ଓ ଗାଣପତ୍ୟମାନଙ୍କ ପାଇଁ ଗଣପତି ରୂପରେ ଆତ୍ମପ୍ରକାଶ କରିଛନ୍ତି। ଜଗନ୍ନାଥ ସଂସ୍କୃତି କୌଣସି ସୀମାରେ ଆବଦ୍ଧ ନୁହେଁ। ନଦୀଗୁଡ଼ିକ ଆସି ସମୁଦ୍ରରେ ମିଶିଲା ପରି ଜଗନ୍ନାଥ ସଂସ୍କୃତିରେ ସବୁ ସଂସ୍କୃତି ଆସି ସମନ୍ୱିତ ହୋଇଛନ୍ତି। ଶ୍ରୀଜଗନ୍ନାଥଙ୍କ ମୂର୍ତ୍ତି ଗଠନରେ ଶବର ପ୍ରଭାବ, ଉପାସନା ପଦ୍ଧତିରେ ଦ୍ରାବିଡ଼ ପ୍ରଭାବ, ପର୍ବପର୍ବାଣୀ ତଥା ଯାତ୍ରାନୁଷ୍ଠାନମାନଙ୍କରେ ପୁରାଣର ପ୍ରଭାବ ପରିଲକ୍ଷିତ ହୁଏ। ପୂଜା ମନ୍ତ୍ରରେ ପ୍ରୟୋଗ ଓଁକୁ ବୈଦିକ ସଂସ୍କୃତିର ଚିହ୍ନ ଭାବରେ ଏବଂ କ୍ଲୀଂ, ହ୍ରୀଂ, ଶ୍ରୀଂକୁ ତାନ୍ତ୍ରିକ ସଂସ୍କୃତିର ଚିହ୍ନ ଭାବରେ ଗ୍ରହଣ କରାଯାଏ। ଜଗନ୍ନାଥ ଦର୍ଶନରେ ସର୍ବତ୍ର ସମନ୍ୱୟ ହିଁ ଲକ୍ଷ୍ୟଣୀୟ। ମନେହୁଏ ଜଗନ୍ନାଥ ଚେତନା ଯେପରି ବିଶ୍ୱବ୍ୟାପ୍ତ ସମନ୍ୱୟ ଚେତନାର ସାର୍ଥକ ପ୍ରତିନିଧି ଓ ସୁରମ୍ୟ ପ୍ରତୀକ।

ଶବରର ମେଣ୍ଢା ମୁଣ୍ଡିଆ ଖେଚେଡ଼ି ଅର୍ପଣ, ଜୈନର କୈବଲ୍ୟ, ଶୈବର ନିର୍ମାଲ୍ୟ, ଶାକ୍ତର ପଞ୍ଚମକାର, ବ୍ରାହ୍ମଣର ମୁଦ୍ରାମଣ୍ଡଳ ମନ୍ତ୍ର ପାଠ ସବୁ ମିଶି ଏକ ମର୍ଯ୍ୟାଦା ଆଣି ଦେଇଛି ଶ୍ରୀଜଗନ୍ନାଥଙ୍କର ଉପାସନା ଧାରାକୁ।

ଶ୍ରୀଜଗନ୍ନାଥଙ୍କ ବେଶଭୂଷା, ଅଳଙ୍କାର ପରିଧାନ, ଖାଦ୍ୟ ବ୍ୟବସ୍ଥା, ପର୍ବପର୍ବାଣି ଇତ୍ୟାଦିକୁ ଅନୁଧ୍ୟାନ କଲେ ସେ କୌଣସି ନିର୍ଦ୍ଦିଷ୍ଟ ଗୋଟିଏ ସମ୍ପ୍ରଦାୟର ଅନ୍ତର୍ଭୁକ୍ତ ନୁହନ୍ତି ଏହା ସହଜରେ ଜଣାପଡ଼େ। ସେସବୁ ସମ୍ପ୍ରଦାୟର ସମନ୍ୱିତ ଚେତନାର ପ୍ରତୀକ ହୋଇ ରହିଛନ୍ତି ନୀଳାଚଳ ଧାମରେ ଭକ୍ତ ଜନତାର କଲ୍ୟାଣ ନିମନ୍ତେ, ଏଥିରେ ସନ୍ଦେହ ନାହିଁ। ବିଶ୍ୱ ପରିବାର ଗଠନ ନିମନ୍ତେ ସମନ୍ୱୟର ଯେଉଁ ଉପାଦାନ ଜଗନ୍ନାଥ ଚେତନାରେ ରହିଛି ତାହାର ପଟାନ୍ତର ନାହିଁ। ସମଗ୍ର ମାନବ ଜାତିର ଦେହର ରଙ୍ଗକୁ ଦୃଷ୍ଟିରେ ରଖି ଚତୁର୍ଦ୍ଧା ମୂର୍ତ୍ତିଙ୍କର ବର୍ଣ୍ଣ ଯୋଜନା ହେଲାପରି ମନେହୁଏ। ଭାରତ, ଆଫ୍ରିକା, ଗ୍ରୀସ୍ ଓ ତୁର୍କୀ ଆଦି ସ୍ଥାନମାନଙ୍କର ଅଧିବାସୀମାନଙ୍କ ପରି ଶ୍ରୀଜଗନ୍ନାଥ ହୋଇଛନ୍ତି କୃଷ୍ଣ ବର୍ଣ୍ଣ। ୟୁରୋପ୍, ଆମେରିକାର ଅଧିବାସୀଙ୍କ ରଙ୍ଗର ପ୍ରତିନିଧିତ୍ୱ କରେ ବଳରାମଙ୍କର ବର୍ଣ୍ଣ। ଲୋହିତ ଭାରତୀୟଙ୍କ ପିର ସୁଦର୍ଶନ ଲୋହିତରଙ୍ଗରେ ରଞ୍ଜିତ ହୋଇ ଶୋଭା ପାଉଛନ୍ତି।

ଅସ୍ପୃଶ୍ୟତାକୁ ସାମାଜିକ କଳଙ୍କ କହି ତା'ର ଦୂରୀକରଣ ନିମନ୍ତେ ବହୁ ପ୍ରଚେଷ୍ଟା ଏବେ କରାଯାଉଥିଲା ବେଳେ ବହୁ ପୂର୍ବରୁ ଜଗନ୍ନାଥ ସଂସ୍କୃତିରେ ଏଥିନିମନ୍ତେ ନିଆଯାଇଥିବା ପଦକ୍ଷେପ ବାସ୍ତବିକ ମନରେ ବିସ୍ମୟ ସୃଷ୍ଟି କରେ। ଶ୍ରୀୟା ଚଣ୍ଡାଳୁଣୀ ଘରେ ମହାଲକ୍ଷ୍ମୀ ପ୍ରବେଶ କରିବା ଦ୍ୱାରା ଅସ୍ପୃଶ୍ୟତା ନିବାରଣ ନିମିତ୍ତ ଦୃଢ଼ ପଦକ୍ଷେପ ଜଗନ୍ନାଥ ସଂସ୍କୃତିରେ ଗ୍ରହଣ କରାଯାଇଛି। ଜଗନ୍ନାଥ ତ ଭାବଗ୍ରାହୀ : ଭାବରେ ସେ ବନ୍ଧା। ଭକ୍ତର ଆଡ଼ମ୍ବର, ବଂଶ ମର୍ଯ୍ୟାଦା ଉପରେ ସେ ଗୁରୁତ୍ୱ ନଦେଇ ହୃଦୟର ଭାବ ଉପରେ ଗୁରୁତ୍ୱ ଦେଇଥାନ୍ତି। ହିନ୍ଦୁ, ମୁସଲ୍‌ମାନ ଓ ଖ୍ରୀଷ୍ଟିଆନ୍ ଭେଦ ତାଙ୍କ ପାଖରେ ନାହିଁ। ସାତଶହ ପଚାଶ କୋଶ ଦୂରରୁ ଭକ୍ତ ହୃଦୟର ଡାକ ସେ ଶୁଣିପାରି ରଥକୁ ଟିକିଏ ଅଟକାଇ ଦେଇଥିଲେ ବଡ଼ ଦାଣ୍ଡରେ। ସାଲବେଗଙ୍କ ସଙ୍ଗୀତ ପ୍ରଭୁଙ୍କ ପାଇଁ ଅତ୍ୟନ୍ତ ଲୋଭନୀୟ, ଏଥିରେ ସନ୍ଦେହର ଅବକାଶ ନାହିଁ। ମାଦଳା ପାଞ୍ଜିର ରାଜଭୋଗ ବର୍ଣ୍ଣନା ଅନୁସାରେ ଦ୍ୱିତୀୟ ରାମଚନ୍ଦ୍ର ଦେବ ତାଙ୍କ ନାଏବ ନାଜିମ୍ ସୁଜା ଖାଁଙ୍କ କନ୍ୟାକୁ ବିବାହ କରି ମୁସଲ୍‌ମାନ ଧର୍ମୀ ହେବାରୁ ଶ୍ରୀଜଗନ୍ନାଥ ତାଙ୍କ ପାଇଁ ସିଂହଦ୍ୱାର ଗୁମୁଟ ଭିତରେ ପତିତପାବନ ରୂପରେ ଆବିର୍ଭୂତ ହୋଇଥିଲେ। ଯବନ ହରିଦାସଙ୍କ ହୃଦୟରେ ଥିଲା ଶ୍ରୀଜଗନ୍ନାଥଙ୍କ ନିମନ୍ତେ ସୀମାହୀନ ଭକ୍ତି।

ବିଭିନ୍ନ ଦିଗରୁ ବିଚାର କଲେ ଏହା ସ୍ପଷ୍ଟ ପ୍ରମାଣିତ ଯେ ଜଗନ୍ନାଥ ଚେତନା ହିଁ ସମନ୍ୱିତ ଚେତନା ଯାହାର ତୁଳନା ନାହିଁ। ଏହି ଚେତନାର ଧାର୍ମିକ ମୂଲ୍ୟବୋଧ ଯେପରି ରହିଛି, ସାମାଜିକ କ୍ଷେତ୍ରରେ ବ୍ୟାବହାରିକ ମୂଲ୍ୟବୋଧ ମଧ୍ୟ ସେପରି ରହିଛି। ବହୁ ସମସ୍ୟାର ସମାଧାନ ନିମନ୍ତେ ଜଗନ୍ନାଥ ଚେତନା ଓ ଧର୍ମଦର୍ଶନ ଯେ ଦିଗ୍‌ଦର୍ଶନ ଦେଇପାରିବ, ଏଥିରେ ସନ୍ଦେହ ନାହିଁ।

-୦-

ଆମ ସଂସ୍କୃତି ଆମ ଶ୍ରୀଜଗନ୍ନାଥ

ଶ୍ରୀଜଗନ୍ନାଥ କେବଳ ରତ୍ନସିଂହାସନସୀନ ଭକ୍ତ ସେବକ ପୂଜିତ ଦାରୁଦେବତା ନୁହନ୍ତି, ସେ ଆମ ସଂସ୍କୃତିର ମୂର୍ତ୍ତିମନ୍ତ ପ୍ରତୀକ, ଆମର ପରମ ପ୍ରଭୁ। ମାନସିକତାରୁ ଅତିମାନସିକତା ଆଡ଼କୁ ଅଗ୍ରଗତି କରୁଥିବା ମାନବିକ ଚେତନାର କ୍ରିୟାକୁ ତ୍ୱରାନ୍ୱିତ କରିବା ଦିଗରେ ଶ୍ରୀଜଗନ୍ନାଥ ସଂସ୍କୃତିର ଭୂମିକା ଗୁରୁତ୍ୱପୂର୍ଣ୍ଣ। ଏକଥା ମୁକ୍ତ କଣ୍ଠର ସ୍ୱୀକାରଯୋଗ୍ୟ ଯେ ଭାରତୀୟ ଚେତନାର ପ୍ରମୂର୍ତ୍ତି ପ୍ରତୀକ ହେଉଛି ଜଗନ୍ନାଥ ଚେତନା। ଶ୍ରୀଜଗନ୍ନାଥଙ୍କର ସେବା ପୂଜା ତଥା ବିଧିବିଧାନକୁ ସୂକ୍ଷ୍ମ ଭାବରେ ନୀରକ୍ଷଣ କଲେ ସେଥିରୁ ଭାରତୀୟ ସଂସ୍କୃତିର ନିର୍ମଳ ନିର୍ଯ୍ୟାସ ଦେଖିବାକୁ ମିଳେ। ମୈତ୍ରୀ ଚେତନା ଓ ଭ୍ରାତୃଭାବ ଏକାଧାରରେ ଆମ ସଂସ୍କୃତିର ମୌଳିକତା। ଅତଏବ ଶ୍ରୀଜଗନ୍ନାଥ ଗୋଷ୍ଠୀର ଦେବତା ନୁହନ୍ତି, ସମଷ୍ଟିର ଦେବତା। ବହୁ ମତବାଦ ତଥା ସମ୍ପ୍ରଦାୟର ଉପାସ୍ୟ ପ୍ରଭୁ ଭାବରେ ତାଙ୍କର ସ୍ଥିତି ସ୍ୱତନ୍ତ୍ର ଓ ଦୃଢ଼। ଶ୍ରୀଜଗନ୍ନାଥ ଚେତନା ହେଉଛି ଏକ ମହାସାଗର ଯହିଁରେ ବହୁ ମତରେ ବହୁଧା ବିଭକ୍ତ ଅଗଣିତ ନଦୀଧାରା ଆସି ଏକତ୍ର ତଥା ବ୍ୟବସ୍ଥିତ ହୋଇଛନ୍ତି। ଶ୍ରୀକ୍ଷେତ୍ର ହୋଇଛି ବହୁ ବୈଚିତ୍ର୍ୟର ମହାମିଳନ ପୀଠ, ବହୁ ବୈଷମ୍ୟର ମଧୁର ମିଳନ ତୀର୍ଥ। ଭାରତ ସରୋବରରେ ଉତ୍କଳକୁ ପଦ୍ମଫୁଲ ଏବଂ ନୀଳାଚଳକୁ ପଦ୍ମଫୁଲର କେଶର ବୋଳି ଆଖ୍ୟାୟିତ କରି ଉତ୍କଳମଣି ଗୋପବନ୍ଧୁ କହିଥିଲେ-

"ଭାରତ ସରସେ ଉତ୍କଳ କମଳ
ତା ମଧ୍ୟେ କେଶର ପୁଣ୍ୟ ନୀଳାଚଳ"

ଶ୍ରୀଜଗନ୍ନାଥ କେବଳ ଉତ୍କଳରେ ନୁହେଁ ଭାରତର ଅନ୍ୟାନ୍ୟ ବହୁ ଅଞ୍ଚଳରେ ମଧ୍ୟ ପୂଜାପାଆନ୍ତି। ଏଥିରୁ ଏକଥା ପ୍ରମାଣିତ ହେଉଛି ଯେ ଜଗନ୍ନାଥ ଚେତନା ହେଉଛି ଭାରତୀୟ ଚେତନା ଓ ଭାରତୀୟ ଚେତନା ହେଉଛି ଜଗନ୍ନାଥଚେତନା। ତା'ନ ହୋଇଥିଲେ ଶ୍ରୀଜଗନ୍ନାଥ କେବଳ ଓଡ଼ିଶାରେ ପୂଜା ପାଉଥାନ୍ତେ, ଦେଶର ଅନ୍ୟାନ୍ୟ ଅଞ୍ଚଳରେ ପୂଜା ପାଆନ୍ତେ ନାହିଁ। ସମଗ୍ର ଭାରତର ବିଭିନ୍ନ ଅଞ୍ଚଳରେ ଶ୍ରୀଜଗନ୍ନାଥ ଚେତନା ଦିନକୁ ଦିନ ପ୍ରସାରିତ ହେଉଛି। ସମଗ୍ର ଦେଶରେ ଶ୍ରୀଜଗନ୍ନାଥ ଉପାସନାର ଆଦର ପ୍ରମାଣ କରୁଛି ଯେ ଶ୍ରୀଜଗନ୍ନାଥ ଆମ ରାଷ୍ଟ୍ରର ଦେବତା, ଭାରତୀୟ ଜାତିର ଦେବତା, ଆମ ଚିନ୍ତାର ଅଧିନାୟକ, ଆମ ଚେତନାର ଅଧୀଶ୍ୱର, ଆମ ସଂସ୍କୃତିର ଆରାଧ୍ୟ ଠାକୁର। ଆନ୍ଧ୍ରର ଉତ୍ତରାଂଶ, ମଧ୍ୟପ୍ରଦେଶର ପୂର୍ବାଂଶ, ବିହାରର ଦକ୍ଷିଣାଞ୍ଚଳ, ଆସାମର ବହୁସ୍ଥଳ, ମରିପୁରର କେତେକାଞ୍ଚଳ ଏବଂ ବଙ୍ଗଳାର ବହୁ ଅଞ୍ଚଳରେ ଶ୍ରୀଜଗନ୍ନାଥଙ୍କ ଉପାସନା ଦେଖିବାକୁ ମିଳେ। ମଧ୍ୟପ୍ରଦେଶର ବସ୍ତରର ଶ୍ରୀଜଗନ୍ନାଥ ମନ୍ଦିରକୁ ବଙ୍ଗବଂଶୀ ରାଜାମାନେ ନିର୍ମାଣ କରିଥିଲେ ବୋଲି କୁହାଯାଏ। ବସ୍ତର ରାଜ୍ୟର ରାଷ୍ଟ୍ରଦେବତା ଥିଲେ ଶ୍ରୀଜଗନ୍ନାଥ, ଏ ପ୍ରମାଣ ୧୭୯୦ ଖ୍ରୀ.ଅ.ରେ ଖୋଦିତ ଏକ ଶିଳାଲିପିରୁ ମିଳିଛି। ଶିଳାଲିପିରେ ଖୋଦିତ ହୋଇଛି, "ଶ୍ରୀଜଗନ୍ନାଥ, ଶ୍ରୀବଳଭଦ୍ର, ଶ୍ରୀସୁଭଦ୍ରା ସହିତ ଏହି କିଡି ନିମିତ୍ତକୁ ହେ ସାଖି, ଶ୍ରୀରକ୍ଷାପାଳ ଦେବରାଜ ଚାଲକ୍ୟ ବଂଶ।" ବାସ୍ତରର ଜଗନ୍ନାଥ ମନ୍ଦିରର ପୂଜାରୀମାନେ ଥିଲେ ଷାଠିଏ ଘର ବ୍ରାହ୍ମଣ। ସେମାନଙ୍କ ସାଙ୍ଗିଆ ପାଣିଗ୍ରାହୀ ଥିଲା ବୋଲି ଜଣାଯାଏ। ମଧ୍ୟପ୍ରଦେଶର ସାରଙ୍ଗଗଡ଼, ରାୟଗଡ଼ ଏକ ଜଗନ୍ନାଥ ମନ୍ଦିର ନିର୍ମିତ

ହୋଇଥିବାର ଜଣାଯାଏ। ବିଷ୍ଣୁପୁରର ରାଜା ପତିତ ମଲ୍ଲ ୧୪୫୦ ଖ୍ରୀଅ.ରେ ବିଷ୍ଣୁପୁରରେ ଏକ ଜଗନ୍ନାଥ ମନ୍ଦିର ନିର୍ମାଣ କରିଥିଲେ, ମଣିପୁରର ରାଜଧାନୀ ଇମ୍ଫାଲରେ ଏବେ ମଧ୍ୟ ରଥଯାତ୍ରା ଅନୁଷ୍ଠିତ ହେଉଛି। ପରମ ବୈଷ୍ଣବ ରାଜର୍ଷି ଅଷ୍ଟାଦଶ ଶତାବ୍ଦୀରେ ଶ୍ରୀଜଗନ୍ନାଥଙ୍କ ରଥଯାତ୍ରାରେ ଶ୍ରୀଗୀତଗୋବିନ୍ଦର ପ୍ରଚଳନ କରିଥିବାରୁ ଏହି ରଥଯାତ୍ରା ପରବର୍ତ୍ତୀ କାଳରେ ଜୟଦେବ ଯାତ୍ରା ନାମରେ ନାମିତ ହୋଇଛି। ଆନ୍ଧ୍ରପ୍ରଦେଶର ସୋମପେଣ୍ଟାରୁ ପ୍ରାୟ ୨୦କି.ମି. ଦୂରବର୍ତ୍ତୀ 'ସାବକୋଟା' ନାମକ ସ୍ଥାନରେ ଥିବା ଜଗନ୍ନାଥ ମନ୍ଦିରଟି ପ୍ରାୟ ତ୍ରୟୋଦଶ ଶତାବ୍ଦୀରେ ନିର୍ମିତ ହୋଇଥିଲା ବୋଲି ଐତିହାସିକ ରବର୍ଟ ସୁଏଲ୍ ମତ ଦେଇଛନ୍ତି। ଓଡ଼ିଶାର ପ୍ରାୟ ସବୁ ଅଞ୍ଚଳରେ ଜଗନ୍ନାଥ ମନ୍ଦିର ରହିଛି। ମନ୍ଦିର ଥିବା ପ୍ରତ୍ୟେକ ସ୍ଥାନର ନାମ ତାଲିକା ପ୍ରଦାନ କରିବା ଏହି ପ୍ରବନ୍ଧରେ ସମ୍ଭବ ହେଉନଥିବାରୁ ନମୁନା ସ୍ୱରୂପ କେତେକ ସ୍ଥାନ ଓ ମନ୍ଦିର ନିର୍ମାଣର ସମୟ ନିମ୍ନରେ ପ୍ରଦତ୍ତ ହେଲା।

ଖଣ୍ଡପଡ଼ା (୧୭୫୦), ନୟାଗଡ଼ (୧୭୭୮), ଖଲ୍ଲିକୋଟ (୧୮୦୦), ଦିଗପହଣ୍ଡି (୧୭୯୦), ବୁଗୁଡ଼ା (୧୮୦୦), ନନ୍ଦପୁର-କୋରାପୁଟ (୧୮୫୦), ଜୟପୁର (୧୭୬୦), ବାରିପଦା (୧୫୭୫), ହରିପୁର (୧୬୩୦), କେନ୍ଦୁଝରଗଡ଼ (୧୭୯୦), ଅନୁଗୁଳ ପୁରୁଣାଗଡ଼ (୧୭୫୦), ଗୋପାଳଜୀ ମଠ-ସମ୍ବଲପୁର (୧୫୯୧), ମୁଦିପଡ଼ା (୧୭୦୦), ଚକାପାଦୁମାଳ-ବଉଦ (୧୭୨୦) ଇତ୍ୟାଦି।

ବାଲେଶ୍ୱର ନୀଳଗିରି ଜଗନ୍ନାଥ ମନ୍ଦିର ୧୫୦୦ ଖ୍ରୀ.ଅ.ରେ ନିର୍ମିତ ହୋଇଥିଲା ବୋଲି ଜଣାଯାଏ। ତାଳଚେରର ଜଗନ୍ନାଥ ମନ୍ଦିର ୧୫୧୩ ଖ୍ରୀ.ଅ.ରେ ଏବଂ ବିଶାଖାପାଟଣାସ୍ଥିତ ଜଗନ୍ନାଥ ମନ୍ଦିର ୧୫୧୫ ଖ୍ରୀ.ଅ.ରେ ନିର୍ମିତ ହୋଇଥିଲା ବୋଲି ଐତିହାସିକମାନେ ମତ ଦିଅନ୍ତି।

ଭାରତୀୟ ସଂସ୍କୃତି ମୂଳତଃ ଶାନ୍ତ ଅରଣ୍ୟାନୀରୁ ଉଦ୍ଭୁତ ଆର୍ଷବାଣୀ ବିଭବ ଉପରେ ପ୍ରତିଷ୍ଠିତ। ମୁନିମୁଖରୁ ନିଃସୃତ ବେଦ ଧ୍ୱନିର ଭାବତରଙ୍ଗ ଥିଲା ଭାରତୀୟ ସଂସ୍କୃତିର ମୂଳପିଣ୍ଡ। ଅରଣ୍ୟର ପ୍ରଶସ୍ତି ତେଣୁ ଭାରତୀୟ ସାହିତ୍ୟରେ ବହୁ ଭାବରେ ଦେଖିବାକୁ ମିଳେ। ଅରଣ୍ୟର ପ୍ରଶସ୍ତି ପାଇଁ ଉତ୍କଳମଣି ଗୋପବନ୍ଧୁଙ୍କର ଉକ୍ତି ଏହି ଅବସରରେ ସ୍ମରଣକୁ ଆସେ। ତାଙ୍କ କଥାରେ "ଭାରତ କାବ୍ୟ-ନାଟକ-ପୁରାଣାଦିରେ ଅରଣ୍ୟର ଗୌରବ ବିଶେଷ ଭାବରେ ପ୍ରକଟିତ ହୋଇଅଛି। ଭାରତୀୟ ଭାବୁକମାନେ କାଳେ କାଳେ ପ୍ରକୃତିକୁ ପବିତ୍ର ପ୍ରେରଣାର ମୂଳ ନିଦାନ ବୋଲି ଗ୍ରହଣ କରି ଆସିଛନ୍ତି। ପ୍ରକୃତି ସେମାନଙ୍କ ନିକଟରେ ନିର୍ଜୀବ ଏବଂ ଜଡ଼ ନୁହେଁ, ତାହା ଏକ ମହାଶକ୍ତିରେ ଉଜ୍ଜୀବିତ।" ବୃକ୍ଷ ପୂଜା ଭାରତୀୟ ଜୀବନ ଧାରାର ଏକ ପ୍ରତିଷ୍ଠିତ ବିଭବ। ବେଦରେ ତତ୍କାଳୀନ ପରିବେଶରେ ଶିଳା ବା ଧାତୁର ପ୍ରଚଳନ ଥିବା କଥା ଜଣାଯାଏ ନାହିଁ। ବୈଦିକ ଯଜ୍ଞାନୁଷ୍ଠାନରେ ଆହୁତି ନିମନ୍ତେ ଆବଶ୍ୟକୀୟ ଉପକରଣ ଦାରୁ ନିର୍ମିତ ହେଉଥିଲା, କାରଣ ଭାରତୀୟ ସଂସ୍କୃତିରେ ବିଶ୍ୱାସ ଥିଲା ଯେ ବୃକ୍ଷ ହିଁ ଦେବତା। ଦେବତ୍ୱର ଅବତରଣ ପାଇଁ ବୃକ୍ଷ ହିଁ ସର୍ବଶ୍ରେଷ୍ଠ ମାଧ୍ୟମ। ବିମିଶ୍ରିତ ବିଭୁ ଚେତନାର ଅଭିବ୍ୟକ୍ତି ନିମନ୍ତେ ବୃକ୍ଷ ଯେ ଅପେକ୍ଷାକୃତ ଅଧିକ ସାର୍ଥକ ଓ ସମର୍ଥ ମାଧ୍ୟମ, ଏହା ଭାରତୀୟ ସଂସ୍କୃତି ଉଦ୍‌ଘୋଷଣା କରି ଆସିଛି। ବ୍ରହ୍ମତ୍ୱର ପରିପ୍ରକାଶ ଅଧିକ ଭାବରେ ଦାରୁ ଭିତରେ ହୋଇପାରେ ବୋଲି ଭାରତୀୟ ଜୀବନ ଧାରାରେ ଲୋକବିଶ୍ୱାସ ଏବେ ମଧ୍ୟ ରହିଛି। ଶ୍ରୀଜଗନ୍ନାଥ ଦାରୁ ସ୍ୱରୂପ ହୋଇ ଭାରତୀୟ ସଂସ୍କୃତିରେ ଆଦୃତ ଦାରୁ ପୂଜାର ମହତ୍ତ୍ୱକୁ ଉଦ୍‌ଘୋଷଣା କରୁଛନ୍ତି।

ଆମ ସାହିତ୍ୟରେ ବହୁ ଭାବରେ ଆମ ସଂସ୍କୃତି ଅଭିବ୍ୟକ୍ତ ହୋଇଛି । ଆମ ସଂସ୍କୃତିର ପ୍ରାଣକେନ୍ଦ୍ର ଭାବରେ ପୂଜିତ ଶ୍ରୀଜଗନ୍ନାଥ ମଧ୍ୟ ବହୁ ଭାବରେ ଆମ ସାହିତ୍ୟରେ ସ୍ଥାନ ପାଇଛନ୍ତି। ଶଙ୍କରାଚାର୍ଯ୍ୟ ବିଷ୍ଣୁ ସହସ୍ର ନାମ ଭାଷ୍ୟମ୍‌ରେ ଶ୍ରୀଜଗନ୍ନାଥଙ୍କ ନାମ ଉପରେ ଗୁରୁତ୍ୱ ଦେଇ କହିଛନ୍ତି।

ତସ୍ୟ ଲୋକପ୍ରଧାନସ୍ୟ ଜଗନ୍ନାଥସ୍ୟ ଭୂପତେ।
ବିଷ୍ଣୋ ର୍ନାମ ସହସ୍ରଂମେ ଶୃଣୁ ପାପଭୟାପହମ୍ ॥

ନବମ ଶତାବ୍ଦୀରେ ପଶ୍ଚିମ ଭାରତର ପ୍ରସିଦ୍ଧ ଜୈନ କବି ସିଦ୍ଧସେନ ଦିବାକର ସ୍ୱରଚିତ 'ବର୍ଦ୍ଧମାନ ଦ୍ୱାତ୍ରିଂଶିକା' ସ୍ତୁତିରେ ତାଙ୍କର ଆରାଧ୍ୟ ମହାବୀର ବର୍ଦ୍ଧମାନଙ୍କୁ ଶ୍ରୀଜଗନ୍ନାଥଙ୍କ ସହିତ ଏକାଦଶ ଶତାବ୍ଦୀରେ 'ଅଭିଧାନ ଚିନ୍ତାମଣି'

ଗ୍ରନ୍ଥରେ ଶ୍ରୀଜଗନ୍ନାଥଙ୍କୁ ବିଷ୍ଣୁ ପର୍ଯ୍ୟାୟଭୁକ୍ତ ବୋଲି କହିବାକୁ ଯାଇ କହିଛନ୍ତି-

ସୋମସିନ୍ଧୁ ର୍ଜଗନ୍ନାଥୋ ଗୋବର୍ଦ୍ଧନ ଧରୋଽପିଚ।

ନବମ ଶତାବ୍ଦୀର କବି ମୁରାରୀ ସୁକୃତ ଅନର୍ଘ ରାଘବ ନାଟକର ପ୍ରାରମ୍ଭରେ ପୁରୁଷୋତ୍ତମ ଶ୍ରୀଜଗନ୍ନାଥଙ୍କ ସମ୍ପର୍କରେ କହିବାକୁ ଯାଇ କହିଛନ୍ତି- "ଭୋ ଭୋ ଲବଣୋଦ ବେଳା... ବନାଳୀ ତମାଳ ତରୁ କନ୍ଦଳସ୍ୟ ତ୍ରିଭୁବନ ମୌଳି ମଣ୍ଡନ ମହାନୀଳମଣେଃ କମଳା କୁଚ କଳସ କେଳି କସ୍ତୁରିକା ପତ୍ରାଙ୍କୁରସ୍ୟ ଭଗବତଃ ପୁରୁଷୋତ୍ତମସ୍ୟ ଯାତ୍ରାୟାମୁପସ୍ଥାନୀୟା ସଭାସଦଃ"

କାଶ୍ମୀର ରାଜ୍ୟର ଦଶମ ଶତାବ୍ଦୀର ପଣ୍ଡିତ ମହାମହେଶ୍ୱରାଚାର୍ଯ୍ୟ ଅଭିନବ ଗୁପ୍ତ 'ରୁଦ୍ରାକ୍ଷମାଳ' ନାମକ ଗ୍ରନ୍ଥର ଭାଷ୍ୟ ରଚନା କରିଥିଲେ। ଉକ୍ତ ଭାଷ୍ୟ ଗ୍ରନ୍ଥରେ ଶ୍ରୀଜଗନ୍ନାଥଙ୍କ ମହତ୍ତ୍ୱ ନିମ୍ନୋକ୍ତ ଶ୍ଲୋକରେ ଉପସ୍ଥାପିତ ହୋଇଛି।

ଏତେଷାଂ ସ୍ତବନଂ କୁର୍ଯ୍ୟାତ୍ ପରଦେବ ସମନ୍ୱିତମ୍।
ଏତତ୍ ପ୍ରକାର କରଣେ ଯଷ୍ଟ ପ୍ରତ୍ୟାହ ମାଶୁଗଃ ॥
କ୍ରିୟା ନିବିଷ୍ଟ ସର୍ବତ୍ର ଭାବନା ଗ୍ରହ ରୂପ ଧୃକ୍।
ସ ପଶ୍ୟତି ଜଗନ୍ନାଥଂ କମଳୋରୂପତିଂ ହରିମ୍ ॥

ଦ୍ୱାଦଶ ଶତାବ୍ଦୀରେ ହିନ୍ଦୀ ଭାଷାରେ କବି ନରପତି ନଲହଙ୍କ ଦ୍ୱାରା ରଚିତ 'ବିସଲ ଦେବ ରାସୋ' ଗ୍ରନ୍ଥରେ ଜଗନ୍ନାଥଙ୍କ ମହିମା ଉପସ୍ଥାପିତ ହୋଇଛି। ଏହିପରି ଭାବରେ ଭାରତୀୟ ସାହିତ୍ୟରେ ବହୁ ପ୍ରକାରେ ଭାରତୀୟ ସଂସ୍କୃତିର ମୂର୍ତ୍ତ ପ୍ରତୀକ ଶ୍ରୀଜଗନ୍ନାଥଙ୍କ ମହିମା ପ୍ରଖ୍ୟାପିତ ହୋଇଛି।

ଭାରତୀୟ ସଂସ୍କୃତିର ଅନ୍ୟତମ ବଳିଷ୍ଠ ତଥା ଆକର୍ଷଣୀୟ ବିଭବ ହେଉଛି ଭ୍ରାତୃଭାବ। ଶ୍ରୀଜଗନ୍ନାଥ ଚେତନା ଏହି ଭାବକୁ ଭିତ୍ତି କରି ପ୍ରତିଷ୍ଠିତ। ଭାଇ ଓ ଭଉଣୀଙ୍କ ସହ ଶ୍ରୀଜଗନ୍ନାଥ ବିଜେ କରିଥାନ୍ତି ରତ୍ନ ସିଂହାସନରେ। ଘୋଷ ଯାତ୍ରାର ପବିତ୍ର ଅବସରରେ ଭାଇ ଓ ଭଉଣୀଙ୍କ ସହ ଶ୍ରୀଜଗନ୍ନାଥ ଯଜ୍ଞ ବେଦୀକୁ ଅର୍ଥାତ୍ ଗୁଣ୍ଡିଚା ମନ୍ଦିରକୁ ଯାତ୍ରା କରିଥାନ୍ତି। ଲକ୍ଷ୍ମୀ ସାଥୀରେ ଯାଆନ୍ତି ନାହିଁ। ଭ୍ରାତୃ ଭାବନା ପାଇଥାଏ ଜଗନ୍ନାଥ ସଂସ୍କୃତିରେ ଉଚ୍ଚାସନ। ସମଗ୍ର ବିଶ୍ୱ ଜୀବନକୁ ଭାରତୀୟ ସଂସ୍କୃତିର ଅନବଦ୍ୟ ଅବଦାନ ରୂପରେ ଗୃହୀତ ଭ୍ରାତୃଭାବର ଅଭିବ୍ୟକ୍ତ ରୂପ ଶ୍ରୀଜଗନ୍ନାଥ ଚେତନାରେ ପ୍ରକଟିତ ହୋଇଛି। ଭାରତୀୟ ସଂସ୍କୃତିର ମହତ୍ତ୍ୱ ଓ ମୂଲ୍ୟବୋଧ ଜଗନ୍ନାଥ ଚେତନାରେ କେବଳ ସୁରକ୍ଷିତ ହୋଇନାହିଁ, ବହୁଗୁଣିତ ହୋଇଛି ମଧ୍ୟ। ଶ୍ରୀଜଗନ୍ନାଥ ତାଙ୍କ ସେବା ପୂଜାରେ କେବଳ ବ୍ରାହ୍ମଣମାନଙ୍କୁ ସୁଯୋଗ ଦେଇନାହାନ୍ତି, ଅନ୍ୟମାନଙ୍କୁ ମଧ୍ୟ ସୁଯୋଗ ଦେଇଛନ୍ତି। ଭ୍ରାତୃଭାବର ପରମ ପ୍ରତିଷ୍ଠା ଓ ଚରମ ଉପଲବ୍ଧି ନିମନ୍ତେ ଅପୂର୍ବ ସୁଯୋଗ ରହିଛି ଜଗନ୍ନାଥ ସଂସ୍କୃତିରେ। ତନ୍ତୀ ବଳଗଣ୍ଡିରେ ଲୁଗା ବୁଣି ଦିଅନ୍ତି, କେଉଯ ଚୂଡ଼ା କୁଟିବା ସେବା କରିଥାନ୍ତି, ଭୋଇ ରଥ ଗଢ଼ା ବେଳେ ମଞ୍ଚା ବାନ୍ଧିବା କାର୍ଯ୍ୟ କରିଥାନ୍ତି, ଡମ ତାଟି ବୁଣିବା, ହାଡ଼ି ବାହାର ଖରକା ସେବା, ଚଷା ପାଣି ଯୋଗାଇବା ପ୍ରଭୃତି ସେବା କରିଥାନ୍ତି। ସମସ୍ତଙ୍କ ଭିତରେ ସହଯୋଗର ଭାବ, ଆତ୍ମୀୟତାର ଭାବ ଶ୍ରୀଜଗନ୍ନାଥଙ୍କ ସେବା ପୂଜାରେ ଅନୁଭବ କରିହୁଏ। ଜାତି, ବର୍ଣ୍ଣ ନିର୍ବିଶେଷରେ ମଣିଷ ଯେ ଭାଇଭାଇ ଏକଥା ଜଗନ୍ନାଥଙ୍କ ମହାପ୍ରସାଦ ଉଦ୍‌ଘୋଷଣା କରିଛି। ଜଗନ୍ନାଥ ଚେତନାକୁ ବିଶ୍ଳେଷଣ କଲେ ଏଥିରେ ଭାରତୀୟ ସଂସ୍କୃତିର ନିର୍ମଳ ନିର୍ଯ୍ୟାସ ଯେ ଅନ୍ତର୍ନିହିତ ଭାବରେ ରହିଛି, ଏହା ଜଣେ ସହଜରେ ଅନୁଭବ କରିପାରିବ।

ସାମ୍ୟ ଭାବ ହେଉଛି ଭାରତୀୟ ସଂସ୍କୃତିର ଅନ୍ୟତମ ମନୋଜ୍ଞ ବିଭବ। ଏହି ସଂସ୍କୃତିରେ ତେତିଶ କୋଟି ଦେବତା ପୂଜିତ ହୁଅନ୍ତି। ଶ୍ରୀଜଗନ୍ନାଥଙ୍କ ଶ୍ରୀମନ୍ଦିର ବେଢ଼ାରେ ବହୁ ଦେବାଦେବୀଙ୍କର ଉପାସନା ଭାରତୀୟ ସଂସ୍କୃତିର ଏହି ମହତ୍ତ୍ୱ ଓ ମୂଲ୍ୟବୋଧକୁ ଉଦ୍‌ଘୋଷଣା କରୁଛି। ଉଭୟ ହରି ଓ ହର ଏକତ୍ର ରହିଛନ୍ତି ମନ୍ଦିରରେ। ଗଣ, ନାରାୟଣ, ରୁଦ୍ର, ଅମ୍ବିକା ଏବଂ ଭାସ୍କର ଆଦି ପଞ୍ଚ ଦେବତାଙ୍କର ଉପାସନା ଶ୍ରୀଜଗନ୍ନାଥଙ୍କ ମନ୍ଦିରରେ କରାଯାଏ। ଚାରି ବେଦର ସୁଷମ ସମନ୍ୱୟରେ ଚତୁର୍ଦ୍ଧା ମୂର୍ତ୍ତିର ପରିକଳ୍ପନା କରାଯାଇଛି ବୋଲି କହିବାକୁ ଯାଇ ଓଡ଼ିଆ କବି

କହିଛନ୍ତି-

ବଳଭଦ୍ର ଯେ ସାମ ହୋଇ, ଋକ୍ ଯେ ସୁଭଦ୍ରା ଅଟଇ।
ଯଜୁ ବେଦ ଶ୍ରୀଜଗନ୍ନାଥ, ଅଥର୍ବ ସୁଦର୍ଶନ ପାର୍ଥ ॥

ସାମ୍ୟ ଓ ମୈତ୍ରୀର ଜୟଯାତ୍ରା ଶ୍ରୀଜଗନ୍ନାଥ ସଂସ୍କୃତିରେ ବହୁଳ ଭାବରେ ଦେଖିବାକୁ ମିଳେ। ବିଶେଷତଃ ରଥଯାତ୍ରା ହେଉଛି ପ୍ରୀତି ଓ ମୈତ୍ରୀ ତଥା ମାନବିକତାର ସୁରମ୍ୟ ଜୟଯାତ୍ରା। ସର୍ବଜନ ସୁଖାୟ, ସର୍ବଜନ ହିତାୟ ଏ ଯାତ୍ରା। ରଥଯାତ୍ରାର ପରିକଳ୍ପନା ବୌଦ୍ଧ ଧର୍ମ ଧାରାରୁ ଆସିଛି ବୋଲି କେତେକ ଆଲୋଚକ ମତ ଦିଅନ୍ତି। ଭାରତୀୟ ସଂସ୍କୃତିର ଅନ୍ୟତମ ଉପାଦାନ ଆଦିବାସୀ ସଂସ୍କୃତିର ବହୁଳ ପ୍ରଭାବ ଶ୍ରୀଜଗନ୍ନାଥ ଚେତନାରେ ଅନୁଭବ କରିହୁଏ। ଅତୀତରେ ପ୍ରତିବର୍ଷ ପୁରୀରେ ଅନୁଷ୍ଠିତ ରଥଯାତ୍ରାପାଇଁ କେଉଁଝରେ ଭୂୟାଁ ସମ୍ପ୍ରଦାୟର ଲୋକେ ରତ କାଠ ଓ ରଥ ଟାଣିବାପାଇଁ ଦଉଡ଼ି ଯୋଗାଇ ଦେଉଥିଲେ। ବ୍ରାହ୍ମଣ୍ୟ ଧର୍ମର ଆରାଧ୍ୟ ଦେବତା ଶ୍ରୀଜଗନ୍ନାଥ ଯେ ଶବର ଦେବତା ଥିଲେ ଏହା ବିଶ୍ୱାସ କରାଯାଏ। ମଧ୍ୟପ୍ରଦେଶର ବିଳାସପୁର ଜିଲ୍ଲାରେ ଶବର ନାରାୟଣ ବୋଲି ସ୍ଥାନ ଅଛି। ଏଠାରୁ ଜଣେ ବ୍ରାହ୍ମଣ ଶ୍ରୀଜଗନ୍ନାଥଙ୍କ ବିଗ୍ରହଙ୍କୁ ମହାନଦୀ ବାଟେ ପୁରୀ ଘେନି ଆସିଥିଲେ ବୋଲି ଏକ ଜନଶ୍ରୁତି ଅଛି।

ଶ୍ରୀଜଗନ୍ନାଥଙ୍କ ଦ୍ୱାଦଶ ଯାତ୍ରା ଭିତରେ ଶ୍ରେଷ୍ଠ ଯାତ୍ରା ଭାବରେ ଘୋଷଯାତ୍ରାର ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ଏ ଅନୁଷ୍ଠାନରେ ବୁହ ସମ୍ପ୍ରଦାୟର ଭକ୍ତମଣ୍ଡଳୀ ଆସି ଏକତ୍ର ହୁଅନ୍ତି। ଦିଗ ଦିଗନ୍ତରେ ଆନନ୍ଦର ମନ୍ଦାକିନୀ ମହିମା ଗାନ କରୁଥାନ୍ତି। ଅପୂର୍ବ ସେ ଦୃଶ୍ୟ, ଅନୁଭବ୍ୟ ସେହି ଭାବ ସମ୍ଭାର। ନୟନ କରି ପ୍ରଭୁଙ୍କୁ ଦେଖିବାର ଦୁର୍ବାର ଲାଳସା ସମବେତ ଜନତା ପ୍ରାଣରେ ଚଞ୍ଚଳତା ଭରି ଦିଏ, ଦେହରେ ଭରିଦିଏ ଅପୂର୍ବ ପୁଲକ। ପ୍ରୀତିମୁଗ୍ଧ ଭାବଧାରାର ତରଙ୍ଗ ମାଳାରେ ପ୍ଲାବିତ ହୁଏ ବଡ଼ଦାଣ୍ଡ। ପରମ ପ୍ରଭୁ ପୁରୁଷୋତ୍ତମ ଶ୍ରୀଜଗନ୍ନାଥଙ୍କ ଚରଣରେ ସହସ୍ର ପ୍ରଣାମ ଜଣାଇ ଆଚାର୍ଯ୍ୟ ଶଙ୍କରଙ୍କ ବିରଚିତ ଶ୍ଲୋକଟିକୁ ସ୍ମରଣ କରନ୍ତି ଭକ୍ତବୃନ୍ଦ।

ନ ବୈପ୍ରାର୍ଥ୍ୟଂ ରାଜ୍ୟଂ ନ ଚ କନକ ମାଣିକ୍ୟ ବିଭବମ୍।
ନ ଯାଚେଽହଂରମ୍ୟାଂ ସକଳ ଜନକାମ୍ୟାଂ ବରବଧୂମ୍ ॥
ସଦା କାଳେ କାଳେ ପ୍ରମଥ ପତିନା ଗୀତ ଚରିତୋ।
ଜଗନ୍ନାଥଃ ସ୍ୱାମୀ ନୟନପଥଗାମୀ ଭବତୁ ମେ ॥

ଶ୍ରୀଜଗନ୍ନାଥ କେବଳ ଅତୀତ ବା ବର୍ତ୍ତମାନର ଦେବତା ନୁହନ୍ତି, ସେ ମଧ୍ୟ ଆଗାମୀର ଦେବତା। ସାମ୍ୟ ଓ ମୈତ୍ରୀର ପ୍ରତୀକ ଏହି ଜଗନ୍ନାଥ ଚେତନା ସର୍ବକାଳୀନ ଓ ସାର୍ବଜନୀନ, ଏଥିରେ ଦ୍ୱିରୁକ୍ତି ନାହିଁ। ବିଶ୍ୱ ମାନବର ଗତିପଥରେ ଆଗାମୀ ଦିନରେ ଏହି ସାମ୍ୟ ଓ ମୈତ୍ରୀ ଅଧିକରୁ ଅଧିକ ବରଣୀୟ ହେବ। ମାନବ ଜାତିର ଭାଗ୍ୟାକାଶକୁ ସମୁଜ୍ଜ୍ୱଳ ଦୀପ୍ତିରେ ଉଦ୍ଭାସିତ କରିବା ପାଇଁ ଆଲୋକ ବରଣୀ ଉଷା ଅପେକ୍ଷା କରି ରହିଛନ୍ତି। ଯେଉଁଦିନ ଧରିତ୍ରୀରେ ତାଙ୍କ ପୂର୍ଣ୍ଣ ଅଭିବ୍ୟକ୍ତି ଘଟିବ, ସେହିଦିନ ଶ୍ରୀକ୍ଷେତ୍ରର ରଥଯାତ୍ରାର ପୂର୍ଣ୍ଣ ମୂଲ୍ୟାୟନ ସମ୍ଭବ ହେବ ବୋଲି ମହାଯୋଗୀ ଶ୍ରୀଅରବିନ୍ଦ ଉଦ୍‌ଘୋଷଣା କରିଛନ୍ତି।

ଭାରତୀୟ ସଂସ୍କୃତି ଜ୍ଞାନ, ଭକ୍ତି ଓ କର୍ମର ସମନ୍ୱୟ ଉପରେ ଗୁରୁତ୍ୱ ଆରୋପ କରିଥାଏ। ଆଗାମୀ ଦିନରେ ଆତ୍ମିକ ସ୍ତରର ଏହି ସମନ୍ୱୟ ଅଧିକରୁ ଅଧିକ ପ୍ରକଟିତ ହେବ। ସେତେବେଳେ ଶ୍ରୀଜଗନ୍ନାଥ ଚେତନାର ମହତ୍ତ୍ୱ ବହୁଗୁଣିତ ହେବ।

□□

ଲୀଳା ବିଳାସୀ ଶ୍ରୀଜଗନ୍ନାଥ

ଏକାଧାରରେ ତତ୍ତ୍ୱ ଓ ଲୀଳାର ପ୍ରତୀକ, ଐଶ୍ୱର୍ଯ୍ୟ ଓ ମାଧୁର୍ଯ୍ୟର ପ୍ରତୀକ, ପରାର୍ଦ୍ଧ ଚେତନା ଓ ଅପରାର୍ଦ୍ଧ ଚେତନାର ପ୍ରତୀକ ଶ୍ରୀଜଗନ୍ନାଥଙ୍କୁ ଶତକୋଟି ପ୍ରଣାମ। ଲୀଳା ପୁରୁଷୋତ୍ତମଙ୍କ ପାଇଁ ନୀଳାଚଳଧାମ ନିତ୍ୟ ଚଳଚଞ୍ଚଳ। ତାଙ୍କୁ ନେଇ ଓ ତାଙ୍କ ପାଇଁ ଦ୍ୱାଦଶ ଲୀଳା, ସତେଇଶ ଉପଲୀଳା, ପୁଣି ଏକଶହ ଆଠ ପର୍ବପର୍ବାଣୀ ଉଦ୍ଦିଷ୍ଟ। ଅନୁରାଗର ଭିତ୍ତିରେ ସବୁକିଛି ପରିକଳ୍ପିତ, ପ୍ରଯୋଜିତ ଓ ପରିଚାଳିତ। ପ୍ରଭୁଙ୍କର ଲୀଳା ବିଳାସରେ ବୈରାଗ୍ୟର ହିମଶୀତଳତା ନାହିଁ ବରଂ ଅନୁରାଗର ସ୍ନିଗ୍ଧ ପ୍ରଫୁଲ୍ଲତା ଅଛି। ବିଭିନ୍ନତା ମଧ୍ୟରେ ଏକତା, ବହୁମୁଖୀନତା ଭିତରେ ଏକମୁଖୀନତା ଏହି ଅନୁରାଗର ମୌଳିକତା। ବହୁତ ସେବକ ମାତ୍ର ସେବ୍ୟ ସେହି ଏକ। ବହୁ ନଦୀ ପ୍ରବାହର ସମନ୍ୱୟରେ ସେ ହିଁ ଏକମାତ୍ର ରସସିନ୍ଧୁ। ଦ୍ୱାଦଶ ଲୀଳାର ତାଲିକା କବି ଲୋକନାଥ ବିଦ୍ୟାଧର ପ୍ରଦାନ କରି କହିଛନ୍ତି-

"ଶୁଣ ହେ ସାଧୁଜନ ମାନେ ଏଥେ ଦେଇ ମାନସ
ଦ୍ୱାଦଶ ଉତ୍ସବ କରିବା ଯଥାବିଧି ପ୍ରକାଶ
ସ୍ନାନ ଶ୍ରୀଗୁଣ୍ଡିଚା ଶୟନଯାତ୍ରା ଅନ୍ତେ ଅୟନ
ପାରୁଶ ପରିବର୍ତ୍ତନ ଉତ୍‌ଥାପନ ଓଡ଼ଣ
ଅୟନ ଅଭିଷେକ ଦୋଳ ଦମନକ ଚନ୍ଦନ
ଏ ରୂପେ ଦ୍ୱାଦଶ ଉତ୍ସବ ଏକେ ଏକେ ସଘନ।"

(ନୀଳାଦ୍ରି ମହୋତ୍ସବ)

ଏଥି ମଧ୍ୟରୁ ଦୁଇଗୋଟି ଲୀଳା ହେଉଛି ପରମ ପ୍ରଭୁ ଶ୍ରୀଜଗନ୍ନାଥଙ୍କର ସ୍ୱୟଂ ଲୀଳା। ସେଥିରୁ ଗୋଟିଏ ହେଉଛି ସ୍ନାନ ଲୀଳା ଓ ଅନ୍ୟଟି ଶ୍ରୀଗୁଣ୍ଡିଚା ଲୀଳା କବି ସମ୍ରାଟ ଉପେନ୍ଦ୍ରଭଞ୍ଜ କହନ୍ତି-

ସ୍ନାନ ଗୁଣ୍ଡିଚା ଏ ବେନି ସ୍ୱୟଂ ଲୀଳାଯାର
ପତିତପାବନ ଅର୍ଥେ ପ୍ରାସାଦୁଁ ବାହାର।"

(କୋଟି ବ୍ରହ୍ମାଣ୍ଡ ସୁନ୍ଦରୀ)

ଭକ୍ତ ଚାତକ ନିମନ୍ତେ ବର୍ଷା ଝରାଇ ଶ୍ରୀଗୁଣ୍ଡିଚା ଯାତ୍ରା ବା ରଥଯାତ୍ରା ଆସେ। ଏହା ଦେବମାନବର ଅର୍ଚ୍ଚିତ ପୁଷ୍ୟା ନକ୍ଷତ୍ର ଯୁକ୍ତ ଆଷାଢ଼ର ଶୁକ୍ଳ ଦ୍ୱିତୀୟା ତିଥି। ସାରା ବର୍ଷ ଭିତରେ ପବିତ୍ରତମ ସର୍ବମଙ୍ଗଳମୟ ଏଇ ତିଥି ବିଶ୍ରଦିଏ ମର୍ତ୍ତ୍ୟରେ ଅମର୍ତ୍ତ୍ୟ ଲାବଣ୍ୟର କିରଣ କାନ୍ତି ଓ ଦିବ୍ୟଚେତନାର ପରମ ପ୍ରଶାନ୍ତି। ଦେବ ବାଦ୍ୟ ବାଜିଉଠେ ଗଗନ ପବନରେ ଯାହା ଭକ୍ତର କାନକୁ ଶୁଭେ। ପାରିଜାତ ଫୁଲ ପାଖୁଡ଼ା ଝରିପଡ଼େ ବଡ଼ଦାଣ୍ଡରେ ଯାହା ଭକ୍ତର ଆଖିକୁ ଦିଶେ। ଦେବ କାମିନୀଙ୍କର ନୃତ୍ୟ ଛନ୍ଦରେ ବାତାବରଣ ଛନ୍ଦାୟିତ ହୋଇଉଠେ, ଯାହା ଭକ୍ତର ଦୃଷ୍ଟିକୁ ଆକୃଷ୍ଟ କରେ। ଲୀଳା ପୁରୁଷୋତ୍ତମଙ୍କର ସ୍ୱୟଂଲୀଳା ଏଇ ଯାତ୍ରା ଲକ୍ଷ ଲକ୍ଷ ଲୋକଙ୍କୁ ଟାଣି ଆଣେ ପୁରୀର ବଡ଼ଦାଣ୍ଡକୁ।

ଶ୍ରୀଜଗନ୍ନାଥ ସେଦିନ ରତ୍ନସିଂହାସନରୁ ଅବତରଣ କରି ଆସନ୍ତି ଭକ୍ତମାନଙ୍କୁ ଦେଖିବେ ବୋଲି, ଭକ୍ତଙ୍କର ଦୁଃଖ ଗୁହାରି ଶୁଣିବେ ବୋଲି।

ସେଦିନ ସଜସକାଳରୁ ସରିଯାଏ ମଙ୍ଗଳ ଆଳତି। ଅବକାଶାଦିପରେ ସୂର୍ଯ୍ୟ ପୂଜା ଓ ଦ୍ୱାରପାଳ ପୂଜା ବଢ଼େ। କୋଠଭୋଗ ପରେ ତିନି ବାଡ଼ରେ ମଙ୍ଗଳାରୋପଣ କରାଯାଏ। ପରେ ଡୋର ଲାଗି ଓ ତୂଳି ଲାଗି ବଢ଼େ। ଛାମୁଖୁଣ୍ଟିଆଙ୍କର 'ମଣିମା' 'ମଣିଆ' ଡାକପଡ଼େ, ଶ୍ରୀ ଜୀଉଙ୍କର ରୁଦ୍ଧାଫିଟେ, ବିଜେ କାହାଳୀ ବାଜେ ଓ ଶ୍ରୀ ଜୀଉମାନେ କ୍ରମାନ୍ୱୟରେ ରତ୍ନସିଂହାସନରୁ ଅବତରଣ କରନ୍ତି, ପାଟ ଅଗଣାରେ ସାତପାହାଚ ଓହ୍ଲାଇ ବିଜେ ହୁଅନ୍ତି, ଉତ୍ତରଦୁଆର ସିଧାରେ ରାଘବ ଦାସ ମଠ ଦ୍ୱାରା ନିବେଦିତ ଚୂଳ ଓ ଟାହିଆ ଲାଗି କରାଯାଏ। ସେଠାରେ ବନ୍ଦାପନା କରାଯାଇ ଆରମ୍ଭ ହୁଏ ଶ୍ରୀଜୀଉମାନଙ୍କର ପହଣ୍ଡିବିଜେ। ପ୍ରଭୁ ସୁଦର୍ଶନ ଓ ମା'ସୁଭଦ୍ରା ପହଣ୍ଡ ପକାଇ ବିଜେ କରନ୍ତି ନାହିଁ। କେବଳ ଶ୍ରୀ ବଳଭଦ୍ର ଓ ଶ୍ରୀ ଜଗନ୍ନାଥ ପହଣ୍ଡ ପକାଇ ବିଜେ କରନ୍ତି। ସମସ୍ତ ଜୀଉ ଆନନ୍ଦବଜାର ବାଟ ଦେଇ ବାଇଶି ପାହାଚରେ ପହଞ୍ଚି ତଳକୁ ଖସି ସିଂହଦୁଆରରେ ପହଞ୍ଚନ୍ତି। ଓଡ଼ିଆ ଭାଷାରେ ପ୍ରଚଳିତ 'ପହୁଣ୍ଡ' ଶବ୍ଦଟି ସଂସ୍କୃତ ଉଷାର 'ପଦହୁଣ୍ଡନ' ଶବ୍ଦରୁ ନିଷ୍ପନ୍ନ ହୋଇଛି ବୋଲି କୁହାଯାଏ। ଏହାର ଅର୍ତ ହେଉଛି ଧିରଧିର ପଦକ୍ଷେପ। ପୁଣି 'ବିଜୟ' ଶବ୍ଦରୁ ଓଡ଼ିଆରେ 'ବିଜେ' ଶବ୍ଦର ସୃଷ୍ଟି। ରାଜା ଓ ଦେବତାଙ୍କର ଗତିଶୀଳତାକୁ 'ବିଜେ' ବୋଲି କୁହାଯାଏ। ଶ୍ରୀବଳଭଦ୍ର ଓ ଶ୍ରୀଜଗନ୍ନାଥ ମହାପ୍ରଭୁ ଧିରଧିର ଚାଲିରେ ଆସି ବଡ଼ଦାଣ୍ଡରେ ଉଭା ହୁଅନ୍ତି ବୋଲି ତାଙ୍କ ଆସିବାକୁ ପହଣ୍ଡିବିଜେ କୁହାଯାଏ। ପହଣ୍ଡି ବିଜେ ହେଉଛି ଦୁଇ ପ୍ରକାରର, ଯଥା- ଗୋଟି ପହଣ୍ଡି ଏବଂ ଧାଡ଼ି ପହଣ୍ଡି। ଗୋଟିଏ ବିଗ୍ରହ ସିଂହାସନରୁ ଓହ୍ଲାଇ ପହଣ୍ଡିରେ ଯାଇ ଗନ୍ତବ୍ୟ ସ୍ଥଳରେ ଯାଇ ପହଞ୍ଚିବା ପରେ ଆଉ ଏକ ବିଗ୍ରହଙ୍କର ସିଂହାସନରୁ ଅବତରଣ କରାଯାଇ ଯେଉଁ ପହଣ୍ଡି କରାଯାଏ, ତାକୁ ଗୋଟି ପହଣ୍ଡି କୁହାଯାଏ। ଏକ ସଙ୍ଗରେ ପହଣ୍ଡି ବିଜେକୁ ଧାଡ଼ିପହଣ୍ଡି କୁହାଯାଏ। ଗୁଣ୍ଡିଚାଯାତ୍ରାର ପହଣ୍ଡିକୁ ମହାପହଣ୍ଡି ବୋଲି ମଧ୍ୟ କୁହାଯାଏ।

ମହାପ୍ରଭୁ ଶ୍ରୀ ଜଗନ୍ନାଥ ଯିଏକି ସହସ୍ରଶୀର୍ଷା ପୁରୁଷ, ସହସ୍ରାକ୍ଷଃ ସହସ୍ର ପାଦ, ସେ ପୁଣି ଅପାଣି ପାଦୋ, ସେ ଭକ୍ତାଧୀନ ଦୈବତଂ। ଭୂଃ, ଭୂବଃ, ସ୍ୱଃ, ମହ, ଜନ, ତପଃ, ସତ୍ୟ ଏହି ସପ୍ତଲୋକ ଏବଂ ଅତଳ, ସୁତଳ, ବିତଳ, ତଳାତଳ, ମହୀତଳ, ରସାତଳ ଓ ପାତାଳ ପ୍ରଭୃତି ସପ୍ତ ତଳ ଏବଂ ଶ୍ରୀବୈକୁଣ୍ଠ, କୈବଲ୍ୟ ବୈକୁଣ୍ଠ, ପରବ୍ୟୋମ ବୈକୁଣ୍ଠ, କାରଣାର୍ଣ୍ଣବ ବୈକୁଣ୍ଠ, ଶେଷଗାୟତ୍ରୀ ବୈକୁଣ୍ଠ, ବିଶ୍ୱଦ୍ୱେଷ ବୈକୁଣ୍ଠ, ଗର୍ଭୋଦକଶାୟୀ ବୈକୁଣ୍ଠ ଓ କୈଳାସ ବୈକୁଣ୍ଠ ପ୍ରଭୃତି ଅଷ୍ଟ ବୈକୁଣ୍ଠର ପ୍ରତୀକ ସବୁ ମିଶି ମୋଟ ୨୨ (ବାଇଶି) ପାହାଚରୁ ପରମ ପ୍ରଭୁ ଅବତରଣ କରି ତଳକୁ ଆସନ୍ତି। କୁହାଯାଏ ଯେ ୨୨ ପାହାଚ ହେଉଛି ଜୈନଧର୍ମର ବାଇଶି ତୀର୍ଥଙ୍କରଙ୍କର ପବିତ୍ର ସ୍ମୃତିର ଅମ୍ଲାନସ୍ମାରକୀ। ପୁନଶ୍ଚ କୁହାଯାଏ ଯେ ପଞ୍ଚଭୂତ, ପଞ୍ଚଜ୍ଞାନେନ୍ଦ୍ରିୟ, ପଞ୍ଚକର୍ମେନ୍ଦ୍ରିୟ, ପଞ୍ଚତନ୍ମାତ୍ର, ମନ ଓ ବୁଦ୍ଧି ହେଉଛି ୨୨ ପାହାଚର ପ୍ରତୀକ। ଏସବୁକୁ ଅତିକ୍ରମ କଲେ ପରମପ୍ରଭୁଙ୍କର ଦର୍ଶନ ଓ କୃପା ମିଳିଥାଏ। ଦର୍ଶନ କେବଳ ଚର୍ମଚକ୍ଷୁର ଅବଲୋକନ ନୁହେଁ ବରଂ ଏହା ଏକ ଅନୁଭବ।

ପହଣ୍ଡି ବେଶରେ ଶ୍ରୀବଳଭଦ୍ର ଓ ଶ୍ରୀଜଗନ୍ନାଥଙ୍କ ଶ୍ରୀଅଙ୍ଗରେ ଖଣ୍ଡୁଆ ଲାଗି ହୋଇଥାଏ। କପାଳରେ ନଥାଏ ସ୍ୱର୍ଣ୍ଣ ଚିତା ବା ପୁଷ୍ପର ତିଳକ। କେବଳ ଥାଏ ଫୁଲର ଟାହିଆ। ସେ ଟାହିଆର ମନମୋହିନୀ ଶୋଭାରେ ଭକ୍ତ ନୟନ ଲାଖି ରହେ। ଶ୍ୱେତ କୁସୁମର ସଜଡ଼ା କୁଞ୍ଜରେ ନାଲିରଙ୍ଗଣୀ ଫୁଲର ସୋରା ସୋରା ଶୋଭା ନୟନ ଲୋଭନୀୟ ହୋଇଥାଏ। ଅଶ୍ୱତ୍ଥ ପତ୍ରାକାର ଏହି ଟାହିଆର ନିମ୍ନକେନ୍ଦ୍ରରେ ଥାଏ ତୁଳସୀର ଗୁଚ୍ଛ। ତୁଳସୀ ହେଉଛି ପବିତ୍ରତାର ପ୍ରମୂର୍ତ୍ତ ପ୍ରତୀକ। ଶୀର୍ଷରେ ଥାଏ ଦୂବ ଗୁଚ୍ଛ ଏବଂ ବରକୋଳି ପତ୍ର। ଟାହିଆର ସତେଜ ସୁନ୍ଦର ରୂପବିଭାରେ ପରିବେଶ ଝଲସି ଉଠେ। ରାଘବ ଦାସ ମଠଙ୍କର ପ୍ରଯତ୍ନରେ ଏହା ନିର୍ମିତ ହୋଇଥାଏ। ଏହା ଏକ ପ୍ରତିଷ୍ଠିତ ପରଂପରା। ଶ୍ରୀମନ୍ଦିରକୁ ଟାହିଆ ଆସିଲା ବେଳେ ବାଟରେ ପାଣି ସିଞ୍ଚା ହୁଏ। ଦକ୍ଷିଣ ଦ୍ୱାର ବାଟେ ଏହା ଭିତରକୁ ପ୍ରବେଶ କରେ। ଟାୟାଁ ବା ଟାଇଆ ହେଉଛି ଆଦିବାସୀମାନଙ୍କର ଏକ ଶିର ଭୂଷଣ ଯାହା ବିଭିନ୍ନ ପ୍ରକାର ଫୁଲରେ ନିର୍ମିତ ହୋଇଥାଏ ଏବଂ ଏଥିରେ ପକ୍ଷୀ ପର ମଧ୍ୟ ଖୋସା ହୋଇଥାଏ। ଏହି ଟାୟାଁ ବା ଟାଇଆ ଶବ୍ଦରୁ ଟାହିଆ

ଶବ୍ଦର ଉତ୍ପତ୍ତି ବୋଲି କୁହାଯାଏ। ଏହି ଟାହିଆ ଲାଗି ପରଂପରା ଆଦିବାସୀ ସଂସ୍କୃତିରୁ ଆସିଅଛି ବୋଲି ଜଣାଯାଏ। ସେହି ଟାହିଆରେ ବିମଣ୍ଡିତ ହୋଇ ପରମ ପ୍ରଭୁ ଯେଡ଼େ ସୁନ୍ଦର ଦିଶନ୍ତି, ତାହା ଭାଷାତୀତ। ପହଣ୍ଡିବେଳେ ପ୍ରଭୁ ଶ୍ରୀଜଗନ୍ନାଥଙ୍କର ବାମକୁ ଡାହାଣକୁ ଢଳି ପଡ଼ିବାର ଦୃଶ୍ୟ ଅତ୍ୟନ୍ତ ରମଣୀୟ।

ଫୁଲ ହେଉଛି ବିଶ୍ୱ ପ୍ରକୃତିର ଭଗବତ ଆରାଧନା ନିମନ୍ତେ ସର୍ବଶ୍ରେଷ୍ଠ ସୁକୁମାର ଉପାଦାନ। ଏହାର ଗ୍ରହଣଶୀଳତା ସ୍ୱତନ୍ତ୍ର ଓ ସର୍ବାଧିକ। ଭକ୍ତମାନଙ୍କର ଆବେଗ, ଆକୁଳତା, ପ୍ରାର୍ଥନା, ଅନୁଭବ ତଥା ପ୍ରୀତି ପ୍ରବଣତାର ଭାବତରଙ୍ଗକୁ ଏହା ଆହରଣ କରି ପରମ ପ୍ରଭୁଙ୍କ ନିକଟରେ ନିଖୁଣ ଭାବରେ ଉପସ୍ଥାପନା କରେ ଏବଂ ପ୍ରଭୁଙ୍କଠାରୁ ଅସୀମ ଅତୁଳନୀୟ କୃପା ଗ୍ରହଣ କରି ତାହାକୁ ଭକ୍ତମାନଙ୍କୁ ବିତରଣ କରିଦିଏ। ଏହି ସୁମହତ କ୍ରିୟାଟି ସମସ୍ତଙ୍କ ଅଲକ୍ଷ୍ୟରେ ସମ୍ପାଦିତ ହେଉଥାଏ। ଶ୍ରୀଜଗନ୍ନାଥଙ୍କର ଟାହିଆରେ ଖଞ୍ଜାଯାଇଥିବା ଫୁଲମାନେ ଏହି ସୁମହତ କ୍ରିୟାଟି ସମ୍ପାଦନ କରିଥାନ୍ତି। ସ୍ନାନଯାତ୍ରା, ଶ୍ରୀଗୁଣ୍ଡିଚା ଯାତ୍ରା ଓ ବାହୁଡ଼ାଯାତ୍ରାରେ ଚତୁର୍ଦ୍ଧା ମୂରତିଙ୍କୁ ଏହି ଟାହିଆ ଦ୍ୱାରା ବିଭୂଷିତ କରାଯାଏ। ଟାହିଆ କହେ ବ୍ରହ୍ମ ସତ୍ୟ, ଜଗତ ମିଥ୍ୟା। ରଘୁ ଅରକ୍ଷିତଙ୍କ ଶୁଭ ସ୍ମୃତିରେ ରାଘବ ଦାସ ମଠ ଏହି ଟାହିଆ ସେବା କରିଥାନ୍ତି। କିମ୍ବଦନ୍ତିରୁ ଜଣାଯାଏ ସେ ରଘୁ ଅରକ୍ଷିତ ଉତ୍ତପ୍ତ ବାଲିରେ ଧ୍ୟାନରତ ଥିଲାବେଳେ ଠାକୁର ନିଜେ ଗୋପାଳ ବେଶରେ ଯାଇ ତାଙ୍କ ମୁଣ୍ଡ ଉପରେ ଛତ୍ର ଢାଙ୍କି ଥିଲେ। ତେଣୁ କୃତଜ୍ଞତାର ସ୍ମାରକୀ ସ୍ୱରୂପେ ରଘୁ ଅରକ୍ଷିତ ମଠ ବା ରାଘବ ଦାସ ମଠ ପ୍ରଭୁଙ୍କ ଯାତାୟାତ କାଳରେ ଏହି ଟାହିଆ ଯୋଗାଇଥାନ୍ତି। ସ୍ନାନ, ଗୁଣ୍ଡିଚା ଓ ବାହୁଡ଼ାରେ ମୋଟ ୨୪ ଟାହିଆ ହୁଏ। ସେଥିରୁ ୮ ଗୋଟି ବଡ଼ ଓ ୧୬ଗୋଟି ଛୋଟ। ଶ୍ରୀମନ୍ଦିରରୁ ବାହାରିବା ଓ ଶ୍ରୀମନ୍ଦିରରକୁ ଫେରିବା ବେଳେ ୪ଗୋଟି ଲେଖାଏଁ ୮ଗୋଟି ବଡ଼ ଟାହିଆ, ଶ୍ରୀଗୁଣ୍ଡିଚା ମନ୍ଦିରରେ ପ୍ରବେଶ ଓ ପ୍ରସ୍ଥାନ କାଳରେ ୪ଗୋଟି ଲେଖାଁଏ ୮ ଗୋଟି ଛୋଟ ଲୋଡ଼ା ହୋଇଥାଏ। ସ୍ନାନଯାତ୍ରା ଦିନ ୨ଥର ଅର୍ଥାତ୍ ୪ଗୋଟି ଲେଖାଏଁ ୮ ଗୋଟି ଛୋଟ ଟାହିଆ ବ୍ୟବହୃତ ହୁଏ। ଶ୍ରୀବଳଭଦ୍ରଙ୍କ ଟାହିଆ ଠାରୁ ଶ୍ରୀଜଗନ୍ନାଥଙ୍କ ଟାହିଆରେ ଚାରି ଗୋଟି କାଠି ଅଧିକ ଲାଗିଥାଏ। ଶ୍ରୀଶ୍ରୀସୁଭଦ୍ରା ଓ ଶ୍ରୀସୁଦର୍ଶନଙ୍କ ଟାହିଆ ଟୋପର ଆକାରର ହୋଇଥାଏ। ଟାହିଆର ପ୍ରସ୍ତୁତିରେ ବାଉଁଶ, କଦଳୀ ପତୁକା, ସୋଲ, ଜରି ଜମ୍ବୁରା, ରଙ୍ଗୀନ କନା ସହିତ ବିଭିନ୍ନ ଫୁଲ ଆବଶ୍ୟକ ହୋଇଥାଏ। ଶ୍ରୀସୁଦର୍ଶନ ଜଡ଼ର ପ୍ରତୀକ, ମାଆ ସୁଭଦ୍ରା ପ୍ରାଣ ଶକ୍ତିର ପ୍ରତୀକ, ଶ୍ରୀବଳଭଦ୍ର ହେଉଛନ୍ତି ମନର ପ୍ରତୀକ, ଏବଂ ଶ୍ରୀଜଗନ୍ନାଥ ଆତ୍ମାର ଅଧୀଶ୍ୱର। ଅତଏବ ରଥଯାତ୍ରାରେ ଚତୁର୍ଦ୍ଧା ମୂରତି ଭକ୍ତ ଜନତାର ଗହଣକୁ ଆସି ଭକ୍ତ ଜନତାର ଦେହ, ପ୍ରାଣ, ମନ ଓ ଆତ୍ମାର ବିକାଶ ନିମନ୍ତେ ଶୁଭାଶିଷ ପ୍ରଦାନ କରିଥାନ୍ତି।

ଶ୍ରୀଜଗନ୍ନାଥ ହେଉଛନ୍ତି ପୂର୍ଣ୍ଣବ୍ରହ୍ମ, ପୁରୁଷୋତ୍ତମ। ସମସ୍ତେ ତାଙ୍କର, ସମସ୍ତେ ତାଙ୍କ ଭିତରେ ଓ ସେ ସମସ୍ତଙ୍କ ଭିତରେ। ଅନ୍ୟପ୍ରକାରେ କୁହାଯାଇପାରେ ଯେ ସେ ଏକାଧାରାରେ ବିଶ୍ୱଗତ ଓ ବିଶ୍ୱାତୀତ। ସେ ଏକାଧାରରେ ସ୍ରଷ୍ଟା ଓ ସୃଷ୍ଟି, ଦ୍ରଷ୍ଟା ଓ ଦୃଷ୍ଟି, ଅଭିନେତା ଓ ଅଭିନୟ, ଗାୟକ ଓ ଗାୟନ, ଚନ୍ଦନ ଓ ତା'ର ସୁବାସ, ବିଜୟୀ ଓ ତା'ର ବିଜୟ, ସାଧନା ଓ ସିଦ୍ଧି ଇତ୍ୟାଦି ଇତ୍ୟାଦି। ତାଙ୍କୁ ମର୍ମ ଚକ୍ଷୁରେ ଦେଖିଲେ ଆଉ କିଛି ଦେଖିବାକୁ ବାକି ନଥାଏ, ତାଙ୍କ କଥା ଅନ୍ତରରୁ ଶୁଣିପାରିଲେ ଆଉ କିଛି ଶୁଣିବାକୁ ବାକି ନଥାଏ। ସବୁ ସମ୍ପ୍ରଦାୟର ସେ ଆରାଧ୍ୟ ଦେବତା, ସବୁ ତତ୍ତ୍ୱର ସେ ଅଧିନାୟକ। ସେ କେବଳ ଉତ୍କଳ ନାଥ ନୁହନ୍ତି, ଭାରତର ନାଥ ନୁହନ୍ତି ବରଂ ସାରା ଜଗତ୍ ଅର୍ଥାତ୍ ଉଭୟ ଚର ଓ ଅଚରର ଅଧିପତି। ପଣ୍ଡିତ ନୀଳକଣ୍ଠଙ୍କ ମତରେ- "ସେ ରାମନାଥ ନୁହନ୍ତି, ଦ୍ୱାରକାନାଥ ନୁହନ୍ତି, ସେ ସାରା ଜଗତର ନାଥ, ତେଣୁ ତାଙ୍କ ନାମରେ ସାର୍ଥକତା ରହିଛି।" ଜଗତ୍ ଅର୍ଥାତ ଯାହା ଗତିଶୀଳ ଅର୍ଥାତ ଏଇ ପୃଥିବୀର ନାଥ ଅର୍ଥାତ ପ୍ରଭୁ ହେଉଛନ୍ତି ଜଗନ୍ନାଥ। ଯିଏ ଅନୁମନ୍ତାର ଭୂମିକାରେ ଅବତୀର୍ଣ୍ଣ, ସେ ହିଁ ଜଗନ୍ନାଥ।

ଓଡ଼ିଆ ସାହିତ୍ୟରେ ରଥଯାତ୍ରାର ପୁଷ୍ଖଳ ଚିତ୍ର ଦେଖିବାକୁ ମିଳେ। କବିମାନଙ୍କ ଦୃଷ୍ଟିକୁ ଭିନ୍ନଭିନ୍ନ ବାଗରେ ରଥଯାତ୍ରାର ରଥ ଓ ଅଧୀଶ୍ୱର ପ୍ରଭୁ ଶ୍ରୀଜଗନ୍ନାଥ ଦୃଷ୍ଟିଗୋଚର ହୋଇଛନ୍ତି। ରୀତିଯୁଗୀୟ କବି ଲୋକନାଥ ବିଦ୍ୟାଧରଙ୍କୁ ବଡ଼ଦାଣ୍ଡରେ ସୁସଜ୍ଜିତ ଭକ୍ତ ଜନବୃନ୍ଦ ଲହରୀ ପ୍ରାୟ ଦୃଶ୍ୟ ହୋଇଛନ୍ତି। ନୃତ୍ୟରତ ଭକ୍ତମଣ୍ଡଳୀ ମୟୂର ପ୍ରାୟ ଦୃଶ୍ୟ ହୋଇଛନ୍ତି। କବିଙ୍କ କଥାରେ-

"ରତ ମାନେ ପୋତ ପ୍ରାୟ ଦିଶନ୍ତି ଶୋଭିତ
ବହୁତ ରତନ ବସନରେ ସୁମଣ୍ଡିତ ହେ,
x x x
ବହୁତ ଜାତି ପରିପୂର୍ଣ୍ଣ ହୋଇ ଶୋଭା ପାଆନ୍ତି
ଭକ୍ତ ମଣ୍ଡଳୀ ନୃତ୍ୟଗୀତେ କେକୀ ପ୍ରାୟ ଦିଶନ୍ତି।" (ନୀଳାଦ୍ରି ମହେସ୍ୱବ)

ଶ୍ରୀଜଗନ୍ନାଥଙ୍କର ରଥର ଚକ, ପଟି, ରାହୁପଟି, କଳସ, ଦଧିନଉତି, କଣ୍ଠି, ଦଣ୍ଡଚକ୍ର ଓ କପିକେତନ ପ୍ରଭୃତିର ପ୍ରାଣବନ୍ତ ବର୍ଣ୍ଣନା କରି ଶ୍ରୀଯୁକ୍ତ ବିଦ୍ୟାଧରଙ୍କ ବର୍ଣ୍ଣମାଳାରେ ପ୍ରକଟିତ ହୋଇଛି। କପିକେତନର ଚିତ୍ର ପ୍ରଦାନ ପୂର୍ବକ କବି କହନ୍ତି-

"ତଥିପରେ କେତନ ସବୁ ଶୋଭାନିକେତନ
ସମସ୍ତ ରୂପେ ଯତନ ସେହୁ ଅଟଇ,
ପୁଣି ତଳକୁ ପଡ଼ଇ ବେନି ପାଶକୁ ଚଳଇ
ଯାହା ଉପରକୁ ଯାଇ ଏହ୍ନେ ଦିଶଇ
କି ନର୍ତ୍ତକ ହସ୍ତକ ହସ୍ତ। (ନୀଳାଦ୍ରି ମହୋସ୍ୱବ)

ଶ୍ରୀଜଗନ୍ନାଥଙ୍କର ଘୋଷଯାତ୍ରାର ପହଣ୍ଡି ବିଜେ କବି ଗୌରଚରଣଙ୍କ ମନରେ ଆଣିଛି ଭାବାନ୍ତର, ହୃଦୟରେ ପୁଲକର ଉଜୁଳ ପ୍ଲାବନ। ଆଖିରୁ ତାଙ୍କର ଝରିପଡ଼ିଛି ଦୁଇଧାର ଅଶ୍ରୁ। ଅତ୍ୟନ୍ତ ମନୋଜ୍ଞ ଭାଷାରେ ଅନ୍ତରର କଥା ପ୍ରକାଶିତ ହୋଇଛି 'ପହଣ୍ଡି ବିଜେ' ଗୀତରେ। ପହଣ୍ଡି ବିଜେ ଅବକାଶରେ ସେବକମାନଙ୍କର ଝିଙ୍କାଝିଙ୍କିରେ ଟଣା ଓଟରାରେ ସୁକୁମାର ତନୁକୁ ବାଧା ଲାଗିଥିବ ବୋଲି କବି ବିଚାର କରିଛନ୍ତି। ତାଙ୍କ ଭାଷାରେ-

"ସେବକମାନଙ୍କ ଅଙ୍ଗ ଶ୍ରମ ଝାଳ ଗମଗମ ପଡ଼େ ବହିକି
ଝିଙ୍କା ଝିଙ୍କି କରିବାରୁ ବାଧୁଥିବ ପରା ସୁକୁମାର ଦେହୀ କି
x x x

ଭକ୍ତି କୁସୁମ ଅଞ୍ଜଳି ପରମ ପ୍ରଭୁଙ୍କ ପାଦରେ ଅର୍ପଣ କରି ବିଭୁ ପ୍ରୀତି ଭାବନାରେ ଜୀବନକୁ ସାର୍ଥକ ମଣି କବି ଗଭୀର ଆଶାପୋଷଣ କରିଛନ୍ତି ଯେ ତାଙ୍କୁ ଶ୍ରୀଚରଣରେ ଓ ନନ୍ଦିଘୋଷ ରଥର ଛାଇରେ ଟିକିଏ ରହିବାକୁ ସ୍ଥାନ ମିଳିବ।

"ଅପଲକ ଦୃଷ୍ଟି କରରେ ମାନସ
ଆଉ ଏ ସମୟ ପାଇକି
ଗଉର ଚରଣ ପଶିଲା ଶରଣ
ନନ୍ଦିଘୋଷ ରଥ ଛାଇକି।"

ଅନ୍ୟ ଏକ ଗୀତରେ କବି ଗୌର ଚରଣ ଶ୍ରୀଗୁଣ୍ଡିଚା ଯାତ୍ରା ମହତ୍ତ୍ୱର ଉପସ୍ଥାପନା କରିଛନ୍ତି। ରଥ ଦଉଡ଼ି ତାଙ୍କୁ ଦିଶିଛି ବାସୁକୀ ସର୍ପ ପରି ଏବଂ ଦେବତାମାନେ ଭକ୍ତ ରୂପରେ ରଥ ଟାଣିଲା ପରି କବିଙ୍କୁ ଦୃଶ୍ୟ ହୋଇଛି।

କବିଙ୍କ ଭାଷାରେ-

"ରଥର ଦଉଡ଼ି ଲମ୍ବେ ଧାଡ଼ି ଧାଡ଼ି
କିବା ସେ ବାସୁକୀ ଫଣୀକି
ନର ସ୍ୱରୂପେ ଅମର ଗଣ ମିଶି
ସଧୀରେ ଧରନ୍ତି ଟାଣିକି।"

ନନ୍ଦିଘୋଷ ରଥ ଆଗକୁ ଚାଲିଲା ବେଳେ ହେଉଥିବା ଘୋର ଘର୍ଘର ନାଦକୁ କବି ପାପତାପହାରୀ ଦେବ ନିର୍ଦ୍ଦେଶନାମା ବୋଲି କହିଛନ୍ତି। ବଡ଼ ଦାଣ୍ଡରେ ପଶିପାରେ ନାହିଁ ଘାତକ ସେତେବେଳେ, କାରଣ ରଥର ଘୋଷଧ୍ୱନି

ଏହାକୁ ଆସିବାକୁ ପ୍ରତିରୋଧକରେ, ଯାହା ଆଗରୁ ପଶି ଆସିଥାଏ ତାହାକୁ ଯଥା ଶୀଘ୍ର ଅଠର ନଳା ଡେଇଁ ପଳାଇଯିବାକୁ ସେହି ଘୋଷ ଧ୍ୱନି କଠୋର ଆଦେଶ ଦିଏ। କବିଙ୍କ କଥାରେ-

"ଗର୍ଜୁ ନାହିଁ ତର୍ଜୁ ଅଛି ସେ ପ୍ରକୋପେ
ବର୍ଜୁଛି ପାତକ ଶ୍ରେଣୀକି
ପଳାତୁ ଅଠର ନଳାଠାରୁ ବଳି
ନ ଆସିବୁ ଆଉ ଏଣିକି।"

ଶ୍ରୀଜଗନ୍ନାଥଙ୍କର ମହିମା ଶତକଣ୍ଠରେ ଗାନ କରିଛନ୍ତି କବି। ପୁରୁଷୋତ୍ତମ ଧାମରେ ନାହିଁ ବ୍ରାହ୍ମଣ ଚାଣ୍ଡାଳର ଭେଦ ବରଂ ବିଶ୍ୱ ମୈତ୍ରୀର ଜୟଧ୍ୱଜା ସେଠାରେ ଫରଫର ହୋଇ ଉଡୁଅଛି। ମାନବିକତାର ମହାମନ୍ତରେ ଅଭିମନ୍ତ୍ରିତ ଶ୍ରୀ ଜଗନ୍ନାଥ ସଂସ୍କୃତିର ଅନୁଲମ୍ବ ଉତ୍ତରଣ ଯେତିକି ଅନୁପ୍ରସ୍ଥ ପ୍ରସାରଣ ମଧ୍ୟ ସେତିକି।

କବିଙ୍କ ଭାଷାରେ-

"ବ୍ରାହ୍ମଣ ଚାଣ୍ଡାଳ ଭେଦ ବିନାଶନ
ସାମ୍ୟ ମୈତ୍ରୀ ଛତି ଧରା
ଯୁଗେ ଯୁଗେ ଯାର ଶ୍ରୀକ୍ଷେତ୍ର ମହତ୍ତ୍ୱ
ଧରା ମାଣିକ୍ୟ ପସରାରେ
ଦ୍ୱିଜ ପ୍ରସାରି ହାତ
ଖାଏ ଚଣ୍ଡାଳ ହାତରୁ ଭାତ ଲୋ।"

କବି ଗୋକୁଳା ନନ୍ଦ ମହାନ୍ତିଙ୍କର ଅନ୍ତରରେ ଝଙ୍କୃତ ହୋଇଛି ଶ୍ରୀଜଗନ୍ନାଥଙ୍କ ମହିମାର ମଧୁମୂର୍ଚ୍ଛନା। ପ୍ରଭୁଙ୍କର ଦର୍ଶନରେ ନେତ୍ର ହେବ ପବିତ୍ର ଓ ସାର୍ଥକ ବୋଲି ଭକ୍ତମାନଙ୍କୁ ସେ ଆଦର ଆହ୍ୱାନ ଜଣାଇଛନ୍ତି। ବିଶ୍ୱଭ୍ରାତୃତ୍ୱର ପ୍ରତୀକ ଭାବରେ ସେ ଶ୍ରୀଜଗନ୍ନାଥ ସଂସ୍କୃତିକୁ ବିଚାର କରିବା ଏତେବଡ଼ ସାଂସ୍କୃତିକ ଦେବତାକୁ ନେଇ ଓଡ଼ିଶା ଓ ଓଡ଼ିଶାର ଗର୍ବ ଅକଳ୍ପନୀୟ। ଓଡ଼ିଶାର ମାଟି ସେତିକି ପବିତ୍ର ନ ହୋଇଥିଲେ ତାହା ପୁରୁଷୋତ୍ତମଙ୍କୁ ଧରି ରଖିପାରି ନ ଥାନ୍ତା। ଓଡ଼ିଆ ଜାତିର ଅମୂଲ୍ୟଧନ ଭାବରେ ଅଭିହିତ କରି କବି କହିଛନ୍ତି-

"ଚାହାଁରେ ପତିତଜନ ପତିତପାବନକୁ
ଓଡ଼ିଆ ଗରବ ଧନ ଜାତି ସନମାନକୁ
ପଛେ ନନ୍ଦୀଘୋଷ ଧିରେ
ଚଳେ ମାତଙ୍ଗ ଗତିରେ
ଘେନି କଳା କଞ୍ଜଦଳା
ମଦନ ମୋହନକୁ।"

କଲ୍ଲୋଳ କବି ଦୀନକୃଷ୍ଣଙ୍କ ରଚିତ 'ଗୁଣ୍ଡିଚା ଭାବନା ଚଉତିଶା'ରେ ରଥଯାତ୍ରାର ମନୋରମ ଦୃଶ୍ୟ ଅଙ୍କିତ ହୋଇଛି।

ତେଣୁ କବି ଶ୍ରୀକ୍ଷେତ୍ରକୁ ଆସିନପାରି ଦୂରରେ ରହି କଳ୍ପନାନେତ୍ରରେ ରଥଯାତ୍ରା ଦେଖି ସେହି ଦୃଶ୍ୟକୁ ଭାବରେ ଜାରିତ କରି ଭାଷାରେ ସଜାଇଛନ୍ତି। ଶ୍ରୀଜଗନ୍ନାଥଙ୍କର ପହଣ୍ଡିବିଜେ କବି ତାଙ୍କର ମାନସ ନେତ୍ରରେ ଯେପରି ଦେଖିଛନ୍ତି, ସେପରି ଲେଖିଛନ୍ତି। ସେ ଲେଖିଛନ୍ତି ଏହିପରି ଯେ ନୀଳଗିରି ଶିଖରରୁ ସଦର୍ପରେ ଖସିଆସୁଥିବେ ନୀଳାଦ୍ରିକେଶରୀ ଶ୍ରୀଜଗନ୍ନାଥ। ତାଙ୍କ ଦର୍ଶନରେ ଆତ୍ମ ବିଭୋର ହେଉଥିବେ ଭକ୍ତ ସମାଜ, ଗୀତବାଦ୍ୟ ବାଜୁଥିବ ନୂତନ ଛନ୍ଦରେ; ଦିବ୍ୟ ଭାବରେ ନାଚୁଥିବେ ନର୍ତ୍ତକୀ ବୃନ୍ଦ। ଛତ୍ର ଓ ଚାମର ପଡ଼ିବାରୁ ଦିଶୁଥିବ କ୍ଷୀର ସମୁଦ୍ର ଉଚ୍ଛୁଳିଲା ପରି। ସଭିଙ୍କର ଆଖି ଲାଗି ଯାଉଥିବ ସେହି ଭୁବନ ଭୁଲା ଦୃଶ୍ୟରେ। ଲାଗୁଥିବ ସତେଅବା ନାନାରଙ୍ଗର

ଲାବଣ୍ୟକମଳ ଯମୁନାର ଜଳବେଣୀରେ ଫୁଟି ଝୁଲୁଅଛି। ବିଶ୍ୱଶାନ୍ତି, ବିଶ୍ୱମୈତ୍ରୀ ଓ ବିଶ୍ୱଭ୍ରାତୃତ୍ୱର ଉଦ୍‌ଘୋଷଣା କରିବ ଘୋର ଘର୍ଘର ନାଦରେ ନନ୍ଦୀଘୋଷ ରଥ। ଶ୍ରୀ ଜଗନ୍ନାଥଙ୍କ ଅନୁରୋଧରେ ଶ୍ରୀବଳଭଦ୍ର ଆଗରେ ଯିବେ।

କବିଙ୍କ ଭାଷାରେ-

"ଶ୍ରାବଣ ମଙ୍ଗଳ ଜଗନ୍ନାଥ ହସି ବଳଦେବଙ୍କୁ ଅନାଇଁ
ଶୁଭେ ଆମେ ବିଜେକର ବୋଲିବାରୁ ବିଜେ କରିବେ ଗୋସାଇଁ
ସଙ୍ଗେ ସୁଭଦ୍ରା ଯିବେ
ଶତଶତ ଘଣ୍ଟାଦି ବାଜିବେ ସେ
ସେହି ସଙ୍ଗରେ ପ୍ରଭୁ ସାଜିବେ ସେ।"

ଉଦାହରଣ ସ୍ୱରୂପ ୨/୪ ଜଣ କବିଙ୍କର ଭକ୍ତିଭାବନା ଉକ୍ତ ପ୍ରବନ୍ଧରେ ଉପସ୍ଥାପିତ ହେଲେ ହେଁ ବହୁ କବିଙ୍କର କୃତିତ୍ୱରେ ଶ୍ରୀଜଗନ୍ନାଥଙ୍କ ପ୍ରତି ଭକ୍ତିଭାବ ପ୍ରକଟିତ ହୋଇଛି। ରଥଯାତ୍ରାକାଳୀନ ଦୃଶ୍ୟ ମଧ୍ୟ ବହୁ କବିଙ୍କ କାବ୍ୟ କବିତାରେ ସ୍ଥାନିତ ହୋଇଛି। ଅବଶ୍ୟ ଏକଥା ସ୍ୱୀକାର୍ଯ୍ୟ ଯେ ଶ୍ରୀଜଗନ୍ନାଥଙ୍କର ମହିମା ଯେତେ ଗାନ କଲେ ମଧ୍ୟ ତାହା ସରିବ ନାହିଁ, ଅଧିକ ଗାନର ଅପେକ୍ଷା ରଖିବ। ମହାସମୁଦ୍ରକୁ ଜାଲ ପକାଇ ଧରିହେବ ନାହିଁ, କେବଳ ଧରିହେବ କେତେ ବିନ୍ଦୁ ଜଳ ମାତ୍ର।

ଶ୍ରୀଜଗନ୍ନାଥ ହେଉଛନ୍ତି ଭାବରେ ଠାକୁର, ଅନୁଭବର ଠାକୁର। ଭାଷାର ବଳୟ ବାହାରେ ତାଙ୍କର ସ୍ଥିତି ଓ ଅଭିବ୍ୟକ୍ତି। ଅନ୍ତଃମନରେ ତାଙ୍କୁ ବୁଝି ହୁଏ, ଅନ୍ତଃକର୍ଣ୍ଣରେ ତାଙ୍କର କଥା ଶୁଣିହୁଏ। ଅନ୍ତଃନେତ୍ରରେ ଦେଖିହୁଏ ତାଙ୍କର ଘୋଷଯାତ୍ରା। ଏହି ଘୋଷଯାତ୍ରା ପ୍ରକୃତରେ ମାନବବାଦର ଜୟଯାତ୍ରା। ଆଜି ନୁହେଁ ଆଗାମୀ କାଲି ତାହାର ମହତ୍ତ୍ୱ ଓ ମୂଲ୍ୟବୋଧ ହୃଦୟଙ୍ଗମ କରାଯିବା ପାଇଁ ଉଦ୍ଦିଷ୍ଟ। ଏଥିରୁ ବିଚ୍ଛୁରିତ ଆଲୋକର ରଶ୍ମିରେ ଆଗାମୀ ସମୟ ଉଦ୍ଭାସିତ ହେବାପାଇଁ ଅଭିପ୍ରେତ। ଏହି ଅବକାଶରେ ଏତିକି କୁହାଯାଇପାରେ ଯେ ଏହି ଘୋଷ ଯାତ୍ରାର ଜୟ ହେଉ, ଆଗାମୀ କାଲିର ଜୟହେଉ, ମହାମାନବିକତାର ଜୟ ହେବା ସଙ୍ଗେ ସଙ୍ଗେ ଅତିମାନବିକତାର ଜୟ ହେଉ।

□□

ବିଶ୍ୱଜୀବନ ଓ ଘୋଷଯାତ୍ରା

ଜଗନ୍ନାଥ କେବଳ ଉତ୍କଳର ନାଥ ନୁହନ୍ତି, ଭାରତର ନାଥ ନୁହନ୍ତି, ସେ ହେଉଛନ୍ତି ଜଗତର ନାଥ। ଘୋଷଯାତ୍ରା ତେଣୁ କେବଳ ଉତ୍କଳର ଯାତ୍ରା ନୁହେଁ, ଭାରତର ଯାତ୍ରା ନୁହେଁ, ସମଗ୍ର ବିଶ୍ୱ ମାନବର ବିଜୟର ଯାତ୍ରା। ବଡ଼ଦାଣ୍ଡରେ ଏହି ଯାତ୍ରା ଅନୁଷ୍ଠିତ ହୁଏ। ବଡ଼ଦାଣ୍ଡ ଶ୍ରୀମନ୍ଦିରର ସିଂହଦ୍ୱାରରୁ ଆରମ୍ଭ ହୋଇ ଗୁଣ୍ଡିଚା ମନ୍ଦିରଠାରେ ଶେଷ ହୋଇଛି। ଗୁଣ୍ଡିଚା ମନ୍ଦିରକୁ ମହାବେଦୀ, ଯଜ୍ଞମଣ୍ଡପ, ଜନକପୁରୀ ବୋଲି କୁହାଯାଏ। ଇନ୍ଦ୍ରଦ୍ୟୁମ୍ନ ଏଠାରେ ବେଦୀ ନିର୍ମାଣ କରି ଅଶ୍ୱମେଧ ଯଜ୍ଞ କରିଥିଲେ ବୋଲି ଏହାର ନାମ ମହାବେଦୀ, ଏଥିନିମନ୍ତେ ଏହାର ଅନ୍ୟନାମ ଯଜ୍ଞମଣ୍ଡପ। ଠାକୁରମାନଙ୍କର ଏଠାରେ ଜନ୍ମ ହୋଇଥିଲା ବୋଲି ଏହାର ନାମ ଜନକପୁରୀ। ଏ ସ୍ଥାନ ପାଇଁ ଠାକୁରମାନଙ୍କର ଅସୀମ ପ୍ରୀତି ରହିଛି ବୋଲି ରଥଯାତ୍ରାରେ ଠାକୁରମାନେ ଏଠାକୁ ଆସିଥାନ୍ତି। ସ୍କନ୍ଦ ପୁରାଣରେ ବର୍ଣ୍ଣିତ ଅଛି-

'ମମୋତ୍ ପଭେଣ୍ଟ ନିଳୟଂ ପ୍ରୀତିକୃନ୍ନମ ଶାଶ୍ୱତମ୍
ବହୁକାଳଂ ସ୍ଥିତଣ୍ଟାହଂ ମମାସ୍ମିକ୍, ପ୍ରୀତିରୁତ୍ତମା।'

ଅର୍ଥାତ୍ ଏହା ମୋହର ଜନ୍ମସ୍ଥାନ ବୋଲି ଶାଶ୍ୱତ ପ୍ରୀତିପଦ। ଏହି ସ୍ଥାନରେ ମୁଁ ବହୁ ଦିନ ଅଧିଷ୍ଠିତ ଥିଲି। ତେଣୁ ସେଠାରେ ମୋର ଅସୀମ ପ୍ରୀତି ରହିଛି। ତେଣୁ ଘୋଷଯାତ୍ରା ହେଉଛି ପ୍ରୀତିର ଯାତ୍ରା, ଅନୁରାଗର ଜୟଯାତ୍ରା।

ବଡ଼ଦାଣ୍ଡରେ ଜଗନ୍ନାଥ, ବଳଭଦ୍ର ଓ ଦେବୀ ସୁଭଦ୍ରାଙ୍କ ରଥ ଘୋର ଘର୍ଘର ନାଦରେ ପ୍ରୀତିଭିତ୍ତିକ ପ୍ରଗତିର ପ୍ରଶସ୍ତପଥରେ ଅଗ୍ରଗତି କରି ବିଶ୍ୱ ମାନବକୁ ଅଗ୍ରଗତି ପାଇଁ ଆହ୍ୱାନ ଦେଇଥାଏ। ସୃଷ୍ଟିକାଳରୁ ମାନବଜାତିର ମନରେ ଅଗ୍ରଗତିର ଅପ୍ରତିହତ ଅଭୀପ୍ସା ଓ ଅବିଚଳିତ ସଂକଳ୍ପ ଥିବାରୁ ସେ ଆଜି ବିକାଶର ଜୟମାଲ୍ୟରେ ବିଭୂଷିତ ଓ ଅଧିକ ଉନ୍ନତି ପାଇଁ କର୍ମରତ। ଏପରି ଉନ୍ନତିପ୍ରୟାସୀ ବିଶ୍ୱମାନବ ନିମନ୍ତେ କଲ୍ୟାଣମୟ ବାର୍ତ୍ତା ଆଣି ଘୋଷଯାତ୍ରା ଆଜି ଉଦ୍‌ଘୋଷଣା କରୁଛି ମୃତ୍ୟୁରୁ ଅମୃତକୁ ଯିବାପାଇଁ, ତମସାର ଘଞ୍ଚ ଆସ୍ତରଣ ଭେଦକରି ଆଲୋକର ଫୁଲଝରିକୁ ଦେଖିବା ପାଇଁ ଓ ସେ ଆଲୋକରେ ଆଲୋକିତ ହେବାପାଇଁ। ଆର୍ଯ୍ୟଋଷିର କଣ୍ଠସ୍ୱର ସହିତ ଏକସ୍ୱର ହୋଇ ଏ ଘୋଷଯାତ୍ରା ଆହ୍ୱାନ କରୁଛି, 'ଶୃଣ୍ୱନ୍ତୁ ବିଶ୍ୱେ ଅମୃତସ୍ୟ ପୁତ୍ରାଃ।' ଜୀବନକୁ ଜାଣିବାକୁ ପ୍ରେରଣା ଦେଉଛି ଏ ଯାତ୍ରା। ବିଶ୍ୱଜୀବନରୁ ଅବସାଦ ତଥା ଅପୂର୍ଣ୍ଣତାର ଅପଶକ୍ତିକୁ ଦୂରୀଭୂତ କରିବା ପାଇଁ ଶ୍ରୀଜଗନ୍ନାଥଙ୍କ ରଥର ବାନା ସତେଯେପରି ସଂକଳ୍ପବଦ୍ଧ। ଉତ୍କଳର କବି ଲୋକନାଥ ବିଦ୍ୟାଧର ସ୍ୱରଚିତ ନୀଳାଦ୍ରି ମହୋତ୍ସବ ଗ୍ରନ୍ଥରେ ପତିତପାବନ ବାନା ସଂପର୍କରେ କହନ୍ତି-

ନୋହିଲେ ଏମନ୍ତ ଅବା ଯାହା ଉପରୁ ପଡ଼ିବା
ପତିତଙ୍କୁ କି ଡାକିବା ଊର୍ଦ୍ଧ୍ୱକୁ ଯିବା,
ଅଘକୁ ଯାଅ ବୋଲିବା ବେନିପାଶକୁ ଢ଼ଳିବା
ଏସନ କହଇ କିବା ତାହା କହିବା।'

ବାନା ଊର୍ଦ୍ଧ୍ୱକୁ ଯିବା ଲକ୍ଷଣ ହେଉଛି ପତିତ, ସାଧୁସନ୍ଥଙ୍କୁ ଭଗବାନ ତାଙ୍କ ନିକଟକୁ ଡାକନ୍ତି ଓ ତଳେ ପଡ଼ିବା ଲକ୍ଷଣ ହେଉଛି ଦୁଷ୍ଟଜନଙ୍କୁ ତଡ଼ିବା ବା ପ୍ରବଳ ବେଗରେ ପଳାଇବା ପାଇଁ ଆହ୍ୱାନ ଜଣାଇବା। କେବଳ ଉତ୍କଳୀୟ ସାଧୁ ବା ଭାରତୀୟ ସଜ୍ଜନଙ୍କ ପାଇଁ ନୁହେଁ, ସମଗ୍ର ବିଶ୍ୱମାନବ ପାଇଁ ପରମପ୍ରଭୁଙ୍କର ଏପରି କରୁଣାର ହସ୍ତ ପ୍ରସାରିତ ହୋଇରହିଛି। ଭାଷା, ବର୍ଣ୍ଣ, ସଂପ୍ରଦାୟ ଭେଦରେ ପ୍ରତ୍ୟେକ ବ୍ୟକ୍ତିର ଦେହ ହେଉଛି ଏକ ଏକ ଦେବାଳୟ। ଶ୍ରୀମଦ୍ ଭଗବଦ୍ ଗୀତାର ଉକ୍ତି ଅନୁସାରେ 'ଦେହୋ ଦେବାଳୟୋ ପ୍ରୋକ୍ତା ସ ଦେବଃ ବ୍ରାହ୍ମଣୋବହି।' ଏ ଦେହ କୌଣସି ଏକ ନିର୍ଦ୍ଦିଷ୍ଟ ସଂପ୍ରଦାୟର ବ୍ୟକ୍ତିର ଦେହ ନୁହେଁ, ସମଗ୍ର ବିଶ୍ୱ ମାନବର ଦେହ। ଉତ୍କଳୀୟ କବି ଦ୍ୱାରକା ଦାସ ଦେହକୁ ରଥ ରୂପେ ପରିକଳ୍ପନା କରିଛନ୍ତି। ମନରାଜା ସେଥିରେ ବାସ ଓ ବିହାର କରନ୍ତି ବୋଲି ସେ କହିଛନ୍ତି। ତାଙ୍କ ମତରେ 'ଶରୀର-ରଥକୁ ଦଇବଭିଆଣ କଲା। ଏକାଅଖରେ ଦୁଇଚକ ଦେଇ ବେନିଭୁଜକୁ ସାରଥି କଲା। ଦୁଇପାଦ ଅଶ୍ୱରଥ ବାହାନ୍ତି ଇତ୍ୟାଦି। ଏଇ ଶରୀର ରଥରେ ଦିବ୍ୟଭାବର ଜୟଯାତ୍ରା ଚାଲିଛି। ଶ୍ରୀକ୍ଷେତ୍ରର ରଥଯାତ୍ରା ଏହି ସୂକ୍ଷ୍ମ ଅଦୃଶ୍ୟଯାତ୍ରାର ସ୍ଥୂଳ ଦୃଶ୍ୟମାନ ଅଭିବ୍ୟକ୍ତି କହିଲେ ଅତ୍ୟୁକ୍ତି ହେବନାହିଁ। ତେଣୁ ଏ ଯାତ୍ରାର ଆକର୍ଷଣ ସ୍ୱତନ୍ତ୍ର ଓ ଅଭିନବ। ଯାହାକୁ ଦେଖିବା ପାଇଁ ବିଭିନ୍ନ ସ୍ଥାନକୁ ଯାତ୍ରୀମାନେ ଆସିଥାନ୍ତି। ଲୋକନାଥ ବିଦ୍ୟାଧରଙ୍କ ଭାଷାରେ-

"କେଉଁମାନେ ଅଇଲେ ମାତଙ୍ଗରେ
କେହୁ ଅଇଲେ ତୁରଙ୍ଗ ଉପରେ
କେହୁ ପାଲିଙ୍କି କେହୁ ଶିବିକାରେ"

କେବଳ ଦେଶ ଭିତରୁ ନୁହେଁ ବିଦେଶରୁ ମଧ୍ୟ ବହୁ ଦର୍ଶକ ତଥା ପର୍ଯ୍ୟଟକ ଆସି ବଡ଼ଦାଣ୍ଡରେ ଉପସ୍ଥିତ ରହି ଶ୍ରୀଶ୍ରୀଜୀଉଙ୍କୁ ଦର୍ଶନ କରିଥାନ୍ତି। ଜଣେ ବିଦେଶୀ ପର୍ଯ୍ୟଟକ ଡକ୍ଟର କୁଚନାନ୍‌ଙ୍କ ରଥଯାତ୍ରାକାଳୀନ ବର୍ଣ୍ଣନାର କେତେକ କଥା ନିମ୍ନରେ ଉପସ୍ଥାପିତ କରାଯାଇଛି। ତାଙ୍କ ବର୍ଣ୍ଣନାନୁସାରେ ଠାକୁରମାନେ ରଥରେ ଆସୀନ ହେବା ପରେ ଦର୍ଶକ ଭକ୍ତମାନେ ହାତରେ ପଇଡ଼ ଧରି ନମ୍ରତାର ସହିତ ମୁଣ୍ଡିଆ ମାରି ଠାକୁରଙ୍କୁ ପୂଜା ନୈବେଦ୍ୟ ଉତ୍ସର୍ଗ କରିଥାନ୍ତି। ଏହାପରେ ରଥଟଣା କାର୍ଯ୍ୟ ଆରମ୍ଭ ହୁଏ। ରଥର ଆଗେ ଆଗେ ହାତୀ ଓ ନର୍ତ୍ତକୀ କାମିନୀଗଣ ନୃତ୍ୟକରି ଚାଲିଥାନ୍ତି। ଅନ୍ୟ ଜଣେ ବିଦେଶୀ ପର୍ଯ୍ୟଟକ ହେମିଲଟନଙ୍କ ବର୍ଣ୍ଣନାନୁସାରେ ଏହି ରଥର ଗତି ଏତେ ମନ୍ଥର ଯେ ଦେଢ଼ମାଇଲ ଦୂରରେ ଥିବା ଗୁଣ୍ଡିଚାଘରେ ପହଞ୍ଚିବା ପାଇଁ ୩/୪ ଦିନ ପର୍ଯ୍ୟନ୍ତ ସମୟ ଲାଗୁଥିଲା। ରଥ ଗଡ଼ିଲାବେଳେ କେତେକ ଅନ୍ଧବିଶ୍ୱାସୀ ଭକ୍ତ ରଥଚକ ତଳେ ପ୍ରାଣ ଉତ୍ସର୍ଗ କରି ନିଜକୁ ଧନ୍ୟ ମନେକରନ୍ତି। ପୁନଶ୍ଚ କୁଚନାନ୍ ଭକ୍ତଜନତାର ଭାବପ୍ରବଣତା ପ୍ରସଙ୍ଗରେ ଉଲ୍ଲେଖ କରିଛନ୍ତି ଯେ, ଜଗନ୍ନାଥ ଯାତ୍ରୀ ଦୂରପଥ ଆସି ପୁରୀର ନିକଟବର୍ତ୍ତୀ ହୋଇ ଅଳ୍ପଦୂରରୁ ଜଗନ୍ନାଥଙ୍କର ଶ୍ରୀମନ୍ଦିରର ପ୍ରଥମ ଦର୍ଶନ ଲାଭ କରି ଆନନ୍ଦରେ ବିହ୍ୱଳ ହୋଇପଡ଼ନ୍ତି ଓ ପ୍ରବଳ ଆନନ୍ଦଧ୍ୱନି ମଧ୍ୟରେ ଦିଗବିଦିଗ ପ୍ରକମ୍ପିତ ହୋଇ ଉଠୁଥାଏ। ରଥଯାତ୍ରାକାଳୀନ ଏ ଚିତ୍ର ଚିତ୍ରଣ କରି ସେ କହନ୍ତି ଯେ ପେଗୋଡ଼ା ମନ୍ଦିରକୁ କେନ୍ଦ୍ରକରି କେତେ ମାଇଲ ଅନ୍ତର୍ଗତ ଅଞ୍ଚଳ ଏକ ବିରାଟ ଶିବିର ପରି ଦେଖାଯାଏ । କେବେ କେବେ ପ୍ରବଳ ଯାତ୍ରୀସ୍ରୋତ ଶ୍ରୀକ୍ଷେତ୍ରର ଦ୍ୱାର ଦେଶରେ ଥିବା ଅଠରନଳା ପୋଲଦେଇ ନଗର ମଧ୍ୟରେ ପ୍ରବେଶ କରିବାବେଳେ ଅତ୍ୟଧିକ ଭିଡ଼ହେତୁ କେତେକ ଯାତ୍ରୀ ପ୍ରାଣ ହରାଇଥାନ୍ତି ।'

ସେ ଯାହାହେଉ ସମସ୍ତେ ଅଭିଭୂତ ନୀଳାଦ୍ରିଧାମରେ, ନୀଳାଦ୍ରିକେଶରୀଙ୍କ ପ୍ରେମରେ। କିଏ ରଥ ଦେଖି, କିଏ ପଥ ଦେଖି, କିଏ ଜନତାର ଭକ୍ତିଭାବ ଦେଖି ଆତ୍ମହରା, କିଏ ଶ୍ରୀଜଗନ୍ନାଥଙ୍କ କଳାଶ୍ରୀମୁଖ ଦର୍ଶନରେ ଭାବବିହ୍ୱଳ। ବରଷକେ ଥରେ ଏଇ ରଥଯାତ୍ରା, ନବଦିନ ଯାତ୍ରା, ମହାବେଦୀ ଯାତ୍ରା ବା ଘୋଷଯାତ୍ରା ସବୁ ବର୍ଣ୍ଣର, ସବୁ ସଂପ୍ରଦାୟର ସମସ୍ତଙ୍କ ପାଇଁ ମହାମିଳନର କ୍ଷେତ୍ର ଓ ପରିବେଶ ସୃଷ୍ଟି କରି ନିଜସ୍ୱ ସ୍ୱତନ୍ତ୍ରତାକୁ ପ୍ରତିପାଦନ କରେ । ପ୍ରଭୁଙ୍କୁ ନୟନ ସମ୍ମୁଖରେ ଦେଖିବାର ଓ ହାତପାଖରେ ପାଇବାର ସୌଭାଗ୍ୟ ତଥା ଗୌରବ ଏତେବେଳେ ମିଳେ । ମନେପଡ଼େ ଗୌରଚରଣଙ୍କ କଥା-

କାଳିଆକାହ୍ନୁ ଆଉ ବିଳମ୍ୱ କର କାହିଁକି

'ବରଷକେ ଥରେ ବିଜୟ ରଥରେ
ପତିତ ତାରିବା ପାଇଁକି
ଚଉଦବ୍ରହ୍ମାଣ୍ଡ ରୁଣ୍ଡ ହୋଇଛନ୍ତି
ଦର୍ଶନ କରିବା ପାଇଁକି
ଦେବଦାସୀ ନାଟ ଉକୁଟ କରନ୍ତି
ତା-ତା ଧ୍ରୀମିକିଟି ଥେଇକି
ବାଜେ ଖୋଳ ତାଳ ମହୁରୀ ମଞ୍ଜୁଳ
ମର୍ଦ୍ଦଳ ତା-ଧେଇ ଧେଇକି ।'

ଏ ଘୋଷଯାତ୍ରା ମାନବଜାତିର ଜୟଯାତ୍ରାର ସୁବର୍ଣ୍ଣସ୍ମାରକୀ । ଅନ୍ୟାୟକୁ ରଥଚକ ତଳେ ଚାପି ଧ୍ୱଂସକରି ନ୍ୟାୟର ଜୟଗାନ କରିବାନିମନ୍ତେ ଏ ଯେମିତି ଦିବ୍ୟଚେତନାର ଏକ ସ୍ଥୁଳ ଅଭିବ୍ୟକ୍ତି । ଜଗନ୍ନାଥ ସଂସ୍କୃତିର ବିଶେଷତ୍ୱ ହେଉଛି ସାମ୍ୟଭାବ, ଉଦାରତା ଓ ସହନଶୀଳତା । ବିଭେଦ ମଧ୍ୟରେ ଏକତା ଏହାର ମୁଖ୍ୟ ଆଭିମୁଖ୍ୟ । ଶ୍ରୀଜଗନ୍ନାଥ କୌଣସି ନିର୍ଦ୍ଦିଷ୍ଟ ଧର୍ମର ପ୍ରତୀକ ନୁହନ୍ତି ବା ପ୍ରତିନିଧି ନୁହନ୍ତି, ସେ ମାନବିକ ଧର୍ମର ପ୍ରତିନିଧିତ୍ୱ କରୁଛନ୍ତି । ସମଗ୍ର ବିଶ୍ୱ ମାନବିକ ବ୍ୟକ୍ତିତ୍ୱର ବଳିଷ୍ଠ ରୂପାୟନ ତାଙ୍କଠାରେ ଘଟିଅଛି । ଯବନ କବି ସାଲବେଗଙ୍କଠାରୁ ଆରମ୍ଭ କରି ଇଂରେଜ ବଣିକ ପର୍ଯ୍ୟନ୍ତ ଶୈବଙ୍କଠାରୁ ଗାଣପତ୍ୟଙ୍କ ପର୍ଯ୍ୟନ୍ତ ପ୍ରତ୍ୟେକଙ୍କୁ ସେ ଆପଣାର କରି ନେଇଛନ୍ତି । ସମସ୍ତେ ତାଙ୍କୁ ଆଦରର ଧନ କରି ବରଣ କରିବାରେ ଦ୍ୱିଧାପ୍ରକାଶ କରି ନାହାନ୍ତି । ଶ୍ରୀଜଗନ୍ନାଥଙ୍କ ପରି ତାଙ୍କ ମହାପ୍ରସାଦ ମଧ୍ୟ ମହୀୟାନ ଓ ଏକ ପ୍ରଶସ୍ତ ଭାବର ପ୍ରତୀକ । ଆବ୍ରାହ୍ମଣଚଣ୍ଡାଳ ତାକୁ ଏକତ୍ର ସେବା କରିପାରନ୍ତି, ଏ କଥାଟି ସାଂପ୍ରଦାୟିକ ସଦ୍‌ଭାବ ସୃଷ୍ଟି ପାଇଁ କେତେ ଯେ ଗୁରୁତ୍ୱପୂର୍ଣ୍ଣ ତାହାର ପଟାନ୍ତର ନାହିଁ । ବ୍ୟକ୍ତିଗତ ବିଭେଦ, ଗୋଷ୍ଠୀଗତ ବିବାଦ, ସାଂପ୍ରଦାୟିକ ମତଭେଦକୁ ଭାଙ୍ଗି ଭାତୃଭାବର ମନ୍ଦାକିନୀଧାରାର ପ୍ରବାହ ପାଇଁ ଯେପରି ପରମବ୍ରହ୍ମ ଅନ୍ନସ୍ୱରୂପରେ ଅବତୀର୍ଣ୍ଣ ହୋଇଛନ୍ତି। ପାରସ୍ପରିକ ସ୍ନେହ ଓ ମମତ୍ୱବୋଧରେ ମାନବ ମନକୁ ବାନ୍ଧିଦେବାପାଇଁ ଏହା ଯେପରି ସୁବର୍ଣ୍ଣଶିକୁଳି ପରି କାମକରୁଛି । ଏଇ ମୈତ୍ରୀ ଭାତୃଭାବ କେବଳ ସନାତନ ସଂପ୍ରଦାୟ ଭିତରେ ଆବଦ୍ଧ ହୋଇ ରହିବନାହିଁ, ଏହା କେବଳ ଭାରତବର୍ଷରେ ଆବଦ୍ଧ ହୋଇ ରହିବନାହିଁ, ଭାରତବର୍ଷରୁ ଏହି ସ୍ୱର୍ଗୀୟ ଭାବ ସମଗ୍ର ବିଶ୍ୱକୁ ସଞ୍ଚରିତ ହେବ ଓ ବିଶ୍ୱଜୀବନକୁ ପ୍ରଭାବିତ କରିବ ।

ଭାଇଭଉଣୀଙ୍କୁ ଧରି ଶ୍ରୀଜଗନ୍ନାଥ ରତ୍ନସିଂହାସନରେ ଆସୀନ, ପୁଣି ଘୋଷଯାତ୍ରାରେ ଭାଇଭଉଣୀଙ୍କୁ ନେଇ ସେ ବଡଦାଣ୍ଡରେ ଅବତୀର୍ଣ୍ଣ, ଏସବୁରେ ଭାତୃଭାବର ବଳିଷ୍ଠ ଆଭିମୁଖ୍ୟ ଅଭିବ୍ୟକ୍ତ ହୋଇଛି । ତେଣୁ ଘୋଷଯାତ୍ରା ଭାତୃଭାବର ବିଜୟଯାତ୍ରା, ଯେଉଁ ଭାବଧାରା ସମଗ୍ର ବିଶ୍ୱର କୋଣେ ଅନୁକୋଣେରେ ସଞ୍ଚରିତ ହେବାର ଆବଶ୍ୟକତା ଏକାନ୍ତ ଅପରିହାର୍ଯ୍ୟ କହିଲେ ଅତ୍ୟୁକ୍ତି ହେବନାହିଁ । ବିଭିନ୍ନ ଧର୍ମ ଓ ସଂପ୍ରଦାୟର ମହାମିଳନ ପାଇଁ ଅବକାଶ ସୃଷ୍ଟି କରେ ରଥଯାତ୍ରା । କେଉଁଠାରେ ଓଡ଼ିଶୀକୀର୍ତ୍ତନ ଦଳଙ୍କର କଣ୍ଠରେ ଝଂକୃତ ହେଉଥାଏ-

'ହାତୀ ଆସନ୍ତି ମୋ ଅଚଳ ମହାମେରୁ
ଭଗତିଭାବକୁ ଆସନ୍ତି ହରି ଶ୍ରୀନୀଳକନ୍ଦରୁ

ଆଉ କେଉଁଠି ଗୌଡ଼ୀୟ ବୈଷ୍ଣବ ଭକ୍ତମାନଙ୍କର ଉଦ୍ଦଣ୍ଡ ନୃତ୍ୟର ମର୍ମସ୍ପର୍ଶୀ ଦୃଶ୍ୟ ଲକ୍ଷ୍ୟ କରିହୁଏ । ପୁଣି କେଉଁଠି ଶ୍ୱେତାଙ୍ଗ ସନ୍ୟାସୀଙ୍କର ଆନନ୍ଦଉଲ୍ଲାସ ଓ ମର୍ମଗ୍ରାହୀ ଭାବପ୍ରବଣତା ପରିଲକ୍ଷିତ ହୁଏ । ସବୁ ଦେଖିଲେ ମନେହୁଏ, ଏଠି ନାହିଁ ଭାଷାର ଭେଦଜନିତ ବିଭେଦ, କଳା-ଗୋରାର ବିଭେଦ ଓ ବିବାଦ, ବାସଭୂଷଣ, ଚାଲିଚଳଣିଜନିତ ଅର୍ଥହୀନ ଆଭିଜାତ୍ୟ । ସମସ୍ତେ କେବଳ ଭାବରେ ବନ୍ଧା, ଏକ ମହାସାଗରର ଅନେକ ତରଙ୍ଗ ।

ହିନ୍ଦୁ ପାଇଁ ମୁକ୍ତିର ମନ୍ତ୍ର ବା ପଥ ହୋଇପାରେ ଏଇ ରଥଯାତ୍ରା । ସେଥିପାଇଁ ସେ କହେ 'ରଥେତୁ ବାମନଂ ଦୃଷ୍ଟ୍ୱା ପୁନର୍ଜନ୍ମ ନ ବିଦ୍ୟତେ'। କିନ୍ତୁ କେବଳ ମୁକ୍ତି-ଦାନରେ ଏ ଯାତ୍ରାର ମହତ୍ତ୍ୱ ସୀମିତ ନୁହେଁ, ସମଗ୍ର ମାନବଜାତି

ସେ ଯେଉଁ ଦେଶର ହୁଅନ୍ତୁ, ଯେଉଁ ଭାଷାର ହୁଅନ୍ତୁ, ଯେଉଁ ବର୍ଣ୍ଣର ହୁଅନ୍ତୁ, ସମସ୍ତଙ୍କ ପାଇଁ ଦିବ୍ୟସନ୍ଦେଶ ଆଣି ଆସିଛି ଏ ଘୋଷଯାତ୍ରା । ଭାବ, ଭାବ, ଭାବ କେବଳ ଭାବର ପ୍ରଚାର ଓ ପ୍ରତିଷ୍ଠା କରିଛି ଏ ପରିବେଶ । ନିଜକୁ ଅନ୍ୟ ସ୍ଥାନରେ ରଖିବାର ଭାବ ଓ ଅନ୍ୟକୁ ନିଜ ସ୍ଥାନରେ ରଖିବାର ଭାବ ଆଜିର ବିଶ୍ୱର ଉତ୍କଟ ସମସ୍ୟାମାନଙ୍କର ସମାଧାନରେ ବଳିଷ୍ଠ ପଦକ୍ଷେପ ନେଇପାରିବ ଏଥିରେ ସନ୍ଦେହ ନାହିଁ । ଏହି ତଥ୍ୟଟି ବଡ଼ଦାଣ୍ଡରେ ଅନୁଷ୍ଠିତ ଏଇ ଯାତ୍ରାରେ ଲକ୍ଷ୍ୟଣୀୟ । ଭକ୍ତ ଓ ଭଗବାନ ଏଠାରେ ଏକ, ଭଗବାନ ଆସନ୍ତି ଭକ୍ତର ପାଖକୁ, ବଡ଼ଦାଣ୍ଡର ଧୂଳିକୁ । ଭକ୍ତ କୋଳାଗ୍ରତ କରେ ପ୍ରଭୁଙ୍କୁ ଆଉ ପ୍ରଭୁ କୋଳାଗ୍ରତ କରନ୍ତି ତାଙ୍କର ଭକ୍ତକୁ । ଭାବର ବିନିମୟ ଘଟେ । କୋଳାକୋଳି ସ୍ନେହ-ଭାବର ଏ ପୁଣ୍ୟଅବସର । ବ୍ୟକ୍ତି ବ୍ୟକ୍ତି ଭିତରେ, ଜାତି ଜାତି ଭିତରେ, ଦେଶ ଦେଶ ଭିତରେ ଏପରି ସ୍ନେହସିକ୍ତ ପରିବେଶ ପ୍ରକଟିତ କରିବାପାଇଁ ଏଇ ଯାତ୍ରା ଗୁରୁର ଆସନକୁ ବରଣ କରି ନେଇଛି କହିଲେ ଚଳେ ।

ସୁତରାଂ ରଥଯାତ୍ରା ବା ଘୋଷଯାତ୍ରା ବାହାରେ ଦେଖିଲେ ଜନଗହଳିରେ ଅନୁଷ୍ଠିତ ଶ୍ରୀଜଗନ୍ନାଥଙ୍କର ନବଦିନ ଯାତ୍ରା କିନ୍ତୁ ସୂକ୍ଷ୍ମଭାବରେ ଅନୁଧାନ କଲେ ସାରା ମାନବଜାତିକୁ ଏକତା ଓ ସହୃଦୟତାର ବନ୍ଧନରେ ଆବଦ୍ଧ କରିବାପାଇଁ ଅଭିପ୍ରେତ ଏକ ବଳିଷ୍ଠ ସୁମହାନ ମାଧ୍ୟମ, ସମସ୍ୟାର ସମାଧାନର ସୂତ୍ରଧାରୀ ପରମପବିତ୍ର ଘୋଷଯାତ୍ରା, ଯାହାର ମହତ୍ତ୍ୱର ପଟାନ୍ତର ନାହିଁ ।

□□

ଘୋଷଯାତ୍ରାର ଭୂମି ଓ ଭୂମିକା

ରଥଯାତ୍ରାର ଅନ୍ୟନାମ ଘୋଷଯାତ୍ରା । ରଥଯାତ୍ରା କହିଲେ ଭାରତରେ ଓ ଭାରତ ବାହାରେ ଶ୍ରୀଜଗନ୍ନାଥଙ୍କ ରଥଯାତ୍ରାକୁ ହିଁ ବୁଝାଏ। ଏହି ଯାତ୍ରାର ଅନ୍ୟ କେତେକ ନାମ ମଧ୍ୟ ରହିଛି । ସେଗୁଡ଼ିକ ମଧ୍ୟରୁ ନବଦିନ ଯାତ୍ରା, ମହାବେଦୀ ଯାତ୍ରା ଓ ଦଶାବତାର ଯାତ୍ରା ଆଦି ନାମ ଅନ୍ୟତମ । ଆଷାଢ଼ ଶୁକ୍ଳ ଦ୍ୱିତୀୟା ଦିନ ଶ୍ରୀମନ୍ଦିର ଛାଡ଼ି ଗୁଣ୍ଡିଚା ମନ୍ଦିରରେ ତିନିଠାକୁର ସାତଦିନ ରହି ନବମ ଦିବସରେ ବାହୁଡ଼ି ଆସୁଥିବାରୁ ଏହାର ନାମ ନବଦିନ ଯାତ୍ରା । ଗୁଣ୍ଡିଚା ମନ୍ଦିର ହେଉଛି ମହାବେଦୀ, ସେଠାକୁ ଯାଏ କରୁଥିବାରୁ ଯାତ୍ରାର ନାମ ହୋଇଛି ମହାବେଦୀଯାତ୍ରା । ମହାବେଦୀରେ ଜଗନ୍ନାଥଙ୍କର ଦଶାବତାର ବେଶ ହେଉଥିବାରୁ ଉକ୍ତଯାତ୍ରାକୁ ଦଶାବତାର ଯାତ୍ରା ବୋଲି କୁହାଯାଏ ।

ଶ୍ରୀକ୍ଷେତ୍ରରେ ପ୍ରତିବର୍ଷ ମହାସମାରୋହରେ ଘୋଷଯାତ୍ରା ଅନୁଷ୍ଠିତ ହୁଏ । ଶ୍ରୀକ୍ଷେତ୍ରର ଆକର୍ଷଣକୁ ଏଡ଼ାଇ ନପାରି ଭାରତ ତଥା ଭାରତ ବାହାରୁ ବହୁ ଭକ୍ତ ଓ ଦର୍ଶକ ଆସି ଏଇ ଯାତ୍ରାକାଳରେ ସମବେତ ହୁଅନ୍ତି । ସବୁ କ୍ଷେତ୍ର ଭିତରେ ଶ୍ରେଷ୍ଠ କ୍ଷେତ୍ର ବୋଲି ଶ୍ରୀକ୍ଷେତ୍ରର ନାମର ଯଥାର୍ଥତା ପ୍ରତିପାଦିତ ହୋଇଛି। ତେଣୁ କୁହଯାଇଛି- 'ସର୍ବେଷାଂ ସର୍ବକ୍ଷେତ୍ରାଣାଂ ରାଜା ଶ୍ରୀ ପୁରୁଷୋତ୍ତମଃ । ଏହି କ୍ଷେତ୍ରରେ ମହିମା ଆକଳନ କରିବା ଆୟାସସାଧ୍ୟ। ଭାରତର ଚାରିଧାମ ଭିତରେ ପଶ୍ଚିମର ଦ୍ୱାରକା, ଉତ୍ତରରେ ବଦ୍ରିନାଥ, ଦକ୍ଷିଣର ରାମନାଥଠାରୁ ପୂର୍ବର ପୁରୁଷୋତ୍ତମ କ୍ଷେତ୍ରର ମହତ୍ତ୍ୱ ସ୍ୱତନ୍ତ୍ର ଓ ଆକର୍ଷଣ ଅଭିନବ । ସେଠାରେ ସ୍ୱୟଂ ପୁରୁଷୋତ୍ତମ ବିଜେକରି ଦିଗଦିଗନ୍ତରୁ ବହୁ ତତ୍ତ୍ୱଦର୍ଶୀ, ଜ୍ଞାନୀ, ଭକ୍ତ ଓ ସାଧକମାନଙ୍କୁ ଆକୃଷ୍ଟ କରନ୍ତି ସେଠାକୁ ଆସିବାପାଇଁ। ବିଶେଷତଃ ଘୋଷଯାତ୍ରାବେଳେ ଅଗଣିତ ଜନତାର ସମାବେଶ ପରମପ୍ରଭୁଙ୍କର ଆଦର ଆହ୍ୱାନର ଫଳ ବୋଲି ମାନିବାକୁ ହେବ। ସେ ଦ୍ୱାରକାନାଥ ନୁହନ୍ତି, ବଦ୍ରିନାଥ ନୁହନ୍ତି, ରାମନାଥ ନୁହନ୍ତି, ସେ ହେଉଛନ୍ତି ଜଗତର ନାଥ ଶ୍ରୀଜଗନ୍ନାଥ। ତାଙ୍କ କ୍ଷେତ୍ର ଶ୍ରୀକ୍ଷେତ୍ର, ଶୁଚିସ୍ନିଗ୍ଧ ପବିତ୍ରତାର ମୂର୍ତ୍ତିମନ୍ତ ପ୍ରତୀକ । ସ୍ୱର୍ଗର ଦେବତା ଓ ମର୍ତ୍ତ୍ୟର ମାନବ, ସମସ୍ତଙ୍କ ପାଇଁ ଏ କ୍ଷେତ୍ରର ଆକର୍ଷଣ ସୁଦୂରପ୍ରସାରୀ। ବ୍ରହ୍ମପୁରାଣ କହେ ଯେ ଏ ତୀର୍ଥରେ ଯେଉଁମାନେ ବାସ କରନ୍ତି, ସେମାନଙ୍କର ଜୀବନ ସାର୍ଥକ ହୋଇଥାଏ । ବ୍ରହ୍ମପୁରାଣ ଅନୁସାରେ-

'ଯେ ବସନ୍ତ୍ୟୁତ୍କଳେ କ୍ଷେତ୍ରେ ପୁଣ୍ୟେ ଶ୍ରୀପୁରୁଷୋତ୍ତମେ
ସଫଳଂ ଜୀବିତଂ ତେଷାମୁତ୍କଳାନାଂ ସୁମେଧସାମ୍ ।'

ଶ୍ରୀକ୍ଷେତ୍ର ସମଗ୍ର ବିଶ୍ୱରେ ସବୁଠାରୁ ଗୋପନୀୟ ସ୍ଥାନ ବୋଲି କୁହାଯାଏ । ସ୍ୱୟଂ ଶ୍ରୀପୁରୁଷୋତ୍ତମ ସର୍ବସଙ୍ଗ ତ୍ୟାଗକରି ଏହି କ୍ଷେତ୍ରରେ ସଦେହରେ ବାସ କରିଛନ୍ତି । ସ୍କନ୍ଦ ପୁରାଣ ଉତ୍କଳଖଣ୍ଡରେ ଉଲ୍ଲେଖ କରାଯାଇଛି-

'ସର୍ବସଙ୍ଗ ପରିତ୍ୟକ୍ତ ସ୍ତତ୍ର ତିଷ୍ଠାତି ଦେହଭୃତ୍
ସୁରାସୁରାବତିକ୍ରମ୍ୟ ବର୍ତ୍ତେଽହଂ ପୁରୁଷୋତ୍ତମେ।'

ଏହି କ୍ଷେତ୍ରରେ ଭଗବାନ ସାକ୍ଷାତ ଭୋଜନ କରନ୍ତି ଓ ଅନ୍ୟ କ୍ଷେତ୍ରରେ ଭଗବାନ ସାକ୍ଷାତ ଭୋଜନ କରନ୍ତିନାହିଁ ବୋଲି ସ୍କନ୍ଦ ପୁରାଣରେ ଉଲ୍ଲେଖ କରାଯାଇଛି। ଶ୍ରୀଜଗନ୍ନାଥଙ୍କ ପ୍ରସାଦ ହୋଇଛି ମହାପ୍ରସାଦ । ଶ୍ରୀରାମକୃଷ୍ଣଙ୍କ ମତରେ ମହାପ୍ରସାଦ ହେଉଛି ସାକ୍ଷାତ ବ୍ରହ୍ମସ୍ୱରୂପ। ଶ୍ରୀକ୍ଷେତ୍ରର ମହତ୍ତ୍ୱର କଳନା ତୁଳନା ନାହିଁ। ସ୍ୱର୍ଗ, ମର୍ତ୍ତ୍ୟ, ପାତାଳରେ ଥିବା ସାର୍ଦ୍ଧ ତ୍ରିକୋଟିସଂଖ୍ୟକ କ୍ଷେତ୍ର ମଧ୍ୟରେ ଶ୍ରୀକ୍ଷେତ୍ର ହେଉଛି ସବୁଠାରୁ ଶ୍ରେଷ୍ଠ। ସ୍କନ୍ଦ ପୁରାଣରେ

ଉଲ୍ଲେଖ କରାଯାଇଛି-

'ପୃଥିବ୍ୟାଂ ଯାନି ତୀର୍ଥାନି ଗଗନେ ଚ ତ୍ରିପିଷ୍ଟପେ
ସାର୍ଦ୍ଧତ୍ରିକୋଟି ସଂଖ୍ୟାନି ସ୍ୱର୍ଗମୋକ୍ଷ ପ୍ରଦାନି ବୈ
ତୋଷାମୟଂ ତୀର୍ଥରାଜଃ କୀର୍ତ୍ତିତଃ ପୁରୁଷୋତ୍ତମଃ
ସର୍ବେଷାଂ ମୁକ୍ତି କ୍ଷେତ୍ରାଣାମିଦଂ ସାଯୁଜ୍ୟଦଂ ମତମ୍।'

ଏପରି ମହତ୍ତ୍ୱପୂର୍ଣ୍ଣ କ୍ଷେତ୍ରରେ ଅନୁଷ୍ଠିତ ଘୋଷଯାତ୍ରା ସାଧାରଣ ଯାତ୍ରା ନୁହେଁ, ସ୍ୱୟଂ ପରଂବ୍ରହ୍ମଙ୍କର ସୃଷ୍ଟିସହ ଏକାତ୍ମ ହେବାର ଏକ ସୁବର୍ଣ୍ଣ ସୁଯୋଗ ଏବଂ ସମବେତ ଅଭିଭୂତ ଜନତାର ଚେତନାର ଉତ୍ତରଣ ନିମନ୍ତେ ଏକ ଅତୁଳନୀୟ ବଳିଷ୍ଠ ମାଧ୍ୟମ। ଅତଏବ ରଥଯାତ୍ରା ହିଁ ଜୀବନଯାତ୍ରାର ଏକ ସଫଳ ସ୍ମାରକୀ ଓ ଅତିମାନସିକତା ଆଡ଼କୁ ଏକ ସ୍ପଷ୍ଟଇଙ୍ଗିତ ବହନକାରୀ ସାର୍ଥକ ଅନୁଷ୍ଠାନ। ହିନ୍ଦୁ ମତରେ ଜୀବନ ସହିତ ରଥର ଓ ରଥ ସହିତ ଜୀବନର ସଂପର୍କ ନିବିଡ଼। ଦେହ ପାଇଛି ରଥ ମର୍ଯ୍ୟାଦା, ଆତ୍ମା ହୋଇଛି ସ୍ୱୟଂ ରଥୀ, ବୁଦ୍ଧିକୁ ସାରଥୀ ବୋଲି ବିଚାର କରାଯାଇଛି। କଠୋପନିଷଦରେ କୁହାଯାଇଛି-

'ଆତ୍ମାନଂ ରଥିନଂ ବିଦ୍ଧି ଶରୀରଂ ରଥ ମେବତୁ
ବୁଦ୍ଧିଂ ତ ସାରଥୀ ବିଦ୍ଧି ମନଃ ପ୍ରଗ୍ରହ ମେବ ଚ'

ରଥ ବିନା ରଥୀର ଅଭିବ୍ୟକ୍ତି ଅପୂର୍ଣ୍ଣ ଓ ରଥୀ ବିନା ରଥର ସ୍ଥିତି ଅସ୍ୱାଭାବିକ। ରଥ ଓ ରଥୀର ତଥା ସାରଥୀର ସମ୍ୟକ ସମନ୍ୱୟରେ ଅନୁଷ୍ଠିତ ରଥଯାତ୍ରା ତେଣୁ ପୂର୍ଣ୍ଣତାର ପ୍ରତୀକ। ଯେତିକି ଦର୍ଶନୀୟ ଏ ଯାତ୍ରା, ସେତିକି ଅନୁଭବ୍ୟ ମଧ୍ୟ। ଏହି ଦୃଶ୍ୟ ଦେଖି ସମବେତ ଜନତାର ପ୍ରାଣେ ପ୍ରାଣେ ଅନୁରାଗର ନୀଳତରଙ୍ଗମାଳା ଖେଳିଯାଏ। କିଏ କେତେ ପ୍ରକାରେ ଅଭିଭୂତ ହୋଇ ସ୍ୱଭାବନାକୁ କେତେ ପ୍ରକାରେ ରୂପ ଦେଇଥାନ୍ତି। ସମବେତ ଜନତାର ଭାବାଭିବ୍ୟକ୍ତି ସଂପର୍କରେ କବି ବ୍ରଜନାଥ ବଡ଼ଜେନା ତାଙ୍କ 'ଗୁଣ୍ଡିଚା ବିଜେ' ଗ୍ରନ୍ଥରେ ଯାହା ଲେଖିଛନ୍ତି ସେଥିରୁ ପଦେଅଧେ ସ୍ମରଣକୁ ଆସେ। ଭାଷାରେ-

'କାହାଁ ହରହର ଧ୍ୱନି କାହା କହେ ଗୀତ ରସ
କାହାଁ ବେଦପାଠ ପଠନ କାହାଁ ହୋଏ ପ୍ରେମବଶ,
କାହାଁ ଗୌରଚନ୍ଦ୍ର ସଂକୀର୍ତ୍ତନ ଭାବନର ଭୋଳ ମତ
କାହାଁ କୂଟ କପଟ ପ୍ରେମ କାମଧନ ଲୋଭ ରତ।'

ଶ୍ରୀଜଗନ୍ନାଥ ନିଜର ଲୀଳା ମାଧ୍ୟମରେ ଆଗାମୀ ସମୟରେ ମାନବଜାତି ପାଇଁ ଅଭିପ୍ରେତ ଅତିମାନସ ଚେତନାକୁ ବରଣ କରିବା ନିମନ୍ତେ ଏକ ପାଦ ଆଗେଇ ଆସିବାର ଏହା ଏକ ସଫଳ ସଙ୍କେତ। ମାନବଜାତିର ଭାଗ୍ୟାକାଶକୁ ସମୁଜ୍ଜ୍ୱଳ ଦୀପ୍ତିରେ ଉଦ୍ଭାସିତ କରିବା ପାଇଁ ଆଲୋକବରଣୀ ଉଷା ଅପେକ୍ଷା କରିଥିଲାବେଳେ, ତାଙ୍କ ସ୍ୱାଗତ ନିମନ୍ତେ ଘୋଷଯାତ୍ରା ଘର୍ଘରଘୋଷ ନାଦ ମାଧ୍ୟମରେ ଆବହ ସଂଗୀତ ଗାନ କରୁଛି। ଆଗାମୀକାଲି ନିମନ୍ତେ ତାର ଭୂମିକା ଆଜିଠାରୁ ଅଧିକ ଗୁରୁତ୍ୱପୂର୍ଣ୍ଣ। ଆଗାମୀ ଦିନରେ ରଥଯାତ୍ରାର ପ୍ରକୃତ ମୂଲ୍ୟାୟନ ସମ୍ଭବ ହେବ। ଶ୍ରୀଅରବିନ୍ଦଙ୍କ ମତରେ ''ଜଗନ୍ନାଥଙ୍କ ରଥର ପ୍ରକୃତ ଆକୃତି ବା ନମୁନା କେହି ଜାଣନ୍ତି ନାହିଁ, କୌଣସି ଜୀବନଶିଳ୍ପୀ ତାକୁ ଅଙ୍କନ କରିପାରନ୍ତି ନାହିଁ। ସେହି ଛବି ବିଶ୍ୱପୁରୁଷଙ୍କ ହୃଦୟରେ ପ୍ରସ୍ତୁତ ହୋଇ ନାନା ଆବରଣରେ ଆବୃତ ହୋଇ ରହିଛି।'' ଆଗାମୀ ଦିନରେ ବିଶ୍ୱଜୀବନ ଧାରାର ଭିତ୍ତି ହେବ ଯେଉଁ ଭ୍ରାତୃଭାବ, ଆଜି ତାହା ସୂଚନାତ୍ମକ ଭାବରେ ଘୋଷଯାତ୍ରାରେ ପ୍ରକଟିତ ହେଉଛି। ସାଧାରଣ ଭାବରେ ଏହି ଭ୍ରାତୃଭାବ ଭାରତୀୟ ଜୀବନଧାରାର ଏକ ମୂଲ୍ୟବାନ ଉପାଦାନ ବୋଲି ମନେ ହୋଇପାରେ; କିନ୍ତୁ ଏକଥା ମୁକ୍ତକଣ୍ଠରେ ସ୍ୱୀକାରଯୋଗ୍ୟ ଯେ ଆଜିର ଭାରତୀୟ ସଂସ୍କୃତିର ବହୁମୂଲ୍ୟ ସଂପଦ ରୂପେ ବିବେଚିତ ଭ୍ରାତୃଭାବ ଆଗାମୀ ବିଶ୍ୱଜୀବନ ଧାରାର ଅମୂଲ୍ୟ ସଂପଦ ଭାବେ ବିବେଚିତ ହେବ। ସେଦିନ ପ୍ରକୃତରେ ଘୋଷଯାତ୍ରାର ଭୂମିକା ବିଶ୍ୱ ସମକ୍ଷରେ ପ୍ରକଟିତ ହେବ। ପୁନଶ୍ଚ ଜ୍ଞାନ, କର୍ମ ଓ ଭାବର

ସାମଞ୍ଜସ୍ୟ ଓ ଏକୀକରଣ ଦ୍ୱାରା ଆତ୍ମଗତ ଐକ୍ୟ ଯେଉଁଦିନ ବିଶ୍ୱଜୀବନରେ ପ୍ରକଟିତ ହେବ ସେହିଦିନ ଘୋଷଯାତ୍ରାର ଲକ୍ଷ୍ୟ ପୂରଣ ହେବ।

ଜ୍ଞାନ ହେଉଛି ଏକ ସଫଳ ଅସ୍ତ୍ର ଯାହାକୁ ପ୍ରୟୋଗ କରି କାମନାର ବିନାଶ ଓ ସଚେତନତାର ବିକାଶ କରାଯାଇପାରେ। ଗୀତାରେ କୁହାଯାଇଛି 'ନହି ଜ୍ଞାନେନ ସଦୃଶ ପବିତ୍ର ମିହ ବିଦ୍ୟତେ'। ଅର୍ଥାତ ପୃଥିବୀରେ ଜ୍ଞାନ ସଦୃଶ ପବିତ୍ର ଉପାଦାନ ଆଉ କିଛି ନାହିଁ। ଜ୍ଞାନ ହେଉଛି ପ୍ରଜ୍ୱଳିତ ଅଗ୍ନି, ଏହା କର୍ମ ବନ୍ଧନକୁ ପୋଡ଼ି ଭସ୍ମ କରି ଦେଇପାରେ। ପ୍ରକୃତ ଜ୍ଞାନର ସ୍ଥିତିରେ କର୍ମ ରହେ ମାତ୍ର କର୍ମର ବନ୍ଧନ ରହେନାହିଁ। ଏହି ଜ୍ଞାନ ବାହ୍ୟ ବ୍ୟାବହାରିକ ଜ୍ଞାନ ନୁହେଁ, ଏହା ହେଉଛି ଆତ୍ମଜ୍ଞାନ। ଏହା ଯଥାର୍ଥ ଆଲୋକ, ଯାହା ସାହାଯ୍ୟରେ ଆମେ ଆମର ଯଥାର୍ଥ ରୂପକୁ ଦେଖିପାରୁ। ଆତ୍ମଜ୍ଞାନ ଭିତ୍ତିରେ କରାଯାଉଥିବା କର୍ମ ହିଁ ପ୍ରକୃତ କର୍ମ ତଥା ଦିବ୍ୟକର୍ମ। ଦିବ୍ୟକର୍ମ ଜୀବନର ପରିପୂର୍ଣ୍ଣତା ଆଣିଦିଏ। ଆତ୍ମାର ନିର୍ଦ୍ଦେଶରେ ହିଁ ଦିବ୍ୟକର୍ମ ସଂଗଠିତ ହୁଏ। କର୍ମର ସ୍ୱରୂପକୁ ଚିହ୍ନିବା ପାଇଁ ଆବଶ୍ୟକ ଆତ୍ମଜ୍ଞାନର ଆଲୋକ। କର୍ମକୁ ବୁଝିବା ପାଇଁ ସ୍ୱତନ୍ତ୍ର ଦୃଷ୍ଟିଭଙ୍ଗୀର ଆବଶ୍ୟକତା ସ୍ୱୀକୃତ ହୋଇଛି। କର୍ମ ଓ ଅକର୍ମ ଭିତରେ ପାର୍ଥକ୍ୟ ଜାଣିବା ଅତ୍ୟନ୍ତ କଠିନ। ଗୀତାର ଉକ୍ତି ଅନୁସାରେ 'କିଂ କର୍ମ କିର୍ମ କର୍ମେତି କବ ୟୋଃପ୍ୟତ୍ର ମୋହିତାଃ ଅର୍ଥାତ୍ କେଉଁଟି କର୍ମ, କେଉଁଟି ଅକର୍ମ ତାହା ଜ୍ଞାନୀମାନେ ମଧ୍ୟ ଠିକ୍ ଭାବରେ ନିର୍ଣ୍ଣୟ କରିପାରନ୍ତି ନାହିଁ। ଏ ସଂସାରରେ କର୍ମ ଏକ ଘୋର ଅରଣ୍ୟ ପରି ଦୁର୍ଗମ ପରିବେଶ ସୃଷ୍ଟି କରେ। ଏହା ଭିତରଦେଇ ଚାଲିଲାବେଳେ ମାନବ ବାରମ୍ବାର ଝୁଣ୍ଟି ରକ୍ତାକ୍ତ ହୁଏ। ପ୍ରକୃତ କର୍ମର ରୂପରେଖ ଅଙ୍କିତ ହେଲେ ଆଉ ଝୁଣ୍ଟିବାକୁ ପଡ଼ିବନାହିଁ।

ଭାବ ହେଉଛି ପରିପୂର୍ଣ୍ଣ ସମର୍ପଣର ଅନ୍ୟନାମ। କେବଳ ବସ୍ତୁ ସମର୍ପଣରେ ଭାବର ପୂର୍ଣ୍ଣତା ଆସେନାହିଁ, ଏଥିସହିତ ଆବଶ୍ୟକ ଭାଗବତ ସତ୍ତାଙ୍କ ନିକଟରେ ଆତ୍ମସମର୍ପଣ। ନିଜେ ଯାହା ଓ ନିଜର ଯାହା କିଛି ଅଛି ସବୁକୁ ଆନ୍ତରିକତାର ସହ ପ୍ରଭୁଙ୍କ ପାଦରେ ଅର୍ପଣ କରିବା ଏକାନ୍ତ ଆବଶ୍ୟକ। ଆତ୍ମଜ୍ଞାନ, ଦିବ୍ୟକର୍ମ ଓ ପ୍ରକୃତ ଭାବର ସମ୍ୟକ ସମନ୍ୱୟରେ ମାନବ ଜୀବନର ସାର୍ଥକତା ପ୍ରକଟିତ ହୁଏ। ଏ ଯାବତ ଏହି ସମନ୍ୱୟ ପୂର୍ଣ୍ଣଭାବରେ ସଂଗଠିତ ହୋଇନାହିଁ। ଆତ୍ମିକ ସତ୍ତାର ପ୍ରେରଣାରେ ମାନବ ଜୀବନ ଏ ପର୍ଯ୍ୟନ୍ତ ପରିଚାଳିତ ହୋଇନାହିଁ। ଆତ୍ମିକ ସତ୍ତାର ନେତୃତ୍ୱରେ ଦେହ, ପ୍ରାଣ ଓ ମନର ସତ୍ତା ଯେଉଁଦିନ ପରିଚାଳିତ ହେବେ ସେଦିନ ପୃଥିବୀ ବକ୍ଷରେ ନୂତନ ଜୀବନଧାରା ପ୍ରକଟିତ ହେବ ଏବଂ ସେହିଦିନ ଶ୍ରୀକ୍ଷେତ୍ରର ଘୋଷଯାତ୍ରାର ପ୍ରକୃତ ତଥ୍ୟ ଅଧିକ ବୋଧଗମ୍ୟ ହେବ।

ଶ୍ରୀଜଗନ୍ନାଥ ଜ୍ଞାନୀ ପାଇଁ ଜ୍ଞାନର ପ୍ରତୀକ, କର୍ମୀ ପାଇଁ କର୍ମର ଈଶ୍ୱର ଓ ଭକ୍ତ ପାଇଁ ଆତ୍ମୀୟ ଠାକୁର। ତେଣୁ ଶ୍ରୀକ୍ଷେତ୍ର ହୋଇଛି ସବୁ ସଂପ୍ରଦାୟର ମହାମିଳନପୀଠ, ଶ୍ରୀଜଗନ୍ନାଥ ହୋଇଛନ୍ତି ସବୁ ସଂପ୍ରଦାୟର ଆରାଧ୍ୟ ଦେବତା। ଘୋଷଯାତ୍ରା ହୋଇଛି ସବୁ ସଂପ୍ରଦାୟର ଶୁଭଙ୍କରୀ ଯାତ୍ରା। ଶ୍ରୀମଦ୍ ଭଗବଦ ଗୀତା ଯେପରି ସମଗ୍ର ଜଗତର ମାନବଜାତି ପାଇଁ ଉଦ୍ଦିଷ୍ଟ, ଶ୍ରୀଜଗନ୍ନାଥ ଚେତନା ସେପରି ସମଗ୍ର ମାନବଜାତି ପାଇଁ ଅଭିପ୍ରେତ। ଜ୍ଞାନୀ ଆଜି ତାର ଜ୍ଞାନଚକ୍ଷୁରେ ଘୋଷଯାତ୍ରାକୁ ଦେଖିବାକୁ ଚେଷ୍ଟା କରୁଛି, ମାତ୍ର ଜ୍ଞାନର ଛାଞ୍ଚରେ ଏହି ଯାତ୍ରାକୁ ବୁଝି ହେବନାହିଁ। କର୍ମୀ ଚେଷ୍ଟା କରିଛି କର୍ମଚଞ୍ଚଳତା ମାଧ୍ୟମରେ ଏ ଯାତ୍ରାର ମହତ୍ତ୍ୱକୁ ଅନୁଭବ କରିବା ପାଇଁ। କିନ୍ତୁ କେବଳ କର୍ମପ୍ରବଣତା ମାଧ୍ୟମରେ ଏ ଗୁରୁତ୍ୱପୂର୍ଣ୍ଣ ଯାତ୍ରାର ଗୁରୁତ୍ୱ ଅନୁଭବ କରିହେବ ନାହିଁ। ଭକ୍ତ ତା'ର ଭକ୍ତିଭାବନା ମାଧ୍ୟମରେ ଚାହିଁରହିଛି ଘୋଷଯାତ୍ରାର ମାଧୁରିମା ଅନୁଭବ କରିବା ପାଇଁ, କିନ୍ତୁ ଭକ୍ତିମତ୍ତାର ଭିତ୍ତିରେ ଏ ଅପୂର୍ବ ଯାତ୍ରାର ସୁବିସ୍ତୃତ ମାଦକତା ଅନୁଭବ କରିହେବ ନାହିଁ। ଏହି ଯାତ୍ରାର ପ୍ରକୃତ ରୂପ ଅଙ୍କନ କରିବା ପାଇଁ, ପ୍ରକୃତ ସ୍ୱାଦ ଅନୁଭବ କରିବା ପାଇଁ ଆବଶ୍ୟକ ଏକାଧାରରେ ଆତ୍ମଜ୍ଞାନ, ଦିବ୍ୟକର୍ମ ଓ ପୂର୍ଣ୍ଣ ସମର୍ପିତ ଭାବର ସମନ୍ୱିତ ଅବସ୍ଥା। ଅତଏବ ଆଜିର ମାନସିକ ସ୍ଥିତିରେ ଶ୍ରୀଜଗନ୍ନାଥଙ୍କର ପବିତ୍ର ଘୋଷଯାତ୍ରାର ମହତ୍ତ୍ୱ ଓ ମୂଲ୍ୟବୋଧ ଯେତିକି ବୁଝିହେଉଛି, ଆଗାମୀ ଦିନର ଆତ୍ମିକ ଚେତନାରେ ଏହା ଅଧିକ ଭାବରେ ବୁଝି ହେବ। ସମନ୍ୱିତ ଚେତନାରେ ଉପନୀତ ହୋଇ ତାଙ୍କ ଘୋଷଯାତ୍ରାର ପ୍ରକୃତ ମହତ୍ତ୍ୱକୁ ଉପଲବ୍ଧି କରିବା ପାଇଁ ଶ୍ରୀଜଗନ୍ନାଥ ଆମ ସମସ୍ତଙ୍କୁ ଏଇ ଜୀବନରେ ଆତ୍ମିକ ଶକ୍ତି ଦିଅନ୍ତୁ, ଆଜି ତାଙ୍କ ପାଦତଳେ ଏତିକି ପ୍ରାର୍ଥନା।

□□

ଆଜି ଏ ପବିତ୍ର ଲଗ୍ନେ

ମର୍ତ୍ତ୍ୟରେ ଅମର୍ତ୍ତ୍ୟର ଲାବଣ୍ୟ ଆଜି ପ୍ରବାହିତ । ଦିଗେ ଦିଗେ ଭକ୍ତିର ପ୍ଲାବନ ଭାବାନ୍ତର ଆଣୁଛି ସମସ୍ତଙ୍କ ମନରେ । ପରମପ୍ରଭୁଙ୍କ ଆଗରେ ଆଜି ସମସ୍ତେ ନମ୍ରନତ । କୃତଜ୍ଞତାରେ ସିକ୍ତ ହୋଇଯାଉଛି ଦିଗଦିଗନ୍ତ । ଗୋଟିଏ ହାତରେ କଦମ୍ବ ଓ ଅନ୍ୟ ହାତରେ ମାଳତୀ ଫୁଲ ଆଣି ଆଷାଢ଼ ଅପେକ୍ଷା କରିଛି ପରମପ୍ରଭୁ ଶ୍ରୀଜଗନ୍ନାଥଙ୍କୁ ଦର୍ଶନ କରିବ ବୋଲି । ସତୃଷ୍ଣନୟନରେ ଚାହିଁ ରହିଛନ୍ତି ସ୍ୱର୍ଗର ଦେବତା । ମହୋଦଧିର ଶୀକର ସିକ୍ତ ଶୀତଳପବନ ବହି ଆଣୁଛି ଚନ୍ଦନ ଗନ୍ଧ । ବେଦଗାନ କରୁଛନ୍ତି ସ୍ୱୟଂ ବ୍ରହ୍ମା । ହସୁଛି ଶ୍ରୀକ୍ଷେତ୍ର ଆଜି ମୃଦୁ ମୃଦୁ ଭଙ୍ଗୀରେ । କେଡ଼େ ସୌଭାଗ୍ୟର ଦିନ ଏଇ ଦିନଟି । ଅଶେଷ ବୈଭବ ତରଳି ଯାଇ ଲହରୀ ତୋଳି ସତେ ଅବା ବହିଯାଉଛି ଶ୍ରୀକ୍ଷେତ୍ର ମାଟିରେ । ଏ ତ ସାମାନ୍ୟ ମାଟି ନୁହେଁ, ଏ ଧୂଳି ତ ସାମାନ୍ୟ ଧୂଳି ନୁହେଁ; ଏ ତ ଦେବ ତୀର୍ଥର ଧୂଳି, ଅଳକାପୁରୀର କନକରେଣୁ । ମହତ୍ତ୍ୱ ତା'ର ଅସୀମ, ଭାଷାରେ କହିହେବ ନାହିଁ । ମାହେନ୍ଦ୍ର ବେଳାରେ ବାଜୁଛି ଦେବ ଦୁନ୍ଦୁଭି, ସାତରଙ୍ଗର ଫୁଲ ପାଖୁଡ଼ା ଖସିପଡୁଛି ନନ୍ଦନକାନନରୁ ବଡ଼ ଦାଣ୍ଡରେ । ସହସ୍ର ଦୀପରେ ରଥମାନଙ୍କୁ ବନ୍ଦନା କରୁଛନ୍ତି ସୂର୍ଯ୍ୟ ଦେବତା । ଖଣ୍ଡ ଖଣ୍ଡ ମେଘର ବିମାନରେ ଦେବତାମାନେ ଆସି ନିରୀକ୍ଷଣ କରୁଛନ୍ତି ଅପୋଡ଼ା ଭୂଇଁକୁ, ନୀଳଚକ୍ରକୁ, ଭକ୍ତଜନଙ୍କୁ । ଭକ୍ତ ଦେହରେ ରୋମାଞ୍ଚ ରୂପରେ ଆଜି ଫୁଟି ଯାଉଛି ଶତ କଦମ୍ବ । ଆହା ଏ ଶୋଭାର ତୁଳନା ନାହିଁ, ବଚନର ବିଷୟ ଏ ନୁହେଁ, ଏ ତ ଅନୁଭବର ବିଷୟ ।

ରଥରେ ବିଜେ ହେଲେଣି ସୁଦର୍ଶନ, ସୂର୍ଯ୍ୟୋଦୟ ପୂର୍ବରୁ ଅରୁଣିମା ଆସିଲା ପରି । ସେ ହେଲେ ବିଷ୍ଣୁଙ୍କର ଚକ୍ର, ମାତ୍ର ସେ ଚକ୍ରାକାର ନୁହନ୍ତି । ଗତିର ପ୍ରତୀକ ସେ, ମାତ୍ର ଗତିକୁ ସେ ଅତିକ୍ରମ କରି ଯାଇଛନ୍ତି । ପରେ ପହଣ୍ଡିରେ ଆସି ବିଜେହେଲେ ରଥରେ ବଳଭଦ୍ର । ସେ କାଦମ୍ବରୀ ପ୍ରମତ୍ତ, ବଜ୍ରଲାଙ୍ଗଳୀ, ଶ୍ୱେତହସ୍ତୀ ପରି ଝିଲମିଲି ଟାହିଆ ହଲାଇ ବିଜେ ହେଲେ । ଧବଳ ଜ୍ୟୋତିରେ ଦିଗଦିଗନ୍ତ ଉଦ୍‌ଭାସିତ ହେଲା । ବଳଭଦ୍ରଙ୍କ ପରେ ଆସିଲେ ଅଶେଷ ମହିମାମୟୀ ଦେବୀ ସୁଭଦ୍ରା । କଲ୍ୟାଣମୟୀ ମହେଶ୍ୱରୀ । ଆନନ୍ଦମୟୀ ଓ ସୌଭାଗ୍ୟମୟୀ ସେ । ଇଚ୍ଛାମୟୀ, ଶାନ୍ତିମୟୀ, ସିଦ୍ଧିଦାତ୍ରୀ ସେ । ଦୁର୍ଗା ରୂପରେ ସେ ଦୁର୍ଗତି ନାଶିନୀ, ଅସୁର ବିନାଶିନୀ, କାଳୀ ରୂପରେ ସେ ମ୍ଲେଚ୍ଛ ସଂହାରିଣୀ, ଚିଦାନନ୍ଦମୟୀ । ଦେବୀ ସୁଭଦ୍ରାଙ୍କୁ ଦର୍ଶନ କରି ଦଶଦିଗପାଳ ନମ୍ରନତ ହେଲେ ।

ଶେଷରେ ଭକ୍ତଜନଙ୍କ ସାଦର ଆହ୍ୱାନକୁ ଅଙ୍ଗୀକାର କରି ଆସିଲେ ଶ୍ରୀଜଗନ୍ନାଥ ମହାପ୍ରଭୁ । ଅପାଣି ପାଦୋ, ସହସ୍ରଶୀର୍ଷା ପୁରୁଷ, ସହସ୍ରାକ୍ଷ, ସହସ୍ରପାଦ ପୁରୁଷ ସେ । ଏକାଧାରାରେ ତତ୍ତ୍ୱ ଓ ଲୀଳାର ପ୍ରତୀକ, ଐଶ୍ୱର୍ଯ୍ୟ ଓ ମାଧୁର୍ଯ୍ୟର ପ୍ରତୀକ, ପରାର୍ଦ୍ଧ ଓ ଅପରାର୍ଦ୍ଧର ପ୍ରତୀକ ଶ୍ରୀଜଗନ୍ନାଥଙ୍କୁ ସମସ୍ତେ ଭକ୍ତିପୂତ ପ୍ରଣାମ ଜଣାଇଲେ । କିଏ ନୃତ୍ୟର ଛନ୍ଦରେ, କିଏ ସଂଗୀତର ଲହରରେ କିଏ ବାଦ୍ୟର ତାଳେ ତାଳେ ନିଜର ଭାବବିହ୍ୱଳତାକୁ ପ୍ରକଟ କଲେ । ତନ୍ମୟ ଚିତ୍ତରେ କିଏ କିଏ ଶ୍ଲୋକ ଆବୃତ୍ତି କଲେ -

"କଦାଚିତ୍ କାଳିନ୍ଦୀ ତଟ ବିପିନ ସଂଗୀତକବରୋ ।
ମୁଦାଭୀରୀ ନାରୀ ବଦନ କମଳ ସ୍ୱାଦ ମଧୁପଃ

ରମାଶମ୍ଭୁ ବ୍ରହ୍ମା ସୁରପତି ଗଣେଶାର୍ଚ୍ଚିତ ପଦୋ
ଜଗନ୍ନାଥ ସ୍ୱାମୀ ନୟନ ପଥଗାମୀ ଭବତୁ ମେ ।"

ନିରଞ୍ଜନ ସେବକଙ୍କର ଖଞ୍ଜିଣି ତାନରେ, ବୈଷ୍ଣବ ଭକ୍ତଙ୍କର ଉଦ୍ଦଣ୍ଡ ନୃତ୍ୟରେ, ଗୋଟିପୁଅଙ୍କର ନୃତ୍ୟ ଭଉଁରୀରେ ଭରିଯାଉଛି ବଡ଼ଦାଣ୍ଡ । ଆଉ ପୁଣି ଶୁଭୁଛି କେଉଁ ଭକ୍ତ କଣ୍ଠରେ ଅଭିମାନ ଭରା ଆକୁଳ ଆବେଦନର ଗୀତ । ଗାଳିଦେଉଛି ସେ ଭକ୍ତ । ବ୍ୟାଜସ୍ତୁତିର ଅନ୍ୟ ରୂପ ସେ ଗାଳି । ଶ୍ରୀଜଗନ୍ନାଥ ସେହି ଗାଳିକୁ ଫୁଲମାଳି ଭଳି ଗ୍ରହଣ କରୁଛନ୍ତି । ଭକ୍ତ କଣ୍ଠରୁ ଝରି ଆସୁଛି -

'କାହାକୁ ବୋଲି ଚକ୍ରୀ, ଚକ୍ରଥିବାରୁ ଚକ୍ରୀ
ତୁମେ ତ ବୋଲାଅ ମଣ୍ଡଳେ
ବୋଲାଇ କୁଣ୍ଡଳୀ ସେ ଆପଣ ତ ବିଶେଷେ
ଭୂଷିତ ମକର କୁଣ୍ଡଳେ ।
ଅଦୃଶ୍ୟ ହେବାରୁ ତା' ପାଦ
ତାହାକୁ ବୋଲି ଗୂଢ଼ ପଦ
ଆପଣା ଚରଣ ତ ବିରଞ୍ଚିକୁ ଗୁପତ
କାହିଁ ତା ଠାରୁ ତୁମ୍ଭ ଭେଦ ହେ ।''

ଆଉ କିଏ ହାତରେ ଫଳମୂଳ ଧରି ଅପେକ୍ଷା କରିଛନ୍ତି ପ୍ରଭୁଙ୍କୁ ଅର୍ପଣ କରିବେ ବୋଲି । ଏସବୁ ଦେଖି ମୋ ମନରେ ହତାଶା ଆସୁଛି । ମୋ ମନ କହୁଛି - "ମୁଁ ବା କ'ଣ ଦେଇ ପ୍ରଭୁଙ୍କୁ ସନ୍ତୁଷ୍ଟ କରିବି । ମୋର ତ ଭାବ ନାହିଁ କି ଭକ୍ତି ନାହିଁ । ସାଧାରଣ ସଂସାରୀଟିଏ ମୁଁ । ସବୁବେଳେ ଆପଣା ଚିନ୍ତାରେ ମଗ୍ନ, ମନ ମୋର ସଦା ଚଞ୍ଚଳ । ଧ୍ୟାନ, ଧାରଣା, ମନନ, ନିଦିଧ୍ୟାସନ ପ୍ରଭୃତି କିଛି ମୁଁ ଜାଣିନାହିଁ ।" ପ୍ରଭୁଙ୍କ କରୁଣା ଅସୀମ । ତାଙ୍କର ମହିମା ଅଶେଷ । ମୋର ଚଞ୍ଚଳ ମନରେ ଭାସିଯାଉଛି ସେହି ଅପୂର୍ବ ମହିମାର କେତେକ ଦିଗ । ମାନସ ପଟରେ ଦିଶିଯାଉଛି ସେହି ମହିମାଭିତ୍ତିକ କେତେ ଚିତ୍ର । ମନେପଡୁଛି ଭକ୍ତ ବଳରାମ ଦାସଙ୍କ କଥା ଯିଏ ସେବକମାନଙ୍କଠାରୁ ଅପମାନ ପାଇ ଅଭିମାନରେ ଆସି ବାଙ୍କି ମୁହାଣରେ ବାଲିରଥ ଗଢ଼ି ତହିଁରେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କୁ ଅଧିଷ୍ଠିତ ହେବାକୁ ଆକୁଳ ଆକୂତି ଜଣାଇଲେ । ଭକ୍ତର ମନୋବାଞ୍ଛା ପୂରଣ ପୂର୍ବକ ଶ୍ରୀ ଜଗନ୍ନାଥ ଯାଇ ସେଇ ବାଲି ରଥରେ ବିଜେ କରନ୍ତେ ବଡ଼ଦାଣ୍ଡର ସଜଡ଼ା ରଥ ଆଉ ଚଳିଲା ନାହିଁ । ଭାବରେ ବନ୍ଧା ବୋଲି ମହାପ୍ରଭୁଙ୍କ ନାମ ଭାବଗ୍ରାହୀ । ପ୍ରକୃତ ଭାବକୁ ସେ ଗ୍ରହଣ କରିପାରନ୍ତି, ଏକଥା ବାଲିରଥ ପ୍ରସଙ୍ଗରେ ପ୍ରମାଣିତ ହେଲା ।

ପୁଣି ମୋର ମନେପଡୁଛି ଭକ୍ତ ସାଲବେଗଙ୍କ ଭକ୍ତିମତ୍ତା । ବୃନ୍ଦାବନରୁ ଫେରିବାକୁ ବିଳମ୍ବ ହେଉଛି । ଚାଲିଚାଲି ବାଟ ସରୁନାହିଁ, ଶ୍ରୀଜଗନ୍ନାଥଙ୍କୁ ରଥରେ ଅଟକି ରହିବା ପାଇଁ ପ୍ରାର୍ଥନା ଜଣାଇଛନ୍ତି ଭକ୍ତ ସାଲବେଗ । କଣ୍ଠରେ ତାଙ୍କର ପ୍ରାର୍ଥନାର ଗୀତି -

ଜଗବନ୍ଧୁ ହେ ଗୋସାଇଁ
ତୁମ୍ଭ ଶ୍ରୀଚରଣ ବିନୁ ଆନେ ଆଶ୍ରା ନାହିଁ ।
ସାତଶ ପଞ୍ଚାଶ କୋଶ ଚାଲି ନ ପାରଇ
ମୋହ ଯିବା ଯାଏ ନନ୍ଦୀଘୋଷେ ଥିବ ରହି ।"

ଭକ୍ତର ଆକୁଳତା ଘେନା କରିଛନ୍ତି ଓ ବାଟରେ ଅଟକି ରହିଛନ୍ତି ସାଲବେଗଙ୍କ ପହଞ୍ଚିବା ପର୍ଯ୍ୟନ୍ତ । ପ୍ରଭୁ ପଣର ଜୟ ହୋଇଛି ।

ଭକ୍ତିମତୀ କରମାବାଈଙ୍କ ଖେଚେଡ଼ି ରନ୍ଧାର ଦୃଶ୍ୟ ମୋ ମାନସ ପଟରେ ଭାସିଯାଉଛି । ପ୍ରଭୁ ଶ୍ରୀଜଗନ୍ନାଥଙ୍କ ପାଇଁ ପାହାନ୍ତାରୁ ଉଠି ସହଳ ସହଳ ବଡ଼ାରେ ଖେଚେଡ଼ି ବସାଇ ଦିଅନ୍ତି କରମା ବାଈ । ନିଜେ ଦାନ୍ତ ଘଷୁ ଘଷୁ ସେହି ଦାନ୍ତକାଠିର ପଛ ପାଖରେ ଘାଣ୍ଟି ଦିଅନ୍ତି ସେଇ ଖେଚେଡ଼ିକୁ । ପରମପ୍ରଭୁ ତାକୁ ଆନନ୍ଦରେ ଗ୍ରହଣ କରନ୍ତି, ଏଥିରେ କରମାବାଈଙ୍କର ଆନନ୍ଦର ସୀମା ନାହିଁ । ଯାହାର ମନ ଯେଡ଼େ ତାହାର ପ୍ରଭୁ ତେଡ଼େ ବୋଲି ଯାହା କୁହଯାଏ, ତାହା ବାସ୍ତବରେ ଭକ୍ତମାନଙ୍କ ଜୀବନରେ ଛତ୍ରେ ଛତ୍ରେ ପ୍ରମାଣିତ ହୋଇଛି । ପ୍ରଭୁ ଦେଖନ୍ତି କାର୍ଯ୍ୟର ପଛରେ ଥିବା ମନୋଭାବ । ଆନ୍ତରିକତାକୁ ଗ୍ରହଣ କରିଥାନ୍ତି ସେ । ବସ୍ତୁ ବା ଆଡ଼ମ୍ବର ସେ ଖୋଜନ୍ତି ନାହିଁ, ଖୋଜନ୍ତି ସମର୍ପିତ ମନଟିଏ, ସକୃତଜ୍ଞ ପ୍ରାଣଟିଏ । ଅନୁପମ ଭକ୍ତିର ନିଦର୍ଶନ ସ୍ୱରୂପ ସେହି କରମାବାଈଙ୍କ ନାମାନୁସାରେ ବାଈ ହାଣ୍ଡି ଆଜି ମଧ୍ୟ ଶ୍ରୀମନ୍ଦିରରେ ବ୍ୟବହୃତ ହେଉଛି ।

ମନେ ପଡୁଛି ଭକ୍ତ ଦାସିଆ ବାଉରୀଙ୍କ କଥା । ବାଲିଗାଁରେ ତାଙ୍କ ଘର, ମନରେ ବିଭୁଭକ୍ତି ଅମାପ, ଅପାର, ଭାବରେ ଅଭିଭୂତ ହୋଇ ନଡ଼ିଆଟିଏ ସେ ବ୍ରାହ୍ମଣଙ୍କ ହାତରେ ଶ୍ରୀମନ୍ଦିରକୁ ପଠାଇଛନ୍ତି । ଗରୁଡ଼ ପଛରେ ରହି ନଡ଼ିଆଟିକୁ ପ୍ରଭୁଙ୍କୁ ସମର୍ପି ଦେବ, ପ୍ରଭୁ ନ ନେଲେ ଫେରାଇ ଆଣିବ ବୋଲି ଦାସିଆ କହିଛନ୍ତି ସେଇ ବ୍ରାହ୍ମଣଙ୍କୁ । ଏ ପ୍ରସଙ୍ଗରେ ଭକ୍ତକବି ରାମଦାସ କହନ୍ତି -

"ଦାସେ ବୋଇଲେ ବିପ୍ରବର । କଥାଏ ଶୁଣିବ କି ମୋର ॥
ଏ ତୁମ୍ଭ ଦ୍ରବ୍ୟମାନ ଯେତେ । ନେଇଣ ପ୍ରଭୁଙ୍କ ଅଗ୍ରତେ ॥
ମଣୋହି କରାଇ ସାରିବ । ମୋ କଥା ମନେ ପକାଇବ ॥
ବୋଲିବ ବାଲିଗ୍ରାମ ଦାସ । ଦେଇଛି ନିଅ ପୀତବାସ ॥
ସେ ଯେବେ ଶ୍ରୀହସ୍ତ ବଢ଼ାଇ । ତୁମ୍ଭର ହାତରୁ ଛଡ଼ାଇ ॥
ଘେନିବେ ଯେବେ ତାଙ୍କୁ ଦେବ । ନୋହିଲେ ଆଣି ମୋତେ ଦେବ ॥

(ଦାର୍ଢ୍ୟତା ଭକ୍ତି)

ଭକ୍ତଙ୍କର ମନୋବାଞ୍ଛା ପୂରଣ ହୋଇଛି । ପ୍ରଭୁ ସେହି ନଡ଼ିଆ ଅତି ଆନନ୍ଦରେ ଗ୍ରହଣ କରିଛନ୍ତି, ସେଇ ବାଲି ଗାଁ ଦାସଙ୍କର ପାଚିଲା ଆମ୍ବ ଶ୍ରୀଜଗନ୍ନାଥ ଅତି ଆଦରରେ ଗ୍ରହଣ କରିଥିବା ପ୍ରସଙ୍ଗ ପୁଣି ମନେପଡୁଛି । ଦିନେ ଶ୍ରୀକ୍ଷେତ୍ରକୁ ଯିବା ପାଇଁ ବାଲି ଗାଁ ଦାସ ବାହାରିଲେ । ପ୍ରଭୁଙ୍କ ପାଇଁ କିଛି ପାଚିଲା ଆମ୍ବ ଭାରକରି କାନ୍ଧରେ ବୋହି ଚାଲିଲେ ଦାସେ । ସେଇ ଆମ୍ବ ପ୍ରଭୁଙ୍କ ପାଇଁ ଆସିଛି ଜାଣି ସିଂହଦ୍ୱାରରେ ପଣ୍ଡାମାନେ ସେଇ ଆମ୍ବକୁ ପୂଜାକରି ଆଣିବେ ବୋଲି ପରସ୍ପର ଭିତରେ ପ୍ରତିଯୋଗିତା ଆରମ୍ଭ କରିଦେଲେ । ସେଇ ପ୍ରତିଯୋଗିତା ପରିଣତ ହୋଇ ଯାଇଛି କୋଳାହଳରେ । ଏସବୁ ଦେଖି କାହାକୁ କିଛି ଦାୟିତ୍ୱ ନ ଦେଇ ନିଜେ ଦାସେ ନୀଳଚକ୍ରକୁ ଚାହିଁ ପାଚିଲା ଆମ୍ବକୁ ସମର୍ପଣ କରିଛନ୍ତି ଶ୍ରୀଜଗନ୍ନାଥଙ୍କୁ ।

କବି ରାମଦାସଙ୍କ ଭାଷାରେ-

"ଏମନ୍ତ ଯାଚୁକରେ ଧରି । ସେ ଆମ୍ବଗଲା ଶୂନ୍ୟେ ଚଳି ॥
ପଡ଼ିଲା ପ୍ରଭୁଙ୍କର ହସ୍ତେ । ଭୋଜନ କଲେ ଜଗନ୍ନାଥେ ॥
ଯୋଡ଼ିକି ଯୋଡ଼ି ଏହିପରି । ହସ୍ତବଢ଼ାଇ ନେଲେ ହରି ॥
ସବୁ ଭୁଞ୍ଜିଲେ ଚକ୍ରପାଣି । ଯେ ପ୍ରଭୁଭକ୍ତ ଚିନ୍ତାମଣି ॥"

(ଦାର୍ଢ୍ୟତା ଭକ୍ତି)

ପୁଣି ମନେପଡୁଛି ପ୍ରଭୁଙ୍କର କୃଷ୍ଣ ଅବତାରର ପରମଭକ୍ତ ସଖା ସୁଦାମାଙ୍କ କଥା । ବନ୍ଧୁ ଦର୍ଶନପାଇଁ ସୁଦାମାଙ୍କ

ମନରେ ଅସୀମ ଉତ୍କଣ୍ଠା, ଭାବର ଅଶେଷ ଉଦ୍‌ବେଳନ । ହାତରେ ଖୁଦଭଜା ପୁଟୁଳି ଟିଏ । ରାଜାଙ୍କୁ ଖୁଦଭଜାର ଉପହାର, ଏହା ଭାବି ଭାବି ବିଚଳିତ ସୁଦାମାଙ୍କ ମନ । କିପରି ସେ ଦେବେ ଏଡ଼େ ବଡ଼ଲୋକକୁ ଏତେ ସାମାନ୍ୟ କଥାଟିଏ । ଅନ୍ତର୍ଯ୍ୟାମୀ ମନର କଥା ଜାଣିପାରିଛନ୍ତି ଓ ସୁଦାମାଙ୍କ ହାତରୁ ଛଡ଼ାଇ ନେଇ ଖୁଦଭଜା ଖାଇଛନ୍ତି । ମୁଠାଏ ଖୁଦଭଜା ଭାବ ବିଭବରେ ଜାରିତହୋଇ କୋଟିଲାବଣ୍ୟନିଧିରେ ରୂପାନ୍ତରିତ ହୋଇଯାଇଛି ପ୍ରଭୁଙ୍କ ନିକଟରେ । ସତରେ ପ୍ରଭୁଙ୍କ ସହ କାରବାରରେ ଯାହାର ଯେମନ୍ତ ଭାବ, ତାହାର ତେମନ୍ତ ଲାଭ । ଭାବ ନ ଥିଲେ ସଜଫୁଲଟିଏ ପ୍ରଭୁଙ୍କ ପାଖକୁ ଆସିଲା ବେଳକୁ ବାସୀ ହୋଇଯାଇଥାଏ । ଭାବଥିଲେ ସାଧାରଣ ଫୁଲଟିଏ ଚୈତ୍ରରଥର ଫୁଲଟିଏ ପରି ଝଟକି ଉଠୁଥାଏ । ସତରେ ଭାବକୁ ନିକଟ ପ୍ରଭୁ ଅଭାବକୁ ଦୂର ।

କୃଷ୍ଣ ଅବତାରରେ କୁବୁଜାର ଚନ୍ଦନ ଚର୍ଚ୍ଚା ମୋ ଦୃଷ୍ଟିରେ ଭାସିଯାଉଛି । ପ୍ରଭୁଙ୍କ ତନୁକୁ ଟିକିଏ ସ୍ପର୍ଶ କରିବ ବୋଲି କେତେ ତପସ୍ୟା, କେତେ ପ୍ରତୀକ୍ଷା ତା'ର । ମନୋରଥ ଭକ୍ତର ପୂରଣ କରିଛନ୍ତି ପ୍ରଭୁ । ଚନ୍ଦନ ଲେପି ଦେଇଛି ପ୍ରଭୁଙ୍କ ଶ୍ରୀଅଙ୍ଗରେ କୁବୁଜା । ପ୍ରଭୁଙ୍କ ତନୁ ସ୍ପର୍ଶ ମାତ୍ରକେ ସେ ଅନୁପମା ସୌନ୍ଦର୍ଯ୍ୟର ମୂର୍ତ୍ତିମତୀ ନାୟିକାରେ ପରିଣତ ହୋଇଯାଇଛି । କୃପାମୟ ସେ, କଲ୍ୟାଣର ପ୍ରତୀକ ସେ । ସ୍ଥୂଳତଃ ସେହି ପ୍ରଭୁଙ୍କ କୃପାକୁ ବୁଝି ହୁଏନାହିଁ, ସୂକ୍ଷ୍ମତଃ ଅନୁଭବ କରିହୁଏ । ହୃଦୟର ବ୍ୟାକୁଳତା ତାଙ୍କ ଉପାସନାର ଧୂପବାସ ହେଲାବେଳେ ପ୍ରୀତିପ୍ରବଣତା ସଜଫୁଲ ହୋଇ ଶୋଭା ପାଉଥାଏ ।

ଏଇ ପରା ସେଇ ଦ୍ୱାପରର ପ୍ରଭୁ ଶ୍ରୀକୃଷ୍ଣ । ଲୀଳାମୟ କୁଞ୍ଜବନ ବିହାରୀ ନାଟୁଆ ନଟବର । ଗୋପୀମାନଙ୍କର ଚିତ୍ତ ଚୋର, ମୁରଲୀଧରା, ଶିଖୀଚୂଳିଆ କଦମ୍ବମୂଳିଆ କାହ୍ନା । ଆଜି ନୀଳାଦ୍ରି ଧାମରେ ଶ୍ରୀଜଗନ୍ନାଥ ରୂପରେ ରହିଛନ୍ତି । ଏଡ଼େ ବଡ଼ ଘୋଷଯାତ୍ରାରେ ପ୍ରଭୁ ବଡ଼ଦାଣ୍ଡରେ ରଥାରୂଢ଼ ହୋଇଛନ୍ତି । ରଥରେ ଦଶଦିଗପାଳ ସମେତ ସମସ୍ତ ଦେବଦେବୀ ଉପସ୍ଥିତ ଅଛନ୍ତି । ବୈକୁଣ୍ଠର ଅମୃତ କଳସରୁ ଅମୃତ ସହସ୍ରଧାରା ହୋଇ ଝରିଯାଉଛି ଏଇ ବାତାବରଣରେ । ମୁଁ ତ କିଛି ଆଣିନାହିଁ, ମୁଁ ତ ପ୍ରଭୁଙ୍କର ମନ୍ତ୍ର ସ୍ତୋତ୍ର କିଛି ଜାଣି ନାହିଁ । ପ୍ରଭୁଙ୍କୁ କ'ଣ ଟିକିଏ ଦିଅନ୍ତି ଯେ କିଛି ମୋ ପାଖରେ ନାହିଁ । ମୋ ଅନ୍ତରରେ ଭକ୍ତି ନାହିଁ, ଭାଷାରେ ଭାବର ଅଭିବ୍ୟକ୍ତି ନାହିଁ, କଣ୍ଠରେ ଜଣାଣର ପଂକ୍ତି ନାହିଁ । କିଛି ନ ଥାଉ ପଛକେ ପ୍ରଭୁଙ୍କ ନାମ ତ ମୋ ତୁଣ୍ଡରେ ଅଛି । ସେଇ ନାମ ଜପିବି । ଶୁଣିଛି 'କଲୌ ନାମେବ କେବଳମ' । ଶୁଣିଛି ନାମୀଠାରୁ ନାମ ବଡ଼ । ଶୁଣିଛି ଯଜ୍ଞ ମଧ୍ୟରେ ପ୍ରଭୁ ହେଉଛନ୍ତି ଜପଯଜ୍ଞ । ସେଇ ନାମଜପ ମୋର ସକଳ ବ୍ୟାଧିର ମହୌଷଧି, ରଙ୍କ ଜୀବନର ଅଞ୍ଚଳ ନିଧି । ନାମହିଁ ଦେବ ମତେ ଅପାର ଆନନ୍ଦ, ଦେହରେ ରୋମାଞ୍ଚ, ପ୍ରାଣରେ ପୁଲକ ଓ ମନରେ ଅପୂର୍ବ ଆହ୍ଲାଦ । ନାମରେ ତ ନାମୀଙ୍କର ସକଳ ଶକ୍ତି, ଦୀପ୍ତି, ଜ୍ୟୋତି, କାନ୍ତି, ଶାନ୍ତି ବିରାଜିତ । ନନ୍ଦିଘୋଷ ରଥକୁ ଚାହିଁ ଶ୍ରୀ ଜଗନ୍ନାଥଙ୍କ ନାମକୁ ମୁଁ ଜପିବି, ମୋ ନେତ୍ରରୁ ରଥ ଅଦୃଶ୍ୟ ହେଲାଯାଏ । ନାମ ଜପି ଜପି ପ୍ରଭୁଙ୍କ ପାଦତଳେ ପ୍ରାର୍ଥନା ଜଣାଇବି ମୋ ଜୀବନ ଜନ୍ମେଜନ୍ମେ ତାଙ୍କ ଚରଣରେ ନିବେଦିତ ହୋଇରହୁ, ସେ ହୁଅନ୍ତୁ ମୋର ଦିଗନ୍ତ ଦିଶାରୀ, ବଣାନାବିକର ବତିଘର, ମୋ ଜୀବନର ଜୀବନ, ମୋ ପ୍ରାଣର ଅଧିଶ୍ୱର । ପ୍ରଭୁପଣର ଜୟ ହେଉ । ଜୟ ଜଗନ୍ନାଥ ।

□□

ଶ୍ରୀଜଗନ୍ନାଥଙ୍କ ନବକଳେବର - ଏକ ଅନୁଶୀଳନ

ବଦ୍ରିନାଥ ସତ୍ୟ ଯୁଗର, ରାମନାଥ ତ୍ରେତୟାଯୁଗର, ଦ୍ୱାରିକାନାଥ ଦ୍ୱାପର ଯୁଗର ଓ ଶ୍ରୀଜଗନ୍ନାଥ କଳିଯୁଗର ପ୍ରମୁଖ ଦେବତା । ତେଣୁ କଳି ଯୁଗରେ ଚାରିଧାମ ଭିତରେ ଜଗନ୍ନାଥ ବା ପୁରୁଷୋତ୍ତମ ଧାମର ସ୍ୱତନ୍ତ୍ର ମର୍ଯ୍ୟାଦା ରହିଛି । ଏଇ ଧାମର ମହତ୍ତ୍ୱ ଅକଳ୍ପନୀୟ ଯେଉଁଠାରେ କାକ ପାଇପାରେ ମୁକ୍ତିର ଆସ୍ୱାଦ, ସ୍ୱୟଂଶିବ ହୋଇପାରନ୍ତି ବ୍ରହ୍ମହତ୍ୟା ପାପରୁ ମୁକ୍ତ । କପିଳସଂହିତାରେ କୁହାଯାଇଛି ।

"ସର୍ବେଷାଂ ସର୍ବ କ୍ଷେତ୍ରାଣାଂ ରାଜା ଶ୍ରୀପୁରୁଷୋତ୍ତମଃ ।"

ଅର୍ଥାତ୍ ସମସ୍ତ କ୍ଷେତ୍ର ମଧ୍ୟରେ ପୁରୁଷୋତ୍ତମ କ୍ଷେତ୍ର ହେଉଛି ଶ୍ରେଷ୍ଠ କ୍ଷେତ୍ର । ଏହାର କେତେକ ହେତୁ ମଧ୍ୟରେ ଏକ ହେତୁ ଏହି ଯେ ଏଠାରେ ନାରାୟଣ ଦେହୀ ହୋଇଛନ୍ତି । କବି ସମ୍ରାଟ ଉପେନ୍ଦ୍ରଭଂଜଙ୍କ ଭାଷାରେ-

"ଶୁଣ କୋବିଦେ ଭରତ ଖଣ୍ଡେ ପୁଣ୍ୟ ଧାମ
ଯେଣୁ ନାରାୟଣ ଦେହୀ ତେଣୁ ସେହି ନାମ"

ପୁରୁଷୋତ୍ତମ ଦେହୀ ହୋଇଥିବାରୁ କ୍ଷେତ୍ରର ନାମ ହୋଇଛି ପୁରୁଷୋତ୍ତମ କ୍ଷେତ୍ର । ଏପରି ଉଦାହରଣ ବିରଳ । ନାରାୟଣ ଦେହୀ ହୋଇଥିବାରୁ ଦେହାନ୍ତର ପ୍ରସଙ୍ଗର ଯୁକ୍ତିଯୁକ୍ତତା ଉପଲବ୍ଧ ହୁଏ । ଏହି ବିଗ୍ରହାନ୍ତର ପ୍ରକ୍ରିୟା ହିଁ ନବକଳେବର ଯାହା ୮ବର୍ଷରୁ ୧୯ବର୍ଷ ବ୍ୟବଧାନରେ ଯେଉଁ ବର୍ଷ ଯୋଡ଼ା ଆଷାଢ଼ ପଡୁଥାଏ ସେହି ବର୍ଷରେ ସମାହିତ ହୁଏ । ଘଟାନ୍ତର ବା ବିଗ୍ରହାନ୍ତର କଥାଟିକୁ ନିରୀକ୍ଷଣ କଲେ 'ଯଥା ଜୀବେ ତଥା ଦେବେ' ଉକ୍ତିଟିର ଯଥାର୍ଥତା ପ୍ରତିପାଦିତ ହୁଏ ।

ଶ୍ରୀଜଗନ୍ନାଥ ହେଉଛନ୍ତି ସମସ୍ତ ସମ୍ପ୍ରଦାୟର ଆରାଧ୍ୟ ଦେବତା । ତାଙ୍କଠାରେ ସାମ୍ପ୍ରଦାୟିକ କଳହ ନାହିଁ, ବରଂ ଅଛି ସାମ୍ପ୍ରଦାୟିକ ସଦ୍‌ଭାବ । ସେ ଶୈବମାନଙ୍କ ପାଇଁ ଶିବ, ଶାକ୍ତମାନଙ୍କ ପାଇଁ ଶକ୍ତି, ବୈଷ୍ଣବମାନଙ୍କ ପାଇଁ ବିଷ୍ଣୁ, ଗାଣପତ୍ୟମାନଙ୍କ ପାଇଁ ଗଣପତି ଓ ସୌର ମାନଙ୍କ ପାଇଁ ସୂର୍ଯ୍ୟ । ଅର୍ଥାତ୍ ପ୍ରତ୍ୟେକ ସାଧନାର ଶୀର୍ଷଦେଶରେ ସାଧକର ଶ୍ରେଷ୍ଠ ଉପଲବ୍ଧି ହିଁ ଶ୍ରୀଜଗନ୍ନାଥ । ସମସ୍ତ ସମ୍ପ୍ରଦାୟର ଊର୍ଦ୍ଧ୍ୱରେ ତାଙ୍କର ସ୍ଥିତି । ସେ ପୁରୁଷୋତ୍ତମ । କ୍ଷର ଓ ଅକ୍ଷରରୁ ଅତୀତ ପରମବ୍ରହ୍ମ । ସେ ନିଜ ଇଚ୍ଛାରେ ଭକ୍ତଙ୍କୁ ପ୍ରାପ୍ତ ହୁଅନ୍ତି । ଯେତିକି ପ୍ରାପ୍ତ ହୁଅନ୍ତି ତଦପେକ୍ଷା ଅଧିକ ପ୍ରାପ୍ତିର ସମ୍ଭାବନା ରଖିଥାନ୍ତି । ଫଳତଃ ତାଙ୍କୁ ଯେତିକି ଜାଣିହୁଏ ତାହାଠାରୁ ଅଧିକ ଜାଣିବାକୁ ବାକି ରହେ । ତାଙ୍କୁ ଯେତିକି ବୁଝିହୁଏ ତହିଁରୁ ଅଧିକ ବୁଝିବାକୁ ବାକି ରହେ । ତାଙ୍କ ମହିମାର ପଟାନ୍ତର ନାହିଁ । ଦୂବକୁ ସେ ଦାରୁ କରିପାରନ୍ତି, ଦାରୁକୁ ମଧ୍ୟ ଦୂବ କରିପାରନ୍ତି । ପଙ୍ଗୁକୁ ଗିରିଲଂଘନ କରାଇ ଦିଅନ୍ତି । ମୂକ ମୁଖରେ ଭାଷାର ସମ୍ଭାର ଦିଅନ୍ତି । ତାଙ୍କ ମହିମା ଗାନରେ ଭକ୍ତ ଚିତ୍ତ ପ୍ରୀତି ପୁଲକିତ ହୁଏ, ଦେହରେ ସୃଷ୍ଟି ହୁଏ କଦମ୍ବ ରୋମାଞ୍ଚ । ସେ ଲୀଳାମୟ, ସବୁ ତାଙ୍କରି ଲୀଳା । ପୁରାତନ କଳେବର ବର୍ଜନ ଓ ନବକଳେବର ଗ୍ରହଣ ମଧ୍ୟ ତାଙ୍କରି ଲୀଳା । ସେ ଲୀଳା ଅବର୍ଣ୍ଣନୀୟ । ବର୍ଣ୍ଣନା ପାଇଁ ଅତିକ୍ଷୀଣ ପ୍ରୟାସ ଉକ୍ତ ପ୍ରବନ୍ଧରେ ଉପସ୍ଥାପିତ ହୋଇଛି ମାତ୍ର ।

ଚତୁର୍ଦ୍ଧା ମୂର୍ତ୍ତିଙ୍କର ବିଗ୍ରହ ନିର୍ମିତ ହୁଏ ନିମ୍ବବୃକ୍ଷର ଦାରୁରେ କାରଣ ଏଥିନିମନ୍ତେ ଏହା ଶ୍ରେଷ୍ଠ ଦାରୁ । ନିମ୍ବବୃକ୍ଷର ସ୍ୱତନ୍ତ୍ର ମହତ୍ତ୍ୱ ରହିଛି । ଇନ୍ଦ୍ରନୀଳମଣି ପୁରାଣ ଅନୁସାରେ ନିମ୍ବବୃକ୍ଷ ପ୍ରାଚୀନ ହେଲେ ମଳୟର ସ୍ୱର୍ଗ ହେତୁ

ତାହା ଚନ୍ଦନ ବୃକ୍ଷରେ ପରିଣତ ହୁଏ ।

"ମଳୟ ବାତ ସଂଯୋଗାତ୍ ବିନମ୍ର ସୌରଭଂ ଜାୟତେ
ଦିବ୍ୟଗନ୍ଧଂ ମୟଂବୃକ୍ଷଂ ମହାପିପ୍ପଳ ଉଚ୍ୟତେ
ତଦ୍‌ବୃକ୍ଷେ ପୂଜୟେତ୍ ବିଷ୍ଣୁଂ ସଂସାରାର୍ଣ୍ଣବ ତାରକଂ
ପୁରୁଷୋତ୍ତମ ସଃ ସାକ୍ଷାତ୍ ବୃକ୍ଷରୂପ ସନାତନ ।"

ପୁନଶ୍ଚ ଏହା ତିକ୍ତ ହୋଇଥିବାରୁ ସହଜରେ କୀଟ ଦ୍ୱାରା ନଷ୍ଟ ହୁଏ ନାହିଁ ।

ନବକଳେବର ବିଧିଟି ସାଧାରଣତଃ ଚାରିଭାଗରେ ବିଭକ୍ତ । ପ୍ରଥମଭାଗରେ ବନଯାଗ ଓ ଦାରୁଅନ୍ୱେଷଣ, ଦ୍ୱିତୀୟ ଭାଗରେ ଦାରୁଚ୍ଛେଦନ, ଆନୟନ ତଥା ବିଗ୍ରହ ନିର୍ମାଣ, ତୃତୀୟ ଭାଗରେ ବ୍ରହ୍ମ ପରିବର୍ତ୍ତନ ଓ ମହା ଅଣସର ଗୁପ୍ତକାର୍ଯ୍ୟ ଏବଂ ଚତୁର୍ଥ ଭାଗରେ ପୁରାତନ ବିଗ୍ରହଙ୍କ ପାତାଳି ଓ ଅନ୍ତ୍ୟେଷ୍ଟିକ୍ରିୟା ତଥା ନୂତନ ଠାକୁରଙ୍କର ନବଯୌବନ ଦର୍ଶନ ଓ ରଥଯାତ୍ରା ଅନୁଷ୍ଠିତ ହୁଏ । ଦାରୁ ଅନ୍ୱେଷଣ ଯାତ୍ରା ଚୈତ୍ରଶୁକ୍ଳ ଦଶମୀ ଦିନ ଠାରୁ ଆରମ୍ଭ ହୁଏ । ସେହିଦିନ ମଧ୍ୟାହ୍ନ ଧୂପ ଶେଷ ହେବାପରେ ପତି ମହାପାତ୍ର, ଦଇତା, ଦେଉଳକରଣ, ତଢ଼ାଉକରଣ, ବେହେରା ଖୁଣ୍ଟିଆ, ଲେଙ୍କା ଓ ବିଶ୍ୱକର୍ମା ପ୍ରଭୃତି ସେବକଗଣ ପରମ୍ପରା ଅନୁସାରେ ଆଜ୍ଞାମାଳ ଧରି ଶ୍ରୀନବରକୁ ଯାତ୍ରା କରିଥାନ୍ତି । ତତ୍ପରେ ସେମାନେ ଶ୍ରୀନବରରୁ ଏକ ବିରାଟ ପଟୁଆରରେ ଜଗନ୍ନାଥ ବଲ୍ଲଭ ମଠକୁ ଯାଇ ସେଠାରେ ରାତ୍ରୀଯାପନ କରିଥାନ୍ତି । ତା' ପରଦିନ କାକଟପୁର ଅଭିମୁଖେ ଯାତ୍ରା କରିଥାନ୍ତି । କାକଟପୁରରୁ ସିଧାଯାଇ ଦେଉଳି ମଠଠାରେ ଉପସ୍ଥିତ ହୁଅନ୍ତି । ମଠ ତରଫରୁ ସେମାନଙ୍କୁ ସମ୍ବର୍ଦ୍ଧନା ଜ୍ଞାପନ କରାଯାଏ । ପରମ୍ପରା ଅନୁସାରେ ପ୍ରଥମ ଦିନଟି ଦେଉଳିମଠରେ ଅବସ୍ଥାନ କରି ପରଦିନ ସେମାନେ କାକଟପୁରର ମଙ୍ଗଳା ମନ୍ଦିରକୁ ଯାତ୍ରା କରିଥାନ୍ତି । ସେଠାରେ ଯଥା ବିଧି ପୂଜା ଆରାଧନା ସାରି ବନଯାଗ ଦଳ ୩/୪ଟି ଦଳରେ ବିଭକ୍ତ ହୋଇ ବିଭିନ୍ନ ସ୍ଥାନକୁ ଯାତ୍ରା କରିଥାନ୍ତି । ଯାତ୍ରାପଥରେ ଦାରୁ ଚିହ୍ନଟ ହୁଏ । ଦାରୁଚିହ୍ନଟ ନିମିତ୍ତ କେତେକ ସାଧାରଣ ଲକ୍ଷଣ ପ୍ରତି ଦୃଷ୍ଟି ଦିଆଯାଏ । ସାଧାରଣ ଲକ୍ଷଣ -

୧) ବୃକ୍ଷ ନିକଟରେ ଏକ ଆଶ୍ରମ ବା ମନ୍ଦିର ଥିବ ।
୨) ବୃକ୍ଷ ନିକଟରେ ଶ୍ମଶାନ ଘାଟ ଥିବ ।
୩) ବୃକ୍ଷର ଆଶ୍ରୟରେ କୌଣସି ଲତାନଥିବ ।
୪) ନିକଟରେ ଉଇ ହୁଙ୍କା ଥିବ ।
୫) ନିକଟରେ ସାପ ଗାତଥିବ ଓ ତହିଁରେ ଏକ ବା ଏକାଧିକ ସାପ ଦେଖିବାକୁ ମିଳିବ ।
୬) ବୃକ୍ଷଟି ବଜ୍ରାଘାତରୁ ମୁକ୍ତ ଥିବ ।
୭) କେତେକ ବରୁଣ ବୃକ୍ଷ ମଧ୍ୟରେ ବୃକ୍ଷଟି ରହିଥିବ ।
୮) ଗଣ୍ଡିର ପ୍ରାୟ ୧୨ଫୁଟ ପର୍ଯ୍ୟନ୍ତ କୌଣସି ଶାଖା ନ ଥିବ ।

ଏଥି ମଧ୍ୟରୁ ସମସ୍ତ ଲକ୍ଷଣ ନହେଲେ ମଧ୍ୟ ଅନ୍ତତଃ ୫/୬ଟି ଲକ୍ଷଣ ଥିଲେ ଉକ୍ତ ବୃକ୍ଷ ଦାରୁରୂପେ ବିବେଚିତ ହୁଏ । ଶ୍ରୀ ବିଗ୍ରହମାନଙ୍କ ଦାରୁର ବର୍ଣ୍ଣ ଓ ଶାଖା ସମ୍ପର୍କରେ କୁହାଯାଏ ଯେ -

ସୁଦର୍ଶନ - ରକ୍ତବର୍ଣ୍ଣ - ସରଳ ସୁନ୍ଦର
ବଳଭଦ୍ର - ଶୁକ୍ଳବର୍ଣ୍ଣ - ସପ୍ତଶାଖା
ସୁଭଦ୍ରା - ହରିତବର୍ଣ୍ଣ - ତ୍ରିଶାଖା
ଜଗନ୍ନାଥ - ଈଷତ୍ କୃଷ୍ଣବର୍ଣ୍ଣ - ଚତୁଃଶାଖା ।

ଦାରୁ ଚିହ୍ନଟ ପରେ ଆବଶ୍ୟକ ପୂଜା ଅର୍ଚ୍ଚନା ଅନୁଷ୍ଠିତ ହୁଏ । ପ୍ରଥମେ ସୁନା କୁରାଢ଼ି ଓ ରୂପା କୁରାଢ଼ିରେ ବୃକ୍ଷକୁ ସ୍ପର୍ଶ କରାଯାଏ ଓ ତା'ପରେ ଲୁହା କୁରାଢ଼ିରେ ବୃକ୍ଷକୁ ଛେଦନ କରାଯାଏ । ସୁନା କୁରାଢ଼ି ଓ ରୂପା

କୁରାଢ଼ିରେ ସ୍ପର୍ଶ କରାଗଲା ବେଳେ ଯେଉଁ ମନ୍ତ୍ର ଆବୃତ୍ତି କରାଯାଏ, ତାହା ଏହିପରି -

"ଓଁ ନମୋ ଭଗବତେ ମହା ସୁଦର୍ଶନାୟ ମହାଚକ୍ରାୟ
ମହାଜ୍ୱାଳାୟ ଦୀପ୍ତ ରୂପାୟ ସର୍ବତୋ ରକ୍ଷ ରକ୍ଷ ସ୍ୱାହା ।"

ଛେଦନ ପରେ ପ୍ରତ୍ୟେକ ଦାରୁକୁ ଏକ ଏକ ସ୍ୱତନ୍ତ୍ର ଶଗଡ଼ିଦ୍ୱାରା ଶ୍ରୀକ୍ଷେତ୍ରକୁ ଅଣାଯାଏ । ସେହି ଶଗଡ଼ି ନିର୍ମିତ ହୋଇଥାଏ କେନ୍ଦୁ କାଠରେ ଓ ତା'ର ଚକଗୁଡ଼ିକ ନିର୍ମିତ ହୋଇଥାନ୍ତି ବଟ ଓ ତେନ୍ତୁଳି କାଠରେ । ଆନୀତ ଦାରୁ ଶ୍ରୀମନ୍ଦିର ପରିସରଭୁକ୍ତ କୋଇଲିବୈକୁଣ୍ଠରେ ଅସ୍ଥାୟୀ ଭାବେ ନିର୍ମିତ ଦାରୁଶାଳାରେ ଯତ୍ନରେ ସ୍ଥାନିତ ହୁଅନ୍ତି । ସେଠାରେ ପ୍ରତିଦିନ ସେହି ଦାରୁ ପତି ମହାପାତ୍ର ସେବକଙ୍କ ଦ୍ୱାରା ପୂଜିତ ହୁଅନ୍ତି । ସ୍ନାନପୂର୍ଣ୍ଣିମା ପୂର୍ବରୁ ଦାରୁମାନେ ଶ୍ରୀକ୍ଷେତ୍ରରେ ପହଞ୍ଚିବା ନିଶ୍ଚିତ ହୋଇଥାଏ । ସ୍ନାନପୂର୍ଣ୍ଣିମା ଦିନ ସ୍ନାନ ମଣ୍ଡପରେ ଶ୍ରୀ ଜୀଉମାନଙ୍କର ସ୍ନାନ ନୀତି ଯଥାବିଧି ସମାହିତ ହେବା ସଙ୍ଗେ ସଙ୍ଗେ କୋଇଲି ବୈକୁଣ୍ଠରେ ଥିବା ଦାରୁମାନଙ୍କୁ ମଧ୍ୟ ସ୍ନାନ କରାଯାଏ । ଏହାପରେ ୧୫ଦିନ ମଧ୍ୟରେ ନୂତନ ମୂର୍ତ୍ତି ଗଠନ କାର୍ଯ୍ୟ ସଂଗଠିତ ହୁଏ । ମୂର୍ତ୍ତି ନିର୍ମାଣ ସମୟରେ ପୂଜା, ହୋମ ଯଜ୍ଞ ଓ ପ୍ରାର୍ଥନା ନିୟମିତ କରାଯାଉଥାଏ । ନିର୍ମାଣଶାଳାଟି ଚତୁଃପାର୍ଶ୍ୱରୁ ଆବଦ୍ଧ କରାଯାଇଥାଏ ଯେପରି ବାହାରକୁ କୌଣସି ଶବ୍ଦ ଶୁଣାଯିବ ନାହିଁ । ସ୍କନ୍ଧପୁରାଣର ପୁରୁଷୋତ୍ତମ ମାହାତ୍ମ୍ୟରେ ବର୍ଣ୍ଣିତ ହୋଇଛି ଯେ ଠାକୁରଙ୍କ ମୂର୍ତ୍ତିନିର୍ମାଣ ଦେଖିବା ବ୍ୟକ୍ତି ଅନ୍ଧ ହୋଇଯାଏ ଏବଂ ନିର୍ମାଣ ଶବ୍ଦ ଶୁଣିବା ବ୍ୟକ୍ତି ଶ୍ରବଣ ଶକ୍ତି ହରାଇ ଥାଏ । ତେଣୁ ନିର୍ମାଣ ମଣ୍ଡପର ବାହାରେ ମୂର୍ତ୍ତି ନିର୍ମାଣ ସମୟରେ ବିଭିନ୍ନ ବାଦ୍ୟ ବଜାଇବା ପାଇଁ ପୁରାଣରେ ନିର୍ଦ୍ଦେଶ ରହିଛି । ମୂର୍ତ୍ତି ନିର୍ମାଣପରେ କୃଷ୍ଣ ଚତୁର୍ଦ୍ଦଶୀ ରାତିରେ ନବନିର୍ମିତ ବିଗ୍ରହମାନଙ୍କୁ ଅଣସର ପିଣ୍ଡିକୁ ନିଆଯାଏ । ଯଥାସମୟରେ ନୂତନ ବିଗ୍ରହମାନଙ୍କରେ ବ୍ରହ୍ମ ସଂସ୍ଥାପିତ ହୁଏ । ଏ ବ୍ରହ୍ମ ପ୍ରସଙ୍ଗ ଏବେ ମଧ୍ୟ ରହସ୍ୟାଚ୍ଛନ୍ନ । ଏହାର ସ୍ୱରୂପ କିପରି ତାହା କହିବା ଅସମ୍ଭବ । ତେବେ ଶୁଣାଯାଏ ଯେ ଘଟପରିବର୍ତ୍ତନ କରୁଥିବା ବ୍ୟକ୍ତି ଅଳ୍ପଦିନ ମଧ୍ୟରେ ମୃତ୍ୟୁବରଣ କରିଥାନ୍ତି ।

ବ୍ରହ୍ମ ସଂସ୍ଥାପନ ପରେ ନୂତନ ବିଗ୍ରହମାନଙ୍କୁ ସ୍ପର୍ଶ କରି ଦଇତାପତିମାନେ ନିଜର ସାମର୍ଥ୍ୟ ଅନୁସାରେ ଟଙ୍କାପଇସା ସ୍ୱର୍ଣ୍ଣ ଅଳଙ୍କାର ଇତ୍ୟାଦି ପ୍ରଦାନ କରିଥାନ୍ତି । ଏହି ଅର୍ଥ ଦଇତାପତି ନିଯୋଗକୁ ପ୍ରଦତ୍ତ ହୁଏ । ଏହାର ପରବର୍ତ୍ତୀ ପର୍ଯ୍ୟାୟ ଅତ୍ୟନ୍ତ ମର୍ମନ୍ତୁଦ । କୋଇଲି ବୈକୁଣ୍ଠରେ ଏକ ନିର୍ଦ୍ଦିଷ୍ଟ ସ୍ଥାନରେ ୯ହାତ ଗଭୀର ଓ ୬ହାତ ବ୍ୟାସର ଏକ ଗାତ ଖୋଳାଯାଏ । ସେହି ଗର୍ତ୍ତରେ ପାଟକନା ପକାଯାଇ ପୁରାତନ ବିଗ୍ରହମାନଙ୍କୁ ବିସର୍ଜନ କରାଯାଏ । ପରେ ପରେ ସାରଥି ପାର୍ଶ୍ୱଦେବତା ଅଶ୍ୱ ପ୍ରଭୃତି ପାତାଳି କରାଯାଏ । ଦଇତାମାନେ ଏଦୃଶ୍ୟରେ ମର୍ମାହତ ହୋଇପଡ଼ନ୍ତି । ୧୦ଦିନ ପର୍ଯ୍ୟନ୍ତ ଶୁଦ୍ଧିକ୍ରିୟା ପାଳନ କରନ୍ତି । ଦଶାହ ଦିନ ଦଇତାପତି ଓ ପତି ମହାପାତ୍ରଙ୍କ ଘରର ସଦସ୍ୟ ବୃନ୍ଦ ମାର୍କଣ୍ଡ ପୁଷ୍କରିଣୀରେ ସ୍ନାନକରି ନୂତନ ବସ୍ତ୍ର ପରିଧାନ ପୂର୍ବକ ଶୁଦ୍ଧ ହୋଇଥାନ୍ତି ।

ବିଗତ ଶତାବ୍ଦୀରେ ଅର୍ଥାତ୍ ବିଂଶ ଶତାବ୍ଦୀରେ ୬ଥର ନବକଳେବର ଅନୁଷ୍ଠିତ ହୋଇଛି । ଯେଉଁବର୍ଷ ମାନଙ୍କରେ ନବକଳେବର ଅନୁଷ୍ଠିତ ହୋଇଥିଲା ସେଗୁଡ଼ିକ ହେଉଛି ୧୯୧୨ ମସିହା, ୧୯୩୧ ମସିହା, ୧୯୫୦ ମସିହା, ୧୯୬୯ ମସିହା, ୧୯୭୭ ମସିହା ଓ ୧୯୯୬ ମସିହା ।

ନବକଳେବର ବର୍ଷ	ରଥଯାତ୍ରା ତାରିଖ
୧୯୧୨ ମସିହା	ଜୁଲାଇ ୧୬ ତାରିଖ
୧୯୩୧ ମସିହା	ଜୁଲାଇ ୧୭ ତାରିଖ
୧୯୫୦ ମସିହା	ଜୁଲାଇ ୧୬ ତାରିଖ
୧୯୬୯ ମସିହା	ଜୁଲାଇ ୧୬ ତାରିଖ
୧୯୭୭ ମସିହା	ଜୁଲାଇ ୧୮ ତାରିଖ
୧୯୯୬ ମସିହା	ଜୁଲାଇ ୧୭ ତାରିଖ

୧୯୧୨ ମସିହାରେ ଯେଉଁ ଯେଉଁ ସ୍ଥାନରୁ ଦାରୁ ପ୍ରାପ୍ତ ହୋଇଥିଲେ ସେହି ସ୍ଥାନଗୁଡ଼ିକ ହେଉଛି -

ସୁଦର୍ଶନଙ୍କ ଦାରୁ- ଫଟେଗଡ଼
ବଳଭଦ୍ରଙ୍କ ଦାରୁ - ନିଆଳି ହାଟର ପୋଖରୀ ହୁଡ଼ାରୁ
ସୁଭଦ୍ରାଙ୍କ ଦାରୁ - ପୋଲାର ମାହାଲ ନିକଟରୁ
ଜଗନ୍ନାଥଙ୍କ ଦାରୁ -ପ୍ରତାପରୁଦ୍ରପୁର ନୂଆସାହି ।

ଏଇ ବର୍ଷ ଶ୍ରୀଗୁଣ୍ଡିଚା ଦିନ ସକାଳେ ବର୍ଷା ହୋଇଥିଲା । ସନ୍ଧ୍ୟାପୂର୍ବରୁ ଶ୍ରୀବଳଭଦ୍ର ଜୀଉ ଓ ଦେବୀ ସୁଭଦ୍ରାଙ୍କ ରଥ ଗୁଣ୍ଡିଚା ମନ୍ଦିରରେ ଲାଗିଥିଲେ ହେଁ ଶ୍ରୀଜଗନ୍ନାଥଙ୍କ ରଥ ପହଞ୍ଚି ପାରି ନଥିଲା । ତହିଁ ପରଦିନ ଶ୍ରୀ ଜଗନ୍ନାଥଙ୍କ ରଥ ଗୁଣ୍ଡିଚା ମନ୍ଦିରରେ ଉପସ୍ଥିତ ହୋଇଥିଲା ବୋଲି ତତ୍କାଳୀନ 'ଉତ୍କଳ ଦୀପିକା'ରେ ପ୍ରକାଶିତ ସମ୍ବାଦରୁ ଜଣାପଡ଼େ ।

୧୯୩୧ ମସିହାରେ ଯେଉଁ ଯେଉଁ ସ୍ଥାନରୁ ଚତୁର୍ଦ୍ଧାମୂର୍ତ୍ତିଙ୍କ ଦାରୁ ସଂଗୃହୀତ ହୋଇଥିଲା, ସେହି ସ୍ଥାନଗୁଡ଼ିକ ହେଉଛି -

ସୁଦର୍ଶନଙ୍କ ଦାରୁ- ସାତ୍ତ୍ୱିକ ପୁର
ବଳଭଦ୍ରଙ୍କ ଦାରୁ - ସାତ୍ତ୍ୱିକ ପୁର
ସୁଭଦ୍ରାଙ୍କ ଦାରୁ - ନିଆଳି
ଜଗନ୍ନାଥଙ୍କ ଦାରୁ -ଗବ ପଡ଼ା

ଏହି ବର୍ଷ ରଥଯାତ୍ରା ଦିନ ଠାକୁରଙ୍କର ପହଣ୍ଡି ବିଜେ ଅତ୍ୟଧିକ ବିଳମ୍ବ ହୋଇଥିଲା । ପ୍ରାୟ ସନ୍ଧ୍ୟା ହୋଇ ଯାଇଥିଲା । ଏ ବର୍ଷ ଯାତ୍ରୀସଂଖ୍ୟା ଅଧିକ ନଥିଲା - ଶାନ୍ତିଶୃଙ୍ଖଳା ରକ୍ଷା ନିମନ୍ତେ ପାଟଣାରୁ ବହୁ ପୋଲିସ କର୍ମଚାରୀ ଆସିଥିଲେ । ସାଧାରଣ ରେଳଗାଡ଼ି ବ୍ୟତୀତ ଅଧିକ ୧୪ ଗୋଟି ରେଳଗାଡ଼ି (ସ୍ପେଶାଲ) ଚଳାଚଳ କରିଥିଲା ବୋଲି ଉତ୍କଳଦୀପିକାର ସମ୍ବାଦ ପରିବେଷଣରୁ ଜଣାଯାଏ ।

୧୯୫୦ ମସିହାରେ ଅନୁଷ୍ଠିତ ନବକଳେବର ପାଇଁ ଯେଉଁ ଯେଉଁ ସ୍ଥାନରୁ ଦାରୁ ଗୁଡ଼ିକ ଚିହ୍ନଟ ତଥା ସଂଗୃହୀତ ହୋଇଥିଲେ ସେହି ସ୍ଥାନଗୁଡ଼ିକ ହେଉଛି -

ସୁଦର୍ଶନଙ୍କ ଦାରୁ- ଜଲାର ପୁର
ବଳଭଦ୍ରଙ୍କ ଦାରୁ - ନୂଆପାଟଣା ସ୍ଥିତ ନୟାହାଟ
ସୁଭଦ୍ରାଙ୍କ ଦାରୁ - ଦୁର୍ଗେଶ୍ୱର ବାହାରଣାଗ୍ରାମ
ଜଗନ୍ନାଥଙ୍କ ଦାରୁ - ଖଡ଼ିହର (କାନପୁର) ।

୧୯୬୯ ମସିହାରରେ ଅନୁଷ୍ଠିତ ନବ କଳେବର ପାଇଁ ନିମ୍ନଲିଖିତ ସ୍ଥାନମାନଙ୍କରୁ ଦାରୁ ସଂଗୃହୀତ ହୋଇଥିଲା ।

ସୁଦର୍ଶନଙ୍କ ଦାରୁ- ବନମାଳୀ ପୁରସ୍ଥ ବଲରା ଗ୍ରାମ
ବଳଭଦ୍ରଙ୍କ ଦାରୁ - ଭାକର ସାହି (ଗଡ଼ ଚାରି ପଡ଼ା)
ସୁଭଦ୍ରାଙ୍କ ଦାରୁ - କାହୁ ପୁର
ଜଗନ୍ନାଥଙ୍କ ଦାରୁ - ଚମ୍ପାଝର ।

୧୯୭୭ ମସିହାରେ ନବକଳେବର ନିମ୍ନୋକ୍ତ ସ୍ଥାନମାନଙ୍କରୁ ଦାରୁ ସଂଗୃହୀତ ହୋଇଥିଲା ।

ସୁଦର୍ଶନଙ୍କ ଦାରୁ- ନିଆଳି ନିକଟସ୍ଥ ସିଂହ ସାହି
ବଳଭଦ୍ରଙ୍କ ଦାରୁ - ଭୋଗେଶ୍ୱର ଗ୍ରାମ
ସୁଭଦ୍ରାଙ୍କ ଦାରୁ - ବେର ବୋଇ
ଜଗନ୍ନାଥଙ୍କ ଦାରୁ - ରାୟ ଚକ୍ରଧର ପୁର ।

୧୯୯୬ ମସିହାରେ ଯେଉଁ ନବକଳେବର ହୋଇଥିଲା ସେଥିପାଇଁ ନିମ୍ନଲିଖିତ ସ୍ଥାନମାନଙ୍କରୁ ଦାରୁ ସଂଗୃହୀତ ହୋଇଥିଲା ।

ସୁଦର୍ଶନଙ୍କ ଦାରୁ- ମାଧବ ମୌଜାର ବିଶୋଇ ଡିହି
ବଳଭଦ୍ରଙ୍କ ଦାରୁ - ସାନପୁର ନିକସ୍ଥ ରାମକୃଷ୍ଣ ପୁର ଗ୍ରାମ
ସୁଭଦ୍ରାଙ୍କ ଦାରୁ - ଅସ୍ତରଙ୍ଗ ବ୍ଲକର ମାଲଦା ଗ୍ରାମ
ଜଗନ୍ନାଥଙ୍କ ଦାରୁ - ଖୋର୍ଦ୍ଧା ନିକଟସ୍ଥ ଦଧିମାଛ ଗାଡ଼ିଆ ।

୧୯୯୬ ମସିହାର ବନଯାଗଯାତ୍ରା ଦଳରେ ୭୮ଜଣ ସେବକ ସାମିଲ ହୋଇଥିଲେ । ଏହା ବ୍ୟତୀତ ଜିଲ୍ଲା ଆରକ୍ଷୀ ଦଳ ଓ କେତେକ ସ୍ୱାସ୍ଥ୍ୟ କର୍ମଚାରୀ ସକ୍ରିୟ ସହଯୋଗ କରିଥିଲେ । ସୁଦର୍ଶନଙ୍କ ଦାରୁ ବୃକ୍ଷ ସ୍ଥାନ ଶ୍ରୀ ଲକ୍ଷ୍ମଣ ପାଢ଼ୀଙ୍କ ମାର୍ଫତରେ ଥିଲା । ବଳଭଦ୍ରଙ୍କ ଦାରୁ ଥିଲା ରାମକୃଷ୍ଣ ପୁର ଶ୍ରୀପୂର୍ଣ୍ଣାନନ୍ଦ ସାମଲଙ୍କ ବାଡ଼ିରେ । ସୁଭଦ୍ରାଙ୍କ ଦାରୁ ମାଲଦା ଗ୍ରାମର ଶ୍ରୀ ନୀଳମଣି ସାହୁଙ୍କ ବାଡ଼ିରୁ ମିଳିଥିଲା । ଶ୍ରୀ ଜଗନ୍ନାଥଙ୍କ ଦାରୁ ଶ୍ରୀ ପ୍ରସନ୍ନ ପଟ୍ଟନାୟକଙ୍କ ବାଡ଼ିରେ ଥିଲା । ଅଦ୍ୟାବଧି ରତ୍ନସିଂହାସନରେ ଏହି ଦାରୁ ନିର୍ମିତ ଦାରୁବ୍ରହ୍ମ ପୂଜିତ ହେଉଛନ୍ତି । ଇଚ୍ଛାମୟ ସେ । ନିଜ ଇଚ୍ଛାରେ ସେ କଳେବର ପରିବର୍ତ୍ତନ କରନ୍ତି । ସବୁ ତାଙ୍କରି ଇଚ୍ଛା । ତାଙ୍କ ପାଦତଳେ ସହସ୍ର ପ୍ରଣାମ । ଜୟ ଜଗନ୍ନାଥ ।

□□

ଆମ ପଲ୍ଲୀ ଜୀବନଧାରାରେ ଶ୍ରୀଜଗନ୍ନାଥ

ଶ୍ରୀଜଗନ୍ନାଥ କେବଳ ଦାରୁଦେବତା ନୁହନ୍ତି, ସେ ହେଉଛନ୍ତି ସମନ୍ୱୟ ଭାବର ସୁରମ୍ୟ ପ୍ରତୀକ ଓ ସାର୍ଥକ ପ୍ରତିନିଧି । ସେ ନୀଳାଚଳରେ ପୂଜାପାଇଲେ ମଧ୍ୟ ଉତ୍କଳନାଥ ନ ହୋଇ ଜଗତର ନାଥ ଜଗନ୍ନାଥ ନାମରେ ନାମିତ ଓ ପ୍ରତିଷ୍ଠିତ । ଓଡ଼ିଶାର ଜନଜୀବନରେ ଶ୍ରୀଜଗନ୍ନାଥଙ୍କ ପ୍ରତି ଥିବା ଭକ୍ତି ଓ ଶ୍ରଦ୍ଧା ଦେଖିଲେ ଅଭିଭୂତ ହେବାକୁ ହୁଏ । ପଲ୍ଲୀ ଘରଣୀଙ୍କର ବିଶ୍ୱାସ ଅତୀତରେ ପ୍ରବଳ ଥିଲା ଯେ ଦେହରେ ଜଗନ୍ନାଥ, ବଳଭଦ୍ର ଓ ସୁଭଦ୍ରାଙ୍କ ଚିତ୍ର ଚିତା ଆକାରରେ କୁଟାଇଲେ ଯମଦଣ୍ଡ ମିଳିବ ନାହିଁ । ନିଜେ ଶ୍ରୀଜଗନ୍ନାଥ ଯମଦଣ୍ଡରୁ ମୁକ୍ତିଦେବେ ବୋଲି ବିଶ୍ୱାସ ଥିଲା । ଆଜି ସେ ବିଶ୍ୱାସ ସୁଦୂର ପରାହତ ହେଲେ ହେଁ ସମ୍ପୂର୍ଣ୍ଣ ଲୁପ୍ତ ହୋଇନାହିଁ । କିଛି ପରିମାଣରେ ଏପରି ବିଶ୍ୱାସ ଏବେ ମଧ୍ୟ ଗ୍ରାମାଞ୍ଚଳରେ ଥିବାର ଅନୁଭବ କରିହୁଏ । ଘରର କାନ୍ଥରେ ଜଗନ୍ନାଥ, ବଳଭଦ୍ର ଓ ସୁଭଦ୍ରାଙ୍କ ଚିତ୍ର ଅଙ୍କନ କରି ସାଧାରଣ ଲୋକେ ଯେପରି ଭକ୍ତିଭାବର ନିଦର୍ଶନ ଦେଖାଇଥାନ୍ତି ତାହାର ତୁଳନା ନାହିଁ । ଏବେ ମଧ୍ୟ ଗ୍ରାମାଞ୍ଚଳରେ ବହୁ ବ୍ୟକ୍ତି ସ୍ନାନସାରି ପ୍ରଥମେ ତୁଣ୍ଡରେ ନିର୍ମାଲ୍ୟ ଟିକିଏ ଦେଲା ପରେ ଯାହା କିଛି ଖାଦ୍ୟ ଗ୍ରହଣ କରିଥାନ୍ତି । ବାଡ଼ି ବଗିଚାରେ ଫୁଲଟିଏ ପ୍ରଥମ କରି ଫୁଟିଲେ ଲୋକେ ଜଗନ୍ନାଥଙ୍କ ଫଟୋରେ ଲାଗି କରିଥାନ୍ତି । ଗଛରେ ପ୍ରଥମ ଫଳଟିଏ ଫଳିଲେ ଶ୍ରୀଜଗନ୍ନାଥଙ୍କୁ ଭୋଗ ଆକାରରେ ଅର୍ପଣ କରିବାର ପରମ୍ପରା ପଲ୍ଲୀ ଜୀବନରେ ଏବେ ମଧ୍ୟ ଦେଖିବାକୁ ମିଳେ । ମନେହୁଏ ସତେ ଯେମିତି ଶ୍ରୀଜଗନ୍ନାଥ ଆମ ଘରର ସବୁଠାରୁ ଅଧିକ ମର୍ଯ୍ୟାଦାବନ୍ତ ପ୍ରତିନିଧି । ଚିଠିଟିଏ ଲେଖିବସିଲେ ପଲ୍ଲୀ ଜନତା ଶ୍ରୀ ଜଗନ୍ନାଥ ଚରଣେ ଶରଣ, ଶ୍ରୀ ଜଗନ୍ନାଥଙ୍କ କୃପାରୁ.... ଇତ୍ୟାଦି ଇତ୍ୟାଦି ଆଗ ଲେଖିଥାନ୍ତି । ସଚେତନ ଭାବରେ ହେଉ ବା ଅବଚେତନରେ ହେଉ ଶ୍ରୀଜଗନ୍ନାଥଙ୍କ ପ୍ରତି ଆନ୍ତରିକତା ପଲ୍ଲୀଜୀବନରେ ଅନୁଭବ କରିହୁଏ । ବିବାହ ଓ ବ୍ରତାଦି ଉତ୍ସବମାନଙ୍କରେ ଶ୍ରୀଜଗନ୍ନାଥଙ୍କୁ ପ୍ରଥମେ ନିମନ୍ତ୍ରଣ ଦେବାର ବିଧି ଓଡ଼ିଶାର କେତେକ ଅଞ୍ଚଳରେ ବିଶେଷତଃ ପୁରୀ ଜିଲ୍ଲାର କେତେକ ଅଞ୍ଚଳରେ ରହିଛି । ଏହାଛଡ଼ା ସୁଖଦୁଃଖର ସାଥି ଭାବରେ, ଅନ୍ୟାୟ ଅତ୍ୟାଚାରର ସାକ୍ଷୀ ଭାବରେ ଝଡ଼ି, ବଢ଼ି, ମରୁଡ଼ିରେ ବନ୍ଧୁ ଭାବରେ ଜଗନ୍ନାଥଙ୍କ ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ । ଜଗନ୍ନାଥ ମନ୍ଦିରରେ ପାଳିତ ପର୍ବପର୍ବାଣୀର ପ୍ରଭାବରେ ଓଡ଼ିଶାର ଗ୍ରାମାଞ୍ଚଳରେ କେତେକ ପର୍ବପର୍ବାଣୀ ପାଳିତ ହେବାର ଦେଖାଯାଏ । ଏହି ବିଧି ବ୍ୟବସ୍ଥା ଘରକୁ ମନ୍ଦିରର ମର୍ଯ୍ୟାଦା ଦେବାପାଇଁ ପ୍ରୟାସ କରିବା ପାଇଁ ଯଥେଷ୍ଟ ସୁଯୋଗ ଦେଇଥାଏ ।

ଓଡ଼ିଶାର କବିମାନେ କାବ୍ୟ କବିତା ଲେଖିଲା ବେଳେ ଶ୍ରୀଜଗନ୍ନାଥଙ୍କୁ ସ୍ମରଣ କରନ୍ତି ଓ ତାଙ୍କ ଚରଣରେ ପ୍ରଣାମ କରିଥାନ୍ତି । ପ୍ରଭୁଙ୍କ ନାମ ଉଚ୍ଚାରଣ କରି କାବ୍ୟ ଆରମ୍ଭ କଲେ କାବ୍ୟଟି ନିର୍ବିଘ୍ନରେ ସମାପ୍ତ ହେବ, ଏହି ବିଶ୍ୱାସ କବି ଚିତ୍ତରେ ଅତୀତରେ ଥିଲା । ପ୍ରତିଟି ଛାନ୍ଦର ଶେଷରେ ଶ୍ରୀ ଜଗନ୍ନାଥଙ୍କୁ ସ୍ମରଣ କରିବାର ନିୟମକୁ ଓଡ଼ିଶାର କବିମାନଙ୍କ ମଧ୍ୟରେ ଅନେକେ ପାଳନ କରିଥିଲେ । ଓଡ଼ିଶାର ଲୋକଗୀତରେ ମଧ୍ୟ ଶ୍ରୀଜଗନ୍ନାଥଙ୍କ ମହିମା ବର୍ଣ୍ଣନା କରାଯାଇଛି । ତୁଣ୍ଡରୁ ତୁଣ୍ଡକୁ ଏ ଗୀତ ପ୍ରସରି ଯାଇଛି ଓଡ଼ିଶାରେ । ଲୋକ ଗୀତର ସ୍ରଷ୍ଟାଙ୍କ ନାମ ପ୍ରାୟ ନ ଥାଏ । ଲୋକଗୀତ ଏକାଧାରାରେ ଆନନ୍ଦ ଦାନ ଓ ଲୋକ ଶିକ୍ଷା ଦେଇଥାଏ । ସାଧାରଣ ଜୀବନରେ ନୈତିକତା,

ଭ୍ରାତୃଭାବ, ଧାର୍ମିକଚେତନା ସୃଷ୍ଟି କରିବା ପାଇଁ ଏହି ଗୀତଗୁଡ଼ିକରେ ବହୁ ଉପାଦାନ ଥାଏ । ସରଳ, ଲଳିତ ଶବ୍ଦ ଯୋଜନା, ଶ୍ରୁତି ମଧୁର ସ୍ୱର ସଂଯୋଜନା, ସ୍ନିଗ୍ଧ ସୁନ୍ଦର ଭାବର ପ୍ରସ୍ତାବନା ସର୍ବୋପରି ନିରାଭରଣ ଉପସ୍ଥାପନା ଲୋକଗୀତର ମହତ୍ତ୍ୱକୁ ବହୁଗୁଣିତ କରିଥାନ୍ତି । ଏବେ ମଧ୍ୟ ଲୋକଗୀତର ଆବୃତ୍ତି ଓ ଚର୍ଚ୍ଚା ଆମର ପଲ୍ଲୀ ଅଞ୍ଚଳରୁ ପୂରାପୂରି ବିଦାୟ ନେଇନାହିଁ । କିଛି ଲୋକ ଏବେ ମଧ୍ୟ ଲୋକଗୀତ ଗାଉଛନ୍ତି ଓ ଶୁଣୁଛନ୍ତି । ବଡ଼ମ୍ବା ଅଞ୍ଚଳରୁ ସଂଗୃହୀତ ଗୋଟିଏ ଲୋକଗୀତରୁ ଭକ୍ତପ୍ରାଣର ବ୍ୟାକୁଳତା ବିଷୟରେ ଜାଣିହୁଏ । ଭକ୍ତର ଗୋଡ଼ ଦୁଇଟି ସେ ଗୀତରେ କହିଛନ୍ତି ଶରଧା ବାଲିରେ ଚାଲିବାକୁ । ତୁଣ୍ଡ ଚାହିଁଛି ଶ୍ରୀ ଜଗନ୍ନାଥଙ୍କର ଗରମ ଅନ୍ନ ଖାଇବାକୁ । କାନ ମନ କରିଛି ଶ୍ରୀଜଗନ୍ନାଥଙ୍କର ନାମ କୀର୍ତ୍ତନ ଶୁଣିବାକୁ ଇତ୍ୟାଦି ଇତ୍ୟାଦି ।

ବିମଳା ଠାକୁରାଣୀଙ୍କ ମହିମାକୁ ନେଇ ଯେଉଁ ଲୋକଗୀତ ପିପିଲି ଅଞ୍ଚଳରେ ପ୍ରଚଳିତ ସେଥିରେ ବିମଳାଙ୍କ ବେଶଭୂଷା, ଅଳଙ୍କାର ବିଷୟରେ ଉଲ୍ଲେଖ ରହିଛି । କବିଙ୍କ ହୃଦୟର ସୁଲଳିତ ଭାବ ଏଥିରେ ପ୍ରକାଶ ପାଇଛି । ଏଥିରେ ବୋଲାଯାଉଥିବା ଗୋଟିଏ ପଦ ଏହିପରି -

"ମନ୍ଦ ମନ୍ଦ ହସ ମାଆଗୋ
ପାଉଅଛି ଶୋଭା
ମୁକୁତା ପାଶରେ ଶୋହି -
ଅଛି ଦିବ୍ୟଗଭା ।"

ନରସିଂହପୁର ଅଞ୍ଚଳରୁ ମିଳିଥିବା ଗୋଟିଏ ଲୋକଗୀତରେ ଶ୍ରୀ ଜଗନ୍ନାଥଙ୍କର ଚନ୍ଦନ ଯାତ୍ରାକାଳୀନ ବର୍ଣ୍ଣନା କରାଯାଇଛି । ମଦନମୋହନ ବଡ଼ଦାଣ୍ଡରେ ନରେନ୍ଦ୍ର ଚାପକୁ ଗଲାବେଳେ ଆଲଟ ଚାମର ପଡ଼େ । ଘଣ୍ଟ, କାହାଳି, ମର୍ଦ୍ଦଳ, ବୀଣା ବାଜୁଥାଏ । ଚନ୍ଦନ ଜଳରେ ସ୍ନାନ କରି ପ୍ରଭୁ ପୁଣି ବେଶ ଲାଗି ହୁଅନ୍ତି, ଦୟଣା ତୁଳସୀ ମାଳ ପିନ୍ଧନ୍ତି ଇତ୍ୟାଦି ବର୍ଣ୍ଣନା ଏହି ଗୀତରେ ଦେଖାଯାଏ ।

ଅନ୍ୟ ଏକ ଲୋକଗୀତରେ ରଥଯାତ୍ରା ପରେ ହେଉଥିବା ଲକ୍ଷ୍ମୀନାରାୟଣ ଭେଟ ସମ୍ପର୍କରେ ବର୍ଣ୍ଣିତ ହୋଇଛି । ମହାଲକ୍ଷ୍ମୀ କବାଟ କିଳି ଦିଅନ୍ତି, ଶ୍ରୀ ଜଗନ୍ନାଥଙ୍କୁ ମନ୍ଦିର ଭିତରକୁ ଯିବାକୁ ବାଟ ଛାଡ଼ନ୍ତି ନାହିଁ । ବଳଭଦ୍ରଙ୍କୁ ଭିତରକୁ ଯିବାକୁ ଲକ୍ଷ୍ମୀଙ୍କର ଆପତ୍ତି ନଥାଏ, ସେ ତ ଦେଢ଼ଶୂର, ମାନ୍ୟରେ ତାଙ୍କୁ ବାଟ ଛାଡ଼ି ଦିଅନ୍ତି ମହାଲକ୍ଷ୍ମୀ, ଜଗନ୍ନାଥ ପଡ଼ିରହନ୍ତି ବେଶ କିଛି ସମୟ । ବୁଝାଇ ସୁଝାଇ ପୁଣି ଭିତରକୁ ଯାଆନ୍ତି ଶ୍ରୀଜଗନ୍ନାଥ । ଦାସୀ ବାହାରିପଡ଼ି କହେ -

"ଢିଙ୍କି ପନିକି ଆଦି କରି ନେଲ
ଠାକୁରାଣୀଙ୍କୁ ଦୁଃଖୀ କରାଇଲ
ଠାକୁରାଣୀ ଆମ୍ଭ ବିରହେ କ୍ଷୀଣ
ନିଷ୍ଠୁର, ନିର୍ଦ୍ଦୟ ଜଗୁ ଜୀବନ "

ଲୋକଗୀତ ବ୍ୟତୀତ ଲୋକ ନୃତ୍ୟରେ ମଧ୍ୟ ଶ୍ରୀ ଜଗନ୍ନାଥଙ୍କ ମହିମା ଚର୍ଚ୍ଚା ହୁଏ । ପାଲା, ଦାସକାଠିଆ, ଚଉତି ଘୋଡ଼ା, ଡାଲଖାଇ, କରମା ନାଚ ଇତ୍ୟାଦି ଆହୁରି ବହୁ ଲୋକନୃତ୍ୟରେ ଜଗନ୍ନାଥଙ୍କ ନାମ ଗାନ ଓ ମହିମା କୀର୍ତ୍ତନ କରାଯାଏ । ଗୋଟିପୁଅ ନାଚ ଓଡ଼ିଶାର ଏକ ସ୍ୱତନ୍ତ୍ର ବ୍ୟବସ୍ଥା । ଓଡ଼ିଶାର ପଲ୍ଲୀ ଅଞ୍ଚଳରେ ଏବେ ମଧ୍ୟ ଏହି ନାଚର ବ୍ୟବସ୍ଥା ଚନ୍ଦନ ଯାତ୍ରା ଅବକାଶରେ ଗ୍ରାମ ଠାକୁରଙ୍କ ଆଗରେ କରାଯାଏ । ଶ୍ରୀଜଗନ୍ନାଥଙ୍କର ଚନ୍ଦନଯାତ୍ରା କାଳରେ ହେଉଥିବା ଗୋଟି ପୁଅ ନାଚର ପ୍ରଭାବରେ ଗ୍ରାମାଞ୍ଚଳରେ ଏପରି ନାଚ ହୁଏ । ଏହାକୁ ଆଖଡ଼ା ନାଟ ମଧ୍ୟ କୁହାଯାଏ ।

ଗାଁ ଗହଳିରେ ଧାନ, ମୁଗ, ବିରି ଇତ୍ୟାଦି ଶସ୍ୟକୁ ମହାଲକ୍ଷ୍ମୀ ଭାବରେ ବିଚାର କରାଯାଏ । ଏସବୁ ଶସ୍ୟକୁ ମାପ କଲାବେଳେ ମାପୁଣି ପ୍ରଥମ ଥର ମାପକୁ ଏକ ବୋଲି ନ କହି ଜଗନ୍ନାଥ ବୋଲି କହିଥାନ୍ତି । କଥାକଥାକେ ଲୋକେ ଜଗନ୍ନାଥ ଭରସା ବୋଲି କହିବାର ମଧ୍ୟ ଶୁଣାଯାଏ । କୌଣସି ଗୁରୁତର ଅପରାଧ କଲେ ଜଗନ୍ନାଥ

ଧାମକୁ ଯାଇ ପାତକ ଛଡ଼ାଇବାର ବିଧି ଏବେ ମଧ୍ୟ ଓଡ଼ିଶାରେ ରହିଛି । ଗୋହତ୍ୟା ଇତ୍ୟାଦି ଅପରାଧରେ ଅପରାଧୀ ହେଲେ ଶ୍ରୀକ୍ଷେତ୍ର ଯାଇ ମୁକ୍ତିମଣ୍ଡପର ପରାମର୍ଶ ଲୋଡ଼ିବାକୁ ପଡ଼େ । ମୁକ୍ତିମଣ୍ଡପର ପରାମର୍ଶ ଏ ଦିଗରେ ସର୍ବଶ୍ରେଷ୍ଠ ବୋଲି ବିଚାର କରାଯାଏ । ମନ୍ଦିରରେ ବ୍ରାହ୍ମଣ ଭୋଜନ କରାଇଲେ ପାପଛାଡ଼େ ଏବଂ ପୁଣ୍ୟ ଅର୍ଜିତ ହୁଏ ବୋଲି ଲୋକବିଶ୍ୱାସ ଏବେ ମଧ୍ୟ ଗ୍ରାମ୍ୟ ଜୀବନରେ ରହିଛି । ପୟାଶ୍ରାଦ୍ଧ ଦିନ କାଉଁରିଆ କାଠି ଜାଳି ପୂର୍ବ ପୁରୁଷଙ୍କୁ ସ୍ମରଣ କଲାବେଳେ ଜଗନ୍ନାଥଙ୍କ ମନ୍ଦିରର ବାଇଶି ପାହାଚ ଏବଂ ମହାପ୍ରସାଦ କଥା ସ୍ମରଣକୁ ଆସେ । ଏଥିରୁ ସ୍ପଷ୍ଟ ପ୍ରମାଣିତ ଯେ ଓଡ଼ିଆ ଲୋକ ନିଜ ଚେତନାରେ ଓ ଅବଚେତନରେ ଜଗନ୍ନାଥଙ୍କୁ ମନରେ ରଖିଥାନ୍ତି । ଓଡ଼ିଶାରେ କୌଣସି ପର୍ବପର୍ବାଣୀ ପାଳନ କରିବାରେ ତିଥି ଜନିତ କୌଣସି ଅସୁବିଧା ଦେଖାଦେଲେ ତାହା ମୁକ୍ତିମଣ୍ଡପର ପରାମର୍ଶ ଅନୁସାରେ ଦୂର କରାଯାଏ । ମୁକ୍ତିମଣ୍ଡପ ସେତେବେଳେ ବିଚାରାଳୟର କାର୍ଯ୍ୟ କରିଥାଏ । ସେଠାରେ ଥିବା ପଣ୍ଡିତ ମଣ୍ଡଳୀ ଯାହା ରାୟ ଦିଅନ୍ତି ତାହା ଓଡ଼ିଶାବାସୀଙ୍କର ଶିରୋଧାର୍ଯ୍ୟ ହୁଏ । ଚନ୍ଦ୍ରଗ୍ରହଣ, ସୂର୍ଯ୍ୟପରାଗ ପାଇଁ ନୀତିନିୟମ, ସମୟସୀମା ନିର୍ଦ୍ଧାରଣ କ୍ଷେତ୍ରରେ ସମସ୍ୟା ସୃଷ୍ଟି ହେଲେ ଶ୍ରୀମନ୍ଦିରର ମୁକ୍ତିମଣ୍ଡପ ତାକୁ ସମାଧାନ କରିଥାନ୍ତି । ଶ୍ରୀଜଗନ୍ନାଥଙ୍କର ସେତେବେଳେ ଯେପରି ନୀତିଗତି ନିର୍ଦ୍ଧାରିତ ହୁଏ, ଶାସନ ଗାଁ ତଥା ଅନ୍ୟାନ୍ୟ ପଲ୍ଲୀ ଅଞ୍ଚଳରେ ମଧ୍ୟ ଦେବଦେବୀ ମନ୍ଦିରରେ ସେପରି ନୀତିନିୟମ ଲାଗୁ କରାଯାଏ । ପୁନଶ୍ଚ ଗାଁ ଗହଳିରେ ଥିବା ଦେବଦେବୀ ମନ୍ଦିର ମାନଙ୍କରେ ଶ୍ରୀଗୁଣ୍ଡିଚା ଦିନ ଯଥାଶୀଘ୍ର ଠାକୁରଙ୍କର ସେବା ପୂଜା ସମାପନ କରାଯାଏ । ଶ୍ରୀ ଜଗନ୍ନାଥଙ୍କ ରଥକୁ ଗ୍ରାମାଞ୍ଚଳରୁ ସବୁ ଦେବଦେବୀ ଯାଉଥିବାରୁ ଶୀଘ୍ର ନୀତି ବଢ଼ାଇବାର ପରମ୍ପରା ପ୍ରଚଳିତ ରହିଛି । ପଲ୍ଲୀ ଅଞ୍ଚଳରେ ଏବେ ମଧ୍ୟ ଭକ୍ତଜନତା ଶ୍ରୀ ଗୁଣ୍ଡିଚା ଦିନ ଜଗନ୍ନାଥଙ୍କ ରଥ ଚଳିଲା ପର୍ଯ୍ୟନ୍ତ ଉପବାସ ରହି ଠାକୁରଙ୍କ ଭଜନ କୀର୍ତ୍ତନ କରୁଥାନ୍ତି । ଜଳ ପର୍ଯ୍ୟନ୍ତ ସେମାନେ ରଥ ଚଳିବା ଆଗରୁ ଗ୍ରହଣ କରନ୍ତି ନାହିଁ । ଏଥିରୁ ପଲ୍ଲୀ ଜୀବନରେ ଥିବା ଜଗନ୍ନାଥ ପ୍ରାଣତାର ପ୍ରକୃତ ପରିଚୟ ମିଳିଥାଏ । ବିବାହ, ବ୍ରତାଦି ପୁଣ୍ୟ ଅନୁଷ୍ଠାନ ଅବକାଶରେ ବନ୍ଧୁବାନ୍ଧବଙ୍କୁ ନିମନ୍ତ୍ରଣ କରାଯାଏ । ପ୍ରଥମ ଶ୍ରେଣୀର ବନ୍ଧୁ ଅର୍ଥାତ୍ ଅଧିକ ଲଗ୍ନିକ ବନ୍ଧୁମାନଙ୍କୁ ଶ୍ରୀଜଗନ୍ନାଥଙ୍କ ମହାପ୍ରସାଦ ଦେଇ ନିମନ୍ତ୍ରଣ କରାଯାଏ । ମହାପ୍ରସାଦର ପବିତ୍ରତା ବନ୍ଧୁତାର ମର୍ଯ୍ୟାଦା ବଢ଼ାଇଦିଏ । ବେଳେ ବେଳେ ମହାପ୍ରସାଦ ଆଣି ବନ୍ଧୁଙ୍କ ହାତରେ ଦେବା ସମ୍ଭବ ନ ହେଲେ ମହାପ୍ରସାଦ ଦେଇ ନିମନ୍ତ୍ରଣ କଲି ବୋଲି କହିଦେଲେ ମଧ୍ୟ ଚଳିଯାଏ । 'ମହାପ୍ରସାଦ' ଶବ୍ଦଟି ମଧ୍ୟ ମହାପ୍ରସାଦର କାର୍ଯ୍ୟ କରିଥାଏ ଓଡ଼ିଶାବାସୀଙ୍କ ନିକଟରେ । ଈଶ୍ୱରବିଶ୍ୱାସର କି ପରାକାଷ୍ଠା ଏଥିରେ ଅଛି, ତାହା ଅନୁଭବୀ ବୁଝିପାରନ୍ତି ।

ଲକ୍ଷ୍ମୀପୂଜା ଗାଁ ଗହଳିରେ ପ୍ରଚଳିତ ଏକ ବିଶିଷ୍ଟ ପର୍ବ । ନୂଆ ଧାନକୁ ମହାଲକ୍ଷ୍ମୀ ଭାବରେ ବରଣ କରି ତାଙ୍କ ପୂଜା କରିବାରେ ଗ୍ରାମାଞ୍ଚଳରେ ଯେଉଁ ଆନନ୍ଦ ଥାଏ, ତାକୁ ନ ଦେଖିଲେ ବିଶ୍ୱାସ କରିହେବ ନାହିଁ । ଏହି ଅନୁଷ୍ଠାନକୁ ମାଣବସା ଗୁରୁବାର ବୋଲି କୁହାଯାଏ । ପୂଜାଦିନର ପୂର୍ବରୁ ଘରର ଘରଣୀ ଘରଦ୍ୱାର ଲିପାପୋଛା କରି ପରିଷ୍କାର କରିଥାନ୍ତି । ଚାଉଳ ବଟା ଝୋଟିରେ କାନ୍ଥ ଓ ଚଟାଣରେ ଫୁଲ, ହାତୀ, କଳସ ଇତ୍ୟାଦିର ଚିତ୍ର ଲେଖିଥାନ୍ତି । ମହାଲକ୍ଷ୍ମୀଙ୍କର ପ୍ରିୟ ଫୁଲ ହେଉଛି ପଦ୍ମଫୁଲ । ଝୋଟିରେ ପଦ୍ମଫୁଲର ଚିତ୍ର ଲେଖି ଘରକୁ ସଜାଇଥାନ୍ତି ପଲ୍ଲୀ ଘରଣୀ । ମହାଲକ୍ଷ୍ମୀଙ୍କର ପାଦଚିହ୍ନ ଅଙ୍କିତ ହେବା ସହିତ ଲତାର ଚିତ୍ର, ଅନ୍ୟାନ୍ୟ ଅନେକ ପ୍ରକାର ଫୁଲର ଚିତ୍ର ଅଙ୍କା ହୋଇଥାଏ । ଘରେ, ବାହାରେ, ବାରଣ୍ଡାରେ, ବାରି ଅଗଣାରେ ସବୁଆଡ଼େ । ସେଦିନ ସମସ୍ତଙ୍କ ମନରେ ଆନନ୍ଦର ଲହରୀ ଖେଳିଯାଏ ।

ବିଭିନ୍ନ ଦୃଷ୍ଟିରୁ ବିଚାର କଲେ ଏକଥା ସ୍ପଷ୍ଟ ଯେ ଆମର ପଲ୍ଲୀ ଜୀବନଧାରା ହେଉଛି ଜଗନ୍ନାଥ ସର୍ବସ୍ୱ । ଶ୍ରୀଜଗନ୍ନାଥଙ୍କୁ ଚେତନାରୁ ବାଦଦେଲେ ଆମ ପଲ୍ଲୀଜୀବନ ହେବ ଅପୂର୍ଣ୍ଣ ଓ ମୂଲ୍ୟହୀନ । ଚିତ୍ତରେ, ଚିତ୍ତରେ, ନାମରେ, ଭାବରେ ଜଗନ୍ନାଥ ଆମ ପାଖେ ପାଖେ ରହି ଆମ ପାଇଁ କରୁଣାର ବାରି ବର୍ଷଣ କରୁଥାନ୍ତି । ଆମେ ତାଙ୍କ କରୁଣା ପାଇବା ପାଇଁ ଯେତେ ନିଜକୁ ସମର୍ଥ କରିପାରିବା, ତାଙ୍କ କରୁଣା ଓ ଅଭୟ ଆମକୁ ସେତେ ଘେରି ରହିବ, ଏଥିରେ ସନ୍ଦେହ ନାହିଁ ।

□□

ଏମାର ମଠ ଓ ଶ୍ରୀଜଗନ୍ନାଥ

ସର୍ବଜନ କଲ୍ୟାଣ ନିମନ୍ତେ ମହାବାହୁ ପ୍ରସାରି ଯେଉଁ ମହାପ୍ରଭୁ ଶ୍ରୀମନ୍ଦିରର ରତ୍ନସିଂହାସନରେ ଅବସ୍ଥାନ କରିଛନ୍ତି, ତାଙ୍କ ମହିମାର କଳନା ନାହିଁ କି ତୁଳନା ନାହିଁ। ଶ୍ରୀମଦ୍ ଭଗବଦ୍ ଗୀତା ଯେପରି ସମଗ୍ର ମାନବଜାତି ପାଇଁ ଉଦ୍ଦିଷ୍ଟ, ଜଗନ୍ନାଥ ଚେତନା ସେପରି ସମଗ୍ର ମାନବଜାତି ଅଭିପ୍ରେତ। ଗୀତାର ପ୍ରତିଟି ଶ୍ଲୋକରେ ରହିଛି ବିଶ୍ୱଜୀବନ ପାଇଁ ଆଶା ଓ ଆଶ୍ୱାସନାର ସୁବର୍ଣ୍ଣସ୍ୱାକ୍ଷର। ଜଗନ୍ନାଥ ତତ୍ତ୍ୱର ଛତ୍ରେ ଛତ୍ରେ ରହିଛି ବିଶ୍ୱ ପରିବାର ଗଠନର ସୁରମ୍ୟ ପରିକଳ୍ପନା। ଶାନ୍ତି, ସମଦୃଷ୍ଟି, ଉଦାରତା, ଆନ୍ତରିକତା ଆଦି ପବିତ୍ର ଦିବ୍ୟ ଉପାଦାନରେ ସୁଗଠିତ ଜଗନ୍ନାଥ ଚେତନା ଯେପରି ଆକର୍ଷଣୀୟ ସେପରି ବରଣୀୟ ମଧ୍ୟ। ନୀଳାଚଳଧାମକୁ ଦିବ୍ୟଭାବନାର ଲୀଳାନଗରୀ ଓ ଦେବତା ମାନଙ୍କର କ୍ରୀଡ଼ାଶିବିର ଭାବରେ ଭକ୍ତଜନତା ଗ୍ରହଣ କରିଛନ୍ତି। ଶ୍ରୀକ୍ଷେତ୍ର ଓ ଶ୍ରୀଜଗନ୍ନାଥଙ୍କର ମହିମା ଗାଇ ଉତ୍କଳମଣି କହିଛନ୍ତି-

‘ଏହି ସେ ଉତ୍କଳ ପୁଣ୍ୟ ଦେବସ୍ଥଳୀ
ହୋଇଛନ୍ତି ଠୁଳ ଯହିଁ ତୀର୍ଥାବଳୀ।
ତାମଧ୍ୟେ ବିରାଜେ ପୁଣ୍ୟ ନୀଳାଚଳ
ଭାରତର ଧର୍ମହୃଦ ଶତଦଳ।
ଏବେ ନୀଳାଚଳେ ବିଜେ ଜଗନ୍ନାଥ
ତେବେ କିମ୍ପା କହ ଉତ୍କଳ ଅନାଥ।’

ଜଗନ୍ନାଥ ଚେତନାର ଅଭିବ୍ୟକ୍ତି କେବଳ ଦର୍ଶନର କଥା ନୁହେଁ, ଏହା ମଧ୍ୟ ଭକ୍ତଜନତାର ହୃଦୟର ସ୍ୱତଃସ୍ଫୁର୍ତ୍ତ ବାର୍ତ୍ତା। ଦୀପ ଯାହାର ମହାଦୀପ, ସେବକ ଯାହାର ବଡ଼ସେବକ, ଦାଣ୍ଡ ଯାହାର ବଡ଼ଦାଣ୍ଡ, ଦେଉଳ ଯାହାର ବଡ଼ଦେଉଳ, ବାହୁ ଯାହାର ମହାବାହୁ, ପ୍ରସାଦ ଯାହାର ମହାପ୍ରସାଦ, ସମୁଦ୍ର ଯାହାର ମହୋଦଧି ସେହି ଜଗନ୍ନାଥଙ୍କ ଅବସ୍ଥାନ ଯୋଗୁଁ ନୀଳାଦ୍ରିକ୍ଷେତ୍ର ସୁନ୍ଦର ଦିଶେ। ଭକ୍ତ କଣ୍ଠରେ ଭଜନର ମାଧୁରିମା ବହୁଗୁଣିତ ହୁଏ, ଭକ୍ତପ୍ରାଣରେ ବିଭୁପ୍ରୀତିର ସ୍ନିଗ୍ଧସୁନ୍ଦର ବର୍ଣ୍ଣବିଭା ଉକୁଟିଉଠେ। ମହାପ୍ରଭୁଙ୍କ ପାଇଁ ଭକ୍ତ ହେଉଛି ସବୁଠାରୁ ବଡ଼, ଭକ୍ତ ଆଖିରେ ଲୁହ ଦେଖିଲେ ପ୍ରଭୁଙ୍କ ହୃଦୟରେ କୋହ ଆସେ। ଭକ୍ତ ପାଇଁ ଶ୍ରୀକ୍ଷେତ୍ରର ପ୍ରତି ଧୂଳିକଣାରେ ନନ୍ଦନ ମନ୍ଦାରର ମଧୁର ମହକ ଭରିଯାଏ। ଶ୍ରୀଜଗନ୍ନାଥଙ୍କ ଦର୍ଶନରେ ପାପ କ୍ଷୟ ହୁଏ, ତାଙ୍କ ସମୁଦ୍ରରେ ସ୍ନାନ କଲେ ମଧ୍ୟ ପାପ କ୍ଷୟ ହୁଏ। ଶ୍ରୀକ୍ଷେତ୍ରରେ ସିନ୍ଧୁସ୍ନାନର ମହତ୍ତ୍ୱ ଉପସ୍ଥାପନା କରିବାକୁ ଯାଇ ଜୈମିନୀ କହନ୍ତି-

‘କ୍ରନ୍ଦନ୍ତି ସର୍ବପାପାନି ସମ୍ଭ୍ରାନ୍ତାଃ ସର୍ବପାତକାଃ
ଅନିଷ୍ଟାନି ପଳାୟନ୍ତେ ସ୍ନାନେ। ଦ୍ୟତସ୍ୟବୈ
ଅତ୍ୟ ତୀର୍ଥେ କୃତଂ ପାପଂ ସିନ୍ଧୁତୀରେ ବିନଶ୍ୟତି
ସିନ୍ଧୁତୀରେ କୃତଂ ପାପଂ ସିନ୍ଧୁସ୍ନାନାତ୍ ବିନଶ୍ୟତି।’

ଅର୍ଥାତ୍ ଶ୍ରୀକ୍ଷେତ୍ରରେ ସିନ୍ଧୁସ୍ନାନର ଏପରି ମହତ୍ତ୍ୱ ଅଛି ଯେ, ସିନ୍ଧୁରେ ସ୍ନାନ କରିବା ନିମନ୍ତେ ଉଦ୍ୟତ ହେବା ମାତ୍ରେ ଲୋକର ସମସ୍ତ ପାପରାଶି କ୍ରନ୍ଦନ କରୁଥାଏ ଓ ଅମଙ୍ଗଳ ପଳାୟନ କରେ। ଅନ୍ୟ ତୀର୍ଥରେ କୃତପାପ ସିନ୍ଧୁତୀରକୁ ଆସିବା ମାତ୍ରେ ନଷ୍ଟ ହୁଏ। ସିନ୍ଧୁତୀରରେ କୃତପାପ ସିନ୍ଧୁସ୍ନାନରେ ନଷ୍ଟ ହୁଏ। ଭକ୍ତବୃନ୍ଦ ସିନ୍ଧୁରେ ସ୍ନାନ କରି ନିର୍ମଳ ଦେହ ଓ ମନରେ ଶ୍ରୀଜଗନ୍ନାଥଙ୍କର ଦର୍ଶନ ଲାଭ କରିଥାନ୍ତି। ଶ୍ରୀକ୍ଷେତ୍ରରେ କିଛିଦିନ ଅବସ୍ଥାନ କରି ଶ୍ରୀଜଗନ୍ନାଥଙ୍କୁ କେନ୍ଦ୍ର କରି ଗଢ଼ିଉଠିଥିବା ନୀଳାଦ୍ରିଧାମର ଅନ୍ୟାନ୍ୟ କେତେକ ସ୍ଥାନ ଭ୍ରମଣ କରିବାର ଇଚ୍ଛାକୁ ଭକ୍ତଜନତା ଛାଡିପାରନ୍ତି ନାହିଁ। ଦୂରଦେଶାଗତ ଭକ୍ତମାନଙ୍କ ପାଇଁ ଶ୍ରେଷ୍ଠ ଆଶ୍ରୟସ୍ଥଳର ଗୁରୁତ୍ୱପୂର୍ଣ୍ଣ ଭୂମିକା ମଠମାନଙ୍କୁ ଗ୍ରହଣ କରିବାକୁ ପଡିଥାଏ। ଯାତ୍ରୀ ତଥା ଭକ୍ତମାନଙ୍କୁ ଆଶ୍ରୟ ଦେବା ସଂଗେ ସଂଗେ ଶ୍ରୀଜଗନ୍ନାଥଙ୍କ ନୀତି, ସେବାପୂଜା, ଯାନିଯାତ୍ରା ଓ ପର୍ବପର୍ବାଣୀମାନଙ୍କରେ ମଧ୍ୟ କେତେକ ମଠର କେତେକ ସ୍ୱତନ୍ତ୍ର ଭୂମିକା ଦେଖିବାକୁ ମିଳେ। ଏମାର, ମଙ୍ଗୁ, ଉତ୍ତରପାର୍ଶ୍ୱ, ଦକ୍ଷିଣପାର୍ଶ୍ୱ, ଗୋପାଳ ତୀର୍ଥ, ଶିବତୀର୍ଥ, ଶଙ୍କରାନନ୍ଦ, ବଡ଼ଓଡ଼ିଆ, ସାନଓଡ଼ିଆ, ଆଉଲା, ଚିକିଟି, ରାଘବ ଦାସ, ଇନ୍ଦ୍ରସ୍ୱାମୀ, ନାଗା, ରାଧାବଲ୍ଲଭୀ, ଲବଣିଆ, ବଡ଼ଆଖେଡା, କେନ୍ଦୁଝର, ଦର୍ପଣୀସମେତ ବହୁମଠ ନିଜସ୍ୱ ସ୍ଥିତିକୁ ନାମ କାମରେ ସୁଦୃଢ଼ କରିଛନ୍ତି। ପ୍ରତ୍ୟେକ ମଠ ଯେ ଶ୍ରୀଜଗନ୍ନାଥଙ୍କୁ କେନ୍ଦ୍ର କରି ସଂଗଠିତ ଏକ ଏକ ପବିତ୍ର ଅନୁଷ୍ଠାନ, ଏଥିରେ ଦ୍ୱିମତ ନାହିଁ। ମହାପ୍ରଭୁଙ୍କ ସେବାପୂଜାରେ ଅଂଶ ଗ୍ରହଣ କରିବା ନିମନ୍ତେ ବହୁପୂର୍ବରୁ ଶାସକ ରାଜାମାନେ ପ୍ରାୟ ପ୍ରତ୍ୟେକ ମଠ ନାମରେ କିଛି କିଛି ଭୂସଂପତ୍ତି ଖଞ୍ଜା କରିଥିବାର ଜଣାଯାଏ। ଇଂରେଜମାନେ ଓଡ଼ିଶା ଅଧିକାର କରିବା ପୂର୍ବରୁ ମୋଗଲ ଓ ମରହଟ୍ଟା ଶାସନ ଓଡ଼ିଶାରେ ଥିଲା। ସେତେବେଳେ ମଠମାନଙ୍କ ନାମରେ ଯେଉଁ ଭୂସଂପତ୍ତି ଥିଲା ତା'ର ବିବରଣୀ ନିର୍ଦ୍ଦିଷ୍ଟ ଭାବରେ ମିଳୁନାହିଁ। ତେବେ ଇଂରେଜମାନେ ଓଡ଼ିଶା ଅଧିକାର କରିବା ପରେ ପୁରୀ ମାଜିଷ୍ଟ୍ରେଟଙ୍କୁ ଯେଉଁ ରିପୋର୍ଟ ଦେଇଥିଲେ ସେଥିରୁ କିଛି କିଛି ବିବରଣୀ ମିଳୁଅଛି। ସେତେବେଳେ ପୁରୀକୁ ଜଗନ୍ନାଥ ଜିଲ୍ଲା କୁହାଯାଉଥିଲା। ପରିବେଶ ଜଗନ୍ନାଥ ଭାବରେ ଭାବିତ ହୋଇ ମର୍ତ୍ତ୍ୟ ବୈକୁଣ୍ଠପୁରର ଲଳିତ ମଞ୍ଜୁଳ ଆଲେଖ୍ୟ ଆଙ୍କି ଦେଉଥିଲା। ମଠସବୁ ଥିଲା ଜଗନ୍ନାଥ ଚେତନାରେ ଅଭିଷିକ୍ତ ଏକ ଏକ ଆଧ୍ୟାତ୍ମିକ ଅନୁଷ୍ଠାନ। ଏମାର ମଠରୁ ମହାପ୍ରଭୁଙ୍କ ଅଙ୍ଗଲାଗି ପାଇଁ ଫୁଲ ଆସୁଥିଲା। ଶ୍ରୀମନ୍ଦିରର କେତେକ ଭୋଗ, ରୋଷଚୁଲୀ ଓ ଚୂନଧଉଳା କାମ ଏହି ମଠ ତରଫରୁ କରାଯିବାର ବିଧିବ୍ୟବସ୍ଥା ଥିଲା ଓ ଏବେ ମଧ୍ୟ ଅଛି। ମଠ ମହନ୍ତଙ୍କର ମହାପ୍ରଭୁଙ୍କ ପାଖରେ ବାରମାସୀ ଚାମର, ଆଲଟସେବାର ବିଧିବ୍ୟବସ୍ଥା ରହିଛି। ବଡ଼ଦେଉଳର ବଡ଼ପଣ୍ଡା ଏହି ମଠର ଶିଷ୍ୟତ୍ୱ ଗ୍ରହଣ କରିଥାନ୍ତି। ଗଜପତି ମଧ୍ୟ ଏହି ମଠରୁ ଶିଷ୍ୟତ୍ୱ ଗ୍ରହଣ କରିଥାନ୍ତି। ଏହି ମଠର ସ୍ଥିତି ସିଂହଦ୍ୱାର ନିକଟରେ ଓ ଏହାର ପ୍ରତିଷ୍ଠା ଅସାଧାରଣ। ପୁରୀର ଗଜପତି ଚୋଡ଼ଗଙ୍ଗଦେବଙ୍କ ସମୟରେ ଏମାର ମଠ ସ୍ଥାପିତ ହୋଇଥିବାର ଜଣାଯାଏ। ଜଗଦ୍‌ଗୁରୁ ଶ୍ରୀ ଭାଷ୍ୟକାର ବିଦ୍ୟାବାଗୀଶ ଦ୍ୱୈତାଚାର୍ଯ୍ୟ ଶ୍ରୀ ରାମାନୁଜାଚାର୍ଯ୍ୟ ଏହାକୁ ପ୍ରତିଷ୍ଠା କରିଥିଲେ। ଏହାର ପ୍ରତିଷ୍ଠା ପ୍ରସଙ୍ଗରେ କଥିତ ଅଛି ଯେ, ଥରେ କାଞ୍ଚିର ଚୋଳ ରାଜାଙ୍କର କନ୍ୟାକୁ ପ୍ରେତ ଗ୍ରାସ କରିଥିଲା। ସେହି ପ୍ରେତର କବଳରୁ କନ୍ୟାକୁ ମୁକ୍ତ କରିବା ପାଇଁ ଚୋଳରାଜା ଶ୍ରୀଯାଦବପ୍ରକାଶଙ୍କୁ ସାଦର ନିମନ୍ତ୍ରଣ ଜଣାଇଲେ। ଗୁରୁ ଶ୍ରୀ ଯାଦବପ୍ରକାଶ ନିଜ ଶିଷ୍ୟ ଶ୍ରୀରାମାନୁଜାଚାର୍ଯ୍ୟଙ୍କ ସହିତ ରାଜକନ୍ୟାଙ୍କ ନିକଟରେ ଉପସ୍ଥିତ ହେଲେ। ପ୍ରେତଗ୍ରସ୍ତା ରାଜକନ୍ୟା କହିଲେ ଯେ ବିଷ୍ଣୁଭକ୍ତ ସାର୍ଥକ ସାଧକ ଶ୍ରୀ ରାମାନୁଜାଚାର୍ଯ୍ୟ ଯେବେ ନିଜର ପାଦ ଦୁଇଟି ତାଙ୍କ ମଥା ଉପରେ ରଖନ୍ତି, ତେବେ ପ୍ରେତର କବଳରୁ ସେ ମୁକ୍ତିଲାଭ କରିବେ। ଗୁରୁ ଶ୍ରୀ ଯାଦବପ୍ରକାଶ ଏ କଥାରେ ରାଜିହେଲେ ଓ ଶିଷ୍ୟ ଶ୍ରୀରାମାନୁଜାଚାର୍ଯ୍ୟଙ୍କୁ ସେପରି କରିବା ପାଇଁ ନିର୍ଦ୍ଦେଶ ଦେଲେ। ଶ୍ରୀ ରାମାନୁଜାଚାର୍ଯ୍ୟ ଗୁରୁଙ୍କ ଆଦେଶ ମାନି ନିଜ ପାଦ ରାଜଜେମାଙ୍କ ମଥା ଉପରେ ରଖିବାରୁ ପ୍ରେତ ଅନ୍ତର୍ହିତ ହେଲା। ଏହା ଦେଖି ସମସ୍ତେ ବିସ୍ମିତ ହେଲେ ଓ ଶ୍ରୀ ରାମାନୁଜାଚାର୍ଯ୍ୟଙ୍କ ମହିମା ତଥା ଲୋକପ୍ରିୟତା ଦିଗଦିଗନ୍ତରେ ପରିବ୍ୟାପ୍ତ ହେବାକୁ ଲାଗିଲା। ଏଥିରେ ଗୁରୁ ଶ୍ରୀ ଯାଦବପ୍ରକାଶ ଈର୍ଷାନ୍ୱିତ ହୋଇ ଶିଷ୍ୟ ଶ୍ରୀରାମାନୁଜାଚାର୍ଯ୍ୟଙ୍କୁ ମାରିଦେବାକୁ ଚିନ୍ତା କଲେ। ଏକଥା ଶିଷ୍ୟ ଶ୍ରୀଗୋବିନ୍ଦ ଜାଣିପାରି ତତ୍‌କ୍ଷଣାତ୍

ଶ୍ରୀରାମାନୁଜାଚାର୍ଯ୍ୟଙ୍କୁ ବୁଝାଇଲେ। ଶ୍ରୀରାମାନୁଜାଚାର୍ଯ୍ୟ ସେଠାରୁ ପଳାଇଗଲେ। ଶ୍ରୀଗୋବିନ୍ଦଙ୍କ ଠାରୁ ଦୂରେଇଯିବା ହେତୁ ମର୍ମନ୍ତୁଦ ଯନ୍ତ୍ରଣା ସେ ଅନୁଭବ କଲେ। ଏଣେ ଶ୍ରୀଗୋବିନ୍ଦଙ୍କର ଶ୍ରୀଯାଦବପ୍ରକାଶଙ୍କ ସହ ମତାନ୍ତର ହେବାରୁ ଶ୍ରୀଗୋବିନ୍ଦ ସେଠାରୁ ପଳାଇଯାଇ ରାମାନୁଜଙ୍କ ପାଖରେ ପହଞ୍ଚିଲେ ଓ ତାଙ୍କ ସଂଗେ ତୀର୍ଥ ପର୍ଯ୍ୟଟନ କଲେ। ଶ୍ରୀରାମାନୁଜାଚାର୍ଯ୍ୟ ସମୟକ୍ରମେ ଶ୍ରୀଗୋବିନ୍ଦଙ୍କର ଭକ୍ତିଭାବ ଦେଖି ବିମୁଗ୍ଧ ହେଲେ। ବିଶେଷକରି ତାଙ୍କର ହୃଦୟର ନିର୍ମଳତା ଓ ପ୍ରସନ୍ନତା ଦେଖି ଶ୍ରୀରାମାନୁଜାଚାର୍ଯ୍ୟ ଆତ୍ମବିହ୍ୱଳ ହୋଇପଡ଼ିଲେ। ଶ୍ରୀଗୋବିନ୍ଦଙ୍କ ପ୍ରତି ତାଙ୍କ ହୃଦୟରୁ ଆଶୀର୍ବାଦର ଧାରା ଝରିପଡ଼ିଲା।

ଆଉଦିନେ ଗୋଟିଏ ହିଂସ୍ରସାପ ପାଟି ମେଲାକରି ଶ୍ରୀଗୋବିନ୍ଦଙ୍କ ପାଖକୁ ଆସିଲାବେଳେ ସେ ବିଚଳିତ ନହୋଇ ସିଧା ତା ବିସ୍ତାରିତ ପାଟିରେ ହାତ ଭର୍ତ୍ତିକରି ଏକ କଣ୍ଟା ବାହାର କରିଦେଲେ। ଗୋବିନ୍ଦଙ୍କର ଏତାଦୃଶ ସାହସିକ ପଦକ୍ଷେପ ଶ୍ରୀରାମାନୁଜାଚାର୍ଯ୍ୟଙ୍କୁ ମୁଗ୍ଧ କରିଦେଲା। ଶ୍ରୀଗୋବିନ୍ଦଙ୍କୁ ଅତ୍ୟନ୍ତ ଆଦରରେ ଗୁରୁ ବା ନାଥ ହିସାବରେ ମନେ ମନେ ଗ୍ରହଣ କରି 'ମନ୍ଜାଥ' ବୋଲି ସେହିଦିନଠାରୁ ସେ ଡାକିଲେ। 'ମନ୍ଜାଥ' ଶବ୍ଦଟି ତାମିଲ ପ୍ରତି ଶବ୍ଦାନୁସାରେ ହେଲା ଏମ୍-ପେରୁନାର୍। କ୍ରମେ କ୍ରମେ 'ଏମ୍-ପେରୁନାର୍' ଶବ୍ଦଟି 'ଏମାର' ଶବ୍ଦ ଭାବରେ ଉଚ୍ଚାରିତ ହେଲା। ଏହାପରେ ରାମାନୁଜାଚାର୍ଯ୍ୟ ଉତ୍କଳକୁ ଆସି ତତ୍କାଳୀନ ଗଜପତି ଚୋଡ଼ଗଙ୍ଗଦେବଙ୍କୁ ସାକ୍ଷାତ କଲେ। ଗଜପତି ଶ୍ରୀଚୋଡ଼ଗଙ୍ଗଦେବଙ୍କଠାରୁ ଦୀକ୍ଷାନେଇ ଶ୍ରୀମନ୍ଦିର ବ୍ୟବସ୍ଥାପକ ହେଲେ। ଶ୍ରୀମନ୍ଦିରର ନୀତି ନିୟମରେ କେତେକ ପରିବର୍ତ୍ତନ କରାଇଲେ। ମୁକ୍ତିମଣ୍ଡପ ଛପନଭୋଗ ନୀତିରେ କେତେକ ପରିବର୍ତ୍ତନ କରାଇଲେ। ଶ୍ରୀରାମାନୁଜାଚାର୍ଯ୍ୟ ନିଜର ପ୍ରିୟଶିଷ୍ୟ ଗୋବିନ୍ଦଙ୍କୁ ଜଗନ୍ନାଥଙ୍କ ସିଂହଦ୍ୱାର ମୁହଁରେ ଏକ ମଠ ସ୍ଥାପନ କରି ରଖାଇଲେ। ଗୋବିନ୍ଦଙ୍କ ନାମର ତାମିଲଭାଷାର ପ୍ରତିଶବ୍ଦ ଅନୁସାରେ ମଠର ନାମ 'ଏମାର ମଠ' ରହିଲା ବୋଲି ମଧ୍ୟ ଜଣାଯାଏ। ଶ୍ରୀଗୋବିନ୍ଦଙ୍କୁ ଶ୍ରୀରାମାନୁଜାଚାର୍ଯ୍ୟ ଶ୍ରୀମନ୍ଦିରର ନୀତିଗତି, ସେବାପୂଜାର ତତ୍ତ୍ୱ ନେବା ପାଇଁ ନିର୍ଦ୍ଦେଶ ଦେଇଥିଲେ ବୋଲି ଶୁଣିବାକୁ ମିଳେ। ଏବେ ମଧ୍ୟ ଏମାର ମଠରେ ପ୍ରତିଷ୍ଠାତା ଶ୍ରୀରାମାନୁଜାଚାର୍ଯ୍ୟଙ୍କର ମୂର୍ତ୍ତି ପୂଜା ପାଉଛନ୍ତି। ତାଙ୍କର ଚଳନ୍ତି ପ୍ରତିମା ମଧ୍ୟ ପୂଜିତ ହେଉଛନ୍ତି। ଶ୍ରୀ ରାମାନୁଜାଚାର୍ଯ୍ୟଙ୍କର ଜନ୍ମ ଦିବସର ଶୁଭଅବସରରେ ସ୍ୱତନ୍ତ୍ର ଉପାସନାର ବିଧିବ୍ୟବସ୍ଥା ରହିଛି। ଶାଳଗ୍ରାମ ପୂଜା ପାରମ୍ପରିକ କ୍ରମରେ ଅନୁଷ୍ଠିତ ହେଉଛି। ଅନ୍ନଭୋଗର ବ୍ୟବସ୍ଥା ଏ ମଠରେ ଅଦ୍ୟାବଧି ପ୍ରଚଳିତ ଅଛି। ଏହି ମଠ ସଂପର୍କରେ ଆହୁରି ଅନେକ ତଥ୍ୟ ଅଧିକ ପର୍ଯ୍ୟାଲୋଚନାରୁ ମିଳିପାରିବ, ଏଥିରେ ସନ୍ଦେହ ନାହିଁ।

ଶ୍ରୀଜଗନ୍ନାଥଙ୍କ ମହିମାର ଅଭିବୃଦ୍ଧି ପାଇଁ କେବଳ ଏମାର ମଠ ନୁହେଁ, ଅନ୍ୟ ମଠମାନଙ୍କର ଭୂମିକା ମଧ୍ୟ ଆକର୍ଷଣୀୟ। ଗବେଷଣାରୁ ଅଧିକ ତଥ୍ୟ ମିଳିପାରିବ । ଶ୍ରୀଜଗନ୍ନାଥଙ୍କ ରୂପ, ମହିମା, କରୁଣାକୁ କଳନା କରିବା ଆୟାସସାଧ୍ୟ ବ୍ୟାପାର। ମହାସମୁଦ୍ର ପରି ତାଙ୍କର କଳନା ନାହିଁ, ସେ ନିଜେ ହିଁ ନିଜର ତୁଳନା। ଯେ ତାଙ୍କୁ ଯେପରି ଚାହେଁ, ସେ ତାଙ୍କୁ ସେପରି ଦେଖେ। ସେ ରାମ, ସେ କୃଷ୍ଣ, ସେ ଶକ୍ତି ସର୍ବୋପରି ପରଂବ୍ରହ୍ମ, ଜଗତର କର୍ତ୍ତା, ଜଗତର ନାଥ। ସଂସାର ସାଗରରୁ ତାରଣ କରିବା ପାଇଁ ସେ ଏକା ସମର୍ଥ। ସେ ଭକ୍ତକୁ ସମସ୍ତ ପ୍ରକାର ବିପଦରୁ ରକ୍ଷା କରନ୍ତି। ଚରଣ ତଳେ ଶରଣ ମାଗିଲାବେଳେ ଭକ୍ତକଣ୍ଠରୁ ଉଚ୍ଚାରିତ ହୁଏ-

'ଦେବ ଦେବ ଜଗନ୍ନାଥ ସଂସାରାର୍ଣବ ତାରକ
ଭକ୍ତାନୁଗ୍ରାହକ ସଦା ରକ୍ଷମାଂ ପାଦୟୋର୍ନତମ୍।'

□□

ଭାରତୀୟ ସଂସ୍କୃତିର ରୂପରେଖ

ବିଶ୍ୱର ପ୍ରାଚୀନ ସଂସ୍କୃତିମାନଙ୍କ ଭିତରେ ଭାରତୀୟ ସଂସ୍କୃତି ଅନ୍ୟତମ। ଏହି ସଂସ୍କୃତିର ସ୍ୱତନ୍ତ୍ର ମୂଲ୍ୟବୋଧ ଉଚ୍ଚତମ ଉଚ୍ଚତାରେ ଅଧିଷ୍ଠିତ। ଏଥିରେ ଜୀବନଧାରା ଅପେକ୍ଷାକୃତ ମାର୍ଜିତ ତଥା ରୁଚିପୂର୍ଣ୍ଣ। ଜୀବନର ପୂର୍ଣ୍ଣତା ନିମନ୍ତେ ଆବଶ୍ୟକୀୟ ଉପାଦେୟ ଉପାଦାନର ପ୍ରାଚୁର୍ଯ୍ୟହେତୁ ଉକ୍ତ ସଂସ୍କୃତି ତାର ନିଜସ୍ୱ ମୌଳିକତାରେ ବରଣୀୟ ହୋଇପାରିଛି। ପ୍ରାଗ୍‌ଐତିହାସିକ ଯୁଗରେ ଭାରତରେ ଆର୍ଯ୍ୟ ଋଷିକଣ୍ଠରୁ ଯେଉଁ ବିଶ୍ୱକଲ୍ୟାଣକାମୀ ବାର୍ତ୍ତା ଉଦ୍ଗାରିତ ହୋଇଥିଲା ତା'ର ଭିତ୍ତି ଯେପରି ସୁଦୃଢ଼ ଥିଲା ବ୍ୟାପ୍ତି ସେପରି ସୁଦୂରପ୍ରସାରୀ ଥିଲା। ଶୋଭାଶ୍ୟାମଳ ବନଭୂମିଠାରୁ ଜନପଦ ପର୍ଯ୍ୟନ୍ତ ବିଶ୍ୱପ୍ରେମର ବାଣୀ ହୋଇଥିଲା ପ୍ରସାରିତ ଓ ଅଭିଷିକ୍ତ। ଋଷିପ୍ରାଣର ପ୍ରଶାନ୍ତ ପବିତ୍ର ଅନୁଭୂତିମାଳା ସମଗ୍ର ମାନବଜାତିର କଲ୍ୟାଣକଳ୍ପେ ଶବ୍ଦରେ ରୂପାୟିତ ହୋଇ ଆଶାନୁରୂପ ମାଙ୍ଗଳିକ ଭାବତରଙ୍ଗ ସୃଷ୍ଟି କରିଥିଲା। ହୀନମନ୍ୟତା କିମ୍ବା ଆତ୍ମଶ୍ଲାଘା ପରିବର୍ତ୍ତେ ଆତ୍ମଜ୍ଞାନ ପ୍ରସୂତ ନମ୍ରତାର ତୁଳସୀସ୍ତବକ ଦେଇ ଆଚାର୍ଯ୍ୟଗଣ କରିଥିଲେ ବିଶ୍ୱଜୀବନର ନିରାଜନା। ସେହି ଅକପଟ ଉଦାର ପ୍ରଶସ୍ତ ପ୍ରଶାନ୍ତ ଚିତ୍ତ ଋଷିଗଣ, ଆଚାର୍ଯ୍ୟଗଣ ଆଜି ସଦେହରେ ନାହାନ୍ତି ସତ; ମାତ୍ର ପ୍ରତ୍ୟେକ ଏକ ଏକ ମହନୀୟ ଅନୁଷ୍ଠାନରେ ପରିଣତ ହୋଇଛନ୍ତି। ଭାରତୀୟ ପାଣି ପବନରେ ସେମାନଙ୍କ ହୃଦୟର ପବିତ୍ର ଚିନ୍ତା, କଣ୍ଠର ସୁଧାସିକ୍ତ ବାର୍ତ୍ତାର ପ୍ରଭାବଶାଳୀ ତରଙ୍ଗମାଳା ଏବେ ମଧ୍ୟ ବିଦ୍ୟମାନ ରହିଛି। ବହୁ ଘାତ ପ୍ରତିଘାତ ସହି ତଥାପି ଭାରତୀୟ ସଂସ୍କୃତି ବଞ୍ଚିରହିଛି ସମଗ୍ର ବିଶ୍ୱ ପାଇଁ। ସମଗ୍ର ବିଶ୍ୱର ଗୁରୁହେବାର ଗୁରୁତ୍ୱପୂର୍ଣ୍ଣ ଭୂମିକାରେ ଆଗାମୀ ଭାରତ ଅବତୀର୍ଣ୍ଣ ହେବ, ଏହା ପ୍ରାଚ୍ୟ ଓ ପାଶ୍ଚାତ୍ୟର ବହୁ ଚିନ୍ତାବିତ୍ ଉଦ୍‌ଘୋଷଣା କରିଛନ୍ତି। ଏ କ୍ଷେତ୍ରରେ ସ୍ୱାମୀ ବିବେକାନନ୍ଦ, ସ୍ୱାମୀ ଆନନ୍ଦାଚାର୍ଯ୍ୟ, ଶ୍ରୀଅରବିନ୍ଦ ଏବଂ ଫ୍ରାନ୍ସର ଡାଃ ଜୁଲବର୍ଣ୍ଣ, ଇସ୍‌ରାଏଲର ପ୍ରଫେସର ହରାର, ଇଂଲଣ୍ଡର ପ୍ରଫେସର କୀରେ. ସ୍ୱେନର ପ୍ରଫେସର ଜି.ବେଜଲେଟିନ୍, ହଙ୍ଗେରୀର ଦିବ୍ୟଦର୍ଶିନୀ ମହିଳା ଶ୍ରୀମତୀ ବୋରିସ୍ୱାଙ୍କ ନାମ ଉଲ୍ଲେଖଯୋଗ୍ୟ। ଜର୍ମାନ ମନୀଷି ମାକ୍‌ସମୁଲର ଭାରତୀୟ ସଂସ୍କୃତିର ମହତ୍ତ୍ୱ ଓ ମୂଲ୍ୟବୋଧକୁ ଅନୁଭବ କରି କହିଥିଲେ ''ଯଦି ସମଗ୍ର ପୃଥିବୀ ଭିତରେ ଏପରି ଏକ ଦେଶର ସନ୍ଧାନ ଦେବାକୁ ମୋତେ କୁହାଯାଏ, ଯାହା ପ୍ରକୃତିର ଶ୍ରେଷ୍ଠତମ ସଂପଦ, ଶକ୍ତି ଓ ସୌନ୍ଦର୍ଯ୍ୟରେ ବିପୁଳରୂପେ ସମୃଦ୍ଧ ଓ ଯାହାର କେତେକ ଅଂଶକୁ ପୃଥିବୀର ନନ୍ଦନକାନନ ଆଖ୍ୟା ଦିଆଯାଇପାରେ ତେବେ ମୁଁ କହିବି ସେହି ଦେଶ ହେଉଛି ଭାରତବର୍ଷ।''

ସଂସ୍କୃତିର ଅନ୍ତର୍ଗତ କେତେକ ଚେତନା ଭିତରୁ ଧର୍ମ, ଦର୍ଶନ, ସାହିତ୍ୟ, କଳାର ଚେତନା ଅନ୍ୟତମ। ଗୋଟିଏ ବାକ୍ୟରେ କହିଲେ ସଂସ୍କୃତି ହେଉଛି ଗୋଟିଏ ଜାତିର ମାର୍ଜିତ ଚିନ୍ତା ଓ ଚେତନା। ରୁଚିବୋଧ, ଶାଳୀନତା, ଆତ୍ମସମ୍ମାନବୋଧ, ଉଦାରତା ଏହାର ଭିତ୍ତିଭୂମି ରୂପେ ପ୍ରତିଷ୍ଠିତ। ସଭ୍ୟତା ହେଉଛି ସଂସ୍କୃତିର ବାହ୍ୟତମ ବ୍ୟାବହାରିକ ସ୍ଥୂଳସ୍ୱରୂପ। ସଂସ୍କୃତି ବିନା ସଭ୍ୟତାର ସ୍ଥିତି ନାହିଁ ଏବଂ ସଭ୍ୟତା ବିନା ସଂସ୍କୃତିର ଅଭିବ୍ୟକ୍ତି ନାହିଁ। ପରସ୍ପରର ପରିପୂରକ ଏଇ ଦୁଇଟି ଦିଗନ୍ତ ମାନବ ଜୀବନର ମୂଲ୍ୟବୋଧକୁ ବହୁଗୁଣିତ କରିଥାଏ। ଫୁଲରେ ସୁବାସପରି, ଶରୀରରେ ଆତ୍ମାପରି ସଭ୍ୟତାରେ ସଂସ୍କୃତିର ସ୍ଥିତି।

ଭାରତୀୟ ଜୀବନଧାରାର ପ୍ରାଚୀନତ୍ୱ ସର୍ବବାଦୀସମ୍ମତ। ହଜାର ହଜାର ବର୍ଷ ତଳେ ଏହାର ଉଦ୍ଭବ ଘଟିଛି। କ୍ରମବିକାଶଧାରାରେ ଅଗ୍ରଗତି କରି ଭାରତୀୟ ସଂସ୍କୃତି ଆଜିର ରୂପ ଗ୍ରହଣ କରିଛି। ଏହି ସଂସ୍କୃତିର ସ୍ୱରୂପ ଉଦ୍‌ଘାଟନ କରିବାକୁ ଯାଇ ସ୍ୱାମୀ ବିବେକାନନ୍ଦ ଯାହା କହିଛନ୍ତି ତାହା ପ୍ରଣିଧାନଯୋଗ୍ୟ। ତାଙ୍କ ମତରେ, ''ଯେତେବେଳେ ଗ୍ରୀସର ଜନ୍ମ ହୋଇନାହିଁ, ରୋମ୍ କଥା କେହି ଭାବିନାହିଁ, ବର୍ତ୍ତମାନର ୟୁରୋପୀୟ ପୂର୍ବପୁରୁଷଗଣ ବିଚିତ୍ର ଅଙ୍ଗରାଗରେ ରଞ୍ଜିତ ଅରଣ୍ୟବାସୀ ମାତ୍ର ଥିଲେ, ସେହି ସୁଦୂର ଯୁଗରେ ମଧ୍ୟ ଭାରତ ତାହାର ସଂସ୍କୃତିର ସାଧନାରେ କର୍ମମୁଖର ଥିଲା।'' ଜୀବନ ଏଠାରେ ସ୍ୱର୍ଗର ଖଣ୍ଡିଏ ସୁଶ୍ରୀଯୁକ୍ତ କାରୁଶିଳ୍ପ, ଅପାର୍ଥିବ ଆନନ୍ଦର ଖଣ୍ଡିଏ କାବ୍ୟ ହେବା ପାଇଁ ଅଭିପ୍ରେତ । ଭାରତୀୟ ସଂସ୍କୃତିର ଭିତ୍ତିରୂପେ ପ୍ରତିଷ୍ଠିତ କେତେକ ଉପାଦାନ ସଂପର୍କରେ ନିମ୍ନରେ ଆଲୋଚନା କରାଯାଇଛି।

ଧାର୍ମିକତା ଓ ଆଧ୍ୟାତ୍ମିକତା ହେଉଛି ଭାରତୀୟ ସଂସ୍କୃତିର ଏକ ମୌଳିକ ଉପାଦାନ । ଅଧ୍ୟାତ୍ମ ଚେତନା ଧର୍ମାନ୍ଧତା ନୁହେଁ, କୁ-ସଂସ୍କାର ଜର୍ଜରିତ କ୍ଷୀଣ ମାନବିକ ଚେତନା ନୁହେଁ, ଏହା ସ୍ୱତନ୍ତ୍ର ଶକ୍ତିରେ ଶକ୍ତିମୟ ଓ ଆଲୋକରେ ଆଲୋକମୟ ଏକ ଜାଗ୍ରତ ଅବସ୍ଥା। ଧର୍ମଗତ ମତବାଦ ସବୁର ଉର୍ଦ୍ଧ୍ୱରେ ଏହାର ସ୍ଥିତି। ସବୁ ଧର୍ମର ଶେଷଲକ୍ଷ୍ୟ ତଥା ଶୀର୍ଷବିନ୍ଦୁ ଭାବରେ ଅଧ୍ୟାତ୍ମ ଚେତନାର ସ୍ଥିତି ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ଓ ଗୌରବଦୀପ୍ତ। ଜୀବକୁ ଶିବଜ୍ଞାନ କରିବା ଏହାର ବିଶିଷ୍ଟ ପ୍ରୟୋଗ ଧାରା। କ୍ଷୁଦ୍ର ଅଣୁଠାରୁ ବିଶାଳ ପର୍ବତ ପର୍ଯ୍ୟନ୍ତ ସର୍ବତ୍ର ଏକ ଅଦ୍ୱିତୀୟ ଚେତନାର ଉପସ୍ଥିତିର ଅନୁଭୂତି ଏହି ଚେତନାର ବିଶିଷ୍ଟ ଗୁଣ ଭାବରେ ଗ୍ରହଣୀୟ। ଭାରତୀୟ ସଂସ୍କୃତିରେ ଆଧ୍ୟାତ୍ମିକତାର ଏତେ ଅଧିକ ପ୍ରଭାବ ପ୍ରାଚୀନକାଳରେ ଥିଲା ଯେ, ତାର ସଫଳ ପଦାଙ୍କ ଭାରତୀୟ ନୀତିଶାସ୍ତ୍ର, ସମାଜଶାସ୍ତ୍ରରେ ଦେଖିବାକୁ ମିଳେ। ଅହଂବିବର୍ଜିତ ଏକ ଉଦାର ପ୍ରଶସ୍ତ ଶୁଚିସ୍ନିତ ମାନବିକତାର ଭିତ୍ତିରେ ଅଧ୍ୟାତ୍ମ ଚେତନାର ସ୍ଥିତି। ଜୀବନର ପରିପୂର୍ଣ୍ଣତା ପାଇଁ ଏହି ଶକ୍ତିର ଆବଶ୍ୟକତା ଏକାନ୍ତ ଅପରିହାର୍ଯ୍ୟ। ବିଶ୍ୱସ୍ରଷ୍ଟାଙ୍କ ସର୍ବବ୍ୟାପକତାର ସୂଚନା ଧର୍ମ ନିର୍ବିଶେଷରେ ଯେଉଁ ଚେତନାରେ ପ୍ରତିଷ୍ଠିତ ତାହା ହେଉଛି ଅଧ୍ୟାତ୍ମ ଚେତନା। ଅନ୍ୟ ଭିତରେ ନିଜକୁ ଓ ନିଜ ଭିତରେ ଅନ୍ୟକୁ ଅନୁଭବ କରିବାର ପ୍ରୟାସ ଅଧ୍ୟାତ୍ମ ଚେତନାର ମୂଳମନ୍ତ୍ର ଭାବରେ ବିବେଚିତ। ତେଣୁ କୁହାଯାଇଛି 'ଆତ୍ମବତ୍ ସର୍ବଭୂତେଷୁ ପଶ୍ୟତି ସ ପଣ୍ଡିତଃ।' ଆଧ୍ୟାତ୍ମିକତାର ଅର୍ଥ ନୁହେଁ ବିଦ୍ୟାବିମୁଖତା କିମ୍ବା ଜୀବନରୁ ପଳାୟନ। ଧନବିମୁଖତା ମଧ୍ୟ ଏହାର ଗୁଣ ବା ଲକ୍ଷଣ ନୁହେଁ। ଆଧ୍ୟାତ୍ମିକତାର ମୌଳିକ ତତ୍ତ୍ୱ ହେଉଛି ଜୀବନରେ ବସ୍ତୁର ଆବଶ୍ୟକତାକୁ ଆବଶ୍ୟକତା ଅନୁସାରେ ଅନୁଭବ କରିବା। ଜୀବନକୁ ସୁସ୍ଥ, ସୁନ୍ଦର ତଥା ପରିପୂର୍ଣ୍ଣ କରିବାର ପ୍ରୟାସ, ଜୀବନକୁ ଦିବ୍ୟ ଜୀବନରେ ପରିଣତ କରିବାର ଆନ୍ତରିକତା ହିଁ ଅଧ୍ୟାତ୍ମ ଚେତନାର ମୌଳିକ ତତ୍ତ୍ୱ କହିଲେ ଅତ୍ୟୁକ୍ତି ହେବନାହିଁ।

ଶ୍ରୀମଦ୍ ଭଗବଦ୍ ଗୀତାରେ ଯେଉଁ ଆତ୍ମତତ୍ତ୍ୱ ଉପସ୍ଥାପିତ ହୋଇଛି ତାହାର ପଟାନ୍ତର ନାହିଁ। ଏହି ଗ୍ରନ୍ଥସ୍ଥ ଶ୍ଲୋକମାଳା ସମଗ୍ର ମାନବ ଜାତିକୁ ଉଦ୍‌ବୁଦ୍ଧ କରିବା ପାଇଁ ଯୋଗ୍ୟତା ଅର୍ଜନ କରିଥିବାରୁ ଏହାକୁ ଅସାଂପ୍ରଦାୟିକ ଗ୍ରନ୍ଥ ବୋଲି କୁହାଯାଏ। ଧର୍ମ ଧାରଣା ନୁହେଁ ଅଧ୍ୟାତ୍ମ ଚେତନାକୁ ଅନୁଭବ କରିବା ପାଇଁ ଗୀତୋକ୍ତ ପଥ ଯେପରି ପ୍ରଶସ୍ତ ସେପରି ପରିଚ୍ଛନ୍ନ। ଆଶାବାଦୀ ଜୀବନ ଚିନ୍ତାର ନିର୍ମଳ ନିର୍ଯ୍ୟାସରେ ପ୍ରାଣବନ୍ତ ଗୀତାଗ୍ରନ୍ଥ ବିଶ୍ୱ ମାନବ ପ୍ରାଣରେ ଆଶ୍ୱାସନାର ଶୀତଳତା ସୃଷ୍ଟି କରିବାର କ୍ଷମତା ଅର୍ଜନ କରିଛି। ଗୀତା ପାଠକରି ମୁଗ୍ଧ ହୋଇଥିବା ପାଶ୍ଚାତ୍ୟ ମନୀଷି ଚାର୍ଲ୍ସ ୱୁଲିକିନ୍‌ସ ୧୭୮୫ ମସିହାରେ ଗୀତାର ଯେଉଁ ଇଂରାଜୀ ଅନୁବାଦ କରିଥିଲେ, ତାହାର ମୁଖବନ୍ଧରେ ୱାରେନ୍ ହେଷ୍ଟିଂସ ମତ ଦେଇଥିଲେ ଯେ ଗୀତାପାଠ ଦ୍ୱାରା କେବଳ ଇଂରେଜ ଜାତି ନୁହନ୍ତି ସମଗ୍ର ବିଶ୍ୱବାସୀ ଉପକୃତ ହେବେ। ଗୀତାଧର୍ମର ଅନୁଶୀଳନ ଦ୍ୱାରା ମାନବ ଜୀବନ ଶାନ୍ତିଧାମରେ ପରିଣତ ହେବ।' ପୁନଶ୍ଚ ୧୮୨୩ ଖ୍ରୀ.ଅ. ରେ ଜର୍ମାନ ମନୀଷି ଉଇଲିୟମ ଶ୍ଲେଗେଲ ଗୀତାଗ୍ରନ୍ଥକୁ ଲାଟିନ୍ ଭାଷାରେ ଅନୁବାଦ କରିଥିଲେ। ପରେ ଉକ୍ତ ଗ୍ରନ୍ଥ ପାଠ କରି ହମବୋଲଟ ନାମକ ଅନ୍ୟ ଜଣେ ଜର୍ମାନ ମନୀଷି ଯେଉଁ ମତ ଦେଇଥିଲେ ତାହା ଅତ୍ୟନ୍ତ

ଆକର୍ଷଣୀୟ ଓ ଗୁରୁତ୍ୱପୂର୍ଣ୍ଣ। ତାଙ୍କ ମତରେ, ''ମୁଁ ଏହି ଗ୍ରନ୍ଥଟି ପଢ଼ିଲି, ପଢ଼ିବା ସମୟରେ ଭାଗ୍ୟଦେବତାଙ୍କ ପ୍ରତି ମୋର ହୃଦୟ କୃତଜ୍ଞତାରେ ପୂର୍ଣ୍ଣ ହୋଇଗଲା, କାରଣ ତାଙ୍କ ପ୍ରସାଦ ଯୋଗୁଁ ମୁଁ ଏହି ଗ୍ରନ୍ଥଟି ପଢ଼ିବାର ସୁଯୋଗ ପାଇଲି। ପୃଥିବୀର ଗଭୀରତମ ଓ ଉଚ୍ଚତମ ଚିନ୍ତାର ଉତ୍ସ ସମ୍ଭବତଃ ଏଥିରେ ରହିଛି।' କେବଳ ଗୀତା ନୁହେଁ, ବେଦ ଓ ଉପନିଷଦରେ ଭରି ରହିଛି ଯେଉଁ ଅଧ୍ୟାତ୍ମ ଚେତନାର ବାର୍ତ୍ତା, ତାହା ସମଗ୍ର ମାନବ ଜାତି ପାଇଁ ଅଭିପ୍ରେତ କାରଣ ତାହାର ବ୍ୟାବହାରିକ ଉପଯୋଗିତା ଦେଶ, କାଳ, ପାତ୍ରର ବନ୍ଧନରେ ଆବଦ୍ଧ ନୁହେଁ। ଯେଉଁ ଆତ୍ମିକଚେତନା ଜାତି, ଧର୍ମ, ବର୍ଣ୍ଣ ନିର୍ବିଶେଷରେ ପ୍ରତ୍ୟେକ ମନୁଷ୍ୟର ମୂଳକଥା, ସେହି ଚେତନା ସଂପର୍କରେ ଅବତାରଣା କରିଛି ଭାରତୀୟ ଅଧ୍ୟାତ୍ମଚେତନା। ଆତ୍ମିକଚେତନା ଭାରତୀୟ ଅଧ୍ୟାତ୍ମ ଚେତନାର ମୂଳଭିତ୍ତି ହୋଇଥିବାରୁ ଏହା କୌଣସି ଏକ ସଂପ୍ରଦାୟ ବା ଧର୍ମର ସଂକୀର୍ଣ୍ଣ ଗଣ୍ଡି ଭିତରେ ଆବଦ୍ଧ ହୋଇନାହିଁ।

ସନାତନତ୍ୱ:

ସନାତନତ୍ୱ ହେଉଛି ଭାରତୀୟ ସଂସ୍କୃତିର ଅନ୍ୟତମ ବିଶିଷ୍ଟ ଦିଗ। ଇତିହାସର ସୃଷ୍ଟି ପୂର୍ବରୁ ଏହାର ସ୍ଥିତି ଥିଲା। ତେବେ ଏହି ମାର୍ଜିତ ସଂସ୍କୃତିର ରୂପାୟଣ ଋଗ୍‌ବେଦରେ ଦେଖିବାକୁ ମିଳେ। ଋଗ୍‌ବେଦ ପୃଥିବୀର ସବୁଠାରୁ ପ୍ରାଚୀନତମ ଗ୍ରନ୍ଥ ବୋଲି ସ୍ୱୀକୃତିଲାଭ କରିଛି। କେବଳ ପ୍ରାଚୀନତ୍ୱ ନୁହେଁ ଚିରନ୍ତନତ୍ୱ ମଧ୍ୟ ଏହି ସଂସ୍କୃତିର ଅନ୍ୟଏକ ଦିଗ ଯାହା ଏହାକୁ ସ୍ୱତନ୍ତ୍ର ମୂଲ୍ୟବୋଧ ଆଣିଦେଇଛି। ହଜାର ହଜାର ବର୍ଷଧରି ବହୁ ବାଧାବିଘ୍ନର ସମ୍ମୁଖୀନ ହୋଇ ମଧ୍ୟ ସେ ସଂସ୍କୃତି ମ୍ଳାନ ହୋଇନାହିଁ। ଗ୍ରୀକ୍ ସଂସ୍କୃତି ଓ ମିଶର ସଂସ୍କୃତି ପ୍ରାଚୀନ ହେଲେ ମଧ୍ୟ ଚିରନ୍ତନତ୍ୱ ଅଭାବରୁ ଏହାର ପୂର୍ବସ୍ଥିତି ଆଜି ଆଉ ନାହିଁ। ଭାରତୀୟ ସଂସ୍କୃତି ଯେଉଁ ଶାଶ୍ୱତ ମୂଲ୍ୟବୋଧ ଉପରେ ପର୍ଯ୍ୟବସିତ, ତାହା ହେଉଛି ଅନ୍ତର୍ମୁଖୀନତା। ଦାନ, ଦୟା ଓ ଇନ୍ଦ୍ରିୟନିଗ୍ରହ ଆଦି ମହନୀୟ ଉପାଦାନରେ ଗଠିତ ମାନବିକତାର ମୂଲ୍ୟବୋଧରେ ଏହି ସଂସ୍କୃତି ହୋଇଛି ମୂଲ୍ୟବାନ ଏବଂ ଆକର୍ଷଣୀୟ।

ଧର୍ମ:

ଜୀବନର ପ୍ରତ୍ୟେକ କ୍ଷେତ୍ରରେ ଧର୍ମର ମହତ୍ତ୍ୱ ଭାରତୀୟ ସଂସ୍କୃତିରେ ଅନୁଭବ କରିହୁଏ। ଧର୍ମକୁ ଭାରତୀୟ ଜନଜୀବନର ଆଧାର କହିଲେ ଅତ୍ୟୁକ୍ତି ହେବନାହିଁ। ମହାଭାରତରେ ଧର୍ମର ସଂଜ୍ଞା ପ୍ରସଙ୍ଗରେ ଉଲ୍ଲେଖ କରାଯାଇଛି-

'ଧାରଣାର୍ଦ୍ଧର୍ମ ମିତ୍ୟାହୁ ଧର୍ମୋ ଧାରୟତେ ପ୍ରଜାଃ
ଯସ୍ଦାଦ୍ଧାରଣ ସଂଯୁକ୍ତଃ ସ ଧର୍ମ ଇତି ନିଶ୍ଚୟଃ।'

ସଂପଦରେ, ବିପଦରେ, ଦୀର୍ଘଶ୍ୱାସରେ ଓ ସ୍ମିତହାସରେ, ସବୁ ସମୟରେ ଧର୍ମ ହେଉଛି ଭାରତୀୟ ଜୀବନର ସାଥୀ ଓ ସାରଥୀ। ଆର୍ଯ୍ୟ ଜୀବନର ଚାରିପୁରୁଷାର୍ଥ ମଧ୍ୟରେ ଧର୍ମ ହେଉଛି ମୁଖ୍ୟ। ଅନ୍ୟ ତିନିଗୋଟି ଅର୍ଥାତ୍ ଅର୍ଥ, କାମ ଓ ମୋକ୍ଷର ଭିତ୍ତି ହେଉଛି ଧର୍ମ। ଓଡ଼ିଆ ସାହିତ୍ୟର ସ୍ୱନାମଧନ୍ୟ କବି ରାଧାନାଥ ଧର୍ମକୁ ସଂସାର ସାଗର ତରିବାର ମାଧ୍ୟମ ରୂପେ ପରିକଳ୍ପନା କରି କହିଛନ୍ତି-

'ଧର୍ମ ଏକ ପୋତ ଗଢ଼ିଛନ୍ତି ବିଧି
ତରିବାକୁ ଏହି ସଂସାର ବାରିଧି।'

ଏହା ଏକ ଶକ୍ତି ଯାହା ବ୍ୟକ୍ତିକୁ ଅଜ୍ଞତାରୁ ଜ୍ଞାନଆଡ଼କୁ, ସାଧାରଣ ସ୍ତରରୁ ଅସାଧାରଣ ସ୍ତରକୁ, ଅନ୍ଧାରକୁ ଆଲୋକ ଆଡ଼କୁ ନେଇଯାଇପାରେ। ଧର୍ମର ମୁଖ୍ୟ କର୍ମ ହେଉଛି ବ୍ୟକ୍ତିକୁ, ସମାଜକୁ ଅବିଦ୍ୟାରୁ ବିଦ୍ୟାଆଡ଼କୁ ନେବା, ଦେହସତ୍ତାକୁ ତାର ସର୍ବୋତ୍ତମ ଲକ୍ଷ୍ୟରେ ଉପନୀତ କରାଇବା, ପ୍ରାଣକୁ ତାର ସର୍ବୋତ୍ତମ ସ୍ଥିତିରେ ଅଧିଷ୍ଠିତ କରାଇବା, ମନକୁ ତାର ସ୍ୱକୀୟ ସମୁଜ୍ଜ୍ୱଳତା ଆଣିଦେବା ଓ ସର୍ବୋପରି ଆତ୍ମିକ ଚେତନାକୁ ନେତୃତ୍ୱ ଦେବା ନିମନ୍ତେ ସୁଯୋଗଦେବା। ଧର୍ମ ଏକ ଜାଗ୍ରତ ଚେତନା ଯାହା ସମୟକ୍ରମେ ଭିନ୍ନ ଭିନ୍ନ କାରଣରୁ ମ୍ଳାନ ପଡ଼ିଥାଏ, ସ୍ୱୟଂ ଭଗବାନ ସେତେବେଳେ ଅବତାର ଗ୍ରହଣ ପୂର୍ବକ ଧର୍ମ ଉପରେ ଥିବା କୃତ୍ରିମ ମ୍ଳାନିମାକୁ ଦୂର କରିଥାନ୍ତି।

କର୍ମବାଦ:

ଭାରତୀୟ ସଂସ୍କୃତିରେ କର୍ମବାଦ ଉପରେ ସର୍ବାଧିକ ଗୁରୁତ୍ୱ ଆରୋପିତ ହୋଇଛି। କର୍ମଫଳ ନୁହେଁ, କର୍ମହିଁ ଏକମାତ୍ର ଆରାଧ୍ୟ ଦେବତା ବୋଲି ଶ୍ରୀମଦ୍ ଭଗବଦ୍ ଗୀତାରେ ଉଦ୍‌ଘୋଷିତ ହୋଇଛି। କର୍ମ ଏକ ଯୋଗ, ଏକ ବଳିଷ୍ଠ ମାଧ୍ୟମ, କର୍ମ ହିଁ ସାକ୍ଷାତ ଈଶ୍ୱର। କିଛି ପ୍ରାପ୍ତି ଆଶା ନଥାଇ ମଧ୍ୟ ଭଗବାନ ଶ୍ରୀକୃଷ୍ଣ ନିରନ୍ତର କର୍ମରତ ରହିଛନ୍ତି ବୋଲି ଏଥିରେ ସେ ନିଜେ ଉଦ୍‌ଘୋଷଣା କରିଛନ୍ତି। କର୍ମ ନିୟନ୍ତ୍ରଣ କରିଥାଏ ଭାଗ୍ୟକୁ, ସୁକର୍ମ ବ୍ୟକ୍ତିର ଜୀବନକୁ ସୁନ୍ଦର ତଥା ସୁସ୍ଥ କରିଥାଏ, ସଚେତନତାର ଅଭିବୃଦ୍ଧି କରିଥାଏ। କର୍ମବାଦର ମୂଲ୍ୟବୋଧ ପ୍ରକଟିତ ହୁଏ ପୂର୍ଣ୍ଣଭାବରେ ଇନ୍ଦ୍ରିୟ ଏବଂ ଆବେଗ ସକଳର ଅଧୀନ ନହୋଇ ଅନ୍ୟପକ୍ଷରେ ସେମାନଙ୍କୁ ଅଧୀନସ୍ଥ କରିବାରେ। ଶ୍ରୀମଦ୍ ଭଗବଦ୍ ଗୀତାରେ ଶ୍ରୀକୃଷ୍ଣ କହିଛନ୍ତି ଯେ, କାମନାଶୂନ୍ୟ ହୋଇ ଆତ୍ମସଂଯମ ସହିତ କର୍ମ କର। ଶ୍ରୀକୃଷ୍ଣ କହିଛନ୍ତି ଯେ, 'ନିୟତଂ କୁରୁ କର୍ମତ୍ୱମ୍।' ବୁଦ୍ଧିଯୋଗ କର୍ମଯୋଗ ଦ୍ୱାରା ପୂର୍ଣ୍ଣତା ଲାଭ କରିଥାଏ। କର୍ତ୍ତାଭାବ ନ ରଖି ନିଜ ଭିତରର କୌଣସି ଅଂଶ ଦ୍ୱାରା ପ୍ରଣୋଦିତ ନହୋଇ କର୍ମର ବାହ୍ୟବିଧି ମାନି ଚଳିବା ହେଉଛି ପ୍ରକୃତ କର୍ମବାଦର ମୌଳିକ ତତ୍ତ୍ୱ। ଭାରତୀୟ ସଂସ୍କୃତିରେ ଯଜ୍ଞ ପାଇଁ କର୍ମ କରିବା ହେଉଛି ପ୍ରକୃତ କର୍ମବାଦର ସାର୍ଥକ ରୂପାୟଣ। ଅହଂକୁ ଗୁରୁତ୍ୱ ନଦେଇ ଭଗବତ ଅଭିମୁଖୀ ହୋଇ କର୍ମ କରିବା ହିଁ ପ୍ରକୃତ କର୍ମବାଦର ସ୍ୱରୂପ ବୋଲି ଭାରତୀୟ ସଂସ୍କୃତି ସ୍ୱୀକାର କରିଛି।

ସମନ୍ୱୟବାଦ:

ଭାରତୀୟ ସଂସ୍କୃତିର ଏକ ବିଶିଷ୍ଟ ଦିଗ ରୂପରେ ଏହା ଏକ ଚେତନାର ଭିତ୍ତି ଉପରେ ପ୍ରତିଷ୍ଠିତ। ଭାରତ ଏକ ଉପମହାଦେଶ ଯେଉଁଠାରେ ବହୁଭାଷା, ବହୁଧର୍ମ, ବହୁ ପ୍ରକାର ଆଚାର ଦେଖିବାକୁ ମିଳେ। ବୈଷମ୍ୟ ମଧ୍ୟରେ ସାମ୍ୟର ପ୍ରତିଷ୍ଠା ସମନ୍ୱୟବାଦର ମୌଳିକ ଲକ୍ଷ୍ୟ। ଭିନ୍ନ ଭିନ୍ନ କାରଣରୁ କେତେକ ସଂସ୍କୃତି ଏ ଦେଶକୁ ଆସିଛି;ମାତ୍ର ଏ ଦେଶ ନିଜ ସଂସ୍କୃତିର ମୂଲ୍ୟବୋଧର ସୁରକ୍ଷା କରିପାରିଛି। ବିଦେଶାଗତ ସଂସ୍କୃତି ଦ୍ୱାରା ସଂପୂର୍ଣ୍ଣ ନଷ୍ଟ ହୋଇନାହିଁ ବରଂ ସମନ୍ୱୟ ଚେତନାକୁ ପ୍ରୟୋଗ କରି ଆଗତ ସଂସ୍କୃତିକୁ ନିଜ ଭିତରେ ସ୍ଥାନ ଦେଇଛି। ଭାରତୀୟ ଜୀବନଧାରାରେ ତେତିଶକୋଟି ଦେବତାଙ୍କର ପରିକଳ୍ପନା କରାଯାଇଛି ଓ ସମସ୍ତ ଦେବତାଙ୍କୁ ସମ୍ମାନ ପ୍ରଦର୍ଶନର ବିଧିବ୍ୟବସ୍ଥା ରହିଛି। ସମନ୍ୱୟ ଭାବନା ଦ୍ୱାରା ଅନୁପ୍ରାଣିତ ହୋଇ ଏପରି କୁହାଯାଇଛି ଯେ, 'ସର୍ବଦେବ ନମସ୍କାରଃ କେଶବଂ ପ୍ରତିଗଚ୍ଛତି।' ବୈଦିକ ଧର୍ମ ଓ ଦର୍ଶନରେ ଏହି ସମନ୍ୱୟବାଦର ସୁଦୂରପ୍ରସାରୀ ପ୍ରଭାବ ଅନୁଭବ କରିହୁଏ। ସମଗ୍ର ବିଶ୍ୱର କଲ୍ୟାଣ ପାଇଁ ଋଷିକଣ୍ଠରୁ ଝଂକୃତ ହେଉଥିଲା, 'ସର୍ବେ ଭବନ୍ତୁ ସୁଖୀନଃ ସର୍ବେ ସନ୍ତୁ ନିରାମୟାଃ' ଏବଂ 'ଶୃଣ୍ୱନ୍ତୁ ବିଶ୍ୱେ ଅମୃତସ୍ୟ ପୁତ୍ରାଃ ଇତ୍ୟାଦି ଶ୍ଲୋକମାଳା। ହିମାଳୟଠାରୁ କୁମାରୀକା ପର୍ଯ୍ୟନ୍ତ ପରିବ୍ୟାପ୍ତ ଏହି ଭାରତୀୟ ଭୂଖଣ୍ଡକୁ ଏକ ମହିମାମୟ ଜାଗ୍ରତ ଚେତନା ବାନ୍ଧିରଖିଛି ଯାହାର ବ୍ୟାବହାରିକ ରୂପଟି ସମନ୍ୱୟବାଦ କହିଲେ ଅତ୍ୟୁକ୍ତି ହେବନାହିଁ।

ନିମ୍ନୋକ୍ତ ଶ୍ଲୋକରେ ଏକସମୟରେ କିପରି ବ୍ରହ୍ମା, ଶିବ, ବୁଦ୍ଧ ଓ ଜିନଙ୍କୁ ଉପଯୁକ୍ତ ସମ୍ମାନ ପ୍ରଦତ୍ତ ହୋଇଛି ତାହା ଲକ୍ଷ୍ୟଣୀୟ।

ଯ ଯ ଶୈବା ସମୁପାସନେ ଶିବ ଇତି ବ୍ରହ୍ମେତି ବେଦାନ୍ତିନୋ
ବୌଦ୍ଧାବୁଦ୍ଧ ଇତି ପ୍ରମାଣ ପଟବଃ କର୍ତ୍ତେତି ନୈୟାୟିକାଃ
ଅର୍ହନ୍ନିତ୍ୟଥ ଜୈନଶାସନରତାଃ କର୍ମେତି ମୀମାଂସକା
ସୋଃୟଂ ଯୋ ବିଦ୍‌ଧାତୁ ବାଂଛିତ ଫଳ ତ୍ରୈଲୋକାନାଥୋ ହରିଃ।

ଶାନ୍ତିପ୍ରିୟତା:

ଭାରତୀୟ ସଂସ୍କୃତିର ଅନ୍ୟତମ ଉପାଦାନ ଭାବରେ ଶାନ୍ତିପ୍ରିୟତାର ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ପରିବେଶରେ ଶାନ୍ତି ଭରିଯାଉ, ଦିବ୍ୟସୁଷମା ବିଚ୍ଛୁରିତ ହେଉ, ପବନରେ ଶୀତଳତା ଭରିଯାଉ, ଫୁଲରେ ସୁବାସ ଭରିଯାଉ, ଦିଗଦିଗନ୍ତ ସୁବାସିତ ହେଉ ଏହି ଆଶାରେ ଋଷିଙ୍କର ପ୍ରାଣ ପରିପୂରିତ ହେଉଥିଲା। ସମଗ୍ର ବିଶ୍ୱ ଆଜି ବିଭିନ୍ନ ସମସ୍ୟାରେ ଜର୍ଜରିତ ହୋଇପଡିଛି। ଏହି ଅବସ୍ଥାରେ ଭାରତବର୍ଷର ଭୂମିକା ଯେ ଗୁରୁତ୍ୱପୂର୍ଣ୍ଣ ଏକଥା ଶ୍ରୀଅରବିନ୍ଦ କହିଛନ୍ତି - 'ଆଜି ସମଗ୍ର ବିଶ୍ୱ ଯେଉଁ ସମସ୍ୟା ନେଇ ବିବ୍ରତ ଓ କିଂକର୍ତ୍ତବ୍ୟବିମୂଢ଼ ହୋଇପଡିଛି, ଯଦି ଭାରତ ସଂକଳ୍ପ କରେ ତେବେ ଏହି ସମସ୍ୟାର ଦେଇପାରେ ଏକ ଯଥାର୍ଥ ସମାଧାନ।' ସମସ୍ତେ ଶାନ୍ତିରେ ବାସ କରନ୍ତୁ ଏହି ଆଶା ଓ ବିଶ୍ୱାସ ରହିଛି ଭାରତୀୟ ସଂସ୍କୃତିରେ। ମଙ୍ଗଳାଚରଣରେ ସମସ୍ତଙ୍କ କଲ୍ୟାଣ କାମନାପୂର୍ବକ କୁହାଯାଏ-

'ଓଁ ସର୍ବେଷାଂ ସ୍ୱସ୍ତି ଭବତୁ, ସର୍ବେଷାଂ ଶାନ୍ତିର୍ଭବତୁ।
ସର୍ବେଷାଂ ପୂର୍ଣ୍ଣଂ ଭବତୁ, ସର୍ବେଷାଂ ମଙ୍ଗଳଂ ଭବତୁ' ଇତ୍ୟାଦି।

ଗଗନ ପବନରେ, ଜଳରେ ସ୍ଥଳରେ ଶାନ୍ତି ବିରାଜମାନ କରୁ ଏକଥା କହିବାକୁ ଆର୍ଯ୍ୟ ଋଷି ଗାଇଛନ୍ତି-

'ଓଁ ଦ୍ୟୌ ଶାନ୍ତିଃ, ଅନ୍ତରୀକ୍ଷ ଶାନ୍ତିଃ, ପୃଥ୍ୱୀ ଶାନ୍ତିଃ ବିଶ୍ୱେ ଦେବା ଶାନ୍ତିଃ,
ଓଁ ବ୍ରହ୍ମଶାନ୍ତିଃ ସର୍ବଂଶାନ୍ତିଃ, ଶାନ୍ତିରେବ ହି ଶାନ୍ତିଃ, ସାମାଂ ଶାନ୍ତିବୋଧ,
ଓଁ ଶାନ୍ତିଃ ଶାନ୍ତିଃ ଶାନ୍ତିଃ।

ଉପରୋକ୍ତ ଆଲୋଚନାରୁ ଏକଥା ସ୍ପଷ୍ଟ ଯେ, ଭାରତୀୟ ସଂସ୍କୃତିରେ ମାନବିକତାର ନିରାଜନା ପାଇଁ ରହିଛି ପ୍ରଶସ୍ତ କ୍ଷେତ୍ର ଓ ପ୍ରଚୁର ସୁଯୋଗ। ଜୀବନର ସର୍ବାଙ୍ଗୀନ ବିକାଶ ନିମନ୍ତେ ଏଥିରେ ଯେଉଁ ସମୁଜ୍ଜ୍ୱଳ ବର୍ଣ୍ଣବିଭା ବିଦ୍ୟମାନ, ତାହାର ପଟାନ୍ତର ନାହିଁ। ଅତଏବ ଏକଥା ମୁକ୍ତକଣ୍ଠରେ ସ୍ୱୀକାରଯୋଗ୍ୟ ଯେ, ଭାରତୀୟ ସଂସ୍କୃତି ହେଉଛି ଏକାଧାରରେ ସତ୍ୟ, ଶିବ ଓ ସୁନ୍ଦରର ପୂଜାରୀ। ରାଜାଠାରୁ ପ୍ରଜା ପର୍ଯ୍ୟନ୍ତ ସମସ୍ତେ ନ୍ୟାୟମାର୍ଗରେ ପରିଚାଳିତ ହୁଅନ୍ତୁ, ସୁଖୀ ହୁଅନ୍ତୁ ବୋଲି ଉଦ୍‌ଘୋଷିତ ହୋଇଛି ଏହି ସଂସ୍କୃତିରେ। ତେଣୁ କୁହାଯାଇଛି-

"ଓଁ ସ୍ୱସ୍ତି ପ୍ରଜାଭ୍ୟଃ ପରିପାଳିୟନ୍ତାଂ
ନ୍ୟାୟେଣ ମାର୍ଗେନ ମହୀଂ ମହୀଶାଃ
ଗୋ ବ୍ରାହ୍ମଣେଭ୍ୟଃ ଶୁଭମସ୍ତୁ ନିତ୍ୟଂ
ଲୋକାଃ ସମସ୍ତାଃ ସୁଖିନୋ ଭବନ୍ତୁ।

ଅନ୍ଧକାରରୁ ଆଲୋକକୁ, ଅସତ୍ୟରୁ ସତ୍ୟ ଆଡ଼କୁ, ମୃତ୍ୟୁରୁ ଅମୃତଆଡ଼କୁ ବ୍ୟକ୍ତିକୁ ନେଇଯିବାର ଯୋଗ୍ୟତା ଯେଉଁ ସଂସ୍କୃତିରେ ରହିଛି ତାହାକୁ ଶତପ୍ରଣାମ। ସେହି ଦେଶପ୍ରତି ଶ୍ରଦ୍ଧାରେ, ଭକ୍ତିରେ ସ୍ୱତଃ ମଥା ନଇଁଯାଏ। ମନେପଡେ ସ୍ୱାମୀ ବିବେକାନନ୍ଦଙ୍କ ବାଣୀ, 'ଯଦି ପୃଥିବୀ ମଧ୍ୟରେ ଏପରି କୌଣସି ଦେଶ ଥାଏ, ଯାହାକୁ ପୁଣ୍ୟଭୂମି ନାମରେ ନାମିତ କରାଯାଇପାରେ, ଯଦି ଏପରି କୌଣସି ଦେଶ ଥାଏ ଯେଉଁଠାରେ ମନୁଷ୍ୟ ଜାତି ମଧ୍ୟରେ ସର୍ବାପେକ୍ଷା ଅଧିକ କ୍ଷାନ୍ତି, ଦୟା ପ୍ରଭୃତି ସଦ୍‌ଗୁଣର ବିକାଶ ହୋଇଛି, ତେବେ ନିଶ୍ଚିତ ଭାବରେ ମୁଁ କହିପାରେ ତାହା ହେଉଛି ଭାରତବର୍ଷ।'

□□

ସମଦର୍ଶନ ଓ ଭାରତବର୍ଷ

ଭାରତବର୍ଷ କେବଳ ଏକ ଭୂଖଣ୍ଡ ନୁହେଁ, ଏହା ଏକ ଜାଗ୍ରତ ଚେତନା। ନିଜସ୍ୱ ଜୀବନୀଶକ୍ତିର ପ୍ରଭାବରେ ତାହା ସ୍ମରଣାତୀତ କାଳରୁ ତିଷ୍ଠି ରହିଛି। ବିଶ୍ୱର ସର୍ବାଙ୍ଗୀନ କଲ୍ୟାଣସାଧନ ହେଉଛି ତାର ଲକ୍ଷ୍ୟ ଓ ଉଦ୍ଦେଶ୍ୟ। ବାହ୍ୟ ପ୍ରକୃତିର ସମ୍ମୋହନ ରୂପ ସହିତ ମାନବିକତାର ବଳିଷ୍ଠ ରୂପାୟଣ ଏଠାରେ ରହିଛି। ଏକମନ ହେବା, ଏକସ୍ୱରରେ ଚେତନାର ବାର୍ତ୍ତା ଅଭିବ୍ୟକ୍ତ କରିବା, ତଥା ଏକତ୍ରିତ ହେବା ପାଇଁ ଭାରତର ଋଷିଗଣ ଯେଉଁ ଆହ୍ୱାନ ଦେଇଥିଲେ ତାହାର ପଟାନ୍ତର ନାହିଁ, ଅନ୍ୟ କୌଣସି ଦେଶରେ ସମଦର୍ଶନର ସ୍ୱର ଏତେ ବଳିଷ୍ଠ ହେବାର ଦୃଷ୍ଟାନ୍ତ ମିଳିନାହିଁ। ଏ ସଂପର୍କରେ ଋଗ୍‌ବେଦରୁ ଶ୍ଲୋକଟିଏ ଉଦ୍ଧାର କରାଯାଇପାରେ-

‘ସଂଗଚ୍ଛଧ୍ୱଂ ସଂ ବଦଧ୍ୱଂ
ସଂ ବୋ ମନାଂସି ଜାନତାମ୍
ଦେବାଭାଗଂ ଯଥା ପୂର୍ବେ
ସଂ ଜାନାନା ଉପାସତେ।’

ଏହାର ଅର୍ଥ ହେଉଛି ଏକତାବଦ୍ଧ ହେବା, ଏକସ୍ୱରରେ କହିବା, ଏକମନ ହେବା, ଦେବତାମାନେ ଯେପରି ନିଜ ନିଜ ଭାଗରେ ସନ୍ତୁଷ୍ଟ ରହୁଥିଲେ ସେପରି ଆମେ ନିଜ ନିଜ ଭାଗରେ ସନ୍ତୁଷ୍ଟ ରହିବା। ଏକତ୍ୱ ପ୍ରତିଷ୍ଠାର ପ୍ରୟାସ ହିଁ ଭାରତୀୟ ସଂସ୍କୃତିର ମୌଳିକ ନିର୍ଯ୍ୟାସ। ଭ୍ରାତୃଭାବ ଏହି ପ୍ରୟାସର ଭିତ୍ତିଭୂମି ରୂପରେ ପ୍ରତିଷ୍ଠାପ୍ରାପ୍ତ। ଭିନ୍ନଭାଷା, ଭିନ୍ନ ବେଶଭୂଷଣ ଓ ଖାଦ୍ୟାଭ୍ୟାସ ଭିତରେ ମଧ୍ୟ ଏକତ୍ୱର ପ୍ରାଣ ପ୍ରତିଷ୍ଠା ନିମନ୍ତେ ଭାରତୀୟ ସଂସ୍କୃତିରେ ବଳିଷ୍ଠ ଆହ୍ୱାନ ରହିଛି। ଅବଶ୍ୟ ସାମ୍ୟବାଦୀ ଦର୍ଶନ ଓ ସମଦର୍ଶନ ଏକ କଥା ନୁହେଁ। ସମଦର୍ଶନର ଭିତ୍ତି ହେଉଛି ଭ୍ରାତୃଭାବ ଯାହାର ସ୍ଥିତି ଅତ୍ୟନ୍ତ ଦୃଢ଼ ଓ ଅବିଚଳିତ। ଭୌତିକ ସଂପଦର ସୁଷମ ବଣ୍ଟନରେ କେବଳ ବିଶ୍ୱାସୀ ସାମ୍ୟବାଦ ଚିରସ୍ଥାୟୀ ହୋଇପାରେନା। ସମଭାବ ବାହ୍ୟଦୃଷ୍ଟିରୁ ପ୍ରତିଷ୍ଠିତ ହେଲେ ତାହା ଅସ୍ଥାୟୀ ହୁଏ, ଅଭ୍ୟନ୍ତରରେ ସମଭାବର ପ୍ରତିଷ୍ଠା ହେଲେ ତାହା ସ୍ଥାୟୀ ହୋଇପାରେ। ଭାରତୀୟ ଜୀବନଧାରାରେ ପ୍ରତିଷ୍ଠିତ ସମଦର୍ଶନ ହେଉଛି ଅନ୍ତର୍ମୁଖୀ, ଏହା ସାମ୍ୟବାଦୀ ଦର୍ଶନ ପରି ବହିର୍ମୁଖୀ ନୁହେଁ।

ଭାତୃତ୍ୱ କେବଳ ମୁଖର କଥା ନୁହେଁ, ହୃଦୟରେ ସଂଗଠିତ ଚେତନାର ସୁସଂହତ ରୂପାୟଣ। ଗୋଟିଏ ପିତାର ଯଦି ଚାରୋଟି ସନ୍ତାନ ଥାଆନ୍ତି, ତେବେ ସେହି ସନ୍ତାନମାନଙ୍କ ଭିତରେ ଥିବା ଅନ୍ତର୍ନିହିତ ସାମ୍ୟ ହିଁ ଭ୍ରାତୃତ୍ୱର ମୂଳତତ୍ତ୍ୱ ରୂପେ ବିବେଚିତ ହୋଇଥାଏ। ସୁତରାଂ ଏକ ପରମପିତାଙ୍କର ସନ୍ତାନ ଭାବରେ ସମଗ୍ର ବିଶ୍ୱର ସବୁଜାତିର ଲୋକଙ୍କ ମଧ୍ୟରେ ଭ୍ରାତୃଭାବ କାହିଁକି ନ ଆସିବ ? ଭବିଷ୍ୟ ପୁରାଣରେ କୁହାଯାଇଛି-

“ପାଦ ପ୍ରଚାରୈସ୍ତନୁବର୍ଣ୍ଣ କେଶୈଃ
ସୁଖେନ ଦୁଃଖେନ ଚ ଶୋଣିତେନ

ତ୍ୱଙ ମାସ ମେଦୋଽସ୍ଥିରସୈଃ ସମାନାଶ୍ଚତୁଃ
ପ୍ରଭେଦାହି କଥଂ ଭବନ୍ତି।"

ଅର୍ଥାତ୍ ପାଦପ୍ରଚାର, ତନୁ, ବର୍ଣ୍ଣ, କେଶ, ସୁଖ, ଦୁଃଖ, ରକ୍ତ, ତ୍ୱକ, ମାଂସ-ମେଦ, ଅସ୍ଥି ଓ ରସ ଇତ୍ୟାଦିରେ ସମସ୍ତେ ସମାନ, ତେବେ ପ୍ରଭେଦ କେଉଁଠି ? ଏହି ସତ୍ୟକୁ ଭାରତବର୍ଷ ସ୍ୱୀକାର କରିଥିବାରୁ ଭ୍ରାତୃଭାବର ପ୍ରତିଷ୍ଠା ଏଠାରେ ଅଧିକ ଭାବରେ ସ୍ଥାୟୀ। ପ୍ରତ୍ୟେକ ବ୍ୟକ୍ତିର ଦେହ ହେଉଛି ପରମ ପ୍ରଭୁଙ୍କର ସ୍ଥୁଳତମ ଅଭିବ୍ୟକ୍ତି। ଏହା ଭଗବାନଙ୍କ ସିଂହାସନ ନିମନ୍ତେ ଏକ ସୁନିର୍ବାଚିତ ଭିତ୍ତି। ଭଗବାନ ମନ୍ଦିରରେ ନଥାନ୍ତି କି ମସ୍‌ଜିଦ୍‌ରେ ନଥାନ୍ତି, ସେ ଥାଆନ୍ତି ପ୍ରତ୍ୟେକଙ୍କ ପାଖରେ। କବୀର ଏହିକଥା ଭଗବାନଙ୍କ ମୁହଁରେ କହିବାକୁ ଯାଇ କହିଛନ୍ତି-

"ମୋ କୋ କଁହାଢୁଢ଼ୋ ବନ୍ଦେ
ମୈଁ ତୋ ତେରେ ପାସ ମେଁ
ନା ମୈଁ ଦେବଲ ନା ମୈଁ ମସ୍‌ଜିଦ୍
ନା କାବେ କୈଳାସମେଁ।"

ଅର୍ଥାତ୍ ଭଗବାନ କହିଛନ୍ତି, 'ମୋତେ କାହିଁକି ବୃଥାରେ ବାହାରେ ଖୋଜି ଧନ୍ଦି ହେଉଛୁ, ମୁଁ ରହିଛି ତୋ ପାଖରେ। ମୁଁ ଦେବାଳୟରେ ନଥାଏ, ନଥାଏ ମସ୍‌ଜିଦ୍‌ରେ, ନଥାଏ କାବାରେ, ନଥାଏ କୈଳାସରେ।' ତେଣୁ ସଂପ୍ରଦାୟ ଭିତରେ ବାଦାନୁବାଦ ଯେ କେତେ ନିରର୍ଥକ ଓ ଭିତ୍ତିହୀନ, ଏକଥା ଏଥିରୁ ସ୍ପଷ୍ଟ ବୁଝିହୁଏ। କବୀରଙ୍କ ପରି ଦାଦୁ ମଧ୍ୟ ଏହି ସମଦର୍ଶନର ସୁଦୃଢ଼ ସ୍ୱର ଉତ୍ତୋଳନ କରି କହିଛନ୍ତି- "ସବ ଘଟ ଏକୈ ଆତ୍ମା, କ୍ୟା ହିନ୍ଦୁ ମୁସଲମାନ" ସବୁ ଘଟରେ ତ ଏକ ଆତ୍ମା, ହିନ୍ଦୁ ମୁସଲମାନ ଭେଦ କ'ଣ ? ଦାଦୁଙ୍କ କଥାରେ ହିନ୍ଦୁ ମୁସଲମାନ ହେଉଛନ୍ତି ଦୁଇହାତ। ଦୁଇହାତ ଯୁକ୍ତହୋଇ ଅଞ୍ଜଳି ନହେଲେ କିପରି ଜନ୍ମଭୂମିର ଅମୃତରସ ପାନ କରାଯିବ ?

"ଦୁନୁଁ ହାଥୀ ହେ ରହେ, ମିଲି ରସ ପିୟା ନ ଜାଇ।"

ଦାଦୁଙ୍କର ରଜ୍ଜବତୀ ନାମରେ ଜଣେ ପରମ ଭକ୍ତ ଥିଲେ। ସେ ସାଂପ୍ରଦାୟିକ ମନୋଭାବରୁ ବହୁ ଉର୍ଦ୍ଧ୍ୱରେ ଥିଲେ। ତାଙ୍କର ଚିନ୍ତା ଓ ଚେତନା ଯେପରି ସୁଦୂରପ୍ରସାରୀ ସେପରି ସୁଗଭୀର ଥିଲା। ସେ କହିଛନ୍ତି ଯେ, ଆମର ହୃଦୟ କନ୍ଦରରେ ପ୍ରଭୁ ସର୍ବଦା ତାଙ୍କର ଧର୍ମଶାସ୍ତ୍ର ଲେଖୁଛନ୍ତି। ତାହାକୁ କେହି ଦେଖିପାରନ୍ତି ନାହିଁ। ମାନବ ଇତିହାସରେ ପ୍ରଭୁଙ୍କର ଅଖଣ୍ଡ ବେଦ ଉଚ୍ଚାରିତ। ବାହାରର ମିଛ ଆଲୋକ ଲିଭାଇଦେଇ ଅନ୍ତରର ସେଇ ବେଦ କୋରାନ ପଢ଼ିବାକୁ ସେ ଆହ୍ୱାନ କରିଛନ୍ତି। ଏହିପରି ବହୁ ସାଧକ ଜୀବନର ମୂଲ୍ୟାୟନ କରିବା ସଂଗେ ସଂଗେ ଜୀବନର ଲକ୍ଷ୍ୟ ଯେ ଏକ ଓ ଅଭିନ୍ନ ଏହା ଉପଲବ୍ଧି କରି ସମଗ୍ର ମାନବଜାତିକୁ ସମୁଚିତ ଦିଗ୍‌ଦର୍ଶନ ଦେଇଛନ୍ତି।

ସାହିତ୍ୟ, ସଂଗୀତ, ଶିଳ୍ପକଳା ଓ ସ୍ଥାପତ୍ୟ ବିଦ୍ୟା କ୍ଷେତ୍ରରେ ମଧ୍ୟଯୁଗରେ ହିନ୍ଦୁ, ମୁସଲମାନ ଓ ଅନ୍ୟାନ୍ୟ ସଂପ୍ରଦାୟ ମଧ୍ୟରେ ପାରସ୍ପରିକ ବୁଝାମଣା ଫଳରେ ସମଦର୍ଶନର ସ୍ୱରୂପ ସ୍ପଷ୍ଟ ଭାବରେ ପ୍ରକଟିତ ହୋଇଥିଲା। ମୁସଲମାନ ରାଜତ୍ୱକାଳରେ ବହୁ ସଂସ୍କୃତ ଗ୍ରନ୍ଥ ଫରାସୀ ଭାଷାରେ ଅନୂଦିତ ହୋଇଥିଲା। ଅବଦର ରହିମ, ଆଜିମଶାହା ପ୍ରଭୃତି ଶାସ୍ତ୍ରବିଦ୍‌ଗଣ ରସସିକ୍ତ ବୈଷ୍ଣବ ସାହିତ୍ୟର ସ୍ୱନାମଧନ୍ୟ ଗ୍ରାହକ ଥିଲେ। ଅବଦର ରହିମ୍‌ଙ୍କର ରଚନାରେ ଗୋଟିଏ ପଂକ୍ତି ଏ ପରିପ୍ରେକ୍ଷୀରେ ପ୍ରମାଣସ୍ୱରୂପ ଗ୍ରହଣ କରାଯାଇପାରେ।

"ଶରଦ ନିଶି ନିଶୀଥେ ଚାଁଦକୀ ରୋଶନାଇ
ସଘନ ବନ ନିକୁଞ୍ଜେ କାନ୍‌ହ ବଂଶୀ ବଜାଇ।"

ସମ୍ରାଟ ଆକବରଙ୍କ ରାଜତ୍ୱକାଳରେ ନାଗୋରୀ ମୁବାରକଙ୍କ ପୁତ୍ର ଆବୁଲଫାଜଲ ଓ ଫୈଜୀ ବହୁ ସଂସ୍କୃତ ଗ୍ରନ୍ଥର ଅନୁବାଦ କରିଥିଲେ। ସମ୍ରାଟ ସାହାଜାହାନଙ୍କର ଜ୍ୟେଷ୍ଠ-ପୁତ୍ର ଦାରାଶିକୋ ଏ କ୍ଷେତ୍ରରେ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିଲେ। ସେ ସଂସ୍କୃତରୁ ପଚାଶଖଣ୍ଡ ଉପନିଷଦ ପାରସୀ ଭାଷାରେ ଅନୁବାଦ କରିଥିଲେ। ସଂସ୍କୃତ

ପ୍ରତି ଅଶେଷ ପ୍ରୀତିପ୍ରବଣତା ତାଙ୍କର ସମଦର୍ଶୀ ମନୋବୃତ୍ତିର ସୁବର୍ଣ୍ଣସ୍ମାରକୀ କହିଲେ ଅତ୍ୟୁକ୍ତି ହେବନାହିଁ।

ଏହିପରି ବିଚାର କଲେ ଜଣାଯାଏ ଯେ, ସମଦର୍ଶୀ ମନୋଭାବର ପ୍ରଚାର ପ୍ରସାର ଭାରତବର୍ଷରେ ବିଭିନ୍ନ ସମୟରେ ହୋଇଛି। ଅବଶ୍ୟ ସମୟ ସମୟରେ ଦର୍ପଣରେ ଧୂଳିଜମି ମୁହଁ ନ ଦିଶିଲା ଅବସ୍ଥା ହୋଇଛି। ସେତେବେଳେ ନୂତନ ଦିଗଦ୍ରଷ୍ଟାଙ୍କର ଆବିର୍ଭାବ ହୋଇଛି ଏବଂ ସେହି ମଳିନତା ତାଙ୍କର ନିର୍ଦ୍ଦେଶରେ ଅପସରି ଯାଇଛି। ଆଜି ସମୟ ସମୟରେ ସାଂପ୍ରଦାୟିକ ମନୋମାଳିନ୍ୟ ସୃଷ୍ଟି ହୋଇ ଏକଏକ ସମସ୍ୟା ସୃଷ୍ଟି ହେଉଛି। ଏହି ସମସ୍ୟାର ସହଜ ସମାଧାନ ନିମନ୍ତେ ସମଦର୍ଶନର ଚିନ୍ତା ହିଁ ଏକମାତ୍ର ପନ୍ଥା। ଧର୍ମଦୃଷ୍ଟିରୁ ବାହାରକୁ ସବୁ ଧର୍ମ ଅସମାନ ପରି ମନେହେଲେ ହେଁ ଆଧ୍ୟାତ୍ମିକତା ଦୃଷ୍ଟିରୁ ପ୍ରତ୍ୟେକ ଧର୍ମ ସମାନ। ଆଧ୍ୟାତ୍ମିକତାରେ ଜାତି, ବର୍ଣ୍ଣ ଓ ଧର୍ମର ଭେଦାଭେଦ ନାହିଁ। ଜାତି ଜାତି ଭିତରେ, ଭାଷା ଭାଷା ଭିତରେ ସଦ୍‌ଭାବ ଆଣିବା ନିମନ୍ତେ ଆଧ୍ୟାତ୍ମିକତାକୁ ଚାବିକାଠି ରୂପରେ ଗ୍ରହଣ କରାଯାଇପାରେ। ଏହା ମନୁଷ୍ୟକୁ କର୍ଦ୍ଦମରୁ ଭାଗବତ ଶକ୍ତିଆଡକୁ ନେଇଯାଇପାରେ, ଜୀବନକୁ ସୁସ୍ଥ ଓ ସାର୍ଥକ କରିପାରେ। ଧର୍ମ ଭିତରେ ଆଚାରଗତ ପାର୍ଥକ୍ୟ ଥିବାରୁ ଓ ଏହା ଉପରେ ଗୁରୁତ୍ୱ ଆରୋପିତ ହେଉଥିବାରୁ ଅହମିକା ମନରେ ଜମାଟ ବାନ୍ଧିଯାଇ ଚେତନାର ବିକାଶକୁ ବ୍ୟାହତ କରିଥାଏ। ଫଳରେ ଅସ୍ୱାସ୍ଥ୍ୟକର ପରିବେଶ ସୃଷ୍ଟି ହୁଏ। ଏହି ପରିବେଶର ପ୍ରଭାବରୁ ମୁକ୍ତିଲାଭ କରିବାକୁ ହେଲେ ସଂପ୍ରଦାୟର ଊର୍ଦ୍ଧ୍ୱରେ ସ୍ଥିତ ସେହି ଚରମସତ୍ୟ ଓ ପରମତତ୍ତ୍ୱର ନିରାଜନା କରିବାକୁ ହେବ। ଆଧ୍ୟାତ୍ମିକତା ଜୀବନକୁ ଭିତ୍ତି କରି ସଂଗଠିତ ହୋଇଥାଏ। ଭୌତିକ ଜୀବନକୁ ଭୁଲି, ହତାଦର କରି ଧର୍ମ କରିହୁଏ;କିନ୍ତୁ ଆଧ୍ୟାତ୍ମିକତାରେ ଜୀବନ ପ୍ରତି ଆବଶ୍ୟକୀୟ ଅନୁରାଗ ବରଣୀୟ ହୋଇଥାଏ। ଆଧ୍ୟାତ୍ମିକତା ହେଉଛି ସବୁଗୋଷ୍ଠୀ ଓ ସବୁଧର୍ମର ଶେଷବିନ୍ଦୁ। ସେ ଏକ ପବିତ୍ର ପରମଦୀକ୍ଷା ଯହିଁରେ ଦୀକ୍ଷିତ ହେଲେ ମନୁଷ୍ୟ ମନୁଷ୍ୟ ଭିତରେ ଭାବସାମ୍ୟ ପ୍ରତିଷ୍ଠିତ ହୋଇପାରିବ। ଗୋଷ୍ଠୀ ସୃଷ୍ଟି କରିବା ନୁହେଁ, ସାଂପ୍ରଦାୟିକ ମନୋଭାବରୁ ମୁକ୍ତ ରହି ଚିନ୍ତା ଓ ଚେତନାରେ ମୂଳଉତ୍ସ ସହିତ ଯୁକ୍ତରହିବା ଆଜିର ପ୍ରଥମ ଆବଶ୍ୟକତା। ଏହି ଆବଶ୍ୟକତାକୁ ଆଧ୍ୟାତ୍ମିକତା ହିଁ ପୂରଣ କରିପାରିବ।

ଭାରତବର୍ଷରେ ଏହି ଆବଶ୍ୟକତା ପୂରଣ ହେଲେ ଅର୍ଥାତ୍ ଭ୍ରାତୃତ୍ୱର ବନ୍ଧନ ସୁଦୃଢ଼ ହେଲେ ତାହା କ୍ରମଶଃ ବିଶ୍ୱରେ ପରିବ୍ୟାପ୍ତ ହେବ। କାରଣ ଭାରତ ହେଉଛି ସମଗ୍ର ବିଶ୍ୱର ଆଶା ଓ ଆଶ୍ୱାସନାର ପ୍ରାଣକେନ୍ଦ୍ର। ଭାରତରେ ଶାନ୍ତି ଆସିଲେ ଜଗତରେ ଶାନ୍ତି ପ୍ରତିଷ୍ଠିତ ହେବ। ଭାରତ ହେଉଛି ଅନୁଭବର କେନ୍ଦ୍ରବିନ୍ଦୁ, ଏକ ନିଶ୍ଚିତ ଗଠନମୂଳକ ନିର୍ଦ୍ଦେଶର ମହାମନ୍ତ୍ର। ଭାରତର ଜାଗରଣରେ ପାର୍ଥିବ ପରିବେଶର ଜାଗୃତି, ଭାରତର ଅଗ୍ରଗତିରେ ବିଶ୍ୱ ମାନବର ପ୍ରଗତି, ଏହା କହିବାର ତାତ୍ପର୍ଯ୍ୟ ହେଉଛି ଯେ ଭାରତ ହେଉଛି ଜଗତର ଆତ୍ମିକ ଶକ୍ତି। ଆତ୍ମିକ ଚେତନା ଜାଗ୍ରତ ହେଲେ ଯେପରି ପ୍ରତ୍ୟେକ ଅଙ୍ଗ ତାହାର ଯଥାର୍ଥ ରୂପପ୍ରାପ୍ତ ହୁଏ, ସେପରି ଭାରତ ଜାଗ୍ରତ ହେଲେ ସମଗ୍ର ବିଶ୍ୱର ପ୍ରଗତିସାଧନ ସମ୍ଭବ ହେବ। ଶ୍ରୀମା ଏ ପ୍ରସଙ୍ଗରେ କହିଛନ୍ତି, 'ଭାରତର ଭବିଷ୍ୟତ ଖୁବ୍ ସ୍ପଷ୍ଟ, ଭାରତ ହିଁ ଜଗତର ଗୁରୁ। ପୃଥିବୀର ରୂପରେଖା ଭାରତ ଉପରେ ନିର୍ଭର କରେ, ଭାରତ ହିଁ ଜୀବନ୍ତ ଆତ୍ମା।'

ଭାରତର ଆତ୍ମାକୁ ଆବିଷ୍କାର କରି ତାକୁ ଜାଗ୍ରତ କରାଇପାରିଲେ ପାର୍ଥିବ ପରିବେଶରେ ଦିବ୍ୟ ଜୀବନର କଳାଲଳିତ ରୂପାୟଣ ସମ୍ଭବ ହେବ। ଏ ଦିଗରେ ପ୍ରତ୍ୟେକ ଭାରତୀୟଙ୍କର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ଅନ୍ୟ ଭାଷାରେ କହିଲେ ବିଶ୍ୱ ସମସ୍ୟାର ସମାଧାନ ନିମନ୍ତେ ପ୍ରତ୍ୟେକ ସଚେତନ ଭାରତୀୟ ସାନ୍ତ୍ୱନାର ଏକ ଏକ ଏକକ। ଏଥିପାଇଁ ପ୍ରତ୍ୟେକ ଭାରତୀୟ, ଧର୍ମ, ବର୍ଣ୍ଣ, ଭାଷାର ଭେଦଜନିତ ଭିନ୍ନତାର ଊର୍ଦ୍ଧ୍ୱରେ ରହି ଆମ ପରମ୍ପରାରେ ପୂର୍ବ ପ୍ରତିଷ୍ଠିତ ସମଦର୍ଶନର ତୀର୍ଥରେ ଅବଗାହନ କରି ସ୍ୱ ସ୍ୱ ଆତ୍ମିକ ସତ୍ତାକୁ ଆବିଷ୍କାର କରିବା ଏକାନ୍ତ ଆବଶ୍ୟକ। ଏହି ବ୍ୟକ୍ତିଗତ ଆବିଷ୍କାର ହିଁ ଜାତିଗତ ଆତ୍ମାକୁ ତଥା ଦେଶଗତ ଆତ୍ମାକୁ ଆବିଷ୍କାର କରିବାର ଶକ୍ତି ଓ ସାମର୍ଥ୍ୟ ଆଣିଦେବ। ଫଳରେ ବିଶ୍ୱ ମାନବ ଆଲୋକିତ ପଥର ପଥିକ ହେବ, ବିଶ୍ୱ ଜୀବନରୁ ଅବସାଦର ଅନ୍ଧକାର ଅପସରିଯିବ। ଶାନ୍ତି ଓ ପ୍ରୀତିର ରଶ୍ମିରେଖା ବିଶ୍ୱ ଦିଗବଳୟରେ ପ୍ରତ୍ୟକ୍ଷୀଭୂତ ହେବ।

ତେବେ ଭାରତବାସୀଙ୍କୁ ଯେଉଁ ଗୁରୁଦାୟିତ୍ୱ ବହନ କରିବାକୁ ପଡିବ ତାହା ହେଲା ଚୈତ୍ୟସତ୍ତାର ଆବିଷ୍କାର।

ଏଥିପାଇଁ ଜୀବନରୁ ପଳାୟନ କରିବାକୁ ପଡ଼ିବନାହିଁ, ବରଂ ଜୀବନକୁ ଭଲ ପାଇବାକୁ ପଡ଼ିବ ନାନାଭାବରେ। ଜଡ଼ବିଜ୍ଞାନ ଓ କାରିଗରୀ କୌଶଳକୁ ସ୍ୱାଗତ କରି ତାହାର ସଦୁପଯୋଗ କରିବାକୁ ହେବ। ରିକ୍ତ ସନ୍ନ୍ୟାସୀର ରୁକ୍ଷତା ନୁହେଁ, ଅନୁରାଗ ହେବ ଜୀବନର ମୂଳମନ୍ତ୍ର। ପ୍ରତିକୂଳ ପରିବେଶ ସୃଷ୍ଟି କରୁଥିବା ସବୁ ଦୁଶ୍ଚିନ୍ତାକୁ ବର୍ଜନ କରିବାକୁ ହେବ। ଗ୍ରହଣ ଓ ବର୍ଜନର କ୍ରିୟା ସେତେବେଳେ ସହଜରୁ ସହଜତର ହେବ ଯେତେବେଳେ ଦିବ୍ୟଚେତନା ପ୍ରତି ହୃଦୟର କୋଣ ଅନୁକୋଣରେ ପ୍ରେମଭାବ ଜାଗ୍ରତ ହେବ। ସେହି ପରମପ୍ରେମମୟ ହେବେ ଜୀବନର ଦିଗନ୍ତଦିଶାରୀ।

ତାଙ୍କ ପ୍ରତି ଗଭୀର ପ୍ରେମ ଭାବରେ ନିମଗ୍ନ ହୋଇ ସେଦିନ ପ୍ରତ୍ୟେକ ଭାରତୀୟ ରବୀନ୍ଦ୍ରନାଥଙ୍କର ସ୍ୱରରେ ସ୍ୱର ମିଶାଇ ଗାଇଉଠିବେ-

‘ଅହରହ ତବ ଆହ୍ୱାନ ପ୍ରଚାରିତ
ଶୁନି ତବ ଉଦାରବାଣୀ
ହିନ୍ଦୁ, ବୌଦ୍ଧ, ଶିଖ, ଜୈନ, ପାରସିକ
ମୁସଲମାନ, ଖ୍ରୀଷ୍ଟାନୀ
ପୂରବ ପଶ୍ଚିମ ଆସେ, ତବ ସିଂହାସନ ପାଶେ
ପ୍ରେମହାର ହୟ ଗାଁଥା
ଜନଗଣ-ଐକ୍ୟ ବିଧାୟକ ଜୟ ହେ ଭାରତ ଭାଗ୍ୟବିଧାତା
ଜୟ ହେ, ଜୟ ହେ, ଜୟ ହେ, ଜୟ, ଜୟ, ଜୟ, ଜୟ ହେ।’

□□

ଜାତୀୟ ସଂହତିର ସ୍ୱର ଓ ସ୍ୱରୂପ

ପ୍ରତ୍ୟେକ ବ୍ୟକ୍ତିର ଯେପରି ଆଙ୍ଗିକ ଓ ଆତ୍ମିକ ସତ୍ତା ରହିଛି, ପ୍ରତ୍ୟେକ ଦେଶର ସେପରି ଆଙ୍ଗିକ ଓ ଆତ୍ମିକ ସତ୍ତା ରହିଛି। ଗୋଟିଏ ବ୍ୟକ୍ତିର ବିକାଶ ନିମନ୍ତେ ଯେପରି ତାର ଶାରୀରିକ ଓ ମାନସିକ ସୁସ୍ଥତା ଏକାନ୍ତ ଆବଶ୍ୟକ, ଗୋଟିଏ ଦେଶର ସର୍ବାଙ୍ଗୀନ ବିକାଶ ନିମନ୍ତେ ସେପରି ଭୌଗୋଳିକ ଅଖଣ୍ଡତା ଏବଂ ଆଭ୍ୟନ୍ତରୀଣ ଶୃଙ୍ଖଳା ଏକାନ୍ତ ଆବଶ୍ୟକ। ଶାରୀରିକ ଓ ମାନସିକ ସୁସ୍ଥତା ଯେପରି ପରସ୍ପର ସହ ସମ୍ବନ୍ଧାନ୍ୱିତ, ଗୋଟିଏ ଦେଶର ଭୌଗୋଳିକ ଅଖଣ୍ଡତା ଓ ଆଭ୍ୟନ୍ତରୀଣ ଶୃଙ୍ଖଳା ସେପରି ପରସ୍ପର ସହ ସମ୍ବନ୍ଧାନ୍ୱିତ। ବରଂ ଏପରି କୁହାଯାଇପାରେ ଯେ ଆଭ୍ୟନ୍ତରୀଣ ଶୃଙ୍ଖଳା ଉପରେ ଦେଶର ଅଖଣ୍ଡତା ନିର୍ଭରଶୀଳ। ସେ ଶୃଙ୍ଖଳା ବ୍ୟାହତ ହେଲେ ଦେଶର ଅଖଣ୍ଡତା ସୁରକ୍ଷିତ ହେବା କଷ୍ଟକର। ଅତଏବ ଦେଶର ସୀମାରେଖାର ସୁରକ୍ଷା ଓ ଦେଶର ସର୍ବାଙ୍ଗୀନ ବିକାଶ ନିମନ୍ତେ ଅଞ୍ଚଳ ଅଞ୍ଚଳ ଭିତରେ, ଜାତି ଜାତି ଭିତରେ;ଧର୍ମ ଧର୍ମ ଭିତରେ ସହଯୋଗ ଓ ସୌହାର୍ଦ୍ଦ୍ୟ ଏକାନ୍ତ ଆବଶ୍ୟକ, ଏଥିରେ ସନ୍ଦେହ ନାହିଁ।

ଭାରତବର୍ଷ ଗୋଟିଏ ବହୁ ଭାଷାଭାଷୀ ଦେଶ। ଆଚାର, ଖାଦ୍ୟ ପ୍ରଣାଳୀ, ବାସ ଆଭୂଷଣଧାରାରେ ବହୁ ବୈଚିତ୍ର୍ୟ ଏହି ଦେଶରେ ଥିବାରୁ ଏହାକୁ ଏକ ଉପମହାଦେଶ କୁହାଯାଏ। ଭାରତୀୟ ସଂସ୍କୃତିର ମହତ୍ତ୍ୱ ଓ ମୂଲ୍ୟବୋଧ ଯୁଗେ ଯୁଗେ ପ୍ରତିଷ୍ଠା ଅର୍ଜନ କରିଛି। ଧର୍ମ କ୍ଷେତ୍ରରେ, ଦର୍ଶନ କ୍ଷେତ୍ରରେ, ବିଜ୍ଞାନ କ୍ଷେତ୍ରରେ ପ୍ରାଚୀନ ଭାରତରେ ଯେଉଁ ପ୍ରଗତି ସମ୍ଭବ ହୋଇଥିଲା, ତାହା ସେତେବେଳେ ଅନ୍ୟ କେଉଁ ଦେଶରେ ଦେଖାଯାଇନାହିଁ।

ସମୟକ୍ରମେ ଭାରତୀୟ ପରିବେଶରେ କେତେକ ପରିବର୍ତ୍ତନ ସଂଗଠିତ ହେଲା । ପାଶ୍ଚାତ୍ୟର ତଥା ପ୍ରାଚ୍ୟ ଭୂଖଣ୍ଡର ଅନ୍ୟ କେତେକ ଦେଶର ପ୍ରଭାବରେ ପ୍ରଭାବିତ ହୋଇ ଭାରତୀୟ ଜୀବନଧାରାରେ ପରିବର୍ତ୍ତନ ଦେଖାଦେଲା। ବହିଃଶତ୍ରୁର ଆକ୍ରମଣ ଭିନ୍ନ ଭିନ୍ନ ସମୟରେ ଭାରତୀୟ ପରିବେଶରେ ବଳିଷ୍ଠତାକୁ କ୍ଷୁଣ୍ଣ କଲା। କ୍ରମେ କ୍ରମେ ଧର୍ମରେ, ଆଚାର ବ୍ୟବହାରରେ ଜୀବନାଦର୍ଶରେ ପାର୍ଥକ୍ୟ ଅନୁଭୂତ ହେଲା। ଭାରତର ଜାତୀୟ ସଂହତି କ୍ରମେ କ୍ରମେ ଦୁର୍ବଳ ହୋଇପଡିଲା। ବିଶେଷତଃ ବ୍ରିଟିଶମାନଙ୍କ ଦ୍ୱାରା ପରାଧୀନ ହୋଇ ଭାରତବର୍ଷ ବହୁଭାବରେ ଅତ୍ୟାଚାରିତ ହେବା ଫଳରେ ଭାରତୀୟ ଜୀବନଧାରାର ମୂଲ୍ୟବୋଧ ପରିବର୍ତ୍ତିତ ହୋଇଗଲା। ସ୍ୱାଧୀନତା ପରେ ଯେଉଁ କେତେକ ସମସ୍ୟା ଭାରତବର୍ଷରେ ଦେଖାଦେଲା, ସେଥିମଧ୍ୟରେ ଜାତୀୟ ସଂହତିର ଅଭାବ ଏକ ବିଶିଷ୍ଟ ସମସ୍ୟା। ଏହି ସମସ୍ୟାର ସମାଧାନ ଆଜିର ଅପରିହାର୍ଯ୍ୟ ଆବଶ୍ୟକତା। ଏ ସମସ୍ୟାର ସମାଧାନ ପାଇଁ ଜନଜାଗରଣ ଏକାନ୍ତ ଆବଶ୍ୟକ। ସରକାରୀ ସ୍ତରର ଚେଷ୍ଟା ସହିତ ବ୍ୟକ୍ତିଗତ ଚେଷ୍ଟା ମଧ୍ୟ ଅତ୍ୟନ୍ତ ଜରୁରୀ। ପ୍ରତ୍ୟେକ ନାଗରିକର ଏଥିନିମନ୍ତେ ପ୍ରୟାସ ଓ ଉଦ୍ୟମ ଏକାନ୍ତ କାମ୍ୟ। ଏଥିପାଇଁ ସବୁଧର୍ମକୁ ମିଶାଇଦେଲେ ଚଳିବ ନାହିଁ, ସମସ୍ତଙ୍କୁ ଏକପ୍ରକାର ବସ୍ତ୍ର ପିନ୍ଧାଇଲେ, ସମସ୍ତଙ୍କ ପାଇଁ ଏକପ୍ରକାର ଖାଦ୍ୟ ବ୍ୟବସ୍ଥା କରାଇଲେ ଚଳିବ ନାହିଁ। ଏଥିପାଇଁ ମୂଳତଃ ଆବଶ୍ୟକ ହେଉଛି ବ୍ୟକ୍ତି ସଚେତନତା। ନିଜ ପାଇଁ, ନିଜ ପରିବେଶ ପାଇଁ, ନିଜର ଐତିହ୍ୟ, ନିଜର ଭବିଷ୍ୟତ ପାଇଁ ସଚେତନତା ହେଉଛି ଜାତୀୟ ସଂହତିର ମୂଳକଥା। ସଚେତନତା ଆଣିବା ପାଇଁ ଅବଶ୍ୟ ଶିକ୍ଷାର

ଗୁରୁତ୍ୱକୁ ଅସ୍ୱୀକାର କରିହେବ ନାହିଁ। ପ୍ରଚଳିତ ଶିକ୍ଷା ସହିତ ଆତ୍ମିକ ଶିକ୍ଷାର ସମ୍ୟକ୍ ସମନ୍ୱୟ ହେଲେ ସେହି ସମନ୍ୱିତ ଶିକ୍ଷା ଜନଜୀବନକୁ ନୂତନ ଦିଗ୍‌ଦର୍ଶନ ଦେବ। ବାହ୍ୟଜ୍ଞାନ ତଥା ବୌଦ୍ଧିକତାର ଅଭିବୃଦ୍ଧି ସହିତ ରୁଚିବୋଧ, ଶାଳୀନତା, ଆତ୍ମସମ୍ମାନବୋଧ ସର୍ବୋପରି ଆତ୍ମଜ୍ଞାନ ଲାଭ ଏକାନ୍ତ ଆବଶ୍ୟକ, ଏହା ମୁକ୍ତକଣ୍ଠରେ ସ୍ୱୀକାର କରାଯାଇପାରେ।

ଆତ୍ମଜ୍ଞାନର ଅସଲ ଚାବିକାଠି ହେଉଛି ଆଧ୍ୟାତ୍ମିକତା। ଆଧ୍ୟାତ୍ମିକତା ଆଣିଥାଏ ଜୀବନର ପରିପୂର୍ଣ୍ଣତା ଓ ସାର୍ଥକତା। ପରସ୍ପର ମଧ୍ୟରେ ଏକତା, ସଦ୍‌ଭାବ ସୃଷ୍ଟି କରିବା ନିମନ୍ତେ ଏହାଠାରୁ ଆଉ ବଡ଼ ଅସ୍ତ୍ର କିଛି ନାହିଁ। ଆଧ୍ୟାତ୍ମିକତା ହେଉଛି ଜୀବନକୁ ଅଧିକ ସୁସ୍ଥ, ସୁନ୍ଦର କରି ଗଢ଼ିବା ନିମନ୍ତେ ଆବଶ୍ୟକୀୟ ଏକ ସଫଳ ଅସ୍ତ୍ର। ଭୌତିକ ବିଜ୍ଞାନ ସହିତ ଏହାର ଆଦୌ ବିରୋଧ ନାହିଁ। ଅର୍ଥନୈତିକ ସମୃଦ୍ଧି ଏହାର ବିରୋଧ କରେନାହିଁ। ଅତଏବ ବସ୍ତୁବାଦର ବିପରୀତ ଧର୍ମୀ ନୁହେଁ ଆଧ୍ୟାତ୍ମିକତା। ବରଂ ବସ୍ତୁର ସଦ୍‌ବ୍ୟବହାର ନିମନ୍ତେ ଆଧ୍ୟାତ୍ମିକତା ଦିଏ ଉପଯୁକ୍ତ ଚେତନା ଓ ପ୍ରେରଣା। ପୃଥିବୀରେ କୌଣସି ଉପାଦାନ ବା ବସ୍ତୁ ଆଦୌ ମୂଲ୍ୟହୀନ ନୁହେଁ, ଅଲୋଡ଼ା ନୁହେଁ। ଯଦି କୌଣସି ଉପାଦାନ ମାନବଜାତିକୁ ବିଭ୍ରାନ୍ତ କରିଛି ବୋଲି କୁହାଯାଏ, ତେବେ ତ୍ରୁଟି ବସ୍ତୁରେ ନାହିଁ, ତ୍ରୁଟି ଅଛି ପ୍ରୟୋଗବିଧିରେ, ଏକଥା ମୁକ୍ତ କଣ୍ଠରେ କୁହାଯାଇପାରିବ। ଧର୍ମ ଧର୍ମ ଭିତରେ ମତଭେଦ ଘଟିବାରୁ ଜାତୀୟ ସଂହତି ବ୍ୟାହତ ହେଉଛି। ଏହାର ମୂଳ କାରଣ ହେଉଛି ଧର୍ମ ବା ସଂପ୍ରଦାୟର ପ୍ରକୃତ ଲକ୍ଷ୍ୟ ଆମେ ବୁଝୁନାହୁଁ। ସାମୟିକ ଉତ୍ତେଜନା, କୁସଂସ୍କାର ଭିତ୍ତିକ ଆଚାର ତଥା ଭାବପ୍ରବଣତା ଯୋଗୁଁ ଆମେ ଅନ୍ଧ ହୋଇପଡୁଛୁ। ଧର୍ମର ମୁଖ୍ୟ ଲକ୍ଷ୍ୟ ହେଉଛି ଚେତନାର ଉତ୍ତରଣ। ଧର୍ମରେ ମାଧ୍ୟମ ରୂପରେ ଥିବା ଆଚରଣକୁ ଯେନତେନ ପ୍ରକାରେଣ ମାନିନେଲେ ଧର୍ମ ଅର୍ଜିତ ହୁଏ ବୋଲି ଆମର ସାଧାରଣ ଧାରଣା ସୃଷ୍ଟି ହୋଇଛି। ପ୍ରକୃତରେ ଧର୍ମ ହେଉଛି ଏକ ମାଧ୍ୟମ, ଯାହାର କାର୍ଯ୍ୟ ହେଉଛି ବ୍ୟକ୍ତିକୁ ସୀମିତଠାରୁ ଅସୀମତ୍ୱ ଆଡ଼କୁ ଅଗ୍ରସର କରାଇବା, ଜାତିକୁ ପ୍ରଗତିପଥରେ ଅଗ୍ରଗତି କରାଇବା। ବ୍ୟକ୍ତିର ସର୍ବାଙ୍ଗୀନ ବିକାଶ ସାଧନ ହେଉଛି ପ୍ରତ୍ୟେକ ଧର୍ମର ମୁଖ୍ୟ ଆଭିମୁଖ୍ୟ। ବ୍ୟକ୍ତିର ଦେହ, ପ୍ରାଣ, ମନ ତଥା ଚୈତ୍ୟସତ୍ତାର ପରିପୂର୍ଣ୍ଣ ବିକାଶ ଘଟାଇବା ହେଉଛି ଧର୍ମର କାର୍ଯ୍ୟ। ପ୍ରତ୍ୟେକ ଧର୍ମର ଆଭିମୁଖ୍ୟ ସମାନ ହୋଇଥିବାରୁ ଧର୍ମ ଧର୍ମ ଭିତରେ ଏତେ ସଂଘର୍ଷ ଯେ କେତେ ମୂଲ୍ୟହୀନ ତାହା ସହଜରେ ଅନୁମେୟ। ବିଭିନ୍ନ ଧର୍ମଧାରାକୁ ଅନୁଧ୍ୟାନ କଲେ ଜଣାଯାଏ ଯେ, ପ୍ରତ୍ୟେକ ଧର୍ମର ଆଚାର ଅନ୍ୟଠାରୁ ଭିନ୍ନ;କିନ୍ତୁ ପ୍ରତ୍ୟେକଙ୍କର ବିଚାର ଏକ ଓ ଅଭିନ୍ନ। ଆଚାର ଉପରେ ସାଂପ୍ରତିକ ପରିସ୍ଥିତିରେ ଗୁରୁତ୍ୱ ଦେବାହେତୁ ମତାନ୍ତର ମନାନ୍ତର, ଶୀତଳଯୁଦ୍ଧ ଚାଲିଛି। ଜାତି ଜାତି ମଧ୍ୟରେ ଅପ୍ରୀତିକର ପରିସ୍ଥିତି ସୃଷ୍ଟି ହୋଇଛି। ସମଗ୍ର ମାନବଜାତିର ଅପୂରଣୀୟ କ୍ଷତି ଘଟୁଛି ଓ ବିକାଶ ବ୍ୟାହତ ହେଉଛି। ଯଦି ପ୍ରତ୍ୟେକ ବ୍ୟକ୍ତିଙ୍କ ଭିତରେ ସଚେତନତା ସୃଷ୍ଟି ହେବ ତେବେ ଧର୍ମ ଭିତରେ ଥିବା ତଥାକଥିତ ବାଦାନୁବାଦ ବହୁଭାବରେ ଦୂରହେବ, ଏଥିରେ ସନ୍ଦେହ ନାହିଁ। କୌଣସି ଧର୍ମ ବା ସଂପ୍ରଦାୟ ଅନ୍ୟ ଏକ ଧର୍ମ ବା ସଂପ୍ରଦାୟଠାରୁ ବଡ଼ ବା ସାନ ନୁହନ୍ତି। ଗୋଟିଏ ପୋଖରୀର ଭିନ୍ନ ଭିନ୍ନ ତୁଠର ଜଳ ଯେପରି ମୂଳତଃ ସମାନ ସେପରି ପ୍ରତ୍ୟେକ ଧର୍ମ ମୂଳତଃ ସମାନ। ଏହି ଚେତନାଟିର ଉଦ୍ଭବ ଓ ବିକାଶ କେବଳ ଭାରତବର୍ଷରୁ ସମ୍ଭବ ହେବ ଓ ଦିଗଦିଗନ୍ତରେ ପ୍ରସାରିତ ହେବ। ଭାରତବର୍ଷର ଭୂମିକା ହେବ ଏଥିପାଇଁ ଆଗାମୀ ବିଶ୍ୱର ଗୁରୁର ଭୂମିକା। ଏହା ଆଜି କାଳ୍ପନିକ ପରି ମନେହେଲେ ମଧ୍ୟ ଏହା ଯେ ଦିନେ ସତ୍ୟ ହେବ ଏହା କହିବା ବାହୁଲ୍ୟମାତ୍ର। ଏଇ ପରିପ୍ରେକ୍ଷୀରେ ପାଶ୍ଚାତ୍ୟର କେତେଜଣ ବିଶିଷ୍ଟ ଚିନ୍ତାଶୀଳ ବ୍ୟକ୍ତିଙ୍କ ଭାରତ ସଂପର୍କୀୟ ମତାମତକୁ ବିଚାର କରାଯାଇପାରେ।

ଇସ୍‌ରାଏଲର ହରାର ନାମକ ଜଣେ ଦିବ୍ୟଦ୍ରଷ୍ଟାଙ୍କ ମତରେ, 'ଭାରତବର୍ଷରେ ଏକ ଦିବ୍ୟପୁରୁଷ ଜନ୍ମ ନେବେ, ସେ ସମଗ୍ର ବିଶ୍ୱରେ ବିଖ୍ୟାତ ହେବେ। ତାଙ୍କର ଚିନ୍ତାଧାରା ମାନବତାବାଦୀ ହେବ। ସମଗ୍ର ବିଶ୍ୱ ତାଙ୍କ ବକ୍ତବ୍ୟ ଶୁଣିବାକୁ ବାଧ୍ୟ ହେବ, ଭାରତ ଏ ଦିଗରେ ଅଗ୍ରଣୀ ହେବ।' ହଙ୍ଗେରୀର ଦିବ୍ୟଦର୍ଶିନୀ ମହିଳା ଶ୍ରୀମତୀ

ବୋରିସ୍କା ଆନ୍ତର୍ଜାତିକ କ୍ଷେତ୍ରରେ ଭାରତର ଭୂମିକା ସଂପର୍କରେ କହିଛନ୍ତି ଯେ, 'ଏକ ସର୍ବୋଚ୍ଚ ଶକ୍ତି ଭାବରେ ଭାରତର ଅଭ୍ୟୁଦୟ ହେବ। ଜଣେ ଦେବଦୂତ ଏ ଦେଶରେ ଜନ୍ମ ନେବେ। କେତେକ ଲୋକଙ୍କୁ ଏକତ୍ର କରି ସେ ସେମାନଙ୍କ ମଧ୍ୟରେ ସାହସ ଉତ୍ପନ୍ନ କରିବେ। ଏହି ଲୋକମାନେ ଅନ୍ୟାୟ ବିରୁଦ୍ଧରେ ସଂଗ୍ରାମ କରିବେ। ମାନବିକତାର ବଳିଷ୍ଠ ବିକାଶ ଏଠାରେ ସଂଗଠିତ ହେବ।' ଅତଏବ ଭାରତବର୍ଷକୁ ସମଗ୍ର ବିଶ୍ୱ ପାଇଁ ବଞ୍ଚାଇ ରଖିବାକୁ ହେବ। ଭାରତ ବଞ୍ଚିଲେ ପୃଥିବୀ ବଞ୍ଚିବ। ଆଜି ବିଶ୍ୱମାନବ ଯେଉଁ ଉତ୍କଟ ସମସ୍ୟାର ସମ୍ମୁଖୀନ ହୋଇଛି ତା'ର ସମାଧାନ ଦିଗରେ ଭାରତ ଦେବ ସମଗ୍ର ବିଶ୍ୱକୁ ନେତୃତ୍ୱ। ସମଗ୍ର ବିଶ୍ୱର ଆଶା ଓ ଆଶ୍ୱାସନାର ପ୍ରତୀକ ଭାବରେ ଯେଉଁ ଭାରତବର୍ଷର ସ୍ଥିତି ଏତେ ଉଚ୍ଚରେ ସେହି ଦେଶର କଲ୍ୟାଣ ସର୍ବାଦୌ ଆବଶ୍ୟକ; ପ୍ରଗତି ଏକାନ୍ତ ଅପରିହାର୍ଯ୍ୟ। ଭାରତର ଏହି ପ୍ରଗତି ଆସିବ ଯେତେବେଳେ ଆଭ୍ୟନ୍ତରୀଣ ଶୃଙ୍ଖଳା ସୁରକ୍ଷିତ ହେବା ସଂଗେ ସଂଗେ ବ୍ୟକ୍ତି ବ୍ୟକ୍ତି ଭିତରେ, ଜାତି ଜାତି ଭିତରେ ଆନ୍ତରିକତା ବୃଦ୍ଧି ପାଇବ। ଆମକୁ ଆମ ନିଜସ୍ୱ ଜୀବନଧାରା ଉପରେ ପ୍ରତିଷ୍ଠିତ ହୋଇ ପାଶ୍ଚାତ୍ୟର ବିଜ୍ଞାନକୁ, ପ୍ରଗତିଶୀଳତାକୁ ମର୍ଯ୍ୟାଦା ଦେବାକୁ ହେବ। ଭାରତୀୟ ଜୀବନଚର୍ଯ୍ୟାର ମୌଳିକ ତତ୍ତ୍ୱ ଭାବରେ ଯେଉଁ ଉଦାରତା, ପ୍ରଶସ୍ତତା ରହିଛି ତାକୁ ନୂତନ ଭାବରେ ଉଦ୍‌ଜୀବିତ କରିବାକୁ ହେବ। ଧର୍ମର ବିଭିନ୍ନତା ରହିବ, ମାତ୍ର ବିଭିନ୍ନତାଜନିତ ପାରସ୍ପରିକ ଦ୍ୱନ୍ଦ୍ୱ ସୃଷ୍ଟି ହେବନାହିଁ, ଭାଷାର ଭିନ୍ନତା ରହିବ, ମାତ୍ର ତାହା ପାରିସ୍ପରିକ ଅସହିଷ୍ଣୁତା ସୃଷ୍ଟି କରିବ ନାହିଁ, ଆବଶ୍ୟକୀୟ ସଚେତନତା ତଥାକଥିତ ଯୋଗୀ, ଋଷି ସୃଷ୍ଟି କରିବ ନାହିଁ, ସୃଷ୍ଟି କରିବ ଜାତିପ୍ରେମୀ, ଦେଶପ୍ରେମୀ ସର୍ବୋପରି ବିଶ୍ୱପ୍ରେମୀ ବଳିଷ୍ଠବ୍ୟକ୍ତିତ୍ୱ। ସବୁର ମୂଳରେ ରହିଛି ଶିକ୍ଷା, ଲୋକଶିକ୍ଷା ଏ କ୍ଷେତ୍ରରେ ସର୍ବାଦୌ ଗୁରୁତ୍ୱପୂର୍ଣ୍ଣ। ଧର୍ମଶିକ୍ଷା ପରିବର୍ତ୍ତେ ନୈତିକତାର ଶିକ୍ଷା ଅଧିକ ପ୍ରୟୋଜନ କହିଲେ ଅତ୍ୟୁକ୍ତି ହେବନାହିଁ।

□□

ପ୍ରାଚୀନ ଭାରତୀୟ ସମାଜରେନାରୀର ସ୍ଥାନ

ପ୍ରାଚୀନ ଭାରତୀୟ ସମାଜରେ ଆନୁଷ୍ଠାନିକ ଶିକ୍ଷା ଅପେକ୍ଷା ଅନ୍ତର୍ନିହିତ ଶିକ୍ଷାର ପ୍ରଭାବ ଅଧିକ ଥିଲା । ଅନ୍ତରର ଶିକ୍ଷା ହିଁ ପ୍ରକୃତ ଶିକ୍ଷା, ଏକଥା ଭାରତୀୟ ସଂସ୍କୃତିରେ କାଳେ କାଳେ ଗୃହୀତ ତଥା ସମ୍ମାନିତ ହୋଇଆସିଛି । ଜୀବନକୁ ଜାଣିବାର ଇଚ୍ଛା ହିଁ ଆନ୍ତର ଶିକ୍ଷାର ମୂଳତତ୍ତ୍ୱ । ଭାରତବର୍ଷରେ କାଳେ କାଳେ ବ୍ୟକ୍ତି ନିଜ ଜୀବନର ଲକ୍ଷ୍ୟକୁ ସ୍ପଷ୍ଟ ଭାବରେ ବୁଝିବାପାଇଁ ପ୍ରୟାସ କରିବାହିଁ ସୂଚନା ଦେଉଛି ଯେ ଭାରତୀୟ ଜୀବନ ଧାରାରେ ଚେତନାର ଅଭିଷେକ ବହୁ ପ୍ରାଚୀନ କାଳରୁ ହୋଇ ସାରିଥିଲା । ବଳିଷ୍ଠ ପରମ୍ପରା, ମହନୀୟ ନୈତିକ ମୂଲ୍ୟବୋଧ, ଜୀବନବ୍ୟାପୀ ସଚେତନତା, ଜୀବନର ସାମଗ୍ରିକ ବିକାଶପାଇଁ ସ୍ୱତଃସ୍ଫୁର୍ତ୍ତ ପ୍ରୟାସ ଇତ୍ୟାଦି ଉପାଦାନରେ ଗଠିତ ପ୍ରାଚୀନ ଭାରତୀୟ ଜୀବନଧାରାରେ ନାରୀର ସ୍ଥିତି ଥିଲା ସ୍ୱତନ୍ତ୍ର ଭାବରେ ଗୁରୁତ୍ୱପୂର୍ଣ୍ଣ ।

ନାରୀ ଓ ପୁରୁଷ ଏକହିଁ ସ୍ରଷ୍ଟାର ଦୁଇଟି ସୃଷ୍ଟି । ଗୋଟିଏ ବୀଣାର ଦୁଇଟି ତାର ରୂପରେ ସେମାନଙ୍କର ସ୍ଥିତି । ଦୁଇଟି ଧାରାରେ ଗୋଟିଏ ନଦୀର ସୁରମ୍ୟ ଅଭିବ୍ୟକ୍ତି । ନାରୀର ଭୂମିକା କୌଣସି ଗୁଣରେ ସମାଜରେ ନ୍ୟୂନ ନ ଥିଲା ବରଂ ନାରୀ, ଶକ୍ତିର ପ୍ରତୀକ, ଦୀପ୍ତିର ମଞ୍ଜୁଳ ମୂର୍ତ୍ତି ଭାବରେ ବିବେଚିତ ହେଉଥିଲା । ଆତ୍ମଜ୍ଞାନର ଅଧିକାରିଣୀ ହୋଇ ଭାରତୀୟ ସମାଜରେ ବୈଦିକ ଯୁଗରେ ନାରୀ ଯଥେଷ୍ଟ ସମ୍ମାନ ଅର୍ଜନ କରିଥିଲା । ବେଦରେ ଦେବତାମାନଙ୍କ ସହିତ ଅଦିତି, ଶଚୀ, ସରସ୍ୱତୀ ଆଦି ଦେବୀଙ୍କ ନାମ ଦେଖିବାକୁ ମିଳେ । ନାରୀଜାତି ବେଦରେ ଅବଳାବୋଲି ସ୍ୱୀକୃତ ନ ହୋଇ ବରଂ ଶକ୍ତିର ଉତ୍ସ, ତେଜର ପ୍ରତୀକ ଭାବରେ ବିବେଚିତ ହୋଇଛି । ବୀର ପ୍ରସବିନୀ ଭାବରେ ନାରୀଜାତିର ଗୌରବ ଥିଲା ଅସାଧାରଣ ଓ ଅତ୍ୟନ୍ତ ଆକର୍ଷଣୀୟ ।

ଉପନିଷଦ କାଳରେ ମଧ୍ୟ ନାରୀର ଆସନ ଥିଲା ସ୍ୱତନ୍ତ୍ର ଉଚ୍ଚତାରେ । ଗାର୍ଗୀ ଜନକ ମହାରାଜାଙ୍କର ରାଜସଭାରେ ବ୍ରହ୍ମବିଦ୍ୟା ଆଲୋଚନା କରୁଥିବାର ଜଣାଯାଏ । ବ୍ରହ୍ମବିଦ୍ୟା ହିଁ ଶ୍ରେଷ୍ଠ ବିଦ୍ୟା, ଏହାକୁ ଜାଣିଲେ ଆଉ କିଛି ଜାଣିବାର ନ ଥାଏ । ଏ ଚେତନା ଉପନିଷଦ ଯୁଗରେ ପୁରୁଷ ସମାଜ ଭିତରେ ଯେପରି ପରିବ୍ୟାପ୍ତ ଥିଲା, ନାରୀସମାଜ ଭିତରେ ମଧ୍ୟ ସେପରି ପରିବ୍ୟାପ୍ତ ଥିଲା । ଜୀବନ ଯେ ବ୍ରହ୍ମଜ୍ଞାନ ଆହରଣ ପାଇଁ ଉଦ୍ଦିଷ୍ଟ, ଏ ବିଷୟରେ ପୁରୁଷମାନଙ୍କ ପରି ନାରୀମାନେ ମଧ୍ୟ ସଚେତନ ଥିଲେ । ଶତପଥ ବ୍ରାହ୍ମଣ ଗ୍ରନ୍ଥରେ ଉଲ୍ଲେଖ କରାଯାଇଛି ଯେ ନାରୀ ହେଉଛି ପୁରୁଷର ଆତ୍ମାର ଅଧୀଶ୍ୱରୀ, ନାରୀବିନା ପୁରୁଷର ଜୀବନ ପ୍ରଗତି ପଥରେ ଅଗ୍ରଗତି କରିପାରିବ ନାହିଁ ।

ରାମାୟଣ କାଳରେ ନାରୀଜାତି ସ୍ୱତନ୍ତ୍ର ସମ୍ମାନର ଅଧିକାରିଣୀ ଥିଲା । ନୈତିକତା ଥିଲା ତତ୍କାଳୀନ ନାରୀଜାତିର ପ୍ରଧାନ ଭୂଷଣ । ନାରୀତ୍ୱର ଚରମ ପରାକାଷ୍ଠାର ମାପକାଠି ଥିଲା ସଂସ୍କୃତି ସଚେତନତା ତଥା ଆଦର୍ଶର ସୁମଧୁର ମୂଲ୍ୟବୋଧ । ସୀତା ଚରିତ୍ରର ମହତ୍ତ୍ୱ ଯଥେଷ୍ଟ ସ୍ପଷ୍ଟ ଭାବରେ ପ୍ରମାଣ କରୁଛି ଯେ ରାମାୟଣ ଯୁଗରେ ନାରୀଜାତି ଥିଲେ ଆଦର୍ଶର ପ୍ରତୀକ ଓ ମାନବିକତା ତଥା ଦିବ୍ୟଭାବର ସମ୍ମୁଜ୍ଜ୍ୱଳ ଅଭିବ୍ୟକ୍ତି । ପତିର ଆସନ ନାରୀ ନିକଟରେ

ଥିଲା ସ୍ୱତନ୍ତ୍ର ଓ ଅସାଧାରଣ ଉଚ୍ଚତା ବିଶିଷ୍ଟ । ସେହି ଉଚ୍ଚତମ ଉଚ୍ଚତାରେ କୌଣସି ପରପୁରୁଷର ଛାୟା ମଧ୍ୟ ପଡ଼ିପାରୁ ନଥିଲା । ବସ୍ତୁର ମୋହ, ଐଶ୍ୱର୍ଯ୍ୟର ଆକର୍ଷଣ, କ୍ଷମତାର ପ୍ରଲୋଭନ ସେମାନଙ୍କଠାରୁ ବହୁ ଦୂରରେ ଥିଲା । ନୈତିକତା ଏବଂ ମୂଲ୍ୟବୋଧ ଥିଲା ଜୀବନର ମୂଳ କଥା । ଏହି ପରିପ୍ରେକ୍ଷୀରେ ରାମାୟଣର ସୀତା ଚରିତ୍ରକୁ ଗ୍ରହଣ କରାଯାଇ ପାରେ । ଆଦ୍ଟିକ ଶିକ୍ଷାର ଆଲୋକରେ ଆଲୋକିତ ନାରୀଜାତିର ପ୍ରତିନିଧି ଥିଲେ ରାମଚନ୍ଦ୍ରଙ୍କ ମାତା କୌଶଲ୍ୟା ଓ ବାଳୀର ପତ୍ନୀ ତାରା । ଉଚ୍ଚଶିକ୍ଷା ନିମନ୍ତେ ମୁନି ଆଶ୍ରମ ଥିଲା ପବିତ୍ର ସାରସ୍ୱତ ପୀଠ ।

ମହାଭାରତ କାଳରେ ମଧ୍ୟ ନାରୀଜାତି ପ୍ରତି ସମାଜରେ ଯଥେଷ୍ଟ ସମ୍ମାନ ଥିଲା । ଅବଶ୍ୟ ଆଦର୍ଶବାଦ କ୍ରମଶଃ ସାମାନ୍ୟ ହ୍ରାସ ପାଇଥିଲା ବୋଲି କେତେକ ମତ ଦିଅନ୍ତି । ସମୟକ୍ରମେ ଜୀବନଧାରା ଅଧିକରୁ ଅଧିକ ସମସ୍ୟାର ସମ୍ମୁଖୀନ ହେଉଥିବାରୁ ନାରୀଜାତି ସ୍ୱାଭାବିକ ଭାବରେ ବାସ୍ତବତାକୁ ବରଣ କରୁଥିଲେ । ଆଦି ପର୍ବରେ କୁହାଯାଇଛି ଯେ ସ୍ତ୍ରୀ ହେଉଛି ପୁରୁଷର ଅର୍ଦ୍ଧାଙ୍ଗ, ଶ୍ରେଷ୍ଠବନ୍ଧୁ, ତ୍ରିତାପହାରିଣୀ ଶକ୍ତି । ଶାନ୍ତିପର୍ବରେ ଉଲ୍ଲେଖ କରାଯାଇଛି -

ଭାର୍ଯ୍ୟାହୀନ ଗୃହସ୍ଥସ୍ୟ ଶୂନ୍ୟମେବ ଗୃହଂଭବେତ୍ ।
X X X
ଗୃହଂ ତୁ ଗୃହିଣୀ ହୀନମ୍ ଅରଣ୍ୟ ସଦୃଶଂ ମତମ୍ ॥

ପୁନଶ୍ଚ ଉଲ୍ଲେଖ କରାଯାଇଛି -

ନାସ୍ତି ଭାର୍ଯ୍ୟାସମୋବନ୍ଧୁଃ ନାସ୍ତି ଭାର୍ଯ୍ୟାସମା ଗତିଃ ।
ନାସ୍ତି ଭାର୍ଯ୍ୟା ସମାଲୋକେ ସହାୟା ଧର୍ମସଂଗ୍ରହେ ॥

ପିତୃଗୃହରେ ନାରୀମାନେ ସାଧାରଣ ଶିକ୍ଷାଲାଭ କରିବାର ପରମ୍ପରା ମହାଭାରତରେ ଦେଖିବାକୁ ମିଳେ ।

ବିରାଟ ରାଜାଙ୍କର କନ୍ୟା ଉତ୍ତରା ପିତୃଗୃହରେ ନୃତ୍ୟ ଓ ସଂଗୀତ ଶିକ୍ଷା କରିବା କଥା ସୂଚନା ଦେଉଛି ଯେ ନାରୀଜାତି ସେତେବେଳେ ସଙ୍ଗୀତ, ସାହିତ୍ୟ ତଥା ନୃତ୍ୟ ଆଦି ବିଦ୍ୟାରେ ସୁନିପୁଣା ଥିଲେ ।

ସ୍ମୃତିକାଳରେ ନାରୀଜାତିର ପାରିବାରିକ ଶିକ୍ଷା ଉପରେ ଗୁରୁତ୍ୱ ଆରୋପିତ ହେଉଥିଲା । ପରିବାରର ସମୃଦ୍ଧି ନିମନ୍ତେ ନାରୀର ଭୂମିକା ଯେ ଅଧିକ ଗୁରୁତ୍ୱପୂର୍ଣ୍ଣ, ଏକଥା ମୁକ୍ତ କଣ୍ଠରେ ସ୍ୱୀକୃତ ହୋଇଥିଲା । ସନ୍ତାନର ପାଳନ ଓ ପରିଚର୍ଯ୍ୟା ସହିତ ସନ୍ତାନକୁ ଦେଶ ଓ ଜାତିର ଜଣେ ଉପଯୁକ୍ତ ନାଗରିକ କରି ଗଢ଼ିବା ଦିଗରେ ନାରୀର ଭୂମିକା ଯେ ଗୁରୁତ୍ୱପୂର୍ଣ୍ଣ, ଏକଥା ଅଧିକରୁ ଅଧିକ ଉଦ୍‌ଘୋଷିତ ହେଲା । ମନୁ ସ୍ମୃତିରେ ଏ ପ୍ରସଙ୍ଗରେ ଉଲ୍ଲେଖ କରାଯାଇଛି -

ଉତ୍ପାଦନ ମପତ୍ୟସ୍ୟ ଜାତସ୍ୟ ପରିପାଳନମ୍ ।
ପ୍ରତ୍ୟହଂ ଲୋକଯାତ୍ରାୟାଃ ପ୍ରତ୍ୟକ୍ଷଂ ସ୍ତ୍ରୀନିବନ୍ଧନମ୍ ॥
ଅପତ୍ୟଂ ଧର୍ମକାର୍ଯ୍ୟାଣି ଶୁଶ୍ରୂଷା ରତିରୁତ୍ତମା ।
ଦାରାଧୀନ ସ୍ତଥା ସ୍ୱର୍ଗଃ ପିତୃଣା ମାତ୍ମନଶ୍ଚହ ॥

ଅର୍ଥାତ୍ ସନ୍ତାନ ଉତ୍ପାଦନ କରିବା ସଙ୍ଗେ ସଙ୍ଗେ ଜାତ ସନ୍ତାନର ପାଳନ ପୋଷଣ ତଥା ପ୍ରତିଦିନର ଯତ୍ନ ଓ ଶିକ୍ଷା ନିମନ୍ତେ ସ୍ତ୍ରୀ ହେଉଛି ପ୍ରତ୍ୟକ୍ଷ ଭାବରେ ସମ୍ପର୍କିତ । ଧର୍ମ କାର୍ଯ୍ୟରେ ସନ୍ତାନକୁ ନିୟୋଜିତ କରିବା ତା'ର କର୍ତ୍ତବ୍ୟ ଇତ୍ୟାଦି...। ଯେଉଁ ଘରେ ସ୍ତ୍ରୀ ଥାଏ ସ୍ୱାମୀପ୍ରତି ଅନୁରକ୍ତ ଓ ସ୍ୱାମୀ ଥାଏ ସ୍ତ୍ରୀ ପ୍ରତି ସନ୍ତୁଷ୍ଟ ସେ ଘରେ ଦେବତାମାନେ ବାସ କରିବାକୁ ଭଲ ପାଆନ୍ତି । ମନୁସ୍ମୃତିରେ ଉଲ୍ଲେଖ କରାଯାଇଛି -

ଯତ୍ର ନାର୍ଯ୍ୟସ୍ତୁ ପୂଜ୍ୟନ୍ତେ ତତ୍ର ରମନ୍ତେ ଦେବତା ।

ନାରୀର ତ୍ୟାଗ ଓ ପ୍ରଶସ୍ତ ମନହିଁ ପରିବାରର କଲ୍ୟାଣ ଦିଗରେ ସର୍ବାପେକ୍ଷା ଅଧିକ ଆବଶ୍ୟକ ବୋଲି ମନୁସ୍ମୃତିରେ ଉଦ୍‌ଘୋଷିତ ହୋଇଛି । କାଳିଦାସଙ୍କ ସମୟରେ ନାରୀଜାତିର ସାମାଜିକ ସ୍ଥିତି ସମ୍ପର୍କରେ କେତେକ

ସୂଚନା ତାଙ୍କ ସାହିତ୍ୟରେ ରହିଛି । ଲଜ୍ଜାକୁ ଭୂଷଣ ରୂପରେ ବରଣକରି ନାରୀ ସେତେବେଳେ ଭାରତୀୟ ଜୀବନର ମୂଲ୍ୟବୋଧକୁ ମୁକ୍ତ କଣ୍ଠରେ ସ୍ୱୀକାର କରିବାର ଚିତ୍ର ଆମେ ଶକୁନ୍ତଳା ଚରିତ୍ରରେ ଦେଖିବାକୁ ପାଉ । ରାଜା ଦୁଷ୍ମନ୍ତଙ୍କ ସମ୍ମୁଖରେ ଶକୁନ୍ତଳା ଅବଗୁଣ୍ଠନବତୀ ହୋଇ ଠିଆ ହୋଇଥିବାରୁ ସେ କୌତୁହଳୀ ହୋଇ ଶକୁନ୍ତଳାଙ୍କର ପରିଚୟ ଜାଣିବାକୁ ଚାହିଁଛନ୍ତି । ଗୌତମୀ ସେତେବେଳେ ମୁଖରୁ କ୍ଷଣକପାଇଁ ଓଢ଼ଣା ଖୋଲିଦେବାକୁ ଶକୁନ୍ତଳାକୁ ଅନୁରୋଧ କରିଛନ୍ତି ।

ମୋଟାମୋଟି ଭାବରେ ଏହା କୁହାଯାଇପାରେ ଯେ ପ୍ରାଚୀନ ଭାରତୀୟ ନାରୀଥିଲା ସ୍ୱାମୀର ଧର୍ମପତ୍ନୀ, ସହକର୍ମିଣୀ, ପତିକୁ ଗୁରୁରୂପେ ବିବେଚନା କରି ତାଙ୍କ କାମରେ ସାହାଯ୍ୟ କରିବା, ଗୁରୁଜନମାନଙ୍କୁ ଯଥାମାନ୍ୟ ଦେବା, ପରିବାରର ସମୃଦ୍ଧି ପାଇଁ ସଚେତନ ହୋଇ କାର୍ଯ୍ୟ କରିବା ଥିଲା ନାରୀର ପରମ କର୍ତ୍ତବ୍ୟ । ଗୃହିଣୀର ସଚେତନତା ଉପରେ ପରିବାରର ସମୃଦ୍ଧି ନିର୍ଭରଶୀଳ । ଅବଶ୍ୟ ପ୍ରାଚୀନ ଭାରତୀୟ ନାରୀ ସମାଜର ମୂଲ୍ୟବୋଧ ଆଜି କ୍ଷୁର୍ଣ୍ଣ ହୋଇଛି । ପାଶ୍ଚାତ୍ୟ ଶିକ୍ଷା ଓ ସଭ୍ୟତାର ପ୍ରଭାବ ଏଥିପାଇଁ ଦାୟୀ ବୋଲି କୁହାଯାଉଛି । ବସ୍ତୁବାଦୀ ପାଶ୍ଚାତ୍ୟ ସଭ୍ୟତାର ପ୍ରଭାବରେ ଆଦର୍ଶବାଦ, ନୈତିକତା, ତ୍ୟାଗଶୀଳତା ଆଦି ସୁଦୂର ପରାହତ । ନିଜର ସୁଖ ସୁବିଧାପାଇଁ ବିବ୍ରତ ହୋଇ ଆଧୁନିକ ସମାଜରେ ନାରୀଜାତି ତା'ର ପୂର୍ବ ଗୌରବ ବିସ୍ମୃତ ହୋଇଛି । ଅହମିକା ଆଜି ନାରୀ ସମାଜକୁ ଅଧିକରୁ ଅଧିକ ଗ୍ରାସ କରିବାକୁ ବସିଛି । ବସ୍ତୁର ଜାଲରେ ମନ ତା'ର ଛନ୍ଦିହୋଇଯାଇଛି । ଏ ଦେଶର ସାଂସ୍କୃତିକ ମୂଲ୍ୟବୋଧ ସେମାନଙ୍କୁ ବିଶେଷ ଭାବରେ ପ୍ରଭାବିତ କରିପାରୁ ନାହିଁ ।

□□

ବର୍ଷାଣାଂ ଭାରତଃ ଶ୍ରେଷ୍ଠଃ

ଆମ ଦେଶ ଭାରତ ବର୍ଷ ଖଣ୍ଡିଏ ଭୂମି ମାତ୍ର ନୁହେଁ, ଭାଷାର ଏକ ଅଳଙ୍କାର ନୁହେଁ, ଏହା ଏକ ଜାଗ୍ରତ ଚେତନା । ପୃଥିବୀର ଅନ୍ୟାନ୍ୟ ଦେଶ ଯେତେବେଳେ ଗାଢ଼ତମ ଅନ୍ଧକାରରେ ନିମଜ୍ଜିତ ଥିଲା, ସେତେବେଳେ ଭାରତରେ ଚେତନାର ବିଚ୍ଛୁରଣ ଘଟି ପ୍ରମାଣ କରିଥିଲା ଯେ ଏ ମାଟିର ମହତ୍ତ୍ୱ ଅସାମାନ୍ୟ ଓ ଅସାଧାରଣ । ଯୁଗ ଯୁଗ ଧରି ମାନବ ଜୀବନର ମହନୀୟତା ଏଠାରେ ଉନ୍ମୋଚିତ ଓ ଉପସ୍ଥାପିତ । ଜୀବନର ମୂଲ୍ୟବୋଧକୁ ଉପଲବ୍ଧି କରିବାପାଇଁ ଏଠାରେ ବ୍ୟାକୁଳତା ସର୍ବାଧିକ । ଦିବ୍ୟ ଶକ୍ତିର ଅବତରଣ ନିମନ୍ତେ ଏହା ଏକ ନିର୍ବାଚିତ ଭୂମି । ତେଣୁ ଏହା ଦେବଭୂମି ନାମରେ ନାମିତ ।

ଆମ ଦେଶର ମାନଚିତ୍ରକୁ ନିରେଖି ଦେଖିଲେ ଆମେ ଏକ ସ୍ୱତନ୍ତ୍ରତା ଅନୁଭବ କରିପାରିବା । ଏହା ଏକ ଉଡ଼ନ୍ତା ପକ୍ଷୀପରି ଦୃଶ୍ୟ ହେବ । ପଶ୍ଚିମ ପାଖରେ ଥିବା ଗୁଜୁରାଟ ଅଞ୍ଚଳଟି ପକ୍ଷୀର ମୁଣ୍ଡପରି ଦେଖାଗଲା ବେଳେ, ଉତ୍ତରରେ ଜାମ୍ମୁକାଶ୍ମୀର ପର୍ଯ୍ୟନ୍ତ ଓ ଦକ୍ଷିଣରେ କୁମାରିକା ଅନ୍ତରୀପ ପର୍ଯ୍ୟନ୍ତ ତା'ର ଦୁଇଡେଣା ପରିବ୍ୟାପ୍ତ ହେଲାପରି ଜଣାଯିବ । ପୂର୍ବର ଆସାମ ଆଦି ଅଞ୍ଚଳ ଏହାର ପୁଚ୍ଛପରି ଦର୍ଶକ ଆଖିକୁ ଦେଖାଯିବ । ମନେହେବ ସତେ ଅବା ସମସ୍ତ ଅଧିବାସୀଙ୍କୁ ନିଜ ଅଙ୍ଗୀଭୂତ କରି ଏହି ଦେଶ ପକ୍ଷୀପରି ଶାଶ୍ୱତଙ୍କ ଆଡ଼କୁ ଉଡ଼ି ଚାଲିଛି । ଆମ ଦେଶକୁ ଏକ ଉପମହାଦେଶର ଆଖ୍ୟା ଦିଆଯାଏ କାରଣ ଏଥିରେ ବହୁ ଧର୍ମ, ବହୁ ଭାଷା, ବହୁ ଚଳଣି ଦେଖିବାକୁ ମିଳେ । ପ୍ରକୃତ ପକ୍ଷେ ଏହା ଏକ ଉପମହାଦେଶ ମାତ୍ର ନୁହେଁ, ଏହା ସମଗ୍ର ବିଶ୍ୱର ପ୍ରତିନିଧିତ୍ୱ କରିବାର ଯୋଗ୍ୟତା ଅର୍ଜନ କରିଛି । ପୃଥିବୀରେ ଅନୁଭୂତ ଭିନ୍ନ ଭିନ୍ନ ଜଳବାୟୁ ଏଠାରେ ସୁଲଭ, ହିମାଳୟ ଭଳି ଉଚ୍ଚ ପର୍ବତ ଶ୍ରେଣୀ, ଉତ୍ତର ଭାରତର ବିସ୍ତୃତ ସମତଳଭୂମି, ଦାକ୍ଷିଣାତ୍ୟର ଉଚ୍ଚ ମାଳଭୂମି, ବୃଷ୍ଟି ବହୁଳ ଚେରାପୁଞ୍ଜି ଅଞ୍ଚଳ, ବୃଷ୍ଟିହୀନ ଥର ମରୁଭୂମି ଅଞ୍ଚଳ ଏଠାରେ ରହିଥିବାରୁ ଭୌଗୋଳିକ ଦୃଷ୍ଟିରୁ ଏହା ପୃଥିବୀର ପ୍ରତିନିଧିତ୍ୱ କରୁଛି । ଗଙ୍ଗା ଆଦି ବିରାଟ ନଦୀ, ବହୁ ହ୍ରଦ, ବହୁ ଜଳପ୍ରପାତ ବିସ୍ତୀର୍ଣ୍ଣ ଅରଣ୍ୟର ସମାହାର ସହିତ ବହୁ ପ୍ରକାର ଅରଣ୍ୟ ସମ୍ପଦ, ଖଣିଜ ସମ୍ପଦର ସ୍ଥିତି ଆମ ଦେଶରେ ଥିବାରୁ ଏହାକୁ ପୃଥିବୀର ଏକ କ୍ଷୁଦ୍ର ପ୍ରତିରୂପ କହିଲେ ଅତ୍ୟୁକ୍ତି ହେବନାହିଁ ।

କେବଳ ଏତିକି ନୁହେଁ, ସୂକ୍ଷ୍ମ ସ୍ତରରେ ଭାରତ ମଧ୍ୟ ଯୁଗେ ଯୁଗେ ପୃଥିବୀର ପ୍ରତିନିଧତ୍ୱ କରି ଆସିଛି । ପୃଥିବୀର ସମସ୍ୟା ହିଁ ଭାରତର ସମସ୍ୟା । ପୃଥିବୀର ପ୍ରାଣସ୍ପନ୍ଦନ ଭାରତରେ ଅନୁଭୂତ ହୁଏ । ଭାରତରେ ଯେଉଁ ସମସ୍ୟାର ସମାଧାନ ହେବ, ପୃଥିବୀରେ ସେହି ସମସ୍ୟାର ସମାଧାନ ଆପେ ଆପେ ହୋଇଯିବ । ଯଦି ଭାରତରେ ଆଲୋକର ଶିଖା ନଆସିବ, ତେବେ ସମଗ୍ର ପୃଥିବୀ ଅନ୍ଧକାରରେ ରହିବାକୁ ବାଧ ହେବ । ଶ୍ରୀମା'ଙ୍କ ମତରେ- "India has become the symbolic representation of all difficulties of modern man kind." ପୃଥିବୀର ମାନବ ଜାତିର ଯେତେ ସମସ୍ୟା ରହିଛି ତା'ର ସମାଧାନ ଭାରତର ସଙ୍କଳ୍ପରେ ହୋଇପାରିବ ବୋଲି ଶ୍ରୀ ଅରବିନ୍ଦ ଘୋଷଣା କରିଯାଇଛନ୍ତି । ତାଙ୍କ ମତରେ,- "ଭାରତ ବର୍ଷ ଅନ୍ୟ ଦେଶ ତୁଲ୍ୟ ନିଜ ସକାଶେ ଜାଗ୍ରତ ହୋଇନାହିଁ

ବା ବଳଶାଳୀ ହୋଇ ନାହିଁ, ଦୁର୍ବଳକୁ ପାଦରେ ଦଳିଦେବା ପାଇଁ ଉଠି ନାହିଁ । ଭାରତ ଚିରଦିନ ବଞ୍ଚି ରହିଛି ବିଶ୍ୱମାନବ ସକାଶେ, ନିଜ ସକାଶେ ନୁହେଁ, ଆଜି ତାକୁ ବଡ଼ ହେବାକୁ ହେବ, ବିଶ୍ୱ ମାନବ ସମାଜପାଇଁ, ନିଜପାଇଁ ନୁହେଁ ।" ଆଗାମୀ ଦିନରେ ଭାରତ ହେବ ପୃଥିବୀର ଗୁରୁ । ଭାରତର ଚିନ୍ତା ଓ ଚେତନା କାର୍ଯ୍ୟରେ ରୂପାନ୍ତରିତ ହୋଇ ପୃଥିବୀର କଲ୍ୟାଣ ସାଧନ କରିବ । ସମଗ୍ର ପୃଥିବୀ ଭାରତର ନେତୃତ୍ୱକୁ ସ୍ୱୀକାର କରିବା ସଙ୍ଗେ ସଙ୍ଗେ ତା' ଉପରେ ଗୁରୁତ୍ୱ ଆରୋପ କରିବ । ଭାରତରୁ ବିଚ୍ଛୁରିତ ହେବ ମାନିକତାର ସମୁଜ୍ଜ୍ୱଳ ରଶ୍ମିରେଖା । ଦିଗ ଦିଗନ୍ତ ଆଲୋକିତ ହେବ ସେହି ରଶ୍ମି ରେଖାରେ । ଅତଏବ ପୃଥିବୀକୁ ବଞ୍ଚାଇବାକୁ ହେଲେ ଆଗ ଭାରତକୁ ବଞ୍ଚାଇବାକୁ ହେବ । ଅବିଦ୍ୟାର କବଳରୁ ତାକୁ ରକ୍ଷା କରିବାକୁ ହେବ । କାରଣ ଭାରତ ହେଉଛି ପୃଥିବୀର ଆତ୍ମା ସ୍ୱରୂପ । ଆତ୍ମାର ପ୍ରଗତିରେ ଜୀବନର ଯଥାର୍ଥ ପ୍ରଗତି ସମ୍ଭବ ହେଲାପରି ଭାରତର ଉନ୍ନତିରେ ବିଶ୍ୱପ୍ରଗତି ସମ୍ଭବ ହେବ । ଭାରତୀୟ ସଂସ୍କୃତିରେ ଥିବା ଉଦାରତା, ହୃଦୟବତ୍ତା, ଆତ୍ମୀୟତା ଅନ୍ୟ କୌଣସି ଦେଶର ସଂସ୍କୃତିରେ ମିଳେନାହିଁ । ମାନବିକତା ହିଁ ଭାରତୀୟ ଜୀବନଧାରାର ଅସଲ ଚାବିକାଠି । ଏହି ମାନବିକତା ବଳରେ ବିଶ୍ୱଜୀବନରୁ କଳୁଷ, କାଳିମା, ଗ୍ଲାନି ମ୍ଲାନିମା ସବୁ କିଛି ଦୂର ହୋଇ ସେ ସ୍ଥାନରେ ନବ ଚେତନାର ଭାବତରଙ୍ଗ ଖେଳିଯିବ, ଏଥିରେ ସନ୍ଦେହର ଅବକାଶ ନାହିଁ ।

□□

ଆଗାମୀ ବିଶ୍ୱ ଓ ଭାରତବର୍ଷ

ବିଶ୍ୱ ଜୀବନଧାରାକୁ ଭିନ୍ନ ଭିନ୍ନ ଦିଗରୁ ଅନୁଧ୍ୟାନ କଲେ ଏହା ଅନୁଭବ କରିହୁଏ ଯେ ଅଶାନ୍ତି, ଅସନ୍ତୋଷ, ଅସହିଷ୍ଣୁତା ଓ ଈର୍ଷା ଏହାକୁ କବଳିତ କରି ରଖିଛି। ଦେଶ ଦେଶ ଭିତରେ ବୁଝାମଣାର ଅଭାବ ବିଶ୍ୱରେ ଅସ୍ୱସ୍ତିକର ପରିବେଶ ସୃଷ୍ଟି କରୁଛି। ମଣିଷର ସଂଖ୍ୟା ବଢ଼ିଛି, ମାତ୍ର ମାନବିକତାର ମୂଲ୍ୟବୋଧ କମିଆସିଲା ପରି ମନେହେଉଛି। ପାରସ୍ପରିକ ଏକତା, ସମନ୍ୱୟ, ଆନ୍ତରିକତା ଆଜି ସୁଦୂରପରାହତ। ଜୀବନଯାତ୍ରା ଆଜି ଘନୀଭୂତ ମ୍ଲାନିମାରେ ଆଚ୍ଛନ୍ନ ହୋଇ ଅସ୍ୱାଭାବିକ ହୋଇଛି। ବହୁ ସମସ୍ୟା ମାନବଜାତିର ଅଗ୍ରଗତି ଧାରାକୁ ବ୍ୟାହତ କରୁଛି। ଅବଶ୍ୟ କେତେକ ସମସ୍ୟାର ସମାଧାନ ପାଇଁ ଯେ ଉଦ୍ୟମ ନ ହୋଇଛି ଏପରି ନୁହେଁ; କିନ୍ତୁ ସେ ଉଦ୍ୟମ ବିଶେଷ ସଫଳ ହୋଇନାହିଁ କହିଲେ ଚଳେ। ରାଜନୈତିକ ଧାରାରେ ପରିବର୍ତ୍ତନ ହେଲେ, ଭୌତିକ ସଂପଦର ସମବଣ୍ଟନ ହେଲେ ସବୁ ସମସ୍ୟାର ସମାଧାନ ହେବନାହିଁ। ବିଜ୍ଞାନ ବଳରେ ପ୍ରଚୁର ଖାଦ୍ୟ ଉତ୍ପାଦିତ ହେଲେ ମଧ୍ୟ ସବୁ ସମସ୍ୟାର ସମାଧାନ ହେବନାହିଁ। ସବୁ ସମସ୍ୟାର ସମାଧାନର ଚାବିକାଠି ହେଉଛି ଆନ୍ତରିକତା, ଯାହାର ଭିତ୍ତି ହେବ ସମଦର୍ଶନର ଭାବ। ସମଦର୍ଶନ ହେଉଛି ଆତ୍ମିକ ସ୍ତରରେ ସମଭାବନାର ସ୍ନିଗ୍ଧସୁନ୍ଦର ଅଭିବ୍ୟକ୍ତି। ସବୁଧର୍ମ, ସବୁଭାଷା, ସବୁ ସଂପ୍ରଦାୟ ପ୍ରତି ସମଭାବର ଚେତନା ବିଶ୍ୱ ପରିବାର ଗଠନ ନିମନ୍ତେ ଏକାନ୍ତ ଅପରିହାର୍ଯ୍ୟ। ଏକ ସତ୍ୟ, ବହୁନାମରେ, ଭିନ୍ନ ଭାଷାରେ ଉପସ୍ଥାପିତ ହୋଇଛି ମାତ୍ର। ହିନ୍ଦୁମାନଙ୍କର ଯିଏ ବ୍ରହ୍ମ, ପାର୍ସିମାନଙ୍କର ସେ ଅହୁରମଜଦା, ବୌଦ୍ଧମାନଙ୍କର ସେ ବୁଦ୍ଧ, ଇସ୍‌ଲାମଙ୍କର ସେ ଆଲ୍ଲା, ଇହୁଦୀମାନଙ୍କର ଜିହୋବା ପୁଣି ଖ୍ରୀଷ୍ଟିଆନମାନଙ୍କର ସେ ହିଁ ସ୍ୱର୍ଗତ ପିତା। ସମଦର୍ଶନର ଏହି ଭାବ ଯେତେ ଦୃଢ଼ ହେବ ସାଂପ୍ରତିକ ବିଶ୍ୱର ସମସ୍ୟା ସେତେ ଶୀଘ୍ର ସମାଧାନ କରାଯାଇପାରିବ।

ଭାରତୀୟ ସଂସ୍କୃତିରେ ସମଦର୍ଶନର ଭାବର ଭିତ୍ତି ଓ ସ୍ଥିତି ବହୁ ପ୍ରାଚୀନ। ଏହାର ମୂଳ ଉପାଦାନସବୁ ବୈଦିକ ମନ୍ତ୍ରମାଳାରେ ଉପସ୍ଥାପିତ ହୋଇ ରହିଛି। ଗିରିଗୁହାରୁ ଉତ୍‌ଥିତ, ଶୋଭାଶ୍ୟାମଳ ବନଭୂମିରୁ ଉଚ୍ଚାରିତ, ନଦୀ-ନିର୍ଝରତୀରସ୍ଥ ସୁରମ୍ୟ ପରିବେଶରୁ ପ୍ରଚାରିତ, ଜନପଦରୁ ପ୍ରସାରିତ ଆର୍ଯ୍ୟଋଷିର ବାଣୀରେ ସମଗ୍ର ମାନବଜାତିର କଲ୍ୟାଣକାମନା ମୂର୍ତ୍ତିମନ୍ତ ହୋଇଥିଲା। ଭାରତୀୟ ସଂସ୍କୃତିରେ ବିଶ୍ୱପ୍ରେମର ଉତ୍ତାଳ ତରଙ୍ଗମାଳା ଓ ତାର ପରିପ୍ଲାବନ କାଳେ କାଳେ ଅନୁଭବର ବିଷୟ ହୋଇ ରହିଛି ଓ ରହିବ। ଈର୍ଷା ନାହିଁ, ଅସୂୟା ନାହିଁ, ଅସହିଷ୍ଣୁତା ନାହିଁ, ଅଛି ପ୍ରାଚୀନ ଭାରତର ସଂସ୍କୃତିରେ ସହାନୁଭୂତିର ସ୍ନିଗ୍ଧଶୋଭନ ଚିତ୍ର, ହୃଦୟବତ୍ତାର ନିର୍ମଳ ଆଲେଖ୍ୟ, ସ୍ନେହ ମମତାର ସୁସଂଗତିପୂର୍ଣ୍ଣ ମଧୁସିକ୍ତ ଅଭିବ୍ୟକ୍ତି। ସୁଦୂର ଅତୀତରୁ ଅଦ୍ୟାବଧି ଭାରତୀୟ ଜୀବନଧାରା ବିଶ୍ୱକଲ୍ୟାଣ କାମନାର ମୂଲ୍ୟବୋଧକୁ ଉଚ୍ଚସ୍ଥାନ ଦେଇଛି। ଭାରତୀୟ ଜୀବନ ହେଉଛି ବିଶ୍ୱ ଜୀବନର ସାର୍ଥକ ପ୍ରତିନିଧି। ସନାତନ ଧର୍ମର ଏ ଦେଶକୁ ସମୟକ୍ରମେ ଆସିଛନ୍ତି ଇହୁଦୀମାନେ, ଆସିଛନ୍ତି ରୋମାନ୍‌ମାନେ, ଆସିଛି ଇସଲାମ୍, ଖ୍ରୀଷ୍ଟିଆନ ଆଦି ବହୁ ଧର୍ମ। ଭାରତୀୟମାନେ ଯେ କେବଳ ସବୁ ଧର୍ମକୁ ସହ୍ୟ କରନ୍ତି ତାହା ନୁହେଁ, ବରଂ ସବୁ ଧର୍ମଗୁଡିକୁ ସତ୍ୟ

ବୋଲି ବିଶ୍ୱାସ କରନ୍ତି। ସମଗ୍ର ବିଶ୍ୱକୁ ଶାନ୍ତିଧାମରେ ପରିଣତ କରିବା ପାଇଁ ଭାରତୀୟ ସଂସ୍କୃତିରେ ରହିଛି ବହୁମୂଲ୍ୟ ଉପାଦାନ। ସମଗ୍ର ମାନବଜାତିକୁ ମାନବିକତାର ଦୀକ୍ଷାରେ ଦୀକ୍ଷିତ କରିବା ପାଇଁ ଭାରତୀୟ ସଂସ୍କୃତି କାଳେ କାଳେ ପ୍ରୟାସ କରିଛି। ଭାରତବର୍ଷରେ ଏକ ଆତ୍ମିକ ଶକ୍ତିର ସଞ୍ଚରଣ ରହିଛି। ଯାହାକୁ ପ୍ରାଚ୍ୟ ଓ ପାଶ୍ଚାତ୍ୟର ବହୁ ମନୀଷି ମୁକ୍ତକଣ୍ଠରେ ସ୍ୱୀକାର କରିଛନ୍ତି। ଶ୍ରୀଅରବିନ୍ଦଙ୍କ ମତରେ, ''ଭାରତ ଧ୍ୱଂସ ହୋଇନପାରେ। ଆମ୍ଭମାନଙ୍କର ଜାତି ସୁପ୍ତ ହୋଇନପାରେ, କାରଣ ମାନବ ଗୋଷ୍ଠୀସମୂହ ମଧ୍ୟରେ ଭାରତ ସକାଶେ ନିର୍ଦ୍ଦିଷ୍ଟ ରହିଛି ସମଗ୍ର ମାନବଜାତିର ଭବିଷ୍ୟତ ହିତାର୍ଥେ ଅପରିହାର୍ଯ୍ୟ ଏକ ଉଜ୍ଜ୍ୱଳତମ ଓ ମହତ୍ତମସିଦ୍ଧି।'' ଭିନ୍ନ ଭିନ୍ନ ସମୟରେ ବିଭିନ୍ନ କାରଣରୁ ବହିଃଶତ୍ରୁ ଆକ୍ରମଣର ଶିକାର ହୋଇଛି ଭାରତବର୍ଷ। ଭାରତୀୟ ଜୀବନର ସମୃଦ୍ଧି ଓ ସଂହତି ଯେ ବ୍ୟାହତ ନ ହୋଇଛି ଏପରି ନୁହେଁ। ତଥାପି ଭାରତ ବଞ୍ଚିରହିଛି ଓ ବଞ୍ଚିରହିବ ବିଶେଷକରି ସମଗ୍ର ଜଗତ ପାଇଁ। ଆଗାମୀ ବିଶ୍ୱ ପାଇଁ ଭାରତର ଭୂମିକା ହେବ ସ୍ୱତନ୍ତ୍ର ଓ ଅଭିନବ। ନିଜସ୍ୱ ମୌଳିକ, ଉଦାର ପରିବ୍ୟାପ୍ତ ଚେତନା ବଳରେ ସମଗ୍ର ମାନବ ଜାତିକୁ ଉପଯୁକ୍ତ ଦିଗ୍‌ଦର୍ଶନ ଦେଇ ଭାରତ ହେବ ଆଗାମୀ ବିଶ୍ୱର ଗୁରୁ। ଭାରତ ବଞ୍ଚିଲେ ପୃଥିବୀ ବଞ୍ଚିବ। ଭାରତର କ୍ଷତିରେ ପୃଥିବୀର କ୍ଷତି ହେବ। ଏ ପ୍ରସଙ୍ଗରେ ସ୍ୱାମୀ ବିବେକାନନ୍ଦଙ୍କ ବାଣୀ ସ୍ମରଣକୁ ଆସେ। ତାଙ୍କ ମତରେ, ''ଭାରତର ବିନାଶରେ ଜଗତରୁ ସମୁଦାୟ ଆଧ୍ୟାତ୍ମିକତା ଲୋପ ପାଇବ, ଚରିତ୍ରର ସମସ୍ତ ମହାନ ଆଦର୍ଶ ନଷ୍ଟ ହେବ। ସମସ୍ତ ଧର୍ମ ପ୍ରତି ମଧୁର ସହାନୁଭୂତିର ଭାବ ନଷ୍ଟ ହେବ, ସମୁଦାୟ ଭାବୁକତାର ବିନାଶ ହେବ। ତତ୍‌ପରିବର୍ତ୍ତେ କାମ ଓ ବିଳାସିତାରୂପକ ଦେବାଦେବୀ ରାଜତ୍ୱ କରିବେ। ଅର୍ଥ ହେବ ତାଙ୍କର ପୁରୋହିତ, ପ୍ରତାରଣା, ପାଶବ ବଳ ଓ ପ୍ରତିଦ୍ୱନ୍ଦ୍ୱିତା ହେବ ପୂଜାପଦ୍ଧତି ଏବଂ ମାନବାତ୍ମାକୁ ସେଠାରେ ବଳି ଦିଆଯିବ।'' ଏଥିରୁ ଭାରତର ଭୂମିକା ଆଗାମୀ ବିଶ୍ୱ ପାଇଁ କେତେ ଗୁରୁତ୍ୱପୂର୍ଣ୍ଣ, ତାହା ସହଜରେ ଅନୁମେୟ। ସେଦିନ ଆସିବ ଯେଉଁଦିନ ଭାରତୀୟ ମାନବପ୍ରେମୀ ଚିନ୍ତା ଓ ଚେତନାର ଭାବତରଙ୍ଗ ବିଶ୍ୱର କୋଣେ ଅନୁକୋଣେ ପ୍ରସାରିତ ହେବ। ନୈରାଶ୍ୟର ଅମାଅନ୍ଧକାର କ୍ରମଶଃ ବିଶ୍ୱ ଜୀବନରୁ ଅପସାରିତ ହେବ। ଆଶାବାଦର ଆଲୋକରେ ଆଲୋକିତ ହେବ ବିଶ୍ୱ ମାନବର ଚଲାପଥ। ଭାରତୀୟ ସଂସ୍କୃତିର ଏକ ବିଶିଷ୍ଟ ଉପାଦାନ ଭାବରେ ଆଶାବାଦ ସ୍ୱୀକୃତ। ବୈଦିକ ଯୁଗରୁ ଏହି ଆଶାବାଦର ସୁମଧୁର ସ୍ୱର ଶୁଣିବାକୁ ମିଳେ। ଆଶାବାଦ ଆଣିଦିଏ ମନରେ ଅସୀମ ସାହସ ଓ ଦେହରେ ଅମାପ ଶକ୍ତି। ନିରାଶାକୁ ନିବିଡ଼ ଅନ୍ଧକାର ରୂପରେ ପରିକଳ୍ପନା କରିବା ସଂଗେ ସଂଗେ ନିରାଶାବାଦୀକୁ ଭାବନାହୀନ, ଅଜ୍ଞାନ ବୋଲି ବେଦରେ ବିଚାର କରାଯାଇଛି। ବେଦ ମତରେ ଆଶା ହେଉଛି ଜୀବନର ସୂଚନା ଓ ନିରାଶା ହେଉଛି ମୃତ୍ୟୁର ଯନ୍ତ୍ରଣା। ବୈଦିକ ମନ୍ତ୍ର ନିରାଶାର ମେଘମାଳାକୁ ଦୂରୀଭୂତ କରି ଆଶାର ସ୍ନିଗ୍ଧସୁନ୍ଦର ଚାରୁଚନ୍ଦ୍ରିକାରେ ଜୀବନକୁ ପ୍ଲାବିତ କରିବା ପାଇଁ ସୂଚନା ଦେଇଛି। ଯଜୁଃ ବେଦରେ ପ୍ରାର୍ଥନାସ୍ୱରୂପ ଉପସ୍ଥାପିତ ହୋଇଛି-

'ତେଜୋଽସି ଜେତାମୟି ଧେହି
ବୀର୍ଯ୍ୟମସି ବୀର୍ଯ୍ୟଂମୟି ଧେହି
ବଳମସି ବଳଂ ମୟି ଧେହି
ଓଜୋଽସି ଓଜାମୟି ଧେହି।'

ବିଶ୍ୱ ଜୀବନର ପରିପୂର୍ଣ୍ଣତା ନିମନ୍ତେ ମଧୁରତା ଏକ ଅପରିହାର୍ଯ୍ୟ ଆବଶ୍ୟକତା। ଏହି ମଧୁରତାର ସାର୍ଥକ ରୂପରେଖ ଉପନିଷଦୀୟ ମନ୍ତ୍ରମାଳାରେ ଦେଖିବାକୁ ମିଳେ। ପରିବେଶ ମଧୁସିକ୍ତ ହେଉ, ଜୀବନରେ ମଧୁରତାର ସଞ୍ଚରଣ ଘଟୁ, ବିଶ୍ୱଜୀବନ ଦିବ୍ୟ ଆନନ୍ଦରେ ଶିହରିଉଠୁ, ଏହି କାମନା ଭାରତୀୟ ସଂସ୍କୃତିକୁ ସ୍ୱତନ୍ତ୍ର ମର୍ଯ୍ୟାଦା ଦେଇଛି। ଉପନିଷଦରେ ଅଛି-

'ମଧୁବାତା ଋତାୟତେ ମଧୁକ୍ଷରନ୍ତି ସିନ୍ଧବଃ
ମାଧ୍ୱିର୍ନଃ ସନ୍ତ୍ୱୋଷଧି, ମଧୁନକ୍ତ ଭୂତୋଽସି

ମଧୁମତ ପାର୍ଥିବଂ ରଜଃ, ମଧୁ ଦୌର ସ୍ତୁନଃପିତା
ମଧୁମାନ୍ନୋ ବନସ୍ପତିଃ, ମଧୁ ମାନସ୍ତୁ ସୂର୍ଯ୍ୟ।'

ଅର୍ଥାତ୍ ପବନ ଆନନ୍ଦ ଆଣୁ, ନଦୀ ସୁଖ ଆଣୁ, ଲତାମାନେ ଆନନ୍ଦ ଆଣନ୍ତୁ, ରାତି ଓ ଦିନ ଆନନ୍ଦ ଦିଅନ୍ତୁ, ଗଛମାନେ ଆନନ୍ଦ ଦିଅନ୍ତୁ, ସୂର୍ଯ୍ୟ ଆନନ୍ଦ ଦିଅନ୍ତୁ ଇତ୍ୟାଦି...

ଆଗାମୀ ବିଶ୍ୱ ପାଇଁ ଧାର୍ମିକଚେତନା ବିଶେଷ କିଛି ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିପାରିବ ନାହିଁ। ଆଧ୍ୟାତ୍ମିକତା ହିଁ ସମଗ୍ର ବିଶ୍ୱ ଜୀବନର ବିକାଶ ନିମନ୍ତେ ଦୃଢ଼ ପଦକ୍ଷେପ ନେଇପାରିବ। ଧର୍ମ ଯାହା ପାରିବ ନାହିଁ, ଆଧ୍ୟାତ୍ମିକତା ତାହା କରିବାକୁ ସମର୍ଥ ହେବ। ଆଧ୍ୟାତ୍ମିକତାର ସ୍ୱର୍ଗରେ ଜୀବନ ହୋଇଉଠିବ ପୂର୍ଣ୍ଣାଙ୍ଗ ଓ ପୁଷ୍ପଳ । ଧର୍ମ ଦେଇପାରେ ସ୍ୱର୍ଗର ସନ୍ଧାନ, କହିପାରେ ମୁକ୍ତିର ପଥ, ଆଧ୍ୟାତ୍ମିକତା କିନ୍ତୁ ଧରାରେ ସ୍ୱର୍ଗକୁ ଅବତରଣ କରାଇପାରେ। ଧର୍ମ ବହୁପରିମାଣରେ ଆଚାର ଉପରେ ଆସ୍ଥା ସ୍ଥାପନ କଲାବେଳେ ଆଧ୍ୟାତ୍ମିକତା ବିଚାର ଉପରେ ଗୁରୁତ୍ୱ ଆରୋପ କରେ। ଜୀବନରୁ ପଳାୟନ ନୁହେଁ, ବରଂ ଦିବ୍ୟ ପୂର୍ଣ୍ଣତାରେ ପୂର୍ଣ୍ଣ କରି ଗଢ଼ିତୋଳିବା ହେଉଛି ଆଧ୍ୟାତ୍ମିକତାର ମୁଖ୍ୟ ଆଭିମୁଖ୍ୟ। ଆଧ୍ୟାତ୍ମିକତା ଜୀବନକୁ ଆଦର କରେ, ଜଗତକୁ ଆଦର କରେ, ଜୀବନର ଅପୂର୍ଣ୍ଣତାକୁ ଖୋଜି ତାକୁ ପୂର୍ଣ୍ଣ କରିବା ପାଇଁ ପ୍ରଚେଷ୍ଟା କରେ। ଗୈରିକବସନ ପରିଧାନ, ଦଣ୍ଡ କମଣ୍ଡଳୁ ଧାରଣ, ଭସ୍ମ ବିଲେପନ, ଚିତାଅଙ୍କନ ଏଥିରେ ମୁଖ୍ୟ ନୁହେଁ, ସଚେତନତା ଏହାର ମୂଳତତ୍ତ୍ୱ ଭାବରେ ଗୃହୀତ। ଜଡ଼ବିଜ୍ଞାନକୁ ଆଧ୍ୟାତ୍ମିକତା ବିରୋଧ କରେନାହିଁ, ବରଂ ତାର ସଦ୍‌ବ୍ୟବହାର ପାଇଁ ପ୍ରେରଣା ଦିଏ। ପ୍ରକୃତରେ ବିଜ୍ଞାନ ଓ ଆଧ୍ୟାତ୍ମିକତା ଭିତରେ ନିବିଡ଼ ସଂପର୍କ। ଏହି ପ୍ରସଙ୍ଗରେ ପାଶ୍ଚାତ୍ୟର ବୈଜ୍ଞାନିକ ଆଇନଷ୍ଟାଇନଙ୍କ ମତ ସ୍ମରଣ କରାଯାଇପାରେ। ତାଙ୍କ ମତରେ, ''ମୁଁ ଈଶ୍ୱରଙ୍କୁ ବିଶ୍ୱାସ କରେ, ସୃଷ୍ଟି ନିୟମଗୁଡିକୁ ସେହି ଈଶ୍ୱର ନିୟନ୍ତ୍ରଣ କରନ୍ତି। ମୁଁ ସ୍ୱୀକାର କରେ ଯେ ପ୍ରକୃତିର ଅନ୍ତରାଳରେ ଏକ ଚେତନାଶକ୍ତି କାର୍ଯ୍ୟ କରୁଛି।'' ପାଶ୍ଚାତ୍ୟ ଜଗତରେ ଈଶ୍ୱର ବିଶ୍ୱାସ ତଥା ଆଧ୍ୟାତ୍ମିକ ଚେତନା ଯେତିକି ରହିଛି ତାହା ଜୀବନର ପରିପୂର୍ଣ୍ଣତା ନିମନ୍ତେ ଯଥେଷ୍ଟ ନୁହେଁ। ସେହି ଆଧ୍ୟାତ୍ମିକ ଚେତନାର ଅଭିବୃଦ୍ଧି ନିମନ୍ତେ ଭାରତ ନେତୃତ୍ୱ ନେବ।

ଭାଷାର ଏକୀକରଣରେ ବିଶ୍ୱ ଜୀବନରୁ ସମସ୍ୟା ଦୂର ହେବ ନାହିଁ, ବସ୍ତୁଭିତ୍ତିକ ସାମ୍ୟବାଦୀ ଭାବନାର ପ୍ରୟୋଗରେ ମଧ୍ୟ ସମସ୍ୟାର ସମାଧାନ ହେବ ନାହିଁ। ଭାଷାର ଭିନ୍ନତା ଦେଶଭେଦରେ ରହିବ, ଆଚାର ବ୍ୟବହାରରେ ପାର୍ଥକ୍ୟ ରହିବ। ଆତ୍ମଜ୍ଞାନ ହିଁ ବିଶ୍ୱ ଜୀବନରେ ଶାନ୍ତି, ସଂହତି ଓ ଆଶାନୁରୂପ ପ୍ରଗତି ଆଣିଦେଇପାରିବ। ଭାରତର ଭୂମିକା ଆଗାମୀ ବିଶ୍ୱ ପାଇଁ ଏତେ ଗୁରୁତ୍ୱପୂର୍ଣ୍ଣ ହୋଇଥିବାରୁ ପ୍ରତ୍ୟେକ ଭାରତୀୟଙ୍କ ଭୂମିକା ଯେ କେତେ ଗୁରୁତ୍ୱପୂର୍ଣ୍ଣ ତାହା ସହଜରେ ଅନୁମେୟ। ନିଜ ପାଦରେ ଛିଡ଼ା ହୋଇ ଆତ୍ମଜ୍ଞାନ ଅର୍ଜନ କରିବାକୁ ହେବ। ସେହି ଆତ୍ମଜ୍ଞାନର ଆଲୋକ ପରିବେଶକୁ ଆଲୋକିତ କରିବ। ଆତ୍ମଜ୍ଞାନ ନିମନ୍ତେ ପ୍ରାଚ୍ୟର ଆଧ୍ୟାତ୍ମିକତା ଯେତିକି ଆବଶ୍ୟକ ପାଶ୍ଚାତ୍ୟର ବିଜ୍ଞାନ ବିଚାର ସେତିକି ଆବଶ୍ୟକ। ଏ ପରିପ୍ରେକ୍ଷୀରେ ଶ୍ରୀଅରବିନ୍ଦ ବାଣୀ ସ୍ମରଣୀୟ। ତାଙ୍କ ମତରେ "ପାଶ୍ଚାତ୍ୟର ବିଜ୍ଞାନ, ଯୁକ୍ତି, ଉନ୍ନତିଶୀଳ ଓ ଆଧୁନିକ ଯୁଗର ସକଳ ମୂଳସତ୍ୟକୁ ଆମେ ଗ୍ରହଣ କରିବା । ଆମର ନିଜସ୍ୱ ଜୀବନଧାରା ଉପରେ ଛିଡ଼ାହୋଇ ତାହାକୁ ଆମର ଅଧ୍ୟାତ୍ମ ଆଦର୍ଶ ଓ ଲକ୍ଷ୍ୟସହ ମିଳାଇଧରି ବା ଆମର ଚତୁର୍ଦ୍ଦିଗରେ ଯେଉଁ ଜୀବନପ୍ରବାହ ବିଦ୍ୟୁତ ସ୍ପନ୍ଦନ ହୋଇ ଛୁଟିଚାଲିଛି, ଆଧୁନିକ ପ୍ରାଣରେ ଯେତେ ଐତିହ୍ୟପ୍ରେରଣା ଯେତେ ଆଧିଭୌତିକ କର୍ମେଷଣାର ଆଲୋଡ଼ନ ଦେଖାଦେଇଛି, ତା' ଭିତରେ ଆମେ ଝାମ୍ପ ଦେଇପାରୁ, କିନ୍ତୁ ସେଥିପାଇଁ ଈଶ୍ୱରଙ୍କ ସମ୍ବନ୍ଧରେ, ମନୁଷ୍ୟ ସମ୍ବନ୍ଧରେ ଆମର ଯେଉଁ ମୂଳ ଉପଲବ୍ଧି ତାହାକୁ ପରିତ୍ୟାଗ କରିବାକୁ ହେବ କାହିଁକି ? ଦୁଇଟି ଭିତରେ ତ କୌଣସି ବିସମ୍ବାଦ ନାହିଁ, ବରଂ ସେମାନେ ନିଜ ନିଜର ତାତ୍ପର୍ଯ୍ୟ ଓ ଭାବ-ବ୍ୟଞ୍ଜନାର ପ୍ରକାଶ ପାଇଁ ନିଜ ନିଜର ପରିପୂର୍ଣ୍ଣ ଅଭିବ୍ୟକ୍ତି ଓ ଋଦ୍ଧିମନ୍ତ ଜାଗୃତି ପାଇଁ ପରସ୍ପରର ପରିପୂରକ।''

□□

ଓଡ଼ିଆ ଜନଜୀବନ ଓ ଆମ ସଂସ୍କୃତି

ସଂସ୍କୃତି କହିଲେ ଗୋଟିଏ ଜାତିର ମାର୍ଜିତ ଚିନ୍ତାଧାରାକୁ ବୁଝାଏ। ଗୋଟିଏ ଜାତିର ଅନ୍ତର୍ନିହିତ ଶକ୍ତି ଭାବରେ ଏହାର ଭୂମିକା ଗୁରୁତ୍ୱପୂର୍ଣ୍ଣ। ଯେଉଁ ଜାତିର ସଂସ୍କୃତି ଯେତେ ମାର୍ଜିତ ଓ ରୁଚିକର, ସେ ଜାତି ସେତେ ଉନ୍ନତ ଓ ପ୍ରଗତିଶୀଳ। ସଂସ୍କୃତି ହେଉଛି ଅନ୍ତରର ଅନୁଭବ। ଏହି ଅନୁଭବର ବସ୍ତୁଗତ ପରିପ୍ରକାଶ ହେଉଛି ସଭ୍ୟତା। ସଂସ୍କୃତି ଓ ସଭ୍ୟତା ପରସ୍ପର ସହ ଅଙ୍ଗାଙ୍ଗୀ ଭାବେ ଜଡିତ। ଭାରତବର୍ଷର ସଂସ୍କୃତି ଯେପରି ପ୍ରାଚୀନ ସେପରି ମୂଲ୍ୟବାନ। ଅତୀତରେ ବିଶ୍ୱବକ୍ଷରେ ଯେଉଁ ସଂସ୍କୃତିମାନ ଗଢ଼ିଉଠିଥିଲା, ତନ୍ମଧ୍ୟରେ ଭାରତୀୟ ସଂସ୍କୃତି ଅନ୍ୟତମ। ରୋମ୍ ସଂସ୍କୃତି, ଗ୍ରୀକ୍ ସଂସ୍କୃତି କାଳକ୍ରମେ ଭିନ୍ନ ଭିନ୍ନ କାରଣରୁ ଅନ୍ତଃସାରଶୂନ୍ୟ ହୋଇ ପ୍ରାୟ ବିଲୁପ୍ତ ହୋଇଯିବା ବେଳେ ଭାରତୀୟ ସଂସ୍କୃତି ନିଜସ୍ୱ ମୌଳିକତା ଓ ମୂଲ୍ୟବୋଧକୁ ଅକ୍ଷୁର୍ଣ୍ଣ ରଖିପାରିଛି। ଏହାର କେତେକ କାରଣ ଭିତରୁ ଅନ୍ତର୍ମୁଖୀନତା ହେଉଛି ଏକ ବିଶିଷ୍ଟ କାରଣ। ଭାରତୀୟ ମନର ଅସଲ ଚାବିକାଠି ହେଉଛି ଆଧ୍ୟାତ୍ମିକତା। ଅତୀତରୁ ଅଦ୍ୟାବଧି ଭାରତ ତାର ନିଜସ୍ୱ ମୌଳିକତାକୁ ସଂପୂର୍ଣ୍ଣ ଭାବେ ବିସ୍ମୃତ ହୋଇନାହିଁ। ଭାରତୀୟ ସଂସ୍କୃତିରେ ଥିବା ମହନୀୟ ଉପାଦାନସବୁ ଉତ୍କଳୀୟ ସଂସ୍କୃତିର ଆତ୍ମପ୍ରକାଶ କରିଥାନ୍ତି। ଶିଳ୍ପସ୍ଥାପତ୍ୟ, କାବ୍ୟକଳା, ଆଚାରବିଚାର ପ୍ରତ୍ୟେକ କ୍ଷେତ୍ରରେ ଉତ୍କଳୀୟ ସଂସ୍କୃତିର ରୂପାୟଣ ଦେଖିବାକୁ ମିଳେ। ଭାରତୀୟ ସଂସ୍କୃତିର ଭିତ୍ତିରେ ପ୍ରତିଷ୍ଠିତ ଆମର ଉତ୍କଳୀୟ ସଂସ୍କୃତି ଉତ୍କଳର ଜନଜୀବନକୁ ପ୍ରତ୍ୟକ୍ଷ ଭାବରେ ଓ ପରୋକ୍ଷ ଭାବରେ ପ୍ରଭାବିତ କରିଛି। ସଂସ୍କୃତି ଦୁଇଟି ଧାରା ଉପରେ ପ୍ରତିଷ୍ଠିତ। ଗୋଟିଏ ହେଉଛି ଆଦର୍ଶବାଦୀଧାରା ଓ ଅନ୍ୟଟି ବାସ୍ତବବାଦୀ ଧାରା। ଆଦର୍ଶବାଦୀ ଧାରାର ପ୍ରଭାବ ପ୍ରତ୍ୟେକ ସଂସ୍କୃତିରେ ଅଧିକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥାଏ। ସମୟକ୍ରମେ ସମାଜର ଆବଶ୍ୟକତା ଅନୁସାରେ ବାସ୍ତବତାର ସ୍ପର୍ଶ ସଂସ୍କୃତିରେ ଆସିଲେ ମଧ୍ୟ ଆଦର୍ଶବାଦର ସ୍ୱର ସଂପୂର୍ଣ୍ଣ ଲୋପ ହୁଏନାହିଁ। ବରଂ ଆଦର୍ଶବାଦ ସହିତ ବସ୍ତୁବାଦର ସମ୍ୟକ୍ ସମନ୍ୱୟ ସଂଗଠିତ ହେବାର ଦେଖାଯାଏ। ଆର୍ଯ୍ୟଋଷି ବୈଦିକ ଯୁଗରେର ଯେଉଁ ନୀତିନିୟମ ପ୍ରଣୟନ କରିଥିଲେ ସେଥିରେ ସାଧାରଣ ଜୀବନ ପାଇଁ ବହୁ ଉପାଦାନ ମଧ୍ୟ ନିହିତ ଥିଲା। କେବଳ ଯେ ଯୋଗୀ, ସନ୍ନ୍ୟାସୀମାନଙ୍କ ପାଇଁ ଏହା ଅଭିପ୍ରେତ ଥିଲା, ଏପରି ନୁହେଁ ସାଧାରଣ ଭୌତିକ ଜୀବନର ପରିପୂର୍ଣ୍ଣତା ପାଇଁ ଏଥିରେ ଥିଲା ଆହ୍ୱାନ। ଉତ୍କଳରେ ସମୟକ୍ରମେ ବହୁ ମନୀଷୀଙ୍କ ଦ୍ୱାରା ଆଦର୍ଶର ନୂତନ ଦ୍ୱାର ଉନ୍ମୋଚିତ ହୋଇଛି ଓ ଏହାର ପ୍ରଭାବରେ ସାଧାରଣ ଜନଜୀବନ ପ୍ରଭାବିତ ହୋଇଛି। ଓଡ଼ିଶାରେ ଜୀବନଚିନ୍ତା ହୋଇଛି ଶାଣିତ ଓ ଅନୁଭବ୍ୟ। ଜୀବନକୁ ସୁସ୍ଥ, ବଳିଷ୍ଠ କରିବା ପାଇଁ ଆବଶ୍ୟକୀୟ ଭୌତିକ ଅଭୌତିକ ସମସ୍ତ ଉପାଦାନ ଏହି ଚିନ୍ତାର ଅନ୍ତର୍ଗତ। ଶାନ୍ତିପୂର୍ଣ୍ଣ ସହାବସ୍ଥାନ ନୀତି ଆମ ଉତ୍କଳୀୟ ସଂସ୍କୃତିର ଏକ ବିଶିଷ୍ଟ ଦିଗ। ଓଡ଼ିଶାର ଜନଜୀବନରେ ଶାନ୍ତିପୂର୍ଣ୍ଣ ସହାବସ୍ଥାନ ନୀତି ଅଭିନନ୍ଦନୀୟ ହୋଇଥାଏ। ଏଠାରେ ବୃକ୍ଷଲତା, ଗିରି-କାନନ ସବୁ ଧ୍ୟାନମଗ୍ନ, ଶାନ୍ତ ସମାହିତ ସତ୍ତାପରି ପ୍ରତୀୟମାନ ହୁଅନ୍ତି। ଅତୀତର ଇତିହାସ ପୃଷ୍ଠାରୁ ଉନ୍ମୋଚନ କଲେ ଜଣାଯାଏ ଯେ, ଉତ୍କଳରୁ ଶାନ୍ତି, ଅହିଂସାର ମନ୍ତ୍ର ଉଚ୍ଚାରିତ ହୋଇ ଗଗନ ପବନକୁ ପ୍ରଶାନ୍ତ ପବିତ୍ର କରିଥିଲା। ସମ୍ରାଟ ଅଶୋକଙ୍କର ଅନମନୀୟ ପ୍ରାଣସତ୍ତା ଉତ୍କଳୀୟ ଜନଚେତନାରେ ଅଧିଷ୍ଠିତ ଶାନ୍ତି, ଅହିଂସାର

ପ୍ରଭାବରେ ରୂପାନ୍ତରିତ ହୋଇ ନୂତନ ରଙ୍ଗରେ ରଂଜିତ ହୋଇଛି। ଚଣ୍ଡାଶୋକ ପରିଣତ ହୋଇଛନ୍ତି ଧର୍ମାଶୋକରେ, ଏହି ଉତ୍କଳ ମାଟିର ମହନୀୟତା ତାଙ୍କୁ ଅଭିଭୂତ କରିଛି।

ଆଧ୍ୟାତ୍ମିକତା ହେଉଛି ଉତ୍କଳୀୟ ସଂସ୍କୃତିରେ ଜୀବନଚିନ୍ତାର ଅନ୍ୟତମ ବିଶିଷ୍ଟ ଉପାଦାନ। ପଣ୍ଡିତ, ଜ୍ଞାନୀ, ବିଦ୍ୱାନମାନଙ୍କ ଠାରୁ ଆରମ୍ଭ କରି ସାଧାରଣ ଜନତା ଏହି ଚେତନାରେ ପ୍ରଭାବିତ ହେବାର ଅନୁଭବ କରାଯାଏ। ପର୍ବପର୍ବାଣୀ ମାଧ୍ୟମରେ ଜନଜୀବନରେ ଏହି ଆଧ୍ୟାତ୍ମିକତାର ସ୍ପର୍ଶ ଅନୁଭବ କରିହୁଏ। ବାରମାସରେ ତେରପର୍ବର ପାଳନ ନିମନ୍ତେ ଆବଶ୍ୟକୀୟ ଚେତନାର ସ୍ପର୍ଶ ଉତ୍କଳରେ ଅନୁଭବ୍ୟ। ଶ୍ରୀଜଗନ୍ନାଥ ହେଉଛନ୍ତି ଉତ୍କଳର ଆରାଧ୍ୟ ଦେବତା। ଜଗନ୍ନାଥ ଚେତନା ଉତ୍କଳର ଜନମାନସରେ ଅବିଚଳିତ ଆସନ ଗ୍ରହଣ କରିଛି। ମଣିଷକୁ ସାଧାରଣ ସ୍ତରରୁ ଅସାଧାରଣ ସ୍ତରକୁ ନେଇଯିବା ନିମନ୍ତେ ଓ କର୍ଦ୍ଦମରୁ ଉଚ୍ଚତମ ଚେତନାକୁ ନେଇଯିବା ପାଇଁ ଆଧ୍ୟାତ୍ମିକତାର ଯେଉଁ ଶକ୍ତି ରହିଛି, ସେହି ଶକ୍ତି ପରୋକ୍ଷଭାବରେ ଓଡ଼ିଶାର ଜନଜୀବନରେ ଅନୁଭୂତ ହୁଏ। ବ୍ୟକ୍ତି ଚେତନାକୁ ବିଭୁଚେତନା ସହିତ ସଂପର୍କିତ କରିବା ପାଇଁ ପର୍ବପର୍ବାଣୀ ଗୁଡିକର ଅବଦାନ ଅବିସ୍ମରଣୀୟ।

କଳାର ଆଦର ଜୀବନକୁ ଉନ୍ନତ କରେ। ଉତ୍କଳୀୟ ଜୀବନରେ କଳାର ସମୁଚିତ ପ୍ରଭାବ ଓ ପ୍ରତିଷ୍ଠା ଅସାଧାରଣ। ଲୋକନାଟ୍ୟରେ, ଲୋକଗୀତରେ, ମନ୍ଦିର ଗାତ୍ରରେ, କାବ୍ୟର ପୃଷ୍ଠାରେ କଳାଲକ୍ଷ୍ମୀଙ୍କର ନିରାଜନା ଉତ୍କଳରେ ଦେଖିବାକୁ ମିଳେ। କଳାର ଆଦର ଉତ୍କଳୀୟ ଜନଜୀବନରେ ଏତେ ଅଧିକ ଯେ ଘରେ ଘରେ ଏହାର ପ୍ରଭାବ ଦେଖିବାକୁ ମିଳେ। ଉତ୍କଳରେ ଅତୀତରେ ସ୍ତ୍ରୀଲୋକମାନେ ନିଜ ନିଜ ହାତରେ ଓ ଗୋଡ଼ରେ ଚିତାକୁଟାଇ ଗଭୀର ଆନନ୍ଦ ପାଇବା ସଂଗେ ସଂଗେ ଯମଦଣ୍ଡରୁ ମୁକ୍ତି ମିଳିବ ବୋଲି ବିଶ୍ୱାସ କରୁଥିଲେ। ସେହି ବିଶ୍ୱାସକୁ ଆହୁରି ଅଧିକ ସୁଦୃଢ଼ କରିବା ପାଇଁ ଗାଁ ଦାଣ୍ଡରେ ଚିତା କୁଟାଇବାକୁ ଆଣିଥିବା ସ୍ତ୍ରୀ ଲୋକଟି କହୁଥିବାର ଶୁଣାଯାଉଥିଲା-

'କହୁଛି ଶୁଣ ଭଉଣୀ
ମଲାବେଳକୁଟି ସଂଗତେ ଯିବ
ଦେହ ସଂଗେ ହେବ ପାଣି।
ନୋହିଲେ ଯମରାଜନ
ଦଣ୍ଡଦେବ ଘନ ଘନ
ଶିମୁଳିଗଛରେ ବାନ୍ଧି ପକାଇବ
ଚିତା ନ ଥିଲେଟି ପୁଣ।'

ସଚେତନ ଭାବରେ ହେଉ ବା ଅଚେତନ ଭାବରେ ହେଉ କଳାର ମହିମା ଉତ୍କଳୀୟ ଜନଜୀବନକୁ ଅତୀତରେ ବହୁଭାବରେ ପ୍ରଭାବିତ କରୁଥିଲା। ଏବେମଧ୍ୟ ପିପିଲିର ଚାନ୍ଦୁଆ, କଣ୍ଟିଲୋ ବାସନ, କଟକର ତାରକସୀ କାମ ଉତ୍କଳୀୟ କଳାର ମହିମା ଦିଗବିଦିଗରେ ଉପସ୍ଥାପନା କରୁଛି। ଚିତା, ଝୋଟିର ଆଦର ଉତ୍କଳର ଘରେ ଘରେ ଏବେ ମଧ୍ୟ ରହିଛି। ଗୁରୁବାର ବିଶେଷକରି ମାଣବସା ଗୁରୁବାର ଦିନ ଉତ୍କଳର ଘରଣୀମାନେ ଘରେ, ବାହାରେ, ବାରିଅଗଣାରେ ଝୋଟି, ମୁରୁଜ ଦେଇଥାଆନ୍ତି। ଏହାର ମୂଳରେ ରହିଛି କଳା ଓ ସୌନ୍ଦର୍ଯ୍ୟବୋଧ ପ୍ରତି ସୀମାହୀନ ଆନ୍ତରିକ ଆକର୍ଷଣ। ଏହା ବ୍ୟତୀତ ଗ୍ରାମାଞ୍ଚଳରେ କାନ୍ଥମାନଙ୍କରେ ଜଗନ୍ନାଥ, ବଳଭଦ୍ର ଓ ସୁଭଦ୍ରାଙ୍କ ଚିତ୍ର ରଙ୍ଗରେ ଅଙ୍କିତ ହୋଇ ପୂଜାପାଆନ୍ତି। ସଂସ୍କୃତିର ଉଚ୍ଚତାକୁ ମାପିବା ପାଇଁ ଆବଶ୍ୟକୀୟ ଉପାଦାନ ଭାବରେ ପ୍ରତିଷ୍ଠିତ କଳାର ଆଦର ଉତ୍କଳର ଘରେ ଘରେ ଲକ୍ଷ୍ୟଣୀୟ। ଓଡ଼ିଶାରେ ନୃତ୍ୟ ଓ ସଂଗୀତର ପରମ୍ପରା ଯେପରି ପ୍ରାଚୀନ ସେପରି ପ୍ରତିଷ୍ଠିତ ଶାସ୍ତ୍ରୀୟ ନୃତ୍ୟ ଭାବରେ ଓଡ଼ିଶୀ ନୃତ୍ୟର ପ୍ରତିଷ୍ଠା ରହିଛି। ଓଡ଼ିଶୀ ସଂଗୀତର ମଧୁମୟତା, ଶ୍ରୁତିମଧୁରତା ଅନନ୍ୟ ସାଧାରଣ କହିଲେ ଅତ୍ୟୁକ୍ତି ହେବନାହିଁ। ଉତ୍କଳରେ ଧର୍ମଗତ ସହାବସ୍ଥାନର ନୀତି ଆଦୃତ ଓ ଅଭିନନ୍ଦନୀୟ। ଭିନ୍ନ ଭିନ୍ନ ସଂପ୍ରଦାୟ ମଧ୍ୟରେ ସଂଘର୍ଷ ପରିବର୍ତ୍ତେ ଏଠାରେ ସଦ୍‌ଭାବ ଲକ୍ଷ୍ୟ କରାଯାଏ। ପରସ୍ପର ଭିତରେ ସ୍ନେହ, ସଦିଚ୍ଛା ଓଡ଼ିଶାରେ ଅନୁଭବ୍ୟ। ହିନ୍ଦୁ, ମୁସଲମାନ ଉଭୟ ଧର୍ମର ସମ୍ୟକ ସମନ୍ୱୟର ଦେବତା ରୂପେ ଓଡ଼ିଶାରେ

ସତ୍ୟପୀର ପୂଜିତ ହେଉଛନ୍ତି। ଉତ୍କଳୀୟ ପରିବେଶରେ ପ୍ରଶାନ୍ତି, ଗଭୀର ଭାବ, ମାନବିକତାର ପବିତ୍ର ସ୍ପର୍ଶ ପ୍ରତ୍ୟେକ ସଚେତନ ବ୍ୟକ୍ତିକୁ ଅଭିଭୂତ କରିଥାଏ।

ପ୍ରାଚୀନ ଓଡ଼ିଆ ସାହିତ୍ୟରେ ପ୍ରାଚୀନ ଓଡ଼ିଶାର ସାଂସ୍କୃତିକ ବିଭବ ଚିତ୍ରିତ ହୋଇଛି। ସଂପ୍ରଦାୟ ଭିତରେ ସହାନୁଭୂତି, ସହନଶୀଳତାର ସମନ୍ୱିତ ପରିବେଶ ସାରଳା ଦାସଙ୍କ ଲେଖନୀରେ ବିଶେଷତଃ ତାଙ୍କ ମହାଭାରତରେ ଦେଖାଯାଏ। ସାରଳା ମହାଭାରତରେ ଥିବା ପଞ୍ଚଦେବତାଙ୍କର ଉପାସନା ତତ୍କାଳୀନ ସାଂସ୍କୃତିକ ବୈଶିଷ୍ଟ୍ୟ ସଂପର୍କରେ ସୂଚନା ଦିଏ। ଗଣପତି ବନ୍ଦନା, ବିଷ୍ଣୁ ବନ୍ଦନା, ଶିବ ବନ୍ଦନା, ସୂର୍ଯ୍ୟ ବନ୍ଦନା ଓ ଶକ୍ତି ବନ୍ଦନା ସାରଳାଙ୍କ ମହାଭାରତରେ ଉପସ୍ଥାପିତ ହୋଇ ତତ୍କାଳୀନ ଜନଜୀବନରେ ଉତ୍କଳୀୟ ସାଂସ୍କୃତିକ ବିଶେଷତ୍ୱକୁ ପ୍ରତିଷ୍ଠା କରିଛି। ପଞ୍ଚସଖା ଯୁଗରେ ମଧ୍ୟ ଏପରି ସହନଶୀଳତା ଓ ସହାବସ୍ଥାନ ନୀତି ଲକ୍ଷ୍ୟଣୀୟ। ପଞ୍ଚସଖା ଯୁଗରେ ବହୁ ସଂପ୍ରଦାୟ, ବହୁପ୍ରକାର ଜପ, ବହୁପ୍ରକାର ଯନ୍ତ୍ରବସାଣ ବିଧି, ବହୁପ୍ରକାର ମନ୍ତ୍ର ଓ ବହୁପ୍ରକାର ଚିତାତିଳକ ଥିଲେ ମଧ୍ୟ ପରସ୍ପର ମଧ୍ୟରେ ଆନ୍ତରିକତା ଥିଲା, ସହନଶୀଳତା ଥିଲା। ରୀତିଯୁଗୀୟ କାବ୍ୟମାଳାରେ ମଧ୍ୟ ଏକାଧିକ ଦେବତାଙ୍କର ଉପାସନା ଦେଖିବାକୁ ମିଳେ। ଏକଥା ସ୍ପଷ୍ଟ ଭାବରେ ପ୍ରମାଣିତ ହେଉଛି ଯେ, ଉତ୍କଳରେ ସାଂପ୍ରଦାୟିକ ସଦ୍‌ଭାବ କାଳେ କାଳେ ପ୍ରତିଷ୍ଠିତ ଥିଲା। ଉତ୍କଳ ହେଉଛି ସର୍ବୋପରି ବହୁ ସଂପ୍ରଦାୟର, ବହୁ ଭାବନାର ସମନ୍ୱିତ ଭୂମି। ଉତ୍କଳୀୟ ସଂସ୍କୃତି ହେଉଛି ବହୁଚେତନାର ସମନ୍ୱିତ ତୀର୍ଥ। ଏହା କେବଳ କଥାର କଥା ନୁହେଁ, ଜନଜୀବନରେ ଏହାର ସ୍ପଷ୍ଟଚିତ୍ର ପରିଦୃଷ୍ଟ ହୋଇ ନିମ୍ନୋକ୍ତ ଉକ୍ତିର ଯଥାର୍ଥତା ଅକ୍ଷରେ ଅକ୍ଷରେ ପ୍ରତିପାଦନ କରିଛି।

'ବର୍ଷାଣାଂ ଭାରତଃ ଶ୍ରେଷ୍ଠ ଦେଶାନାମୁତ୍କଳ ଶ୍ରୁତଃ
ଉତ୍କଳସ୍ୟ ସମୋଦେଶୋ ଦେଶୋନାସ୍ତି ମହୀତଳେ।'

□□

ପଲ୍ଲୀ ଜୀବନଧାରାରେ ଆମ ସଂସ୍କୃତି

ସଂସ୍କୃତି କହିଲେ ଗୋଟିଏ ଜାତିର ମାର୍ଜିତ ରୁଚି ବୋଧକୁ ବୁଝାଏ । ଗୋଟିଏ ଜାତିର ସଂସ୍କୃତି ଅନ୍ୟ ଜାତିଠାରୁ ଭିନ୍ନ ହୋଇଥାଏ । ଗୋଟିଏ ଜାତିର ମାନସିକ ଉଚ୍ଚତାର ମାପକାଠି ହେଉଛି ସଂସ୍କୃତି । ଯେଉଁ ଜାତିର ସଂସ୍କୃତି ଯେତେ ଉନ୍ନତ ସେ ଜାତି ସେତେ ପ୍ରତିଷ୍ଠିତ ଓ ବଳିଷ୍ଠ । ଆମ ସଂସ୍କୃତି ଅର୍ଥାତ୍ ଉତ୍କଳୀୟ ସଂସ୍କୃତି ହେଉଛି ଭାରତୀୟ ସଂସ୍କୃତିର ଅନ୍ୟତମ ରୂପ । ଗୋଟିଏରୁ ଅନ୍ୟଟିକୁ ବାଦ୍ ଦିଆଯାଇ ପାରିବ ନାହିଁ । ଉତ୍କଳୀୟ ଜୀବନ ଧାରାରେ ବିଶେଷତଃ ପଲ୍ଲୀ ଜୀବନ ଧାରାରେ ଆମ ସଂସ୍କୃତିର ରୂପାୟନ ଅଧିକ ଭାବରେ ଦେଖିହୁଏ ।

ଆମ ସଂସ୍କୃତିର କେତେକ ମୌଳିକ ଉପାଦାନ ଭିତରୁ ଧାର୍ମିକତା ହେଉଛି ଗୋଟିଏ ଉପାଦାନ । ପଲ୍ଲୀ ଜୀବନ ଧାରାକୁ ଲକ୍ଷ୍ୟକଲେ ଏହି ଧାର୍ମିକତା ଭିନ୍ନ ରୂପରେ ଦେଖାଯାଏ । ପର୍ବପର୍ବାଣି ସବୁ ପଲ୍ଲୀ ଅଞ୍ଚଳରେ ଯେପରି ବିଧିମତେ ପାଳିତ ହୁଏ ସହର ଅଞ୍ଚଳରେ ସେପରି ପାଳିତ ହୁଏନାହିଁ । ଧାର୍ମିକ ଅନୁଚିନ୍ତାର ସଫଳ ରୂପରେଖ ଗ୍ରାମାଞ୍ଚଳରେ ସ୍ପଷ୍ଟ ଭାବରେ ଦେଖିହୁଏ । ନଦୀ ପୋଖରୀରେ ସ୍ନାନ ସାରି ସୂର୍ଯ୍ୟଦେବତାଙ୍କୁ ଜଳ ଆଞ୍ଜୁଳି ପ୍ରଦାନ କରିବା ଭିତରେ ରହିଛି ଧାର୍ମିକ ଚେତନା ପ୍ରତି ଅନୁରକ୍ତି । ସୂର୍ଯ୍ୟ ସକଳ ଶକ୍ତିର ଆଧାର । ସେ ଦେବତା ଭାବରେ ପୂଜିତ ହୁଅନ୍ତି । ଶିକ୍ଷିତ ଓ ଅଶିକ୍ଷିତ ଉଭୟ ସ୍ତରର ଲୋକମାନଙ୍କ ଭିତରୁ କେତେକ ଏହି ଜଳ ଆଞ୍ଜୁଳା ଦେଇଥାଆନ୍ତି । ଆମ ସଂସ୍କୃତିର ଅନ୍ୟ ଏକ ଉପାଦାନ ହେଉଛି ଆମର ରୁଚିବୋଧ ତଥା ପରିଚ୍ଛନ୍ନତା । ଗ୍ରାମ୍ୟ ଜୀବନରେ ଏହାର ଚିହ୍ନ ଓ ଚିତ୍ର ଦେଖିବାକୁ ମିଳେ । ସକାଳୁ ଉଠି ଘରର ସାମ୍ନାପଟ, ପଛପଟ ଓଳେଇବା ସହ ସେଠାରେ ଗୋବର ପାଣି ଛିଞ୍ଚିବା, ଚିତା ମୁରୁଜ ପକାଇବା ଇତ୍ୟାଦି କ୍ରିୟା ଭିତରେ ପରିଚ୍ଛନ୍ନତା ଓ ରୁଚିବୋଧର ସ୍ପଷ୍ଟ ପରିଚୟ ମିଳେ । ଇତିହାସ ପୃଷ୍ଠାରୁ ଆମ ସାଂସ୍କୃତିକ ଜୀବନଚର୍ଯ୍ୟା ସମ୍ପର୍କରେ କେତେକ ତଥ୍ୟ ମିଳଥାଏ । ଓଡ଼ିଶାର ମାଟି ହେଉଛି ସେହି ପବିତ୍ର ମାଟି ଯାହା ଦୁର୍ଦ୍ଧର୍ଷ ଚଣ୍ଡାଶୋକଙ୍କୁ ଧର୍ମାଶୋକରେ ରୂପାନ୍ତରିତ କରିଦେଇଥିଲା । ଅଶୋକ ଅନୁଭବ କରିଥିଲେ ଯେ ତରବାରୀର ଜୟ ପ୍ରକୃତ ବିଜୟ ନୁହେଁ । ହୃଦୟର ଜୟ ହିଁ ପ୍ରକୃତ ବିଜୟ । ମାନବିକତାର ଶୁଭ ରଶ୍ମିରେଖାରେ ହୃଦୟ ଆକାଶ ତାଙ୍କର ଆଲୋକିତ ହୋଇ ଉଠିଥିଲା । ଯିଏ ବହୁଧନ ଜୀବନ ନଷ୍ଟ କରିବାପାଇଁ କୁଣ୍ଠା ପ୍ରକାଶ କରି ନଥିଲେ ସେ ପୁଣି ଅବଶିଷ୍ଟ ଜୀବନ ଅହିଂସାନୀତିର ପ୍ରଚାର କରିଥିଲେ ।

ଆନୁଷ୍ଠାନିକ ଶିକ୍ଷା ଆମ ସଂସ୍କୃତିର ଅନ୍ୟତମ ବିଭବଭାବରେ ପରିଗଣିତ । ଅତୀତରେ ଉତ୍କଳର ରତ୍ନଗିରି ଲଳିତଗିରିର ବୌଦ୍ଧ ବିହାର ଥିଲା ଶିକ୍ଷାଲାଭ ନିମନ୍ତେ ଏକଏକ ବିଶିଷ୍ଟ କ୍ଷେତ୍ର । ଏଥିରେ ଭାରତର ବିଭିନ୍ନ ଅଞ୍ଚଳରୁ ବହୁ ଛାତ୍ର ଆସି ଅଧ୍ୟୟନ କରୁଥିଲେ । ପଲ୍ଲୀ ଅଞ୍ଚଳରେ ପ୍ରତିଷ୍ଠିତ ଏହି ବୌଦ୍ଧ ବିହାର ସବୁ ପ୍ରମାଣ କରିଦିଏ ଯେ ଅତୀତରେ ଉତ୍କଳୀୟ ଜନଜୀବନ ଶିକ୍ଷା ପ୍ରତି ଯେତିକି ସଚେତନ ଥିଲା ସେତିକି ଦୂରଦୃଷ୍ଟିସମ୍ପନ୍ନ ଥିଲା । ଆନ୍ତରିକ ତଥା ଆଭ୍ୟନ୍ତରୀଣ ପ୍ରଗତି ଉପରେ ବିଶ୍ୱାସୀ ଥିଲା ଉତ୍କଳୀୟ ଜୀବନ ଧାରା ।

ଧର୍ମ ଧର୍ମ ଭିତରେ ସଦ୍‌ଭାବ, ସମ୍ପ୍ରଦାୟ ସମ୍ପ୍ରଦାୟ ଭିତରେ ସମନ୍ୱୟ ରକ୍ଷା ନିମନ୍ତେ ପ୍ରୟାସ ଉତ୍କଳୀୟ ଜୀବନ ଧାରାରେ ପରିଚ୍ଛନ୍ନ ଭାବରେ ପରିସ୍ଫୁଟ ହୁଏ । ସବୁ ଗୋଷ୍ଠୀ ସବୁ ମତବାଦ ଏଠାରେ ଏକାକାର ହୋଇ

ଯାଇଛି ଯୁଗେ ଯୁଗେ ଶ୍ରୀଜଗନ୍ନାଥ ସଂସ୍କୃତିରେ । ଜଗନ୍ନାଥ ଚେତନା ସବୁ ପଥକୁ ଏକାଠି ମିଳାଇ ଦେଇଛି, ସବୁ ମତବାଦକୁ ସମନ୍ୱିତ କରି ଦେଇଛି, ଭରି ଦେଇଛି ସବୁ ସମ୍ପ୍ରଦାୟ ଭିତରେ ଅମାପ ଆନ୍ତରିକତା । ମହାମିଳନପୀଠ ହୋଇଯାଇଛି ଶ୍ରୀକ୍ଷେତ୍ର ଏବଂ ଉତ୍କଳୀୟ ସଂସ୍କୃତି ସମଗ୍ର ବିଶ୍ୱ ଆଗରେ ଭ୍ରାତୃତ୍ୱର ଜୟଗାନ କରିଛି । ବିଶ୍ୱଶାନ୍ତିପାଇଁ ସହାନୁଭୂତିପୂର୍ଣ ସହାବସ୍ଥାନ ସବୁ ମତକୁ ଗୁରୁତ୍ୱ ପ୍ରଦାନର ଆବଶ୍ୟକତା ଉପରେ ଗୁରୁତ୍ୱ ଆରୋପ କରିଛି ।

କଳା କ୍ଷେତ୍ରରେ ଉତ୍କଳୀୟ ଜୀବନ ଧାରାର ପ୍ରତିଷ୍ଠା ଅସାଧାରଣ । ବୟନ ଶିଳ୍ପଠାରୁ ଆରମ୍ଭ କରି ସ୍ଥାପତ୍ୟ ଶିଳ୍ପ ପର୍ଯ୍ୟନ୍ତ ସର୍ବତ୍ର କଳା ଲକ୍ଷ୍ମୀଙ୍କର ନିରାଜନା ଦେଖିବାକୁ ମିଳେ । କର୍କଶ ପ୍ରସ୍ତର ଗାତ୍ରରେ ସୁଲଳିତ ଚିତ୍ରକଳା ଫୁଟାଇ ଓଡ଼ିଆ ଶିଳ୍ପୀ ନିଜର ମନୋଜ୍ଞ ରୁଚିବୋଧର ବଳିଷ୍ଠ ପ୍ରମାଣ ଦେଇଛି । ନିହାଣ ମୁନରେ ଅଙ୍କିତ ହୋଇଛି ଲତା, ଲତାରେ ଫୁଟିଛି ଫୁଲର ସମ୍ଭାର । ମନମୁଗ୍ଧକର କଳାଲଳିତ ପରିବେଶ ଆତ୍ମପ୍ରକାଶ କରିଛି ପୁନଶ୍ଚ ପିପିଲି ଚାନ୍ଦୁଆ ଶିଳ୍ପରେ, ବାଳକାଟିର କଂସା ବାସନ ପ୍ରସ୍ତୁତିରେ, ମାଣିଆବନ୍ଦୀର ପାଟମଠା ବୟନରେ ପୁଣି ପାରଳାଖେମୁଣ୍ଡିର ଶିଙ୍ଗ କାମରେ । ତାଳପତ୍ର ପୋଥିରେ ଅଙ୍କିତ ବିଭିନ୍ନ ଚିତ୍ର ଉତ୍କଳୀୟ ଜନ ମାନସରେ ଥିବା କଳାତ୍ମକତାର ପରିଚୟ ଦିଏ ।

ସାହିତ୍ୟ ହେଉଛି ଲିପିଶିଳ୍ପ । ଏ ଦିଗରେ ମଧ୍ୟ ଉତ୍କଳର ଭୂମିକା ଅସାଧାରଣ । ଏ ମାଟିର ବରପୁତ୍ର ଜୟଦେବଙ୍କର ଅମ୍ଲାନକୃତି ରୂପେ ଗୀତଗୋବିନ୍ଦ ଗ୍ରନ୍ଥ ସମଗ୍ର ଭାରତରେ ସ୍ୱତନ୍ତ୍ର ମର୍ଯ୍ୟାଦାର ଅଧିକାରୀ । ରାଧାମାଧବର ଲୀଳାବିଳାସ ଏଥିରେ ମୂର୍ତ୍ତିମନ୍ତ । ସୁକୁମାର ସୁଲଳିତ ଶବ୍ଦ ସଂଯୋଜନା, ସୁଧାସିକ୍ତ ମଧୁର ଭାବ ସମ୍ଭାର ଏହି ଗ୍ରନ୍ଥଟିକୁ ଅନନ୍ୟ ସାଧାରଣ କରି ଗଢ଼ି ତୋଳିଛି । ଉତ୍କଳୀୟମାନଙ୍କର ଅମ୍ଲାନକୃତି ହେଲେ ମଧ୍ୟ ସେ ହୋଇଯାଇଛି ଭାରତୀୟ ସାହିତ୍ୟର ଏକ ପ୍ରତିଷ୍ଠିତ କୀର୍ତ୍ତିସ୍ତମ୍ଭ । ସାରଳା ଦାସଙ୍କର ଓଡ଼ିଆ ଭାଷାରେ ରଚିତ ମହାଭାରତ ଅନ୍ୟାନ୍ୟ ପ୍ରାନ୍ତୀୟ ଭାଷାରେ ରଚିତ ମହାଭାରତର ଆତ୍ମ ପ୍ରକାଶ ପାଇଁ ପ୍ରେରଣା ଦେଇଛି । ଭାରତୀୟ ସଂସ୍କୃତିର ମହତ୍ତ୍ୱ ଓ ମୂଲ୍ୟବୋଧକୁ ଉତ୍କଳୀୟ କବି ସାରଳା ଦାସ ସମ୍ମାନ ଦେବା ସଙ୍ଗେ ସଙ୍ଗେ ଉତ୍କଳୀୟ ପଲ୍ଲୀ ଜୀବନରେ ପ୍ରଚଳିତ ବହୁ କାହାଣୀ କିମ୍ବଦନ୍ତୀକୁ ମହାଭାରତରେ ସ୍ଥାନ ଦେଇଛନ୍ତି । ଏବେ ମଧ୍ୟ ସ୍ଥାନେ ସ୍ଥାନେ ପଲ୍ଲୀ ଅଞ୍ଚଳରେ ସାରଳାମହାଭାରତ ପଠିତ ତଥା ଆଲୋଚିତ ହୋଇ ପ୍ରମାଣ କରୁଛି ଯେ ପଲ୍ଲୀବାସୀ ଆମ ସାଂସ୍କୃତିକ ବିଭବ ପ୍ରତି ଅଦ୍ଭବହୁତେ ସଚେତନ ଅଛନ୍ତି । ଜଗନ୍ନାଥ ଦାସଙ୍କ ଭାଗବତ, ବଳରାମଦାସଙ୍କ ଦାଣ୍ଡୀରାମାୟଣ ଏବେ ମଧ୍ୟ କେତେକ ପଲ୍ଲୀ ଅଞ୍ଚଳରେ ପୁରାଣ ଭାବରେ ପଠିତ ହେଉଛି । ଶ୍ରୋତାମାନଙ୍କ ଭିତରେ ପ୍ରସଙ୍ଗ କ୍ରମେ ପାଠ ମଝିରେ ଆଲୋଚନା କରାଯାଉଛି । ଉତ୍କଳୀୟ ସଂସ୍କୃତିର ଏକଏକ ଅମୂଲ୍ୟ ରତ୍ନ ଭାବରେ ପ୍ରତିଷ୍ଠିତ ଉକ୍ତ ଗ୍ରନ୍ଥସବୁ ପ୍ରତି ଗ୍ରାମାଞ୍ଚଳରେ ଥିବା ଆଦର ସୂଚନା ଦେଉଛି ଯେ ଗ୍ରାମ୍ୟ ପରିବେଶରେ ଏବେ ମଧ୍ୟ ଆମର ପ୍ରାଚୀନ ସାହିତ୍ୟ ପ୍ରତି ଆକର୍ଷଣ ରହିଛି ।

ଆମ ସଂସ୍କୃତିର ଅବିଚ୍ଛେଦ୍ୟ ଅଂଶ ଭାବରେ ଆଦିବାସୀ ସଂସ୍କୃତି ପ୍ରତିଷ୍ଠା ଲାଭ କରିଛି । ଆଦିବାସୀ ସଂସ୍କୃତିରେ ଶିବ ଓ ଶକ୍ତିଙ୍କର ପ୍ରଥମ ଉପାସନା ଦେଖିବାକୁ ମିଳେ । ଦାରୁ ପୂଜା, ବୃକ୍ଷ ପୂଜା, ସର୍ପ ପୂଜା, ସର୍ପ ଉପାସନା, ମାଟି ପୂଜା ଇତ୍ୟାଦି ପାରମ୍ପରିକ ଅନୁଷ୍ଠାନ ସବୁ ଏହି ସଂସ୍କୃତିରେ ପ୍ରଥମେ ସ୍ଥାନ ପାଇଥିଲା । ଏହା ଛଡ଼ା ସମ୍ରାଟ ଖାରବେଳ, ଗଜପତି କପିଳେନ୍ଦ୍ର ଦେବ ଓ ନରସିଂହ ଦେବଙ୍କ ରାଜ୍ୟ ଜୟ ଜନିତ ବିଜୟ ଗୌରବରେ ଆର୍ଯ୍ୟ ପାଇକମାନଙ୍କର ଯେତିକି ଅବଦାନ ରହିଛି କନ୍ଧ ଭୂୟାଁ ଜୁଆଙ୍ଗ ପାଇକମାନଙ୍କର ମଧ୍ୟ ସେତିକି ଅବଦାନ ରହିଛି ।

ବିଭିନ୍ନ ଦିଗରୁ ବିଚାର କଲେ ଏ କଥା ସ୍ପଷ୍ଟ ହୁଏ ଯେ ଆମର ପଲ୍ଲୀ ଜୀବନରେ ଆମ ସଂସ୍କୃତିର ବହୁ ମୂଲ୍ୟ ଉପାଦାନ ସବୁ ଦୀପ୍ତିମନ୍ତ ହୋଇ ରହିଛି । ଆମର ସଂସ୍କୃତି ଏକ ଜାଗ୍ରତ ସଂସ୍କୃତି । ଦେଶର ରକ୍ଷାଠାରୁ ଆରମ୍ଭ କରି କଳା, ସାହିତ୍ୟ, ସଂଗୀତ, ଶିଳ୍ପ ଆଦି ସବୁ କ୍ଷେତ୍ରରେ ଉତ୍କଳରେ ସଂସ୍କୃତି ପ୍ରୀତି ଥିବାର ଅନୁଭବ କରିହୁଏ ।

□□

ପାରିବାରିକ ଶିକ୍ଷାର ମହତ୍ତ୍ୱ

ଶିକ୍ଷା ମଣିଷକୁ ମାର୍ଜିତ କରେ । ମଣିଷ ଭିତରେ ଥିବା ମୂଲ୍ୟବୋଧର ବିକାଶ ଘଟାଏ । ଦେଶ ବିଦେଶର ସମ୍ବାଦ ସଂଗ୍ରହ ଓ ସ୍ମରଣରେ ଶିକ୍ଷା ସମାପ୍ତ ହୁଏ ନାହିଁ, ଏହା ସହିତ ଅନ୍ତର୍ନିହିତ ଚେତନାର ବିକାଶର ସମନ୍ୱୟ ହେବା ଏକାନ୍ତ ଜରୁରୀ । ଏହା ହିଁ ଶିକ୍ଷାର ପ୍ରକୃତ ଲକ୍ଷ୍ୟ କହିଲେ ଚଳେ । ଅନ୍ତର୍ଚେତନାର ବିକାଶ ଘଟିବାର ପରିଣାମ ନୁହେଁ ମୁଣ୍ଡରେ ଜାଟାବାନ୍ଧି, କାନ୍ଧରେ ବାନା ବହନକରି, ବିଭୂତି ଭୂଷିତ ହୋଇ ଅରଣ୍ୟ ଗମନ କରିବା । ବିକଶିତ ଚେତନା ପଳାୟନବାଦରେ ବିଶ୍ୱାସ କରେନାହିଁ ବା ଅନ୍ୟ ଅର୍ଥରେ କହିଲେ ଆତ୍ମ ସଚେତନ ବ୍ୟକ୍ତି କଦାପି ପଳାୟନପନ୍ଥୀ ନୁହନ୍ତି । ନିଜର କର୍ତ୍ତବ୍ୟ ଓ ଦାୟିତ୍ୱକୁ ବୁଝିବା, ଚିନ୍ତା ଓ କାର୍ଯ୍ୟରେ ସୁସଙ୍ଗତି ରଖିବା, ସର୍ବୋପରି ଶୃଙ୍ଖଳିତ ହେବା ହିଁ ଆତ୍ମ ସଚେତନତାର ମୂଳ ମନ୍ତ୍ର । ଶିଶୁ ଭିତରେ ଆତ୍ମସଚେତନତାର ମୂଳଭିତ୍ତି ପଡ଼ିଥାଏ ପରିବାରରୁ । ଆନୁଷ୍ଠାନିକ ଶିକ୍ଷା ଦ୍ୱାରା ଶିଶୁ ବା କିଶୋର ଯେତିକି ଉପକୃତ ହୁଏ, ପାରିବାରିକ ଶିକ୍ଷା ଦ୍ୱାରା ସେ ତା'ଠାରୁ ଅଧିକ ଉପକୃତ ହୁଏ । ପରିବାର ହିଁ ଶିଶୁପାଇଁ ପ୍ରଥମ ପବିତ୍ର ଶିକ୍ଷାୟତନ । ଭଲକଥାଟିଏ ଶିଖିବାପାଇଁ ଘରଠାରୁ ଅଧିକ ମହତ୍ତ୍ୱପୂର୍ଣ୍ଣ ଅନୁଷ୍ଠାନ ଆଉ କିଛି ନାହିଁ । ପାରିବାରିକ ଶିକ୍ଷା ଠିକ୍‌ଥିଲେ ଭବିଷ୍ୟତ ଜୀବନର ଚଲାପଥରେ ମଣିଷ ବିଶେଷ ବାଉଳା ହୁଏନାହିଁ । ଉପଯୁକ୍ତ ପାରିବାରିକ ଶିକ୍ଷା ନ ଥିଲେ ପିଲା ସ୍ୱେଚ୍ଛାଚାରୀ ହୁଏ, ସମାଜରେ ବହୁ ଲୋକଙ୍କର ଅଶାନ୍ତିର କାରଣ ହୁଏ । କୁମ୍ଭାର କଞ୍ଚାମାଟିକୁ ନେଇ ଠିକ୍ ଭାବରେ ମାଠିଆ ଗଢ଼େନାହିଁ । ସବୁ ଦୋଷ ହୁଏ ମାଠିଆର । ସ୍କୁଲ, କଲେଜ ଶିକ୍ଷା ଚାଲିଥିବାବେଳେ ମଧ୍ୟ ପାରିବାରିକ ଶିକ୍ଷାର ଆବଶ୍ୟକତା ଥାଏ । ଛାତ୍ର ଜୀବନରେ ପରିବାର ହିଁ ତା'ପାଇଁ ମର୍ତ୍ତ୍ୟ ବୈକୁଣ୍ଠ ପରି ପ୍ରତୀୟମାନ ହୁଏ, ତେଣୁ ପାରିବାରିକ ଶିକ୍ଷା ତା' ପାଇଁ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ । କିନ୍ତୁ ଦେଖାଯାଏ ଯେ ପିଲାମାନଙ୍କୁ ଭଲକଥା ଶିଖାଇବା ପାଇଁ ଯେତିକି କଷ୍ଟ ସ୍ୱୀକାର କରିବା କଥା ଅଭିଭାବକମାନେ ସେତିକି କଷ୍ଟ ସ୍ୱୀକାର କରନ୍ତି ନାହିଁ । ନିଜର ସୁଖ ସୁବିଧାକୁ ସେମାନେ ଅଗ୍ରାଧିକାର ଦେଉଥିବାରୁ ପିଲାମାନଙ୍କ ପାଇଁ ଆବଶ୍ୟକୀୟ ସମୟ ଦେଇପାରନ୍ତି ନାହିଁ । ଆବଶ୍ୟକତା ଅନୁସାରେ ସ୍ନେହ ଓ ଶାସନର ସମନ୍ୱୟ ଘଟାଇ ସେମାନେ ଯଥାଯଥ ଦିଗ୍‌ଦର୍ଶନ ପିଲାମାନଙ୍କୁ ଦେଇପାରନ୍ତି ନାହିଁ । ଫଳରେ ପିଲାମାନଙ୍କର ଯେଉଁ ଅପୂରଣୀୟ କ୍ଷତି ଘଟେ ତାହା ଆଉ ପୂରଣ ହୋଇପାରେ ନାହିଁ । ସମୟ ଦେଇ ଉପଦେଶ ସହିତ ସ୍ନେହ ଓ ଶାସନ ମାଧ୍ୟମରେ ଶିକ୍ଷା ସମାପ୍ତ ହୁଏ ନାହିଁ, ଏହା ସଙ୍ଗେ ସଙ୍ଗେ ଆବଶ୍ୟକପଡ଼େ ଅଭିଭାବକଙ୍କର ଆଚରଣ ଶୁଦ୍ଧି । ପିଲାମାନେ ଜନ୍ମରୁ ଅତ୍ୟନ୍ତ ଗ୍ରହଣଶୀଳ ହୋଇଥିବାରୁ ଅନ୍ୟମାନଙ୍କର ଚାଲିଚଳଣିକୁ ନିରୀକ୍ଷଣ କରି ଅବଚେତନରେ ମଧ୍ୟ ଗ୍ରହଣ କରିନିଅନ୍ତି । ସେଥିରୁ ନିଜର ଭବିଷ୍ୟତ ଜୀବନପାଇଁ ଚଳଣିର ଉପାଦାନ ସଂଗ୍ରହ କରିନିଅନ୍ତି । ପିଲାମାନେ ପରିବାରରୁ ଶିଖିଥାନ୍ତି ପାରସ୍ପରିକ ସ୍ନେହ, ସହନଶୀଳତା, ଅନ୍ୟପ୍ରତି ସମ୍ବେଦନଶୀଳତା, ଉଦାରତା, ମିଷ୍ଟଭାଷାର ମହତ୍ତ୍ୱ, ନମ୍ରତା ସମେତ ଅନେକ ମୂଲ୍ୟବାନ କଥା । ଦେଶପ୍ରେମର ପ୍ରଥମ ସ୍ଫୁରଣ ମନ ମଧ୍ୟରେ ଏହି ପାରିବାରିକ ଶିକ୍ଷା ମାଧ୍ୟମରେ ହିଁ ଆସିଥାଏ । ଯେଉଁ ପରିବାରରେ ଦେଶ ପ୍ରେମର ଚର୍ଚ୍ଚା ନାହିଁ, ଦେଶ

ପ୍ରତି ଆନ୍ତରିକତା ପ୍ରକଟିତ ହୁଏନାହିଁ, ମାନବିକ ସଦ୍‌ଗୁଣ ସମ୍ପର୍କରେ ଆଲୋଚନା ହୁଏ ନାହିଁ, ସେ ପରିବାରର ପିଲାମାନେ ସେସବୁ ଉପାଦନକୁ ମନରେ ସ୍ଥାନ ଦିଅନ୍ତି ନାହିଁ । ଅନୁଷ୍ଠାନରେ ଯେତେ ଚର୍ଚ୍ଚା ଗୁରୁମାନଙ୍କ ଦ୍ୱାରା କରାଗଲେ ମଧ୍ୟ ତାହା କିଶୋର ମନରେ ବିଶେଷ କୌଣସି ପ୍ରଭାବ ପକାଏ ନାହିଁ, ଏ କାନରେ ପଶି, ସେ କାନରେ ବାହାରିଯାଏ କାରଣ ଭଲ କଥାକୁ ଧରି ରଖିବାର ସାମର୍ଥ୍ୟ ତା' ଭିତରେ ପିଲାଦିନରୁ ସୃଷ୍ଟି ହୋଇନଥାଏ । ଉପଦେଶ ଛଳରେ ହେଉ ବା ଗଳ୍ପ ଛଳରେ ହେଉ ପିଲାଟିଏ ନିଜ ସଂସ୍କୃତି, ପରମ୍ପରା ସମ୍ପର୍କରେ ଘରୁ ଯଦି କିଛି ନ ଶୁଣିଲା, ତେବେ ଅନୁଷ୍ଠାନରୁ ଯେତେ ଶୁଣିଲେ ମଧ୍ୟ ତାହା ଦ୍ୱାରା ଉପକୃତ ହୋଇପାରିବ ନାହିଁ । ତା'ର ମନେହେବ ସେସବୁ ମୂଲ୍ୟହୀନ, ଅଦରକାରୀ କଥା । ଯୁକ୍ତି ତା'ର ମନରେ ଆସିବ ଯେ ଯଦି ଏସବୁ ମୂଲ୍ୟବାନ ହୋଇଥାନ୍ତା ତେବେ ଆମଘରେ ଏସବୁ ଚର୍ଚ୍ଚା ହୁଅନ୍ତା ନାହିଁ । ଯେହେତୁ ଆମଘରେ କେହି କେବେ ଏସବୁ କଥା ପକାନ୍ତି ନାହିଁ, ତେଣୁ ଏସବୁ ମୂଲ୍ୟହୀନ ଅଟେ । ପିଲାମାନଙ୍କୁ କେହି ବୁଝାଇବା ଦରକାର ନାହିଁ, ସେମାନେ ମନକୁ ମନ ବୁଝି ଯାଇଥାନ୍ତି ଯେ ତାଙ୍କ ଘର ଭଲ, ତାଙ୍କ ଘର ଲୋକମାନେ ଭଲ, ତାଙ୍କ ଘର ଚଳଣି ଭଲ ଇତ୍ୟାଦି ଇତ୍ୟାଦି । ଅତଏବ ଘରେ ଯାହା ଚର୍ଚ୍ଚା ହୁଏ, ଚଳଣିରେ ଫୁଟେ, ପିଲା ଉପରେ ତାହାର ପ୍ରଭାବ ପଡ଼େ । ଘରେ ଯଦି ମନ୍ଦକଥା ଚର୍ଚ୍ଚା ହୁଏ, ଚଳଣିରେ ଦେଶଦ୍ରୋହୀ ମନୋବୃତ୍ତି ଫୁଟିପଡ଼େ ତେବେ ପିଲାମାନେ ତାକୁ ଭଲଭାବି ଅନୁକରଣ କରିଥାନ୍ତି ନିର୍ବିକାର ଚିତ୍ତରେ । ସେ ଯଦି ଅନୁଭବ କରେ ଯେ ତାଙ୍କ ଘରେ ନିଜ ସଂସ୍କୃତି ପ୍ରତି ଆଦର ନାହିଁ ବରଂ ସମାଲୋଚନା ଅଛି ତେବେ ସେ ତାହାକୁ ଭଲ ବୋଲି ଗ୍ରହଣ କରିନିଏ ଏବଂ ଜୀବନରେ କେବେ ନିଜ ସଂସ୍କୃତିକୁ ଆଦର କରିପାରେ ନାହିଁ । ପିଲାଦିନର ମନର ଛାପ ଲିଭିବା ଅତ୍ୟନ୍ତ କଷ୍ଟକର । ପ୍ରାୟ ତାହା ଲିଭେ ନାହିଁ । ବେଳେବେଳେ ପିଲାମାନେ ପରିବାରରୁ ଶିଖିଯାନ୍ତି ଯେ ଆମର ଧର୍ମଗ୍ରନ୍ଥ ସବୁ ମୂଲ୍ୟହୀନ, ଆମର ଅତୀତର ଆଚାର୍ଯ୍ୟମାନେ ସମସ୍ତେ ଭଣ୍ଡ, ଅପାରଗ ଓ ଅଯୋଗ୍ୟ, ତେବେ ସେମାନେ ଉଦ୍‌ଭ୍ରାନ୍ତ ନ ହୋଇ ଆଉ କ'ଣ ବା ହେବେ ? ଅତଏବ ଏକଥା ସ୍ପଷ୍ଟ ଯେ ପାରିବାରିକ ଶିକ୍ଷା ହେଉଛି ଜୀବନର ଭିତ୍ତି, ଜୀବନ ପଥରେ ସାଥୀ ଓ ଜୀବନ ରଥରେ ସଫଳ ସାରଥୀ ।

ପାରିବାରିକ ଶିକ୍ଷା କ୍ଷେତ୍ରରେ ମାଆମାନଙ୍କର ଭୂମିକା ସବୁଠାରୁ ଅଧିକ ଗୁରୁତ୍ୱପୂର୍ଣ୍ଣ । ମାଆ ହେଉଛି ଶିଶୁର ପ୍ରଥମ ଶିକ୍ଷକ । ସେ ଯେପରି ଶିଖାଇବ, ପିଲାଟି ସେପରି ଶିଖିବ । ମାଆ ଭଲକଥା ଶିଖାଇଲେ ପିଲା ନିଶ୍ଚୟ ଭଲକଥା ଶିଖିବ । ମହାତ୍ମାଗାନ୍ଧି କହୁଥିଲେ ପୁଅଟିକୁ ଶିକ୍ଷିତ କରିବା ଅର୍ଥ ବ୍ୟକ୍ତିକୁ ଶିକ୍ଷିତ କରିବା, ଝିଅଟିକୁ ଶିକ୍ଷିତ କରିବା ଅର୍ଥ ଗୋଟିଏ ପରିବାରକୁ ଶିକ୍ଷିତ କରିବା । ପରିବାର ଶିକ୍ଷିତ ହେଲେ ଜାତି ଶିକ୍ଷିତ ହେବ । ଅତଏବ ଏକଥା ଠିକ୍ ଯେ ମାଆ ଶିକ୍ଷିତା ହେଲେ ଜାତି ଉଠିବ, ଜାତିର ରୁଚି ମାର୍ଜିତ ହେବ, ଦୃଷ୍ଟିକୋଣ ବଦଳିଯିବ । ଶିକ୍ଷିତ ହେବାର ଅର୍ଥ ନୁହେଁ କେବଳ ଡିଗ୍ରୀ ହାସଲ କରିବା । ଏହା ସହିତ କିଛି ଭଲ କଥା, ଭଲ ଗୁଣ ମାଆମାନେ ଶିଖିବା ଉଚିତ । ସେମାନେ ନିଜେ ନ ଜାଣିଲେ ପିଲାମାନଙ୍କୁ ଜଣାଇବେ କିପରି ? ସେଥିପାଇଁ ନାରୀ ଜାତି ମଧ୍ୟରେ ସ୍ୱତନ୍ତ୍ର ଆଗ୍ରହ ଓ ଆନ୍ତରିକତା ରହିବା ଆବଶ୍ୟକ । ଆମ ସାହିତ୍ୟରେ ମାନବିକତାର ଉଦାହରଣ ପାଇଁ ବହୁ ପ୍ରସଙ୍ଗ ରହିଛି, ସେ ସବୁକୁ ପଢ଼ି ଜାଣି ମାଆମାନେ ପିଲାମାନଙ୍କୁ ସେହି ଚେତନାରେ ଉଦ୍‌ବୁଦ୍ଧ କରିବା ପାଇଁ ପ୍ରୟାସ କରିବା ଉଚିତ । ଏଥିପାଇଁ ଅଧ୍ୟବସାୟ ଦରକାର, ଯତ୍ନ କରିବା ଦରକାର । ନ ହେଲେ ରତ୍ନ ମିଳିବ ନାହିଁ । ମାଆମାନେ ଗୁରୁ ଗୁରୁଜନଙ୍କୁ ଅବମାନନା କରିବା, ହତାଦର କରିବା, ସମାଲୋଚନା କରିବା, ଅନ୍ୟପ୍ରତି କଠୋର ହେବା, ଆପଣାର ସୁବିଧା ଉପରେ ଅଧିକ ଗୁରୁତ୍ୱ ଦେବା, ଘର ଭିତରେ ନିହାତି କ୍ଷୁଦ୍ର କ୍ଷୁଦ୍ର କଥା ଉପରେ ଗୁରୁତ୍ୱ ଦେଇ ଅନ୍ୟମାନଙ୍କ ସହିତ କଳିକରିବା ଇତ୍ୟାଦି ଇତ୍ୟାଦି ବହୁ ଦୁର୍ଗୁଣର ଅଧିକାରଣୀ ହୋଇଥିଲେ ପିଲାମାନେ ତାହାହିଁ ଶିଖିଯିବେ । ତାକୁ ହିଁ ଭଲ ବୋଲି ବୁଝିଯିବେ, ନିଜ ଜୀବନରେ ଅନୁରୂପ ଆଚରଣ କରିବାକୁ ଭୁଲିଯିବେ ନାହିଁ । 'ରାଷ୍ଟ୍ରର ଗଠନ ଦାୟିତ୍ୱ ଯେ ମାଆମାନଙ୍କ ଉପରେ ନ୍ୟସ୍ତ'- ଏକଥାର ମହତ୍ତ୍ୱ ଓ ମୂଲ୍ୟବୋଧକୁ ବୁଝିବାକୁ ସମୟ

ଆଜି ଦେଶର ଦ୍ୱାର ଦେଶରେ ଉପସ୍ଥିତ । ନିଜର ସୁଖ ସୁବିଧାକୁ ତ୍ୟାଗକରି ପିଲାମାନଙ୍କ ଉପରେ ଅଧିକରୁ ଅଧିକ ଗୁରୁତ୍ୱ ଦେବା ଆଜିର ଆହ୍ୱାନ ହୋଇଛି ମାଆମାନଙ୍କ ପାଇଁ, ଏଥିରେ ଦ୍ୱିମତ ନାହିଁ । ଏ ଆହ୍ୱାନ ସମଗ୍ର ବିଶ୍ୱର ଆହ୍ୱାନ । ସମଗ୍ର ବିଶ୍ୱ ଅସୀମ ଉତ୍କଣ୍ଠାର ସହ ଭାରତ ଆଡ଼କୁ ଚାହିଁରହିଛି । । ଭାରତ ଦେବ ଆଗାମୀ ଦିନରେ ସମଗ୍ର ବିଶ୍ୱକୁ ଦିଗ୍‌ଦର୍ଶନ, ଏକଥା ସ୍ୱାମୀ ବିବେକାନନ୍ଦ, ମହାଯୋଗୀ ଶ୍ରୀ ଅରବିନ୍ଦ, ମାକସ୍‌ମୁଲ୍ଲର, ଶ୍ରୀମତୀ ବୋରିସ୍ୱା ଓ ହରାରଙ୍କ ସମେତ ପ୍ରାଚ୍ୟ ଓ ପାଶ୍ଚାତ୍ୟର ବହୁ ମନୀଷୀ ଉଦ୍‌ଘୋଷଣା କରିଛନ୍ତି । ସମୟର ଏ ଆହ୍ୱାନକୁ ଭାରତର ମାଆମାନେ ଉପେକ୍ଷା କରିବେ ନାହିଁ ବୋଲି ଆଶା କରାଯାଏ।

□□

ବଞ୍ଚିବାର କଳା

ମନୁଷ୍ୟ ଜୀବନ ଏକ ଅର୍ଥହୀନ ଜାନ୍ତବ ଅଭିବ୍ୟକ୍ତି ନୁହେଁ, ଏହା ଏକ ପୂଜାଫୁଲ । ଏହି ପୂଜାଫୁଲ ମହାଚେତନାର ନିରାଜନାପାଇଁ ଅଭିପ୍ରେତ, ଯାହାର ସୁବାସ ଦିଗଦିଗନ୍ତରେ ବିଚ୍ଛୁରିତ ହୋଇ ଅପୂର୍ବ ମହୋଲ୍ଲାସ ସୃଷ୍ଟି କରିପାରେ । ଆନ୍ତର ଚେତନାର ବିକାଶ ନିମନ୍ତେ ଜୀବନ ଏକ ପ୍ରକୃଷ୍ଟ ମାଧ୍ୟମ । ଅତଏବ ଜାଗତିକ ଜୀବନ ଆଦୌ ମୂଲ୍ୟହୀନ ନୁହେଁ ବରଂ ଅତ୍ୟନ୍ତ ମୂଲ୍ୟବାନ, ଏଥିରେ ସନ୍ଦେହର ଅବକାଶ ନାହିଁ । ମନୁଷ୍ୟର ଦେହ ଏକ ରଥ ସଦୃଶ ଯହିଁରେ ରଥୀ ବିରାଜମାନ କରି ବିକଶିତ ହୋଇଥାନ୍ତି । ରଥ ବିନା ରଥୀଙ୍କର ଗତି ବ୍ୟାହତ ହେବାପରି, ଦେହବିନା ଦେହୀଙ୍କର ପ୍ରଗତି ବ୍ୟାହତ ହୁଏ । ସୁତରାଂ ରଥ ଓ ରଥୀ ଉଭୟଙ୍କର ସୁରମ୍ୟ ସହାବସ୍ଥାନରେ ସଂଗଠିତ ଜୀବନର ମହତ୍ତ୍ୱ ଏକାଧାରରେ ଅସୀମ ଓ ଅସାଧାରଣ । ଅନ୍ୟଭାଷାରେ କହିଲେ ଏହାହିଁ ଯଥାର୍ଥ ଯେ ଦେହ ବିନା ଆତ୍ମାର ଅଭିବ୍ୟକ୍ତି ନାହିଁ କି ଆତ୍ମାବିନା ଦେହର ସ୍ଥିତି ନାହିଁ । ଉଭୟ ଉଭୟଙ୍କର ଉପସ୍ଥିତିରେ ମହୀୟାନ । ମନେପଡ଼େ ଏ ପସଙ୍ଗରେ ଡଃ ମାୟାଧର ମାନସିଂହଙ୍କର କବିତାର ସେଇ ପଦଟି -

ନର ଦେହ ହୀନ ମୃତ୍ତିକା ନୁହେଁ
ନାରାୟଣ ତାର ଜୀବନ ରସ
ମହାଚେତନାର ଅଂଶ ସେ ଏକ
ବିକାଶ ପାଇଁକି ଶରୀର ବଶ ।

ଏପରି ଦୁର୍ଲ୍ଲଭ ମାନବ ଜୀବନର ସାର୍ଥକତା ଅଧିକରୁ ଅଧିକ ପ୍ରକଟିତ ହେବା ନିର୍ଭର କରେ ତା'ର ବ୍ୟବହାର ବିଧି ଉପରେ । ହୀରାକୁ କଳାତ୍ମକ ଭାବରେ କାଟିଲେ ତା'ର ଉଜ୍ଜ୍ୱଳତା ବଢ଼ିଲା ପରି ଜୀବନକୁ କଳାତ୍ମକ ଭାବରେ ଜୀଇଁ ଜାଣିଲେ ତା'ର ମୂଲ୍ୟବୋଧ ବହୁଗୁଣିତ ହୁଏ । ଅତଏବ ଏହା ସର୍ବବାଦୀ ସମ୍ମତ ଯେ ଜୀବନ ଜୀଇଁବାର ଏକ କଳାକୌଶଳ ଅଛି, ଅନ୍ୟଥା ଜୀବନ ହୁଏ ଦୁର୍ବହ ଓ ଅଶାନ୍ତ। ଏ ପର୍ଯ୍ୟନ୍ତ ଏହି କଳା କୌଶଳଟି ମନୁଷ୍ୟ ପୂରାପୂରି ଶିଖି ପାରିଛି ବୋଲି କହିହେବ ନାହିଁ । ମାକସିମ୍ ଗର୍କୀଙ୍କମତରେ- "Man can fly in the air like birds, man can swim in water like fish but how to live on this earth he does not know." ଏହି ବଞ୍ଚିବାର କଳାଟିକୁ ଆମେ ଯେତେ ଅଧିକ ଭାବରେ ବୁଝିବା ଓ କାର୍ଯ୍ୟରେ ପରିଣତ କରିବା ଜୀବନ ଆମପାଇଁ ସେତେ ବହୁମୂଲ୍ୟ ଉପହାରରେ ପରିଣତ ହେବ । ଅମୃତର ସନ୍ଧାନ ନିମନ୍ତେ ଏହା ପରିଣତ ହେବ ଏକ ପବିତ୍ର ଉପଚାରରେ । ଏହି କଳାର ସମସ୍ତ ଦିଗ ନୁହେଁ କେତେକ ଦିଗ ସମ୍ପର୍କରେ ସାମାନ୍ୟ ଆଲୋକପାତ କରିବା ଏହି ପ୍ରବନ୍ଧର ଉଦ୍ଦେଶ୍ୟ ।

ଆମେ ସାଧାରଣତଃ ଅତୀତ ପ୍ରତି ଆକୃଷ୍ଟ ହୋଇଥାଉ । ଅତୀତ ଯେ ଭଲଥିଲା, ଏକଥା ଭାବି ବର୍ତ୍ତମାନଠାରୁ ଦୂରେଇ ଯିବାକୁ ଚାହୁଁ । ଫଳତଃ ଆମେ ବର୍ତ୍ତମାନର ଅପବ୍ୟବହାର କରିବା ସହିତ ଏକନିଷ୍ଠତା ହରାଇବସୁ । ଯନ୍ତ୍ର ପରି ଆମେ କେବଳ କର୍ମକରୁ ମାତ୍ର ସେଥିରେ ଆନ୍ତରିକତା ନ ଥିବାରୁ ସେ କାର୍ଯ୍ୟ ଆମପାଇଁ ଅଧିକ ସଫଳ ହୁଏ

ନାହିଁ । ତେଣୁ ଅତୀତ ପ୍ରତି ଆବଶ୍ୟକତାଠାରୁ ଅଧିକ ମୋହ ନ ରଖି ବର୍ତ୍ତମାନ ପ୍ରତି ଆନ୍ତରିକତା ଓ ଆକର୍ଷଣ ରଖିବା ଏକାନ୍ତ ବିଧେୟ ।

ହତାଶା ଆମ ଜୀବନର ଅନ୍ୟ ଏକ ଅନ୍ଧାରିତ ଦିଗ ଯାହାର ଲୋମଶ ପାଣ୍ଡୁର ହସ୍ତ ଆମକୁ ନିଶେଷ କରିଦେବା ପାଇଁ ପ୍ରତିକ୍ଷଣରେ ପ୍ରସ୍ତୁତ ଥିଲାପରି ମନେହୁଏ । ଏହା ଏକ ବିରୋଧୀ ଶକ୍ତି, ଅନ୍ୟକୁ ଭୟଭୀତ କରାଇ ନିଜକୁ ଜାହିର କରିବା ତା'ର ନିଜସ୍ୱ ସ୍ୱଭାବ । ଜୀବନରେ ବ୍ୟର୍ଥତା ଜନିତ ହତାଶା ଆସିଗଲେ ନିଜ ଜୀବନର ସଂଜ୍ଞା ନିଜ ପାଖରେ ପରିବର୍ତ୍ତିତ ହୋଇଯାଏ, ମନ ଭାଙ୍ଗିପଡ଼େ, ମନ ସହିତ ଦେହର ସମ୍ପର୍କ ଅତି ସୂକ୍ଷ୍ମ ଓ ଶାଣିତ ହୋଇଥିବାରୁ ଶାରୀରିକ ଅସୁସ୍ଥତା ଦେଖାଦିଏ । ମନରୁ ହତାଶାର ଅପସାରଣ ସର୍ବାଦୌ ଆବଶ୍ୟକ । ଏଥିପାଇଁ ଏକମାତ୍ର ଅବ୍ୟର୍ଥ ଔଷଧ ହେଉଛି ଆଶାବାଦ, ଆଶାବାଦ ଏକ ଆଲୋକ ବର୍ତ୍ତିକା ଯାହା ହତାଶା ଅନ୍ଧାରର ବୁକୁ ବିଦୀର୍ଣ୍ଣ କରିପାରେ । ଅନ୍ଧାର ଥିଲେ ଯଦି 'ଅନ୍ଧାର ଅନ୍ଧାର' ବୋଲି ଚିତ୍କାର କରାଯାଏ, ତେବେ ଅନ୍ଧାର ଯାଏ ନାହିଁ ବରଂ ଆଲୋକର ବର୍ତ୍ତିକାଟିଏ ଆଣିଦେଲେ ଅନ୍ଧାର ଆପେ ଆପେ ଅପସରିଯାଏ । ଠିକ୍ ସେହିପରି ମନରେ ଆଶା ଆଣିଲେ ହତାଶା ଆପେ ଆପେ ଅପସରି ଯିବାକୁ ବାଧ୍ୟ ହୁଏ । ଶ୍ରୀମାଙ୍କ ମତରେ,- "ଆଶା କେବେବି ଛାଡ଼ିବୁ ନାହିଁ, ଏହା ଗୋଟିଏ ଭଗବତ ସଦ୍‌ଗୁଣ ।"

ଜୀବନର ଅନ୍ୟ ଏକ ବିଷାକ୍ତ ଦିଗ ହେଉଛି ଅନ୍ୟପ୍ରତି ଈର୍ଷା, ସ୍ୱାର୍ଥପରତା, କ୍ରୋଧ ଇତ୍ୟାଦି ଇତ୍ୟାଦି । ଏହାର ମୂଳଭିତ୍ତି ରହିଛି ଅହଂକାରରେ । ନିଜକୁ ବଡ଼ ଭାବି ଅନ୍ୟକୁ ସାନ ଭାବିବା ହେଉଛି ଅହଂକାରର କ୍ରିୟା । ଅହଂକାରୀ ବ୍ୟକ୍ତି ନିଜ ଉପରୁ କର୍ତ୍ତୃତ୍ୱକୁ ହରାଇବସେ । ମନରୁ ସନ୍ତୋଷଭାବ, ଆନନ୍ଦଭାବ ତା'ର ଅପସରିଯାଏ । ଏଥିପାଇଁ ଆବଶ୍ୟକ ହେଲା ସଚେତନ ଚିନ୍ତାଶକ୍ତି । କ୍ରୋଧ ଓ ଈର୍ଷା ଏକ ଏକ ଭୟଙ୍କର ବିଷ ଯାହା ଆତ୍ମାକୁ ତିଳତିଳ କରି ଖାଇଯାନ୍ତି । କ୍ରୋଧ ଅନୁଭବ କଲେ ମନୁଷ୍ୟ ତା'ର ହିତାହିତଜ୍ଞାନ ହରାଇବସେ ଏବଂ କ୍ଷଣକ ମଧ୍ୟରେ ବହୁ ଅକାର୍ଯ୍ୟ କରିବସେ । ଶ୍ରୀମାଙ୍କର ଏ ସମ୍ପର୍କୀୟ ବାଣୀ ସ୍ମରଣକୁ ଆସେ । ସେ କହିଛନ୍ତି "ଯେତେବେଳେ କ୍ରୋଧ ଅନୁଭବ କରୁଛ, ସେତେବେଳେ ପଦଟିଏ ହେଲେ ଉଚ୍ଚାରଣ କରନାହିଁ ।"

ଆମ ଜୀବନର ଅନ୍ୟ ଏକ ଅସଫଳତା ହେଉଛି ଫଳକାମନାରେ କର୍ମ କରିବା । କର୍ମପାଇଁ ଆମେ କର୍ମ କରୁନା । ଆମେ କର୍ମକରୁ ଫଳପ୍ରାପ୍ତି ଆଶାରେ । ତେଣୁ କର୍ମରୁ ଯେଉଁ ଆନନ୍ଦ ମିଳିବା କଥା ଆମେ ତାହା ପାଉନା । ଫଳ ଆଶାନୁରୂପ ନ ହେଲେ ଆମେ ବିଷାଦଗ୍ରସ୍ତ, ବିରକ୍ତ ଓ ବିବ୍ରତ ହୋଇପଡୁ । କର୍ମରେ ଆମର ଅଧିକାର ଅଛି ମାତ୍ର କର୍ମ ଫଳରେ ଆମର ଅଧିକାର ନାହିଁ, ଏହା ଶ୍ରୀମଦ୍ ଭଗବଦ୍ ଗୀତାରେ ଉଦ୍‌ଘୋଷିତ ହୋଇଛି । ଯଥା- "କର୍ମଣ୍ୟେ ବାଧିକାରସ୍ତେ ମା ଫଳେଷୁ କଦାଚନ ।" ଆମେ ଏକଥା ଜାଣୁ ମାତ୍ର କଥାଟିକୁ କାର୍ଯ୍ୟରେ ପରିଣତ କରିବାପାଇଁ ଯତ୍ନ କରୁନା । ପ୍ରକୃତରେ ଏହା ଯଥାର୍ଥ ଯେ କର୍ମରୁ ଆନନ୍ଦ ହିଁ ମନୁଷ୍ୟର ପ୍ରାପ୍ୟ । କର୍ମ ଜନିତ ଆନନ୍ଦ ମଣିଷ ମନରେ ଆଣିଦିଏ ସନ୍ତୋଷଭାବ ଓ ଆନନ୍ଦଭାବ । ଯାହାପ୍ରତି ଯେତେବେଳେ ଯାହା କର୍ତ୍ତବ୍ୟ ତା'ର ଯଥାଯଥ ସମ୍ପାଦନ ହିଁ ପ୍ରକୃତ କର୍ମର ଅନ୍ତର୍ଭୁକ୍ତ । ଏପରି କର୍ମରେ ଜୀବନର ପ୍ରକୃତ ଅଗ୍ରଗତି ସମ୍ଭବ ହୁଏ ।

ଆମର ଅନ୍ୟ ଏକ ଅସାମର୍ଥ୍ୟର ଚିହ୍ନ ହେଉଛି ବିପଦରେ ଭାଙ୍ଗିପଡ଼ିବା, ଆମେ ବିପଦବେଳେ ଅସ୍ଥିର ହୋଇ ଇତସ୍ତତଃ ଦଉଡ଼ା ଦଉଡ଼ା କରିଥାଉ । ସେଥିରେ ସମସ୍ୟାର ସମାଧାନ ହୁଏନାହିଁ । ସେତେବେଳେ ଧୈର୍ଯ୍ୟର ସହିତ ସ୍ଥିର ଚିତ୍ତରେ ସମସ୍ୟାକୁ ଅତିକ୍ରମ କରିବାପାଇଁ ଶକ୍ତି ସଞ୍ଚୟ କରିବା ଉଚିତ । ଅନ୍ୟପକ୍ଷରେ ବିପଦରେ ଆମେ ଯେତେ ଅସ୍ଥିର ହେଉ ଉତ୍ତେଜିତ ହେଉ ବା ବିବ୍ରତ ହେଉ ବିପଦର ବଳ ସେତେ ବଢ଼ିଯାଏ । ଏ ପରିପ୍ରେକ୍ଷୀରେ ଶ୍ରୀମା କହନ୍ତି- "ଯେତେବେଳେ ଦୁଃଖ ଅସୁବିଧା ଆସେ ଲୋକେ ସାଧାରଣତଃ ଅସ୍ଥିର ହୋଇପଡ଼ନ୍ତି, ଉତ୍ତେଜିତ ଓ ଭୀତ ହୋଇପଡ଼ନ୍ତି । ଏହା ଫଳରେ ଦୁଃଖ ଓ ଅସୁବିଧାକୁ ଅଧିକ ଦୁଃସାଧ କରିପକାନ୍ତି ।" ଅତଏବଃ ଏକଥା ଆମର ସ୍ମରଣୀୟ ଯେ ବିପଦ ପଡ଼ିଲେ ବିପଦକୁ ଆଉ ନଡ଼ରି ବରଂ ତାକୁ ଧୀରସ୍ଥିର ଚିତ୍ତରେ ଅତିକ୍ରମ କରିବାପାଇଁ ଉଦ୍ୟମ କରିବା ଉଚିତ ।

ବାକ୍‌ଶକ୍ତି ହେଉଛି ଭଗବାନଙ୍କର ମନୁଷ୍ୟକୁ ଏକ ଅମୂଲ୍ୟ ଅବଦାନ ।

ଏହି ଶକ୍ତିର ସଦ୍‌ବ୍ୟବହାର ଆମେ କିନ୍ତୁ କରିପାରୁନା । ଏହାର ସଦ୍‌ବ୍ୟବହାର ଅର୍ଥ ଆବଶ୍ୟକତା ଅନୁସାରେ କଥା କହିବା । ଯେତିକି ଦରକାର ତା'ଠାରୁ ଅଧିକ କଥା କହିଲେ ବହୁ ଅବାଞ୍ଛିତ ସମସ୍ୟା ସୃଷ୍ଟି ହେବାର ସମ୍ଭାବନା ଥାଏ ଓ ମାନସିକ ଶାନ୍ତି ବ୍ୟାହତ ହେବାର ଆଶଙ୍କା ବହୁଳ ଭାବରେ ଥାଏ । ଆମେ ଏ ଦିଗରେ ସଚେତନ ହେବା ଉଚିତ । ଆମେ ଜାଣିବା ଉଚିତ ଯେ ଆବଶ୍ୟକତା ଅନୁସାରେ କଥା କହିବା ଏକ କଳା । ଏହାଦ୍ୱାରା ନିଜର ତଥା ଅନ୍ୟମାନଙ୍କର ମଧ୍ୟ ଉପକାର ହୁଏ । ମୌନତା ଯେପରି ସ୍ପୃହଣୀୟ ନୁହେଁ ବାଚାଳତା ସେପରି ବରଣୀୟ ନୁହେଁ ।

ସାମ୍ପ୍ରତିକ ପରିବେଶରେ ଜୀବନଧାରା ଅଶାନ୍ତିରେ ଜର୍ଜରିତ । ଏହା ଧର୍ମ ଭେଦରେ, ଜାତି ଭେଦରେ, ଦେଶଭେଦରେ ସତ୍ୟ । ଶାନ୍ତିର ସ୍ନିଗ୍ଧ ସୁବାସ ସତେ ଯେପରି ଦିନକୁ ଦିନ ଅପସରି ଯାଉଛି ବିଶ୍ୱଜୀବନରୁ । ପାରିବାରିକ ଜୀବନଠାରୁ ଆରମ୍ଭକରି ରାଷ୍ଟ୍ରୀୟ ଜୀବନ ପର୍ଯ୍ୟନ୍ତ କେଉଁଠାରେ ଶାନ୍ତିର ଲଳିତ ସ୍ପର୍ଶ ନାହିଁ କହିଲେ ଅତ୍ୟୁକ୍ତି ହେବନାହିଁ । ତେବେ ଏପରି ଅବସ୍ଥାରେ ରହି ଦୁଃଖକଲେ କିଛି ଲାଭ ନାହିଁ ବରଂ ଏଥିପ୍ରତି ହସିଦେବା ଭଲ । ଶ୍ରୀଅରବିନ୍ଦ ଏ ପରିପ୍ରେକ୍ଷୀରେ କହନ୍ତି- "ଏକଥା ସତ୍ୟ ଯେ ଜୀବନ ଯେପରି ଅବସ୍ଥାରେ ଅଛି ତାହା ବିଶେଷ ପ୍ରୀତିକର ନୁହେଁ, କିନ୍ତୁ ଏହାକୁ ନେଇ ଦୁଃଖ କରିବା ଅପେକ୍ଷା ଏଥିପ୍ରତି ହସିଦେବା ଭଲ ।" ଏ କଥାଟିର ବ୍ୟାବହାରିକ ଉପଯୋଗିତା ଯଥେଷ୍ଟ ରହିଛି ।

ଆମେ ଏପରି ଏକ ମାନସିକ ସ୍ଥିତିରେ ଅଛୁ ଯେ ଆମକୁ ନିଜର ପ୍ରଶଂସା ଶୁଣିଲେ ଖୁସି ଲାଗୁଛି ଓ ନିନ୍ଦାଶୁଣିଲେ ଦୁଃଖ ଲାଗୁଛି । ଏପରି ହେଉଛି ଯେ ଆମେ ନିଜର ପ୍ରଶଂସାପାଇଁ ପରିବେଶ କୃତ୍ରିମ ଭାବରେ ସୃଷ୍ଟି କରୁଛୁ । ଲୋକ ଚକ୍ଷୁରେ ବଡ଼ ହେବାପାଇଁ ପରସ୍ପର ମଧ୍ୟରେ ପ୍ରତିଯୋଗିତା କରୁଛୁ । ଆମେ ନିଜ ପ୍ରଶଂସାରେ ଖୁସିହେବାର ଦେଖି କେତେକ ଚତୁର ବ୍ୟକ୍ତି ଆମର ଅଯଥା ପ୍ରଶଂସା କରି ଆମକୁ ଠକି ଦେଉଛନ୍ତି ଏବଂ ସେମାନଙ୍କର ସ୍ୱାର୍ଥ ହାସଲ କରି ନେଉଛନ୍ତି । ଆମେ ଯଦି ଏ ଦିଗରେ ସଚେତନ ହୁଅନ୍ତେ ତେବେ ଆମର କ୍ଷତି କରିବାକୁ ଅନ୍ୟମାନେ ସାହସ କରନ୍ତେ ନାହିଁ । ଆମ ସଂସ୍କୃତିରେ ଏକଥାଟି ବହୁ ପୁରୁଣା । ଏଥିପାଇଁ ଶାସ୍ତ୍ରୀୟ ଉପଦେଶ ମଧ୍ୟ ରହିଛି, ଯଥା- "ଅନାହୂତୋ ପ୍ରବିଶ୍ୟନ୍ତି, ଅପୃଷ୍ଟୋ ବହୁ ଭାଷ୍ୟତେ" ଇତ୍ୟାଦି ।

ଏ ପ୍ରସଙ୍ଗରେ ମନେପଡ଼େ ମେହେର କାବ୍ୟ 'ପ୍ରଣୟ ବଲ୍ଲରୀ'ରୁ କଣ୍ୱଙ୍କର ମୁଖରେ ଶକୁନ୍ତଳାଙ୍କ ପ୍ରତି ଉପଦେଶାତ୍ମକ ପଦଟି -

ଅଯାଚିତ ହୋଇ କେହି ଯେବେ ତୋର
ଅଯଥା ପ୍ରଶଂସା କରେ ।
ଜାଣିଥିବୁ ତାର ଆଗମନ ତୋତେ
ଠକିବାକୁ କଉଶଳେ ।

ଆତ୍ମପ୍ରଶଂସାରୁ ହେଉଥିବା କ୍ଷତିରୁ ରକ୍ଷା ପାଇବାକୁ ହେଲେ ନିଜକୁ ସେହି ପ୍ରବଣତାରୁ ମୁକ୍ତକରି ରଖିବା ଦରକାର । କିଏ ନିନ୍ଦାକଲେ ମର୍ମାହତ ନହୋଇ, କିଏ ପ୍ରଶଂସାକଲେ ଉତ୍‌ଫୁଲ୍ଲିତ ନହୋଇ ଧୀରସ୍ଥିର ଭାବରେ ବିବେକାନୁମୋଦିତ ପନ୍ଥାରେ କର୍ମ କରିବା ଏକାନ୍ତ ଜରୁରୀ ।

ଆମର ଆଉ ଏକ ଅପୂର୍ଣ୍ଣତା ରହିଛି ଯାହା ଭୌତିକ ବସ୍ତୁର ବ୍ୟବହାର ସହ ସଂଶ୍ଳିଷ୍ଟ । ଆମ ଇଚ୍ଛାରେ ଆମେ ବସ୍ତୁକୁ ବ୍ୟବହାର କରୁ କିନ୍ତୁ ତା'ର ଅନୁଭବ ଶକ୍ତି ଅଛି ବୋଲି ଆମେ ଜାଣୁନା । ଘର ଓଳାଇବା ସରିଗଲେ ଦୂରରୁ ଥାଇ ଛାଞ୍ଚୁଣିଟିକୁ ଘରର କଣକୁ ଫିଙ୍ଗି ଦେଉ । ଆମେ ଭାବୁ ତା'ଣ କ'ଣ ପ୍ରାଣ ଅଛି ଯେ ତାକୁ କାଟିବ ? ସେଇଟା ଭୁଲକଥା । ପ୍ରକୃତରେ ତା'ର ମଧ୍ୟ ଅନୁଭବ ଶକ୍ତି ଅଛି । ଆଦର ଅନାଦର ସେ ବୁଝିପାରେ । କେବଳ ଛାଞ୍ଚୁଣି ନୁହେଁ ପ୍ରତ୍ୟେକ ବସ୍ତୁର ଅନୁଭବ ଶକ୍ତି ଅଛି । ବସ୍ତୁକୁ ଆଦର କରିବା, ଯତ୍ନର ସହ ଅନୁରାଗର ସହ ବସ୍ତୁର ବ୍ୟବହାର କରିବା ହେଉଛି ମାନବିକତାର ଚିହ୍ନ । ଯେଉଁ ବସ୍ତୁକୁ ଯେପରି ସ୍ଥାନରେ ରଖିବା କଥା ଏବଂ ଯେପରି

ଭାବରେ ରଖିବା କଥା ସେହିପରି ରଖିଲେ ସେ ବସ୍ତୁଭିତରେ ଏକ ପ୍ରକାର ସନ୍ତୋଷଭାବ ସୃଷ୍ଟି ହୁଏ । ସବୁ ମହାପୁରୁଷ ଏ ଦିଗରେ ଗୁରୁତ୍ୱପୂର୍ଣ୍ଣ ଉପଦେଶ ଦେଇଛନ୍ତି । ଥରେ ଜଣେ ବ୍ୟକ୍ତି ଛାଞ୍ଚୁଣିରେ ଘର ଓଳାଇସାରି ଛାଞ୍ଚୁଣିଟିକୁ ଆସ୍ତେ ନ ରଖି ଦୂରକୁ ଫିଙ୍ଗି ଦେବାରୁ ପାଖ ଘରେ ଥିବା ମାଆ ସାରଦା ଦେବୀଙ୍କୁ ଗଭୀର ଆଘାତ ଲାଗିଥିଲା । ମାଆ ସାରଦା ଦେବୀ ସେଇ ବ୍ୟକ୍ତିଙ୍କୁ ଡାକି ଆଉ ଏପରି ନକରିବା ପାଇଁ ଉପଦେଶ ଦେଇଥିଲେ । ପୁନଶ୍ଚ ଜଣେ ହଳିଆ ତାର ବଳଦକୁ ବିଲରେ ପାଞ୍ଚଣରେ ପିଟିଲା । ସେଠାରୁ ଦୂରରେ ଥାଇ ଶ୍ରୀ ରାମକୃଷ୍ଣ ପରମହଂସଦେବ ଗଭୀର ଆଘାତ ପ୍ରାପ୍ତ ହୋଇଥିଲେ । ବଳଦ ପିଠିରେ ବସିଥିବା ଚିହ୍ନର ଅନୁରୂପ ଚିହ୍ନ ଶ୍ରୀରାମକୃଷ୍ଣଙ୍କ ପିଠିରେ ଦେଖିବାକୁ ମିଳିଲା । ସେ ପଶୁପକ୍ଷୀଙ୍କୁ ଏପରି ଯନ୍ତ୍ରଣାରେ ଜର୍ଜରିତ ନକରିବା ପାଇଁ ଉପଦେଶ ଦେଉଥିଲେ । ପ୍ରକୃତରେ ଜୀବଜନ୍ତୁ ଓ ବସ୍ତୁକୁ ଠିକଭାବରେ ବ୍ୟବହାର କରିବା ଏକ କଳାତ୍ମକ କାର୍ଯ୍ୟ, ଏହା ଜୀବନକୁ ମାର୍ଜିତ ତଥା ଉନ୍ନତ କରିଥାଏ । ଏଥିପାଇଁ ଆନୁଷ୍ଠାନିକ ଡିଗ୍ରୀର ଆବଶ୍ୟକତା ନାହିଁ, ଏହା ମାନବିକତା ବଳରେ ସମ୍ଭବ ହୋଇଥାଏ । ବଞ୍ଚିବାର କେତେକ କଳାତ୍ମକ ବିଭବରୁ ଏହା ଗୋଟିଏ । ତଥାକଥିତ ପାଠ ପଢ଼ି ଡିଗ୍ରୀ ହାସଲକରି ବ୍ୟକ୍ତିମାନେ ମଧ୍ୟ ଏହି କଥାଟିର ମହତ୍ତ୍ୱ ବୁଝନ୍ତି ନାହିଁ ବା ବୁଝିବାକୁ ଚେଷ୍ଟା କରନ୍ତି ନାହିଁ । ଅତଏବ ଡିଗ୍ରୀ ହାସଲ କଲେ ଯେ ଜଣେ ବଞ୍ଚିବାର କଳାକୁ ବୁଝିପାରିବ ଏପରି ନୁହେଁ, ଏଥିପାଇଁ ଡିଗ୍ରୀ ବଡ଼କଥା ନୁହେଁ, ହୃଦୟର ଭାବ ହେଉଛି ବଡ଼କଥା ।

ଆଜିକାଲି ଆଉ ଏକ ଲକ୍ଷଣ ସାଧାରଣ ଜୀବନଧାରାରେ ଦେଖାଯାଉଛି । ତାହା ହେଲା ଅନ୍ୟକୁ ସାନଭାବି ନିଜକୁ ବଡ଼ ବୋଲି ଭାବିବା । ଅନ୍ୟକୁ ସାନଭାବି ତା' ମନରେ ଆଘାତ ଦେବା ମଧ୍ୟ ଆଜିକାଲି ବୀରତ୍ୱର ଚିହ୍ନ ବୋଲି ଲୋକମାନେ ଭାବୁଛନ୍ତି । ନିୟମ ମାନିବା ଆଜିକାଲି ସମାଲୋଚନାର ବିଷୟ ଓ ନିୟମ ଭାଙ୍ଗିବା ଆଜିକାଲି ବୀରତ୍ୱର ଚିହ୍ନ । ପାରମ୍ପରିକ ମୂଲ୍ୟବୋଧକୁ ଅବମାନନା କରିବା ହୋଇଛି ଆଧୁନିକତାର ଅନ୍ୟତମ ପରିଭାଷା । ଏଠାରେ ପାରମ୍ପରିକ ମୂଲ୍ୟବୋଧକୁ ମୁଁ ଅନ୍ଧବିଶ୍ୱାସ ସହ ଏକାକାର କରୁନାହିଁ । କାରଣ ଅନ୍ଧବିଶ୍ୱାସ ଆଦୌ ମୂଲ୍ୟବୋଧର କଥା ନୁହେଁ । ଅନ୍ଧବିଶ୍ୱାସ ଜୀବନକୁ ଉଦ୍‌ଭ୍ରାନ୍ତକରେ, ତେଣୁ ଏହା ସର୍ବଦା ପରିତ୍ୟଜ୍ୟ । ମୂଲ୍ୟବୋଧ ଜୀବନକୁ ମହନୀୟ କରେ, ଏହାକୁ ବୁଝିବା ଆଜିର ଅନ୍ୟତମ ଅପରିହାର୍ଯ୍ୟ ଆବଶ୍ୟକତା । ମୂଲ୍ୟବୋଧ ପ୍ରତି ଅନୁରକ୍ତି ହେଉଛି ବଞ୍ଚିବାର ଏକ ବଳିଷ୍ଠ କଳାତ୍ମକ ବିଭବ ।

ନିରପେକ୍ଷତା ଆଜିକାଲି ଏକ ଦୁର୍ଲଭ କଥା । ଲାଭ ଦିଗକୁ ସମସ୍ତେ ଢଳି ଯାଉଥିବାର ଦେଖାଯାଏ । ଗ୍ରାମଠାରୁ ସହର ପର୍ଯ୍ୟନ୍ତ ନିରପେକ୍ଷ ବିଚାର କୁତ୍ରାପି ଦେଖାଯାଏ ନାହିଁ । ପକ୍ଷପାତ ନୀତିର ରାଜତ୍ୱ ଚାଲିଛି । ଫଳତଃ ବହୁ ଦୁଷ୍ଟ ଓ ରାକ୍ଷସ ପ୍ରକୃତିର ବ୍ୟକ୍ତି ଅନ୍ୟର କ୍ଷତି କରିପାରୁଛନ୍ତି । ଅନେକ ଶାନ୍ତ, ସରଳ ବ୍ୟକ୍ତି ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ଏ ଦିଗରେ କାହାକୁ କିଛି କହିଲେ କିଛି ଲାଭ ହେଉନାହିଁ । ପ୍ରତ୍ୟେକ ସଚେତନ ହେଲେ ନିରପେକ୍ଷତାର ପୂଜା ହୋଇପାରନ୍ତା ।

ଜୀବନଧାରା ଓ ଦର୍ଶନ ଦେଶ ଭେଦରେ ଭିନ୍ନ ଭିନ୍ନ ହୋଇଥାଏ । ପ୍ରାଚ୍ୟ ଦର୍ଶନ ଓ ଜୀବନଧାରା ଗୋଟିଏ ପ୍ରକାରର ହେଲାବେଳେ ପାଶ୍ଚାତ୍ୟ ଦର୍ଶନ ଓ ଜୀବନଧାରା ଆଉ ଗୋଟିଏ ପ୍ରକାରର ହୋଇଥାଏ । କେଉଁଟି ଠିକ୍ କେଉଁଟି ଭୁଲ୍, ଏହା କହିହେବ ନାହିଁ । ଉଭୟରେ ଅପୂର୍ଣ୍ଣତା ରହିଛି । ସମନ୍ୱୟଚେତନାରେ ଅନୁପ୍ରାଣିତ ହୋଇ ଉଭୟ ସଂସ୍କୃତିରୁ ଭଲଭଲ କଥା ଗ୍ରହଣ କଲେ ଜୀବନର ବିକାଶ ତ୍ୱରାନ୍ୱିତ ହୋଇପାରିବ । ଫଳତଃ ମାନବ ଏକତା ପ୍ରକୃତ ଅର୍ଥରେ ସମ୍ଭବ ହେବ । ବିଶ୍ୱ ପରିବାର ଗଠନର ପରିକଳ୍ପନା ସେତେବେଳେ ବାସ୍ତବତାରେ ପରିଣତ ହେବ ।

ଏହି କ୍ଷୁଦ୍ର ପ୍ରବନ୍ଧରେ ବଞ୍ଚିବାର କଳାପରି ଏକ ମହନୀୟ ସୁଦୂର ପ୍ରସାରୀ ବିଭବ ସମ୍ପର୍କରେ ପୁଙ୍ଖାନୁପୁଙ୍ଖ ଆଲୋଚନା କରିବା ସମ୍ଭବ ନୁହେଁ । ଜୀବନ ଜୀଇଁବାର କଳାକୁ ଏକ ଦିନରେ ଆୟତ୍ତ କରିହେବ ନାହିଁ । ଏହାକୁ ଆୟତ୍ତ କରିବାପାଇଁ ସଂକଳ୍ପ ଏକାନ୍ତ ଆବଶ୍ୟକ । ସଂକଳ୍ପ ପରେ ଅଭ୍ୟାସ କରିବାକୁ ହେବ । ଅଭ୍ୟାସ କରିଚାଲିଲେ

ଦିନ ଆସିବ ଯେଉଁଦିନ ବଞ୍ଚିବାର କଳା ଆମ ଜୀବନର ସାର୍ଥକତା ଆଣିଦେବ । ଜୀବନର ମହତ୍ତ୍ୱ ଓ ମୂଲ୍ୟବୋଧ ସେହିଦିନ ପ୍ରକଟିତ ହେବ । ମାନବ ଜୀବନ ହେବ ଦିବ୍ୟ ଆନନ୍ଦରଏକ ଅନବଦ୍ୟ କାବ୍ୟ ଓ ଅପୂର୍ବ ମାଧୁରିମାର ମୂର୍ତ୍ତପ୍ରତୀକ । ଦିବ୍ୟଭାବନାର କ୍ରୀଡ଼ାଶିବିର ହୋଇ ଜୀବନ ଏକ ସ୍ୱତନ୍ତ୍ର ଆଭାରେ ଝଲସି ଉଠିବ ଏବଂ ଏ ପୃଥିବୀ ପରିଣତ ହେବ ସ୍ୱର୍ଗଧାମରେ । ଚେତନାର ମଧୁମଳୟରେ ଦିଗ-ଦିଗନ୍ତ ଆମୋଦିତ ହେବ, ମାନବିକତାର ନନ୍ଦନଫୁଲର ଗନ୍ଧରେ ସମଗ୍ର ପାର୍ଥିବ ପରିବେଶ ଭରିଯିବ । ସବୁ ମୂଳରେ ରହିଛି ଆମର ପ୍ରୟାସ ଓ ଉଦ୍ୟମ । ଆମେ ପ୍ରତ୍ୟେକ ଏ ଦିଗରେ ଯତ୍ନଶୀଳ ହେଲେ ମହତ୍ ଲକ୍ଷ୍ୟ ସାଧିତ ହୋଇପାରିବ, ମାନବ ଜାତିର ଆଶାତୀତ ଅଗ୍ରଗତି ସମ୍ଭବ ହେବ । ବ୍ୟକ୍ତିଟିଏ ସାମାନ୍ୟ ନୁହେଁ, ଅକିଞ୍ଚନ ନୁହେଁ, ଅପାଂକ୍ତେୟ ନୁହେଁ, ବରଂ ସେ ଏକ ପ୍ରଜ୍ୱଳିତ ଦୀପଶିଖା ଯାହା ଆଉ କେତେ ଦୀପକୁ ଜଳାଇ ଦେଇପାରିବ । ସାମାଜିକ ପରିବର୍ତ୍ତନର ମୂଳରେ ରହିଛି ବ୍ୟକ୍ତି ଚେତନାର ପରିବର୍ତ୍ତନ । ବ୍ୟକ୍ତି ହେଉଛି ସମାଜର ଏକ ଏକକ । ଅତଏବ ବ୍ୟକ୍ତିଟିଏ ସଚେତନ ହେଲେ ଦିନେ ତା'ର ପ୍ରଭାବରେ ସମଗ୍ର ସମାଜ ସଚେତନ ହେବ ଏବଂ ସାମାଜିକ ଜୀବନ ହେବ ମଧୁସିକ୍ତ ଓ ପ୍ରଭାଦୀପ୍ତ ।

□□

ପାରିବାରିକ ଶିକ୍ଷା ଓ ବିଶ୍ୱ ଜୀବନ

ଶିକ୍ଷା କହିଲେ କେବଳ ଡିଗ୍ରୀକୁ ବୁଝାଏ ନାହିଁ । ଡିଗ୍ରୀଥାଇ ମଧ୍ୟ ବ୍ୟକ୍ତିଟିଏ ଅଶିକ୍ଷିତ ତାଲିକାର ଅନ୍ତର୍ଭୁକ୍ତ ହୋଇପାରେ ଏବଂ ଡିଗ୍ରୀ ନଥାଇ ମଧ୍ୟ ବ୍ୟକ୍ତିଟିଏ ଶିକ୍ଷିତ ପର୍ଯ୍ୟାୟଭୁକ୍ତ ହୋଇପାରେ । ଅତଏବ ଡିଗ୍ରୀ ବା ପଦ ପଦବୀ ଶିକ୍ଷାର ମାନଦଣ୍ଡ ବା ମାପକାଠି ନୁହେଁ । ଶିକ୍ଷା ପ୍ରକୃତ ପକ୍ଷେ ଏକ ମହନୀୟ ଶକ୍ତି ଯାହା ବ୍ୟକ୍ତିକୁ ସଚେତନ କରିଥାଏ । ନିଜ ଉପରେ ଦୃଷ୍ଟିପାତ କରିବାପାଇଁ ତାହା ଦିଗଦର୍ଶନ ଦେଇଥାଏ । ନିଜର କର୍ତ୍ତବ୍ୟ ଓ ଅକର୍ତ୍ତବ୍ୟକୁ ବୁଝିବାକୁ ଆବଶ୍ୟକୀୟ ଚେତନା ଆଣିଦିଏ । ଶିକ୍ଷାର ମାଧ୍ୟମ ଯେପରି ଭିନ୍ନ ଭିନ୍ନ ହୋଇଥାଏ ଶିକ୍ଷାର ପରିବେଶ ମଧ୍ୟ ସେପରି ଭିନ୍ନ ଭିନ୍ନ ହୋଇଥାଏ । ଏହି ପରିବେଶମାନଙ୍କ ମଧ୍ୟରୁ ପାରିବାରିକ ପରିବେଶ ଅନ୍ୟତମ ଯାହାର ମହତ୍ତ୍ୱ ଅତୁଳନୀୟ । ବ୍ୟକ୍ତି ଚରିତ୍ର ଗଠନର ମୂଳଭିତ୍ତି ଏହି ପରିବେଶରେ ପଡ଼ିଥାଏ । ଏହାକୁ ଆଧାରକରି ଜୀବନ ପରିଚାଳିତ ହୋଇଥାଏ । ଯେଉଁ ବ୍ୟକ୍ତିର ପାରିବାରିକ ଶିକ୍ଷା ନାହିଁ, ସେ ବ୍ୟକ୍ତି ଯେତେ ବାହ୍ୟ ଶିକ୍ଷା ତଥା ଅନୁଷ୍ଠାନିକ ଶିକ୍ଷା ପାଇଲେ ମଧ୍ୟ ପ୍ରକୃତ ଅର୍ଥରେ ଶିକ୍ଷିତ ହୋଇପାରେ ନାହିଁ, ସେ ହୁଏ ଅହଂଗ୍ରସ୍ତ ଏକ ବିଚିତ୍ର ସତ୍ତା । ଜୀବନ ଅଙ୍କକୁ ଭୁଲଧାରାରେ କଷି କଷି ଶେଷରେ ହୁଏ କ୍ଲାନ୍ତ ଓ ବିବ୍ରତ । ଅନ୍ୟମାନଙ୍କ ଉପରେ ବିରକ୍ତ ହୋଇ ହୋଇ ଶେଷରେ ସେ ଭୁଲ୍ ମାର୍ଗରେ ପଥିକ ହୋଇ ତା' ପାଦରେ କଣ୍ଟା କେତେ ଫୁଟି ଯାଏ । ଖାଣ୍ଟି ଓଡ଼ିଆରେ କହିଲେ ନେଡ଼ିଗୁଡ଼ କହୁଣିକୁ ବୋହିଯାଏ । ପ୍ରକୃତ ଦୋଷଟି କେଉଁଠାରେ ରହିଗଲା ସେ ବୁଝିପାରେ ନାହିଁ । ଜୀବନ ସେତେବେଳେ ହୁଏ ଦୁର୍ବହ ଓ ଦୁଃସହ ।

ସୁତରାଂ ପିଲାଟିପାଇଁ ତା'ର ପରିବାରର ଶିକ୍ଷା ସବୁଠାରୁ ମୂଲ୍ୟବାନ । ସେଥିପ୍ରତି ପରିବାରରେ ଥିବା ଅଭିଭାବକମାନେ ସଚେତନ ହେବା ଅପରିହାର୍ଯ୍ୟ । ପିଲାଟିଏ ଅତ୍ୟନ୍ତ ଅନୁକରଣପ୍ରିୟ ଓ ସଚେତନ । ତାର ଅଭିବ୍ୟକ୍ତି ସାମର୍ଥ୍ୟ କମ୍‌ଥିଲେ ହେଁ ଅନୁଭବ ଶକ୍ତି ପ୍ରବଳ ଥାଏ । ଘରେ ଯେପରି ଚଳିଣି ସେ ଦେଖେ ସେପରି ଚଳଣି ସେ ଶିଖେ । ଘରେ ଯେପରି କଥାବାର୍ତ୍ତା ସେ ଶୁଣେ ସେ ସେପରି କଥାବାର୍ତ୍ତା କରିବାକୁ ଶିଖେ । ଅତଏବ ପିଲାଟିକୁ ଗଢ଼ିବାର ଗୁରୁ ଦାୟିତ୍ୱ ଅଭିଭାବକମାନଙ୍କ ଉପରେ । ସେମାନେ ହେଳାକଲେ ପିଲା ହୁଏ ଉଦ୍‌ଭ୍ରାନ୍ତ । ପିଲାଟିଏ ଭୂମିଷ୍ଠ ହେବାପରେ ପରିବାରରେ ପିତା-ମାତା ତଥା ଅନ୍ୟାନ୍ୟ ଗୁରୁଜନଙ୍କର ଦାୟିତ୍ୱ ବଢ଼ିଯାଏ ଓ ଭୂମିକା ବହୁଳଭାବରେ ଗୁରୁତ୍ୱପୂର୍ଣ୍ଣ ହୋଇଯାଏ । ଖାଲି ଉପଦେଶ ଦେଲେ ଚଳେ ନାହିଁ । କାର୍ଯ୍ୟରେ ପ୍ରତିପାଦନ କରିବାକୁ ପଡ଼ିଥାଏ । ନିଜେ ଅସତ ପଥରେ ଯାଇ ପିଲାମାନଙ୍କୁ ସତପଥରେ ଯାଅ ବୋଲି କହିବାର ବିଶେଷ କିଛି ଅର୍ଥ ନାହିଁ । ଚଳଣିରେ ଭଲକଥାକୁ ପ୍ରତିଫଳିତ କରିବାର ଆବଶ୍ୟକତା ଅଛି ନ ହେଲେ ତା'ର କୌଣସି ବିଶେଷ ପ୍ରଭାବ ପିଲା ଉପରେ ପଡ଼େନାହିଁ । ପିଲାଟିଏ ଲକ୍ଷ୍ୟକରେ ଘରେ ଅନ୍ୟମାନେ ପରସ୍ପରପ୍ରତି କିପରି ବ୍ୟବହାର କରୁଛନ୍ତି । ପରସ୍ପର ପ୍ରତି ଥିବା ସ୍ନେହ, ମମତା ତଥା ଆନ୍ତରିକତାକୁ ସେ ଅକ୍ଳେଶରେ ବୁଝିଯାଏ ଓ ନିଜକୁ ସେପରି ଧାରାରେ ଚଳାଇବାକୁ ଅଭ୍ୟସ୍ତ କରିଥାଏ । ସେ ସବୁଠାରୁ ବେଶୀ କଥା ଶିଖେ ତା'ର ମା'ଠାରୁ । ମା' ଯଦି

ଭଲକଥା କହିବା ସହିତ ଅନ୍ୟମାନଙ୍କୁ ଭଲ ବ୍ୟବହାର କରୁଥାଏ ତେବେ ପିଲାଟିଏ ତାହାହିଁ ଶିଖେ । ମା' ହେଉଛି ପିଲାଟିର ପ୍ରଥମ ଶିକ୍ଷୟିତ୍ରୀ । ମା'ର ଶିକ୍ଷା ପିଲା ଜୀବନରେ ସବୁଠାରୁ ଅଧିକ ପ୍ରଭାବ ପକାଇଥାଏ । ମା' ଯେତେ ସ୍ନେହୀ, ସଚ୍ଚୋଟ, ନମ୍ର, ତ୍ୟାଗଶୀଳା, ସଦିଚ୍ଛା-ସମ୍ପନ୍ନା, ମାର୍ଜିତରୁଚି ସମ୍ପନ୍ନା ତଥା ବ୍ୟକ୍ତିତ୍ୱର ଅଧିକାରିଣୀ ହୁଏ ପିଲାଟି ତା'ଠାରୁ ସେସବୁ କଥା ଶିଖିଯାଏ । ମା'ଯଦି ସଂସ୍କୃତି ପ୍ରତି ସଚେତନ ହୁଏ, ଦେଶ ପ୍ରେମରେ ଉଦ୍‌ବୁଦ୍ଧ ହୋଇଥାଏ, ସୁନୀତି ପରାୟଣା ହୋଇଥାଏ ତେବେ ପିଲାଟି ଉପରେ ଏହାର ସୁପ୍ରଭାବ ପଡ଼ିଥାଏ । ମା' ଯଦି ହୁଏ ସ୍ୱାର୍ଥପର, କଟୁଭାଷିଣୀ, ଅଶାନ୍ତ, ଈର୍ଷାପରାୟଣ, ସଂକୀର୍ଣ୍ଣମନା ତେବେ ପିଲାଟି ତାହାହିଁ ଶିଖିଯାଏ । ସେହି ବିକୃତ ଚିନ୍ତାର ଛାପ ତା'ର ଅବଚେତନାରେ ରହିଯାଏ । ପରେ ଯେତେ ଭଲ କଥା କୁହାଗଲେ, ତା'ର ବିଶେଷ କିଛି ପ୍ରଭାବ ପଡ଼େନାହିଁ । ମା' ଯଦି ତୋର ମୋର ବିଚାରରଖି ପରିବାରରେ ଅନ୍ୟମାନଙ୍କ ସହିତ ଭଲରେ ଚଳୁନଥାଏ ତେବେ ପିଲାଟି ସେହିପରି ଭାବରେ ଭାବିତ ହୋଇଯାଏ । ସେ ଭବିଷ୍ୟତରେ ହୁଏ ଚରମ ସ୍ୱାର୍ଥପର, ହିଂସ୍ର ଓ କୁଚକ୍ରୀ । ଉଦାହରଣ ସ୍ୱରୂପ ଯଦି ପିଲାଟିଏ ଦେଖେ ଯେ ତା'ର ମା' ଘରେ ତା'ର ଜେଜେବାପା ଓ ଜେଜେମା'ଙ୍କୁ ଭଲ ବ୍ୟବହାର ନ କରେ, ଭଲ କଥା ନ କହେ, ଆଦର ଯତ୍ନ ନ କରେ, ସେମାନଙ୍କ ସହ କଳି ଲଗାଉଥାଏ ତେବେ ପିଲାଟିଏ ଭବିଷ୍ୟତରେ ନିଜ ମା'ଙ୍କୁ ସେପରି ବ୍ୟବହାର କରିବାକୁ ଅବଚେତନ ମନରେ ଶିଖିଯାଏ । ଏହାକୁ ଲୋକ କଥାରେ କହନ୍ତି ଉଧାର ମାଣକ ପାଞ୍ଚପା । ଏକଥାର ତାତ୍ପର୍ଯ୍ୟ ବୁଝିନପାରି ଲୋକେ କହନ୍ତି ଭାଗ୍ୟରେ ଥିଲା, କିନ୍ତୁ ସେମାନେ ଯେ ପିଲାମାନଙ୍କୁ ଭଲକଥା ଶିଖାଇ ନାହାନ୍ତି, ସେ କଥା ବୁଝନ୍ତି ନାହିଁ । ମହାଯୋଗୀ ଶ୍ରୀଅରବିନ୍ଦ କହନ୍ତି ଯେ, "ପିଲାଟିଏ ହେଲାପରେ ପିତା-ମାତା ଅଧିକ ସଂଯତ ଓ ସଚେତନ ରହିବା ଏକାନ୍ତ ଆବଶ୍ୟକ ।" ଏହା ପ୍ରକୃତରେ ଅକ୍ଷରେ ଅକ୍ଷରେ ସତ୍ୟ । ନିଜେ ସଚେତନ ନହେଲେ ପିଲାଟିର ଭବିଷ୍ୟତ ଧ୍ୱଂସ ହୋଇଯାଏ ଏବଂ ପିଲାଟି ଜୀବନରେ ସୁଖୀ ହୋଇପାରେ ନାହିଁ । ସୁଖ ପ୍ରକୃତରେ ବସ୍ତୁଭିତରେ ନଥାଏ ବହୁ ଅର୍ଥ ଉପାର୍ଜନରେ ନ ଥାଏ, ବଡ଼ ପଦବୀରେ ବସିବାରେ ନଥାଏ, ସୁଖ ଥାଏ ନିଜ ମନ ଭିତରେ, ମନ ଯଦି ଠିକ୍ ଭାବରେ ଗଠିତ ହୋଇନଥାଏ ତେବେ ସେ କସ୍ତୁରୀ ମୃଗପରି ଏଆଡ଼େ ସେଆଡ଼େ ଧାଇଁ ଧାଇଁ ଶେଷରେ କ୍ଲାନ୍ତ ଓ ହତାଶ ହୋଇପଡ଼େ । ଅତଏବ ନିରପେକ୍ଷ ଭାବରେ କହିଲେ ପିଲାଟିର ଜୀବନ ନଷ୍ଟ କରିଦେବା ପାଇଁ ପିତା-ମାତା ତଥା ଅନ୍ୟାନ୍ୟ ଗୁରୁଜନଙ୍କର ଅସାବଧାନତା ବହୁଭାବରେ ଦାୟୀ ହୁଏ । ମା' ସହିତ ଅନ୍ୟମାନଙ୍କର ସହଯୋଗ ରହିଲେ ଏବଂ ସମସ୍ତେ ମିଶି ପିଲାମାନଙ୍କୁ ଭଲ ବାଟରେ ନେବାପାଇଁ ପ୍ରୟାସ କଲେ ପିଲାମାନେ ସୁସ୍ଥ ନାଗରିକ ହୋଇ ବାହାରନ୍ତି । ସେମାନେ କେବଳ ନିଜର ନୁହେଁ, ନିଜ ଜାତିର, ଦେଶର ତଥା ସାରା ବିଶ୍ୱର କଲ୍ୟାଣ ସାଧନ କରିଥାନ୍ତି ।

ବ୍ୟକ୍ତିଟିଏ ମାନେ ସାମାନ୍ୟ କଥା ନୁହେଁ । ଗୋଟିଏ ବ୍ୟକ୍ତି ହେଉଛି ଗୋଟିଏ ଦୀପ ଯିଏ କେତେ ଦୀପରେ ଆଲୋକ ସଂଯୋଗ କରିପାରେ । ଅନ୍ୟ କେତେ ଲୋକଙ୍କୁ ଆଲୋକ ଦେଖାଇପାରେ । ବିଶ୍ୱଜୀବନର ବିକାଶ ନିମନ୍ତେ ବ୍ୟକ୍ତି ଜୀବନର ବିକାଶ ଏକାନ୍ତ ଜରୁରୀ । ବ୍ୟକ୍ତିକୁ ଠିକ୍ ନଗଡ଼ି କେବଳ ବିଶ୍ୱଜୀବନର ବିକାଶ ହେଉ କହିବା ଅରଣ୍ୟ ରୋଦନ ପରି ଅର୍ଥହୀନ ଓ ଅକାଶକୁସୁମପରି ସ୍ଥିତିହୀନ । ଆଜି ସାରା ବିଶ୍ୱ ଚାହିଁ ବସିଛି ମଣିଷପଣିଆ ଥିବା ମଣିଷକୁ, ସେପରି ମଣିଷ ଆସିଲେ ପୃଥିବୀ ହେବ ସ୍ୱର୍ଗପରି ଲଳିତ କଳାମଞ୍ଜୁଳ ଓ ମଧୁମୟ । ପାର୍ଥିବ ଜୀବନ ହେବ ଅପାର୍ଥିବ ଆନନ୍ଦର ଏକ ଛନ୍ଦମୟ କାବ୍ୟ । ଦିଗ ବିଦିଗ ସୁଧା ସଂଜୀବନୀ ଧାରାରେ ସିକ୍ତ ହେବ ଓ ସୀମାହୀନ ମୂଲ୍ୟବୋଧରେ ଅଭିଷିକ୍ତ ହେବ । ବିଶ୍ୱ ଆଜି ମଣିଷ ପରି ମଣିଷମାନଙ୍କ ଆସିବା ବାଟକୁ ଚାହିଁ ବସିଛି । ସମୟକୁ ଅଳିକରୁଛି ଭଲ ମଣିଷ କିଛି ତାକୁ ଦେବାପାଇଁ । ସମୟର ଆହ୍ୱାନ ଭଲ ମଣିଷ ପାଇଁ ଅତ୍ୟନ୍ତ ଶାଣିତ ଓ ଅନୁଭବ୍ୟ । ଆଜି ପିଲାଟିକୁ ଭଲ କରି ଗଢ଼ିବାର ଅର୍ଥ ବିଶ୍ୱ ବିକାଶରେ ସହଯୋଗ କରିବା । ଏହି ସହଯୋଗ ଫଳରେ ମାନବ ଜାତିର ପ୍ରକୃତ ଅର୍ଥରେ ଐକ୍ୟ ଯାହା ଏଯାବତ୍ ପ୍ରତିଷ୍ଠିତ ହୋଇନାହିଁ ତାହା ପ୍ରତିଷ୍ଠିତ ହେବ । ଯେଉଁ ଯେଉଁ କଥା

ଏହି ମାନବଏକତାକୁ କ୍ଷୁର୍ଣ୍ଣ କରୁଛି ତାହା ମଣିଷ ମନରୁ ଦୂରୀଭୂତ ହେଲେ ଏକତାର ସୌରରଶ୍ମି ବିଚ୍ଛୁରିତ ହେବ । ଆଜି ପୃଥିବୀର ରାଜନୈତିକ, ସାମାଜିକ, ଅର୍ଥନୈତିକ ଜୀବନର ପ୍ରଗତି ହୋଇଛି ଏଥିରେ ସନ୍ଦେହ ନାହିଁ । ସ୍ଥାନର ଦୂରତ୍ୱକୁ ଆଜି ଗମନାଗମନର ସୁବିଧା ହେତୁ ସହଜରେ ଓ ଅଳ୍ପ ସମୟ ମଧ୍ୟରେ ଅତିକ୍ରମ କରିହେଉଛି । ଗୋଟିଏ ଦେଶରେ ଯେଉଁ ଘଟଣା ଘଟୁଛି, ତା' ପର ମୁହୂର୍ତ୍ତରେ ଅନ୍ୟ ଦେଶରେ ତା'ର ପ୍ରତିକ୍ରିୟା ପ୍ରକାଶ ପାଉଛି । ଏସବୁ ସତ୍ତ୍ୱେ ମାନବ ଏକତା ଆସିନାହିଁ ବୋଲି ମୁକ୍ତ କଣ୍ଠରେ କହିବାକୁ ହେବ । ମଣିଷ ମନରୁ ହିଂସା, ଅଜ୍ଞାନତା, ମତାନ୍ତରରୁ ମନାନ୍ତର ତଥା ଅହଂକାର ଦୂର ନ ହେଲେ ସଚେତନତା ଆସିବ ନାହିଁ କି ପ୍ରକୃତ ଆଧ୍ୟାତ୍ମିକତା ଆସିବ ନାହିଁ । ଧାର୍ମିକତାରେ ନୁହେଁ ଆଧ୍ୟାତ୍ମିକତାରେ ହିଁ ମାନବ ଐକ୍ୟ ପ୍ରତିଷ୍ଠିତ ହେବ । ଆଧ୍ୟାତ୍ମିକତାରେ ମନ ପ୍ରଶସ୍ତ ହୁଏ, ଅନ୍ୟକୁ ସମ୍ମାନ ଦେବା ଓ ବୁଝିବାର ମାର୍ଗ ସହଜ ହୁଏ । ଏଯାବତ୍ ଅପ୍ରଚଳିତ ଓ ଆଗାମୀ କାଲି ପ୍ରଚଳିତ ହେବାକୁ ଥିବା ଏହି ସଚେତନ ଆଧ୍ୟାତ୍ମିକ ଜୀବନ ଆତ୍ମପ୍ରକାଶ କରିବ ଆଗାମୀ କାଲିର ନାଗରିକମାନଙ୍କ ମାଧ୍ୟମରେ ଯେଉଁମାନେକି ଆଜି ଶିଶୁ ହୋଇ ରହିଛନ୍ତି । ଅତଏବ ଆଜିର ସମୟ ହେଉଛି ଆଗାମୀ କାଲିର ପ୍ରସ୍ତୁତିପାଇଁ ଉପଯୁକ୍ତ ସମୟ । ଏହି ସମୟର ସଦ୍‌ବ୍ୟବହାର କରିବା ଅର୍ଥ ହେଉଛି ଶିଶୁମାନଙ୍କୁ ଏବଂ କିଶୋରମାନଙ୍କୁ ଉପଯୁକ୍ତ ଶିକ୍ଷା ଦେବା । ଏହି ଯଥାର୍ଥ ଶିକ୍ଷାଲାଗି ପିତାମାତା ତଥା ଅଭିଭାବକଙ୍କୁ ପ୍ରୟାସ ଓ ପ୍ରଯତ୍ନ କରିବାକୁ ହେବ । ଅଳସବିଳାସରେ ସମୟ ନକଟାଇ ଏ ଦିଗରେ ଧ୍ୟାନ ଦେବାକୁ ହେବ । ସେମାନେ ନିଜେ କଷ୍ଟ ସ୍ୱୀକାର କରି ପଢ଼ାଶୁଣା କରି ଆତ୍ମବିଶ୍ଳେଷଣ କରି ଆବଶ୍ୟକୀୟ ଜ୍ଞାନ ଆହରଣ କରିବା ଏକାନ୍ତ ଜରୁରୀ, ଏହା ଏକ ଗୁରୁ ଦାୟିତ୍ୱ । ଏ ଦାୟିତ୍ୱକୁ ଏଡ଼ାଇ ଦେବାର ଅର୍ଥ ପିଲାଙ୍କ ପ୍ରତି ଅନ୍ୟାୟ କରିବା । ସୁତରାଂ ସମାଜର କଲ୍ୟାଣ, ପରିବେଶର ସମୃଦ୍ଧିଶୀଳତା, ଦେଶର ପ୍ରଗତି ସର୍ବୋପରି ବିଶ୍ୱର ବିକାଶ ସବୁ କିଛି ନିର୍ଭରଶୀଳ ଆଜି ବିଶେଷତଃ ପିତାମାତାଙ୍କ ଉପରେ । ସେମାନେ ଉଦ୍ୟମକଲେ ଆଜିର ଶିଶୁ ଓ କିଶୋରମାନେ ଆସନ୍ତା କାଲିର ନାଗରିକ ହୋଇ ନିଜେ ହସି ଏଇ ବିଶ୍ୱ ଅଧରରେ ସ୍ମିତ ହାସ୍ୟର ମାଧୁରିମା ଭରିଦେବେ ।

□□

ଅବିଦ୍ୟା, ବିଦ୍ୟା ଓ ଅର୍ଥକରୀ ବିଦ୍ୟା

ମିଥ୍ୟାରୁ ସତ୍ୟ ଆଡ଼କୁ, ଅନ୍ଧାରରୁ ଆଲୋକ ଆଡ଼କୁ, ମୃତ୍ୟୁରୁ ଅମରତ୍ୱ ଆଡ଼କୁ ଗତିଶୀଳତାର ମନୁଷ୍ୟର ଜନ୍ମଗତ ଅଧିକାର । ସେ ଅଧିକାରକୁ ସେ ସାବ୍ୟସ୍ତ କରିପାରୁନାହିଁ । ଆଲୋକ ପ୍ରତି ତା'ର ଆଗ୍ରହ ନାହିଁ, କାରଣ ଆଲୋକର କ୍ରିୟାଶୀଳତା ପ୍ରତି ସେ ବିଶ୍ୱସ୍ତ ନୁହେଁ । ନିଜର ଦୃଷ୍ଟିଶକ୍ତି ନଷ୍ଟ ହୋଇଯାଇଥିବାରୁ ଆଲୋକର ମହତ୍ତ୍ୱ ଓ ଗୁରୁତ୍ୱ ବୁଝିବା ତା ପକ୍ଷରେ ପ୍ରାୟ ଅସମ୍ଭବ ହୋଇପଡୁଛି । ଦୃଷ୍ଟିଶକ୍ତି ବିନା ଅନ୍ଧତ୍ୱ ଆସିଥାଏ । ଏହି ମାନସିକ ଅନ୍ଧତ୍ୱର ମୂଳ କାରଣ ରୂପେ ଯାହାକୁ ବିଚାର କରାଯାଏ, ତାହା ହେଉଛି ଅବିଦ୍ୟା । ଅବିଦ୍ୟା ଏକ ଦାର୍ଶନିକ ପରିଭାଷା । ଏହା ଏକ ସାଂଘାତିକ ବ୍ୟାଧି ଯାହା ବ୍ୟକ୍ତିକୁ ନଷ୍ଟକରି ତା'ର ପରିବାରକୁ ତଥା ସମାଜକୁ ନଷ୍ଟ କରିଦିଏ । 'ବୈକୁଣ୍ଠ ସମାନ ଆହା ଅଟେ ସେହି ଘର ।' ଏହି କଥାଟି କେବଳ କଥାରେ ରହିଯାଏ ଅବିଦ୍ୟାର ପ୍ରଭାବରେ । ମନୁଷ୍ୟର ନିମ୍ନ ପ୍ରକୃତିକୁ ମାଧ୍ୟମ କରି ଅବିଦ୍ୟା କାର୍ଯ୍ୟ କରିଥାଏ । ଏ କାର୍ଯ୍ୟରେ ଯେଉଁ ଦୁଇଟି ଉପାଦାନ ମୁଖ୍ୟ ଭୂମିକା ନେଇଥାନ୍ତି ସେଥିରୁ ଗୋଟିଏ ହେଲା ଅହଂ ଓ ଅନ୍ୟଟି ସ୍ୱାର୍ଥ ।

ଅହଂ ବଳରେ ମଣିଷର ନିଜକୁ ଆବଶ୍ୟକତାଠାରୁ ଅଧିକ ବଡ଼ ମନେକରେ । ଅନ୍ୟମାନଙ୍କୁ ସାନ ଓ ମୂଲ୍ୟହୀନ ବୋଲି ସେ ବିଚାର କରିଥାଏ । ଆତ୍ମପ୍ରଶଂସାର ଲାଳସା, ନିଜକୁ ଜାହିର କରିବାର ପ୍ରବୃତ୍ତି ତାକୁ କିମ୍ଭୂତ କିମାକାର କରିଦିଏ । ସେ ନିଜର ପ୍ରକୃତ ଗନ୍ତବ୍ୟ ପଥରେ କେବେବି ପାଦ ରଖିବାର ସୌଭାଗ୍ୟ ପାଏନାହିଁ, କେବଳ ପାଦ ରଖିବାର ଛଳନା କରୁଥାଏ । ହୀରାକୁ କାଚ ଭାବି ଦୂରକୁ ଫିଙ୍ଗିଦିଏ ଓ କାଚକୁ ହୀରା ଜ୍ଞାନକରି ଗୋଟାଇ ଆଣି ସାଇତି ରଖେ । ସାଧାରଣ କଥାକୁ ମାଜି ମାଜି ବଡ଼କରେ ଆଉ କଥା ବଢ଼ିଗଲେ 'ମୁଁ', 'ମୁଁ', 'ମୋର', 'ମୋର' ଏପରି ଶବ୍ଦର ବହୁଳ ବ୍ୟବହାର ସେ କରୁଥାଏ । ଅନ୍ୟର ସୁଖ ସୌଭାଗ୍ୟ ଦେଖିଲେ ମନ ତା'ର ହିଂସାରେ ଜଳୁଥାଏ । କ୍ରୋଧରେ ଜର୍ଜରିତ ହୋଇ ଦିନ କି ରାତି ସେ ଅନ୍ୟର ଅନିଷ୍ଟ ଚିନ୍ତା ହିଁ କରୁଥାଏ । ଈର୍ଷାକୁ ମନରେ ସ୍ଥାନଦେଇ ତାହାଦ୍ୱାରା ପରିଚାଳିତ ହୋଇ ସେ ଆସୁରିକ ଆନନ୍ଦ ପାଏ, ମାତ୍ର ସେ ଆନନ୍ଦ ପ୍ରକୃତ ଆନନ୍ଦ ପଦବାଚ୍ୟ ନୁହେଁ । ତାହା ଆନନ୍ଦର ଏକ ବିକୃତ ରୂପ । ଅନ୍ୟର ଅନିଷ୍ଟ ଚିନ୍ତା ହୃଦୟର ମଧୁରତା ଓ ଚିନ୍ତାଧାରାର ପବିତ୍ରତାକୁ ନଷ୍ଟ କରିଦିଏ । ପରିବେଶରେ ବିଷାକ୍ତ ବଳୟ ସୃଷ୍ଟି ହୁଏ ।

ସ୍ୱାର୍ଥ ଅନ୍ୟ ଏକ କଳଙ୍କିତ ଉପାଦାନ ଯାହା ମନୁଷ୍ୟକୁ ନିମ୍ନଗାମୀ କରାଇଥାଏ । ତାହା ମଣିଷର ଚେତନାର ପ୍ରଗତି ପଥରେ ଅନ୍ତରାୟ ସୃଷ୍ଟି କରେ । ଏହି ଗୁଣ ବଳରେ ମଣିଷ ନିଜର ସୁଖ ସୁବିଧାପାଇଁ ଅନ୍ୟର ଅସୁବିଧା କରିବା ପାଇଁ କୁଣ୍ଠା ପ୍ରକାଶ କରେନାହିଁ । ବରଂ ଅନ୍ୟର ଅସୁବିଧା କରି ନିଜର ସୁବିଧା କରିବାପାଇଁ କୌଶଳ ପ୍ରୟୋଗ କରିଥାଏ । ଏଥିପାଇଁ ଅନ୍ୟର ମନରେ ଦାରୁଣ ଆଘାତ ଲାଗିଲେ ମଧ୍ୟ ସେ ସେଥିରେ ଆଦୌ ବିଚଳିତ ହୁଏନାହିଁ । ଏପରିକି ଅତୀତରେ ଯେଉଁମାନେ ତାକୁ ସାହାଯ୍ୟ ସହାନୁଭୂତି ଦେଇଥିଲେ, ସେ ସମୟକ୍ରମେ ନିଜର ସୁବିଧାପାଇଁ ସେମାନଙ୍କର କ୍ଷତିକରିବାକୁ ପଶ୍ଚାତପଦ ହୁଏନାହିଁ । ନିଜ ଚିନ୍ତା ବ୍ୟତୀତ ଅନ୍ୟମାନଙ୍କ ସମ୍ପର୍କରେ

ଗଠନମୂଳକ ଚିନ୍ତା କରିବାପାଇଁ ତା'ର ସମୟ ନଥାଏ । କେବଳ ଅନ୍ୟଠାରୁ ଛଳେ, ବଳେ, କଉଶଳେ କିପରି ନିଜର ସୁବିଧା ହାସଲ କରାଯାଇପାରିବ ତାହା ହୋଇଥାଏ ତା'ର ଗବେଷଣାର ବିଷୟ । ଅନ୍ୟପାଇଁ ସମବେଦନା ତ ଦୂରର କଥା, କଥାପଦେ କହିବାକୁ ସମୟର ଅଭାବ ପ୍ରମାଣକରେ ତା'ର ସ୍ୱାର୍ଥପରତାରେ ଜର୍ଜରିତ ମାନସିକ ସ୍ଥିତି କେଡ଼େ ବିଷାକ୍ତ ଓ ଭୟଙ୍କର । ଅହଂ ଏବଂ ସ୍ୱାର୍ଥ ପରସ୍ପର ସହ ମୈତ୍ରୀବନ୍ଧନରେ ଆବଦ୍ଧ । ଗୋଟିକୁ ଛାଡ଼ି ଅନ୍ୟଟିର ସ୍ଥିତି ସୁଦୃଢ଼ ନୁହେଁ । ଦୁହିଁଙ୍କ ପ୍ରରୋଚନାରେ ବ୍ୟକ୍ତି ଚେତନା ନିମ୍ନାଭିମୁଖୀ ହୋଇଥାଏ । ଏହି ସୁଯୋଗନେଇ ଲୋଭ, କାମ, କ୍ରୋଧ, ମୋହ ଇତ୍ୟାଦି ଅନ୍ୟାନ୍ୟ ବିରୋଧୀ ଶକ୍ତିମାନେ ବ୍ୟକ୍ତିକୁ ଆକ୍ରମଣ କରିଥାନ୍ତି । ବିରୋଧୀ ଶକ୍ତିଙ୍କର ଜାଲରେ ପଡ଼ି ମନୁଷ୍ୟ ପ୍ରକୃତ ସୁଖପାଇବାରୁ ବଞ୍ଚିତ ହୁଏ । ମରୁଭୂମିରେ ଓଟ ନାଗଫେଣୀ କଣ୍ଟାଖାଇ ରକ୍ତାକ୍ତ ମୁଖରେ ପ୍ରାଣିକ ସୁଖ ଅନୁଭବ କଲାଭଳି ମନୁଷ୍ୟ ଅବିଦ୍ୟାର ପ୍ରଭାବରେ ଦାରୁଣ ଯନ୍ତ୍ରଣାରେ ଜର୍ଜରିତ ହୋଇ ପ୍ରାଣିକ ସୁଖ ଅନୁଭବ କରୁଥାଏ । ସେହି ସୁଖ ହୁଏ ତା'ର ଦୁଃଖର କାରଣ । କାରଣ ଏଥିରେ ଦୁଃଖର ବୀଜ ଲୁକ୍କାୟିତ ହୋଇ ରହିଥାଏ । ପ୍ରକୃତ ସୁଖଠାରୁ ଏହା ଗୁଣ ଓ ଧର୍ମରେ ଭିନ୍ନ । ପ୍ରକୃତ ସୁଖର ସଂଜ୍ଞା ଅଲଗା । ଏହାର ପ୍ରଭାବରେ ମନରେ ଆସେ ପ୍ରଶାନ୍ତିର ସୁଲଳିତ ସ୍ପର୍ଶ, ମାଦକତାର ସୁକୁମାର ବିଳାସ ।

ପ୍ରକୃତ ସୁଖପାଇଁ ବିଦ୍ୟାର ଆହରଣ ଏକମାତ୍ର କାମ୍ୟ । ଏହି ବିଦ୍ୟା ତଥାକଥିତ ଆନୁଷ୍ଠାନିକ ଶିକ୍ଷା ନୁହେଁ । ବିଦ୍ୟା ଏକ ଦାର୍ଶନିକ ପରିଭାଷା ଯାହା ମୁଖ୍ୟତଃ ଦୁଇଟି ବିଭବରେ ବିମଣ୍ଡିତ । ସେଥିରୁ ଗୋଟିଏ ହେଉଛି ବିବେକ ଓ ଅନ୍ୟଟି ବୈରାଗ୍ୟ । ବିବେକ କହିଲେ ମାନବିକତାକୁ ବୁଝାଇଥାଏ । ବୈରାଗ୍ୟ କହିଲେ ପଳାୟନକୁ ବୁଝାଏ ନାହିଁ । ସ୍ୱାର୍ଥ ବିହୀନ ମନୋବୃତ୍ତି ହିଁ ବୈରାଗ୍ୟର ମୂଳତତ୍ତ୍ୱ । ବିବେକ ଓ ବୈରାଗ୍ୟ ଲାଭ ନିମନ୍ତେ ଯେଉଁ ଦୁଇଗୋଟି ମାର୍ଗ ଏକାନ୍ତ ଧେୟ ତାହା ହେଲା ଆଗ୍ରହ ଓ ଅଭ୍ୟାସ ।

ଆଳସ୍ୟ, ଜଡ଼ତା, ଲୋଭ, ମୋହ, ଅକୃତଜ୍ଞତା, ରୁକ୍ଷତା ସମେତ ବହୁ ଦୁର୍ଗୁଣର ପ୍ରତ୍ୟାଖ୍ୟାନ ପାଇଁ ପ୍ରୟାସ ମଣିଷକୁ ଉଚିତ ମାର୍ଗ ଦର୍ଶନ କରାଇଥାଏ । ଏଠାରେ ପ୍ରଶ୍ନ ଉଠିପାରେ ଅର୍ଥ ପ୍ରତ୍ୟାଖ୍ୟାନର ଉପାଦାନ କି ? ଉତ୍ତରରେ ଏତିକି କୁହାଯାଇପାରେ ଯେ ଅର୍ଥ ଏକ ଶକ୍ତି, ଏହା ପ୍ରତ୍ୟାଖ୍ୟାନର ବିଷୟ ନୁହେଁ । କେବଳ ଏହାର ଉପାର୍ଜନ ଓ ବ୍ୟବହାରରେ ଅଧିକରୁ ଅଧିକ ସଚେତନତା ଆବଶ୍ୟକ । ମାର୍ଜିତ ରୁଚି ଓ ଚେତନାରେ ରହି ଅର୍ଥର ଅର୍ଜନ ଓ ବ୍ୟବହାର କଲେ ଅର୍ଥଶକ୍ତି ମାନବ ଜାତିର ଅଶେଷ କଲ୍ୟାଣ ସାଧନ କରିପାରିବ, ଅର୍ଥକରୀ ବିଦ୍ୟା ରହିବ । ଅର୍ଥକରୀ ବିଦ୍ୟା କହିଲେ ତଥାକଥିତ ଭୌତିକ ବିଦ୍ୟାକୁ ବୁଝାଏ ଯାହା ମଣିଷର ବିକାଶ ନିମନ୍ତେ ଅପରିହାର୍ଯ୍ୟ। ବୈଜ୍ଞାନିକ ଅନୁଚିନ୍ତା ରହିବ, ତା ନହେଲେ ମାନବ ଜାତିର ପ୍ରଗତି ବ୍ୟାହତ ହେବ, ବିଶ୍ୱ ଜୀବନର ସର୍ବାଙ୍ଗୀନ ବିକାଶ ସୁଦୂର ପରାହତ ହେବ। ସବୁ ଭୌତିକ ବିଦ୍ୟା ରହିବ, ମାନବିକତା ଯେତିକି ଯେତିକି ଅଧିକ ପ୍ରକଟିତ ହେବ, ଅବିଦ୍ୟା ସେତିକି ବିଦ୍ୟାରେ ରୂପାନ୍ତରିତ ହେବ। ସଙ୍ଗେ ସଙ୍ଗେ ଅର୍ଥକରୀ ବିଦ୍ୟା ମାଧ୍ୟମରେ ବ୍ୟକ୍ତି ଜୀବନ, ରାଷ୍ଟ୍ର ଜୀବନ ତଥା ବିଶ୍ୱ ଜୀବନ ସେତିକି ଅଧିକ ପରିମାଣରେ ମଧୁମୟ ହେବ।

ଆତ୍ମବିକାଶରେ ଅର୍ଥର ଭୂମିକା

ଅର୍ଥଯୋଗୁଁ ଭୌତିକ ବିକାଶ ସଂଗଠିତ ହୁଏ, ଜାଗତିକ ଜୀବନ ସମୃଦ୍ଧ ହୁଏ, ଏଥିରେ ଦ୍ୱିମତ ନାହିଁ । ମାତ୍ର ଏତିକିରେ ଅର୍ଥର କ୍ରିୟା ସୀମାବଦ୍ଧ ନୁହେଁ, ଏହା ବାହାରେ ଏକ ପ୍ରଶସ୍ତ ଭୂମିରେ ଅର୍ଥ କାର୍ଯ୍ୟ କରିଥାଏ । ତାହା ହେଉଛି ମାନସଭୂମି ଯାହାକୁ ଭିତ୍ତିକରି ଆତ୍ମବିକାଶର ପରିକଳ୍ପନା । ଆତ୍ମବିକାଶକୁ ଚେତନାର ବିକାଶ ବୋଲି କୁହାଯାଇପାରେ । ଅନ୍ୟ ଅର୍ଥରେ କହିଲେ ଅର୍ଥ ଗୋଟିଏ ଶକ୍ତି ଯାହା ବଳରେ ଚେତନାର ଉତ୍ତରଣ ଯେପରି ଘଟିଥାଏ ଅବତରଣ ମଧ୍ୟ ସେପରି ଘଟିଥାଏ । ଚେତନାର ଉତ୍ତରଣକୁ ଊର୍ଦ୍ଧ୍ୱଗତି ଓ ଅବତରଣକୁ ନିମ୍ନଗତି ବୋଲି

କୁହାଯାଇପାରେ । ଦୁଇଟି ମାର୍ଗ ମନୁଷ୍ୟର ଆଗରେ ପ୍ରଶସ୍ତ ଓ ପ୍ରସାରିତ ହୋଇରହିଛି । ସ୍ୱଇଚ୍ଛାରେ ସେ ଗୋଟିଏ ମାର୍ଗକୁ ତା'ର ଗନ୍ତବ୍ୟ ପଥବୋଲି ନିର୍ବାଚନ କରିପାରେ । ଚେତନାରେ ଊର୍ଦ୍ଧ୍ୱଗତି କଲେ ସେ ଦିବ୍ୟ ଆନନ୍ଦର ଅଧିକାରୀ ହୋଇପାରେ, ନିମ୍ନଗତି କଲେ ରସାତଳଗାମୀ ହୋଇଥାଏ । ଚେତନାର ବିକାଶପାଇଁ ଅର୍ଥ ଯେ ଆବଶ୍ୟକ, ଏକଥା ଶୁଣିଲେ କାନକୁ ଅଡୁଆ ଲାଗିବା ସ୍ୱାଭାବିକ, କାରଣ ଆମର ଧାରଣା ଅର୍ଥକୁ ଛାଡ଼ିଲେ ଲୋକ ସନ୍ନ୍ୟାସୀ ହୁଏ, ଆଉ ସନ୍ନ୍ୟାସୀ ହେଲେ ଚେତନାର ବିକାଶ ଘଟେ । ପ୍ରକୃତରେ ଅର୍ଥକୁ ଛାଡ଼ିଲେ ଲୋକ ସନ୍ନ୍ୟାସୀ ହୁଏ ନାହିଁ, ଅର୍ଥର ଦାସତ୍ୱକୁ ଛାଡ଼ିଲେ ମାନସିକତାରେ ଉଚ୍ଚ ଭାବ ଆସେ ଓ ଚେତନାର ବିକାଶ ଘଟେ, ଚେତନାର ଅଭିବୃଦ୍ଧି ପାଇଁ ଅର୍ଥର ଉପଯୋଗିତା ରହିଛି । ଅର୍ଥ ଅନର୍ଥର କାରଣ ନୁହେଁ, ଅର୍ଥ ବରଂ ବିକାଶର ମାଧ୍ୟମ । ଏହା ଏକ ଜଡ଼ ଭୌତିକ ଶକ୍ତି ଯାହାବଳରେ ବାହ୍ୟ ଜୀବନ ସମୃଦ୍ଧ ହେବା ସଙ୍ଗେ ସଙ୍ଗେ ଅନ୍ତର୍ଜୀବନ ଆଲୋକିତ ହୋଇଥାଏ । ଦୂର ଅତୀତରେ ଭାରତ ବର୍ଷ ଅର୍ଥର ମୂଲ୍ୟବୋଧକୁ ହୃଦୟଙ୍ଗମ କରିଥିଲା । ବିଶେଷତଃ ମଧ୍ୟବର୍ତ୍ତୀ ସମୟରେ ଅର୍ଥ ଉପରେ ଏକ ଆସୁରିକ ଅହମିକାର ଛାପ ପଡ଼ିଲା ଏବଂ ଅର୍ଥର ପ୍ରଭାବ କଳଙ୍କିତ ହେଲା । ଏହା ଏକ ସାମୟିକ ପ୍ରକ୍ରିୟା ଓ ପ୍ରତିକ୍ରିୟା । ଏହା ସମୟକ୍ରମେ ଅପସରି ଯିବାକୁ ବାଧ୍ୟ, ଏଥିରେ ସନ୍ଦେହର ଅବକାଶ ନାହିଁ ।

ଚାଲି ନଜାଣି ବାଟର ଦୋଷ, ସ୍ନାନ କରି ନଜାଣି ଘାଟର ଦୋଷ ଦେଲାଭଳି ବ୍ୟବହାର କରି ନଜାଣି ଅର୍ଥ ଉପରେ ଦୋଷାରୋପ କରାଯାଏ । ପ୍ରକୃତରେ ଧନ ଏତେ ଦୋଷର ବସ୍ତୁ ନୁହେଁ । ଅର୍ଥର ଉପାର୍ଜନ ଦୋଷାବହ କାର୍ଯ୍ୟ ନୁହେଁ । ଦୋଷଟି ଅର୍ଥରେ ନାହିଁ ବରଂ ଅର୍ଥର ଅର୍ଜନ ଓ ବ୍ୟୟ ପ୍ରକ୍ରିୟାରେ ଦୋଷ ରହିବାରୁ ଅଯଥାରେ ଅର୍ଥକୁ ଦୋଷୀକରାଯାଇ ଅନର୍ଥର କାରଣ ବୋଲି କୁହାଯାଏ । ଅସତ୍ ମାର୍ଗରେ ଉପାର୍ଜିତ ଧନ ଆନନ୍ଦ ଦିଏ ନାହିଁ, ଶାନ୍ତି ଦିଏ ନାହିଁ ବରଂ ଗ୍ଲାନିରେ ଜର୍ଜରିତ କରେ ମନକୁ । ପୁନଶ୍ଚ ଅର୍ଥର ମାଲିକ ବୋଲି ନିଜକୁ ବିଚାର କଲେ ଅଶାନ୍ତି ବଢ଼େ । ଅର୍ଥର ରକ୍ଷକ ବୋଲି ନିଜକୁ ଅନୁଭବକଲେ ମନରେ ଅସ୍ଥିରତା ଓ ଅଶାନ୍ତି ସୃଷ୍ଟି ହୁଏ ନାହିଁ । ଧନର ସ୍ୱଭାବ ହେଉଛି ଚଞ୍ଚଳ ଗତି । ହାତରୁ ହାତକୁ ଚାଲିଯିବା ତା'ର ଧର୍ମ । ସେଥିପାଇଁ ଅର୍ଥ ବା ଧନକୁ ଚଞ୍ଚଳା ବୋଲି କୁହାଯାଏ । ଆଜି ତାହା ଏଠାରେ ଅଛି କାଲିକୁ ଆଉ କେଉଁଠିକୁ ଚାଲିଯିବ । ଆଜିର ରାଜା ହୋଇପାରେ କାଲିକୁ ଫକିର । ତେଣୁ କୁହଯାଏ -

'ଆଜି ଯେ ରାଜେନ୍ଦ୍ରାସନେ କାଲି ସେ ଫକିର ।'

ବିଚ୍ଛା ମନ୍ତ୍ର ନଜାଣି ସାପଗାତରେ ହାତ ପୂରାଇ ହଟହଟା ହେଲାପରି ଧନର ବ୍ୟବହାର ବିଧି ଏବଂ ମୂଲ୍ୟବୋଧକୁ ନଜାଣି ଧନୀମାନେ ଆତ୍ମ ସଂଘର୍ଷ କରି ହଟହଟା ହେଉଥାନ୍ତି । ଧନ ତାଙ୍କୁ ଆତ୍ମସନ୍ତୋଷ ପରିବର୍ତ୍ତେ ଦେଇଥାଏ ଆତ୍ମ ସଂଘର୍ଷ । କାରଣ ସେମାନେ ଧନର ମୂଲ୍ୟଟିକୁ ସବୁବେଳେ ଦେଖନ୍ତି, ମୂଲ୍ୟବୋଧକୁ କେବେହେଲେ ଦେଖନ୍ତି ନାହିଁ । ପ୍ରକୃତରେ ସେମାନେ ଧନର ଅଧିକାରୀ ହୋଇନଥାନ୍ତି ଧନ ସେମାନଙ୍କୁ ଅଧିକାର କରିନେଇ ଦାସାନୁଦାସ କରି ରଖିଥାଏ । ବିବେକ ଓ ବିଚାର ଶକ୍ତିକୁ ସେମାନେ ଅର୍ଥର ଚରଣରେ ବଳି ଦେଇଥାନ୍ତି । ଯେନତେଣ ପ୍ରକାରେଣ ଅର୍ଥର ସଂଗ୍ରହ ଓ ସଞ୍ଚୟକୁ ଜୀବନର ଲକ୍ଷ୍ୟବୋଲି ସେମାନେ ବିଚାର କରିଥାନ୍ତି । ତାଙ୍କପାଇଁ ଅର୍ଥ ହିଁ ଜୀବନ ଓ ଜୀବନ ହିଁ ଅର୍ଥ । ଏପରି ଭାବନା କରି ଜୀବନସାରା କେବଳ ଲାଭକ୍ଷତିର ଅଙ୍କ କଷିକଷି ସେମାନେ କ୍ଲାନ୍ତ ହୋଇପଡ଼ନ୍ତି । ଆତ୍ମସନ୍ତୋଷ ପରିବର୍ତ୍ତେ ଯାହା ପାଆନ୍ତି ତାହା ହେଉଛି କ୍ଷଣିକ ପ୍ରାଣିକ ସୁଖ । ଏହି ପ୍ରାଣିକ ସୁଖ, ଆନନ୍ଦ ପଦବାଚ୍ୟ ନୁହେଁ । ଏହି ସୁଖ ଆସେ ଅହମିକାରୁ ଓ ଆଣିଦିଏ ଅଧିକ ଅହମିକା । ନିଜ ଉପରେ ଆବଶ୍ୟକତାଠାରୁ ଅଧିକ ଗୁରୁତ୍ୱ ଦେବାକୁ ଅହମିକା ପ୍ରବର୍ତ୍ତାଏ ଓ ଶେଷରେ ଅନ୍ଧକାରର ଅତଳ ଗହ୍ୱରରେ ନେଇ ନିକ୍ଷେପ କରେ । ସେଠାରେ ଆତ୍ମବିକାଶ ପଥରେ ଅର୍ଥ ସହାୟତା ନ କରି ବିନାଶର ପଥକୁ, ଗ୍ଲାନିର ପଥକୁ ପ୍ରଶସ୍ତରୁ ପ୍ରଶସ୍ତତର କରିଥାଏ ।

ଅର୍ଥର ଉପାର୍ଜନ ବିଧିରୁ ଯେପରି ବ୍ୟକ୍ତିକୁ ଚିହ୍ନିହୁଏ ଅର୍ଥର ବ୍ୟବହାର ବିଧିରୁ ମଧ୍ୟ ସେପରି ବ୍ୟକ୍ତିକୁ ଜାଣିହୁଏ । ଅର୍ଥ ଉପାର୍ଜନ ଯେତିକି କଷ୍ଟ ଅର୍ଥର ବ୍ୟୟ ତାହାଠାରୁ ଅଧିକ କଷ୍ଟ ବୋଲି କୁହାଯାଏ, ତାହା ଅକ୍ଷରେ

ଅକ୍ଷରେ ସତ୍ୟ । ଅର୍ଥକୁ ସତ୍ ଉପାୟରେ କେବଳ ଅର୍ଜନ କଲେ ହେବନାହିଁ । ତା'ର ବ୍ୟବହାରରେ ଭାରସାମ୍ୟ ରଖିଲେ ଅର୍ଥର ମୂଲ୍ୟବୋଧ ବଢ଼ିଥାଏ । ଆତ୍ମ ସୁଖପାଇଁ ନୁହେଁ କର୍ତ୍ତବ୍ୟ ପାଳନ ନିମନ୍ତେ ଅର୍ଥ ବିନିଯୁକ୍ତ ହେବା ଉଚିତ । କର୍ତ୍ତବ୍ୟ ହିଁ ପ୍ରକୃତ ଧର୍ମ, କର୍ତ୍ତବ୍ୟକୁ ବାଦଦେଇ ଧର୍ମ ଅର୍ଜିତ ହୋଇପାରେ ନାହିଁ । ଯାହା ପ୍ରତି ଯାହା କର୍ତ୍ତବ୍ୟ ତାକୁ ପାଳନ କଲେ ବିଭୁ କରୁଣା ମିଳିଥାଏ । ଅତଏବ ଧନ ଅର୍ଜନରେ ଧର୍ମ ଅର୍ଜନ କରାଯାଇପାରେ ଓ ଧନ୍ୟ ବ୍ୟୟରେ ମଧ୍ୟ ଧର୍ମ ଅର୍ଜନ କରାଯାଇପାରେ ଯାହା ଚେତନାର ବିକାଶ ଘଟାଇଥାଏ । ହାତରେ ମାଳିଗଡ଼ାଇ, ତୁଣ୍ଡରେ 'ରାଧେ ରାଧେ', 'କୃଷ୍ଣ କୃଷ୍ଣ' କହି ଅନ୍ୟର ଅନିଷ୍ଟ ଚିନ୍ତାରେ ସମୟ ଓ ଶକ୍ତିକୁ ଲଗାଇଲେ ଧର୍ମ ହୁଏନାହିଁ, ବରଂ ପିତା-ମାତା, ବନ୍ଧୁ-ବାନ୍ଧବ, ସମାଜ, ରାଷ୍ଟ୍ର ସବୁପାଇଁ ମନୁଷ୍ୟର କର୍ତ୍ତବ୍ୟ ରହିଛି, ଏକଥା ବୁଝି ସେହି କର୍ତ୍ତବ୍ୟ ସାଧନ କଲେ ଧର୍ମ ଅର୍ଜିତ ହୁଏ । କର୍ତ୍ତବ୍ୟ ପାଳନପାଇଁ ଅର୍ଥ ଏକ ବିଶିଷ୍ଟ ମାଧ୍ୟମ । କର୍ତ୍ତବ୍ୟ ପାଳନରେ ଆତ୍ମବିକାଶର ଦ୍ୱାର ଉନ୍ମୁକ୍ତ । ଅତଏବ ଧନ ଯେ ଆତ୍ମବିକାଶ ପାଇଁ ଏକ ବଳିଷ୍ଠ ମାଧ୍ୟମ, ଏଥିରେ ସନ୍ଦେହ ନାହିଁ ଯଦି ତାହା ସତ ଉପାୟରେ ଅର୍ଜିତ ହୁଏ ଓ ସତ ମାର୍ଗରେ ବ୍ୟୟିତ ହୁଏ ।

□□

ଆତ୍ମ ବିକାଶର ସ୍ୱରଲିପି

ଆତ୍ମ ବିକାଶ ପାଇଁ ମନୁଷ୍ୟର ଜନ୍ମ । ସେ ନିଜେ ହିଁ ନିଜର ଭାଗ୍ୟ ବିଧାତା । ସବୁ ଅବସ୍ଥାରେ ତା'ର ଆଗରେ ଦୁଇଟି ପଥ ରହିଥାଏ । ଗୋଟିଏ ପଥ ଊର୍ଦ୍ଧ୍ୱଚେତନା ଦିଗରେ ଓ ଅନ୍ୟଟି ନିମ୍ନ ଚେତନା ଦିଗରେ ଉନ୍ମୁକ୍ତ ଥାଏ । ତାକୁ ନିର୍ବାଚନ କରିବାକୁ ହୁଏ ପ୍ରତି ମୁହୂର୍ତ୍ତରେ ତା'ର ନିଜର ଗତିପଥ । ତେଣୁ ହିଁ କୁହାଯାଏ ଯେ ମନୁଷ୍ୟର ସାମର୍ଥ୍ୟ ଅଛି ନିଜର ଭାଗ୍ୟକୁ ନିୟନ୍ତ୍ରଣ କରିବା ପାଇଁ । ନିଜର ପ୍ରୟାସ ଓ ପ୍ରଚେଷ୍ଟା ଦ୍ୱାରା ମନୁଷ୍ୟ ବିଭିନ୍ନ ପ୍ରକାର ଆତ୍ମବିକାଶ କରିପାରେ । ନିଜର ଉତ୍ତମ କର୍ମ ଓ ବ୍ୟବହାର ଦ୍ୱାରା ସେ ନରନାରାୟଣରେ ପରିଣତ ହୋଇପାରେ । ପୁନଶ୍ଚ ଅସାଧୁକର୍ମ ଓ ଅସତ୍ ବ୍ୟବହାର ଦ୍ୱାରା ନରପଶୁ, ନରରାକ୍ଷସ କିମ୍ବା ନର ପିଶାଚରେ ମଧ୍ୟ ସେ ପରିଣତ ହୋଇପାରେ । ମନୁଷ୍ୟ ତା'ର ଗୁଣ, କର୍ମ ଦ୍ୱାରା ଅଭିନନ୍ଦିତ ହୋଇପାରେ ବା ନିନ୍ଦିତ ହୋଇପାରେ । ସେ ଚାହିଁଲେ ନିଜର ବିକାଶ କରିପାରେ, ପୁଣି ଚାହିଁଲେ ତା'ର ନିଜର ବିନାଶ ମଧ୍ୟ କରିପାରେ । ଆତ୍ମବିକାଶ ସମ୍ପର୍କରେ କେତେକ ତଥ୍ୟ ଏହି ପ୍ରବନ୍ଧର ଆଲୋଚ୍ୟ ବିଷୟ ବସ୍ତୁ ।

ଆତ୍ମବିକାଶ ପାଇଁ ପ୍ରଥମତଃ ଆବଶ୍ୟକ ଆତ୍ମବିଶ୍ୱାସ । ଆତ୍ମବିଶ୍ୱାସ ନ ଥିଲେ ଜୀବନରେ ଉନ୍ନତିର ମାର୍ଗ ପ୍ରଶସ୍ତ ହୁଏ ନାହିଁ । ମନରେ ଆନନ୍ଦ ରହେନାହିଁ । ପ୍ରାଣରେ ପୁଲକ ଆସେ ନାହିଁ । ସବୁକିଛି କେମିତି ନୀରସ ଶୁଷ୍କ ମନେହୁଏ । ଆତ୍ମବିଶ୍ୱାସ ବିନା ମନୁଷ୍ୟ ନିଜକୁ ସାନ ଓ ହୀନ ମନେକରେ । ଏହା ଏକ ପାପ । ନିଜ ଭିତରେ ଅନନ୍ତ ଶକ୍ତିର ଉତ୍ସ ବିରାଜମାନ । ସେହି ଶକ୍ତିର କ୍ରିୟା ଅପରିସୀମ ଓ ଅସାଧାରଣ । ସ୍ୱାମୀ ବିବେକାନନ୍ଦଙ୍କ ମତରେ "ଆତ୍ମବିଶ୍ୱାସୀ ବ୍ୟକ୍ତି ହିଁ ଯଥାର୍ଥରେ ପ୍ରଗତିଶୀଳ ବ୍ୟକ୍ତି । ଯାହାର ଆତ୍ମବିଶ୍ୱାସ ନାହିଁ ସେ ନାସ୍ତିକ ।"

ନିଜକୁ ଚିହ୍ନିବା, ବୁଝିବା ଓ ଜାଣିବା ସର୍ବାଦୌ ଆବଶ୍ୟକ । ସେଥିପାଇଁ ଯାହା ଏକାନ୍ତ ଜରୁରୀ ତାହା ହେଲା ଆତ୍ମଶକ୍ତି । ଆତ୍ମଶକ୍ତି ବଳରେ ମନୁଷ୍ୟ ସ୍ୱୟଂସମ୍ପୂର୍ଣ୍ଣ ହୋଇପାରେ । ଜୀବନର ମହତ୍ତ୍ୱ ଓ ମୂଲ୍ୟବୋଧକୁ ଉପଲବ୍ଧି କରିପାରେ । ଆତ୍ମଶକ୍ତି ପାଇଁ ପ୍ରାଥମିକ ଆବଶ୍ୟକତା ରୂପେ ଜ୍ଞାନକୁ ଗ୍ରହଣ କରାଯାଇପାରେ । ସବୁ ବିଷୟରେ କିଛି କିଛି ଜ୍ଞାନ ରହିଲେ ଆତ୍ମଶକ୍ତି ବୃଦ୍ଧି ପାଏ । ସନ୍ଦେହ ଏକ ବିରୋଧୀ ଶକ୍ତି ଯାହା ମନର ସରସତା ଓ ଶକ୍ତିକୁ ତିଳ ତିଳ କରି ନଷ୍ଟ କରିଦିଏ । ହତାଶା ମନରେ ଆସିଲେ ପ୍ରଗତିର ଦ୍ୱାରରୁଦ୍ଧ ହୋଇଯାଏ । ଅତଏବ ଆଶା, ଆନନ୍ଦ, ଉତ୍ସାହ ଓ ଧୈର୍ଯ୍ୟ-ଏହିସବୁ କଥା ଜୀବନରେ ଚେତନା ଆଣିଦିଏ ଓ ଆତ୍ମଶକ୍ତିର ସଞ୍ଚରଣ ପାଇଁ ଭିତ୍ତି ପ୍ରସ୍ତୁତ କରିଦିଏ । ବିଫଳତା ଜୀବନରେ ଆସିଲେ ସେଥିପ୍ରତି ଗୁରୁତ୍ୱ ଦେବା ଅନାବଶ୍ୟକ । କାରଣ ବିଫଳତା ହିଁ ସଫଳତାର ଭିତ୍ତିଭୂମି । କୁହାଯାଏ ଯେ ଏଡ଼ିସନ୍ ବୈଜ୍ଞାନିକ ଆବିଷ୍କାରବେଳେ ବାରବ୍ୱାର ଅକୃତକାର୍ଯ୍ୟ ହୋଇଥିଲେ, ତଥାପି ସେ ସଫଳତାର ଆଶା ରଖିଥିଲେ ଓ ଶେଷରେ ସଫଳ ହୋଇଥିଲେ ଅର୍ଥାତ୍ ବିଦ୍ୟୁତ୍ ଆବିଷ୍କାର କରିଥିଲେ ।

ଆତ୍ମବିଶ୍ୱାସ ନିମନ୍ତେ ଅନ୍ୟ ଏକ ଉପାଦାନ ମହତ୍ତ୍ୱପୂର୍ଣ୍ଣ, ତାହା ହେଉଛି ଇଚ୍ଛାଶକ୍ତି । ଇଚ୍ଛାଶକ୍ତି ସର୍ବଦା ଗଠନମୂଳକ ହେବା ଆବଶ୍ୟକ । ଏହାକୁ ଅନ୍ୟ ପ୍ରକାରେ କୁହାଯାଇ ପାରେ କଳ୍ପନାଶକ୍ତି । ମଣିଷ ମନର କଳ୍ପନାରେ

ଅମାପ ଶକ୍ତି ନିହିତ । ଭଲ କଳ୍ପନାରୁ ଭଲ ଫଳ ମିଳେ । ବ୍ୟକ୍ତିର କଳ୍ପନା ତତ୍ତ୍ୱ ହିଁ ତା'ର ଭବିଷ୍ୟତ ଗଠନରେ ବହୁ ସହାୟକ ହୁଏ । ଅତଏବ କଳ୍ପନାକୁ ଜୀବନ କ୍ଷେତ୍ରରେ ଗୁରୁତ୍ୱପୂର୍ଣ୍ଣ ସ୍ଥାନ ଦେବା ଉଚିତ ।

କେବଳ କଳ୍ପନା ନୁହେଁ ଏହା ସହିତ ଉଦ୍ୟୋଗକୁ ସଂଯୁକ୍ତ କରିବା ବିଧେୟ । ଉଦ୍ୟୋଗ ବିନା ଆତ୍ମବିକାଶ ହୋଇ ପାରେନାହିଁ । ଜୀବନର ଲକ୍ଷ୍ୟସ୍ଥିର କରି ଏବଂ କଳ୍ପନାଶକ୍ତିକୁ ଗୁରୁତ୍ୱ ଦେଇ ତଦନୁସାରେ କର୍ମ କରିବା ଆବଶ୍ୟକ । ଶାରୀରିକ ଶକ୍ତିର ସଦୁପଯୋଗ ହୁଏ କର୍ମରେ, ମନର ସଦୁପଯୋଗ ହୁଏ ଭଲ ଚିନ୍ତାରେ । ଅତଏବ ଆନନ୍ଦମୟ ଜୀବନଯାପନ କରି ଆତ୍ମବିକାଶର ପଥରେ ପଥିକ ହେବା ନିମିତ୍ତ ନିଜର ମନୋନୁକୂଳ କର୍ମରେ ଜଣେ ନିଜକୁ ବ୍ୟସ୍ତ ରଖିବା ଉଚିତ । ବ୍ୟାସଦେବଙ୍କର ବାଣୀ ଅନୁସାରେ -

'ବୁଦ୍ଧି ପ୍ରଭାବ ତେଜଶ୍ଚ ସତ୍ୟମୁତ୍‌ଥାନମେବଚ
ବ୍ୟବସାୟଶ୍ଚ ଯସ୍ୟ ସ୍ୟାତ ତସ୍ୟାଃବୃତ୍ତି ଭୟଂ କୁତଃ'

ଅର୍ଥାତ୍ ବୁଦ୍ଧି, ପ୍ରଭାବ, ତେଜ, ବଳ, ପ୍ରଗତିର ଇଚ୍ଛା, ଉଦ୍ୟୋଗ ଏ ସମସ୍ତ ପୁଣି ଯାହାଠାରେ ଅଛି ତା'ର ଭୟ କ'ଣ ?

ଉଦ୍ୟୋଗ ଆରମ୍ଭ କରି ତାକୁ ଚାଲୁରଖିବା ଆବଶ୍ୟକ । ଏହାକୁ କୁହାଯାଏ ଅଧ୍ୟବସାୟ । କର୍ମର ଯୋଜନାନୁସାରେ ନିରନ୍ତର ପରିଶ୍ରମକୁ ଅଧ୍ୟବସାୟ କହନ୍ତି । ସାବଧାନତା ସହିତ ଲକ୍ଷ୍ୟ ଦିଗରେ ଏକନିଷ୍ଠ କର୍ମାଭ୍ୟାସ ଯୋଗୁଁ ସିଦ୍ଧି ହସ୍ତଗତ ହୁଏ । ଅଧ୍ୟବସାୟ ହେଉଛି ଏକପ୍ରକାର ସାଧନା ।

ଆତ୍ମବିକାଶ ପଥରେ ପାଦ ଦେବାକୁ ଇଚ୍ଛା କଲେ ବିରୋଧୀ ଶକ୍ତିଗଣ ବ୍ୟକ୍ତିକୁ ଅସୁବିଧାରେ ପକାଇବାକୁ ଚେଷ୍ଟା କରନ୍ତି । ବିରୋଧୀ ଶକ୍ତି କେବେ ବି ଚାହାନ୍ତି ନାହିଁ ବ୍ୟକ୍ତିର ଆତ୍ମବିକାଶ, ତେଣୁ ସେମାନେ ବହୁ ଅଘଟଣ ଘଟାଇଥାନ୍ତି । ଲୋଭ, ମୋହ, କାମ ଆଦି ରିପୁଗଣ ଅଧକରୁ ଅଧିକ ଆକ୍ରମଣ କରି ବ୍ୟକ୍ତିକୁ ଆତ୍ମବିକାଶ ପଥରୁ ବିଚ୍ୟୁତ କରିବା ପାଇଁ ଚେଷ୍ଟା କରନ୍ତି । ସେତେବେଳେ ବ୍ୟକ୍ତିର ସଚେତନତା ଏକାନ୍ତ କାମ୍ୟ । ବିରୋଧୀ ଶକ୍ତିର କ୍ରିୟାକୁ ଚିହ୍ନି ସେମାନଙ୍କ ଦ୍ୱାରା ପ୍ରଭାବିତ ନ ହେବା ପାଇଁ ବ୍ୟକ୍ତି ସତର୍କ ରହିବା ଉଚିତ ।

ଦିଗ୍‌ଦର୍ଶନ ନିମନ୍ତେ ଭଲ ଭଲ ଗ୍ରନ୍ଥ ପାଠ ଏକାନ୍ତ ଜରୁରୀ । ଧର୍ମ ମତ ନିର୍ବିଶେଷରେ ସବୁଗ୍ରନ୍ଥର ସାରନିର୍ଯ୍ୟାସ ପ୍ରାୟ ଏକ କହିଲେ ଅତ୍ୟୁକ୍ତି ହେବନାହିଁ । ଏହା ସହିତ ପରିସ୍ଥିତିର ଅଧ୍ୟୟନ, ଅନ୍ୟର ଜୀବନଧାରା ଓ ଜୀବନୀର ଅନୁଶୀଳନ, ମାନବ ସ୍ୱଭାବର ଅନୁଶୀଳନ ଇତ୍ୟାଦିକୁ ଜୀବନରେ ଗୁରୁତ୍ୱ ଦେବା ଉଚିତ । ଏହାକୁ କୁହାଯାଏ ସ୍ୱାଧ୍ୟାୟ । ନିଜ ଜୀବନର ଅନୁଭୂତି ମଧ୍ୟ ବ୍ୟକ୍ତିକୁ ସଚେତନ କରିଥାଏ । ମହାତ୍ମା ଗାନ୍ଧୀଙ୍କ ମତରେ- "DEEP TRAGEDY IS THE SCHOOL OF GREAT MEN" ଅର୍ଥାତ୍ ଘୋର ପରାଜୟରୁ ମଣିଷ ଅଧିକ ଶିକ୍ଷା ଲାଭ କରିଥାନ୍ତି । ଏହା ମଧ୍ୟ ସ୍ୱାଧ୍ୟାୟର ଅନ୍ତର୍ଗତ । ତେବେ ପାଠ ଦ୍ୱାରା ବ୍ୟକ୍ତି ବହୁ ପ୍ରକାରେ ଉପକୃତ ହୋଇପାରେ । ଏହା ଏକ କଳା । ପୁସ୍ତକରେ ଉପସ୍ଥାପିତ ତଥ୍ୟର ମର୍ମାର୍ଥ ବୁଝିବା ଉଚିତ । ସ୍ମରଣଶକ୍ତି ସବଳ ନଥିଲେ ଗ୍ରନ୍ଥ ପଠନ ଦ୍ୱାରା କିଛି ଲାଭ ହୋଇନଥାଏ । ଖାଲି ପାଠ କଲେ ଯଥେଷ୍ଟ ଉପକାର ହୁଏନାହିଁ । ଏହା ସହିତ ବିଚାରଶୀଳତାକୁ ଯୋଗ କରିବାକୁ ହୁଏ । ନ ବୁଝି କଣ୍ଠସ୍ଥ କରିଦେଲେ ବିଶେଷ କିଛି ଲାଭ ହୁଏନାହିଁ । ପୋଥିଗତ ପାଠପରି ତାହାର ପ୍ରଭାବ କିଛି ରହେନାହିଁ । ନିଜର ଆଗ୍ରହ ଓ ଆନ୍ତରିକତା ଅନୁସାରେ ସଦ୍‌ଗ୍ରନ୍ଥ ନିର୍ବାଚନ କରି ତାକୁ ଏକାଗ୍ର ଚିତ୍ତରେ ଅଧ୍ୟୟନ କଲେ ସେଥିରୁ ଚେତନାର ବିକାଶ ପାଇଁ ଯଥେଷ୍ଟ ଉପାଦାନ ମିଳିଥାଏ ।

ବିଚାରଶୀଳତା ପ୍ରୟୋଗ କରି ହୃଦୟଙ୍ଗମ କରିବା ସଙ୍ଗେ ସଙ୍ଗେ ଗ୍ରନ୍ଥଲବ୍ଧଜ୍ଞାନକୁ କ୍ରିୟାରେ ପରିଣତ କରିବା ବାଞ୍ଛନୀୟ । ଜ୍ଞାନ ବିଳାସୀ ଅପେକ୍ଷା କର୍ମଶୀଳ ବ୍ୟକ୍ତିକୁ ସମାଜରେ ଅଧିକ ସମ୍ମାନ ଓ ଶ୍ରଦ୍ଧା ମିଳେ । କୁହାଯାଏ 'ଯଃ କ୍ରିୟାବାନ୍ ସଃ ପଣ୍ଡିତଃ' ଅତଏବ ଏକଥା ସର୍ବବାଦୀ ସମ୍ମତ ଯେ କର୍ମଦ୍ୱାରା ହିଁ ଜ୍ଞାନ ସାର୍ଥକ ହୁଏ । କର୍ମ ମାଧ୍ୟମରେ ଜ୍ଞାନ ପରିପକ୍ୱ ହେବା ସଙ୍ଗେ ସଙ୍ଗେ ଜ୍ଞାନର ବୃଦ୍ଧି ମଧ୍ୟ ହୁଏ ।

କେବଳ ନିଜର ଅଭିଜ୍ଞତା ଓ ସ୍ୱାଧ୍ୟାୟ ଯେ ଆତ୍ମବିକାଶ ପାଇଁ ଯଥେଷ୍ଟ ତାହା ନୁହେଁ ଏହା ସହିତ ଅନ୍ୟମାନଙ୍କଠାରୁ ମଧ୍ୟ କିଛି କିଛି ଶିଖିବାକୁ ହୁଏ । ନିରଭିମାନ ହୋଇ ଅନ୍ୟଠାରୁ କିଛି ଭଲ ଗୁଣ ଶିଖିବା ପାଇଁ ଆତ୍ମପ୍ରସ୍ତୁତି ଦରକାର ।

ଆତ୍ମବିକାଶ କହିଲେ କେବଳ ନିଜର ବ୍ୟକ୍ତିଗତ ଚେତନାର ବିକାଶକୁ ବୁଝାଏ ନାହିଁ । ଏହା ସହିତ ପରିବେଶ ତଥା ସମାଜର ବିକାଶ ମଧ୍ୟ ସଂଶ୍ଲିଷ୍ଟ । ଜଣେ ମନୁଷ୍ୟ ଆତ୍ମବିକାଶ ପଥରେ ଚାଲିଲେ ତା'ର ପରିପାର୍ଶ୍ୱରେ ଏକ ଗଠନମୂଳକ ବାତାବରଣ ସୃଷ୍ଟି ହୁଏ, ଯାହାର ପ୍ରଭାବରେ ଅନ୍ୟମାନେ ପ୍ରଭାବିତ ହୁଅନ୍ତି । ବ୍ୟକ୍ତିର ଆତ୍ମବିକାଶ ବଳରେ ସମୟକ୍ରମେ ବିଶ୍ୱ ଜୀବନର ଆତ୍ମବିକାଶ ସମ୍ଭବ ହୋଇପାରେ । ଆତ୍ମସଚେତନ ବ୍ୟକ୍ତି ମାର୍ଜିତ ରୁଚି, ଅନ୍ୟମାନଙ୍କ ପାଇଁ କର୍ତ୍ତବ୍ୟବୋଧ, ସମ୍ବେଦନଶୀଳତା, ସହାନୁଭୂତି ଇତ୍ୟାଦି ମାନବିକ ସଦ୍‌ଗୁଣରେ ଭୂଷିତ ହୋଇଥାଏ । ସେ ଅରଣ୍ୟନିବାସୀ ହେବାଠାରୁ ସମାଜରେ ରହିବା ଶ୍ରେୟସ୍କର । ଭଲକଥାର ଯେପରି ପ୍ରଭାବ ଅଛି ଭଲ ବ୍ୟବହାରର ମଧ୍ୟ ସେପରି ପ୍ରଭାବ ଅଛି । ଆତ୍ମବିକାଶ ପ୍ରୟାସୀ ବ୍ୟକ୍ତି ହୁଏ ଶାନ୍ତ, ଅହଂବର୍ଜିତ, ସ୍ଥିର, ସ୍ଥିତପ୍ରଜ୍ଞ, ଈଶ୍ୱର ବିଶ୍ୱାସୀ ଓ କର୍ମପ୍ରିୟ । ଉଦ୍‌ବେଗହୀନତା ଏହାର ଅନ୍ୟଏକ ଉପାଦେୟ ଉପାଦାନ । ଆପଣା ସ୍ୱାର୍ଥର ବିଷାକ୍ତ ବଳୟ ଭିତରୁ ମୁକ୍ତ ହେବାପାଇଁ ପ୍ରୟାସ ଓ ପ୍ରଚେଷ୍ଟା ବ୍ୟକ୍ତିକୁ ବିକାଶ ନିମନ୍ତେ ସୁବିଧା ଦିଏ, ମନକୁ ପ୍ରଶସ୍ତ କରେ, ହୃଦୟକୁ ଗଭୀରତା ଆଣିଦିଏ । ସାଧାରଣ ବ୍ୟକ୍ତି ଆପଣା ଚିନ୍ତାରେ ସାରାଜୀବନ ମଜ୍ଜି ରହିଥାନ୍ତି । କ୍ଷଣମାତ୍ର ଅନ୍ୟଚିନ୍ତା କରିବାକୁ ସମୟ ସେମାନେ ପାଆନ୍ତି ନାହିଁ । ଆତ୍ମସଚେତନ ବ୍ୟକ୍ତି ସଂକୀର୍ଣ୍ଣ ସ୍ୱାର୍ଥର ପରିସୀମାରୁ ମୁକ୍ତହୋଇ ପ୍ରଶସ୍ତ ପରିବେଶରେ ରହିବା ପସନ୍ଦ କରନ୍ତି ଓ ତହିଁରୁ ଆତ୍ମସନ୍ତୋଷ ଲାଭ କରିଥାନ୍ତି ।

ଆତ୍ମବିକାଶ ପରି ଏକ ଗୁରୁତ୍ୱ ପୂର୍ଣ ପ୍ରସଙ୍ଗରେ ଆଲୋଚନା କରିବା ପାଇଁ ଏହି କ୍ଷୁଦ୍ର ପ୍ରବନ୍ଧରେ ଅବକାଶ ନାହିଁ । ତେବେ ପରିଶେଷରେ ଏତିକି କୁହାଯାଇପାରେ ଯେ ମଣିଷର ଇନ୍ଦ୍ରିୟ ସବୁ ବାହାରକୁ ରହିଛନ୍ତି, ସେମାନଙ୍କୁ ମନର ଚିନ୍ତା ଦ୍ୱାରା ସତକାର୍ଯ୍ୟରେ ଲଗାଇଲେ ଆତ୍ମବିକାଶର ସମ୍ଭାବନା ରହେ, ଅନ୍ୟଥା ନୁହେଁ । ଇନ୍ଦ୍ରିୟଗଣ ସ୍ୱେଚ୍ଛାଧୀନ ଭାବରେ ନିଜ ନିଜର ପଥରେ ଚାଲିଲେ ଆତ୍ମବିକାଶ ବାସ୍ତବତାରେ ପରିଣତ ହୋଇପାରେନାହିଁ ।

ଆତ୍ମବିକାଶ ପଥରେ ଚାଲୁଥିବା ବ୍ୟକ୍ତି ଦିନେ ଆତ୍ମାକୁ ଆବିଷ୍କାର କରିବାକୁ ସମର୍ଥ ହୁଏ । ମଣିଷ ସେତେବେଳେ ପ୍ରକୃତ ଅର୍ଥରେ 'ବସୁଧୈବ କୁଟୁମ୍ବକମ୍' ତଥା 'ଆତ୍ମବତ୍ ସର୍ବଭୂତେଷୁ' ଭାବନାରେ ଭାବିତ ହୋଇଥାଏ । ଆତ୍ମାରେ ଥିବା ଶକ୍ତି ଅସୀମ ଓ ଅନନ୍ତ । ତା'ର ନେତୃତ୍ୱରେ ଏଯାବତ୍ ମଣିଷ ପରିଚାଳିତ ହୋଇନାହିଁ । ଏ ପର୍ଯ୍ୟନ୍ତ ମନ ହେଉଛି ପ୍ରଭୁ । ଆତ୍ମା ଯେବେ ପ୍ରଭୁ ହେବ ସେତେବେଳେ ଜୀବନ ଧାରା ପରିବର୍ତ୍ତିତ ହେବ । ଜୀବନରେ ଅମରତ୍ୱ ପ୍ରତିଷ୍ଠିତ ହେବ । ନୂଆ ଚେତନାର ମଧୁମହକରେ ଦିଗ ଦିଗନ୍ତ ଆମୋଦିତ ହେବ । ପ୍ରାଚୀନ ଭିତ୍ତି ଉପରେ ନୂତନର ସ୍ଥିତି ହେବ ଅତ୍ୟନ୍ତ ଆକର୍ଷଣୀୟ ଓ ଆଦରଣୀୟ । ମନର ବିକାଶ ଘଟି ସାରିଛି । ଏହାପରେ ଆବଶ୍ୟକ ଆତ୍ମାର ଉନ୍ମେଷ ଓ ବିକାଶ । ସୁଡ଼ଙ୍ଗ ଶେଷରେ ଆଲୋକ ରହିଛି । ଜଣେ ସୁଡ଼ଙ୍ଗ ପାରିହେଲେ ସେହି ଆଲୋକର ଦର୍ଶନ ପାଇବ । ଆତ୍ମବିକାଶ ପାଇଁ ଉଦ୍ୟମ ହେଉଛି ହିଁ ସୁଡ଼ଙ୍ଗରେ ଯାତ୍ରାରମ୍ଭ । ଅତଏବ ଆଜିର ଏ ସମୟ ଯାତ୍ରାରମ୍ଭର ସମୟ । ଏହା ବୃଥାରେ ବ୍ୟୟିତ ନ ହେଉ । ଆଜିର ପ୍ରସ୍ତୁତି ସାଜି ଦେଉ ଆଗାମୀ କାଲିର ଆତ୍ମସାକ୍ଷାତକାର ପାଇଁ ସୁଦୃଶ୍ୟ ସ୍ୱାଗତ ତୋରଣ ।

□□

ଆନନ୍ଦବୋଧର ସ୍ୱର ଓ ସ୍ୱରୂପ

ମନୁଷ୍ୟ ଜୀବନର ଆଦ୍ୟରେ ଆନନ୍ଦର ଅଭିଷେକ, ମଧ୍ୟରେ ଆନନ୍ଦର ଲୀଳା ବିଳାସ ଓ ଶେଷରେ ଆନନ୍ଦର ପରିଚ୍ଛନ୍ନ ପୂର୍ଣ୍ଣତା, ଏହା ବିବର୍ତ୍ତନ ଧାରାର ଚମତ୍କାର ନୀତି । ଏହା ଜୀବନପାଇଁ ଯେତିକି ସତ୍ୟ, ଭୌତିକ ଜଗତପାଇଁ ମଧ୍ୟ ସେତିକି ସତ୍ୟ । ଜଗତ ହେଉଛି ପରମେଶ୍ୱରଙ୍କର ବାହ୍ୟତମ ବ୍ୟାବହାରିକ ରୂପ । ଐଶୀ ସତ୍ତାର ସ୍ୱଧର୍ମ ଓ ସ୍ୱରୂପ ଆନନ୍ଦମୟ ହୋଇଥିବାରୁ ତାଙ୍କର ବିଶ୍ୱମୟ ରୂପ ଅର୍ଥାତ୍ ଏହି ବିରାଟ ବିଶ୍ୱ ଆନନ୍ଦର ଗନ୍ତାଘର ହେବା ସ୍ୱାଭାବିକ । ମାଟିରେ, ପାଣିରେ, ପବନରେ, ଆକାଶରେ, ବତାସରେ, ବୃକ୍ଷଲତାରେ ତଥା ଜୀବଜଗତରେ ସେହି ଆନନ୍ଦ ସଞ୍ଚରିତ ଓ ପ୍ରସାରିତ । ଆନନ୍ଦରେ ମୟୂର ନାଚେ, ଚାତକ ଉଲ୍ଲସିତ ହୁଏ, ଚକୋର ମନ୍ତମୁଗ୍ଧ ହୁଏ, ଭ୍ରମର ଗତିଶୀଳ ହୁଏ । ଆନନ୍ଦ ଏଠାରେ ସାଧନ ଓ ସାଧ୍ୟ ରୂପରେ ଦୃଷ୍ଟିକୁ ଆକର୍ଷିତ କରେ । ମନୁଷ୍ୟପାଇଁ ଆନନ୍ଦ ଭିନ୍ନ ଭିନ୍ନ ସ୍ତରକୁ ଭିନ୍ନ ଭିନ୍ନ ଧାରାରେ ଅବତରଣ କରି ଆସେ । ଦୁଃଖତା'ର ଭାଗ୍ୟଲିପି ନୁହେଁ ବୋଲି ଏବଂ ଅନ୍ୟ ପକ୍ଷରେ ଆନନ୍ଦ ତା'ର ପ୍ରାପ୍ୟ ଓ ଦାବିର ଧନ ବୋଲି ସାମାନ୍ୟ ଦୁଃଖ ମଧ୍ୟ ମନୁଷ୍ୟପାଇଁ ଅସହ୍ୟ ହୁଏ । ସୁଖର ଘନୀଭୂତ ଅବସ୍ଥାକୁ ଆନନ୍ଦ ନାମରେ ଅଭିହିତ କରାଯାଇ ପାରେ, ପୃଥିବୀର ଯେକୌଣସି ଅଂଶରେ ବ୍ୟକ୍ତିଗତ ଜୀବନକୁ ନିରେଖି ଦେଖିଲେ ସ୍ପଷ୍ଟ ଜଣାଯିବ ଯେ ସୁଖର ପରିମାଣଗତ ଆଧିକ୍ୟ ମଣିଷକୁ ବଞ୍ଚିବାପାଇଁ ପ୍ରେରଣା ଦିଏ, ଗଭୀର ଦୁଃଖରେ ଦୁଃଖୀ ବୋଲି କହି ନିଜପକ୍ଷ ସମର୍ଥନ ପୂର୍ବକ ଯେତେ ମନ୍ତବ୍ୟ ମଣିଷ ପ୍ରକାଶ କଲେ ମଧ୍ୟ ସେ ଯେ ଦୁଃଖଠାରୁ ବହୁଗୁଣିତ ସୁଖର ଅଧିକାରୀ, ଏଥିରେ ସନ୍ଦେହ ନାହିଁ । ଯେତିକି ଦୁଃଖ ଅଛି, ତାହା ଇଚ୍ଛା ବିରୁଦ୍ଧରେ ହେଲେ ମଧ୍ୟ ଆମେ ସହିବାକୁ ବାଧ ହେଉ । ଦୁଃଖ, ଯନ୍ତ୍ରଣା ଓ ଅଶ୍ୱସ୍ତିବୋଧର ସ୍ଥିତି ଜୀବନରେ ତଥାପି ରହିଛି, ଏହା ମୁକ୍ତ କଣ୍ଠରେ ମାନିବାକୁ ହୁଏ । ଏହାର କାରଣ ସମ୍ପର୍କରେ ସାମାନ୍ୟ ସୂଚନା ଓ ଆଲୋଚନା ବୋଧହୁଏ ଅପ୍ରାସଙ୍ଗିକ ହେବନାହିଁ । ଏହି ଦୁଃଖ କେଉଁଠାରୁ ଓ କାହିଁକି ଆସେ ? ଏ ପ୍ରଶ୍ନର ଉତ୍ତର ଦେବା ଅତ୍ୟନ୍ତ କଷ୍ଟସାଧ୍ୟ । ଏହି ବିଶ୍ୱ ତ ଭଗବତ ସତ୍ତାରେ ପରିପୂର୍ଣ୍ଣ, ଭଗବାନ ତ ଚିର ଆନନ୍ଦମୟତାର ପ୍ରତୀକ । ତେବେ ଆନନ୍ଦ ଭିତରୁ ଦୁଃଖ ଆସିଲା କିପରି ? ଏହାର ଉତ୍ତରରେ ଏତିକି କୁହଯାଇପାରେ ଯେ, ଆନନ୍ଦ ଭିତରେ ଅର୍ଥାତ୍ ଭଗବାନଙ୍କ ସତ୍ତାରେ ଦୁଃଖର ଭୂମି ନାହିଁ । ଦୁଃଖର ଭୂମି ରହିଛି ମଣିଷର ନିଜ ଭିତରେ । ତାହା ମଣିଷ ଅନୁଭବ ନ କରିପାରି ଭାବୁଛି ଦୁଃଖ ବାହାରୁ ଆସି ତାକୁ ଆକ୍ରମଣ କରୁଛି । କେତେକ ଦାର୍ଶନିକ ଓ ମହାପୁରୁଷ ଦୁଃଖର କାରଣ ସ୍ୱରୂପ କାମନା ବାସନାକୁ ଗ୍ରହଣ କରିଛନ୍ତି । ବୁଦ୍ଧଦେବଙ୍କ ମତରେ ଅସ୍ମିତାହିଁ ସବୁ ଦୁଃଖର କାରଣ । ଏ ମତ ବିଚାରଯୋଗ୍ୟ । ଏ ମତରେ କୁହାଯାଏ କାମନାର ବିନାଶରେ ଦୁଃଖର ବିନାଶ । ଦୁଃଖର ବିନାଶରେ ଆନନ୍ଦର ସମ୍ପ୍ରାପ୍ତି । ମଣିଷ ମନ ବାସନାର ଅନାବନାରେ ପରିପୂର୍ଣ୍ଣ । ସେହି ଅନାବନାରେ ବିଭିନ୍ନ ପ୍ରକାର ବିଷାକ୍ତ କୀଟପତଙ୍ଗ ଲୁଚିରହିବା ଯୁକ୍ତିଯୁକ୍ତ । ସେମାନେ ମନର ସ୍ୱାଭାବିକ ବିକାଶକୁ ବ୍ୟାହତ କରିବା ସଙ୍ଗେ ସଙ୍ଗେ ମଣିଷକୁ ଆନନ୍ଦ ଲାଭରୁ ବଞ୍ଚିତ କରନ୍ତି । ଏଠାରେ ମନକୁ ଆଉ ଏକ ପ୍ରଶ୍ନ ଆସିବା ସ୍ୱାଭାବିକ । ପ୍ରଶ୍ନ ହେଲା ମଣିଷ ଦୁଃଖ ଭୋଗ କରିବାପାଇଁ ଏତେ କାମନା ବାସନା ଜାଲରେ ଆବଦ୍ଧ ହେଲା କେତେବେଳେ ? ଏହାର ଉତ୍ତରରେ ଏହା କୁହାଯାଇପାରେ ଯେ କାମନା ବାସନା ଜନ୍ମ ଜନ୍ମାନ୍ତର ଧରି ଜୀବନ ସହିତ ମିଶି ରହିଥାଏ । ପୂର୍ବ ଜନ୍ମରେ ଥିବା କାମନାର ପ୍ରଭାବ ପର ଜନ୍ମରେ ମନକୁ ବିଚଳିତ କରିଥାଏ । ଗୋଟିଏ ବାସନାର ତୃପ୍ତି କରୁ କରୁ ଏକାଧିକ ବାସନା ଜାଲରେ ମଣିଷ ଆବଦ୍ଧ

ହୁଏ । ଫଳତଃ ଚକ୍ରବତ୍ ଚାଲିଥାଏ କାମନାର ପୂର୍ଣ୍ଣତା ପାଇଁ ଲାଳସା ଓ ତଜ୍ଜନିତ ଦୁଃଖଭୋଗ । ତେବେ ପୁଣି ପ୍ରଶ୍ନ ଉଠେ, କେହି ତ ସ୍ୱଇଚ୍ଛାରେ ଦୁଃଖ କାମନା କରେ ନାହିଁ, ସମସ୍ତେ ସୁଖ କାମନା କରିଥାନ୍ତି । ସୁଖ ପ୍ରାପ୍ତି ତ ମଣିଷର ଦାବି । ସେ ଯଦି ସୁଖ କାମନା କରେ ତେବେ ତା'ର ଦୋଷ ରହିଲା କେଉଁଠି ଯେ ସେ ସେଥିଲାଗି ଦଣ୍ଡଭୋଗ କରିବ ? ଏହାର ଉତ୍ତରରେ କୁହାଯାଇପାରେ ଯେ ସୁଖକାମନା ପ୍ରକୃତ ଅର୍ଥରେ ମଣିଷ କରିପାରେ ନାହିଁ । ସେ ଯାହାକୁ ସୁଖ ବୋଲି ଭାବେ ତାହା ହେଉଛି ସୁଖର ଏକ ପ୍ରାତିଭାସିକ ରୂପ ଅଥବା ଛାୟାଚ୍ଛନ୍ନ ରୂପ । ଏ ସବୁର ଅନୁଭବ୍ୟ ମାଧ୍ୟମ ଭାବରେ ସେ ଇନ୍ଦ୍ରିୟମାନଙ୍କୁ ଗ୍ରହଣ କରେ ।

ଇନ୍ଦ୍ରିୟ ଲବ୍ଧ ସୁଖ ଯେ ପୂର୍ଣ୍ଣ ସୁଖ ନୁହେଁ ଏହା ସେ ସହଜରେ ବୁଝି ପାରେନାହିଁ । ଈଶ୍ୱରଙ୍କ ବିଚିତ୍ର ଲୀଳା ସହଜରେ ବୁଝି ହୁଏନାହିଁ । ସେ ଇନ୍ଦ୍ରିୟଗୁଡ଼ିକୁ ପୁରୋଭାଗରେ ରଖି ଅନ୍ତର୍ଦ୍ଦେଶରେ ପ୍ରକୃତ ସୁଖକୁ ଲୁଚାଇ ରଖିଛନ୍ତି । ଅନ୍ତରତମ ପ୍ରଦେଶରେ ନିହିତ ସୁଖକୁ ଅନୁଭବ କରିବାପାଇଁ ବାହାର ତୋରଣ ପାର ହୋଇଯିବା ବ୍ୟତୀତ ଅନ୍ୟ ପନ୍ଥା ନ ଥିବାରୁ ଇନ୍ଦ୍ରିୟଲବ୍ଧ ଜଗତ ମିଥ୍ୟା ନୁହେଁ କି, ଇନ୍ଦ୍ରିୟଲବ୍ଧ ଅନୁଭବ ପୂର୍ଣ୍ଣ ଭ୍ରମ ନୁହେଁ । ମାତ୍ର ଏହା ପୂର୍ଣ୍ଣ ସତ୍ୟ ନ ହୋଇଥିବାରୁ ଇନ୍ଦ୍ରିୟ ମାଧ୍ୟମରେ ସୁଖର କାମନା କରି ମନୁଷ୍ୟ ପୂର୍ଣ୍ଣ ସୁଖ ପାଇ ନ ପାରି ଦୁଃଖର ଜାଲରେ ପଡ଼ିଯାଇଛି । ଅତଏବ ଏହା ପ୍ରମାଣିତ ଯେ ଆନନ୍ଦଲାଭର ଅଭୀପ୍ସା ପ୍ରତ୍ୟେକ ଜୀବ ଭିତରେ ରହିଛି ଏବଂ ମନୁଷ୍ୟ ମଧ୍ୟରେ ରହିଛି । ଅସୁବିଧା ରହିଛି ତାକୁ ଚିହ୍ନିବାରେ । ପ୍ରବୃତ୍ତି ମାର୍ଗର ତୋରଣ ପାରିହେଲେ ନିବୃତ୍ତି ମାର୍ଗ ଦୃଷ୍ଟିଗୋଚର ହେଲାପରି କ୍ଷଣିକ ସୁଖକୁ ପାରି ହେଲେ ଶାଶ୍ୱତ ସୁଖର ରାଜ୍ୟ ଦୃଷ୍ଟି ପଥାରୂଢ଼ ହୋଇଥାଏ । ବିଶ୍ୱର ମର୍ମରେ ତଥା ଜୀବନର ମର୍ମରେ ଆନନ୍ଦ ସାଗର ପରିବ୍ୟାପ୍ତ ହୋଇରହିଛି । ଏହି ମର୍ମରେ ପ୍ରବେଶ କଲେ ସାଗରର ବିମୁକ୍ତ ସୁଷମା ଓ ଅନନ୍ତ ନୀଳିମାର ମାଧୁରିମା ସହଜରେ ଅନୁଭବ କରାଯାଇପାରେ । ଏହି ଆନନ୍ଦର ଅପେକ୍ଷାରେ ରହିଛି ବୋଲି ମଣିଷର ମନଃସ୍ତରରେ ଅମରତ୍ୱ ଆଶା ବଳବତ୍ତର ରହିଛି । ଭଗବତ ସତ୍ତାର ତିନିଗୋଟି ଦିଗ ସତ୍, ଚିତ୍ ଓ ଆନନ୍ଦକୁ ବିଚାର କଲେ ଜଣାଯିବ ଯେ ସତ୍ ଓ ଚିତ୍‌ର ମୌଳିକ ରୂପ ହିଁ ଆନନ୍ଦ । ଭଗବାନ ନିଜେ ହିଁ ଅଭିନେତା, ପୁଣି ଅଭିନୟ ଓ ରଙ୍ଗମଞ୍ଚ ରୂପେ ବିଦ୍ୟମାନ । ତାଙ୍କ ପ୍ରକଟନର ମୂଳଲକ୍ଷ୍ୟ ହେଉଛି ଆନନ୍ଦ ଲାଭ । ଅହମିକାର ସ୍ଥିତି ଥିବା ପର୍ଯ୍ୟନ୍ତ ଜୀବ ବା ମନୁଷ୍ୟ ପ୍ରକୃତ ତତ୍ତ୍ୱକୁ ଆସ୍ୱାଦନ କରିପାରିବ ନାହିଁ । କାରଣ ଅହମିକା ମନୁଷ୍ୟକୁ ବହିର୍ମୁଖୀ କରାଏ, ଅନ୍ତର୍ମୁଖୀ କରାଏ ନାହିଁ । ଅହମିକାର ବଳୟ ଭେଦ ପରେ ପ୍ରଶସ୍ତ ଅତିଚେତନାର ସବୁଜ କ୍ଷେତ୍ରମାନ ବିସ୍ତୃତ ହୋଇ ରହିଛି ବୋଲି ଯୋଗୀ ଋଷିମାନେ କହିଛନ୍ତି । ଅହମିକାର ଅନ୍ଧକାର ମନରୁ ଦୂରୀଭୂତ ହେଲେ ଅସଲ ଆନନ୍ଦର ଭୂତି ପ୍ରକଟିତ ହେବ ଏବଂ ଆନନ୍ଦର ସ୍ନିଗ୍ଧ ଲହରୀରେ ଦିଗ ଦିଗନ୍ତ ସୁଶୋଭିତ ହୋଇ ନୟନ ମନରେ ଅପୂର୍ବ ଆକର୍ଷଣ ସୃଷ୍ଟି କରିବ ।

□□

ଆମେ ଓ ସାଂପ୍ରତିକ ଦୃଷ୍ଟିଭଙ୍ଗୀ

ଆମ ଜୀବନକୁ ସୁସ୍ଥ ଓ ସମୃଦ୍ଧ କରିବା ଦିଗରେ ଖାଦ୍ୟ, ବସ୍ତ୍ର ଓ ବାସଗୃହ ପରି ଅବସର ବିନୋଦନ ଏକାନ୍ତ ଜରୁରୀ। କର୍ମକ୍ଲାନ୍ତି ଦୂର କରିପାରେ ଏହି ଅବସର ବିନୋଦନ। ବ୍ୟକ୍ତିର ରୁଚି, ସହାବସ୍ଥାନ ନୀତି, ପାରସ୍ପରିକତା ସର୍ବୋପରି ବଞ୍ଚିବାର କଳାକୁ ଅନୁମୋଦନ କରେ ସଂସ୍କୃତି। କେବଳ ଚାଲିଚଳଣିରେ ଏହା ସୀମିତ ନୁହେଁ। ଏଥିରେ ଥାଏ ଚେତନାର ଅଗ୍ରଗତି ପାଇଁ ପ୍ରବଳ ପ୍ରେରଣା ଓ ବିପୁଳ ସୁଯୋଗ ।

ସ୍ଥାନ, କାଳ ଓ ପାତ୍ରର ବିଚାର ଆମ ସଂସ୍କୃତିର ଏକ ବିଶିଷ୍ଟ ଦିଗ। ଏଥିରେ ବ୍ୟକ୍ତି ଜୀବନ ବିକଶିତ ହେବା ସଂଗେସଂଗେ ସମାଜ ଜୀବନ ମଧ୍ୟ ବିକଶିତ ହୁଏ। କାହାକୁ କିପରି ବ୍ୟବହାର କରିବାକୁ ହେବ, କଥାବାର୍ତ୍ତା କରିବାକୁ ହେବ ତାହା ଜଣାଏ ସଂସ୍କୃତି। 'ସର୍ବେ ଭବନ୍ତୁ ସୁଖୀନଃ' ଆମ ସଂସ୍କୃତିର ମୂଳ ମନ୍ତ୍ର। ଏଥିନିମନ୍ତେ ଆବଶ୍ୟକ ପାରସ୍ପରିକ ଅନୁମୋଦନ। ନିଜକୁ ବଡ଼ ଭାବି ଅନ୍ୟକୁ ସାନ ହୀନ ବୋଲି ଭାବିଲେ ଏହି ଅନୁମୋଦନ ଆସେନାହିଁ କି ସାମାଜିକ ପରିବେଶ ଉନ୍ନତ ହୁଏନାହିଁ।

ପର୍ବପର୍ବାଣୀର ପାଳନ ଆମ ସଂସ୍କୃତିର ଏକ ପ୍ରତିଷ୍ଠିତ ବିଭବ। ଈଶ୍ୱର ବିଶ୍ୱାସ ଏହାର ମେରୁଦଣ୍ଡ। ନାମରେ ବହୁ ହେଲେ ମଧ୍ୟ ଈଶ୍ୱର ବାସ୍ତବରେ ଏକ ଓ ଅଭିନ୍ନ। ତାଙ୍କୁ ନିଜର ମଣି ନିଜର ଦୁଃଖ ସୁଖ କହିଲେ ସେ ଶୁଣନ୍ତି ଓ ସହାୟତା କରନ୍ତି। ଭଲ ପାଇବା ହେଉଛି ତାଙ୍କୁ ପାଇବାର ମୂଳକଥା। ଏଥିପାଇଁ ସେବା ପୂଜା ଆରାଧନା ଏକ ଏକ ମାଧ୍ୟମ। ପ୍ରାର୍ଥନା ହେଉଛି ଭଗବାନ ଓ ମଣିଷ ଭିତରେ ସୁନାର ସେତୁ। ଭୋଗ ଲଗାଇବା, ଧୂପ ଦୀପ ଦେଇ ଭଗବାନଙ୍କୁ ନିରାଜନା କରିବା ଦ୍ୱାରା ହେଉ ଅଥବା ଶୂନ୍ୟ ନିରାକାର ଭାବରେ ତାଙ୍କୁ ପ୍ରାର୍ଥନା କରିବା ମାଧ୍ୟମରେ ହେଉ ତାଙ୍କ ପ୍ରତି ଭାବ ଏକାନ୍ତ ଆବଶ୍ୟକ। ଭାବ ନଥିଲେ କିଛି ନାହିଁ। ତେଣୁ କୁହାଯାଏ ଭାବରେ ଭେଟ ସେ ଅଭାବରେ ଅଭେଟ।

ହିଂସା, ଦ୍ୱେଷ, କଳହ, ଘୃଣା ଓ କ୍ରୋଧକୁ ଅନୁମୋଦନ କରେ ନାହିଁ ଆମ ସଂସ୍କୃତି। ମାଟି ଆମର ପବିତ୍ର ଦେବଭୂମି। ଦେବତା ଏଠାରେ ବାରମ୍ବାର ଜନ୍ମ ନିଅନ୍ତି ଓ ନୂତନ ଦିଗଦର୍ଶନ ମାନବ ଜାତିକୁ ଦେଇଯାଆନ୍ତି। ଅହିଂସା, ସତ୍ୟ, ଶାନ୍ତି, ଭ୍ରାତୃତ୍ୱର ପରାକାଷ୍ଠା ଏ ଭୂମିରେ ସୁଲଭ।

ଏସବୁ ସତ୍ତ୍ୱେ ପରିବେଶ ଆଜି ବଦଳି ଯାଇଛି। ଏ ବଦଳିବା ପଛରେ ଗଛପତ୍ର ପଶୁପକ୍ଷୀ ଦାୟୀ ନୁହନ୍ତି। ଦାୟୀ ହେଉଛି ମଣିଷ, ଆମେମାନେ ସମସ୍ତେ। ପରିବାରରେ ଅଥବା ସମାଜରେ ଆମେ କାହାକୁ ଯଥାର୍ଥ ଗୁରୁତ୍ୱ ଦେଉନାହୁଁ, ଅଧିକା କଥା ପଚାରେ କିଏ। ତେଣୁ ପାରିବାରିକ ଶୃଙ୍ଖଳା ଓ ସାମାଜିକ ସଂହତି କେତେକାଂଶରେ ବିପର୍ଯ୍ୟସ୍ତ ହେଉଛି। ମୂଳ ଅସୁବିଧାଟି ରହିଛି ଅହଂରେ। ଏହାର ବିଲୋପ ନହେଲେ ପାରିବାରିକ ସଂସ୍କୃତି ଓ ସାମାଜିକ ସଂସ୍କୃତି ଉନ୍ନତ ହେବନାହିଁ।

ଆଜିକାଲି ପୂଜାନାମରେ ପ୍ରହସନ ଚାଲିଛି। ଅପସଂସ୍କୃତିର ପ୍ରଭାବରେ ଅଶ୍ଳୀଳ ଗୀତ ଓ ନୃତ୍ୟ ହୋଇଛି ଆମୋଦପ୍ରମୋଦର ମୁଖ୍ୟ ମାଧ୍ୟମ। ସାଙ୍ଗସାଥି ମହଲରେ କଥାବାର୍ତ୍ତାରେ ଶାଳୀନତା ନାହିଁ। କଥା କଥାକେ ଅଶ୍ଳୀଳ

ଭାଷାର ପ୍ରୟୋଗ ହେଉଛି। ଝିଅମାନଙ୍କର ବେଶବାସରେ ମାର୍ଜିତ ରୁଚିର ଚିହ୍ନ ନାହିଁ। ପୁଅମାନଙ୍କର ଆତ୍ମ ସଂଯମର ମାନସିକତା ନାହିଁ। ଏହା କୌଣସି ପ୍ରକାରେ ପ୍ରଗତିର ଚିହ୍ନ ନୁହେଁ।

ଆମ ସଂସ୍କୃତି ହିଂସ୍ରତା, ଦ୍ୱେଷ, କଳହ, କ୍ରୋଧ, ଈର୍ଷାକୁ ସ୍ୱୀକାର କରେନାହିଁ। ବରଂ ଆଲୋଚନା ମାଧ୍ୟମରେ ସମସ୍ତ ସମସ୍ୟାର ସମାଧାନ ଆଣିବାକୁ ପ୍ରୟାସ କରେ। ଶାନ୍ତି ଓ ଅହିଂସା ଆମର ଜାତୀୟତାର ମୂଳ ଉପାଦାନ। ଏଥିନିମନ୍ତେ ଆମ ଦେଶର ସ୍ଥାନ ବିଶ୍ୱ ଦରବାରରେ ସ୍ୱତନ୍ତ୍ର। ମାତ୍ର ଦୁଃଖର କଥା ଆମ ଦେଶରେ ଦିନକୁ ଦିନ ଉଗ୍ରବାଦ, ଆତଙ୍କବାଦର ପ୍ରଭାବ ଅଧିକରୁ ଅଧିକ ଅନୁଭୂତ ହେଉଛି। କେତେ ଧନଜୀବନ ଏହା ଯୋଗୁଁ ନଷ୍ଟ ହେଉଛି। ଏହା ପଛରେ ଲୁଚି ରହିଛି ବିଦ୍ରୋହମୂଳକ ମନୋବୃତ୍ତି, ଯାହା ମୂଳରେ ରହିଛି ଅହଙ୍କାର। ଉଗ୍ରବାଦୀର ହୃଦୟରେ ପରିବର୍ତ୍ତନ ନ ଆସିଲେ ଉଗ୍ରବାଦର ମୂଲୋତ୍ପାଟନ ହେବନାହିଁ। ଦୃଷ୍ଟିଭଙ୍ଗୀର ପରିବର୍ତ୍ତନ ଏଥିପାଇଁ ଆବଶ୍ୟକ, ଯାହା କେବଳ ଅନୁତାପ ଯୋଗୁଁ ଆସିପାରେ।

ଆମ ଭୂମି ପୁଣ୍ୟଭୂମି, ଦେବଭୂମି। ଆଗାମୀ ଦିନରେ ତାହା ହେବ ନିଜର ମହନୀୟ ମୂଲ୍ୟବୋଧ ବଳରେ ସମଗ୍ର ବିଶ୍ୱର ଗୁରୁ। ଏକଥା ପ୍ରାଚ୍ୟ ଓ ପାଶ୍ଚାତ୍ୟର ବହୁ ମନୀଷୀ ଘୋଷଣା କରିଛନ୍ତି। ସମୟ ଏ ଦିଗରେ ଆମର ସହଯୋଗ ଲୋଡୁଛି। ଆମେ କ'ଣ ଏ ଦିଗରେ କୁଣ୍ଠିତ ହେବା ?

ଆମ ସଂସ୍କୃତି ଆହୁରି ମାର୍ଜିତ ହେଉ, ରୁଚିସ୍ନିଗ୍ଧ ହେଉ, ସଂସ୍କୃତିରେ କର୍ମପ୍ରବଣତା ବଢୁ। କର୍ମପ୍ରବଣତା ସହିତ ଈଶ୍ୱରଙ୍କ ଠାରେ ଭକ୍ତି ଓ ବିଶ୍ୱାସ, ଗୁରୁ ଗୁରୁଜନଙ୍କୁ ଯଥାଯୋଗ୍ୟ ମାନ୍ୟତା, ଦେଶପ୍ରତି ଆନ୍ତରିକତା, ଭାଷା ପ୍ରତି ଗୌରବବୋଧ ବଢୁ, ଏହା ହିଁ ଆମ ସମସ୍ତଙ୍କର କାମନା ହେଉ।

□□

ଆଜିର ଆହ୍ୱାନ ଓ ଆମେ

ଆମ ଦେଶରେ ମଣିଷର ସଂଖ୍ୟା ଗଣତିରେ ଦିନକୁ ଦିନ ବଢ଼ିଯାଉଛି, ଏକଥା ଯେପରି ସତ, ମାନବିକତାର ଦୀପ୍ତି ଦିନକୁ ଦିନ କମିଯାଉଛି ଏକଥା ସେପରି ସତ । ମଣିଷ ମନରୁ ସ୍ନେହପ୍ରବଣତା, ହୃଦୟରୁ ସମ୍ବେଦନଶୀଳତା, କଣ୍ଠରୁ ସୁମଧୁର ଭାଷା ଦିନକୁ ଦିନ କମି ଆସୁଛି । ବେଳକୁ ବେଳ ମଣିଷ ହୋଇଯାଉଛି ସ୍ୱାର୍ଥପର, ଉଗ୍ର ଏବଂ ସୁବିଧାବାଦୀ । ଅହଂକାର ତାକୁ ହିଂସ୍ର ଓ ଭୟଙ୍କର କରିଛି । ସାମାନ୍ୟ ସାମାନ୍ୟ କଥାରେ ଉପକାର ପରିବର୍ତ୍ତେ କ୍ଷତି କରିବାର ଆଗ୍ରହ ତା ମନରେ ଅଧିକ ବଳବତ୍ତର ହେଉଛି । ସେ ଅନ୍ୟର ସୁବିଧା ଦେଖିଲେ ଈର୍ଷାରେ ଜଳିଉଠୁଛି । ଯେତେ ଲୁଚାଇବାକୁ ଚେଷ୍ଟାକଲେ ମଧ୍ୟ ଧରାପଡ଼ିଯାଉଛି ତା'ର ଈର୍ଷା ଜର୍ଜରିତ ମନୋଭାବଟି । ତା'ର କ୍ରୋଧଭାବଟି ଧାର୍ମିକ ଭିନ୍ନତା ତଥା ସାମ୍ପ୍ରଦାୟିକ ଭିନ୍ନତାକୁ ଆଶ୍ରୟକରି ଅନେକ ସମୟରେ ଆତ୍ମପ୍ରକାଶ କରୁଛି । ମଣିଷର ବୌଦ୍ଧିକ ବିକାଶ ଘଟିଛି ମାତ୍ର ମାନବିକତାର ଅନୁରୂପ ବିକାଶ ଘଟିନଥିବାରୁ ତା'ର ପୂର୍ଣ୍ଣାଙ୍ଗ ବିକାଶ ହୋଇଛି ବୋଲି କୁହାଯାଇ ପାରିବ ନାହିଁ । 'ସର୍ବେ ଭବନ୍ତୁ ସୁଖୀନଃ, ସର୍ବେ ସନ୍ତୁ ନିରାମୟାଃ' ନୀତି ଆଜି ସୁଦୂର ପରାହତ । ପାଶ୍ଚାତ୍ୟ ସଂସ୍କୃତିର ବସ୍ତୁବାଦୀ ଭାବଧାରାରେ ପ୍ରଭାବିତ ହୋଇ ଭାରତ ଆଜି ଉଦ୍‌ଭ୍ରାନ୍ତ । ମଣିଷ ଏବେ ବସ୍ତୁକୁ ଅଧୀନ କରି ରଖିନାହିଁ, ବସ୍ତୁ ମଣିଷକୁ ଅଧୀନ କରି ରଖିଛି । ବସ୍ତୁର ଆଧିକ୍ୟରେ ମଣିଷର ପ୍ରତିଷ୍ଠାର ମୂଲ୍ୟାଙ୍କନ ହେଉଛି, ମାନବିକତା ମଣିଷକୁ ବିଚାର କରିବାପାଇଁ ମାପକାଠି ହେଉନାହିଁ । ସ୍ୱାଧୀନତା ନାମରେ ମନରେ ସ୍ୱେଚ୍ଛାଧୀନତାର ଆସୁରିକ ରାଜତ୍ୱ ଚାଲିଛି । ଭାରତୀୟ ସଂସ୍କୃତିର ମହତ୍ତ୍ୱ ଓ ମୂଲ୍ୟବୋଧ ପ୍ରତି ବିମୁଖତା ପ୍ରକଟିତ ହେଉଛି । ପାରମ୍ପରିକତାର ବିଚାର ଓ ବିଶ୍ଳେଷଣ ଆଜି ପୁରୁଣାକାଳିଆ କଥାରେ ପରିଣତ ହେଲାଣି । ମନରେ ଏପରିଭାବ ସୃଷ୍ଟି ହେଲାଣି ଯେ ଆମ ସଂସ୍କୃତିରେ ଥିବା ସବୁକଥା ମନ୍ଦ, ପାଶ୍ଚାତ୍ୟ ସଂସ୍କୃତିରେ ଥିବା ସବୁକଥା ଭଲ । ନିଜ ସଂସ୍କୃତିରେ ଥିବା ଭଲ କଥାକୁ ଗ୍ରହଣ କରିବା ସଙ୍ଗେ ସଙ୍ଗେ ଅନ୍ୟ ସଂସ୍କୃତିରେ ଥିବା ଭଲ କଥାକୁ ଗ୍ରହଣ କରିବାର ପ୍ରଶସ୍ତ ଦୃଷ୍ଟିଭଙ୍ଗୀ ଆଜି ପରିଲକ୍ଷିତ ହେଉନାହିଁ । କେତେକ କୁସଂସ୍କାରକୁ ବାଦଦେଲେ ଆମ ସଂସ୍କୃତିର ଯେଉଁ ମୌଳିକ ମୂଲ୍ୟବୋଧ ରହିବ ତାହା ଆଗାମୀ ଦିନରେ ସମଗ୍ର ପୃଥିବୀକୁ ଦିଗଦର୍ଶନ ଦେବ ବୋଲି ପ୍ରାଚ୍ୟ ଓ ପାଶ୍ଚାତ୍ୟର ବହୁ ମନୀଷୀ ଘୋଷଣା କରିଛନ୍ତି । ଦୁଃଖର କଥା ଏପରି ଏକ ମହନୀୟ ସଂସ୍କୃତିପ୍ରତି ଆନ୍ତରିକତା ଓ ଆତ୍ମୀୟତା ଆମର କମିଯାଉଛି । ଏପରି ଧାରଣା କେମିତି କେଜାଣି ସୃଷ୍ଟିହୋଇ ଯାଇଛି ଯେ ଆମର ପୂର୍ବପୁରୁଷ ମୂର୍ଖ ଥିଲେ, ଆମର ଶାସ୍ତ୍ର ସବୁ ଅର୍ଥହୀନ ଅଟେ, ଅତୀତର ବିଚାରଧାରାସବୁ ମୂଲ୍ୟହୀନ ଥିଲା ଇତ୍ୟାଦି ଇତ୍ୟାଦି । ଭାରତୀୟର ମନ ଆଉ ନିଜ ମାଟିରେ ରହିପାରୁ ନାହିଁ, ସେ ହୋଇଯାଉଛି ଅସ୍ଥିର ଓ ଚଳଚଞ୍ଚଳ । ଏହି ଅସ୍ଥିରତା କେବଳ ଭାରତ ପାଇଁ ଅସ୍ୱସ୍ତିକର ନୁହେଁ, ସମଗ୍ର ବିଶ୍ୱପାଇଁ ମଧ୍ୟ କ୍ଷତିକାରୀ । ଭାରତର କଲ୍ୟାଣରେ ଜଗତର କଲ୍ୟାଣ ସାଧିତ ହେବ, ଏହା ସ୍ୱାମୀ ବିବେକାନନ୍ଦ, ଶ୍ରୀଅରବିନ୍ଦଙ୍କ ପରି ମହାପୁରୁଷମାନେ ଉଦ୍‌ଘୋଷଣା କରିଛନ୍ତି । ଏ ସମ୍ପର୍କରେ ଶ୍ରୀଅରବିନ୍ଦ କହନ୍ତି, "ଭାରତ କେବଳ ନିଜ ସକାଶେ ବଞ୍ଚିନାହିଁ, ସେ ସମଗ୍ର ବିଶ୍ୱ ନିମିତ୍ତ ବଞ୍ଚିରହିଛି ।"

ଅତଏବ ଏକଥା ସ୍ପଷ୍ଟ ପ୍ରତିପାଦିତ ଯେ ଭାରତ ବଞ୍ଚିଲେ ଜଗତ ବଞ୍ଚିବ । ଜଗତକୁ ବଞ୍ଚାଇବାର ଚାବିକାଠି ରହିଛି ଭାରତର ସର୍ବାଙ୍ଗୀଣ ବିକାଶରେ । ଭାରତକୁ ବଞ୍ଚାଇବାର ମାର୍ଗ ହେଉଛି ଭାରତୀୟ ସଂସ୍କୃତିର ଅନୁଧ୍ୟାନ, ଅନୁଶୀଳନ ଓ ଭାରତୀୟ ଜୀବନରେ ତା'ର ନିରାଜନା । ଭାରତୀୟ ସଂସ୍କୃତିର ସୁରକ୍ଷା ଉପରେ ବିଶ୍ୱଜୀବନର ସମୃଦ୍ଧି ନିର୍ଭରଶୀଳ ଥିବାବେଳେ ଏ ଦିଗରେ ପ୍ରତ୍ୟେକ ଭାରତୀୟଙ୍କର ଭୂମିକା ଯେ କେତେ ଗୁରୁତ୍ୱପୂର୍ଣ୍ଣ ତାହା ବୁଝାଇ କହିବାର ଆବଶ୍ୟକତା ନାହିଁ । 'ଭାରତର କଲ୍ୟାଣରେ ଜଗତର କଲ୍ୟାଣ' - ଏକଥାରେ ପ୍ରତ୍ୟେକ ଭାରତୀୟ ନିଜକୁ ଗୌରବାନ୍ୱିତ ମନେକରିବା ଉଚିତ । ଭାରତର ସେବା ମାଧ୍ୟମରେ ବିଶ୍ୱର ସେବାକରିହେବ, ଏକଥା ବୁଝିବାର ସମୟ ବର୍ତ୍ତମାନ ଆସି ପ୍ରତ୍ୟେକ ଭାରତୀୟଙ୍କ ଦ୍ୱାର ଦେଶରେ ଉପସ୍ଥିତ । ସାମ୍ପ୍ରତିକ ସମୟ ଓ ପରିବେଶ ଭାରତୀୟମାନଙ୍କୁ ସଚେତନତାର ସହିତ ନିଜ ସଂସ୍କୃତିକୁ ଆଦର କରିବା ପାଇଁ ଆହ୍ୱାନ ଜଣାଉଛି ।

□□

ଦେଶପ୍ରେମର ମୂଲ୍ୟବୋଧ

ଭାରତ ବର୍ଷ ସ୍ୱାଧୀନ ହୋଇଛି ସତ ମାତ୍ର ସ୍ୱାଧୀନତାର ସୁଫଳ ଯେତେ ସ୍ୱାଦଯୁକ୍ତ ହେବା କଥା ହୋଇନାହିଁ । ଏହାର ଅନେକ କାରଣ ମଧ୍ୟରୁ ଗୋଟିଏ ମୁଖ୍ୟକାରଣ ହେଉଛି ବ୍ୟକ୍ତିଭିତରେ ଦେଶପ୍ରେମର ଅଭାବ । ସ୍ୱଦେଶପ୍ରେମ କଥାର କଥା ନୁହେଁ, ଏହା ଏକ ସାତ୍ତ୍ୱିକ ଭାବ । କିଛି ବ୍ୟକ୍ତିଙ୍କ ହୃଦୟରେ ଏହା ସ୍ୱତଃ ସୃଷ୍ଟିହୁଏ । ଆଉ କିଛି ବ୍ୟକ୍ତିଙ୍କ ହୃଦୟରେ ଅନ୍ୟର ପ୍ରଭାବରୁ ଏହା ସୃଷ୍ଟିହୁଏ । ସ୍ୱଦେଶ ପ୍ରେମର ଭିତ୍ତି ହେଉଛି ସମତା, ଅନ୍ୟପ୍ରତି ମମତା, ସହାନୁଭୂତି, କରୁଣା, ଶୁଭେଚ୍ଛା ଓ ମୈତ୍ରୀ । ଅନ୍ୟର ସୁଖ ଦୁଃଖକୁ ନିଜର ସୁଖ ଦୁଃଖରୂପେ ବିଚାର କରିବାର ସାମର୍ଥ୍ୟଥିଲେ ବ୍ୟକ୍ତିଭିତରେ ଦେଶପ୍ରେମର ତରଙ୍ଗ ସୃଷ୍ଟି ହୋଇଥାଏ । ମାତୃଭୂମି ପ୍ରତି ଶ୍ରଦ୍ଧା ଓ ସମ୍ମାନ ରହିଲେ ଦେଶପ୍ରେମ ସ୍ୱତଃ ମନରେ ଜାଗ୍ରତ ହୁଏ । ମାତୃଭୂମି ପ୍ରତି ଶ୍ରଦ୍ଧା ଆସିବା ଫଳରେ ଭ୍ରାତୃତ୍ୱ ଆଉ ବହିର ପାଠ, ଭାଷଣର ଉଦ୍‌ବୋଧନ, ସମବେତ କଣ୍ଠ ସଂଗୀତର ଭାଷାରେ ଆବଦ୍ଧ ହୋଇ ନରହି ପ୍ରକୃତ ହୃଦୟର ଆସନକୁ ଅଧିକାର କରେ । ଭ୍ରାତୃତ୍ୱ ବିହୀନ ସାମ୍ୟନୀତିର ବିଶେଷ କୌଣସି ମୂଲ୍ୟ ନାହିଁ କାରଣ ଏହାର ଭିତ୍ତି ଦୁର୍ବଳ ହୋଇଥିବାରୁ ଏହା ଉପରେ ଆସ୍ଥା ସ୍ଥାପନ କରାଯାଇ ପାରେ ନାହିଁ । ଅତଏବ ଆଗ ଭ୍ରାତୃତ୍ୱ ପରେ ନୀତିନିୟମର ପ୍ରଣୟନ ।

ସ୍ୱଦେଶ ପ୍ରେମ ଓ ଜାତୀୟତା ବୋଧ ପରସ୍ପର ସହ ଅଙ୍ଗାଙ୍ଗୀ ଭାବେ ଜଡ଼ିତ । ଗୋଟିଏ ନଥିଲେ ଅନ୍ୟଟିର ସ୍ଥିତିନଥାଏ । ଜାତୀୟତା ବୋଧ ନଥିଲେ ନିଜ ସଂସ୍କୃତି, ସଭ୍ୟତା, ସାହିତ୍ୟ ତଥା ଆଦର୍ଶ ପ୍ରତି ଆଗ୍ରହ ରହେନାହିଁ । ନିଜସ୍ୱ ପାରମ୍ପରିକ ମୂଲ୍ୟବୋଧ ପ୍ରତି ଆକର୍ଷଣ ଆସେ ନାହିଁ । ଦେଶ ସମ୍ପର୍କରେ ଶ୍ରଦ୍ଧା ସୃଷ୍ଟିକରିବାର ପରିବେଶ ପ୍ରସ୍ତୁତ କରିବାର ଦାୟିତ୍ୱ ଅଗ୍ରଜମାନଙ୍କର । ଦେଶପ୍ରତି ଆକର୍ଷଣ ନଆସିଲେ ବ୍ୟକ୍ତିମୁଖୀନତା ବଢ଼ିଚାଲେ ଓ ବ୍ୟକ୍ତିପାଖରେ ନିଜର ଲାଭକ୍ଷତିର ଅଙ୍କ କଷାଟି ପ୍ରାଧାନ୍ୟ ଲାଭକରେ ।

ଦେଶବାସୀଙ୍କ ମନରେ ଜାତୀୟତାର ବିକାଶ ନିମନ୍ତେ ମହାଯୋଗୀ ଶ୍ରୀଅରବିନ୍ଦ ଭାରତର ମାନଚିତ୍ରକୁ ନିର୍ଦ୍ଦେଶ କରି ଯାହା କହିଥିଲେ ତା'ର ମର୍ମ ପ୍ରଣିଧାନ ଯୋଗ୍ୟ । ଏହା ଏହିପରି, "ଏହି ମାନଚିତ୍ରକୁ ଚାହଁ ଏବଂ ଏହା ଭିତରେ ସ୍ୱୟଂ ଭାରତମାତାଙ୍କ ପ୍ରତିକୃତି ଦେଖିବାକୁ ଚେଷ୍ଟାକର । ଏହିସବୁ ନଗର, ପର୍ବତ, ନଦୀ ଓ ଅରଣ୍ୟ ଆଦି ହେଉଛି ଉପାଦାନ ସ୍ୱରୂପ ଯାହାକୁ ନେଇ ତାଙ୍କର ଶରୀର ଗଠିତ । ଏହି ଦେଶର ଅଧିବାସୀମାନେ ହେଉଛନ୍ତି ତାଙ୍କର ସଜୀବ ତନ୍ତୁକୁ ଗଠନ କରୁଥିବା ପ୍ରାଣକୋଷ ସବୁ । ଆମର ସାହିତ୍ୟ ହେଉଛି ତାଙ୍କର ସ୍ମୃତି ଓ ବାଣୀ । ଆମ ସଂସ୍କୃତିର ଭାବଧାରା ହେଉଛି ତାଙ୍କର ଆତ୍ମା ।" ଆମେ ଯେଉଁଦିନ ଭାରତମାତାଙ୍କର ଅଖଣ୍ଡ ରୂପଦର୍ଶନ କରିବୁ ସେହିଦିନ ଭାରତର ପ୍ରଗତିର ବାଧା ତିରୋହିତ ହେବ । ପ୍ରାଦେଶିକତା ନୁହେଁ ବରଂ ସାମଗ୍ରିକତା ହିଁ ସ୍ୱଦେଶ ପ୍ରେମର ମୂଳତତ୍ତ୍ୱ ହେବା ଉଚିତ । ଭାରତର ବହୁ କବିଙ୍କ ଲେଖନୀରେ ଏହି ଭାବଧାରା ଅଭିବ୍ୟକ୍ତ ହୋଇଛି । ଏମାନଙ୍କ ମଧ୍ୟରେ ବଙ୍କିମଚନ୍ଦ୍ରଙ୍କ ନାମ ସ୍ମରଣୀୟ । ତାଙ୍କର ବନ୍ଦେମାତରମ୍ ମନ୍ତ୍ରରେ ସାମଗ୍ରିକ ଦୃଷ୍ଟିଭଙ୍ଗୀ ସ୍ଥାନିତ ।

ତାଙ୍କ ଭାଷାରେ -

ଶୁଭ୍ର ଜ୍ୟୋସ୍ନା ପୁଲକିତ ୟାମିନୀମ୍ । ଫୁଲ୍ଲ କୁସୁମିତ ଦ୍ରୁମଦଲ ଶୋଭିନୀମ୍ ॥
ସୁହାସିନୀଂ, ସୁମଧୁର ଭାଷିଣୀମ୍ । ସୁଖଦାଂ ବରଦାଂ ମାତରମ୍ ॥

ଓଡ଼ିଆ ସାହିତ୍ୟରେ ବହୁ ସ୍ରଷ୍ଟା ଭାରତମାତାଙ୍କର ସାମଗ୍ରିକ ରୂପଦର୍ଶନ କରିବାକୁ ଅଭୀପ୍ସା କରିଛନ୍ତି । ସେମାନଙ୍କ ମଧ୍ୟରେ ଭକ୍ତକବି ମଧୁସୂଦନ ରାଓ ଅନ୍ୟତମ । ତାଙ୍କ ଭାଷାରେ -

ଧନ୍ୟ ମହିମା ତୋହର ନାହିଁ ତାର ପଟାନ୍ତର
ମସ୍ତକରେ ହିମାଳୟ ପର୍ବତ ବର ।
ଦୁଇ ପାରୁଶେ ଜଳଧି ବ୍ରହ୍ମପୁତ୍ର ସିନ୍ଧୁ ନଦୀ
ଚରଣରେ ବିରାଜିତ ମହାସାଗର ।
ବିନ୍ଧ୍ୟ ଗିରିବର କଟିରେ
ଗଙ୍ଗା ଆଦି କେତେ ନଦୀ ଶୋଭେ ଶରୀରେ ।

ଆମେ ଭାରତ ସନ୍ତାନ । ଆମକୁ ତା'ର ଆଧ୍ୟାତ୍ମିକତା ଓ ସାଂସ୍କୃତିକ ପ୍ରଭା ପ୍ରଭାବିତ କରୁ ଆଗେଇ ଯିବାପାଇଁ । ସବୁ ସଂକୀର୍ଣ୍ଣତାରୁ ଆମ ମନ ମୁକ୍ତହେଉ ଏବଂ ବିଶ୍ୱଜନୀନତାରେ ଯୁକ୍ତ ହେଉ । ଭାରତୀୟ ଅଧ୍ୟାତ୍ମ ଗ୍ରନ୍ଥମାଳାର ଆଦର ଆମେରିକାଦି ପାଶ୍ଚାତ୍ୟ ଦେଶମାନଙ୍କରେ ଅଧିକରୁ ଅଧିକ ବଢ଼ିବା ବେଳେ ଭାରତରେ ତା'ର ଆଦର କମିଯିବା ଚିନ୍ତାର ବିଷୟ । ନିଜ ଦେଶକୁ, ନିଜ ସଂସ୍କୃତିକୁ ସମ୍ମାନ ଦେବା ଆମର ପ୍ରଥମ କର୍ତ୍ତବ୍ୟ । ଏହାର ଅର୍ଥ ନୁହେଁ ଯେ ଅନ୍ୟ ଦେଶକୁ ବା ଅନ୍ୟ ସଂସ୍କୃତିକୁ ଘୃଣା କରିବା । ଅସଲ କଥା ହେଉଛି ନିଜ ମାଟିରେ ପାଦ ଥାପି ଦମ୍ଭରେ ଠିଆହୋଇ ଅନ୍ୟ ଦେଶ ଓ ସଂସ୍କୃତିରୁ ଭଲ ଭଲ ଉପାଦାନକୁ ଆହରଣ କରିବାପାଇଁ ଆଗ୍ରହ ପ୍ରକାଶ କରିବା । ଭାରତୀୟ ସଂସ୍କୃତିର ମହତ୍ତ୍ୱ ଓ ମୂଲ୍ୟବୋଧ ପ୍ରତ୍ୟେକଙ୍କ ହୃଦୟରେ ଅନୁରଣିତ ହେଲେ ଭାରତର ସମୁଚିତ ବିକାଶ ହେବ । ଭାରତର କଲ୍ୟାଣରେ ଜଗତର କଲ୍ୟାଣ । "ସର୍ବେ ଭବନ୍ତୁ ସୁଖିନଃ, ସର୍ବେ ସନ୍ତୁ ନିରାମୟା, ସର୍ବେ ଭଦ୍ରାଣି ପଶ୍ୟନ୍ତୁ, ମା କଶ୍ଚିତ ଦୁଃଖଭାଗଭବେତ୍" ବାର୍ତ୍ତାରେ ଯେଉଁ ଚେତନା ରହିଛି, ତାହାର ତୁଳନା ନାହିଁ ।

ଅତଏବ ଏକଥା ସ୍ପଷ୍ଟ ଯେ ବାହ୍ୟ ଦୃଷ୍ଟି ନୁହେଁ ଅନ୍ତଃଦୃଷ୍ଟି ବଳରେ ଯେଉଁ ଶକ୍ତି ଆହରିତ ହୁଏ ତାହାହିଁ ଯଥାର୍ଥ ଦିଗ୍‌ଦର୍ଶନ ଦେଇପାରେ । ଦେଶକୁ ଭଲପାଇବାର ମାଧ୍ୟମରେ ଦେଶବାସୀଙ୍କ ମଧ୍ୟରେ ପାରସ୍ପରିକ ମମତ୍ୱବୋଧ ବୃଦ୍ଧି ପାଇପାରେ । ଫଳତଃ ବହୁ ଅନ୍ତଃନିହିତ ସମସ୍ୟାର ସମାଧାନ ହୋଇପାରେ ।

□□

ବିଶ୍ୱ ଭ୍ରାତୃତ୍ୱ ଓ ସ୍ୱାମୀ ବିବେକାନନ୍ଦ

ବୌଦ୍ଧିକ ଚେତନାର ବିକାଶ ଫଳରେ ମାନବଜାତି କେତେକ ସମସ୍ୟାର ସମ୍ମୁଖୀନ ହୋଇଛି ଏଥିରେ ଦ୍ୱିରୁକ୍ତି ନାହିଁ । ସମୟ ସ୍ରୋତରେ ଗୋଟିଏ ଦେଶର ସମସ୍ୟା ଆଉ କେବଳ ସେହି ଦେଶର ନହୋଇ ବିଶ୍ୱ ସମସ୍ୟାର ରୂପାୟିତ ହେଉଛି । ବିଶ୍ୱ ସମସ୍ୟାର ପ୍ରଭାବ ବ୍ୟକ୍ତିକୁ ଅଳ୍ପେ ବହୁତେ, ଆକ୍ରାନ୍ତ କରୁଛି । ଦେଶ ଦେଶ ଭିତରେ ପାରସ୍ପରିକ ବୁଝାମଣା, ସଦିଚ୍ଛା ଯେ ଆଜିର ପରିପ୍ରେକ୍ଷୀରେ ଏକାନ୍ତ ଆବଶ୍ୟକ, ଏକଥା କହିବା ବାହୁଲ୍ୟ ମାତ୍ର । ମଣିଷ ବୁଦ୍ଧିବଳରେ ବହୁ ନୂତନ ତଥ୍ୟ ଉଦ୍ଭାବନ କରିଛି ଯାହାକୁ ପ୍ରୟୋଗ କରି ସେ ଗୋଟିଏ ସ୍ଥାନରେ ରହି ଅନ୍ୟଦୂର ସ୍ଥାନର ସମ୍ବାଦ ରଖିପାରୁଛି । ମାତ୍ର ବ୍ୟକ୍ତି ଭିତରୁ ଆନ୍ତରିକତା, ସହାନୁଭୂତି କ୍ରମଶଃ କମି କମି ଆସୁଛି । ଦେଶ ଦେଶଭିତରେ ଚଳଣିଗତ ପାର୍ଥକ୍ୟ ରହିବା ସ୍ୱାଭାବିକ । ଭାଷାର ଭିନ୍ନତା, ଧର୍ମର ଭିନ୍ନତା, ବେଶଭୂଷଣର ଭିନ୍ନତା ସତ୍ତ୍ୱେ ମାନସିକ ସ୍ତରରେ ସମନ୍ୱୟର ଭାବ ଆସିଲେ ବହୁ ସମସ୍ୟାର ସମାଧାନ ହୋଇପାରିବ, ବ୍ୟକ୍ତି ବ୍ୟକ୍ତି ଭିତରେ, ଜାତି ଜାତି ଭିତରେ ସହନଶୀଳତା ତଥା ସହୃଦୟତା ରହିଲେ ବିଶ୍ୱକଲ୍ୟାଣ ସାଧିତ ହେବ । ପରମପୁରୁଷ ଶ୍ରୀରାମକୃଷ୍ଣ ଏହି ଭାବନା କରିଛନ୍ତି ଓ ସ୍ୱାମୀଜୀ ତାକୁ ଭାଷାରେ ରୂପ ଦେଇଛନ୍ତି । ଶ୍ରୀରାମକୃଷ୍ଣ ସୂର୍ଯ୍ୟ ହେଲେ ବିବେକାନନ୍ଦ ତା'ର କିରଣମାଳାର ମୂର୍ତ୍ତିମନ୍ତ ରୂପରେଖ । ଶ୍ରୀରାମକୃଷ୍ଣ ଅଗ୍ନି ହେଲେ ବିବେକାନନ୍ଦ ତା'ର ଦାହିକା ଶକ୍ତିର ସାମଗ୍ରିକ ରୂପ । ବିଶ୍ୱଭ୍ରାତୃତ୍ୱ ପ୍ରତିଷ୍ଠା ନିମନ୍ତେ ଶ୍ରୀରାମକୃଷ୍ଣଙ୍କ ପ୍ରୟାସ ସର୍ବ ପ୍ରଥମେ ସମଗ୍ର ବିଶ୍ୱର ଦୃଷ୍ଟି ଆକର୍ଷଣ କରିଥାଏ । ତାଙ୍କ ମତରେ ସବୁଧର୍ମର ସାରବତ୍ତା ଏକ ଓ ଆଭିମୁଖ୍ୟ ଏକ, ନାମରେ ଭିନ୍ନତା ରହିଛି ମାତ୍ର । ଏ ପ୍ରସଙ୍ଗରେ ସେ ପୋଖରୀର ଉଦାହରଣ ଦେଇ ସମସ୍ୟାଟିର ସରଳ ସମାଧାନ କରିଛନ୍ତି । ଯେପରି ଗୋଟିଏ ପୋଖରୀର ଭିନ୍ନ ଭିନ୍ନ ତୁଠରୁ ପାଣି ସଂଗ୍ରହ କରି ତାକୁ ଭିନ୍ନଭିନ୍ନ ନାମ ଦେଲେ ମଧ୍ୟ ସଂଗୃହୀତ ଜଳ ଭିନ୍ନ ହୁଏ ନାହିଁ, ସେପରି ଗୋଟିଏ ସତ୍ୟକୁ ଭିନ୍ନ ଭିନ୍ନ ଧର୍ମରେ ଭିନ୍ନ ଭିନ୍ନ ନାମ ଦେଲେ ହେଁ ତାହା ଭିନ୍ନ ହୁଏ ନାହିଁ ।

ସ୍ୱାମୀ ବିବେକାନନ୍ଦ ଏ ଦିଗରେ ସୁଦୃଢ଼ ପଦକ୍ଷେପ ନେଇଛନ୍ତି । ସେ ଭାରତୀୟ ଯୁବଶକ୍ତିକୁ ସଚେତନ ହେବାକୁ ପରାମର୍ଶ ଦେଇଛନ୍ତି । ଭାରତର ଉନ୍ନତିରେ ବିଶ୍ୱର ଉନ୍ନତି ସମ୍ଭବ ହେବ । ବିଶ୍ୱ ମାନବ ଜାତିକୁ ଉପଯୁକ୍ତ ମାର୍ଗ ଦର୍ଶନ ନିମନ୍ତେ ଭାରତ ନିକଟରେ ରହିଛି ଅମାପ ସାମର୍ଥ୍ୟ, ଅସୀମ ଶକ୍ତି । ଭାରତ ବର୍ଷ ସ୍ୱଇଚ୍ଛାରେ ଏହାର ସଦ୍‌ବ୍ୟବହାର କରିପାରିବ । ଭାରତ ବର୍ଷ ହେବ ଆଗାମୀ ବିଶ୍ୱର ଗୁରୁ, ବିଶ୍ୱକୁ ବଞ୍ଚାଇବାକୁ ହେଲେ ଭାରତବର୍ଷକୁ ବଞ୍ଚାଇବାକୁ ହେବ, ଏହା ସେ ବାରମ୍ବାର ଘୋଷଣା କରିଛନ୍ତି । ଭାରତ ମାଟି ତାଙ୍କପାଇଁ ସ୍ୱର୍ଗଠାରୁ ଅଧିକ ଥିଲା । ଭାରତବାସୀଙ୍କୁ ଆହ୍ୱାନଦେଇ ସେ କହିଛନ୍ତି, ''ସଦର୍ପରେ ଡାକି କହ, ଭାରତବାସୀ ମୋର ଭାଇ, ଭାରତବାସୀ ମୋର ପ୍ରାଣ, ଭାରତର ଦେବ ଦେବୀ ମୋର ଈଶ୍ୱର, ଭାରତର ସମାଜ ମୋର ଶିଶୁଶଯ୍ୟା, ମୋର ଯୌବନର ଉପବନ, ମୋର ବାର୍ଦ୍ଧକ୍ୟର ବାରଣାସୀ, କହ ଭାଇ, ଭାରତର ମୃତ୍ତିକା ମୋ'ର ସ୍ୱର୍ଗ'' । ଏପରି ଉଦ୍‌ବୋଧନରେ ଯେଉଁ ଦୀପ୍ତିମୟତା ରହିଛି ତାହାର ପଟାନ୍ତର ନାହିଁ । ଭାରତ ବର୍ଷର ଇତିହାସକୁ ପର୍ଯ୍ୟାଲୋଚନା କରି ସେ ଏହି

ସିଦ୍ଧାନ୍ତରେ ଉପନୀତ ହୋଇଛନ୍ତି ଯେ ବିଶ୍ୱ ଜୀବନରେ ଯେତେବେଳେ ଚେତନାର ନବୀନ ଆଲୋକ ରେଖା ସୃଷ୍ଟି ହୋଇଛି, ତାହାର ଉତ୍ପତ୍ତି ସ୍ଥଳ ହୋଇଛି ଭାରତ ବର୍ଷ । ସମସ୍ତ ଜ୍ଞାନ ବିଜ୍ଞାନର ଜନ୍ମଭୂମି ବୋଲି ସେ ଭାରତକୁ ବିଚାର କରିଛନ୍ତି । ତାଙ୍କ କଥାରେ,- "ବିଶ୍ୱର ଇତିହାସ ପର୍ଯ୍ୟାଲୋଚନା କର, ଯେଉଁଠି କୌଣସି ମହାନ ଆଦର୍ଶର ସନ୍ଧାନ ମିଳିବ, ଦେଖିବାକୁ ପାଇବ ତା'ର ଜନ୍ମ ଭାରତ ବର୍ଷରେ । ସ୍ମରଣାତୀତ କାଳରୁ ଭାରତ, ମାନବ ସମାଜ ପାଖରେ ମୂଲ୍ୟବୋଧ ସମୂହର ଖଣି ସ୍ୱରୂପ ହୋଇ ରହିଛି ।" ଊନବିଂଶ ଶତାବ୍ଦୀରେ ଭାରତୀୟ ପରିବେଶରେ କୁସଂସ୍କାରର ଅଖଣ୍ଡ ରାଜତ୍ୱ ଚାଲିଥିବା ବେଳେ ସ୍ୱାମୀଜୀଙ୍କ ଆହ୍ୱାନ ସେହି ତମସାର ଆବରଣ ଛିନ୍ନକରି ଉଷାଲୋକର ସନ୍ଧାନ ଦେଇଥିଲା । ରାଜନୈତିକ, ସାମାଜିକ, ନୈତିକ ତଥା ଧାର୍ମିକ ପରିବେଶରେ ଆବଶ୍ୟକୀୟ ପରିବର୍ତ୍ତନ ଆଣିବା ଦିଗରେ ସ୍ୱାମୀଜୀ ଯେଉଁ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିଲେ ତା'ର ତୁଳନା ନାହିଁ । ଅସ୍ପୃଶ୍ୟତା ନିବାରଣ ନିମନ୍ତେ ତାଙ୍କର ଶୁଭଙ୍କର ପ୍ରୟାସ ଯେପରି ସ୍ମରଣୀୟ ସେପରି ବରଣୀୟ । ମୋଚି, ମେହେନ୍ତର, କୃଷକ, କୁମ୍ଭାର, କମାର, ତେଲି ଇତ୍ୟାଦି ଅନ୍ୟାନ୍ୟ ବହୁ ବୃତ୍ତିର ଲୋକଙ୍କୁ ସେ ନିଜର ଭାଇଜ୍ଞାନ କରିବା ସଙ୍ଗେ ସଙ୍ଗେ ଅନ୍ୟମାନେ ସେମାନଙ୍କୁ ଭ୍ରାତୃତ୍ୱର ବନ୍ଧନରେ ଆବଦ୍ଧ କରନ୍ତୁ, ଏହା ତାଙ୍କର ଇଚ୍ଛା ଥିଲା ।

ଭାରତର ଅତୀତର ଗୌରବ ଗାଥା ସ୍ୱାମୀଜୀ ସ୍ମରଣ କରିଛନ୍ତି । ବିଭିନ୍ନ କ୍ଷେତ୍ରରେ ଭାରତର ମହତ୍ତ୍ୱ ଓ ମୂଲ୍ୟବୋଧ ସମ୍ପର୍କରେ ସେ ଆଲୋଚନା କରିଛନ୍ତି । ଗଣିତ, ଜ୍ୟୋତିଷ, ଜଡ଼ବିଜ୍ଞାନ, ରସାୟନ ବିଜ୍ଞାନ, ଶଲ୍ୟ ଚିକିତ୍ସା ଇତ୍ୟାଦି କ୍ଷେତ୍ରରେ ପ୍ରାଚୀନ ଭାରତର ସମୃଦ୍ଧି ଥିଲା ଅସାଧାରଣ । ସମଗ୍ର ବିଶ୍ୱକୁ ପ୍ରାଚୀନ ଭାରତର ଅବଦାନ ଯେ ଅସୀମ ଏହା ମୁକ୍ତ କଣ୍ଠରେ ସ୍ୱୀକାର୍ଯ୍ୟ । ବହୁ ବୈଦେଶିକ ଆକ୍ରମଣ ଏବଂ ଅନ୍ୟ କେତେକ କାରଣ ଯୋଗୁଁ ମଧ୍ୟଯୁଗର ଭାରତରେ ସମୃଦ୍ଧିର ମାନ ହ୍ରାସ ହୋଇଥିବା କଥା ସ୍ୱାମୀଜୀ ଉଲ୍ଲେଖ କରିଛନ୍ତି । ଆଧୁନିକ ଭାରତ ପୁନର୍ବାର ଜାଗ୍ରତ ହେବ ଏବଂ ବିଶ୍ୱକଲ୍ୟାଣ ସାଧନରେ ବ୍ରତୀ ହେବ । ଜନ ଚେତନାର ସାମଗ୍ରିକ ବିକାଶ ଆଧୁନିକ ଭାରତରୁ ଉଦ୍ଭୁତ ହେବ । ସ୍ୱାମୀଜୀଙ୍କ ମତରେ,- "ଭାରତ ପୁନର୍ବାର ଉଠିବ, କିନ୍ତୁ ଜଡ଼ର ଶକ୍ତିରେ ନୁହେଁ, ଶାନ୍ତି ଓ ପ୍ରେମର ପତାକା ଉଡ଼ାଇ ।" ଆମର ଅତୀତର ସମୃଦ୍ଧି ଆଧୁନିକ ଭାରତରେ ବହୁଗୁଣିତ ହେବ, ଏହି ଦୃଢ଼ ବିଶ୍ୱାସ ସ୍ୱାମୀଜୀ ପୋଷଣ କରିଛନ୍ତି ।

ଭାରତର ପ୍ରଗତିରେ ଜଗତର ପ୍ରଗତି ସମ୍ଭବ, ଭାରତର ପ୍ରଗତି ନହେଲେ ଜଗତର ପ୍ରଗତି ହେବ ନାହିଁ । ଭାରତର ପ୍ରଗତିର ମୂଳ ମନ୍ତ୍ର ହେଉଛି ଧାର୍ମିକ ଉନ୍ନତି । ଧର୍ମ ହିଁ ଭାରତୀୟ ଚେତନାର ଅସଲ ଚାବିକାଠି । ଏହି ଧର୍ମ ତଥାକଥିତ ଧର୍ମ ନୁହେଁ । ଏହା ଜୀବନର ଯଥାର୍ଥ ଚେତନା ବୋଲି ସ୍ୱାମୀଜୀ ମତବ୍ୟକ୍ତ କରିଛନ୍ତି । ତାଙ୍କ ମତରେ,- "ଭାରତର ଯେ କୌଣସି ଉନ୍ନତିର ଚେଷ୍ଟା କରାଯାଉ, କିନ୍ତୁ ପ୍ରଥମେ ଧର୍ମର ଉନ୍ନତି ହେବା ଆବଶ୍ୟକ । ଧର୍ମ ହିଁ ଭାରତୀୟ ଜାତୀୟ ଜୀବନର କେନ୍ଦ୍ରବିନ୍ଦୁ । ଏହା ବେଦାନ୍ତର ଧର୍ମ ଯାହା କହେ 'ଆତ୍ମନୋ ମୋକ୍ଷାର୍ଥଂ ଜଗଦ୍ଧିତାୟଚ' ଅର୍ଥାତ୍ ନିଜର ଆଧ୍ୟାତ୍ମିକ ଉନ୍ନତି ଓ ଜଗତର କଲ୍ୟାଣ ଏ ଦୁଇଟି ଏକ ସଙ୍ଗେ କରିବାକୁ ହେବ ।" ଧର୍ମ ସମ୍ପର୍କରେ ଯେଉଁ ବ୍ୟାଖ୍ୟା ସ୍ୱାମୀ ବିବେକାନନ୍ଦ ଦେଇଛନ୍ତି, ତାହାର ମୂଲ୍ୟ ଅସାଧାରଣ । ଏଥିରେ ସଂକୀର୍ଣ୍ଣତା ନାହିଁ ବରଂ ରହିଛି ବିସ୍ତୃତିର ପରମ ପ୍ରତିଷ୍ଠା ଓ ଚରମ ପରାକାଷ୍ଠା । ତାଙ୍କ ମତରେ,- "ଅନ୍ୟର ମଙ୍ଗଳ କରିବା ହେଉଛି ଧର୍ମ, ଅନ୍ୟର କ୍ଷତି କରିବା ହେଉଛି ପାପ, ଅନ୍ୟକୁ ଆଦର କରିବା ହେଉଛି ଧର୍ମ ଅନ୍ୟକୁ ଘୃଣା କରିବା ହେଉଛି ପାପ ।"

ପ୍ରାଚ୍ୟ ଓ ପାଶ୍ଚାତ୍ୟ ଚେତନାର ମଧୁର ମିଶ୍ରଣରେ ବିଶ୍ୱ ଭ୍ରାତୃତ୍ୱର ପ୍ରତିଷ୍ଠା ସମ୍ଭବ ହେବ । ପାଶ୍ଚାତ୍ୟର ଯୁକ୍ତିବାଦ, ବୈଜ୍ଞାନିକ ଦୃଷ୍ଟିକୋଣ ସହିତ ପ୍ରାଚ୍ୟର ଆତ୍ମଚେତନା, ଆଧ୍ୟାତ୍ମିକତାର ମିଶ୍ରଣ ହେଲେ ବିଶ୍ୱ ସମସ୍ୟାର ସରଳ ସମାଧାନ ହେବା ସଙ୍ଗେ ସଙ୍ଗେ ବିଶ୍ୱ ପରିବାର ଗଠନର ପଥ ବିମୁକ୍ତ ତଥା ପ୍ରଶସ୍ତ ହେବ । ଶରୀରର ସୁସ୍ଥତା ଏକାନ୍ତ, କାମ୍ୟ ବୋଲି ସ୍ୱାମୀଜୀ ଉଦ୍‌ଘୋଷଣା କରିଛନ୍ତି । ସେ କହିଛନ୍ତି,- "ଗୀତା ପାଠ ଅପେକ୍ଷା ଫୁଟବଲ ଖେଳିଲେ ତୁମେ ସ୍ୱର୍ଗର ଅଧିକ ନିକଟବର୍ତ୍ତୀ ହେବ ।" ସୁସ୍ଥ ଶରୀର ବିନା ଜୀବନରେ ପ୍ରଗତି କରିବା କଷ୍ଟସାଧ

ବ୍ୟାପାର । ଚିକାଗୋ ଧର୍ମ ମହାସଭାରେ ୧୮୯୩ ମସିହା ସେପ୍ଟେମ୍ବର ୧୧ ତାରିଖରେ ସ୍ୱାମୀଜୀ ନିଜର ଭାଷଣର ଆରମ୍ଭରେ ଆମେରିକା ବାସୀ ଭଉଣୀ ଓ ଭାଇମାନେ ବୋଲି ଉଦ୍‌ବୋଧନ ମାଧ୍ୟମରେ ଭ୍ରାତୃଭାବର ପ୍ରତିଷ୍ଠା ପାଇଁ ଯେଉଁ କଲ୍ୟାଣମୟ ପ୍ରୟାସ କରିଛନ୍ତି ତାହାର ତୁଳନା ନାହିଁ ।

ବିଭିନ୍ନ ଦୃଷ୍ଟିରୁ ବିଚାରକଲେ ଏହା ଯଥାର୍ଥ ଯେ ସ୍ୱାମୀ ବିବେକାନନ୍ଦ ଭାରତରେ ଜନ୍ମଲାଭ କରିଥିଲେ ହେଁ ସେ ଥିଲେ ବିଶ୍ୱଭ୍ରାତୃତ୍ୱର ପ୍ରତୀକ । ତାଙ୍କର ମହନୀୟତା ତେଣୁ ଦେଶ ଭିତରେ ଆବଦ୍ଧ ନରହି ପ୍ରସାରିତ ହୋଇଯାଇଛି ବିଶ୍ୱର କୋଣ ଅନୁକୋଣକୁ । ସମଗ୍ର ବିଶ୍ୱଥିଲା ତାଙ୍କର ନିବାସ ସ୍ଥଳ । ଭାରତବର୍ଷର ଯୁବଶକ୍ତି ଉପରେ ଅସାମାନ୍ୟ ଗୁରୁତ୍ୱ ସେ ଆରୋପ କରିଯାଇଛନ୍ତି । ବିଶ୍ୱ ପରିବାର ଗଠନ ନିମନ୍ତେ ସେ ନିର୍ବାଚନ କରିଯାଇଛନ୍ତି ଭାରତବର୍ଷକୁ ଯିଏ ଏଥିନିମନ୍ତେ ଉପଯୁକ୍ତ ମାର୍ଗ ଦର୍ଶନ ଦେଇପାରିବ । ତାଙ୍କର ବାଣୀକୁ ବିଚାର ଓ ବିଶ୍ଳେଷଣ କଲେ ସେଥିରେ ଥିବା ଅମାପ ଶକ୍ତିମତ୍ତାକୁ ସଙ୍ଗେ ସଙ୍ଗେ ଉପଲବ୍ଧି କରିବାକୁ ହୁଏ । ଆଜି ଦେହରେ ନଥିଲେ ମଧ୍ୟ ସ୍ୱାମୀଜୀ ଏକ ଜାଗ୍ରତ ବିଶ୍ୱବ୍ୟାପ୍ତ ଚେତନା ହୋଇ ରହିଛନ୍ତି ।

□□

ମିଶ୍ର ସଂସ୍କୃତିର ପ୍ରଭାବ

ସଂସ୍କୃତି କହିଲେ ଗୋଟିଏ ଜାତିର ମାର୍ଜିତ ଚାଲି ଚଳଣିକୁ ବୁଝାଏ । ଜାତିଭେଦରେ ଦେଶ ଭେଦରେ ଏହା ଭିନ୍ନ ଭିନ୍ନ । ଗୋଟିଏ ଦେଶର ତଥା ଜାତିର ସଂସ୍କୃତି କେତେଗୁଡ଼ିଏ କଥା ଉପରେ ନିର୍ଭର କରେ । ଯଥା- ଭୌଗୋଳିକ ପରିବେଶ, ଆର୍ଥନୀତିକ ଅବସ୍ଥା, ସାମାଜିକ ପରମ୍ପରା ଓ ରାଜନୈତିକ ବାତାବରଣ ।

ଆମର ସଂସ୍କୃତି ଆଜି ଆଉ ନିରୋଳା ସଂସ୍କୃତି ହୋଇ ନାହିଁ । ବହିରାଗତ କେତେ ସଂସ୍କୃତିର ପ୍ରଭାବରେ ପ୍ରଭାବିତ ହୋଇ ଏହା ଭିନ୍ନ ପ୍ରକାରର ହୋଇଯାଇଛି । ଏକଥା ସତ ଯେ ଜଗତୀକରଣ ଯୁଗରେ ଅଲଗା ହୋଇ କେହି ରହିପାରିବେ ନାହିଁ, ଆମେ ମଧ୍ୟ ରହିପାରିବା ନାହିଁ । ତେବେ ବାଛି ବାଛି ଅନ୍ୟ ସଂସ୍କୃତିରୁ ଭଲ ଭଲ କଥା ଆଣିଲେ ସଂସ୍କୃତିର ବିକାଶ ଘଟିବା ସ୍ୱାଭାବିକ । ମାତ୍ର ଦୁଃଖର କଥା ଆମ କ୍ଷେତ୍ରରେ ସେକଥା ଘଟୁନାହିଁ । ଓଲଟା ଘଟୁଛି, ଆମେ ଅନ୍ୟ ସଂସ୍କୃତିରୁ ଦେଶାତ୍ମବୋଧ, ସମୟାନୁବର୍ତ୍ତିତା, ନିୟମାନୁବର୍ତ୍ତିତା ସଚ୍ଚୋଟପଣିଆ, ଶୃଙ୍ଖଳାବୋଧ ପରି ଭଲ ଭଲ କଥା ଶିଖୁ ନାହୁଁ । କେହି ନ କହିଲେ, ବାଧ୍ୟ ନ କଲେ ଆମେ ପୋଷ୍ଟ ଅଫିସରେ ଅଥବା ରେଳଷ୍ଟେସନରେ ଟିକେଟ ଆଣିବା ପାଇଁ ଅବା ଫର୍ମ ଆଣିବା ପାଇଁ ଧାଡ଼ିରେ ଠିଆ ହେବାକୁ ଚାହୁଁନା । କଡ଼ପଟେ ହାତ ଗଳେଇ ଏସବୁ ନେଇ ଆଣିବା ଆମପାଇଁ ବୀରପଣିଆ ବୋଲି ଆମେ ଭାବୁଛୁ । ମନ୍ଦିର ଭିତର ବଗିଚାରେ ଅଥବା ସାଧାରଣ ପାର୍କରେ ଲାଗିଥିବା ଫୁଲ ଗଛକୁ ଆମେ ଜାତୀୟ ସମ୍ପଦ ବୋଲି ଭାବୁ ନାହିଁ । ତହିଁରେ ଫୁଟିଥିବା ଫୁଲକୁ ଛିଣ୍ଡାଇ ଆଣିବାକୁ ଶ୍ରେୟ ମଣୁଛୁ । ଗାଁ ଓ ସହରର ରାସ୍ତା କାମକୁ ଆମେ ତିଆରି କରିବାକୁ ଠିକା ନେଉଛୁ, ମାତ୍ର ତାହାକୁ ଜାତୀୟ କାର୍ଯ୍ୟ ଭାବରେ ବିଚାର କରୁନାହୁଁ । ଯେତେବେଶୀ ଫାଇଦା ତହିଁରୁ ଉଠା ଯାଇପାରେ ତାହାହିଁ ଦେଖୁଛୁ । ବେପାରୀ ବ୍ୟବସାୟୀ ଭାଇମାନଙ୍କ କଥା ନ କହିଲେ ଭଲ । ବାହାର ସଂସ୍କୃତିର ପ୍ରବେଶ ଓ ପ୍ରଭାବରେ ଆମ ସଂସ୍କୃତି ମିଶ୍ରିତ ହୋଇଯାଇଛି । ଅପମିଶ୍ରିତ ହୋଇଯାଇଛି କହିଲେ ଅତିରଞ୍ଜିତ ହେବ ନାହିଁ । ଶତାଧିକ ବର୍ଷ ପୂର୍ବରୁ ସ୍ୱାମୀ ବିବେକାନନ୍ଦ ଯାହା କହିଥିଲେ ତାହା ସେତେବେଳ ଅପେକ୍ଷା ଆଜି ଅଧିକ ସତ ହୋଇଛି । ସେ କହିଥିଲେ ଯେ ପିଲାଟିଏ ବିଦ୍ୟାଳୟ ଯାଇ ଶିଖୁଛି ଯେ ତା'ର ବାପା ଗୋଟିଏ ମୂର୍ଖ, ତା'ର ଜେଜେ ବାପା ଜଣେ ପାଗଳ ଏବଂ ତା'ର ଶାସ୍ତ୍ର ସବୁ ମିଥ୍ୟା କାହାଣୀରେ ପରିପୂର୍ଣ୍ଣ ଇତ୍ୟାଦି ।

ଆମ ସଂସ୍କୃତିର ଅମୂଲ୍ୟ ସମ୍ପଦ ହେଉଛି ପାରିବାରିକ ଜୀବନ । ସ୍ନେହ, ସହାନୁଭୂତି ଓ ସମବେଦନା ଏହାର ମୌଳିକ ଉପାଦାନ । ସ୍ନେହ ଓ ସହିଷ୍ଣୁତା ଗୋଟିଏ ମୁଦ୍ରାର ଦୁଇପାଖ ପରି ଓତଃପ୍ରୋତ ଜଡ଼ିତ । ଏହି ସହିଷ୍ଣୁତା ଓ ସ୍ନେହ ଏକାନ୍ନବର୍ତ୍ତୀ ପରିବାରର ମୂଳକଥା । ଆଜି ମିଶ୍ରସଂସ୍କୃତିରେ ବହୁଭାବରେ ଭାଙ୍ଗିଯାଉଛି ଏକାନ୍ନବର୍ତ୍ତୀ ପରିବାର । ଫିକା ଫିକା ହୋଇଯାଉଛି ପାରିବାରିକ ଜୀବନର ମୂଲ୍ୟବୋଧ । ବଡ଼ ପରିବାରକୁ ଅହଂକାର ଭାଙ୍ଗିରୁଜି ଖଣ୍ଡ ଖଣ୍ଡ କରିଦେଉଛି, ଭାଙ୍ଗି ଖଣ୍ଡ ଖଣ୍ଡ କରିଦେବା ଚତୁରତାର ଲକ୍ଷଣ ବୋଲି ବୁଝାଯାଉଛି । ମିଶ୍ର ସଂସ୍କୃତିର ଫଳ ହେଉଛି ଏହି ଅହଂକାର ଏବଂ ଭାଙ୍ଗିଦେବାର ମନୋବୃତ୍ତି । ଖାପଖୁଆଇ ଚଳିବାର କଳା ଏଇ ମିଶ୍ର ସଂସ୍କୃତି ଶିଖାଉନାହିଁ

ଯାହା ଆମ ସଂସ୍କୃତିରେ ଆଗରୁ ଥିଲା । ମିଶ୍ର ସଂସ୍କୃତି ଶିଖାଉଛି ଅନ୍ୟ ସହ ନିଜକୁ ଦିନରାତି ତୁଳନା କରିବା ଓ ପରିବାରର ଅନ୍ୟମାନଙ୍କ ବିରୁଦ୍ଧରେ ଦିନରାତି ଅଭିଯୋଗ କରିବା । ପରିବାର ଭାଙ୍ଗିଯିବାରୁ ବେଶୀ କ୍ଷତିଗ୍ରସ୍ତ ହେଉଛନ୍ତି ପରିବାର ଅଭିଭାବକ ତଥା ବୃଦ୍ଧ ପିତାମାତା । ବିଦେଶୀ ସଂସ୍କୃତି ପରି ବୃଦ୍ଧାଶ୍ରମ ଆମର ଏଠାରେ ଗଢ଼ି ଉଠିନାହିଁ କି ଗଢ଼ିଉଠିଲେ ମଧ୍ୟ ତହିଁରେ ଆନନ୍ଦରେ ରହିବାର ମାନସିକତା ଆମର ଆସିନାହିଁ । ଜେଜେବାପା, ଜେଜେମାଆ, ଦାଦାଖୁଡ଼ୀ ମାନଙ୍କ ସହ ଚଳିନଥିବା ଛୋଟ ଛୋଟ ପରିବାରର ପିଲାମାନେ ଭବିଷ୍ୟତରେ ଖାପଖୁଆଇ ଚଳିବା କଥା ଶିଖିପାରୁ ନାହାନ୍ତି। 'ମୁଁ' 'ମୋର' ଶବ୍ଦ କହି କହି ତାଙ୍କ ଦିନ ବିତିଯାଉଛି । ଶୁଖିଲା କାଠ ଅଥବା ଯନ୍ତ୍ରଚାଳିତ ମଣିଷଟିମାନ ହୋଇଯାଉଛନ୍ତି । ତ୍ୟାଗ, ଶ୍ରଦ୍ଧା, ମମତା, ସହନଶୀଳତା କିପରି କଥା ସେମାନେ ଜାଣୁନାହାନ୍ତି, କେବଳ 'ଯେସାକୁ ତେସା' କଥାଟି ଭଲଭାବରେ ଜାଣୁଛନ୍ତି । ଏହାଦ୍ୱାରା ଯେ ତାଙ୍କର ଅନେକ କ୍ଷତି ଘଟୁଛି, ଦେବଶିଶୁ ଯେ ସାଧାରଣ ଶିଶୁରେ ପରିଣତ ହୋଇଯାଉଛି, ଏକଥା କିଏ କାହାକୁ ବୁଝାଇବ ? ବୁଝିବ ବା କିଏ ?

ଆମ ସଂସ୍କୃତିର ଅନ୍ୟ ଗୋଟିଏ ମହନୀୟ ଦିଗ ହେଉଛି ଦେବ ଆରାଧନା । ବାରମାସରେ ତେରପର୍ବ, ବହୁ ଓଷାବ୍ରତ । ଗଛର ପ୍ରଥମ ଫଳଟି ଆମ ସଂସ୍କୃତିର ବିଚାରରେ ଦେବତାଙ୍କର ପ୍ରାପ୍ୟ । ଦୁଇବେଳା ଠାକୁରଙ୍କ ପାଖରେ ପ୍ରାର୍ଥନା, ଗଲା ଅଇଲା ବେଳେ ଠାକୁରଙ୍କୁ ମୁଣ୍ଡିଆ ମାରିବା ଆମର ପ୍ରଥାଗତ । ହେଲେ ଆଜିର ମିଶ୍ର ସଂସ୍କୃତି ଶିଖାଇଛି ଯେ ଏସବୁ ଅଲୋଡ଼ା, ଅଧିକା କଥା । ହେଲେ ଚଳିବ, ନହେଲେ ବି ଚଳିବ । ଅର୍ଥାତ ସୁବିଧା ହେଲେ ପୂଜାଅର୍ଚ୍ଚନା, ପ୍ରାର୍ଥନା ପ୍ରଭୃତି କରିବା, ନହେଲେ ନକରିବା ।

ଏମିତି ମଧ୍ୟ ଶୁଣାଗଲାଣି ଯେ ପାରୁଛି ସେ କରୁ, ଯେ ନପାରୁଛି ନାହିଁ । ହେତୁବାଦ ଆଚ୍ଛନ୍ନ କରିଛି ମଣିଷର ମନ, କର୍ମକଲେ ଫଳମିଳିବ, ଆଉ ଭଗବାନ କ'ଣ କରିବେ ଇତ୍ୟାଦି ଇତ୍ୟାଦି । ଏହାଫଳରେ ଈଶ୍ୱର ବିଶ୍ୱାସ କମିଯାଉଛି, ଆସୁରିକତା ବଢ଼ିଯାଉଛି ଓ ଦୁଷ୍ଟ ବୁଦ୍ଧି ପ୍ରବଳ ହେଉଛି । ଆସୁରିକତାରୁ ଜନ୍ମନେଉଛି ଆତଙ୍କବାଦ, ଉଗ୍ରବାଦ ପ୍ରଭୃତି ସର୍ବନାଶକାରୀ ପ୍ରତିକ୍ରିୟାମାନ । ଆମ ସଂସ୍କୃତିର ବାହକ ଭାବରେ ପାଲା, ଦାସକାଠିଆ, ଘୋଡ଼ାନାଚ, ସଖୀନାଟ, ଡାଲଖାଇ, ରସରକେଲୀ ବହୁଦିନରୁ ପ୍ରଚଳିତ । ମାତ୍ର ତାହାକୁ ଆଜିକାଲି ପଚା ପୁରୁଣା ବୋଲି ବିଚାର କରାଯାଉଛି, ସାଧାରଣତଃ ଧର୍ମାନୁଷ୍ଠାନ ମାନଙ୍କରେ ମେଲୋଡ଼ି ନ ହେଲେ ନ ଚଳେ । ଅଶ୍ଳିଳଗୀତର ଲହର ଆମକୁ ଉତ୍‌ଫୁଲ୍ଲ କରୁଛି । ନୃତ୍ୟ ଆହୁରି ସ୍ୱତନ୍ତ୍ର ଓ ବିଚିତ୍ର ଧରଣର । ଓଡ଼ିଶୀ ନୃତ୍ୟ ଆମକୁ ପସନ୍ଦ ଆସୁନାହିଁ, ବ୍ରେକଡ୍ୟାନ୍ସ ହିଁ ପ୍ରକୃତ ଡ୍ୟାନ୍ସ ବୋଲି ଆମର ମତ ବେଳକୁ ବେଳ ଦୃଢ଼ ହୋଇ ଆସିଲାଣି । ନୃତ୍ୟ ନାଁରେ ଅଙ୍ଗଭଙ୍ଗୀର ବିକୃତ ପ୍ରଦର୍ଶନ କେବଳ ଚାଲିଛି ଆଉ ଚାଲିଛି ।

ଆମ ଭାଷା ଆମକୁ ପିତା ଲାଗୁଛି । ଅଦରକାରୀ ଭାବରେ ଇଂରାଜୀ ଭାଷା ମିଶାଇ କଥା କହିଲେ, ଭାଷଣ ଦେଲେ ଆମର ବ୍ୟକ୍ତିତ୍ୱ ବଢ଼ି ଗଲାପରି ଲାଗୁଛି । ଏହାର ଅର୍ଥ ଏପରି ନୁହେଁ ଯେ ଆମେ ଇଂରାଜୀ ଭାଷାର ବିରୋଧ କରିବା । ବିରୋଧ ନୁହେଁ ଯେତିକି ଆବଶ୍ୟକ ଆମେ ସେତିକି ଗ୍ରହଣ କରିବା ଅନ୍ୟଭାଷା, ଅଧିକ ନୁହେଁ କି ଅଦରକାରୀ ହିସାବରେ ନୁହେଁ । ଆମ ଭାଷାରେ ଉଚ୍ଚଶିକ୍ଷାର ବ୍ୟବସ୍ଥା ନାହିଁ । ଫଳରେ ଆମେ ଗୋଟିଏ କଠିନ ତଥା ବା ତତ୍ତ୍ୱକୁ ଭଲ ରୂପେ ବୁଝିବାକୁ ସମର୍ଥ ହେଉନାହୁଁ ।

ଖାଦ୍ୟ ରୁଚି ମଧ୍ୟ ଆମର ବେଳକୁ ବେଳ ଭିନ୍ନ ହୋଇଯାଉଛି । ଆମ ତରକାରୀ, ଆମ ପିଠାପଣା ଆମକୁ ଆଉ ରୁଚୁନାହିଁ । ରାସ୍ତାକଡ଼ରେ ଠିଆହେଇ ଫାଷ୍ଟଫୁଡ଼ ଖାଇବାରେ ଆମେ ଗୌରବ ଅନୁଭବ କରୁଛୁ । ଆମେ ଅଜ୍ଞାନତା ଦୃଷ୍ଟିରୁ ଅଥବା ବୃଥା ସଉକି ଦୃଷ୍ଟିରୁ ଆମର ଖାଦ୍ୟପେୟକୁ ଅବହେଳା କରୁଛୁ । ଫଳରେ ନା ଆମର ହେଉଛି ସ୍ୱାସ୍ଥ୍ୟରକ୍ଷା ଅବା ସସ୍କୃତିର ସୁରକ୍ଷା । ଆମ ସଂସ୍କୃତିକୁ ଆମେ ହିଁ ନଷ୍ଟ କରୁଛୁ, ଅନ୍ୟ କେହି ନୁହନ୍ତି ।

ଭାବବାଦ ଆମର ସଂସ୍କୃତିର ଗୋଟିଏ ବଡ଼ଦିଗ । ଭାବବାଦକୁ ଦୂରକୁ ଠେଲିଦେଇ ଆଜି ବସ୍ତୁବାଦ ନିଜକୁ ସମ୍ପୂର୍ଣ୍ଣ ଜାହିର କରୁଛି । ଯେନତେନ ପ୍ରକାରେଣ ଧନସମ୍ପଦ ଅର୍ଜନ କରିବା ଓ ଠୁଳ କରିବା, ବସ୍ତୁର ମାନଦଣ୍ଡରେ ଜୀବନକୁ ମାପିବା ହୋଇଛି ଆଜିର ବଞ୍ଚିବାର କଳା । ପ୍ରକୃତରେ ବସ୍ତୁ ଆମର ଶତ୍ରୁ ନୁହେଁ, ବସ୍ତୁର ଆବଶ୍ୟକତା ଆମ ପାଇଁ ବହୁ ଭାବରେ ରହିଛି । ହେଲେ ଆଜି ବସ୍ତୁ ଯେପରି ଭାବରେ ଅଛି ସେପରି ନୁହେଁ, ଆଜି ବସ୍ତୁ ହୋଇଛି ପ୍ରଭୁ, ଆମେ ହୋଇଛୁ ଏହାର ଦାସ । ମାତ୍ର ଓଲଟା କଥାଟି ଘଟିବା ଉଚିତ ଯେ ବସ୍ତୁ ହେଉ ଆମର ଦାସ ଓ ଆମେ ହେଉ ଏହାର ପ୍ରଭୁ । ବସ୍ତୁ ରହୁ ଆମର ସହଯୋଗୀ ଭାବରେ, ଅଗ୍ରଗତି ପଥରେ ସହାୟକ ଭାବରେ ।

ଅନ୍ୟ ମଣିଷକୁ ମଣିଷ ଭାବରେ ଦେଖିବାକୁ ଶିଖାଉନାହିଁ ଆଜିର ମିଶ୍ର ସଂସ୍କୃତି । ଅହଂକାର ବଢ଼ାଇଛି ମନରେ । ଅନ୍ୟକୁ ସାନ ଓ ନିଜକୁ ବଡ଼ କରିବାର ମନୋବୃତ୍ତିକୁ ବଢ଼ାଇ ଦେଇଛି । ସିଧାକଥାରେ କହିଲେ ମିଶ୍ର ସଂସ୍କୃତି ଅଧୈର୍ଯ୍ୟଭାବ, କ୍ରୋଧଭାବ, ସ୍ୱାର୍ଥପରତା, ହିଂସା, ଦ୍ୱେଷ, ଈର୍ଷା ଶିଖାଉଛି, ଫଳତଃ ଆମ ସଂସ୍କୃତିର ମଧୁରତା, ଭାବମୟତା, ଆତ୍ମୀୟତା ପୂର୍ଣ୍ଣ ସୁରକ୍ଷିତ ହୋଇପାରୁନାହିଁ । ବାସ୍ତବରେ ଆମେ ଅନ୍ୟ ସଂସ୍କୃତିକୁ ବିରୋଧ କରିବା ନାହିଁ ବରଂ ଆମେ ତହିଁରେ ଥିବା ଭଲକଥା ସବୁଗ୍ରହଣ କରିବା ଓ ମନ୍ଦ ଦିଗଗୁଡ଼ିକୁ ପରିତ୍ୟାଗ କରିବା । ଏଇ ପ୍ରସଙ୍ଗରେ ମନେପଡ଼େ ସ୍ୱାମୀ ବିବେକାନନ୍ଦଙ୍କର ଉଦ୍‌ବୋଧନ । ତାଙ୍କର ଆହ୍ୱାନ ଥିଲା ଯେ ନିଜମାଟି ଉପରେ ଦୟରେ ଠିଆ ହୋଇ ଚାରିପଟକୁ ହାତ ବଢ଼ାଇ ତହିଁରୁ ଭଲ ଭଲ ଜିନିଷ ଆହରଣ କରିବା । ଶତାଧିକ ବର୍ଷ ତଳର ଏ ଦିଗ୍‌ଦର୍ଶନ ଆଜିପାଇଁ ମଧ୍ୟ ଅକ୍ଷରେ ଅକ୍ଷରେ ସତ୍ୟ । ପ୍ରତ୍ୟେକ ଜାତି ନିଜ ସଂସ୍କୃତି ଉପରେ ଗୁରୁତ୍ୱଆରୋପ କରି ଅନ୍ୟ ସଂସ୍କୃତିରୁ ଉପାଦେୟ ଉପାଦାନ ଗ୍ରହଣ କରିବାର ସମୟ ଆସିଛି । ସମୟ ସ୍ୱୀକାର କରୁଛି ପ୍ରତ୍ୟେକ ସଂସ୍କୃତିର ମହତ୍ତ୍ୱକୁ । ଆମେ ସମୟର ଏଇ ଆହ୍ୱାନକୁ ଉପେକ୍ଷା କରିବା ନାହିଁ । ଆମ ସଂସ୍କୃତି ଉପରେ ଦୟରେ ଠିଆହୋଇ ଅନ୍ୟ ସଂସ୍କୃତିରୁ ଯଥାଯୋଗ୍ୟ ଉପାଦାନ ଆହରଣ କରି ନିଜକୁ ସମୃଦ୍ଧ କରିବାକୁ ପ୍ରୟାସ କରିବାହିଁ ଆଜିର ଅନୁଚିନ୍ତା ଓ ଆମର ପରମ କର୍ତ୍ତବ୍ୟ, ଏଥିରେ ସନ୍ଦେହ ନାହିଁ ।

□□

ଜୀବନ ଚିନ୍ତାର ରୂପରେଖ

ଜୀବନଚିନ୍ତା କହିଲେ ଅନେକ ମନେ କରନ୍ତି ଯେ ଧ୍ୟାନ, ଧାରଣା, ମନନ, ନିଦିଧ୍ୟାସନ ଇତ୍ୟାଦି ଇତ୍ୟାଦି । କିନ୍ତୁ ଏହାକୁ କେବଳ ଜୀବନ ଚିନ୍ତା ବୋଲି କୁହାଯାଇ ପାରିବନାହିଁ । ଜୀବନର ସର୍ବାଙ୍ଗୀଣ ବିକାଶ ପାଇଁ ଅଭିପ୍ରେତ ଚିନ୍ତା ହିଁ ଜୀବନ ଚିନ୍ତା ନାମରେ ନାମିତ । ଜୀବନର ପ୍ରତ୍ୟେକଟି ଗତିବୃତ୍ତିକୁ ଜୀବନ ଚିନ୍ତାର ଅନ୍ତର୍ଭୁକ୍ତ କରାଯାଇପାରେ, ଯଦି ସେସବୁକୁ ସଚେତନତାର ସହ କରାଯାଏ । ଅତଏବ ଖାଇବା, ପିନ୍ଧିବା, ହସିବା, ଖେଳିବା ଠାରୁ ଆରମ୍ଭ କରି ଧ୍ୟାନ, ଧାରଣା, ଈଶ୍ୱର ଚର୍ଚ୍ଚା ସବୁକିଛି ଜୀବନ ଚିନ୍ତାର ପରିସର ଭୁକ୍ତ ।

ସବୁ କାର୍ଯ୍ୟର ମହତ୍ତ୍ୱ ଅଛି ଯଦି ତାହା ଯଥା ସ୍ଥାନରେ ତଥା ଯଥା ସମୟରେ କରାଯାଏ । କର୍ମ ସେତିକିବେଳେ ଅପକର୍ମ ହୁଏ ଯେତେବେଳେ ତାହାର ଅପବ୍ୟବହାର ହୁଏ । ଅପବ୍ୟବହାରର ପ୍ରକ୍ରିୟା ଦୁଇଟି ମୁଖ୍ୟ ଉପାଦାନ ଯୋଗୁଁ ଘଟିଥାଏ । ସେଥିରୁ ଗୋଟିଏ ହେଉଛି ଅହଂ ଓ ଅନ୍ୟଟି ସ୍ୱାର୍ଥ । ଅହଂ ପ୍ରଣୋଦିତ କର୍ମ ନିଜର ଚେତନାକୁ ନିମ୍ନଗାମୀ କରିବା ସଙ୍ଗେ ସଙ୍ଗେ ପରିବେଶରେ ଆସୁରିକ ପ୍ରଭାବର ବିଚ୍ଛୁରଣ ଘଟାଇଥାଏ । ସ୍ୱାର୍ଥ ସର୍ବସ୍ୱ କର୍ମ ମଧ୍ୟ ନିଜକୁ କଳୁଷିତ କରି ବାତାବରଣକୁ ଅଶାନ୍ତ ଓ ଅସ୍ୱାଭାବିକ କରିଥାଏ । ସ୍ଥାନ କାଳପାତ୍ର ଅନୁସାରେ ସଂଗଠିତ ସତ୍‌କର୍ମ ଅନ୍ୟପକ୍ଷରେ ମନୁଷ୍ୟର ଚେତନାକୁ ଊର୍ଦ୍ଧ୍ୱମୁଖୀ କରାଇବା ସହିତ ପରିବେଶରେ ସୁସଂହତ, ସୁସମୃଦ୍ଧ ଓ ଅନୁକୂଳ ପ୍ରଭାବ ସୃଷ୍ଟି କରିଥାଏ । ଫଳତଃ ବ୍ୟକ୍ତି ଜୀବନ ଓ ସମାଜ ଜୀବନ ହୁଏ ଆନନ୍ଦଦାୟକ ଓ ମହତ୍ତ୍ୱପୂର୍ଣ୍ଣ ।

ଅହଂ ଓ ସ୍ୱାର୍ଥର ପ୍ରଭାବରେ ଜୀବନର ପ୍ରକୃତ ଲକ୍ଷ୍ୟ ହୁଏ ବ୍ୟାହତ ଓ ବିପର୍ଯ୍ୟସ୍ତ । ପ୍ରତିଦାନର ଆଶା ଓ ଫଳାଭିସନ୍ଧି କର୍ମକୁ କୁତ୍ସିତ କରେ, ଜୀବନକୁ ନୀଚ, ହୀନ ଓ ଘୃଣ୍ୟ କରିଥାଏ । ସେହି କର୍ମ ହୁଏ ଅଶେଷ ବନ୍ଧନର କାରଣ । ପୁନଶ୍ଚ ଆନନ୍ଦ ପାଇଁ କରାଯାଉଥିବା କର୍ମ ମଧ୍ୟ ଉପଯୁକ୍ତ କର୍ମ ନୁହେଁ । କର୍ମ ପାଇଁ କର୍ମ ହିଁ ଯଥାର୍ଥ କର୍ମ । ଅନ୍ୟ ପ୍ରକାରେ କୁହାଯାଇପାରେ ଯେ ଆନନ୍ଦ ପାଇଁ କର୍ମ ନୁହେଁ, କର୍ମରୁ ଆନନ୍ଦ ପାଇବା ହେଉଛି ଜୀବନ ଚିନ୍ତାର ଏକ ବିଶିଷ୍ଟ ଦିଗ ।

ସେବା ଗୋଟିଏ ମହତ୍ ଗୁଣ । ମାନବର ସେବାକୁ ମାଧବର ସେବା ବୋଲି କୁହାଯାଏ । କିନ୍ତୁ ଏତିକରେ ଏ କଥାଟି ସରେନାହିଁ । କିଏ ସେବା କରେ, କିଏ ସେବ୍ୟ ଇତ୍ୟାଦି ଇତ୍ୟାଦି ପ୍ରଶ୍ନ ମନକୁ ଆସିବା ସ୍ୱାଭାବିକ । ଅନ୍ୟର ଉପକାରୀ କର୍ମକୁ ଅନ୍ୟର ସେବା ବୋଲି କୁହାଯାଇ ପାରେ । ଅନ୍ୟ ପ୍ରତି ଦୟା, ସହନଶୀଳତା, କ୍ଷମା ତଥା ଆନ୍ତରିକତା ପ୍ରଦର୍ଶନ କରିବା ମଧ୍ୟ ସେବାର ଅନ୍ତର୍ଭୁକ୍ତ । ଏସବୁ ମୂଲ୍ୟହୀନ ନୁହେଁ । ଏହାର ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ । ତେବେ ଏଥିପାଇଁ ପ୍ରଥମେ ଆବଶ୍ୟକ ହେଲା ମାନସିକତାର ପରିବର୍ତ୍ତନ । କିଛି ଟିକିଏ ଲାଭର ଲାଳସା, ଯଶ ପ୍ରଶଂସାର କାମନା, ରହିଲେ ସେ ସେବା ଭାଗବତ କାର୍ଯ୍ୟ ରୂପେ ପରିଗଣିତ ହୁଏନାହିଁ । ସୁତରାଂ ଏଥିପାଇଁ ପ୍ରଥମେ ଆବଶ୍ୟକ ଆତ୍ମପ୍ରସ୍ତୁତି । ଅନ୍ୟର ସେବକ ହେବା ପୂର୍ବରୁ ନିଜେ ନିଜର ସେବକ ହେବା ଆବଶ୍ୟକ । ବାହାରେ ଅଳିଆ ସଫା କରିବା ପୂର୍ବରୁ ନିଜ ଭିତରେ ଅଳିଆ ଆବର୍ଜନା ସଫା କରିବା ଦରକାର ।

ନିଜର ସେବା କରିବାର ଅର୍ଥ ନିଜକୁ ଚେତନାସ୍ତରରେ ବଳିଷ୍ଠ କରି ଗଢ଼ି ତୋଳିବା, ପ୍ରତ୍ୟେକ ଏପରି ନିଜ ନିଜକୁ ନିର୍ମଳ କରିପାରିଲେ ମାନବ ସମାଜର ଅଶେଷ କଲ୍ୟାଣ ସାଧିତ ହୋଇପାରିବ । ନିଜ ଭିତରେ ଦୁଃଖର କେନ୍ଦ୍ରବିନ୍ଦୁ, ଅସୁସ୍ଥତାର ମୂଳବୀଜ, କଳହର ପ୍ରାଣକେନ୍ଦ୍ର, ଅସନ୍ତୋଷର ଭିତ୍ତିଭୂମି ରହିଛି, ସେସବୁକୁ ଚିହ୍ନି ତାକୁ ଦୂର ନ କଲାଯାଏ ମଣିଷ ସମାଜରୁ ଦୁଃଖ, ଅସୁସ୍ଥତା, କଳହ, ଅସନ୍ତୋଷ ଦୂରୀଭୂତ ହେବନାହିଁ । ଡାକ୍ତରଖାନା ବସାଇ ଦେଲେ ଅସୁସ୍ଥତାର ମୂଳୋତ୍ପାଟନ ହେବ ନାହିଁ । ଆଂଶିକ ଭାବରେ ଅସୁସ୍ଥତା କମିଯାଇପାରେ । ଅସୁସ୍ଥତାର ବିଲୋପ ପାଇଁ ବ୍ୟକ୍ତି ନିଜ ଭିତରକୁ ନିର୍ମଳ ଓ ସୁସ୍ଥ କରିବା ପାଇଁ ପ୍ରୟାସ ଓ ପ୍ରଯତ୍ନ କରିବା ଆବଶ୍ୟକ । ସେହିପରି କଳି, କ୍ରୋଧ, ଈର୍ଷା, ସ୍ୱାର୍ଥପରତାର ମୂଳୋତ୍ପାଟନ ଏକାନ୍ତ ଆବଶ୍ୟକ ।

ତ୍ୟାଗ କହିଲେ ଆମେ ବୁଝୁ ଯେ ଆବଶ୍ୟକୀୟ ବସ୍ତୁର ତ୍ୟାଗ, ପ୍ରକୃତରେ ଅନାବଶ୍ୟକ ବସ୍ତୁ ବା ଭାବନାର ତ୍ୟାଗ ହିଁ ତ୍ୟାଗ ପଦବାଚ୍ୟ । ଭଲ ଖାଦ୍ୟକୁ ତ୍ୟାଗ କରିବା, ଭଲ ବସ୍ତ୍ର ପରିଧାନ ନ କରିବା, ଅର୍ଥକୁ ତ୍ୟାଗ କରିବାକୁ ଆଗେ ସନ୍ନ୍ୟାସୀର ମୌଳିକ ଲକ୍ଷଣ ବୋଲି ବୁଝାଯାଉଥିଲା । ପ୍ରକୃତରେ କଥାଟି ସେପରି ନୁହେଁ । ଖାଦ୍ୟରେ ସଂଯମୀ ବ୍ୟକ୍ତି, ବସ୍ତ୍ର ପରିଧାନରେ ସରଳ ବ୍ୟକ୍ତିଟିଏ ତ୍ୟାଗୀ ନ ହୋଇପାରେ ଯଦି ସେ କାମ, କ୍ରୋଧ, ଈର୍ଷା, ହିଂସା, ପରଶ୍ରୀକାତରତା ଇତ୍ୟାଦି ବହୁ ଦୁର୍ଗୁଣକୁ ତ୍ୟାଗ ନ କରିଥାଏ । ଅତଏବ ଆମର ଅନ୍ତର ଓ ବାହାରର ଅଭିବୃଦ୍ଧି ପାଇଁ ଯାହା ବାଧକ ଆମେ ତାକୁ ତ୍ୟାଗ କରିବା ହିଁ ପ୍ରକୃତ ତ୍ୟାଗ । ଯେଉଁ ପ୍ରକାର ଖାଦ୍ୟ, ପାନୀୟ, ପରିବେଶ ବାହ୍ୟତଃ ଆମକୁ ଅଗ୍ରଗତିରେ ବାଧାଦିଏ, ତାହାକୁ ଆମେ ତ୍ୟାଗ କରିବା ଉଚିତ । ଯେଉଁ ଦୁର୍ଗୁଣ ଆମକୁ ଯନ୍ତ୍ରଣାରେ ଜର୍ଜରିତ କରେ, ଅନ୍ତର ସ୍ତରରେ ସେ ସବୁକୁ ତ୍ୟାଗ କରିବା ଏକାନ୍ତ କାମ୍ୟ ।

ମୌନତା ହେଉଛି ମୁନିର ଲକ୍ଷଣ, ଏହି ଭାବରେ ଭାବିତ ହୋଇ ବାହ୍ୟତଃ ଜଣେ ଜଣେ ସପ୍ତାହକୁ ଏକଦିନ ମୌନବ୍ରତ କରିଥାନ୍ତି ଓ ନିଜକୁ ଅତ୍ୟନ୍ତ ମହତ ଜନ ବୋଲି ମନେ କରନ୍ତି । ଅନ୍ୟମାନେ ମଧ୍ୟ ଏହି ଚିନ୍ତାଧାରାକୁ ଅନୁମୋଦନ କରି ସେ ବ୍ୟକ୍ତି ଉପରେ ଅବାଂଛିତ ଗୁରୁତ୍ୱ ଆରୋପ କରନ୍ତି । ଗୋଟିଏ ଦିନ ସପ୍ତାହରେ କଥା ନ କହିଲେ ବ୍ୟକ୍ତି ବଡ଼ ହୁଏ ନାହିଁ । ବାକ୍ ସଂଯମ ହେଉଛି ପ୍ରକୃତରେ ସାଧୁତାର ପରିଚୟ । ଆବଶ୍ୟକତାଠାରୁ ଟିକିଏ ବି ଅଧିକା କଥା ନ କହିବାକୁ ବାକ୍ ସଂଯମର ଅନ୍ତର୍ଭୁକ୍ତ କରାଯାଏ । ଭାବନାର ସଂଯମ ହିଁ ବାକ୍ ସଂଯମର ମୂଳତତ୍ତ୍ୱ । ମନକୁ ଆୟତ୍ତ ନ କଲେ ଭାବନାର ସଂଯମ ହୁଏ ନାହିଁ । କଥା କହିବା ଆଗରୁ ଭାବିବା ମଧ୍ୟ ବାକ୍ ସଂଯମର ଅନ୍ୟଏକ ଦିଗ । ଆମେ ସାଧାରଣତଃ କହୁକହୁ ଅନେକ କଥା କହିଥାଉ । ପରେ ଭାବୁ କାହିଁକି କହିଲୁ ବୋଲି । ବହୁତ ବ୍ୟସ୍ତଲାଗେ, କେତେ ଅସୁବିଧା ସେଥିରୁ ସୃଷ୍ଟି ହୁଏ । ଆଗରୁ ଭାବି କଥା କହିଲେ ବହୁ ସମସ୍ୟାର ସୃଷ୍ଟି ହୁଅନ୍ତା ନାହିଁ ଏବଂ ବହୁ ଅଶାନ୍ତିରୁ ରକ୍ଷା ମିଳନ୍ତା ।

ଆଉ ଏକ ମାନସିକ ଦ୍ୱନ୍ଦ୍ୱର ସମ୍ମୁଖୀନ ଆମେ ହୋଇଥାଉ ଯେତେବେଳେ ଆମେ ଆଚାର ଓ ବିଚାର ଭିତରେ ଥିବା ପାର୍ଥକ୍ୟକୁ ବୁଝିନଥାଉ । ସମୟ କ୍ରମେ ପୃଥିବୀରେ ଭିନ୍ନ ଭିନ୍ନ ଧର୍ମର ସୃଷ୍ଟି ହୋଇଛି । ଭିନ୍ନ ଭିନ୍ନ ଧର୍ମର ଆଚରଣ ପଦ୍ଧତି ଭିନ୍ନଭିନ୍ନ । ଶେଷ ଲକ୍ଷ୍ୟର ଅନ୍ୟନାମ ବିଚାର । ଶେଷ ଲକ୍ଷ୍ୟ ପ୍ରାୟ ସମାନ ଥାଏ । ଆଚାର ହେଉଛି ମାଧ୍ୟମ, ବିଚାର ହେଉଛି ଲକ୍ଷ୍ୟ । ଆମେ ମାଧ୍ୟମକୁ ଲକ୍ଷ୍ୟ ବୋଲି ଭାବିନେଉ ଏବଂ ଲକ୍ଷ୍ୟକୁ ପୂରାପୂରି ଭୁଲିଯାଉ । ଫଳରେ ମତାନ୍ତର, ସାମ୍ପ୍ରଦାୟିକ କଳହର ସୂତ୍ରପାତ ହୁଏ । ଆମେ ଯଦି ଠିକ୍‌ଭାବରେ ନିଜ ଧର୍ମଟିକୁ ବୁଝିଥାନ୍ତୁ ତେବେ ଅନ୍ୟ ଧର୍ମକୁ ବୁଝିବାକୁ ଆମକୁ ଅସୁବିଧା ହୁଅନ୍ତା ନାହିଁ । ଆମେ ବୁଝୁନା ଯେ 'ଏକଂସଦ୍ ବିପ୍ରାଃ ବହୁଧା ବଦନ୍ତି' । ସତ୍ୟ ହେଉଛି ଏକ ଅଦ୍ୱିତୀୟ । ମାଧ୍ୟମକୁ ନେଇ ପରସ୍ପର ଭିତରେ କଳି କରିବା କେତେ ଅଶୋଭନୀୟ, ତାହା ବିଚାର୍ଯ୍ୟ । ଆଜି ପ୍ରତ୍ୟେକ ବ୍ୟକ୍ତିପକ୍ଷରେ ଏକଥାର ଗୁରୁତ୍ୱ ଓ ମହତ୍ତ୍ୱ ବୁଝିବା ଅତ୍ୟନ୍ତ ଜରୁରୀ । ସମ୍ପ୍ରଦାୟ ଭିତରେ ସଦ୍‌ଭାବ, ଧର୍ମ ଧର୍ମ ଭିତରେ ସହନଶୀଳତା ତଥା ଆନ୍ତରିକତା ଆଣିବା ପାଇଁ ଆତ୍ମ ବିଶ୍ଳେଷଣ ଆଜିର ଅପରିହାର୍ଯ୍ୟ ଆବଶ୍ୟକତା, ଏହା କହିବା ବାହୁଲ୍ୟ ମାତ୍ର । ଆଉ ଏକ ମାନସିକତା ଆମ ଭିତରେ

ଅଛି ଯାହାକୁ ନେଇ ଆମେ ଭାବୁ ଯେ ସେହି ବ୍ୟକ୍ତି ହେଉଛି ମହାନ ଯାହାର ଦୁଃଖ ବା ସୁଖର ଅନୁଭବ ନାହିଁ, ପ୍ରକୃତ କଥାଟି ତାହା ନୁହେଁ । କଥାଟି ହେଲା ସେହି ବ୍ୟକ୍ତି ହେଲା ମହାନ ଯିଏ ଦୁଃଖ ଓ ସୁଖକୁ ଅନୁଭବ କରି ପ୍ରତିକ୍ରିୟା ପ୍ରକାଶରେ ସଂଯମ ଆଚରଣ କରିଥାଏ । ଅନୁଭବ ଶକ୍ତି ନ ରହିଲେ ମଣିଷ ତ ମହାନ୍ ହେବା ଦୂରେ ଥାଉ କାଠ ପଥରରେ ପରିଣତ ହୋଇଯିବ । ଅନୁଭବ ଶକ୍ତି ନ ଥିବା ଅର୍ଥ ମାନବିକତା ନ ଥିବା । ଅତଏବ ଅନୁଭବ ହିଁ ଯଥାର୍ଥ ବ୍ୟକ୍ତିତ୍ୱର ମାପକାଠି । ଦୁଃଖରେ ଭାଙ୍ଗି ନ ପଡ଼ିବା ଏବଂ ସୁଖରେ ଉଲ୍ଲସିତ ହୋଇ ଅଣଆୟତ୍ତ ନ ହେବା ହିଁ ଯଥାର୍ଥ ମହାନତା, ଏହା ଜୀବନର ମୂଲ୍ୟବୋଧକୁ ବହୁଗୁଣିତ କରିଥାଏ ।

ସମ୍ପ୍ରତି ସମଗ୍ର ପୃଥିବୀ ବାତାବରଣରେ ଏକ ଅହେତୁକୀ ନିରାଶା ଅନୁଭୂତ ହେଉଛି । ଏହି ହତାଶାର ଅନୁଭବ ଅତ୍ୟନ୍ତ ତୀବ୍ର ଓ ଶାଣିତ । ମଣିଷ ମନରେ ଭୟ, ସନ୍ଦେହ, ଅଶାନ୍ତିର ମେଞ୍ଚା ମେଞ୍ଚା ଅନ୍ଧାର କାହୁଁ ଆସୁଛି, ଜାଣି ହେଉନାହିଁ । ମନେ ହେଉଛି ସତେଅବା ବାୟୁମଣ୍ଡଳର ପ୍ରତିଟି ଧୂଳିକଣାରେ ତାହା ଆସ୍ଥାନ ଅଧିକାର କରିଛି । ମନ ନିରାଶାରେ ଜର୍ଜରିତ ହେବାରୁ କଳାରେ, ସାହିତ୍ୟରେ, ସ୍ଥାପତ୍ୟରେ ତାହାହିଁ ରୂପାୟିତ ହେଉଛି । ବଞ୍ଚିବାର ପ୍ରେରଣା ଚତୁର୍ଦ୍ଦିଗରେ ଦୁର୍ଲ୍ଲଭ ହୋଇପଡ଼ିଲାଣି । ଜୀବନ ହୋଇ ପଡ଼ିଲାଣି ଅଶାନ୍ତ ଓ ବିପର୍ଯ୍ୟସ୍ତ । ଆମେ ଭାବିନେଇଛୁ, ଏହାହିଁ ଯୁଗଧର୍ମ । ଏହି ହତାଶା, ନିଃସଙ୍ଗତା ବୋଧ, ଅସହାୟତା ସର୍ବଥା ବର୍ଜନୀୟ । ଆଶା, ଆଗ୍ରହ ଓ ଆନ୍ତରିକତାକୁ ମନରେ ରଖିପାରିଲେ ହତାଶା, ଅଶାନ୍ତି କ୍ରମଶଃ ଦୂରୀଭୂତ ହେବ । ଜୀବନ ହୋଇଉଠିବ ସ୍ୱର୍ଗର ଖଣ୍ଡିଏ ସୁଶ୍ରୀ ଶୋଭନ କାରୁଶିଳ୍ପ, ଅପାର୍ଥିବ ଆନନ୍ଦର ମଧୁକ୍ଷରା ଏକ ସୁଲଳିତ କାବ୍ୟ । ଅନ୍ୟଠାରୁ ସ୍ନେହ ଆଦର ପାଇବାର ଦାବି ଆମକୁ ଯନ୍ତ୍ରଣାରେ ଜର୍ଜରିତ କରେ । ଅନ୍ୟକୁ ସ୍ନେହ ଆଦର କରିବାରେ ପ୍ରକୃତ ଆନନ୍ଦର ମୂଳତତ୍ତ୍ୱ ନିହିତ ଥାଏ, ଏକଥା ବୁଝିବା ଆମର ଉଚିତ ।

ଆଉ ଗୋଟିଏ ପ୍ରକାର ଚିନ୍ତାଧାରା ଆମ ଜୀବନରେ ସୁଲଭ । ତାହା ହେଲା ନିଜକୁ ବଡ଼ ବୋଲି ଭାବିବା ଓ ଅନ୍ୟକୁ ସାନ ବୋଲି ଭାବିବା । ଏହା ଆତ୍ମପକ୍ଷ ସମର୍ଥନକାରୀ ଏକ ମନସ୍ତତ୍ତ୍ୱ । ନିଜର ସବୁ ଭଲ ଓ ଅନ୍ୟର ସବୁ ଖରାପ, ଏପରି ଚିନ୍ତାଧାରା ପାରିବାରିକ ଜୀବନଠାରୁ ଆରମ୍ଭ କରି ରାଷ୍ଟ୍ରୀୟ ଜୀବନ ପର୍ଯ୍ୟନ୍ତ ସବୁଠାରେ କଳୁଷ କାଳିମା ଭରିଦିଏ । ଫଳତଃ ମାନବଜୀବନର ସାର୍ଥକତା ପ୍ରକଟିତ ହୁଏନାହିଁ । ମଣିଷ ଯଦି ଅନ୍ୟ ମଣିଷକୁ ଆଦର କରନ୍ତା ତେବେ ସମଗ୍ର ମାନବଜାତି ଉପକୃତ ହୁଅନ୍ତା ଏବଂ ବିଶ୍ୱପରିବାର ଗଠନର ପଥ ସୁଗମ ହୋଇଉଠନ୍ତା ।

ସର୍ବୋପରି ଏହି ପ୍ରବନ୍ଧରେ ବ୍ୟକ୍ତିଜୀବନ ଉପରେ ସର୍ବାଧିକ ଗୁରୁତ୍ୱ ଆରୋପିତ । ବ୍ୟକ୍ତିଟିଏ ପୃଥିବୀର ଯେଉଁ କଣରେ ଥିଲେ ହେଁ ତା'ର ଜୀବନ ଅର୍ଥହୀନ ନୁହେଁ । ପ୍ରତ୍ୟେକ ବ୍ୟକ୍ତିର ଜୀବନ ଦେଶ, କାଳ, ଧର୍ମ, ଚଳଣି ନିର୍ବିଶେଷରେ ଏକ ଏକ ସଜଫୁଟା ନୀଳ କଇଁଫୁଲ । ଏହାର ସୁବାସ ସୁଦୂର ପ୍ରସାରୀ । ନିକଟରୁ ବହୁ ଦୂର ପର୍ଯ୍ୟନ୍ତ ପ୍ରସାରିତ ହେବାର ସାମର୍ଥ୍ୟ ଏହି ସୁବାସର ଅଛି । ଏହି ସୁବାସ ପାଇଁ ସାରା ବିଶ୍ୱ ଆଜି ଅପେକ୍ଷମାଣ ।

□□

ଅନୁରାଗର ଅନୁଚିନ୍ତା

ଋତୁ ଯାଏ, ଋତୁ ଆସେ । ଶୀତ କମିଗଲେ ବସନ୍ତ ଆସେ । ବସନ୍ତ ବଢ଼ିବଢ଼ି ଗ୍ରୀଷ୍ମରେ ପରିଣତ ହୁଏ । ଗ୍ରୀଷ୍ମ ପୁଣି ରୂପାନ୍ତରିତ ହୁଏ ବର୍ଷାରେ । ବର୍ଷାଋତୁ ପରେ ପରେ ପୁଣି ଶୀତ ଆସେ । ଶୀତ ପରେ ଆସେ ବସନ୍ତ । କଢ଼ିମାନେ ଫୁଲ ହୁଅନ୍ତି, ଫୁଲମାନେ ବାସ୍ନାୟିତ ଡେଣା ଝାଡ଼ି ଦେଇ ଝଡ଼ି ପଡନ୍ତି । ଝରା ଫୁଲ ମାଟିରେ ମିଶି ମାଟି ହୋଇଯାଏ, ମାତ୍ର ପବନରେ ରହିଯାଏ ଫୁଲର ମହୀମୋହନା ବାସ୍ନା । ଆମ୍ବ କଷି ପାକଳ ହୁଏ, ପାଚି ଗଛରେ ଦୋଳିଖେଳେ । ସମୁଦ୍ର ଉଛୁଳେ । ନଈ ବହେ ମନ୍ଦ ଗତିରେ । ଆକାଶରେ ତାରାମାନେ ନୀରବ ଭାଷାରେ କଥା ହୁଅନ୍ତି । ନିଜ ନିଜର ଆଲୋକରେ ଅନ୍ୟ ତାରାମାନଙ୍କୁ ଆଲାକିତ କରୁଥାଆନ୍ତି ।

ନୀଳ ଆକାଶରେ କୃଷ୍ଣ ପ୍ରଲେପ ମାଖି ବର୍ଷା ଆସେ । ଝକ୍ ମରା ବିଜୁଳିର ଅଳଙ୍କାର ପିନ୍ଧି ଶୋଭନ ଦିଶନ୍ତି ମେଘମାଳା । ଝର ଝର ବର୍ଷା ଆତୁମଗ୍ନା ମାଟିରେ ଅମୃତଧାରା ପରି ଝରି ପଡ଼େ । ଆଞ୍ଜୁଳା ଭରି ସେଇ ଅମୃତକୁ ପାନ କରିଥାନ୍ତି ଗଛଲତା, ଡାଳ, ପତ୍ର । ମାଟି ଉପରେ ଘାସ ଫୁଲର ଲଳିତ କାନ୍ତି ନିରେଖିଲା ଆଖିକୁ ଜକ ଜକ ଦିଶେ । ବେଳେବେଳେ ଆକାଶରେ ଇନ୍ଦ୍ରଧନୁ ଭାସେ । ସାତରଙ୍ଗର ଅମର୍ତ୍ତ୍ୟଲାବଣ୍ୟ ପହଁରିଯାଏ । କାହା ବିରହ ବ୍ୟାକୁଳତା କେଉଁଠି 'ମେଘଦୂତ'ରେ ପ୍ରତିଧ୍ୱନିତ ହୁଏ ତ ଆଉ ତ କେଉଁଠି ଶୁଭେ ପ୍ରବରଷନ ଗିରିରୁ ଲକ୍ଷ୍ମଣଙ୍କ ପ୍ରତି ଶ୍ରୀରାମଚନ୍ଦ୍ରଙ୍କ ଉପଦେଶ । କେବଳ ବର୍ଷା ନୁହେଁ, ବର୍ଷସାରା ଦିଗେଦିଗେ ଭିନ୍ନ ଭିନ୍ନ ରୁଚିପୂର୍ଣ୍ଣ ଦୃଶ୍ୟ ସମ୍ଭାରର ଚାରୁଚିତ୍ର ପ୍ରକଟିତ ହୁଏ ।

ବିଶ୍ୱପ୍ରକୃତିର ଏତେ ପରିକଳ୍ପନା, ପ୍ରୟୋଜନା ଓ ପରିଚାଳନା ଆଦୌ ନିରର୍ଥକ ନୁହେଁ । ସୂକ୍ଷ୍ମ ଦୃଷ୍ଟି ନେଇ ସେ କ୍ରିୟାରତ ଚଳ ଚଞ୍ଚଳ । ସେ ଜଡ଼ ନୁହେଁ ଜୀବନ୍ତ, ଜାଗ୍ରତ ଓ ଚୈତନ ଯୁକ୍ତ । ନିଜକୁ ନିଜ ଭିତରେ ହଜାର, ଖୋଜିବାର ଅନୁଭବ ତାର ଅଛି । ଏଇ ଅନୁଭବର ଅନ୍ୟନାମ ଅନୁରାଗ । ଏଇ ଅନୁରାଗ ହିଁ ବିଶ୍ୱ ବିକାଶର ମୂଳମନ୍ତ୍ର । ଗୁରୁ ହୋଇ ଏହା ମାର୍ଗ ଦର୍ଶନ ଦିଏ, ସଖା ହୋଇ ପାଖେ ପାଖେ ଛାଇ ପରି ରହେ, ମାଆ ହୋଇ ଆଶିଷ ଢାଳିଦିଏ । ଅନୁରାଗ ଦିଏ ବଞ୍ଚିବାର ନିଶା ଓ ଆଗକୁ ଚାଲିବାକୁ ପାଦକୁ ପ୍ରେରଣା । ଶ୍ରୁତିମଧୁର ସ୍ୱରଟିଏ ହୋଇ ବାଜି ଉଠେ ଅନ୍ତଃକର୍ଣ୍ଣରେ । ରମ୍ୟ ସୁଷମ ଛବିଟିଏ ହୋଇ ଦିଶେ ଅନ୍ତଃଚକ୍ଷୁରେ । ଯିଏ ଏଇ ସ୍ୱରକୁ ସ୍ପଷ୍ଟ ଶୁଣିପାରେ, ଯିଏ ଏଇ ଚିତ୍ରକୁ ଦେଖିପାରେ ତାର ଜୀବନ ହୋଇ ଉଠେ ଏକ ସୁଶ୍ରୀଶୋଭନ ଚାରୁଶିଳ୍ପ । ଜୀବନାନୁରାଗ ବିବର୍ତ୍ତିତ ହୋଇ ଜଗତାନୁରାଗର ରୂପ ନିଏ । ନିଜ ଭିତରେ ଜଗତକୁ ଓ ଜଗତ ଭିତରେ ନିଜକୁ ଦେଖିବାକୁ ବଳ ଦିଏ । ଅନ୍ତରର ସୂକ୍ଷ୍ମ ତନ୍ତ୍ରୀରେ ଝଙ୍କାର ତୋଳେ । ପୁରୁଣା କଥା ସବୁ ନୂଆ ଲାଗନ୍ତି । ନୂଆ କଥା ସବୁ ଭାଷାତୀତ ରୂପରେ ଆବିର୍ଭୂତ ହୁଅନ୍ତି । ଭୂମି ଓ ଭୂମାଙ୍କୁ ବାରମ୍ବାର ପ୍ରଣାମ କରିବାକୁ ଇଚ୍ଛା ହୁଏ । ପବନ ସେତେବେଳେ କଥା କହେ, ଝରଣା ଗୀତ ଗାଏ, ଦିଗ୍‌ବଳୟ ଦିଗ୍‌ଦର୍ଶନ ଦିଏ ନୀରବଭଙ୍ଗୀରେ । ଅତୀତର

ସ୍ମୃତିଧ୍ୱନି ନିମିଷକେ ପ୍ରତିଧ୍ୱନିତୋଳେ । ଅଧିକରୁ ଅଧିକ ଆପଣାର ଲାଗେ ପତ୍ରଫାଙ୍କରୁ ଝରୁଥିବା ଜହ୍ନ କିରଣ, ନଈ ପଠାର ଗଛମାନେ ଅଧିକରୁ ଅଧିକ ଶ୍ୟାମଳ ଦିଶନ୍ତି । ଦୃଶ୍ୟକୁ ଆଣି ଅଦୃଶ୍ୟ ଆସି ବେଳେବେଳେ ଠିଆ ହୁଏ । ସେତେବେଳେ ଭିତରେ ଓ ବାହାରେ ଅନୁପମ ଲାବଣ୍ୟର ଲେପଟିଏ ମାଖି ହୋଇଯାଏ । ଜୀବନର ମାନଚିତ୍ର ଓ ମାପକାଠି ବଦଳି ଯାଏ । ଚେତନା ବିକଶିତ ହୁଏ ଅନୁଲମ୍ୟ ଓ ଅନୁପ୍ରସ୍ଥ ଉଭୟ ଦିଗରେ । ସେତେବେଳେ ଆଉ ନିଜର ସ୍ୱାର୍ଥ ପାଇଁ ଏତେ ବଡ଼ ଗଛଟିକୁ ହାଣି ତଳେ ଶୁଆଇ ଦେବାକୁ ମନ ବଳେ ନାହିଁ, ଫୁଲ ତୋଳୁ ତୋଳୁ କଢ଼ି, ପତ୍ର ଓ ଡାଳକୁ ମୋଡ଼ି ଦେବାକୁ ହାତ ଯାଏ ନାହିଁ । ସାଇକେଲରେ ଯାଉଥିବା ପିଲାଟିର ଧେଡ଼ିଆ କୁକୁରଟିକୁ ଗୋଇଠାଟିଏ ପକାଇବାକୁ ଇଚ୍ଛା ହୁଏ ନାହିଁ । ଆଉ ଆଉ ମଣିଷର ପଦୋନ୍ନତି କଥା ଶୁଣି ମନରେ ଇର୍ଷା ଆସେ ନାହିଁ । ଅନ୍ୟ ଦ୍ୱାରା କେତେ ଆଦୃତ ହେଲି ସେ ହିସାବ ମନକୁ ଆସେ ନାହିଁ ବରଂ ଅନ୍ୟକୁ ଆଦର କରିବାର ମାନସିକତା ବଢ଼ିଯାଏ । ସ୍ମିତ ହାସ୍ୟର ମାଧୁରିମା ଓଠରେ ପହଁରିଯାଏ ଅନ୍ୟକୁ ବୁଝିଲା ବେଳେ ଓ ବୁଝାଇଲାବେଳେ ।

ସମାଜରୁ କିଛି ନେଇ ଯିବାର ମାନସିକତା ବଦଳରେ ସମାଜକୁ କିଛି ଦେଇ ଯିବାର ଆନ୍ତରିକତା ଆସେ । ଏକ ଅଦୃଶ୍ୟ ଶକ୍ତି ପ୍ରତି ପ୍ରଣାମ ଆଭୂମ ହୁଏ । ଖାଇବା, ପିନ୍ଧିବା, ଖେଳିବା ବୁଲିବା, ସବୁ କିଛି ରହେ, ମାତ୍ର ସେ ସବୁ ଜୀବନର ଲକ୍ଷ୍ୟ ନହୋଇ ମାଧ୍ୟମ ହୋଇଯାଆନ୍ତି । ମାଧ୍ୟମ ରହେ ମାଧ୍ୟମ ଭୂମିକାରେ, ଲକ୍ଷ୍ୟ ଥାଏ ଲକ୍ଷ୍ୟ ଭାବରେ । ନିଜକୁ ଅତିକ୍ରମ କରି ନିଜେ ନିଜକୁ ପାଇ ହୁଏ ଏଇ ଅନୁରାଗରେ । ବୈରାଗ୍ୟ ନୁହେଁ କି ଆସକ୍ତି ନୁହେଁ । ଏଇ ଦୁଇଟିର ଉର୍ଦ୍ଧ୍ୱରେ ଅନୁରାଗ ଅଧିଷ୍ଠିତ ଯାହାର ଅନୁଚିନ୍ତା ଓ ଅନୁଭବ ଜୀବନକୁ ମୂଲ୍ୟ ଦିଏ , ଅସୀମ ସରସତାରେ ଭରିଦିଏ ଜୀବନର କୋଣ ଅନୁକୋଣ । ଦୃଷ୍ଟିଭଙ୍ଗୀକୁ ବଦଳାଇ ଦିଏ । ଜୀବନ, ଜଗତ ଓ ବିଶ୍ୱାତୀତଚେତନାକୁ ଏକ ସୂତ୍ରରେ ବାନ୍ଧେ । ଅନ୍ୟ ଭାଷାରେ କହିଲେ ଭୂମି ଓ ଭୂମା ଚେତନାର ରମ୍ୟସମନ୍ୱୟ ଘଟାଏ । ସେତେବେଳେ ବିଶ୍ୱ ହୁଏ ବିକାଶର ଚାରଣ ଭୂମି, ଓ ଜୀବନ ହୁଏ ନବ ଜ୍ୟୋତିର ଝଲସିତ ଏକ ଶୁଦ୍ଧ ସାର୍ଥକ ସତ୍ତା । ଅନ୍ଧାରୀ ଦିଗନ୍ତରେ ସିନ୍ଦୂରା ଫାଟେ, ପ୍ରଭାତର ପ୍ରଭାତକୁଟି ଉଠେ ।

□□

ପ୍ରାକୃତିକ ପରିବେଶ ଓ ସ୍ପର୍ଶକାତର କବି ଚିତ୍ତ

ପ୍ରାକୃତିକ ପରିବେଶ କାଳେ କାଳେ ମଣିଷର ମନକୁ ବହୁ ଭାବରେ ପ୍ରଭାବିତ କରିଛି । ସାଧାରଣ ଲୋକଙ୍କ ନିକଟରେ ଏ ପ୍ରଭାବ ଯେତିକି ସ୍ପଷ୍ଟ ହୋଇଛି, ସାଧକ, ଭାବୁକ ତଥା କବିମାନଙ୍କ ନିକଟରେ ଏହା ଅଧିକରୁ ଅଧିକ ସ୍ପଷ୍ଟ ହୋଇଛି । ଋଷି ପ୍ରାଣରେ ଅସାମାନ୍ୟ ପୁଲକର ତରଙ୍ଗମାଳା ଭରିଦେଇଛି ଶ୍ୟାମଳ ବନାନୀର ମଞ୍ଜୁଳ ପରିବେଶ, କଣ୍ଠରେ ଦେଇଛି ବିଶ୍ୱ କଲ୍ୟାଣକାମୀ ଚେତନା ଭିତ୍ତିକ ପବିତ୍ର ଶ୍ଲୋକମାଳା । ନଦୀ ନିର୍ଝରର ସଲିଳ ଧାରାରେ ଥିବା ପ୍ରାଣ ଶକ୍ତି ଋଷି ପ୍ରାଣରେ ଭାବାନ୍ତର ଆଣିଛି, ବୃକ୍ଷଲତା ଭିତରେ ଥିବା ସାର୍ବଜନୀନ ହିତ ଚିନ୍ତା ଋଷି ହୃଦୟରେ ଅନୁରୂପ ଭାବପ୍ଲାବନ ସୃଷ୍ଟି କରିଛି ଏବଂ ପବନର ପ୍ରବାହ ଭିତରେ ଥିବା ବ୍ୟାପ୍ତି ଜନିତ ଉଦାରତା ମୁନି ମନକୁ ବିଶ୍ୱଜନୀନ ଭାବରେ ଭାବିତ କରିଛି । ଆର୍ଯ୍ୟ ଋଷି ଏକାନ୍ତ ଭାବରେ ଇଚ୍ଛା କରିଛନ୍ତି ଯେ ପରିବେଶ ମଧୁସିକ୍ତ ହେଉ, ଜୀବନରେ ମଧୁରତାର ସଞ୍ଚରଣ ଘଟୁ, ବିଶ୍ୱଜୀବନ ଦିବ୍ୟ ଆନନ୍ଦରେ ଶିହରି ଉଠୁ । ଏହି ଭାବନା ଭାରତୀୟ ସଂସ୍କୃତିକୁ ସ୍ୱତନ୍ତ୍ର ମର୍ଯ୍ୟାଦା ଦେଇଛି । ବୈଦିକ ସାହିତ୍ୟରେ ଉଲ୍ଲେଖଅଛି -

ମଧୁବାତା ରତାୟତେ ମଧୁ କ୍ଷରନ୍ତି ସିନ୍ଧବଃ
ମାଧ୍ୱିର୍ନଃ ସନ୍ତ୍ୱୋଷଧି, ମଧୁନକ୍ତ ମୁତୋଷସୋ ॥
ମଧୁମତ୍ ପାର୍ଥିବଂ ରଜ ମଧୁ ଦୌରସ୍ତୁନଃ ପିତା
ମଧୁମାନ୍ନୋ ବନସ୍ପତି, ର୍ମଧୁମାନସ୍ତୁ ସୂର୍ଯ୍ୟଃ ॥

ଅର୍ଥାତ୍ ପବନ ମଧୁମୟ ହେଉ, ନଦୀମାନେ ମଧୁମୟ ଜଳ ବହନକରି ଆଣନ୍ତୁ, ଉଦ୍ଭିଦମାନେ ମଧୁମୟ ହୁଅନ୍ତୁ, ରାତି ଓ ଦିନ ସୁଖପ୍ରଦ ହୁଅନ୍ତୁ, ପଥ କଲ୍ୟାଣମୟ ହେଉ, ପିତୃସ୍ୱରୂପ ଆକାଶ ମଙ୍ଗଳମୟ ହେଉ, ତରୁଲତାମାନେ ମଧୁମୟ ହୁଅନ୍ତୁ, ସୂର୍ଯ୍ୟ କଲ୍ୟାଣମୟ ହୁଅନ୍ତୁ ।

ଋଷିମାନଙ୍କ ପରି କବିମାନଙ୍କର ଅନୁଚିନ୍ତା ମଧ୍ୟ ବିଶ୍ୱକଲ୍ୟାଣ ନିମନ୍ତେ ଅଭିପ୍ରେତ । କବି ହେଉଛନ୍ତି ଦ୍ୱିତୀୟ ବ୍ରହ୍ମା ଓ କାର୍ଯ୍ୟ ତାଙ୍କର ଜନ ମାନସରେ ସଚେତନତା ସୃଷ୍ଟି ପୂର୍ବକ ମାନବ ଜାତିର ସେବା । ଦେଶ କାଳ କବି ଚେତନାକୁ ବାନ୍ଧି ରଖିପାରେ ନାହିଁ । ଚେତନାରେ ସେ ମୁକ୍ତ ଓ ପରିବ୍ୟାପ୍ତ । ପରିବେଶ କବି ଚେତନାକୁ ବହୁ ଭାବରେ କାଳେ କାଳେ ଉଦ୍‌ବୁଦ୍ଧ କରିଛି । କେତେବେଳେ ଗୁରୁ ଭାବରେ ଦୂରରୁ ଭୀତ କରିଛି ତ ଆଉ କେତେବେଳେ ସଖି ପ୍ରାୟ ମୃଦୁ ହସି ପ୍ରୀତିପ୍ରବଣ ଭାବତରଙ୍ଗ ସୃଷ୍ଟି କରିଛି । ବାଲ୍ମୀକି, ବ୍ୟାସ ପ୍ରଭୃତି ଭାରତୀୟ ମହାକବିଙ୍କ ଲେଖନୀକୁ ପ୍ରାକୃତିକ ପରିବେଶ ଯେ କେତେ ଭାବରେ ପ୍ରଭାବିତ କରିଛି ତାହା ସ୍ୱତନ୍ତ୍ର ଭାବରେ ଅନୁଧାନର ବିଷୟ । ଇତିହାସ ପୃଷ୍ଠାରୁ ସୁବର୍ଣ୍ଣ ଯୁଗ ନାମରେ ନାମିତ ହୋଇଥିବା ଗୁପ୍ତ ଯୁଗ ଆଖିରେ ପଡ଼ିବା ସଙ୍ଗେ ସଙ୍ଗେ 'ପୁରା କବିନାଂ ଗଣନା ପ୍ରସଙ୍ଗେ' କବିଗୁରୁ କାଳିଦାସଙ୍କ କୃତିତ୍ୱ ସ୍ମରଣକୁ ଆସେ । କାଳିଦାସଙ୍କୁ ପ୍ରାକୃତିକ ପରିବେଶର ଚିତ୍ରପଟ ଯେତିକି ମୁଗ୍ଧ କରିଛି ପରିବେଶର ଅନ୍ତରାଳରେ ଥିବା ବ୍ୟକ୍ତିତ୍ୱ ସେତିକି ଅଭିଭୂତ କରିଛି । 'ଋତୁ ସଂହାର'ରେ

ଋତୁ ସବୁ ନିର୍ଦ୍ଦିଷ୍ଟ ସମୟର ଚିତ୍ରପଟ ନୁହନ୍ତି, ବରଂ ପରିଚ୍ଛନ୍ନ ବ୍ୟକ୍ତିତ୍ୱ ସହ ପ୍ରକଟିତ ହୋଇଛନ୍ତି । ବର୍ଷାଋତୁ କବି ଦୃଷ୍ଟିକୁ ଏପରି ପ୍ରଭାବିତ କରିଛି ଯେ କବି ଲେଖନୀ ବର୍ଷାକୁ ରାଜାପରି ଚିତ୍ରଣ କରିଛି । ଜଳ ବିନ୍ଦୁ ପୂର୍ଣ୍ଣ ମେଘକୁ କବି ରାଜାଙ୍କର ହାତୀ ବୋଲି ବର୍ଣ୍ଣନା କରିଛନ୍ତି । ପୁନଶ୍ଚ ମେଘଗଣ ଘଡ଼ଘଡ଼ି ରୂପକ ବାଜା ବଜାଇ ବିଜୁଳି ରୂପକ ଗୁଣ ଲାଗିଥିବା ଇନ୍ଦ୍ରଧନୁକୁ ଧାରଣ କରି ଜଳଧାରା ରୂପ ଶରରାଶି ବର୍ଷଣ କରି ପ୍ରବାସୀଙ୍କୁ ଆତୁର କରନ୍ତି ବୋଲି କବି ଉଲ୍ଲେଖ କରିଛନ୍ତି । ବସନ୍ତ ବର୍ଣ୍ଣନାର ଅବକାଶରେ କବି ବସନ୍ତ ଋତୁକୁ ଯୋଦ୍ଧା ରୂପରେ ସଜାଇ ଦେଇଛନ୍ତି । ଆମ୍ର ବଉଳର ଶରଧରି ସୁରତି ପ୍ରିୟ ଲୋକମାନଙ୍କ ମନକୁ ଭେଦ କରିବାକୁ ବସନ୍ତ ଋତୁ ଉପଗତ ହୋଇଛି ବୋଲି ସେ ଉଲ୍ଲେଖ କରିଛନ୍ତି । ପୁନଶ୍ଚ "ଅଭିଜ୍ଞାନ ଶାକୁନ୍ତଳମ୍" ନାଟକରେ ପ୍ରାକୃତିକ ପରିବେଶର ପ୍ରଭାବଶାଳୀ ଚିତ୍ର ଚିତ୍ରିତ ହୋଇଛି । ରାଜା ଦୁଷ୍ୟନ୍ତଙ୍କୁ ମାଳିନୀ ନଦୀ ତଟସ୍ଥ କଣ୍ୱ ମୁନିଙ୍କ ଆଶ୍ରମର ଲଳିତ ଶୋଭା ବିମୁଗ୍ଧ କରିଛି । ଆଶ୍ରମର ଫୁଲ-କୁଞ୍ଜ, ମନରେ ତାଙ୍କର ସୃଷ୍ଟି କରିଛି ଅପୂର୍ବ ଆନନ୍ଦର ତରଙ୍ଗମାଳା ।

ରାଜା ଭୁଲିଯାଇଛନ୍ତି ନିଜର ଅସ୍ମିତାକୁ । କଣ୍ୱ ମୁନିଙ୍କ ପାଳିତା କନ୍ୟା ଶକୁନ୍ତଳା ସହ ପ୍ରଣୟ ସୂତ୍ରରେ ଆବଦ୍ଧ ହୋଇଛନ୍ତି ରାଜା ଦୁଷ୍ୟନ୍ତ । ପରିବେଶ ଆନନ୍ଦରେ ଯେପରି ଦୁଷ୍ୟନ୍ତଙ୍କୁ ସ୍ୱାଗତ କରିଛି, ଆତ୍ମୀୟତାରେ ସେପରି ପତି ଗୃହଗାମିନୀ ଶକୁନ୍ତଳାଙ୍କ ଦୁଃଖରେ ମର୍ମାହତ ହୋଇଛି । ଲତା କୁଞ୍ଜରୁ ଅଶ୍ରୁ ଛଳରେ ଶୁଖିଲା ପତ୍ର ଝଡ଼ିପଡ଼ିଛି । ଭାବାବେଗର ମୂଲ୍ୟ ବୁଝିବାକୁ ପରିବେଶର ଯେ ସାମର୍ଥ୍ୟ ରହିଛି, ଏକଥା କବି କାଳିଦାସ ମୁକ୍ତ କଣ୍ଠରେ ସ୍ୱୀକାର କରିଛନ୍ତି । ରଘୁବଂଶ କାବ୍ୟରେ ନିର୍ବାସିତା ସୀତାଙ୍କ ଦୁଃଖରେ ପରିବେଶ ସମବେଦନା ପ୍ରକାଶ କରିଛି । ବନରେ ମୟୂରମାନେ ନୃତ୍ୟ ତ୍ୟାଗ କରିଛନ୍ତି, ହରିଣମାନଙ୍କ ମୁଖରୁ ତୃଣ ଖସିପଡ଼ିଛି । କବିଙ୍କ ଭାଷାରେ -

'ନୃତ୍ୟଂ ମୟୂରାଃ କୁସୁମାନି ବୃକ୍ଷାଃ
ଦର୍ଭାନୁପାତ୍ତାନ୍ ବିଜହୁର୍ହରିଣ୍ୟଃ ।
ତସ୍ୟା ପ୍ରପନ୍ନେ ସମଦୁଃଖ ଭାବ
ମତ୍ୟନ୍ତ ମାସୀଦ୍ ରୁଦିତଂ ବନେଽପି ।'

କି ପ୍ରାଣସ୍ପର୍ଶୀ ସେ ଦୃଶ୍ୟସଜ୍ଜା, କି ହୃଦୟଗ୍ରାହୀ ସେ ପରିବେଶର ପ୍ରତିକ୍ରିୟା । ସେ ତ ବଚନର ବିଷୟ ନୁହେଁ, ହୃଦୟର ଅନୁଭବ ମାତ୍ର ।

ପରିବେଶ ପ୍ରେମୀ ଅନ୍ୟାନ୍ୟ ବହୁ କବିଙ୍କ ଭିତରେ ମୈଥିଳୀ କୋକିଳ କବି ବିଦ୍ୟାପତିଙ୍କ ନାମ ସ୍ମରଣକୁ ଆସେ । ସେ ବୃନ୍ଦାବନର ମଧୁର ବାସନ୍ତୀ ପରିବେଶକୁ ସ୍ୱରଚିତ ପଦାବଳୀରେ ଲିପିମାଳାରେ ଚିତ୍ରଣ କରିବା ସଙ୍ଗେ ସଙ୍ଗେ ସେହି ପରିବେଶ ଯେ ରାସରସିକ ଶ୍ରୀକୃଷ୍ଣଙ୍କ ମନରେ ଭାବାନ୍ତର ଆଣିଛି, ଏହା ଉଲ୍ଲେଖ କରିଛନ୍ତି । ନୂଆ ପତ୍ର, ନୂଆ ଫୁଲ ଶ୍ରୀକୃଷ୍ଣଙ୍କୁ ନୂଆ ପ୍ରେମରେ ବିଭୋର କରିଛି -

ବିହର ନବଲ କିଶୋର
କାଳିନ୍ଦୀ-ପୁଲିନ-କୁଞ୍ଜବନ-ଶୋଭନ
ନବ ନବ ପ୍ରେମ ବିଭୋର ।

ଓଡ଼ିଆ ସାହିତ୍ୟରେ ପ୍ରାକୃତିକ ପରିବେଶର ସାର୍ଥକ ରୂପାୟନ କେତେକ କବିଙ୍କ ଲେଖନୀରେ ସଙ୍ଗଠିତ । ସଜ ଫୁଟା ଫୁଲ କୁଞ୍ଜ, ଜହ୍ନ ରାତି, ମୃଦୁମନ୍ଦ ପବନ ପ୍ରବାହ ନାୟକ ନାୟିକାଙ୍କ ମନରେ ଭାବାନ୍ତର ଆଣିବା ନିମନ୍ତେ ଉଦ୍ଦୀପନ ବିଭାବ ରୂପେ ପରମ୍ପରାକ୍ରମେ ଗୃହୀତ ହୋଇଛି । ଦୀନକୃଷ୍ଣଙ୍କ ଲେଖନୀରେ ପ୍ରାକୃତିକ ପରିବେଶର ମନମୋହିନୀ ମାଧୁରିମା ଚିତ୍ରିତ ହେବା ସାଙ୍ଗେ ସାଙ୍ଗେ ଏହାର କ୍ରିୟାଶୀଳତା ମଧ୍ୟ ପ୍ରକଟିତ ହୋଇଛି । "ରସକଲ୍ଲୋଳ" କାବ୍ୟରେ ଏହି ଅନୁଚିନ୍ତାର ଅନୁପମ ଆଲେଖ୍ୟ ଅଙ୍କିତ ହୋଇଛି । ବୃନ୍ଦାବନର କଳା ଲଳିତ ପରିବେଶ ରାସଲୀଳାରତ କୃଷ୍ଣ ଗୋପୀଙ୍କ ପ୍ରତି କିପରି ମନୋଭାବ ପୋଷଣ କରିଛି ତା'ର ଚିତ୍ର ଦେବାକୁ ଯାଇ କବି କହିଛନ୍ତି -

କେଉଁ ଲତାରୁ ଫୁଲ ପାଖୁଡ଼ା ଖସେ
କୁସୁମ ବରଷିଲା ପରାୟେ ଦିଶେ ।
କୁସୁମିତ ବଲ୍ଲରୀ ପବନେ ଚଳେ
କିଶୋର କିଶୋରୀଙ୍କୁ ଚାମର ଢାଳେ ।

ଆଧୁନିକ ଓଡ଼ିଆ ସାହିତ୍ୟର ସ୍ରଷ୍ଟାମାନେ ପରିବେଶରେ ବ୍ୟକ୍ତିତ୍ୱ ଆରୋପ କରିବା ଦିଗରେ ସିଦ୍ଧହସ୍ତତା ଅର୍ଜନ କରିଛନ୍ତି । କବିବର ରାଧାନାଥ ପ୍ରକୃତିକୁ ପ୍ରାଣବନ୍ତ କରିବା ନିମନ୍ତେ ଯଥେଷ୍ଟ ପ୍ରୟାସୀ । ତାଙ୍କପାଇଁ ପରିବେଶ ହୋଇଛି କେତେବେଳେ ରୁଦ୍ର ଗମ୍ଭୀର ତ ଆଉ କେତେବେଳେ ସ୍ନିଗ୍ଧ ସୁନ୍ଦର । "ଚିଲିକା" ଖଣ୍ଡକାବ୍ୟରେ ଚିଲିକା ପାଇଛି କାବ୍ୟ ନାୟିକାର ସମ୍ମାନ । ପରିବେଶ ଚିତ୍ରଣ ହୋଇଛି ଏହାର ମୁଖ୍ୟ ଅବଲମ୍ବନୀୟ ଉପାଦାନ । ଅତୀତରେ ରକ୍ତବାହୁର ଆକ୍ରମଣକୁ ପ୍ରତିହତ କରିବାପାଇଁ ଚିଲିକା ଯେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିଲା ତା'ର ହୃଦୟସ୍ପର୍ଶୀ ବର୍ଣ୍ଣନା ଦେଇ କବି କହିଛନ୍ତି -

ତୋ ଇଙ୍ଗିତ ସଙ୍ଗେ ଘେନି ଊର୍ମିଥାଟ
ଦଉଡ଼ି ଆସିଲେ ନୀଳାମ୍ବୁ-ସମ୍ରାଟ ।

ପ୍ରାକୃତିକ ପରିବେଶରେ ବ୍ୟକ୍ତିତ୍ୱ ଆରୋପ ଦିଗରେ ସ୍ୱଭାବ କବି ଗଙ୍ଗାଧର ମେହେରଙ୍କର କୃତିତ୍ୱ ଅତ୍ୟନ୍ତ ଆକର୍ଷଣୀୟ । ସେ ସେଥିରେ ଦେଇଛନ୍ତି ଅସୀମ ପ୍ରାଣ ଶକ୍ତି ତଥା ବଳିଷ୍ଠ ବ୍ୟକ୍ତିତ୍ୱର ଅଶେଷ ଦୀପ୍ତି । "ତପସ୍ୱିନୀ" କାବ୍ୟରେ ନିର୍ବାସିତା ସୀତାଙ୍କ କାରୁଣ୍ୟରେ ପ୍ରକୃତି ସମବେଦନା ଜଣାଇବା ସଙ୍ଗେ ସଙ୍ଗେ ଅନ୍ୟାୟର ପ୍ରତିବାଦ ପାଇଁ ନିୟତି ସହ ଯୁଦ୍ଧ କରିବାକୁ ଆଗେଇ ଆସିଛି ।

'କରିବାକୁ ନିୟତିର ସହିତ ସମର
ତୃଣରାଜ ଖଡ୍‌ଗ କରେ ଗର୍ଜିଲା ପ୍ରଖର ।
ବାୟା ବସା ତୂଣୀରକୁ ଝାଡ଼ି ବାରବାର
ପତ୍ର କଙ୍କପତ୍ର କଲା କି ଅବା ବାହାର ।'

କବି ଚିତ୍ତର ଭାବାବେଗ କେତେ ଶାଣିତ ହୋଇପାରେ, ସୂକ୍ଷ୍ମ ହୋଇପାରେ ତା'ର ବଳିଷ୍ଠ ନମୁନା ମେହେର କବିଙ୍କର ସୃଷ୍ଟିରୁ ଦେଖିବାକୁ ମିଳେ । "ତପସ୍ୱିନୀ" କାବ୍ୟରେ ତମସାର ସୀତାଙ୍କୁ ସ୍ନେହରେ ଆଲିଙ୍ଗନ କରିବାର କାମନା, ନିଜ କୂଳରେ ଧୀର ପଦ ଚାରଣ କରିବାପାଇଁ ତାଙ୍କୁ ସାଦର ନିମନ୍ତ୍ରଣ, ଦୂରରୁ ଭାସି ଭାସି ଆସୁଥିବା ଝରା ଫୁଲଗୁଡ଼ିକୁ ସ୍ନାନବେଳେ ପାଦରେ ଠେଲି ନ ଦେବାକୁ ବିନମ୍ର ପ୍ରାର୍ଥନା ପ୍ରମାଣ କରୁଛି ଯେ ପରିବେଶ କବିଙ୍କ ଲେଖନୀରେ କେବଳ ଜୀବନ୍ତ ହୋଇନାହିଁ, ଅଧିକନ୍ତୁ ବଳିଷ୍ଠ ବ୍ୟକ୍ତିତ୍ୱ ସହ ଦୀପ୍ତିବନ୍ତ ହୋଇ ଉଠିଛି ।

"ପ୍ରଣୟବଲ୍ଲରୀ" କାବ୍ୟରେ ମଧ୍ୟ ପରିବେଶ ପ୍ରତି କବି ଚିତ୍ତର ସ୍ପର୍ଶକାତରତା ରୂପାୟିତ । ପତି ଗୃହଗାମିନୀ ଶକୁନ୍ତଳା କୁସୁମିତ ଶିଶିରସ୍ନାତ ବୃକ୍ଷଲତାଙ୍କୁ ଛୁଇଁଦେବା ବେଳେ ଯେଉଁ ଦୃଶ୍ୟ ସୃଷ୍ଟି ହୋଇଛି ତା'ର ମାର୍ମିକ ଚିତ୍ର କବି ଲେଖନୀରେ ଆତ୍ମପ୍ରକାଶିତ । ଶକୁନ୍ତଳାଙ୍କ ହାତବାଜି ଝରିପଡ଼ିଛି ପତ୍ରରୁ ଶିଶିର ବିନ୍ଦୁ, ଝଡ଼ିପଡ଼ିଛି ଫୁଲରୁ ପାଖୁଡ଼ା । କବି ଦୃଷ୍ଟିରେ କଥାଟି କେବଳ ଏତିକି ନୁହେଁ । ଶକୁନ୍ତଳାର ବିଚ୍ଛେଦଜନିତ ଦୁଃଖକୁ ହୃଦୟଭରି ଅନୁଭବ କରି ବୃକ୍ଷଲତା ଅଶ୍ରୁମୋଚନ କରିଛନ୍ତି ବୋଲି ସେ କହିଛନ୍ତି । କବିଙ୍କ ଭାଷାରେ -

ଶିଶିର ବର୍ଷଣ ଛଳେ ଅବା କେତେ
କୁସୁମ ବର୍ଷଣ ଛଳେ ।
ଶକୁନ୍ତଳା କର ପରଶ ମାତ୍ରକେ
ଲୋତକ ମୋଚନ କଲେ ।

ପଲ୍ଲୀକବି ନନ୍ଦକିଶୋର ମଧ୍ୟ ପ୍ରକୃତି ବିଶେଷତଃ ପଲ୍ଲୀ ପ୍ରକୃତିକୁ ଜୀବନ୍ୟାସ ଦେଇ ତା ସହିତ ବାର୍ତ୍ତାଳାପ କରିଛନ୍ତି, ଭାବ ବିନିମୟ କରିଛନ୍ତି । ଅଦିନ ବର୍ଷାକୁ ପଚାରିଛନ୍ତି ତା'ର ଠିକଣା, କାଉ କଣ୍ଠରେ କହିଛନ୍ତି ମନର କଥା ଆଉ ଦେଇଛନ୍ତି ହୃଦୟର ବାର୍ତ୍ତା ।

ପ୍ରାକୃତିକ ପରିବେଶର ଯଥାଯଥ ରୂପ ଚିତ୍ରଣରେ ମଧୁସୂଦନ ରାଓଙ୍କର ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ । ତାଙ୍କ "ସୀତା ବନବାସ" କବିତାରେ ନିର୍ବାସିତା ସୀତାଙ୍କ ଦୁଃଖରେ ଅଭିଭୂତ ହୋଇ ଗଙ୍ଗା ଶୀତଳ ପବନ ପଠାଇଛନ୍ତି, ମୟୂରମାନେ ନୃତ୍ୟ ଭୁଲି ସ୍ଥିର ହୋଇଛନ୍ତି, ହରିଣମାନେ ତୃଣ ଭକ୍ଷଣ କରିନାହାନ୍ତି । ଗଛରୁ ପତ୍ର କେତେ ଝଡ଼ିପଡ଼ିଛି, ଫୁଲସବୁ ବୃକ୍ଷଲତାରୁ ଝଡ଼ି ତଳେ ପଡ଼ିଛନ୍ତି ।

ଦେବୀଙ୍କ ଦୁଃଖେ ବନସ୍ଥଳୀ କାତର
କାନ୍ଦିଲା ବହୁ ପ୍ରତିଧ୍ୱନି ଛଳର ।
ତେଜିଲେ ନୃତ୍ୟ ବର୍ହିକୁଳ ବିକଳ
ହରିଣୀଏ ଛାଡ଼ିଲେ ତୃଣ କବଳ ।

ଏହି ପ୍ରସଙ୍ଗରେ ଘଟଣାଗତ ବାସ୍ତବତା ଥାଉ କି ନଥାଉ କବି ଚିତ୍ତର ସ୍ପର୍ଶକାତରତା ଯେ ରୂପ ପାଇଛି ଏଥିରେ ସନ୍ଦେହ ନାହିଁ । ତାଙ୍କର "ପଦ୍ମ" କବିତାରେ ସେ ପଦ୍ମଫୁଲକୁ ଗୁରୁ ଭାବରେ ବରଣ କରିଛନ୍ତି । ଢଳଢଳ ସୁନ୍ଦର ପଦ୍ମଫୁଲଟି କେବଳ ରୂପର ସୌନ୍ଦର୍ଯ୍ୟରେ ତାଙ୍କୁ ମୁଗ୍ଧ କରିନାହିଁ, ସୁଗୁଣରେ ମଧ୍ୟ ଅଭିଭୂତ କରିଛି । କେତେ ଆଶା ଓ ଆଶ୍ୱାସନାର ଉତ୍ସ ହୋଇଛି ପଦ୍ମଫୁଲ କବିଙ୍କପାଇଁ ।
କବି ଗାଇଉଠିଛନ୍ତି -

କଳୁଷ ପଙ୍କେ ମୁହିଁ କେଡ଼େ ମଳିନ
କେମନ୍ତେ ସରି ତୋର ହେବି ନଳିନ ।
ପଙ୍କଜ ଅଟୁ ତୁହି ତେଣୁ ଭରସା
ତୋ ପରି ଶୁଭ୍ର ହେବି ଲଭି ସୁଦଶା ।

ଆଧୁନିକ ଓଡ଼ିଆ ସାହିତ୍ୟର ଆହୁରି ବହୁ ସାଧକଙ୍କୁ ପରିବେଶ ବହୁ ଭାବରେ ପ୍ରଭାବିତ ରହିଛି । ନୀଳକଣ୍ଠଙ୍କୁ ବାତ୍ୟା ବିକ୍ଷୁବ୍ଧ କୁମାର ପୂର୍ଣ୍ଣିମାର ପରିବେଶ ଦେଶ ଓ ଜାତି ସମ୍ପର୍କରେ କେତେ ଐତିହାସିକ ସ୍ମୃତିକୁ ସ୍ମରଣ କରାଇଦେଇଛି । ଚନ୍ଦ୍ରିକା ଚର୍ଚ୍ଚିତ ରାତ୍ରିର ପରିବେଶ କବି ମାୟାଧର ମାନସିଂହଙ୍କୁ ଉତ୍କଳର ଅତୀତ ଗୌରବ ଗାନରେ ଶତମୁଖ କରାଇଛି । ଅତ୍ୟାଧୁନିକ ସମୟରେ ବହୁ କବିଙ୍କୁ ପରିବେଶ ଯେପରି ବିଭିନ୍ନ ଭାବରେ ପ୍ରଭାବିତ କରିଛି, ତାହା ସ୍ୱତନ୍ତ୍ର ଆଲୋଚନାର ଅପେକ୍ଷା ରଖେ । ତେବେ, ଏ କଥା ସର୍ବବାଦୀ ସମ୍ମତ ଯେ ପ୍ରାକୃତିକ ପରିବେଶ ଯୁଗେ ଯୁଗେ କବି ଚିତ୍ତରେ ସ୍ୱତନ୍ତ୍ର ଆସନ ପ୍ରତିଷ୍ଠା କରିଆସିଛି । ପ୍ରାକୃତିକ ପରିବେଶ ହେଉଛି ସ୍ୱୟଂପୁଷ୍ଟ, ସ୍ୱୟଂ ସଂଗଠିତ, "ସର୍ବେ ଭବନ୍ତୁ ସୁଖୀନଃ" ହେଉଛି ତା'ର ହୃଦୟର ବାର୍ତ୍ତା । ଆଜି ପରିବେଶର ସୁରକ୍ଷାପାଇଁ ଅଭିଯାନ ସର୍ବାଦୌ ଅଭିନନ୍ଦନୀୟ । ସମଗ୍ର ମାନବ ଜାତିର ସ୍ଥିତି ଓ ସମୃଦ୍ଧି ନିମନ୍ତେ ଏହାର ସୁରକ୍ଷା ଏକାନ୍ତ ଆବଶ୍ୟକ, ଏଥିରେ ସନ୍ଦେହ ନାହିଁ ।

□□

ଦୋଷ କେଉଁଠି ?

ଗଣ ମାଧ୍ୟମରେ ପ୍ରତିଦିନ ଯେତେ ସମ୍ବାଦ ପ୍ରକାଶିତ, ପ୍ରଚାରିତ ଓ ପ୍ରସାରିତ ହୁଏ, ତହିଁର ବହୁଳାଂଶ ଅପରାଧ ଭିତ୍ତିକ । ଦେଶର ବଡ଼ ବଡ଼ ନେତୃସ୍ଥାନୀୟ ବ୍ୟକ୍ତିଗଣ ଏଥିରୁ ବାଦ୍ ପଡ଼ନ୍ତି ନାହିଁ । କେତେବେଳେ ଲାଞ୍ଚ ମାମଲାରେ ତ ଆଉ କେତେବେଳେ ଦୁର୍ନୀତି ମାମଲାରେ ଦୋଷୀ ସାବ୍ୟସ୍ତ ହୋଇ କାରାଦଣ୍ଡାଦେଶ ଲାଭ କରନ୍ତି । ଅଭିଯୁକ୍ତ ଆସାମୀମାନଙ୍କର ମନରେ ଦୁଃଖ ନ ଥାଏ କି ମୁହଁରେ ଅବସାଦର ଚିହ୍ନ ନଥାଏ । ଏସବୁ ସେମାନଙ୍କ ପାଇଁ ଆଭୂଷଣ ପ୍ରାୟ ମୂଲ୍ୟବାନ, ପାରିବାର ପଣିଆ, ବୁଦ୍ଧିମତ୍ତାର ପ୍ରମାଣପତ୍ର । ସଂପ୍ରତି ଯିଏ ଯେତେ ଦୁର୍ନୀତିଗ୍ରସ୍ତ ସେ ସେତେ ବୁଦ୍ଧିମାନ, ସେ ସେତେ ବଳିଷ୍ଠ ବ୍ୟକ୍ତିତ୍ୱର ଅଧିକାରୀ । ଯେନତେନ ପ୍ରକାରଣେ ଧନୀ ହେବା ଦରକାର । ଦୁର୍ନୀତି ଏବେ ନୀତିର ପର୍ଯ୍ୟାୟଭୁକ୍ତ । ଅସଲ ନୀତି ଦୂରକୁ-ଦୂରକୁ ଅପସରି ଯାଇ କେଉଁଠି ଆତ୍ମଗୋପନ କରିଛି ଯେ ତାକୁ ଠାବ କରିବା ଏକ ପ୍ରକାର ଅସମ୍ଭବ । ଯଦି କିଏ ନୀତିରେ ଚଳିଲା ତେବେ ତା'ର ନାମ ଦୁର୍ବଳ ଲୋକଙ୍କର ତାଲିକାଭୁକ୍ତ ହେଉଛି । ନୀତି କଥା କହୁଥିବା ଯୁବକଟି ପୁରୁଣା କାଳିଆ ବୃଦ୍ଧରେ ଗଣା ହେଉଛି ।

ସମସ୍ୟାଟି ଏହିପରି ଯେ ତଥାକଥିତ ପ୍ରତିଷ୍ଠିତ ବ୍ୟକ୍ତିଗଣ ଯଦି ଏପରି ଅସାମାଜିକତାକୁ ଗଳାହାର କରନ୍ତି ଓ ତଦ୍‌ଜନିତ ସମ୍ବାଦ ପରିବେଷଣରେ ନିଜକୁ ଗୌରବାନ୍ୱିତ ମନେ କରନ୍ତି ତେବେ ସାଧାରଣ ଲୋକେ କାହାକୁ ଚାହିଁ ବାଟ ଚାଲିବେ ? ସମାଜ ଜୀବନର ସୁସ୍ଥତା ପାଇଁ ଆବଶ୍ୟକ ଏକ ଆଦର୍ଶ ଓ ଲକ୍ଷ୍ୟ । ଯଦି କିଛି ଆଦର୍ଶ ନ ରହିବ, ତେବେ ଜନ ସାଧାରଣ ଉଦ୍‌ଭ୍ରାନ୍ତ ନ ହୋଇ ଆଉ ହେବେ କଅଣ ? କଥା ପ୍ରସଙ୍ଗରେ ସେଦିନ ଜଣେ ଭଦ୍ରଲୋକ କହୁଥିଲେ "ଆଜ୍ଞା, ହିଂସ୍ରତା ଓ ବ୍ୟଭିଚାର ଏ ଦୁଇଟି ଗୋଟିଏ ମୁଦ୍ରାର ଦୁଇପାଖ ପରି ଓତପ୍ରୋତ ଭାବରେ ଜଡ଼ିତ । ଯେଉଁଠି କାମବାସନା ପ୍ରବଳ, ସେଇଠି ହିଂସତା ପ୍ରବଳ । ଗୀତାରେ ପରା କୁହାଯାଇଛି 'କାମାତ୍ କ୍ରୋଧ ଉତ୍ପନ୍ନ' । ସେ କାମନା ଶାରୀରିକ, ପ୍ରାଣିକ ବା ମାନସିକ ହୋଇପାରେ ।"

ଅତୀତରେ କାମନା ଥିଲା ଓ ତା'ର ପରିପୂର୍ତ୍ତି ନିମନ୍ତେ କିଛି ନୀତି ନିୟମ ଥିଲା । ଏବେ କିଛି ନୀତି ନିୟମ ନ ଥିବାରୁ କାମନାର ଅଗ୍ନି ଅଧିକ ଜଳୁଛି ଓ ଚତୁର୍ଦ୍ଦିଗକୁ ଜ୍ୱାଳି ଦେଉଛି । ଅବଶ୍ୟ ପାଠକେ କହିବେ ପୂର୍ବ ଅପେକ୍ଷା ତ ଆଇନ ଅଧିକ ସଂଶୋଧିତ ଓ ପ୍ରଣୀତ ହେଉଛି, ଆଉ ନୀତିନିୟମ ନାହିଁ କଅଣ ? ଉତ୍ତରରେ କୁହାଯାଇପାରେ ଯେ ଆଇନ କାନୁନରୁ ଖସିବାକୁ ବରଂ ବେଶି ବେଶି ବାଟ ଖୋଜା ହେଉଛି । ପ୍ରକୃତରେ ନୀତିନିୟମର ସୃଷ୍ଟି ହୁଏ ଅନ୍ତର ଶିକ୍ଷାରୁ । ଭିତରୁ ନୀତି ପାଇଁ ଆନ୍ତରିକତା ନ ଆସିଲେ ଆଇନକାନୁନ୍ ବଳରେ ବିଶେଷ କିଛି ଉପକାର ହୁଏ ନାହିଁ । ଏକଥା କ'ଣ ଜ୍ଞାନୀ ଲୋକମାନେ ବୁଝିପାରୁ ନାହାନ୍ତି ? ବୁଝିଛନ୍ତି କିନ୍ତୁ ତାହାକୁ କାର୍ଯ୍ୟକାରୀ କରିପାରୁ ନାହାନ୍ତି । ଏହା ହୋଇପାରେ ଯେ ବୁଝିବା ଲୋକଙ୍କର ସଂଖ୍ୟା କମ୍ ଓ ନ ବୁଝିବା ଲୋକଙ୍କର ସଂଖ୍ୟା ଅଧିକ । ତେଣୁ ମୂଢ଼ ସଭାରେ ମୂକ ଯଥା ଧାର୍ମିକ ନ୍ୟାୟରେ ସେମାନେ ନୀରବ ରହୁଛନ୍ତି । ମୋର କହିବା କଥା ଯେ ବୁଝିବା ଲୋକଙ୍କର ସଂଖ୍ୟା ବଢ଼ିବା ଏକାନ୍ତ ଜରୁରୀ । ଆଇନକାନୁନ୍ ରହୁ, ମାତ୍ର ଅପରାଧ ପ୍ରବଣତା ମଣିଷ ମନରୁ ନ କମିଲା ପର୍ଯ୍ୟନ୍ତ ସମାଜ ସୁସ୍ଥ ହେବ ନାହିଁ, ପୂର୍ଣ୍ଣ ବିକଶିତ ହେବ ନାହିଁ । ନୈତିକତାର ଭୟ ହିଁ ପ୍ରକୃତ ଭୟ ।

ସେଥିରେ ସମାଜ ଯେତେ ସୁସ୍ଥ ହୁଅନ୍ତା, ଆଇନକାନୁନ୍ ଦ୍ୱାରା ସେତେ ସୁସ୍ଥ ହୋଇପାରୁନାହିଁ । ମଣିଷ ମନର ପରିବର୍ତ୍ତନ ନ ହେଲେ ସମାଜର ପରିବର୍ତ୍ତନ ହେବ ନାହିଁ । ଉଦାହରଣସ୍ୱରୂପ ଗୋଟିଏ କଥା କୁହାଯାଇପାରେ ଯେ ନାରୀ ନିର୍ଯ୍ୟାତନା ରୋକିବା ପାଇଁ ଓ ଯୌତୁକ ନେବା ଦେବାକୁ ରୋକିବା ପାଇଁ ଆଇନ୍ ବଳରେ ସମାଜ ଯେତିକି ସୁସ୍ଥ ହୋଇଛି ଏଥିସହିତ ଯଦି ଶିକ୍ଷାନୀତିରେ ଏହାକୁ ମାନବିକତା ଦିଗରୁ ବିଚାର କରାଯାଇ ସାମିଲ କରାଯାଇଥାଆନ୍ତା ତେବେ ସମାଜ ଅଧିକ ସୁସ୍ଥ ହୋଇଥାନ୍ତା । ଭୟରୁ ଆସୁଥିବା ଭକ୍ତି ଯେପରି ସ୍ଥାୟୀ ନୁହେଁ, ଆଇନ୍ ଡରରେ ମଣିଷର ଚୁପ୍‌ଚାପ୍ ଭାବ ସେପରି ସ୍ଥାୟୀ ନୁହେଁ । ଭିତରୁ ରୋଗଜୀବାଣୁ ନ ମଲା ଯାଏ ବାହାର ମଲମ ଲଗାଇ ରୋଗ ଚାପିଦେଲେ ବିଶେଷ କିଛି ଲାଭ ହୁଏ ନାହିଁ । ଟିକିଏ ସୁବିଧା ପାଇଲେ ସେ ରୋଗ ପୁଣି ଫୁଟି ବାହାରେ ।

ଅଧିକ ଆଲୋଚନା କରିବାକୁ ମୁଁ ବସିନାହିଁ । ଗୋଟିଏ କଥା କହିବାର ଅଛି ଯେ ଗୋଟିଏ ପିଢି ଉପଯୁକ୍ତ ଭାବରେ ଶିକ୍ଷିତ ତଥା ସଚେତନ ହେଲେ ତାକୁ ଆଦର୍ଶ କରି ହୁଏତ ପରବର୍ତ୍ତୀ ପିଢ଼ି ଆଗେଇ ଯିବେ । ସ୍ୱାଧୀନତାର ଏତେ ବର୍ଷ ପରେ ମଧ୍ୟ ଏତିକି ସମ୍ଭବ ହୋଇପାରିନାହିଁ, ଏହା ଅତ୍ୟନ୍ତ ପରିତାପର ବିଷୟ । ଏଥିପାଇଁ ପ୍ରସ୍ତୁତି, ନିଷ୍ଠା, ଆନ୍ତରିକତା, ଏକାଗ୍ରତା ଆବଶ୍ୟକ । ମୋ ବିଚାରରେ ଯାହା ବଳରେ ଗୋଟିଏ ସଚେତନ ପିଢ଼ି ଗଢ଼ା ହେବ ତାହା ହେଲା ଏହିପରି ।

୧. ପାରିବାରିକ ଶିକ୍ଷା
୨. ଆନୁଷ୍ଠାନିକ ଶିକ୍ଷା
୩. କର୍ମାଭିମୁଖୀ ଶିକ୍ଷା
୪. ଗଣମାଧ୍ୟମର ଶିକ୍ଷା
୫. ପାରସ୍ପରିକ ଆଲୋଚନା ।

ପାରିବାରିକ ଶିକ୍ଷା କହିଲେ ଏକଥା ଆଦୌ ବୁଝାଏ ନାହିଁ ଯେ ବାପାମାଆ ଅତିକମ୍‌ରେ ବି.ଏ ବା ଏମ୍.ଏ ପଢ଼ିଥିବେ । ପଢ଼ିଥିଲେ ଭଲ । ପଢ଼ନ୍ତୁ ବା ନ ପଢ଼ନ୍ତୁ ସେମାନଙ୍କର ମନ ଟିକିଏ ପ୍ରଶସ୍ତ ହୋଇଥିବା ଦରକାର । ନୀଚ ମନର ବାପାମାଆଙ୍କଠାରୁ ଉଚ୍ଚମନର ଓ ଉଚ୍ଚମାନର ପିଲାଟିଏ ଯଦି ସମାଜ ଆଶାକରେ ତେବେ ସେ ହତାଶ ହେବ ନାହିଁ କି ? ପିଲାଟି ଭିତରେ 'ମୁଁ' 'ମୁଁ' ଭାବ ଯେ ବଢ଼ିବ, ଏଥିରେ ଅସ୍ୱାଭାବିକତା କାହିଁ ? ଉଦାହରଣଟିଏ ଦେଲେ କଥାଟି ଟିକିଏ ସ୍ପଷ୍ଟ ହେବ । ମାଆଟିଏ ତା' ପିଲାଟି ପାଇଁ ବ୍ୟସ୍ତ ଅଥଚ ପରିବାରରେ ଥିବା ଅନ୍ୟ ସଦସ୍ୟମାନେ ପିଲାଟି ପାଇଁ ଏହା ଦ୍ୱାରା କାହାର କିଛି ଲାଭ ହୁଏ ନାହିଁ । ଆଉ ଗୋଟିଏ ଉଦାହରଣ ଦିଆଯାଇପାରେ । ନିଜ ପିଲାପାଇଁ ବ୍ୟସ୍ତତା ଥିବ ଅଥଚ ଦାଣ୍ଡରେ ନିଜପିଲା ବୟସର ଅନ୍ୟ ପିଲାଟିଏ ଝୁଣ୍ଟି ପଡ଼ି କାନ୍ଦିଲେ ତୁଣ୍ଡରେ ଆହାପଦ ନଥିବ ତେବେ ସେ ମାଆ ଠିକ୍ ଅର୍ଥରେ ମାଆ ନୁହେଁ । ତା'ଠାରୁ ଜନ୍ମ ନେଇଥିବା ପିଲାଟି ଦରଦୀ, ସହାନୁଭୂତିଶୀଳ ହେବ କିପରି ? ବାପା ଅଫିସ୍ ଚାକିରି ମାଧ୍ୟମରେ ଦେଶକୁ ଖୋଳ କରିବାରେ ବ୍ୟସ୍ତ, ସେହି ଖୋଳ ଧନରେ ପିଲାଙ୍କର ଖାଇବା ପିନ୍ଧିବା ଚଳେ, ସେ ପିଲାଟି ଦେଶପ୍ରେମୀ, ସଚ୍ଚୋଟ ହେବ ବୋଲି ଆଶା କରିବା ବୃଥା ନୁହେଁ କି ? ବାପା ନୁହେଁ କି ମାଆ ନୁହେଁ କାହାରି ଭିତରେ ବିଶ୍ୱ ତ ଦୂରର କଥା, ନିଜ ଦେଶ ପାଇଁ, ଜାତି ପାଇଁ, ସଂସ୍କୃତି ପାଇଁ ଟିକିଏ ଆନ୍ତରିକତା ନାହିଁ, ଅଛି କେବଳ ପୁଲାଏ ଅହଂ, ଏଥିରୁ ଜନ୍ମିତ ଏବଂ ଏହି ପରିବେଶରେ ଲାଳିତ ପାଳିତ ପିଲାଟିଏ ଉଦାର ଚେତା, ପ୍ରଶସ୍ତମନା, ପ୍ରକୃତ ଅର୍ଥରେ ସଂସ୍କୃତି ସଂପନ୍ନ ହେବା ସମ୍ଭବ କି ? ଅହଂରୁ ଯାହାର ଜନ୍ମ ଓ ଲାଳନ ପାଳନ ସେ ମୂର୍ତ୍ତିମନ୍ତ ଅହଂକାର ନ ହୋଇ ଆଉ କ'ଣ ବା ହେବ ? ଅବଶ୍ୟ ଆପଣ କହିପାରନ୍ତି ଖତଗଦାରେ କ'ଣ ପଦ୍ମ ଫୁଟେ ନାହିଁ କି ? ଉତ୍ତରରେ କୁହାଯାଇପାରେ ଯେ ଯେତେ ପଦ୍ମ ଆବଶ୍ୟକ, ଖତଗଦା ସେତେ ପଦ୍ମ ଯୋଗାଇପାରେ କି ? ଖତଗଦାର ପଦ୍ମଫୁଲ ଉପରେ ଭରସା କରି ରହିଲେ ମହତ୍ ଲକ୍ଷ୍ୟ ପୂରଣ ହୁଏ କି ? ଅତଏବ ଏତେବେଳେ ବାପମାଆ କେତେ ସଚେତନ ହେବାକୁ ପଡ଼ିବ ତାହା ବେଶି ବୁଝାଇବା ଦରକାର ନାହିଁ ।ଏପରି ସଚେତନତା ପ୍ରକୃତରେ ଦେଶସେବା ବା ଜାତିର ଯର୍ଥାର୍ଥସେବା ବୋଲି

କହିଲେ ଭୁଲ ହେବ କି ?

ଆନୁଷ୍ଠାନିକ ଶିକ୍ଷାର ପ୍ରଭାବ ଅତୁଳନୀୟ । ଅନୁଷ୍ଠାନ କହିଲେ ଛାତ୍ର, ଶିକ୍ଷକ ଓ ଶିକ୍ଷାୟତନକୁ ମୁଖ୍ୟତଃ ବୁଝାଏ । ଶିକ୍ଷକର ପ୍ରଥମ ଗୁଣ ହେଉଛି ଅହଂଶୂନ୍ୟତା । ଅହଂ ରହିଲେ ଶିକ୍ଷା କସ୍ମିନ କାଳେ ପ୍ରଭାବଶାଳୀ ହେବ ନାହିଁ । ଶବ୍ଦର ଓ ଚାଲିଚଳନର ଏକ ଭାବ ତରଙ୍ଗ ଅଛି । ଏ ଭାବ ତରଙ୍ଗ ଅହଂଦ୍ୱାରା ପ୍ରଦୂଷିତ ହେଲେ ତାହା କେବେ ସଫଳ ହେବନାହିଁ । ଶିକ୍ଷକର ଅନ୍ୟତମ ଗୁଣ ଓ ଲକ୍ଷଣ ହେଉଛି ସାମ୍ୟନୀତି । ପକ୍ଷପାତିତା ରହିଲେ ଶିକ୍ଷା ବ୍ୟବସ୍ଥା କଳଙ୍କିତ ହୁଏ ଏବଂ ଶିକ୍ଷା ନାମରେ ଅଶିକ୍ଷାର ପ୍ରେତ ନାଚ ବଢ଼ିଚାଲେ । 'ଏ ବଡ଼ଲୋକର ପିଲା', ' ଏ ଗରିବ ଘରର ପିଲା' ଏପରି ସଂକୀର୍ଣ୍ଣଭାବ ଓ ଭାବନା ଥିବା ଶିକ୍ଷକଙ୍କଦ୍ୱାରା ଶିକ୍ଷିତ ଛାତ୍ର ଯେ ପ୍ରଶସ୍ତ ହେବ, ଏ ଆଶା କରିବା ବୃଥା । ପୁନଶ୍ଚ ଶିକ୍ଷକଙ୍କ ଭିତରେ ସ୍ୱାର୍ଥର ଲାଳସା ଅର୍ଥାତ୍ ଲାଭର ଲାଳସା ନୁହେଁ, ଦେବାର ଆନନ୍ଦ ଥିବ । ନଚେତ୍ ଶିକ୍ଷା ଏକ ବେପାରରେ ପରିଣତ ହେବ । ପିଲାଟି ଠାରୁ ଧନ ଲାଭ, ନିଜର ଯଶ ଲାଭ ଓ କ୍ଷମତା ଲାଳସା ଶିକ୍ଷକତାର ବଡ଼ ଶତ୍ରୁ । ଏପରି ଲୋଭୀ ଶିକ୍ଷକଙ୍କର ଛାତ୍ର କ'ଣ ନିର୍ଲୋଭ ହେବ, ନିଃସ୍ୱାର୍ଥପର ହେବ ? ପୁନଶ୍ଚ ଶିକ୍ଷାୟତନକୁ ନିର୍ମିଳ ନ ରଖିଲେ ଶିକ୍ଷା କଳଙ୍କିତ ହୁଏ । ଶିକ୍ଷା ରୂପକ ଦେବତାଙ୍କ ପାଇଁ ମନ୍ଦିର ହେଉଛି ଶିକ୍ଷାୟତନ । ଶିକ୍ଷାୟତନର ଶୁଦ୍ଧତା ଏକାନ୍ତ ଜରୁରୀ । ରାଜନୀତି ଯଦି ଶିକ୍ଷାୟତନ ଭିତରକୁ ଧସେଇ ପଶେ ଓ ଶିକ୍ଷକ ତଥା ଛାତ୍ରଙ୍କ କାନ୍ଧରେ ସବାର ହୋଇ ସେମାନଙ୍କୁ ଚାପି ଦିଏ ତେବେ ସେହି ପରିବେଶରୁ ଶିକ୍ଷାପ୍ରାପ୍ତ ଛାତ୍ର ଅର୍ଥାତ୍ ଦେଶର ଭାବି ନାଗରିକ କଳା ଅଙ୍ଗାର ହୋଇ ବାହାରିବେ ନାହିଁକି ? ଅତଏବ ଶିକ୍ଷକଙ୍କର ଭୂମିକା ମାଆର ଭୂମିକା ପରି ଅତି ମୂଲ୍ୟବାନ । ତେଣୁ ଶିକ୍ଷକଙ୍କୁ କୁହାଯାଏ ଦ୍ୱିତୀୟ ମାଆ ଏବଂ ମାଆକୁ କୁହାଯାଏ ପ୍ରଥମ ଶିକ୍ଷକ । କେବଳ ସମ୍ବାଦ ଭିତ୍ତିକ ଶିକ୍ଷାଦାନ (Information based teaching) ରେ ଶିକ୍ଷକ ସନ୍ତୁଷ୍ଟ ରହିଲେ ସେ ଶିକ୍ଷା ଫଳପ୍ରଦ ହୁଏ ନାହିଁ କି ସେ ଶିକ୍ଷକ ସମାଜ ଗଠନ କରିପାରନ୍ତି ନାହିଁ । ଶିକ୍ଷକ ନିଜର ଆଚାର ବ୍ୟବହାରକୁ ଉନ୍ନତ ତଥା ମାର୍ଜିତ କରିବା ଉଚିତ୍, କାରଣ ଶିକ୍ଷକଟିଏ ବୋଲି ସାମାନ୍ୟ ବ୍ୟକ୍ତିଟିଏ ନୁହେଁ, ତାଙ୍କ ଦ୍ୱାରା ଜଣେ ନୁହେଁ ବହୁ ଛାତ୍ର ପ୍ରଭାବିତ ହୋଇପାରନ୍ତି । ଅତଏବ ସଚେତନ ଶିକ୍ଷକ ହେଉଛନ୍ତି ସମାଜର ଭୂଷଣ, ଏହା ମୁକ୍ତ କଣ୍ଠରେ ସ୍ୱୀକାର୍ଯ୍ୟ ।

କର୍ମାଭିମୁଖୀ ଶିକ୍ଷାର ଆବଶ୍ୟକତା ଅଧିକରୁ ଅଧିକ ରହିଛ । କେବଳ ନୈତିକ ଶିକ୍ଷା ବା ପୋଥିଗତ ଶିକ୍ଷା ଯଥେଷ୍ଟ ନୁହେଁ । କର୍ମରେ ପ୍ରଯୁକ୍ତ ହେଉଥିବା ଶିକ୍ଷା ହିଁ ଅସଲ ଶିକ୍ଷା । ଶିକ୍ଷା ଏକ ଯୌଗିକ ପ୍ରକ୍ରିୟା ଯାହାର ପ୍ରୟୋଗ କ୍ଷେତ୍ର ହେଉଛି କର୍ମ । କର୍ମରେ କୁଶଳତା ହଁ ଶିକ୍ଷାର ମହତ୍ ଲକ୍ଷ୍ୟ । କର୍ମରେ ବ୍ୟାପୃତ ନ ରହିଲେ ଶିକ୍ଷାପ୍ରାପ୍ତ ଯୁବ ସମାଜର ସମୟ ଓ ଶକ୍ତିର ଅପବ୍ୟବହାର ହେବ ହିଁ ହେବ, ଯାହା ଦେଶର ଏବେ ଘଟୁଅଛି । ଯାହା କୁହାଯାଏ ' Idle mind is the evil's workshop' ତାହା କାର୍ଯ୍ୟରେ ପରିଣତ ହେଉଛି ଓ ହେବ । ଘରେ ଖାଇ ବାହାରେ ପୁଞ୍ଜିପୁଞ୍ଜି ହୋଇ ବସି ପର ଅନିଷ୍ଟ ଚିନ୍ତାକରିବାରେ, ଯୌନ ଆବେଗ ମୂଳକ କଥାବାର୍ତ୍ତାରେ ବ୍ୟାପୃତ ରହିବାରେ, ଟିକିଏ ସୁବିଧା ପାଇଲେ ଅନ୍ୟର କ୍ଷତି କରିବାରେ ସମୟ ବିତିବ । କର୍ମ ବ୍ୟସ୍ତତା ରହିଲେ ଜୀବନରେ ଏସବୁ ପାଇଁ ସମୟ ଓ ପରିବେଶ ମିଳିବ ନାହିଁ । ଶିକ୍ଷା ଦରକାର ଓ କର୍ମ ଦରକାର । ଯେଉଁ କର୍ମ ପ୍ରତି ଯାହାର ଆଗ୍ରହ ଅଛି, ତାକୁ ପ୍ରୋତ୍ସାହନ ଓ ତାଲିମ ଦିଆଗଲେ କର୍ମାଭିମୁଖୀ ଶିକ୍ଷା ଫଳପ୍ରଦ ହୋଇପାରିବ । ଶିକ୍ଷକ ଏଥିପାଇଁ ନିଜକୁ ଅଧିକ କୁଶଳୀ କରି ଗଢ଼ିବା ଦରକାର । ରାଜନୈତିକ ସ୍ତରରେ କର୍ମାଭିମୁଖୀ ଶିକ୍ଷା ନିମନ୍ତେ ଅକପଟ ଆନ୍ତରିକତା ଲୋଡ଼ା। ଆତ୍ମପ୍ରଚାର ପାଇଁ ଯଶ ପ୍ରଶଂସା ପାଇଁ ନତୁବା ଅର୍ଥ ବାଟମାରଣା ପାଇଁ କର୍ମାଭିମୁଖୀ ଶିକ୍ଷାର ପ୍ରଚଳନ କଲେ ତାହା କଦାପି ସଫଳ ହେବ ନାହିଁ । ଅତୀତରୁ ବର୍ତ୍ତମାନ ପର୍ଯ୍ୟନ୍ତ ଏ ଦିଗରେ ବହୁ ଅନୁଭୂତି ବହୁଲୋକଙ୍କର ରହିଛି ।

ଗଣ ମାଧ୍ୟମର ଶିକ୍ଷା ସାଂପ୍ରତିକ ପରିବେଶରେ ଉଚ୍ଚାସନ ଲାଭ କରିଛି । ବେତାର, ଦୂରଦର୍ଶନ ତଥା ସମ୍ବାଦପତ୍ରର ବହୁଳ ପ୍ରସାର ଘଟିଛି । ଦେଶ ବିଦେଶର ଖବର ତତ୍କ୍ଷଣାତ୍ ଜାଣି ହେଉଛି । ପୃଥିବୀର ଦୂରତ୍ୱ

କମିଯାଇଛି ହେଲେ ଦେଶ ଦେଶ ଭିତରେ, ଜାତି ଜାତି ଭିତରେ ବ୍ୟକ୍ତି ବ୍ୟକ୍ତି ଭିତରେ ମାନସିକ ଦୂରତା କମି ନାହିଁ । ଶ୍ରୋତାଟିଏ, ଦର୍ଶକଟିଏ ବା ପାଠକଟିଏ ଗଣମାଧ୍ୟମରୁ ବିଶ୍ୱଭ୍ରାତୃତ୍ୱର ଶିକ୍ଷା ପାଉନାହିଁ, ମାନବିକତା ବିଶେଷ ଶିକ୍ଷାର ପାଉନାହିଁ । ବିଜ୍ଞାନ ଓ ପ୍ରଯୁକ୍ତି ବିଦ୍ୟାର ପ୍ରସାର ସହିତ ଯଦି ମାନବିକତାର ଶିକ୍ଷା ଦିଆଯାଆନ୍ତା ତେବେ ଜନ ସାଧାରଣଙ୍କର ଚିନ୍ତା ଓ ଚେତନା ଅପେକ୍ଷାକୃତ ମାର୍ଜିତ ଓ ଉନ୍ନତ ହୁଅନ୍ତା । ବିଶ୍ୱ ଗ୍ରାମ (Global Village) ଗଠନର ସ୍ୱପ୍ନକୁ ସାକାର କରିବା ନିମନ୍ତେ ପୃଷ୍ଠଭୂମିଟିଏ ପ୍ରସ୍ତୁତ ହୋଇପାରନ୍ତା । ବ୍ୟକ୍ତିଜୀବନ, ରାଷ୍ଟ୍ର ଜୀବନର ସମସ୍ୟାର ଉପସ୍ଥାପନା ପୂର୍ବକ ସେଗୁଡ଼ିକର ସମାଧାନ ମାନବିକତା ମାଧ୍ୟମରେ କରାଯିବାର ଦୂରଦର୍ଶନ ଯଦି ଦିଆଯାଆନ୍ତା ତା'ହେଲେ ବ୍ୟକ୍ତିଟିଏ ଉପକୃତ ହୋଇ ପାରନ୍ତା । ଏସବୁ ପରିବର୍ତ୍ତେ ଜଟିଳତାକୁ ଭିତ୍ତି କରି ପ୍ରସ୍ତୁତ ଚିତ୍ର ଓ ଗଣମାଧ୍ୟମ ମାନଙ୍କରେ ଅଧିକ ପ୍ରଦର୍ଶିତ ହେଉଛି । ସମ୍ବାଦ ପତ୍ରରେ ଏପରି ସମ୍ବାଦମାନଙ୍କୁ ଅତିରଂଜନ ପୂର୍ବକ ପ୍ରକାଶ କରାଯାଉଛି । ଫଳତଃ ଦର୍ଶକ ଓ ପାଠକ ଉଦ୍‌ଭ୍ରାନ୍ତ ହେଉଛନ୍ତି । ଲେଖକ ଓ ପ୍ରଯୋଜକ କେହି ଭାବୁ ନାହାନ୍ତି ସମାଜର ସୁରକ୍ଷା କଥା।

ବିଭିନ୍ନ ଦିଗରୁ ବଚାର କଲେ ଏପରି ଅବସ୍ଥାରେ ପିଢ଼ିଟିଏ ପ୍ରସ୍ତୁତ ହେବ କିପରି ? କେତେକ ଏକା ମାନସିକ ବୟସର ପିଲାଙ୍କୁ ନେଇ ପିଢ଼ିଟିଏ ପ୍ରସ୍ତୁତ ହୁଏ । ଆଜିକାଲି ପ୍ରାୟ କୌଣସି ପିଲା ଘରୁ କି ବାହାରୁ କିଛି ଆସ୍ତିବାଚକ ଶିକ୍ଷା ପାଉନାହାନ୍ତି । ପାଉଛନ୍ତି କେବଳ ନାସ୍ତିବାଚକ ଶିକ୍ଷା । ସରକାରୀ ତଥା ବେସରକାରୀ ସ୍ତରରେ ସାଂସ୍କୃତିକ ସଂସ୍ଥାମାନ ରହିଛନ୍ତି, କିନ୍ତୁ ସେମାନେ ସଂସ୍କୃତିର ସଂଜ୍ଞା ଓ ସ୍ୱରୂପ ବିଷୟରେ ପ୍ରାୟ କିଛି ଜାଣନ୍ତି ନାହିଁ । ପିଲାଟିର ସାଙ୍ଗସାଥି ଅଛନ୍ତି ମାତ୍ର ସେମାନଙ୍କ ଭିତରେ ପ୍ରକୃତ ଏକତା ବା ଆନ୍ତରିକତା ନାହିଁ । ଯାହା ଅଛି ତାହା କେବଳ ବିକୃତ ଏକତା, ଯାହା ନିଜ ନିଜର ସ୍ୱାର୍ଥ ସିଦ୍ଧି ନିମନ୍ତେ ଅଭିପ୍ରେତ । ଏହି ଏକତା ରେଳ ରୋକ, ରାସ୍ତାରୋକ, ବସପୋଡି, ଜାତୀୟସଂପତ୍ତି ପୋଡ଼ାଜଳା ତଥା ଭଙ୍ଗାରୁଜା କାର୍ଯ୍ୟରେ ଲାଗେ । ଏସବୁ ଜାଣିଲା ପରେ ଆଉ ପିଲାଟିକୁ ଦୋଷଦେବା କେତେଦୂର ଯୁକ୍ତିଯୁକ୍ତ ତାହା ବିଚାର୍ଯ୍ୟ ବିଷୟ ।

□□

ବିଜ୍ଞାନ ଓ ଆତ୍ମଜ୍ଞାନ

ପ୍ରଥମରୁ କହିରଖେ ଯେ ବିଜ୍ଞାନ କହିଲେ ପରୀକ୍ଷାଗାରରୁ ଲବ୍ଧ ଜ୍ଞାନ ଓ ତତ୍ତ୍ୱର ବାହ୍ୟ ପ୍ରୟୋଗ ଓ ପରିଣତିକୁ କେବଳ ବୁଝାଏ ନାହିଁ, ଏହା ସହିତ ବିଶ୍ୱସମ୍ପର୍କରେ ବିଶେଷ ଜ୍ଞାନକୁ ମଧ୍ୟ ବୁଝାଏ । ଅନ୍ୟଭାଷାରେ କୁହାଯାଇପାରେ ଯେ, ବିଜ୍ଞାନ ହେଉଛି ରହସ୍ୟମୟ ବିଶାଳ ବିଶ୍ୱ ବ୍ରହ୍ମାଣ୍ଡର ଗାଣିତିକ ତଥା ଯୁକ୍ତିଭିତ୍ତିକ ବିଶ୍ଳେଷଣ ଓ ଅନୁସନ୍ଧାନ । ଏଥିପାଇଁ ପରୀକ୍ଷାଗାର ଏକ ମାଧ୍ୟମ ମାତ୍ର ।

ଆତ୍ମଜ୍ଞାନ କହିଲେ ଧାର୍ମିକତା, ସନ୍ୟାସ, ସଂସାର ତ୍ୟାଗ, ଜଟାଧାରଣକୁ ବୁଝାଏ ନାହିଁ । ଆତ୍ମଜ୍ଞାନ କେବଳ ଆତ୍ମାସମ୍ପର୍କରେ ଜ୍ଞାନ ନୁହେଁ, ବ୍ୟକ୍ତିର ସମସ୍ତ ସତ୍ତା ସମ୍ପର୍କରେ ଜ୍ଞାନ ହିଁ ଆତ୍ମଜ୍ଞାନ । ଜୀବନର ସବୁ ଆବଶ୍ୟକତା ଓ ଅନୁଭବକୁ ଉଚିତ ଅର୍ଥରେ ଗ୍ରହଣ କରାଗଲେ, ସେସବୁ ଆତ୍ମଜ୍ଞାନର ଅନ୍ତର୍ଭୁକ୍ତ ହୋଇପାରନ୍ତି ।

ବିଜ୍ଞାନ ଓ ଆତ୍ମଜ୍ଞାନର ମୂଳକଥା ହେଉଛି ଜିଜ୍ଞାସା । ଜିଜ୍ଞାସା ହିଁ ଜୀବନର ଚିହ୍ନ । ଏପରି କୁହାଯାଇପାରେ ଯେ ଜିଜ୍ଞାସା ହିଁ ଜୀବନ ଏବଂ ଜୀବନ ହିଁ ଜିଜ୍ଞାସା । ଜିଜ୍ଞାସା ଅଛି ତ ଜୀବନ ଅଛି, ଜିଜ୍ଞାସା ନାହିଁ ତ ଜୀବନ ନାହିଁ । ବ୍ୟକ୍ତିର ଜିଜ୍ଞାସା ମୁଖ୍ୟତଃ ଦୁଇଭାଗରେ ବିଭକ୍ତ- (୧) ବିଶ୍ୱକୁ ଜାଣିବାର ଇଚ୍ଛା (୨) ନିଜକୁ ଜାଣିବାର ଇଚ୍ଛା । ଗୋଟିଏ ମୁଦ୍ରାର ଦୁଇ ପାଖଭଳି ପ୍ରତ୍ୟେକ ପରସ୍ପର ସହ ଓତପ୍ରୋତ ଭାବରେ ଜଡ଼ିତ । ଗୋଟିଏ ଥିଲେ ଅନ୍ୟଟି ତା' ପାଖେ ପାଖେ ନିଶ୍ଚୟ ଥିବ । ସାଧାରଣ ବିଚାରରେ ଉଭୟ ପରସ୍ପରର ପରିପନ୍ଥୀ । ପ୍ରକୃତରେ କଥାଟି ଆଦୌ ସେପରି ନୁହେଁ । ଉଭୟର ସ୍ଥିତି ଏକାଧାରରେ ସ୍ୱୀକୃତ ଓ ପ୍ରତିଷ୍ଠିତ । ପ୍ରକୃତ ବିଜ୍ଞାନୀ କେବେହେଲେ ଆତ୍ମଜ୍ଞାନକୁ ଅବମାନନା କରନ୍ତି ନାହିଁ, ପ୍ରକୃତ ଆତ୍ମଜ୍ଞାନୀ କେବେହେଲେ ବିଜ୍ଞାନକୁ ଅବଜ୍ଞା କରନ୍ତି ନାହିଁ । ନିଜକୁ ଜାଣିଲେ ବିଶ୍ୱକୁ ଜାଣିବା ସହଜ ସାଧ୍ୟ, ସେହିପରି ବିଶ୍ୱକୁ ଜାଣିଲେ ନିଜକୁ ବୁଝିବା ସହଜ ସାଧ୍ୟ । ବ୍ୟକ୍ତି ହେଉଛି ବିଶ୍ୱର ଏକକ (Unit)। ବ୍ୟକ୍ତିର ମନ, ବ୍ୟକ୍ତିର ପ୍ରାଣ ହେଉଛି ବିଶ୍ୱମନ ଓ ବିଶ୍ୱପ୍ରାଣର ଏକ ଏକ ଏକକ । ବ୍ୟକ୍ତି ଭିତରେ ବିଶ୍ୱ ବିଦ୍ୟମାନ, ବିଶ୍ୱ ମଧ୍ୟରେ ବ୍ୟକ୍ତି ବିଦ୍ୟମାନ, ଭାରତୀୟ ଦର୍ଶନରେ ଏବଂ ସାହିତ୍ୟରେ ଏହି କଥାକୁ ଏକ ତତ୍ତ୍ୱରୂପରେ ଗ୍ରହଣ କରାଯାଏ । ତତ୍ତ୍ୱଟି ହେଉଛି ପିଣ୍ଡ ବ୍ରହ୍ମାଣ୍ଡ ତତ୍ତ୍ୱ । ଏହି ତତ୍ତ୍ୱ ଅନୁସାରେ ପିଣ୍ଡ ଅର୍ଥାତ୍ ବ୍ୟକ୍ତିଜୀବନକୁ ବିଶ୍ୱଜୀବନର ପ୍ରତିନିଧି ବୋଲି ବିଚାର କରାଯାଏ । ସାହିତ୍ୟରେ ଏ ତତ୍ତ୍ୱର ଅବତାରଣା ବହୁଳ ଭାବରେ ଦେଖିବାକୁ ମିଳେ । କ୍ଷିତି, ଅପ୍, ତେଜ, ମରୁତ୍, ବ୍ୟୋମ ସହିତ ଆଉ ଯେତେ କଥା ବହିଃବିଶ୍ୱରେ ରହିଛି ବ୍ୟକ୍ତି ଭିତରେ ସେସବୁ ସମନ୍ୱିତ ଏବଂ ବେଳେବେଳେ ସ୍ତରୀଭୂତ ହୋଇ ରହିଛି ।

ଅଦ୍ୟାବଧି ଏଇ ଦୁଇଟି କଥା ଯେ ଏକ ଓ ଅଭିନ୍ନ, ଏହା ଦୃଢ଼ ଭାବରେ ପ୍ରତିଷ୍ଠିତ ହୋଇପାରି ନାହିଁ । କିଛି ଲୋକଙ୍କ ଦୃଷ୍ଟିରେ ବିଜ୍ଞାନବେତ୍ତା ହେଉଛନ୍ତି ଆତ୍ମଜ୍ଞାନୀଠାରୁ ବଡ଼, ଆଉ କିଛି ଲୋକଙ୍କ ଦୃଷ୍ଟିରେ ଆତ୍ମଜ୍ଞାନୀ ହେଉଛନ୍ତି ବିଜ୍ଞାନବେତ୍ତାଙ୍କ ଠାରୁ ବଡ଼ । ପ୍ରକୃତରେ ଉଭୟଙ୍କର ସ୍ଥିତି ଏକ ଉଚ୍ଚତମ ଉଚ୍ଚତାରେ ଯେଉଁଠାରେ 'ବଡ଼' ଆଉ 'ସାନ' ଶବ୍ଦର ସ୍ଥିତି ନାହିଁ । ଏତେ ବିରାଟ ଚେତନାକୁ ବୁଝାଇବା ପାଇଁ 'ବଡ଼' ଆଉ 'ସାନ' ଶବ୍ଦ ସମ୍ପୂର୍ଣ୍ଣ ଅସମର୍ଥ, ଏହା କହିବା ବାହୁଲ୍ୟ ମାତ୍ର ।

ଅହଂ ପ୍ରଣୋଦିତ ହୋଇ ବ୍ୟକ୍ତି ଏପରି ବିଭାଜନ କରିଥାନ୍ତି । ଅନ୍ୟ କଥାରେ କୁହାଯାଇପାରେ ଯେ ବିଜ୍ଞାନ ଓ ଆତ୍ମଜ୍ଞାନ ମଝିରେ ବ୍ୟକ୍ତିର ଅହଂ ହି ପ୍ରାଚୀର ସଦୃଶ ଦଣ୍ଡାୟମାନ । ଅହଂର କାର୍ଯ୍ୟ ହେଉଛି ଭୁଲ ମାର୍ଗଦର୍ଶନ । ସେ

କହିଦେଉଛି ଏ ବଡ଼, ଏ ସାନ । ଫଳତଃ ବିଭେଦ ସୃଷ୍ଟି ହେଉଛି ବ୍ୟକ୍ତି ଜୀବନରେ, ସମାଜ-ଜୀବନରେ ସର୍ବୋପରି ବିଶ୍ୱ ଜୀବନରେ । ସମ୍ପ୍ରଦାୟ ଗଢ଼ି ଉଠିଛି, ଧ୍ୱଜାର ମାପରେ ଧର୍ମର ମାପ ହେଉଛି । ବିଭାଜନ ଫଳରେ ବିଶ୍ୱର ସାମଗ୍ରିକ ଜୀବନର ବହୁ କ୍ଷତି ଘଟିଛି । ଉଭୟ ମଧ୍ୟରେ ସହଯୋଗ ନ ଥିବାରୁ ଉଭୟର ଶକ୍ତି କ୍ଷୁର୍ଣ୍ଣ ହୋଇଛି । ବିଭାଜନରୁ କଳହ, କଳହରୁ ଅଶାନ୍ତି ଓ ଅଶାନ୍ତିରୁ ଅବକ୍ଷୟ ହିଁ ଘଟିଚାଲିଛି । ଅହଂ ଓ ସ୍ୱାର୍ଥ ଯୋଗୁଁ ଏତେ ଅଘଟଣ ଘଟୁଛି, ଏହା ବୁଝିବାର ସମୟ ଆସିଛି । ନିଜର ଆନନ୍ଦ ପାଇଁ ଅହଂ ଓ ସ୍ୱାର୍ଥ ଏପରି ବିଭୀଷିକା ସୃଷ୍ଟି କରିଛନ୍ତି । ଏମାନଙ୍କୁ ମନରୁ ଦୂରକଲେ ପ୍ରକୃତ ସତ୍ୟ ଉଦ୍‌ଘାଟିତ ହେବ । ଜୀବନର ଯଥାର୍ଥ ମୂଲ୍ୟବୋଧ ପ୍ରତିଷ୍ଠିତ ହେବ । ଚେତନା ଓ ଆନନ୍ଦର ମଧୁ ମହକରେ ବିଶ୍ୱଜୀବନ ମହକି ଉଠିବ, ସର୍ବାଙ୍ଗୀଣ ଉନ୍ନତିର ସୁକୁମାର ପରିବେଶ ଅଚିରେ ସୃଷ୍ଟି ହେବ ।

ଆତ୍ମଜ୍ଞାନକୁ ଅନ୍ୟ ଭାଷାରେ ଅଧ୍ୟାତ୍ମଜ୍ଞାନ ବୋଲି କୁହାଯାଇପାରେ । ଅଧ୍ୟାତ୍ମଜ୍ଞାନ ବା ଆଧ୍ୟାତ୍ମିକତା କେବେ ହେଲେ ଜୀବନକୁ ଅସ୍ୱୀକାର କରେ ନାହିଁ । ବରଂ ଅଧିକ ସ୍ୱୀକାର କରେ । ଧର୍ମ ଓ ଆଧ୍ୟାତ୍ମିକତା ମଧ୍ୟରେ ସ୍ପଷ୍ଟ ପାର୍ଥକ୍ୟ ରହିଛି । ବେଳେବେଳେ ଧର୍ମ କହେ ପଳାୟନର କଥା, ଦିଏ ଅବାଞ୍ଛିତ ବୈରାଗ୍ୟର ବାର୍ତ୍ତା । କିନ୍ତୁ ଆଧ୍ୟାତ୍ମିକତା କେବେହେଲେ ପଳାୟନ ବା ବୈରାଗ୍ୟର କଥାକହେ ନାହିଁ, କହେ ପୂର୍ଣ୍ଣତାର କଥା, ଦିଏ ଦିବ୍ୟ ଚେତନାର ବାର୍ତ୍ତା । ମହାଯୋଗୀ ଶ୍ରୀ ଅରବିନ୍ଦଙ୍କ ମତରେ "ଜୀବନ କ୍ଷେତ୍ରରୁ ପଳାୟନ ନୁହେଁ, ବରଂ ଦିବ୍ୟ ପୂର୍ଣ୍ଣତାରେ ଜୀବନକୁ ପୂର୍ଣ୍ଣାଙ୍ଗ କରି ଗଢ଼ିତୋଳିବା ହିଁ ଯଥାର୍ଥ ଆଧ୍ୟାତ୍ମିକତା ।" ପୁନଶ୍ଚ ସେ କହିଛନ୍ତି, "ସତ୍ୟର ଉପଲବ୍ଧି ପାଇଁ ଆମକୁ ଏ ପୃଥିବୀକୁ ଛାଡ଼ିଯିବାକୁ ହେବନାହିଁ, ଆତ୍ମାର ପ୍ରାପ୍ତି ପାଇଁ ବ୍ୟକ୍ତିକୁ ଜୀବନ ପରିତ୍ୟାଗ କରିବାକୁ ପଡ଼ିବ ନାହିଁ, ଭଗବାନଙ୍କ ସହିତ ସମ୍ପର୍କ ସ୍ଥାପନ କରି ପାଇଁ ବ୍ୟକ୍ତିକୁ ସଂସାର ବର୍ଜନ କରିବାକୁ ହେବନାହିଁ ।"

ସୁତରାଂ ବିଜ୍ଞାନ ଓ ଆଧ୍ୟାତ୍ମିକତା ଉଭୟେ ଜୀବନବାଦୀ । ବିଜ୍ଞାନ ଚାହେଁ ଜୀବନର ବିକାଶ ଏବଂ ଆଧ୍ୟାତ୍ମିକତା ଚାହେଁ ଜୀବନର ସାମଗ୍ରିକ ବିକାଶ । ଚିନ୍ତାଚେତନାରେ ତଥା କ୍ରିୟା ପ୍ରତିକ୍ରିୟାରେ ଏକ ବିରାଟ ଶକ୍ତି ସହ ସମ୍ପର୍କ ସ୍ଥାପନ ହିଁ ଆଧ୍ୟାତ୍ମିକତା । ସେହି ବିରାଟ ଶକ୍ତିଙ୍କର ନାମ ଦେଶ ଭେଦରେ ଭାଷା ଭେଦରେ ଭିନ୍ନ ଭିନ୍ନ । କିଏ ତାଙ୍କୁ ଈଶ୍ୱର, କିଏ ଆଲ୍ଲା, କିଏ ଗଡ୍ ନାମରେ ତାଙ୍କୁ ଡାକନ୍ତି । ଏହାଦ୍ୱାରା ଭଗବାନ ବା ବିଶ୍ୱ ସୃଷ୍ଟିକର୍ତ୍ତା ବିଭାଜିତ ହୁଅନ୍ତି ନାହିଁ । ସେ ସର୍ବଦା ଏକ ଓ ଅଭିନ୍ନ ହୋଇ ରହିଥାନ୍ତି । ଆକାଶକୁ ଆମେ ଦେଶ ଭେଦରେ, ପୁଣି ପ୍ରଦେଶ ଭେଦରେ ପୁଣି ଅଞ୍ଚଳ ଭେଦରେ ବାଣ୍ଟି କହୁ 'ଏ ଭାରତ ଆକାଶ, ଏ ଜାପାନର ଆକାଶ, ଏ ଆମେରିକାର ଆକାଶ, ଏ ଓଡ଼ିଶାର ଆକାଶ ଇତ୍ୟାଦି ।' ଏହାଦ୍ୱାରା ଆମ ଚିନ୍ତାଧାରାର ସଙ୍କୁଚିତ ଅବସ୍ଥାଟି ଜଣାପଡ଼େ । ପ୍ରକୃତରେ ଆକାଶର କୌଣସି କ୍ଷୟକ୍ଷତି ଘଟେ ନାହିଁ । ଭଗବାନ ଆକାଶ ପରି ପରିବ୍ୟାପ୍ତ, ପବନଠାରୁ ଆହୁରି ସୂକ୍ଷ୍ମ ଭାବରେ ସର୍ବତ୍ର ବିରାଜିତ । ତାଙ୍କୁ କେବଳ ଉପଲବ୍ଧି କରାଯାଏ ଚେତନା ମାଧ୍ୟମରେ । ଜଡ଼ବିଜ୍ଞାନ ଆଦୌ ଭଗବାନଙ୍କୁ ଅସ୍ୱୀକାର କରେନାହିଁ, ଅବମାନନା କରେ ନାହିଁ । ବିଶ୍ୱ ବିଖ୍ୟାତ ବୈଜ୍ଞାନିକ ଆଇନ୍‌ଷ୍ଟାଇନ୍‌ଙ୍କ ଉକ୍ତିରୁ ଏହା ସ୍ପଷ୍ଟ ଭାବରେ ଜଣାଯାଏ । ତାଙ୍କ ମତରେ "ମୁଁ ଈଶ୍ୱରଙ୍କୁ ବିଶ୍ୱାସ କରେ । ସୃଷ୍ଟିର ନିୟମଗୁଡ଼ିକୁ ସେହି ଈଶ୍ୱର ନିୟନ୍ତ୍ରଣ କରନ୍ତି । ମୁଁ ସ୍ୱୀକାର କରେ ଯେ ପ୍ରକୃତିର ଅନ୍ତରାଳରେ ଏକ ଚେତନ ଶକ୍ତି କାର୍ଯ୍ୟ କରୁଅଛି । ସୃଷ୍ଟି ଅକସ୍ମାତ୍ ହୋଇଯାଇନାହିଁ । ଏହାର ନିୟମ, ପ୍ରୟୋଜନ ଓ ଉଦ୍ଦେଶ୍ୟ ରହିଛି ।"

ଆଜିର ଆଧ୍ୟାତ୍ମିକତା ହେଉଛି ପ୍ରୟୋଗବାଦୀ ଆଧ୍ୟାତ୍ମିକତା । କେବଳ ଧ୍ୟାନ ଧାରଣା ଏହାର ଅଂଗ ନୁହେଁ, ଜୀବନର ପ୍ରତ୍ୟେକ ଯଥାର୍ଥ କ୍ରିୟା ହିଁ ଆଧ୍ୟାତ୍ମିକତାର ଅନ୍ୟ ରୂପ । ଅତଏବ ବିଜ୍ଞାନ ମଧ୍ୟ ଆଧ୍ୟାତ୍ମିକତାର ଅଙ୍ଗବିଶେଷ । ଗୋଟିଏ ମୁଦ୍ରାର ଦୁଇ ପାଖ ଭଳି ପରସ୍ପର ସହ ସଂଶ୍ଳିଷ୍ଟ ବୋଲି କହିବା ଅପେକ୍ଷା ଅଧିକ ଠିକ୍ ଅର୍ଥରେ କୁହାଯାଇପାରେ ଯେ ବିଜ୍ଞାନ ହେଉଛି ଆଧ୍ୟାତ୍ମିକତାର ବଳୟଭୁକ୍ତ ଏକ ଜୀବନଧର୍ମୀ ଉପାଦାନ । ଉଭୟ ମଧ୍ୟରେ ଆଦୌ ବିରୋଧ ନାହିଁ, ବିଭେଦ ନାହିଁ, ପ୍ରକୃତରେ ବିରୋଧ ଅଛି, ବିଭେଦ ଅଛି ଆମ ଚେତନାରେ ।

□□

ଆଜିର ଅନୁଚିନ୍ତା

କଥାରେ ଅଛି 'କଥା କହି ଜାଣିଲେ ସୁନ୍ଦର, ମଥା ବାନ୍ଧି ଜାଣିଲେ ସୁନ୍ଦର ।' ଅର୍ଥାତ୍ କହିଜାଣିବା ଉପରେ କଥାର ମହତ୍ତ୍ୱ ନିର୍ଭରକରେ ଏବଂ ବାନ୍ଧିଜାଣିବା ଉପରେ ମଥାର ସୌନ୍ଦର୍ଯ୍ୟ ନିର୍ଭର କରେ । ଠିକ୍ ସେହିପରି ଜୀବନ ଜୀଇଁ ଜାଣିଲେ ସୁନ୍ଦର । ଜୀଇଁ ଜାଣିବା ଉପରେ ଜୀବନର ମୂଲ୍ୟବୋଧ ନିର୍ଭର କରେ । ବଞ୍ଚିବା ଓ ବଞ୍ଚିବାର କଳା ଜାଣିବା ଭିତରେ ପାର୍ଥକ୍ୟ ରହିଛି । ସମାଜର ବହୁ ସମସ୍ୟାର ସମାଧାନ ବଞ୍ଚିବାର କଳା ଜାଣିବା ଉପରେ ନିର୍ଭରକରେ । କେବଳ ଆଇନକାନୁନ୍ ଦ୍ୱାରା ସବୁ ସମସ୍ୟାର ସମାଧାନ ସମ୍ଭବ ନୁହେଁ । ଭଲ କଥା ପିଲାଦିନୁ ନ ଶିଖାଇ ବଡ଼ ହେଲେ ଦୋଷୀକୁ ଦଣ୍ଡ ଦେବାର ବିଧି ବ୍ୟବସ୍ଥା ରଖିଦେଲେ କ'ଣ ସୁସ୍ଥ ସମାଜ ଗଠିତ ହୋଇଯିବ ? କହିବାର ତାତ୍ପର୍ଯ୍ୟ ଏହିକି ଯେ ଆଇନ ରହୁ ଏହା ସହିତ ପିଲାଦିନରୁ ଭଲକଥା ଶିଖାଇବାର ବ୍ୟବସ୍ଥା ମଧ୍ୟ ରହୁ । ଭଲକଥା କହିଲେ ଧର୍ମ କଥା, ପୁରାଣ କଥା, ଧ୍ୟାନ ଧାରଣା ନିରାମିଷ ଭୋଜନ ଇତ୍ୟାଦି ଇତ୍ୟାଦିକୁ ବୁଝାଏ ନାହିଁ । ନିଜସ୍ୱ ଚେତନା ବଳରେ ଜୀବନର ବାସ୍ତବତାକୁ ସମ୍ମୁଖୀନ ହେବାର ପ୍ରଣାଳୀ ଓ ପ୍ରକ୍ରିୟା ହିଁ ଭଲକଥାର ଅନ୍ତର୍ଭୁକ୍ତ । ଭଲକଥାରୁ ମାର୍ଜିତ ରୁଚି ଭିତ୍ତିକ ଦୃଢ଼ ମାନସିକତା ସୃଷ୍ଟି ହୁଏ । ଗୋଟିଏ ଶବ୍ଦରେ କହିଲେ ତାହାହିଁ ଯଥାର୍ଥ ସଚେତନତା ।

ସଚେତନତା ଥିଲେ ବ୍ୟକ୍ତି ଉଚିତମାର୍ଗରେ ଚାଲିପାରେ ଓ ପରିବେଶକୁ ସୁନ୍ଦର ତଥା ଶାନ୍ତିମୟ କରିପାରେ । କିନ୍ତୁ ସଚେତନତାର ଅଭାବ ଘଟିଲେ ବ୍ୟକ୍ତି ଦାରୁଣ ଦୁଃଖର ସମ୍ମୁଖୀନ ହୁଏ । ମନ ତା'ର ଅଶେଷ ଯନ୍ତ୍ରଣାରେ ଜର୍ଜରିତ ହୋଇଉଠେ । ହଜିଯାଏ ଆନନ୍ଦର ସବୁଜ ସୁଷମା, ଦିଗଦିଗନ୍ତ ଭରିଯାଏ ଗ୍ଲାନି ଓ ହାହାକାରରେ । ଜୀବନ ତାର ବୋଝରେ ପରିଣତ ହୁଏ ଏବଂ ସେ ନିଜେ ହୁଏ ସମାଜର ଏକ ବୋଝ । ଏଇ ଧରାଯାଉ, ଜଣେ ଯଦି ସବୁବେଳେ ଲୋକମାନେ କ'ଣ କହୁଛନ୍ତି ବା ନ କହୁଛନ୍ତି, ସେଇ ଉପରେ ଅଧିକ ଗୁରୁତ୍ୱ ଆରୋପ କରନ୍ତି, ତେବେ ସେ କେବେହେଲେ ମାନସିକ ଶାନ୍ତି ପାଇବେ ନାହିଁ । ଲୋକଙ୍କ କହିବା ସରିବ ନାହିଁକି ତାଙ୍କର ଅନ୍ତର୍ଦ୍ୱନ୍ଦ୍ୱ ସରିବ ନାହିଁ । ଲୋକଙ୍କ କାମ ହେଉଛି କହିବା, ଯାହା କଲେ ମଧ୍ୟ ଲୋକେ କହିବେ । ସାଧାରଣ ଲୋକଙ୍କୁ ସବୁବେଳେ ସନ୍ତୁଷ୍ଟ କରିବା ଆଦୌ ସମ୍ଭବ ନୁହେଁ । ନିଜର ବିବେକାନୁମୋଦିତ କାର୍ଯ୍ୟଦ୍ୱାରା ଆତ୍ମସନ୍ତୋଷ ପ୍ରାପ୍ତି ଏକାନ୍ତ କାମ୍ୟ । ଏହି ଆତ୍ମସନ୍ତୋଷ ହିଁ ଭାଗବତ ଆରାଧନା ପାଇଁ ସୁବାସିତ ସଜ ଫୁଲ । ଶ୍ରୀମା' କହନ୍ତି "ଲୋକମାନଙ୍କ କଥାରେ ନିଜକୁ ଉତ୍ପୀଡ଼ିତ ହେବାକୁ ଛାଡ଼ିଦିଅ ନାହିଁ ।

ଅନ୍ୟପକ୍ଷରେ ଅନ୍ୟର ଅନିଷ୍ଟ ଚିନ୍ତା ଓ ଅନ୍ୟପ୍ରତି ଈର୍ଷା ଅନ୍ୟ ଅପେକ୍ଷା ନିଜର ଅଧିକ କ୍ଷତି ଘଟାଏ । ନିଜ ମନ ଏହାଦ୍ୱାରା ରୁଗ୍ଣ ଓ ଅଯଥା ଭାରାକ୍ରାନ୍ତ ହୋଇଯାଏ । ବୁମେରାଂ ଭଳି ସେ ଅସ୍ତ୍ର ନିଜ ଉପରକୁ ଲେଉଟି ଆସେ ଓ ନିଜର ବହୁ କ୍ଷତି କରିଥାଏ । ଅନ୍ୟପ୍ରତି ସଦିଚ୍ଛା ପୋଷଣ କଲେ ମନ ପ୍ରଶସ୍ତ ହୁଏ, ଆନନ୍ଦମଗ୍ନ ହୁଏ । ଏସବୁ ହିଁ ଯଥାର୍ଥରେ ଶିକ୍ଷାର ଅନ୍ତର୍ଭୁକ୍ତ । ଏଥିପାଇଁ ଆନୁଷ୍ଠାନିକ ଶିକ୍ଷାର ଯେତିକି ଅବଦାନ ରହିଛି, ପାରିବାରିକ ଶିକ୍ଷାର ତଦପେକ୍ଷା ଅଧିକ ଅବଦାନ ରହିଛି ।

ପରିବେଶ ସମ୍ବନ୍ଧରେ ସଚେତନତା ତଥା ରାଷ୍ଟ୍ର ସଂପର୍କରେ ସଚେତନତା ପିଲାଟି ମନରେ ଆଣିଦେବା ପାଇଁ ପରିବାରର ଲୋକେ ଅଧିକ ଯତ୍ନଶୀଳ ହେବା ଏକାନ୍ତ ଜରୁରୀ । ପିଲାକୁ ଅତିବେଶୀରେ 'ପଢ଼', 'ବହି ଧରି ବସ୍' କହିଦେଲେ ଅଭିଭାବକମାନଙ୍କର କର୍ତ୍ତବ୍ୟ ସରିଯାଏ । ବହି ପାଠ ସହିତ ଦେଶ, ଜାତି, ସଂସ୍କୃତି, ଆଧ୍ୟାତ୍ମିକତା ସର୍ବୋପରି ମାନବିକତା ସମ୍ପର୍କରେ କିଛି ଭଲକଥା ଶୁଣାଇବା ଦାୟିତ୍ୱ ଯେ ଅଭିଭାବକମାନଙ୍କର ଅଛି, ଏକଥା ସେମାନେ ଭୁଲି ଯାଇଥାନ୍ତି । ଏପରିକି ପନ୍ଦର ଅଗଷ୍ଟ ଆସେ, ଛବିଶ ଜାନୁୟାରୀ ଆସେ, ସ୍କୁଲ ବା କୌଣସି ଅନୁଷ୍ଠାନକୁ ପିଲାମାନେ ଆସନ୍ତି ପତାକା ଉତ୍ତୋଳନ ଉତ୍ସବରେ ଅଂଶଗ୍ରହଣ କରିବା ନିମନ୍ତେ । ଉତ୍ସବସବୁ କାହିଁକି ପାଳନ କରାଯାଉଛି ଓ ସେମାନେ କାହିଁକି ଆସିଛନ୍ତି ବୋଲି ପଚାରିଲେ ପିଲାମାନେ ଉତ୍ତରରେ ପ୍ରାୟ କିଛି କହନ୍ତି ନାହିଁ, ଅତିବେଶି ହେଲେ କହନ୍ତି ମିଠେଇ ବଣ୍ଟା ହେଉଛି ଓ ସେମାନେ ମିଠେଇ ନେବାପାଇଁ ଆସିଛନ୍ତି । ଅକ୍ଟୋବର ଦୁଇ ତାରିଖରେ ଛୁଟି ହୁଏ, ପିଲାଏ ଜାଣନ୍ତି ନାହିଁ ଛୁଟି କାହିଁକି ହୁଏ ? କହିଲେ କହିବେ ଶିକ୍ଷକମାନେ ସ୍କୁଲରେ, ଘରେ ବା କହିବ କିଏ, କହିବାକୁ ଲୋକ ବା କାହାନ୍ତି ? ନିଜ ତରଫରୁ ତ କହିବାର ନାହିଁ, ପିଲାମାନେ ଅନୁସନ୍ଧିତ୍ସୁ ହୋଇ ବିଭିନ୍ନ ପ୍ରଶ୍ନ କଲେ ତା'ର ଉତ୍ତର ଦେବା ପରିବର୍ତ୍ତେ କେବଳ ବିରକ୍ତି ପ୍ରକାଶ କରାଯାଏ । ଏହା ଫଳରେ ପିଲାଙ୍କର ମନ ଦବିଯାଏ ।

ଅନ୍ୟ ଦେଶର ଶିଶୁ ଓ କିଶୋର ମାନଙ୍କର ମନୋଭାବ ଅପେକ୍ଷା ଆମଦେଶର ଶିଶୁ ଓ କିଶୋରଙ୍କର ମନୋଭାବ ଭିନ୍ନ । କେତେକ ଦେଶର ପିଲାମାନେ ନିଜ ଦେଶ ସମ୍ପର୍କରେ ଅଳ୍ପେ ବହୁତେ ସଚେତନ ଥାଆନ୍ତି, ସେମାନଙ୍କୁ ସେମାନଙ୍କର ପ୍ରିୟ କଥାଟି କ'ଣ ବୋଲି ପ୍ରଶ୍ନ କଲେ କେତେକ କଥା ସହିତ ନିଜ ଦେଶର ନାମ ସେମାନେ ଉଚ୍ଚାରଣ କରିଥାନ୍ତି । ମାତ୍ର ଆମ ପିଲାମାନଙ୍କୁ ଏଇ ପ୍ରଶ୍ନଟି ପଚାରିଲେ ଉତ୍ତର ମିଳେ ଚକୋଲେଟ୍, ଖେଳଣା, ଆମଘର, ଅଜା, ଆଇ ଇତ୍ୟାଦି ଇତ୍ୟାଦି । ଏତେ କଥା ସହ ଆମ ଦେଶକୁ କେହି ଜଣେ ହେଲେ ସାମିଲ କରନ୍ତି ନାହିଁ । ଏଥିପାଇଁ ଅଭାବବୋଧଟି କେଉଁଠାରେ ରହୁଛି ତାହା ବିଚାର୍ଯ୍ୟ ବିଷୟ ।

ଯୁବ ସମ୍ପ୍ରଦାୟ କଥା ନ କହିଲେ ଭଲ । ସେମାନଙ୍କ ଦୃଷ୍ଟିରେ ନିୟମ ଭାଙ୍ଗିବା ହେଉଛି ବୀରତ୍ୱର ଚିହ୍ନ ଏବଂ ନିୟମ ମାନିବା ହେଉଛି ଦୁର୍ବଳତାର ଚିହ୍ନ । ଟ୍ରାଫିକ୍ ନିୟମ ଠାରୁ ଆରମ୍ଭ କରି ଅଫିସ କଚେରୀର ନିୟମ ଭାଙ୍ଗିଲେ ପ୍ରଶଂସା ମିଳେ, ମାନିଲେ ନିନ୍ଦା ଶୁଣିବାକୁ ମିଳେ । ଅନ୍ୟପ୍ରତି ଅଯଥାରେ କର୍କଶରୁକ୍ଷ ବ୍ୟବହାର କରିବା ହେଉଛି ବ୍ୟକ୍ତିତ୍ୱର ଏକ ବିଶିଷ୍ଟ ଦିଗ ବୋଲି ଆମେ ଭାବୁ । ବୟସ୍କ ବ୍ୟକ୍ତିଙ୍କୁ ନମ୍ର ବ୍ୟବହାର ପ୍ରଦର୍ଶନ କରିବା ପୁରୁଣା ପୋଥିର କଥା ହୋଇଗଲାଣି । ଏପରିକି ଅଭିଭାବକଙ୍କ ମୁଖରୁ ଶୁଣିବାକୁ ମିଳିଲାଣି "ପିଲାଟି ଧୀର ସ୍ଥିର, ହେଲେ ଏ ଯୁଗକୁ ନୁହେଁ ।" ଏବେ ହେଲାଣି ବିଶୃଙ୍ଖଳା ଯେଉଁଠି ବୀରତ୍ୱ ସେଇଠି । ଘରେ ବାହାରେ ଛୋଟ ସମସ୍ୟାଟିକୁ ଜଟିଳ କରିବା ହେଉଛି ବୀରର ଲକ୍ଷଣ । ସମସ୍ୟାଟିର ସରଳ ସମାଧାନର ପ୍ରୟାସ ଓ ପ୍ରଚେଷ୍ଟା ଏବେ ଦୁର୍ବଳତାର ଚିହ୍ନ । ଏଇ ପରିପ୍ରେକ୍ଷୀରେ 'ପ୍ରଗତି', ଖାଲି ଚିତ୍କାରର ବିଷୟ ଓ ଆନୁଷ୍ଠାନିକ ବାର୍ଷିକ ଉତ୍ସବରେ ପୁରସ୍କାର ବିତରଣ ନିମନ୍ତେ ପ୍ରତିଯୋଗିତାର କଥାବସ୍ତୁ ହୋଇ ରହିବାକୁ ବାଧ୍ୟ ।

ବୟସ୍କ ଲୋକମାନଙ୍କ କଥା ଆଉ ଟିକିଏ ଭିନ୍ନ । ସାଧାରଣ ଲୋକଙ୍କ କାମ ହେଉଛି ପରକଥାରେ ମୁଣ୍ଡ ଖେଳାଇବା । ନିଜ ଚିନ୍ତାକରିବାକୁ ତାଙ୍କୁ ବେଳ ଥାଏ । ନିଜର ବହୁ ଅସୁବିଧା ପ୍ରତି ନଜର ନ ଥାଏ, ନଜରଥାଏ ଅନ୍ୟର ଟିକିଏ ଦୋଷ ତ୍ରୁଟି, ସୁବିଧା ଅସୁବିଧା ପ୍ରତି । ପରଚିନ୍ତାରୁ, ପରଚର୍ଚ୍ଚାରୁ ସେମାନଙ୍କୁ ଯେଉଁ ଆନନ୍ଦ ମିଳେ ତା'ର କଳନା ନ ଥାଏ ।

ଏସବୁ ବ୍ୟତୀତ ସାମାଜିକ ବିପର୍ଯ୍ୟୟ ପାଇଁ ଦୁଇଗୋଟି ଅଶୁଭ ଶକ୍ତି ମୁଖ୍ୟତଃ ଦାୟୀ । ତାହାହେଲା ଦାରିଦ୍ର୍ୟ ଓ ବେକାରୀ । ଦାରିଦ୍ର୍ୟ କେବଳ ଏକ ବାସ୍ତବତା ନୁହେଁ, ଏକ ମାନସିକତା ମଧ୍ୟ । ଧନୀ ହେବାର ସହଜ ମନୋଭାବ ହିଁ ଦାରିଦ୍ର୍ୟର ମୂଳ କାରଣ । ଅର୍ଥର ସଫଳ ବିନିଯୋଗରେ ଦାରିଦ୍ର୍ୟର ଦୂରୀକରଣ କେତେକାଂଶର

ସମ୍ଭବ । ଗଚ୍ଛିତ ହୋଇ ରହି ବ୍ୟକ୍ତିର ଅହଂ ବୃଦ୍ଧି କରିବା ଅର୍ଥର କାର୍ଯ୍ୟ ନୁହେଁ । ଭଡା ଆକାରରେ ଅର୍ଥର ବଣ୍ଟନ ନୁହେଁ ସମାଜର କୋଣ ଅନୁକୋଣରେ ଅର୍ଥ ଶକ୍ତି ପହଞ୍ଚିବା ଆବଶ୍ୟକ । ଏହି ପହଞ୍ଚିବାର ପଦ୍ଧତି ହେଉଛି ବେକାରୀ ଦୂରୀକରଣର ଅନ୍ୟତମ ପରିଭାଷା । ଭଡା ଆକାରରେ ଅର୍ଥର ବଣ୍ଟନ ନୁହେଁ ପରିଶ୍ରମ ବଳରେ ଅର୍ଥ ଉପାର୍ଜନ ହିଁ ଦାରିଦ୍ର୍ୟ ଦୂରୀକରଣର ଯଥାର୍ଥ ପନ୍ଥା । ଦାରିଦ୍ର୍ୟ ଦୂରୀକରଣ ଓ ବେକାରୀ ଦୂରୀକରଣ ଗୋଟିଏ ମୁଦ୍ରାର ଦୁଇପାଖ ଭଳି ଓତପ୍ରୋତ ଭାବରେ ଜଡ଼ିତ ହେଲେ ସାମାଜିକ ବିକାଶ ତଥା ରାଷ୍ଟ୍ରୀୟ ବିକାଶ ତ୍ୱରାନ୍ୱିତ ହବ ।

ଆମର ସମସ୍ୟା ସବୁକୁ ଆମେ ବିଶ୍ଳେଷଣ କରିବା ଏବଂ ସମାଧାନର ପନ୍ଥା ନିର୍ଣ୍ଣୟ କରିବାକୁ ପ୍ରୟାସୀ ହେବା ହିଁ ଆଜରି ଅନୁଚିନ୍ତା ।

□□

ଆତ୍ମବିଶ୍ଳେଷଣ

ଜଙ୍ଗଲରୁ କାଠ, ପୋଖରୀରୁ ମାଛ, ବ୍ୟାଙ୍କରୁ ଟଙ୍କା, ଖୁଣ୍ଟରୁ ବିଜୁଳି, ଦେହରୁ ବୃକକ୍, ସମାଜରୁ ମହିଳା, ଗୋଦାମରୁ ସିମେଣ୍ଟ ପୁଣି ପୁରୁଣା ବହିରୁ ପାଠ ଚୋରି ସମେତ ବହୁ ଚୋରି ଆଜିକାଲିର ସାଧାରଣ ଘଟଣା । କର୍ତ୍ତା କିଏ ପଚାରିଲେ ଉତ୍ତର ହେଉଛି ମଣିଷ ଏବଂ କାରଣ କ'ଣ ବୋଲି ପଚାରିଲେ ଉତ୍ତର ହେଉଛି ଅଶିକ୍ଷା । ଅଶିକ୍ଷାଟି କ'ଣ ଓ ଏହାର କାରଣ କ'ଣ ବୋଲି ଜାଣିଲେ ଏହାର ନିରାକରଣର ପଥ ସୁଗମ ହୋଇପାରିବ । ଶିକ୍ଷାର ବିପରୀତ କଥାଟି ଅଶିକ୍ଷା ନୁହେଁ, ବରଂ ଶିକ୍ଷାର ଅଭାବ ହିଁ ଅଶିକ୍ଷା ।

ଶିକ୍ଷା କହିଲେ କେବଳ ସମ୍ବାଦ ସଂଗ୍ରହକୁ ବୁଝାଏ ନାହିଁ, ଏହା ସହିତ ଆଉ କିଛି କଥାକୁ ବୁଝାଏ, ଯାହା ବ୍ୟକ୍ତି ଚେତନାର ବିକାଶ ନିମନ୍ତେ ଅଭିପ୍ରେତ । ଏହି ଚେତନାର ବିକାଶ ହିଁ ଜୀବନର ଲକ୍ଷ୍ୟ । ମଣିଷର ଜନ୍ମଠାରୁ ମୃତ୍ୟୁ ପର୍ଯ୍ୟନ୍ତ ଶିକ୍ଷାଲାଭର ଆବଶ୍ୟକତା ରହିଛି । ତେଣୁ କୁହାଯାଏ ସମଗ୍ର ଜୀବନ ହିଁ ଶିକ୍ଷା । ଅବଶ୍ୟ ଏଥିପାଇଁ ବ୍ୟକ୍ତିର ଗ୍ରହଣଶୀଳତା ଏକାନ୍ତ ଆବଶ୍ୟକ । ଗ୍ରହଣଶୀଳତାର ଭିତ୍ତି ପଡ଼ିଥାଏ ପରିବାରରୁ । ଶିଶୁ ଓ କିଶୋର ମନରେ ପାରିବାରିକ ଶିକ୍ଷାର ପ୍ରଭାବ ଏତେ ଅଧିକ ଯେ ତାହା ଜୀବନର ବିଳମ୍ବିତ ଉତ୍ତରାର୍ଦ୍ଧରେ ମଧ୍ୟ ସତେଜ ହୋଇ ରହିଥାଏ । ପାରିବାରିକ ଶିକ୍ଷାକୁ ପୁଞ୍ଜିକରି ବ୍ୟକ୍ତି ନିଜ ଜୀବନରେ ନୂଆ ନୂଆ ଅଭିଜ୍ଞତାରୁ ଶିକ୍ଷାଲାଭ କରିଥାଏ ଏବଂ ତାହାଦ୍ୱାରା ଉପକୃତ ହୋଇଥାଏ । ତେଣୁ ଜୀବନକୁ ଏକ ବିଦ୍ୟାଳୟ ବୋଲି କୁହାଯାଏ । ଜୀବନରେ ବିଦ୍ୟାଳୟ ଗମନ ଏକ ଆବଶ୍ୟକତା ଏବଂ ଏହାଠାରୁ ଅଧିକ ଆବଶ୍ୟକ ଜୀବନକୁ ବିଦ୍ୟାଳୟ ବୋଲି ବିଚାର କରିବା । ଶିଖିବାର ଇଚ୍ଛା ଜୀବନକୁ ମାର୍ଜିତ, ସଚେତନ ସର୍ବୋପରି ସମୃଦ୍ଧ କରିଥାଏ । ଜୀବନରେ ଭଲକଥା ଶିଖିବାର କ୍ଷେତ୍ର ଯେପରି ପ୍ରଶସ୍ତ, ମନ୍ଦକଥା ଶିଖିବାର କ୍ଷେତ୍ର ମଧ୍ୟ ସେପରି ଉନ୍ମୁକ୍ତ । ପ୍ରତ୍ୟେକ ମୁହୂର୍ତ୍ତରେ ବ୍ୟକ୍ତି ନିକଟରେ ଭଲ ଓ ମନ୍ଦ ଉଭୟର ରାସ୍ତା ପରିବ୍ୟାପ୍ତ ହୋଇ ରହିଥାଏ । ନିର୍ବାଚନ କରିବାର ଦାୟିତ୍ୱ ହେଉଛି ବ୍ୟକ୍ତିର । ଇଚ୍ଛା କଲେ ସେ ଭଲ ବାଟରେ ଯାଇପାରେ ଇଚ୍ଛା କଲେ ସେ ମନ୍ଦ ବାଟରେ ଯାଇପାରେ । ଏଥିପାଇଁ ଆବଶ୍ୟକ ବିଚାରଶୀଳତା । ଆନୁଷ୍ଠାନିକ ଶିକ୍ଷାରୁ ଏହି ବିଚାରଶୀଳତା ଯେତିକି ଆସେ, ପାରିବାରିକ ଶିକ୍ଷାରୁ ଏହି ବିଚାରଶୀଳତା ସେତିକି ଆସେ, ବରଂ ପାରିବାରିକ ଶିକ୍ଷାରୁ ତାହା ବହୁ ଗୁଣରେ ଅଧିକ ଆସେ ।

ପାରିବାରିକ ଶିକ୍ଷାର ମାନ ନିର୍ଭର କରେ ମୁଖ୍ୟତଃ ମାଆମାନଙ୍କର ସଚେତନତା ଉପରେ । ଏପରି ମାଆ ଅଛନ୍ତି ଯେଉଁମାନେ କି ପିଲାଙ୍କ ଚିନ୍ତାଠାରୁ ନିଜ ସୁଖସୁବିଧାର ଚିନ୍ତା ଅଧିକ କରନ୍ତି । ପିଲାମାନେ ଅନ୍ୟବାଡ଼ିରେ ପଶି ଫୁଲ ଚୋରିଠାରୁ ଲଙ୍କାମରିଚ ଚୋରି ପୁଣି ପରିବା ଚୋରି କରିବା କଥା ଜାଣିଲେ ମଧ୍ୟ କିଛି କହନ୍ତି ନାହିଁ । କିଶୋର ବୟସରେ କୁସଙ୍ଗରେ ପଡ଼ି ପଥଭ୍ରଷ୍ଟ ହେବାର ସୂଚନା ପାଇଲେ ମଧ୍ୟ ବ୍ୟସ୍ତ ବିବ୍ରତ ହୁଅନ୍ତି ନାହିଁ କି ପ୍ରତିକାର ପାଇଁ ଯଥେଷ୍ଟ ପ୍ରୟାସ କରନ୍ତି ନାହିଁ । ଉପରେ ଉପରେ ଭାସି ଭାସି ଜନନୀର ଗୌରବ ନେଉଥାଆନ୍ତି । ଭଲ କଥା ଶିଖାଇବାର କଷ୍ଟ ସ୍ୱୀକାର ନ କରି ଉଦାସୀନ ରହିଥାଆନ୍ତି । ପିଲାଟିକୁ ଭଲ ଭଲ କଥା ଶିଖାନ୍ତି ନାହିଁ, ସେଥିପାଇଁ ନା ଥାଏ ତାଙ୍କ ପାଖରେ ଆଗ୍ରହ, ଆନ୍ତରିକତା କି ଧୈର୍ଯ୍ୟ ।

ପ୍ରକୃତରେ ମାତୃତ୍ୱ ହେଉଛି ଦିବ୍ୟ ଚେତନାର ପ୍ରତୀକ । ଗର୍ଭାଧାନ ସମୟରୁ ସେ ଶିକ୍ଷୟିତ୍ରୀର ଭୂମିକାରେ ଅବତୀର୍ଣ୍ଣ । ପିଲାଟିର ଯଥାର୍ଥ ଶିକ୍ଷାର ଆରମ୍ଭ ହୁଏ ମାତୃଗର୍ଭରେ । ସେତେବେଳେ ମାଆ ଯେଉଁ ମାନସିକତାରେ ରହେ ପିଲାଟିର ମସ୍ତିଷ୍କର ସ୍ନାୟୁ ଶିରା ତହିଁରୁ ସେହି ଉପାଦନ ସବୁ ଗ୍ରହଣ କରେ । ମାଆ ସେତେବେଳେ ସତ୍‌ଚିନ୍ତାକରେ ପିଲା ଉପରେ ତା'ର ପ୍ରଭାବ ପଡ଼େ । କଳି, ହିଂସା, କ୍ରୋଧ ଇତ୍ୟାଦି ମନ୍ଦ ଚିନ୍ତା ଓ ଚେତନାରେ ମାଆ ରହିଲେ ତାହାର ପ୍ରଭାବ ମଧ୍ୟ ପିଲା ଉପରେ ପଡ଼େ । ତେଣୁ କଥାରେ ଅଛି 'ମାଆ ଚାହିଁଲେ ପିଲା ଚାହେଁ, ମାଆ ଶୋଇଲେ ପିଲା ଶୁଏ ।' ଆଜିର ମନୋବୈଜ୍ଞାନିକମାନେ ଏଇ କଥା ଉପରେ ଅଧିକରୁ ଅଧିକ ଗୁରୁତ୍ୱ ଆରୋପ କରୁଛନ୍ତି । ଏକଥାଟି ଆମ ଦେଶରେ ବହୁ ଆଗରୁ ଅଭିମନ୍ୟୁଙ୍କ ଶିକ୍ଷା ପ୍ରସଙ୍ଗରେ ପ୍ରତିଷ୍ଠିତ ହୋଇସାରିଛି । ଆମେ ଜାଣୁ ଯେ ଅଭିମନ୍ୟୁ ମାତୃଗର୍ଭରେ ଥିଲାବେଳେ ଚକ୍ରବ୍ୟୂହର ଭେଦ ପ୍ରସଙ୍ଗ ସୁଭଦ୍ରା ଯେତିକି ଅର୍ଜୁନଙ୍କଠାରୁ ଶୁଣିଥିଲେ, ଅଭିମନ୍ୟୁ ସେତିକି ଜାଣିଥିଲେ । ନିଦ୍ରା ହେତୁ ଯେଉଁ ଅଂଶ ସୁଭଦ୍ରା ଶୁଣିପାରି ନ ଥିଲେ, ଅଭିମନ୍ୟୁ ସେହି ଅଂଶ ଜାଣିପାରି ନ ଥିଲେ । ଅତଏବ ମାଆ ହିଁ ଶିଶୁର ପ୍ରକୃତ ରୂପକାର । ତେଣୁ ସାରାଜୀବନ ଅଶୁଝା ହୋଇ ରହିଯାଏ ମାଆର ଉପକାର ।

କେବଳ ମାଆ ନୁହେଁ ବାପା ଓ ଅନ୍ୟାନ୍ୟ ଅଭିଭାବକଙ୍କର ମଧ୍ୟ ପିଲାମାନଙ୍କୁ ଭଲକଥା ଶିଖାଇବାର ଭୂମିକା ରହିଛି । ପିଲାର କାନରେ ଯଥାସମୟରେ ଦେଶର ଐତିହ୍ୟ, ସଂସ୍କୃତିର ମହତ୍ତ୍ୱ, ସଭ୍ୟତାର ବୈଶିଷ୍ଟ୍ୟ, ପରମ୍ପରାଗତ ରୁଚିଶୀଳତାର ପ୍ରସଙ୍ଗ ପକାଇବା ସେମାନଙ୍କର ଦାୟିତ୍ୱ ଓ ପବିତ୍ର କର୍ତ୍ତବ୍ୟ । ମାନବିକତାର ମୂଲ୍ୟବୋଧ ସମ୍ପର୍କରେ ପିଲାମାନଙ୍କୁ ଧୈର୍ଯ୍ୟର ସହ ବହୁକଥା ଜଣାଇବା ଏକାନ୍ତ ପ୍ରୟୋଜନ । ଭଲକଥା କିଛି ନ ଶୁଣାଇ, ନ ଜଣାଇ, ନ ବୁଝାଇ ଭଲକଥା ପିଲାଠାରୁ ଆଶା କରିବା ବୃଥା । ପାଣି, ଖତସାର ନ ଦେଇ ଖାଲି ଭଲ ଫସଲର ଆଶା ବିଡ଼ମ୍ବନାର ବିଷୟ । ଏପରି ବହୁଲୋକ ଅଛନ୍ତି ଯେଉଁମାନେ ନିଜ ବ୍ୟତୀତ ଆଉ କାହାକୁ ମଣିଷରେ ଗଣନ୍ତି ନାହିଁ । ଅହଂକାରରେ ଭରପୂର ହୋଇ ଦିନରାତି ଖାଲି ଗଁ ଗଁ ହେଉଥାନ୍ତି । ସେମାନେ ତାଙ୍କ ପିଲାଙ୍କୁ ଭଲକଥା ଶିଖାଇବେ କିପରି ? ସେମାନେ ତ ଭଲକଥା ଶିଖିନାହାନ୍ତି, ଅନ୍ୟକୁ ଭଲକଥା ଶିଖାଇବାର ଯୋଗ୍ୟତା ସେମାନଙ୍କର ନାହିଁ କହିଲେ ଅତିରଞ୍ଜନ ହେବ ନାହିଁ । ବିଦ୍ୟାଳୟରେ ପଢୁଥିବା ଏପରି ବହୁ ପିଲା ଅଛନ୍ତି ଯେଉଁମାନେ ଅଗଷ୍ଟ ପନ୍ଦର ଏବଂ ଜାନୁୟାରୀ ଛବିଶ ତାରିଖ ସହ ଆମ ଦେଶର ସମ୍ପର୍କକୁ ବୁଝାଇ ପାଞ୍ଚଗୋଟି ବାକ୍ୟ କହିପାରିବେ ନାହିଁ । ନିଜ ଘରୁ ଏ ବାବଦରେ ଗୋଟିଏ ହେଲେ ବାକ୍ୟ ଶୁଣିବାର ଅବକାଶ ସେମାନଙ୍କର ନଥାଏ । ତେଣୁ ନ କହି ପାରିବାଟା କେତେଦୂର ଦୋଷାବହ କଥା, ତାହା ବିଚାର୍ଯ୍ୟ ବିଷୟ ।

ଭଲକଥା ଶିଖାଇବାର ଆଗ୍ରହ ଘର ଭିତରେ ରହୁନାହିଁ । ଏହାର କେତେକ କାରଣ ଭିତରୁ ଗୋଟିଏ କାରଣ ହେଉଛି ନୈତିକତାର କଥା, ଶୃଙ୍ଖଳାର କଥା ଜାଣିଲେ ପିଲାମାନେ କାଳେ ଦୁର୍ବଳ ମାନସିକତାର ଶିକାର ହୋଇଯିବେ । କେମିତି ଏକ ଭୁଲ ଧାରଣା ମନ ଭିତରେ ରହିଛି ଯେ ଭଗବାନଙ୍କ କଥା ଶୁଣିଲେ କାଳେ ପିଲାଏ ଆମର ବାବାଜୀ ହୋଇଯିବେ । ଏଇ ଭୟ କେଉଁଠାରୁ ଆସିଛି, କେମିତି ଆସିଛି ବୋଲି ଭାବିଲେ ବିସ୍ମିତ ହେବାକୁ ପଡ଼େ । ଆହୁରି ଏକ ଭୁଲଧାରଣା ମନ ଭିତରେ ରହିଛି ଯେ ନିଜ ଭାଷା, ସାହିତ୍ୟ ଓ ସଂସ୍କୃତି ସମ୍ବନ୍ଧରେ ଜାଣିଲେ ପିଲାଟି ପଚା, ପୁରୁଣା ତଥା ଅଚଳ ଦୋଅଣି ହୋଇଯିବ । ଏଇ ଭ୍ରମ ଧାରଣା କେଉଁଠାରୁ କିପରି ଆସିଲା, ତାହା ଚିନ୍ତାର ବିଷୟ ।

ଅନ୍ୟ ଦେଶକୁ, ଅନ୍ୟ ସଂସ୍କୃତିକୁ ସମ୍ମାନଦେବା ହିଁ ମାନବିକତା । ମାତ୍ର ନିଜ ସଂସ୍କୃତିକୁ ଜଳାଞ୍ଜଳି ଦେଇ ଅନ୍ୟ ସଂସ୍କୃତିକୁ ସମ୍ମାନ ଦେବା ମାନବିକତା ନୁହେଁ । ଏହା ମଧ୍ୟ ବିଶ୍ୱଗ୍ରାମ ଗଠନର ସୂତ୍ର ନୁହେଁ । ବିଶ୍ୱ ଗ୍ରାମ ଗଠନର ସୂତ୍ରଟି ହେଉଛି ନିଜ ମାଟିରେ ଦୃଢ଼ରେ ଠିଆ ହୋଇ ବାହାରୁ ଚାରିଆଡୁ ଭଲ ଭଲ କଥା ସଂଗ୍ରହ କରି ନିଜକୁ ସମୃଦ୍ଧ କରିବା । ଯଥାର୍ଥ ମାନବିକତାର ମହତ୍ତ୍ୱ ଆମ ଦେଶର ସଂସ୍କୃତିରେ ଆବହମାନ କାଳରୁ ନିହିତ

ହୋଇ ରହିଛି । ଆମ ପିଲାମାନଙ୍କୁ ଏଇ ମହତ୍ତ୍ୱ ସମ୍ପର୍କରେ ଶୁଣାଇବାର ଓ ଜଣାଇବାର ସମୟ ଆସିଛି । ଆଜି ସମଗ୍ର ବିଶ୍ୱ ଚାହିଁ ରହିଛି ଭାରତ ଆଡ଼କୁ । ଭାରତର ଦିଗ୍‌ଦର୍ଶନ ସମଗ୍ର ପୃଥିବୀ ପାଇଁ ଏକାନ୍ତକାମ୍ୟ ଏକଥା ପାଶ୍ଚାତ୍ୟର ବହୁ ଚିନ୍ତାବିତ୍ ଆଗରୁ କହି ସାରିଛନ୍ତି । ସେମାନଙ୍କ ମଧ୍ୟରେ ରୋମାଁରୋଲା, ହରାର୍, ଶ୍ରୀମତୀ ବୋରିସ୍କା, ନୋଷ୍ଟ୍ରାଡ଼ମସ୍, ଭଗିନୀ ନିବେଦିତା ଓ ମାକ୍ସ ମୁଲ୍ଲରଙ୍କ ନାମ ଉଲ୍ଲେଖଯୋଗ୍ୟ ।

ଆଜି ବିଶ୍ୱରେ ଭାରତବର୍ଷର ପ୍ରାଧାନ୍ୟ ବିସ୍ତୃତ ହେବାରେ ଲାଗିଛି । ଆଗାମୀ ଦିନରେ ବିଶ୍ୱଭ୍ରାତୃତ୍ୱ ମାଧ୍ୟମରେ ବିଶ୍ୱ ନାଗରିକତ୍ୱର ସଂଜ୍ଞା ଓ ସ୍ୱରୂପ ଉଦ୍‌ଘୋଷିତ ହେବ ଭାରତବର୍ଷରୁ । ଜାତି, ଧର୍ମ, ବର୍ଣ୍ଣର ସୀମାକୁ ଡେଇଁ ଯାଇ ପାରୁଥିବା ଦିବ୍ୟ ଚେତନା ବଳରେ ଏକଥା ସମ୍ଭବ ହେବ । ଆଗାମୀ ବିଶ୍ୱର ଦରବାରରେ ଆମଦେଶ ଭାରତବର୍ଷର ସ୍ଥାନ ହେବ ସ୍ୱତନ୍ତ୍ର । ବିଶ୍ୱ ସିଂହାସନରେ ଭାରତଜନନୀ ଆମର ଅଭିଷିକ୍ତ ହେବେ । ଏହି ଅଭିଷେକ ଉତ୍ସବରେ ଆମର ପିଲାମାନେ ସହଯୋଗ କରନ୍ତୁ ବୋଲି ଆମେ ଚାହିଁବା ନାହିଁକି ?

□□

ଶେଷ କେଉଁଠି ?

ଶେଷ ଫୁଲଟି ଏପର୍ଯ୍ୟନ୍ତ ଫୁଟି ନାହିଁ । ଯଦିବା ପ୍ରତିଦିନ ବହୁତ ଫୁଲ ଫୁଟୁଛି । ଶେଷ ଲହରୀଟି ଏ ପର୍ଯ୍ୟନ୍ତ ଉଠିନାହିଁ ଯଦିବା ପ୍ରତିଦିନ ବହୁ ଲହରୀ ଉଠୁଛି । ଶେଷ ପ୍ରେମ ଏ ପର୍ଯ୍ୟନ୍ତ ପୃଥିବୀକୁ ଆସିନାହିଁ ଯଦିବା ରାଧା ପ୍ରେମ ଶ୍ରେଷ୍ଠ ବୋଲି ସ୍ୱୀକୃତ ଓ ସମ୍ମାନିତ ହୋଇଛି । ଶେଷ କ୍ଷମା ଏ ପର୍ଯ୍ୟନ୍ତ ରୂପାୟିତ ହୋଇନାହିଁ ଯଦିବା ଯୀଶୁଖ୍ରୀଷ୍ଟ ତାଙ୍କର ହତ୍ୟାକାରୀମାନଙ୍କୁ କ୍ଷମା ଦେଇ ସାରିଛନ୍ତି । ଅହିଂସାର ଶେଷ ପ୍ରୟୋଗଟି କରାଯାଇନାହିଁ ଯଦିବା ମହାତ୍ମାଗାନ୍ଧୀ ଅହିଂସାର ଶ୍ରେଷ୍ଠ ପୂଜାରୀ ଭାବରେ ବିଶ୍ୱବିଖ୍ୟାତ ହୋଇଛନ୍ତି ।

'ଶେଷ' ଓ 'ଆରମ୍ଭ'-ଏଇ ଦୁଇ ଶବ୍ଦକୁ ନେଇ ବହୁ ପ୍ରଶ୍ନ ଜନମାନସରେ କାଳେକାଳେ ସୃଷ୍ଟି ହୋଇଛି । କଥାଟି ଯେତିକି ବୁଝି ହେଉଛି, ତା'ଠାରୁ ଅଧିକ ଅବୁଝା ହୋଇ ରହିଯାଉଛି । 'ଶେଷ' ଶବ୍ଦଟିର ଅର୍ଥ ଛାୟାଚ୍ଛନ୍ନତା ଭିତରେ ରହି ଏକପ୍ରକାର କୁହୁକ ଲଗାଇ ଦେଉଛି । ଏପଟରୁ ବୁଝିଲେ ସେପଟରୁ ବୁଝି ହେଉନାହିଁ, ସେ ପାଖରୁ ବୁଝିଲେ ଏ ପାଖରୁ ବୁଝି ହେଉନାହିଁ । କଥାଟି ଯେତିକି ବୁଝି ହେଉଛି ସେଥିରୁ ଏତିକି ଜାଣିହେଉଛି ଯେ ଗୋଟିଏ ଶେଷ ହିଁ ଅନ୍ୟ ଏକ ଆରମ୍ଭର ଦ୍ୱାରଦେଶ । ଶେଷ କଥାଟିର ଶେଷ ଯେଉଁଠି ହୁଏ, ଆରମ୍ଭର ଆରମ୍ଭ ହିଁ ସେଇଠି ହୁଏ । ଅନ୍ୟଭାଷାରେ କୁହାଯାଇପାରେ ଯେ ଶେଷର ଶେଷ ପାହାଚ ହିଁ ଆଉ ଏକ ଆରମ୍ଭର ପ୍ରଥମ ପାହାଚ । ଆହୁରି ମଧ୍ୟ କୁହାଯାଇପାରେ ଯେ ପ୍ରତ୍ୟେକ ଶେଷ ଭିତରେ ତାହାର ଅନ୍ୟ ଏକ ଆରମ୍ଭ ଯେପରିଥାଏ, ପ୍ରତ୍ୟେକ ଆରମ୍ଭ ଭିତରେ ତାହାର ଶେଷ ସେହିପରି ସଂଗୋପିତ ତଥା ସଂଗଠିତ ହୋଇଥାଏ । ଅତଏବ ଏଥିରୁ ଏତିକି ସ୍ପଷ୍ଟ ଯେ 'ଆରମ୍ଭ'ର ବିପରୀତ ଧର୍ମୀ ଶବ୍ଦ 'ଶେଷ' ନୁହେଁ । ବରଂ ଆରମ୍ଭର ରୂପାନ୍ତରିତ ରୂପ ହେଉଛି ଶେଷ ଓ ଶେଷର ରୂପାନ୍ତରିତ ରୂପ ହେଉଛି ଆରମ୍ଭ । ଶେଷ ଭିତରେ ଆରମ୍ଭର ଉପସ୍ଥିତି ଓ ଆରମ୍ଭ ଭିତରେ ଶେଷର ସ୍ଥିତି ଅଦୃଶ୍ୟଭାବରେ ସଂଲଗ୍ନ ହୋଇ ରହିଥାଏ । ସୁତରାଂ ଆମକୁ ଯେତେ ଯେତେକଥା ଶେଷ ବୋଲି ମନେହୁଏ, ପ୍ରକୃତରେ ସେଇ ସେଇ କଥା ଶେଷ କଥା ନୁହେଁ । ପ୍ରାୟତଃ ଆମକୁ ଶ୍ରେଷ୍ଠକଥାଗୁଡ଼ିକ ଶେଷ କଥା ବୋଲି ମନେହୁଏ । ପ୍ରକୃତରେ ଶ୍ରେଷ୍ଠ ଓ ଶେଷ ଭିତରେ ଆକାଶ ପାତାଳ ତଫାତ୍ ରହିଛି । ଶ୍ରେଷ୍ଠର ପରିଚିତି ଦେଶ, କାଳ ଓ ପାତ୍ରରେ ନିର୍ଦ୍ଧାରିତ, ମାତ୍ର 'ଶେଷ'ଟି ଦେଶ, କାଳ ଓ ପାତ୍ରର ଉର୍ଦ୍ଧ୍ୱରେ ଥାଇ କ୍ରିୟାଶୀଳ । କିପରି ଆରମ୍ଭର କିପରି ଶେଷ ପୁଣି କିପରି ଶେଷରେ କିପରି ଆରମ୍ଭ ହେବ, ତାହା କୌଣସି ଗାଣିତିକ ସୂତ୍ରଦ୍ୱାରା ନିୟନ୍ତ୍ରିତ ନୁହେଁ ସତ୍ୟ, ମାତ୍ର ଏଥିପାଇଁ ଯେ ଏକ ନିୟନ୍ତ୍ରକ ତଥା ନିୟାମକ ଶକ୍ତି ରହିଛି, ଏହାକୁ ଅସ୍ୱୀକାର କରାଯାଇ ପାରିବ ନାହିଁ । ସେହି ଶକ୍ତିହେଉଛି ବିଶ୍ୱ ପ୍ରକୃତି । ମାନସ ବୁଦ୍ଧିର ଅଲକ୍ଷ୍ୟରେ ତାହାର କ୍ରିୟା ସମ୍ପାଦିତ ଓ ସଂଗଠିତ ହୁଏ ।

ବିଶ୍ୱପ୍ରକୃତି ନିରନ୍ତର କେତେ କଥା ଗଢ଼େ ଓ ଭାଙ୍ଗେ । ଗଢ଼େ ବୋଲି ଭାଙ୍ଗେ କି ଗଢ଼ିବା ପାଇଁ କି ଭାଙ୍ଗେ, ଭାଙ୍ଗେ ବୋଲି ଗଢ଼େ କି ଭାଙ୍ଗିବା ପାଇଁ ଗଢ଼େ, ଏ ପ୍ରଶ୍ନର ଉତ୍ତର ଏ ପର୍ଯ୍ୟନ୍ତ କାହାକୁ ମିଳିନାହିଁ । ତେବେ ଏତିକି ଲକ୍ଷ୍ୟକରି ହେଉଛି ଯେ ଯେଉଁ ବିଶ୍ୱପ୍ରକୃତି ଗଢ଼ିବାରେ ଉଲ୍ଲସିତ, ସେଇ ବିଶ୍ୱପ୍ରକୃତି ଭାଙ୍ଗିବାରେ ଉଦାସୀନ ନୁହେଁ ।

ଉଦାସୀନ ହେବା ପାଇଁ ତା' ପାଖରେ ସମୟ ମଧ୍ୟ ନାହିଁ । କାରଣ ସେ ଅହରହ କ୍ରିୟାରତ । ତା'ର କ୍ଲାନ୍ତି ନାହିଁ, ବିରକ୍ତି ନାହିଁ କି ବିତୃଷ୍ଣା ମଧ୍ୟ ନାହିଁ, ବରଂ ଅଛି କର୍ମ ପ୍ରବଣତା, ଅନୁରକ୍ତି ଓ ଆଗକୁ ଯିବାକୁ ଅନେକ ତୃଷ୍ଣା । ଏଇ ତୃଷ୍ଣା ତାକୁ ପ୍ରେରଣା ଦିଏ, ଉତ୍ସାହ ଦିଏ, ପ୍ରଗତି ପଥରେ ଅଗ୍ରଗତି କରିବାକୁ ଅସୀମ ଶକ୍ତି ଓ ଅଶେଷ ସାମର୍ଥ୍ୟ ଦିଏ । ଶେଷ ଓ ଆରମ୍ଭ ଭିତରେ ଆମ ପାଇଁ ଅସ୍ପଷ୍ଟ, ମାତ୍ର ତା'ପାଇଁ ସ୍ପଷ୍ଟ ସୀମାରେଖାଟି ସେ କେତେବେଳେ ଓ କିପରି ଟାଣେ, ସେକଥା ସେ ହିଁ ଜାଣେ । ପ୍ରତି କଥାକୁ ଅଧିକ ମହନୀୟ ଓ ମୋହନୀୟ କରି ଗଢ଼ିବାକୁ ସେ ଚାହେଁ । ଅନୁପମ ମୋହିନୀ ମନ୍ତ୍ରରେ ମନ୍ତ୍ରାୟିତ, ମନୋରମ ସୁଚାରୁ ଛନ୍ଦରେ ଛନ୍ଦାୟିତ ସେ ଏକ ଅଦୃଶ୍ୟ ଅନୁଭବ୍ୟ ସତ୍ତା ।

ବିଶ୍ୱ ପ୍ରକୃତିର ମୁଗ୍ଧ ମଧୁରିମା ପହଁରିଯାଏ ପାଣିରୁ ପବନ ପର୍ଯ୍ୟନ୍ତ । ତରୁରୁ ତୃଣ ପର୍ଯ୍ୟନ୍ତ କଅଁଳ ପତ୍ରର ଧାରେ ଧାରେ ତାହା ମାଖି ହୋଇଯାଏ । ସବୁଜ କେଦାରର ଲହରୀରେ, ଫୁଟା ଫୁଲର ପାଖୁଡ଼ାରେ, ଭ୍ରମରର ଗୁଞ୍ଜନରେ ପୁଣି ଦିଗ୍‌ବଳୟର ଗାରେ ଗାରେ ତା'ର ରୂପବିଭା ଜକ ଜକ ଦିଶେ ଓ ସ୍ୱରସୁଧା ମଧୁର ଛନ୍ଦରେ ଝରିଝରି ପଡ଼େ । ସାତ ସମୁଦ୍ର ତେର ନଈ ଡେଇଁ ପବନ ହୋଇ ସବୁକିଛିକୁ ଛୁଇଁଯାଏ, ପୁଣି ସଭିଙ୍କ କାନରେ କହିଯାଏ ନୂଆ ନୂଆ କଥା ଓ ସଭିଙ୍କ ଅନ୍ତରରେ ଦେଇଯାଏ ନୂଆ ନୂଆ ବାର୍ତ୍ତା । ସେ କଥାର ଧ୍ୱନିମାଳା ଓ ସେ ବାର୍ତ୍ତାର ଭାବଧାରା ଅନନ୍ୟ ଓ ଅସାଧାରଣ । ସିଏ ଅନୁମାନରୁ ଅନୁଭବ ଓ ଭାବନାରୁ ଭାଷା ପର୍ଯ୍ୟନ୍ତ ବିକଶିତ ଓ ବିସ୍ତୃତ । ସିଏ ପୁଣି ରୂପାୟିତ 'ଆରମ୍ଭ'ରେ ଓ 'ଶେଷ'ରେ । ଆରମ୍ଭର ଆରମ୍ଭ ସିଏ, ପୁଣି ଶେଷର ଶେଷ ମଧ୍ୟ ସିଏ । ପଥ ସିଏ, ପାଥେୟ ସିଏ, ପୁଣି ପଥପ୍ରାନ୍ତର ଛାଇ ମଧ୍ୟ ସିଏ । ସେ ଚାଲେ ଓ ଚଲାଏ, ହସେ ଓ ହସାଏ, କାନ୍ଦେ ଓ କନ୍ଦାଏ, ଭାସେ ଓ ଭସାଏ । ସେ ବାଟରେ ଅଟକେ ନାହିଁ, କି କେହି ଅଟକି ଯାଆନ୍ତୁ ବୋଲି ସେ ଚାହେଁ ନାହିଁ । ଆରମ୍ଭ ତା'ପାଇଁ ଆରମ୍ଭ ନୁହେଁ କି ଶେଷ ତା'ପାଇଁ ଶେଷ ନୁହେଁ । ସେ ହିଁ ଆରମ୍ଭ, ସେହିଁ ଶେଷ, ତାକୁ ମଥାନତ ପ୍ରଣାମ ।

□□

ଆମେ ଆଉ ଆମେ

ଦିନ ଯାଏ, ରାତି ଆସେ, ରାତି ଯାଏ, ଦିନ ଆସେ। ଆମେ ଆମ ଚିନ୍ତାରେ ଥାଉ। ଆମେ କ'ଣ ଖାଇବୁ, କ'ଣ ପିନ୍ଧିବୁ, କିପରି ଆରାମ କରିବୁ ଉତ୍ୟାଦି ଇତ୍ୟାଦି। ଟିକିଟିକି ଚିନ୍ତାରେ ସମୟ କଟିଯାଏ। ଜୀବନ ଆରମ୍ଭ ହୋଇ ସରିଯାଏ, ତେବେ ମଧ୍ୟ ଆମେ ଟିକିଏ ସମୟ ପାଉନା ଦେଶକଥା, ଜାତିକଥା, ସଂସ୍କୃତି କଥା ଭାବିବାକୁ। ଦେଶ ଯେ ଆମ ପାଇଁ ଜୀବନ୍ତ ଦେବୀ, ଆମେ କେତେ ପ୍ରକାରେ ତାହା ଦ୍ୱାରା ଉପକୃତ, ଏକଥା ଆମେ କେବେ ଭାବୁନାହିଁ। ଏସବୁ ଆମପାଇଁ ଅଲୋଡ଼ା। ବାୟାର କି ଯାଏ, ବାଆ କଲେ ବସା ଦୋହଲୁଥାଏ। ଆମର କ'ଣ ଯାଏ, ଦେଶ ନା ଫେଶ, ଆମେ ଭଲ ତ ଦୁନିଆଁ ଭଲ। ଖାଲି ଦରକାର ଟଙ୍କା ଆଉ କ୍ଷମତା। ଗଦାଗଦା ଟଙ୍କା ରଖିବାରେ ବୀରତ୍ୱ ଅଛି। ଯେନତେନ ପ୍ରକାରେଣ ସେ ଟଙ୍କା ଆସୁ, ଦୁଃଖ ନାହିଁ। ଦେଶର ଧନ ଆମର ଧନରେ ମିଶି ଆମ ଧନରେ ପରିଣତ ହୋଇଗଲେ ଆମେ ଯେ କି ଖୁସି ତାହା କଥାରେ କହିହେବ ନାହିଁ। ଦେଶକୁ ଖୋଳ କରି ଆମର ବ୍ୟକ୍ତିଗତ ଧନ ବଢ଼ାଇ ଚାଲିଲେ ଦେଶ ଯେ ଦିନେ ଭୁଶୁଡି ପଡିବ ସେ ଚିନ୍ତା ଆମର ନାହିଁ। ଯଦି କଦବା କ୍ୱଚିତ କିଏ ରାଜନୀତି ଦୃଷ୍ଟିରୁ ନୁହେଁ ଅନ୍ୟାନ୍ୟ ଦିଗରୁ ଦେଶ କଥା ତଥା ଦେଶର ଉନ୍ନତି କଥା ପକାଏ, ତେବେ ଆମକୁ ହସମାଡ଼େ। ଆମ ପାଟିରୁ ସ୍ୱତଃ ବାହାରିପଡେ, 'ଇଏ ହେଲେ ଦ୍ୱିତୀୟ ଗୋପବନ୍ଧୁ, କିହୋ! ଜଣେ ଭାବିଲେ କ'ଣ ହେବ, ସମସ୍ତେ ଭାବିଲେ ସିନା ହେବ ଇତ୍ୟାଦି ଇତ୍ୟାଦି। ପ୍ରକୃତପକ୍ଷେ ଜଣକରୁ ଜଣେ, ତା'ପରକୁ ଆଉଜଣେ, ଏପରି ସିନା ଦେଶପ୍ରେମୀ ଜଣ ଜଣ ହୋଇ ପଣେ ହେବେ, ଏକଥା ଆମେ ବୁଝିବାକୁ ଇଚ୍ଛା କରୁନା। ବରଂ ଜଣକୁ ଏପରି ବାକ୍ୟବାଣ ପ୍ରୟୋଗ କରୁଯେ 'ମୃତ୍ତ ସଭାରେ ମୂକ ଯଥା ଧାର୍ମିକ' ପରି ସେ ନୀରବ ରହିବାକୁ ବାଧ୍ୟ ହୁଏ।

ତେବେ ଯେତେ ଯାହା ହେଉନା କାହିଁକି ଭୋଟ ଗ୍ରହଣ ଦିନ ଦେଶର ସ୍ଥିତିକୁ ପୂରା ଅନୁଭବ କରିହୁଏ। ତା'ର କିଛିଦିନ ଆଗରୁ ପରିବେଶ ଗରମଗରମ ଲାଗେ। ଭୋଟ ଦିନ ତ କିପରି ଗୋଟାଏ କୁତୁକୁତିଆ ଆନନ୍ଦ ଲାଗେ। ନିଜକୁ ନିଜେ ଓଜନିଆ ଓଜନିଆ ଲାଗେ। ଦିନଟି ଖୁସିରେ କଟିଯାଏ। ରାତି ପାହିଲେ ଆମ ବାଟରେ ଆମେ, ଦେଶ ବାଟରେ ଦେଶ।

ଟିକିଏ କ୍ଷମତା ଥିବା ଚାକିରିଆ ହୋଇଥିଲେ ଆମର ଚିନ୍ତା ହୁଏ, ଦରମା ପଇସା ଖର୍ଚ୍ଚ ନହୋଇ ଉପରା ପଇସାରେ କିପରି ଚଳିବାକୁ ହେବ। ତେଣୁ କେତେ ପେଞ୍ଚ ପାଞ୍ଚ ଆମ ମନକୁ ସ୍ୱତଃ ଆସିଯାଏ। ବୁଦ୍ଧି ସବୁ ସେତେବେଳକୁ ବନ ଝରଣା ପରି ଝରିଝରି ଆସେ। କେତେବେଳେ ପାଟିରୁ ବାଣୀ ଚନ୍ଦନ ଶୀତଳା ବାହାରେ ତ ଆଉ କେତେବେଳେ ଫଁଅଁ ଫଁଅଁ, ରାଇଁ ରାଇଁ, ଝାଇଁ ଝାଇଁ। ମଣିଷ ଦେଖିକରି କାରବାର। ବେଳେବେଳେ ଥିବା ଫାଇଲ ହଜିଯାଏ, ଆଉ ହଜିଥିବା ଫାଇଲ ମିଳିଯାଏ। ହଇରାଣର ଶିକାର ହୋଇଥିବା ଲୋକଟି ଆମକୁ ନମସ୍କାର କରେ, ଆମେ ତା'ର ନମସ୍କାରଟି ପାଇଲୁ କି ନାହିଁ ଦ୍ୱନ୍ଦ୍ୱରେ ପଡି ଆଉଥରେ ମଧ୍ୟ ନମସ୍କାର କରେ। ନମସ୍କାର ପାଇ

ଆମର ଖୁସି କହିଲେ ନସରେ। ତେବେ ଖୁସିଟା ଆମେ ପ୍ରକାଶ କରୁନା, ବରଂ ଶୂନ୍ୟ ଗମ୍ଭୀରତାରେ ମୁହଁକୁ ସଜାଇଦେଉ। ସେମିତି ସେମିତି ଫୁଲିଫୁଲି ଚଉକିରେ ବସି ବସି ଅଳ୍ପ କିଛି କାମ କରି ଆମେ ଲେଉଟାଣି ପଡୁ ଘରକୁ। ଆମେ ଆମ ବାଟରେ ଆସୁ, ବିଜୁଳି ପଙ୍ଖା ବୁଲୁଥାଏ, ଟେବୁଲ ଉପରେ ଥିବା କାଗଜପତ୍ର ହାଉଆ ଖାଉଥାନ୍ତି। ପଙ୍ଖା ବୁଲି ବୁଲି କହୁଥାଏ ମୁଁ ଚାଲିଛି, ଆଉ ଦେଶ ଚାଲିଛି। ଆମେ ଆମ ପଙ୍ଖା ବନ୍ଦ କରିବାର ଦାୟିତ୍ୱରେ ନଥାଉ। ଆଉ ଜଣେ ଥାଏ, ସେ କେଉଁଠି ବସି ଢୁଳାଉଥାଏ, ନହେଲେ ଯାଦୁ କୁଣ୍ଡାଉଥାଏ। ତା'ର ଘରକୁ ଯିବାବେଳ ହେଲେ ସେ ଆସି ପଙ୍ଖା ବନ୍ଦ କରେ।

ଶାସ୍ତ୍ର କହିଛି 'ବାଣିଜ୍ୟେ ବସତେ ଲକ୍ଷ୍ମୀ',ବାଣିଜ୍ୟ କଥାଟି ମନ୍ଦ ନୁହେଁ। ଗୋଟିଏ ସ୍ଥାନରୁ ଜିନିଷପତ୍ର ଆଣି ଆଉ ଗୋଟିଏ ଜାଗାରେ ନିଜର ଯଥାର୍ଥ ପାରିଶ୍ରମିକ ମିଶାଇ ବିକ୍ରି କରିବା ହିଁ ବେପାର। ଅପମିଶ୍ରଣ, ଓଜନରେ ଠକେଇ ତ ବେପାର ବିଦ୍ୟାର ଅନ୍ତର୍ଭୁକ୍ତ ନୁହେଁ। ଅପମିଶ୍ରଣର ଉତ୍କଟତା ଯୋଗୁଁ ଖାଉଟି ଦୁରାରୋଗ୍ୟ ବ୍ୟାଧିର ଶିକାର ହୁଅନ୍ତି, ହେଲେ ହୁଅନ୍ତୁ, ସେଥିରେ କିଛି ଯାଏ ଆସେ ନାହିଁ। ବେପାର ପାଇଁ ବେପାର ଏକଥାରେ ବିଶ୍ୱାସ ଅଧିକ। ଏବେ ଔଷଧ ଭିତରୁ କେତେ ଔଷଧ ଭେଜାଲ। ଔଷଧ ଖାଇଲେ ରୋଗ ଉପଶମ ହେଉନାହିଁ। ଭିଟାମିନ୍ ବଟିକାରେ ପୁଣି ଚକ୍‌ଖଡି ଗୁଣ୍ଡ, ପାଉଁଶ ଇତ୍ୟାଦି ମୂଲ୍ୟବାନ ପଦାର୍ଥ। ଏଥିରେ କାହାର ବା ଯାଏ ଆସେ କେତେ ? କିଏ ଭାବେ କାହା କଥା।

ସ୍ୱେଚ୍ଛାଧୀନତାର ଅଖଣ୍ଡ ରାଜତ୍ୱ। ସ୍ୱେଚ୍ଛାଧୀନତା ଏବେ ସ୍ୱାଧୀନତା ନାମରେ ନାମିତ। ସ୍ୱାଧୀନତା ଓ ସ୍ୱେଚ୍ଛାଧୀନତା ଦୁଇଟି ଶବ୍ଦ ଭିନ୍ନ ଭିନ୍ନ ଅର୍ଥ ବିଶିଷ୍ଟ। ଦୁଇ ଅର୍ଥ ଭିତରେ ତଫାତ ବହୁତ। ଆମେ ଏହା ବୁଝିନାହୁଁ। ବୁଝିବାକୁ ଚାହୁଁନାହୁଁ। ବୁଝିଗଲେ ଆମର ବୀରପଣିଆ କାଳେ କମିଯିବ, ଏ ଭୟ ମଧ୍ୟ ଆମର ରହିଛି। ଶୃଙ୍ଖଳିତ ହୋଇଗଲେ କାଳେ କେହି ମାନିବେ ନାହିଁ, ଏ ଚିନ୍ତାଧାରା ଆମ ଭିତରେ ରହିଛି। ଅତଏବ ଏତେ କଥାକୁ ଯାଉଛି କିଏ ? ମୁଁ ,ମୁଁ, ମୋର, ତୁ, ତୁ, ତୋ'ର ଭାବ ଅଛି ତ ଥାଉ। 'ଆମେ'କଥାଟି ନଆସୁ, 'ମୁଁ' ଭାବରେ ତ ଆନନ୍ଦ ମିଳୁଛି। ବେଶ୍ ଚଳିଯାଉଛି। ଅନ୍ୟର ଅସୁବିଧା କିଛି ହେଉଛି ତ ହେଉ। ମୋର ସୁବିଧା ତ ହେଉଛି, ସେତିକି ଯଥେଷ୍ଟ। ଏ ଆନନ୍ଦ ଯେ ଅସ୍ଥାୟୀ, ଏହା ବୁଝିବାକୁ ଆମର ବେଳନାହିଁ କି ଆମର ଧୈର୍ଯ୍ୟ ନାହିଁ। ଅନ୍ୟମାନଙ୍କର ଅସୁବିଧାର କାରଣ ହେଲେ ନିଜର ସୁବିଧା କେବେ ବି ହୁଏନାହିଁ। ସେଇପ୍ରକାର ନହେଲେ ମଧ୍ୟ ଅନ୍ୟ ପ୍ରକାର ଅସୁବିଧାରେ ଦିନେ ନା ଦିନେ ନିଜକୁ ପଡ଼ିବାକୁ ହୁଏ। ଏହା ବୁଝିବାକୁ ଆମକୁ ଆହୁରି ସମୟ ଲାଗିବ।

ଆମେ ପ୍ରାୟ ସବୁବେଳେ ଅହେତୁକୀ କ୍ରୋଧରେ ଜର୍ଜରିତ, ବିରକ୍ତିରେ ବିବ୍ରତ। ଗଁ ଗଁ ହୋଇ ବଞ୍ଚିଛୁ। ଏହାର ମୂଳରେ ଅଛି ଅହଂ। କୌଣସି ଅନୁଷ୍ଠାନରେ ଯଦି ମୋ କଥା ନ ରହିଲା ତେବେ ଆମେ ସେହି ଅନୁଷ୍ଠାନରୁ ନିଜକୁ ଦୂରେଇ ନେବା ସହିତ ଯଥାଶୀଘ୍ର କଳେବଳେ କଉଶଳେ ଅନୁଷ୍ଠାନଟିକୁ ଭାଙ୍ଗି ଦେବାକୁ ଚେଷ୍ଟା କରୁ। ପାଞ୍ଚଜଣଙ୍କ କଥା ରହୁ, ମୋ କଥା ନ ରହିଲେ ନାହିଁ। ଏ ଭାବ ଆଉ ନାହିଁ।

ଆମେ ଦାବିକରୁ ବେକାରୀଭତ୍ତା, ଋଣ ଛାଡ଼ ଓ ସଂରକ୍ଷଣ ବ୍ୟବସ୍ଥାର ଅଭିବୃଦ୍ଧି। ଭତ୍ତା ଦେଲେ ବେକାରୀ ସମସ୍ୟାର ସମାଧାନ ହୁଏନାହିଁ। ଏକଥା ଭାବିବାକୁ ଆମର ଆଗ୍ରହ ନାହିଁ। ଚକେ ଗଲେ ବାରହାତେ, କିଏ ପଚାରେ ? ଯୋଡ଼ା ତାଳି ପକାଇ ଗାଦି ଜୟ କଲେ ଯାଏ, କ'ଣ ମିଳୁଛି କେଉଁ କଥାରୁ ? ଆମେ ଯୁବକମାନେ ମଧ୍ୟ ଭତ୍ତା ପାଇବା ପାଇଁ ଲାଳାୟିତ। ମାସକୁ ମାସ କବାଟ ଠକ୍‌ଠକ୍ କରି ଡାକବାଲା ମନି ଅର୍ଡ଼ର ଯୋଗେ ଆସିଥିବା ଭତ୍ତା ଆମକୁ ଯଦି ଦେଇଯାଆନ୍ତା, ସତରେ କେତେ ମଜ୍ଜା ହୁଅନ୍ତା। ବିନା ପରିଶ୍ରମରେ ଅର୍ଥ ପ୍ରାପ୍ତି, ଏହା ତ ଆମ ପାଇଁ ବୈକୁଣ୍ଠର ଆନନ୍ଦ।

ଆମେ ଶିକ୍ଷାନୀତି ପ୍ରଣୟନ କରୁ, କମିଶନ ଗଠନ କରୁ। ବହୁ ଚର୍ଚ୍ଚା କରୁ। ମାତ୍ର ଶିକ୍ଷା ଜୀବନଧର୍ମୀ ହୋଇପାରେ ନାହିଁ। ଦେଶର ଶିଶୁ, କିଶୋର ଓ ଯୁବକ କିଭଳି ଶିକ୍ଷା ପାଇବା ଉଚିତ୍ ସେ ଚିନ୍ତା ଆମର ନଥାଏ।

ଚିନ୍ତା ଥାଏ ଯଥାଶୀଘ୍ର ଆଲୋଚନା ସମାପ୍ତ କରିବା ଓ ଗସ୍ତ ଖର୍ଚ୍ଚ ଶୀଘ୍ର ପାଇ ଘରକୁ ଫେରିଯିବା। ଦେଶର ଅତୀତ ଗୌରବ, ଜାତିର ଗୌରବ ଗାଥା ଓ ଭବିଷ୍ୟତ ଦେଶ ଗଠନର ଯୋଜନା ସହିତ ଯୁବଶକ୍ତିକୁ ପରିଚିତ କରିବାର ବ୍ୟବସ୍ଥା ନଥାଇ ଯୁବଶକ୍ତିଠାରୁ ବହୁତ କିଛି ଆଶା କରିବା ବିଡ଼ମ୍ବନା ନୁହେଁ କି ? ଆଉ ଅଭିଭାବକମାନଙ୍କ କଥା ନ କହିଲେ ଭଲ। ସେମାନେ ପିଲାମାନଙ୍କ ପାଇଁ କଷ୍ଟ କରିବାକୁ ପ୍ରସ୍ତୁତ ନୁହନ୍ତି। ଆମ ସୁଖସୁବିଧାରେ ଟିକିଏ ଆଞ୍ଚ ଆସିବନି, ଅଥଚ ପିଲାମାନେ ମନକୁ ମନ ଭଲ ହୋଇଯିବେ, ଶିକ୍ଷିତ ହୋଇଯିବେ। ଆହା, ଏଇ ଚତୁରତା ହେଉଛି ଅତ୍ୟନ୍ତ ଚମତ୍କାର ଚତୁରତା। ଆମେ ଭଲ କଥା ଶୁଣାଇବା ନାହିଁ ଅଥଚ ପିଲାମାନଙ୍କ ଠାରୁ ଭଲ କଥା ଆଶା କରିବା। ଯତ୍ନ ନକଲେ ଗଛଟିଏ ଉଧୋଉନାହିଁ, ଆଉ ମଣିଷ ପିଲାଟିଏ ମନକୁ ମନ ବାହାରୁ ଭଲ କଥା ଶିଖିଯିବ, କି ଚମତ୍କାର ଭାବନା। ଅଭିଭାବକ ମାନଙ୍କୁ ଦେଶକଥା, ଜାତି କଥା ତଥା ବିଶ୍ୱକଥା ଜାଣିବାକୁ ପଡ଼ିବ। ବି.ଏ. ଅଥବା ଏମ୍.ଏ. ଡିଗ୍ରୀ କଥା ଏଠାରେ ପଡ଼ିନାହିଁ। ଡିଗ୍ରୀଠାରୁ ଚେତନା ହିଁ ଅସଲ ବଡ଼ କଥା। ଅତିକମ୍‌ରେ ଅଭିଭାବକ ଅଥବା ପିତାମାତାଙ୍କର ଗୁରୁ, ଗୁରୁଜନମାନଙ୍କୁ ଅବମାନନାର ଭାବ ରହିଲେ ପିଲାଏ ଅବଲୀଳା କ୍ରମେ ତାହା ସହଜରେ ଶିଖିଯାନ୍ତି। ସ୍ୱାର୍ଥପର ମନୋଭାବ ରହିଲେ ପିଲାଏ ତାହା ସହଜରେ ଶିଖିଯାନ୍ତି ଓ ସେହି ଶିକ୍ଷାକୁ ଜୀବନରେ ପ୍ରୟୋଗ କରି ନିଜେ ଦୁଃଖୀ ହୁଅନ୍ତି ଏବଂ ଅନ୍ୟମାନଙ୍କୁ ଯନ୍ତ୍ରଣାରେ ଜର୍ଜରିତ କରିଥାନ୍ତି।

ନିଜ ପ୍ରଶଂସା ନିଜେ ଗାଇବାରେ ଆଜି କେହି କୁଣ୍ଠିତ ନୁହନ୍ତି। ବରଂ ଗାଇ ନପାରିବାଟା ହେଉଛି ଅଯୋଗ୍ୟତା। ନିଜ ଢୋଲ ନିଜେ ପିଟିବା ହେଉଛି ବୀରତ୍ୱର ଚିହ୍ନ। ଆଗେ ଏପରି ବ୍ୟକ୍ତିଙ୍କୁ ମୂର୍ଖ, ଅଧମ ବୋଲି କୁହାଯାଉଥିଲା, ମାତ୍ର ଆଜିକାଲି ସେପରି ବ୍ୟକ୍ତିଙ୍କୁ ଜ୍ଞାନୀ, କରିତ୍‌କର୍ମା ତଥା ଯୁଗୋପଯୋଗୀ ବୋଲି କୁହାଯାଉଛି।

ସଂସ୍କୃତି ସଚେତନତା ଏକ ମଫସଲିଆ କଥାରେ ପରିଣତ ହୋଇଗଲାଣି। ଅପସଂସ୍କୃତି ଆସି ସଂସ୍କୃତିର ସ୍ଥାନ ଅଧିକାର କରିବସିଛି। ଚାଲି ଚଳଣିରେ, ବେଶପୋଷାକରେ ଅମାର୍ଜିତ ରୁଚି ଫୁଟିପଡୁଛି। ଏହା ଆଧୁନିକତା ବୋଲି କହି ଆମେ ଖୁସି ରହିଛୁ। ଏହାର ଅର୍ଥ ଏପରି ନୁହେଁ ଯେ ଆମେ ପରିବର୍ତ୍ତନ ବିମୁଖ ହେବା। ପରିବର୍ତ୍ତନ ନିମନ୍ତେ ଆଗ୍ରହ ହିଁ ପ୍ରଗତିର ମୂଳମନ୍ତ୍ର। ମାତ୍ର ପରିବର୍ତ୍ତନ ସକାରାତ୍ମକ ହେବା ଆବଶ୍ୟକ। ଅନ୍ୟର ଅନ୍ଧାନୁସରଣ ନ କରିବା ଉଚିତ୍। ଅସଲ କଥାଟି ହେଉଛି ନିଜର ମାଟିରେ ଦମ୍ଭ ହୋଇ ଛିଡା ହୋଇ ବିଭିନ୍ନ ଦିଗରୁ ଭଲ ଭଲ କଥା ଆଣି ନିଜକୁ ସମୃଦ୍ଧ କରିବା।

ନିଜ ମାଟିରେ ପାଦକୁ ସ୍ଥିର ନକଲେ କେବଳ ପବନରେ ଭାସି ବୁଲିବାକୁ ହେବ, ପ୍ରଗତି ହେବ ସୁଦୂର ପରାହତ। ଅତଏବ ଆମେ ବିଶ୍ୱଜୀବନକୁ ଚିହ୍ନିବା ଓ ବୁଝିବା ଆମ ଜାତୀୟ ଜୀବନ ମାଧ୍ୟମରେ। ଜାତୀୟ ଜୀବନ ଓ ବିଶ୍ୱଜୀବନ ଭିତରେ ବିରୋଧ ନାହିଁ, ଏକଥା ସେତେବେଳେ ଆମେ ସହଜରେ ବୁଝିପାରିବା। ଜାତୀୟ ଜୀବନ ଓ ବିଶ୍ୱଜୀବନ ସେତେବେଳେ ଆମ ପାଇଁ ପରସ୍ପରର ପରିପୂରକ ହେବେ। ଅନ୍ୟପ୍ରକାରେ କୁହାଯାଇପାରିବ ଯେ, ଆମେ ଆମ ଦେଶକୁ ଯେତିକି ଯେତିକି ବୁଝିବା, ବିଶ୍ୱକୁ ଆମେ ସେତିକି ସେତିକି ବୁଝିବା। ଏହା ଚିରନ୍ତନ ସତ୍ୟ। ଏ ସତ୍ୟକୁ ଉପଲବ୍ଧି କରିବାର ସମୟ ଆମ ନିକଟରେ ଉପସ୍ଥିତ। ନୂତନ ଶତାବ୍ଦୀର ଏହା ହେଉଛି ଅନ୍ୟତମ ବଳିଷ୍ଠ ଆହ୍ୱାନ। ଏଇ ଆହ୍ୱାନକୁ କ'ଣ ଆମେ ଉପେକ୍ଷା କରିବା ?

□□

ଆଲୋକର ଜୟଗାନ

ଅନ୍ଧାର ଅନ୍ଧାର ବୋଲି ଚିତ୍କାର କଲେ ଅନ୍ଧାର ଯାଏନାହିଁ। ଆଲୁଅ ଆସିଲେ ଅନ୍ଧାର ଯାଏ। ଅତଏବ ଚିତ୍କାର କରିବା ଠାରୁ ଦୀପ ଶିଖାଟିଏ ଜଳାଇବାର ପ୍ରୟାସ କରିବା ଶତଗୁଣେ ଶ୍ରେୟସ୍କର। 'ଅନ୍ଧାର ହୋଇଛି' 'ଅନ୍ଧାର ହୋଇଛି' ବୋଲି କେବଳ ପ୍ରଚାର କଲେ ବକ୍ତା ଓ ଶ୍ରୋତା ଉଭୟଙ୍କର ସମସ୍ତ ଶକ୍ତି, ସମୟ ଓ ଏକାଗ୍ରତା ଅନ୍ଧାର ଆଡ଼କୁ ଯାଏ। କ୍ରମଶଃ ଅନ୍ଧାରର ଉପାସନା ଅଧିକ ହେଲେ ଅନ୍ଧାରର ଆଧିପତ୍ୟ ବଢ଼ିଯାଏ। ଆଲୋକର କଥା ପ୍ରାୟତଃ ଲୋକମାନେ ଭୁଲିଯାଆନ୍ତି। ହତାଶା, ଗ୍ଲାନି, ମିଥ୍ୟା, କପଟ, ଛଳନା, ଈର୍ଷା, ହିଂସା, କଳହ ଇତ୍ୟାଦି ଅପଶକ୍ତିମାନେ ପ୍ରବଳ ହୁଅନ୍ତି। ଜୀବନ ଏହି ଅପଶକ୍ତିମାନଙ୍କ କବଳରେ ପଡ଼ି ଛଟପଟ ହୁଏ, ଅଶାନ୍ତ ହୁଏ। ଆଜିର ସମୟ ଏପରି ଏକ ସମୟ ଯେତେବେଳେ କି ଅପଶକ୍ତିମାନେ ଜୀବନକୁ କରାୟତ୍ତ କରିରଖିଛନ୍ତି। ଅପଶକ୍ତିମାନଙ୍କୁ ଗୁରୁତ୍ୱ ଦେବାରୁ ସେମାନେ ଏତେ ପ୍ରବଳ ହୋଇଛନ୍ତି, ଗୁରୁତ୍ୱ ନଦେଲେ ସେମାନେ ଦୁର୍ବଳ ହେବାକୁ ବାଧ ହେବେ। ଆଲୋକର ଅଭୀପ୍ସାରେ ଅନ୍ଧାରର ଶକ୍ତି ହ୍ରାସ ହେବ। ଅତଏବ ଅନ୍ଧାରର ସପକ୍ଷରେ ବହୁ କଥା କହିବା ଅପେକ୍ଷା ଆଲୋକର ସପକ୍ଷରେ ଅଳ୍ପ କଥା କହିବା ବହୁଗୁଣରେ ଅଭିନନ୍ଦନୀୟ। ବିବେକାନନ୍ଦ କହୁଥିଲେ 'ନାସ୍ତି' 'ନାସ୍ତି' କହି କହି ଭାରତର ସର୍ବ ନାଶ ହେଲା, କୁହ 'ଅସ୍ତି' 'ଅସ୍ତି' ତେବେ ବହୁ ସମସ୍ୟାର ସମାଧାନ ସହଜ ହେବ'। ପ୍ରକୃତରେ ଆଶା ଓ ବିଶ୍ୱାସ ବଳରେ ହତାଶା ଓ ଅବିଶ୍ୱାସର କଳାମେଘ ଅପସାରିତ ହୋଇପାରେ। ନବଚେତନାର ସୁଲଳିତ ମଧୁ ଜୋଛନାରେ ଜୀବନ ସୁଶ୍ରୀଶୋଭନ ହୋଇପାରେ। ଆନନ୍ଦର ନୀଳ କଇଁଫୁଲ ପାଖୁଡା ପାଖୁଡା ମେଲି ଫୁଟିଯାଇପାରେ। ପରିବେଶ ପରିଣତ ହୋଇପାରେ ଅପାର୍ଥିବ ସୁକୁମାରତାର ସୁଲଳିତ କାବ୍ୟରେ। ଦିବ୍ୟ ମାଧୁରିମାର ମୋହନ ବିଳାସ ମୂର୍ତ୍ତିମନ୍ତ ହୋଇପାରେ ବିଶ୍ୱ ପରିବେଶରେ, ଆଲୋକର ଆଗମନ ନିର୍ଭର କରେ ଆବାହନରେ ଥିବା ଆନ୍ତରିକତା ଉପରେ। ଆବାହନ ଯେତେ ତୀବ୍ର ହୁଏ, ଆଲୋକର ଆଗମନ ପଥ ସେତେ ସରଳ ହୁଏ। ଏଥିପାଇଁ ମୁଖ୍ୟତଃ ଜନସଚେତନତା ଉପରେ ଗୁରୁତ୍ୱ ଆରୋପିତ ହୁଏ। ଜନଶିକ୍ଷାରୁ ଜନସଚେତନତା କେତେକାଂଶରେ ସୃଷ୍ଟି ହୁଏ। ଶିକ୍ଷା କହିଲେ ଡିଗ୍ରୀକୁ ବୁଝାଏ ନାହିଁ। ଶିଖିବାର ମନୋବୃତ୍ତି ହିଁ ଶିକ୍ଷାର ମୂଳମନ୍ତ୍ର। ଶିକ୍ଷା ଆନୁଷ୍ଠାନିକ ହୋଇପାରେ ପୁଣି ଅଣଆନୁଷ୍ଠାନିକ ମଧ୍ୟ ହୋଇପାରେ। ବିଦ୍ୟାଳୟ, ମହାବିଦ୍ୟାଳୟ ତଥା ବିଶ୍ୱବିଦ୍ୟାଳୟରୁ ଜଣେ ଯେପରି ଶିକ୍ଷା ଲାଭ କରିପାରେ ସେପରି ନିଜର ପରିବାର, ସମାଜ ତଥା ପରିବେଶରୁ ମଧ୍ୟ ଶିକ୍ଷା ଅର୍ଜନ କରିପାରେ। ଶିକ୍ଷା ଏକ ନିର୍ମଳ ସ୍ୱଚ୍ଛ ପ୍ରବାହ ଯାହା ଅବିରତ ଧାରାରେ ଜୀବନ ଭୂମିରେ ପ୍ରବାହିତ ହୁଏ। ଅଭିଜ୍ଞତାରୁ ବହୁ କଥା ଶିଖିବାକୁ ହୁଏ। ବୟସ୍କ ବ୍ୟକ୍ତିଙ୍କଠାରୁ ବହୁ କଥା ଶିଖିବାକୁ ଥାଏ। ଆମ ସଂସ୍କୃତିରେ ଅଭିଜ୍ଞତା ଉପରେ ବିଶେଷ ଗୁରୁତ୍ୱ ଆରୋପିତ ହୁଏ। ଡିଗ୍ରୀର ମାନଦଣ୍ଡରେ ବୟସ୍କ ବ୍ୟକ୍ତିଙ୍କର ମାନସମ୍ମାନ ମପାଯାଏନାହିଁ। ଅତଏବ ପିଲାମାନଙ୍କୁ ସଚେତନ ଓ ଯଥାର୍ଥରେ ଶିକ୍ଷିତ କରିବାର ଦାୟିତ୍ୱ ଗୁରୁ ଗୁରୁଜନଙ୍କ ଉପରେ ରହିଛି, ଏହା ଅସ୍ୱୀକାର କଲେ ଚଳିବନାହିଁ। ଅନ୍ୟ ଅର୍ଥରେ ଏପରି କୁହାଯାଇପାରେ ଯେ, ଅଭିଭାବକମାନେ

ସ୍ୱଇଚ୍ଛାରେ ନହେଲେ ମଧ୍ୟ ଅନିଚ୍ଛାରେ ଅନ୍ତତଃ ଉଚିତ୍ ଅର୍ଥରେ ସଚେତନ ବା ଶିକ୍ଷିତ ହେବା ଉଚିତ୍। ପିଲାମାନଙ୍କୁ ଶିକ୍ଷିତ କରିବା ପାଇଁ ଏ କଷ୍ଟ ସ୍ୱୀକାର କରିବା ଏକ ଅପରିହାର୍ଯ୍ୟ ଆବଶ୍ୟକତା।

ଏପରି ସମୟରେ ସଂପ୍ରତି ଆମେ ବାସ କରୁଛୁ ଯେତେବେଳେ ଚତୁର୍ଦ୍ଦିଗରେ ହତାଶାର ହିମଶୀତଳ ପରିବେଶ ଅନୁଭୂତ ହେଉଛି। ଯେତେ ଅଘଟଣ ସବୁ ଘଟୁଛି, ଯାହା ସାଧାରଣ କଳ୍ପନାର ବାହାରେ ଥିଲା, ସେପରି ଘଟଣା ଘଟୁଛି। ପ୍ରକୃତରେ ଏସବୁ ଆଉ କେଉଁ ଗ୍ରହରୁ ଆମଦାନୀ ହୋଇଆସୁନାହିଁ। ମଣିଷ ମନର କେଉଁ ଏକ ଅନ୍ଧାରୀକୋଣରେ ଲୁଚି ରହିଥିବା ଅପଶକ୍ତିମାନେ ଲଙ୍ଫ ପ୍ରଦାନ ପୂର୍ବକ ଆତ୍ମପ୍ରକାଶ କରୁଛନ୍ତି। ଏହାର କାରଣ ହେଉଛି ଯେ, ମଣିଷ ମନର ପୂର୍ଣ୍ଣତା ଆସିଲାଣି। ବହୁ ଭଲ ଚିନ୍ତାର ସୁବର୍ଣ୍ଣ ସମ୍ଭାବନା ମନକୁ ଅଧିକାର କରିବାକୁ ବସିଲାଣି। ଏହି ପରିପ୍ରେକ୍ଷୀରେ ମନର ମଇଳା ସବୁ ଉପରିଭାଗକୁ ଉଠିଆସିବାକୁ ଉଦ୍ୟମ କରୁଛି। ତେଣୁ ଅଘଟଣ ସବୁ ଘଟିଚାଲିଛି।

ଅତଏବ ସାଂପ୍ରତିକ ଜୀବନରେ ଏସବୁ ଅଘଟଣ ଦେଖି ବିବ୍ରତ ନହୋଇ ଶାନ୍ତ ହୋଇ ନିଜର ଗୁରୁ ଦାୟିତ୍ୱକୁ ସ୍ମରଣ କରିବା ଉଚିତ୍। ଆଲୋକର ଅଭିଷେକ ପାଇଁ ଲଳିତ ସ୍ୱରରେ ସ୍ୱାଗତିକା ସହ ପ୍ରଦୀପମାଳା ସଜାଇ ରଖିବା ଆମର କର୍ତ୍ତବ୍ୟ। ଆଲୋକର କ୍ରିୟା ତ୍ୱରାନ୍ୱିତ ହେଲେ ଅତିମନର ଅଭିବ୍ୟକ୍ତି ସହଜ ଓ ସରଳ ହେବ। ପ୍ରାଚୁର୍ଯ୍ୟ ଓ ମାଧୁର୍ଯ୍ୟର ମଧୁମିଳନରେ ବିଶ୍ୱଜୀବନ ଅନୁପମ ବିକାଶର ଅଧିକାରୀ ହେବ। ଅତିମନର ପ୍ରଭାବରେ ଦିବ୍ୟସୌରଭ ବିଚ୍ଛୁରିତ ହେବ ଦିଗଦିଗନ୍ତରେ।

ପ୍ରକୃତିର ଅଭୀପ୍ସା ବଳରେ ପ୍ରାଣରୁ ମନର ସୃଷ୍ଟି ହେଲା। ଚତୁଷ୍ପଦ ପ୍ରାଣୀରୁ ଦ୍ୱିପଦ ପ୍ରାଣୀର ବିକାଶ ଘଟିଲା। ମନ ସୃଷ୍ଟି ହେବା ପରେ ମନର ସମୁଚିତ ବିକାଶ ନିମନ୍ତେ ଆବଶ୍ୟକୀୟ ପ୍ରୟାସ ଓ ଉଦ୍ୟମ ମନୁପୁତ୍ରକୁ ହିଁ କରିବାକୁ ପଡ଼ିବ। କେବଳ ପ୍ରକୃତିର ଅଭୀପ୍ସା ଉପରେ ନିର୍ଭର କରିହେବନାହିଁ। ନିର୍ଭର କଲେ ବହୁ ସହସ୍ର ବର୍ଷ ବିତିଯିବ। ପ୍ରକୃତିର ଅଭୀପ୍ସା ସହ ମାନବର ଅଭୀପ୍ସାର ସମନ୍ୱୟରେ ବିକାଶ ହେବ ସର୍ବାଙ୍ଗୀନ ଓ ପୂର୍ଣ୍ଣାଙ୍ଗ । ଚେତନାରେ ଅଗ୍ରଗତି ପାଇଁ ସଂକଳ୍ପ କରିବାକୁ ହେବ। ସଂକଳ୍ପର ଦୃଢ଼ତା ପାଇଁ ହୃଦୟ ମନ୍ଦିରକୁ ଶୁଦ୍ଧ ରଖିବାକୁ ହେବ।

□□

ଶ୍ରୀକୃଷ୍ଣାୟନ

ସେ ଗୋପର କୃଷ୍ଣ ହୁଅନ୍ତୁ କି ମଥୁରାର କୃଷ୍ଣ ହଅନ୍ତୁ, କୁରୁକ୍ଷେତ୍ରର କୃଷ୍ଣ ହୁଅନ୍ତୁ କି ଦ୍ୱାରକାର କୃଷ୍ଣ ହୁଅନ୍ତୁ, ଆମ ପାଇଁ ସେ ଦିବ୍ୟ ଚେତନାର ପ୍ରତୀକ, ତାଙ୍କ ଧରାବତରଣର ତିଥି ଆମ ପାଇଁ ନବଜନ୍ମର ପ୍ରତୀକ । ସେ ଏକାଧାରରେ ତତ୍ତ୍ୱମୟ ପୁଣି ଲୀଳାମୟ, ପ୍ରୀତିମୟ ପୁଣି ପ୍ରତୀତିମୟ । ତାଙ୍କ ନାମରେ ଅନୁପମ ଆକର୍ଷଣ ଅଛି, 'ଆକର୍ଷତି ଇତି 'କୃଷ୍ଣ'' ନାମରେ ସାର୍ଥକତା ରହିଛି । ତାଙ୍କ ନାମରେ ମଧୁଅଛି, ତାଙ୍କ ରୂପ ବିଭାରେ ମଧୁରତା ରହିଛି । ଅଧରରେ ତାଙ୍କର ଭରି ଯାଇଛି ଭୁବନମୋହନ ମାଦକତା, କଟାକ୍ଷ ଛଟାରୁ ତାଙ୍କର ଝରିଯାଉଛି ଭାବାବେଶର ଲଳିତ ଲାବଣ୍ୟ । ପାଦର ଶୋଭା ସଜପଦ୍ମଫୁଲର କାନ୍ତିକୁ ବଳିଯାଇଛି, ଶିଡ଼ି ପରି ଅବତରଣ କରି ସେ ଆସିଛନ୍ତି ମାନବ ଶରୀରରେ ଆମ ପାଖକୁ, ଆମକୁ ତାଙ୍କ ନିକଟକୁ ଉତ୍ତରିତ କରି ନେବେ ବୋଲି । ମାଟିକୁ ଆସଛନ୍ତି ଅନୀତି ନାଶ କରିବା ପାଇଁ ଓ ନୀତି ନ୍ୟାୟର ପ୍ରତିଷ୍ଠା କରିବା ପାଇଁ । ବହୁକଷ୍ଟ ସହିଛନ୍ତି, ଶ୍ରମକ୍ଷୀଣ ହୋଇଛନ୍ତି । ଆମକୁ ଆପଣାର କରିଛନ୍ତି ଏବଂ ଆମର ହୋଇରହିଯାଇଛନ୍ତି । ସେ ଏତେ ଅଧିକ ଭାବରେ ଆମର ହେଇ ରହିଯାଇଛନ୍ତି ଯେ ଆମ ସଂସ୍କୃତିରୁ ତାଙ୍କୁ ବାଦ୍‌ଦେଲେ ଆମ ସଂସ୍କୃତି ବିକଳାଙ୍ଗ ହୋଇଯିବ । ପୂର୍ଣ୍ଣ ମାତ୍ରାରେ ପୂର୍ଣ୍ଣ ଜହ୍ନ ପରି, ବେଦର ଓଁକାର ଧ୍ୱନି ପରି କୃଷ୍ଣନାମ , କୃଷ୍ଣ ପ୍ରେମ ଓ କୃଷ୍ଣ ମହିମା ଆମ ସଂସ୍କୃତିର ଅବିଚ୍ଛେଦ୍ୟ ଅଙ୍ଗ ହୋଇ ରହିଛି ।

ସଂସ୍କୃତ ମହାଭାରତରେ ସେ ଏକାଧାରରେ ଜ୍ଞାନୀ, ବୀର, ସୁଚତୁର, ଶାନ୍ତିପ୍ରିୟ, ନୀତିନିପୁଣ, ରାଜନୀତି ବିଶାରଦ, ଯୋଗେଶ୍ୱର, ଧର୍ମ ରକ୍ଷକ ଇତ୍ୟାଦି ଇତ୍ୟାଦି ଭୂମିକାରେ ଅବତୀର୍ଣ୍ଣ । ଶ୍ରୀମଦ୍ ଭାଗବତରେ ସେ ଏକାଧାରରେ ଭାବମୟ, ବ୍ରହ୍ମମୟ, ତତ୍ତ୍ୱମୟ ଓ ଲୀଳାମୟ । ବ୍ରହ୍ମ ବୈବର୍ତ୍ତ ପୁରାଣରେ ଶ୍ରୀକୃଷ୍ଣ ପ୍ରେମମୟ ତଥା ଲୀଳାବିଳାସମୟ । ବିଷ୍ଣୁ ପୁରାଣରେ ତାଙ୍କର ବାଲ୍ୟଲୀଳା ଅତ୍ୟନ୍ତ ଆକର୍ଷଣୀୟ । ଶ୍ରୀମଦ୍ ଭଗବଦ୍ ଗୀତାରେ ଆତ୍ମପରିଚୟ ପ୍ରଦାନ ପୂର୍ବକ ସେ କହିଛନ୍ତି ଯେ ସେ ହେଉଛନ୍ତି ଅନାଦି, ଅଜନ୍ମା ପୁଣି ଲୋକେଶ୍ୱର । ସେ ସୃଷ୍ଟିକର୍ତ୍ତା । ମନୁଷ୍ୟର ବୁଦ୍ଧି, ଜ୍ଞାନ, କ୍ଷମା, ଦମ, ଶମ, ଅହିଂସା, ସମତା, ସନ୍ତୋଷ, ତପ ଓ ଦାନର ଅଧୀଶ୍ୱର । ସର୍ବଭୂତ ଅନ୍ତଃସ୍ଥିତ ସର୍ବବ୍ୟାପ୍ତ, ଅନନ୍ତ ସେ ସର୍ବେଶ୍ୱର । ଗନ୍ଧର୍ବରେ ସେ ଚିତ୍ରରଥ, ବେଦରେ ସାମବେଦ, ଇନ୍ଦ୍ରିୟରେ ମନ, ସରସୀରେ ସାଗର, ବଚନରେ ଓଁକାର, ବୃକ୍ଷରେ ଅଶ୍ୱତ୍‌ଥ, ଅଶ୍ୱରେ ଉଚ୍ଚୈଶ୍ରବା, ହସ୍ତୀରେ ଐରାବତ, ସର୍ପରେ ବାସୁକୀ, ବିଦ୍ୟାରେ ଅଧ୍ୟାତ୍ମ ବିଦ୍ୟା, ମାସରେ ମାର୍ଗଶିର, ଋତୁରେ ବସନ୍ତ, ମୁନିରେ ବ୍ୟାସଦେବ ଇତ୍ୟାଦି ଇତ୍ୟାଦି । ଏଥିରୁ ବୁଝି ହେଉଛି ଯେ ସେ କେବଳ ସ୍ୱର୍ଗର ନୁହନ୍ତି, ମର୍ତ୍ତ୍ୟର ଏବଂ ପାତାଳର ମଧ୍ୟ ଅଧୀଶ୍ୱର, ରାଜାଧିରାଜ ପରମଠାକୁର । ସେ ବିଶ୍ୱବ୍ୟାପ୍ତ ଏବଂ ବିଶ୍ୱଠାରୁ ଅଧିକ ପରିବ୍ୟାପ୍ତ । ସେ ପୁଣି ମହାକାଳ ରୂପରେ ଲୋକ ସଂହାରକ । ବିଶ୍ୱ ତାଙ୍କ କୋଳରେ ଶାନ୍ତ ଶିଶୁପରି କେତେବେଳେ ଶାୟିତ ତ ଆଉ କେତେବେଳେ ପୀଡିତ ଶିଶୁତୁଲ୍ୟ ବ୍ୟସ୍ତ ଓ ବିବ୍ରତ । ସମସ୍ତ ବସ୍ତୁରେ ସେ ଆତ୍ମପ୍ରକାଶିତ । ସେ ବିଶ୍ୱଗତ ପୁଣି ବିଶ୍ୱାତୀତ, କାଳଗତ ପୁଣି କାଳାତୀତ, ଦେହଗତ ପୁଣି ଦେହାତୀତ । ସବୁ କିଛି ଭିତରେ ସିଏ ଏବଂ ତାଙ୍କ ଭିତରେ ସବୁ କିଛି, ସେ ସ୍ୱୟଂ ଭଗବାନ, ଅକଳ୍ପନୀୟ ତାଙ୍କର ଭଗବତ୍ତା ।

ବ୍ୟଷ୍ଟିଗତ ରୂପରେ ସେ ଦେବକୀଙ୍କ ଗର୍ଭରୁ ଭାଦ୍ର କୃଷ୍ଣ ଅଷ୍ଟମୀ ତିଥିରେ ଜନ୍ମ ହୁଅନ୍ତି ଏବଂ ଜନ୍ମ ପରେ ପରେ ଗୋପପୁରର ଯଶୋଦାଙ୍କ କୋଳକୁ ସ୍ଥାନାନ୍ତରିତ ହୁଅନ୍ତି । ଗୋପପୁରରେ ବାଲ୍ୟଲୀଳା ଅବକାଶରେ ପୁତନା, ଶକଟାସୁର, ତୃଣାସୁର, ବତ୍ସାସୁର, ବକାସୁର, ଅଘାସୁର ଧେନୁକାସୁର, ପ୍ରଭୃତିଙ୍କୁ ବଧକରି ଦୟା ପରବଶ ହୋଇ ସେମାନଙ୍କୁ ମୁକ୍ତି ଦିଅନ୍ତି । ତାଙ୍କ ସ୍ପର୍ଶରେ ଶତ୍ରୁମାନେ ମଧ୍ୟ ମୋକ୍ଷ ପ୍ରାପ୍ତ ହୁଅନ୍ତି । ତାଙ୍କ ଦେହରେ ଲୀନ ହୁଅନ୍ତି, ଏହା ହିଁ କୃଷ୍ଣଙ୍କର ଅପୂର୍ବ ମହିମା ଓ ଈଶ୍ୱରତ୍ୱର ବଳିଷ୍ଠ ନିଦର୍ଶନ । ରଙ୍ଗ ଅଧରରେ ମୋହନ ବେଣୁ ବଜାଇ ଗୋପୀମାନଙ୍କ ଆତ୍ମିକ ଚେତନାକୁ ଆକୃଷ୍ଟ କରନ୍ତି । ଏକଥା ଲକ୍ଷ୍ୟଣୀୟ ଯେ ଗୋପୀମାନଙ୍କ ଭିତରୁ ପ୍ରତ୍ୟେକ ଜଣେ ଜଣେ ସାଧିକା, କେହି ସାଧାରଣ ନୁହନ୍ତି । ଜ୍ଞାନ ନୁହେଁ ପ୍ରେମ ହେଉଛି ସେମାନଙ୍କ ସାଧନାର ମାର୍ଗ ।

ମଥୁରାରେ ସୁଦାମ ମାଳିଙ୍କର ଫୁଲ ଚନ୍ଦନ ଶ୍ରୀକୃଷ୍ଣ ଗ୍ରହଣ କରିଛନ୍ତି, ସେଇ ଫୁଲ ଚନ୍ଦନରେ ମଣ୍ଡିତ ହୋଇ ବିଶ୍ୱ ମୋହନ ବେଶ ଧାରଣ କରିଛନ୍ତି । କୁବୁଜାର ମନସ୍କାମ ପୂରଣ କରି ତାକୁ ମୋକ୍ଷ ଦେଇଛନ୍ତି । କଂସକୁ ନିଧନ କରି ଶ୍ରୀକୃଷ୍ଣ ନିଜର ଭାଗବତ କ୍ରିୟା ସଂପାଦନ କରିଛନ୍ତି । ଭଗବାନ ସାତ ପ୍ରକାରେ ଭକ୍ତମାନଙ୍କର ନିକଟତମ ହୋଇଥାନ୍ତି । ଗୁରୁ, ସଖା, ବନ୍ଧୁ, ପ୍ରେମିକ, ପ୍ରଭୁ, ସନ୍ତାନ ଓ ଶତ୍ରୁ ରୂପରେ ଭକ୍ତମାନଙ୍କର ମନସ୍କାମନା ପୂରଣ କରି ସେମାନଙ୍କୁ ମୁକ୍ତି ଦେଇଥାଆନ୍ତି । ବନ୍ଧୁ ଭାବରେ ଦେଖି ନ ପାରିଲେ ମଧ୍ୟ ତାଙ୍କୁ ଶତ୍ରୁ ଭାବରେ ଦେଖିବା ଦରକାର । ତାଙ୍କ ପାଖରେ ଶତ୍ରୁତା ହିଁ ବନ୍ଧୁତାର ଅନ୍ୟ ଏକ ରୂପ, ଅନ୍ୟ ଏକ ଦିଗ । ପ୍ରତ୍ୟେକଙ୍କ ଭିତରେ ଥିବା ଅପୂର୍ଣ୍ଣତାକୁ ସେ ଦେଖନ୍ତି ଓ ତାହା ପୂରଣ କରିବାକୁ ପ୍ରୟାସ କରିଥାନ୍ତି । ଘୃଣା ତାଙ୍କର ନାହିଁ, ସବୁ ତ ତାଙ୍କ ସୃଷ୍ଟି, ସମସ୍ତେ ତାଙ୍କର ଆପଣାର, ଏକାନ୍ତ ନିଜର । ସେ ଭିତରେ ସେ ପୁଣି ବାହାରେ, ସେ ଆଲୋକରେ ସେ ପୁଣି ଅନ୍ଧକାରରେ, ସେ ବିଦ୍ୟାରେ, ସେ ପୁଣି ଅବିଦ୍ୟାରେ ବିରାଜିତ । ପ୍ରତ୍ୟେକଙ୍କର ଅପୂର୍ଣ୍ଣତା ସେ ଜାଣନ୍ତି, ସେହି ଅପୂର୍ଣ୍ଣତାର ପରିପୂରଣ ପାଇଁ ଯଥାଯୋଗ୍ୟ କୃପା ସେ ବର୍ଷଣ କରନ୍ତି ।

ଭଗବାନ ଅବତରି ଆସନ୍ତି ନିଜେ ପଥରେ ଚାଲିବେ ଓ ଆମକୁ ଉଚିତ ପଥରେ ଚଳାଇବେ ବୋଲି । ଏସବୁ ସତ୍ତ୍ୱେ ସେ ତାଙ୍କର ଭଗବତ ମହିମାକୁ ଭୁଲିନଥାନ୍ତି । ମଣିଷର ପାଖେ ପାଖେ ରହି ହାତ ଧରି ଆଗକୁ ଚଲାଇ ନେବାକୁ ଚେଷ୍ଟା କରନ୍ତି । ଲୀଳାମୟ ସେ, ଲୀଳା ତାଙ୍କର ଚିର ସହଚର । ମଣିଷକୁ ସେ ପ୍ରାଣ ଭରି ଭଲ ପାଆନ୍ତି ବୋଲି ତା'ର (ଭକ୍ତର) ସୁଖ ଦୁଃଖରେ ସେ ସାହସ ଦିଅନ୍ତି, ଅଂଶୀଦାର ହୁଅନ୍ତି । ଭକ୍ତ ଆଖିରୁ ଲୁହ ଝରିଲେ, ତାଙ୍କ ଆଖିରୁ ମଧ୍ୟ ଲୁହ ଝରେ । ଭକ୍ତର ଓଠରେ ହସ ଫୁଟିଲେ ତାଙ୍କ ମନରେ ଆନନ୍ଦର ପ୍ଲାବନ ଆସେ । ସେ ଦେହରେ ଥିଲେ ଯାହା ନଥିଲେ ମଧ୍ୟ ତାହା । ତାଙ୍କର କ୍ଷୟ ନାହିଁ; ସେ ଅକ୍ଷୟ, ସେ ଅବ୍ୟୟ । ସେ ପରଂବ୍ରହ୍ମ, ସେ ପୁରୁଷୋତ୍ତମ ।

ଶ୍ରୀକୃଷ୍ଣ ଆଜି ଦେହରେ ନଥିଲେ ମଧ୍ୟ ମହାଚେତନା ହୋଇ ବିଶ୍ୱ ବାତାବରଣରେ ଅଛନ୍ତି । ଅହରହ ଆମ ଚେତନାର ବିକାଶ ନିମନ୍ତେ ଆଶିଷ ଦେଉଛନ୍ତି । ଆମର ହାତ ଧରି ଚାଲୁଛନ୍ତି ଆଗକୁ ଆଗକୁ । ଏକାଧାରରେ ସେ ଆମର ବିପଦରେ ବନ୍ଧୁ, ଅଭାବରେ ମାତା । ଆମ ଗୁରୁ ହୋଇ ନିତ୍ୟନିରନ୍ତର ରହିଛନ୍ତି ।

ପରମପ୍ରଭୁଙ୍କ ପାଇଁ ପ୍ରତିଦିନ ପୂଜାଫୁଲହୋଇ ଅସୁମାରି ଫୁଲ ଫୁଟୁଛି । ଦିବାନିଶି ପବନ ହୋଇ ତାଙ୍କର ନିଃଶ୍ୱାସ ପ୍ରଶ୍ୱାସ ବହୁଛି । ପକ୍ଷୀର କାକଳିରେ ଶୁଭୁଛି ତାଙ୍କର କଣ୍ଠ ସ୍ୱର । ଆନନ୍ଦମୟ ସେ, ତାଙ୍କ ଆନନ୍ଦର ପ୍ରବାହରେ ଦିଗଦିଗନ୍ତ ସୁଧାସିକ୍ତ । ସେହି ଆନନ୍ଦରେ ଆନନ୍ଦିତ ହେବା ପାଇଁ ସମୟର ଆହ୍ୱାନ ଆସିଛି । ବିଷାଦ, ବିଦ୍ରୋହ ଓ ଉଗ୍ରତାର ଘନ ଅନ୍ଧାର ସେହି ଆନନ୍ଦର ଆଲୋକରେ ଆଲୋକିତ ହେଉ । ଆଧ୍ୟାତ୍ମିକତାର ପ୍ରଭାବରେ ମାନବିକତାର ବିକାଶ ହେଉ । ସେହି ମାନବିକତାର ବିଜୟରେ ସନ୍ତ୍ରାସବାଦ, ଆତଙ୍କବାଦ ପରି ଆସୁରିକ ଶକ୍ତିର ଅବସାନ ହେଉ । ନକାରାତ୍ମକ କ୍ରିୟାର ପରାଜୟ ହେଉ ଏବଂ ସକାରାତ୍ମକ କ୍ରିୟା ବିଜୟୀ ହେଉ । ଆଜି ପରମ ପ୍ରଭୁ ଶ୍ରୀକୃଷ୍ଣଙ୍କୁ ଏତିକି ପ୍ରାର୍ଥନା ସହ ତାଙ୍କ ପାଦ ତଳେ ସହସ୍ର ପ୍ରଣାମ ।

□□

ଆମେ ଓ ଆମ ପରିବେଶ

'ଆମେ',-ଏ ଶବ୍ଦଟି ଉଚ୍ଚାରଣ କଲାବେଳେ ଗୋଟିଏ ପ୍ରଶ୍ନ ଆସି ମନରେ ପହଞ୍ଚେ ଯେ 'ଆମେ' ବୋଲି ଆଉକିଛି ଭାରତରେ ଅଛିକି ? ଉତ୍ତରରେ ଏହା କୁହାଯାଇପାରେ ଯେ ଆମେ ସ୍ଥାନରେ ଏବେ 'ମୁଁ' ଶବ୍ଦଟି ଅଭିଷିକ୍ତ ହୋଇଯାଇ ଅଖଣ୍ଡ କ୍ଷମତାର ଅଧିକାରୀ ହୋଇଛି । ମଣିଷର ମୁଖରେ 'ମୁଁ'ର ଧ୍ୱନି ଶତ ସହସ୍ରବାର ଉଚ୍ଚାରିତ ହୋଇଛି । 'ଆମେ' କଥାଟି ପୁରୁଣା କାଳିଆ ହୋଇଗଲାପରି ମନେ ହେଉଛି । ନିଜ ଢୋଲଟି ନିଜେ ପିଟି ପାରିଲେ ଶ୍ରୋତାଙ୍କ କାନ ମଧ୍ୟ ପବିତ୍ର ହେଲାପରି ମନେ ହେଉଛି । ଅହଂର ଲଢ଼େଇରେ ବିପର୍ଯ୍ୟସ୍ତ ଭାରତୀୟ ଜୀବନ । ମଧୁମୟ ପାରିବାରିକ ଜୀବନ, ସୁସ୍ଥ ସାମାଜିକ ଜୀବନ, ବଳିଷ୍ଠ ରାଷ୍ଟ୍ରୀୟ ଜୀବନ ଭାରତରେ ପ୍ରାୟ ନାହିଁ କହିଲେ ଚଳେ; ଯାହା ଅଛି ତାହା ଅହଂକାରର ସମରପାଇଁ ଏକ ଏକ ନିର୍ବାଚିତ ଭୂମି । ଟୁକୁରା ଟୁକୁରା ହୋଇ ଜୀବନ ଭାଙ୍ଗିପଡୁଛି ଦିନକୁ ଦିନ, ଶେଷରେ ଅବଶେଷ ରୂପେ କ'ଣ ରହିବ ଭାବି ହେଉନାହିଁ । ଭାଙ୍ଗିଯିବା, ବିଭକ୍ତ ହେବା, ଭିନ୍ନ ଭିନ୍ନ ହେବା, ଏହା ଯେମିତି ଯୁଗଧର୍ମରେ ପରିଣତ ହେଲାଣି । କର୍ପୂର ଉଡ଼ିଯାଇ କନା ପୋଡ଼ିଗଲେ ପାଉଁଶର ସ୍ଥିତିରେ ସ୍ମୃତି ନରହିଲା ପରି ରାଷ୍ଟ୍ରୀୟତା, ସାମାଜିକତା ତଥା ପାରିବାରିକତା ନଷ୍ଟହୋଇ କେବଳ 'ମୁଁ' ଭାବ ରହିଗଲେ କ'ଣ ହେବ ତାହା ଅନୁମାନ କରିବାର ସମୟ ଆସିଛି । ବୈକୁଣ୍ଠର ମହକ ଓ ମହତ୍ତ୍ୱ ଅପସରି ଯାଉଛି ବେଳକୁ ବେଳ ପରିବାରରୁ । ବହୁ ବଚନରେ ପାରିବାରିକ ଗୁରୁତ୍ୱ ଉପସ୍ଥାପିତ ହେଉନାହିଁ । 'ମୁଁ' ପରିବାରରେ ସର୍ବଶ୍ରେଷ୍ଠ ସଦସ୍ୟ ବୋଲି ପ୍ରତ୍ୟେକ ଭାବିବା ଫଳରେ ଅହଂର ସଂଘର୍ଷରେ ପାରିବାରିକ ପରିବେଶ ବିପର୍ଯ୍ୟସ୍ତ ତଥା ବିଷାକ୍ତ ବାଷ୍ପଜର୍ଜରିତ ହୋଇଯାଉଛି । ସାମାଜିକ ଜୀବନ ମଧ୍ୟ ଅନୁରୂପ ଭାବରେ କ୍ଷତିଗ୍ରସ୍ତ । ଫଳତଃ ସମନ୍ୱୟ ଚେତନା ଆଜି କେବଳ ଆହ୍ୱାନର ସାମଗ୍ରୀ ରୂପେ ପରିଚିତ । ଏ ଦିଗରେ ଆନ୍ତରିକତା ଆଜି ସୁଦୂର ପରାହତ । ସମନ୍ୱୟ ପାଇଁ ଆବଶ୍ୟକୀୟ ସହନଶୀଳତା, ସଚେତନତାର ଅନୁପସ୍ଥିତି ଏକାନ୍ତ ଲକ୍ଷ୍ୟଣୀୟ । ଅହଂର ପ୍ରତିଯୋଗିତା ପାଇଁ ସମାଜ ହୋଇଛି ଏକ କ୍ରୀଡ଼ା ପ୍ରାନ୍ତର । ଏଠାରେ 'ଆଲୋ ସଖୀ, ଆପଣା ମହତ ଆପେ ରଖି' ମନ୍ତ୍ରଟି ସମ୍ପ୍ରତି ମୂଲ୍ୟହୀନ ଓ ଶକ୍ତିହୀନ । ଅର୍ଥ, କ୍ଷମତା, ଯଶ, ପ୍ରଶଂସା ପାଇଁ ପ୍ରବୃତ୍ତି ଏବେ ମହତ୍ତ୍ୱର ମାପ କାଠି । ବ୍ୟକ୍ତିର ପ୍ରତିଭା ବିକାଶପାଇଁ ସମାଜ ଆଉ ଉପଯୁକ୍ତ ଭୂମି ନୁହେଁ । ନୀତିର ପ୍ରତିଷ୍ଠା ପାଇଁ ସମାଜ ଆଉ ଯଥାଯୋଗ୍ୟ ଭିତ୍ତି ନୁହେଁ । ସଂସ୍କୃତିର ଅଭିବ୍ୟକ୍ତି ପାଇଁ ସମାଜ ଏକ ମୁକ୍ତ ମଞ୍ଚ ନୁହେଁ । ଏହା ଅପସଂସ୍କୃତିର ବିଷରେ ଜର୍ଜରିତ ଏକ କାଳିନ୍ଦୀ ହ୍ରଦ ଯାହା ଉପରେ ଉଡ଼ିଯାଉଥିବା ନିରୀହ ପକ୍ଷୀମାନେ ମଧ୍ୟ ଶ୍ୱାସରୁଦ୍ଧ ହେବାକୁ ବାଧ୍ୟ । ପାଣି ଏପରି ନୀଳ ବର୍ଣ୍ଣ ଯେ ନିରେଖି ଚାହିଁଲେ ମଧ୍ୟ ଦର୍ଶକ ନିଜ ମୁହଁ ଏଥିରେ ଦେଖିପାରୁ ନାହିଁ । ସଂଗଠନର ସଂଖ୍ୟା ବୃଦ୍ଧିରେ ଜୀବନର ସାମଗ୍ରିକ ବିକାଶ ଅନୁଭୂତ ହେଉନାହିଁ । ନାସ୍ତିବାଦୀ (Negative attitude) ଦୃଷ୍ଟିକୋଣ ପ୍ରଶସ୍ତରୁ ପ୍ରଶସ୍ତତର ହେଉଛି । ଗଠନମୂଳକ ଇଚ୍ଛା ଆଜି ଆଧୁନିକତାର ଚିହ୍ନ ନୁହେଁ, ପୁରୁଣା କାଳିଆ କଥାବୋଲି ଉପହାସର ସାମଗ୍ରୀ । ଭଙ୍ଗା ପରିବାରର ରୁକ୍ଷ, କର୍କଶ ପ୍ରଭାବରେ ଭାରାକ୍ରାନ୍ତ ମନୁଷ୍ୟର ଅଶ୍ୱସ୍ତିଜନିତ ଦୀର୍ଘଶ୍ୱାସରେ ସାମାଜିକ ଜୀବନ

ଏକ ପ୍ରକାର ଜର୍ଜରିତ । ଆଜିର ମଣିଷ ଅନ୍ୟ ସୁଖରେ ଦୁଃଖୀ ଓ ଅନ୍ୟର ଦୁଃଖରେ ସୁଖୀ ହେଉଛି । ମାନବିକତାର ମଧୁର ମୂର୍ଚ୍ଛନା ସମାଜର କୋଣ ଅନୁକୋଣରେ ଶୁଭୁ ନାହିଁ । ଈର୍ଷା, ଅସହିଷ୍ଣୁତା, ପରଶ୍ରୀକାତରତାକୁ ମଣିଷମନ ଗୁରୁରୂପରେ ବରଣ କରି ନିଜକୁ ଜାହିର କରୁଛି କିମ୍ଭୂତ କିମାକାର ଭାବରେ । ନାହିଁ ନାହିଁର ରାଜ୍ୟ ହୋଇଛି ଆଜିର ସମାଜ । ବଞ୍ଚିବାର କଳା (Art of living) ର ଅଭାବ ମଣିଷର ସ୍ନାୟୁରେ, ଶିରାରେ ଅନୁଭୂତ । ବୈଜ୍ଞାନିକ ଉଦ୍ଭାବନ ତାକୁ ଯେତେ ଉନ୍ନତ ତଥା ମାର୍ଜିତ କରିବାର କଥା ତାହା କରୁନାହିଁ । ଏଥିପାଇଁ ବିଜ୍ଞାନ ଦାୟୀ ନୁହେଁ, ଦାୟୀ ହେଉଛି ବ୍ୟବହାର ପ୍ରଣାଳୀ ଓ ଗ୍ରହଣଶୀଳତାର ଅଭାବ । ନୈତିକତା ଶବ୍ଦଟି ଜୀବନର ଭାଷାକୋଷରେ ଖୋଜିଲେ ମିଳୁନାହିଁ । ତାହା ପ୍ରାଚୀନ ପ୍ରୟୋଗ ନ୍ୟାୟରେ ଆଜି ଉପେକ୍ଷିତ । ବୌଦ୍ଧିକତା ଶବ୍ଦଟି ବହୁ ପ୍ରଚାରିତ ଓ ପ୍ରତିଷ୍ଠିତ । ହୃଦୟବତ୍ତା କାବ୍ୟ ଯୁଗର କଥା ହୋଇଗଲାଣି । ହୃଦୟବାନ ଲୋକେ ଦ୍ୱିତୀୟ ଶ୍ରେଣୀର ନାଗରିକ ବୋଲି ଗଣାଯିବା ଆଶଙ୍କାରେ ଯାହା ପାଖରେ ଯାହା ହୃଦୟବତ୍ତା ଥିଲା ତାହା ସେମାନେ ଆଉ ପ୍ରକାଶ ନକରି ଚାପି ରଖୁଛନ୍ତି । ଅବିଦ୍ୟାର ପ୍ରେତନାଚରେ, କିଳିକିଳା ରାବରେ ବିଦ୍ୟା ନୀରବ ଓ ମୂକ । ଶିକ୍ଷାୟତନର ବିସ୍ତାର ଘଟିଛି, ମାତ୍ର ବିଦ୍ୟାର ପ୍ରସାର ଘଟିନାହିଁ । ବିଦ୍ୟାକୁ ଶିକ୍ଷାର ପରିସର ଭୁକ୍ତ କରାଯାଇଛି ବୋଲି ମନେ ହେଉନାହିଁ । ଦେଶ ବିଦେଶର ସମ୍ବାଦ ଗ୍ରହଣ ସହିତ ଜୀବନର ମୂଲ୍ୟବୋଧକୁ ମିଶାଇବାର ଆନ୍ତରିକତା ଏଥିରେ ପରିଲକ୍ଷିତ ହେଉନାହିଁ । ରାଷ୍ଟ୍ରୀୟଜୀବନ କଥା ନ କହିଲେ ଭଲ । ରାଷ୍ଟ୍ର ସହିତ ସମ୍ପର୍କର ଆବଶ୍ୟକତା ଆଉ ଅନୁଭୂତ ହେଉନାହିଁ । ରାଷ୍ଟ୍ରୀୟ ଚେତନା, ରାଷ୍ଟ୍ରୀୟ ଏକତା, ରାଷ୍ଟ୍ରୀୟ ଭାବନା ଏସବୁ କେବଳ ବକ୍ତୃତା ପ୍ରତିଯୋଗିତା, ପ୍ରବନ୍ଧ ପ୍ରତିଯୋଗିତାର ବିଷୟବସ୍ତୁ ହୋଇ ରହିଲାଣି । ବ୍ୟକ୍ତିଜୀବନ ଗୋଟିଏ ବାଟରେ ତ ରାଷ୍ଟ୍ରୀୟ ଜୀବନ ଆଉ ଗୋଟିଏ ବାଟରେ । ବହୁ କ୍ଷେତ୍ରରେ ଜୀବନକାଳ ମଧ୍ୟରେ ଉଭୟଜୀବନ ଥରକପାଇଁ ସୁଦ୍ଧା ଚଲାପଥରେ ଭେଟାଭେଟି ହେବାର ସମ୍ଭାବନା ରହୁନାହିଁ । ପ୍ରାୟତଃ ପରିବାରରେ ରାଷ୍ଟ୍ରୀୟ ଚେତନା ସମ୍ପର୍କିତ ପ୍ରସଙ୍ଗ କେବେ ପଡ଼େ ନାହିଁ । ପିଲାଟି, ପିଲା ଦିନରୁ ଅଭିଭାବକ ତଥା ପରିବାରର ସଦସ୍ୟମାନଙ୍କଠାରୁ ଥରେ ମାତ୍ର ଏ କଥା ଶୁଣିବାର ଅବକାଶ ପାଇନଥିବାରୁ ନାଗରିକ ଜୀବନରେ ଏକଥା ଯେ ମୂଲ୍ୟହୀନ ତାହା ସେ ସ୍ଥିର ନିଶ୍ଚିତ କରିନେଇଥାଏ । ପରିବାର ହିଁ ବ୍ୟକ୍ତି ଜୀବନର ମୂଳ ଭିତ୍ତି । ସେଠାରେ ଥିବା ପରିବେଶ ହିଁ ବ୍ୟକ୍ତିଜୀବନକୁ ଗଢ଼ିବାରେ ବିଶିଷ୍ଟ ଭୂମିକା ନେଇଥାଏ । ଅଭିଭାବକଙ୍କ ମଧ୍ୟରେ ରାଷ୍ଟ୍ରୀୟ ଚେତନା ରହିଲେ ତାହା କ୍ରମଶଃ ପିଲାମାନଙ୍କ ମନରେ ସଞ୍ଚରିବା ସ୍ୱାଭାବିକ । ଅନ୍ୟଥା ଏହା ଆଶା କରିବା ବୃଥା ।

ଏ କଥା ମୁକ୍ତ କଣ୍ଠରେ ସ୍ୱୀକାର୍ଯ୍ୟ ଯେ ସାମାଜିକ ଜୀବନ ବଦଳିଲେ ବ୍ୟକ୍ତି ଚରିତ୍ର ବଦଳିବ ନାହିଁ । ବରଂ ଏହା ଯଥାର୍ଥ ଯେ ବ୍ୟକ୍ତି ଚରିତ୍ର ବଦଳିଲେ ସାମାଜିକ ପରିବେଶ ବଦଳିବ । ବ୍ୟକ୍ତି ଚେତନାର ବିକାଶ ନିମନ୍ତେ ପରିବାର ହେଉଛି ଉପଯୁକ୍ତ ଶିକ୍ଷାଳୟ । ପରସ୍ପର ସ୍ନେହ, ସଦିଚ୍ଛା ତ୍ୟାଗପୂତ ମନୋଭାବ, ସହଯୋଗ, ସହାନୁଭୂତି, ଆନ୍ତରିକତା ପ୍ରଭୃତି ବହୁ ସଦ୍‌ଗୁଣର ଶିକ୍ଷା ସେହି ସ୍ଥାନରୁ ମିଳିଥାଏ । ଏ ମାଟିରୁ ରସ ସଂଗ୍ରହ କରି ଜୀବନ ଗଢ଼ିଉଠେ ଓ ବଢ଼ିଥାଏ । ମାଟିରେ ମୂଲ୍ୟବୋଧର ଜଳ ଦିଆଗଲେ ତାହା ବୃକ୍ଷଟିକୁ ସବୁଜଶ୍ରୀ ବିମଣ୍ଡିତ ତଥା କୁସୁମିତ କରିବା ସ୍ୱାଭାବିକ । ଅତଏବ ପରିବାର ହିଁ ମୂଳକଥା ଯେଉଁଠାରେ ଜୀବନର ସୁସ୍ଥ ଗଠନ ନିମନ୍ତେ ଉପଯୁକ୍ତ ପରିବେଶ ସୃଷ୍ଟି ହୋଇପାରନ୍ତା । ପାରିବାରିକ ଶିକ୍ଷା ଠିକ୍ ରହିଲେ ବ୍ୟକ୍ତି ଜୀବନ ସମୃଦ୍ଧ ହେବା ସଙ୍ଗେସଙ୍ଗେ ସମାଜ ଜୀବନ ତଥା ରାଷ୍ଟ୍ରୀୟ ଜୀବନ ପରିପୁଷ୍ଟ ହୁଅନ୍ତା । ପାରିବାରିକ ଜୀବନରେ 'ମୁଁ'ର ବିଲୋପ ଘଟି 'ଆମେ' ଭାବର ପ୍ରାବଲ୍ୟ ଆସିଲେ, ମାନବିକ ମୂଲ୍ୟବୋଧର ମହତ୍ତ୍ୱ ପ୍ରତିଷ୍ଠିତ ହେଲେ ଜୀବନର ସର୍ବାଙ୍ଗୀନ ବିକାଶ ହୋଇପାରନ୍ତା ।

□□

ଆଉ ବେଳ ଗଡ଼ି ନ ଯାଉ

ଆମ ଦେଶର ପରାଧୀନତା ଜନିତ ଦୁରବସ୍ଥା ପ୍ରସଙ୍ଗ ଆଉ ପ୍ରାୟ ଶୁଣିବାକୁ ମିଳୁନାହିଁ । ଶୁଣାଇବା ଲୋକ ବହୁତ ପରିମାଣରେ କମିଗଲେଣି, ମରି ହଜି ଗଲେଣି ସେମାନେ । ଯିଏ ଯେମିତି ଅଳ୍ପସଂଖ୍ୟାରେ କେଉଁଠି କେମିତି ଅଛନ୍ତି, ତାଙ୍କ ସଂଖ୍ୟାଠାରୁ ଶୁଣିବା ଲୋକଙ୍କ ସଂଖ୍ୟା ଆହୁରି କମିଗଲାଣି । ବସି ଶୁଣିବାକୁ ଲୋକ ପ୍ରାୟ ନାହାନ୍ତି କହିଲେ ଅତିରଞ୍ଜନ ବୋଧହୁଏ ହେବନାହିଁ । ଖୋଜିଲେ ଯାହା କିଛି ଜାଣିବାକୁ ମିଳୁଛି ତାହା ମୁଖ୍ୟତଃ ଇତିହାସ ପୃଷ୍ଠାରୁ; ତତ୍କାଳରେ ବିରଚିତ ଦେଶପ୍ରେମୀ ବ୍ୟକ୍ତିମାନଙ୍କର ସୃଷ୍ଟି ସମ୍ଭାରରୁ ଏବଂ କିଛି କିଛି ଜନଶ୍ରୁତି ତଥା କିମ୍ବଦନ୍ତିରୁ ।

ଭାବିଲେ ଦୁଃଖ ଲାଗୁଛି ଯେ କେତେ ଅତ୍ୟାଚାର ସହିଛନ୍ତି ଆମ ପୂର୍ବପୁରୁଷମାନେ ବ୍ରିଟିଶ ଶାସନରେ। ବିନା ଦୋଷରେ କେତେ ଦଣ୍ଡ ପାଇଛନ୍ତି ସେମାନେ । ତରକାରୀରେ ପକାଇବାକୁ ଲୁଣ ଟିକିଏ ପାଇନାହାନ୍ତି । ଲିଭର ପୁଲରୁ ଗୋରାବେପାରୀ ଆଣିଥିବା ଲୁଣ କିଣିବାକୁ ମୁଦ୍ରା ଆସିବ କାହୁଁ ? ସେ ତ ଦୁର୍ଲ୍ଲଭରୁ ଆହୁରି ଦୁର୍ଲ୍ଲଭ କଥା । ଆମ ଦେଶରେ କପା ଗଛ ଅଛି, ଗଛରେ କପା ଅଛି, ମାତ୍ର ବୁଣାକାରଙ୍କ ହାତରେ ଆଙ୍ଗୁଠି ନାହିଁ ଲୁଗା ବୁଣିବା ପାଇଁ । ଇଂରେଜ ଶାସକ ଆଙ୍ଗୁଠି କାଟି ଦେଇଛି । କେଡ଼େ ନୃଶଂସତା, ଭାବି ହେଉନାହିଁ ।

ଉତ୍କଳ ମଣି ଗୋପବନ୍ଧୁ, ପଣ୍ଡିତ ନୀଳକଣ୍ଠ, ପଣ୍ଡିତ ଗୋଦାବରୀଶ, ଉତ୍କଳ ଭାରତୀ କୁନ୍ତଳା କୁମାରୀ, ଚାରଣ କବି ବାଞ୍ଛାନିଧି ଏବଂ ଜାତୀୟ କବି ବୀରକିଶୋରଙ୍କ ସମେତ ବହୁ ସ୍ରଷ୍ଟାଙ୍କ ସୃଷ୍ଟି ସମ୍ଭାରରେ ଦେଶାତ୍ମବୋଧ ପ୍ରକଟିତ ହୋଇଥିଲା। ଇଂରେଜ ଶାସନ ବିରୁଦ୍ଧରେ ପ୍ରଥମ ସ୍ୱର ଉତ୍ତୋଳିତ ହୋଇଥିଲା ଓଡ଼ିଶାରେ ପାଇକ ବିଦ୍ରୋହ ମାଧ୍ୟମରେ । ପ୍ରାୟ ଚାଳିଶ ବର୍ଷ ପରେ ସିପାହି ବିଦ୍ରୋହ ଅନୁଷ୍ଠିତ ହେଲା ଭାରତ ବର୍ଷରେ । ଜିରାଠାରୁ ହୀରା ପର୍ଯ୍ୟନ୍ତ ସବୁ କିଛି ଆମର ଲୁଟି ନେଲେ ଗୋରା ସରକାର ଏବଂ ବିନିମୟରେ ଅକଥନୀୟ ଅତ୍ୟାଚାର ଚଳାଇଲେ ଆମ ଉପରେ । ବେଳକୁ ବେଳ ଅସହ୍ୟହେଲା ସେଇ ଅତ୍ୟାଚାର । ଏଥି ସହିତ ବହୁ ପ୍ରକାର ଅସ୍ୱାଭାବିକ ନିୟମମାନ ପ୍ରଣୟନ କରି ବ୍ରିଟିଶ ଶାସକମାନେ ଆମକୁ ତଳିତଳାନ୍ତ କରିବାକୁ ଆରମ୍ଭ କଲେ । ଅନ୍ୟାୟର ପ୍ରତିବାଦ କରି ଝାନ୍ସୀର ରାଣୀ ଲକ୍ଷ୍ମୀବାଇ ବିଦ୍ରୋହ କଲେ, ପ୍ରବଳ ସଂଗ୍ରାମ କଲେ । ସଂଗ୍ରାମରେ ଶେଷରେ ନିହତ ହେଲେ ସତ, ମାତ୍ର ମୃତ୍ୟୁ ତାଙ୍କୁ ଡରାଇ ପାରିଲା ନାହିଁ, ବରଂ ଅମର କରିଦେଲା । ଓଡ଼ିଆ ପୁଅ ଚନ୍ଦନ ହଜୁରୀ ଥିଲେ ଲକ୍ଷ୍ମୀବାଇଙ୍କର ସେନାପତି । ତାଙ୍କ ସମର କୌଶଳରେ ଇଂରେଜ ଶାସନ ଏକ ପ୍ରକାର ଟଳମଳ ହୋଇଗଲା ।

ଆମ ସଂସ୍କୃତିକୁ କ୍ଷୟମୁଖୀ କରାଇବା ପାଇଁ ବ୍ରିଟିଶ ଶାସକମାନେ ବହୁ ପ୍ରକାରେ ପ୍ରଚେଷ୍ଟା କଲେ । ଅଧିକ ଷଡ଼ଯନ୍ତ୍ର ସେଦିନ ଆରମ୍ଭ କଲେ ଯେଉଁଦିନ ସେମାନେ କୋରାନ୍, ପୁରାଣ, ଗୀତା, ଭାଗବତକୁ ତୁଚ୍ଛା ଗପ ବୋଲି କହିଲେ ଏବଂ ସଂସ୍କୃତ ଭାଷାକୁ ମୃତଭାଷା ବୋଲି ଘୋଷଣା କଲେ । ପ୍ରାନ୍ତୀୟ ଭାଷାର ଜ୍ୟୋତିକୁ ଜବରଦସ୍ତି ମଉଳାଇ ଦେଲେ ।

ଜାଲିଆନାୱାଲା ବାଗ୍‌ରେ ସେଦିନ ବସିଥିବା ମେଳାରେ ଏକାଠି ହୋଇଥିବା ଅଗଣିତ ହିନ୍ଦୁ, ଶିଖ, ଜୈନ, ମୁସଲମାନ ପ୍ରଭୃତି ଭାରତୀୟଙ୍କୁ ଯେଉଁଭଳି ହତ୍ୟା କରାଗଲା, ତାହା କଳ୍ପନା କରିହେବ ନାହିଁ । କେହି ସେହି ଗୋଟିଏ ଫାଟକ ଥିବା ଜାଗାରୁ ବଞ୍ଚି ବର୍ତ୍ତି ଫେରିପାରିଲେ ନାହିଁ ।

ବ୍ରିଟିଶ୍ ଶାସକ ଯେ ସ୍ୱାଧୀନତା ମାଗିଲେ ଆମକୁ ଦେବେ, ଏଇ ବିଶ୍ୱାସ ସେଦିନ ଶତ ପ୍ରତିଶତ ତୁଟିଗଲା । ଆନ୍ଦୋଳନ ବିନା ସ୍ୱାଧୀନତା ମିଳବ ନାହିଁ, ଏକଥା ଭାରତୀୟ ନେତୃବର୍ଗର ହୃଦବୋଧ ହେଲା । ହେଲେ ଆନ୍ଦୋଳନ

ପାଇଁ ସଫଳ ଅସ୍ତ୍ରଶସ୍ତ୍ର କାହିଁ ? ଅହିଂସା ଓ ଅସହଯୋଗର ଅସ୍ତ୍ରଶସ୍ତ୍ର ଧରି ମହାତ୍ମାଗାନ୍ଧୀ ଆଗେଇ ଆସିଲେ, ଭାରତୀୟ ମାନଙ୍କର ନେତୃତ୍ୱ ନେଲେ । ତାଙ୍କୁ ସହଯୋଗ ଦେଲେ କୋଟି କୋଟି ଭାରତବାସୀ । ଗୋଟିଏ ସ୍ୱରରେ ଆକୁମାରୀ ହିମାଚଳ ପ୍ରକମ୍ପିତ ହେଲା- 'ବନ୍ଦେମାତରମ୍' । ଶିକ୍ଷାନୁଷ୍ଠାନମାନ ଶୂନ୍ୟ ହୋଇଗଲା, ଯୁବଶକ୍ତି ଏକତ୍ର ହେଲା ମାତୃଭୂମିର ମର୍ଯ୍ୟାଦା ରକ୍ଷା କରିବାକୁ, ଦେଶକୁ ସ୍ୱାଧୀନ କରିବାକୁ । ବନ୍ଦିନୀ ଭାରତମାତାଙ୍କର ବନ୍ଧନ ଫିଟାଇବାକୁ ସଂକଳ୍ପବଦ୍ଧ ହେଲେ ଯୁବକମାନେ ।

ସମଗ୍ର ଭାରତ ବର୍ଷର ଅନ୍ୟ ପ୍ରଦେଶ ମାନଙ୍କ ସହ ତାଳଦେଇ କ୍ରମଶଃ ସ୍ୱାଧୀନତା ଆନ୍ଦୋଳନ ଓଡ଼ିଶାରେ ତୀବ୍ର ଆକାର ଧାରଣ କଲା । ଓଡ଼ିଶାର କେତେ ବୀର କାରାଦଣ୍ଡରେ ଦଣ୍ଡିତ ହେଲେ ଏବଂ ଫାଶୀ ପାଇଲେ ମଧ୍ୟ । ଦେଶପାଇଁ ହସିହସି ସେମାନେ ଫାଶୀଖୁଣ୍ଟରେ ବେକ ଝୁଲାଇଦେଲେ, ଦୁଃଖ ନ ଥିଲା ମରଣ ପାଇଁ ବରଂ ଶେଷ ନିଃଶ୍ୱାସ ପର୍ଯ୍ୟନ୍ତ ଥିଲା କଣ୍ଠରେ 'ବନ୍ଦେ ମାତରମ୍'ର ମାଙ୍ଗଳିକ ଧ୍ୱନି । କେତେ ସଂଗ୍ରାମୀ ଆଣ୍ଡାମାନର ଭାଇପର ଦ୍ୱୀପକୁ ନିର୍ବାସିତ ହୋଇଗଲେ । ହାତରେ ପଡ଼ିଲା କଡ଼ି ଓ ଗୋଡ଼ରେ ବେଡ଼ି । ବିଷାକ୍ତ କୀଟ ପତଙ୍ଗ ଦଂଶନରେ ଶରୀର ଅସୁସ୍ଥ ହେଲା ଓ ମୃତ୍ୟୁମୁଖରେ ପଡ଼ିବାକୁ ସେମାନେ ବାଧ୍ୟହେଲେ । ପରେପରେ ନିର୍ମିତ ହେଲା ପୋର୍ଟବ୍ଲେୟାରର ସେଲୁଲାର ଜେଲ୍ । ସେଠାରେ ସ୍ୱାଧୀନତା ସଂଗ୍ରାମୀମାନଙ୍କୁ ରଖାଯାଇ ସେମାନଙ୍କୁ ଅତ୍ୟନ୍ତ କଷ୍ଟ ଦିଆଯାଉଥିଲା । ଅସ୍ୱାଭାବିକ ପରିବେଶ ଓ ଅସହ୍ୟ ଯନ୍ତ୍ରଣା ଭିତରେ ରହି ନ ପାରି କେତେ ମୃତ୍ୟୁବରଣ କଲେ, ଆଉ କେତେ ଅତି ରୁଗ୍ଣ ହୋଇ ନାମକୁ ମାତ୍ର ବଞ୍ଚି ରହିଲେ ।

ଦୀର୍ଘଦିନର ଆନ୍ଦୋଳନ ପରେ ବହୁ ପ୍ରତୀକ୍ଷିତ ସ୍ୱାଧୀନତା ଆସିଲା, ମାତ୍ର ସ୍ୱାଧୀନତାର ସ୍ୱାଦୁ ଆସିଲା ନାହିଁ । ଭାରତବାସୀଙ୍କଠାରୁ ବେଳକୁ ବେଳ ଫିକା ପଡ଼ିଗଲା ଭାରତୀୟତାର ମୂଲ୍ୟବୋଧ । ଏହାର କାରଣ ନିରୂପଣ ଯେପରି ଗବେଷଣାର ବିଷୟ, ନିରାକରଣ ସେପରି ଆଲୋଚନାର ବିଷୟ । ଦୁଃଖର ବିଷୟ ଏହାର ଗବେଷଣା ଓ ଆଲୋଚନା ପ୍ରାୟତଃ ହେଉନାହିଁ । ରାଜନୀତିକ ସ୍ୱାଧୀନତାରୁ ଫାଇଦା ଉଠାଇବାକୁ ଆମେ ଏତେ ବ୍ୟସ୍ତ ଯେ ସେ ବ୍ୟସ୍ତତାକୁ ରୂପ ଦେବାକୁ ଭାଷା ନାହିଁ । ସଂସ୍କୃତି କଥା ପଚାରେ କିଏ ? ସେକଥା ପଚାରିବାକୁ କାହାର ଅବକାଶ ନାହିଁ । ପଦବୀରୁ ଫାଇଦା ଉଠାଉ ଉଠାଉ ସକାଳରୁ ପୁଣି ସକାଳ ହୋଇ ଯାଉଛି, ଦିନର ଚବିଶଘଣ୍ଟା ବିତି ଯାଉଛି, ଆଉ ବେଳ କାହିଁ ?

ଦେଶରେ ଘର ଭାଙ୍ଗି ଏବେ ଖଣ୍ଡ ଖଣ୍ଡ, ବୈକୁଣ୍ଠ ସମାନ ଘର ଭୂଲୁଣ୍ଠିତ, ଧ୍ୱଂସାବଶେଷ ଦେଖି ବିଶ୍ୱାସ କରିହେଉନାହିଁ ଏଠାରେ ବୈକୁଣ୍ଠ ଥିଲା ବୋଲି । ସ୍ୱାଧୀନତା ନାମରେ ସ୍ୱେଚ୍ଛାଧୀନତାର ନିଆଁ ଜାଳିଦେଲାଣି ଏକାନ୍ନବର୍ତ୍ତୀ ପରିବାରକୁ । କର୍ପୂର ଉଡ଼ିଗଲାଣି, କନା ମଧ୍ୟ ପୋଡ଼ିଗଲାଣି । ହେଲେ ସେ ଆଡ଼କୁ କାହାରି ନିଘା ନାହିଁ । ନୈତିକ ଶିକ୍ଷା, ସହନଶୀଳତାର ଶିକ୍ଷା ସର୍ବୋପରି ବଞ୍ଚିବାର କଳାର ଶିକ୍ଷା ଯେ ଏହି ବ୍ୟାଧିର ମହୌଷଧି, ଏକଥା ବେଳେବେଳେ ବୁଝି ହେଉଛି, କିନ୍ତୁ ପ୍ରଚଳନ କରିହେଉ ନାହିଁ । ନୈତିକତା ହେଉଛି ମାନବିକତା । ମାନବିକତାର ଶିକ୍ଷାର ଭିତ୍ତିରେ ବଞ୍ଚିବାର କଳା ପ୍ରତିଷ୍ଠିତ, ଶିକ୍ଷାରେ ତାହା ଅଙ୍ଗୀଭୂତ ହୋଇନାହିଁ।

ଯୁବ ଶକ୍ତି ଆମର ଅମୂଲ୍ୟ ସମ୍ପଦ । ସେମାନଙ୍କୁ ଜୀବନର ଲକ୍ଷ୍ୟ, ଜୀବନର ମହତ୍ତ୍ୱ, ବିଶ୍ୱଗ୍ରାମ ଗଠନରେ ସେମାନଙ୍କର ଭୂମିକା ସମ୍ପର୍କରେ ଆଲୋଚନା, କର୍ମଶାଳା ତଥା ପ୍ରଶିକ୍ଷଣ ମାଧ୍ୟମରେ ସଚେତନ ନ କରାଇ ମଦ ବନ୍ୟାରେ ଭସାଇ ଦେଶର ଅର୍ଥନୀତିକୁ ସୁଦୃଢ଼ କରିବା କେତେ ଯୁକ୍ତିଯୁକ୍ତ ତାହା ବିଚାର୍ଯ୍ୟ ବିଷୟ । ନିଶାରେ ମସ୍‌ଗୁଲ ହୋଇ ଭିନ୍ନ ଭିନ୍ନ ପ୍ରକାରର ନାରକୀୟ କାଣ୍ଡରେ ଲିପ୍ତ ରହିବା ଦ୍ୱାରା ଯୁବ ଶକ୍ତିର ନିଜର କେତେ କ୍ଷତ ହେଉଛି ଓ ସମାଜର କେତେ କ୍ଷତ ହେଉଛି ତାହା ଆଲୋଚନାର ବିଷୟ ।

ସୁସ୍ଥ ଭବିଷ୍ୟତ ଗଠନ ପାଇଁ ଆମ ସମସ୍ତଙ୍କର ଯଥାଯୋଗ୍ୟ ଭୂମିକା ରହିଛି । ଏଇ ଭୂମିକାରେ ଆମେ କିପରି ଅବତୀର୍ଣ୍ଣ ହୋଇପାରିବା, ତାହାହିଁ ଆଜିର ଅନୁଚିନ୍ତା ।

□□

ଆଜିର ଅନୁଚିନ୍ତା

ଆଜିର ଜୀବନଧାରା ବିଭିନ୍ନ ସମସ୍ୟାର ଆବର୍ଜନାରେ କଳୁଷିତ ଓ ବିପର୍ଯ୍ୟସ୍ତ । କେହି ପ୍ରକୃତ ଅର୍ଥରେ ସୁଖରେ ନାହାନ୍ତି ଯଦିବା ପ୍ରତ୍ୟେକ ଅନ୍ୟମାନଙ୍କୁ ସୁଖୀବୋଲି ମନେକରୁଛନ୍ତି । ବିଜ୍ଞାନର ପ୍ରଗତି ଫଳରେ ବସ୍ତୁବାଦର ବିକାଶ ଘଟିଛି ଏବଂ ତଜ୍ଜନିତ ସୁଖ ଯାହା ମିଳିବା କଥା ମିଳୁଛି । ଉଦାହରଣସ୍ୱରୂପ ପ୍ରବଳ ଗ୍ରୀଷ୍ମପ୍ରବାହରେ କମ୍ବଳ ଘୋଡ଼ିହେବା ଶୀତର ଅନୁଭବ ବିଜ୍ଞାନ ଦ୍ୱାରା ସମ୍ଭବ ହେଉଛି । ଦେହର ଶୀତଳତା ଜନିତ ଯେତିକି ଆନନ୍ଦ ମିଳିବା କଥା ହୁଏତ ମିଳୁଛି ମାତ୍ର ତାହା ମନକୁ ଶାନ୍ତ ଓ ଶୀତଳ କରିପାରୁ ନାହିଁ । ଆଉ କିଛି ଅଭାବ ଯେପରି କେଉଁଠାରେ ରହିଯାଉଛି । ଧନର ଅଭାବ ନାହିଁ ଅନାହାର ମୃତ୍ୟୁ ପ୍ରାୟ ନାହିଁ କହିଲେ ଚଳେ । ଅଭାବଟି ରହିଯାଉଛି ସାମାଜିକ ନ୍ୟାୟ ପ୍ରଦାନରେ ଓ ପ୍ରାପ୍ତିରେ । ସାମାଜିକ ପରିବେଶର ସମୃଦ୍ଧିପାଇଁ ଆବଶ୍ୟକୀୟ ଆନ୍ତରିକତା ଉପଯୁକ୍ତ କ୍ଷେତ୍ରରେ ପରିଲକ୍ଷିତ ହେଉନାହିଁ । ଏହାର ଅର୍ଥ ନୁହେଁ ଯେ ଆଇନ୍‌କାନୁନ୍‌ରେ ପରିବର୍ତ୍ତନ ଘଟିନାହିଁ ବା ନୂଆ ନୂଆ ଆଇନ୍ ପ୍ରଣୀତ ହୋଇନାହିଁ । ବହୁତ ନୀତି ପ୍ରଣୀତ ହେଉଛି ଓ ପାଳିତ ହେଉଛି ମାତ୍ର ସେସବୁ ସାମାଜିକ ପରିବର୍ତ୍ତନ ଆଣିବାରେ ସମର୍ଥ ହେଉନାହାନ୍ତି । ନୀତି ପ୍ରଣୟନ କରିଦେଲେ ସମସ୍ୟାର ସମାଧାନ ହୁଏନାହିଁ । ଏସବୁ ସହିତ ଆବଶ୍ୟକ ହୁଏ ଆନ୍ତରିକତାର ସମନ୍ୱୟ । ଆନ୍ତରିକ ଶୁଭେଚ୍ଛା ନ ଥାଇ ଆପଣାର ସ୍ୱାର୍ଥକୁ ଦୃଷ୍ଟିରେ ରଖି ବହୁ କଥାର ବହୁଳ ପ୍ରଚାରରେ ଲାଭ ବିଶେଷ କିଛି ହୁଏନାହିଁ । ଶିକ୍ଷା ମାଧ୍ୟମରେ ସଚେତନତା ସୃଷ୍ଟି କରାଯିବା ଏକାନ୍ତ ଆବଶ୍ୟକ । ସଚେତନତା ଭିତ୍ତିରେ ସମସ୍ୟାରେ ସ୍ଥାୟୀ ସମାଧାନ କେବଳ ସମ୍ଭବ ହୋଇପାରେ, ଅନ୍ୟଥା ଯେଉଁ ସମାଧାନ ହେବ ତାହା ସାମୟିକ ସମାଧାନ, ଯାହାର ବିଶେଷ କିଛି ପ୍ରଭାବ ଆଗାମୀ ଦିନପାଇଁ ରହିବ ନାହିଁ । ପୁନଶ୍ଚ ଏହା ଲକ୍ଷ୍ୟଣୀୟ ଯେ ଯେଉଁ ସମସ୍ୟା ଉପରେ ଅଧିକ ଗୁରୁତ୍ୱ ଆରୋପିତ ହେବାକଥା ସେ ଉପରେ କମ୍ ଗୁରୁତ୍ୱ ଆରୋପିତ ହେଉଛି, ଆହୁରି ମଧ୍ୟ ଏପରି କିଛି ସମସ୍ୟା ରହିଛି ଯାହା ଉପରେ ଯେତିକି ଗୁରୁତ୍ୱ ଦିଆଯିବା କଥା ତା'ଉପରେ ତହିଁରୁ ଅଧିକ ଗୁରୁତ୍ୱ ଦିଆଯାଉଛି । ଅଭିଭାବକମାନେ ସୁବିଧାବାଦୀ ହେଲେ ଯେପରି ପରିବାରର କ୍ଷତି ଘଟେ ସମାଜର ପ୍ରତିଷ୍ଠିତ ବ୍ୟକ୍ତିତ୍ୱଗଣ ସୁବିଧାବାଦୀ ହେଲେ ସେପରି ସମାଜର କ୍ଷତିଘଟେ । ସମସ୍ୟା ବଢ଼ିଚାଲେ ଓ ଅସ୍ଥାୟୀ ସମାଧାନର ନୀତି ସବୁ କାର୍ଯ୍ୟକାରୀ ହେଉଥାଏ । ଫଳତଃ ପରିବେଶରେ ସ୍ଥାୟୀ ଆନନ୍ଦର ବିଚ୍ଛୁରଣ ଘଟେନାହିଁ । ପ୍ରକୃତ ଆନନ୍ଦ ଜନସାଧାରଣଙ୍କ ହାତପାଆନ୍ତାରେ ପହଞ୍ଚିପାରେ ନାହିଁ । ନୀତିର ପ୍ରୟୋଗଠାରୁ ଅପପ୍ରୟୋଗ ଅଧିକ ହେଉଥାଏ, ନୀତିର ସଦ୍‌ବ୍ୟବହାରଠାରୁ ଅସଦ୍ ବ୍ୟବହାର ଅଧିକ ହେଉଥାଏ, ଯାହା ଜନଜୀବନକୁ ପୂର୍ଣ୍ଣ ସୁଖଶାନ୍ତିରୁ ବଞ୍ଚିତ କରିରଖେ ।

ବର୍ତ୍ତମାନ ପାରିବାରିକ ଜୀବନର ବହୁ ସମସ୍ୟା ଉପରେ ବିଭିନ୍ନ ମହଲ ପକ୍ଷରୁ ବହୁତ ଗୁରୁତ୍ୱ ପ୍ରଦାନ କରାଯାଉଅଛି । ଏହା ଅଭିନନ୍ଦନୀୟ ପଦକ୍ଷେପ ଏଥିରେ ସନ୍ଦେହ ନାହିଁ । କାରଣ ପାରିବାରିକ ଜୀବନ ହିଁ

ସାମାଜିକ ଜୀବନ ତଥା ରାଷ୍ଟ୍ରୀୟ ଜୀବନର ମୂଳଭିତ୍ତି । ଜୀବନର ସର୍ବାଙ୍ଗୀଣ ସମୃଦ୍ଧି ନିର୍ଭର କରେ ପାରିବାରିକ ଜୀବନର ସୁସ୍ଥତା ଉପରେ । ତେଣୁ ପରିବାରକୁ ମର୍ତ୍ତ୍ୟରେ ବୈକୁଣ୍ଠଭୁବନ ସହିତ ତୁଳନା କରାଯିବା କଥା ସମସ୍ତେ ଜାଣନ୍ତି । ମୂଳଭିତ୍ତି ଦୁର୍ବଳହେଲେ ତା'ଉପରେ ପ୍ରତିଷ୍ଠିତ ସମସ୍ତ ଅଭିବ୍ୟକ୍ତି ଯେ ଅର୍ଥହୀନ ଏହା ମୁକ୍ତକଣ୍ଠରେ ସ୍ୱୀକାର୍ଯ୍ୟ । ବିବାହ ଓ ବିବାହିତ ଜୀବନକୁ ଭିତ୍ତିକରି ବହୁ ସମସ୍ୟା ଏବେ ସମସ୍ତଙ୍କର ଦୃଷ୍ଟି ଆକର୍ଷଣ କରୁଛି । ସମସ୍ୟାଗୁଡ଼ିକର ସମାଧାନ ପାଇଁ ବିଭିନ୍ନ ମହଲ ଅଧିକ ତତ୍ପର ଥିବାପରି ମନେହେଉଛି । ଗଛଟିଏ ଝାଉଁଳିଯିବା ବେଳେ ଏହାର ମୂଳରେ ପାଣି ମୁନ୍ଦିଏ ନ ଦେଇ ଉପରେ ପାଣି ଛିଞ୍ଚିଦେଲେ ଯାହା ଫଳ ହୁଏ, ଏବେ ତାହାହିଁ ହେଉଛି । ଢୋକେ ପିଇ, ଦଣ୍ଡେ ଜୀଇଁ ନ୍ୟାୟରେ ଗଛଟି ଟିକିଏ ବେଳ ସତେଜ ଦିଶେ, ତା'ପରେ ଯାହାକୁ ସେଇଆ ହୁଏ । ବର୍ତ୍ତମାନ ସମାଜର ଅବସ୍ଥା ସେହିପରି । ସମସ୍ୟାର ମୂଳଟିକୁ ଦେଖିଥିବାକୁ କାହାର ବେଳନାହିଁ, ଆଗ୍ରହ ମଧ୍ୟ ନାହିଁ ।

ଆମ ଦେଶରେ ଆମ ସଂସ୍କୃତିର ଚର୍ଚ୍ଚା, ଆଲୋଚନା, ବିଚାର ବିଶ୍ଳେଷଣ ବିଶେଷ ଦେଖିବାକୁ ମିଳୁନାହିଁ, ଯାହା ହେଉଛି ସେଥିରେ ଆନ୍ତରିକତାର ସ୍ପର୍ଶ ନାହିଁ । ପାଶ୍ଚାତ୍ୟର ବୈଜ୍ଞାନିକ ଅନୁଚିନ୍ତା ସହିତ ଆମର ଭାବଧାରାକୁ ସମନ୍ୱୟ କରି ନୂତନ ଚେତନା ସୃଷ୍ଟି କରିବାର ଆନ୍ତରିକ ପ୍ରୟାସ କେଉଁଠାରେ ଦେଖାଯାଉ ନାହିଁ । ଏପରି ଚେତନାର ପ୍ରକାଶ ଓ ବିକାଶ ନିମନ୍ତେ ଶିକ୍ଷା ମାଧ୍ୟମରେ ଅନୁକୂଳ ପରିବେଶ ସୃଷ୍ଟି କରାଯାଇ ପାରନ୍ତା, ଏକଥା ଜାଣି ମଧ୍ୟ ସେ ଦିଗରେ କାର୍ଯ୍ୟାନୁଷ୍ଠାନ ହେଉନାହିଁ । ଶିକ୍ଷା ହିଁ ସାମାଜିକ ଜୀବନର ସୁସ୍ଥତାର ଚାବିକାଠି ଏହା କାହାରିକୁ ଅଜଣା ନାହିଁ । ଶିକ୍ଷାର ଅର୍ଥ ନୁହେଁ ପାଠ୍ୟକ୍ରମ ମାଧ୍ୟମରେ କିଛି ସମ୍ବାଦ ପରିବେଷଣର ବ୍ୟବସ୍ଥା । ଶିକ୍ଷା ହେଉଛି ତାହା ଯାହା ଜୀବନ ଚିନ୍ତା ସହିତ ପ୍ରତ୍ୟକ୍ଷ ଯୋଗସୂତ୍ର ରକ୍ଷା କରିପାରେ । ନୈତିକତାର ମୂଲ୍ୟବୋଧକୁ ମନରେ ନିର୍ଦ୍ଦିଷ୍ଟ ବୟସରୁ ଶିକ୍ଷା ମାଧ୍ୟମରେ ହିଁ ପ୍ରତିଷ୍ଠିତ କରାଯାଇପାରେ । ଗୋଟିଏ ଦେଶର ସାଂସ୍କୃତିକ ମହତ୍ତ୍ୱ ଶିକ୍ଷା ମାଧ୍ୟମରେ ହିଁ ପ୍ରତିଷ୍ଠିତ ହୋଇପାରେ । ଅତଏବ ବିଭିନ୍ନ ଦିଗରୁ ବିଚାର କଲେ ବୁଝିହେବ ଯେ ଶିକ୍ଷା ହିଁ ସମାଜର ନବନିର୍ମାଣ ନିମନ୍ତେ ଏକ ବଳିଷ୍ଠ ମାଧ୍ୟମ । ଶିକ୍ଷା ପ୍ରକୃତ ଅର୍ଥରେ ମଣିଷକୁ ଉପଯୁକ୍ତ କରି ସମାଜ ଉପଯୋଗୀ କରି ଗଢ଼ିଥାଏ । ଏ ଦିଗରୁ ବିଚାର କଲେ ଶିକ୍ଷା ବ୍ୟବସ୍ଥାର ପୁନର୍ଗଠନ ଯେ ଆଜି କେତେ ଜରୁରୀ ତାହା ସହଜରେ ବୁଝି ହେବ ।

ଭାରତ ହେଉଛି ସେହି ଦେଶ ଯାହାର ବାତାବରଣରେ ଜୀବନ ଚିନ୍ତା ଫୁଲର ସୁବାସ ପରି ବିଚ୍ଛୁରିତ ହୋଇ ରହିଥିଲା । ଆଜି କିନ୍ତୁ ଭାରତୀୟ ସଂସ୍କୃତିର ମହତ୍ତ୍ୱ ଓ ମହକପ୍ରତି ଆବଶ୍ୟକୀୟ ଆତ୍ମୀୟତା ପ୍ରକଟିତ ହେଉନାହିଁ । ନୈତିକତା ଯାହା ଭାରତୀୟ ଜୀବନଧାରାର ଏକ ବରଣୀୟ ଉପାଦାନ ଥିଲା, ତାହା ଆଜି ଦୁର୍ବଳତାର ଚିହ୍ନରେ ଗଣା ହେଉଛି । ସ୍ୱାଧୀନତାର ଅର୍ଥ ଏବେ ସ୍ୱେଚ୍ଛାଧୀନତା ବୋଲି ବୁଝାଯାଉଛି । ଆଧୁନିକତା କହିଲେ ଏବେ ଔଦ୍ଧତ୍ୟକୁ ବୁଝିବାକୁ ହେଉଛି । ଗୁରୁଜନଙ୍କ ପ୍ରତି ନମ୍ରତା ଏବେ ସୁଦୂର ପରାହତ । ଅନ୍ୟକୁ ଅବମାନନା ହିଁ ବୀରତ୍ୱର ଚିହ୍ନ ଭାବରେ ଗୃହୀତ । ପିଲାଦିନେ ପିଲାମାନଙ୍କୁ ଯେତେବେଳେ ନୀତି କ'ଣ, ଅନୀତି କ'ଣ, କର୍ତ୍ତବ୍ୟ କ'ଣ ଅକର୍ତ୍ତବ୍ୟ କ'ଣ ବୁଝାଇବା ଦରକାର, ସେତେବେଳେ ତାହା ନବୁଝାଇଲେ ପରେ ବୁଝାଇଲେ ଆଉ କିଛି ଲାଭ ହୁଏନାହିଁ। ବିଦ୍ୟାର୍ଥୀର ଜୀବନ ଅତିକ୍ରାନ୍ତ ହେଉଛି କେବଳ ସମ୍ବାଦ ସଂଗ୍ରହରେ । ଏହା ସହିତ ଜୀବନ ଚିନ୍ତାର ସମନ୍ୱୟ ଘଟୁନାହିଁ ।

ଏତେ ଦିନର ସ୍ୱାଧୀନତା ଆମ ଭିତରେ ସାମଗ୍ରିକ ଭାବରେ ଜୀବନପ୍ରତି ଆନ୍ତରିକତା ଆଣିନାହିଁ । ଅହଂକାରର ବୃଦ୍ଧି ନିମନ୍ତେ କେବଳ ଉପାଦାନ ଯୋଗାଇଛି । ଏବେ ବୁଝିବାର ସମୟ ଆସିଛି ଯେ ବହିଃମନକୁ ନେଇ ବଞ୍ଚିବା ପ୍ରକୃତରେ ବଞ୍ଚିବା ନୁହେଁ, ତା' ସହିତ ଅନ୍ତଃମନର ସମନ୍ୱୟ ହେବା ଦରକାର, ବସ୍ତୁକୁ ନେଇ ବଞ୍ଚିବା ପ୍ରକୃତରେ ବଞ୍ଚିବା ନୁହେଁ, ତା ସହିତ ଭାବର ସମନ୍ୱୟ ହେବା ଦରକାର, ନିଜର ସୁଖ ସୁବିଧାକୁ ନେଇ

ବଞ୍ଚିବା ପ୍ରକୃତ ବଞ୍ଚିବା ନୁହେଁ, ତା'ସହିତ ଅନ୍ୟମାନଙ୍କ ପ୍ରତି ଯଥାବିଧି କର୍ତ୍ତବ୍ୟ ପାଳନର ସମନ୍ୱୟ ହେବା ଦରକାର । ଆତ୍ମସ୍ୱାର୍ଥଠାରୁ ଦେଶର ସ୍ୱାର୍ଥକୁ ବଡ଼ କରିବା, ଅନ୍ୟମାନଙ୍କୁ ଯଥାରୀତି ସମ୍ମାନ ଓ ଶ୍ରଦ୍ଧା କରିବାକୁ ଜାଣିବା ଓ ଜଣାଇବାର ବେଳ ଆସିଛି । ହେଳା କଲେ ଭେଳା ବୁଡ଼ିଯିବ, ଏକଥା କିଏ କାହାକୁ କେମିତି ଶିଖାଇବ, ଏହା କ'ଣ ଚିନ୍ତାର ବିଷୟନୁହେଁ ?

□□

ସାମାନ୍ୟ ସୂଚନା

ପୁରୁଷୋତ୍ତମ ତତ୍ତ୍ୱ ଓ ଶ୍ରୀଜଗନ୍ନାଥ

ଯସ୍ମାତ୍ କ୍ଷରମତୀତୋଽହମକ୍ଷରାଦପି ଚୋତ୍ତମଃ ।
ଅତୋଽସ୍ମି ଲୋକେ ବେଦେ ଚ ପ୍ରଥିତଃ ପୁରୁଷୋତ୍ତମଃ ।।୧୮।।
ଯୋ ମାମେବମସଂମୂଢୋ ଜାନାତି ପୁରୁଷୋତ୍ତମମ୍ ।
ସ ସର୍ବବିଦ୍ ଭଜତି ମାଂ ସର୍ବଭାବେନ ଭାରତ ।।୧୯।।

(ପୁରୁଷୋତ୍ତମ ଯୋଗ : ଶ୍ରୀମଦ୍ଭଗବଦ୍ ଗୀତା)

ଅର୍ଥାତ୍ ମୁଁ କ୍ଷର (ଅର୍ଥାତ୍ ବିନାଶୀ ଜଡ଼ବର୍ଗ)ର ଅତିକ୍ରାନ୍ତ ଏବଂ ଅକ୍ଷର (ଅବିନାଶୀ ଚୈତନ୍ୟ) ଠାରୁ ଉତ୍କୃଷ୍ଟ । ଏହି ହେତୁ ଲୋକ ସମୂହରେ ଏବଂ ବେଦରେ ମୁଁ ପୁରୁଷୋତ୍ତମ ବୋଲି ବିଖ୍ୟାତ । ହେ ଭାରତ ! ଯେଉଁ ସାଧକମାନେ ଏହି ରୂପେ ମୋହାଦି ଶୂନ୍ୟ ହୋଇ ମୋତେ ପୁରୁଷୋତ୍ତମ ରୂପେ (ମୋ ଠାରୁ ଉତ୍କୃଷ୍ଟ ପୁରୁଷ ଆଉ କେହି ନାହିଁ) ଅବଗତ ହୁଅନ୍ତି, ସେହି ସର୍ବଜ୍ଞ ସାଧକ ମୋତେ ସବୁ ପ୍ରକାରେ ଭଜନ କରନ୍ତି ।

ପୁରୁଷୋତ୍ତମ ତତ୍ତ୍ୱ ହେଉଛି ସତ୍–ଚିତ୍–ଆନନ୍ଦର ତତ୍ତ୍ୱ, ଯାହାକୁ ପ୍ରାପ୍ତ କରିବା ନିମନ୍ତେ ମାନବଜାତି ସତତ ପ୍ରୟାସୀ । ମାର୍ଗର ଭିନ୍ନତାରେ ତତ୍ତ୍ୱ ଭିନ୍ନ ହୁଏ ନାହିଁ । ତତ୍ତ୍ୱ ହିଁ ସତ୍ୟ ଏବଂ ସତ୍ୟ ହିଁ ତତ୍ତ୍ୱ । ଶ୍ରୀଜଗନ୍ନାଥ ହେଉଛନ୍ତି ପୁରୁଷୋତ୍ତମ ତତ୍ତ୍ୱର ପ୍ରତୀକ । ପୁରୁଷୋତ୍ତମ ପରମବ୍ରହ୍ମଙ୍କର କୌଣସି ରୂପ ନାହିଁ । ସେ ଅବତାର ନୁହନ୍ତି, ଅବତାରୀ । ଅବତାରମାନେ ତାଙ୍କୁ ଉପାସନା କରନ୍ତି । ଶ୍ରୀଜଗନ୍ନାଥଙ୍କର କୌଣସି ରୂପ ନାହିଁ । ସେ କେବଳ ପ୍ରତୀକ । ତାଙ୍କୁ ଦେବତାମାନେ ମଧ୍ୟ ଉପାସନା କରିଥାନ୍ତି । ଶ୍ରୀଜଗନ୍ନାଥଙ୍କର ମହାପ୍ରସାଦକୁ ସଂପ୍ରଦାୟ ନିର୍ବିଶେଷରେ ସମସ୍ତେ ଗ୍ରହଣ କରିଥାନ୍ତି । ସଚ୍ଚିଦାନନ୍ଦଙ୍କଠାରେ ଜାତି, ଧର୍ମ, ବର୍ଣ୍ଣର ଭେଦ ନଥିବାରୁ ସେ କୌଣସି ସୀମାରେ ଆବଦ୍ଧ ନୁହନ୍ତି । ପ୍ରତ୍ୟେକ ସୀମାକୁ ଅତିକ୍ରମ କରିଯାଇଥିବା ଅକଳ୍ପନୀୟ ଅସୀମ ସେ । ଶ୍ରୀଜଗନ୍ନାଥଙ୍କ କୃପା ନିକଟରେ ଜାତି, ଧର୍ମ ଓ ବର୍ଣ୍ଣର ଭେଦ ନାହିଁ । ସମସ୍ତ ସାଂପ୍ରଦାୟିକ ସସୀମତ୍ୱକୁ ଅତିକ୍ରମ କରି ଯାଇଥିବାରୁ ସମସ୍ତେ ତାଙ୍କ ମହତ୍ତ୍ୱକୁ ମୁକ୍ତ କଣ୍ଠରେ ସ୍ୱୀକାର କରନ୍ତି ଓ ଆରାଧନା କରିଥାନ୍ତି । କେବଳ ଶ୍ରୀଜଗନ୍ନାଥ ନୁହନ୍ତି, ତାଙ୍କ ଧାମ ମଧ୍ୟ ଅପୂର୍ବ ମହନୀୟତାର ଉଚ୍ଚତମ ସୋପାନରେ ଅଧିଷ୍ଠିତ । ଏଇ ଧାମ ନାମିତ ହୋଇଛି ଆରାଧ୍ୟଙ୍କ ନାମରେ ଅର୍ଥାତ୍ ପୁରୁଷୋତ୍ତମଙ୍କ ନାମରେ । ଧାମର ନାମ ହୋଇଛି ପୁରୁଷୋତ୍ତମ ଧାମ । ଏପରି ସଂଯୋଜନା ପ୍ରାୟ ଅନ୍ୟତ୍ର ଦେଖାଯାଏ ନାହିଁ ।

କପିଳ ସଂହିତାରେ ଉଲ୍ଲେଖ କରାଯାଇଛି–

'ସର୍ବେଷାଂ ଚୈବ କ୍ଷେତ୍ରାଣାଂ ରାଜା ଶ୍ରୀପୁରୁଷୋତ୍ତମଃ ।
ସର୍ବେଷାଂ ଚୈବ ଦେବାନାଂ ରାଜା ଶ୍ରୀପୁରୁଷୋତ୍ତମଃ ।।'

(ପଞ୍ଚମ ଅଧ୍ୟାୟ, ୩୮ ଶ୍ଲୋକ)

ବିଭିନ୍ନ ସଂପ୍ରଦାୟ ବ୍ୟତୀତ ତନ୍ତ୍ର ଏବଂ ବୌଦ୍ଧ ତଥା ଅନ୍ୟାନ୍ୟ ମାର୍ଗୀ ସାଧୁସଜ୍ଜଗଣ ମଧ୍ୟ ପୁରୁଷୋତ୍ତମ ଧାମ ବା ପୁରୀଧାମକୁ ଅସୀମ ଶ୍ରଦ୍ଧା ଓ ଅଶେଷ ସମ୍ମାନ ନିବେଦନ କରିଥାନ୍ତି । ଶ୍ରୀଜଗନ୍ନାଥ ବେଦ, ବେଦାନ୍ତ ଓ ତନ୍ତ୍ରର ମହାମିଳନ ତତ୍ତ୍ୱ, ସମସ୍ତ ସଂସ୍କୃତିର ସମନ୍ୱିତ ସ୍ୱରୂପ ପରଂବ୍ରହ୍ମ, ସକଳ ସଂପ୍ରଦାୟର ସାରନିର୍ଯ୍ୟାସ ତଥା ପରାପ୍ରକୃତିଯୁକ୍ତ ପୁରୁଷୋତ୍ତମ । ସେହି ପରମ ପ୍ରଭୁ ପରାର୍ଦ୍ଧରେ ବିଜ୍ଞାନ ରୂପେ ଅବସ୍ଥିତ ଏବଂ ଅପରାର୍ଦ୍ଧରେ ଛନ୍ଦ ରୂପରେ ଅନ୍ନମୟ କୋଷ, ପ୍ରାଣମୟ କୋଷ ଓ ମନୋମୟ କୋଷରେ ପ୍ରତିଷ୍ଠିତ ।

ଶ୍ରୀଜଗନ୍ନାଥ ଯେ ପୁରୁଷୋତ୍ତମ ତତ୍ତ୍ୱର ପ୍ରତୀକ ଏହାର ଅନ୍ୟତମ କାରଣ ହେଉଛି, ସେ ସମସ୍ତ ଅବତାର ତଥା ଶକ୍ତିଙ୍କ ମନ୍ତ୍ର ମାଧ୍ୟମରେ ପୂଜିତ ହୁଅନ୍ତି । ମହାପ୍ରସାଦ ନିବେଦିତ ହେଲାବେଳେ ଶ୍ରୀରାମ, ଶ୍ରୀକୃଷ୍ଣ, ଲକ୍ଷ୍ମୀ, ଦୁର୍ଗା, ବିଷ୍ଣୁ, ବିମଳା ସମେତ ବେଢ଼ା ଭିତରସ୍ଥ ଅନ୍ୟାନ୍ୟ ଦେବଦେବୀମାନେ ପ୍ରସାଦ ସେବନ ନିମନ୍ତେ ନିମନ୍ତ୍ରିତ ହୋଇ ଆସନ୍ତି । ଏହାଛଡ଼ା ଜଗନ୍ନାଥଙ୍କ ମନ୍ଦିରରେ ପାଳିତ ଓ ପ୍ରଚଳିତ ବହୁ ପର୍ବପର୍ବାଣିରୁ ଜଣାଯାଏ ଯେ ଜଗନ୍ନାଥ ହେଉଛନ୍ତି ପୁରୁଷୋତ୍ତମଙ୍କର ପ୍ରତୀକ ।

ପୁରୁଷୋତ୍ତମ ତତ୍ତ୍ୱରେ ଜ୍ଞାନ, ଭକ୍ତି ଓ କର୍ମ ଉପରେ ସୀମାହୀନ ଗୁରୁତ୍ୱ ଆରୋପିତ ହୁଏ । ଏ ତିନିଗୋଟି ଉପାଦାନ ଆଦୌ ପରସ୍ପରର ବିରୋଧୀ ନୁହଁନ୍ତି, ବରଂ ପରିପୂରକ । ଏଥିରୁ ଯେକୌଣସି ଗୋଟିଏ ଆସିଲେ ଅନ୍ୟ ଦୁଇଟି ନିଶ୍ଚୟ ଆସିଥାଆନ୍ତି । ଶ୍ରୀଜଗନ୍ନାଥ ଜ୍ଞାନୀ ପାଇଁ ଜ୍ଞାନର ପ୍ରତୀକ, କର୍ମୀ ପାଇଁ କର୍ମର ଈଶ୍ୱର ଏବଂ ଭକ୍ତ ପାଇଁ ପ୍ରୀତିର ଠାକୁର ।

ଶ୍ରୀଜଗନ୍ନାଥଙ୍କୁ ଦାରୁବ୍ରହ୍ମ ବୋଲି କୁହାଯାଏ । ଶ୍ରୀରାମ, ଶ୍ରୀକୃଷ୍ଣ, ନାରାୟଣ, ଶିବ ପ୍ରଭୃତି ଦେବତା ହେଉଛନ୍ତି ବ୍ରହ୍ମଙ୍କର ସଗୁଣ ସ୍ୱରୂପ । ସଗୁଣ ଭଗବାନଙ୍କୁ ବ୍ରହ୍ମ ବୋଲି କୁହାଯାଏ ନାହିଁ । ଶ୍ରୀଜଗନ୍ନାଥ କୌଣସି ସଗୁଣ ରୂପୀ ନୁହଁନ୍ତି । ସେ ହେଉଛନ୍ତି ସାକ୍ଷାତ୍ ସଚ୍ଚିଦାନନ୍ଦ ପୁରୁଷୋତ୍ତମଙ୍କର ବିଗ୍ରହ । ତେଣୁ ତାଙ୍କୁ ଦାରୁବ୍ରହ୍ମ ବୋଲି କୁହାଯାଏ । ମନ ମାଧ୍ୟମରେ ବ୍ରହ୍ମଙ୍କୁ ବିଚାର କରାଯାଇପାରେ ନାହିଁ । ସେ ସାକାର ଓ ନିରାକାର ଉଭୟର ଉର୍ଦ୍ଧ୍ୱରେ । ସେ ସ୍ୱତନ୍ତ୍ର ସ୍ୱରୂପରେ ପୁରୁଷୋତ୍ତମ କ୍ଷେତ୍ର ବା ପୁରୀ କ୍ଷେତ୍ରରେ ବିରାଜିତ । ଶିବ ପୁରାଣରେ ଉଲ୍ଲେଖ ଅଛି –

'ପୁରୁଷୋତ୍ତମାତ୍ ପରଂ କ୍ଷେତ୍ରଂ ନାସ୍ତ୍ୟନ୍ୟଦ୍ ଭବମୋଚନଂ
ଯତ୍ର ସାକ୍ଷାତ୍ ପରଂବ୍ରହ୍ମ ଦାରୁବ୍ୟାଜଶରୀରଧଦ୍‌ଭୁତ ।'

ଅର୍ଥାତ୍ ''ମୁକ୍ତିଲାଭ କରିବା ସକାଶେ ପୁରୁଷୋତ୍ତମ କ୍ଷେତ୍ର ବ୍ୟତୀତ ଅନ୍ୟକ୍ଷେତ୍ର ସଂସାରରେ ନାହିଁ । ଏହି କ୍ଷେତ୍ରରେ ସାକ୍ଷାତ୍ ପରମବ୍ରହ୍ମ ଦାରୁବ୍ରହ୍ମ ରୂପେ ଶରୀର ଧାରଣ କରିଛନ୍ତି ।'' ଉକ୍ତ ଶ୍ଲୋକରେ ପ୍ରଥମ ପାଦରେ ସ୍ପଷ୍ଟ ଭାବରେ ପୁରୀକ୍ଷେତ୍ରକୁ ପୁରୁଷୋତ୍ତମ ଧାମ ଏବଂ ଦ୍ୱିତୀୟ ପାଦରେ ସାକ୍ଷାତ ପରମବ୍ରହ୍ମ ଦାରୁବ୍ରହ୍ମ ରୂପେ ଶରୀର ଧାରଣ କରିଛନ୍ତି ବୋଲି କୁହାଯାଇଛି ।

ପୁରୁଷୋତ୍ତମ ହିଁ ସ୍ୱୟଂ ବ୍ରହ୍ମ । ସେ ପୁରୁଷ ଓ ସେ ହିଁ ପ୍ରକୃତି । ଦୁଇଟି ତତ୍ତ୍ୱର ସମନ୍ୱୟ ଏକାଧାରରେ ତାଙ୍କଠାରେ ସମ୍ଭବ । ସୃଷ୍ଟି, ସ୍ଥିତି ଓ ପ୍ରଳୟ ଯେତେବେଳେ ସେ କରୁନାହାନ୍ତି ଅର୍ଥାତ୍ ସମାହିତ ସତ୍ତା ଭାବରେ ରହିଛନ୍ତି, ସେତେବେଳେ ତାଙ୍କୁ ପୁରୁଷ କୁହାଯାଏ । ଯେତେବେଳେ ଏହି ସବୁ କ୍ରିୟା ସଂପାଦନ କରୁଛନ୍ତି, ସେତେବେଳେ ସେ ପ୍ରକୃତି ପଦବାଚ୍ୟ । ଶ୍ରୀଜଗନ୍ନାଥଙ୍କଠାରେ ଏକାଧାରରେ ପୁରୁଷ ଓ ପ୍ରକୃତି ସମନ୍ୱିତ ହୋଇ ରହିଥିବାରୁ ସେ ହେଉଛନ୍ତି ପୁରୁଷୋତ୍ତମ ତତ୍ତ୍ୱର ପ୍ରତୀକ । ସେ ରାଧା ଓ କୃଷ୍ଣଙ୍କର ସମନ୍ୱିତ ଚେତନାର ପ୍ରତୀକ । ସେ ଏକାଧାରରେ ଭୈରବ ଓ ଦକ୍ଷିଣକାଳିକା ।

ଦ୍ୱାଦଶ ଶତାବ୍ଦୀର ପ୍ରାରମ୍ଭରେ ଖୋଦିତ ମାଳବର ଜଣେ ରାଜାଙ୍କର ଏକ ଶିଳାଲିପିରେ ପୁରୁଷୋତ୍ତମ

ନାମର ଉଲ୍ଲେଖ ଅଛି । ଏହି ଶିଳାଲିପିକୁ ନାଗପୁର ଶିଳାଲିପି ବୋଲି କୁହାଯାଏ । ଏହା ଖ୍ରୀ:ଅ ୧୧୦୪ ରେ ଖୋଦିତ ହୋଇଛି ବୋଲି ଜଣାଯାଏ । ଏଥିରେ ଉଲ୍ଲେଖ ରହିଛି ଯେ –

'ଦେବୋଦ୍ଧସୌ ପୁରୁଷୋତ୍ତମଃ ସଭଗବାନ୍ନାଶିଶ୍ରୟେ ଯଃ ଶ୍ରିୟା
ଯେନେଦଂ ବଳି ବୈରିବନ୍ଧବିଧିନା ବିଶ୍ୱଂ ସମାଶ୍ୱାସିତଂ
ଯେନାଧାରି ବସୁନ୍ଧରେତି ଦଧତଃ ସାନନ୍ଦମନ୍ଦାକ୍ଷତାଂ
ତସ୍ୟ ପ୍ରାଚ୍ୟ ପୟୋନିଧୌ ବୁଧଜନୈଃ ବ୍ୟାଜସ୍ତୁତିଃ ପ୍ରସ୍ତୁତା ।'

ଏତଦ୍‌ବ୍ୟତୀତ ପୁରୁଷୋତ୍ତମଙ୍କ ଉପସ୍ଥିତି ଯୋଗୁଁ ଏହି କ୍ଷତ୍ର ଯେ ଜଗତରେ ଏକ ଦୁର୍ଲ୍ଲଭ କ୍ଷେତ୍ର ଏବଂ ଉତ୍କଳ ଦେଶ ଯେ ଜଗତରେ ଶ୍ରେଷ୍ଠସ୍ଥାନ, ଏକଥା ବ୍ରହ୍ମପୁରାଣରେ ଅବତାରଣା କରାଯାଇଛି ।

'ଆସ୍ତେ ତତ୍ର ମୁନିଶ୍ରେଷ୍ଠା ବିଖ୍ୟାତଃ ପୁରୁଷୋତ୍ତମଃ ।
ଯାବତ୍ ଉତ୍କଳମର୍ଯ୍ୟାଦାଦିକ୍‌କ୍ରମେଣ ପ୍ରକୀର୍ତ୍ତିତା ।।
ତାବତ୍ କୃଷ୍ଣପ୍ରସାଦେନ ଦେଶଃ ପୁଣ୍ୟତମୋହି ସଃ ।
ଯତ୍ର ତିଷ୍ଠତି ବିଶ୍ୱାତ୍ମା ଦେଶେ ସ ପୁରୁଷୋତ୍ତମଃ ।।'

(ବ୍ରହ୍ମପୁରାଣ, ୪୦ ଅଧ୍ୟାୟ, ୩୫–୩୬ ଶ୍ଲୋକ)

ଅର୍ଥାତ୍ – ***''ହେ ମୁନିମାନେ, ସେହି କ୍ଷେତ୍ରରେ ବିଖ୍ୟାତ ପୁରୁଷୋତ୍ତମ ବିରାଜମାନ । ଦିଗ୍‌ବିଭାଗ ଅନୁସାରେ ଯେତେଦୂର ପର୍ଯ୍ୟନ୍ତ ଉତ୍କଳ ଦେଶର ସୀମା ଅଛି, ଯେଉଁଠାରେ ବିଶ୍ୱାତ୍ମା ପୁରୁଷୋତ୍ତମ ଜଗନ୍ନାଥ ବିରାଜମାନ, କୃଷ୍ଣଙ୍କର ପ୍ରସାଦରେ ସେହିଦେଶ ପୁଣ୍ୟତମ ।''***

'ତନ୍ତ୍ରଯାମଳ' ଗ୍ରନ୍ଥର ୧୭ଶ ଖଣ୍ଡରେ ଉଲ୍ଲେଖ ଅଛି ଯେ –

'ଭାରତେଚୋତ୍କଳେ ଦେଶେ ଭୂସ୍ୱର୍ଗେ ପୁରୁଷୋତ୍ତମେ ।
ଦାରୁରୂପୀ ଜଗନ୍ନାଥୋ ଭକ୍ତାନାମଭୟପ୍ରଦଃ ।।'

'ତନ୍ତ୍ରଯାମଳ' ଗ୍ରନ୍ଥ ପ୍ରାୟ ଚତୁର୍ଥ ଶତାବ୍ଦୀ ବା ତତ୍‌ପୂର୍ବରୁ ରଚିତ ହୋଇଥିବାର ଜଣାଯାଏ । ଅତଏବ ଖ୍ରୀଷ୍ଟୀୟ ୪ର୍ଥ ଶତାବ୍ଦୀ ବା ତତ୍‌ପୂର୍ବରୁ ପୁରୁଷୋତ୍ତମ କ୍ଷେତ୍ରର ପ୍ରସିଦ୍ଧି ପ୍ରତିଷ୍ଠିତ ହୋଇସାରିଥିଲା ବୋଲି କୁହାଯାଇପାରେ । ଶଙ୍କରାଚାର୍ଯ୍ୟ ଶ୍ରୀକ୍ଷେତ୍ରକୁ ଆସିଲା ବେଳକୁ ଶ୍ରୀକ୍ଷେତ୍ର ପ୍ରତିଷ୍ଠା ଲାଭ କରିସାରିଥିଲା । ପୁରୀ ପୁରୁଷୋତ୍ତମକ୍ଷେତ୍ର ଭାବରେ ଓ ଶ୍ରୀଜଗନ୍ନାଥ ସ୍ୱୟଂ ପୁରୁଷୋତ୍ତମ ରୂପରେ ସେତେବେଳକୁ ପ୍ରତିଷ୍ଠିତ ହୋଇସାରିଥିଲେ । ନବମ ଶତାବ୍ଦୀରେ ମୁରାରି ମିଶ୍ରଙ୍କ ଦ୍ୱାରା ରଚିତ ନାଟକ 'ଅନର୍ଘରାଘବ' ନାଟକରେ ଶ୍ରୀଜଗନ୍ନାଥଙ୍କୁ ପୁରୁଷୋତ୍ତମ ରୂପରେ ବର୍ଣ୍ଣନା କରାଯାଇଛି । ଏଥିରେ ଉଲ୍ଲେଖ ଅଛି ଯେ –

''ଭଗବତଃ ଶ୍ରୀପୁରୁଷୋତ୍ତମସ୍ୟ ଯାତ୍ରାୟାମୁପସ୍ଥାନୀୟାଃ ସଭାସଦଃ'' । ଏକାଦଶ ଶତାବ୍ଦୀର ମଧ୍ୟଭାଗରେ ଶ୍ରୀକୃଷ୍ଣମିଶ୍ରଙ୍କ ଦ୍ୱାରା ରଚିତ ହୋଇଥିଲା ସଂସ୍କୃତ ନାଟକ 'ପ୍ରବୋଧଚନ୍ଦ୍ରୋଦୟ' । ଏହି ନାଟକର ଦ୍ୱିତୀୟଅଙ୍କରେ ଜଗନ୍ନାଥଙ୍କ ମନ୍ଦିର ପ୍ରସଙ୍ଗ ସ୍ଥାନିତ । ଏଥିରେ ଶ୍ରୀଜଗନ୍ନାଥଙ୍କୁ ପୁରୁଷୋତ୍ତମ ନାମରେ ନାମିତ କରାଯାଇଛି ।

'ଅହମୁତ୍କଳଦେଶାଦାଗତୋଦ୍ଧସ୍ମି । ଅସ୍ତି ତତ୍ର ସାଗରତୀର ସଂନିବେଶେ ପୁରୁଷୋତ୍ତମ ଶବ୍ଦିତଂ ଦେବାୟତନମ୍'।

(ସଂ ରାମଚନ୍ଦ୍ର ମିଶ୍ର, ପୃ- ୭୪)

ଖ୍ରୀ ୧୧୩୭ରେ ଖୋଦିତ ବିହାରର ଗୟା ନିକଟସ୍ଥ ଗୋବିନ୍ଦଲିପିରୁ ଜଣାଯାଏ ଯେ ମନୋରଥ ନାମକ ଜଣେ ବ୍ୟକ୍ତି ପୁରୁଷୋତ୍ତମ କ୍ଷେତ୍ରକୁ ଆସିଥିଲେ । ଗୋବିନ୍ଦଲିପିରେ ଉଲ୍ଲେଖ ରହିଛି ଯେ -

'ଗତ୍ୱା ଶ୍ରୀପୁରୁଷୋତ୍ତମଂ ଭଗବହୃଦ୍ୟପ୍ରତିଷ୍ଠାପଦଂ
ପାରାବାରତଟ ପଟ୍ଟୀୟସୀ ଲସତ୍‌ଚନ୍ଦ୍ରଗ୍ରହଣେଚ୍ଛସି ।'

ବେଦର ଭାଷ୍ୟକାର ସାୟଣାଚାର୍ଯ୍ୟ (ଖ୍ରୀ ୧୩୦୦-ଶ୍ରୀ ୧୩୮୦)ଙ୍କ ବର୍ଣ୍ଣନାରୁ ପୁରୁଷୋତ୍ତମ ପୀଠର ଦାରୁବ୍ରହ୍ମ ପୁରୁଷୋତ୍ତମଙ୍କର ସୂଚନା ମିଳେ । ସେ କହିଛନ୍ତି - ***''ଅଦଃ ବିପ୍ରକୃଷ୍ଟ ଦେଶେ ବର୍ତ୍ତମାନ ଅପୁରୁଷଂ ନିର୍ମାତା ପୁରୁଷେଣ ରହିତଂ ଯଦ୍ଦାରୁ ଦାରୁମୟଂ ପୁରୁଷୋତ୍ତମାଖ୍ୟଂ ଦେବତା ଶରୀରଂ ସିନ୍ଧୁର ସମୁଦ୍ରତୀରେ ପ୍ଲବତେ ଜଳସ୍ୟୋପରି ବର୍ତ୍ତତେ।''*** ଏହାର ସାରମର୍ମ ହେଲା - ''ବର୍ତ୍ତମାନ ସମୁଦ୍ରରେ ପୁରୁଷୋତ୍ତମ ନାମକ ଦେବତାଙ୍କ ଶରୀର ଜଳ ଉପରେ ଭାସମାନ ।'' ଶ୍ରୀଜଗନ୍ନାଥ ଯେ ସ୍ୱୟଂ ପୁରୁଷୋତ୍ତମ, ଏହି ତଥ୍ୟଟି ଏଥିରୁ ସୁଲଭ ।

ସ୍କନ୍ଦ ପୁରାଣ ବୈଷ୍ଣବ ଖଣ୍ଡ, ପୁରୁଷୋତ୍ତମକ୍ଷେତ୍ର ମାହାତ୍ମ୍ୟରେ ଉଲ୍ଲେଖ ରହିଛି ଯେ -

'ଅତୋ ଦଶାବତାରଣାଂ ଦର୍ଶନୋଦ୍ଦେସ୍ତୁ ଯତ୍ ଫଳମ୍ ।
x x x x
ତତ୍ ଫଳଂ ଲଭତେ ମର୍ତ୍ତ୍ୟୋ ଦୃଷ୍ଟା ଶ୍ରୀପୁରୁଷୋତ୍ତମମ୍ ।।'

ଏହାର ସାରମର୍ମ ହେଉଛି, ***''ଏହି ହେତୁ ମତ୍ସ୍ୟାଦି ଦଶାବତାର ଦର୍ଶନାଦି କଲେ ଯେଉଁ ଫଳ ହୁଏ ମାନବ କେବଳ ପୁରୁଷୋତ୍ତମଙ୍କ ଦର୍ଶନରେ ସେହି ଫଳ ଲାଭ କରିଥାଏ ।''*** ପୁନଶ୍ଚ, ଏହି ସ୍କନ୍ଦପୁରାଣର ଉତ୍କଳ ଖଣ୍ଡରେ ଋଷିମାନଙ୍କୁ ଜୈମିନୀ ଶ୍ରୀଜଗନ୍ନାଥଙ୍କ ବିବିଧ ଯାତ୍ରାର ଅନୁଷ୍ଠାନ ପ୍ରସଙ୍ଗ ଅବତାରଣା କଲାବେଳେ ଶ୍ରୀଜଗନ୍ନାଥଙ୍କୁ ପୁରୁଷୋତ୍ତମ ବୋଲି ଉଲ୍ଲେଖ କରିଛନ୍ତି । ଜୈମିନୀ କହୁଛନ୍ତି -

'ଶୃଣୁତାଂ ତତ୍ତତୋ ବ୍ରୁହି ଯଥାଦେଶଂ କୃତଃ ପୁରା ।
ସର୍ବଥା ବର୍ତ୍ତତେ ଲୋକହିତାୟ ପୁରୁଷୋତ୍ତମଃ ।।
ନାନାଗୁଣବିକାରୈଶ୍ଚ ନାନାରୂପବିଚେଷ୍ଟିତୈଃ ।
ନାନାଭାବବିଳାସେନ ବିଜହାର ଜଗତ୍ପ୍ରୟଃ ।।'

ଅର୍ଥାତ୍ - ***''ଭଗବାନ୍ ପୁରୁଷୋତ୍ତମ ସତ୍ୟବେଳେ ଲୋକମାନଙ୍କର ହିତ ପାଇଁ ନାନା ପ୍ରକାର ଲୀଳା କରିବାରେ ପ୍ରବୃତ୍ତ ହୋଇଥାନ୍ତି ଏବଂ ସେଥିପାଇଁ ସେହି ଜଗତ୍ପ୍ରୟ ଜଗନ୍ନାଥ ଦେବ ନାନା ପ୍ରକାର ଗୁଣବିକାର, ନାନାପ୍ରକାର ରୂପ ଓ ଚେଷ୍ଟାରେ ଏବଂ ନାନାପ୍ରକାର ଭାବରେ ବିହାର କରନ୍ତି ।''***

୨ୟ ଅନଙ୍ଗଭୀମଦେବ ଖ୍ରୀ ୧୨୧୬ରେ ବର୍ତ୍ତମାନର ବଡ଼ଦେଉଳ ନିର୍ମାଣ କରିଥିଲେ । ମନ୍ଦିର ନିର୍ମାଣ ପ୍ରସଙ୍ଗରେ ମାଦଳାପାଞ୍ଜିରେ ପ୍ରଦତ୍ତ ବର୍ଣ୍ଣନାରେ ଶ୍ରୀକ୍ଷେତ୍ର ଶବ୍ଦ ପରିବର୍ତ୍ତେ ପୁରୁଷୋତ୍ତମ-କଟକ ଶବ୍ଦ ରହିଛି । ମାଦଳାପାଞ୍ଜିରେ ଉଲ୍ଲେଖ ଅଛି ***''ଅ ୧୫ଙ୍କ ସ୍ରାହି ଫଗୁଣ ଶୁକ୍ଳଦଶମୀ ତତ୍ଦାଳ ଏକାଦଶୀ ଗୁରୁବାରରେ ଶ୍ରୀପୁରୁଷୋତ୍ତମକଟକେ ପାତ୍ରମନ୍ତ୍ରୀ ସଭାସଦ୍‌ବର୍ଗଙ୍କୁ ସମ୍ବୋଧନ କରି ଏପରି ଆଜ୍ଞା ଶୁଣାଇଥିଲେ''*** - ଇତ୍ୟାଦି...

ସାରଳା ମହାଭାରତର ଭୀଷ୍ମପର୍ବରେ ଶ୍ରୀଜଗନ୍ନାଥଙ୍କ ବର୍ଣ୍ଣନା ପ୍ରସଙ୍ଗରେ କବି ପୁରୁଷୋତ୍ତମ କ୍ଷେତ୍ର ଓ ପୁରୁଷୋତ୍ତମ ପ୍ରଭୁଙ୍କର ନାମ ଉଲ୍ଲେଖ କରିଛନ୍ତି । ତାଙ୍କ ଭାଷାରେ -

'ପୁରୁଷୋତ୍ତମ କ୍ଷେତ୍ର ଯେ କୋଟିୟେ ତୀର୍ଥ ଘେନି
ବସିଲେ ହରି ବଳରାମ ସୁଭଦ୍ରା ଯେ ତିନି
x x x x
ପୁରୁଷମାନଙ୍କର ଉତ୍ତମ ଯେଣୁ ପୁରୁଷୋତ୍ତମ ନାମ
ପରମାନନ୍ଦ ସ୍ୱାମୀ ଅଧମ ଉଦ୍ଧାରଣ ।'

ପୁନଶ୍ଚ, କାଇଁଶିକା ପର୍ବରେ କବି ସାରଳା ଦାସ ଶ୍ରୀଜଗନ୍ନାଥଙ୍କର ବିଭିନ୍ନ ନାମ ମଧ୍ୟରୁ ପୁରୁଷୋତ୍ତମ ନାମ ଉପରେ ଗୁରୁତ୍ୱ ଆରୋପ କରିଛନ୍ତି ।

'ଜୟତୁ ମାଧବ ପୁରୁଷଙ୍କର ଉତ୍ତମ
ଜୟତୁ ମାଧବ ପ୍ରସନ୍ନ ପରଂବ୍ରହ୍ମ ।'

ରୁଦ୍ରସୁଧାନିଧି ଗ୍ରନ୍ଥଟି ରଚିତ ହୋଇଛି ୧୬ଶ ଶତାବ୍ଦୀର ୨ୟ-୩ୟ ଦଶନ୍ଧି ଭିତରେ । ଏଥିରେ ସ୍ରଷ୍ଟା ନାରାୟଣାନନ୍ଦ ଅବଧୂତ ସ୍ୱାମୀ ପ୍ରସଙ୍ଗକ୍ରମେ ଶ୍ରୀଜଗନ୍ନାଥଙ୍କ ମହିମା ବର୍ଣ୍ଣନା ଅବକାଶରେ ପ୍ରଭୁଙ୍କ ଧାମକୁ ପୁରୁଷୋତ୍ତମ ଧାମ ନାମରେ ନାମିତ କରିଛନ୍ତି ।

ତାଙ୍କ ଭାଷାରେ - ***'ହାଦେ ଶ୍ରୀପୁରୁଷୋତ୍ତମ କ୍ଷେତ୍ରରେ ସିଦ୍ଧମାନେ ପୁତ୍ରଦାରା ଘେନି କରିଥାନ୍ତି ବାସ ।'*** ଇତ୍ୟାଦି ଇତ୍ୟାଦି ।

ଦିବାକର ଦାସଙ୍କ ରଚିତ ଜଗନ୍ନାଥଚରିତାମୃତ ଗ୍ରନ୍ଥରେ ବର୍ଣ୍ଣିତ ପୁରୁଷୋତ୍ତମ ଓ ଶ୍ରୀମଦ୍‌ଭଗବଦ୍‌ଗୀତାର ପୁରୁଷୋତ୍ତମ ଅଭିନ୍ନ । ଦିବାକର ଦାସଙ୍କ ଉକ୍ତି ଏହିପରି -

'x x x x - ଏହି ଯେ ପୁରୁଷୋତ୍ତମ
ବ୍ରହ୍ମାଣ୍ଡ ପାଳନ କରନ୍ତି । ପୁଣି ଏ ସ୍ଥାନେ ଅବସ୍ଥିତି
ଏହି ଯେ କ୍ଷେତ୍ରଜ୍ଞ ପୁରୁଷ । କ୍ଷର ଅକ୍ଷର ଏ ବିଶେଷ ।'

ପୁନଶ୍ଚ,

'କ୍ଷର ଅକ୍ଷର ଅତିକ୍ରମ । କରି ବିରାଜେ ଏହି ଧାମ ।'

(ଜଗନ୍ନାଥ ଚରିତାମୃତ-୧୨ଶ ଅଧ୍ୟାୟ)

ଅଚ୍ୟୁତାନନ୍ଦଙ୍କର ହରିବଂଶରେ ଶ୍ରୀଜଗନ୍ନାଥଙ୍କ ବନ୍ଦନା ଓ ବର୍ଣ୍ଣନା ବିଭିନ୍ନ ପରିପ୍ରେକ୍ଷୀରେ କରାଯାଇଛି ।

'ନମାମି ଶ୍ରୀ ନୀଳଗିରି ହେ ପୁରୁଷୋତ୍ତମ
ସକଳ ବେଦ ପୁରାଣେ ଅଧିକ ତୋ' ନାମ ।'

'ଶଶିରେଖା' କାବ୍ୟରେ ପଦ୍ମନାଭ ଶ୍ରୀଚନ୍ଦନ ଶ୍ରୀଜଗନ୍ନାଥଙ୍କୁ ପୁରୁଷୋତ୍ତମ ଭାବରେ ବର୍ଣ୍ଣନା କରିଛନ୍ତି । ମଙ୍ଗଳାଚରଣରେ ସେ ଶ୍ରୀଜଗନ୍ନାଥଙ୍କୁ ଜଗତର କର୍ତ୍ତା, ଚତୁବର୍ଗଦାତା, ଦାରୁବ୍ରହ୍ମ ଓ ଶ୍ରୀପୁରୁଷୋତ୍ତମ ରୂପେ ବର୍ଣ୍ଣନା କରିଛନ୍ତି ।

'ଜୟ ଜୟ ଜଗନ୍ନାଥ ଜଗତ କରତା
ଧର୍ମ-ଅର୍ଥ-କାମ-ମୋକ୍ଷ ଚତୁର୍ବର୍ଗଦାତା
ଦାରୁରୂପେ ବ୍ରହ୍ମ ବିଜେ କରି ନୀଳାଚଳେ

ଶ୍ରୀପୁରୁଷୋତ୍ତମେ ଯାହା କହନ୍ତି ଭୂତଳେ ।'

କବି ସମ୍ରାଟ ଉପେନ୍ଦ୍ର ଭଞ୍ଜ ସ୍ୱରଚିତ 'କୋଟି ବ୍ରହ୍ମାଣ୍ଡ ସୁନ୍ଦରୀ' କାବ୍ୟରେ ଉଲ୍ଲେଖ କରିଛନ୍ତି ଯେ ଏ କ୍ଷେତ୍ର ହେଉଛି ଶ୍ରେଷ୍ଠ । ଏହାର ନାମ ପୁରୁଷୋତ୍ତମ, କାରଣ ଏଠାରେ ସ୍ୱୟଂ ପୁରୁଷୋତ୍ତମ ଆବିର୍ଭୂତ ହୋଇଛନ୍ତି ଏବଂ ନାମୀଙ୍କ ନାମାନୁସାରେ କ୍ଷେତ୍ରର ନାମ ଏପରି ରଖାଯାଇଛି ।

'ଶୁଣ କୋବିଦେ ଭାରତ ଖଣ୍ଡେ ପୁଣ୍ୟଧାମ
ଯେଣୁ ନାରାୟଣ ଦେହୀ, ତେଣୁ ସେହି ନାମ '

ଏହାଛଡ଼ା ରୀତିଯୁଗ ତଥା ଆଧୁନିକ ଯୁଗରେ ମଧ୍ୟ ଶ୍ରୀଜଗନ୍ନାଥଙ୍କୁ ବହୁସ୍ଥାନରେ ପୁରୁଷୋତ୍ତମ ନାମରେ ନାମିତ କରାଯିବାର ଦୃଷ୍ଟାନ୍ତ ରହିଛି । ପରିଶେଷରେ ସଂକ୍ଷେପରେ ଏତିକି କୁହାଯାଇପାରେ ଯେ ଶ୍ରୀପୁରୁଷୋତ୍ତମ ଓ ଶ୍ରୀଜଗନ୍ନାଥ ହେଉଛନ୍ତି ଏକ ଓ ଅଭିନ୍ନ ।

☯☯☯

ଶ୍ରୀଜଗନ୍ନାଥଙ୍କ ଜଣାଣରେ ବ୍ୟାଜ ସ୍ତୁତି

ଭୟରୁ ଭକ୍ତି ଆସେବୋଲି କିଏ କିଏ କହିଥାନ୍ତି, ମାତ୍ର ଏହା ଏକ ଭ୍ରମ । ଭୟରୁ ଭକ୍ତି ଆସେନାହିଁ, ଆସେ ବିସ୍ମୟ ଅଥବା ବିରକ୍ତି । ଅନୁରକ୍ତିରୁ ଭକ୍ତି ଆସେ । ଏଇ ଭକ୍ତି ବ୍ୟକ୍ତି, ଜାତି, ଦେଶ ସର୍ବୋପରି ଭଗବାନଙ୍କ ନିମନ୍ତେ ଉଦ୍ଦିଷ୍ଟ ହାଇପାରେ । ପ୍ରଶଂସାରେ ଭଗବାନଙ୍କ ପ୍ରତି ଭକ୍ତି ଯେପରି ପ୍ରକଟିତ ହୋଇପାରେ। ବ୍ୟାଜସ୍ତୁତିରେ ମଧ୍ୟ ତାହା ସେପରି ପ୍ରକଟିତ ହୋଇପାରେ। ବ୍ୟାଜସ୍ତୁତି ହିଁ ପ୍ରଶଂସାର ନାମାନ୍ତର । ବେଳେବେଳେ ଭକ୍ତର ନିଚ୍ଛକ ଗାଳିରେ ତାହା ରୂପାୟିତ ହୋଇଥାଏ ।

ଭଗବାନ ଭକ୍ତର ଗାଳି ସହନ୍ତି, ଗର୍ବ ସହନ୍ତି ନାହିଁ । ଅହଂକାରୀ ଲୋକ ଅପେକ୍ଷା ଗାଳି ଦେଉଥିବା ଲୋକର ସେ ଅଧିକ ନିକଟବର୍ତ୍ତୀ ହୋଇଥାନ୍ତି । ଭକ୍ତର ଗାଳି ଓ ଫୁଲମାଳି ଭଗବାନଙ୍କ ନିକଟରେ ସମାନ ହୋଇଥାଏ । ଭାବକୁ ସେ ଗ୍ରହଣ କରନ୍ତି ବୋଲି ତ ତାଙ୍କ ନାମ ଭାବଗ୍ରାହୀ। ଭକ୍ତିରେ ପତ୍ର, ପୁଷ୍ପ, ଜଳ ଓ ଫଳ ଯାହାଦେଲେ ସେ ଗ୍ରହଣ କରନ୍ତି । ଶ୍ରୀମଦ୍‌ଭଗବଦ୍‌ଗୀତାରେ ଭଗବାନ ଶ୍ରୀକୃଷ୍ଣ କହିଛନ୍ତି–

'ପତ୍ରଂ ପୁଷ୍ପଂ ଫଳଂ ତୋୟଂ ଯୋ ମେ ଭକ୍ତ୍ୟା ପ୍ରଯଚ୍ଛତି
ତଦହଂ ଭକ୍ତ୍ୟପହୃତମଶ୍ନାମି ପ୍ରଯତାତ୍ମନଃ ।' (୯/୨୬)

ଅର୍ଥାତ୍, *''ଯେଉଁ ପବିତ୍ର-ଚିତ୍ତ-ନିଷ୍କାମ ସାଧକ ମୋତେ ଭକ୍ତି ସହକାରେ ପତ୍ର, ଫୁଲ, ଫଳ ଓ ଜଳ ଅର୍ପଣ କରନ୍ତି, ମୁଁ ସେହି ଭକ୍ତମାନଙ୍କର ଭକ୍ତିପ୍ରଦତ୍ତ ଦ୍ରବ୍ୟସମୂହ ଗ୍ରହଣ କରିଥାଏ ।''*

ଭକ୍ତଠାରୁ ଫୁଲମାଳି ପରି ଗାଳିକୁ ମଧ୍ୟ ଭକ୍ତବାନ୍ଧବ ଶ୍ରୀଜଗନ୍ନାଥ ଆଦରରେ ଗ୍ରହଣ କରିଥାନ୍ତି । ଭକ୍ତମାନଙ୍କର ସ୍ତୁତିରେ ସେ ଯେତିକି ପ୍ରୀତ, ଗାଳିରେ ମଧ୍ୟ ସେତିକି ଅନୁରକ୍ତ । ଓଡ଼ିଆ ଜାତିର ଆରାଧ୍ୟ ଦେବତା ସେହି ପରମ ପ୍ରଭୁଙ୍କ ପାଇଁ କେତେକ ଓଡ଼ିଆ କବି ବ୍ୟାଜସ୍ତୁତିରେ ନିଜର ଭକ୍ତି ପ୍ରକଟ କରିଛନ୍ତି । ତହିଁରୁ କିଛି ମାତ୍ର ଏହି ପ୍ରବନ୍ଧର ଉପସ୍ଥାପିତ ।

ଆତ୍ମୀୟତା ବଢ଼ିଲେ ଅଧିକାର ବଢେ । ଅଧିକାର ବଢିଲେ ଅଭିମାନ ଆସେ । ଅଭିମାନରୁ ଅଭିଯୋଗର ସୃଷ୍ଟି ହୁଏ । କବିଚିତ୍ତର ଅଭିମାନ ଭରା ଅଭିବ୍ୟକ୍ତି ହିଁ ବ୍ୟାଜସ୍ତୁତିମୂଳକ ସୃଷ୍ଟିର ମୂଳଭିତ୍ତି।

ସଦାନନ୍ଦ କବିସୂର୍ଯ୍ୟ ବ୍ରହ୍ମା ଓଡ଼ିଆ ସାହିତ୍ୟରେ ଅନ୍ୟତମ ସ୍ୱନାମଧନ୍ୟ ସ୍ରଷ୍ଟା । ସେ ଥିଲେ ଅଭିମନ୍ୟୁ ସାମନ୍ତସିଂହାରଙ୍କର ଗୁରୁ । ଶ୍ରୀଜଗନ୍ନାଥଙ୍କ ପ୍ରତି ତାଙ୍କର ଥିଲା ଅସୀମ ଭକ୍ତି । ଭଗବାନ ସର୍ବଶକ୍ତିମାନ, ସମଗ୍ର ଜଗତର ନିୟନ୍ତା । ତାଙ୍କ ଦୟାହେଲେ ଅସମ୍ଭବ ବୋଲି କିଛି ରହେ ନାହିଁ, ସବୁକିଛି ସମ୍ଭବ ହୁଏ । ଭଗବାନ

ଯେବେ ଦୁଃଖୀର ଦୁଃଖ ଦୂର ନ କରିବେ, ତାହାହେଲେ ତାଙ୍କ ମହିମା କ୍ଷୁର୍ଣ୍ଣ ହେବ, ତାଙ୍କର କୀର୍ତ୍ତିଚନ୍ଦ୍ରରେ କଳଙ୍କ ଲାଗିବ ବୋଲି କବି କହିଛନ୍ତି –

ଦାସ ଯେବେ ନାଶଯିବ ଜ୍ଞିତିରେ ଅକୀର୍ତ୍ତି ହେବ
କୀରତି ଚନ୍ଦ୍ରରେ ଲାଗିଯିବ କଳଙ୍କ ।

ଅଭିମନ୍ୟୁ ସାମନ୍ତସିଂହାରଙ୍କର ପ୍ରତିଷ୍ଠା ଓଡ଼ିଆ ସାହିତ୍ୟରେ ସ୍ୱତନ୍ତ୍ର । 'ବିଦଗ୍ଧ ଚିନ୍ତାମଣି' ଓ 'ପ୍ରେମ ଚିନ୍ତାମଣି' ପ୍ରଭୃତି କାବ୍ୟରଚନା ସହିତ ସେ କେତେକ ଭଜନଜଣାଣ ମଧ୍ୟ ରଚନା କରିଛନ୍ତି । ଗୋଟିଏ ଜଣାଣରେ କବି କଣ୍ଠରୁ ଝରିପଡ଼ିଛି ଶ୍ରୀଜଗନ୍ନାଥଙ୍କ ପ୍ରତି ଅଭିମାନ ଭରା ଆକୁଳ ଅଭିବ୍ୟକ୍ତି । ଯେଉଁ ପ୍ରଭୁ ଗଜର ଜୀବନ ରକ୍ଷା କରିଥିଲେ, ଦ୍ରୌପଦୀଙ୍କ ମାନରକ୍ଷା କରିଥିଲେ, ମୃଗୁଣୀର ଜୀବନ ରକ୍ଷା କରିଥିଲେ ସେହି ପ୍ରଭୁ କବିଙ୍କ ଦୁଃଖ ଶୁଣୁନାହାନ୍ତି ।

'ସେହି ପ୍ରଭୁ ନୁହ କି ତୁମ୍ଭେ
ଦୁଃଖୀ ଜଣାଇଲେ ଦୁଃଖ ନ ଶୁଣ ଏବେ ।'

କବିସୂର୍ଯ୍ୟ ବଳଦେବ ରଥଙ୍କର ଓଡ଼ିଆ ସାହିତ୍ୟକୁ ଅବଦାନ ଅବିସ୍ମରଣୀୟ । ଓଡ଼ିଶୀ, ଛାନ୍ଦ, ଚମ୍ପୂ ରଚନା ସହିତ ସେ କେତେକ ଭଜନ ଜଣାଣ ରଚନା କରିଛନ୍ତି । 'ସର୍ପ ଜଣାଣ' ତାଙ୍କର ଏକ ଅନବଦ୍ୟ କୃତି । ଏଥିରେ କବି ଶ୍ରୀଜଗନ୍ନାଥଙ୍କୁ ସର୍ପ ସହିତ ତୁଳନା କରିଛନ୍ତି । ମନଭରି ଗାଳି ଦେଇଛନ୍ତି ପରମ ପ୍ରଭୁଙ୍କୁ । ଜଣାଣରେ ଭକ୍ତିଯେତିକି ଯୁକ୍ତି ସେତିକି । ସର୍ବୋପରି ଏଥିରେ ଥିବା ଆନ୍ତରିକତା ଓ ଆତ୍ମୀୟତା ଅନନ୍ୟ ।

'କାଳସର୍ପ ଆପଣ କବଳ କର ପ୍ରାଣ
ପବନମାନଙ୍କୁ ସବୁରି ହେ ।'

ପୁନଶ୍ଚ –

'କାହାକୁ ବୋଲି ଚକ୍ରୀଚକ୍ରଥିବାରୁ ଚକ୍ରୀ
ତୁମ୍ଭେ ତ ବୋଲାଅ ମଣ୍ଡଳେ
ବେଭାରେ କୁଣ୍ଡଳୀ ସେ ଆପଣ ତ ବିଶେଷେ
ଭୂଷିତ ମକରକୁଣ୍ଡଳେ ।

ଅଦୃଶ୍ୟ ହେବାରୁ ତା' ପଦ
ତାହାକୁ ବୋଲି ଗୂଢ଼ପଦ
ଆପଣା ଚରଣ ତ ବିରଞ୍ଚିକୁ ଗୁପତ
କାହିଁ ତା' ଠାରୁ ତୁମ୍ଭ ଭେଦ ହେ ।'

ଅନ୍ୟ ଏକ ଜଣାଣ 'କ୍ଷୀରମୟ ସିନ୍ଧୁ'ରେ କବି କହିଛନ୍ତି –

'ଲାଞ୍ଜ ଦେଇଥିଲେ କାଞ୍ଜନ କେତେ କି
ପଞ୍ଚପଣ୍ଡୁ ରାଜ ସୁତେ ।'

ଉତ୍କଳଘଣ୍ଟ ଯଦୁମଣିଙ୍କର ଶ୍ରୀଜଗନ୍ନାଥଙ୍କ ପ୍ରତି ଅଚଳା ଭକ୍ତି ଥିଲା । ତାଙ୍କର ଅଭିଯୋଗ ଯୁକ୍ତିଭିତ୍ତିକ । ସେହି ଯୁକ୍ତି ଅକାଟ୍ୟ ଓ ହୃଦୟସ୍ପର୍ଶୀ । ବ୍ୟାଜସ୍ତୁତି ଛଳରେ ପରମପ୍ରଭୁଙ୍କ ପ୍ରତି ଯେଉଁ ଭକ୍ତିଭାବନା କବି ପ୍ରକଟ

କରିଛନ୍ତି, ତାହାର ତୁଳନା ନାହିଁ । ତାଙ୍କର ଅଭିଯୋଗ ଯେ ଶ୍ରୀଜଗନ୍ନାଥଙ୍କର ଦାତାପଣିଆ ଆଦୌ ନାହିଁ । ସିଏ ଜଣକଠାରୁ ଯାହା ନେଇଛନ୍ତି ଅନ୍ୟଜଣକୁ ତାହା ଦେଇଛନ୍ତି । ଉଦାହରଣ ସ୍ୱରୂପ ଶ୍ରୀକୃଷ୍ଣ ଅବତାରରେ ପରମ ପ୍ରଭୁ ଗୋପୀମାନଙ୍କର ବସ୍ତ୍ର ହରଣ କରି ନେଇଥିଲେ ଏବଂ ଦ୍ରୌପଦୀଙ୍କର ଆତଙ୍କ କାଳରେ ଦ୍ରୌପଦୀଙ୍କୁ ସେଇ ବସ୍ତ୍ର ପ୍ରଦାନ କରିଥିଲେ ।

'ଗୋକୁଳ–କଳଧଉତ ଗଉରାଙ୍ଗୀଙ୍କ ମହତ
ନେଇଥିବା ସକାଶରୁ ହରି
ଦ୍ରୁପଦନୃପନନ୍ଦନା ମହତ–ହର ବେଦନା
ଟାଳିବାରେ ହେଲ ଧନ୍ୱନ୍ତରୀ !
ହେ ନୀଳାଚଳ ! କଳାକର ସତ କି ଏ ମିଛ
ନେଲ ଯାହା ଦେଲ ତାହା ଏଥକୁ କିପାଇଁ ମହା–
ଦାତା ପଣେ ପତାକା ବାନ୍ଧିଛ ହେ ।'

ଏଠାରେ ଉପସ୍ଥାପିତ ନିନ୍ଦା ପ୍ରକୃତ ନିନ୍ଦା ନୁହେଁ, ବରଂ ଅଶେଷ ଭକ୍ତିମତ୍ତାର ଅନ୍ୟ ସ୍ୱର, ଅନ୍ୟ ନାମ । 'ନାହିଁ' ଭିତରେ ଅନ୍ତଃସଲିଳା ଫଲ୍‌ଗୁପରି ଯେଉଁ 'ହଁ'ଟି ଅଛି ତାହାର ରସମାଧୁର୍ଯ୍ୟ ଅନିର୍ବଚନୀୟ ।

କବି ବାଙ୍କା ଦାସ ପୁରୁଷୋତ୍ତମ ଶ୍ରୀଜଗନ୍ନାଥଙ୍କ ପ୍ରତି ସ୍ୱରଚିତ ଜଣାଣରେ ଗାଳିବର୍ଷଣ କରିଛନ୍ତି । ପ୍ରଭୁଙ୍କୁ ଡକାଇତ ବୋଲି କହିବାକୁ ସେ ପଶ୍ଚାତପଦ ହୋଇନାହାନ୍ତି ।

'ଟେକିଅଛ କର ଡାକିଲା ପ୍ରକାର
ଠକି ଦେଲ ମୁଁ କି କଲି ।
x x x x
ବାଙ୍କା ବୋଲେ ଚକା– ନେତ୍ର ନ ଜାଣଇ
ଏଡ଼େ ଡକାଇତ ବୋଲି ।'

କବି ନିତ୍ୟାନନ୍ଦ ଦାସଙ୍କର ବ୍ୟାଜସ୍ତୁତି ଆହୁରି ଶାଣିତ । ସେ ଅଭିଯୋଗ କରି କହିଛନ୍ତି ଯେ ଯିଏ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କୁ ଗାଳି ଦେଇଛନ୍ତି ସିଏ ଲାଭ ପାଇଛନ୍ତି । ଯିଏ ମାଡ଼ ଦେଇଛି ସିଏ ସ୍ମରଣୀୟ ହୋଇରହିଛି । ପ୍ରସଙ୍ଗକ୍ରମେ ସେ କହିଛନ୍ତି ଯେ ଶ୍ରୀବତ୍ସଙ୍କ ପଦାଘାତ ଜନିତ ଚିହ୍ନକୁ ପ୍ରଭୁ କୌସ୍ତୁଭମଣି ସଦୃଶ ହୃଦୟରେ ଧାରଣ କରିଛନ୍ତି ଓ ବ୍ରାହ୍ମଣଙ୍କୁ ବୈକୁଣ୍ଠରେ ସ୍ଥାନ ଦେଇଛନ୍ତି । ଏବେ କବିଙ୍କର ଆକୁଳ ଆହ୍ୱାନ ଶ୍ରୀଜଗନ୍ନାଥ କାହିଁକି ଶୁଣୁନାହାନ୍ତି ବୋଲି କବି ବିସ୍ମୟ ପ୍ରକାଶ କରିଛନ୍ତି। ଯଦି ନ ଶୁଣୁଛନ୍ତି ତେବେ ନୀଳଚକ୍ରରୁ ପତିତପାବନ ନେତ କାହିଁକି କାଢ଼ିଦେଉ ନାହାନ୍ତି ?

'ଦୀନବନ୍ଧୁ ବୋଲି ନାମ ଯେ ବହିଛ
ଏହା ନ ଚେତ କି ଭାବଗ୍ରାହୀ
ଏ ନାମ ଏବେ ଏଣିକି ନ ବହିବ
ଚକ୍ରପରୁ ନେତ ଥୁଅ ନେଇ ।'

କବି ସାନନ୍ଦ ଦ୍ୱିଜ ଉଲ୍ଲେଖ କରିଛନ୍ତି ଯେ ପ୍ରଭୁଙ୍କ କୃପା ହେଉଛି ବିଶାଳ ଜଳଭଣ୍ଡାର । କବିଙ୍କର କାମନା ହେଉଛି ଏକ କ୍ଷୁଦ୍ରକୁମ୍ଭ । ଦୁଃଖର କଥା ଯେ ଏହି ଜଳଭଣ୍ଡାର ଦ୍ୱାରା କବିଙ୍କର କୁମ୍ଭଟି ପୂର୍ଣ୍ଣ ହୋଇପାରିଲା

ନାହିଁ । ପ୍ରଭୁଙ୍କୁ ସେ ଲାଞ୍ଜୁଆ, ମିନ୍ଥୁଆ ବୋଲି ଦୋଷାରୋପ କରିଛନ୍ତି । ଦୂରଅତୀତରେ ଗୋପପୁରରେ ତାଙ୍କର ଲାଞ୍ଜୁଆପଣ ପ୍ରମାଣିତ ହୋଇସାରିଛି ।

'ନେବ ବୋଲି କିଛି ଲାଞ୍ଜ ମନେ କି କରିଛ ପାଞ୍ଜ
ସେ କଥା ମନରୁ ମୁଞ୍ଜ ବଳିଗଲା ମନ ସ୍ୱଚ୍ଛ
ଗୋପପୁରେ ପୟସର ଚାଖିଚାଖି ।'

କବି ଗୌରଚରଣ ଅଧିକାରୀ ପରମବ୍ରହ୍ମ ଶ୍ରୀଜଗନ୍ନାଥଙ୍କ ପ୍ରତି ଜଣାଣ ମାଧ୍ୟମରେ ଯେଉଁ ଛଳୋକ୍ତି ପ୍ରକଟ କରିଛନ୍ତି, ତାହା ଅତ୍ୟନ୍ତ ମର୍ମସ୍ପର୍ଶୀ । ଗୁଣ୍ଡିଚା ଯାତ୍ରାରେ ଶ୍ରୀଜଗନ୍ନାଥ, ଶ୍ରୀବଳଭଦ୍ର, ଦେବୀ ସୁଭଦ୍ରା ଓ ଶ୍ରୀସୁଦର୍ଶନ ରତ୍ନସିଂହାସନରୁ ଗୁଣ୍ଡିଚା ଘରକୁ ଆସନ୍ତି ଓ ନବଦିନ ଯାତ୍ରାସାରି ପୁଣି ଶ୍ରୀମନ୍ଦିରକୁ ଫେରିଯାଆନ୍ତି । ଗୁଣ୍ଡିଚା ଘରେ ପ୍ରଭୁଙ୍କୁ ଦର୍ଶନ କରି କବି ପ୍ରଶ୍ନ କରିଛନ୍ତି ଯେ କେଉଁ ସୁଖ ପାଇବାକୁ ସେ ବଡ଼ ଦେଉଳରୁ ଏହାକୁ ଆସିଛନ୍ତି । ବଡ଼ ଦେଉଳରେ ଛପନପଉଟି ଭୋଗ କ'ଣ ରୁଚିଲାନାହିଁ ଯେ ମାଉସୀ ଦୁଆରକୁ ଆସି ପୋଡ଼ପିଠା ଖାଇବାକୁ ମନ ହେଲା ? ଆତ୍ମବିସ୍ମୃତ ପ୍ରାୟହୋଇ ବସିଥିବା ଶ୍ରୀଜଗନ୍ନାଥଙ୍କୁ ମହାଲକ୍ଷ୍ମୀଙ୍କୁ ନବଦିନ କଣ୍ଟକରି ଆସିବା କଥା କବି ସ୍ମରଣ କରାଇ ଦେଇଛନ୍ତି । ଆଉ ମଧ୍ୟ ଚେତେଇ ଦେବାକୁ ଭୁଲି ନାହାନ୍ତି ଯେ ମହାପ୍ରଭୁ ଯଦି ପ୍ରତ୍ୟାବର୍ତ୍ତନରେ ଟିକିଏ ବିଳମ୍ବ କରନ୍ତି ତେବେ ବହୁ ଅସୁବିଧାର ସମ୍ମୁଖୀନ ହେବେ ।

'କଳାସିଂହ । କାହିଁକି ଅଇଲୁରେ ଶ୍ରୀନୀଳକନ୍ଦର ଛାଡ଼ି
ଭାଇଭଗ୍ନୀ ସଙ୍ଗେ ଲୀଳା କରିରଙ୍ଗେ ରହିଛୁ ଗୁଣ୍ଡିଚା ବାଡ଼ି ।
x x x x x
ନାଡ଼ୀ ବଡ଼ି ଗଜା ଖଣ୍ଡ ଖଇ ଖଜା ଏ ତୋତେ ନୋହିଲା ମିଠା
ମାଉସୀ ଦୁଆରେ ରହି ଚୋବାଇଲୁ ପାଉଁଶିଆ ପୋଡ଼ପିଠା ।
ଘର ଘରଣୀକି ନ' ଦିନକୁ ପରା କରି ଆସିଥିଲୁ କଣ୍ଟ
ସେ କଥା ପାଶୋରି ମୂଲାଉଛୁ ଗାଳି ତୁ ବଡ଼ ବିଷମ ଖଣ୍ଟ ।'

ମହାଲକ୍ଷ୍ମୀ ଅନ୍ୟ ଦେବୀଙ୍କ ପରି ନୁହନ୍ତି । କଣ୍ଟ ଠାରୁ ଟିକିଏ ବିଳମ୍ବ ହେଲେ ଘରୁ ଘଉଡ଼ିଦେବେ ବୋଲି ଶ୍ରୀଜଗନ୍ନାଥଙ୍କୁ କବି ସତର୍କ କରାଇ ଦେଇଛନ୍ତି –

'ଆନନାରୀ ପରି ନୁହନ୍ତି କମଳା ସେ ଯେ ନ ସହନ୍ତି ଟାହି
ଘଡ଼ିଏ ଉଛୁର ହେଲେ ଘଉଡ଼ିବେ ଘରେ ପୂରାଇବେ ନାହିଁ ।'

ବହୁ ଗୀତିନାଟ୍ୟ ତଥା ଫାର୍ସର ସ୍ରଷ୍ଟା ଗଣକବି ବୈଷ୍ଣବ ପାଣିଙ୍କ ଭକ୍ତିମତ୍ତା ଅନନ୍ୟସାଧାରଣ । ଶ୍ରୀଜଗନ୍ନାଥଙ୍କ ପଦାରବିନ୍ଦରେ ମସ୍ତକ ତାଙ୍କର ଚିରଅବନତ । ଭକ୍ତିର କୁସୁମରେ ଅଞ୍ଜଳି ତାଙ୍କର ପୂର୍ଣ୍ଣ । ହୃଦୟର ଗଭୀରତମ ପ୍ରଦେଶରୁ ପ୍ରବାହିତ ବିଭୁପ୍ରୀତି କେତେବେଳେ ଗାଳି ଆକାରରେ ତ କେତେବେଳେ ଫୁଲଝରି ଆକାରରେ ଅଭିବ୍ୟକ୍ତ ହୋଇଛି । ସେ ଗାଳିରେ ଅଛି ସୀମାହୀନ ପ୍ରୀତିପ୍ରବଣତା । ଥରେ ପଢିଲେ ମନେ ହେବ ତୁଚ୍ଛା ଗାଳି । ବାରବାର ପଢିଲେ ଶବ୍ଦର ମହତ୍ତ୍ୱ ତଥା ମନୋବୃତ୍ତିର ଗୁରୁତ୍ୱ ବୁଝିହେବ । ଗାଳି ଭିତରେ ବହୁତ ଆତ୍ମୀୟତା ଅଛି ବୋଲି ଅନୁଭବ କରିହେବ । ପାଣିକବି ଶ୍ରୀ ଜଗନ୍ନାଥଙ୍କୁ କହିଛନ୍ତି ଯେ ଯିଏ ପ୍ରଭୁଙ୍କୁ ମାଡ଼ ମାଇଲା ସେ ବଡ଼ ହେଲା, ପ୍ରଭୁ ତାକୁ ସୁରକ୍ଷା ପ୍ରଦାନ କଲେ ଇତ୍ୟାଦି ଇତ୍ୟାଦି । ବିଭିନ୍ନ

ଉଦାହରଣ ଦେଇ କବି ବୈଷ୍ଣବ ପାଣି କହିଛନ୍ତି –

'ଛାଡ଼ ମାଡ଼ଖିଆ ବୁଦ୍ଧି ହେ
ବଡ଼ ଦେଉଳ ବଡ଼ ଗୋସାଇଁ
ଯେ ମାଇଲା ମାଡ଼ ସେ ହୋଇଲା ବଡ଼
ବାଡ଼ ହେଲୁ ତାକୁ ତୁହି ।'

ପରମ ପ୍ରଭୁଙ୍କର ପ୍ରଭୁପଣକୁ କବି ସାଦରେ ଗ୍ରହଣ କରିନାହାନ୍ତି । କବି କହିଛନ୍ତି ଯେ ପ୍ରଭୁ ମିଛଟାରେ ନୀଳାଚଳରେ ବସି ଅଛନ୍ତି । ମହାପ୍ରସାଦକୁ କହିଛନ୍ତି ପଣ୍ଡାରନ୍ଧା ଭାତ ବୋଲି । ତାଙ୍କ କଥାରେ କ୍ରୋଧ ନାହିଁ, ବିରକ୍ତି ନାହିଁ, ଅଛି ଅନୁରକ୍ତିର ସ୍ନିଗ୍ଧମଧୁର ପ୍ରଶାନ୍ତ ପ୍ରଲେପ ।

'ମିଛେ ନୀଳାଚଳ ନାଥ ବସିଅଛୁ ନୀଳାଚଳେ
ପଣ୍ଡାରନ୍ଧା ଭାତ ଡାଲି ଗିଳିଣ ବଡ଼ଦେଉଳେ ।
ଗଣ୍ଡାଗଣ୍ଡା ହଣ୍ଡାହଣ୍ଡା କାକରା ଆରିଷା ମଣ୍ଡା
ଥଣ୍ଡା ହେଲ ଦୁଇଭାଇ ଭଣ୍ଡିଆଇ ପାଞ୍ଚବେଳେ ।'

ପାଣିକବି ପ୍ରଭୁ ଶ୍ରୀଜଗନ୍ନାଥଙ୍କୁ ଭାତବିକା ଜଗନ୍ନାଥ ବୋଲି ଅବତାରଣା କରିଛନ୍ତି । କୃଷ୍ଣ ଅବତାରରେ ସେ ତାଙ୍କ ଯଦୁବଂଶକୁ କୌଶଳରେ ନାଶ କରିଥିଲେ । ତେଣୁ କବି ତାଙ୍କୁ ଗୋତରମରା ଗୋବିନ୍ଦ ବୋଲି ନିନ୍ଦା କରିଛନ୍ତି । ଅବଶ୍ୟ ଏ ନିନ୍ଦା ଭିତରେ ଭକ୍ତିମତ୍ତା ଓ ପ୍ରୀତିପ୍ରବଣତା ବିରାଜିତ ।

'ଭାତବିକା ଜଗନ୍ନାଥ ଚାତର ସରିବ ହେ
କାତରେ ଡାକି ଖାତରେ ପଡ଼ନ୍ତେ ଗରିବ ହେ ।
ଗୋତରମରା ଗୋବିନ୍ଦ ଭିତର ତୋ' ବଡ଼ ମନ୍ଦ
ଭୁଞ୍ଜିବା ପତରେ ଧୂଳି କେ ନେଇ ଭରିବ ହେ ।'

ଏତଦ୍‌ବ୍ୟତୀତ ଆଉ କେତେକ କବିଙ୍କ ବିରଚିତ ଜଣାଣରେ ଶ୍ରୀଜଗନ୍ନାଥଙ୍କ ପ୍ରତି ବ୍ୟାଜସ୍ତୁତି ରହିଛି । ଏହି ସଂକ୍ଷିପ୍ତ ପ୍ରବନ୍ଧରେ ସେଗୁଡ଼ିକର ଆଲୋଚନା ସମ୍ଭବ ନୁହେଁ ।

☯☯☯

ଭଂଜ ସାହିତ୍ୟରେ ଶ୍ରଦ୍ଧାର ସ୍ୱରୂପ

କବିସମ୍ରାଟ ଉପେନ୍ଦ୍ରଭଂଜ କଳିଙ୍ଗ କବିମଣ୍ଡଳୀ ରୂପକ ହାରର ହୀରାପଦକ । ସେ ଏକାଧାରରେ ଶବ୍ଦସମ୍ରାଟ ଓ ସଂଗୀତସମ୍ରାଟ । ତାଙ୍କ ଶବ୍ଦରେ ଅନୁରଣନ ଅଛି, ଭାବରେ ଲାବଣ୍ୟ ଅଛି । ହୃଦୟର ସୁକୁମାର ଅନୁଭବ ସହ ସଙ୍ଗୀତର ମୋହନବିଳାସ ସମନ୍ୱିତ ହୋଇ ସ୍ୱର୍ଗ ସୁଷମା ରଚନା କରିଛି । ଆଜି ରକ୍ତ ମାଂସର ଶରୀରରେ ନଥିଲେ ମଧ୍ୟ ଯଶୋଦେହରେ ସେ ଅମର ହୋଇ ରହିଛନ୍ତି ।

କେହିକେହି ସମାଲୋଚକ କହନ୍ତି ଯେ ଭଂଜ ସାହିତ୍ୟ ହେଉଛି ନାରୀ ଓ ଡିକ୍‌ସିନାରୀର ସମାହାର । କଥାଟି ଆଂଶିକ ଠିକ, ମାତ୍ର ପୂର୍ଣ୍ଣ ଭାବରେ ଠିକ ନୁହେଁ । ଏହା ସ୍ୱୀକୃତ ଯେ ଯେଉଁ ନାରୀଚରିତ୍ର ସବୁ ରହିଛି ସେଗୁଡ଼ିକ ଦ୍ୱାରା ଭଂଜସାହିତ୍ୟ ରୁଚିହୀନ ହୋଇନାହିଁ, ବରଂ ରୁଚିପୂର୍ଣ୍ଣ ହୋଇଛି କାରଣ ଏମାନେ ପ୍ରାୟତଃ ସ୍ୱକୀୟାନାରୀ । ପ୍ରୟାସ ବୋଲି ଯାହାଅଛି ପ୍ରାୟତଃ ତାହା ହେଉଛି ଅନୁପମ ଦାମ୍ପତ୍ୟ ପ୍ରେମ ଯହିଁରେ ସମାଜକୁ ଉଦ୍‌ଭ୍ରାନ୍ତ କରିବାର ଅପପ୍ରୟାସ ନାହିଁ, ବରଂ ସମାଜକୁ ସୁସ୍ଥସୁନ୍ଦର ଓ ମାର୍ଜିତମଧୁର କରିବାର ପ୍ରଯତ୍ନ ଅଛି । ଭଂଜଙ୍କ କାବ୍ୟନାୟିକା ଏକାଧାରରେ ସୌମ୍ୟା, ଶ୍ରୀମୟୀ ଓ ସଂସ୍କୃତିସଂପନ୍ନା । ସେ ପରିବେଶରେ ଫୁଲବାସ ଭରିଦିଏ, ପାରିବାରିକ ଜୀବନକୁ ମଧୁମୟ କରିଦିଏ । ଦିବ୍ୟଗୁଣର ଅଧିକାରିଣୀ, ସୁକୁମାରୀ, ସୁଗୁଣବତୀ ଓ ସୌଭାଗ୍ୟବତୀ ସେଇ ନାୟିକାର ପାଦରେଖାରେ ପଦ୍ମଫୁଟେ । ତା'ର ବ୍ୟବହାର ଓ ଚାଲିଚଳଣିରେ ବାତାବରଣ ହୋଇଉଠେ ସୀମାହୀନ ଆନନ୍ଦର ମଧୁସାଗର । ହିଂସ୍ରତା, ଈର୍ଷା, ବିରକ୍ତି, ଛଳନା, ପ୍ରତାରଣା, ପରଶ୍ରୀକାତରତା ଓ ଅସହିଷ୍ଣୁତା ଠାରୁ ନିରାପଦ ଦୂରତ୍ୱରେ ତା'ର ସ୍ଥିତି । ଦେହରୁ ଦେହାତୀତ ରାଜ୍ୟକୁ ଯିବା ପାଇଁ ଆଗ୍ରହ ଓ ଆନ୍ତରିକତା ଥିବାରୁ ତାକୁ ଦିବ୍ୟନାରୀ ବୋଲି ଭଂଜ କହିଛନ୍ତି ।' ଦିବ୍' ଧାତୁର ଅର୍ଥ ହେଉଛି ଚମକ୍ ଦେବା । ଦେବ ଶବ୍ଦର ସାଧାରଣ ଅର୍ଥ ହେଉଛି ଯେ ଚକ୍‌ଚକ୍ କରେ । ଦିବ୍ୟ ଶବ୍ଦକୁ ସାଧାରଣ ଅର୍ଥରେ ଆତ୍ମବିକାଶ ବା ଆତ୍ମଚେନତାର ଔଜଲ୍ୟ ବୋଲି ବୁଝାଯାଏ । ସେପରି ନାରୀ ସହଜଲଭ୍ୟ ନୁହନ୍ତି, ତାଙ୍କୁ ପାଇବା ପାଇଁ ସାଧନା ଆବଶ୍ୟକ । ଲାବଣ୍ୟବତୀ କାବ୍ୟରେ ପ୍ରଭାକରର ତପସ୍ୟା ଏହିପରି –

'ତପ ତା ଅକଥନୀୟ ଦିବ୍ୟନାରୀ ଶ୍ରଦ୍ଧେ
ପଞ୍ଚାଗ୍ନି ସ୍ଥାପନ କରେ ତପରତୁ ମଧ୍ୟେ
ପ୍ରାବୃଟକାଳରେ ଗୃହୋଦରକୁ ନଯାଇ
ଝଞ୍ଝାବାତ ଜଳପାତ କରକା ସହଇ
ଶୀତେ ଜଳଶାୟୀ ଭୂମି ଶଯ୍ୟା ବସ୍ତ୍ରହୀନେ
ମୃତ୍ତିକାଶଙ୍କର ପୂଜାକରେ ପ୍ରତିଦିନେ ।'

ଦିବ୍ୟ ନାରୀ ପ୍ରାପ୍ତି ନିମନ୍ତେ ସାଧନା ହେଉଛି ଶ୍ରଦ୍ଧାର ସାଧନା । ସାଧନା ପାଇଁ ସୁଦୃଢ ସଂକଳ୍ପ ପ୍ରୟୋଜନ । ଶ୍ରଦ୍ଧା ନଥିଲେ ସାଧନା ହୁଏନାହିଁ । କେବଳ ସାଧନା ପାଇଁ ସାଧନା ନୁହେଁ ଜୀବନପାଇଁ ସାଧନାର କଥା ଏଠାରେ କୁହାଯାଇଛି । ପାରିବାରିକ ଜୀବନର ସୁସ୍ଥତା ନିମନ୍ତେ ସାଧନା ଅଭିପ୍ରେତ । ପାରିବାରିକ ଜୀବନ ହେଉଛି ବିଶ୍ୱଜୀବନର ମୂଳଭୂମି । ସାଂପ୍ରତିକ ବିଶ୍ୱଜୀବନରେ ଏବେ ଶ୍ରଦ୍ଧା ନାହିଁ । ତାହା କରପତ୍ର ଯୋଡ଼ି ସତେ ଯେମିତି ମଣିଷ ଜୀବନରୁ ବହୁଦୂରକୁ ଅପସରି ଯାଇଛି । ସ୍ୱାମୀ ବିବେକାନନ୍ଦଙ୍କ ବାଣୀ ଏଇ ପରିପ୍ରେକ୍ଷୀରେ ସ୍ମରଣୀୟ - ***'What we want is this Sraddha, unfortunately it has nearly vanished from India, and this is why we are in our present State. What makes the difference between man and man is the difference in this Sraddha and nothing else !'*** ଶ୍ରଦ୍ଧା ହିଁ ମାର୍ଜିତ ବ୍ୟକ୍ତିଗତ ଜୀବନ, ପାରିବାରିକ ଜୀବନ, ସାମାଜିକ ଜୀବନ ତଥା ରାଷ୍ଟ୍ରୀୟ ଜୀବନର ଭିତ୍ତିଭୂମି । ଶ୍ରଦ୍ଧା ପୋତି ଦିଏ ମନଉପବନରେ ଫୁଲ ଗଛଟିଏ ପଦ୍ମମୂଳଟିଏ, ଲହରାଇ ଦିଏ ଅନୁରାଗ ଭିତରେ ନୂତନ ରାଗଟିଏ, ଆଲୋକର ସଦନ ହୁଏ, ଆଲୋକର ସନ୍ତାନ ହୁଏ ।

'ଦିବ୍' ଧାତୁରୁ ଦିବ୍ୟଶବ୍ଦ ନିଷ୍ପନ୍ନ । 'ଦିବ୍' ଧାତୁର ଦଶଗୋଟି ଅର୍ଥ ରହିଛି । ସେଗୁଡ଼ିକ ଏହିପରି - (୧) କ୍ରୀଡ଼ା, (୨) ବିଜିଗୀଷା, (୩) ବ୍ୟବହାର, (୪) କାନ୍ତି, (୫) ଦ୍ୟୁତି, (୬) ସ୍ଥୁତି, (୭) ମୋଦ, (୮) ମଦ, (୯) ସ୍ୱପ୍ନ ଓ (୧୦) ଗତି ।

କ୍ରୀଡ଼ା : ଏହା ଶାସ୍ତ୍ର ସମ୍ମତ, ୬୪ କଳାର ଅନ୍ତର୍ଭୁକ୍ତ । ଜଳକ୍ରୀଡ଼ା, ଦ୍ୟୁତକ୍ରୀଡ଼ା, ସୂତ୍ରକ୍ରୀଡ଼ା ଏବଂ ବାକ୍‌କ୍ରୀଡ଼ା ଏହାର ପରିସରଭୁକ୍ତ । ଏ ସବୁଥିରେ କାବ୍ୟନାୟିକା ପାରଦର୍ଶିତା ଅର୍ଜନ କରିଥିବା ଆବଶ୍ୟକ । ଜଳକ୍ରୀଡ଼ାର ବର୍ଣ୍ଣନା ଭଂଜକାବ୍ୟରେ ସ୍ୱତନ୍ତ୍ର ସ୍ଥାନ ପାଇଛି । କାବ୍ୟନାୟିକା ଜଳକ୍ରୀଡ଼ାରେ ଅତ୍ୟନ୍ତ ନିପୁଣା ।

'ନାରୀ ନଦୀ ବାରି ନୋହିଲେ ତହୁଁ ଘଡ଼ିଏ ଯାଏ
ହାସକୁମୁଦ, ନେତ୍ରମୀନ, ମୁଖକମଳ ପ୍ରାୟେ । '(ଲାବଣ୍ୟବତୀ)

ବାକ୍‌କ୍ରୀଡ଼ାର ଚିତ୍ର ସେହି 'ଲାବଣ୍ୟବତୀ' ଗ୍ରନ୍ଥରେ ପ୍ରଦତ୍ତ । ମନ୍ନୀକନ୍ୟା ବାକ୍ କ୍ରୀଡ଼ାଚ୍ଛଳରେ ରାଜକନ୍ୟାକୁ ପ୍ରଶ୍ନ ପଚାରିଛି ଓ ରାଜକନ୍ୟା ସେହି ପ୍ରଶ୍ନର ଯଥାଯଥ ଉତ୍ତର ଦେଇଛି ।

'ମନ୍ନୀକା ପୁଚ୍ଛିଲା ଜେମାକୁ ଚାରିବର୍ଣ୍ଣେ ଏସନ
ଏକାକ୍ଷରେ ଖ୍ୟାତ ଧରଣୀ କରଭୂଷା ତ୍ରିବର୍ଣ୍ଣ ।
x x x x
ବ୍ୟସ୍ତେ ବସନ୍ତାଦି ଫୁଲେକ ପୁଣି ତଟର ନାମ
ସମସ୍ତ ପଢିଲେ ହୋଇବ ଜଳେଥିଲା କୁସୁମ ।
ଚତୁରୀ ତୁରିତେ ଜାଣିଲା ହସି କହିଲା ତହିଁ
କଂସ କରୀବର ପରାୟେ ମୋତେ ପରତେ ହୋଇ ।' (ଲାବଣ୍ୟବତୀ)

ରାଜକୁମାରୀ ଉତ୍ତର ଦେଇଛି ଭିନ୍ନଭଂଗୀରେ । ତା'ର ମତରେ କଂସ କରୀବର ଅର୍ଥାତ୍ ଶବ୍ଦଟି ହେଉଛି କୁବଳୟ । ଏକାକ୍ଷରେ ଅର୍ଥାତ୍ 'କୁ' ଅର୍ଥ ପୃଥିବୀ । କରଭୂଷା ତ୍ରିବର୍ଣ୍ଣ ଅର୍ଥାତ୍ ବଳୟ । ବ୍ୟସ୍ତେ ଅର୍ଥାତ୍ ଓଲଟାଇ ପଢ଼ିଲେ ହେବ ବସନ୍ତ କାଳର କୁସୁମ 'ବକୁଳ' ପୁଣି ତଟର ନାମ ଅର୍ଥାତ୍ କୂଳ ।''

ବିଜିଗୀଷା : ଅର୍ଥାତ୍ ଜୟ କରିବାର ଇଚ୍ଛା, ଭଂଜ ନାୟିକା ସ୍ୱକୀୟାନାୟିକା । ସ୍ୱାମୀଙ୍କୁ ସୁକୁମାରତାରେ ଜୟ କରିବା ତାହାର ଇଚ୍ଛା । ରୁଚି, ଶାଳୀନତା ଓ ହୃଦୟବତ୍ତାରେ ନାୟିକା ନାୟକଠାରୁ ପାଦେ ଆଗେଇ

ଯାଇଛି ଭଂଜ କାବ୍ୟରେ । ଏଥି ନିମନ୍ତେ ଗୋଟିଏ ଉଦାହରଣ ନିମ୍ନରେ ପ୍ରଦତ୍ତ ହେଲା । 'ବୈଦେହୀଶ ବିଳାସ'ରେ ରାମସୀତାଙ୍କର ଯେଉଁ ପ୍ରଥମ ମିଳନ ରାତ୍ରିର ପରିବେଶ ବର୍ଣ୍ଣନା କରାଯାଉଛି । ତହିଁରେ ଥିବା ନୀରବତାର ଘନ ଆସ୍ତରଣକୁ ଭେଦ କରି ଶ୍ରୀରାମଚନ୍ଦ୍ର ପ୍ରଥମେ କହିଛନ୍ତି –

'ବିଦଗ୍ଧ ଶ୍ରୀରାମଚନ୍ଦ୍ର କହେ ବନ୍ଧୁ ଜୀବନ ଥିବାର ଏ ଦେହେ
ବିଳାସିନୀ ନ କରିବି ଆନକୁ ବୋଲି ଛୁଇଁ ଦୀପ ହୁତାଶନକୁ ।'

ଏକଥା ଶୁଣି ସୀତାଙ୍କ ମନରେ ଭାବାନ୍ତର ଆସିଛି । ଏକାନ୍ତରେ କାନ୍ତ ଅନୁରକ୍ତା ସୀତା ନାରୀସୁଲଭ ଲଜ୍ଜାକୁ ସମ୍ମାନ ଦେଇ କେତେ ଧାଡ଼ି ଲେଖି ରଖି ଦେଇଛନ୍ତି ଶ୍ରୀରାମଚନ୍ଦ୍ରଙ୍କ ନିକଟରେ ।

'ବଇଦେହୀ କେଶୁଁ କାଢ଼ି କେତକୀ ବର୍ଣ୍ଣ ଲିଖିତ ପୋଛି କସ୍ତୁରୀକି
ବଳିନାହିଁ ଆନେ ଆଜଯାଏ ତ ବଳାଇବି ଜନ୍ମେଜନ୍ମେ ମୋ ଚିତ୍ତ
ବର ମଣ୍ଡପରୁ ଯିବ ବାହୁଡ଼ି । ବାର୍ତ୍ତାବହେ ତୁମ୍ଭଙ୍କୁ ଥିବି ଲୋଡ଼ି ।'

ଶ୍ରୀରାମଚନ୍ଦ୍ର କଥାରେ କହିଲେ ମାତ୍ର ଦେବୀ ସୀତା ଆଉ ପାଦେ ଆଗେଇ ଯାଇ ଲିପିବଦ୍ଧ କରିଦେଲେ ମନର କଥାକୁ କେତକୀ ପାଖୁଡ଼ାରେ । ସେଇ ଜନ୍ମ କେବଳ ତୁହେଁ ଜନ୍ମପରେଜନ୍ମ ସେ ରାମଚନ୍ଦ୍ରଙ୍କୁ ପତିରୂପେ ବରଣ କରିବେ ବୋଲି ପ୍ରତିଶ୍ରୁତି ଦେଲେ । ସମର୍ପଣର ମୂର୍ତ୍ତିମନ୍ତ ପ୍ରତୀକ ଦେବୀ ସୀତା ନିଜର ଚେତନା ତଥା ମାର୍ଜିତ ରୁଚିରେ ଶ୍ରୀରାମଙ୍କୁ ଜୟକରି ଯାଇଛନ୍ତି, ଏଥିରେ ବହୁ ଭାଷଣ ନାହିଁ ।

ବ୍ୟବହାର : ବ୍ୟବହାରବିଧି ଭାରତୀୟ ସଂସ୍କୃତିର ଅନ୍ୟତମ ବିଶେଷତ୍ୱ । ପୂର୍ବପୀଢ଼ି ଠାରୁ ପରପୀଢ଼ି ଏହାକୁ ଶିକ୍ଷା କରିଥାନ୍ତି । ଏହାର ପ୍ରଭାବ ସୁଦୂର ପ୍ରସାରୀ । ପାରିବାରିକ ଜୀବନର ସମୃଦ୍ଧି ଓ ସଂହତି, ସାମାଜିକ ଜୀବନର ବିକାଶ ଓ ସୁଷମ ପରିପ୍ରକାଶ ନିମନ୍ତେ ଏହି ବିଧିର ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ । ପାରିବାରିକ ଜୀବନର କେନ୍ଦ୍ରବିନ୍ଦୁ ହେଉଛି ନାରୀ । ଅନ୍ୟମାନଙ୍କ ପ୍ରତି ତାର ଯଥାଯୋଗ୍ୟ ବ୍ୟବହାର ଅଭିନନ୍ଦନୀୟ । ପ୍ରେମସୁଧାନିଧି କାବ୍ୟରୁ ଏହି ପରିପ୍ରେକ୍ଷୀରେ କଥାଟିଏ ସ୍ମରଣକୁ ଆସେ । ଉକ୍ତ କାବ୍ୟରେ ସଖୀମାନେ ପ୍ରେମସୁଧାନିଧିକୁ ମନମୋହିନୀ ବେଶରେ ସଜାଇଦେଇଛନ୍ତି । କାନ୍ତ ସହିତ ପ୍ରଥମ ମିଳନର ପରିବେଶରେ ନେଇ ଛାଡ଼ିଲା ବେଳେ କାନ୍ତସହ ଯଥୋଚିତ ବ୍ୟବହାର ବିଧି ସମ୍ପର୍କରେ ତାକୁ କିଞ୍ଚିତ୍ ସୂଚନା ଦେଇଛନ୍ତି । ଲଜ୍ଜା ନାରୀର ଭୂଷଣ । କାନ୍ତ ଦର୍ଶନରେ ଲଜ୍ଜା ନ ଛାଡ଼ିବାକୁ ଓ ମନ୍ଦ ଦୃଷ୍ଟି ଛାଡ଼ିବାକୁ ସଖୀମାନେ ଉପଦେଶଦେଇଛନ୍ତି ।

'ନାଥ ଦରଶନେ ମନ୍ଦାକ୍ଷକୁ ଦୂରକର ।
ମନ୍ଦାକ୍ଷକୁ ଦୂରକରିବାର ଅବେଭାର ଗୋ ।' – ପ୍ରେମସୁଧାନିଧି - ୫/୧୯

ମନ୍ଦାକ୍ଷ ଶବ୍ଦକୁ କବି ଏଠାରେ ମନ୍ଦ ଦୃଷ୍ଟି ଓ ଲଜ୍ଜା ଅର୍ଥରେ ପ୍ରୟୋଗ କରିଛନ୍ତି ।

ଶାଶୁଘରେ ନଣନ୍ଦଙ୍କୁ ଶ୍ରଦ୍ଧା ଓ ସମ୍ମାନ କରିବା ଓ ଶାଶୁଙ୍କୁ ଅଶେଷ ସମ୍ମାନ ଦେବାରେ ଭଞ୍ଜକାବ୍ୟର ନାୟିକା ତ୍ରୁଟି କରିନାହିଁ । ବୋହୂ ହୋଇ ଶାଶୁଘରେ ପାଦ ଦେଉଦେଉ ବାଟ ଓଗାଳି ବସିଥିବା ନଣନ୍ଦଙ୍କୁ ନବବସନଭୂଷଣ ଦେଇ ଖୁସି କରାଇଛି ଏବଂ ଶାଶୁଙ୍କୁ କୃତଜ୍ଞତାଭରା ପ୍ରଣାମ ଜଣାଇଛି । ଲାବଣ୍ୟବତୀ କାବ୍ୟରେ ଏହି କଥାର ଉଲ୍ଲେଖ ରହିଛି ।

'ନନନ୍ଦା ନିଷେଧେ ପୁର ସ୍ୱୟଂ ସୁକୁମାରୀ
ଯତ୍ନରତ୍ନ ଭୂଷଣ ବସନେ ବୋଧ କରିଯେ

ଶାଶୁଙ୍କୁ ଓଳଗି ବାସ ନିଉଛାଳି କଲା
ପୁର ସିନ୍ଧୁ ହୁଳହୁଳି ନାଦେ ଉଛୁଳିଲା ଯେ ।'

କାନ୍ତି ଓ ଦ୍ୟୁତି : ଭଂଜକାବ୍ୟର ନାୟିକା ଅନୁପମ ସୌନ୍ଦର୍ଯ୍ୟମୟୀ, ସୌଭାଗ୍ୟର ମୂର୍ତ୍ତିମତୀ ମର୍ତ୍ତ୍ୟଲକ୍ଷ୍ମୀ । ତନୁଗଠନର ସୁକୁମାରତା, ଚାଲିର ଅଲିଅଳତା, ହସର ମଧୁମୟତା ଓ କଥାର ଲାଳିତ୍ୟ ତା'ର ଅନନ୍ୟ ସାଧାରଣ । ମର୍ତ୍ତ୍ୟରେ ସେ ଅମର୍ତ୍ତ୍ୟର ଲୀଳା ପ୍ରତିମା, ଆନନ୍ଦର ମନ୍ଦାକିନୀଧାରା, ନାହିଁ ନଥିଲା ନୋହିବ ସୁନ୍ଦରୀ । ତା'ର ଚାଲିରେ ହାତୀ ଲାଜରେ ଭିଜି ଆଡ଼େଇ ଯାଏ, କଟାକ୍ଷ ଛଟାରେ ମୃଗ ହାରିଯାଇ ଜଙ୍ଗଲରେ ଲୁଚିରହେ, ତନୁ କାନ୍ତି ଦେଖି କେତକୀ ଅପମାନରେ କଣ୍ଟାବେଷ୍ଟିତ ହୁଏ , କଣ୍ଠର ଗଠନ ଚାତୁରୀ ଦେଖି ଶଙ୍ଖ ନିଜେ ସମାନ ନୁହେଁ ବୋଲି ପ୍ରତିଦିନ ପ୍ରଭାତରୁ ଉଦ୍‌ଘୋଷଣା କରେ ।

'ଝଟି କାନ୍ତିରେ ଲଭିଣ ଭୀତିକି
କଲା କଣ୍ଟକ ଦୁର୍ଗକୁ କେତକୀ
x x x x
କମ୍ବୁ କଣ୍ଠ ଦେଖି ଅତି ଆର୍ତ୍ତରୁ
ସମନୋହେ ବୋଲି ଡାକେ ପ୍ରାତରୁ ।' *ଲାବଣ୍ୟବତୀ*

ଅବଶ୍ୟ କାବ୍ୟନାୟିକାର ଦୀପ୍ତି ଓ ଦ୍ୟୁତି ଭାରତୀୟ କାବ୍ୟ ପରଂପରାରେ ବହୁ ପୂର୍ବରୁ ପ୍ରକଟିତ । ସଂସ୍କୃତ ସାହିତ୍ୟରେ ଏହାର ରାଶିରାଶି ପ୍ରମାଣ ରହିଛି । ଉପେନ୍ଦ୍ରଭଂଜ ତାହାକୁ ଅନୁଶୀଳନ ଓ କେତେକ କ୍ଷେତ୍ରରେ ଅନୁସରଣ କରିଛନ୍ତି । ଉଦାହରଣ ରୂପରେ ଗୋଟିଏ ପଦ ଉଦ୍ଧାର କରିବା ଅପ୍ରାସଂଗିକ ହେବନାହିଁ । ଭଂଜ 'ସୁଭଦ୍ରା ପରିଣୟ'ରେ ସୁଭଦ୍ରାଙ୍କର ଚିକ୍କଣ ଶ୍ୟାମଳ କେଶରାଶିର ବର୍ଣ୍ଣନା କରିଛନ୍ତି । ଏଇ ବର୍ଣ୍ଣନା ନିମନ୍ତେ ସେ ନୈଷଧ କାବ୍ୟ ନିକଟରେ ଋଣୀ । ନୈଷଧରେ କୁହାଯାଇଛି –

'ଅସ୍ୟାଃ କଚାନାଂ ଶିଖିନଶ୍ଚ କିଂଚୁ ବିଧଂ କଳାପୌ ବିମତେରଗାତାମ୍
ତେନାୟମେଭିଃ କିମପୂଜି ପୁଚ୍ଛୈ – ରଭର୍ହି ଦତ୍ତା ସ କିମର୍ଦ୍ଧଚନ୍ଦ୍ରମ୍ ।'

ଉପେନ୍ଦ୍ରଭଂଜ କହିଛନ୍ତି ସୁଭଦ୍ରା ପରିଣୟ କାବ୍ୟରେ –

'ସୁକୁନ୍ତଳା ସୁକୁନ୍ତଳ *ନୀଳକୁଟିଳ କୁନ୍ତଳ*
ଚିକ୍‌କଣ ଲମ୍ବ ବିଭିନ୍ନ ବାସନିବାସ
ସୁହୃଦ ମୃଡବରହୀ ପୁଚ୍ଛଲକ୍ଷ୍ୟ ହେବାପାଇଁ
ଗଳଥା ପାଇଲା ଯାଇଁ ଲୋକେଶ ପାଶ
ସେ ଚିହ୍ନ ଚନ୍ଦ୍ରିକା ସମାନ
ସଭୟ ହୋଇଲେ ଶୁଣି ଉପମାଗଣ ।'

ସ୍ତୁତି : ପ୍ରଶଂସାମୂଳକ ବାକ୍ୟ ବିଶେଷକୁ ସ୍ତୁତି କୁହାଯାଏ । ଦାମ୍ପତ୍ୟ ଜୀବନର ପରିପୂର୍ଣ୍ଣତା ପାଇଁ ଏହାର ଆବଶ୍ୟକତା ଅଧିକ । ପରସ୍ପର ପ୍ରତି ଆନ୍ତରିକତାର ଏହା ପରିଚାୟକ । ପାରସ୍ପରିକ ଅନୁରକ୍ତି ଓ ସମ୍ମାନବୋଧ ଏହାର ଭିତ୍ତି । ଭଂଜ ନାୟକ କହିଛି –

'କଲେ ତୁ ଚିର ଅନୁଗ୍ରହ ସୁଦନ୍ତୀ
ଅଳତା ଚିତ୍ରେ ଚିତ୍ରକାର ହୁଅନ୍ତି ରେ ।

ସେବାରେ ଆଳୀ ଫୁଲ ଗୁଛାରେ ମାଳୀ
ହୋଇ ଲଗାନ୍ତି କାମ ବଦନେ କାଳି ରେ ।' (ଲାବଣ୍ୟବତୀ)

ଏପରି ପ୍ରଶଂସାମୂଳକ ବାକ୍ୟର ଯୋଗ୍ୟା ହୋଇଥିବା ଦରକାର ଭଂଜ ନାୟିକା ।

ମୋଦ : ନାୟକର ଗୌରବରେ ନାୟିକା ଗୌରବଦୀପ୍ତା । ନାୟିକାର ଗୌରବରେ ନାୟକ ଗୌରବାନ୍ୱିତ । ଏହା ସ୍ୱକୀୟା ପ୍ରେମର ନିର୍ମଳନିଷ୍ଠା ତଥା ପରମ ପ୍ରତିଷ୍ଠାର ଅଧିଷ୍ଠାନ, ତ୍ୟାଗ ଏହାର ମର୍ମବାଣୀ, ଅହଂକୁ ଛାଡ଼ି ପରସ୍ପର ଏଥିରେ ପ୍ରୟାସ କରନ୍ତି ପରସ୍ପରର ସମ୍ମାନ ବୃଦ୍ଧି । ବିଦେଶରେ ଥିବା ନାୟକକୁ କେଉଁ ବିମ୍ବାଧରୀ ଧରି ରଖିଲା ବୋଲି ନାୟିକା ମନରେ ଶଙ୍କା ଜାତହୋଇଛି । ସେ ଏଥିରେ ବ୍ୟଥିତ ହୋଇଛି, ମାତ୍ର କ୍ରୋଧାନ୍ୱିତ ହୋଇନାହିଁ । ବରଂ ଚିନ୍ତା କରିଛି ଯେ ନାୟକ ବିଦେଶରୁ ଫେରି ଆସନ୍ତେ ତାଙ୍କ ସହ ଅନୁଚାରୀ ଥିଲେ ମଧ୍ୟ ସେ ତାଙ୍କ ସେବାରେ ଜୀବନ ଅତିବାହିତ କରନ୍ତା । କାମରୁ କ୍ରୋଧ ଉତ୍ପନ୍ନ ହୁଏ । ଏଠାରେ କାମଠାରୁ ପ୍ରେମ ବଳଶାଳୀ ହୋଇଥିବାରୁ ଏବଂ ଆସକ୍ତିଠାରୁ ଅନୁରକ୍ତି ଅଧିକ ରହିଥିବାରୁ ନାୟିକା ମନରେ ଏପରି ଭାବଧାରା ସୃଷ୍ଟିହୋଇଛି । 'ରଖିଲା ମନ ବିମ୍ବାଧରୀ ଧରିରେ' ଶୀର୍ଷକ ସଙ୍ଗୀତରେ ସେ କହିଛି –

'ରହନ୍ତି ମୁଁ ସେବାରେ,ଏତେ ଜାଣନ୍ତି ବାରେ,
ସଙ୍ଗତେ ଥିଲେ ଅନୁଚାରୀ ଚାରି ରେ ।
ଉପଇନ୍ଦ୍ର କହଇ, ଲଭିବା ଯୋଗନାହିଁ,
ମଲିଟି ହେଲା ହରଅରି ଅରିରେ ।।'

ମଦ : ମଦକୁ ସାଧାରଣତଃ ଗର୍ବ ବୋଲି ବୁଝାଯାଏ । ମଦ କହିଲେ ମଧ୍ୟ ଆତ୍ମବିଶ୍ୱାସକୁ ବୁଝାଏ । ଭଂଜ ନାୟକ ଆତ୍ମବିଶ୍ୱାସ ରୂପକ ଧନରେ ଧନଶାଳୀ । ନାୟିକା ଉପରେ ତା'ର ଅସୀମ ଆନ୍ତରିକତା । ଭଂଜ ନାୟିକାର ଆତ୍ମବିଶ୍ୱାସ ମଧ୍ୟ ଅନୁରୂପ ଭାବରେ ଗଭୀର ଓ ସୁଦୂର ପ୍ରସାରୀ । ସେ ସ୍ୱକୀୟା ପ୍ରେମକୁ ଉଚ୍ଚାସନ ଦେବା ସଙ୍ଗେସଙ୍ଗେ ଏହାର ବିରୋଧୀ ଶତ ପ୍ରଲୋଭନକୁ ପାଦରେ ଆଡ଼େଇ ଦେଇପାରେ ଏବଂ କହିପାରେ –

'ବିକଶିଛି କି ଶିଖରୀ ଶିଖେ ବିନା ଜଳରେ ପଦ୍ମ ତା' ସୁଖେ ?
ବନ୍ଧନ ଆଶାବନ୍ଧରେ କି କୁଞ୍ଜର ଶୁଣା ପ୍ରବନ୍ଧ କି ମୂର୍ଖ ମୁଖେ
ଗୋ ବାମାୟେ ।' *(ବୈଦେହୀଶ ବିଳାସ)*

ଆଶାବନ୍ଧ ଯେ ଚୁଡ଼ୀଆଣି ସୂତା ଏବଂ କୁଞ୍ଜର ଯେ ହାତୀ । ଉପରୋକ୍ତ ପଦ୍ୟାଂଶରୁ ଭଂଜକାବ୍ୟର ନାୟିକାର ଆତ୍ମବିଶ୍ୱାସର ମହନୀୟତା ଅନୁମେୟ ।

ସ୍ୱପ୍ନ : ସ୍ୱପ୍ନ ଏଠାରେ ମଧୁର କଳ୍ପନାର ଅନ୍ୟ ରୂପ । ମଧୁର କଳ୍ପନା ନଥିଲେ ଦାମ୍ପତ୍ୟ ଜୀବନ ପ୍ରୀତିସ୍ନିଗ୍ଧ ହୁଏନାହିଁ । ଜୀବନରେ ଘୋର ବାସ୍ତବତା ରହିବ ହିଁ ରହିବ । ଏଥିସହିତ ମଧୁର କଳ୍ପନାର ସମନ୍ୱୟ ଏକାନ୍ତ ଜରୁରୀ । ସ୍ୱକୀୟା ନାରୀର ମନ କଳ୍ପନାର ନନ୍ଦନବନ । ତାହା ଯେତିକି ସରସ, ସେତିକି ସତେଜ, ଯେତିକି ଶୋଭନୀୟ ସେତିକି ଲୋଭନୀୟ । ସ୍ୱକୀୟା ନାରୀର ପ୍ରାଣକୁଞ୍ଜରେ ସୀମାହୀନ କଦମ୍ବ ରୋମାଞ୍ଚ ସୃଷ୍ଟି ହୁଏ, ଅମରାବତୀର ଅସୀମ-ଲାବଣ୍ୟ ଦିବ୍ୟସୁରଭି ନେଇ ମୂର୍ତ୍ତହୁଏ । ଭଂଜ କାବ୍ୟର ନାୟିକାର ମନ

ଶୁଷ୍କ, ନୀରସ, ରିକ୍ତ ବା ତିକ୍ତ ନୁହେଁ । ଭାବପ୍ରବଣତା, ମାଦକତା ତଥା ଏକପତିପ୍ରାଣତାର ସ୍ନେହମଞ୍ଜୁଳ ସ୍ପର୍ଶରେ ଏହା ନିରନ୍ତର ପ୍ରୀତିପୁଲକିତ ।

ମେଘକୁ ଚାହିଁ ଆନମନା ହୋଇଛି ଭଞ୍ଜ ନାୟିକା । ମେଘକୁ ଦୂତକରି ପଠାଇଛି ପ୍ରବାସରେ ଥିବା କାନ୍ତ ନିକଟକୁ । ଏଇ ଅବକାଶରେ କେତେ ସୁଖସ୍ମୃତି ଭାସିଉଠିଛି ତା'ର ନୟନ ପଲକରେ, ମାନସପଟରେ ଆଙ୍କିହୋଇଯାଇଛି କେତେ ଚାରୁଚିତ୍ର । ସେ ନିରାଶ ହୋଇନାହିଁ, ଆଶା ରଖିଛି ଯେ ତା' କାନ୍ତ ପ୍ରବାସରୁ ଫେରିବେ, ଆଉ ତାକୁ ସ୍ୱପ୍ନ ମହଲର ରାଜରାଣୀ ରୂପରେ ସଜାଇ ଦେବେ । ଏଥିନିମନ୍ତେ ସେ ବିଭୁ କରୁଣା ପ୍ରାର୍ଥନା କରିଛି ଏବଂ ଆଷାଢ଼ ଶୁକ୍ଳ ବାଣୀରେ ରଚିତ 'ରମଣି ରତନ ମେଘକୁ ଚାହିଁ' ଶୀର୍ଷକ ଚଉପଦୀରେ କହିଛି –

'ସତେକି କରିବେ ହର ଗଉରୀ ପ୍ରବାସୁ ମୋ କାନ୍ତ ଆସିବେ ଫେରି
କରିବେ ଅଙ୍କ ପଲଙ୍କେ ଶୟନ ସତେକି ମୋ ଦୁଃଖ ହେବ ମୋଚନ
କରିରସକେଳି ଭଣେ ଉପଇନ୍ଦ୍ର ଏ ରସେ ଭାଳି ।'

ଗତି : ସ୍ୱକୀୟା ନାୟିକା ହେଉଛି ନାୟକର ଗତିମୁକ୍ତି ଦାୟିନୀ । ସେ କେବଳ ରତିପ୍ରତିମା ନୁହେଁ, ମୁକ୍ତି ପ୍ରଦାୟିନୀ ମଧ୍ୟ । ଲାବଣ୍ୟବତୀ କାବ୍ୟରେ କାବ୍ୟର ନାୟକ ଚନ୍ଦ୍ରଭାନୁ ଶାୟିତା ଲାବଣ୍ୟବତୀକୁ ଅଣିମାଦି ସୁଖଦାୟୀ ବୋଲି କହିବା ଦ୍ୱାରା ଏହା ପ୍ରକଟିତ ହେଉଛି । ନାୟକ କହିଛି ଯେ –

'ଅଣିମାଦି ସୁଖଦାୟୀ ଶୋଇଅଛି ଅଣିହୋଇ
ପଲ୍ୟଙ୍କ ଅଙ୍କରେ ଦିଶେ ଏମନ୍ତ ଶୋଭା
ରସାଣରଜତ ବାଡ଼େ କନକଲତା କି ଜଡ଼େ
ବିଶଦଘନରେ କି ସେ ଚପଳା ପ୍ରଭା ।
ବାମକର କପୋଳ ତଳ,
କେନ୍ଦୁପଲ୍ଲବେ ଥୁଆ କି ଫୁଲ୍ଲକମଳ ।' – *ଲାବଣ୍ୟବତୀ*

ଭାରତୀୟ ସଂସ୍କୃତିକୁ ମର୍ଯ୍ୟାଦା ଦେଇ ଭଂଜକବି ଦିବ୍ୟନାରୀତ୍ୱର ଅବତାରଣା କରିଛନ୍ତି । ନାରୀଜାତିକୁ ଯଥାଯଥ ସମ୍ମାନ ଦେବାର ପରମ୍ପରା ବିଶେଷତଃ ପ୍ରାଚୀନ ଭାରତୀୟ ସଂସ୍କୃତିରେ ଅଧିକ ଥିଲା । ଗୃହର ଲକ୍ଷ୍ମୀବୋଲି ନାରୀମାନଙ୍କୁ ବିଚାର କରାଯାଉଥିଲା । ସେମାନଙ୍କ ମଧ୍ୟରୁ ଅନେକ ଆତ୍ମଶିକ୍ଷାରେ ଶିକ୍ଷିତା ଥିଲେ । ଆତ୍ମସଚେତନତା ଓ ସାଧନା ଯୋଗୁଁ ସେମାନେ ନିଜର ଯଥାର୍ଥ ସ୍ୱରୂପକୁ ଚିହ୍ନି ପାରିଥିଲେ । ଗୃହଥିଲା ତାଙ୍କପାଇଁ ସାଧନାର ସ୍ଥାନ । ପ୍ରାଚୀନ ଭାରତୀୟ ପରିବାରଥିଲା ପ୍ରାୟତଃ ଏକାନ୍ନବର୍ତ୍ତୀ । ଐକ୍ୟତାନର ପ୍ରଭାବରେ ରଦ୍ଧିମନ୍ତ ହେଉଥିଲା ଗୃହ ପରିବେଶ । ଅଥର୍ବ ବେଦରୁ ଉଦାହରଣ ଟିଏ ଦେଲେ କଥାଟି ଅଧିକ ସ୍ପଷ୍ଟ ହେବ ।

'ସମ୍ରାଜ୍ଞ୍ୟେଧି ଶ୍ୱଶୁରେଷୁ ସମ୍ରାଜ୍ଞ୍ୟୁତ ଦେବୃଷୁ ।
ନନାନ୍ଦୁଃ ସମ୍ରାଜ୍ଞ୍ୟେଧି ସମ୍ରାଜ୍ଞୁ ତ ଶ୍ୱଶ୍ରାଃ ।।' *(କାଣ୍ଡ -୧୪, ସୁକ୍ତ ୧, ମନ୍ତ୍ର ୪୪)*

ଅର୍ଥାତ୍ ହେ ବଧୂ ! ଶ୍ୱଶୁରଙ୍କ ମଧ୍ୟରେ ମହାରାଣୀ ହୁଅ, ଦେବରଙ୍କ ମଧ୍ୟରେ ମହାରାଣୀ ହୁଅ, ନଣନ୍ଦଙ୍କ ମଧ୍ୟରେ ମହାରାଣୀ ହୁଅ ଏବଂ ଶାଶୁଙ୍କ ଦୃଷ୍ଟିରେ ମହାରାଣୀ ହୋଇ ରୁହ ।

ମାତୃଭାଷା ପ୍ରତି ଗଭୀର ଶ୍ରଦ୍ଧା ଭଂଜ ସାହିତ୍ୟର ଅନ୍ୟତମ ଅମୂଲ୍ୟ ବିଭବ । ତତ୍କାଳରେ ଓଡ଼ିଆ ଭାଷାପ୍ରତି ସଂସ୍କୃତ ପଣ୍ଡିତମାନଙ୍କର ନାସିକାକୁଞ୍ଚନ ଭଂଜକବିଙ୍କୁ ମର୍ମାହତ କରିଛି । ମାତୃଭାଷାର ମହତ୍ତ୍ୱ ପ୍ରତିପାଦନ ନିମନ୍ତେ ମାତୃଭାଷାରେ ଉଚ୍ଚକୋଟୀର କାବ୍ୟ ରଚନା କରିବା ସଙ୍ଗେସଙ୍ଗେ ଉପେନ୍ଦ୍ରଭଂଜ ସଂସ୍କୃତ ପଣ୍ଡିତମାନଙ୍କୁ ତାହାକୁ ନୈଷଧ କାବ୍ୟ ପ୍ରାୟ ଗ୍ରହଣ କରିବାକୁ ଆହ୍ୱାନ ଦେଇଛନ୍ତି ।

'ଏ ତ ପରାକୃତ କାବ୍ୟ ଛାନ୍ଦ ପ୍ରାନ୍ତ ସତ
ଦୃଷ୍ଟି ଦୃଷ୍ଟାନ୍ତର ଏଥି ଅଛି ବିଶେଷତଃ
ଯେନ ନୈଷଧ ପରାୟେ
ଉପଇନ୍ଦ୍ର କହେ ବୁଧ ପ୍ରମୋଦ କରାଏ ।' *(କୋଟିବ୍ରହ୍ମାଣ୍ଡ ସୁନ୍ଦରୀ)*

ଗୁରୁ ଓ ଗୁରୁଜନଙ୍କ ପ୍ରତି ନମ୍ରତା ଓ ଭକ୍ତି ଭାରତୀୟ ସଂସ୍କୃତିର ଅନ୍ୟତମ ବୈଶିଷ୍ଟ୍ୟ । ଅନ୍ୟକୁ ସମ୍ମାନ ଦେବା ଦ୍ୱାରା ନିଜର ମାନବିକତା ପ୍ରକଟିତ ହୋଇଥାଏ । ତହିଁରୁ ମିଳେ ଗଭୀର ଆତ୍ମସନ୍ତୋଷ । ପୂର୍ବସୂରୀମାନେ ଚିରନମସ୍ୟ ଓ ବନ୍ଦନୀୟ । ତାଙ୍କର ପୂଜା ହିଁ ପୂଜ୍ୟପୂଜା । ପୂଜ୍ୟପୂଜାର ଗୁରୁତ୍ୱ ଅସୀମ । ଯେଉଁ ଜାତି ପୂଜ୍ୟପୂଜା କରି ଶିଖିନାହିଁ, ସେ ଜାତି ପ୍ରଗତି କରିପାରେ ନାହିଁ । ବ୍ୟକ୍ତି ଚେତନାର ଅଗ୍ରଗତି ପାଇଁ ପୂଜ୍ୟପୂଜାର ଆବଶ୍ୟକତା ଅପରିହାର୍ଯ୍ୟ । ଭଂଜକବି ଭାରତୀୟ ସଂସ୍କୃତିର ଏଇ ବିଶିଷ୍ଟ ବିଭବ ପ୍ରତି ସଚେତନ ଥିବାର ଜଣାଯାଏ ।

'ବାଲ୍ମୀକି ବ୍ୟାସ କବି ଯହିଁରେ ମହାକାବ୍ୟ କେ ପୁରାଣ କରେ
ମହାନାଟକ ବାତସୁତରେ ହେଲେ ରଚିତା ଯେ
ରଚିଲେ କାବ୍ୟ ଯେ କାଳିଦାସେ ଚମ୍ପୂ ରଚନା ଭୋଜନରେଶେ
କୃପାସିନ୍ଧାଏ ଗୀତ ପ୍ରକାଶେ ଛାଡ଼ିଲି ଚିନ୍ତା ଯେ ।' *(ବୈଦେହୀଶ ବିଳାସ)*

କଠିନ ଶବ୍ଦର ପ୍ରୟୋଗ ଏବଂ ବର୍ଣ୍ଣନାରେ ଅତିରଞ୍ଜନର ଭାରରେ ଭଞ୍ଜ ସାହିତ୍ୟ ସମ୍ପୂର୍ଣ୍ଣ ଭାବରେ ଆକ୍ରାନ୍ତ ବୋଲି କେହିକେହି କହିଥାନ୍ତି । ଏକଥା ଶତ ପ୍ରତିଶତ ଠିକ ନ ହେଲେ ମଧ୍ୟ କେତେକାଂଶରେ ଠିକ, କାରଣ କ୍ଲିଷ୍ଟ ଶବ୍ଦର ପ୍ରୟୋଗ ଓ ଅଳଙ୍କାରର ଅଧିକ ବ୍ୟବହାର ସେ କାଳର ରୁଚି ଥିଲା । ଅବଶ୍ୟ କେତେକ କାବ୍ୟର କେତେକ ଛାନ୍ଦରେ ସହଜ ବୋଧଗମ୍ୟ ଭାଷାର ପ୍ରୟୋଗ ମଧ୍ୟ ରହିଛି । ଅଭିଧାନ ବ୍ୟବହାର ନ କରି ସେହିସବୁ ଛାନ୍ଦଗୁଡ଼ିକୁ ମଧ୍ୟ ପଢ଼ି ବୁଝିହୁଏ ।

☯☯☯

ପଦ୍ୟରେ ଭଂଜଙ୍କ ପ୍ରଶସ୍ତି :

୧. ଉପଇନ୍ଦ୍ର ପଦ ଅଭିମନ୍ୟୁ ମନୁ
ଉପେକ୍ଷିତ ନୋହିବ ତ ଦିନୁଦିନୁ ।

'ବିଦଗ୍ଧ ଚିନ୍ତାମଣି'
ଅଭିମନ୍ୟୁ ସାମନ୍ତ ସିଂହାର

୨. ଭାଗ୍ୟବାନ ବେନିବାଣୀଙ୍କ କୁମର
କବି ବଳଦେବ ଭଂଞ୍ଜ ବୀରବର
କାହିଁ ସେହି, କାହିଁ ମୁହିଁ ଅକିଞ୍ଚନ
ଦେଖୁଥିଲି ସିନା ଜାଗ୍ରତ ସ୍ୱପନ । 'ଚିଲିକା'

ରାଧାନାଥ ରାୟ

୩. ନିଶୀଥ ସମୟେ ସ୍ୱପ୍ନ ଯୋଗେ ବୀଣାପାଣି
ବୋଇଲେ ଉପେନ୍ଦ୍ର ଭଞ୍ଜ 'ଶୁଣବତ୍ସ ! ବାଣୀ
x x x x
ନାନା ଛନ୍ଦୋବନ୍ଧେ ଗୀତ କରିବୁ ରଚନା
ତୋହ ଯୋଗେ ହେଉ ମାତୃଭାଷା ବିଭୂଷଣା
ଘୋଷିବ ଅକ୍ଷୟକୀର୍ତ୍ତି ଯୁଗଯୁଗାନ୍ତର
ଗାଇବେ ଉତ୍କଳ ଦେଶବାସୀ ନାରୀନର ।
'ଅବସର ବାସରେ'

ଫକୀରମୋହନ ସେନାପତି

୪. ହେ କବି ଶେଖର ଭଞ୍ଜ ବୀରବର !
କୋଟି ଉତ୍କଳ ସନ୍ତାନେ
ଆଜି ନବଯୁଗେ ଧନ୍ୟ ଧନ୍ୟବାଦ
କରୁଛନ୍ତି ତୁମ୍ଭ ନାମେ ।
'ଅବକାଶ ଚିନ୍ତା'

ଉତ୍କଳମଣି ଗୋପବନ୍ଧୁ ଦାସ

୫. ସୁପଣ୍ଡିତ ହେ ଉପେନ୍ଦ୍ର ଭଞ୍ଜ ବୀରବର
କବି କୁଳପତି ତୁମ୍ଭେ ଅଟ ଉତ୍କଳର
ତୁମ୍ଭ ଘେନି ମାତୃଭାଷା ସାହିତ୍ୟ ଶାଳିନୀ
ତୁମ୍ଭ ଯୋଗୁଁ ମାତୃଭାଷା ଆଜି ହେ ମାନିନୀ ।
'ଜନ୍ମଭୂମି'

ନନ୍ଦକିଶୋର ବଳ

୬. ସାରସ୍ୱତ–ରାଜ୍ୟ–ରାଜ–ଚକ୍ରବର୍ତ୍ତୀ
କାବ୍ୟ ତପୋବନ ତପଃସିଦ୍ଧ ଯତି
ଉତ୍କଳ–ସାହିତ୍ୟ–କଲ୍ପଦ୍ରୁମ–ମଞ୍ଜି
କବି–କୁଳଟୀକା ଉପଇନ୍ଦ୍ରଭଂଜ । 'ଘୁମୁଷର କାବ୍ୟ'

ଚିନ୍ତାମଣି ମହାନ୍ତି

୭. ଯାଇଅଛ ଭଞ୍ଜ କବି ହେ
ଛାଡ଼ି ଏ ଧରାଧାମ
କେତେଶ ବରଷ ଗଲାଣି
ଘୋଷେ ଉତ୍କଳ ନାମ ।
ସେ ଉତ୍କଳ କଳାରାଇଜେ
ଉଚ୍ଚେ ରଖିଛ ଟେକି
କପାଳେ ତା' ସ୍ୱର୍ଣ୍ଣ ଅକ୍ଷରେ
ଖ୍ୟାତି ଯାଇଛ ଲେଖି ।
ଏ ତହୁଁ କି ଆଉ ଦିଅନ୍ତ
ନର ଜନମ ଲଭି
ହେ ଭଞ୍ଜ କୁଳଜ ତିଳକ
ଦୀପ୍ତ ଉତ୍କଳ ରବି । 'ଗୀତାୟନ'

ଗୋଦାବରୀଶ ମିଶ୍ର

୮. ନବ ନୀଳଘନ ଚପଳା ସମାନ
ହସିଲ ତରୁଣ ରାଜିଲ କବି
ନିଦ୍ରିତା ଧରା ନିର୍ବାକ କାରା
ପ୍ରଥମେ ଦିଶିଲା ତୁମରି ଛବି ।
'ଭଞ୍ଜକବି'

ଗୋଦାବରୀଶ ମହାପାତ୍ର

୯. ଶୁଭକ୍ଷଣେ ଜନ୍ମି ହେ କବି ସମ୍ରାଟ
ସାହିତ୍ୟ ରାଜ୍ୟକୁ ଦେଖାଇଲ ବାଟ
ତବ କବିତାର ରସମୟ ଛନ୍ଦ
ଯୋଗୀର ଜୀବିକା ଭୋଗୀର ଆନନ୍ଦ
ରସିକ କୁଳର ହୃଦୟ ମଣ୍ଡନ

ପଣ୍ଡିତ ମଣ୍ଡଳୀ ଜୀବର ଜୀବନ ।
'କବି ସମ୍ରାଟ ଉପେନ୍ଦ୍ର'
ବିଦ୍ୟୁତ୍ ପ୍ରଭା ଦେବୀ

୧୦. *କବି-କୁଳକଞ୍ଜ ଉପେନ୍ଦ୍ରଭଞ୍ଜ*
ପ୍ରୀତି-କୁସୁମର ଫଗୁଣ କୁଞ୍ଜ
ଜୀବନବେଦର ପ୍ରଣବ ଗାନ
ହୃଦୟବୀଣାର ମଧୁର ତାନ
ତୁମେ ଗଗନର ତାରା ଯେ ।
ସୁନ୍ଦର-ନନ୍ଦନ-ବନ ବିଭୂଷଣ ମଞ୍ଜୁଳ-ମନ୍ଦାର-ଝରା ଯେ ।
କବିକୁଳ ରାଜା ହେ ରାଜେଶ୍ୱର
ସଂଗୀତ ସମ୍ରାଟ ଶବ୍ଦସାଗର
ଆପାଶୋରା ତୁମେ ରସିକ କବି
ଭାରତୀ ଭୁବନେ ଅଭୁଲା ଛବି
ନିଅ ଆମ ପ୍ରଣିପାତ ଯେ ।
ତୁମରି ଆଶିଷେ କୁସୁମିତ ହେଉ ଓଡ଼ିଆ ସାହିତ୍ୟ ପଥ ଯେ ।

'ଶତପ୍ରଣାମ'
ଶରତ ଚନ୍ଦ୍ର ରଥ

☯☯☯

ଭଞ୍ଜ ସଙ୍ଗୀତମାଳା – ଏକ ଅଧ୍ୟୟନ

–କବିଚନ୍ଦ୍ର କାଳୀଚରଣ ପଟ୍ଟନାୟକ

ସମ୍‌ଗୈ ଧାତୁରେ 'କ୍ତ' ପ୍ରତ୍ୟୟ ଯୋଗେ ସଂଗୀତ ଶବ୍ଦର ସୃଷ୍ଟି । ଶାସ୍ତ୍ରାନୁସାରେ ନାଟ୍ୟ, ଗୀତ ଓ ବାଦ୍ୟର ପ୍ରତିପାଦକ ଗ୍ରନ୍ଥକୁ ସଂଗୀତ ଗ୍ରନ୍ଥ କୁହାଯାଏ । ଏହା ସାମବେଦର ଅଙ୍ଗ ଗ୍ରନ୍ଥ ବିଶେଷ । କୁହାଯାଏ ବ୍ରହ୍ମାନିଜେ ସାମବେଦରୁ ଏହାକୁ ସଂଗ୍ରହ କରିଛନ୍ତି । ସଂଗୀତ ରତ୍ନାକର ଗ୍ରନ୍ଥରେ ଉଲ୍ଲେଖ କରାଯାଇଛି ଯେ 'ସାମବେଦୋଦିତଂ ଗୀତଂ ସଂଜଗ୍ରାହପିତାମହଃ' । ରାଗ, ସ୍ୱର ଓ ତାଳର ସମନ୍ୱୟରେ ସଂଗୀତର ଆବିର୍ଭାବ ହୁଏ । ଗାନ ଭାସ୍କର ଗ୍ରନ୍ଥରେ କୁହାଯାଇଛି ''ରାଗଃ ସ୍ୱରଶ୍ଚତାଳଶ୍ଚ, ତ୍ରିଭିଃ ସଂଗୀତ ମୁଚ୍ୟତେ ।'' ସଂଗୀତ ମାନବ ଜାତିର ହୃଦୟରେ ନୂତନ ଚୈତନ୍ୟ ଉତ୍‌ପନ୍ନ କରିଥାଏ। ଏହା ଯୋଗଠାରୁ କୌଣସି ଗୁଣରେ କମ୍ ନୁହେଁ । ଜାଗତିକ ଜୀବନର କ୍ଲାନ୍ତିକୁ ଦୂରକରେ ସାହିତ୍ୟ, ବିଶେଷତଃ ସାହିତ୍ୟରେ ଥିବା ସଂଗୀତମୟତା । ସଂଗୀତର ସ୍ଥିତି ଭୌତିକ ସ୍ତରର ଉର୍ଦ୍ଧ୍ୱରେ । ତାହା ଦିବ୍ୟଚେତନାର ମାଧୁର୍ଯ୍ୟ, ସୌନ୍ଦର୍ଯ୍ୟ ଓ ଐଶ୍ୱର୍ଯ୍ୟର ତ୍ରିବେଣୀଧାରାରେ ସିକ୍ତ ଏକ ଲଳିତ ବିଭବ । ତା'ର ସୁକୁମାର ସ୍ପର୍ଶରେ ପରିବେଶ ହୁଏ ଅପାର୍ଥିବ ଆନନ୍ଦର ନନ୍ଦନବନ । ପାରିଜାତଫୁଲର ଅନୁପମ ମହକରେ ମହକି ଉଠେ ସେ ପରିବେଶର ପ୍ରତି କୋଣଅନୁକୋଣ । ଗାନରୁ ଆଉ ଅଧିକ ପୁଲକଯୁକ୍ତ ଅନୁଭବ ନାହିଁ ବୋଲି କୁହାଯାଏ । 'ସଂଗୀତ ସାଗର' ଗ୍ରନ୍ଥ ଅନୁସାରେ –

''ପୂଜା କୋଟି ଗୁଣଂ ଧ୍ୟାନଂ ଧ୍ୟାନାତ୍ କୋଟି ଗୁଣଂଜପଃ
ଜପାତ୍ କୋଟି ଗୁଣଂ ଗାନଂ, ଗାନାତ୍ ପରଂତରଂ ନହି ।''

ସଂଗୀତର ପ୍ରଭାବରେ ପ୍ରଭାବିତ ହୋଇ ଗାୟକ ତଥା ଶ୍ରୋତାଙ୍କର ଚିତ୍ତବୃତ୍ତି ଦୂରତମ ଦିଗ୍‌ବଳୟରୁ ଅଧିକ ଦୂରତ୍ୱକୁ, ଉଚ୍ଚତମ ପର୍ବତମାଳାରୁ ଅଧିକ ଉଚ୍ଚତାକୁ, ଗଭୀରତମ ମହାସାଗରରୁ ଅଧିକ ଗଭୀରତାକୁ ପ୍ରସାରିତ ହୋଇଯାଏ । ଅଶାନ୍ତ ମନରେ ଶାନ୍ତିର ପ୍ରଲେପ ଆଣିବା, ଭାରାକ୍ରାନ୍ତ ବାତାବରଣକୁ ଲଘୁ କରିବା ନିମନ୍ତେ ସଂଗୀତର ମହତ୍ତ୍ୱ ଅବିସମ୍ବାଦିତ । ସଂଗୀତ ପ୍ରାୟତଃ ଉଚ୍ଚ ପ୍ରାଣିକ ଜଗତରୁ ଅବତରି ଆସେ । ଅନ୍ତର୍ଜୀବନ ସହିତ ଏହାର ସଂପର୍କ ନିବିଡ଼ । ଯଦି ଉଚିତ ଧାରାରେ ସଂଗୀତ ଗାନ କରାଯାଏ ଓ ଶ୍ରବଣ କରାଯାଏ, ତେବେ ଏହା ଦ୍ୱାରା ସଂଗୀତଶିଳ୍ପୀ ଓ ଶ୍ରୋତା ଉଭୟଙ୍କର ଚେତନାର ବିକାଶ ଘଟେ । କେତେକ ସ୍ୱତନ୍ତ୍ର ଅନୁଭବ, ଭାବପ୍ରବଣତା, ଆତ୍ମହା ତଥା ଚିନ୍ତାଧାରା ସଂଗୀତ ମାଧ୍ୟମରେ ରୂପପ୍ରାପ୍ତ ହୋଇପାରେ । ରାଗରାଗିଣୀର ଝଙ୍କାରରେ ବାତାବରଣରେ ପ୍ରଭାବଶାଳୀ ଭାବତରଙ୍ଗ ଭରିଯାଏ ଏବଂ ସେହି ଭାବତରଙ୍ଗରୁ ସୃଷ୍ଟି ହୁଏ ମୋହନୀୟ ଓ ମହନୀୟ ଭିନ୍ନାଭିନ୍ନ ଅନୁଭବ । ବିଭିନ୍ନ ରାଗର ଭିନ୍ନଭିନ୍ନ ପ୍ରଭାବ ସମ୍ପର୍କରେ ଶାସ୍ତ୍ରରେ ଉଲ୍ଲେଖ କରାଯାଇଛି । ମେଘମଲ୍ଲାର ରାଗ ଗାୟନ ଯୋଗୁଁ ପରିବେଶରେ ଧାରା ବର୍ଷଣର ଅନୁଭୂତି ମୂର୍ତ୍ତ ହୁଏ, ଦୀପକ ରାଗର ଗାନ ମାଧ୍ୟମରେ ଏପରି ଅନୁଭୂତି ହୁଏ ଯେ ସତେ ଅବା ଅନ୍ଧାରରେ ଦୀପ ଜଳିଉଠି ବାତାବରଣକୁ ସରସ ଓ ସତେଜ କରିଦେଉଛି । ହିନ୍ଦୋଳ ରାଗ ମାଧ୍ୟମରେ ନବବସନ୍ତର ପ୍ରଫୁଲ୍ଲତାକୁ ଅନୁଭବ କରିହୁଏ ।

ମଣିଷ ପାଇଁ ସଂଗୀତର ଆବେଦନ ଅନିର୍ବଚନୀୟ । ମନକୁ ପ୍ରସନ୍ନ ରଖିବା ପାଇଁ, ମନରୁ ଯାନ୍ତ୍ରିକ ଚିନ୍ତାର ଅପସାରଣ ପାଇଁ ସର୍ବୋପରି ଭଗବତ ସତ୍ତାର ସନ୍ଧାନ ନିମନ୍ତେ ପ୍ରେରଣା ଦେବାପାଇଁ ସଂଗୀତ ଭରିଦିଏ ସୀମାହୀନ ଶକ୍ତି ଓ ସାମର୍ଥ୍ୟ । ଶ୍ରୀମାଙ୍କ ଭାଷାରେ, ***"The role of music lies in helping the consciousness to uplift itself towards the spiritual heights"*** । ଚେତନାର ପରିବର୍ତ୍ତନରେ ବ୍ୟକ୍ତିର ଅନେକ ସମସ୍ୟାର ସମାଧାନ ସମ୍ଭବ ହୁଏ । ଏପରିକି ଶାରୀରିକ ଅସୁସ୍ଥତା ମଧ୍ୟ କେତେକାଂଶରେ ଦୂର ହୁଏ । ବାଙ୍ଗାଲୋରର ପ୍ରତିଷ୍ଠିତ ସଂଗୀତଜ୍ଞ ଡଃ ଏଲ୍. ସୁବ୍ରମଣ୍ୟମ୍ ଏବଂ ଗଣପତି ସଚ୍ଚିଦାନନ୍ଦ ସ୍ୱାମୀ ଏ ଦିଗରେ ଗବେଷଣା କରି ବହୁ ସଫଳତା ଅର୍ଜନ କରିଛନ୍ତି । ସେମାନଙ୍କ ମତାନୁସାରେ କେତେକ ସାଂଗୀତିକ ଧ୍ୱନିତରଙ୍ଗ ମଣିଷର କୋଷକୁ ପ୍ରଭାବିତ କରି କେତେକ ରୋଗଗ୍ରସ୍ତ କୋଷକୁ ସୁସ୍ଥ କରିଦେଇପାରେ । କେତେଜଣ ମାନସିକ ରୋଗଗ୍ରସ୍ତ ବ୍ୟକ୍ତି, ଶାରୀରିକ ପରିଶ୍ରମଜନିତ ରୋଗାକ୍ରାନ୍ତ ବ୍ୟକ୍ତି ଏବଂ ମଧୁମେହ ରୋଗୀଙ୍କୁ ପ୍ରାୟ ୬ ମାସ ଗୀତ ଶୁଣାଇ ସେମାନେ ବେଶ୍ ସଫଳତା ଲାଭ କରିଛନ୍ତି । ଏ ଦିଗରେ ଅଧିକରୁ ଅଧିକ ଗବେଷଣା ଜାରିରହିଛି । ଆଉ କେତେକ ରାଗ ଗବେଷକଙ୍କ ମତରେ ଆଶାବରୀ ରାଗର ପ୍ରଭାବରେ ରକ୍ତ ଅଶୁଦ୍ଧତା ଜନିତ କିଛି ରୋଗ ଦୂର ହୋଇପାରେ, ଭୈରବ ରାଗର ପ୍ରଭାବରେ କାଶ, ଶ୍ୱାସ ତଥା ଶ୍ୱାସନଳୀର ପ୍ରଦାହ ପ୍ରଶମିତ ହୋଇପାରେ ।

ସଂଗୀତର ଅନୁପମ ମନମୋହିନୀ ଶକ୍ତି ରହିଛି ଯାହାକି ବୈଜ୍ଞାନିକମାନଙ୍କୁ ବହୁଭାବରେ ଆକୃଷ୍ଟ କରିପାରେ । ବିଶ୍ୱବିଖ୍ୟାତ ବୈଜ୍ଞାନିକ ଆଲବର୍ଟ ଆଇନଷ୍ଟାଇନ୍‌ଙ୍କର ବେହେଲାବାଦନରେ ପାରଦର୍ଶିତା ଥିଲା । ଜର୍ମାନୀର ବୈଜ୍ଞାନିକ ସାର୍ ଜନ ଫ୍ରେଡ଼ରିକ୍ ୱିଲିୟମ୍ ହରଶେ୍ଚଲ ଏକାଧାରରେ ଥିଲେ ବୈଜ୍ଞାନିକ ଓ ସଂଗୀତଜ୍ଞ । ଦିନସାରା ସେ ଦୂରବୀକ୍ଷଣ ଯନ୍ତ୍ର ପ୍ରସ୍ତୁତିରେ ମନୋନିବେଶ କରିବା ସହ ସନ୍ଧ୍ୟାରେ ସଂଗୀତ ଆସରରେ ଯୋଗ ଦେଉଥିଲେ, ରାତିରେ ଆକାଶକୁ ନିରୀକ୍ଷଣ କରୁଥିଲେ । ନିଜ ବୈଜ୍ଞାନିକ ଅନୁଶୀଳନ ଓ ଅନୁଧାନର ଫଳ ସ୍ୱରୂପ ସେ ୟୁରାନସ୍ ଗ୍ରହ ସହିତ ୨୫୦୦ ନିହାରିକା, ୮୦୬ ଯୁଗ୍ମ ତାରକା ଆବିଷ୍କାର କରିଥିଲେ । ନୋବେଲ ପୁରସ୍କାର ବିଜେତା ଭାରତୀୟ ବୈଜ୍ଞାନିକ ଚନ୍ଦ୍ରଶେଖର ଭେଙ୍କଟରମଣ ସଙ୍ଗୀତପ୍ରେମୀ ଥିଲେ । ବିଶେଷତଃ କର୍ଣ୍ଣାଟକୀ ସଂଗୀତର ସେ ଥିଲେ ଜଣେ ବିଶିଷ୍ଟ ଗ୍ରାହକ । ମୃଦଙ୍ଗବାଦ୍ୟ ଥିଲା ତାଙ୍କର ଅତି ପ୍ରିୟ ବାଦ୍ୟ । ସଙ୍ଗୀତ ଶୁଣି ସେ ଅନ୍ତର୍ମନର ଗଭୀରତମ ଗଭୀରତାକୁ ଚାଲିଯାଉଥିଲେ ।

ପରିବେଶରେ ସୌନ୍ଦର୍ଯ୍ୟ ବୋଧ, ଅଧ୍ୟାତ୍ମ ଚେତନା ତଥା ମାନବିକ ମୂଲ୍ୟବୋଧ ଆଣିବାରେ ସଂଗୀତର ଭୂମିକା ଅସାଧାରଣ । ସ୍ୱାମୀ ପ୍ରଜ୍ଞାନାନନ୍ଦ ସ୍ୱରଚିତ Historical Development of Indian Music ପୁସ୍ତକରେ ଉଲ୍ଲେଖ କରିଛନ୍ତି, ***"Music can be said to be the sweet and soothing sounds that vibrate and create an aesthetic feeling and beauties of the nature."*** । ଯେତେ କଳାତ୍ମକ ବିଭବ ଅଛି ତହିଁରୁ ସଂଗୀତ ହେଉଛି ଅଧିକ ସୂକ୍ଷ୍ମତମ ବିଭବ, ଯାହାକି ମନୁଷ୍ୟ ପାଇଁ ଆଣିଦିଏ ଅଗ୍ରଗତି କଲ୍ପେ ଅନେକ ପ୍ରେରଣା ଓ ଆପଦ ବିପଦରେ ଅଶେଷ ସାନ୍ତ୍ୱନା । ଉପରୋକ୍ତ ପୁସ୍ତକରେ ସ୍ୱାମୀ ପ୍ରଜ୍ଞାନାନନ୍ଦ କହିଛନ୍ତି - ***"Music is recognized as the greatest and finest art that brings permanent peace and solace to the human world."*** ଅତଏବ ସଂଗୀତ ଆମୋଦିତ କରେ, ଆଲୋକିତ କରେ, ଶାରୀରିକ ଯନ୍ତ୍ରଣାକୁ ଅବଲୁପ୍ତ କରେ ସର୍ବୋପରି ଆନ୍ତର ଚେତନାକୁ ପରିବ୍ୟାପ୍ତ କରେ ।

ଓଡ଼ିଶାର ମନ୍ଦିର ମାଳାରେ ଅଙ୍କିତ ନୃତ୍ୟରତା ନର୍ତ୍ତକୀଙ୍କର ଶତଶତ ଚିତ୍ର ଓଡ଼ିଶାରେ ସଙ୍ଗୀତପ୍ରିୟତାର ବଳିଷ୍ଠ ପ୍ରମାଣ ଦିଏ । ଅତୀତରେ ରାଣୀ ଓ ରାଜକୁମାରୀମାନେ ସଙ୍ଗୀତଶାସ୍ତ୍ର ବିଶାରଦା ଥିଲେ, ଏହା ମଧ୍ୟ ଯୁଗୀୟ କାବ୍ୟମାନଙ୍କରୁ ଜଣାଯାଏ। ଓଡ଼ିଶାରେ ଯେ ସଙ୍ଗୀତର ଚର୍ଚ୍ଚା କେବଳ ଥିଲା ତାହା ନୁହେଁ, ସଙ୍ଗୀତ ସଂପର୍କିତ କେତେକ ତାତ୍ତ୍ୱିକ ଗ୍ରନ୍ଥ ମଧ୍ୟ ଏଠାରେ ରଚିତ ହୋଇଥିଲା। ଏଥି ମଧ୍ୟରେ କୃଷ୍ଣଦାସ ବଡ଼ଜେନା

ମହାପାତ୍ରଙ୍କ 'ଗୀତ ପ୍ରକାଶ' ହଳଧର ମିଶ୍ରଙ୍କ 'ସଙ୍ଗୀତ କଲ୍ପଲତା', ନାରାୟଣ ମିଶ୍ରଙ୍କ 'ସଙ୍ଗୀତ ସରଣୀ' ଅନ୍ତର୍ଭୁକ୍ତ । ଏହା ଉଲ୍ଲେଖଯୋଗ୍ୟ ଯେ ଓଡ଼ିଶାରେ ସଂସ୍କୃତ ଶ୍ଲୋକକୁ ଆବୃତ୍ତି ପରିବର୍ତ୍ତେ ଗାନ କରାଯାଏ । ଉଚ୍ଚକୋଟୀର ସଂସ୍କୃତ କାବ୍ୟ ଓ ମହାକାବ୍ୟମାନଙ୍କୁ ପଣ୍ଡିତମଣ୍ଡଳୀ ଏଠାରେ ସୁଲଳିତ ସ୍ୱରରେ ଗାନ କରିଥାନ୍ତି ।

ମଧ୍ୟଯୁଗ ଓଡ଼ିଆ ସାହିତ୍ୟର ମୁଖ୍ୟ ବିଭବ ଥିଲା ସଂଗୀତ । ସଂଗୀତ ବିହୀନ ସାହିତ୍ୟର ପରିକଳ୍ପନା ସେତେବେଳେ ଏକପ୍ରକାର ଅସମ୍ଭବ ଥିଲା । କଥାବସ୍ତୁ ଯାହା ହେଉନା କାହିଁକି ସ୍ୱର, ତାଳ, ରାଗ ଓ ଲୟର ଚମତ୍କାରିତା ଯୋଗୁ ଅତୀତରୁ ଅଦ୍ୟାବଧି ଏ ସାହିତ୍ୟ ଆଦୃତ । ତତ୍କାଳୀନ କବିକୁଳ ସଂଗୀତ ଶାସ୍ତ୍ରରେ ଦକ୍ଷ ଥିଲେ । ମଧ୍ୟଯୁଗ ଓଡ଼ିଆ ସାହିତ୍ୟର ଲବ୍ଧପ୍ରତିଷ୍ଠ ସ୍ରଷ୍ଟା ଉପେନ୍ଦ୍ରଭଂଜ କେବଳ କବିସମ୍ରାଟ ନଥିଲେ, ଥିଲେ ମଧ୍ୟ ସଂଗୀତ ସମ୍ରାଟ । ସାଙ୍ଗୀତିକ ଲାବଣ୍ୟର ମଧୁଲହରୀରେ ସିକ୍ତ ତାଙ୍କ ରଚନାମାଳାର ବେଳାଭୂମି ।ତାଙ୍କ ରଚିତ କାବ୍ୟଗୁଡ଼ିକ ଯେପରି ହୃଦୟଗ୍ରାହୀ, ସଂଗୀତଗୁଡ଼ିକ ସେପରି ଶ୍ରୁତିମଧୁର ଓ ମର୍ମସ୍ପର୍ଶୀ ।

ସାଙ୍ଗୀତିକତାର ମନମୋହିନୀ ସ୍ପର୍ଶ ସହିତ ପ୍ରୀତିପ୍ରବଣତାର ମଧୁମଞ୍ଜୁଳ ଅଭିବ୍ୟକ୍ତି ଭଂଜସଂଗୀତକୁ କରିଛି ଶୋଭାଶ୍ରୀ ବିମଣ୍ଡିତ । ଯେତେଥର ଶୁଣିଲେ ବିରକ୍ତି ଆସେ ନାହିଁ, ବରଂ ପୁନଃପୁନଃ ଶୁଣିବାର ଇଚ୍ଛା ଜାଗ୍ରତ ହୁଏ । ଆଦିରସର ଅଭିଷେକ ଓ ନିରାଜନା ବହୁ ସଂଗୀତରେ ପରିଦୃଷ୍ଟ ହୁଏ । ନବରସ ଭିତରେ ଆଦିରସ ଶ୍ରେଷ୍ଠ ବୋଲି କୁହାଯାଇଛି ।

'ଶୃଙ୍ଗାର ଏବ ପ୍ରଥମଃ ପରପ୍ରହ୍ଲାଦନୋ ରସଃ
ତନ୍ମୟଂ କାବ୍ୟମାଶ୍ରିତ୍ୟ ମାଧୁର୍ଯ୍ୟଂ ପ୍ରତିତିଷ୍ଠତେ ।'

ଭାରତ ବର୍ଷରେ ପ୍ରେମର ପବିତ୍ରତା କାଳେକାଳେ ସୁରକ୍ଷିତ । ଏ ଦିଗରେ ସଂସ୍କୃତ ସାହିତ୍ୟର ପ୍ରାଚୀନ ସ୍ରଷ୍ଟାଗଣ ଯେଉଁ ପରାକାଷ୍ଠା ପ୍ରଦର୍ଶନ କରିଛନ୍ତି, ତାହାର ତୁଳନା ନାହିଁ । କବିଗୁରୁ କାଳିଦାସଙ୍କ ସମେତ ଶ୍ରୀହର୍ଷ ଓ ବିଶାଖାଦତ୍ତ ଏ ଦିଗରେ ଏକ ଏକ ସୁବର୍ଣ୍ଣକୀର୍ତ୍ତିସ୍ତମ୍ଭ । ଭାରତବର୍ଷରେ ପାଳିତ ମଦନ ଉତ୍ସବ ଓ ବସନ୍ତ ଉତ୍ସବର ପରଂପରା ପ୍ରେମର ଫଗୁ ବିଞ୍ଚିଦିଏ, ଜନମାନସରେ ପବିତ୍ରତାର ଗଙ୍ଗାଜଳ ସିଞ୍ଚିଦିଏ । ପ୍ରେମରେ ପ୍ରତିଶୋଧ ନଥାଏ, ଥାଏ ଅସରନ୍ତି ସହିଷ୍ଣୁତା । ପ୍ରେମ ଶାଶ୍ୱତ, ଅକ୍ଷୟ, ଅମର । ପ୍ରେମ କେବଳ ଦିଏ, ବିନିମୟରେ କିଛି ଦାବି କରେ ନାହିଁ ।

ଭଂଜ ସଂଗୀତର ଶୃଙ୍ଗାରରସ ମୁଖ୍ୟତଃ ସ୍ୱକୀୟା ପ୍ରେମ ବା ଦାମ୍ପତ୍ୟ ପ୍ରେମର ଭିତ୍ତିରେ ପ୍ରତିଷ୍ଠିତ । ଦାମ୍ପତ୍ୟ ପ୍ରେମ କହିଲେ ଦୈହିକ ପ୍ରେମ ସହିତ ମାନସିକ ପ୍ରେମର ସମନ୍ୱୟକୁ ବୁଝାଏ । ମାନସିକ ପ୍ରେମ ହେଉଛି ଦୈହିକ ପ୍ରେମର ଉତ୍ସ । ଏହି ଉତ୍ସରୁ ବିଚ୍ଛିନ୍ନ ହୋଇଗଲେ ପ୍ରେମ ବିକୃତ ହୋଇ କାମରେ ପରିଣତ ହୋଇଯାଏ । ପାରିବାରିକ ଜୀବନକୁ ସୁଦୃଢ଼ ତଥା ସୁସ୍ଥ କରିବା ପାଇଁ ଦାମ୍ପତ୍ୟ ଜୀବନ ଅନୁକୂଳ ଆବେଶ ସୃଷ୍ଟି କରିଥାଏ । ପତି ଓ ପତ୍ନୀ ପରସ୍ପର ପ୍ରତି ଅଧିକରୁ ଅଧିକ ଆକୃଷ୍ଟ ହୋଇ ସ୍ୱର୍ଗ ସୁଖ ଲାଭ କରିଥାନ୍ତି, ମନରେ ଥାଏ ଅନାବିଳ ଆନନ୍ଦର ମଧୁର ମୂର୍ଚ୍ଛନା । ଏହି ପ୍ରେମର ବିଜୟବାନା ଉଡ଼ିଛି ପ୍ରାୟ ପ୍ରତ୍ୟେକ ଭଞ୍ଜସଙ୍ଗୀତରେ । ପ୍ରେମ ହିଁ ଜୀବନ, ଜୀବନ ହିଁ ପ୍ରେମ। ଏ ଉକ୍ତିର ସତ୍ୟତା ଏଥିରେ ଉପଲବ୍ଧ । ପ୍ରେମର ଫୁଲଫୁଟେ, ପ୍ରେମରେ ଝରଣା ଝରେ, ପ୍ରେମରେ କୋଇଲିଗାଏ, ପ୍ରେମରେ ମୟୂର ନାଚେ, ପ୍ରେମ ବିନା ସବୁ ଶୁଷ୍କ, ସବୁ ନୀରସ । ଯେଉଁଠାରେ ପ୍ରେମ ନାହିଁ ବା ପ୍ରକାଶିତ ହେବାକୁ ଚାହେଁ ନାହିଁ, ସେଠାରେ ଆସୁରିକତାର ରାଜତ୍ୱ ପ୍ରତିଷ୍ଠିତ ହୋଇଥାଏ । ଭଞ୍ଜ ଥିଲେ ପ୍ରେମର ପୂଜାରୀ । ପ୍ରେମର ନିରାଜନା ନିମିତ୍ତ ତାଙ୍କର ପ୍ରାୟ ପ୍ରତ୍ୟେକ ସଂଗୀତ ଏକଏକ ପୂଜାଫୁଲ । ଭିନ୍ନ ଭିନ୍ନ ରାଗିଣୀରେ ରଚିତ ତାଙ୍କର ପ୍ରତ୍ୟେକ ସଙ୍ଗୀତ ଅସୀମ ଆକର୍ଷଣର ଅଧିକାରୀ । ଯହିଁରେ ରହିଛି ଝରାଶିଶିରର ସୁରମ୍ୟସ୍ନିଗ୍ଧତା ଓ ମଳୟ ପବନର ଅନୁପମ ମାଦକତା ।

ମୁଖ୍ୟତଃ କଥାବସ୍ତୁ ଦୃଷ୍ଟିରୁ ଭଞ୍ଜସଙ୍ଗୀତକୁ ତିନି ଭାଗରେ ବିଭକ୍ତ କରାଯାଇପାରେ। ଯଥା–

(୧) ଶ୍ରୀକୃଷ୍ଣଲୀଳାଭିତ୍ତିକ ସଙ୍ଗୀତ,
(୨) ଲୌକିକ ପ୍ରଣୟଭିତ୍ତିକ ସଙ୍ଗୀତ ।
(୩) ଭକ୍ତିଭିତ୍ତିକ ସଙ୍ଗୀତ

(୧) ଶ୍ରୀକୃଷ୍ଣଲୀଳାଭିତ୍ତିକ ସଙ୍ଗୀତ ।

ଶ୍ରୀକୃଷ୍ଣଙ୍କର ମାନବାୟିତ ରୂପ ଓ ତାହାର ପରିଚର୍ଯ୍ୟା ପ୍ରସଙ୍ଗ 'ମଲ୍ଲୀମାଳ ଶ୍ୟାମକୁ ଦେବି' ଶୀର୍ଷକ ସଙ୍ଗୀତରେ ବର୍ଣ୍ଣିତ । ଦେବତାଙ୍କୁ ମାନବ କରିବାର ଅମଳିନ ପ୍ରୟାସ 'ଯଥା ଦେବେ ତଥା ଦେହେ' ନ୍ୟାୟରେ ଏଥିରେ ମୂର୍ତ୍ତିମନ୍ତ । ଏଥିରେ ଶ୍ରୀକୃଷ୍ଣଙ୍କୁ ମଲ୍ଲୀମାଳ ଦେଇ ପାନଦେଇ ବିମୋହିତ କରି ନପାରିଲେ ଶିବଙ୍କ ପାଦରେ ନାୟିକାର ଶରଣ ନେବା ପ୍ରସଙ୍ଗ ଭିତରେ ଯେଉଁ ପ୍ରୀତିପ୍ରବଣତା ପ୍ରକଟିତ ହୋଇଛି ତାହାର ତୁଳନା ନାହିଁ । ଶ୍ରୀକୃଷ୍ଣଙ୍କ ଅଙ୍ଗରୁ ଝରିପଡୁଥିବା ଝାଳକୁ ନିଜ ପଣତ କାନିରେ ପୋଛି ଦେବାପାଇଁ ସେଇ ନାୟିକା ମନରେ ଅଶେଷ ଆଗ୍ରହ ରହିଛି ।

'ତା ଅଙ୍ଗରୁ ସ୍ୱେଦବାରି, ଯଦି ପଡୁଥିବ ଝରି
ମୋ ଦୃଷ୍ଟି ପଡ଼ନ୍ତେ କାନି ପଣତରେ ପୋଛିବି ।'

ଅନ୍ୟ ଏକ ସଙ୍ଗୀତ 'କହ କି କରିବି ଚୁଦ୍ଧି ଦିଶୁନାହିଁ' ନାୟିକାର ବିରହାନୁଚିନ୍ତାକୁ ଭିତ୍ତିକରି ବିରଚିତ । କଲ୍ୟାଣ ରାଗ ଆଧାରିତ ଏହି ସଙ୍ଗୀତରେ ବିପ୍ରଲମ୍ଭ ଶୃଙ୍ଗାରର ଘନୀଭୂତ ଆବେଗ ପରିଲକ୍ଷିତ । ଶ୍ରୀମତୀଙ୍କ କଣ୍ଠରେ କବି କହନ୍ତି–

'ଶେଯାଇ କୁସୁମ ଶେଯ, ସିଞ୍ଚି ତହିଁ ବିଧୁରଜ
କୁଞ୍ଜ ଝୀନ ବାସ ଆଜ , ସିଞ୍ଚିଲି ବରଜି ଲାଜ
ମୁଞ୍ଚିମତେ ଘୁଞ୍ଚିଲେ କି ପାଇଁ ଗୋ ପ୍ରିୟ ସହି ! '

କୃଷ୍ଣପ୍ରୀତିରେସ୍ନିଗ୍ଧ ଅନ୍ୟଏକ ସଙ୍ଗୀତ ହେଉଛି 'ନୂଆ ନୂଆ ଦିନା କେତେ ମୋର ଅନୁରାଗ ଯେତେ' । ଏଥିରେ ଶ୍ୟାମ ବନ୍ଧୁଙ୍କ ପ୍ରୀତିର ସ୍ୱରୂପ ଅଙ୍କିତ ।

'ଶ୍ୟାମ ବନ୍ଧୁ ପ୍ରୀତି ସେହିପରି
ଭାଙ୍ଗିଗଲେ ଆଉ ଯୋଡ଼ିତ ନ ପାରି ରେ ।'

ଭଞ୍ଜକବି ବିରଚିତ ଅନ୍ୟ ଏକ ସଙ୍ଗୀତରେ ଦୂତୀ ପ୍ରତି ରାଧାଙ୍କର ଅଭିଯୋଗ ତଥା ଅଭିମାନ ଭିତ୍ତିକ ଉକ୍ତି ଉପସ୍ଥାପିତ । ଶ୍ୟାମନାଗର କୁଞ୍ଜକୁ ନ ଆସିଥିବାରୁ ରାଧାଙ୍କ ଅନ୍ତର ପ୍ରତିକ୍ରିୟାରେ ଜର୍ଜରିତ । ଶ୍ୟାମ ଶିଖଣ୍ଡଚୂଳ ଚୂଉରେ ରଚିତ 'ଖାଇ ମରିବି ବିଷ' ଶୀର୍ଷକ ଉକ୍ତ ସଙ୍ଗୀତରେ ପ୍ରାଣସଖୀକୁ ହୃଦୟ ବ୍ୟଥା ଜଣାଇ ରାଧା କହନ୍ତି ଯେ ସେ ଫୁଲଶେଯ ସଜାଇ ଅପେକ୍ଷା କରିଥିଲେ ମଧ୍ୟ କୃଷ୍ଣ ତାଙ୍କ ପୁରକୁ ଆସିଲେ ନାହିଁ । ନିଜ ପରି ଆଉ ଦୁଃଖୀ ସୃଷ୍ଟିରେ ନଥିବେ, ଏପରି କହି ନିଜକୁ ଧିକ୍କାର କରିଛନ୍ତି ରାଧା ।

'ଖିତିରେ ନାହିଁ କେହି ମୋ ପରି ଦୁଃଖୀ
ଖଳ ଫାନ୍ଦେ ପଡ଼ିଲି ସର୍ବ ଉପେକ୍ଷି ।'

ପରଜ– ଏକତାଳିରେ ରଚିତ 'ସଙ୍ଗାତ ମନାକଲିପରାତତେ' ଶୀର୍ଷକ ସଙ୍ଗୀତରେ ରାଧାଙ୍କ ପ୍ରତି ସଖୀର ବ୍ୟାଜ ନିନ୍ଦା ମିଶ୍ରିତ ସହାନୁଭୂତି ଉପସ୍ଥାପିତ । ସଖୀ କହିଛି ଯେ ମନା ନମାନି ଶ୍ରୀକୃଷ୍ଣଙ୍କୁ ବାରମ୍ବାର ଅନାଇ ଯେଉଁ ପରମାଦ ମଞ୍ଜିକୁ ରାଧା ନିଜ ଅନ୍ତରରେ ପୋତି ଦେଲେ ତହିଁରୁ ଆନନ୍ଦ ପ୍ରାପ୍ତିର ଆଶା କରିବା ବିଡ଼ମ୍ବନା ନୁହେଁ କି ? କଥା ଅଟକି ରହିନି, ଗୋପକଟକର କୋଣେ କୋଣେ ପ୍ରକଟ ହୋଇଛି । ତେଣୁ କେବଳ

ଲୁହପୋଛା ଯୋଗ ଅଛି, କଥା ନଶୁଣିବାର ଏହା ତ ଯଥାଯୋଗ୍ୟ ଫଳ -

'ପର କି ମୁଁ ତୋର ତରକିଲୁ ଗୀର ପରଖତୁ ଏବେ ଚିତ୍ତେ
ତୁଚ୍ଛା ତୁ ଉସାହ ଦେବାରୁ ତୋ ଇଚ୍ଛା ସୁଖେ ଲୁହ ପୋଛା ଏତେ'

(୨) ଲୌକିକ ପ୍ରଣୟଭିତ୍ତିକ ସଙ୍ଗୀତ ।

ଆଶାବରୀ ରାଗରେ ରଚିତ 'ଆଜ ଦେଖିଲିରେ ନବୀନ ବୟସୀ ବାଳା' ଗୀତରେ ଯେଉଁ ଲଳିତ ଶବ୍ଦଚିତ୍ର ପ୍ରଦତ୍ତ ତାହାର ପଟାନ୍ତର ନାହିଁ । କଳସୀ କାଖରେ ଧରି ଚାଲିଯାଉଥିବା ବାଳାର ଅଳସୀ ଭଙ୍ଗୀ କବିଙ୍କୁ ମନ୍ତ୍ରମୁଗ୍ଧ କରିଛି । ମନେହୁଏ କବିଙ୍କର ସୁମଧୁର ଭାବବିଭା କାଶତଣ୍ଡୀ ଫୁଲ ପରି ଏଥିରେ ଅଜାଡ଼ି ହୋଇପଡ଼ିଛି ।

'ସୁନ୍ଦର କନ୍ଦର୍ପ ଦର୍ପଣ ପରାୟେ
ଝଟକୁ ଥିଲା ତା ମୁଖ
ଚାହିଁଲା ମାତ୍ରକେ କ୍ଷୟ ଗଲା ମୋର
ଅଙ୍ଗରୁ ଅନଙ୍ଗ ଦୁଃଖ ।'

ଯେନତେନ ପ୍ରକାରେଣ ଏହି ବାଳାପ୍ରାପ୍ତିକୁ ସେ ଇଚ୍ଛା କରି ନାହାନ୍ତି ବରଂ ସେଥିପାଇଁ ଶିବସେବା କରିବା କଥା ଉଲ୍ଲେଖ କରିଛନ୍ତି । ଆମ ସଂସ୍କୃତିରେ ତପସ୍ୟାବରଣ, ବିଭୁଶରଣ, ଶ୍ରେୟ ବସ୍ତୁ ପ୍ରାପ୍ତି ପାଇଁ ଅପରିହାର୍ଯ୍ୟ । କାରଣ ଏଇ ସଂସ୍କୃତି ହେଉଛି ତ୍ୟାଗ ଓ ତପସ୍ୟାର ସଂସ୍କୃତି । ଏଥିରେ ଏକନିଷ୍ଠ ତପସ୍ୟା ବ୍ୟତୀତ କୌଣସି କାର୍ଯ୍ୟ ଯଥାର୍ଥ ଭାବେ ସମାହିତ ହୋଇପାରେ ନାହିଁ ।

'କୋଟି କୋଟି ଶିବ ସେବା କରିଥିବ
ଯେ ଥିବ ଗଙ୍ଗାରେ ଧାୟି
ବୋଲେ ଉପଇନ୍ଦ୍ର କବିକୁଳ ଚନ୍ଦ୍ର
ତା' ସଙ୍ଗ ଲଭିବ ସେହି ।'

ଦକ୍ଷିଣକାମୋଦି ରାଗରେ ରଚିତ 'ଆହା ମୋ ଲାବଣ୍ୟ ନିଧି' କବିତାରେ ନାୟକର ବିରହାନୁଚିନ୍ତା ପ୍ରକଟିତ । ବିରହରେ ପ୍ରୀତିର ସମୁଜ୍ଜ୍ୱଳତା ଅଧିକରୁ ଅଧିକ ଉଦ୍‌ଭାସିତ ହୋଇଥାଏ । ବିରହ ନଥିଲେ ମିଳନର ମାଧୁରିମା ବହୁଗୁଣିତ ହୁଏ ନାହିଁ । ବିରହର ହୃଦୟ ବିଦାରକ ଚିତ୍ର ନାୟକକୁ ମର୍ମାହତ କରିଛି ।

'ଯେଣିକି ଚାହିଁଲେ ଧନ ଦିଶେ ତା ଚନ୍ଦ୍ରାନନ
ଏବେ କେମନ୍ତେ ବଞ୍ଚିବି ଦିନରେ ।'

ଭଞ୍ଜକବିଙ୍କ ଜୀବନରେ କାନ୍ତା ବିରହ ଘଟିଥିବାରୁ ସେ ଥିଲେ ବ୍ୟଥାରେ ଜର୍ଜରିତ । ଜୀବନର ପ୍ରତିଟି ନିଃଶ୍ୱାସରେ ବିରହର ଦହନକୁ ଅନୁଭବ କରିଥିଲେ । ତେଣୁ ତାଙ୍କ ଲେଖନୀରେ ବିରହର ଚିତ୍ର ଅଧିକ ମାର୍ମିକ ଭାବରେ ପରିପ୍ଲୁଟ ।

କଳହଂସ କେଦାର ରାଗରେ ରଚିତ 'ଦ୍ୱିତୀୟା ଯାମିନୀରେ ମୋ ପ୍ରାଣସହୀ' ସଙ୍ଗୀତରେ ଯେଉଁ ରସାଳ ପରିବେଶ ଚିତ୍ରିତ ତାହା ରସିକ ପାଠକ ମନରେ ଭାବାନ୍ତର ସୃଷ୍ଟି କରେ । ଗବାକ୍ଷ ବାଟରେ ଆସି କୋଠରୀରେ ବିଚ୍ଛୁରିତ ହୋଇଛି ଚନ୍ଦ୍ରକିରଣ । ତହିଁରେ ନାୟିକାର ମୁଖ ଆଭା ଝଟକି ଉଠିଛି । ସେହି ଆଭାରେ ନାୟକର ଆଖି ଝଲସି ଯାଇଛି । ବିଗ୍ଧା ନାୟିକାର ନୀରବତାର ଭାଷା ସେହି ପରିବେଶକୁ ଅତ୍ୟନ୍ତ ସ୍ୱର୍ଶକାତର କରିଛି ।

'ପ୍ରଦୀପ ହତ ଦେଖି କରନ୍ତେ ଲୋଡ଼ା
ତତ୍‌କ୍ଷଣେ ଫେଇଦେଲା ଗବାକ୍ଷ ପୁଡ଼ା ଯେ ।
ଚନ୍ଦ୍ରକିରଣେ ଚନ୍ଦ୍ରମୁଖ ଦିଶିଲା
ବସନାଞ୍ଚଳ ମୁଖେ ଦେଇ ହସିଲା ଯେ ।
ଗଭାରୁ କରବୀର କୁସୁମ ତିନି
କାଢ଼ି ପକାଇ ଦେଲା ଘନଜଘନୀ ଯେ ।

ପ୍ରବାସୀ ନାୟକର ବିରହାନୁଚିନ୍ତା 'ଆହା ମୋ ଜୀବନ ଧନ' କବିତାରେ ରୂପାୟିତ । ଏହା ଖମ୍ବାଜ ରାଗରେ ରଚିତ । ଦୂରରେ ରହି ନାୟିକାର ମାନସିକ ଅବସ୍ଥା ଚିତ୍ରଣ କରିଛି ନାୟକ । ମାନସ ନେତ୍ରରେ ଦର୍ଶନ କରିଛି ବିରହିଣୀ ନାୟିକାର ମଳିନ ଚିତ୍ରକୁ –

'ଆଶା ପଲଙ୍କରେ ବସି ଭାଷା ଲେଖୁଥିବରେ
ଗଳେଥିଲା ମୋତିମାଳ, ତୁଟି ଲୋଟୁଥିବରେ
ଫିଟି ଲୋଟୁଥିବ କେଶ ଝାଳେ କଣ୍ଟୁଥିବରେ
ଝାଳେ ଜରଜର ହୋଇ ମଥା ପୋତିଥିବରେ ।'

ରମଣୀ ମନର ଆଶା ପ୍ରକଟିତ ହୋଇଛି ଅନ୍ୟ ଏକ ସଙ୍ଗୀତରେ ଯାହା ଆଷାଢ଼ଶୁକ୍ଳ ବାଣୀରେ ରଚିତ । ପ୍ରବାସୀ ନାୟକର ଫେରିବାରେ ବିଳମ୍ବ ହେବାରୁ ନାୟିକାର ମନ ଦୁଃଖରେ ଜର୍ଜରିତା । ଆକାଶରେ ଆସିଛି ଘନକୃଷ୍ଣ ମେଘମାଳା । ମେଘ ଆଗରେ କାଳିଦାସଙ୍କ ଯକ୍ଷ ପରି ମନର ଦୁଃଖ କହିଛି ଓ ମେଘକୁ ଦୂତ କରି ପଠାଇଛି ଭଞ୍ଜନାୟିକା । କାଳିଦାସଙ୍କ ପ୍ରଭାବରେ ଭଞ୍ଜକବି ଯେ ପ୍ରଭାବିତ ଏଥିରୁ ଏହାର ମିଳେ । ତେଣୁ 'ଉପମା କାଳିଦାସସ୍ୟ' ସହିତ ସ୍ୱରସାମ୍ୟ ରଖି କୁହାଯାଏ 'ଉପମା ଭଞ୍ଜବୀରସ୍ୟ' । ଭଞ୍ଜନାୟିକାର ଭାଷାରେ–

'ରମଣୀ ରତନ ମେଘକୁ ଚାହିଁ
କହିବୁ ମେଘରେ କାନ୍ତକୁ ଯାଇ ।'

ନାୟିକା ମନର ମୁଗ୍ଧ ଅନୁଭବ କବି ଲେଖନୀରେ ସ୍ୱଷ୍ଟଭାବରେ ପରିସ୍ଫୁଟ । ନାୟିକାର ସ୍ମିତହାସ୍ୟ ନାୟକ ହୃଦୟରେ ଭରିଦେଇଛି ସୀମାହୀନ ଆନନ୍ଦ । ବ୍ୟଥା ଜର୍ଜରିତ କଣ୍ଠରେ ନାୟକ କହିଛି –

'ଦୂରୁ ଦେଖି ଯେବେ ହସେ, ମୋ ଅଙ୍ଗେ ସୁଧା ବରଷେ
କେଉଁ ଅବିଗୁଣ ଚିନ୍ତି ମୋର
ଧନ୍ୟ କେ ଚତୁରୀ ନାରୀ ରଖିଲା ମନ୍ତର କରି
ଭଲା ଯତ୍ନ କରି ଭାଙ୍ଗି ଦେଲା ବିହି ରେ ସହଚରୀ ।'

ଆଷାଢ଼ ଶୁକ୍ଳବାଣୀରେ ବିରଚିତ ପ୍ରବାସୀ ନାୟକର ଭାବନା ଭିତ୍ତିକ ଅନ୍ୟ ଏକ ସଙ୍ଗୀତ ''ବିଦେଶେ ନାୟକ ଭାଳଇ ବସି''ର ମର୍ମବାଣୀ ହେଉଛି ଅତୀତର ସ୍ମୃତିଚାରଣ । ରସିକ ନାୟକର ମାନସପଟରେ ଅଙ୍କିତ ସ୍ମୃତିଚିତ୍ର ଅନୁସାରେ–

'ଦିନେ ହୋଇଥିଲା ଘୋର ବରଷା
ବୋଇଲି ବାନ୍ଧବୀ ଖେଳିବା ପଶା
ପଶାଖେଳ ମୋତେ ଆସଇ ନାହିଁ
ଦାନ ପଡ଼ିଲେ ସାର ଦେବି ବାହି

ସେ ଚତୁରୀ ବାଳୀ
ସାର ବାଛିନେଲା ହଳଦୀ କାଳୀ ।'

ବିଧାତାକୁ ଧିକ୍‌କାର କରିଛି ନାୟକ ଦୂରରେ ରହିଛି ବୋଲି । ପ୍ରବାସୀ ଜୀବନର ଭାବାବେଗ କବିକୃତିରେ ରୂପାୟିତ । ଚାନ୍ଦିନୀରାତିର ମିଳନ ମାଧୁର୍ଯ୍ୟ ନାୟକର ସ୍ମୃତିପଥାରୂଢ଼ ହୋଇଛି । ବିପ୍ରଲମ୍ଭ ଶୃଙ୍ଗାର ଅନୁଚିନ୍ତା ଘନୀଭୂତ ହୋଇଛି କବିକୃତ ଅନ୍ୟ ଏକ ସଙ୍ଗୀତରେ ଯାହା କାମୋଦୀ ରାଗରେ ରଚିତ । ସଙ୍ଗୀତର ଶୀର୍ଷକ ହେଉଛି ''କାନ୍ତବିନା ଦିବା ରଜନୀ ସଜନୀ କୋଟି ଯୁଗ ସମ ହେଲାଟିରେ'', ଏହି ସଙ୍ଗୀତରେ ବିରହିଣୀ ନାୟିକାର ମର୍ମ ବ୍ୟଥା ପ୍ରକାଶିତ । ରୀତି ସାହିତ୍ୟରେ ପ୍ରକୃତିର ପ୍ରଭାବ ନାୟକ ନାୟିକାଙ୍କର ଶୃଙ୍ଗାରିକ ଭାବନା ସହ ସମ୍ପର୍କିତ । କବିଙ୍କ ଭାଷାରେ -

'ଭାରିହେଲା ଆସି ଅଙ୍ଗକୁ ବସନ
ତହିପରେ ଆଭରଣ ଏ ଭୂଷଣ
ଦେଖ ଦେଖ ସଖି ! ଏ ଝଞ୍ଜା ପବନ
କାମ ବାଣେ ପ୍ରାଣ ନେଲାଟିରେ ।'

ଚଉତିଶା ଶୈଳୀରେ ରଚିତ କବିଙ୍କ ଅନ୍ୟ ଏକ କୃତି ହେଉଛି 'କନକ କନ୍ଥୁକୁ ମୋ ଚିତ୍ତ ଥାଉ' ସଙ୍ଗୀତ । ଏହା ଆଷାଢ଼ ଶୁକ୍ଳ ବାଣୀରେ ରଚିତ । ଏଥିରେ ନାୟକର ଚିଟାଉ ନାୟିକା ପାଖକୁ ପ୍ରେରିତ । ଭଞ୍ଜକବି ପ୍ରତିଟି ପାଦରେ ବର୍ଣ୍ଣମାଳାସ୍ଥିତ ପ୍ରତ୍ୟେକ ବର୍ଣ୍ଣକୁ ଆଦ୍ୟରେ ରଖି କ୍ରମାନ୍ୱୟରେ ସଙ୍ଗୀତ ରଚନା କରିଛନ୍ତି । ପାଠକ ହୃଦୟରେ ଭାବାନ୍ତର ଆଣିବାର ସାମର୍ଥ୍ୟରେ ଏହା ବିମଣ୍ଡିତ । ମାଳତୀ ଓ ମଧୁକର କହିବା ଭିତରେ ଭଞ୍ଜନାୟକ ବିପରୀତ ରତି କଥା କହିଛି ।

'ଡାଳିମ୍ବଦନ୍ତୀ ତୁ ଚନ୍ଦ୍ର ଚକୋର
ଢାଳେ ମୁଁ ଚାତକ ତୁ ଜଳଧର
ଅଙ୍ଗନା ମୁଁ ହଂସ ତୁ ମାନସର
ତଥା ତୁ ମାଳତୀ ମୁଁ ମଧୁକର ।'

କବିକୃତ ଅନ୍ୟ ଏକ ସଙ୍ଗୀତରେ ମାନଭଞ୍ଜନ ପ୍ରସଙ୍ଗ ଉପସ୍ଥାପିତ । ଏହା ଆଷାଢ଼ ଶୁକ୍ଳବାଣୀରେ ରଚିତ । ରସିକ ହୃଦୟର ମଧୁମୟ ଭାବ ବିଭବ ଏଥିରେ ମୂର୍ତ୍ତିମନ୍ତ ! ରାମାୟଣର ମୁଖ୍ୟ ଚରିତ୍ରଗୁଡ଼ିକର ନାମ ବ୍ୟଞ୍ଜିତ ଶବ୍ଦକୁ ନେଇ ସେଗୁଡ଼ିକୁ ଯଥାଯଥ ସ୍ଥାନ ଦେଇଛନ୍ତି କବି ଉକ୍ତ ସଙ୍ଗୀତରେ । 'ରାମ ନୟନୀ ସେ କେଳି ପ୍ରବୀଣା' ଏହି ପାଦରୁ ସଙ୍ଗୀତର ଆରମ୍ଭ । ମାନିନୀ ନାୟିକା ମୁହଁ ତଳକୁ ପୋତିବାର ଚିତ୍ର କବି ଲେଖନୀରେ ''ସୀତା ମାତାଙ୍କୁ ପୋତୁଛ ଲପନ'' ଉକ୍ତି ମାଧ୍ୟମରେ ଚିତ୍ରିତ । ସୁଭରତ ପଦ, ମାର ଶତ୍ରୁଘନ ଶର, ତାରାପତି ମୁଖ, ସୁଗ୍ରୀବର ହାର, ବିଭୀଷଣର ବରଷା, ମେଘନାଦ ଶବଦ, ମନ୍ଦୋଦରୀ, ଲଙ୍କାରିଗମନା ଇତ୍ୟାଦି ପଦମାଳା ମଧ୍ୟରେ କବିଙ୍କର ଯଥାର୍ଥ ପଦବିନ୍ୟାସ ଦକ୍ଷତା ପ୍ରକଟିତ ହେବା ସଙ୍ଗେ ସଙ୍ଗେ ପାଣ୍ଡିତ୍ୟର ସ୍ୱର୍ଣ୍ଣିମ ଆଲେଖ୍ୟ ଅଙ୍କିତ ।

(୧) ଭକ୍ତିଭିତ୍ତିକ ସଙ୍ଗୀତ ।

ଉପେନ୍ଦ୍ରଭଞ୍ଜ ପ୍ରୀତିର କବି ହେଲେ ହେଁ ଭକ୍ତିକୁ ସମ୍ପୂର୍ଣ୍ଣ ତ୍ୟାଗ କରି ନାହାନ୍ତି । ତାଙ୍କର କାବ୍ୟ ଓ ସଂଗୀତ ଉଭୟ କ୍ଷେତ୍ରରେ ବିଭୁଭକ୍ତି ଯଥାଯୋଗ୍ୟ ଆସନରେ ଆସୀନ । ସଂଗୀତ ମାନଙ୍କରେ ସେ ବହୁବାର ଶିବଙ୍କ ନାମ ଉଲ୍ଲେଖ କରିବା ସହିତ ତାଙ୍କ ପ୍ରତି ଅନ୍ତରର ଗଭୀରତମ ପ୍ରଦେଶରୁ ଭକ୍ତିଭାବ ପ୍ରକଟ କରିଛନ୍ତି ।

ନାୟକ ଓ ନାୟିକା ପରସ୍ପରକୁ ଅଧିକରୁ ଅଧିକ ନିକଟରେ ପାଇବା ପାଇଁ ଶିବକୃପା ଯେ ଏକାନ୍ତ ଆବଶ୍ୟକ ତାହା ମର୍ମେମର୍ମେ ଉପଲବ୍ଧି କରିଛନ୍ତି ।

ଶ୍ରୀଜଗନ୍ନାଥଙ୍କ ନିମନ୍ତେ ତାଙ୍କ ହୃଦୟରେ ଅସୀମ ଭକ୍ତିଭାବ ଥିଲେ ହେଁ ତାଙ୍କ ରଚିତ ଜଗନ୍ନାଥ ଭଜନ ଅଧିକ ସଂଖ୍ୟାରେ ମିଳିନାହିଁ । ଗୋଟିଏ ଭଜନରେ କବି ଶ୍ରୀଜଗନ୍ନାଥଙ୍କ ଚରଣତଳେ ଆତ୍ମସର୍ମପଣ ପୂର୍ବକ ତାଙ୍କର ମହିମା ଗାନ କରିଛନ୍ତି । ରାମ ଅବତାରର ମର୍ଯାଦା ଓ ବୀରତ୍ୱ ପ୍ରସଙ୍ଗ, କୃଷ୍ଣଲୀଳାର ଅନୁପମ ରାଗରଙ୍ଗ ଅତିକମ୍ ଶବ୍ଦରେ ଏଥିରେ ଉପସ୍ଥାପିତ ହୋଇଛି । ଗଜଉଦ୍ଧାରଣ, ମାର୍କଣ୍ଡ ଋଷିଙ୍କର ସୁରକ୍ଷା, ବାଳି ବିନାଶନ, ରାବଣ ନିଧନ, ହରିଣୀର ବିପଦ ଭଞ୍ଜନ ଓ ଦ୍ରୌପଦୀଙ୍କ ଲଜ୍ଜା ନିବାରଣ ପ୍ରସଙ୍ଗ ମାଧ୍ୟମରେ ପରମ ପ୍ରଭୁ ଶ୍ରୀଜଗନ୍ନାଥଙ୍କର ଅସୀମ ମହିମା ବର୍ଣ୍ଣିତ ହୋଇଛି । ଏହି ଭଜନରୁ ପଦଟିଏ ଏହିପରି –

ଲକ୍ଷେ ଯୋଜନରେ ଗଜ ଡାକଦେଲା
ତା ଡାକ ଶୁଣିଲ ପଶା ଖେଳେ ।
ମାରକଣ୍ଡ ଋଷି ଯାଉଥିଲେ ଭାସି
ଉଦ୍ଧରି ଧଇଲ ବାମ କରେ ।।

ଦେବତାମାନଙ୍କ ମଧ୍ୟରେ ଶ୍ରୀଜଗନ୍ନାଥ ଓ କଳାକୃତି ମଧ୍ୟରେ କୋଣାର୍କ ପରି ଉତ୍କଳର କବିମାନଙ୍କ ମଧ୍ୟରେ ଉପେନ୍ଦ୍ରଭଂଜଙ୍କ ସ୍ଥାନ ସ୍ୱତନ୍ତ୍ର । ତାଙ୍କ ଦ୍ୱାରା ବ୍ୟବହୃତ ଶବ୍ଦଗୁଡ଼ିକରେ ଅନନ୍ୟ ଶକ୍ତି ନିହିତ ଯାହାକୁ କାଳ କବଳିତ କରିପାରିନାହିଁ । ଅଦ୍ୟାବଧି ତାହା କାଳଜୟୀ ହୋଇ ରହିଛି ଏବଂ ଅନାଗତ ସୁଦୂର ଭବିଷ୍ୟତ ପର୍ଯ୍ୟନ୍ତ ତାହା ଅମ୍ଳାନ ରହିଥିବ ।

☯☯☯

ମେଘଦୂତ : ସ୍ରଷ୍ଟା କାଳିଦାସ ଓ ରାଧାନାଥ

ଭାରତ ଭାରତୀଙ୍କର ବିମୁଗ୍ଧ ସେବକ କବିଗୁରୁ କାଳିଦାସ ମାଟି ଦେହରେ ନ ଥିଲେବି ଯଶୋଦେହରେ ଅମର ହୋଇ ରହିଛନ୍ତି । ଭାରତୀୟ ପ୍ରକୃତିର ପୃଷ୍ଠପୀଠିକା ଉପରେ ତାଙ୍କ ସର୍ଜନାର ସୌଧ ପ୍ରତିଷ୍ଠିତ । ସ୍ୱଦେଶର ନଦନଦୀ, ଗିରିବନ,କେଦାର କାନ୍ତାର ସବୁକିଛିର ପ୍ରଚ୍ଛଦ ପଟରେ ସେ ଭେଟିଥିଲେ ଅନ୍ୟ ଏକ ସୁକୁମାର ସତ୍ତାକୁ ଯାହାର ସଫଳ ରୂପାୟନ ହିଁ ତାଙ୍କ ସୃଷ୍ଟିସମ୍ଭାରର ବିଶେଷତ୍ୱ।

ଶ୍ରୁତିମଧୁର ଶବ୍ଦ ସଂଯୋଜନା ସହିତ ସାଙ୍ଗୀତିକତାର ରମ୍ୟ ବିଳାସ ତାଙ୍କ ରଚନାରେ ଲକ୍ଷ୍ୟଣୀୟ । କି ମନମୋହିନୀ ଶକ୍ତିରେ ତାଙ୍କ ସୃଷ୍ଟି ଭରପୂର ଯେ ତାକୁ ବାରମ୍ବାର ପଢ଼ିଲେ ମଧ୍ୟ ବିରକ୍ତି ଆସେ ନାହିଁ । ଯେତେ ପଢ଼ିଲେ ସେତେ ନୂଆନୂଆ ଲାଗେ । ବିଶେଷତଃ ଉପମା ଅଳଙ୍କାରର ପ୍ରୟୋଗ ପାଠକକୁ ଅଧିକ ବିମୋହିତ କରେ । ସ୍ୱର୍ଣ୍ଣକାତର କବିଚିତ୍ତ ଓ ଶ୍ରଦ୍ଧାସଜଳ ପାଠକ ଚିତ୍ତ ମଧ୍ୟରେ ସୁବର୍ଣ୍ଣ ସେତୁ ହୁଏ କାଳିଦାସଙ୍କ ରଚନାମାଳା । ଅଶେଷ ସମ୍ମାନର ଅଧିକାରୀ କାଳିଦାସଙ୍କୁ ଭକ୍ତିସୁମନ ଦେଲାବେଳେ ସ୍ୱତଃ କଣ୍ଠରୁ ଉଚ୍ଚାରିତ ହୁଏ –

ପୁରାକବିନାଂ ଗଣନା ପ୍ରସଙ୍ଗେ
କନିଷ୍ଠିକାଧିଷ୍ଠିତକାଳିଦାସଃ ।

କବିଙ୍କର ରଚନା ସମୂହର ସୁବାସରେ ବିମୁଗ୍ଧ ପାଠକଟିଏ ଇଚ୍ଛାକରେ–

କାଳିଦାସ କବିତା ନବଂବୟଃ
ସମ୍ଭବନ୍ତୁ ମମ ଜନ୍ମଜନ୍ମନି ।

ସାହିତ୍ୟିକ ମଧୁମୟତା, ସ୍ରଷ୍ଟାମାନସର ସୁକୁମାରତା, ସର୍ବୋପରି ଜୀବନପ୍ରତି ଅଙ୍ଗୀକାରବଦ୍ଧତା କବି କାଳିଦାସଙ୍କ ସୃଷ୍ଟି ସମ୍ଭାରରେ ତଥାକଥିତ ଆଧ୍ୟାତ୍ମିକତାଠାରୁ ଅଧିକ ପରିମାଣରେ ପରିବେଷିତ । ବହିଃ ପ୍ରକୃତିରେ ପ୍ରାଣ, ମନ ଓ ଚେତନାର ଆରୋପଣରେ ସେ ଦକ୍ଷ । ପ୍ରାଣପ୍ରାଚୁର୍ଯ୍ୟର କବି, ଭାରତୀୟ ସାହିତ୍ୟର ଅନ୍ୟତମ ମୁକୁଟବିହୀନ ସମ୍ରାଟ କବି କାଳିଦାସଙ୍କୁ ଏହି ଅବକାଶରେ ସହସ୍ର ପ୍ରଣାମ ।

'ମେଘଦୂତ' ହେଉଛି କବିଙ୍କର ମାନବିକ ସମ୍ବେଦନାମୂଳକ ଏକ ସୁଷମସୃଷ୍ଟି ଯାହାର ସ୍ତରେସ୍ତରେ ମୁଗ୍ଧଅନୁଭବ ହିଁ ସଂଚରିତ । କାନ୍ତାବିରହୀ ଯକ୍ଷର ଭାବବିହ୍ୱଳ ଅନୁଚିନ୍ତା ଓ ଗଭୀର ଆଶାବାଦ ଉକ୍ତ ଖଣ୍ଡକାବ୍ୟରେ ଉପସ୍ଥାପିତ । କୌଣସି ଏକ ଅପରାଧରେ ଅପରାଧୀ ଯକ୍ଷକୁ କୁବେର ଏକ ବର୍ଷ ପାଇଁ ନିର୍ବାସନଦଣ୍ଡରେ ଦଣ୍ଡିତ କଲେ । ଫଳରେ ଯକ୍ଷ ଏକବର୍ଷ ଅଳକା ନଗରୀ ଛାଡ଼ି ଆସି ରାମଗିରିରେ ବାସକଲା । ଆଠମାସ ଅତିବାହିତ ହେବାପରେ ଆଷାଢ ମାସର ପ୍ରଥମ ଦିବସରେ (ଅବଶ୍ୟ କେଉଁ କେଉଁ ପାଠାନ୍ତରରେ ଆଷାଢ ମାସର ଶେଷ ଦିବସରେ) ଆକାଶରେ ମେଘକୁ ଦେଖି ଯକ୍ଷ ଆତୁର ହୋଇପଡିଲା । ବିରହିଣୀ ପ୍ରିୟତମା

ପତ୍ନୀ ନିକଟକୁ ନିଜର କୁଶଳ ବାର୍ତ୍ତା ମେଘ ହାତରେ ପଠାଇବାକୁ ସ୍ଥିର କଲା ଏବଂ ପଠାଇଲା । ଉକ୍ତ ସଂରଚନାରେ ଆଦ୍ୟପ୍ରାନ୍ତ ମନ୍ଦାକ୍ରାନ୍ତା ବୃତ୍ତ ବ୍ୟବହୃତ । ନାମାନୁସାରେ ଏହିବୃତ୍ତ ମନ୍ଦଗତି ହୋଇଥିବାରୁ ବିପ୍ରଲମ୍ଭ ଶୃଙ୍ଗାରର ଉପସ୍ଥାପନା ନିମନ୍ତେ ଏହା ବିଶେଷ ଉପଯୋଗୀ । ମେଘକୁ ଅଳକାପୁରୀ ଯିବା ପାଇଁ ନିର୍ଦ୍ଦେଶିତ ମାର୍ଗ ଦର୍ଶନରୁ ଜଣାଯାଏ ଯେ କବି କାଳିଦାସ ଭାରତର ଭୂଗୋଳ ସହିତ ବେଶ୍ ପରିଚିତ ଥିଲେ । କେବଳ ପରିଚିତ ନୁହେଁ, ବହିଃପ୍ରକୃତିର ବର୍ଣ୍ଣନା କ୍ଷେତ୍ରରେ ତାଙ୍କର ଅଶେଷ ଦକ୍ଷତା ମଧ୍ୟ ଥିଲା । ପ୍ରାବନ୍ଧିକ ଓ ସମାଲୋଚକ ଡଃ ଧନେଶ୍ୱର ମହାପାତ୍ର କହନ୍ତି – ''ସମଗ୍ର ଭାରତବର୍ଷ ପ୍ରତି କାଳିଦାସଙ୍କର କିପରି ଆନୁଗତ୍ୟ ଓ ଅନୁରକ୍ତି ଥିଲା, ତାହା ମେଘଦୂତରୁ ସୂଚୀତ ହୁଏ । ନିଜ ଜନ୍ମଭୂମି ଭାରତର ନଦନଦୀ, ଗିରିବନ, ନଗରନଗରୀ, ଜନପଦ, ଶସ୍ୟକ୍ଷେତ୍ର ଦେବାଳୟ ପ୍ରଭୃତିର ସୌନ୍ଦର୍ଯ୍ୟ ତଥା ମହିମା ବର୍ଣ୍ଣନା ଉଦ୍ଦେଶ୍ୟରେ ହିଁ ସେ ମେଘଦୂତର ପରିକଳ୍ପନା କରିଥିଲେ ।'' ମେଘଦୂତର ବର୍ଣ୍ଣନା ପାଟବ ଓ ଉପସ୍ଥାପନା ବୈଭବ ପ୍ରଶଂସନୀୟ । ଏକ ସାର୍ବଜନୀନ ଓ ସର୍ବକାଳୀନ ଅନୁଭବଟିଏ ଏଥିରେ ସ୍ଥାନିତ ।

ଅନୁବାଦ ଅର୍ଥାତ୍ ଅନୁସୃଜନ । ଏହା ଏକ ବିଶିଷ୍ଟ କଳାତ୍ମକକ୍ରିୟା, ଯାହା ସ୍ୱତନ୍ତ୍ର ସାଧନା ଓ ସାମର୍ଥ୍ୟର ଅପେକ୍ଷା ରଖେ । ଗୋଟିଏ ଭାଷାର ସୃଷ୍ଟିକୁ ଅନ୍ୟଭାଷାଭାଷୀ ପାଠକମାନଙ୍କ ନିକଟରେ ପହଞ୍ଚାଇଦେବାର ଗୁରୁଦାୟିତ୍ୱ ଅନୁବାଦକ ଗ୍ରହଣ କରିଥାନ୍ତି । ଏଥିନିମନ୍ତେ ଏକାଧିକ ଭାଷାର ବ୍ୟାକରଣ ଜାଣିବା ଏକାନ୍ତ ଜରୁରୀ ।***Alexender Fraser Tytler***ଙ୍କ ମତରେ – ***'The translation should be a complete transcript of the idea of the original work. The style and manner of writing should be of the same character with that of the original"*** *(principle of translation)* ଅନୁବାଦ ମୁଖ୍ୟତଃ ଦୁଇ ପ୍ରକାରର। ଗୋଟିଏ ହେଲା ଶବ୍ଦାନୁବାଦ ଓ ଅନ୍ୟଟି ଭାବାନୁବାଦ । ଶବ୍ଦାନୁବାଦକୁ ଆକ୍ଷରିକ ଅନୁବାଦ ଏବଂ ଭାବାନୁବାଦକୁ ମର୍ମାନୁବାଦ ବୋଲି କୁହାଯାଏ ।

ଲେଖକଙ୍କର ଭୂମିକାଠାରୁ ଅନୁବାଦକଙ୍କର ଭୂମିକା ଆଦୌ ନ୍ୟୂନ ନୁହେଁ । ଅନୁବାଦକ ଏକାଧାରରେ ପାଠକ, ଗ୍ରାହକ, ସମାଲୋଚକ ଓ ସ୍ରଷ୍ଟା । ମୂଳଲେଖାର ଭାଷା ଓ ଅନୂଦିତ ଭାଷାରେ ତାଙ୍କର ଦକ୍ଷତା ଥିବା ଆବଶ୍ୟକ । ପାଣ୍ଡିତ୍ୟ ବା ବହୁଶାସ୍ତ୍ରଦର୍ଶିତା ନଥିଲେ ଉଚ୍ଚକୋଟୀର ଅନୁବାଦ ଏକପ୍ରକାର ଅସମ୍ଭବ । ଅନେକ ସମୟରେ ଯଥାଯୋଗ୍ୟ ଭାବାନୁବାଦ ମୂଳ ରଚନାଠାରୁ ମଧ୍ୟ ଅଧିକ ମନୋଜ୍ଞ ଓ ହୃଦୟସ୍ପର୍ଶୀ ହୋଇଥାଏ ।

ପାଠକୀୟ ଶ୍ରଦ୍ଧା ଓ ସମ୍ମାନ ହେଉଛି ଅନୁବାଦଗତ ମହତ୍ତ୍ୱର ମାନଦଣ୍ଡ । ଅନୁବାଦର ମାନ ନିର୍ଦ୍ଧାରଣ ପାଇଁ କୁହାଯାଇଛି –

(1) Readability – i.e whether the translation is easy to read or jerky.

(2) Effectiveness– i.e whether the translation is as effective as the original.

(3) Satisfaction – i.e whether it can satisfy its intended readers.

(4) Loyality – i.e whether it is loyal to the original in doing justice to the original author.

(5) Credibility of translator –
i.e whether he is known for his competence in the target language.

(6) Creativity of the translator –
i.e whether he uses the language creatively or not.

ଭାବାନୁବାଦରେ କ'ଣ କ'ଣ ମୂଳଲେଖାରୁ ବାଦଦେବାକୁ ପଡ଼ିବ ଆଉ କ'ଣ କ'ଣ ନୂଆ କଥା ସଂଯୋଜନା କରିବାକୁ ପଡ଼ିବ ତାହା ଅନୁବାଦକଙ୍କ ଉପରେ ନିର୍ଭର କରେ । ମାତ୍ର ଆକ୍ଷରିକ ଅନୁବାଦରେ

ଅନୁବାଦକଙ୍କର ଏ ସ୍ୱାଧୀନତା ସଂକୁଚିତ । ଆକ୍ଷରିକ ଅନୁବାଦର ଆକର୍ଷଣ ସ୍ୱତନ୍ତ୍ର । ମୁଖ୍ୟତଃ ଦେବତାଙ୍କ ସ୍ତବସ୍ତୋତ୍ର-ଭଜନ-କୀର୍ତ୍ତନକୁ ସାଧାରଣ ଜନତାର ଦରବାରରେ ପହଞ୍ଚାଇବା ନିମନ୍ତେ ଆକ୍ଷରିକ ଅନୁବାଦ ଏକ ବିଶିଷ୍ଟ ମାଧ୍ୟମ । ଏପରି ଅନୁବାଦର ଉପଯୋଗିତା ରହିଛି । ଏଥିପାଇଁ ମଧ୍ୟ ଉଭୟ ଭାଷାରେ ଗଭୀର ବ୍ୟୁତ୍ପତ୍ତି ଏକାନ୍ତ ଆବଶ୍ୟକ । ଆକ୍ଷରିକ ଅନୁବାଦର ନମୁନାଟିଏ ପ୍ରଦାନ କରିବା ଏଇ ଅବକାଶରେ ଅପ୍ରାସଙ୍ଗିକ ହେବ ନାହିଁ । ଶ୍ରୀମଦ୍ ଭଗବଦ୍ ଗୀତା ଏକ ଅନନ୍ୟ ସାଧାରଣ ଗ୍ରନ୍ଥ ଯାହାର ଅନୁବାଦ ଆକ୍ଷରିକ ହେବା ବାଞ୍ଛନୀୟ, ଅନ୍ୟଥା ଏହାର ମହତ୍ତ୍ୱ ହ୍ରାସ ପାଇବ । ସତ୍ୟବାଦୀ ବନବିଦ୍ୟାଳୟର ଅନ୍ୟତମ ଶିକ୍ଷକ ସାକ୍ଷୀଗୋପାଳ ନିକଟସ୍ଥ ନୂଆ ସୋମେଶ୍ୱରପୁର ନିବାସୀ ପଣ୍ଡିତ ରଘୁନାଥ ମିଶ୍ର ଏହି ଗୀତା ଗ୍ରନ୍ଥର ଆକ୍ଷରିକ ଅନୁବାଦ କରିଥିଲେ । ପୁସ୍ତକଟି ୧୯୫୧ ମସିହାରେ ସମାଜର ସଂପାଦକ ଡଃ ରାଧାନାଥ ରଥଙ୍କ ଦ୍ୱାରା ସତ୍ୟବାଦୀ ପ୍ରେସ୍, କଟକରୁ ମୁଦ୍ରିତ ହୋଇ ପ୍ରକାଶିତ ହୋଇଥିଲା । ଏଥିରେ ଅନୁବାଦକଙ୍କ ପାଣ୍ଡିତ୍ୟ ଓ ପ୍ରତିଭା ମୂର୍ତ୍ତିମନ୍ତ । ଗୀତାଗ୍ରନ୍ଥର ଔଦାର୍ଯ୍ୟ ଓ ଗାମ୍ଭୀର୍ଯ୍ୟ ଅନୁବାଦରେ ସୁରକ୍ଷିତ । ଏହି ପୁସ୍ତକର ମୁଖବନ୍ଧରେ ପଣ୍ଡିତ ନୀଳକଣ୍ଠ ଲେଖିଛନ୍ତି -''ଶ୍ରୀମାନ୍ ରଘୁନାଥ ମିଶ୍ର ଜୀବନରେ ମୋର ସହକର୍ମୀ ଥିଲେ । ଓଡ଼ିଆ ସାହିତ୍ୟରେ ତାଙ୍କର ପାଣ୍ଡିତ୍ୟ ଅଛି । ସେ ଏବେ ଶ୍ରୀମଦ୍ଭଗବଦ୍ଗୀତାର ଅନୁବାଦ କରିଛନ୍ତି । ଏହା ଏକ ନୂତନ ପ୍ରକାରର ଅନୁବାଦ, ଆକ୍ଷରିକ ଅନୁବାଦର ପରାକାଷ୍ଠା କହିଲେ ଚଳେ ।'' ଅଲ୍ପକିଛି ଶ୍ଲୋକ ଓ ପଦକୁ ଉଦାହରଣ ରୂପେ ଗ୍ରହଣ କରିବା ଅପ୍ରାସଙ୍ଗିକ ହେବନାହିଁ । ଭଗବାନ ଶ୍ରୀକୃଷ୍ଣ ଗୀତାଗ୍ରନ୍ଥର ଏକାଦଶ ଅଧ୍ୟାୟରେ କହିଛନ୍ତି -

'କାଲୋଽସ୍ମି ଲୋକକ୍ଷୟକୃତ ପ୍ରବୃଦ୍ଧୋ-
ଲୋକାନ୍ ସମାହର୍ତ୍ତୁମିହ ପ୍ରବୃତ୍ତଃ ।
ଋତେଽପି ତ୍ୱାଂ ନ ଭବିଷ୍ୟନ୍ତି ସର୍ବେ
ଯେଽବସ୍ଥିତାଃ ପ୍ରତ୍ୟନୀକେଷୁ ଯୋଧାଃ ।।୩୨।।
ତସ୍ମାତ୍ତ୍ୱମୁତ୍ତିଷ୍ଠ ଯଶୋ ଲଭସ୍ୱ
ଜିତ୍ୱା ଶତ୍ରୁନ ଭୁଙ୍କ୍ଷ୍ୱ ରାଜ୍ୟଂ ସମୃଦ୍ଧମ୍ ।
ମୟୈବୈତେ ନିହତାଃ ପୂର୍ବମେବ
ନିମିତ୍ତମାତ୍ରଂ ଭବ ସବ୍ୟସାଚିନ୍ ।' ।। ୩୩।।

ଅନୁବାଦକ ଶ୍ରୀଯୁକ୍ତ ମିଶ୍ର ଏହାର ଅନୁବାଦ କରି କହିଛନ୍ତି -

'ଆମ୍ଭେଟି ଉତ୍କଟକାଳ ଲୋକ ସଂହାରକ
ପ୍ରବୃତ୍ତ ହୋଇଛୁ ଏଥି ଲୋକ ସଂହାରଣେ,
ତୁମ୍ଭେ ଯୁଦ୍ଧ ନ କଲେ ହେଁ, ନ ରହିବେ କେହି
ପ୍ରତିପକ୍ଷ ଅନୀକିନୀ ସ୍ଥିତ ଯୋଦ୍ଧୃଗଣେ ।।୩୨।।
ତେଣୁ ଉଠ ! ଲଭ ଯଶ, ଶତ୍ରୁ-ଜୟକରି
ଧନଧାନ୍ୟପୂର୍ଣ୍ଣ ରାଜ୍ୟ ସୁଖେ ଭୋଗକର,
ଆମ୍ଭରେ ହିଁ ସର୍ବେ ହତ ହୋଇଛନ୍ତି ପୂର୍ବେ,
ସବ୍ୟସାଚି ! ହୁଅ ତୁମ୍ଭେ ନିମିତ୍ତ ମାତର ।' ।।୩୩।।

ଏଥର ମୂଳ ଆଲୋଚନାକୁ ଫେରିବା । କାଳିଦାସକୃତ 'ମେଘଦୂତ'ର ଅନୁବାଦ ଭିନ୍ନଭିନ୍ନ ସମୟରେ ବିଭିନ୍ନ ଭାଷାରେ କରାଯାଇଛି । ଓଡ଼ିଆ ଭାଷାରେ ଆପାତତଃ ପ୍ରଥମେ କବିବର ରାଧାନାଥ ରାୟ ଏହାର ଅନୁବାଦ କରିଥିଲେ । ଅବଶ୍ୟ ଏହା ଆକ୍ଷରିକ ଅନୁବାଦ ନୁହେଁ, ଭାବାନୁବାଦ । ଏ ପ୍ରସଙ୍ଗରେ ଡଃ ଜାନକୀ

ବଲ୍ଲଭ ମହାନ୍ତି (ଭରଦ୍ୱାଜ) କହିଛନ୍ତି - ***''ଏକ ଅନୂଦିତ ରଚନା ହେଲେ ହେଁ ଏଥିରେ ରାଧାନାଥଙ୍କ କବି ପ୍ରତିଭାର ସ୍ୱର୍ଣ୍ଣାଭ ଦ୍ୟୁତି ଉତ୍ତମ ରୂପେ ପ୍ରକଟିତ । ରାଧାନାଥଙ୍କ ଅନୁବାଦ ମୂଳ ରଚନାର ସଂପୂର୍ଣ୍ଣ ଭାବାନୁସାରୀ ହୋଇଥିବାରୁ ଏହାକୁ ଆଦର୍ଶସ୍ଥାନୀୟ ଭାବେ ଅନେକେ ଗ୍ରହଣ କରିଛନ୍ତି''*** ।

କବି ରାଧାନାଥଙ୍କର ଅନୂଦିତ 'ମେଘଦୂତ' ଗ୍ରନ୍ଥଟି ୧୮୭୩ ମସିହାର ଶେଷ ଭାଗରୁ ପୁସ୍ତକାକାରରେ ପ୍ରକାଶିତ ହୋଇଥିଲା । ପୁସ୍ତକାକାରରେ ପ୍ରକାଶିତ ହେବା ପୂର୍ବରୁ 'ଉତ୍କଳ ଦର୍ପଣ' ପତ୍ରିକାରେ ଏହାର କିଛିଅଂଶ ପ୍ରକାଶିତ ହୋଇଥିଲା । ପୁସ୍ତକର ପ୍ରଥମ ସଂସ୍କରଣରେ କବି ରାଧାନାଥ ତିନିପୃଷ୍ଠାର ଏକ ଭୂମିକା ସଂଯୋଜନ କରିଥିଲେ । ତା୧୨/୧୨/୧୮୭୩ରିଖରେ ଏହି ଭୂମିକା କବିଙ୍କଦ୍ୱାରା ଲିଖିତ ହୋଇଥିଲା । ଭୂମିକାରେ ରାଧାନାଥ ଆଲୋଚ୍ୟ ଅନୁବାଦରେ କେତେକ ବୈଷମ୍ୟ ଥିବା କଥା ସ୍ୱୀକାର କରିବା ସହିତ ଏହାର କାରଣ ମଧ୍ୟ ଦର୍ଶାଇଛନ୍ତି। ଅନୁବାଦରେ ମିତ୍ରାକ୍ଷରର ପ୍ରୟୋଗ ହେଉଛି ଏହାର ବିଶିଷ୍ଟ କାରଣ । କବିଙ୍କ ଭାଷାରେ ''ଅନେକ ସ୍ଥଳରେ ମିତ୍ରାକ୍ଷର ଉପଦ୍ରବରୁ ଅଗତ୍ୟା ନୂଆଭାବ ସନ୍ନିବେଶିତ କରାଯାଉଛି ।'' ଅନୁବାଦରେ କେବଳ କଳହଂସ କେଦାର ଏବଂ ରସକୁଇଲା ଏଇ ଦୁଇ ଛନ୍ଦ ବ୍ୟବହୃତ ହୋଇଅଛି ।

ଅନୂଦିତ ମେଘଦୂତ ପୁସ୍ତକରୁ ରାଧାନାଥଙ୍କ ଦ୍ୱାରା ଲିଖିତ ଭୂମିକାକୁ ସଂଗ୍ରହକରି ତା'ଉପରେ ସଂକ୍ଷିପ୍ତ ଟିପ୍ପଣୀ ଲେଖିଛନ୍ତି ଡଃ ଜାନକୀ ବଲ୍ଲଭ ମହାନ୍ତି (ଭରଦ୍ୱାଜ) । ଏହା ୧୯୯୦ ମସିହା ଡିସେମ୍ବର ମାସର 'ଏଷଣା' ପତ୍ରିକାରେ ପ୍ରକାଶିତ ହୋଇଛି ।

ରାଧାନାଥଙ୍କ ଅନୁବାଦ (ମର୍ମାନୁବାଦ) ମୂଳଲେଖାଠାରୁ କେତେକ ସ୍ଥଳରେ ଟିକିଏ ଭିନ୍ନ । କାଳିଦାସଙ୍କ ବିରଚିତ 'ମେଘଦୂତମ୍' ର 'ପୂର୍ବମେଘ' ଅଂଶରେ ୬୬ ଗୋଟି ଶ୍ଲୋକ ଏବଂ 'ଉତ୍ତର ମେଘ' ଅଂଶରେ ୫୫ ଗୋଟି ଶ୍ଲୋକ ରହିଛି । ରାଧାନାଥଙ୍କ 'ମେଘଦୂତ'ରେ 'ପୂର୍ବମେଘ' ଅଂଶରେ ୫୬୬ ପଦ ଏବଂ 'ଉତ୍ତର ମେଘ' ଅଂଶରେ ୪୬୮ ପଦ ରହିଛି । ଅବଶ୍ୟ ରାଧାନାଥଙ୍କର ପ୍ରତିପଦର ଏକଏକ ପାଦକୁ ଏକଏକ ପଦରେ ଗଣା ହୋଇଛି । ଅର୍ଥାତ୍ ଚାରିଗୋଟି ପାଦକୁ ରାଧାନାଥ ଚାରିଗୋଟି ପଦ ହୋଲି ଗ୍ରହଣ କରିଛନ୍ତି । କେବଳ ପଦସଂଖ୍ୟା ନୁହେଁ ଶବ୍ଦ ସଂଯୋଜନାରେ ମଧ୍ୟ କେତେକ ସ୍ଥଳରେ ରାଧାନାଥ ଆଉ ପାଦେ ଆଗେଇ ଯାଇଛନ୍ତି । ଏ ସମ୍ବନ୍ଧରେ ଗୋଟିଏ ଉଦାହରଣ ଦିଆଯାଇପାରେ ।

ପୂର୍ବମେଘର ପ୍ରଥମ ଶ୍ଲୋକଟି ଏହିପରି-

'କଶ୍ଚିତ୍ କାନ୍ତା ବିରହଗୁରୁଣା ସ୍ୱାଧିକାରାତ୍ ପ୍ରମତ୍ତଃ
ଶାପେ ନାସ୍ତଙ୍ଗମିତମହିମା ବର୍ଷ ଭୋଗ୍ୟେଣ ଭର୍ତ୍ତୁଃ
ଯକ୍ଷଶ୍ଚକ୍ରେ ଜନକତନୟାସ୍ନାନପୁଣ୍ୟୋଦକେଷୁ
ସ୍ନିଗ୍ଧଚ୍ଛାୟା ତରୁଷୁବସତିଂ ରାମଗିର୍ଯ୍ୟାଶ୍ରମେଷୁ ।'

ଅର୍ଥାତ୍- 'ଜଣେ ଯକ୍ଷ ନିଜର ପଦାଧିକାର ହେତୁ ପ୍ରମତ୍ତ ହୋଇ ମୁନିବଙ୍କଠାରୁ ଶାପ ପାଇଲା । ସେହି ଶାପ ତା' ପକ୍ଷରେ ଗୁରୁତର ଥିଲା । ସେଥିରେ ତାକୁ ଏକବର୍ଷ ପର୍ଯ୍ୟନ୍ତ ପତ୍ନୀ ବିରହ ଦୁଃଖ ଭୋଗିବାକୁ ପଡିଲା । ଶାପ ବଳରେ ଯକ୍ଷର ମହିମା ବିଲୁପ୍ତ ହେଲା । ସେ ବାସ କଲା ରାମଗିରିର ଆଶ୍ରମ ମାନଙ୍କରେ ଯେଉଁଠାରେ ଜନକନନ୍ଦିନୀ ସୀତାଙ୍କର ସ୍ନାନ ଯୋଗୁଁ ଜଳ ପବିତ୍ର ଥିଲା ଏବଂ ଯେଉଁଠାରେ ଥିଲେ ବହୁ ସୁଶୀତଳ ଛାୟାପ୍ରଦ ବୃକ୍ଷ ।'

ରାଧାନାଥ ଏହାର ମର୍ମାନୁବାଦ କରି ଲେଖିଛନ୍ତି -

'ଦକ୍ଷିଣ ଦେଶେ ରାମଗିରି ଶୋଭନ
ବିମଳଶୁଭ୍ର ଯହିଁ ନଦୀଜୀବନ

ଜନକକନ୍ୟାସ୍ନାନେ ପବିତ୍ର ଅତି
ପର୍ଣ୍ଣ ଗହଳ ଯହିଁ ତରୁବ୍ରତତୀ
ତହିଁ କୁବେର ଶାପେ ହୋଇ ପ୍ରେରିତ
ରହିଲା ଯକ୍ଷ ଦୁଃଖେ ଆତୁର ଚିତ୍ତ
ବତ୍ସର ଅନ୍ତେ ହେବ ଶାପ ମୋଚନ
ବତ୍ସରଅନ୍ତେ କାନ୍ତା ସଙ୍ଗେ ମିଳନ ।'

ମୂଳ ଶ୍ଲୋକରେ 'କୁବେର' ଓ 'ଦକ୍ଷିଣ ଦେଶ' ପ୍ରଭୃତି ପଦମାନ ନଥିଲା ବେଳେ, ରାଧାନାଥ ଏହି ପଦମାନ ବ୍ୟବହାର କରିଛନ୍ତି । ଯନ୍ତ୍ରଣା ଜର୍ଜରିତ ଯକ୍ଷ ଦୀର୍ଘ ଆଠମାସ ନିର୍ବାସନ ଦଣ୍ଡ ଭୋଗିଲା ପରେ ଦେଖିଛି ଆକାଶରେ ମେଘମାଳା । ସେହି ମେଘକୁ ଦେଖି ମନରେ ତା'ର ଭାବାନ୍ତର ଆସିଛି । ମେଘର ସମ୍ମୁଖୀନ ହୋଇ ସେ କିଛି ସମୟ ସ୍ତମ୍ଭୀଭୂତ ହୋଇ ରହିଯାଇଛି । ଏ କ୍ଷେତ୍ରରେ ରାଧାନାଥ ଗୋଟିଏ ପଂକ୍ତି ଯୁକ୍ତ କରିଦେଇଛନ୍ତି । ତାହା ହେଲା 'କେତକ ପ୍ରକାଶକ' । ଏହି ପଂକ୍ତିଟି ମୂଳ ଲେଖାରେ ନାହିଁ । କେଉଁ ମେଘକୁ ଦେଖିଲା ଯକ୍ଷ ? ଉତ୍ତର ହେଉଛି ସେହି ମେଘକୁ ଯାହା କେତକୀର ପ୍ରକାଶକ ହୋଇଥାଏ ।

କାଳିଦାସଙ୍କ ଲେଖାରେ ଯକ୍ଷ ମେଘହାତରେ ନିଜ ପ୍ରିୟା ପାଖକୁ ବାର୍ତ୍ତା ପଠାଇବାକୁ ଇଚ୍ଛା କଲା ଓ ମେଘର ନିରାଜନା କଲା ।

'ପ୍ରତ୍ୟାସନ୍ନେ ନଭସି ଦୟିତା ଜୀବିତାଲମ୍ବନାର୍ଥୀ
ଜୀମୂତେନ ସ୍ୱକୁଶଳମୟୀ ହାରୟିଷ୍ୟନ୍ ପ୍ରବୃତ୍ତିମ୍ ।'

ଅର୍ଥାତ୍ ''ଶ୍ରାବଣ ମାସ ନିକଟ ହୋଇ ଆସୁଥିବାରୁ ଯକ୍ଷ ପ୍ରିୟାର ପ୍ରାଣ ରକ୍ଷା କରିବା ଆଶାରେ ମେଘ ହାତରେ ତା'ନିକଟକୁ ନିଜର କୁଶଳ ବାର୍ତ୍ତା ପଠାଇବାକୁ ଇଚ୍ଛାକଲା ଏବଂ ମେଘକୁ ସଜଫୁଟା ବଣମଲ୍ଲୀ ଫୁଲର ଅର୍ଘ୍ୟ ପ୍ରଦାନ କରି ପ୍ରୀତଭାବରେ ପ୍ରୀତିପୂର୍ଣ୍ଣ ବଚନରେ ସ୍ୱାଗତ ଜଣାଇଲା ।'' କବି ରାଧାନାଥ ଏଥି ସହିତ ଆଉ ପଦେ ଅଧିକା ଯୋଡ଼ି କହିଛନ୍ତି ଯେ ଯକ୍ଷ ମେଘକୁ ଅର୍ଘ୍ୟସ୍ୱରୂପରେ ଝରଣା ଜଳ ପ୍ରଦାନ କଲା । ଶ୍ରାବଣ ମାସର କଥାକୁ ନିଜ ଅନୁବାଦରେ ଛାଡ଼ି ଦେଇଛନ୍ତି କବି ରାଧାନାଥ ।

'ଏ ଭାବେ ପ୍ରାଣକାନ୍ତା ଦୁଃଖେ ବିକଳ
ଅର୍ଘ୍ୟସ୍ୱରୂପେ ଦେଲା ନିର୍ଝର ଜଳ
ପୂଜିଣ ଜୀମୂତଙ୍କୁ କୁଟଜ ଆଣି
ତା' ଅନ୍ତେ ପଚାରଇ ସ୍ୱାଗତବାଣୀ ।'

ମେଘ ଆକାଶରେ ଗତି କଲାବେଳେ ପାନ୍ଥ ବନିତାକୁଳ ନିଜ ନିଜର କେଶକୁ ଆଖି ଉପରୁ ଆଡ଼େଇ ମେଘକୁ ଚାହିଁବେ । ସେହି ଚମତ୍କାର ଦୃଶ୍ୟର ବର୍ଣ୍ଣନା କରିବାକୁ ଯାଇ କାଳିଦାସ କହିଛନ୍ତି ।

'ତ୍ୱାମାରୂଢଂ ପବନ ପଦବୀ ମୁଦ୍‌ଗୃହୀତାଳକାନ୍ତାଃ
ପ୍ରେକ୍ଷିଷ୍ୟନ୍ତେ ପଥିକବନିତାଃ ପ୍ରତ୍ୟୟାଦାଶ୍ୱସନ୍ତ୍ୟଃ ।'

ଅର୍ଥାତ୍ - ''ତୁମେ ଆକାଶ ମାର୍ଗରେ ଗତି କଲା ବେଳେ ବିରହିଣୀ ରମଣୀମାନେ ସେମାନଙ୍କ ଆଖି ଉପରୁ ଚୁନିଚୁନି କେଶ ଆଡ଼େଇ ତୁମ ଆଡ଼କୁ ବିଶ୍ୱାସରେ ଆଶ୍ୱସ୍ତି ଲାଭ କରି ଚାହିଁବେ'' ।

ମେଘ ଆକାଶ ମାର୍ଗରେ ଗତି କଲାବେଳେ ପାନ୍ଥରମଣୀମାନେ ବାମକରରେ ନିଜ ନିଜର ବେଣୀକୁ ଧରି ମେଘ ଆଡକୁ ଚାହିଁବେ ବୋଲି ରାଧାନାଥ କହିଛନ୍ତି ।

'ତୁମ୍ଭ ଦର୍ଶନେ ପାଛ–ବନିତା କୁଳ
ହୃଦୟେ ବିକଶିବ ଆଶାମୁକୁଳ
ଧରିଣ ବେଣୀ ବାମକରକମଳେ
ଦେଖିବେ ଗତି ତୋର ଅୟର ତଳେ ।'

ଉତ୍ତର ମେଘରେ କବି କାଳିଦାସ ଅଳକା ନଗରର ବର୍ଣ୍ଣନା ପ୍ରଦାନ କରିବା ସହିତ ସେଠାରେ ଥିବା ବଧୂମାନେ ଷଡ଼ଋତୁରେ ଫୁଟିଥିବା ଫୁଲରେ ବିମଣ୍ଡିତ ହୋଇଥିବା କଥା ଉଲ୍ଲେଖ କରିଛନ୍ତି ।

'ହସ୍ତେ ଲୀଳା କମଳମଳକେ ବାଳକୁନ୍ଦାନୁବିଦ୍ଧଂ
ନୀତା ଲୋଧ୍ର ପ୍ରସବରଜସା ପାଣ୍ଡୁତା ମାନନେଶ୍ରୀଃ
ଚୂଡାପାଶେ ନବ କୁରବକଂ ଚାରୁକର୍ଣ୍ଣେ ଶିରୀଷଂ
ସୀମନ୍ତେ ଚ ତ୍ୱଦୁପଗମଜଂ ଯତ୍ର ନୀପବଧୂନାମ୍ ।।'

ଅର୍ଥାତ୍ – *''ଅଳକାରେ ବଧୂମାନେ ହାତରେ ଧରିଥାନ୍ତି ଲୀଳାପଦ୍ମ, କେଶରେ ଘେନିଥାନ୍ତି ସଜଫୁଟା କୁନ୍ଦଫୁଲ, ମୁହଁରେ ବୋଳିଥାନ୍ତି ଲୋଧ୍ର ପୁଷ୍ପର ପରାଗ ଯଦ୍ଦ୍ୱାରା ସେମାନଙ୍କର ମୁହଁ ଅଧିକ ଶୁଭ୍ରବର୍ଣ୍ଣ ଦିଶିବ, କେଶ ପାଶରେ ଖୋଷିଥାନ୍ତି ନୂଆ କୁରୁବକ ଫୁଲ, କାନରେ ଖୋଷିଥାନ୍ତି ଶିରୀଷଫୁଲ ଏବଂ ସୀମନ୍ତରେ ପିନ୍ଧିଥାନ୍ତି କଦମ୍ବ ଫୁଲ ଯେଉଁ କଦମ୍ବଫୁଲ କି ତୁମ ଆଗମନରେ ବିକଶିତ ହୋଇଥାଏ ।''*

ଷଡଋତୁର ଫୁଲସବୁ ଏହିପରି –

ପଦ୍ମଫୁଲ	–	ଶରତ ଋତୁର
କୁନ୍ଦଫୁଲ	–	ହେମନ୍ତ ଋତୁର
ଲୋଧ୍ରଫୁଲ	–	ଶିଶିର ଋତୁର
କୁରୁବକଫୁଲ	–	ବସନ୍ତ ଋତୁର
ଶିରୀଷଫୁଲ	–	ଗ୍ରୀଷ୍ମ ଋତୁର
କଦମ୍ବଫୁଲ	–	ବର୍ଷା ଋତୁର ।

ରାଧାନାଥ ଏହି ପରିପ୍ରେକ୍ଷୀରେ ଉଲ୍ଲେଖ କରିଛନ୍ତି –

'ପୁଷ୍ପଭୂଷଣ ପ୍ରିୟ ନାଗରୀ ଦଳ –
କରେ ଶୋଭଇ ଯହିଁ ଲୀଳାକମଳ,
ଅଳକେ କୁନ୍ଦକଳି ରାଜେ ମୋହନ,
ଲୋଧପରାଗେପାଣ୍ଡୁ ଚାରୁ ଆନନ ।
ରମ୍ୟଶିରୀଷେ ଶୋହେ ଶ୍ରବଣମୂଳ
ସୀମନ୍ତେ ଶୋହେ ନବକଦମ୍ବଫୁଲ
ବକୁଳ ମାଳ–ଶୋଭୀ–ଘନ–ଜଘନ
ମନ୍ଦାର–ଶୋଭୀ–କେଶ ଚୁମ୍ବେ ଚରଣ ।'

କାଳିଦାସ ଛଅଗୋଟି ଫୁଲର ନାମ ତାଲିକା ଦେଲାବେଳେ କବି ରାଧାନାଥ ସାତଗୋଟି ଫୁଲର ନାମ ତାଲିକା ଦେଇଛନ୍ତି । କୁରୁବକ ଫୁଲ ବଦଳରେ ରାଧାନାଥ ବକୁଳ ଫୁଲର ନାମ ପ୍ରଦାନ କରିଛନ୍ତି । ପୁନଶ୍ଚ ମନ୍ଦାରଫୁଲର ନାମ କାଳିଦାସଙ୍କ 'ମେଘଦୂତ'ରେ ନଥିବା ବେଳେ ରାଧାନାଥ ଯୁକ୍ତ କରିଛନ୍ତି ।

ଉତ୍ତର ମେଘରେ କାଳିଦାସ ଅଳକା ନଗରୀର ବର୍ଣ୍ଣନା ତଥା ନଗରୀର ଯୋଦ୍ଧାମାନଙ୍କ ପ୍ରସଙ୍ଗରେ କହିଛନ୍ତି –

'ପତ୍ରଶ୍ୟାମା ଦିନକର ହୟ ସ୍ପର୍ଦ୍ଧିନୋ ଯତ୍ର ବାହାଃ
ଶୈଳୋଦଗ୍ରା ସ୍ତମିବକରିଣୋ ବୃଷ୍ଟିମନ୍ତଃ ପ୍ରଭେଦାତ୍
ଯୋଧାଗ୍ରଣ୍ୟଃ ପ୍ରତିଦଶମୁଖଂ ସଂଯୁଗେ ତସ୍ଥିବାଂସଃ
ପ୍ରତ୍ୟାଦିଷ୍ଟାଭରଣରୁଚୟ ଶ୍ଚନ୍ଦ୍ରହାସତ୍ରଣାଙ୍କୈଃ ।'

ଅର୍ଥାତ୍ ''ସେଠାରେ ଅଶ୍ୱମାନେ ପତ୍ରପରି ଶ୍ୟାମଳ ବର୍ଣ୍ଣ, ସେମାନେ ସୂର୍ଯ୍ୟଙ୍କ ଅଶ୍ୱମାନଙ୍କ ସହିତ ମଧ୍ୟ ସ୍ପର୍ଦ୍ଧା କରନ୍ତି । ହାତୀମାନେ ପର୍ବତ ପରି ଉଚ୍ଚ, ସେମାନେ ମଦଜଳସ୍ରାବୀ ହୋଇଥିବାରୁ ତୁମପରି ବୃଷ୍ଟିଶାଳୀ ଅଟନ୍ତି । ଯୋଦ୍ଧାମାନେ ଯୁଦ୍ଧରେ ଅଗ୍ରଣୀ, ସେମାନେ ଯୁଦ୍ଧରେ ରାବଣ ବିରୁଦ୍ଧରେ ମଧ୍ୟ ଠିଆ ହୋଇଥିଲେ । ରାବଣର ଖଣ୍ଡାକୃତ କ୍ଷତଚିହ୍ନ ଗୁଡିକୁ ସେମାନେ ଦେହରେ ଆଭରଣ ରୂପେ ଧାରଣ କରିଛନ୍ତି, ତେଣୁ ଆଉ ଆଭରଣ ପିନ୍ଧିବାର ଆଗ୍ରହ ସେମାନଙ୍କର ନାହିଁ ।'' ଏହି ଶ୍ଲୋକଟିକୁ କବି ରାଧାନାଥ ଉପେକ୍ଷା କରିଛନ୍ତି, ଅନୁବାଦ କରିନାହାନ୍ତି । ପୁନଶ୍ଚ ଅଳକାପୁରୀସ୍ଥିତ କାବ୍ୟ ନାୟିକାର ରୁପ ବର୍ଣ୍ଣନା ପ୍ରସଂଗରେ କବି କାଳିଦାସ ଯାହା ଯେପରି ବର୍ଣ୍ଣନା କରିଛନ୍ତି କବି ରାଧାନାଥ ପ୍ରାୟ ସେପରି ବର୍ଣ୍ଣନା କରିଛନ୍ତି । ତେବେ କିଛି ଅଧିକ ବର୍ଣ୍ଣନା ରାଧାନାଥଙ୍କ ସୃଷ୍ଟିରେ ଦୃଷ୍ଟିଗୋଚର ହୁଏ । ସେହି ଅଧିକ ଅଂଶଟି ଏହିପରି –

'ଯୁବତୀକୁଳେ ଶ୍ରେଷ୍ଠ ସେହି ରଙ୍ଗିନୀ
କୁସୁମକୁଳେ ଶ୍ରେଷ୍ଠ ଯେହ୍ନେ ନଳିନୀ
ବିଳାସ–ପଦ୍ମାକର–ହଂସୀ ନବୀନା
ରସାଳସୀ ସୁକେଳି–କଳା–ପ୍ରବୀଣା ।'

ବିରହିଣୀ ଯକ୍ଷନାୟିକା ମର୍ମାହତ ହୋଇ ମଳିନବସ୍ତ୍ର ପରିଧାନକରି ସ୍ୱରଚିତ ଗୀତ ବୀଣାଧରି ଗାନକଲାକେଳେ ଝରାଅଶ୍ରୁରେ ବୀଣାତାର ଓଦା ହୋଇଯାଉଥିବ ଇତ୍ୟାଦି କଥା କାଳିଦାସ ଉଲ୍ଲେଖ କରିଛନ୍ତି । ରାଧାନାଥ ଏଥିସହିତ ଗୋଟିଏ ପାଦ ଅଧିକ ଯୋଡ଼ି ଦେଇଛନ୍ତି । ତାହା ହେଉଛି –

'ଚୁମି ଅବନୀ ଲୟିଥିବ ତା ବେଣୀ ।'

ଅଭିଶାପ ମୁକ୍ତ ହୋଇ ଯକ୍ଷ ଭେଟିବ ତା'ର ନାୟିକାକୁ ଶାରଦୀୟ ଜହ୍ନରାତିରେ । ଏତିକି କହିଛନ୍ତି କବି କାଳିଦାସ –

'ପଶ୍ଚାଦାବାଂ ବିରହଗୁଣିତଂ ତଂ ତମାତ୍ମାଭିଳାଷଂ
ନିର୍ବେକ୍ଷ୍ୟାବଃ ପରିଣତଶରଚ୍ଚନ୍ଦ୍ରିକାସୁ କ୍ଷପାସୁ ।।'

ଅର୍ଥାତ୍ ''ତା'ପରେ ଆମ ମନର ସମସ୍ତ କାମନାବାସନା ଯାହାକି ଏହି ବିରହ କାଳରେ ବହୁଗୁଣିତ ହୋଇ ରହିଛି, ତାହା ସମସ୍ତ ଆମେ ଶରତ ଋତୁର ଧବଳ ଜ୍ୟୋସ୍ନାଭରା ରାତିମାନଙ୍କରେ ସଫଳ କରିବା ।''

କବି ରାଧାନାଥ ଏତକ କହିବା ସହିତ ସେ ଜହ୍ନରାତିର ସିଗ୍ଧସୁନ୍ଦର ପରିବେଶକୁ ପ୍ରାଣସ୍ପର୍ଶୀ ଭାବରେ ବର୍ଣ୍ଣନା କରିଛନ୍ତି ।

'ଫୁଟିବେ ତାରାବଳୀ ନୀଳ ଗଗନେ
ଫୁଟିବ ଫୁଲକଳି ଫୁଲକାନନେ,
କୌମୁଦୀ ହସୁଥିବ କୁମୁଦ ସଙ୍ଗେ
ପ୍ରମୋଦେ ଭାସୁଥିବ ସରସୀ ଅଙ୍ଗେ

ସୌଧେ, ଭୂଧରେ, ସରେ, ସ୍ୱର୍ଣ୍ଣଦୀ–ନୀରେ
ବିରାଜିବ ରଜତ ଜ୍ୟୋତ୍ସ୍ନା ରୁଚିରେ ।'

ଭାବାନୁବାଦ ଏକ ଯାନ୍ତ୍ରିକ ପ୍ରକିୟା ନୁହେଁ, ବରଂ ଏକ ସର୍ଜନାତ୍ମକ କଳା । ମର୍ମେମର୍ମେ ମୂଳଲେଖାରେ ସଞ୍ଚରିତ ସ୍ରଷ୍ଟାମାନସର ସ୍ୱର୍ଶକାତରତାକୁ ଅନୁଭବ କରିବା ସଙ୍ଗେ ସଙ୍ଗେ ଅନୁବାଦକୁ ଅଧିକ ସରସ ସୁନ୍ଦର କରିବା ପାଇଁ ଆବଶ୍ୟକ ସ୍ଥଳେ ଅନୁବାଦକ ନିଜ କବିତ୍ୱର କମନୀୟ ସ୍ପର୍ଶ ଦେଇଥାନ୍ତି । ଫଳରେ ଏପରି କୃତି କାଳଜୟୀ କଳାଗୌରବର ଅଧିକାରୀ ହୋଇଥାଏ । ଏ ଦିଗରୁ ବିଚାର କଲେ ରାଧାନାଥଙ୍କ ଅନୁକୃତି 'ମେଘଦୂତ' ଏକ କାଳୋତ୍ତୀର୍ଣ୍ଣ କୃତି ।

☯☯☯

ବିଶ୍ୱବୋଧ ଓ କବି ଗୋପବନ୍ଧୁ

ବିଶ୍ୱଗ୍ରାମ ଗଠନପାଇଁ ସଯତ୍ନପ୍ରୟାସ ଆଜିର ପ୍ରାଥମିକ ଆବଶ୍ୟକତା । ଏହି ପ୍ରୟାସରେ ଧର୍ମ, ଭାଷା ଓ ଚଳଣି ଗୌଣ, ମାତ୍ର ମାନବିକତା ହେଉଛି ମୁଖ୍ୟ । ଏହାର ଅର୍ଥ ହେଉଛି ଧର୍ମ, ଭାଷା, ଚଳଣି ସବୁ ରହିବ ମାତ୍ର ତାହା ବ୍ୟକ୍ତିଗତ ସ୍ତରରେ ରହିବ । ଅନ୍ୟକୁ ସାନ ଏବଂ ନିଜକୁ ବଡ଼ ଭାବିବାରେ ଏହା ବ୍ୟବହୃତ ହେବନାହିଁ । ଅନ୍ୟକୁ ବଡ଼ ଏବଂ ନିଜକୁ ସାନ ମଧ୍ୟ ଭାବିଲେ ଚଳିବ ନାହିଁ । ଗୋଟିଏ ବାକ୍ୟରେ କୁହାଯାଇପାରେ ଯେ ଧର୍ମ, ଭାଷା, ଚଳଣି, ଖାଦ୍ୟବସ୍ତ୍ର, ବାସଗୃହର ବ୍ୟବହାର ପ୍ରଣାଳୀ ଭିତରେ ତୁଳନା ରହିବ ନାହିଁ, ଏସବୁକୁ ବ୍ୟକ୍ତିଗତ ସ୍ତରରେ ରଖି ନିଜକୁ ନିଜେ ଅତିକ୍ରମ କରିବାକୁ ହେବ । ନିଜର ଅହଂଠାରୁ ନିଜକୁ ମୁକ୍ତ କରିବାକୁ ହେବ । ଏହି ମୁକ୍ତିର ଅନ୍ୟନାମ ହେଉଛି ମାନବିକତା । ଏଥିରେ ଦେଶର ଭିତ୍ତିରେ ରହିବ ଦେଶାନ୍ତରର ସ୍ଥିତି, ବ୍ୟକ୍ତିର ଭିତ୍ତିରେ ରହିବ ସମଷ୍ଟିର ଅଭିବ୍ୟକ୍ତି । ପାଦଥିବ ଆପଣାର ମାଟିରେ ମାତ୍ର ଦୃଷ୍ଟି ହୋଇଥିବ ସୁଦୂରପ୍ରସାରୀ ।

ଏହି ଚେତନାର ଜଣେ ବିଶିଷ୍ଟ ପ୍ରବକ୍ତା ଭାବରେ ଉତ୍କଳମଣି ଗୋପବନ୍ଧୁଙ୍କର ନାମ ପ୍ରାତଃ ସ୍ମରଣୀୟ । ତାଙ୍କ ଚିନ୍ତା ଓ ଚେତନାରେ ଅଭିବ୍ୟକ୍ତ ହୋଇଥିଲା ***Near to far*** ଓ ***Local to Global***ର ମାନସିକତା । କେତେକ ମତ ଦିଅନ୍ତି ଯେ ସ୍ଥାନୀୟତା ଓ ସାର୍ବଜନୀନତା ପରସ୍ପରଠାରୁ ବହୁ ଦୂରରେ ଅବସ୍ଥିତ । ଏହା ଗୋଟିଏ ଭ୍ରମ । ବାସ୍ତବରେ ସ୍ଥାନୀୟତା ସହ ସାର୍ବଜନୀନତାର କୌଣସି କଳହ ନାହିଁ । ଉଭୟ ମଧ୍ୟରେ ସୂକ୍ଷ୍ମ ସଂଯୋଗ ବିଦ୍ୟମାନ । ଆଞ୍ଚଳିକ ଚିନ୍ତା ଯେ ବିଶ୍ୱଚିନ୍ତାରେ ପରିଣତ ହୋଇପାରେ– ଏକଥା ଗୋପବନ୍ଧୁ ସ୍ପଷ୍ଟଭାବରେ ହୃଦୟଙ୍ଗମ କରିଥିଲେ । ସେ କହିଥିଲେ, ***''ଆମ୍ଭେମାନେ ଉତ୍କଳ ସେବାରେ ଭାରତସେବା ଓ ବିଶ୍ୱସେବା କରିବୁ, ଉତ୍କଳ ପ୍ରାଣରେ ବିଶ୍ୱପ୍ରାଣ ଅନୁଭବ କରିବୁ, ଉତ୍କଳର ହୃଦୟତନ୍ତ୍ରୀରେ ବିଶ୍ୱମାନବର ଗୀତି ଶୁଣିବୁ ।''*** ଉତ୍କଳୀୟ ସଂସ୍କୃତି ଓ ଭାରତୀୟ ସଂସ୍କୃତି ପରସ୍ପରର ପରିପନ୍ଥୀ ନୁହନ୍ତି, ବରଂ ଗୋଟିଏ ମୁଦ୍ରାର ଦୁଇପାଖ ପରି ଓତଃପ୍ରୋତ ଜଡ଼ିତ – ଏହା ଥିଲା ତାଙ୍କର ମୁଗ୍ଧ ଅନୁଭବ । ତାଙ୍କ କବିତାକୁଞ୍ଜରେ ଫୁଟିଯାଇଛି ଏହି ଅନୁଭବର ଲୀଳା ଲାବଣ୍ୟ । ସେ ଉପଲବ୍ଧି କରିଛନ୍ତି ଭାରତର କୋଣେ ଅନୁକୋଣେ ନୀଳାଦ୍ରିର ଅବସ୍ଥିତି, ନୀଳାଦ୍ରିର ପ୍ରତିଟି ରେଣୁରେ ଭାରତବର୍ଷର ଅନବଦ୍ୟ ଅଭିବ୍ୟକ୍ତି ।

'ଥିଲେ ଯହିଁ ତହିଁ ଭାରତ ବକ୍ଷରେ
ମଣିବି ମୁଁ ଅଛି ଆପଣା କକ୍ଷରେ
ମୋ ନେତ୍ରେ ଭାରତ ଶିଳା ଶାଳଗ୍ରାମ
ପ୍ରତିସ୍ଥାନ ମୋର ପ୍ରିୟ ପୁରୀଧାମ ।' *(ବନ୍ଦୀର ଆତ୍ମକଥା)*

ଭାରତର ସଂସ୍କୃତି ପୃଥିବୀରେ ଅତି ପ୍ରାଚୀନ ଓ ପ୍ରତିଷ୍ଠିତ । ଯୁଗେଯୁଗେ ଏଠାରେ ଋଷି, ସନ୍ୟାସୀମାନଙ୍କର ଆବିର୍ଭାବ ଘଟିଛି । ସେମାନେ ଦେଇଛନ୍ତି ବିଶ୍ୱପ୍ରେମର ବାର୍ତ୍ତା, କରିଛନ୍ତି ବିଶ୍ୱବାସୀଙ୍କର ଶୁଭକାମନା । ଶ୍ରୀଅରବିନ୍ଦ କହିଛନ୍ତି -***"The hero, the Rishi, the Saint are the natural fruits of our Indian Soil, and there has been no age in which they have not born."*** । ଏହି ଶାଶ୍ୱତ ଆର୍ଷବାଣୀ ଓ ଚେତନା ଭାରତୀୟ ବାତାବରଣକୁ ଏକ ସମୟରେ ଧ୍ୟାନସ୍ଥ ଓ କର୍ମପ୍ରବଣ କରିଛି । ଧ୍ୟାନ ଓ କର୍ମ ଚଞ୍ଚଳତା, ଏକ ଓ ଅଭିନ୍ନ କଥା ବୋଲି ଭାରତ ବୁଝିବା ସଙ୍ଗେସଙ୍ଗେ ସାରା ବିଶ୍ୱକୁ ବୁଝାଇ ଦେବାକୁ ସମର୍ଥ ହୋଇଛି। ଏସବୁଜ ବନାନୀର ଋଷିକୁଟୀର ଠାରୁ ଜନପଦର ରାଜଉଆସ ପର୍ଯ୍ୟନ୍ତ ସର୍ବତ୍ର ମାନବିକ ମୂଲ୍ୟବୋଧ ପ୍ରତିଷ୍ଠିତ ହୋଇଛି । ପୁଣି ସମୟକ୍ରମେ ତାହା ପ୍ରସାରିତ ହୋଇ ବିଶ୍ୱରେ ପ୍ରବେଶ କରୁଛି, ଯାହାକୁ ଭିତ୍ତିକରି ଭାରତ ହେବ ଆଗାମୀ ବିଶ୍ୱର ଗୁରୁବୋଲି ସ୍ୱାମୀ ବିବେକାନନ୍ଦ, ଶ୍ରୀଅରବିନ୍ଦଙ୍କ ସମେତ ବହୁମହାପୁରୁଷ ଉଦ୍‌ଘୋଷଣା କରିଯାଇଛନ୍ତି । ଉତ୍କଳମଣି ଗୋପବନ୍ଧୁ ନିଜ ରଚନାରେ ଏହି ଚେତନାକୁ ଅନନ୍ୟ ଗୁରୁତ୍ୱ ପ୍ରଦାନ କରିଛନ୍ତି ।

'ଭାରତ ପ୍ରଭାବେ ହେଉ ସାର୍ଥ ଋଷିବାଣୀ
ମଧୁମୟ ଭାବେ ମତ୍ତ ହେଉ ବିଶ୍ୱପ୍ରାଣୀ ।
ସର୍ବସିନ୍ଧୁ ସ୍ରୋତେ କ୍ଷରୁ ମଧୁମୟ ନୀର
ବହୁ ମଧୁମୟ ଗନ୍ଧୁ ଶୀତଳ ସମୀର ।' (ପିତୃପକ୍ଷତର୍ପଣ)

ଧର୍ମ ହୁହେଁ ଆଧ୍ୟାତ୍ମିକତାର ନିରାଜନା ନିମନ୍ତେ କବି ଗୋପବନ୍ଧୁ ପ୍ରୟାସୀ ଥିଲେ । ଦୂର ଦେବାଳୟକୁ ଯିବାର ପ୍ରୟୋଜନ ଅପେକ୍ଷା ନିଜର ଅନ୍ତରରେ ବିରାଜିତ ଦିବ୍ୟଚେତନାକୁ ଆବିଷ୍କାର କରିବାର ଆବଶ୍ୟକତା ଯେ ବହୁଗୁଣରେ ଅଧିକ, ଏକଥା ସେ କହୁଥିଲେ । ତାଙ୍କ ମତରେ ସମଗ୍ର ଜୀବନ ଏଇ ଅନୁସନ୍ଧାନ, ଅଭିନନ୍ଦନ ଓ ଉପଲବ୍ଧି ନିମନ୍ତେ ଏକ ଶିବରାତ୍ରି ହେବା ଉଚିତ । ସେ ଜୀବନର ପ୍ରତିମୁହୂର୍ତ୍ତରେ ଅନୁଭବ କରିଥିଲେ ଯେ ଆଧ୍ୟାତ୍ମିକତା ଓ ମାନବିକତା ପରସ୍ପର ଅଙ୍ଗାଙ୍ଗୀ ଭାବରେ ଜଡ଼ିତ । ଗୋଟିକରୁ ଅନ୍ୟଟିକୁ ଭିନ୍ନ କରାଯାଇପାରିବ ନାହିଁ । କାଳେକାଳେ ମାନବିକତାର ପ୍ରାସଙ୍ଗିକତା ରହିଛି । କାରଣ ଏହା ଏକ ମୂଲ୍ୟ ହୁହେଁ, ଏକ ମୂଲ୍ୟବୋଧ । ମୂଲ୍ୟ ବଦଳି ଯାଇପାରେ, ମାତ୍ର ମୂଲ୍ୟବୋଧ ବଦଳି ପାରେନାହିଁ । ଆଜି ସମଗ୍ର ବିଶ୍ୱରେ ବିଜ୍ଞାନ ଓ ପ୍ରଯୁକ୍ତି ବିଦ୍ୟାର ପ୍ରସାର ଘଟିଛି । ତାହା ପ୍ରଭାବରେ କୃଷିର ଉନ୍ନତି, ଶିଳ୍ପ ପ୍ରଗତି ଓ ବାଣିଜ୍ୟର ଅଭିବୃଦ୍ଧି ସମ୍ଭବ ହୋଇଛି । ବିଶ୍ୱମାନବ ହାତକୁ ଯେତିକି ସମୃଦ୍ଧି ଆସିଛି ତଦନୁସାରେ ଯେତିକି ଆନନ୍ଦ ବିଶ୍ୱମାନବକୁ ମିଳିବା କଥା ସେତିକି ମିଳି ନାହିଁ । ତାହାର କାରଣ ହେଉଛି ମାନବିକତାର ଅଭାବ । ଏପରି କୁହାଯାଇପାରେ ଯେ ଅଶ୍ୱ ଅଛି, ତା'ର ଗତି ମଧ୍ୟ ଅଛି, ମାତ୍ର ଲଗାମଟି ନଥିବାରୁ ପ୍ରଗତି ନାହିଁ । ଏଥିରୁ ସ୍ପଷ୍ଟ ଅନୁମେୟ ଯେ ଗତିଶୀଳ ଅଶ୍ୱ ଯେତିକି ଦରକାର, ଅଶ୍ୱର ଲଗାମ୍ ମଧ୍ୟ ସେତିକି ଦରକାର । ଏହି ଲଗାମଟି ମାନବିକତା ବ୍ୟତୀତ ଆଉ କିଛିନୁହେଁ । ସେହି ମାନବିକତାର ଜୟଗାନ କରିବା ସଙ୍ଗେସଙ୍ଗେ ପ୍ରତ୍ୟେକ ଉତ୍କଳୀୟ ଏହି ମହନୀୟ ମହାମନ୍ତ୍ରରେ ଅଭିମନ୍ତ୍ରୀତ ହେବା ଆବଶ୍ୟକ ବୋଲି କବି ଇଚ୍ଛାପୋଷଣ କରିଛନ୍ତି । *କବିଙ୍କ ଭାଷାରେ* -

'ଜାତୀୟମମତା ବିଶ୍ୱଜନପ୍ରୀତି ।
ଉତ୍କଳବାସୀର ହେଉ ଏହା ନୀତି ।' (ବନ୍ଦୀର ଆତ୍ମକଥା)

ଦୟା, କ୍ଷମା, ତ୍ୟାଗ ଓ ତିତିକ୍ଷା ପ୍ରଭୃତି ଦିବ୍ୟଗୁଣାବଳୀ ମାନବିକତାର ଅନ୍ତର୍ଭୁକ୍ତ । ତ୍ୟାଗ ଭିତରେ ଅହଂର ତ୍ୟାଗ ଏକାନ୍ତ ଜରୁରୀ । ଅହଂ ତ୍ୟାଗକଲେ ବ୍ୟକ୍ତିର ମନ ବିଶ୍ୱମନ ସଙ୍ଗେ ଏକାକାର ହେବ, ବିଶ୍ୱପ୍ରେମର

କୁସୁମ ସୁବାସ ବ୍ୟକ୍ତିର ଜୀବନ କୁଞ୍ଜକୁ ସୁବାସିତ କରିବ। ସେତେବେଳେ କୌଣସି ସୀମାରେଖାରେ ବ୍ୟକ୍ତିଜୀବନ ବନ୍ଧା ପଡ଼ିବ ନାହିଁ । ତାହା ବିଶ୍ୱପ୍ରକୃତିର ଏକ ବଳିଷ୍ଠ ବିଭବରେ ପରିଣତ ହୋଇ ଆତ୍ମପ୍ରସାରିତ ହେବ । ବିଶ୍ୱ ଦିଗ୍‌ବଳୟକୁ ଛୁଇଁଛୁଇଁ ସେତେବେଳେ ଉଇଁ ଆସିବ ନୂତନ ଚେତନାର ସୂର୍ଯ୍ୟ । ସେଇ ସୂର୍ଯ୍ୟକିରଣରେ ଦିଗଦିଗନ୍ତ ଝଲସି ଉଠିବ । ଦେଶ ଥିବ, ଜାତି ହୁଏତ ଥିବ, ମାତ୍ର ନଥିବ ସଂକୀର୍ଣ୍ଣତାର ପୂତିଗନ୍ଧମୟ ବାତାବରଣ ।

ଏକଥା ସ୍ୱୀକାର୍ଯ୍ୟ ଯେ ପଣ୍ଡିତ ଗୋପବନ୍ଧୁ ଉତ୍କଳ ପାଇଁ ଯେପରି ଆନ୍ତରିକତା ପ୍ରକଟ କରିଛନ୍ତି ଭାରତ ପାଇଁ ସେପରି ଆତ୍ମୀୟତା ପ୍ରକାଶ କରିଛନ୍ତି । ଉତ୍କଳ ପାଦପରେ ରସମୟ ଫଳ ଆସୁ, ଉତ୍କଳ ସରିତରେ ପବିତ୍ର ନିର୍ମଳ ଜଳ ଆସୁ ବୋଲି ସେ କାମନା କରିଛନ୍ତି ।

'ଉତ୍କଳ–ତନୟେ ଦିଅ ନବ ବଳ
ଉତ୍କଳ–ପାଦପେ ରସମୟ ଫଳ
ଉତ୍କଳ–ସରିତେ ପବିତ୍ର ଜୀବନ
ଉତ୍କଳ–କାନନେ ସ୍ୱର୍ଗୀୟ ସୁମନ ।' *(ବନ୍ଦୀର ଆତ୍ମକଥା)*

ଭାରତମାତାଙ୍କୁ ବିଦେଶୀ ଶାସନର ଅତ୍ୟାଚାରରୁ ମୁକ୍ତ କରିବା ନିମନ୍ତେ ସେ ଆପ୍ରାଣ ଉଦ୍ୟମ କରିଥିଲେ । ତହିଁରେ ନଥିଲା ପଦ ପଦବୀ ବା ଯଶ ପ୍ରଶଂସାର ଲାଳସା, କେବଳ ଥିଲା ଆତ୍ମସନ୍ତୋଷର କୈବଲ୍ୟକଣିକା ।

ସେଥିପାଇଁ ସେ ଅସହଯୋଗ ଆନ୍ଦୋଳନରେ ଯୋଗ ଦାନ କରି କାରାବରଣ କରିଥିଲେ ଏବଂ କାରାଗାରକୁ ସ୍ୱାଧୀନତା ସଂଗ୍ରାମୀଙ୍କ ନିମନ୍ତେ ପ୍ରଭାସତୀର୍ଥ ବୋଲି ବିଚାର କରିଥିଲେ । କବିଙ୍କର ଭାରତଭାବନା ଅତ୍ୟନ୍ତ ହୃଦ୍ୟ ଓ ଅନବଦ୍ୟ । ଭାରତ ହେଉ ଶାନ୍ତି, ମୈତ୍ରୀ ଓ ବିଶ୍ୱପ୍ରାଣତାର ମୂର୍ତ୍ତିମନ୍ତ ପ୍ରତୀକ । ଭାରତରେ ମଧୁମୟ–ଗନ୍ଧସମୀର ପ୍ରବାହିତ ହେଉ, ଭାରତର ଦିବାରାତ୍ରୀ ମଧୁସିକ୍ତ ହେଉ, ନବ ଚେତନାର ଚନ୍ଦ୍ର ଓ ସୂର୍ଯ୍ୟ ଭାରତ ଆକାଶରେ ଉଦିତ ହୁଅନ୍ତୁ – ଏହି ଆଶା କବି ପୋଷଣ କରିଛନ୍ତି ।

'ପଡୁ ଏ ଭାରତ–ପ୍ରାଣେ ସ୍ୱର୍ଗୀୟ କିରଣ
ନନ୍ଦନକାନନୁ ବହୁ ସ୍ନିଗ୍ଧ ସମୀରଣ ।' *(ପିତୃପକ୍ଷତର୍ପଣ)*

ଭାରତ ବଞ୍ଚିଲେ ପୃଥିବୀ ବଞ୍ଚିବ । ଶ୍ରୀଅରବିନ୍ଦଙ୍କ ମତରେ, ''ଭାରତ ଯଦି ସଂକଳ୍ପ କରେ, ତେବେ ସମଗ୍ର ବିଶ୍ୱ ଆଜି ଯେଉଁ ସମସ୍ୟାରେ ବିବ୍ରତ ଓ କିଂକର୍ତ୍ତବ୍ୟବିମୂଢ଼ ହୋଇପଡ଼ିଛି, ତାହାର ଦେଇପାରେ ଯଥାର୍ଥ ମୀମାଂସା ଓ ଯଥାଯଥ ସମାଧାନ ।'' ଏହି ଚିନ୍ତା ଓ ଚେତନାର ସୁକୁମାର ପରିପ୍ରକାଶ ଉତ୍କଳମଣିଙ୍କ ପଦ୍ୟ ସୃଷ୍ଟିରେ ବହୁସ୍ଥଳରେ ଦେଖିବାକୁ ମିଳେ । ବିଶ୍ୱପ୍ରାଣର ସ୍ପନ୍ଦନ ଭାରତରେ ଅନୁଭୂତ ହୁଏ, ବିଶ୍ୱର ସୁସ୍ଥତା ନିର୍ଭର କରେ ଭାରତର ସୁସ୍ଥତା ଉପରେ । କବିଙ୍କ ଭାଷାରେ –

'ଦେବ ପ୍ରତିଷ୍ଠିତ ମହର୍ଷି ସମ୍ମତ
ଜାଣିବ ଭାରତ, ଦେଖିବ ଜଗତ
ବିରାଜିବ ବିଶ୍ୱେ ଏକତା, ସମତା
ଶାନ୍ତି ଉଜାରିବେ ସ୍ୱରଗେ ଦେବତା ।' *(ବନ୍ଦୀର ଆତ୍ମକଥା)*

ଭାରତର କଲ୍ୟାଣରେ ବିଶ୍ୱର କଲ୍ୟାଣ, ଭାରତର ସର୍ବାଙ୍ଗୀଣ ବିକାଶରେ ବିଶ୍ୱର ମହତ୍ତମ ବିକାଶ, କାରଣ ଭାରତ ହେଉଛି ପୃଥିବୀର ଆତ୍ମା । ଏ କଥାର ମହତ୍ତ୍ୱ ଗୋପବନ୍ଧୁ ହୃଦୟଙ୍ଗମ କରିଥିଲେ । ପୂର୍ଣ୍ଣିମା

ତିଥିରେ ଜହ୍ନରାତିରୁ ଜହ୍ନକୁ ବାଦ୍‌ଦେଲେ ରାତି ଯେପରି ବିକଳାଙ୍ଗ ହୋଇଯିବ, ବିଶ୍ୱସଂସ୍କୃତିରୁ ଭାରତୀୟ ସଂସ୍କୃତିକୁ ବାଦଦେଲେ ବିଶ୍ୱସଂସ୍କୃତି ସେପରି ବିକଳାଙ୍ଗ ହୋଇଯିବ । ଭାରତୀୟ ସଂସ୍କୃତି ହେଉଛି ମାନବବାଦର ସଂସ୍କୃତି, ପୂଜ୍ୟପୂଜାର ସଂସ୍କୃତି, ଆତ୍ମପ୍ରଶିକ୍ଷଣର ସଂସ୍କୃତି । ଭାରତର ସ୍ୱାଧୀନତା ଆନ୍ଦୋଳନ କେବଳ ଏକ ରାଜନୀତିକ ଆନ୍ଦୋଳନ ନୁହେଁ, ଏହା ଏକ ଆଧ୍ୟାତ୍ମିକ ଆନ୍ଦୋଳନ ଅର୍ଥାତ୍ ଆସୁରିକ ପ୍ରଭାବରୁ ଓ ଅବିଦ୍ୟାର ପ୍ରଭାବରୁ ମୁକ୍ତିର ଆନ୍ଦୋଳନ । ଭାରତର ସ୍ୱାଧୀନତାରେ ବିଶ୍ୱ ଦରବାରରେ ମାନବିକତାର ପୁନଃପ୍ରତିଷ୍ଠା ସମ୍ଭବ । ବିଶ୍ୱଜୀବନର ବିକାଶ ନିମନ୍ତେ ଭାରତର ସ୍ୱାଧୀନତା ଓ ସର୍ବାଙ୍ଗୀନ ବିକାଶ ଏକାନ୍ତ ଆବଶ୍ୟକ– ଏ କଥାର ଗୁରୁତ୍ୱକୁ କବି ସ୍ପଷ୍ଟ ଭାବରେ ଉପଲବ୍ଧି କରିଛନ୍ତି । କବିଙ୍କ କଥାରେ –

'ସ୍ୱରାଜ୍ୟ ସାଧନେ ରହୁ ମୋର ଧ୍ୟାନ
ଭାରତେ ସ୍ୱରାଜ୍ୟ ଜଗତ କଲ୍ୟାଣ
ଜଗତ ସରସେ ଭାରତ କମଳ
ତା' ମଧ୍ୟେ କେଶର ପୁଣ୍ୟନୀଳାଚଳ ।' *(ବନ୍ଦୀର ଆତ୍ମକଥା)*

Globality ସହିତ Locality ଗୋଟିଏ ସୂତ୍ରରେ ବନ୍ଧା ହୋଇଛି ଏଠାରେ । ଏପରି କୁହାଯାଇପାରେ ଯେ Globalityର ସାରନିର୍ଯ୍ୟାସ ଓ ସାର୍ଥକତା Localityରେ ନିହିତ । ଏପରି ଚିନ୍ତା ଓ ଚେତନାର ଉଦ୍ଭବ ତଥା ବିକାଶ ନିମନ୍ତେ ପ୍ରୟୋଗବାଦୀ ବୈଦାନ୍ତିକ ଅନୁଚିନ୍ତା ଏବଂ ପ୍ରଥମ ବିଶ୍ୱଯୁଦ୍ଧର ଯଥାର୍ଥ ପ୍ରଭାବ ଅନେକାଂଶରେ ଦାୟୀ । ବିଶ୍ୱଏକତା ଥିଲା ଉତ୍କଳମଣି ଗୋପବନ୍ଧୁଙ୍କର ମହନୀୟ ଲକ୍ଷ୍ୟ । ଏଥିପାଇଁ ସେ ବ୍ୟକ୍ତିଗତ ଭାବରେ ପ୍ରୟାସ ଓ ପ୍ରଚେଷ୍ଟା କରିବା ସଙ୍ଗେସଙ୍ଗେ ଅନ୍ୟମାନଙ୍କୁ ଏ ଦିଗରେ ଉତ୍ସାହିତ କରିଛନ୍ତି ତଥା ସାହିତ୍ୟ ମାଧ୍ୟମରେ ଉଦ୍‌ବୋଧନ ପ୍ରଦାନ କରିଛନ୍ତି ।'ପିତୃପକ୍ଷ ତର୍ପଣ' କବିତାରେ ତାଙ୍କର ବ୍ୟକ୍ତିତ୍ୱ ହୋଇଛି ଦୂର–ଦିଗନ୍ତ–ବିସ୍ତାରୀ । କାରାକକ୍ଷରେ ଆବଦ୍ଧ ଆନ୍ଦୋଳିତ କବିମାନସର ସ୍ୱର୍ଶକାତର ଆଲେଖ୍ୟ ଏଥିରେ ଅଙ୍କିତ । ନିଜର ପିତୃପୁରୁଷଙ୍କର ସନ୍ତୋଷ ବିଧାନ ନିମନ୍ତେ ବାଚନିକ ତର୍ପଣ ମାଧ୍ୟମରେ ଶ୍ରଦ୍ଧା ଅର୍ପଣ କରିବା ସଙ୍ଗେସଙ୍ଗେ ବିଶ୍ୱପ୍ରେମୀ ଗୋପବନ୍ଧୁ ସମଗ୍ର ବିଶ୍ୱର ଚରାଚରକୁ ସମ୍ମାନ ପ୍ରଦର୍ଶନ କରିଛନ୍ତି । ବସ୍ତୁତଃ ବିଶ୍ୱ ପରିବାର ଗଠନର ବାସନା ଏପରି କ୍ରିୟାତ୍ମକତାର ଭିତ୍ତିଭୂମି ବୋଲି କହିଲେ ଅତ୍ୟୁକ୍ତି ହେବନାହିଁ ।

'ନିଖିଳ ବ୍ରହ୍ମାଣ୍ଡବାସୀ ସର୍ବ ଚରାଚର
ଦେବତା ଅସୁର ନାଗ ରକ୍ଷ ସିଦ୍ଧନର
x x x x x
ଯେନ ମୋର ଜଳାଞ୍ଜଳି ଯେନ ନମସ୍କାର
ଦିବ୍ୟ ଅବଧାନେ ସର୍ବେ କର ହେ ବିଚାର ।' *(ପିତୃପକ୍ଷ ତର୍ପଣ)*

କବିଚିତ୍ତ ବିଶ୍ୱ କଲ୍ୟାଣ କାମନାରେ ପବିତ୍ର ଓ ମଧୁମୟ ହୋଇଛି । ସମଗ୍ର ବିଶ୍ୱ ହେଉ ସମୃଦ୍ଧିର ଗନ୍ତାଘର, ଆନନ୍ଦର ମଧୁତୀର୍ଥ ଏବଂ ଏହାର କୋଣେ ଅନୁକୋଣେ ସଞ୍ଚରିତ ହେଉ ଅମର ସଙ୍ଗୀତର ଭୁବନମୋହିନୀ ସ୍ୱରଝଙ୍କାର । ସ୍ୱର୍ଗରୁ ଝରିଆସୁ ଦିବ୍ୟଚେତନାର ସୁଧାପ୍ରବାହ, ବିଶ୍ୱ ହେଉ ଦିବ୍ୟ ପରିବେଶର ଭବ୍ୟବିହାର–ଏ କଥାର ପ୍ରଦୀପ୍ତଉଲ୍ଲାସ କବିଙ୍କ ଲେଖନୀରେ ମୂର୍ତ୍ତିମନ୍ତ ହୋଇଛି।

'ହେଉ ମଧୁମୟ ଉଷା, ପ୍ରଦୋଷରଜନୀ
ନଭୋଦେଶେ ମଧୁମୟ ରବି ଦିନମଣି
ମଧୁମୟ ରତେ ହେଉ ବିଶ୍ୱ ନିନାଦିତ

ଉଠୁ ବିଶ୍ୱପ୍ରାଣେ ମଧୁ ଅମୃତ ସଂଗୀତ ।' (ପିତୃପକ୍ଷତର୍ପଣ)

'କାଠଯୋଡ଼ିରେ ସାୟଂକାଳ' କବିତାରେ ସାୟଂକାଳର ଶୋଭା ବିଭବ ଉପସ୍ଥାପିତ । ଆକାଶର ରଙ୍ଗ ସଜ୍ଜାରେ କବି ପ୍ରାଣ ପ୍ରଲୁବ୍ଧ ।ଏସବୁକୁ ଦେଖୁଦେଖୁ ତାଙ୍କ ମନ ହଜିଯାଇଛି ଭାବନାର କେଉଁ ଏକ ଦୂରଦିଗନ୍ତରେ । ନିଜକୁ ସେ ଖୋଜିଖୋଜି ଆବିଷ୍କାର କରିଛନ୍ତି ବିଶ୍ୱ ପରିବାରର ଜଣେ ସଦସ୍ୟ ଭାବରେ । ସେ ପୁଣି ବିଶ୍ୱ ଭାବନାରେ ଭାବିତ ହୋଇ ନିଜେ ପରିଣତ ହୋଇଛନ୍ତି ଏଇ ବିରାଟ ବିଶ୍ୱରେ । ସେ ବିଶ୍ୱ ମଧ୍ୟରେ ଓ ବିଶ୍ୱ ତାଙ୍କ ମଧ୍ୟରେ – ଏହା ହୋଇଛି ତାଙ୍କର ମହତ୍ତମ ଉପଲବ୍ଧି ।

'ସର୍ବ ଅନୁଭୂତି ସର୍ବଭୂତେ ତା'ର
ତା' ଦୃଷ୍ଟିରେ ବିଶ୍ୱ ଏକ ପରିବାର
ସେହି ନିଜେ ବିଶ୍ୱ, ବିଶ୍ୱ ମଧ୍ୟେ ସେହି
ଅନ୍ୟ ହୋଇ ତା'ର ଆଉ କେହି ନାହିଁ ।' (କାଠଯୋଡ଼ି ତୀରେ ସାୟଂକାଳ–୧)

ଏଥିରେ ବେଦାନ୍ତ ଦର୍ଶନର ପ୍ରଭାବକୁ ଅସ୍ୱୀକାର କରିହେବ ନାହିଁ । ଆଧୁନିକ ଓଡ଼ିଆ ସାହିତ୍ୟରେ ଏପରି 'Global thought' ପ୍ରଥମେ ଆଣିଥିବାରୁ ଗୋପବନ୍ଧୁ ପ୍ରାତଃସ୍ମରଣୀୟ ।

ଏକ ସୂତ୍ରରେ ଅଞ୍ଚଳ, ଦେଶ ଓ ବିଶ୍ୱକୁ ବାନ୍ଧିବାର ପ୍ରୟାସର ଅନ୍ୟ ନାମ ବିଶ୍ୱଗ୍ରାମ ଗଠନର ବିମୁଗ୍ଧ ଅନୁଚିନ୍ତା । କବି ଗୋପବନ୍ଧୁଙ୍କର ଉତ୍କଳୀୟ ଜାତୀୟତା, ଭାରତୀୟ ଜାତୀୟତା ଓ ବିଶ୍ୱପ୍ରାଣତା ଏକ ହିଁ ସୂତ୍ରରେ ଗୁନ୍ଥା । ସେ ଥିଲେ ଏକାଧାରରେ ଉତ୍କଳର, ଭାରତର ତଥା ବିଶ୍ୱର ଜଣେ ନାଗରିକ। ଏପରି ଭାବଧାରା ସେ ସମୟରେ କାହିଁକି ଆଜି ମଧ୍ୟ ଦୁର୍ଲ୍ଲଭ । ବିଶ୍ୱ ପରିବାର ଗଠନ ନିମନ୍ତେ ଥିବା ଅନେକ ସମସ୍ୟାର ଏହା ହିଁ ଏକ ସରଳ ଓ ବାସ୍ତବ ସମାଧାନ । ଏହି ସମାଧାନ କିଏ ଜଣେ ଦେବତା ସତେ ଅବା ଗୋପବନ୍ଧୁଙ୍କ ମାଧ୍ୟମରେ ଆସି ଦେଇଗଲେ । ଗୋପବନ୍ଧୁ ବୁଝି ବୁଝାଇ ଦେଇଗଲେ ଯେ ସଂକୀର୍ଣ୍ଣତା ହିଁ ମୃତ୍ୟୁ, ପ୍ରସାରଣଶୀଳତା ହିଁ ଜୀବନ ।

ସମଗ୍ର ଜୀବନର ମୁଖ୍ୟାଂଶକୁ ଅନ୍ୟର ସେବାରେ ନିଯୁକ୍ତ କରି ଉତ୍କଳମଣି ଗୋପବନ୍ଧୁ ଅଶେଷ ଆତ୍ମସନ୍ତୋଷ ପାଇଛନ୍ତି । ଧୂପ ପରି ଜଳିଜଳି ସେ ସୁବାସ ବିତରଣ କରିଛନ୍ତି, ଦୀପ ପରି ଜଳିଜଳି ଅନ୍ୟକୁ ଆଲୋକ ଦାନ କରିଛନ୍ତି । ସାହିତ୍ୟ ସର୍ଜନା ପାଇଁ ସେ ଅଧିକ ସମୟ ପାଇନାହାନ୍ତି। ଉଭୟ ଗଦ୍ୟ ସାହିତ୍ୟ ଓ ପଦ୍ୟ ସାହିତ୍ୟରେ ଲେଖନୀ ଚାଳନା କରିଛନ୍ତି । ତାଙ୍କ ଗଦ୍ୟ ସାହିତ୍ୟ ଉଭୟ ଗୁଣାତ୍ମକ ଓ ପରିମାଣାତ୍ମକ ଦୃଷ୍ଟିରୁ ରଦ୍ଧିମନ୍ତ । ମାତ୍ର ତାଙ୍କର ପଦ୍ୟ ସାହିତ୍ୟି ଗୁଣାତ୍ମକ ଦୃଷ୍ଟିରୁ ସମୃଦ୍ଧ ହେଲେ ହେଁ ପରିମାଣାତ୍ମକ ଦୃଷ୍ଟିରୁ ଅଧିକ ନୁହେଁ । ସରଳ ଭାଷା, ସାବଲୀଳ ଛନ୍ଦ, ଲଳିତ ମାନସିକତା, ଗଭୀର ହୃଦୟବତ୍ତା ଓ ଅନୁପମ ଶୈଳୀର ସମନ୍ୱୟରେ ତାଙ୍କ କବିତାର ଆବେଦନ ହୋଇଛି ସ୍ୱତନ୍ତ୍ର ଓ ସୁଠାମ । ଥରେ ପଢ଼ିଲେ ତାକୁ ଆଉଥରେ ପଢ଼ିବାକୁ ଇଚ୍ଛା ହୁଏ, ବହୁ ଚିତ୍ର ନୟନ ପଥରେ ବାରମ୍ବାର ନାଚିଉଠେ । ଜୀବନୀ ଶକ୍ତିରେ ଭରପୂର ପ୍ରତ୍ୟେକ କବିତାର ପ୍ରତ୍ୟେକ ପଂକ୍ତି ଉତ୍ତମ ଅନୁଶୀଳନ ଓ ବିଶ୍ଳେଷଣର ଅପେକ୍ଷା ରଖେ । ମନେ ହୁଏ ପ୍ରତ୍ୟେକ କବିତା ସତେ ଯେପରି ଅନ୍ଧକାରର ବୁକୁ ଚିରି ଆସୁଥିବା ଏକଏକ ଆଲୋକ ରେଖା ।

କବି ଗୋପବନ୍ଧୁଙ୍କର ପଦ୍ୟ ସୃଷ୍ଟିର ସ୍ୱଲ୍ପତା ନିମନ୍ତେ ଗୋଟିଏ ଘଟଣା କେତେକାଂଶରେ ଦାୟୀ ବୋଲି କୁହାଯାଇପାରେ । ଘଟଣାଟି ହେଲା, ଗୋପବନ୍ଧୁ କଟକରେ ଏଫ୍.ଏ ପଢୁଥିବାବେଳେ 'କଲ୍ପଲତିକା' ନାମରେ ୧୮ ସର୍ଗ ବିଶିଷ୍ଟ ଏକ ମହାକାବ୍ୟ ଲେଖିଥିଲେ । ଏହି ଲେଖାକୁ ଦେଖି କବି ଗୋପବନ୍ଧୁଙ୍କୁ କବିବର ରାଧାନାଥ ରାୟ ପ୍ରଶଂସା କରି କହିଥିଲେ, ''ତୁମେ ସୁକବି ହୋଇ ଚିରଜୀବୀ ହେବ, କାରଣ ତୁମ୍ଭ କବିତା ଲେଖା ମୌଳିକ ଓ ହୃଦୟ ନିସୃତ ।'' ଅତ୍ୟନ୍ତ ଦୁଃଖର କଥା ଯେ ଉକ୍ତ ମହାକାବ୍ୟର ପାଣ୍ଡୁଲିପିଟିକୁ ଖରାଛୁଟିରେ ପୁରୀ ଯିବା

ବେଳେ ଜଟଣୀ ଷ୍ଟେସନରେ ଗୋପବନ୍ଧୁ ଛାଡ଼ିଗଲେ। ପାଣ୍ଡୁଲିପିଟି ହଜିଯିବା ଘଟଣା କବି ଚିତ୍ତକୁ ଏତେ ଆଲୋଡ଼ିତ ଓ ଯନ୍ତ୍ରଣା ଜର୍ଜରିତ କଲା ଯେ ସେହି ଦିନଠାରୁ ବେଶ୍ କିଛି ବର୍ଷ ପର୍ଯ୍ୟନ୍ତ ସେ ଆଉ କବିତା ଲେଖି ପାରିଲେ ନାହିଁ ।* କାରାବାସରେ ଥିଲା ବେଳେ ପୁନର୍ବାର ପଦ୍ୟ ସାହିତ୍ୟ ସର୍ଜନାରେ ଆତ୍ମନିୟୋଗ କଲେ ।

୧୮୭୭ ମସିହା ଅକ୍‌ଟୋବର ୯ ତାରିଖ ଦିନ ଜନ୍ମଗ୍ରହଣ କରି ଗୋପବନ୍ଧୁ ୧୯୨୮ ମସିହା ଜୁନ୍ ୧୭ ତାରିଖ ନେତ୍ରୋତ୍ସବ ଦିନ ମୃତ୍ୟୁ ବରଣ କରିଥିଲେ । ତାଙ୍କ ମୃତ୍ୟୁରେ ମର୍ମାହତ ହୋଇ କେତେକ ମନୀଷୀ ଯେଉଁ ମନ୍ତବ୍ୟ ପ୍ରଦାନ କରିଥିଲେ ତାହା ପ୍ରଣିଧାନଯୋଗ୍ୟ ।

ମହାତ୍ମାଗାନ୍ଧୀଙ୍କ ମତରେ, ''ପଣ୍ଡିତ ଗୋପବନ୍ଧୁଙ୍କ ମୃତ୍ୟୁରେ ଦେଶ ଅଧିକତର ଦରିଦ୍ର ହେଲା । ସେ ଆମମାନଙ୍କ ମଧ୍ୟରେ ଜୀବଦ୍ଦଶାରେ ନଥିଲେ ମଧ୍ୟ ତାଙ୍କର ଆତ୍ମା ଆମମାନଙ୍କର ମଧ୍ୟରେ ଅଛି । ସେହି ପୁଣ୍ୟାତ୍ମା ଓଡ଼ିଶାର କର୍ମୀମାନଙ୍କର ପଥ ପ୍ରଦର୍ଶକ ହେଉ । ଏହି ସ୍ୱର୍ଗୀୟ ସ୍ୱଦେଶ-ପ୍ରେମିକଙ୍କର ଆତ୍ମୀୟସ୍ୱଜନ ଓ ଶିଷ୍ୟବର୍ଗଙ୍କୁ ମୋର ଶୋକ ଜଣାଉଅଛି ।''

ଲାଲା ଲଜପତରାୟଙ୍କ ମତରେ, ''ପଣ୍ଡିତ ଗୋପବନ୍ଧୁ ଦାସଙ୍କ ମୃତ୍ୟୁରେ କେବଳ ଓଡ଼ିଶାର ନୁହେଁ ସମଗ୍ର ଭାରତର ସାଧାରଣ ଜୀବନରେ ଗୋଟିଏ ସ୍ଥାନ ଶୂନ୍ୟ ହୋଇଗଲା । ସେ ଶୂନ୍ୟସ୍ଥାନ ପୂରଣ ହେବା ଅସମ୍ଭବ । ଗୋପବନ୍ଧୁଙ୍କ ପରି ବେଶୀ ସରଳ ଓ ଦେଶ କାର୍ଯ୍ୟରେ ବେଶୀ ନିଷ୍ଠାବାନ ସାଧାରଣ କର୍ମୀ ଭାରତ ପାଇପାରିବ ନାହିଁ ।''

ସୁଭାଷଚନ୍ଦ୍ର ବୋଷଙ୍କ ମତରେ, ''ଅସହଯୋଗ ପୂର୍ବେ ଓ ପରେ ମୁଁ ଅନେକଥର ପଣ୍ଡିତଜୀଙ୍କ ସଙ୍ଗେ ସାକ୍ଷାତ୍ କରିଥିଲି ଏବଂ ତାଙ୍କ ପ୍ରତି ମୋର ଖୁବ୍ ଭକ୍ତି ଥିଲା । ଓଡ଼ିଶାରେ ମୁଁ ଜନ୍ମ ଓ ଲାଳିତ ପାଳିତ ହୋଇଥିବା ଯୋଗୁଁ ଗୋପବନ୍ଧୁ ବାବୁଙ୍କ ମୃତ୍ୟୁରେ ଓଡ଼ିଆ ଜଣେ ତାଙ୍କର ଅଭାବ ଯେପରି ତୀବ୍ର ଭାବରେ ଅନୁଭବ କରୁଥିବ, ମୁଁ ମଧ୍ୟ ସେହିପରି ଅନୁଭବ କରୁଅଛି । ମୋର ଏକାନ୍ତ ଅନୁରୋଧ, ଓଡ଼ିଶାର ଯୁବକବୃନ୍ଦ ଏହି ଦୁର୍ଦ୍ଦିନରେ କାର୍ଯ୍ୟକ୍ଷେତ୍ରକୁ ବାହାରି ପଡ଼ି ଗୋପବନ୍ଧୁଙ୍କ ପତାକା ଧରି ରଖିବେ।''

ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ ମତରେ, ''ଆତ୍ମମାନଙ୍କର ଜୀବନ ଅଲଗା ହେଲେ କ'ଣ ହେବ, ଆତ୍ମମାନଙ୍କର ମତଦ୍ୱୈଧ ଥିଲେ କ'ଣ ହେବ, ଗୋପବନ୍ଧୁଙ୍କର ଜୀବନ ମହତ୍ । ଏହା ଉତ୍କଳର ଜାତୀୟ ସମ୍ପଦ । ମୋର ଆଶା, ସେ ଯେଉଁ କାର୍ଯ୍ୟ ବାକି ରଖିଛନ୍ତି, ତାହାଙ୍କର ବନ୍ଧୁ ତାହା ଚଳାଇବେ । ପରଲୋକଗତ ନେତାଙ୍କର କାର୍ଯ୍ୟ ଚଳାଇବା ହିଁ ତାଙ୍କ ପକ୍ଷେ ଶ୍ରେଷ୍ଠ ସମ୍ମାନ ।''

ଆଜି ବିଶାଳ ବିଶ୍ୱକୁ ଗୋଟିଏ ସୂତ୍ରରେ ବାନ୍ଧିବାର ପ୍ରୟାସ ଓ ଉଦ୍ୟମ ବହୁଳ ଭାବରେ କରାଯାଉଛି । ବିଜ୍ଞାନ, ବିଶ୍ୱଅର୍ଥନୀତି ଏ ଦିଗରେ ଅଧିକରୁ ଅଧିକ କ୍ରିୟାଶୀଳ । ତେବେ ଏଥିପାଇଁ ସର୍ବୋତ୍ତମ ଉପାଦାନ ଓ ଉପକରଣ ହେଉଛି ମାନବିକତା । ଦୂରଦିଗନ୍ତ ବିସ୍ତାରୀ ମାନସିକତାର ଭିତ୍ତିରେ ହିଁ ବିଶ୍ୱନାଗରିକତ୍ୱର ପ୍ରାଣ ପ୍ରତିଷ୍ଠା । ବ୍ୟକ୍ତିପ୍ରାଣର ଅସୀମ ପ୍ରସାରଣରେ ବିଶ୍ୱପ୍ରାଣର ଅଭିଷେକ କେବଳ ସମ୍ଭବ । ଏହି ପ୍ରେକ୍ଷାପଟରେ ଗୋପବନ୍ଧୁଙ୍କ ଅନୁଭବ ଏହିପରି-

'ମୋ ପ୍ରାଣ ପ୍ରେମଧାରେ ଭାସିବ ଧରା
ହେବ ଏ ବିଶ୍ୱ ମୋର ପ୍ରେମ ପସରା ।' *(ବିଶ୍ୱର ମିଳନ ଚିତ୍ର)*

☯☯☯

* ଶ୍ରୀ ଭାବଗ୍ରାହୀ ପତିଙ୍କ ଦ୍ୱାରା ଲିଖିତ 'ଦେଶପ୍ରାଣ ଗୋପବନ୍ଧୁ' ଶୀର୍ଷକ ପୁସ୍ତକର ତୃତୀୟ ମୁଦ୍ରଣ ୧୯୪୭ ମସିହାରେ ଚୌ: ଶ୍ରୀ ଲୋକନାଥ ନନ୍ଦଙ୍କ ଦ୍ୱାରା ସାରସ୍ୱତ ଭଣ୍ଡାର, ବାଲୁବଜାର, ମାଧ୍ୟମରେ ପ୍ରକାଶିତ ହୋଇଥିଲା । ଏହି ପୁସ୍ତକର ଆଠ ପୃଷ୍ଠାରେ ଉକ୍ତ ପାଣ୍ଡୁଲିପି ହଜିବା ଘଟଣାର ଉଲ୍ଲେଖ ରହିଛି ।

ପଦ୍ମପାଖୁଡ଼ାର କବି ପଦ୍ମଚରଣ

ଗୀତିକବିତା, ସାହିତ୍ୟର ଏକ ବିଶିଷ୍ଟ ବିଭାଗ । ସ୍ରଷ୍ଟା ଜୀବନର ମୁଗ୍ଧ ଅନୁଭବ ଏଥିରେ ସାଙ୍ଗୀତିକତା ମାଧ୍ୟମରେ ଅଭିବ୍ୟକ୍ତ ହୋଇଥାଏ । ନୀରସ ମନରେ ସରସତା ଭରିଦେବାକୁ, କ୍ଲାନ୍ତ ପାଦରେ ଶକ୍ତି ସଞ୍ଚାର କରିବାକୁ ଏହାର ସାମର୍ଥ୍ୟ ଅବିସମ୍ବାଦିତ । ଅଳ୍ପଶବ୍ଦରେ ବହୁ ଭାବର ଉପସ୍ଥାପନା ଗୀତିକବିତାର ଅନ୍ୟତମ ବୈଶିଷ୍ଟ୍ୟ । ବ୍ୟକ୍ତିଗତ ଅନୁଭୂତିର ବିଭୂତିରେ ରଦ୍ଧିମନ୍ତ ହେଲେ ହେଁ ଆତ୍ମାତିକ୍ରମଣ ଫଳରେ ତାହା ବହୁବ୍ୟକ୍ତିଙ୍କର ଅନୁଭୂତିର ପ୍ରତିନିଧିତ୍ୱ କରିପାରେ । ଏ ପ୍ରତିନିଧିତ୍ୱ ଯେତେ ବଳିଷ୍ଠ ହୁଏ, ଗୀତିକବିତା ସେତେ ଉଚ୍ଚକୋଟୀର ହୁଏ ।

କବି ପଦ୍ମଚରଣଙ୍କ ନାମ ଆଧୁନିକ ଓଡ଼ିଆ ଗୀତିକବିତା କ୍ଷେତ୍ରରେ ଏକ ସଶ୍ରଦ୍ଧ ଉଚ୍ଚାରଣ । ଜନ୍ମ ତାଙ୍କର ହୋଇଥିଲା ୧୮୮୫ ମସିହାରେ ଜଟଣୀ ନିକଟସ୍ଥ ପାଞ୍ଚଗାଁ ଗ୍ରାମରେ । ପିତାଙ୍କ ନାମ ଗୋପୀନାଥ ପଟ୍ଟନାୟକ ଓ ମାତାଙ୍କ ନାମ ଅନ୍ନପୂର୍ଣ୍ଣା ଦେବୀ । ପୁରୀ ଜିଲ୍ଲାସ୍କୁଲରୁ ପ୍ରବେଶିକା ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇ ପଦ୍ମଚରଣ ଉଚ୍ଚଶିକ୍ଷା ନିମନ୍ତେ ରେଭେନ୍‌ସା କଲେଜରେ ନାମ ଲେଖାଇଲେ । ବି.ଏ ପରୀକ୍ଷାରେ ଉତ୍ତୀର୍ଣ୍ଣ ହେବପାରେ ଏମ୍.ଏ ପଢ଼ିବା ନିମନ୍ତେ ସେ କଲିକତା ଯାଇଥିଲେ । କୌଣସି କାରଣରୁ ଏମ୍.ଏ ପଢ଼ା ଅସମାପ୍ତ ରଖି ସେଠାରେ ସେ ଆଇନ ଶିକ୍ଷାରେ ଆତ୍ମନିୟୋଗ କଲେ । ଓଡ଼ିଶାକୁ ଫେରି ୧୯୧୬ ମସିହାରେ ପୁରୀଠାରେ ଓକିଲାତି ଆରମ୍ଭ କଲେ । ୧୯୫୬ ମସିହାରେ ସେ ଇହଲୀଳା ସମ୍ବରଣ କରିଥିଲେ ।

ଆଇନଜୀବୀ ଭାବରେ ପଦ୍ମଚରଣ ଯେତିକି ପରିଚିତ ଥିଲେ ତା'ଠାରୁ ଅଧିକ ପରିଚିତ ଥିଲେ କବି ଭାବରେ । ମାଟିଦେହ ମାଟିରେ ମିଶିଗଲେ ମଧ୍ୟ ଯଶୋଦେହରେ ସେ ଅମରତ୍ୱର ଅଧିକାରୀ । କବି ପଦ୍ମଚରଣଙ୍କର ଗୀତିକବିତା ପୁସ୍ତକଗୁଡ଼ିକ ୧୯୨୮ ରୁ ୧୯୪୫ ମସିହା ଭିତରେ ପ୍ରାୟତଃ ପ୍ରକାଶିତ ହୋଇଥିଲା । ଅବଶ୍ୟ ୧୯୨୮ ପୂର୍ବରୁ ବିଭିନ୍ନ ପତ୍ରପତ୍ରିକାରେ କବିଙ୍କର କେତେକ କବିତା ପ୍ରକାଶ ପାଇଥିଲା । ତାଙ୍କ କାବ୍ୟମାନସର ବଳିଷ୍ଠ ପରିପ୍ରକାଶ ଘଟିଛି ମୁଖ୍ୟତଃ ତିନିଗୋଟି ଗୀତିକବିତା ସଂକଳନରେ । ସେଗୁଡ଼ିକ ହେଉଛି ପଦ୍ମପାଖୁଡ଼ା, ଗୋଲାପଗୁଚ୍ଛ, ସୂର୍ଯ୍ୟମୁଖୀ ।

'ପଦ୍ମପାଖୁଡ଼ା' କବିଙ୍କର ପ୍ରଥମ ଗୀତିକବିତା ସଂକଳନ । ଏହା ୧୯୨୮ ମସିହାରେ ପ୍ରଥମେ ପ୍ରକାଶିତ ହୋଇଥିଲା ଏହି ସଂକଳନରେ ସନ୍ନିବେଶିତ ପ୍ରତ୍ୟେକ କବିତା ପୂର୍ବରୁ ତତ୍‌କାଳୀନ ପ୍ରତିଷ୍ଠିତ ସାହିତ୍ୟ ପତ୍ରିକା 'ଉତ୍କଳ ସାହିତ୍ୟ'ରେ ପ୍ରକାଶିତ ହୋଇଥିଲା । ବିଦ୍ୟାଳୟ ଓ ମହାବିଦ୍ୟାଳୟର ପାଠ୍ୟକ୍ରମର ଅନ୍ତର୍ଭୁକ୍ତ ହୋଇ ପୁସ୍ତକଟି ହୋଇଥିଲା ବିଶେଷ ଭାବରେ ଲୋକପ୍ରିୟ । ୧୯୩୬ ମସିହାରେ ପଦ୍ମପାଖୁଡ଼ାର ଦ୍ୱିତୀୟ ସଂସ୍କରଣ ପ୍ରକାଶିତ ହୋଇଥିଲା ଯାହାର ପ୍ରକାଶକ ଥିଲେ କଟକ ପବ୍ଲିଶିଙ୍ଗ ହାଉସ । ଭୂମିକାରେ କବି ଲେଖିଥିଲେ,

''୮ ବର୍ଷ ପରେ 'ପଦ୍ମ ପାଖୁଡ଼ା'ର ୨ୟ ସଂସ୍କରଣ ବାହାର କରିବାର ଆବଶ୍ୟକ ହେଲା । ଏଥିମଧ୍ୟରେ ବିଭିନ୍ନ ବିଶ୍ୱବିଦ୍ୟାଳୟର କର୍ତ୍ତୃପକ୍ଷମାନେ ଏହାକୁ ସ୍କୁଲ ଓ କଲେଜର ପାଠ୍ୟପୁସ୍ତକ ରୂପେ ନିର୍ବାଚନ କରି ଦେଶର ଯୁବକମାନଙ୍କ ହସ୍ତରେ ଏହାକୁ ବହୁଳ ପରିମାଣରେ ଦେବାର ସୁଯୋଗ ଦେଇଥିବାରୁ ଗ୍ରନ୍ଥକାର ସେମାନଙ୍କ ନିକଟରେ କୃତଜ୍ଞ ।'' ଆଲୋଚ୍ୟ କବିତାଗୁଚ୍ଛରେ ୩୨ ଗୋଟି କବିତା ସନ୍ନିବେଶିତ । ସେଗୁଡ଼ିକ ଏହିପରି – 'ହେ ବିଶ୍ୱ', 'ଚିର ସୁନ୍ଦରୀ', 'ନାଉରୀ ଗୀତ', 'ଧଉଳି ପାହାଡ଼', 'ମୋ ଅଭିମାନ', 'ଅଭାଗିନୀ', 'କିଏ ତୁମ୍ଭେ ?', 'ବିଜୟିନୀ', 'ରୂପସୀ', 'ନାଚନାଚ ଗୌରାଙ୍ଗ', 'ତ୍ରିବେଣୀ ତଟେ', 'ଷୋଡ଼ଶୀ', 'ବ୍ୟର୍ଥ ପ୍ରୟାସ', 'ରାଜପୁତ ଚାରଣ ଗୀତ', 'ରାଜାଜ୍ଞା','କାର୍ତ୍ତିକ ଦୀପ', 'କେଉଁ ଦେଶେଅଛ ?','ବିରହେ', 'ପ୍ରବାସୀ ସୈନିକର ଶେଷଚିନ୍ତା', 'ଖୋରଧା ପ୍ରଥମ ଦର୍ଶନେ', 'ନାମକରଣ', 'ନବଜୀବନେ', 'ଆଲେଖ୍ୟ', 'ବିଷମ ପରୀକ୍ଷା', 'ନାଉରୀ ଗୀତ', 'ଯୁଗ୍ମଚିତ୍ର', 'ପୃଥ୍ୱୀରାଜଙ୍କ ପତ୍ର', 'ପାଷାଣୀ', 'କବିର କୃତଜ୍ଞତା', 'ମନେରଖ', 'କବିତାର ପୁରସ୍କାର', 'ମୋ ମରଣଟା ହେଉ ଆଚ୍ଛା ଭଲ' । ଏତଦ୍‌ବ୍ୟତୀତ ଏଥିମଧ୍ୟରୁ କେତୋଟି କବିତାର ଅଲ୍ପଟିପ୍ପଣୀ ପୁସ୍ତକର ଶେଷାଂଶରେ ସଂଯୋଜିତ ।

ପଦ୍ମପାଖୁଡ଼ା ଆଧୁନିକ ଓଡ଼ିଆ ଗୀତିକବିତା ରାଜ୍ୟର ଏକ ସୁବର୍ଣ୍ଣ-କୀର୍ତ୍ତିସ୍ତମ୍ଭ । ଏହାର ବିଶେଷତ୍ୱକୁ ଉପଲବ୍ଧି କରି ବିଶିଷ୍ଟ ସମାଲୋଚକ ଗିରିଜାଶଙ୍କର ରାୟ ମତ ଦେଇଛନ୍ତି – ''ଆପଣଙ୍କ 'ପଦ୍ମ ପାଖୁଡ଼ା' ମୁଁ ସଯତ୍ନେ ସଂପୂର୍ଣ୍ଣ ରୂପେ ପଢିଅଛି । ବହିଖଣ୍ଡିକ ଭାଷା ଓ ଭାବ ଉଭୟ ଦିଗରୁ ଅତି ଚମତ୍କାର ହୋଇଅଛି । ବାସ୍ତବରେ ଓଡ଼ିଆ ଭାଷାରେ ଗୀତିକବିତାର ଯେପରି ଅଭାବ ସେଥିରେ ଏ ବହିଖଣ୍ଡିକ ଓଡ଼ିଆ ସାହିତ୍ୟରେ ଗୋଟିଏ ଅମୂଲ୍ୟ ରତ୍ନ ହୋଇରହିବ ।''

ପଦ୍ମଚରଣଙ୍କୁ ଭକ୍ତିପୂତ ପ୍ରଣାମ ଜଣାଇ ବିଦ୍ୟୁତ୍‌ପ୍ରଭା ଗୋଟିଏ କବିତା ରଚନା କରିଛନ୍ତି । ଏହି କବିତାରେ ପଦ୍ମଚରଣଙ୍କୁ 'ପଦ୍ମପାଖୁଡ଼ା'ର କବି ବୋଲି ସେ ସମ୍ବୋଧନ କରିଛନ୍ତି । ଏହି ସମ୍ବୋଧନ ହିଁ 'ପଦ୍ମପାଖୁଡ଼ା'ର ଲୋକପ୍ରିୟତାକୁ ପ୍ରମାଣ କରୁଛି ।

'ପଦ୍ମପାଖୁଡ଼ା'ର କବି ହେ ପଦ୍ମଚରଣ ! ସାର୍ଥକ ଯାଇଛ କରି ଜୀବନର ପଣ
ଅଭାବକୁ କରି ଚିରପରମ ବାନ୍ଧବ । ଅମର ଯାଇଛ କରି ଅବଦାନ ତବ ।'

ବିଭିନ୍ନ ଆଙ୍ଗିକତାର ସଫଳ ପ୍ରୟୋଗ ଉକ୍ତ ସଂକଳନରେ ଲକ୍ଷ୍ୟଣୀୟ । Sonnet formର ବ୍ୟବହାର ଆଲୋଚ୍ୟ ସଂକଳନର 'ଚିର ସୁନ୍ଦରୀ', 'ମୋ ଅଭିମାନ', 'ବିଜୟିନୀ', 'ରୂପସୀ', 'ଷୋଡଶୀ', 'ବ୍ୟର୍ଥପ୍ରୟାସ', 'ନାମକରଣ', 'ଯୁଗ୍ମଚିତ୍ର' ଓ 'ପାଷାଣୀ' ପ୍ରଭୃତି କବିତାରେ ଦେଖିବାକୁ ମିଳେ । ଏଥିମଧ୍ୟରୁ 'ଚିରସୁନ୍ଦରୀ', 'ନାମକରଣ', 'ଯୁଗ୍ମଚିତ୍ର' ଏବଂ 'ପାଷାଣୀ' କବିତାଗୁଡ଼ିକ ପ୍ରତ୍ୟେକ ଦୁଇଭାଗରେ ବିଭକ୍ତ । ପ୍ରତ୍ୟେକ ଭାଗ ଚତୁର୍ଦ୍ଦପଦରେ ରଚିତ । ଏଥିରୁ 'ନାମକରଣ' ହେଉଛି ଏକ ଅନୂଦିତ କବିତା । 'ଧଉଳି ପାହାଡ଼' ଓଡ଼ଧର୍ମୀ କବିତା ହୋଇଥିଲାବେଳେ 'ଅଭାଗିନୀ' ଶୀର୍ଷକ କବିତାରେ ସହଜ ଛନ୍ଦର ସୁପ୍ରଚଳନ ଲକ୍ଷ୍ୟ କରିହୁଏ । 'ବିରହେ', ଏବଂ 'ନାଉରୀ ଗୀତ' କବିକୃତ ଏକ ଏକ ସଫଳ ଅନୂଦିତ କବିତା । 'ପ୍ରବାସୀ ସୈନିକର ଶେଷଚିନ୍ତା' ଏକ ଛାୟାରଚିତ ମର୍ମସ୍ପର୍ଶୀ କବିତା ।

ଆତ୍ମିକ ଦୃଷ୍ଟିରୁ ବିଚାର କଲେ ପଦ୍ମପାଖୁଡ଼ାର କବିତାଗୁଡ଼ିକୁ ମୁଖ୍ୟତଃ ପାଞ୍ଚ ଭାଗରେ ବିଭକ୍ତ କରାଯାଇପାରେ । ସେଗୁଡ଼ିକ ଏହିପରି – (୧) ରହସ୍ୟବାଦୀ ରୋମାଣ୍ଟିକ କବିତା, (୨) ଦାମ୍ପତ୍ୟ ପ୍ରେମଭିତ୍ତିକ କବିତା, (୩) ଜାତୀୟତାବାଦୀ କବିତା, (୪) ଅଧ୍ୟାତ୍ମ ଭାବର କବିତା (୫) ଅନ୍ୟାନ୍ୟ କବିତା ।

ରହସ୍ୟବାଦୀ ରୋମାଣ୍ଟିକ କବିତା –

ରହସ୍ୟବାଦ ଓ ଆଧିଭୌତିକତା ଏକା କଥା ନୁହେଁ । ଗୋଟିଏ ରଚନା ରହସ୍ୟବାଦୀ ହୋଇପାରେ ଅଥଚ ଆଧିଭୌତିକ ନହୋଇପାରେ । ପୁଣି ଆଉଗୋଟିଏ ରଚନା ଆଧିଭୌତିକ ହୋଇପାରେ ଅଥଚ ରହସ୍ୟବାଦୀ ନହୋଇପାରେ । ରହସ୍ୟବାଦ ବହୁମୁଖୀ ହେଲାବେଳେ ଆଧିଭୌତିକତା ଏକମୁଖୀ ସ୍ୱରର ସନ୍ଧାନ ଓ ସଙ୍କେତ ଦିଏ । ଆଧିଭୌତିକତା ଭୂମିର ଅତୀତ କଥା କହୁଥିଲାବେଳେ ଭୂମି ବ୍ୟତୀତ ରହସ୍ୟବାଦର ପରିକଳ୍ପନା ଅସମ୍ଭବ ।

ଲାଟିନ Mystica ଶବ୍ଦରୁ Mysticism ଶବ୍ଦର ସୃଷ୍ଟି । Encyclopedia Britanica ଗ୍ରନ୍ଥ ଅନୁସାରେ Mystics ର ଅର୍ଥହେଉଛି – "The immediate experience of oneness with ultimate reality".

ରୋମାଣ୍ଟିସିଜିମ୍‌ର କେତେଗୁଡିଏ ଉପାଦନ ଭିତରୁ ଗୋଟିଏ ଉପାଦାନ ହେଉଛି କଳ୍ପନା ପ୍ରାବଲ୍ୟ ଏବଂ ଆଉ ଗୋଟିଏ ହେଉଛି ପ୍ରକୃତି ପ୍ରତି ଆତ୍ମୀୟତା । କଳ୍ପନା ପ୍ରାବଲ୍ୟ ଭିତରେ ଯୁକ୍ତି ଅପେକ୍ଷା ଭାବାବେଗ ଅଧିକ ଥାଏ । କଳ୍ପନା ଶକ୍ତିକୁ ବ୍ୟକ୍ତିସତ୍ତାର ଏକ ଅବିଭକ୍ତ ଅଂଶ ବୋଲି ଏଥିରେ ବିଚାର କରାଯିବା ସଂଗେସଂଗେ ଅନ୍ତଃଦୃଷ୍ଟିର ଅନ୍ୟନାମ ବୋଲି ମଧ୍ୟ ଗ୍ରହଣ କରାଯାଏ । ପୁନଶ୍ଚ ପ୍ରକୃତି ପ୍ରତି ଆତ୍ମୀୟତାରେ ଥାଏ ପ୍ରକୃତି ସହ ସମମର୍ମିତା । ତେବେ ରହସ୍ୟବାଦୀ ରୋମାଣ୍ଟିକ୍ ରଚନାରେ ନିର୍ଦ୍ଦିଷ୍ଟ ନହେଲେ ହେଁ ଅନିର୍ଦ୍ଦିଷ୍ଟ ନୁହେଁ, ସାକାର ନହେଲେ ହେଁ ନିରାକାର ନୁହେଁ ଏପରି ଏକ ସତ୍ତା ପ୍ରତି ପ୍ରୀତିମୁଗ୍ଧ ଆତ୍ମୁଖତା ଉସସ୍ଥାପିତ ହୋଇଥାଏ । ଯାହାଙ୍କ କଥା ଏଥିରେ କୁହାଯାଏ, ତାଙ୍କର ସ୍ଥିତି ଥାଏ ଅଧା ଛାଇ ଓ ଅଧା ଆଲୁଅରେ । ବେଳେ ତାଙ୍କୁ ବୁଝିହୁଏ, ବେଳେ ପୁଣି ବୁଝିହୁଏନା । ସେ କିଏ ? ସେ କ'ଣ ବିଶାଳବିଶ୍ୱରେ ପରିବ୍ୟାପ୍ତ ମୋହିନୀମାୟା ? ସେ କ'ଣ କ୍ଲାନ୍ତପଥିକର ଅଭିଳଷିତ ତରୁଛାୟା ? ସେ କ'ଣ ଲଳିତ କବିଚିତ୍ତର ସୁନ୍ଦର ଦୀପ୍ତିରେଖା ? ସେ କ'ଣ ମନ୍ଥମୁଗ୍ଧ ମାନସସତ୍ତାର ଅବିକମ୍ପ ଦୀପଶିଖା ? ନିର୍ଦ୍ଦିଷ୍ଟ ପଟଭୂମିରେ ବାନ୍ଧିହୁଏ ନାହିଁ କବିର କଳ୍ପନା । ଅଶେଷ ଶବ୍ଦଚିତ୍ର ଏ ପରିପ୍ରେକ୍ଷୀରେ ତା' ଦୃଷ୍ଟିକୁ ଆକୃଷ୍ଟ କରେ । ତେବେ ସେ ଯାହାହେଉ ଏହା ସର୍ବବାଦୀ ସମ୍ମତ ଯେ ଭାବବିମୁଗ୍ଧତା ନୁହେଁ ବରଂ ଭାବତଲ୍ଲୀନତା ହିଁ ଏପରି କବିତାର ମର୍ମବାଣୀ। ଏପରି ଆବେଶରେ କବି ଚିତ୍ତରେ ଫୁଟିଯାଏ ଷଡ଼ରୁତୁର ସୁବାସ-କୁସୁମ, ମଧୁମହକରେ ମହକି ଉଠେ ସୂକ୍ଷ୍ମ ମନ, ସୂକ୍ଷ୍ମପ୍ରାଣ ତଥା ସୂକ୍ଷ୍ମ ଶରୀରର କୋଣଅନୁକୋଣ । ସୂକ୍ଷ୍ମରୁ ସ୍ଥୂଳଭୂମିକୁ ଅବତରଣ କରି ତାହା ସ୍ଥୂଳପ୍ରାଣରେ ଅନୁପମ ପୁଲକ ଏବଂ ସ୍ଥୂଳ ଦେହରେ କଦମ୍ବ ରୋମାଞ୍ଚ ଭରିଦିଏ । ଦୂରଅତୀତ ଓ ମୂର୍ତ୍ତବର୍ତ୍ତମାନ ସେତେବେଳେ ଗୋଟିଏ ବୀଣା ତାରରେ ଝଙ୍କୃତ ହୋଇଉଠନ୍ତି । ବହିଃପ୍ରକୃତିର ମୋହନ ଆବେଶରେ କବିର ଚିତ୍ତବୃତ୍ତି ଅଭିଭୂତ ହୋଇ ଅସ୍ମିତା ହରାଇ ବସେ । ତାଙ୍କ ଆସିବା ବାଟକୁ ଚାହିଁ ବସିବାରେ ବିରକ୍ତି ନଥାଏ, ବରଂ ଥାଏ ଅନୁରକ୍ତିର ସୁବାସିତ ସରସତା । ବେଳେବେଳେ ତାଙ୍କ ରୂପବିଭା ଗୋଧୂଳି ଗଗନର ତାରା ଭିତରେ ଉକୁଟି ଉଠେ, ବେଳେବେଳେ ଅଳିର ଗୁଞ୍ଜନରେ ତାଙ୍କ ସ୍ୱର ଶୁଣାଯାଏ । ଆତ୍ମହରାହୋଇ କବି ଥରକୁ ଥର ଖୋଜୁଥାଏ ତାଙ୍କର ଠିକଣା । ପଦ୍ମଚରଣ ଏପରି ଠିକଣା ଖୋଜିବାରେ ଆନନ୍ଦମଗ୍ନ । କବିଙ୍କ ଭାଷାରେ:-

'କେଉଁ ଦେଶେ ଅଛ ପରାଣର ବନ୍ଧୁ
କେଉଁ କୁଞ୍ଜେ ଅଛ ବଢ଼ି ?
ରହିଛ କି ତୁମ୍ଭେ ବସନ୍ତ କୁସୁମ
ଅବା ମଧୁମାସ କଢ଼ି ?
x x x x x
ଆସୁଥାଇ ବାସ କୁସୁମ ପ୍ରସରି

ଶୁଭୁଥାଇ ଅଳିସ୍ୱନ,
ଦେଖିଲେ ସେ ଶୋଭା ତୁମ୍ଭେ କାହିଁଅଛ
ମୋତେ ପଚାରେ ମୋ ମନ ।'
(କେଉଁ ଦେଶେ ଅଛ ?)

'ତୁମ୍ଭେ' ଶବ୍ଦର ବାରମ୍ବାର ପ୍ରୟୋଗ ଏହି କବିତାରେ ଥିଲେ ହେଁ ଏହାଦ୍ୱାରା କବିତା ଭାରାକ୍ରାନ୍ତ ନହୋଇ ବରଂ ହୋଇଛି ଅଳଙ୍କୃତ । ଶ୍ରୀଅରବିନ୍ଦଙ୍କ ଭାଷାରେ - " Mysitic poetry does not mean any thing exactly or apparently, it means things suggestively and reconditely- things that are not known and classified by the intellect ".

(Letters on Poetry, Literature and Art)

ଏଥିରେ କବି ଚେତନାରେ ମାଟି ଓ ଆକାଶ ଗୋଟିଏ ମୁଦ୍ରାର ଦୁଇପାଖ ଭଳି ପରସ୍ପର ସହ ଜଡ଼ିତ ହୋଇଛି । ସଂକୀର୍ଣ୍ଣତାର ବଳୟକୁ ଭେଦକରି କବିଦୃଷ୍ଟି ପ୍ରସାରିତ ହୋଇଯାଇଛି ଦୂରତମ ଦୂରତାକୁ ଓ ଗଭୀରତମ ଗଭୀରତାକୁ । କବି ପଦ୍ମଚରଣଙ୍କର ଅନ୍ୟତମ କବିତା 'କିଏ ତୁମ୍ଭେ? ରେ ଏତାଦୃଶ ଭାବଧାରା ଉପସ୍ଥାପିତ । କବିତାର ନାୟକ କେତେବେଳେ ସାକାର ତ କେତେବେଳେ ନିରାକାର । କେତେବେଳେ କାୟା ତ କେତେବେଳେ ଛାୟା ।

'କିଏ ତୁମ୍ଭେ ବସି ଚନ୍ଦ୍ର ମଣ୍ଡଳରେ
ତୁନିତୁନି କହ କଥା,
ସାତପରସ୍ତର ବାୟୁରାଶି ଭେଦି
ପ୍ରାଣେ ଆଣେ ନବ ବ୍ୟଥା ?
x x x x x
ଯାହା ମୁଁ ଦେଖୁଛି ତାହା କାହା କାୟା
ଅବା କାୟାରୂପୀ ଛାୟା,
ଚୁଟିଲି ମୁଁ ଏବେ ଚାରିଦିଗେ ମୋର
ତୁମ୍ଭରି ମୋହିନୀ ମାୟା !' (କିଏ ତୁମ୍ଭେ !)

ଅଭିବ୍ୟକ୍ତିରେ ସୁକୁମାରତା ଓ ଶ୍ରୁତିମଧୁରତା ଗୀତିକବିତାର ଏକ ଏକ ବିଶିଷ୍ଟ ବିଭବ । କବିର ଚିତ୍ତବୃତ୍ତି ନିର୍ବାଚିତ ଶବ୍ଦ ମାଧ୍ୟମରେ ପ୍ରକଟିତ ହୁଏ । ନିର୍ବାଚିତ ଶବ୍ଦର ଅର୍ଥ ହେଲା ପ୍ରଥମତଃ ଭାବାନୁସାରୀ ଭାଷାର ଚୟନ । ଏଥିପାଇଁ ଏକାନ୍ତ ଆବଶ୍ୟକ ଅଶେଷ ଦକ୍ଷତା ।

ଦାମ୍ପତ୍ୟ ପ୍ରେମଭିତ୍ତିକ କବିତା –

'ପ୍ରବାସୀ ସୈନିକର ଶେଷଚିନ୍ତା' କବିପଦ୍ମଚରଣଙ୍କର ଏକ ଛାୟାରଚିତ କବିତା । ୧୯୧୫ ମସିହା ଅଗଷ୍ଟ ୬ ତାରିଖ 'Statesman' ରେ ଗୋଟିଏ News ପ୍ରକାଶିତ ହୋଇଥିଲା। News ଟି କବିଙ୍କ ମନରେ ଗଭୀର ଭାବାନ୍ତର ସୃଷ୍ଟିକରିଥିଲା ଯାହାର ଭିତ୍ତିରେ ଆଲୋଚ୍ୟ କବିତାଟି ରଚିତ । ଏହା ଚିଠି ରୂପରେ ଲେଖାଯାଇଥିବା News ଟିଏ । ଗୁଳିବିଦ୍ଧ ହୋଇ ଆସନ୍ନମୃତ୍ୟୁ ଅପେକ୍ଷାରେ ଥିବା ସୈନିକର ଆତ୍ମଚିନ୍ତା ଏଥିରେ ଉପସ୍ଥାପିତ । ଯୁଦ୍ଧ ଭୂମିରେ ସେହି ଅବସ୍ଥାରେ ଚିଠିଲେଖିବା ସୈନିକଙ୍କ ପକ୍ଷରେ ସମ୍ପୂର୍ଣ୍ଣ ଅସମ୍ଭବ । ସେଠାରେ କର୍ତ୍ତବ୍ୟରତ ଡାକ୍ତରଙ୍କ ସହଚାରୀଙ୍କୁ ସେ କହିଥିବା ଜୀବନର ଶେଷ କଥା କେତେ ପଦକୁ ନେଇ

News ଟି ସଂଗଠିତ । ସହକାରୀଙ୍କୁ ସେ ଅନୁରୋଧ କରି କହିଥିଲେ –

"If you would be so kind, write a letter for me to my wife to tell her I am dead. "

ସୈନିକଙ୍କର ବାର୍ତ୍ତା ଥିଲା ଏହିପରି –

"My beloved wife Lukerya petrowna,- I have to tell you that my last hour is come. God has not permitted that we should see one another again. Take care of Vasutka and Dunka. If you marry again, see that your new husband does not beat them. Sell the mare to Rane Ryzhoof, but not less than 70 roubles. That is its price today. Have the house whitewashed and accept three roubles from Peter Bezrucholf for the cats. Old uncle Vlass will whitewash the house for 20 kopeks.

I have been wounded in the back and the bullet has gone clean through me and come out through the breast. It was the will of the God. I think Lukerya, that it would be better to sell the calf and buy a colt of Gavirloff. Horses will continue to go up in price. Forgive me all, for the love of Christ".

ପ୍ରକାଶ ଯୋଗ୍ୟ ଯେ ଉପରୋକ୍ତ ତାରିଖର 'Statesman' ପାଇବା କଷ୍ଟରେ ବ୍ୟାପାର। ମୋର ଅନୁରୋଧ ରକ୍ଷା କରି ଜାତୀୟ ଗ୍ରନ୍ଥାଗାର (National Library) ରୁ ସେହିଦିନର 'Statesman' ଖୋଜି ତହିଁରୁ ଏହି News ଟି ସଂଗ୍ରହ କରି ମୋ ପାଖକୁ ପଠାଇଥିବାରୁ ମୁଁ ଏହି ଅବକାଶରେ ସେହି ପାଠାଗାରର ତତ୍‌କାଳୀନ ଉପଗ୍ରନ୍ଥାଗାରିକ ଶ୍ରୀଯୁକ୍ତ ସାଫଲ୍ୟ କୁମାର ନନ୍ଦୀ ମହୋଦୟଙ୍କୁ ଅଶେଷ କୃତଜ୍ଞତା ଜଣାଉଛି ।

ପଦ୍ମଚରଣଙ୍କ ଲେଖନୀରେ ଆଲୋଚ୍ୟ କବିତାରେ କୁହାଯାଇଛି ଯେ :– ସୈନିକଟିଏ ଯାଇଛି ଯୁଦ୍ଧ କ୍ଷେତ୍ରକୁ, ଘରେ ତାର ପତ୍ନୀ ଓ ଦୁଇଟି ଶିଶୁ ସନ୍ତାନ । ଯୁଦ୍ଧ ଭୂମିରେ ସୈନିକଟି ଗୁଳିବିଦ୍ଧ ହୋଇ ଆସନ୍ନ ମୃତ୍ୟୁର ଅପେକ୍ଷାରେ ଥିଲାବେଳେ ତା'ର ପ୍ରାଣପ୍ରିୟା ପତ୍ନୀ ପାଖକୁ ଚିଠିଟିଏ ଲେଖିଛି। ଲହୁ ଓ ଲୁହରେ ଭିଜା ଏଇ ଚିଠିର କବିତାଟି ଏତେ ମାର୍ମିକ ହୋଇଛି ଯେ ଜଣେ ସହୃଦୟ ପାଠକ ତାକୁ ପଢ଼ିଲେ ଭାବବିଭୋର ନହୋଇ ରହିପାରିବ ନାହିଁ । ଯନ୍ତ୍ରଣାରେ ଜର୍ଜରିତ ସୈନିକର ଶରୀର, ମୃତ୍ୟୁ ଆସନ୍ନ, ତୁହାକୁତୁହା ମନେପଡ଼ିଛି ପତ୍ନୀ ଓ ପିଲାମାନଙ୍କ କଥା । ଆଖିଆଗରେ ଭାସିଯାଇଛି ଗାଁ ଓ ଘରର ଚିତ୍ର ଛାୟାଛବି ପରି । କାମନା ଓ କଳ୍ପନାର ବାଲିଘର କାଳର ସୁନାମିରେ ଭାଙ୍ଗିପଡ଼ିଛି, ଧ୍ୱସ୍ତ ବିଧ୍ୱସ୍ତ ହୋଇଛି ଆଶା ଓ ଆକାଂକ୍ଷାର ସୁରମ୍ୟ ଉଦ୍ୟାନ । ମୂଳଲେଖାଠାରୁ ଅନୁବାଦଟି ବହୁଗୁଣରେ ହୃଦ୍ୟ ଓ ଅନୁଭବ୍ୟ ହୋଇଛି । କାରଣ ସୈନିକଙ୍କର ଅନୁଭବ ସହିତ ମିଶିଯାଇଛି ପଦ୍ମଚରଣଙ୍କ ଅନୁଭବ । ସୈନିକଟିର ଘରକୁ ଫେରିବାର ଆଶା କେବଳ ଆଶାରେ ହିଁ ରହିଯାଇଛି । ଏହି ଅବସୋଷ ଜନିତ କେତେକ ପଂକ୍ତିର ସଂରଚନା ପଦ୍ମଚରଣ ଏହିପରି କରିଛିନ୍ତି –

'ସେ ସଉଭାଗ୍ୟ ଏ ଜୀବନେ ନ ଲେଖିଲା ବିଧି,
କେତେଦୂରେ ରହିଲୁ ତୁ ମୋ ଲାବଣ୍ୟନିଧି ।
କେତେଦୂରେ ରହିଲେ ମୋ ନୟନ ପିତୁଳି,
କେତେଦୂରେ ରହିଲା ସେ ମୋ ଆନନ୍ଦପୁରୀ ।'

ଅନୁବାଦରେ ଥିବା 'ଲାବଣ୍ୟନିଧି' ଶବ୍ଦର ଆବେଦନ ଅସୀମ । ଏହି ଶବ୍ଦର ବିକଳ୍ପରେ ଆଉ ଯେ କୌଣସି ଶବ୍ଦ ବସାଇଲେ ସେହି ଶବ୍ଦ ଦ୍ୱାରା ସମୁଚିତ ଭାବସଂଚରଣ ଘଟିବ ନାହିଁ, ଦାମ୍ପତ୍ୟପ୍ରେମର ଦିଗନ୍ତବିସ୍ତାରୀ ଦୀପ୍ତି ଫୁଟିବ ନାହିଁ । ସୈନିକର ମୃତ୍ୟୁକାଳୀନ ଯନ୍ତ୍ରଣା ମୁହୂର୍ତ୍ତକପାଇଁ ତୁଚ୍ଛ ହୋଇଯାଇଛି ଯେତେବେଳେ ଜଳଜଳ ହୋଇ ଦିଶିଯାଇଛି ସରଳ ଶିଶୁଦୁଇଟିଙ୍କର ନିରୀହ ଚାହାଣି, ଅଜଣା ଦିଗରୁ ଭାସି ଆସିଛି ତାଙ୍କର

ଦରୋଟି ବଚନ, ମନେପଡ଼ିଛି ବହୁ ସ୍ମୃତିସଞ୍ଚୁତ ଘରର ପରିବେଶ । ଦିଶିଯାଇଛି ଚିଠି ପହଞ୍ଚିଲାପରେ ପତ୍ନୀଙ୍କର ସେ ଶୋକାକୁଳ ହୃଦୟବିଦାରକ ଦୁଃସହ ଅବସ୍ଥା ପାଦତଳୁ ମାଟିଖସିଯାଉଥିବା ବେଳର ମର୍ମନ୍ତୁଦ ଅସହାୟତା । ଅନୁବାଦରେ ପଦ୍ମଚରଣଙ୍କ ଭାଷା ଏହିପରି –

'ଫିଟିଯିବ ତୋ' କବରୀ ତୁଟିଯିବ ହାର
ଶୁଖିଯିବ ସେ ଅଧର ଜବା–ମନୋହର
ସେ ତପ୍ତକାଞ୍ଚନ ଅଙ୍ଗୁ ସ୍ୱେଦଧାରା ବହି
ଅଶ୍ରୁସ୍ରୋତ ସଙ୍ଗେମିଶି ତିନ୍ତାଇବ ମହୀ ।।'

କବିତାର ଶେଷ ଅଂଶରେ ଯେଉଁ ଦାର୍ଶନିକ ଅନୁଚିନ୍ତା ଉପସ୍ଥାପିତ ହୋଇଛି ତାହା ସାର୍ବଜନୀନ ଓ ସର୍ବକାଳୀନ ସତ୍ୟଉପରେ ଆଧାରିତ । ପ୍ରେମ ହିଁ ମୃତ୍ୟୁକୁ ଜୟ କରିପାରେ ଏବଂ ଚିରନ୍ତନ ମୂଲ୍ୟବୋଧରେ ବିମଣ୍ଡିତ ହୋଇ ଜନ୍ମ–ଜନ୍ମାନ୍ତର ପାଇଁ ଜାଜ୍ୱଲ୍ୟମାନ ହୋଇ ରହିପାରେ । ଦେହର ପ୍ରେମଠାରୁ ବିଦେହର ପ୍ରେମ ଶତଗୁଣରେ ଜ୍ୟୋତିର୍ମୟ । ମୃତ୍ୟୁ ସମସ୍ତଙ୍କୁ ଜୟକରେ ମାତ୍ର ପ୍ରେମକୁ ଜୟକରିପାରେ ନାହିଁ । ପ୍ରେମ ନିକଟରୁ ଥରକୁଥର ହାରି ଶେଷରେ ନିଜର ଅସ୍ତିତ୍ୱ ହରାଇବସେ । ପ୍ରେମରାଜ୍ୟରେ ମରଣର ପ୍ରବେଶାଧିକାର ନାହିଁ – ଏକଥା ପଦ୍ମଚରଣଙ୍କ ଲେଖନୀରେ ଅଭିବ୍ୟକ୍ତ ହୋଇଛି –

'ପ୍ରେମରାଜ୍ୟେ ମରଣର ନାହିଁ ଅଧିକାର
ଏହି ଆଶା ପୋଷି ସଖି, ତେଜିଲି ସଂସାର ।।'

ଉକ୍ତ କବିତାଟିରେ ପଦ୍ମଚରଣଙ୍କର କବିତ୍ୱର ବର୍ଣ୍ଣଳବିସ୍ତୃତିରେ ମୁଗ୍ଧ ହୋଇ ବିଶିଷ୍ଟ ପ୍ରାବନ୍ଧିକ ଶ୍ରୀ ଶଶିଭୂଷଣ ରାୟ କବିଙ୍କ ନିକଟକୁ ଲେଖିଥିଲେ– ''ଆପଣଙ୍କର ପ୍ରବାସୀ ସୈନିକର ଶେଷଚିନ୍ତା' କବିତାଟି ପାଠକରି ହୃଦୟ ଅନିର୍ବଚନୀୟ ଆନନ୍ଦରେ ପରିପୂରିତ ହେଲା । କି ମଧୁର, କେତେ ମଧୁର, ମର୍ମସ୍ପର୍ଶୀ, କେତେ ମର୍ମସ୍ପର୍ଶୀ ।''

କେବଳ ଛାୟାନୁବାଦ ଓ ମର୍ମାନୁବାଦ ପର୍ଯ୍ୟାୟର କବିତା ନୁହେଁ, କବିକୃତ ଅନ୍ୟାନ୍ୟ ମୌଳିକ କବିତାମାନଙ୍କରେ ମଧ୍ୟ ଅସୀମ ସ୍ୱର୍ଶକାତରତା ପରିବେଷିତ । ଜୀବନର କବି ପଦ୍ମଚରଣ ଯୌବନର ପୂଜାପାଇଁ ସକାଳ–ଶିଶିର–ଭିଜା ସଜଫୁଲରେ ପୂଜାଡାଲା ସଜାଇଛନ୍ତି ।'ପଦ୍ମ ପାଖୁଡ଼ା'ର ଅର୍ଦ୍ଧାଧିକ କବିତାରେ ପ୍ରେମର ମନମୋହିନୀ ସ୍ପର୍ଶ ଅନୁଭବ୍ୟ । ଏ ପ୍ରେମ ଉଦ୍‌ଭ୍ରାନ୍ତ ପ୍ରେମ ନୁହେଁ, ବରଂ ସଂଯତ, ଶାଳୀନ, ଦାମ୍ପତ୍ୟପ୍ରେମ ଯହିଁରେ ମାଳିନ୍ୟ ନାହିଁ ବରଂ ରହିଛି ଅସାମାନ୍ୟ ଶାଳୀନତାର ଉଜ୍ଜ୍ୱଳ ମୁଦ୍ରାଙ୍କ । ସୁଶୀଶୋଭନ ଚନ୍ଦନବନର ମନ୍ଦପବନ ସତେଯେପରି କବିତାଗୁଡ଼ିକରେ ହୋଇଛି ବାଙ୍ମୟ । କେଉଁଠି ନାୟକ ମୁଖରେ ପ୍ରାଣପ୍ରିୟାର ତନୁସୁଷମାର ପ୍ରଶସ୍ତି ବର୍ଣ୍ଣିତ ତ ଆଉ କେଉଁଠି ଅଭିମାନ ଓ ଆଡ଼ରୁଷାର ଝୁଣ୍ଟିଆ ଝଙ୍କାର ପ୍ରତିଧ୍ୱନିତ । ପୁଣି କେଉଁଠାରେ ପ୍ରକୃତିର ଚାରୁଚିତ୍ର ଭିତରେ ନାୟିକାର ସ୍ନିଗ୍ଧମଧୁର ରୂପବିଭା କବିଚିତ୍ତକୁ ପ୍ରଲୁବ୍ଧ କରିଛି । 'ନାମକରଣ' କବିତାରେ କବିପ୍ରାଣର ମୋହନ ଆବେଶ ପାଖୁଡ଼ାପାଖୁଡ଼ା ମେଲି ଫୁଟିପଡ଼ିଛି । ପ୍ରିୟତମାର ରୂପ ଓ ଗୁଣରେ କବିତାର ନାୟକ ଏତେ ଆତ୍ମହରା ଯେ ସେ କେଉଁ ନାମରେ ତାକୁ ଡାକିବ ଚୁଝିପାରୁ ନାହିଁ ।

'ଡାକିବି ଗୋଲାପ, ଅବା ସରଗର ଇନ୍ଦୁ
ଅବା ତପ୍ତ ହୃଦୟର, ଶୀତସୁଧା ବିନ୍ଦୁ
ଅବା ଶୁକ୍ରତାରା, କିବା କମଳ କଳିକା
ଅଥବା ମୋ ଦୀନ କଣ୍ଠ–ମାଣିକ୍ୟ–ମାଳିକା

ଡାକିବି ବା ସୀତା ସତୀ, ଦ୍ରୁପଦ ଦୁଲଣା
ଅବା ଶାନ୍ତା ଶକୁନ୍ତଳା ଚମ୍ପକ ବରଣା ।' (ନାମକରଣ)

'ନବଜୀବନେ' କବିତା ଏକ ସଫଳ ସୃଷ୍ଟି । ଏଠାରେ ଦାମ୍ପତ୍ୟ ପ୍ରେମର ଆକାଶ କେତେବେଳେ ଅଭିମାନର ମେଘରେ ଭରପୂର ତ ଆଉ କେତେବେଳେ ଆନନ୍ଦର ଜୋଛନାରେ ଝଲମଲ । ରୁଷାରୁଷି ଏଥିରେ ଅଳ୍ପ କଥାର ଉପକଥା ମାତ୍ର । କୋପଦୃଷ୍ଟି ନିଦାଘର ବୃଷ୍ଟିପରି କ୍ଷଣସ୍ଥାୟୀ । କବିଙ୍କ ଭାଷାରେ –

'ଘଡ଼ିକେ ଖରା ଘଡ଼ିକେ ତରା
ଘଡ଼ିକେ ଧାରାବୃଷ୍ଟି,
ଘଡ଼ିକେ ସ୍ନେହ ଘଡ଼ିକେ କୋହ
ଘଡ଼ିକେ କୋପଦୃଷ୍ଟି ।
ଘଡ଼ିକେ ଦୁହେଁ ଆମ୍ହରା,
ଘଡ଼ିକେ ରୁଷାରୁଷି
ଘଡ଼ିକେ କେତେ ଘେନାଘେନି
ମଧୁର ହସାହସି ।' (ନବ ଜୀବନ)

ନାରୀତ୍ୱକୁ କବି ପଦ୍ମଚରଣ ଉଚ୍ଚାସନ ଦେଇଛନ୍ତି ଏବଂ ତା'ର ମହିମା ଗାନରେ ହୋଇଛନ୍ତି ଶତମୁଖ ପରିବାରରେ ନାରୀ ଛଣାସୁଧା ସିଞ୍ଚି ଦେଇପାରେ, ବିଞ୍ଚି ଦେଇପାରେ ଆନନ୍ଦର ମଣିମୁକ୍ତାରାଶି । ନାରୀ ବିନା ପରିବାର ଅରଣ୍ୟ ସଦୃଶ ବୋଲି ଶାସ୍ତ୍ରରେ କୁହାଯାଇଛି ।

'ନାସ୍ତି ଭାର୍ଯ୍ୟାସମୋବନ୍ଧୁଃ ନାସ୍ତି ଭାର୍ଯ୍ୟାସମାଗତିଃ ।
ନାସ୍ତି ଭାର୍ଯ୍ୟା ସମାଲୋକେ ସହାୟା ଧର୍ମସଂଗ୍ରହେ ।।' (ଶାନ୍ତିପର୍ବ–ମହାଭାରତ)

ନାରୀର ଭୂମିକା ସର୍ବତ୍ର ମହନୀୟ ଓ ମାନନୀୟ । ଏହାର ସ୍ୱୀକୃତି ସମାଜରେ ଏକାନ୍ତ ଆବଶ୍ୟକ । ନାରୀ ଯଥାର୍ଥରେ ସଚେତନ ଓ ଶିକ୍ଷିତ ହେଲେ ସମାଜରେ ବହୁ ସକାରାତ୍ମକ ପରିବର୍ତ୍ତନ ଆସିପାରେ । ନାରୀର ଧୈର୍ଯ୍ୟ, ସହିଷ୍ଣୁତା ସର୍ବୋପରି ମାଆ ମନଟି ସାରା ସଂସାରରେ ଦୁର୍ଲ୍ଲଭ । ଏସବୁ ଦିବ୍ୟ ଗୁଣ, ପୃଥିବୀକୁ ସ୍ୱର୍ଗୀୟ ମାଧୁର୍ଯ୍ୟରେ ବିମଣ୍ଡିତ କରିପାରେ । ଶ୍ରୀମଦ୍‌ଭଗବଦ୍ ଗୀତାରେ ଶ୍ରୀକୃଷ୍ଣ କହିଛନ୍ତି ଯେ ସେ ହେଉଛନ୍ତି ନାରୀ ନିକଟରେ ଥିବା କେତେକ ଦିବ୍ୟଗୁଣର ଅଧୀଶ୍ୱର ।

ମୃତ୍ୟୁ ସର୍ବହରଶ୍ଚାହ ମୁଦ୍‌ଭବଶ୍ଚ ଭବିଷ୍ୟତମ୍ ।
କୀର୍ତ୍ତିଃ ଶ୍ରୀର୍ବାକ୍‌ଚ ନାରୀଣାଂ ସ୍ମୃତି,ର୍ମେଧା, ଧୃତିଃ, କ୍ଷମା ।। (୧୦/୩୪)

କବି ପଦ୍ମଚରଣ ନାରୀତ୍ୱର ମହତ୍ତ୍ୱ ସମ୍ପର୍କରେ କହିଛନ୍ତି–

ମୂର୍ତ୍ତିମତୀ ସହିଷ୍ଣୁତା ସରଗ ପ୍ରତିମା
ତୋ ଘେନି ସଂସାର ଧନ୍ୟ, ଧନ୍ୟ ତୋ ମହିମା '' । (ଯୁଗ୍ମଚିତ୍ର)

ପଦ୍ମଚରଣଙ୍କ ପ୍ରେମ କବିତା ସଂପର୍କରେ ଆଲୋଚକ ଶୁଭେନ୍ଦୁ ମୁଣ୍ଡଙ୍କ ମତାମତ ଏହିପରି – ''ପଦ୍ମଚରଣଙ୍କ ପ୍ରେମ କବିତାରେ ସ୍ନିଗ୍ଧ ସୁନ୍ଦର ନିର୍ମଳ ଆଦର୍ଶ ଭିତ୍ତିକ ଦାମ୍ପତ୍ୟ ପ୍ରେମର ଚନ୍ଦନଗନ୍ଧ ପାଠକକୁ ପୁଲକିତ କରିଥାଏ । ଭାରତୀୟ ଜୀବନଦର୍ଶନର ଭିତ୍ତିଉପରେ ପ୍ରତିଷ୍ଠିତ ମଧୁର ଦାମ୍ପତ୍ୟ ପ୍ରେମର ସ୍ୱଚ୍ଛନ୍ଦ କାବ୍ୟିକ ପରିପ୍ରକାଶ ଏହି ଧରଣର କବିତାଗୁଡ଼ିକର ବିଶେଷତ୍ୱ ।''

ଜାତୀୟତାବାଦୀ କବିତା –

ଜାତୀୟତାବାଦୀ ଚେତନାର ପ୍ରକଟନ ଯଥାର୍ଥରେ ସଂଗଠିତ ହୋଇଛି 'ପଦ୍ମପାଖୁଡ଼ା'ର ତିନିଗୋଟି କବିତାରେ । ସେଗୁଡ଼ିକ ହେଉଛି 'ଧଉଳି ପାହାଡ଼', 'ତ୍ରିବେଣୀତଟେ', ଓ 'ଖୋରଧା ପ୍ରଥମଦର୍ଶନେ' । ଏ ଜାତୀୟତାବୋଧ ଉତ୍କଳୀୟ ଜାତୀୟତାବୋଧ ଓ ଭାରତୀୟ ଜାତୀୟତାବୋଧର ରମ୍ୟ ସମନ୍ୱୟରେ ସଂଗଠିତ । ଉତ୍କଳସମ୍ମିଳନୀର କ୍ରିୟାଶୀଳତା, ପ୍ରଥମ ବିଶ୍ୱଯୁଦ୍ଧର ପ୍ରଭାବ ଓ ପ୍ରତିକ୍ରିୟା, ଭାରତର ସ୍ୱାଧୀନତା ଆନ୍ଦୋଳନ କବିଙ୍କୁ ବହୁପ୍ରକାରେ ପ୍ରଭାବିତ କରିଥିଲା । ୧୯୦୫ ଓ ୧୯୦୬ ମସିହାର ବଙ୍ଗଭଙ୍ଗ ଆନ୍ଦୋଳନ କବି ଚିତ୍ତକୁ ମଧ୍ୟ ଆନ୍ଦୋଳିତ କରିଥିଲା । ଜାତୀୟତାବାଦୀ ଚିନ୍ତାଧାରା ନିମନ୍ତେ ଏହିସବୁ ଆନ୍ଦୋଳନ ସହିତ ସ୍ୱାମୀ ବିବେକାନନ୍ଦଙ୍କର ବାଣୀର ପ୍ରଭାବ ଏବଂ ସତ୍ୟବାଦୀ ଯୁଗର ଆଦର୍ଶ ଓ ଅନୁପ୍ରେରଣା ମଧ୍ୟ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିଲା । ତରୁଣମାନଙ୍କୁ ଉଦ୍‌ବୋଧନ ଦେଇ ସେମାନଙ୍କ ମଧ୍ୟରେ ଜାତୀୟତାବୋଧର ସଞ୍ଚାର କରିବା ନିମନ୍ତେ କବି ଯେଉଁ ଆନ୍ତରିକତା ପ୍ରକଟ କରିଛନ୍ତି, ତାହା ପ୍ରଣିଧାନଯୋଗ୍ୟ ।

'ଧଉଳି ପାହାଡ଼' କବିତାଟି ସମ୍ବୋଧନ ଶୈଳୀରେ ରଚିତ । କବିତାର ପ୍ରଥମ ଅଂଶଟିରେ କାରୁଣ୍ୟ ତଥା ଅସହାୟତାର ସ୍ୱର ମିଳୁଥିଲାବେଳେ ପରେପରେ ଅତୀତର ଗୁରୁଗୌରବ ବର୍ଣ୍ଣିତ । କବିଙ୍କ ଧାରଣା ଏହି ଯେ ଧ୍ୟାନମଗ୍ନ ଋଷିକଳ୍ପ ଧଉଳି ପାହାଡ଼ ଧାର୍ମିକତା ଓ ନୈତିକତାର ସୁମଧୁର ପବିତ୍ରସ୍ପର୍ଶ ମାଧ୍ୟମରେ ଅଶୋକଙ୍କୁ ଚଣ୍ଡାଶୋକରୁ ଧର୍ମାଶୋକରେ ପରିଣତ କରିଥିଲା ।

'ଧଉଳି ପାହାଡ଼ ଧଉଳି ପାହାଡ଼
କି କଥା କହିଲ ରାଜାଙ୍କ କାନେ
କି ଗାଥା ଗାଇଲ ଘଡ଼ିକେ ରାଜନ
ଚୁଡ଼ିଲେ ଅପୂର୍ବ ସମାଧି ଧ୍ୟାନେ ।' *(ଧଉଳି ପାହାଡ଼)*

କବିତାର ଶେଷରେ ଅତୀତଉତ୍କଳର ଗୌରବଦୀପ୍ତ ପରିବେଶ ପୁନର୍ବାର ଆସିବ କି ନାହିଁ ବୋଲି ଦରଦୀ କବିଚିତ୍ତ ପ୍ରଶ୍ନ କରିଛି । ଧଉଳି ପାହାଡ଼ ଏଥିରେ ପାହାଡ଼ ମାତ୍ର ହୋଇ ରହିନାହିଁ, ହୋଇଯାଇଛି ଏକ ସ୍ୱର୍ଣ୍ଣକାତର ସଚେତନ ସତ୍ତା ।

'ତ୍ରିବେଣୀ ତଟେ' କବିତାର ମର୍ମବାଣୀ ପ୍ରତ୍ୟେକ ପାଠକପ୍ରାଣରେ ଜାତୀୟତାବାଦର ଗୁଞ୍ଜନ ସୃଷ୍ଟିକରେ ସୁମଞ୍ଜୁଳସ୍ୱର । ୧୯୧୨ ମସିହା କାର୍ତ୍ତିକ ପୂର୍ଣ୍ଣିମାରେ ଏହା ରଚିତ । ଉକ୍ତ କବିତାଟି ତିନି ଭାଗରେ ବିଭକ୍ତ । ପ୍ରଥମ ଭାଗଟି ତ୍ରିବେଣୀର ସୌନ୍ଦର୍ଯ୍ୟ ବର୍ଣ୍ଣନା ଉପରେ ଆଧାରିତ । ଦ୍ୱିତୀୟ ଭାଗରେ ଅତୀତର ଗୌରବଗାଥା ଉପସ୍ଥାପିତ ଏବଂ ତୃତୀୟ ଭାଗରେ ଆଶାବାଦର ସୁବାସ ବିଚ୍ଛୁରିତ । ଅତୀତ ମୃତ ହେଲେ ହେଁ ତହିଁରୁ ଶିକ୍ଷାଲାଭ ଏକାନ୍ତ ଜରୁରୀ ଯାହା ଏକାଧାରରେ ବ୍ୟକ୍ତି ଓ ଜାତିପାଇଁ ଏକ ଅପରିହାର୍ଯ୍ୟ ଆବଶ୍ୟକତା । ଅତୀତ ଉପରେ ଗୁରୁତ୍ୱ ନଦେଲେ ସମୃଦ୍ଧ ଭବିଷ୍ୟତ ଗଠନ ପ୍ରାୟତଃ ସମ୍ଭବ ନୁହେଁ । ସ୍ୱାମୀ ବିବେକାନନ୍ଦଙ୍କ ମତରେ, ''ଲୋକମାନେ ମୋତେ କହିଛନ୍ତି ପୂର୍ବଗୌରବ ସ୍ମରଣ କଲେ ମନର ଅବନତି ହୁଏ, ଏଥିରେ କୌଣସି ଫଳ ଲାଭ ହୁଏନାହିଁ । ତେଣୁ ଆମକୁ ଭବିଷ୍ୟତ ପ୍ରତି ଦୃଷ୍ଟି ରଖି କାର୍ଯ୍ୟ କରିବାକୁ ହେବ । ସତ୍ୟକଥା, ଏହାମଧ୍ୟ ବୁଝିବାକୁ ହେବ ଯେ ଅତୀତର ଗର୍ଭରୁ ହିଁ ଭବିଷ୍ୟତର ଜନ୍ମ ।''

ଓଡ଼ିଶାର ଶେଷ ସ୍ୱାଧୀନ ରାଜା ମୁକୁନ୍ଦଦେବଙ୍କ ଗୋହିରାଟିକିରୀଠାରେ ଯୁଦ୍ଧ ଓ ଆତ୍ମବଳିର ଚିତ୍ର ଏଥିରେ ପ୍ରଦତ୍ତ । ମୁକୁନ୍ଦଦେବଙ୍କ ରାଜଧର୍ମ, ବୀରତ୍ୱ ତଥା ଧୀରତ୍ୱ ସଂପର୍କରେ ସ୍ମୃତିଚାରଣ କରିବା ମାଧ୍ୟମରେ ଏହାପ୍ରତି ଅଶେଷ ଶ୍ରଦ୍ଧା ଓ ସମ୍ମାନ ପ୍ରଦର୍ଶନ କରିଛନ୍ତି କବି ପଦ୍ମଚରଣ ।

'ସରିଛି ସେସବୁ ଆଜି, ଲାଗୁଛି ସ୍ୱପନ ସମ
ଅଛି ଦେଶ, ନାହିଁ ତହିଁ ମୁକୁନ୍ଦର ପରାକ୍ରମ ।' (ତ୍ରିବେଣୀ ତଟେ)

'ତ୍ରିବେଣୀ ତଟେ' କବିତାରେ ଅତୀତରୁ ବର୍ତ୍ତମାନ ବାଟଦେଇ ଭବିଷ୍ୟତ ଆଡ଼କୁ ଏକ ପ୍ରବହମାନତା ଅନୁଭୂତ ହୁଏ, ଯାହା ପାଠକର ଚିତ୍ତକୁ ଆକୃଷ୍ଟ କରେ । ଅନ୍ୟ ଭାଷାରେ କୁହାଯାଇପାରେ ଯେ, ତ୍ରିବେଣୀ ତଟେ କବିତାଟି ଅତୀତ, ବର୍ତ୍ତମାନ ଓ ଭବିଷ୍ୟତ ଭିତରେ ଏକ ରମ୍ୟ ସୁବର୍ଣ୍ଣ ସେତୁ । ଏହି କବିତା ପଠନ କଲାବେଳେ ସ୍ମୃତି ପଥାରୂଢ ହୁଏ କବି ନୀଳକଣ୍ଠଙ୍କ 'କୋଣାର୍କେ'ର ଶୈଳୀଗତ ସୁଷମା । 'କୋଣାର୍କେ'ରେ ଅଛି ଅତୀତକୁ ବର୍ତ୍ତମାନ ସହ ଯୋଡ଼ି ଦେବାର ଆଗ୍ରହ ଓ ଆନ୍ତରିକତା ଯାହା 'ତ୍ରିବେଣୀ ତଟେ'ରେ ଆଉ ଟିକିଏ ଅଗ୍ରଗତି କରିଛି । ଅତୀତର ସ୍ମୃତିଚାରଣ ପୂର୍ବକ କବି ଗାଇ ଉଠିଛନ୍ତି –

'ମୁକୁନ୍ଦର ସିଂହାସନ ଗଲାଣିତ କାହିଁ ଚାଲି
ବିଶ୍ୱ ମଧ୍ୟେନିଃସ୍ୱ ହୋଇ ରହିଛି ଦେଶଟା ଖାଲି ।
ସିଂହର ସଦନେ ଆଜି ରହିଲେ ଶୃଗାଳ ଦଳ
କେତେ ଦିନେ ହେଲେ ଆହା କେଡ଼େ କ୍ଲୀବ ହୀନବଳ ।' (ତ୍ରିବେଣୀ ତଟେ)

ଅତୀତକୁ ସାକ୍ଷୀରଖି ବର୍ତ୍ତମାନକୁ ଗଢ଼ିଯିବା ପାଇଁ କବି ଯେଉଁ ଆହ୍ୱାନ ଦେଇଛନ୍ତି, ତାହାର ପଟାନ୍ତର ନାହିଁ ।

'ଅତୀତକୁ ସାକ୍ଷୀରଖି ଗଢ଼ିଯାଅ ବର୍ତ୍ତମାନ
ଅନଙ୍ଗ ଯଯାତି ଦେଶ ତୁହେଁ ନୀଚ ତୁହେଁ ସାନ ।' (ତ୍ରିବେଣୀ ତଟେ)

ପୁନଶ୍ଚ, କବି ଆଶା କରିଛନ୍ତି ଏ ଦେଶର ସଭ୍ୟତା ସଂସ୍କୃତିରେ ମୂଲ୍ୟବୋଧର ଉଚ୍ଚତମ ଉଚ୍ଚତା ଆସିବ, ହସିବ ଦିଗଦିଗନ୍ତ, ନବଚେତନାର ସ୍ପର୍ଶରେ ମଧୁମୟ ହେବ ପରିବେଶ । ଆକାଶ, ବତାସ ନଦୀ, ଗିରିବନ ସର୍ବତ୍ର ଦିବ୍ୟସୁଷମାରେ ଉଦ୍‌ଭାସିତ ହେବ ।

'ହସିବ କୁଟୀର ସୌଧ, ହସିବ ନଗର ପଲ୍ଲୀ
ହସିବେ ଆକାଶେ ପକ୍ଷୀ, ତଳେ ତରୁ ତୃଣବଲ୍ଲୀ
ଘରେ ଘରେ ବୀରଶିଶୁ ଖେଳିବେ ଆନନ୍ଦେ ଖେଳ
ଆଣା ପ୍ରୀତି ଆନନ୍ଦର ଲାଗିଯିବ ମଧୁମେଳ ।' (ତ୍ରିବେଣୀ ତଟେ)

'ଖୋରଧା ପ୍ରଥମ ଦର୍ଶନେ' କବିତାରେ ଜାତୀୟତାବାଦର ଅଲିଭା ଆଲେଖ୍ୟ ଅଙ୍କିତ । ଖୋରଧା ହେଉଛି ବୀରଭୂମି । ଏହାର ପ୍ରତ୍ୟେକ ରେଣୁ କଣା ବୀରତ୍ୱର ମୂକସାକ୍ଷୀ ହୋଇ ଏବେ ମଧ୍ୟ ରହିଛି। ଦେଶପ୍ରାଣତାର ଦୀପ୍ତିରେ ଏହାର ଧୂଳିମାଟି ହୋଇଛି ବହୁ ଅନୁପ୍ରେରଣାର ଉତ୍ସ । କବିଙ୍କ ଭାଷାରେ:–

'ଯହିଁ ଟେକି ଦେଲେ ଟେକାଖଣ୍ଡେ ଏଥି
ମିଳିଯିବ ବୀର ଅସ୍ଥି ମେଦଗ୍ରନ୍ଥି
ପ୍ରତି ରେଣୁ ସଙ୍ଗେ ବୀରର ଶୋଣିତ
କାଳେକାଳେ ଏଥି ରହିଛି ଲେପିତ ।' (ଖୋରଧା ପ୍ରଥମ ଦର୍ଶନେ)

ଇଂରେଜମାନଙ୍କ ବିରୁଦ୍ଧରେ ପ୍ରଥମ ସଂଗ୍ରାମ ଓଡ଼ିଶାରେ ଖୋର୍ଦ୍ଧାରେ ଆରମ୍ଭ ହୋଇଥିଲା । ତାହା ଥିଲା ୧୮୧୭ ମସିହାର ପାଇକ ବିଦ୍ରୋହ । ଓଡ଼ିଆ ପାଇକର ରଣହୁଙ୍କାର ଓ ଅସ୍ତ୍ରଝଙ୍କାରରେ ଦିଗଦିଗନ୍ତ ପ୍ରକମ୍ପିତ ହେଉଥିଲା ।

'ପାହାଡ଼ର ମୋଡ଼େ ଲୁଚି ମାରିଶର
ବିପକ୍ଷଙ୍କୁ କରୁଥିଲେ ଜରଜର
ନଳୀନାଦେ ଥିଲେ ମେଦିନୀ କଂପାଇ
ଶତ୍ରୁର ଅନ୍ତରେ ତ୍ରାସ ଉପୁଜାଇ ।' *(ଖୋରଧା ପ୍ରଥମ ଦର୍ଶନେ)*

ଓଡ଼ିଆ ଜାତିର ପୂର୍ବ ଗୌରବକୁ କବି ଅବତାରଣା କରିଛନ୍ତି କାଞ୍ଚି ଅଭିଯାନର ସ୍ମରଣ ମଧ୍ୟରେ । ଏହି ଦିଗ୍‌ବିଜୟର ସାକ୍ଷୀ ରୂପେ ଏବେ ମଧ୍ୟ ଶ୍ରୀମନ୍ଦିରରେ କାଞ୍ଚି ଗଣନାଥ ବିରାଜମାନ । କବିତାର ରୂପ ରଚନା, ଶବ୍ଦ ଯୋଜନା ଓ ଭାବ ଗୁମ୍ଫନରେ ବହୁଳାଂଶରେ ମୌଳିକତା ଥିଲେ ହେଁ ଏଥିପାଇଁ ଅନୁପ୍ରେରଣା ନିମନ୍ତେ ସତ୍ୟବାଦୀ ସାହିତ୍ୟର ଅବଦାନକୁ ଅସ୍ୱୀକାର କରିହେବନାହିଁ । ସତ୍ୟବାଦୀ ସାହିତ୍ୟରେ ଥିବା ଉଗ୍ରଜାତୀୟତାବାଦର ଶାଣିତ ସ୍ୱର ପଦ୍ମଚରଣଙ୍କର ଦେଶପ୍ରୀତିମୂଳକ କବିତାରେ କେତେକାଂଶରେ ପ୍ରତିଫଳିତ ।

ଏତଦ୍‌ବ୍ୟତୀତ ଭାରତୀୟ ଜାତୀୟତାରେ ଉଦ୍‌ବୁଦ୍ଧ ହୋଇ କବି କେତେଗୋଟି କବିତା ରଚନା କରିଛନ୍ତି । ସେତେବେଳେ ଭାରତୀୟ ସ୍ୱାଧୀନତା ଆନ୍ଦୋଳନର ପ୍ରବାହରେ ସାଧାରଣ ଜନମାନସ ପ୍ରଭାବିତ ହୋଇଥିଲା । ଦେଶ ପ୍ରତି ସଚେତନତା ପ୍ରକଟ କରିବା ସଙ୍ଗେ ସଙ୍ଗେ ଅନ୍ୟମାନଙ୍କୁ ଦେଶପ୍ରେମରେ ଉଦ୍‌ବୁଦ୍ଧ କରିବାର ଲକ୍ଷ୍ୟ ନେଇ ସତ୍ୟବାଦୀ ସାହିତ୍ୟ ସାଧକମାନଙ୍କ ପରି ପଦ୍ମଚରଣ ଲେଖନୀ ଚାଳନା କରିଥିଲେ । 'ପଦ୍ମପାଖୁଡ଼ା' ସଂକଳନରେ ସନ୍ନିବେଶିତ କବିତା 'ରାଜାଜ୍ଞା' ଏହି ପର୍ଯ୍ୟାୟର ଅନ୍ତର୍ଭୁକ୍ତ । ବିଶ୍ୱଯୁଦ୍ଧର ପରିପ୍ରେକ୍ଷୀରେ ରଚିତ ଏହି କବିତାରେ ସ୍ୱାଧୀନତା ଆନ୍ଦୋଳନର ଚିତ୍ର ତଥା ଭାରତୀୟ ସଂସ୍କୃତିର ମହତ୍ତ୍ୱ ଉପସ୍ଥାପିତ । ଭାରତମାତାଙ୍କ ମହିମା ଏଥିରେ ପ୍ରକାଶିତ ।

'ଭାରତର ଜ୍ଞାନାଲୋକ
ନାଶେ ବିଶ୍ୱ–ପାପ–ଶୋକ
ଭାରତର ଧ୍ୟାନଜ୍ଞାନ ବିଶ୍ୱହିତ ଲାଗି
ଆଜି ସେ ଭାରତ ନୋହୁ ତିଳେ ପାପଭାଗୀ ।' *(ରାଜାଜ୍ଞା)*

ଭାରତ ହେଉଛି ଆଲୋକର ଦେଶ । 'ଭା' ଅର୍ଥ ଦୀପି ଏବଂ 'ରତ' ଅର୍ଥ ଯୁକ୍ତ । ଅର୍ଥାତ୍ ଭାରତ ହେଉଛି ଦୀପ୍ତି ଯୁକ୍ତ ଭୂଖଣ୍ଡ । ବିଶ୍ୱର ଆତ୍ମା ସଦୃଶ ଏହା ବିଦ୍ୟମାନ । ସୁଦୂର ଅତୀତରୁ ଅଦ୍ୟାବଧି ଭାରତ ସାଧନାରତ । ଏ ସାଧନା ତା'ର ନିଜ ପାଇଁ କେବଳ ନୁହେଁ, ସମଗ୍ର ବିଶ୍ୱ ପାଇଁ ଅଭିପ୍ରେତ। ସ୍ୱାମୀ ବିବେକାନନ୍ଦ ଭାରତୀୟ ମହତ୍ତ୍ୱ ଓ ମୂଲ୍ୟବୋଧ ସଂପର୍କରେ ଦେଶବାସୀଙ୍କୁ ଯେଉଁ ଉଦ୍‌ବୋଧନ ଦେଇଥିଲେ ତାହା ଏଇ ଅବକାଶରେ ସ୍ମରଣୀୟ । ତାଙ୍କ ମତରେ – ''ବିଶ୍ୱର ଇତିହାସକୁ ପର୍ଯ୍ୟାଲୋଚନା କର – ଯେଉଁଠି କୌଣସି ମହାନ୍ ଆଦର୍ଶର ସନ୍ଧାନ ମିଳିବ, ଦେଖିବ ତା'ର ଜନ୍ମ ଭାରତ ବର୍ଷରେ । ସ୍ମରଣାତୀତ କାଳରୁ ଭାରତ ମାନବ ସମାଜ ପାଖରେ ମୂଲ୍ୟବୋଧ ସମୂହର ଖଣିସ୍ୱରୂପ ହୋଇ ରହିଛି ।'' ମହାଯୋଗୀ ଶ୍ରୀଅରବିନ୍ଦ ଭାରତକୁ ମାଟିଗୋଡ଼ି ପଥରରେ ଗଢା ଏକ ଜଡ଼ପିଣ୍ଡ ଭାବରେ ଦେଖି ନଥିଲେ, ଦେଖିଥିଲେ ଚିନ୍ମୟୀ ଜନନୀ ରୂପରେ । ତାଙ୍କର ମତ ଏହି ଯେ ''ଭାରତ ବଞ୍ଚିଲେ ପୃଥିବୀ ବଞ୍ଚିବ । ଭାରତ ହେଉଛି ସମଗ୍ର ପୃଥିବୀର ଆତ୍ମାସ୍ୱରୂପ । ପୃଥିବୀକୁ ରକ୍ଷା କରିବାକୁ ହେଲେ ଭାରତକୁ ରକ୍ଷା କରିବାକୁ ହେବ ଭାରତ ବର୍ଷ ହେବ ଆଗାମୀ ବିଶ୍ୱର ଗୁରୁ।

କବି ପଦ୍ମଚରଣ ଅତୀତ ଗୌରବକୁ ସ୍ମରଣ କରି ଅପୂର୍ବ ଦର୍ପରେ ନିଜକୁ ବିମଣ୍ଡିତ କରିବା ପାଇଁ ପାଠକକୁ ଆହ୍ୱାନ ଦେଇଛନ୍ତି ।

'ପ୍ରତାପ ସଂଗ୍ରାମ ନାମ ମୁଖେ ନିଅବାରେ
ଦୁର୍ଗାବତୀ ଲକ୍ଷ୍ମୀବାଈ ସ୍ମର ଭକ୍ତିଭରେ
ତିରୌରି ହଳଦିଘାଟ
ସ୍ମରଣେ ଗୌରବ ବାଟ
ଦିଶିବ, ଘୁଞ୍ଚିବ ସବୁ ମାୟାର ବନ୍ଧନ
ଉଭାସିବ ନେତ୍ରେ ଆର୍ଯ୍ୟକୀର୍ତ୍ତି ସିଂହାସନ ।' *(ରାଜାଜ୍ଞା)*

ଅନ୍ୟ ଏକ କବିତା 'ପୃଥ୍ୱୀରାଜଙ୍କ ପତ୍ର'ରେ ଭାରତ ଭାବନା ଉପସ୍ଥାପିତ । ଅମିତ୍ରାକ୍ଷର ଛନ୍ଦରେ ରଚିତ ଏଇ କବିତାଟି ସୁଖପାଠ୍ୟ ଓ ପୂର୍ବଗୌରବ-ସ୍ନାତ । ରାଣାପ୍ରତାପଙ୍କର ବୀରତ୍ୱ ଏବଂ ହଳଦୀଘାଟର ସମର ପ୍ରସଙ୍ଗ ଏଥିରେ ପ୍ରଦତ୍ତ ।

'ତବ ପୁଣ୍ୟସ୍ମୃତିପୂତ ଘାଟର କାହାଣୀ
କାଳେକାଳେ ନଚାଇବ କବିର କଳ୍ପନା
ସମର ବିଳାସୀ ବୀର ଧମନୀ ଶୋଣିତ
ଦେଶଭକ୍ତ ଶ୍ରାନ୍ତପ୍ରାଣେ ଦେବ ଅଗ୍ନିକଣା ।' *(ପୃଥ୍ୱୀରାଜଙ୍କ ପତ୍ର)*

ଦେଶଦ୍ରୋହୀ ଜୟଚନ୍ଦ୍ରଙ୍କୁ ଧିକ୍‌କାର କରିଛନ୍ତି କବି, ଦେଶଦ୍ରୋହର ପୁନରାବୃତ୍ତି ଭବିଷ୍ୟତରେ ନହେଉ ବୋଲି ଆଶାପୋଷଣ କରିଛନ୍ତି ।

'ଗଲେ ପୃଥ୍ୱୀରାଜ ଗଲା ଦ୍ରୋହୀଜୟଚନ୍ଦ୍ର
ନୀଳସାଗରରେ ଭାସି ବୁଦ୍‌ବୁଦ ସମାନ
ଥାନେଶ୍ୱରେ ପୋତାହେଲା କଳଙ୍କର ସ୍ତମ୍ଭ
ଦେଶଦ୍ରୋହୀ ଭ୍ରାତୃହନ୍ତା ବିଜୟ ନିଶାଣ !' *(ପୃଥ୍ୱୀରାଜଙ୍କ ପତ୍ର)*

ଦେଶପ୍ରତି କବିଙ୍କର ଥିଲା ସୀମାହୀନ ଆନ୍ତରିକତା । ପରାଧୀନତାରୁ ମୁକ୍ତି ନିମନ୍ତେ ସଂଗଠିତ ସ୍ୱାଧୀନତା ଆନ୍ଦୋଳନ ତାଙ୍କ ପ୍ରାଣରେ ଗଭୀର ରେଖାପାତ କରିଥିଲା । ଭାରତର ଉଜ୍ଜ୍ୱଳ ଭବିଷ୍ୟତ ସେ କାମନା କରିବା ସଙ୍ଗେ ସଙ୍ଗେ ଭାରତ ମାଧ୍ୟମରେ ବିଶ୍ୱର ବିକାଶ ନିମନ୍ତେ ମଧ୍ୟ ଅଭୀପ୍ସା କରିଥିଲେ।

ଆଧ୍ୟାତ୍ମଭାବର କବିତା –

ଭକ୍ତକବି ମଧୁସୂଦନ ରାଓଙ୍କ ପରି କବି ପଦ୍ମଚରଣ ଚରାଚର ବିଭୁସତ୍ତାର ଉପସ୍ଥିତି ସମ୍ପର୍କରେ ସଚେତନତା ପ୍ରକଟ କରିଛନ୍ତି । ସଚ୍ଚିଦାନନ୍ଦଙ୍କ ପ୍ରଭାବରେ ପଦ୍ମଚରଣଙ୍କ ହୃଦୟ ବିସ୍ତାରିତ ହୋଇଛି । ଅଦ୍ୱୈତବାଦର ନିରାଜନା କରିଥିବା ଏହି କବିଙ୍କ ମାନସିକତାରେ ଆନନ୍ଦବୋଧ ଉଚ୍ଚାସନ ଲାଭ କରିଛି । ଆନନ୍ଦବୋଧରୁ ଆସେ କୃତଜ୍ଞତାର ଭାବ ଯାହା ମାଧ୍ୟମରେ ଆତ୍ମାତିକ୍ରମଣର ପଥ ସୁଗମ ହୁଏ । ଉପନିଷଦର ଆନନ୍ଦତତ୍ତ୍ୱ ତାଙ୍କ ରଚନାରେ କେତେକ ସ୍ଥାନରେ ଉପସ୍ଥାପିତ । ତୈତ୍ତିରୀୟ ଉପନିଷଦରେ ଉଲ୍ଲେଖ ଅଛି – **''ଆନାନ୍ଦାତ୍ ହି ଏବ ଖଳୁ ଇମାନି ଭୂତାନି ଜାୟନ୍ତେ, ଆନନ୍ଦେନ ଜାତାନି ଜୀବନ୍ତି, ଆନନ୍ଦଂ ପ୍ରୟନ୍ତି ଅଭିସଂବିଶନ୍ତି ।''** ଅର୍ଥାତ୍ ''ଆନନ୍ଦରୁ ହିଁ ଏହି ଭୂତ ସକଳ ଜାତ ହୋଇଛନ୍ତି, ଆନନ୍ଦଦ୍ୱାରା ହିଁ ତିଷ୍ଠି ରହିଛନ୍ତି ଓ ବଢୁଛନ୍ତି ଏବଂ ଶେଷରେ ଆନନ୍ଦ ଭିତରକୁ ହିଁ ଫେରିଯାଉଛନ୍ତି'' । ଆନନ୍ଦବାଦୀ ଭାବରେ କବିଙ୍କର ଆତ୍ମପ୍ରକଟନ ଉଲ୍ଲେଖଯୋଗ୍ୟ । ଆନନ୍ଦର ଜୟ ଗାନ କରି କବି କହିଛନ୍ତି –

'ବକ୍ଷେ କର ମାରି କକ୍ଷେ କକ୍ଷେ ବୁଲି
ଉଠାଇବି ଉଚ୍ଚତାନ
ହେ ବିଭୁ ! ତୁମରି ଆନନ୍ଦରାଜ୍ୟରେ
ଗାଇବି ଆନନ୍ଦ ଗାନ' । *(ହେ ବିଶ୍ୱ)*

ସମର୍ପଣ ଭାବର ସ୍ୱର୍ଣ୍ଣିମ ଆଲେଖ୍ୟ ଏହି କବିତାରେ ଅଙ୍କିତ ହେବା ସଂଗେ ସଂଗେ ତ୍ୟାଗ ତପସ୍ୟାର ମହତ୍ତ୍ୱ ମଧ୍ୟ ବର୍ଣ୍ଣିତ ହୋଇଛି । ବିଶ୍ୱପ୍ରକୃତିର କୁଞ୍ଜେ କୁଞ୍ଜେ କବିଚିତ୍ତ ପରିକ୍ରମା କରିଛି । ପଶୁପକ୍ଷୀ, ବୃକ୍ଷଲତା ଓ ଫୁଲ ଫଳ ଭିତରେ ତାଙ୍କୁ ଆବିଷ୍କାର କରିବାର ମାନସିକତା ଏଥିରେ ପ୍ରମୂର୍ତ୍ତ ହୋଇଛି । ସ୍ଥାବର ଜଙ୍ଗମ ସବୁଠାରେ ଅନୁଭବ କରିବାର ଇଚ୍ଛା କବିଙ୍କୁ କରିଛି ଆତ୍ମହରା । କବିତାରେ ମୂର୍ତ୍ତିପୂଜାର ପ୍ରଶସ୍ତି ନାହିଁ, ଅଦୃଶ୍ୟ ଭଗବାନଙ୍କର ନିର୍ମଳ ଅନୁଭବର ଅବତାରଣା କରାଯାଇଛି । କବିଙ୍କର ବ୍ୟକ୍ତିସତ୍ତା ରୂପାନ୍ତରିତ ହୋଇ ସତେ ଯେପରି ବିଶ୍ୱସତ୍ତାରେ ପରିଣତ ହେବାକୁ ପ୍ରୟାସ କରିଛି । ଧାର୍ମିକତା ନୁହେଁ, ଆଧ୍ୟାତ୍ମିକତାର ବର୍ଣ୍ଣବିଭା ଆଲୋଚ୍ୟ କବିତାରେ ପ୍ରମୂର୍ତ୍ତ ହୋଇଛି ।

ଅନ୍ୟାନ୍ୟ କବିତା –

ଏତଦ୍‌ବ୍ୟତୀତ ଆଉ କେତେଗୋଟି କବିତା ରହିଛି ଯହିଁରେ କବିହୃଦୟର ସୁଗଭୀର ଚିନ୍ତା ଓ ଚେତନା ପ୍ରକଟିତ । 'ମନେରଖ', 'କବିର କୃତଜ୍ଞତା', 'କବିତାର ପୁରସ୍କାର', 'ମୋ ମରଣଟା ହେଉ ଆଚ୍ଛାଭଲ' ତହିଁର ଅନ୍ତର୍ଭୁକ୍ତ । ବନ୍ଧୁଙ୍କ ପ୍ରତି ସୀମାହୀନ ଆନ୍ତରିକତା 'ମନେରଖ' କବିତାରେ ରହିଛି । ମୃତ୍ୟୁପରେ ସେହି ନୀରବ ଭୀତିପ୍ରଦ ରାଜ୍ୟରେ ଭାସିଲାବେଳେ ପ୍ରିୟବନ୍ଧୁଙ୍କର ଆନ୍ତରିକତା ଅନ୍ଧାରରେ ଆଲୋକ ପରି ପ୍ରତୀୟମାନ ହେବ ବୋଲି କବି ଆଶା କରିଛନ୍ତି ।

'ମନେରଖ ମୋତେ ଏତିକ ମାଗୁଣି
ଯାଉ ପଛେ ସବୁ ସୁଖ
ଯାଉ ପଛେ ଦୂରେ ମଧୁର ଆଳାପ
ତବ ବିମୋହନ ରୂପ ।'

(ମନେରଖ)

'କବିର କୃତଜ୍ଞତା' କବିତାରେ ନିଜ ଗ୍ରାମ୍ୟ ପରିବେଶର ରୂପବିଭା ଚିତ୍ରିତ । ସ୍ମୃତିର ଗବାକ୍ଷ ଫାଙ୍କରେ ଯାହା କବିଙ୍କୁ ଦୃଶ୍ୟମାନ ହୋଇଛି, ତାହା ଏଥିରେ ଶବ୍ଦାୟିତ ହୋଇଛି । ତାଙ୍କପାଇଁ ଶୈଶବର ବାଲିଖେଳ ଓ ଯୌବନର ଫୁଲମାଳ ଅପାଶୋରା ହୋଇରହିଛି ।

'ତାହାରି ଇଙ୍ଗିତେ ଫୁଟିଲା ପଦ୍ମ
ଡାକିଲା କୋକିଳ ଡାଳେ
ନବଜାଗରଣ ମନ୍ତ୍ର ଶୁଭିଲା
ଆଷାଢ଼ ଜଳଦ ମାଳେ ।'

(କବିର କୃତଜ୍ଞତା)

ଏହି କବିତାରେ ଭାବପ୍ରବଣତାର ମୁଗ୍ଧ ମଳୟ ପ୍ରବାହିତ, ଆତ୍ମୀୟତାର ମଧୁମଞ୍ଜୁଳ ସ୍ପର୍ଶ ସୁରକ୍ଷିତ । କବି ହୃଦୟର ସୂକ୍ଷ୍ମ ଅନୁଭବ ସତେଅବା ଶବ୍ଦର ପାହାଚରେ ଓହ୍ଲାଇ ଆସିଛି ପାଠକ ନିକଟକୁ ।

ଅନ୍ୟତମ କବିତା 'କବିତାର ପୁରସ୍କାର'ରେ କବିଙ୍କର କବିତା ନିମିତ୍ତ ପ୍ରତିବଦ୍ଧତା ଲିପିବଦ୍ଧ । କୈଶୋର-ଆମୁଖତା ଏବଂ କିଶୋର କିଶୋରୀଙ୍କର ମର୍ମର ବାର୍ତ୍ତା ଏଥିରେ ପ୍ରତିଧ୍ୱନିତ ।

'କିଶୋର କିଶୋରୀକୁଳ ତୁମେ ମୋ କବିତାମୂଳ
ତୁଝ, ଅଛି ତୁମର ହୃଦୟ,
କବିର କାମନା ସ୍ୱପ୍ନ ନିଅ ବକ୍ଷେ କରି ଯତ୍ନ
ଦିଅ ତାକୁ ଅଭୟ ଆଶ୍ରୟ ।' *(କବିତାର ପୁରସ୍କାର)*

'ମୋ ମରଣ ହେଉ ଆଚ୍ଛା ଭଲ' କବିତାରେ ମୃତ୍ୟୁ ପ୍ରତି ଏକ ସ୍ଥିତପ୍ରଜ୍ଞ ଦୃଷ୍ଟିଭଙ୍ଗୀ ପ୍ରତିଭାତ ହୋଇଛି । ମୃତ୍ୟୁ ପ୍ରତି ଭୟନାହିଁ କବିଙ୍କର, ବରଂ ବୀର ଭାବରେ ମୃତ୍ୟୁବରଣ କରିବାକୁ ସେ ଚାହାନ୍ତି । ଦୀର୍ଘଦିନ ଶଯ୍ୟାଶାୟୀ ହୋଇ ଯନ୍ତ୍ରଣାରେ ଜର୍ଜରିତ ଥାଇ ମୃତ୍ୟୁ ମୁଖରେ ପଡ଼ିବାକୁ କବି ନ ଚାହିଁ ଚାହିଁଛନ୍ତି ଏକ ସହଜ ସରଳ ମୃତ୍ୟୁ ।

'ଜନ୍ମସଙ୍ଗେ ମରଣଟା ରହିଅଛି ଛନ୍ଦା
ମୃତ୍ୟୁଦ୍ୱାରେ ଜୀବନଟା ଚିରକାଳବନ୍ଧା
ସେଥିପାଇଁ ମରଣକୁ ନାହିଁ କେବେ ଭୟ
ବୀର ପରି ମଲେ ମୋର ହେବ ମୃତ୍ୟୁଜୟ ।' *(ମୋ ମରଣଟା ହେଉ ଆଚ୍ଛା ଭଲ)*

ବିଭିନ୍ନ ଦିଗରୁ ବିଚାର କଲେ ଜଣାଯାଏ ଯେ ପଦ୍ମଚରଣଙ୍କ କବିତ୍ୱ ଭିନ୍ନଭିନ୍ନ ମୂଲ୍ୟବାନ ଭାବବିଭବର ଏକ ମହାମିଳନ କ୍ଷେତ୍ର 'ପଦ୍ମପାଖୁଡ଼ା' ସେହି କ୍ଷେତ୍ରର ଏକ ବିଶାଳ ଅଭିଲିପି ଯହିଁରେ ବ୍ୟକ୍ତିଗତ ସାମାଜିକ, ରାଷ୍ଟ୍ରୀୟ ଆଧ୍ୟାତ୍ମିକ ଜୀବନର ମହତ୍ତ୍ୱ ଲିପିବଦ୍ଧ । ଦାମ୍ପତ୍ୟ ପ୍ରେମର ମାଧୁର୍ଯ୍ୟ, ରହସ୍ୟବାଦୀ ରୋମାଣ୍ଟିକ ଅନୁଚିନ୍ତା, ଜାତୀୟତାବାଦୀ ଭାବନା ଏବଂ ବ୍ୟକ୍ତିଗତ ସୂକ୍ଷ୍ମ ଜୀବନାନୁଭବର ମାଦକତା ଏଥିରେ ଉପଜୀବ୍ୟ । କବି ଓ ସମାଲୋଚକ ଶୁଭେନ୍ଦୁମୁଣ୍ଡ କହନ୍ତି - ''ବାସ୍ତବର ଭିତ୍ତି ଉପରେ ପଦ୍ମଚରଣ ସ୍ୱପ୍ନସ୍ଥ । ସମାଜ, ଜାତି, ପରିବାର ଏବଂ ମଣିଷ ସମସ୍ତେ ତାଙ୍କ ପାଇଁ ଆବଶ୍ୟକୀୟ ଓ ମୂଲ୍ୟବାନ ।''

ପ୍ରତିଭା, ପାଣ୍ଡିତ୍ୟ ଓ ଅଭ୍ୟାସର ସମନ୍ୱୟରେ କବିତ୍ୱର ବର୍ଣ୍ଣବିଭା ଝଲସି ଉଠେ । ପାଣ୍ଡିତ୍ୟକୁ ବହୁଶାସ୍ତ୍ରଦର୍ଶିତା ବୋଲି ମଧ୍ୟ କୁହାଯାଏ । ପ୍ରତିଭା ଜନ୍ମଗତ, ପ୍ରକୃତିଦତ୍ତ । ବହୁଶାସ୍ତ୍ରଦର୍ଶିତା ଏହି ପ୍ରତିଭାର ସାର୍ଥକ ରୂପାୟଣ ନିମନ୍ତେ ଏକାନ୍ତ ଆବଶ୍ୟକ । ଅଭ୍ୟାସ ଦିଏ ପ୍ରତିଭାର ବିକାଶ ନିମନ୍ତେ ଯଥାର୍ଥ ସାମର୍ଥ୍ୟ । ଶ୍ରୀଅରବିନ୍ଦ ଏଇ ପରିପ୍ରେକ୍ଷୀରେ କହନ୍ତି, "Genius usually means an inborn power which develops itself.Talent and capacity are not Genius, they can be acquired."- ***(Letters on poetry, literature and Art)***

ଇଂରାଜୀ ସାହିତ୍ୟରେ ପଦ୍ମଚରଣଙ୍କର ପ୍ରବେଶ ଥିଲା । ଏତଦ୍‌ବ୍ୟତୀତ ତାଙ୍କ ପୂର୍ବରୁ ରଚିତ ଆଧୁନିକ ଓଡ଼ିଆ ସାହିତ୍ୟକୁ ଗଭୀର ଭାବରେ ଅଧ୍ୟୟନ କରିଥିବାରୁ ସେ ଏହାଦ୍ୱାରା କେତେକାଂଶରେ ପ୍ରଭାବିତ ହୋଇଥିଲେ । ବିଶେଷତଃ ସେ ରାଧାନାଥୀ-ସାହିତ୍ୟ, ସତ୍ୟବାଦୀ ସାହିତ୍ୟ ଏବଂ ସବୁଜ ସାହିତ୍ୟ ଦ୍ୱାରା ପ୍ରଭାବିତ । ଏହି ପରିପ୍ରେକ୍ଷୀରେ ଡଃ ନିତ୍ୟାନନ୍ଦ ଶତପଥୀଙ୍କର ମତ ପ୍ରଣିଧାନଯୋଗ୍ୟ । ସେ କହନ୍ତି- ***''ତାଙ୍କ କବିତାର ରଙ୍ଗ ଓ ରେଖା, ସବୁଜର ସୌଖୀନ ବିଳାସ ଓ ରୋମାଣ୍ଟିକ ଅଭିବ୍ୟକ୍ତି ପୁଣି ସତ୍ୟବାଦୀର ଉଗ୍ରଜାତୀୟ ଭାବଚେତନା ପାଠକକୁ ଅଭିଭୂତ କରେ ।''*** *(ସବୁଜରୁ ସାଂପ୍ରତିକ)*

ଆଲୋଚ୍ୟ 'ପଦ୍ମପାଖୁଡ଼ା' ପୁସ୍ତକକୁ ପାଠକଲେ ତହିଁରେ ବ୍ୟାସକବି ଫକୀରମୋହନ, କବି ରାଧାନାଥ ଓ କବି ଗୋପବନ୍ଧୁଙ୍କ ସାହିତ୍ୟର ପ୍ରଭାବ ଲକ୍ଷ୍ୟ କରିହୁଏ । ରାଧାନାଥଙ୍କ ପରି ଅଳ୍ପ ଶବ୍ଦରେ ବହୁକଥା

କହିବାର ସାମର୍ଥ୍ୟ ପଦ୍ମଚରଣଙ୍କଠାରେ ଲକ୍ଷ୍ୟଣୀୟ । ଅଳ୍ପଶବ୍ଦରେ ବହୁକଥା କହିବାର ମାନସିକତା ହିଁ ଆଧୁନିକତା । ଏଥିରେ ପ୍ରତ୍ୟେକ ଶବ୍ଦଭିତରେ ସୀମାହୀନ ସାମର୍ଥ୍ୟ ସଂଚରିତ ହୋଇ ରହିଥିବାରୁ କୌଣସି ଗୋଟିଏ ଶବ୍ଦକୁ ଏଥିରୁ ବାଦ୍‌ଦେଇ ହୁଏନାହିଁ । ରାଧାନାଥଙ୍କ ପ୍ରଭାବ ସମ୍ବନ୍ଧରେ ଗୋଟିଏ ଦୁଇଟି ଉଦାହରଣ ପ୍ରଦାନ କରାଯାଇପାରେ । ସାୟାହ୍ନ ବର୍ଣ୍ଣନା ଅବକାଶରେ ଉଭୟଙ୍କ ଭିତରେ ଭାବସାମ୍ୟ ସୁସ୍ପଷ୍ଟ । କବିବର ରାଧାନାଥଙ୍କ ଭାଷାରେ –

'ତାରାଟିଏ ଫୁଟି ଗୋଧୂଳି କୁଚ୍ଛଳେ
ଦେଖୁଅଛି ମୁଖ କାଠଯୋଡ଼ିଜଳେ ।' *(ନନ୍ଦିକେଶ୍ୱରୀ)*

ସାୟାହ୍ନ ବର୍ଣ୍ଣନା ଅବକାଶରେ ପଦ୍ମଚରଣ କହିଛନ୍ତି –

'ଗୋଧୂଳି–ଗଗନେ ତାରାଟିଏ ବସି
ନଦୀ–ବକ୍ଷ–ଦରପଣେ
ନିଜମୁଖ ଶୋଭା ନିଜେ ଦେଖିହସେ
କିବାଭାବି ମନେ ମନେ ।' *(କେଉଁ ଦେଶେ ଅଛ ?)*

'ଶିବାଜୀଙ୍କର ଉତ୍ସାହ ବାକ୍ୟ'ରେ କବି ରାଧାନାଥ ଭାରତବର୍ଷର ମହତ୍ତ୍ୱ ଦର୍ଶାଇବା ସହିତ ଯବନ ଆକ୍ରମଣ ଜନିତ ଦୁରବସ୍ଥାର ଚିତ୍ର ଅଙ୍କନ କରିଛନ୍ତି । ହିନ୍ଦୁମାନଙ୍କର ଏକତା ଅଭାବରୁ ଏ ଦେଶ ପରପଦାନତ ହେଲା, ଆର୍ଯ୍ୟଧର୍ମରେ ଆସିଗଲା ରାହୁର ଛାୟା, ଜନମାନସରେ ବିଷର୍ଣ୍ଣ ଭାବର ଘନ ଆସ୍ତରଣ ସୃଷ୍ଟି ହେଲା ।

'ସେହିଦିନୁ ଆର୍ଯ୍ୟ– ଗୌରବ–ତପନ
ଦାସ୍ୟତମଃ ସିନ୍ଧୁ ନୀରେ ବୁଡ଼ିଲେ,
ସେହିଦିନୁ ଆର୍ଯ୍ୟେ ଲଭିଲେ ବନ୍ଧନ
ଅନ୍ଧହୋଇ ଆର୍ଯ୍ୟଧର୍ମ ହୁଡ଼ିଲେ ।' *(ଶିବାଜୀଙ୍କର ଉତ୍ସାହ ବାକ୍ୟ)*

କବି ପଦ୍ମଚରଣ କଳିଙ୍ଗର ଦୁର୍ଗତିରେ ମର୍ମାହତ । ରାଧାନାଥଙ୍କ ରଚିତ ପଦ ସହିତ ଭାବସାମ୍ୟ ରଖି କବି ପଦ୍ମଚରଣ କହିଛନ୍ତି ।

'ଏହିପରି ସିନା କଳିଙ୍ଗ ତପନ
ବୁଡ଼ିଗଲେ ଦିନେ ଦଇଆ ତୀରେ
ଏହିପରି ସିନା କଳିଙ୍ଗ ବୀରତ୍ୱ
ଭାସିଗଲା କାଳ–ସାଗର–ନୀରେ ।' *(ଧଉଳି ପାହାଡ଼)*

ଧଉଳି ପାହାଡ଼ କବିତା ରଚନା କ୍ଷେତ୍ରରେ କବି ପଦ୍ମଚରଣ ନାଟ୍ୟକାର ଦ୍ୱିଜେନ୍ଦ୍ର ଲାଲରାୟଙ୍କ ମେବାର ପତନ ନାଟକରେ ଥିବା ମେବାର ପାହାଡ଼କୁ ନେଇ ବିରଚିତ ଗୀତ ଦ୍ୱାରା କେତେକାଂଶରେ ପ୍ରଭାବିତ ହେବା ପରି ଜଣାଯାଏ । ସୂଚନା ଯୋଗ୍ୟ ଯେ ଉକ୍ତ ନାଟକଟିର ପ୍ରଥମ ପ୍ରକାଶ କାଳ ୧୯୦୮ ମସିହା ଓ 'ଧଉଳି ପାହାଡ଼' କବିତାର ପ୍ରଥମ ପ୍ରକାଶ କାଳ ୧୯୨୦ ମସିହା । ମେବାରର
ପାହାଡ଼କୁ ସମ୍ବୋଧନ ପୂର୍ବକ ଦ୍ୱିଜେନ୍ଦ୍ର ଲାଲ କହିଛନ୍ତି–

'ମେବାର ପାହାଡ଼ ମେବାର ପାହାଡ଼
ଯୁଝେଛିଲ ଯଥା ପ୍ରତାପ ବୀର
ବିରାଟ ଦୈନ୍ୟଦୁଃଖ ତାହାର
ଶୃଙ୍ଗେର ସମ ଅଟଳ ସ୍ଥିର'

ଏଥିରେ 'ମେବାର ପାହାଡ଼' 'ମେବାର ପାହାଡ଼' ବୋଲି କୁହାଯାଇଥିବା ବେଳେ କବି ପଦ୍ମଚରଣଙ୍କ 'ଧଉଳି ପାହାଡ଼' କବିତାରେ 'ଧଉଳିପାହାଡ଼ ଧଉଳିପାହାଡ଼' ବୋଲି ଉଲ୍ଲେଖ କରାଯାଇଛି। ବିହଙ୍ଗଗୀତିର ପ୍ରସଙ୍ଗର ଅବତାରଣା ଉଭୟ ଗୀତରେ କରାଯାଇଛି । ମେବାର ପାହାଡ଼ କବିତାରେ କୁହାଯାଇଛି :

'ଯାହାର କୁଞ୍ଜେ ବିହଗ ଗାଇଛେ
ଗୁଞ୍ଜରି ସ୍ତବ ଯାହର ଶ୍ରୀର
ଯାହାର କାନନେ ବହିୟା ଯାଇଛେ
ସୁରଭି ସ୍ନିଗ୍ଧ ପୀନ ଧୀର ।।'

ଏହି ପରିପ୍ରେକ୍ଷାରେ 'ଧଉଳି ପାହାଡ଼' କବିତାରେ କୁହାଯାଇଛି :

ଚାହିଁ ବସିଥାଏ ଧଉଳି ପାହାଡ଼
ତବ ଶିରେ ଶୁଣେ ବିହଙ୍ଗ ଗୀତି ।
କାନେ ବାଜିଯାଏ କେତେ ଯୁଗ-ବାଣୀ
ବହିଯାଏ ପ୍ରାଣେ ଅନନ୍ତ ପ୍ରୀତି ।।

ଅନ୍ତଃସ୍ୱର ଦୃଷ୍ଟିରୁ ବିଚାର କଲେ ଉଭୟ ମଧ୍ୟରେ କେତେକ ଭାବସାମ୍ୟ ପରିଲକ୍ଷିତ ହୁଏ । ତେବେ 'ଧଉଳି ପାହାଡ଼' କବିତାରେ କବିଙ୍କର ଅନୁଭବ ଅଧିକ ତୀକ୍ଷ୍ଣ । ଏଇ ପରିପ୍ରେକ୍ଷୀରେ ସମାଲୋଚକ ଡଃ ଶରତ୍ ଚନ୍ଦ୍ର ପ୍ରଧାନ କହନ୍ତି :- ***''ମେବାର ପାହାଡ଼'ରେ ସ୍ୱପ୍ନବିଭୋର ଅତୀତ ବନ୍ଦନା ରହିଛି, କିନ୍ତୁ ଧଉଳି ପାହାଡ଼ର କାବ୍ୟ ଚେତନା କବିଙ୍କର ଅନୁଭୂତି ଦ୍ୱାରା ବର୍ଣ୍ଣୋଜ୍ଜ୍ୱଳ ହୋଇପାରିଛି । ଏଥିରେ ଅତୀତ ଉଜ୍ଜ୍ୱଳର ଦିଗ୍‌ବଳୟ ସହ ଭବିଷ୍ୟତ ଜୀବନର ସୂଚନା ଦିଆଯାଇଛି''-*** *(କାବ୍ୟଧାରା ଓ କବି ମାନସ)*

ଫକୀରମୋହନଙ୍କର କବିତ୍ୱ ନିଜସ୍ୱ ବ୍ୟକ୍ତିଗତ ଜୀବନର ଅନୁଭୂତି ଭିତ୍ତିରେ ମୁଖ୍ୟତଃ ସଂଗଠିତ । ଦୁଃଖରେ ଯେତେବେଳେ ହୃଦୟ ତାଙ୍କର ବିଦୀର୍ଣ୍ଣ, ସେତେବେଳେ ସେ ତାଙ୍କ ଅଧିକାଂଶ କବିତା ରଚନା କରିଛନ୍ତି । ତନ୍ମଧ୍ୟରୁ 'ଉପହାର' ଅନ୍ୟତମ । ଏହାର ପ୍ରାରମ୍ଭରେ ଫକୀରମୋହନ ଲେଖିଛନ୍ତି-

'ମୋ କୁଟୀରରାଣୀ କୃଷ୍ଣକୁମାରୀ ସୁନ୍ଦରୀ
ଜୀବନବଲ୍ଲଭା ପ୍ରାଣପ୍ରିୟା ସହଚରୀ ।'

ପଦ୍ମଚରଣ 'ପ୍ରବାସୀ ସୈନିକର ଶେଷ ଚିନ୍ତା' କବିତାରେ ଲେଖିଛନ୍ତି-

'ମୋ କୁଟୀର-ସତୀ-ଲକ୍ଷ୍ମୀ ଗୋଲାପ ସୁନ୍ଦରୀ
ଜୀବନବଲ୍ଲଭା ପ୍ରାଣପ୍ରିୟା ସହଚରୀ ।'

ଉଭୟ ପଦର ଶେଷପାଦରେ ପୂର୍ଣ୍ଣସାମ୍ୟ ରହିଛି । ପ୍ରଥମ ପାଦଟିରେ ଆଂଶିକ ସାମ୍ୟ ଓ ଆଂଶିକ ବୈଷମ୍ୟ ପରିଦୃଷ୍ଟ ହୁଏ । ଏଠାରେ ଉଲ୍ଲେଖଯୋଗ୍ୟ ଯେ ଫକୀରମୋହନଙ୍କର ପତ୍ନୀଙ୍କର ନାମ ହେଉଛି କୃଷ୍ଣକୁମାରୀ ଏବଂ ପଦ୍ମଚରଣଙ୍କ ପତ୍ନୀଙ୍କ ନାମ ହେଉଛି ଗୋଲାପ ଦେଈ ।

ପୂର୍ବଗୌରବ ସ୍ମରଣ ସମ୍ବନ୍ଧରେ କବି ଗୋପବନ୍ଧୁଙ୍କର ସହିତ କବି ପଦ୍ମଚରଣଙ୍କର କେତେକ ଭାବସାମ୍ୟ ଲକ୍ଷ୍ୟଣୀୟ । କବି ଗୋପବନ୍ଧୁ କହିଛନ୍ତି-

'ଅଛି ସେହି ଗିରି ଅଛି ସେ ବିପିନ
ଅଛି ତୋର ଶିଳା ସୁଦୃଢ ପୁଳିନ
କିନ୍ତୁ କାହିଁ ଆହା ଏବେ ସେ ବୀରତା
ଓଡ଼ିଆ ଜାତିର ପୂର୍ବ ଜାତୀୟତା ।' *(ରେଳ ଉପରେ ଚିଲିକାଦର୍ଶନ)*

ଅନୁରୂପ ଭାବରେ କବି ପଦ୍ମଚରଣ ଉଲ୍ଲେଖ କରିଛନ୍ତି–

'ଅଛ ତ ହେ ଶୈଳ, ସିନ୍ଧୁ, ଅଛ ସିନ୍ଧୁ–ଗରଜନ
ଅଛ ସିନ୍ଧୁ–ବେଳାଭୂମି ଅଛ ନଭେ ତାରାଗଣ
ନଗରେ ପ୍ରାନ୍ତରେ ଅଛ କେତେ ତୁଙ୍ଗ ଦେବାଳୟ
ରହିଛ କାନନ–ଶ୍ରେଣୀ ରହିଛ ମଧୁ ମଳୟ

x x x x

ସମସ୍ତେ ତ ରହିଅଛ କହ ଦେଖି କହ ଥରେ
କେତେ କାଳ ସେ ମହିମା ରହିଥିବ ଗୁପତରେ ।' *(ତ୍ରିବେଣୀ ତଟେ)*

ଉତ୍କଳମଣି ଗୋପବନ୍ଧୁ ସ୍ୱରଚିତ 'ଖଣ୍ଡଗିରି ଶିଖରେ' କବିତାରେ ଖଣ୍ଡଗିରିକୁ ଅତୀତ ଉତ୍କଳର ଗୌରବଦୀପ୍ତ ଅଧ୍ୟାୟ ଆଧୁନିକ ଉତ୍କଳବାସୀଙ୍କୁ ଶୁଣାଇବା ନିମନ୍ତେ ଅନୁରୋଧ କରିଛନ୍ତି । କବିଙ୍କ ମତରେ ଅତୀତ ଗୌରବର ଉପସ୍ଥାପନା ଅଯଥାର୍ଥ ନୁହେଁ । ଏହାର ବହୁଳ ପ୍ରଭାବ ତଥା ଆବଶ୍ୟକତା ରହିଛି । ଅତୀତରୁ ଶିକ୍ଷାଲାଭ କଲେ ବ୍ୟକ୍ତି ବା ଜାତି ଭବିଷ୍ୟତର ସଂଗଠନ ଉପଯୁକ୍ତ ଧାରାରେ କରିପାରେ । ଉତ୍କଳମଣି ଖଣ୍ଡଗିରିକୁ ଅନୁରୋଧ ପୂର୍ବକ କହିଛନ୍ତି –

'କହି ତାଙ୍କ କଥା ତାଙ୍କ ରାଜ୍ୟ ସମାଚାର
ନିର୍ଜୀବ ଉତ୍କଳେ ପ୍ରାଣ କର ହେ ସଞ୍ଚାର ।' *(ଖଣ୍ଡଗିରି ଶିଖରେ)*

କବି ପଦ୍ମଚରଣ ସ୍ୱ.ରଚିତ କବିତା 'ଖୋରଧା ପ୍ରଥମ ଦର୍ଶନେ'ରେ ମରି ମଧ୍ୟ ଅମର ହୋଇଥିବା ପାଇକମାନଙ୍କୁ ଅତୀତର ଗୌରବଗାଥା ଦେଶବାସୀଙ୍କୁ ନ ଶୁଣାଇବା ପାଇଁ ଅନୁରୋଧ କରିଛନ୍ତି, କାରଣ ଦେଶବାସୀଙ୍କର ତାହା ଶୁଣିବାକୁ ଆଉ ଆଗ୍ରହ ନାହିଁ । ବରଂ ବ୍ୟାଘ୍ରଶିଶୁ, ହରିଣଶାବକଙ୍କୁ ସେଇ ବୀର ଗାଥା ଶୁଣାଇବାକୁ ସେ ପରାମର୍ଶ ଦେଇଛନ୍ତି ।

'ତବ ଗୀତ ପାଇଁ ନାହିଁ ଆଉ ସ୍ଥାନ
ତବ ଗାଥା ଲାଗି ନାହିଁ ଦେଶେ କାନ

x x x x

ଯଦି ପୂର୍ବକଥା ପଡୁଅଛି ମନେ
କହ ବରୁଣେଇ ବ୍ୟାଘ୍ର ଶିଶୁ କାନେ
କହ ସେ ସ୍ୱାଧୀନ ହରିଣ ଶାବକେ
ତା' ରକ୍ତ ସ୍ପନ୍ଦନେ ବିଜୁଳି ଚମକେ ।' *(ଖୋରଧା ପ୍ରଥମ ଦର୍ଶନେ)*

ପୂର୍ବସୂରୀଙ୍କର ପ୍ରଭାବ ସାହିତ୍ୟ କ୍ଷେତ୍ରରେ ଆଦୌ ନିନ୍ଦନୀୟ ନୁହେଁ । ସେହି ପ୍ରଭାବର ନବ ରୂପାୟଣ ଓ ତହିଁରେ ନୂତନ ଚିନ୍ତାଧାରାର ସଂଯୋଜନ ବରଂ ଅଭିନନ୍ଦନୀୟ । କବିତ୍ୱର ସୁବର୍ଣ୍ଣ ସରସତା ଏପରି ପ୍ରଭାବ ଯୋଗୁଁ ମ୍ଳାନ ନହୋଇ ବରଂ ଜାଜ୍ୱଲ୍ୟମାନ ହୋଇଥାଏ । କବି ହୋଇଥାନ୍ତି ଅତୀତ ଓ ବର୍ତ୍ତମାନ ମଧ୍ୟରେ ଏକ ବିମୁଗ୍ଧ ସଂଯୋଗ ସେତୁ।

ଆବଶ୍ୟକୀୟ ପ୍ରଭାବ ସହିତ ନୂତନ ଚିନ୍ତା ଓ ଚେତନାର ସଂଯୋଜନା ଫଳରେ ପଦ୍ମଚରଣଙ୍କ ସୃଷ୍ଟିସମ୍ଭାର ବିଶେଷତଃ ପଦ୍ୟସୃଷ୍ଟି ସମ୍ଭାର ପାଇଛି ଅଶେଷ ଗୌରବ ଓ ଅସୀମ ପାଠକୀୟ ଶ୍ରଦ୍ଧା । ସମୟର ବେଳାଭୂମିରେ କବି ଛାଡ଼ି ଯାଇଛନ୍ତି ସୁସ୍ପଷ୍ଟ ପାଦଚିହ୍ନ ଯାହା ପାଠକମାନଙ୍କ ଦୃଷ୍ଟିକୁ ଏବେ ମଧ୍ୟ ଆକୃଷ୍ଟ କରୁଛି । ବିଶେଷତଃ

'ପଦ୍ମପାଖୁଡ଼ା' ବିବେକୀ ଗ୍ରାହକମାନଙ୍କ ଦ୍ୱାରା ଅଧିକ ଆଦୃତ ହୋଇଛି । ଦେଶର ଏବଂ ନିଜର ଅତୀତ ପ୍ରତି ଆମୁଖତା ଉକ୍ତ ଗ୍ରନ୍ଥରେ ଲିପିବଦ୍ଧ । ଏହି ପ୍ରସଙ୍ଗରେ ଅନ୍ନଦାଶଙ୍କର ରାୟ କହିଛନ୍ତି – ***''କବିତାର ବିଷୟଗୁଡ଼ିକ ମଧ୍ୟ ସାକ୍ଷ୍ୟ ଦେଉଅଛି ଯେ କବି ନିଜର ଓ ଦେଶର ଅତୀତରେ ତନ୍ମୟ ହୋଇ ମଧୁପାନ କରୁଅଛନ୍ତି । ଯାହା ପଛରେ ପକାଇଦେଇ ଆସିଅଛନ୍ତି, ସେହିସବୁ ତାଙ୍କ ମନକୁ ଟାଣି ନେଇଅଛି ।''*** *–(ଉତ୍କଳ ସାହିତ୍ୟ, ୧୦ମ ସଂଖ୍ୟା ୧୩୩୫ ସାଲ)*

କବି ପଦ୍ମଚରଣଙ୍କ ମୃତ୍ୟୁରେ ଆଧୁନିକ ଓଡ଼ିଆ ସାହିତ୍ୟାକାଶରୁ ଏକ ଉଜ୍ଜ୍ୱଳ ତାରକା ଅନ୍ତର୍ହିତ ହୋଇଗଲା । କବିଙ୍କ ମୃତ୍ୟୁରେ 'ଉତ୍କଳ ସାହିତ୍ୟ' ପତ୍ରିକାରେ 'ପରଲୋକ ଗତ ପଦ୍ମଚରଣ' ଶୀର୍ଷକରେ ସଂପାଦକୀୟରେ ଯାହା ଉଲ୍ଲେଖ କରାଯାଇଥିଲା ତାହା ପ୍ରଣିଧାନଯୋଗ୍ୟ । ଏଥିରେ ଉଲ୍ଲେଖ କରାଯାଇଥିଲା– **"ପଦ୍ମଚରଣ ଦୀର୍ଘ ପଚାଶ ବର୍ଷ ଧରି ତାଙ୍କର ମହନୀୟ ଦାନ ଦ୍ୱାରା ଓଡ଼ିଆ ସାହିତ୍ୟ ଭଣ୍ଡାରକୁ ସମୃଦ୍ଧ କରିଛନ୍ତି । କେହି କେହି କବି ଗୋଟିଏ ଯୁଗକୁ ଉଦ୍‌ଭାସିତ କରି ତାଙ୍କ ଜୀବଦ୍ଦଶାରେ ମଧ୍ୟ ସାହିତ୍ୟାକାଶରୁ ଅସ୍ତମିତ ହୋଇଯାଇଥାନ୍ତି । ମାତ୍ର କବି ପଦ୍ମଚରଣ ରାଧାନାଥ ଯୁଗର ଶେଷରେ କବିତା ରଚନା କରି ଏବଂ ଏହି ଯୁଗ ଦ୍ୱାରା ପ୍ରଭାବିତ ହୋଇ ମଧ୍ୟ ସତ୍ୟବାଦୀ, ସବୁଜ ଏବଂ ଆଧୁନିକ ଯୁଗରେ ଆଜୀବନ ସାହିତ୍ୟ ସାଧନାରୁ ବିରତ ହୋଇନାହାନ୍ତି ।''**

– (ଉତ୍କଳ ସାହିତ୍ୟ, ଧନୁସଂଖ୍ୟା, ୧୩୬୨ ସାଲ)

ଏହି 'ପଦ୍ମପାଖୁଡ଼ା' ଯଥାର୍ଥରେ ଏକ ପଦ୍ମପାଖୁଡ଼ା ଯାହା ତଲ୍ଲୀନତାର ତୀର୍ଥ ଜଳରେ ସିକ୍ତ ହୋଇ ଜୀବନବୋଧର ପୂଜା ପାଇଁ ପୂଜାଡାଲାରେ ସଜ୍ଜିତ ହୋଇ ରହିଛି ଏବଂ ତାର ମନୋରମ ନିସର୍ଗ ଲାବଣ୍ୟରେ ପରିବେଶ ଉଦ୍‌ଭାସିତ ହେଉଛି ।

☯☯☯

ସୂର୍ଯ୍ୟମୁଖୀର କବି ପଦ୍ମଚରଣ

କବି ପଦ୍ମଚରଣ ପଟ୍ଟନାୟକଙ୍କର ସୂର୍ଯ୍ୟମୁଖୀ ହେଉଛି ଏକ ଗୀତିକବିତା ଗୁଚ୍ଛ । ଏଥିରେ ୯ ଗୋଟି ଗୀତିକବିତା ସନ୍ନିବେଶିତ । ସେଗୁଡ଼ିକର ଶୀର୍ଷକ ଏହିପରି :- ସେବାଧର୍ମ, ବୁଦ୍ଧଦେବଙ୍କର ଉପଦେଶ, ଭାରତ ସଭ୍ୟତା, ମାତାର ଶୋକ, ବସନ୍ତ ଉତ୍ସବ, କ୍ରୁଶବିଦ୍ଧ ଯିଶୁ, ମେଲାଣି ଗୀତ, କବି ପ୍ରୟାଣ, ଓ ପୁରୁଷର ଶକ୍ତିଅର୍ଚ୍ଚନା । କବିତାଗୁଡିକ ଭିନ୍ନଭିନ୍ନ ସମୟରେ ରଚିତ ହୋଇ 'ଉତ୍କଳ ସାହିତ୍ୟ' ଏବଂ 'ମୁକୁର' ପତ୍ରିକାରେ ପ୍ରକାଶିତ ହୋଇଥିଲା । ପରେ ସଙ୍କଳିତ ହୋଇ ୧୯୫୦ ମସିହାରେ ପୁସ୍ତକ ଆକାରରେ ପ୍ରକାଶିତ ହୋଇଥିଲା । କବିତାଗୁଡିକୁ ଆଲୋଚନାର ସୁବିଧା ସକାଶେ ଆମେ ଚାରି ଭାଗରେ ବିଭକ୍ତ କରିପାରିବା, ଯଥା :-

୧) ଜାତୀୟତାଭାବଭିତ୍ତିକ ।

୨) ମାନବିକ ମୂଲ୍ୟବୋଧଭିତ୍ତିକ ।

୩) ଶୋକାନୁଭୂତିମୂଳକ ।

୪) ଉପଦେଶାତ୍ମକ ।

ଜାତୀୟତାଭାବଭିତ୍ତିକ :- ଜାତି ଓ ଦେଶ ଗୋଟିଏ ସହ ଅନ୍ୟଟି ଓତପ୍ରୋତ ଜଡ଼ିତ । ଦେଶ ଗୋଟିଏ ଭୌଗୋଳିକ ପରିମିତିର ଅନ୍ୟନାମ ହେଲାବେଳେ ସେହି ପରିମିତିର ଆଧାରରେ ସଯତ୍ନବର୍ଦ୍ଧିତ ଏବଂ ପରିମିତି ପ୍ରତି ଅନୁରକ୍ତ ବ୍ୟକ୍ତିମାନଙ୍କର ସମଷ୍ଟି ହିଁ ଜାତି ପଦବାଚ୍ୟ । କହିବାର ତାତ୍ପର୍ଯ୍ୟ ହେଉଛି ଯେ ଦେଶଦେଶ ଭିତରେ ଯେପରି ବାହ୍ୟ ପରିବେଶର ପରିବର୍ତ୍ତନଘଟେ ଜାତିଜାତିଭିତରେ ସେପରି ରୁଚିପୂର୍ଣ୍ଣ ମାନସିକତାରେ ପରିବର୍ତ୍ତନ ଘଟିଥାଏ । ଏହି ମାନସିକତାର ଭିତ୍ତିରେ ସଂସ୍କୃତି ସଂଗଠିତ । ଚୀନର ନାଗରିକମାନଙ୍କୁ ଚୀନ-ଜାତି ବୋଲି କୁହାଗଲାବେଳେ ଭାରତର ନାଗରିକମାନଙ୍କୁ ଭାରତ-ଜାତି ବୋଲି କୁହାଯାଏ । ପ୍ରତ୍ୟେକ ଜାତିକୁ ଧରିରଖିଛି ଏକ ଶକ୍ତି । ସେହି ଶକ୍ତି ପୁଣି ପ୍ରକାଶିତ ହୋଇଛି ଜାତିର ପ୍ରାଣ ଓ ମନରେ । ନିର୍ଦ୍ଦିଷ୍ଟ ପରଂପରା ଓ ପୁରୋଦୃଷ୍ଟି ଭିତ୍ତିରେ ସେହି ଜାତିର ସ୍ଥିତି ବଳିଷ୍ଠ ହୋଇଥାଏ । ଭାରତ ଜାତି ପ୍ରତି ଆନ୍ତରିକତା ହିଁ ଭାରତୀୟ ଜାତୀୟତା । ଅତୀତ ଗୌରବର ପର୍ଯ୍ୟାଲୋଚନା, ସାଂସ୍କୃତିକ ବିଭବର ନବମୂଲ୍ୟାୟନ ଏହି ଆନ୍ତରିକତାର ଅନ୍ତର୍ଭୁକ୍ତ ।

ଗୋଟିଏ ଜାତିର ସଂସ୍କୃତିକୁ ଆମେ ତିନିପ୍ରକାରେ ବିଚାର କରିପାରିବା । ପ୍ରଥମରେ - ସେ ଜାତିର ଚିନ୍ତାଧାରା ଓ ଆଦର୍ଶ, ଦ୍ୱିତୀୟରେ - ସୃଜନଶୀଳ ଆତ୍ମପ୍ରକାଶ ଓ ତୃତୀୟରେ - ତାହାର ବାହ୍ୟ ରୂପାୟଣ । ଏ ତିନିଗୋଟି କଥା ପରସ୍ପରଠାରୁ ଭିନ୍ନ ନୁହଁନ୍ତି, ବରଂ ପରସ୍ପର ସହ ସଂଲଗ୍ନ । ଭାରତୀୟ ସଂସ୍କୃତିକୁ ବିଚାରକୁ ନେଲେ ଆମେ ଦେଖିବା ଯେ ଏହାର ଚିନ୍ତା ଓ ଆଦର୍ଶ ଆଧ୍ୟାତ୍ମିକତାକୁ ଭିତ୍ତିକରି ସଂଗଠିତ । ଆଧ୍ୟାତ୍ମିକତା କହିଲେ ଆମେ ଆତ୍ମାର ପାଠ ବୋଲି ବୁଝିବା, ମନର ପାଠ ବୋଲି ବୁଝିବା ନାହିଁ । ଆତ୍ମାର ପାଠକୁ ପୁଣି

ବୈରାଗ୍ୟର ପାଠ ବୋଲି ବୁଝିବା ନାହିଁ, ଅନୁରାଗର ପାଠ ବୋଲି ବୁଝିବା । କେହିକେହି କହିବାର ଶୁଣାଯାଏ ଯେ ଭାରତୀୟ ସଂସ୍କୃତି ହେଉଛି ବୈରାଗ୍ୟର ସଂସ୍କୃତି । ଏହା ଗୋଟିଏ ଭ୍ରମ । ବାସ୍ତବରେ ଭାରତୀୟ ସଂସ୍କୃତି ହେଉଛି ଅନୁରାଗର ସଂସ୍କୃତି, ଆଶାବାଦର ସଂସ୍କୃତି ଏବଂ ସର୍ବାଙ୍ଗୀନ ବିକାଶର ସଂସ୍କୃତି । ତା ନହୋଇଥିଲେ ଦୁର ଅତୀତରେ ଏଠାରେ ଶିଳ୍ପଶାସ୍ତ୍ର, କାମଶାସ୍ତ୍ର, ଚିକିତ୍ସାଶାସ୍ତ୍ର, ଜ୍ୟୋତିଷଶାସ୍ତ୍ର, ଶଲ୍ୟଶାସ୍ତ୍ର, ଗଣିତଶାସ୍ତ୍ର, ରସାୟନଶାସ୍ତ୍ର ପରି ଶାସ୍ତ୍ରମାନ ସୃଷ୍ଟି ହୋଇ ନଥାନ୍ତା । ଭାରତରେ ପ୍ରଥମେ ଉଦ୍‌ଘୋଷିତ ହୋଇଥିଲା 'ଚଲ୍ ପୃଥ୍ୱୀ ସ୍ଥିର ଭାତି' ଅର୍ଥାତ୍ ପୃଥିବୀ ଗତିଶୀଳ ଅଥଚ ତାହା ସ୍ଥିର ବୋଲି ଜଣାପଡୁଛି । ଏହାର ବହୁ ପରେ ଗାଲିଲିଓ ଏ କଥା କହିଥିଲେ । ଅବଶ୍ୟ ଏ କଥା ସ୍ୱୀକାର୍ଯ୍ୟ ଯେ ଭାରତୀୟ ସଂସ୍କୃତିର ଏହି ଦୀପ୍ତି ଓ କାନ୍ତି ତ୍ରୟୋଦଶ ଶତାବ୍ଦୀଠାରୁ କେତେକ କାରଣରୁ ମଉଳିଯାଇଛି, ସୁପ୍ତ ହୋଇଯାଇଛି ମାତ୍ର ଲୁପ୍ତ ହୋଇନାହିଁ । କ୍ରମଶଃ ଏହାର ପୁନଃଜାଗରଣ ଘଟୁଅଛି ଏବଂ ଆଗାମୀ ଦିନରେ ଅଧିକରୁ ଅଧିକ ଘଟିବା ନିଶ୍ଚିତ । ଏହି ଦୀପ୍ତି ଦିଗନ୍ତବିସ୍ତାରୀ ହେବ ଯାହା ସମଗ୍ର ବିଶ୍ୱକୁ ଘେରି ରହିବ । ସେଦିନ ଭାରତ ହେବ ଚେତନା ସ୍ତରରେ ପୃଥିବୀର ଗୁରୁ । ବାହ୍ୟ ରୂପ ମାଧ୍ୟମରେ ଆତ୍ମାର ଅନୁସନ୍ଧାନ କରିବା ଥିଲା ଅତୀତରେ ଭାରତୀୟ ମାନସିକତା । ଏହି ମାନସିକତାର ବିକାଶ ଭବିଷ୍ୟତରେ ଅତୀତ ଠାରୁ ବହୁଗଣରେ ଅଧିକ ହେବ । ଆଧୁନିକ ଇଉରୋପୀୟ ସଂସ୍କୃତି ପରି ଏହା ବସ୍ତୁତାନ୍ତ୍ରିକତାରେ ଦିଗହରା ହେବ ନାହିଁ । ବସ୍ତୁର ଆଦର ଓ ଯତ୍ନ ଭବିଷ୍ୟତ ଭାରତରେ ରହିବା ସହିତ ଆତ୍ମାର ଆବିଷ୍କାର ପାଇଁ ସାଧନା ରହିବ । ଜଡତ୍ୱ ଓ ଚୈତନ୍ୟ ପରସ୍ପର ସହ ସମ୍ବନ୍ଧାନ୍ୱିତ ହୋଇ ଏଠାରେ ରହିବେ ।

ଗୋଟିଏ ଜାତି କେତେଦୂର ବିକଶିତ, ଏହା ଜଣାଯାଏ ମୁଖ୍ୟତଃ ସେ ଜାତିର ସାହିତ୍ୟ ଓ ଶିଳ୍ପକଳା ଦ୍ୱାରା । ସାହିତ୍ୟ ଧରିରଖେ ଜାତିର ମହତ୍ତ୍ୱକୁ, ସମନ୍ୱିତ କରେ ବିଶ୍ୱଚେତନା ସହ ଜାତିର ଚେତନାକୁ । ସମୟର ପରିଚୟ ପତ୍ର, ପ୍ରଗତିର ପ୍ରମାଣ ପତ୍ର ଭାବରେ ସାହିତ୍ୟ ସମ୍ମାନିତ ହୁଏ । ଏହି ପରିପ୍ରେକ୍ଷୀରେ ଶ୍ରୀଅରବିନ୍ଦଙ୍କର ମତ ଏହି ଯେ ଜାତିର ଶିଳ୍ପ, କବିତା ଓ ସାହିତ୍ୟରୁ ଆମେମାନେ ପାଉ ସେହି ଜାତିର ବୋଧିଶକ୍ତି, କଳ୍ପନାଶକ୍ତି, ପ୍ରାଣରଗତି, ଓ ସୃଜନବୁଦ୍ଧିର ସୃଜନଶୀଳ ପରିପ୍ରକାଶ ଓ ଜ୍ଞାନ ।

ସାରସ୍ୱତ ସାଧକଟିଏ ବୁଝିପାରେ ସମୟର ଆବଶ୍ୟକତା, ଦେଖିପାରେ ଭବିଷ୍ୟତର କିଛି ଚିତ୍ର ଓ ଶୁଣିପାରେ ଭବିଷ୍ୟତର କେତେକ ଶବ୍ଦ । ବେଳେବେଳେ କିଛି କବିତାର କେତେକ ପଂକ୍ତି ଭବିଷ୍ୟତର ଅଭିଷେକ ପାଇଁ ଗୋଟିଏ ଗୋଟିଏ ମନ୍ତ୍ର ହୋଇଯାଆନ୍ତି । କବି ସେତେବେଳେ ହୁଏ କେବଳ ଏକ ମାଧ୍ୟମ, ପଂକ୍ତିଗୁଡିକ ଏହି ମାଧ୍ୟମକୁ ଅବଲମ୍ବନ କରି ଭିନ୍ନ ଏକ ସ୍ତରରୁ ଅବତରଣ କରି ଆସନ୍ତି । ପଦ୍ମଚରଣଙ୍କର ଜାତୀୟତାବୋଧ ମୂଳକ ଗୀତିକବିତା 'ଭାରତ ସଭ୍ୟତା' ଭିତରେ ଏପରି କେତେକ ପଂକ୍ତି ଦେଖିବାକୁ ମିଳେ । ବାସନାର ବିନାଶରେ ଦୁଃଖର ବିନାଶ ବୋଲି ଭାରତ କହୁଥିଲାବେଳେ ଜଗତ ଗୁରୁତ୍ୱଦିଏ ବାସନା ଉପରେ । ପୁଣ୍ୟଭୂମି, ଜ୍ଞାନଭୂମି, ଓ ତପୋଭୂମି ଭାରତବର୍ଷ ଶିବିଙ୍କର ମହିମା ଗାଏ, ରାଜଧର୍ମର ପ୍ରଶସ୍ତି ଗାନ କରେ । ଭାରତୀୟ ସଂସ୍କୃତି ଅନ୍ୟ ଦେଶର ସଂସ୍କୃତିଠାରୁ ଭିନ୍ନ ଓ ସ୍ୱତନ୍ତ୍ର ବୋଲି କବି ପଦ୍ମଚରଣ 'ଭାରତ ସଭ୍ୟତା' କବିତାରେ ଉଲ୍ଲେଖ କରିଛନ୍ତି। ଭାରତ ଇତିହାସ ଓ ଭାରତ ସଭ୍ୟତା ଉପରେ ଏହି କବିତାରେ ଆଲୋକପାତ କରାଯାଇଛି । ଭାରତର ଗିରି-ବନ-କାନନ-କେଦାରରେ ଝଂକୃତ ହୁଏ ଶାନ୍ତିର ସଂଗୀତ । କବିଙ୍କର ଅନୁଭବ ଏହିପରି-

'ଭାରତର ଇତିହାସ ଭାରତ ସଭ୍ୟତା
ଦୁର୍ଲଭ ଏ ନିଖିଳ ସଂସାରେ
ଭାରତର ଉପାଦାନ ଭବ ଉପାଦାନୁ ?
ଭିନ୍ନ ସଦା ଭିତରେ ବାହାରେ'

(ଭାରତ ସଭ୍ୟତା)

ମାନବିକ ମୂଲ୍ୟବୋଧ ଭିତ୍ତିକ–

ବିଶ୍ୱରେ ପ୍ରାଚୁର୍ଯ୍ୟ ବଢ଼ି ଚାଲିଛି, ଶସ୍ୟ ଉତ୍ପାଦନ ବଢ଼ିଚାଲିଛି, ମଣିଷର ଆବଶ୍ୟକତା ବଢ଼ିଚାଲିଛି, ମାତ୍ର ମାନବିକତା କମିଆସୁଛି । ଅହଂଭାବରେ ଭାରାକ୍ରାନ୍ତହୋଇ ମନ ଭାରସାମ୍ୟ ହରାଇ ବସୁଛି । ସ୍ଥାନକାଳପାତ୍ରର ବିବେଚନା ନକରି ସେ ଅନେକ ଅକାର୍ଯ୍ୟ କରିବସୁଛି । ବିଶ୍ୱକୁ ବୋଝ ହୋଇଛି ଏ ଅହଂକାରୀ ମଣିଷ । ଆତଙ୍କବାଦରେ ଆତଙ୍କିତ ହୋଇଛି ଏଇ ବିଶ୍ୱ। ଶତଶତ ବର୍ଷରେ ଗଠିତ ସଭ୍ୟତାକୁ ମୁହୂର୍ତ୍ତକରେ ଏହା ଭୂଲୁଣ୍ଠିତ କରିଦେଇପାରେ । ଆତଙ୍କବାଦକୁ ନିର୍ମୂଳ କରିବା ପାଇଁ ମାନବିକତା ହେଉଛି ମୂଳ ଅବ୍ୟର୍ଥ ଔଷଧ, ଯାହା ବିଶ୍ୱଗ୍ରାମ ଗଠନର ସ୍ୱପ୍ନକୁ କେବଳ ସାକାର କରିପାରିବ । ଧର୍ମ, ବର୍ଣ୍ଣ, ଦେଶ ଓ ପରିବେଶର ଉର୍ଦ୍ଧ୍ୱରେ ଏହାର ସ୍ଥିତି, ବିଶ୍ୱବୋଧ ଏହାର ଭିତ୍ତି । ଅନ୍ୟକୁ ସହ୍ୟକରିବା,ମର୍ଯ୍ୟାଦା ଦେବା ଏଥିନିମନ୍ତେ ଏକାନ୍ତ ଆବଶ୍ୟକ। ଏମାନବ ହେବ ଦେବମାନବ ଏଇ ମାନବିକତାର ସ୍ୱର୍ଶରେ । ଲୁହାକୁ ସୁନା କରିଦେବ ମାନବିକତାର ପରଶମଣି । ଭାରତ ସାରାବିଶ୍ୱକୁ ଶିଖାଇଦେବ ଯେ ପରର ଉପକାରନିମନ୍ତେ କାର୍ଯ୍ୟକଲେ ତାହା ଈଶ୍ୱରଙ୍କ ସେବାରେ ପରିଣତ ହୁଏ । ଈଶ୍ୱର ତାକୁ ନିଜ ନିକଟରେ ସ୍ଥାନ ଦିଅନ୍ତି, ସୁଖଶାନ୍ତି ଭରିଦିଅନ୍ତି ତାହାର ପ୍ରାଣ ଓ ମନରେ । ଅନ୍ୟଆଖିରୁ ଲୁହ ପୋଛିଦେବା, ମଧୁର ବଚନରେ ଅନ୍ୟମନରେ ଆଶ୍ୱାସନା ଭରିଦେବାରେ ଯେଉଁ ମହତ୍ତ୍ୱ ଅଛି, ତାହାର ପଟାନ୍ତର ନାହିଁ । ଏହି ପ୍ରସଙ୍ଗରେ କବି କହିଛନ୍ତି –

‘ସହେ ଯେଉଁ କଷ୍ଟ ତା ପାଇଁ ମୁକୁଟ
ସଜାଡ଼ି ରଖନ୍ତି ହରି
ଏ ଜୀବନ ଅନ୍ତେ ପିନ୍ଧାନ୍ତି ମସ୍ତକେ
ନିଜେ ପ୍ରଭୁ ସ୍ନେହ ଭରି’

(ସେବା ଧର୍ମ)

କବିଙ୍କର ରଚିତ ‘କ୍ରୁଶବିଦ୍ଧ ଯୀଶୁ’ କବିତାରେ କୁହାଯାଇଛି, ମଣିଷ ଜାତି ଏକ, ଦେଶଭେଦରେ ଓ ସଂସ୍କୃତି ଭେଦରେ ମଣିଷ ଅଲଗା ଅଲଗା ନୁହେଁ । ଭେଦଭାବର ଉର୍ଦ୍ଧ୍ୱରେ ରହିବା ହିଁ ଯଥାର୍ଥ ମାନବିକତା । ସମୟର ଏଇ ଆବଶ୍ୟକତା ପୂରଣ ହେବା ଉଚିତ । ପୂରଣହେଲେ ଜୀବନ ଧନ୍ୟ ହେବ। ଏଇ ବିଶ୍ୱ ହେବ ଦେବତାର ଲୀଳାନଗର ଓ କ୍ରୀଡ଼ାଶିବିର । ଭାବ ହିଁ ହେବ ମାନବ ଏକତାର ମାନଦଣ୍ଡ ।

‘ଈଶ୍ୱର ତ ଏକ ବିଶ୍ୱାସ ତ ଏକ
ଅଭେଦ ମନୁଷ୍ୟ ଜାତି
ଇହୁଦି, ରୋମାନ୍ ହିନ୍ଦୁ, ମୁସଲମାନ
ଭାବର ଭବନେ ସାଥୀ’

(କ୍ରୁଶବିଦ୍ଧ ଯୀଶୁ)

ସବୁ ଧର୍ମର ମୂଳତତ୍ତ୍ୱ ହେଉଛି ମାନବିକତା, ଏ କଥା କବି ଏହି କବିତାରେ ଉଲ୍ଲେଖ କରିଛନ୍ତି । ଧର୍ମର ବିଭିନ୍ନତା ରହିବ, ମାତ୍ର ଧର୍ମକୁ ନେଇ କଳହ ରହିବ ନାହିଁ । ଈଶ୍ୱରଙ୍କ ପ୍ରାପ୍ତି ନିମନ୍ତେ ପ୍ରତ୍ୟେକ ଧର୍ମ ଏକଏକ ମାଧ୍ୟମ ହେବ । ଭଗବାନ ଏକ । ମାଧ୍ୟମର ଭିନ୍ନତାରେ ସେ ଭିନ୍ନ ହୁଅନ୍ତି ନାହିଁ । ଗୋଟିଏ ପୋଖରୀର ଭିନ୍ନଭିନ୍ନ ଚୁଠରୁ ସଂଗୃହୀତ ଜଳକୁ ଜଣେ ଭିନ୍ନଭିନ୍ନ ନାମ ଦେଲେ ହେଁ ଉପାଦାନ ଦିଗରୁ ଦେଖିଲେ ସେହି ଜଳ ଏକ ଓ ଅଭିନ୍ନ ହେଲାପରି ଭଗବାନଙ୍କୁ ଜଣେ ଭିନ୍ନଭିନ୍ନ ନାମ ଦେଲେ ହେଁ ଭଗବାନ ଏକ ଓ ଅଭିନ୍ନ ହୋଇ ରହିଥାନ୍ତି । ସେହି ଭଗବାନଙ୍କ ନିକଟରେ କେହି ବଡ଼ ବା ସାନ ନୁହଁନ୍ତି, ସମସ୍ତେ ସମାନ । ଧନୀ ଗରିବର ଭେଦ ତାଙ୍କ ପାଖରେ ନାହିଁ । ସେ ଦୟାମୟ, କାହାରିକୁ କଷ୍ଟ ଦିଅନ୍ତି ନାହିଁ । ମଣିଷ ନିଜର କର୍ମଫଳ

ହିଁ ଭୋଗ କରେ, କର୍ମଫଳଜନିତ କଷ୍ଟପାଇଲେ ବୁଝିନପାରି ଭଗବାନଙ୍କୁ ଦୋଷ ଦିଏ । ମଣିଷମଣିଷ ଭିତରେ ସଦ୍‌ଭାବ, ସଂହତି, ସହାନୁଭୂତି ଦେଖିଲେ ଭଗବାନ ଖୁସି ହୁଅନ୍ତି । ସରଳ ବିଶ୍ୱାସଭରା ମନଟିକୁ ପରମ ପ୍ରଭୁ କାଳେକାଳେ ଲୋଡ଼ିଥାନ୍ତି ।

'ଈଶ୍ୱର ଲୋଡ଼ନ୍ତି ଶୁଦ୍ଧଶାନ୍ତ ମନ
ସରଳ ବିଶ୍ୱାସଭରା
ପ୍ରେମ ବିଶ୍ୱାସରେ ଈଶ୍ୱର ରାଇଜ
ହୁଏ ଏହି ବସୁନ୍ଧରା'

(କ୍ରୁଶବିଦ୍ଧ ଯୀଶୁ)

ଶୋକାନୁଭୂତି ମୂଳକ–

ଶୋକଗୀତି ଭାବରେ 'ମାତାର ଶୋକ' 'କବିପ୍ରୟାଣ ଓ' 'ପୁରୁଷର ଶକ୍ତି ଅର୍ଚ୍ଚନା' ଗ୍ରହଣୀୟ। 'ମାତାର ଶୋକ' କବିତାଟି ମହାରାଜ ଶ୍ରୀ ରାମଚନ୍ଦ୍ରଙ୍କ ବିୟୋଗରେ ରଚିତ ହୋଇ ଉତ୍କଳ ସାହିତ୍ୟରେ ପ୍ରକାଶିତ ହୋଇଥିଲା । ଉତ୍କଳଜନନୀଙ୍କ ଶୋକାକୁଳ ଭାବ ଏଥିରେ ଉପସ୍ଥାପିତ । ମାତୃହୃଦୟର ମମତା କବିଲେଖନୀରେ ଚମତ୍କାର ଭାବରେ ଅଭିବ୍ୟକ୍ତ ହୋଇଛି । ଦୁଃଖରେ ମ୍ରିୟମାଣ ହୋଇ ଉତ୍କଳମାତା ମହାକାଳକୁ ଦୁରନ୍ତ ଚୋର ବୋଲି ଆଖ୍ୟାୟିତ କରିଛନ୍ତି ।

'କାହିଁ କେଉଁ ନନ୍ଦନରେ ଥିଲା ଫୁଲ ଉଣା।।
ନେଲା ମୋ ଫୁଲଟି କିଏ ନ ବହି କରୁଣା
ମୋ ଦରିଦ୍ର ଉଦ୍ୟାନର ଗଲା ଶିରୀ ସରି
ହେ ଦୁରନ୍ତ ଚୋର, ତୋର କିବା ସୁଖ ହରି '

(ମାତାର ଶୋକ)

କବିବର ରାଧାନାଥଙ୍କ ବିୟୋଗରେ ରଚିତ ହୋଇଛି 'କବି ପ୍ରୟାଣ' କବିତା । କବିହୃଦୟର ମର୍ମଭେଦୀ ବ୍ୟଥା ପ୍ରକଟିତ ହୋଇଛି ଏହାର ଛତ୍ରେଛତ୍ରେ । ସମସ୍ତଙ୍କ ମୁଖରେ 'ଆହା' ଶବ୍ଦ । ପ୍ରକୃତିର ଚାରୁଚିତ୍ର ଆଉ କିଏ ଆଙ୍କିବ ? କିଏ ଭିନ୍ନଭିନ୍ନ ଅଞ୍ଚଳରୁ କିମ୍ବଦନ୍ତୀ ସଂଗ୍ରହ କରିବ ? – ଏ କଥା ଭାବିଭାବି ସମସ୍ତେ ମର୍ମାହତ । ରାଧାନାଥଙ୍କର ଦୟା ଓ ଅନୁକମ୍ପା ପ୍ରସଙ୍ଗ ଏଥିରେ ବର୍ଣ୍ଣିତ । ରାଧାନାଥଙ୍କ କେତେକ ପଂକ୍ତିକୁ ଖଞ୍ଜି କବି ଏହି ରଚନାଟିକୁ ଅଧିକ ହୃଦୟସ୍ପର୍ଶୀ କରିଛନ୍ତି । କବି ପଦ୍ମଚରଣଙ୍କୁ ମନ ଗବାକ୍ଷ ଫାଙ୍କରେ ଦିଶିଛି ରାଧାନାଥୀ ଗ୍ରାହକପଣର ସଖୀ ତୁଲ୍ୟ ନୀଳାମ୍ବୁ ଚିଲକା । ପଦ୍ମଚରଣଙ୍କ ବିଚାରରେ –

'ଗଞ୍ଜାମ–ମଞ୍ଜୁଳ–ସରସୀ ଚିଲିକା
ସଖୀ ପରି ଥିଲା ତୁମପାଦେ ବିକା'

(କବି ପ୍ରୟାଣ)

ରାଧାନାଥଙ୍କ ବିୟୋଗରେ ତାଙ୍କ ସାହିତ୍ୟର ଚିତ୍ର ଓ ଚରିତ୍ରମାନେ ମର୍ମାହତ । ସତେ ଅବା ତାଙ୍କ ପାଇଁ କିଏ ଲିଭାଇ ଦେଲା ବେଦରୁ ଗାୟତ୍ରୀ, ଚୋରାଇ ନେଲା ଦରିଦ୍ରର ଗଳାମାଳ । ଏମାନେ ନବମଲ୍ଲିକାପରି ସତେଜ ଥିଲେ, କାଳର ଦୁରନ୍ତ ବଲ୍ଗୀକ ଚେର କାଟିଦେବାରୁ ସହସା ମଉଳିଗଲେ । ଏହି ବିପର୍ଯ୍ୟୟକୁ ଦେଖି ଉତ୍କଳର ଗଗନପବନ ଦାରୁଣ ଦୁଃଖରେ ଭାରାକ୍ରାନ୍ତ । ତୁଣ୍ଡରେ ତାର ଏହିପରି କଥା –

'ନନ୍ଦିକା, ଗଉରୀ ଉତ୍କଳନନ୍ଦିନୀ
ଉଷା,କଉଶଲ୍ୟା ଜନମଦୁଃଖିନୀ

ଚନ୍ଦ୍ରଭାଗା, ଚୋର ଚରିତ୍ର ସୁନ୍ଦର
ଆଜି ଅବସାଦେ ଅବଶ କାତର'

ଏହି କବିତା ଆକାରରେ ଦୀର୍ଘ, ପାଠକଙ୍କଭିତରେ ଯଥେଷ୍ଟ ଭାବାନ୍ତର ଆଣିବାକୁ ସମର୍ଥ । ମନେହୁଏ ରାଧାନାଥୀ ପ୍ରତିଭାର ଏହା ଯେପରି ଏକ ସୁଲଳିତ ଆକଳନ ।

ଅନ୍ୟ ଶୋକକବିତାଟି ଜଣେ ଅପରିଚିତା ସ୍ତ୍ରୀ ଲୋକର ଆତ୍ମାହୁତି ଘଟଣାକୁ କେନ୍ଦ୍ରକରି ରଚିତା କବି ପଦ୍ମଚରଣ ତା ୨୧.୦୯.୧୯୦୮ ଲିଖରେ ଏହି ଘଟଣାଟି ଘଟିଥିଲା ବୋଲି କବିତାତଳେ ତାରକା ଚିହ୍ନ ଦେଇ ଉଲ୍ଲେଖ କରିଛନ୍ତି । ଜଣେ ସ୍ତ୍ରୀ ଲୋକ ତାଙ୍କର ପତିଙ୍କର ନିର୍ଯ୍ୟାତନା ସହି ନ ପାରି କଟକ କାଠଯୋଡ଼ି ନଦୀର କଲେଜ ଘାଟରେ ନଦୀକୁ ଡେଇଁ ଆତ୍ମହତ୍ୟା କରିଥିଲେ । କବି ଏହି କବିତାରେ ନାରୀ ଉପରେ ଅତ୍ୟାଚାର କରୁଥିବା ପୁରୁଷଙ୍କୁ ଦୁର୍ବଳ, ଭୀରୁ ବୋଲି ବିଚାର କରିଛନ୍ତି ଏବଂ କହିଛନ୍ତି ଯେ ନାରୀର ଅବଦାନ ଅନେକ, ସେ ଦାନର ପ୍ରତିଦାନ ନାହିଁ । ନାରୀ ହେଉଛି ମାତୃଶକ୍ତି ସ୍ୱରୂପିଣୀ, ତ୍ୟାଗ, ସେବା, ସ୍ନେହର ମୂର୍ତ୍ତପ୍ରତୀକ ମର୍ତ୍ତ୍ୟଲକ୍ଷ୍ମୀ । ନାରୀର ସନ୍ତୋଷରେ ଦେବତାମାନେ ସନ୍ତୁଷ୍ଟ ହୁଅନ୍ତି ।

'ଶୁଣିନାହୁଁ କିରେ ଦେଶ ଶାସ୍ତ୍ର କଥା
ନାରୀତୋଷେ ତୁଷ୍ଟ ସକଳ ଦେବତା'

ଅତୀତ ଭାରତରେ ନାରୀର ମର୍ଯ୍ୟାଦା ଥିଲା ଅନନ୍ୟ । ସୀତା, ସାବିତ୍ରୀ ଦମୟନ୍ତୀ ପ୍ରଭୃତି ମହିୟସୀ ନାରୀମାନେ ଭାରତୀୟ ସଂସ୍କୃତିର ମୂର୍ତ୍ତିମନ୍ତ ପ୍ରତୀକ ସ୍ୱରୂପ । ସମଗ୍ର ବିଶ୍ୱ ଏପରି ନାରୀ ଚରିତ୍ରର ପରିକଳ୍ପନା ସହଜେ କରିପାରେ ନାହିଁ । ଭାରତୀୟ ନାରୀର ମହତ୍ତ୍ୱ କାଳେକାଳେ ପ୍ରତିଷ୍ଠିତ । କେତେକ କାରଣରୁ ଆଧୁନିକ ଭାରତରେ ନାରୀପ୍ରତି ସମ୍ମାନବୋଧ, କମିଯାଇଛି, ସମୟ ଆସିବ ଯେତେବେଳେ ପୁଣି ଏଇ ନାରୀର ମହତ୍ତ୍ୱ ସ୍ୱୀକୃତ ଓ ସମ୍ମାନିତ ହେବ, କବି ଏହି ଆଶା ପୋଷଣ କରିଛନ୍ତି । ନାରୀପୁରୁଷ ଉଭୟ ପରସ୍ପରକୁ ମର୍ଯ୍ୟାଦା ଦେଲେ ଭାରତୀୟ ଜୀବନ ପୂର୍ଣ୍ଣାଙ୍ଗହେବ,ମଧୁମୟ ହେବ ।

'ଉଇଁଆସୁ ଦେଶେ ଅସ୍ତମିତ ରବି
ଦୂରେ ଯାଉଦୁଃଖ ଦୁରିତର ଛବି
ପ୍ରବୁଦ୍ଧ ଭାରତ ହସୁ ବହନ'

ଉପଦେଶାତ୍ମକ –

ହିତୋପଦେଶ ଏବଂ ଜୀବନ ଚିନ୍ତା ମୁଖ୍ୟତଃ 'ବୁଦ୍ଧ ଦେବଙ୍କ ଉପଦେଶ' ଓ 'କ୍ରୁଶବିଦ୍ଧ ଯୀଶୁ' ଶୀର୍ଷକ କବିତା ଦୁଇଟିରେ ଉପସ୍ଥାପିତ । ଏଇ ଉପଦେଶ ଏବଂ ଜୀବନ ଚିନ୍ତା କୌଣସି ନିର୍ଦ୍ଦିଷ୍ଟ ଗୋଷ୍ଠୀ, ଜାତି ପାଇଁ ସୀମିତ ନୁହେଁ, ବରଂ ସମଗ୍ର ମାନବ ସମାଜ ପାଇଁ ଉଦ୍ଦିଷ୍ଟ । 'ବୁଦ୍ଧଦେବଙ୍କ ଉପଦେଶ' କବିତାରେ କୃଷ୍ଣାଙ୍କର ପୁତ୍ରର ମୃତ୍ୟୁ ଜନିତ ବ୍ୟାକୁଳତା ପ୍ରକଟିତ ହେବା ସହିତ ଭ୍ରମଭଂଜନ ମଧ୍ୟ ହୋଇଛି । ମୃତ ଶିଶୁପୁତ୍ରକୁ ଆଣି କୃଷ୍ଣା ଶରଣ ନେଲେ ବୁଦ୍ଧ ଦେବଙ୍କର । ତାଙ୍କର ଆକୁଳତା ଦେଖି ବୁଦ୍ଧଦେବ ତାକୁ ଯାହା ଘରୁ କେହି କେବେ ମରିନଥିବେ ତାଙ୍କ ଘରୁ ମୁଠାଏ ସୋରିଷ ଆଣିବା ପାଇଁ କହିଲେ । କୃଷ୍ଣା ଘରଘର ବୁଲି ଶେଷରେ ନିରାଶ ହେଲେ, ସୋରିଷ ମୁଠାଏ କାହାଘରୁ ଆଣିପାରିଲେ ନାହିଁ । ମୃତ ପୁତ୍ର ସହ ଫେରି ଆସି ବୁଦ୍ଧଦେବଙ୍କ ପାଦ ତଳେ ପ୍ରଣାମ ଜଣାଇ ଦୈବୀ-ବାଣୀରୁ ଯାହା ଶୁଣିଲେ ସେଥିରେ ସେ ପ୍ରକୃତିସ୍ଥ ହେଲେ । ଦୈବୀବାଣୀରୁ ଏହା ସ୍ପଷ୍ଟ ହେଲା ଯେ କର୍ମଫଳ ଭୋଗିବାକୁ ପଡ଼େ, ସେଥିରୁ କେହି ବାଦ୍ ପଡ଼ନ୍ତିନାହିଁ । କେବଳ ସାଧନଭଜନ ଥିଲେ ଯେଉଁଠାରେ ବଡ଼ବିପଦ ପଡ଼ିବାର ଥାଏ, ସେଠାରେ ଛୋଟ ବିପଦରେ ତାହା

କଟିଯାଏ । ଦୈବୀବାଣୀ ମୁଖରେ କବି କହିଛନ୍ତି–

'ଯେ ଯାହାର କର୍ମଫଳେ ଯାଏ ଆସେ ନିତି
ଏହିପରି ଯୁଗଯୁଗ ଯାଉଅଛି ବିତି'

ମଣିଷ ଜୀବନ କ୍ଷଣସ୍ଥାୟୀ, ଜନ୍ମପରି ମୃତ୍ୟୁ ଚିରନ୍ତନ ସତ୍ୟ, ଏଥିରେ ଶୋଚନା କରିବା ନିରର୍ଥକ । ଯେତେ ମର୍ମାହତ ହେଲେ ମଧ୍ୟ ମୃତ ଆଉ ଫେରିଆସେ ନାହିଁ । ଏପରି ଉପଦେଶମାନ ଉକ୍ତ କବିତାରେ ପ୍ରଦତ୍ତ ହୋଇଅଛି । 'କ୍ରୁଶବିଦ୍ଧ ଯୀଶୁ' କବିତାରେ ଯୀଶୁ କ୍ରୁଶବିଦ୍ଧ ଅବସ୍ଥାରେ ତାଙ୍କର ପ୍ରିୟ ଶିଷ୍ୟକୁ କେତେକ ଉପଦେଶ ପ୍ରଦାନ କରିଛନ୍ତି । ଜୀବନରେ ନିରପେକ୍ଷତାର ସ୍ଥାନ ବହୁ ଉର୍ଦ୍ଧ୍ୱରେ। ବିଚାର ବେଳେ ପିତାପୁତ୍ର,ବନ୍ଧୁମିତ୍ର ଅବା ଜ୍ଞାତିକୁଟୁମ୍ବର ମୋହ ରହିବା ବାଞ୍ଛନୀୟ ନୁହେଁ । ସ୍ୱାର୍ଥ, ହିଂସା, କ୍ରୋଧ ପ୍ରଭୃତି ରିପୁଗଣ ମଣିଷର ସର୍ବନାଶ କରିବାକୁ ଅପେକ୍ଷା କରିଥାଆନ୍ତି । ମଣିଷ ଏମାନଙ୍କ ପ୍ରତି ସତର୍କ ନହେଲେ ଏମାନେ ସଦଳବଳେ ମଣିଷକୁ ଗ୍ରାସ କରନ୍ତି । ସତ୍ୟ–ନ୍ୟାୟ ମାର୍ଗରେ ଗଲେ ଯେଉଁ ଦୁଃଖକଷ୍ଟ ମିଳେ ତାହା ବରଣୀୟ କାରଣ ସେ ପ୍ରକାର ଦୁଃଖକଷ୍ଟ ବରଣ ବୀରତ୍ୱର ଚିହ୍ନ । କବିଙ୍କ ଭାଷା ଏହିପରି –

'ଘୂରି ଯାଉପଛେ ଜୀବନର ଗତି
ନାହିଁ କିଛି ମୋର ଡର
ସତ୍ୟପଥେ ମୁହିଁ ଧର୍ମ ପଥେ ମୁହିଁ
କି କରିବ କ୍ଷୁଦ୍ର ନର'

ବିବେକ ହିଁ ମଣିଷର ଜାଗ୍ରତ ପ୍ରହରୀ । ଏହା ହେଉଛି ବ୍ୟକ୍ତିତ୍ୱର ସୁରମ୍ୟ ନୀଳମଣି ତୋରଣ । ଚେତନାର ବିକାଶ ନିମନ୍ତେ ବିବେକର ସଦୁପଯୋଗ ଏକାନ୍ତ ଜରୁରୀ । ବିବେକର ଜୟ ହେବ, ସତ୍ୟର ଜୟହେବ, ଭଲ କିଏ ଭେଲ କିଏ ଦିନେ ନା ଦିନେ ଜଣା ପଡ଼ିବ – ଏପରି ଚିନ୍ତା ଓ ବିଶ୍ୱାସ ପ୍ରକଟ କରାଯାଇଛି ଉକ୍ତ କବିତାରେ ।

ବିଭିନ୍ନ ଦିଗରୁ ବିଚାରକଲେ ଏହା ପ୍ରଣିଧାନଯୋଗ୍ୟ ଯେ 'ପଦ୍ମପାଖୁଡ଼ା'ରେ ପଦ୍ମଚରଣଙ୍କ କବିଚିତ୍ତ ମୁକୁଳିତ ହେଲାବେଳେ 'ସୂର୍ଯ୍ୟମୁଖୀ' ରେ ତାହା କୁସୁମିତ ହୋଇଛି । 'ପଦ୍ମପାଖୁଡ଼ା'ରେ ବ୍ୟକ୍ତିଗତ ଓ ଜାତିଗତ ଭାବାଭିବ୍ୟକ୍ତି ଥିଲାବେଳେ 'ସୂର୍ଯ୍ୟମୁଖୀ'ରେ ସାର୍ବଜନୀନ ଚିନ୍ତା ତଥା ବିଶ୍ୱଭାବନା ସ୍ଥାନ ପାଇଛି । ଏହା ସ୍ୱୀକାର୍ଯ୍ୟ ଯେ 'ସୂର୍ଯ୍ୟମୁଖୀ'ରେ କବିଙ୍କର ବହୁବର୍ଣ୍ଣା ଅନୁଭବ ଶବ୍ଦାୟିତ ହୋଇ ଅମର ବସନ୍ତର କୋଟି କୁସୁମ ଫୁଟାଇ ଦେଇଛି ।

☯☯☯

ପୂଜ୍ୟପୂଜା ବିଭବ ଓ କବି ଉପେନ୍ଦ୍ର ତ୍ରିପାଠୀ

ଅନ୍ତର୍ମନର ସୁଶ୍ରୀ ଶୋଭନ ଅଭିବ୍ୟକ୍ତି ହେଉଛି କବିତା । ଶବ୍ଦ ମାଧ୍ୟମରେ ଚିତ୍ର ପ୍ରଦାନ କରିବାରେ ଯେଉଁ କବିତା ଯେତେ ଅଧିକ ସମର୍ଥ, ସେହି କବିତା ସେତେ ଆଦୃତ ଓ ପ୍ରତିଷ୍ଠିତ । ପରିବେଶ ବା ଘଟଣାର ସୁସଜ୍ଜିତ ବିବରଣୀ ଭିତରେ ଯେଉଁ ସ୍ୱର୍ଶକାତର କବି ଚିତ୍ତଟି ଅଭିଷିକ୍ତ, ତାହାହିଁ କବିତାର ଆତ୍ମା । କବି ଦୃଷ୍ଟି ଭିନ୍ନ, ସୃଷ୍ଟି ମଧ୍ୟ ଭିନ୍ନ । ସେ ସୃଷ୍ଟିରେ ଅଦିନ କଦମ୍ବ ଫୁଟେ, ଅଦିନ ମଳୟ ଛୁଟେ, ବର୍ଷା ବୈଶାଖ ଓ ବସନ୍ତର ସମନ୍ୱିତ ବାତାବରଣରେ ମନ ପୁଲକି ଉଠେ । ହସ ସେଠାରେ ଲୁହର ରୂପାନ୍ତର, ସ୍ନେହ ସେଠାରେ ମୋହର ଅନ୍ୟନାମ । ଆତ୍ମୀୟତାର ହାତ ବଢ଼ାଇ କବି ଚାହେଁ ଛୁଇଁଦେବାକୁ ବିଶ୍ୱପ୍ରକୃତିକୁ, ବିଶ୍ୱଜୀବନକୁ । ଜନମାନସର ଅନନ୍ୟ ଅନୁଭବ ପ୍ରତିଫଳିତ ହୁଏ କବି ମନର ସ୍ୱଚ୍ଛ ମୁକୁରରେ । ସେ ହୁଏ ବିଶ୍ୱମାନବର ପ୍ରତିନିଧି, ବିଶ୍ୱପ୍ରକୃତି ହୁଏ ତା' ପାଇଁ ଅମୂଲ୍ୟନିଧି । କ୍ଷଣକ ପାଇଁ ହେଲେ ମଧ୍ୟ ସେ ଆଉ କାହାର ଧୀରଲଳିତ ପାଦଶବ୍ଦ ଶୁଣିପାରେ, ଆନନ୍ଦରେ ଅଭିଭୂତ ହୋଇ ସ୍ୱକୀୟ ସୁକୁମାର ଅନୁଭବଟିକୁ ଲିପିବଦ୍ଧ କରେ । ସେଇ ଶକ୍ତିର ନିର୍ମଳ ନିରାଜନା ପାଇଁ ତା'ର ସୃଷ୍ଟି ସମ୍ଭାର ହୁଏ ସଜଡ଼ା ପୂଜାଡ଼ାଲା । କବି ହୁଏ ଚେତନାରେ ଯଥାର୍ଥ ପୂଜାରୀ ।

ପଣ୍ଡିତ ଉପେନ୍ଦ୍ର ତ୍ରିପାଠୀ ଓଡ଼ିଆ ଶିଶୁସାହିତ୍ୟ ଆକାଶର ଏକ ଉଜ୍ଜ୍ୱଳ ଜ୍ୟୋତିଷ୍କ । ଶିଶୁମାନଙ୍କ ସ୍ତରକୁ ମାନସିକତାରେ ଓହ୍ଲାଇଆସି ସେ ରଚନା କରିଛନ୍ତି ଅନେକ କବିତା । ବାସ୍ତବରେ ତାହା ହିଁ ଶିଶୁ ସାହିତ୍ୟ ଯାହା ରଚନା କରିବା ନିମନ୍ତେ ସାହିତ୍ୟିକକୁ ଶିଶୁ ମନସ୍ତତ୍ତ୍ୱକୁ ଯଥେଷ୍ଟ ମର୍ଯ୍ୟାଦା ଦେବାକୁପଡ଼େ । କବି ଶ୍ରୀଯୁକ୍ତ ତ୍ରିପାଠୀ ଶିଶୁ ମନସ୍ତତ୍ତ୍ୱକୁ ଯଥାଯୋଗ୍ୟ ମର୍ଯ୍ୟାଦା ଦେଇଛନ୍ତି । ଏହି ପ୍ରସଙ୍ଗରେ ବିଶିଷ୍ଟ ଶିଶୁ ସାହିତ୍ୟିକ ପ୍ରଫେସର ଡକ୍ଟର ଜଗନ୍ନାଥ ମହାନ୍ତି କହିଛନ୍ତି – ''ପଣ୍ଡିତ ତ୍ରିପାଠୀ ଥିଲେ ଜଣେ ଅଭିଜ୍ଞ ଓ ସମ୍ବେଦନଶୀଳ ଶିକ୍ଷକ । ଶିଶୁ ଓ କିଶୋର ମନକୁ ଚିହ୍ନି ସେମାନଙ୍କ ଭାଷାକୁ ଜାଣି ଓ ସେମାନଙ୍କ ପ୍ରିୟ ପରିଚିତ ବିଷୟବସ୍ତୁକୁ ଅନୁଭବ କରି ସେ ରଚନା କରିଛନ୍ତି ଅସଂଖ୍ୟ କବିତା ଯାହାର ଅନନ୍ୟ ଆକର୍ଷଣ ଚିରନ୍ତନ ।'' ପଣ୍ଡିତ ଉପେନ୍ଦ୍ର ତ୍ରିପାଠୀ ଗ୍ରନ୍ଥାବଳୀର ମୁଖବନ୍ଧରେ ଡକ୍ଟର ମହେଶ୍ୱର ମହାନ୍ତି କହିଛନ୍ତି ''ଉପେନ୍ଦ୍ରବାବୁଙ୍କର ସାମୂହିକ ସୃଷ୍ଟିର ଏକ ସଂକ୍ଷିପ୍ତ ସମୀକ୍ଷାରୁ ଜଣାପଡ଼େ ଯେ ପିଲାମାନଙ୍କ ପାଇଁ ତାଙ୍କ ସାହିତ୍ୟର ପରିସର ଅତ୍ୟନ୍ତ ବ୍ୟାପକ । ତାଙ୍କର ଆଭିମୁଖ୍ୟ ଏକମୁଖୀ ନୁହେଁ, ବହୁମୁଖୀ । ସେ ଜଣେ ପାଠ୍ୟପୁସ୍ତକ ପ୍ରଣେତା ନୁହନ୍ତି କିମ୍ବା ପାଠ୍ୟପୁସ୍ତକରୁ ତାଙ୍କ ସାହିତ୍ୟର ଜନ୍ମ ବୋଲି କହିହେବ ନାହିଁ ।''

କବି ଶ୍ରୀଯୁକ୍ତ ତ୍ରିପାଠୀ ଶିଶୁ ସାହିତ୍ୟ ସୃଷ୍ଟି ସହିତ ଦେଶର କେତେକ ବରପୁତ୍ରଙ୍କ ଉଦ୍ଦେଶ୍ୟରେ ଗଭୀର ଶ୍ରଦ୍ଧା ଓ କୃତଜ୍ଞତା ଭିତ୍ତିକ କିଛି କବିତା ମଧ୍ୟ ରଚନା କରିଛନ୍ତି । ତାଙ୍କ ରଚିତ ପୂଜ୍ୟପୂଜାଭିତ୍ତିକ 'ସ୍ମୃତି ଚିନ୍ତାମଣି' ଏକ କବିତା ଗୁଚ୍ଛ ଯହିଁରେ ୧୧ ଗୋଟି କବିତା ସନ୍ନିବେଶିତ । ପୂଜ୍ୟପୂଜା ଭାରତୀୟ ସଂସ୍କୃତିର ସୁବାସିତ ସୁରମ୍ୟବିଭୂତି । ଏହାଦ୍ୱାରା ପୂଜକର ଆତ୍ମବିକାଶ ଘଟେ । ପ୍ରଣାମ, ଦଣ୍ଡବତ ଓ ନମସ୍କାରର ମହତ୍ତ୍ୱ ଅନନ୍ୟ ଓ ଅସାଧାରଣ । ଏହା ସମ୍ମାନ ପ୍ରଦାନ ଓ ଆଶୀର୍ବାଦ ଗ୍ରହଣର ଏକଏକ ବଳିଷ୍ଠ ମାଧ୍ୟମ ।

'ସ୍ମୃତି ଚିନ୍ତାମଣି'ର ପ୍ରଥମ କବିତାଟି ବିଶ୍ୱକବି ରବୀନ୍ଦ୍ରନାଥଙ୍କ ଉଦ୍ଦେଶ୍ୟରେ ରଚିତ । କବିତାର ଶୀର୍ଷକ 'କବୀନ୍ଦ୍ର ରବୀନ୍ଦ୍ରନାଥ' । କବିତାଟି ତା୧୭.୦୮.୧୯୪୧ରିଖରେ ରବୀନ୍ଦ୍ରନାଥଙ୍କ ଶ୍ରାଦ୍ଧ ଉପଲକ୍ଷେ ଆୟୋଜିତ ସଭାରେ ବାଲେଶ୍ୱରଠାରେ ପଠିତ ହୋଇଥିଲା ଏବଂ ପରେ 'ସହକାର' ପତ୍ରିକାରେ ପ୍ରକାଶିତ ହୋଇଥିଲା । ରବୀନ୍ଦ୍ରନାଥଙ୍କ ଲେଖନୀରେ ସାଧାରଣ ହୋଇଛି ଅସାଧାରଣ, ସାମାନ୍ୟ ହୋଇଛି ଅସାମାନ୍ୟ । ପଦମାଳାରେ ତାଙ୍କର ପ୍ରକଟିତ ହୋଇଛି ସୀମାତୀତ ଲଳିତଲାବଣ୍ୟ- ଏକଥା କହିଛନ୍ତି ପଣ୍ଡିତ ତ୍ରିପାଠୀ ।

'ଗଛପତ୍ରେ ପିନ୍ଧାଇଲ ନବ ନବ ସାଜ
ଦୀନ ଭିକାରୀରେ କେତେ କଲ ରାଜରାଜ
କୁସୁମେ କୁସୁମେ ତୋଳି ସୁରଭି ତରଙ୍ଗ
ସାହିତ୍ୟ-ସବୁଜ କୁଞ୍ଜେ କଲ କେତେରଙ୍ଗ ।'

ଦ୍ୱିତୀୟ କବିତାର ଶୀର୍ଷକ 'ପ୍ରେମାନନ୍ଦ ସାମନ୍ତ ସିଂହାର', କବିତାଟି ବିଦଗ୍ଧକବି ଅଭିମନ୍ୟୁ ସାମନ୍ତସିଂହାରଙ୍କ ନିମନ୍ତେ ଏକ ଶ୍ରଦ୍ଧାସୁମନ । ତା୫.୦୬.୧୯୪୨ ରିଖରେ ଅଭିମନ୍ୟୁ ସାମନ୍ତସିଂହାରଙ୍କ ଜନ୍ମପୀଠରେ ଅନୁଷ୍ଠିତ ସମାରୋହରେ ପଠିତ ଏହି କବିତାରେ କବି ଅଭିମନ୍ୟୁଙ୍କର ପ୍ରଶସ୍ତି ଉପସ୍ଥାପିତ । କବିଙ୍କର କୃତି ମଧ୍ୟରେ 'ରସବତୀ', 'ପ୍ରେମକଳା', 'ପ୍ରେମଚିନ୍ତାମଣି', 'ସୁଲକ୍ଷଣା' ଏବଂ 'ବିଦଗ୍ଧ ଚିନ୍ତାମଣି'ର ନାମ ଶ୍ରୀଯୁକ୍ତ ତ୍ରିପାଠୀ ଉଲ୍ଲେଖ କରିଛନ୍ତି । ରାଧାମାଧବର ଲୀଳାଲହରୀରେ ସିକ୍ତ ଅଭିମନ୍ୟୁ କୃତିତ୍ୱର ବେଳାଭୂମି ଯେତିକି ଆକର୍ଷଣୀୟ ସେତିକି ଆଦରଣୀୟ। ଏକଥା କହିବାକୁ ଯାଇ ଶ୍ରୀଯୁକ୍ତ ତ୍ରିପାଠୀ କହିଛନ୍ତି -

'ହେ ଉତ୍କଳ କବିରବି ଅମର ବିନ୍ଧାଣି
କି କୌଶଳେ ଚିତ୍ରି ଦେଲ ଛବିଳ ଉତ୍କଳେ
ବ୍ରଜରାଜ, ବ୍ରଜେଶ୍ୱରୀ, ବୃନ୍ଦାବନ ଠାଣି
ନତ ମୁଖେ ସାରା ବିଶ୍ୱ ସେ ସୁଷମା କଳେ ।'

ତୃତୀୟ କବିତାର ନାମ 'କବି ଶେଖର ଚିନ୍ତାମଣି' । ଉକ୍ତ କବିତାଟି ଚିନ୍ତାମଣି ମହାନ୍ତିଙ୍କ ସ୍ମୃତି ସଂଖ୍ୟା ସହକାରରେ ପ୍ରକାଶିତ ହୋଇଥିଲା । ଉତ୍କଳ- ପ୍ରକୃତିର ଅନ୍ୟତମ ରମ୍ୟରୂପକାର, ଉତ୍କଳ ଭାରତୀଙ୍କର ଅନ୍ୟତମ ବରପୁତ୍ର ଚିନ୍ତାମଣିଙ୍କ ପ୍ରତି ଗଭୀର ଶ୍ରଦ୍ଧାଞ୍ଜଳି ଅର୍ପଣ କରିଛନ୍ତି କବି ଶ୍ରୀଯୁକ୍ତ ତ୍ରିପାଠୀ । ମର ଦେହରେ ନଥିଲେ ମଧ୍ୟ ନିଜସ୍ୱ କୃତି ଓ କୃତିତ୍ୱ ଯୋଗୁଁ କବି ଚିନ୍ତାମଣି ଅମରତ୍ୱର ଅଧିକାରୀ ।

'ହେ ଅମର, ମର ତନୁ ଛୁଟାଇଛ ସିନା
କାଳେ କାଳେ କବି ତନୁ ଛୁଟିବ କି ତବ ?
ବଜାଇଛ କାବ୍ୟ-କୁଞ୍ଜେ ଯେ ଅଶ୍ରୁତ ବୀଣା
ଅମୃତ ଝଙ୍କାର ତା'ର ଚିର ଅଭିନବ ।'

ଚତୁର୍ଥ କବିତାର ଶୀର୍ଷକ 'ଜାତିର ପିତା ମହାତ୍ମାଗାନ୍ଧି' । କବିତାଟି ୧୯୪୮ ମସିହା ଜାନୁୟାରୀ ୩୦ ତାରିଖ ଦିନ ଅର୍ଥାତ୍ ମହାତ୍ମାଗାନ୍ଧିଙ୍କର ମହାପ୍ରୟାଣ ଦିବସରେ ରଚିତ ହୋଇଥିଲା। ଏଥିରେ ଗାନ୍ଧିଜୀଙ୍କର ମହାପ୍ରୟାଣରେ ଦେଶର ହୋଇଥିବା ଅପୂରଣୀୟ କ୍ଷତି ସଂପର୍କରେ ବର୍ଣ୍ଣନା କରାଯାଇଛି । କବି ଶ୍ରୀଯୁକ୍ତ ତ୍ରିପାଠୀ ଗାନ୍ଧିଜୀଙ୍କୁ ଦଧୀଚି, ଦେବତାର ଦେବତା, କର୍ମବୀର, ଧର୍ମବୀର, ଜଗଦ୍‌ବୀର-ମଉଡ଼ମଣି ବୋଲି ବିଚାର କରିଛନ୍ତି । ଆମ ଦେଶର ଦୀପ ସ୍ୱରୂପ ଥିଲେ ମହାତ୍ମାଗାନ୍ଧି। ତାଙ୍କର ବିୟୋଗରେ ସମଗ୍ର ବିଶ୍ୱ ଅନ୍ଧକାରମୟ ହୋଇଗଲା ।

'ଦେଶର ଆମ ଦୀପଟି ଥିଲା
ଅକାଳେ ଆଜି ଗଲାରେ ଲିଭି
ତୁନିଆ ସାରା ଅନ୍ଧକାର
ସତୁରି ମୁଖେ କୁଆଡ଼େ ଯିବି ।'

ପଞ୍ଚମ କବିତାର ନାମ 'ଯୁଗସ୍ରଷ୍ଟା ରାଧାନାଥ' । କବିତାଟି ରାଧାନାଥ ସ୍ମରଣିକାରେ ପ୍ରକାଶିତ। ରାଧାନାଥ ଜଳ-ସ୍ଥଳ-କାନନ-କେଦାରରେ ଦେଖି ଥିଲେ ପ୍ରାଣପ୍ରାଚୁର୍ଯ୍ୟର ଗଭୀର ଉଦ୍‌ବେଳନ । ରାଧାନାଥଙ୍କ ସୃଷ୍ଟି ସମ୍ଭାରକୁ ଆଧାର କରି ଓଡ଼ିଆ ସାହିତ୍ୟରେ ପୁଷ୍ପବୃଷ୍ଟି ହେଲା ବୋଲି କବି ଶ୍ରୀଯୁକ୍ତ ତ୍ରିପାଠୀ ଉକ୍ତ କବିତାରେ ଉଲ୍ଲେଖ କରିଛନ୍ତି । ସେ କହିଛନ୍ତି ଯେ କବି ରାଧାନାଥ ନନ୍ଦନକାନନରୁ କୁସୁମ ଚୟନ କରି ଉତ୍କଳ ଭାରତୀଙ୍କ ପଦବନ୍ଦନା କରିଥିଲେ ।

'ନନ୍ଦନକାନନୁ
ଆହରିଛ ତୁମେ କବି, ଅମ୍ଳାନ କୁସୁମ
ଲାଗି ଯଜ୍ଞ ଧୂମ
ସତୁଜ ସଞ୍ଚାର ସୂଚୀ ଚିର ମଉସୁମ ।'

ଷଷ୍ଠ କବିତାର ଶୀର୍ଷକ 'ପଲ୍ଲୀକବି ନନ୍ଦକିଶୋର' । ଏଥିରେ ନନ୍ଦକିଶୋରଙ୍କର କବିତ୍ୱର ମହତ୍ତ୍ୱ ଆକଳିତ । ପଲ୍ଲୀପ୍ରକୃତିର ରମ୍ୟ ରୂପକାର, ପଲ୍ଲୀସଂସ୍କୃତିର ଅକପଟ ଚିତ୍ରକର ନନ୍ଦକିଶୋରଙ୍କୁ ଶ୍ରୀଯୁକ୍ତ ତ୍ରିପାଠୀ ଆନନ୍ଦ -ସୁଷମାସ୍ୱାଦୀ ବୋଲି ଅଭିହିତ କରିଛନ୍ତି, ସାରସ୍ୱତ କୁଞ୍ଜବନର ବସନ୍ତ କୋକିଳ ବୋଲି ବିଚାର କରିଛନ୍ତି । ଉକ୍ତ କବିତାରେ ଶ୍ରୀଯୁକ୍ତ ତ୍ରିପାଠୀ କବିଙ୍କ ସ୍ମୃତି ପ୍ରତି ବିନମ୍ର ପ୍ରଣତି ଜଣାଇ କହିଛନ୍ତି-

'କଲ୍ପନା ଅତୀତ ତବ ସାରସ୍ୱତ ଶକ୍ତି
ଘେନ ଦେବ ଦେବଲୋକେ ମୋର ନତ-ଭକ୍ତି ।'

ସପ୍ତମ କବିତାଟି ପଣ୍ଡିତ ଗୋଦାବରୀଶଙ୍କ ସ୍ମୃତି ତର୍ପଣ ଅବକାଶରେ ରଚିତ ଓ ଗୋଦାବରୀଶ ସ୍ମରଣିକାରେ ପ୍ରକାଶିତ । କବିତାର ଶୀର୍ଷକ ସ୍ୱର୍ଗତ ଗୋଦାବରୀଶ ମିଶ୍ର । କବି ଶ୍ରୀଯୁକ୍ତ ତ୍ରିପାଠୀ କବି ଗୋଦାବରୀଶ ମିଶ୍ରଙ୍କୁ ଶ୍ରୀବିଦ୍ୟାବାଗୀଶ, ନୀତିଶାସ୍ତ୍ରରେ ସୁନିପୁଣ, ଦୁର୍ନୀତି ଅନ୍ତକ, ଏ ଜାତିର ଈଶ, ଜାତିଗର୍ବ-ଗୌରବ-ଗାଥାର ରୂପକାର ରୂପେ ଚିତ୍ରଣ କରିଛନ୍ତି ।

'ଥିଲ ତୁମେ ଏ ଜାତିର ଈଶ
ହେ ଗୋଦାବରିଶ !
ଭାରତୀଭଣ୍ଡାର ପରିପୂର୍ଣ୍ଣ ଜାତିଗର୍ବ ଗୌରବ ଗାଥାରେ ।'

ଅଷ୍ଟମ କବିତାର ଶୀର୍ଷକ 'ସାହିତ୍ୟକ ସ୍ରଷ୍ଟା ବାଳକୃଷ୍ଣ' । କବିତାଟି 'ମାତୃଭୂମି'ର ବିଶେଷାଙ୍କରେ ପ୍ରକାଶିତ ହୋଇଥିଲା । ସାହିତ୍ୟିକ ବାଳକୃଷ୍ଣଙ୍କୁ କବି ଶ୍ରୀଯୁକ୍ତ ତ୍ରିପାଠୀ ମହାନିର୍ଭୀକ, ଚିର ଆୟୁଷ୍ମାନ ଭାବରେ ବିଚାର କରିଛନ୍ତି । ତାଙ୍କର ଉଦୟରାଗଠାରୁ ଅସ୍ତରାଗ ଅଧିକ ଦୀପ୍ତିମୟ ଓ ଜ୍ୟୋତିର୍ମୟ ଥିଲା । ସେ ମୃତ୍ୟୁଞ୍ଜୟ ମହାମନ୍ତ୍ରରେ ଦୀକ୍ଷିତ ଥିଲେ । ସାହିତ୍ୟିକ ବାଳକୃଷ୍ଣଙ୍କ ନିମନ୍ତେ ଗଭୀର ଶ୍ରଦ୍ଧାଞ୍ଜଳି ଅର୍ପଣ କରିଛନ୍ତି ଶ୍ରୀଯୁକ୍ତ ତ୍ରିପାଠୀ ।

'ଅତୀତ ତା' ଦେଇଛି ଉଜଳି
ସୁଯାତ୍ରୀ ସେ, ପଦ ପ୍ରାପ୍ତେ ତେଣୁ ଆଜି

ଢାଳେ ଶ୍ରଦ୍ଧାଞ୍ଜଳି ।'

'ଜନ ନେତା ଜବାହାର' କବିତା ହେଉଛି ନବମ କବିତା । ଏହାର ରଚନାକାଳ ୧୯୬୪ ମସିହା ଜୁନ୍ ୧୬ ତାରିଖ । ଏଥିରେ ଜବାହରଙ୍କ ସ୍ମୃତିପ୍ରତି କବି ଗଭୀର ଶ୍ରଦ୍ଧା ନିବେଦନ କରିଛନ୍ତି । ଜବାହାର ଥିଲେ ଭାରତର ସ୍ୱାଧୀନତା ପ୍ରୟାସୀ ଏକ ବଳିଷ୍ଠ ବ୍ୟକ୍ତିତ୍ୱ । ତାଙ୍କ ମୃତ୍ୟୁରେ ସମଗ୍ର ଦେଶରେ ଶୋକର ଛାୟା ଖେଳି ଯାଇଥିଲା । ବିସ୍ମୟ ବିମୁଗ୍ଧ କଣ୍ଠରେ କବି ଗାଇଛନ୍ତି–

'କି ବିଭୂତି ଧରି ହେ ଜନ୍ମତ
ଆସିଥିଲ ଏ ସୁପ୍ତ ଭାରତେ ?
'ନବୋଦିତ ଜାଗ୍ରତ ଜାଗ୍ରତ'
ମହାମନ୍ତ୍ର ବାଢ଼ିଲେ ଶ୍ରୀମନ୍ତେ ।'

ସ୍ୱର୍ଗତ ଲକ୍ଷ୍ମୀନାରାୟଣ ସାହୁଙ୍କ ଉଦ୍ଦେଶ୍ୟରେ ରଚିତ କବିତାଟି ଉକ୍ତ ଗୁଚ୍ଛର ଦଶମ କବିତା। ଏହି କବିତାଟି ଲକ୍ଷ୍ମୀ ନାରାୟଣ ସ୍ମରଣିକାରେ ପ୍ରକାଶିତ ହୋଇଥିଲା ।

ଶ୍ରୀଯୁକ୍ତ ସାହୁଙ୍କ ପ୍ରତି କବିଙ୍କର ଭକ୍ତିଅର୍ଘ୍ୟ ଏଥିରେ ଅର୍ପିତ । କବିତା ତାଙ୍କର ବନଝରଣା ପରି ପ୍ରବାହମାନ ଓ ଶାନ୍ତି ପ୍ରଦାୟକ । ଶ୍ରୀଯୁକ୍ତ ସାହୁଙ୍କର ରୁଚିକର ମାର୍ଜିତ ବ୍ୟବହାର ସମସ୍ତଙ୍କୁ ପ୍ରୀତ କରିଥିଲା । ସମସ୍ତଙ୍କୁ ଆପଣାର କରିନେବାର ଅପୂର୍ବ ଦକ୍ଷତା ତାଙ୍କର ଥିଲା । କବି ଶ୍ରୀଯୁକ୍ତ ତ୍ରିପାଠୀ ତାଙ୍କ ପ୍ରତି ନମ୍ରନତ ହୋଇ କହିଛନ୍ତି –

'କଳନାରେ ଆଜି ଅକଳନ ତୁମେ
ଗଭୀର ସାଗର ସମ
ଶୁଭ୍ର ଶୀତଳ ଆଲୋକରେ ରହି
ଘେନ ଏ ଅର୍ଘ୍ୟ ମମ ।'

କବିତା ଗୁଚ୍ଛର ଏକାଦଶ କବିତାର ଶୀର୍ଷକ ହେଉଛି 'ସ୍ୱର୍ଗୀୟ ପଣ୍ଡିତ ନୀଳକଣ୍ଠ' । ପଣ୍ଡିତ ନୀଳକଣ୍ଠଙ୍କ ମହା ପ୍ରୟାଣରେ ଏକ ସ୍ୱତନ୍ତ୍ର ଜାତୀୟତାବାଦୀ ଅଧ୍ୟାୟର ଅବସାନ ଘଟିଲା । ଗଭୀର ପାଣ୍ଡିତ୍ୟର ଅଧିକାରୀ ପଣ୍ଡିତ ନୀଳକଣ୍ଠ ସତେ ଅବା ଦେବତାଙ୍କ ଦରବାରକୁ ମଣ୍ଡନ କଲେ । ଦେବତାମାନେ ଆନନ୍ଦରେ ବରଣ କରି ନେଲେ ଜ୍ଞାନୀ ଗୁଣୀ ପଣ୍ଡିତ ନୀଳକଣ୍ଠଙ୍କୁ । ଶ୍ରୀଯୁକ୍ତ ତ୍ରିପାଠୀଙ୍କ ଭାଷାରେ–

' ନାହିଁରେ ନାହିଁ ସେତ ଆଉ ନାହିଁ
ଦେବେ ଯେ ବସିଥିଲେ ପଥ ଚାହିଁ
ମଥାର ମଣି କରି ରଥରେ ନେଲେ ବରି
ତୁଥାରେ ଆମେ ସିନା ହାଇଁ ପାଇଁ
କଥାର କୋହିନୂର ଆଉ କାହିଁ ?'

ପଣ୍ଡିତ ଉପେନ୍ଦ୍ର ତ୍ରିପାଠୀ ଥିଲେ ମୂଲ୍ୟବୋଧର ମଣିଷ । ସାହିତ୍ୟ ପାଇଁ ସାହିତ୍ୟ ରଚନା ନକରି ସାହିତ୍ୟକୁ ଲୋକଶିକ୍ଷାର ବଳିଷ୍ଠ ମାଧ୍ୟମ ଭାବରେ ସେ ଗ୍ରହଣ କରିଥିଲେ । ତାଙ୍କର ଏହି ଅନୁଚିନ୍ତା କାଳେକାଳେ ଅନବଦ୍ୟ ଓ ଅଭିନନ୍ଦନୀୟ ହୋଇ ରହିବ ।

☯☯☯

ସେ ଗାଁର କିଆଫୁଲ ଓ କବି ଜୀବନାନନ୍ଦ

'ସେ ଗାଁର କିଆଫୁଲ' ପୁସ୍ତକରେ କବି ଜୀବନାନନ୍ଦ ପାଣିଙ୍କର ରଚିତ ୭୫ ଗୋଟି ଗୀତିକବିତା ସନ୍ନିବେଶିତ । ପୁସ୍ତକଟି 'ରସରାଜଗୀତିକୁଞ୍ଜ' ଅନୁଷ୍ଠାନ ତରଫରୁ ପ୍ରକାଶିତ । ଶ୍ରୀଯୁକ୍ତ ପାଣି ଆଧୁନିକ ଓଡ଼ିଆ ଗୀତିକବିତା ରଚନା କ୍ଷେତ୍ରରେ ଜଣେ ଲବ୍ଧପ୍ରତିଷ୍ଠ ସ୍ରଷ୍ଟା । ତାଙ୍କର ଜନ୍ମ ହୋଇଥିଲା ୧୯୩୩ ମସିହା ମାର୍ଚ୍ଚ ମାସ ୧୩ ତାରିଖରେ ମୟୂରଭଂଜ ଜିଲ୍ଲାର ପ୍ରତାପପୁର ଗ୍ରାମରେ। ପିତାଙ୍କ ନାମଥିଲା ନକୁଳ ଚରଣ ପାଣି ଓ ମାତାଙ୍କ ନାମ ଚିତ୍ରମଣି ଦେବୀ । ଜୀବନାନନ୍ଦ ପାଣି ୧୯୫୪ ମସିହାରେ ଓଡ଼ିଶା ସରକାରଙ୍କ ଅଧୀନରେ ପ୍ରଶାସନିକ ସେବାରେ ନିଯୁକ୍ତି ପ୍ରାପ୍ତ ହୋଇଥିଲେ। ୧୯୭୦ ମସିହାରେ ସେ ଯୋଗଦେଲେ କେନ୍ଦ୍ର ସଂଗୀତ ଓ ନାଟକ ଏକାଡ଼େମୀରେ । ନୃତ୍ୟ, ସଂଗୀତର ଗବେଷଣା କ୍ଷେତ୍ରରେ ତାଙ୍କର କୃତିତ୍ୱ ଅନନ୍ୟସାଧାରଣ । ଏହି ଗବେଷଣାକୁ ଭିତ୍ତିକରି ସେ ଚାରିଗୋଟି ପୁସ୍ତକ ରଚନା କରିଛନ୍ତି । ଅବସର ଗ୍ରହଣ ପରେ ଅବଶିଷ୍ଟ ଜୀବନ ତାଙ୍କର ଅତିବାହିତ ହୋଇଥିଲା ସାହିତ୍ୟ ସାଧନା ଓ ସଂଗୀତ ତଥା ନୃତ୍ୟ ଗବେଷଣାରେ । ଚଳଚ୍ଚିତ୍ର ନିର୍ଦ୍ଦେଶନା କ୍ଷେତ୍ରରେ ତାଙ୍କର ଆଗ୍ରହ ଓ ଆନ୍ତରିକତା ଥିଲା ସ୍ୱତନ୍ତ୍ର । ସେ ୧୯୯୮ ମସିହାର ସେପ୍ଟେମ୍ବର ମାସ ଏକ ତାରିଖରେ ମୃତ୍ୟୁବରଣ କରିଥିଲେ । ଆଲୋଚ୍ୟ 'ସେ ଗାଁର କିଆଫୁଲ' ପୁସ୍ତକର ମୁଖବନ୍ଧ ଲେଖିଛନ୍ତି ସ୍ୱନାମଧନ୍ୟ ସାହିତ୍ୟିକ ମହାପାତ୍ର ନୀଳମଣି ସାହୁ। ସେ ମୁଖବନ୍ଧର ଶୀର୍ଷକ ରଖିଛନ୍ତି 'ଭାବ ଓ ଉଚ୍ଛ୍ୱାସର ଗୀତିକବି ଜୀବନାନନ୍ଦ' । ଜୀବନାନନ୍ଦ ପାଣି ଏକାଧାରରେ ଗଦ୍ୟ କବିତା ଓ ଗୀତିକବିତାର ସ୍ରଷ୍ଟା । ତେବେ କବିଙ୍କର ଗୀତିକବିତା ପ୍ରତି ଆକର୍ଷଣ ସ୍ୱତନ୍ତ୍ର ଥିଲା, ଏକଥା ଶ୍ରୀଯୁକ୍ତ ସାହୁ ଉଲ୍ଲେଖ କରି କହିଛନ୍ତି, ''ଜୀବନ ବାବୁ ଆଧୁନିକ ମୁକ୍ତ ଗଦ୍ୟଛନ୍ଦରେ ମଧ୍ୟ ବହୁ ଚମତ୍କାର କବିତା ଲେଖିଛନ୍ତି । କିନ୍ତୁ ତାଙ୍କର ଗୀତିକବିତା ଗୁଡ଼ିକରେ ସେ ଏକ ଅନନ୍ୟ ବିଶେଷତ୍ୱ ପ୍ରଦର୍ଶନ କରିଛନ୍ତି ।'' କବିଙ୍କର ଆନନ୍ଦ ଗଦ୍ୟକବିତାର କବି ଭାବରେ ଯେତିକି ଗୀତିକବି ଭାବରେ ତହିଁରୁ ଅଧିକ, ଏକଥା ଉକ୍ତ ପୁସ୍ତକରେ ସନ୍ନିବେଶିତ 'ମୋ କଥା' ଶୀର୍ଷକ ଲେଖାରେ କବି ଜୀବନାନନ୍ଦ ଉଲ୍ଲେଖ କରିଛନ୍ତି । ତାଙ୍କର ଦୁଃଖ ଯେ ଗୀତିକବିତାକୁ ଯଥାର୍ଥ ମର୍ଯ୍ୟାଦା ମିଳୁନାହିଁ । ତାହା କିପରି ବାସିଫୁଲ ପରି ଅଲୋଡ଼ା ହୋଇଯାଉଛି । ବୁଦ୍ଧିଜୀବୀଙ୍କ ମହଲରେ ଅନାଦୃତ ହୋଇ ଅକାଳରେ ଝଡ଼ି ପଡୁଛି । କବିଙ୍କ ଭାଷାରେ ''ମୁଁ ଯଦି ଗଦ୍ୟ କବିତା ନ ଲେଖି କେବଳ ଗେୟ କବିତା ଲେଖିଥାଆନ୍ତି, ତା'ହେଲେ ତ ମୁଁ କବି ବୋଲି ପରିଗଣିତ ହୋଇନଥାନ୍ତି । ଯଦି ଗେୟ-କବିତା କବିତା ନୁହେଁ ତେବେ ରବୀନ୍ଦ୍ରନାଥ ଠାକୁରଙ୍କର ଗୀତାଞ୍ଜଳି କେମିତି ନୋବେଲ ପୁରସ୍କାର ପାଇଲା । ଆଶା କରୁଛି, ମରିଯିବା ପୂର୍ବରୁ ଓଡ଼ିଶାର ସୁଧୀ ସମାଜ ପାଖରୁ ଏ ପ୍ରଶ୍ନର ଉତ୍ତର ମୁଁ ପାଇବି ।'' ଅବଶ୍ୟ ଉତ୍ତର ପାଇଲେ କି ନାହିଁ ତାହା ତାଙ୍କୁ ହିଁ ଜଣା ।

ସଂଗୀତାତ୍ମକତା ସହିତ ଗୀତି କବିତାର ଗଠନଶୈଳୀ, ପ୍ରଭାବଶୀଳତା, ଶବ୍ଦଯୋଜନା, ଛନ୍ଦ ମାଧୁର୍ଯ୍ୟ, ସଂକ୍ଷିପ୍ତତା ପ୍ରତ୍ୟେକ ପାଠକକୁ ଅଭିଭୂତ କରେ । ରସବିଳାସ ତଥା ସାଙ୍ଗୀତିକଲାବଣ୍ୟର ସ୍ୱତନ୍ତ୍ରତା ଏଥିରେ ଲକ୍ଷ୍ୟଣୀୟ । ଗୀତିକବିତାରେ ଦୁଇଟି ମୁଖ୍ୟ ବିଭବ ଥାଏ । ଗୋଟିଏ ହେଉଛି ଗୀତିମୟତା ଓ ଅନ୍ୟଟି ହେଉଛି କବିତ୍ୱର ବର୍ଣ୍ଣବିଭା । କେବଳ ଗୀତିମୟତା ଥିଲେ ଏବଂ କବିତ୍ୱର ସମ୍ପୃତି ନଥିଲେ ତାହା ଗୀତି କବିତା ହୁଏ ନାହିଁ କିମ୍ବା କେବଳ କବିତ୍ୱର ଦୀପ୍ତି ଥାଇ ଗୀତିମୟତା ନଥିଲେ ତାହା ଗୀତିକବିତା ହୁଏ ନାହିଁ ।

ଏବେ ଜନମାନସରେ ଗୀତିକବିତା ଅଧିକରୁ ଅଧିକ ପ୍ରଭାବ ବିସ୍ତାର କରୁଛି ଏବଂ ତଥାକଥିତ ଛନ୍ଦହୀନ ଜୀବନରେ ଛନ୍ଦମାଧୁର୍ଯ୍ୟ ଭରିଦେବା ପାଇଁ ଅଭୀପ୍ସା କରୁଛି । କେତେକ ଅନୁଷ୍ଠାନ ତରଫରୁ ଆଜିକାଲି ଗୀତିକବିତା ସମ୍ପର୍କରେ ଅଧିକ ଆଲୋଚନା କରାଯାଉଥିବାର ଲକ୍ଷ୍ୟ କରିହେଉଛି । କେତେକ ଅନୁଷ୍ଠାନ ତରଫରୁ ଭିନ୍ନଭିନ୍ନ ସମୟରେ ଗୀତିକବିତା ସଂପର୍କରେ ସଂପାନମାନ ଆୟୋଜିତ ହେଉଛି।

ଆଲୋଚ୍ୟ ଗୀତିକବିତା ପୁସ୍ତକରେ ଭିନ୍ନଭିନ୍ନ ସ୍ୱାଦର ଗୀତିକା ସନ୍ନିବେଶିତ । କେଉଁକେଉଁ ଗୀତିକାରେ ଅଛି ଆଧୁନିକ ଜୀବନର ବାସ୍ତବତା ତ ଆଉ କେଉଁଥିରେ ରହିଛି ପ୍ରୀତିପ୍ରବଣତାର କାଦମ୍ବରୀ ପରିବେଷଣ, ପୁଣି କେଉଁଥିରେ ଅଛି ଦେବତାର ନିରାଜନା ପାଇଁ ଭକ୍ତିଭାବନା । ଅବଶ୍ୟ ଏ ଭକ୍ତିଭାବ ଭିନ୍ନଢଙ୍ଗରେ ଉପସ୍ଥାପିତ । ଉପମା, ରୂପକ ପ୍ରଭୃତିର ସଫଳ ପ୍ରୟୋଗ କବିଙ୍କ ଲେଖନୀରେ ସଂଗଠିତ । କବିଚିତ୍ତ ଚାହିଁଛି ଘାସଫୁଲଟିଏ ହୋଇ ନମ୍ରତାର ପ୍ରତୀକ ହେବାକୁ । ରୂପ, ରସ ଓ ବାସର ଗର୍ବରେ ଉଦ୍ଧତ ହେବା ତାଙ୍କର ଲକ୍ଷ୍ୟ ନୁହେଁ । ସେ ପୁଣି ଚାହାନ୍ତି ନାହିଁ ବାସହୀନ କିଂଶୁକ ହେବାପାଇଁ । ତାଙ୍କ କଥାରେ ଘାସଫୁଲର ମହତ୍ତ୍ୱ ସ୍ୱତନ୍ତ୍ର ।

'କରନା ଦେବତା କିଂଶୁକ ମୋତେ
କର ମୋତେ ଘାସଫୁଲ
ଅବହେଳା ଖାଲି ହେଉ ମୋ ଜୀବନେ
ରୂପ ଯଉବନ ମୂଲ ।'

ଘାସଫୁଲ ହେବାକୁ କେହି ଚାହେଁନା, ଏହାହିଁ ଘାସଫୁଲର ସ୍ୱତନ୍ତ୍ର ବିଶେଷତ୍ୱ । ସେ ନିଜେ ତାହାର ତୁଳନା, ତାହାର କଳନା । କବି ଚାହିଁଛନ୍ତି ନିଜପରି ନିଜେ ହେବାକୁ, ଆଉ କାହାପରି ସେ ହେବାକୁ ଚାହାଁନ୍ତି ନାହିଁ ବା ଆଉ କିଏ ତାଙ୍କ ପରି ହେଉ ବୋଲି ସେ ଭାବନ୍ତି ନାହିଁ । ଜୀବନ ଅଗ୍ରଗତି ପାଇଁ ଅଭିପ୍ରେତ, କେବଳ ଗତି ପାଇଁ ନୁହେଁ । ଲକ୍ଷ୍ୟହୀନ ଜୀବନ ହେଉଛି ଦୁଃଖର ଜୀବନ । କବିଙ୍କ ଭାଷାରେ –

'ଯଦି ଲକ୍ଷ୍ୟ ନାହିଁ ଅବା ପଥ ବି ନାହିଁ
ତେବେ ଚାଲିବାର ମାନେ କିଛି ହୁଏନା ।'

ଚଲାପଥରେ ଆଗକୁ ଆଗକୁ ଚାଲିଗଲାବେଳେ ହତାଶାର ରାହୁ ଗ୍ରାସକରେ ମନର ଚନ୍ଦ୍ରକୁ। ସବୁକିଛି କ୍ଷଣକ ପାଇଁ ମଳିନ ପଡ଼ିଯାଏ, ବିବର୍ଣ୍ଣ ହୋଇଯାଏ । ପାଦତଳୁ ମାଟି ଖସିଯାଏ, ମଥାରେ ଆକାଶ ଭାଙ୍ଗି ପଡ଼େ,ବାତଚକ୍ର ପ୍ରାୟ ମନ ଭ୍ରମେ ଦିଗବିଦିଗ ଶୂନ୍ୟଶୂନ୍ୟ ଲାଗେ । ସେତେବେଳେ ନିଜର ଛାଇ ମଧ୍ୟ ନିଜକୁ ଅଚିହ୍ନା ଲାଗେ । କ୍ଲାନ୍ତିର କଣ୍ଟା ବିଛେଇ ହୋଇପଡ଼େ ଚଲାବାଟରେ ।

'ମେଘ–ଉତ୍ତରୀ–ଘେରା ଗଗନେ ମୁଁ
ମଉଳା ଇନ୍ଦ୍ରଧନୁ

ସୁର ତୁହେଁ ଖାଲି ନୀରବତା ଭରା
ବ୍ୟଥାର କ୍ଲାନ୍ତବେଣୁ ।'

ଆଶାବାଦର ମଳୟ ଛନ୍ଦରେ କେତେକ ଗୀତିକବିତା ଛନ୍ଦାୟିତ । ଆଶାର ସଞ୍ଚାର କାହାର ସ୍ପର୍ଶରେ ଘଟିଛି, ଏ ପ୍ରଶ୍ନ କବି ନିଜକୁ ନିଜେ ପଚାରି ତା'ର ଉତ୍ତର ପାଇନାହାନ୍ତି । ସେହି ଅମୃତମୟ ଅଥଚ ରହସ୍ୟ ରୋମାଞ୍ଚିତ ସ୍ପର୍ଶରେ କବିମାନସ କେବଳ ବିସ୍ମିତ ହୋଇଛି ।

'ନୀଳ ଅମ୍ବରେ/ଗୁରୁ ଗମ୍ଭୀରେ
ମେଘ ଡମ୍ବରୁ ଉଠେବାଜି/ମନ ମନ୍ଦିରେ
ଗୀତି ଗୁଞ୍ଜରେ/କା'ର ମଞ୍ଜୀର ଉଠେ ଗୁଞ୍ଜି ।'

ରହସ୍ୟବାଦୀ ରୋମାଣ୍ଟିକ ଭାବଧାରାରେ ରଚିତ ତାଙ୍କର କେତେକ କବିତା ଅତ୍ୟନ୍ତ ସୁଖପାଠ୍ୟ ଓ ଅନୁଭବ୍ୟ । ଭାଷାର ପରିଚ୍ଛନ୍ନତା ସହିତ ଭାବର ଯଥାଯୋଗ୍ୟତା ଏଥିରେ ସମନ୍ୱିତ। ଏ ରୋମାଣ୍ଟିକ ଅନୁଚିନ୍ତା କାହା ପାଇଁ ? ପ୍ରକୃତି ପାଇଁ ? କେଉଁଦୂର ପାହାଡ଼ ପାରରେ ଥିବା ନାୟିକା ପାଇଁ ? ଜୀବନର ଜୀବନ, ପ୍ରାଣର ପ୍ରାଣ ପରମାତ୍ମାଙ୍କ ପାଇଁ ? କବି-ମାନସର ଆତ୍ମବିଚ୍ଛିନ୍ନ ଏକ ଦରଦୀ ସତ୍ତା ପାଇଁ ? ତେବେ ଏତିକି ଅନୁଭବ୍ୟ ଯେ ସେ ଅନୁଚିନ୍ତା ଏକ ସ୍ମୃତିରେଖା ମାତ୍ର । ତାହା କେବଳ 'ତୁମେ'ରେ ହିଁ ପରିବ୍ୟାପ୍ତ । ଶୁଭ ଚେତନାର ସୁବର୍ଣ୍ଣକାନ୍ତି ଏହି 'ତୁମେ'ରେ ସଞ୍ଚରିତ ଏବଂ ଅନୁରାଗର କଦମ୍ବ ରୋମାଞ୍ଚ ଏଥିରେ ପ୍ରକଟିତ । କବିଙ୍କ ଉକ୍ତିରେ -

'ତୁମକୁ ଛୁଇଁଲେ ମୋର
ମନେହୁଏ ସତେ ଅବା
ଆକାଶର ନୀଳିମାକୁ ଛୁଉଁଛି,
ଅଥବା ମଝିରାତିରେ
ଖରା ଝାଉଁଳା ପୃଥିବୀ
ଅସରାଏ ବର୍ଷାରେ ଭିଜୁଛି ।'

ନିଃସଙ୍ଗତା, ଅନ୍ତଃସାରଶୂନ୍ୟତା, ବିଷାଦ ଓ ଅଶ୍ୱସ୍ତିବୋଧ ସାଂପ୍ରତିକ ଜନମାନସର ସାଧାରଣ ଅନୁଭବ। କବିବାଣୀରେ ଏ ସ୍ୱର ଅଧିକରୁ ଅଧିକ ଝଙ୍କୃତ । ସାଂପ୍ରତିକ ପରିବେଶରୁ ଆନନ୍ଦ, ଆତ୍ମୀୟତା, ସହାନୁଭୂତି ଓ ସହନଶୀଳତା ପ୍ରାୟତଃ ଅବଲୁପ୍ତ । ଅନ୍ୟପକ୍ଷରେ ଅସହାୟତା, ଆତ୍ମଗ୍ଲାନି ଓ ବେଦନାବୋଧର ଅଖଣ୍ଡ ରାଜତ୍ୱ ସ୍ପଷ୍ଟ ଅନୁଭୂତ । ଏକଥା ସମକାଳୀନ ପ୍ରତ୍ୟେକ କବିଙ୍କ ପରି ଅନୁଭବ କରିଛନ୍ତି କବି ଶ୍ରୀଯୁକ୍ତ ପାଣି । ସେ ସ୍ପଷ୍ଟ ଭାବରେ ଏହି ଭାବତରଙ୍ଗକୁ ସ୍ଥାନ ଦେଇଛନ୍ତି କେତେକ ଗୀତିକବିତାରେ । ଗଦ୍ୟଛନ୍ଦର କବିତାଠାରୁ ଭାବ ପରିବେଷଣରେ ଆଉପାଦେ ଆଗେଇ ଯାଇଛି ଶ୍ରୀଯୁକ୍ତ ଜୀବନାନନ୍ଦଙ୍କର ଗୀତିକବିତା ।

'ତୁମେ ଦେହ କ୍ୟାମିଡିରେ ବଙ୍କିମ ରେଖାଦେଇ
କବିତାର ଉତ୍ତାପ ଲେଖା
ମୋ ଗଣିତ ବହିସାରା ଖାଲିଶୂନ୍ୟରେ ଭରା
ନାହିଁ ଗୋଟେ କିଛି ହେଲେ ସଂଖ୍ୟା ।'

କବି ସ୍ୱପ୍ନ ଦେଖିଛନ୍ତି ସତ, ମାତ୍ର ମାଟିକୁ ଭୁଲି ନାହାଁନ୍ତି । ବରଂ ସ୍ୱପ୍ନର ସବୁଜିମାକୁ ବାସ୍ତବ ପରିବେଶରେ ରୂପାୟିତ କରିବାକୁ ଚାହିଁଛନ୍ତି । ଆକାଶ ହେଉଛି ଜ୍ୟେଷ୍ଠ ବା ଅଗ୍ରଜଭୂତ, ସର୍ବାପେକ୍ଷା ଅଧିକ ପରିବ୍ୟାପ୍ତ, ଆକାଶରୁ ବାୟୁ, ବାୟୁରୁ ତେଜ, ତେଜରୁ ଅପ୍, ଆପ୍‌ରୁ ପୃଥିବୀର ସୃଷ୍ଟି । କ୍ଷିତି, ଅପ୍, ତେଜ, ମରୁତ୍ ଓ ବ୍ୟୋମ ପ୍ରଭୃତି ପଞ୍ଚମହାଭୂତକୁ ଭିନ୍ନ ଭିନ୍ନ ଇନ୍ଦ୍ରିୟ ମାଧ୍ୟମରେ ଅନୁଭବ କରାଯାଇପାରେ । ଆକାଶକୁ ଶବ୍ଦଦ୍ୱାରା, ବାୟୁକୁ ଶବ୍ଦ ଓ ସ୍ପର୍ଶଦ୍ୱାରା,ତେଜକୁ ଶବ୍ଦ, ସ୍ପର୍ଶ ଓ ରୂପଦ୍ୱାରା, ଆପ୍‌କୁ ଶବ୍ଦ ସ୍ପର୍ଶ ରୂପ ଓ ରସଦ୍ୱାରା ଏବଂ ପୃଥିବୀକୁ ଶବ୍ଦ ସ୍ପର୍ଶ ରୂପ ଓ ରସଦ୍ୱାରା ଅନୁଭବ କରାଯାଇପାରେ । ପୃଥିବୀ ଓ ଆକାଶ ମଧ୍ୟରେ ସଚେତନ ବ୍ୟକ୍ତି ହୁଏ ଯଥାର୍ଥରେ ମିଳନ ସୋପାନ । ମାଟିରୁ ଆକାଶକୁ ଓ ଆକାଶରୁ ମାଟିକୁ ଗତିକରେ ସଚେତନ ମଣିଷର ଭାବସତ୍ତା । କବି ଏହି ସଚେତନତାକୁ ସର୍ବଦା ମନରେ ଧରିରଖି ନ ପାରି ମର୍ମାହତ ହୋଇ କହିଛନ୍ତି –

'କ୍ଷମା କର ମତେ ଧରାର ଫୁଲ ମୁଁ
ନଦେଖି ନିଜର ଛାଇ
ମଦିର ନୟନେ ନୀଳ ଆକାଶର
ନୀଳିମାରେ ରହେ ଚାହିଁ ।'

ଅପାତ୍ରରେ ଦାନ ଦେଲେ, ଅବାଟରେ ଚାଲିଲେ ଆସେ କ୍ଲାନ୍ତି ଓ ଅନୁତାପ । ନବୁଝିପାରି ଗଙ୍ଗା କୂଳରେ ବସି ଶୋଷରେ ଜୀବନ ବିତେ, ନଜାଣି ପାରି କଲ୍ପଲତା ମୂଳରେ ଥାଇ ଉପାସ ରହିବାକୁ ହୁଏ । ଜୀବନକୁ ସାର୍ଥକ କରିବା ପାଇଁ ପ୍ରୟାସ ନକରି ପ୍ରେୟ ପଥରେ ଯାଇ ନିଜ ପାଖରେ ମଣିଷ ନିଜେ ଉପହାସର ପାତ୍ର ହୁଏ ।

'ନଦୀ ତୀରେ ବସି ମରୀଚିକା ଦେଖି
ଛୁଟିଲି ତା'ପଛେ ନଦୀ ଉପେକ୍ଷି
ଉପହାସ ଖାଲି ସଞ୍ଚୟ କଲି
ଉପହାର ଦେଲି ହଜାଇ
ଦିନର ଆଲୋକେ ଜାଳିଲି ମୁଁ ଦୀପ
ଅନ୍ଧାରେ ଦେଲି ଲିଭାଇ ।'

କବିଙ୍କର କେତେକ କବିତାରେ ଅଧ୍ୟାତ୍ମଚେତନାର ସୁଧା–ସଂଜୀବନୀ ଧାରା ପ୍ରବାହିତ ହେଲାବେଳେ ଅନ୍ୟାନ୍ୟ ବହୁ କବିତାରେ ପାର୍ଥିବ ପ୍ରୀତିପ୍ରବଣତାର ମୁଗ୍ଧ ସ୍ୱର ପ୍ରତିଧ୍ୱନିତ । ନିଜକୁ ପ୍ରାୟତଃ ନାୟକ ମନେକରି ସେ ଗାଇ ଉଠିଛନ୍ତି ନିଜସ୍ୱ ରାଗିଣୀ । ସେଥିରେ କେଉଁଠି ଅଛି ହତାଶାର ହିମଶୀତଳ ସ୍ପର୍ଶ ତ ଆଉ କେଉଁଠି ଆଶାବାଦର ବସନ୍ତ ବିଳାସ । କବି ଜୀବନାନନ୍ଦ ଜଣେ ଜୀବନବାଦୀ କବି । ହତାଶାରେ ସେ ହଜିଯାଇ ନାହାନ୍ତି ବରଂ ଆଶାର ଆଲୋକରେ ନିଜକୁ ପୁନଃପୁନଃ ଖୋଜିଛନ୍ତି। ତାଙ୍କର ଅଛି ସୀମାହୀନ ଆକୁଳତା ଆତ୍ମ–ଅନ୍ୱେଷଣ ନିମନ୍ତେ । ସ୍ୱରଝଙ୍କାରକୁ ଅତିକ୍ରମ କରି ଯେଉଁ ନୀରବତାର ସ୍ଥିତି ରହିଛି, କବି ସେହି ସ୍ଥିତିକୁ ପ୍ରଣତି ଜଣାଇଛନ୍ତି ।

'ବେହେଲାରେ ମୋର ନାହିଁ ତାର
ଅଛି ବାଜିବାର ଆକୁଳତା
କେତେ ଯେ ବ୍ୟର୍ଥ ସାରେ-ଗା-ମା-ଗଲା
ଛୁଇଁ ଏଇ ନୀରବତା ।'

ପ୍ରେମର ଅନ୍ୟ ନାମ ଜୀବନ ଓ ଜୀବନର ଅନ୍ୟ ନାମ ପ୍ରେମ । ପ୍ରେମରେ ପବନ ପ୍ରବାହିତ ହୁଏ, ପ୍ରେମରେ ସମୁଦ୍ର ଉଛୁଳେ । ପ୍ରେମ ବହୁ ଗୁରୁତ୍ୱପୂର୍ଣ୍ଣ ଭୂମିକାରେ ଅବତୀର୍ଣ୍ଣ ହୋଇପାରେ । ଶ୍ରୀମାଙ୍କ ଭାଷାରେ - ***"Love is the infallible physician, the supreme consoler, it is the conqueror, the sovereign teacher"*** । ପ୍ରେମରେ ଅଶ୍ରୁ ଅଛି, ପୁଲକ ଅଛି, ବେଳେବେଳେ ତଟସ୍ଥ ଅବସ୍ଥା ମଧ୍ୟ ଅଛି, ଏ ସମସ୍ତ ଅବସ୍ଥାର ପୁଷ୍ପଳଚିତ୍ର କବିଙ୍କର ବହୁ କବିତାରେ ରୂପାୟିତ । ପଲ୍ଲୀଗୀତି ରଚନାରେ ତାଙ୍କର ସିଦ୍ଧହସ୍ତତା ସ୍ୱୀକାର୍ଯ୍ୟ ।

ପଲ୍ଲୀ ପରିବେଶର ପ୍ରେକ୍ଷାପଟରେ ସେ ସାଧାରଣ ତଥା ସାର୍ବଜନୀନ ଜୀବନ ଦର୍ଶନର ପର୍ଯ୍ୟାଲୋଚନା କରିଛନ୍ତି । ତାଙ୍କ ରଚନାରେ ବେଙ୍ଗ ପଚାରୁଛି ବେଙ୍ଗୁଲୀକୁ-

'ପାଦ ଖସରା ନା ଶିଉଳି ଖସରା
ମୁଁ ତ ପାରୁନାହିଁ ଜାଣି ।'

ଏହାର ଉତ୍ତରରେ ବେଙ୍ଗୁଲୀ ଯେ ପାଦ ଖସରା ନୁହେଁ କି, ଶିଉଳି ଖସରା ନୁହେଁ, ମନ ହେଉଛି ଖସରା । ମନ ହିଁ ଖସିଯାଏ ।

'ବେଙ୍ଗୁଲୀ କହେ 'ଏ ମନଟା ଖସରା
ତାକୁ ତ କିଛି ନ ଦିଶେ
ଆଖି ଥାଉଁ ଥାଉଁ ଧିର ପାଣିରେ ବି
ଶିଉଳିରେ ଗୋଡ଼ଖସେ ।'

ଅନ୍ୟ ଏକ ଗୀତିକବିତାରେ କାଉକୁ ଚାଉଳ ଦେଇ ବିରହିଣୀ ନାୟିକା ସ୍ମୃତିରୁ ସମ୍ଭାବନା ପର୍ଯ୍ୟନ୍ତ କେତେ କ'ଣ ଭାବି ଚାଲିଛି । ଆଉ ଏକ ଗୀତି କବିତାରେ ବିଦେଶୀ କାନ୍ତର ସ୍ମୃତିକୁ ପାଥେୟ କରି କାନ୍ତା ତାଙ୍କର ଶୁଭଚିନ୍ତା କରିଛି । ଅଝଟ ଶିଶୁକୁ ଗୀତଗାଇ ଶୁଆଇ ଦେଉଦେଉ ସେ କହିଛି -

'କେତେଦିନ ହେଲା ଘରୁ ସେ ଗଲେଣି
ଦେଇ ନାହାନ୍ତି ଚିଟାଉ
ନ ଦିଅନ୍ତୁ ପଛେ ଥାଆନ୍ତୁ କୁଶଳେ
ଆହେ ପ୍ରଭୁ ମହାବାହୁ ।
ଶୁଣ ତୁ ନୋହିଲେ କାନକାଟି ଆସି କାନକାଟି ଯିବନେଇ
ବାପା ତୋ ବିଦେଶୀ ଦୂରଦେଶୁ ଆସି ଦେଖିବେ ତୋ କାନ ନାହିଁ ।'

ଚଢେୟା ଚଢେୟାଣୀ ଗୀତରେ ନିଆଁ ଚାରିଜାତି ଓ ପାଣି ଚାରିଜାତିର ଅବତାରଣା ବେଶ୍ ଚାତୁର୍ଯ୍ୟପୂର୍ଣ୍ଣ । ବଣ ନିଆଁ, ମନନିଆଁ, ତୁଣ୍ଡ ନିଆଁ, ଚିରିଗୁଣୀ ନିଆଁ ଭିତରେ ମନ ନିଆଁ ସର୍ବାପେକ୍ଷା ଅଧିକ ଶକ୍ତିଶାଳୀ ବୋଲି କବି କହିଛନ୍ତି । ସେହିପରି ଚାରିପ୍ରକାର ପାଣି ଭିତରେ କାଚକେନ୍ଦୁ ପାଣି, ମରୀଚିକା ପାଣି, ନାଲି

ପାଣି ଓ କୁମ୍ଭୀର ଆଖିର ପାଣି ପ୍ରଧାନ । ଏଥିମଧ୍ୟରୁ କାଚକେନ୍ଦୁ ପାଣି ହିଁ ଶ୍ରେଷ୍ଠ ଓ କୁମ୍ଭୀର ଆଖିରପାଣି ସବୁଠାରୁ ବିପଜ୍ଜନକ ।

'ଅଭିଳା ପାଣି ସେ ଦରଦର ହୋଇ କୁମ୍ଭୀର ଆଖିରୁ ଝରେ
ସେ ଲୁହକୁ ଯଦି ପୋଛିବାକୁ ଯିବୁ ମରିବୁ ମଝି ନଈରେ ।'

ଏପରି କେତେକ ବ୍ୟକ୍ତି ଅଛନ୍ତି ଯେଉଁମାନେ କୁମ୍ଭୀର କାନ୍ଦଣାରେ ସିଦ୍ଧହସ୍ତ । ତାଙ୍କ କାନ୍ଦଣାକୁ ସତ ମଣି ଯଦି କିଏ ତାଙ୍କ ଆଖିରୁ ଲୁହ ପୋଛିବାକୁ ଯାଏ ତେବେ ସେ ସର୍ବନାଶର ଶିକାର ହୁଏ । କାରଣ ସେ ଲୁହ ପ୍ରକୃତ ଲୁହ ନୁହେଁ, ତାହା ଛଳନାର ପ୍ରତୀକ ମାତ୍ର । ସେଥିପ୍ରତି ସଚେତନ ତଥା ସତର୍କ ରହିବା ଏକାନ୍ତ ଜରୁରୀ ବୋଲି କବି ଏହି ଗୀତରେ ସୂଚନା ଦେଇଛନ୍ତି । କବିଙ୍କର ପଲ୍ଲୀଗୀତିଗୁଡ଼ିକ ଏକାଧାରରେ ସୁଖପାଠ୍ୟ ଓ ଶିକ୍ଷଣୀୟ । ଏଥିରେ ରହିଛି ବ୍ୟକ୍ତିଗତ ଓ ସାମାଜିକ ଅନୁଚିନ୍ତାର ବାସ୍ତବ ରୂପରେଖ, ଜୀବନକୁ ବୁଝିବାକୁ ଓ ବୁଝାଇବାକୁ ପ୍ରଶଂସନୀୟ ଉଦ୍ୟମ । କେବଳ ବାହ୍ୟସ୍ତରରେ ସେ ନିଜକୁ ବାନ୍ଧି ନରଖି ଜୀବନଚିନ୍ତାର ଗଭୀରତମ ଗଭୀରତାକୁ ସ୍ପର୍ଶ କରିବାକୁ ଅଭିଳାଷ କରିଛନ୍ତି । ସ୍ଥୂଳରୁ ସୂକ୍ଷ୍ମ ପରିତଳକୁ ଚେତନାରେ ଗତି କରି ସେ ଯେଉଁ ଉପଲବ୍ଧି ପାଇଛନ୍ତି, ତାହାର ଐଶ୍ୱର୍ଯ୍ୟକୁ ସହୃଦୟ ପାଠକବର୍ଗକୁ ପ୍ରଦାନ କରିଛନ୍ତି । ତାଙ୍କର ଗୀତିକବିତାଗୁଡ଼ିକ ଜୀବନ ଜିଜ୍ଞାସାର ଏକଏକ କଦମ୍ବକୁସୁମ ଯାହାର ଉତ୍‌ଫୁଲ୍ଲିତ ରୋମାଞ୍ଚିତ ଅଭିବ୍ୟକ୍ତି ପ୍ରତ୍ୟେକ ପାଠକକୁ ଆକୃଷ୍ଟ କରେ । ଡଃ ହରିହର ମିଶ୍ରଙ୍କ ମତରେ ''ଗୀତର ଅର୍ଥଠାରୁ ଧ୍ୱନି ଓ ଗୀତକୁ ଜୀବନ ଦର୍ଶନର ଚୂଡ଼ାନ୍ତ ବକ୍ତବ୍ୟରେ ପରିଣତ କରି ଜୀବନାନନ୍ଦ ଭାରତୀୟ ଗୀତିକବିତାରେ ଆଧୁନିକ ସଂଗୀତର ମୌଳିକ ରୂପରେଖ ଦେବାକୁ ଆଜୀବନ ପ୍ରୟାସ କରିଛନ୍ତି ।'' ପ୍ରକୃତିର ସ୍ଥିତି ଓ ଭିନ୍ନଭିନ୍ନ ପରିସ୍ଥିତିରେ ଭିନ୍ନଭିନ୍ନ ଅନୁଭୂତି କବି ଜୀବନାନନ୍ଦଙ୍କୁ ବିମୁଗ୍ଧ କରିଛି । ସେହି ଭାବମୁଗ୍ଧତାର ଅକପଟ ଅଭିବ୍ୟକ୍ତି ତାଙ୍କର ଗୀତିକବିତାରେ ମୂର୍ତ୍ତିମନ୍ତ ହୋଇଛି । ଗୀତିକବିତା ରଚନାକ୍ଷେତ୍ରରେ ତାଙ୍କର ଅସାଧାରଣ କୃତିତ୍ୱ ଯୋଗୁଁ ସେ ସ୍ମରଣୀୟ ହୋଇ ରହିଛନ୍ତି ।

☯☯☯

ନାରୀକବି ସୁନ୍ଦରମଣି ପଟ୍ଟନାୟକଙ୍କ ସୃଷ୍ଟିରେ ଦେଶାତ୍ମବୋଧ

କବି ସୁନ୍ଦରମଣି ପଟ୍ଟନାୟକ ଏକାଧାରରେ ସମାଜସେବିକା, ନାରୀନେତ୍ରୀ ତଥା ରାଜନୈତିକ କର୍ମୀ । କବି ପ୍ରତିଭାର ଅଧିକାରିଣୀ ଶ୍ରୀମତୀ ପଟ୍ଟନାୟକ ସ୍ୱରଚିତ କାବ୍ୟ 'ପଦ୍ମାବତୀ' ପାଇଁ କାବ୍ୟଭାରତୀ ଉପାଧି ପ୍ରାପ୍ତ ହୋଇଛନ୍ତି । ତାଙ୍କଦ୍ୱାରା ରଚିତ ଗ୍ରନ୍ଥମାନଙ୍କ ମଧ୍ୟରୁ କେତେକ ପ୍ରକାଶିତ ହୋଇଛି ଏବଂ ଆଉ କେତେକ ଅପ୍ରକାଶିତ ଅବସ୍ଥାରେ ରହିଛି । ପ୍ରକାଶିତ ଗ୍ରନ୍ଥଗୁଡ଼ିକ ଭିତରେ 'ପଦ୍ମାବତୀ', 'କିଶୋରୀ ଚନ୍ଦ୍ରାନନ ଚମ୍ପୂ', 'ସୁଭଦ୍ରା ପରିଣୟ', 'କୋଣାର୍କ', 'ପଲ୍ଲୀଶ୍ରୀ', 'ରକ୍ତ କରବୀ' ଓ 'ଅନ୍ତିମ ସୂର୍ଯ୍ୟ' ଅନ୍ତର୍ଭୁକ୍ତ । ଏଥିରୁ 'ପଦ୍ମାବତୀ' ଏବଂ 'ସୁଭଦ୍ରା ପରିଣୟ' କାବ୍ୟର ଗୌରବ ଅର୍ଜନ କଲାବେଳେ ଅନ୍ୟଗୁଡ଼ିକ କବିତା ଗୁଚ୍ଛ ଭାବରେ ପ୍ରତିଷ୍ଠା ଅର୍ଜନ କରିଛନ୍ତି। ତାଙ୍କର ସ୍ୱର୍ଣକାତର କବିଚିତ୍ତ ଆକାଶରୁ ସାଉଁଟି ଆଣିଛି ଇନ୍ଦ୍ରଧନୁର ସପ୍ତରଙ୍ଗ ଏବଂ ଧରିତ୍ରୀରୁ ମଧୁମଞ୍ଜୁଳ ଭାବସମ୍ଭାର । ସରଳ ଲଳିତ ଭାଷାରେ କବି ହୃଦୟର ଭାବ ହୋଇଛି ମୂର୍ତ୍ତିମନ୍ତ । ପାଠକର ମନ ତାଙ୍କ ସୃଷ୍ଟି ସମ୍ଭାରର ଛତ୍ରେଛତ୍ରେ ପାଇଛି ଆନନ୍ଦର ଅପୂର୍ବସନ୍ଧାନ । ପ୍ରକୃତି ଚିତ୍ରଣର ଉଦ୍‌ଭାସରେ ପାଠକର ମନ ନେତ୍ର କେତେବେଳେ ଝଲସିଯାଇଛି ତ ଆଉ କେତେବେଳେ ଦେଶପ୍ରେମର ପବିତ୍ର ପ୍ରବାହରେ ସିକ୍ତ ହୋଇଯାଇଛି । ଦେଶ ଓ ଜାତିର ଯଶଗାନ ତଥା ଜୟଗାନରେ ଶତମୁଖ ହୋଇ କବି ଶ୍ରୀମତୀ ପଟ୍ଟନାୟକ ଯେଉଁ କେତେକ କବିତା ରଚନା କରିଛନ୍ତି, ସେଥିମଧ୍ୟରୁ ପ୍ରତ୍ୟେକ କବିତା ହୋଇଛି ଆକର୍ଷଣୀୟ ଓ ଆଦରଣୀୟ ।

ତାଙ୍କ କବିତାର ମର୍ମବାଣୀ । କୋଇଲିର କୁହୁତାନ, ନଦୀର ତରଙ୍ଗ, ଫୁଲର ବିକାଶ ପରି ପ୍ରବାହମାନ ହୋଇଛି ତାଙ୍କର ଭାବନା । କବିଚିତ୍ତ ତାଙ୍କର କେତେବେଳେ ହଜିଯାଇଛି ଦୂର ଆକାଶର ସୀମାହୀନ ନୀଳବଳୟରେ, ଆଉ କେତେବେଳେ ମାଟିର ମଧୁ ମହକରେ । ବହୁ ଭାବର ମହାମିଳନ ତୀର୍ଥ ଭାବରେ କବି ମନର ସ୍ଥିତି ହୋଇଛି ସ୍ୱତନ୍ତ୍ର ଓ ଅଭିନବ । ଭାବବିଭୋରତା ହୋଇଛି ତାଙ୍କର ବହୁ କବିତାର ଅନ୍ତଃସ୍ୱର ।

'ସପ୍ତରଶ୍ମି' ହେଉଛି ଶ୍ରୀମତୀ ପଟ୍ଟନାୟକଙ୍କର ଏକ ଅନବଦ୍ୟ କୃତି । ଏଥିରେ ସାତଜଣ ଭାରତୀୟ ମହିୟସୀ ମହିଳାଙ୍କର ମହତ୍ତ୍ୱ ପ୍ରସଙ୍ଗ ଉପସ୍ଥାପିତ । ସେମାନଙ୍କ ମଧ୍ୟରେ ସୀତା, ସାବିତ୍ରୀ, ଦୁର୍ଗାବତୀ, ଲକ୍ଷ୍ମୀବାଈ, ଶୁକଦେଈ, ପଦ୍ମିନୀ, ସଂଯୁକ୍ତା ଅନ୍ତର୍ଭୁକ୍ତ । କବିତାଗୁଡ଼ିକର ନାମକରଣ ଏହପରି – ବନବାସିନୀ ସୀତା, ସାବିତ୍ରୀ, ଦୁର୍ଗାବତୀ, ଲକ୍ଷ୍ମୀବାଈ, ବୀରାରାଣୀ ଶୁକଦେଈ, ପଦ୍ମିନୀ, ସ୍ୱୟମ୍ବରେ ସଂଯୁକ୍ତା । ପୁସ୍ତକଟି ୧୯୫୭ ମସିହାରେ ରଚିତ । ଏଥିରେ ଭାରତୀୟ ସଂସ୍କୃତିରେ ଥିବା ନାରୀତ୍ୱର ଦୀପ୍ତିମୟତା ପ୍ରକଟିତ ହେବା ସଙ୍ଗେସଙ୍ଗେ ଉତ୍ତରଦାୟାଦମାନଙ୍କ ପାଇଁ ସମୁଚିତ ଦିଗଦର୍ଶନ ରହିଛି । ଦେଶାତ୍ମବୋଧର ନିଦର୍ଶନ ପୁସ୍ତକର ଛତ୍ରେଛତ୍ରେ ପ୍ରକଟିତ । ରାମାୟଣର କଥାବସ୍ତୁକୁ ନେଇ 'ବନବାସିନୀ ସୀତା' କବିତା ରଚିତ ହେଲେ ହେଁ ଏଥିରେ କବିଙ୍କର ଭାବାନୁସାରୀ ଶବ୍ଦଯୋଜନା ଅତ୍ୟନ୍ତ ହୃଦୟଗ୍ରାହୀ। ବନଭୂମିରେ ନିର୍ବାସିତା ସୀତାଙ୍କର ମର୍ମନ୍ତୁଦ

ଯନ୍ତ୍ରଣାର ଚିତ୍ର ପରିବେଷିତ ହୋଇଛି । ସୀତାଙ୍କର ଭୂଲୁଣ୍ଠିତ ଦୃଶ୍ୟ କବିଙ୍କ ଲେଖନୀରେ ଏହିପରି ଅଭିବ୍ୟକ୍ତ –

'ଲୀଳା ସୌଦାମିନୀ ଲୋଟିପଡ଼େ କି ଭୂତଳେ
ଲୀଳା – କମଳା ଚଞ୍ଚଳା କିବା ଧରାକୋଳେ'

ଭାରତୀୟ ସଂସ୍କୃତିର ପୁଣ୍ୟ ସୌରଭରେ ସୀତା ଚରିତ୍ର ଯୁଗେ ଯୁଗେ ସୁରଭିତ । ସେହି ଚରିତ୍ରର ମହନୀୟତାକୁ ରୂପାୟିତ କରିବା ନିମନ୍ତେ କବି ଯଥା ସମ୍ଭବ ପ୍ରଯତ୍ନ କରିଛନ୍ତି । ଆଧୁନିକ ଯୁଗରେ ମଧ୍ୟ ଏପରି ଚରିତ୍ରର ମହତ୍ତ୍ୱ ଅବିସମ୍ବାଦିତ ହୋଇ ରହିଛି । ଏତେବେଳେ ଭାରତୀୟ ନାରୀ ସମାଜ ସୀତାଙ୍କ ଆଦର୍ଶରେ ପ୍ରଭାବିତ ହେବା ଏକାନ୍ତ କାମ୍ୟ ବୋଲି ମତଦେଇ ସ୍ୱାମୀ ବିବେକାନନ୍ଦ କହିଛନ୍ତି –''ଭାରତର ନାରୀମାନଙ୍କୁ ଆଧୁନିକ କରିବା ଉଦ୍ଦେଶ୍ୟରେ ଯଦି ଆମେ ସେମାନଙ୍କୁ ସୀତାଙ୍କ ଆଦର୍ଶରୁ ବିଚ୍ୟୁତ କରିବାର ଚେଷ୍ଟାକରିବୁ, ତେବେ ଆମର ସକଳ ଉଦ୍ୟମ ହିଁ ବିଫଳ ହେବ ।'' ଆଲୋଚ୍ୟ କବିତାରେ ଗଙ୍ଗାଧର ମେହେରଙ୍କର 'ତପସ୍ୱିନୀ' କାବ୍ୟର ପ୍ରଭାବ ସ୍ପଷ୍ଟ ହେଲେ ହେଁ କବିଙ୍କର ବର୍ଣ୍ଣନାପାଟବ ଯେ ଅତ୍ୟନ୍ତ ମର୍ମସ୍ପର୍ଶୀ, ଏଥିରେ ବହୁଭାଷଣ ନାହିଁ ।

'ଦୁର୍ଗାବତୀ' କବିତାରେ ବୀରତ୍ୱର ଝମକଝଙ୍କାର ପ୍ରତିଧ୍ୱନିତ । ଚନ୍ଦେଲ ବଂଶୀୟ ରାଜା ଶାଳିବାହାନଙ୍କର ଦୁହିତା ଦୁର୍ଗାବତୀଙ୍କୁ ଗଡ଼ରାଜ୍ୟର ରାଜା ଦଲପତ୍ ସିଂହ ବିବାହ କରିଥିଲେ । ପୁତ୍ର ବୀରନାରାୟଣର ଜନ୍ମପରେ ରାଜା ଦଲପତ୍ ମୃତ୍ୟୁ ବରଣ କରିଥିଲେ । ଫଳତଃ ରାଣୀ ଦୁର୍ଗାବତୀଙ୍କୁ ରାଜ୍ୟର ଶାସନ ଓ ସୁରକ୍ଷାଭାର ନେବାକୁ ପଡ଼ିଥିଲା । ରାଣୀଙ୍କର ରଣନୈପୁଣ୍ୟ ଅସାଧାରଣ ଥିଲା । ମୋଗଲ ସମ୍ରାଟ ଆକବରଙ୍କ ସେନାପତି ଆସଫ ଖାଁ ସେତେବେଳେ ରାଣୀଙ୍କର ଯଶଗାଥା ଶୁଣି ବିସ୍ମିତ ହୋଇଥିଲେ । ଗଡ଼ରାଜ୍ୟକୁ କବଳିତ କରିବା ପାଇଁ ବହୁ ପ୍ରକାରେ ସେ ଚେଷ୍ଟା କରିଥିଲେ । ଖ୍ରୀ:ଅ ୧୫୬୪ରେ ଆସଫ ଖାଁ ଛ' ସହସ୍ର ଅଶ୍ୱାରୋହୀ ଓ ଦଶସହସ୍ର ପଦାତିକ ସେନା ସହ ଗଡ଼ମଣ୍ଡଳକୁ ଆକ୍ରମଣ କରିବା କଥା ଇତିହାସରୁ ଜଣାଯାଏ । ଅସୀମ ସାହସର ସହ ଦୀର୍ଘ ସମୟଧରି ଯୁଦ୍ଧ କଲାପରେ ପ୍ରତିପକ୍ଷର ଶରାଘାତରେ ଆହତ ଦୁର୍ଗାବତୀ ପରାଜିତ ହୋଇ ମଧ୍ୟ ଶତ୍ରୁକବଳିତ ହେବାକୁ ଚାହିଁନଥିଲେ । ତାହା ପୂର୍ବରୁ ସେ ନିଜହାତରେ ଛୁରିକାଘାତରେ ମୃତ୍ୟୁବରଣ କରି ଅସୀମ ବୀରତ୍ୱର ପରିଚୟ ଦେଇଥିଲେ । କବିଙ୍କ ଭାଷାରେ–

'ରଣଭୂମିର ବକ୍ଷେଲୋଟିଲେ
ମହିଳା – ମହଲ ଧ୍ରୁବତାରା
ପୁଷ୍ପଭୂଷଣ ବର୍ଜିଣ ଅଙ୍ଗ
ବରଣ କଲା ରକ୍ତଧାରା'

'ସାବିତ୍ରୀ' କବିତାଟି ଅମିତ୍ରାକ୍ଷର ଛନ୍ଦରେ ରଚିତ । ବନବର୍ଣ୍ଣନାର ବିମଳ ଆଲେଖ୍ୟ ଯଥାଯୋଗ୍ୟ ଶବ୍ଦମାଳାରେ ଏଥିରେ ଅଙ୍କିତ । କବିତାର କଥାବସ୍ତୁ ମହାଭାରତର ବନପର୍ବରୁ ଆନୀତ । କବିଙ୍କ ଲେଖନୀରେ ଉକ୍ତ କଥାବସ୍ତୁ ସାହିତ୍ୟିକ ସୁଲଳିତ ସ୍ପର୍ଶପାଇ ପାଠକୀୟ ଶ୍ରଦ୍ଧା ଅର୍ଜନ କରିଛି । ସତ୍ୟବାନଙ୍କ ମୃତ୍ୟୁରେ ସାବିତ୍ରୀଙ୍କର ବିଳାପଧ୍ୱନି କବିଙ୍କ ହୃଦୟରେ ଶତ ପ୍ରତିଧ୍ୱନି ତୋଳିଛି । କବି କହିଛନ୍ତି–

'ବ୍ୟାକୁଳେ ଲୋଟିଲା ତଳେ, କାନନ କେତକୀ
ଧୂଳି ଧୂସରିତା ସତେ, ଚ୍ୟୁତଚ୍ୟୁତା ହୋଇ
କି'ଅବା କନକ ଗୌରୀ ଶିବ ବିହୁନରେ
ଲୋଟନ୍ତି କନ୍ଦର କୋଳେ, ବ୍ୟଥା ଗୀତ ଗାଇ'

ଶିବପାର୍ବତୀଙ୍କ ନାମ ଉଲ୍ଲେଖ କରିବା ଏଠାରେ ଅଧିକ ଯୁକ୍ତିଯୁକ୍ତ ହୋଇଛି । ସୀତାରାମଙ୍କ ନାମ ଉଲ୍ଲେଖ କରିଥିଲେ ତାହା ଯୁକ୍ତିସଙ୍ଗତ ହୋଇନଥାନ୍ତା କାରଣ ରାମଙ୍କ ସହ ବର୍ଣ୍ଣସାଦୃଶ୍ୟ ସତ୍ୟବାନ୍‌ଙ୍କର ନଥିଲା, ବରଂ ଶିବଙ୍କ ସହ ବର୍ଣ୍ଣସାଦୃଶ୍ୟ ସତ୍ୟବାନଙ୍କର ଥିଲା । ଅର୍ଥାତ୍ ସତ୍ୟବାନଙ୍କର ବର୍ଣ୍ଣ ଗୌର ଥିଲା । ଏଥିରୁ କବିଙ୍କର ସୂକ୍ଷ୍ମ ଅନୁଶୀଳନ ସାମର୍ଥ୍ୟ ବାରିହୋଇପଡ଼େ ।

ଲକ୍ଷ୍ମୀବାଈଙ୍କର ଦୀପ୍ତବ୍ୟକ୍ତିତ୍ୱ ଓ ବୀରବିକ୍ରମ ଅନନ୍ୟ । ନିଜ ରାଜ୍ୟରକ୍ଷା, ସମ୍ମାନର ସୁରକ୍ଷା ଓ ପ୍ରଜାମାନଙ୍କର କଲ୍ୟାଣକଳ୍ପେ ରଣାଙ୍ଗନରେ ଅବତୀର୍ଣ୍ଣ ହେବାର ଆହ୍ୱାନକୁ ସେ ବିନାଦ୍ୱିଧାରେ ଗ୍ରହଣ କରିଥିଲେ । ଇଂରେଜ ଫଉଜସହ ଯୁଦ୍ଧ କରି ସେ ପରାସ୍ତ ହେଲେ ମଧ୍ୟ ନିଜର ବୀରତ୍ୱ ମାଧ୍ୟମରେ କେବଳ ଝାନ୍‌ସୀର ନୁହେଁ ସମଗ୍ର ଭାରତବର୍ଷର ମହତ୍ତ୍ୱକୁ ସୁରକ୍ଷିତ କରିରଖିବା ସଙ୍ଗେସଙ୍ଗେ ନାରୀଜାତିର ମର୍ଯ୍ୟାଦାକୁ ବହୁଗୁଣିତ କରିଯାଇଛନ୍ତି । ଦୀର୍ଘଦିନ ଧରି ଚାଲିଥିବା ଯୁଦ୍ଧରେ ଲକ୍ଷ୍ମୀବାଈଙ୍କ ଅପୂର୍ବ ସାହସରେ ବିସ୍ମିତ ହୋଇ ଇଂରେଜ ସୈନ୍ୟମାନେ ଭାରତୀୟ ନାରୀର ଶକ୍ତି ଓ ସାମର୍ଥ୍ୟକୁ ପ୍ରଶଂସା ନ କରି ରହିପାରି ନାହାନ୍ତି । କବିଙ୍କ ଭାଷାରେ –

‘ବିକ୍ରମରେ ନାରୀ ସିଂହୀରୂପଧରି
ଚାଳିଲେ, ରଣ ନିଶି ଦିବସ
ଦୀର୍ଘ ଦିନ ବ୍ୟାପି ଯୁଦ୍ଧ ବିଭୀଷିକା
ନ ହେଲେ ଡିଲେ କେହି ଅବଶ’

‘ବୀରାରାଣୀ ଶୁକଦେଈ’ କବିତାର ଆବେଦନ ସ୍ୱତନ୍ତ୍ର । ବାଙ୍କିର ରାଜା ଖୋରଧାର ରାଜାଙ୍କ ଦ୍ୱାରା ପରାଜିତ ହୋଇ ମୃତ୍ୟୁ ଦଣ୍ଡରେ ଦଣ୍ଡିତ ହେଲେ । ଏ ସମ୍ବାଦ ପାଇ ରାଣୀ ଶୁକଦେଈ ବୀରବେଶରେ ଅବତୀର୍ଣ୍ଣହେଲେ ଏବଂ ଖୋରଧାର ରାଜାଙ୍କ ସହ ଯୁଦ୍ଧକଲେ । ଯୁଦ୍ଧରେ ଖୋରଧାର ରାଜା ପରାସ୍ତ ଓ ବନ୍ଦୀ ହେଲେ । ପରାଜିତ ଖୋରଧାରାଜା ନିଜେ ବାଙ୍କୀ ରାଣୀଙ୍କ ଦ୍ୱାରା ନିହତ ହେବାକୁ ପରାମର୍ଶ ଜଣାଇଲେ । ଏ କଥା ଶୁଣି ରାଣୀ ଶୁକଦେଈ ଅନ୍ୟ ଜଣେ ନାରୀର ବୈଧବ୍ୟର କାରଣ ହେବାପାଇଁ ସମ୍ମତ ହେଲେ ନାହିଁ । ପ୍ରତିଶୋଧ ଯେ ଏକ ମାରାତ୍ମକ ଶତ୍ରୁ ଯାହା ଅନ୍ତରକୁ ଟିକ୍‌ଟିକ୍ କରି ଖାଇଯାଏ– ଏକଥା ରାଣୀ ଅନୁଭବ କରିଥିଲେ । ରାଣୀଙ୍କ ମୁଖରେ କବିଙ୍କ ଭାଷା ଏହିପରି–

‘ ରମଣୀ ମୁଁ ରମଣୀର ଚିର ସର୍ବନାଶ
କରି ନପାରିବି କରେ, କହି ଶୁକଦେଈ
ମୁକ୍ତ କଲେ ରାଜ କରୁ ଶୃଙ୍ଖଳର ପାଶ
ଦୟା, କ୍ଷମା, ପ୍ରୀତିଧାରା ବକ୍ଷେ ଢାଳିଦେଇ’

ରାଣୀଙ୍କର ମାନବିକ ମୂଲ୍ୟବୋଧର ତୁଳନା ନାହିଁ । ନିଜର ମାନବିକତା ବଳରେ ମଣିଷ ଦିବ୍ୟତ୍ୱ ଅର୍ଜ୍ଜନ କରେ ଏବଂ ମରି ମଧ୍ୟ ଅମରହୋଇ ରହିପାରେ– ଏହି ଦିଗ୍‌ଦର୍ଶନ ଆଲୋଚ୍ୟ କବିତାରୁ ମିଳୁଅଛି ।

‘ପଦ୍ମିନୀ’ ଶୀର୍ଷକ କବିତାରେ ପଦ୍ମିନୀଙ୍କର ବିଚାରବୋଧ ଓ ପ୍ରତ୍ୟୁତ୍ପନ୍ନମତିତା ଉପସ୍ଥାପିତ ହେଲାବେଳେ ‘ସ୍ୱୟମ୍ବରେ ସଂଯୁକ୍ତା’ କବିତାରେ ସଂଯୁକ୍ତାଙ୍କର ରଣରଙ୍ଗିନୀ ରୂପର ଚିତ୍ର ପ୍ରକଟିତ ହୋଇଛି । ଭାରତୀୟ ନାରୀ ଯେ ଏକାଧାରରେ ସ୍ନେହମୟୀ, ଶକ୍ତିମୟୀ ଓ ମର୍ଯ୍ୟାଦାସମ୍ପନ୍ନା, ଏହା ଏହି କବିତାଗୁଚ୍ଛ ‘ସପ୍ତରଶ୍ମି’ ଉଦ୍‌ଘୋଷଣା କରୁଅଛି ।

କବି ଶ୍ରୀମତୀ ପଟ୍ଟନାୟକ ଜାତୀୟତାବୋଧ ଏବଂ ମାନବିକତାବୋଧ ଉପରେ ଯଥେଷ୍ଟ ଗୁରୁତ୍ୱ

ଆରୋପ କରିଛନ୍ତି । ଭାରତୀୟ ସଂସ୍କୃତି ତଥା ଉତ୍କଳୀୟ ସଂସ୍କୃତିର ଗୁରୁ ଗୌରବରେ ସେ ହୋଇଛନ୍ତି ଆହ୍ଲାଦିତା । ଭାରତୀୟ ସଂସ୍କୃତିର ନିଜସ୍ୱ ପ୍ରଚୁର ଜୀବନୀ ଶକ୍ତି ରହିଛି, ଯାହା ବଳରେ ବହୁ ଘାତ- ପ୍ରତିଘାତ ସହି ତାହା ଆଜି ମଧ୍ୟ ବଞ୍ଚି ରହିଛି ବୋଲି କବି ଉଲ୍ଲେଖ କରିଛନ୍ତି ।

ଭାରତବର୍ଷ ହେଉଛି ତ୍ୟାଗ, ତିତିକ୍ଷାର ଦେଶ, ମହାନୁଭବତାର ଦେଶ, ମାନବବାଦର ମୂଳଭୂମି । ଯୁଗେ ଯୁଗେ ଏଠାରୁ ଶୁଭେଚ୍ଛାର ଭାବ ତରଙ୍ଗ ସମଗ୍ର ବିଶ୍ୱକୁ ପ୍ରସରି ଯାଇଛି । ଏହି ପରିପ୍ରେକ୍ଷାରେ ସ୍ୱାମୀବିବେକାନନ୍ଦଙ୍କ ଉକ୍ତି ସ୍ମରଣକୁ ଆସେ- "Sacred Motherland is a land of religion and philosophy, the birth place of Spiritual Giants, the land of renunciation, where and where alone, from the most, ancient to the most modern times, there has been the highest ideal of life open to man." ଅର୍ଥାତ୍- ''ଆମର ପବିତ୍ର ମାତୃଭୂମି ଧର୍ମଦର୍ଶନର ଦେଶ, ଆଧ୍ୟାତ୍ମିକ ମହାମାନବମାନଙ୍କର ଜନ୍ମସ୍ଥାନ,ତ୍ୟାଗର କ୍ଷେତ୍ର ଯେଉଁଠାରେ ଏବଂ ଯେଉଁଠାରେ ହିଁ ଅତିପୁରାଣକାଳରୁ ଅଧୁନାତନ ସମୟ ପର୍ଯ୍ୟନ୍ତ ଜୀବନର ଶ୍ରେଷ୍ଠ ଆଦର୍ଶ ସମ୍ମୁଖରେ ଉପସ୍ଥାପିତ ହୋଇଆସିଛି ।''

'ସ୍ୱର୍ଣ୍ଣରେଣୁ' କବିତା ଗ୍ରନ୍ଥରେ ସନ୍ନିବେଶିତ 'ଭାରତମାତା' କବିତାରେ ବ୍ୟାସ, ବାଲ୍ମୀକିଙ୍କ ଠାରୁ ଆରମ୍ଭ କରି ରବୀନ୍ଦ୍ରନାଥ, ବଙ୍କିମଚନ୍ଦ୍ରଙ୍କ ପର୍ଯ୍ୟନ୍ତ ବହୁ କବିଙ୍କ ପ୍ରତି ସେ ସମ୍ମାନ ଜଣାଇଛନ୍ତି । ପରାଧୀନ ଭାରତର ମୁକ୍ତିପାଇଁ ସଂଗଠିତ ସ୍ୱାଧୀନତା ଆନ୍ଦୋଳନ ସଂପର୍କରେ ରଚିତ କବିତାଗୁଡ଼ିକ ତାଙ୍କର ଅତ୍ୟନ୍ତ ଆକର୍ଷଣୀୟ । ମହାତ୍ମାଗାନ୍ଧୀଙ୍କ ପ୍ରତି ଗଭୀର ଶ୍ରଦ୍ଧାଞ୍ଜଳି ଅର୍ପଣ କରିଛନ୍ତି କବି ଶ୍ରୀମତୀ ପଟ୍ଟନାୟକ । ତତ୍କାଳୀନ ପରିବେଶର ଆହ୍ୱାନରେ ସମାଜର ବିଭିନ୍ନ ଗୋଷ୍ଠୀ କିପରି ସଚେତନ ହୋଇ ଉଠିଥିଲେ, ସେ କଥା କହିବାକୁ ଯାଇ କବି କହିଛନ୍ତି -

'ଛାତ୍ର ତେଜିଲେ ବିଦ୍ୟା
କର୍ମଚାରୀ ଏ କର୍ମ
କୃଷକ ଭୁଲିଲେ କୃଷିର ଧନ୍ଦା
ଭକ୍ତ ଭୁଲିଲେ ଧର୍ମ ।'

(ଭାରତ-ସ୍ୱାଧୀନତା ସଂଙ୍ଗୀତ)

'ସୈନିକର ବିଦାୟ' ଶୀର୍ଷକ କବିତାରେ ଜଣେ ସୈନିକର ମୁଖରେ ଦେଶପ୍ରେମର ବାର୍ତ୍ତା ଅଭିବ୍ୟକ୍ତ ।

'ସଇନିକ ସେ ନପାରିବ ରହି
ପ୍ରିୟାର ପଣତ ତଳେ
ଅଗ୍ରଦୂତ ସେ ଅଗ୍ରେ ଚାଲିବ
ତୋପ କମାଣର ତାଳେ । '

କବିଙ୍କର ଅନ୍ୟତମ କବିତା 'ସୈନିକର ଅଭିଯାନ'ରେ ଦେଶପ୍ରେମର ରୂପାୟନ ଅତୀବ ଆକର୍ଷଣୀୟ । ଜୀବନଠାରୁ ଦେଶର ସମ୍ମାନ ବଡ଼, ଦେଶ ସେବା ହିଁ ଶ୍ରେଷ୍ଠ କର୍ମ ବୋଲି ଏଥିରେ କୁହାଯାଇଛି । ଏହି ଦେଶକୁ ଶତ୍ରୁ କବଳିତ କରିବାର ଦୃଶ୍ୟ ସୈନିକ ପକ୍ଷରେ ଆଦୌ ସହନୀୟ ହୋଇନାହିଁ । ଶତ୍ରୁରଭେରୀ ଶବ୍ଦ ଶୁଣି ଅସ୍ଥିର ହୋଇଛି ସୈନିକର ମନ। ସେ ଯୁଦ୍ଧକ୍ଷେତ୍ରକୁ ସହସା ବାହାରି ପଡ଼ିଛି ।

'ଦେଶମାତୃର ଅର୍ଚ୍ଚନା ସାଥେ
ଜୀବନ ଜୁହେଁରେ ବଡ଼

ଲାଗୁରେ ମୃତ୍ୟୁ ଶୀତଳ ସ୍ପର୍ଶ
ହୋଇଯାଏ ପଛେ ଜଡ଼ ।'

ଦେଶପ୍ରୀତିରେ ଉଦ୍‌ବୁଦ୍ଧ କବିମାନସ ସ୍ୱରଚିତ କବିତା ମାଧ୍ୟମରେ ନିଜର ଭାବଧାରାକୁ ପ୍ରକାଶ କରିଛି । କବିଙ୍କର ଅନ୍ୟତମ ସାର୍ଥକ କବିତା 'ଏଇ ମୋ ଦେଶ'ରେ ଦେଶମାତୃକାର ଜୟଗାନ କରାଯାଇଛି । ଦେଶର ଶହିଦମାନଙ୍କୁ ସ୍ମରଣ ପୂର୍ବକ କବି ସେମାନଙ୍କ ପ୍ରତି ଗଭୀର ଶ୍ରଦ୍ଧାଞ୍ଜଳି ଅର୍ପଣ କରିଛନ୍ତି । ମହାତ୍ମାଗାନ୍ଧି, ସୁବାସ ବୋଷ, ଲାଲା ଲଜପତରାୟ, ଜବାହାରଲାଲ, ଲାଲ ବାହାଦୂର ଏବଂ ଓଡ଼ିଶାର ବାଜିରାଉତ, ଲକ୍ଷ୍ମଣ ନାୟକ ଇତ୍ୟାଦି ବୀର ପୁରୁଷମାନଙ୍କର କୃତିତ୍ୱକୁ ସ୍ମରଣ କରିଛନ୍ତି । ଦେଶର ମହତ୍ତ୍ୱକୁ ଅବତାରଣା କରିବାକୁ ଯାଇ କବି କହିଛନ୍ତି –

'ଏଇ ମୋ ଦେଶର ପହିଲି ସୂର୍ଯ୍ୟ
କିରଣ ବିଞ୍ଚେ ଦୂରେ
ଏଇ ମୋ ଦେଶର ତଟିନୀ କଣ୍ଠେ
ସଂଗୀତ ଭରପୂରେ ।'

କବିଙ୍କର ମୁଗ୍ଧ ଅନୁଭବରେ ଦେଶର ପ୍ରତି ଜଳବିନ୍ଦୁ ହୋଇଛି ଅମୃତର ବିନ୍ଦୁ, ଧୂଳିକଣା ହୋଇଛି ସୁବାସ ଚନ୍ଦନ, ଫୁଲ ହୋଇଛି ନନ୍ଦନକାନନର ସୁଗନ୍ଧସୁମନ । ଭାରତ ବର୍ଷର ଉନ୍ନତିରେ ବିଶ୍ୱର ଉନ୍ନତି । ଚାରିଯୁଗରେ ଯୁଗପରିବର୍ତ୍ତନ ଓ ନୂତନ ଯୁଗ ଗଠନର ବାର୍ତ୍ତା ଭାରତବର୍ଷରୁ ବିଚ୍ଛୁରିତ ହୋଇଛି । ଭାରତୀୟ ଜାତୀୟତା ଓ ଉତ୍କଳୀୟ ଜାତୀୟତା ମଧ୍ୟରେ ସମନ୍ୱୟ ପ୍ରତିଷ୍ଠା କରିଛନ୍ତି କବି ଶ୍ରୀମତୀ ପଟ୍ଟନାୟକ ।

ଭାରତୀୟ ସଂସ୍କୃତିର ମହତ୍ତ୍ୱ ଓ ମୂଲ୍ୟବୋଧ ଅନନ୍ୟ ସାଧାରଣ । ଜୀବନର ଲକ୍ଷ୍ୟକୁ ଛୁଇଁ ଅନ୍ୟକୁ ଛୁଆଇଦେବାର ସାମର୍ଥ୍ୟ ଏଥିରେ ଥିବାରୁ ସମଗ୍ର ବିଶ୍ୱ ପାଇଁ ଏହାର ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ । ସମଗ୍ର ମାନବଜାତିର ନବଜନ୍ମ ସକାଶେ କର୍ମକରିବାର ଯୋଗ୍ୟତା, କ୍ଷମତା ଓ ଦକ୍ଷତା ଭାରତବର୍ଷର ଅଛି । ପାଶ୍ଚାତ୍ୟର ବିଜ୍ଞାନ, ଯୁକ୍ତି, ଉନ୍ନତିଶୀଳତା ସହ ପ୍ରାଚ୍ୟର ଆଧ୍ୟାତ୍ମିକତାକୁ ସମନ୍ୱିତକରି ଭାରତ ଦେବ ଏକ ନୂତନ ଦିଗ୍‌ଦର୍ଶନ । ଶ୍ରୀମାଙ୍କ ମତରେ ''ପୃଥିବୀର କଲ୍ୟାଣ ନିମିତ୍ତ ଭାରତକୁ ରକ୍ଷାକରିବାକୁ ହେବ, କାରଣ ଭାରତ ହିଁ ଏକମାତ୍ର ଦେଶ ଯାହା ଶାନ୍ତି ଓ ନୂତନ ସାମାଜିକ ଶୃଙ୍ଖଳା ସ୍ଥାପନ କରିବାରେ ପୃଥିବୀକୁ ନେତୃତ୍ୱ ଦେବ ।'' ଏପରି ମହିମାମୟ ଦେଶର ପ୍ରଶସ୍ତି ଗାନ କରି ବଙ୍କିମଚନ୍ଦ୍ର ସେଦିନ କହିଥିଲେ–

' ନମାମି କମଲାଂ ଅମଲାଂ ଅତୁଲାଂ
ସୁଜଲାଂ ସୁଫଲାଂ ମାତରମ୍
ଶ୍ୟାମଲାଂ ସରଲାଂ ସୁସ୍ମିତାଂ ଭୂଷିତାଂ
ଧରଣୀଂ ଭରଣୀଂ ମାତରମ୍'

ଅନ୍ୟ ଦେଶର କେତେକ ଚିନ୍ତାବିତ୍ ମଧ୍ୟ ଭବିଷ୍ୟତ ଭାରତର ଚିତ୍ର ପ୍ରଦାନ କରିଛନ୍ତି । ସେମାନେ କହିଛନ୍ତି ଯେ ଭାରତରୁ ବିଚ୍ଛୁରିତ ହେବ ସମଗ୍ର ବିଶ୍ୱକୁ ମାନବିକତାର ମହାମନ୍ତ୍ର । ଏହି ପରିପ୍ରେକ୍ଷୀରେ ଜର୍ମାନ ମନୀଷୀ ମାକସ୍‌ମୁଲରଙ୍କ ଉକ୍ତି ସ୍ମରଣକୁ ଆସେ – **"If I were to ask to myself from what literature, we here in Europe, we who have been nurtured almost exclusively at the thoughts of Greek, Romans may draw that corrective which is most wanted in order to make our inner life more perfect, more Universal,**

infact more truly human, a life, not for this life only but a transfigured and eternal life - I should point to India."

- (India what can it teach us)

ଅର୍ଥାତ୍ –''ଯଦି ମୁଁ ନିଜକୁ ପଚାରେ ଆମେ ୟୁରୋପୀୟମାନେ ଯେଉଁମାନେ କି ପୂର୍ଣ୍ଣଭାବରେ ଗ୍ରୀକ୍ ଓ ରୋମାନ ଚିନ୍ତାଧାରାରେ ବଢ଼ି ଆସିଛୁ, ଆମର ଅନ୍ତର୍ଜୀବନକୁ ଆହୁରି ପୂର୍ଣ୍ଣ, ଆହୁରି ସାର୍ବଜନୀନ ଓ ବାସ୍ତବରେ ମାନବିକ କରିବାକୁ ହେଲେ, କେବଳ ଏହି ଜୀବନ ପାଇଁ ନୁହେଁ, ଏକ ରୂପାନ୍ତରିତ ଚିରନ୍ତନ ଜୀବନ ଦିଗରେ ଆମେ ଅଗ୍ରସର ହେଲେ, କେଉଁ ଦେଶର ସାହିତ୍ୟରୁ ଆମେ ଯଥାର୍ଥ ଗଠନମୂଳକ ପ୍ରେରଣା ପାଇବୁ, ତେବେ ମୁଁ ନିର୍ଦ୍ଦେଶ କରିବି, ତାହା ହେଉଛି ଭାରତବର୍ଷ'' ।

କବିଙ୍କର ଅନ୍ତର ଆତ୍ମପ୍ରସାଦରେ ଭରିଯାଇଛି ଏ କଥା ହୃଦୟଙ୍ଗମ କରି ଯେ ଭାରତବର୍ଷରେ ନୂତନ ସକାଳ ଆସିବ, ନବଚେତନାର ଅରୁଣୋଦୟ ଘଟିବ, ଶୁଭଙ୍କର ସ୍ୱର୍ଣ୍ଣାଭ କିରଣରେ ଦିଗଦିଗନ୍ତ ଝଲସି ଉଠିବ । ବିକଶିତ ସେହି ଚେତନାର ସ୍ପର୍ଶରେ ପ୍ରବୁଦ୍ଧ ହୋଇ ଭାରତବର୍ଷ ସମଗ୍ର ବିଶ୍ୱକୁ ଯଥାର୍ଥ ଦିଗ୍‌ଦର୍ଶନ ଦେବ ।

☯☯☯

ସାବିତ୍ରୀ ସମ୍ବନ୍ଧେ

ଡକ୍ଟର ଶରତ ଚନ୍ଦ୍ର ରଥ

ଶରତ ଗ୍ରନ୍ଥାବଳୀ - ୪୮୦

ଶ୍ରୀଅରବିନ୍ଦଙ୍କ ସାବିତ୍ରୀ ସମ୍ବନ୍ଧେ

ଲେଖକ
ଡକ୍ଟର ଶରତ ଚନ୍ଦ୍ର ରଥ
ଇ.ବି. ୬୫୭, ବଡ଼ଗଡ଼ ବ୍ରିଟ୍ କଲୋନୀ ,
ଭୁବନେଶ୍ୱର-୧୮

ତୃତୀୟ ସଂସ୍କରଣ:୨୦୧୭
ପ୍ରଚ୍ଛଦ: ବିଭୁ ପ୍ରସୂନ
ମୁଦ୍ରଣ: **ଦିବ୍ୟ ମୁଦ୍ରଣୀ,** ଦିବ୍ୟ ବିହାର
ସାମନ୍ତରାପୁର, ଭୁବନେଶ୍ୱର-୭୫୧୦୦୨
ଫୋନ୍ : ୯୪୩୭୦୦୬୫୬୬
ମୂଲ୍ୟ : ₹୪୦/-

SriAurobindonka Sabitri Sambandhe
by Prof. Sarat Chandra Rath

Printed at : **Divya Mudrani**, Bhubaneswar
Third Edition : 2017
Cover Design : Bibhu Prasuna
Price : ₹ **40/-**

ମୋ' ବୋଉ
ଶ୍ରୀମତୀ ମନୋରମା ଦେବୀଙ୍କ
ହାତରେ ଅର୍ପଣ କଲି ।

।। ବିନୀତ ।।
ଲେଖକ

ସାମାନ୍ୟ କଥନ

ସାବିତ୍ରୀ କେବଳ ଏକ ମହାକାବ୍ୟ ମାତ୍ର ନୁହେଁ, ମହାଯୋଗୀ ଶ୍ରୀଅରବିନ୍ଦଙ୍କର ସାଧନା ଓ ସିଦ୍ଧିର ବାଙ୍ମୟୀ ମୂର୍ତ୍ତି, ଏକ ଜାଗ୍ରତ ଚେତନା, ଦିବ୍ୟ ଜୀବନ ନିମନ୍ତେ ଏକ ସୁବର୍ଣ୍ଣ ତୋରଣ । ଏଥିରେ ସନ୍ନିବେଶିତ ପ୍ରତ୍ୟେକ ପଙ୍‌କ୍ତି ଏକ ଏକ ମନ୍ତ୍ର । ଏହି ଗ୍ରନ୍ଥର କଳନା ନାହିଁ କି ତୁଳନା ନାହିଁ । ଶ୍ରୀମା'ଙ୍କ ମତରେ – ''ମୁଁ ତୁମକୁ ନିଶ୍ଚିତ ପ୍ରତୀତି ଦେଇପାରିବି ଯେ ଏଇ ନୀଳ ଆକାଶ ତଳେ ସାବିତ୍ରୀ ସହିତ ତୁଳନୀୟ ଅନ୍ୟ କିଛି ବି ନାହିଁ ।' ମନୁଷ୍ୟ ଯେଉଁ ଭବିଷ୍ୟତର ଅପେକ୍ଷାରେ ରହିଛି ସେହି ଭବିଷ୍ୟତର ଚିନ୍ତା ଓ ଚେତନା ଏହି ଗ୍ରନ୍ଥରେ ସ୍ଥାନିତ । ଶ୍ରୀମା'ଙ୍କ ମତରେ – ''ସକଳ ଭବିଷ୍ୟତ ବାଣୀ ଯାହାକିଛି ଘଟିବାକୁ ଯାଉଛି, ସେସବୁ ସ୍ପଷ୍ଟ ଓ ପ୍ରାଞ୍ଜଳ ଭାବେ ସେଥିରେ ବର୍ଣ୍ଣନା କରାଯାଇଛି ।''

ଶ୍ରୀଅରବିନ୍ଦଙ୍କ ଦ୍ୱାରା ରଚିତ ସାବିତ୍ରୀ ଗ୍ରନ୍ଥର କାହାଣୀର ମୁଖ୍ୟାଂଶ ବ୍ୟାସକୃତ ସଂସ୍କୃତ ମହାଭାରତ ଗ୍ରନ୍ଥରୁ ଅଣାଯାଇଛି । କାହାଣୀ ସହିତ ବହୁ ତତ୍ତ୍ୱ, ତଥ୍ୟ ଏବଂ ସାଧନାର ଐଶ୍ୱର୍ଯ୍ୟ ସମନ୍ୱିତ ହୋଇଛି । ଅଶ୍ୱପତି, ସାବିତ୍ରୀ ଓ ସତ୍ୟବାନ ପ୍ରଭୃତି ଚରିତ୍ର ଆଦୌ ସାଧାରଣ ଚରିତ୍ର ନୁହନ୍ତି, ବରଂ ଦିବ୍ୟ ସାଧନାର ଏକ ଏକ କୀର୍ତ୍ତିସ୍ତମ୍ଭ । ଅଶ୍ୱପତିଙ୍କ ସାଧନା ସହିତ ଶ୍ରୀଅରବିନ୍ଦଙ୍କ ସାଧନା ଓ ସାବିତ୍ରୀଙ୍କ ସାଧନା ସହିତ ଶ୍ରୀମା'ଙ୍କ ସାଧନାର ଏକାତ୍ମତା ରହିଛି । ଏହି ଗ୍ରନ୍ଥର ପଠନ ଓ ମନନ ସମଗ୍ର ପୃଥିବୀର ବହୁ ପାଠକଙ୍କୁ ବିମୁଗ୍ଧ କରିଛି । ହତାଶାରେ ଆଶା, ଅସଫଳତାରେ ସଫଳତା ଓ ଦୁର୍ବଳତାରେ ଅମୋଘ ସାମର୍ଥ୍ୟ ଆଣିଦେଇଛି । ଏହି ପରିପ୍ରେକ୍ଷୀରେ ଶ୍ରୀମା' କହନ୍ତି– ''ଯଦି ଜୀବନ ପ୍ରତି ବିତୃଷ୍ଣା ଜନ୍ମେ ତଥା ଅସୁଖକର ଅନୁଭବ କର, ତେବେ ତୁମେ ଶୀଘ୍ର ସାବିତ୍ରୀ ଗ୍ରନ୍ଥ ନିଜ ପାଖକୁ ନିଅ ଏବଂ କିଛିକ୍ଷଣ ଏକାଗ୍ର ରହିବା ପରେ ବହିର ଯେ କୌଣସି ପୃଷ୍ଠା ଖୋଲିଦେଇ ପଢ଼, ତୁମେ ଦେଖିବ ଏବଂ ଜାଣିବ ଯେ ତୁମର ସକଳ ଦୁଃଖ ଧୂଆଁ ପରି ଅଦୃଶ୍ୟ ହୋଇଯାଇଛି ।''

ଅବଶ୍ୟ ଏକଥା ସତ୍ୟ ଯେ ସାବିତ୍ରୀ ଗ୍ରନ୍ଥର ବହୁ ପଙ୍‌କ୍ତି ବୁଝିହେଉ ନାହିଁ, କାରଣ ତହିଁରେ ସାଧନା ଜନିତ ଅନୁଭୂତି ଉପସ୍ଥାପିତ । ଏ ସମ୍ପର୍କରେ ଶ୍ରୀମା' କହନ୍ତି – ''ବୁଝି ନ ପାରିଲେ ବି କିଛି ଯାଏ ଆସେ ନାହିଁ, ପଢ଼ିଯାଅ । କ୍ରମେ ଦେଖିବ ଯେତେଥର ପଢ଼ିବ ପ୍ରତ୍ୟେକ ଥର ତୁମ ନିକଟରେ ନୂଆ କିଛି ଖୋଲିଯାଉଛି । ପ୍ରତ୍ୟେକ ଥର ଆବିଷ୍କାର କରିବ ନୂତନ ବସ୍ତୁ, ନୂତନ ଅଭିଜ୍ଞତା'' । ଏକଥା ସ୍ୱୀକୃତ ଯେ, ଆଗାମୀ ଯୁଗ ପାଇଁ ସାବିତ୍ରୀ ଉଦ୍ଦିଷ୍ଟ । ଆଗାମୀ ଯୁଗକୁ ସୁବର୍ଣ୍ଣ ସତ୍ୟ ଯୁଗ ବୋଲି ମାଆ କହିଛନ୍ତି । ସେତେବେଳେ ଘରେ ଘରେ ଏହି ଗ୍ରନ୍ଥ ପଠିତ ଓ ଆଲୋଚିତ ହେବ । ଏହା ହେବ ଆଗାମୀ ଯୁଗର ଗୀତା

ଗ୍ରନ୍ଥ । ମାନବ ଚେତନାର ବିକାଶ ଅନୁପାତରେ ସାବିତ୍ରୀ ଗ୍ରନ୍ଥର ମହତ୍ତ୍ୱ ବୃଦ୍ଧି ପାଇବ ଏବଂ ଚୈତ୍ୟ ସତ୍ତାର ଉନ୍ମୀଳନ ଦ୍ୱାରା ଏହାକୁ ପୂର୍ଣ୍ଣତଃ ଅନୁଭବ କରିହେବ ଓ ଦିବ୍ୟଦୃଷ୍ଟିରେ ଦେଖିହେବ ।

ସାବିତ୍ରୀ ଗ୍ରନ୍ଥର ଚର୍ଚ୍ଚା ଓଡ଼ିଶାରେ ବେଶ୍ କିଛି ବର୍ଷ ହେଲା ଆରମ୍ଭ ହେଲାଣି । କେତେକ ବ୍ୟକ୍ତି ଏହାକୁ ପାଠ କରିବା ସକାଶେ ଆଗ୍ରହ ପ୍ରକାଶ କଲେଣି । ଅନ୍ତଃସତ୍ତାରୁ ଏଥିନିମନ୍ତେ ଆତ୍ମହା ସୃଷ୍ଟି ହେଲାଣି । ପାଠଚକ୍ରର ବାର୍ଷିକ ଉତ୍ସବମାନଙ୍କରେ ଏହି ଗ୍ରନ୍ଥର ଆଲୋଚନା ମଧ୍ୟ ଅଧିକ ହେଉଛି । କେତେକ ପତ୍ରପତ୍ରିକାରେ ଏହି ଗ୍ରନ୍ଥର ଆଲୋଚନା ଏବେ ଅଧିକ ଦେଖିବାକୁ ମିଳୁଛି । ଅନୁଭବ କରିହେଉଛି ଯେ ଗତବର୍ଷଠାରୁ ଏବର୍ଷ ସାବିତ୍ରୀ ସମ୍ପର୍କିତ ଅନୁଶୀଳନ, ଆଲୋଚନା ଓ ପର୍ଯ୍ୟାଲୋଚନା ଅଧିକ ହେଉଛି ।

ବହୁ ପାଠକପାଠିକାଙ୍କର ଆଗ୍ରହକୁ ଦୃଷ୍ଟିରେ ରଖି ଅନ୍ୟତମ ପ୍ରତିଷ୍ଠିତ ସାହିତ୍ୟ ପତ୍ରିକା 'ଅମୃତାୟନ'ରେ ୨୦୦୩–୨୦୦୪ ମସିହାର ପ୍ରତ୍ୟେକ ସଂଖ୍ୟାରେ ଧାରାବାହିକ ଭାବରେ ଶ୍ରୀଅରବିନ୍ଦଙ୍କ ସାବିତ୍ରୀ ସମ୍ପର୍କରେ ମୋର ଲେଖା ପ୍ରକାଶିତ ହେଉଥିଲା । ଏଥି ନିମନ୍ତେ ଅମୃତାୟନର ସମ୍ପାଦିକା, ସାହିତ୍ୟିକା ଶ୍ରୀମତୀ ଗୀତା ହୋତାଙ୍କର ଆନ୍ତରିକତା ଅବିସ୍ମରଣୀୟ । ସାବିତ୍ରୀ ସମ୍ପର୍କରେ ଲେଖା ପ୍ରକାଶନ ନିମନ୍ତେ ତାଙ୍କର ଆଗ୍ରହ ଅନନ୍ୟ । ଏହି ଅବକାଶରେ ତାଙ୍କୁ ବିନମ୍ର କୃତଜ୍ଞତା ଜଣାଉଛି । ଦୈନିକ ସମ୍ବାଦପତ୍ର 'ସମୟ'ର ସମ୍ପାଦକ, ସାହିତ୍ୟିକ ଶ୍ରୀଯୁକ୍ତ ସାତକଡ଼ି ହୋତାଙ୍କର ପ୍ରେରଣା ଓ ଉତ୍ସାହ ଏ ଦିଗରେ ଅସାଧାରଣ । ତାଙ୍କୁ ଏଇ ଅବକାଶରେ ମୋର ଅଶେଷ କୃତଜ୍ଞତା । ଆଧ୍ୟାତ୍ମିକତାର ଅନୁରାଗୀ ଯେଉଁ ପାଠକପାଠିକାମାନଙ୍କର ଅନୁରୋଧ କ୍ରମେ 'ଅମୃତାୟନ' ପତ୍ରିକାରେ ପ୍ରକାଶିତ ପ୍ରବନ୍ଧଗୁଡ଼ିକ ଏକାଠି କରିବାପାଇଁ ମୁଁ ପ୍ରୟାସୀ ହୋଇଛି ସେମାନଙ୍କୁ ସାଧୁବାଦ ଜଣାଉଛି । ଶ୍ରୀଅରବିନ୍ଦଙ୍କ ସାବିତ୍ରୀ ଗ୍ରନ୍ଥ ଏକ ମହାସାଗର ହେଲେ ମୋର ଏହି ଆଲୋଚନା ପୁସ୍ତକଟି ବିନ୍ଦୁଏ ଜଳ ମାତ୍ର, ଏହା ନମ୍ରତାର ସହିତ ମୁଁ ସ୍ୱୀକାର କରୁଛି । ପୁସ୍ତକର ପ୍ରଣୟନ ଓ ପ୍ରଚ୍ଛଦ ପ୍ରସ୍ତୁତି ତଥା ରୂପାୟନ କ୍ଷେତ୍ରରେ ମୋର ଛାତ୍ର ଶ୍ରୀମାନ୍ ବିଭୁପ୍ରସୂନଙ୍କ ଅବଦାନ ଅଭିନନ୍ଦନୀୟ । ଏହି ଅବକାଶରେ ତାଙ୍କୁ ମୋର ଅନେକ ଶୁଭେଚ୍ଛା ଓ ସାଧୁବାଦ । ପୁସ୍ତକଟି ପାଠକୀୟ ସ୍ୱୀକୃତି ଓ ଆଦୃତି ଲାଭ କରିବାରୁ ଏହାର ଦ୍ୱିତୀୟ ସଂସ୍କରଣର ଆବଶ୍ୟକତା ପଡ଼ିଲା । ପରିଶେଷରେ ପାଠକୀୟ ସହୃଦୟତା କାମନା କରି ରହୁଛି ।

ବିନୀତ

ଲେଖକ

⏭ ● ⏮

ସୂଚୀପତ୍ର

ଅଶ୍ୱପତିଙ୍କ ଅଭୀପ୍ସା	୧୧
ଅଶ୍ୱପତିଙ୍କ ସାଧନା	୧୩
ସାବିତ୍ରୀଙ୍କ ଧରାବତରଣ	୧୫
ସାବିତ୍ରୀଙ୍କ ପତି ନିର୍ବାଚନ	୧୭
ସାବିତ୍ରୀଙ୍କ ଅଟଳ ନିଷ୍ପତ୍ତି	୨୦
ରାଣୀ ଓ ନାରଦଙ୍କ କଥୋପକଥନ	୨୨
ସାବିତ୍ରୀଙ୍କ ଦାମ୍ପତ୍ୟ ଜୀବନ	୨୪
ସାବିତ୍ରୀଙ୍କ ନୀରବ ସାଧନା	୨୭
ସ୍ତର ପରେ ସ୍ତର ଅତିକ୍ରମଣ	୨୯
ଆତ୍ମାର ଆବିଷ୍କାର	୩୧
ଅନ୍ତରର ଗଭୀରତା	୩୩
କରୁଣାମୟୀ ସାବିତ୍ରୀ	୩୫
ସତ୍ୟବାନଙ୍କ ସହ ସାବିତ୍ରୀଙ୍କ ବନ ଗମନ	୩୭
ସତ୍ୟବାନଙ୍କ ମୃତ୍ୟୁ ପରେ	୩୯
ରାତ୍ରି ମଧ୍ୟର ଯାତ୍ରୀ ସାବିତ୍ରୀ	୪୧
ମୃତ୍ୟୁଦେବତାଙ୍କ ଆଦେଶ ଏବଂ ଅନୁରୋଧ	୪୩
ମୃତ୍ୟୁର ଆପ୍ତବାକ୍ୟ	୪୬
ଯମ ଓ ସାବିତ୍ରୀଙ୍କ ତର୍କବିତର୍କ (୧)	୪୯
ଯମ ଓ ସାବିତ୍ରୀଙ୍କ ତର୍କବିତର୍କ (୨)	୫୧
ମୃତ୍ୟୁ ଦେବତାଙ୍କ ସହ ପ୍ରଶ୍ନୋତ୍ତର	୫୫
ଶାଶ୍ୱତ ଦିବସ	୫୭
ସ୍ୱର୍ଗର ପ୍ରଲୋଭନ	୫୯
ମର୍ତ୍ତ୍ୟକୁ ପ୍ରତ୍ୟାବର୍ତ୍ତନ	୬୨
ଉପସଂହାର	୬୫
ସାବିତ୍ରୀ (ଗୀତିକଥା)	୯୬

ଅଶ୍ୱପତିଙ୍କ ଅଭୀପ୍ସା

ଅଶ୍ୱପତି ହେଉଛନ୍ତି ମଦ୍ର ଦେଶର ରାଜା । ଅଶ୍ୱ ଅର୍ଥାତ୍ ପ୍ରାଣ ଏବଂ ପତି ଅର୍ଥାତ୍ ପ୍ରଭୁ । ରାଜା ଅଶ୍ୱପତି ହେଉଛନ୍ତି ପ୍ରାଣଶକ୍ତିର ପ୍ରଭୁ । ସେ ଅନ୍ତରରୁ ପ୍ରେରିତ ହୋଇ କଠୋର ସାଧନା କଲେ ଓ ସେହି ସାଧନା ବଳରେ ଚେତନାର ଭିନ୍ନ ଭିନ୍ନ ଉଚ୍ଚତାରେ ପହଞ୍ଚିଲେ । କ୍ରମେ କ୍ରମେ ଅଧିମାନସର ଗୂଢ଼ ରହସ୍ୟ ଭେଦ କରିଗଲେ । ଜିଜ୍ଞାସା ତାଙ୍କର ଆହୁରି ବଳବତ୍ତର ହେଲା ଏବଂ ସ୍ଥାନ କାଳର ଅତୀତ ଏକ ବିଶିଷ୍ଟ ଚିନ୍ମୟ ବିଶ୍ୱସତ୍ତାଙ୍କର ସେ ସମ୍ମୁଖୀନ ହେଲେ । ଏହି ସତ୍ତା ଯେ ଅନାଦି, ଅନନ୍ତ – ଏକଥା ସେ ଜାଣିପାରିଲେ । ଏକଥା ମଧ୍ୟ ସେ ବୁଝିପାରିଲେ ଯେ କେହି ତାଙ୍କୁ ସୃଷ୍ଟି କରିନାହାନ୍ତି ବରଂ ସମସ୍ତ ସତ୍ତାକୁ ସେ ସୃଷ୍ଟି କରିଛନ୍ତି । ଏହାଙ୍କ କୃପାରୁ ସକଳ ଜୀବ ବଞ୍ଚି ରହିଛନ୍ତି । ଏପରି ଅନୁଭବ ଆସନ୍ତେ ଅଶ୍ୱପତିଙ୍କର ସକଳ ଚିନ୍ତାର ଅବସାନ ହେଲା । ସୁଖ ଦୁଃଖ, ଭଲ ମନ୍ଦ ଓ ଭୁଲ୍ ଠିକ୍‌ର ବୋଧଶକ୍ତି ତାଙ୍କର ଆଉ ରହିଲା ନାହିଁ । ଅଙ୍ଗରୁ ବସ୍ତ୍ର ଖସି ପଡ଼ିଲା ଭଳି ମନରୁ ଅହଂକାର ଖସି ପଡ଼ିଲା । ବ୍ୟଷ୍ଟି ସତ୍ତାର କୌଣସି ଅଭାବବୋଧ, ଉଚ୍ଚାଭିଳାଷ ଆଉ ରହିଲା ନାହିଁ । ବରଂ ମଣିଷ ଜୀବନର ଯେତେସବୁ ସମସ୍ୟା ତାଙ୍କୁ ବିବ୍ରତ କଲା ଏବଂ ସେଗୁଡ଼ିକର ସମାଧାନ ପାଇଁ ସେ ବିଶେଷ ଇଚ୍ଛା ପ୍ରକଟ କଲେ । ମଣିଷର ସୁପ୍ତ ଆତ୍ମାକୁ ଜାଗ୍ରତ କରିବାକୁ ପ୍ରୟାସୀ ହେଲେ । ସେତିକିବେଳେ ଦିବ୍ୟ ଜନନୀଙ୍କର ଉପସ୍ଥିତିକୁ ସେ ଅନୁଭବ କଲେ । କ୍ରମଶଃ ଦିବ୍ୟଆଭାରେ ଚତୁର୍ଦ୍ଦିଗ ଉଦ୍ଭାସିତ ହେବାର ଅନୁଭୂତି ତାଙ୍କର ଆସିଲା । ସେ ବୁଝିପାରିଲେ ଯେ ମା' ହେଉଛନ୍ତି ସକଳ ଦେବତା ଓ ସର୍ବଜୀବର କଲ୍ୟାଣମୟୀ ଜନନୀ । ପୁଣି ପୃଥିବୀ ଏବଂ ପରମେଶ୍ୱରଙ୍କ ମଝିରେ ସେ ଏକ ସମୁଜ୍ଜ୍ୱଳ ସଂଯୋଗ ସେତୁ । ଏହାଙ୍କ କରୁଣା ମିଳିଲେ ମଣିଷ ନିଜକୁ ଅତିକ୍ରମ କରିଯିବ, ଫଳତଃ ଦିବ୍ୟ ଜୀବନର ପ୍ରତିଷ୍ଠା ଜଡ଼ ଜଗତରେ ଦିନେ ସମ୍ଭବ ହେବ । ଏହି ଅନୁଭବରୁ ଏତେ ଆନନ୍ଦ ଝରିଆସିଲା ଯେ ତହିଁରେ ତାଙ୍କର ହୃଦୟ ଶିହରି ଉଠିଲା । ମୁକ୍ତିର ଦ୍ୱାରଦେଶରେ ସେ ପହଞ୍ଚିଥିଲେ ହେଁ ବ୍ୟକ୍ତିଗତ ମୁକ୍ତି ତାଙ୍କର କାମ୍ୟ ନ ଥିଲା । ସେ ଚାହିଁଥିଲେ ସମଗ୍ର ମାନବ ଜାତିର ପରିପୂର୍ଣ୍ଣତା । ସେଇଥିପାଇଁ ଦୁଃଖ କଷ୍ଟ ସନ୍ତୁଳିତ ଏହି ପୃଥିବୀକୁ ଦିବ୍ୟ ଜନନୀଙ୍କୁ ଅବତରଣ କରିବା ପାଇଁ ଅନୁରୋଧ ଜଣାଇଲେ । ଏଥି ସହିତ ଆଉ ଏକ ଅନୁଭୂତି ତାଙ୍କର ଆସିଲା, ଯାହାକୁ ଭିତ୍ତିକରି ସେ ବୁଝିପାରିଲେ ଯେ ମନୁଷ୍ୟ ପ୍ରକୃତିରେ ଅଜ୍ଞାନତା ରହିଛି ଯାହା ଜ୍ଞାନାଲୋକକୁ ଆମନ୍ତ୍ରଣ କରିବାକୁ ଇଚ୍ଛା କରୁନାହିଁ । ପୁରାତନ ସ୍ମୃତି ଓ ଆଦର୍ଶ ତାକୁ ଏତେ ଆଚ୍ଛନ୍ନ କରିଛି ଯେ ଚେତନାରେ ଅଗ୍ରଗତି କରିବା ପାଇଁ ସେ ଆଗ୍ରହୀ ହେଉନାହିଁ । ତେବେ ଗୋଟିଏ ଉପାୟରେ ଏହି ସମସ୍ୟାର ସମାଧାନ କରିବାକୁ ସେ ପ୍ରୟାସୀ ହେଲେ । ସମଗ୍ର ଜଗତର ସେ ହେଲେ ଚେତନାଗତ ପ୍ରତିନିଧି । ସମସ୍ତଙ୍କର ସୁଖଦୁଃଖ ହେଲା ତାଙ୍କର ସୁଃଖଦୁଃଖ ଏବଂ ତାଙ୍କ ପ୍ରାଣ ସ୍ପନ୍ଦନରେ ବିଶ୍ୱପ୍ରାଣ ସ୍ପନ୍ଦିତ ହେଲା । ସମସ୍ତଙ୍କ ତରଫରୁ ସାଧନା କରିବାର ଆସ୍ପୃହା ସେ ପୋଷଣ କଲେ ।

⏭ ● ⏮

ଅଶ୍ୱପତିଙ୍କ ସାଧନା

ବ୍ୟକ୍ତିଗତ ଚେତନାରୁ ଅତିକ୍ରମ କରି ଅଶ୍ୱପତି ପହଞ୍ଚିଲେ ଏକ ଶାନ୍ତିମୟ ସ୍ତରରେ ଯେଉଁଠାରେ ତାଙ୍କର ଅମରତ୍ୱର ଅନୁଭୂତି ହେଲା । ଏହାଠାରୁ ଅଧିକ ଉଚ୍ଚତାରେ ସେ ପହଞ୍ଚିଲେ, ଯେଉଁଠାରେ ଘୃଣା ଓ ପ୍ରେମ, ଭଲ ଓ ମନ୍ଦ, ପାପ ଓ ପୁଣ୍ୟର ଦ୍ୱନ୍ଦ୍ୱ ନ ଥିଲା । ସେହି ସ୍ତରର ମୂଳତତ୍ତ୍ୱ ଥିଲା ପୂର୍ଣ୍ଣ ସାମଞ୍ଜସ୍ୟ । ସେଠାରେ ମନ ଥିଲା, ମାତ୍ର ମନରେ କିଛି ଚିନ୍ତା ନ ଥିଲା, ପ୍ରାଣ ଥିଲା, ମାତ୍ର ତହିଁରେ ସଙ୍କୋଚନ ନ ଥିଲା । ଅଧିକରୁ ଅଧିକ ଚେତନାର ସ୍ତରରେ ଉପନୀତ ହୋଇ ଅଶ୍ୱପତି ଅନୁଭବ କଲେ ଯେ ଏକ ନୂତନ ଜଗତ ସୃଷ୍ଟି ହେବାକୁ ଯାଉଛି, ଯହିଁରେ ପୂର୍ଣ୍ଣ ଐକ୍ୟ ଓ ସାମଞ୍ଜସ୍ୟ ବିରାଜିତ ହେବ । ସେହି ଜଗତରେ ଜୀବନ ହେବ ପୂର୍ଣ୍ଣ ଆନନ୍ଦମୟ, ଜଡ଼ ହେବ ଭଗବାନଙ୍କ ପ୍ରକାଶର ଯନ୍ତ୍ର । ଏଥି ସହିତ ଆଉ ମଧ୍ୟ ସେ ଦେଖିଲେ ଯେ ଆଧ୍ୟାତ୍ମିକ ଚେତନାର ବିପରୀତ ଦିଗଟି ମଧ୍ୟ ରହିଛି ଏହି ଜଡ଼ ଜଗତରେ । ତିନୋଟି ଶକ୍ତି ଏହି ଜଡ଼ ଜଗତକୁ ପରିଚାଳନା କରୁଛନ୍ତି । ତାହା ହେଲା ଅଜ୍ଞାନ ଶକ୍ତି, ଦେହଧାରୀ ଅଜ୍ଞାନତାଯୁକ୍ତ ଜୀବ ଏବଂ ଜୀବନକୁ ଅସ୍ୱୀକାର କରୁଥିବା ସତ୍ତା । ଅବଶ୍ୟ ଏହି ଦୁଃଖ ଓ ଅଜ୍ଞାନତା ଦିନେ ବିନଷ୍ଟ ହେବ । ପ୍ରତି ବଦଳରେ ଏଠାରେ ରହିବ ସୀମାହୀନ ସଚେତନତା ଓ ଅନୁପମ ସହୃଦୟତା ।

ଅଶ୍ୱପତିଙ୍କ ଅଭୀପ୍ସା ଓ ସାଧନା ଆତ୍ମମୁକ୍ତି ପଥର ପଥିକ ନ ହୋଇ ବିଶ୍ୱ ରୂପାନ୍ତରକାମୀ ହେଲା । ଅଶ୍ୱପତିଙ୍କର ଅନୁଭବ ହେଲା ଯେ ତାଙ୍କ ଅଭୀପ୍ସା ଓ ସାଧନାର ଉତ୍ତର ସ୍ୱରୂପ ଏକ ଦିବ୍ୟ ଉପସ୍ଥିତି କ୍ରମଶଃ ଅବତରି ଆସୁଛି । ସେହି ଉପସ୍ଥିତି ଆସି ଦିବ୍ୟମାତା ରୂପରେ ଆଭିର୍ଭୂତା ହୋଇଛନ୍ତି ଓ କହୁଛନ୍ତି – ''ହେ ବୀର ସନ୍ତାନ ! ତୁମେ ମଣିଷକୁ ଶାନ୍ତ ଭାବରେ ସାହାଯ୍ୟ କର । ବ୍ୟସ୍ତ ହୁଅ ନାହିଁ । ଭଗବତ ଶକ୍ତି ଦ୍ୱାରା ଉପଯୁକ୍ତ ସବୁକିଛି ରୂପାନ୍ତରିତ ହେବ ହିଁ ହେବ ।''

ଏହା ଶୁଣି ଅଶ୍ୱପତି ପୁନଶ୍ଚ ସେହି ଦିବ୍ୟମାତାଙ୍କ ନିକଟରେ ପ୍ରାର୍ଥନା କରି କହିଲେ, ''ହେ ମାଆ, ତୁମେ ଏହି ଦିବ୍ୟ ରୂପାନ୍ତର ପାଇଁ ତୁମ ଅବତାରକୁ ପୃଥିବୀକୁ ପଠାଅ ଏବଂ ମଣିଷର ଭାଗ୍ୟକୁ ପରିବର୍ତ୍ତନ କର ।''

ମାଆ ତାଙ୍କର ପ୍ରାର୍ଥନା ଗ୍ରହଣ ଓ ଅନୁମୋଦନ କରି କହିଲେ, ''ହେ ବୀର ସନ୍ତାନ ! ମୁଁ ତୁମର କାତର ପ୍ରାର୍ଥନା ଶୁଣିଛି । ପୃଥିବୀରେ ଜଣେ ଅବତରଣ କରିବେ ଯିଏ କି ଅଜ୍ଞାନତାର ଶୃଙ୍ଖଳ ଛିନ୍ନ କରିବେ । ତାଙ୍କର ହୃଦୟ ହେବ ଅତି କୋମଳ ଓ ଶାନ୍ତ । ସେ ସକଳ ଦେବତାଙ୍କ ଶକ୍ତି ଆଣି ଆସିବେ । ମେଘମାଳା ପରି ତାଙ୍କର ସୁଦୃଶ୍ୟ କେଶରାଶିରେ ଆନନ୍ଦ ସୁପ୍ତ ହୋଇ ରହିଥିବ । ସେ ପୃଥିବୀକୁ ସୌନ୍ଦର୍ଯ୍ୟ ବିମଣ୍ଡିତ କରିବେ । ତାଙ୍କର କଣ୍ଠସ୍ୱର ହେବ ବୀଣା ନିନ୍ଦିତ । ତାଙ୍କ ହସରେ ବହିବ ଆନନ୍ଦର ମନ୍ଦାକିନୀଧାରା । ତାଙ୍କର ଅଙ୍ଗଲତା ହେବ ପୁଲକର ସୁବର୍ଣ୍ଣ ପାତ୍ର । ଅନ୍ତର ହେବ ତାଙ୍କର ନନ୍ଦନକାନନର ସଜ ସୁମନ । ତାଙ୍କର ସଚେତନ ସ୍ପର୍ଶରେ ମୃତ୍ୟୁ ହେବ ସୁଦୂର ପରାହତ । ମାନବ ଜାତିକୁ ଆଧ୍ୟାତ୍ମିକ ପୂର୍ଣ୍ଣତା ଆଡ଼କୁ ନେଇଯିବା ପାଇଁ ସେ ମନୋନିବେଶ କରିବେ ।''

ସାବିତ୍ରୀଙ୍କ ଧରାବତରଣ

ଦିଗେ ଦିଗେ ବସନ୍ତର ମନମୋହିନୀ ସ୍ପର୍ଶ । ଗଗନ ପବନରେ ଅନୁପମ ଲାବଣ୍ୟର ମଧୁର ପ୍ଲାବନ । ସମଗ୍ର ବିଶ୍ୱରେ ଯୌବନର ବର୍ଣ୍ଣବିଭା ବିଚ୍ଛୁରିତ । ଶବ୍ଦ-ସ୍ପର୍ଶ-ଗନ୍ଧରେ ସ୍ୱର୍ଗୀୟ ପୁଲକର ଶୁଭ ଅଭିଷେକ । ଏପରି ସୁନ୍ଦର ଓ ସୁକୁମାର ପରିବେଶରେ ସାବିତ୍ରୀଙ୍କର ଧରାବତରଣ ଘଟିଲା । ମଣିଷ ଓ ଭଗବାନଙ୍କ ଭିତରେ ସୁବର୍ଣ୍ଣ ସେତୁ ହେବେ ବୋଲି ସେ ଜନ୍ମନେଲେ । ଅମରାବତୀର ଏଇ ଶିଶୁ ଅନନ୍ୟ ସୁଷମାର ମୂର୍ତ୍ତ ପ୍ରତୀକ ହୋଇ ବାଲ୍ୟକାଳରୁ ଅନନ୍ତଙ୍କ ଚିନ୍ତାରେ ମଗ୍ନ ରହିଲେ । ବାହ୍ୟ ଜଗତର ପଶ୍ଚାତରେ ଥିବା ଚେତନାର ଜଗତକୁ ସେ ସୂକ୍ଷ୍ମ ଦୃଷ୍ଟିରେ ଦେଖିପାରୁଥିଲେ । ଚେତନାର ଶୀର୍ଷ ଦେଶରେ ପହଞ୍ଚିବାରୁ ସେ ପ୍ରତ୍ୟେକ କଥାର ଗଭୀରତମ ଗଭୀରତା ଓ ଉଚ୍ଚତମ ଉଚ୍ଚତା ସମ୍ପର୍କରେ ସଚେତନ ହୋଇପାରୁଥିଲେ । ଯେତେଯେତେ ସମୟ ଅତିକ୍ରାନ୍ତ ହେଲା, ସାବିତ୍ରୀ ସେତେସେତେ ଉଭୟ ଜାଗତିକ ଜ୍ଞାନ ଓ ଆଧ୍ୟାତ୍ମିକ ଜ୍ଞାନରେ ପାରଦର୍ଶିତା ଅର୍ଜ୍ଜନ କଲେ । ତାଙ୍କ ଆଧାର ଯେ ଦେବତାଙ୍କର ବାସଭୂମି, ଏକଥା ସେ ସହଜରେ କ୍ରମେ କ୍ରମେ ବୁଝିପାରିଲେ ।

ସାବିତ୍ରୀଙ୍କ ଜନ୍ମଭୂମି ମଦ୍ର ଦେଶ ଅତ୍ୟନ୍ତ ମନୋରମ ଥିଲା । ତାଙ୍କ ବାଲ୍ୟ ଜୀବନ ଆନନ୍ଦରେ ଅତିବାହିତ ହେବାକୁ ଲାଗିଲା । ଭାସ୍କର୍ଯ୍ୟ ବିଦ୍ୟା, ଚିତ୍ର ବିଦ୍ୟା, ସଙ୍ଗୀତ ବିଦ୍ୟା, ନୃତ୍ୟ କଳା ଓ ଜ୍ୟୋତିଷ ବିଦ୍ୟା ପ୍ରଭୃତିରେ ତାଙ୍କର ଥିଲା ଗଭୀର ଅନୁରାଗ ଓ ଅନୁପ୍ରବେଶ । ଅଜଣାକୁ ଜାଣିବା ପାଇଁ ଆବଶ୍ୟକ ସମସ୍ତ ବିଦ୍ୟାକୁ ସେ ଆୟତ୍ତ କଲେ । ଚତୁଃପାର୍ଶ୍ୱରେ ଥିବା ଲୋକମାନେ ତାଙ୍କର ଅତି ଆପଣାର ଥିଲେ । ସେହି ଲୋକମାନଙ୍କୁ ସାବିତ୍ରୀ ଭଗବତ୍ ଅଭିମୁଖୀ ହେବାପାଇଁ ପ୍ରେରଣା ଓ ସାମର୍ଥ୍ୟ ଦେଉଥିଲେ, ଅବଶ୍ୟ ଅତି ଅଳ୍ପ ଲୋକ ସାବିତ୍ରୀଙ୍କର ଦେବତ୍ୱ ସମ୍ପର୍କରେ ସଚେତନ ଥିଲେ । ନ ବୁଝିଲେ ମଧ୍ୟ ସାବିତ୍ରୀଙ୍କ ପ୍ରତି ଅନୁରକ୍ତି ସେମାନଙ୍କର ଅତୁଟ ଥିଲା ।

ବାହ୍ୟ ସତ୍ତାରେ ମଣିଷ ସଙ୍ଗେ ସେ ମିଳାମିଶା କଲେ ମଧ୍ୟ ଅନ୍ତର ସତ୍ତାରେ ନିଃସଙ୍ଗତା ଅନୁଭବ କରୁଥିଲେ । ସାବିତ୍ରୀଙ୍କ ସମାସ୍କନ୍ଧ ସଖୀ କେହି ନ ଥିଲେ । ପ୍ରକୃତିକୁ ସେ ପ୍ରାଣ ଭରି ଭଲ ପାଉଥିଲେ । ପଶୁପକ୍ଷୀ, ଗଛ, ଫୁଲ ଏମାନେ ଥିଲେ ତାଙ୍କର ଅତ୍ୟନ୍ତ ଅନ୍ତରଙ୍ଗ ଓ ଆତ୍ମୀୟ ।

ବେଶ୍ କିଛି ବର୍ଷ ବିତିଗଲା । ଦିନେ ଏକ ସୁନ୍ଦର ସକାଳେ ରାଜା ଅଶ୍ୱପତି ନିଜ ଅନ୍ତରରୁ ଏକ ଆହ୍ୱାନ ଶୁଣିପାରିଲେ । ସେହି ସ୍ୱର କହୁଥିଲା, ''ମନୁଷ୍ୟ ନିଜର ଅନ୍ତର ବାଣୀ ଶୁଣିବାକୁ ଚାହେଁନା । ଫଳରେ ଦିବ୍ୟ ଭୁବନର ଆଲୋକ ଆସି ଫେରିଯାଏ । ମଣିଷ ଏତେ ଦୁଃଖ କଷ୍ଟ ପାଉଛି କାରଣ ସେ ଅଜ୍ଞାନତାର ବଶବର୍ତ୍ତୀ ହୋଇଛି ।'' ରାଜା ଅଶ୍ୱପତି ଏହି ବାଣୀ ଶୁଣୁଥିବା ସମୟରେ ସାବିତ୍ରୀ ତାଙ୍କ ପାଖରେ ଆସି ପହଞ୍ଚିଲେ । ନିଜ କନ୍ୟା ସାବିତ୍ରୀଙ୍କୁ ଦେଖି ତାଙ୍କର ଏଇ ବୋଧହେଲା ଯେ ସାବିତ୍ରୀ ନର ଦେହରେ ଜଣେ ଜୀବନ୍ତ ଦେବତା । ତାଙ୍କୁ ସେ ଅନନ୍ତ ପଥର ଯାତ୍ରୀ ବୋଲି ବିବେଚନା କଲେ ।

ସାବିତ୍ରୀଙ୍କ ବିବାହ ବୟସ ଉପସ୍ଥିତ ହୁଅନ୍ତେ ରାଜା ତାଙ୍କୁ କହିଲେ– ''ଏବେ ଉପଯୁକ୍ତ ସମୟ ଆସିଛି । ତୁମେ ତୁମର ଜୀବନ ସାଥୀ ନିର୍ବାଚନ କର । ଏଥିପାଇଁ ଦେଶ ଦେଶ ଭ୍ରମଣ କର'' । ରାଜାଙ୍କ ଏପରି କଥାଶୁଣି ସାବିତ୍ରୀ ଆତ୍ମସଚେତନ ହେଲେ । ରାଜା ପୁନଶ୍ଚ କହିଲେ, ''ତୁମେ ତୁମର ଜୀବନ ସାଥୀଙ୍କୁ ନିଶ୍ଚୟ ପାଇବ । ତୁମେ ଦୁହେଁ ହେବ ଏକସ୍ୱରରେ ବାଜୁଥିବା ଦୁଇଟି ବୀଣା ଯନ୍ତ୍ର ପରି । ଗୋଟିଏ ଆଲୋକ ରଶ୍ମି ଦ୍ୱାରା ପରିଚାଳିତ ହେବ । ଫଳ ସ୍ୱରୂପ ଉଭୟେ ଦେବତ୍ୱ ଆଡ଼କୁ ଗତି କରିବ ।''

ସାବିତ୍ରୀ ଏଇ କଥା ରାଜାଙ୍କ ଠାରୁ ଶୁଣି ଜଡ଼ ଜଗତରେ ତାଙ୍କର ଆବିର୍ଭାବର ଉଦ୍ଦେଶ୍ୟ ଓ ଆବଶ୍ୟକତା ସମ୍ପର୍କରେ ଅଧିକରୁ ଅଧିକ ସଚେତନ ହେଲେ ।

⏭ ● ⏮

ସାବିତ୍ରୀଙ୍କ ପତି ନିର୍ବାଚନ

ପିତାଙ୍କ ଆଜ୍ଞାରେ ସାବିତ୍ରୀ ନିଜ ପତି ନିର୍ବାଚନ ନିମନ୍ତେ ଯାତ୍ରା ଆରମ୍ଭ କଲେ । କିଛି ଦୂରତା ଅତିକ୍ରମ କରି ସେ ପହଞ୍ଚିଲେ ଏକ ମନୋରମ ସ୍ଥାନରେ । ସେ ସ୍ଥାନର ଗୋଟିଏ ଦିଗରେ ଥିଲା ସୁବୃହତ୍ ପର୍ବତମାଳା । ଅନ୍ୟ ଦିଗରେ ସବୁଜ ସୁନ୍ଦର ନିଘଞ୍ଚ ବନାନୀ । ନଦୀଧାରା ଦିଶୁଥିଲା ମୁକ୍ତାମାଳ ପରି । ଚାରିଆଡ଼େ ଫୁଟିଥିଲା ନାନାଜାତି ଫୁଲ । ସୁବାସରେ ଗଗନପବନ ମଧୁମୟ ହୋଇଥିଲା । ସମଗ୍ର ପ୍ରକୃତିରେ ପ୍ରଶାନ୍ତିର ପ୍ରଲେପ ଥିଲା । ସେହି ସ୍ଥାନରେ ସତ୍ୟବାନଙ୍କ ସହ ସାବିତ୍ରୀଙ୍କର ପ୍ରଥମ ସାକ୍ଷାତ୍ ହେଲା ଓ ପହିଲି ଦେଖାରେ ତାଙ୍କର ପ୍ରକୃତ ପରିଚୟ ପାଇ ସାବିତ୍ରୀ ବିମୁଗ୍ଧ ହୋଇଗଲେ ।

ସତ୍ୟବାନ ଦିଶୁଥିଲେ ଦେବତାଙ୍କ ପରି ଅତୀବ ସୁନ୍ଦର, ତାଙ୍କ ମୁହଁରେ ଥିଲା ଅନୁପମ ଆନନ୍ଦର ଲଳିତ ବିଳାସ, ଦେହରେ ଋଷି ସୁଲଭ କାନ୍ତିର ଲାବଣ୍ୟ ଲହରୀ, ଦୃଷ୍ଟିରେ ଗଭୀରତା ଓ ମଧୁରତାର ରମ୍ୟ ସମନ୍ୱୟ । ମାତ୍ର ଭାଗ୍ୟର ବିଡ଼ମ୍ବନାରେ ସେ ଥିଲେ ଅରଣ୍ୟନିବାସୀ । ବହୁକାଳ ବନବାସ ହେତୁ ସେ ପ୍ରକୃତିର ପାଳିତପୁତ୍ର ପରି ସ୍ୱଚ୍ଛନ୍ଦ ଓ ସ୍ୱାଭାବିକ ଜଣାପଡୁଥିଲେ । ସତ୍ୟବାନଙ୍କୁ ସ୍ଥିର ଦୃଷ୍ଟିରେ ଦର୍ଶନ କରି ସାବିତ୍ରୀ ଆତ୍ମାଭିଭୂତ ହେବା ସଙ୍ଗେ ସଙ୍ଗେ ସତ୍ୟବାନ ମଧ୍ୟ ସାବିତ୍ରୀଙ୍କୁ ଦେଖି ପୂର୍ଣ୍ଣତଃ ଚିହ୍ନିପାରିଲେ । ସାବିତ୍ରୀ ଯେ ଆଲୋକିତ ଭବିଷ୍ୟତ ପାଇଁ ଅମଳିନ ଶିଖା, ଏକଥା ସତ୍ୟବାନ ମର୍ମେ ମର୍ମେ ବୁଝିପାରିଲେ । ସେହି ଆଲୋକିତ ଭବିଷ୍ୟତରେ ମନୁଷ୍ୟ ହେବ ଦେବତାଙ୍କ ସମକକ୍ଷ । ସତ୍ୟବାନ ଓ ସାବିତ୍ରୀଙ୍କ ଏହି ସାକ୍ଷାତ୍ ସ୍ଥୂଳତଃ ଆକସ୍ମିକ ହେଲେ ହେଁ ସୂକ୍ଷ୍ମତଃ ଥିଲା ବହୁପ୍ରାଚୀନ ଓ ଜନ୍ମଜନ୍ମର । ଏହି ସାକ୍ଷାତ୍ ନବଯୁଗର ଏକ ନୂତନ ଦିଗନ୍ତ ଉନ୍ମୋଚନ କଲା ।

ପରସ୍ପରର ପୂର୍ବସ୍ମୃତି ବେଳେବେଳେ ଲୁପ୍ତ ପୁଣି ବେଳେବେଳେ ଜାଗ୍ରତ ହେଉଥିଲା । ସତ୍ୟବାନ ଲୁପ୍ତ ସ୍ମୃତିରେ ଆଚ୍ଛାଦିତ ହୋଇ ସାବିତ୍ରୀଙ୍କୁ ପଚାରିଲେ ସେ ବାସ୍ତବରେ ଦେବୀ ନା ମାନବୀ । ଯଦି ମାନବୀ ହୋଇଥାନ୍ତି, ତେବେ ସତ୍ୟବାନ ଆହୁରି ଖୁସିହେବେ ଓ ଲତାପତ୍ର ବିମଣ୍ଡିତ ତାଙ୍କ ପିତାଙ୍କ କୁଟୀର ଦର୍ଶନ କରିବାକୁ ପ୍ରସ୍ତାବ ଦେବେ । କିଛି କ୍ଷଣ ନୀରବ ରହି ସାବିତ୍ରୀ କହିଲେ, 'ମୁଁ ସାବିତ୍ରୀ, ମଦ୍ର ରାଜକନ୍ୟା ।' ସହସା ସତ୍ୟବାନଙ୍କୁ ସାବିତ୍ରୀ ତାଙ୍କ ପରିଚୟ ପଚାରିବା ଅବକାଶରେ ପ୍ରଶ୍ନ କଲେ– ''ସେ କିଏ, ତାଙ୍କ ନାମ କ'ଣ, କେଉଁ ରାଜବଂଶରେ ତାଙ୍କ ଜନ୍ମ ଏବଂ ସେ କାହିଁକି ବନବାସୀ ହୋଇଛନ୍ତି ?'' ଉତ୍ତରରେ ସତ୍ୟବାନ କହିଲେ, 'ମୁଁ ରାଜା ଦ୍ୟୁମତ୍‌ସେନଙ୍କ ପୁତ୍ର ସତ୍ୟବାନ । ମୋର ପିତା ଏକ ସମୟରେ ଚକ୍ଷୁ ଓ ରାଜ୍ୟ ହରାଇ ଅରଣ୍ୟକୁ ଆସିଲେ । ତାଙ୍କ ସହିତ ମୁଁ ମଧ୍ୟ ଅରଣ୍ୟକୁ ଆସିଲି ଏବଂ ଏଠାରେ ଶାନ୍ତିରେ ବାସକଲି ।'' ବନଭୂମିରେ ରହି ସୂକ୍ଷ୍ମ ଦୃଷ୍ଟିରେ ଏକ ଶ୍ରୀମୟ ଜଗତକୁ ଦେଖିବା ଏବଂ ଭ୍ରମରର ଗୁଞ୍ଜରଣ ଭିତରେ ପକ୍ଷୀମାନଙ୍କର କୂଜନ ଭିତରେ ଏକ ଆନ୍ତର ଜଗତର ମଧୁର ସଙ୍ଗୀତ ଶୁଣିବା କଥା ସତ୍ୟବାନ ସାବିତ୍ରୀଙ୍କ ଆଗରେ ପ୍ରକାଶ କଲେ । ସାଧାରଣ ମନୁଷ୍ୟର ସୀମିତ ଚେତନା ତା' ପାଇଁ ସମସ୍ତ ଦୁଃଖର

କାରଣ ବୋଲି ସତ୍ୟବାନ କହିଲେ । ହେଲେ ସେ ଆଶା ପ୍ରକଟ କଲେ ଯେ ସାବିତ୍ରୀଙ୍କ ସାଧନା ଓ ତପସ୍ୟା ବଳରେ ସୀମିତ ଚେତନା ଦିନେ ଦିବ୍ୟ ଚେତନାରେ ରୂପାନ୍ତରିତ ହେବ, ମନୁଷ୍ୟର ଜୀବନ ରୂପାନ୍ତରିତ ହେବ ଦିବ୍ୟଜୀବନରେ । ପାର୍ଥିବ ପରିବେଶ ପରିଣତ ହେବ ପବିତ୍ର ଦେବଧାମରେ । ସତ୍ୟବାନ କହିଲେ, ''ହେ ସାବିତ୍ରୀ ! ତୁମେ ଆଣିଦେବ ଦେବକଣ୍ଠର ସୁମଧୁର ସଙ୍ଗୀତ । କାରଣ ଲୋକ ଲୋକାନ୍ତରର ଆକୁଳ ପ୍ରାର୍ଥନାର ଯଥାର୍ଥ ଉତ୍ତର ସ୍ୱରୂପ ତୁମେ ହିଁ ଅବତରଣ କରିଛ ।'' ସାବିତ୍ରୀ କହିଲେ, ''ମୁଁ ମଧ୍ୟ ତୁମକୁ ଚିହ୍ନିପାରିଛି, ତୁମେ ସୂର୍ଯ୍ୟାଲୋକରେ କାନ୍ତିର ଛାୟା, ଯେଉଁ କାନ୍ତି ଅନ୍ଧାରକୁ ଆଲୋକରେ ରୂପାନ୍ତରିତ କରିପାରିବ ।''

ଏହାପରେ ସାବିତ୍ରୀ ରଥରୁ ଓହ୍ଲାଇ ତଳକୁ ଆସିଲେ । ହାତ ପାଆନ୍ତାରୁ ସୁବାସ କୁସୁମ ତୋଳି ତହିଁରେ ସହଜ ସରଳ ମାଳାଟିଏ ଗୁନ୍ଥି ସତ୍ୟବାନଙ୍କୁ ଅର୍ପଣ କଲେ । ସେତେବେଳେ ସବୁଜ ବନାନୀର କୁଞ୍ଜେ କୁଞ୍ଜେ ଶୀତଳ ସମୀରଣର ମୃଦୁ ସଞ୍ଚରଣ ଅନୁଭୂତ ହେଉଥିଲା । ପଲ୍ଲବର ଶିହରଣରୁ ଝରିପଡୁଥିଲା ସଙ୍ଗୀତର ଭୁବନମୋହିନୀ ମଧୁରିମା । ସେହି ଅବକାଶରେ ସତ୍ୟବାନ ଦେଖାଇଦେଲେ ତାଙ୍କର କାନନ କୁଟୀରକୁ । ଏସବୁ ଦେଖି ଆନନ୍ଦରେ ଅଭିଭୂତ ହୋଇ ସାବିତ୍ରୀ କହିଲେ, ''ମୋତେ କିନ୍ତୁ ଥରେ ପିତୃଭବନକୁ ଯିବାକୁ ପଡ଼ିବ । ପରେ ଫେରିଆସି ମୁଁ ଏଠାରେ ରହିବି ।''

⏭ ● ⏮

ସାବିତ୍ରୀଙ୍କ ଅଟଳ ନିଷ୍ପତ୍ତି

ଦେବତାଙ୍କ ରମ୍ୟ ବଳୟ ତ୍ୟାଗକରି ଦେବର୍ଷି ନାରଦ ବୀଣାବାଦନ ପୂର୍ବକ ମର୍ତ୍ତ୍ୟପୁରୀକୁ ଆଗମନ କଲେ । ପାର୍ଥିବ ବାତାବରଣର ପ୍ରଭାବ ତାଙ୍କ ସଙ୍ଗୀତର ମୂର୍ଚ୍ଛନାକୁ କେତେକାଂଶରେ ପ୍ରଭାବିତ କଲା । ରାଜା ଅଶ୍ୱପତିଙ୍କ ପ୍ରାସାଦରେ ପ୍ରବେଶ କରିବା କ୍ଷଣି ରାଜା ଓ ରାଣୀ ତାଙ୍କୁ ସାଦର ଆମନ୍ତ୍ରଣ ଜଣାଇଲେ । କିଛି ସମୟ ପରେ ସାବିତ୍ରୀ ଫେରିଆସିଲେ ଏବଂ ଦେବର୍ଷିଙ୍କୁ ନମ୍ରନତ ହୋଇ ପ୍ରଣାମ ଜଣାଇଲେ । ସାବିତ୍ରୀ କାହିଁକି ଦୂର ଯାତ୍ରା କରିଥିଲେ ବୋଲି ନାରଦ ପଚାରିଲେ ଅଶ୍ୱପତିଙ୍କୁ । ପତି ଅନ୍ୱେଷଣରେ ସାବିତ୍ରୀ ବାହାରକୁ ବିଜେ କରିଥିଲେ ବୋଲି ଅଶ୍ୱପତି ଉତ୍ତର ଦେଲେ । ସେତେବେଳେ ସାବିତ୍ରୀ କହିଲେ ଯେ ବନଭୂମିରେ ଥିବା ଏକ ଆଶ୍ରମ କୁଟୀର ନିବାସୀ ସତ୍ୟବାନଙ୍କୁ ସେ ପତି ରୂପେ ନିର୍ବାଚନ କରିଛନ୍ତି । ଅଶ୍ୱପତି ଧ୍ୟାନସ୍ଥ ହୋଇ ଦେଖିଲେ ସତ୍ୟବାନଙ୍କ ନାମ ଉପରେ ଏକ ଗାଢ଼କଳା ଛାୟା ରହିଛି, ଆଉ ଏହି ଗାଢ଼ କଳା ଛାୟାକୁ ଅନୁସରଣ କରୁଛି ଏକ ବିଶାଳ ଆଲୋକ । ସେହି ସମୟରେ ନାରଦ କିଛି କହିବାକୁ ଇଚ୍ଛା କଲେ, ମାତ୍ର କହିପାରିଲେ ନାହିଁ । ଏ କଥା ଦେଖି ଦେବର୍ଷି କାହିଁକି ନୀରବ ରହିଲେ ବୋଲି ରାଣୀ ପଚାରନ୍ତେ ଦେବର୍ଷି ଉତ୍ତର ଦେଲେ ଯେ ଭବିଷ୍ୟତ ଜାଣି କିଛି ଲାଭ ନାହିଁ । ରାଣୀ ବାଧ୍ୟ କରିବାରୁ ଦେବର୍ଷି କହିଲେ ସାବିତ୍ରୀ ଯାହାଙ୍କୁ ବରଣ କରିଛନ୍ତି ସେ ଶାନ୍ତ, ନରଶ୍ରେଷ୍ଠ ସତ୍ୟବାନ । ତାଙ୍କ ପରି ଆନନ୍ଦମୟ ସୌନ୍ଦର୍ଯ୍ୟମୟ ମାନବ ଏହା ପୂର୍ବରୁ ଆଉ କେବେ ମର୍ତ୍ତ୍ୟରେ ଜନ୍ମଗ୍ରହଣ କରି ନ ଥିଲେ । ହେଲେ ଦେବତାର ଦିବ୍ୟଦାନ ଏଇ ସୁନ୍ଦର ପୁରୁଷ ପୃଥିବୀରେ ବେଶିଦିନ ଜୀବିତ ରହିବେ ନାହିଁ । ଏକଥା ଶୁଣି ରାଣୀଙ୍କ ମୁଣ୍ଡରେ ସତେ ଅବା ବଜ୍ରପାତ ହେଲା । ସେ ତତ୍‌କ୍ଷଣାତ୍ ଅତ୍ୟନ୍ତ ବିଚଳିତ ହୋଇ ନାରଦଙ୍କୁ କହିଲେ, ''ମାନବଙ୍କ ପାଇଁ ଦେବତାଙ୍କ ଦାନ କ'ଣ ତେବେ ଏତେ ମୂଲ୍ୟହୀନ ? ମୃତ୍ୟୁ ମାନବର ଚିରସାଥୀ, ଆନନ୍ଦ ମଣିଷ ପାଇଁ ତାହେଲେ ଅତି କ୍ଷଣସ୍ଥାୟୀ ।'' ରାଣୀ ଏହାପରେ ସାବିତ୍ରୀଙ୍କୁ କହିଲେ ସତ୍ୟବାନଙ୍କ ପରିବର୍ତ୍ତେ ଅନ୍ୟ ଏକ ପତି ନିର୍ବାଚନ କରିବା ପାଇଁ । ସାବିତ୍ରୀ ଏକଥା ଶୁଣି ବଜ୍ରଗମ୍ଭୀର କଣ୍ଠରେ ଉତ୍ତର ଦେଲେ, ''ସତ୍ୟବାନଙ୍କ ସହିତ ମୋର ହୃଦୟ କଠୋର ବନ୍ଧନରେ ବନ୍ଧା ହୋଇଛି । ମୁଁ ମୃତ୍ୟୁ ଠାରୁ ମଧ୍ୟ ଅଧିକ ଶକ୍ତିଶାଳିନୀ, ନିୟତିର ଅନେକ ଊର୍ଦ୍ଧ୍ୱରେ ମୁଁ ଅବସ୍ଥାନ କରୁଛି ।'' ଏ କଥାରେ ରାଣୀ ଆହୁରି ହତାଶ ହୋଇପଡ଼ିଲେ ଏବଂ ସାବିତ୍ରୀଙ୍କୁ କହିଲେ, ''ତୁମେ ଯାହାସବୁ କହୁଛ ତାହା ଦେବତାମାନଙ୍କ ମୁହଁରେ ଶୋଭାପାଏ, ମଣିଷ ମୁହଁରେ ନୁହେଁ ।''

ଶାନ୍ତ ଭାବରେ ସାବିତ୍ରୀ ଉତ୍ତର ଦେଲେ, ''ମା', ମୋର ସଂକଳ୍ପ ହେଉଛି ବିଶ୍ୱସଂକଳ୍ପର ଅଂଶ, ମୋର ଏହି ଶକ୍ତି ଦେବତାଙ୍କର ଶକ୍ତି । ମୁଁ ପୃଥିବୀକୁ ଯେଉଁ ମହାନ୍ କାର୍ଯ୍ୟ ସାଧନ କରିବାକୁ ଆସିଛି ସେ ସମ୍ପର୍କରେ ମୁଁ ସଚେତନ । ମୋ ପାଇଁ ଦୁଃଖ ଓ ମୃତ୍ୟୁ କିଛି ନୁହେଁ । ସାଧାରଣ ବ୍ୟକ୍ତିପରି ସୁଖଦୁଃଖରେ ବନ୍ଧା ପଡ଼ିବାକୁ ମୁଁ ଆସିନାହିଁ । ମୁଁ ସତ୍ୟବାନଙ୍କ ବ୍ୟତୀତ ଆଉ କୌଣସି ପତି ଚାହେଁ ନାହିଁ । ଗୋଟିଏ ବର୍ଷ ମୁଁ ତାଙ୍କ ସହ ଆନନ୍ଦରେ ଅତିବାହିତ କରିବି । ସେହି ଗୋଟିଏ ବର୍ଷ ମୋ ପାଇଁ ହେବ ସମଗ୍ର ସାଧନାର ଜୀବନ । ତା'ପରେ ମୁଁ ମୋର ସାମର୍ଥ୍ୟ ପ୍ରକଟନ କରିବି । ମୁଁ ଜାଣେ, ମୁଁ କାହିଁକି ପୃଥିବୀରେ ଜନ୍ମଗ୍ରହଣ କରିଛି, ମୁଁ କିଏ ଓ ଯାହାଙ୍କୁ ମୁଁ ଭଲପାଏ ସେ କିଏ ?'' ଏକଥା ଶୁଣି ପରିବେଶ ସ୍ତବ୍ଧ ହୋଇଗଲା । ଉପସ୍ଥିତ ସମସ୍ତେ ନିର୍ବାକ ହୋଇଗଲେ । ସାବିତ୍ରୀଙ୍କ ଆନ୍ତର ସାମର୍ଥ୍ୟ ଓ ବକ୍ତବ୍ୟର ଦୃଢ଼ତାରେ ସମସ୍ତେ ଅଭିଭୂତ ହୋଇପଡ଼ିଲେ ।

⏭ ● ⏮

ରାଣୀ ଓ ନାରଦଙ୍କ କଥୋପକଥନ

ସାବିତ୍ରୀଙ୍କୁ, ରାଣୀ ଅନ୍ୟ ପତି ନିର୍ବାଚନ ପାଇଁ ଯେତେ ପ୍ରବର୍ତ୍ତାଇଲେ ମଧ୍ୟ କିଛି ଫଳ ହେଲାନାହିଁ । ସାବିତ୍ରୀ ନିଜ ନିର୍ବାଚନ ଓ ନିଷ୍ପତ୍ତିରେ ଅଟଳ ରହିଲେ । ଏହି ନିଷ୍ପତ୍ତିରେ ରାଣୀଙ୍କ ମାତୃହୃଦୟ ବିଳପି ଉଠିଲା । କେତେକ ମୌଳିକ ପ୍ରଶ୍ନ ତାଙ୍କୁ ଅସ୍ଥିର କରିପକାଇଲା । ସେହି ପ୍ରଶ୍ନଗୁଡ଼ିକ ରାଣୀ ନାରଦଙ୍କୁ ପଚାରିଲେ । ରାଣୀ ପ୍ରଶ୍ନ କଲେ ଯେ କେଉଁ ଅପଦେବତାର ଅଭିଶାପ ଫଳରେ ମଣିଷ ଭାଗ୍ୟରେ ଭଲମନ୍ଦ, ସୁଖଦୁଃଖ ପ୍ରଭୃତି ପରସ୍ପରର ବିରୋଧୀ କଥାଗୁଡ଼ିକ ରହିଛି ? ପଶୁମାନଙ୍କ ଅପେକ୍ଷା ମଣିଷ ଅନେକ ଦୁଃଖ କଷ୍ଟ ପାଉଛି କାହିଁକି ? ଅପଶକ୍ତି ମଣିଷର ଦେହକୁ ଆକ୍ରମଣ କରୁଅଛି । ଦୁଃଖର ଜୀବନ ନେଇ ମଣିଷ ନିରସ୍ତ୍ର ହୋଇ ବଞ୍ଚିରହିଛି ମାତ୍ର । କାମନା ବାସନାର ବଶବର୍ତ୍ତୀ ହୋଇ ସେ ହେଉଛି ନିଜେ ନିଜର ଶତ୍ରୁ । ଏପରି ଅବସ୍ଥାରେ ଥାଇ ମଧ୍ୟ ବଞ୍ଚିରହିବା ପାଇଁ ତା'ର ଅନନ୍ତ ପ୍ରୟାସ ଓ ପ୍ରଚେଷ୍ଟା କଥା ଭାବିଲେ ଆଶ୍ଚର୍ଯ୍ୟ ହେବାକୁ ପଡ଼େ । କିଏ ତାକୁ ଦେଇଛି ବଞ୍ଚିବାର ଅଦମ୍ୟ ଲାଳସା, ପୁଣି ଏହି ସୌନ୍ଦର୍ଯ୍ୟମୟ ଦୁଃଖପୂର୍ଣ୍ଣ ପୃଥିବୀରେ ତାକୁ ସୁଖଦୁଃଖର ଜୀବନଯାପନ କରାଉଛି । ଏ ଜୀବନ ଓ ଜଗତ କ'ଣ ସତ୍ୟ ନା ମାୟା ମରୀଚିକା ? ଯଦି ମରୀଚିକା ହୁଏ, ତେବେ ମାନବାତ୍ମାର ନିରାପତ୍ତା କେଉଁଠି ?

କିଛି ସମୟ ନୀରବ ରହି ନାରଦ ତାଙ୍କର ବକ୍ତବ୍ୟ ଆରମ୍ଭ କଲେ । ନାରଦ କହିଲେ ଯେ ରାତ୍ରି ଅଛି ବୋଲି ସୂର୍ଯ୍ୟ କ'ଣ ଗୋଟିଏ ସ୍ୱପ୍ନ ? ଯନ୍ତ୍ରଣା ଅଛି ବୋଲି ପ୍ରକୃତ ଆନନ୍ଦ କ'ଣ ଏକ ପ୍ରତିହତ ଅନୁଚିନ୍ତା ? ବାସ୍ତବରେ ମଣିଷର ହୃଦୟ ଭିତରେ ଭଗବାନ ପ୍ରଚ୍ଛନ୍ନ ଭାବରେ ରହିଛନ୍ତି । ସେଠାରେ ସେ ଏକ ଦୀପଶିଖା ହୋଇ ଜଳୁଛନ୍ତି । କୌଣସି ଦୁଃଖ ବେଦନା ତାଙ୍କୁ ସ୍ପର୍ଶ କରିପାରେ ନାହିଁ । ଏପରି ଚିନ୍ମୟ ସତ୍ତାଙ୍କୁ ମଣିଷ ଦେଖିପାରେ ନାହିଁ । ଅଜ୍ଞାନତା ଏକ ପ୍ରାଚୀର ସ୍ୱରୂପ ରହି ଏହି ଚିନ୍ମୟସତ୍ତାକୁ ଘୋଡ଼ାଇ ପକାଉଛି । ତାଙ୍କ କଥା ଶୁଣିବାକୁ ଦେଉନାହିଁ । ଭଗବାନଙ୍କର ଇଚ୍ଛାକୁ ମଣିଷ ପାଖରେ ପହଞ୍ଚାଇ ଦେଉନାହିଁ । ପାର୍ଥିବ ସୁଖ ଦିଗରେ ତାକୁ ପ୍ରଲୁବ୍ଧ କରୁଛି । ଫଳତଃ ସେ ବ୍ରହ୍ମାନନ୍ଦ ଆସ୍ୱାଦନରୁ ବଞ୍ଚିତ ହେଉଛି । ଅଜ୍ଞାନତା ଥିଲା ପର୍ଯ୍ୟନ୍ତ ଏ କ୍ଲେଶ ରହିବ । ବେଦନା ହେଉଛି ଏକ ପ୍ରକାର ହାତୁଡ଼ି ଯାହାଦ୍ୱାରା ଦେବତାମାନେ ମଣିଷ ଭିତରେ ଥିବା ମଣ୍ଡର ମାନସିକତାକୁ ଭାଙ୍ଗି ଦିଅନ୍ତି । ଦୁଃଖ, କଷ୍ଟ, ଯନ୍ତ୍ରଣା ମଧ୍ୟ ଦେଇ ମଣିଷ ଦେବତ୍ୱ ଆଡ଼କୁ ଉତ୍ତୋଳିତ ହେବା ତା'ର ଭବିତବ୍ୟ । ଏହି ଜଗତ ପାଇଁ ଦେବତାମାନଙ୍କର ଉତ୍କଣ୍ଠା ଅପରିସୀମ । ଭଗବାନଙ୍କ ଇଚ୍ଛା ଏଇ ପୃଥିବୀକୁ ସ୍ୱର୍ଗରେ ପରିଣତ କରିବା ଏବଂ ମନୁଷ୍ୟ ଜୀବନକୁ ଦିବ୍ୟଜୀବନରେ ରୂପାନ୍ତରିତ କରିବା । ଏଇ ଇଚ୍ଛାକୁ ବିରୋଧୀଶକ୍ତିମାନେ କାର୍ଯ୍ୟକାରୀ ହେବାକୁ ଦେଉନାହାନ୍ତି । ଅବଶ୍ୟ ଦିନେ ନା ଦିନେ ଅପଶକ୍ତିମାନେ ପରାସ୍ତ ହେବେ ଏବଂ ଭଗବତ ଇଚ୍ଛା କାର୍ଯ୍ୟକାରୀ ହେବ । ଦିନେ ନା ଦିନେ ଅପଶକ୍ତିମାନେ ଅପସରି ଯିବେ ଏବଂ ମଣିଷ ମୁକ୍ତ ହେବ ବିରୋଧୀ ଶକ୍ତିର ଜାଲରୁ । ସେତେଦିନ ପର୍ଯ୍ୟନ୍ତ ଭଗବାନ ମଣିଷର ଦୁଃଖରେ ଜର୍ଜରିତ ହୋଇ ରହିଥିବେ । ଆହୁରି ମଧ୍ୟ ରାଣୀଙ୍କୁ ଆଶ୍ୱାସନା ବାଣୀ ଶୁଣାଇ ନାରଦ କହିଲେ ଯେ ଆତ୍ମାର ସାହାଯ୍ୟ ପାଇଁ ଭାଗବତ ଶକ୍ତି ଉପରେ ଭରସା ରଖିବାକୁ ପଡ଼ିବ, ସର୍ବୋଚ୍ଚ ସତ୍ୟ ଆଡ଼କୁ ନିଜକୁ ମୁକ୍ତ

କରିବାକୁ ପଡ଼ିବ । ମଣିଷ ପ୍ରତିଦିନ ଛୋଟବଡ଼ ସୁଖଦୁଃଖ ବାଟ ଦେଇ ଭଗବାନଙ୍କ ଆଡ଼କୁ ଅଗ୍ରଗତି କରି ଚାଲିବା ଉଚିତ । ଭଗବାନ ହିଁ ଦିବ୍ୟ ଆନନ୍ଦର ଆଧାର । ଆନନ୍ଦ ହିଁ ସକଳ ଜୀବଙ୍କୁ ବଞ୍ଚାଇ ରଖିଛି । ଏପରିକି ଦୁଃଖ ଓ କ୍ଳେଶର ପଶ୍ଚାତରେ ଆନନ୍ଦ ଲୁଚି ରହିଛି । କ୍ଷୁଦ୍ର ଅହଂର କବଳରେ ପଡ଼ି ମଣିଷ ସେହି ଆନନ୍ଦର ସନ୍ଧାନ ପାଇପାରୁ ନାହିଁ । କିନ୍ତୁ ପ୍ରୟାସ ଓ ପ୍ରଯତ୍ନ ଫଳରେ ଦିନେ ଅନ୍ତରାତ୍ମାର ଶକ୍ତି, ମଣିଷ ଓ ଭଗବାନଙ୍କୁ ଏକ କରିଦେବ । ସେତେବେଳେ ଯନ୍ତ୍ରଣା ରୂପାନ୍ତରିତ ହେବ ଆନନ୍ଦରେ, ଉଦାସୀନତା ରୂପାନ୍ତରିତ ହେବ ସୀମାହୀନ ଶାନ୍ତିରେ, ତଥାକଥିତ ସୁଖ ବଦଳରେ ମିଳିବ ସତ୍ୟର ସନ୍ଧାନ ତଥା ଶିଖରରେ ବିମୁକ୍ତ ଆନନ୍ଦ ।

⏭ ● ⏮

ସାବିତ୍ରୀଙ୍କ ଦାମ୍ପତ୍ୟ ଜୀବନ

ଶତଶତ ବାରଣ ସତ୍ତ୍ୱେ ସାବିତ୍ରୀ ତାଙ୍କ ନିଷ୍ପତ୍ତିରେ ଅଟଳ ରହିଲେ । ସତ୍ୟରକ୍ଷା ଉପରେ ଗୁରୁତ୍ୱ ଆରୋପ କରି ଭାରତୀୟ ସଂସ୍କୃତିର ମୂଲ୍ୟବୋଧକୁ ଅକ୍ଷୁର୍ଣ୍ଣ ରଖିଲେ । ସତ୍ୟ ହିଁ ଜୀବନର ସରସତା ଓ ସାରବତ୍ତା, ସତ୍ୟର ଅପଳାପରେ ମହତୀ ବିନଷ୍ଟ ହୁଏ ବୋଲି ଅନ୍ୟମାନଙ୍କୁ ସେ ବୁଝାଇଲେ । ଅଧିକ କାଳ ବିଳମ୍ବ ନ କରି ମଦ୍ର ଦେଶ ତ୍ୟାଗ କରି ଶାଲ୍ୱଦେଶ ଆଡ଼କୁ ଯାତ୍ରା କଲେ । ରଥ ଯେତିକି ଯେତିକି ଆଗକୁ ଆସୁଥିଲା ପିତୃଗୃହସ୍ମୃତି ସେତିକି ସେତିକି ମ୍ଳାନ ହେଉଥିଲା । ସାବିତ୍ରୀଙ୍କ ସହ ଯେଉଁମାନେ ଆସିଥିଲେ ସେମାନେ ତାଙ୍କୁ ଅନ୍ଧରାଜା ଦ୍ୟୁମତସେନ ଓ ରାଣୀଙ୍କ ପାଖରେ ପହଞ୍ଚାଇ ଦେଇ ଫେରିଗଲେ ।

ପର୍ଣ୍ଣ କୁଟୀରରେ ରାଜକନ୍ୟା ସାବିତ୍ରୀଙ୍କ ଦାମ୍ପତ୍ୟ ଜୀବନ ଆରମ୍ଭ ହେଲା । ସତ୍ୟବାନଙ୍କ ସହ ତାଙ୍କ ବିବାହିତ ଜୀବନ ଯେ ଅଳ୍ପଦିନର, ଏକଥା ଜାଣି ମଧ୍ୟ ସେ ଦୁଃଖରେ ଭାଙ୍ଗିପଡ଼ି ନ ଥିଲେ । ତପସ୍ୟା ବଳରେ ଅସମ୍ଭବ ଯେ ସମ୍ଭବ ହୋଇପାରେ ଏଥିରେ ତାଙ୍କର ତିଳେମାତ୍ର ସନ୍ଦେହ ନ ଥିଲା । ପବନ ପ୍ରବାହରେ ସେ ଶୁଣୁଥିଲେ ସଙ୍ଗୀତର ସ୍ୱର । ଜହ୍ନରାତି ତାଙ୍କୁ ଭାରି ଭଲ ଲାଗୁଥିଲା । ନକ୍ଷତ୍ରମାଳା ବିମଣ୍ଡିତ ଆକାଶ ମନେ ହେଉଥିଲା ନାନାରତ୍ନ ବିଭୂଷିତ ମଖମଲି ଗାଲିଚା ପରି ସରସ ଓ ସୁନ୍ଦର । ସାରାଦିନ ମନେ ହେଉଥିଲା ସ୍ୱପ୍ନିଳ ଉତ୍ସବର ରୂପସଜ୍ଜା । ସତ୍ୟବାନଙ୍କର ଉପସ୍ଥିତିରେ ଅନୁଭୂତ ହେଉଥିଲା ଦିବ୍ୟଚେତନାର ମଧୁମହକ ।

କ୍ରମେ କ୍ରମେ ଅଳ୍ପଦିନ ମଧ୍ୟରେ ଋତୁ ପରିବର୍ତ୍ତିତ ହେଲା । ନୀଳ ଆକାଶକୁ ଆଚ୍ଛାଦନ କଲା ଘନକୃଷ୍ଣ ମେଘମାଳା । ବଣ ଭିତରେ ଘଡ଼ଘଡ଼ି ସହ ବର୍ଷା ଆରମ୍ଭ ହେଲା । ପବନର ଝଙ୍କାରରେ ସାବିତ୍ରୀ ଶୁଣିପାରିଲେ ଅନାଗତ ଭବିଷ୍ୟତର ସଞ୍ଚରିତ ଆର୍ତ୍ତନାଦ । ରାତ୍ରିର ଅନ୍ଧକାର ଭିତରେ ତାଙ୍କୁ ଦେଖାଗଲା ଭବିଷ୍ୟତର ରୁକ୍ଷ କଠୋର ଚିତ୍ର । ଘନଘନ ମନେପଡ଼ିଲା ନାରଦଙ୍କ ଭବିଷ୍ୟତ ବାଣୀ । ଦୁଃଖ ଓ ଭୟ ମିଶି ସାବିତ୍ରୀଙ୍କୁ ଅସ୍ଥିର କରି ପକାଇଲେ । ମନର କୋହକୁ ଚାପିରଖି ସେ ସଂସାରର ଦୈନନ୍ଦିନ କର୍ମ କରିବାକୁ ଲାଗିଲେ । ଘର ଓଳେଇବା, ପାଣି କାଢ଼ିବା ପ୍ରଭୃତି ସମସ୍ତ ପ୍ରକାର ଘରକାମ ତାଙ୍କ ଦ୍ୱାରା ବିଧିମତେ ସମ୍ପାଦିତ ହେଉଥିଲା । ତଥାପି ତାଙ୍କ ମନ ବେଳେବେଳେ ଦୁଃଖରେ ଭାରି ହେଉଥିଲା । ସେତେବେଳେ ଚତୁର୍ଦ୍ଦିଗ ନୀରସ ଓ ବିଷାକ୍ତ ବୋଧ ହେଉଥିଲା ।

ରାତିରେ ସତ୍ୟବାନ ନିଦ୍ରାଯିବା ପରେ ସାବିତ୍ରୀ ଜାଗ୍ରତ ହୋଇ ତାଙ୍କ ପାଇଁ ପ୍ରାର୍ଥନା କରୁଥିଲେ । ନିଜର ଭୟ ଓ ବିଷାଦ ବିଷୟରେ କାହାରିକୁ କହୁ ନ ଥିଲେ । ସମସ୍ତଙ୍କ ଠାରୁ ନିଜର ଆଶଙ୍କା ଓ ଦୁଃଖକୁ ଲୁଚାଇ ରଖୁଥିଲେ । ଅବଶ୍ୟ କାରଣ ଜାଣି ନ ପାରିଲେ ମଧ୍ୟ ସାବିତ୍ରୀଙ୍କ ବିଷର୍ଣ୍ଣତାକୁ ସତ୍ୟବାନ ବେଳେବେଳେ ଅନୁଭବ କରିପାରୁଥିଲେ । ସେହି ବିଷାଦକୁ ଦୂର କରିବା ନିମନ୍ତେ ଯେତେ ଅଧିକ ସମୟ ସମ୍ଭବ ସତ୍ୟବାନ ସାବିତ୍ରୀଙ୍କ ନିକଟରେ ଉପସ୍ଥିତ ରହୁଥିଲେ । ସତ୍ୟବାନଙ୍କ ଉପସ୍ଥିତିରେ ସାବିତ୍ରୀଙ୍କ ହୃଦସରସୀରେ ଲାବଣ୍ୟ କମଳ ବିକଶିତ ହେଉଥିଲା, ମାତ୍ର ଅଳ୍ପକ୍ଷଣର ଅନୁପସ୍ଥିତିରେ ଅମାବାସ୍ୟାର ଅନ୍ଧାର ଘେରିଯାଉଥିଲା । ଏକା ରହିଲେ

ଭବିଷ୍ୟତର ତିକ୍ତ ଓ ବିକଟମୂର୍ତ୍ତି ଆତ୍ମପ୍ରକଟିତ ହେଉଥିଲା ଏବଂ ପ୍ରତିଧ୍ୱନିତ ହେଉଥିଲା ଅପଦେବତାର ରୁକ୍ଷ ବିକଟ ଧ୍ୱନିମାଳା । କେତେ କେତେ ଭାବନାର ଲହରୀ ଆସି ହୃଦୟର ସିକତାକୁ ତାଙ୍କର ଅହରହ ସିକ୍ତ କରୁଥିଲା । ବେଳେବେଳେ ମନ ଭିତରୁ କିଏ ତାଙ୍କୁ କହୁଥିଲା ସତ୍ୟବାନଙ୍କ ସହ ବଣକୁ ଯିବା ପାଇଁ । ସେତେବେଳେ ଅନ୍ଧ ବୃଦ୍ଧ ଶ୍ୱଶୁର ଓ ବୃଦ୍ଧା ଶାଶୁଙ୍କ ପ୍ରତି କର୍ତ୍ତବ୍ୟବୋଧ, ସହାନୁଭୂତି ଓ ସହୃଦୟତା ଆସି ସେହି ଭାବନାକୁ ପ୍ରତିହତ କରୁଥିଲା । ବେଳକୁ ବେଳ ସତ୍ୟବାନଙ୍କ ପ୍ରତି ସାବିତ୍ରୀଙ୍କ ଅନୁରାଗ ବହୁଗୁଣିତ ହେଲା । ତେବେ ସାବିତ୍ରୀଙ୍କ ଚେତନାର ଏକ ମୁକୁଳିତ ଅଭିବ୍ୟକ୍ତି ସତ୍ୟବାନଙ୍କ ସହ ପ୍ରତିକ୍ଷଣ ସତେଜ ହୋଇ ରହିଲା । ସେ ବଣକୁ ଯିବାବେଳେ ତାଙ୍କ ସହ ସାବିତ୍ରୀଙ୍କ ଆନ୍ତର ଚେତନା ଯାତ୍ରା କରୁଥିଲା । ପର୍ଣ୍ଣ କୁଟୀରରେ ରହି ମଧ୍ୟ ସେ ଜାଣିପାରୁଥିଲେ ସତ୍ୟବାନ ବଣରେ କ'ଣ କରୁଛନ୍ତି । ସାବିତ୍ରୀଙ୍କ ମନରେ ସତ୍ୟବାନ ଜୀବନ୍ତ ଦେବତା ପ୍ରାୟ ବିରାଜମାନ କରୁଥିଲେ ।

ଦିନ ପରେ ଦିନ ଆଗେଇ ଚାଲିଲା । କ୍ରମଶଃ ସାବିତ୍ରୀଙ୍କ ହୃଦୟ ମେଘାଚ୍ଛନ୍ନ ହୋଇଆସିଲା । ଦିଗଦିଗନ୍ତ ତାଙ୍କୁ ଶୂନ୍ୟ ଲାଗିଲା । କେହି ଦେବତା ସେହି ଅବସାଦକୁ ଲଘୁ କରିବା ପାଇଁ ଆସିଲେ ନାହିଁ । ଅତି ସନ୍ତର୍ପଣରେ ସତ୍ୟବାନଙ୍କର ଆସନ୍ନ ଭବିତବ୍ୟ ଭାବନାରେ ମର୍ମାହତ ହୋଇ ହୋଇ ସାବିତ୍ରୀ ସମୟ ଅତିବାହିତ କଲେ ।

⏭ ● ⏮

ସାବିତ୍ରୀଙ୍କ ନୀରବ ସାଧନା

ଶ୍ରୀଅରବିନ୍ଦଙ୍କ ସାବିତ୍ରୀ ମହାକାବ୍ୟ ସାଧନାର ମହାକାବ୍ୟ । ନିଜ ସାଧନାର ସ୍ତର ପରେ ସ୍ତର ଅତିକ୍ରମଣର ଅନୁଭୂତି ଏଥିରେ ସ୍ପଷ୍ଟତଃ ଲିପିବଦ୍ଧ । ଅତିମାନସର ଅବତରଣ ପର୍ଯ୍ୟନ୍ତ ଏ ସାଧନା ପରିବ୍ୟାପ୍ତ । ବ୍ୟକ୍ତିଜୀବନ ତଥା ବିଶ୍ୱଜୀବନର ସମସ୍ୟାର ସମାଧାନ ପାଇଁ ଏହି ସାଧନା ଅଭିପ୍ରେତ ।

ଅନ୍ତରର ଦୁଃଖ ଅନ୍ତରତଳେ ଚାପିରଖି ସାବିତ୍ରୀ ଗଭୀର ରଜନୀ ଅନିଦ୍ରା ହୋଇ ଅତିବାହିତ କଲେ । ଅନାଗତ ଭବିଷ୍ୟତର ଚିତ୍ର ତାଙ୍କ ମାନସପଟରେ ଭାସିଉଠିଲା । ସେତିକିବେଳେ ସେ ଶୁଣିପାରିଲେ ତାଙ୍କ ଆନ୍ତରସତ୍ତାର ଲଳିତମଧୁର ଦିବ୍ୟବାଣୀ– ''ହେ ଆତ୍ମା ! ତୁମେ କ'ଣ ଏହି ଅଜ୍ଞାନତାପୂର୍ଣ୍ଣ ମରଣଶୀଳ ପୃଥିବୀକୁ ଭୋଗ କରିବା ପାଇଁ ଆସିଛ ନା ଧୈର୍ଯ୍ୟ ଓ ସାହସର ସହ ସଂଗ୍ରାମ କରିବାକୁ ଆସିଛ ? ସାବିତ୍ରୀ ! ତୁମେ ଜାଗ୍ରତ ହୁଅ, କାଳ ଓ ମୃତ୍ୟୁକୁ ପରାଜିତ କର ।'' ଏହାଶୁଣି ତାଙ୍କର ହୃଦୟ ଉତ୍ତର ଦେଲା । ''ମୋର ଶକ୍ତି ଓ ସାମର୍ଥ୍ୟ ମୋ' ଠାରୁ ପ୍ରତ୍ୟାହାର କରି ନିଆଯାଇଛି । ମୃତ୍ୟୁକୁ ତାହା ପ୍ରଦତ୍ତ ହୋଇଛି । ଆଜି ମୁଁ ସ୍ୱର୍ଗର ବଦ୍ଧ ଦୁଆରରେ ସାହାଯ୍ୟ ନିମନ୍ତେ ଆବେଦନ କରୁଛି । ଏଥିସହିତ ମୁଁ ବିଚାର କରୁଛି ଯେ ମାନବ ଜାତି ଅଜ୍ଞ । ଏହି ଅକୃତଜ୍ଞ ମାନବ ଜାତିକୁ କାହିଁକି ଏତେ ଉନ୍ନତ କରିବାକୁ ଚେଷ୍ଟା କରିବି ? ମୋର ଓ ସତ୍ୟବାନଙ୍କର ମୃତ୍ୟୁକୁ ଏଡ଼ାଇଯିବାରେ କୌଣସି ପ୍ରୟୋଜନ ଅଛି ? ସୀମାବଦ୍ଧ ଜୀବନରେ ବିଶାଳତାର ଆଲୋକର ଆଉ କି ପ୍ରୟୋଜନ ? ମୁଁ ମଧ୍ୟ ସତ୍ୟବାନଙ୍କ ସଙ୍ଗେ ଗମନ କରିବି ଓ ବିଶ୍ୱାତୀତ ଲୋକକୁ ଯାଇ ସେଠାରେ ଚିର ସନ୍ତୋଷ ଲାଭ କରିବି ।'' ଏକଥା ଶୁଣି ଦିବ୍ୟସ୍ୱର ପୁନର୍ବାର ଝଙ୍କୃତ ହେଲା – ''ଏହା କ'ଣ ତୁମ ପକ୍ଷରେ ଯଥେଷ୍ଟ ସାବିତ୍ରୀ । ଯେତେବେଳେ ତୁମ ଆତ୍ମା ଜାଗ୍ରତ ହେବ ଏବଂ ଦେଖିବ ଯେ ତୁମେ ଯେଉଁ କାମ ପାଇଁ ପୃଥିବୀକୁ ଆସିଛ, ସେ କାମ ତୁମର ଅପୂର୍ଣ୍ଣ ରହିଛି, ତେବେ ସେ କ'ଣ କହିବ ? ତେବେ କ'ଣ ଏହି ପୃଥିବୀ ଓ ମଣିଷର ଭାଗ୍ୟକୁ ବଦଳାଇବା ପାଇଁ ବୃହତ୍ତର ଆଲୋକ ପୃଥିବୀକୁ ଆସିବ ନାହିଁ ? ତା' ହେଲେ ମୁଁ କ'ଣ ଫେରିଯାଇ ଭଗବାନଙ୍କ ନିକଟରେ ନତମସ୍ତକ ହୋଇ କହିବି ଯେ ତୁମ୍ଭ ଦେହରେ ଯେଉଁ ଶକ୍ତି ସେ ଦେଇଛନ୍ତି ତାହା କୌଣସି କାର୍ଯ୍ୟ ନ କରି ନିଷ୍ଫଳ ହୋଇ ଫେରିଯିବ ।''

ସାବିତ୍ରୀ ନୀରବ ନିଶ୍ଚଳ ଅନ୍ତରରେ ଦିବ୍ୟସ୍ୱରର ମହନୀୟତାକୁ ଉପଲବ୍ଧ କରି କହିଲେ, ''ହେ ବିରାଟ ଓ ଅମର ବାଣୀ ! ତୁମେ ମତେ ଆଦେଶ ଦିଅ, ମୁଁ ତୁମର ଇଚ୍ଛାକୁ କାର୍ଯ୍ୟକାରୀ କରିବା ନିମନ୍ତେ ସମର୍ଥ ହେବି ।''

ଦିବ୍ୟକଣ୍ଠ ପୁନଶ୍ଚ କହିଲେ, ''ସାବିତ୍ରୀ ! ତୁମେ ତୁମ ଆତ୍ମାକୁ ଆବିଷ୍କାର କର । ଭଗବାନଙ୍କ ଆଡ଼କୁ ଉନ୍ମୁଖ ହୁଅ । ମନରୁ ଚିନ୍ତା ଦୂର କର, ମସ୍ତିଷ୍କକୁ ସମ୍ପୂର୍ଣ୍ଣ ରୂପେ ସ୍ଥିର କର । ତୁମର ପ୍ରକୃତି ତାଙ୍କ କର୍ମର ଯନ୍ତ୍ର ହେଉ, ତାଙ୍କର ସୁମହାନ ବାଣୀ ତୁମ କଣ୍ଠରେ ଧ୍ୱନିତ ହେଉ । ତେବେ ତୁମେ ମୋର ଶକ୍ତିକୁ ଧାରଣ କରିପାରିବ ଓ ମୃତ୍ୟୁକୁ ଜୟ କରିପାରିବ ।''

ନିଦ୍ରିତ ସ୍ୱାମୀଙ୍କ ପାର୍ଶ୍ୱରେ ବସିଥିବା ସାବିତ୍ରୀ ଶାନ୍ତ ହୋଇ ନିଜର ଅଭ୍ୟନ୍ତରର ଗଭୀରତମ ଗଭୀରତାରେ ଆତ୍ମାକୁ ଖୋଜି ବାହାର କଲେ । ସେ ହୃଦୟଙ୍ଗମ କଲେ ଯେ ମଣିଷ ଭିତରେ ସୀମାହୀନ ସମ୍ଭାବନା ରହିଛି । ତା'ର ଭବିଷ୍ୟତକୁ ବର୍ତ୍ତମାନର କାର୍ଯ୍ୟାବଳୀ ନିୟନ୍ତ୍ରଣ କରୁଛି । ମଣିଷ ଚେତନାର ବହୁଳାଂଶ ଅବଚେତନାରେ ରହିଛି । ମଣିଷ ଚାରିପଟେ ରହିଛି ଏହି ଅଜ୍ଞାନତାର ବଳୟ । ଏହି ଅଜ୍ଞାନତାକୁ ଭେଦକଲେ ସେ ନିଜକୁ ଅନନ୍ତ ବୋଲି ଜାଣିପାରିବ, ଭଗବାନଙ୍କ ସହ ଏକାତ୍ମତା ଲାଭ କରିପାରିବ । ନିଜ ଭିତରେ ଥିବା ଆନ୍ତରଦେହ, ଆନ୍ତର ପ୍ରାଣ ଓ ଆନ୍ତର ମନକୁ ସେ ଆବିଷ୍କାର କରିପାରିବ । ନଶ୍ୱର ଜୀବନରେ ଭଗବାନଙ୍କୁ ଆବାହନ କରି ଆଣିପାରିବ । ନଶ୍ୱରତ୍ୱକୁ ଅତିକ୍ରମ କରି ସେ ପାଇବ ଅଖଣ୍ଡ ଦିବ୍ୟ ଚେତନାର ପବିତ୍ର ସ୍ପର୍ଶ । ପୃଥିବୀ ନିଜକୁ ରୂପାନ୍ତରିତ କରି ସ୍ୱର୍ଗରେ ପରିଣତ କରିବାକୁ ଚାହେଁ । ଏହି ବିରାଟ ପରିବର୍ତ୍ତନ ନିମନ୍ତେ ମଣିଷର ପ୍ରସ୍ତୁତି ଓ ସହଯୋଗ ଏକାନ୍ତ କାମ୍ୟ । ନିଜର ଚୈତ୍ୟପୁରୁଷକୁ ଆବିଷ୍କାର କରି ଦେହ, ପ୍ରାଣ ଓ ମନ ଉପରେ କର୍ତ୍ତୃତ୍ୱ ବିସ୍ତାର ପୂର୍ବକ ଦିବ୍ୟ ଜୀବନ ପାଇଁ ଅଭୀପ୍ସା ଓ କ୍ରିୟାଶୀଳତା ହିଁ ଯଥାର୍ଥ ସହଯୋଗ ।

⏭ ● ⏮

ସ୍ତର ପରେ ସ୍ତର ଅତିକ୍ରମଣ

ସାଧନାର ମହାକାବ୍ୟ ସାବିତ୍ରୀ ମର୍ତ୍ତ୍ୟରେ ଅମର୍ତ୍ତ୍ୟ ସୌରଭର ସରସ ଅଭିବ୍ୟକ୍ତି । ମୃତ୍ୟୁ ଉପରେ ପ୍ରେମର ପୂର୍ଣ୍ଣ ବିଜୟ ଏଥିରେ ବର୍ଣ୍ଣିତ । ବହିର୍ଜଗତରୁ ଅନ୍ତର୍ଜଗତ ଏବଂ ଅନ୍ତର୍ଜଗତରୁ ବହିର୍ଜଗତକୁ ଯାତାୟାତ ନିମନ୍ତେ ଏହା ଚେତନାର ଏକ ରମ୍ୟ ସୁବର୍ଣ୍ଣ ସେତୁ । ଏହି ସେତୁର ନିର୍ମାଣକାରିଣୀ ଦେବୀ ସାବିତ୍ରୀ ସ୍ୱସାଧନାରେ ସ୍ତର ପରେ ସ୍ତର ଅତିକ୍ରମ କରି ଶେଷରେ ଆତ୍ମାର ଆବିଷ୍କାର ନିମନ୍ତେ ପ୍ରୟାସୀ ହେଲେ ।

ଦେବୀ ସାବିତ୍ରୀ ଆତ୍ମ ଆବିଷ୍କାର କରିବା ନିମନ୍ତେ ଦୃଢ଼ ସଂକଳ୍ପ କରନ୍ତେ, ହୃଦୟର ନିଭୃତ କୋଣରୁ ଶୁଣାଗଲା ''ତୁମେ ନିଜ ପାଇଁ ସାଧନା କରିବାକୁ ଆସିନାହଁ, ସମଗ୍ର ମାନବ ଜାତି ପାଇଁ ସାଧନା କରିବାକୁ ଆସିଛ ।'' ଏହା ଶୁଣି ସାବିତ୍ରୀଙ୍କର ଆତ୍ମବିଶ୍ୱାସ ବହୁଗୁଣିତ ହେଲା । ପ୍ରଥମ ପଦକ୍ଷେପ ରୂପେ ସେ ବାହ୍ୟଚେତନା ଓ ଅନ୍ତଃଚେତନା ମଧ୍ୟରେ ଥିବା ରୁଦ୍ଧ ଦୁଆରରେ କରାଘାତ କରିବାରୁ ଭିତରୁ ଉତ୍ତର ଆସିଲା, ''ମର୍ତ୍ତ୍ୟର ଜୀବ, ପଳାଅ ନଚେତ୍ ମୃତ୍ୟୁ ସୁନିଶ୍ଚିତ, ଏହାଶୁଣି ସାବିତ୍ରୀ ବିଚଳିତ ନ ହୋଇ ଦୁଆରରେ ବାରମ୍ବାର ଆଘାତ କଲେ । ଗୋଟିଏ ଲୋକରୁ ଅନ୍ୟ ଏକ ଲୋକକୁ ସେ ଆଗେଇ ଆସି ପହଞ୍ଚିଲେ ଅବଚେତନର ଦ୍ୱାରଦେଶରେ । ସେଠାରେ ଶ୍ୱାସରୁଦ୍ଧ ହେଲାପରି ତାଙ୍କର ଅନୁଭୂତି ହେଲା । ଅଟକି ନ ଯାଇ ସେ ଆଗକୁ ଚାଲିଲେ, ପହଞ୍ଚିଲେ ଆଉ ଏକ ଇଲାକାରେ ଯେଉଁଠି ବିଶୃଙ୍ଖଳ ସତ୍ତାମାନେ ପ୍ରାଣିକ ଉନ୍ମାଦନାରେ ପ୍ରମତ୍ତ ହୋଇ ମନକୁ ବିରୋଧ କରୁଥିଲେ । ଏପରି ଭୟଙ୍କର ରାଜ୍ୟ ଅତିକ୍ରମ କଲାବେଳେ ସାବିତ୍ରୀ ନିରନ୍ତର ଭଗବାନଙ୍କ ନାମ ସ୍ମରଣ କରୁଥିଲେ । ଭଗବାନଙ୍କ ନାମ ଶୁଣିବାମାତ୍ରେ ଭୟଙ୍କର ସତ୍ତାମାନେ ଦୂରକୁ ଅପସରି ଯାଉଥିଲେ । ସେମାନଙ୍କ କବଳରୁ ମୁକ୍ତ ହୋଇ ସାବିତ୍ରୀ ଆସିଲେ ଆଉ ଏକ ସ୍ତରକୁ ଯେଉଁଠାରେ ପୁନଶ୍ଚ ଘୋର ବିପଦ ଘନୀଭୂତ ହୋଇଗଲା । ସେଠାରେ ଥିଲେ ପ୍ରାଣରୂପୀ ବହୁ ଦୈତ୍ୟ । ସେମାନେ ତାଙ୍କୁ କହିଲେ, ''ଭଗବାନଙ୍କୁ ସ୍ମରଣ କରନାହିଁ, ସ୍ମରଣ କରି କିଛି ଲାଭ ନାହିଁ, ଆଦିମ ଆନନ୍ଦରେ ଉନ୍ମାଦିନୀ ସୁରାପାନ କର ।'' ଅଜ୍ଞାନତା ଏହି ସ୍ତରର ଅଧୀଶ୍ୱର ଏବଂ ଅହଂ ଏହାର ମୂଳ ଉପାଦାନ । ବହୁ କ୍ଲେଶ ସ୍ୱୀକାର କରି ସାବିତ୍ରୀ ପ୍ରାଣର ରାଜ୍ୟମାନଙ୍କୁ ଅତିକ୍ରମ କରିଗଲେ ।

ଏଥର ସାବିତ୍ରୀ ଉପସ୍ଥିତ ହେଲେ ସ୍ୱଳ୍প ଶୃଙ୍ଖଳିତ ଏକ ଲୋକରେ । ସେଠାରେ ପ୍ରାଣର ଉନ୍ମତ୍ତ ନୃତ୍ୟ ନ ଥିଲା । ପ୍ରାଣ ଥିଲା ସାଧାରଣ ଭାବରେ ଶାନ୍ତ ଓ କିଛି କିଛି ନିୟମରେ ବନ୍ଧା, ମନର ଶାସନ ମାନି ସେ ପରିଚାଳିତ ହେଉଥିଲା । ମନ, ଶାସକର ଭୂମିକାରେ ଥିଲେ ମଧ୍ୟ ଥିଲା ଅସ୍ଥିର ଓ ଚଳଚଞ୍ଚଳ । ଆଉ ଟିକିଏ ଊର୍ଦ୍ଧ୍ୱକୁ ଆରୋହଣ କରନ୍ତେ ଦେବୀ ସାବିତ୍ରୀ ପହଞ୍ଚିଲେ ଏକ ଇଲାକାରେ ଯେଉଁଠାରେ ମନଥିଲା ପ୍ରଶାନ୍ତ ଓ ନୀରବ । ସେଠାରେ ଥିବା ସତ୍ତାମାନେ ଶାସ୍ତ୍ରକୁ ଏକମାତ୍ର ସତ୍ୟ ବୋଲି ମାନୁଥିଲେ । ତହିଁରୁ ସୁଖର ଅନୁସନ୍ଧାନ କରୁଥିଲେ ଏବଂ ତଦନୁସାରେ ପରିଚାଳିତ ହୋଇ ନିଜକୁ ସୁଖୀ ବୋଲି ବିଚାର କରୁଥିଲେ । ସେଠାରେ ଗୋଟିଏ ସତ୍ତାଠାରୁ ସାବିତ୍ରୀ ଶୁଣିଲେ ''ଆତ୍ମା ବୋଲି କିଛି ନାହିଁ, ମନ ହିଁ ସବୁ କିଛି, ମନ ହିଁ ମୂଳ'' । ଆଉ ଏକ ସତ୍ତାଠାରୁ ଶୁଣିଲେ, ''ମନ ହିଁ ସବୁ ସୃଷ୍ଟି କରିଛି, ଏପରିକି ଆତ୍ମା ମଧ୍ୟ ମନର ସୃଷ୍ଟି ।'' ସାବିତ୍ରୀ ଏପରି ଇଲାକାରେ ଅଧିକ ସମୟ ନ ରହି ଆଗକୁ ଆଗକୁ ଗତି କଲେ । ତାଙ୍କର ଗନ୍ତବ୍ୟ ପଥ ଥିଲା ଅନେକ ଦୂର । ସେ ମନକୁ ଖୋଜୁ ନ ଥିଲେ, ଖୋଜୁଥିଲେ ସର୍ବଜ୍ଞାତା, ପରିବ୍ୟାପ୍ତ ଆତ୍ମାକୁ । ତେଣୁ ମନର ରାଜ୍ୟକୁ ଅତିକ୍ରମ କରି ଆତ୍ମାର ସନ୍ଧାନରେ ସେ ଅଗ୍ରଗମନ କଲେ ।

⏭ ● ⏮

ଆତ୍ମାର ଆବିଷ୍କାର

ଆତ୍ମାର ଅନ୍ୱେଷଣରେ ଅଗ୍ରଗତି କରନ୍ତେ ସାବିତ୍ରୀ ଏକ ଅନ୍ଧକାରାଚ୍ଛନ୍ନ ସ୍ଥାନରେ ଯାଇ ପହଞ୍ଚିଲେ । ଆଲୋକର ଆଭାସ ସେଠାରେ ନ ଥିଲା, ମନ ଥିଲା ନିର୍ବେଦ, ହୃଦୟ ଥିଲା ଶାନ୍ତ । ସେଠାରେ ସାବିତ୍ରୀଙ୍କ ମନ ଶୂନ୍ୟ ଥିଲା । ସେତେବେଳେ ସେ ନିଜକୁ ପରମଙ୍କ ନିକଟରେ ଆବିଷ୍କାର କଲେ । ସେ ଦେଖିଲେ ଯେ ସମଗ୍ର ପୃଥିବୀ ଘୋର ଅନ୍ଧକାରାମୟ । ଧୀରେ ଧୀରେ ସେହି ଅନ୍ଧକାର ବିଦୂରିତ ହେବାପରେ ସେ ଯାଇ ପହଞ୍ଚିଲେ ଏକ ଭିନ୍ନ ରାଜ୍ୟରେ । ସେହି ରାଜ୍ୟରେ ପବନରେ ଶୀତଳତା ଥିଲା, ନବ ଉଷାର ଆଗମନ ସେଠାରେ ବାରିହୋଇ ପଡୁଥିଲା । ପର୍ବତମାଳା ସୁନ୍ଦର ଦିଶୁଥିଲେ । ଗୋଟିଏ ଈଗଲ ପକ୍ଷୀ ଶାନ୍ତିର ପ୍ରତୀକ ଡେଣା ମେଲାଇ ଉଡୁଥିଲା । ସ୍ତର ପରେ ସ୍ତର ଅତିକ୍ରମ କରି ସାବିତ୍ରୀ ଯେଉଁ ଉଚ୍ଚସ୍ତରରେ ପହଞ୍ଚିରେ ତାହାର ତୁଳନା ନାହିଁ । ଆତ୍ମାର ଆବିଷ୍କାର ପୂର୍ବକ ସେ ସବୁକିଛି ସହ ଏକାକାର ହୋଇଗଲେ । ପୂଜ୍ୟ ଓ ପୂଜକ ଭିତରେ ଆଉ ପାର୍ଥକ୍ୟ ରହିଲା ନାହିଁ । ସାବିତ୍ରୀ ଦେଖିଲେ ଯେ ତାଙ୍କ ନିକଟରେ ଆସନରେ ଜଣେ ଉପବେଶନ କରିଥିଲେ । ଅବର୍ଣ୍ଣନୀୟ, ଅନନ୍ୟ ତାଙ୍କର ଜ୍ଞାନର ଭଣ୍ଡାର, ଅସୀମ ତାଙ୍କର କର୍ମଦକ୍ଷତା । ଗୋଟିଏ ସୁଡ଼ଙ୍ଗ ପାର ହୋଇ ସାବିତ୍ରୀ ଯାଇ ପହଞ୍ଚିଲେ ସେହି ଅମର ସୂର୍ଯ୍ୟଙ୍କ ନିକଟରେ । ଏକ ଆଲୋକର ପ୍ରାଚୀର ପାର ହୋଇ ସେ ଆବିଷ୍କାର କଲେ ନିଜ ଆତ୍ମାକୁ ।

ଏଇ ଆତ୍ମା ଭଗବାନଙ୍କର ପ୍ରତିନିଧି ରୂପେ ସବୁଠାରେ ଓ ସବୁରି ଭିତରେ ରହିଛନ୍ତି । ସିଏ ଏଇ ଜଗତର ପ୍ରଭୁ, ବିଶ୍ୱାତୀତଙ୍କର ପ୍ରତିଭୂ । ମନୁଷ୍ୟର ଅନ୍ତରତମ ପ୍ରଦେଶରେ ତାଙ୍କର ସ୍ଥିତି । ଏହାଙ୍କ ମାଧ୍ୟମରେ ବିଶ୍ୱମାତା ତାଙ୍କର ଐଶ୍ୱର୍ଯ୍ୟ ଓ ସାମର୍ଥ୍ୟ ମନୁଷ୍ୟକୁ ପ୍ରଦାନ କରନ୍ତି । ସେହି ସାମର୍ଥ୍ୟ ବଳରେ ମନୁଷ୍ୟ ଦୁଃଖର ସମୁଦ୍ର ପାରିହୁଏ । ମହାଶକ୍ତିମୟୀ ଜଗନ୍ମାତାଙ୍କୁ ସାବିତ୍ରୀ ତାଙ୍କ ଦେହରେ ବାସ କରିବାକୁ ଆବାହନ କଲେ । ଜଗନ୍ମାତାଙ୍କର ପାଦ ସ୍ପର୍ଶରେ ସାବିତ୍ରୀଙ୍କ ଅନ୍ତଃଜଗତରେ ଅଭୂତପୂର୍ବ ପରିବର୍ତ୍ତନ ଦେଖାଦେଲା, କୁଳ କୁଣ୍ଡଳିନୀ ଜାଗ୍ରତ ହେଲା । ଷଡ଼ଚକ୍ର ଭେଦ କରି କୁଣ୍ଡଳିନୀ ଶକ୍ତି ସହସ୍ରାର ଦଳରେ ପହଞ୍ଚିଲା । ସାବିତ୍ରୀଙ୍କର ସକଳ ଅଙ୍ଗପ୍ରତ୍ୟଙ୍ଗ ଦିବ୍ୟ ପୁଲକରେ ରୋମାଞ୍ଚିତ ହେଲା । ସହସ୍ରାର ଚକ୍ର, ଆଜ୍ଞାଚକ୍ର ଓ ବିଶୁଦ୍ଧ ଚକ୍ରରେ ଆନନ୍ଦର ଉତ୍ତାଳ ତରଙ୍ଗମାଳା ସୃଷ୍ଟି ହେଲା । ଶ୍ରୀଅରବିନ୍ଦଙ୍କ ଭାଷାରେ ଅନ୍ୟାନ୍ୟ ଚକ୍ରଗୁଡ଼ିକ ମଧ୍ୟ ଦିବ୍ୟ ପ୍ରଭାବରେ ପ୍ରଭାବିତ ହେଲେ । ଜଗନ୍ମାତାଙ୍କ ହାତରେ ନିଜକୁ ଅର୍ପଣ କରି ତାଙ୍କର ଆଦେଶ ଅନୁସାରେ କର୍ମ କଲେ ସାବିତ୍ରୀ । ଚୈତ୍ୟ ଆଲୋକରେ ଆଲୋକିତ ହୋଇ ମନ, ପ୍ରାଣ ଓ ଦେହକୁ ଜ୍ଞାନ ଏବଂ ଆନନ୍ଦ ମାର୍ଗରେ ପରିଚାଳିତ କରି ଦିବ୍ୟଶକ୍ତି ଓ ଚେତନାର ପୂର୍ଣ୍ଣ ଅଧିକାରିଣୀ ସେ ହେଲେ । ତାଙ୍କର ପୂର୍ଣ୍ଣତା ହେତୁ ସମଗ୍ର ଜଗତର ପୂର୍ଣ୍ଣତାର ସମ୍ଭାବନା ସମୁଜ୍ଜ୍ୱଳ ହୋଇ ଉଠିଲା ।

⏭ ● ⏮

ଅନ୍ତରର ଗଭୀରତା

ଆତ୍ମାର ଆବିଷ୍କାର ହେତୁ ସାବିତ୍ରୀଙ୍କର ସ୍ପଷ୍ଟ ଅନୁଭବ ହେଲା ଯେ ସମଗ୍ର ଜଗତକୁ ସେ ଦୁଃଖ, ଯନ୍ତ୍ରଣା ଓ ମୃତ୍ୟୁର କବଳରୁ ରକ୍ଷା କରିପାରିବେ । ସମୟ କ୍ରମେ ସେତେବେଳେ ବହିଃପ୍ରକୃତିର ରୂପ ବଦଳିବାକୁ ଲାଗିଲା । ବର୍ଷାଋତୁର ବିଦାୟ ପରେ ଶରତ ଋତୁ ବିରାଜମାନ କଲା । ଚତୁର୍ଦ୍ଦିଗରେ ଭରିଗଲା ମଧୁଭରା ପ୍ରସନ୍ନତା । ସମଗ୍ର ପ୍ରକୃତି ପୁଲକିତ ହୋଇଉଠିଲା । ସାବିତ୍ରୀଙ୍କ ମନର କୋଣେ କୋଣେ ଆନନ୍ଦ ଭରିଗଲା କାରଣ ସେ ଆତ୍ମାର ଆବିଷ୍କାର ଯୋଗୁ ଜାଣିପାରିଲେ ଯେ ତାଙ୍କର ମର୍ତ୍ତ୍ୟକୁ ଆଗମନର ଉଦ୍ଦେଶ୍ୟ କ'ଣ । ତାଙ୍କ ଆଲୋକିତ ଭାବତରଙ୍ଗ ଦୁଃଖୀ ପ୍ରାଣରେ ଆଣିଦେଲା ଅମାପ ଆଶ୍ୱାସନା, ହତାଶାରେ ଥିବା ଲୋକମାନଙ୍କ ମନରେ ଅସୀମ ପ୍ରଫୁଲ୍ଲତା । ଚାରିପଟରେ ମୃତ୍ୟୁର କୃଷ୍ଣ ପଟଳ ସାବିତ୍ରୀଙ୍କୁ ଆଉ ଅସ୍ଥିର କଲାନାହିଁ । ଦିନେ ରାତିରେ ସତ୍ୟବାନଙ୍କ ନିକଟରେ ସେ ବସିଥିଲେ । ଆନନ୍ଦର ଗଭୀରତମ ଗଭୀରତାରେ ନିଜକୁ ହଜାଇ ସେ ହୋଇଯାଇଥିଲେ ଆତ୍ମହରା । ହଠାତ୍ ଏକ ଅଶୁଭ ଶକ୍ତି ତାଙ୍କର ସ୍ନାୟୁଗୁଡ଼ିକୁ ଆକ୍ରମଣ କଲା ଓ ତାଙ୍କୁ ତଳକୁ ତଳକୁ ଟାଣିବାକୁ ଲାଗିଲା । ସେହି ଅଶୁଭ ଶକ୍ତିର ଦୀର୍ଘଶ୍ୱାସ ସ୍ୱର୍ଗ ଓ ମର୍ତ୍ତ୍ୟକୁ ଏକ ସମୟରେ ଗ୍ରାସ କଲା । ସେହି ଭୟଙ୍କର ସତ୍ତା ସାବିତ୍ରୀଙ୍କୁ କହିଲା ଯେ ଆତ୍ମା ଓ ବ୍ୟକ୍ତିତ୍ୱ ଏସବୁ କିଛି ନୁହେଁ । ଏସବୁ ଏକ ସ୍ୱପ୍ନ ମାତ୍ର । ସେ ନିଜକୁ ମୃତ୍ୟୁ ବୋଲି ପରିଚିତ କରାଇ ଶେଷରେ ସବୁ ଆଶାକୁ ଧୂଳିସାତ୍ କରିଦିଏ ବୋଲି ଦୃଢ଼ ସ୍ୱରରେ କହିଲା । ଏହିପରି କହିବା ପରେ ସେ କଣ୍ଠସ୍ୱର ନୀରବ ହୋଇଗଲା । ଏଭଳି ଅବସ୍ଥାରେ ସାବିତ୍ରୀଙ୍କ ଆନନ୍ଦ ଆଉ ରହିଲା ନାହିଁ, ତାହା ଚାହୁଁ ଚାହୁଁ ଅପସରି ଗଲା । ତଥାପି ସାବିତ୍ରୀ ବିଚଳିତ ନ ହୋଇ ଅନନ୍ତଙ୍କର ଇଚ୍ଛା କ'ଣ, ତାହା ଜାଣିବାକୁ ପ୍ରୟାସ କଲେ । ସେତେବେଳେ ଉଚ୍ଚତର ସ୍ତରରୁ ଭାସି ଆସୁଥିବା ଏକ କଣ୍ଠସ୍ୱର କହିଲା, ''ନିରାଶ ହୁଅ ନାହିଁ । ମର୍ତ୍ତ୍ୟ ଓ ସ୍ୱର୍ଗ ମଧ୍ୟରେ ସେତୁ ନିର୍ମାଣ ନିମନ୍ତେ ତୁମେ ଆସିଅଛ । ତୁମେ ଏ ଜଗତର ଦୁଃଖ ଦୁର୍ଦ୍ଦଶା ଦୂର କରିବାକୁ ଆସିଛ, ତୁମକୁ ଏକ ଦୁଃଖ ଦୁର୍ଦ୍ଦଶାରେ ଅଂଶଗ୍ରହଣ କରିବାକୁ ପଡ଼ିବ । ଏହାର କାରଣ ହେଉଛି ଯେ ପୃଥିବୀକୁ ରକ୍ଷା କରିବେ ସେ ପୃଥିବୀ ସହ ଏକାତ୍ମ ହେବେ, ଦୂରରେ ରହିକରି ନୁହେଁ ପାଖରୁ ପାଖକୁ ଆସି ଜଗତକୁ ଅବିଦ୍ୟାରୁ ମୁକ୍ତ କରିବେ ।''

ଏହି ଦିବ୍ୟବାଣୀ ଶୁଣିବା ପରେ ସାବିତ୍ରୀ ଆତ୍ମସମାହିତ ହେଲେ ଏବଂ ମନୁଷ୍ୟର ବାହ୍ୟ ଜୀବନକୁ ନିରୀକ୍ଷଣ କରିବାକୁ ଲାଗିଲେ । ସେ ଦେଖିଲେ ଯେ ମନୁଷ୍ୟର ଅଶାନ୍ତ ମନରେ କିଭଳି ଚିନ୍ତାପରେ ଚିନ୍ତାର ପଟୁଆର ଚାଲିଛି । ସେ ମନୁଷ୍ୟର ମନକୁ ଗୋଟିଏ ଟେଲିଫୋନ୍ ଭାବରେ ଦେଖିଲେ ଯାହା ସବୁ ସମୟରେ ଗୋଟିଏ ପ୍ରକାରେ ବାଜୁଛି । ଏହାପରେ ସାବିତ୍ରୀଙ୍କ ମନ ଅଧିକ ସ୍ଥିର ହୋଇଗଲା । ତାଙ୍କର ଚେତନା ଏଇ ପୃଥିବୀକୁ ଅତିକ୍ରମ କରି ବହୁ ଉପରକୁ ଉଠିଗଲା । ଚରମ ନିସ୍ତବ୍ଧତା ଭିତରେ ସେ ଲକ୍ଷ୍ୟ କଲେ ସର୍ବାତ୍ମକ ନେତିମୂଳକ ସତ୍ତାକୁ ଯାହାଙ୍କ ପ୍ରଭାବରେ ଇନ୍ଦ୍ରିୟମାନେ ଅକର୍ମଣ୍ୟ ହୋଇଯାଉଥିଲେ । ତଥାପି ଦୃଢ଼ ପ୍ରୟାସ ଓ ସଂକଳ୍ପ ନେଇ ସାବିତ୍ରୀ ଅବିଚଳିତ ରହିଲେ । ତଥାପି ଦୃଢ଼ ପ୍ରୟାସ ଓ ସଂକଳ୍ପ ନେଇ ସାବିତ୍ରୀ ଅବିଚଳିତ ରହିଲେ । ନିଜର ଚିନ୍ତା, ନିଜ ଅନୁଭବକୁ ପାଥେୟ କରି ସେ ପ୍ରୟାସ କରୁଥିଲେ ଯିବାପାଇଁ ଗଭୀରତାରୁ ଆହୁରି ଗଭୀରତାକୁ । ଜ୍ଞାନ ଓ ଅଜ୍ଞାନ, ସତ୍ୟ ଓ ମିଥ୍ୟାର ରାଜ୍ୟକୁ ପାରିହୋଇ ସେ ପହଞ୍ଚିଲେ ଅତି ଚେତନାର ସର୍ବୋଚ୍ଚ ସ୍ତରରେ ।

⏭ ● ⏮

କରୁଣାମୟୀ ସାବିତ୍ରୀ

ଆତ୍ମାକୁ ଆବିଷ୍କାର କରି ଅନ୍ତରର ଗଭୀରତମ ପ୍ରଦେଶକୁ ସାବିତ୍ରୀ ପ୍ରବେଶ କଲେ ମଧ୍ୟ ବହିଃଜୀବନର ଚଳଣିରେ ତାଙ୍କର ବିଶେଷ ପରିବର୍ତ୍ତନ ହୋଇ ନ ଥିଲା । ପର୍ଣ୍ଣକୁଟୀରରେ ନିତ୍ୟକରଣୀୟ କାର୍ଯ୍ୟରେ ପୂର୍ବପରି ସେ ବ୍ୟାପୃତ ରହିଲେ । ସାବିତ୍ରୀ ଅନୁଭବ କଲେ ଯେ ସେ ନିଜେ କିଛି କାର୍ଯ୍ୟ କରୁନାହାନ୍ତି, ତାଙ୍କ ମାଧ୍ୟମରେ ଆଉ ଏକ ବିରାଟ ଶକ୍ତି ସବୁକିଛି କରାଇ ନେଉଛି । ତାଙ୍କର ଉତ୍ତରଣର ପ୍ରଭାବକୁ ବନବାସୀ ମୁନିଋଷିମାନେ ଅନୁଭବ କଲେ । ତପସ୍ୱୀମାନେ ସାବିତ୍ରୀଙ୍କ ଉପରେ ଉଜ୍ଜ୍ୱଳ ଆଲୋକର ଧାରା ପ୍ରବାହକୁ ଦେଖି ଅଭିଭୂତ ହେଲେ । ସେମାନେ ଯେଉଁ ସତ୍ୟର ସ୍ୱରୂପ ଦେଖିଥିଲେ, ସାବିତ୍ରୀ ସେହି ସତ୍ୟର ସ୍ୱରୂପକୁ ପୂର୍ଣ୍ଣ ରୂପେ ଉଦ୍‌ଘାଟନ କରିଥିଲେ ।

ସାବିତ୍ରୀ କେତେ ସ୍ତର ପାରିହୋଇ ପୃଥିବୀର ସୀମା ଅତିକ୍ରମ କରି ଆସି ଏକ ସ୍ତରରେ ପହଞ୍ଚିଲେ । ସେ ସ୍ତରରେ ନ ଥିଲା ସ୍ଥାନ ଓ କାଳ । ସେଠାରେ ସେ ଦେଖିଲେ ଅତଳ ଶୂନ୍ୟଠାରୁ ଅଧିକ ମହତ୍ତ୍ୱପୂର୍ଣ୍ଣ ଅତ୍ୟନ୍ତ ବିରାଟ ଏକ ସୀମାହୀନ ବିନ୍ଦୁ, ସେଠାରେ ରହି ସେ ବୁଝିପାରିଲେ ଯେ ଭଗବାନ ଏକ ଏବଂ ଲୀଳା ପାଇଁ ଅନେକ ହୋଇଛନ୍ତି । ସେ ଓ ଭଗବାନ ଏକ ବୋଲି ସାବିତ୍ରୀ କ୍ରମେ କ୍ରମେ ଜାଣିପାରିଲେ । ମର୍ତ୍ତ୍ୟକୁ ଆସି ଅଜ୍ଞାନତାର ମୁଖାପିନ୍ଧି ସେ ଅଜ୍ଞାନ ନୁହନ୍ତି ବୋଲି ତାଙ୍କର ଉପଲବ୍ଧି ହେଲା ।

ଚେତନାରେ ସାବିତ୍ରୀ ଯେତେ ଯେତେ ଅଗ୍ରଗତି କଲେ, ସେତେସେତେ ବୁଝିପାରିଲେ ଯେ ପ୍ରତ୍ୟେକଙ୍କ ଘଟଣା ତାଙ୍କ ନିଜ ଭିତରେ ହିଁ ଘଟୁଛି । ବିଶ୍ୱ ସହ ସେ ଏକୀଭୂତ, ଏକଥା ତାଙ୍କର ଉପଲବ୍ଧି ହେଲା । ସେ ହେଲେ ସେହି ଭୂମି ଯାହା ମଧ୍ୟରେ ପୃଥିବୀ ନିଜର ସମସ୍ତ ଚିନ୍ତା, ଆବେଗ, ଜ୍ଞାନ ଓ ବିସ୍ମୃତିକୁ ମୂର୍ତ୍ତିମନ୍ତ କଲା ।

ସୁନେଲି ଉଷାରେ ସେଦିନ ନିଦ୍ରିତ ସତ୍ୟବାନଙ୍କ ପାଖରେ ବସି ତାଙ୍କର ଗୋଟିଏ ବର୍ଷର ଆନନ୍ଦମୟ ବିବାହିତ ଜୀବନର ଦିନଗୁଡ଼ିକର କଥା ସ୍ମରଣ କରିବାକୁ ଲାଗିଲେ । ସମୁଦ୍ର ଲହରୀ ପରି ସ୍ମୃତିଗୁଡ଼ିକ ଉଠିଆସି ପୁଣି କେଉଁଆଡ଼େ ମିଳାଇଗଲା । ଭାବନାର ଜାଲରୁ ମୁକ୍ତହୋଇ ଶାନ୍ତ ଭାବରେ ଉଠି ବସିଲେ ସାବିତ୍ରୀ । ଅନ୍ୟ ଦିନ ପରି ଗୃହକର୍ମ ସମାପ୍ତ କରି ଦେବୀ ଦୁର୍ଗାଙ୍କୁ ପ୍ରଣାମ ଜଣାଇଲେ । ତା'ପରେ ବୃଦ୍ଧା ଶାଶୁଙ୍କ ପାଖକୁ ଯାଇ ସେ କହିଲେ– ''ମାଆ ! ବର୍ଷେ ହେଲା ମୋର ବିବାହ ହୋଇଛି । ଏତେଦିନ ଯାଏ ଏଇ ଭିତରେ ମୁଁ ରହିଛି, କୁଟୀର ବାହାରେ ଥିବା ପ୍ରକୃତିର ମନୋରମ ଶୋଭା ମୁଁ ଦେଖିନାହିଁ । ଆଜି ମୋର ସତ୍ୟବାନଙ୍କ ସହ ବନକୁ ଯାଇ ଟିକିଏ ବୁଲି ଆସିବା ପାଇଁ ଇଚ୍ଛା ହେଉଛି । ସେ ଯେଉଁ ବନକୁ ଏତେ ଭଲ ପାଆନ୍ତି, ମୁଁ ସେହି ବନକୁ ନେତ୍ରଭରି ଦେଖିବି । ଯେଉଁ ବନ–କୁସୁମ ତାଙ୍କର ପ୍ରିୟ, ତାହାକୁ ସ୍ୱର୍ଶ କରିବି । ଯେଉଁ ପକ୍ଷୀମାନଙ୍କର କଳତାନରେ ସେ ମୁଗ୍ଧ ହୁଅନ୍ତି, ମୁଁ ସେହି ତାନ ଶୁଣିବି । ମା', ଆଜି ମୋତେ ସଂସାରରୁ ଟିକିଏ ଛୁଟି ଦିଅନ୍ତୁ ।''

ଉତ୍ତରରେ ଶାଶୁ କହିଲେ, ''ମା' ତୁମେ ଅତ୍ୟନ୍ତ ଚେତନାଶୀଳା ଓ ବୁଦ୍ଧିମତୀ । ତୁମର ଇଚ୍ଛା ପୂର୍ଣ୍ଣ ହେଉ । ତୁମେ ସାଧାରଣ ନାରୀ ନୁହଁ, ଏକଥା ମୁଁ ଜାଣେ । ତୁମେ ନିଶ୍ଚୟ କୌଣସି ଶକ୍ତିମୟୀ ଦେବୀ, ଆମ ଦୁଃଖବେଳେ ଆମକୁ କୃପା କରିବାକୁ ଆସିଛ । ସୂର୍ଯ୍ୟ ଯେପରି ଉଚ୍ଚତମ ଉଚ୍ଚତାରେ ଥାଇ ମଧ୍ୟ ପୃଥିବୀର ସେବା କରନ୍ତି, ତୁମେ ସେହିପରି ଉଚ୍ଚତମ ଚେତନାରେ ରହି ମଧ୍ୟ ଆମର ସେବା କରୁଛ ।''

ସତ୍ୟବାନଙ୍କ ସହ ସାବିତ୍ରୀଙ୍କ ବନ ଗମନ

ଶାଶୁଙ୍କର ଅନୁମତି ପାଇଲା ପରେ ସାବିତ୍ରୀ ସେଦିନ ସତ୍ୟବାନଙ୍କ ସହ ବନ ଗମନ କଲେ । ବନଭୂମିରେ ସତ୍ୟବାନ ଓ ସାବିତ୍ରୀ ପରସ୍ପରର ହାତଧରି ଆଗେଇ ଚାଲିଲେ । ସତ୍ୟବାନଙ୍କ ମନରେ ଅପୂର୍ବ ଆନନ୍ଦର ଅସୀମ ପ୍ଲାବନ ଥିଲା କାରଣ ସେଦିନ ତାଙ୍କ ସହିତ ପ୍ରିୟତମା ସାବିତ୍ରୀ ଥିଲେ । ଯାଉ ଯାଉ ବାଟରେ ସତ୍ୟବାନ ସେହି ବନର ଶୋଭା ସାବିତ୍ରୀଙ୍କୁ ଦେଖାଇଦେଲେ । ଫୁଲରେ ଭାଙ୍ଗିପଡୁଥିବା ଲତାବିତାନ, କଳରୋଳରେ ଆମ୍ହରା କେତେ ଜାତିର ପକ୍ଷୀ ସେ ଦୁହିଁଙ୍କ ଦୃଷ୍ଟିଗୋଚର ହେଲେ । ସେ ବନ ତ ସତ୍ୟବାନଙ୍କ ପାଇଁ ସାଧାରଣ ବନ ନ ଥିଲା, ବରଂ ଥିଲା ଅତି ଆପଣାର ବନ୍ଧୁ ଓ ଏକାନ୍ତ ଆତ୍ମୀୟ । ସେହି ବନ ବିଷୟରେ କେତେ କଥା ସାବିତ୍ରୀଙ୍କୁ ସେଦିନ ସତ୍ୟବାନ ଉଲ୍ଲସିତ ଚିତ୍ତରେ ଶୁଣାଇଲେ । ସାବିତ୍ରୀଙ୍କୁ ସେହି କଥା ଅମୃତ ପରି ଲାଗୁଥିଲା କାରଣ ସେ ଚୁଝିପାରୁଥିଲେ ସେ ସେହି କଣ୍ଠସ୍ୱର ଆଉ କିଛି ସମୟପରେ ବନ୍ଦ ହୋଇଯିବ । ଅଜଣା ଆଶଙ୍କାରେ ତାଙ୍କ ଛାତି ଥରି ଉଠୁଥିଲା, ମନେ ହେଉଥିଲା ଏଇ ଅବା ଯମ ଦେବତା ଆସିଗଲେ କି ? ସତ୍ୟବାନ ଏହି ଅବକାଶରେ କାଠ କାଟିବାକୁ ଆରମ୍ଭ କଲେ । କିଛି ସମୟ ପରେ ସେ ହଠାତ୍ ସମଗ୍ର ଶରୀରରେ ଅସହ୍ୟ ଯନ୍ତ୍ରଣା ଅନୁଭବ କଲେ । ପରେ ପରେ ସେ ଯନ୍ତ୍ରଣା ଟିକିଏ କମିଗଲା ଏବଂ ସତ୍ୟବାନ ପୁଣି କାଠ କାଟିବାକୁ ଆରମ୍ଭ କଲେ । ହେଲେ ଟିକିଏ ସମୟ ପରେ ପୁଣି ଯନ୍ତ୍ରଣା ଫେରି ଆସିଲା ଏବଂ କୁଠାରଟି ହାତରୁ ଫିଙ୍ଗିଦେଇ ସାବିତ୍ରୀଙ୍କୁ ସତ୍ୟବାନ ଅତ୍ୟନ୍ତ କାତର କଣ୍ଠରେ କହିଲେ, ''ସାବିତ୍ରି ! ମୋର ଛାତି ଭିତରେ ଅସହ୍ୟ ଯନ୍ତ୍ରଣା ହେଉଛି । ତୁମ କୋଳରେ ମୋର ମଥା ରଖି ବସ, ତୁମର କଲ୍ୟାଣମୟ ହସ୍ତର ସ୍ପର୍ଶରେ ମୋର ଦୁର୍ଭାଗ୍ୟକୁ ଦୂର କର ।''

ସେତେବେଳେ ଗୋଟିଏ ଗଛମୂଳେ ସାବିତ୍ରୀ ବସି ସତ୍ୟବାନଙ୍କୁ ହୃଦୟରେ ଧାରଣ କରି ତାଙ୍କୁ ମୁଣ୍ଡ ଓ ଦେହରେ ହାତ ବୁଲାଇବାକୁ ଲାଗିଲେ । କ୍ରମେକ୍ରମେ ସେ ଲକ୍ଷ୍ୟକଲେ ସେ ସତ୍ୟବାନଙ୍କ ଦେହର ଜ୍ୟୋତି ମଳିନ ହୋଇଯାଉଛି । କିଛି ସମୟ ପରେ ସତ୍ୟବାନଙ୍କ ଆତ୍ମା ଦେହଛାଡ଼ି ଚାଲିଗଲା ଓ ଶରୀର ନିଷ୍ପନ୍ଦ ହୋଇ ପଡ଼ିରହିଲା । ଠିକ୍ ସେତେବେଳେ ହଠାତ୍ ଆଉ ଏକ ନିସ୍ତବ୍ଧ ବିରାଟ ଛାୟାମୂର୍ତ୍ତିର ଉପସ୍ଥିତି ସାବିତ୍ରୀ ଅନୁଭବ କଲେ । ଦିନ ଦ୍ୱିପହର ତାଙ୍କୁ ଅନ୍ଧକାରମୟ ଓ ଭୟଙ୍କର ମନେହେଲା । ସାରା ବନ ଭୂମିରେ ଗଭୀର ଉଦାସୀନତା ଭରିଗଲା, ପକ୍ଷୀମାନଙ୍କର କଣ୍ଠସ୍ୱର ସହସା ନୀରବ ହୋଇଗଲା । ସେ ଭୟଙ୍କର ମୂର୍ତ୍ତିର ପ୍ରଭାବ କ୍ରମଶଃ ସେହି ପରିବେଶକୁ ଭାରାକ୍ରାନ୍ତ କଲା ଓ ସବୁ କିଛିକୁ ଗ୍ରାସ କରିଯିବାକୁ ବସିଲାପରି ବୋଧହେଲା ।

⏭ ● ⏮

ସତ୍ୟବାନଙ୍କ ମୃତ୍ୟୁ ପରେ

ବିରାଟ ସେ ବନଭୂମିରେ ମୃତ ସ୍ୱାମୀଙ୍କୁ ବକ୍ଷରେ ଧରି ସାବିତ୍ରୀ ଏକା ବସିରହିଲେ । ଚକ୍ଷୁ ଥିଲା ତାଙ୍କର ଅଶ୍ରୁହୀନ । ମନରେ ଆଲୋଡ଼ନ କିମ୍ବା ଆନ୍ଦୋଳନ କିଛି ନ ଥିଲା । ସେ ଅନୁଭବ କଲେ ଯେ ସତ୍ୟବାନଙ୍କ ମୃତ୍ୟୁ ସହିତ ତାଙ୍କର ମଧ୍ୟ ମୃତ୍ୟୁ ହୋଇଯାଇଛି । ଏହିପରି କିଛି ସମୟ ବିତିଗଲା । ହଠାତ୍ ସାବିତ୍ରୀ ନିଜ ଭିତରେ ଏକ ପରିବର୍ତ୍ତନ ଅନୁଭବ କଲେ । ଅତୀତର ସକଳ ଘଟଣା ତାଙ୍କ ମାନସ ପଟରେ ଜାଗ୍ରତ ହୋଇଉଠିଲା । ଉଚ୍ଚତର ଏକ ବିରାଟ ଶକ୍ତି ତାଙ୍କ ମଧ୍ୟରେ ଅବତରଣ କଲା । କିଛି ସମୟ ପରେ ସମସ୍ତ ବେଦନା ଓ ଶୋକ ତାଙ୍କର ଦୂର ହେଲା ଏବଂ ମନ ସ୍ଥିର ହେଲା । ଶାନ୍ତ ଭାବରେ ସେ ସତ୍ୟବାନଙ୍କ ଶରୀରକୁ ମାଟି ଉପରେ ରଖିଲେ ଓ ମୃତ୍ୟୁ ଦେବତାଙ୍କ ସାମ୍ନାରେ ଆସି ଦୃଢ଼ରେ ଠିଆହେଲେ । ସେତେବେଳେ ସାବିତ୍ରୀ ଶୁଣିପାରିଲେ ଏକ ନିଦାରୁଣ କଣ୍ଠର କର୍କଶ ଆହ୍ୱାନ । ସେ କଣ୍ଠରୁ ଶୁଭୁଥିଲା, ''ହେ ପ୍ରକୃତିର ଦାସ ! ପ୍ରମତ୍ତ ଆବେଗର ନିବିଡ଼ ବନ୍ଧନ ଶିଥିଳ କର । ମୋର ନିୟମ ମାନିନିଅ । ଲୁହ ପୋଛିଦିଅ, ଭୁଲିଯାଅ ଅତୀତ । ସତ୍ୟବାନଙ୍କ ଆତ୍ମା ତାଙ୍କ ଦେହ ଛାଡ଼ି ଚାଲିଯାଇଛି । ତୁମେ ତାଙ୍କର ବିଦେହୀ ଆତ୍ମା ପ୍ରତି ଆସକ୍ତି ପରିତ୍ୟାଗ କର ଏବଂ ପାର୍ଥିବ ମାୟାମୟ ଜୀବନକୁ ଫେରିଯାଅ ।''

ସାବିତ୍ରୀ ଏକଥା ଶୁଣି କିଛି ଉତ୍ତର ଦେଲେ ନାହିଁ । ତହୁଁ ସେହି କଣ୍ଠସ୍ୱର ଟିକିଏ ନରମିଯାଇ କହିଲା, ''ହେ ମରଣଶୀଳ ଜୀବ ! ତୁମେ କ'ଣ ସତ୍ୟବାନଙ୍କ ଆତ୍ମାକୁ ବିଶ୍ରାମ ଭୋଗ କରିବାକୁ ଦେବନାହିଁ ? ସତ୍ୟବାନଙ୍କ ଆତ୍ମା ଏକ ବୃହତ୍ତମ ପ୍ରଶାନ୍ତିର ପ୍ରଶସ୍ତ ବଳୟକୁ ଚାଲିଯାଇଛି ।'' ଟିକିଏ ପରେ ଦେଖାଗଲା ଯେ ଯମରାଜ ନଇଁଆସି ମାଟିକୁ ସ୍ପର୍ଶ କଲେ ଏବଂ ସାବିତ୍ରୀ ଦେଖିଲେ ଯେ ପାର୍ଥିବ ଶରୀରକୁ ବାଦଦେଇ ଆଉ ଜଣେ ଜ୍ୟୋତିର୍ମୟ ସତ୍ୟବାନ ଉଠି ଠିଆହେଲେ । ସେହି ମୂର୍ତ୍ତି ସଙ୍ଗରେ ସତ୍ୟବାନଙ୍କର ନର ଦେହର କୌଣସି ସାମଞ୍ଜସ୍ୟ ନ ଥିଲା । ଯମ, ସାବିତ୍ରୀ ଓ ସତ୍ୟବାନଙ୍କ ଆତ୍ମା ଶାନ୍ତ ତଥା ନୀରବ ଥିଲେ । ବାତାବରଣରେ କେବଳ ନିସ୍ତବ୍ଧତା ବିରାଜମାନ କରୁଥିଲା । ପରେ ପରେ ଆସିଲା ପଥ ଚାଲିବାର ପ୍ରେରଣା । ଅଶରୀରୀ ଜ୍ୟୋତି ଆଗରେ, ତା' ପଛରେ ମୃତ୍ୟୁର ଦେବତା ଏବଂ ସର୍ବଶେଷରେ ସାବିତ୍ରୀ ଶାନ୍ତ ଭାବରେ ଆଗକୁ ଆସିଲେ ।

ନିବିଡ଼ ବନାନୀ ଭେଦକରି ସାବିତ୍ରୀ ଆଗେଇ ଚାଲିଲେ । ତାଙ୍କ ନିଜ ଦେହ ତାଙ୍କୁ ଓଜନିଆ ଲାଗିଲା । ସେତେବେଳ ଯାଏ ତାଙ୍କର ଇନ୍ଦ୍ରିୟବୋଧ ଅତୁଟ ଥିଲା । ତା'ପରେ ତାଙ୍କର ପ୍ରକୃତ ସତ୍ତା ଧରଣୀର ପ୍ରଭାବରୁ ନିଜକୁ ମୁକ୍ତ କରିନେଲା । ସେ ଅନୁଭବ କଲେ ଯେ ସତ୍ୟବାନ ଓ ଯମ ତାଙ୍କ ଦୃଷ୍ଟିର ଅନ୍ତରାଳରୁ ଚାଲିଯାଉଛନ୍ତି । ସତ୍ୟବାନ ତାଙ୍କ ଚକ୍ଷୁର ଅନ୍ତରାଳକୁ ଚାଲିଯିବାର ଦୃଶ୍ୟ ତାଙ୍କ ପାଇଁ ଅସହ୍ୟ ହେଲା । ସେତିକିବେଳେ ତାଙ୍କ ଆତ୍ମା ନିଜ ଦେହରୁ ରୁଦ୍ର ରୂପ ଧରି ଜ୍ୱଳନ୍ତ ଅଗ୍ନିଶିଖା ପରି ବାହାରି ପଡ଼ିଲା ।

ଏବେ ସେ ଆଉ ମାନବ ଚେତନାଧାରିଣୀ ସାବିତ୍ରୀ ନୁହନ୍ତି । ସେ ହୋଇଛନ୍ତି ଦୃଢ଼ ସଂକଳ୍ପର ମୂର୍ତ୍ତ ପ୍ରତୀକ । କ୍ରମଶଃ ମୂର୍ତ୍ତିତ୍ରୟ ନୂତନ ଏକ ଜଗତରେ ପ୍ରବେଶ କଲେ । ସେ ଜଗତରେ କୌଣସି ଜୀବ ନ ଥିଲେ । ସେ ଜଗତ ଥିଲା ଅତ୍ୟନ୍ତ ଭୀତିପ୍ରଦ ଏବଂ ନିସ୍ତବ୍ଧ । ସେଠାରେ ସେ ତିନି ମୂର୍ତ୍ତି ଥିଲେ ପ୍ରଥମ ପଥିକ । ସେଇ ଜଗତର ସୀମାରେଖାରେ ଥିବା ଏକ ଗାଢ଼ ହିମରେଖାରେ ଆସି ସେମାନେ ପହଞ୍ଚିଲେ । ସେତିକିବେଳେ ଯମରାଜ ଗର୍ଜନ କରି କହିଲେ, ''ମର୍ତ୍ତ୍ୟର ଜୀବ ! ନଶ୍ୱର ସଂସାରକୁ ତୁମେ ଶୀଘ୍ର ଫେରିଯାଅ । ମୃତ୍ୟୁଲୋକକୁ ଯିବାକୁ ଚେଷ୍ଟା କରନାହିଁ । ମନୁଷ୍ୟର ସୀମିତ ସୀମାରେଖାରେ ମଣିଷ ନିରାପଦ । ସେଠାରେ ରହି ଦେବତ୍ୱର ସ୍ୱପ୍ନଦେଖ । ବୃଥା ଚେଷ୍ଟା ଆଉ କରନାହିଁ । କ୍ଷଣିକର ପ୍ରେମ ଡୋରରେ ସନାତନ ଦେବତାକୁ ତୁମେ ବାନ୍ଧି ରଖିପାରିବ ନାହିଁ ।''

ଏହାଶୁଣି ସାବିତ୍ରୀ କିଛି ଉତ୍ତର ଦେଲେ ନାହିଁ । ଆତ୍ମବଳରେ ବଳୀୟାନ ହୋଇ କେବଳ ସ୍ଥିର ଦୃଷ୍ଟିରେ ମୃତ୍ୟୁ ଦେବତାଙ୍କ ଆଡ଼କୁ ଚାହିଁରହିଲେ ଓ କିଛି ସମୟ ପରେ ପୁଣି ଆଗେଇ ଚାଲିଲେ ।

⏭ ● ⏮

ରାତ୍ରି ମଧ୍ୟର ଯାତ୍ରୀ ସାବିତ୍ରୀ

ବାଟ ଚାଲୁଚାଲୁ ସାବିତ୍ରୀ ଆସି ଏକ ସ୍ତରରେ ପହଞ୍ଚିଲେ । ସେଠାରେ ସେ ସତ୍ୟ, ଶାନ୍ତି, ପ୍ରେମ କିମ୍ବା ଜ୍ଞାନର ସାମାନ୍ୟ ସ୍ଥିତି ମଧ୍ୟ ଦେଖିପାରିଲେ ନାହିଁ । କିଛି ସମୟ ପାଇଁ ସେହି ଅନ୍ଧକାର ଭିତରେ ହଜିଗଲେ । ସେଠାରେ ପଥ ଦିଶୁ ନ ଥିଲା । ମନେ ହେଲା ସତେ ଅବା ତାହା କୃଷ୍ଣବର୍ଣ୍ଣର ଏକ ଅଜଣା ପତିତ ଭୂମି ଯେଉଁଠାରେ ଘୂର୍ଣ୍ଣିବାତ୍ୟାର ଏକ ଆକସ୍ମିକ ସମାବେଶ ଘଟିଛି । କିଛିକ୍ଷଣ ପାଇଁ ସେ ଏଠାରେ ଯମ ଅଥବା ସତ୍ୟବାନ କାହାରିକୁ ଦେଖିବାକୁ ପାଇଲେ ନାହିଁ । ଯନ୍ତ୍ରଣାର ଅତ୍ୟାଚାରରେ ସେ କ୍ଲାନ୍ତିବୋଧ କଲେ । ତତ୍‌କ୍ଷଣାତ୍ ଏକ ଅସ୍ପଷ୍ଟ ସ୍ମୃତି ତାଙ୍କ ମନରେ ଅବିକମ୍ପ ଦୀପଶିଖା ହୋଇ ଜଳିଉଠିଲା । ଅନ୍ଧାରର ଶତ ପ୍ରତିରୋଧ ସତ୍ତ୍ୱେ, ସେଇ ଆଲୋକ ଅଧିକରୁ ଅଧିକ ଉଜ୍ଜ୍ୱଳ ହେଲା । ସାବିତ୍ରୀ ନିଜର ଚେତନା ଫେରିପାଇଲେ ଏବଂ ମୃତ୍ୟୁର ହିମ ଶୀତଳ ପରିବେଶକୁ ପ୍ରତ୍ୟାଖ୍ୟାନ କଲେ । କିଛି ସମୟ ପରେ ସେ ଦେଖିପାରିଲେ ଯମରାଜଙ୍କୁ ଏବଂ ସତ୍ୟବାନଙ୍କର ଛାୟାମୂର୍ତ୍ତିକୁ । ଭୟଙ୍କର ସେହି ପରିବେଶରେ ପୁଣି ଶୁଣାଗଲା ଯମ ଦେବତାଙ୍କ ଉଚ୍ଚକଣ୍ଠ ସ୍ୱର । ସେ ସ୍ୱର କହୁଥିଲା– ‘‘ଏଇଠି ମୋର ସୀମାହୀନ ଅନ୍ଧକାରମୟ ଜଗତ । ଏହା ମୋର ଶୂନ୍ୟ ଗୋପନର ରହସ୍ୟମୟ ସ୍ଥାନ । ଜୀବନର ସମସ୍ତ କାମନାର ସମାଧିସ୍ଥଳ । ହେ ନଶ୍ୱର ଜୀବ ! ଆଉ ଏ ଶୂନ୍ୟତା ଭିତରକୁ ଆସନାହିଁ ।’’

ତଥାପି ସାବିତ୍ରୀ କିଛି ଉତ୍ତର ଦେଲେ ନାହିଁ । ପୁନର୍ବାର ଯମରାଜ କହିଲେ, ‘‘ମଣିଷ ଏକ କ୍ଷଣଭଙ୍ଗୁର ଜୀବ । ଭଗବାନ ଓ ସ୍ୱର୍ଗ ପ୍ରଭୃତି ହେଉଛି ତା’ ମନର ଏକ ଭ୍ରାନ୍ତ ପରିକଳ୍ପନା । ସେ ଗାଇ ଜଗୁଥିବା ଦେବତାର ଏକ ଗୋରୁ ସ୍ୱରୂପ । ମଣିଷର ଏକ ନିଜସ୍ୱ ଲକ୍ଷ୍ୟ ନାହିଁ, ସେ ଅବାସ୍ତବ ରୂପର ସ୍ରଷ୍ଟା, ନଶ୍ୱର ହେଲେ ହେଁ ଅମରତ୍ୱର ସ୍ୱପ୍ନ ଦେଖେ । ସାନ୍ତ ଜୀବନ ଭିତରେ ସେ ଚାହେଁ ଦେଖିବାକୁ ଅନନ୍ତ ଜୀବନ ଧାରା । ସତ୍ୟ ଦେବତାଙ୍କ ରଥଚକ୍ରରେ ଆବଦ୍ଧ ହୋଇ ସେ ବାସନାରୂପୀ ବେତ୍ରାଘାତରେ ଜର୍ଜ୍ଜରିତ । ଏବେ ମଧ୍ୟ ମୁଁ କହୁଛି, ଯଦି ଭବିଷ୍ୟତରେ ସୁଖ ପାଇଁ ତୁମର ଆଶାଥାଏ, ତେବେ ପୃଥିବୀରେ ତୁମର ଯେଉଁ ଦେହଟି ଅଛି, ତହିଁରେ ପ୍ରବେଶ କର । ସତ୍ୟବାନଙ୍କୁ ଫେରି ପାଇବାର ଆଶା ସମ୍ପୂର୍ଣ୍ଣ ତ୍ୟାଗ କର । ତୁମର ଦୁଃଖମୟ ଜୀବନର ଦୁଃଖକୁ ଲଘୁ କରିବା ପାଇଁ ମୁଁ ତୁମକୁ ବର ପ୍ରଦାନ କରିପାରେ ।’’

ସାବିତ୍ରୀ ଏହା ଶୁଣି ଉତ୍ତର ଦେଲେ, ‘‘ହେ ମୃତ୍ୟୁର ବିକୃତ ମୁଖ ! ମୁଁ ତୁମ ନିକଟରେ ପରାଜୟ ସ୍ୱୀକାର କରିବି ନାହିଁ । ମୁଁ ମୋର ଶକ୍ତିରେ ଏଠାକୁ ଆସିଛି । ଦୁର୍ବଳ ଲୋକଙ୍କ ପରି ସାମାନ୍ୟ କ୍ଷୁଦ୍ର ସୁଯୋଗ ମୁଁ ଚାହେଁନାହିଁ କିମ୍ବା ଭିକାରୁଣୀ ହୋଇ ମୁଁ ଏଠାକୁ ଆସିନାହିଁ, ମୋର ପ୍ରଥମ ଦାବି ଏହା ଯେ ସତ୍ୟବାନଙ୍କର ଶୈଶବ ସ୍ୱପ୍ନ ତାଙ୍କୁ ଫେରାଇ ଦିଅ । ଜୀବନକୁ ସ୍ୱଭାବ ସୁନ୍ଦର କରିବା ପାଇଁ ଯେଉଁ ଆଶା ତାଙ୍କର ଥିଲା, ତାହା ସାକାର କରିବାକୁ ତାଙ୍କୁ ସୁଯୋଗ ଦିଅ ।’’

⏭ ● ⏮

ମୃତ୍ୟୁଦେବତାଙ୍କ ଆଦେଶ ଏବଂ ଅନୁରୋଧ

ମର୍ତ୍ତ୍ୟରେ ରହିଥିବା ଦେହ ଭିତରକୁ ଫେରିଯାଇ ଭବିଷ୍ୟତ ଜୀବନ ଅତିବାହିତ କରିବା ସକାଶେ ସାବିତ୍ରୀଙ୍କୁ ଯମ ବିଭିନ୍ନ ପ୍ରକାରେ ପ୍ରଲୁବ୍ଧ କଲେ । ସତ୍ୟବାନଙ୍କୁ ମୃତ୍ୟୁ ଲୋକରୁ ଫେରାଇନେବା ପାଇଁ ପ୍ରୟାସ ନ କରିବାକୁ ତାଙ୍କୁ କେତେବେଳେ କର୍କଶ ସ୍ୱରରେ ପୁଣି କେତେବେଳେ ନରମ କଣ୍ଠରେ ଯେତେ ଯାହା କହିଲେ ମଧ୍ୟ ଦେବୀ ସାବିତ୍ରୀ ନିଜ ସଂକଳ୍ପରୁ ହଟିଲେ ନାହିଁ । କାରଣ ସେ ଜାଣିଥିଲେ ସେ ସାଧାରଣ ନୁହନ୍ତି, ସେ ସତ୍ୟମୟୀ ସନାତନୀ । ତାଙ୍କ ଅଟଳ ନିଷ୍ପତ୍ତି ଦେଖି ଜାଗତିକ ଜୀବନକୁ ମର୍ତ୍ତ୍ୟରେ ଭଲରେ କଟାଇବା ପାଇଁ ସାନ୍ତ୍ୱନା ପ୍ରଦାନ ପୂର୍ବକ ବର ପ୍ରଦାନ କରିବାକୁ ଯମ ଆଗ୍ରହ ପ୍ରକାଶ କଲେ । ଏକଥା ଶୁଣି ସାବିତ୍ରୀ ଦୃପ୍ତ କଣ୍ଠରେ ଉତ୍ତର ଦେଲେ, ''ମୁଁ ତୁମ ନିକଟକୁ ଭିକାରୁଣୀ ପରି ଆସିନାହିଁ । ମୁଁ ମୋର ଆତ୍ମାର ବିଜୟୀ ଶକ୍ତିରେ ସୁଦୃଢ଼ ହୋଇ ଅମରତ୍ୱ ସମ୍ପର୍କରେ ସଚେତନ ହୋଇ ଏଠାକୁ ଆସିଛି । ଦୟାରେ ବର ଦେବା ନ ଦେବା ପ୍ରଶ୍ନ ଏଠାରେ ଉଠୁନାହିଁ । ମୁଁ ଦାବି କରୁଛି ମୋର ସ୍ୱାମୀ ସତ୍ୟବାନ ତାଙ୍କର ସାରା ଜୀବନ ପାଇଁ ଯେଉଁ ସ୍ୱପ୍ନ ଦେଖିଥିଲେ, ସେଗୁଡ଼ିକ ସାର୍ଥକ ହୋଇନାହିଁ, ତୁମେ ଯଦି ପ୍ରକୃତରେ ଏତେ ବଳଶାଳୀ ତେବେ ତାଙ୍କର ସେହି ସ୍ୱପ୍ନଗୁଡ଼ିକୁ ସାକାର କର ।''

ଯମ ଏ କଥାକୁ ଅବଜ୍ଞା କରି ଅନ୍ୟ ବର ପ୍ରଦାନ କରିବାକୁ ସମ୍ମତ ଦେଲେ ଏବଂ କହିଲେ, ''ସତ୍ୟବାନଙ୍କ ଅନ୍ଧପିତାଙ୍କ ଆକୁଳ ହୃଦୟ ପ୍ରତି ମୁଁ ନତି ସ୍ୱୀକାର କରୁଛି ଏବଂ ତାଙ୍କୁ ରାଜ୍ୟ, ପ୍ରତିପତ୍ତି, ବନ୍ଧୁଜନ ଓ ଦୃଷ୍ଟିଶକ୍ତି ପ୍ରଦାନ କରୁଛି ।'' ଏହା କହି ସାବିତ୍ରୀଙ୍କୁ ମର୍ତ୍ତ୍ୟପୁରକୁ ଫେରିଯିବାକୁ ସେ ନିର୍ଦ୍ଦେଶ ଦେଲେ । ଫେରି ନ ଗଲେ ଏଠାରେ ତାଙ୍କୁ ହତ୍ୟା କରାଯିବ ବୋଲି ସେ କହିଲେ । ସାବିତ୍ରୀ ଏକଥା ଶୁଣି ଅବିଚଳିତ ଭାବରେ ଦୃଢ଼ କଣ୍ଠରେ କହିଲେ, ''ମୁଁ ତୁମ ସମକକ୍ଷ ହୋଇ ଜନ୍ମଗ୍ରହଣ କରିଛି । ନଶ୍ୱର ହେଲେ ହେଁ ସତ୍ୟବାନ ମୋର ସାମର୍ଥ୍ୟ । ମୋର ଆନ୍ତର ଚେତନା ପୂର୍ଣ୍ଣ କରିବା ନିମନ୍ତେ ତାଙ୍କୁ ମତେ ଫେରାଇଦିଅ । ଆମେ ଦୁହେଁ ଏକ ପ୍ରକାର ସାଧନା କରି ପୃଥିବୀରୁ ଅଜ୍ଞାନତା ରୂପକ ଅନ୍ଧକାରକୁ ଦୂର କରିବୁ । ଆମେ ପାର୍ଥିବ ମାର୍ଗ ଦେଇ ଭଗବାନଙ୍କ ନିକଟରେ ପହଞ୍ଚିବୁ । ସତ୍ୟବାନଙ୍କୁ ଫେରାଇ ନ ଦେଲେ ମୁଁ ଏପରି ପଛେ ପଛେ ଯିବି ।'' ଏକଥା ଶୁଣି ଯମ ଚିତ୍କାର କରି କହିଲେ - ''ତୁମେ ମର୍ତ୍ତ୍ୟର ଏକ ସାମାନ୍ୟ ଜୀବ, ମୁଁ ହେଉଛି ଯମ, ମୋର ମହାଶୂନ୍ୟତା ମଧ୍ୟରୁ ମୁଁ ସବୁକିଛି ସୃଷ୍ଟି କରିଛି, ମୁଁ ଯାହା କିଛି ସୃଷ୍ଟି କରିପାରେ ତାକୁ ଧ୍ୱଂସ ମଧ୍ୟ କରିପାରେ । ମଣିଷର ଅନ୍ତଃପୁରୁଷ ମୋର ଫୁତ୍‌କାରରେ ଉଡ଼ିଯାଏ । ମୁଁ ମଣିଷକୁ ପାପରେ ଜଡ଼ିତ ହୋଇ ରହିବାକୁ ପ୍ରବର୍ତ୍ତାଏ, ପୁଣି ଦଣ୍ଡ ସ୍ୱରୂପ ହତାଶାର କଷାଘାତ ଆଣିଦିଏ । ମୋର କ୍ରୋଧ ବୃଦ୍ଧି ନ କରି ଯଥାଶୀଘ୍ର ମର୍ତ୍ତ୍ୟକୁ ଏକାକୀ ଫେରିଯାଅ, ଶାନ୍ତିରେ କାଳଯାପନ କର ।'' ଏକଥା ଶୁଣିବା ମାତ୍ରେ ସାବିତ୍ରୀ ଦମ୍ଭରେ ଉତ୍ତର ଦେଲେ, ''ମୋର ଭଗବାନ ହେଉଛନ୍ତି ମୂର୍ତ୍ତିମନ୍ତ ପ୍ରେମ । ତାଙ୍କ ନିକଟରେ ମୁଁ ମୋର ସମସ୍ତ ଆଶା, ଯଜ୍ଞର ଆହୁତି ରୂପେ ଅର୍ପଣ କରିଛି, ତାଙ୍କ ପଦକ୍ଷେପ ସ୍ୱର୍ଗର

ଆଲୋକ ସହିତ ସମାନ ।'' ସାବିତ୍ରୀଙ୍କର ଏପରି କଥାରେ ପରିବେଶ ସ୍ତବ୍ଧ ହୋଇଗଲା । ପରେ ପରେ ପୁଣି ସେହି ନାସ୍ତିକ କଣ୍ଠରେ ଧ୍ୱନି ଭାସିଆସିଲା, ''ତୁମେ ତେବେ କ'ଣ ଚାହୁଁଛ ? କ'ଣ ଆଶା କରୁଛ ?'' ତୁମେ କ'ଣ ଶରୀରର ଆନନ୍ଦର ପ୍ରଲୋଭନରେ ମୁଗ୍ଧ ? ତୁମେ କ'ଣ ଦୁଃଖରେ ଜର୍ଜରିତ ହେବା ନିମନ୍ତେ ଭଙ୍ଗୁର ଭାବର ଏକ ଅନିଶ୍ଚିତ ରୂପ ? ହେ ନଶ୍ୱର ହୃଦୟଧାରି ! ତୁମେ ଯଥାଶୀଘ୍ର ଫେରିଯାଅ । ମୁଁ ହେଉଛି ଅରୂପ, ଭୀଷଣ, ଭୟଙ୍କର, ଅସୀମ । ସମସ୍ତେ ମୋର ଗହ୍ୱରକୁ ଆସନ୍ତି । ମୋ ଗହ୍ୱରକୁ ଆସି ସମସ୍ତେ ସେମାନଙ୍କର ଅସ୍ତିତ୍ୱ ହରାନ୍ତି, ମୁଁ ମନୁଷ୍ୟକୁ ପ୍ରକୃତିର ଦାସ କରି ରଖିଛି, ତା'ର ଜୀବନକୁ ଆହାର କରି ରଖିଛି । ମୃତ୍ୟୁ ବ୍ୟତୀତ ମନୁଷ୍ୟର ଆଉ କୌଣସି ସହାୟକ ବନ୍ଧୁ ନାହାନ୍ତି, ମନୁଷ୍ୟ କ୍ଲାନ୍ତ ଶ୍ରାନ୍ତ ହୋଇ ଶେଷରେ ବିଶ୍ରାମ ନିମନ୍ତେ ମୋ ନିକଟକୁ ଆସେ । ହେ ସାବିତ୍ରି ! ତୁମେ ନିଜ ଭିତରେ ନିଜେ ବାସକର ।'' ଏ କଥା ଶୁଣି ପୁଣି ତେଜୀୟାନ କଣ୍ଠରେ ପ୍ରତିବାଦ କଲେ ସାବିତ୍ରୀ । ସାବିତ୍ରୀ କହିଲେ, ''ହେ ମୃତ୍ୟୁ ଦେବ ! ତୁମେ ଯୁକ୍ତି କରୁଛ, ମୁଁ ଯୁକ୍ତି କରେନା, କାରଣ ଯୁକ୍ତି ସବୁ କିଛିକୁ ବିନାଶ କରିଦିଏ । ମୁଁ ଦ୍ରଷ୍ଟା, ମୁଁ ପ୍ରେମୀ, ମୁଁ ସର୍ବମୟୀ କର୍ତ୍ତ୍ରୀ, ମୁଁ ପୁଣି ଇଚ୍ଛାମୟୀ ।'' ଏସବୁ ଶୁଣି ଯମ ସାବିତ୍ରୀଙ୍କ ଜ୍ଞାନ ଲାଭ କରିବାକୁ ପରାମର୍ଶ ଦେଲେ । ସାବିତ୍ରୀ ପରାମର୍ଶରେ ଉତ୍ତରରେ କହିଲେ, ''ମୁଁ ଯେତେବେଳେ ଚିରପ୍ରେମୀ ହେବି, ସେତେବେଳେ ଜ୍ଞାନ ଅର୍ଜନ କରିବି । ମୁଁ ବିଶ୍ୱ ବାକ୍‌ଶକ୍ତିର ମର୍ମର ଧ୍ୱନି । ମୁଁ ପରମେଶ୍ୱରଙ୍କ ନିକଟରୁ ଆସିଥିବା ଏକ ଉତ୍ତାଳ ତରଙ୍ଗ । ମୁଁ ଜାଣେ ମନୁଷ୍ୟକୁ ମନ ଓ ହୃଦୟ ଦିଆଯାଇଛି ଯାହା ଫଳରେ ସେ ତୁମକୁ ଜୟ କରିପାରିବ ।

ଏବେ ତେଜଦୀପ୍ତ ବାଣୀ ଶୁଣି ମୃତ୍ୟୁ ଦେବତା ନିର୍ବାକ ହୋଇଗଲେ ଏବଂ ଏକ ନିଶ୍ଚଳ ପ୍ରତିମୂର୍ତ୍ତି ପରି ସ୍ଥିର ହୋଇ ରହିଲେ ।

⏭ ● ⏮

ମୃତ୍ୟୁର ଆପ୍ତବାକ୍ୟ

କିଛି ସମୟ ପରେ ପୁଣି ତିନି ହେଁ ଅର୍ଥାତ୍ ସତ୍ୟବାନ, ମୃତ୍ୟୁ ଦେବତା ଓ ସାବିତ୍ରୀ ଧୀରେ ଧୀରେ ଆଗେଇ ଚାଲିଲେ । କିଛିବାଟ ଗଲାପରେ ମୃତ୍ୟୁଦେବତା ପୁଣି ସାବିତ୍ରୀଙ୍କୁ କହିଲେ– ''ସ୍ୱର୍ଗ କିମ୍ବା ମର୍ତ୍ତ୍ୟ କେଉଁଠାରେ ହେଲେ ଆଦର୍ଶର ଚିହ୍ନ ନାହିଁ । ଆଦର୍ଶ ହେଲା ଏକ ଭ୍ରାନ୍ତ ଅନୁଭବ । ମଣିଷ ମନର ଆଶା ଓ ଉଦ୍ଦୀପନାର ଏହା ଏକ ଚମତ୍କାର ପ୍ରଳାପ । ଦୀପ୍ତଛାୟାର ସ୍ୱପ୍ନମୟ ସ୍ମୃତିରେଖା ହିଁ ଆଦର୍ଶ । ତୁମ ଦୃଷ୍ଟିର ଭ୍ରାନ୍ତି ନୀଳ ଆକାଶକୁ ଗଢ଼େ, ତୁମ ଦୃଷ୍ଟିର ଭ୍ରମ ଗଢ଼ିଦିଏ କେତେକେତେ ଇନ୍ଦ୍ରଧନୁ ଏବଂ ତୁମେ ଯାହାକୁ ପ୍ରେମ ବୋଲି ବିବେଚନା କର ସେ ତୁମ ଦେହର କଥା । ଏହି ପ୍ରେମର ମୃତ୍ୟୁ ଅଛି ଯାହା ଦେହର ମୃତ୍ୟୁ ସହ ସଂଗଠିତ ହୁଏ । ପ୍ରେମ ଏକ ଶିକାରୀ ପଶୁ ଯିଏ ସୁଷମାମୟ କୁସୁମିତ ଲତାକୁଞ୍ଜରେ ଆଉ ଏକ ଶରୀର ଓ ହୃଦୟକୁ ଖାଦ୍ୟ ରୂପେ ଝାମ୍ପିନେବା ପାଇଁ ଛପିରହିଥାଏ । ଏହି ପଶୁକୁ ତୁମେ ଭ୍ରମବଶତଃ ଦେବତା ବୋଲି ମନେକର । ହେ ମାନବି ! ଭାବମୟକୁ ଆଦୌ ବସ୍ତୁମୟ କରାଯାଇପାରିବ ନାହିଁ । ରୂପ ମଧ୍ୟରେ ଅବିନଶ୍ୱର ମହିମା ତିଷ୍ଠି ରହିପାରିବ ନାହିଁ । ମନୁଷ୍ୟର ଯେତେ ପ୍ରେମାତ୍ମକ କର୍ମାନୁଷ୍ଠାନ ତାହା ହେଉଛି ପ୍ରେମର ଶବ ବିହୀନ କବର ସଦୃଶ ଅର୍ଥହୀନ । ପୃଥିବୀକୁ ଅବତାରମାନଙ୍କର ଆଗମନ ବ୍ୟର୍ଥ ହୋଇଛି, ବ୍ୟର୍ଥ ହୋଇଛି ଋଷିମୁନିମାନଙ୍କ ଭବିଷ୍ୟବାଣୀ । ଅବଶ୍ୟ ଏହାର ଅନ୍ୟତମ କାରଣ ଏହି ଯେ ପୃଥିବୀ ତା'ର ନିଜର ପତନକୁ ଭଲପାଏ, ଚେତନାର ସୋପାନରେ ଉତ୍ତରିତ ହେବାକୁ ଚାହେଁନାହିଁ । ପାର୍ଥିବ ଜୀବନରେ ପ୍ରେମ କ୍ଷଣସ୍ଥାୟୀ ଓ ନାଶଶୀଳ । ପ୍ରିୟଜନର ମୃତ୍ୟୁ ପରେ ସେହି ପ୍ରେମ କିଛି କ୍ଷଣ ବଞ୍ଚିରହେ ଓ ପରେ ପରେ ଉଭେଇଯାଏ । ଫଳତଃ ମୃତବ୍ୟକ୍ତି ବିସ୍ମୃତ ହୋଇଯାଆନ୍ତି । ପୁଣି ଅପର ପକ୍ଷରେ ମୃତବ୍ୟକ୍ତି ନିମିତ୍ତ ଏପରି ଘଟେ ଯେ ମୃତ୍ୟୁ ସେହି ବ୍ୟକ୍ତିକୁ କିଛିକ୍ଷଣ ପାଇଁ ନିଜ ଭିତରୁ ମୁକୁଳାଇ ଦିଏ । ନିରାପତ୍ତା, ଆନନ୍ଦ ଓ ନୀରବତା ମଧ୍ୟରେ କିଛିକାଳ ରହିବାର ସୁଯୋଗ ତାକୁ ଆଣିଦିଏ । ସତ୍ୟବାନଙ୍କ କ୍ଷେତ୍ରରେ ତାହା ହିଁ ଘଟିଛି । ସେ ଏବେ ନିରାପଦରେ ଓ ଆନନ୍ଦରେ ରହିଛନ୍ତି । ତାଙ୍କୁ ଆଉ ମର୍ତ୍ତ୍ୟମଣ୍ଡଳକୁ ଫେରାଇ ନେବାପାଇଁ ଚେଷ୍ଟା କରନାହିଁ । ତୁମେ ଏକାକିନୀ ମର୍ତ୍ତ୍ୟ ଭୁବନକୁ ଫେରିଯାଅ । ସେଠାରେ ତୁମ ହୃଦୟକୁ ଜ୍ଞାନର ଜ୍ୟୋତିରେ ଉଦ୍‌ଭାସିତ କର ।''

ସାବିତ୍ରୀ ତତ୍‌କ୍ଷଣାତ୍ ସେହି ତାମସୀ ଶକ୍ତିକୁ ଉତ୍ତରରେ କହିଲେ, ''ମୋର ପ୍ରେମ ହୃଦୟର କ୍ଷୁଧା ନୁହେଁ । ମୋର ପ୍ରେମ ମୋର ଦେହର ଲାଳସା ନୁହେଁ । ମୋର ପ୍ରେମ ଆସିଛି ଭଗବାନଙ୍କଠାରୁ । ଏକଥା ମଧ୍ୟ ସତ୍ୟ ଯେ ପାର୍ଥିବ ପରିବେଶରେ ମଣିଷ ଜୀବନରେ ଯେତେ ସବୁ ଅପୂର୍ଣ୍ଣତା ରହିଛି ତାହା ସବୁ ଦିନେ ଦୂରହେବ ଏବଂ ମଣିଷ ଜୀବନ ପୂର୍ଣ୍ଣତାରେ ଭରିଯିବ । ବ୍ରହ୍ମାନନ୍ଦର ସ୍ୱର ତହିଁରେ ଶୁଣାଯିବ । ଜଗତ ଅଧିକ ମଧୁସିକ୍ତ ହୋଇ ନୂଆ ଭାବରେ ଆବିର୍ଭୂତ ହେବ । ସେତେବେଳେ ଦେବତାମାନଙ୍କୁ ପାଇବାର ଆଶା ମଣିଷର ପୂର୍ଣ୍ଣ ରୂପେ ସଫଳ ହେବ, ଆଉ ମଧ୍ୟ ଏକଥା ସତ୍ୟ ଯେ ସତ୍ୟବାନ ସାଧାରଣ ବ୍ୟକ୍ତି ନୁହନ୍ତି । ଆମେ ଦୁହେଁ

ଆଦିମ ଯୁଗରୁ ଯମଜ ଆତ୍ମା ଭାବରେ ଅନିର୍ବାଣ ଅଗ୍ନିରୁ ଜନ୍ମଲାଭ କରିଛୁ । ସେ ମୋର ବହ୍ନିମୟ ଦେବତା ଯାହାଙ୍କୁ ମୁଁ ମୋର ଭକ୍ତି, ଶ୍ରଦ୍ଧା ସହ ପୂଜାକରେ । କୌଣସି ସ୍ୱପ୍ନର ଦେବତାଙ୍କୁ ମୁଁ ପୂଜା କରେ ନାହିଁ ।''

ଏସବୁ ଶୁଣି କଠୋର କଣ୍ଠରେ ମୃତ୍ୟୁ ଦେବତା ପୁଣି କହିବାକୁ ଆରମ୍ଭ କଲେ– ''ତୁମ ଚିନ୍ତା ସବୁ ଏକଏକ ଭ୍ରମ । ତୁମର ଆବେଗ ଅଛି, ସେହି ଆବେଗରେ ଜ୍ଞାନ ବାସ କରେ ନାହିଁ । ପୃଥିବୀରେ ସ୍ୱର୍ଗ ଗଢ଼ିବାର ବାସନା ତ୍ୟାଗ କର । ସୃଷ୍ଟିର ସବୁକିଛି ଜଡ଼ ଠାରୁ ସମ୍ଭୂତ । ତୁମର ଅମରାତ୍ମା ହେଉଛି ଏକ ନଶ୍ୱର କୁସୁମ ଯାହାକୁ ମନ ରୂପକ ମାଳୀ ଜଡ଼ଭୂମି ଉପରେ ରଚନା କରିଛି, ତୁମ ଜୀବନ ହେଉଛି ଜଡ଼ରୂପୀ ସମୁଦ୍ରରେ ମିଶିଯାଉଥିବା ଏକ ତରଙ୍ଗ । ମୁଁ ମୃତ୍ୟୁ, ମୁଁ ରାଜା, ମୋର ରାଜକୀୟ ଆସନ ଦୃଢ଼ । ମୁଁ ଶୂନ୍ୟ ବ୍ୟୋମକୁ ଆକାଶର ରୂପ ଦେଇଛି । ମୁଁ ଜ୍ୟୋତିର୍ମଣ୍ଡଳରୁ ତାରକାମଣ୍ଡଳ ଗଢ଼ିଛି । ରାସାୟନିକ ପ୍ରାଣରସରୁ ପ୍ରକୃତି ମଣିଷକୁ ସୃଷ୍ଟି କରିଛି । ତା'ପରେ ଚିନ୍ତା ଆସି ସଙ୍ଗତିପୂର୍ଣ୍ଣ ଜଗତକୁ ବିଶୃଙ୍ଖଳିତ କରି ଦେଇଛି । କ୍ରମଶଃ ମଣିଷର ନାଡ଼ି ଓ ସ୍ନାୟୁ ସବୁ ସୁଖଦୁଃଖକୁ ସହ୍ୟ କରିବାକୁ ଆରମ୍ଭ କରିଛନ୍ତି । ଜଡ଼ର ସୁପ୍ତି ମଧ୍ୟରେ ମନର ନଶ୍ୱରତା ମଧ୍ୟରେ କ୍ରମେ କ୍ରମେ ମଣିଷ ବାନ୍ଧିହୋଇ ପଡ଼ିଛି । ସେ ଏକ ପାଶବିକ ଯନ୍ତ୍ରରେ ପରିଣତ ହୋଇଛି । ସେହି ଯନ୍ତ୍ରରେ ଭଗବାନଙ୍କର ସ୍ଥାନ କେଉଁଠି ? ମଣିଷ ଜୀବନର ନିରର୍ଥକ ଚକ୍ରାବର୍ତ୍ତନରେ ଭଗବାନଙ୍କର ସ୍ଥାନ କେଉଁଠି ? ଭଗବାନ ପୃଥିବୀରେ ଅଛନ୍ତି ବୋଲି ତୁମେ ଭ୍ରମ ମାର୍ଗରେ ଗତି କରୁଛ, ତୁମେ ଏକ ବାଷ୍ପ, ଏକ ଜୀବନ ରସ । ତୁମେ ନଶ୍ୱର ନିଃଶ୍ୱାସ ପ୍ରଶ୍ୱାସ ବାୟୁକୁ ଆତ୍ମା ବୋଲି ଭ୍ରମବଶତଃ ଗ୍ରହଣ କରୁଛ । ଜଗତରେ ଜ୍ଞାନ ହେଉଛି ଭ୍ରାନ୍ତିର ସହଚର । ମାନୁଷୀ ପ୍ରେମ ହେଉଛି ପାର୍ଥିବ ରଙ୍ଗମଞ୍ଚର ଏକ ନିରର୍ଥକ ପରୀନୃତ୍ୟ, ପୃଥିବୀରେ ଥିବା ମାନୁଷୀପ୍ରଜ୍ଞା ଆଦୌ କୌଣସି ଶୀର୍ଷ ମହାଶକ୍ତି ନୁହେଁ ଏବଂ ପ୍ରେମ ଅନ୍ତରୀକ୍ଷରୁ ଆସିଥିବା କୌଣସି ଦେବଦୂତ ନୁହେଁ । କେବଳ ଏତିକି ନୁହେଁ, ପୃଥିବୀରେ ଦିବ୍ୟପ୍ରେମ ରାଜତ୍ୱ କରିପାରିବ ନାହିଁ । ସେସବୁ ସ୍ୱର୍ଗର କଥା, ସ୍ୱର୍ଗରେ ତା'ର ସ୍ଥିତି ଓ ସମୃଦ୍ଧି । ମର୍ତ୍ତ୍ୟରେ ତାହା ଏକ ସ୍ୱପ୍ନମାତ୍ର । ତୁମ ମନ ତୁମକୁ ଭାସ୍ୱର ସୂର୍ଯ୍ୟପରି ଦୀପ୍ତ ମନେହୁଏ, ପ୍ରକୃତରେ ତାହା ସୂର୍ଯ୍ୟ ନୁହେଁ, ଖଦ୍ୟୋତ ମାତ୍ର । ଖଦ୍ୟୋତ ଆଦୌ ନକ୍ଷତ୍ର ହୋଇପାରିବ ନାହିଁ । ଏହି ମିଥ୍ୟାଭାବାଦର୍ଶ ଏକ ବୃଥା କଥା । ହେ ମର୍ତ୍ତ୍ୟ ଜୀବ ! ତୁମେ ସ୍ୱର୍ଗର ପ୍ରୟାସ କର ନାହିଁ । ପାର୍ଥିବ ବିଧାନକୁ ମାନିନିଅ । ତୁମକୁ ମର୍ତ୍ତ୍ୟରେ ଯେତିକି ଆନନ୍ଦ ଦିଆହୋଇଛି ସେତିକି ଗ୍ରହଣ କରିନିଅ । ନିୟତିକୁ ମାନିନିଅ । ନିୟତିର କଠୋର ପରୀକ୍ଷା ଆଗରେ ମଥାନତ କରି ଯାହା କିଛି ଦୁଃଖ, ଶୋକ ଓ ଦୁର୍ଭୋଗକୁ ମାନିନିଅ ।''

⏭ ● ⏮

ଯମ ଓ ସାବିତ୍ରୀଙ୍କ ତର୍କବିତର୍କ (୧)

ସାବିତ୍ରୀ ସର୍ବଶକ୍ତିମାନ ମୃତ୍ୟୁ ଦେବତାଙ୍କୁ ଦୃଢ଼ ସ୍ୱରରେ କହିଲେ, ''ହେ ଭ୍ରାନ୍ତ ଯୁକ୍ତିକାରି ! ଆପଣ ପରମ ସତ୍ୟକୁ ସର୍ବଦା ଆବୃତ କରିରଖିଛନ୍ତି, ମୃତ୍ୟୁର ନୃତ୍ୟକଳା ଦ୍ୱାରା ଶାଶ୍ୱତକୁ ଆଚ୍ଛନ୍ନ କରି ରଖିଛନ୍ତି । ଆପଣଙ୍କର ଦୁଃଖରେ ହିଁ ଅନୁରାଗ ଅଧିକ, ମିଥ୍ୟା ପ୍ରତି ସଚେତନତା ଅଧିକ, ଆପଣ ଯେଉଁ ସତ୍ୟରେ ବିଶ୍ୱାସ ରଖିଥାନ୍ତି ତାହା ସର୍ବଦା ପ୍ରାଣନାଶକାରୀ, ମୁଁ କିନ୍ତୁ ତ୍ରାଣକାରୀ ସତ୍ୟରେ ବିଶ୍ୱାସ କରେ । ଏଇ ପୃଥିବୀ ପରମ ଅଜ୍ଞାତଙ୍କ ସାକ୍ଷାତ୍ ଦର୍ଶନ ନିମନ୍ତେ ଆଗ୍ରହୀ ଏବଂ କ୍ରମଶଃ ତାଙ୍କ ଆଡ଼କୁ ଅଗ୍ରସର ହେଉଅଛି । ଆପଣ ପୃଥିବୀର ସାମୟିକ ତ୍ରୁଟିପୂର୍ଣ୍ଣ ବ୍ୟବସ୍ଥା ଦେଖି କହୁଛନ୍ତି ଯେ ଭଗବାନ ନାହାନ୍ତି, ସବୁ କିଛି ବ୍ୟର୍ଥ । ଏହା କିନ୍ତୁ ଯୁକ୍ତିସଙ୍ଗତ ନୁହେଁ । ପୃଥିବୀ ଏବେ ଶିଶୁର ଚେତନାରେ ରହିଲେ ମଧ୍ୟ କ୍ରମଶଃ ଅଗ୍ରଗତି କରୁଛି । ଶିଶୁ କ'ଣ ଏକାଦିନକେ ବଡ଼ ମଣିଷଟିଏ ହୋଇଯିବ ? ପୃଥିବୀ ଏବେ ସିନା ଅଜ୍ଞାନତା ଭିତରେ ରହିଛି, ସବୁଦିନ ପାଇଁ ସେ ଅଜ୍ଞାନତା ଭିତରେ ରହିବ ନାହିଁ, ଅଜ୍ଞାନତା ତା'ର ଭବିତବ୍ୟ ନୁହେଁ । ଆଲୋକରେ ତା'ର ଭାଗ୍ୟଲିପି ଲିଖିତ ହେବ । ଅପୂର୍ଣ୍ଣତା ଅସାମର୍ଥ୍ୟର ଚିହ୍ନ ନୁହେଁ, ବରଂ ପରିପୂର୍ଣ୍ଣତା ଆଡ଼କୁ ଗତିର ଏକ ଅବସ୍ଥା । ସୂର୍ଯ୍ୟ ହେଉଛନ୍ତି ସର୍ବାଧିକାରୀ । ତାଙ୍କ ଜ୍ୟୋତିରେ ଦିଗଦିଗନ୍ତ ଉଦ୍‌ଭାସିତ ହୋଇଉଠେ । ସବୁଜ ତରୁଲତାରେ ତାଙ୍କ ହସ ଫୁଟିଉଠେ, ସୁନୀଳ ସାଗରରେ ତାଙ୍କ ଆନନ୍ଦ ଉଛୁଟି ଉଠେ । ଆମେ କିନ୍ତୁ ତାଙ୍କୁ ନ ଚିହ୍ନି, ତାଙ୍କର ମହନୀୟତାକୁ ନ ବୁଝି ତାଙ୍କୁ ବେଳେବେଳେ ତାଚ୍ଛଲ୍ୟ କରୁ । ଠିକ୍ ସେହିପରି ଆମେ ଭଗବାନଙ୍କୁ ନ ବୁଝି ତାଙ୍କୁ ପ୍ରାୟବେଳେ ତାଚ୍ଛଲ୍ୟ କରୁ, ତାଙ୍କୁ ହେୟ ମନେକରୁ ।''

ଏସବୁ ଶୁଣି ଯମ କହିଲେ, ''ତୁମେ ମାନବ ପାଇଁ ଅମରତ୍ୱ ଦାବି କରୁଛ, ତୁମେ ବୃଥା ପ୍ରୟାସ କରୁଛ । ଏକଥା ଜାଣିରଖ ଯେ ତ୍ରୁଟିପୂର୍ଣ୍ଣ ମାନବ ପାଇଁ ଅମରତ୍ୱ ଏକ କଠୋର ଶାସ୍ତି, ମର୍ମନ୍ତୁଦ ଅଭିବ୍ୟକ୍ତି । ଯେତେ ପ୍ରେମ, ଜ୍ଞାନ ଓ ପ୍ରଜ୍ଞାର କଥା କହିଲେ ମଧ୍ୟ ପୃଥିବୀର ମୂଳଭିତ୍ତି ହେଉଛି ଜଡ଼ତା । ପୃଥିବୀରୁ ଏହି ଜଡ଼ତା ଦୂର ହେବନାହିଁ, ଅଚେତନତା ବିଲୁପ୍ତ ହେବନାହିଁ । ମଣିଷର ସବୁଚିନ୍ତା ଓ କ୍ରିୟା ଜଡ଼ ଉପରେ ନିର୍ଭରଶୀଳ । ଜଡ଼ର ସନ୍ତାନ ହେଉଛି ମଣିଷ । ତା'ର ସ୍ଥିତି ଓ ପରିସମାପ୍ତି ମଧ୍ୟ ଜଡ଼ରେ । ଆଦର୍ଶ ଏହି ଜଡ଼ତାର ଏକ ଅସାର ରଙ୍ଗ, ଅର୍ଥହୀନ ଅନୁଲେପନ ।'' ଉତ୍ତରରେ ସାବିତ୍ରୀ କହିଲେ, ''ଯମରାଜ, ଆପଣ ଯେଉଁ ଜଗତକୁ ଦେଖୁଛନ୍ତି, ତା'ର ଭବିଷ୍ୟତ ଅତ୍ୟନ୍ତ ଉଜ୍ଜ୍ୱଳ, ତାକୁ ହେୟଜ୍ଞାନ କରିବା ଠିକ୍ ନୁହେଁ । ଅଜ୍ଞାନତାରେ ଥିବା ମଣିଷର ଦୃଷ୍ଟି ଦିନେ ଉନ୍ମୋଚିତ ହେବ, ଆଶାର ନୂତନ ଉଷା ସମାଗତ ହେବ, ପରିବେଶରେ ଆନନ୍ଦର ପ୍ଲାବନ ଭରିଯିବ, ମନୁଷ୍ୟ ଭିତରେ ଯେଉଁ ପ୍ରକୃତ ସତ୍ତା ଅଛି, ସେ ଦିନେ ଜାଗ୍ରତ ହେବ । ହେ ଯମରାଜ ! ସକଳବସ୍ତୁ ଆନନ୍ଦରୁ ସୃଷ୍ଟ, ଆନନ୍ଦକୁ ଧାରଣ କରିବା ପାଇଁ ଅଭିପ୍ରେତ । ସୂର୍ଯ୍ୟ, ଚନ୍ଦ୍ର, ବାୟୁ, ନକ୍ଷତ୍ର, ବୃକ୍ଷଲତା ସମସ୍ତେ ଆନନ୍ଦରୁ ସୃଷ୍ଟ, ଆନନ୍ଦକୁ ଧାରଣା କରିବା ପାଇଁ ଅଭିପ୍ରେତ । ସୂର୍ଯ୍ୟ, ଚନ୍ଦ୍ର, ବାୟୁ, ନକ୍ଷତ୍ର, ବୃକ୍ଷଲତା ସମସ୍ତେ ଆନନ୍ଦର ନିରାଜନା ପାଇଁ ସତତ ପ୍ରୟାସୀ । ସତ୍‌କର୍ମ ହେଉ ଅଥବା ଅସତ୍‌କର୍ମ, ମଣିଷର ପ୍ରତ୍ୟେକ କର୍ମ ମୂଳରେ ଆନନ୍ଦ ହିଁ ଯୁକ୍ତ ହୋଇ ରହିଛି । ଜୀବନର ତିକ୍ତତା ଓ ମଧୁରତା ଉଭୟ ଭିତରେ ଏହି ଆନନ୍ଦର ଅସ୍ତିତ୍ୱ ହିଁ ଅନୁଭୂତ । ପୁଣି ଯେତେବେଳେ ମଣିଷ ନିଜର ଅନ୍ତର୍ଚେତନ ଭିତରକୁ ପ୍ରବେଶ କରିବ ସେତେବେଳେ ସେ ଅଧିକ ଆନନ୍ଦ ଅନୁଭବ କରିପାରିବ । ଅବଶ୍ୟ ଆନ୍ତର ଆନନ୍ଦ ପ୍ରାପ୍ତି ଏକ ଆୟାସସାଧ୍ୟ ବ୍ୟାପାର । ଏହା ଚିନ୍ତାଶୀଳ ମଣିଷକୁ ଊର୍ଦ୍ଧ୍ୱଗାମୀ ହେବା ପାଇଁ ଏକ ସତତ ଆହ୍ୱାନ ଦିଏ ।''

ଯମ ଓ ସାବିତ୍ରୀଙ୍କ ତର୍କବିତର୍କ (୨)

ଯମଙ୍କ ପ୍ରଶ୍ନର ଉତ୍ତରରେ ସାବିତ୍ରୀ ଦୃଢ଼କଣ୍ଠରେ କହିଲେ, ''ହେ ମୃତ୍ୟୁଦେବତା ! ମୁଁ ଆପଣଙ୍କ ଉପରେ ମାନସିକ ସ୍ତରରେ ବିଜୟ ହାସଲ କରିସାରିଛି । ମତେ ଶୋକାକୁଳ କରନାହିଁ, ମୁଁ ମୃତ୍ୟୁର ଆଘାତରେ କମ୍ପିତ ହେଉନାହିଁ । ମୋର ସୁଖ ପାଇଁ କେବଳ ସତ୍ୟବାନଙ୍କୁ ଫେରାଇ ନେବାକୁ ମୁଁ ଚାହୁଁନାହିଁ । ମୋର ଏବଂ ସତ୍ୟବାନଙ୍କର ବହୁକାର୍ଯ୍ୟ ପୃଥିବୀରେ କରିବାକୁ ରହିଛି ବୋଲି ମୁଁ ତାଙ୍କୁ ଫେରାଇନେବାକୁ ଚାହୁଁଛି । କାରଣ ମୁଁ ହେଉଛି ନାରୀରୂପିଣୀ ଭଗବତୀ ଶକ୍ତି ଏବଂ ସତ୍ୟବାନ ହେଉଛନ୍ତି ଶାଶ୍ୱତଙ୍କ ପ୍ରତିନିଧି ମାନୁଷୀ ସତ୍ତା । ହେ ମୃତ୍ୟୁଦେବ ! ଆପଣଙ୍କ କାର୍ଯ୍ୟରୁ ମୋ କାର୍ଯ୍ୟ ଅଧିକ ଗୁରୁତ୍ୱପୂର୍ଣ୍ଣ । ଆପଣଙ୍କ ସଂକଳ୍ପଠାରୁ ମୋ ସଂକଳ୍ପ ଅଧିକ ଆଲୋକଦୀପ୍ତ ଓ ଶାଣିତ । ପ୍ରେମ କଦାପି ପୃଥିବୀରୁ ଅବଲୁପ୍ତ ହେବନାହିଁ । ପ୍ରେମ ହେଉଛି ପୃଥିବୀ ଓ ସ୍ୱର୍ଗ ମଧ୍ୟରେ ସଂଯୋଗ ସେତୁ । ପ୍ରେମ ହେଉଛି ଶାଶ୍ୱତଙ୍କ ଦେବଦୂତ ।''

ଏକଥା ଶୁଣି ମୃତ୍ୟୁଦେବତା ଉପହାସ କରି ସାବିତ୍ରୀଙ୍କୁ କହିଲେ, ''ହେ ମନୁଷ୍ୟ ମୁଖାଧାରି ! ତୁମ ମନର ସବୁ ମୁଖାକୁ ପରିହାର କର । ସତ୍ୟକୁ ପାଇବାକୁ ଏତେ ଆକାଂକ୍ଷା କରନାହିଁ । ସଂକୀର୍ଣ୍ଣ ଜୀବନଧାରାକୁ ସ୍ୱୀକାର କରିନିଅ । ସତ୍ୟ ହେଉଛି ପ୍ରସ୍ତର ସଦୃଶ କଠିନ ଏବଂ ମୃତ୍ୟୁ ପରି କଠୋର । ଏହାକୁ କରାୟତ୍ତ କରିବାକୁ ଆଶାପୋଷଣ କରନାହିଁ । ମଣିଷର ମଳିନ ହୃଦୟରେ ଭଗବାନଙ୍କ ମହିମାକୁ ଲେପନ କରିବାକୁ ବୃଥା ଚେଷ୍ଟା କରନାହିଁ ।'' ସାବିତ୍ରୀ ତତ୍‌କ୍ଷଣାତ୍ କହିଉଠିଲେ, ''ମଣିଷ ଭିତରେ ବହୁ ସମ୍ଭାବନା ରହିଛି । ଦେବଦୁର୍ଲଭ ଭବିତବ୍ୟ ତା' ପାଇଁ ଅପେକ୍ଷାରତ । ମୋ ଶକ୍ତିରେ ମନୁଷ୍ୟ ଦୁଃଖ, ଯନ୍ତ୍ରଣା, ନିୟତି ବିରୁଦ୍ଧରେ ସଂଗ୍ରାମ କରି ଶେଷରେ ଜୟଯୁକ୍ତ ହେବ ଏବଂ ଆପଣଙ୍କ ଯୋଜନାକୁ ଶେଷରେ ଧୂଳିସାତ୍ କରିଦେବ । ହଁ, ମୋର ମାନୁଷୀରୂପ ହେଉଛି ଭଗବାନଙ୍କର । ସେ ମୋର ଅନ୍ତରରେ ସଦା ବିରାଜିତ ହୋଇ ମତେ ଦିଗ୍‌ଦର୍ଶନ ଦେଉଛନ୍ତି । ମୁଁ ତାଙ୍କର ଶକ୍ତିଶାଳୀ ଯନ୍ତ୍ର । ତାଙ୍କ ଦିବ୍ୟକର୍ମ ମୋ ଦ୍ୱାରା ପରିଚାଳିତ ହେବ । ମୁଁ ମାନବ ଅନ୍ତରରେ ପ୍ରଜ୍ଞା ଜାଗ୍ରତ କରାଇପାରେ । ମୋର ଶକ୍ତି ଅସୀମ, ଅନନ୍ତ ଏବଂ ମୁଁ ସର୍ବଦା ବିଜୟ ବିଳାସିନୀ । ମୋ ଭିତରେ ନିରାକାର ଚିତ୍‌ଶକ୍ତିପୂର୍ଣ୍ଣ ହୋଇ ରହିଅଛି ।''

ଏହାଶୁଣି ମୃତ୍ୟୁ ଦେବତା ଉଚ୍ଚକଣ୍ଠରେ କହିଲେ, ''ତୁମେ କଳ୍ପନାର ପୂଜାରିଣୀ, ଦେବତାର ନିରାଜନା ତୁମେ କରୁନାହଁ । ଯାହା ଅସମ୍ଭବ ତାହା ତୁମେ ଚାହୁଁଛ, ତୁମେ ଚାହୁଁଛ ସତ୍ୟ ଏବଂ ଅସତ୍ୟକୁ ଏକାକାର କରିବାପାଇଁ । ଏକଥା ଜାଣିରଖ ଯେ ବାସ୍ତବ ଓ ଅବାସ୍ତବ କେବେହେଲେ ଏକ ବିନ୍ଦୁରେ ମିଳିତ ହେବେ ନାହିଁ । ପାର୍ଥିବ ପରିବେଶରେ ଜଡ଼ ହିଁ ସତ୍ୟ, ଆତ୍ମା ଏକ ସ୍ୱପ୍ନ ମାତ୍ର । ଭଗବାନଙ୍କ ଆଡ଼କୁ ଯିଏ ଯିବାକୁ ଚାହିଁବ, ତାକୁ ସଂସାର ବର୍ଜନ କରିବାକୁ ପଡ଼ିବ । ପରମାତ୍ମାଙ୍କ ଭିତରେ ଯିଏ ବାସ କରିବାକୁ ଚାହିଁବ, ତାକୁ ଜୀବନ ବିସର୍ଜନ କରିବାକୁ ପଡ଼ିବ । ମଣିଷ ପାଇଁ ଦୁଇଟି ମାର୍ଗ ଉନ୍ମୁକ୍ତ ରହିଛି । ସେଥିରୁ ଗୋଟିଏ ହେଲା ସଂସାରର ସୁଖ ଏବଂ ଅନ୍ୟଟି ହେଲା ଆତ୍ମାର ମହାସୁଖ । ମୋର ଶରଣାଗତ ହେବା ବ୍ୟତୀତ ଆଉ କିଛି ଉପାୟ ନାହିଁ ।''

ଏକଥାର ଉତ୍ତର ଦେଇ ସାବିତ୍ରୀ କହିଲେ–''ମୋ ହୃଦୟ ଯୁକ୍ତିବୁଦ୍ଧିର ଊର୍ଦ୍ଧ୍ୱରେ । ମୋ ହୃଦୟରେ ସମଗ୍ର ମାନବ ଜାତିର ଦୁଃଖକୁ ଲଘୁ କରିବାପାଇଁ ଅଶେଷ ସାମର୍ଥ୍ୟ ରହିଛି । ମଣିଷ ଭଗବତ ଅଭିମୁଖୀ ହେବ ହିଁ ହେବ । ତାକୁ କେହି ସେଥିରୁ ନିବୃତ୍ତ କରିପାରିବେ ନାହିଁ । ନିଜକୁ ସେ ନିଜେ ଅତିକ୍ରମ କରିବ, ଏଥିରେ ସନ୍ଦେହ ନାହିଁ ।''

ଏକଥା ଶୁଣି ମୃତ୍ୟୁ ଦେବତା କହିଲେ, ''ହେ ଆତ୍ମନ ! ତୁମେ କ'ଣ ଏତେ ଶକ୍ତିମୟୀ, ତୁମେ କ'ଣ ସତରେ ସବୁ ବିପଦର ସମ୍ମୁଖୀନ ହୋଇପାରିବ ମାନବ ଜାତିପାଇଁ ? ତୁମେ କ'ଣ ସତରେ ପୃଥିବୀକୁ ଗତାନୁଗତିକତାରୁ ମୁକ୍ତ କରିପାରିବ ? ଯଦି ଏହା ସତ, ତେବେ ତୁମ ସାମର୍ଥ୍ୟକୁ ମୋ ଆଗରେ ପ୍ରକଟ କର ।'' ସାବିତ୍ରୀ ଏହାର ଉତ୍ତରରେ କହିଲେ, ''ମୋର ଏ ସାମର୍ଥ୍ୟ ରହିଛି, ମୁଁ ପାରିବି, ମୁଁ ସର୍ବାନନ୍ଦମୟ ସିନ୍ଧୁକୁ ପାନ କରିପାରିବି । ସତ୍ୟବାନ ଓ ମୁଁ ଏକ ଓ ଅଭିନ୍ନ । ଆମ କ୍ରିୟା ଏକ ଓ ଅଭିନ୍ନ । ଆମ ପରିକଳ୍ପନା ମଧ୍ୟ ଏକ ଓ ଅଭିନ୍ନ ।'' ସାବିତ୍ରୀଙ୍କର ତେଜୀୟାନ ଦୃଢ଼ବକ୍ତବ୍ୟ ଶୁଣି ମୃତ୍ୟୁ ଦେବତା ଟିକିଏ ଦବିଯାଇ କହିଲେ, ''ରାଜନୀତି ଓ ରାଷ୍ଟ୍ରବିପ୍ଳବ ମାନବ ସମାଜ ମଧ୍ୟରେ ଶିହରଣ ସୃଷ୍ଟି କଲେ ମଧ୍ୟ ଜୀବନର ପୁରାତନ ଛାଞ୍ଚକୁ ବଦଳାଇ ପାରନ୍ତି ନାହିଁ ।'' ଆଦର୍ଶ ଆଦୌ ସବୁ କିଛି ନୁହେଁ, ମନକୁ ନେଇ ଆନନ୍ଦଲାଭ ଓ ସତ୍ୟ ସନ୍ଧାନର ବୃଥା ଚେଷ୍ଟା କରନାହିଁ । ଜରିଖଚିତ ରେଶମୀ ବସ୍ତ୍ର ପରି ମନ ହେଉଛି ଅନ୍ଧାରର ଏକ ପରିତଳ, ଯେଉଁଠାରେ ଅନ୍ୟାୟ ଓ ନ୍ୟାୟ ମିଶି ରହିଛନ୍ତି । ଦେହ ଓ ମନକୁ ବିସର୍ଜନ କଲେ ଆତ୍ମାକୁ ଲାଭ କରିହୁଏ । ଭଗବାନ ମଣିଷର ଭାଗ୍ୟ ପ୍ରତି ଆଶାତୀତ ଭାବରେ ଉଦାସୀନ । ଅଜ୍ଞାନତା ଓ ବେଦନାର ମୂର୍ତ୍ତିମନ୍ତ ଏ ଜଗତରେ ପରିବର୍ତ୍ତନର ସ୍ୱପ୍ନ ଉଦ୍ଭଟ। ସୁଖମୟ ସ୍ୱର୍ଗଭୋଗ ଯଦି ଥାଏ, ତେବେ ପୃଥିବୀକୁ ପରିତ୍ୟାଗ କରି ସେଠାରେ ପହଞ୍ଚିପାର । ତୁମେ ଯଦି ଭଗବତୀ ହୁଅ, ତେବେ ଅନନ୍ତଙ୍କ ଆଡ଼କୁ ଫେରିଚାଲ, ଭଗବାନଙ୍କ ପାଇଁ ସବୁକିଛି ପରିତ୍ୟାଗ କରିବାକୁ ଶିଖ, ପ୍ରେମ ଓ ସତ୍ୟବାନଙ୍କୁ ଭୁଲିଯାଅ ।''

ଉତ୍ତରରେ ସାବିତ୍ରୀ କହିଲେ, ''ମୁଁ ପରମାଜ୍ଞନୀଙ୍କର ରୁଦ୍ରଶକ୍ତିର ଅଭିବ୍ୟକ୍ତି । ଏ ପୃଥିବୀ ଏକ ଭାଷା, ଯାହାର ଉଚ୍ଚାରଣ ଭ୍ରାନ୍ତ ଭାବରେ ଚାଲିଛି । ଏ ପୃଥିବୀ ଏବେ ଭଗବାନଙ୍କଠାରୁ ବିଚ୍ଛିନ୍ନ ହେଲାପରି ଜଣାପଡୁଛି । ମାତ୍ର ସବୁଦିନେ ଏହିପରି ଜଣାପଡ଼ିବ ନାହିଁ, ପରମ ସତ୍ୟ ଦିନେ ନା ଦିନେ ମଣିଷର ମନକୁ ଜ୍ୟୋତିର୍ମୟ କରିବ, ଦିବ୍ୟାନନ୍ଦ ଦିନେ ଆସି ମଣିଷର ହୃଦୟକୁ ମଧୁମୟ କରିବ, ହୃଦୟ ସିଂହାସନରେ ଅଭିଷିକ୍ତ ହେବ । ଭଗବାନ ମଣିଷ ଶରୀରର କକ୍ଷରେ ପ୍ରବେଶ କରିବେ । କିଏ ତାଙ୍କୁ ବାଧା ଦେବ ? ଭଗବାନ ଆମ ନିକଟତର ହୋଇ ସାରିଲେଣି । ମୁଁ ଚିନ୍ମୟ ସତ୍ତାଙ୍କ ସହିତ ସାକ୍ଷାତ ଲାଭ କରିଛି । ମୁଁ ଏହି ଜଗତର ପ୍ରତିନିଧି ।''

ଏ କଥା ଶୁଣି ଗର୍ଜି ଉଠି ମୃତ୍ୟୁଦେବତା କହିଲେ, ''ଦେବତାମାନେ ପୃଥିବୀରେ ପ୍ରକଟିତ ନ ହୋଇ ନିଜକୁ ଲୁଚାଇ ରଖିଛନ୍ତି । ତୁମର ଏ ଶକ୍ତିମତ୍ତା କେବଳ ଆସୁରିକ ସତ୍ତାକୁ ଉଦ୍‌ଜୀବିତ କରିବ, ଯାହାକି ଶେଷରେ ତୁମର ଅଶେଷ କ୍ଷତି ଘଟାଇବ । ପ୍ରାଚୀନ ବିଧାନରେ ହସ୍ତକ୍ଷେପ କରନାହିଁ, ପ୍ରତିଷ୍ଠିତ ପରମ୍ପରାକୁ ସମ୍ମାନ ଦେଖାଅ ।'' ସାବିତ୍ରୀ ଏକଥା ଶୁଣି କହିଲେ, ''ମୁଁ ଆପଣଙ୍କ ବିଧାନକୁ ଭାଙ୍ଗିଦେବା ପାଇଁ ଜନ୍ମ ହୋଇଛି । ମନୁଷ୍ୟକୁ ଉଚ୍ଚତର ଚେତନାରେ ଅଧିଷ୍ଠିତ କରାଇବା ପାଇଁ ସଂକଳ୍ପ କରିଛି ।'' ଏହାଶୁଣି ଯମରାଜ କହିଲେ, ''କାହିଁକି ଭଗବାନ ତାଙ୍କର ଇଚ୍ଛାଶକ୍ତି ଓ ଆପଣାର ସ୍ୱତନ୍ତ୍ରତା ଭୁଲିଯାଇ ଏହି ନଶ୍ୱର ପୃଥିବୀ ପାଇଁ ଏତେ ଆଗ୍ରହ ପ୍ରକାଶ କରିବେ ? ମୁକ୍ତି ହେଉଛି ସଂସାରର ବଡ଼ କଥା । ତାକୁ ଛାଡ଼ି ତୁମେ ସତ୍ୟବାନଙ୍କର କାହିଁକି ଅନୁସରଣ କରୁଛ ? ତୁମେ ଯେତେ ମହିୟସୀ ହୁଅ ନା କାହିଁକି ହୃଦୟର କ୍ଷଣିକ ଆବେଗ ଦ୍ୱାରା

ତୁମେ ଯେପରି ପରିଚାଳିତ ହେଉଛି, ମୁଁ ତାକୁ ଅନୁମୋଦନ କରିପାରୁନାହିଁ । ହେ ସାବିତ୍ରୀ, ତୁମେ ମୃତ ସ୍ୱାମୀଙ୍କୁ ଛାଡ଼ି ଚାଲିଯାଅ ଓ ଯଥାରୀତି ଜୀବନ ବଞ୍ଚ ।''

ସାବିତ୍ରୀ ଉଚ୍ଚକଣ୍ଠରେ କହିଲେ, ''ହେ ମୃତ୍ୟୁଦେବ ! ଆପଣ ହେଉଛନ୍ତି ଭଗବାନଙ୍କର ଛାୟାଚ୍ଛନ୍ନ ମସ୍ତକ, ତାଙ୍କ ଅମରତ୍ୱର ଅମଙ୍ଗଳକାରୀ ପ୍ରତିବନ୍ଧକ । ପରମ ସତ୍ୟର ସ୍ୱର୍ଗ ଲାଭ ଆପଣଙ୍କର ଏକାନ୍ତ ଆବଶ୍ୟକ । ଦିନେ ସମସ୍ତଙ୍କ ଆତ୍ମା ଭାଗବତ ସତ୍ୟକୁ ଦେଖିବ ଓ ଜୀବନ ଦିବ୍ୟ ଜୀବନରେ ପରିଣତ ହେବ ।'' ଶେଷଥର ପାଇଁ ଯମରାଜ ସାବିତ୍ରୀଙ୍କୁ କହିଲେ, ''ହେ ମାନବପୁତ୍ରି ! ହେ ଅମୃତର ଅନ୍ୱେଷଣକାରିଣି ! ତୁମେ ତୁମଶକ୍ତି ମୋ ଆଗରେ ପ୍ରକଟ କର । ତୁମ ଅନ୍ତରାତ୍ମାର ସାମର୍ଥ୍ୟ ମୋ ଆଗରେ ପ୍ରକାଶ କର । ତେବେ ମୁଁ ତୁମକୁ ସତ୍ୟବାନଙ୍କୁ ଫେରାଇଦେବି । ମତେ ଶକ୍ତିମୟୀ ଜଗନ୍ମାତାଙ୍କ ମୁଖମଣ୍ଡଳ ଦେଖାଅ । ମୃତ୍ୟୁହୀନ ଚକ୍ଷୁ ମୃତ୍ୟୁ ଉପରେ ଦୃଷ୍ଟି ନିକ୍ଷେପ କରୁ ଏବଂ ମୃତ୍ୟୁକୁ ରୂପାନ୍ତରିତ କରୁ । ତେବେ ତୁମ ମୃତସ୍ୱାମୀ ଜୀବନ୍ତ ହେବେ ଓ ତୁମ ସହ ମର୍ତ୍ତ୍ୟକୁ ଫେରିଯିବେ ।''

ସାବିତ୍ରୀ କିଛି ଉତ୍ତର ନ ଦେଇ ମୃତ୍ୟୁ ଦେବତାଙ୍କ ଆଡ଼କୁ ଚାହିଁରହିଲେ ଓ ବୁଝିପାରିଲେ ଯେ ପୃଥିବୀର ଅନ୍ଧକାର ସ୍ୱର୍ଗର ଆଲୋକକୁ ସ୍ୱୀକାର କରୁଛି ।

⏭ ● ⏮

ମୃତ୍ୟୁ ଦେବତାଙ୍କ ସହ ପ୍ରଶ୍ନୋତ୍ତର

ସାବିତ୍ରୀ ନୀରବତାର ସହ ମୃତ୍ୟୁଦେବଙ୍କୁ ଚାହିଁଲେ । ସେ ଚାହାଣିରେ ଫୁଟି ଉଠିଲା ଦିବ୍ୟ ଚେତନାର ଲାବଣ୍ୟମୟ ଦୀପ୍ତି । ସେହି ଦୀପ୍ତି ବିଚ୍ଛୁରିତ ହେଲା ପରିବେଶରେ ଓ ଦିଗଦିଗନ୍ତରେ । ମନେ ହେଲା ସତେ ଅବା ଅସୀମ ଆଲୋକରେ ବାୟୁମଣ୍ଡଳ ଜ୍ୟୋତିର ମହାସାଗରରେ ପରିଣତ ହୋଇଛି । ଏହା ଦେଖି ମୃତ୍ୟୁ ଦେବତା ସ୍ତମ୍ଭୀଭୂତ ହୋଇଗଲେ, ଅସ୍ମିତାର ଧୂଳି ତାଙ୍କ ଦେହରୁ ଝଡ଼ି ପଡ଼ିଲା । ତାଙ୍କର ମନେହେଲା ସତେ ଅବା ସମଗ୍ର ପୃଥିବୀ ତାଙ୍କ ଦେହରୁ ଝଡ଼ି ପଡ଼ିଲା । ତାଙ୍କର ମନେହେଲା ସତେ ଅବା ସମଗ୍ର ପୃଥିବୀ ତାଙ୍କ ଆତ୍ମା ଭିତରେ ରହିଛି ଓ ସାବିତ୍ରୀ ସର୍ବମୟ ହୋଇଯାଇଛନ୍ତି । ସାବିତ୍ରୀଙ୍କ ଲଲାଟରେ ଭଗବତୀଙ୍କ ତେଜ ମୂର୍ତ୍ତିମନ୍ତ ହେଲାପରି ଅନୁଭବ କରିବା ସଙ୍ଗେସଙ୍ଗେ ସେ ଦେଖିଲେ ସାବିତ୍ରୀଙ୍କ ଆଖି ଦୁଇଟି ସମୁଜ୍ଜ୍ୱଳ ତାରକା ପରି ଜଳୁଥିଲା । ତାଙ୍କ ଦେହର ପ୍ରତିକୋଷରେ ଭଗବାନ ଅଭିବ୍ୟକ୍ତ ହୋଇଥିବାର ଦେଖି ମୃତ୍ୟୁ ଦେବତା ବିସ୍ମିତ ନ ହୋଇ ରହିପାରିଲେ ନାହିଁ । ଠିକ୍ ସେତିକିବେଳେ ଗଭୀର ପ୍ରଶାନ୍ତ ନୀରବତା ଭଙ୍ଗକରି ଏକ ମୃଦୁ ଉଚ୍ଚାରଣ ଭାସି ଆସିଲା– ''ହେ ସର୍ବବିଜୟୀ ମୃତ୍ୟୁ ଦେବତା ! ଆପଣଙ୍କୁ ମୋର ଅଭିନନ୍ଦନ । ଆପଣ ହେଉଛନ୍ତି ଅନନ୍ତଙ୍କର ଅସୀମିତ ଅନ୍ଧକାର, ନିଶ୍ଚେତନାର ପ୍ରତିନିଧି ଓ ଅଜ୍ଞାନତାର ପ୍ରତୀକ ଯାହା ଭିତରେ ସର୍ବଚେତନା ଓ ସର୍ବଜ୍ଞାନ ସୁପ୍ତହୋଇ ରହିଅଛି । ଆପଣ ହେଉଛନ୍ତି ମୋର ଯନ୍ତ୍ର ଓ ଛାୟାଭାସ । ହେ କାଳାତୀତ ଶକ୍ତି ! ଏବେ ଆପଣ ମୋର ପଥରୋଧ କରନ୍ତୁ ନାହିଁ, ଦୂରକୁ ଦୟାକରି ଘୁଞ୍ଚି ଯାଆନ୍ତୁ । ମୋର ଅବତାରୀ ଶକ୍ତିକୁ ବାଟ ଛାଡ଼ି ଦିଅନ୍ତୁ ।'' ଏସବୁ ଶୁଣି ଓ ବୁଝି ମଧ୍ୟ ମୃତ୍ୟୁ ଦେବତା ବାଟ ଛାଡ଼ିଲେ ନାହିଁ, ପଥରୋଧ କଲେ । ସ୍ୱୀକାର କରି ମଧ୍ୟ ସ୍ୱୀକାର କଲେ ନାହିଁ, ଗ୍ରହଣ କରି ମଧ୍ୟ ଗ୍ରହଣ କଲେ ନାହିଁ । ଫଳତଃ ସମାଧାନ ଆଶାନୁରୂପ ସହଜ ଓ ସରଳ ହୋଇପାରିଲା ନାହିଁ । ଉଭୟେ ଯମ ଓ ସାବିତ୍ରୀ ପରସ୍ପର ବିପରୀତ ଦିଗରେ ଠିଆ ହେଲେ । ମୃତ୍ୟୁ ଦେବତାଙ୍କ ସତ୍ତା ଅନ୍ଧକାରର ଏକ ବିଶାଳ ଦୁର୍ଗରେ ପରିଣତ ହୋଇ ଠିଆହେଲା । ଏହି ଦୁର୍ଗର ଚାରିପାଖରେ ସାବିତ୍ରୀଙ୍କ ଜ୍ୟୋତି ମୃତ୍ୟୁ ଦେବତାଙ୍କ ଅନମନୀୟ ମସ୍ତକରେ ଓ ନିର୍ଦ୍ଦୟ ବକ୍ଷ ଉପରେ ଭୀଷଣ ବୋଝର ଚାପ ସୃଷ୍ଟି କଲା । ଦିବ୍ୟ ଚେତନାର ଆଲୋକ ମୃତ୍ୟୁ ଦେବତାଙ୍କ ହୃଦୟରେ ଯେଉଁ ଉତ୍କଟ ଯନ୍ତ୍ରଣା ସୃଷ୍ଟି କଲା, ତାହା ଅବର୍ଣ୍ଣନୀୟ । ପରିଣାମରେ ସାବିତ୍ରୀଙ୍କ ଜ୍ୱଳନ୍ତ ଆଭା ଯମଦେବତାଙ୍କ ଅନ୍ଧକାରକୁ ଗ୍ରାସ କରିଗଲା । ଯମଦେବଙ୍କର ସ୍ୱତନ୍ତ୍ର ଇଚ୍ଛା ବୋଲି ଆଉ କିଛି ରହିଲା ନାହିଁ । ତାଙ୍କର ସକଳ ଅଙ୍ଗପ୍ରତ୍ୟଙ୍ଗ ସାବିତ୍ରୀଙ୍କ ଶକ୍ତିର ପ୍ରଭାବ ଓ ନିୟନ୍ତ୍ରଣରେ ରହିଲା । ତାଙ୍କର ସମସ୍ତ ଶକ୍ତି ଶୂନ୍ୟ ଆକାଶରେ ବିଲୀନ ହେଲା ପରି ବୋଧହେଲା । ସେତିକିବେଳେ ଯମ ଦେବତା ଅମାନିଶାକୁ ଆବାହନ କଲେ ତାଙ୍କୁ ସୁରକ୍ଷା ଦେବା ପାଇଁ । ମାତ୍ର ଫଳ କିଛି ହେଲା ନାହିଁ, ଅମାନିଶା ସାହାଯ୍ୟ କରିବା ତ ଦୂରର କଥା, ବରଂ ଦୂରକୁ ଅପସରି ଗଲା । ଏହାପରେ ଯମ ଦେବତା ଆହ୍ୱାନ କଲେ ନରକର ଶକ୍ତିକୁ । ତାହା ମଧ୍ୟ ଫଳପ୍ରଦ ହେଲା ନାହିଁ । ସାହାଯ୍ୟ କରିବା ପରିବର୍ତ୍ତେ ରୁଷ୍ଟ ହୋଇ ନରକଶକ୍ତି ଦୂରକୁ ଚାଲିଗଲା । ଏସବୁ ଦେଖି ଅସହାୟ ହୋଇପଡ଼ିଥିବା

ଯମ ଦେବତା ପୁନର୍ବାର ଆଶା ବାନ୍ଧି ନିଶ୍ଚେତନାକୁ ଅନୁରୋଧ ଜଣାଇଲେ ତାଙ୍କୁ ସାହାଯ୍ୟ କରିବା ନିମନ୍ତେ, ମାତ୍ର ଏ ଅନୁରୋଧ କାର୍ଯ୍ୟକାରୀ ହେଲା ନାହିଁ । ଯମଦେବତା ଅନୁଭବ କଲେ ସତେ ଯେପରି ତାଙ୍କୁ କିଏ ଶୂନ୍ୟତାରୁ ଅଧିକ ଶୂନ୍ୟତା ଆଡ଼କୁ ଟାଣିନେଉଛି । ଶେଷରେ ସେ ଆପଣା ସାମର୍ଥ୍ୟକୁ ଆବାହନ କଲେ, ମାତ୍ର ତାହା ମଧ୍ୟ ତାଙ୍କୁ ପ୍ରତ୍ୟାଖ୍ୟାନ କଲା । କ୍ରମଶଃ ଦେବୀ ସାବିତ୍ରୀଙ୍କ ଆଲୋକ ପୁଞ୍ଜ ତାଙ୍କ ଶରୀରକୁ ଅଧିକରୁ ଅଧିକ ଗ୍ରାସ କଲା ଓ ତାଙ୍କ ଅହଂଭାବକୁ ଧ୍ୱଂସ କଲା । ଯମ ଦେବତା ନିଜର ପରାଜୟ ସମ୍ପର୍କରେ ନିଶ୍ଚିତ ହେଲେ ଓ ନିଜର ରୂପକୁ ଖଣ୍ଡ ବିଖଣ୍ଡିତ ହେବା ସକାଶେ ଛାଡ଼ିଦେଲେ । ନିମିଷକ ମଧ୍ୟରେ ଦାରୁଣ ଅଜ୍ଞାନତାର ବିଶ୍ୱଗତ ଛାୟାମୂର୍ତ୍ତି (ଯମ ଦେବତା) ଅସୀମ ମହାଶୂନ୍ୟରେ ବିଲୁପ୍ତ ହୋଇଗଲେ ।

⏭ ● ⏮

ଶାଶ୍ୱତ ଦିବସ

ସାବିତ୍ରୀଙ୍କ ତେଜ ଓ ଶକ୍ତିବଳରେ ମୃତ୍ୟୁଦେବତା ଧ୍ୱସ୍ତବିଧ୍ୱସ୍ତ ହୋଇଗଲେ । ବିଫଳ ମନୋରଥ ହୋଇ ଶେଷରେ ସେ ମହାରାତ୍ରିର ଗର୍ଭରେ ଆଶ୍ରୟ ନେଲେ । ପ୍ରତୀକ ଜଗତର ମୂର୍ତ୍ତିଏ ହୋଇ ଶେଷକୁ ସେ ତହିଁରେ ମିଶିଗଲେ । ପରାଜିତ ମୃତ୍ୟୁ ଦେବତାଙ୍କ ଅପସାରଣ ପରେ ସେଠାରେ ସାବିତ୍ରୀ ଓ ସତ୍ୟବାନ କେବଳ ରହିଲେ ।

ଭଗବାନଙ୍କର ଶାଶ୍ୱତ ଦିବସ ଉପସ୍ଥିତ ହେଲା । ଏହି ଦିବସର ପ୍ରଭାବରେ ପରିବେଶ ଆନନ୍ଦମୟ ହୋଇଉଠିଲା । ସେଠାରେ ନ ଥିଲା ରାତ୍ରି, ବିପଦ ଓ ବିରକ୍ତି । ଯାହା କୁତ୍ସିତ, ହୀନ, ବିକଳାଙ୍ଗ ସେସବୁର ଭାଗ୍ୟରେ ନୂତନ ବର୍ଣ୍ଣଚ୍ଛଟା ଆସିଲା । ଦିଗଦିଗନ୍ତ ଆମୋଦିତ ହେଲେ । ଅନନ୍ତ ନୀରବତାର ଆସ୍ତରଣ ଅଧିକରୁ ଅଧିକ ପରିବ୍ୟାପ୍ତ ହେଲା । ପବନ ଓ ଜଡ଼ ଭିତରେ ପରିବର୍ତ୍ତନର ଆଭାସ ଆସିଲା । ଚାରିଆଡ଼େ ଶୁଭିଲା ସୁମଧୁର କଣ୍ଠସ୍ୱର, ବନ ବିହଙ୍ଗର ମଧୁର କାକଳି । ପବନର ପାତ୍ର ମଧୁଗନ୍ଧରେ ଭରିଗଲା, କୁସୁମର କୁଞ୍ଜେ କୁଞ୍ଜେ ପୂର୍ଣ୍ଣ ହୋଇଗଲା ଦିବ୍ୟ ସୁବାସର ରମ୍ୟ ଆବେଶ । ଶାଶ୍ୱତଙ୍କ ମୁଗ୍ଧମଧୁର ସ୍ପର୍ଶରେ ସାବିତ୍ରୀଙ୍କ ଦେହ ପୁଲକିତ ହୋଇଉଠିଲା । ରହସ୍ୟମୟ ସେଇ ସ୍ୱର୍ଗଲୋକର ଶେଷଭାଗରେ ଦେଖାଦେଲା ପବିତ୍ର ସପ୍ତ ଅମର ଲୋକ । ଦେଖାଗଲା ମୃତ୍ୟୁର ଅମର ପୁରୁଷମାନଙ୍କର ବାସସ୍ଥଳୀ, ଯେଉଁଠାରେ ଦୁଃଖର ଅନୁପ୍ରବେଶ ନିଷିଦ୍ଧ ଥିଲା । ଅନନ୍ତ ଦିବସର ଅନନ୍ୟ ଆହ୍ଲାଦ ପ୍ରତିଷ୍ଠିତ ହୋଇଗଲା ପରିବେଶର କୋଣ ଅନୁକୋଣରେ । ଅପୂର୍ବ ସୁନ୍ଦର କୁସୁମରାଜି ଉଲ୍ଲସିତ ହୋଇ କାହା ଆସିବା ବାଟକୁ ଚାହିଁ ରହିଥିଲା ପରି ମନେହେଲା । ଅମର ଛନ୍ଦର ସ୍ୱର ଲହରୀ ଭରି ଦେଉଥିଲା ବାତାବରଣରେ ଅପୂର୍ବ ମାଦକତା । ଆତ୍ମଚେତନା ପବନରେ ସତତ ଗତିଶୀଳ ହୋଇ ଅଜଣା ଆକର୍ଷଣରେ ସବୁକିଛିକୁ ମନ୍ତ୍ରମୁଗ୍ଧ କରି ଦେଉଥିଲା । ସାବିତ୍ରୀଙ୍କ ହୃଦୟବୀଣାରେ ଝଙ୍କୃତ ହୋଇ ଉଠୁଥିଲା ମନୋରମା ତାନ ମଧୁରିମା । ସାବିତ୍ରୀଙ୍କ ଅନ୍ତର ପରିଣତ ହୋଇଗଲା ଅଶେଷ ଆନନ୍ଦର ଆଦି ଶବ୍ଦକୋଷରେ । ପାର୍ଥିବ ଜଗତରେ ଯାହା ଦୁଃଖ ବୋଲି ବିବେଚିତ, ସେଠାରେ ତାହାର ନାମ ଅଖଣ୍ଡ ଆନନ୍ଦ । ସେଠାରେ ଆନନ୍ଦ ଏକ ନିତ୍ୟ ନୈମିତ୍ତିକ ଘଟଣା । ଆମେ ଯାହାକୁ ପାର୍ଥିବ ଆନନ୍ଦ ବୋଲି କହୁ, ତାହା ସେହି ଆନନ୍ଦର ପତିତ ତନ୍ତୁ ମାତ୍ର । ତାହା ସେଠାରେ ଥିବା ଭଗବାନଙ୍କ ରାଜ ପରିଚ୍ଛଦର ଝାଲରରୁ ଝରିପଡ଼ିଥିବା ମାଳି ମାତ୍ର । ଅବଶ୍ୟ ସୀମାହୀନ ଏଇ ବୈଭବ ଭରା ସ୍ୱର୍ଗରାଜ୍ୟ ହେଉଛି ପ୍ରଥମ ସ୍ତର । ଏହାପରେ ସ୍ତର ପରେ ସ୍ତର ଅତିକ୍ରମ କଲା ସାବିତ୍ରୀଙ୍କ ଚେତନା । ଚଳନ୍ତି ଚିନ୍ମୟ ସତ୍ତାମାନଙ୍କ ସହ ତାହାଙ୍କ ସାକ୍ଷାତ ହେଲା । ପଥଦ୍ରଷ୍ଟା, ସ୍ରଷ୍ଟା, ଋଷିଗଣ, ବିଜ୍ଞ ଓ କବିଗଣଙ୍କ ସହ ତାଙ୍କର ସାକ୍ଷାତ ହେଲା । ପୁନଶ୍ଚ ସାବିତ୍ରୀ, ଚେତନାରେ ସ୍ତର ପରେ ସ୍ତର ଅତିକ୍ରମ କରିଚାଲିଲେ । ବିଶ୍ୱ ପ୍ରକୃତିର ମୁକୁଟ ଭାବରେ ରହିଥିବା ଅନନ୍ତ ଦୃଶ୍ୟାବଳୀ ସେ ଦେଖିପାରିଲେ । କ୍ରମଶଃ ସେ ଦେଖିପାରିଲେ ଅଗଣିତ ଲୋକାବଳୀ ।' ସେଠାରେ ଥିଲା ସ୍ୱର୍ଗଠାରୁ ଆହୁରି ମହତ୍ତର ଅନେକ କଥା । ରଙ୍ଗ ହୋଇଥିଲା ଉଲ୍ଲାସର ନିରୁପମ ଭଙ୍ଗିମା, ବାୟୁ ଦେଉଥିଲା ଏକ ଅନନୁଭୂତ ଅନୁଭୂତି । ପ୍ରତିଟି ଧ୍ୱନିରେ ରହିଥିଲା ଶାଶ୍ୱତ ଆତ୍ମାର ଶ୍ରୁତିମଧୁର ସ୍ୱର

ଲହରୀ । ସେଠାରେ ସୂର୍ଯ୍ୟାଲୋକ ଥିଲା ଅନ୍ତଃପୁରୁଷଙ୍କ ଦୃଷ୍ଟି ଓ ଚନ୍ଦ୍ରକିରଣ ଥିଲା ସୁଖମୟ ସୁକୁମାର ସ୍ୱପ୍ନ । ନିସ୍ତବ୍ଧ ପ୍ରଶାନ୍ତିର ପ୍ରାଣ ପ୍ରତିଷ୍ଠା କରି ସୁବିମଳ ପୁଲକ ଦିଗେ ଦିଗେ ପରିବ୍ୟାପ୍ତ ହୋଇ ରହିଥିଲା ।

ଆନନ୍ଦର ବଳୟରେ ଭ୍ରମି ଭ୍ରମି ସାବିତ୍ରୀ ଯେଉଁ ସ୍ଥାନରେ ଆସି ପହଞ୍ଚିଲେ ଓ ସେଠାରେ ଯାହା କିଛି ଦେଖିଲେ ତାହା ଥିଲା ଯେତିକି ଅଭିନବ ସେତିକି ଅନିର୍ବଚନୀୟ । ସେ ଦେଖିଲେ ଯେ ପୂର୍ବର ଯମ ଦେବତା ରୂପାନ୍ତରିତ ହୋଇଯାଇଛନ୍ତି । ତାଙ୍କ ଅଙ୍ଗରେ ଝଲସି ଉଠୁଥିଲା ସକଳ ମାଧୁର୍ଯ୍ୟର ବର୍ଣ୍ଣବିଭା । ଚିରଦିନ ପାଇଁ ବିଲୁପ୍ତ ହୋଇଯାଇଥିଲା ତାଙ୍କର କଠୋରତା ଓ ଭୀଷଣତା । ନୂତନ ଏଇ ରୂପାନ୍ତରିତ ଚେତନାର ପ୍ରଭାବରେ ସେଠାରେ ଆଉ ନ ଥିଲା ଛାୟାର ଛଳନା, ବିରକ୍ତିର ନିଷ୍ଠୁର ଭ୍ରୂକୁଟି । ଫଳତଃ ବିବର୍ତ୍ତନଶୀଳ ପ୍ରକୃତିର ମୁଖମଣ୍ଡଳରୁ ଅପସରି ଗଲା ମୃତ୍ୟୁର କୃଷ୍ଣ ଆବରଣ ଏବଂ ତହିଁରେ ଶ୍ରୀ, ସ୍ନେହ ଓ ଆନନ୍ଦର ଅଭିଷେକ ହେଲା । ସେଠାରେ ନ ଥିଲା ବିକୃତିର ସ୍ଥାନ । ମୃତ୍ୟୁ ରୂପାନ୍ତରିତ ହୋଇଥିଲା ପ୍ରେମରେ ଅର୍ଥାତ୍ ତା'ର ମୂଳ ସ୍ୱାଧୀନ ରୂପରେ ।

⏭ ● ⏮

ସ୍ୱର୍ଗର ପ୍ରଲୋଭନ

ଦିବ୍ୟ କଣ୍ଠରୁ ଶୁଭିଲା - ''ମଣିଷ ଭାଗ୍ୟରେ ଅସୀମ ପୁଲକ ଓ ଅମରତ୍ୱ ଆଉ ଏକ କଳ୍ପନାବିଳାସ ହୋଇ ନ ରହି ବାସ୍ତବତାରେ ପରିଣତ ହୋଇଛି । ମଣିଷର ହାତ ପାଆନ୍ତାରୁ ସେଇ ବାସ୍ତବତା ଆସିବା ପର୍ଯ୍ୟନ୍ତ ତୁମେ ଓ ସତ୍ୟବାନ ଦ୍ୱୈତ ନୀତି ମାନି ଚାଲ । ଯଦି ଦୁଃଖମୟ ଜଗତକୁ ପରିତ୍ୟାଗ କରିବାକୁ ଚାହଁ, ତେବେ ମାନବ ପ୍ରତି ଅଧିକ ସହାନୁଭୂତି ପ୍ରକଟ ନ କରି ଆନନ୍ଦମୟ ଦେବଧାମକୁ ଗମନ କର, ଜଗତ ପ୍ରତି ମମତା ତ୍ୟାଗ କର ।''

ସାବିତ୍ରୀ ଏହା ଶୁଣି ପ୍ରତ୍ୟୁତ୍ତରରେ କହିଲେ - ''ମୁଁ ଜାଣେ ସ୍ୱର୍ଗ ସୁଖ କ'ଣ ? ଯେଉଁ ସୁଖ ସମସ୍ତଙ୍କ ପାଇଁ ଅଭିପ୍ରେତ ନୁହେଁ, ମୁଁ ଏକା ସେହି ସୁଖ ପ୍ରାପ୍ତ ହୋଇ ଭୋଗ କରିପାରିବି ନାହିଁ । ମୁଁ ଚାହେଁ ସମଗ୍ର ଧରାରେ ତାହାର ବିସ୍ତୃତି, ସମଗ୍ର ବସୁନ୍ଧରାକୁ ମୁଁ ମୋର ନିଜର କରିବାକୁ ଚାହେଁ ।'' ସେଇ କଣ୍ଠସ୍ୱରରୁ ପୁଣି ଶୁଭିଲା- ''ଅମରାବତୀର ଆଲୋକ ପୃଥିବୀର ମାଟିକୁ ସ୍ପର୍ଶ କରିପାରେ ମାତ୍ର ତାହା ଦ୍ୱାରା ପୃଥିବୀର ସର୍ବାଙ୍ଗୀନ ବିକାଶର ଆଶା ପୂରଣ ହେବନାହିଁ । ପୃଥିବୀର ସାମଗ୍ରିକ ପରିବର୍ତ୍ତନ ଏତେ ସହଜ କଥା ନୁହେଁ । ଯେତେ ଯାହା ହେଲେ ମଧ୍ୟ ସେ କେବେ ବି ତାରକାର ପୂର୍ଣ୍ଣ ଦ୍ୟୁତି ପାଇବ ନାହିଁ । ଯେପରି ଅଛି ସେପରି ଅଜ୍ଞାନତା, ବେଦନା ଓ ଯନ୍ତ୍ରଣା ଭିତରେ ସେ ରହିବ । ମର୍ତ୍ତ୍ୟର ମଣିଷ କାଦୁଅରେ ପଡ଼ି ସଡ଼ିବାକୁ ଭଲପାଏ । ସାଧାରଣ ମଣିଷ ହୋଇ ସେ ରହିବାକୁ ଚାହେଁ । ଚେତନାରେ ଅଗ୍ରଗତି କରିବାକୁ ପ୍ରୟାସ କରେନାହିଁ । ଜଗତର ସୃଷ୍ଟି ମୂଳରେ ରହିଛି ଅଚେତନା, ଅନ୍ଧକାର ଓ ଅଜ୍ଞାନତା । ମଣିଷ ଏକ ସୀମାବଦ୍ଧ ଜୀବ, ସେ ବହିର୍ମୁଖୀ, ସେ ଅନ୍ତରର ଗଭୀରତାରେ ପ୍ରବେଶ କରିପାରେ ନାହିଁ । ଗତି ତା'ର ମନ୍ଥର । ତାକୁ ଏଇ ମନ୍ଥର ଗତିରେ ସ୍ତିମିତ ଆଲୋକରେ ଚାଲିବାକୁ ଦିଅ । ତୁମେ ଜଗତ ଜନନୀ, ମଣିଷ ପାଇଁ ଏତେ ବୃଥା ଚେଷ୍ଟା କରନାହିଁ ।''

ମୃତ୍ୟୁ ଦେବତାଙ୍କ ମୃତ୍ୟୁ ପରେ ସାବିତ୍ରୀ ଦେଖିଲେ ଯେ କାଳ ଓ କାଳାତୀତ ଏକ ହୋଇଯାଇଛନ୍ତି । ବାକ୍‌ଶୂନ୍ୟ ପ୍ରଶାନ୍ତିର ରାଜତ୍ୱ ଦିଗେ ଦିଗେ ପ୍ରତିଷ୍ଠିତ ହୋଇଛି । ଅପୂର୍ବ ଆନନ୍ଦ ଓ ଆଲୋକରେ ଆମ୍ଭହରା ହୋଇଛି ବାତାବରଣ । ଏକ ହିଁ ସଦ୍‌ବସ୍ତୁ ସର୍ବତ୍ର କ୍ରିୟାଶୀଳ, କେଉଁଠାରେ ହେଲେ କୌଣସି ଅତ୍ୟାଚାର, ଦ୍ୱେଷ ଓ ହିଂସା ନାହିଁ । ମୃତ୍ୟୁ ରୂପାନ୍ତରିତ ହୋଇଯାଇଛି ଦିବ୍ୟ ପ୍ରେମରେ । ଅମୃତର ମୋହିନୀ ମଧୁରିମା ଫୁଲ ପରି ଫୁଟିଯାଇଛି ସୁଲଳିତ ସେହି ପରିଧିରେ । ଭଗବତ କରୁଣା ଓ ଐଶ୍ୱର୍ଯ୍ୟ ଗୋଟିଏ ରୂପରେ ସମନ୍ୱିତ ହୋଇଛି । ଏହି ସମନ୍ୱିତ ମହାନ ସତ୍ତା ନିଜ ଭିତରେ ଚାରିଗୋଟି ସତ୍ତାଙ୍କୁ ଧାରଣ କରିଛନ୍ତି । ପ୍ରଥମ ସତ୍ତା ହେଲେ ଇଚ୍ଛାମୟ ସତ୍ତା । ଅଣୁ, ପରମାଣୁ ଓ ମୃତ୍ତିକା ଭିତରେ ମୌନ ଇଚ୍ଛାର ପ୍ରତୀକ । ଦ୍ୱିତୀୟ ସତ୍ତା ହେଲେ ଚିନ୍ତା ଓ ସ୍ୱପ୍ନର ପ୍ରତୀକାତ୍ମକ ସତ୍ତା । ଅଚିନ୍ତ୍ୟ ବାସ୍ତବତାର ସେ ଆବିଷ୍କର୍ତ୍ତା, ଆନ୍ତର ପଥର ବିଶ୍ୱବିଜୟୀ ନେତା । ପ୍ରଚ୍ଛନ୍ନ ଅଗ୍ନିକୁ ବହନ କରି ସେ ଅଦୃଶ୍ୟ ପଥର ପଥିକ ଓ ସ୍ରଷ୍ଟା । ରୂପ ତାଙ୍କର ଅନିର୍ବଚନୀୟ,

ଆଲୋକର ସନ୍ଧାନରେ ତାଙ୍କର ଯାତ୍ରା ନିରବଚ୍ଛିନ୍ନ । ତୃତୀୟ ସତ୍ତା ହେଲେ ଅତି ଚେତନାର ମୂର୍ତ୍ତିମନ୍ତ ସତ୍ତା । ସେ ସମସ୍ତଙ୍କର ବୀଜ ଓ ଅନ୍ତଃକରଣ । ସମସ୍ତ ଆଲୋକ ତାଙ୍କ ତେଜମୟ ଚକ୍ଷୁର ପଲକ ମାତ୍ର । ସେ ଭାଗବତ ଚେତନାର ସାରସତ୍ତା । ଜାଗ୍ରତ ହେଲେ ସେ ହୁଅନ୍ତି ଅନନ୍ତ ଓ ପୁରୁଷୋତ୍ତମ । ଚତୁର୍ଥ ସତ୍ତାଙ୍କର ସ୍ଥିତି ଉଚ୍ଚତମ ଉଚ୍ଚତାରେ । ପ୍ରେମ, ଆନନ୍ଦ ଓ ସୌନ୍ଦର୍ଯ୍ୟର ବାସସ୍ଥାନ ହେଉଛି ଏହାଙ୍କର ଦେହ । ଚାରି ସତ୍ତାର ସମାହାରରେ ଏ ଦେବତା ଆକାଶ ପରି ସୁବିସ୍ତୃତ । ସାବିତ୍ରୀ ଓ ଏହି ଦେବତା ପରସ୍ପର ପ୍ରତି ଦୃଷ୍ଟିପାତ କଲେ । ସତେ ଅବା ଏକ ଆତ୍ମା ଅପର ଆତ୍ମାର ସାକ୍ଷାତ ଲାଭ କଲା । ସେତେବେଳେ ସାବିତ୍ରୀଙ୍କ ହୃଦୟରୁ ଏକ ବାଣୀ ଶୁଭିଲା - ''ହେ ସାବିତ୍ରି ! ତୁମେ ମୋର ବାକ୍‌ଶକ୍ତିର ମାନୁଷୀ ପ୍ରତିମା । ତୁମର ସିଦ୍ଧିରେ ମଣିଷର ଦିବ୍ୟ ଚକ୍ଷୁ ଉନ୍ମୁକ୍ତ ହୋଇଯାଇଛି ।'' ସାବିତ୍ରୀ ଉତ୍ତର ଦେଲେ, ''ତାହା ହୋଇପାରେନା । ମୁଁ, ସତ୍ୟବାନ ଓ ପୃଥିବୀ ଗୋଟିଏ ସୂତ୍ରରେ ବନ୍ଧା । ସେଥିରୁ ନିଜକୁ ମୁଁ ଓହରାଇ ନେଇପାରିବି ନାହିଁ । ଏ ଜଗତ ସତ୍ୟ, ଭଗବାନ ମଧ୍ୟ ସତ୍ୟ, ଦିନେ ଏ ପୃଥିବୀ ନିଜ ଭିତରେ ଭଗବାନଙ୍କୁ ପ୍ରକାଶ କରିବ । ସେ ନିଜେ ନିଜେ ନିଜକୁ ଦିନେ ଅତିକ୍ରମ କରିବ । ଏସବୁ ଶୁଣି ସେ ଦେବତା କିଛି କ୍ଷଣ ନୀରବ ରହିଲାପରେ କହିଲେ ଯେ ପ୍ରଥମେ, ମାଟି, ମଣିଷ ଓ ଭଗବାନଙ୍କ ମଧ୍ୟରେ ଯେଉଁ ସାର୍ବଜନୀନ ସତ୍ୟ ରହିଛି, ତାହାକୁ ଆବିଷ୍କାର କରିବାକୁ ପଡ଼ିବ ।

⏭ ● ⏮

ମର୍ତ୍ତ୍ୟକୁ ପ୍ରତ୍ୟାବର୍ତ୍ତନ

ସାବିତ୍ରୀଙ୍କ ଆତ୍ମା ସ୍ୱର୍ଗର ନୀଳମଣି ତୋରଣ ପାରିହୋଇ ପୃଥିବୀ ଆଡ଼କୁ ପ୍ରତ୍ୟାବର୍ତ୍ତନ କଲାବେଳେ ନିଜ ହୃଦୟ ଭିତରେ ସତ୍ୟବାନଙ୍କର ସ୍ୱର୍ଶ ଲାଭ କରିଥିଲେ । ପୃଥିବୀର ଆକର୍ଷଣ ତାଙ୍କୁ ବିଶେଷ ମୁଗ୍ଧ କରିଥିଲା । ସେ କ୍ରମେ ପୃଥିବୀକୁ ଅବତରଣ କରିଆସିଲେ । ତାଙ୍କ ସ୍ୱର୍ଶ ପାଇ ବନଭୂଇଁ ଉଲ୍ଲସିତ ହୋଇଉଠିଲା । ସତ୍ୟବାନଙ୍କ ଦେହକୁ ପୁଣି ଜୀବନ୍ତ ଭାବରେ ସେ ଅନୁଭବ କଲେ । ସେ ପୁଣି ମାନବୀ ରୂପ ଗ୍ରହଣ କରି ସତ୍ୟବାନଙ୍କ ମୁଖମଣ୍ଡଳକୁ ଗଭୀର ଦୃଷ୍ଟି ନିକ୍ଷେପ କଲେ । ସତ୍ୟବାନଙ୍କ ମୁଖରେ ଅପୂର୍ବ ତେଜର ବିଶ୍ୱସ୍ତ ସ୍ୱାକ୍ଷର ଦେଖି ସାବିତ୍ରୀ ଆନନ୍ଦିତ ହେଲେ । ସତ୍ୟବାନ ଜାଗିଉଠିଲେ ଏବଂ କହିଲେ, ''ହେ ଧୈର୍ଯ୍ୟମୟୀ ସାବିତ୍ରି ! ମୁଁ ଅନେକ ଅଦ୍ଭୁତ ଜଗତକୁ ଯାଇଥିଲି । ମୋ ସହ ତୁମେ ମଧ୍ୟ ଯାଇଥିଲ । ଆମ ଦୁହିଁଙ୍କ ମଝିରେ ଯେଉଁ ଭୀଷଣ ମୂର୍ତ୍ତିଟି ଠିଆ ହୋଇଥିଲେ ସେ କେଉଁଆଡ଼େ ଗଲେ ? ଏସବୁ ସତ ଅଥବା ମୁଁ ସ୍ୱପ୍ନ ମାତ୍ର ଦେଖୁଥିଲି ।''

ଉତ୍ତରରେ ସାବିତ୍ରୀ କହିଲେ, ''ଆମର ବିଚ୍ଛେଦ ଅସମ୍ଭବ, ଅକଳ୍ପନୀୟ । ଏଠାରେ ହିଁ ଆମର ବାସସ୍ଥାନ । ଦେଖ, ଏହି ବନର ବୃକ୍ଷଲତା ପୂର୍ବେ ଯେପରି ଆନନ୍ଦମଗ୍ନ ଥିଲେ ଏବେ ମଧ୍ୟ ସେହିପରି ରହିଛନ୍ତି ବରଂ ଅଧିକ ଆନନ୍ଦମୟ ହୋଇ ଯାଇଛନ୍ତି ।''

ଏହାପରେ ଦୁହେଁ ଉଠି ଠିଆହେଲେ ଏବଂ ପରସ୍ପର ଆଡ଼କୁ କିଛି ସମୟ ତଲ୍ଲୀନ ଦୃଷ୍ଟିରେ ଚାହିଁ ରହିଲେ । ସତ୍ୟବାନଙ୍କ ମୁଖମଣ୍ଡରେ ବିସ୍ମୟର ଆଭା ଝଲସି ଉଠିଲା । ସେ ସାବିତ୍ରୀଙ୍କୁ କହିଲେ - ''ତୁମ ଭିତରେ ବିରାଟ ପରିବର୍ତ୍ତନ ମୁଁ ଦେଖିପାରୁଛି । ତୁମେ ଆଗରୁ ମାନୁଷୀ ମାଧୁର୍ଯ୍ୟର ମନୋଜ୍ଞ ବିଗ୍ରହ ଥିଲ, ଏବେ ଏତେ ଉଚ୍ଚତାରେ ଅଭିଷିକ୍ତ ହୋଇଛ ଯେ ମନୁଷ୍ୟର ପୂଜା ତୁମ ନିକଟରେ ପହଞ୍ଚିବ କି ନାହିଁ ମୁଁ ଜାଣିପାରୁ ନାହିଁ, କାଳ ତୁମ ପଦାଶ୍ରିତ, ସମଗ୍ର ପୃଥିବୀ ତୁମର ଅଂଶବିଶେଷ । ତୁମେ ମୋର ଜୀବନକୁ ମହତ୍ତର କରିଛ ଏବଂ ମତେ ଆଣିଦେଇଛ ସ୍ୱର୍ଗ ରାଜ୍ୟର ଲଳିତ ଲାବଣ୍ୟ ।''

ସାବିତ୍ରୀ ଉତ୍ତର ଦେଲେ, ''ଅବଶ୍ୟ ସବୁ କିଛିର ଆନ୍ତର ପରିବର୍ତ୍ତନ ଘଟିଛି ତଥାପି ଯାହାସବୁ ଆଗରୁ ଯେଉଁଠି ଥିଲେ, ତାହାସବୁ ସେହିଠାରେ ରହିଛନ୍ତି । ଆମେ ଭଗବାନଙ୍କ ମୁଖାରବିନ୍ଦକୁ ଦର୍ଶନ କରିଛୁ । ଆମକୁ ମାନବ ଜନ୍ମ ମାଧ୍ୟମରେ ଚେତନାର ଉଚ୍ଚତମ ଉଚ୍ଚତାକୁ ନେବାକୁ ଭଗବାନ ଚାହିଁଛନ୍ତି, ତାହା ମଧ୍ୟ ଆମେ ଜାଣିଛୁ । ତେବେ ଏହାଦ୍ୱାରା ପାର୍ଥିବ ପ୍ରେମର ଆନନ୍ଦ ନଷ୍ଟ ହୋଇନାହିଁ । ତାହାର କାରଣ ହେଉଛି ଅଭିଳଷିତ ଦିବ୍ୟ ଚେତନାର ସ୍ୱର୍ଶ ପୃଥିବୀକୁ ପୂର୍ଣ୍ଣ କରିଛି । ମୁଁ ସେହି ଏକଇ ସାବିତ୍ରୀ, ତୁମେ ମୋର ପୂଜାର ଦେବତା । ଆମେ ପୃଥିବୀକୁ ପ୍ରତ୍ୟାବର୍ତ୍ତନ କରି ଏହା ଜାଣିଛୁ ଯେ ଏଇ ପୃଥିବୀ ହେଉଛି ପରମେଶ୍ୱରଙ୍କ ଲୀଳାନଗରୀ, କ୍ରୀଡ଼ା ଶିବିର । ସନ୍ଧ୍ୟା ହୋଇ ଆସୁଛି, ଚାଲ ଆମେ ଘରକୁ ଫେରିଯିବା । ଆମେ ଯେଉଁ ଆନନ୍ଦ ପାଇଛୁ, ତାହା ସମସ୍ତଙ୍କ ଭିତରେ ବାଣ୍ଟି ଦେବା, ଆମେ ଜନ୍ମ ନେଇଛୁ ସମଗ୍ର ମାନବ ଜାତିର କଲ୍ୟାଣ ନିମନ୍ତେ, ମାନବାତ୍ମାକୁ ଆଗକୁ ନେବା ସକାଶେ ।''

କିଛି ସମୟ ପରେ ଦୁହେଁ ହାତ ଧରାଧରି ହୋଇ ସେହି ସ୍ଥାନ ତ୍ୟାଗକରି ତାଙ୍କ ପର୍ଣ୍ଣ କୁଟୀର ଆଡ଼କୁ ଆଗେଇ ଚାଲିଲେ । ସେତେବେଳେ ଗୋଧୂଳିର କନକ କିରଣ ତରୁଲତାରେ ମାଖି ହୋଇଯାଇଥିଲା । ପକ୍ଷୀମାନେ ନିଜ ନିଜର ନୀଡ଼ ଅଭିମୁଖେ ଉଡ଼ିଯିବାକୁ ଉଦ୍ୟତ ହେଉଥିଲେ । କିଛି ବାଟ ଯିବାପରେ ସେମାନେ ଉଚ୍ଚସ୍ୱରରେ କିଛି କଥା ଶୁଣିବାକୁ ପାଇଲେ । ଅନେକ ଲୋକ ହାତରେ ମଶାଲ ଧରି ସେମାନଙ୍କ ଆଡ଼କୁ ଆସୁଥିବାର ଦେଖାଗଲା । ଏହି ଜନଗହଳିରେ ଥିଲେ ଶୁଭ୍ରବସ୍ତ୍ର ପରିହିତ କେତେକ ବ୍ୟକ୍ତି ଏବଂ ଅସ୍ତ୍ରଶସ୍ତ୍ରଧାରୀ ଅଶ୍ୱାରୋହୀ ବୀରଗଣ । ଏମାନଙ୍କ ସମ୍ମୁଖରେ ଚାଲିକରି ଆସୁଥିଲେ ନବ ଦୃଷ୍ଟିପ୍ରାପ୍ତ ରାଜା ଦ୍ୟୁମତ୍‌ସେନ । ତାଙ୍କ ପାଖେ ପାଖେ ଉଦ୍‌ବେଗମନା ରାଣୀ ଆସୁଥିଲେ । ରାଣୀ ହିଁ ପ୍ରଥମେ ଦେଖିପାରିଲେ ସାବିତ୍ରୀ ଓ ସତ୍ୟବାନଙ୍କୁ । ଦୁହିଁଙ୍କ ନିକଟକୁ ଯାଇ ରାଜା ଓ ରାଣୀ ଉଭୟଙ୍କୁ ଆଦରରେ ଆଉଁଷି ଦେଲେ । ଏହାପରେ ରାଜା ଦ୍ୟୁମତ୍‌ସେନ ପ୍ରେମପୂର୍ଣ୍ଣ କୋମଳ କଣ୍ଠରେ ମୃଦୁ ତିରସ୍କାର ଛଳରେ କହିଲେ, ''ଭାଗ୍ୟଦେବୀ ଆଜି ମୋ ଉପରେ କୃପାଦୃଷ୍ଟି ବର୍ଷଣ କଲେ, ଚକ୍ଷୁରେ ମୋର ପୂର୍ବର ଜ୍ୟୋତି ପୁନଃ ପ୍ରକଟିତ ହେଲା । କିନ୍ତୁ ତୁମେ ଦୁହେଁ ଶୀଘ୍ର ନ ଆସି ରାତି ପର୍ଯ୍ୟନ୍ତ ବଣରେ କାହିଁକି ଅଟକି ଥିଲ ?'' ପୁନଶ୍ଚ ସାବିତ୍ରୀଙ୍କ ଆଡ଼କୁ ଚାହିଁ ରାଜା କହିଲେ, ''ସାବିତ୍ରି ! ଏହା ଉଚିତ କାର୍ଯ୍ୟ ହେଲାନାହିଁ, ତୁମେ ଶୀଘ୍ର କାହିଁକି ସତ୍ୟବାନଙ୍କୁ ଆଣି କୁଟୀରକୁ ଫେରିଲ ନାହିଁ ? ତୁମେ ତ ଜାଣ ସତ୍ୟବାନ ମୋ ନିକଟରେ ଥିଲେ ସକାଳ ସନ୍ଧ୍ୟାରେ ମୁଁ ଖାଦ୍ୟ ଗ୍ରହଣ କରେ, ସେ ଖାଦ୍ୟ ମୋ ପାଇଁ ଅମୃତ ପରି ମଧୁର ହୁଏ ।''

ଏହା ଶୁଣି ସତ୍ୟବାନ ପିତାଙ୍କୁ ଉତ୍ତର ଦେଲେ - ''ସକଳ କୃତଜ୍ଞତା ସାବିତ୍ରୀଙ୍କୁ ହିଁ ଜ୍ଞାପନ କରନ୍ତୁ, କାରଣ ସେ ହିଁ ଏହି ସକଳ ପରିବର୍ତ୍ତନର ହେତୁ । ସେ ତାଙ୍କର ଅସୀମ ଶକ୍ତି ବଳରେ ଅସମ୍ଭବକୁ ସମ୍ଭବ କଲେ । ଆଜି ଦିନ ଦ୍ୱିପହରେ ମୁଁ ମୋର ମାଟିର ଶରୀର ତ୍ୟାଗକରି ସୁଦୂର ଅନନ୍ତ ରାଜ୍ୟରେ ବିଚରଣ କରୁଥିଲି । ସାବିତ୍ରୀଙ୍କ ସୁଦୃଢ଼ ପ୍ରୟାସ ଓ ଅଦମ୍ୟ ଉଦ୍ୟମ ବଳରେ ସୂର୍ଯ୍ୟାସ୍ତ ପୂର୍ବରୁ ମଣିଷର କର୍ମବ୍ୟସ୍ତ ଜୀବନ ମଧ୍ୟକୁ ଫେରି ଆସିଲି ।''

ସେତେବେଳେ ସେଠାରେ ଉପସ୍ଥିତ ଜଣେ ସାଧୁ ପୁରୋହିତ ସାବିତ୍ରୀଙ୍କୁ କହିଲେ, ''ତୁମେ ଯେଉଁ ଶକ୍ତି ଓ ଜ୍ୟୋତିର ପ୍ରଭାବ ଆମ ପାଖରେ ପ୍ରକାଶିତ କରିଛ, ତାହାଦ୍ୱାରା ଜାଗତିକ ଚେତନାରେ ଏକ ନୂତନ ଦିଗନ୍ତ ଉନ୍ମୋଚିତ ହେବାର ସୂଚନା ମିଳିଲା ।'' ଉତ୍ତରରେ ସାବିତ୍ରୀ କହିଲେ ହେ ଋଷି ! ଆମର ପରିବର୍ତ୍ତନର ମୂଳକଥା ହେଲା ସମସ୍ତଙ୍କ ପାଇଁ ପ୍ରେମାନୁଭୂତି ଓ ଏକାତ୍ମତାବୋଧ । ଏହି ସତ୍ୟକୁ ମୁଁ ଛୁଇଁଛି । ଜ୍ୟୋତିର୍ମୟୀ ସାବିତ୍ରୀଙ୍କୁ ସେତେବେଳେ ଦେଖି ଓ ତାଙ୍କ କଥା ଶୁଣି ସମସ୍ତେ ବିସ୍ମୟାଭିଭୂତ ହୋଇଗଲେ ।

ସେତେବେଳେ ପରିବେଶ କୁଞ୍ଜବନର ଅନୁପମା ଅପ୍ସରା ପରି ଆତ୍ମତଲ୍ଲୀନ ହୋଇ ରହିଥିଲା । ଝରି ପଡୁଥିଲା ଦିଗେ ଦିଗେ ପ୍ରୀତିମୁଗ୍ଧତାର ଝଲମଲ ଚାରୁଚାନ୍ଦିନୀ, ଭରି ଯାଇଥିଲା ଆଶାତୀତ ସୁକୁମାରତାର ମୋହିନୀ ମାଦକତା । ସ୍ୱର୍ଗ ଓ ମର୍ତ୍ତ୍ୟ ହୋଇଯାଇଥିଲା ଏକ ଆଧାରରେ ଦୁଇଟି ବିକଶିତ କୁସୁମ ଯାହାର ସୁବାସ ସମସ୍ତଙ୍କୁ ଅଭିଭୂତ କରିଥିଲା ।

⏭ ● ⏮

ଉପସଂହାର

ଶ୍ରୀଅରବିନ୍ଦଙ୍କ ସାବିତ୍ରୀ ଏକ ମହାକାବ୍ୟ ନୁହେଁ, ଏକ ଜାଗ୍ରତ ଚେତନା । ସତ୍ୟବାନ-ସାବିତ୍ରୀଙ୍କୁ ନେଇ ସଙ୍ଗଠିତ ମୂଳଗଳ୍ପଟି ମହାଭାରତର ବନପର୍ବରେ ଉପସ୍ଥାପିତ ହୋଇ ଦାମ୍ପତ୍ୟ ଜୀବନର ପବିତ୍ରତାରେ ବିମଣ୍ଡିତ ହୋଇଛି । ଶ୍ରୀଅରବିନ୍ଦଙ୍କ ସାବିତ୍ରୀ ମହାକାବ୍ୟ ଏଥି ସହିତ ଅନୁପମ ଯୋଗଶକ୍ତିରେ ବିଭୂଷିତ ହୋଇ ସମଗ୍ର ବିଶ୍ୱରେ ନୂତନତାର ସୁବର୍ଣ୍ଣ ଦ୍ୱାର ଉନ୍ମୁକ୍ତ କରିଛି । ଶ୍ରୀଅରବିନ୍ଦ ଥିଲେ ଆଜନ୍ମ କବି । ଦୀର୍ଘ ଚାରିଦଶନ୍ଧି ଧରି ସେ ଏହି କାବ୍ୟ ରଚନାରେ ଆତ୍ମନିୟୋଗ କରିଥିଲେ । ବାରମ୍ବାର ପଢ଼ି ବାରମ୍ବାର ସଂଶୋଧନ କରିବାର କାରଣ ସ୍ୱରୂପ ସେ ନିଜେ କହିଥିଲେ, ''ତ୍ରୁଟିଶୂନ୍ୟ ପୂର୍ଣ୍ଣତା ପାଇଁ ତାଙ୍କୁ ଏତେ ପ୍ରୟାସ କରିବାକୁ ପଡ଼ିଛି ।'' ଶବ୍ଦଗୁଡ଼ିକ ତାଙ୍କ ହାତ ପାଆନ୍ତାକୁ ଆସନ୍ତି ଓ ସ୍ୱଚ୍ଛନ୍ଦରେ ଲିପିବଦ୍ଧ ହୋଇଯାଆନ୍ତି । ତେଣୁ ରଚନାଟିରେ ଅଭିବ୍ୟକ୍ତିଜନିତ ସ୍ୱାଭାବିକତା ଦେଖିବାକୁ ମିଳେ । ଜୀବନ ତତ୍ତ୍ୱ, ଜୀବନଚିନ୍ତା, ଯୋଗ, ଦର୍ଶନ, କାବ୍ୟିକ-ବର୍ଣ୍ଣନା ବିଭବ, ସୃଷ୍ଟି ରହସ୍ୟ, ସୃଷ୍ଟିର ବିବର୍ତ୍ତନଧାରା ସହିତ ଦିବ୍ୟ ପ୍ରେମର ମଧୁର ସମନ୍ୱୟ ମହାକାବ୍ୟଟିକୁ କାଳଜୟୀ କରାଇଛି ।

ସତ୍ୟବାନ ହେଉଛନ୍ତି ସିଏ, ଯିଏ କି ସତ୍ୟକୁ ନିଜ ଭିତରେ ବହନ କରି ନିଜେ ସତ୍ୟର ମୂର୍ତ୍ତ ପ୍ରତୀକ ହୋଇଛନ୍ତି - ''ସତ୍ୟମ୍ ଭବତି ଇତି' । ମାନବ ଶରୀରରେ ଏହି ମୃତ୍ୟୁପୁରୀକୁ ଅବତରି ଆସିଛନ୍ତି । ସାବିତ୍ରୀ ହେଉଛନ୍ତି ସୃଷ୍ଟିର ରକ୍ଷାକାରିଣୀ ଦିବ୍ୟଚେତନା, ସବିତୃଙ୍କର କନ୍ୟା, ଅଶେଷ ଦିବ୍ୟକରୁଣାର ପ୍ରମୂର୍ତ୍ତ ବିଗ୍ରହ । ସାବିତ୍ରୀଙ୍କ ପିତା ଅଶ୍ୱପତି ହେଉଛନ୍ତି ଆଧ୍ୟାତ୍ମିକ ଅନୁଚିନ୍ତାର ପ୍ରତିନିଧି । ସତ୍ୟବାନଙ୍କ ପିତାଙ୍କ ନାମ ଦ୍ୟୁମତ୍‌ସେନ । ଦ୍ୟୁମତ୍ ଅର୍ଥ ଦୀପ୍ତିମାନ, ସେନ ଅର୍ଥ ଅତିଥିପରାୟଣ । ସେ ଆଲୋକିତ ରାଜ୍ୟରୁ ଅପଶକ୍ତି ଦ୍ୱାରା ବିତାଡ଼ିତ ହୋଇ ଅଜ୍ଞାନତା ହେତୁ ଏଇ ପୃଥିବୀରେ ରହିଥିଲେ । ଏହିସବୁ ତର୍ଜମା ଶ୍ରୀଅରବିନ୍ଦଙ୍କର ସାବିତ୍ରୀରେ ରହିଛି । ଏହା Legend and Symbol ଅର୍ଥାତ୍ ଏକ ପୌରାଣିକ ଓ ପ୍ରତୀକାତ୍ମକ ସ୍ୱରୂପରେ ପରିଣତ ହୋଇଛି ।

ଚେତନାର ଚତୁର୍ଥ ପରିସରର କଥା ଏଥିରେ ଉପସ୍ଥାପିତ । ଏହି ଚତୁର୍ଥ ପରିସର ହେଉଛି ଆତ୍ମଚେତନା । ଦେହ, ପ୍ରାଣ ଓ ମନ ପରେ ଏହି ଚତୁର୍ଥ ସ୍ତର ରହିଛି, ଯହିଁରେ ସୀମାହୀନ ଅସ୍ତିମୂଳକ ଶକ୍ତି, ସାମର୍ଥ୍ୟ ଓ ଲାଳିତ୍ୟ ଭରିରହିଛି । ଏ ପୃଥିବୀକୁ ଦିବ୍ୟଧାମରେ ରୂପାନ୍ତରିତ କରିବାର କ୍ଷମତା ଏଥିରେ ରହିଛି । ସେହି ଆତ୍ମିକ ସତ୍ତାର ଆବିଷ୍କାର ଉପଲବ୍ଧି ଓ ଅଭିବ୍ୟକ୍ତିର କଥା ସାବିତ୍ରୀ ମହାକାବ୍ୟରେ ସ୍ଥାନିତ । ଅତୀତର ଆଧ୍ୟାତ୍ମିକତା କେବଳ ଆବିଷ୍କାର ଓ ଆଂଶିକ ଉପଲବ୍ଧରେ ସୀମିତ ଥିବାବେଳେ ଶ୍ରୀଅରବିନ୍ଦଙ୍କର ଆଧ୍ୟାତ୍ମିକତା ଆଉ ପାଦେ ଆଗେଇଯାଇ ଦେହ, ପ୍ରାଣ ଓ ମନରେ ସେହି ଆତ୍ମିକସତ୍ତାର ଅଭିବ୍ୟକ୍ତି କଥା କହିଛି । ପ୍ରାଚୀନ ଆଧ୍ୟାତ୍ମିକତାରେ ଦେହ, ପ୍ରାଣ ଓ ମନର ଅବମାନନା କଥା ପ୍ରାୟତଃ ଥିବାବେଳେ ଏହି ନୂତନ ଆଧ୍ୟାତ୍ମିକତାରେ ଅବମାନନାର ସ୍ପର୍ଶ ଆଦୌ ନାହିଁ । ବରଂ ଦେହ, ପ୍ରାଣ ଓ ମନ ଉପରେ ଯଥାଯୋଗ୍ୟ ଗୁରୁତ୍ୱ ଆରୋପିତ ହୋଇଛି । ଆତ୍ମସତ୍ତାର ନେତୃତ୍ୱରେ କାରଣ ଜଗତରେ ଦିବ୍ୟ ଜୀବନରେ ରୋଗ, ଜରା ଓ ମୃତ୍ୟୁର ମୃତ୍ୟୁ ଘଟିଛି ।

କେବଳ ଭୌତିକ ଜଗତରେ ଏହା ଘଟିବାକୁ ବାକି ଅଛି, ଯେଉଁଥିପାଇଁ ଆମର ସହଯୋଗ ଏକାନ୍ତ କାମ୍ୟ । ଆମେ ସହଯୋଗ କଲେ ସହଜରେ ଓ ସୁବିଧାରେ ଦେହ, ପ୍ରାଣ ଓ ମନର ରୂପାନ୍ତର ହେବା ସଙ୍ଗେ ସଙ୍ଗେ ପୃଥିବୀ ସ୍ୱର୍ଗରେ ପରିଣତ ହୋଇପାରିବ ।

ନିଷ୍ପତ୍ତି ଏବେ ଆମ ଉପରେ ଯେ ଆମେ ଏ କାର୍ଯ୍ୟରେ ସହଯୋଗ କରିବା କି ନାହିଁ । ଆମର ସହଯୋଗରେ ପାର୍ଥିବ ପରିବେଶରେ ପରିବର୍ତ୍ତନ ଆସିବ, ଜୀବନର ନବ ମୂଲ୍ୟାୟନ ହେବ ତଥା ବିଶ୍ୱଜୀବନର ପଥ କୁସୁମିତ ହୋଇଉଠିବ । ଅହଂର ଅପସାରଣ ଓ ନିରନ୍ତର ଭଗବତ ସ୍ମରଣ ଏ ଦିଗରେ ଆମକୁ ଯଥେଷ୍ଟ ସାହାଯ୍ୟ କରିବ । ଏହା ହିଁ ସାବିତ୍ରୀ ମହାକାବ୍ୟର ସନ୍ଦେଶ ଓ ସାର ନିର୍ଯ୍ୟାସ । କେବଳ ପଠନ ଓ ତର୍ଜମା ଯଥେଷ୍ଟ ନୁହେଁ, ଏହା ସହିତ ଏହାକୁ ଜୀବନରେ ପ୍ରୟୋଗ ହିଁ ଆଜିର ଆହ୍ୱାନ । ଏହି ଆହ୍ୱାନ ଚିରନ୍ତନ ଏବଂ ଭାଷା, ଜାତି, ଧର୍ମ, ସଂସ୍କୃତିର ବନ୍ଧନର ଊର୍ଦ୍ଧ୍ୱରେ ଅଧିଷ୍ଠିତ ।

⏭ ● ⏮

ସାବିତ୍ରୀ

(ଗୀତିକଥା)

ସାବିତ୍ରୀଉପାଖ୍ୟା ଓ ମହାଭାରତର

ଶ୍ରୀଅରବିନ୍ଦଙ୍କ 'ସାବିତ୍ରୀ' ମହାକାବ୍ୟ ଅବଲମ୍ବନରେ ରଚିତ

ରଚନା : ଡକ୍ଟର ଶରତ ଚନ୍ଦ୍ର ରଥ

ସାବିତ୍ରୀ (ଗୀତିକଥା)

ଆବହ ସଂଗୀତ :

ସତ୍ୟବାନ ସାବିତ୍ରୀଙ୍କ ଅମର କାହାଣୀ
କୋଟି-ଜନ-ମନ-କିଣା ସୁଧାଜିଣାବାଣୀ । ୧ ।

ଜୀବନ ଯାତନା ଗାଥା ବିଧିର ବିଧାନ
ଦାମ୍ପତ୍ୟ ପ୍ରେମର ଅନୁପମ ନିଦର୍ଶନ । ୨ ।

ସାବିତ୍ରୀଙ୍କ ଜୀବନର ଏଇ ଅନୁଭବ ।
ତପ ସାଧନାରେ ସବୁ ହୁଅଇ ସମ୍ଭବ । ୩ ।

ଅଲିଅଳି ରାଜଜେମା ରୂପଗୁଣବତୀ ।
ଅତିକ୍ରମ କରିଗଲେ ଆପଣା ନିୟତି । ୪ ।

ବିଧିଲିପି ବିରୁଦ୍ଧରେ କଲେ ସେ ସଂଗ୍ରାମ ।
ହେଲେ ବିଜୟନୀ, ପୂର୍ଣ୍ଣ ହେଲା ମନସ୍କାମ । ୫ ।

ଯୁଧିଷ୍ଠିର : କୁହ, କୁହ ମାର୍କଣ୍ଡେୟ, ସାବିତ୍ରୀ ବ୍ରତ ବେଭାର ମୋ ଆଗେ ଟୁଙ୍ଗାଇ, ଶୁଣିବାକୁ ମନ ମୋର ହେଉଛି ଆକୁଳ । ଯେଉଁ ବ୍ରତ ଫଳେ, ଧନଜନ ଗୋପଲକ୍ଷ୍ମୀ ସୁଖ ସଉଭାଗ୍ୟ, ସୁଲକ୍ଷଣୀ ନାରୀଭାଗ୍ୟେ ହୁଅଇ ସମ୍ଭବ ।

ମାର୍କଣ୍ଡେୟ : ଶୁଣ ଯୁଧିଷ୍ଠିର, ଶ୍ରବଣରେ ଯେବେ ବାଞ୍ଛାତବ । ମଦ୍ରଦେଶ ନରପତି ନାମ ଅଶ୍ୱପତି, କୀର୍ତ୍ତି ତାଙ୍କ ପ୍ରସାରିତ ଭୁବନେ ଭୁବନେ । ଦାନୀପଣରେ ଅତୁଳ ମହିମା ତାଙ୍କର, ବୁଦ୍ଧିରେ ଅତୁଳନୀୟ ଯେସନେ ଗଣେଶ । ତାଙ୍କ ଅଙ୍କଲକ୍ଷ୍ମୀ ରାଣୀ, ମାଳବ ରାଜକୁମାରୀ ସିଏ ତ ବିଦୁଷୀ, ଅଶେଷ ଲାବଣ୍ୟମୟୀ ଗୁଣେ ଗରୀୟସୀ । ପତିପତ୍ନୀ ଆଗ୍ରହରେ ଯଜ୍ଞ କର୍ମକରି ଆବାହନ କଲେ ଦୁହେଁ ସାବିତ୍ରୀ ଦେବୀଙ୍କୁ । ତପସ୍ୟାରେ ହେଲେ ମଗ୍ନ ଅଷ୍ଟାଦଶ ବର୍ଷ । କଠୋର ତପସ୍ୟା ବଳେ ଶେଷେ ତୁଷ୍ଟ ହୋଇଲେ ସାବିତ୍ରୀ । ଇଚ୍ଛିଲେ ରାଜାରାଣୀଙ୍କୁ, ଦେବାପାଇଁ କନ୍ୟାରତ୍ନ ଏକ, ଯାହାର କୀର୍ତ୍ତିର ସୁବାସେ, ମୁଗ୍ଧ ହେବ ସସାଗରାଧରା, ଯା ମହିମା ବ୍ୟାପିଯିବ ଦିଗ ଦିଗନ୍ତରେ । ଅବଚେତନାର ରୁଦ୍ଧ ଦୁଆରକୁ ଭାଂଗି, ଆଣିବେ ସେ ଦିନେ ଧରାଟୁକେ, ଦୁର୍ଲ୍ଲଭ ଅତିମାନସ ସ୍ୱର୍ଣ୍ଣାଭ ଝରଣା । ଦିଗେ ଦିଗେ ଭରିଯିବ ଦିବ୍ୟାନନ୍ଦ ଅମୃତବରଣା ।

ଶୁଣ ମାର୍କଣ୍ଡେୟ, ତାହାପରେ ଏକବର୍ଷ ହୋଇଲା ପୂରଣ । ଜନ୍ମନେଲା ଏକ କନ୍ୟା ରାଣୀଙ୍କ ଗର୍ଭରୁ । ମୁଦୁସ୍ମୁଲୀ ଆସି ଏ ସମ୍ବାଦ, ଶ୍ରୀଛାମୁରେ କରାଇଲା ଜଣା ।

ମୁଦୁସ୍ମୁଲୀ : ପ୍ରଣାମ ଗ୍ରହଣ କରନ୍ତୁ ମହାରାଜ । ଏ ଶୁଭ ସମ୍ବାଦ ଆଣି ଆସିଅଛି ମୁହିଁ । କନ୍ୟା ଏକ ଜନମିଛି ମାହେନ୍ଦ୍ର ବେଳାରେ ।

ଜୟ ଅଶ୍ୱପତି ସୁଶୀଳ ସୁମତି
ପ୍ରଣାମ କରନ୍ତୁ ଘେନା
ଶୁଭ ଲଗନରେ ଜନମ ଲଭିଛି
କନ୍ୟା ଏକ ଅନୁପମା । ୧ ।

ମରତେ କି ଅବା ଅବତରି ଅଛି
ସୌଦାମିନୀ ବର୍ଣ୍ଣବିଭା
ଲକ୍ଷ ଅପସରି ହେବେନାହିଁ ସରି
ଆହାକେଡ଼େ ମନଲୋଭା । ୨ ।

ସୁବର୍ଣ୍ଣ କମଳ ଫୁଟିଯାଇଛି କି
ଉଆସ ଲାବଣ୍ୟ ଜଳେ
ଆକାଶରୁ ହସି ଖସି ପଡ଼ିଛି କି
ପାରିଜାତ ଧରା ତଳେ । ୩ ।

ଲଳିତ କଳିକା ଫିଟି ପଡ଼ିଛି କି
ମଦ୍ରଦେଶମଧୁକୁଞ୍ଜେ
କ୍ଷୀର ସାଗରରୁ ଆସି ମନୋରମା
ସତେକି ମରତେ ବିଜେ । ୪ ।

ରାଜା : କି ଶୁଭ ସମ୍ବାଦ ଆଣି ଦେଲୁ ମୁଦୁସ୍ମୁଲୀ । ନିଅ ତୋର ଯୋଗ୍ୟ ଉପହାର, ଏଇ ମୋର ବହୁମୂଲ୍ୟ କଣ୍ଠ ରତ୍ନମାଳା ।

x x x x x

ରାଜା : କହ କି କରିବା ରାଣୀ । ବୁଦ୍ଧି କିଛି ନ ଦିଶଇ ଆଉ । କଣ୍ଠ ହୁଏ ବାଷ୍ପରୁଦ୍ଧ ଅଧୀର ପରାଣ । ଆମ କନ୍ୟା ସାବିତ୍ରୀର ବିବାହ ବୟସ, ଦିନୁଦିନ ହୁଅଇ ଅତୀତ । ବ୍ୟର୍ଥ ହେଲା ସ୍ୱୟଂମ୍ବର, ବୃଥା ହେଲା ସବୁ ଆୟୋଜନ । ଆସିଥିଲେ ଯେତେ ରାଜପୁତ୍ର, ସାବିତ୍ରୀ ତେଜରେ ସର୍ବେ ହୋଇଲେ ମଳିନ, ଉଷାର ତାରକା ପ୍ରାୟ ହେଲେ ଦୀପ୍ତିହୀନ । ଦଶଦିଗ ଦିଶେ ମୋତେ ଅନ୍ଧକାରମୟ । ଅବସାଦଗ୍ରସ୍ତ ମନ, ଲାଗେ ଅସହାୟ ।

ରାଣୀ : ବିଷାଦରେ ଜର୍ଜରିତ ନହୁଅ ରାଜନ, ଅଛିମାତ୍ର ଏକ ହିଁ ଉପାୟ । ମାଣ୍ଡବ ମହର୍ଷି ବାକ୍ୟ ହୁଏ ମୋ ସ୍ମରଣ, ସାବିତ୍ରୀ ଭ୍ରମଣ କରୁ ଦେଶ ଦେଶାନ୍ତରେ, ନିଜ ପାଇଁ ଯଥାଯୋଗ୍ୟ ପତି ନିର୍ବାଚନେ ।

x x x x x

ରାଜା : ଶୁଣମା ସାବିତ୍ରୀ । ଯାହା ତୋତେ କହୁଅଛି ମୁହିଁ । ତୁହି କର ନିର୍ବାଚନ ଆପଣା ପତିଙ୍କୁ, ଭ୍ରମି ଦେଶଦେଶାନ୍ତରେ ନକରି ବିଳମ୍ବ । ସଖୀମାନେ ଯିବେ ତୋ ସହିତ, ବନେ ଉପବନେ ପୁଣି କେଦାରେ କାନନେ, ଭ୍ରମିବେ ନିଶ୍ଚିନ୍ତମନେ ମନସ୍କାମ ପୂରଣ ପର୍ଯ୍ୟନ୍ତ । ଯାଅ। ମାଆ... ନକର ବିଳମ୍ବ।

x x x x x

ସଖୀମାନେ :ନହୁଅ ବିମନା, ଯିବାଭ୍ରମି ଦୂରେ ଦୂରେ ଅଭୀଷ୍ଟ ପୂରଣେ । ଆମେ ଥିବୁ ତୁମ ସହ ଛାୟାପରି ସଦା, ଏଇ ଦେଖ । ବନାନୀର ସ୍ନିଗ୍ଧ ସବୁଜିମା, ବନଫୁଲ ମୃଦୁହସ ସୁଗ୍ଧ ମଧୁରିମା ।

''ଦେଖ ଦେଖ ଆଗୋ ସଖୀ ।
ସୁନ୍ଦର ଏ ବନ ଶୋଭା ନିରେଖି ଗୋ
(ଆହା) ଆଖି ତ ଯାଉଛି ଲାଖି, ସଜନି ଗୋ । ୧ ।
ଲତା କୁଞ୍ଜେକୁଞ୍ଜେ ଫୁଲ
ଫୁଟି ଦିଶୁଅଛି କି ଝଲମଲ ଗୋ
(ଦିଶେ) ନନ୍ଦନମନ୍ଦାର ତୁଲ ସଜନି ଗୋ । ୨ ।
ସମୀର ଯାଉଛି ବହି
କାହା କଥା କାହା କାନରେ କହି ଗୋ
(କାହା) ପରାଣ ଦେଉଛି ଦହି, ସଜନି ଗୋ । ୩ ।

ସାବିତ୍ରୀ : ଦେଖ ସଖୀ ! ଅଳ୍ପ ଦୂରେ, ଉଭା ସେଇ ପୁରୁଷରାଜଙ୍କୁ । ମଦନକୁ ଜିଣିରୂପ ଦିଶେ ଅନୁପମ । ପଞ୍ଚପ୍ରାଣ କିଣିନିଏ ତା' ରୂପ ମାଧୁରୀ । ମନେମନେ ତାଙ୍କୁ, ପତିରୂପେ କଲି ମୁଁ ବରଣ, ପଚାରି ବୁଝଗୋ ସଖୀ ତାଙ୍କ ପରିଚୟ । କେଉଁ ଦେଶ କରି ଅନ୍ଧକାର । ଆସିଲେ କିବା ଏ ବନେ କରିବାକୁ ସାଧନା କଠୋର ?

x x x x x

ସଖୀ : ବୁଝିଲି ମୁଁ ତାଙ୍କ ପରିଚୟ । ନାମ ତାଙ୍କ ସତ୍ୟବାନ, ଦ୍ୟୁମତ୍‌ସେନ ରାଜାଙ୍କର ଅଲିଅଳ ପୁତ୍ର । ଶତ୍ରୁ ଭୟେ ରାଜ୍ୟକରି ତ୍ୟାଗ, ପତ୍ନୀପୁତ୍ର ସହ, ବନେ ରହିଛନ୍ତି ରାଜା ଦ୍ୟୁମତ୍‌ସେନ୍ ଆସି । ଆଃ...ଶୁଣୁଶୁଣୁ ଏତେ ଆନମନା,ଏଇ ଦେଖ, ବେଳ ଏଣେ ହେଲାଣି ଉଚ୍ଚୁର । ଚାଲ ସଖୀ, ଯିବା ଆମେ ଉଆସେ ଏଥର । ତାତମାତ, ତୁମ୍ଭ ବାଟ ବସିଥିବେ ଚାହିଁ । (ସାବିତ୍ରୀଙ୍କ ଉଆସ ପ୍ରତ୍ୟାବର୍ତ୍ତନ)

x x x x x

ଅଶ୍ୱପତି : ଶୁଣ ମାଆ ସାବିତ୍ରୀ । ଭ୍ରମି ଭ୍ରମି କାନନ ପ୍ରଦେଶେ, ପୂରଣ ହେଲା କି ମାଆ ତୋର ମନସ୍କାମ ।

ସାବିତ୍ରୀ : ତାତ । ପତି ରୂପେ ଯାହାଙ୍କୁ ମୁଁ ମନେମନେ କରିଛି ବରଣ, ବନବାସୀ ହୋଇଛନ୍ତି ତାଙ୍କ ପିତାମାତା ଶତ୍ରୁ ଅତ୍ୟାଚାରେ ।

ଅଶ୍ୱପତି : କହ ମାଆ । କେଉଁ ଦେଶ ନରପତି, କି ନାମ ତାଙ୍କର ।

(ଏତେବେଳେ ନାରଦଙ୍କ ପ୍ରବେଶ)

ନାରଦ : ନାରାୟଣ ! ନାରାୟଣ !! ନାରାୟଣ !!!

ଜୟ ନାରାୟଣ ଜୟ
ଅଖିଳ ବିଶ୍ୱର ରାଜରାଜେଶ୍ୱର
ପ୍ରେମର ପ୍ରଣତି ନିଅ ।। ୦ ।।

ମହିମା ତୁମର ଅନନ୍ତ ଅପାର
ତୁଳନା ତାହାର ନାହିଁ
ଚରାଚର ଗାଏ ତୁମରି ମହିମା
ଆହେ ଜଗତର ସାଇଁ
ତୁମରି କରୁଣା ପରଶରେ ପ୍ରଭୁ, ହୁଏ ସବୁ ମଧୁମୟ ।। ୧ ।।
ନାରାୟଣ ! ନାରାୟଣ !! ନାରାୟଣ !!!

ଅଶ୍ୱପତି : ପ୍ରଣାମ କରନ୍ତୁ ଘେନା ଦେବର୍ଷି ନାରଦ । କନ୍ୟା ମୋର ପତି ରୂପେ କରିଛି ବରଣ ତାଙ୍କରି ପୁତ୍ରକୁ, ଯିଏ ଶତ୍ରୁ ଅତ୍ୟାଚାରେ, ହୋଇଛନ୍ତି ବନବାସୀ ନିଜ ରାଣୀ ସହ ।

ନାରଦ : ମୁଁ ଜାଣେ ରାଜା, ଜାଣେ ତାଙ୍କୁ, ସିଏ ଶାଲ୍ୱ ନରପତି, ନାମ ଦ୍ୟୁମତ୍‌ସେନ, ଅନ୍ଧ ସିଏ ପୁଣି । ଶତ୍ରୁ ଉପଦ୍ରବେ ରାଜ୍ୟୁ ହୋଇ ବିତାଡ଼ିତ, ପୁତ୍ର ସହ ନିର୍ବାସିତ ନିଘଞ୍ଚ କାନନେ । ପୁତ୍ର ନାମ ସତ୍ୟବାନ । ସୁଶୀଳ ସୁନ୍ଦର, ସିଏ ବୀର ଇନ୍ଦ୍ର ସମ, ଶିବିପରି ଦାନୀ ପୁଣି, ଦିବାକର ସମ ତେଜୀୟାନ୍ । ପୃଥ୍ୱୀପରି କ୍ଷମାଶୀଳ, ଯଯାତିଙ୍କ ପରାଏ ଉଦାର । ମୈତ୍ରୀ, ଦୟା, କ୍ଷମା, ସ୍ନେହ ଆଦି ସଦ୍‌ଗୁଣେ, ସମାନ ହେବାକୁ କେହି ନହେବେ ଭାଜନ ।

ଅଶ୍ୱପତି : ଏହା ଶୁଣି ପ୍ରୀତ ହେଲି ଦେବର୍ଷି ନାରଦ, ତୁମେ ତ ତ୍ରିକାଳଦର୍ଶୀ, କହମତେ ଦୟାକରି ଯଦି ଥାଏ କିଛି କଥା ମନ୍ଦ ।

ନାରଦ : ହଁ, ଅଛି । ତାହା ଏବେ ଶୁଣ ହେ ରାଜନ, ମାତ୍ର ଏକ ବର୍ଷ ପରେ, ସତ୍ୟବାନ ବରିବେ ମରଣ, ଏଇ ତାଙ୍କ ଭାଗ୍ୟଲେଖା, ବିଧିର ବିଧାନ ।

ଅଶ୍ୱପତି : ଏଁ...ଏହା ଶୁଣି ଚିତ୍ତ ମୋର ହୁଏ ବିଚଳିତ । ପାଦତଳୁ ଖସିଯାଏ ମାଟି, ମଥା ମୋର ହୁଏ ବିଭ୍ରମିତ । ଅଲିଅଳି କନ୍ୟାମୋର...ମାଆ ତୁ ସାବିତ୍ରୀ, ଅନ୍ୟ ଏକ ପତି ତୁହି କର ନିର୍ବାଚନ, ଏଇ ଇଚ୍ଛା ମୋର ମାଆ କର ତୁ ପୂରଣ ।

ସାବିତ୍ରୀ : ତାତ, ଏ କଥା କି ହୋଇବ ସମ୍ଭବ ? ଭାଇ ଭାଇ ମଧ୍ୟେ ଧନରତ୍ନ ବଣ୍ଟା ହୁଏ ମାତ୍ର ଏକଥର, ବରଣୀୟ ଏକ କନ୍ୟା ପାଇଁ ଏକମାତ୍ର ବର, ସତ୍ୟବାନେ ମନେ ମନେ କରିଅଛି ମୁହିଁ ତ ବରଣ । ସତ୍ୟ ମୁଁ କରିଛି ଯାହା, ଅସତ୍ୟ କି ହେବ ସେହି ସତ୍ୟର ବଚନ ।

ତାତ ମୋ ପ୍ରଣାମ ଘେନ ଏଇ ମୋର ନିବେଦନ
ନକହ ନକହ ଆଉ ଏପରି କଥା
କରିଛି ମୁହିଁ ଅର୍ପଣ ସତ୍ୟବାନେ ଏଇ ମନ
ସିଏ ମୋର ପ୍ରାଣେଶ୍ୱର ପତିଦେବତା ।

ସିଏ ମୋର ଗତି ମୁକତି ।
ସେ ମୋ ରାଜରାଜେଶ୍ୱର ସୁଖ ସଂପତ୍ତି ।। ୧ ।।

ଆର୍ଯ୍ୟବାଳା ବାକ୍ୟ ସତ୍ୟ ନୋହିବ କେବେ ଅସତ୍ୟ
ସତ୍ୟ ଏକା ଜୀବନର ସୁକୃତ ରାଶି ।
ସତ୍ୟରେ ବହେ ମଳୟ ସତ୍ୟରେ ସୂର୍ଯ୍ୟ ଉଦୟ
ସତ୍ୟରେ କୁସୁମ ଫୁଟେ ମଧୁବରଷି,
କରିବି ମୁଁ ତପାଚରଣ
କରିବାକୁ ବିଧିଲିପି ଦୋଷ ମୋଚନ ।। ୨ ।।

ଏକମାତ୍ର ମୋର ଅନୁରୋଧ, ତୁମେ ଦୁହେଁ ତାତ ମାତ ନକର ଶୋଚନା, ବିଦୂରିତକର ମନୁ ଯେତେକ ବେଦନା । ମୋ ସାଧନା ବଳେ, ଭାଗ୍ୟଲେଖା ଯିବ ମୋର ଲିଭି, ସତ୍ୟବାନେ ଆଣିବି ମୁଁ ମରଣୁ ଫେରାଇ ।

ନାରଦ : ଯାହା ତୁମ ଇଚ୍ଛା ଦେବି ! ନେଉଛି ବିଦାୟ ମୁହିଁ, ନାରାୟଣ ! ନାରାୟଣ ! ନାରାୟଣ !

ଅଶ୍ୱପତି : ମା ମୋର, ଯାହା ତୋର କର୍ମେ ଥିବ ଲେଖା, ମୁଁ ଏବେ ଅସହାୟ, ନିରୂପାୟ ପୁଣି ।

(ସାବିତ୍ରୀଙ୍କର ସତ୍ୟବାନଙ୍କ ସହ ବିବାହ ସମାପ୍ତ ଓ ସାବିତ୍ରୀଙ୍କ ପତିଗୃହ ଯାତ୍ରା...)

ମାଆ : ଯାଆ ମାଆ, କାନ୍ଦନାହିଁ ଆଉ ! ତୋ ବିହୁନେ ଏ ଉଆସ ହୋଇବ ଶ୍ରୀହୀନ । ଉଦ୍ୟାନର ବୃକ୍ଷଲତା ଝରାଇବେ ଲୁହ । ଛାତିକୁ ପଥର କରି ରହିଥିବୁ ଆମେ ଦୁହେଁ ତୋର ତାତମାତ । ତୋ ବିଚ୍ଛେଦ ଦୁଃଖେ ସବୁ ଲାଗିବ ଅସାର । ସୁନ୍ଦର ଏ ଫୁଲବନେ ଲାଗିଯିବ ନିଆଁ, ଜଳିପୋଡ଼ିଯିବ ସବୁ ହେବ ନାରଖାର । ଦିଶିବ ତୋ ଧୀର ଚାଲି ଅଳସ ମଧୁର, ଶୁଭିବ ତୋ ତୁନିତୁନି କଥା । (ଗହନ ବନରେ ପୂର୍ଣ୍ଣକୁଟୀରରେ ସାବିତ୍ରୀ)

ସତ୍ୟବାନ : ମୋ ପାଇଁ ସହିଲ ତୁମେ ଅନେକ ଯାତନା । ରାଜନଗ୍ର ଛାଡ଼ି, ଛାଡ଼ି ଦାସୀ ପରିବାରୀ । ବନସ୍ତେ ରହିଲ ଆସି ସବୁ ସୁଖ ଭୁଲି ।

ସାବିତ୍ରୀ : ଏଇ ମୋର ସୁଖ, ଏଥିରେ ମୋ ଅଶେଷ ଆନନ୍ଦ । ତୁମେ ଅଛ ପାଶେ ବୋଲି ଏ ବନ ଲାଗୁଛି ମତେ ସ୍ୱର୍ଗରୁ ଅଧିକ । ଶାଶୁ ଶଶୁରଙ୍କ ସେବା ଯତ୍ନକରି, ଦିନମୋର ଯାଉ ଅଛି ଆନନ୍ଦରେ ବିତି । ତାଙ୍କରି ଆଶିଷ ବଳେ, ଚଲାପଥ ହେବ ମୋର କୁସୁମମଣ୍ଡିତ । ଏକବର୍ଷ ଅତିକ୍ରମ ପରେ

x x x x x

ସାବିତ୍ରୀ : ମାଆ, ମୋବିବାହ ଏକବର୍ଷପରେ, ଗୋଟିଏ ମାଗୁଣି ଆଜି ମାଗିବି ତୁମକୁ। ଆଜିଯିବି ବନଭୂମି ସତ୍ୟବାନଙ୍କ ସହ, ଦେଖି ବି ବନର ଯୋଉ ଶ୍ୟାମଳଶୋଭନ, ଦେଖିବି ମୁଁ ବନ ଫୁଲ ମନୋରଯୋଉ – -- ମୁଁ ବନବିହଙ୍ଗର ମିନର କାକଳି, ଏତିକି ମୋ ଅନୁରୋଧ ଏତିକି ମୋ ଅଳି।

ଶାଶୁ– ହଁ ମାଆ, ଯାଆ, କରୁନାହିଁ ମନା, (ସାବିତ୍ରୀ ସେ ଆନନ୍ଦ ବନଗମନ)

ସତ୍ୟବାନ : ଦାରୁଣ ନିଦାଘ କାଳ ବହେ ଦେହୁଝାଳ

ଝଞ୍ଜାପବନରେ ପ୍ରାଣ ହେଉଛି ଆକୁଳ
ଶୁଭେ ଝିଙ୍କାରୀର ସ୍ୱନ
ମାଡ଼ିମାଡ଼ି ପଡ଼େ ଆଜି ଗହନ କାନନ ।। ୧ ।।

ଅଳିଅଳି ରାଜବାଳା ତୁମେ ସୁକୁମାରୀ
ଲଳିତ ଲବଙ୍ଗଲତା ଗଲଣି ଝାଉଁଳି
ପାଦେ ଫୁଟିଯିବ କଣ୍ଟା
ଦେଖି ଦେଖି ଆସ ସଖି ! ହେବ ବଡ଼ ବ୍ୟଥା ।

ଥାଅ ଏଠି ତରୁତଳେ ମୋ ହୃଦୟହାରା
କାଠ ମୁଁ କାଟିବି ଚଢ଼ି ବୃକ୍ଷ ଡାଳେପରା
ବେଗେ ଯିବା କାଠନେଇ
ତାତମାତ ଆମ ପଥ ବସିଥିବେ ଚାହିଁ ।

ସାବିତ୍ରୀ : ଦିନ ଆଉ ଦୁଇଦଣ୍ଡ ବାକି, ମନ ମୋର କହୁ ଅଛି ନାଥ, ଆଉ ଆଜି କାଟ ନାହିଁ କାଠ । ଫେରିଯିବା ଚାଲ ଏବେ ଆମେ କୁଟୀରକୁ, କାଲି ପ୍ରଭାତରେ ଆସି, ତୁମ ଇଚ୍ଛାମତେ ତୁମେ କାଟିନେବ କାଠ ।

ସତ୍ୟବାନ : ସାବିତ୍ରୀ ! ମନାକର ନାହିଁ ପ୍ରିୟେ । କାଠ କାଟିବାକୁ । ଖାଲି ହାତେ ଫେରିବା କି ହୋଇବ ଉଚିତ । ଅଳ୍ପ କିଛି କାଠ କାଟି ଯିବା ଆମେ ଫେରି । ନହେଉଣୁ ସଂଧ୍ୟା, ପହଞ୍ଚିବା ଯାଇ ଆମ କୁଟୀର ଦ୍ୱାରରେ ।

(କାଠ କାଟିବାର ଶବ୍ଦ ଓ କିଛି ସମୟ ପରେ

ସତ୍ୟବାନଙ୍କର ସାବିତ୍ରୀଙ୍କ ନିକଟକୁ ପ୍ରତ୍ୟାଗମନ)

ଶୁଣ ପ୍ରିୟେ, ଆଜି ଏ କି ଆଚମ୍ବିତ କଥା । ବକ୍ଷମୋର ହୁଏ ପ୍ରକମ୍ପିତ, ଶରୀରରେ ଅସହ୍ୟ ବେଦନା, ମଥାରେ ମୋ ଦାରୁଣ ଯନ୍ତ୍ରଣା, ସତେ ଅବା ଧରି କିଏ ଅସ୍ତ୍ର, ମୁଣ୍ଡକୁ ମୋ ପକାଉଛି ଖଣ୍ଡ ଖଣ୍ଡ ହାଣି, ଠିଆ ହେବା ପାଇଁ ଶକ୍ତି ପାଉନାହିଁ ପ୍ରିୟେ, ମୁଁ ଚାହୁଁଛି କିଛିବେଳ ନେବାକୁ ବିଶ୍ରାମ ।

ସାବିତ୍ରୀ : ଆସ ନାଥ, ମୋ କୋଳରେ ନିଅ ତୁମେ ଏକ୍ଷଣି ବିଶ୍ରାମ ।

ସତ୍ୟବାନ : ହଁ ପ୍ରିୟେ ।

ସାବିତ୍ରୀ : ଏକି ଅଘଟଣ ସବୁ ଘଟିଯାଉଅଛି ସତେ ମୋ ଆଖି ଆଗରେ । ମୋ ପତି ଦେବତାଙ୍କ ମୁଖ ଶୋଭା ବେକୁବେଳ ଯାଉଛି ମଉଳି, ତନୁ ଶୋଭା ଯାଉଛି ଝାଉଁଳି । ବିଧିଲିପି ଫଳିଲା କି ଅକ୍ଷରେ ଅକ୍ଷରେ, ମୋ ସାଧନା ତେବେ କ'ଣ ହେଲା ମୂଲ୍ୟହୀନ ? ବ୍ୟର୍ଥ ହେଲା ବିଭୁପାଦେ ଆତ୍ମସମର୍ପଣ ? ନା...ନା...ନା...ତା' ହୋଇପାରେନା । ବୃଥା ହେବନାହିଁ ମୋର ସଂକଳ୍ପ ସାଧନା, ନିଶ୍ଚୟ ମୁଁ ଯୋଗବଳେ ଅତିକ୍ରମି ଯିବି ମୋର ଲଲାଟଲିଖନ । କରିଛି ମୁଁ ତିନିବାର ସତ୍ୟ । ମୃତ୍ୟୁପରେ ଆଣିବି ମୁଁ ବିପୁଳ ବିଜୟ । ସ୍ୱାମୀଙ୍କ ଦୀର୍ଘ ଜୀବନ ଏକା ମୋର କାମ୍ୟ ।

ଯମଦୂତ : କେହି ନପାରିବେ କରି କାମନା ପୂରଣ । ଆମେ ଆସିଅଛୁ ଦେଖ, ଯମ ଦୂତଗଣ, ନେବା ପାଇଁ ସତ୍ୟବାନେ ରାଜାଙ୍କ ନିକଟେ । ଏ ତ ଯମରାଜାଙ୍କ ନିର୍ଦ୍ଦେଶ, ଦିଅ ଛାଡ଼ି, ଛାଡ଼ିଦିଅ ସତ୍ୟବାନେ କୋଳରୁ ତୁମ୍ଭର ।

ସାବିତ୍ରୀ : ଛାଡ଼ିବିନି ସ୍ୱାମୀଙ୍କୁ ମୋହର, ଯାଅ ତୁମେ ଫେରି ଆହେ ଯମଦୂତ ଗଣ । କହିବ ରାଜାଙ୍କୁ ତୁମ ଏତିକି ବୁଝାଇ, ସାବିତ୍ରୀ ଛାଡ଼ିଲେ ନାହିଁ ପତିଙ୍କୁ ତାଙ୍କର ।

x x x x x

ଯମଦୂତ : ମହାରାଜ, ବୃଥା ହେଲା ପ୍ରୟାସ ଆମ୍ଭର । ସାବିତ୍ରୀ ରହିଲେ ତାଙ୍କ କଥାରେ ଅଟଳ, ଛାଡ଼ିଲେ ନାହିଁ ସ୍ୱାମୀଙ୍କୁ ଆମ ଭୁବନକୁ । ଏଥକୁ ଆପଣ ଏବେ କରନ୍ତୁ ବିଚାର ।

ଯମଦୂତ : ଠିକ୍ ଅଛି, ମୁଁ ତେବେ ଯାଉଛି ଏବେ ନିକଟେ ତାଙ୍କର । ଜାଣିନାହାନ୍ତି ସାବିତ୍ରୀ ମୋର ପରାକ୍ରମ । ଭାଙ୍ଗିବି ମୁଁ ତାଙ୍କ ଟାଣପଣ । ଅଗ୍ନି ସହ ଖେଳ ଖେଳି ଚାହାନ୍ତି ସେ କରିବାକୁ ବିପଦବରଣ ।

x x x x x

ସାବିତ୍ରୀ : (ଏଇ ତ ସେ ଆସୁଛନ୍ତି ନିଜେ ଯମରାଜ, ନେବା ପାଇଁ ସତ୍ୟବାନେ ଆପଣା ଭୁବନେ ।)

ଯମରାଜ : ଦେବୀ ସାବିତ୍ରୀ । ଆଡ଼ ହୁଅ, ଛାଡ଼ିଦିଅ ସ୍ୱାମୀଙ୍କୁ ତୁମ୍ଭର, ପୂରିଗଲା ତାଙ୍କ କାଳ, ଆଉ ତୁମେ ନ କର ଜଞ୍ଜାଳ । ଜନ୍ମ ହେଲେ ମୃତ୍ୟୁ ସତ୍ୟ, ଏହା କିଏ କରିବ ଅନ୍ୟଥା । ତୁମ୍ଭେ ମର୍ତ୍ତ୍ୟବାସୀ, ମର୍ତ୍ତେ ରହି ମୃତ୍ୟୁଯାଏ ଭୋଗ କର ନିଜ ସୁଖଦୁଃଖ । ସତ୍ୟବାନେ ଯାଉଛି ମୁଁ ନେଇ ଯଥାଯୋଗ୍ୟ ସ୍ଥାନକୁ ତାଙ୍କର । ଏହା ମୋର ପରମ କର୍ତ୍ତବ୍ୟ ।

ସାବିତ୍ରୀ : ଏହା ଯଦି ଆପଣଙ୍କ ପରମ କର୍ତ୍ତବ୍ୟ, ମୋ କର୍ତ୍ତବ୍ୟ ତେବେ ମୁହିଁ କରିବି ପାଳନ । ମୋ ସାଧନା ବଳେ, ଫେରାଇ ଆଣିବି ମୋର ପତି ଦେବତାଙ୍କୁ ପୁଣି ଧରାତଳେ ।

ଯମରାଜ : କାହିଁକି ଆସୁଛ ଦେବୀ ପଛେପଛେ ମୋର । ଫେରିଯାଅ, ମରତ ମାଟିକୁ । ବୃଥା କିମ୍ପାକର ଏଇ ରାଜ୍ୟେ ଆଗମନ । ଏ ରାଜ୍ୟ ତୁମ୍ଭର ନୁହେଁ, ଯେଣୁ ତୁମ୍ଭେ ମର୍ତ୍ତ୍ୟ ଅଧିବାସୀ ।

ସାବିତ୍ରୀ : ନଫେରିବି ମୁହିଁ ଏକା ମରତ ଭୁବନେ । ସତ୍ୟବାନେ ଦିଅନ୍ତୁ ଫେରାଇ, ସାଥେ ନେଇ ତାଙ୍କୁ, ଯିବି ମୁହିଁ ଫେରି ଆଉ ନକରି ବିଳମ୍ବ ।

ଯମରାଜ : ଏକି କଥା କହୁଅଛ ତୁମେ । ପଦ୍ମ କି ଫୁଟଇ କେବେ ଗିରି ଶିଖରରେ । ସୂର୍ଯ୍ୟ କି ଉଇଁଛି କେବେ ପ୍ରତୀଚି ଦିଗରେ । ଅସମ୍ଭବ ହେବ କି ସମ୍ଭବ । ବୃଥା ଆଶା କରନାହିଁ, ଯାଆଫେରି ମର୍ତ୍ତପୁରେ ଅନୁରୋଧ ମମ ।

କିମ୍ପା କରୁଛ ଅନୁଗମନ
ଆଶାକରି ଆକାଶ କୁସୁମ
ମୃତ୍ୟୁପରେ କେବେ ଫେରିଛି କି ଭବେ
ପୁଣି ସଦେହରେ କେଉଁ ଜନ ହେ ସାବିତ୍ରୀ । ୧ ।
ମୋର ଅନୁରୋଧ କରଘେନା
ଫେରିଯାଅ ନହୁଅ ବି ମନା
ଧୂଳିର ଧରାରେ ମୋର ଆଧିପତ୍ୟ,
କିଏ କରିବାକୁ ଅଛି ମନା ହେ ସାବିତ୍ରୀ ।୨ ।
ଦେଖ ମୁଁ ଯେ କାଳର ଈଶ୍ୱର
ସର୍ବେ ଆୟତ୍ତ ପରାମୋହର
ଅସମ୍ଭବ କଥା କହୁଛ କେମିତି
ଏହା ମନରେ ଥରେ ବିଚାର ହେ ସାବିତ୍ରୀ । ୩ ।

ସାବିତ୍ରୀ : ଖାଲି ହାତେ ଯିବି ନାହିଁ ଫେରି । ଏହା ମୋର ସତ୍ୟ ତିନିବାର । ମୋ ସାଧନା ବଳେ, ଲଂଘିବି ମୁଁ ଭାଗ୍ୟସିନ୍ଧୁ ନିଶ୍ଚେ ଅବହେଳେ । ମୃତ୍ୟୁ ଉପରେ ମୁଁ ଲଭିବି ଅନନ୍ତ ବିଜୟ । ପାର୍ଥିବ ଜୀବନେ ନୂତନ ଆଲୋକ, ଅନୁପମ ପୁଲକର ଶାଶ୍ୱତ ସୁବାସ ।

ଯମରାଜ : ତୁମେ ଯଦି ଶକ୍ତିମୟୀ ସାଧନାର ଦେବୀ । ଅମିତ ବିକ୍ରମ ତେବେ ଦେଖାଅ ମୋ ଆଗେ ।

ସାବିତ୍ରୀ : ଦେଖ ତେବେ, ମୃତ୍ୟୁର ଦେବତା । ମୋ ସାମର୍ଥ୍ୟ ପରିବ୍ୟାପ୍ତ ଦିଗଦିଗନ୍ତରେ । ସାମାନ୍ୟ ମଣୁଛ କିମ୍ପା ଯୋଗ ସାଧନାକୁ ।

ସାଧନାର ଅଛି ବହୁ ଶକତି
ଦେଖ ମୃତ୍ୟୁ ଦେବ ମୋର ବିଭୂତି
ମୁହିଁ ମହେଶ୍ୱରୀ ମୁଁ ମହାକାଳୀ
ମହାଲକ୍ଷ୍ମୀ ମୁଁ ଯେ ଶୋଭାଈଶ୍ୱରୀ
ମୁହିଁ ମହାସରସ୍ୱତୀ ଯେ
ଜଡ଼ ଜଗତରେ ଅମରତ୍ୱ ଦେବି
ଏଇ ମୋର ପ୍ରତିଶ୍ରୁତି ଯେ ।। ୧ ।।

ସ୍ୱର୍ଗ ଧିରେ ଧିରେ ଯିବଟି ନଇଁ
ଛୁଇଁବ ଯାଇ ସେ ମରତ ଭୂଇଁ
ଦେବଦେବୀ ମାନେ ସରାଗେ ଯାଇ
ବିଳସିବେ ତହିଁ ପ୍ରସନ୍ନ ହୋଇ
ମୋର ଏଇ ଶେଷ କଥା ଯେ ।
ଦିଅ ସତ୍ୟବାନେ ଫେରାଇ ଜୀବନେ,
ମୋ ହାତେ ମୃତ୍ୟୁ ଦେବତା ଯେ ।। ୨ ।।

ଯମରାଜ : ଆଃ !...କି ତେଜ ଝଟକି ଉଠେ ସାବିତ୍ରୀଙ୍କ ଦେହୁଁ । ଏ ଶାଶ୍ୱତ ଜ୍ୟୋତି ଶିଖା ଅସହ୍ୟ ଅସୀମ । ଏଇ ତେଜେ ହେଉଛି ମୁଁ ନିୟତ ସନ୍ତପ୍ତ । ସତେକି ସହସ୍ର ସୂର୍ଯ୍ୟ ନଭେ ଏକାବେଳେ, ପ୍ରକାଶିତ ହୋଇଛନ୍ତି ମଧ୍ୟାହ୍ନ ପ୍ରହରେ । ମୋର ବୋଲି ରହୁନାହିଁ କିଛି, ଭାଙ୍ଗିପଡୁଅଛି ଯେତେ ସବୁ ଅହମିକା । ହଜିଯାଏ ମୋର ସତ୍ତା କାହିଁ କେତେ ଦୂରେ, କି କରିବି ମୁହିଁ । କି କରିବି ମୁହିଁ, ମତେ ଏବେ ବୁଦ୍ଧି ଦିଶୁନାହିଁ ।

ସମବେତ ସଂଗୀତ ଗାନ –

ଦେବୀ ସାବିତ୍ରୀଙ୍କ ଯୋଗାନଳ ଶିଖା
ପଡ଼ି ଯମରାଜ ଦେହେ
ରୂପାନ୍ତର କଲା ମୃତ୍ୟୁଦେବତାଙ୍କୁ
ଗଭୀର ବିସ୍ମୟେ ସ୍ନେହେ
ପାର୍ଥିବ ଜୀବନ ହେବ ସୁଧାମୟ
ସାବିତ୍ରୀଙ୍କ ତପବଳେ
ଏଇ କଥାକହି ଶୁଭାଶିଷ ଦେଲେ
ଯମରାଜ ଅବହେଳେ ।

ସତ୍ୟବାନ ସହ ସାବିତ୍ରୀ ଫେରିଲେ
ଶ୍ୟାମଳା ଧରଣୀ ତଳେ
ମୃତ୍ୟୁ ବିଜୟିନୀ ଅମୃତ ଦାୟିନୀ
ଆନନ୍ଦ ମାଦକ ଭୋଳେ ।
ଆସିଣ ଦେଖିଲେ ତାଙ୍କ ଶଶୁରଙ୍କୁ
ମିଳିଅଛି ଦୃଷ୍ଟିଶକ୍ତି
ମିଳିଅଛି ରାଜ୍ୟ ବିପୁଳ ବିଭବ
ମିଳିଅଛି ସୁଖଶାନ୍ତି ।
ମରତ ଭୁବନେ ନବଚେତନାର
ନାଚୁଅଛି ବୀଚିମାଳା
ଚରାଚର ଗାଏ ଜୟ ମା ସାବିତ୍ରୀ
ଜୟ ତୁମ ଦିବ୍ୟଲୀଳା ।

(ଦିଗେ ଦିଗେ ବାଜୁଅଛି ବିଜୟ ବାଜଣା, ଶୁଭୁଅଛି ଚରାଚରେ ଲଳିତରାଗିଣୀ)

ସତ୍ୟବାନ ସାବିତ୍ରୀଙ୍କ ଅମର କାହାଣୀ
କୋଟି-ଜନ-ମନ-କିଣା ସୁଧାଜିଣାବାଣୀ । ୧ ।

ଜୀବନ ଯାତନା ଗାଥା ବିଧିର ବିଧାନ
ଦାମ୍ପତ୍ୟ ପ୍ରେମର ଅନୁପମ ନିଦର୍ଶନ । ୨ ।

ସାବିତ୍ରୀଙ୍କ ଜୀବନର ଏଇ ଅନୁଭବ ।
ତପ ସାଧନାରେ ସବୁ ହୁଅଇ ସମ୍ଭବ । ୩ ।

ଅଲିଅଳି ରାଜଜେମା ରୂପଗୁଣବତୀ ।
ଅତିକ୍ରମ କରିଗଲେ ଆପଣା ନିୟତି । ୪ ।

ବିଧିଲିପି ବିରୁଦ୍ଧରେ କଲେ ସେ ସଂଗ୍ରାମ ।
ହେଲେ ବିଜୟିନୀ, ପୂର୍ଣ୍ଣ ହେଲା ମନସ୍କାମ । ୫ ।

⏭ ● ⏮

ଆଧୁନିକ ଓଡ଼ିଆ ଗୀତିକବିତାର ସ୍ୱର ଓ ସ୍ୱରୂପ

(୧୮୭୬–୧୯୫୦)

ପ୍ରଫେସର ଡକ୍ଟର ଶରତ ଚନ୍ଦ୍ର ରଥ

ଆଧୁନିକ ଓଡ଼ିଆ ଗୀତିକବିତାର ସ୍ୱର ଓ ସ୍ୱରୂପ
(୧୮୭୬-୧୯୫୦)
ଡକ୍ଟର ଶରତ ଚନ୍ଦ୍ର ରଥ
ବାଣୀ ବିହାର
ପ୍ରକାଶକ : **ଦିବ୍ୟ ପ୍ରକାଶନୀ**
ଦିବ୍ୟ ବିହାର, ସାମନ୍ତରାପୁର,
ଫୋନ୍ : ୨୩୪୦୧୩୬
ପ୍ରଥମ ପ୍ରକାଶ : ଅଗଷ୍ଟ ୧୫, ୨୦୧୩
ମୁଦ ଣ : ଦିବ୍ୟ ମୁଦ୍ରଣୀ1, ଦିବ୍ୟ ବିହାର, ସାମନ୍ତରାପୁର
ପ୍ରଚ୍ଛଦ : **ବିଭୁ ପ୍ରସୂନ ଦାସ**
ମୂଲ୍ୟ : ₹ ୧୦୦/- (ଏକଶହ ଟଙ୍କା)

Adhunika Odia Geetikabitara Swar o Swarupa (1876-1950)
Dr. Sarat Chandra Rath
Vani Vihar
Publisher : **Divya Prakashani**
Divya Vihar, Samantarapur, Bhubaneswar,
Ph. : 9437006566
First Edition : **15 August, 2013**
Printed at : **Divya Mudrani**
Divya Vihar, Samantarapur, Bhubaneswar
Cover Design : **Bibhuprasuna Das**
Price : ₹ **100** /- One Hundred Only

ଯାହାଙ୍କ କରୁଣାରୁ ମୁଁ ଲେଖନୀ ଚାଳନା କରିଛି ସେହି ମୋର ପରମାରାଧ୍ୟ ଶ୍ରୀମାଶ୍ରୀଅରବିନ୍ଦଙ୍କ ଚରଣ କମଳରେ 'ଆଧୁନିକ ଓଡ଼ିଆ ଗୀତିକବିତାର ସ୍ୱର ଓ ସ୍ୱରୂପ (୧୮୭୭-୧୯୫୦)' ପୁସ୍ତକଟିକୁ ସମର୍ପଣ କରି ମୋର ବୋଉ ଶ୍ରୀମତୀ ମନୋରମା ଦେବୀଙ୍କ ହାତରେ ଅର୍ପଣ କଲି ।

ବିନୀତ

ଶରତ

ଆଗରୁ ପଦେ

ଶବ୍ଦକୁ ବ୍ରହ୍ମ ବୋଲି କୁହାଯାଏ, ବ୍ରହ୍ମ ଏବଂ ବ୍ରହ୍ମରଶକ୍ତି ଯେପରି ଏକ ଓ ଅଭିନ୍ନ, ଶବ୍ଦ ଓ ଶବ୍ଦର ଶକ୍ତି ସେପରି ଏକ ଓ ଅଭିନ୍ନ । ଅଗ୍ନିରେ ଦାହିକାଶକ୍ତି ସଂଜୀବିତ ହୋଇ ରହିଲାପରି, ବରଫରେ ଶୀତଳତା ସଞ୍ଚରିତ ହୋଇ ରହିଲାପରି ଶବ୍ଦରେ ଶକ୍ତି ନିହିତ ହୋଇରହିଥାଏ । ସମୁଦ୍ର ସହ ଲହରୀ ଯେପରି ଅଙ୍ଗାଙ୍ଗୀଭାବେ ଜଡ଼ିତ, ଶବ୍ଦ ସହ ଶକ୍ତି ସେପରି ଅଙ୍ଗାଙ୍ଗୀଭାବେ ଜଡ଼ିତ । ଶବ୍ଦରେ ଥିବା ଶକ୍ତିକୁ ଶବ୍ଦଶକ୍ତି ବୋଲି କୁହାଯାଏ । ଏଥି ସହିତ କବିଚିତ୍ତର ସ୍ପର୍ଶକାତରତା ସଂଯୋଜିତ ହେବା ଯୋଗୁଁ ସେହି ଶକ୍ତିର ଅଭିବୃଦ୍ଧି ଘଟେ । କବିର ସୃଜନୀଶକ୍ତି ଏଥି ସହିତ ସମନ୍ୱିତ ହୋଇଯିବାରୁ ଶବ୍ଦଶକ୍ତି ବହୁ ଗୁଣିତ ହୋଇଯାଏ । ଯେଉଁ କବିଙ୍କର ଅନୁଭବଶକ୍ତି, ବିଶ୍ଳେଷଣଶକ୍ତି ପୁଣି ଅଭିବ୍ୟକ୍ତିରଶକ୍ତି ଯେତେ ଅଧିକ, ତାଙ୍କ ଦ୍ୱାରା ବ୍ୟବହୃତ ଶବ୍ଦମାନଙ୍କରେ ଶକ୍ତିମତ୍ତା ସେତେ ଅଧିକ ।

କେବଳ କବିର ମାନସିକତା ଦ୍ୱାରା ଶବ୍ଦଶକ୍ତି ଯେ ପ୍ରଭାବିତ ହୁଏ ତା'ନୁହେଁ, ସୃଷ୍ଟି ଭିତରେ ବର୍ଣ୍ଣିତ ରସଚର୍ଯ୍ୟା ଦ୍ୱାରା ମଧ୍ୟ ଶବ୍ଦଶକ୍ତି ପ୍ରଭାବିତ ହୁଏ । ଅର୍ଥାତ୍ ଗୋଟିଏ ନିର୍ଦ୍ଦିଷ୍ଟ ରସଧାରାରୁ ତହିଁର ବର୍ଣ୍ଣନା ପାଇଁ ନିର୍ବାଚିତ ଓ ନିୟୋଜିତ ଶବ୍ଦମାନେ ଶକ୍ତି ପାଇଥାଆନ୍ତି । ଏକଥାଟି କେବଳ କାବ୍ୟ, କବିତା ପାଇଁ ନୁହେଁ, ଗଳ୍ପ, ନାଟକ ଓ ଉପନ୍ୟାସ ପାଇଁ ମଧ୍ୟ ସତ୍ୟ ।

ଗୀତିକବିତା ହେଉଛି ସାହିତ୍ୟର ଏକ ବିଶିଷ୍ଟ ବିଭବ । ବିନ୍ଦୁ ଭିତରେ ସିନ୍ଧୁଦର୍ଶନ ଏହାର ଆଭିମୁଖ୍ୟ । ଗୀତିକବିତାରେ ଯେ କେବଳ ପ୍ରେମପ୍ରଣୟ, ମିଳନ ବିରହର ଚିତ୍ର ଉପସ୍ଥାପିତ ହୁଏ ତାହା ନୁହେଁ, ଜୀବନର ଅନ୍ୟାନ୍ୟ ଦିଗଗୁଡ଼ିକ ମଧ୍ୟ ଏଥିରେ ଚିତ୍ରିତ ହୋଇପାରେ । ଜୀବନର ପ୍ରତ୍ୟେକ ଅନୁଭବ ସେଥିରେ ସ୍ଥାନିତ ହୋଇପାରେ । ଦୁଃଖ, ବିରହ, ଅନୁଶୋଚନା, ଭକ୍ତିଭାବନା, ରାଷ୍ଟ୍ରୀୟ ଚେତନା, ସାଂସ୍କୃତିକ ମୂଲ୍ୟବୋଧ, ଜୀବନଚିନ୍ତା ମଧ୍ୟ ଏଥିରେ ସ୍ଥାନ ପାଇପାରେ । ଭିନ୍ନଭିନ୍ନ ସ୍ୱାଦର ଉପସ୍ଥାପନା ନିମନ୍ତେ ଶବ୍ଦର ଭିନ୍ନତା ଅବଶ୍ୟମ୍ଭାବୀ । ଶବ୍ଦଶକ୍ତିର ଭିନ୍ନତା ମଧ୍ୟ ଗ୍ରହଣୀୟ । ଯଥାଯୋଗ୍ୟ ଅଳ୍ପ ଶବ୍ଦରେ ବହୁକଥା କହିବାର ମାନସିକତା ଆଧୁନିକ ଗୀତିକବିତାରେ ଥାଏ ବୋଲି ତ ତାହାର ପ୍ରତିଷ୍ଠା ଓ

ପରାକାଷ୍ଠା ସ୍ୱତନ୍ତ୍ର । ପଢ଼ିଲା ମାତ୍ରେ ତାହା ଆବୃତ୍ତି କରିବାକୁ ଇଚ୍ଛାହୁଏ, ଆବୃତ୍ତି କଲାପରେ ଗାଇବାକୁ ଇଚ୍ଛା ହୁଏ । ଗାନଯୋଗ୍ୟତା ଥିବାରୁ ସହଜରେ ଏହାର କିଛିକିଛି ପଂକ୍ତି ସ୍ମରଣରେ ରହିଯାଏ, କଥା କଥାକେ ଆବଶ୍ୟକତା ଅନୁସାରେ ତାହା ଝରି ଆସେ । ଗୀତିକବିତା ପ୍ରତି ଆଗ୍ରହ ଓ ଅନୁରାଗ ମୋର ଜନ୍ମଗତ। ପିଲାଦିନରୁ ଅର୍ଥାତ୍ ସ୍କୁଲରେ ପଢ଼ିଲାକାଳରୁ ମୁଁ କିଛିକିଛି ଗୀତିକବିତା ଲେଖୁଥିଲି । ଆଧୁନିକ ଓଡ଼ିଆଗୀତିକବିତା ସମ୍ବନ୍ଧରେ ଆଲୋଚନା କରିବାର ପ୍ରୟାସ ମୋର ବହୁଦିନରୁ ଥିଲା । ଉକ୍ତ ପୁସ୍ତକଟି ସେହି ପ୍ରୟାସର ଏକ ଲିପିଗତ ରୂପାୟନ ।

ବିନୀତ

ଲେଖକ

ସେମାନଙ୍କ ଦୃଷ୍ଟିରେ ଗୀତିକବିତା...

- ଆଜିର ଗୀତିକବିତାମାନ ହେଲା ଗୀତିକବିମାନଙ୍କର ନିଜସ୍ୱ ଅନୁଭୂତି ଓ ସେଇ ଅନୁଭୂତିର ଗୀତିମୟ ଅଭିବ୍ୟକ୍ତିର ପରିପ୍ରକାଶ ।

- ନାରାୟଣ ପ୍ରସାଦ ସିଂହ

- ଯାହା ଗାଇଲେ ଗୀତ, ପଢ଼ିଲେ କବିତା, ତାହା ହିଁ ଗୀତିକବିତା ।

-ଗୁରୁକୃଷ୍ଣ ଗୋସ୍ୱାମୀ

- ଗୀତିକବିତା ହେଉଛି ପରିବେଶ ଓ ପରିସ୍ଥିତିରୁ ସୃଷ୍ଟ ମାନସିକ ଉଦ୍‌ବେଳନର ବହିଃପ୍ରକାଶ । ସାଧାରଣ ଘଟଣାକୁ ଉପଯୁକ୍ତ ବ୍ୟଞ୍ଜନା ଓ ଛନ୍ଦପ୍ରକରଣ ଭିତରେ ଶ୍ରୋତାଙ୍କ ଶ୍ରୁତିମଧୁର ଓ ହୃଦୟସ୍ପର୍ଶୀ କରାଇବା ଏହାର ଲକ୍ଷ୍ୟ । ଏହା ଯେହେତୁ ଏକ ସ୍ୱତଃସ୍ଫୂର୍ତ୍ତଧାରା ଟାଣିଓଟାରି ଅର୍ଥରୁ ଅର୍ଥାନ୍ତର କରିବାଦ୍ୱାରା ଏହାର ସାରସ୍ୱତ ସୌରଭ ନଷ୍ଟ ହେବାର ଆଶଙ୍କା ଥାଏ । ଏହା ଯେତେ ଅଧିକ ସ୍ମୃତି ବିଜଡ଼ିତ ସେତିକି ଅଧିକ ହୃଦୟଗ୍ରାହୀ ।

– ନନ୍ଦକିଶୋର ସିଂହ

- ସାଧାରଣ ଅର୍ଥରେ ଦେଖିବାକୁ ଗଲେ ଗୀତିକବିତା, ଦୁଇଟି ବିଭାବ ଯଥା– ଗୀତ ଓ କବିତା (ସାହିତ୍ୟ)କୁ ନେଇ ରଚିତ ହୋଇଥାଏ । ଏଥିରେ ସ୍ୱର, ଲୟ, ତାଳ ସହିତ ଯତିପାତର କ୍ରମକୁ ରକ୍ଷାକରାଯାଉଥିବାରୁ ଏହାର ପଦ ରଚନାରେ ଲଳିତ ଓ ସୁକୁମାର ଶବ୍ଦ ସମୂହର ବ୍ୟବହାର ଏକାନ୍ତ ଅନିବାର୍ଯ୍ୟ । ଗୀତିକବିତାରେ ଗାୟନ ଓ ପଠନର ମାଧୁର୍ଯ୍ୟ ଥାଇ ଏକ କ୍ଷୁଦ୍ର ଅବୟବ ଭିତରେ ବୃହତ୍‌ର କଥା କୁହାଯାଇଥାଏ ।

- ବୃନ୍ଦାବନ ଜେନା

- ମନକୁ ଛୁଇଁ ଛୁଇଁ ପ୍ରାଣକୁ ଶୀତଳେଇ ଦେଉଥିବା କବିତା ତ ଗୀତିକବିତା । ଅନ୍ତରଙ୍ଗ ଅନୁଭୂତିର ସ୍ୱାକ୍ଷର ଯଦି ସେଇଥିରେ ପ୍ରତିଫଳିତ ହୁଏ, ତେବେ ତାହାର ମିଠା କିଛି ନିଆରା । ସିଏ ଅଚୁଟା ହୃଦୟକୁ ଅଜ୍ଞାତରେ ଭିଡ଼ିଧରେ ଏବଂ ମୁଲାୟମ କରିବାରେ ସମର୍ଥ ହୁଏ ।

– ରମେଶ ଦାସ

- ଗୀତିକବିତା ଏପରି ଏକ ସ୍ୱପ୍ନ ଯାହାର ବର୍ଣ୍ଣମାଳାରେ ଫୁଟିଉଠେ ଆନନ୍ଦ ଓ ବିଷାଦର, ମିଳନ ଓ ବିରହର, ଲୁହ ଓ ଲହୁର, ଭକ୍ତି ଓ ମୁକ୍ତିର ମାର୍ମିକ ଅନୁଭବର ଚିତ୍ତସ୍ପର୍ଶୀ ଚିତ୍ର । ଗୀତିକବିତାର କ୍ଷୁଦ୍ର ପରିସର ମଧ୍ୟରେ କବି ଏ ଜଗତ, ଜୀବନ ଏବଂ ଈଶ୍ୱରଙ୍କୁ ଉପଲବ୍ଧି କରାଇଦେଇପାରେ । **– ଅର୍ଚ୍ଚନା ନାୟକ**

- ଛୋଟ ଶିଶିର ବିନ୍ଦୁରେ ଆକାଶର ପ୍ରତିବିମ୍ବନ ପରି ଗୀତିକବତାରେ ସମସ୍ତ ସୌନ୍ଦର୍ଯ୍ୟମୟୀ କାବ୍ୟସତ୍ତାର ମନୋଜ୍ଞ ଓ ମନୋରମ ଇନ୍ଦ୍ରଧନୁର ଦ୍ୟୁତି ଭାସ୍ୱର ହୁଏ । - **ବାବାଜୀ ଚରଣ ପଟ୍ଟନାୟକ**

- ଗୀତିକବିତାରେ କେତୋଟି ମୁହୂର୍ତ୍ତୀୟ ମୋହିନୀଭାବ ଆପାତତଃ ପ୍ରାଧାନ୍ୟ ଲାଭ କରିଥାଏ । ସେଗୁଡ଼ିକ ହେଲା ପ୍ରେମ, ବିଷାଦବୋଧ, ନିଷ୍ଫଳ ଜୀବନ ଜିଜ୍ଞାସା, ପ୍ରେମିକ ବା ପ୍ରେମିକା ପାଇଁ ଥିବା ଭାବବିଳାସ, ଈଶ୍ୱର ଭକ୍ତି, ଜୀବନ ସ୍ମୃତି, ଅଭିମାନ, ଅଭିଯୋଗ, ଛାଡ଼ିଆସିଥିବା ପଲ୍ଲୀ ପ୍ରକୃତିର ମୋହମୟ ଜଳବାୟୁ, ପରିଜନ, ମୋହିନୀ ପ୍ରକୃତି ତଥା ନୂଆ ନୂଆ ଆବେଗ ନେଇ ପୃଥିବୀକୁ ଛୁଉଁଥିବା ବର୍ଷା, ବସନ୍ତ ଓ ବୈଶାଖ ପରି ଋତୁମାନ ।

– ତୁଳସୀ ଓଝା

- ଆଜି ଗୀତିକବିତା କେବଳ ଗୀତ ଭାବରେ ନୁହେଁ, ଏକ ସ୍ୱତନ୍ତ୍ର ଧାରାର ସାହିତ୍ୟ ଭାବରେ ସମ୍ମାନ ଲାଭ କରିଛି । ଗୀତିକବିତାରେ କବିର ପୂର୍ଣ୍ଣଭାବ ପ୍ରକାଶିତ ହୋଇଥାଏ । ମୁହୂର୍ତ୍ତର ଭାବନାର ଝଲକ ସାଙ୍କେତିକ ଭାବରେ ପ୍ରକାଶ ପାଏ ।

- ଶ୍ରୀଚରଣ ମହାନ୍ତି

- ବିଦଗ୍ଧ ହୃଦୟର ପ୍ରାଣ ହିଁ ଗୀତିକବିତାର ନିର୍ଯ୍ୟାସ । ଅପ୍ରାପ୍ତି ଓ ଏକାକୀତ୍ୱର ମାର୍ମିକ ଉଚ୍ଚାରଣ ଏହାର କାବ୍ୟଶକ୍ତି । ପ୍ରଣୟାସ୍ତରର ପ୍ରଜ୍ୱଳନ ଏହାର ଦ୍ୟୁତି ।

- ସତ୍ୟ ପଟ୍ଟନାୟକ

- ଗୀତିକବିତା ହେଉଛି ଆବେଗପୂର୍ଣ୍ଣ ଭାବନା ବା ଅନୁଭୂତିର ସଂକ୍ଷିପ୍ତ ଓ ସାବଲୀଳ ଅଭିବ୍ୟକ୍ତି । ଏହି କବିତା ସୁଲଳିତଭାବେ ଗାନ କରାଯାଉଥିବା ଦୃଷ୍ଟିରୁ ବ୍ୟସ୍ତବହୁଳ, ନୈରାଶ୍ୟଭାରାକ୍ରାନ୍ତ ମଣିଷ ମନରେ ଶାନ୍ତି ଓ ସନ୍ତୋଷ ଆଣିଦିଏ । କେବଳ ଅବସର ବିନୋଦନ ପାଇଁ ନୁହେଁ, ମଣିଷର ଆଧ୍ୟାତ୍ମିକ ଓ ମାନସିକ ଉତ୍କର୍ଷ ପାଇଁ ମଧ୍ୟ ଏହାର ଅବଦାନ ଅତୁଳନୀୟ । ।

–ଅଲେଖ ଚନ୍ଦ୍ର ପଢ଼ିଆରୀ

- ଗୀତିକବିତା ସାହିତ୍ୟ ଓ ସଂଗୀତର ଏକ ମଧୁର ମିଳନ । ଏହା ମଧ୍ୟ ଏକ ମିଶ୍ରକଳା ବା 'Composite Art' । ଗୀତିମୟତା ହିଁ ଏହାର ନିର୍ଯ୍ୟାସ । ଗୀତିକବିତାର ପୂର୍ଣ୍ଣତା ଓ ସାର୍ଥକତା ସେତେବେଳେ ଆସେ ଯେତେବେଳେ ଶବ୍ଦ ସଂଗୀତର ରୂପ ନିଏ ଏବଂ ଭାବ ସ୍ମରଣୀୟତା ଲାଭ କରେ । ଗୀତିକବିର ଦୁନିଆଁ ଚିରସବୁଜ, ସେଠି ବସନ୍ତର ବାରମାସୀ ରାଜତ୍ୱ । ତେଣୁ ଗୀତିକବି ବାସ୍ତବରେ ସୌଭାଗ୍ୟବନ୍ତ ଏବଂ ଗୀତିକବିତା ବିଜୟଶ୍ରୀବିମଣ୍ଡିତ ।

– ଦେବାଶିଷ ପାଣିଗ୍ରାହୀ

- ଗୀତିକବିତା ହେଉଛି ନିବଦ୍ଧ ଗୀତ (ପ୍ରବନ୍ଧ)ର ଅବୟବ ଅର୍ଥାତ୍ ଧାତୁ (ଉଦ୍‌ଗ୍ରାହ , ଧ୍ରୁବ, ମେଳାପକ, ଆଭୋଗ) ଯାହା ମାତୁ (ରାଗ ଓ ତାଳ) ବଦ୍ଧ ହୋଇ ଗାୟନ ଉପଯୋଗୀ ହୋଇଥାଏ ।

- କୀର୍ତ୍ତନ ନାରାୟଣ ପାଢ଼ୀ

- ସ୍ୱର ସହିତ ଭାବର ଅବାଧ ମିଳନରେ ଗୀତିକବିତା ହୋଇଥାଏ ମନନଧର୍ମୀ ଓ ସର୍ବଜନଗ୍ରାହ୍ୟ । ପୁଣି ଭାବର ଚମତ୍କାରିତା ଏବଂ ଶବ୍ଦର ବହୁ ପ୍ରସାରୀ ଅର୍ଥଦ୍ୟୋତନା ଗୀତିକବିତାର ବିଶେଷତ୍ୱକୁ ପ୍ରତିପାଦନ କରିଥାଏ ।

- କୃଷ୍ଣଚନ୍ଦ୍ର ପ୍ରଧାନ

- ଯେଉଁ କବିତାରେ ମୁଗ୍ଧ କରିବାର ମନ୍ତ୍ରଥାଏ, କମନୀୟତାର କାରିଗରୀ ଥାଏ, ଭାବନାରେ ଭିଜେଇ ଦେବାର ସାମର୍ଥ୍ୟ ଥାଏ ସେହି କବିତାକୁ ମୁଁ ଗୀତିକବିତା ବୋଲି କୁହେ । ପରିମିତ ଶବ୍ଦ, ଶବ୍ଦର ସ୍ୱତନ୍ତ୍ରତା ଓ ଶୈଳୀର ବିବିଧତା ଏହାକୁ ଅନ୍ୟକବିତାଠାରୁ ଭିନ୍ନ ଭାବରେ ଗଢ଼ିତୋଳେ ।

- ଧନଞ୍ଜୟ ସ୍ୱାଇଁ

- ଗୀତିକବିତାରେ ଯେଉଁ ଅପୂର୍ବ ମଧୁରିମା ଥାଏ, ତାହାକୁ ଅନୁଭବ କରିହୁଏ । ଫଗୁଣ ଫୁଲର ମିଠାମିଠା ବାସ, କୋଇଲିର କୁହୁତାନ, ଅଳିର ଗୁଞ୍ଜରଣ, ଧୀର ପବନର ସ୍ନିଗ୍ଧ ସଂଚରଣ ଏକାଧାରରେ ଏଥିରେ ଉପଲବ୍ଧ । ବିନ୍ଦୁରେ ସିନ୍ଧୁ ଦର୍ଶନ ଏହାର ଅନୁପମ ବୈଶିଷ୍ଟ୍ୟ । ଶବ୍ଦକୁ ଶବ୍ଦ ଖଞ୍ଜିଦେଲେ ଗୀତିକବିତା ହୁଏନାହିଁ । ଶବ୍ଦର ଶଯ୍ୟାରେ ଭାବ ଓ ସଂଗୀତର ପ୍ରବାହ ହିଁ ଯଥାର୍ଥ ଗୀତିକବିତାର ଅସଲ ସ୍ୱରୂପ।

- ଶରତ ଚନ୍ଦ୍ର ରଥ

- ଗୀତିକବିତା, କବିତା କଳାର ଲାବଣ୍ୟନିଧି, ସେ ଲଳିତା, ଲାଳିତା ଆଉ ଲୀଳାୟିତା । ଗାନଧର୍ମିତା ବା ଗେୟତା ସହିତ ସଂଯୁକ୍ତା ସେ । ଗେୟତ୍ୱ, ଲାଳିତା ଲଳିତାକୁ ଲୀଳାୟିତା କରେ । କବିତା ଛାପା ମାଧ୍ୟମରେ ମୁଦ୍ରିତ ହୋଇ ପ୍ରକାଶ ପାଏ, ସ୍ଥଳ ବିଶେଷରେ କେତୋଟି ଆସରରେ ଆବୃତ୍ତ ହୋଇଥାଏ । ଗୀତିକବିତା, କବିତା ଭଳି ମୁଦ୍ରିତ ହୁଏ, ଆବୃତ୍ତ ହୁଏ ଆଉ ଗୀତ ବି ହୁଏ।

- ଅଜୟ କୁମାର ମିଶ୍ର

- ଗୀତିକବିତା ହେଉଛି ବ୍ୟକ୍ତିଗତ ଅନୁଭବ ଓ ଅନୁଭୂତିର ଏକ ସ୍ୱତଃସ୍ଫୂର୍ତ୍ତ ଝରଣା ଓ ଆବେଗାୟିତ ହୃଦୟର ଏକ ନିର୍ଭେଜାଲ ନିବେଦନ । ଏହା ମୁହୂର୍ତ୍ତର ଏକ ମିଠା ଅନୁଭବ, ଆତ୍ମିକ ପରିଭାଷାଟିଏ ଯାହା ପାଠକର ହୃଦୟକୁ ଛୁଏଁ ଓ ଭାବନାକୁ ପ୍ରଭାବିତ କରେ । ଏହା ବାସ୍ନା ବିଞ୍ଚୁଥିବା ଫୁଲଟିଏ, ଅନୁଭବର ରେଶମୀ ରୁମାଲ ଟିଏ ।

- ମନୋଜ ମହାନ୍ତି

ସୂଚୀପତ୍ର

କବିତା ସମ୍ପର୍କରେ କିଛି ୧୧

ଗୀତିକବିତାର ସଂଜ୍ଞା ଓ ସ୍ୱରୂପ..... ୨୬

ଆଧୁନିକ ଓଡ଼ିଆ ଗୀତିକବିତାର ଭିତ୍ତିଭୂମି..... ୩୫

ସ୍ୱାଧୀନତା ପୂର୍ବବର୍ତ୍ତୀ ଓଡ଼ିଆ ୫୮

ଗୀତିକବିତାର ସ୍ୱର ଓ ସ୍ୱରୂପ .....

କ. ଶୋକଗୀତି ୬୦

ଖ. ସମ୍ବୋଧଗୀତି ୬୫

ଗ. ଚତୁର୍ଦ୍ଦଶପାଦୀ ଗୀତିକବିତା.... ୬୯

ଘ. ବ୍ୟଙ୍ଗ ଓ ହାସ୍ୟରସର ଗୀତିକବିତା.... ୭୧

ଙ. ରହସ୍ୟବାଦୀ ରୋମାଣ୍ଟିକ୍ ଗୀତିକବିତା ୭୩

ଚ. ଦାର୍ଶନିକ ଗୀତିକବିତା ୭୮

ଛ. ପଲ୍ଲୀ ସଂସ୍କୃତିଭିତ୍ତିକ ଗୀତିକବିତା :... ୮୧

ଜ. ବିଭୁଭକ୍ତିମୂଳକ ଗୀତିକବିତା ୮୪

ଞ. ଜାତୀୟତାବାଦୀ ଗୀତିକବିତା ୮୬

ଟ. ପ୍ରକୃତି ସଂପର୍କିତ ଗୀତିକବିତା ୯୧

ଠ. ଇଂରାଜୀରୁ ଅନୂଦିତ ଗୀତିକବିତା ୯୭

ସ୍ୱାଧୀନତା ପରବର୍ତ୍ତୀ ଓଡ଼ିଆ ୫୮

ଗୀତିକବିତାର ସ୍ୱର ଓ ସ୍ୱରୂପ ୧୦୫

◆◆◆

କବିତା ଏକ ନୂଆ ଶବ୍ଦ ନୁହେ, ପୁରୁଣା ଶବ୍ଦ । ସଂସ୍କୃତରେ କୁହାଯାଇଛି 'ବିନାଶ୍ରୟେ ନବର୍ତ୍ତନ୍ତେ କବିତା – ବନିତା – ଲତା' । ପୁନଶ୍ଚ ଓଡ଼ିଆ ସାହିତ୍ୟରେ କବିତା ଶବ୍ଦର ବ୍ୟବହାର ବେଶ୍ ପ୍ରାଚୀନ । ମଧ୍ୟଯୁଗୀୟ ସାହିତ୍ୟରେ ଏହାର ପ୍ରୟୋଗ ଲକ୍ଷ୍ୟଣୀୟ । କଲ୍ଲୋଳକବି ଦୀନକୃଷ୍ଣ ସ୍ୱରଚିତ 'ରସକଲ୍ଲୋଳ' କାବ୍ୟରେ କହିଛନ୍ତି –

'କବିତା ବନିତା କବି ତା' ପିତା
କହିବାଲୋକ ତା'ର ଉପମାତା ।'

କବିତା ଶବ୍ଦର ସଂସ୍କୃତ ଓ ଓଡ଼ିଆ ଆଭିଧାନିକ ଅର୍ଥ ହେଉଛି ପଦ୍ୟ ବା କବିକୃତି । କାରଲାଇଲଙ୍କ ମତରେ କବିତା ହେଉଛି ସଙ୍ଗୀତମୟ ଚିନ୍ତାର ବ୍ୟକ୍ତ ସ୍ୱରୂପ, ସେଲିଙ୍କ ମତରେ କଳ୍ପନା ଓ ପ୍ରବୃତ୍ତିର ଭାଷାଗତ ରୂପ ହିଁ କବିତା । ରସକିନ୍ କହନ୍ତି ସତ୍ ସ୍ପନ୍ଦନ ପାଇଁ କଳ୍ପନା ଦ୍ୱାରା ସତ୍ ଉପାୟ ହିଁ କବିତା । ତେବେ ସେ ଯାହା ହେଉ କବିତା ହେଉଛି ଛନ୍ଦ ବିଳାସୀ ଏକ ସୂକ୍ଷ୍ମ କଳା । ଆନନ୍ଦ ସୃଷ୍ଟି କରିବା ତାହାର ଲକ୍ଷ୍ୟ । Theory of Poetry and fine Artsରେ Aristotle କହିଛନ୍ତି "The object of Poerty as of all the fine arts is to produce an emotional delight and eleveted Pleasure।" ମୋ ବିଚାରରେ କବି ହେଉଛନ୍ତି ନିଜ ଆଧାରରେ ବିଶ୍ୱକୁ ଧରି ରଖୁଥିବା ପାତ୍ରଟିଏ, ବିଶ୍ୱସତ୍ତାକୁ ତନ୍ନତନ୍ନ କରି ଦେଖି ପାରୁଥିବା ତୃତୀୟ ନେତ୍ରଟିଏ ।

ଗଦ୍ୟପରି କବିତା ବର୍ଣ୍ଣନାଧର୍ମୀ ନୁହେଁ, କବିତା ସୂଚନାଧର୍ମୀ । ତେଣୁ କୁହାଯାଏ 'While Prose describes, Poetry Suggests'। କବିତାର ଭାଷା ହେଉଛି ଚିତ୍ରର ଭାଷା । ଯେଉଁ କବିତାରେ ଯେତେ ଅଧିକ ଚିତ୍ର ସୁଲଭ, ସେହି କବିତା ସେତେ ବେଶି ପ୍ରଭାବଶାଳୀ । ଶ୍ରୀଅରବିନ୍ଦଙ୍କ କଥାରେ "The Essential Power of the poetic word is to make us see, not to make us think or feel, thought and feeling must arise out of sight or be included in it but sight is the primary consequence and power of poetic speech".(Future Poetry)

କବିତାର ଦୁଇଗୋଟି ମୁଖ୍ୟ ଉପାଦାନ ଅଛି । ଗୋଟିଏ ହେଉଛି ଛନ୍ଦ ଓ ଅନ୍ୟଟି କବିର ଅନୁଭବ । ଛନ୍ଦ ହେଉଛି କବି ପ୍ରାଣର ଧ୍ୱନିଲହର ଯାହା ପାଠକର ଚିତ୍ତକୁ ଆମୋଦିତ କରେ । ଛନ୍ଦ ହିଁ ପଦ୍ୟ ତଥା କବିତାର ଏକ ଅବିଚ୍ଛେଦ୍ୟ ଅଙ୍ଗ । ବିଶ୍ୱନାଥ କବିରାଜଙ୍କ ମତରେ –'ଛନ୍ଦୋବଦ୍ଧଂ ପଦଂ ପଦ୍ୟମ୍' – ଅର୍ଥାତ୍ ଛନ୍ଦ ରଚିତ ପଦ ହିଁ ପଦ୍ୟ । ସମୟାନ୍ତରରେ ପ୍ରୟୋଜନାନୁସାରେ କବିତାରେ କେତେବେଳେ

ସମଛନ୍ଦ, କେତେବେଳେ ମୁକ୍ତ ଛନ୍ଦ, ପୁଣି କେତେବେଳେ ଅମିତ୍ରାକ୍ଷର ଛନ୍ଦର ବ୍ୟବହାର କରାଯାଇଛି । ନିମ୍ନରେ ଛନ୍ଦ କବିତା, ମୁକ୍ତ ଛନ୍ଦର କବିତା, ଅମିତ୍ରାକ୍ଷର ଛନ୍ଦର କବିତା, ସଂଗୀତ ଓ ଗୀତିକବିତା ସମ୍ପର୍କରେ କିଞ୍ଚିତ୍ ଆଲୋଚନା କରାଯାଇଛି ।

ଛନ୍ଦ କବିତା :

ଏହା ହେଉଛି ମାତ୍ରାବୃତ୍ତର କବିତା, ଆବୃତ୍ତିଧର୍ମୀ କବିତା । ଛନ୍ଦ ଦ୍ୱାରା ଏଥିରେ ଭାବ ପ୍ରକଟିତ ହୁଏ । ଉଚ୍ଚାରଣଗତ ଧ୍ୱନି ଲହରରେ ବିମଣ୍ଡିତ ହୋଇ ଏହା ହୋଇଥାଏ ଶ୍ରୁତିମଧୁର। ଏପରି କବିତାର ପଙ୍କ୍ତି ଦୀର୍ଘ ହେଲେ ଅଧିକ ସ୍ଥାନରେ ଯତିପାତ ହୁଏ, ପଂକ୍ତି ନାତିଦୀର୍ଘ ହେଲେ ଅଳ୍ପ ସ୍ଥାନରେ ଯତିପାତ ହୁଏ । ସାହିତ୍ୟ ସହିତ ଛନ୍ଦଶାସ୍ତ୍ରର ସମ୍ବନ୍ଧ ପ୍ରାଚୀନ । ଆଧୁନିକ ଓଡ଼ିଆ କବିତାରେ ସାଧାରଣତଃ ତିନି ପ୍ରକାର ଛନ୍ଦର ପ୍ରୟୋଗ ଦେଖାଯାଏ । ଯଥା ଅକ୍ଷରବୃତ୍ତ ଛନ୍ଦ, ମାତ୍ରାବୃତ୍ତ ଛନ୍ଦ ଓ ଧ୍ୱନିବୃତ୍ତ ଛନ୍ଦ । କେହି କେହି ଏହାକୁ ବର୍ଣ୍ଣମାତ୍ରିକ ଛନ୍ଦ, ଧ୍ୱନିମାତ୍ରିକ ଛନ୍ଦ ଓ ସ୍ୱରମାତ୍ରିକ ଛନ୍ଦ କହିଥାନ୍ତି । ମଧ୍ୟଯୁଗଠାରୁ ଆଧୁନିକ ଯୁଗ ପର୍ଯ୍ୟନ୍ତ ଓଡ଼ିଆ ପଦ୍ୟ, ଗୀତ ରଚିତ ହୋଇଛି ଅକ୍ଷରବୃତ୍ତରେ । ଏଠାରେ ଉଲ୍ଲେଖଯୋଗ୍ୟ ଯେ ଛନ୍ଦଶାସ୍ତ୍ର ପଢ଼ିପଢ଼ି କେହି ଛନ୍ଦ ପ୍ରୟୋଗ କରେ ନାହିଁ । କବି ଚିତ୍ତରେ ଛନ୍ଦର ବୀଜ ନିହିତ ଥାଏ । ଅନ୍ତରର ଭାବପ୍ଲାବନ ସୁସଂହତ ରୂପରେ ରୂପାୟିତ ହୁଏ । ଯେଉଁ କବିର ଅନ୍ତରର ଭାବପ୍ଲାବନ ଯେପରି ଛନ୍ଦମୟ ତା'ର କବିତା ସେପରି ଛନ୍ଦମୟ ହୋଇଥାଏ । ଅତଏବ ଛନ୍ଦପ୍ରୟୋଗ କୌଶଳ ଜନ୍ମଗତ ପ୍ରତିଭାର ଅନ୍ତର୍ଭୁକ୍ତ, ଏହା ଶିକ୍ଷାଗତ ନୁହେଁ । ଆଧୁନିକ ସାହିତ୍ୟରେ ଛନ୍ଦ ପ୍ରୟୋଗ କ୍ଷେତ୍ରରେ କେତେକ ବୈଚିତ୍ର୍ୟ ଦେଖିବାକୁ ମିଳେ । ଏହାକୁ ଆମେ ନବପ୍ରବର୍ତ୍ତିତ ଛନ୍ଦ ବୋଲି କହୁ । ଏପରି କବିତାରେ ଯୁକ୍ତାକ୍ଷରକୁ ଦୁଇଟି ବର୍ଣ୍ଣରୂପେ ବିଚାର କରାଯାଏ । ବିଭିନ୍ନ ସଂଖ୍ୟାର ଅକ୍ଷର ସମନ୍ୱିତ ଖଣ୍ଡାଂଶର ସଂଯୋଜନାରେ ଏହି ଛନ୍ଦ କବିତା ସଂରଚିତ ହୋଇଥାଏ । ବିଭିନ୍ନ ଅକ୍ଷର ବିଶିଷ୍ଟ ଖଣ୍ଡାଂଶର ସମନ୍ୱୟରେ ବହୁପ୍ରକାର ଛନ୍ଦର ପ୍ରଚଳନ ଥିଲେ ହେଁ ଉଦାହରଣ ସ୍ୱରୂପେ ୨/୩ ଟି ଛନ୍ଦର ଚର୍ଚ୍ଚା ଏଠାରେ କରିବା । କେତେବେଳେ (୪+୪+୪+୧), (୩+୪+୩+୪+୩) ଅକ୍ଷର ବିଶିଷ୍ଟ ଖଣ୍ଡାଂଶର ସମନ୍ୱୟ ଘଟିଥାଏ । ପୁଣି କେତେବେଳେ (୩+୩+୩+୩+୩+୩+୩+୨) ଅକ୍ଷର ସମନ୍ୱିତ ଖଣ୍ଡାଂଶର ସମନ୍ୱୟ ଘଟିଥାଏ । ପ୍ରତ୍ୟେକ ଛନ୍ଦରୁ ଗୋଟିଏ ଗୋଟିଏ ଉଦାହରଣ ଦିଆଯାଇପାରେ ।

(୧) ''ଫୁଲ ଫୁଟେ ଫୁଲ ଝଡ଼େ
ପୁଣି ଫୁଟେ ସେ
ପୂରନିମା ଶଶୀ ବୁଡ଼େ
ପୁଣି ଉଠେ ସେ ।''

ଅନ୍ନଦା ଶଙ୍କର (୪+୪+୪+୧)

(୨) ''ଭାଦର ନୀଳାକାଶ ବାଦଲ ରଖେ ଆଜି ଘୋଡ଼ାଇ
ମେଘର ଶତଫାଙ୍କେ ଅରୁଣଥରେ ଯାଏ ଅନାଇ''

(ରୂପକଥା–ବୈକୁଣ୍ଠନାଥ) (୩+୪+୩+୪+୩)

(୩)''ଝରିଯା ଲୁହ ମୋ ଝରିଯା ପୁଲକେ ଜନ୍ମ ଭୂମିର ଜୀବନ ପଥେ
ଜଞ୍ଜୀର ଶତଖସୁ ମୋ ଜାତିର, ଚଳୁ ସେ ମାତିରେ ସୃଜନ ରଥେ''

(ଝରରେ ରୁଧିର–ଅନନ୍ତ ପଟ୍ଟନାୟକ)

(୩+୩+୩+୩+୩+୩+୩+୨)

ଏହି ପ୍ରକାର କବିତା ସଙ୍ଗୀତ ପାଇଁ ଉଦ୍ଦିଷ୍ଟ ନୁହେଁ । ଅର୍ଥାତ୍ ଗାନମୟତା ଏହାର ମର୍ମବାଣୀ ନୁହେଁ । ଆବୃତ୍ତି ଦ୍ୱାରା ଏହାର ବକ୍ତବ୍ୟ ସ୍ପଷ୍ଟ ଓ ଅନୁଭବ୍ୟ ହୋଇଥାଏ ।

ମୁକ୍ତଛନ୍ଦର କବିତା :

ମୁକ୍ତ ଛନ୍ଦର କବିତା ଏକ ଭିନ୍ନ ସ୍ୱାଦର କବିତା । ଏଥିରେ ଏକ ଅନ୍ତରୀଣ ଛନ୍ଦ ଥାଏ । ଭାବର ଅନ୍ୟନାମ ଏହାର ଛନ୍ଦ । ଏହାର ରଚନା ନିମନ୍ତେ ଏକ ମୁକ୍ତ ମାନସିକତା ଏକାନ୍ତ ଆବଶ୍ୟକ । ମୁକ୍ତ ମାନସିକତାର ଅର୍ଥ ହେଉଛି ଠିକ୍ କେଉଁ ନିର୍ଦ୍ଦିଷ୍ଟ ଛାଞ୍ଚରେ ନ ପଡ଼ି ନିଜ ଛାଞ୍ଚରେ ନିଜେ ପଡ଼ିବାର ମାନସିକତା । ମୁକ୍ତ ମାନସିକତାର ଅନ୍ୟ ଅର୍ଥଟି ହେଉଛି ଉଚିତ ମାର୍ଗରେ ମହାମିଳନ ପୀଠ ହେବାର ମାନସିକତା । କିଛି କଥାକୁ ସେ ଅବମାନନା କରେ ନାହିଁ ସତ, ମାତ୍ର ସବୁ କଥାର ସବୁକିଛିକୁ ସେ ଗ୍ରହଣ କରେ ନାହିଁ, ବରଂ ବହୁକଥାର ସୌରଭରେ ସୁରଭିତ ହୋଇ ଭିନ୍ନ ପ୍ରକାରେ ଅଭିବ୍ୟକ୍ତ ହୁଏ । ଛନ୍ଦର ଫଲ୍‌ଗୁ, ଆବେଗ, ବୌଦ୍ଧିକତା, ସମକାଳୀନତା, ସୂଚନାଧର୍ମିତା, ସର୍ବୋପରି ଗଭୀର ଅନୁଭବର ସମନ୍ୱୟ ଏଥିରେ ଲକ୍ଷ୍ୟଣୀୟ । ଏଥିରେ ବ୍ୟକ୍ତି ଜୀବନ ହୋଇଥାଏ ବିଶ୍ୱଜୀବନାନୁଭବର ଏକ ପରୀକ୍ଷାଗାର ଏବଂ ବିଶ୍ୱଜୀବନ ହୋଇଥାଏ ବ୍ୟକ୍ତି ଜୀବନାନୁଭବର ଏକ ପ୍ରୟୋଗଶାଳା । ଶବ୍ଦରେ ଭାବକୁ ଅଭିମନ୍ତ୍ରିତ କରିବା ବା ଭାବକୁ ଶବ୍ଦାୟିତ କରିବାର ଅନ୍ତର୍ମୁଖୀନତା ଏଥିରେ ବିଦ୍ୟମାନ । ସ୍ରଷ୍ଟାର ଶବ୍ଦଚୟନ, ବକ୍ତବ୍ୟ ଉପସ୍ଥାପନ ତଥା ବିଷୟ ବସ୍ତୁ ନିର୍ବାଚନର ସ୍ୱାଧୀନତା ଏଥିରେ ଥାଏ । କେବଳ ଫୁଲ, ଚନ୍ଦ୍ର, ସମୁଦ୍ର, ଝରଣା, ଆକାଶ, ଫଗୁଣ, ଶ୍ରାବଣ, ପ୍ରେମ ଓ ପ୍ରଣୟର କଥା ଏଥିରେ ରହେ, ଏପରି ନୁହେଁ । ଏଥି ସହିତ ଆତ୍ମଗ୍ଲାନି, ବିପଦ, ଅଶ୍ରୁ, ଦୁଃଖ, ଅସହାୟତା ସମେତ ବହୁ କଥା ରହେ । ମୃତ୍ୟୁକୁ ଅତିକ୍ରମ କରି ଅମୃତମୟ ଚେତନା ଆଡ଼କୁ ଗତି କରିବାର ପ୍ରୟାସ ଓ ପ୍ରଯତ୍ନ ଥାଏ, ଅସହାୟତାକୁ ଅତିକ୍ରମ କରି ଆତ୍ମସହାୟତାର ସନ୍ଧାନ ଏଥିରୁମିଳିଥାଏ, ହତାଶାକୁ ଅତିକ୍ରମ କରି ଆଶା ଆଡ଼କୁ ପାଦ ବଢ଼ାଇବା ପାଇଁ ଯଥାର୍ଥ ଦିଗ୍‌ଦର୍ଶନ ଏଥିରୁ ମିଳେ ।

ମୁକ୍ତଛନ୍ଦର କବିତାରେ ଥିବା ଛନ୍ଦ ଅକୃତ୍ରିମ ଓ ସ୍ୱତଃ ଉତ୍ସାରିତ । ଏପରି ଛନ୍ଦ ସୃଷ୍ଟିରେ ସ୍ରଷ୍ଟାଙ୍କର ସ୍ୱାଧୀନତା ରହିଛି, ମାତ୍ର ସ୍ୱେଚ୍ଛାଧୀନତା ନାହିଁ । ନିଜ ବକ୍ତବ୍ୟକୁ ଅକ୍ଷର ଗଣି ଗଣି ନିର୍ଦ୍ଦିଷ୍ଟ ଛାଞ୍ଚରେ ବା ଛନ୍ଦରେ ନ ପକାଇ ସେ ସୃଷ୍ଟି କରନ୍ତି ସ୍ୱଭାବ ସୁଲଭ ଛନ୍ଦର ଏକ ବିମୁଗ୍ଧ ସରଣୀ । ଏହି ଛନ୍ଦର ମୁଖ୍ୟ ତିନିଗୋଟି ବିଭବ ଏହିପରି –

(୧) ଏହି ଛନ୍ଦରେ ରଚିତ କବିତାରେ ଚରଣମାନଙ୍କରେ ଅନ୍ତଃମିଳନ ପ୍ରାୟତଃ ନଥାଏ ।

(୨) କବିତାରେ ସଂଯୋଜିତ ଚରଣମାନଙ୍କରେ ବ୍ୟବହୃତ ଅକ୍ଷର ସଂଖ୍ୟାରେ ସମତା ନଥାଏ।

(୩) ପ୍ରତ୍ୟେକ ଚରଣରେ ଏକ ଆଭ୍ୟନ୍ତରୀଣ ଧ୍ୱନିର ସଂଚରଣ ଥାଏ ।

ଗଦ୍ୟକୁ ଭାଙ୍ଗିଦେଇ ଯାନ୍ତ୍ରିକ ଭାବରେ ସଜାଇ ଦେଲେ ମୁକ୍ତ ଛନ୍ଦର କବିତା ହୁଏ ନାହିଁ। ଏହାର ଆବେଦନ ଶାନ୍ତ ପ୍ରକୃତିର ଅବିମିଶ୍ର ସ୍ୱର ପରି ଗଭୀର ଓ ଗମ୍ଭୀର । କଣ୍ଠଶିଳ୍ପୀ ଏବଂ ସଙ୍ଗୀତକାରଙ୍କର ତିଆରି ଛନ୍ଦରେ ଛନ୍ଦାୟିତ ହେବାକୁ ଏହା ବାଧ୍ୟ ନୁହେଁ । କବି ଓ ସମାଲୋଚକ ଶ୍ରୀ ସୌରୀନ୍ଦ୍ର ବାରିକଙ୍କ ମତରେ **'ଆଜିର କବିତା ଛନ୍ଦହୀନ ନୁହେଁ, ହୁଏତ ପାର୍କ ପରି ନୁହେଁ । ଏହା ଅରଣ୍ୟ ପରି ବ୍ୟାପକ, ନିର୍ଦ୍ଦିଷ୍ଟତା ବିହୀନ ଏହାର ସ୍ୱର – ଅରଣ୍ୟର ସ୍ୱର ।'**

ପ୍ରବନ୍ଧ – (ଛନ୍ଦ ଓ ସଙ୍ଗୀତ)

ବ୍ୟାପକତା ଏହାର ବିଶେଷତ୍ୱ ଯହିଁରେ ବହୁ ଶବ୍ଦଚିତ୍ର ଓ ଭାବଚିତ୍ରର ସମାବେଶ ଦେଖିବାକୁ ମିଳେ । ଏହି ପର୍ଯ୍ୟାୟର କବିତାଗୁଡ଼ିକରେ ଥିବା ଛନ୍ଦକୁ ମୁଖ୍ୟତଃ ଚାରି ପ୍ରକାରେ ବିଭକ୍ତ କରାଯାଇପାରେ ।

(୧) ଅସମ ଅକ୍ଷର ସହିତ ପ୍ରାନ୍ତମିଳନ ରୀତି ।
(୨) ପ୍ରାନ୍ତମିଳନ ରହିତ ଗଦ୍ୟଧର୍ମୀ ରୀତି ।
(୩) ଉପରଲିଖିତ ଦ୍ୱିବିଧ ରୀତିର ସମନ୍ୱିତ ରୀତି ।
(୪) ସଂପୂର୍ଣ୍ଣ ବ୍ୟକ୍ତବ୍ୟଧର୍ମୀ ରୀତି ।

ଅସମ ଅକ୍ଷର ସହିତ ପ୍ରାନ୍ତମିଳନ ରୀତି :

ଏହି ରୀତିରେ ଗୋଟିଏ ପଦରେ ପ୍ରତ୍ୟେକ ପାଦରେ ଅକ୍ଷର ସଂଖ୍ୟା ଭିନ୍ନ ଥାଏ, ମାତ୍ର ପ୍ରାନ୍ତ ବର୍ଣ୍ଣର ମିଳନ ଥାଏ । କେତେକ କବି ଏହି ଛନ୍ଦରେ କବିତା ରଚନା କରିଛନ୍ତି । କବି ରମାକାନ୍ତ ରଥଙ୍କର ରଚନାରୁ ଗୋଟିଏ ପଦ ଉଦାହରଣ ରୂପେ ଏଠାରେ ଉଲ୍ଲେଖ କରାଯାଇପାରେ।

'ଚନ୍ଦ୍ରମା ଚାହିଁଛି ତାର ଅଧାମେଲା ଦରଜା ଫାଙ୍କରେ
କାଳେ କିଏ ଆସୁଥିବ ଡରି ଡରି, ଆଗପଛ ଲକ୍ଷ୍ୟ କରି କରି
ସନ୍ଧ୍ୟାଲୋକେ ଝାପସା ଏହି ବସ୍ତି ପଥେ ରାତିକର ରହଣି ଆଶାରେ
ପଲକ ପାତରେ ମାପି ତାହାପରି ଅଗଣିତ ନାରୀ
ପକେଟର ପଇସାକୁ ଉଚ୍ଚତମ ମାନଦଣ୍ଡ ଧରି
କାଳେ କିଏ ଡାକୁଥିବ ତାକୁ, ତୀବ୍ର ଭୋକ ଆଉ ଭୟର ଭାଷାରେ
କାଳେ କିଏ କହୁଥିବ – ଥାନ ଦିଅ, ଥାନ ଦିଅ,
ମତେ ତୁମେ ରାତି ଲାଗି ତମରି ବସାରେ ।'

(ଚନ୍ଦ୍ରମାର ଚୁଡ଼ି)

ପ୍ରାନ୍ତମିଳନ ରହିତ ଗଦ୍ୟଧର୍ମୀ ରୀତି :

ଏଥିରେ ପ୍ରାନ୍ତବର୍ଣ୍ଣରେ ସାମ୍ୟ ନଥାଏ, ମାତ୍ର ଏକ ସଂଚରିତ ଛନ୍ଦମୟତା ଅନୁଭୂତ ହୁଏ । ଏପରି

ରୀତିରେ ବହୁ କବିତା ରଚିତ ହୋଇଛି । କବି ସୀତାକାନ୍ତ ମହାପାତ୍ରଙ୍କର ରଚନାରୁ ଗୋଟିଏ ପଦ ଉଦାହରଣ ରୂପେ ଗ୍ରହଣ କରାଯାଇପାରେ ।

'କାନ୍ଥକୁ ମୁହଁ କରି, ଆମକୁ ପିଠି ଆଡ଼େଇ
ବାପା କାନ୍ଦୁଥିଲେ, ତାଙ୍କୁ କାନ୍ଦିବାର ଦେଖିବା
ସିଏ ଥିଲା ମୋର ପ୍ରଥମ, କ'ଣ ବା ତାଙ୍କୁ କହିଥା'ନ୍ତି ?
ଦାଣ୍ଡକୁ ଆସି ଆକାଶକୁ ହିଁ ଚାହିଁଲି
ଯୋଉଠି ସିଏ ଆଉ ଗୋଟିଏ ନକ୍ଷତ୍ର
ସେଦିନ ଚୁଟିଲି ଜୀବନରେ ସବୁ କାନ୍ଦଣା
ଲୁଚେଇ ଲୁଚେଇ କାନ୍ଦିବାକୁ ହୁଏ ।'

(ଜେଜେ ମା')

ଉପରଲିଖିତ ଦ୍ୱିବିଧ ରୀତିର ସମନ୍ୱିତ ରୀତି :

ଏହି ଛନ୍ଦର କବିତାରେ ପଦମାନଙ୍କରେ ଠାଏ ଠାଏ ପ୍ରାନ୍ତ ଅକ୍ଷରର ମିଳନ ଥାଏ, ପୁଣି ଠାଏ ଠାଏ ମିଳନ ନଥାଏ । କବି ଗୁରୁପ୍ରସାଦ ମହାନ୍ତିଙ୍କର ରଚନାରୁ ଗୋଟିଏ ପଦ ଉଦାହରଣ ରୂପେ ଗ୍ରହଣୀୟ –

'ମୁଁ ଶୁଣେ କାନରେ ମୋର, ଠିକ ମୋର ପଛଆଡ଼େ
ପାଦଶବ୍ଦ ସମୟର, ଚୁପଚୁପ କଥା ସମୟର
ଏ ବର୍ଷା ସନ୍ଧ୍ୟାରେ ଆଜି କିଛି ଭଲ ଲାଗେ ନାହିଁ,
ଖରାପ ଲାଗେ, ଭାରି ଖରାପ ।
ପ୍ରେମ ଫ୍ରେମ ବାଜେ ସବୁ, ତୁମର ଏ ସିଲିକ୍ କାମିଜ୍
ତୁମର ଏ ଲକ୍ସ ସାବୁନ ହସ,
କୁହ କୁହ କଥା କୁହ, ଖରାପ ଲାଗେ ଭାରି
ଖରାପ, ଛବି ଫବି ବାଜେ ସବୁ
ରେଡ଼ିଓରେ ଖାଲି ବାଜେ ଗୀତ
କୁହ କୁହ କଥା କୁହ ଚୁପ କିଆଁ ରହିଗଲ
କିଛି ଭଲ ଲାଗେ ନାହିଁ
ମାର୍କସ, ଗାନ୍ଧୀ, ଜଗନ୍ନାଥ ଦାସ'

(କାଳପୁରୁଷ)

ସଂପୂର୍ଣ୍ଣ ବକ୍ତବ୍ୟଧର୍ମୀ ରୀତି :

ଏହି ରୀତିରେ ଏବେ ଅଧିକ କବିତା ରଚିତ ହେଉଛି । ଏହା ପୂର୍ଣ୍ଣ ଭାବରେ ବାକ୍‌ଧର୍ମୀ ରୀତି । ଏଥିରେ ଶବ୍ଦଗୁଡ଼ିକ ସୁନିୟନ୍ତ୍ରିତ ଓ ସୁବ୍ୟବସ୍ଥିତ । ଭାବାନୁକୂଳ ଭାଷାର ପ୍ରୟୋଗ ନିମନ୍ତେ ଅତି ଉପଯୋଗୀ ଏହି ରୀତିର ଉଦାହରଣ ସ୍ୱରୂପ କବିସୌରୀନ୍ଦ୍ରବାରିକଙ୍କର ରଚନାରୁ ପଦଟିଏ ଉଲ୍ଲେଖ କରାଯାଇପାରେ –

'ସତ କହିବୁ ବୀଥି
ମୋ ପାଖରେ ଏମିତି କ'ଣ ଦେଖିଲୁ ଯେ
ଏତେ ଆଦରି ନେଲୁ' ?
'କବିତା'
କବିତାରେ କ'ଣ ପାଇଲୁ ଯେ
ତୋତେ ଏତେ ଭଲ ଲାଗିଲା ।
'ତୋତେ', ତୋ ଆନ୍ତରିକତା
ଆନ୍ତରିକତାରେ କେଉଁ ସ୍ଥିରତା
ତୁ ପୂରା ଭରସି ଗଲୁ
ସତ କହିବୁ ବୀଥି' – (ସତ କହିବୁ ବୀଥି)

ଅମିତ୍ରାକ୍ଷର ଛନ୍ଦର କବିତା :

ଅମିତ୍ରାକ୍ଷର ଛନ୍ଦ ପ୍ରାୟତଃ ଚଉଦ ଅକ୍ଷର ବିଶିଷ୍ଟ ଏବଂ ଏଥିରେ ସାଧାରଣତଃ ଆଠ ଓ ଛଅ ଅକ୍ଷର ଉପରେ ଯତିପାତ ହୁଏ । ଏହି ଛନ୍ଦ ଭାବଭିତ୍ତିକ । ଦ୍ୱିପଦ ବିଶିଷ୍ଟ ଛନ୍ଦଠାରୁ ଏହା ଭିନ୍ନ । ଏଥିରେ ଦୁଇରୁ ଅଧିକ ଚରଣ ଥାଏ ଏବଂ ଚରଣମାନଙ୍କର ପ୍ରାନ୍ତମିଳନ ନ ଥାଏ । ଦ୍ୱିପଦ ବିଶିଷ୍ଟ ଛନ୍ଦରେ କବି ଉକ୍ତି ସୀମିତ ଓ ସଙ୍କୁଚିତ ହେଉଥିବାବେଳେ ଏଥିରେ କବି ଉକ୍ତି ସ୍ୱତଃସ୍ଫୂର୍ତ୍ତ ଭାବରେ ପ୍ରକଟିତ ହୋଇପାରେ ବୋଲି କୁହାଯାଏ । ଏଥିରେ ଉପର ପାଦରୁ ତଳପାଦ ପର୍ଯ୍ୟନ୍ତ ଭାବର ପ୍ରବହମାନତା ଲକ୍ଷ୍ୟଣୀୟ । ଏହି ଛନ୍ଦରେ କବିତା ରଚନା ଆୟାସସାଧ୍ୟ କଳା । ଏଥିପାଇଁ ସ୍ୱତନ୍ତ୍ର କୌଶଳର ଆବଶ୍ୟକତା ରହିଛି । ପ୍ରତିପଦର ସଂଗଠନ, ବଳ ପ୍ରୟୋଗର ଅନ୍ତର୍ନିହିତ ଆନୁପାତିକତା, ଶବ୍ଦଚୟନର ଦକ୍ଷତା ଏବଂ ଅନ୍ତରୀଣ ଭାବରେ ଗୋଟିଏ ଛନ୍ଦର ପ୍ରବାହ ଏଥିରେ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ । ଏହି ଛନ୍ଦରେ କେତେକ ସ୍ୱୟଂସଂପୂର୍ଣ୍ଣ ଏକକ ପାଦର ସ୍ଥିତି ଦେଖିବାକୁ ମିଳେ । ଏପରି ପାଦଗୁଡ଼ିକ ଅନ୍ୟ ପାଦ ସହିତ ମିଶି ସଂଗଠିତ ଓ ସୁଗଠିତ ପଦମାନ ପ୍ରସ୍ତୁତ କରିଥାନ୍ତି । ଏହି ଛନ୍ଦରେ ଶେଷ ଧାଡ଼ିଗୁଡ଼ିକ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ହୋଇଥାନ୍ତି । ଜଣେ ଜନ୍ମଗତ ପ୍ରତିଭାର ଅଧିକାରୀ ହୋଇନଥିଲେ ଏପରି ସର୍ଜନା କଷ୍ଟକର ।

ଅମିତ୍ରାକ୍ଷର ଛନ୍ଦର ପ୍ରୟୋଗ ପୂର୍ବରୁ ବହୁ ପ୍ରସ୍ତୁତିର ପ୍ରୟୋଜନୀୟତା ରହିଛି । Letters on poetry, Literature and Art ଗ୍ରନ୍ଥରେ ଶ୍ରୀଅରବିନ୍ଦ କହିଛନ୍ତି– "Building of each line, building of the passage, variation of balance, the arrangement of tone and stress and many other things have to be mastered before you can be a possessor of the instrument - unless you are born with a blank verse genius, but that is rare"। କବିବର ରାଧାନାଥ ରାୟ ଏହି ଛନ୍ଦର ବ୍ୟବହାର କ୍ଷେତ୍ରରେ ଅଗ୍ରଣୀ ଭୂମିକା ଗ୍ରହଣ କରିଛନ୍ତି । ଯତିପାତର କ୍ରମଚ୍ଛେଦ ଚିହ୍ନଦ୍ୱାରା ଚିହ୍ନିତ ହୋଇ ଉଦାହରଣ ସ୍ୱରୂପେ ଅମିତ୍ରାକ୍ଷର ଛନ୍ଦରେ ରଚିତ କେତେକ ପଂକ୍ତି ନିମ୍ନରେ ଉଲ୍ଲେଖ କରାଯାଇପାରେ।

ଏ ଜୀବ ନୁହଁଇ ସ୍ଥିର । ସ୍ଥିରଟି ମରଣ
ମାଟିର ଏ ଘଟ ନିଶ୍ଚେ । ମିଶିବ ମାଟିରେ
ସର୍ବହର କାଳ । ମହା ! ବଳୀଠାରୁ ବଳି
କଠୋର ଏ ଧନୁ ତୋର । କଠୋର ଭୀମର
ମହାଗଦା । ଗ୍ରାସଇ ସେ ! ପକ୍ୱରମ୍ଭା ପରି !

(ମହାଯାତ୍ରା – ରାଧାନାଥ)

ସଙ୍ଗୀତ :

ଗୀତ (Song) ଯେତେବେଳେ କଳାତ୍ମକ ଭାବରେ ପରିବେଷିତ ହୋଇଥାଏ, ତାହା ସଂଗୀତରେ ପରିଣତ ହୁଏ । ଗୀତ କହିଲେ ମୁଖ୍ୟତଃ ଛନ୍ଦୋବଦ୍ଧ ଏବଂ ଅର୍ଥଯୁକ୍ତ କବି ବାଣୀକୁ ବୁଝାଏ । ଗୀତର ପରିଭାଷା ହେଉଛି – ***''ରଞ୍ଜକଃ ସ୍ୱର ସନ୍ଦର୍ଭୋଗୀତମିତ୍ୟ ଭିଧୀୟତେ''*** – (ସଙ୍ଗୀତ ରତ୍ନାକର ୪/୧) । ଅର୍ଥାତ୍ ପରସ୍ପର ସହିତ ସମ୍ୟକ ରୂପେ, ସୁଚାରୁ ଭାବେ ସମ୍ବନ୍ଧିତ ସ୍ୱରାବଳୀର ମନୋରଞ୍ଜକ ରଚନା ବିଶେଷକୁ ଗୀତ କୁହାଯାଏ । ଅବଶ୍ୟ ପରେ ଏହି ମତ ପରିବର୍ତ୍ତିତ ହୋଇଛି । ସଙ୍ଗୀତ ନାରାୟଣ ଗ୍ରନ୍ଥରେ ଉଲ୍ଲେଖ କରାଯାଇଛି ଯେ – ***'ଧାତୁ ମାତୁ ସମାୟୁକ୍ତଂ ଗୀତମିତ୍ୟଭିଧୀୟତେ' ।*** ଅର୍ଥାତ୍ ଧାତୁ ବା ସ୍ୱର ଓ ମାତୁ ବା ବାଣୀର ସମନ୍ୱିତ ରଚନାକୁ ଗୀତ କୁହାଯାଏ । ଗୀତ ଶବ୍ଦର ବ୍ୟୁତ୍ପତ୍ତି ଏହିପରି (ଗୈଧାତୁ+ଭାବ.ତ) । ଏହାର ଅର୍ଥ ହେଉଛି ଗାନ ।

ସଙ୍ଗୀତକୁ ପଞ୍ଚମ ବେଦର ମାନ୍ୟତା ଦିଆଯାଏ । ବ୍ରହ୍ମା ଚାରିବେଦ ସୃଷ୍ଟି କରିସାରି ଏହି ବେଦକୁ ସୃଷ୍ଟି କରିଥିଲେ ବୋଲି କୁହାଯାଏ ।

''ପୂର୍ତ୍ତ ଚତୁର୍ଣ୍ଣାଂ ବେଦାନାଂ ସାରମାକୃଷ୍ୟ ପଦ୍ମଭୂଃ
ଇମଂ ତୁ ପଞ୍ଚମଂ ବେଦଂ ସଙ୍ଗୀତ ଶ୍ୟାମ କଳ୍ପୟତ'' ।

ପୁନଶ୍ଚ 'ସଙ୍ଗୀତ ଦର୍ପଣ' ଗ୍ରନ୍ଥରେ କୁହାଯାଇଛି 'ଗୀତଂ ବାଦ୍ୟଂ ଚ ନୃତ୍ୟଂ ଚ ତ୍ରୟଂ ସଙ୍ଗୀତମୁଚ୍ୟତେ ।' ଅତଏବ ଏଥିରୁ ସ୍ପଷ୍ଟ ଅନୁମିତଯେ ନୃତ୍ୟ ଓ ବାଦ୍ୟ ସଂଯୋଗରେ ଗୀତ ପରିଣତ ହୁଏ ସଙ୍ଗୀତରେ । ରାଗ ଓ ସ୍ୱର ଯୋଜନା ବ୍ୟତୀତ ସଙ୍ଗୀତର ସ୍ଥିତି ନାହିଁ । ସଙ୍ଗୀତଜ୍ଞମାନେ ୭ ସ୍ୱର, ୬ ରାଗ ଓ ୩୬

ରାଗିଣୀ ଉପରେ ଗୁରୁତ୍ୱ ଦିଅନ୍ତି । ସପ୍ତସ୍ୱର ମୋଟ ୭ ଗୋଟି ପଶୁପକ୍ଷୀର ସ୍ୱରାନୁକରଣରେ ସୃଷ୍ଟ ହୋଇଛି ଯଥା –

ଷଡ଼ଜ – ମୟୂର
ମଧ୍ୟମ – କ୍ରୌଞ୍ଚ
ଧୈବତ – କୁଞ୍ଜର
ଋଷଭ – ବୃଷଭ
ଗାନ୍ଧାର – ଅଜ
ନିଷାଦ – ଅଶ୍ୱ
ପଞ୍ଚମ – କୋକିଳ

ଆହୁରି ମଧ୍ୟ କୁହାଯାଇଛି ପ୍ରତ୍ୟେକ ସ୍ୱରର ଜଣେ ଜଣେ ଅଧିଷ୍ଠାତା ଦେବତା ରହିଛନ୍ତି, ଯଥା –

'ସା' ର ଅଗ୍ନି
'ରେ' ର ବ୍ରହ୍ମା
'ଗା' ର ସରସ୍ୱତୀ
'ମା' ର ମହାଦେବ
'ପା' ର ଲକ୍ଷ୍ମୀ
'ଧା' ର ଗଣେଶ
'ନି' ର ସୂର୍ଯ୍ୟ

ଏହା ସ୍ୱୀକୃତ ଯେ ମେଘମହ୍ଲାର ରାଗ ଦ୍ୱାରା ବୃଷ୍ଟିପାତର ଅନୁଭବ ହୁଏ । ଭୈରବ ରାଗ ଦ୍ୱାରା ଉଷା କାଳର ଆବିର୍ଭାବ, ଅନୁଭୂତି ସ୍ତରରେ ଆସେ । ଦୀପକ ରାଗ ଗାୟନରେ ନିର୍ବାପିତ ଦୀପ ଜଳି ଉଠିବା ପରି ଅନୁଭୂତ ହୁଏ ।

ସଙ୍ଗୀତ ଏକ କଳା । ଏହାର ମୁଖ୍ୟ ଉପାଦାନ ହେଉଛି ମଧୁର ନାଦ । କେଉଁକେଉଁ ଉପାୟରେ ନାଦକୁ ମଧୁର କରାଯାଇପାରିବ ତାହା ଜାଣିବା ସଙ୍ଗୀତଜ୍ଞ ପକ୍ଷରେ ଏକାନ୍ତ ଆବଶ୍ୟକ । ଭାରତୀୟ ଦର୍ଶନ ଶାସ୍ତ୍ରାନୁସାରେ ନାଦର ଗୁଣ ଆକାଶର ଗୁଣ ସହ ସମାନ । ଆକାଶର ଯେପରି ରୂପ, ରସ, ଗନ୍ଧ, ଅଥବା ସ୍ପର୍ଶ ନାହିଁ କେବଳ ଅନୁଭୂତି ରହିଛି, ନାଦର ସେପରି ରୂପ, ରସ, ଗନ୍ଧ ଅଥବା ସ୍ପର୍ଶ ନାହିଁ, କେବଳ ଅନୁଭୂତି ରହିଛି । ସଙ୍ଗୀତ ମାନବ ଜୀବନର ଅମୂଲ୍ୟ ସଂପଦ । ଏହା ହେଉଛି 'Finest of the fine Arts' । ମନରେ ଆନନ୍ଦର ନୀଳମଣି ତୋରଣ ନିର୍ମାଣ କରି କ୍ଷଣକରେ ମଣିଷକୁ କଳ୍ପଲୋକକୁ ନେଇ ଯାଇପାରେ ସଂଗୀତ । ଏହା ଦ୍ୱାରା ମୁକ୍ତିର ମାର୍ଗ ପ୍ରଶସ୍ତ ହୁଏ ବୋଲି ଶାସ୍ତ୍ରମାନଙ୍କରେ ଉଲ୍ଲେଖ ରହିଛି । ଯାଜ୍ଞବଳ୍କ୍ୟ ସ୍ମୃତିରେ କୁହାଯାଇଛି –

'ବୀଣାବାଦନ ତତ୍ତ୍ୱଜ୍ଞ ଶ୍ରୁତି ଜାତି ବିଶାରଦଃ
ତାଳଜ୍ଞଶ୍ଚାପ୍ରୟାସେନ ମୋକ୍ଷମାର୍ଗଂ ନିଗଚ୍ଛତି ।'(୩/୪/୧୧୫)

ଏଥିରୁ ତାଳ, ଲୟ, ଶ୍ରୁତି ଓ ବୀଣା ବାଦନର ମହତ୍ତ୍ୱ ସହଜରେ ଅନୁମେୟ । ଆଧ୍ୟାତ୍ମିକ ଚେତନାର ବିକାଶ ପାଇଁ ସଂଗୀତର ଅବଦାନ ଉଲ୍ଲେଖଯୋଗ୍ୟ । ସପ୍ତସ୍ୱରରୁ ଏକ ଏକ ସ୍ୱରର ସଂପର୍କ ଭିନ୍ନ ଭିନ୍ନ ନାଡ଼ିଚକ୍ର ସହିତ ରହିଛି ବୋଲି ତଦ୍‌ବିତ୍ ମାନଙ୍କର ମତ । ସେଗୁଡ଼ିକର ତାଲିକା ଏହିପରି –

ମୂଳାଧାର ଚକ୍ର–	ସା	
ସ୍ୱାଧିଷ୍ଠାନ ଚକ୍ର–	ରେ	
ମଣିପୁର ଚକ୍ର	–	ଗା
ଅନାହତ ଚକ୍ର	–	ମା
ବିଶୁଦ୍ଧ ଚକ୍ର	–	ପା
ଆଜ୍ଞା ଚକ୍ର	–	ଧା
ସହସ୍ରାର ଚକ୍ର	–	ନି

ପୁନଶ୍ଚ ସୀମାହୀନ ଆନନ୍ଦର ଉତ୍ସ ଭାବରେ ସଂଗୀତର ମାନ୍ୟତା ଅବିସମ୍ବାଦିତ, ଯାହାର ଶ୍ରବଣରେ ଗଭୀର ଭାବବିଭୋରତା ଭିତରେ ମନ ହଜିଯାଏ । ଅମର ବସନ୍ତର ଲଳିତବିଳାସ ହୃଦୟର କୋଣେ ଅନୁକୋଣେ ସଂଚରିତ ହୁଏ, ପ୍ରାଣଭୂମି ମହକି ଉଠେ, ଦେହରେ ସୃଷ୍ଟି ହୁଏ ଅନନ୍ୟ ଶିହରଣ । ମନୁଷ୍ୟ କେବଳ ନୁହେଁ ଅନ୍ୟ କେତେକ ପ୍ରାଣୀ ମଧ୍ୟ ସଂଗୀତର ମୂର୍ଚ୍ଛନାରେ ମୁଗ୍ଧ ହୁଅନ୍ତି । ବନର ହରିଣୀ ତା'ର ବାଟ ଭୁଲିଯାଏ, ସଂଗୀତ ନିକଟରେ ଆତ୍ମସମର୍ପଣ କରିଦେବାକୁ ପଶ୍ଚାତ୍‌ପଦ ହୁଏ ନାହିଁ । ଏହି ପରିପ୍ରେକ୍ଷୀରେ ଗୋଟିଏ ହିନ୍ଦୀ ଚଉପାହି ସ୍ମରଣକୁ ଆସେ । ମୃଗ ମୁଖରେ ଚଉପାହିରେ ଯାହା କୁହାଯାଇଛି ତାହାର ଭାବାନୁବାଦ ଏହିପରି –

ପତ୍ରମର୍ମରେ ମୁଁ ଯେ ଚମକି ପଳାଏ ଦୂରେ
ଲୁବ୍ଧକ, ନିଜେ ଆସିଛି ତୋ ପୁରେ, ମୁଗ୍ଧ ତୋ ବେଣୁସୁରେ
ମୋତେ ହାଣି ତୁହି ଭୁଞ୍ଜ, ବିଷାଣ ବିକି ସଂପଦ କର
କୋମଳ ଚର୍ମେ ବିରଚ ଆସନ, କିନ୍ତୁ ଶୁଣାଅରେ
ମତେ ଶୁଣାଅ ତୋ ବେଣୁସ୍ୱର ।'

ଗୀତି କବିତା :

ଗୀତି କବିତାର ସଂଜ୍ଞା ଓ ସ୍ୱରୂପ ସଂପର୍କରେ ଅନ୍ୟଏକ ପ୍ରବନ୍ଧରେ ଏହି ପୁସ୍ତକରେ ବିସ୍ତୃତ ଭାବରେ ଆଲୋଚନା କରାଯାଇଥିବାରୁ ଆଉ ଏଠାରେ ସେହି ଆଲୋଚନା କରାଯାଉନାହିଁ । ଗୀତିକବିତା ହେଉଛି ହୃଦୟର କବିତା । ଭାବର କବିତା ହୋଇ ଏହା ଦିଏ ସୌନ୍ଦର୍ଯ୍ୟ ଓ ସୁକୁମାରତାର ବରଣୀୟ

ବାର୍ତ୍ତା । ଏ ସୌନ୍ଦର୍ଯ୍ୟ ଭିନ୍ନ ଭିନ୍ନ ବସ୍ତୁ, ଭାବନା ଅଥବା ଅନୁଭବକୁ ଭିତ୍ତି କରି ସଂଗଠିତ ହୋଇପାରେ । ଚିନ୍ତନ, ସ୍ମୃତି, ଅନୁଭୂତି ଓ ଅଭିବ୍ୟକ୍ତି ଏହାର ଚାରିସ୍ତମ୍ଭ କହିଲେ ଅତ୍ୟୁକ୍ତି ହେବ ନାହିଁ । ଏହାକୁ ମଧ୍ୟ Melic Song ବୋଲି କୁହାଯାଏ, ଯାହା ସ୍ରଷ୍ଟାର ବ୍ୟକ୍ତିଗତ ସ୍ୱରଲିପି, ଭାବବିଭବ ଓ ଗାନମୟତା ଉପରେ ଗୁରୁତ୍ୱ ଆରୋପ କରିଥାଏ । ପ୍ରାଚୀନ ଗ୍ରୀକ୍ ଗୀତି କବିତାରେ ସାଙ୍ଗୀତିକତା ଉପରେ ଅଧିକ ଗୁରୁତ୍ୱ ଦିଆଯାଉଥିଲା । ମାତ୍ର ପରେ ସାଙ୍ଗୀତିକତା ଅପେକ୍ଷା ଭାବମୟତା ଉପରେ ଅଧିକ ଗୁରୁତ୍ୱ ଆରୋପିତ ହେଲା । କ୍ରମଶଃ ଗୀତିକବିତା ହେଲା ଭାବରେ ବିଭୂଷିତ ଅର୍ଥାତ୍ ବ୍ୟକ୍ତିଭାବ ମାଧ୍ୟମରେ ବିଶ୍ୱଭାବକୁ ଗତି କରୁଥିବା ଏକ ଅଧିକ ପ୍ରଭାବଶାଳୀ କ୍ଷୁଦ୍ର ପଦ୍ୟାତ୍ମକ ସୃଷ୍ଟି ।

ଗୀତି କବିତାର ମାଦକତା ଝରଣା ହୋଇ ଝରିଯାଏ, ଯାହାର ଜଳରେ ଶ୍ରୋତା ଓ ପାଠକର ମନକୁନ୍ଦ ଆନନ୍ଦରେ ଭରିଯାଏ । ଏହି ମାଦକତା ପୁଣି ବଂଶୀ ହୋଇ ବାଜି ଉଠେ ଯାହାର ପ୍ରତିଟି ଧ୍ୱନି ଲହର ଲଳିତସଂଗୀତରେ ପରିଣତ ହୁଏ ।

ମସ୍ତିଷ୍କ ଅପେକ୍ଷା ହୃଦୟ ଉପରେ ଅଧିକ ଗୁରୁତ୍ୱ ଦିଆଯାଇ କୁହାଗଲା ଯେ More Stress on imotion than intellect .। ଏହାର ଅର୍ଥ ଏପରି ନୁହେଁ ଯେ ମସ୍ତିଷ୍କକୁ ଅବହେଳା କରାଗଲା, ବରଂ ଏମିତି କୁହାଯାଇପାରେ ଯେ ଗୀତିକବିତାରେ ହୃଦୟବତ୍ତାର ମଧ୍ୟଦେଇ ବୌଦ୍ଧିକତାରେ ପହଞ୍ଚିବାର ଦିଗ୍‌ଦର୍ଶନ ରହିଲା । ତେଣୁ କୁହାଗଲା Appeal to the intellect through heart.

ଭାବବିଭବ ଦୃଷ୍ଟିରୁ ଗୀତିକବିତାର ଅବୟବକୁ ତିନି ଭାଗରେ ବିଭକ୍ତ କରାଯାଇପାରେ । ପ୍ରଥମ ଭାଗରେ ସେହି ଘଟଣା, ସେହି ଦୃଶ୍ୟର କଥା ଥାଏ ଯାହା କବିଙ୍କୁ ଲେଖନୀଚାଳନା ନିମନ୍ତେ ଅନୁପ୍ରେରଣା ଦେଇଥାଏ । ଏହାର ଅବତାରଣା କେତେକ ପଂକ୍ତିରେ ମାତ୍ର ସୀମିତ ହୋଇ ରହିଥାଏ । ଦ୍ୱିତୀୟ ଭାଗରେ ଥାଏ କବିଚିତ୍ତର ମହିମାମୟ ଐଶ୍ୱର୍ଯ୍ୟ, ଭାବ ବିଭୋରତା ଓ ପ୍ରଭାବଶାଳୀ ଅନୁଚିନ୍ତା । ତୃତୀୟ ଭାଗରେ ଥାଏ କବିଙ୍କର ମନ୍ତବ୍ୟ ଓ ମତାମତ ଯହିଁରେ ବୌଦ୍ଧିକତାର ସ୍ପର୍ଶ ଥାଏ । ଗୀତିକବିତାର ଭାବାଦର୍ଶ ଏହି ଶେଷାଂଶରେ ଦେଖିବାକୁ ମିଳେ ।

ପୂର୍ଣ୍ଣଚନ୍ଦ୍ର ଓଡ଼ିଆ ଭାଷାକୋଷରେ ଉଲ୍ଲେଖ କରାଯାଇଛି ଯେ ଗୀତିକବିତା (ଗୀତିକବିତା) ଗୀତ ହେବା ଉଦ୍ଦେଶ୍ୟରେ ରଚିତ କବିତା, A poem intended tobe sung । କବିତାକୁ ପଦ୍ୟ ବୋଲି ଏହି ଗ୍ରନ୍ଥରେ ମଧ୍ୟ କୁହାଯାଇଛି । ଅତଏବ ଗାନଧର୍ମୀ କବିତା ହିଁ ଗୀତି କବିତା । ଆବେଗ ଏହାର ମୂଳକଥା, ଆଦିମ ମାନବର ଅର୍ଥପୂର୍ଣ୍ଣ ଗୁଂଜରଣ ହିଁ ଗୀତି କବିତାର ମୂଳସ୍ୱରୂପ । ସମୟରୁ ସମୟକୁ ଏହାର ଆଙ୍ଗିକତା ଓ ଆତ୍ମିକତାରେ କିଛି କିଛି ପରିବର୍ତ୍ତନ ଦେଖାଦେଇଛି ।

ଗୀତ ଓ ଗୀତିକବିତା ଉଭୟ ଗାନଧର୍ମୀ ହେଲେ ହେଁ ପରସ୍ପର ଭିତରେ ପାର୍ଥକ୍ୟ ରହିଛି । ଗୀତରେ ଶବ୍ଦଗତ ଯଥାଯୋଗ୍ୟତା ଅପେକ୍ଷା ନିର୍ଦ୍ଦିଷ୍ଟ ରାଗ ରାଗିଣୀ ଓ ତାଳଲୟଗତ ମାଦକତା ଅଧିକ ଥିଲାବେଳେ ଗୀତି କବିତାରେ ରାଗ ରାଗିଣୀ ଓ ତାଳ ଲୟ ଅପେକ୍ଷା ଶବ୍ଦ ଉପରେ ଅଧିକ ଗୁରୁତ୍ୱ ଆରୋପିତ ହୁଏ । ନିର୍ଦ୍ଦିଷ୍ଟ ରାଗରାଗିଣୀ ଉପରେ ଗୀତ ନିର୍ଭରଶୀଳ ହେବାର କାରଣ ଏହା ଦ୍ୱାରା

ଏଥିରେ ଥିବା ଅବ୍ୟକ୍ତ ଭାବ ଅଧିକ ପ୍ରକଟିତ ହୋଇ ପ୍ରଭାବଶାଳୀ ହୋଇଥାଏ । ସାବିତ୍ରୀ ମହାକାବ୍ୟର କବି ଶ୍ରୀଅରବିନ୍ଦ Letters on Poetry, Literature and Art ଗ୍ରନ୍ଥରେ କହିଛନ୍ତି – " The real differences between song and poem is that a song is written with a view to musical rhythm and a poem is written with the ear listening for the needed poetic rhythm or word - music. These two rhythms are quite different".

ସଂପ୍ରତି କେତେକ ଆଲୋଚକ ଗୀତ ଓ ଗୀତିକବିତା ଭିତରେ ବିଶେଷ ପାର୍ଥକ୍ୟ ନାହିଁ ବୋଲି କହିଥାନ୍ତି । ପ୍ରକୃତରେ ଏ ଦୁଇଟି ଏକା କଥା ନୁହେଁ, ଯଦିଓ ଉଭୟ ଭିତରେ ବହୁ ସାମ୍ୟ ଦେଖିବାକୁ ମିଳେ ।

ସଂକ୍ଷେପରେ କୁହାଯାଇପାରେ ଯେ ସମସ୍ତ କବିତା ହେଉଛି ପଦ୍ୟ ରାଜ୍ୟର ଅନ୍ତର୍ଭୁକ୍ତ । ଏଥିମଧ୍ୟରୁ ମୁକ୍ତଛନ୍ଦର କବିତା ହୋଇଥାଏ ଅଧିକ ପଠନଧର୍ମୀ, ଛନ୍ଦକବିତା ହୋଇଥାଏ ଅଧିକ ଆବୃତ୍ତିଧର୍ମୀ, ସଙ୍ଗୀତ ହୋଇଥାଏ ରାଗତାଳ ଭିତ୍ତିକ ଗାନଧର୍ମୀ ଏବଂ ଗୀତିକବିତା ଏକାଧାରରେ ହୋଇପାରେ ଆବୃତ୍ତିଧର୍ମୀ ଓ ଗାନଧର୍ମୀ।

◆◆◆

ଗୀତିକବିତାର ସଂଜ୍ଞା ଓ ସ୍ୱରୂପ

ଗୀତିକବିତା ହେଉଛି ଆଧୁନିକ ସାହିତ୍ୟର ଅନ୍ୟ କେତେକ ବିଭବ ପରି ଏକ ବିଭବ । ଏଥିରେ ଦୁଇଟି ମୁଖ୍ୟ ବିଭାବର ସହାବସ୍ଥାନ ଲକ୍ଷ୍ୟଣୀୟ । ଗୋଟିଏ ହେଉଛି ଗୀତିମୟତା ଓ ଅନ୍ୟଟି ହେଉଛି ଭାବମୟତା । ଗୀତିମୟତା କହିଲେ ଆମେ ଗାନ କରାଯିବାର ଯୋଗ୍ୟତାକୁ ବୁଝିବା । ଏହି ଗାନଧର୍ମିତାର ଅଭିବ୍ୟକ୍ତି ନିର୍ଦ୍ଦିଷ୍ଟ ରାଗରାଗିଣୀରେ ଅଥବା ଭିନ୍ନ ଭିନ୍ନ ସାଧାରଣ ସ୍ୱର ସଜ୍ଜାରେ ସଂଗଠିତ ହୋଇପାରେ । ଭାବମୟତା ହେଉଛି କବିତ୍ୱର ଅନ୍ତର୍ଭୁକ୍ତ ଏକ ବିଶିଷ୍ଟ ବୈଭବ । କେବଳ ଗୀତିମୟତା ଥିଲେ କବିତ୍ୱ ନଥିଲେ ତାହା ଗୀତି କବିତା ହୁଏ ନାହିଁ ଅଥବା କବିତ୍ୱ ଥାଇ ଗୀତିମୟତା ନଥିଲେ ତାହା ମଧ୍ୟ ଗୀତିକବିତା ହୁଏ ନାହିଁ ।

ପ୍ରାଚୀନ ଓ ମଧ୍ୟଯୁଗୀୟ ଓଡ଼ିଆ ସାହିତ୍ୟରେ ଏହାର ପାଖାପାଖି ଯେଉଁ ରୂପାୟନ ଦୃଷ୍ଟିଗୋଚର ହୁଏ, ତାହାକୁ ସଂଗୀତ କୁହାଯାଏ । ଉପଇନ୍ଦ୍ର ଭଞ୍ଜ ସ୍ୱରଚିତ ସଙ୍ଗୀତ (ଚଉପଦୀ) ଗୁଡ଼ିକୁ ଗୀତ ନାମରେ ଅଭିହିତ କରିଛନ୍ତି । ଏଇ ଯେପରି – 'କହଇ ଉପଇନ୍ଦ୍ର ଭଞ୍ଜ ଏ ଗୀତେ/ ହର ପୂଜିବି ମୁହିଁ କାନ୍ତା ନିମନ୍ତେ', ପୁନଶ୍ଚ 'ଗୀତେ ଉପଇନ୍ଦ୍ର ଭଞ୍ଜ ଭଣି' ଇତ୍ୟାଦି । ସଂଗୀତ ହେଉଛି ରାଗରାଗିଣୀର ଭିତ୍ତିରେ ଗାନଯୋଗ୍ୟ ସଂଚରଣଶୀଳ ପଦ୍ୟକୃତି । ଗୀତିକବିତା ହେଉଛି ଉଭୟ ସଂଚରଣଶୀଳ ଓ ଉତ୍ତରଣଶୀଳ ପଦ୍ୟକୃତି । ଏଥିରେ ନିର୍ଦ୍ଦିଷ୍ଟ ରାଗରାଗିଣୀର ବ୍ୟବହାର ଥାଇପାରେ ବା ସାଧାରଣ ସ୍ୱରର ବ୍ୟବହାର ଥାଇପାରେ, ମାତ୍ର ଭାବମୟତାର ଉଚ୍ଚତା ତଥା ଗଭୀରତା ଅବଶ୍ୟ ରହିବ, ବରଂ ଅଧିକ ରହିବ । ଏହା ସ୍ପଷ୍ଟ ଯେ ଭାବ ହେଉଛି ଗୀତି କବିତାର ଆତ୍ମା, ଭାଷା ହେଉଛି ସୁଠାମ ଅବୟବ, ଏବଂ ଗାନମୟତା ହେଉଛି ପ୍ରାଣଭୂମି ।

ଭିନ୍ନ ଏକ ଜଗତକୁ ନଗଲେ ସାହିତ୍ୟ, ସଂଗୀତ, ନୃତ୍ୟ ବା ଚିତ୍ର କିଛି ସୃଷ୍ଟି କରି ହୁଏ ନାହିଁ । ସାହିତ୍ୟ ସହିତ ଲେଖକ ଓ ପାଠକ, ସଂଗୀତ ସହିତ ଗାୟକ ଓ ଶ୍ରୋତା, ନୃତ୍ୟ ସହିତ ନୃତ୍ୟ ଶିଳ୍ପୀ ଓ ଦର୍ଶକ, ଚିତ୍ରକଳା ସହିତ ଚିତ୍ରକର ଓ ଦ୍ରଷ୍ଟା ଓତପ୍ରୋତ ଭାବରେ ଜଡ଼ିତ, ଗୋଟିଏ ମୁଦ୍ରାର ଦୁଇପାଖ ପରି ପରସ୍ପର ସହ ସମ୍ବନ୍ଧିତ । କହିବାର ତାତ୍ପର୍ଯ୍ୟ ଏହି କି ଯେ ଉଭୟ ଲେଖକ ଓ ପାଠକ, ଗାୟକ ଓ ଶ୍ରୋତା, ନର୍ତ୍ତକ ଓ ଦର୍ଶକ ପୁଣି ଚିତ୍ରଶିଳ୍ପୀ ଓ ଦ୍ରଷ୍ଟା ସେହି ଭିନ୍ନ ଜଗତକୁ ଯିବାକୁ ବାଧ ହୁଅନ୍ତି । କାରଣ ଏ ତେଲଲୁଣର ସଂସାରର ଲାଭକ୍ଷତିର ଅଙ୍କକଷାରେ ସେହି ଜଗତ ନଥାଏ । ସାହିତ୍ୟର ଅନ୍ୟାନ୍ୟ

ବିଭବ ପରି ଗୀତିକବିତା ରଚନାକାଳରେ ସ୍ରଷ୍ଟାଙ୍କୁ ଏବଂ ପଠନ କାଳରେ ପାଠକଙ୍କୁ ସେଇ ଜଗତକୁ ଯିବାକୁ ପଡ଼େ । ଶ୍ରୀଅରବିନ୍ଦ ସେହି ସ୍ତରକୁ ସୂକ୍ଷ୍ମ ଭୌତିକ (Subtle Physical) ଜଗତ ବୋଲି କହିଛନ୍ତି ।

ଗୀତିକବିତାର ସଂଜ୍ଞା :

ଗୀତିକବିତାର ସ୍ୱୟଂ ସଂପୂର୍ଣ୍ଣ ସଂଜ୍ଞା ନିରୂପଣ କରିବା ଅତ୍ୟନ୍ତ କଠିନ । ଏ ଯାବତ ଯେତିକି ସଂଜ୍ଞା ନିରୂପିତ ହେଇଛି ତାହା ଯେ ଗୀତିକବିତାର ସର୍ବଶେଷ ଓ ସର୍ବଶ୍ରେଷ୍ଠ ସଂଜ୍ଞା, ଏକଥା କୁହାଯାଇପାରିବ ନାହିଁ । *"NTC'S Disctionary of Literary Terms* ଗ୍ରନ୍ଥରେ କୁହାଯାଇଛି ଯେ *A Strict Definiation of lyric is not possible. However its distinguishing Characterstics are Emotion, Subjectivity, Meldoiousness, Imagination, Description, and (Sometimes) Meditation."* ତେବେ ଏକଥା ସ୍ୱୀକୃତ ଯେ ହୃଦୟର ଅତି ସ୍ୱଚ୍ଛ ଓ ସାନ୍ଦ୍ର ଅଭିବ୍ୟକ୍ତି ଏଇ ଗୀତିକବିତା ମାଧ୍ୟମରେ ଉପସ୍ଥାପିତ ହୋଇପାରେ । ହୃଦୟବତ୍ତାର ସ୍ୱତଃସ୍ଫୂର୍ତ୍ତ ଅଭିବ୍ୟକ୍ତିର ଏହା ହେଉଛି ଏକ ନିର୍ମଳ ଆଲେଖ୍ୟ । ଏହାର ପ୍ରାଚୀନତ୍ୱ ସ୍ୱୀକୃତ । *The New Encyclopedia Britannica*ରେ କୁହାଯାଇଛି *- The purest (or atleast, the most intense) literary form is the lyric poem and after it comes elgiac, epic, dramatic narrative and expository verse."*

ଏବେ ବିଚାର କରିବା ଓଡ଼ିଆ ସାହିତ୍ୟରେ ଥିବା ଗୀତିକବିତାର କଥା । ଭାବ ଏହାର ମୂଳକଥା ଓ ମୁଖ୍ୟକଥା । ଗାନରେ ତାହାର ରମ୍ୟ ଅଭିବ୍ୟକ୍ତି । ତାହା ନିର୍ଦ୍ଦିଷ୍ଟ ନିର୍ଦ୍ଧାରିତ ରାଗରାଗିଣୀରେ ହେଉ ପୁଣି ବିଭିନ୍ନ ବାଦ୍ୟ ସହକାରେ ହେଉ ଅଥବା ଅଳ୍ପ ବାଦ୍ୟ ସହକାରେ ହେଉ, ଏପରିକି କେବଳ କଣ୍ଠସ୍ୱରରେ ହେଉ ଗାନ ନିମନ୍ତେ ଅଭିପ୍ରେତ । ଅତଏବ ଗୀତିକବିତାରେ କବିତ୍ୱ ହିଁ ପ୍ରଥମ କଥା ଓ ପ୍ରଧାନ କଥା । ଗୀତିମୟତା ସମାନ୍ତରାଳ ଭାବରେ ବା ଟିକିଏ ପଛରେ ଗତି କରିଥାଏ । ଯଦି କବିତା ଭାଗ ଅର୍ଥାତ୍ କବିତ୍ୱର ଭାବ ନାହିଁ, ତେବେ ତାହା ଯେତେ ରାଗରାଗିଣୀରେ ଲେଖା ହେଲେ ମଧ୍ୟ ଅଥବା ଯେତେଅଧିକ ବାଦ୍ୟଯନ୍ତ୍ର ସହକାରେ ଗାନକରାଗଲେ ମଧ୍ୟ ତାହା ଗୀତିକବିତା ହେବ ନାହିଁ ।

ଗୀତି କବିତାର ସୃଷ୍ଟି ଉପାଦାନ :

ଗାନ ଯୋଗ୍ୟତା ବା ଗୀତିମୟତା – ଏହା ଗୀତିକବିତାର ଏକ ଉପାଦାନ । ଏହା ନାହିଁ ତ ଗୀତିକବିତା ନାହିଁ । ବରଫ ଓ ତା'ର ଶୀତଳତା, ଅଗ୍ନି ଓ ତା'ର ଦାହିକାଶକ୍ତି, ସମୁଦ୍ର ଓ ତା'ର ତରଙ୍ଗ ପରି ଗୀତିକବିତା ଓ ତା'ର ଗୀତିମୟତା ତଥା ଗାନଯୋଗ୍ୟତା ପରସ୍ପର ସହ ଓତଃପ୍ରୋତ ଭାବରେ ଜଡ଼ିତ । ଗୀତିକବିତାର ସ୍ୱରୂପ ଓ ସ୍ୱଭାବ ସମ୍ପର୍କରେ କହିବାକୁ ଯାଇ ଡକ୍ଟର ଜାନକୀ ବଲ୍ଲଭ ମହାନ୍ତି (ଭରଦ୍ୱାଜ) କହିଛନ୍ତି – ''ସବୁ ପ୍ରକାର କବିତା ଯାହା ବାଦ୍ୟଯନ୍ତ୍ର ସହଯୋଗରେ ଗୀତ ହୋଇଥାଏ ଅଥବା ଯାହାର ଗୀତହେବାର ପ୍ରବଣତା ଥାଏ, ସେହିସବୁ କବିତା ଗୀତି କବିତା ଭାବେ ବିବେଚିତ ହେଲା ।'' (ଓଡ଼ିଆ ଗୀତିକାବ୍ୟ)

ଭାବ, ଚିନ୍ତା ଓ ଅନୁଭବର ତ୍ରିବେଣୀ ସଂଗମ ଗୀତିକବିତାରେ ପରିଦୃଷ୍ଟ ହୁଏ । ଏହା ବ୍ୟକ୍ତି

ଚେତନାରୁ ଆରମ୍ଭ ହୋଇ ବିଶ୍ୱ ଚେତନାର ସ୍ତରରେ ପହଞ୍ଚିପାରେ । ଜନର ଅନୁଭବକୁ ସାର୍ବଜନୀନ ଅନୁଭବରେ ରୂପାନ୍ତରିତ କରିଦେବାର ସାମର୍ଥ୍ୟ ଏହାର ଅଛି । ଅତିରଞ୍ଜନ ପ୍ରାୟତଃ ଏଥିରେ ନଥାଏ, ନଥାଏ ମଧ୍ୟ କଳେବରର ଦୀର୍ଘତା । ବରଂ ଥାଏ ଅଳ୍ପ ଶବ୍ଦରେ ବହୁକଥା କହିବାର ପରିଚ୍ଛନ୍ନ ମାନସିକତା । ଏଥିପାଇଁ ଶବ୍ଦ ଚୟନର କଳାକୌଶଳ ଟିକେ ଭିନ୍ନ । ଭାବାନୁସାରୀ ଶବ୍ଦମାଳାରେ କବିର ଏକ, ଏକାଗ୍ର, ଓ ଏକନିଷ୍ଠ ଅନୁଭବ ରୂପାୟିତ ହୁଏ । ଦର୍ଶନ, ବିଜ୍ଞାନ, ଇତିହାସ, ଜାତୀୟତାବାଦୀ ଚେତନା, ବ୍ୟକ୍ତିଗତ ପ୍ରେମ ଓ ପ୍ରଣୟ, ମିଳନ ଓ ବିରହ, ଆଶା ଓ ନିରାଶା ପୁଣି ଭିନ୍ନଭିନ୍ନ ପ୍ରାକୃତିକ ଦୃଶ୍ୟ ଏଥିରେ ରୂପାୟିତ ହୋଇପାରେ।

ଏକମୁଖୀନତା – ଏକମୁଖୀ ଅନୁଭବ ଓ ଭାବ ବିଭବ ହେଉଛି ଗୀତି କବିତାର ଅନ୍ୟତମ ଗୁଣଧର୍ମ । ହୃଦୟବତ୍ତାର ବେଳାଭୂମିକୁ ଛୁଇଁ ଛୁଇଁ ବୌଦ୍ଧିକତାର ଦିଗ୍‌ବଳୟ ଆଡ଼କୁ ଏହାର ଗତି ଲକ୍ଷ୍ୟଣୀୟ । *A Back Ground to the study of English Literature* ପୁସ୍ତକରେ *B. Prasad* କେତେକ ତତ୍ତ୍ୱ ପ୍ରସଙ୍ଗରେ ଆଲୋଚନା କରିଛନ୍ତି । ତାଙ୍କ ମତାନୁସାରେ, *"Lyric gives expression to a single emotion or feeling. It appeals more to the heart than to the intellect or to be more precise,its appeal to the intellect is through the heart".* ପୁନଶ୍ଚ ***A Glossary of Literary Terms*** *by M.H. Abrams (Seventh Edition)* ରେ କୁହାଯାଇଛି ଯେ *- " A Lyric in any fairly short poem consisting of the utterance by a single speaker, who expresses a state of mind or a process of perception, thought and feeling".*ତୂଣୀରର ଶର ନିର୍ଦ୍ଦିଷ୍ଟ ଏକ ଦିଗରେ ନିକ୍ଷେପିତ ହେଲା ପରି କବି ହୃଦୟ ତୂଣୀରରୁ ଭାବାବେଗ ଗୀତିକବିତା ମାଧ୍ୟମରେ ନିର୍ଦ୍ଦିଷ୍ଟ ଏକ ଦିଗରେ ନିକ୍ଷେପିତ ହୁଏ ।

ପ୍ରଥମ ପୁରୁଷର ବକ୍ତବ୍ୟ – ପ୍ରଥମ ପୁରୁଷର ବକ୍ତବ୍ୟ ହେଉଛି ଗୀତିକବିତାର ଅନ୍ୟତମ ଗୁଣଧର୍ମ । ଇଂରାଜୀ ସାହିତ୍ୟ ଓ ଜର୍ମାନୀ ସାହିତ୍ୟରେ ବିଶେଷତଃ ଏହା ଉପରେ ଅଧିକ ଗୁରୁତ୍ୱାରୋପ କରାଯାଇଛି । ଇଂରାଜୀ କବି Ruskin ଙ୍କ ମତରେ "Lyric Poetry is the expression by a poet of his own feelings" ଏଥିରୁ ସ୍ପଷ୍ଟ ହେଉଛି ଯେ Subjectivity ହେଉଛି Lyric Poetry ର ଏକ ବିଶେଷତ୍ୱ । ତଥାପି ସବୁବେଳେ ଯେ ଏପରି ହେବ ତାହାର କିଛି ମାନେ ନାହିଁ । ଅର୍ଥାତ୍ କବିଙ୍କ ଦ୍ୱାରା ବର୍ଣ୍ଣିତ ଚରିତ୍ର ମଧ୍ୟ କେବେ କେବେ ଏହାର ନାୟକ ହୋଇପାରନ୍ତି । ଏହି ପ୍ରସଙ୍ଗରେ A Glossary of Literary Terms ପୁସ୍ତକରେ (Seventh Edition)ରେ M.H. Abrams କହିଛନ୍ତି - " Although the Lyric is uttered in the first person the I in the poem need not be the poet who wrote it".ଏହି ପ୍ରସଙ୍ଗରେ ଏହା କୁହାଯାଇପାରେ ଯେ ମଧୁସୂଦନ ରାଓଙ୍କ 'ପଦ୍ମ', କୁନ୍ତଳା କୁମାରୀ ସାବତଙ୍କ 'ଶେଫାଳି ପ୍ରତି' ଏବଂ ପଦ୍ମଚରଣ ପଟ୍ଟନାୟକଙ୍କ 'ଧଉଳିପାହାଡ଼' ସମେତ ବହୁ ସୃଷ୍ଟିରେ କବି ପ୍ରଥମ ପୁରୁଷ ହେଲାବେଳେ ପଦ୍ମଚରଣ ପଟ୍ଟନାୟକଙ୍କ 'ପ୍ରବାସୀ ସୈନିକର ଶେଷ ଚିନ୍ତା' ଓ ମଧୁସୂଦନ ରାଓଙ୍କ ଦ୍ୱାରା ଅନୂଦିତ 'ନିର୍ଜନ ଦ୍ୱୀପରେ ନିର୍ବାସିତର ବିଳାପ' ପ୍ରଭୃତିରେ ଯାହାଙ୍କ କଥା ବର୍ଣ୍ଣିତ ହୋଇଛି ସେମାନେ ହୋଇଛନ୍ତି

କବିତାର ନାୟକ ।

ସାଙ୍ଗୀତିକତା – ସାଙ୍ଗୀତିକତା ହେଉଛି ଅନ୍ୟ ଏକ ବିଶିଷ୍ଟ ଉପାଦାନ । ଉଷ୍ଣତାହୀନ ଅଗ୍ନିର ସ୍ଥିତି ଯେପରି ଅସମ୍ଭବ, ସଂଗୀତମୟତାହୀନ ଗୀତିକବିତାର ସ୍ଥିତି ସେପରି ଅସମ୍ଭବ । ଗୀତିକବିତାକୁ ବାଦ୍ୟଯନ୍ତ୍ର ସହିତ ଗାନ କରାଯାଇପାରେ ଅଥବା ବାଦ୍ୟ ବ୍ୟତୀତ କେବଳ କଣ୍ଠରେ ରୂପାୟନ କରାଯାଇପାରେ । କେବଳ କଣ୍ଠରେ ଉପସ୍ଥାପିତ ହେଲେ ଶବ୍ଦ ଗୁଡ଼ିକ ଉପରେ ଅଧିକ ଗୁରୁତ୍ୱ ଆରୋପିତ ହୁଏ । ପ୍ରାଥମିକ ଅବସ୍ଥାରେ ବାଦ୍ୟଯନ୍ତ୍ରର ପ୍ରୟୋଗ ଅଧିକ ପରିଲକ୍ଷିତ ହେଉଥିବାବେଳେ ପରବର୍ତ୍ତୀ ସମୟରେ ବାଦ୍ୟଯନ୍ତ୍ର ଏତେ ଅଧିକ ଆଦୃତ ହୋଇନାହିଁ । ଶବ୍ଦ ମାଧୁର୍ଯ୍ୟ ଓ ଅର୍ଥ ବୈଭବ ହୋଇଛି ଏହାର ବୈଶିଷ୍ଟ୍ୟ । ଗ୍ରୀକ୍ ସାହିତ୍ୟରେ ପ୍ରଥମେ ଲାୟାର ବାଦ୍ୟଯନ୍ତ୍ରର ଅଧିକ ବ୍ୟବହାର ପରିଲକ୍ଷିତ ହେଉଥିଲେ ହେଁ ପରେ ପରେ ଏହି ବ୍ୟବହାର ହ୍ରାସ ପାଇଛି । ଏହି ପ୍ରସଙ୍ଗରେ B. Prasad ସ୍ୱଲିଖିତ 'A background of literature' ପୁସ୍ତକରେ କହିଛନ୍ତି - " There is sufficient music in the words themselves. The Lyric has become independent of Lyre". ଗୀତିକବିତାର ସାଂଗୀତିକତା ସମ୍ପର୍କରେ R.J. Reesଙ୍କମତାମତ ପ୍ରଣିଧାନଯୋଗ୍ୟ । ତାଙ୍କ ମତରେ –"In ordinary language, the word often means a song, the sort of song which was sung in ancient Greece to the Music of Lyre and which is sung in the modern world to the music of Guitar."

ଆତ୍ମନିଷ୍ଠତା – ଆତ୍ମନିଷ୍ଠତା ହେଉଛି ଅନ୍ୟଏକ ଉପାଦାନ । ନିଜ ଦୃଷ୍ଟି ଓ ଅନୁଭବର ଗବାକ୍ଷ ଫାଙ୍କରେ କବି ଗୀତିକବିତାର ରାଜ୍ୟର ଦର୍ଶନ ଓ ମନନ କରେ। କଳ୍ପନା ବିଳାସ ଏଥିରେ ରହେ ମାତ୍ର ଉଭଟତାର କଥା ରହେ ନାହିଁ । ମନରେ କଳ୍ପନାର ସ୍ଥିତି ଓ ପ୍ରସାରଣରେ କଳ୍ପନାର ବିଚିତ୍ର ବିଭୂତି କାଳେକାଳେ ସ୍ୱୀକୃତ । ଜ୍ଞାନ ଓ ଅଜ୍ଞାନତାର ମଧ୍ୟ ଭୂମିରେ ମନର ଅବସ୍ଥିତି ହୋଇଥିବାରୁ ସେ ଯାହା କଳ୍ପନା କରେ ତାହାର ସବୁ କିଛି ଅଜ୍ଞାନତାର ନାମାନ୍ତର ନୁହେଁ ବରଂ କିଛି ଜ୍ଞାନର ଆଭାସ ମଧ୍ୟ ଏଥିରେ ନିହିତ । ଅତଏବ କଳ୍ପନା ହେଉଛି ବାସ୍ତବତା ଓ ସମ୍ଭାବନା ମଧ୍ୟରେ ଏକ ସୁବର୍ଣ୍ଣ ସେତୁ । କଳ୍ପନା ଏକ ଅସ୍ତ୍ର ଯାହାର ବ୍ୟବହାର କରି ଅନ୍ୟକୁ ନ୍ୟାୟ ଦେଇହୁଏ, ଅନ୍ୟର କ୍ଷତି ନୁହେଁ ସୁରକ୍ଷା କରାଯାଇପାରେ । ଯେଉଁ କବିଙ୍କର ଅନୁଭବ ଯେତେ ତୀବ୍ର ଓ ସାନ୍ଦ୍ର, ତାଙ୍କର ଗୀତିକବିତାର ଆବେଦନ ସେତେ ମାର୍ମିକ ଓ ଅଭିନବ ।

ସଂକ୍ଷିପ୍ତତା – ସଂକ୍ଷିପ୍ତତା ହେଉଛି ଅନ୍ୟତମ ଉପାଦାନ । କବିଙ୍କର କ୍ଷଣିକ ଅନୁଭବରୁ ଏହାର ସୃଷ୍ଟି ହୋଇଥିବାରୁ ଏହା ସଂକ୍ଷିପ୍ତ ହେବାକୁ ବାଧ୍ୟ । ଅଳ୍ପକ୍ଷଣର ଭାବାବେଗ ଏଥିରେ ମୂର୍ତ୍ତ ହେଉଥିବାରୁ ଏହାର କଳେବର କ୍ଷୁଦ୍ର । ଆମେରିକାର କବି Edgar Allan Poଙ୍କ ମତରେ "A long lyric was not possible, as that degree of excitment which would entitle a poem to be so called at all, can not be sustained through a composition of any great length".

ସ୍ୱତଃସ୍ଫୂର୍ତ୍ତତା – ସ୍ୱତଃସ୍ଫୂର୍ତ୍ତତା ହେଉଛି ଅନ୍ୟତମ ଉପାଦାନ । ମନୁଷ୍ୟର ସୂକ୍ଷ୍ମ ମନରୁ ଏହାର ସୃଷ୍ଟି । ଗଭୀର ଆବେଗରେ ହୃଦୟ ସ୍ପନ୍ଦିତ ହେଲେ ଗୀତିକବିତାର ଆତ୍ମପ୍ରକାଶ ଘଟିଥାଏ । ଚେଷ୍ଟା କରି

ଗୀତିକବିତା ଲେଖିହୁଏ ନାହିଁ, ଏହା ସ୍ୱତଃ ଗିରିଝରଣା ପରି ଝରିଆସେ, ମଳୟ ପବନ ପରି ମନ୍ଦ ମଧୁର ଗତିରେ ପ୍ରବାହିତ ହୁଏ, ଫୁଲଟିଏ ଫୁଟିଲାପରି ଆପେ ଆପେ ପ୍ରକଟିତ ହୁଏ । ଗୀତିକବିତା ତାହାର ଉପଯୁକ୍ତ ମାଧ୍ୟମ ଅର୍ଥାତ୍ କବି ମାଧ୍ୟମରେ ନିଜକୁ ନିଜେ ଲେଖାଇନିଏ । କଲମ ଧରି ଲେଖିବି ଭାବିଲେ ଗୀତି କବିତା ଆସେ ନାହିଁ ବରଂ ଗୀତିକବିତା ଆସିଲେ କଲମ ଅବାରିତ ଗତିରେ ଆଗେଇଚାଲେ । ଏଇ ଅନୁଭବ ପ୍ରତ୍ୟେକ ଗୀତିକବିଙ୍କର ଥିବ । ଅଜଣା ରାଇଜରୁ ଆସି ସେତେବେଳେ ଶବ୍ଦମାନେ ମଧୁମଖା ହୋଇଯାଆନ୍ତି ଲେଖନୀ ମୁନରେ । ସେତେବେଳେ ସୁକୁମାର ଚିତ୍ତବୃତ୍ତିଟିଏ ହୋଇଥାଏ ବଳିଷ୍ଠ ମାଧ୍ୟମ ମାତ୍ର ।

ବର୍ତ୍ତମାନତା – ବର୍ତ୍ତମାନତା ହେଉଛି ଗୀତିକବିତାର ଅନ୍ୟତମ ଉପାଦାନ । ଅର୍ଥାତ୍ ଏହା ବର୍ତ୍ତମାନ କାଳରେ ରଚିତ ହୁଏ । କହିବାର ତାତ୍ପର୍ଯ୍ୟ ଏହି କି ଯେ, କୌଣସି ଘଟଣା ଦୃଶ୍ୟ ବା ଅନୁଭବକୁ ତତ୍କାଳରେ ଗୀତିକବିତାରେ ରୂପାୟିତ କରାଯାଇଥାଏ । ଏହି ପ୍ରସଙ୍ଗରେ Lyric ପୁସ୍ତକରେ David Lyndley ମତ ଦିଅନ୍ତି ଯେ Lyric deals in the present tense, with the immediacy of felt experience.

ଭାବାବେଗର ତୀବ୍ରତା – ଭାବାବେଗର ତୀବ୍ରତା ହେଉଛି ଏହାର ଅନ୍ୟତମ ଉପାଦାନ। ଯେତେବେଳେ କୌଣସି ସ୍ମୃତି ପ୍ରାକୃତିକ ଦୃଶ୍ୟ ତଥା ସୂକ୍ଷ୍ମ ଅନୁଭବ କବିଚିତ୍ତକୁ ଗଭୀର ଭାବରେ ଆଲୋଡ଼ିତ କରେ ସେତେବେଳେ ଗୀତିକବିତାର ସଂରଚନା ସମ୍ଭବ ହୁଏ । ଅନୁଭବ ତୀବ୍ର ନହେବା ପର୍ଯ୍ୟନ୍ତ କେବଳ ମାନସିକ ସ୍ତରରେ ଏହାର ସଂରଚନା ପାଇଁ ପ୍ରସ୍ତୁତି ଚାଲିଥାଏ ଏବଂ ଏହାକୁ ଧରି ରଖିବା ପାଇଁ ତୁଣ୍ଡରେ ଗୁଞ୍ଜନ ସୃଷ୍ଟି ହେଉଥାଏ । ଏହି ପ୍ରସଙ୍ଗରେ Lyric ପୁସ୍ତକରେ David Lyndley କହନ୍ତି – "There can be no doubt that, Lyrics frequently do concentrate on single moment of hightened awareness of feelings''.

ଗୀତି କବିତାର ଅଙ୍ଗସଜ୍ଜା :

ଗୀତିକବିତାର ଅବୟବକୁ ମୁଖତଃ ତିନି ଭାଗରେ ବିଭକ୍ତ କରାଯାଇପାରେ । ପ୍ରଥମ ଭାଗଟି ହେଉଛି ଯେଉଁ ବସ୍ତୁ, ଘଟଣା ବା ପରିବେଶ ଯାହା କବିଙ୍କୁ ଆକୃଷ୍ଟ କରେ, ତାହାକୁ 'Motive' ବୋଲି କୁହାଯାଏ ଯାହାର ଅର୍ଥ ହେଉଛି Cause of emotional movement । ଦ୍ୱିତୀୟ ଭାଗଟି କବିଙ୍କର ଚିନ୍ତା ଓ ଚେତନା ଉପରେ ପ୍ରକଟିତ ଓ ପ୍ରତିଷ୍ଠିତ ହୋଇଥାଏ । ଅନୁଧାନ, ଅନୁଶୀଳନ ତଥା ପ୍ରଥମ ଭାଗଟିକୁ ବିଶ୍ୱାୟିତ କରିଦେବାର ପ୍ରୟାସ ଓ ପ୍ରଚେଷ୍ଟା ଏହାର ଅନ୍ତର୍ଭୁକ୍ତ । ଗୋଟିଏ ଉଦାହରଣ ଦେଲେ କଥାଟି ଅଧକ ସ୍ପଷ୍ଟ ହେବ । 'ଶେଫାଳି ପ୍ରତି' କବିତାରେ ପ୍ରଥମ ଭାଗରେ ଶେଫାଳିର ସାଧାରଣ ବର୍ଣ୍ଣନା କରାଗଲାବେଳେ ଦ୍ୱିତୀୟ ଭାଗରେ କବିଙ୍କର ଦାର୍ଶନିକ ଅନୁଚିନ୍ତା ତଥା ମନନଶୀଳତା ଆତ୍ମପ୍ରକାଶ କରିଛି । ସେହିପରି ଭାବରେ 'ପଦ୍ମ' କବିତାର ପ୍ରଥମ ଅଂଶରେ ପଦ୍ମର ସାଧାରଣ ବର୍ଣ୍ଣନା ପ୍ରଦତ୍ତ ହେଲେ ମଧ ପରବର୍ତ୍ତୀ ଅଂଶରେ କବିଙ୍କର ଜୀବନ ଚିନ୍ତା ଓ ଦାର୍ଶନିକତା ପ୍ରକଟିତ ହୋଇଛି । ଦ୍ୱିତୀୟ ଭାଗରେ ଅର୍ଥାତ୍ ପରବର୍ତ୍ତୀ ଅଂଶରେ କବି କୁନ୍ତଳା କୁମାରୀ ଓ ମଧୁସୂଦନ ଉଭୟ ବ୍ୟକ୍ତିଗତ ପରିତଳରୁ

ବିଶ୍ୱଗତ ପରିତଳକୁ ଗତି କରିଛନ୍ତି । ତୃତୀୟ ବିଭାଗଟି ହେଉଛି ମନ୍ତବ୍ୟ ମୂଳକ ଅଭିବ୍ୟକ୍ତି, ନିଷ୍ପତ୍ତିମୂଳକ ଉକ୍ତି ପୁଣି ହର୍ଷ ବା ବିଷାଦ, ଆଶା ବା ନିରାଶା ଭିତ୍ତିକ ପରିସମାପ୍ତି ଯାହାକୁ Judgement ଅଥବା Parting Smile ବୋଲି କୁହାଯାଏ ।

ଏକଥା ସ୍ୱୀକୃତ ଯେ ଅତି କଠୋର ଭାବେ ତିନିଗୋଟି କଥା କବି ଲେଖନୀରେ ମୂର୍ତ୍ତିମନ୍ତ ହେବ ଏପରି ନୁହେଁ, ଏଥିରୁ ଦୁଇଗୋଟି କଥାର ଉପସ୍ଥାପନା ମଧ୍ୟ ଗୀତିକବିତାର ସାର୍ଥକତା ଆଣିବାକୁ କ୍ଷମ ହୋଇଥାଏ । ବୌଦ୍ଧିକ ସମାପ୍ତି କେତେଗୁଡ଼ିଏ ଗୀତିକବିତାରେ ନଥିଲେ ମଧ୍ୟ ସେଗୁଡ଼ିକ ଉଚ୍ଚକୋଟିର ସୃଷ୍ଟିର ମର୍ଯ୍ୟାଦା ଲାଭ କରିଥାଆନ୍ତି ।

ଗୀତିକବିତାର ବୈଶିଷ୍ଟ୍ୟ :

୧ – ଆକାରରେ କ୍ଷୁଦ୍ର ।

୨ – ଭାବଧର୍ମୀ ଓ ଭାବନାଧର୍ମୀ ।

୩ – ଗାନଧର୍ମୀ ଓ ଆବୃତ୍ତିଧର୍ମୀ ।

୪ – ବ୍ୟକ୍ତିଗତ ଅନୁଭୂତିମୂଳକ ।

୫ – ଶ୍ରୁତି ମଧୁର ।

୬ – ସ୍ୱତଃସ୍ଫୂର୍ତ୍ତ ଓ ମାର୍ମିକ ।

୭ – ହୃଦୟବତ୍ତାରୁ ବୌଦ୍ଧିକତା ଅଭିମୁଖୀ ।

ତେବେ ନିଷ୍କର୍ଷରେ ଏତିକି କୁହାଯାଇ ପାରେ ଯେ ପ୍ରାଚୀନ ଓ ମଧ୍ୟଯୁଗୀୟ ଚଉପଦୀ, ଚଉତିଶା, କୋଇଲି, ଗାହା, ଦୋହା, ପୋଇ, ଭଜନ, ଜଣାଣ ପ୍ରଭୃତି ଗୀତଗୁଡ଼ିକୁ ଆମେ ପ୍ରାଚୀନ ଗୀତିକବିତା ଭାବରେ ଗ୍ରହଣ କରିପାରିବା । ଭଜନ, ଜଣାଣ, ସମ୍ବୋଧଗୀତି, ଶୋକଗୀତି, ଚତୁର୍ଦ୍ଦଶପାଦୀ କବିତା, ବ୍ୟକ୍ତିଗତ ଭାବାବେଗ ଭିତ୍ତିକ ଗାନଧର୍ମୀ କବିତା, ଜାତୀୟତାବାଦୀ ଗାନଧର୍ମୀ କବିତା ପ୍ରଭୃତି ସୃଷ୍ଟି ସମ୍ଭାରକୁ ଆମେ ଆଧୁନିକ ଗୀତି କବିତା ଭାବେ ଗ୍ରହଣ କରିପାରିବା ।

◆◆◆

ପ୍ରଥମେ ଆଧୁନିକ ଶବ୍ଦର ଅର୍ଥ ଆମେ ବୁଝିବା । ଆଧୁନିକ କହିଲେ ଏକଥା ବୁଝିବାକୁ ହେବ ନାହିଁ ଯେ ଏହା ପ୍ରାଚୀନର ବିପରୀତ ଧର୍ମୀ ଏକଶବ୍ଦ ବା କିଛି କଥାକୁ ପୁରୁଣା ଓ ଅଲୋଡ଼ା କରିଦେବାକୁ ଏହାର ଆବିର୍ଭାବ । ପ୍ରକୃତରେ ଆଧୁନିକତା ଏକ ମାନସିକତା ଯାହା ପ୍ରଚଳିତ ଧାରାରେ କିଛି ପରିବର୍ତ୍ତନ ସହ କିଛି ନୂତନତା ଆଣିଦିଏ । ଏଇ ପରିବର୍ତ୍ତନ ଏବଂ ନୂତନତା ଆଙ୍ଗିକ ଅଥବା ଆତ୍ମିକ ହୋଇପାରେ । ଏଇ ପରିପ୍ରେକ୍ଷୀରେ ଦେଖିଲେ ସାରଳା ଦାସ ତାଙ୍କ ସମୟରେ ଯେପରି ଆଧୁନିକ ଥିଲେ, ଉପେନ୍ଦ୍ର ଭଞ୍ଜ ତାଙ୍କ ନିଜ ସମୟରେ ସେପରି ଆଧୁନିକ ଥିଲେ । ଆଧୁନିକତା ହେଉଛି କ୍ରମ ବିକଶିତ ତାତ୍‌କାଳିକ ଏକ ମାର୍ଜିତ ଅନୁଚିନ୍ତା । ପ୍ରାଚୀନକୁ ପାଦରେ ଆଡ଼େଇ ନ ଦେଇ ଯଥାର୍ଥ ଆଧୁନିକତା ଏଥିରୁ ଆବଶ୍ୟକ ରସ ସଂଗ୍ରହ କରିଥାଏ ।

ଏବେ ଆଧୁନିକ ଓଡ଼ିଆ ଗୀତିକବିତା ଉପରେ କିଛି ଆଲୋକପାତ କରିବା । ଏହା ଲକ୍ଷ୍ୟ କରିବାର କଥା ଯେ ଗୀତିକବିତା ସଂପର୍କରେ ଆଲୋଚନା ଏବେ ଅପେକ୍ଷାକୃତ ଅଧିକ ହେଉଛି । ଗୀତିକବିତା ପୁସ୍ତକର ପ୍ରକାଶନ ସଂଖ୍ୟା କ୍ରମଶଃ ଅଧିକ ହେବାର ଲକ୍ଷ୍ୟ କରାଯାଉଛି। କେତେକ ସାରସ୍ୱତ ଅନୁଷ୍ଠାନ କେତେଜଣ ଗୀତି କବିଙ୍କର ସୃଷ୍ଟିକୁ ନେଇ ଏକଏକ ସଂକଳନ ପ୍ରସ୍ତୁତ କରୁଛନ୍ତି । ଓଡ଼ିଶା ସଂଗୀତ ନାଟକ ଏକାଡ଼େମୀ (ଭୁବନେଶ୍ୱର), ଓଡ଼ିଆ ଗୀତିକବି ସମାଜ (କଟକ), ବନଜ୍ୟୋସ୍ନା ସାହିତ୍ୟ ସଂସଦ (ଫୁଲବାଣୀ), ରସରାଜଗୀତିକୁଞ୍ଜ ଟ୍ରଷ୍ଟ (ଭୁବନେଶ୍ୱର) ଏବଂ କେଦାରନାଥ ଗବେଷଣା ପ୍ରତିଷ୍ଠାନ (ଭୁବନେଶ୍ୱର), ଏକାମ୍ର ଗୀତିମଞ୍ଚ ପ୍ରଭୃତି ବିଶିଷ୍ଟ ଅନୁଷ୍ଠାନମାନ ଗୀତିକବିତାର ଆଲୋଚନା ପାଇଁ ସୁଯୋଗ ସୃଷ୍ଟି କରୁଛନ୍ତି । 'ଝଙ୍କାର', 'ସହକାର','କାବ୍ୟଲୋକ : ଅପୂର୍ବ ସମୟର ଶଙ୍ଖନାଦ' 'ସାବିତ୍ରୀ', 'ଗୋଧୂଳି', 'ଆଧୁନିକ', 'ଚିରସମର୍ଥା,' ସମେତ ସମାରୋହ କେତେକ ସାହିତ୍ୟ ପତ୍ରିକାରେ ଅନ୍ୟାନ୍ୟ ବିଭାଗ ପରି ଗୀତିକବିତା ବିଭାଗକୁ ସନ୍ନିବେଶିତ କରାଯାଇଛି ।

ପ୍ରାଚୀନ ଓଡ଼ିଆ ଗୀତିକବିତା ସଂପର୍କରେ ଉକ୍ତ ପ୍ରବନ୍ଧରେ ଆଲୋଚନା କରାଯାଉନାହିଁ । ଆଧୁନିକ ଓଡ଼ିଆ ଗୀତିକବିତା ସଂପର୍କରେ ତଥା ଏହାର ପୃଷ୍ଠଭୂମି ଉପରେ କିଞ୍ଚିତ ଆଲୋଚନା ନିମ୍ନରେ ପ୍ରଦତ୍ତ । ଏହି ପୃଷ୍ଠଭୂମିଟି କେବଳ ଗୀତିକବିତାର ନୁହେଁ ଆଧୁନିକ ଓଡ଼ିଆ ସାହିତ୍ୟର ବିବିଧ ବିଭବ ପାଇଁ ମଧ୍ୟ ସତ୍ୟ, ଅର୍ଥାତ୍ ଗଳ୍ପ, ନାଟକ, ଉପନ୍ୟାସ, ରମ୍ୟରଚନା, ପ୍ରବନ୍ଧ, କବିତା ପ୍ରଭୃତି ପ୍ରତ୍ୟେକ ପାଇଁ ସତ୍ୟ ।

୧. **ଓଡ଼ିଶାରେ ଇଂରେଜ ଶିକ୍ଷା ଓ ଶାସନର ପ୍ରଭାବ ।**

୨. **ଓଡ଼ିଆ ପତ୍ର ପତ୍ରିକାର ପ୍ରକାଶନ ।**

୩. ଓଡ଼ିଆ ଭାଷା – ସୁରକ୍ଷା ଆନ୍ଦୋଳନ ।

୪. ପାଶ୍ଚାତ୍ୟ ସାହିତ୍ୟର ପ୍ରଭାବ ।

୫. ପରଂପରାର ଅନୁଶୀଳନ ।

୧– ଓଡ଼ିଶାରେ ଇଂରେଜ ଶିକ୍ଷା ଓ ଶାସନର ପ୍ରଭାବ :

ଇଂରେଜମାନେ ୧୮୦୩ ମସିହାରେ ଓଡ଼ିଶା ଅଧିକାର କରିଥିଲେ ହେଁ ପ୍ରଥମରୁ ଇଂରାଜୀ ଶିକ୍ଷାର ପ୍ରଚଳନ ପ୍ରତି ବିଶେଷ ଗୁରୁତ୍ୱ ଦେଇନଥିଲେ । ଏହାର କାରଣ ହେଉଛି ଇଷ୍ଟଇଣ୍ଡିଆ କଂପାନୀର ଶିକ୍ଷା ବିସ୍ତାର ନିମନ୍ତେ କୌଣସି ଲକ୍ଷ୍ୟ ନଥିଲା । ପରେ ଅର୍ଥାତ୍ ୧୮୨୨ ମସିହାରେ ମିଶନାରୀମାନେ ଓଡ଼ିଶାକୁ ଆସି ଶିକ୍ଷା କ୍ଷେତ୍ରରେ କେତେକ ନୂତନ ପଦ୍ଧତିର ପ୍ରଚଳନ କରାଇଲେ । ଇଂଲଣ୍ଡରୁ ଆସିଥିବା ପ୍ରଥମ ପାଦ୍ରିଙ୍କ ନାମ ଥିଲା ରେଭେରେଣ୍ଡ ମିଷ୍ଟର କ୍ୟାମ୍ପବୋନ୍ । ୧୮୨୩ ମସିହା ଅକ୍ଟୋବର ମାସରେ କଟକ ଇଂଲିଶ ଚାରିଟି ସ୍କୁଲ କଟକରେ ମିଶନାରୀମାନଙ୍କ ଦ୍ୱାରା ପ୍ରତିଷ୍ଠିତ ହୋଇଥିଲା। ୧୮୩୦ ମସିହା ବେଳକୁ କଟକର ମଫସଲ ଅଞ୍ଚଳରେ ମଧ୍ୟ କେତେଗୋଟି ବିଦ୍ୟାଳୟ ମିଶନାରୀମାନେ ପ୍ରତିଷ୍ଠା କରିଥିଲେ । ପ୍ରଥମେ– ପ୍ରଥମେ ଇଷ୍ଟଇଣ୍ଡିଆ କଂପାନୀ ତତ୍କାଳୀନ ମିଶନାରୀମାନଙ୍କୁ ଯଥେଷ୍ଟ ଉତ୍ସାହ ଦେଉନଥିଲେ ହେଁ ପରେପରେ ସେମାନଙ୍କୁ ଧର୍ମପ୍ରଚାର ଓ ଶିକ୍ଷାବିସ୍ତାର ପାଇଁ ଆବଶ୍ୟକୀୟ ଅନୁମତି ପ୍ରଦାନ କରିଥିଲେ । ୧୮୩୩ ମସିହାରେ କଂପାନୀର ନୂତନ ସନନ୍ଦ ପାଇ ମିଶନାରୀମାନେ ସହଜରେ ଧର୍ମପ୍ରଚାର ଓ ଶିକ୍ଷାବିସ୍ତାର କାର୍ଯ୍ୟରେ ଲାଗିପଡ଼ିଲେ । ୧୮୩୫ ମସିହା ଫେବ୍ରୁୟାରୀ ୨ ତାରିଖରେ ଲର୍ଡ଼ ମେକଲେଙ୍କର ନୂତନ ଶିକ୍ଷାନୀତି ଘୋଷିତ ହେଲା । ଏହି ଶିକ୍ଷାନୀତି ଭିତରେ ମୁଖ୍ୟତଃ ଦୁଇଗୋଟି ପ୍ରସ୍ତାବକୁ ଅଧିକ ମର୍ଯ୍ୟାଦା ମିଳିଥିଲା। ସେ ଦୁଇଟି ଏହିପରି –

୧. କଂପାନୀର ଶିକ୍ଷାବିସ୍ତାର ପାଇଁ ରହିଥିବା ସମସ୍ତ ଅର୍ଥ ପାଶ୍ଚାତ୍ୟର ଜ୍ଞାନବିଜ୍ଞାନ ପ୍ରସାରଣରେ ବ୍ୟୟିତ ହେବ ।

୨. ପାଶ୍ଚାତ୍ୟଜ୍ଞାନ ଏକମାତ୍ର ଇଂରାଜୀ ଭାଷା ମାଧ୍ୟମରେ ପ୍ରଦତ୍ତ ହେବ ।

ପ୍ରାୟ ଏକମାସ ପରେ ଅର୍ଥାତ୍ ତା ୭.୩.୧୮୩୫ ରିଖରେ ଏହି ପ୍ରସ୍ତାବକୁ ଲର୍ଡ଼ ଉଇଲିୟମ୍ ବେଣ୍ଟିକ ସରକାରୀ ଶିକ୍ଷାନୀତି ରୂପେ ଗ୍ରହଣ କରିନେଇଥିଲେ ଏବଂ ଏକ ଶିକ୍ଷାନୀତିର ଘୋଷଣା କରିଥିଲେ, ଯଥା –

୧. ପାଶ୍ଚାତ୍ୟର ସାହିତ୍ୟ ଓ ଜ୍ଞାନବିଜ୍ଞାନର ପ୍ରଚାର ନିମନ୍ତେ ଇଂରେଜୀ ଶିକ୍ଷା ଦିଗରେ କଂପାନୀର ସମସ୍ତ ଅର୍ଥ ବ୍ୟୟ କରାଯିବ ।

୨. ଦେଶୀୟ ବିଦ୍ୟାଳୟରେ ପଢୁଥିବା ଛାତ୍ରମାନଙ୍କୁ ଆଉ ବୃତ୍ତି ଦିଆଯିବ ନାହିଁ ।

୩. ପ୍ରାଚ୍ୟ – ବିଦ୍ୟାଭିତ୍ତିକ କୌଣସି ପୁସ୍ତକ ପ୍ରକାଶନରେ କଂପାନୀର ଅର୍ଥ ବିନିଯୁକ୍ତ

ହେବ ନାହିଁ ।

୪. *ଇଂରାଜୀ ଜ୍ଞାନ ବିଜ୍ଞାନ କେବଳ ଇଂରାଜୀ ଭାଷା ମାଧ୍ୟମରେ ପ୍ରଚାରିତ ହେବ ।*

୧୮୩୫ ମସିହାରେ ପୁରୀରେ ଗୋଟିଏ ଇଂରାଜୀ ସ୍କୁଲ ପ୍ରତିଷ୍ଠିତ ହେଲା । ୧୮୪୧ ମସିହାରେ ୧୮୨୩ ମସିହାରୁ ପ୍ରତିଷ୍ଠିତ କଟକ ଚାରିଟି ସ୍କୁଲ ସରକାରଙ୍କ ପ୍ରତ୍ୟକ୍ଷ ତତ୍ତ୍ୱବଧାନକୁ ଆସିଲା । ୧୮୪୬ ମସିହା ବେଳକୁ ସରକାରଙ୍କ ଦ୍ୱାରା ୮ ଗୋଟି ସ୍କୁଲ ପରିଚାଳିତ ହେଲା । ୧୮୫୩ ମସିହାରେ ବାଲେଶ୍ୱର ଓ ପୁରୀରେ ସ୍କୁଲ ଖୋଲିବା ପାଇଁ ଘୋଷଣା କରାଗଲା । ୧୮୫୪ ମସିହାରେ 'ଉଡ୍‌ସ୍ ଡେସ୍ପାଚ'ଙ୍କ ଦ୍ୱାରା ତତ୍‌କାଳୀନ ପ୍ରଚଳିତ ଶିକ୍ଷାନୀତିରେ କିଛି କିଛି ପରିବର୍ତ୍ତନ ଆସିଲା । ସେଗୁଡ଼ିକ ଏହିପରି –

୧. *ଏକ ସ୍ୱତନ୍ତ୍ର ଶିକ୍ଷା ବିଭାଗ ଗଠନ ଏବଂ ବିଶ୍ୱବଦ୍ୟାଳୟମାନଙ୍କର ସୃଷ୍ଟି ନିମନ୍ତେ ଅନୁକୂଳ ମାନସିକତା ।*

୨. *ବିଭିନ୍ନ ସ୍ତରର ଶିକ୍ଷାନୁଷ୍ଠାନମାନଙ୍କ ନିମନ୍ତେ ଗ୍ରାଣ୍ଟ– ଇନ୍ – ଏଡ୍‌ର ନୀତି ଘୋଷଣା ।*

୩. *ଶିକ୍ଷକମାନଙ୍କ ନିମନ୍ତେ ତାଲିମ ବ୍ୟବସ୍ଥା ।*

କ୍ରମେକ୍ରମେ ପରିବର୍ତ୍ତିତ ଶିକ୍ଷାନୀତିକୁ ଭିତ୍ତିକରି ଶିକ୍ଷାନୁଷ୍ଠାନମାନ ଅଧିକ ସଂଖ୍ୟାରେ ଗଢ଼ିଉଠିଲା । ୧୮୫୯ – ୬୦ ମସିହା ବେଳକୁ ଓଡ଼ିଶାରେ ସରକାରୀ ସାହାଯ୍ୟ ପ୍ରାପ୍ତ ସ୍କୁଲ ସଂଖ୍ୟା ହୋଇଥିଲା ୩୦ । ୧୮୬୩ – ୬୪ ମସିହା ବେଳକୁ ଏହି ସଂଖ୍ୟା ବୃଦ୍ଧି ପାଇ ୪୪ ରେ ପହଞ୍ଚିଲା । ୧୮୬୯ – ୭୦ ମସିହା ବେଳକୁ ଓଡ଼ିଶାରେ ସ୍କୁଲ ସଂଖ୍ୟା ହୋଇଥିଲା ୯୫ । ୧୮୬୮ ମସିହାରେ ଆର୍.ଏଲ୍. ମାର୍ଟିନ ଓ ରେଭେନ୍‌ସା ସାହେବଙ୍କ ମିଳିତ ପ୍ରଚେଷ୍ଟାରେ କଟକ ହାଇସ୍କୁଲ ସହିତ କଲେଜ କ୍ଲାସ ଆରମ୍ଭ ହୋଇଥିଲା । ଏହାକୁ କଟକ କଲେଜ ବୋଲି କୁହାଯାଉଥିଲା । ପ୍ରଥମ ବର୍ଷ ଏହି କଲେଜରେ ୬ଜଣ ନାମଲେଖାଇଥିବାରୁ ଓଡ଼ିଶାରେ କଲେଜ ଶିକ୍ଷା ଏକ ପ୍ରହସନ ବୋଲି ଜନରବ ଶୁଣାଯାଇଥିଲା । ୧୮୭୦ ମସିହା ପରେ କାମ୍ପେଲ ସାହେବଙ୍କ ପ୍ରବର୍ତ୍ତିତ ଶିକ୍ଷାନୀତିରେ ଶିକ୍ଷାକ୍ଷେତ୍ରରେ ଅଗ୍ରଗତି ନିମନ୍ତେ ପୁରସ୍କାରର ବ୍ୟବସ୍ଥା ରହିଲା । ବସ୍ତୁତଃ ୧୮୭୦ ମସିହା ପରେ ଓଡ଼ିଶାର ଶିକ୍ଷାକ୍ଷେତ୍ରରେ ବହୁ ଉନ୍ନତି ପରିଲକ୍ଷିତ ହେଲା । ଏହି ନୂଆ ଶିକ୍ଷା ଧାରାରେ ଶିକ୍ଷିତ ହୋଇଥିବା ଓଡ଼ିଆମାନଙ୍କ ସଂଖ୍ୟା କ୍ରମଶଃ ବଢ଼ିବାରେ ଲାଗିଲା । ବିଦ୍ୟାର ଆଦର ବଢ଼ିବା ସଙ୍ଗେ ସଙ୍ଗେ ଆଧୁନିକ ସାହିତ୍ୟ ସୃଷ୍ଟି ନିମନ୍ତେ ଆଗ୍ରହ ଓ ଆନ୍ତରିକତା ମଧ୍ୟ ବଢ଼ିଲା ।

ଇଂରେଜମାନେ ଓଡ଼ିଶା ଅଧିକାର କରିବା ପୂର୍ବରୁ ମରହଟ୍ଟା ଓ ମୋଗଲମାନଙ୍କ ଅଧୀନରେ ଓଡ଼ିଶା ରହିଥିଲା । ଇଂରେଜମାନେ ଓଡ଼ିଶାକୁ ଶାସନକଲାପରେ ନୂଆ ନୂଆ ଶାସନବ୍ୟବସ୍ଥା ଏବଂ କର

ବ୍ୟବସ୍ଥା ପ୍ରଚଳନ କଲେ । ଆଗରୁ ପ୍ରଚଳିତ ଶସ୍ୟର କେତେକାଂଶ କର ଆକାରରେ ଦେବା ଓ କଉଡ଼ି ଦ୍ୱାରା କର ଦେବାର ବ୍ୟବସ୍ଥାକୁ ଇଂରେଜମାନେ ରଦ୍ଦକରି ଦେଇ ଟଙ୍କା ଆକାରରେ କର ପ୍ରଚଳନ କରାଇଲେ । ଜମିଜମାର ବନ୍ଦୋବସ୍ତ ନୂତନ ଧାରାରେ କରାଇଲେ । ଧାର୍ଯ୍ୟ ସମୟ ଭିତରେ ଟଙ୍କାରେ କର ନଦେଲେ ଜମି ନିଲାମ କରାଇ ଦେଲେ । ନିଲାମ କାର୍ଯ୍ୟ କଲିକତାରେ ହେଉଥିଲା । କଲିକତାରେ ଥିବା ବଙ୍ଗାଳୀ ଲୋକମାନେ ଏବଂ ଓଡ଼ିଶାରେ ଇଂରେଜଙ୍କ ସହ ପ୍ରଶାସନିକ କାର୍ଯ୍ୟରେ ସହଯୋଗ କରିବାକୁ ଆସିଥିବା ବଙ୍ଗାଳୀମାନେ ପ୍ରାୟତଃ ନିଲାମ ଧରିଲେ । ଏହି ନିଲାମ ଯୋଗୁଁ କେତେଜଣଙ୍କ ଜମିଦାରୀ ଚାଲିଗଲା । ବକ୍ସି ଜଗବନ୍ଧୁ ବିଦ୍ୟାଧରଙ୍କର ରୋଡ଼ଙ୍ଗ ଜମିଦାରିକୁ ବଙ୍ଗାଳୀ ଦେବାନ କୃଷ୍ଣସିଂହ ନିଲାମ ଧରିନେଲେ ଏବଂ ଅଧିକାର କରିନେଲେ । ବକ୍ସି ସର୍ବହରା ହୋଇଗଲେ । ଖୋରଧାର ଜନସାଧାରଣ ଚାନ୍ଦା କରି କିଛି ଦିନ ତାଙ୍କୁ ଚଳାଇଲେ ମାତ୍ର ଶେଷରେ ସେ ଦାଣ୍ଡର ଭିକାରୀ ହୋଇଗଲେ । ଜମିଜମା ବନ୍ଦୋବସ୍ତ ସାଙ୍ଗକୁ ଇଂରେଜମାନେ ଆଇନ ବଳରେ ଲୁଣମରା ବନ୍ଦ କରି ଦେଲେ । ତାଙ୍କ ଦେଶରୁ ଲୁଣ ଆଣି ଏଠାରେ ବିକ୍ରିକଲେ ଯାହାକୁ ଟଙ୍କା ଅଭାବରୁ ଓଡ଼ିଶାର ଲୋକେ କିଣି ଖାଇପାରିଲେ ନାହିଁ । ସେତେବେଳର ଚିତ୍ର ଦେବାକୁ ଯାଇ ଜଗବନ୍ଧୁ ସିଂହ ଉଲ୍ଲେଖ କରିଛନ୍ତି –

''ଇଂରେଜ ଅମଳେ ହେଲା ଟଙ୍କା କାରବାର
ଦେବା ପାଇଁ ପାଇକଙ୍କୁ ହେଲା କଷ୍ଟକର
x x x x x
ଚିଲିକା କୂଳରେ ଲୁଣ ମରା ହେଉଥିଲା
ଲୁଣ କାରବାର କରି ଲୋକ ଚଳୁଥିଲା
ଇଂରେଜମାନେ ଏ ଲୁଣମରା ବନ୍ଦକଲେ
ତାଙ୍କ ଦେଶ ଲୁଣ ଆଣି ଭାରତେ ବିକିଲେ
x x x x x
ବରଷକେ ଥରେ ଅବା ଦୁଇ ବରଷରେ
ଓଡ଼ିଶାର ଜମିଜମା ବନ୍ଦୋବସ୍ତ କଲେ
ଲୋକମାନେ ବୃଦ୍ଧି କର ଦେଇନପାରିଲେ
ଘର ଦ୍ୱାର ଛାଡ଼ି ପଳାଇବେ ବିଚାରିଲେ ।''

(ଭାରତ ଚରିତାମୃତ - ୨ୟ ଭାଗ)

ପାଇକବିଦ୍ରୋହର ସୂତ୍ରପାତ ଏପରି ଅତ୍ୟାଚାରିତ ମାନସିକତାରୁ ସଂଗଠିତ ହୋଇଥିଲା । ଇଂରେଜମାନେ ଏପରି ବିଦ୍ରୋହ ଦ୍ୱାରା ହଟହଟା ହେଲେ ଏବଂ ବଳ ପ୍ରୟୋଗ କରି ବିଦ୍ରୋହକୁ ଦମନ କରିଦେଲେ । ଦମିତ ହେଲେ ହେଁ ଏହି ବିଦ୍ରୋହ ଯେ ଭାରତ ବର୍ଷରେ ଇଂରେଜମାନଙ୍କ ବିରୁଦ୍ଧରେ

ପ୍ରଥମ ବିଦ୍ରୋହ ଥିଲା, ଏଥିରେ ସନ୍ଦେହ ନାହିଁ । ପରେପରେ ଇଂରେଜ ଶାସିତ ସମଗ୍ର ଓଡ଼ିଶାର ବିଭିନ୍ନ ଅଞ୍ଚଳରେ ଜନଅସନ୍ତୋଷ ଅଳ୍ପେବହୁତ ଦେଖାଯାଇଥିଲା। ବେପାରୀରୁ ଶାସକ ଓ ଶିକାରୀ ହୋଇଥିବା ବ୍ରିଟିଶ ଜାତି ପ୍ରତି କୌଣସି ଶ୍ରଦ୍ଧା ବା ସମ୍ମାନ ସାଧାରଣ ଜନମାନସରେ ପ୍ରାୟତଃ ନଥିଲା । ସନ୍ତୁଳିତ ମାନସିକତାରେ ଜନସାଧାରଣ ରହିଥିଲେ, ଜୀବନ ଧାରଣ ପାଇଁ କଠୋର ସଂଘର୍ଷର ସମ୍ମୁଖୀନ ହୋଇଥିଲେ । ସଂଘର୍ଷରୁ ସୃଷ୍ଟି ହେଲା ଆତ୍ମସଚେତନତା ଓ ନିଜ ଜାତି ପ୍ରତି ଆନ୍ତରିକତା । ବସ୍ତୁତଃ ପାଇକବିଦ୍ରୋହ ପରଠାରୁ ଓଡ଼ିଶାବାସୀଙ୍କ ପ୍ରାଣରେ ଓଡ଼ିଆ ଭାଷା ଓ ସାହିତ୍ୟର ମହତ୍ତ୍ୱ ପ୍ରତି ଆଗ୍ରହ ସୃଷ୍ଟି ହୋଇଥିଲା । ଏ ପରିପ୍ରେକ୍ଷୀରେ ଭାଷାବିତ୍ ଡକ୍ଟର ଗଗନେନ୍ଦ୍ର ନାଥ ଦାଶ କହନ୍ତି – ''୧୮୧୭ ଖ୍ରୀଷ୍ଟାବ୍ଦର ପାଇକବିଦ୍ରୋହ ହିଁ ଓଡ଼ିଶା ଭାଷା ଚର୍ଚ୍ଚା ପାଇଁ କିଛି ପରୋକ୍ଷ କାରଣ ଯୋଗାଇଥିଲା ବୋଲି ଗ୍ରହଣ କରାଯାଇପାରେ ।'' (ଓଡ଼ିଆ ଭାଷା ଚର୍ଚ୍ଚାର ପରମ୍ପରା) । ଏଠାରେ ଉଲ୍ଲେଖଯୋଗ୍ୟ ଯେ ୧୮୩୭ ମସିହାରେ ଓଡ଼ିଶାର କୋର୍ଟ କଚେରୀରେ ଓଡ଼ିଆ ଭାଷାର ପ୍ରଚଳନ ହେଲା । ସେତେବେଳେ ଏହାକୁ ଅଣଓଡ଼ିଆଲୋକମାନେ ପ୍ରବଳ ବିରୋଧ କରିଥିଲେ । ମାତ୍ର ଏହି ବିରୋଧ କାର୍ଯ୍ୟକାରୀ ହୋଇନଥିଲା ।

୨ – ଓଡ଼ିଆ ପତ୍ରପତ୍ରିକାର ପ୍ରକାଶନ :

ଓଡ଼ିଶାରେ ପ୍ରଥମ ପ୍ରିଣ୍ଟିଂ ପ୍ରେସ ୧୮୩୭ ମସିହାରେ ବାପ୍‌ଟିଷ୍ଟ ମିଶନାରୀଙ୍କ ଦ୍ୱାରା ପ୍ରତିଷ୍ଠା କରାଯାଇଥିଲା । ଏହାର ନାମ ଥିଲା 'ମିଶନ୍ ପ୍ରେସ୍' । ରେଭରେଣ୍ଡ ଏମ୍. ସଟନ୍ ଏହାର ପରିଚାଳନା ଦାୟିତ୍ୱରେ ଥିଲେ । ସର୍ବପ୍ରଥମ ଓଡ଼ିଆ ସମ୍ବାଦପତ୍ର 'ଜ୍ଞାନାରୁଣ' ଏହି ପ୍ରେସରୁ ୧୮୪୯ ମସିହାରେ ରେଭରେଣ୍ଡ ଲେସିଙ୍କ ସଂପାଦନାରେ ପ୍ରକାଶିତ ହୋଇଥିଲା । ଦ୍ୱିତୀୟ ପ୍ରିଣ୍ଟିଂ ପ୍ରେସ୍‌ର ନାମ ଥିଲା 'କଟକ ପ୍ରିଣ୍ଟିଂ କମ୍ପାନୀ ପ୍ରେସ୍' । ଏହାର ପ୍ରତିଷ୍ଠାକାଳ ୧୮୬୬ ମସିହା । ଗୌରୀଶଙ୍କର ରାୟ ଓ ବିଚିତ୍ରାନନ୍ଦ ଦାସଙ୍କ ଉଦ୍ୟମରେ ଏହି ପ୍ରେସ୍ ପ୍ରତିଷ୍ଠିତ ହୋଇଥିଲା । ସାପ୍ତାହିକ ପତ୍ରିକା 'ଉତ୍କଳ ଦୀପିକା' ଏହି ପ୍ରେସ୍‌ରୁ ଗୌରୀଶଙ୍କର ରାୟଙ୍କ ସଂପାଦନାରେ ପ୍ରକାଶିତ ହୋଇଥିଲା । ସେତେବେଳେ କେତେକ ପ୍ରଭାବଶାଳୀ ବଙ୍ଗୀୟ କର୍ମଚାରୀ ଓଡ଼ିଆ ଭାଷା ଓ ଲିପିକୁ ଉଠାଇ ଦେଇ ତା' ସ୍ଥାନରେ ବଙ୍ଗଳାଭାଷା ଓ ବଙ୍ଗଳାଲିପି ପ୍ରଚଳନ କରିବାକୁ ପ୍ରବଳ ଉଦ୍ୟମ କରିଥିଲେ । ଏପରି ଉଦ୍ୟମକୁ ବିଫଳ କରିବା ପାଇଁ ଏହି ପତ୍ରିକାର ଭୂମିକା ଥିଲା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ । ତୃତୀୟ ପ୍ରେସ୍‌ଟି ଫକୀରମୋହନ ସେନାପତିଙ୍କ ଦ୍ୱାରା ୧୮୬୮ ମସିହାରେ ବାଲେଶ୍ୱରରେ ପ୍ରତିଷ୍ଠିତ ହୋଇଥିଲା । ଏହାର ନାମ ଥିଲା 'ଉତ୍କଳ ପ୍ରିଣ୍ଟିଂ କମ୍ପାନୀ', ଯହିଁରୁ ପ୍ରକାଶିତ ହେଲା 'ବାଲେଶ୍ୱର ସମ୍ବାଦ ବାହିକା' ପତ୍ରିକା । ପରେପରେ କେତେକ ପ୍ରେସ୍ ଓଡ଼ିଶାର ଭିନ୍ନଭିନ୍ନ ଅଞ୍ଚଳରେ ପ୍ରତିଷ୍ଠିତ ହୋଇଥିଲା । ସେଥିମଧ୍ୟରୁ ୧୯୦୦ ମସିହା ଭିତରେ ସ୍ଥାପିତ ହୋଇଥିବା ପ୍ରେସ୍‌ର ଏକ ନାମତାଲିକା ନିମ୍ନରେ ପ୍ରଦତ୍ତ ହେଲା ।

ପ୍ରେସ୍‌ର ନାମ	ସ୍ଥାନ	ପ୍ରତିଷ୍ଠାକାଳ
ଦେ ପ୍ରେସ୍	ବାଲେଶ୍ୱର	୧୮୭୩

ଓଡ଼ିଶା ପେଟ୍ରିଅଟ୍ ପ୍ରେସ	କଟକ	୧୮୭୩
ମୟୂରଭଂଜ ପ୍ରେସ୍	ବାରିପଦା	୧୮୭୯
ଭିକ୍ଟୋରିଆ ପ୍ରେସ୍	କଟକ	୧୮୮୫
ଜଗନ୍ନାଥ ବଲ୍ଲଭପ୍ରେସ୍	ବାମଣ୍ଡା	୧୮୮୫
ଗଜପତି ଭୀମଦେବ ପ୍ରେସ୍	ବଡ଼ଖେମଣ୍ଡି	୧୮୮୫
ପୁରୀ ପ୍ରିଣ୍ଟିଂ ପ୍ରେସ୍	ପୁରୀ	୧୮୯୦
ଅରୁଣୋଦୟ ପ୍ରେସ୍	କଟକ	୧୮୯୩
ରାୟ ପ୍ରେସ୍	କଟକ	୧୮୯୪
ଉତ୍କଳ ସାହିତ୍ୟ ପ୍ରେସ	କଟକ	୧୮୯୭
ବିନୋଦ ପ୍ରେସ୍	ବାଲେଶ୍ୱର	୧୮୯୯

ଜ୍ଞାନାରୁଣ, ପ୍ରବୋଧ ଚନ୍ଦ୍ରିକା ପ୍ରଭୃତି ପତ୍ରିକାରେ ସାହିତ୍ୟର ଉପସ୍ଥାପନା ହେଉନଥିଲା। ପ୍ରାୟତଃ ୧୮୭୦ ପରେ ବିଭିନ୍ନ ପତ୍ର ପତ୍ରିକାରେ ସାହିତ୍ୟ ପ୍ରକାଶିତ ହୋଇ ଜନତା ଆଗରେ ଉପସ୍ଥାପିତ ହେଲା । କେତେକ ପତ୍ରିକାରେ ଗୀତିକବିତା ପ୍ରକାଶିତ ହୋଇଥିଲା । ଏ କ୍ଷେତ୍ରରେ 'ଉତ୍କଳଦର୍ପଣ' (୧୮୭୩)ର ଅବଦାନ ଉଲ୍ଲେଖଯୋଗ୍ୟ । ବାସ୍ତବରେ ଆଧୁନିକ ଓଡ଼ିଆ ସାହିତ୍ୟର ଅନ୍ୟତମ ମୁଖପତ୍ର ଉତ୍କଳଦର୍ପଣ (୧୮୭୩) ମାସିକ ପତ୍ରିକାରେ ତତ୍କାଳୀନ ଶିକ୍ଷିତଶ୍ରେଣୀର ସଂସ୍କାରଧର୍ମୀ ମନୋବୃତ୍ତିର ପ୍ରତିବିମ୍ବ ଦେଖିବାକୁ ମିଳିଲା । ଏହି ପତ୍ରିକାର ପ୍ରକାଶନର ଆଭିମୁଖ୍ୟକୁ ସ୍ପଷ୍ଟ କରିବା ନିମନ୍ତେ ୧୮୭୨ ମସିହା ଅକ୍ଟୋବର ୨୮ ତାରିଖରେ ଏ ପତ୍ରିକାର ମ୍ୟାନେଜର ବୈକୁଣ୍ଠନାଥ ଦେ ଗୋଟିଏ ବିଜ୍ଞାପନ ଦେଇଥିଲେ । ତାହା ଏହିପରି – ''ଆମ୍ଭେମାନେ 'ଉତ୍କଳ ଦର୍ପଣ' ନାମରେ ଖଣ୍ଡିଏ ମାସିକ ସନ୍ଦର୍ଭ ପ୍ରକାଶ କରିବାକୁ ମନସ୍ଥ କରୁଅଛୁଁ । ଉତ୍କଳ ସାହିତ୍ୟର ଉନ୍ନତି ସାଧନ, ଉତ୍କଳୀୟ ସାମାଜିକ ରୀତିର ସଂଶୋଧନ – ଏହି ପତ୍ରିକାର ମୁଖ୍ୟ ଉଦ୍ଦେଶ୍ୟ ଅଟେ । ଏଣୁ କରି ସେଥିରେ ଶିକ୍ଷା, ବିଜ୍ଞାନ, ସାହିତ୍ୟ, ରାଜକୀୟ, ସାମାଜିକ ଓ ନୀତି ସମ୍ବନ୍ଧୀୟ ପ୍ରସ୍ତାବମାନ ପ୍ରକାଶିତ ହେବ ।''

'ଉତ୍କଳ ମଧୁପ' (୧୮୭୮) ପତ୍ରିକାର ସହଯୋଗ ଆଧୁନିକ ଓଡ଼ିଆ ଗୀତି କବିତାର ବିକାଶ ନିମନ୍ତେ ଅତ୍ୟନ୍ତ ମହତ୍ତ୍ୱପୂର୍ଣ୍ଣ । ଏହି ପତ୍ରିକାରେ ଭକ୍ତକବି ମଧୁସୂଦନଙ୍କର 'ନିର୍ଜ୍ଜନ ଦ୍ୱୀପରେ ନିର୍ବାସିତର ବିଳାପ' 'ଶ୍ମଶାନ', 'ନିଶୀଥ ଚିନ୍ତା' ପ୍ରଭୃତି କବିତା ପ୍ରକାଶିତ ହୋଇଥିଲା। ସମ୍ବଲପୁର ହିତୈଷିଣୀ ପ୍ରକାଶିତ ହେଲା ୧୮୮୯ ମସିହାରେ । ଗୀତିକବିତାର ପ୍ରକାଶନ ନିମନ୍ତେ ଏହି ପତ୍ରିକାର ଅବଦାନ ଅନସ୍ୱୀକାର୍ଯ୍ୟ । ରକ୍ଷଣଶୀଳତାଠାରୁ ନିରାପଦ ଦୂରତ୍ୱରେ ସାହିତ୍ୟର ପ୍ରଚାର ଓ ପ୍ରସାରର ଦାୟିତ୍ୱ ବହନ କରିବାରେ ଏହାର ସଫଳତା ସର୍ବବାଦୀ ସମ୍ମତ। ୧୮୯୨ ମସିହାରେ ମୟୂରଭଞ୍ଜରୁ ପ୍ରକାଶିତ 'ଉତ୍କଳ ପ୍ରଭା' ପତ୍ରିକାରେ ଭକ୍ତକବି ମଧୁସୂଦନଙ୍କର 'ଋଷିପ୍ରାଣେ ଦେବାବତରଣ' ଏବଂ ଫକୀରମୋହନଙ୍କର

'ନିଦାଘ ନିଶୀଥ ସ୍ୱପ୍ନ' ଓ 'ଜହ୍ନମାମୁଁ' ପ୍ରଭୃତି କବିତା ପ୍ରକାଶିତ ହୋଇଥିଲା । ପରେପରେ ୧୮୯୭ ମସିହାରେ ଆମ୍ ପ୍ରକାଶ କଲା 'ଉତ୍କଳ ସାହିତ୍ୟ' ପତ୍ରିକା । ଏହି ପତ୍ରିକା ଥିଲା ଆଧୁନିକ ଓଡ଼ିଆ ସାହିତ୍ୟର ବହୁ ବିଭବର ପ୍ରକାଶନ ନିମନ୍ତେ ଏକ ମୁକ୍ତକ୍ଷେତ୍ର ।

ଏଠାରେ ଉଲ୍ଲେଖଯୋଗ୍ୟ ଯେ ୧୮୬୭ ମସିହା ପୂର୍ବରୁ ସ୍କୁଲ ପାଠ୍ୟକ୍ରମରେ ସାହିତ୍ୟ ପ୍ରାୟତଃ ପଠିତ ହେଉନଥିଲା । କେବଳ ଭାଷା ଓ ବ୍ୟାକରଣ ଭିତ୍ତିକ କିଛି ପୁସ୍ତକ ପଠିତ ହେଉଥିଲା । ୧୮୬୮ – ୭୦ ମସିହା ଭିତରେ ସ୍କୁଲ ପାଠ୍ୟକ୍ରମରେ ସାହିତ୍ୟ ସ୍ଥାନ ପାଇଲା। ପ୍ରଥମେ ପ୍ରାଚୀନ ଓ ମଧ୍ୟ ଯୁଗୀୟ ଓଡ଼ିଆ ସାହିତ୍ୟରୁ କିଛି ସଂକଳନ ପ୍ରକାଶିତ ହୋଇଥିଲା । ପରେ ଆଧୁନିକ ସାହିତ୍ୟ ଭିତ୍ତିକ ପୁସ୍ତକ ୧୮୭୬ ମସିହାରେ ଆତ୍ମପ୍ରକାଶ କଲା । ଅତଏବ ଏହା ସ୍ୱୀକାର୍ଯ୍ୟ ଯେ ପାଠ୍ୟକ୍ରମ ଭାବରେ ସାହିତ୍ୟ ସ୍ୱୀକୃତ ହେବାରୁ କ୍ରମଶଃ ଏକ ଭିତ୍ତିଭୂମି ଆଧୁନିକ ସାହିତ୍ୟ ପାଇଁ ସୃଷ୍ଟିହେଲା । ବିଶିଷ୍ଟ ଗବେଷକ ଡଃ ନଟବର ସାମନ୍ତରାୟ 'ଓଡ଼ିଆ ସାହିତ୍ୟର ଇତିହାସ – (୧୮୦୩ – ୧୮୨୦)' ପୁସ୍ତକରେ କହିଛନ୍ତି ''୧୮୭୦ ସାଲ୍ ପରେ ସାହିତ୍ୟ ପାଠ୍ୟପୁସ୍ତକ ହିଁ ଯଥାର୍ଥ ସାହିତ୍ୟ ଅଭିବୃଦ୍ଧିର ଏକ ପ୍ରଧାନ ହେତୁ, ଏହା ସର୍ବବାଦୀ ସମ୍ମତ ।''

୧୮୭୬ ମସିହା ପୂର୍ବରୁ ପ୍ରକାଶିତ ପ୍ରାଚୀନ – ମଧ୍ୟଯୁଗୀୟ କାବ୍ୟ ଓ ଗୀତ ପୁସ୍ତକରୁ କେତେକର ନାମ ତାଲିକା ଏଠାରେ ପ୍ରଦାନ କରିବା ଅପ୍ରାସଙ୍ଗିକ ହେବନାହିଁ ।

ପ୍ରକାଶନ ସମୟ	ପୁସ୍ତକର ନାମ	ସ୍ରଷ୍ଟାଙ୍କର ନାମ
୧୮୬୯	ଆର୍ତ୍ତତ୍ରାଣ ଚଉତିଶା	ଦୀନକୃଷ୍ଣ ଦାସ
	ମଥୁରା ମଙ୍ଗଳ	ଭକ୍ତଚରଣ ଦାସ
୧୮୭୦	ଲାବଣ୍ୟବତୀ	ଉପେନ୍ଦ୍ର ଭଂଜ
	ପ୍ରେମସୁଧାନିଧି	ଉପେନ୍ଦ୍ର ଭଂଜ
	ସୁବର୍ଣ୍ଣରେଖା	ଉପେନ୍ଦ୍ର ଭଂଜ
୧୮୭୧	ରସିକହାରାବଳୀ	ଉପେନ୍ଦ୍ର ଭଂଜ
୧୮୭୨	ରସକଲ୍ଲୋଳ	ଦୀନକୃଷ୍ଣ ଦାସ
୧୮୭୩	ରାସକ୍ରୀଡ଼ା	ଜଗନ୍ନାଥ ଦାସ
୧୮୭୪	ଜଗନ୍ନାଥ ଚଉତିଶା	ଲାଲାନିମାଇଁ ଚାନ୍ଦ
	ଭୂପତି ଚଉତିଶା	ଭୂପତି ପଣ୍ଡିତ
	ଗଜ ନିସ୍ତାରଣ	ଜଗନ୍ନାଥ ଦାସ
ମଥୁରା ବିଜୟ	ଗୋପୀନାଥ ଦାସ	

ଆଧୁନିକ ସାହିତ୍ୟର ପ୍ରାୟ କୌଣସି ପୁସ୍ତକ ପ୍ରକାଶିତ ନହେବାର ଦେଖି କ୍ଷୋଭ ପ୍ରକାଶ ପୂର୍ବକ ୧୮୭୪ ମସିହା ଜୁନ୍ ମାସ ୩ ତାରିଖରେ ପ୍ୟାରୀମୋହନ ଆଚାର୍ଯ୍ୟ ଯେଉଁ ମତ ବ୍ୟକ୍ତ କରିଥିଲେ ତାହା ପ୍ରଣିଧାନଯୋଗ୍ୟ । ତାହା ଏହିପରି ''ଆଜିପର୍ଯ୍ୟନ୍ତ ସରଳ ସୁଲଳିତ, ଶୃଙ୍ଗାର ବିବର୍ଜିତ ମନୋଦୁଃଖହର ଓ ପ୍ରୀତିପ୍ରଦ ଖଣ୍ଡିଏ ପଦ୍ୟ କି ଗଦ୍ୟମୂଳକ ଗ୍ରନ୍ଥ ଓଡ଼ିଆଭାଷାରେ ଦେଖିବାକୁ ପାଇବା ଦୁଷ୍କର । ଏ ବିଭାଗରେ ଯାହା କିଛି ଅଛି ତାହା କେବଳ ପୂର୍ବକାଳୀୟ ଦୀର୍ଘ ଶବ୍ଦାଡ଼ମ୍ବର ବିଶିଷ୍ଟ ଅଶ୍ଳୀଳ ଭାବମଣ୍ଡିତ – ଭଂଜ, ବ୍ରହ୍ମା, ଦାସ, ସାମନ୍ତ ସିଂହାର ପ୍ରଭୃତି କବିଙ୍କର ଲୌହ ଲେଖନୀ ସଂଭୂତ କେତେଖଣ୍ଡି କାବ୍ୟ ।''

ଓଡ଼ିଶାରେ ଶିକ୍ଷାର ବିସ୍ତାର ହେବା ହେତୁ ଦୁଇ ପ୍ରକାର ମାନସିକତା ସୃଷ୍ଟି ହୋଇଥିଲା। ଗୋଟିଏ ହେଲା ପ୍ରାଚ୍ୟ ସଭ୍ୟତା ପ୍ରତି ଆନ୍ତରିକତା ଏବଂ ଅନ୍ୟଟି ହେଲା ପାଶ୍ଚାତ୍ୟ ସଭ୍ୟତା ପାଇଁ ଆକର୍ଷଣ । ଉଭୟ ମଧ୍ୟରେ କବି ଓ ଲେଖକମାନେ ସମନ୍ୱୟ ସ୍ଥାପନ କରିଥିଲେ । ସାହିତ୍ୟର ବିଭିନ୍ନ ରୂପାୟନ ଏହି ସମୟରେ ବିଭିନ୍ନ ପତ୍ର ପତ୍ରିକାରେ ପ୍ରକାଶିତ ହୋଇଥିଲା । ସେଥିମଧ୍ୟରୁ ଗୀତିକବିତା ଅନ୍ୟତମ । ତେବେ କୌଣସି ଗୀତିକବିତା ପୁସ୍ତକ ସେ ପର୍ଯ୍ୟନ୍ତ ମୁଦ୍ରିତ ହୋଇନଥିଲା । ୧୮୭୬ ମସିହାରେ ରାଧାନାଥ ଓ ମଧୁସଦୂନଙ୍କ ବିରଚିତ କେତେକ ଗୀତିକବିତାକୁ ନେଇ ଆତ୍ମପ୍ରକାଶ କଲା ପ୍ରଥମ ଗୀତିକବିତା ଗ୍ରନ୍ଥ 'କବିତାବଳୀ'ର ପ୍ରଥମ ଭାଗ । ଏହି ପୁସ୍ତକରେ ରାଧାନାଥଙ୍କର 'ପବନ','ବେଣୀ ସଂହାର' ଏବଂ 'ନିଜ ସୈନ୍ୟ ପ୍ରତି ଶିବାଜୀ' ଓ ମଧୁସୂଦନ ରାଓଙ୍କର 'ଅଯୋଧ୍ୟା ପ୍ରତ୍ୟାଗମନ', 'ନିର୍ବାସିତର ବିଳାପ', 'ଶ୍ମଶାନ', 'ଭାରତୀବନ୍ଦନା', 'ସ୍ତୋତ୍ର', 'ସୀତା ବନବାସ', 'ଶରତ ପ୍ରଭାତ' ଓ 'ନିଶୀଥଚିନ୍ତା' ପ୍ରଭୃତି କବିତା ସନ୍ନିବେଶିତ ହୋଇଥିଲା । ଏହି କବିତା ଗୁଡ଼ିକରେ ମାନବବାଦ, ଦେଶାତ୍ମବୋଧ, ବିଭୁବୋଧ, ପ୍ରକୃତିପ୍ରୀତିର ଆଲେଖ୍ୟ ଅଙ୍କିତ । ରାଧାନାଥଙ୍କର 'ପବନ' କବିତାରେ ପବନର ଭୀମକାନ୍ତ ରୂପଚିତ୍ର ଉପସ୍ଥାପିତ । ଅତୀତରେ କାଳିନ୍ଦୀ କୂଳରେ କୃଷ୍ଣଙ୍କର ବଂଶୀରେ ମନମୋହିନୀ ସ୍ୱର ସୃଷ୍ଟି କରିଛି ଏହି ପବନ । ସେହି ସ୍ୱରରେ ମନ୍ତ୍ରମୁଗ୍ଧ ହୋଇଛନ୍ତି ଗୋପାଙ୍ଗନାମାନେ, ପୁଣି ପବନର କ୍ରୋଧରେ କେବେକେବେ ସସାଗରାଧରା ଥରହର ହୋଇଛି ବୋଲି କବି ଏଥିରେ ଉଲ୍ଲେଖ କରିଛନ୍ତି । 'ବେଣୀସଂହାର'ର କଥାବସ୍ତୁ ମୂଳ ମହାଭାରତରୁ ଆସିଛି । ଏଥିରେ କବି ରାଧାନାଥଙ୍କର ବର୍ଣ୍ଣନାପାଟବ ଅତ୍ୟନ୍ତ ମର୍ମସ୍ପର୍ଶୀ । 'ନିଜ ସୈନ୍ୟ ପ୍ରତି ଶିବାଜୀ' କବିତାରେ କବିଙ୍କର ଜାତୀୟତାବାଦୀ ଚେତନା ଉପସ୍ଥାପିତ । ମଧୁସୂଦନଙ୍କ 'ସ୍ତୋତ୍ର' କବିତା ପ୍ରାଚ୍ୟକାବ୍ୟାଦର୍ଶ ଭିତ୍ତିକ । 'ସୀତା ବନବାସ' ଓ 'ଅଯୋଧ୍ୟା ପ୍ରତ୍ୟାଗମନ' ସଂସ୍କୃତ କାବ୍ୟାଂଶରୁ ଅନୂଦିତ । ତାଙ୍କର 'ଭାରତୀ ଭାବନାରେ' ଦେଶାତ୍ମବୋଧର ଚିତ୍ର ପରିସ୍ଫୁଟ । 'ନିର୍ବାସିତର ବିଳାପ'ର କବିତାଟି William Cowperଙ୍କ ରଚିତ 'Verses Supposed to be writtten by Alexander Selkirkର ଅନୁବାଦ । 'ଶ୍ମଶାନ' କବିତା ଏକ ପ୍ରଭାବିତ କବିତା । ଏଥିରେ Tennyson ଏବଂ Thomas Gery ଙ୍କ ପ୍ରଭାବ ରହିଛି । 'ନିଶୀଥ ଚିନ୍ତା'ରେ ସ୍ପେନସରୀଆନ୍ ଶୈଳୀ ଅନୁସୃତ। କବିତାବଳୀ ପୁସ୍ତକରେ ସ୍ଥାନିତ କବିତା ଗୁଡ଼ିକରେ

ଆଧୁନିକତାର ଅଭିବ୍ୟକ୍ତିକୁ ଲକ୍ଷ୍ୟକରି ଡକ୍ଟର କ୍ଷେତ୍ରବାସୀ ନାୟକ ଯେଉଁ ମନ୍ତବ୍ୟ ଦେଇଛନ୍ତି ତାହା ଲକ୍ଷ୍ୟଣୀୟ । ତାଙ୍କ କଥାରେ – ''ବସ୍ତୁତଃ ଏକ ଅଭିନବ କାବ୍ୟଶ୍ରୀ ଗଠନପାଇଁ ଯେଉଁ ଶକ୍ତିଶାଳୀ ସ୍ୱର୍ଶ ଆବଶ୍ୟକ ତାହାର ଅଭାବ ହେତୁ କବିତାବଳୀର ଆତ୍ମପ୍ରକାଶ ପର୍ଯ୍ୟନ୍ତ ଆଧୁନିକତାର ପ୍ରଣବଧ୍ୱନି ଓଡ଼ିଆ କାବ୍ୟକ୍ଷେତ୍ରରେ ଅନୁଚ୍ଚାରିତ ହୋଇ ରହିଥିଲା ।' *(ଆଧୁନିକ ଓଡ଼ିଆ କାବ୍ୟ ସାହିତ୍ୟରେ ପାଶ୍ଚାତ୍ୟ ପ୍ରଭାବ)*

୩ – ନଅଙ୍କ ଦୁର୍ଭିକ୍ଷ ଓ ଓଡ଼ିଆ ଭାଷା–ସୁରକ୍ଷା ଆନ୍ଦୋଳନ :

୧୮୬୬ ମସିହାରେ ଓଡ଼ିଶାରେ ନଅଙ୍କ ଦୁର୍ଭିକ୍ଷ ପଡ଼ିଥିଲା । ଏଥିରେ ପଇଁଚାଳିଶି ହଜାରରୁ ଅଧିକ ଲୋକ ମୃତ୍ୟୁବରଣ କରିଥିଲେ । ପୁରୀ ରାଜାଙ୍କ ନଅ ଅଙ୍କରେ ଏହା ପଡ଼ିଥିବାରୁ ଏହାକୁ ନଅଙ୍କ ଦୁର୍ଭିକ୍ଷ କୁହାଯାଏ । ବହୁ ବ୍ୟକ୍ତି ସେତେବେଳେ ଧର୍ମାନ୍ତରିତ ହୋଇଗଲେ । ସହସ୍ର ସହସ୍ର ଅନାଥ ବାଳକ ବାଳିକା ନିଜର ପରିଚୟ ହରାଇ ବସିଲେ ଓ ବିଦେଶରେ ବିକ୍ରି ହୋଇଗଲେ । ଏହି ଦୁର୍ଭିକ୍ଷର କରାଳ ଦୃଶ୍ୟ ସମ୍ପର୍କରେ ପ୍ରତ୍ୟକ୍ଷଦର୍ଶୀ ବିବରଣୀ ଦେବାକୁ ଯାଇ ପ୍ୟାରୀମୋହନ ଆଚାର୍ଯ୍ୟ ସ୍ୱରଚିତ 'ଓଡ଼ିଶାର ଇତିହାସ' ପୁସ୍ତକରେ ଯାହା ଉଲ୍ଲେଖ କରିଛିନ୍ତି ତାହା ଏହିପରି – ''କରାଳ ମୃତ୍ୟୁ ସମନ୍ୱିତ ଦୁର୍ଭିକ୍ଷର ଚିତ୍ର କରିବା ମାନବ ଲେଖନୀର ଅସାଧ୍ୟ । ସେସମୟରେ ସହସ୍ର ସହସ୍ର କଙ୍କାଳ ପରିଣତ ନରନାରୀଙ୍କର ଆର୍ତ୍ତହାହାକାରରେ ନଗରମାନ ପରିପୂର୍ଣ୍ଣ ଥିଲା । ନଗର ଓ ଗ୍ରାମମାନଙ୍କରେ ସମୀପସ୍ଥ ଶ୍ମଶାନମାନ ଅସଂଖ୍ୟ ନରଦେହରେ ପରିପୂରିତ ହୋଇଥିଲା ଏବଂ ଶକୁନ ଶୃଗାଳମାନେ ନରମାଂସ ଭକ୍ଷଣ କରି ଅସ୍ୱାଭାବିକ ଭାବେ ପରିତୃପ୍ତ ହୋଇଥିଲେ।''ମରୁଡ଼ି ପରକୁ ବନ୍ୟା ଆସି ଓଡ଼ିଶାବାସୀଙ୍କ ଉପରେ ଅଧିକ ଦାଉ ସାଧିଲା । 'ଉତ୍କଳ ଦୀପିକା'ରେ ସେତେବେଳେ ଏ ସଂପର୍କରେ ପ୍ରକାଶିତ ହୋଇଥିଲା – ''ବୋଧହୁଅଇ ଲୋକଙ୍କ ଦୁର୍ଦ୍ଦଶା ଅବଲୋକନ ବିଧାତାର ପ୍ରୀତିକର ହେଉଅଛି, କାରଣ ଲୋକମାନେ ଏକପ୍ରକାର ଦୁଃଖରୁ ମୁକ୍ତ ହେବାର ଆଶା ପୋଷଣ କରିବା ମାତ୍ରେ ଅନ୍ୟ ପ୍ରକାରେ ଦୁଃଖ ଆସି ତାଙ୍କୁ ନିରାଶ କରୁଛି । ଗତବର୍ଷ ପ୍ରାୟ ସର୍ବତ୍ର ଅନାବୃଷ୍ଟି ହେତୁ ସର୍ବନାଶ ହୋଇଥିଲା । ଏଥର ଅଧିକ ଜଳବୃଷ୍ଟିରୁ ସେହିଫଳ ପ୍ରାୟ ଘଟୁଅଛି ।'' ମରୁଡ଼ି ପଛକୁ ବନ୍ୟାଆସି ସର୍ବନାଶ ଘଟାଇବାରୁ କରୁଣ କ୍ରନ୍ଦନ ଧ୍ୱନିରେ ଚତୁର୍ଦ୍ଦିଗ ପ୍ରକମ୍ପିତ ହେଲା । ଏ ସଂପର୍କରେ 'ଉତ୍କଳ ଦୀପିକା' ପତ୍ରିକାରେ କବିତାଟିଏ ପ୍ରକାଶିତ ହୋଇଥିଲା । ସେଥିରୁ ପଦଟିଏ ଏହିପରି –

''ବୁଡ଼ିଲା ବିଆଳି କେପାରେ ସମ୍ଭାଳି
ଭାଙ୍ଗିଲା ଅନେକ ବନ୍ଧ
ଦୁଇ ସପ୍ତଦିନ ପାଣିରେ ରହିଣ
ଗଛ ପଚି ଛାଡ଼େ ଗନ୍ଧ
ସେ ତାହା,

ଦେଖି ମନୁଷ୍ୟ ଛାଡ଼ନ୍ତି ଆହା
ହେବ ଏଥର କେ ଅବା ସାହା, ସରିଗଲା
ଶେଷ ଥିଲା ଯାହା ।''

ଏହି ଦୁଃଖଦୁର୍ଦ୍ଦଶାର ସମ୍ମୁଖୀନ ହୋଇ ଓଡ଼ିଆ ଜାତିର ଆତ୍ମରକ୍ଷା ସମସ୍ୟା ବିଭିନ୍ନ ଦିଗରୁ ବଳବତ୍ତର ହେଲାବେଳେ ପଡ଼ୋଶୀ ଅନ୍ୟ ଭାଷାର ବହୁବ୍ୟକ୍ତି ଏହାର ସୁଯୋଗ ନେଲେ । ପରେପରେ ଭାଷା ବିଲୋପ ଆନ୍ଦୋଳନର ବହ୍ନି ଜଳାଇ ଦେଲେ । ଧ୍ୱଂସମୁଖରୁ ଆତ୍ମରକ୍ଷା ନିମନ୍ତେ ଓଡ଼ିଶାରେ ଭାଷା ସୁରକ୍ଷା ଆନ୍ଦୋଳନ ଅଧିକରୁ ଅଧିକ ସଂଗଠିତ ହେଲା ।

ଓଡ଼ିଆ ଭାଷା ଓ ସାହିତ୍ୟକୁ ନେଇ ଇଂରେଜ ଶାସନ ପ୍ରାରମ୍ଭରେ କୌଣସି ବିବାଦ ଦେଖାଯାଇନଥିଲା । ପ୍ରାୟ ୧୮୪୦ ମସିହାପରେ ଏ ବିବାଦ ଅଳ୍ପ ଅଳ୍ପ ଆରମ୍ଭ ହୋଇ ୧୮୬୯ – ୭୦ ବେଳକୁ ଉତ୍କଟ ଆକାର ଧାରଣ କରିଥିଲା । ୧୮୭୨ – ୭୩ ମସିହାବେଳକୁ ଏହି ସମସ୍ୟାର ସମାଧାନ ପ୍ରାୟତଃ ଦେଖିବାକୁ ମିଳିଲା । ଏହି ଦିଗରେ ଓଡ଼ିଆ ଭାଷା ଓ ସାହିତ୍ୟ ପ୍ରେମୀ କେତେକ ଉତ୍କଳୀୟ ଏବଂ କେତେକ ପାଶ୍ଚାତ୍ୟ ବିଦ୍ୱାନଙ୍କର ଅବଦାନ ମହତ୍ତ୍ୱପୂର୍ଣ୍ଣ ।

ନୂତନ ଏକ ସାହିତ୍ୟ ସୃଷ୍ଟି ମୁଖ୍ୟତଃ ତିନିଗୋଟି ଧାରା ମାଧ୍ୟମରେ ସଂଗଠିତ ହୋଇଥାଏ, ଯଥା – ଅନୁବାଦ, ଅନୁସରଣ ଓ ମୌଳିକ ସୃଷ୍ଟି । ଆଧୁନିକ ଓଡ଼ିଆ ସାହିତ୍ୟର ସୃଷ୍ଟି ପ୍ରକ୍ରିୟାରେ ଏହି ତିନିଗୋଟି ଧାରାର ଅବଦାନ ରହିଛି । ଇଂରେଜୀ ଶାସନରେ ପ୍ରାୟ ୧୮୬୮ ମସିହା ପର୍ଯ୍ୟନ୍ତ ଓଡ଼ିଆରେ କେବଳ ଅନୁବାଦ ହିଁ କରାଯାଉଥିଲା । ଆଧୁନିକ ବଙ୍ଗ ସାହିତ୍ୟର କିଛି ନିର୍ବାଚିତ କୃତି ଏହି କ୍ରମରେ ଓଡ଼ିଆରେ ଅନୂଦିତ ହୋଇଥିଲା । ଅନୁବାଦକମାନେ ମୁଖ୍ୟତଃ ବଙ୍ଗାଳୀ ହୋଇଥିବାରୁ ଅନୁବାଦରେ ବଙ୍ଗଳା ଶବ୍ଦର ଆଧିକ୍ୟ ରହିଥିଲା । ଏପରି ଅନୁବାଦକୁ ଦେଖି ପଣ୍ଡିତ କାନ୍ତିଚନ୍ଦ୍ର ଭଟ୍ଟାଚାର୍ଯ୍ୟ ମନ୍ତବ୍ୟ ଦେଲେ ଯେ 'ଉଡ଼ିୟା ଏକ ସ୍ୱତନ୍ତ୍ର ଭାଷା ନହେ' । ତାଙ୍କର ଏପରି ମନ୍ତବ୍ୟ ଯେପରି ବିସ୍ମୟକର ସେପରି ଦୁର୍ଭାଗ୍ୟଜନକ ।

୧୮୬୮ ମସିହାରେ ଜାନୁଆରୀ ମାସରେ ୬ ଜଣ ଛାତ୍ରଙ୍କୁ ନେଇ କଟକରେ ଫାଷ୍ଟ ଆର୍ଟସ ଶ୍ରେଣୀ ଆରମ୍ଭ ହୋଇଥିଲା । ଉଚ୍ଚଶିକ୍ଷାର ପ୍ରସାର ବେଳକୁ ଓଡ଼ିଆ ଭାଷା ବିଲୋପ ଆନ୍ଦୋଳନ କେତେକ ଅଣଓଡ଼ିଆ ବ୍ୟକ୍ତିଙ୍କ ଦ୍ୱାରା ତେଜିବାକୁ ଲାଗିଲା । ଶିକ୍ଷାନୁଷ୍ଠାନରେ ଓଡ଼ିଆ ଭାଷା ଉପରେ ସେତେବେଳେ ଗୁରୁତ୍ୱ ଆରୋପିତ ହେଉନଥିଲା । ଏକଥା ଦେଖି କଟକର କେତେ ଜଣ ବିଶିଷ୍ଟ ବ୍ୟକ୍ତି ଓଡ଼ିଶା କମିଶନ୍‌ରଙ୍କ ଜରିଆରେ ବଙ୍ଗ ସରକାରଙ୍କ ନିକଟକୁ ଦରଖାସ୍ତଟିଏ ପଠାଇଥିଲେ । ସେ ଦରଖାସ୍ତରେ ଓଡ଼ିଶାର ସ୍କୁଲମାନଙ୍କରେ ଓଡ଼ିଆ ଭାଷା ପଢ଼ାହେବା ଏକାନ୍ତ ଆବଶ୍ୟକ ବୋଲି ଲେଖା ଯାଇଥିଲା । ଏହି ଦରଖାସ୍ତଟିକୁ ୧୮୬୮ ମସିହା ଜୁଲାଇ ୧୬ ତାରିଖ ରେ ବଙ୍ଗ ଦେଶର ଡି.ପି.ଆଇଙ୍କ ନିକଟକୁ ପଠାଇ ଦିଆଯାଇଥିଲା । ସେତେବେଳେ ଓଡ଼ିଆ ଭାଷା ଓ ବଙ୍ଗଳା ଭାଷାକୁ କେନ୍ଦ୍ରକରି ଯେଉଁ ସମସ୍ୟା

ସୃଷ୍ଟି ହୋଇଥିଲା, ତାହା ରାଜେନ୍ଦ୍ରଲାଲ ମିତ୍ରଙ୍କ ପ୍ରତିକୂଳ ମନ୍ତବ୍ୟଦ୍ୱାରା ଅଧିକ ଗୁରୁତର ହୋଇଥିଲା । ମିତ୍ର ମହାଶୟ କହିଥିଲେ ଯେ କ୍ଷୁଦ୍ର ଓଡ଼ିଆ ଭାଷାକୁ ଏକ ସ୍ୱତନ୍ତ୍ର ଭାଷାରେ ପରିଣତ କରିବାର ଆଗ୍ରହ ଓଡ଼ିଆ ଜାତି ପାଇଁ କ୍ଷତିକାରକ । ୧୮୬୯ – ୭୦ ମସିହା ବେଳକୁ କାନ୍ତିଚନ୍ଦ୍ର ଏ ଆନ୍ଦୋଳନର ବଳିଷ୍ଠ ନେତୃତ୍ୱ ନେଲେ । ସେ ଥିଲେ ବାଲେଶ୍ୱର ଗଭର୍ଣ୍ଣମେଣ୍ଟ ସ୍କୁଲର ପଣ୍ଡିତ। ଓଡ଼ିଆ ଭାଷା ବିଲୋପ ନିମନ୍ତେ ନିଜସ୍ୱ ମତାମତ ଦେଇ 'ଉଡ଼ିୟା ଏକ ସ୍ୱତନ୍ତ୍ର ଭାଷା ନହେ' ନାମରେ ଏକ ପୁସ୍ତିକା ପ୍ରଣୟନ କରିଥିଲେ । ସେହି ପୁସ୍ତିକାର ଅଂଶ ବିଶେଷର ଅନୁବାଦ ଏହିପରି – ''ମୋର କ୍ଷୁଦ୍ର ବୁଦ୍ଧିରେ ଯେତେବେଳେ ଓଡ଼ିଆ ସ୍ୱତନ୍ତ୍ର ଭାଷା ବୋଲି ଅନୁସନ୍ଧାନ ମୁଁ କରୁଛି, ସେତେବେଳେ ଏଇ ସଂସ୍କାରଟି ଦୃଢ଼ ହେଉଛି । ସତ୍ୟର ଅପଳାପ ହେଉ – ଏହା ମୁଁ ଇଚ୍ଛା କରେ ନାହିଁ । ଏଇଥି ପାଇଁ ମୁଁ ପରିଶ୍ରମ ପୂର୍ବକ ଏହି କ୍ଷୁଦ୍ର ପୁସ୍ତକଟି ପ୍ରଣୟନ କରୁଛି । ସହୃଦୟ ତତ୍ତ୍ୱଦର୍ଶୀ ମହୋଦୟବୃନ୍ଦ ଅନୁକମ୍ପାର ସହିତ ଏହା ଆଦ୍ୟପ୍ରାନ୍ତ ପଢ଼ି ଦେଇପାରିବେ 'ଓଡ଼ିଆ ସ୍ୱତନ୍ତ୍ର ଭାଷା ନୁହେଁ,' ଏହା ବଙ୍ଗଳା ।'' ଭାଷା ବିଲୋପ ପ୍ରୟାସ ସହିତ ଓଡ଼ିଆ ଲିପିର ବିଲୋପ ପାଇଁ ମଧ୍ୟ ପ୍ରବଳ ଉଦ୍ୟମ ସେତେବେଳେ ହୋଇଥିଲା । ୧୮୬୯ ମସିହା ଜୁଲାଇ ମାସର ପ୍ରଥମ ସପ୍ତାହରେ ଯେଉଁଦିନ ଉମାଚରଣ ହାଲଦାର 'କଟକ ଷ୍ଟାର' ନାମକ ଇଂରାଜୀ ପତ୍ରିକାରେ ପ୍ରକାଶ କରିଦେଲେ ଯେ ଓଡ଼ିଆ ଭାଷାକୁ ବଙ୍ଗଳା ଅକ୍ଷରରେ ଲେଖାଯିବା ଉଚିତ, ସେହିଦିନ ଏହି କଥାଟି ଭାଷା ସମସ୍ୟାରେ ନିଆଁରେ ଘିଅ ଢ଼ାଳିଲା ପରି ହେଲା । ଶ୍ରୀ ହାଲଦାରଙ୍କ ଏହି ମନ୍ତବ୍ୟକୁ ଦୃଢ଼ତାର ସହିତ ଖଣ୍ଡନ କରିଥିଲେ ଉତ୍କଳ ଦୀପିକା ପତ୍ରିକା । ପତ୍ରିକାରେ ପ୍ରକାଶ ପାଇଥିଲା ଯେ ଯାହାର ଯେଉଁ ବିଷୟରେ ଜ୍ଞାନ ବା ପ୍ରବେଶ ନାହିଁ ସେ ସେହି ବିଷୟରେ ମନ୍ତବ୍ୟ ଦେବା ଅନୁଚିତ । ସେତେବେଳେ ଓଡ଼ିଆ ଭାଷା ସୁରକ୍ଷା ଆନ୍ଦୋଳନରେ ସେନାପତିର ଭୂମିକା ଗ୍ରହଣ କରିଥିଲେ ଫକୀରମୋହନ ସେନାପତି । କବି ବିଦ୍ୟୁତ୍ ପ୍ରଭାଙ୍କ ଭାଷାରେ–

''ଘୋର ତିମିରିତ ଉଆଁସ ଅନ୍ଧାରେ
ଜାଳି ଚନ୍ଦ୍ରମାବତୀ
ବାସ୍ତବେ ତୁମେ ବୋଲାଇଛ ପରା
ଏ ଜାତିର ସେନାପତି ।''

ଓଡ଼ିଆ ଭାଷାର ସୁରକ୍ଷା ଦିଗରେ ଯେଉଁ ପାଶ୍ଚାତ୍ୟ ବିଦ୍ୱାନମାନେ ଦୃଢ଼ ପଦକ୍ଷେପ ନେଇଥିଲେ ସେମାନଙ୍କ ମଧ୍ୟରେ ଜନ୍ ବିମସ୍, ମିଃ ରେଭେନସା ଓ ଜର୍ଜ ଗ୍ରୀୟରସନ୍ ଅନ୍ତର୍ଭୁକ୍ତ ।

ଜନ ବିମସ୍ ବୃତ୍ତିରେ ପ୍ରଶାସକ ହେଲେ ହେଁ ପ୍ରବୃତ୍ତିରେ ଥିଲେ ଭାଷା ଓ ସାହିତ୍ୟ ପ୍ରେମୀ ଏକ ବଳିଷ୍ଠ ବ୍ୟକ୍ତିତ୍ୱ । ୧୮୬୬ ମସିହାରେ ବାଲେଶ୍ୱରରେ କଲେକ୍ଟର ଥିବାବେଳେ ସେ ଓଡ଼ିଆ ଭାଷା ଓ ସାହିତ୍ୟ ସଂପର୍କରେ ଗଭୀର ଅଧ୍ୟୟନ କରିଥିଲେ । ୧୮୬୭ ମସିହାରେ ତାଙ୍କର Outlines of Indian Philology ଗ୍ରନ୍ଥ ପ୍ରକାଶିତ ହୋଇଥିଲା । ଏଥିରେ ଓଡ଼ିଆ ଭାଷା ସଂପର୍କରେ କିଛି ଚର୍ଚ୍ଚା ଦେଖିବାକୁ ମିଳେ । ତାଙ୍କ ମତରେ ଓଡ଼ିଆ ଏକ ସ୍ୱତନ୍ତ୍ର ଓ ଅଭିନବ ଭାଷା ଅଟେ ।

ଜର୍ଜ ଗ୍ରୀୟରସନ୍‌ଙ୍କର ଓଡ଼ିଆ ଭାଷା ସୁରକ୍ଷା କ୍ଷେତ୍ରରେ ଥିବା ଅବଦାନ ଅବିସ୍ମରଣୀୟ । ତାଙ୍କର Lingustic survey of india ଗ୍ରନ୍ଥରେ ଓଡ଼ିଆ ଭାଷାର ଚର୍ଚ୍ଚା କରାଯାଇଛି । ଶବ୍ଦ ସମ୍ଭାର ଦୃଷ୍ଟିରୁ ବିଚାର କଲେ ଓଡ଼ିଆ ଭାଷା ଭାରତୀୟ ଆର୍ଯ୍ୟଭାଷା ଗୋଷ୍ଠୀରେ ଥିବା ଅନ୍ୟାନ୍ୟ ଭାଷାଠାରୁ ଅଧିକ ସମୃଦ୍ଧ ବୋଲି ସେ ମତ ଦେଇଥିଲେ । ୧୮୭୦ ମସିହା ପରେ କାନ୍ତିଚନ୍ଦ୍ର ଭଟ୍ଟାଚାର୍ଯ୍ୟଙ୍କ ଓଡ଼ିଆ ଭାଷା ବିରୋଧୀ ପ୍ରଚାରର ପ୍ରତିକ୍ରିୟାରେ ଯାହା ଭୂଦେବ ମୁଖୋପାଧ୍ୟାୟ କହିଥିଲେ ତାହା ଉଲ୍ଲେଖଯୋଗ୍ୟ । ସେ ମତ ଦେଇଥିଲେ ଯେ କାନ୍ତିଚନ୍ଦ୍ର ଯେଉଁଠାରେ ଓଡ଼ିଆ ଓ ବଙ୍ଗଳାରେ ମେଳ ଦେଖିଅଛନ୍ତି, ସେହି ସ୍ଥଳରେ ଦୁହିଁଙ୍କୁ ବଙ୍ଗଳା କହିଅଛନ୍ତି । ଯେଉଁ ସ୍ଥଳରେ ଭିନ୍ନ ରୂପ ଦେଖିଛନ୍ତି, ସେହି ସ୍ଥଳରେ ଓଡ଼ିଆକୁ ବିଶୁଦ୍ଧ ବଙ୍ଗଳାର ଅପଭ୍ରଂଶ କହିଛନ୍ତି । ଏହି କି ବିଚାରର ରୀତି ? ଯେଉଁ ସ୍ଥଳରେ ଦୁହିଁଙ୍କର ମେଳ, ସେ ସ୍ଥଳରେ ବଙ୍ଗଳା କାହିଁକି ଓଡ଼ିଆ ହେଲା ନାହିଁ ? ଯେଉଁ ସ୍ଥଳରେ ଦୁହିଁଙ୍କର ମେଳ ନହେଲା ସେ ସ୍ଥଳରେ ବଙ୍ଗଳା କାହିଁକି ଓଡ଼ିଆର ଅପଭ୍ରଂଶ ନହେଲା... ଇତ୍ୟାଦି ? ସମସ୍ୟାର କାରଣ ନିରୂପଣ କରିବା ସହ ସମାଧାନରେ ପହଞ୍ଚିବାର ପ୍ରୟାସ କରି ସେ ପୁନଶ୍ଚ ମନ୍ତବ୍ୟ ଦେଇଥିଲେ ଯେ ବସ୍ତୁତଃ ଓଡ଼ିଆ ବଙ୍ଗଳାର ଅପଭ୍ରଂଶ ନୁହେଁ ଏବଂ ବଙ୍ଗଳା ମଧ୍ୟ ଓଡ଼ିଆର ଅପଭ୍ରଂଶ ନୁହେଁ। ବଙ୍ଗଳା, ଓଡ଼ିଆ ଓ ଆସାମୀ ଏକ ମୂଳରୁ ସମୁତ୍ପନ୍ନ । ଏକ ବୃକ୍ଷର ଭିନ୍ନ ଭିନ୍ନ ଶାଖା ସ୍ୱରୂପ, ଏକ ପ୍ରସୂତିର ଭିନ୍ନ ଭିନ୍ନ ସନ୍ତତି ମାତ୍ର । ମୂଳ ବୃକ୍ଷ କାଳସହକାରେ ଲୋପ ପାଇଯାଇଛି। ଶାଖାମାନ ଆପଣା ଆପଣା ଅନ୍ତର୍ନିହିତ ଶକ୍ତି ପ୍ରଭାବରେ ପରସ୍ପର ନିରପେକ୍ଷ ହୋଇ ପ୍ରାଣ ଧାରଣ କରିଅଛନ୍ତି...ଇତ୍ୟାଦି । ଜନ ବିମସ୍ ମଧ୍ୟ କାନ୍ତିଚନ୍ଦ୍ରଙ୍କର ପୁସ୍ତିକାକୁ ଭାଷା ତତ୍ତ୍ୱ ଆଲୋଚନା ଶୂନ୍ୟ ବୋଲି ମତବ୍ୟକ୍ତ କରିଥିଲେ । ଓଡ଼ିଆ ଭାଷାକୁ ଏକ ସମୃଦ୍ଧ ଭାଷାର ମର୍ଯ୍ୟାଦା ଦେବା ସହିତ ଏହି ଭାଷା ଉପରେ ଏକ ପୁସ୍ତକ ପ୍ରଣୀତ ହେବା ଉଚିତ୍ ବୋଲି ସେ ମତବ୍ୟକ୍ତ କରିଥିଲେ ।

ଏହା ସ୍ୱୀକାର୍ଯ୍ୟ ଯେ ବିଭିନ୍ନ ସ୍ତରରୁ ଚାପ ପଡ଼ିବା ଫଳରେ ଓଡ଼ିଆ ଭାଷା ସୁରକ୍ଷିତ ହୋଇ ରହିବା ସଙ୍ଗେ ସଙ୍ଗେ ଏହାର ସ୍ୱତନ୍ତ୍ରତା ବଜାୟ ରହିଲା ।

୪– ପାଶ୍ଚାତ୍ୟ ସାହିତ୍ୟର ପ୍ରଭାବ :

ଆଧୁନିକ ଓଡ଼ିଆ ଗୀତିକବିତାର ସଂରଚନା ନିମନ୍ତେ ପାଶ୍ଚାତ୍ୟ ସାହିତ୍ୟର ପ୍ରଭାବ ସ୍ୱୀକାର୍ଯ୍ୟ। କବି ମଧୁସୂଦନଙ୍କର କବିତା 'ନିଶୀଥ ଚିନ୍ତା'ରେ କଲ୍‌ରିଜଙ୍କର 'Frost at Midnight' ଏବଂ ଶେଲିଙ୍କର "To the night" କବିତାର ପ୍ରଭାବ ରହିଛି । କବିକୃତ ଅନ୍ୟ ଏକ କବିତା 'ଋଷି ପ୍ରାଣେ ଦେବାବତରଣ' ଶୀର୍ଷକ ରଚନାରେ ମିଲଟନଙ୍କର "On the morning of christ's nativity କବିତାର ଛାୟା ଦେଖିବାକୁ ମିଳେ । କଲରିଜଙ୍କର 'Youth and age' କବିତାର ପ୍ରଭାବ ମଧୁସୂଦନ ରାଓଙ୍କ ରଚିତ 'ନବବସନ୍ତ ଭାବନା' କବିତାରେ ଅନୁଭୂତ ହୁଏ । ଗୋଟିଏ ଉଦାହରଣ ଏଇ ପ୍ରଭାବକୁ ଦର୍ଶାଇବା ନିମନ୍ତେ ଦିଆଯାଇପାରେ ।

"Life is But thought
so think I will
That youth and I am housemates still" *(Coleridge)*

ଏହାର ପ୍ରଭାବରେ ପ୍ରଭାବିତ ହୋଇ ମଧୁସୂଦନ ଲେଖିଛନ୍ତି –

'ଅନାଇଣ ବାରେ ଦେଖରେ ଜୀବ ନିଜ ଅନ୍ତରେ
ଅନନ୍ତ ଜୀବନ ଆଧାର ସତ୍ୟ ଶିବ ସୁନ୍ଦରେ
ଅନନ୍ତ ସରସ ବସନ୍ତ ମଧୁମୟ ଉତ୍ସବ
ଅନନ୍ତ ଜୀବନ ଯୌବନ ମହାନନ୍ଦ ବିଭବ ।'

(ନବ ବସନ୍ତ ଭାବନା)

ମଧୁସୂଦନ ରାଓଙ୍କ 'ନଦୀ ପ୍ରତି' କବିତାରେ Tennyson ଙ୍କ The Brook କବିତାର ପ୍ରଭାବ ଲକ୍ଷ୍ୟକରି ହୁଏ । 'କୁସୁମାଞ୍ଜଳି'ରେ ସନ୍ନିବେଶିତ 'ଆତ୍ମସମର୍ପଣ' କବିତାଟି Willam Cowper ଙ୍କ କାବ୍ୟ Olney Hymes ଅନ୍ତର୍ଗତ Submission କବିତାର ଛାୟାରେ ରଚିତ । 'ନବଜାତ ଶିଶୁ ଦର୍ଶନରେ' କବିତାରେ Wordsworthଙ୍କର Ode to Intimation of Immortality କବିତାର ପ୍ରଭାବ ସ୍ପଷ୍ଟ ଭାବରେ ଲକ୍ଷ୍ୟଣୀୟ । ମଧୁସୂଦନ ଥିଲେ ବହୁପାଠୀ କବି । ସେ ପ୍ରାଚ୍ୟର କାବ୍ୟତତ୍ତ୍ୱ, ଦର୍ଶନ ଓ ଧର୍ମ ଶାସ୍ତ୍ର ପଢ଼ିବା ସଙ୍ଗେ ସଙ୍ଗେ ପାଶ୍ଚାତ୍ୟର କାବ୍ୟତତ୍ତ୍ୱ ତଥା ଦର୍ଶନ ଅଧ୍ୟୟନ କରିଥିଲେ । ସେ ମୁଖ୍ୟତଃ ମାର୍ଟିନ୍, ରସ୍କିନ୍, ଇମର୍ସନ, ଭିକଟ୍‌ର ହ୍ୟୁଗୋ, ମାଥ୍ୟୁ ଆରନୋଲଡ୍, ଟେନିସନ୍, ୱାଡ଼ସୱାର୍ଥ, ଗେଟେ ଓ ଶେଲି ପ୍ରଭୃତି ପାଶ୍ଚାତ୍ୟ କବିମାନଙ୍କର କୃତି ସହିତ ବିଶେଷ ଭାବରେ ପରିଚିତ ଥିଲେ ।

ପଲ୍ଲୀକବି ନନ୍ଦକିଶୋର ମଧ୍ୟ ପାଶ୍ଚାତ୍ୟସାହିତ୍ୟଦ୍ୱାରା କେତେକାଂଶରେ ପ୍ରଭାବିତ ହୋଇଥିଲେ । ଇଂରାଜୀ କବି ଗୋଲଡ଼ ସ୍ମିଥଙ୍କର Deserted village ଦ୍ୱାରା ପ୍ରଭାବିତ ହୋଇ 'ପଲ୍ଲୀଚିତ୍ର' ଶୀର୍ଷକ ସୃଷ୍ଟି ସଂରଚନା କରିଥିଲେ । ତହିଁରୁ ଗୋଟିଏ ପଦ ଏଠାରେ ଉଦାହରଣ ରୂପେ ଦିଆଯାଇପାରେ ।

"The village master taught his little school
A man severe he, was and stern to view
The village all declared how much he knew
It was certain he could measure terms and tides presage"

ପ୍ରଭାବିତ ହୋଇ ନନ୍ଦକିଶୋର ଲେଖିଛନ୍ତି –

''ଗୁରୁଙ୍କର ବିଦ୍ୟା ଅପ୍ରମିତ
ଜାଣନ୍ତି ସେ ଶ୍ଲୋକ ଛାନ୍ଦଗୀତ
ମହାଜନୀ ଜମିଦାରୀ – ହିସାବରେ ଆଣ୍ଠ ଭାରି
ଲେଖାଯୋଖା ଖଡ଼ିପାଠେ ଅତି ଧୂରନ୍ଧର
'ପୁର' 'ଭଉଁରିଆ' ଲେଖା ଅପୂର୍ବ ସୁନ୍ଦର''

Wordsworth ଙ୍କର "To the Cuckoo" କବିତା ଅବଲମ୍ବନରେ ସେ ରଚନା କରିଥିଲେ

'କୋକିଳ ପ୍ରତି' କବିତା ଏବଂ ଜେଲୋଗାନ୍‌ଙ୍କର ରଚିତ Ode to the Cuckoo କବିତା ଅବଲମ୍ବନରେ ସେ ରଚନା କରିଥିଲେ 'କୋକିଳ' ଶୀର୍ଷକ କବିତା । Tennyson ଙ୍କର The Princess କବିତାର ପ୍ରଭାବ ରହିଛି ନନ୍ଦକିଶୋରଙ୍କର 'ବସନ୍ତ କୋକିଳ' କବିତାରେ ।

"O tell her brief is life
But love is long"

ନନ୍ଦକିଶୋରଙ୍କ ଭାଷାରେ –

ନଶ୍ୱର ଜୀବନ ପୁଣି ନଶ୍ୱର ଯୌବନ
ନିଷ୍କପଟ ପ୍ରୀତି କିଛୁ ଅଟେ ଚିରନ୍ତନ

୫ – ପରମ୍ପରାର ଅନୁଶୀଳନ :

ଆଧୁନିକ ଓଡ଼ିଆ ଗୀତି କବିତାର ପ୍ରସ୍ଫୁଟି ଓ ରୂପାୟଣ ନିମନ୍ତେ ପାଶ୍ଚାତ୍ୟ ଶିକ୍ଷା ଓ ସାହିତ୍ୟର ଅବଦାନ ମୁକ୍ତକଣ୍ଠରେ ସ୍ୱୀକାର୍ଯ୍ୟ । ଏହା ସହିତ ଏ କଥା ମଧ୍ୟ ସ୍ମରଣ ଯୋଗ୍ୟ ଯେ ଏଥିରେ ଥିବା ବିଭିନ୍ନ ବିଭାବର ପାଖାପାଖି କିଛି କିଛି ସୃଷ୍ଟି ପୂର୍ବରୁ ଓଡ଼ିଆ ସାହିତ୍ୟରେ ଥିଲା । ଏହି ପରିପ୍ରେକ୍ଷୀରେ ପ୍ରଥମେ ଶୋକଗୀତିର କଥା ବିଚାର କରାଯାଉ । ମଧୁସୂଦନ, ଗଙ୍ଗାଧର, ନନ୍ଦକିଶୋର ଓ ଚିନ୍ତାମଣି ପ୍ରଭୃତି କବିମାନେ ଏ ଦିଗରେ ଲେଖନୀ ଚାଳନା କରିଛନ୍ତି ।

ପୌରାଣିକ ଚରିତ୍ର ମାଧ୍ୟମରେ ଏଗୁଡ଼ିକ ରୂପାୟିତ ହୋଇଥିଲା । ତେବେ ଏ କଥା ସର୍ବବାଦୀ ସମ୍ମତ ଯେ ମଣିଷ ଅଛି ତ ଶୋକ ଅଛି, କରୁଣ ରସ ଅଛି । ଶୋକ କେବେ ଦେଶ, ଜାତି, ଓ ଭାଷା ଭେଦ ମାନେନାହିଁ । ଶୋକ ଅଛି ତ ଶୋକଭିତ୍ତିକ ଗୀତ ଅଛି । ପ୍ରିୟଜନଙ୍କର ବିୟୋଗରେ, ଅନିଷ୍ଟ ଆଶଙ୍କାରେ ମନରେ ଅନୁଭୂତ ଦୁଃଖର ଅନ୍ୟରୂପ ଶୋକ ବୋଲି ପ୍ରାଚ୍ୟ କାବ୍ୟାଦର୍ଶର ଅନ୍ୟତମ ବିଶିଷ୍ଟ ପ୍ରବକ୍ତା ବିଶ୍ୱନାଥ କବିରାଜ କହିଛନ୍ତି –''ଇଷ୍ଟନାଶଃ ବିନିଷ୍ଟାପ୍ତେଃ କରୁଣାଖ୍ୟୋ ରସୋ ଭବେତ୍'' (ସାହିତ୍ୟ ଦର୍ପଣ ୩/୨୨୩) । ଏଠାରେ ଉଲ୍ଲେଖ କରିବା ଅପ୍ରାସଙ୍ଗିକ ହେବ ନାହିଁ ଯେ ଓଡ଼ିଆ ଲୋକଗୀତର ଏକ ବିଶିଷ୍ଟ ବିଭବ ହେଉଛି କାନ୍ଦଣା ଲହରୀ ଯାହା ପ୍ରିୟଜନର ବିୟୋଗରେ ମୁଖ୍ୟତଃ ଉପସ୍ଥାପିତ ହୋଇଥାଏ । ପାଶ୍ଚାତ୍ୟ ସାହିତ୍ୟ ଦ୍ୱାରା ପ୍ରଭାବିତ ଶୋକ ଗୀତିର ରଚନା ପୂର୍ବରୁ ଆମ ସାହିତ୍ୟରେ କେତେକ ବିୟୋଗ ଗୀତି ରଚିତ ହୋଇଛି । ଅବଶ୍ୟ ଏକଥା ଠିକ୍ ଯେ ପୌରାଣିକ ଚରିତ୍ରକୁ ମାଧ୍ୟମ କରି ଏପରି ଲେଖା ସୃଷ୍ଟି ହୋଇଛି । ଉଦାହରଣ ସ୍ୱରୂପ ବିଶ୍ୱନାଥ ଖୁଣ୍ଟିଆଙ୍କର ବିଚିତ୍ର ରାମାୟଣର ସେହି ପଦ୍ୟଟିକୁ ବିଚାରକୁ ଅଣାଯାଉ ଯହିଁରେ ରାବଣ ହାତରେ ରାମଚନ୍ଦ୍ରଙ୍କର କଟାମୁଣ୍ଡ ଦେଖି ସୀତା ଶୋକାକୁଳ ହୋଇପଡ଼ିଛନ୍ତି ଓ କହିଛନ୍ତି –

'ଯେବେ ଲକ୍ଷ୍ମଣ ଗଲେ ପଳାଇ
ମୋର ଶାଶୁଙ୍କୁ କହିବେ ଯାଇ
ସୀତା ନେଇ ଦୈତ୍ୟ ରାମଙ୍କୁ ମାଇଲେ,
ଏହା ଶୁଣିଲେ ଜୀଇଁବେ ନାହିଁ, ରେ ଦଇବ ।'

ଏବେ ସମ୍ବୋଧ ଗୀତିକା ପ୍ରସଙ୍ଗରେ କିଛି ଆଲୋଚନା କରିବା । ଏପରି ଗୀତିକାର ପାଖାପାଖି ଗୀତିକାମାନ ପୂର୍ବରୁ ଅର୍ଥାତ୍ ରୀତିଯୁଗ ଓ ଗୀତିଯୁଗର କବିମାନଙ୍କର ଲେଖନୀରେ ରୂପପ୍ରାପ୍ତ ହୋଇଥିଲା । ସେଥିମଧ୍ୟରୁ ଜଗନ୍ନାଥ ଦାସଙ୍କର 'ଭୁଲା ମନ ଭୁଲୁ କାହିଁକି ?', 'ଅଚ୍ୟୁତାନନ୍ଦଙ୍କର 'ବାଇମନ ହୋ, ବସି ଅବନାବନ', ଯଶୋବନ୍ତ ଦାସଙ୍କର 'ସୁମନ ଆରେ ମୋ ବୋଲ କର', ଶିଶୁ ଅନନ୍ତଙ୍କର 'କାହିଁକିରେ ବାଇମନ ! ଭଙ୍ଗାନାବ ପରେ ବସୁ' – ଏକ ଏକ ଉଚ୍ଚାଙ୍ଗ ସୃଷ୍ଟି । ଭକ୍ତଚରଣଙ୍କ 'ମନବୋଧ ଚଉତିଶା' ଏକ ଉଚ୍ଚକୋଟୀର ଦାର୍ଶନିକ ଅନୁଚିନ୍ତା ଭିତ୍ତିକ ସମ୍ବୋଧନ ମୂଳକ ଗୀତି । ଏହି ପରିପ୍ରେକ୍ଷୀରେ ଡଃ ଜାନକୀବଲ୍ଲଭ ମହାନ୍ତି(ଭରଦ୍ୱାଜ)ଙ୍କ ମତ ଉଲ୍ଲେଖଯୋଗ୍ୟ । ତାଙ୍କ କଥାରେ – ''ମନବୋଧ ଚଉତିଶା ଯେପରି ବୈରାଗ୍ୟ ଉଦ୍ଦୀପକ, ତତ୍ତ୍ୱ ସମ୍ବଳିତ ସେହିପରି ଏହାର ଅନ୍ତଃସ୍ୱରରେ ଗାମ୍ଭୀର୍ଯ୍ୟ ଓ ସାର୍ବଜନୀନତା ନିହିତ । ଏଣୁ ପାଶ୍ଚାତ୍ୟ ପରିଭାଷାନୁଯାୟୀ ଏହାକୁ ସମ୍ବୋଧ ଗୀତି କହିବାକୁ କୁଣ୍ଠାଜାତ ହୁଏ ନାହିଁ ।'' କହିବାର ତାତ୍ପର୍ଯ୍ୟ ଏହି କି ଯେ ଏପରି ରଚନାଗୁଡ଼ିକୁ ଆଧୁନିକ କବିମାନେ ସେମାନଙ୍କର ଆବଶ୍ୟକତା ଅନୁସାରେ ପାଠ କରିଥିଲେ । ଗୋଟିଏ ଉଦାହରଣ ଦେଲେ ପ୍ରସଙ୍ଗଟି ଅଧିକ ସ୍ପଷ୍ଟ ହେବ । କବି ଭକ୍ତଚରଣଙ୍କ ଭାଷାରେ –

'ଚିତ୍ରପ୍ରତିମା ପ୍ରାୟ ଦିଶୁ ସୁନ୍ଦର
ଚିରି ଭିତର ଦେଖ କି ନାରଖାର ଯେ'

(ମନବୋଧ ଚଉତିଶା)

ଏହି ଉକ୍ତି ସହିତ ଭାବସାମ୍ୟ ଓ ଶବ୍ଦସାମ୍ୟ ରଖି ନନ୍ଦକିଶୋର ଉଲ୍ଲେଖ କରିଛନ୍ତି ।

'ଚର୍ମ ଦିଶେ ସୁନ୍ଦର ସାର
ଦେଖ ତା' ଭିତର କି ନାରଖାର'

କବି ନନ୍ଦକିଶୋର ପୂର୍ବସୂରୀମାନଙ୍କୁ ଆଭୂମ ପ୍ରଣାମ ଜଣାଇଛନ୍ତି । ଏଥିରୁ ତାଙ୍କର ପ୍ରତିଭାପୂଜା ଓ ପୂଜ୍ୟପୂଜା ପ୍ରତି ଥିବା ଆନ୍ତରିକତା ପ୍ରକଟିତ ହୋଇଛି ।

ମଧ୍ୟଯୁଗର ବରଣୀୟ କବିମାନଙ୍କୁ ସ୍ମରଣ କରି ସେ କହିଛନ୍ତି :–

'ବାଣୀ ବରପୁତ୍ର ଉପେନ୍ଦ୍ର କବି
ସାହିତ୍ୟ ଗଗନେ ପ୍ରଦୀପ୍ତ ରବି
ଦୀନକୃଷ୍ଣ ଅଭିମନ୍ୟୁ ସାମନ୍ତ
କବିସୂର୍ଯ୍ୟ ବିଶି ସଂଖ୍ୟା ଅନନ୍ତ

ବାଣୀବନରେ ବିହାର
କରି ମାତୃକଣ୍ଠେ ଲୟାଇଣ ଦେଲେ
କବିତା କୁସୁମ ହାର'

(ଉତ୍କଳମଙ୍ଗଳ ଗୀତ)

ଓଡ଼ିଆ ଲୋକଗୀତର ଅନୁପମ ଭାବଲାବଣ୍ୟରେ ମୁଗ୍ଧହୋଇ ସ୍ୱରଚିତ କେତେକ ଗୀତି କବିତାରେ ତହିଁରୁ ପଦେପଦେ ନନ୍ଦକିଶୋର ସଂଯୋଜିତ କରିଛନ୍ତି । ଉଦାହରଣ ସ୍ୱରୂପ 'ନବ ବର୍ଷା ଭାବନା'ରେ କବି କହିଛନ୍ତି –

'ମେଘ ବରଷିଲା ଟପର ଟପର
କେଶୁର ମାଇଲା ଗଜା
କେଉଁ ରାଇଜରେ ରହିଲେ ମୋ ରାଜା
ତେଲିଙ୍ଗି ବାଇଦବଜା ।'

ନିଜମାଟିର ତଥା ସଂସ୍କୃତିର ପ୍ରତିବିମ୍ବ ନନ୍ଦକିଶୋରଙ୍କ କେତେକ ଗୀତିକବିତାରେ ପରିଦୃଷ୍ଟ ହୁଏ । ବିଶେଷତଃ 'ନିର୍ଝରିଣୀ' ଗୀତିଗୁଚ୍ଛରେ ଏହା ଅଧିକ ସ୍ପଷ୍ଟ । ଏ ସମ୍ପର୍କରେ ଭକ୍ତକବି ମଧୁସୂଦନ ରାଓଙ୍କ ମତାମତ ଏହିପରି – 'ନବବର୍ଷ ଭାବନା' ଓ 'କାକବାରତା' ଶୀର୍ଷକ କବିତାଦ୍ୱୟ ପଢ଼ି ମୁଁ ଅତ୍ୟନ୍ତ ପ୍ରୀତି ଓ ଆନନ୍ଦ ଲାଭ କରିଅଛି । ସ୍ୱଦେଶୀୟ ଭାବ ମାଧୁରୀସ୍ନିଗ୍ଧ ସ୍ୱଦେଶୀୟ ଶତ ବାଲ୍ୟସ୍ମୃତି ପବିତ୍ରିତ ଏବଂ ଓଡ଼ିଶାର ଅକୃତ୍ରିମ ଜାନପଦ ଭାବୋଚ୍ଛ୍ୱାସ ସମ୍ବଳିତ ଏପରି ମଧୁମୟ ମର୍ମସ୍ପର୍ଶୀ ବିଚିତ୍ର କଳାସଂଗୀତ ଆଧୁନିକ ଉତ୍କଳ ସାହିତ୍ୟ କୁଞ୍ଜରେ ଇତି ପୂର୍ବ କୂଜିତ ହୋଇନଥିଲା, କହିଲେ ଅତ୍ୟୁକ୍ତି ହେବ ନାହିଁ ।'' (ନିର୍ଝରଣୀର ମୁଖବନ୍ଧ)

ଚିନ୍ତାମଣି ମହାନ୍ତି ଥିଲେ ଭଂଜକବିଙ୍କର ବିଦଗ୍ଧ ପାଠକ ଓ ମୁଗ୍ଧ ପ୍ରଶଂସକ । ଗଙ୍ଗାଧର ମେହେରଙ୍କର ସୃଷ୍ଟିସମ୍ଭାରର କେତେକାଂଶରେ ତାଙ୍କ ପୂର୍ବରୁ ରଚିତ ଓଡ଼ିଆ ସାହିତ୍ୟର କେତେକ ପ୍ରଭାବ ପରିଦୃଷ୍ଟ ହୁଏ । 'ଚନ୍ଦ୍ର ରଜନୀ' ଗୀତିକବିତାରେ ଏହି ପ୍ରଭାବ ମୂର୍ତ୍ତିମନ୍ତ । ଚାନ୍ଦିନୀ ରାତିରେ ଦୁଇଜଣ ଯୁବବନ୍ଧୁ ଆନନ୍ଦିତ ହୋଇ ଭଂଜକବିଙ୍କ 'ପ୍ରେମ ସୁଧାନିଧି' କାବ୍ୟର ଅଂଶ ବିଶେଷକୁ ଏହି କବିତାରେ ଗାନ କରିଛନ୍ତି । ଜଣଙ୍କ ପରେ ଜଣେ ବନ୍ଧୁ ଗାଇ ଚାଲିଛନ୍ତି –

'ନିର୍ମଳ ଚନ୍ଦ୍ର ମଣ୍ଡଳ ଶରଦେ ବିରାଜି'
ଚନ୍ଦ୍ରେ ଚାହିଁ ମୁଦେ ଗାଏ କେ ରସିକ ବର
'ଦିଶେ ଯଥା ଦର୍ପକ ଦର୍ପଣେ ଥିଲେ ମାଜି'
ଗାଏ ତହିଁ ପଛେ ତାର ପ୍ରିୟ ସହଚର ।'

ଗୋପବନ୍ଧୁଙ୍କର 'ଅବକାଶ ଚିନ୍ତା'ରେ ପୂର୍ବସୂରୀଙ୍କ ସ୍ମୃତିପ୍ରତି ଗଭୀର ଶ୍ରଦ୍ଧାଞ୍ଜଳି ଅର୍ପିତ ହୋଇଛି । ସେହି ସୂରୀମାନଙ୍କ ଭିତରେ ସାରଳା ଦାସ, ବଳରାମ ଦାସ, ଜଗନ୍ନାଥ ଦାସ, ଉପେନ୍ଦ୍ର ଭଂଜଙ୍କ ନାମ ଉଲ୍ଲେଖଯୋଗ୍ୟ । କବି ବିଦ୍ୟୁତପ୍ରଭା କେତେଜଣ ମଧ୍ୟଯୁଗୀୟ କବିଙ୍କ ନାମରେ କ୍ଷୁଦ୍ର ଅଥଚ ଭାବୋଦ୍ଦୀପକ ଏକଏକ ଗୀତିକବିତା ଲେଖିଛନ୍ତି । କବି ଅଭିମନ୍ୟୁଙ୍କ ଉଦ୍ଦେଶ୍ୟରେ ସେ କହିଛନ୍ତି –

'ବନ୍ଦେ ତବ ପାଦ ସାମନ୍ତ ସିଂହାର
ଭକତି ଅରଘ ଢାଳି
ସାରଦା ମନ୍ଦିରେ ଭକତି ପ୍ରଦୀପ
କି ଲଗନେ ଗଲ ଜାଳି'

ଉଦାହରଣ ରୂପେ କେତେଜଣ କବିଙ୍କର ପଦେ ଅଧେ ଉପସ୍ଥାପିତ ହେଲା, ଏହା ବାହାରେ ଆଉ କେତେ କବିଙ୍କର ପରଂପରା ଦ୍ୱାରା ପ୍ରଭାବିତ ଅନେକ ଗୀତି କବିତା ରହିଛି, ଯାହାର ଉଲ୍ଲେଖ ଓ ଆଲୋଚନା ସ୍ୱତନ୍ତ୍ର ଭାବରେ କରାଯାଇପାରେ ।

◆◆◆

ସ୍ୱାଧୀନତା ପୂର୍ବବର୍ତ୍ତୀ ଓଡ଼ିଆ ଗୀତିକବିତାର ସ୍ୱର ଓ ସ୍ୱରୂପ

(୧୮୭୬ – ୧୯୫୦)

କବିତାର ମାନଚିତ୍ର- ଡଃ ଜାନକୀ ବଲ୍ଲଭ ମହାନ୍ତି (ଭରଦ୍ୱାଜ)

ସାହିତ୍ୟର ଏକ ବଳିଷ୍ଠ ବିଭାଗ ଭାବରେ ଗୀତିକବିତା ପରିଚିତ । ଏଥିରେ କ୍ଷଣିକର ଶାଣିତ ଅନୁଭବ ସ୍ୱତଃ ପ୍ରକଟିତ । ଭାବାବେଗର ଆବେଗରେ ଏହା ଯେତିକି ସାର୍ଥକ, ଛନ୍ଦମୟତାର ମଧୁର ସ୍ପର୍ଶରେ ସେତିକି ମନୋମୁଗ୍ଧକର । ମନକୁ ମନ ସହିତ ବାନ୍ଧିବା ପାଇଁ ଏହା ଅନୁପମ ଲାବଣ୍ୟର ଏକ ସୁରମ୍ୟ ସୂତ୍ର । ଥରେ ଦୁଇଥର ଆଗ୍ରହରେ ପଢ଼ିଦେଲେ ବା ଶୁଣିଦେଲେ ଏଥିରୁ ବହୁଳାଂଶ ମନେ ରହିଯାଏ । ଦୁଃଖର ମୁହୂର୍ତ୍ତରେ ବା ସୁଖର ମୁହୂର୍ତ୍ତରେ ସ୍ୱତଃ ଝରିଆସେ ତୁଣ୍ଡରୁ ଏହି ପଂକ୍ତିମାଳା । ଗୀତିକବିତାରେ ଯେଉଁ ଅପୂର୍ବ ମଧୁରିମା ଥାଏ, ତାହାକୁ ସ୍ୱତଃ ଚୁଡ଼ିହୁଏ, ଅନୁଭବ କରିହୁଏ । କାରଣ ଅନୁଭବରୁ ଏହାର ସୃଷ୍ଟି ଓ ଅନ୍ୟର ଅନୁଭବ ନିମନ୍ତେ ଏହାର ଅଭିବ୍ୟକ୍ତି । ଅନ୍ୟ ଭାଷାରେ କହିଲେ ହେବ ଯେ ଅନୁଭବ ହିଁ ଗୀତିକବିତାର ଭିତ୍ତି । ଫଗୁଣ ଫୁଲର ମିଠାମିଠା ବାସ, କୋଇଲିର କୁହୁଗାନ, ଅଳିର ଗୁଞ୍ଜରଣ, ଧୀର ପବନର ସ୍ନିଗ୍ଧସଞ୍ଚରଣ ଏକାଧାରରେ ଏଥିରେ ଉପଲବ୍ଧ । ଅବୟବରେ ଗୀତିକବିତା ସଂକ୍ଷିପ୍ତ ହେଲେ ମଧ୍ୟ ପ୍ରଭାବରେ ସୁଦୂରପ୍ରସାରୀ । ଶବ୍ଦକୁ ଶବ୍ଦ ଖଞ୍ଜିଦେଲେ ଗୀତିକବିତା ହୁଏ ନାହିଁ, ଶବ୍ଦର ଶଯ୍ୟାରେ ଭାବର ପ୍ରବାହ ହିଁ ସାର୍ଥକ ଗୀତିକବିତାର ଅସଲ ସ୍ୱରୂପ । ସେ ପ୍ରବାହର ନିଜସ୍ୱ ଛନ୍ଦ ଅଛି, ଯାହାକୁ ଅନ୍ତଃକର୍ଣ୍ଣରେ ଶୁଣିହୁଏ, ନିଜସ୍ୱ ରଙ୍ଗଅଛି ଯାହାକୁ ଅନ୍ତଃଚକ୍ଷୁରେ ଦେଖିହୁଏ । ବ୍ୟକ୍ତିଜୀବନର ବାସ୍ତବତା ମଧ୍ୟ ଏଥିରେ ରୂପାୟିତ ହୋଇଥାଏ । ଜୀବନକୁ ଦେଖିବାକୁ ଏହା ଏକ ବିମୁକ୍ତ ଗବାକ୍ଷ । ଅଳ୍ପଶବ୍ଦରେ ବହୁ କଥା ଏଥିରେ କୁହାଯାଏ । ନିର୍ବାଚିତ ଶବ୍ଦର ଫୁଲ ସମ୍ଭାରରେ ରଚିତ ଶୋଭନୀୟ ମାଳା ହେଉଛି ଗୀତିକବିତା । ଯେତେଥର ମନନୟନରେ ଦେଖିଲେ ସେତେଥର ନୂଆ ନୂଆ ଲାଗେ, କ୍ଲାନ୍ତି ବା ବିରକ୍ତି ଆସେ ନାହିଁ । ନିତ୍ୟ ନୂତନ ଭାବବିଳାସ ତହିଁରୁ ଉଙ୍କୁଟି ଉଠେ । ପ୍ରାଣର ଭିନ୍ନ ଭିନ୍ନ ପରିତଳରେ ତାହାର ସ୍ପର୍ଶ ସଞ୍ଚରିଯାଏ । ପଲ୍ଲୀକବି ନନ୍ଦକିଶୋର ବଳ ସ୍ୱରଚିତ 'କବି ରାଧାନାଥ ଓ ତଦୀୟ କବିତା' ପ୍ରବନ୍ଧରେ କହିଛନ୍ତି – ***''ଯେଉଁ କବିତାରେ କବିଙ୍କର***

ହୃଦୟ ଉଦ୍ଦାମ ଉଚ୍ଛ୍ୱାସ ପ୍ରକାଶିତ ହୁଏ ଏବଂ ଯାହା ସଂଗୀତ ରୂପରେ ସ୍ୱରଲୟାଦି ସହକାରେ ସୁଗେୟ, ତାହା ଗୀତିକବିତା'' ।

ଗୀତିକବିତାର ଆକର୍ଷଣ ସର୍ବବାଦୀ ସମ୍ମତ । ସାହିତ୍ୟର ରସଘନ ସାନ୍ଦ୍ରସୁନ୍ଦର ଅଭିବ୍ୟକ୍ତି ଭାବେ ଏହାର ପ୍ରତିଷ୍ଠା ସ୍ୱତନ୍ତ୍ର । ଗିରିଝରଣା ପରି ସ୍ୱତଃ ପ୍ରବାହିତ ଏଇ ଗୀତିକବିତାର ସଂଜ୍ଞା ନିରୂପଣ ଅତ୍ୟନ୍ତ କଷ୍ଟସାଧ୍ୟ । ବ୍ୟକ୍ତିନିଷ୍ଠ ଜୀବନ ଚିନ୍ତା ଏହାର ମୌଳିକତା ।

କେତେକ ମନେକରନ୍ତି ଯେ ଗୀତିକବିତା ରଚନା ଅପେକ୍ଷାକୃତ ସହଜ । ପୁଣି କେତେକ କହନ୍ତି ଯେ ଗୀତିକବିତାରେ ହୃଦୟର ବାର୍ତ୍ତା ସ୍ପଷ୍ଟତଃ ପ୍ରକାଶ କରିବା ସମ୍ଭବ ନୁହେଁ । ପ୍ରକୃତରେ କଥାଟି ସେପରି ନୁହେଁ । ବରଂ ହୃଦୟାନୁଭବର ପୁଙ୍ଖାନୁପୁଙ୍ଖ ବିଶ୍ଳେଷଣାତ୍ମକ ଅଭିବ୍ୟକ୍ତି ଗୀତିକବିତାରେ ସମ୍ଭବ ହୋଇଥାଏ ।

ବିଭିନ୍ନ ଉପାଦାନରେ ଏହା ସଂଗଠିତ ଓ ସୁଗଠିତ ହୋଇଥାଏ । ତହିଁରୁ ଏକ ବିଶିଷ୍ଟ ଉପାଦାନ ହେଉଛି 'ସାଙ୍ଗୀତିକତା' । ସାଙ୍ଗୀତିକତାକୁ ବାଦ୍ ଦେଲେ ଗୀତିକବିତା ହେବ ବିକଳାଙ୍ଗ, ବିକୃତ । ପ୍ରାଚୀନ କାଳରେ ୟୁରୋପରେ ଲାୟାର ନାମକ ଏକ ବାଦ୍ୟଯନ୍ତ୍ର ବ୍ୟବହୃତ ହେଉଥିଲା । ଏହି ଲାୟାର ସାହାଯ୍ୟରେ ଗାନ କରାଯାଉଥିବା ସଂକ୍ଷିପ୍ତ ରଚନାକୁ ପରବର୍ତ୍ତୀ ସମୟରେ ଲିରିକ ବୋଲି କୁହାଗଲା । ଏକଥା କହିବାର ତାତ୍ପର୍ଯ୍ୟ ଏହି କି ଯେ ଗୀତିକବିତା ତାହାର ଜନ୍ମଲଗ୍ନରୁ ସଂଗୀତମୟତା ସହ ସଂଶ୍ଳିଷ୍ଟ। Lyric ର ସଂଜ୍ଞା ନିରୂପଣ କରାଯାଇ – "Merrim websters encyclopedia of literature" ଗ୍ରନ୍ଥରେ କୁହାଯାଇଛି "A verse or poem that can or supposedly can be sung to the accopaniment of a musical instrument (In ancient times, usually a Lyre) or that Expressess intense personal Emotion in a manner suggestive of a song." ଏକଥା ସର୍ବଦାବାଦୀ ସମ୍ମତ ଯେ ଗୀତି କବିତାରେ ସ୍ରଷ୍ଟା ହୃଦୟର ଅନିର୍ବଚନୀୟ ଅଲକ୍ଷ୍ୟ ଆୟତନରୁ ଝରି ଆସେ ଗୀତିମୟତାର ଅନ୍ତରୀଣ ପ୍ରବାହ ।

ଅନୁଭବ ଯେତେ ଶାଣିତ ଓ ସୂକ୍ଷ୍ମ ହେବ, ଗୀତିକବିତା ପାଇଁ ତାହା ସେତେ ଉପଯୋଗୀ ହେବ ।

ପ୍ରାଚ୍ୟ ଓ ପାଶ୍ଚାତ୍ୟର ଶିକ୍ଷା, ସଭ୍ୟତା ଓ ସଂସ୍କୃତି ଭିତରେ ଏବଂ ଭାବଗତ ଆବଶ୍ୟକୀୟ ଉପାଦାନର ସମନ୍ୱୟର ଫଳଶ୍ରୁତି ସ୍ୱରୂପ ଆଧୁନିକ ଓଡ଼ିଆ ସାହିତ୍ୟର ଉଦ୍‌ଭବ ହୋଇଛି । ଆଧୁନିକ ଓଡ଼ିଆ ଗୀତିକବିତା ହେଉଛି ଗଳ୍ପ, ନାଟକ, ଉପନ୍ୟାସ ଓ ପ୍ରବନ୍ଧ ପରି ଏକ ବିଶିଷ୍ଟ ବିଭାଗ । ଏହାର ସ୍ୱାଦ ପ୍ରାଚୀନ ଓ ମଧ୍ୟଯୁଗୀୟ ଗୀତିକବିତା ଠାରୁ ଭିନ୍ନ । ଆଙ୍ଗିକ ଓ ଆତ୍ମିକ କ୍ଷେତ୍ରରେ କେତେକ ନୂତନତ୍ୱ ଏଥିରେ ଲକ୍ଷ୍ୟଣୀୟ। ଆଧୁନିକ ଓଡ଼ିଆ ଗୀତିକବିତାର ପ୍ରକାର ଭେଦ ସଂପର୍କରେ କିଞ୍ଚିତ ଆଲୋଚନା କରିବା ।

୧. ଶୋକଗୀତି :

ପାଶ୍ଚାତ୍ୟ ସାହିତ୍ୟର Elegyର ଆଦର୍ଶ ଅନୁସରଣରେ ଆଧୁନିକ ଓଡ଼ିଆ ସାହିତ୍ୟରେ ମଧୁସୂଦନ

ରାଓ ପ୍ରଥମେ ଶୋକଗୀତି ରଚନା କଲେ । Merrim websters Encyclopedia of Literature ରେ Elegy ର ସଂଜ୍ଞା ନିରୂପଣ କରାଯାଇ କୁହାଯାଇଛି *" Elegy is a song or poem expressing sorrow, lamentation, esspecially for one who is dead."* ମଧୁସୂଦନ ରାଓ ପ୍ରଥମ କରି ଦେଶର ଏବଂ ବିଦେଶର କେତେକ ବିଶିଷ୍ଟ ବ୍ୟକ୍ତିଙ୍କ ତିରୋଧାନରେ ଶୋକଗୀତିକା ରଚନା କରିଛନ୍ତି । ତାଙ୍କ ରଚିତ ଶୋକଗୀତିଗୁଡ଼ିକ ମଧ୍ୟରେ 'କବି ରାଧାନାଥ ରାୟ', 'ପରଲୋକଗତ ସୁଲକ୍ଷଣା ଦେବୀ' 'ଦେବାତ୍ମା ପ୍ୟାରୀମୋହନ ଆଚାର୍ଯ୍ୟ', 'ମହାଦେବୀ ଭିକ୍‌ଟୋରିଆ' 'ମହର୍ଷି ଦେବନ୍ଦ୍ରନାଥ ଠାକୁର' ଅନ୍ୟତମ ।

ଅନ୍ୟତମ ସାର୍ଥକ ସ୍ରଷ୍ଟା ବ୍ୟାସକବି ଫକିରମୋହନଙ୍କ ଜୀବନର ଅନୁଭବ ମୁଦ୍ରାଙ୍କ ତାଙ୍କ ରଚିତ ଶୋକଗୀତି ଗୁଡ଼ିକରେ ଅଧିକ ଦେଖିବାକୁ ମିଳେ । ପୁତ୍ର ମନମୋହନ ଓ ପତ୍ନୀ କୃଷ୍ଣକୁମାରୀଙ୍କ ବିୟୋଗରେ କବି ଚିତ୍ତର ଆଲୋଡ଼ନ ଏହା ମାଧ୍ୟମରେ ପ୍ରକାଶିତ । ତନ୍ମଧ୍ୟରେ 'ହସି ହସି ଗଲାମତେ କନ୍ଦାଇକନ୍ଦାଇ', 'ପୁଣି କି ଦେଖିବି ସେହି ସହାସ୍ୟ ବଦନ','ମୃତ ଶିଶୁପୁତ୍ର ମନମୋହନ' ଅନ୍ତର୍ଭୁକ୍ତ । ଫକୀରମୋହନଙ୍କ ବିରଚିତ ବହୁ କବିତାରେ ତାଙ୍କ ବ୍ୟକ୍ତିଗତ ଜୀବନର ସୁଖଦୁଃଖ ଉପସ୍ଥାପିତ । ବିଶେଷତଃ ତାଙ୍କ ପତ୍ନୀ ବିୟୋଗ ବିଧୂର ପ୍ରାଣର ଆକୁଳତା ଏପରି କବିତାଗୁଡ଼ିକରେ ଅଧିକ ପ୍ରକଟିତ । ପତ୍ନୀ ବିୟୋଗଜନିତ ଦୁଃଖର ଚିତ୍ରରୁ କିଛି ଏହିପରି –

ଲୀଳା କରୁଥିଲା ନୀଳ ବାରିଦେ ଚପଳା
ଦେଖି ତୃପ୍ତ ହେଉଥିଲା ମୋହ ନେତ୍ରଡୋଳା
ଅନନ୍ତ ଆକାଶେ ଗଲା ସହସା ଉଭାଇ
ହସି ହସି ଗଲା ମୋତେ କନ୍ଦାଇ କନ୍ଦାଇ ।।

(ହସି ହସି ଗଲା ମତେ କନ୍ଦାଇ କନ୍ଦାଇ)

ମଧୁସୂଦନ ରାଓଙ୍କ ସ୍ମୃତିରେ ଚିନ୍ତାମଣି ମହାନ୍ତି 'ଅଶ୍ରୁପାତ' ଏବଂ ଅଭିରାମ ଭଂଜଙ୍କ ସ୍ମୃତିରେ 'ତପ୍ତ ଶ୍ୱାସ' ଶୀର୍ଷକ ଶୋକଗୀତି ରଚନା କରିଛନ୍ତି । ଏଥିରେ କବି ଚିନ୍ତାମଣିଙ୍କର ଭାବାନୁସାରୀ ଭାଷା ପ୍ରୟୋଗ ଦକ୍ଷତା ଲକ୍ଷଣୀୟ । ମଧୁସୂଦନ ରାଓଙ୍କୁ ଉତ୍କଳମାତାଙ୍କର ରଙ୍କୁଣୀଧନ ବୋଲି କବି ଚିନ୍ତାମଣି ଅଭିହିତ କରିଛନ୍ତି ।

ଦୀନ ଉତ୍କଳମାତା ରଙ୍କୁଣୀଧନ ।
ଗତାୟୁ ଭକ୍ତକବି ମଧୁସୂଦନ ।।

ଗଙ୍ଗାଧରଙ୍କ ଦ୍ୱାରା ରଚିତ କେତେଗୋଟି ଶୋକ କବିତା ମଧ୍ୟରେ 'ମଧୁସୂଦନଙ୍କ ସ୍ୱର୍ଗାରୋହଣ', 'ସ୍ୱର୍ଗୀୟ କବିବର ରାଧାନାଥ ରାୟ', 'ସ୍ୱର୍ଗୀୟା କୃଷ୍ଣକୁମାରୀ', 'ଫକୀରମୋହନଙ୍କ ମୃତ୍ୟୁଶଯ୍ୟା ନିକଟରେ ଉତ୍କଳମାତାର ରୋଦନ' ପ୍ରଭୃତି ପ୍ରଧାନ । ଦିନେ ଜନ୍ମ ହେଲେ ଦିନେ ମୃତ୍ୟୁ ଅଛି ଏ କଥା ଜାଣିଲେ ମଧ୍ୟ ମନ ବିବ୍ରତ ହୋଇପଡୁଛି, ଚାରିଦିଗରେ ହାହାକାର ଶୁଭୁଛି, ଉତ୍କଳର ମୁଖ ନିସ୍ପ୍ରଭ

ଦିଶୁଛି ଇତ୍ୟାଦି କଥା। କବି ଗଙ୍ଗାଧର 'ମଧୁସୂଦନଙ୍କ ସ୍ୱର୍ଗାରୋହଣ' ଶୀର୍ଷକ କବିତାରେ କହିଛନ୍ତି ।

ଚାରିଆଡ଼େ ଶୁଭୁଅଛି ହାହାକାର ରବ ।
ଉତ୍କଳର ଚାରୁମୁଖ ଦିଶୁଛି ନିଷ୍ପ୍ରଭ ।।

ଗଙ୍ଗାଧର ସମ୍ରାଟ ସପ୍ତମ ଏଡ୍‌ୱାର୍ଡ଼ଙ୍କ ବିୟୋଗରେ ରଚନା କରିଛନ୍ତି 'ମହାପ୍ରୟାଣ' । ପୁନଶ୍ଚ ବରପାଲିର ଜଣେ ଛାତ୍ର ଧନଞ୍ଜୟ ସିଂହ କଟକରେ ଆଇ.ଏ. ପଢୁଥିବା ବେଳେ ମୃତ୍ୟୁବରଣ କରିବାରୁ ତାଙ୍କର ବିୟୋଗରେ କବି ଗଙ୍ଗାଧର 'ସ୍ୱର୍ଗତ ଧନଞ୍ଜୟ ସିଂହ' ଶୀର୍ଷକ ଶୋକଗୀତି ଏବଂ ସ୍ୱଦେଶପ୍ରେମୀ କାଶୀନାଥ ପଣ୍ଡାଙ୍କ ବିୟୋଗରେ 'ସ୍ୱର୍ଗତ କାଶୀନାଥ ପଣ୍ଡାଙ୍କ ପ୍ରତି' ଶୀର୍ଷକ ଶୋକଗୀତି ରଚନା କରିଛନ୍ତି । ଫକୀରମୋହନଙ୍କ ମୃତ୍ୟୁଶଯ୍ୟା ନିକଟରେ ଉପସ୍ଥିତ ଉତ୍କଳମାତାଙ୍କର ରୋଦନରେ କବି ଫକୀରମୋହନଙ୍କ ମହତ୍ତ୍ୱ ପ୍ରଧାନତଃ ପ୍ରକଟିତ । ଫକୀରମୋହନଙ୍କ ମୃତ୍ୟୁପୂର୍ବରୁ ରାଧାନାଥ ଓ ମଧୁସୂଦନ ରାଓଙ୍କର ମହାପ୍ରୟାଣ ଘଟିଥିଲା । ଉତ୍କଳ ଏକ ଜଡ଼ଭୂଖଣ୍ଡ ନୁହେଁ, ଏକ ଜୀବନ୍ତସତ୍ତା । ଏହାର ସୁଖଦୁଃଖ ଅନୁଭବ କରିବାର ବିପୁଳ ସାମର୍ଥ୍ୟ ରହିଛି ।

ସନ୍ତାନବତ୍ସଳା ସେହି ଜନନୀଙ୍କର ମମତାର ପଟାନ୍ତର ନାହିଁ । ଏ କଥା କବି ହୃଦୟଙ୍ଗମ କରିବା ସହିତ ଉତ୍କଳ ଜନନୀଙ୍କ ମୁଖରେ 'ଫକୀରମୋହନଙ୍କ ମୃତ୍ୟୁଶଯ୍ୟା ନିକଟରେ ଉତ୍କଳମାତାର ରୋଦନ' କବିତାରେ କହିଛନ୍ତି –

ମୋ ରାଧୁମଧୁ ଗଲେ ଯେଉଁ ବିଦେଶ
ଦେଲେ ତ ନାହିଁ ଆଜି ଯାଏ ସନ୍ଦେଶ
ତୁହି କି ସେହି ଦେଶେ ଗଲୁରେ ଚାଲି
ପାରିଲି ନାହିଁ ତୋ'ର ପଥ ଓଗାଳି ।

ନନ୍ଦକିଶୋର ବଳ କେତେକ ଶୋକଗୀତି ରଚନା କରିଛନ୍ତି । ତନ୍ମଧ୍ୟରେ 'ପରଲୋକଗତ ମଧୁସୂଦନ','ସ୍ୱର୍ଗତ ମହାରାଜା ଶ୍ରୀରାମଚନ୍ଦ୍ର', 'ସ୍ୱର୍ଗତ ପଣ୍ଡିତ ମୃତ୍ୟୁଞ୍ଜୟ', 'ସ୍ୱର୍ଗତ ଅଭିରାମଭଞ୍ଜ', 'ସ୍ୱର୍ଗତ କବି ଫକିରମୋହନ' ପ୍ରଭୃତି ପ୍ରଧାନ ।

ସତ୍ୟବାଦୀ ଯୁଗର ଅନ୍ୟତମ ସାଧକ ସ୍ରଷ୍ଟା ପଣ୍ଡିତ କୃପାସିନ୍ଧୁ ମିଶ୍ରଙ୍କ ଅକାଳ ବିୟୋଗରେ ତାଙ୍କର ଧର୍ମପତ୍ନୀ ଏକ ପୁସ୍ତିକା ପ୍ରଣୟନ କରିଥିଲେ । ଏହାର ନାମ ହେଉଛି 'ଶୋକଧାରା' । ଏଥିରେ ତାଙ୍କ ବିଦୀର୍ଣ୍ଣ ହୃଦୟର ଚିତ୍ର ପ୍ରକଟିତ । ଯେ କୌଣସି ସହୃଦୟ ପାଠକ ଏହାକୁ ପଢ଼ି ଶୋକାଭିଭୂତ ନ ହୋଇ ରହିପାରିବେ ନାହିଁ। ଅତୀତରେ ଓଡ଼ିଶାରେ ବିପଦଆପଦ ବେଳେ ବିଶେଷତଃ ସ୍ୱାମୀଙ୍କର ସୁସ୍ଥତା ମନାସି ଭିନ୍ନ ଭିନ୍ନ ଦେବୀଙ୍କ ପାଦତଳେ ଅଳଙ୍କାରମାନ ଗଭୀର ବିଶ୍ୱାସ ସହ ସ୍ତ୍ରୀ ରଖୁଥିଲେ । ସ୍ୱାମୀ ସୁସ୍ଥ ହେଲାପରେ ସେହି ଅଳଙ୍କାରଗୁଡ଼ିକ ଦେବୀଙ୍କ ପାଦତଳୁ ଆଣି ପିନ୍ଧୁଥିଲେ । ପଣ୍ଡିତ କୃପାସିନ୍ଧୁଙ୍କ ପତ୍ନୀ ସାବିତ୍ରୀଦେବୀ ସ୍ୱାମୀଙ୍କର ଘୋର ଅସୁସ୍ଥତା ବେଳେ ତାହା କରିଛନ୍ତି ମାତ୍ର ଭାଗ୍ୟର କ୍ରୂର ପରିହାସରେ ତାଙ୍କର ସମସ୍ତ ଆଶା ମଉଳି ଯାଇଛି, ପଣ୍ଡିତ କୃପାସିନ୍ଧୁଙ୍କର ମୃତ୍ୟୁ

ହୋଇଯାଇଛି । ଅକାଳ ବୈଧବ୍ୟର ଶିକାର ହୋଇ ସାବିତ୍ରୀଦେବୀ ଆଉ ସେହି ଅଳଙ୍କାର ଗୁଡ଼ିକୁ ପିନ୍ଧି ପାରି ନାହାନ୍ତି । ସ୍ୱତଃସ୍ଫୂର୍ତ୍ତ ଭାବରେ ଝରିପଡ଼ିଛି କେତେଗୋଟି କବିତା ଯହିଁରେ କୃପାସିନ୍ଧୁ ମିଶ୍ରଙ୍କର ଜୀବନର ବହୁଘଟଣା, ସ୍ମୃତି ଓ ଜୀବନ ଚର୍ଯ୍ୟାର ଅକପଟ ଚିତ୍ର ଉପସ୍ଥାପିତ ହୋଇଛି । କୃପାସିନ୍ଧୁଙ୍କର ମୃତ୍ୟୁର ଅବ୍ୟବହିତ ପରେ ଏହି 'ଶୋକଧାରା' ପ୍ରକାଶିତ ହୋଇଥିଲା। ମର୍ମଫଟା କୋହକୁ ଶବ୍ଦାୟିତ କରି ସାବିତ୍ରୀଦେବୀ ଯାହାସବୁ କହିଥିଲେ ସେଥିରୁ କିଛିଅଂଶ ଏହିପରି –

କିଏ ଜାଣିଥିଲା ଅଭିଷେକ ବେଳେ ରାମ ଯିବେ ବନବାସ ?
କିଏ ଜାଣିଥିଲା ପ୍ରଭାସ ତୀର୍ଥରେ ଯଦୁବଂଶ ହେବେ ଧ୍ୱଂସ ?
କିଏ ଜାଣିଥିଲା ପୂର୍ଣ୍ଣିମା ନିଶିରେ ଶଶୀହେବେ ରାହୁଗ୍ରାସ ?
କିଏ ଜାଣିଥିଲା ଟାଣିନେବ ବୋଲି ଅକାଳରେ କାଳ ଫାଶ ?

(ଶୋକଧାରା)

ପଦ୍ମଚରଣ ପଟ୍ଟନାୟକଙ୍କର 'ସୂର୍ଯ୍ୟମୁଖୀ'ରେ ସନ୍ନିବେଶିତ 'କବିପ୍ରୟାଣ' ଓ 'ମାତାର ଶୋକ' ହେଉଛି ଦୁଇଟି ଶୋକଗୀତିକା । କବିବର ରାଧାନାଥ ରାୟଙ୍କ ମହାପ୍ରୟାଣରେ 'କବିପ୍ରୟାଣ' ରଚିତ ହେଲାବେଳେ ମହାରାଜା ଶ୍ରୀରାମଚନ୍ଦ୍ର ଭଂଜଦେଓଙ୍କ ବିୟୋଗରେ 'ମାତାରଶୋକ' ରଚିତ ହୋଇଛି । ପ୍ରଥମଟି 'ମୁକୁର' ପତ୍ରିକାରେ ଓ ଦ୍ୱିତୀୟଟି 'ଉତ୍କଳ ସାହିତ୍ୟ' ପତ୍ରିକାରେ ପ୍ରକାଶିତ । 'କବି ପ୍ରୟାଣ'ରେ ରାଧାନାଥଙ୍କ ଅନନ୍ୟ ମହତ୍ତ୍ୱ ଓ ଉଚ୍ଚକୋଟୀର କବିତ୍ୱ ପ୍ରସଙ୍ଗ ଉପସ୍ଥାପିତ । ରାଧାନାଥଙ୍କ ବିୟୋଗରେ ମାନବ ଠାରୁ ବିଶ୍ୱ ପ୍ରକୃତି ଅର୍ଥାତ୍ ବୃକ୍ଷଲତା ପର୍ଯ୍ୟନ୍ତ ସମସ୍ତେ ଦୁଃଖରେ ମ୍ରିୟମାଣ ହୋଇପଡ଼ିଛନ୍ତି, ଉତ୍କଳ ଭାଷା ଓ ସାହିତ୍ୟର ଅପୂରଣୀୟ କ୍ଷତି ହୋଇଛି । କବିଙ୍କ ଭାଷାରେ –

ହେ ପଣ୍ଡିତ କବି ଛାଡ଼ିଗଲ ଧରା
ତବ ବିନା ତବ ଭୂମି ଦୁଃଖଭରା
ଥାଉ ନର କଥା, ଗିରିବନ ରାଜି
ଆଜି ଏ ଦୁଃଖରେ ପଡୁଛନ୍ତି ଭାଜି । *(କବି ପ୍ରୟାଣେ)*

ମହାରାଜା ଶ୍ରୀରାମଚନ୍ଦ୍ର ଭଂଜ ଦେଓଙ୍କ ସ୍ମୃତିଚାରଣ କରିଛନ୍ତି କବି ସ୍ୱରଚିତ 'ମାତାର ଶୋକ' ଗୀତି କବିତାରେ । ଉତ୍କଳର ପୁନର୍ଜାଗରଣ କଳ୍ପେ ଆୟୋଜିତ ଚେତନାର ମହାଯଜ୍ଞରେ ଋତ୍ୱିକ ଭୂମିକାରେ ଶ୍ରୀଭଂଜଦେଓ ଅବତୀର୍ଣ୍ଣ ହୋଇଥିଲେ । ତାଙ୍କ ତିରୋଧାନରେ ଗଭୀର ଭାବରେ ମର୍ମାହତ ହୋଇଛନ୍ତି ଉତ୍କଳଜନନୀ । କାନ୍ତକବି ଲକ୍ଷ୍ମୀକାନ୍ତଙ୍କ ଲେଖନୀରେ ଯେଉଁ କେତେଗୋଟି ଶୋକକବିତା ରୂପାୟିତ ହୋଇଅଛି, ସେଥିମଧ୍ୟରେ ଫକୀରମୋହନଙ୍କ ସ୍ମୃତିରେ 'ମହାପ୍ରୟାଣ', ମଧୁସୂଦନଙ୍କ ସ୍ମୃତିରେ 'ଶ୍ମଶାନରେ ମଧୁସୂଦନ' ଓ ରାଧାନାଥଙ୍କ ସ୍ମୃତିରେ 'ଶ୍ମଶାନରେ ରାଧାନାଥ' ଅନ୍ତର୍ଭୁକ୍ତ । କବି ବିଦ୍ୟୁତ୍‌ପ୍ରଭା ଉତ୍କଳର ପରଲୋକଗତ ବହୁ ବିଶିଷ୍ଟ କବି, ସମାଜ– ସଂସ୍କାରକଙ୍କ ସ୍ମୃତି ପ୍ରତି

ଗଭୀର ଶ୍ରଦ୍ଧାଞ୍ଜଳି ଅର୍ପଣ କରିଛନ୍ତି । 'କର୍ମବୀର ଗୌରୀଶଙ୍କର','ଦେବାତ୍ମା ପ୍ୟାରୀମୋହନ','ବ୍ରହ୍ମବାଦୀ ମଧୁସୂଦନ','ଉତ୍କଳ କେଶରୀ ମଧୁସୂଦନ','ଦେଶପ୍ରାଣ ଗୋପବନ୍ଧୁ','ଉତ୍କଳ ଭାରତୀ କୁନ୍ତଳା','ସାଧକ କବି ଚିନ୍ତାମଣି', ଓ 'ରାଜକବି ବଳଭଦ୍ର' ଶୀର୍ଷକ କବିତାଗୁଡ଼ିକ ଏହି ପର୍ଯ୍ୟାୟର ଅନ୍ତର୍ଭୁକ୍ତ । 'ଉତ୍କଳକେଶରୀ ମଧୁସୂଦନ' କବିତାରେ କବି କହିଛନ୍ତି –

ଅଭାଗୀ ଉତ୍କଳମାତା ଶିରୀହୀନ
କ୍ଷୀଣ ମେରୁଦଣ୍ଡ
ଭାଙ୍ଗି ଯେ ପଡ଼ିଛି ତବ ତିରୋଧାନେ
ହୋଇ ଶତଖଣ୍ଡ ।
ନବୋତ୍କଳ - ଜନ୍ମଦାତା କୁଳବୃଦ୍ଧ
ହେ ମଧୁସୂଦନ
ଋଣୀ ତବ ପଦତଳେ ଏ ଉତ୍କଳ
ଜାତି ଚିରଦିନ ।

୨. ସମ୍ବୋଧଗୀତି :

Merrimwebaters Encyclopedia of Literature ଗ୍ରନ୍ଥରେ Odeର ସଂଜ୍ଞା ଏହିପରି – " *A ceremonious lyric poem on an ocasion of public or private dignity in which personal emotion and general meditation are united."* ଇଂରାଜୀ ସମ୍ବୋଧଗୀତିର ଆଦର୍ଶ ଅନୁସରଣରେ ପ୍ରଥମେ ମଧୁସୂଦନ ରାଓ ଓଡ଼ିଆଭାଷାରେ ସମ୍ବୋଧଗୀତି ରଚନା କରିଥିଲେ । ତନ୍ମଧ୍ୟରେ 'ନଦୀପ୍ରତି','ଆକାଶପ୍ରତି','ଉତ୍କଳ ଜନନୀ ପ୍ରତି', 'ପୃଥିବୀ ପ୍ରତି','କୌଣସି ପରଲୋକ ବାସିନୀ ପ୍ରତି' ପ୍ରଧାନ । 'ଜୀବନ ଚିନ୍ତା' ଓ 'ପଦ୍ମ' କବିତା ମଧ୍ୟ ଏହି ପର୍ଯ୍ୟାୟର ଅନ୍ତର୍ଭୁକ୍ତ । 'ପଦ୍ମ' କବିତାର ଅଂଶବିଶେଷ ଉଦାହରଣ ରୂପେ ଉପସ୍ଥାପନ କରାଯାଇପାରେ ।

କଳୁଷ ପଙ୍କେ ମୁହିଁ କେଡ଼େ ମଳିନ
କେମନ୍ତେ ସରି ତୋର ହେବି ନଳିନ
ପଙ୍କଜ ଅଟୁ ତୁହି ତେଣୁ ଭରସା
ତୋ ପରି ଶୁଭ୍ର ହେବି ଲଭି ସୁଦଶା ।

ଏତଦ୍ ବ୍ୟତୀତ ଅନ୍ୟକବିମାନଙ୍କ ମଧ୍ୟରେ ଗଙ୍ଗାଧର ମେହେର, ଚିନ୍ତାମଣି ମହାନ୍ତି, ବ୍ରଜମୋହନ ପଣ୍ଡା, ଗୋପବନ୍ଧୁ ଦାସ, ଗୋଦାବରୀଶ ମିଶ୍ର, ନନ୍ଦକିଶୋର ବଳ, ପଦ୍ମଚରଣ ପଟ୍ଟନାୟକ ପ୍ରମୁଖ ଏ କ୍ଷେତ୍ରରେ ଲେଖନୀ ଚାଳନା କରିଛନ୍ତି । ଗଙ୍ଗାଧରଙ୍କର 'ମନପ୍ରତି' ଓ 'ଧନପ୍ରତି' ଏକ ଏକ ସ୍ମରଣୀୟ ସମ୍ବୋଧଗୀତିକା । ମନର ଚଞ୍ଚଳତାକୁ ଲକ୍ଷ୍ୟ କରି ଶାନ୍ତ ଓ ସ୍ଥିର ହେବା ଲାଗି ଉପଦେଶ ଦେବା

ସଙ୍ଗେ ସଙ୍ଗେ ଶାନ୍ତ ନ ହେଲେ ଭେଳା ବୁଡ଼ିଯିବ ବୋଲି କବି ଉଲ୍ଲେଖ କରିଛନ୍ତି । 'ଧନପ୍ରତି' ଗୀତିକାରେ ଧନକୁ ମନରେ ଗର୍ବ ଆଣି ନ ଦେବାକୁ ଅନୁରୋଧ ଜଣାଇଛନ୍ତି କବି ଗଙ୍ଗାଧର ।

ଧନ ! ନୀରବେ ଆସିବୁ ରେ
ଗରବ ନ ଦେବୁ ମନେ
ବିରତ ନ କରି ଅବିରତ ଥିବୁ
ବିବେକ ଅନୁମୋଦନେ

ଚିନ୍ତାମଣିଙ୍କର 'ସେବତୀ','ମରୁଆ','ଗୋଲାପ', ବ୍ରଜମୋହନଙ୍କ 'କୋକିଳ ପ୍ରତି', 'ଶିଶୁପ୍ରତି', ଗୋପବନ୍ଧୁଙ୍କର 'ଭାର୍ଗବୀ ପ୍ରତି', ନନ୍ଦକିଶୋରଙ୍କର 'କାକବାରତା','ପ୍ରଭାତ ବିହଙ୍ଗ','ଦକ୍ଷିଣା ପବନ', ପଦ୍ମଚରଣଙ୍କର 'ଧଉଳି ପାହାଡ଼', କବିତା ଏକ ଏକ ସାର୍ଥକ ସମ୍ବୋଧ ଗୀତି ।

ନନ୍ଦକିଶୋରଙ୍କର ଦାର୍ଶନିକ ଦୃଷ୍ଟିକୋଣ 'କାକ ବାରତା' ଗୀତିକବିତାରେ ସରଳ ଭାଷାରେ ଅଭିବ୍ୟକ୍ତ ।

ପରିଶ୍ରାନ୍ତ ପାନ୍ଥ ଅବସ୍ଥା ଜାଣି
ଗାଉ କିରେ କାକ ତତ୍ତ୍ୱ କାହାଣୀ ?
ସଂସାରର ପ୍ରେମ ଆବିଳ ଭାଇ
ନିର୍ମଳ ପ୍ରେମ ଏ ଜଗତେ ନାହିଁ ।

ନନ୍ଦକିଶୋରଙ୍କର ସମକାଳୀନ କବି ହେଉଛନ୍ତି ଶ୍ରୀ ରତ୍ନାକର ଶର୍ମା । ଶ୍ରୀଶର୍ମାଙ୍କଦ୍ୱାରା ବିରଚିତ କେତେକ ସମ୍ବୋଧଗୀତି ବିଂଶ ଶତାବ୍ଦୀର ପ୍ରାରମ୍ଭରେ 'ସମ୍ବଲପୁର ହିତୈଷିଣୀ' ପତ୍ରିକାରେ ପ୍ରକାଶିତ ହୋଇଥିଲା । ସେଥିମଧ୍ୟରୁ 'କୃଷକପ୍ରତି','ଶିଶୁଭ୍ରାତାପ୍ରତି' 'ପଦ୍ମପ୍ରତି' ପ୍ରଭୃତି ଅତ୍ୟନ୍ତ ମର୍ମସ୍ପର୍ଶୀ । ପ୍ରତିକୂଳ ପରିବେଶରେ ଦବି ନଯାଇ ଅଧିକ ଉତ୍ସାହ ଓ ଉଦ୍ଦୀପନା ସହ କୃଷକ କୃଷିକାର୍ଯ୍ୟ କରିଯାଏ । ତେଣୁ ସେ ସମଗ୍ର ଜାତିର ନମସ୍ୟ – ଏକଥା କବି ଉଲ୍ଲେଖ କରିଛନ୍ତି । 'ଶିଶୁଭ୍ରାତାପ୍ରତି' କବିତାରେ ଶିଶୁର ମନସ୍ତତ୍ତ୍ୱକୁ କବି ଯଥାଯୋଗ୍ୟ ସମ୍ମାନ ଦେଇଛନ୍ତି । ଶିଶୁକୁ ଉଚ୍ଚଚେତନାର ପ୍ରତୀକବୋଲି କହିବା ସହିତ ତା'ର ସରଳତାକୁ ଅଶେଷ ମର୍ଯ୍ୟାଦା କବି ଦେଇଛନ୍ତି । 'ପଦ୍ମପ୍ରତି' କବିତାରେ ପଦ୍ମଫୁଲର ସୁଷମା ପ୍ରକଟିତ ହେବା ସହିତ ପବିତ୍ରତା ମଧ୍ୟ ଉପସ୍ଥାପିତ ହୋଇଛି । ବିଷ୍ଣୁଙ୍କର ପ୍ରିୟ, ବ୍ରହ୍ମାଙ୍କର ସୃଷ୍ଟିର ଆସ୍ଥାନ ଏବଂ କବିମାନଙ୍କର ଅତି ଆଦରର ଧନ ଭାବରେ ପଦ୍ମଫୁଲର ମହତ୍ତ୍ୱ ଅନନ୍ୟ । ଏଥି ସହିତ ବିରହିଣୀମାନଙ୍କର ବିରହବେଦନା ଉପଶମ ଦିଗରେ ପଦ୍ମପାଖୁଡ଼ାର ଅବଦାନ ଅସାଧାରଣ ବୋଲି କବି କହିଛନ୍ତି ।

କବିଙ୍କ ଭାଷାରେ –

'ଆହା ଶୁଭ୍ର ରଙ୍ଗ ଉପାଦାନେ ବିହି

କି ଯତ୍ନେ ଗଢ଼ିଛି ତୋ ଅପଘନ
ଦେଖିଲା ମାତ୍ରକେତୋ ରୂପ ମାଧୁରୀ
ଲାଖି ରହେ ମୋର ନୟନ ମନ ।'

କାଳିନ୍ଦୀଚରଣ ପାଣିଗ୍ରାହୀଙ୍କ ରଚିତ 'ପଉଷ ସନ୍ଧ୍ୟା' ଓ 'ସୁନା' ଏକ ଏକ ସାର୍ଥକ ସମ୍ବୋଧନଗୀତି । 'ପଉଷ ସନ୍ଧ୍ୟା'ରେ ବିରହୀ ଚିତ୍ତର ଆଲୋଡ଼ନ ସମ୍ପର୍କରେ ଅବତାରଣା କରାଯାଇଛି । ସୁନାକୁ ସଭିଙ୍କର ଆଶା ଓ ଅଗ୍ରଚିନ୍ତାର ପ୍ରତୀକ ବୋଲି କବି କହିଛନ୍ତି । ସକଳ ବସ୍ତୁର ମୂଲ୍ୟ ନିର୍ଣ୍ଣୟ ଏବଂ ପ୍ରତ୍ୟେକ ବ୍ୟକ୍ତିର ଧର୍ମ, ସ୍ନେହ ଓ ନୀତିକୁ ବୁଝିବାରେ ତୁମେ ପାରଦର୍ଶୀ ବୋଲି ସୁନାକୁ କବି କହିଛନ୍ତି ।

'ସକଳ ବସ୍ତୁର ମୂଲ୍ୟ ତୁମେ ଏକା କରୁଛ ନିର୍ଣ୍ଣୟ ।
କାଳେ କାଳେ ଏ ଧରଣୀ ଘୋଷୁଥିବ ତୁମରି ବିଜୟ ।।'

ପଦ୍ମଚରଣଙ୍କ ଆବେଗ ଓ ଉତ୍କଳାନୁରାଗ ପାଖୁଡ଼ାପାଖୁଡ଼ା ମେଲି ଫିଟି ପଡ଼ିଛି 'ଧଉଳି ପାହାଡ଼' କବିତାରେ ।

'କହ ତେବେ ମୋତେ ଧଉଳି ପାହାଡ଼
କହ ଭଲା ବାରେ ମୋ ମୁଖ ଚାହିଁ ।
ଧଉଳି ଦେଶରେ ସେଦିନ ଜୀବନ
ଆସିବ କି ଆଉ ଆସିବ ନାହିଁ ?'

ଗୋଦାବରୀଶ ମହାପାତ୍ର ବହୁସଂଖ୍ୟକ ସମ୍ବୋଧଗୀତି ରଚନା କରିଛନ୍ତି । କଲମ, ଚାହା, ପାନିଆ, ଝରକା, ଟେଲିଫୋନ, କାଗଜ, ଟୋପି, କାନ, ଦାଢ଼ି ପ୍ରଭୃତି ବହୁ ସାଧାରଣ ବସ୍ତୁକୁ ସମ୍ବୋଧନ ପୂର୍ବକ ତାଙ୍କର କବିତା ରଚିତ । ଏଥିରେ ଗୁରୁଗମ୍ଭୀର ଭାବର ପରିପ୍ରକାଶ ନହେଲେ ମଧ୍ୟ ହାସ୍ୟରସିକତା ଭିତ୍ତିକ ବ୍ୟଙ୍ଗାତ୍ମକ ଦୃଷ୍ଟିକୋଣ ପ୍ରକଟିତ । କୁନ୍ତଳାକୁମାରୀଙ୍କର ସମ୍ବୋଧଗୀତି ରଚନା କ୍ଷେତ୍ରରେ କୃତିତ୍ୱ ଉଲ୍ଲେଖଯୋଗ୍ୟ । ତାଙ୍କର 'ଶେଫାଳି ପ୍ରତି' କବିତାର ଲୋକପ୍ରିୟତା ଅବିସମ୍ବାଦିତ । ଗଭୀର ଆଶାବାଦର ମନ୍ତ୍ରରେ କବିତାଟି ଅଭିମନ୍ତ୍ରିତ । କବିଙ୍କ ଭାଷାରେ –

'ମାଟିରେ ମିଶିବୁ ତୁହି
ମାଟିରେ ମିଶିବି ମୁହିଁ
ତଥାପି ମୋ ମନ ଫୁଲ ନ ଯିବରେ ମଉଳି
ତେଣୁ ଆଶା ବହି ଦିନ କାଟେ ଗଙ୍ଗଶିଉଳି ।'

ଏହାବ୍ୟତୀତ 'ଚନ୍ଦ୍ର ପ୍ରତି','କାମିନୀ ପ୍ରତି','କମଳ ପ୍ରତି', 'ତାରା ପ୍ରତି', 'ସହକାର ପ୍ରତି' ତାଙ୍କ ରଚିତ ଏକଏକ ସୁଖପାଠ୍ୟ ମର୍ମସ୍ପର୍ଶୀ ସମ୍ବୋଧନମୂଳକ ଗୀତିକବିତା । ରାଧାମୋହନଙ୍କ ଅୟିପୃଥ୍ୱି !

ଏ ଦିଗରେ ଏକ ଉଲ୍ଲେଖଯୋଗ୍ୟ ସୃଷ୍ଟି ।

୩. ଚତୁର୍ଦ୍ଦଶପାଦୀ ଗୀତିକବିତା :

ଇଂରାଜୀ ସନେଟ (Sonnet) ଶବ୍ଦକୁ ଅର୍ଥବୋଧକ ଶବ୍ଦ ଭାବରେ ଓଡ଼ିଆରେ ଚତୁର୍ଦ୍ଦଶପାଦୀ ଶବ୍ଦକୁ ଗ୍ରହଣ କରାଯାଇଛି । ଚତୁର୍ଦ୍ଦଶପାଦ ବା ଚରଣ ବିଶିଷ୍ଟ କବିତା ହିଁ ଚତୁର୍ଦ୍ଦଶପାଦୀ କବିତା । ଭାବଗମ୍ଭୀରତା ଓ ଭାଷାର ସାବଲୀଳତା ଏଥିରେ ଲକ୍ଷ୍ୟ କରିହୁଏ । ଅନ୍ୟାନ୍ୟ ଗୀତିକବିତାଠାରୁ ଏହାର ଗଠନ ରୀତି ସ୍ୱତନ୍ତ୍ର । ଏଥିରେ ସଙ୍ଗୀତ ଅପେକ୍ଷା ଚିନ୍ତା ଓ ଚେତନାର ଗୁରୁତ୍ୱ ଅଧିକ ଉପଲବ୍ଧ । ଜୀବନାନୁଭବର ସୁଷମ ପରିପ୍ରକାଶର ଭିତ୍ତିରେ ନିଜସ୍ୱ ମତ ପ୍ରଦାନର ଅବକାଶ ଏଥିରେ ଅଧିକ ଥିବାରୁ, ଏହି କବିତାଗୁଡ଼ିକ ଅଧିକ ଦାର୍ଶନିକତାପୂର୍ଣ୍ଣ । ଇଂରାଜୀ ସନେଟ୍ ଅନୁସରଣରେ ଊନବିଂଶ ଶତାବ୍ଦୀର ଶେଷ ଭାଗରୁ ଓଡ଼ିଆରେ ଚତୁର୍ଦ୍ଦଶପାଦୀ କବିତାର ସୃଷ୍ଟି ହୋଇଛି । ଭକ୍ତକବି ମଧୁସୂଦନ ଏ ଦିଗରେ ଅଗ୍ରଣୀ ଭୂମିକାର ଅଧିକାରୀ । ତାଙ୍କ ରଚିତ କେତେକ ଚତୁର୍ଦ୍ଦଶପାଦୀ କବିତାର ସମାହାରରେ 'ବସନ୍ତଗାଥା' ସଂକଳନର ସୃଷ୍ଟି । କବି ଏହି ପୁସ୍ତକର ଭୂମିକାରେ ଉଲ୍ଲେଖ କରିଛନ୍ତି – ''ଏହି ଚତୁର୍ଦ୍ଦଶପାଦୀ କବିତାଗୁଡ଼ିକରୁ ଅଧିକାଂଶ ବସନ୍ତ କାଳରେ ରଚିତ ବୋଲି ତାହା ବସନ୍ତଗାଥା ନାମରେ ଆଖ୍ୟାତ ହେଲା ।'' ଏଥିରେ ସନ୍ନିବେଶିତ କବିତାମାନଙ୍କ ମଧ୍ୟରେ'ଏକାମ୍ରକାନନ', 'ଜରାଆକ୍ରମଣ', 'ପତିତାରମଣୀ', 'ନରନାରୀ', 'ଶଙ୍ଖଧ୍ୱନି', 'ଶ୍ରୀପଞ୍ଚମୀ' ଅନ୍ୟତମ । କେତେକ କବିତାରେ ମିତ୍ରାକ୍ଷର ଏବଂ କେତେକ କବିତାରେ ଏକାନ୍ତ ମିତ୍ରାକ୍ଷର ଛନ୍ଦର ପ୍ରୟୋଗ କରାଯାଇଛି । 'ଶଙ୍ଖଧ୍ୱନି'ରେ ମିତ୍ରାକ୍ଷର ଛନ୍ଦର ପ୍ରୟୋଗ ରହିଛି ।

'ସହସା ସୁଦୂରଗ୍ରାମେ ବାଜେ ଶଙ୍ଖଧ୍ୱନି (କ)
ସ୍ତମ୍ଭିତ ସେ ନାଦେ ଯେହ୍ନେ ନିଖିଳ ଅବନୀ (କ)
କ୍ଷଣେ କର୍ଣ୍ଣଡ଼େରିଆହା ସେ ସ୍ୱର ଲହରୀ (ଖ)
ଶୁଣିଲି ମୁଁ ଆଚମ୍ବିତେ ସ୍ୱପ୍ନାବିଷ୍ଟ ପରି ।(ଖ)'

ଏଥିରେ ସଜ୍ଜିକରଣ ରୀତିଟି 'କ','କ' ଏବଂ 'ଖ','ଖ' ଭାବରେ ରହିଛି । 'ପତିତାରମଣୀ' କବିତାରେ ଏକାନ୍ତ ମିତ୍ରାକ୍ଷର ରୀତି ଉପସ୍ଥାପିତ ।

'କେ ଚାହିଁବ ଚାହୁଁ ତୋତେ ଗର୍ବ ଅବଜ୍ଞାରେ (କ)
କିଛୁ ଲୋ ! ଭଗିନୀ ମୁହିଁ ତୋ ଦୁଃଖେ କାତର (ଖ)
ଆହତ ମୋ ପ୍ରାଣ ତୋର ମର୍ମ ହାହାକାରେ (ଗ)
କାନ୍ଦଇ ବିକଳେ ମୋର ବ୍ୟଥିତ ଅନ୍ତର । (ଘ)'

ଏଥିରେ ଥିବା ରୀତିଟି 'କ', 'ଗ'ଏବଂ 'ଖ', 'ଘ' ଭାବରେ ରହିଛି ।

ଏହି ପର୍ଯ୍ୟାୟଭୁକ୍ତ କବିତାର ଅବୟବ ଦୁଇ ଭାବରେ ବିଭକ୍ତ । ପ୍ରଥମ ଅଷ୍ଟ ଚରଣକୁ

ଅଷ୍ଟକ କୁହାଯାଉଥିଲା ବେଳେ ପରବର୍ତ୍ତୀ ଷଷ୍ଠ ଚରଣକୁ ଷଟକ କୁହାଯାଏ । ଅଷ୍ଟକରେ କବିଙ୍କର ଅନୁଭବ, ଆବେଗ, ଓ ଭାବନା ପ୍ରକାଶିତ ହେଲାବେଳେ ଷଟ୍‌କରେ କବିଙ୍କର ଅଭିମତ ତଥା ମନ୍ତବ୍ୟ ପ୍ରକାଶିତ ହୁଏ । ଅନୁଭବର ଅର୍ଥ ହେଉଛି ଅନ୍ୟ ଭିତରକୁ ପ୍ରବେଶ କରି ତା' ଚିନ୍ତା ସହ ଏକାତ୍ମ ହେବା । ଏପରି ଅନୁଭବ ହିଁ ସାହିତ୍ୟିକର ଅନୁଭବ । ଯାହା ସାଧାରଣ ବ୍ୟକ୍ତିର ସ୍ଥୂଳ ଅନୁଭବଠାରୁ ଭିନ୍ନ ।

କବି ଫକୀରମୋହନଙ୍କ ରଚିତ 'ପୂଜାଫୁଲ','ଅବସର ବାସରେ' ଓ 'ଧୂଳି' କବିତା ପୁସ୍ତକରେ କେତେକ ଚତୁର୍ଦ୍ଦଶପାଦୀ କବିତା ଉପସ୍ଥାପିତ । ତନ୍ମଧ୍ୟରେ 'ପ୍ରଧାନପାଟ','ବୁଢ଼ାରାଜା','ପାପକ୍ଷୟଘାଟ', 'ଗୌରୀଶଙ୍କର ବା ଏଭରେଷ୍ଟ', 'ବାଳପାଦପ','ସ୍ୱର୍ଗୀୟ କବିବର ରାଧାନାଥ ରାୟ' ଅନ୍ତର୍ଭୁକ୍ତ । ପଲ୍ଲୀକବି ନନ୍ଦକିଶୋର 'ନିର୍ଝରିଣୀ', 'ସରସ୍ୱତୀ ଆବାହନ', 'ସୀତା', 'ଉତ୍କଳଭାରତୀ', 'ରାମଚନ୍ଦ୍ର ଦେବ', 'ନାରୀକବି କୁନ୍ତଳା' ପ୍ରଭୃତି କେତେକ ଚତୁର୍ଦ୍ଦଶପାଦୀ କବିତା ରଚନା କରିଛନ୍ତି । ଏତଦ୍‌ବ୍ୟତୀତ ଗୋପବନ୍ଧୁ ଦାସ, ଚିନ୍ତାମଣି ମହାନ୍ତି, ବ୍ରଜମୋହନ ପଣ୍ଡା, ଗୋଦାବରୀଶ ମହାପାତ୍ର, କୃଷ୍ଣମୋହନ ପଟ୍ଟନାୟକ ପ୍ରଭୃତି କବିମାନେ ସନେଟ ରଚନା କ୍ଷେତ୍ରରେ ଲେଖନୀ ଚାଳନା କରିଛନ୍ତି । ଗୋପବନ୍ଧୁଙ୍କର 'ଛବିଶ ବର୍ଷ ପ୍ରବେଶ', ମୋନାନୀ', ବ୍ରଜମୋହନ ପଣ୍ଡାଙ୍କର 'ଭାରତୀ ଶୋଭା','ଉଦ୍‌ବୋଧନ, 'ପ୍ରଭାତେ', 'ଦିନାନ୍ତେ' କୃଷ୍ଣମୋହନ ପଟ୍ଟନାୟକଙ୍କର 'ପ୍ରବାସ','ଦୋଳଯାତ୍ରା', 'ଅତୀତର ସୁଖସ୍ମୃତି' ଏ କ୍ଷେତ୍ରରେ ଏକଏକ ଉଲ୍ଲେଖନୀୟ କୃତି ।

୪. ବ୍ୟଙ୍ଗ ଓ ହାସ୍ୟରସର ଗୀତିକବିତା :

ଆଧୁନିକ ଓଡ଼ିଆ ଗୀତି କବିତାର ଅନ୍ୟ ଏକ ବିଭବ ହେଉଛି ବ୍ୟଙ୍ଗ ଓ ହାସ୍ୟରସର କବିତା । ଏହି କବିତାର ଧାରା ପ୍ରାଚୀନ ଓ ମଧ୍ୟଯୁଗୀୟ ସାହିତ୍ୟରେ କ୍ଷୀଣ । ବ୍ୟଙ୍ଗକବିତାର ଦୁଇଗୋଟି କାର୍ଯ୍ୟ ରହିଛି । ଗୋଟିଏ ହେଲା ବ୍ୟକ୍ତିର ବା ସମାଜର ଦୋଷତ୍ରୁଟି ଦର୍ଶାଇ ତାକୁ ସୁଧାରିବାକୁ ଦିଗ୍‌ଦର୍ଶନ ଦେବା ଓ ଅନ୍ୟଟି ହେଲା ନିର୍ମଳ ହାସ୍ୟର ପ୍ରଭାବରେ ପ୍ରଭାବିତ ଏକ ହାଲକା ବାତାବରଣ ସୃଷ୍ଟି କରିବା । କୁହାଯାଏ ଯେ ' True end of satire is amendment of vices by correction'. ପୁନଶ୍ଚ ପ୍ରତ୍ୟେକ ବ୍ୟକ୍ତିର ଜୀବନ କ୍ଷେତ୍ରରେ ହାସ୍ୟର ଭୂମିକା ଅତୁଳନୀୟ । ବୈଜ୍ଞାନିକମାନେ ମତ ଦିଅନ୍ତି ଯେ ଦିନକୁ ଅତିକମ୍‌ରେ ପାଞ୍ଚମିନିଟ୍ ହୃଦୟ ଖୋଲା ହସ ହସୁଥିବା ବ୍ୟକ୍ତିର ପାଖ ବୈଦ୍ୟ ବା ଡାକ୍ତର ସହଜରେ ମାଡ଼ି ପାରନ୍ତି ନାହିଁ । ହସିବା ଦ୍ୱାରା ମୁଖ ମଣ୍ଡଳରେ ଅପୂର୍ବକାନ୍ତି ଝଲସି ଉଠେ । ପୁନଶ୍ଚ ମୁହଁ ଖୋଲି ହସିବା ଦ୍ୱାରା ବାହାର ବିଶୁଦ୍ଧ ବାୟୁ ଶରୀର ମଧ୍ୟକୁ ପ୍ରବେଶ କରିବା ସଙ୍ଗେ ସଙ୍ଗେ ଭିତର ଦୂଷିତ ବାୟୁ ବାହାରକୁ ବାହାରି ଆସେ । 'ଆନାଟୋମି ଅଫ୍ ଇଲ୍‌ନେସ୍' ପୁସ୍ତକରେ ଆମେରିକାର ବିଶିଷ୍ଟ ସାମ୍ବାଦିକ ନୁରମ୍ୟାନ୍ କଜିନୀ ନିର୍ମଳ ହାସ୍ୟର ଉପଯୋଗିତା ପ୍ରସଙ୍ଗରେ ମତ ଦେଇଛନ୍ତି ଯେ ଜୋରରେ ହସିବା ଦ୍ୱାରା ଶରୀରରେ 'ଏଣ୍ଡୋଫିନ୍' ନାମକ ଏକ ରାସାୟନିକ ପଦାର୍ଥ ସୃଷ୍ଟି

ହୁଏ ଯାହା ମଧୁମେହ, ଉଚ୍ଚ ରକ୍ତଚାପ, ଏବଂ ଶ୍ୱାସ ଆଦି ବ୍ୟାଧିର ଉପଶମରେ ସହାୟତା କରେ ।

ଆମ ସାହିତ୍ୟକୁ ବିଚାରକୁ ନେଲାବେଳେ ଏ ଦିଗରେ ଗୋବିନ୍ଦ ରଥଙ୍କ କୃତି ଦୃଷ୍ଟିକୁ ଆସେ । ଗୋରା ସେଭିଲିଆନ୍ ମାନଙ୍କୁ ଲକ୍ଷ୍ୟ କରି ସେ ଫିଉଚର୍ ସାହେବ ଶୀର୍ଷକ ବ୍ୟଙ୍ଗ କବିତା ରଚନା କରିଥିଲେ । ତହିଁରେ ସେ ଲେଖିଥିଲେ –

'ଏ ଥରକ ମଲେ ସାହେବ ହେବି
ଲାଲ୍ ମୁଣ୍ଡରେ କ୍ୟାପ୍ ଦେବି ।।'

ମଧୁସୂଦନଙ୍କର ମାନସିକତା ବ୍ୟଙ୍ଗ କବିତା ରଚନା ଦିଗରେ ବିଶେଷ ଅନୁକୂଳ ନ ଥିଲେ ମଧ୍ୟ ଆବଶ୍ୟକତା ଅନୁସାରେ ସେ ରଚନା କରିଥିଲେ ଦୁଇଟି ବ୍ୟଙ୍ଗାତ୍ମକ ଗୀତିକବିତା। ତହିଁରୁ ଗୋଟିଏ ହେଉଛି 'ସାବାସ୍ ସାହିତ୍ୟ ଚର୍ଚ୍ଚା ସାବାସ୍ ସାବାସ୍' ଓ ଅନ୍ୟଟି 'ଭଣ୍ଡ ରସାୟନ' । ପରେ ପରେ ବହୁ କବି ଏ ଦିଗରେ ଲେଖନୀ ଚାଳନା କରିଛନ୍ତି । ସେମାନଙ୍କ ଭିତରେ ଗଙ୍ଗାଧର ମେହେର, ଚିନ୍ତାମଣି ମହାନ୍ତି, ଲକ୍ଷ୍ମୀକାନ୍ତ ମହାପାତ୍ର, ନିତ୍ୟାନନ୍ଦ ମହାପାତ୍ର, ଗୋଦାବରୀଶ ମହାପାତ୍ର ଓ ବୈଷ୍ଣବ ପାଣିଙ୍କ ନାମ ଉଲ୍ଲେଖଯୋଗ୍ୟ । କବି ଗଙ୍ଗାଧର ଅଧିକ ସଂଖ୍ୟାରେ ବ୍ୟଙ୍ଗ ଗୀତି ଲେଖି ନଥିଲେ ମଧ୍ୟ ଯେଉଁ ଅଳ୍ପ କେତେଗୋଟି ବ୍ୟଙ୍ଗଗୀତି ଲେଖିଛନ୍ତି ସେଥି ମଧ୍ୟରୁ 'ତାକୁ ମଧ୍ୟ ବୋଲିଥାନ୍ତି ଧର୍ମ ଅବତାର' ଅନ୍ୟତମ । ଏଥିରେ ତତ୍କାଳୀନ ତଥାକଥିତ ନବ୍ୟସଭ୍ୟ, ଶିକ୍ଷିତ, ଦୁଷ୍ଟପ୍ରକୃତିର ବ୍ୟକ୍ତିମାନଙ୍କ ପ୍ରତି ଶାଣିତ କଟାକ୍ଷପାତ କରାଯାଇଛି । କବି କହିଛନ୍ତି –

'ମନ ଯାର ବ୍ୟସ୍ତ ସଦା ପରସ୍ୱ ହରଣେ
ଧନ ଯାର ବିଦଳିତ ଗଣିକା ଚରଣେ
ଜୀବନ ଯା ଲକ୍ଷ ଲକ୍ଷ ଲୋକଙ୍କର ଭାର
ତାକୁ ପୁଣି ବୋଲିଥାନ୍ତି ଧର୍ମ ଅବତାର ।।'

ଚିନ୍ତାମଣି ମହାନ୍ତିଙ୍କ 'ପତ୍ରପୁଷ୍ପ' କବିତା ସଂକଳନରେ ସନ୍ନିବେଶିତ 'ହଳଦୀ', 'ପଖାଳ', 'ଟଙ୍କାସ୍ତୋତ୍ର', 'ଖଳସ୍ତୋତ୍ର' ପ୍ରଭୃତି କବିତାରେ ହାସ୍ୟରସ ଓ ବ୍ୟଙ୍ଗାତ୍ମକତା ଉପସ୍ଥାପିତ । ଲକ୍ଷ୍ମୀକାନ୍ତ ମହାପାତ୍ରଙ୍କର ବ୍ୟଙ୍ଗ କବିତାର ଆବେଦନ ସ୍ୱତନ୍ତ୍ର । ଏହାର ଶୈଳୀ ଓ ଶବ୍ଦ ଯୋଜନା ମର୍ମସ୍ପର୍ଶୀ ଓ ସୁଖପାଠ୍ୟ । କବିସୂର୍ଯ୍ୟଙ୍କ 'କିଶୋର ଚନ୍ଦ୍ରାନନ୍ଦ ଚମ୍ପୂ' ଅନୁକରଣରେ ସେ ଲେଖିଥିଲେ 'କୌତୁକ କୋଳାହଳ ଚମ୍ପୂ' । 'ଦ' ଗୀତରେ କବି କହିଛନ୍ତି–

'ରେ ଦୁଃଖିଧନ, ଦସ୍ର ଦେଖିବାକୁ ସିନା କଲି ଛନ୍ନ ।
ଦୁଃଖ ମୟ ନକର ସରସ ମନ
ଦ୍ରବିଗଲେ ମୋତେ ଦେଖି ଦୂରୁ, ଦଉଡ଼ିଲେ ହସି କୁରୁକୁରୁ

ଦାଢ଼ିକୁ ହଲାଇ ନିଶକୁ ଫୁଲାଇ କି ମଜାରେ ନଚାଇଲେ ଭୂରୁ ।'

ବ୍ୟଙ୍ଗ ଓ ହାସ୍ୟ ରସର ଗୀତିକବିତା ରଚନାକୁ ଉତ୍ସାହ ପ୍ରଦାନ କରିବା ନିମନ୍ତେ ୧୯୩୩ ମସିହାରେ ପ୍ରଥମେ ପ୍ରକାଶିତ ଏବଂ ପ୍ରତାପ ସେନଙ୍କ ଦ୍ୱାରା ସମ୍ପାଦିତ 'ରସଚକ୍ର' ପତ୍ରିକାର ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ । ପରେ ଅର୍ଥାତ୍ ୧୯୩୭ ମସିହାରେ କାନ୍ତକବି ଲକ୍ଷ୍ମୀକାନ୍ତଙ୍କ ଦ୍ୱାରା ସମ୍ପାଦିତ 'ଡଗର' ପତ୍ରିକା ପ୍ରକାଶିତ ହେଲା । ଏହା ମୁଖ୍ୟତଃ ବ୍ୟଙ୍ଗାତ୍ମକ ରଚନା ସମ୍ବଳିତ ଏକ ପତ୍ରିକା ଥିଲା । ୧୯୪୯ ମସିହାରେ ସଚ୍ଚିଦାନନ୍ଦ ରାଉତରାୟଙ୍କ ରଚିତ ପୁସ୍ତକ 'ହସନ୍ତ'ରେ ଅଠର ଗୋଟି ବ୍ୟଙ୍ଗାତ୍ମକ କବିତା ସନ୍ନିବେଶିତ ହୋଇଥିଲା । ବ୍ୟଙ୍ଗାତ୍ମକ ଓଡ଼ିଆ ଗୀତିକବିତା କ୍ଷେତ୍ରରେ ଏହାକୁ ପ୍ରଥମ ଗ୍ରନ୍ଥର ମାନ୍ୟତା ଦିଆଯାଏ । କବି ଏହି ପୁସ୍ତକରେ ଉପସ୍ଥାପିତ ବ୍ୟଙ୍ଗାତ୍ମକ ଗୀତିକବିତାରେ ତତ୍କାଳୀନ ସମୟ ଓ ସମାଜକୁ ସମାଲୋଚନା କରିଛନ୍ତି । 'ଶୁଆସାରୀ ସମ୍ବାଦ' ଶୀର୍ଷକ ରଚନାରେ କବି କହିଛନ୍ତି –

'ଶୁଆ ପଚାରିଲା ସାରୀଲୋ ଏବେ ହୋଇଲା କିସ
ପୁରୁଷ ଦେଲେଣି ଓଢ଼ଣା ସ୍ତ୍ରିରୀ ମୋଡ଼ନ୍ତି ନିଶ
ଟାଉଟର ସବୁ ତେଜିଲେ ଭଲଲୋକ ଲୁଚିଲେ
ଗାଁଏ ଗାଁଏ କଳା ବେପାରୀ ଚୋରି ଛନ୍ଦ ରଚିଲେ ।'

୫. ରହସ୍ୟବାଦୀ ରୋମାଣ୍ଟିକ୍ ଗୀତିକବିତା :

ରହସ୍ୟବାଦ ହେଉଛି ଆତ୍ମଅନ୍ୱେଷାର ବିଶ୍ୱଧର୍ମ । ସମସ୍ତ ଭାବାନ୍ତରର ପ୍ରଜ୍ୱଳିତ ଉଲ୍ଲାସ ହିଁ ଏହାର ମର୍ମବାଣୀ, ଯାହା ବୁଝି ହେଲାପରି ଲାଗୁଥାଏ ମାତ୍ର ବୁଝି ହେଉନଥାଏ । ବିସ୍ମୟ, ଆନନ୍ଦ ଓ ଆମୂଳ ଜିଜ୍ଞାସା ଏହାର ବିଶିଷ୍ଟ ଉପାଦାନ । ରହସ୍ୟାତ୍ମକ ଅନୁଭବ ଓ ଅଭିବ୍ୟକ୍ତି ପ୍ରାଚୀନ ହେଲେ ହେଁ ରହସ୍ୟବାଦ Mysticisam ଶବ୍ଦ ନୂତନ । ସାହିତ୍ୟରେ ଥିବା ବହୁବାଦର ପ୍ରବାହ ଭିତରେ ଏହା ଏକ ପ୍ରବାହ । Mystica ଶବ୍ଦରୁ Mysticisam ଶବ୍ଦର ଉତ୍ପତ୍ତି । ପ୍ରାଚୀନ ଗ୍ରୀସ୍‌ରେ ସୃଷ୍ଟି ରହସ୍ୟ ଜ୍ଞାନର ଅଧିକାରୀ ବ୍ୟକ୍ତିକୁ Mystos ବୋଲି କୁହାଯାଉଥିଲା । Encyclopedia Britannica ଗ୍ରନ୍ଥରେ କୁହାଯାଇଛି – 'Mystics is the immediate experience of oneness with ultimate reality' ।

ରହସ୍ୟବାଦକୁ ମୁଖ୍ୟତଃ ଦୁଇଭାଗରେ ବିଭକ୍ତ କରାଯାଇଥାଏ । ଗୋଟିଏ ହେଉଛି ଭକ୍ତିମୂଳକ ରହସ୍ୟବାଦ ଓ ଅନ୍ୟଟି ହେଉଛି ଜ୍ଞାନମୂଳକ ରହସ୍ୟବାଦ । ଆଉ କେତେକଙ୍କ ମତରେ ଗୋଟିଏ ହେଉଛି ବହିର୍ମୁଖୀ ରହସ୍ୟବାଦ ଓ ଅନ୍ୟଟି ଅନ୍ତର୍ମୁଖୀ ରହସ୍ୟବାଦ । ଏହି ଅନ୍ତର୍ମୁଖୀ ରହସ୍ୟବାଦର ପାଦରେଖା ସାହିତ୍ୟରେ ଅପେକ୍ଷାକୃତ ଅଧିକ ସ୍ପଷ୍ଟ ଯାହା ଅନିର୍ବଚନୀୟତାର ମୁଖପତ୍ର ଭାବରେ ସ୍ୱୀକୃତ ଓ ସମ୍ମାନିତ ।

ଆଧୁନିକ ଓଡ଼ିଆ କାବ୍ୟଧାରାର ପ୍ରାଥମିକ ପର୍ଯ୍ୟାୟକୁ ରୋମାଣ୍ଟିକ କାବ୍ୟତତ୍ତ୍ୱ ଅଧିକ ପ୍ରଭାବିତ କରିଥିଲା । ଫଳତଃ କବିଚିତ୍ତ କଳ୍ପନା, ସୌନ୍ଦର୍ଯ୍ୟ ଓ ଆନନ୍ଦର ବୃତ୍ତରେ କେବଳ ଅଧିବାସ

ରଚନା କରୁଥିଲା । ଏହି ସମୟରେ ମଧ୍ୟ କେତେକ କବିଙ୍କ ଲେଖନୀରେ ସ୍ପଷ୍ଟ ଭାବରେ ଆଧ୍ୟାତ୍ମିକତା ପ୍ରକଟିତ ହୋଇଥିଲା । ପରେପରେ କିନ୍ତୁ କେତେକ କବି ଏଥି ସହିତ ରହସ୍ୟବାଦୀ ଭାବଧାରାକୁ ମିଶାଇଦେବାକୁ ସମର୍ଥ ହେଲେ ।

ଏହି ରହସ୍ୟବାଦୀ କବିତା ହେଉଛି ଆଧୁନିକ ଓଡ଼ିଆ ଗୀତିକବିତାର ଏକ ସୁବାସିତ ବିଭୂତି । ଏହାର ଆବେଦନ ସ୍ୱତନ୍ତ୍ର ଓ ଅଭିନବ । ଏହାକୁ ଯେତେଥର ପଢ଼ିଲେ ମଧ୍ୟ ପାଠକ ମନରେ କ୍ଲାନ୍ତି ଆସେ ନାହିଁ । ବରଂ, ପାଠକର ଚିତ୍ତବୃତ୍ତି ଆତ୍ମବିସ୍ମୃତ ହୁଏ କେଉଁ ଏକ ରହସ୍ୟମୟ ରାଜ୍ୟରେ । ଗୋପବନ୍ଧୁଙ୍କର କେତେକ କବିତାରେ ଏହାର ପ୍ରଥମ ପଦଧ୍ୱନି ଶୁଣାଯାଇଛି । 'ପଥିକ' କବିତାରେ କବି କହିଛନ୍ତି ଯେ କିଏ ତାଙ୍କ ପଥରେ ଆସି ବେଳେବେଳେ ଠିଆ ହୁଏ, ହେଲେ ନିରେଖି ଦେଖିଲେ ସେ ଉଭେଇ ଯାଏ । ମହମହ ଚଉଦିଗ ବାସେ ମାତ୍ର ସେ ସୁବାସ ନିମିଷକେ କେଉଁଆଡ଼େ ମିଶିଯାଏ । କିଏ ମନରେ ଆଶ୍ୱାସନା ଦିଏ, ପୁଣି ଭରିଦିଏ ସୀମାହୀନ ଶାନ୍ତି ? ସେହି ଶାନ୍ତି କ୍ଷଣକ ମଧ୍ୟରେ ଦୂରେଇଯାଇ ପୁଣି ଭ୍ରାନ୍ତି ମାଡ଼ିଆସେ । ସେ କିଏ ?

'କାହୁଁ ଏ ଆଶ୍ୱାସ କାହୁଁ ଏ ସୁବାସ
କାହାର ଏ ରୂପ କାନ୍ତି
ଏ ବିଜନ ସ୍ଥଳେ ପ୍ରାଣେ ଏକାବେଳେ
ଦିଏ ସ୍ନିଗ୍ଧ ଶାନ୍ତି ଭ୍ରାନ୍ତି ।'

ପରେପରେ ନନ୍ଦକିଶୋର ବଳ ବିରଚିତ ଓ ୧୯୦୦ ମସିହାରେ ପ୍ରକାଶିତ 'ନିଝରିଣୀ' ପୁସ୍ତକରେ ରହସ୍ୟବାଦୀ ଭାବନା ଅଳ୍ପ କେତେକ ସ୍ଥାନରେ ସଂଯୋଜିତ ହୋଇଅଛି । ଆତ୍ମବିସ୍ତାର ଓ ଆତ୍ମବିସ୍ମୃତି ଯେ ଏପରି ଅନୁଚିନ୍ତାର ମୂଳଭିତ୍ତି, ଏଥିରେ ଦ୍ୱିରୁକ୍ତି ନାହିଁ । କବିଙ୍କ 'ଅଦିନ ମେଘ' କବିତାରେ ସ୍ଥାନିତ ଏପରି ରହସ୍ୟବାଦୀ ଅନୁଚିନ୍ତାର ସ୍ପନ୍ଦନ ଅତ୍ୟନ୍ତ ମର୍ମସ୍ପର୍ଶୀ । କବିଙ୍କ ଭାଷାରେ –

''କି ଅବା ଦୂରସ୍ଥ ପ୍ରାଣବନ୍ଧୁ କେହି
ମନେକରେ କଥା ମୋର
ଗୁପତେ ମୋ' ଆତ୍ମା ବିଦଗ୍ଧ କରୁଛି
ସେ ସ୍ମୃତି ଗୁପତ ଚୋର ।''

ସବୁଜ କବି ବୈକୁଣ୍ଠନାଥ ଏ ଦିଗରେ ଆଉପାଦେ ଅଧିକ ଅଗ୍ରସର ହେଲାପରି ମନେହୁଏ । 'ପ୍ରଭାତ ସ୍ୱପ୍ନ' କବିତାରେ କବି କହିଛନ୍ତି –

'ବନ୍ଧୁ ସଜଳ ନୀଳ ଆଖି
ଭାଦର ଆକାଶ ତାର ସାକ୍ଷୀ
ପ୍ରଭାତ ଶୀତଳ ପବନ ପରାୟେ

ପରାଣଦୁଆରେ ଯାଏ ଡାକି
ବନ୍ଧୁ ସଜଳ ନୀଳ ଆଖି'

କୁନ୍ତଳା କୁମାରୀଙ୍କ ଲେଖନୀ ଏପରି ରଚନା କ୍ଷେତ୍ରରେ ଚରମ ସିଦ୍ଧିର ଅଧିକାରୀ । ସ୍ୱର୍ଣକାତର କବିଚିତ୍ତର ପରିସ୍ଫୁଟ ମୁଦ୍ରା ତାଙ୍କ ରଚିତ ବହୁ କବିତାରେ ଅଙ୍କିତ । ଭାବପ୍ରବଣ ମନ ତାଙ୍କର ଆକାଶର ତାରାରେ ତାରାରେ ଭ୍ରମିଭ୍ରମି ଅବତରଣ କରି ଆସିଛି ମଳୟର ଛନ୍ଦେଛନ୍ଦେ ମର୍ତ୍ତ୍ୟର କୁସୁମକୁ । ଭ୍ରମରର ଗୁଣୁଗୁଣୁ ଗୁଞ୍ଜନରେ ତାଙ୍କୁ ଶୁଭିଛି ସ୍ୱର୍ଗ ସଂଗୀତର ସୁଲଳିତ ସ୍ୱର । କାହାର ପାଦଧ୍ୱନି ସେ ଶୁଣିଛନ୍ତି ଝରଣାର ଝର୍ଝର ନାଦରେ, ନଦୀର କଳକଳ ତାନରେ, ପତ୍ରର ମର୍ମର ଶବ୍ଦରେ, ସେ କିଏ ? ସେ କିଏ ? ରହସ୍ୟର ଅବଗୁଣ୍ଠନରେ ସେ କିଏ ? ସେ କ'ଣ ସ୍ୱପ୍ନ ଦେଖା ଅନୁଭବଟିଏ ନା ଅନୁଭବୀର ସ୍ୱପ୍ନଟିଏ, ନା ଆଉ କିଛି ? – ସେ କ'ଣ ଅପେକ୍ଷାର ଦୀର୍ଘରାତି, ଯାହାର ପାହାନ୍ତି ନାହିଁ ? ପୁଣି ପାହାନ୍ତି ନାହିଁ ବୋଲି ବିରକ୍ତି ମଧ୍ୟ ନାହିଁ, ବରଂ ରହିଛି ଅନୁରକ୍ତିର ପ୍ରଶାନ୍ତ ମାଧୁରୀ । ସବୁକିଛି ଶବ୍ଦ କାହାର ପାଦଶବ୍ଦ ପରି ଶୁଭିଛି । ସେ ଶବ୍ଦରେ କୁନ୍ତଳାଙ୍କ ମନ ହଜି ଯାଇଛି କେଉଁ ଏକ ଘନନୀଳ ଦୂରଦିଗନ୍ତରେ ।

'ସେ ତ ଗଲା ଚାଲି' କବିତାରେ କବି କହିଛନ୍ତି –

'ସେ ତ ଗଲା ଚାଲି ସେ ତ ଗଲା ଚାଲି
ଆଉ ନ ପାଇବି ଦେଖା
ତଥାପି ତାହାର ପଥ ଅନୁସରି
ଖୋଜିବୁଲେ ପଦରେଖା ।।'

କୁନ୍ତଳା କୁମାରୀଙ୍କର ରହସ୍ୟବାଦୀ ଭାବନାର ଆଲୋଚନା ଅବକାଶରେ ଡଃ କୁଞ୍ଜବିହାରୀ ଦାଶଙ୍କ ଉକ୍ତି ସ୍ମରଣକୁ ଆସେ । ସେ କହିଛନ୍ତି, ''କୁନ୍ତଳା ରହସ୍ୟବାଦୀ କବି । ଭଗବାନଙ୍କ ସହିତ ବିଭିନ୍ନ ମାନବିକ ସଂପର୍କର ନିବିଡ଼ ଚିତ୍ର ସେ ଅଙ୍କନ କରିଛନ୍ତି ।''

ଏ ଦିଗରେ ପଦ୍ମଚରଣ ପଟ୍ଟନାୟକଙ୍କ କୃତବିଦ୍ୟତା ସ୍ୱୀକାର୍ଯ୍ୟ । କାହାପାଇଁ ସଜଫୁଲରେ ଡାଲା ସଜାଇ ପ୍ରତୀକ୍ଷାରତ କବି ପଦ୍ମଚରଣ ? ସେ କିଏ? କେଉଁଠି ତାଙ୍କ ସ୍ଥିତି ? ପ୍ରକୃତିର ସ୍ନିଗ୍ଧଶୋଭନ ଅଭିବ୍ୟକ୍ତି ସବୁ ତାଙ୍କର କୀର୍ତ୍ତି । ତାଙ୍କ ଦେଖାନପାଇ ମଧ୍ୟ ତାଙ୍କର ଉପସ୍ଥିତି କବି ଅନୁଭବ କରିଛନ୍ତି ପ୍ରାଣ ଓ ମନର ଭିନ୍ନଭିନ୍ନ ପରିତଳରେ । ସେ କି ଗୋଧୂଳି କୁନ୍ତଳର ତାରା ? ସେ କି ବସନ୍ତ ଫୁଲର ଝରା ପରାଗ ? ସେ କି ବଉଦଫାଙ୍କର ପୂର୍ଣ୍ଣିମା ଜହ୍ନ ? 'ତୁମେ' ଶବ୍ଦଟି କାହା ପାଇଁ ? 'ତୁମେ' ସମ୍ବୋଧନରେ ଥିବା ପ୍ରୀତିଭିଜା ମାନସିକତାର ପରିଚ୍ଛନ୍ନ ଅଭିବ୍ୟକ୍ତି ଯେତିକି ରହସ୍ୟମଞ୍ଜୁଳ ସେତିକି କଳାଶ୍ରୀବିମଣ୍ଡିତ ।

କବିଙ୍କ ଭାଷାରେ –

'ରାଜାରଜନୀରେ ନିଶୀଥ ଗଗନେ

ଶଶୀକରେ ରାଜପଣ,
ବଉଦ ସଙ୍ଗରେ କେତେ ଲୁଚକାଳି
ଖେଳି ହରୁଥାଏ ମନ ।
ଉର୍ଦ୍ଧ୍ୱନେତ୍ରେ ଯେବେ ବସି ସେହି ଖେଳ
ଦେଖେଁ ଏକା ପ୍ରାଣଭରି,
ତୁମ୍ଭକଥା ସ୍ମରି ଅଶ୍ରୁ ଢୁଇଟୋପା
ପଡ଼େ ମୋ ନୟନୁଝରି ।' *(କେଉଁ ଦେଶେ ଅଛ ?)*

ପ୍ରଖ୍ୟାତ କବି ସଚ୍ଚି ରାଉତରାୟଙ୍କର କାବ୍ୟମାନସ ପ୍ରାଥମିକ ଅବସ୍ଥାରେ ରହସ୍ୟବାଦୀ ରୋମାଣ୍ଟିକ ଭାବୋଚ୍ଛ୍ୱାସରେ କେତେକାଂଶରେ ଅନୁପ୍ରାଣିତ ହୋଇଛି । ଏହି ଅନୁପ୍ରେରଣାରୁ ସୃଷ୍ଟ କେତେଗୋଟି କବିତା ମଧ୍ୟରେ 'ଅଭିସାର','ସପନେ', 'ଭାଦ୍ର ଅତିଥି', 'ଆଜି ଦୁଃଖର ରାତେ','ପଲ୍ଲୀପ୍ରଭାତ' ଓ 'ପଥିକ' ଅନ୍ତର୍ଭୁକ୍ତ । ୧୯୩୧ ମସିହାରେ 'ନବୀନ' ପତ୍ରିକାରେ ପ୍ରକାଶିତ 'ଆଜି ଦୁଃଖର ରାତେ' କବିତାରେ କବିଚିତ୍ତ କୁଟୀର ଦୁଆରରେ କାହା ଆଗମନକୁ ଚାହିଁ ବସିଛି । ବ୍ୟାଥାର ଦୀପ ଜଳିଜଳି ଲିଭିଯାଇଛି, ମିଳନର ମାଳା ମଉଳି ଝରିପଡ଼ିଛି ତଥାପି ଆଶା ମଉଳି ନାହିଁ। ଯାହାପାଇଁ ସୀମାହୀନ ଏଇ ପ୍ରତୀକ୍ଷାରେ କ୍ଲାନ୍ତି ନାହିଁ କି ବିରକ୍ତି ନାହିଁ, ସେ କିଏ ? ସେ କିଏ ? ଆଶାର ବୀଣାତାନରେ ବିମୁଗ୍ଧ ଶ୍ରୀରାଉତରାୟ ଉଲ୍ଲେଖ କରିଛନ୍ତି –

'କହଇ ଆଶା କି କଥା କାନେ
ଉଠେ ମୁଁ ଥରି ତୁମରି ଗାନେ ।
ଅଧୀର ପୁଣି କ୍ଷଣକେ ମନେ ତୁମରି ପ୍ରେମେ ବାଇ ।'

୬. ଦାର୍ଶନିକ ଗୀତିକବିତା :

ଏଥିରେ ଜୀବନ ଓ ଜଗତ ସଂପର୍କିତ ଚିନ୍ତା ଓ ଚେତନା ପ୍ରକଟିତ ହୋଇଥାଏ । ବିଶ୍ୱ ପ୍ରକୃତି ଓ ବ୍ୟକ୍ତିଜୀବନ ଉଭୟ ଯେ ଅଙ୍ଗାଙ୍ଗୀ ଭାବରେ ଜଡ଼ିତ, ଏକଥା ଏଥିରୁ ଜାଣିହୁଏ । ଜଗତ ନଥିଲେ ଜୀବନର ସ୍ଥିତି ନାହିଁ କି ଜୀବନ ନଥିଲେ ଜଗତର ଅଭିବ୍ୟକ୍ତି ନାହିଁ, ଏହି ତତ୍ତ୍ୱର ମହତ୍ତ୍ୱ ପରିବେଷିତ ହୋଇଥାଏ ଉକ୍ତ ପର୍ଯ୍ୟାୟର ଗୀତିକବିତାରେ । ଜଗତ ସଂପର୍କରେ ଜୀବନ ମାଧ୍ୟମରେ ଅର୍ଜିତ ଅନୁଭୂତିକୁ କେତେକ କବି ସ୍ୱରଚିତ ସୃଷ୍ଟି ସମ୍ଭାରରେ ରୂପ ଦେଇଛନ୍ତି । ସେମାନଙ୍କ ମଧ୍ୟରୁ ଜଣେ ଦୁଇଜଣଙ୍କର ଏକ ଏକ କବିତାର ଅଂଶବିଶେଷ ଉଦାହରଣ ସ୍ୱରୂପେ ଗ୍ରହଣ କରାଯାଇପାରେ । ଜୀବନକୁ ଏକ ନଦୀ ସହ ତୁଳନା କରିଛନ୍ତି ବ୍ୟାସକବି ଫକୀରମୋହନ । ସେହି ନଦୀରେ ସୁଖ, ଶାନ୍ତି, ପ୍ରେମ, ମୋହ ଓ ଲାଳସା ଆଦିର ଫେନପୁଞ୍ଜ ଆସି ପୁଣି ବିଲୟ ହୋଇଯାଏ । କାମକ୍ରୋଧର କୁମ୍ଭୀର ତହିଁରେ ଥାଆନ୍ତି, ସୁବିଧା ପାଇଲେ ଅତର୍କିତ ଭାବରେ ଆକ୍ରମଣ କରନ୍ତି । ଦିନେ ସେହି ନଦୀ

ମିଶିଯିବ ଅନନ୍ତ ସାଗରରେ । ତେଣୁ ପ୍ରତି ପଦକ୍ଷେପରେ ସଚେତନ ହେବା ଲାଗି ସେ ମାନବକୁ ଆହ୍ୱାନ କରିଛନ୍ତି ।

'ନଦୀ ରୂପେ ମୋ ଜୀବନ ଯାଉଅଛି ବହି
ହସି – କାନ୍ଦି କୁଳୁକୁଳୁ କଥା କହିକହି
x x x x
ସୁଖ ଶାନ୍ତି ପ୍ରେମ ମୋହ ଲାଳସା ନିଚୟ
ଫେନପୁଞ୍ଜ ଉଠି ଭାସି ପାଉଛନ୍ତି ଲୟ ।' *(ଜୀବନ ନଦୀ)*

ଜୀବନର ବହୁ ଅନୁଭୂତି କବି ଫକୀର ମୋହନଙ୍କ ମନରେ ଭାବାନ୍ତର ଆଣି ଦେଇଛି। ଜଗତ ପ୍ରତି ତାଙ୍କର ମନୋବୃତ୍ତି ଅତ୍ୟନ୍ତ ଶାଣିତ ଓ ସୂକ୍ଷ୍ମ । ଜଗତ ଅହରହ ପରିବର୍ତ୍ତନଶୀଳ। ଅସ୍ଥିରତା, ଅସନ୍ତୋଷ ହିଁ ଜୀବନର ଭାଗଶେଷ ବୋଲି ସେ କହିଛନ୍ତି । ଯେଉଁଠି ଫୁଲଫୁଟେ ଝଡ଼ିବା ପାଇଁ, ଲହରୀ ଉଠେ ଭାଙ୍ଗି ପଡ଼ିବା ପାଇଁ, ସେହି ଜଗତ ପୂର୍ଣ୍ଣ ସୁଖର ସ୍ଥାନ ନୁହେଁ ବୋଲି କବି ମୁକ୍ତକଣ୍ଠରେ ମତ ଦେଇଛନ୍ତି ।

'ଫୁଟି ଚହଟେ କିପାଁ କୁସୁମ – କଢ଼ି
ଦୁଇଦିନରେ ଯେବେ ପଡ଼ିବ ଝଡ଼ି ?
x x x x x
ଏତେ ଦିନେ ମୋହର ଜନ୍ମିଲା ଜ୍ଞାନ
ଜଗତ ନୁହେଁ ପୂର୍ଣ୍ଣସୁଖର ସ୍ଥାନ ।' *(ଜଗତ ନୁହେଁ ପୂର୍ଣ୍ଣସୁଖର ସ୍ଥାନ)*

ଜୀବନ ଏକ ନଦୀଧାରା, ସିଏ ମୃତ୍ୟୁ ସିନ୍ଧୁରେ ଝାସ ଦେବାକୁ ନିଃଶବ୍ଦରେ ଗତିଶୀଳ । କେତେ ଘଟଣା ସେହି ସ୍ରୋତରେ ଭାସିଯାଏ । ସୁଖର ଦିନ ଚାଲିଗଲେ ବି ଚିହ୍ନ ରହେ ସ୍ମୃତିର ସ୍ମାରକୀ ହୋଇ । ଭକ୍ତକବି ମଧୁସୂଦନ ରାଓଙ୍କ ଅନୁଭବ ଏହିପରି –

'କି ବେଗରେ ଯାଉଅଛି ଚାଲି
ସେହି ସ୍ରୋତ ସଙ୍ଗେ ଭାସି ଜୀବନର ସୁଖରାଶି
ଯାହାର ସ୍ମରଣେ ନର ଶୋକଶ୍ୱାସ ଢାଳି
ଅତୀତକୁ ଉଦ୍‌ବୋଧଇ ବୃଥା ଭାଳିଭାଳି ।'

(ଜୀବନଚିନ୍ତା)

ନନ୍ଦକିଶୋରଙ୍କର ବହୁ ଗୀତିକବିତାରେ ଜୀବନାନୁଭବର ସ୍ୱର ଶାଣିତ । ଜୀବନ ଓ ଜଗତର ବାସ୍ତବରୂପ ଉଦ୍‌ଘାଟନ ନିମନ୍ତେ ସେ ଅସୀମ ପ୍ରୟାସ କରିଛନ୍ତି। ମଣିଷ ସ୍ୱାର୍ଥ ସର୍ବସ୍ୱ, ଅଜ୍ଞାନତାରେ ଆଚ୍ଛନ୍ନ, ପ୍ରକୃତ ସତ୍ୟକୁ ସେ ଜାଣି ନାହିଁ । ପରକ୍ଷଣରେ ଥିବା ଭବିତବ୍ୟ ସମ୍ବନ୍ଧରେ

ତାର କୌଣସି ଧାରଣା ନାହିଁ ।

'ଏତେ କଷଣ ସହି ସଂସାରୀ ନର
ଆଶାତରୁତଳରେ ତୋଳଇଘର
ସହସା କାହୁଁଆସି ବିପଦଘନ
ବରଷି ତା ସଂସାର କରେ ଉଚ୍ଛନ୍ନ' ।

(ନିୟତି - ପୀଡ଼ନ)

କବି ବିଦ୍ୟୁତ୍‌ପ୍ରଭା ଆତ୍ମମଗ୍ନା ହୋଇ କେତେକ କବିତା ରଚନା କରିଛନ୍ତି । ସୁଖ ପରେ ଦୁଃଖ, ଦୁଃଖ ପରେ ସୁଖ ଅବଶ୍ୟମ୍ଭାବୀ ବୋଲି ସେ ଅନୁଭବ କରିଛନ୍ତି । ତାଙ୍କ କଥାରେ –

'ଯଉବନର ବେଣୁରେ ଦିଅ
ଜରାର କ୍ଷୀଣ ଦିଶା
ଶୁଷ୍କ ମଧୁ ପୁନିଅଁ ପଛେ
କାଳିମା ଅମାନିଶା ।' *(ସୃଷ୍ଟି ବୈଚିତ୍ର୍ୟ)*

ଜୀବନପଥରେ ଅଗ୍ରଗତି କଲାବେଳେ କେତେ ବାଧା ବିଘ୍ନ ଆସେ । ମଣିଷ ଯନ୍ତ୍ରଣାରେ ଜର୍ଜରିତ ହୁଏ । କାହାକୁ ତାହା କହିହୁଏ ନାହିଁ, ନ କହି ରହିହୁଏ ନାହିଁ । କେବଳ ବ୍ୟକ୍ତି ନୁହେଁ ସମଷ୍ଟିର ମଧ୍ୟ ଏଇ ଅନୁଭବ ଯେ ଜୀବନ ଏକ ରିକ୍ତ ମରୁଭୂମି, ଜ୍ୱଳନର ମୂର୍ତ୍ତପ୍ରତୀକ । କବି ବିଦ୍ୟୁତ୍‌ପ୍ରଭା ସାର୍ବଜନୀନ ଏଇ ଜୀବନ ଚିନ୍ତାକୁ ଭାଷାରେ ରୂପାୟିତ କରିଛନ୍ତି । ଦୁଃଖକଷ୍ଟ ବିପଦଆପଦ ଯଦି ଜୀବନର ସାଥି ତେବେ ଜୀବନର ଅର୍ଥ କ'ଣ ? କାହିଁକି ମଣିଷ ଜନ୍ମନିଏ ? କବିଙ୍କ ଭାଷାରେ –

'କାହିଁକି ନର– ଜନ୍ମ ଏଇ
ବିରାଟ ନଭ ତଳେ
ନିଦାଘ ବନ ଅଗ୍ନିସମ
ଜୀବନ ଗୋଟା ଜଳେ ।
ଅନୁତାପର ତୀବ୍ର ପୀଡ଼ା
ଚିତ୍ତ ସଦା ଘାରେ
ଜୀବନ ଗୋଟା ତିକ୍ତ ଖାଲି
ଦୁଃଖ ଗୁରୁ ଭାରେ ।।'

୭. ପଲ୍ଲୀ ସଂସ୍କୃତିଭିତ୍ତିକ ଗୀତିକବିତା :

ଉତ୍କଳୀୟ ଜୀବନର ପ୍ରତିନିଧିତ୍ୱ କରେ ପଲ୍ଲୀଜୀବନ । ଗାଁ ଗୋହିରୀର କିଆଫୁଲ, ଗାଁର ପୋଖରୀତୁଠ, ମନ୍ଦିରବେଢ଼ା, କାର୍ତ୍ତିକ ଦୀପ, ଗହୀର ବିଲ, ଆମ୍ବତୋଟା, ଦୋଳମେଲଣ, ନଈପବନ, ଚଇତି ପର୍ବ, ଚନ୍ଦନଯାତରେ ଲେଖାଥାଏ ପୁଲକିତ ଭାବର ଅନେକ କବିତା । ଥରେ ତାକୁ ପଢ଼ିଦେଲେ

ମନ ଚୁଷେ ନାହିଁ, ଆଉ ଥରେ ପଢ଼ିବାକୁ ଇଚ୍ଛା ହୁଏ । ଅତୀତରେ ପଲ୍ଲୀ ଜୀବନ ଆହୁରି ସ୍ନିଗ୍ଧ ସୁରଭିତ ଥିଲା । ମଣିଷ ମଣିଷ ଭିତରେ ସହାନୁଭବର ଅମୃତଧାରା ପରିବେଶରେ ଭରିଦେଇଥିଲା ବୈକୁଣ୍ଠର ବିପୁଳ ବିଭବ ।

ସଂସ୍କୃତି କ'ଣ ? ଏ ସଂପର୍କରେ କିଞ୍ଚିତ ଆଲୋଚନା କରିବା । ସଂସ୍କୃତି ହେଉଛି ଉତ୍ତରିତ ଚେତନାର ବିମୁକ୍ତ ଅଭିବ୍ୟକ୍ତି । କେବଳ ଯେନତେନ ପ୍ରକାରଣେ ବଞ୍ଚି ରହିବା ନୁହେଁ ବରଂ ମାର୍ଜିତ ରୁଚି ଓ ଚେତନାରେ ବଞ୍ଚିବାର ଅନୁପ୍ରେରଣା ଏଥିରୁ ମିଳିଥାଏ । ସାଧାରଣ ଭାବରେ ବଞ୍ଚିବା ଯଦି ହୀରା ହୁଏ, ତେବେ ସଂସ୍କୃତି ହେଉଛି ସେହି ହୀରାକୁ ଜ୍ୟାମିତିକ ଆକୃତି ଦେବାର ମାନସିକତା । ବଞ୍ଚିବାର କଳାତ୍ମକତା ସଂସ୍କୃତିର ଅନ୍ତର୍ଭୁକ୍ତ । ଚାଲିବାରୁ ନାଚିବାରେ, ଗୁଣୁଗୁଣୁରୁ ଗୀତ ଗାଇବାରେ, ରେଖାଙ୍କନରୁ ଚିତ୍ରାଙ୍କନରେ ସଂସ୍କୃତିର ଐଶ୍ୱର୍ଯ୍ୟ ମୂର୍ତ୍ତିମନ୍ତ । ତେବେ ସଂସ୍କୃତି ହେଉଛି ଏକ ଜାତିର ରୁଚିପୂର୍ଣ୍ଣ ସଂହତ ମାନସିକତା ଯାହାର ସଂରଚନା ଦେଶ, କାଳ ଭେଦରେ କେତେକାଂଶରେ ଭିନ୍ନ ଭିନ୍ନ ହୋଇଥାଏ । ଉତ୍କଳୀୟ ପଲ୍ଲୀସଂସ୍କୃତି ପଲ୍ଲୀର ପରିବେଶକୁ ଆଧାର କରି ସଂଗଠିତ ଓ ସମୃଦ୍ଧିପ୍ରାପ୍ତ ।

ଆଧୁନିକ ଓଡ଼ିଆ ସାହିତ୍ୟରେ ଉପନ୍ୟାସ, ଗଳ୍ପ, ପ୍ରବନ୍ଧ, ଛନ୍ଦ କବିତା ଓ ଗୀତିକବିତାରେ ପଲ୍ଲୀର ଚିତ୍ର ଅଙ୍କିତ ହୋଇଛି । ଊନବିଂଶ ଶତାବ୍ଦୀର ଶେଷ ଓ ବିଂଶ ଶତାବ୍ଦୀର ପ୍ରାରମ୍ଭବେଳକୁ ସାହିତ୍ୟରେ ଏହି ଅଙ୍କନ ଥିଲା ଏକ ଅପରିହାର୍ଯ୍ୟ ଆବଶ୍ୟକତା । ୧୮୯୩ – ୯୪ ରେ 'ବିଜୁଳି' ଓ 'ଇନ୍ଦ୍ରଧନୁ' ପତ୍ରିକାର ସଂଘର୍ଷରୁ ଉଦଭୂତ ନିଷ୍କର୍ଷ ଭିତ୍ତିରେ ଏହି ଆବଶ୍ୟକତା ପର୍ଯ୍ୟବସିତ ହୋଇଥିଲା । ଆମ ସଂସ୍କୃତି ଅର୍ଥାତ୍ ଉତ୍କଳୀୟ ତଥା ଭାରତୀୟ ସଂସ୍କୃତିର ପ୍ରାଣକେନ୍ଦ୍ର ହେଉଛି ପଲ୍ଲୀସଂସ୍କୃତି । ପଲ୍ଲୀର ବିକାଶରେ ଉତ୍କଳ ତଥା ଭାରତର ସର୍ବାଙ୍ଗୀଣ ବିକାଶ । ଭକ୍ତକବି ମଧୁସୂଦନ ପଲ୍ଲୀପରିବେଶରେ ଅନୁପମ ଲାବଣ୍ୟର ଅଭିନବ ଅଭିଷେକକୁ ସୂକ୍ଷ୍ମ ଦୃଷ୍ଟିରେ ଦେଖି ପାରିଥିଲେ । ଗାଆଁ ପୋଖରୀର କଇଁଫୁଲ ଓ ପଦ୍ମଫୁଲ, ଘରବାଡ଼ିରେ ଫୁଟିଥିବା ଜହ୍ନିଫୁଲ ଓ ଅଗସ୍ତିଫୁଲ, ଗାଆଁ ମୁଣ୍ଡରେ ଥିବା ଆଖୁଶାଳ ଓ ଧାନଖଳା କବିଙ୍କୁ ବିମୁଗ୍ଧ କରିଥିଲା । ଛଣପଟ କିଆରୀର ରୂପ ରଙ୍ଗରେ କବି ଦୃଷ୍ଟି ବନ୍ଦୀ ହୋଇଥିଲା –

'ଆଖୁକ୍ଷେତ ଦିଶେ ଯତନ, ଆଖୁଶାଳରେ ବସି
ଗ୍ରାମକଥା ଗ୍ରାମବାସୀଏ ଗଳ୍ପ କରନ୍ତି ହସି ।' *(ଶିଶିର)*

ପଲ୍ଲୀର ଚାରୁଚିତ୍ର ଅଧିକ ସ୍ପଷ୍ଟ ଭାବରେ ନନ୍ଦକିଶୋରଙ୍କ ଲେଖନୀରେ ଅଙ୍କିତ । 'ପଲ୍ଲୀଚିତ୍ର' ଶୀର୍ଷକ ରଚନାରେ ଏକାଧାରରେ ପଲ୍ଲୀସୁଷମା ଓ ପଲ୍ଲୀସଂସ୍କୃତି ରୂପାୟିତ । ଚାନ୍ଦିନୀ ରାତିର ଲଳିତଚିତ୍ର କବିଚିତ୍ତକୁ ମୁଗ୍ଧ କରିଛି, ସକାଳର ଚାଟଶାଳୀ କବିଙ୍କ ହୃଦୟରେ ଆଣି ଦେଇଛି ଅନନ୍ୟ ପବିତ୍ର ଭାବ । ଗୁଡ଼ିଆଣୀଙ୍କର ମୁଢ଼ି ବିକ୍ରୀ, ନାଥର କେନ୍ଦରା ଓ କେଳାକେଳୁଣୀଙ୍କର ଧୁଡୁକି ବାଦନ, ହାଟୁଆଙ୍କର ଗମନାଗମନ, ଜମିଦାରଙ୍କର ଜୀବନଚର୍ଯ୍ୟା କବିଦୃଷ୍ଟିକୁ ଆକୃଷ୍ଟ କରିଛି । ଶଗଡ଼ିଆଭାଇଙ୍କର ଟାକରାଫୁଟା ସହ ଶଗଡ଼ ଚଳେଇବାର ଚିତ୍ର ପ୍ରଦାନ ପୂର୍ବକ କବି କହିଛନ୍ତି –

'ଟାକରା ଫୁଟାଇ ବଳଦ ଅଡ଼ାଇ
ନିଠେଇ ନିଠେଇ ଗୀତ
ରାମାୟଣ ଅବା ମହାଭାରତରୁ
ଗାଇଣ ହରନ୍ତି ଚିତ୍ତ ।'

୧୯୦୦ ମସିହାରେ ପ୍ରକାଶିତ 'ପଲ୍ଲୀଚିତ୍ର' ପୁସ୍ତକ ପାଠକରି ଉତ୍କଳସାହିତ୍ୟର ସଂପାଦକ ମହୋଦୟ କହିଥିଲେ – ''ପଲ୍ଲୀଚିତ୍ର ଖଣ୍ଡିକ ବର୍ଣ୍ଣନାତ୍ମକ କାବ୍ୟ । ଏହି କ୍ଷୁଦ୍ର ପୁସ୍ତକରେ ପଲ୍ଲୀବାସୀ, ଗ୍ରାମଦେବତା, ଗ୍ରାମଖେଳା, ଗ୍ରାମଚାଟଶାଳୀ, ଗ୍ରାମଡୋଟା, ଗ୍ରାମମହାଦେବ, ଗ୍ରାମଶ୍ମଶାନ, ଗ୍ରାମହାଟ – ଏହି କେତୋଟି ଚିତ୍ର ଅତି ସରସ, ମଧୁର ଓ ଜୀବନ୍ତ ।''

ସତ୍ୟବାଦୀ ସାହିତ୍ୟରେ ପ୍ରସଙ୍ଗକ୍ରମେ ଆବଶ୍ୟକତା ଅନୁସାରେ ପଲ୍ଲୀଚିତ୍ର ଅଙ୍କିତ ହୋଇଛି । ପରେ ପରେ କବି ସଚ୍ଚିରାଉତରାୟଙ୍କ ଲେଖନୀରେ ଏହି ଚିତ୍ର ଅଧିକରୁ ଅଧିକ ଉପାସ୍ଥାପିତ ହୋଇଛି । କବି ଶ୍ରୀଯୁକ୍ତ ରାଉତରାୟ ପଲ୍ଲୀରେ ପ୍ରଚଳିତ ଭାଷାରେ ପଲ୍ଲୀ ସଂସ୍କୃତି ଓ ପଲ୍ଲୀ ପ୍ରକୃତିର ଚିତ୍ରଣ କରିଛନ୍ତି । ୧୯୪୧ ମସିହାରେ ମୁଦ୍ରିତ ତାଙ୍କର ପଲ୍ଲୀଶ୍ରୀ ପୁସ୍ତକରେ ସନ୍ନିବେଶିତ 'ଛୋଟ ମୋର ଗାଆଁଟି', 'ପଲ୍ଲୀସଞ୍ଜ','ପହିଲିରଜ','ଗ୍ରାମଶ୍ମଶାନ' ଓ 'ପଲ୍ଲୀପ୍ରଭାତ' ପ୍ରଭୃତି କବିତାଗୁଡ଼ିକରେ ପଲ୍ଲୀର ପ୍ରାଣସତ୍ତା ସହ ବ୍ୟକ୍ତିତ୍ୱ ମଧ୍ୟ ମୁକୁଳିତ ହୋଇଯାଇଛି ।

'ତାହାରି ଫୁଲ, ଶାଗୁଆଲତା
କଣ୍ଠେ ମୋର ଦେଲା ଯେ କଥା
ଆଖିରେ ଦେଲା ଚାହାଣି ନୂଆ
(ତାର) ଫଗୁଣ ଉଷା ପାହାନ୍ତି' *(ଛୋଟ ମୋର ଗାଆଁଟି)*

ଜଟିଆବୁଢ଼ୀ, କପିଳ ନନ୍ଦ, ଗୋବରା ଭୋଇ, ହରି ସୁବୁଦ୍ଧି ଓ ଛଣି ମହାନ୍ତି ପ୍ରଭୃତିଙ୍କ କଥା ଯାହା ସବୁ ନନ୍ଦକିଶୋରଙ୍କ ଲେଖାରେ ବାକି ରହିଯାଇଥିଲା ତାହା ସଚ୍ଚିରାଉରାୟଙ୍କ ଲେଖାରେ ପୂରଣ ହେଲା ବୋଲି କହିଲେ ଅତ୍ୟୁକ୍ତି ହେବନାହିଁ । ଭିନ୍ନ ଭିନ୍ନ କାରଣରୁ ଗାଆଁର ବହୁ ଲୋକଙ୍କୁ ସେତେବେଳେ (୧୯୩୦ – ୪୦) ରେଙ୍ଗୁନ ଯାଇ ସେଠାରେ କାମ କରିବାକୁ ହେଉଥିଲା । ଆସାମର ଚାହା ବଗିଚାରେ ଓ କାଳିମାଟି କଲିକତାରେ ଶ୍ରମ କରିବା ପାଇଁ ବହୁଲୋକଙ୍କୁ ଗାଆଁମାଟି ଛାଡ଼ିବାକୁ ପଡୁଥିଲା । ଗାଆଁ ଛାଡ଼ିଲାବେଳେ ସେମାନଙ୍କ ମନରେ ଯେଉଁ ବେଦନା ପ୍ରକଟିତ ହେଉଥିଲା ତାହା ଅବର୍ଣ୍ଣନୀୟ । ବାରମ୍ବାର ଆଖି ବୁଲାଇ ଭଲକରି ଗାଆଁ ଭୂଇଁକୁ ସେମାନେ ଦେଖିଯାଉଥିଲେ । ଏହି କଥାଟିକୁ ହଗୁରାବାପ ମୁହଁରେ କବି ଏପରି କହିଛନ୍ତି–

'ଠିଆ ହୁଅଟିକେ ଦେଖି ନିଏ ଥରେ
ଗାଁକୁ ବୁଲାଇ ଆଖି

ସତେ ଆଉ କି ପାରିବା ଦେଖି ?'

କବି ବିଦ୍ୟୁତପ୍ରଭାଙ୍କ ରଚନାରେ ଗାଆଁରୁ ଅନ୍ତର ହୋଇ ବାହାରକୁ ଲୋକ ଚାଲିଯାଉଥିବାର ଚିତ୍ର ଅଧିକ ସ୍ପଷ୍ଟ । ସୋରିଷ ଫୁଲର ବାସରେ ଯେଉଁଠି ମଗୁଶିର ଆସେ, ହେମନ୍ତର ହାତ ବାଜି ଯେଉଁଠି ଧାନ କ୍ଷେତ ସୁନା ପାଲଟେ, ଅଝଟ ଶିଶୁ ପରି ଗୁଗୁଚିଆ ଯେଉଁଠି କାନି ଛାଡ଼େ ନାହିଁ ସେହି ପଲ୍ଲୀର ଶ୍ରୀହୀନ ରୂପ କବିମାନସରେ ଅଶେଷ ବେଦନା ଭରି ଦେଇଛି । କଲିକତାରେ କୁଲି ଓ ଆସାମର ଚାହା ବଗିଚାରେ ଶ୍ରମିକ ହୋଇଛି ପଲ୍ଲୀର ଅଲିଅଳ ସନ୍ତାନ । ପଲ୍ଲୀର ଏହି ଦୁଃଖକୁ ମର୍ମେ ମର୍ମେ ଉପଲବ୍ଧି କରି କବି କହିଛନ୍ତି –

'ବାପ ଗୋସିବାପ ଓଲଟାଇ ମାଟି
ପାଲଟାଉ ଥିଲେ ସୁନା
ସାରିଲୁ ତୁ ସବୁ ହୋଇ କୁଲି ବାବୁ
କାଛ ତୋ ମାରେ ଲୁଣା' *(କଲିକତା କୁଲି)*

ଏହା ସ୍ୱୀକୃତ ଯେ ପଲ୍ଲୀର ମଥାରେ ଆଲୋଚ୍ୟ ସମୟର କେତେକ କବି ପିନ୍ଧାଇ ଦେଇଛନ୍ତି ଆଲୋକର ମୁକୁଟ, ସେ ମୁକୁଟରେ ଖଞ୍ଜା ଯାଇଥିବା ମଣିମୁକ୍ତା ଝଲସି ଉଠୁଛି ଏବଂ ପାଠକର ଦୃଷ୍ଟିକୁ ଏବେ ମଧ୍ୟ ଆକୃଷ୍ଟ କରୁଛି ।

୮. ବିଭୁଭକ୍ତିମୂଳକ ଗୀତିକବିତା :

ଭଗବାନଙ୍କ ନିମନ୍ତେ ଗଭୀର ଅନୁରକ୍ତି ହିଁ ଭକ୍ତି । ସେ ଭଗବାନ ସାକାର ବା ନିରାକାର ହୋଇପାରନ୍ତି । ଅନୁରକ୍ତି ପ୍ରଶଂସାମୂଳକ ବା ବ୍ୟାଜନିନ୍ଦାଭିତ୍ତିକ ହୋଇପାରେ । ବ୍ୟକ୍ତି ଚେତନାର ଆରୋହଣ କ୍ରମ ଏଥିରେ ଥାଇପାରେ କିମ୍ବା ବିଭୁଚେତନାର ସଦୟ ଅବରୋହଣ ପ୍ରସଙ୍ଗ ଏଥିରେ ରୂପାୟିତ ହୋଇପାରେ । ଅନୁରାଗର ଚନ୍ଦନଗନ୍ଧରେ ଏହା ସୁବାସିତ ହୋଇପାରେ ବା ବୈରାଗ୍ୟର ଗୈରିକ ମ୍ଲାନିମାରେ ଜର୍ଜରିତ ହୋଇପାରେ। ଶ୍ରୀଜଗନ୍ନାଥଙ୍କ ପ୍ରତି ସୀମାହୀନ ଭକ୍ତିମତ୍ତାରେ ସିକ୍ତ ଉତ୍କଳୀୟ କବିଚିତ୍ତ । ପ୍ରାୟ ପ୍ରତ୍ୟେକ କବି ଅଳ୍ପେ ବହୁତେ ପରମ ପ୍ରଭୁଙ୍କ ଚରଣରେ ଭକ୍ତିପୂତ ଆତ୍ମନିବେଦନ କରିଛନ୍ତି । ଚିନ୍ତାମଣି ମହାନ୍ତିଙ୍କର ଭକ୍ତିରଚନାରୁ ଉଦାହରଣ ସ୍ୱରୂପ ପଦଟିଏ ଗ୍ରହଣ କରାଯାଇପାରେ ।

'ଚକାବଇଠିରେ ବିଜେ ପ୍ରଭୁ ଚକାଡୋଳା
କି ଶୀତଳ ଦୃଷ୍ଟି ତବ ସ୍ନେହ – ମଧୁ – ବୋଳା
କେଡ଼େ ଚାରୁ – କୃଷ୍ଣ – କାନ୍ତି
ଢାଳୁଛି ଜଗତ ପ୍ରାଣେ ପ୍ରେମ ଶୁଭଶାନ୍ତି ।'

କେବଳ ଶ୍ରୀଜଗନ୍ନାଥଙ୍କ ପ୍ରତି ନୁହେଁ ଅନ୍ୟାନ୍ୟ ଦେବାଦେବୀଙ୍କ ପ୍ରତି ମଧ୍ୟ କବିମାନେ ଭକ୍ତି ନିବେଦନ କରିଛନ୍ତି । ଏହି ଧରଣର ସୃଷ୍ଟି ମଧ୍ୟରେ ଫକୀରମୋହନଙ୍କର 'କୃପାନିଧାନ','ଦିଅ ଦରଶନ',

'କରନ୍ତୁ କଲ୍ୟାଣ','ହରି ସର୍ବସ୍ୱ, ଓ 'ଶରଣ' ପ୍ରଭୃତି କବିତା ଏକ ଏକ ସାର୍ଥକ ସୃଷ୍ଟି । ମନରେ ଧନମାନର ଲାଳସା ନରହୁ ଏହା କାମନା କରିଛନ୍ତି କବି ଫକୀରମୋହନ । ପ୍ରଭୁ ହେଉଛନ୍ତି ପିତାମାତା, ଜ୍ଞାତିପରିଜନ ପୁଣି ସାଧନାର ଧନ । ଶରଣ ରକ୍ଷଣ ସିଏ ଶାନ୍ତିରସଦନ, ତାଙ୍କର କୃପା ସମସ୍ତଙ୍କ ପାଇଁ ଅହରହ ଝରୁଥାଏ । ମନୁଷ୍ୟର ଚଲାପଥରେ ସେ ହିଁ ସହଯାତ୍ରୀ ହୋଇ ଚେତନାର ଅଗ୍ରଗତିରେ ସହାୟତା କରନ୍ତି । ଅସମ୍ଭବକୁ ସମ୍ଭବ କରିବାର କ୍ଷମତା କେବଳ ତାଙ୍କର ହିଁ ରହିଛି । 'ହରି ସର୍ବସ୍ୱ' ପ୍ରାର୍ଥନା ସଙ୍ଗୀତରେ କବି କହିଛନ୍ତି –

'ଆହେ ମହାବାହୋ ! ତୁମ୍ଭେ ମୋର ପିତାମାତା
ତୁମ୍ଭେ ଜ୍ଞାତିପରିଜନ ସର୍ବସୁଖ ଦାତା
ଜୀବନ ମରଣ ତୁମ୍ଭେ ଶାନ୍ତିର ସଦନ
ସାଧନାର ଧନ ପ୍ରଭୋ ! ତୁମ୍ଭେ ମୋ ଶରଣ ।'

କବି ଫକୀରମୋହନଙ୍କର ରଚିତ 'ଅବସର ବାସରେ' ପୁସ୍ତକରେ କେତେକ ଭକ୍ତିଗୀତ ସ୍ଥାନିତ ହୋଇଛି । ଦିଗଦିଗନ୍ତରେ ପରମପ୍ରଭୁଙ୍କର ଦିବ୍ୟଜ୍ୟୋତି ପ୍ରକଟିତ ହୋଇ ଭକ୍ତ ମନକୁ ବିମୁଗ୍ଧ କରେ । ସେହି ବିଶ୍ୱମୟ ଅନନ୍ତ ସତ୍ତାଙ୍କ ମହିମାଗାନ କରି ଏକ ଗୀତରେ କବି କହିଛନ୍ତି –

'ଦିଗଦିଗନ୍ତରେ ଅନନ୍ତାକାଶେ
ମହାପ୍ରଭୁ ତୁମ ଜ୍ୟୋତି ବିକାଶେ
ଲୋକଲୋକାନ୍ତର ଅଛି ନିୟତ
ତୁମ ଅଧିକାର ବିଶ୍ୱ ଅନନ୍ତ'

ଅନ୍ୟ ଏକ ଗୀତରେ କୃପା ଭିକ୍ଷା କରିଛନ୍ତି କବି ଫକୀରମୋହନ, ମନର ଚଞ୍ଚଳତା ଦୂର ହେଉ ବୋଲି ପ୍ରାର୍ଥନା କରିଛନ୍ତି । କବିଙ୍କ ଭାଷାରେ –

'କୃପାନିଧାନ ହେ, କର କରୁଣା ମୋ ପ୍ରତି
ଦେଇ ମନ ପ୍ରାଣ କରେ ତୁମ୍ଭ ଧ୍ୟାନ
ସ୍ଥିର ହେଉ ମୋର ମତି ।'

୯. ଜାତୀୟତାବାଦୀ ଗୀତିକବିତା :

ଦେଶ ଏଥିରେ ବନ୍ଦିତ ହୁଏ, ଦେଶର ସଂସ୍କୃତି ଅଭିନନ୍ଦିତ ହୁଏ । ଦେଶ ଏଠାରେ ଏକ ଜଡ଼ବସ୍ତୁ ନହୋଇ ଏକ ଜୀବନ୍ତ ସତ୍ତାରେ ରୂପାନ୍ତରିତ ହୋଇଥାଏ । ଦେଶର ମାଟି ହୋଇଯାଏ ସୁବାସିତ ବିଭୂତି, ଶିଳା ହୋଇଯାଏ ଶାଳଗ୍ରାମ । ଅତୀତ ଗୌରବ ମୂର୍ତ୍ତିମନ୍ତ ହୋଇ ଭାବାନ୍ତର ଭରିଦିଏ ସ୍ରଷ୍ଟାର ଚିତ୍ତରେ । ଦେଶ ପ୍ରତି ସୀମାହୀନ ମମତ୍ୱବୋଧର ଶ୍ରୁତିମଧୁର ଛନ୍ଦରେ ବାନ୍ଧି ହୁଏ କବିର ପ୍ରାଣସତ୍ତା, ବନ୍ଦୀ ହୁଏ ମନର ଭିନ୍ନ ଭିନ୍ନ ଅଭିରୂପ । ଭାରତ ବନ୍ଦନା ଓ ଉତ୍କଳ ବନ୍ଦନା ଉଭୟ ଏହି ପର୍ଯ୍ୟାୟର ଅନ୍ତର୍ଭୁକ୍ତ ।

ଜାତୀୟତାବାଦର ଅର୍ଥ ଅନେକ ବୁଝନ୍ତି ନିଜ ଜାତିକୁ ବଡ଼କରି ଅନ୍ୟ ଜାତିକୁ ସାନ କରି ଦେଖିବା । ମାତୃଭାଷା ପ୍ରତି ମମତ୍ୱବୋଧର ଅର୍ଥ ଅନେକ ବୁଝନ୍ତି ନିଜ ମାତୃଭାଷା ହିଁ ସବୁଠାରୁ ବଡ଼ ଓ ଅନ୍ୟ ଭାଷା ସବୁ ହୀନ ଓ ନଗଣ୍ୟ, ଏହା ଗୋଟିଏ ଭ୍ରମ । କଥାଟି ବାସ୍ତବରେ ସେପରି ନୁହେଁ । ଜାତୀୟତାବାଦର ପ୍ରକୃତ ଅର୍ଥ ହେଉଛି ମୋ ଜାତି, ମୋ ଭାଷା ଯେପରି ମୋ ପାଇଁ କି ବଡ଼, ଅନ୍ୟର ଜାତି, ଅନ୍ୟର ଭାଷା ସେପରି ଅନ୍ୟ ପାଇଁ ବଡ଼ । ଏଥିରେ ଅଯଥା କଳହର ଆବଶ୍ୟକତା ନାହିଁ । ତେବେ ଏକଥା ସର୍ବବାଦୀ ସମ୍ମତ ଯେ ମାତୃଭାଷା ହିଁ ପ୍ରତ୍ୟେକ ବ୍ୟକ୍ତି ପାଇଁ ଜୀବନ ଚିନ୍ତାର ପ୍ରାଥମିକ ଭିତ୍ତି, ସର୍ବୋପରି ମନୋଭାବର ଅଭିବ୍ୟକ୍ତି ନିମନ୍ତେ ଏକ ବଳିଷ୍ଠ ମାଧ୍ୟମ ।

ଫକୀରମୋହନ ଥିଲେ ଜାତିପ୍ରାଣ ବ୍ୟକ୍ତିତ୍ୱ । ଉତ୍କଳପ୍ରତି ତାଙ୍କର ଅନୁରାଗ ଓ ଅନୁରକ୍ତି ଥିଲା ଅସୀମ । ସେ କହିଥିଲେ ଜନ୍ମଭୂମି ପ୍ରତି ସମ୍ମାନବୋଧ ଓ କର୍ତ୍ତବ୍ୟବୋଧ ଆଣିଦିଏ ଜୀବନର ସାର୍ଥକତା । ଅନ୍ୟଥା ଜୀବନ ହୁଏ ଅର୍ଥହୀନ ଓ ବ୍ୟର୍ଥ ।

'ମାତାକୁ ସମ୍ମାନ ନକରେ ଯେ ଜାଣ
ସେହି ତ ଅଧମ ସୁତ
ସେହି ସର୍ବସ୍ଥାନେ ଥାଏ ଅପମାନେ
ସମାଜରେ ଅନାଦୃତ ।' *(ଜନ୍ମଭୂମି)*

'ଜନନୀ ଜନ୍ମଭୂମିଶ୍ଚ ସ୍ୱର୍ଗାଦପି ଗରୀୟସୀ' ଉକ୍ତିକୁ ଅଶେଷ ମର୍ଯ୍ୟାଦା ଦେଇଛନ୍ତି ଭକ୍ତକବି ମଧୁସୂଦନ ରାଓ । ତାଙ୍କ ଉକ୍ତି ଏହିପରି –

'ପ୍ରାଣର ବନ୍ଧନେ ଏକ ହୋଇସର୍ବେ
ଉତ୍କଳ କଲ୍ୟାଣ ପାଇଁ
ଏ ଶୁଭ ଲଗନେ ପୂଜ ଭକ୍ତିଭରେ
ଶୁଭଦାତା ବିଶ୍ୱସାଇଁ' *(ସଙ୍ଗୀତ – ଉତ୍କଳ ଗାଥା)*

ପଲ୍ଲୀକବି ନନ୍ଦକିଶୋର 'ମାତୃଭୂମି', 'ଉତ୍କଳଦଶା', 'ଉତ୍କଳ ପ୍ରଭାତ', 'ଉତ୍କଳ ବନ୍ଦନା' ପ୍ରଭୃତି ଗୀତିକବିତାରେ ଉତ୍କଳୀୟ ଜାତୀୟତାକୁ ଉଚ୍ଚସ୍ଥାନ ଦେଇଛନ୍ତି । ଗଭୀର ଆଶାବାଦର ଅକ୍ଷୟ ମୁଦ୍ରାଙ୍କ ଏଥିରେ ଅଙ୍କିତ ହୋଇଛି ।

'ଆସିବ ଏମନ୍ତ କାଳ ଏ ମହୀମଣ୍ଡଳ –
ମଧ୍ୟେ ସମ୍ମାନିତ ହେବ ଦରିଦ୍ର ଉତ୍କଳ ।' *(ମାତୃଭୂମି)*

ଗୋଦାବରୀଶ ମିଶ୍ର ଧୂଳିମାଟି ଗୋଡ଼ିରେ ଗଡ଼ା ଏଇ ଜନ୍ମଭୂମିର ଭୂୟସୀ ପ୍ରଶଂସା କରିଛନ୍ତି ।

'ଜନମଭୂମି ଯେ ମାଟିପଥରର

ଜନନୀ କି ବଳି ବଡ଼
ସେ ଜନମ ଭୂମି ସେବା ଯେ କରଇ
ନର ଜନ୍ମଧନ୍ୟ ତାର ।' (ଜନ୍ମଭୂଇଁ)

ସବୁଜ ଯୁଗର ଅନ୍ୟତମ ସ୍ରଷ୍ଟା ଶରତ ଚନ୍ଦ୍ର ମୁଖାର୍ଜୀ ଭାରତବର୍ଷକୁ ଏସିଆର ତୀର୍ଥ କ୍ଷେତ୍ର ରୂପେ ଅବତାରଣା କରିଛନ୍ତି । ଆର୍ଯ୍ୟଋଷିର ଅନବଦ୍ୟ ଅବଦାନକୁ କୃତଜ୍ଞତାର ସହ ସ୍ରଷ୍ଟା ଶ୍ରୀ ମୁଖାର୍ଜୀ ସ୍ମରଣ କରିବା ସହ ଭାରତବର୍ଷର ଯଶ ବିସ୍ତାରିତ ହେଉ, ମଥାରେ ତାହାର ପୁଷ୍ପ ବୃଷ୍ଟି ହେଉ– ଏଇ ଆଶା ପୋଷଣ କରିଛନ୍ତି –

' ଏ ଦେବଭୂମିର ପ୍ରତି ତୃଣଠାରେ
ରହୁ ବିଧାତାର କରୁଣା ଦୃଷ୍ଟି
ଏ ମହାଜାତିର ମସ୍ତକ ପରେ
ହେଉ ସବୁ ଦିନ ପୁଷ୍ପ ବୃଷ୍ଟି' (ଭାରତ ଜନନୀ)

କୁନ୍ତଳା କୁମାରୀଙ୍କର ଦେଶାତ୍ମବୋଧ ଚେତନା ଯେପରି ପ୍ରେରଣା ଦାୟକ ସେହିପରି ସ୍ମରଣୀୟ । ସେ 'ଭାରତମାତା','ମା', 'ହାହାକାର', 'ପୁରୁଣା ଓଡ଼ିଆ' ଶୀର୍ଷକ କେତେକ ଦେଶପ୍ରୀତିମୂଳକ ଗୀତିକବିତା ରଚନା କରିଛନ୍ତି । ନମ୍ରନତ ହୋଇ କବି ଗାଇଛନ୍ତି –

'ଭାରତ ମୋ ମା' ଭାରତ ମୋ ମା'
ଜାଣିଛି ଏହା ମୁଁ ଅନ୍ତରେ
ଭାରତ ଜନନୀ ଜନ୍ମଭୂମି ମମ
ନମେ ତବ ପଦପ୍ରାନ୍ତରେ ।' (ଭାରତ ମାତା)

କବି କୃଷ୍ଣମୋହନ ଜାତୀୟତାବାଦରେ ଉଦବୁଦ୍ଧ ହୋଇ କେତେକ ଗୀତିକବିତା ରଚନା କରିଛନ୍ତି । ସେହିଗୁଡ଼ିକ 'ଜାତୀୟ ସଂଗୀତ' ଶୀର୍ଷକ ଏକ ଗୀତିଗୁଚ୍ଛରେ ମୁଦ୍ରିତ ହୋଇଛି । ଏଥିରେ ଉତ୍କଳ ବନ୍ଦନା ଓ ଭାରତ ବନ୍ଦନାର ଉପସ୍ଥାପନା ଲକ୍ଷ୍ୟଣୀୟ । ଓଡ଼ିଆ ଭାଷା ଭାଷୀ ଅଞ୍ଚଳକୁ ଏକତ୍ର କରିବା ନିମେନ୍ତ ୧୯୦୩ ମସିହାରେ ଉତ୍କଳ ସମ୍ମିଳନୀର ସୃଷ୍ଟି ହୋଇଥିଲା । ବିଭିନ୍ନ ସ୍ଥାନରେ ଏହାର ବାର୍ଷିକ ଉତ୍ସବ ଅନୁଷ୍ଠିତ ହେଉଥିଲା । ସାହିତ୍ୟ ସେତେବେଳେ ଥିଲା ଜାତିର ମାର୍ଗଦର୍ଶକ । ବିଶେଷତଃ ଗୀତିକବିତା ଥିଲା ଜାତୀୟତାବାଦର ପବିତ୍ର ଓଁକାର ଧ୍ୱନି ସଦୃଶ । ୧୯୦୬ ମସିହାରେ ସମ୍ବଲପୁରରେ ଅନୁଷ୍ଠିତ ଉତ୍କଳ ସମ୍ମିଳନୀର ବାର୍ଷିକ ଉତ୍ସବରେ ଗାନ କରାଯାଇଥିବା ତାଙ୍କ ରଚିତ ଗୀତଟିର ଅଂଶ ବିଶେଷ ଏହିପରି –

'ଆଜି ସାଗରେ ଭୂଧରେ ପ୍ରାନ୍ତରେ ଅମ୍ବରେ

ଶୁଭୁ ଉତ୍କଳର ଜୟଗୀତି ।
ଶିଶୁ ଦେଉ ତାର ଉଷାରୁଣ ବିଭା
ଦେଉ ଯୁବାଜନ ମଧ୍ୟାହ୍ନ ପ୍ରତିଭା ।
ଜ୍ଞାନରଶ୍ମି ଶେଷ ଦେଉ ପକ୍ୱକେଶ
ଭାଙ୍ଗୁ ସାଧନାର ଭ୍ରାନ୍ତ ଭିତ୍ତି ।।'

ଭାରତ ବନ୍ଦନା ପ୍ରସଙ୍ଗରେ କେତେକ ଗୀତି କବିତାରେ କବି ସମସ୍ତଙ୍କୁ ଜାତି – ଧର୍ମ – ବର୍ଣ୍ଣର ଭେଦ ଭାବକୁ ଭୁଲି ଏକ ଜାତିରେ ପରିଚିତ ହେବା ପାଇଁ ଆହ୍ୱାନ ଜଣାଇଛନ୍ତି । ସିଂହଳକୁ ଭାରତ ଜନନୀଙ୍କ ପାଦ ତଳେ ଫୁଟିଥିବା କନକ – କମଳ ବୋଲି ସେ ଉଲ୍ଲେଖ କରିଛନ୍ତି ।

'ପଦ ତଳେ ଯା'ର କନକ ସିଂହଳ
ଶ୍ରୀ ଚରଣେ ଯଥା କନକ – କମଳ' *(ଭାରତ ବନ୍ଦନା)*

କବି ବାଞ୍ଛାନିଧି ମହାନ୍ତି ଯେପରି ଉତ୍କଳପ୍ରେମୀ ଥିଲେ ସେପରି ଭାରତପ୍ରେମୀ ଥିଲେ । ତାଙ୍କ ସଂଗୀତର ସ୍ୱରଝଙ୍କାରରେ ପରାଧୀନ ଭାରତର ଗଗନପବନରେ ନବଶିହରଣ ଖେଳିଯାଇଥିଲା । ଦୁର୍ବଳର ଦେହ ଓ ପ୍ରାଣରେ ଭରି ଯାଇଥିଲା ଶକ୍ତିର ପ୍ଲାବନ । ଏହି ପ୍ରଚଣ୍ଡ ପ୍ରତିଭାଙ୍କର ଅବସାନ ଘଟିଥିଲା ମାତ୍ର ୪୧ ବର୍ଷ ବୟସରେ, ୧୯୩୮ ମସିହାରେ । ସେତେବେଳେ ଭାରତରେ ସ୍ୱାଧୀନତା ଆନ୍ଦୋଳନ ଜାରି ରହିଥିଲା । ତଥାପି ତାଙ୍କର କଳ୍ପନା – ନୟନରେ ସେ ସ୍ୱାଧୀନ ଭାରତର ଦୃଶ୍ୟ ଦେଖି ଗାଇଥିଲେ –

'(ଗାଅ) ସ୍ୱାଧୀନଭାରତ ସ୍ୱାଧୀନଭାରତ ସ୍ୱାଧୀନ ସ୍ୱାଧୀନ ସ୍ୱାଧୀନରେ
ଗାଏ ସାଗର ଭୂଧର ଅମ୍ବର ଚୁମ୍ବିତ, ଭାଲ ହିମାଚଳ ଗିରିବର କମ୍ପିତ
ସ୍ୱାଧୀନ ସ୍ୱାଧୀନରେ ।' *(ସ୍ୱାଧୀନ ଭାରତ)*

ଉତ୍କଳ ପ୍ରତି ତାଙ୍କର ଆନ୍ତରିକତା ଅସୀମ । ଉତ୍କଳର ନଦନଦୀ, କାନନ କେଦାର, ପାହାଡ଼ ପର୍ବତ ସବୁକିଛି କବିଙ୍କ ପାଇଁ ଥିଲା ଏକଏକ ସ୍ୱତନ୍ତ୍ର ତୀର୍ଥ । ଏ ମାଟିରେ ଚନ୍ଦନର ଗନ୍ଧ, ସାଗରରେ କ୍ଷୀର ସାଗରର ଛନ୍ଦ କବିଙ୍କୁ ଭାବବିଭୋର କରିଥିଲା । ଭକ୍ତିଫୁଲରେ ଅଞ୍ଜଳି ଭରି ସେ ଗାଇଥିଲେ –

'ଶସ୍ୟ – ସୁଶ୍ୟାମଳ – ରାଜିତ – କ୍ଷେତ୍ର।
କୁସମିତ – ଉପବନ – ବିନୋଦିତ – ନେତ୍ର।
ସୁବାସିତ – ସୌରଭ – ଆମୋଦିତକୁଞ୍ଜ

କୂଜିତ – କୋକିଳ – ସୁଲଳିତ ଛନ୍ଦେ
ହେ ମା' ଉତ୍କଳ ଜୟ ମା' ବନ୍ଦେ ।' *(ଉତ୍କଳ ବନ୍ଦନା)*

ଜାତୀୟ କବି ବୀରକିଶୋର ଦେଶର ସ୍ୱାଧୀନତା ସଂଗ୍ରାମରେ ଝାସଦେଇ ସାତଥର ଜେଲ ଯାଇଥିଲେ । ତାଙ୍କର ଅଗ୍ନିବର୍ଷୀ ଦେଶପ୍ରୀତିମୂଳକ କବିତା ଜଡ଼ପ୍ରାଣରେ ମଧ୍ୟ ସେତେବେଳେ ଶିହରଣ ଆଣି ଦେଇଥିଲା । ତାଙ୍କ ଶବ୍ଦଯୋଜନାରେ ଅପର୍ଯ୍ୟାପ୍ତ ଶକ୍ତି ନିହିତ, ବୀରତ୍ୱର ଦୀପ୍ତିରେ ପ୍ରତ୍ୟେକ କବିତା ଦୀପ୍ତିଯୁକ୍ତ । ଦେଶର ଦୁଃଖ ଓ ଦୁର୍ଗତିରେ ମର୍ମାହତ ହୋଇ କବି ବୀରକିଶୋର ସେଦିନ କହିଥିଲେ –

'ହୋମାନଳ ପରି ମୋର ଜୀବ ଲିଭିଯାଉ
ହିମାଚଳ ଗିରି ମୋର ସ୍ୱାଧୀନତା ପାଉ
x x x x x
ଏ ଜୀବନ ଦାନ କଲି ଦେଶଲାଗି ଭାଇ
ଆଗପଛ କଥା କିଛି ବାରେ ଚିନ୍ତି ନାହିଁ ।' *(ଧର୍ମବାଣୀ)*

୧୦. ପ୍ରକୃତି ସଂପର୍କିତ ଗୀତିକବିତା :

ବହିଃପ୍ରକୃତି କବି ପାଇଁ ନିସର୍ଗ ମାଧୁରୀର ଖଣ୍ଡିଏ କାବ୍ୟ । ସେଥିରେ ନବରସର ସଞ୍ଚରଣ କବିର ଦୃଷ୍ଟିପଥାରୂଢ଼ ହୁଏ । କେତେବେଳେ କ୍ରମବିବର୍ତ୍ତିତ ଚେତନାର ସାର୍ଥକ ରୂପାୟଣ ବୋଲି ସେ ପ୍ରକୃତିକୁ ବିଚାର କରେ ତ କେତେବେଳେ ପ୍ରକୃତିକୁ ପରମେଶ୍ୱରଙ୍କର ମୂର୍ତ୍ତସ୍ୱରୂପ ବୋଲି ବିବେଚନା କରେ । ଶବ୍ଦ ଧରିରଖେ ହୃଦୟର ଭାବସ୍ପନ୍ଦନ, ଛନ୍ଦ ଧରିରଖେ ତା'ର ପରିବ୍ୟାପ୍ତ ଅନ୍ତଃସ୍ୱର । ମାଟି, ପାଣି, ପବନର ସମ୍ମୋହନ ଶକ୍ତି କବିଙ୍କୁ ଆନମନା କରେ, କଣ୍ଠରୁ ଝରାଇଦିଏ ଭାବାନୁସାରୀ ଭାଷାର ଚାରୁପ୍ରବାହ । ଅଜଣା ଫୁଲକୁଞ୍ଜର ବାସ୍ନାରେ ମହକିଯାଏ ଗୀତି କବିତାର ଚଉହଦୀ । ଗ୍ରୀଷ୍ମ ମଧ୍ୟାହ୍ନର ଝିଙ୍କାରୀ ସ୍ୱନର ଭିନ୍ନ ଭିନ୍ନ ଭାଷ୍ୟ କବିଙ୍କ ଲେଖନୀରେ ଆତ୍ମପ୍ରକାଶ କରେ । ବର୍ଷାର ଝରଝର ତାନରେ ଦୂରଅତୀତର ସ୍ମୃତିଗୀତି ଆଉଥରେ ଶୁଭେ । ସଜପଦ୍ମଫୁଲ ପରି ଦିଶୁଥିବା ଶରତ ସକାଳ ନିଜ ଦର୍ପଣରେ ନିଜକୁ ଦେଖିବା ପାଇଁ କବିଙ୍କୁ ଆହ୍ୱାନ କରେ । ହେମନ୍ତର ଦରମଉଳା ପ୍ରଫୁଲ୍ଲତା ଜୀବନର ଗଭୀରତାକୁ ମାପିବା ପାଇଁ ସାଧନର ସନ୍ଧାନ ଦିଏ । ଶୀତ ସଞ୍ଚାର କରେ ଏକ ଗଭୀର ଅନୁଚିନ୍ତା, ଅନ୍ଧାର ସେପାରେ ଆଲୋକର ଅଭିନନ୍ଦନ ପାଇଁ ସୃଷ୍ଟି କରେ ନୂଆ ନୂଆ ପରିଭାଷା ସେହି ପରିଭାଷା ଅପେକ୍ଷା କରିବାକୁ କହେ । ଅପେକ୍ଷା ଏକ ତପସ୍ୟା । ବସନ୍ତର ମଳୟ ପ୍ରବାହ ମର୍ତ୍ତ୍ୟରେ ଆଣିଦିଏ ମୋହନବିଳାସ । ତରଳାତୁଷାରରେ ପ୍ରତିଫଳିତ ରଶ୍ମିରେଖା ଭାବାନ୍ତର ସୃଷ୍ଟିକରେ କବିର ମନରେ । ନଦୀଧାରା ସେ ମନରେ ଲେଖିଦିଏ କେତେ ନୂଆ ମନ୍ତ୍ର ଓ କାରିକା । ନୀଳ ଆକାଶ ଗୁରୁ ହୋଇ କବିଙ୍କୁ ଜ୍ଞାନ ବିତରଣ କଲାବେଳେ ନୀଳସାଗର ପ୍ରୀତି ଲହରୀରେ କବିଙ୍କୁ ଜୀବନର ମୁଗ୍ଧ

ବନ୍ଦାପନା ପୂର୍ବକ ଗଭୀର ଭାବରେ ମାଟିମନସ୍କ ହେବା ପାଇଁ ବାଧକରେ ।

ସାଧାରଣ ବ୍ୟକ୍ତି ପ୍ରକୃତିକୁ ଜଡ଼ବସ୍ତୁ ରୂପେ ଦେଖିଲାବେଳେ କବି ତହିଁରେ ଆବିଷ୍କାର କରେ ଚିନ୍ମୟ ସତ୍ତାର ଚିତ୍ତାକର୍ଷକ ରୂପବିଭା । ପ୍ରକୃତିର ସୁଷମା, ସୌରଭ, ମହତ୍ତ୍ୱ ଓ ଗୁରୁତ୍ୱ ଯେତେବେଳେ କବି ଲେଖନୀରେ ଗୀତିମୟ କ୍ଷୁଦ୍ର ରୂପରେଖ ଗ୍ରହଣ କରେ, ସେତେବେଳେ ତାହା ହୁଏ ପ୍ରକୃତି ବିଷୟକ ଗୀତିକବିତା । ମଧୁସୂଦନଙ୍କ ରଚିତ 'ଗ୍ରୀଷ୍ମ','ବର୍ଷା','ଶରତ','ବସନ୍ତ', ଶୀର୍ଷକ ଗୀତିକବିତାଗୁଡ଼ିକ ଏହି ପରିପ୍ରେକ୍ଷୀରେ ସ୍ମରଣୀୟ । ଗଙ୍ଗାଧର ମେହେର ନିଜସ୍ୱ ଦୃଷ୍ଟିକୋଣରୁ ଦେଖିଛନ୍ତି ବହିଃପ୍ରକୃତିକୁ । 'ନିଦାଘ ରାଜତ୍ୱ' ଗୀତିକବିତାରେ ପ୍ରକୃତିର ଭିନ୍ନଭିନ୍ନ ଦିଗନ୍ତର ଚିତ୍ର ପ୍ରଦତ୍ତ । ନିଦାଘର ସକାଳ, ମଧ୍ୟାହ୍ନ ଓ ସନ୍ଧ୍ୟା ପୁଣି ଜହ୍ନରାତିର ଦୃଶ୍ୟ ଏଥିରେ ପରିଚ୍ଛନ୍ନ ଭାବରେ ପରିଦୃଷ୍ଟ । 'ଚନ୍ଦ୍ରରଜନୀ' କବିକୃତ ଅନ୍ୟତମ ଗୀତିକବିତା । ଏଥିରେ ଜହ୍ନରାତିରେ କବିଙ୍କର ମାର୍ମିକ ଅନୁଭବ ଅଭିବ୍ୟକ୍ତ । ଜୀବନ ଓ ପ୍ରକୃତି ଯେ ଏକ ମୁଦ୍ରାର ଦୁଇପାଖ ପରି ପରସ୍ପର ସହିତ ଜଡ଼ିତ, ଏ କଥା ଏ କବିତାରେ ଉପସ୍ଥାପିତ । ଏଥିରେ ପ୍ରୀତିପ୍ରବଣତା ଯଥାଯୋଗ୍ୟ ଶବ୍ଦ ସମ୍ଭାରରେ ମୁକୁଳିତ ଓ ଲୀଳାୟିତ । ପାଠକ ପ୍ରାଣରେ ଭାବାନ୍ତର ଭରିଦେବା ପାଇଁ ଏହାର ସାମର୍ଥ୍ୟ ଅକଳନୀୟ । ଜଡ଼ ହୃଦୟକୁ ମଧ୍ୟ ଜହ୍ନରାତିର ଦୃଶ୍ୟ ଆକୃଷ୍ଟ କରିବ ବୋଲି କବି ଉଲ୍ଲେଖ କରିଛନ୍ତି–

'ସେ ଶୋଭାରେ ଉଲ୍ଲସିଲା ପାଷାଣ ହୃଦୟ
ଜଳାଶୟେ ଉଲ୍ଲସିଲା କୁମୁଦକାନନ
ଧରାଧରେ ଉଲ୍ଲସିଲା ଔଷଧି ନିଚୟ,
ଗଗନେ ଉଲ୍ଲାସମୟ ଚକୋରଗାୟନ ।'

ଏତଦ୍ ବ୍ୟତୀତ କବିଙ୍କ ବିରଚିତ 'ବର୍ଷାଚିତ୍ର','ପ୍ରଧାନପାଟ','ବୁଢ଼ାରଜା' ପ୍ରଭୃତି ଗୀତିକବିତା ପାଠକଙ୍କୁ ଅଭିଭୂତ କରେ । ପ୍ରକୃତିର ଚିତ୍ର ଉପସ୍ଥାପନ ମାଧ୍ୟମରେ ମାନବ ଜୀବନର ଭିନ୍ନ ଭିନ୍ନ ଅବସ୍ଥାର ଚିତ୍ରଣ କରିଛନ୍ତି କବି ଶ୍ରୀ ରତ୍ନାକର ଶର୍ମା । ଅବଶ୍ୟ ଏପରି ରଚନା କ୍ଷେତ୍ରରେ ସେ ତାଙ୍କର ପୂର୍ବସୂରୀ ଗୋସ୍ୱାମୀ ତୁଳସୀ ଦାସ ନିକଟରେ ଋଣୀ । କବିବର ରାଧାନାଥ ମଧ୍ୟ କବି ଶ୍ରୀ ଶର୍ମାଙ୍କର ଏପରି ରଚନା ପୂର୍ବରୁ 'ତୁଳସୀସ୍ତବକ' ରଚନା କରିଥିଲେ । ଏପରି ଶୈଳୀରେ ଶ୍ରୀ ଶର୍ମାଙ୍କ ଦ୍ୱାରା ରଚିତ 'ଗ୍ରୀଷ୍ମ' ଶୀର୍ଷକ କବିତାରେ ଗ୍ରୀଷ୍ମ ଋତୁର ପରିବେଶ ସହିତ ମଣିଷ ଜୀବନର ଭିନ୍ନ ଭିନ୍ନ ଅବସ୍ଥାର ତୁଳନାତ୍ମକ ଅଧ୍ୟୟନ ଉପସ୍ଥାପିତ ହୋଇଛି । ତହିଁର କିୟଦଂଶ ଏହିପରି –

'ପତ୍ରହୀନ ତରୁ, ଲତା ନୁହେଁ ସୁନ୍ଦର
ବିଦ୍ୟା ବିନୟ ବିହୀନେ ଯେସନେ ନର

ଦାବାନଳ ପୋଡ଼ିଦିଏ କାନନଚୟ
କ୍ରୋଧାନଳେ ଦଗ୍ଧ ହୁଏ ଯଥା ହୃଦୟ ।'

ଚିନ୍ତାମଣି ମହାନ୍ତି ମଧ୍ୟ ବିଭିନ୍ନ ଋତୁ ବର୍ଣ୍ଣନା ପୂର୍ବକ କେତେକ ଗୀତିକବିତା ରଚନା କରିଛନ୍ତି । ବସନ୍ତ ଋତୁର ବର୍ଣ୍ଣନା ପରିପ୍ରେକ୍ଷୀରେ ଧୀର ମଳୟ ପବନର ମୃଦୁ ପ୍ରବାହ, କୋକିଳର ଲଳିତ କୁହୁତାନ, ଦିଗଦିଗନ୍ତର ଚିତ୍ତବିମୋହନ ଶୋଭାର ପ୍ରସଙ୍ଗ ଉପସ୍ଥାପନା କରିଛନ୍ତି କବି ଚିନ୍ତାମଣି । ଶିମୁଳୀ ଫୁଲର ଶୋଭା କବିଙ୍କ ରଚନାରେ ଏହିପରି ପ୍ରକାଶିତ ।

'ପଲ୍ଲବ ଗୁଣ୍ଠନ ଭେଦି ଉଠୁ ପିକରବ
ଲାଗିଯାଉ ଉଲ୍ଲାସର ମହାମହୋତ୍ସବ
ଶାଳ୍ମଳୀ ସୁନ୍ଦରୀ ଦେଉ ବନପ୍ରାନ୍ତେ ଦେଖା
ବନ ଦେବୀ ପଦେ ଆଙ୍କୁ ଅଲକ୍ତକ ରେଖା ।' *(ବସନ୍ତ ଆହ୍ୱାନ)*

ଗୋଦାବରୀଶ ମିଶ୍ର ସ୍ୱରଚିତ 'ବକୁଳବନ' କବିତାରେ ବକୁଳବନର ପ୍ରାକୃତିକ ଶୋଭା ସମ୍ବନ୍ଧରେ କିଛି କଥା କହି ସେଇ ମାଟିରେ ଅବଶିଷ୍ଟ ଜୀବନ ଅତିବାହିତ କରିବାକୁ ଇଚ୍ଛାପୋଷଣ କରିଛନ୍ତି । ବାସନ୍ତୀ ପରିବେଶର ମନୋରମ ଆଲେଖ୍ୟ ଅଙ୍କନ କରି କବି କରିଛନ୍ତି –

'ପଲ୍ଲବ ପରଶେ ଆସି ସମୀରଣ
ଛୁଇଁଯାଏ ତରୁଲତା
ଚାଲିଗଲା ବେଳେକହିଯାଏ କେତେ
ହୃଦୟ ଗୁପତ କଥା ।' *(ବକୁଳ ବନ)*

'ସନ୍ଧ୍ୟାପଥେ' କବି କାଳିନ୍ଦୀ ଚରଣ ପାଣିଗ୍ରାହୀଙ୍କର ଏକ ପ୍ରକୃତି ଚିତ୍ରଭିତ୍ତିକ ସୁଖପାଠ୍ୟ ଗୀତିକବିତା । ଏଥିରେ ସନ୍ଧ୍ୟାର ଚିତ୍ର ଅଙ୍କିତ ହେବା ସହିତ ଦରଦୀ କବିଚିତ୍ତର ରମ୍ୟ ଅନୁଭବ ପ୍ରତିବିମ୍ବିତ ହୋଇଛି ।

'ସନ୍ଧ୍ୟା ଆସେ
ସବୁଜ ଘାସେ
ପକାଇ ଚାରୁ ଛାୟା ।
ଆଷାଢ଼ ମେଘ ଆକାଶେ ରଚେ ମାୟା ।'

ବସନ୍ତ ଋତୁରେ ଧରଣୀର ଅନୁପମ ଶୋଭା ଦର୍ଶନରେ ଆତ୍ମବିଭୋର ହୋଇ କବି କୁନ୍ତଳାକୁମାରୀ ପରିବେଶର ବର୍ଣ୍ଣନା ଅବକାଶରେ ଉଲ୍ଲେଖ କରିଛନ୍ତି –

'ଆସିଅଛି ଆଜି ବସନ୍ତ

ଫୁଲ ମୁକୁଟ ପିନ୍ଧି
ସୁନ୍ଦର ଦିଶୁଛି ଧରା କି
ନବନନ୍ଦନ ନିନ୍ଦି ।' *(ବସନ୍ତ ଭାବନା)*

ଋତୁରାଜ ବସନ୍ତର ପ୍ରଶସ୍ତି ସାହିତ୍ୟରେ ଯେପରି ବର୍ଣ୍ଣିତ, ଶୁଭ୍ରତାର ଋତୁ ଶରତର ମହତ୍ତ୍ୱ ସେପରି ଉପସ୍ଥାପିତ । ଆର୍ଯ୍ୟଋଷିଙ୍କ ଠାରୁ ଆରମ୍ଭ କରି ସାଧାରଣ ଜନତାଙ୍କ ପର୍ଯ୍ୟନ୍ତ ସମସ୍ତେ ଏହି ଶୁଭ୍ରତାରେ ବିମୋହିତ । ଆର୍ଷଦୃଷ୍ଟିରେ ଶରତଋତୁ ହେଉଛି ସକଳ ପ୍ରାଣଶକ୍ତିର ପ୍ରତୀକ । ଭାରତୀୟ ସଂସ୍କୃତିରେ ଶରତଋତୁର ସ୍ଥାନ ସ୍ୱତନ୍ତ୍ର । ଶରତକୁ ସମ୍ବତ୍ସରର ପ୍ରତୀକ ଭାବରେ ଗ୍ରହଣ କରାଯାଇ ଋଗ୍‌ବେଦର ସପ୍ତମ ମଣ୍ଡଳରେ କୁହାଯାଇଛି ''ଜୀବେମ ଶରଦଃ ଶତମ୍ । ପଶ୍ୟେମ ଶରଦଃ ଶତମ୍ ।'' ଶରତଋତୁର ଅନୁପମ ଲାବଣ୍ୟ ଓ କମନୀୟ କାନ୍ତିରେ କବିଚିତ୍ତ ଉଲ୍ଲସିତ । କାରଣ ଏହି ଋତୁରେ ଧରିତ୍ରୀ ସୁଶ୍ୟାମଳ, ଆକାଶ ସୁନିର୍ମଳ, ବନାନୀ କୁସୁମିତ, ପୁଷ୍କରିଣୀ ପଦ୍ମମଣ୍ଡିତ ଓ କାଶତଣ୍ଡୀଫୁଲରେ ନଦୀପଠା ସୁଶୋଭିତ। ଭକ୍ତକବି ମଧୁସୂଦନ ରାଓଙ୍କ ରଚିତ 'ଶରତ' କବିତାର ଅଂଶବିଶେଷ ଏହିପରି –

'କାଶତଣ୍ଡୀ ଫୁଲେ ମହୀ ଦିଶିଲା ଧବଳ
ସରୋବରେ ଫୁଟିଛନ୍ତି କୁମୁଦ କମଳ ।।'

ପଦ୍ମଚରଣ ପଟ୍ଟନାୟକଙ୍କର 'ଆଷାଢ଼','କୁମାରପୂର୍ଣ୍ଣିମା','ଆଶ୍ୱିନ' ପ୍ରଭୃତି ପ୍ରକୃତିପ୍ରୀତିଭିତ୍ତିକ ଗୀତିକବିତାଗୁଡ଼ିକ ଅନବଦ୍ୟ ଓ ହୃଦ୍ୟ । ପ୍ରକୃତି ହୋଇଛି ଏକାଧାରରେ ତାଙ୍କର ବନ୍ଧୁ, ଗୁରୁଜନ ଓ ଗୁରୁ । କବିଙ୍କର ରୋମାଣ୍ଟିକ କାବ୍ୟମାନସର ସୁଷମ ପ୍ରତିବିମ୍ବ ଏଥିରେ ସ୍ପଷ୍ଟତଃ ପରିଦୃଷ୍ଟ । ବର୍ଷାମୁଖର ବିଜନ ନିଶୀଥର ବିଜୁଳି ଚମକ ପାଶୋରା ଦିନର ଅନେକ ଅପାଶୋରା ସ୍ମୃତି ସହ କବିଙ୍କର ପୁନଃ ସାକ୍ଷାତ୍ ଘଟାଇ ଦେଇଛି । ଚହଲି ଯାଇଛି ଅବଚେତନ ମନର ଘନବନାନୀ । ହୃଦୟର କୋହ ନୟନର ଲୁହ ସହିତ ମିଶି କବିଙ୍କୁ ଆନମନା କରିଦେଇଛି । ଆଖିର ଲୁହକୁ ଦୁଃଖହାରିଣୀ ମନ୍ଦାକିନୀଧାରା ବୋଲି କବି ବିଚାର କରିଛନ୍ତି । ବିଦେଶରେ ଥାଇ ମନେ ପଡ଼ିଛି ଗାଁର କଥା, ମାଟିମାଆର କଥା, ନିଜ ମା'ଙ୍କର କଥା, କୃଷକ ଭାଇର କଥା ଇତ୍ୟାଦି ଇତ୍ୟାଦି ।

'କିଏ ଅବା ତୁହି କେଉଁଠୁ ଆସିଛୁ
କିଛି ନାହିଁ ମତେଜଣା
ଏତେ ସ୍ମୃତିମୋରଉଠାଇ ନଚାଇ
କରୁ କିମ୍ପା ବାଟ ବଣା ।' *(ଆଷାଢ଼)*

'ଆଶ୍ୱିନ' କବିତାରେ ଆଶ୍ୱିନର ପରିବେଶ, ପ୍ରଭାବ ବିଶେଷତଃ ଜହ୍ନରାତିର ସୁଧାସିକ୍ତ ଚିତ୍ର ପ୍ରଦତ୍ତ । ପଲ୍ଲୀକୁମାରୀର ସଂଗୀତ ଲହରୀ ଜହ୍ନରାତିକୁ ଅଭିନନ୍ଦନ କରେ, ଗଙ୍ଗଶିଉଳି ଫୁଲ ନିଜର

ବାସ ବିଳାସରେ ସେଇ ରାତିକୁ ଉନ୍ମାଦିତ କରେ । ଶରତ ଋତୁର ପ୍ରତ୍ୟେକ ଫୁଲ କବିଙ୍କ ପାଇଁ ସୁଷମାର ଗନ୍ତାଘର, ସେ ଫୁଲର ବାସ ନନ୍ଦନମନ୍ଦାରର ବାସ ସମ ବନ୍ଦନୀୟ ।

'ବୃକ୍ଷେ ବୃକ୍ଷେ ଆଜି ଫୁଟେ ପାରିଜାତ
ଛୁଟେ ନନ୍ଦନର ବାସ
କେତେ ବୈତାଳିକ ଗାଆନ୍ତି ତୋ' ସ୍ତବ
ଚୁଲି ତୋର ଚଉପାଶ ।' *(ଆଶ୍ୱିନ)*

ପ୍ରକୃତିକୁ ଉପଜୀବ୍ୟ କରି ବିଦ୍ୟୁତପ୍ରଭା ରଚନା କରିଛନ୍ତି କେତେକ କବିତା । 'ବୈଶାଖ','ହେମନ୍ତ ଲକ୍ଷ୍ମୀ','ବାସନ୍ତିକା' ଆଦି କବିତା ଏହି ପର୍ଯ୍ୟାୟର ଅନ୍ତର୍ଭୁକ୍ତ । ପଲ୍ଲୀ ପରିବେଶର ଚାରୁଚିତ୍ର ପ୍ରଦାନରେ କବିଙ୍କର ଦକ୍ଷତା ସ୍ୱୀକୃତ ।

'ସେପଟେ ଦିଶଇ ନଗରୀ ପଥର
ପଙ୍କିଳ ନରଦମା
ଏପଟେ ମୋହର ଶ୍ୟାମଳାପଲ୍ଲୀ
ସୁନ୍ଦରୀ ମନୋରମା ।' *(ପଲ୍ଲୀ ଓ ନଗର)*

ଆକାଶରେ କୁମାର ପୂର୍ଣ୍ଣିମା ଜହ୍ନର ମଧୁବିଳାସ କବିଙ୍କୁ ଅଭିଭୂତ କରିଛି । ଦିଗଦଗନ୍ତରେ ଜୋଛନାରାଶିର ସ୍ନିଗ୍ଧ ପ୍ଲାବନ ମର୍ତ୍ତ୍ୟରେ ଆଣିଦେଇଛି ଅମର୍ତ୍ତ୍ୟ ମାଧୁରୀ । ସେ ଦୃଶ୍ୟ ଦର୍ଶନରେ କବି ବିଦ୍ୟୁତପ୍ରଭାଙ୍କ କଣ୍ଠରୁ ଝରିପଡ଼ିଛି –

'କୁଆଁର ପୁନିଅଁ ଜହ୍ନ
ଘରେ ଲାଗେ ନାହିଁ ମନ
ସ୍ନିଗ୍ଧ ଏ ମଧୁ ସଞ୍ଜ ଦିଶଇ
ଆହା କେଡ଼େ ଶୋଭାବନ ।' *(କୁଆଁର ପୁନିଅଁ)*

୧୧. ଇଂରାଜୀରୁ ଅନୂଦିତ ଗୀତିକବିତା :

ମଣିଷର ହାତମୁଠାକୁ ଗୋଟାକ ବିଶ୍ୱ ଗୋଟାଇ ହୋଇ ଆସିଲା ବେଳେ ଅନୁବାଦ କଥାଟି ଅତି ପ୍ରାସଙ୍ଗିକ । ଜାତି ଜାତି ଭିତରେ, ଦେଶ ଦେଶ ଭିତରେ ସମ୍ପର୍କ ବଢ଼ାଇବାର ବଡ଼ ମାଧ୍ୟମ ଏଇ ଅନୁବାଦ । ବିଶ୍ୱଗ୍ରାମ ଗଠନର ଏକ ବିଶିଷ୍ଟ ଉପାଦାନ ଏଇ ଅନୁବାଦ । ସେଦିନ ଗେଟେ ଲେଖିଥିଲେ କାର୍ଲାଇଲ୍‌ଙ୍କୁ ''Translation remains one of the most important worthwhile concerns in the totality of world affairs.'' 'ବଦ୍' ଧାତୁରେ 'ଅନୁ' ଉପସର୍ଗ ଓ ଘଞ୍ ପ୍ରତ୍ୟୟ ଯୋଗରେ ଅନୁବାଦ ଶବ୍ଦର ଉତ୍ପତ୍ତି । ଏହାର ଅର୍ଥ ହେଲା ପରେ କହିବା । ପରେ କହିବାର ଅର୍ଥ ଏକ ଭାଷାରେ

ଏକ ସମୟରେ କୁହାଯାଇଥିବା କଥାଟି ଅନ୍ୟ ଭାଷାରେ ପରବର୍ତ୍ତୀ ସମୟରେ କହିବା । ଏହା ଏକ ଆୟାସସାଧ୍ୟ କାର୍ଯ୍ୟ । ମୂଳଭାଷା, ପୁଣି ଯେଉଁ ସଂସ୍କୃତିର କଥା କୁହାଯାଇଛି ତାହା ସମ୍ବନ୍ଧରେ ସମ୍ୟକ୍ ଧାରଣା ଅନୁବାଦକଙ୍କର ରହିବା ସହିତ ଯେଉଁ ଭାଷାରେ ସେ ଅନୁବାଦ କରିବେ, ସେହି ଭାଷା ଓ ସେହି ସଂସ୍କୃତି ସମ୍ପର୍କରେ ସମ୍ୟକ୍ ଧାରଣା ମଧ୍ୟ ରହିବା ଆବଶ୍ୟକ । ଅନ୍ୟଥା ଅନୁବାଦ ସମ୍ଭବ ନୁହେଁ । ଅନ୍ୟ ଭାବରେ କୁହାଯାଇପାରେ ଯେ ସଫଳ ଅନୁବାଦକଙ୍କର SL (Source language) ଓ TL (Target Language) ଉଭୟ କ୍ଷେତ୍ରରେ ଜ୍ଞାନଗତ ପାରଦର୍ଶିତା ଥିବା ସହିତ ସାଂସ୍କୃତିକ ଅଧ୍ୟୟନ (cultural studies)ରେ ଦକ୍ଷତା ଥିବା ଦରକାର । ଅନୁବାଦ ଏପରି ଯଥାଯୋଗ୍ୟ ହେବା ଉଚିତ୍ ଯହିଁରେ ମୂଳ ରଚନାର ସମସ୍ତ ବୈଭବ ଠିକ୍ ଭାବରେ ଉପସ୍ଥାପିତ ହେବ । ଏହା ପଢ଼ିଲା ବେଳକୁ ଏକ ମୌଳିକ ସୃଷ୍ଟି ପରି ମନେ ହେଉଥିବ । Art of Translation ପୁସ୍ତକରେ T.H. Warren କହନ୍ତି, ''A good translation should be rather faithful than exact. A translation must read like an original.'' ଅତଏବ ଜଣେ ଅନୁବାଦକ ଜଣେ ସୃଜନଶୀଳ ସ୍ରଷ୍ଟା ଭଳି ପ୍ରତିଭାଧର ହୋଇଥିବା ବାଞ୍ଛନୀୟ । ଏହି ପରିପ୍ରେକ୍ଷୀରେ Alexandar Fraser Tytler କହନ୍ତି, ''The translation should be a complete transcript of the idea of the original work. The style and manner of writing should be of the same character with that of the original.''

ଅନୁବାଦର ମୂଳକଥାଟି ହେଉଛି ମୂଳ ରଚନାର ସମସ୍ତ ସାରବତ୍ତା ଓ ମହନୀୟତାକୁ ରକ୍ଷା କରିବା ସହ ଏହାକୁ ଅନ୍ୟ ଭାଷାରେ ପରିବର୍ତ୍ତିତ କରିବା । ଏ ପ୍ରସଙ୍ଗରେ A.H. Smith କହନ୍ତି, ''To translate is to change into another language, retaining as much sense as one can.''

(Aspects of Translation)

ସ୍ୱାଧୀନତା ପୂର୍ବବର୍ତ୍ତୀ ସମୟସୀମା ଭିତରେ ରଚିତ ଆଧୁନିକ ଓଡ଼ିଆ ଗୀତିକବିତା ସମ୍ଭାରରୁ କେତେକ କବିତା ହେଉଛି ଅନୂଦିତ କବିତା ।

ଭକ୍ତକବି ମଧୁସୂଦନ ରାଓଙ୍କର 'ନିର୍ଜନ ଦ୍ୱୀପରେ ନିର୍ବାସିତର ବିଳାପ' ଏକ ଅନୂଦିତ କବିତା । ଏହା william Cowper ଙ୍କ ରଚିତ Verses supposed to be written by Alexander selkirk'ର ମର୍ମାନୁବାଦ । ଅନୂଦିତ କବିତାଟି ମୂଳ କବିତାଠାରୁ ଅଧିକ ମର୍ମସ୍ପର୍ଶୀ, କାରଣ ଏଥିରେ କବି ମଧୁସୂଦନଙ୍କ ସ୍ପର୍ଶକାତର କବିଚିତ୍ତ ଆତ୍ମପ୍ରକଟିତ । ଉଦାହରଣ ନିମନ୍ତେ ଉଭୟ କବିତାରୁ ପଦେ ପଦେ ଏଠାରେ ଉପସ୍ଥାପନ କରାଯାଇପାରେ । william Cowper ଙ୍କ ଭାଷାରେ –

" Oh solitude ! where are the charms
That sages have seen in thy face ?
Better dwell in the midst of Alarms
Than reign in this horrible place."

ଅନୁବାଦକ ମଧୁସୂଦନଙ୍କ ଭାଷାରେ –

'ବିଜନତା ! କାହିଁ ତୋ ବେଶ ମୋହନ

ଯେ ବେଶେ ମୋହିଛୁ ତୁ ମୁନି ନୟନ
ବରଂ ନିବାସ ଭଲ ରଣକ୍ଷେତ୍ରରେ
ଭୟରେ ସଦା ଯହିଁ ହୃଦୟ ଥରେ'

ଅନୁବାଦ କ୍ଷେତ୍ରରେ ଅନ୍ୟତମ ସ୍ୱନାମଧନ୍ୟ ସାରସ୍ୱତ ସାଧକ ହେଉଛନ୍ତି ସତ୍ୟବାଦୀ ବନବିଦ୍ୟାଳୟର ଶିକ୍ଷକ ପଣ୍ଡିତ ଗୋଦାବରୀଶ ମିଶ୍ର । 'ଚୟନିକା' ତାଙ୍କର ଏକ ଉଲ୍ଲେଖଯୋଗ୍ୟ କୃତି ଯହିଁରେ କେତେକ ଅନୂଦିତ ଗୀତି ସନ୍ନିବେଶିତ । ୧୯୧୬ – ୧୭ ମସିହାରେ ତାଙ୍କ ଦ୍ୱାରା ଅନୂଦିତ ଏହି କବିତାଗୁଡ଼ିକ ୧୯୩୨ ମସିହାରେ ପ୍ରକାଶିତ 'ଚୟନିକା' ପୁସ୍ତକରେ ସ୍ଥାନିତ ହୋଇଛି । ଅନୂଦିତ କବିତା ଓ ମୂଳ କବିତାରୁ କେତେଗୋଟିର ନାମ ଏହିପରି –

ଭିକାରୁଣୀ	– The Beggar maid	- Alfred Tennyson
ଅନ୍ଧପିଲା	– The Blind Boy	- C.Cibber
ଆମେସାତ	– We are seven	- William Wordsworth
କୋଇଲି	– To the Cuckoo	- William Wordsworth
ଯୌବନର ଅହଂକାର	–The pride of the Youth	- Walter Scott
ନିର୍ଝର	- The Brook	- Alfred Tennyson
ଲଳିତା	- Lucy Gray	- William Wordsworth

ପ୍ରତ୍ୟେକ ଅନୂଦିତ କବିତାରେ ଅନୁବାଦକଳା ଶୁଭଶ୍ରୀ ବିମଣ୍ଡିତ ହୋଇଛି । ଉଦାହରଣ ସ୍ୱରୂପ ଦୁଇ ତିନୋଟି କବିତାର ଗୋଟିଏ ଗୋଟିଏ ପଦ ଏଠାରେ ଉଲ୍ଲେଖ କରାଯାଇପାରେ। ଏହି ଅନୁବାଦ ହେଉଛି ମର୍ମାନୁବାଦ ।

୧ – Wordsworth ଙ୍କ ଭାଷାରେ –

" Thrice welcome, darling of spring
Even yet thou art to me
No bird, but an invisible thing
A voice, A mystery" (To The Cuckoo)

ଗୋଦାବରୀଶଙ୍କ ଭାଷାରେ –

'ଆଆ ଆଆ ଆଆ ବସନ୍ତ ଦୂତରେ
ପକ୍ଷୀଛାର କେହ୍ନେ ମଣିବି ତୋତେ
ଦେଖିଛି ତ, ତୁ କି ଅଦେହ ପ୍ରତିମା
ସ୍ୱରେ ମାତ୍ର ଗଢ଼ା ହୋଇଛୁ ସତେ ।'

୨ – Wordsworth ଙ୍କ ଭାଷାରେ –

" No mate, No comrade Lucy Knew
She dwelt on a wide noor
The sweetest that ever grew
Besides a human door" *(Lucy Gray)*

ଗୋଦାବରୀଶଙ୍କ ଭାଷାରେ –

'ସାଙ୍ଗସାଥୀ କିଛି ନ ଜାଣେ ଲଳିତା
ବନପଦା ମଧ୍ୟେ କୁଟୀର ତାର
ଭାଗ୍ୟେ ଥିଲେ ସିନା ମର ନର ବାସ
ଏଭଳି ମାଣିକ୍ୟ ଜନମିବାର ।' *(ଲଳିତା)*

୩ – Tennyson ଙ୍କ ଭାଷାରେ –

" Her arms across her breast she laid,
She was more fair words can say
Bare footed came. The Begger maid
before the king cophetua" *(The Begger maid)*

ଗୋଦାବରୀଶଙ୍କ ଭାଷାରେ –

'କର ଯୁଗଳେ ସେ ଛନ୍ଦି ଆବରିଛି ବୁକୁ
ବଚନେ ନୋହିବ କହି ଶୋଭା ତାର
ଅର୍ଦ୍ଧଉଲଗନେ ଆସି ଭିକାରୁଣୀ ନାରୀ
ପରଶିଲା ପଦେ ନୃପ ସିଂହଦ୍ୱାର ।' *(ଭିକାରୁଣୀ)*

ଅନୁବାଦ କ୍ଷେତ୍ରରେ କବି ପଦ୍ମଚରଣ ପଟ୍ଟନାୟକଙ୍କ ପାରଦର୍ଶିତା ପ୍ରଶଂସନୀୟ । ସେ କେତେକ ଇଂରାଜୀ କବିତାର ଅନୁବାଦ କରିଛନ୍ତି । ଏପରି ହୋଇଛି ଯେ ବେଳେବେଳେ ମୂଳକବିତାର ମଧୁରତାଠାରୁ ଅନୂଦିତ କବିତାର ମଧୁରତା ଅଧିକ ହୋଇଛି । ଏହାର କେତେଗୋଟି ଉଦାହରଣ ଲକ୍ଷ୍ୟଣୀୟ । Christina Georegina Rosetti ଙ୍କ କବିତା 'Remember' ରୁ ପଦଟିଏ ଏହିପରି –

'*Remember me when I am gone away*
Gone far away into the silent land.
When you can no more hold me by the hand
Nor I half turn to go, yet turning stay"

କବି ପଦ୍ମଚରଣଙ୍କ ଭାଷାରେ –

'ଚାଲିଯିବି ଯେବେ ଏହି ଦେଶ ଛାଡ଼ି

ମନେରଖ ବନ୍ଧୁ ମୋତେ
ଚାଲିଯିବି ଯେବେ ସେ ନୀରବ ଦେଶେ
ଭାସିଭାସି କାହିଁ ସ୍ରୋତେ
ରଖି ନ ପାରିବ ପ୍ରେମପୂର୍ଣ୍ଣ ପ୍ରାଣେ
ଆଉ ମୋର ହାତ ଧରି
ଥାକେ ଚାଲିଯିବି ଚାହିଁ ନ ପାରିବ
ହଟି ତବ ସ୍ମୃତି ଭରି'' *(ମନେରଖ)*

Robert Burn ଙ୍କ ରଚିତ କବିତା A Red Red Rose ର କିଛି ଅଂଶ ଏହିପରି–

"*O my luves like a red red Rose*
That newly sprung in june
O my luves like the melodic
Thats sweety played intune !
As fair art thou, my bonnie lass
So deep in luve am I
And I will luve these still my dear
Till a the seas gang dry'

ଏହାକୁ ଅନୁବାଦ କରି କବି ପଦ୍ମଚରଣ 'ଲୋହିତ ଗୋଲାପ' କବିତାରେ କହିଛନ୍ତି :–

'ମୋ ପ୍ରେମ ପିତୁଳା ନବ ବିକଶିତ
ଲୋହିତ ଗୋଲାପ ପରି
ମୋ ପ୍ରେମ ପିତୁଳା ସଙ୍ଗୀତ ସୁସ୍ୱର
ମୋହିନୀ ମୂର୍ଚ୍ଛନା ଭରି
ଯେତିକି ସୁନ୍ଦର ତୁ ପରାଣଧନ
ମୋ ପ୍ରେମ ସେତେ ଗଭୀର
ଅଟୁଟ ରହିବ ମୋ ସ୍ନେହ ସଂଗିନୀ
ଶୁଖୁପଛେ ସିନ୍ଧୁ ନୀର

William wordsworth ଙ୍କ ରଚିତ Lucy କବିତାର ପାଞ୍ଚ ଭାଗରୁ ଦ୍ୱିତୀୟ ଭାଗଟି କବି ପଦ୍ମଚରଣଙ୍କ ଦ୍ୱାରା ଅନୂଦିତ ହୋଇଛି । ମୂଳ କବିତାର ନା Lucy ହେଲେ ହେଁ ପଦ୍ମଚରଣ ତାକୁ ଅନୁବାଦ କରି ତା'ର ନାମ ରଖିଛନ୍ତି 'ଚାଲିଗଲା ।'

ମୂଳ Lucy କବିତା ll ଏହିପରି –

' A slumber did my spirit seal

I had no human fears
She seemed a thing that could not fed
The touch of earthey years
No motion she now, no force
She neither hears nor sees
Rolled round in earth's diurnal course
With rocks and stones and trees'

ପଦ୍ମଚରଣଙ୍କ ଅନୁବାଦ ଏହିପରି –

'ମଧୁର ସ୍ୱପନ ମୁଦିଲା ନୟନ ନଥିଲା ଭୟ ଭାବନା,
ପାଞ୍ଚଥିଲି ମନେ ନ ଛୁଇଁବ ତାକୁ ଜୀବନ ଜରା ଯାତନା,
କି କଲା ଦଇବ ଆଉ ନାହିଁ ସେହି ଏ ମୋର ମର ସଂସାରେ,
ନାଚ ଖେଳ ତା'ର ନେଇ ଚାଲିଗଲା ଭବ – ଯବନିକା ପାରେ !
ଦେଖୁ ନାହିଁ ଆଉ ସେ ମର ସଂସାର, ଶୁଣୁନାହିଁ ଭବ ବାଣୀ
ଇତର ପରାଣୀ ପରି ଚାଲିଗଲା ନିୟତି – ନିୟମ ମାନି ।'

(ଚାଲିଗଲା)

ଆଧୁନିକ ଗୀତିକବିତା ହେଉଛି ଆତ୍ମନିଷ୍ଠ ନାତିଦୀର୍ଘ ଗାନଧର୍ମୀ କବିତା । ହୃଦୟର ଉଦ୍ଦାମ ଉଚ୍ଛ୍ୱାସ ଏଥିରେ ପ୍ରକଟିତ ହୁଏ, ଏହା ଗାନଧର୍ମିତାର ଅଧିକାରୀ ହୋଇପାରେ । ଆଗ ରାଗରାଗିଣୀକୁ ନେଇ ପରେ ଏଥିରେ ଶବ୍ଦ ସଂଯୋଜନା କରାଯାଇପାରେ, ନଚେତ୍ ରଚିତ ହେବାପରେ ତାହାକୁ ସ୍ୱର କରାଯାଇ ଗାନ କରାଯାଏ । ଏକଥା ସ୍ୱୀକାର୍ଯ୍ୟ ଯେ ଆଧୁନିକ ଗୀତିକବିତାର କେତେକାଂଶ ରାଗରାଗିଣୀରେ ରଚିତ ହେଲେ ହେଁ ରାଗରାଗିଣୀ ଉପରେ ଯେତିକି ଗୁରୁତ୍ୱ ଦିଆଯାଏ ତହିଁରୁ ଅଧିକ ଗୁରୁତ୍ୱ ଦିଆଯାଏ ଗୀତିକବିତାର ଭାବବସ୍ତୁ ଅର୍ଥାତ୍ କବିର ଆତ୍ମନିଷ୍ଠତା ଉପରେ । ପ୍ରାଚୀନ ଓ ମଧ୍ୟଯୁଗୀୟ ଗୀତିକବିତାରେ ରାଗରାଗିଣୀ ଉପରେ ଗୁରୁତ୍ୱ ଅଧିକ ଥିବାବେଳେ କବିର ଆତ୍ମନିଷ୍ଠତା ଉପରେ କମ୍ ଗୁରୁତ୍ୱ ଥିଲା । ଆଧୁନିକ ଗୀତିକବିତାରେ ରାଗରଗିଣୀ ଉପରେ କମ୍ ଗୁରୁତ୍ୱ ଥିବା ବେଳେ କବିର ଆତ୍ମନିଷ୍ଠତା ଉପରେ ଟିକିଏ ଅଧିକ ଗୁରୁତ୍ୱ ରହିଛି ।

ଆଧୁନିକ କବିର ଜୀବନ ପ୍ରତି ଦୃଷ୍ଟିକୋଣ ପ୍ରାଚୀନ ଓ ମଧ୍ୟଯୁଗୀୟ କବିର ଦୃଷ୍ଟିକୋଣଠାରୁ ଭିନ୍ନ । ଏହି ଭିନ୍ନତା ପାଇଁ ବହୁବିଧ କଥା ଦାୟୀ । ସେଗୁଡ଼ିକ ମଧ୍ୟରେ ବୈଜ୍ଞାନିକ ଆବିଷ୍କାର ଓ ଉଭ ।ବନ, ବ୍ୟକ୍ତି ସ୍ୱାତନ୍ତ୍ର୍ୟର ପ୍ରତିଷ୍ଠା, ପୃଥିବୀରେ ଦୁଇଦୁଇଟା ବିଶ୍ୱଯୁଦ୍ଧର ପ୍ରତ୍ୟକ୍ଷ ବା ପରୋକ୍ଷ ପ୍ରଭାବ, ସାମାଜିକ ଜୀବନରେ ବହୁ ବିପ୍ଳବର ସଂଘଟନ, ଭାରତୀୟ ଜୀବନ ପରିପ୍ରେକ୍ଷୀରେ ମୁକ୍ତି ଆନ୍ଦୋଳନ ଏବଂ ଉତ୍କଳରେ ସ୍ୱତନ୍ତ୍ର ପ୍ରଦେଶ ଗଠନ ନିମନ୍ତେ ପ୍ରୟାସ ଓ ପ୍ରଯତ୍ନ ଅନ୍ତର୍ଭୁକ୍ତ । ଆଧୁନିକ ଚିନ୍ତା ଓ ଚେତନା ସାମାଜିକ ଜୀବନରେ ନବସ୍ପନ୍ଦନ ଆଣିଦେଇଛି । ସମାଜର ସଚେତନ ବିନ୍ଦୁ ହୋଇଥିବାରୁ

ସାହିତ୍ୟିକ ଏହି ସ୍ପନ୍ଦନରେ ଅଧିକ ସ୍ପନ୍ଦିତ । ସାହିତ୍ୟର ଅନ୍ୟାନ୍ୟ ବିଭାଗ ପରି ଗୀତିକବିତାର ଭାବବସ୍ତୁ ମଧ୍ୟ କେତେକାଂଶରେ ପରିବର୍ତ୍ତିତ ତଥା ବିବର୍ତ୍ତିତ ହୋଇଛି ।

ବହୁ ଆଧୁନିକ ଓଡ଼ିଆ ଗୀତିକବିତା ନିର୍ଦ୍ଦିଷ୍ଟରାଗ ରାଗିଣୀରେ ରଚନା କରାଯାଇଛି । ଭକ୍ତକବି ମଧୁସୂଦନ ରାଓ ସ୍ୱରଚିତ 'ଛାନ୍ଦମାଳା' ପୁସ୍ତକରେ ରାଗରାଗିଣୀ ପ୍ରୟୋଗ ପୂର୍ବକ କେତେକ ଗୀତ ରଚନା କରିଛନ୍ତି । 'ପ୍ରଭାତ', ନଟବାଣୀ ବୃତ୍ତରେ, 'ସନ୍ଧ୍ୟା' ବସନ୍ତ ରାଗରେ 'ଗ୍ରୀଷ୍ମ', ବଙ୍ଗଳାଶ୍ରୀ ରାଗରେ, 'ବର୍ଷା' କଳହଂସ କେଦାର ରାଗରେ, 'ଶରତ' ମଙ୍ଗଳ ରାଗରେ, 'ହେମନ୍ତ' ରାମକେରୀ ରାଗରେ, 'ପୃଥିବୀ ପ୍ରତି' ବଙ୍ଗଳାଶ୍ରୀ ରାଗରେ,'ଜନ୍ମଭୂମି' ଚୋଖି ରାଗରେ ରଚିତ । ଚିନ୍ତାମଣି ମହାନ୍ତି 'ନବବର୍ଷ' ରସକୂଲ୍ୟା ରାଗରେ, 'ମାତୃ ବିୟୋଗ' ମଙ୍ଗଳ ରାଗରେ ଓ 'ଶୋକ ସପ୍ତକ' କବିତା କଳହଂସ କେଦାର ରାଗରେ ରଚନା କରିଛନ୍ତି । ପଲ୍ଲୀକବି ନନ୍ଦକିଶୋର ବଳ 'ଉତ୍କଳ ମଙ୍ଗଳଗୀତ' ରସକୂଲ୍ୟା ରାଗରେ ଓ 'ସ୍ୱର୍ଗୀୟ କବି ରାୟ ରାଧାନାଥ ବାହାଦୂର' ଚୋଖି ରାଗରେ ରଚନା କରିଛନ୍ତି। ଏଗୁଡ଼ିକ କେବଳ ଉଦାହରଣ ସ୍ୱରୂପେ ଉପସ୍ଥାପନା କରାଗଲା ।

ଉକ୍ତ ପ୍ରବନ୍ଧରେ ଆଧୁନିକ ଓଡ଼ିଆ ଗୀତିକବିତାର ଆଦିପର୍ବର ସାଧାରଣ ଚିତ୍ର ପ୍ରଦତ୍ତ । ଏ ଦିଗରେ ଅଧିକ ବିଶ୍ଳେଷଣ ତଥା ଗଭୀର ଅନୁଧ୍ୟାନ ଓ ଅନୁଶୀଳନ ଏକାନ୍ତ ଅପରିହାର୍ଯ୍ୟ ।

◆◆◆

ସ୍ୱାଧୀନତା ପରବର୍ତ୍ତୀ ଓଡ଼ିଆ ଗୀତିକବି ଓ ଗୀତିକବିତା

ଡକ୍ଟର ଶରତ ଚନ୍ଦ୍ର ରଥ

ଶରତ ଗ୍ରନ୍ଥାବଳୀ - ୬୧୮

ପ୍ରକାଶକ : **ଦିବ୍ୟ ପ୍ରକାଶନୀ**
ଦିବ୍ୟ ବିହାର, ସାମନ୍ତରାପୁର,
ଫୋନ୍ : ୨୩୪୦୧୩୬

Swadinata Parabarti Odia Gitikabi O Gitikabita
Dr. Sarat Chandra Rath

First Edition : **1-1-2014**
Printed at : **Divya Mudrani**
Divya Vihar, Samantarapur, Bhubaneswar
Cover Design : **Bibhuprasuna Das**
Price : ₹ **100** /- One Hundred Only

ଯାହାଙ୍କ କରୁଣାରୁ ମୁଁ ଲେଖନୀ ଚାଳନା କରିଛି ସେହି ମୋର ପରମାରାଧ୍ୟ ଶ୍ରୀମାଶ୍ରୀଅରବିନ୍ଦଙ୍କ ଚରଣ କମଳରେ 'ସ୍ୱାଧୀନତା ପରବର୍ତ୍ତୀ ଓଡ଼ିଆ ଗୀତିକବି ଓ ଗୀତିକବିତା' ପୁସ୍ତକଟିକୁ ସମର୍ପଣ କରି ମୋର ବୋଉ ଶ୍ରୀମତୀ ମନୋରମା ଦେବୀଙ୍କ ହାତରେ ଅର୍ପଣ କଲି ।

ବିନୀତ
ଶରତ

ଆଗରୁ ପଦେ...

ଗୀତିକବିତା ହେଉଛି ସାହିତ୍ୟର ଅନ୍ୟତମ ଏକ ବିଶିଷ୍ଟ ବିଭବ । ଅଳ୍ପ ଆୟତନରେ ଅପେକ୍ଷାକୃତ ଅଧିକ କଥା ଧରି ରଖିଥିବା ଏକ ସୁରମ୍ୟ ଲିପିଶିଳ୍ପ । ଅଳ୍ପ ହସରେ ବହୁକଥାର ଇସାରା ଦେଇପାରୁଥିବା ଛୋଟ ଫୁଲ ପେଛାଟିଏ । ପାଠକ ମନକୁ ଆକୃଷ୍ଟ କରୁଥିବା ଲହରାୟିତ ଶିହରଣଟିଏ ।

ଆଧୁନିକ ଓଡ଼ିଆ ସାହିତ୍ୟର ଅନ୍ୟତମ ଚାରୁ ଶବ୍ଦଶିଳ୍ପ ହେଉଛି ଗୀତିକବିତା । ଏହାର ସାଂଗୀତିକତା, ହୃଦୟଗ୍ରାହିତା, ଶ୍ରୁତିମଧୁରତା ଓ ଭାବମୟତା ଅନନ୍ୟ । ଗୀତିକବିତାରେ ଗୀତିମୟତା ହେଉଛି ଅମର୍ତ୍ତ୍ୟର ମଧୁଭରା ଲଳିତମଞ୍ଜରୀ ଯାହା ପରିବେଷଣ କରିପାରେ ଚିତ୍ରିତ ଚୈତ୍ରରଥର ଚିତ୍ତାମୋଦୀ କାଦମ୍ବରୀ । ବହୁ ସ୍ରଷ୍ଟା ଏ ଦିଗରେ ଲେଖନୀ ଚାଳନା କରି ଯଶସ୍ୱୀ ହୋଇଛନ୍ତି । ସଂପ୍ରତି ପତ୍ରପତ୍ରିକାମାନଙ୍କରେ ନିୟମିତ ଭାବରେ ଗୀତିକବିତା ମୁଦ୍ରିତ ହେଉଛି । ଏହାର ପାଠକୀୟ ଆବେଦନ ମଧ୍ୟ ସମୟକ୍ରମେ ବୃଦ୍ଧି ପାଉଛି ।

ଆଧୁନିକ ଓଡ଼ିଆ ଗୀତିକବିତାର ଆରମ୍ଭ ହୋଇଥିଲା ଭକ୍ତକବି ମଧୁସୂଦନ ରାଓଙ୍କ ଲେଖନୀ ଚାଳନାରେ । ତେଣୁ ତାଙ୍କୁ ଆଧୁନିକ ଓଡ଼ିଆ ଗୀତି ସାହିତ୍ୟର ଆଦିସ୍ରଷ୍ଟା ବୋଲି କୁହାଯାଏ । ପରେ ପରେ ବହୁ କବିଙ୍କ ଲେଖନୀରେ ଗୀତିକବିତା ପରିପୁଷ୍ଟ ହୋଇଛି । ସ୍ୱାଧୀନତା ପର୍ଯ୍ୟନ୍ତ ଏହାର ଗତିପଥ ସମ୍ପର୍କରେ କିଛି ତତ୍ତ୍ୱ ଓ ତଥ୍ୟ ମୋର ଅନ୍ୟଏକ ପୁସ୍ତକରେ ଆଲୋଚିତ ହୋଇଛି ।

ସ୍ୱାଧୀନତା ପରବର୍ତ୍ତୀ ସମୟରେ ବହୁ କବି ଗୀତିକବିତା ରଚନା କରିଛନ୍ତି । ବିଶେଷତଃ ପ୍ରାୟ ଦୁଇହଜାର ମସିହା ପରଠାରୁ ଏମାନଙ୍କ ସଂଖ୍ୟା ବୃଦ୍ଧି ପାଇଛି । ସମସ୍ତଙ୍କୁ ଏହି ଅବକାଶରେ ଶ୍ରଦ୍ଧାର ସହିତ ମୁଁ ସ୍ମରଣ କରୁଛି ଓ ଅନ୍ତରର ଅଭିନନ୍ଦନ ଜଣାଉଛି । ଆଲୋଚ୍ୟ ପୁସ୍ତକରେ ସ୍ୱାଧୀନତା ପରବର୍ତ୍ତୀ ଓଡ଼ିଆ ଗୀତିକବିତା ସମ୍ପର୍କରେ କିଞ୍ଚିତ ଆଲୋଚନା କରାଯାଇଛି ।

ଯେତିକି କବିଙ୍କ ନାମ ଏହି ପୁସ୍ତକରେ ସ୍ଥାନିତ ହୋଇଛି ସେମାନଙ୍କ ବ୍ୟତୀତ ବହୁ କବି ଅଛନ୍ତି ଯେଉଁମାନଙ୍କର ପ୍ରତୁଳ ଅବଦାନ ରହିଛି । ସେମାନଙ୍କୁ ମୁଁ ଏ ଅବକାଶରେ ସମ୍ମାନ ଜଣାଉଛି । ସୀମିତ ସମୟ ଭିତରେ ପୁସ୍ତକଟି ପ୍ରଣୀତ ହୋଇଥିବାରୁ ସେମାନଙ୍କ କୃତିତ୍ୱର ତର୍ଜମା ହୋଇପାରି ନାହିଁ ।

ଆଗରୁ କହିରଖେ ଯେ ପ୍ରତ୍ୟେକ ଗୀତିକବିଙ୍କ ସୃଜନଶୀଳତାର ବୈଶିଷ୍ଟ୍ୟ ରହିଛି । କବିମାନଙ୍କ ନାମକୁ ପାଠକ ତଥା ଆଲୋଚକମାନେ ସହଜରେ ଖୋଜିପାଇବା ପାଇଁ ବର୍ଣ୍ଣମାଳାର କ୍ରମାନୁସାରେ ନାମଗୁଡ଼ିକୁ ସଜାଇ ଦିଆଯାଇଛି ।

ପୁସ୍ତକଟି ପାଠକୀୟ ଶ୍ରଦ୍ଧା ଅର୍ଜନ କରିବାର ଆଶା ନେଇ ରହୁଛି ।

ଶରତ ଚନ୍ଦ୍ର ରଥ

ସ୍ୱାଧୀନତା ପରବର୍ତ୍ତୀ ଓଡ଼ିଆ ଗୀତିକବି ଓ ଗୀତିକବିତା

ଅର୍ଚ୍ଚନା ନାୟକ :

ଅର୍ଚ୍ଚନା ନାୟକଙ୍କ ଗୀତିକବିତାରେ ଜୀବନର ଅନ୍ୱେଷଣ ଓ ବିଶ୍ଳେଷଣ ରହିଛି । ଏ ଜୀବନ ଅର୍ଥହୀନ ନୁହେଁ ବରଂ ବହୁଭାବରେ ଅର୍ଥପୂର୍ଣ୍ଣ, ସୀମାହୀନତାରେ ଏହାର ପରିବ୍ୟାପ୍ତି । ବହିଃପ୍ରକୃତିର ପ୍ରଭାବ ଜୀବନ ଉପରେ ଅଧିକରୁ ଅଧିକ ଲକ୍ଷ୍ୟଣୀୟ । କବି ଡକ୍ଟର ନାୟକଙ୍କ ରଚନାରେ ଅଶିଣର ଜହ୍ନରାତି, ନଈ କୂଳେକୂଳେ ଫୁଟିଥିବା ନୀଳକଇଁ, କୁସୁମିତ ମାଳତୀଲତା, ପହିଲି ଆଷାଢ଼ର ଭିଜାଭୂଇଁ କବି ଅଙ୍କିତ ଲିପିଚିତ୍ର ପ୍ରସ୍ଫୁଟିରେ ମନଭୁଲା ରଙ୍ଗ ମାଖିଦେଇଛି । ବିଶ୍ୱ ପ୍ରକୃତିର ମନମୋହିନୀ କୁଞ୍ଜେକୁଞ୍ଜେ ଜୀବନକୁ ଖୋଜିବୁଲୁଥିବା କବିସତ୍ତା ନିଜକୁ ବହୁବାର ଭେଟିଛି ଓ ପରିବେଷଣ କରିଛି କେତେଗୀତର ଆଳାପ ଓ ଅନ୍ତରା, ଯାହା ପ୍ରତ୍ୟେକ ପାଠକ ଓ ଶ୍ରୋତାକୁ ଭାବବିଭୋର କରେ ।

ଶ୍ରୀକୃଷ୍ଣ ହେଉଛନ୍ତି ଆନନ୍ଦର ଅବତାର, ଅଧିଚେତନାର ଅଧୀଶ୍ୱର ଓ ସୌନ୍ଦର୍ଯ୍ୟର ଅମୃତ ଭଣ୍ଡାର । ସେ ଭକ୍ତର ସଖା, ଗୁରୁ, ପିତାମାତା, ପୁଣି ପ୍ରଭୁ (ମାଲିକ) । ତାଙ୍କ ପ୍ରତି ପ୍ରୀତିପ୍ରବଣତା ହିଁ ମାନବ ଜୀବନର ଅନନ୍ୟ ସାର୍ଥକତା । କବିଙ୍କ ଭାଷାରେ –

''ଅଧରେ ତୁମର ମଧୁର ହସର
ସୁନ୍ଦର ମଧୁରେଖା
କେତେ ଜନ୍ମର ଶତପୁଣ୍ୟରୁ
ପାଇଛି ତୁମକୁ ସଖା''

ପୁନଶ୍ଚ ରହସ୍ୟବାଦୀ ରୋମାଣ୍ଟିକ ଗୀତିକବିତାର ରଚନାରେ କବିଙ୍କର ଦକ୍ଷତା ଲକ୍ଷ୍ୟଣୀୟ। ଜୀବନ ଓ ଜଗତକୁ ତଥା ପ୍ରକୃତି ଓ ମଣିଷକୁ ଏକ ସୂତ୍ରରେ ବାନ୍ଧିଦେବାର ଅନୁପମ ପ୍ରୟାସ ଏଥିରେ ରହିଛି । କବି ନିଜେ ନିଜର ସଖା, ସାଥୀ ଓ ବନ୍ଧୁ । ନିଜ ସହିତ ନିଜର ବନ୍ଧୁତା ଯେପରି ଅନୁଭବ୍ୟ, ନିଜ ସହିତ ନିଜର ସମ୍ମୁଖୀନତା ସେପରି ମର୍ମସ୍ପର୍ଶୀ । କେତେବେଳେ ସେ ନିଜେ ନିଜ ପାଖରେ ସୁଲଭ ତ ଆଉ କେତେବେଳେ ଅତି ଦୁର୍ଲ୍ଲଭ । ପୁଣି କେତେବେଳେ ସୁଲଭତା ଓ ଦୁର୍ଲଭତାର ଲୁଚକାଳି ଖେଳର କବି ନିଜେ ନୀରବ ଦର୍ଶକ । ସେତେବେଳେ ତାଙ୍କୁ ଶୁଭେ ଅଜଣା ଦିଗରୁ ଭାସି ଆସୁଥିବାର ମଧୁର ଅସ୍ପଷ୍ଟ ଆହ୍ୱାନ । ସେହି ଆହ୍ୱାନରେ ଆତ୍ମହରା ହୋଇଛନ୍ତି କବି । ତାଙ୍କ ବିଚାରରେ ଜୀବନ ଏକ ଦୀପାଳି ପରି ଜଳିଯାଏ, ଅଚ୍ଛୁଟା ନଈ ହୋଇ

ବହିଯାଏ, ପୁଣି ପୋଥି ପତରରେ ଅପଢ଼ା ଲିପିମାଳା ହୋଇ ରହିଯାଏ । କେତେବେଳେ ଆକାଶ ହଜିଯାଏ ମେଘ ଛାଇରେ ତ ଆଉ କେତେବେଳେ ନଈ ପାଣିରେ ମୁହଁ ଦେଖିଦେଖି ଜହ୍ନ ଶୋଇଯାଏ । ଜୀବନରେ କାହା ପାଇଁ ଏତେ ତପସ୍ୟା, ଏତେ ଉତ୍କଣ୍ଠା ତାହା ବୁଝି ହୁଏ ନାହିଁ । ଯେତିକି ବୁଝି ହୁଏ ତାକୁ ଯେତେ ସଂଜ୍ଞା ଦେଲେ ବି ତାହା ପୂର୍ଣ୍ଣ ହୁଏ ନାହିଁ । ନିଜ ପାଇଁ ନିଜର ପ୍ରତୀକ୍ଷା ଏବଂ ନିଜ ପାଇଁ ନିଜର ଅନ୍ୱେଷଣ, ଏହାର ଅନ୍ୟତମ ପରିଭାଷା କହିଲେ ବହୁଭାଷଣ ହେବ ନାହିଁ । ତଥାପି ତା'ର ସଂଜ୍ଞା କବିଙ୍କ ଭାଷାରେ ଏହିପରି –

''ସେ କି ସାଗର ବୁକୁରେ ଲହରୀଙ୍କ ମେଳେ ଢେଉଟିଏ
ସେ କି ଅମରାବତୀର ପାରିଜାତ ବନେ ଫୁଲଟିଏ''

(ଜହ୍ନରାତି ବର୍ଷାରାତି)

ହତାଶାର ହିମ ଶୀତଳ ପ୍ରଭାବରୁ କବିଚିତ୍ତ ଅହରହ ମୁକ୍ତି ଲାଭ କରିବାକୁ ପ୍ରୟାସୀ ହୋଇଛି । ନିରାଶାର ଗୀତ ଗାଉଥିବା ପକ୍ଷୀକୁ ପାଖକୁ ଡାକି ସେପରି ଗୀତ ନ ଗାଇବାକୁ କବି କହିଛନ୍ତି । କାରଣ ତାଙ୍କର ହୃଦବୋଧ ହୋଇଛି ଯେ, ହତାଶାରେ ଜୀବନର ବନ୍ଦାପନା ହୁଏ ନାହିଁ, ବରଂ ସ୍ମିତହାସ୍ୟରେ ତାହା ସଂଗଠିତ ହୁଏ । ବିଷାଦରେ ମହତ୍ତ୍ୱ ନଥାଏ, ଥାଏ ଆତ୍ମପ୍ରସାଦରେ। କବିଙ୍କ କଥାରେ :

''କହିବି ମୁଁ ତାରେ ଡାକି
ଶୁଣରେ ନିରାଶ ପକ୍ଷୀ
ଗାଆନା ଗାଆନା ଛାତିଫଟା ଏଇ
କରୁଣ ଗାନ ତୁ ଆଉ
ତାରା ଭରା ଏଇ ରାତିରେ ମୁଁ ଆଜି
ଗାଇବି ମିଳନ ଗୀତି'' (ଜହ୍ନରାତି ବର୍ଷାରାତି)

ଅନ୍ତର୍ଯ୍ୟାମୀ ମିଶ୍ର –

ଗୀତିକବି ଭାବରେ ଡାକ୍ତର ଅନ୍ତର୍ଯ୍ୟାମୀ ମିଶ୍ରଙ୍କର ସୁନାମ ରହିଛି । ପ୍ରକାଶେଚ୍ଛା ହେଉଛି ବିଭୁଦତ୍ତ । ମାଧ୍ୟମ ହୁଏ ଭାଷା, ଭାବାନୁସାରୀ ଭାଷାଚୟନ ପ୍ରତିଭାର ସୁବର୍ଣ୍ଣ ସ୍ୱାକ୍ଷର ବହନ କରେ । ସାର୍ଥକ ଗୀତିକବିତାରେ ଭାଷା, ଭାବ, ଛନ୍ଦ, ସାଙ୍ଗୀତିକତା, ସାବଲୀଳତା ସର୍ବୋପରି ହୃଦୟବତ୍ତା ରହିବା ଏକାନ୍ତ ଆବଶ୍ୟକ । ଏ ଦିଗରୁ ଦେଖିଲେ ଡାକ୍ତର ମିଶ୍ରଙ୍କର ଗୀତିକବିତା ଗୁଡ଼ିକ ପ୍ରାୟତଃ ସାର୍ଥକ ।

ଭକ୍ତିଗୀତି ରଚନା କ୍ଷେତ୍ରରେ ତାଙ୍କର ପାରଦର୍ଶିତା ଲକ୍ଷ୍ୟଣୀୟ । 'ଭକ୍ତିସୂତ୍ର' ପୁସ୍ତକରେ ତିନି ଭାଗରେ ଗୀତି ରଚନା ଗୁଡ଼ିକ ସେ ସଜାଇ ଦେଇଛନ୍ତି । 'ଧୂପ', 'ଦୀପ', 'ନୈବେଦ୍ୟ' ନାମରେ ନାମିତ ହୋଇଛି ଭାଗଗୁଡ଼ିକ । 'ଧୂପ'ରେ ପ୍ରଭୁ ଶ୍ରୀଜଗନ୍ନାଥ, ଶିବ, ଗଣେଶ, ସରସ୍ୱତୀ ପ୍ରଭୃତି ଦେବଦେବୀଙ୍କର ମହିମାଗାନ ପୂର୍ବକ ବନ୍ଦନା କବି କରିଛନ୍ତି । ପ୍ରାରମ୍ଭରେ ଶ୍ରୀଗଣେଶଙ୍କର ପ୍ରାର୍ଥନା ଅତ୍ୟନ୍ତ ହୃଦୟସ୍ପର୍ଶୀ ହୋଇଅଛି । ଶ୍ରୀଜଗନ୍ନାଥଙ୍କୁ କଦମ୍ବ ଫୁଲିଆ ନାଗର, ବଳଭଦ୍ରଙ୍କୁ ମଲ୍ଲିଫୁଲିଆ ଭାଇ ଏବଂ ସୁଭଦ୍ରାଙ୍କୁ ଜହ୍ନିଫୁଲିଆ ଭଉଣୀ ବୋଲି ବିଚାର କରିଛନ୍ତି । କବିଙ୍କ ଭାଷାରେ –

'ଜହ୍ନି ଫୁଲିଆ ଭଉଣୀ ତୋହର
ମଲ୍ଲିଫୁଲିଆ ଭାଇ
କଦମ୍ବ ଫୁଲିଆ ନାଗର ତୁହିରେ
ଶ୍ରୀକ୍ଷେତ୍ର କଳା କହ୍ନାଇ ।'

ପ୍ରଭୁ ହେଉଛନ୍ତି ଭାବଗ୍ରାହୀ, ଭାବରେ ଭେଟ ତାଙ୍କର ଅଭାବରେ ଅଭେଟ । ସେ ବସ୍ତୁ ଗ୍ରହଣ କରନ୍ତି ନାହିଁ, ହୃଦୟର ଭାବ ଗ୍ରହଣ କରନ୍ତି । ଭକ୍ତିରେ ଭଗବାନବନ୍ଧା । ନାରଦ ଭକ୍ତିସୂତ୍ରରେ ଅଛି 'ଯା କସ୍ମୈଚିତ୍ ପରମା ପ୍ରେମରୂପା' ଅର୍ଥାତ୍ - ପରମ ପ୍ରେମଭାବକୁ ଭକ୍ତି କହନ୍ତି । ଭାବ ହିଁ ଭକ୍ତିର ମୂଳଉତ୍ସ । ଅନୁରକ୍ତି ହିଁ ଭକ୍ତିର ମୂଳ ଉପାଦାନ । ଭାବରେ ଗଭୀରତା ଥିବା ଆବଶ୍ୟକ । 'ନୈବେଦ୍ୟ'ରେ କବି କହିଛନ୍ତି-

'ଫୁଲକୁ ଭଅଁର ଚନ୍ଦନକୁ ପାଣି
ମେଘକୁ ବିଜୁଳି ପରି
କ୍ଷୀର ନୀର ଆମ ଭାବ ନ ହୋଇଲେ
କିବା ଲାଭ ଭାବ କରି ।'

'ପ୍ରୀତିନଦୀ ଉତ୍ତଳା' ପୁସ୍ତକରେ ରୋମାଣ୍ଟିକ୍ ଭାବାବେଗ ସହିତ ଜୀବନର ବାସ୍ତବତା ପ୍ରକଟିତ ହୋଇଛି । ମଳୟ ପବନର ଲଳିତ ପ୍ରବାହରେ କୃଷ୍ଣଚୂଡ଼ାର ଝୁଲଣ ଲୀଳା କବିଙ୍କୁ ମନ୍ତ୍ରମୁଗ୍ଧ କରିଛି । କୋଇଲିର କୁହୁତାନରେ ମନରେ ପ୍ରୀତିର ପୁଲକ ଭରିଯାଇଛି । ପ୍ରୀତିକୁ ନଦୀ ରୂପେ ପରିକଳ୍ପନା କରିଛନ୍ତି କବି । ମନ ତା'ର ସପନର ପୁର, ତୀର ତା'ର ସ୍ନେହ ମମତାର ଝର, ପୁଣି ଲହରୀ ତା'ର ମିଳନର ଛଳଛଳ ସୁର । କବିଙ୍କ ଭାଷାରେ -

''ନଦୀର ନାମ ପ୍ରୀତି
ଛାତିରେ ତା'ର ପିଟଇ ମଥା
ଉର୍ମି ମଧୁମତୀ
ମନ ଯେ ତା'ର ସପନପୁର
ତୀରରୁ ଝରେ ସ୍ନେହ
ହୃଦୟ ଭରା ବାଲୁକା ତା'ର
ପଣତ ଭିଜା ଲୁହ
ଛଳ ଛଳ ତା ଲହରୀ ଗାଏ ମିଳନ ମଧୁଗୀତି ।

ଜୀବନର ବାସ୍ତବତା ଆମ୍ ପ୍ରକାଶ କରିଛି କେତେକ ରଚନାରେ । ଜୀବନ ଏକ ପାନ୍ଥ, ପୃଥିବୀ ଏକ ପାନ୍ଥଶାଳା, ପାନ୍ଥର ପରିଚୟ ଅଜଣା । ଅଜଣା ରାଇଜରୁ ଆସେ ସିଏ, ଅଜଣା ରାଇଜକୁ ଯାଏ ସିଏ । ମଝିରେ ପାନ୍ଥଶାଳାରେ ପାନ୍ଥର ଅବସ୍ଥାନ ସ୍ୱଳ୍ପ ସମୟ ପାଇଁ । ଚାରିଆଡ଼େ ତ ଅଚିହ୍ନା ପରିବେଶର ବଳୟ । ମନ ଅସ୍ଥିର, ଅଶାନ୍ତ, ତଥାପି ଆଶା ଅନେକ । ଆଶା ଅଛି ଯେ କିଏ ନା କିଏ କେବେ ନା କେବେ ଆସିବେ ଯିଏ ଚୁଝିପାରିବେ ହୃଦୟର ଅନୁରାଗକୁ, ଆନ୍ତରିକତାର ମହକକୁ । ନିରାଶାରେ ଆଶାରବାଣୀ ଶୁଣାଉଛନ୍ତି କବି ଶ୍ରୀଯୁକ୍ତ ମିଶ୍ର । କବିଙ୍କ ଭାଷାରେ -

'ପାନ୍ଥ ପକ୍ଷୀ ମୁଁ ପରିଚୟ ମୋର ଅଜଣା
କେହିତ ଜାଣେନା ମୋ ନାଁ ଗାଁ ଠିକଣା
ଏ ଆକାଶ ସୀମାହୀନ
ଜାଣେନା ଉଡ଼ିବି ଏମିତି ମୁଁ କେତେ ଦିନ'

କବି ଅନ୍ତରରେ ସ୍ପନ୍ଦିତ ହୋଇଛି କେତେ ଭାବନା ଓ ଅନୁଭବ । ସୁର ତାଙ୍କର ଥକିବନି । ଗୀତ

ତାଙ୍କର କଣ୍ଠରୁ ସରିବନି । କିଏ ଆସି କେତେବେଳେ ହେଲେ ବୁଝିବ ସେ ଗୀତର ଅର୍ଥକୁ ପୁଣି ଅନୁଭବ କରିବ ସୁରର ମହତ୍ତ୍ୱକୁ ।

ଅକ୍ଷୟ ମହାନ୍ତି –

'ମଧୁଶାଳା' ପୁସ୍ତକରେ ସନ୍ନିବେଶିତ ଗୀତିକବିତା ଗୁଡ଼ିକ ସ୍ମୃତି ରୋମନ୍ଥନଧର୍ମୀ ତଥା ବିଷାଦର ସ୍ୱର୍ଶରେ ଜର୍ଜରିତ । ବ୍ୟକ୍ତିଗତ ଅପ୍ରାପ୍ତି, ଅସନ୍ତୋଷ, ପୁଣି ତଦ୍‌ଜନିତ ବେଳେବେଳେ ଅନୁତାପ ଓ ଅନୁଶୋଚନା ହିଁ ଏହାର ମୁଖ୍ୟ ଉପଜୀବ୍ୟ ଉପାଦାନ । ପ୍ରେମିକର ରଙ୍ଗାୟିତ ରୂପାଲେଖ୍ୟ ସହିତ କବିତ୍ୱ ମିଶିଯାଇ ଏଥିରେ ଭିନ୍ନ ଏକ ସ୍ୱାଦ ସୃଷ୍ଟିହୋଇଛି । ପ୍ରେମିକ ନିଜେ ଆଖି ହେଲାବେଳେ ପ୍ରେମିକା ହୋଇଛି ସେ ଆଖିର ନିଦ । ପ୍ରେମିକ ଫଗୁଣ ହେଲାବେଳେ ଓ ସଂଗୀତ ହେଲାବେଳେ ପ୍ରେମିକା ହୋଇଛି ଯଥାକ୍ରମ ଫଗୁଣର ଫୁଲ ଓ ସଂଗୀତର ବାଦୀସ୍ୱର । ବେଳେବେଳେ ପ୍ରେମିକା ଭାଗ୍ୟବାଦୀ ହୋଇ ଭାଗ୍ୟକୁ ମାନିନେଇଛି ଓ କ୍ଷଣକ ପାଇଁ ଦାରୁଣ ଦୁଃଖକୁ ନିଜଠାରୁ ଟିକିଏ ଦୂରେଇ ଦେଇଛି । ସେ କହିଛି –

''ଏବେ ମୁଁ ଭାବୁଛି ଭାଗ୍ୟଟା ଛୋଟ
ମନ ଛୋଟ ହେବ କିଆଁ
ଶିଶିର ସାଉଁଟି ମାଳା ଗୁନ୍ଥିଥିଲି
ସିଏ ବି ହୋଇଲା ନିଆଁ ।''

ପୁଣି କେତେବେଳେ ପ୍ରେମରେ ହାରିଲେ ମଧ୍ୟ ତାକୁ ଅପଯଶ ବୋଲି ନଭାବି ଯଶ ବୋଲି ଭାବିଛି କବିତାର ନାୟକ । ସେ କହିଛି – 'ତୁମ ପାଇଁ ପ୍ରେମ ଯଦି ଅପଯଶ, ମୋ ପାଇଁ ତାହା ଯଶ ।'

ଏସବୁ ସତ୍ତ୍ୱେ ପ୍ରୀତି ପ୍ରଣୟର ଲିପିକାର ଅକ୍ଷୟ ମହାନ୍ତିଙ୍କ ଗୀତି କବିତା ଗୁଡ଼ିକ ନଈ ହୋଇ ସତେଅବା ତାଙ୍କ ହୃଦୟର ଧାରେ ଧାରେ ବହିଯାଇଛନ୍ତି । ସେହି ନଈରେ ସାନ ସାନ ତରଙ୍ଗରେ ଝୁଲୁଥିବା ସୂର୍ଯ୍ୟ କିରଣ ଅଗଣିତ ମୁକ୍ତାର ଆଭା ସୃଷ୍ଟି କରିଛି ଯାହାର ସୀମାହୀନ ଆକର୍ଷଣ ପାଠକଙ୍କୁ ତନ୍ମୟ କରିଛି । କବି ଶ୍ରୀ ମହାନ୍ତି ହେଉଛନ୍ତି ସ୍ମୃତିର ସାର୍ଥକ ପୂଜାରୀ । ହତାଶାର ଗୈରିକତାକୁ ରୂପ ଦେଉ ଦେଉ ସେ କହି ବସନ୍ତି ମନର କଥା ଯେ ଫଗୁଣ ପବନ ଆସେ ତାଙ୍କୁ ଜଳାଇବା ପାଇଁ, ଶ୍ରାବଣର ଧାରା ଆସେ ଧୋଇ ନେଇ ତାଙ୍କୁ ମଝି ସମୁଦ୍ରରେ ଭସାଇ ଦେବାପାଇଁ । ଏଥିରେ ବହୁଭାଷଣ ନାହିଁ ଯେ ଶବ୍ଦର ମୋହନ ମାଦକତା ଓ ଅନୁଭବର ଗଭୀରତା ତାଙ୍କ ଗୀତିକବିତାର ଗଢ଼ଣକୁ ଅଧିକ ଶୋଭନୀୟ ଓ ଲୋଭନୀୟ କରିଛି।

ଅଲେଖ ଚନ୍ଦ୍ର ପଢ଼ିଆରୀ –

ଗୀତି କବିତାକୁ ସାହିତ୍ୟର ଗଣ୍ଠିଧନ ବୋଲି କହନ୍ତି ଗୀତିକବି ଶ୍ରୀଯୁକ୍ତ ପଢ଼ିଆରୀ । ମନରେ ତାଂକର ଦୁଃଖ, ଗୀତି କବିତା ପ୍ରତି ପାଠକର ହେୟ ଭାବ ଦେଖି । ସେ କହନ୍ତି ଏତେ ସୁଲଳିତ ସୁକୁମାର ସାହିତ୍ୟିକ ବିଭବର ଯଥାଯୋଗ୍ୟ ବନ୍ଦାପନା ନହେବାର କାରଣ ବୁଝି ହେଉନାହିଁ । ତାଂକ ଭାଷାରେ ''ଯେଉଁ କବିତା ବୟସ ଓ ଜ୍ଞାନ ଗାରିମା ନିର୍ବିଶେଷରେ ପ୍ରତ୍ୟେକ ମନୁଷ୍ୟର ମନକୁ ଆକୃଷ୍ଟ କରେ, ପ୍ରାଣକୁ ଆନ୍ଦୋଳିତ କରେ ଓ ସର୍ବୋପରି ଆତ୍ମାକୁ ଅଥୟ କରେ, ତାହା ହେଉଛି ଗୀତି କବିତା'' । ପୁଣି ସେ କହନ୍ତି, କେତେକ ତଥାକଥିତ ଲବ୍ଧପ୍ରତିଷ୍ଠ ସାହିତ୍ୟିକ ମାନେ ସାହିତ୍ୟର ପହିଲି ଉଷ ଓ ପହିଲି ପରିଭାଷା ଗୀତିକବିତାକୁ ଅସାହିତ୍ୟ ମଣି ଭ୍ରୂକୁଞ୍ଚନ କରିବାର ଦୃଷ୍ଟାନ୍ତ ବିରଳ ନୁହେଁ।''

'ଗୀତିଗଂଗା' ହେଉଛି ଶ୍ରୀଯୁକ୍ତ ପଡ଼ିଆରୀଙ୍କର ଏକ ସୃଜନୀ ଫର୍ଦ୍ଦ । ଏଥିରେ ଦେଶଭକ୍ତି, ଭଜନ ଜଣାଣ, ଆଧୁନିକ ତଥା ଶିଶୁ ଗୀତିକାର ସମାବେଶ ରହିଛି । କୋଣାର୍କ ମନ୍ଦିରର କଳା ନୈପୁଣ୍ୟ ଓ ତାହା ସହିତ ସଂଯୋଜିତ ଜନଶ୍ରୁତି କବିଙ୍କ ଚିତ୍ତକୁ ଆଲୋଡ଼ିତ କରିଛି । କୋଣାର୍କ ଗାତ୍ରରେ ଖୋଦିତ ମୂର୍ତ୍ତିମାନେ ଯେ ଧରମାର ନିଧନର ମୂକସାକ୍ଷୀ ଏକଥା କେତେ ଭାବାନ୍ତର ଆଣିଛି କବିଙ୍କ ମନରେ । ଏଥି ସହିତ ଆମ ଦେଶର ଗୌରବ ଗରିମା ଲିପିବଦ୍ଧ ହୋଇଛି କବିଙ୍କ ଲେଖନୀରେ । ଉତ୍କଳର ଜୟଗାନରେ କବି ଆତ୍ମହରା । ଅନ୍ତରର ଗଭୀରତମ ପ୍ରଦେଶରୁ ଦେଶ ପ୍ରତି ଯେଉଁ କମନୀୟଭାବ ପରିଦୃଷ୍ଟ ହୁଏ ତାହା ଅନୁଭବ୍ୟ, ଅନିର୍ବଚନୀୟ ମଧ୍ୟ ।

ଭଜନ ଜଣାଣ ଗୁଡ଼ିକରେ ଶିବବନ୍ଦନା, ମା ତାରିଣୀଙ୍କର ବନ୍ଦନା ସହିତ ଶ୍ରୀଜଗନ୍ନାଥଙ୍କ ବନ୍ଦନା ସ୍ଥାନିତ ହୋଇଛି । ପରମ ପ୍ରଭୁଙ୍କର ମହିମାଗାନରେ କବି ଶତମୁଖ । ଅନ୍ଧାର ଦୂର କରିବାକୁ ଏବଂ ନପାରିଲେ ଭକ୍ତକୁ ଅନ୍ଧ କରିଦେବାକୁ ଉପସ୍ଥାପିତ ଭକ୍ତି ଭିତରେ ଗଭୀର ଆକୁଳତା ପରିପ୍ରକଟିତ ହୋଇଛି । ପରମେଶ୍ୱର ଏକାଧାରାରେ ସଗୁଣ ଓ ନିର୍ଗୁଣ, ସାକାର ଓ ନିରାକାର । ସମସ୍ତ ଜଗତର ସେ ଆଧାର ପୁଣି ସକଳ ଜଗତ ତାଂକର ନିର୍ମଳ ନିରାଜନା କରେ । ଭଗବାନଙ୍କର ନିକଟରେ ସାନ ବଡ଼ ନଥାନ୍ତି, ସମସ୍ତେ ସମାନ । ଏହି ତାଂକର ବଡ଼ପଣ, ଭଗବତ୍ତା ବୋଲି କବି କହିଛନ୍ତି । ମାଆ ଦୟାମୟୀ ତାରିଣୀଙ୍କ ବନ୍ଦନାରେ କବି ତାରିଣୀଙ୍କୁ ଦୁଃଖ ବିନାଶିନୀ, କଳୁଷ ହାରିଣୀ, ବିଦ୍ୟା ପ୍ରଦାୟିନୀ, ଅଭୟ ଦାୟିନୀ ନାମରେ ଆହ୍ୱାନ କରିଛନ୍ତି । ଶ୍ରୀଜଗନ୍ନାଥଙ୍କୁ ପରମ ଭକ୍ତି ସହ ସେ ପ୍ରଣାମ କରିଛନ୍ତି ।

ଆଧୁନିକ ଗୀତି ସମ୍ଭାରରେ ପ୍ରଣୟ ବିଳାସୀ ମନ ଫୁଲପାଖୁଡ଼ା ପରି ଫିଟି ପଡ଼ିଛି । ମାନସୀର ସ୍ୱରୂପକୁ ଜହ୍ନରାତି ସହ, ବେଣୀକୁ ତା'ର କାଳଭୁଜଙ୍ଗ ସହ, ତନୁର ବାସକୁ ଝରା ବଉଳର ବାସ ସହ, ଅଧରର ରଂଗକୁ କୃଷ୍ଣଚୂଡ଼ାର ରଂଗ ସହ କବି ତୁଳନା କରିଛନ୍ତି । ରୋମାଣ୍ଟିକ ଭାବ ବିଳାସୀ କବିଙ୍କ ଲେଖନୀରୁ ଝରି ପଡ଼ିଛି ମଉନାବତୀ ମାନସୀର ରୂପ ବିଭବର ବିମୁଗ୍ଧ ବର୍ଣ୍ଣନା ।

ତାଙ୍କ ଭାଷାରେ –

'ଶତ କଦଳର ରୋମାଞ୍ଚ ତୁମେ
ରୂପ ରାଇଜର ଜେମା
ବଧୂଲୀ ଫୁଲର ଅରୁଣିମା ତୁମେ
କୁମୁଦିନୀର ନୀଳିମା
ପ୍ରଭାତୀ ଉଷାର କଅଁଳ କିରଣ
ନିଶୀଥର ନୀଳ ଜୋଛନା
ସପନ ମଧୁର ରୂପ ବଇଭବ
ଫଗୁଣର ଆଳାପନା ।'

ଅତୀତର ସ୍ମୃତି ଚାରଣ ପୂର୍ବକ ଭାବାନ୍ତରର ଅଧିକାରୀ ହୋଇଛି କବିଚିତ୍ତ –

ତଟିନୀ ତମେ ଉଜାଣି ଆଉ
ବହିବନି ମୁହିଁ ଜାଣେ
ତମେ ବହି ଅଛ ଅନନ୍ତ ଗତିରେ
ଅସୀମର ଆବାହନେ ।

ଶିଶୁ ଗୀତିକାର ରଚନାରେ ଲେଖନୀ ହୋଇଛି ଚଳଚଞ୍ଚଳ କବିଙ୍କର । ସତ କହିବାକୁ, ଗରିବର ସେବା କରିବାକୁ, ନିରାଶ୍ରୟକୁଆଶାର ଆଲୋକ ଦେଖାଇବାକୁ ସେ ପିଲାମାନଙ୍କୁ ବତାଇଛନ୍ତି ଗୀତ ମାଧ୍ୟମରେ । ଖେଳିଲା ବେଳେ ଖେଳ, ପଢ଼ିଲା ବେଳେ ପଢ଼ା କଥା ଭାବିବା ସହ ଗୁରୁଜନଙ୍କୁ ସମ୍ମାନ ଜଣାଇବା ହେଉଛି ଭଲ ଛାତ୍ରର ଲକ୍ଷଣ ବୋଲି କବି କହିଛନ୍ତି । ମନ୍ଦ ନ ଦେଖିବା, ମନ୍ଦ କଥା ନଶୁଣିବା ଓ ମନ୍ଦକଥା ନ କହିବା ପାଇଁ ପିଲାଟିଏ ଦୃଢ଼ ସଂକଳ୍ପ କରିବା ଆବଶ୍ୟକ । ଦେଶ ଚାହେଁ ଏମିତି ଶିଶୁ ଯାହା ଭିତରେ ଥିବ ଆନନ୍ଦ, ଆଗ୍ରହ, କର୍ମ ପ୍ରବଣତା ପୁଣି ମଧୁର ସ୍ୱଭାବ ।

କବିଙ୍କ ଭାଷାରେ ପରିଚ୍ଛନ୍ନତା ଓ ଭାବରେ ଗଭୀରତା ରହିଛି । ଗୀତି କବିତା ଗୁଡ଼ିକ ତାଂକର ସରଳ ଓ ସୁଖପାଠ୍ୟ ହୋଇପାରିଛି ।

ଅଜୟ ମହାନ୍ତି–

ଅଜୟ ମହାନ୍ତିଙ୍କର ଗୀତିକବିତାରୁ କେତେକ ବିରହନୁଚିନ୍ତା ଭିତ୍ତିକ । ଆଉ କେତେକ ଗଭୀର ବାସ୍ତବତାରେ ଅଭିଷିକ୍ତ । ପାଦର ଘୁଙ୍ଗୁର ବାଜେ, କାହା ପାଇଁ ବାଜେ, କାହିଁକି ବାଜେ, ଏଇ ପ୍ରଶ୍ନ ପଚାରିଛନ୍ତି ସେ ।

''ଘୁଙ୍ଗୁର ଜାଣେନା କାହିଁକି ବାଜେ
ତନୁ ଶିହରାଇ କାହାକୁ ଖୋଜେ
ଶୁଖିଲା ଓଠରେ କି ଗୀତଥାଏ ସେ
ଚୁଝେଇ ପାରେନା ନିଜକୁ ନିଜେ ।''

ଜୀବନର ଘୋର ବାସ୍ତବତା ଫୁଟି ଉଠିଛି ଗୀତିକବିତାର କେତେକ ପଂକ୍ତିରେ । ତହିଁରୁ ଗୋଟିଏ ପଂକ୍ତିର ସ୍ୱରୂପ ଏହିପରି –

'ଜୀବନର ସୀମା ଖୋଜି ଖୋଜି ଶେଷେ
ପାଇଲି ଅମଡ଼ାବାଟ
ନିଆଁ ଆଉ ଧୂଆଁ ପାଉଁଶ ସାଥିରେ
କିଛି ଦରଜଳା କାଠ ।'

ସବୁ ଆଶା ଝରିଯାଏ ଫଟା କଳସୀରେ । ସବୁ ସ୍ନେହ ମମତା ଜଳିଯାଏ ଚୁଇ ତଳେ, ସବୁ ସ୍ୱପ୍ନ ହୋଇଯାଏ ସମାଧି ପୀଠ, ସବୁ ହସ ହଜିଯାଏ ଖଇ କଉଡ଼ିରେ, ସବୁ ଅତୀତ ଭିଜିଯାଏ ବିରହରେ, କବିଙ୍କ ଭାଷାରେ –

'ସବୁ ହସ ହଜିଯାଏ ଖଇ କଉଡ଼ିରେ
ଲୁହ ସବୁ ଝରିଯାଏ ଘର ଅଗଣାରେ
ଅତୀତକୁ ଖୋଜି ବିରହରେ ଭିଜି
ଥରେ କା ଗୋଲାପୀ ଓଠ ।'

ସଂସାରରେ କେହି କାହାର ଦୁଃଖ ଚୁଝନ୍ତିନି, ଅନୁଭବରେ ସାମିଲ ହୁଅନ୍ତିନି । ସବୁକିଛିକୁ ନିଜେ ନିଜେ ସହିବାକୁ ପଡ଼େ କାହାରି ଆଗରେ କହି ହୁଏନା । ଏ ଦୁନିଆଁ ସ୍ୱାର୍ଥପର, କାହାରି ଦୁଃଖରେ ଦୁଃଖୀ ହେବାର

ମାନସିକତା ତା'ର ନଥାଏ । ଦିନର ଭୋକ ଚୁଝେ ନା ରାତି, ରାତି ଆଖିର ଶୋକ ମଧ ଦିନ ଚୁଝେନା । ଦିନର ଫୁଲ ରାତିକୁ ମଉଳି ଯାଏ । ରାତି ହୁଏ ସକାଳ ପାଇଁ ବ୍ୟଥିତ । କବିଙ୍କ ଭାଷାରେ –

'ରାତି ଯା ସକାଳ ପାଇଁ ହୁଏ ବା ଭଳି
ମହକ ଝରାଏ ଝୁରି ଗଙ୍ଗଶିଉଳି ।'

ବାସ୍ତବତାର ସ୍ୱର ତୋଳି କବି ଜୀବନର ମୂଲ୍ୟାଙ୍କନ କରିଛନ୍ତି । ଜୀବନକୁ ଗତାନୁଗତିକ ଧାରାରେ ପାଣି ଫୋଟକା ବୋଲି ସେ କହିଛନ୍ତି । ପାଣି ଫୋଟକା କ୍ଷଣସ୍ଥାୟୀ । ନିଜ ସ୍ୱାର୍ଥରେ ଲାଗି ରହି ମଣିଷ ଜୀବନ ହୁଏ ବ୍ୟର୍ଥ ଅସରା ନିଃସ୍ୱାର୍ଥପରତା ହିଁ ପ୍ରକୃତ ଜୀବନର ମାନଦଣ୍ଡ । ଦେହ ତ ମାଟିରେ ମିଶିବା ପାଇଁ ଆସିଛି ଓ ମିଶିବ । ରହିଯିବ କେବଳ ଯଶକୀର୍ତ୍ତି । ଜନତା ମନରେ ସ୍ଥାନଟିଏ ଆଗରୁ ରଖିଥିଲେ ତାହା ରହିଯିବ । ପରାର୍ଥ ବ୍ୟକ୍ତି ହିଁ କାଳଜୟୀ ହୋଇ ରହିଯିବ । କବି ଅଜୟ ମହାନ୍ତିଙ୍କ ଲେଖନୀରୁ ଅଧିକରୁ ଅଧିକ ଗୀତିକବିତାର ସୃଷ୍ଟି ସମ୍ଭବ ହେବ, ଏଇ ବିଶ୍ୱାସ ରହିଛି।

କାଳୀଚରଣ ପଟ୍ଟନାୟକ –

ଓଡ଼ିଆ ଗୀତିକବିତାର ଆକାଶର ସେ ଏକ ଉଜ୍ଜ୍ୱଳ ନକ୍ଷତ୍ର । ନିଜର ବର୍ଣ୍ଣବିଭାରେ ସେ ସ୍ୱତଃ ବାରି ହୋଇପଡ଼ନ୍ତି । ଅରୁଚିକର, ରୁକ୍ଷ ଓ ଅମାର୍ଜିତ ଭାବନା ବିରୁଦ୍ଧରେ ସ୍ୱର ଉତ୍ତୋଳନ କରିବା ଦିଗରେ ତାଙ୍କ କୃତିତ୍ୱ ପ୍ରଶଂସନୀୟ । ରୋମାଣ୍ଟିକ ଭାବନାର ମଳୟ ବିଳାସରେ ତାଙ୍କର କେତେକ ରଚନା ସମୃଦ୍ଧ । ୧୯୨୭ ମସିହା ସୁନିଆଁ ଦିନ ପୁରୀର ଗଜପତିମହାରଜାଙ୍କ ଦ୍ୱାରା ସେ କବିଚନ୍ଦ୍ର ଉପାଧି ପ୍ରାପ୍ତ ହୋଇଥିଲେ । ତାଙ୍କ ଗୀତି ରଚନାରେ ପଲ୍ଲୀପ୍ରାଣତା, ବିଭୁପ୍ରାଣତା ଓ ପ୍ରଣୟପ୍ରାଣତା ପ୍ରକଟିତ ହୋଇଛି । ତାଙ୍କର ଏପରି ରଚନାଗୁଡ଼ିକ କବିଚନ୍ଦ୍ର ଗୀତାବଳୀ ନାମରେ ନାମିତ ହୋଇଛି । ସୁନ୍ଦର ଶବ୍ଦଚିତ୍ର ପ୍ରଦାନରେ ତାଙ୍କର ଦକ୍ଷତା ଅବିସମ୍ବାଦିତ । ଶ୍ରୀଜଗନ୍ନାଥଙ୍କ ପ୍ରତି ତାଙ୍କର ଭକ୍ତି ଅସୀମ। ଅନ୍ତର ବେଦନା ଜଣାଇ ସେ କହନ୍ତି –

କାଳିଆ ଠାକୁର ଆଉ କେତ ନାଟ ଦେଖିବ
ଚଲାଇ ତାତି ବାଲିରେ ଦିନ ମୋର ସାରିବ ।

ଭକ୍ତିମତ୍ତାର ଚନ୍ଦନ ସୁବାସରେ କବିପ୍ରାଣ ସୁବାସିତ । ନମ୍ରତାର ତୁଳସୀସ୍ତବକ ସାଜି କବି ଶ୍ରୀ କାଳୀଚରଣ ପଟ୍ଟନାୟକ ବିଭୁ ବନ୍ଦନା କରିଛନ୍ତି । ଭବସାଗର ପାରି ହେବା ନିମନ୍ତେ ପରମପ୍ରଭୁଙ୍କୁ ନାଉରିଆ ଭାବରେ ସେ ବିଚାର କରିଛନ୍ତି । ଭବସିନ୍ଧୁ ପାରିକରିଦେବା ପାଇଁ ବାରମ୍ବାର ଭଗବାନଙ୍କୁ ପ୍ରାର୍ଥନା ଜଣାଇଛନ୍ତି । ପାରି କରିଦେଲେ ପରମପ୍ରଭୁଙ୍କ ନିକଟରେ କବି ଅଶ୍ରୁଝା ରଣରେ ରଣୀ ହୋଇ ରହିବେ ବୋଲି ସ୍ୱୀକାର କରିଛନ୍ତି । ପରପାରରେ ସେବା କରି ସେହି ରଣର କିଛି ଅଂଶ ଶୁଝିବା ପାଇଁ ପ୍ରୟାସ ପୋଷଣ କରିଛନ୍ତି ।

''ନାଉରିଆରେ
କରିଦେ ପାରି
କାଳିଆ ବଉଦ ଆସେ
ବିଜୁଳି ମାରି ।
ପାରି ମୂଲ ଦେବା ପାଇଁ
କଡ଼ାଏ କଉଡ଼ି ନାହିଁ
କବିଚନ୍ଦ୍ର କହେ ଯାଇ,
ଶୁଝିବି ତୋ ସେବା କରି ।''

କୃତ୍ତିବାସ ନାୟକ –

କବି ନାୟକଙ୍କ ରଚନାମାଳାରେ ପ୍ରଣୟ, ସ୍ୱପ୍ନ, ସମ୍ଭାବନା, ପ୍ରକୃତି ଓ ବିଭୁଭକ୍ତିର ପ୍ରସଙ୍ଗ ଦେଖିବାକୁ ମିଳେ । ପ୍ରେୟସୀର ଆବେଗ, ଅଭିମାନ ଓ ଅନୁରାଗ, ସବୁକିଛି କବିଙ୍କୁ ଆନମନା କରିଛି, ଯାହାର ବିରହରେ ସକାଳ ତୋଳା ପଦ୍ମଫୁଲ ଦ୍ୱିପ୍ରହରକୁ ମଉଳିଯାଇଛି, ହଜିଯାଇଛି ସମସ୍ତ ସରସତା ଏବଂ ମ୍ଲାନ ଗୋଧୂଳିର ସବୁ ମ୍ଲାନିମା ସ୍ତୂପୀକୃତ ହୋଇଛି କବିଙ୍କ ମନରେ । ଏହା ବ୍ୟତୀତ ପଲ୍ଲୀ ଜୀବନର ଆଚାର ବିଚାର, ହର୍ଷବିଷାଦ ତଥା ଅଭାବ ଅସୁବିଧା ସବୁକିଛି ସ୍ପଷ୍ଟ ଭାବରେ କବିଙ୍କ ରଚନାରେ ସ୍ଥାନ ପାଇଛି । ତାମରା କାଉକୁ ସମ୍ବୋଧନ କରି କବି କହିଛନ୍ତି –

''ତାମରା କାଉରେ ତାମରା କାଉ
ଚାଳରେ ତାମରା କାଉ
ବିଦେଶୁ ଖବର ଆଣିଲାବୋଲି ସେ
ବଡ଼ ହେଲା ରାଉ ରାଉ''

ଶ୍ରୀଯୁକ୍ତ ନାୟକଙ୍କର ଭକ୍ତି ଶତକରେ ସ୍ଥାନିତ ଭକ୍ତିଗୀତିକା ଗୁଡ଼ିକ ସୁଖପାଠ୍ୟ ଓ ଅନୁଭବ୍ୟ । ପରମପ୍ରଭୁଙ୍କ ମହିମାକୁ ସେ ଭିନ୍ନଭିନ୍ନ ଦିଗରୁ ଉପଲବ୍ଧି କରିଛନ୍ତି । ପ୍ରଭୁଙ୍କର ବିସ୍ତାର ଆକାଶରୂପେ ଶୋଭା ପାଉଛି ଓ ମମତାର ଧାରା ବର୍ଷାରୂପେ ଝରି ପଡୁଛି । ହସ ତାଙ୍କର ସାଜିଛି ଫୁଲରେ ପାଖୁଡ଼ା ଓ ଆଲୋକ ତାଙ୍କର ସୂର୍ଯ୍ୟରୂପେ ବିରାଜିତ ହେଉଛି ବୋଲି କବି କହିଛନ୍ତି ।

ବରଷା ରୂପରେ ମମତାର ଝର
ଝରିପଡ଼େ ବିନ୍ଦୁ ବିନ୍ଦୁ
ଆକାଶ ରୂପରେ ବିଶାଳତା ତୁମ
ଗଭୀର ଅନନ୍ତ ସିନ୍ଧୁ ।

ପରମପ୍ରଭୁଙ୍କ ଆଦେଶରେ ସବୁ ସମ୍ଭବ ହୁଏ । ମାଟି ହୁଏ ସୁନା ଓ ସୁନା ହୁଏ ଚୂନା । ପର୍ବତ ହୁଏ ସାଗର ପୁଣି ସାଗର ହୁଏ ପର୍ବତ । ତେଣୁ ତ କୁହାଯାଏ ଭଗବାନ ହେଉଛନ୍ତି ସର୍ବମୟ କର୍ତ୍ତା । ତାଙ୍କର ଇଚ୍ଛାରେ ସବୁକିଛି ହୁଏ, ତାଙ୍କର ଇଚ୍ଛା ନଥିଲେ କିଛି ବି ହୁଏନାହିଁ । ସେ ସୃଷ୍ଟି ପୁଣି ସ୍ରଷ୍ଟା, ସେ ଦୃଷ୍ଟି ପୁଣି ଦ୍ରଷ୍ଟା । କବିଙ୍କ ଭାଷାରେ– **ତୁମରି ଆଦେଶେ ଅନ୍ଧକାରେ ଦିଶେ**
ଆଲୋକ ହୁଏ ଅନ୍ଧାର ।
ମାଟି ହୁଏ ସୁନା, ସୁନା ହୁଏ ଚୂନା
ପର୍ବତ ସାଜେ ସାଗର ।

ଶରୀରକୁ ଅରଟ ଭାବରେ ପରିକଳ୍ପନା କରିଛନ୍ତି କବି ଏକ ଭଜନରେ । ମନକୁ ନଟେଇ ଭାବରେ ସେ ବିଚାର କରିଛନ୍ତି । ସେହି ଅରଟରେ ହରିନାମ ସୁତାକୁ ଗୁଡ଼େଇ ରଖିବାକୁ ସେ ଆହ୍ୱାନ ଦେଇଛନ୍ତି ।

ମାତୃଶକ୍ତିର ବନ୍ଦନା କେତେକ ଭକ୍ତି ଗୀତିକାରେ ରହିଛି । ଏକ ହିଁ ଶକ୍ତି ଭିନ୍ନ ଭିନ୍ନନାମରେ, ଭିନ୍ନଭିନ୍ନ ସ୍ଥାନରେ ପୂଜିତା । ଦୟାମୟୀଙ୍କର ଦୟାର ସୀମା ନାହିଁ, ମହିମାର ଉପମା ନାହିଁ, ଦେବୀଙ୍କର ଭିନ୍ନ ଭିନ୍ନ ନାମର ଏକ ତାଲିକା ଦେବାକୁ ଯାଇ କବି କହିଛନ୍ତି –

କଟକରେ ଚଣ୍ଡୀ ଶ୍ରୀକ୍ଷେତ୍ରେ ବିମଳା
ବାଙ୍କିରେ ଚର୍ଚ୍ଚିକା ଝଙ୍କଡ଼େ ଶାରଳା ।

ବାଣପୁରେ ତୁହି ଭଗବତୀ ମାୟୀ
ବୋଲାଉ ଦୁଃଖ ନାଶିନୀ ।

କୀର୍ତ୍ତନ ନାରାୟଣ ପାଢ଼ୀ –

'ସତ ଓ ସପନ' ଗୀତିକବିତା ପୁସ୍ତକର ସ୍ରଷ୍ଟା ଶ୍ରୀଯୁକ୍ତ ପାଢ଼ୀଙ୍କର ରଚନାସମ୍ଭାର ଭିତରେ ଭଜନ, ପଲ୍ଲୀଗୀତ ଓ ଆଧୁନିକ ଗୀତ ଅନ୍ତର୍ଭୁକ୍ତ । ଅଦୃଶ୍ୟ ସେହି ଅସୀମ ଶକ୍ତିମୟ ଭଗବାନ ହେଉଛନ୍ତି ସଂସାର ସାଗରରେ ଦିଗହଜା ନାବିକ ପାଇଁ ଆଶାର ବତିଘର । ବ୍ୟକ୍ତି ନିଜେ ଅପୂର୍ଣ୍ଣ, ସେ ଆଉଜଣେ ବ୍ୟକ୍ତିକୁ କ'ଣ ବା ସାହାଯ୍ୟ କରିପାରେ ? ଏକମାତ୍ର ସର୍ବମୟ କର୍ତ୍ତା ଭଗବାନ ସମସ୍ତଙ୍କୁ ସହାୟତା ଦେଇପାରନ୍ତି । ଏ କଥାରେ ଶ୍ରୀଯୁକ୍ତ ପାଢ଼ୀ ଆସ୍ଥା ପ୍ରକଟ ପୂର୍ବକ କହିଛନ୍ତି –

''ଆପଣାର ବୋଲି କହୁ ଆଜି ତୁ ଯାହାକୁ
ଆହା ବୋଲି କହିବେନି ଆପଦ ବେଳକୁ
ଅନୁତାପ କରୁଥିବୁ ଶରଣ ନ ଗଲେ ତାର
ମରଣ ଆଗରୁ ତତେ କହୁଛି''

ହସ ଲୁହ ଓ ସୁଖ ଦୁଃଖର ଅମଳିନ ଚିତ୍ର କବିକୃତ ପଲ୍ଲୀଗୀତରେ ପ୍ରକଟିତ । ସାଧାରଣ କୃଷକ ଘରର ଚିତ୍ର ଏଥିରେ ଅଧିକ ଉପସ୍ଥାପିତ । ଏତଦ୍‌ବ୍ୟତୀତ ସୁଖ ସ୍ୱପ୍ନ ଫୁଲବନ, ଭ୍ରମରଗୁଞ୍ଜନ, କୋଇଲି ଗାନ ଓ ମଳୟ ପ୍ରବାହ କବିଙ୍କୁ ବହୁଭାବରେ ଅଭିଭୂତ କରିଛି ।

ପ୍ରେମ ଓ ପ୍ରଣୟର ଗଭୀର ନିରାଜନା ସହ ବିରହାନୁଭବର ଉପସ୍ଥାପନା କବିଙ୍କ ବିରଚିତ ବହୁ ରଚନାରେ ଦେଖିବାକୁ ମିଳେ । ବିଭିନ୍ନ ପ୍ରତୀକ ମାଧ୍ୟମରେ ନିଜର ପ୍ରୀତିପ୍ରବଣତାକୁ ସେ ପ୍ରତିଷ୍ଠା କରିପାରିଛନ୍ତି । ପ୍ରଣୟ ପାରାବାରରେ ପ୍ରୀତିର ଲହରୀଟିକୁ ଦେଖି ସେ ବିମୁଗ୍ଧ ହୋଇଛନ୍ତି ।

''ମୋ ମନ ଗଗନରେ
ଶରତର ଶଶୀ ସିଏ
ପ୍ରଣୟର ପାରାବାରେ
ପ୍ରୀତିର ଲହରୀଟିଏ''(ମନ ଓ ମିଳନ)

କେବଳ ଭାବବିଭୋରତାରେ କବିଚିତ୍ତ ଭାସିଯାଇ ନାହିଁ, ବେଳେବେଳେ ବାସ୍ତବତାର ସ୍ପର୍ଶରେ ପ୍ରକୃତିସ୍ଥ ହୋଇଛି । ଜୀବନକୁ ବିଶ୍ଳେଷଣ କରିବା ଭିତରେ ସେ କେତେକ ନୂତନ ଦିଗନ୍ତର ସନ୍ଧାନ ପାଇଛନ୍ତି । ଜଗତ ଓ ଜୀବନର ବିଚାର ସ୍ୱତନ୍ତ୍ରଭାବରେ କରିବା ଦିଗରେ ତାଙ୍କର ଦକ୍ଷତା ରହିଛି । ଜଗତକୁ ଓ ଜୀବନକୁ ବୁଝି ବୁଝାଇବା ପାଇଁ ସେ ପ୍ରୟାସ କରିଛନ୍ତି । ସଚେତନତାର ସହିତ ସେ କହିଛନ୍ତି–

''ପାରିଜାତ ବୋଲି ଭାବି
ପଳାସକୁ ତୋଳି ନେଲି
ମଧୁ ପିଇବାକୁ ଯାଇ
ମହୁରାକୁ ଗିଳିଦେଲି ।''(ମନ ଓ ମିଳନ)

ପିଲାଦିନରୁ ସଂଗୀତ ପ୍ରତି ଆଗ୍ରହ ତାଙ୍କର ପ୍ରବଳ ଥିଲା । ଗୀତରେ ସୁରଦେବା ଲାଗି ଉତ୍ସାହ ମଧ୍ୟ ଥିଲା ପ୍ରବଳ । ସଂଗୀତକ୍ଷେତ୍ରରେ ଗବେଷଣା କରିବା ଦିଗରେ ଦକ୍ଷତା ତାଙ୍କର ଅବିସମ୍ବାଦିତ । ଅତଏବ ସେ

ଏକାଧାରାରେ ଜଣେ ଗୀତିକାର, ସୁରକାର, ସଂଗୀତର ଗବେଷକ ଏବଂ ପ୍ରାବନ୍ଧିକ ମଧ୍ୟ । ଗୀତ ଓ ଗୀତିକବିତା ସଂପର୍କରେ ତାଙ୍କର ବିଚାର ବିଶ୍ଳେଷଣ ସ୍ୱତନ୍ତ୍ର ।

କୁମୁଦଲତା ମହାନ୍ତି –

କବି କୁମୁଦଲତା ମହାନ୍ତିଙ୍କର ଗୀତିକବି ହିସାବରେ ସୁନାମ ରହିଛି । ବିଶେଷତଃ ଭଜନ, ଜଣାଣ ରଚନା କ୍ଷେତ୍ରରେ ତାଙ୍କର ପାରଦର୍ଶିତା ଅବିସମ୍ବାଦିତ । ଶ୍ରୀଜଗନ୍ନାଥଙ୍କ ପାଦତଳେ ତାଙ୍କର ପ୍ରଣତି ଲିପିବଦ୍ଧ ହୋଇଛି ବହୁ ପୁସ୍ତକରେ । ତନ୍ମଧ୍ୟରେ 'ପ୍ରଣତି ଏକ ବ୍ୟଥିତ ହୃଦୟର', 'ଅର୍ଘ୍ୟ ତୁମ ପାଇଁ', 'ନିବେଦନ', 'ଭକ୍ତି ଗଙ୍ଗା', 'ଭକ୍ତି ଦୀପ', 'ତୁମ ପୂଜାଫୁଲ', 'ତୁମକୁ ଜଣାଣ', 'ଭକ୍ତି ଫୁଲ', 'ଭକ୍ତି ରସ' ଓ 'ପ୍ରଭୁକୃପା' ଅନ୍ତର୍ଭୁକ୍ତ । ଶ୍ରୀଜଗନ୍ନାଥଙ୍କ ପ୍ରତି ଭକ୍ତି ଭାବରେ ଭାବିତ ହୋଇ କବି କେତେବେଳେ ଅଭିମାନ କରିଛନ୍ତି ତ ଆଉ କେତେବେଳେ ଅଭିଯୋଗ କରିଛନ୍ତି । 'ଅର୍ଘ୍ୟ ତୁମ ପାଇଁ' ପୁସ୍ତକରେ 'ଅ' ଠାରୁ 'କ୍ଷ' ପର୍ଯ୍ୟନ୍ତ ପ୍ରତ୍ୟେକ ଅକ୍ଷରକୁ ଆଦ୍ୟରେ ରଖି ରଚିତ ଗୋଟିଏ ଗୋଟିଏ କବିତା ସ୍ଥାନିତ ହୋଇଛି । 'କ' ଗୀତରେ କବି କହିଛନ୍ତି –

''କାଳିଆ ଠାକୁର ମୋର ତୁମେ ମୋ ହୃଦୟ ହାର
କଲି ଯେତେ ଆପଣାର କଲ ମତେ ସାତପର''

ପରମ ପ୍ରଭୁ ଶ୍ରୀଜଗନ୍ନାଥ ହିଁ କବିଙ୍କର ଆଶା, ଆଶ୍ୱାସନା ଓ ଜୀବନର ଦିଗନ୍ତ ଦିଶାରୀ । ବଣା ନାବିକର ବତିଘର, ଅନ୍ଧର ଲଉଡ଼ି ପୁଣି ଖଞ୍ଜର ଆଶାବାଡ଼ି ହୋଇଛନ୍ତି ପ୍ରଭୁ ଶ୍ରୀଜଗନ୍ନାଥ କବିଙ୍କ ପାଇଁ । 'ଭକ୍ତିଦୀପ' ପୁସ୍ତକରେ କବି କହିଛନ୍ତି –

'ତୁମ ଛଡ଼ା ପ୍ରଭୁ ଆଉ ଏ ଜୀବନେ ଅଛି ଅବା ମୋର କିଏ'

ଅଭିମାନରେ ବେଳେବେଳେ ଭରିଯାଇଛି କବିଙ୍କ ମନ । ପ୍ରଶ୍ନବାଚୀ ସୃଷ୍ଟି ହୋଇଛି ତାଙ୍କ ମନରେ ଯେ ଭକ୍ତକୁ ଯଦି ଭଗବାନ ପର କରିଦିଅନ୍ତି ତେବେ ତାଙ୍କର ଭଗବତ୍ତା କେଉଁଠି ? ଅକ୍ଷରରେ ଅଭିବ୍ୟକ୍ତ ହୋଇଛି ଏଇ ଅଭିମାନ ଟିକକ । 'ନୈବେଦ୍ୟ ତୁମ ପାଦ ତଳେ' ପୁସ୍ତକରେ କବି କହନ୍ତି –

ତୁମେ ଯେବେ ଭକତକୁ ସାତପର କଲ
କି ବଡ଼ ଠାକୁର ତୁମେ କି ବଡ଼ ଦେଉଳ

ଏତଦ୍‌ବ୍ୟତୀତ କବିଙ୍କ ରଚିତ ଦେଶବନ୍ଦନା ଭିତ୍ତିକ ଗୀତିପୁସ୍ତକ ମଧ୍ୟ ରହିଛି । ପରିବେଶକୁ ଭିତ୍ତି କରି ଅଭିନନ୍ଦନିକା ନାମରେ ଏକ ଗୀତିପୁସ୍ତକ ତାଙ୍କର ଅଛି । 'ଅଭିନନ୍ଦନିକାର' ଗୀତଗୁଡ଼ିକ ଅତ୍ୟନ୍ତ ହୃଦୟସ୍ପର୍ଶୀ । ପଲ୍ଲୀ ପରିବେଶ ତଥା ପଲ୍ଲୀ ସଂସ୍କୃତିକୁ ନେଇ ଏଥିରୁ କେତେକ ଗୀତ ବିରଚିତ । ପରିବେଶର ସୁରକ୍ଷା ପାଇଁ ସେ ଯଥେଷ୍ଟ ଆଗ୍ରହ ପ୍ରକାଶ କରିଛନ୍ତି । ବୃକ୍ଷ ରୋପଣ କାର୍ଯ୍ୟରେ ସମସ୍ତଙ୍କୁ ଯୋଗଦେବା ପାଇଁ ସେ ଆହ୍ୱାନ ଜଣାଇଛନ୍ତି । ଏହା ଏକ ଜାତୀୟ କାର୍ଯ୍ୟ ଏବଂ ଏ କାର୍ଯ୍ୟର ପବିତ୍ରତା ଅସାଧାରଣ । ବୃକ୍ଷ ହିଁ ଜୀବନ, ବୃକ୍ଷ ହିଁ ମାନବ ସଭ୍ୟତାର ଅଗ୍ରଗତିରେ ସହାୟକ । କବିଙ୍କ ଭାଷାରେ –

ସୁନ୍ଦର ମୋ ଜନମ ଭୂଇଁ
ହସି ହସି କହିଯାଏ ନୀଳ ଆକାଶ
ଚିର ସୁନ୍ଦର ଆମର ଏ ପରିବେଶ
ସଜାଇ ଦେବାରେ ଆସ ଗିରି କାନନ
କୋଣେ କୋଣେ କରିବାରେ ବୃକ୍ଷରୋପଣ ।।

ସମାଜରେ ସାକ୍ଷରତା ହାର ବଢୁ, ଲୋକମାନେ ଅଧିକରୁ ଅଧିକ ଶିକ୍ଷିତ ହୁଅନ୍ତୁ, ଶିକ୍ଷାର ବିସ୍ତାର ଘଟୁ ତଥା କୋଣେ ଅନୁକୋଣେ ଶିକ୍ଷାର ଆଲୋକ ବିଚ୍ଛୁରିତ ହେଉ । କୋରାପୁଟ ଅଞ୍ଚଳରେ ଶିକ୍ଷାର ପ୍ରସାର ଓ ସାକ୍ଷରତା ଅଭିବୃଦ୍ଧି ପାଇଁ କବି ପ୍ରବଳ ଆଗ୍ରହ ପ୍ରକାଶ କରିଛନ୍ତି । ସୁନ୍ଦର ସେହି ପ୍ରାକୃତିକ ପରିବେଶର ବର୍ଣ୍ଣନା କରିବା ସହ ଶିକ୍ଷାର ପ୍ରସାର କଥା କହିଛନ୍ତି ଶ୍ରୀମତୀ ମହାନ୍ତି । ତାଙ୍କ ଭାଷାରେ –

ଏଠି ଯେତେ ଝରଣା ଧାର
ଫୁଲଭରା ବନ କନ୍ଦର
ସୁନ୍ଦର ଏଇଠି ଆଦିମ ଜାତିଟି
ଶରଧା ତାହାର ଅମୂଲ ମୂଲ
ବୁଲି ବୁଲି ଜାଗାକୁ ଜାଗା
ଶିଖାଇବୁ ଅକ୍ଷର ଲେଖା
ନରହିବେ କେହି ଅଜ୍ଞାନରେ ଭାଇ
ନରହିବେ ଆଉ କେ ନିରକ୍ଷର

କବି ଶ୍ରୀମତୀ ମହାନ୍ତିଙ୍କର ନିର୍ମଳ ଅନୁଭବ ପ୍ରକାଶିତ ହୋଇଛି ତାଙ୍କର ପ୍ରାୟ ପ୍ରତ୍ୟେକ ଗୀତିକବିତାରେ । ସରଳ ଭାଷାରେ ସେ ଉପସ୍ଥାପନା କରିଛନ୍ତି ହୃଦୟର ଭାବ । ରଜଦୋଳି, ରାକ୍ଷୀପୂର୍ଣ୍ଣିମା ପ୍ରଭୃତି ସାଂସ୍କୃତିକ ଅନୁଷ୍ଠାନକୁ ଉପଜୀବ୍ୟ କରି ସେ ଲେଖିଛନ୍ତି କେତୋଟି କବିତା ।

ବାସ୍ତବରେ ଗୀତିକବିତା ରଚନା କ୍ଷେତ୍ରରେ ଶ୍ରୀମତୀ କୁମୁଦଲତା ମହାନ୍ତିଙ୍କର ଆଗ୍ରହ, ଆନ୍ତରିକତା ଓ ସିଦ୍ଧି ଅତ୍ୟନ୍ତ ମହତ୍ତ୍ୱପୂର୍ଣ୍ଣ ।

କନକ ମଞ୍ଜରୀ ପଟ୍ଟନାୟକ–

କନକ ମଞ୍ଜରୀ ପଟ୍ଟନାୟକଙ୍କ 'ଚିତ୍ରନଦୀ' ଏକ ଗୀତିକବିତା ପୁସ୍ତକ । ଏଥିରେ କିଛି ଆଧୁନିକ ଗୀତିକବିତା, କିଛି ହାସ୍ୟରସର ଗୀତିକବିତା ଓ କିଛି ପଲ୍ଲୀଗୀତି ସ୍ଥାନିତ । ରୋମାଣ୍ଟିକ୍ ଭାବପ୍ରବଣତାର ସ୍ନିଗ୍ଧସୁବାସରେ ଆଧୁନିକ ଗୀତିକବିତାର ଉପବନ ଭରପୂର । କବିତାରେ କେତେବେଳେ ସ୍ମୃତିର ନିରାଞ୍ଜନା ରହିଛି ତ ଆଉ କେତେବେଳେ ବିରହର ଦାବଦହନ ମୂର୍ତ୍ତ ହୋଇଛି । କେତେ ସୁକୁମାର ଅନୁଭବର ବୈଭବରେ ବିମଣ୍ଡିତ ହୋଇଛି ଆଧୁନିକ ଗୀତିକବିତାର ରାଜଉଆସ । ଭଲ ପାଇବାର ଗୀତିମୟତାରେ ଆଚ୍ଛନ୍ନ ଏଇ ସୃଷ୍ଟି ସମ୍ଭାରର ଅବୟବ । ନଳିନୀର ମନ ନେଇ କବିତାର ନାୟିକା ତପନକୁ ଖୋଜିଛି । କଣ୍ଠରେ ତା'ର–

''ପ୍ରଭାତ ହେଲାଣି ଜହ୍ନ ଲୁଚିଲାଣି
ଲୁଚିଲେଣି ତାରାରାଜି
ତପନ ଗୋ ତୁମେ କେଉଁଠି ରହିଲ
ପଥହରା ହୋଇ ଆଜି ।''

ଜୀବନର ବାସ୍ତବତା କେତେକ କବିତାରେ ଉପସ୍ଥାପିତ । କବିଙ୍କ ଭାଷାରେ–

''ଏ ଜୀବନ ତୁହେଁ ଖାଲି
ହସି ଖେଳି କାଟିବା
ଏ ଜୀବନ ତୁହେଁ ମିଛ
ସପନରେ ମାତିବା ।''

ହାସ୍ୟରସର କବିତାରେ ହସର ମହତ୍ତ୍ୱ ଓ ମହକ ସମ୍ପର୍କରେ କବି ଶତମୁଖ । ହସ ହେଉଛି ବିଧାତାଙ୍କ ଅମୂଲ୍ୟ ଦାନ । ମଣିଷ ହସିଲେ ଭଗବାନ ହସନ୍ତି । ଆଶା ଏକ ସଦ୍‌ଗୁଣ । ଆଶା ହିଁ ନିରାଶାକୁ ଦୂର କରିପାରେ, ମନରେ ନୂଆ ପ୍ରେରଣା ଭରିଦିଏ, ପାଦରେ ଭରିଦିଏ ଚାଲିବାକୁ ଅମାପ ଶକ୍ତି । ହସର ଜୟଗାନ ପୂର୍ବକ କବି କହନ୍ତି,

''ମଣିଷ ହସିଲେ ଠାକୁର ହସନ୍ତି
ଫୁଲ ଫୁଟେ ଚଉଦିନ
ହସରେ ହସରେ ଜୀବନ ଚହଟେ
ଲିଭିଯାଏ ସବୁ ଦାଗ ।''

ପଲ୍ଲୀଗୀତରେ ପଲ୍ଲୀପ୍ରକୃତିର ଚାରୁଚିତ୍ର ପ୍ରକଟିତ । କବିଙ୍କ ଭାଷାରେ–

''ସବୁଜ ଘାସର ପଣତ ଉଡ଼ାଇ
ମେଘର ଓଢ଼ଣୀ ଟାଣି
ଆଷାଢ଼ ମାସର ଓଦା ସବାରୀରେ
ଆସୁଛି ବରଷା ରାଣୀ ।''

କବିଙ୍କ ରଚିତ ଗୀତିକବିତାଗୁଡ଼ିକ ପାଠକୀୟ ଆଦୃତି ଲାଭ କରିଛି ।

ଖଗେନ୍ଦ୍ର ନାଥ ମଲ୍ଲିକ –

କବିଙ୍କର ଗୀତି କବିତାରେ ସ୍ୱପ୍ନର ରଙ୍ଗ, ସବୁଜିମାର ସମ୍ଭାର ପରିଦୃଷ୍ଟ ହୁଏ । ନିଜକୁ ହଜାଇ ପୁଣି ଖୋଜିବାରେ ଯେଉଁ ଉନ୍ମାଦନା ଥାଏ ତାହା ଅନ୍ୟ କବିଙ୍କ ପରି ତାଙ୍କର ମଧ୍ୟ ରଚନାରେ ସୁଲଭ । ଭକ୍ତିମତ୍ତା, ଦେଶପ୍ରାଣତା ଓ ବ୍ୟକ୍ତିମୁଖୀନ ପ୍ରୀତିପ୍ରବଣତାରେ ତାଙ୍କ ଗୀତିକବିତା ରାଜ୍ୟ ସମୃଦ୍ଧ । ସାଉଣ୍ଟା ସ୍ମୃତି ଉପବନର ମାଳିଟିଏ ସାଜି ସିଏ ଅଶେଷ ଆନନ୍ଦର ଅଧିକାରୀ । ଏ ଦୁନିଆଁର ରଙ୍ଗମଞ୍ଚରେ ପ୍ରତ୍ୟେକ ଅଭିନେତା ଅପୂର୍ଣ୍ଣ ଏବଂ ଆଧ୍ୟାତ୍ମିକତାର ସାହଚର୍ଯ୍ୟରେ ଏହି ଅପୂର୍ଣ୍ଣତା ରୂପାନ୍ତରିତ ହେବ ପୂର୍ଣ୍ଣତାରେ ବୋଲି କବିଙ୍କର ବିଶ୍ୱାସ ରହିଛି । ସଂସାର ହେଉଛି ସପନର ବାଲିଘର, ଯାହା ବାସ୍ତବତାର ଛୁଆର ବାଜି ଭାଙ୍ଗି ଚୁରିଯାଏ । ସେହି ଉଜୁଡ଼ା ସଂସାରକୁ ସଜାଡ଼ି ଦେବା ଦିଗରେ ଆଧ୍ୟାତ୍ମିକତାର ଅବଦାନ ଅଶେଷ ବୋଲି କବି ବିଚାର କରିଛନ୍ତି ।

ବହୁଧର୍ମ ଓ ବହୁ ଚଳଣିରେ ଖଣ୍ଡିତ ହେଲାପରି ଜଣାପଡୁଥିଲେ ହେଁ ଭାରତୀୟତା ଏକ ଅଖଣ୍ଡ ପ୍ରବାହ । ବହୁ ବୃକ୍ଷଲତାରେ ନିର୍ମିତ ଏକ ସୁରମ୍ୟ ଉଦ୍ୟାନ ଏଇ ଦେଶ ଯାହାର ଅନ୍ତର୍ନିହିତ ସୌରଭ ସୂକ୍ଷ୍ମତଃ ଅନୁଭବ୍ୟ । ଭାରତ ଲକ୍ଷ୍ମୀ ଏକାଧାରାରେ ଜ୍ୟୋତିର୍ମୟୀ ଓ ବିଜ୍ଞାନମୟୀ । ସାଗର ଲହରୀ ତାଙ୍କର ବନ୍ଦନା ଗାଏ । ବିହଙ୍ଗଗାନରେ ତାଙ୍କ ମହିମାର ବୀଣା ବାଜେ । ଅରୁଣ କିରଣରେ ମମତାର ଫଗୁ ବିଞ୍ଚି ହୋଇଯାଏ ଏବଂ ଧୀର ପବନରେ ତାଙ୍କ ପାଇଁ ଆଲଟ ପଡ଼େ । କାଳେ କାଳେ ଦିବ୍ୟତ୍ୱର ଭିତ୍ତିରୂପେ ମାନବିକତା ଏଠାରେ ଅଭିବ୍ୟକ୍ତ ହୋଇଛି । ଦେବତାର ଅବତରଣ ପାଇଁ ନିର୍ବାଚିତ ଭୂମି ରୂପେ ପରିଚିତ ଓ ପ୍ରତିଷ୍ଠିତ ଏଇ ଦେଶର ଗୌରବ ଅବର୍ଣ୍ଣନୀୟ। କବି ଖଗେନ୍ଦ୍ର ମଲ୍ଲିକଙ୍କ ଭାଷାରେ – ''ପୁଣ୍ୟ ସେ ମାଟି ଚିର ମନୋହର ଦେବତାର ଗଳାହାର'', ପୁଣି ''ଧୂଳିକଣା ଯା'ର ଅମୃତ ସମାନ ଦେବତାର ପାଦ ପରଶରେ'' । ଆଭୂମ ପ୍ରଣାମ ଜଣାଇ କବି ହିମାଳୟକୁ ପରମଗୁରୁ ଶିବ ସନାତନ ନାମରେ ନାମିତ କରିଛନ୍ତି । ଆମ ଜାତୀୟ ପତାକା ଆମ ଗର୍ବ ଓ ଗୌରବର ସ୍ମାରକୀ ହୋଇ ରହିଛି । ଏହି ପତାକା ସ୍ୱଚ୍ଛନ୍ଦରେ ଆକାଶରେ ଉଡ଼ିବ ବୋଲି କେତେ ନରନାରୀ ସ୍ୱାଧୀନତା ସଂଗ୍ରାମରେ ଯୋଗଦେଇ ହସି ହସି ଜୀବନ ଦେଇଛନ୍ତି, ତାହାର ହିସାବ ନାହିଁ । ତ୍ରିରଙ୍ଗା ଯେ

କେବଳ ତିନିରଙ୍ଗର ସମାହାରରେ ବାହ୍ୟତଃ ଗଠିତ ହୋଇଛି ତାହା ନୁହେଁ, ଏହା କେତେକ ମାନବିକ ସଦ୍‌ଗୁଣର ପ୍ରତିନିଧିତ୍ୱ କରୁଛି । କବିଙ୍କ ଭାଷାରେ –

''କେଶରୀ – ସାହସ ତ୍ୟାଗ
ଧଳା – ସତ୍ୟ ଶାନ୍ତିର
ସବୁଜ – ବିଶ୍ୱାସ ଶୌର୍ଯ୍ୟ
ଚକ୍ର –ମୈତ୍ରୀ ଗୁଣର''

ଏହି ଭୂମି ରାମ, କୃଷ୍ଣ, ସୀତା, ସାବିତ୍ରୀ ଓ ବାପୁଜୀଙ୍କର ପାଦଧୂଳିରେ ଅଧିକ ପବିତ୍ର ହୋଇଛି । ଶିବାଜୀଙ୍କର ଅସୀମ ଦେଶପ୍ରେମ, ଲକ୍ଷ୍ମୀବାଈଙ୍କର ଅସାଧାରଣ ବୀରତ୍ୱ, ନେତାଜୀଙ୍କର ତେଜଦୀପ୍ତଭାବ, ବିବେକାନନ୍ଦଙ୍କର ବିବେକ ବୈରାଗ୍ୟ ସବୁ ମିଶି ଏଇ ଦେଶର ଗଗନ ପବନ ଅଧିକରୁ ଅଧିକ ଗୌରବଦୀପ୍ତ ହୋଇଛି । ଓଡ଼ିଶା ମାଟିର ବୀର ସନ୍ତାନ ବିର୍‌ସା ମୁଣ୍ଡା, ସୁରେନ୍ଦ୍ର ସାଏ, ଲକ୍ଷ୍ମଣ ନାୟକ, ବକ୍ସି ଜଗବନ୍ଧୁ, ତାପଙ୍ଗ ଦଳବେହେରା, ଜଗୁ ଦେବାନ୍, ମଧୁସୂଦନ ଓ ଗୋପବନ୍ଧୁଙ୍କ ପ୍ରଶସ୍ତି ଗାନରେ କବି ଶତମୁଖ ହୋଇଛନ୍ତି । ଓଡ଼ିଆ ଭାଷାସାହିତ୍ୟର ସାର୍ଥକ ସ୍ରଷ୍ଟା ସାରଳା ଦାସ, ଉପେନ୍ଦ୍ର ଭଞ୍ଜ, ଦୀନକୃଷ୍ଣ ଦାସ, ଅଭିମନ୍ୟୁ ସାମନ୍ତସିଂହାର, କବିସୂର୍ଯ୍ୟ ବଳଦେବ, କବିବର ରାଧାନାଥ ଓ କବିଚନ୍ଦ୍ର କାଳିଚରଣଙ୍କ ସ୍ମୃତି ପ୍ରତି ଗଭୀର ଶ୍ରଦ୍ଧାଞ୍ଜଳି କବି ଅର୍ପଣ କରିଛନ୍ତି ।

ପ୍ରୀତି ପ୍ରବଣତାର ମୁଖ୍ୟସ୍ୱରରେ କବିଙ୍କର କେତେ ଗୀତ ମୁଖରିତ ହୋଇଛି । କାବ୍ୟନାୟକ ଏହି ଗୀତଗୁଡ଼ିକରେ କେତେବେଳେ ସମୟର ସାଗର ବେଳାରେ ଆତ୍ମଅନ୍ୱେଷଣରତ, ଆଉ କେତେବେଳେ ଜୋଛନାରେ ଭିଜି ଭିଜି ପ୍ରୀତିପୁଲକିତ, ପୁଣି କେତେବେଳେ ଅକୁହା ବେଦନାରେ ଜର୍ଜରିତ । କବିଙ୍କ ଭାଷାରେ – ''ସମୟର ସାଗର ବେଳାରେ/ ଖୋଜେ ଯେବେ ତୁମ ପାଦ ଚିହ୍ନ'', ଆଉ ''ପୁଲକି ଉଠେ ତନୁ ଭିଜେ ମୋ ଜୋଛନାରେ'',ପୁଣି ''ଫୁଲେ ଫୁଲେ ଲାଗିଯାଏ ନିଆଁ/ଅନ୍ଧାରେ ନାହିଁ କେହି ସାହା'' ଇତ୍ୟାଦି ।

ଗୁରୁକୃଷ୍ଣ ଗୋସ୍ୱାମୀ –

ସ୍ୱାଭିମାନର ଓଜନରେ ଅସମ୍ଭାଳ, ଢଳଢଳ ଶିଶିର ବିନ୍ଦୁରେ ପ୍ରତିଫଳିତ ଆନନ୍ଦର ରଶ୍ମି ସିଏ, ଗୁରୁକୃଷ୍ଣ ଗୋସ୍ୱାମୀ । ଛନ୍ଦରେ ଆତ୍ମହରା ସେ ଏକ ଲିପିଶିଳ୍ପୀ ଯାହାଙ୍କର ଲେଖନୀରେ କଲ୍ୟାଣକାମୀ ବିଶ୍ୱଜୀବନର ରେଖା ଶବ୍ଦାୟିତ ହୋଇଛି । ତାଙ୍କର ଗୀତିକବିତା ପୁସ୍ତକ ମଧ୍ୟରେ 'ଏ ମନ ଚୋରା ପଥେ' 'ସମୁଦ୍ରଣୀ' ମୋର ଝୁହାର ଜାଣିବ', 'ଅବନୀଗନ୍ଧା' ଓ 'ନମାମି ଜନ୍ମଭୂମି' ପ୍ରଭୃତି ଅନ୍ତର୍ଭୁକ୍ତ ।

ଆଧୁନିକ ଜନଜୀବନର ସୂକ୍ଷ୍ମ ଅନୁଶୀଳନ କବିକୃତିରେ ପ୍ରକଟିତ ହୋଇଛି । ଜୀବନରେ ନିଃସଙ୍ଗତାର ଉପଲବ୍ଧି, ସ୍ୱପ୍ନଭଙ୍ଗ, ଅସହାୟତା, ହତାଶାବୋଧ ଓ ଈଶ୍ୱରଙ୍କ ପ୍ରତି ଅଭିଯୋଗ ତାଙ୍କ ଲେଖାରେ ଯେପରି ସୁଲଭ, ପ୍ରୀତି ପ୍ରବଣତାର ମଳୟବିଳାସ ମଧ୍ୟ ସେପରି ସୁଲଭ । ତାଙ୍କ ଗୀତିପସରାରେ ଥିବା କେତେକ ଗୀତରେ ଉଦାସ ଗୋଧୂଳିର କ୍ଲାନ୍ତକିରଣ ପ୍ରତିଫଳିତ ହେଲାବେଳେ ଆଉ କେତେକ ଗୀତିରେ ଉଷାଲୋକର ସଂଚରଣ ସଂଗଠିତ ହୋଇଛି । ଏଇ ଯେପରି –

''ଅନ୍ତରେ କାନ୍ଦେ ମୁଁ ବାହାରେ ହସେ
ଏଇ ମୋର ପରିଚିୟ
ମରିସାରିଛି ମୁଁ ତେବେ ବି କରୁଛି
ବଞ୍ଚିବା ଅଭିନୟ ।''

ଅନ୍ୟ ଏକ ରଚନା ଏହିପରି -

''ଏ ମନ ତୁମ ପୂଜାରିଣୀ, ଏ ଦେହ ପୂଜାଫୁଲ
ଏଇ ଜୀବନ ଦେଉଳେ ତୁମେ, ତୁମେ ଦେବତା ମୋର

ମଣିଷ ମନର ଦନ୍ତୁରିତ ଗୁମ୍ଫାରେ ଆଲୋକପାତ କରି ସେ ଦେଖିଛନ୍ତି ହିଂସା, ଈର୍ଷ୍ୟା, କ୍ରୋଧ, ଭୟ, ବିରକ୍ତି ଓ ଅକୃତଜ୍ଞତା ସମେତ କେତେ କେତେ ବିଷାକ୍ତ କୀଟଙ୍କୁ । ଏମାନଙ୍କର ଦଂଶନରେ ଜୀବନ ଯେତେବେଳେ ବ୍ୟଥା ଜର୍ଜରିତ ହୁଏ, ସେତେବେଳେ ପଦେ କଥା କହି ସେହି ବ୍ୟଥାକୁ ଉପଶମ କରିବା ପାଇଁ ଏଠାରେ ମଣିଷର ଘୋର ଅଭାବ ଥାଏ ।

ମଣିଷକୁ ଇଚ୍ଛା ଯେଉଁ ଭଗବାନ ଦେଇଛନ୍ତି, ସେହି ଭଗବାନ ସେହି ଇଚ୍ଛାକୁ ପୂରଣ କରୁନାହାଁନ୍ତି କାହିଁକି ବୋଲି କବି ଭଗବାନଙ୍କ ନିକଟରେ ଅଭିଯୋଗ କରିଛନ୍ତି । ଭାଗ୍ୟ ଯଦି ଭଗବାନଙ୍କର ରଚନା ତେବେ ଭାଗ୍ୟ ପରିବର୍ତ୍ତନ ପାଇଁ ଆଉ କାହାକୁ କହିବାରେ ଲାଭ ବା କ'ଣ ଅଛି, ଏ ସମ୍ପର୍କରେ ତାଙ୍କ ମନରେ ପ୍ରଶ୍ନବାଚୀ ଉଠୁଛି । କବିଙ୍କ ଭାଷାରେ–

''ଭାଗ୍ୟବୋଲି ଦେଇଛ ଯାହା ମାଲିକ ତୁମେ ତାର
ମଣିଷ ତେବେ କେଉଁ ଧନକୁ ମଣିବ ଆପଣାର''

(ଏଇମନ ଚୋରାପଥେ)

ତେବେ ଭାଗ୍ୟ ଓ ଭଗବାନ ଏକା କଥାକି ନୁହେଁ, ଭାଗ୍ୟର ମାଲିକ ଭଗବାନ କି ନିଜର ସଞ୍ଚିତ ତଥା ପ୍ରାରବ୍ଧ କର୍ମ, ତାହା ସ୍ୱତନ୍ତ୍ର ଆଲୋଚନାର ବିଷୟ ବୋଲି ମୋର ମତ ।

ପ୍ରେମର ନୂଆ ନାଁ କବି ଦେଇଛନ୍ତି ଓ କହିଛନ୍ତି ଯେ ତାହା ହେଉଛି ଅବନୀଗନ୍ଧା ଯାହା ଦେଶ, ଭାଷା, ଜାତିର ବାଧାବଂଧନ ନମାନି ସମଗ୍ର ଅବନୀକୁ ମହକାଇ ଦିଏ ।

''ଅବନୀଗନ୍ଧା ଫୁଟେ ଅବନୀ ଉଛୁଳି ଯାଏ
ଅବନୀଗନ୍ଧା ପ୍ରେମର ନୂଆ ନାଁ ।'' **(ଅବନୀଗନ୍ଧା)**

ପ୍ରେମର ସ୍ୱରୂପ ସମ୍ପର୍କରେ ତାଙ୍କର ମତାମତ ସୁଚିନ୍ତିତ ଓ ଶୃଙ୍ଖଳିତ । ଆଜିକାଲି ପ୍ରେମର ଅର୍ଥ ହେଉଛି ଅନ୍ୟକୁ ଆୟତ୍ତ କରିବା । ମାତ୍ର ପ୍ରକୃତରେ ଏହା ତାହାର ଉଚିତ୍ ଅର୍ଥ ନୁହେଁ । ଶ୍ରୀମାଙ୍କ କଥାରେ Love is not to possess but to give oneself. ଦେବାରେ ପ୍ରେମର ପୂର୍ଣ୍ଣତା, ନେବାରେ ନୁହେଁ । ସହିବାରେ ପ୍ରେମର ପରାକାଷ୍ଠା, ଦହିବାରେ ନୁହେଁ ।

ସାମ୍ପ୍ରତିକ ପ୍ରେମ ପ୍ରସଙ୍ଗ ଉପରେ ଟିପ୍ପଣୀ ଦେଇ କବି କହନ୍ତି -

''ପ୍ରେମର ମାନେ ରାହୁ ଗ୍ରାସ, ବିରହମାନେ ଜୁଆର ଭଟ୍ଟା
ପ୍ରେମିକମାନେ ସଉକି ଅନ୍ଧ, ପ୍ରେମିକାମାନେ ନିର୍ମୂଳୀ ଲଟା''

ଦେଶ ପ୍ରେମର ଚନ୍ଦନ ଗନ୍ଧରେ ଆତ୍ମବିଭୋର ହୋଇ କବି କେତେକ ଗୀତିକବିତା ରଚନା କରିଛନ୍ତି । ଭାରତର ଜୟଗାନ ଓ ଯଶଗାନରେ ସେ ଶତମୁଖ ହୋଇଛନ୍ତି । ପ୍ରକୃତରେ ବିଶ୍ୱ ଦରବାରରେ ସାଂସ୍କୃତିକ ମୂଲ୍ୟବୋଧ ଦୃଷ୍ଟିରୁ ଭାରତର ସ୍ଥାନ ସ୍ୱତନ୍ତ୍ର । ସ୍ୱାମୀ ବିବେକାନନ୍ଦଙ୍କ ମତରେ ଭାରତ ଏକ ଭାଷାର ଅଳଙ୍କାର

ନୁହେଁ, ଏକ ଜାଗ୍ରତ ଶକ୍ତି । ଶ୍ରୀଅରବିନ୍ଦଙ୍କ ମତରେ ଭାରତ ଏକ ଭୂଖଣ୍ଡ ମାତ୍ର ନୁହେଁ, ଏକ ଜୀବନ୍ତ ଦେବୀ । ବିଶ୍ୱକବି ରବୀନ୍ଦ୍ରନାଥଙ୍କ ମତରେ ମହାସାଗରର ଗଭୀରତା ଓ ପରିବ୍ୟାପ୍ତିର ପ୍ରତୀକ ହିଁ ଭାରତବର୍ଷ । ଏଇ ଭାରତର ପ୍ରଶସ୍ତିଗାନ ପୂର୍ବକ ଭାରତକୁ ଏକ ଫୁଲ ସହିତ ତୁଳନା କରି କବି କହିଛନ୍ତି –

''ଈଶ୍ୱର ହେଲା ମାଳୀର ନାଁ
ବିଶ୍ୱ ହେଲା ତା ବଗିଚା ନାଁ
ସେଇ ବଗିଚାର ସୁନ୍ଦର ଫୁଲ
ଭାରତ ହେଲା ସେ ଫୁଲ ନାଁ ।'' (ନମାମି ଜନ୍ମଭୂମି)

ଏତଦ୍‌ବ୍ୟତୀତ ବିଭୁଭକ୍ତିମୂଳକ କବିତା ଓ ପଲ୍ଲୀଗୀତିର ସ୍ରଷ୍ଟା ଭାବରେ କବିଙ୍କର ପ୍ରତିଷ୍ଠା ରହିଛି । ତେବେ ଏହା ସ୍ୱୀକାର୍ଯ୍ୟ ଯେ ଆଧୁନିକ ଗୀତିକବିତା କ୍ଷେତ୍ରରେ ଶ୍ରୀଯୁକ୍ତ ଗୋସ୍ୱାମୀ ଜଣେ ସୁପରିଚିତ ଲୋକପ୍ରିୟ ସ୍ରଷ୍ଟା ।

ଗୌର ପଟ୍ଟନାୟକ –

ତାଙ୍କର 'ଶୂନ୍ୟବ୍ରହ୍ମ ଭଜନ', 'ଗୀତିକା' ଏବଂ 'ଠିକଣା ନଥିବା ଚିଠି' ପ୍ରଭୃତି ଗୀତିକବିତା ସଂକଳନ ଗୁଡ଼ିକ ବେଶ୍ ଲୋକପ୍ରିୟ । ଜୀବନକୁ ଭିନ୍ନ ଭିନ୍ନ ଦିଗରୁ ସେ ଯେପରି ଦେଖିଛନ୍ତି, ସେହି ଦୃଶ୍ୟକୁ ଶବ୍ଦ ମାଧ୍ୟମରେ ଏଇ ଗୀତି ସମ୍ଭାରରେ ସ୍ଥାନ ଦେଇଛନ୍ତି । ଭକ୍ତିମତ୍ତା, ପ୍ରୀତିଭାବନା ଓ ଦେଶାତ୍ମବୋଧର ଔଜଲ୍ୟ ତାଙ୍କ ଗୀତି ମାନସିକତାର ମୂଳକଥା ।

ଶ୍ରୀଜଗନ୍ନାଥଙ୍କ ପ୍ରତି ଭକ୍ତିଭାବ ଆତ୍ମ ରୂପାୟିତ ହୋଇଛି ତାଙ୍କର କେତେକ ଭଜନରେ । ପରମପ୍ରଭୁଙ୍କ ନିକଟରେ ଆତ୍ମନିବେଦନ ଓ ଆତ୍ମସମର୍ପଣ ହିଁ ଭକ୍ତିର ସାରକଥା ବୋଲି କବି ଯାହା ଉଲ୍ଲେଖ କରିଛନ୍ତି, ତାହା ବାସ୍ତବରେ ପ୍ରଣିଧାନଯୋଗ୍ୟ । ଭକ୍ତିଗୀତିରେ ଭକ୍ତ ଦାସିଆ, ସାଲବେଗ ଓ ବନ୍ଧୁମହାନ୍ତି ପ୍ରଭୃତି ଭକ୍ତଙ୍କର ମହତ୍ତ୍ୱ ଉପସ୍ଥାପିତ ହୋଇଛି । ମା' ଦୁର୍ଗାଙ୍କର ପଦବନ୍ଦନାରେ କବିଙ୍କର ଆତ୍ମବିହ୍ୱଳତା ଅନନ୍ୟ । ତାଙ୍କ ଭାଷାରେ –

''କହ କହ ମାଆ କି ଦେଇ ପୂଜିବି
ଲୁହ ଛଡ଼ା କିଛି ନାହିଁ ତ ମୋର
ଅତି ଯତନରେ ଧୋଇ ଦେବି ମାଆ
ମୋ ଆଖି ଲୁହରେ ଚରଣ ତୋର ।''

କବିଙ୍କର କେତେକ ସୃଷ୍ଟିରେ ଦେଶାତ୍ମବୋଧର ଚିତ୍ରସୁଲଭ । 'ଭା' ଅର୍ଥାତ୍ ଦୀପ୍ତି ଓ 'ରତ' ଅର୍ଥାତ୍ ଯୁକ୍ତ । ଅତଏବ ଭାରତ ଅର୍ଥ ହେଉଛି ଦୀପ୍ତିଯୁକ୍ତ ଭୂଖଣ୍ଡ । ଏହି ଭୂଖଣ୍ଡର ମହନୀୟତା ଅକଳ୍ପନୀୟ । ଏ ମାଟିକୁ ଆଭୂମ ପ୍ରଣାମ ଜଣାଇ କବି ଶ୍ରୀଯୁକ୍ତ ପଟ୍ଟନାୟକ କହିଛନ୍ତି –

''ସରଗ ଠାରୁ ବି ସୁନ୍ଦର ଆମର ଭାରତ
ଦେଶର ସେବାରେ ଢାଳି ଦେବୁ ଆମ ରକତ''

ପ୍ରେମର କେତେକ କବିତା ସେ ରଚନା କରିଛନ୍ତି । ଯହିଁରେ ରହିଛି ହତାଶାର ଗୈରିକତା, ଅପ୍ରାପ୍ତିର ଅବସୋସ ସର୍ବୋପରି ପାଇ ନପାଇବାର ଅଜଣା ଅତୃପ୍ତି । କବିଙ୍କ ଭାଷାରେ –

''ଝରଣା ପରି ମୋ ଲୁହ ବୋହୁଛି, ସବୁ ମୋ ସପନ ଧୋଇ ଦେଇଛି
କଳଙ୍କର ବୋଝ ବୋହି ଚାଲିଛି, ଝରାଫୁଲ ପରି ଝରି ଯାଇଛି
ଭାଗ ଶେଷ ପରି ବଳି ପଡ଼ିଛି, ମୋ ଜୀବନ ଅଶାନ୍ତିରେ ଭରିଛି''

(ଠିକଣା ନଥିବା ଚିଠି)

କବି ପ୍ରେମର ସଂଜ୍ଞା ନିର୍ଣ୍ଣୟ କରିବାକୁ ଯାଇ କହିଛନ୍ତି ଯେ, ଶ୍ରାବଣ ଓ ଫଗୁଣର ମିଶ୍ର ଫଳ ହିଁ ପ୍ରେମ । ତେବେ ଏଥିରେ ମୁଖ୍ୟ ଉପାଦାନ ହେଉଛି ସମର୍ପଣ ଓ ଆତ୍ମନିବେଦନ । ଏଥିରେ ରହିଛି ଅପାର୍ଥିବ ସ୍ତରରୁ ଅବତରିତ ଏକ ଅନୁପମ ଭାବଲାବଣ୍ୟ ।

''ପ୍ରେମର ଅନ୍ୟ ନାମ କିଛି ତ୍ୟାଗ କିଛି ନିବେଦନ
ପ୍ରେମର ଅନ୍ୟ ନାମ ରୁଷା ଆଉ ଅଭିମାନ
ପ୍ରେମର ଅନ୍ୟନାମ ଦିଆ ନିଆ ଆଉ ସମର୍ପଣ'' (ଗୀତିକା)

କବିଙ୍କ ରଚନା ସମ୍ଭାରରେ ପଲ୍ଲୀଗୀତିକା ମଧ୍ୟ ଦେଖିବାକୁ ମିଳେ । ପଲ୍ଲୀର ସଞ୍ଜ ସକାଳ ଓ ପର୍ବପର୍ବାଣୀର ରୂପାୟନ ଏଥିରେ ସଂଗଠିତ । ପଲ୍ଲୀ ପରିବେଶକୁ ଅମର୍ତ୍ତ୍ୟରୁ ଦୋଳାୟିତ ଲୀଳାସୁଷମା ଅବତରି ଆସିଛି ବୋଲି କବି କହିଛନ୍ତି । ଆଧୁନିକ ସଭ୍ୟତାର ଅନ୍ଧାରିତ ଦିଗ ପ୍ରତି ସଚେତନତା ସେ ପ୍ରକଟ କରିଛନ୍ତି । ଆଧୁନିକ ସମୟର ବୋହୂଟିର ଚାଲି ଚଳଣିରେ ସଣ୍ଢଣା ନାହିଁ । ତେଣୁ ତାର ଶାଶୁଙ୍କ ମନରେ ଦାରୁଣ ଆଘାତ ଲାଗିଛି । କବିଙ୍କ ଭାଷାରେ –

''ଦେହେ ମୁଣ୍ଡେ ଲୁଗା ମୋଟେ ନାହିଁ ଫୁଚ୍ଛୁଳା ହାତ
ରନ୍ଧା ଜାଣେ ନାହିଁ ଆସେ ତାଙ୍କୁ ଖାଲି ସିନେମା ଗୀତ'' (ଗୀତିକା)

ଗୌରହରି ଦଳାଇ–

କବିଙ୍କର ବହୁକବିତାରେ ପ୍ରୀତି ପ୍ରବଣତା, ସ୍ମୃତିମୟତା ସ୍ୱପ୍ନ ମାଦକତା ଓ ପ୍ରକୃତି– ପ୍ରାଣତା ଚିତ୍ରାୟିତ ହୋଇଛି । ସ୍ମୃତି ତାଙ୍କ ପାଇଁ କେତେବେଳେ ଝଞ୍ଜାର ରୁଦ୍ରରୂପ ତୋଳିଛି ତ ଆଉ କେତେବେଳେ ଝରାଫୁଲର ପାଖୁଡ଼ା ହୋଇ ବିଛୁହୋଇ ପଡ଼ିଛି ମନ ଉପବନରେ । ଭବିଷ୍ୟତର ଅନିଶ୍ଚିତତା ତାଙ୍କ ମନରେ ଆଣିଛି ଅନେକ ପ୍ରଶ୍ନବାଚୀ, ଅତୀତ ଆମୁଖତା ଭରି ଦେଇଛି ଅସୀମ ଅଶ୍ୱସ୍ତିବୋଧ, ଅତୀତରେ ଯେଉଁ ପ୍ରେମଶୀଳାର ହୃଦୟ ଥିଲା ବସନ୍ତ ମଳୟ ପରି କମନୀୟ ଓ ନବ କିଶଳୟ ପରି ନମନୀୟ, ସେ ଆଜି ଭଗ୍ନଶିଳାରେ ପରିଣତ ହୋଇଛି । ଯାହାର ସ୍ୱର୍ଶରେ ଚନ୍ଦନର ବାସ ମୂର୍ତ୍ତିମନ୍ତ ହେଉଥିଲା, ସେ ସ୍ୱର୍ଶ ଆଜି ଅପଦେବତାର ଅଭିଶାପରେ ପରିଣତ ହୋଇଛି । କବିଙ୍କ ଭାଷାରେ –

''ଅଳସ ପାଦରେ ଚାଲିଗଲେ ସିଏ
ପଦ୍ମ ଫୁଟେନା ଆଉ
ଅସଜଡ଼ା ତାର କବରୀ ବାସେନା
ଏତେ ଫୁଲ ଥାଉ ଥାଉ''

କବିଙ୍କ ପ୍ରାଣଭୂମି ହୋଇଯାଇଛି ଲୁହର ଶ୍ରାବଣରେ କର୍ଦମାକ୍ତ, ବିଜୁଳି ଝଲକରେ ଓ ଘଡ଼ିଘଡ଼ିର ବଜ୍ରନାଦରେ ଭୀତତ୍ରସ୍ତ । କବିଙ୍କ ଶବ୍ଦ ଯୋଜନାରେ ଦକ୍ଷତା ଲକ୍ଷ୍ୟଣୀୟ । ନୂଆ ଛନ୍ଦର ପ୍ରୟୋଗରେ ତାଙ୍କର ଆଗ୍ରହ ଓ ଆନ୍ତରିକତା ଅଭିନନ୍ଦନୀୟ ।

ପ୍ରୀତିପ୍ରବଣତା ପ୍ରବୀଣତ୍ୱର ପରିଣାମ କି ନୁହେଁ ତାହା ଭିନ୍ନ କଥା । ମାତ୍ର ଏହା ଯେ ପ୍ରେରଣାର ଅନ୍ୟ ଏକ ନାମ ଏଥିରେ ଭିନ୍ନ ମତ ନାହିଁ । ଶ୍ରାବଣ ଓ ଫଗୁଣର ଗ.ସା.ଗୁ ଏହି ପ୍ରବଣତାର ସ୍ଥାନ, କାଳ, ପାତ୍ର ପାଇ ନପାରେ ମାତ୍ର ଏଥିରେ ଥାଏ ଅସୀମ ଦୀପ୍ତି ଓ ଅଶେଷ କାନ୍ତି ତଥା କମକଟା ହୀରାରେ ପ୍ରତିଫଳିତ ଝଲମଲ ଜ୍ୟୋତି । ଏହି ଜ୍ୟୋତିକୁ ଦେଖିବାକୁ ଆଖି ଲୋଡ଼ା ଯାହା କବି ପାଖରେ ଥାଏ । କବି ଦଳାଇଙ୍କର ଗୀତିଗୁଚ୍ଛ 'ଗୌରଚନ୍ଦ୍ରିକା' ଏପରି ଦୃଷ୍ଟିଶକ୍ତିର ସୃଷ୍ଟିଶୀଳ ରୂପରେଖ । ସ୍ମୃତି, ସ୍ୱପ୍ନ, ଫୁଲ, ଲୁହ, ମଳୟ, ମହକ, ଇନ୍ଦ୍ରଧନୁ, ଅଜୁହା ବାସନା, ସ୍ୱପ୍ନିଳ କାମନା, ସରଗ ଚାନ୍ଦ, ସାଗର ମୁକୁତା, ମମତା ବନ୍ଧନ, ଅଭିମାନୀ ମନ ଓ ବାଲିଘର ପରି ଶବ୍ଦମାଳା ଏହି ଅଭିବ୍ୟକ୍ତିର ଏକ ଏକ ସୁବାସିତ ପାଖୁଡ଼ା । କବିତାର ନାୟିକା ଶରୀରୀ ଯେତିକି ତା'ଠାରୁ ଅଧିକ ଅଶରୀରୀ । ବିଦେହୀ ହେଲେ ହେଁ ଦେହରେ ଶିହରଣ ସୃଷ୍ଟି କରିବାର ଦକ୍ଷତା ତା'ର ରହିଛି ବୋଲି କହିବାକୁ ଯାଇ ପୁସ୍ତକର ମୁଖବନ୍ଧରେ କବି କହିଛନ୍ତି - ''ଏସବୁ ଗୀତର ନାୟିକା ନିଶ୍ଚିତ ଭାବରେ ନୈର୍ବ୍ୟକ୍ତିକ । ସେ ସେଇ ପ୍ରିୟା, ସେଇ ପ୍ରଣୟିନୀ - ରକ୍ତମାଂସର ଶରୀରିଣୀ ଅପେକ୍ଷା ଯିଏ ଅଧିକ ମାତ୍ରାରେ ଉପଲବ୍ଧ ଏକ ରହସ୍ୟମୟ ସ୍ୱପ୍ନସୁନ୍ଦରୀ ରୂପେ ।''

ସ୍ମୃତିର ସ୍ୱର୍ଶରେ ସୀମାହୀନ ସାମର୍ଥ୍ୟ ଥାଏ ଯାହା ମନକୁ ତତାଏ ଓ ମତାଏ । କେତେବେଳେ ଆମ୍ହରା କରେ ତ ଆଉ କେତେବେଳେ ଉଦାସୀ କରେ । ସ୍ମୃତି ହୁଏ ମନ ପକ୍ଷର ଉଡ଼ନ୍ତା ଡେଣା, ପରିବ୍ୟାପ୍ତ ସାଗରର ଲହରୀସିକ୍ତ ବେଳାଭୂମି, ତଥା ଅତୀତ ଗାନର ଅଭୁଲା ଆଳାପ । କବିଙ୍କ ଭାଷାରେ -

''ସ୍ମୃତି ତୁମେ ମୋ ମନର ଅଜୁହା ଗୀତର କଥା
ତୁମେ ପୁଣି ଏ ଜୀବନେ ମୋ ପ୍ରୀତିର ଇତିକଥା
ତୁମେ ମୋର ସ୍ୱପ୍ନିଳ କାମନାର ଇନ୍ଦ୍ରଧନୁ
ସାଇତିଛି ଗୋପନେ ପାଶୋରି ପାରୁନି ମନୁ''

ଏହା ଲକ୍ଷ୍ୟଣୀୟ ଯେ ସୂକ୍ଷ୍ମ ସୁଲଳିତ ମାନସିକ ଅନୁଭବର ଶାବ୍ଦିକ ଗୁଞ୍ଜରଣ ଶ୍ରୀଯୁକ୍ତ ଦଳାଇଙ୍କର ରଚନାରେ ରହିବା ସହିତ ଜଗତ ପ୍ରତି, ଜୀବନ ପ୍ରତି ସର୍ବୋପରି ନିଜ ପ୍ରତି ଯଥେଷ୍ଟ ସ୍ୱୀକାରୋକ୍ତି ରହିଛି ।

ଗୀତା ଖୁଣ୍ଟିଆ -

'ମନର ମୁକ୍ତା' ପୁସ୍ତକରେ ଗୀତା ଖୁଣ୍ଟିଆଙ୍କର ୫୫ ଟି ଗୀତିକବିତା ସନ୍ନିବେଶିତ ହୋଇଛି। ଜୀବନରେ ଚଲାପଥର ଅଭିଜ୍ଞତା ଏଥିରୁ କେତେକ ରଚନାରେ ପ୍ରକଟିତ ହେଲାବେଳେ ଆଉ କେତୋଟି ରଚନାରେ ସାର୍ବଜନୀନ ଜାଗତିକ ଅନୁଭବ ଉପସ୍ଥାପିତ ହୋଇଛି । କବିଙ୍କର ବକ୍ତବ୍ୟ ଏହିକି ଯେ ଏପରି ଅନେକ ବ୍ୟକ୍ତି ଏହି ସଂସାରରେ ଅଛନ୍ତି ଯେଉଁମାନେ ଆକୃତିରେ ମଣିଷ ହେଲେ ହେଁ ପ୍ରକୃତିରେ ମଣିଷ ନୁହଁନ୍ତି । ସେମାନଙ୍କଠାରେ ମାନବିକତାର ସୁବାସ ନଥାଏ, ଥାଏ ହିଂସ୍ରତା, କ୍ରୋଧ, ଘୃଣା, ଛଳନା, ପ୍ରତାରଣା ସମେତ ବହୁ ଆସୁରିକ ଗୁଣ । ସେମାନେ ହୋଇଥାନ୍ତି ଅହମିକାର ଏକ ଏକ ମୂର୍ତ୍ତିମନ୍ତ ପ୍ରତୀକ । କବିଙ୍କ ଭାଷାରେ -

''ସେନେହ ମମତା ବୁଝେନାଯେ, ତାର
ମଣିଷ ପଣିଆ କାହିଁ
ଭୁଲ ଯେତେ ସିଏ କରୁ ପଛେ କେବେ
ଅନୁତାପ କରେ ନାହିଁ ।''

ଏତଦ୍‌ବ୍ୟତୀତ କବିଙ୍କ ଲେଖନୀରେ ଆଶାବାଦର ଉଷାକିରଣ ଆତ୍ମପ୍ରକାଶ କରିଛି । ଆଶାର ଲବଙ୍ଗଲତା ମନତରୁକୁ ସୁଶ୍ରୀଶୋଭନ ସାଜରେ ସଜାଇ ଦେଇଛି । ତାଙ୍କର କାବ୍ୟମାନସ ବାସ୍ତବତା ଓ ଭାବପ୍ରବଣତା ମଧ୍ୟରେ ଏକ ସମୁଜ୍ଜ୍ୱଳ ସୁବର୍ଣ୍ଣସେତୁ, ଏହା ମୁକ୍ତ କଣ୍ଠରେ ସ୍ୱୀକାର୍ଯ୍ୟ ।

ଗୋଲୋକ ବିହାରୀ ନାୟକ –

କବିଙ୍କ ରଚନାରେ ରୋମାଣ୍ଟିକ ଭାବ ବିଭୋରତା ରହିଛି । ପାରମ୍ପରିକଶୈଳୀରେ ରଚିତ ତାଙ୍କର କେତେ ଗୋଟି ଗୀତିକବିତାରେ କେଉଁଠି ନାୟକର ସ୍ମୃତିପଟରେ ଭାସି ଉଠୁଛି ନାୟିକାର ରୂପ ଶୋଭା ତ ପୁଣି କେଉଁଠି ନାୟିକାର ମନ ନେତ୍ରରେ ନାୟକର ଚିତ୍ର ପ୍ରକଟିତ ହେଉଛି । ଭାବ ପ୍ରବଣତାର ମୋହନ ମାଦକତାରେ ବେଳେବେଳେ ଭଟ୍ଟା ପଡ଼ିଯାଇଛି । ଆସିଛି ହତାଶାର ଘନଘୋର ବାସ୍ତବତା । ଆଶା ହୋଇ ଯାଇଛି ଆକାଶ କୁସୁମ । ସବୁ କିଛି ଓଲଟ ପାଲଟ ହୋଇଯାଇଛି । କବିଙ୍କ ଭାଷାରେ –

'ଯେବେ ଲୋଡ଼େ ମୁଁ ଶୀତଳ ବାରିଧାରା
...ଶ୍ରାବଣ ବରଷେ ଅମ୍ଳଧାରା
ମନମଳୟ ପରଷେ ଝାଞ୍ଜିଖରା
ଆଖି ଉଦାସୀ ଅସରା ଅଶ୍ରୁଭରା ।'

ଭକ୍ତିଭାବରେ ଗୀତିକବିତା ରଚନା କ୍ଷେତ୍ରରେ ମଧ୍ୟ ଶ୍ରୀ ନାୟକଙ୍କର ଆଗ୍ରହ ରହିଛି । ଶ୍ରୀଜଗନ୍ନାଥଙ୍କ ଦର୍ଶନରେ ଯେଉଁ ଆନନ୍ଦ ରହିଛି ତାହାର ତୁଳନା ନାହିଁ ବୋଲି ସେ କହିଛନ୍ତି । ଚିନ୍ତାମଣିଙ୍କର ନାମ ଚିନ୍ତି ଅବଶିଷ୍ଟ ଦିନ ବିତିଯାଉ ବୋଲି ଶ୍ରୀନାୟକ ଆଶା ପୋଷଣ କରିଛିନ୍ତି । ତାଙ୍କ ଭାଷାରେ –

'ଚିନ୍ତାମଣି ତୁମ ନାମ ଚିନ୍ତି
ବାକି ଦିନ ମୋର ଯାଉବିତି
ତୁମେ ଅଗତିର ଗତି ମୁକ୍ତି
ତୁମ ବିନୁ ନାହିଁ ଅନ୍ୟ ଗତି'

ସରଳ ଶବ୍ଦ ଯୋଜନା ଲଳିତଭାବ ବିଭବର ସମନ୍ୱୟରେ ଶ୍ରୀନାୟକଙ୍କର ଗୀତିକବିତାଗୁଡ଼ିକ ସୁଖ ପାଠ୍ୟ ।

ଜୀବନାନନ୍ଦ ପାଣି –

କବି ଜୀବନାନନ୍ଦ ପାଣି ଓଡ଼ିଆ ଗୀତି କବିତା ରାଜ୍ୟର ଏକ ପ୍ରଣମ୍ୟ ପ୍ରତିଭା । ଜନ୍ମ ତାଙ୍କର ହୋଇଥିଲା ମୟୂରଭଂଜ ଜିଲ୍ଲାର ପ୍ରତାପପୁର ଗ୍ରାମରେ ୧୯୩୩ ମସିହାରେ । 'ଜୀବନାନନ୍ଦ ସଞ୍ଚୟନ' ଓ 'ସେ ଗାଁର କିଆଫୁଲ' ପୁସ୍ତକ ଦ୍ୱୟରେ ତାଙ୍କ ଗୀତିକବିତା ଗୁଡ଼ିକ ସନ୍ନିବେଶିତ ହୋଇଛି । ତାଙ୍କର ଏହି ସୃଷ୍ଟି ସମ୍ଭାରରେ ଯେପରି ଚମକ ରହିଛି ସେପରି ମହକ ମଧ୍ୟ ରହିଛି । ଶବ୍ଦଗୁଡ଼ିକ ଶକ୍ତି ଓ ଲାବଣ୍ୟରେ ସତେ ଯେପରି ମଖା ହୋଇଛନ୍ତି । କବିଙ୍କର ଗୀତିସମ୍ଭାରକୁ ପର୍ଯ୍ୟାଲୋଚନା କଲେ ତହିଁରେ ଦୁଇଟି ବିଶିଷ୍ଟ ଦିଗନ୍ତ ଦୃଷ୍ଟିପଥାରୁଢ଼ ହୁଏ । ଗୋଟିଏ ହେଉଛି ପ୍ରଣୟ ଭାବନା ଓ ଅନ୍ୟଟି ପଲ୍ଲୀଭାବନା ।

ପ୍ରଣୟ ଭାବ ପ୍ରଧାନ ଗୀତିକବିତା ଗୁଡ଼ିକରେ ପ୍ରଣୟକୁ ମର୍ତ୍ତ୍ୟରେ ଅମର୍ତ୍ତ୍ୟର ଲଳିତ ରୂପାୟନ ବୋଲି ବିଚାର କରାଯାଇଛି । ଏଥି ସହିତ ପ୍ରଣୟର ଦାବ ଦହନକାରୀ ସ୍ୱରୂପଟି ମଧ୍ୟ କବିଙ୍କ ଲେଖନୀରେ ପ୍ରମୂର୍ତ୍ତ ହୋଇଛି । ସେତେବେଳେ ଜହ୍ନ ହୋଇଯାଇଛି ମଲାଜହ୍ନ, ନଈ ହୋଇଯାଇଛି ମଲାନଈ ଏବଂ ପତ୍ର ହୋଇଯାଇଛି ଝରାପତ୍ର । କବିଙ୍କ ଭାଷାରେ – **''ଏ ତ ତୁହେଁ ଗୀତ**

ଝରା ପତରର ନିଛାଟିଆ ମନ୍ଦିର
ଶୁଖିଲା ନଦୀର ନୀରବ ଲହରୀ
ମଲା ଜହ୍ନ ସକାଳର''

କବି ଶ୍ରୀଯୁକ୍ତ ପାଣି ସ୍ୱପ୍ନ ଓ ବାସ୍ତବତା ମଧ୍ୟରେ ଚେତନାର ସ୍ୱର୍ଣ୍ଣସେତୁଟିଏ, ସ୍ୱର୍ଗ ଓ ମର୍ତ୍ତ୍ୟ ମଧ୍ୟରେ ଅନୁପମ ଅନ୍ତରୀକ୍ଷଟିଏ । ସ୍ୱପ୍ନଭରା ଆଖିରେ ସେ ବାସ୍ତବତାର ଅଞ୍ଜନ ମାଖିଛନ୍ତି ଓ ବାସ୍ତବତାର ଭାବଭୂମିରେ ସ୍ୱପ୍ନର ଅଳସୀ ରେଖା ଆଙ୍କିଛନ୍ତି । ବିରହିଣୀ ନାୟିକାର ସ୍ମୃତିରୁ ସମ୍ଭାବନା ଯାଏ କେତେ କେତେ ପରିତଳ ସ୍ଥାନିତ ହୋଇଛି କବିକୃତ କେତେକ କବିତାରେ । ଏହିପରି ଏକ ସଂରଚନାରେ ଅଝଟ ଶିଶୁକୁ ଶୁଆଇଦେବା ଅବକାଶରେ ମାଆଟିଏ ଗାଇଛି –

''କେତେ ଦିନ ହେଲା ଘରୁ ସେ ଗଲେଣି
ଦେଇନାହାଁନ୍ତି ଚିଟାଉ
ନଦିଅନ୍ତୁ ପଛେ ଥାଆନ୍ତୁ କୁଶଳେ
ଆହେ ପ୍ରଭୁ ମହାବାହୁ''

ପୁନଶ୍ଚ ପଲ୍ଲୀଭାବନା ଭିତ୍ତିକ ରଚନା ଗୁଡ଼ିକରେ ମୁଖ୍ୟତଃ ପଲ୍ଲୀର ସାଂସ୍କୃତିକ ଚିତ୍ର ଉପସ୍ଥାପିତ ହୋଇଛି । ଚଢ଼େୟା ଓ ଚଢ଼େୟାଣୀ ଗୀତରେ ଅତି ମନୋଜ୍ଞ ଭାବରେ ନିଆଁ ଚାରିଜାତି ଓ ପାଣି ଚାରିଜାତିର ଅବତାରଣା ବେଶ୍ ତାତ୍ପର୍ଯ୍ୟପୂର୍ଣ୍ଣ । ଚାରି ପ୍ରକାର ପାଣି ଭିତରେ କାଚକେନ୍ଦୁ ପାଣି, ମରୀଚିକା ପାଣି, ନାଲି ପାଣି ଓ କୁମ୍ଭୀର ଆଖିର ପାଣି ଅନ୍ତର୍ଭୁକ୍ତ । ଏଥି ମଧ୍ୟରୁ କୁମ୍ଭୀର ଆଖିର ପାଣି ଅତ୍ୟନ୍ତ ବିପଜ୍ଜନକ । କବିଙ୍କ ଭାଷାରେ –

''ଅଭିଲା ପାଣି ସେ ଦରଦର ହୋଇ କୁମ୍ଭୀର ଆଖିରୁ ଝରେ
ସେ ଲୁହକୁ ଯଦି ପୋଛିବାକୁ ଯିବୁ ମରିବୁ ମଝି ନଈରେ''

ଏହା ସ୍ପଷ୍ଟ ଲକ୍ଷ୍ୟଣୀୟ ଯେ କବି ଶ୍ରୀଯୁକ୍ତ ପାଣିଙ୍କ ଶବ୍ଦଯୋଜନା ଭିତରେ କୃତ୍ରିମତା ନାହିଁ । ପ୍ରତିଟି ଶବ୍ଦ ହୋଇଛି ଭାବାନୁକୂଳ ଓ ଜୀବନଧର୍ମୀ । ଆଜି କବି ଦେହରେ ନାହଁନ୍ତି ସତ, ମାତ୍ର ଏକ ଅନୁଷ୍ଠାନରେ ପରିଣତ ହୋଇଛନ୍ତି ।

ତପନ କୁମାର ପଟ୍ଟନାୟକ –

ଗୀତିକବିତା ରାଜ୍ୟରେ ତପନ କୁମାର ପଟ୍ଟନାୟକ ଙ୍କନାମ ଅତ୍ୟନ୍ତ ପ୍ରତିଷ୍ଠିତ । ଆଧୁନିକ ଗୀତିକବିତା ରଚନା କ୍ଷେତ୍ରରେ ତାଙ୍କର ସିଦ୍ଧହସ୍ତତା ଯେପରି ଅବିସମ୍ବାଦିତ ଭକ୍ତି-ଭାବନା-ଭିତ୍ତିକ ଗୀତିକବିତା ରଚନା କ୍ଷେତ୍ରରେ ତାଙ୍କର ପାରଦର୍ଶିତା ସେପରି ପ୍ରଶଂସନୀୟ । ତାଙ୍କର ଭକ୍ତିଗୀତିକା ଭିତରେ ଶ୍ରୀଜଗନ୍ନାଥଙ୍କ ପାଇଁ ନିବେଦିତ ବହୁ ସୃଷ୍ଟି ଅନ୍ତର୍ଭୁକ୍ତ । ସେଗୁଡ଼ିକର ଭାଷା ସରଳ, ଏବଂ ଭାବ ହୃଦୟସ୍ପର୍ଶୀ ।

ଭକ୍ତଟିଏ ଯାଇ ରତ୍ନସିଂହାସନରେ ଶ୍ରୀଜଗନ୍ନାଥଙ୍କୁ ଦର୍ଶନ କରିଛି । ସେତେବେଳେ ଭାବ ବିଭ୍ୱଳ ହୋଇଯାଇଛି ଭକ୍ତ । ଆଖିରୁ ତା'ର ଝରିପଡ଼ିଛି ଧାରଧାର ଅଶ୍ରୁ । ସେ ଫେରିପରୁନି, ପାଦ ଯେମିତି ସ୍ଥିର

ହୋଇଯାଇଛି । ଆଖି ତା'ର ଲାଖି ଯାଇଛି ଶ୍ରୀଜଗନ୍ନାଥଙ୍କ ଚକାନୟନରେ । କବିଙ୍କ ଭାଷାରେ–

କୋଟି ଜନ୍ମର ସୁଖ ଓ ଶାନ୍ତି ମିଳିବା କଥା ଭକ୍ତ ଅନୁଭବ କରିଛି । ସତରେ ଭକ୍ତିଭାବର ପ୍ରଭାବ ଅନନ୍ୟ । ସ୍ନାୟୁରେ, ଶିରାରେ ଭରିଯାଏ ଅପୂର୍ବ ଶିହରଣ ଭକ୍ତିମତ୍ତାରେ ।

କବି ଶ୍ରୀଯୁକ୍ତ ପଟ୍ଟାନୟକଙ୍କର ଆଧୁନିକ ଗୀତିକବିତାଗୁଡ଼ିକରେ ପ୍ରତୀକ ଓ ଚିତ୍ରକଳ୍ପର ପ୍ରୟୋଗ ପ୍ରଶଂସନୀୟ । ତାଙ୍କ ଲେଖନୀ ଏବେ ମଧ୍ୟ ଚଳଚଞ୍ଚଳ ରହିଛି । ଅଧିକରୁ ଅଧିକ ଗୀତିକବିତାର ସୃଷ୍ଟି ତାଙ୍କ ଲେଖନୀରୁ ସମ୍ଭବ ହେବ, ଏଇ ଆଶା ଓ ବିଶ୍ୱାସ ରହିଛି ।

ଦିଲ୍ଲୀପ କୁମାର ବେହୁରା –

ଗୀତି କବିତାର ରଚନା କ୍ଷେତ୍ରରେ ଶ୍ରୀ ବେହୁରାଙ୍କର ଆଗ୍ରହ ରହିଛି । ବିଶେଷତଃ ମାଟି ପ୍ରତି ମମତ୍ୱବୋଧ, ଜାତିପ୍ରତି ଆତ୍ମୀୟତାବୋଧ, ସଂସ୍କୃତି ପ୍ରତି ହୃଦୟବତ୍ତା ତାଙ୍କ ରଚନାରେ ଲକ୍ଷଣୀୟ । ଗାଁ ମାଟିର ଧୂଳି ତାଙ୍କ ପାଇଁ ଚନ୍ଦନ ଭଳି । ଗାଁ ପୋଖରୀର ପାଣି ତାଙ୍କ ପାଇଁ ପୁଷ୍କରତୀର୍ଥର ପାଣି ଭଳି । ଗାଁର ନାମ ତାଙ୍କ ପାଇଁ ଧ୍ୱନିରେ ଓଁକାର, ଗାଁର ମହତ୍ତ୍ୱ ବିଦ୍ୟାର ବେଦ ଭଳି । ଗାଁର ପ୍ରକୃତି, ପରିବେଶ, ଚଳଣି, ପାରମ୍ପରିକ ସ୍ନେହ ଶ୍ରଦ୍ଧା କବିଙ୍କୁ ମୁଗ୍ଧ କରିଛି । ସେ ଅପୂର୍ବ ଉଲ୍ଲାସରେ ଉଲ୍ଲସିତ ହୋଇଛନ୍ତି । ଗାଁର ଜମି, ଶସ୍ୟସମ୍ଭାର, କୃଷି କାର୍ଯ୍ୟର ମହନୀୟତା କବିଙ୍କ ଲେଖନୀରେ ଭାଷାରେ ଜୀବନ୍ତ ହୋଇ ଉଠିଛି ।

ଓଡ଼ିଆ ଭାଷାର ସମୃଦ୍ଧି, ଓଡ଼ିଆ ଜୀବନଧାରାର ଅଭିବୃଦ୍ଧି ପାଇଁ କବିଙ୍କ ମନରେ ଥିବା ପ୍ରୟାସ ଅଭିନନ୍ଦନୀୟ । ଓଡ଼ିଶୀ ଗୀତି, ଓଡ଼ିଶୀନୃତ୍ୟ, ଓଡ଼ିଶାର ଝୋଟି ଚିତା, ରଜଦୋଳି, ରଥଯାତ୍ରା, କଳାର କୋଣାର୍କ, ବନଗିରି, ଖଣିଖାଦାନ ସବୁରେ ରହିଛି ପ୍ରାଣର ଅପରୂପ ସ୍ପର୍ଶ ।

କବିଙ୍କ ଭାଷାରେ–

'ଅରକକ୍ଷେତ୍ର କୋଣାର୍କ ଆମ
ବିଶ୍ୱରେ ଅଛି ନାମ
ଓଡ଼ିଶୀଗୀତ ନାଚ ସାଥିରେ
ଝୋଟି ଚାନ୍ଦୁଆ କାମ ।

ଓଡ଼ିଆ ପୁଅ ମନରେ ପ୍ରେରଣା, ପ୍ରାଣରେ ଶକ୍ତି ଅଧିକରୁ ଅଧିକ ଭରିଯାଉ ବୋଲି ସେ କାମନା କରିଛନ୍ତି ।

ଦୁର୍ଗାଚରଣ ପଟ୍ଟନାୟକ –

କବିଙ୍କର ଗୀତିକବିତା ଉପରେ ଭକ୍ତିର ଚନ୍ଦନ ଗନ୍ଧ ସ୍ପଷ୍ଟ ବାରିହୋଇପଡ଼େ । ଭକ୍ତ ପାଇଁ ଯେଉଁ ପ୍ରଭୁ ଦୟାର ପ୍ରତୀକ, ଅହେତୁକ ଅନୁରାଗର ଲାବଣ୍ୟ ପ୍ରଦୀପ, ବିପଦରେ ବନ୍ଧୁ ଆଉ ଅଭାବରେ ମାତା ରୂପେ ଆବିର୍ଭୂତ ତାଙ୍କ ଚରଣରେ କବି ସହସ୍ର ପ୍ରଣାମ ଜଣାଇଛନ୍ତି । 'ଭକ୍ତି ନୈବେଦ୍ୟ' ପୁସ୍ତକରେ କବିଙ୍କ ମନ ବେଳାଭୂଇଁ ହେଲାବେଳେ ଭଗବାନ ନୀଳ ସାଗର ହୋଇ ଅହରହ ଛୁଇଁ ଯାଉଛନ୍ତି ସେହି ବେଳାଭୂମିର ଭୂଗୋଳରୁ ଏବଂ ଧୋଇନେଉଛନ୍ତି ଦେହ ଓ ମନର କଳୁଷ କାଳିମାକୁ । ଭଗବାନ ହେଉଛନ୍ତି ବିଚକ୍ଷଣ ସ୍ରଷ୍ଟା ଓ ଅଭ୍ରାନ୍ତ ଦିଗ୍‌ଦ୍ରଷ୍ଟା । ସେ ଅନନ୍ତ ଅସୀମ, ଚରାଚରରେ ତାଙ୍କର ଜୟଗାନ ଶୁଭେ । ନଦୀରେ ସେ ପ୍ରବହମାନତା, କୋଇଲି କୁହୁରେ ସେ ମଧୁରତା, ଆକାଶରେ ଭସାମେଘର ପ୍ରସନ୍ନତା ଓ ମାଟିରେ ଅଶେଷ ସହନଶୀଳତା । ଏସବୁ ସତ୍ତ୍ୱେ କବିଙ୍କ ମନକଳସ ପ୍ରଭୁଙ୍କର କୃପା ଧାରାରେ ଭରିନାହିଁ ବୋଲି କବି କହିଛନ୍ତି । କବିଙ୍କ ଭାଷାରେ –

''କେଉଁ ଅପରାଧ କରିଥିଲି ପ୍ରଭୁ
କୁହ କେଉଁ ଜନମରେ
କରିଲନି କ୍ଷମା ଚୁଡ଼ାଇଲ ନେଇ
ଦୁଃଖ ସାଗର ତୀରେ''

ଅବଶ୍ୟ ଏହି ଅଭିମାନର କୁହୁଡ଼ି ବେଶୀ ସମୟ ସ୍ଥାୟୀ ହୋଇ ରହି ନାହିଁ । ଆଶାବାଦର ସୂର୍ଯ୍ୟ କିରଣରେ ତାହା ଅପସରି ଯାଇଛି । ତେଣୁ ମନ ତାଙ୍କର ଚାହିଁଛି ପ୍ରଭୁଙ୍କ ଚରଣ ତଳର ସେବକଟିଏ ହେବାକୁ । ପ୍ରଭୁଙ୍କ ତୀର୍ଥ ଭ୍ରମଣ କବିଙ୍କର ପ୍ରଦକ୍ଷିଣର ପରିଭାଷା ହେଉ, ନିଦ ହେଉ ପ୍ରଭୁଙ୍କର ପାଦତଳେ ନୀରବ ବିଶ୍ରାମ – ଏହିପରି ଭାବରେ ଭାବିତ ହୋଇଛି କବିଚିତ୍ତ । ତାହା ବନ୍ଧା ପଡ଼ିଛି ଓ ଜନ୍ମେ ଜନ୍ମେ ପ୍ରଭୁଙ୍କ ପାଦତଳେ ବନ୍ଧା ପଡ଼ିବାକୁ ଇଚ୍ଛା ପ୍ରକାଶ କରିଛି । ପରମ ପ୍ରଭୁଙ୍କର ଯଶ ଗାନ ଓ ଜୟଗାନ କରି କବି ଉଲ୍ଲସିତ ହୋଇଛନ୍ତି ।

ଧନଞ୍ଜୟ ସ୍ୱାଇଁ –

ଗୀତିକବି ଭାବରେ ଶ୍ରୀଧନଞ୍ଜୟ ସ୍ୱାଇଁ ବେଶ୍ ପରିଚିତ । ଭାବର ମଧୁରିମା ଓ ଭାଷାର ସୁଷମା ତାଙ୍କ ଗୀତିରଚନାରେ ସମନ୍ୱିତ । ଦେହରୁ ବିଦେହ ପର୍ଯ୍ୟନ୍ତ ଯାତ୍ରାପଥର ବ୍ୟାପ୍ତି ତାଙ୍କର କବିତ୍ୱର ବର୍ଣ୍ଣବିଭା । ସେ କେତେବେଳେ ରହସ୍ୟବାଦୀ ରୋମାଣ୍ଟିକ୍ ତ ଆଉ କେତେବେଳେ ବାସ୍ତବତାର ପରମପୂଜାରୀ । ପ୍ରକୃତିର ଚାରୁଚିତ୍ର ଅଙ୍କନରେ ସେ ଯେପରି କୃତବିଦ୍ୟ, ଭାବପ୍ରବଣତାର ଆଲେଖ୍ୟ ଅଙ୍କନରେ ସେ ସେପରି ସିଦ୍ଧହସ୍ତ । ପ୍ରୀତିର ମାଣିକ ଦୀପ ଜଳାଇ ସେ ଜୀବନ ଓ ଜଗତର ନିରାଜନା କରିଥାନ୍ତି । ହତାଶାର ଗ୍ଲାନି ନଥାଏ କି ମ୍ଲାନିମା ନଥାଏ, ଥାଏ ଆଶାର ଚମକ ଚାନ୍ଦିନୀ ଓ ଭରସାର ନୀଳାଭ ଦିଗନ୍ତ ତାଙ୍କ କବିତାରେ । ସ୍ମୃତି ଓ ଅନୁଭୂତିର ଫୁଲ ସାଉଁଟି ଭାଷାର ସୂତାରେ ଗୀତି ମାଳା କରି ସେ ଲମ୍ବାଇ ଦେଇଛନ୍ତି ଉତ୍କଳ ଭାରତୀଙ୍କ ପାଦତଳେ । 'ମିଠା ଜହ୍ନରାତି' ତାଙ୍କର ଏକ ସୁରମ୍ୟ ସାରସ୍ୱତ ଗୀତିମୟ କୃତି ।

ସୋରିଷ ଫୁଲର ସୁନା ଲହରୀରେ ମିଠାମିଠା ଜହ୍ନରାତିର ଲୀଳାବିଳାସ ଭାବାନ୍ତର ଆଣିଛି କବିଙ୍କ ମନରେ । କଳା ମଞ୍ଜୁଳ ପରିବେଶରେ ପ୍ରୀତି ପ୍ରବଣତାର ମଧୁର ମୁଦ୍ରାଙ୍କ ଆଙ୍କି ହୋଇଯାଇଛି ଶବ୍ଦ ସମ୍ଭାରରେ –

'ମୁଁ ସୋରିଷ ଫୁଲର ନଈ ପଠାପରେ
ମିଠା ମିଠା ଜହ୍ନରାତି
ମୁଁ ଯେ ମଧୁଲୋଭୀ ମଧୁପ ମନର
ଅସରା ଫଗୁଣ ପ୍ରୀତି । (ମୁଁ ମରୁପଥର ବାଟଭୁଲା ନଈ)

କାହାପାଇଁ କବିଚିତ୍ତରେ ଏତେ ସ୍ୱର୍ଶକାତରତା । ସିଏ କି ଜୀବନର ସରସତା, ସାର୍ଥକତା ଅବା ସୁକୁମାରତା, କାହାପାଇଁ ଏତେ ଆକୁଳତା ଓ ଆନ୍ତରିକତା ? ସିଏ କି ଅଳସୀ ଭାବନାର ବିଳାସୀ ମଧୁମୂର୍ତ୍ତି ? ସିଏ କି କବି ପ୍ରାଣର ଲଳିତ ଅନୁଭବର ଛାୟାଚ୍ଛନ୍ନ ଅଭିବ୍ୟକ୍ତି । କବିତ୍ୱର ଅନୁପମ ବର୍ଣ୍ଣଳ ବିଭବ ଯାହା କବିଙ୍କ ପାଇଁ ଚିରଦିନ ଅବିସ୍ମରଣୀୟ ।

'ତୁମେ ଭୁଲିଗଲେ ଭୁଲିଯାଅ ପଛେ
ମୁଁ କିନ୍ତୁ ଭୁଲିବି ନାହିଁ
ତୁମ ଚଲାପଥେ ଘାସଫୁଲ ହୋଇ
ରହିଥିବି ମୁହିଁ ଚାହିଁ ।'(ତୁମେ ଭୁଲିଗଲେ ଭୁଲିଯାଅ ପଛେ)

ଓଡ଼ିଶାର କାରୁକଳା ଓ ଚାରୁକଳାରେ ସମଗ୍ର ବିଶ୍ୱ ବିମୁଗ୍ଧ । କବିଙ୍କ ପ୍ରାଣକୁ ଉଲ୍ଲସିତ କରିଛି ଓଡ଼ିଶାର ଏଇ ଗୁରୁ ଗୌରବ । ଏ ମାଟିର କାରିଗର ପାଷାଣଗାତ୍ରରେ ଫୁଟାଇପାରେ ନିହାଣମୁନରେ ନିଖୁଣ ସୁନ୍ଦର ଫୁଲ ଯାହା ଅମଉଳା ହୋଇ ରହେ ଶତାବ୍ଦୀ ଶତାବ୍ଦୀ ଧରି । କେତେ ଅନୁରାଗ ଓ ଆଶାର କଥା କହେ ଶିଳ୍ପୀ । ମନର ଭାବ ବିଳାସ ପଥର ଦେହରେ ରୂପ ପାଏ, କଥା କହେ, ଗୀତ ଗାଏ –

ଆଶାର କଥା ଭାଷାରେ କହେ
ସୃଜନ ଶିଳ୍ପୀ ତା'ର
ପଥର ଦେହେ ଫୁଟାଏ ଭାଷା
କଳାର କାରିଗର । (ଏଇ ଓଡ଼ିଶା ମୋର)

କବିଚିତ୍ତ ସମର୍ପିତ ସେଇ ଅଦୃଶ୍ୟ ବିରାଟ ସତ୍ତା ନିକଟରେ ଯାହାର ଆଦେଶ ବିନା ଘାସ ପତ୍ରଟିଏ ହଲେ ନାହିଁ, କଢ଼ିଟିଏ ଫୁଲ ହୋଇ ଫୁଟେ ନାହିଁ, ପବନ ବହେ ନାହିଁ, ସମୁଦ୍ର ଉଚ୍ଛୁଳେ ନାହିଁ, ବର୍ଷା ଝରେ ନାହିଁ, ମୟୂର ନାଚେ ନାହିଁ । ତା'ର କୃତି ଓ କୃତିତ୍ୱ ମନ ବୁଦ୍ଧିର ଅଗୋଚର । ସେ ରୂପାୟିତ ଅରୁଣିମାରେ ପୁଣି ବାରୁଣୀ ସୁଷମାରେ । ସେ ଗଢ଼ିପାରେ ପୁଣି ଭାଙ୍ଗିଦେଇପାରେ । ଗଢ଼ିବାରେ ତା'ର ଆନନ୍ଦ ଥାଏ ପୁଣି ଭାଙ୍ଗିବାରେ ତା'ର ଉଦାସୀନତା ନଥାଏ । ସେ ପ୍ରତିଶେଷ ରୂପେ ଆରମ୍ଭର ପ୍ରତୀକ ଓ ପ୍ରତି ଆରମ୍ଭ ରୂପେ ଶେଷର ପ୍ରତିରୂପ । ତାକୁ ଚୁଝି ହୁଏନା କି ଚୁଝାଇ ହୁଏନା । ସମର୍ପଣ ମାଧ୍ୟମରେ ତା'ର ଆଭାସ ମାତ୍ର ଅନୁଭବ କରିବାକୁ ପ୍ରୟାସ କରାଯାଇପାରେ ।

'ତୁମ ସରଜନା ଉଷାର ଆଲୋକ
ସନ୍ଧ୍ୟାର ଅସ୍ତରାଗ
ମୁଁ କିନ୍ତୁ ପାରେନି ଚୁଝି ତୁମେ କିଆଁ
ଗଢ଼ ଆଉ ପୁଣି ଭାଙ୍ଗ । (ସମର୍ପଣ)

କବି ଧନଞ୍ଜୟଙ୍କ ଗୀତିକବିତାରେ ସ୍ମୃତି, ସ୍ୱପ୍ନ, ଲାଜ, ଲୁହ, ଶୋଷ ଓ ଅବସାଦ ପ୍ରଭୃତି ସୂକ୍ଷ୍ମ ଉପାଦାନଗୁଡ଼ିକର ସୁସ୍ପଷ୍ଟ ଉପସ୍ଥାପନା ରହିଛି । ପ୍ରକୃତିର ଚିତ୍ର ଅଙ୍କନରେ ସିଦ୍ଧହସ୍ତ କବିଙ୍କ ଲେଖନୀରୁ ଝରି ଆସିଛି ଆଷାଢ଼ର ବିମୁଗ୍ଧ ବର୍ଣ୍ଣନା ।

''ଆଷାଢ଼ ଆସିଲେ ଆକାଶଟା ସାରା
ଦିଶେ ଖାଲି ମେଘ ମେଘ
ମେଘ ଚୁହେଁ ସିଏ ଆକାଶ ଆଖିରେ
ଲୁହର ବହଳ ଦାଗ ।'' (ମେଘ ଆକାଶ)

ଲୁହର ବହଳ ଦାଗ ସତେଅବା ଆକାଶର ଆଖିରେ ଲାଗିଛି ବୋଲି ପରିକଳ୍ପନା ଭିତରେ ରହିଛି ଆଳଙ୍କାରିକତା, ପ୍ରତୀକାତ୍ମକତା ସହ କାଳ୍ପନିକତା ।

ମାଟି ମନସ୍କ କବି ଧନଞ୍ଜୟ ମାଟିକୁ ତିନି ଭୁବନରେ ଶ୍ରେଷ୍ଠସ୍ଥାନ ଦେଇଛନ୍ତି । ମାଟିର ମମତା ସମସ୍ତଙ୍କ ପାଇଁ ଅନନ୍ୟ । ମାଟି ପାଇଁ କବିଙ୍କର ସମ୍ମାନବୋଧ ଅସାମାନ୍ୟ । ମାଟି ହେଉଛି ସହନଶୀଳତା, ଉଦାରତା ଓ କ୍ଷମାଶୀଳତାର ପ୍ରତୀକ ।

''ମାଟି ମଙ୍ଗଳ ମନ୍ତ୍ରଟିଏ ମୋ।
ମଥାର ବିଜୟ ଟୀକା
ମାଟି ମହମହ ବାସଚନ୍ଦନ ସେ
କୋଟି ଆଦରର ଭିକ୍ଷା ।'' (ମାଟିମନ୍ତ୍ର)

ଛନ୍ଦର ବିଭବ, ଭାଷାର ଗୌରବ ଓ ଭାବର ସୌରଭରେ ସମନ୍ୱିତ କବିଙ୍କ ସର୍ଜନଶୀଳତା ଅଭିନନ୍ଦନୀୟ । ଲେଖନୀ ତାଙ୍କର ଚଳ ଚଞ୍ଚଳ ରହିଛି, ତାହା ଅଧିକରୁ ଅଧିକ ଚଳ ଚଞ୍ଚଳ ରହିବ ବୋଲି ଆଶା ଓ ବିଶ୍ୱାସ ।

ନନ୍ଦକିଶୋର ସିଂହ –

ଦେଶର ମାଟି କବି ପାଇଁ ମନ୍ଦାକିନୀ ତଟର ସୁବାସିତ ମାଟି, ଦେଶର ଜଳବିନ୍ଦୁ ଅମୃତର ଶୀତଳ ମଧୁର ବିନ୍ଦୁ, ଦେଶର ପବନ ଚୈତ୍ରରଥ–ଚହଲା ଚିରମଳୟ । କବି ନନ୍ଦକିଶୋର ସିଂହ ଅନୁରୂପ ଭାବଧାରାରେ ଆତ୍ମବିଭୋର । ଭାରତ ମାଟିର ମହତ୍ତ୍ୱକୁ ସେ ମର୍ମେ ମର୍ମେ ଉପଲବ୍ଧି କରିଛନ୍ତି । ଧର୍ମ ସମନ୍ୱୟ, ଚଳଣିର ସମନ୍ୱୟ ଏହି ଦେଶର ମର୍ମବାଣୀ । ବିଶ୍ୱ କଲ୍ୟାଣ କାମନା ହେଉଛି ଭାରତୀୟ ସଂସ୍କୃତିର ମହନୀୟ ଆଭିମୁଖ୍ୟ । ଦେବଭୂମି ଭାବରେ ବିବେଚିତ ଓ ପ୍ରତିଷ୍ଠିତ ଏହି ଭୂମିର ନିରାଜନାରେ ପ୍ରକୃତି ସଦା ତତ୍ପର । କବିଙ୍କ ଭାଷାରେ –

''ବିହଙ୍ଗ କରେ ତୋ ଗୁଣ ବନ୍ଦନା ସାଗର ଧୂଏ ତୋ ପାଦ
ସୂର୍ଯ୍ୟ କରେ ତୋ ପ୍ରଭାତୀ ଆରତି ସଂଜ ଧୂପ ଦିଏ ଚାନ୍ଦ
ତୁହି ମୋ ସ୍ନେହାସ୍ପଦ ।''

ଭାରତର ସନ୍ତାନ ଅସୀମ ଗୌରବର ଅଧିକାରୀ, ଅଶେଷ ସାମର୍ଥ୍ୟର ଅଧିକାରୀ । ସେ ମରୁଭୂମିରେ ସର୍ଜନା କରେ ନୀଳ ଝରଣାର ଧାରା, ଶତ୍ରୁ ଓଠରେ ସୃଷ୍ଟିକରେ ମିତ୍ରତାର ମୃଦୁ ହସରେଖା । ଏହି ଭାରତର ସନ୍ତାନ ପାଇଁ କବି କଣ୍ଠରେ ଅଭିନନ୍ଦନିକା ପ୍ରକଟିତ ହୋଇଛି ।

କବି ପ୍ରାଣ ଆକୁଳିତ ହୋଇଛି ବିଶ୍ୱନିୟନ୍ତା ପରମପ୍ରଭୁଙ୍କର ଚରଣ ସେବକ ହେବା ପାଇଁ । ସେବା ହିଁ ତପସ୍ୟା, ତପସ୍ୟା ହିଁ ଜୀବନର ସାର୍ଥକତା । ପ୍ରଭୁଙ୍କ ଚରଣର ଧୂଳି ହୋଇ, ଚଲାପଥ ଧାରର ଘାସ ହୋଇ, ସିଂହାସନ ତଳର ଦୀପ ହୋଇ ଏବଂ ପୂଜାବେଳର ଧୂପ ହୋଇ ଜୀବନର ଯଥାର୍ଥ ମୂଲ୍ୟ ପାଇବା ପାଇଁ କବି ଅଭିଳାଷ କରିଛନ୍ତି । ହସ୍ତ ତାଙ୍କର ପ୍ରଭୁଙ୍କ କର୍ମରେ ନିୟୋଜିତ ହେଉ, କାନ ତାଙ୍କର ପ୍ରଭୁଙ୍କ ମୁରଲୀର ଧ୍ୱନି ଅହରହ ଶୁଣୁଥାଉ – ଏହି କାମନା ସେ କରିଛନ୍ତି । କବିଙ୍କ ଭାଷାରେ –

''ତୁମ ରୂପ ଦେଖୁଥାଉ ସଦା ଦୁଇଆଖି
ତୁମ ବଂଶୀ ସ୍ୱନ ଶୁଣୁ ଶ୍ରବଣ ମୋ ନିତି ।''

ଏତଦ୍ ବ୍ୟତୀତ ଜୀବନର ସୁଖ ଦୁଃଖ, ସ୍ମୃତି ସ୍ୱପ୍ନ ଜୟପରାଜୟ ପ୍ରକାଶିତ ହୋଇଛି ତାଙ୍କର କେତେକ ଗୀତି କବିତାରେ । ସ୍ମୃତି କେତେବେଳେ ଫଗୁଣ ଫୁଲ ପରି ଫୁଟିଯାଇଛି ତ ଆଉ କେତେବେଳେ ଶ୍ରାବଣ ଧାରାପରି ଝରିଯାଇଛି । ତେବେ ମଧ୍ୟ କେବେ ଦିନେ ସ୍ମୃତି ହୋଇ ନାହିଁ ବିସ୍ମୃତିର ପୂର୍ବଜନ୍ମ ତିଥି । ଆଶାର ଲହରୀରେ ଭଙ୍ଗାପଡ଼େ, ପୁଣି ଲହରୀ ଉଠେ । ଝିଲିମିଲି ନରମ ଜୋଛନା ସିକତାର ଶେଯରେ ଝରିପଡ଼େ,

ଆଶାବରୀ ରାଗରେ ବାଜୁଥାଏ ବିପଞ୍ଚୀର ତାନ । ଅନୁଭବର ଗଭୀରତାରୁ ଉଠୁଥାଏ ଆତ୍ମନେପଦୀ ଧ୍ୱନିମାଳା । ସେଇ ଧ୍ୱନିମାଳାରୁ କିଛି ଏହିପରି –

''ମଧୁର ଆଶାର ମଦିର ବିଳାସେ ଜୋଛନାର ଫୁଲଝରି
କେତେ ପ୍ରଣୟର ରାଜହଂସୀ ଗଲେ କଳରବେ ଡେଣାଝାଡ଼ି ।''

ନାରାୟଣ ପ୍ରସାଦ ସିଂହ –

କବି ଶ୍ରୀଯୁକ୍ତ ନାରାୟଣ ପ୍ରସାଦ ସିଂହ ଆଧୁନିକ ଓଡ଼ିଆ ଗୀତିକବିତା ରଚନା କ୍ଷେତ୍ରରେ ଜଣେ ଲବ୍ଧପ୍ରତିଷ୍ଠ ସ୍ରଷ୍ଟା । ଗୀତିକବିତା ପ୍ରତି ଆନ୍ତରିକତା ତାଙ୍କର ଅପରିସୀମ ।

ଭକ୍ତି ଭିତ୍ତିକ କବିତା ଗୁଡ଼ିକ ତାଙ୍କର ଗଭୀର ଆବେଦନର ପ୍ରତୀକ । ଅଦୃଶ୍ୟ ଶକ୍ତି ପ୍ରତି ଗଭୀର ବିଶ୍ୱାସ ଓ ଆସ୍ଥା ଏଥିରେ ପ୍ରକଟିତ । ସେହି ଶକ୍ତି କୌଣସି ଦେଶ ଧର୍ମ ଜାତି ବା ସଂସ୍କୃତିରେ ବନ୍ଧା ନୁହନ୍ତି । ସେ ଚିର ପରିବ୍ୟାପ୍ତ ଏକ ସାର୍ବଜନୀନ ସତ୍ତା ବୋଲି କବି ଉଲ୍ଲେଖ କରିଛନ୍ତି। ସମର୍ପଣ ଓ ଆତ୍ମନିବେଦନ ଭଗବତ ଭକ୍ତିର ଅସଲ ଐଶ୍ୱର୍ଯ୍ୟ । ଅନୁଭବର ଆଲୋକରେ ଆଲୋକିତ ହୋଇ ପ୍ରତ୍ୟେକ ଭଜନ ବା ଜଣାଣ ଅନ୍ୟକୁ ଦିଗ ଦେଖାଏ । ସେହି ଅନନୁମେୟ ଅଥଚ ଅନୁଭବ୍ୟ ଭଗବତ ସତ୍ତାର ଜୟଗାନ କରି ସେ କହିଛନ୍ତି –

''ତୁମରି ପରଶେ ଜଡ଼ରେ ଚେତନା
ସ୍ଥିର ହୁଏ ଗତିଶୀଳ
ମୃତ୍ୟୁ ଯେ ହୁଏ ଅମୃତମୟ
ଝରେ ପ୍ରୀତି ନିର୍ଝର ।''

ଜାତୀୟତାବାଦର ନିର୍ମଳ ନିରାଜନା କବିକୃତ କେତେକ ସୃଷ୍ଟିରେ ପରିଦୃଷ୍ଟ ହୁଏ । ଜାତୀୟତାବାଦାର ଆଧାରରେ ଆନ୍ତର୍ଜାତିକତାବୋଧ ଆଧାରିତ ହୋଇପାରେ, ଶ୍ରୀଯୁକ୍ତ ସିଂହ ଏହି ଭାବଧାରାରେ ଅବଗାହୀ ଏକ କବି । ଭାରତର ବାର୍ତ୍ତା କାଳେକାଳେ ଶାନ୍ତିର ବାର୍ତ୍ତା ବୋଲି କବି କହିବା ସହିତ ଭାରତର ପାଣି ପବନରେ ଅନନ୍ୟ ମଧୁରତାର ସ୍ୱର୍ଶ ସେ ଉପଲବ୍ଧ କରିଛନ୍ତି।

ପ୍ରେମମୂଳକ ଗୀତିକବିତା କ୍ଷେତ୍ରରେ କବିଙ୍କର କୃତିତ୍ୱ ସ୍ୱୀକାରଯୋଗ୍ୟ । ଏହି ପ୍ରେମ ହିଁ ଜୀବନବୋଧର ଅନ୍ୟନାମ, ଆତ୍ମଅନୁମୋଦନର ଅନ୍ୟତମ ପରିଭାଷା ଓ ଆତ୍ମଗ୍ରହଣର ଅନ୍ୟ ଏକ ଯୋଗଫଳ । ପ୍ରେମ ନାହିଁ ତ ଜୀବନ ନାହିଁ । ଏହି ପ୍ରେମ ହିଁ ଜୀବନକୁ ଶସ୍ୟ କେଣ୍ଡାପରି ସମ୍ଭାରି ରଖେ, ଦୁଃଖରେ ହସିଦେବା ପାଇଁ ବଳଦିଏ । ଏହି ଅନୁଚିନ୍ତାରେ ଗଭୀର ଆସ୍ଥା ଓ ବିଶ୍ୱାସ କବିଙ୍କର ରହିଛି ।

ପ୍ରକୃତିର ଚାରୁଚିତ୍ର ଅଙ୍କନରେ କବି ସିଦ୍ଧହସ୍ତ । ବର୍ଷା, ବସନ୍ତ, ହେମନ୍ତ, ପ୍ରଭୃତି ପରିବେଶର ମହତ୍ତ୍ୱ ତାଙ୍କ ଲେଖନୀରେ ଆତ୍ମ ପ୍ରକାଶିତ ।

ବର୍ଷାକାଳର ବର୍ଣ୍ଣନା କବିଙ୍କ ଲେଖନୀରେ ଅନନ୍ୟ ହୋଇଉଠିଛି । ଉପରେ ମେଘଡଙ୍କା ଆକାଶ, ତଳେ ଲହରୀମାଳରେ ଅଧୀର ନୀଳସାଗର । ଘଡ଼ଘଡ଼ିସ୍ୱରରେ ବିଳାସୀମେଘର ଜଳତରଙ୍ଗ ବାଜିବା କଥା କବି କହିଛନ୍ତି । ବହୁ ପ୍ରଶଂସିତ ସେହି ଗୀତିକବିତାର ଏକ ଅଂଶ ଏହିପରି–

''ସାଗରେ ଅଧୀର ନୀଳତରଙ୍ଗ,
ଆକାଶେ କଜ୍ଜଳ ମେଘର ରଙ୍ଗ ।''

କବିଙ୍କ ଲେଖନୀ ଅଦ୍ୟାବଧି ଚଳଚଞ୍ଚଳ ରହିଛି । ତାଙ୍କର ଲେଖନୀ ଆହୁରି ଦୀର୍ଘଦିନ ଚଳଚଞ୍ଚଳ ରହୁ ।

ନିର୍ମଳା ଦେବୀ –

ପ୍ରଣୟାନୁଭୂତି, ମାନବପ୍ରୀତି, ପ୍ରକୃତିପ୍ରୀତି ଓ ଈଶ୍ୱରପ୍ରୀତିର ମୁଗ୍ଧ ଉପାସିକା ନିର୍ମଳାଦେବୀ ଓଡ଼ିଆ ଗୀତିସାହିତ୍ୟର ଏକ ବିଶିଷ୍ଟ ପ୍ରତିଭା । ୧୯୦୭ ମସିହାରେ ତାଙ୍କର ଜନ୍ମ ହୋଇଥିଲା ଏବଂ ସତୁଜର ସମୟରୁ ସେ ତାଙ୍କର କବିତା ରଚନା କରିଥିଲେ ହେଁ ସେହି କବିତା ଗୁଡ଼ିକ ବହୁ ପରେ ଅର୍ଥାତ୍ ସ୍ୱାଧୀନତା ପରବର୍ତ୍ତୀ ସମୟରେ ପୁସ୍ତକ ଆକାରରେ ପ୍ରଣୀତ ହୋଇଛି । ସେଥିମଧ୍ୟରୁ **'ଦିନାନ୍ତେ'**, **'ସୀମାନ୍ତେ'** ଏବଂ **'ବର୍ଣ୍ଣରାଗ'** ଏକ ଏକ ଉଲ୍ଲେଖନୀୟ କୃତି ।

ମାନବ ପ୍ରୀତି ତାଙ୍କ ରଚିତ କେତେକ କବିତାର ଉଷାମୁକୁଟ ହୋଇ ପ୍ରକଟିତ ହୋଇଛି । କେବେ ସେ ପ୍ରସନ୍ନା ତାପସୀ ପରି ଉଦାସ ଦୃଷ୍ଟିରେ ଜୀବନକୁ ତଥା ମାନବ ଜାତିକୁ ଦେଖିଲାବେଳେ ଆଉ କେବେ ଅନୁରାଗ ଭରା ଆବେଗମୟ ଦୃଷ୍ଟିରେ ଜୀବନକୁ ତଥା ଜଗତକୁ ଦେଖିଛନ୍ତି । ପ୍ରଣୟିନୀର ମନ ନେଇ ଜୀବନକୁ ଦେଖିଲାବେଳେ ତାଙ୍କୁ ମନର ମଣିଷ ତାଙ୍କ ପାଖେ ପାଖେ ଥିଲା ପରି ଜଣାପଡ଼ିଛି, ପୁଣି କେତେବେଳେ ଏପରି ଅନୁଭବ ହୋଇଛି ଯେ ସେ ଭାରି ଏକା ଏକା, କେହି ତାଙ୍କ ପାଖରେ ନାହାଁନ୍ତି । ସେତେବେଳେ ପ୍ରଣୟ ପ୍ରତୀକ୍ଷାର ଧାରେ ଧାରେ ନିରାଶାର ଘନ କୃଷ୍ଣ ବାଦଲ ଘେରିଯାଇଛି । କବିଙ୍କ ଭାଷାରେ –

''ଚନ୍ଦନ ଚୂଆ ମୋର ହେଲାଣି ବାସି
ସରାଗ – ଫୁଲମାଳା ମଉଳେ ଆସି'' (ଦିନାନ୍ତେ)

ତେବେ ଏକଥା ସ୍ୱୀକାର୍ଯ୍ୟ ଯେ ହତାଶା ଅପେକ୍ଷା ଆଶାର ରଙ୍ଗରାଗରେ କବିମାନସ ଅଧିକ ରଞ୍ଜିତ । ପ୍ରଣୟ ପଖଳା ଭାବାବେଶରେ କବିଚିତ୍ତରେ ଏକାଧାରରେ ଅନୁଭୂତ ହୋଇଛି ଶରତର ଉଜ୍ଜ୍ୱଳତା, ହେମନ୍ତର ଅନୁରାଗ, ବସନ୍ତର ପ୍ରଫୁଲ୍ଲତା ଓ ଗ୍ରୀଷ୍ମର ତେଜଦୀପ୍ତତା ପୁଣି ବର୍ଷାର ପ୍ରବହମାନତା। 'ସୀମାନ୍ତେ' କବିତା ଗୁଚ୍ଛରେ ଅନୁଭୂତି ଅଧିକ ଉପସ୍ଥାପିତ ହୋଇଛି । ସ୍ମୃତିର କୋଣାର୍କ ତହିଁରେ ଭଗ୍ନ ହେଲେ ହେଁ ଜୀବନ୍ତ ରହିଛି । କୁନ୍ଦକୁସୁମର ମାଳା ଗୁଣ୍ଠି, ଜାଗର ଦୀପ ଜାଳି ଜୋଛନାରେ ଭିଜି ଭିଜି ଅନେକ ସ୍ମୃତିର ଯଥାଯୋଗ୍ୟ ଉପାସନା ସେ କରିଛନ୍ତି ।

ନିମାଇଁ ବାନାର୍ଜୀ –

ସର୍ଜନାରେ ଭୂମି ସହିତ ଭୂମାଙ୍କର ସମନ୍ୱୟ ଦକ୍ଷତା ହିଁ କବିତ୍ୱର ଅନ୍ୟତମ ସାର୍ଥକତା । ଖାଲି ଭୂମିକଥାଟି କହିଲେ କଥାଟି ଯେପରି ଅପୂର୍ଣ୍ଣ ରହେ, ଖାଲି ଭୂମା କଥା କହିଲେ କଥାଟି ମଧ୍ୟ ସେପରି ଅପୂର୍ଣ୍ଣ ରହେ । ଯେଉଁ ସାହିତ୍ୟିକଙ୍କ ସୃଷ୍ଟିରେ ଉଭୟର ସଂଯୋଜନା ଥାଏ ସେହି ସୃଷ୍ଟି ସ୍ୱତନ୍ତ୍ର ଦୀପ୍ତି ଓ ଦ୍ୟୁତିର ଅଧିକାରୀ ହୋଇଥାଏ । ଭଗବାନ ଭାବମୟ । ସେ ବ୍ରହ୍ମ, ସେ ଶକ୍ତି । ସେ ପୁରୁଷ, ସେ ହିଁ ପ୍ରକୃତି । ସେ ଯୋଗେଶ୍ୱର, ସେ ପୁଣି ଯୋଗମାୟା। ସେ ସତ୍ତା, ସେ ପୁଣି ଶକ୍ତି । ଏକ ହିଁ ମୁଦ୍ରାର ଦୁଇପାଖ । ଏହି ତତ୍ତ୍ୱଟି ଶ୍ରୀଯୁକ୍ତ ବାନାର୍ଜୀଙ୍କ ରଚିତ କେତେକ ଗୀତିକବିତାରେ ଉପସ୍ଥାପିତ ହୋଇଛି । ଏହି ଭାବରେ ଭାବିତ ହୋଇ କବିଙ୍କ ଅନ୍ତର ପୁଲକିତ ହୋଇଛି । କଣ୍ଠରେ ତାଙ୍କର ପ୍ରୀତିପ୍ରବଣ ଗୁଣୁଗୁଞ୍ଜନ ସୃଷ୍ଟି ହୋଇଛି ।

''ଆକାଶ ନୀଳିମା, ଜହ୍ନର ଜୋଛନା
ଜଳ ଶୀତଳତା, ଘାସ ସବୁଜିମା
ଫୁଲର ସୁବାସ
ଶିଶୁର ସୁହାସ
ନାନା ଭାବେ ଏଇ ସୃଜନ ଭିତରେ ଚଉଦିଗେ ଅଛୁ ଘେରି ।''

ସିଏ ଘଟ, ସିଏ ପୁଣି ମଠ । ସିଏ ଘଟାକାଶ, ସିଏ ପୁଣି ମଠାକାଶ । ସିଏ ନିଃଶ୍ୱାସ, ସିଏ ପୁଣି ପ୍ରଶ୍ୱାସ । ସିଏ ଆତ୍ମା, ସିଏ ପୁଣି ପରମାତ୍ମା, ସିଏ ବ୍ୟକ୍ତି, ସିଏ ପୁଣି ବିଶ୍ୱ । ସବୁ ସିଏ, ସବୁକିଛି ତାଙ୍କରି ଆତ୍ମରୂପାୟନ । ବ୍ୟାବହାରିକ ନାମ ଓ ଗୁଣ କେବଳ ଭିନ୍ନ ଭିନ୍ନ । ସିଏ କୂଅ ଭିତରେ ଭରାମାଠିଆ, ସିଏ ପୁଣି ଭରାମାଠିଆ ଭିତରେ କୂଅ । ଏହି ଅନୁଚିନ୍ତା କବିପ୍ରାଣକୁ ଆଲୋଡ଼ିତ କରିଛି। ସେ କହିଛନ୍ତି –

''ତୁମେ ଗୋ ବିଶ୍ୱ
ଶ୍ୱାସ ପ୍ରଶ୍ୱାସ
ରହିଅଛ ମୋ ଅନ୍ତରେ
ହେ ମୋର ଆତ୍ମା, ହେ ପରମାତ୍ମା
ମୁଁ ବଞ୍ଚେ ତୁମ ଭିତରେ
ତୁମର ମୋହର ଏକାକାର ଭାବ ଦିଏ ସଦା ବରାଭୟ
ତୁମେ ମୋ ଅନ୍ତରମୟ ।''

ଏତଦ୍ ବ୍ୟତୀତ ଏହି ପୁସ୍ତକର ଆଉ କେତେକ ସୃଷ୍ଟିରେ ମନକୁନିତ୍ୟ ବୃନ୍ଦାବନ, ଭକ୍ତିକୁ ଚିର ଅମଉଳା ଫୁଲ ବୋଲି କବି ବିଚାର କରିଛନ୍ତି । ଏହା ସ୍ୱୀକାର୍ଯ୍ୟ ଯେ କବିକୃତ ଭକ୍ତିଗୀତିକା ଗୁଡ଼ିକରୁ ଅଧିକାଂଶ ରୁଚିକର ଓ ସୁଖପାଠ୍ୟ ।

ପ୍ରେମଲତା ସାମଲ –

କବି ଶ୍ରୀମତୀ ସାମଲ ଆଧୁନିକ ଓଡ଼ିଆ ଗୀତିକବିତା ରଚନା କ୍ଷେତ୍ରରେ ଜଣେ ସଫଳ ସ୍ରଷ୍ଟା । ରଚନାରେ ତାଙ୍କ ବିଭୁଭକ୍ତିର ସ୍ୱର ଉଦାତ୍ତ । ଜୀବନର ସମସ୍ତ ଅପୂର୍ଣ୍ଣତାକୁ ଭୁଲି ସେ ଚାହିଁଛନ୍ତି ସର୍ବତୋଭାବେ ଭଗବାନଙ୍କ ପାଦ ପଦ୍ମରେ ଶରଣ ନେବାକୁ । ଆତ୍ମସମର୍ପଣ ହିଁ ଭଗବତକୃପାର ଚାବିକାଠି । ତାହା ଅହଂର ବିଲୋପ ଘଟାଏ, ବ୍ୟକ୍ତିଚେତନାକୁ ବିକଶିତ କରେ ଓ ସର୍ବୋପରି ଜୀବନକୁ ସାର୍ଥକ କରେ । ବିଭୁକୃପା ଥିଲେ କୌଣସି ଶତ୍ରୁଶକ୍ତି କିଛି ଅନିଷ୍ଟ କରିପାରେ ନାହିଁ । ସେତେବେଳେ ଦୁର୍ବଳତା ହୋଇଯାଏ ସାମର୍ଥ୍ୟର ଅନ୍ୟନାମ, ବିପଦ ହୋଇଯାଏ ସମ୍ପଦର ଅନ୍ୟରୂପ, ଏହି ଚିନ୍ତାଧାରାରେ ବିଶ୍ୱାସ ରଖି କବି କହନ୍ତି ଯେ ତାଙ୍କର ଧନଜନ ଗୋପଲକ୍ଷ୍ମୀର ଆବଶ୍ୟକତା ନାହିଁ, ଆବଶ୍ୟକତା ରହିଛି କେବଳ ପ୍ରଭୁଙ୍କର ଶୁଭାଶୀର୍ବାଦ। ସେ କହନ୍ତି –

''ମଣିମାଣିକ କାଞ୍ଚନ ମୁଁ କରିନାହିଁ ଆଶା
ଅଳି କରି ନାହି କେବେ ମୁଁ ଅଳକା ପୁରୀ''

କବିଙ୍କର ରୋମାଣ୍ଟିକ ଭାବନା ଅତ୍ୟନ୍ତ ହୃଦ୍ୟ । ଅତୀତର ସ୍ମୃତି ଚାରଣରେ ତାଙ୍କ ରଚନାର ନାୟକ ନାୟିକା ଭାବାବିଷ୍ଟ । ଗୀତିକବିତାର ଭାଷା ତାଙ୍କର ସରଳ ଓ ବୋଧଗମ୍ୟ । ଲଳିତ ସୁକୁମାର ଭାବବିଭବରେ

ବିମଣ୍ଡିତ ହୋଇ ତାଙ୍କ ସୃଷ୍ଟି ସମ୍ଭାର ପାଠକୀୟ ଆଦୃତି ଲାଭ କରିଛି ।

ବିନୋଦିନୀ ଦେବୀ –

କବି କୃତି ମଧ୍ୟରେ 'ଅମୃତା', 'ଟିକିଟିକି ନାଲି କାଇଁଚ' ଓ 'ଏଇ କଳା ମୋର କଳଙ୍କ' ଅନ୍ତର୍ଭୁକ୍ତ । ତାଙ୍କର ଗୀତିକବିତାରେ ଗ୍ରାମ୍ୟ ପରିବେଶର ପଦଚିହ୍ନ ଅଧିକ ଦେଖିବାକୁ ମିଳେ । ଏତଦ୍‌ବ୍ୟତୀତ ଭକ୍ତିଭାବନା ଓ ପ୍ରେମପ୍ରଣୟଚେତନାର ସ୍ଥିତି ଲକ୍ଷ୍ୟ କରି ହୁଏ । ଶ୍ରୀ ଜଗନ୍ନାଥ, ଶ୍ରୀକୃଷ୍ଣ ଓ ଦେବୀବନ୍ଦନା ରଚନାରେ ତାଙ୍କର କୃତିତ୍ୱ ସ୍ୱୀକାର୍ଯ୍ୟ । ଶ୍ରୀଜଗନ୍ନାଥଙ୍କ ପାଇଁ ତାଙ୍କର ନମ୍ରନତ ଉକ୍ତି ଏହିପରି –

''ସେତ ଭକତ ଭାବରେ ବନ୍ଧାରେ
ସେତ ଭକତ ଜୀବନ ଧନ
ତୁ ତାକୁ ଖୋଜିଲେ ସେ ତୋତେ ଖୋଜିବ
ସିଏ ତୋ ହୃଦ ଚନ୍ଦନ ରେ
ଉଣାକର ନାହିଁ ମନ ।''

ପଲ୍ଲୀଭାବର ସୁବାସରେ ସୁବାସିତ ବହୁ ଗୀତିକବିତାର ସ୍ରଷ୍ଟା ବିନୋଦିନୀ ଦେବୀ ଏକ ଅନନ୍ୟ ପ୍ରତିଭା । ଅନ୍ତରର ଗଭୀରତାରୁ ଝରି ଆସୁଥିବା ତାଙ୍କର ଗୀତିକବିତାଗୁଡ଼ିକରେ ସ୍ୱାଭାବିକତା ଏବଂ ସରସତା ଲକ୍ଷ୍ୟ କରିହୁଏ । ପଲ୍ଲୀରେ ବ୍ୟବହୃତ ପ୍ରବାଦ, ପ୍ରବଚନ ଏବଂ ଛଟା ପ୍ରଭୃତିର ସଫଳ ପ୍ରୟୋଗ ତାଙ୍କର କେତେକ ରଚନାରେ ପରିଦୃଷ୍ଟ ହୁଏ । ବୌଦ୍ଧିକତା ଓ ହୃଦୟବତ୍ତାର ଅନୁପମ ସମନ୍ୱୟ ତାଙ୍କ କବିତ୍ୱର ଅନ୍ୟତମ ବୈଶିଷ୍ଟ୍ୟ । ଏହିପରି ରଚନାର ପାଠକୀୟ ଆବେଦନ ସ୍ୱତନ୍ତ୍ର । ନନ୍ଦକିଶୋର ବଳଙ୍କ ପଲ୍ଲୀପ୍ରାଣତା କବିଙ୍କୁ ପ୍ରଭାବିତ କରିଛି । ପଲ୍ଲୀ ସଂସ୍କୃତିକୁ ଅଧିକ ଜୀବନ୍ତ ଓ ଜାଗ୍ରତ କରିବା ନିମନ୍ତେ ବିନୋଦିନୀ ଦେବୀଙ୍କର ପ୍ରୟାସ ଓ ପ୍ରଚେଷ୍ଟା ଅଭିନନ୍ଦନୀୟ । ତାଙ୍କ ଭାଷାରେ – ''ବିସ୍ମୃତି ଗର୍ଭରେ ହଜିଯାଇଥିବା ଏହି ପଲ୍ଲୀଗୀତଗୁଡ଼ିକ ମୋର ପ୍ରିୟ ପାଠକ ପାଠିକାମାନଙ୍କ ହୃଦୟକୁ ସ୍ପର୍ଶ କରିପାରିଲେ ମୋର ସାଧନା ସଫଳ ହେବ ।''

'ରକତ ଟଳମଳ ଖଇର ପାଞ୍ଚ ପଳ' 'କାଚ ତ କାଚ ମଣି ତ ମଣି','ରୂପାନଦୀ ତୀରରେ','ଜହ୍ନିଫୁଲ ଠୋ – –ଠା','ମିନି ...ମିନି...ମିନି' ଓ 'ତୁଚ୍ଛାକୁ ମହୁ' ପ୍ରଭୃତି ଗୀତିକବିତା ତାଙ୍କର ଅତି ପରିଚିତ ଓ ପ୍ରତିଷ୍ଠିତ । ଭାବର ପ୍ଲାବନରେ ସିକ୍ତ ହୋଇ ଏହି ସର୍ଜନାଗୁଡ଼ିକ ପାଠକ ପ୍ରାଣରେ ଶାନ୍ତି ଓ ଶୀତଳତା ଭରି ଦିଅନ୍ତି । 'ତୁଚ୍ଛାକୁ ମହୁ' – ରେ ଆସନ୍ନ ବିବାହ–କାଳୀନ କୁମାରୀ ମନର ଚାରୁଚିତ୍ର ପ୍ରଦତ୍ତ । ନବବଧୂର ଆନମନା ଭାବ ସୁନ୍ଦର ଶବ୍ଦମାନଙ୍କରେ ଉପସ୍ଥାପନା କରିବାକୁ ଯାଇ କବି କହନ୍ତି –

''ଭାତ ଫୁଟୁଥିବ ଟବର ଟବର
ପିଣ୍ଡ ପଡୁଥିବ ଡ଼େଇଁ
ଜାଳୁ ଜାଳୁ ଚୁଲି ଜାଳିଥିବୁ କାନି
କାଳେ ଆନମନା ହୋଇ,
ନୂଆ ଘରଣୀ ତୋ ମନ ଉଛାଟିଆ
ଅଳପ ଅଳପ ଉଚ୍ଛୁର ହେଉ''

ତାଙ୍କ ଗୀତିକବିତାଗୁଡ଼ିକରେ ବ୍ୟବହୃତ କେତେ ଲୋକ ଉକ୍ତି ଏହିପରି – 'ରଙ୍କ ପାଇଲେ ଝରି/ ପାଣି ପିଇ ପିଇ ମରି', 'ସେ ତ କଂସାରି ଘରର ପାରା/ ତାକୁ କୁଲା ଢାଙ୍ଉଁ ଢାଙ୍ଉଁ ଡରା','ଆ...ଖିଲିପାନ

ବଣକୁ ଯିବା/ ପାଚିଲା ପାଚିଲା କେନ୍ଦୁ ଖାଇବା', 'ଜହ୍ନି ଫୁଲ ଠୋ - ଠୋ/ କାକୁଡ଼ି ଫୁଲ ଠୋ - ଠୋ', 'ଝୁଲରେ ହାତୀ ଝୁଲୁ/ ବାଆ ପାଣି ଖାଇ ଫୁଲୁ' ।

ଅଳ୍ପ ଶବ୍ଦରେ ହୃଦୟର ଅସରନ୍ତି କଥା ପ୍ରକାଶ କରିବାର ଅନବଦ୍ୟ କୃତିତ୍ୱ ତାଙ୍କର ରହିଛି । ଭାବାନୁସାରୀ ଭାଷା ପ୍ରୟୋଗ କ୍ଷେତ୍ରରେ ତାଙ୍କର ଦକ୍ଷତା ଅଭିନନ୍ଦନୀୟ । କବି ବିନୋଦିନୀ ଦେବୀଙ୍କ ଗୀତିକବିତା ଗୁଡ଼ିକରେ ବୌଦ୍ଧିକତା, ହୃଦୟବତ୍ତା, ସଚେତନନତାର ସମନ୍ୱିତ ରମ୍ୟଝଲକ ଅତ୍ୟନ୍ତ ମନୋଜ୍ଞ ଓ ଶୋଭନୀୟ ।

ବିପିନ ବିହାରୀ ମହାନ୍ତି –

'ନାଲି ନାଲି କୃଷ୍ଣଚୂଡ଼ା' ପୁସ୍ତକର କବି ବିପିନ ବିହାରୀ ମହାନ୍ତିଙ୍କର ସୃଜନଶୀଳତା ଅଭିନନ୍ଦନୀୟ । ଏଇ ଶୀର୍ଷକ ଗୀତିକବିତାର ଲୋକପ୍ରିୟତା ଅଧିକ । ଯାହାର ପଦଟି ଏହିପରି –

''ନାଲିନାଲି ଏଇ କୃଷ୍ଣଚୂଡ଼ା
ଡାକଇ ମୋତେ ଡାକଇ
ମଧୁ ପିଇବାକୁ ଯିବି ମୁହିଁ ଯିବି
ଉଡ଼ି ଭ୍ରମର ହୋଇ''

ଭକ୍ତିଗୀତି ଓ ଆଧୁନିକ ଗୀତି ଉଭୟ କ୍ଷେତ୍ରରେ ତାଙ୍କର ଲେଖନୀ ଚଳଚଞ୍ଚଳ । ଜୀବନକୁ ଶ୍ରଦ୍ଧା କରିବା ସହିତ ଜଗତକୁ ଶ୍ରଦ୍ଧା କରିବାର କଳାତ୍ମକତା ତାଙ୍କ ପାଖରେ ରହିଛି । ଦେଶାତ୍ମବୋଧର ସୁବର୍ଣ୍ଣ ଆଲେଖ୍ୟ ତାଙ୍କ ରଚିତ କେତେକ ଗୀତିକବିତାରେ ଅଙ୍କିତ । ଶ୍ରୀଜଗନ୍ନାଥଙ୍କ ମହିମାରେ ବିମଣ୍ଡିତ ଲିପିମାଳାରେ ପ୍ରସ୍ଫୁଟ ପୁସ୍ତକ 'ଏତିକି କରୁଣା କର ଜଗନ୍ନାଥ' ଏକ ଅନବଦ୍ୟ କୃତି । 'ଏକ ମା'ର ସନ୍ତାନ ଆମେ' ପୁସ୍ତକରେ ତାଙ୍କ ରଚିତ ଦେଶାତ୍ମବୋଧ ଗୀତିକବିତାରୁ କେତେକ ସ୍ଥାନିତ । ସରଳ ଓ ସାବଲୀଳ ଭାଷାରେ ହୃଦୟର ଅନୁଭବକୁ ସେ ଲିପିବଦ୍ଧ କରିଛନ୍ତି ସ୍ୱରଚିତ ଗୀତି ସାହିତ୍ୟରେ । ସାହିତ୍ୟ ସର୍ଜନା ବ୍ୟତୀତ ତାଙ୍କର ଅଭିନୟ କଳା କୌଶଳ ମଧ୍ୟ ଉଚ୍ଚକୋଟୀର । ବିଦ୍ୟାଳୟ ତଥା ମହାବିଦ୍ୟାଳୟମାନଙ୍କରେ ଅଭିନୟ କୌଶଳ ଯୋଗୁଁ ତାଙ୍କର ଜନପ୍ରିୟତା ରହିଛି । ସଂଗୀତ ଶିଳ୍ପୀ ଭାବରେ ତାଙ୍କର କୃତବିଦ୍ୟତା ସ୍ୱୀକାର୍ଯ୍ୟ ।

ବିଜୟ କୁମାର ମହାନ୍ତି –

ସ୍ମୃତି, ସ୍ୱପ୍ନ ଓ ସମ୍ଭାବନାର କିଶଳୟରେ କବି ଶ୍ରୀଯୁକ୍ତ ମହାନ୍ତିଙ୍କର ମନ ବନଭୂମି ବେଳେବେଳେ ଭରିଯାଏ । ପୁଣି କେତେବେଳେ ଗୋଧୂଳି ଫେରିଆସେ ମନ ଆକାଶରେ, ଅକୁହା କାମନା ରୂପ ପାଏ ସୁରହଜା ଗୀତରେ । ଜୀବନର ସାଥୀ ପର ହୁଏ, ଲୁହ ଆଉ ଲହୁରେ ସିକ୍ତ ହୁଏ ବୁକୁ, ଛନ୍ଦହରା ହୁଏ ରାଗିଣୀ । ସ୍ୱପ୍ନର ରାଜକୁମାର ହୋଇ ବେଳେବେଳେ ବିରାଜମାନ କରେ କବିଙ୍କର ମନ, ମାତ୍ର ତା ଭିତରେ ଭିତରେ ଜଳୁଥାଏ ଅସହାୟତାର ଅନଳ ଶିଖା । ଜୀବର ଜୀବନକୁ ଖୋଜି ଖୋଜି ଚାଲନ୍ତି କବି ନିଜ ଚେତନାରେ, ଚିନ୍ତାରେ ପୁଣି ଅକ୍ଷୟ ଅକ୍ଷରରେ । ଏମିତି ପଥଚଲାରେ ଅପମାନ ହୁଏ ଦେହର କବଚ, ଆଉ ଅଭିମାନ ହୁଏ ଜନମର ସାଥୀ । କବିଙ୍କର ଭାଷାରେ –

ଅଭିମାନ ମୋର ଜନମର ସାଥୀ
କେମିତି ଛାଡ଼ିବି କହ
ଅପମାନ ମୋର ଦେହର କବଚ
କାହିକି ଢାଳିବି ଲୁହ

ହତାଶାର ମରୁବାଲିରେ ଚାଲୁଥିଲା ବେଳେ ସ୍ମୃତି କେତେ ଉଙ୍କିମାରେ ତାଙ୍କ ମାନସ ପଟରେ । ମନର ମାନସୀ ସତେ ଅବା କଥା ଦେଇ କଥା ରଖିପାରିନି । ଆଶା ସବୁ ବାସି ଶାଗ ପରି ମଉଳି ଯାଇଛି ।

କବିଙ୍କ ଭାଷାରେ –

ଭାବରେ ଅଭାବ ତୁମେ ଦେଲ ଭରି
ଆକାଶର ଫୁଲ ଛୁଇଁ
ଛଳନା ନକରି ବଞ୍ଚିଛି ମୁଁ ଆଜି
ମଲା ଜହ୍ନଟିଏ ହୋଇ ।

ମନର ମଣିଷ ପାଇଁ ତଥାପି ରହିଛି ମନରେ ତାଙ୍କର ଶ୍ରଦ୍ଧାଶୀଳତା, ଅନ୍ତରରେ ସସ୍ନିଗ୍ଧ ଚାରୁତା । ତା' ଗାଁର ଭିଜାମାଟିର ଗନ୍ଧ କବିଙ୍କୁ ଭାବବିଭୋର କରିଛି । ତା' ଗାଁର ପୋଖରୀରେ ଫୁଟିଥିବା କଇଁଫୁଲ ଭାରି ସୁନ୍ଦର ଦିଶିଛି କବିଙ୍କୁ । କବିଙ୍କ କଥାରେ –

ତମ ଗାଁର ସେ ଭିଜାମାଟି ଗନ୍ଧ
ଚନ୍ଦନ ସୁବାସୁ ଯାଏ ବଳି
ମମତା ଫୁଲର ମଧୁ ଟିକେ ପିଇ
ହସୁଥାଏ ଖାଲି ମନ–ଅଳି ।

ଗୀତିକବିତା ରଚନା କ୍ଷେତ୍ରରେ କବି ବିଜୟ କୁମାର ମହାନ୍ତିଙ୍କର ଗଭୀର ଆନ୍ତରିକତା ରହିଛି । ଅନ୍ତରର ମାଦକତା ଓ ହୃଦୟର ଭାବ ପ୍ରବଣତା କବିଙ୍କ ରଚନାରେ ସ୍ପଷ୍ଟ । କବିଚିତ୍ତର ସ୍ୱର୍ଶକାତରତା ପ୍ରାୟ ପ୍ରତ୍ୟେକ ଗୀତିକବିତାରେ ଲକ୍ଷ୍ୟଣୀୟ । ଶବ୍ଦ ଯୋଜନାରେ ସାବଲୀଳତା ବିଦ୍ୟମାନ ଥିବା ସମୟରେ ଭାଷା ହୋଇଛି ଭାବାନୁସାରୀ । ସର୍ବୋପରି କବି ଶ୍ରୀଯୁକ୍ତ ମହାନ୍ତିଙ୍କର ଗୀତିକବିତା ଗୁଡ଼ିକ ସୁଖପାଠ୍ୟ ଓ ଅନୁଭବ୍ୟ ।

ବସନ୍ତ କୁମାର ପାଣିଗ୍ରାହୀ –

କବିତ୍ୱର ବିମଳ ଝଲକରେ କବିଚିତ୍ତ ପ୍ରୀତି ପୁଲକିତ ହୁଏ । କେତେବେଳେ ତହିଁରେ ବହୁବର୍ଣ୍ଣାଫୁଲ ଫୁଟିଯାଏ । ସେ ଫୁଲର ମହମହ ସୁବାସରେ ବାତାବରଣ ମନ୍ତ୍ରମୁଗ୍ଧ ହୋଇଯାଏ । କ୍ଷଣକ ପାଇଁ ହେଲେ ମଧ୍ୟ ମନରୁ ସମସ୍ତ ଦୁଶ୍ଚିନ୍ତା, ଦୁଃଖ ଓ ଅବସାଦ ଦୂର ହୋଇଯାଏ । ଏଥି ସହିତ ଜୀବନ ଜଞ୍ଜାଳର ଦାରୁଣ ଚିତ୍ର ମଧ୍ୟ କବିଙ୍କ ଲେଖନୀରେ ରୂପାୟିତ ହୁଏ । କବି ବସନ୍ତ କୁମାର ପାଣିଗ୍ରାହୀଙ୍କ କେତେକ ଗୀତିକବିତାରେ ଜୀବନର ଅପୂର୍ଣ୍ଣତା ସ୍ୱୀକୃତ ହୋଇଛି । ଭଗବାନ ଏହି ଅପୂର୍ଣ୍ଣତାକୁ ଗ୍ରହଣ କରନ୍ତୁ ବୋଲି ସେ ପ୍ରାର୍ଥନା ଜଣାଇଛନ୍ତି, ଝରା ଶେଫାଳି ଓ ଲିଭା ସଳିତା ବୋଲି ନିଜକୁ ଅଭିହିତ କରିଛନ୍ତି ।

ତାଙ୍କ ଭାଷାରେ –

''ଝରା ଦୀପାଳିର ଲିଭା ସଳିତା ମୁଁ
ଝରା ଶେଫାଳିର ମଉଳା ତନୁ ମୁଁ
ଅପୂଜା ଦିଅଁ ମୁଁ ଦେଉଳେ
ଅତୁଝା ମନ ମୋ ତିଳତିଳ ଜଳେ''

ବିଷ୍ଣୁ ସାହୁ –

ବିଷ୍ଣୁ ସାହୁଙ୍କ ଗୀତିକବିତାରେ ବିଭୁଭକ୍ତି, ପଲ୍ଲୀପ୍ରାଣତା, ଦେଶପ୍ରେମ ଓ ମାନବିକ ପ୍ରୀତିପ୍ରବଣତା ଦେଖିବାକୁ ମିଳେ । ପରମପ୍ରଭୁଙ୍କର ପାଦରେ ନୂପୂର ଓ ଅଧରେ ବଂଶୀ ହୋଇ ପ୍ରଭୁଙ୍କର ଅଙ୍ଗ ସ୍ପର୍ଶ ଜନିତ ଦିବ୍ୟାନନ୍ଦ ଲାଭ କରିବାକୁ ତାଙ୍କର ଅଭୀପ୍ସା ବରଣୀୟ । ଅରୂପରେ ଯାହାର ରୂପଶୋଭା ଲହରୀ ପରି ପହଁରିଯାଏ, ନିଃଶବ୍ଦରେ ଯାହାର ସୁଲଳିତ ଧ୍ୱନିମାଳା ଅର୍କେଷ୍ଟ୍ରାର ରୂପ ନିଏ, ହସ ଯାହାର ଫୁଲପରି ଫୁଟିଯାଏ, ସୌନ୍ଦର୍ଯ୍ୟରେ ଯାହାର ପାଦଚିହ୍ନ ଉଜୁଟିଉଠେ ସେହି ବିଶ୍ୱପ୍ରେମିକଙ୍କୁ କେତେବାଗରେ ଦେଖିବାକୁ କବିଚିତ୍ତ ପ୍ରୟାସ କରିଛି। ମନର କେତେ ସ୍ତରରେ କେତେ ପ୍ରକାରର ଚିତ୍ର ସେ ଆଙ୍କିଛି ଏବଂ ତାହାକୁ ଦେଖି ଆନନ୍ଦରେ ଆତ୍ମହରା ହୋଇଛି । ପଲ୍ଲୀର ଚାରୁଚିତ୍ର ଅଙ୍କନରେ ତାଙ୍କର କୃତିତ୍ୱ ଅଭିନନ୍ଦନୀୟ । ସୁଲଳିତ ଭାବ ବିଭବ କବି ପାଇଁ ହୋଇଛି ସୀମାହୀନ ଉଲ୍ଲାସର ରମ୍ୟଉପବନ । ସେଥିରେ ସେ ଦେଖିଛନ୍ତି କୃଷ୍ଣଚୂଡ଼ାର ରଙ୍ଗ, ବସନ୍ତର ବିମୁଗ୍ଧ ବିଳାସ । ଶରତର ସ୍ୱଚ୍ଛତା ଓ ସ୍ନିଗ୍ଧତା, ଶ୍ରାବଣର ରିମିଝିମି ବର୍ଷା, ଆଶ୍ୱିନର ସଫା ଜହ୍ନ, ନଦୀର ଚୂନା ଚୂନା ଢ଼ଉ, ବନାନୀର ସବୁଜିମା ଭିତରେ ନିଜକୁ ସେ ଖୋଜିଛନ୍ତି ଏବଂ ଯେତିକି ପାଇଛନ୍ତି ତହିଁରେ ଭାବମଗ୍ନ ହୋଇ ସେ କହିଛନ୍ତି –

''ଖୋଜି ଖୋଜି ଏତେ ଦିନେ ପାଇଛି ମୁଁ ମନ ପରି ମନ
ମଧୁମାସ ହୋଇ ତୁମେ, ମନ ବନେ ଫୁଟାଇଛ ଫୁଲ
ଚଇତାଳି ହୋଇତୁମେ ଶୁଖାଇଛ ମୋଲୁହର ଧାର
ମୋ ମନ ମରୁରେ ତୁମେ ଦେଇଅଛ ଜଳର ସନ୍ଧାନ ।''

ବିପିନ ମହାନ୍ତି–

'ଦୁଷ୍ଟ ପ୍ରଜାପତି' ପୁସ୍ତକର ପ୍ରଣେତା କବି ବିପିନ ମହାନ୍ତିଙ୍କ ନାମ ଓଡ଼ିଆ ଗୀତିକବିତା ରାଜ୍ୟରେ ଅତ୍ୟନ୍ତ ପରିଚିତ । 'ଫୁଲେଇ ଫଗୁଣ' ତାଙ୍କର ଅନ୍ୟ ଏକ ସୁରମ୍ୟ ସୃଷ୍ଟି । ଏଥିରେ ରୋମାଣ୍ଟିକ ଭାବାବେଗ ମୂର୍ତ୍ତିମନ୍ତ । କାବ୍ୟ ନାୟକର ମନ ଦେହଳିରେ କେତେବେଳେ ଆଶାବାଦର ଅଭିନନ୍ଦନିକା ତ ଆଉ କେତେବେଳେ ଅବସାଦର ଗୈରିକ ମ୍ଲାନିମା । ସବୁଥିଲେ ବି ନାୟକର ମନର ଇଲାକା ଶୂନ୍ୟଶୂନ୍ୟ ଲାଗେ ନାୟିକାର ଅବର୍ତ୍ତମାନରେ । ଆକାଶ ଥାଏ, ନ ଥାଏ ତହିଁରେ ପ୍ରଶାନ୍ତି ନୀଳିମା । ସାଗର ଥାଏ, ନ ଥାଏ ତହିଁରେ ଗଭୀରତା । କବିଙ୍କ ଭାଷାରେ–

'ଫୁଲ ବି ତ ଥିଲା ଫଗୁଣ ବି ଥିଲା
ଥିଲା କୋଇଲିର ଗୀତି
ପ୍ରଜାପତି ଥିଲା ଭଅଁର ବି ଥିଲା
ଥିଲା ତ ଅନ୍ଧାର ରାତି ।
ତୁମ ପ୍ରେମ ବିନା ଲାଗୁଥିଲା ଏଇ ଦୁନିଆଁଟା ମରୁଭୂଇଁ ।

ଆଉ ଗୋଟିଏ ଚେତନା ଯାହା ଏଇ ପୁସ୍ତକରେ ସ୍ଥାନିତ ତାହା ହେଉଛି ପ୍ରେମ ନିକଟରେ ମରଣର ପରାଜୟ । ବାସ୍ତବରେ ମୃତ୍ୟୁ ସବୁଠାରେ ଅପରାଜେୟ । ମାତ୍ର ତାହା ପରାଜିତ ପ୍ରେମ ନିକଟରେ । ପ୍ରେମର

ଏତେ ସାମର୍ଥ୍ୟ ଅଛି ଯେ ତାହା ମୃତ୍ୟୁକୁ କବଳିତ କରିପାରେ । ମୃତ୍ୟୁର ନାମ ଲିଭାଇଦେଇ ସେଠାରେ ଅମରତ୍ୱର ନାମ ଲେଖିଦେଇପାରେ । କବି କହନ୍ତି– 'ଏଇ ଜୀବନର ପୁଣ୍ୟ ବେଦିରେ ମରଣର ପରାଜୟ ।' ଜୀବନକୁ ନୀଡ଼, ପାନ୍ଥଶାଳା, ମନ୍ଦିର, ଭସା ବାଦଲ ପ୍ରଭୃତିରେ କବି ପ୍ରତୀକିତ କରିଛନ୍ତି । କବିଚିତ୍ତର ସ୍ୱର୍ଣକାତରତା ଅନୁଭବ୍ୟ ।

'ହଜାଇଛି ତୁମ ପ୍ରୀତିର ଠିକଣା' ପୁସ୍ତକରେ ରୋମାଣ୍ଟିକ ଅନୁଭବ ସହ ମାଟିମନସ୍କତା ଚିତ୍ରିତ । ଆମ ଦେଶ ସମନ୍ୱିତ ଚେତନାର ଦେଶ । ଜାତି, ଧର୍ମ, ବର୍ଣ୍ଣ ନିର୍ବିଶେଷରେ ସହାବସ୍ଥାନ ଏହାର ନୀତି, ଏହାର ବୈଶିଷ୍ଟ୍ୟ । କବିଙ୍କ ଭାଷାରେ–

'ସଭିଁଏ ଆମେ ତ ଗୋଟିଏ ମାଆର
ଭାରତ ଆମର ମାଟି
ସ୍ୱାଧୀନତା ପାଇଁ ଭଙ୍ଗା କୋଠରିରେ
କାଟିଛୁ କେତେ ଯେ ରାତି ।'

ପ୍ରକୃତିରେ ନିକଟରେ ଲୋକଶିକ୍ଷା ପାଇଁ ବହୁ ଉପାଦାନ ରହିଛି ବୋଲି କବି କହିଛନ୍ତି । ଫୁଲଠାରୁ ନୀରବତା, ମାଟିଠାରୁ ସହନଶୀଳତା, ନଦୀଠାରୁ ପ୍ରବହମାନତା ଇତ୍ୟାଦି ବହୁ ମୂଲ୍ୟବାନ କଥା ମଣିଷର ଶିଖିବାର ଅଛି ବୋଲି ସେ କହିଛନ୍ତି ।

ଏତିକି କହିବା ଯଥାର୍ଥ ଯେ କବି ବିପିନ ମହାନ୍ତିଙ୍କର ଗୀତି ରଚନାରେ ସାବଲୀଳତା ଓ ବହୁମୁଖୀନତା ଉପସ୍ଥାପିତ ହୋଇ ପାଠକୀୟ ଆଦୃତି ଲାଭ କରିଛି ।

ବିମଳା ସିଂ

'ପ୍ରୀତି ପାର୍ବଣ' ଗୀତିଗୁଚ୍ଛର କବି ବିମଳା ସିଂଙ୍କର ଭାବବିଭୋରତା ଓ ଛନ୍ଦମଧୁରତା ଅନନ୍ୟ । ଆଲୋଚ୍ୟ ଗୀତିଗୁଚ୍ଛରେ ମିଳନବିରହ, ଆଶାହତାଶା, ପ୍ରାପ୍ତିଅପ୍ରାପ୍ତିର ଏକ ଲୁଚକାଳି ଖେଳ ବେଶ୍ ଲକ୍ଷଣୀୟ । ଅତୀତ ଆମୁଖତା ଓ ସ୍ମୃତି ସଜଳତା କବିକଣ୍ଠର ଏକ ପ୍ରମୁଖ ସ୍ୱର । ବିରହର ଦାବଦଳନରେ ଜଳି ଯାଉଥିବା ସଳିତାର ମର୍ମକଥା ଏଥିରେ ଚିତ୍ରିତ । କବିଙ୍କ ଭାଷାରେ :

''ଶୀତ ସକାଳର ଉଦାସୀ ଜହ୍ନ ମୁଁ
ମୋ ପାଇଁ କୁମୁଦ ଫୁଟେ ନାହିଁ
ଶ୍ରାବଣର ଶେଷ ବାଦଲ ହୋଇ ମୁଁ
ବରଷିବି ହୋଇ ବର୍ଷୁ ନାହିଁ ।''

ଜୀବନକୁ କେତେବେଳେ ବୋଇତ, କେତେବେଳେ ଦୋ'ଛକି ରାସ୍ତା, କେତେବେଳେ ପ୍ରେମର କାରାଗାର, ପୁଣି କେତେବେଳେ ସପନର ବାଲିଘର ବୋଲି କବି ଉଲ୍ଲେଖ କରିଛନ୍ତି । ମନକୁ ଦର୍ପଣ, ହତାଶାର ନିଆଁଷ୍ଟୁଲ, କପୋତୀ, ହଂସୀ, ଚନ୍ଦ୍ରଭାଗା ଓ ବନାନୀ ଭାବରେ ବିଚାର କରିଛନ୍ତି । ଜୀବନରେ କେତେକଥା ଖୋଜିଖୋଜି ମିଳେ ନାହିଁ । ମନ ଖୋଜେ ମନଲାଖି ମନଟିଏ ମାତ୍ର ତାହା ମିଳେ ନାହିଁ । ଖୋଜୁଥିବା ମନଟି ହତାଶାରେ ଜର୍ଜରିତ ହେବାକୁ ବାଧ ହୁଏ ।

ପ୍ରକୃତିର ଚିତ୍ର ଭିତରେ ମନର ଅଭିଳାଷ ଫୁଟି ପଡ଼ିଛି । ବର୍ଷା ସାଥିରେ ବର୍ଷା ହୋଇ ଝରିଯିବ ମନର ବାସନା । ଶରତ ସାଥିରେ ଶରତ ରୂପରେ ପ୍ରିୟ ଆସିବ ତା'ର ପ୍ରିୟା ନିକଟକୁ, ହେମନ୍ତ ସାଥିରେ ହେମନ୍ତ

ହୋଇ ଆସି ଗୀତ ଗାଇଯିବ ପ୍ରିୟ । ଶୀତର ସହ ଶୀତ ହୋଇଆସିବ ମନର ମଣିଷ, ପୁଣି ବସନ୍ତ ସହ ମଳୟ ପରଶ ହୋଇ ଆସିବ ପ୍ରିୟ ବୋଲି ସେ ଉଲ୍ଲେଖ କରିଛନ୍ତି । ତାଙ୍କ କଥାରେ :

''କଥା ଦେଇଥିଲେ ହେମନ୍ତ ସାଥିରେ
ଆସିବ ହେମନ୍ତ ମନେ
ତନ୍ଦ୍ରା ମଧୁର ମୋ' ରାତ୍ରି ବିତାଇବ
ତୁମରି କଅଁଳ ଗାନେ ।

ହତାଶା ଭିତରେ ବେଳେବେଳେ କବିଙ୍କୁ ଶୁଭିଛି ଆଶାବରୀ ରାଗର ଅଲିଅଳ ଛନ୍ଦ । କବି କହନ୍ତି ଯେ ସେତେବେଳେ ଶୁଭେ ପ୍ରିୟତମ କାନରେ ଆଶାର ବୀଣାତାନ ପୁଣି ପ୍ରିୟତମାର ମନରେ ଆସେ ଅନେକ ପ୍ରତ୍ୟୟର ନବାନୁରାଗ । ଉଭୟ ଆହ୍ଲାଦିତ ହୁଅନ୍ତି, ମନରେ ଭରସା ଆଣନ୍ତି, କ୍ଷଣକ ପାଇଁ ହେଲେ ମଧ୍ୟ ହଜିଯାଏ ସମସ୍ତ ଗ୍ଲାନି, ମ୍ଲାନିମା, ଦୁଃଖ, ପୁଣି ଅସନ୍ତୋଷ । କବିଙ୍କ ଭାଷାରେ

''ଆମ ମିଳନରେ ମଳୟ ଝରିବ
ପ୍ରେମ ବଗିଚାରୁ ନିତି
ନୀଳ ନଉକାରେ ଗଢ଼ିବା ଜୀବନ
ଝରୁଥିବ ମଧୁଗୀତି ।''

ପ୍ରେମାସ୍ୱଦ ଓ ପ୍ରେମାସ୍ୱଦାର ନରମ ମଧୁର ମନୋବୃତ୍ତିର ଚିତ୍ର କବିତ୍ୱର ବର୍ଣ୍ଣବିଭା ଦେଇ ଆଙ୍କି ଦେଇଛନ୍ତି ଚମତ୍କାର ଲିପିଶିଳ୍ପରେ କବି ବିମଳା ସିଂ । ଏହାହିଁ କବିତ୍ୱର ପରାକାଷ୍ଠା । ଏକ ସାର୍ବଜନୀନ ଭାବକୁ ଯଥାଯୋଗ୍ୟ ସମ୍ଭାରରେ ସଜାଇ ଅଭିବ୍ୟକ୍ତ କରାଇବା ହିଁ ସ୍ରଷ୍ଟାପଣ ।

ଏତଦ୍‌ବ୍ୟତୀତ କବି ସିଂଙ୍କର ଗ୍ରାମ୍ୟ ଜୀବନର ଚାରୁଚିତ୍ର ଅଙ୍କନରେ ଦକ୍ଷତା ରହିଛି । ଗାଁର ପରିବେଶ, ସୋରିଷ ଫୁଲର କ୍ଷେତ, ଗାଁର ସକାଳ ଓ ସନ୍ଧ୍ୟା ତଥା ସଂସ୍କୃତି ଚିତ୍ରଣରେ ଲେଖନୀ ତାଙ୍କର ଚଳଚଞ୍ଚଳ ହୋଇଉଠିଛି । ଗ୍ରାମ୍ୟ ଜୀବନ ତାଙ୍କ ପାଇଁ ଅତି ଆପଣାର, ସତେ ଅବା ଆନନ୍ଦର ବଇକୁଣ୍ଠପୁର । ପୁନଶ୍ଚ ତାଙ୍କର ଭକ୍ତିଭାବର ଗୀତିକବିତା ଅତ୍ୟନ୍ତ ହୃଦୟସ୍ପର୍ଶୀ । ଅନ୍ତରର ଭାବର ଅର୍ଘ୍ୟଥାଳିରେ ଆଳତି କରିଛନ୍ତି ବିଶ୍ୱର ଅଧିଶ୍ୱର ଜଗଦୀଶ୍ୱରଙ୍କୁ କବି । ଶ୍ରୋତା ଓ ପାଠକମାନେ କବିଙ୍କ ଲେଖନୀରୁ ଅଧିକରୁ ଅଧିକ ସୃଷ୍ଟି ଆଶା ରଖନ୍ତି ।

ଭଗବାନ ନାୟକ ବର୍ମା –

ଅନ୍ୟମାନେ ସଂସାରକୁ ଯେପରି ଦେଖନ୍ତି, କବି ସେପରି ଦେଖେ ନାହିଁ । ତା'ର ଦୃଷ୍ଟିରେ ବ୍ୟର୍ଥତା ସାର୍ଥକତାରେ, ଦୁର୍ବଳତା ଅମୋଘସାମର୍ଥ୍ୟରେ ପରିଣତ ହୁଏ । ବିଫଳତା ତା' ପାଇଁ ହୁଏ ସଫଳତାର ଚାବିକାଠି, ଶୀତ ଆସେ ବସନ୍ତର ଉଷାଲୋକ ହୋଇ, ଦୁଃଖ ଆସେ ସୁଖର ସ୍ୱାଦକୁ ଅଧିକ ଉପଭୋଗ୍ୟ କରିବା ପାଇଁ । ଆତ୍ମବିଭୋର ପ୍ରୀତି ସଜଳ କବିସତ୍ତାର ପଟାନ୍ତର ନାହିଁ । ଆନନ୍ଦ ତାଙ୍କ ଆଖିରେ ତରଙ୍ଗ ଭାଙ୍ଗେ, ହୃଦୟର ବେଳାଭୂମିରେ ଉଜ୍ଜଳ ପ୍ଲାବନ ଅନୁପମ ଲୀଳା ରଚନା କରେ । ଆଶାବାଦର ଲଳିତ ଲବଙ୍ଗଲତାରେ ପରିବେଶ ଛାୟାଶୀତଳ ହୁଏ ।

ଏପରି ଜଣେ କବି ଶ୍ରୀ ଭଗବାନ ନାୟକ ବର୍ମାଙ୍କ ଲେଖନୀରେ ବହୁ ଭକ୍ତିଭିତ୍ତିକ ଗୀତିକବିତା ରୂପାୟିତ ହୋଇଛି । ସେ ରୂପରେ ଅରୂପର ଓ ଅରୂପରେ ରୂପର କଳ୍ପନା କରିଛନ୍ତି । ବିଶ୍ୱନିୟନ୍ତାଙ୍କ ବିଶ୍ୱାତୀତ, ଓ ବିଶ୍ୱଗତ ରୂପକୁ ଲିପିରେ ଉପସ୍ଥାପନା କରିବାକୁ ଯାଇ କବି ଶ୍ରୀଯୁକ୍ତ ବର୍ମା କହିଛନ୍ତି ।

''ତୁମେ ଜୀବନ ବେଦର ଓଁକାର
ତୁମେ ସୃଜନ ବୀଣାର ଝଙ୍କାର
ତୁମେ ସଙ୍ଗୀତ ଶୁଭ ସକାଳର ।''

ପରିମାଣରେ ସ୍ୱଳ୍ପ ହେଲେ ହେଁ ତାଙ୍କର ସୃଷ୍ଟିସମ୍ଭାର ଗୁଣାତ୍ମକଦୃଷ୍ଟିରୁ ଅତ୍ୟନ୍ତ ମହତ୍ତ୍ୱପୂର୍ଣ୍ଣ । ଅଳ୍ପ ଶବ୍ଦରେ ବହୁକଥା ଉପସ୍ଥାପନା କରିପାରେ ତାଙ୍କର ଲେଖନୀ ।

ଭଜନ ଗୁଡ଼ିକ ତାଙ୍କର ଅତ୍ୟନ୍ତ ହୃଦୟ ସ୍ପର୍ଶୀ କାରଣ ତହିଁରେ ଧାର୍ମିକତା ଅପେକ୍ଷା ଆଧ୍ୟାତ୍ମିକତାର ସ୍ପର୍ଶ ଅଧିକ । 'ମଧୁମାତୃକା' ତାଙ୍କ ରଚିତ ଏକ ଭକ୍ତି ସଂଗୀତ ପୁସ୍ତକ । ଶ୍ରୀମାଶ୍ରୀଅରବିନ୍ଦଙ୍କ ମହିମା ଏଥିରେ ସ୍ଥାନିତ ହୋଇଛି । ମା'ଙ୍କ ଆଖିର ଜ୍ୟୋତି, ମା'ଙ୍କ ହସର କାନ୍ତି, ମା'ଙ୍କ ପାଦର ଦୀପ୍ତି ପ୍ରସଙ୍ଗକୁ ଅତ୍ୟନ୍ତ ମର୍ମସ୍ପର୍ଶୀ ଭାବରେ କବି ଉକ୍ତପୁସ୍ତକରେ ସ୍ଥାନ ଦେଇଛନ୍ତି । ପ୍ରତିଶବ୍ଦରେ ରହିଛି ତୀବ୍ର ଅନୁଭବ । ଶବ୍ଦଯୋଜନାରେ ଚମତ୍କାରିତା ତାଙ୍କର ନିଜସ୍ୱ ବିଶେଷତ୍ୱ । ତାଙ୍କ କଥାରେ 'ଦେଖିଛ କି ବନ୍ଧୁ ଦେଖିଛକି, ସେ ଆଖି ଆଲୋକ ଦେଖିଛକି' ? ତାଙ୍କ ସୃଜନଶୀଳତା ଅନନ୍ୟ ଓ ଅନୁପମ । ଚିରସୁନ୍ଦର ଓ ଚିର-ସବୁଜ ତାଙ୍କର ଭକ୍ତିମତ୍ତା ଏବଂ ଅସାମାନ୍ୟ ତାଙ୍କର ଭାବଗଭୀରତା । ପାଠକ ଓ ଶ୍ରୋତାମାନେ ତାଙ୍କ ଲେଖନୀରୁ ଆଧ୍ୟାତ୍ମିକ ଭାବ ସମ୍ବଳିତ ଗୀତିକବିତା ଆହୁରି ଅଧିକ ପରିମାଣରେ ପାଇବାକୁ ଆଶା ରଖନ୍ତି ।

ମନମୋହିନୀ ଦେବୀ –

ଆଧୁନିକ ଓଡ଼ିଆ ଗୀତିକବିତା ରଚନା କ୍ଷେତ୍ରରେ ଏକ ବିଶିଷ୍ଟ ପ୍ରତିଭା । ମନମୋହିନୀ ଦେବୀ କେଉଁ କାରଣରୁ ପ୍ରତିଷ୍ଠାର ଅନ୍ତରାଳରେ ରହିଯାଇଛନ୍ତି ବୁଝି ହୁଏ ନାହିଁ । ତେବେ ଏତିକି ବୁଝିହୁଏ କୌଣସି ପ୍ରତିଭାକୁ ଅନାଲୋଚନା କିଛିଦିନ ପାଇଁ ଅନ୍ତରାଳରେ ରଖି ଦେଇପାରେ ମାତ୍ର ସବୁଦିନ ପାଇଁ ସେହିପରି ରଖିବା ସମ୍ଭବ ନୁହେଁ, କାରଣ ପୃଥିବୀ ବଡ଼ ବିପୁଳ ଓ କାଳସ୍ରୋତ ଚିର ଅବାରିତ ।

କଥିତ ଭାଷା ଓ ଲିଖିତ ଭାଷାର ସମନ୍ୱୟରେ ସଂରଚିତ କବିଙ୍କ ଗୀତିକବିତାରେ ଅନୁପମ ମାଦକତା ଥିବା କଥା ପ୍ରତ୍ୟେକ ପାଠକ ଲକ୍ଷ୍ୟ କରିପାରିବେ । ସବୁଠାରୁ ଅଧିକ ଲକ୍ଷ୍ୟଣୀୟ ଯାହା ତାହା ହେଉଛି ଗ୍ରାମ୍ୟ ଜୀବନର ଚିତ୍ତାମୋଦୀ ଚାରୁଚିତ୍ର । ଗାଁ ପରିବେଶରେ ବର୍ଷା, ବସନ୍ତ ଓ ବୈଶାଖ, ସାଧବ ବୋହୂର ଧୀରଚାଲି, ଭିକାରୀର ଭିକ ପାଇଁ ଆକୁଳତା, ଗାଁ ଦାଣ୍ଡରେ ନାଥ ଯୋଗୀର କେନ୍ଦରା ଗୀତ, ଗ୍ରାମ ଶ୍ମଶାନର ଚିତ୍ର, ଗାଁ ମୁଣ୍ଡର ମନ୍ଦିରର ପବିତ୍ର ବାତାବରଣ ଅତି ମାର୍ମିକ ଭାବରେ କବିଙ୍କ ଲେଖନୀରେ ଚିତ୍ରିତ ହୋଇଛି । ଏକଥା ମଧ୍ୟ ଲକ୍ଷ୍ୟଣୀୟ ଯେ, ଏକ ପ୍ରକାର ଶବ୍ଦର ବାରମ୍ବାର ବ୍ୟବହାର ନାହିଁ, ବରଂ ଭିନ୍ନ ଭିନ୍ନ ଶବ୍ଦର ରମ୍ୟ ସମନ୍ୱୟ ରହିଛି । ସୌନ୍ଦର୍ଯ୍ୟବୋଧ ହିଁ କବିତ୍ୱର ଭିତ୍ତି । ଯାହାର ସୌନ୍ଦର୍ଯ୍ୟବୋଧ ନାହିଁ ସେ ସୃଜନଶୀଳ ହୋଇପାରେ ନାହିଁ, ତା' ଭିତରେ କଳ୍ପନାର ପାଦରେଖା ପଡ଼େନାହିଁ କି ସେ ସୃଷ୍ଟିର ଅଗ୍ରଗତି ଭିତ୍ତିକ ସମ୍ଭାବନାକୁ ଦେଖିପାରେ ନାହିଁ । ଅତୀତ, ବର୍ତ୍ତମାନ ଓ ଭବିଷ୍ୟତକୁ ଏକ ସୂତ୍ରରେ ବାନ୍ଧିପାରେ କବି, କାରଣ ତା' ପାଖରେ ସୂକ୍ଷ୍ମ ଦୃଷ୍ଟି ଓ ପ୍ରୟୋଜନୀୟ ପ୍ରକାଶ ସାମର୍ଥ୍ୟ ଥାଏ । ଭାବ ପ୍ରକଟନ ନିମନ୍ତେ ଉପଯୁକ୍ତ ଶବ୍ଦର ଚୟନ ଓ ପ୍ରୟୋଗ କବି କୃତିକୁ କାଳଜୟୀ କରେ । ଶବ୍ଦ ଦିଏ ଚିତ୍ର ଏବଂ ଚିତ୍ର ଦିଏ ଅବବୋଧ ଓ ଦୂରକୁ ଦେଖିବାର ଅନେକ କ୍ଷମତା । ଯେଉଁ ଶବ୍ଦ ଯେତେ ଭାବପ୍ରସୂ ଓ ଚିତ୍ରମୟ ସେହି ଶବ୍ଦ ସାହିତ୍ୟ ରାଜ୍ୟରେ ବରଣୀୟ ଓ ଅନୁସରଣୀୟ ହୋଇରହେ ।

କବି ମନମୋହିନୀ ଦେବୀ ଏପରି ଶବ୍ଦ ପ୍ରୟୋଗ କଳାର ଜଣେ ନିପୁଣ ଶିଳ୍ପୀ, ଏଥିରେ ଅତିରଞ୍ଜନ ନାହିଁ । ଭିନ୍ନ ଭିନ୍ନ ରସ ପାଇଁ ନିର୍ବାଚିତ ଶବ୍ଦମାଳାର ସଫଳ ପ୍ରୟୋଗ ତାଙ୍କ ସୃଷ୍ଟି ସମ୍ଭାରରେ ସ୍ପଷ୍ଟ ଭାବରେ ଦେଖିବାକୁ ମିଳେ । ତାଙ୍କ ସମୟର ସମାଜକୁ ଅର୍ଥାତ୍ ସ୍ୱାଧୀନତା ପୂର୍ବବର୍ତ୍ତୀ ଓ ପରବର୍ତ୍ତୀ ସମାଜକୁ ପୁଙ୍ଖାନୁପୁଙ୍ଖ ଭାବରେ ବିଶ୍ଳେଷଣ କରି କବିର ହୃଦୟରେ ଯାହା ସେ ଅନୁଭବ କରିଛନ୍ତି ତାହାକୁ ଶବ୍ଦ ଦ୍ୱାରା ରୂପାୟିତ କରିଛନ୍ତି । କାଳେକାଳେ ସେ ଆର୍ଯ୍ୟପୁତ୍ରକୁ ସଚେତନ ହେବା ପାଇଁ, ନିଜ ସଭ୍ୟତା ସଂସ୍କୃତିକୁ ଉଚ୍ଚସ୍ଥାନ ଦେବା ପାଇଁ ଆହ୍ୱାନ କରିଛନ୍ତି । ଏଥି ସହିତ ଭାରତବାସୀଙ୍କୁ ସଦା ଆତ୍ମମୁଖୀ ହୋଇ ରହିବା ପାଇଁ ଉପଦେଶ ଦେଇଛନ୍ତି । କବିଙ୍କର ଭାରତ ଭାବନା ବାସ୍ତବରେ ଉଚ୍ଚକୋଟୀର ଓ ଅନୁସରଣୀୟ । ଭାରତର ଐତିହ୍ୟ ସମ୍ପର୍କରେ ଅନୁଶୀଳନ କରିବା ପାଇଁ ସେ ବାରମ୍ବାର ଭାରତବାସୀଙ୍କୁ ଆହ୍ୱାନ ଜଣାଇଛନ୍ତି । ଭାରତୀୟ ସଂସ୍କୃତି ସୁପ୍ତ ହୋଇଯାଇଛି ମାତ୍ର ଲୁପ୍ତ ହୋଇନାହିଁ । ଆଗାମୀ ଦିନରେ ଭାରତ ହେବ ସମଗ୍ର ବିଶ୍ୱର ଗୁରୁ ଓ ଆଧ୍ୟାତ୍ମିକ ନେତା । ଏକଥା ପ୍ରାଚ୍ୟ ଓ ପାଶ୍ଚାତ୍ୟର ବହୁ ଦାର୍ଶନିକ ତଥା ଦିବ୍ୟଦ୍ରଷ୍ଟା ଘୋଷଣା କରିଛନ୍ତି ।

କବି ମନମୋହିନୀ ଏହି ଅନୁଚିନ୍ତାକୁ ଯଥାଯୋଗ୍ୟ ସମ୍ମାନ ଜଣାଇ ଉଲ୍ଲେଖ କରିଛନ୍ତି –

''ଭାରତ ଉପାଦାନେ ନବୀନ ଛାଞ୍ଚେ
ନବ ସ୍ୱରୂପ ପାଇଁ ଜଗତ ନାଚେ ।''

ଗାଁ ରୁ ଦେଶ ପର୍ଯ୍ୟନ୍ତ ପରିବ୍ୟାପ୍ତ କବିଙ୍କ ଚିନ୍ତାଧାରା ମହନୀୟ ଓ ବରଣୀୟ । କୁମାର ପୂର୍ଣ୍ଣିମା ରାତିର ପୁଚିଖେଳ କବିଙ୍କୁ ଯେତିକି ବିମୁଗ୍ଧ କରିଛି ଭାରତୀୟ ଦର୍ଶନର ମୂଲ୍ୟବୋଧ କବିଚିତ୍ତକୁ ସେତିକି ପ୍ରଲୁବ୍ଧ କରିଛି । ସର୍ବୋପରି ଜୀବନ ଚିନ୍ତାର ମର୍ମସ୍ପର୍ଶୀ ଉପସ୍ଥାପନା କବିଙ୍କର ବହୁ କବିତାରେ ରୂପାୟିତ ହୋଇ ପାଠକୀୟ ଶ୍ରଦ୍ଧା ଓ ସମ୍ମାନ ଅର୍ଜନ କରିଛି । ଏକଥା କହିବା ଯଥାର୍ଥ ଯେ କବି ମନମୋହିନୀ ଦେବୀ ହେଉଛନ୍ତି ଓଡ଼ିଆ ସାହିତ୍ୟ ସାରସ୍ୱତ ସାଗରର ଏକ ସମୁଜ୍ଜ ଲହରୀ ।

ମନୋରମା ବିଶ୍ୱାଳ ମହାପାତ୍ର –

ସୁଲଳିତ କବିଚିତ୍ତ ଭାବାଭିବ୍ୟକ୍ତିରେ ପୂର୍ଣ୍ଣତାପ୍ରାପ୍ତ ହୁଏ । ଭାବର ନଈଟିଏ ହୋଇ ବହିଯାଏ ଗୀତିକବିତା । ଆଉ ସେ ନଈକୂଳରେ ବହୁବେଳେ ତଟସ୍ଥ ହୋଇ ବସିଥାଏ କବିର ସତ୍ତା ଯାହା ଏକ ସମୟରେ ଦେଖୁଥାଏ ନଈର ପ୍ରବାହକୁ ଓ ନିଜକୁ । ଏମିତି ଏକ କବିସତ୍ତା ମନୋରମା ବିଶ୍ୱାଳ ମହାପାତ୍ର । ତାଙ୍କ ଗୀତିକବିତାରେ ଭାବପ୍ରବଣତା ଯେତିକି ପ୍ରକୃତିପ୍ରାଣତା ତଥା ଜୀବନଚିନ୍ତା ସେତିକି ପରିମାଣରେ ପରିବେଷିତ ହେବା ଲକ୍ଷ୍ୟ କରାଯାଏ । ପଲ୍ଲୀପ୍ରାଣତା ତାଙ୍କ ବିମୁଗ୍ଧ ବାଙ୍ମୟରେ ବିଭୂଷିତ ଓ ସୁବାସିତ ହୋଇ ପାଠକ ପ୍ରାଣରେ ଭାବାନ୍ତର ଭରିଦିଏ । ପଲ୍ଲୀ ପ୍ରକୃତିର କୁଞ୍ଜେ କୁଞ୍ଜେ ସେ ଏକ ଅନିର୍ବଚନୀୟ ଲଳିତ ସତ୍ତାର ଉପସ୍ଥିତି ଅନୁଭବ କରିଛନ୍ତି । ସେହି ଉପସ୍ଥିତି କବିଙ୍କ ମାନସପଟରେ ବହୁ ସ୍ମୃତି ଉଦ୍ରେକ କରିଛି । କେତେବେଳେ ସେ ସ୍ମୃତି କୈଶୋରର ଚନ୍ଦନ ଗନ୍ଧରେ ଆମୋଦିତ ଆଉ କେତେବେଳେ ସ୍ଥିତପ୍ରଜ୍ଞତାର ଆକାଶୀ ରଙ୍ଗରେ ଅନୁବନ୍ଧିତ । ଜୀବନ ମୁଗ୍ଧା ହୋଇ ସେ କହିଛନ୍ତି –

''ପିଲାଦିନ ପରି କହିବ ମୋ କାନେ କିଛି ଜମାଭୁଲି ନାହିଁ
ପୃଥିବୀରୁ କେବେ ଶୁଖିଯାଏ ନାହିଁ ଭଲ ପାଇବାର ନଈ'

ପ୍ରୀତି ପ୍ରବଣତାକୁ ପାଥେୟ କରି ତାଙ୍କ ଲେଖନୀରୁ ରୂପପ୍ରାପ୍ତ ହୋଇଛି କେତେକ ଗୀତିକବିତା ଯହିଁରେ ଚିରନ୍ତନ ମୋହନମାଧୁର୍ଯ୍ୟର ବିମଳ ଆଲେଖ୍ୟ ଅଙ୍କିତ ହୋଇଛି । ଭାବସିକ୍ତ କବିଚିତ୍ତ ତାଙ୍କର ଚାହିଁଛି ଆକାଶର ତାରାଟିଏ ହୋଇ ରହିବାକୁ ଓ ମଧୁଝରା ବସନ୍ତ ବନରେ କୁସୁମିତ ଲତାଟିଏ ହୋଇ ରହିବାକୁ । ଭୌତିକ ସ୍ଥିତିର ଅବର୍ତ୍ତମାନରେ ଚେତନାର ସ୍ଥିତିରେ ସେ ରହିବେ ବୋଲି ଯେଉଁ ଆତ୍ମପ୍ରତ୍ୟୟର ରଙ୍ଗରେଖା ଆଙ୍କିଦେଇଛନ୍ତି, ତାହା ବାସ୍ତବରେ ଅନବଦ୍ୟ । ତାଙ୍କ ଭାଷାରେ –

''ମୁଁ ସେଦିନ ନଥିଲେ ବି
ଗୀତ ମୋର ଥିବ''

ମନୋଜ ପଟ୍ଟନାୟକ –

କବିଟିଏ ଜୀବନକୁ ଦେଖେ ଭିନ୍ନ ଏକ ଗବାକ୍ଷରୁ । ପ୍ରକୃତିର ପାଦ ବନ୍ଦନା କରେ ଭିନ୍ନ ଏକ ମାନସିକତାରେ । ନୟନାନ୍ନ ଭାବରେ ସେ ସ୍ୱର୍ଗକୁ ଦେଖେ, ଶ୍ରବଣାନ୍ନ ଭାବରେ ଦେବୀ ସରସ୍ୱତୀଙ୍କର ବୀଣା ଝଙ୍କାର ସେ ଶୁଣେ, ତା ପାଇଁ ସୌନ୍ଦର୍ଯ୍ୟ ହୁଏ ବିଶ୍ୱ ସ୍ରଷ୍ଟାଙ୍କର ହସରେଖା, ପବନ ହୁଏ ବିଶ୍ୱାତ୍ମାଙ୍କ ପାଇଁ ଚାମର ଚାଳନା । ମନୋଜ ପଟ୍ଟନାୟକଙ୍କର କେତୋଟି କବିତାରେ ପ୍ରକୃତିର ରୁଚିପୂର୍ଣ୍ଣ ଚାରୁଚିତ୍ର ପ୍ରତିଫଳିତ ହୋଇଛି । ଶରତ ଋତୁର ବର୍ଣ୍ଣନାରେ କବିମାନସ ଭାବ ବିଭୋର ହୋଇ ଆଙ୍କି ଦେଇଛି ସୁକୁମାରତାର ସୁମଞ୍ଜୁଳ ଲିପିଚିତ୍ର ।

''କାଶଫୁଲ ହସ ଶେଫାଳିର ବାସ ଜଗାଏ ପୁଲକ ପରା
ଶାରଦୀୟ ଖୁସି ଖେଳି ଖେଳି ଯାଏ ଉଚ୍ଛୁଳି ଉଠେ ଧରା''

(ଗୋଟିଏ ନୀଡ଼ ଅନେକ ଝଡ଼)

ତାଙ୍କ ରଚିତ ଗୋଟିଏ ଦୁଇଟି କବିତାରେ ଭାଗ୍ୟ ଓ ଭଗବାନ ଏକାକଥା ବୋଲି କୁହାଯାଇଛି। ଅବଶ୍ୟ ଏହା ଏକାକଥା କି ନୁହେଁ ତାହା ଅଧିକ ଆଲୋଚନାର ଅପେକ୍ଷା ରଖେ। ପୁଣି କୁହାଯାଇଛି ଯେ ସ୍ୱାର୍ଥପର ମଣିଷ ଅନ୍ୟର ସୁଖରେ ସୁଖୀ ହୁଏ ମାତ୍ର ଅନ୍ୟର ଦୁଃଖରେ ଦୁଃଖୀ ହେବାକୁ ଆଗେଇ ଆସେ ନାହିଁ । ପ୍ରକୃତରେ ଅନ୍ୟର ସୁଖରେ ସୁଖୀ ହେବା ଅତ୍ୟନ୍ତ କଷ୍ଟକର ।

କବି ଶ୍ରୀ ପଟ୍ଟନାୟକଙ୍କ ମତରେ ଗୀତାୟିତ କବିତ୍ୱ ହିଁ ଗୀତି କବିତାର ମର୍ମକଥା । ପ୍ରକୃତରେ କବିତ୍ୱ ସହିତ ଗୀତର ଅନୁପମ ମଧୁବିଳାସ, ମଣିକାଞ୍ଚନର ଅପୂର୍ବ ସଂଯୋଗ ପରି ଅନନ୍ୟ ସାଧାରଣ ସ୍ୱାଦର ଅଧିକାରୀ । ଗୀତିକବି ପାଇଁ କବିତ୍ୱ ଯେତିକି ମୂଲ୍ୟବାନ ଗୀତିମୟତା ସେତିକି ସ୍ୱାଗତଯୋଗ୍ୟ ତଥା ସୁଷମ ଉପାଦାନ । ଗୀତ ତାଙ୍କ ପାଇଁ ହୋଇଥାଏ ଅମର୍ତ୍ତ୍ୟର ମଧୁକ୍ଷରା ମର୍ତ୍ତ୍ୟର ମଞ୍ଜରୀ ଯାହା ପରିବେଷଣ କରିଯାଏ ଚିତ୍ରିତ ଚୈତ୍ରରଥର ଚିତ୍ତାମୋଦୀ କାଦମ୍ବରୀ ।

ସବୁଜିମାର ସ୍ୱାକ୍ଷର ଆଙ୍କି ମନୋଜ ପଟ୍ଟନାୟକ ଯୌବନର ନିରାଜନା କରିଛନ୍ତି । ଏ ପୂଜା ପାଇଁ ମାଦକତା ଚନ୍ଦନର ଗନ୍ଧ ହେଲାବେଳେ ଶୁଭେଚ୍ଛା ହୋଇଛି ଧୂପର ବାସ । କଳ୍ପନାର ଇନ୍ଦ୍ରଧନୁରେ ମନଆକାଶ ତାଙ୍କର ସୁରଞ୍ଜିତ ହୋଇଛି । ମଣିଷ ମନର ଗଭୀର ସ୍ତରକୁ ଯିବାପାଇଁ କବିମାନସ ତାଙ୍କର ସତତ ପ୍ରୟାସ କରିଛି ।

ପ୍ରେମର ବିଜୟ ବୈଜୟନ୍ତୀ ଉଡ଼ାଇବାକୁ ଯାଇ ସେ ତାହାର ବ୍ୟାଖ୍ୟା କରିଛନ୍ତି । କେତେବେଳେ ପ୍ରେମ ହୋଇଛି କାହାପାଇଁ ମଧୁର ତ ଆଉ କେତେବେଳେ କାହାପାଇଁ ତିକ୍ତ ଓ ବିଷାକ୍ତ, କାହାପାଇଁ ଯୋଗନିଦ୍ରା

ତ କାହାପାଇଁ ମହାମୁଦ୍ରା । କବିଙ୍କ ଭାଷାରେ –

''ଦୁନିଆ କହେ ପ୍ରେମରେ ଥାଏ
ପୃଥିବୀ ଭରାଶାନ୍ତି
ଶାମୁକାଟିଏ ପାଏନି କିଏ
କିଏ ବା ପାଏ ମୋତି ।''(ଗୋଟିଏ ନୀଡ଼ ଅନେକ ଝଡ଼)

ମନୋଜ ପଟ୍ଟନାୟକଙ୍କ କେତୋଟି ଗୀତିକବିତାରେ ରହିଛି ଅଧିକ ମନନଶୀଳତା ତଥା ବୌଦ୍ଧିକତା । ସପ୍ତମ ଋତୁର ଅବତାରଣା ସେ ଅତି ଚମତ୍କାର ଭାବରେ କରିଛନ୍ତି । ଏ ସପ୍ତମ ଋତୁ କ'ଣ ହୋଇପାରେ ? ହୋଇପାରେ ମୁକ୍ତିର ମହନୀୟତା ଅବା ତ୍ୟାଗ ତିତିକ୍ଷାର ଶ୍ୟାମଳ ସାରାଂଶ । କବି କହନ୍ତି ଯେ ସେଠାରେ ମେଘ ନଥାଇ ମୟୂର ନାଚେ, ଫଗୁଣ ନଥାଇ ଅବିର ଉଡ଼େ, ସୂର୍ଯ୍ୟ ନଥାଇ ପଦ୍ମ ଫୁଟେ, ରାତି ନଥାଇ ସ୍ୱପ୍ନ ମିଳେ ପୁଣି ସ୍ୱର୍ଣ ନଥାଇ ଶିହରଣ ଭରିଯାଏ ଦେହରେ ମନରେ । ସେ କି ଅନୁରାଗର ଋତୁ ଯେଉଁଠି ନଥାଏ ଆସକ୍ତି ଅଥବା ବୈରାଗ୍ୟ, ସତେ ଅବା ଥାଏ ଉଭୟର ଉର୍ଦ୍ଧ୍ୱରେ ଥିବା ଏକ ଅବବୋଧ ଯାହା ଅବ୍ୟକ୍ତ ମାତ୍ର ହୃଦୟଗ୍ରାହୀ । ସେ ଋତୁର ଚିତ୍ର ଆଙ୍କି କବି କହନ୍ତି –

ମେଘ ବିନା ପରା ଏଠି ନାଚେ ମୟୂର
ଫଗୁଣ ନଆସି ଏଠି ଉଡ଼େ ଅବିର
ବିନା ଜୋଛନାରେ ଏଠି ହସେ ରଜନୀ
ସୂରୁଜ ବିନା ବି ଏଠି ଫୁଟେ ପଦ୍ମିନୀ (ଜୀବନ ପର୍ବ)

ନିରାଶାରେ ଆଶା ଆଣେ କବିଙ୍କ କଥାରେ ଏହି ସପ୍ତମ ଋତୁ, ଭରିଦିଏ ମନେ ମନେ ଆନନ୍ଦର ଧ୍ୱନିମାଳା । ସକାଳର ଆକାଶରେ ସୁନେଲୀ ଆଭାର ବିଚ୍ଛୁରଣ ଘଟାଏ, ଅନୁପମ ହସର ମଞ୍ଜୁଳଶ୍ରୀରେ ମନ ମଜାଇ ଦିଏ । ନିଜକୁ ଖୋଜିବାକୁ ଖୋରାକ ମିଳେ, ବୁଝିବାକୁ ପ୍ରୟାସ ଗଭୀର ହୁଏ । ଜୀବନର ଅର୍ଥ ବଦଳିଯାଏ । କବିଙ୍କ ଭାଷାରେ –

ଅସରା ସୁଖର ଅନେକ ଆୟୁଷ
ଆଣିଥାଏ ଜାଣି ଜାଣି
ଅଭୁଲା ହସର ଅଜସ୍ର ପରାଗ
ଯାଇଥାଏ ଚୁଣି ଚୁଣି (ଜୀବନ ପର୍ବ)

ମୀନାକ୍ଷୀ ଦେବୀ –

ଜୀବନର ସଂଜ୍ଞା, ଅର୍ଥ ଓ ସାର୍ଥକତା ଖୋଜିବାର ପ୍ରୟାସ ରହିଛି ତାଙ୍କର କେତେକ ଗୀତିକବିତାରେ । କବିମାତ୍ରେ ଜୀବନ ଜିଜ୍ଞାସୁ, ସାଧାରଣ ସ୍ମୃତିକୁ ଅତିକ୍ରମ କରିଯିବା ପାଇଁ ଏକାନ୍ତ ଅଭୀପସୁ । ସାଧାରଣ ବ୍ୟକ୍ତିର ଆଗ୍ରହ ନଥାଏ ଜୀବନ ରହସ୍ୟକୁ ତର୍ଜମା କରିବା ପାଇଁ ଯାହା କବି ପାଖରେ ଥାଏ । କବି ବା ସ୍ରଷ୍ଟା ହେଉଛି ଏକ ସଚେତନ ସତ୍ତା ଯିଏ ହଜିଲା କଥା ଖୋଜୁଥାଏ, ଖୋଜିଖୋଜି ଯାହା ଯାଏ ତାକୁ ଭଲ କରି ବୁଝିବାକୁ ପ୍ରଚେଷ୍ଟା କରୁଥାଏ ।

ମୀନାକ୍ଷୀ ଦେବୀଙ୍କ ମତରେ ଜୀବନ କେତେବେଳେ ଫୁଲର ଫଗୁଣ, ଯାହାର ମଳୟ ସ୍ପର୍ଶରେ ନବଜୀବନର ନୂତନ ଶବ୍ଦଲିପି ଥାଏ, କେତେବେଳେ ପୁଣି ନୀଳସାଗର ଯହିଁରେ ଥାଏ ପ୍ରୀତିର ମୁକ୍ତା ଆଉ କେତେବେଳେ ପୂର୍ଣ୍ଣିମାର ଜହ୍ନ ରାତି ଯହିଁରେ ଥାଏ ଲଳିତ ଲାବଣ୍ୟର ପାଦରେଖା । ଆଉ କେତେବେଳେ ବିଷାଦର ମେଘରେ ଆଚ୍ଛାଦିତ ହୁଏ ମନର ଆକାଶ, ଦିଗ ଦିଗନ୍ତ ହୁଏ ନିଷ୍ପ୍ରଭ ଓ ଉଦାସ । ତେବେ ଅନ୍ଧାର ଅପେକ୍ଷା ଆଲୋକର ନିରାଜନା କବି ଲେଖନୀରେ ଅଧିକ ସ୍ପଷ୍ଟ । ଏପରି କୁହାଯାଇପାରେ ଯେ ତାଙ୍କ କବି ସତ୍ତା ହତାଶାର ଅନ୍ଧାରରୁ ମୁକୁଳି ଆସୁଥିବା ନବ ଉଷାର ପୂର୍ବାଭାସଟିଏ, ଶୀତ ଶେଷର ପ୍ରାକ୍‌ବାସନ୍ତୀ ବିଳାସଟିଏ ଯିଏ ଉତ୍ତରଣ ଶୀଳତାକୁ ପଦେ ପଦେ ଅନୁମୋଦନ କରିଛି ।

''ଋତୁର ନାଁ ମଧୁ ବସନ୍ତ
ମଧୁ ଝରାଉଥାଏ
ଖୁସି ବଉଳ ଛୁଇଁ ଛୁଇଁକା
ଚଇତି ବାଆ ବହେ ।''(ଝରା ପତ୍ରର ଗୀତି)

'ଅମୃତ ଅନୁଭବ' କବିକୃତ ବିଭୁଭକ୍ତିମୂଳକ ଏକ ପୁସ୍ତକ । ଏଥିରେ ଅନ୍ଧାରରୁ ଆଲୋକ ଆଡ଼କୁ ଅଗ୍ରଗତି କରିବା ପାଇଁ କବିଙ୍କର ଅଭିଳାଷ ପ୍ରକଟିତ । ବିନ୍ଦୁଟିଏ ହୋଇ ଭଗବାନ ରୂପୀ ମହାସାଗରରେ ଲୀନ ହୋଇ ଯିବାକୁ ପ୍ରୟାସ ତାଙ୍କର ଅବାରିତ । ଅସତ୍ୟରୁ ସତ୍ୟ ଆଡ଼କୁ ଯିବା ତଥା ମୃତ୍ୟୁରୁଅମୃତ ଆଡ଼କୁ ଯିବା ହିଁ ଜୀବନର ଲକ୍ଷ୍ୟ । ଏହି ଲକ୍ଷ୍ୟ ପୂରଣ ନିମନ୍ତେ ଅହରହ ଆଗ୍ରହ ଓ ଆନ୍ତରିକତା ରହିବା ଏକାନ୍ତ ଜରୁରୀ ବୋଲି କବି କହିଛନ୍ତି । ତାଙ୍କ ଭାଷାରେ –

''ଅନ୍ଧାରରୁ ନିଅ ଆଲୋକକୁ ପ୍ରଭୁ
ଅସତ୍ୟରୁ ନିଅ ସତ୍ୟପଥେ
ମୃତ୍ୟୁ ପଥର କ୍ଲାନ୍ତ ଯାତ୍ରୀ ମୁଁ
କରୁଣା ଆଲୋକ ଦେଖାଅ ମତେ ।''(ଅମୃତ ଅନୁଭବ)

ଦେବାରାଧନା ପାଇଁ ଅନ୍ତରକୁ ମନ୍ଦିର ବୋଲି ବିଚାର କରିବା ସହ ଆତ୍ମ ନିବେଦନକୁ ପୂଜାଫୁଲ ଓ ଭକ୍ତିକୁ ଚନ୍ଦନ ବୋଲି କବି ବିଚାର କରିଛନ୍ତି । ଭଗବାନ ସାକାର ପୁଣି ନିରାକାର, ସଗୁଣ ପୁଣି ନିର୍ଗୁଣ । ସେ ସବୁ ରୂପର ଅଧୀଶ୍ୱର, ସବୁ ପୁଣି ତାଙ୍କର ଆତ୍ମରୂପାୟନ । ସବୁ ସ୍ୱରୂପ ତାଙ୍କର ଏକ ଏକ ଲୀଳାମୟ ଆଧାର – ଏହି ଦିଗଟି ପ୍ରତି କବି ସଚେତନ । ଭଗବାନ ସର୍ବବ୍ୟାପୀ, ବିରାଟ ବିଶ୍ୱର ବାହାରେ ଓ ଭିତରେ କୋଣେ ଅନୁକୋଣେ ତାଙ୍କର ଅଧିଷ୍ଠାନ ସୁଦୃଢ଼ । କବିଙ୍କ ଭାଷାରେ –

''ତୁମେ ଗଗନରେ ତୁମେ ପବନରେ
କାନନେ କେଦାରେ ଉପବନେ
ତୁମେ ଧରାପରେ ତୁମେ ମରୁ ପରେ
ପରବତେ ପୁଣି ଫୁଲବନେ ।''(ଅମୃତ ଅନୁଭବ)

କବି ମୀନାକ୍ଷୀ ଦେବୀ ଜୀବନବାଦରେ ବିଶ୍ୱାସୀ । କଳା ପାଇଁ କଳା ନୁହେଁ ବରଂ ଜୀବନ ପାଇଁ କଳାର ଲିପିକାର ଭାବରେ ତାଙ୍କର ମହତ୍ତ୍ୱ ସ୍ୱୀକାର୍ଯ୍ୟ ।

ମିଶ୍ର ସତ୍ୟନାରାୟଣ –

ଓଡ଼ିଆ ଗୀତି କବିତା ରଚନା କ୍ଷେତ୍ରରେ ମିଶ୍ର ସତ୍ୟ ନାରାୟଣ ଏକ ପରିଚିତ ନାମ । କେତେକ ପତ୍ରପତ୍ରିକାରେ ତାଂକ ଗୀତିକବିତା ମୁଦ୍ରିତ ହୋଇଛି । ଭାବାନୁସାରୀ ଶବ୍ଦ ଯୋଜନା ତାଂକର ଅଭିନନ୍ଦନୀୟ । ଭିନ୍ନ ଭିନ୍ନ ପ୍ରେକ୍ଷାପଟରେ ଜୀବନକୁ ସେ ସମୀକ୍ଷା କରିଛନ୍ତି । କେତେବେଳେ ଭାବ ବିଭୋର ହୋଇଛନ୍ତି ତ ଆଉ କେତେବେଳେ ବିଷାଦମଳିନ ହୋଇଛନ୍ତି । ହତାଶା ଆସିଛି ମାତ୍ର ତାହା ଅଧିକ ସମୟ ରହି ପାରି ନାହିଁ । ଆଶାର ଆଲୋକରେ ଅପସରି ଯାଇଛି ହତାଶାର ଅନ୍ଧାର । ମାଳୀ ମନ ନେଇ ସଂସାରକୁ ଦେଖି ସେ ପାଇଛନ୍ତି କଣ୍ଟାର ଆଘାତ । ତାଂକ ଭାଷାରେ –

ମାଳୀ ମନ ନେଇ ଯେଉଁ ଫୁଲଟିକୁ
ସରାଗେ ସାଇତି ଥିଲି
ମହକ ବଦଳେ କଣ୍ଟକେ ସେତ
ଦେଇଚି ହୃଦୟ ଚିରି ।

ଯଉବନର ସଂଜ୍ଞା ଓ ସ୍ୱରୂପ ଖୋଜିଛନ୍ତି କବି 'ଅନ୍ୟ ଫଗୁଣ' ଶୀର୍ଷକ ଏକ ଗୀତି କବିତାରେ। ଜୀବନରେ ଥରେ ଆସେ ଏଇ ସମୟ, ଭରିଦିଏ ରସ-ବାସ-ହସ ଓ ମନରେ ପ୍ରତିଟି ପ୍ରାଣରେ । କାମନାର ଅବିର ମାଖେ, ଲାଜଲାଜ ଭାବ ଆଣିଦିଏ, ଚୋରା ଅଭିସାରର ନିଶା ଭରିଦିଏ ମନରେ । ତନୁରେ ଆଣେ ଶିହରଣ, ପ୍ରାଣରେ ଅପରୂପ ପୁଲକ ସମ୍ଭାର । ସବୁ କିଛି ସରସତା କିନ୍ତୁ ହଜିଯାଏ ବୟସ ରୂପକ ନିଦାଘର ଆଘାତରେ । ଏଇ ପରିପ୍ରେକ୍ଷୀରେ ମନେପଡ଼େ ପଲ୍ଲୀକବି ନନ୍ଦକିଶୋର ବଳଙ୍କର ଅନୁଭବ । ଶର୍ମିଷ୍ଠା କାବ୍ୟରେ ସେ କହନ୍ତି ଯେ ଯଉବନ ଏକ ଫୁଲ ଯାହା ନଶ୍ୱର ଦେହରେ ଫୁଟେ,ଦୁଇ ଦିନ ଫୁଟି ଝଡ଼ି ପଡ଼େ । ରୋଗ ଶୋକ ଜରା ରୂପକ କୀଟ ସେଇ ଫୁଲକୁ ଟିକ ଟିକ କରି କାଟିଦେଲେ ଫୁଲଟି ଝଡ଼ି ପଡ଼େ ଓ ମାଟିରେ ମିଶିଯାଏ ।

'ପୂର୍ବାଭାସ' ଶୀର୍ଷକ ଗୀତିକବିତାରେ କବି ମନର ଉଦାସ ଭାବ ପ୍ରକଟିତ । କରୁଣ ରାଗିଣୀ ଗାଇ ଭାସିଯାଉ ଥିବା ଭସା ବାଦଲକୁ ବନ ମୟୂରୀକୁ ନ ଡାକିବା ପାଇଁ ସେ ଅନୁରୋଧ ଜଣାଇଛନ୍ତି। ବାଦଲ ତାହାର ନିଜର ସ୍ୱତନ୍ତ୍ରତା ଭୁଲି ପଳାୟନ କଲାବେଳେ ତାକୁ ପଛରୁ ନଡାକିବା ଉଚିତ ବୋଲି କବି ମତ ଦେଇଛନ୍ତି । ତୁମେ ନାଚିଲେ ସେ ଆହୁରି ଅଧିକ ଦୁଃଖରେ ଜର୍ଜରିତ ହେବ କାରଣ ସେ ତ ଦେହ ହରାଇ ଧୂଆଁ ଧାରଟିଏ ହୋଇଯାଇଛି । ନିଜ ତୃଷ୍ଣାରେ ନିଜେ ଆକୁଳ ହୋଇ ଘୂରି ବୁଲୁଛି ।

'ସେ ତ ଦେହ ହୀନ ଧୂଆଁ ଧାରଟିଏ
ତୃଷ୍ଣାରେ ନିଜେ ଘୂରିବୁଲେ ।'

'ଦଗ୍ଧ ପଳାଶ' ଶୀର୍ଷକ ଗୀତିକବିତାରେ କବିଙ୍କ ମନରେ ଭାବାନ୍ତର ଆସିଛି ଯେ ପଳାଶ ଫୁଲର ଦୋଷ ହେଉଛି, ସେ ଦେବଯୋଗ୍ୟ ହେଲା ନାହିଁ ଅଥବା କାହାର ମନରେ ରେଖାପାତ କରି ପାରିଲା ନାହିଁ ନିଜର ସୁବାସ ହୀନତା ଯୋଗୁଁ । ପଳାଶ ଫୁଲଟିର ଆତ୍ମ ସମୀକ୍ଷା ଏହି କବିତାରେ ହୋଇଛି ଯଥାଯୋଗ୍ୟ । କାହା ଅଭିଶାପରେ ଏପରି ଅଲୋଡ଼ା ହୋଇଛି ସିଏ ତାହା ଭାବି ଭାବି ମର୍ମାହତ ହେବାଛଡ଼ା ଅନ୍ୟ ଉପାୟ ତା'ର କିଛି ନାହିଁ, ବିରହର ଏଇ ଶାଖାରେ ଜଳିବା ତା'ର ଭବିତବ୍ୟ ବୋଲି ମାନିନେବା ଛଡ଼ା ଅନ୍ୟ କୌଣସି ଯୁକ୍ତି ତା'ପାଖରେ ନାହିଁ ।

'ଉଷା ଆଗମନୀ' ରଚନାରେ ସକାଳ ପୂର୍ବର ବର୍ଣ୍ଣନା ସତେଜ ହୋଇଛି । ସଜଫୁଲ ଫୁଟେ ଧରଣୀର ବଗିଚାରେ ମାଟିର ବେଦୀ ସଜା ହେବ ବୋଲି, ଓ ଅଳିକଣ୍ଠରେ ଗୁଣୁଗୁଣୁ ସ୍ୱରରେ ବେଦ ମନ୍ତ୍ର ଉଚ୍ଚାରିତ ହୁଏ ବୋଲି କବି କହିଛନ୍ତି । ମଳୟ ପବନକୁ କବିମାନେ ଯେପରି ବିଚାର କରନ୍ତି ଓ ବର୍ଣ୍ଣନା କରନ୍ତି କବି ମିଶ୍ର ସତ୍ୟନାରାୟଣ ସେପରି କରି ନାହାନ୍ତି । ସେ କହିଛନ୍ତି ଯେ ଚନ୍ଦନବନରେ ପଶି ଆସିଲାବେଳେ ନାଗ କନ୍ୟା ମାନଙ୍କର ଦଂଶନରେ ଦେହରେ ତା'ର ଭରି ଯାଇଛି ଅସରନ୍ତି ବିଷଜ୍ୱାଳା । ସେଇ ଜ୍ୱାଳାକୁ ଉପଶମ କରିବା ପାଇଁ ସେ ଫଗୁଣ ବନରେ ପାଗଳ ପ୍ରାୟ ବୁଲୁଛି ।

'ବିଷାକ୍ତ ମଳୟ' ରଚନାରେ ସେ କହିଛନ୍ତି –

'ଚୋରା ମଳୟ ମୁଁ ଫଗୁଣ ବନରେ
ଲୋଟୁଛି ପାଗଳ ଭଳି
ଚନ୍ଦନ ବନେ ନାଗକନ୍ୟାର
ବିଷରୁ ଯିବାରୁ ଜଳି'

ଅଧିକରୁ ଅଧିକ ଗୀତି କବିତା ରଚନା ପୂର୍ବକ କବି ଶ୍ରୀ ମିଶ୍ର ସତ୍ୟନାରାୟଣ ଓଡ଼ିଆ ସାହିତ୍ୟକୁ ରଦ୍ଧିମନ୍ତ କରିବେ, ଏଇ ଆଶା ଓ ବିଶ୍ୱାସ ରହିଛି ।

ମନୋଜ ମହାନ୍ତି

ଗୀତିକବି ମନୋଜ ମହାନ୍ତିଙ୍କର ଗୀତିକବିତା ଗୁଡ଼ିକରେ ରହିଛି ଭାବପ୍ରବାହର ନୀଳଝରଣା। କବିଚିତ୍ତର ସୂକ୍ଷ୍ମ ଅନୁଭବ ଚିତ୍ରନଦୀ ହୋଇ ବୋହିଯାଇଛି ପ୍ରାୟ ପ୍ରତ୍ୟେକ କବିତାରେ । ରୋମାଣ୍ଟିକ୍ ଭାବ ବିଭୋରତା ଭିନ୍ନ ଭିନ୍ନ ଶବ୍ଦଚିତ୍ରରେ ଚିତ୍ରୟିତ ହୋଇଛି । 'ପ୍ରତି ପଲକରେ ତୁମେ' ତାଙ୍କ ରଚିତ ଏକ ଗୀତିକବିତା ପୁସ୍ତକ । ଏଥିରେ ପ୍ରୀତି ପ୍ରବଣତାର ସୁବର୍ଣ୍ଣ ସ୍ୱାକ୍ଷର ରହିଛି । କାହା ପାଇଁ ଏତେ ପ୍ରବଣତା । ସେ କିଏ ? ସେ କିବା ଫୁଲଫଗୁଣର ଉଦାତ୍ତ ନାୟକ ? ଅବା ସିଏ ଶୋଷ ଆଉ ଅବସୋସ ମଝିରେ ଥିବା ଦୁର୍ଗମ ଦୂରତା ? ସେ କିବା ସୁନା ଝୁମ୍ପା ଖରାର ବିଳାସ, ଅବା ଶରତ ସୀମାନ୍ତର ନଦୀ ଧାରା । କବିଙ୍କ ଭାଷାରେ ଏଇ 'ତୁମେ'ର ସ୍ୱରୂପ ଅତ୍ୟନ୍ତ ମର୍ମଗ୍ରାହୀ ।

'କୁହୁଡ଼ି ଭିତରେ ତୁମେ
ବଉଳର ମିଠା ବାସ୍ନା
ଉଆଁସ ରାତିରେ ତୁମେ
ସପନର ମଧୁଜ୍ୟୋସ୍ନା ।' (ସତେ କେତେ ଛଳଛଳ)

ରୋମାଣ୍ଟିକ୍ ଭାବାବେଗର ଅନ୍ୟ ଏକ ବିଶିଷ୍ଟ ଦିଗ ହେଉଛି ବିଷାଦବାଦୀ । ବିଷାଦର ଅନ୍ଧାରରେ ଅନ୍ଧାରିତ କବିମାନସ ଆତ୍ମପ୍ରକାଶ କରିଛି ଭିନ୍ନ ଭିନ୍ନ ରୂପକ ମାଧ୍ୟମରେ । କବିଙ୍କ ଲେଖନୀରେ ଜୀବନ ହୋଇଛି ଫଗୁଣ ହାତରେ ମୁଠେ କୃଷ୍ଣଚୂଡ଼ା । ଜୀବନ ଯେତେବେଳେ ବିଷାଦିତ ହୁଏ ସେତେବେଳେ ବୟସଟା ହୁଏ ବେଦନାର ବଡ଼ ବୋଝ, ହାରିଗଲା ପରି ଲାଗେ ଆଉ ସେତେବେଳେ ଅସହାୟତା କୁହୁଡ଼ି ପରି ଚାରିଦିଗରୁ ଘେରି ଆସେ ।

ଏପରି ଅନୁଭବକୁ ରୂପାୟିତ କରିବାକୁ ଯାଇ କବି ଲେଖିଛନ୍ତି –

'ଫଗୁଣ ହାତରେ ଜୀବନଟା ମୋର
ଝରା କୁଷ୍ଠଚୂଡ଼ା ମୁଠେ
ସ୍ମୃତିର ଶିଳାରେ ପ୍ରୀତି ଯେ ମୋହର
ମଥା ପିଠି କେତେ ଲୋଟେ'

ନଦୀର ଧର୍ମ ପ୍ରବହମାନତା ଚଳଚଞ୍ଚଳତା ତାର ସ୍ୱଭାବ । ନା ତାକୁ ଚୁଝିହୁଏ ନା ତାକୁ ଚୁଝାଇ ହୁଏ । ପ୍ରେମର ପ୍ରତିମା ସେହିପରି କାଳେ କାଳେ ଅଚୁଝା । ନା ତାକୁ ଚୁଝିହୁଏ ନା ତାକୁ ଚୁଝାଇ ହୁଏ । କେବଳ ଚୁଝିବାର ଓ ଚୁଝାଇବାର ପ୍ରୟାସ ଜାରି ରହିଥାଏ । କବିଙ୍କ ଭାଷାରେ –

'ନଦୀ ଗୋ ତୁମକୁ ଚୁଝିପାରିଲିନି
ଅବା ପାରିଲିନି ଚୁଝେଇ
କେବେ କର ଏଇ ମାଟିକୁ ଶୁଖିଲା
କେବେ ପୁଣି ଦିଅ ଭିଜେଇ' ।

ହତାଶା ଭିତରେ ଆଶାବାଦର ଝଲକ କବିଙ୍କ ମନରେ ଆସେ । ଆଶା–ନିରାଶା, ପ୍ରାପ୍ତି–ଅପ୍ରାପ୍ତି, କଳ୍ପନା–ବାସ୍ତବତା, ଦାନ–ପ୍ରତିଦାନର ଚିନ୍ତା ଓ ଚେତନାରେ ଭରି ଯାଇଛି କବିତା ଗୁଡ଼ିକର ପଂକ୍ତି ମାଳା । ନିର୍ବାଚିତ ଯଥାଯୋଗ୍ୟ ଶବ୍ଦସମ୍ଭାରରେ ପ୍ରାୟ ପ୍ରତ୍ୟେକ କବିତା ପାଠକୀୟ ତଲ୍ଲୀନତା ଦାବି କରେ ।

ରବି ମହାପାତ୍ର –

ମନର ଭାବାନ୍ତର ଅଳ୍ପ ଭାଷାରେ ଗୀତିମୟତାରେ ରୂପ ପାଇ ଗାନ ଯୋଗ୍ୟତା ଲାଭ କଲେ ଯେଉଁ ସଂରଚନା ହୁଏ ତାହା ହେଉଛି ଗୀତିକବିତା । ଜୀବନର ସ୍ୱପ୍ନ, ସମ୍ଭାବନା ଓ ସ୍ମୃତି ତାହାର ମୁଖ୍ୟ ଅବଲମ୍ବନୀୟ ବିଷୟବସ୍ତୁ ହୁଏ । ସାହିତ୍ୟର ଅନ୍ୟାନ୍ୟ ବିଭାବ ପରି ଗୀତିକବିତା ମଧ୍ୟ ନିଜକୁ ଲେଖାଇ ନିଏ । କବି ହୁଏ ସେତେବେଳେ ସୁକ୍ଷମ ମାଧ୍ୟମଟିଏ ମାତ୍ର । ଶୁଭୁଥାଏ ତାକୁ ଆଉ କାହା କଣ୍ଠସ୍ୱର ଅସ୍ପଷ୍ଟ ଭାବରେ, ଦିଶୁଥାଏ ଆଉ କାହା ମୂର୍ତ୍ତି ଅଳ୍ପ ଆଲୋକରେ । କେତେ କେତେ ଗବାକ୍ଷରୁ ଜୀବନକୁ ସେ ଦେଖେ । ଜୀବନର ରେଖାଙ୍କ ଦେଖି ବିମୋହିତ ହୁଏ, ବିସ୍ମିତ ହୁଏ ପୁଣି ବେଳେବେଳେ ବ୍ୟଥିତ ମଧ୍ୟ ହୋଇଯାଏ । ସବୁ ଅନୁଭୂତି ରୂପାୟିତ ହୋଇପାରେ ଗୀତିକବିତାରେ ।

ରବି ମହାପାତ୍ରଙ୍କ ଗୀତିକବିତାମାନଙ୍କରେ ଜୀବନର ଅନୁଶୀଳନ ତଥା ବିଶ୍ଳେଷଣ ରହିଛି । ନିଜସ୍ୱ ଚେତନାର ଦର୍ପଣରେ ସେ ଜୀବନକୁ ତନ୍ନତନ୍ନ କରି ପର୍ଯ୍ୟବେକ୍ଷଣ କରିଛନ୍ତି । କେତେବେଳେ ଜୀବନକୁ ଛୋଟ ମାଟି ଦୀପଟିଏ ସହିତ ତ ଆଉ କେତେବେଳେ ଶୁଖିଲା ପତର ସହିତ ତୁଳନା କରିଛନ୍ତି । ନିଜର ସ୍ଥିତିକୁ ଜାହିର୍ ନକରି ବରଂ ଅନ୍ୟର ସେବାରେ ନିଜକୁ ଉତ୍ସର୍ଗ କରିବାକୁ ସେ ଶ୍ରେୟ ମଣିଛନ୍ତି । ସଂଜରୁ ସକାଳଯାଏ ଦୀପ ଭଳି ଅନ୍ୟକୁ ଆଲୋକ ଦେବାରେ ତାଙ୍କ ଜୀବନର ସାର୍ଥକତାକୁ ସେ ଅନୁଭବ କରିଛନ୍ତି । ଆଲୋକ ଦାନର ପ୍ରତିଦାନ ଆଶା ତାଙ୍କର ନାହିଁ । ତଥାପି ବେଳେବେଳେ ଅଭିମାନ ଟିକିଏ ଯେ ନଆସିଛି ଏପରି ନୁହେଁ । ସେ ଅଭିମାନ ଅତ୍ୟନ୍ତ ସାବଲୀଳ ଓ ସ୍ୱାଭାବିକ । କବିଙ୍କ ଭାଷାରେ –

ଲିଭି ଗଲେ ଦୀପ ହଜି ଯିବି ସିନା
କିଏ ବା ଭାଳିବ ମୋତେ
ବାହାନାରେ ଅବା ଝରାଇବ କିଏ
ଲୁହ ମୋର ଯିବା ପଥେ (ପ୍ରୀତିପ୍ରଦୀପ)

x x x x

ମୁଁ ଯେ ଲେଉଟାଣି ଛାଇ
ମେଲାଣି ବେଳାରେ ଚୁଲାଣି ପଥକୁ ଅବଶ ମୋ ପାଦ ଟୁଇ (ପ୍ରୀତିପ୍ରଦୀପ)

ଅଭିମାନର ଅନ୍ତଃସ୍ୱର ଥାଏ ରୋମାଣ୍ଟିକ ଭାବାବେଗରେ । କବି ଶ୍ରୀ ମହାପାତ୍ର ସ୍ୱଭାବତଃ ଜଣେ ରୋମାଣ୍ଟିକ୍ ଭାବନାର ଲିପିଶିଳ୍ପୀ । ହତାଶାରେ ଆଶା ପୁଣି ଆଶାରେ ହତାଶାର ଗମନାଗମନ ପାଇଁ ରୋମାଣ୍ଟିକ୍ ଭାବବତ୍ତା ଏକ ସୁବିସ୍ତୃତ ରାଜପଥ । ବହୁ ଚିତ୍ର ଭିତରେ ନିଜକୁ ଖୋଜିବା ପୁଣି ପାଇ ହଜାଇବା ଓ ଆହୁରି ଖୋଜିବା କବିକର୍ମର ଅନ୍ତର୍ଭୁକ୍ତ । ମନରେ ଅମାପ ଢେଉ, କୂଳଛୁଇଁ ଫେରିଯାଏ ପୁଣି ଆସିବା ପାଇଁ । ସେଇ ଲହରୀ ହୋଇ ନୁହେଁ, ଆଉ ଏକ ଲହରୀର ରୂପ ନେଇ । କବିଙ୍କ କଥାରେ –

ସଂଜରେ ସାଜେ ରଜନୀଗନ୍ଧା
ସକାଳେ ଶେଫାଳି ଫୁଲ
ଯଉବନ ମୋର କମଳ ବନରେ
ଟୋପାଏ ଶିଶିର ଟୁଲ
କାହା ମନ ବନ ଜଳାଇ ଦିଏ ମୋ ଲାଜ ଲାଜ ଧୀର ଗତି ।

(ପ୍ରୀତିପ୍ରଦୀପ)

ରବି ନାରାୟଣ ସେନାପତି –

ଶ୍ରୀଯୁକ୍ତ ସେନାପତି ଗୀତିକବିତା ରଚନା ସହିତ ସାହିତ୍ୟର ଅନ୍ୟାନ୍ୟ ଦିଗରେ ମଧ୍ୟ ଲେଖନୀ ଚାଳନା କରିଛନ୍ତି । ସେ କବିତା, ପ୍ରବନ୍ଧ, ଗଳ୍ପ ଓ ଶିଶୁ ସାହିତ୍ୟ ରଚନା କ୍ଷେତ୍ରରେ ପାରଦର୍ଶିତା ଅର୍ଜନ କରିଛନ୍ତି ।

ଗୀତିକବିତା ପୁସ୍ତକ 'କୃଷ୍ଣଚୂଡ଼ା'ରେ ଏକାବନଟି ଗୀତିକବିତା ସ୍ଥାନିତ ହୋଇଛି । ଏଥିରେ ବିଭିନ୍ନ ସ୍ୱାଦର ସୃଷ୍ଟି ରହିଛି । ରୋମାଣ୍ଟିକ ଭାବଧର୍ମୀ ସୃଷ୍ଟି ସହିତ ଭକ୍ତିଭାବଧର୍ମୀ କେତେକ ରଚନା ପୁଣି ଦେଶପ୍ରୀତିମୂଳକ କେତେକ କୃତିର ସମାହାର ଏହି ପୁସ୍ତକରେ ଦେଖିବାକୁ ମିଳେ ।

କେତେବେଳେ କବିଚିତ୍ତ କୃଷ୍ଣଚୂଡ଼ାର ରଙ୍ଗକୁ ଦେଖି ଭାବବିଭୋର ତ ଆଉ କେତେବେଳେ କାମିନୀଫୁଲିଆ ଜହ୍ନରାତିରେ ଆତ୍ମମଗ୍ନ । ବରଷାର ରିମ୍‌ଝିମ୍ ସ୍ୱରରେ କେତେବେଳେ ଆନମନା ତ ଆଉ କେତେବେଳେ ବାଦଲ ସହ ଭାବ ବିନିମୟ କରିଛନ୍ତି ସ୍ରଷ୍ଟା ପୁରୁଷ । ଧାରଧାର ବର୍ଷାର ଦର୍ଶନରେ ସେ ଉଲ୍ଲସି ଉଠିଛନ୍ତି । ବର୍ଷାଜଳର ସ୍ପର୍ଶରେ ପରିବେଶ ଶୀତଳ ହେବ, ଶାନ୍ତ ହେବ, ନଦୀ ପୂରିବ, କଇଁ ଫୁଟିବ ଇତ୍ୟାଦି ଇତ୍ୟାଦିର ଦୃଶ୍ୟ ତାଙ୍କ ନୟନ ସମକ୍ଷରେ ଭାସିଉଠିଛି ।

କବିଙ୍କ ଭାଷାରେ –

ଛାତି ଫୁଲାଇ ନଦୀର ଧାର
ଛୁଇଁବ ଦୁଇ କୂଳ
ନୀଳକଇଁଟି ହସି ଉଠିବ
ପାଇ ବରଷା ଜଳ ।

ବାସନ୍ତୀ ପରିବେଶର ଜୟଗାନ କରିଛନ୍ତି କବି । ଭଅଁର ଗୁଞ୍ଜନ ସହ କୋଇଲିର କୁହୁତାନ କବିଙ୍କୁ ଅନୁପମ ଆନନ୍ଦ ଦେଇଛି । ଫୁଲମାନଙ୍କର ପ୍ରେମିକ ସାଜିଛି ଭ୍ରମର, ଫୁଲରୁ ଫୁଲକୁ ଉଡ଼ି ସେ ଯେମିତି ପ୍ରଚାର କରୁଛି ପ୍ରେମର ବାର୍ତ୍ତା । କବିଙ୍କ ଭାଷାରେ–

'ପ୍ରେମିକ ବେଶରେ ସାଜିଛି ଭ୍ରମର
ପୀରତିର ଗୀତ ଗାଇ
ଫୁଲରୁ ଫୁଲକୁ ଉଡ଼ି ଉଡ଼ି ବୁଲେ
ପୀରତି ବାରତା ନେଇ ।'

ଶ୍ରୀଜଗନ୍ନାଥଙ୍କ ମହିମା ବର୍ଣ୍ଣିତ ହୋଇଛି କବିକୃତ କେତେକ ରଚନାରେ । କୃପା ଟିକିଏ ପାଇବା ପାଇଁ ପ୍ରାର୍ଥନା କଲେ ମଧ୍ୟ କୃପା ମିଳିନାହିଁ ସହଜରେ ବୋଲି ସେ ଅଭିଯୋଗ କରିଛନ୍ତି । ଏହା କେବଳ ତାଙ୍କର ଅଭିଯୋଗ ନୁହେଁ ବରଂ ପରମ ପ୍ରଭୁଙ୍କ ପ୍ରତି ସମଗ୍ର ମାନବ ସମାଜର ଅଭିଯୋଗ । ଏହା ଅଧିକାରର ଅନ୍ୟ ନାମ, ଅନ୍ୟ ରୂପ । କବିଙ୍କ ଭାଷାରେ –

'ତୁମକୁ ଆଦରି ଆଶ୍ରା ଟିକେ ପାଇଁ
ଚାହିଁ ଚାହିଁ ଗଲା ଦିନ
କୃପାସାଗରରୁ ଟୋପାଟିଏ ପାଇଁ
କାହିଁକି ହୁଅ କୃପଣ ।'

ଜଗଜ୍ଜନନୀ ମା'ଙ୍କ ନିରାଜନାରେ କବି ଶତମୁଖ ହୋଇଛନ୍ତି । ଅଭୟଦାୟିନୀ ଦେବୀ, ବରାଭୟ ଦାୟିନୀ ଦେବୀଙ୍କ ପାଦସ୍ପର୍ଶରେ ଧରାରେ ଖେଳିଯାଏ ଆନନ୍ଦ ଲହରୀ, ଭରିଯାଏ ଦିଗେ ଦିଗେ ଶାନ୍ତିର ମନ୍ଦାକିନୀ ବୋଲି କବି ଉଲ୍ଲେଖ କରିଛନ୍ତି ।

'ତୋର ଆଗମନେ ମା'ଗୋ
ଆନନ୍ଦର ଲହରୀ
ଜଳସ୍ଥଳ ଆକାଶରେ
ଯାଏ ଖେଳିଖେଳି ।'

କବି ଶ୍ରୀଯୁକ୍ତ ସେନାପତିଙ୍କ ଗୀତିକବିତା ଗୁଡ଼ିକର ମାଧୁର୍ଯ୍ୟ, ଶ୍ରୁତିମଧୁରତା ସର୍ବୋପରି ସୁକୁମାରପଣ ପାଠକୀୟ ଆଦୃତି ଲାଭ କରିଛି ।

ରବୀନ୍ଦ୍ର କୁମାର ସାହୁ –

ବୃତ୍ତିରେ ଶିକ୍ଷକ ମାତ୍ର ପ୍ରବୃତ୍ତିରେ ସେ କବି । ଗୀତିକବିତା ରଚନାରେ ତାଙ୍କର ଆଗ୍ରହ । 'ପୁଷ୍ପାଞ୍ଜଳି' ତାଙ୍କର ଗୀତିକବିତା ପୁସ୍ତକ । ଏଥିରେ ବିଭିନ୍ନ ସ୍ୱାଦର ରଚନା ରହିଛି । ଦେଶାତ୍ମବୋଧ, ବିଭୁଭକ୍ତି ସହ ଜୀବନର ବାସ୍ତବତା ଭିତ୍ତିକ କେତେକ ରଚନା ଏଥିରେ ସ୍ଥାନିତ । ଦାର୍ଶନିକ ଅନୁଚିନ୍ତା ସହ ସମାଜିକ ଚେତନାର

ସମନ୍ୱୟ କେତେକ ସୃଷ୍ଟିରେ ତାଙ୍କର ଦେଖିବାକୁ ମିଳେ ।

ଦେଶମାତୃକାକୁ ଉଚ୍ଚ ଆସନ ଦେଇଛନ୍ତି କବି ଶ୍ରୀରବୀନ୍ଦ୍ର କୁମାର ସାହୁ । ମାତୃଭୂମିର ପବିତ୍ରତା, ମହନୀୟତା, ଗୌରବଦୀପ୍ତତା ଅସାମାନ୍ୟ । ତା' କୋଳରେ ଜନ୍ମ ନେଇ କବି ନିଜକୁ ଭାଗ୍ୟବାନ ମନେ କରିବା ସହିତ ତା'ର ଆଶିଷ ଭିକ୍ଷା କରିଛନ୍ତି । କବିଙ୍କ ଭାଷାରେ –

'ସ୍ନେହମୟୀ ଜନନୀ ତୁହି
ତୋ କୋଳର ସୁଖଶିରୀ ନପାରେ କହି । (ସର୍ବବିଶ୍ୱେ ତୁ ବନ୍ଦିତା)

'ଜନ୍ମଭୂମି', 'ତ୍ରିରଙ୍ଗା', 'ଉଦ୍‌ଭାସିତ ତୁମ ଛବି' 'ମାଟି ମା' ପ୍ରଭୃତି କବିତାରେ ଜାତୀୟତାବୋଧର ରମ୍ୟ ସ୍ୱର ପ୍ରକଟିତ ହୋଇଛି । ତ୍ରିରଙ୍ଗା ଏ ମାଟିର ମାନ ଓ ଗୌରବ, ଅନନ୍ତ ପ୍ରେରଣାର ଉତ୍ସ, ଅସୀମ ଶକ୍ତିର ଆସ୍ଥାନ । ଦେଶରୂପୀ ଦେବାଳୟରେ ତ୍ରିରଙ୍ଗା ହିଁ ଦେବତା । ଏହି କଥା କହିବାକୁ ଯାଇ କବି କହିଛନ୍ତି –

'ଆମ ଦେବାଳୟେ ତୁମେଟି ଦେବତା
ତୁମ ପୂଜା ଆମ କାମ୍ୟ
ଆମ ପୂଜାଥାଳୀ ଆମ ପୂଜାଫୁଲ
ତୁମ ଲାଗି ସିନା ଧନ୍ୟ' (ଜନ୍ମଭୂମି)

ସ୍ୱପ୍ନ, ଜୀବନ ନୁହେଁ ଜୀବନ ମଧ୍ୟ ଏକ ସ୍ୱପ୍ନ ନୁହେଁ । ବାସ୍ତବତା ହିଁ ଜୀବନ ଯେଉଁଠି କର୍ମତତ୍ପରତା ଏବଂ କର୍ତ୍ତବ୍ୟ ପରାୟଣତା ହେଉଛି ବଞ୍ଚିବାର ଉପାଦାନ । ସ୍ୱପ୍ନର ରାଜକୁମାର ହେବା ଅପେକ୍ଷା ବାସ୍ତବତାର ସାଧାରଣ ବ୍ୟକ୍ତିଟିଏ ହେବା କୋଟି ଗୁଣେ ଶ୍ରେୟସ୍କର । କର୍ମ ହିଁ ଧର୍ମ, କର୍ମ ହିଁ ଜୀବନର ମାନଦଣ୍ଡ, କର୍ମକୌଶଳ ହିଁ ଯୋଗ ପଦବାଚ୍ୟ । ସ୍ୱପ୍ନ ସୁନ୍ଦରୀର ଜାଲରେ ପଡ଼ିଲେ ମଣିଷ ଜୀବନ ଶେଷରେ ଭିକାରୀ ତୁଲ୍ୟ ହୋଇଯାଏ । ବାସ୍ତବତାର ପୂଜା ହିଁ ପ୍ରକୃତ ପୂଜା, ଜୀବନ ସଂଗ୍ରାମ ହିଁ ସେହି ପୂଜା ପାଇଁ ପୂଜାଫୁଲ । ଚେତନାର ଅଗ୍ରଗତି ହିଁ ଏହାର ଫଳଶ୍ରୁତି । ବାସ୍ତବତାର ପ୍ରଶସ୍ତିଗାନ କରି କବି ଶ୍ରୀଯୁକ୍ତ ସାହୁ କହିଛନ୍ତି –

'ବାସ୍ତବ ଜୀବନେ ବାସ୍ତବତା ସିନା
ତୋର କୁଟୀର ପ୍ରଦୀପ
ତୋ ସୁନା ସଂସାର ହସାଇବ ସିନା
ହୋଇ ସେ ସଜ ଗୋଲାପ' (ତୋତେ କେ ଧନ୍ୟ ମଣିବ)

ପରିବାରର ମହତ୍ତ୍ୱ ପ୍ରସଙ୍ଗରେ କବିଙ୍କ ଲେଖନୀ ଚଳ ଚଞ୍ଚଳ ହୋଇଛି । ଉତ୍ତମ ପରିବାର ହିଁ ଉତ୍ତମ ସମାଜର ଉତ୍ସ । ଉତ୍ତମ ସମାଜରୁ ଉତ୍ତମ ରାଜ୍ୟ ଓ ଉତ୍ତମ ରାଜ୍ୟରୁ ଉତ୍ତମ ରାଷ୍ଟ୍ର ଗଠନ କେବଳ ସମ୍ଭବ । ଘର ହିଁ ଶ୍ରେଷ୍ଠ ଆସ୍ଥାନ ଯାହା ବୈକୁଣ୍ଠଠାରୁ ଅଧିକ ପବିତ୍ର, ଅଳକା ଭୁବନରୁ ଅଧିକ ମନୋରମ ଓ ଚୈତ୍ରରଥଠାରୁ ଅଧିକ ସୁରମ୍ୟ । କବି ଶ୍ରୀଯୁକ୍ତ ସାହୁ ଅତି ଚମତ୍କାର ଭାବରେ ଘରର ଗୁରୁତ୍ୱ ଉପସ୍ଥାପନା କରିଛନ୍ତି । ତାଙ୍କ ମତରେ ବ୍ରହ୍ମା, ବିଷ୍ଣୁ, ମହେଶ୍ୱର ଆଦି ଦେବତା ପ୍ରଲୁବ୍ଧ ହୋଇ ଆସିବେ ଯଦି ମଣିଷର ଘରଟି ପ୍ରକୃତ ଘରର ଭୂମିକା ନିର୍ବାହ କରିବ । ଦେବତାମାନେ କାଳେ କାଳେ ମଣିଷ ପ୍ରତି ଅନୁରାଗୀ । ମଣିଷର ପ୍ରଗତିର ସୀମା ଅଧିକ, ମଣିଷର ନମନୀୟତା ଅଧିକ ତଥା ମଣିଷର ଗ୍ରହଣଶୀଳତା ଅଧିକ । ଘର ହେବ ସ୍ୱର୍ଗ, ସ୍ୱର୍ଗର ସମସ୍ତ ସୌରଭ ଓ ଗୌରବ ହସି ହସି ଖସି ଆସିବ ମର୍ତ୍ତ୍ୟର ମାଟିକୁ, ମଣିଷର ଯଥାର୍ଥ

ଘରକୁ । କବିଙ୍କ ଭାଷାରେ –

'ପଦ୍ମଯୋନି ଭୁଲି ସ୍ୱର୍ଗ ଭୁବନ । ଆସିବେ ତୋହରି ଆନନ୍ଦ ବନ ।
ସ୍ୱୟଂ ନାରାୟଣ ବୈକୁଣ୍ଠ ଭୁଲି । ତୋ ସୁଖାଳୟକୁ ଆସିବେ ଚଳି ।
କୈଳାସ ବରଜି ପ୍ରଭୁ ଶଙ୍କର । ତାଙ୍କରି ଦର୍ଶନେ ହସେ ତୋପୁର ।
ରହ୍ ସିଂହାସନ ତେଜି ବାସବ । ମର୍ତ୍ତ୍ୟରେ ଭ୍ରମିବେ ଏକଥା ଧ୍ରୁବ ।''

(ତୋ ଠାରୁ ସୁନ୍ଦର ତୋହରି ଘର)

ଅନୁଭୂତିର ରୋମାଣ୍ଟିକ ଭାବପ୍ରବଣତାର ସୁବର୍ଣ୍ଣସ୍ୱାକ୍ଷର କେତେକ କବିତା ବହନ କରିଛି। ଶ୍ରୀଯୁକ୍ତ ସାହୁ ନିଜର ପ୍ରିୟାକୁ ପାରିଜାତଠାରୁ ଅଧିକ ସୁନ୍ଦର ବୋଲି କେହି କହିବା ସହ ଅମୃତଠାରୁ ଅଧିକ ମଧୁର ବୋଲି ମଧ୍ୟ ବିଚାର କରିଛନ୍ତି । ପ୍ରିୟା ପ୍ରତି ଅସରନ୍ତି ଆକର୍ଷଣ ହିଁ ତାଙ୍କର ଭଲ ପାଇବାର ସୁକାନ୍ତ ଇସ୍ତାହାର । ପ୍ରିୟାର ପ୍ରୀତିଧାରା କବିଙ୍କ ପାଇଁ ମର୍ତ୍ତ୍ୟରେ ଅମର୍ତ୍ତ୍ୟତରଙ୍ଗିଣୀ ।

କବିଙ୍କ ଭାଷାରେ –

''ମମତା ମଧୁର ପ୍ରୀତି
ପ୍ରିୟା ତୁମେ ମୋର
ସ୍ୱର୍ଗ ପାରିଜାତଠାରୁ
ଆହୁରି ସୁନ୍ଦର
ତୁମ ହସ ଫରୁଆରେ
ହସୁଥିବି ମୁହିଁ
ପ୍ରତିକ୍ଷଣେ ସେନେହଟି
ତୁମଠାରୁ ପାଇ ।'' (ମମତା ମଧୁର ପ୍ରୀତି)

ନିଜର ଗର୍ଭଧାରିଣୀ ମାଆଙ୍କ ପ୍ରତି କବି କୃତଜ୍ଞତା ଜଣାଇଛନ୍ତି । କବିଙ୍କର ଅସୀମ ନମ୍ରତା ଲକ୍ଷଣୀୟ । ମାଆଙ୍କ ଆଦର, ସ୍ନେହର ପଟାନ୍ତର ନାହିଁ । ଅଶୁଝା ଋଣ ସେ ତାକୁ ଶୁଝି ହୁଏ ନାହିଁ । ମାଆଠାରୁ ଅଧିକ ଆପଣାର ଆଉ ନାହିଁ କେହି ପୃଥିବୀରେ । ଅପୂର୍ବ ସେ ସ୍ନେହ, ସ୍ୱର୍ଗରେ ସୁଲଭ ସିଏ ମର୍ତ୍ତ୍ୟରେ ଦୁର୍ଲ୍ଲଭ । ଦିବ୍ୟ ଭାବନାରେ ମାଆର ଭାବନା ଭରପୂର । ସନ୍ତାନ ପାଇଁ ଅପର୍ଯ୍ୟାପ୍ତ କଲ୍ୟାଣ କାମନାରେ ମାଆ ମନ ଚିରଦିନ ଜୁଳଉଛୁଳା । କବିଙ୍କର ମାତୃଭକ୍ତି ଅନନ୍ୟ ।

କବିଙ୍କ ଭାଷାରେ –

'ଶୁଝିପାରିବିନି ତୋର ଉପକାର
ଶତ ଜନମରେ ମୁହିଁ
ଭୁଲିପାରିବିନି ସ୍ନେହ ଭରା ଡାକ
ଯେତେ ଦୂରେ ଥିଲେ ମୁହିଁ ।' (ମୋ ସୁନା ବୋଉର କୋଳ)

କବି ଶ୍ରୀଯୁକ୍ତ ରବୀନ୍ଦ୍ର କୁମାର ସାହୁଙ୍କର କବିତାଗୁଚ୍ଛ ପୁଷ୍ପାଞ୍ଜଳି ଅତ୍ୟନ୍ତ ସୁଖପାଠ୍ୟ ଓ ମନନ ଧର୍ମୀ । ଏଥିରେ ରହିଛି ସର୍ବଜନ ଅନୁଭବ୍ୟ ଭାବଧାରା ଓ ସରଳ ଭାଷାର ସଜଡ଼ା ସମ୍ଭାର ।

ରମେଶ ଦାସ –

ମଣିଷ ଆଉ କେହି ନୁହେଁ, ନିଜେ ବ୍ରହ୍ମ, ଅମଳିନ ଆତ୍ମା ଓ ଏକ ଶାଶ୍ୱତ ସ୍ଥିତି– ଏହି ଭାବ ଓ ଭାବନାର କବି ହେଉଛନ୍ତି ରମେଶ ଦାସ । ରଚନାରେ ତାଙ୍କର ବ୍ରହ୍ମ ଉପାସନା ସହ ଆତ୍ମାର ସ୍ୱଚ୍ଛନ୍ଦ ବନ୍ଦନା ରୂପାୟିତ । 'ଯେ ବ୍ରହ୍ମ, ସେ ଆତ୍ମା, ଯେ ଆତ୍ମା, ସିଏ ବ୍ରହ୍ମ'– ଏହି ଅନୁଚିନ୍ତାରେ ପର୍ଯ୍ୟବସିତ ବହୁ ଗୀତି ତାଙ୍କର 'ସ୍ୱଚ୍ଛନ୍ଦ' ଶୀର୍ଷକ ପୁସ୍ତକରେ ସ୍ଥାନିତ । କାଚ ନୁହେଁ ମଣି ସଂଗ୍ରହ ଆମର ଲକ୍ଷ୍ୟ । କାଚ ବେଳେବେଳେ ମଣିକୁ ତେଜ ଓ ଜ୍ୟୋତିରେ ବଳାଇଯାଏ । ତେଣୁ ତାକୁ ଚିହ୍ନିବା ପାଇଁ ଟିକିଏ ଅଧ୍ୟବସାୟ ଲୋଡା ହୁଏ । କାଚ ଓ ମଣିକୁ ଚିହ୍ନାଇ ଦେଇଥାନ୍ତି ଗୁରୁ । ତେଣୁ ଗୁରୁ ସର୍ବଦା ବନ୍ଦନୀୟ । ଗୁରୁ ସାକ୍ଷାତ ବ୍ରହ୍ମ ସ୍ୱରୂପ, ଶିଷ୍ୟ ପ୍ରତି ବିମୁକ୍ତ ତାଙ୍କର ଆଶୀର୍ବାଦର ଦ୍ୱାର, ଶିଷ୍ୟ ତାଙ୍କର ଅତି ଆପଣାର, ଏକାନ୍ତ ନିଜର । କବି ଶ୍ରୀଯୁକ୍ତ ଦାସଙ୍କ ଭାଷାରେ –

'ଗୁରୁ ପରମ ତୀର୍ଥ, ଗୁରୁ ପରମ ଧାମ
ଗୁରୁ ପରମ ତପ, ଗୁରୁ ପରମ ବ୍ରହ୍ମ
ଗୁରୁ ପବିତ୍ର ତ୍ରିବେଣୀ ସ୍ନାନ ।'

ବେଦବେଦାନ୍ତର ବାଣୀ ଅନୁସାରେ ମନୁଷ୍ୟର ଅସଲ ସତ୍ତା ହେଉଛି ତା'ର ଆତ୍ମା । ଆତ୍ମାରେ ମଣିଷ ଅବିନାଶୀ, ଚିରଜାଗ୍ରତ, ନିତ୍ୟ ନିରନ୍ତର ମୁକ୍ତ ଓ ପରିବ୍ୟାପ୍ତ । ନିଜେ ନିଜକୁ ପାଇବା ପାଇଁ ମନୁଷ୍ୟର ଜନ୍ମ । ଯେତେ ସେ ନିଜେ ନିଜକୁ ଖୋଜିବ, ତହିଁରେ ତା'ର ଜୀବନର ସାର୍ଥକତା ସେତିକି ନିହିତ । ନିଜକୁ ନ ଖୋଜି ସେ ଯଶ, ଧନ, ମାନ, ଜନ ଖୋଜିବାରେ ଶକ୍ତି ଓ ସମୟ ନିୟୋଜିତ କରିବା ଅତ୍ୟନ୍ତ ଦୁଃଖର କଥା । ନିଜ ଭିତରେ ଅଛି ସୁଲଳିତ ଛନ୍ଦ, ଅନୁପମ ବର୍ଣ୍ଣବିଭା, ଅପୂର୍ବ ତାନ ଲହରୀ ଓ ମଧୁମାଦକ ଗାନ ସମ୍ଭାର । ତାହା ସହିତ ପରିଚିତି ଏକାନ୍ତ କାମ୍ୟ । ସେଥିପାଇଁ ସ୍ୱଚ୍ଛନ୍ଦରେ ଗତି କରିବାକୁ ହୁଏ । କବିଙ୍କ ଭାଷାରେ, 'ସ୍ୱଚ୍ଛନ୍ଦତାର ଅର୍ଥ ଉତ୍ସୃଙ୍ଖଳତା ନୁହେଁ, ବରଂ ନିଜର ଛନ୍ଦକୁ ଉପଲବ୍ଧି କରିବା, ସ୍ୱଭାବ ସହିତ ଏକାକାର ହୋଇଯିବା, ନିଜ ଭିତରର ଆତ୍ମା ସହିତ ଛନ୍ଦବଦ୍ଧ ହୋଇଯିବା ।'

'ଅହଂ ବ୍ରହ୍ମାସ୍ମି' ଉକ୍ତିର ମାପକାଠିରେ ମାପିଲେ ମନୁଷ୍ୟର ଦେହ, ପ୍ରାଣ, ମନ, ବୁଦ୍ଧି, ଜନ୍ମ–ମୃତ୍ୟୁ, ପାପ–ପୁଣ୍ୟ, ସବୁ କ୍ଷଣିକ, ଅଳିକ । 'ମୁଁ ହିଁ ବ୍ରହ୍ମ' ଏହି କଥାଟିକୁ ଶତ ପ୍ରତିଶତ ଅନୁଭବ କରି ଜୀବନ ବଞ୍ଚିବା ହିଁ ଜୀବନର ଲକ୍ଷ୍ୟ । ବାହାରର ଧନ ନୁହେଁ, ଭିତରର ଧନ ଅର୍ଜନ, ବାହାରର ଗନ୍ଧ ନୁହେଁ, ଭିତରର ସୁବାସ ଆଘ୍ରାଣ, ବାହାରର ରଙ୍ଗସଜ୍ଜା ନୁହେଁ, ଭିତରର ବର୍ଣ୍ଣବୈଭବ ଦର୍ଶନ ହିଁ ଅସଲ ମହତ୍ତ୍ୱପୂର୍ଣ୍ଣ କଥା । ଏହି ମହତ୍ତ୍ୱର ଉପଲବ୍ଧି ପାଇଁ ମଣିଷକୁ ତା'ର ଜୀବନ ଦିଆହୋଇଛି । ସ୍ୱଗତିଛନ୍ଦରେ ଅର୍ଥାତ୍ ସ୍ୱଚ୍ଛନ୍ଦରେ ଏହି ଉପଲବ୍ଧି ନିମନ୍ତେ ସେ ଅଗ୍ରସର ହେବା ବାଞ୍ଛନୀୟ । ଏହି ପଥର ପାଥେୟ ହେଉଛି ସରଳତା, ସାକ୍ଷୀପୁରୁଷର ଭାବ, ବିବେକ ବୈରାଗ୍ୟ, ବିଚାରଶୀଳତା, ସତ୍ୟଦୃଷ୍ଟି ଇତ୍ୟାଦି ଇତ୍ୟାଦି । ଏଥିପାଇଁ ମନ୍ତ୍ର, ପୂଜା, ପାଠ, ଜପ, ତପ ଲୋଡ଼ା ନାହିଁ । ଲୋଡ଼ା କେବଳ ନିଜର ଜିଜ୍ଞାସା, ଆନ୍ତରିକତା ଓ ସଚେତନତା ପ୍ରଭୃତି ସଦ୍‌ଗୁଣ । କବିଙ୍କ ଭାଷାରେ–

'ମନ୍ତ୍ର, ପୂଜା, ପାଠ, ଜପ, ତପ, ବ୍ରତ
ସାଧନର ମୂଲ୍ୟ ନାହିଁ ।'

ସାଧ ସାଧନର ବସ୍ତୁ ନୁହେଁ ବ୍ରହ୍ମ
ନିତ୍ୟାନନ୍ଦ ସେଠି କାହିଁ ?'

ବ୍ରହ୍ମ ଉପଲବ୍ଧି ପାଇଁ ଆବଶ୍ୟକ ଅର୍ଜୁନଙ୍କ ଆଖି ପରି ଆଖି, ପରୀକ୍ଷିତଙ୍କ କାନ ପରି କାନ, ହନୁମାନଙ୍କ ହୃଦୟ ପରି ସରଳ ହୃଦୟ ଏବଂ ମୀରାବାଈଙ୍କ ମନ ପରି ମଧୁର ମନ । ସର୍ବୋପରି ଗୁରୁଙ୍କ କୃପାକୁ ଆଶ୍ରୟ କରି ନିଜେ ନିଜ ପାଖରେ ପହଞ୍ଚିବା ଓ ନିଜ ବୀଣାରେ ନିଜେ ସ୍ୱର ସଜାଡିବା କେବଳ ସମ୍ଭବ ।

ରମେଶ ଦାସଙ୍କ ନାମ ଓଡ଼ିଆ ଗୀତିକବିତା ରାଜ୍ୟରେ ବେଶ୍ ପରିଚିତ । ତାଙ୍କ ରଚନାଶୈଳୀରେ ରହିଛି ଯଥାଯୋଗ୍ୟ ସାଙ୍ଗୀତିକତା ସହ ଆଧ୍ୟାତ୍ମିକ ଭାବଧାରା । କବିତ୍ୱ ସହିତ ବକ୍ତବ୍ୟର ପରିଚ୍ଛନ୍ନତା ସମନ୍ୱିତ ହୋଇ ରହିଥିବାରୁ ପ୍ରତ୍ୟେକ ଗୀତିକବିତା ହୋଇଛି ସୁଖପାଠ୍ୟ ଓ ମର୍ମସ୍ପର୍ଶୀ ।

ରାଧାଶ୍ୟାମ ପାତ୍ର –

ଅତୀତ ଆମୁଖତା, ବେଦନାବୋଧ,ହତାଶା, ସ୍ୱପ୍ନଭଙ୍ଗ ସମେତ ଆତ୍ମମଗ୍ନତା ହେଉଛି ରୋମାଣ୍ଟିକଭାବ ଧାରାର ମୂଳକଥା । ଏହି ଭାବରେ ଭାବିତ ହୋଇଛି କବି ରାଧାଶ୍ୟାମ ପାତ୍ରଙ୍କର ଚିତ୍ତବୃତ୍ତି ଯାହା ପ୍ରକଟିତ ହୋଇଛି 'ପ୍ରୀତିର ଗୀତି' ପୁସ୍ତକରେ । ମନର କଥା ମନରେ ରହିଯାଇଛି, କହି ହେଉନାହିଁ କାହା ଆଗରେ ବା ସହି ହେଉ ନାହିଁ ନିଜ ଭିତରେ । କେବଳ ସ୍ୱଗତୋକ୍ତି କରିବା ଛଡ଼ା ଆଉ ଉପାୟ ନଥାଏ । କବିଙ୍କ ଭାଷାରେ –

'ମନେ ପଡ଼େ ଯେବେ ଅତୀତର କଥା
ଝରିଯାଏ ଆଖି ଲୁହ
ମନକଥା ମନେ ରଖି ଗାଉଥାଏ
ହୃଦୟେ ସାଇତି କୋହ''

ବୟସ ଏକ ନଦୀର ଧାର, ଘଣ୍ଟାର କଣ୍ଟା, ଗତି ତା'ର ଆଗକୁ ଆଗକୁ । ବନ୍ଧା ପଡ଼ିବା ତା'ର ଧର୍ମ ନୁହେଁ, ସ୍ୱଭାବ ସୁଲଭ ନୁହେଁ । ମନ କିନ୍ତୁ ନଦୀ ପରି ଆଗକୁ ଯାଇ ପାରେ ନାହିଁ, ଘଣ୍ଟା ପରି ଆଗକୁ ଆଗକୁ ଚାଲିପାରେ ନାହିଁ । ମନବନ୍ଧା ପଡ଼ିଯାଏ ଅତୀତର ଶିକୁଳିରେ । ସେ ଶିକୁଳି ଲୁହାର କି ସୁନାର ତାହା କହି ହୁଏ ନାହିଁ । ତେବେ ବନ୍ଧନ ଯେ ସୁଦୃଢ଼ ଏଥିରେ ସନ୍ଦେହ ନାହିଁ । ସେତେବେଳେ ମନ ଘୂରୁଥାଏ ଆପଣା କକ୍ଷରେ, ନିଜ ଆୟତ୍ତରେ ନଥାଏ । ଖଣ୍ଡ ଖଣ୍ଡ କରୁଥାଏ ପ୍ରତ୍ୟେକ ଅନୁଭବକୁ, ବିଶ୍ଳେଷଣ କରୁଥାଏ ଆପଣା ବାଗରେ, ଅଙ୍କ କଷୁଥାଏ ନିଜସ୍ୱ ଧାରକର ମାତ୍ର ସେ ଅଙ୍କ କଷା ସରୁ ନଥାଏ । ବହୁ କଥା ଭାବି ଭାବି କ୍ଲାନ୍ତି ଆସେ, ମନ ବିଭ୍ରାନ୍ତିରେ ପଡ଼ିଯାଏ, ମାତ୍ର ବିଭ୍ରାନ୍ତ ହୋଇଛି ବୋଲି ସେ ବୁଝିପାରେ ନାହିଁ । କବିଙ୍କ ଭାଷାରେ –

'ସମୟ ତ କେବେ ଫେରି ଚାହେଁ ନାହିଁ
ଆଗେ ଆଗେ ଚାଲୁଥାଏ
ବୟସକୁ କେହି ବାନ୍ଧି ପାରେ ନାହିଁ
ସରି ସରି ଯାଉଥାଏ'

ଆଙ୍ଗିକ ଓ ଆତ୍ମିକ ଦିଗରୁ ବିଚାର କଲେ ଉକ୍ତ ପୁସ୍ତକରେ ସ୍ଥାନିତ ଗୀତି କବିତା ଗୁଡ଼ିକ ଏକାଧାରରେ ଗାନଯୋଗ୍ୟ ଓ ସୁଖପାଠ୍ୟ ହୋଇପାରିଛି ।

ଲକ୍ଷ୍ମୀକାନ୍ତ ଖୁଣ୍ଟିଆ –

କବି ଲକ୍ଷ୍ମୀକାନ୍ତ ଖୁଣ୍ଟିଆଙ୍କ ଗୀତି କବିତାରେ ରହିଛି ଭକ୍ତିମତ୍ତା, ଦେଶପ୍ରାଣତା ପୁଣି ଭାବମଗ୍ନତାର ସ୍ୱରଲିପି । ଭାଷାରେ ରହିଛି ପ୍ରବହମାନତା, ଭାବରେ ଅଛି ସାନ୍ଦ୍ରତା । ଭକ୍ତି ଭାବରେ ଭାବିତ ତାଙ୍କର ଚିତ୍ତ ପରିକଳ୍ପନା କରିଛି ନିଜ ଗାଁର ଦାଣ୍ଡଧୂଳିକୁ ବଡ଼ଦାଣ୍ଡ ଧୂଳି ଭାବରେ, ନିଜ ଗାଁ ଘରର ପାହାଚ ଶ୍ରେଣୀକୁ ବାଇଶି ପାହାଚରେ ଅଂଶ ଭାବରେ – କବିଙ୍କ ଭାଷାରେ –

'ମୋ ଗାଁ ଦାଣ୍ଡରେ ବୁଲୁଥିଲା ବେଳେ
ବଡ଼ଦାଣ୍ଡ ଧୂଳି ମୋର ମନେପଡ଼େ
ଘର ଅଗଣାରେ ଚାଲିଯାଉଥିଲେ
ଆନନ୍ଦ ବଜାର ଆଖିରେ ନାଚେରେ
ମୋ ଘର ପାହାଚ ଉଠିଲାବେଳକୁ
ବାଇଶି ପାହାଚେ ଉଠୁଛି ।'(ମତେ ଅଭଡ଼ା ...)

ଭାବର ଠାକୁର ଶ୍ରୀଜଗନ୍ନାଥଙ୍କ ମହିମାଗାନରେ କବିଶତମୁଖ ହୋଇଛନ୍ତି ଅନ୍ୟ ଏକ ଭକ୍ତିଗୀତିରେ । ପ୍ରଭୁଙ୍କର ମହୀମୋହନିଆ ରୂପରେ କବିଙ୍କ ଆଖି ଲାଖି ଯାଉଛି । ମନର କଥା, ହୃଦୟର ବ୍ୟଥା ଆଉ କହିପାରି ନାହାନ୍ତି ସେ । କୃତଜ୍ଞତାରେ ଭରି ଯାଇଛି ଅନ୍ତର ତାଙ୍କର । ଯାହା ସେ ପାଇଛନ୍ତି ସବୁ କିଛି ସେହି ପରମ ପ୍ରଭୁଙ୍କର ଦାନ । ତେଣୁ ତାଙ୍କର ଜିନିଷ ତାଙ୍କୁ ଫେରାଇ ଦେବାକୁ ସେ ଇଚ୍ଛା କରିଛନ୍ତି – କବିଙ୍କ ଭାଷାରେ –

ଭାବର ଠାକୁର ଭାବନାରେ ମୋର
ପ୍ରତିପଲକରେ ଦିଶେ
ମୋ ଅନ୍ତର ତଳ ତା'ର ପାଦପଦ୍ମେ
ଅଜାଣତେ ଯାଇ ମିଶେ
ଯାହା ଦେଇଛି ସେ ଫେରାଇ ଦେଇ ମୁଁ
ଖାଲି ହାତେ ଯିବି ଚାଲି, (ମନକଥା ମୋର ଖୋଲି କହିବାକୁ)

ଦେଶପ୍ରାଣତାର ରଙ୍ଗରେ ରଞ୍ଜିତ ତାଙ୍କର କେତେକ ଗୀତି କବିତା । ଦେଶ ଏକ ମାଟି ପଥରେ ଗଢ଼ା ଜଡ଼ ପିଣ୍ଡ ନୁହେଁ, ଏହା ଏକ ଜାଗ୍ରତ ଚେତନା ବୋଲି ମହାଯୋଗୀ ଶ୍ରୀଅରବିନ୍ଦ ସେ ଦିନ ଉଦ୍‌ଘୋଷଣା କରିଥିଲେ । ଦେଶରେ ରହିଛି ଅନୁଭବ ଶକ୍ତି, ଚେତନାରେ ଅଗ୍ରଗତି ପାଇଁ ଅମାପ ସାମର୍ଥ୍ୟ । ଉତ୍କଳ ହେଉଛି କଳାକଳ୍ପନା ଓ କୃଷ୍ଟିର ରାଜ୍ୟ ।

ଅହିଂସା, ସତ୍ୟ, ନ୍ୟାୟ, ଶାନ୍ତିର ବାର୍ତ୍ତା ଶୁଣାଏ ଏହି ଉତ୍କଳ । ଏକତାର ମହାମନ୍ତ୍ରରେ ଦୀକ୍ଷିତ ଏହି ଉତ୍କଳ । ପ୍ରଭାତର ପକ୍ଷୀ ଏହାର ବନ୍ଦନା ଗାଏ, ସାଗର ନିରନ୍ତର ଚରଣଧୂଏ, ବନଗିରି ଏହାର ଯଶଗାଥା ଆକାଶକୁ ଶୁଣାଏ, ଝରଣା ଝରି ଝରି ଶାନ୍ତିର ବାରତା କହେ ।

କବି ଶ୍ରୀଯୁକ୍ତ ଖୁଣ୍ଟିଆଙ୍କ ଭାଷାରେ –

ପ୍ରଭାତ କାକଳି ବନ୍ଦନାଗାଏ
ମହୋଦଧି ଯା'ର ଚରଣ ଧୂଏ

ପଥର ଶେଯରେ ଝରଣା ଝରିଯା'
ଶାନ୍ତି ବାରତା ଶୁଣାଏ ଦୂରୁ ।(ଓଁକାର ଶୁଭେ ଯେଉଁ ଉଜୁଟୁ)

ଭାବପ୍ରବଣତାର ନୀଳ ଲହରୀରେ କବିଚିତ୍ତ ସିକ୍ତ । ଭାବନାର ଅନ୍ତ ନାହିଁ, ଅପେକ୍ଷାର ସୀମାନ୍ତ ନାହିଁ । ସ୍ୱପ୍ନ କେତେ ରହିଛି ତାଙ୍କର ସାକାର ନହୋଇ ତା'ର ହିସାବ ରହିଛି କେତେକ ସୃଷ୍ଟିରେ । ଜୀବନକୁ ସାହାରା ବାଲି ବୋଲି ଭାବନାରେ ସେ ପରିକଳ୍ପନା କଲାବେଳେ ସ୍ୱପ୍ନକୁ ମରୀଚିକା ବୋଲି କଳ୍ପନା କରିଛନ୍ତି । ନିଜର ବୋଲି ଭାବିଲେ ମଧ୍ୟ ସବୁ କିଛି ନିଜର ହୁଏ ନାହିଁ । ବେଳେବେଳେ ନିଜ ପାଖରେ ନିଜେ ହାରି ଯିବାକୁ ପଡ଼େ । ନିଜ ପାଖରେ ନିଜେ ଅଚିହ୍ନା ହେବାକୁ ପଡ଼େ । ଅଙ୍କ କଷିକଷି କ୍ଲାନ୍ତ ହେଲେ ହେଁ ଭାଗଶେଷ ଯେତିକି ରହିବା କଥା ତା'ଠାରୁ ଅଧିକ ରହିଯାଏ ।

'ମରୀଚିକା ପଛେ ଧାଇଁ ଆଜିଯାଏ
ସବୁକିଛି ସାରିଦେଲି
କେତେ ବା ପାଇଲି କେତେ ହଜାଇଲି
ମନେମନେ ଭାବି ହେଲି ।' (ସିଏ ତ କରିଲା ପର)

କବିଚିତ୍ତ କାଳେ କାଳେ ଯେମିତି ଗଭୀର ସେମିତି ବିସ୍ତୃତ । ସେ ନିଜକୁ ବୁଝିବାକୁ ଚାହେଁ ବୁଝି ପାରେନା, ନିଜକୁ ଯେତିକ ବୁଝେ ଅନ୍ୟକୁ ବୁଝାଇ ପାରେନା । ବୁଝାଇ ନପାରିବାର ଗ୍ଲାନିରେ ଜର୍ଜରିତ ହୁଏ । ବିଶ୍ୱ ଜୀବନକୁ ବୁଝିବାର ପ୍ରୟାସ ମଧ୍ୟ ତା ମନରେ ଥାଏ । ସେ ପ୍ରୟାସ ତା'ର ଅବ୍ୟାହତ ରହିଥାଏ । ଶ୍ରୀଯୁକ୍ତ ଖୁଣ୍ଟିଆଙ୍କ ଏହି ପ୍ରୟାସ ଅବ୍ୟାହତ ରହିଛି ଓ ଲେଖନୀ ତାଙ୍କର ଅଧିକରୁ ଅଧିକ ଗତିଶୀଳ ହେବ ବୋଲି ଆଶା ଓ ବିଶ୍ୱାସ ରହିଛି ।

ଲକ୍ଷ୍ମୀନାରାୟଣ ମହାନ୍ତି

କବି ଲକ୍ଷ୍ମୀନାରାୟଣ ମହାନ୍ତିଙ୍କର ଗୀତିକବିତାରେ ମୁଖ୍ୟତଃ ଭାବବିଭୋରତାର ସ୍ୱର ଅନୁରଣିତ । ପ୍ରକୃତିର ଧାରେଧାରେ ବିଚରଣ କରିଛି ତାଙ୍କର ମନ । ଜହ୍ନତାରା, ଫୁଲଫଗୁଣ, କୁମୁଦକମଳ, ଝାଉଁବନ, ବରଷାଧାରା, ଗୀତିଗୁଞ୍ଜନ ପ୍ରଭୃତି ଯେପରି କବିଙ୍କ ଲେଖନୀରେ ଚିତ୍ରିତ ହୋଇଛି ସେପରି ଚିତ୍ରିତ ହୋଇଛି ମଲାଜହ୍ନ, ମଲାସରସୀ, ଝରାଫୁଲ, ବେସୁରାଗୀତ, ଝାଉଁଳାଲତା, ଉଦାସୀସଞ୍ଜ ପ୍ରଭୃତି । ଏଗୁଡ଼ିକୁ କବି ପ୍ରତୀକ ଭାବରେ ବ୍ୟବହାର କରିଛନ୍ତି । ଜୀବନର ଦହନ, ସ୍ୱପ୍ନ, ସମ୍ଭାବନା, ହତାଶା, ଆଶା, ଅନୁରାଗ, ବିଷାଦ, ଅସନ୍ତୋଷ, ଉତ୍କଣ୍ଠା, ଅପେକ୍ଷା, ଭରସା ଇତ୍ୟାଦି ବହୁଦିଗ ଏହି ପ୍ରତୀକାତ୍ମକତା ମାଧ୍ୟମରେ ଉପସ୍ଥାପିତ ହୋଇଛି । ସୂର୍ଯ୍ୟମୁଖୀ ଏକ ନାୟିକା ଭାବରେ ନାୟକ ସୂର୍ଯ୍ୟଙ୍କୁ କହିଛି ମନର କଥା, ମରମର ବ୍ୟଥା । ପରସ୍ପରଠାରୁ ବହୁ ଦୂରତାରେ ଉଭୟଙ୍କର ସ୍ଥିତି । ଦୂରତା କ'ଣ ସବୁଦିନ ଏପରି ରହିଥିବ ବୋଲି ସୂର୍ଯ୍ୟମୁଖୀର ପ୍ରଶ୍ନ ଅତ୍ୟନ୍ତ ମର୍ମସ୍ପର୍ଶୀ ।

'ସୂର୍ଯ୍ୟମୁଖୀ ମୁଁ ତୁମେ ତ ସୂର୍ଯ୍ୟ
କେତେ ବା ତୁମକୁ ଥିବି ଚାହିଁ
ଦୂରତା ଆମର ରହିଥିବ ସତେ
ଏମିତି କି ଚିରଦିନ ପାଇଁ''

କୋଇଲିକୁ ଗୀତ ଗାଇବାକୁ ମନା କରିଛନ୍ତି କବି ଏଇଥିପାଇଁ ଯେ ତାଙ୍କର ସାଥୀର କଣ୍ଠସ୍ୱର ବଳିଯିବ କୋଇଲିର ଗୀତକୁ । ଉଆଁସ ଆକାଶରେ ଜହ୍ନ ଉଇଁଯିବ ସେହି ସ୍ୱରଲହରୀର ଶ୍ରବଣରେ । କବିଙ୍କର ବିଷାଦବୋଧ କେତେକ ଗୀତିକବିତାରେ ପ୍ରକଟିତ ହୋଇଛି । ପାଦ ଖସି ଯାଇ ଅଥଳ ଜଳରେ ପଶିଯିବା ସହିତ ସେ ନଈର ତରଙ୍ଗରେ କବିଙ୍କ ଦେହର ରଙ୍ଗ ଧୋଇ ଯିବା କଥା କହିବା ଛଳରେ ଜୀବନର ଅବସାଦ ଜନିତ ଦୀର୍ଘଶ୍ୱାସ ବର୍ଣ୍ଣିତ ହୋଇଛି । ସେ ନଦୀ ଯେ ଛଳନାର ନଦୀ, ଏକଥା ସେ ଜାଣିପାରିଲେ ନାହିଁ । ଏହି ପ୍ରତୀକାତ୍ମକତା ହୋଇପାରେ ସମାଜପାଇଁ ଉଦ୍ଦିଷ୍ଟ ଅଥବା ବ୍ୟକ୍ତିର ପରିବେଶ ପାଇଁ ଉଦ୍ଦିଷ୍ଟ । ତେବେ ସେ ଯାହା ହେଉ ଏହା ଯେ କବିଙ୍କର ମାର୍ମିକ ଅନୁଭବ, ଏଥିରେ ଦ୍ୱିମତ ନାହିଁ ।

''କେମିତି କେଜାଣି ଉଜାଣି ନଈରେ
ପାଦ ମୋର ଗଲା ଖସି
ଥଳ ହରାଇ ମୁଁ ଜଳ ଭଉଁରୀରେ
ଧୀରେ ଧୀରେ ଗଲି ପଶି ।''

ମଣିଷର ସାଂପ୍ରତିକ ଅବସ୍ଥାର ଚିତ୍ର ଆଙ୍କିବାକୁ ଯାଇ କବି କହିଛନ୍ତି ଯେ ମଣିଷ ହସିବ ନିଜର ଲୁହ ପିଇପିଇ, ମନ ତଳେ ଚାପିଦେବ କେତେ କୋହ, ଓଠରେ ଫୁଟାଇବ ମୁକୁତାର ଫୁଲ ଇତ୍ୟାଦି ଇତ୍ୟାଦି । ଅଭିନୟ ଓ ଛଳନାର ଜୀବନ ଜୀଇଁଛି ଆଜିର ମଣିଷ । ଜୀବନରେ ତା'ର ଆଚରଣ ଓ ଉଚ୍ଚାରଣରେ ଏକତ୍ୱ ନାହିଁ । କବିଙ୍କ ଭାଷାରେ –

''ମନ ତଳେ ଚାପି କୋହର ବାଦଲ
ଓଠରେ ଫୁଟାଇ ମୁକୁତାର ଫୁଲ''

ଭିତରେ କୁହୁଳି ଜଳି ସେ ଦେଖାଏ ବାହାରକୁ ଆନରୂପ । ଜୀବନପଥରେ ଚାଲିବାରେ ଏକାକୀତ୍ୱକୁ କବି ଲେଖନୀରେ ଚିତ୍ରଣ କରିଛନ୍ତି । ବାସ୍ତବରେ ଜୀବନରେ ପ୍ରତ୍ୟେକ ବ୍ୟକ୍ତି ଏକା ହିଁ ଚାଲିଛନ୍ତି । ଅନ୍ୟମାନେ ସାଙ୍ଗ ହୋଇ ଚାଲନ୍ତି ବୋଲି କହନ୍ତି, ବେଳେବେଳେ ଅଳ୍ପ ବାଟ ଚାଲନ୍ତି ଆଉ ଅବଶିଷ୍ଟ ବାଟ ଏକାଏକା ଚାଲିବାକୁ ପଡ଼େ । ଏହା କେବଳ କବିଙ୍କ କଥା ନୁହେଁ ଏହା ତ ସାର୍ବଜନୀନ କଥା, ପ୍ରତ୍ୟେକ ବ୍ୟକ୍ତିର କଥା । ସର୍ବକାଳୀନ ତଥା ସାର୍ବଜନୀନ କଥା କହିପାରେ ଯେତେବେଳେ ଯେଉଁ କବି ସେହି କବିଙ୍କର ରଚନା ସେତେ କାଳଜୟୀ ହୋଇ ରହେ । ପାଠକର ଚିତ୍ତବୃତ୍ତି ଯେବେ ଲେଖକଙ୍କର ଶବ୍ଦ ଭିତରେ ନିଜକୁ ଖୋଜି ପାଏ, ତେବେ ସେ ଲେଖା ସାର୍ଥକ ହୁଏ ।

ଜଣେ ପାଠକର ଦୃଷ୍ଟିରୁ ବିଚାର କଲେ ଜଣାଯିବ ଯେ ଏଥିରେ ଅଛି ସରସତା, ପ୍ରତୀକାତ୍ମକତା, ଜୀବନଚିନ୍ତା ତଥା ଜୀବନ ପ୍ରତି ଅନୁରାଗର ଭାବସତ୍ତା ।

ଲାବଣ୍ୟ ଚନ୍ଦ୍ର ସାହୁ –

କବି ଶ୍ରୀଯୁକ୍ତ ଲାବଣ୍ୟ ଚନ୍ଦ୍ର ସାହୁ ବହୁ ଗୀତି କବିତା ରଚନା କରିଛନ୍ତି । ଏଥିରେ ରହିଛି ଜୀବନର ବାସ୍ତବତା, ଜୀବନର ମହତ୍ତ୍ୱ, ସାର୍ବଜନୀନତା, ନୈତିକ ମୂଲ୍ୟବୋଧ ସହ ରୋମାଣ୍ଟିକ ଆବେଗର ମଧୁରତା । ମରୁଭୂମି ହୋଇ ସେ ଭୂମାର ବନ୍ଦନା କରିଛନ୍ତି ମାର୍ଜିତ ମୋହନ ଶବ୍ଦ ସମ୍ଭାରରେ । ନିଜକୁ ମରୁଭୂମି କହି ପରମ ପ୍ରଭୁଙ୍କୁ ସୁଶୀତଳଛାୟା ବୋଲି ସେ ବିଚାର କରିଛନ୍ତି। ଦିଗନ୍ତ ବିସ୍ତାରୀ ସୂକ୍ଷ୍ମ ମହତ୍ ସତ୍ତା ହେଉଛନ୍ତି ଆଶାର ଆଲୋକ, ଭରସାର ଅମୃତ, ରଙ୍କର ରତନ, ପୁଣି ସକଳର ନିଦାନ । କବିଙ୍କ ଭାଷାରେ –

ତୁମେ ଯଜ୍ଞମୟ ତୁମେ ପ୍ରଜ୍ଞାମୟ
ଉଷାର କୋମଳ କିଶଳୟ
ଅକ୍ଷୟ ଅମୃତ ଚିର ପ୍ରେମ ସ୍ରୋତ
ମଂଗଳ ମାଧୁରୀ ବରାଭୟ ।

ସେଇ ଅପରିମେୟଙ୍କ ସନ୍ଧାନରେ ଜୀବନ ବିତିବା ହିଁ ଜୀବନର ସାର୍ଥକତା । ତାଂକ ମହିମାଗାନ ହିଁ ଜୀବନର ଲକ୍ଷ୍ୟ, ସେ ଅନନ୍ତ, ଅସୀମ, ତ୍ରିଭୁବନର କର୍ତ୍ତା ଓ ସର୍ବମୟ କର୍ମ ।

ଏଥି ସହିତ ପ୍ରକୃତିର ଚାରୁଚିତ୍ର କବିଙ୍କ ଲେଖନୀରେ ପ୍ରକଟିତ ହୋଇଛି । ଆଷାଢ଼ ହାତରେ ଆଣି ଆସେ କଦମ୍ବ କୁସୁମ, ନୀଳ ସାଗରରେ ଲହରୀମାଳା ନାଚେ ଏଇ ପ୍ରକୃତିର ନିରାଜନା କରିବାକୁ। କବିଙ୍କ ଭାଷାରେ –

ଆଷାଢ଼ ଆସଇ ହାତରେ କଦମ୍ବ
କରିବାକୁ ନିରାଜନା
ନୀଳ ସାଗରର ଫେନିଳ ଲହରୀ
ନାଚି ହୁଏ ଆନମନା ।

କେତେକ ଛାନ୍ଦ ରଚନା କରିଛନ୍ତି କବି, ଶରତ ଋତୁର ଶୋଭା–ଚିତ୍ର ଆଙ୍କିବାକୁ ଯାଇ କାଶତଣ୍ଡୀ ଫୁଲର କଥା, ଗଂଗଶିଉଳି ଓ ମାଳତୀ ଫୁଲର କଥା କବି ଉଲ୍ଲେଖ କରିଛନ୍ତି । ବସନ୍ତ ଋତୁର ରୂପ ସେ ବର୍ଣ୍ଣନା କରିଛନ୍ତି ଅନ୍ୟ ଏକ ଛନ୍ଦୋବଦ୍ଧ କବିତାରେ । ଗ୍ରୀଷ୍ମ ଋତୁର ପରିବେଶ ଓ ତହିଁରେ ପ୍ରାଣୀମାନଙ୍କର ପ୍ରତିକ୍ରିୟା କଥା ଅନ୍ୟ ଏକ ଛନ୍ଦୋବଦ୍ଧ କବିତାରେ ପ୍ରକାଶ କରିଛନ୍ତି।

ଏକଥା ସ୍ୱୀକାର୍ଯ୍ୟ ଯେ କବିଶ୍ରୀ ଲାବଣ୍ୟ ଚନ୍ଦ୍ର ସାହୁଙ୍କର ଗୀତି କବିତାରେ ରହିଛି ମର୍ମିଳ ଭାବ ସମ୍ଭାର ଓ ଭାବାନୁସାରୀ ଶବ୍ଦମାଳା ।

ଲିଙ୍ଗରାଜ ରଥ –

ଲିଙ୍ଗରାଜ ରଥଙ୍କର ଗୀତିକବିତା ରଚନା କ୍ଷେତ୍ରରେ ଯଥେଷ୍ଟ ସାମର୍ଥ୍ୟ ରହିଛି । ଭକ୍ତିଗୀତି, ଶିଶୁଗୀତି ଏବଂ ଦେଶାତ୍ମବୋଧର ଗୀତିରଚନା କ୍ଷେତ୍ରରେ ତାଙ୍କରି ଲେଖନୀ ଚଳଚଞ୍ଚଳ ରହିଛି । ତାଙ୍କ ଭକ୍ତିଗୀତିକାରେ ଛନ୍ଦରେ ନୂତନତା ଓ ଅନ୍ତରର ଭାବରେ ସ୍ପଷ୍ଟତା ପରିଦୃଷ୍ଟ ହୁଏ । ଦିଗଦିଗନ୍ତରେ ପରମପ୍ରଭୁଙ୍କର ମଧୁର ଲୀଳା ପ୍ରକଟିତ ମାତ୍ର କବିଙ୍କର ମନ ଓ ହୃଦୟ ଭାରାକ୍ରାନ୍ତ ହୋଇଥିବାରୁ ନୟନରୁ ତାଙ୍କର ଅଶ୍ରୁଧାରା ବହିଯାଉଛି ଏବଂ ସେହି ଅଶ୍ରୁଧାରାକୁ ସାକ୍ଷୀ ରଖି କବି ପଚାରିଛନ୍ତି ପରମପ୍ରଭୁଙ୍କୁ ଏହାର କାରଣ ।

କବିଙ୍କ ଭାଷାରେ–

‘‘ସାଗରେ ଲହରୀମାଳ ନାଚେ ମନ ପୁଲକେ
ହସଇ ଜଳଦମାଳ ବିଜୁଳିର ଝଲକେ
ହସେ ପୁଣି ନିର୍ଝରିଣୀ କଳକଳ ସଂଗୀତେ
ନୟନୁ ମୋ ଲୁହଧାର ଝରେ କିଆଁ ନିରତେ ।’’

ଭଗବାନ ସର୍ବଶକ୍ତିମାନ ସର୍ବବ୍ୟାପି ଓ ସର୍ବଜ୍ଞାନମୟ । କବି ଚାହିଁଛନ୍ତି ପରମ ସତ୍ୟମୟ ପ୍ରଭୁଙ୍କୁ ନିଜ ଭିତରେ ପାଇବା ପାଇଁ । ଧନଜନଗୋପଲକ୍ଷ୍ମୀ ପାଇବାକୁ ସେ ଚାହିଁ ନାହାଁନ୍ତି ।

''ଧନଜନଗୋପଲକ୍ଷ୍ମୀ କିହେବ କୁହ ହେ ମୋର
ସଂସାର ପିଚ୍ଛିଳ ପଥେ ମାୟାର ଜହର ଝର
ଦିଅନାହିଁ, ଦିଅନାହିଁ
ପରାଣ ମୋର ଜାଳ ନାହିଁ
ତୃଷା କି ମେଣ୍ଟାଏ କାହିଁ ମରୁ ମରୀଚିକା ବାରି'' ?

ପ୍ରଭୁଙ୍କର ନାମରେ ରହିଛି ଅସୀମ ଶକ୍ତି । ତାଙ୍କ ଇଙ୍ଗିତରେ ଚରାଚର ଚଳଚଞ୍ଚଳ ହୁଏ । ଅସମ୍ଭବ ପରି ଯାହା ଆମକୁ ଲାଗେ, ଭଗବାନଙ୍କ ପାଇଁ ତାହା ଏକଏକ ସାଧାରଣ କଥା । ସେ ପଙ୍ଗୁକୁ ଗିରି ଲଂଘନ କରାନ୍ତି, ଅନ୍ଧକୁ ଚକ୍ଷୁ ଦେଇ ଦେଖାଇ ଦିଅନ୍ତି ତାଙ୍କର ସୁନ୍ଦର ମୋହନ ସର୍ଜନା । ସେହି ପ୍ରଭୁ ଯଦି ବାମ ହୁଅନ୍ତି ତେବେ ଜୀବନ ଦୁଃସହ ହୋଇଉଠେ, ଜୀବନରେ ପରାଜୟର ଗ୍ଲାନି ମାଡ଼ି ଆସେ । କବିଙ୍କ ମନରେ ଭାବାନ୍ତର ଆସିଛି ଓ ସେ ବିଚାର କରିଛନ୍ତି ଯେ ପ୍ରଭୁ ତାଙ୍କୁ ଯେତେ ଦୂରେଇ ଦେବେ, ସେ ସେତେସେତେ ନିକଟବର୍ତ୍ତୀ ହେବାକୁ ପ୍ରୟାସ କରିବେ ।

''ଯେତିକି ଦୂରେଇ ଦେଉଥିବ ପ୍ରଭୁ,
ସେତେ ପାଖୁ ଲାଗି ଆସବି ହେ
ଭୁଲାଇଲେ ପଥ ତୁମ ନାମ ଧରି ପଛେ ପଛେ ଅନୁସରିବି ହେ ।''

ଶିଶୁଗୀତି ରଚନାଗୁଡ଼ିକ ତାଙ୍କର ହୃଦୟଗ୍ରାହୀ ହୋଇଛି କାରଣ ଏଥିରେ ଅତି ଶିଶୁ ବୋଧଗମ୍ୟ ସରଳଭାଷାର ବ୍ୟବହାର କରାଯାଇଛି । ପିଲାମାନଙ୍କ ପାଇଁ ବହୁ ନୀତିଶିକ୍ଷା ଏଥିରେ ପ୍ରଦତ୍ତ । ପଢ଼ିବାବେଳେ ପଢ଼ିବା ଓ ଖେଳିବାବେଳେ ଖେଳିବାର ଉପଦେଶ ଦେବା ସହିତ ଦେଶପ୍ରେମରେ ଉଦ୍‌ବୁଦ୍ଧ ହେବାପାଇଁ କବି ଦିଗ୍‌ଦର୍ଶନ ଦେଇଛନ୍ତି–

''ସୁନାପିଲା ମୁଁ ହେବି
ଦେଶଜାତିର ସେବା କରି ମୁଁ
କୀରତି ରଖିଯିବି ।''

ଆଧୁନିକ ଗୀତ ଗୁଡ଼ିକରୁ କେତେକରେ ରହିଛି ପ୍ରକୃତିପ୍ରାଣତା ପୁଣି ଦାର୍ଶନିକତା ତଥା ଜୀବନର ନିଚ୍ଛକ ଅନୁଭବ । ଶରତରତୁର ପୁଷ୍ପଳ ବର୍ଣ୍ଣନାର ଉପସ୍ଥାପନା କରିବା ଅବକାଶରେ କବି କାହାର କଣ୍ଠସ୍ୱର ଶୁଣି ବିସ୍ମିତ ହେବାକଥା କହିଛନ୍ତି । ଏଥିରେ ରହସ୍ୟବାଦୀ ରୋମାଣ୍ଟିକ ଭାବବିଭବର ପରିପ୍ରକାଶ ଘଟିଛି ।

ଜୀବନର କୁଞ୍ଜରେ ଯୌବନର ଫୁଲଫୁଟେ, ମନର ବୃନ୍ଦାବନରେ ଲାଗେ ମିଳନର ରାସ ଉତ୍ସବ । ବାର୍ଦ୍ଧକ୍ୟର ଲୋମଶହସ୍ତ ସ୍ପର୍ଶରେ ସେହି ଫୁଲ ଝଡ଼ିପଡ଼େ, ମାଟିରେ ମିଶିଯାଏ ।

''ଯଉବନ ଫୁଲଫୁଟି ଚହଟାଏ ବାସ
ମନ ବୃନ୍ଦାବନେ ଲାଗେ ମିଳନର ରାସ
ଲୋଟି ପଡ଼େ ବାର୍ଦ୍ଧକ୍ୟର କ୍ରୁର ପ୍ରଭଞ୍ଜନେ ।''

ଆକାଶର ବଗିଚାରେ ତାରାଫୁଲମାନେ ସତେ ଅବା ଚାହିଁଛନ୍ତି କେଉଁ ମାନୁଣୀର ନରମ ହାତକୁ ଯେଉଁ ହାତ ତୋଳିନବ ତାଙ୍କୁ ଓ ସାଜିଦେବ କେଉଁ ରାଜଜେମାର କବରୀକୁ । କବିଙ୍କର କଳ୍ପନାବିଳାସ

ଏଠାରେ ଅନନ୍ତ ବିଳାସୀ ଓ ଅତଳ ସ୍ପର୍ଶୀ ହୋଇଛି ।

''ଚାହିଁଛକି ମାଳୁଣୀକୁ
ତୋଳି ଯିଏ ନେବ ଆସି
ସାଜିବାକୁ ରାଜଜେମା କବରୀର କେଶରାଶି
ରଜାପୁଅ ବାଟ ଚାହିଁ, ବସିଥିବ ଚାନ୍ଦମୁହିଁ
ହାତେ ତା'ର ଝୁଲୁଥିବ ମାଳୁଣୀର ଫୁଲମାଳ ।''

କବିଙ୍କର ଦେଶାତ୍ମବୋଧଭିତ୍ତିକ ଗୀତିକବିତା କେତେଗୋଟି ଅତ୍ୟନ୍ତ ଭାବୋଦ୍ଦୀପକ ।

ଭାରତବର୍ଷ ଏକ ଜଡ଼ ଭୂଖଣ୍ଡ ମାତ୍ର ନୁହେଁ, ଏହା ଏକ ଦିବ୍ୟଭୂମି । ଏଠାରେ ଜୀବନ ଏକ ଉପହାର ପରମପ୍ରଭୁଙ୍କ ନିମନ୍ତେ । ପରର ଉପକାର ଏଠାରେ ସ୍ୱର୍ଗ ଏବଂ ପରର ଅନିଷ୍ଟ ମଧ୍ୟ ଏଠାରେ ନର୍କ ବୋଲି କୁହାଯାଇଛି । ଭାରତୀୟମାନେ ଚିରଦିନ ଶାନ୍ତିର ପୂଜାରୀ, କାହାରିକୁ ଆଗୁଆ ଆକ୍ରମଣ କରିନାହିଁ ଭାରତ।

'ଶାନ୍ତି ପୂଜାରୀ ଆମେ ଚିରଦିନ
ଭୀରୁତା ଜାଣୁନା ଜୀବନରେ
ସତ୍ୟ ପାଇଁ ଆମେ ଯୁଗେଯୁଗେ
ଝାସିଛୁ ସମରେ ଅକାତରେ ।'

ସତ୍ୟର ପୂଜା କରିବାକୁ ଭଗବାନ ଶକ୍ତି ଦେଇଛନ୍ତି ଓଡ଼ିଆଜାତିକୁ । ସତ୍ୟ ଅହିଂସା ତା'ପାଇଁ ବିଶିଷ୍ଟ ଅସ୍ତ୍ର ବୋଲି କବି କହିଛନ୍ତି । ଭଗବାନଙ୍କ ଚରଣେ ଆଶ୍ରୟ ନେଇ ମାନବିକତାର ଆଚରଣ ପୂର୍ବକ ଭାରତବାସୀ ଅଶେଷ ଗୌରବର ଅଧିକାରୀ, ଏକଥା କବି ଘୋଷଣା କରିଛନ୍ତି ।

ଲୋକନାଥ ସାହା–

'ନିତ୍ୟ ନୈବେଦ୍ୟ' ଭକ୍ତିଗୁଚ୍ଛର କବି ଲୋକନାଥ ସାହାଙ୍କର ଅନ୍ତରର ଭାବ ପ୍ରକଟିତ ହୋଇଛି ସ୍ୱଚ୍ଛନ୍ଦ ଧାରାରେ । ଭିନ୍ନ ଭିନ୍ନ ସମୟର ଏଇ ଲେଖା । ପ୍ରତ୍ୟେକ ରହିଛି ଭକ୍ତି ଭାବନାର ନିର୍ମଳ ପ୍ରତିଛବି । ପରମ ପ୍ରଭୁଙ୍କୁ ଏଇ ସୃଷ୍ଟିର ସ୍ରଷ୍ଟା,ନିୟାମକ ଓ ନିୟନ୍ତକ ଭାବରେ ସେ ବିଚାର କରିବା ସହିତ ନମ୍ରନତ ହୋଇ ଗାଇଛନ୍ତି ।

'ଏ ସାରା ଦୁନିଆ ତୁମ ଖେଳଘର
ତୁମେ ହିଁ ଖେଳାଳି ତୁମେ ଯାଦୁକର
ତୁମରି ଇଙ୍ଗିତତ ଭଙ୍ଗା ଗଢ଼ା ହୁଏ
ଖେଳି ଖେଳାଉଛ ତୁମେ ନିରନ୍ତର'

ସେ ଶ୍ରୀଜଗନ୍ନାଥଙ୍କଠାରେ ଶ୍ରୀକୃଷ୍ଣଙ୍କ ରୂପକୁ ଆରୋପ କରିଛନ୍ତି । କେତେକ ଭକ୍ତିଗୀତରେ ଶ୍ରୀଜଗନ୍ନାଥଙ୍କ ବର୍ଣ୍ଣନା କରାଯାଇଛି । ଆଉ କେତେକ ଗୀତରେ ଶ୍ରୀକୃଷ୍ଣଙ୍କ ରୂପ ବର୍ଣ୍ଣନା କରାଯାଇଛି। ଈଶ୍ୱରଙ୍କ ନାମାମୃତ ପାନରେ ପାପ କ୍ଷୟ ହୁଏ, ମନ ପ୍ରଫୁଲ୍ଲ ରହେ । ଅନ୍ତରରେ ଶକ୍ତି ବିରାଜିତ ହୁଏ। ସେଇ ନାମ ଗାନରେ ମନ ପ୍ରତ୍ୟୁତ ରହୁ ବୋଲି କବି ପ୍ରୟାସ କରିଛନ୍ତି । ଚାରିଧାଡ଼ିରେ ଚାରିଗୋଟି ନାମରେ ସେଇ ଭଗବାନ ବିରାଜମାନ କରିଛନ୍ତି ।

ଶ୍ରୀଜଗନ୍ନାଥଙ୍କୁ ମନର ଦୁଃଖ କହିବା ସହିତ ଦୁଃଖ ସହିବା ପାଇଁ ଶକ୍ତି ସେ ଦିଅନ୍ତୁ ବୋଲି ଶ୍ରୀ ସାହା କାମନା କରିଛନ୍ତି । ଶ୍ରୀଜଗନ୍ନାଥ ହେଉଛନ୍ତି ଜଗତର ନାଥ, ଭକ୍ତର ଠାକୁର । ସ୍ୱୟଂ ପୁରୁଷୋତ୍ତମ ଦାରୁ ଦେବତା ଭାବରେ ଅବତୀର୍ଣ୍ଣ ହୋଇଛନ୍ତି । ଦାରୁ ମୂର୍ତ୍ତିଙ୍କର ସୁଷମା ଅକଳ୍ପନୀୟ ଭକ୍ତର ଆଖିରେ କବିଙ୍କ ଭାଷାରେ –

''ଯେତେ ଦେଖୁଥିଲେ କଳାମୁଖ ମୋର
ମନ କେବେ ଚୁଟୁ ନାହିଁ
ମୁଖ ସୁଧାବାରି ଯେତେ ପିଉ ଥରେ
ଶୋଷ କେବେ ମେଣ୍ଟୁ ନାହିଁ ।''

ଶ୍ରୀଜଗନ୍ନାଥଙ୍କ ସେବକ ହେବାକୁ ଚାହିଁଛନ୍ତି କବି ଆସନ୍ତା ଜନ୍ମରେ । ଶ୍ରୀକ୍ଷେତ୍ରରେ ଜନ୍ମ ହୋଇ ପ୍ରଭୁଙ୍କର ସେବା କାର୍ଯ୍ୟରେ ଲାଗି ଜୀବନକୁ ଧନ୍ୟ କରିବାର ଇଚ୍ଛା ତାଙ୍କର ରହିଛି ।

ପାଦର ସାର୍ଥକତା ସେତେବେଳେ ଆସିବ ଯେତେବେଳେ ତାହା ପ୍ରଭୁଙ୍କ ତୀର୍ଥ ଗମନରେ ନିୟୋଜିତ ହେବ । ମୁଖର ସାର୍ଥକତା ସେତିକିବେଳେ ଆସିବ ଯେତେବେଳେ ତହିଁରେ ପ୍ରଭୁଙ୍କ ନାମ ଜପ କରାଯିବ । କାନର ମହତ୍ତ୍ୱ ସେତିକିବେଳେ ପ୍ରତିପାଦିତ ହେବ ଯେତେବେଳେ ତାହା ଭଗବାନଙ୍କ ମହିମା ଶ୍ରବଣରେ ବିନିଯୁକ୍ତ ହେବ । ଏକଥା ଶ୍ରୀ ସାହା ଘୋଷଣା କରିଛନ୍ତି ।

ନିରାକାରର ଉପାସନା କେତେକ ଭଜନରେ ସ୍ଥାନିତ ପୁଣି କେତେକ ଭଜନରେ ସାକାରର ସୌମ୍ୟ ସୁନ୍ଦର ରୂପର ବର୍ଣ୍ଣନା ଚିତ୍ରିତ । ଗାନଧର୍ମିତା, ସ୍ୱଚ୍ଛନ୍ଦତା, ସରଳତା ଓ ସାବଲୀଳତାରେ ବିମଣ୍ଡିତ ଭକ୍ତିଗୀତି ଗୁଡ଼ିକ ଗାୟକ କଣ୍ଠରୁ ଝଙ୍କୃତ ହୋଇ ଶ୍ରୋତାର ମନରେ ଭକ୍ତି ଭାବରେ ପ୍ଲାବନ ସୃଷ୍ଟି କରିବ, ଏହା ମୁକ୍ତ କଣ୍ଠରେ ସ୍ୱୀକାର୍ଯ୍ୟ ।

ସଚ୍ଚି ମହାନ୍ତି –

କବି ସଚ୍ଚି ମହାନ୍ତିଙ୍କର କବିସତ୍ତା ଆଶାବାଦୀ ଭାବନାରେ ବିଭୋର । ସ୍ମୃତିର ଝରାଫୁଲ ଉପରେ ଗୁରୁତ୍ୱ ନଦେଇ ସେ ଗୁରୁତ୍ୱ ଦେଇଛନ୍ତି ଫୁଟନ୍ତ କଳିକା ଉପରେ । ଜୀବନବାଦରେ ବିଶ୍ୱାସୀ କବି ଚାହିଁଛନ୍ତି ଗୀତର ଗୁଞ୍ଜନରେ ଜୀବନର ବୃକ୍ଷଲତା ପଲ୍ଲବିତ ହେଉ, ସ୍ୱପ୍ନ ଯେତେ ସବୁ ସାକାର ହେଉ, ହସିଉଠୁ ପରିବେଶ ଇନ୍ଦ୍ରଧନୁର ବର୍ଣ୍ଣବିଭାରେ ।

କବିଙ୍କ ଭାଷାରେ –

ଯେ ଗୀତର ସୁରେ ତରୁଲତା ଶାଖା
ପଲ୍ଲବି ଉଠେ ନାହିଁ
ବିରହୀ ମରୁରେ ନ ବହିଲା ଯଦି
ଛଳ ଛଳ ନୀଳନଈ
ବ୍ୟର୍ଥ ସୁରର ସେମିତିକା ଗୀତ
ଆଉ ମୁଁ ଗାଇବି ନାହିଁ

ହୃଦୟକୁ ଖୋଜିବାକୁ ଓ ପାଇବାକୁ ତାଙ୍କର ପ୍ରୟାସ ଉଲ୍ଲେଖଯୋଗ୍ୟ । ମାନବିକତାର ମଳୟ ସ୍ପର୍ଶରେ କବିଙ୍କର ହୃଦୟ ପୁଲକିତ । ଦେବାରେ ଆନନ୍ଦ ଅଛି ଯାହା ନେବାରେ ନାହିଁ ବୋଲି ସେ ବିଚାର କରିଛନ୍ତି । ଅନ୍ୟ ପାଇଁ ଆଦର, ଅନ୍ୟପାଇଁ କର୍ତ୍ତବ୍ୟ ପୁଣି ଅନ୍ୟପାଇଁ ସହାନୁଭୂତି ହିଁ ସାର୍ଥକ ଜୀବନର ଯଥାର୍ଥ ମାନଦଣ୍ଡ ବୋଲି କବି ଯାହା କହିଛନ୍ତି ତାହା ବାସ୍ତବରେ ପ୍ରଣିଧାନ ଯୋଗ୍ୟ ।

ସ୍ନେହଲତା ମହାନ୍ତି –

ଜଣେ ବିଶିଷ୍ଟ ଗୀତିକବି ଭାବରେ ସ୍ନେହଲତା ମହାନ୍ତିଙ୍କର ଖ୍ୟାତି ରହିଛି । କବିଙ୍କର ଗୀତିକବିତା ସମ୍ଭାରରେ ଭକ୍ତି ଭାବନା, ପ୍ରୀତିଭାବନା ପୁଣି ଦେଶପ୍ରେମର ଉପସ୍ଥାପନା ରହିଛି । ପଲ୍ଲୀଗୀତି ରଚନାରେ ତାଙ୍କର ସିଦ୍ଧି ସ୍ୱୀକାର୍ଯ୍ୟ । ମଣିଷର ମନବନରେ ବସନ୍ତ ଆସେ, ମାଦକତାର ମଳୟ ବହେ, ପ୍ରୀତି ପ୍ରବଣତାର ଥୋପାଥୋପା ଫୁଲ ଫୁଟିଯାଏ, ଆନନ୍ଦର ସୁବାସରେ ଦିଗ ମହକିଯାଏ, ଗୀତି ଗୁଞ୍ଜନର କୁହୁତାନରେ ସେହି ମନ ଚହଲିଯାଏ । ଆଶାର ରୋମାଞ୍ଚ ଭରିଯାଏ ମନର ଭିନ୍ନଭିନ୍ନ କୋଣ ଅନୁକୋଣରେ । ମନର ମଣିଷ ଆସିବ ବୋଲି ବାଟ ଚାହିଁ ବସିବାରେ ନଥାଏ ବିରକ୍ତି ବା କ୍ଲାନ୍ତି ବରଂ ଥାଏ ଅନେକ ଉତ୍କଣ୍ଠା ଓ ଅସୀମ ପ୍ରଫୁଲ୍ଲତା । ସେହି ଅପେକ୍ଷା ହୋଇଯାଏ ତପସ୍ୟାର ଅନ୍ୟ ଏକ ରମ୍ୟ ପରିଭାଷା । କବିଙ୍କ ଭାଷାରେ –

''ବିଜନ ବେଳା ମୁଁ ଏକାକୀ ଜୀବନେ
ଅନେକ ସପନ ନେଇ
ଯୁଗ ଯୁଗ ଧରି ଚାହିଁଛି ତୁମକୁ
ନିଜର କରିବା ପାଇଁ
ତୁମରି ଆଶାରେ ବଞ୍ଚିଛି ଖାଲି
ଲୁହର ନିଆଁରେ ଜଳି ।''

କବିପ୍ରାଣରେ ଏତେ ପୁଲକ, ଏତେ ସ୍ୱର୍ଗକାତରତା କେଉଁଠୁ ଆସେ, ଭାବିଲେ ବିସ୍ମୟ ଲାଗେ । ମନେହୁଏ କବିତ୍ୱ ସତେ ଅବା କୁହୁକର ଅଞ୍ଜନରେଖା ମାଖିଦିଏ କବିର ଆଖିରେ ଯାହା ଫଳରେ କବିକୁ ଆକାଶ ଦିଶେ ଇନ୍ଦ୍ରନୀଳମଣିର ବିତାନଟିଏ ପରି, ସମୁଦ୍ର ଦିଶେ ସେହି ଇନ୍ଦ୍ରନୀଳମଣିର ତରଳ ବ୍ୟାପ୍ତି ପରି, ଫଗୁଣ ବନାନୀ ଦିଶେ ବିଶ୍ୱଶିଳ୍ପୀର ହସ୍ତ ଅଙ୍କା ଚିତ୍ରଲେଖା ପରି, ପୁଣି ଶାରଦୀୟ ନଦୀ ଦିଶେ ପୃଥିବୀ ମାତାଙ୍କ ଗଳାମଣ୍ଡନା ହୀରାହାର ପରି । କବି ସ୍ନେହଲତା ମହାନ୍ତିଙ୍କର 'ମନ ମଧୁମତୀ' ଗୀତିଗୁଚ୍ଛରେ ବହୁ ସୁକୁମାର ଅନୁଭବ ଉପସ୍ଥାପିତ ହୋଇଛି । ଭାବାବେଗର ଲହରୀରେ ସିକ୍ତ ହୋଇଛି ତହିଁରେ ଥିବା କେତେ କବିତାର ସୁରମ୍ୟ ସିକତା ଏବଂ ଉତ୍କଣ୍ଠାର ଫେଣ ଫୁଲରେ ମଣ୍ଡିତ ହୋଇଛି ସେହି ସିକତାର ଗଭା । ରୋମାଣ୍ଟିକ ଭାବାଦର୍ଶରେ ରହସ୍ୟବାଦର ପ୍ରଲେପ ଥିବାରୁ ତାଙ୍କର ପ୍ରାୟ ପ୍ରତ୍ୟେକ କବିତା ଅନୁଭବ୍ୟ ହୋଇଛି । ବହୁବାର ଉପସ୍ଥାପିତ 'ତୁମେ' ଶବ୍ଦ ଏକ ଅଦୃଶ୍ୟ ଶକ୍ତିର ପ୍ରତୀକ ହୋଇ ଦୃଶ୍ୟ ବାସ୍ତବତାର ଅନୁମିତ ରମ୍ୟ ରୂପ ହୋଇଯାଇଛି । ସେ ଯାହାହେଉ ଅନୁଚିନ୍ତା ସହିତ ଅଭିବ୍ୟକ୍ତି ସମାନ୍ତରାଳ ଭାବରେ ଅଗ୍ରଗତି କରିଛି । ସହଜରେ ବୋଧଗମ୍ୟ ଏବଂ ସୁଖପାଠ୍ୟ ପ୍ରତୀକ ପ୍ରୟୋଗ ପାଠକ ଦୃଷ୍ଟିକୁ ଅନାୟାସରେ ଆକୃଷ୍ଟ କରିଛି । ଏଇ ଯେପରି –

'ତୁମେ ଆକାଶର ଚନ୍ଦ୍ରମା ମୁଁ ଯେ ଧରଣୀର ନୀଳ କଇଁ
ମିଳନର ମଧୁ ସପନ ଆମର ସତ କେବେ ହୋଇ ନାହିଁ ।''

ଭିତି ଓ ସଂଭୂତି ଉଭୟ ସ୍ଥିତିରେ କବିଚିତ୍ତ ସମଭାବରେ ଥିଲା ପରି ମୋର ମନେହୁଏ । ତାହା ଏକାଧାରରେ ସ୍ଥୂଳତ୍ୱ ଓ ସୂକ୍ଷ୍ମତ୍ୱର ପ୍ରତିନିଧିତ୍ୱ କଲାପରି ଜଣାଯାଏ । ମନେହୁଏ ତାହା ସ୍ୱପ୍ନ ପରି ପ୍ରସାରିତ ହୋଇଯାଇଛି ଦୂର ଦିଗ ଓ ଦିଗନ୍ତକୁ, ପୁଣି କେତେବେଳେ ବତି ପରି ଜଳିଜଳି ପରିବେଶକୁ ଆଲୋକିତ କରିଦେଇଛି । କବିଙ୍କ ଭାଷାରେ–

''ଯେଉଁ ତରୁର ମୁଁ ସବୁଜ ସପନ
ତୁମେ ସେ ତରୁର ଶାଖା
ଯେଉଁ ଦୀପର ମୁଁ ସଞ୍ଜସଳିତା
ତୁମେ ସେ ଦୀପର ଶିଖା''

ବାସ୍ତବିକ ଶବ୍ଦଯୋଜନା ତାଙ୍କର ସରଳ ଓ ମନମୁଗ୍ଧକର । ତାହା ପ୍ରତ୍ୟେକ ପାଠକ ପାଇଁ ଆଦରଣୀୟ ଓ ବରଣୀୟ ।

ଶରତ ଚନ୍ଦ୍ର ରଥ –

ଗୀତିକବିତାର ସୃଷ୍ଟିକାଳୀନ ଅନୁଭବ ଅନନ୍ୟ । ସେ ଅନୁଭବ ଭୌତିକ ଜଗତର ନୁହେଁ, ଭିନ୍ନ ଏକ ସୂକ୍ଷ୍ମ ଜଗତର । ସେ ଜଗତ ଅଧାହସପରି ମଧୁର, ଅଧାଫୁଟାଫୁଲ ପରି ସୁନ୍ଦର, ଅଧାଲାଜପରି ଖୁବ୍ ଅନୁଭବ୍ୟ । ଚେଷ୍ଟାକରି କେହି ସହଜରେ ସେ ଜଗତକୁ ଯାଇପାରନ୍ତି ନାହିଁ । ସର୍ଜନଶୀଳ ଶକ୍ତିର ସ୍ପର୍ଶରେ ସେହି ଜଗତକୁ ଯାଇହୁଏ । ବହୁବର୍ଣ୍ଣା ଫୁଲର ଫସଲ ସେଠାରେ ଆନନ୍ଦରେ ଲୋଟୁଥାଏ, ମହମହ ବାସୁଥାଏ ସେହି ଇଲାକା, ମର୍ମ ଚକ୍ଷୁରେ ସେହି ସ୍ଥାନ କେତେ ସୁନ୍ଦର ଦିଶେ ତାହା ଭାଷାରେ କହିହେବ ନାହିଁ । ତାହା ଅନୁଭବର ବିଷୟ । ଅନ୍ୟ କବିମାନଙ୍କ ପରି ଶ୍ରୀଯୁକ୍ତ ରଥ ଏହି ଅନୁଭବର ଅଧିକାରୀ । ତାଙ୍କ ମତରେ–'ଶବ୍ଦର ଶଯ୍ୟାରେ ଭାବ ଝରଣା ହିଁ ଗୀତିକବିତାର ଅସଲ ସ୍ୱରୂପ ।' 'ଧୂପବାସ','ଆରାଧନା','ମାଟି ମହକ','ନବଚେତନା' ଓ 'ପ୍ରତିଧ୍ୱନି' ପ୍ରଭୃତି ଗୀତିକବିତାର ପୁସ୍ତକ ତାଙ୍କ ସାରସ୍ୱତ ସାଧନାର ସୁବର୍ଣ୍ଣ ସ୍ୱାକ୍ଷର ବହନ କରନ୍ତି । 'ଧୂପବାସ' ଓ 'ଆରାଧନା'ରେ ଭଗବତ୍ ସତ୍ତାର ମହିମା ଗାନ ନିମନ୍ତେ ତାଙ୍କର ପ୍ରୟାସ ମୂର୍ତ୍ତିମନ୍ତ । ପରମ ପ୍ରଭୁଙ୍କୁ କବି କେତେବେଳେ ପାହାନ୍ତି ଆକାଶର ତାରା, କେତେବେଳେ ଶାନ୍ତ ବିଜନ ବୋଳାଭୂମିର ଜହ୍ନ ରାତି ତ ଆଉକେତେବେଳେ ନୀଳସାଗରର ପ୍ରଥମ ଲହରୀ ପୁଣି ନଦୀର ପ୍ରଥମ ଧାରା ବୋଲି ବିଚାର କରିଛନ୍ତି । ପ୍ରଭୁଙ୍କ ପ୍ରତି ସୀମାହୀନ କୃତଜ୍ଞତାରେ ଅନ୍ତର ତାଙ୍କର ଭରିଯାଇଛି । କିଛି ପାଇନାହାନ୍ତି ବୋଲି ଅଭିଯୋଗ କରିବା ପରିବର୍ତ୍ତେ ବହୁକଥା ପ୍ରଭୁଙ୍କ ଠାରୁ ପାଇଛନ୍ତି ବୋଲି ସ୍ୱୀକାର କରିବା ସଙ୍ଗେ ସଙ୍ଗେ ବିନିମୟରେ କିଛି ଦେଇ ପାରିନାହାନ୍ତି – ଏକଥା ଭାବି ତାଙ୍କ ମନରେ ଦୁଃଖ ଆସିଛି । କବିଙ୍କ ଭାଷାରେ –

''ତୁମେ କେତେ ମତେ ଦେଇଛ ହେ ପ୍ରଭୁ
ମୁଁ କିଛି ପାରିନି ଦେଇ
କିଛି ଦେବି ବୋଲି ଭାବିଲା ବେଳକୁ
ମନ କରେ 'ନାହିଁ' 'ନାହିଁ' ।''

'ମାଟି ମହକ' ପୁସ୍ତକରେ ଭାରତ ବନ୍ଦନା ଭିନ୍ନ ଅନୁଭବ ସହ ଉପସ୍ଥାପିତ ହୋଇଛି । ଭାରତ ଆଗାମୀ ବିଶ୍ୱର ଗୁରୁହେବ ଯାହା ମହାଯୋଗୀ ଶ୍ରୀଅରବିନ୍ଦ, ସ୍ୱାମୀ ବିବେକାନନ୍ଦ, ମାକ୍ସମୁଲର, ଭଗିନୀ

ନିବେଦିତା ଓ ଶ୍ରୀମତୀ ବୋରିସ୍କା ପ୍ରଭୃତି ଦିବ୍ୟଦ୍ରଷ୍ଟାଗଣ ଉଦ୍‌ଘୋଷଣା କରିଛନ୍ତି । ଏହାକୁ ଭିତ୍ତିକରି ଭାରତର ମହନୀୟତା ସମ୍ପର୍କରେ କବି କହନ୍ତି–

''ଭାରତ ଆକାଶେ ପ୍ରଥମ ସକାଳେ
ସୂର୍ଯ୍ୟ ଆସିବ ଉଇଁ ବିଜୟ ବାରତା ନେଇ
ଚେତନାର ଗୀତ ଗାଇ''

ସାମ୍ପ୍ରତିକ ସମାଜର ଅବ୍ୟବସ୍ଥା କବିଙ୍କୁ ଚିନ୍ତିତ କରିଛି, ବ୍ୟଥିତ କରିଛି । ସମାଜରେ ଚାଲିଥିବା ଛଳନା, ପ୍ରତାରଣା ଓ ମିଥ୍ୟାର ରାଜତ୍ୱରେ ସେ ମର୍ମାହତ ହୋଇଛନ୍ତି । ଏହି ପରିପ୍ରେକ୍ଷୀରେ କେତେଗୁଡ଼ିଏ ଗୀତିକବିତା ରଚନା କରିଛନ୍ତି । ସେଥିମଧ୍ୟରୁ ଗୋଟିଏ କବିତା ଗୋଟିଏ ପଦ ଏହିପରି –

''କହନା କହନା ସମାଜର କଥା
କହିଲେ ହୋଇବ ପୋଥି
ଖତ ଖାଇଯାଏ ମଣିଷ ପଣିଆ
ସବୁ ଏଠି ଜାଲିଆତି''

ଏହିପରି ଚିତ୍ର ପ୍ରଦାନ କଲେ ହେଁ ଆଶାବାଦର ଭାବତରଙ୍ଗ ବିତରଣରେ କବିଙ୍କ ଲେଖନୀ ଚଳଚଞ୍ଚଳ । ଆଶା ହିଁ ଜୀବନ, ହତାଶା ହିଁ ମୃତ୍ୟୁ – ଏହି ଅନୁଚିନ୍ତାରେ ଗଭୀର ବିଶ୍ୱାସ ରଖିଛନ୍ତି କବି ଶ୍ରୀଯୁକ୍ତ ରଥ । 'ଆଶା ଏକ ଭଗବତ ସଦ୍‌ଗୁଣ' – ଶ୍ରୀମାଙ୍କ ଏହି କଥାରେ ଆସ୍ଥା ସ୍ଥାପନ କରି କବି କହନ୍ତି –

''ଦୂର ଦିଗହଜା ମରୁ ବାଲୁକାରେ
ନାଗଫେଣୀକଣ୍ଟା କେତେ
ମନ ମୋ କହୁଛି ଆଉ କିଏ ଅଛି
ଚାଲିବାକୁ ମୋର ସାଥେ''

ଶିବବ୍ରତ ଦାସ –

କବି ଶିବବ୍ରତ ଦାସ ଓଡ଼ିଆ ଗୀତିକବିତା ରାଜ୍ୟରେ ଏକ ସ୍ମୃତିସଜଳ ସତ୍ତା । ତାଙ୍କ ଗୀତିକବିତା ପୁସ୍ତକର ନାମ ହେଉଛି 'କୃଷ୍ଣଚୂଡ଼ାର ଗୀତି' । ପ୍ରକୃତିର ଭୀମକାନ୍ତ ଚିତ୍ର ଏବଂ ମଣିଷ ଜୀବନର ସୁଖଦୁଃଖ, ଭଲ ମନ୍ଦର ଅଭିବ୍ୟକ୍ତି ଭାବୋପଯୋଗୀ ଭାଷାରେ ଏଥିରେ ଲିପିବଦ୍ଧ ରାଗ, ରଂଗ ଓ ମନୋଜ୍ଞ ସୁବାସରେ ବରଣୀୟ ଓ ଆକର୍ଷଣୀୟ ତାଙ୍କ ରଚନା ସମ୍ଭାରରେ ବିଭୁଭକ୍ତି, ମାନବିକ ପ୍ରୀତି, ବାତ୍ସଲ୍ୟ ରସାନୁଭୂତି, ଜୀବନଚିନ୍ତା ଓ ପ୍ରକୃତି ପ୍ରୀତିର ଔଜଲ୍ୟ ଲକ୍ଷ୍ୟଣୀୟ । ଭାବବିଭୋର ଶବ୍ଦମାନେ ତାଙ୍କ ରଚନାରେ କେତେବେଳେ ଲାଜେଇ ଯାଆନ୍ତି ତ ଆଉକେତେବେଳେ ହସି ନହସିଲା ପରି ଓ ନହସି ହସିଲାପରି ମନେହୁଅନ୍ତି । ମାଟି, ଆକାଶ ଓ ମଣିଷର କଥା କେତେବେଳେ ଗୋଟିଏ ବିନ୍ଦୁରେ ମିଳିତ ହୁଅନ୍ତି ତ ଆଉ କେତେବେଳେ ପରସ୍ପରଠାରୁ ଦୂରେଇ ଗଲାପରି ଲାଗୁଥାଆନ୍ତି। ସ୍ୱପ୍ନର କୁହୁକ ଛୁଆଁରେ ପିତଳ କେତେବେଳେ ସୁନାହୋଇ ଯାଏ ତ ଆଉ କେତେବେଳେ ବାସ୍ତବତାର ଚାପରେ ଅନୁଭବର ଗଜମୋତି ସବୁ ଚୂରି ହୋଇଯାଏ । ସ୍ୱପ୍ନର ଚହଲା ଢେଉରେ ମନର ଉପକୂଳ ବହୁ ସମୟରେ ପ୍ଲାବିତ ହୋଇଯାଏ । ସ୍ୱପ୍ନର ବନ୍ଦନା ଗାଇବାକୁ ଯାଇ କବି କହନ୍ତି –

''ସ୍ୱପ୍ନ ମୋର ଚନ୍ଦ୍ରିକା ଝରା ନିର୍ଜନ ଝାଉଁବନ
ସ୍ୱପ୍ନ ମୋର ରଜନୀ ଗନ୍ଧା ଗନ୍ଧ ମଦିର ମନ
ସ୍ୱପ୍ନ ମୋର ଚଇତି ସଞ୍ଜେ ଅଭିସାରିକାର ଭୀତି ।''

(କୃଷ୍ଣଚୂଡ଼ାର ଗୀତି)

କବିଚିତ୍ତର ମାଦକତା ମୂର୍ତ୍ତିମତୀ ହୁଏ, ପ୍ରେମଶିଶିରଭିଜା ମନରଗୋଲାପ ପବନରେ ଝୁଲିଝୁଲି ଆନମନାହୁଏ । ନଦୀ ହୋଇ ଝରିଯାଏ ମମତାର ଜଳଧାରା । ତା'ର କୂଳରେ ସେଇ ଗ୍ରାମ ଯାହାର ନାମ ହେଉଛି ସ୍ୱପ୍ନପୁରୀ, ସେଇ ଗାଁରେ ସେ କିଏ ଯାହାର ନାମ ହେଉଛି ଚନ୍ଦ୍ରା, ତାହାର ଲାଜର ନାମ କୃଷ୍ଣଚୂଡ଼ା, ଈର୍ଷାର ନାମ ପ୍ରଭଞ୍ଜନ, ପୁଣି ତାର ଆଖିର ନାମ ଶାମୁକା ଆଉ ଲୁହର ନାମ ମୁକ୍ତା ।

''ନଦୀର ନାମ ଅଳସ କନ୍ୟା
ତୀରର ନାମ ତନ୍ଦ୍ରା
ଗ୍ରାମର ନାମ ସ୍ୱପ୍ନ ପୁରୀ
ପ୍ରିୟାର ନାମ ଚନ୍ଦ୍ରା ।''

କବି ଲେଖିଛନ୍ତି ଆଖଣ୍ଡଳମଣିଙ୍କ ମହିମାଗାନ କରି ଭଜନ, ଶ୍ରୀଜଗନ୍ନାଥଙ୍କ ପାଇଁ କେତେକ ଭକ୍ତିଗୀତ ପୁଣି ଗୋପୀନାଥଙ୍କ ପାଇଁ କେତେଗୋଟି ପ୍ରାର୍ଥନା ସଂଗୀତ । ଶ୍ରୀଜଗନ୍ନାଥଙ୍କ ଦର୍ଶନ ପାଇଁ ଆଶେଷ ଆକୁଳତା ହିଁ ତାଙ୍କ ଭକ୍ତିମତ୍ତାର ନିର୍ମଳ ନିଦର୍ଶନ । ହାତ ଦୁଇଟି ପ୍ରଭୁଙ୍କ ସେବାରେ ଲାଗିରହୁ ଓ ଜିଭ ତାଙ୍କ ଜୟଗାନରେ ଅହରହ ବ୍ୟସ୍ତ ଥାଉ ବୋଲି କବି ଇଚ୍ଛା ପୋଷଣ କରିଛନ୍ତି ।

ଜନ୍ମଭୂମିର ପଦବନ୍ଦନାରେ କବି ଆତ୍ମବିଭୋର । ଭାରତର ପବନ ପ୍ରବାହ କବିଙ୍କପାଇଁ ମୁଗ୍ଧ ମଳୟର ଛନ୍ଦବିଳାସ ସାଜିଛି । ମହାସାଗରର ଉର୍ମିମାଳା ଭାରତ ଭୂମିକୁ ଆଭୂମ ପ୍ରଣାମ ଜଣାଉଛି ବୋଲି କବି କହିଛନ୍ତି ।

ତତ୍‌କାଳୀନ ସମାଜର ଚିତ୍ର ତାଙ୍କ ରଚିତ କେତେକ ଗୀତିକବିତାରେ ସ୍ଥାନ ପାଇଛି । ମହାନଦୀର ନୀଳ ଢେଉରେ ନାଆ ମେଲିଥିବା ନାଉରୀର ପ୍ରଶ୍ନ ଓ ନଈକୂଳର ଭିନ୍ନ ଭିନ୍ନ ଅଞ୍ଚଳର ଝିଅମାନଙ୍କର ଉତ୍ତରରେ ସେହି ଚିତ୍ର ଅତ୍ୟନ୍ତ ଜୀବନ୍ତ ହୋଇଉଠିଛି । କେଉଁଠି ଯୌତୁକର ସମସ୍ୟା ତ ଆଉ କେଉଁଠି ଗଡ଼ଜାତ ଓ ମୋଗଲବନ୍ଦୀ ଭିତରେ ଥିବା ରୁଚିଗତ ସମସ୍ୟା ଉପସ୍ଥାପିତ ହୋଇଛି । ସୁଲଳିତ ଛନ୍ଦମାଧୁର୍ଯ୍ୟ ସହ ସାମାଜିକ ଚିତ୍ରର ପ୍ରସ୍ତାବନା ଅତ୍ୟନ୍ତ ମର୍ମସ୍ପର୍ଶୀ ହୋଇଛି । କବିଙ୍କର ଭାଷାରେ –

''ନାଉରିଆ ତୁ ଶୁଣିଯାଆ କେମିତି ଭଲା ହେବ ବାହା
ଭୁବନେଶ୍ୱର କିରାଣୀ ବର ମାଗୁଛି ଫଟଫଟିଆ ।''

ଶେଷରେ ଏତିକି କୁହାଯାଇପାରେ ଯେ ଶିବବ୍ରତ ଦାସଙ୍କର କବିତ୍ୱ ଅଶେଷ ମହିମାନ୍ୱିତ ଓ ପାଠକ ତଥା ଶ୍ରୋତାମାନଙ୍କ ଦ୍ୱାରା ଉଚ୍ଚ ପ୍ରଶଂସିତ ।

ଶିବ କୁମାର ରଥ –

କବିମାନସର ବେଳାଭୂମି ବିଭୁଭକ୍ତିର ଜୁଆରରେ ନିରନ୍ତର ପ୍ଲାବିତ ହୋଇ ପାଠକ ପ୍ରାଣରେ ଭକ୍ତି ଭାବର ସୁକୁମାର ଅନୁଭବ ଆଣିଦେଇଛି । ଆତ୍ମଦାନ ଓ ଆତ୍ମନିବେଦନର ମହନୀୟତା କବି ହୃଦୟଙ୍ଗମ କରି ପାରିଛନ୍ତି । ନିଜ ଭିତରେ ଓ ବାହାରେ ଭାଗବତ ଉପସ୍ଥିତିକୁ ଅନୁଭବ କରିବା ନିମନ୍ତେ ସେ ଯେଉଁ ପ୍ରୟାସ

କରିଛନ୍ତି ତାହା ଅଭିନନ୍ଦନୀୟ । ସବୁ ସ୍ଥାନ ନୀଳାଦ୍ରିଧାମ ପରି ଲାଗିଲେ, ସବୁ ବାସ୍ନା ଚୂଆ ଚନ୍ଦନର ବାସ୍ନା ପରି ଲାଗିଲେ ଶ୍ରୀଜଗନ୍ନାଥଙ୍କର ନିଶା ଭକ୍ତକୁ ଲାଗିଛି ବୋଲି କୁହାଯାଇପାରିବ - ଏକଥା କବି ଉଲ୍ଲେଖ କରିଛନ୍ତି । ସମର୍ପଣ କଲେ ପଖାଳ କଂସାର ସ୍ୱାଦ ବହୁଗୁଣିତ ହେବ ବୋଲି କବି କହିଛନ୍ତି । କବିଙ୍କ ଭାଷାରେ -

''ଚନ୍ଦନ ଚନ୍ଦନ ବାସିବ ପବନ
ତା ସାଥିରେ ପୁଣି କର୍ପୂର ମିଶା
ରାତିଦିନ ଚକାଆଖି ଦିଶୁଥିବ
ସେଇ ହେଲା ଭାଇ କାଳିଆ ନିଶା
x x x **ନାଆଁ ଧରି ତା'ର ପାଣି ଛଡ଼ାଇଲେ**
ସୁଆଦ ଲାଗିବ ପଖାଳ କଂସା''

ଶ୍ରୀଜଗନ୍ନାଥଙ୍କ ଆଖିରେ ଥିବା ଭୁବନମୋହନ ମାଦକତା କବିଙ୍କୁ ବିହ୍ୱଳ କରିଛି । ସରଳ ଲଳିତ ଭାଷାରେ ସେହି ଆଖିର ବର୍ଣ୍ଣନା ଓ ମହିମା ଗାନ କବିକୃତିରେ ହୋଇଛି ଅତ୍ୟନ୍ତ ହୃଦୟସ୍ପର୍ଶୀ । କବିଙ୍କ ବିଚାରରେ ସ୍ନେହମମତାର ଆଧାର ସେହି ଚକା ଆଖିରେ ଲାଖି ରହେ କୋଟି ଜନତାର ଆଖି। ମହାପ୍ରଭୁଙ୍କ ଚାହାଣିରେ କୁହୁକ ଅଛି, ଶୋକପାଶୋରା ଶକ୍ତି ଓ ସାମର୍ଥ୍ୟ ରହିଛି । କବି କହିଛନ୍ତି -

''କାଳିଆରେ ଏମିତି ତୁ ଚାହାଁନା ଆଉ
ସହି ହୁଏ ନାହିଁ ଚକାଆଖିର ଦାଉ''

ଶ୍ରୀଚରଣ ମହାନ୍ତି -

ଶ୍ରୀଚରଣ ମହାନ୍ତିଙ୍କର କେତେକ ଗୀତିକବିତା ରହିଛି । ପ୍ରାୟ ପ୍ରତ୍ୟେକ କବିତାରେ ରହିଛି ଛନ୍ଦର ସାବଲୀଳତା, ଭାଷାର ସୁକୋମଳତା ତଥା ବକ୍ତବ୍ୟର ପ୍ରାଞ୍ଜଳତା । ରୋମାଣ୍ଟିକ ଭାବଧାରାରେ ପରିପ୍ଲୁତ କବିଚିତ୍ତ ଯଉବନର ନିରାଜନା କରିଛି । ମନ ଭାଙ୍ଗିଗଲେ ଆଉ ଯୋଡ଼ି ହୁଏନା, ମନ ହଜିଗଲେ ଆଉ ଖୋଜିହୁଏନା । ସବୁକିଛି ସେତେବେଳେ ଲାଗେ ଅଲଣା । ପୁରୁଣା ଦିନର ସ୍ମୃତିସବୁ ମନେପଡ଼େ । ହାରି ଯିବାର ଦୁଃଖରେ ଜର୍ଜରିତ ହୁଏ ମନର ଇଲାକା । କବିଙ୍କ ଭାଷାରେ -

'ହଜିଲା ଦିନର ଖୋଜିଲା ସ୍ମୃତିକୁ
ଆଜି ମୁଁ ଚାହିଁଛି ବସି
ଜୀବନଟା ଖାଲି ଖୋଜି ଖୋଜି ଗଲା
ମନଫୁଲ ହେଲା ବାସି ।'

ବହୁ ଅଘଟଣ ଘଟେ ଜୀବନରେ । ସ୍ୱପ୍ନ ସବୁ ରହିଯାଏ ସ୍ୱପ୍ନ ହୋଇ, ବାସ୍ତବ ହୁଏନା । ନିଦାଘରେ ସିଝିଲେ ବି ବର୍ଷା ଆସେନା କି ଶୀତରେ ଥରିଲା ପରେ ବି ବସନ୍ତ ଆସେନା । ସବୁ ଆଶା ହୋଇଯାଏ ସୁଦୂର ପରାହତ । ଆତ୍ମବିଶ୍ୱାସ କମିକମିଯାଏ, ଦିଗଦିଗନ୍ତ ଖାଲିଖାଲି ଲାଗେ। କବିଙ୍କ ଭାଷାରେ -

'ନିଦାଘରେ ସିଝି ଥିଲି
ବରଷା ଆସିବ ବୋଲି
ଶିଶିରରେ ଭିଜିଥିଲି
ବସନ୍ତର ଆଶା ମେଲି

ବରଷା ବସନ୍ତ କାହିଁକି
ଖୋଜିବି ଆଶା ଖାଲି ମଲା ନଈ ।'

କେତେକ ଭକ୍ତିଗୀତ ମଧ୍ୟ ସେ ରଚନା କରିଛନ୍ତି । ମନରେ ଅନୁତାପ ଆସିଛି, ଅନ୍ତର ଦୁଃଖରେ ବିଳପି ଉଠିଛି । ସେ ମୁକ୍ତକଣ୍ଠରେ ସ୍ୱୀକାର କରିଛନ୍ତି ଯେ ପରମପ୍ରଭୁଙ୍କ କଥା ଯାହା ଯାହା ଶୁଣିଲେ ତାହା ତାହା ଭୁଲି ଯାଇଛନ୍ତି । ମିଛ ମାୟା ମୋହରେ ବାନ୍ଧି ହୋଇ ଜୀବନ ଅସାର୍ଥକ ହୋଇଯାଉଛି । କେତେଥର ଯେ ପ୍ରଭୁ ଚେତାଇ ଦେଇଛନ୍ତି, ଚାପ ଦେଇଛନ୍ତି ଚେତିବା ପାଇଁ ତାହାର କଳନା ନାହିଁ । ପ୍ରଭୁ ଦେଖାଇଥିବା ବାଟ ସେ ଭୁଲି ଯାଇଛନ୍ତି । ଅହଂକାର ଯୋଗୁଁ ମଣିଷ ଜାଣିପାରେ ନାହିଁ ଈଶ୍ୱରଙ୍କ କ୍ଷମାଶୀଳତା ଓ ରକ୍ଷାକାରୀ ଶକ୍ତିର କ୍ରିୟାକୁ । ସେ ଭାବେ ନିଜ ଶକ୍ତିରେ ସୁରକ୍ଷିତ ହୋଇ ରହିଛି ବୋଲି । ପ୍ରକୃତରେ ତାକୁ ଈଶ୍ୱରଶକ୍ତି ସୁରକ୍ଷିତ କରି ରଖିଛନ୍ତି ।

ରୋଗ ବାଧା ଆସୁଛି ଆମକୁ ଆମ ଅପୂର୍ଣ୍ଣତା ବିଷୟରେ ସଚେତନ କରିବାକୁ । ମଣିଷକୁ ସେତେବେଳେ ଭାବୁଛି ନିଜର କର୍ମଦୋଷର ଫଳ ସ୍ୱରୂପ ରୋଗ ଆସିଛି । ମଣିଷ ପ୍ରକୃତ ମାର୍ଗରେ ନେବା ପାଇଁ ବାଧାବିଘ୍ନ ଆସନ୍ତି । ଏକଥାକୁ ହୃଦୟଙ୍ଗମ କରିଛନ୍ତି କବି ଶ୍ରୀମହାନ୍ତି । ସଙ୍କଟ ତାରିଣୀ ଭଜନ ଏବଂ ଶ୍ରୀଜଗନ୍ନାଥଙ୍କ ଭଜନ ରଚନା ମାଧ୍ୟମରେ କବି ତାଙ୍କର ଭଗବତ ଭକ୍ତି ଉପସ୍ଥାପନା କରିଛନ୍ତି ।

ସତ୍ୟ ପଟ୍ଟନାୟକ–

ଓଡ଼ିଆ ଗୀତିକବିତା ରାଜ୍ୟରେ ସତ୍ୟ ପଟ୍ଟନାୟକଙ୍କ ନାମ ବେଶ୍ ପରିଚିତ ଓ ପ୍ରତିଷ୍ଠିତ । ଭଲ ପାଇବାର ବାସ୍ନାରେ ବହୁ ଗୀତିକବିତା ତାଙ୍କର ବାସ୍ନାୟିତ । ହତାଶାର ଚୁକୁ ଚିରି ଆଶାର ଅରୁଣିମା ତାଙ୍କ ଲେଖନୀରେ ଫିଟିଫିଟି ଆସେ । ଶ୍ୟାମଳ ବନରୁ ଝରିଝରି ଆସୁଥିବା ଏକଏକ ଝରଣା ତାଙ୍କର ଏକଏକ କବିତା । କେତେ କବିତାର ଲତାରେ ରୋମାଣ୍ଟିକ ଭାବ ବିଳାସର ଝୁଲାଝୁଲା ଫୁଲପେଣ୍ଡା ବେଶ୍ ସୁଦୃଶ୍ୟ, ସୁରମ୍ୟ ଓ ସୁବାସିତ । ନିଜ କବିତା ସମ୍ବନ୍ଧରେ ସେ କହନ୍ତି– 'ଅନୁରାଗରେ ସେ ଲାବଣ୍ୟମୟୀ, ଲାବଣ୍ୟବତୀ । ପୋଖରୀ ଭିତରେ ହଜିଯାଇଥିବା ରୁପା ଫରୁଆର ସ୍ମୃତି ।' ପୁଣି ସେ କହନ୍ତି– 'ମୋ ଗୀତିକା ନାଉରି ନଥିବା ନାଆ, କାତ ନାହିଁ, ଆହୁଲା ବି ନାହିଁ, ଆୟାସ ନାହିଁ, ନାହିଁ ମଧ୍ୟ ଅଧ୍ୟବସାୟ ।'

ପ୍ରାପ୍ତିରେ ସନ୍ତୋଷଠାରୁ ଅପ୍ରାପ୍ତିର ଅସନ୍ତୋଷ ବେଶି ସ୍ମରଣୀୟ । ସିଏ ବେଶି ମନେପଡ଼େ ଯିଏ ବେଶି କ୍ଷତ କରିଦିଏ ମନ ଗହନରେ । ହଜିଯାଇଥିବା ଚିରାକଳା ମଠାପରି ଲାଗେ । ଯେତେ ଚାହିଁଲେ ବି ଭୁଲି ହୁଏନାହିଁ ତା'ର ସ୍ମୃତି ଓ ଅନୁଭୂତି । ଆଗରୁ ନ ହେଲେ ପଛରୁ, ଏପାଖରୁ ନ ହେଲେ ସେପାଖରୁ ଶୁଭେ ହଜିଯାଇଥିବା କଣ୍ଠସ୍ୱର । ଚାଲୁ ଚାଲୁ ପାଦ ଅଟକିଯାଏ ସେ ସ୍ୱରରେ ।

କବିଙ୍କ ଭାଷାରେ–

'ଏ ଜୀବନେ ତାକୁ ପାଇଥିଲେ ମୁଁ କି
ପାଇଥାନ୍ତି ଏତେ ଭଲ
ହରାଇଛି ବୋଲି ଅବା ସେ ଲାଗୁଛି
ତୁଚ୍ଛାଟାରେ ଏତେ ଭଲ ।'

କବିଚିତ୍ତ କେତେ ଆକୁଳ ନିଜକୁ ଜାଣିବାକୁ, ନିଜକୁ ଶୁଣିବାକୁ ପୁଣି ନିଜକୁ ଦେଖିବାକୁ । ଥରେ ହଜାଇଦେଲେ ନିଜକୁ ହିଁ ଖୋଜୁଥାଏ । ମାତ୍ର ବାହାରକୁ ଲାଗେ ଆଉ କାହାକୁ ଖୋଜିଲା ପରି ।

'ଚନ୍ଦ୍ରଧଉଳା ଏମିତି ରାତିରେ
ଚନ୍ଦନ ଗନ୍ଧ ନେଇ
ଗନ୍ଧ ବିଭୋର ହୃଦୟକୁ ମୋର
ଦେଇଥିଲା ମହକାଇ ।'

ପ୍ରକୃତିର ଚାରୁଚିତ୍ର ଅଙ୍କନରେ ଲେଖନୀ ତାଙ୍କର ସୁଦକ୍ଷ । ଆଶାର ସରୁସରୁ ପାଦରେଖାରେ ଉଲ୍ଲାସର କେତେ ଅଶ୍ରୁତ ପାଉଁଜି ଶବ୍ଦ ଶୁଭେ, ତାହାର କଳନା ନାହିଁ । ଶୀତର ରୁପା ସକାଳରେ ସୁନା ମୁକୁଟର ଖରା ଭାରି ଝଲମଲ ଦିଶେ । ଆମ୍ବ ବଉଳର ମଙ୍ଗଳ କଳସରେ ଶୁଭବେଳା ମାଟିକୁ ଓହ୍ଲାଇ ଆସେ । କବିଙ୍କ କଥାରେ–

'ଅଳପ ଶୀତର ରୁପା ସକାଳରେ
ସୁନା ମୁକୁଟର ଖରା
ଆମ୍ବ ବଉଳର ମଙ୍ଗଳ କଳସେ
ଶୁଭ ଅଭିଷେକ ବେଳା ।'

ସଂସ୍କୃତିର ନିର୍ମଳ ଆଲେଖ୍ୟ ହୋଇଛି ତାଙ୍କର କେତେ କବିତାରେ । ତହିଁରେ ପ୍ରକଟିତ ଓଡ଼ିଆ ଘରର ଚଳଣି ଓ ଚିତ୍ର ପାଠକ ମନରେ ବହୁ ଭାବାନ୍ତର ସୃଷ୍ଟି କରେ । ମହାବିଷୁବ ହାତ ବଢ଼ାଇ ଦେଇଛି ଶ୍ରଦ୍ଧାର, ନିଜେ ଜଳୁଛି ବସୁଧାର ହିତ ପାଇଁ, ମଉସୁମୀର ପ୍ରାକ୍‌ପ୍ରସ୍ତୁତି ପାଇଁ । ବସନ୍ତରା ଝୁଲୁଛି, ଅନେକ ସ୍ୱପ୍ନର ସମ୍ଭାର ସହ ବିଷୁବ ଆସିଛି । କବିଙ୍କ ଭାଷାରେ–

'ତୃଷ୍ଣା ଆତୁର ମେଘର ଛାତିରେ
ମଉସୁମୀ ଆଶା ଲେଖି
ଚିର ବଇରାଗୀ ବିଷୁବ ଜଳୁଛି
ବସୁଧାର ହିତ ଲାଗି ।

x x x x

ବସନ୍ତରା ଝୁଲେ ଚଉରା ମୂଳରେ
ଝରିପଡ଼େ ଜଳବିନ୍ଦୁ
ଜଳ ନୁହେଁ ସେ ତ ଓଡ଼ିଆ ଘରର
ଅନ୍ତର ତଳ ମଧୁ ।'

କେବଳ ପ୍ରୀତି ପ୍ରବଣତାର ମଧୁମଲ୍ଲୀରେ ନୁହେଁ, ଭକ୍ତି ଭାବନାର ସୂର୍ଯ୍ୟମୁଖୀ ମୁକୁଟରେ କବି ପଟ୍ଟନାୟକଙ୍କର କାବ୍ୟ ମାନସ ଉଦ୍ୟାନ ସୁଶୋଭନ ଓ ସୁରମ୍ୟ । ଶ୍ରୀଜଗନ୍ନାଥଙ୍କ ପ୍ରତି ସମର୍ପଣର ଚନ୍ଦନ ଗନ୍ଧରେ ସେ ଉଦ୍ୟାନ ଅସୀମ ପବିତ୍ରତା ଭରିଦିଏ ପାଠକ ପ୍ରାଣରେ । ପରମ ପ୍ରଭୁଙ୍କ ଚରଣରେ ଆଭୂମ ପ୍ରଣାମ ତାଙ୍କର ନମ୍ରତାର ତୁଳସୀ ସ୍ତବକରେ ସୁସଜ୍ଜିତ ଓ ସୁରଭିତ । ଶ୍ରୀଅରବିନ୍ଦଙ୍କ ମତରେ ଯେଉଁ କବିତାରେ ଯେତେ ଚିତ୍ର ଥାଏ ସେ କବିତା ସେତେ ମନୋମୁଗ୍ଧକର ହୁଏ ଓ କାଳଜୟୀ ହୋଇ ରହିଯାଏ । ଏହି ଦିଗରୁ ବିଚାର କଲେ ଡକ୍ଟର ସତ୍ୟ ପଟ୍ଟନାୟକଙ୍କ ଗୀତି କବିତାଗୁଡ଼ିକ କାଳଜୟୀ କଳା ଗୌରବର ଅଧିକାରୀ, ଏଥିରେ ସନ୍ଦେହ ନାହିଁ ।

ହଂସନାଥ ମୁହୁଲି –

କବି ଏକାଧାରରେ ଭଜନ, ଆଧୁନିକ ଓ ପ୍ରକୃତିବର୍ଣ୍ଣନା ଭିତ୍ତିକ ଗୀତିକବିତା ରଚନା କରିଛନ୍ତି । ଭକ୍ତିଭାବନାର ମନ୍ଦାକିନୀ ଧାରାରେ ତାଙ୍କର ବହୁ ଗୀତିକବିତା ସିକ୍ତ । ଶ୍ରୀଜଗନ୍ନାଥ ଓ ଶ୍ରୀକୃଷ୍ଣଙ୍କ ପ୍ରତି ଗଭୀର ଭକ୍ତିଭାବନା ସହିତ ଦେବୀବନ୍ଦନାର ମହତ୍ତ୍ୱ ତାଙ୍କର ଭକ୍ତିଗୀତିଗୁଡ଼ିକରେ ଉପସ୍ଥାପିତ । ଶ୍ରୀଜଗନ୍ନାଥଙ୍କୁ ସବୁ କର୍ମର କର୍ତ୍ତାବୋଲି କହିବାକୁ ଯାଇ ସେ କହିଛନ୍ତି –

‘ଅନ୍ଧାର ରଚିଛ, ଆଲୋକ ରଚିଛ
ସବୁ ତୁମ ରଚନାରେ
ତୁମ ହାତ ଛୁଆଁ ସସାଗରା ଧରା
ସବୁ ମୁହିଁ ଦେଖିପାରେ

କବିଙ୍କ ବିରଚିତ ଆଧୁନିକ ଗୀତିକବିତାଗୁଡ଼ିକରେ ଭାବପ୍ରବଣତା ମୂର୍ତ୍ତିମନ୍ତ । କବିଙ୍କ ଭାଷାରେ

‘ଜୀବନରେ ମୋର ନ ଆସିଲ ନାହିଁ
ସପନରେ ଥରେ ଆସ
ମୋ ଆଖି ଲୁହରେ ନ ଭାସିଲେ ନାହିଁ
ହସର ନାଆରେ ବସ ’

ପ୍ରକୃତିକୁ ଭିତ୍ତିକରି ତାଙ୍କର ବହୁ ଗୀତିକବିତା ରଚିତ । ସ୍ୱରଚିତ ଏକ କବିତାରେ ସେ କହନ୍ତି –

ଧରଣୀ ରାଣୀର ସେବା ଶେଷ କରି
ଶୀତ ଗଲାଣି ଫେରି
ବସନ୍ତ ଆସିଲା ଫଗୁଣ ଫୁଲର
ମହକ ସବୁଠି ଭରି ।।’

ସରଳ ଭାଷାରେ ସୁକୁମାର ଅନୁଭବର ସ୍ନିଗ୍ଧ ଅଭିବ୍ୟକ୍ତି କବିଙ୍କ ରଚନାରେ ସ୍ପଷ୍ଟ ଦେଖିବାକୁ ମିଳେ ।

କ୍ଷୀରୋଦ ଚନ୍ଦ୍ର ପୋଥାଳ –

କବିଙ୍କର ଲେଖନୀରେ ଭକ୍ତିଗୀତ, ଆଧୁନିକଗୀତ, ପଲ୍ଲୀଗୀତ ଏବଂ ଶିଶୁ ସଙ୍ଗୀତ ରୂପାୟିତ ହୋଇଛି । ବିନ୍ଦୁରୁ ସିନ୍ଧୁ ପର୍ଯ୍ୟନ୍ତ ପରିବ୍ୟାପ୍ତ ତାଙ୍କର ଭକ୍ତିଭାବନା ଏବଂ ଜୀବନର ଅଭାବ ଅପୂର୍ଣ୍ଣତା, ସୁଖ ଦୁଃଖର କାହାଣୀ ତାଙ୍କ ସୃଷ୍ଟିର ଭାବବସ୍ତୁ ରୂପେ ପ୍ରାୟତଃ ନିର୍ବାଚିତ । ଅନେକ ଅଧିକାର ସହ ସେ ଭଗବାନଙ୍କୁ କହିଛନ୍ତି –

‘‘ତୁମ ବିନା ମୋର ନାହିଁ ଆନଗତି
କରମୋତେ ପରିତ୍ରାଣ
ତୁମେ ନରଖିଲେ ଜୀବନ ମୋହର
ହେବ ନିଶ୍ଚେ ଅକାରଣ’’

ଭୈରବୀ ରାଗ ଶୁଣାଇ କବି ଅନ୍ୟମାନଙ୍କୁ ଜାଗ୍ରତ କରିଦେଇଛନ୍ତି । ନବମୂର୍ଚ୍ଛନା ଓ ନବଚେତନାରେ ପରିବେଶକୁ ସମୃଦ୍ଧ କରିବା ପାଇଁ ସେ ପ୍ରୟାସ କରିଛନ୍ତି । ପଲ୍ଲୀପ୍ରକୃତିର ନିସର୍ଗ ସୁନ୍ଦର ରୂପାୟନ କବିକୃତିରେ ଏକ ସୁରକ୍ଷିତ ଆସନ ପକାଇପାରିଛି । ପଲ୍ଲୀର ରୀତିନୀତି ଚାଲିଚଳଣିକୁ ସ୍ପଷ୍ଟଭାବରେ କବି କେତେକ ସୃଷ୍ଟିରେ ସ୍ଥାନିତ କରିଛନ୍ତି । ପଲ୍ଲୀସୁଷମାରେ ବିମୁଗ୍ଧ ହୋଇ ସେ କହିଛନ୍ତି –

'' ଶରତ ଆସିଲା ମରତ ହସିଲା
ବସିଲା ଫୁଲର ହାଟ
ଭୋଦେଇ ଖରାରେ ସଫା ଦିଶିଲାଣି
ଆମ ଗାଁ ବାଟଘାଟ ।''

ଜୀବନର କେତେ ଅଙ୍ଗେନିଭା କଥାକୁ ପୁଞ୍ଜି କରି ଅନ୍ୟମାନଙ୍କ ପରି କବି ଶ୍ରୀଯୁକ୍ତ ପୋଥାଳ ରଚନା କରିଛନ୍ତି କେତେକ ଗୀତିକବିତା । ଏଥିରେ ବିସ୍ମୟ ସହ ପୁଲକ ଅଛି, ଭାବ ସହ ଭାବନା ଅଛି, ଆଶାବାଦ ସହ ଅବସୋସ ଅଛି । ବିମିଶ୍ରିତ ଏହି ବହୁ ଚର୍ଚ୍ଚିତ ଉପାଦାନକୁ ନିଜସ୍ୱ ଦୃଷ୍ଟିରେ ଦେଖି ଅକ୍ଷରରେ ସେହି ଦୃଶ୍ୟକୁ ସେ ଆଙ୍କିଛନ୍ତି । ଏଇ ଯେମିତି, ତାଙ୍କ ମତରେ ଅନେକ ଫୁଲ ଏ ସଂସାରରେ ଅଛି ଯାହାର ବାସ ନାହିଁ, ଅନେକ ହସ ଏ ସଂସାରରେ ଅଛି ଯହିଁରେ ମାଦକତା ନାହିଁ, ଏପରି ଦୁଃଖ ମଣିଷ ମନରେ ଅଛି ଯାହା ଅନ୍ୟକୁ କହିହୁଏ ନାହିଁ, ଏମିତି ଅନେକ ଲୁହ ଅଛି ଯାହା ଆଖିରୁ ଝରିପାରେ ନାହିଁ । କବିଙ୍କ ଭାଷାରେ –

''ଏମିତି ଫୁଲ ଅନେକ ଅଛି ବାସନା ଯାର ନାହିଁ
ଏମିତି ହସ ଅନେକ ଅଛି ପାରେନା ମନ ଛୁଇଁ''
X X X X X
ଏମିତି ଲୁହ ଅନେକ ଅଛି ପାରିନି ଯାହା ବହି ।

ସାହିତ୍ୟର ଅନ୍ୟାନ୍ୟ ବିଭବର ଧାରା ପରି ଗୀତିକବିତାର ଧାରା ଏବେ ମଧ୍ୟ ଅବାରିତ ରୀତିରେ ଆଗକୁ ବଢ଼ିଚାଲିଛି । ବହୁକବିଙ୍କ ଅବଦାନରେ ସେ ଧାରା ପରିପୁଷ୍ଟ ଓ ପୁଷ୍ପଳ ହେଉଛି । ଉକ୍ତ ପୁସ୍ତକରେ ଯେଉଁ କବିମାନଙ୍କ ସମ୍ପର୍କରେ ଆଲୋଚନା କରାଯାଇଛି ସେମାନଙ୍କ ବ୍ୟତୀତ ଆହୁରି ଅନେକ କବି ରହିଛନ୍ତି ଯେଉଁମାନଙ୍କର ଅବଦାନ ମୁକ୍ତ କଣ୍ଠରେ ସ୍ୱୀକାର୍ଯ୍ୟ ।

◆◆◆

ବଞ୍ଚିବାର କଳା

ପ୍ରଫେସର ଶରତ ଚନ୍ଦ୍ର ରଥ

ଶରତ ଗ୍ରନ୍ଥାବଳୀ - ୬୮୪

ବଞ୍ଚିବାର କଳା

ଲେଖକ
ପ୍ରଫେସର ଶରତ ଚନ୍ଦ୍ର ରଥ
ଏମ୍.ଏ.ଏମ୍‌ଫିଲ୍, ପିଏଚ୍.ଡି

ପ୍ରକାଶକ :

ପ୍ରଚ୍ଛଦ ଶିଳ୍ପୀ :

ଅକ୍ଷର :

ମୁଦ୍ରଣ :

ମୂଲ୍ୟ : ୫.

BANCHIBARA KALA

Author
Professor. Sarat Chandra Rath
M.A, M.Phil, Ph.D.

Published By :

Laser Typeset :

Printed at :

Cover Design :

Price : **Rs**

ଉତ୍ସର୍ଗ

ପୁସ୍ତକଟିକୁ ଶ୍ରୀମା ଶ୍ରୀଅରବିନ୍ଦଙ୍କ ଚରଣ କମଳରେ ସମର୍ପଣ କରିବା ପରେ ନନା
ଶ୍ରୀ ନୀଳାଦ୍ରି ବିହାରୀ ରଥ
ଓ
ବୋଉ ଶ୍ରୀମତୀ ମନୋରମା ଦେବୀଙ୍କ
ହାତରେ ପ୍ରଦାନ କଲି ।

ଶରତ

ଆଗରୁ ପଦେ

ସେଦିନ ଶିକାରୀମାନବ ଆଜି ଇଣ୍ଟରନେଟ ଯୁଗରେ ପହଞ୍ଚିଛି। ଘରେ ବସି ସମଗ୍ର ପୃଥିବୀକୁ ଦର୍ଶନ ଓ ସମଗ୍ର ପୃଥିବୀ ସହ ଯୋଗାଯୋଗ ସ୍ଥାପନ କରିପାରୁଛି। ପ୍ରାଚ୍ୟର ପାଶ୍ଚାତ୍ୟ ଓ ପାଶ୍ଚାତ୍ୟରୁ ପ୍ରାଚ୍ୟ ଦିଶୁଛି ନିଜ କୋଠାରୁ ସାମ୍ନା ଘରର କୋଠା ଦିଶିଲା ପରି। ଯାହା ସବୁ କାଲି ଅସମ୍ଭବ ଥିଲା ଓ ଲାଗୁଥିଲା ତାହା ଆଜି ସମ୍ଭବ ହୋଇଛି ଓ ସୁଲଭ ହୋଇଛି। ପାଞ୍ଚଶହ ବର୍ଷରୁ କମ୍ ସମୟରେ ଯେତେ ପ୍ରଗତି ଘଟିଛି ହୁଏତ ତା'ପୂର୍ବରୁ ଏକ ସହସ୍ର ବର୍ଷରେ ସେ ପ୍ରଗତି ଘଟି ନଥିଲା। ଅତଏବ ବୌଦ୍ଧିକତାର ମାନ ବଢ଼ିଛି, ଜିଜ୍ଞାସାର ଦିଗ୍‌ବଳୟ ପ୍ରସାରିତ ହୋଇଛି। ହେଲେ ଏସବୁ କଥା ସହିତ ତାଳଦେଇ ଗୋଟିଏ କଥା ବଢ଼ିନାହିଁ, ତାହା ହେଉଛି ବଞ୍ଚିବାର କଳା। ପାରସ୍ପରିକ ଶ୍ରଦ୍ଧା, ବିଶ୍ୱାସ, ଭରସା, ଆନ୍ତରିକତା, ସଦ୍‌ଭାବ ଇତ୍ୟାଦି ଯେତେ ବଢ଼ିବା କଥା ବଢ଼ିନାହିଁ। ଲାଫିଙ୍ଗ କ୍ଲବ୍‌ର ସଂଖ୍ୟା ବଢ଼ିଛି ମାତ୍ର ସ୍ୱତଃସ୍ଫୂର୍ତ୍ତ ହସ ବିଭବ କମିଯାଉଛି। ମୃଦୁ ହସ ତ ମଉଳି ମଉଳି ଝଡ଼ିଗଲାଣି ଓଠରୁ କହିଲେ ଭୁଲ୍ ହେବନାହିଁ। ଗମ୍ଭୀର ମୁହଁ ଧରି ବ୍ୟସ୍ତ ବିବ୍ରତ ହୋଇ ଧାଉଁଛି ମଣିଷ। ସେ ସର୍ବଦା ତରତର, ଏତେ ତରତର କାହିଁକି ବୁଝିହେଉନାହିଁ। ସମୟ ତ କାହା ପାଖରେ ନାହିଁ ବିପଦରେ କାହା ପାଖରେ ଠିଆ ହେବା ପାଇଁ ଅଥବା କାହାର ସମସ୍ୟା ସମାଧାନ ନିମନ୍ତେ ଆଗେଇ ଆସିବାପାଇଁ। ଏପରିକି ଶୁଭେଚ୍ଛା ଓ ସଦିଚ୍ଛା ନିମନ୍ତେ ମଧ୍ୟ କାହା ପାଖରେ ସମୟ ନାହିଁ କି ମାନସିକତା ନାହିଁ।

ଏତେବେଳେ ଯେଉଁ କଥାଟି ସବୁଠୁ ଅଧିକ ଦରକାର ତାହା ହେଉଛି ବଞ୍ଚିବାର କଳା। ସମାଜ ଓ ସଂସାରର ପଥ ଅତ୍ୟନ୍ତ ଜଟିଳ, ସେଥିରେ ଚାଲିବା ପାଇଁ କେତେ କଥା ଜାଣିବା ଦରକାର। ନଜାଣି ନବୁଝି ବାଟଚାଲିଲେ ପାଦେ ପାଦେ ଝୁଣ୍ଟିବାକୁ ହୁଏ। ବାଟର ଦୋଷ ଦେବାକୁହୁଏ ସିନା ତହିଁରେ କିଛି ଲାଭ ହୁଏନାହିଁ। ବାଟକୁ ହଠାତ୍ ବଦଳାଇ ହେବନାହିଁ, ଚାଲିବା ଶୈଳୀ ବଦଳାଇବାକୁ ଶିଖିବା ଦରକାର। ସ୍ଥାନ, କାଳ ପାତ୍ର ଅନୁସାରେ କଥା କହିବା, ବ୍ୟବହାର କରିବା ଏହିକଳାର ଏକଏକ ଅଂଶ। ବ୍ୟକ୍ତିଗତ, ଜୀବନ ସାମାଜିକ ଜୀବନ, ରାଷ୍ଟ୍ରୀୟ ଜୀବନ ତଥା ଅନ୍ତଃରାଷ୍ଟ୍ରୀୟ ଜୀବନ ପର୍ଯ୍ୟନ୍ତ ଏହି କଳା ପରିବ୍ୟାପ୍ତ।

ଏହି କଳାର ଅନୁଶୀଳନ ନିମନ୍ତେ ସାମାନ୍ୟ ପ୍ରୟାସ ଉକ୍ତ ପୁସ୍ତକରେ କରାଯାଇଛି। ଏଥିରେ ସ୍ଥାନିତ ବହୁ ପ୍ରବନ୍ଧ ଦୈନିକ 'ସମାଜ', ଦୈନିକ 'ଧରିତ୍ରୀ', ଦୈନିକ 'ପ୍ରମେୟ' ପ୍ରଭୃତିରେ ପ୍ରକାଶିତ ହୋଇଛି। ଏହି ଅବକାଶରେ ମୁଁ ଉପରୋକ୍ତ ସମ୍ବାଦପତ୍ରର ସଂପାଦକମାନଙ୍କୁ ବିନମ୍ର କୃତଜ୍ଞତା ଜଣାଉଛି। ପୁସ୍ତକଟିର ପାଠକୀୟ ଆଦୃତି ରହିଲେ ଶ୍ରମ ସାର୍ଥକ ମଣିବି।

ଶରତ ଚନ୍ଦ୍ର ରଥ

ଭୁବନେଶ୍ୱର

ସୂଚୀପତ୍ର

- ବଞ୍ଚିବାର କଳା ୮
- ଆମ ସଂସ୍କାର- ଆମ ପରିବାର ୧୩
- ଆଜିର ଜୀବନଧାରା ୧୬
- ଆମେ ଖୁସିରେ ରହିବା କିପରି ? ୨୦
- ଆବଶ୍ୟକତା ଓ କାମନା ୨୪
- କଥା କହିବାର କଳା ୨୭
- ପାରିବାରିକ ଶିକ୍ଷା ଓ ବିଶ୍ୱ ଜୀବନ ୩୦
- ସୁଖ ଓ ଆନନ୍ଦ ପ୍ରଫେସର ଶରତ ଚନ୍ଦ୍ର ରଥ ୩୫
- ବ୍ୟକ୍ତି ଓ ବିଶ୍ୱ ପ୍ରକୃତି ୩୮
- ଶିକ୍ଷା ଓ ମୂଲ୍ୟବୋଧ ୪୨
- ମାତୃତ୍ୱର ବର୍ଣ୍ଣବିଭା ୪୫
- ବଟରୁ କଳ୍ପବଟ ୪୯
- ଶିକ୍ଷା ଓ ମୂଲ୍ୟବୋଧ ୫୩
- ଆତ୍ମଶାନ୍ତିର ରୂପରେଖ ୫୬
- 'ନୂଆ ଜୀବନ : ନୂଆ ସ୍ୱାଦ' ୫୯
- ବିଶ୍ୱପ୍ରକୃତି ଓ ଆମେ ୬୨
- ଅନୁଚିନ୍ତନ ୬୫
- ପୂର୍ଣ୍ଣ ପୃଥିବୀର ଚିତ୍ର ୭୦
- ବ୍ୟକ୍ତିତ୍ୱ ଓ ଅହଂକାର ୭୪
- ଆତ୍ମ ମିତ୍ରତା ୭୭
- ଭଲ କାମ ଆମେ କରିବା କେମିତି ୮୦

- ଆତ୍ମବିଶ୍ଳେଷଣ ୮୩
- ମନବଳର ମହତ୍ତ୍ୱ ୮୬
- ଅନ୍ୱେଷଣ ୮୯
- ଚିନ୍ତା, ଚେତନା ଓ ଆଚରଣ ୧୦୦
- ଅଭାବ-କାଲି ଓ ଆଜିର ୧୦୩
- ବିଦ୍ୟା ଓ ଅବିଦ୍ୟା ୧୦୭
- ଭାରି ଏକା ଲାଗୁଛି ୧୧୦
- ପ୍ରଗତିର ପରିଭାଷା ୧୧୪
- ଜୀବନ ଚିନ୍ତା ୧୧୮
- ଧନ ଅର୍ଜନେ ଧର୍ମ କରି ୧୨୬
- ଆତ୍ମ ବିଶ୍ଳେଷଣର ମହତ୍ତ୍ୱ ୧୨୯
- ଭଙ୍ଗାଗଡ଼ାର ମର୍ମ କଥା ୧୩୨
- ଆମ ନାଭିରେ କସ୍ତୁରୀ ୧୩୫
- ଲାଭ କ୍ଷତିର ଅଙ୍କ କଷା ୧୩୮
- ଅବିଦ୍ୟା, ବିଦ୍ୟା ଓ ଅର୍ଥକାରୀ ବିଦ୍ୟା ୧୪୨
- ଜୀବନ ଜିଜ୍ଞାସା : ଅତୀତ, ବର୍ତ୍ତମାନ, ଭବିଷ୍ୟତ ୧୪୬
- ଆତ୍ମବିକାଶର ସ୍ୱରଲିପି ୧୫୦
- ଆନନ୍ଦବୋଧର ଭିତ୍ତି ଓ ଭୂତି ୧୫୫
- ବିଶ୍ୱ ଭ୍ରାତୃତ୍ୱ ଓ ସ୍ୱାମୀ ବିବେକାନନ୍ଦ ୧୫୮
- ଅନୁରାଗର ଅନୁଚିନ୍ତା ୧୬୨
- ଦୋଷ କେଉଁଠି ? ୧୬୫
- ବିଜ୍ଞାନ ଓ ଆତ୍ମଜ୍ଞାନ ୧୭୦
- ଜୀବନ ସୌରଭ ୧୭୪
- ଶେଷ କେଉଁଠି ୧୭୮
- ଆଲୋକର ଜୟଗାନ ୧୮୧
- ନିଦାଜୀବନ ହିଁ ଶ୍ରଦ୍ଧାଜୀବନ ୧୮୪
- କୃତଜ୍ଞତାର ମର୍ମକଥା ୧୮୭
- ନାସ୍ତି ନୁହେଁ ଅସ୍ତି ୧୯୦

ବଞ୍ଚିବାର କଳା

ସଂପ୍ରତି ଜୀବନରୁ ବଞ୍ଚିବାର କଳାଟି ବହୁଳାଂଶରେ ଅପସରି ଯାଇଛି। ଜନସଂଖ୍ୟା ବଢ଼ିଛି, ଶିକ୍ଷାଗତ ଡ଼ିଗ୍ରୀ ସଂଖ୍ୟା ବଢ଼ୁଛି, ଡ଼ିଗ୍ରୀ ଧାରୀଙ୍କ ସଂଖ୍ୟା ବଢ଼ିଛି। ତେବେ ଶିକ୍ଷିତ ମାନଙ୍କ ସଂଖ୍ୟା ସେଇ ଅନୁପାତରେ ବଢ଼ିନାହିଁ। ବୌଦ୍ଧିକତା ବଢ଼ିଛି, ବିଜ୍ଞାନ ଓ ପ୍ରଯୁକ୍ତି ବିଦ୍ୟାର ବହୁ ଅଗ୍ରଗତି ହେଇଛି, ମାତ୍ର ବିକାଶ ଯେପରି ଘଟିବା କଥା ଘଟୁନାହିଁ। ବୌଦ୍ଧିକତାର ସଦୁପଯୋଗ ହେଉନାହିଁ, ସକାରାତ୍ମକ ଦିଗରେ ପ୍ରୟୋଗ ହେଉନାହିଁ ବରଂ ନକାରାତ୍ମକ ଦିଗରେ ପ୍ରୟୋଗ ହେଉଛି। ବ୍ୟକ୍ତି ବ୍ୟକ୍ତି ଭିତରେ, ଅନୁଷ୍ଠାନ ଅନୁଷ୍ଠାନ ଭିତରେ, ସଂସ୍କୃତି ସଂସ୍କୃତି ଭିତରେ ଶ୍ରଦ୍ଧାଶୀଳତା ନାହିଁ କାରଣ ସହନଶୀଳତା ନାହିଁ। ବ୍ୟକ୍ତିଠାରୁ ସମଷ୍ଟି ପର୍ଯ୍ୟନ୍ତ କେଉଁଠାରେ ସହିଷ୍ଣୁତା ନାହିଁ। ସହାନୁଭୂତି ପ୍ରାୟତଃ ମଣିଷ ମନରୁ ଦୂରେଇ ଯାଉଛି। ଅନ୍ୟର ଦୁଃଖରେ ଖୁସି ହେବାର ଏବଂ ଅନ୍ୟର ସୁଖରେ ଦୁଃଖୀ ହେବାର ଚିତ୍ର ବହୁ ଭାବରେ ଦେଖିବାକୁ ମିଳୁଛି। କାହିଁକି ଏଇ ଅପଶକ୍ତିର ରାହୁଛାୟା ସମାଜକୁ ତଥା ବ୍ୟକ୍ତିକୁ ଗ୍ରାସ କରୁଛି ଏକଥା ବିଚାରକୁ ନେଲେ କେତେକ କଥାଭିତରୁ ସ୍ପଷ୍ଟ ଭାବରେ ଗୋଟିଏ କଥା ଅବବୋଧ ଭିତରକୁ ଆସୁଛି, ତାହା ହେଉଛି ଅହଂକାର। ବର୍ତ୍ତମାନ ଅହଂର ରାଜତ୍ୱ ଚାଲିଛି, ବୁଦ୍ଧିକୁ ଆୟତ୍ତ କରିଛି ଅହଂ। ମନ ବନ୍ଧା ପଡିଯାଇଛି, ଦାସତ୍ୱ ସ୍ୱୀକାର କରିଛି ଏହି ଅହଂ ନିକଟରେ। ସ୍ନେହ, ଶ୍ରଦ୍ଧା, ମମତା, ତ୍ୟାଗ, ସେବା, ଦୟା, କ୍ଷମା ପ୍ରଭୃତି ମାନବିକ ଗୁଣ ପଥର ତଳର ଘାସ ପରି କାହିଁ କେଉଁଠି ଚାପି ହୋଇରହିଯାଇଛି। ସୁକୁମାରତା ହଜିଯାଇଛି ମଣିଷ ମନରୁ, ସମନ୍ୱୟ କଥାଟି ନିଜର ସତ୍ତା ହରାଇବାକୁ ବସିଲାଣି। ଏକତା ବୋଲି ଯାହା ଅଛି ତାହା କେବଳ ନକାରାତ୍ମକତାରେ। ସମାଜର ପୁଣି ପରିବେଶର କ୍ଷତି ଘଟାଇବାରେ ଏପରି ଏକତା କାର୍ଯ୍ୟକାରୀ ହେବାର ଦେଖାଦେଉଛି। ପ୍ରଭୁ ହୋଇଛି ଉଗ୍ରତା, ହିଂସ୍ରତା, କ୍ରୋଧ, ବିଦ୍ରୋହ, ଛଳନା, ଘୃଣା ଇତ୍ୟାଦି ଇତ୍ୟାଦି ଅମାନବିକ ଗୁଣ। ଆତଙ୍କବାଦ, ଉଗ୍ରବାଦ ହୋଇଛି ଆଜିର ବିଶ୍ୱର ବିରାଟ ଆତଙ୍କ। ପାରିବାରିକ ଜୀବନ ପ୍ରାୟତଃ ବିପର୍ଯ୍ୟସ୍ତ। ପରସ୍ପର ସ୍ନେହର ଅଭାବରୁ ଘର ଆଉ ବୈକୁଣ୍ଠ ସମାନ ହୋଇ ରହିପାରୁନାହିଁ। ପରସ୍ପର ପ୍ରତି ଘରେ କର୍ତ୍ତବ୍ୟବୋଧ କମିଯାଇଛି। ପରସ୍ପରଠାରୁ ଦାବି ବଢ଼ିଯାଉଛି। ଅବଶ୍ୟ ସବୁ ପରିବାର ଯେ ବିପର୍ଯ୍ୟସ୍ତ ଏବଂ ପ୍ରତ୍ୟେକ ବ୍ୟକ୍ତି ଯେ ପ୍ରବଳ ଅହଂକାରରେ ଭାରାକ୍ରାନ୍ତ, ଏକଥା ନୁହେଁ, ତେବେ ବହୁ ଭାବରେ ବ୍ୟକ୍ତି ଜୀବନ, ପାରିବାରିକ ଜୀବନ ଏବଂ ସାମାଜିକ ଜୀବନ ଛନ୍ଦହୀନ ଏଥିରେ ସନ୍ଦେହ ନାହିଁ। ଛନ୍ଦହୀନ ଜୀବନକୁ ଛନ୍ଦଯୁକ୍ତ କରାଯାଇ ଯେ ନପାରିବ ଏପରି ନୁହେଁ। ତେବେ ଏଥିପାଇଁ ଆବଶ୍ୟକ ଆତ୍ମବିଶ୍ଳେଷଣ, ଆତ୍ମ ସଂଶୋଧନ।

ଗୋଟିଏ କଥା ହେଉଛି ପାରସ୍ପରିକ ଅନୁମୋଦନ ଯାହା ବଞ୍ଚିବାର କଳାର ଏକ ବିଶିଷ୍ଟ ବିଭବ। ଅନ୍ୟଠାରେ ଥିବା ମହତ୍ତ୍ୱ ଓ ପ୍ରତିଭାକୁ ଚିହ୍ନିବା ଏବଂ ସ୍ୱୀକୃତି ଦେବା ମାଧ୍ୟମରେ ଏହି ଅନୁମୋଦନର ପ୍ରାଣ

ପ୍ରତିଷ୍ଠା ଘଟିଥାଏ। ଏପରି ସ୍ୱୀକୃତି ମଧ୍ୟ ଅନ୍ୟ ପ୍ରାଣରେ ଅଗ୍ରଗତି ପାଇଁ ଉତ୍ସାହ ଭରି ଦିଏ। ମନରେ ଅସୀମ ପ୍ରେରଣା ଆଣିଦିଏ। ପ୍ରତ୍ୟେକ ବ୍ୟକ୍ତି ଭିତରେ କିଛି ନା କିଛି ସଦ୍‌ଗୁଣ ରହିଛି ତାହାର ଅନ୍ୱେଷଣ ଓ ଅନୁମୋଦନ ଅନ୍ୟମାନଙ୍କ ଦ୍ୱାରା ଅତ୍ୟନ୍ତ ଜରୁରୀ। ଏହାଦ୍ୱାରା ଅହଂକାର କମିଯିବ ଫଳତଃ ନିଜକୁ ବଡ଼କରି ଅନ୍ୟକୁ ସାନ ବୋଲି ଭାବିବାର ଅଭ୍ୟାସଟି ଚାଲିଯିବ। ଅନ୍ୟପକ୍ଷରେ ଅନ୍ୟକୁ ବଡ଼କଲେ ମଣିଷ ବଡ଼ ହୁଏ ଭାବନାଟି ମନରେ ଆସିଯିବ।

ବଞ୍ଚିବାର କଳାର ଅନ୍ୟ ବୈଭବ ହେଉଛି ମୂଲ୍ୟ ଅପେକ୍ଷା ମୂଲ୍ୟବୋଧ ଉପରେ ଗୁରୁତ୍ୱ ଦେବା। ବର୍ତ୍ତମାନ ମୂଲ୍ୟବୋଧ ଅପେକ୍ଷା ମୂଲ୍ୟ ଉପରେ ଗୁରୁତ୍ୱ ପ୍ରଦାନ କରାଯାଇଛି। ଫଳସ୍ୱରୂପ ବସ୍ତୁ ହୋଇଯାଇଛି ବିକଶିତ ଜୀବନର ମାନଦଣ୍ଡ। ମଣିଷ ହୋଇଯାଇଛି ବସ୍ତୁର ଦାସ। ଯିଏ ଯେତେ ବସ୍ତୁର ଅଧିକାରୀ ସେ ସେତେ ବଡ଼ ବୋଲି ବିଚାର କରାଯାଉଛି। ବସ୍ତୁ ନାହିଁ ତ ଅନ୍ୟମାନଙ୍କର ଶ୍ରଦ୍ଧା ନାହିଁ, ସମ୍ମାନ ନାହିଁ। ଏପରି ହେଉଛି ଯେ ବହୁ ବସ୍ତୁ ପାଇପାରୁ ନଥିବା ଅଭିଭାବକମାନେ ଅବହେଳିତ ହେଉଛନ୍ତି, ଯଥାଯୋଗ୍ୟ ସମ୍ମାନ ସନ୍ତାନଠାରୁ ପାଇବାରୁ ବଞ୍ଚିତ ହେଉଛନ୍ତି। ମୂଲ୍ୟ ଉପରେ ଗୁରୁତ୍ୱ ପ୍ରଦାନର ଏହା ହିଁ ଏକ ପ୍ରକାର ଫଳଶ୍ରୁତି। ଅନ୍ୟପକ୍ଷରେ ମୂଲ୍ୟବୋଧ ଉପରେ ଗୁରୁତ୍ୱ ପ୍ରଦାନ କଲେ ପିତାମାତାଙ୍କର ତ୍ୟାଗ, ଶ୍ରଦ୍ଧା ଓ ସ୍ନେହଶୀଳତା ଆଖିରେ ପଡନ୍ତା, ସେମାନେ ପରିବାରରେ ଯଥାଯଥ ସମ୍ମାନ ଓ ଆଦର ଲାଭ କରନ୍ତେ।

ନିଜ ସଂସ୍କୃତି ପ୍ରତି ଆଦର ଓ ଆନ୍ତରିକତା ବଞ୍ଚିବାର କଳାର ଅନ୍ୟତମ ଉଜ୍ଜ୍ୱଳ ଦିଗନ୍ତ। ଯିଏ ଯେଉଁ ସଂସ୍କୃତିର ଅନ୍ତର୍ଭୁକ୍ତ ସେ ସେହି ସଂସ୍କୃତିକୁ ନେଇ ଗୌରବବୋଧର ଅଧିକାରୀ ହେବା ଉଚିତ୍। ନଚେତ୍ ବ୍ୟକ୍ତି ଛିନ୍ନମୂଳ ହୋଇଯିବା ଅବଶ୍ୟମ୍ଭାବୀ। ଛିନ୍ନମୂଳ ବ୍ୟକ୍ତିର ଭିତ୍ତି ନାହିଁ କି ସ୍ଥିତି ନାହିଁ, ପ୍ରଗତି ଦିବାସ୍ୱପ୍ନ ମାତ୍ର। କୁସଂସ୍କାର କଥା ଏଠି ପଡିନାହିଁ, ସଂସ୍କାରକୁ ସମ୍ମାନ ଦେଇଥିଲେ ଆତ୍ମସମ୍ମାନ ଆସେ। ଆତ୍ମ ସମ୍ମାନ ହିଁ ସ୍ୱାଭିମାନର ମୂଳକଥା। ସ୍ୱାଭିମାନ ଏବଂ ଅହଂକାର ଏକ କଥା ନୁହେଁ, ଉଭୟ ଭିତରେ ଅନେକ ଅନେକ ଦୂରତା ରହିଛି। ଅବଶ୍ୟ ସଂସ୍କୃତି ଚେତନାର ଅର୍ଥ ନୁହେଁ କେବଳ ନିଜ ସଂସ୍କୃତି ଉପରେ ଗୁରୁତ୍ୱ ଦେଇ ଅନ୍ୟ ସଂସ୍କୃତିକୁ ହୀନ, ନଗଣ୍ୟ ବୋଲି ବିଚାରିବା। ପ୍ରକୃତରେ ସଂସ୍କୃତି ସଚେତନତାର ଅର୍ଥ ହେଉଛି ନିଜ ସଂସ୍କୃତି ଉପରେ ଆସ୍ଥାରଖି ଅନ୍ୟ ସଂସ୍କୃତି ପ୍ରତି ଉଦାରତା ପୋଷଣ କରିବା। ଆବଶ୍ୟକ ହେଲେ ଅନ୍ୟ ସଂସ୍କୃତିରୁ ଭଲ କଥା ଆଣି ନିଜକୁ ଓ ନିଜ ପରିବେଶକୁ ସମୃଦ୍ଧ କରିବା। ନିଜ ମାତୃଭାଷାକୁ ଆଦର କରିବା ଏହି ସଂସ୍କୃତି ପ୍ରାଣତାର ଚିହ୍ନ। ମାତୃଭାଷା ପ୍ରତି ଶ୍ରଦ୍ଧା ହିଁ ଜ୍ଞାନର ଚିହ୍ନ। ନିଜକୁ ବୁଝିବା ଓ ବୁଝାଇବା ପାଇଁ ମାତୃଭାଷା ଠାରୁ ଅଧିକ ବଳିଷ୍ଠ ମାଧ୍ୟମ ଆଉ ନାହିଁ। ମାତୃଭାଷାକୁ ଆଦର କଲେ ମାତୃଭୂମି ପ୍ରତି ଆଦର ସ୍ୱତଃ ଆସେ ଏବଂ ମାତୃଭୂମି ପ୍ରତି ଯଥାର୍ଥ ଆଦର ଆସିଲେ ସମଗ୍ର ବିଶ୍ୱ ପ୍ରତି ଆନ୍ତରିକତା ଆସେ। ମାତୃଭୂମି ଓ ସମଗ୍ର ବିଶ୍ୱ, ପୁଣି ମାତୃଭାଷା ଓ ସମଗ୍ର ବିଶ୍ୱର ଭିନ୍ନ ଭିନ୍ନ ଭାଷା କିଏ ବଡ଼ କିଏ ସାନ ଭଳି ନଦିଶି ସେତେବେଳେ ସମାନ ସ୍ତରରେ ଥିଲା ପରି ଦିଶନ୍ତି। ତାହା ହିଁ ବିଶ୍ୱ ଗ୍ରାମ ଗଠନର ପ୍ରଥମ ସର୍ତ୍ତ ଓ ବିଶ୍ୱ ନାଗରିକତ୍ୱର ପ୍ରଥମ ପରିଚୟ।

ଏକପାଦ ପଛକୁ ଆସି ପୁଣି ଚିନ୍ତା ଓ କର୍ମରେ ଆଗକୁ ଗତି କରିବା ହେଉଛି ବଞ୍ଚିବାର କଳାର ଅନ୍ୟ ଏକ ବ୍ୟାପ୍ତି ଓ ଦୀପ୍ତି। ଏହାର ଅର୍ଥ ଆମେ ପ୍ରଥମଥର ଚିନ୍ତାରେ କୌଣସି କର୍ମାନୁଷ୍ଠାନ ନକରିବା। ଦ୍ୱିତୀୟଥର ଚିନ୍ତା କରି ଯେ କୌଣସି କର୍ମାନୁଷ୍ଠାନ ଗ୍ରହଣ କରିବା। ଏହା କଥା କହିବା ଦିଗରେ ମଧ୍ୟ ପ୍ରଯୁଜ୍ୟ। ହଠାତ୍ ଭାବନା ଆସିଲା ମାତ୍ରେ କଥାରେ ତାହା ପ୍ରକାଶ ନକରି ଭାବନାରୁ ଟିକିଏ ଘୁଞ୍ଚିଯାଇ ଅର୍ଥାତ୍ ଆଉଥରେ ଭାବିବା

ପରେ କଥା କହିବା ଆବଶ୍ୟକ। ଏହାଦ୍ୱାରା ଅନେକ ଅସୁବିଧା ଓ ବିପଦରୁ ରକ୍ଷା ମିଳିଥାଏ। କ୍ରୋଧ ସମୟରେ ଏକଥାକୁ ଶତପ୍ରତିଶତ ପ୍ରୟୋଗ କରିବା ଉଚିତ୍। ଯେତେବେଳେ କ୍ରୋଧ ମଣିଷକୁ ଆୟତ୍ତ କରେ ସେତେବେଳେ ହିତାହିତ ଜ୍ଞାନ ରହେ ନାହିଁ, ନକହିବା କଥା ଜଣେ କହିଚାଲେ, ନକରିବା କାର୍ଯ୍ୟ ବିନା ଦ୍ୱିଧାରେ କରିଯାଏ। ଫଳତଃ ସମସ୍ୟାର ସମାଧାନ ତ ଦୂରର କଥା, ବରଂ ସମସ୍ୟା ଉପରେ ସମସ୍ୟା ମାଡ଼ିଆସେ ଯାହାକୁ ଆଉ ସମାଧାନ କରିବା ସହଜ ହୁଏନାହିଁ।

ବାତାବରଣରେ ଆଜିକାଲି ହତାଶାର ପ୍ରଭାବ ଅଧିକ ଅନୁଭବ କରିହେଉଛି। କୃଷକ ମନରେ ହତାଶା, ଛାତ୍ର ମନରେ ହତାଶା, ଶିଳ୍ପୀ ମନରେ ହତାଶା, ସର୍ବୋପରି ଯିଏ ଯେଉଁଠି ଯେପରି ଅଛି ତା'ମନରେ ହତାଶା ବେଳେ ବେଳେ ପ୍ରବଳ ଭାବରେ ଘେରିଆସୁଛି। ଏହି ହତାଶାର ପ୍ରଭାବରେ ମଣିଷ ନିଜକୁ ଧ୍ୱଂସ କରି ଦେବାକୁ ମଧ୍ୟ ପଶ୍ଚାତପଦ୍ ହେଉନାହିଁ। ହତାଶା ଏକ ବ୍ୟାଧି ରୂପେ ଦିନକୁ ଦିନ ଗ୍ରାସ କଲାଣି କହିଲେ ଅତ୍ୟୁକ୍ତି ହେବନାହିଁ। ଏହି ବ୍ୟାଧିର ମହୌଷଧି ହେଉଛି ଆଶା। ହତାଶା ରୂପକ ଅନ୍ଧାରକୁ କେବଳ ଆଶାର ଆଲୋକ ଦ୍ୱାରା ଦୂର କରିହେବ। ଆଶା ଆସିଲେ ଆଗ୍ରହ ଆସେ ଓ ଆଗ୍ରହ ଆସିଲେ ଉପାୟ ଦିଶେ- କଥାଟି ଅକ୍ଷରେ ଅକ୍ଷରେ ସତ୍ୟ। ଆଶାକୁ ଆବାହନ କଲେ ଆଶାର ଆଗମନ ମନରେ ଘଟେ ଏବଂ ଜୀବନର ଶୈଳୀ ଓ ଗତି ପରିବର୍ତ୍ତିତ ହୁଏ। ଆଶାବାଦର ସୂର୍ଯ୍ୟୋଦୟରେ ହତାଶା ଜର୍ଜରିତ ଅମାବାସ୍ୟାର ରାତି ପାହିଯାଏ। ହତାଶ ବ୍ୟକ୍ତିର ନବଜନ୍ମ ହୁଏ, ସାଥର୍କ ନବଜୀବନର ସେ ହୁଏ ଅଧିକାରୀ।

ସର୍ବୋପରି ଭଲ ଭଲ କଥା ଶିଖିବା ଓ ପ୍ରୟୋଗ କରିବାର କଳା ହିଁ ବଞ୍ଚିବାର କଳା। ଏହି କଳାର ପ୍ରଭାବ ଯେତେ ବଢ଼ିବ, ଜୀବନ ସେତେ ସରସସୁନ୍ଦର ହେବ। ସରସ ସୁନ୍ଦର ଜୀବନର ପ୍ରାଣ ପ୍ରତିଷ୍ଠାରେ ପୃଥିବୀ ହେବ ମଧୁମୟ ଓ ଆନନ୍ଦମୟ।

□□

ଆମ ସଂସ୍କାର- ଆମ ପରିବାର

ଅମୁକ ବାବୁ ବହୁତ ପାଠ ପଢ଼ିଛନ୍ତି, ବଡ଼ ଚାକିରି କରିଛନ୍ତି, ବଡ଼ଘର କରିଛନ୍ତି। ତାଙ୍କର ଦାମିକା ଗାଡ଼ି ଅଛି, ପୁଅ ଭଲ ଚାକିରି କରିଛି, ଝିଅଟି ଭଲ ଜାଗାରେ ବାହା ହୋଇଛି। ତାଙ୍କର ସବୁକଥା ଅଛି, ମାତ୍ର ଗୋଟିଏ କଥା ନାହିଁ। ସେଇ କଥାଟି ହେଉଛି ସଂସ୍କାର। ଏହା ଶୁଣିଲା ମାତ୍ରେ ଆମ ମନରେ ପ୍ରଶ୍ନ ଆସିବ ଯେ ସଂସ୍କାର କ'ଣ ? ସେ କି ପ୍ରକାର ଜିନିଷ ? ଉତ୍ତରରେ କୁହାଯାଇପାରିବ ଯେ ସଂସ୍କାର ହେଉଛି ଏକ ଉଚ୍ଚ ମାନସିକତା, ସକାରାତ୍ମକ ଅନୁଚିନ୍ତା। ସଂସ୍କାରର ସରଳ ଅର୍ଥ ହେଉଛି, ଶୃଙ୍ଖଳିତ ମନୋଭାବ, ବ୍ୟବହାରରେ ସ୍ଥାନ, କାଳ ଓ ପାତ୍ରର ବିଚାରବୋଧ, ସଂସ୍କୃତି ପ୍ରତି ଆନ୍ତରିକତା ସର୍ବୋପରି ମଣିଷ ପଣିଆ ପ୍ରତି ଅନୁରକ୍ତି।

ସଂସ୍କାର କୌଣସି ଶିକ୍ଷାଗତ ଡିଗ୍ରୀର ପାଠ୍ୟ ଖସଡ଼ା ମାଧ୍ୟମରେ ବିଶେଷ ଭାବରେ ତିଆରି କରାଯାଇପାରେ ନାହିଁ। ବିଶେଷଭାବରେ ତିଆରି କରାଯାଇପାରେ ପାରିବାରିକ ଶିକ୍ଷା ମାଧ୍ୟମରେ। ପିଲାଟିଏ ବିଶେଷକରି ପରିବାରରୁ ରୁଚି, ବ୍ୟବହାର, ଚିନ୍ତା ଓ ଚେତନା, ଦୃଷ୍ଟିଭଙ୍ଗୀ ପ୍ରଭୃତି ଶିଖିଥାଏ। ବିଶେଷତଃ ପରିବାରରେ ମାଆ ଯଦି ସଚେତନ ହୋଇଥାନ୍ତି, ଉନ୍ନତ ମାର୍ଜିତ ଶିକ୍ଷା ସଂପନ୍ନ, ଉଦାର ଓ ଦୂରଦୃଷ୍ଟି ସଂପନ୍ନ ହୋଇଥାନ୍ତି ତେବେ ପିଲାଟିଏ ତହିଁରୁ ବହୁ ଭଲ କଥା ସହଜରେ ଶିଖିପାରେ। ତେଣୁ ତ କୁହାଯାଏ ଯେ ମାଆଟିଏ ଶିକ୍ଷିତ ହେବା ଅର୍ଥ ପରିବାରଟିଏ ଶିକ୍ଷିତ ହେବା। ପରିବାରରୁ ପିଲାଟିଏ ଶିଖିଥାଏ କର୍ତ୍ତବ୍ୟ ପରାୟଣତା, ସମୟାନୁବର୍ତ୍ତିତା, ସମ୍ବେଦନଶୀଳତା, ନିୟମାନୁବର୍ତ୍ତିତା, ସହନଶୀଳତା, ଅଧ୍ୟବସାୟ, ଦେଶପ୍ରାଣତା ଏବଂ ବିପଦକୁ ସମ୍ମୁଖୀନ ହେବାର ଦୃଢ଼ତା ପରି ବହୁ ମୂଲ୍ୟବାନ କଥା। ପିଲାଟି ପାଇଁ ପରିବାର ହେଉଛି ପ୍ରଥମ ଶିକ୍ଷାୟତନ। ପିଲାବେଳେ ମାଆଙ୍କ ତୁଣ୍ଡର କଥା, କିଶୋର ବୟସରେ ମା'ଙ୍କର ଉପଦେଶ କେଇପଦ ପିଲାଟିର ଜୀବନ ଗଢ଼ି ଦେଇପାରେ, ଶିଳାଲେଖ ହୋଇ ହୃଦୟରେ ରହିଯାଇପାରେ। ଆମ ଆଗରେ ଏ କଥାର ବହୁ ଦୃଷ୍ଟାନ୍ତ ଅଛି।

ଏଇ ଯେମିତି ଜିଜାବାଈଙ୍କର ଦିଗ୍‌ଦର୍ଶନ ଶିବାଜୀଙ୍କୁ ଏତେ ବିରାଟ ବ୍ୟକ୍ତିତ୍ୱରେ ପରିଣତ କରିଦେଲା। ପୁତୁଳିବାଈଙ୍କର ସତ୍ୟ ସମ୍ବନ୍ଧରେ କେତେପଦ ଉପଦେଶ ମୋହନ ଦାସ କରମଚାନ୍ଦ ଗାନ୍ଧିଙ୍କୁ ସତ୍ୟର ପୂଜାରୀ ସଜେଇ ମହାତ୍ମା ଗାନ୍ଧିରେ ରୂପାନ୍ତରିତ କରିଦେଲା। ଏଇ ଯେମିତି ପାର୍ବତୀ ଦେଈଙ୍କ କଥା ପଦକ 'ଆଲୋ ସଖି, ଆପଣା ମହତ ଆପେ ରଖି' ମଧୁସୂଦନ ଦାସଙ୍କୁ ଉଜ୍ଜ୍ୱଳ ଗୌରବରେ ରୂପାନ୍ତରିତ କରିଦେଲା।

ଅତଏବ ପିଲାଟି ପାଇଁ ମାଆ ହେଉଛନ୍ତି ପ୍ରଥମ ଶିକ୍ଷୟିତ୍ରୀ। ପିଲାଟି ପାଇଁ ତାଙ୍କୁ ଅଧିକ ପଢ଼ିବାକୁ ପଡିବ, ଜୀବନ ଓ ଜଗତକୁ ଅଧିକ ବୁଝିବାକୁ ପଡିବ। ନିଜେ ନବୁଝିଲେ ଅନ୍ୟକୁ ବୁଝାଇ ହେବନାହିଁ କି ନିଜେ ନଜାଣିଲେ ଅନ୍ୟକୁ ଜଣାଇହେବ ନାହିଁ। କୁହାଯାଏ ଯେ ଫରାସୀ ଜାତି ଏତେ ଉନ୍ନତ ଓ ମାର୍ଜିତ ହୋଇପାରିଥିଲା,

କେବଳ ସେ ଦେଶର ମାଆମାନଙ୍କର ଅବଦାନ ପାଇଁ। ଯଥାର୍ଥରେ କୁହାଯାଏ "ଜନନୀ ସମାନ ବନ୍ଧୁ ନାହିଁ ନିଜ ଘରେ।" ଏଥିରୁ ଆମେ ବୁଝିପାରିବା ଯେ ଖାଇବାକୁ ବାଢ଼ିଦେଲେ ଓ ଜଳଖିଆ ସଜାଡ଼ି ଦେଲେ ତାହା ଯଥେଷ୍ଟ ନୁହେଁ।

ପରିବାର ହେଉଛି ଯଥାର୍ଥ ପ୍ରଶିକ୍ଷଣ କେନ୍ଦ୍ର। ସେଇଠାରେ ପରସ୍ପର ପ୍ରତି ସ୍ନେହ, ସଦିଚ୍ଛା, ଶ୍ରଦ୍ଧା, ତ୍ୟାଗ, ସମଭାବ ଇତ୍ୟାଦି ଇତ୍ୟାଦି ବହୁ ଭଗବତ ସଦ୍‌ଗୁଣ ଶିଖିବାକୁ ହୋଇଥାଏ। କଥା କହିବାର କଳା, ବାଟ ଚାଲିବାର କଳା ସବୁକଥା ଶିଖିବାକୁ ହୁଏ ଏଇ ପରିବାରରୁ। ପରସ୍ପର ଭିତରେ ସ୍ନେହ ଥିଲେ ପରିବାର ବୈକୁଣ୍ଠ ପରି ହୋଇଥାଏ। ପିଲାଟିର ସର୍ବାଙ୍ଗୀନ ବିକାଶର ମୂଳଦୁଆ ପଡ଼ିଥାଏ ପରିବାରରେ। ବ୍ୟକ୍ତିଗତ ଜୀବନ, ସାମାଜିକ ଜୀବନ, ରାଷ୍ଟ୍ରୀୟ ଜୀବନର ପ୍ରକାଶ ଘଟିଥାଏ ଏଇ ପରିବାରରୁ। ତେଣୁ ତ କୁହାଯାଏ "ଚାଟଘର ପିଲା ଚାଟ", ଆମେ ଯେତେ ଯାହା କହିଲେ ମଧ୍ୟ ଦେଶର ବିକାଶ ପାଇଁ ପରିବାରର ଅବଦାନ ଯେ ସର୍ବାପେକ୍ଷା ଅଧିକ, ଏହା ସର୍ବବାଦୀ ସମ୍ମତ।

ପରିବାରଟିଏ ବୋଲି ତାହା ଅବହେଳାର କଥା ନୁହେଁ, ଗୋଟିଏ ଯଥାଯଥ ଶିକ୍ଷିତ ପରିବାର ହେଉଛି ଗୋଟିଏ ଦୀପଶିଖା ସଦୃଶ, ଯେଉଁ ଶିଖାରୁ ଅନେକ ଦୀପ ପ୍ରଜ୍ଜ୍ୱଳିତ ହୋଇପାରେ। ପାରିବାରିକ ଶିକ୍ଷା ଦୃଢ଼ ରହିଲେ କି ପୁଅ କି ଝିଅ ସମସ୍ତଙ୍କ ପାଇଁ ତାହା ସୂକ୍ଷ୍ମ ଅଙ୍କୁଶ ପରି କାମ କରେ। ଅବାଟରେ ଯିବା ପୂର୍ବରୁ ତାହା ପଛରୁ ଟାଣି ଧରେ। ସଙ୍ଗଦୋଷରେ ଅବାଟରେ ପାଦ ଦେଉ ନଦେଉଣୁ ତାହା ପଛରୁ ଭିଡ଼ି ଧରେ ଓ ବାଟରେ ପୁଣି ଚଲାଇନିଏ। ପାରିବାରିକ ଶିକ୍ଷା ଯେତେ ମାର୍ଜିତ ଓ ଋଦ୍ଧିମନ୍ତ ହେବ ସମାଜରେ ଅପରାଧ ପ୍ରବଣତା ସେତେ ହ୍ରାସ ପାଇବ, ଏଥିରେ ସନ୍ଦେହ ନାହିଁ। ଆଇନ୍‌କାନୁନ୍ ରହିବା ଦରକାର, ଏକାନ୍ତ ଦରକାର, ତେବେ ଆଇନ୍‌କାନୁନ୍ ଦ୍ୱାରା ଯେତେ ଉପକାର ହୁଏ, ପାରିବାରିକ ଶିକ୍ଷା ଦ୍ୱାରା ତହିଁରୁ ଅଧିକ ଉପକାର ହୁଏ। ଔଷଧ ଠାରୁ ପ୍ରତିଷେଧକର ମହତ୍ତ୍ୱ ଅଧିକ। କହିବାର ଅର୍ଥ ହେଉଛି ଆଇନ୍ କାନୁନ୍ ରହୁ, ମାତ୍ର ଏହା ସହିତ ପାରିବାରିକ ଶିକ୍ଷା ଉପରେ ଅଧିକ ଗୁରୁତ୍ୱ ପ୍ରଦାନ କରାଯାଉ।

ବାସ୍ତବରେ ପରିବାରର ମାର୍ଗଦର୍ଶନରେ ଯୁବପିଢ଼ି ଯଥାର୍ଥ ଭାବରେ ଗଢ଼ି ଉଠିଲେ କେବଳ ଆମ ଦେଶ ନୁହେଁ ପ୍ରତ୍ୟେକ ଦେଶ ଯାଥଯଥ ଭାବେ ଗଢ଼ି ଉଠିବ। ବିଶାଳ ବିଶ୍ୱ ହେବ ଚିରମଳୟର ବିଶ୍ୱ, ଯୁଦ୍ଧ ନୁହେଁ ଶାନ୍ତି ଓ ସନ୍ତୋଷର ପୁଣ୍ୟପବିତ୍ର ତୀର୍ଥ। ପରିବାରରୁ ଆରମ୍ଭ ହେବ ବିଶ୍ୱ ପରିବାର ଗଠନର ପ୍ରଥମ ପ୍ରକ୍ରିୟା।

❐❐

ଆଜିର ଜୀବନଧାରା

କୋଟି କୋଟି ଲୋକଙ୍କର ଜୀବନର ଲକ୍ଷ୍ୟ ଉପଭୋଗ। ଜୀବନ ଆସିଛି ଉପଭୋଗ ପାଇଁ ବୋଲି ସେମାନେ ଧରି ନେଇଥାନ୍ତି ଓ ତଦନୁସାରୀ ସବୁ କିଛିର ବ୍ୟବସ୍ଥା କରିଥାନ୍ତି। ବୁଦ୍ଧି ପ୍ରୟୋଗ କରିଥାନ୍ତି ନାନା ପ୍ରକାରେ। ଉପଭୋଗ ମୂଳରେ ଟଙ୍କା ରହିଛି ବୋଲି ସେମାନେ ଟଙ୍କା ସଂଗ୍ରହ କରିବାରେ ଲାଗିଥାନ୍ତି। ସତ ଉପାୟଠାରୁ ଅସତ ଉପାୟରେ ଟଙ୍କା ପଇସାର ପରିମାଣ ଅଧିକ ହେବାର ଜ୍ଞାନ ଦେଖି ଶୁଣି ହାସଲ କରିଥାନ୍ତି ଏବଂ ଅସତ ଉପାୟ ଅବଲମ୍ବନ କରି ଟଙ୍କା ପଇସାର ପରିମାଣ ବଢ଼ାଇବାକୁ ଦିନରାତି ଲାଗିଥାନ୍ତି। ଅନ୍ୟକୁ ବିଭିନ୍ନ ବାଗରେ ଠକିଦେବା, କଳାବଜାର କରିଦେବା ପାଇଁ ଆଗ୍ରହୀ ହୋଇଥାନ୍ତି। ବିବେକ ପଚାରିଲେ ତାକୁ ବୁଝାଇ ଦିଅନ୍ତି ଯେ ପେଟପୋଷ ନାହିଁ ଦୋଷ। ମାତ୍ର ସେମାନେ ପେଟ ପୋଷିବାକୁ ଏହା କରନ୍ତି ନାହିଁ, ଟଙ୍କା ପଇସାର ପରିମାଣ ବଢ଼ାଇ ଜୀବନକୁ ଅଧିକ ଭୋଗ କରିବାକୁ ଏପରି କରିଥାନ୍ତି। ଏପରି ଧନକୁ ଆମେ କଳାଧନ ବୋଲି କହିଲେ ଅତ୍ୟୁକ୍ତି ହେବ ନାହିଁ।

ଆଉ କିଛି ଲୋକ ଧନ ସଂପଦ, ଯଶ, ପ୍ରଶଂସା ଓ କ୍ଷମତାକୁ ତୁଚ୍ଛ କରି ଦେଇ ଆତ୍ମସନ୍ଧାନରେ ଚାଲିଯାଆନ୍ତି, ଆତ୍ମସନ୍ଧାନ ପାଇଁ ଗୁମ୍ଫା, ଜଙ୍ଗଲକୁ ସେମାନେ ଯାଆନ୍ତି, ଯୋଗ ସାଧନା କରନ୍ତି, ମୁକ୍ତି କାମନା କରିଥାନ୍ତି। 'ପୁନରପି ଜନମଂ ପୁନରପି ମରଣମ୍'ର କାମନା କରିନଥାନ୍ତି।

ଭୋଗୀମାନଙ୍କ ଦ୍ୱାରା ବିଶାଳ ଜନ ସମାଜର ବିଶେଷ କିଛି ଲାଭ ହୁଏ ନାହିଁ। ବହୁ ବସ୍ତୁର ବ୍ୟବହାର ଫଳରେ କିଛି କିଛି କଳକାରଖାନା ଚାଲେ, କାରଖାନାର ମାଲିକ ଅଧିକାରୁ ଅଧିକ ଧନୀ ହେଉଥାନ୍ତି। ମାତ୍ର ବହୁଲୋକଙ୍କୁ ଗରିବ ହୋଇ ରହିବାକୁ ବାଧ କରାଯାଏ। ମୁକ୍ତିକାମୀ ନିର୍ଜନ ନିବାସୀ ଯୋଗୀମାନଙ୍କ ଦ୍ୱାରା ମଧ୍ୟ ବିଶାଳ ଜନସମୂହର ବିଶେଷ କିଛି ଲାଭ ହୁଏନାହିଁ। ସେମାନେ କେବଳ ବ୍ୟକ୍ତିଗତ ମୁକ୍ତି ପାଇଁ ପ୍ରଯତ୍ନ କରୁଥାନ୍ତି, କିଛି ସଦିଚ୍ଛା, ଶୁଭେଚ୍ଛା ଜନସମାଜ ପାଇଁ ସେମାନେ ପୋଷଣ କରିଥାନ୍ତି ମାତ୍ର ଜନସମାଜର ସର୍ବାଙ୍ଗୀନ ବିକାଶ ନିମନ୍ତେ ତାହା ପର୍ଯ୍ୟାପ୍ତ ହୁଏ ନାହିଁ। ଜନସମାଜ ଯେଉଁ ତିମିରେକୁ ସେଇ ତିମିରେ ରହିଥାନ୍ତି।

ପ୍ରଥମ ପ୍ରକାରର ବ୍ୟକ୍ତିମାନଙ୍କର ପ୍ରବଳ ଅହଂକାର ଥାଏ କାରଣ ସେମାନେ ବହୁ ମୂଲ୍ୟବାନ ବସ୍ତୁର ଅଧିକାରୀ ବୋଲି। ବହୁ ଧନ, ବହୁ କ୍ଷମତା, ବାହୁବଳ, କୂଟବୁଦ୍ଧି, ଓ ଅନ୍ୟକୁ ନ୍ୟୂନ କରି ଦେଖିବାର ମାନସିକତା ଥିବାରୁ ସେମାନେ ନିଜକୁ ବହୁତ ବଡ଼ ମନେ କରିଥାନ୍ତି। ଅହଂକାରରେ ଗଁ ଗଁ ହେଉଥାନ୍ତି, ମୁହଁକୁ ସର୍ବଦା କୋଥଲ କରି ରଖିଥାନ୍ତି, ଭଲ କଥାଟିଏ କହିଲେ ଭୁଲ ବୁଝିଥାନ୍ତି। ଅର୍ଥକୁ କଦର୍ଥ କରିଥାନ୍ତି। ନିଜ ପ୍ରଶଂସା, ଯଶ କେବଳ ଗୋଟାନ୍ତି ନାହିଁ, ଦାବି କରନ୍ତି ଓ କଳେବଳେ କଉଶଳେ ଆଦାୟ କରିଥାନ୍ତି। ଅନ୍ୟକୁ

କମ୍ ଶୁଣନ୍ତି ବା ଆଦୌ ଶୁଣନ୍ତି ନାହିଁ କେବଳ ଆତ୍ମପ୍ରଶଂସା କରୁଥାନ୍ତି। ବସ୍ତୁ ଗୁଡିଏ ଏକାଠି କରି ବସ୍ତୁବାଦର ସିଂହାସନରେ ବସି ନିଜକୁ ସମ୍ରାଟ ବୋଲି ଘୋଷଣା କରୁଥାନ୍ତି। ଉପଭୋଗକୁ ମାନଦଣ୍ଡ କରି କାହା ଜୀବନ କେତେ ସାର୍ଥକ ବା ଅସାର୍ଥକ ମାପୁଥାନ୍ତି। ମାପିମାପି ଦିନକାଳ ଚାଲିଯାଏ, ନିଜକୁ ବୁଝିବା ଅବସ୍ଥାକୁ ସେମାନେ ଆସିପାରନ୍ତି ନାହିଁ। ନିଜକୁ, ଜଗତକୁ ଓ ଅନ୍ୟମାନଙ୍କୁ ଉଚିତ୍ ମାନଦଣ୍ଡରେ ମାପିବାର ମାନସିକତା ସେମାନଙ୍କର ନଥାଏ। ଅନ୍ୟମାନେ ମପା ହେବାର ସାମର୍ଥ୍ୟ ଅର୍ଜନ କରିନାହାନ୍ତି ବୋଲି ସେମାନେ ଧରି ନେଇଥାନ୍ତି। ନିଜକୁ ବଡ଼ ଓ ଅନ୍ୟକୁ ସାନ କରି ଦେଖୁ ଦେଖୁ ତାଙ୍କର ବେଳକାଳ ସରିଯାଏ। ଆଉ କେହି ବଡ଼ କରୁ ବା ନକରୁ ନିଜକୁ ନିଜେ ବଡ଼ ବୋଲି ଘୋଷଣା କରି କରି ତାଙ୍କର ସମୟ ସରିଯାଏ। ଏପରି କୁହାଯାଇପାରେ ଯେ ସେମାନେ ହେଉଛନ୍ତି ଆତ୍ମଘୋଷିତ ବିଶିଷ୍ଟ ବ୍ୟକ୍ତି।

ଦ୍ୱିତୀୟ ପ୍ରକାରର ବ୍ୟକ୍ତିମାନଙ୍କର ଅର୍ଥାତ୍ ତଥାକଥିତ ଯୋଗୀମାନଙ୍କର ମଧ୍ୟ ଏକ ପ୍ରକାର ଅହଂକାର ଥାଏ। ସେମାନେ ଘୋଷଣା କରନ୍ତୁ କି ନକରନ୍ତୁ ନିଜକୁ ଅନ୍ୟମାନଙ୍କଠାରୁ ବଡ଼ ମନେ କରୁଥାନ୍ତି। ସଂସାରୀ ଲୋକଠାରୁ ନିଜକୁ ଅଧିକ ମହାନ୍ ବୋଲି ବିଚାର କରିଥାନ୍ତି। ସଂସାରୀ ଲୋକ ଯେ ଖାଦ୍ୟ ଲୋଭରେ ଜାଲରେ ପଡ଼ିଛି, ଏକଥା ସେମାନେ ଭାବି ନିଜକୁ ବାଃ... ବାଃ... ଦେଇଥାନ୍ତି। ସଂସାର ଜଞ୍ଜାଳରେ ପଶିନାହାନ୍ତି ବୋଲି ନିଜକୁ ମହାନ ବୋଲି ବିଚାରିଥାନ୍ତି। ସଂସାରୀ ବ୍ୟକ୍ତିର ଦୁଃଖକଷ୍ଟ ଶୁଣି ଓ ଭାବି ଦୁଃଖ କରନ୍ତି, ସମବେଦନା ଜଣାନ୍ତି ମାତ୍ର ତାଙ୍କ ସହ ଏକାତ୍ମ ହୋଇପାରନ୍ତି ନାହିଁ। ଅଧିକ ଉଚ୍ଚତାରେ ରହିଛନ୍ତି ବୋଲି ଭାବିଥାନ୍ତି। ସଂସାରୀ ଲୋକମାନେ ଦୟାର ପାତ୍ର ଭାବରେ ତାଙ୍କ ଆଖିକୁ ଦେଖାଯାନ୍ତି।

ଉପରୋକ୍ତ ଦୁଇପ୍ରକାରର ବ୍ୟକ୍ତିଙ୍କ ଅପେକ୍ଷା ଆଉ ଏକ ପ୍ରକାରର ବ୍ୟକ୍ତି ବିଶ୍ୱର ସାମଗ୍ରିକ ବିକାଶ ନିମନ୍ତେ ଆବଶ୍ୟକ। ଏଇ ତୃତୀୟ ପ୍ରକାରର ବ୍ୟକ୍ତି ବସ୍ତୁର ଅଧିକାରୀ ହୋଇଥିବେ ମାତ୍ର ବସ୍ତୁବାଦୀ ହୋଇନଥିବେ। ବିଶ୍ୱକଲ୍ୟାଣ ହୋଇଥିବ ତାଙ୍କର ଲକ୍ଷ୍ୟ। ବିଶ୍ୱକଲ୍ୟାଣ ନିମନ୍ତେ ବସ୍ତୁ ସେମାନଙ୍କୁ ସହାୟତା କରୁଥିବ। ବସ୍ତୁର ଶିଡ଼ିବାଟ ଦେଇ ସେମାନେ ବିଶ୍ୱ ବିକାଶର ଛାତକୁ ଯିବାର ଲକ୍ଷ୍ୟ ରଖିଥିବେ। ନିର୍ଜନ ନିବାସ ନୁହେଁ ଜନମାନଙ୍କ ଭିତରେ ବାସ କରୁଥିବେ। ସାଧୁତା, ଉଦାରତା, ରୁଚିସଂପନ୍ନତା, ଶ୍ରଦ୍ଧାଶୀଳତା ସର୍ବୋପରି ଜୀବନ, ଜଗତ ପ୍ରତି ସଚେତନତା ସେମାନଙ୍କର ଭୂଷଣ ସ୍ୱରୂପ ନହୋଇ ମଜ୍ଜାଗତ ହୋଇଥିବ। ଅନ୍ୟଠାରୁ ଶ୍ରଦ୍ଧା ଦାବି ନକରି ଅନ୍ୟକୁ ଶ୍ରଦ୍ଧା କରୁଥିବେ। ନିଜର ସୁବିଧା କଥା ଚିନ୍ତା କରିବା ସହିତ ଅନ୍ୟର ସୁବିଧା କଥା ମଧ୍ୟ ଚିନ୍ତା କରୁଥିବେ। ନିଜେ ସ୍ୱାର୍ଥପର ବୋଲି ଚିହ୍ନା ପଡ଼ିଯାଉନଥିବେ, ଅନ୍ୟ ପାଖରେ କିଛି ଭଲ କଥା ଦେଖିଲେ ତାହାର ଅନୁମୋଦନ କରୁଥିବେ। ଧର୍ମ, ଜାତି, ଚଳଣିକୁ ଘର ଭିତରେ ରଖି ବାହାରକୁ ସମଗ୍ର ବିଶ୍ୱର ସମୁଦାୟ ଜନସମାଜର ଏକ ଏକକ ବୋଲି ବିଚାରୁଥିବେ। ଧନ ସଂପଦ ସେମାନଙ୍କର ଥିବ, ଯଶ, ପ୍ରଶଂସା, ପ୍ରତିଷ୍ଠା ସବୁକିଛି ଥିବ ମାତ୍ର ଏସବୁ ଜନିତ ଗର୍ବ ନଥିବ, ଅନ୍ୟକୁ ହୀନଦୃଷ୍ଟିରେ ଦେଖିବାର ମନୋଭାବ ନଥିବ। ଅନ୍ୟର କ୍ଷତି ଚିନ୍ତା ନଥିବ, ନଥିବ ମନରେ ଈର୍ଷା। ଅନ୍ୟର ଉପକାର କରିବାର ସୁବିଧା ସୁଯୋଗ ନଥିଲେ ହେଁ ଅପକାର କରିବାର ପ୍ରବୃତ୍ତି ନଥିବ। କାୟ ମନୋବାକ୍ୟରେ ଅନ୍ୟକୁ କଷ୍ଟ ଦେବାର ମନୋବୃତ୍ତି ନଥିବ।

ସେମାନେ ନିଜକୁ ଚିହ୍ନୁଥିବେ ଓ ଅନ୍ୟମାନଙ୍କୁ ମଧ୍ୟ ଗୁରୁତ୍ୱ ଦେଉଥିବେ। 'ତୃଣାଦପି ସୁନୀଚେନ' ନହେଲେ ନାହିଁ ନିଜକୁ ସବୁଠାରୁ ବିରାଟ ବୃକ୍ଷ ବୋଲି ଭାବୁନଥିବେ। ନିଜେ ଯାହା ନିଜକୁ ସେଇଆ ବୋଲି ଭାବୁଥିବେ। ନିଜକୁ ଅନ୍ୟ ମାପରେ ମାପୁନଥିବେ କି ଅନ୍ୟକୁ ନିଜ ମାପରେ ମାପୁନଥିବେ। ନିଜକୁ ନିଜ ମାପରେ ଓ ଅନ୍ୟକୁ ଅନ୍ୟ ମାପରେ ମାପୁଥିବେ। ଅନ୍ୟକୁ ନିଜ ଛାଞ୍ଚରେ ପକାଇବାକୁ ଚାହୁଁନଥିବେ ଅଥବା ଅନ୍ୟ

ଛାଞ୍ଚରେ ନିଜେ ପଡ଼ିବାକୁ ଚାହୁଁନଥିବେ। ବାହାର ଭିନ୍ନତା ଥିବ ମାତ୍ର ଭିତରେ ଏକାତ୍ମତା ଥିବ। ସବୁପାଠର ମର୍ଯ୍ୟାଦା ଥିବ, ସବୁ ବାଟର ମର୍ଯ୍ୟାଦା ଥିବ, ସବୁ ଘଟର ମର୍ଯ୍ୟାଦା ଥିବ। ତେବେ ବାତାବରଣରେ ବାରୁଦ ଗନ୍ଧ ନଆସି ଫୁଲ ସୁବାସ ଆସିବ। ରକ୍ତ ଟୋପା ଟୋପା ହୋଇ ଭୂମିରେ ଝରିବ ନାହିଁ ବରଂ ପରିବେଶରେ ଆନନ୍ଦର ରଙ୍ଗକମଳ ଫୁଟିବ। ବିଶ୍ୱ ଗ୍ରାମ ଗଠନର ସ୍ୱପ୍ନ ସାକାର ହେବ। ମାନବ ଏକତାର ପରିପୂର୍ଣ୍ଣ ପ୍ରତିଷ୍ଠା ସେଦିନ ସମ୍ଭବ ହେବ।

❐❐

ଆମେ ଖୁସିରେ ରହିବା କିପରି ?

ଆମ ପୂର୍ବ ପୁରୁଷ ଯେତିକି ସୁବିଧାରେ ଥିଲେ, ଆମେ ତା'ଠାରୁ ଅଧିକ ସୁବିଧାରେ ଅଛୁ। ବିଜ୍ଞାନର ଅବଦାନ ଯୋଗୁଁ ସାରା ପୃଥିବୀ ଆମ ହାତ ମୁଠାକୁ ଗୋଟାଇ ହୋଇ ଆସିଛି। ସକାଳେ ପ୍ରାଚ୍ୟ ଭୂଖଣ୍ଡରେ ଥାଇ ଉପର ବେଳକୁ ପାଶ୍ଚାତ୍ୟ ଭୂଖଣ୍ଡରେ ପହଞ୍ଚି ପାରୁଛୁ। ପୃଥିବୀର ଗୋଟିଏ କଣର ଖବର ଅନ୍ୟ ଗୋଟିଏ କଣରେ ବିଜୁଳି ବେଗରେ ପହଞ୍ଚିପାରୁଛି। ଦୂରତମ ଦୂରତାରେ ଥିବା ଆତ୍ମୀୟ ସ୍ୱଜନଙ୍କୁ ନିଜ ଘର ଭିତରେ ବସି ଦେଖି ହେଉଛି ଓ ତାଙ୍କ ସହ କଥାବାର୍ତ୍ତା କରିହେଉଛି। ଏସବୁ ସତ୍ତ୍ୱେ ଆମେ ଯେତେ ଖୁସିରେ ରହିବା କଥା ରହିପାରୁନୁ। ଏହାର କେତେ କାରଣ ଅଛି, କାରଣଗୁଡିକ ବାହାର ଅପେକ୍ଷା ଆମ ଭିତରେ ଅଧିକ ରହିଛି।

ଭିତର କାରଣଗୁଡିକ ମଧ୍ୟରୁ ଗୋଟିଏ କାରଣ ହେଉଛି ଅସଂହତି। ଅସଂହତିର ସରଳ ଅର୍ଥ ହେଉଛି ମେଳ ନଖାଇବା। ଆମ ଭିତରେ ଥିବା ଚିନ୍ତାରାଜି ଭିତରେ ମେଳ ରହୁନାହିଁ, କଥା ଓ କାମ ଭିତରେ ମେଳ ରହୁନାହିଁ। ପୁଣି ଅନ୍ୟମାନଙ୍କ ଚିନ୍ତା ଓ ଚେତନା ସହ ଆମର ଚିନ୍ତା ଓ ଚେତନାର ମେଳ ରହୁନାହିଁ। ଏକଥା ବ୍ୟକ୍ତି କ୍ଷେତ୍ରରେ ଯେପରି ଘଟୁଛି ସଂସ୍କୃତି ସଂସ୍କୃତି ଭିତରେ, ଦେଶ ଦେଶ ଭିତରେ ମଧ୍ୟ ସେପରି ଘଟୁଛି। ବ୍ୟକ୍ତିଟିଏ ନିଜକୁ ଅନ୍ୟଠାରୁ ପ୍ରାୟତଃ ବଡ଼ ବୋଲି ଭାବୁଛି, ତେଣୁ ଅନ୍ୟକୁ ନିଜଠାରୁ ପ୍ରାୟତଃ ସାନ ବୋଲି ଭାବୁଛି। ନିଜକୁ ବଡ଼ ଭାବିବା ହେତୁ ଅନ୍ୟକୁ ସାନ ବୋଲି ଭାବିବାକୁ ଆମେ ବାଧ୍ୟ ହେଉଛୁ। ଫଳତଃ ପାରସ୍ପରିକ ଶ୍ରଦ୍ଧା ଓ ସମ୍ମାନ କମିଯାଉଛି ଏବଂ ତାହା ଅଶାନ୍ତିର ଅନ୍ୟ ଏକ କାରଣ ହୋଇ ଆମ ଭିତରେ ଠିଆ ହେଉଛି। ନିଜକୁ ନିଜ ମାପରେ ମାପିବା ଓ ଅନ୍ୟକୁ ଅନ୍ୟ ମାପରେ ମାପିବା ହିଁ ଏହି ସମସ୍ୟାର ସମାଧାନର ମୂଳକଥା ଏବଂ ଶାନ୍ତିରେ ରହିବାର ମନୋବୃତ୍ତିର ମୌଳିକତା। ଅନ୍ୟର କଥାକୁ ଶୁଣିବା ଏବଂ ଅନ୍ୟର ମତାମତକୁ ସମ୍ମାନ ଜଣାଇବା ଦ୍ୱାରା ଆମେ ଖୁସି ରହିପାରିବା।

ଆମେ ଖୁସି ରହିବାର ଅନ୍ୟ ଏକ ଉପାଦାନ ହେଉଛି ପାରସ୍ପରିକ ଅନୁମୋଦନ। ଅନ୍ୟର ଭଲଗୁଣ, ଭଲ କଥା ଓ ଭଲ କାର୍ଯ୍ୟକୁ ପ୍ରଶଂସା କେବଳ ନୁହେଁ ଅନ୍ତରର ସହିତ ଅନୁମୋଦନ କରିବା ଦ୍ୱାରା ମନ ପ୍ରଶସ୍ତ ହୁଏ, ଉଦାର ହୁଏ। ମନର ପ୍ରଶସ୍ତତା ଓ ଉଦାରତା ହିଁ ମାନସିକ ଶାନ୍ତିର ମାର୍ଗକୁ ପ୍ରଶସ୍ତ କରିଥାଏ।

ଆଶାବାଦୀ ହେବା ଖୁସିରେ ରହିବାର ଅନ୍ୟ ଏକ ମାର୍ଗ। ଆଶାବାଦୀ ଭାବନାର ଏକ ଶକ୍ତି ରହିଛି ଯାହାକୁ ସାଧାରଣତଃ ଆଲୋକ ସହିତ ତୁଳନା କରାଯାଏ। ହତାଶାର ଏକ ଶକ୍ତି ରହିଛି ଯାହାକୁ ଅନ୍ଧକାର ସହିତ ତୁଳନା କରାଯାଏ। ହତାଶା ଆସିଲେ ମନ ଦୁର୍ବଳ ହୁଏ, ପ୍ରାଣର ଉତ୍ସାହ କମିଯାଏ ଶରୀରରେ ଆଳସ୍ୟ ଓ ଜଡ଼ତା ଭରିଯାଏ। ଆଗକୁ ଚାଲିବାର ପ୍ରେରଣା ହ୍ରାସ ପାଏ। ଏହି ପ୍ରସଂଗରେ ସ୍ମରଣକୁ ଆସେ ସ୍ୱାମୀ ବିବେକାନନ୍ଦଙ୍କ ଦିଗ୍‌ଦର୍ଶନ। ସେ କହିଛନ୍ତି, "କୁହ ଅସ୍ତି, ଅସ୍ତି, ନାସ୍ତି, ନାସ୍ତି କହି କହି ଦେଶଟା ଗଲା।" ମନେ

ପଡେ ଶ୍ରୀମାଙ୍କ ବାର୍ତ୍ତା। ସେ କହିଛନ୍ତି, "ଆଶା କେବେ ବି ଛାଡ଼ିବ ନାହିଁ, ଆଶା ଗୋଟିଏ ଭଗବତ ସଦ୍‌ଗୁଣ। ଇଚ୍ଛା କରି ଆଶାବାଦୀ ହେବ।" ସମସ୍ତ ଆଶା ରଖିବା ସତ୍ତ୍ୱେ ଯଦି ବିଫଳତା ଆସେ, ତେବେ ତାକୁ ସଫଳତାର ପାହାଚ ବୋଲି ବୁଝିବାକୁ ହେବ ଓ ଗ୍ରହଣ କରିବାକୁ ହେବ। ବାରମ୍ବାର ବିଫଳ ହୋଇ ଆଶା ବଳରେ ଥମାସ୍ ଏଡିସନ୍ ଶେଷରେ ଗ୍ରାମ୍‌ଫୋନ୍ ଉଦ୍‌ଭାବନରେ ସଫଳ ହେଲେ। ବାରମ୍ବାର ବିଫଳ ହୋଇ ଗଭୀର ଆଶା ଓ ବିଶ୍ୱାସରେ ଜନ୍ ବୟେଡ୍ ଦୂରଦର୍ଶନର ଉଦ୍ଭାବନ କରିପାରିଲେ।

ଚିନ୍ତା ଓ ଚେତନାରେ ଅନ୍ୟର କଲ୍ୟାଣ କାମନା ଖୁସିରେ ରହିବାର ଅନ୍ୟତମ ମାର୍ଗ। ସମସ୍ତେ ସୁଖରେ ରହନ୍ତୁ- ଏଇ ଅନୁଚିନ୍ତାର ପବିତ୍ରତା ଓ ସାମର୍ଥ୍ୟ ଅନନ୍ୟ ଓ ଅସାଧାରଣ। ଏହା ଅନ୍ତରକୁ ନିର୍ମଳ ଓ ଶୁଦ୍ଧ ରଖେ, ପ୍ରାଣରେ ଉଦ୍ଦାମତା ଓ ମନରେ ଆନନ୍ଦ ଆଣେ। ଏହାର ପ୍ରଭାବରେ ବିଶ୍ୱ ପରିବାର ଗଠନର ମାର୍ଗ କୁସୁମିତ ହୁଏ। ନିଜକୁ ଯଥାର୍ଥରେ ସମ୍ଭାରି ରଖି ଅନ୍ୟକୁ ସହଯୋଗ କରିବାର ମନୋଭାବ ଆମପାଇଁ ଖୁସିରେ ରହିବାର ପଥ ପ୍ରସ୍ତୁତ କରିଥାଏ।

ହଠାତ୍ କିଛି କଥା ଓ କିଛି ନିଷ୍ପତ୍ତି ସହ କାର୍ଯ୍ୟ କରିବା ଅପେକ୍ଷା ଆଉଥରେ ଭାବିଚିନ୍ତି କଥା କହିବା ଓ କାର୍ଯ୍ୟ କରିବା ବହୁଗୁଣରେ ଗୁରୁତ୍ୱପୂର୍ଣ୍ଣ। ଏହା ଆମକୁ ବହୁ ଅସୁବିଧାରୁ ରକ୍ଷା କରେ। ଆଜିକାଲି ମନସ୍ତତ୍ତ୍ୱବିତ୍‌ମାନେ ଏହା ଉପରେ ଅଧିକ ଗୁରୁତ୍ୱ ଦେଉଛନ୍ତି।

ଅନ୍ୟର ସମାଲୋଚନାରେ ଉତ୍ପୀଡ଼ିତ ନହେବା ଖୁସିରେ ରହିବାର ଅନ୍ୟତମ ପନ୍ଥା। ଏ ସଂସାର ଏକ ବିଚିତ୍ର ଯାଦୁଘର। ଏଠାରେ ସମାଲୋଚନାମୂଳକ କଥା କହିବାକୁ ବହୁ ଲୋକ ଅଛନ୍ତି। ସେମାନଙ୍କ କଥା ଶୁଣିଲେ ଅଟକିଯିବାକୁ ହେବ ଚଲାପଥରେ, ଆଗକୁ ଯାଇ ହେବନାହିଁ। ଆଗକୁ ଯିବାକୁ ଆମେ ଆସିଛୁ, ବାଟରେ ଅଟକିଯିବାକୁ ଆମେ ଆସିନାହୁଁ। ଅନ୍ୟର କଥାକୁ ଶୁଣି ବୁଝି ଯଦି ସତରେ କିଛି ସଂଶୋଧନର ଆବଶ୍ୟକତା ଆମ ପ୍ରକୃତିରେ କରିବାର ଥାଏ, ତେବେ ଆମେ ତାହା କରିବା। ଆଉ ଯଦି ନଥାଏ, ତେବେ ଆଦୌ ବିଚଳିତ ହେବା ନାହିଁ, ମନର ବଳକୁ ହ୍ରାସ କରିବା ନହିଁ।

ଖୁସି ରହିବାର ଅନ୍ୟତମ ବାଟ ହେଉଛି ଅନ୍ୟକୁ ଶ୍ରଦ୍ଧା କରିବା ଛଳନା, ଈର୍ଷା, ସ୍ୱାର୍ଥପରତା ପରିବର୍ତ୍ତେ ନିର୍ମଳ ଚିତ୍ତରେ ଅନ୍ୟକୁ ଆଦର କରିବାର ଆଗ୍ରହ ହିଁ ଆମକୁ ଖୁସି ରହିବାରେ ସାହାଯ୍ୟ କରିବ। ଆମେ ଅନ୍ୟକୁ ଯେତିକି ଶ୍ରଦ୍ଧା କରୁ ଅନ୍ୟଠାରୁ ତାହାଠାରୁ ଅଧିକ ଶ୍ରଦ୍ଧା ଆଶା କରୁଥିବାରୁ ଆମ ମନରେ ଦୁଃଖ ହୁଏ। ପ୍ରତିଦାନର ଆଶା ନରଖି ଅନ୍ୟକୁ ଶ୍ରଦ୍ଧା କରିପାରିଲେ ହିଁ ଆମେ ପ୍ରକୃତରେ ଖୁସିରେ ରହିପାରିବା।

ଏକ ମହତ୍ତର ଓ ବୃହତ୍ତର ଶକ୍ତି ଉପରେ ବିଶ୍ୱାସର ଅନ୍ୟ ନାମ ଭଗବତ ବିଶ୍ୱାସ। ଏହି ଭଗବତ ବିଶ୍ୱାସ ହିଁ ଖୁସି ରହିବାର ଅନ୍ୟତମ ଶ୍ୟାମଳ ସାରାଂଶ। ନାମ ଭିନ୍ନ ଭିନ୍ନ ହେଲେ ହିଁ ଭଗବାନ ଯେ ଏକ ଓ ଅଭିନ୍ନ, ଏଥିରେ ଦ୍ୱିମତ ନାହିଁ। ଏହି ଭଗବତ ବିଶ୍ୱାସ ଆସିଲେ ଆତ୍ମବିଶ୍ୱାସ କମିଯାଏ ବୋଲି ଏକ ଭ୍ରାନ୍ତଧାରଣା ଆମର ରହିଛି। ପ୍ରକୃତରେ ଭଗବତ ବିଶ୍ୱାସ ଓ ଆତ୍ମ ବିଶ୍ୱାସ ପରସ୍ପରର ପରିପୂରକ। ଆତ୍ମବିଶ୍ୱାସ ଓ ଭଗବତ ବିଶ୍ୱାସର ଆନୁପାତିକତା ପରିସ୍ଥର ନିର୍ଭରଶୀଳ। ଅର୍ଥାତ୍ ଆତ୍ମବିଶ୍ୱାସ ବଢ଼ିଲେ ଭଗବତ ବିଶ୍ୱାସ ବଢ଼େ ଏବଂ ଭଗବତ ବିଶ୍ୱାସ ବଢ଼ିଲେ ଆତ୍ମବିଶ୍ୱାସ ବଢ଼େ। ଏହି ଭଗବତ ବିଶ୍ୱାସ ଏବଂ ଆତ୍ମବିଶ୍ୱାସ ବଢ଼ିଲେ ଆମ ମନରେ ଖୁସିଭାବ ବଢ଼େ। ଭଗବତ ବିଶ୍ୱାସ ବଢ଼ିଲେ କର୍ମରେ କର୍ତ୍ତାପଣ ଜନିତ ଅହଂକାର କମିଯାଏ। କର୍ତ୍ତାଭାବ କମିଯାଇ ନିମିତ୍ତ ଭାବ ଆସେ। ନିମିତ୍ତ ଭାବ ଆସିଲେ କର୍ମରେ ଉତ୍ସାହ ବହୁଗୁଣିତ ହୁଏ ଏବଂ ମନରେ ଖୁସିଭାବ ସୃଷ୍ଟି ହୁଏ।

ଆମ ଆଗରେ ପ୍ରତିକ୍ଷଣରେ ଦୁଇଟି ମାର୍ଗ ଥାଏ। ଗୋଟିଏ ହେଉଛି ଶ୍ରେୟ ମାର୍ଗ ଓ ଅନ୍ୟଟି ହେଉଛି

ପ୍ରେୟ ମାର୍ଗ। ଆମକୁ ନିର୍ବାଚନ କରିବାକୁ ହେବ ମାର୍ଗ। ଆମ ପାଇଁ ଆଉ କେହି ତାହା କରିଦେବେ ନାହିଁ। ଅତଏବ ଖୁବ୍ ସତର୍କତାର ସହିତ ନିର୍ବାଚିତ ମାର୍ଗରେ ବାଟ ଚାଲିବାକୁ ପଡିବ। ଶ୍ରେୟ ମାର୍ଗର ପଥିକ ହେଲେ ମନରେ ଶକ୍ତି ଓ ଆନନ୍ଦ ଆସିବ।

ଅତଏବ ଆମ ଖୁସିର ବହୁ ଅଂଶ ଆମ ଅବବୋଧ, ଆମ କ୍ରିୟା ପ୍ରତିକ୍ରିୟା ଭିତରେ ରହିଛି। ଆମେ ଚାହିଁଲେ ଆମେ ଆମର ଶତ୍ରୁ ହୋଇପାରିବା ଓ ଚାହିଁଲେ ଆମେ ଆମର ମିତ୍ର ହୋଇପାରିବା।

❐❐

ଆବଶ୍ୟକତା ଓ କାମନା

ମଣିଷ ଜୀବନର ପ୍ରତି ଘଟଣା ପଛରେ କିଛି ସୁଖ ଏବଂ କିଛି ଦୁଃଖ ମିଶିକରି ଅଛି। ଅନ୍ୟ ପ୍ରକାରେ କୁହାଯାଇପାରେ ଯେ ମଣିଷ ଜୀବନ ସୁଖ ଦୁଃଖରେ ଗଢ଼ା। ଜୀବନରୁ ଦୁଃଖକୁ ଦୂର କରିବାକୁ ସାଧୁସନ୍ଥ ଯୋଗୀ, ଋଷି, ମହାତ୍ମା, ମହାପୁରୁଷ ପୁଣି ଅବତାରମାନେ କଠୋର ସାଧନା କରିଛନ୍ତି। ସାଧନାର ସିଦ୍ଧିରୁ ଦୁଃଖରୁ ରକ୍ଷା ପାଇବାରବାଟ ବତାଇ ଯାଇଛନ୍ତି। କେତେ ଉପଦେଶ, ଉଦାହରଣ ଦେଇଯାଇଛନ୍ତି।

ଉଦାହରଣ ସ୍ୱରୂପ ଆମେ ବୁଦ୍ଧଦେବଙ୍କୁ ବିଚାରକୁ ନେବା। ରଜାପୁଅ ରାଜ ଉଆସର ସୁଖ ଛାଡ଼ି ଜଙ୍ଗଲକୁ ଯାଇ ତପସ୍ୟା କଲେ। ଲକ୍ଷ୍ୟ ଥିଲା ଜୀବନରେ ଦୁଃଖର କାରଣକୁ ଜାଣିବା ଓ ତାହାର ନିରାକରଣ କରିବା। ଦୀର୍ଘଦିନର କଠୋର ସାଧନା ଫଳରେ ସେ ଜାଣିପାରିଲେ ଯେ ଦୁଃଖର କାରଣ ହେଉଛି କାମନା ଏବଂ ଏହି କାମନାର ବିନାଶରେ ଦୁଃଖର ବିନାଶ ଘଟିବ। ଅଷ୍ଟାଙ୍ଗ ମାର୍ଗକୁ ସେ ଏହି କାମନା ବିନାଶ ପାଇଁ ଆଚରଣର ମାର୍ଗ ବୋଲି ଘୋଷଣା କଲେ। କଥାଟି ଆଜି ଆମକୁ ଶୁଣି ଶୁଣି ସାଧାରଣ କଥା ପରି ଲାଗୁଛି, ମାତ୍ର ଏହା ଏତେ ସାଧାରଣ କଥାନୁହେଁ। ଦୁଃଖର ମୂଳରେ କାମନା ରହିଛି, ଏହା ସତ୍ୟ। କାମନାର ପୂରଣରେ ସୁଖ ମିଳୁଛି, ଆଉ କାମନା ପୂରଣ ନ ହେଲେ କ୍ରୋଧ, ବିରକ୍ତି, ଅବସାଦ ଆସୁଛି ଏବଂ ତାହା ହେଉଛି ଦୁଃଖର କାରଣ। ଦୁଃଖରେ ମଣିଷ ମନ ଭାଙ୍ଗିଯାଉଛି, ହତାଶାରେ ଜର୍ଜରିତ ହୋଇ ଖଣ୍ଡ ଖଣ୍ଡ ହୋଇଯାଉଛି। ଜୀବନ ହୋଇଯାଉଛି ଏକ ପ୍ରକାର ଦୁର୍ବିସହ ଯନ୍ତ୍ରଣାରେ ଜର୍ଜରିତ। କାହାକୁ କହି ହେଉନି, ସହି ମଧ୍ୟ ହେଉନି। 'ନ ଯଯୌ ନ ତସ୍ଥୌ' ଅବସ୍ଥାରେ ରହିବାକୁ ହେଉଛି। ମୂଳ କାମନା କେତେ ଡାଳପତ୍ର ମେଲି ଫୁଲଫଳ ଧରି ଆମର ସର୍ବନାଶର କାରଣ ହେଉଛି। ଏହି କଥାଟିର ମର୍ମ କେତେ ଗଭୀର, ତାହା ବିଚାର କରିବାର କଥା। କାମନା ଯେତେ ହ୍ରାସ ପାଇବ, ଦୁଃଖର ପରିମାଣ ଓ ଚାପ ସେତେ ହ୍ରାସ ପାଇବ, ଏହା ଦେଶ, କାଳ, ନିର୍ବିଶେଷରେ ସର୍ବବାଦୀ ସମ୍ମତ।

ଅବଶ୍ୟ ଏଠାରେ କାମନାର କଥା କୁହାଯାଉଛି, ଆବଶ୍ୟକତାର କଥା ନୁହେଁ। ଆମର ଆବଶ୍ୟକତା କାମନା ନୁହେଁ। ଏଇ ଯେପରି ଖାଦ୍ୟ ଆମର ଆବଶ୍ୟକତା, ବସ୍ତ୍ର ଆମର ଆବଶ୍ୟକତା, ବାସଗୃହ ଆମର ଆବଶ୍ୟକତା, ଶିକ୍ଷା ଆମର ଆବଶ୍ୟକତା, ସ୍ୱାସ୍ଥ୍ୟରକ୍ଷା ଆମର ଆବଶ୍ୟକତା, ପୁଣି କିଛି କିଛି ମନୋରଞ୍ଜନ ଆମର ଆବଶ୍ୟକତା ଏବଂ ସର୍ବୋପରି ନିରାପତ୍ତା ଆମର ଆବଶ୍ୟକତା। ଆବଶ୍ୟକତାର ଏକ ସୀମାରେଖା ଅଛି। ସେହି ସୀମାରେଖା ଟପିଗଲେ ଯେଉଁ ରାଜ୍ୟ ପଡ଼େ ତାହା ହେଉଛି କାମନାର ରାଜ୍ୟ। କାମନା ଓ ଆବଶ୍ୟକତାର ସୀମା ରେଖା ଏତେ ସୂକ୍ଷ୍ମ ଯେ ସହଜରେ ତାକୁ ଜାଣିହୁଏ ନାହିଁ। ଜାଣିଲା ବେଳକୁ ଆବଶ୍ୟକତାର ସୀମା ପାର ହୋଇ ମଣିଷ ମନ କାମନାର ରାଜ୍ୟରେ ପାଦ ପକାଇ ସାରିଥାଏ। ପ୍ରଥମରୁ ଜାଣିପାରି ଫେରି

ଆସିଲେ ତ ଭଲ, ନହେଲେ ପାଦ ବଳେ ବଳେ ଆଗକୁ ପଡ଼ି ପଡ଼ି ଯାଏ। ସେ ରାଜ୍ୟରେ ଅଳ୍ପ ପରିଶ୍ରମରେ ବେଶୀ ବାଟ ଚାଲି ହୁଏ, ଆଉ ଏକ ସମ୍ମୋହିନୀ ଶକ୍ତି ହାତ ଧରିନିଏ, ବାଟ କଡ଼ାଇ ଦିଏ, ତା'ର ନିଜ ଜାଲରେ ଆସ୍ତେ ଆସ୍ତେ ଛନ୍ଦିଦିଏ। ଥରେ ଛନ୍ଦି ହୋଇଗଲେ ଆଉ ସେ ବନ୍ଧନ ଛିଣ୍ଡାଇ ହୁଏ ନାହିଁ, ଦେହ, ପ୍ରାଣ, ମନ ଓ ଚେତନା ତହିଁରେ ବାନ୍ଧିହୋଇ ବନ୍ଦୀ ହୋଇଯାଏ। ଶେଷରେ ଫଳ ମିଳେ ଅଶାନ୍ତି, ଦୁଃଖ, ବିଫଳତା, ହା ହୁତାଶ ଭାବ।

ଆମର ଧନ ଦରକାର। ଘର ପାଇଁ, ଖାଦ୍ୟ ପାଇଁ, ବାସଗୃହ ପାଇଁ ତଥା ପ୍ରତ୍ୟେକ ଆବଶ୍ୟକତାର ପୂରଣ ପାଇଁ। ଧନ ଅର୍ଜନକୁ କାମନା କହି ଉଡ଼ାଇଦେଲେ ଚଳିବ ନାହିଁ। କିନ୍ତୁ କେତେ ଧନ ଆମର ଦରକାର ତାହା ଆମର ଜାଣିବା ଦରକାର। ସେହି ସୀମାଟି ଜାଣିଲେ କାମନା ପଶି ପାରିବ ନାହିଁ କି ଦୁଃଖର କାରଣ ହୋଇପାରିବ ନାହିଁ। ସମ୍ମାନ ଆମର ଆବଶ୍ୟକ। କେତେ ସମ୍ମାନର ଆବଶ୍ୟକତା ରହିଛି ତାହା ମଧ୍ୟ ଜାଣିବା ଦରକାର। ଅନେକ ତାହା ଜାଣି ନପାରି ସମ୍ମାନ ପଛରେ ଧାଇଁ ଧାଇଁ ଆଣ୍ଠୁଗଣ୍ଠି ଖଣ୍ଡିଆ କରନ୍ତି। ଯଶ ଆମର ଆବଶ୍ୟକ, ମାତ୍ର କେତେ ପରିମାଣରେ ଆବଶ୍ୟକ ଆମେ ସେଇ ସୀମାକୁ ଜାଣିଲେ ଯଶ ପଛରେ ଆଉ ଧାଇଁବାକୁ ପଡ଼ିବ ନାହିଁ କି କ୍ଷତାକ୍ତ ହେବାକୁ ପଡ଼ିବ ନାହିଁ।

ଆବଶ୍ୟକତା ପୂରଣରେ ଆତ୍ମସନ୍ତୋଷ ଆସିବ, ଦେହ, ପ୍ରାଣ ଓ ମନରେ ସୁସ୍ଥତା ଆସିବ। ଅଭାବବୋଧର ଏକ ପ୍ରକାର ଅଭାବ ଘଟିବ। ଫଳରେ ଜଣେ ଚେତନାରେ ଅଗ୍ରଗତି କରିବାକୁ ସମୟ ସୁଯୋଗ, ଅବକାଶ ଓ ମାନସିକତା ଲାଭ କରିବ।

ବର୍ତ୍ତମାନ ଆଉ ଗୋଟିଏ କଥା ବିଚାର କରିବା। କଥାଟି ହେଉଛି ଆମେ ଆବଶ୍ୟକତା ଓ କାମନାକୁ ଚିହ୍ନିବା କିପରି ଏବଂ ସେ ଦୁହିଁଙ୍କ ମଝିରେ ଥିବା ସୀମାରେଖାକୁ ଦେଖିବା କିପରି ? ଏ ପରିପ୍ରେକ୍ଷୀରେ ଶ୍ରୀମାଙ୍କର ଶକ୍ତିପୂର୍ଣ୍ଣ ବାଣୀ ସ୍ମରଣୀୟ। ସେ କହନ୍ତି ଯେ ଯେଉଁ ଜିନିଷ ପାଇବା ପାଇଁ ଅଧିକ ଉତ୍କଣ୍ଠା, ଆବେଗ ଥାଏ ତାହାହିଁ କାମନାର ଜିନିଷ। ନ ପାଇଲେ ମନ ବିବ୍ରତ ହୁଏ ତାହାହିଁ କାମନା। ମନ ଝୁରେ, ମନ ଘାରି ହୁଏ, ଚାରିଆଡ଼ ଖାଲି ଖାଲି ଲାଗେ, ଅସ୍ଥିର ଲାଗେ, ଆଉ ସବୁ କଥା ଚିଡ଼ଚିଡ଼ ଲାଗେ, ତାହାହିଁ କାମନା।

ବାସ୍ତବରେ ଆଜି ଆବଶ୍ୟକତା ପୂରଣ ହେଲେ ମଧ୍ୟ ମଣିଷ ସନ୍ତୁଷ୍ଟ ହୋଇ ରହିପାରୁ ନାହିଁ। କାମନା ଅଧିକରୁ ଅଧିକ ଘାରୁଛି। କାହା ମନରେ ଧନର କାମନା, କାହା ମନରେ କ୍ଷମତାର କାମନା, କାହା ମନରେ ଯଶ, ପ୍ରଶଂସା ଓ ପୁରସ୍କାରର କାମନା, କାହା ମନରେ ବହୁ ବସ୍ତୁ ପ୍ରାପ୍ତିର କାମନା ପ୍ରବଳ ମାତ୍ରାରେ ରହିଛି। ଏହି କାମନାମାନେ ବହୁ କଲବଲ କରୁଛନ୍ତି ମଣିଷମାନଙ୍କୁ, ତାହା ଜାଣିହେଉ ନାହିଁ। ଶ୍ୱାନ ଶୁଖିଲାହାଡ଼ ଚୋବାଇଲା ନ୍ୟାୟରେ କଥାଟିକୁ କାମନା ଥିବା ମଣିଷମାନେ ଗ୍ରହଣ କରୁଛନ୍ତି। ଶ୍ୱାନ ହାଡ଼ ଚୋବାଇଲା ବେଳେ ସେହି ହାଡ଼ରେ ତା'ର ମାଢ଼ି ଖଣ୍ଡିଆ ହୋଇ ତହିଁରୁ ରକ୍ତ ଝରେ, ସେହି ରକ୍ତକୁ ସେ ଖାଏ ଓ ଭାବୁଥାଏ ଯେ ହାଡ଼ରୁ ରସ ଝରୁଛି। ଶେଷରେ ସେ ଯନ୍ତ୍ରଣା ପାଏ, କ୍ଷତାକ୍ତ ହୁଏ।

ଅତଏବ ସବୁକଥାକୁ ବୁଝିବା ଦରକାର। ପାଦଟିଏ ପଛକୁ ଫେରି ସବୁକଥାକୁ ବିଚାର କରିବା ଜରୁରୀ। ପାଦଟିଏ ପଛକୁ ଫେରିବା ଅର୍ଥ ଥରେ ଭାବି କରି ନୁହେଁ ଆଉ ଥରେ ଭାବିକରି କାମ କରିବା। ଭାଗବତ ଗ୍ରନ୍ଥରେ ତେଣୁ ମଣିଷମାନଙ୍କୁ ସାବଧାନ କରିବା ପାଇଁ କୁହାଯାଇଛି -

"ବୁଝିବିଚାରି କର୍ମ କଲେ। ପ୍ରମାଦ ନ ପଡ଼ଇ ହେଲେ।"

❐❐

କଥା କହିବାର କଳା

ଆମେ ଜାଣୁ ଯେ କହି ଜାଣିଲେ କଥା ସୁନ୍ଦର ଆଉ ବାନ୍ଧି ଜାଣିଲେ ମଥା ସୁନ୍ଦର। ମଥା ବାନ୍ଧି ଦେବା ପାଇଁ ସଂସ୍ଥା ଅଛନ୍ତି ମାତ୍ର କଥା ଶିଖାଇବା ପାଇଁ ପ୍ରାୟତଃ ସଂସ୍ଥା ନାହାନ୍ତି। ଗୁରୁ ମିଳିଲେ ତ ଭଲ ନହେଲେ ନିଜର ଅନୁଭବ, ଅଭିଜ୍ଞତାକୁ ଗୁରୁକରି କଥା ଶିଖିବାକୁ ହେବ। ଗୁରୁ, ଗୁରୁଜନ, ଶାସ୍ତ୍ର ପୁଣି ମହାଜନମାନଙ୍କ ଠାରୁ କଥା କହିବାର କଳା ମଧ୍ୟ ଶିଖିବାକୁ ପଡ଼ିବ। ଏହି କଳାଟି ଏକ ଅତ୍ୟାବଶ୍ୟକୀୟ ବ୍ୟାବହାରିକ କଳା। ଏହାକୁ ଜାଣିବା, ବୁଝିବା ଓ ପ୍ରୟୋଗ କରିବା ପାଇଁ ଆଗ୍ରହ ଓ ଆନ୍ତରିକତା ଦରକାର।

ସତରେ କଥା କହିବାର କଳା ଏକ ବିଶିଷ୍ଟ କଳା। କଥାରେ ଶ୍ରାବଣ ହୁଏ ଫଗୁଣ ଆଉ ଫଗୁଣ ବି ଶ୍ରାବଣ ହୋଇଯାଏ। ମରୁଭୂମିରେ ମରୁଦ୍ୟାନ ସୃଷ୍ଟି ହୁଏ। ମିଠା କଥାରେ ଅଦିନ ବସନ୍ତ ଆସେ, ଲତାକୁଞ୍ଜରେ କେରିକେରି କିଶଳୟ ଭରିଯାଏ, ଝିରିଝିରି ଫୁଟା ଫୁଲରେ ଦିଗ ମହକି ଉଠେ। ଆଉ ଆଉ ମଣିଷ ମନର କ୍ଷତ ଘଡ଼ିକରେ ଶୁଖିଯାଏ, କାଉଁରୀ ସ୍ପର୍ଶରେ ଯନ୍ତ୍ରଣା କେଉଁ ଆଡ଼େ ଚାଲିଯାଏ। କଥା କହି ନ ଜାଣିଲେ ଫୁଲବନରେ ବଜ୍ରପଡ଼େ, ସୁଷମା ସୁରଭି ସବୁ ଜଳିପୋଡ଼ିଯାଏ, ପୋଡ଼ାଗନ୍ଧ ସହଜରେ ଯାଏ ନାହିଁ, ରହି ରହି ପରିବେଶରେ କ୍ଷତ ସୃଷ୍ଟି କରେ, ସେ କ୍ଷତ ଶୁଖିବା ସହଜ ହୁଏ ନାହିଁ। ଯେକୌଣସି ଶକ୍ତିଠାରୁ ଯେପରି ମିଠାକଥାର ଶକ୍ତି ଅଧିକ, ଯେକୌଣସି ମାରଣାସ୍ତ୍ରଠାରୁ ସେପରି ଅବାଗ କଥାର ଶକ୍ତି ଅଧିକ। ତେଣୁ ତ କୁହାଯାଇଛି- "ମଧୁର ବିନୟ ବଚନ। କହି ତୋଷିବ ପ୍ରାଣୀମନ।" ମଣିଷ ତ ମଣିଷ, ଏପରିକି ପ୍ରାଣୀ ମଧ୍ୟ ମିଠା କଥାର ପ୍ରଭାବକୁ ଅନୁଭବ କରିପାରେ। ଅତଏବ ବାକ୍ ଶକ୍ତିରୁ ଶକ୍ତି ନାହିଁ, ଏହା ଅକ୍ଷରେ ଅକ୍ଷରେ ସତ୍ୟ। ତେଣୁ ତ କୁହାଯାଏ 'Word rules the world'.

ରୁକ୍ଷ, କର୍କଶ ଓ ଅବାଗ କଥାର ମୂଳରେ ଥିବା ମାନସିକତା ପାଇଁ କେତେଗୋଟି କଥା ଦାୟୀ ବୋଲି କୁହାଯାଇପାରେ। ତହିଁରୁ ଗୋଟିଏ ହେଉଛି ମନୁଷ୍ୟକୁ ଭଗବାନଙ୍କର ଶ୍ରେଷ୍ଠ ଦାନ ରୂପେ ଗୃହୀତ ବାକ୍ ଶକ୍ତିର ଅପବ୍ୟବହାର ଅର୍ଥାତ୍ ନ ବୁଝି ନିବଚାରି କହିବାପାଇଁ କହିବାର ପ୍ରବଣତା। ଭାବିଲା ପରେ କହିବା ଓ କହିଲା ପରେ ଭାବିବା ଦୁଇଟି ଭିତରେ ଆକାଶ ପାତାଳ ପ୍ରଭେଦ ନ ଭାବିକରି କଥା କହିଲେ ପରିସ୍ଥିତି ଆଉ ନିୟନ୍ତ୍ରଣରେ ନ ଥାଏ। ଆଉ ଏକ କାରଣ ହେଉଛି ନିଜକୁ ସର୍ବଜ୍ଞାନତା ମନେ କରିବା ଓ ଅନ୍ୟକୁ ନିଜଠାରୁ କମ୍ ବୋଲି ବିଚାର କରିବା। ପ୍ରଗଲ୍‌ଭତା ଏହାର ଅନ୍ୟ ଏକ କାରଣ। ପ୍ରଗଲ୍‌ଭତାରୁ ଅତିରଞ୍ଜନ, ମିଥ୍ୟା ଭାଷଣ, ଆତ୍ମ ବିଜ୍ଞାପନର ସୃଷ୍ଟି। ଯେତିକି ଦରକାର କେବଳ ସେତିକି କଥା କହିବା ହିଁ ବାକ୍‌ସଂଯମ, ବାକ୍ ସ୍ୱାଧୀନତାର ଅନ୍ୟନାମ। ଅଯଥା ବହୁ କଥା କହିବା ଦ୍ୱାରା ବହୁତ ଭୁଲ ହୁଏ, ଆଉ ସେହି ଭୁଲ ଦ୍ୱାରା ପରିବେଶ ସଂକ୍ରମିତ ହୋଇଯାଏ।

ଆତ୍ମବିଜ୍ଞାପନ ଆଜିର ସାଧାରଣ କଥା ହୋଇଗଲାଣି। ଏଥିରେ ନିର୍ମଳ ଶ୍ରୋତା ନ ଥାନ୍ତି, ବିଜ୍ଞାପନକାରୀଟି ନିଜେ ବକ୍ତା ଓ ଶ୍ରୋତା ମଧ୍ୟ ହୋଇଥାଏ, ଏକଥା ସେ କିନ୍ତୁ ଜାଣିପାରେ ନାହିଁ। ଭାବେ ବହୁ ଲୋକ ମୋ ବିଷୟରେ ମୋଠାରୁ ଶୁଣି ମତେ ବୁଝିଗଲେ, ମୋର ଆଜି ଜୟ ହେଲା। ପ୍ରକୃତରେ ଏହାଦ୍ୱାରା କାହା ମନକୁ ଜୟ କରି ହୁଏ ନାହିଁ, ଜୟ ପରିବର୍ତ୍ତେ ନିଜର ପରାଜୟ ହିଁ ହୁଏ। ଏହି ପରିପ୍ରେକ୍ଷୀରେ ଶ୍ରୀଅରବିନ୍ଦଙ୍କ କଥା ସ୍ମରଣୀୟ। ତାଙ୍କ ମତରେ- "ତୁମେ ନିଜ ପାଇଁ କୁହନାହିଁ, ତୁମ କାମ ତୁମ ପାଇଁ କହୁ।"

ବହୁଲୋକ ଅଛନ୍ତି ଯେଉଁମାନେ ବଡ଼ପାଟିରେ ନିଜକୁ ଜାହିର କରି କଥା କହିବାକୁ ଶ୍ରେୟ ମଣନ୍ତି। ସେମାନେ ଜାଣନ୍ତି ନାହିଁ ଯେ ଏହା ଏକ ଦୁର୍ବଳ ମାନସିକତା। ମନସ୍ତତ୍ତ୍ୱବିତ୍ ମାନେ କହନ୍ତି ଯେ ଯିଏ ଯେତେ ଦୁର୍ବଳ ସେ ବଡ଼ ପାଟିରେ କଥା କହି ତା'ର ଦୁର୍ବଳତାର ଖାଲକୁ ସମାନ କରିବାକୁ ଚାହେଁ। ଆମର ମଧ୍ୟ କଥାରେ କଥାରେ କୁହାଯାଏ- 'ଫମ୍ପା ମାଠିଆର ଶବ୍ଦ ବେଶୀ'।

ପରଚର୍ଚ୍ଚା ଓ ପରନିନ୍ଦା ଶୁଣିଲେ ମନ ସଂକ୍ରମିତ, ଦୂଷିତ ହୋଇଯାଏ। ମନର ନିର୍ମଳତା, ପ୍ରସନ୍ନତା ଓ ମଧୁରତା ରହେ ନାହିଁ। ଏକଥା ତତ୍‌କ୍ଷଣାତ୍ ଜାଣିହୁଏ ନାହିଁ। ଏସବୁ ଶୁଣିବାକୁ ଭଲ ଲାଗେ, ତହିଁରେ ଆଉ ଦୁଇ ପଦ ମିଶାଇ ଦେବାକୁ ହୁଏ, ମାତ୍ର ସେଠାରୁ ଆସିଲା ବେଳକୁ ଅବଚେତନ ମନ ବିଷାକ୍ତ ହୋଇଯାଇଥାଏ ଯାହାର ପ୍ରକୋପ ନିଜକୁ ସୂକ୍ଷ୍ମ ଭାବରେ ଶୀଘ୍ର ହେଉ ବା ବିଳମ୍ବରେ ହେଉ ଭୋଗିବାକୁ ପଡ଼େ।

ତୃତୀୟ ଲୋକଠାରୁ ନିଜ ବିରୁଦ୍ଧରେ ଶୁଣି ପ୍ରତିକ୍ରିୟାଶୀଳ ହୋଇ ଏଆଡୁ ସେଆଡୁ କହିଯିବା ଦୁର୍ବଳତାର ଚିହ୍ନ। ମୁକାବିଲା କରିବାକୁ ବାହାରିପଡ଼ିବା ଆହୁରି ଦୁର୍ବଳତାର ଚିହ୍ନ। ନିଜେ ଠିକ୍ ବାଟରେ ଥାଇ ଅନ୍ୟର କଥାରେ ନିଜକୁ ଉତ୍ପୀଡ଼ନ କରିବା ଆହୁରି ଆହୁରି ଦୁର୍ବଳତାର ଚିହ୍ନ। ଜଣେ ଅନ୍ୟକୁ ସାନ କରିବା ନିଜକୁ ବଡ଼ ବୋଲାଇବା ପାଇଁ ଅନ୍ୟକୁ ସମାଲୋଚନା କରି ଅନ୍ୟର ବିରୁଦ୍ଧରେ କହେ। ଅନ୍ୟ ଲୋକଟି ଏହାଦ୍ୱାରା ଆକ୍ରମିତ ହୋଇ ଆକ୍ରାନ୍ତ ହେଲେ କହୁଥିବା ଲୋକଟିର ଲକ୍ଷ୍ୟ ଏକ ପ୍ରକାର ସିଦ୍ଧ ହୁଏ। ପ୍ରତିକ୍ରିୟା ପ୍ରକାଶ କରୁଥିବା ଲୋକଟି ବହୁ ଭାବରେ କ୍ଷତିଗ୍ରସ୍ତ ହୁଏ। ବାସ୍ତବରେ ପ୍ରତିକ୍ରିୟା ପ୍ରକାଶ ନକରି ଯଦି କିଛି ଭୁଲ ଥାଏ, ତେବେ ଆତ୍ମସମୀକ୍ଷା ପୂର୍ବକ ନିଜକୁ ସଂଶୋଧନ କରିନେବା ଦରକାର। ଭୁଲ ନ ଥିଲେ ଆକ୍ରାନ୍ତ ହେବା ଅଥବା ପ୍ରତିକ୍ରିୟା ପ୍ରକାଶ କରିବା ଆଦୌ ଉଚିତ ନୁହେଁ।

ପରସ୍ପର ଭିତରେ କଥାବାର୍ତ୍ତା ବେଳେ ଅଯଥା ଯୁକ୍ତିତର୍କ ଗ୍ରହଣୀୟ ନୁହେଁ। ଯୁକ୍ତିରେ କୌଣସି ସମସ୍ୟାର ସମାଧାନ ହୁଏନାହିଁ। କୌଣସି ପକ୍ଷ କଥାରେ ନିଜକୁ ଠିକ୍ ବୋଲି ଜାହିର କରିବାରୁ ବେଳେ ବେଳେ କଥା କଟାକଟି ହୋଇ କଳିର ଆରମ୍ଭ ହୁଏ। କଥାବାର୍ତ୍ତା ମାଧ୍ୟମରେ ସହଜରେ ସମସ୍ୟାର ସମାଧାନ ହୋଇପାରେ। ଏକଥାଟି ବ୍ୟକ୍ତି ପାଇଁ ଯେପରି ସତ୍ୟ ଦେଶ ପାଇଁ ମଧ୍ୟ ସେପରି ସତ୍ୟ। ଜାତି ଜାତି ଭିତରେ, ସଂସ୍କୃତି ସଂସ୍କୃତି ଭିତରେ ଭାବ ସାମ୍ୟ ତଥା ଭାରସାମ୍ୟ ରଖିବା ଦିଗରେ ଏହା ସମର୍ଥ। ଅସ୍ତ୍ରଶସ୍ତ୍ର ଦ୍ୱାରା ନୁହେଁ, ପାରସ୍ପରିକ ଆଲୋଚନା ଦ୍ୱାରା ଦେଶ ଦେଶ ଭିତରେ ଉତ୍ତମ ସମ୍ପର୍କ ରହିପାରେ।

ଆଜି ବ୍ୟକ୍ତି ଜୀବନ ତଥା ବିଶ୍ୱଜୀବନରେ କଥା କହିବାର କଳାର ଅଭାବ ରହିଛି। ଏହି ଅଭାବ ପୂରଣ ଏକ ଅପରିହାର୍ଯ୍ୟ ଆବଶ୍ୟକତା। ଏହି ଅଭାବ ପୂରଣରେ ଆମେ ସାମିଲ ହେବା ନାହିଁକି ?

❐❐

ପାରିବାରିକ ଶିକ୍ଷା ଓ ବିଶ୍ୱ ଜୀବନ

ଶିକ୍ଷା କହିଲେ କେବଳ ଡିଗ୍ରୀକୁ ବୁଝାଏ ନାହିଁ । ଡିଗ୍ରୀଥାଇ ମଧ୍ୟ ବ୍ୟକ୍ତିଟିଏ ଅଶିକ୍ଷିତ ତାଲିକାର ଅନ୍ତର୍ଭୁକ୍ତ ହୋଇପାରେ ଏବଂ ଡିଗ୍ରୀ ନଥାଇ ମଧ୍ୟ ବ୍ୟକ୍ତିଟିଏ ଶିକ୍ଷିତ ପର୍ଯ୍ୟାୟଭୁକ୍ତ ହୋଇପାରେ । ଅତଏବ ଡିଗ୍ରୀ ବା ପଦ ପଦବୀ ଶିକ୍ଷାର ମାନଦଣ୍ଡ ବା ମାପକାଠି ନୁହେଁ । ଶିକ୍ଷା ପ୍ରକୃତ ପକ୍ଷେ ଏକ ମହନୀୟ ଶକ୍ତି ଯାହା ବ୍ୟକ୍ତିକୁ ସଚେତନ କରିଥାଏ । ନିଜ ଉପରେ ଦୃଷ୍ଟିପାତ କରିବାପାଇଁ ତାହା ଦିଗଦର୍ଶନ ଦେଇଥାଏ । ନିଜର କର୍ତ୍ତବ୍ୟ ଓ ଅକର୍ତ୍ତବ୍ୟକୁ ବୁଝିବାକୁ ଆବଶ୍ୟକୀୟ ଚେତନା ଆଣିଦିଏ । ଶିକ୍ଷାର ମାଧ୍ୟମ ଯେପରି ଭିନ୍ନ ଭିନ୍ନ ହୋଇଥାଏ ଶିକ୍ଷାର ପରିବେଶ ମଧ୍ୟ ସେପରି ଭିନ୍ନ ଭିନ୍ନ ହୋଇଥାଏ । ଏହି ପରିବେଶମାନଙ୍କ ମଧ୍ୟରୁ ପାରିବାରିକ ପରିବେଶ ଅନ୍ୟତମ ଯାହାର ମହତ୍ତ୍ୱ ଅତୁଳନୀୟ । ବ୍ୟକ୍ତି ଚରିତ୍ର ଗଠନର ମୂଳଭିତ୍ତି ଏହି ପରିବେଶରେ ପଡ଼ିଥାଏ । ଏହାକୁ ଆଧାରକରି ଜୀବନ ପରିଚାଳିତ ହୋଇଥାଏ । ଯେଉଁ ବ୍ୟକ୍ତିର ପାରିବାରିକ ଶିକ୍ଷା ନାହିଁ, ସେ ବ୍ୟକ୍ତି ଯେତେ ବାହ୍ୟ ଶିକ୍ଷା ତଥା ଅନୁଷ୍ଠାନିକ ଶିକ୍ଷା ପାଇଲେ ମଧ୍ୟ ପ୍ରକୃତ ଅର୍ଥରେ ଶିକ୍ଷିତ ହୋଇପାରେ ନାହିଁ, ସେ ହୁଏ ଅହଂଗ୍ରସ୍ତ ଏକ ବିଚିତ୍ର ସତ୍ତା । ଜୀବନ ଅଙ୍କକୁ ଭୁଲଧାରାରେ କଷି କଷି ଶେଷରେ ହୁଏ କ୍ଲାନ୍ତ ଓ ବିବ୍ରତ । ଅନ୍ୟମାନଙ୍କ ଉପରେ ବିରକ୍ତ ହୋଇ ହୋଇ ଶେଷରେ ସେ ଭୁଲ୍ ମାର୍ଗରେ ପଥିକ ହୋଇ ତା' ପାଦରେ କଣ୍ଟା କେତେ ଫୁଟି ଯାଏ । ଖାଣ୍ଟି ଓଡ଼ିଆରେ କହିଲେ ନେଡ଼ିଗୁଡ଼ କହୁଣିକୁ ବୋହିଯାଏ । ପ୍ରକୃତ ଦୋଷଟି କେଉଁଠାରେ ରହିଗଲା ସେ ବୁଝିପାରେ ନାହିଁ । ଜୀବନ ସେତେବେଳେ ହୁଏ ଦୁର୍ବହ ଓ ଦୁଃସହ ।

ସୁତରାଂ ପିଲାଟିପାଇଁ ତା'ର ପରିବାରର ଶିକ୍ଷା ସବୁଠାରୁ ମୂଲ୍ୟବାନ । ସେଥିପ୍ରତି ପରିବାରରେ ଥିବା ଅଭିଭାବକମାନେ ସଚେତନ ହେବା ଅପରିହାର୍ଯ୍ୟ । ପିଲାଟିଏ ଅତ୍ୟନ୍ତ ଅନୁକରଣପ୍ରିୟ ଓ ସଚେତନ । ତାର ଅଭିବ୍ୟକ୍ତି ସାମର୍ଥ୍ୟ କମ୍‌ଥିଲେ ହେଁ ଅନୁଭବ ଶକ୍ତି ପ୍ରବଳ ଥାଏ । ଘରେ ଯେପରି ଚଳିଣି ସେ ଦେଖେ ସେପରି ଚଳଣି ସେ ଶିଖେ । ଘରେ ଯେପରି କଥାବାର୍ତ୍ତା ସେ ଶୁଣେ ସେ ସେପରି କଥାବାର୍ତ୍ତା କରିବାକୁ ଶିଖେ । ଅତଏବ ପିଲାଟିକୁ ଗଢ଼ିବାର ଗୁରୁ ଦାୟିତ୍ୱ ଅଭିଭାବକମାନଙ୍କ ଉପରେ । ସେମାନେ ହେଳାକଲେ ପିଲା ହୁଏ ଉଦ୍‌ଭ୍ରାନ୍ତ । ପିଲାଟିଏ ଭୂମିଷ୍ଠ ହେବାପରେ ପରିବାରରେ ପିତା-ମାତା ତଥା ଅନ୍ୟାନ୍ୟ ଗୁରୁଜନଙ୍କର ଦାୟିତ୍ୱ ବଢ଼ିଯାଏ ଓ ଭୂମିକା ବହୁଳଭାବରେ ଗୁରୁତ୍ୱପୂର୍ଣ୍ଣ ହୋଇଯାଏ । ଖାଲି ଉପଦେଶ ଦେଲେ ଚଳେ ନାହିଁ । କାର୍ଯ୍ୟରେ ପ୍ରତିପାଦନ କରିବାକୁ ପଡ଼ିଥାଏ । ନିଜେ ଅସତ ପଥରେ ଯାଇ ପିଲାମାନଙ୍କୁ ସତପଥରେ ଯାଅ ବୋଲି କହିବାର ବିଶେଷ କିଛି ଅର୍ଥ ନାହିଁ । ଚଳଣିରେ ଭଲକଥାକୁ ପ୍ରତିଫଳିତ କରିବାର ଆବଶ୍ୟକତା ଅଛି ନ ହେଲେ ତା'ର କୌଣସି ବିଶେଷ ପ୍ରଭାବ ପିଲା ଉପରେ ପଡ଼େନାହିଁ । ପିଲାଟିଏ ଲକ୍ଷ୍ୟକରେ ଘରେ ଅନ୍ୟମାନେ ପରସ୍ପରପ୍ରତି କିପରି ବ୍ୟବହାର କରୁଛନ୍ତି । ପରସ୍ପର ପ୍ରତି ଥିବା ସ୍ନେହ, ମମତା ତଥା ଆନ୍ତରିକତାକୁ ସେ ଅଳ୍ପେଶରେ ବୁଝିଯାଏ ଓ

ନିଜକୁ ସେପରି ଧାରାରେ ଚଳାଇବାକୁ ଅଭ୍ୟସ୍ତ କରିଥାଏ । ସେ ସବୁଠାରୁ ବେଶୀ କଥା ଶିଖେ ତା'ର ମା'ଠାରୁ । ମା' ଯଦି ଭଲକଥା କହିବା ସହିତ ଅନ୍ୟମାନଙ୍କୁ ଭଲ ବ୍ୟବହାର କରୁଥାଏ ତେବେ ପିଲାଟିଏ ତାହାହିଁ ଶିଖେ । ମା' ହେଉଛି ପିଲାଟିର ପ୍ରଥମ ଶିକ୍ଷୟିତ୍ରୀ । ମା'ର ଶିକ୍ଷା ପିଲା ଜୀବନରେ ସବୁଠାରୁ ଅଧିକ ପ୍ରଭାବ ପକାଇଥାଏ । ମା' ଯେତେ ସ୍ନେହୀ, ସଚ୍ଚୋଟ, ନମ୍ର, ତ୍ୟାଗଶୀଳା, ସଦିଚ୍ଛା-ସମ୍ପନ୍ନ, ମାର୍ଜିତରୁଚି ସମ୍ପନ୍ନା ତଥା ବ୍ୟକ୍ତିତ୍ୱର ଅଧିକାରିଣୀ ହୁଏ ପିଲାଟି ତା'ଠାରୁ ସେସବୁ କଥା ଶିଖିଯାଏ ।

ମା'ଯଦି ସଂସ୍କୃତି ପ୍ରତି ସଚେତନ ହୁଏ, ଦେଶ ପ୍ରେମରେ ଉଦ୍‌ବୁଦ୍ଧ ହୋଇଥାଏ, ସୁନୀତି ପରାୟଣା ହୋଇଥାଏ ତେବେ ପିଲାଟି ଉପରେ ଏହାର ସୁପ୍ରଭାବ ପଡ଼ିଥାଏ । ମା' ଯଦି ହୁଏ ସ୍ୱାର୍ଥପର, କଟୁଭାଷିଣୀ, ଅଶାନ୍ତ, ଈର୍ଷାପରାୟଣ, ସଂକୀର୍ଣ୍ଣମନା ତେବେ ପିଲାଟି ତାହାହିଁ ଶିଖିଯାଏ । ସେହି ବିକୃତ ଚିନ୍ତାର ଛାପ ତା'ର ଅବଚେତନାରେ ରହିଯାଏ । ପରେ ଯେତେ ଭଲ କଥା କୁହାଗଲେ, ତା'ର ବିଶେଷ କିଛି ପ୍ରଭାବ ପଡ଼େନାହିଁ । ମା' ଯଦି ତୋର ମୋର ବିଚାରରଖି ପରିବାରରେ ଅନ୍ୟମାନଙ୍କ ସହିତ ଭଲରେ ଚଳୁନଥାଏ ତେବେ ପିଲାଟି ସେହିପରି ଭାବରେ ଭାବିତ ହୋଇଯାଏ । ସେ ଭବିଷ୍ୟତରେ ହୁଏ ଚରମ ସ୍ୱାର୍ଥପର, ହିଂସ୍ର ଓ କୁଚକ୍ରୀ । ଉଦାହରଣ ସ୍ୱରୂପ ଯଦି ପିଲାଟିଏ ଦେଖେ ଯେ ତା'ର ମା' ଘରେ ତା'ର ଜେଜେବାପା ଓ ଜେଜେମା'ଙ୍କୁ ଭଲ ବ୍ୟବହାର ନ କରେ, ଭଲ କଥା ନ କହେ, ଆଦର ଯତ୍ନ ନ କରେ, ସେମାନଙ୍କ ସହ କଳି ଲଗାଉଥାଏ ତେବେ ପିଲାଟିଏ ଭବିଷ୍ୟତରେ ନିଜ ମା'ଙ୍କୁ ସେପରି ବ୍ୟବହାର କରିବାକୁ ଅବଚେତନ ମନରେ ଶିଖିଯାଏ । ଏହାକୁ ଲୋକ କଥାରେ କହନ୍ତି ଉଧାର ମାଣକ ପାଞ୍ଚପା । ଏ କଥାର ତାତ୍ପର୍ଯ୍ୟ ବୁଝିନପାରି ଲୋକ କହନ୍ତି ଭାଗ୍ୟରେ ଥିଲା, କିନ୍ତୁ ସେମାନେ ଯେ ପିଲାମାନଙ୍କୁ ଭଲକଥା ଶିଖାଇ ନାହାନ୍ତି, ସେ କଥା ବୁଝନ୍ତି ନାହିଁ । ମହାଯୋଗୀ ଶ୍ରୀଅରବିନ୍ଦ କହନ୍ତି ଯେ, "ପିଲାଟିଏ ହେଲାପରେ ପିତା-ମାତା ଅଧିକ ସଂଯତ ଓ ସଚେତନ ରହିବା ଏକାନ୍ତ ଆବଶ୍ୟକ ।" ଏହା ପ୍ରକୃତରେ ଅକ୍ଷରେ ଅକ୍ଷରେ ସତ୍ୟ । ନିଜେ ସଚେତନ ନହେଲେ ପିଲାଟିର ଭବିଷ୍ୟତ ଧ୍ୱଂସ ହୋଇଯାଏ ଏବଂ ପିଲାଟି ଜୀବନରେ ସୁଖୀ ହୋଇପାରେ ନାହିଁ । ସୁଖ ପ୍ରକୃତରେ ବସ୍ତୁଭିତରେ ନଥାଏ ବହୁ ଅର୍ଥ ଉପାର୍ଜନରେ ନ ଥାଏ, ବଡ଼ ପଦବୀରେ ବସିବାରେ ନଥାଏ, ସୁଖ ଥାଏ ନିଜ ମନ ଭିତରେ, ମନ ଯଦି ଠିକ୍ ଭାବରେ ଗଠିତ ହୋଇନଥାଏ ତେବେ ସେ କସ୍ତୁରୀ ମୃଗପରି ଏଆଡ଼େ ସେଆଡ଼େ ଧାଇଁ ଧାଇଁ ଶେଷରେ କ୍ଲାନ୍ତ ଓ ହତାଶ ହୋଇପଡ଼େ । ଅତଏବ ନିରପେକ୍ଷ ଭାବରେ କହିଲେ ପିଲାଟିର ଜୀବନ ନଷ୍ଟ କରିଦେବା ପାଇଁ ପିତା-ମାତା ତଥା ଅନ୍ୟାନ୍ୟ ଗୁରୁଜନଙ୍କର ଅସାବଧାନତା ବହୁଭାବରେ ଦାୟୀ ହୁଏ । ମା' ସହିତ ଅନ୍ୟମାନଙ୍କର ସହଯୋଗ ରହିଲେ ଏବଂ ସମସ୍ତେ ମିଶି ପିଲାମାନଙ୍କୁ ଭଲ ବାଟରେ ନେବାପାଇଁ ପ୍ରୟାସ କଲେ ପିଲାମାନେ ସୁସ୍ଥ ନାଗରିକ ହୋଇ ବାହାରନ୍ତି । ସେମାନେ କେବଳ ନିଜର ନୁହେଁ, ନିଜ ଜାତିର, ଦେଶର ତଥା ସାରା ବିଶ୍ୱର କଲ୍ୟାଣ ସାଧନ କରିଥାନ୍ତି ।

ବ୍ୟକ୍ତିଟିଏ ମାନେ ସାମାନ୍ୟ କଥା ନୁହେଁ । ଗୋଟିଏ ବ୍ୟକ୍ତି ହେଉଛି ଗୋଟିଏ ଦୀପ, ଯିଏ କେତେ ଦୀପରେ ଆଲୋକ ସଂଯୋଗ କରିପାରେ । ଅନ୍ୟ କେତେ ଲୋକଙ୍କୁ ଆଲୋକ ଦେଖାଇପାରେ । ବ୍ୟକ୍ତି ଜୀବନ ହେଉଛି ବିଶ୍ୱ ଜୀବନର ଏକକ । ବିଶ୍ୱଜୀବନର ବିକାଶ ନିମନ୍ତେ ବ୍ୟକ୍ତି ଜୀବନର ବିକାଶ ଏକାନ୍ତ ଜରୁରୀ । ବ୍ୟକ୍ତିକୁ ଠିକ୍ ନଗଡ଼ି କେବଳ ବିଶ୍ୱଜୀବନର ବିକାଶ ହେଉ କହିବା ଅରଣ୍ୟ ରୋଦନ ପରି ଅର୍ଥହୀନ ଓ ଅକାଶକୁସୁମପରି ସ୍ଥିତିହୀନ । ଆଜି ସାରା ବିଶ୍ୱ ଚାହିଁ ବସିଛି ମଣିଷ ପଣିଆ ଥିବା ମଣିଷକୁ, ସେପରି ମଣିଷ ଆସିଲେ ପୃଥିବୀ ହେବ ସ୍ୱର୍ଗପରି ଲଳିତ କଳାମଞ୍ଜୁଳ ଓ ମଧୁମୟ । ପାର୍ଥିବ ଜୀବନ ହେବ ଅପାର୍ଥିବ ଆନନ୍ଦର

ଏକ ଛନ୍ଦମୟ କାବ୍ୟ । ଦିଗ ବିଦିଗ ସୁଧା ସଂଜୀବନୀ ଧାରାରେ ସିକ୍ତ ହେବ ଓ ସୀମାହୀନ ମୂଲ୍ୟବୋଧରେ ଅଭିଷିକ୍ତ ହେବ । ବିଶ୍ୱ ଆଜି ମଣିଷ ପରି ମଣିଷମାନଙ୍କ ଆସିବା ବାଟକୁ ଚାହିଁ ବସିଛି । ସମୟକୁ ଅଳିକରୁଛି ଭଲ ମଣିଷ କିଛି ତାକୁ ଦେବାପାଇଁ । ସମୟର ଆହ୍ୱାନ ଭଲ ମଣିଷ ପାଇଁ ଅତ୍ୟନ୍ତ ଶାଣିତ ଓ ଅନୁଭବ୍ୟ । ଆଜି ପିଲାଟିକୁ ଭଲ କରି ଗଢ଼ିବାର ଅର୍ଥ ବିଶ୍ୱ ବିକାଶରେ ସହଯୋଗ କରିବା । ଏହି ସହଯୋଗ ଫଳରେ ମାନବ ଜାତିର ପ୍ରକୃତ ଅର୍ଥରେ ଐକ୍ୟ ଯାହା ଏଯାବତ୍ ପ୍ରତିଷ୍ଠିତ ହୋଇନାହିଁ ତାହା ପ୍ରତିଷ୍ଠିତ ହେବ । ଯେଉଁ ଯେଉଁ କଥା ଏହି ମାନବ ଏକତାକୁ କ୍ଷୁଣ୍ଣ କରୁଛି ତାହା ମଣିଷ ମନରୁ ଦୂରୀଭୂତ ହେଲେ ଏକତାର ସୌରରଶ୍ମି ବିଚ୍ଛୁରିତ ହେବ ।

ଆଜି ପୃଥିବୀର ରାଜନୈତିକ, ସାମାଜିକ, ଅର୍ଥନୈତିକ ଜୀବନର ପ୍ରଗତି ହୋଇଛି ଏଥିରେ ସନ୍ଦେହ ନାହିଁ । ସ୍ଥାନର ଦୂରତ୍ୱକୁ ଆଜି ଗମନାଗମନର ସୁବିଧା ହେତୁ ସହଜରେ ଓ ଅଳ୍ପ ସମୟ ମଧ୍ୟରେ ଅତିକ୍ରମ କରିହେଉଛି । ଗୋଟିଏ ଦେଶରେ ଯେଉଁ ଘଟଣା ଘଟୁଛି, ତା' ପର ମୁହୂର୍ତ୍ତରେ ଅନ୍ୟ ଦେଶରେ ତା'ର ପ୍ରତିକ୍ରିୟା ପ୍ରକାଶ ପାଉଛି । ଏସବୁ ସତ୍ତ୍ୱେ ମାନବ ଏକତା ଆସିନାହିଁ ବୋଲି ମୁକ୍ତ କଣ୍ଠରେ କହିବାକୁ ହେବ । ମଣିଷ ମନରୁ ହିଂସା, ଅଜ୍ଞାନତା, ମତାନ୍ତରରୁ ମନାନ୍ତର ତଥା ଅହଂକାର ଦୂର ନ ହେଲେ ସଚେତନତା ଆସିବ ନାହିଁ କି ପ୍ରକୃତ ଆଧ୍ୟାତ୍ମିକତା ଆସିବ ନାହିଁ । ଧାର୍ମିକତାରେ ନୁହେଁ ଆଧ୍ୟାତ୍ମିକତାରେ ହିଁ ମାନବ ଐକ୍ୟ ପ୍ରତିଷ୍ଠିତ ହେବ । ଆଧ୍ୟାତ୍ମିକତାରେ ମନ ପ୍ରଶସ୍ତ ହୁଏ, ଅନ୍ୟକୁ ସମ୍ମାନ ଦେବା ଓ ବୁଝିବାର ମାର୍ଗ ସହଜ ହୁଏ । ଏଯାବତ୍ ଅପ୍ରଚଳିତ ଓ ଆଗାମୀ କାଲି ପ୍ରଚଳିତ ହେବାକୁ ଥିବା ଏହି ସଚେତନ ଆଧ୍ୟାତ୍ମିକ ଜୀବନ ଆତ୍ମପ୍ରକାଶ କରିବ ଆଗାମୀ କାଲିର ନାଗରିକମାନଙ୍କ ମାଧ୍ୟମରେ ଯେଉଁମାନେକି ଆଜି ଶିଶୁ ହୋଇ ରହିଛନ୍ତି । ଅତଏବ ଆଜିର ସମୟ ହେଉଛି ଆଗାମୀ କାଲିର ପ୍ରସ୍ତୁତିପାଇଁ ଉପଯୁକ୍ତ ସମୟ । ଏହି ସମୟର ସଦ୍‌ବ୍ୟବହାର କରିବା ଅର୍ଥ ହେଉଛି ଶିଶୁମାନଙ୍କୁ ଏବଂ କିଶୋରମାନଙ୍କୁ ଉପଯୁକ୍ତ ଶିକ୍ଷା ଦେବା । ଏହି ଯଥାର୍ଥ ଶିକ୍ଷାଲାଗି ପିତାମାତା ତଥା ଅଭିଭାବକଙ୍କୁ ପ୍ରୟାସ ଓ ପ୍ରଯତ୍ନ କରିବାକୁ ହେବ । ଅଳସବିଳାସରେ ସମୟ ନକଟାଇ ଏ ଦିଗରେ ଧ୍ୟାନ ଦେବାକୁ ହେବ । ସେମାନେ ନିଜେ କଷ୍ଟ ସ୍ୱୀକାର କରି ପଢ଼ାଶୁଣା କରି ଆତ୍ମବିଶ୍ଳେଷଣ କରି ଆବଶ୍ୟକୀୟ ଜ୍ଞାନ ଆହରଣ କରିବା ଏକାନ୍ତ ଜରୁରୀ, ଏହା ଏକ ଗୁରୁ ଦାୟିତ୍ୱ । ଏ ଦାୟିତ୍ୱକୁ ଏଡ଼ାଇ ଦେବାର ଅର୍ଥ ପିଲାଙ୍କ ପ୍ରତି ଅନ୍ୟାୟ କରିବା । ସୁତରାଂ ସମାଜର କଲ୍ୟାଣ, ପରିବେଶର ସମୃଦ୍ଧିଶୀଳତା, ଦେଶର ପ୍ରଗତି ସର୍ବୋପରି ବିଶ୍ୱର ବିକାଶ ସବୁ କିଛି ନିର୍ଭରଶୀଳ ଆଜି ବିଶେଷତଃ ପିତାମାତାଙ୍କ ଉପରେ । ସେମାନେ ଉଦ୍ୟମକଲେ ଆଜିର ଶିଶୁ ଓ କିଶୋରମାନେ ଆସନ୍ତା କାଲିର ନାଗରିକ ହୋଇ ନିଜେ ହସି ଏଇ ବିଶ୍ୱ ଅଧରରେ ସ୍ମିତ ହାସ୍ୟର ମାଧୁରିମା ଭରିଦେବେ ।

❐❐

ସୁଖ ଓ ଆନନ୍ଦ

ହଜାର ହଜାର ଲୋକଙ୍କୁ ପଚାରିଲେ ସେଇ ଗୋଟିଏ ଉତ୍ତର ମିଳିବ ଯେ ସୁଖ ହେଉଛି ଜୀବନର ଲକ୍ଷ୍ୟ। ସୁଖ କ'ଣ ବୋଲି ପଚାରିଲେ ପାଖାପାଖି ସମାନ ଉତ୍ତର ମିଳିବ ଯେ ଭଲ ଖାଇବା, ଭଲ ପିନ୍ଧିବା ,ଅତ୍ୟାଧୁନିକ ଶୈଳୀରେ ନିର୍ମିତ ଘରେ ରହିବା, ବହୁ ବସ୍ତୁ ବ୍ୟବହାର କରିବା ଇତ୍ୟାଦି। ଏ ସବୁ କଥାର ମୂଳ ହେଉଛି ଅର୍ଥ। ଅର୍ଥ ଆଣିଦେବ ବସ୍ତୁ। ଆଉ ବସ୍ତୁ ଆଣିଦେବ ସୁଖସମ୍ଭୋଗ ଓ ବିଳାସ। ହଜାର ହଜାର ଲୋକଙ୍କର ଏଇ ମତ ଅମୂଳକ ନୁହେଁ କି ଅଯଥାର୍ଥ ନୁହେଁ ମାତ୍ର ଏହା ଅପୂର୍ଣ୍ଣ। ଏହା ହେଉଛି ବାହ୍ୟ ଜୀବନର ସମୃଦ୍ଧି। ଏଥି ସହିତ ଆନ୍ତଃଜୀବନର ବିକାଶ ସମନ୍ୱିତ ହେଲେ ଯେଉଁ ଜୀବନ ଆସେ ତାହା ହେଉଛି ପୂର୍ଣ୍ଣତାର ଜୀବନ। ଖାଦ୍ୟ, ବସ୍ତ୍ର, ବାସଗୃହ, ଔଷଧ, ଯଶ ପ୍ରଶଂସା ଓ ନିରାପତ୍ତା ସହିତ ବାହ୍ୟଜୀବନ ସଂପର୍କିତ ହେଲାବେଳେ ଶ୍ରଦ୍ଧା, ସ୍ନେହ, ଦୟା, କ୍ଷମା, ସମ୍ବେଦନଶୀଳତା, ସ୍ଥିତପ୍ରଜ୍ଞତା, ଆତ୍ମସନ୍ତୋଷ, ଆତ୍ମବିଶ୍ଳେଷଣ ଆନ୍ତର ଜୀବନ ସହ ସଂପର୍କିତ। ଉଭୟ ଜୀବନର ବିକାଶର ସମନ୍ୱୟରେ ବ୍ୟକ୍ତି ଜୀବନର ପୂର୍ଣ୍ଣତା ସମ୍ଭବ।

କେବଳ ବାହ୍ୟ ଜୀବନର ଉନ୍ନତିରେ ଗତିଥାଏ ମାତ୍ର ପ୍ରଗତି ନ ଥାଏ। କିଛି ସୁଖଥାଏ ଏବଂ ତା'ସହିତ କିଛି ଦୁଃଖ ମଧ୍ୟ ଥାଏ। ସୁଖ ଓ ଦୁଃଖ ପରସ୍ପର ଓତପ୍ରୋତ ଜଡିତ ହୋଇ ରହିଥାଆନ୍ତି ଫୁଲ ସହିତ ଡେମ୍ଫ ଲାଗି ରହିଲାପରି, କାୟା ସହିତ ଛାୟା ଲାଗି ରହିଲା ପରି। ସୁଖ ପାଇଁ କାମନା ବାସନା ବଢ଼େ, ବହୁ ବସ୍ତୁ, ଯଶ ପ୍ରଶଂସା ପ୍ରାପ୍ତିର ଲାଳସା ବଢେ। ଏହି ଲାଳସାର ପରିମାଣ ଉପରେ ଅପରିପୂର୍ତ୍ତି ଜନିତ ଦୁଃଖର ପରିମାଣ ନିର୍ଭର କରେ। ସୁଖର ଜୀବନରେ ଅଟକି ନ ଯାଇ ସୁଖର ଜୀବନ ସହ ଆନନ୍ଦର ଜୀବନକୁ ଯୋଡିବା ହିଁ ଜୀବନର ଯଥାର୍ଥ ଲକ୍ଷ୍ୟ।

ସୁଖ ଯାହା ଆନନ୍ଦ ତାହା ନୁହେଁ, ଅଲଗା, ଆମେ ଜାଣିନପାରି ସୁଖକୁ ଆନନ୍ଦ ଓ ଆନନ୍ଦକୁ ସୁଖ ବୋଲି କହୁ। ସୁଖ ହେଉଛି ଇନ୍ଦ୍ରିୟଗ୍ରାହ୍ୟ, ବିଶେଷତଃ ପଞ୍ଚଇନ୍ଦ୍ରିୟ ସୁଖାନୁଭବର ମାଧ୍ୟମ। ଇନ୍ଦ୍ରିୟ ଶକ୍ତିହୀନ ହୋଇଗଲେ ସୁଖାନୁଭବ କମିଯାଏ, ସୁଖର ଜୀବନ ଫିକା ପଡ଼ିଯାଏ। ମାତ୍ର ଆନନ୍ଦ ସେପରି ନୁହେଁ, ଏହା ସ୍ଥୂଳ ଇନ୍ଦ୍ରିୟ ଗ୍ରାହ୍ୟ ନୁହେଁ। ଏହା ଚେତନାଗ୍ରାହ୍ୟ। କବିମାନେ ସୁଖକୁ ଧୂଆଁ ସହିତ ତୁଳନା କରିଥାନ୍ତି। ସେମାନେ କଳ୍ପନା କରିଥାଆନ୍ତି ଯେ ଏହା ଆସେ ଯିବା ପାଇଁ, ଶୀଘ୍ର ଯିବା ପାଇଁ। ଏହା ବସ୍ତୁ ନୁହେଁ, ଅବସ୍ତୁ। ଅବସ୍ତୁ କହିବାର ଅର୍ଥ ଅସ୍ଥାୟୀ। ସୁଖ ଉପରସ୍ତରରେ ଥାଏ, ଭାସମାନ ଅବସ୍ଥାରେ ଥାଏ ମାତ୍ର ଆନନ୍ଦ ଗଭୀର ସ୍ତରରେ ଥାଏ, ଓଜନିଆ ଭାବରେ ଥାଏ।

ଏପରି କୁହାଯାଇପାରେ ଯେ ମୃତ୍ୟୁ ସହ ସୁଖର ଜୀବନ ସରିଯାଏ। ଇନ୍ଦ୍ରିୟ ନଷ୍ଟ ହୋଇଗଲେ ଇନ୍ଦ୍ରିୟ ସହ ଜଡ଼ିତ ସୁଖ ଦୁଃଖର ଅନୁଭବ, ସୁଖ ଭୋଗର ଲାଳସା, ସୁଖ ଜନିତ ଉଲ୍ଲାସ ଓ ଶିହରଣ ନଷ୍ଟ ହୋଇଯାଏ।

ମାତ୍ର ଆନନ୍ଦ ସେପରି ନୁହେଁ, ଯାହାର ଭିତ୍ତି ହେଉଛି ଆତ୍ମସନ୍ତୋଷ। ଏହାର ମଧୁମୟତା ମୃତ୍ୟୁ ପରେ ସୂକ୍ଷ୍ମ ଚେତନା ସହ ମିଶି ପରପାରକୁ ଯାଇଥାଏ ବୋଲି ଦାର୍ଶନିକମାନେ କହିଥାନ୍ତି। ସୁଖଠାରୁ ଆନନ୍ଦ ଅଧିକ ସୂକ୍ଷ୍ମ, ସ୍ଥାୟୀ ଓ ଫଳପ୍ରଦ। ସୁଖର ଜୀବନ ସଫଳ ଜୀବନ ହୋଇପାରେ ମାତ୍ର ପୂର୍ଣ୍ଣ ଜୀବନ ନୁହେଁ। ଜୀବନକୁ ପୂର୍ଣ୍ଣାଙ୍ଗ କରିବା ପାଇଁ ହେଲେ ଆନନ୍ଦ ଆବଶ୍ୟକ ଯାହା ମଣିଷ ପଣିଆରୁ ମିଳିଥାଏ।

ମୁଁ ଏପରି କହି ସୁଖର ଜୀବନର ବିରୋଧ କରୁନାହିଁ ମାତ୍ର ସେପରି ଜୀବନକୁ ପୂର୍ଣ୍ଣ ଜୀବନ ବୋଲି କହୁନାହିଁ। ଆଂଶିକ ଜୀବନ ବୋଲି କହୁଛି। ସୁଖର ଜୀବନ ମୁଖଶାଳା ହେଲେ ଆନନ୍ଦର ଜୀବନ ହେଉଛି ମନ୍ଦିର। ସୁଖର ଜୀବନକୁ ଅତିକ୍ରମ କରିବାକୁ ପଡ଼ିବ, ରୂପାନ୍ତର କରିବାକୁ ପଡିବ। ରୂପାନ୍ତରିତ ସୁଖ ହିଁ ଆନନ୍ଦ। 'ମୁଁ' ର ଜୀବନ, 'ମୁଁ' କେବଳ ଭଲରେ ରହିବି, 'ମୋର' ସବୁ ସୁବିଧା ହେବ, ସବୁ ଯଶ 'ମୁଁ' ପାଇବି, ସବୁ ପ୍ରଶଂସା 'ମୁଁ' ପାଇବି, ସବୁ ମଳୟ ପବନ କେବଳ 'ମୋ' ଝରକା ବାଟ ଦେଇ ମୋ ଘରକୁ ଆସିବ"- ଏପରି ଜୀବନ ସାମୟିକ ସୁଖ ଦେଇପାରେ ମାତ୍ର ଆନନ୍ଦ ଦେଇପାରିବ ନାହିଁ। ମୁଁ, ମୁଁ ସ୍ଥାନରେ 'ଆମେ' ଭାବର ବିଚାରଧାରା ଆନନ୍ଦ ଦେବାକୁ ସମର୍ଥ ହେବ। ମୁଁ ଭଲରେ ରହିବା ସହିତ ଅନ୍ୟମାନେ ଭଲରେ ରହନ୍ତୁ, ମୋର ସୁବିଧା ହେବା ସହିତ ଅନ୍ୟମାନଙ୍କର ମଧ୍ୟ ସୁବିଧା ହେଉ ଇତ୍ୟାଦି ଭାବନା ଆନନ୍ଦ ଦେଇପାରିବ। ଏଇ 'ଆମେ'ର ପରିସରରେ ରହିପାରନ୍ତି ବନ୍ଧୁବାନ୍ଧବ, ସାଇପଡ଼ିଶା, ନିଜ ଅଞ୍ଚଳର ଲୋକ, ନିଜ ରାଜ୍ୟ ତଥା ଦେଶର ଲୋକମାନେ।

ଆତ୍ମକୈନ୍ଦ୍ରିକତା ହେଉଛି ସାମୟିକ ସୁଖର ଭିତ୍ତି ଓ ଦୁଃଖର ଅସଲ କାରଣ। ଆତ୍ମପ୍ରସାରଣ ହେଉଛି ଆନନ୍ଦର ଭିତ୍ତି ଓ ଆତ୍ମସନ୍ତୋଷର କାରଣ। 'ଆମେ' ଭାବ ହିଁ ଆତ୍ମପ୍ରସାରଣର ପୁଞ୍ଜି, 'ଆମେ' ଭାବ ଆମ ଭିତରେ ଯେତେ ପରିମାଣରେ ଆସିବ, ଆମଭିତରୁ ସେତେ ପରିମାଣରେ ଲୋଭ, କ୍ରୋଧ, ଈର୍ଷା, ହିଂସା, ଛଳନା, ପ୍ରତାରଣାର ସମେତ ବହୁ ବଦ୍‌ଗୁଣ କମିବ। ସେତେବେଳେ ଆମେ ବୁଝିପାରିବା ଯେ ଅନ୍ୟପ୍ରତି କ୍ରୋଧ, ଈର୍ଷା, ହିଂସା, ଛଳନା ପ୍ରଭୃତି ଦ୍ୱାରା ଅନ୍ୟର ଯେତିକି କ୍ଷତି ହୁଏ, ଆମରି ତାହା ଅପେକ୍ଷା ଅଧିକ କ୍ଷତି ହୁଏ। ପାରସ୍ପରିକ ଅନୁମୋଦନ ଓ ସହନଶୀଳତା ହେଉଛି ଦୁଇଟି ଭଗବତ୍ ସଦ୍‌ଗୁଣ ଯାହାଦ୍ୱାରା ଆତ୍ମପ୍ରସାରଣ ବହୁ ଭାବରେ ସମ୍ଭବ ହୋଇଥାଏ ଓ 'ଆମେ' ଭାବଟି ସ୍ଥାୟୀ ହୋଇ ରହିପାରେ।

ଏକଥା କହିବା ଦ୍ୱାରା ମୁଁ କହୁନାହିଁ ଯେ ମଣିଷ ମଣିଷ ଭିତରେ ମତାମତର ଭିନ୍ନତା ରହିବ ନାହିଁ। ନିଜର ବିଚାର ବୁଦ୍ଧି ଅନୁସାରେ ମତଟିଏ ପ୍ରଦାନ କରିବାର ସ୍ୱାଧୀନତା ପ୍ରତ୍ୟେକଙ୍କର ରହିବା ଉଚିତ୍। ମୋ ବିଚାରରେ ଏଥିସହିତ ଭିନ୍ନ ଭିନ୍ନ ମତ ପାଇଁ ପାରସ୍ପରିକ ସମ୍ମାନବୋଧ ଏକାନ୍ତ କାମ୍ୟ। ଆତ୍ମବିସ୍ତାର ଭାବ ଦ୍ୱାରା ନିଜକୁ ନିଜ ଆୟତ୍ତରେ ରଖିହେବ ଅର୍ଥାତ୍ କ୍ରୋଧ, ଲୋଭ, ଈର୍ଷା, ହିଂସା ସମେତ ବହୁ ବଦ୍‌ଗୁଣ କ୍ରମଶଃ ଆୟତ୍ତକୁ ଆମର ଆସିଯିବେ। ବଦ୍‌ଗୁଣ ସବୁକୁ ଦୂର କରିବା ପାଇଁ ଔଷଧ ଏ ପର୍ଯ୍ୟନ୍ତ ଆବିଷ୍କୃତ ହୋଇନାହିଁ। ସଚେତନତା ଓ ଆତ୍ମପ୍ରସାରଣ ହିଁ ଏଥିପାଇଁ ଅସଲ ଔଷଧ। ଅଭ୍ୟାସର ଅନୁପାତ ଦ୍ୱାରା ଏହି ଔଷଧ ପ୍ରୟୋଗ କଲେ, ଏଥିରୁ ଯଥାର୍ଥ ଉପକାର ମିଳିବ। ବାହ୍ୟ ଜୀବନର ସଫଳତା ଓ ଅନ୍ତଃ ଜୀବନର ସୁସ୍ଥତାର ମିଶ୍ରଣରେ ଯେଉଁ ଜୀବନ ନିର୍ମିତ ହେବ ତାହା ହେଉଛି ପୂର୍ଣ୍ଣତାର ଜୀବନ ଓ ଆନନ୍ଦର ଜୀବନ। ସେଇ ଜୀବନର ଆଗମନ ପାଇଁ ଅଭିନନ୍ଦନିକା ଆଗପରି ଜଣେ ଜଣେ ନୁହେଁ ଆଜିଠାରୁ ସମସ୍ତେ ମିଶି ଗାଇବା।

❐❐

ବ୍ୟକ୍ତି ଓ ବିଶ୍ୱ ପ୍ରକୃତି

ପ୍ରକୃତି ହେଉଛି ଭଗବାନଙ୍କର ବାହ୍ୟତମ ବ୍ୟାବହାରିକ ରୂପ । ସେ ବିଶ୍ୱବିଧାତାଙ୍କର ଅଭିଳାଷକୁ ପୂର୍ଣ୍ଣ କରିବା ନିମନ୍ତେ ଅହରହ କ୍ରିୟାରତ। ବିଶ୍ୱନିୟନ୍ତାଙ୍କର ଏକ ବିରାଟ ଦାୟିତ୍ୱ ସେ ବହନ କରିଚାଲିଛି। ତା'ର କ୍ଲାନ୍ତି ନାହିଁ କି ବିରକ୍ତି ନାହିଁ । ଅସୀମ ଧୈର୍ଯ୍ୟର ସହ ସେ ଆଗକୁ ଯିବାକୁ ପ୍ରୟାସ କରୁଛି । ଆମ ମନରେ ପ୍ରଶ୍ନ ଆସିବ ଯେ ସେହି ଦାୟିତ୍ୱଟି କି ପ୍ରକାର ଦାୟିତ୍ୱ। ଉତ୍ତରରେ କୁହାଯାଇ ପାରିବ ଯେ ଭଗବାନଙ୍କର ପୂର୍ଣ୍ଣପ୍ରକଟନ ହିଁ ସେ ଦାୟିତ୍ୱର ଅନ୍ତର୍ଭୁକ୍ତ। ପୂର୍ଣ୍ଣ ପ୍ରକଟନ ଅର୍ଥ ସୃଷ୍ଟି ଓ ସ୍ରଷ୍ଟାଙ୍କୁ ଏକାକାର କରାଇବା। ଭଗବାନଙ୍କର ରୂପ,ରସ,ଗନ୍ଧ, ଛନ୍ଦ,ସବୁ କିଛିକୁ ପରିପୂର୍ଣ୍ଣ ଭାବରେ ଏହି ସୃଷ୍ଟିରେ ପ୍ରମୂର୍ତ୍ତ କରାଇବା, ଏଥି ନିମନ୍ତେ ନିରଳସ ଭାବରେ ସୃଷ୍ଟିର ସର୍ଜନାକାଳରୁ ପ୍ରକୃତି କ୍ରିୟାଶୀଳ ହୋଇ ରହିଛି।

ଭଗବାନଙ୍କର ମଧୁର ହସକୁ ଫୁଟାଇବା ପାଇଁ ପ୍ରକୃତି ଫୁଲମାନଙ୍କୁ ଫୁଟାଉଛି। ଫୁଲର ହସ ଭଗବାନଙ୍କର ହସ ସହିତ ସମକକ୍ଷ ହୋଇ ପାରୁ ନାହିଁ ବୋଲି ତାକୁ ମଉଳାଇ ଦେଇ ପୁଣି ନୂଆ ଫୁଲ ଫୁଟାଉଛି। ପ୍ରୟାସ ଓ ପ୍ରଚେଷ୍ଟାରୁ ସେ ବିରତ ହୋଇନାହିଁ। କେତେକେତେ ସୁବାସ ସେ ଭରି ଦେଇଛି ଫୁଲର ପାଖୁଡ଼ାରେ, ଫୁଲର କେସରରେ। ଭଗବାନଙ୍କର ତନୁର ସୁବାସକୁ ପ୍ରକଟକରାଇବା ପାଇଁ ପ୍ରକୃତିର ଏହି ପ୍ରୟାସ ନିରନ୍ତର ଜାରି ରହିଛି। ସେହି ସୁବାସ ପ୍ରକଟ ନ ହେଲା ପର୍ଯ୍ୟନ୍ତ ଏହି ପ୍ରୟାସ ଚାଲୁ ରହିବ ଓ ପ୍ରତିଦିନ ନୂଆନୂଆ ଫୁଲ ଫୁଟୁଥିବ। ବନ ଫୁଲର ବାସ ଓ ଉପବନ ଫୁଲର ବାସକୁ ନେଇ କେତେ ପରୀକ୍ଷା ନିରୀକ୍ଷା ପ୍ରକୃତି କରି ଚାଲିଛି, ତାହା ଅନୁମାନ କଲେ ବିସ୍ମିତ ହେବାକୁ ପଡେ।

ମାଟି ହୋଇ କେତେ ସହନଶୀଳା ହୋଇଛି ପ୍ରକୃତି, ପବନ ହୋଇ କେତେ ପ୍ରବହମାନ ହୋଇଛି। ଜଳ ହୋଇ କେତେ ପାଳନ କରିଛି ସଭିଙ୍କୁ। ଆଲୋକ ହୋଇ କେତେ ଜୀବନ ଶକ୍ତି ଭରି ଦେଇଛି ସବୁଠାରେ। ଜୀବ ପାଇଁ ଅମ୍ଳଜାନ ଯୋଗାଇ ଦେଇଛି ପୁଣି ଗଛପତ୍ର ପାଇଁ ଅଙ୍ଗାରକାମ୍ଳ ଯୋଗାଇ ଦେଇଛି, ମେଘ ହୋଇ ଜଳ ଦେଇଛି ତ ସୂର୍ଯ୍ୟଚନ୍ଦ୍ର ହୋଇ ଆଲୋକ ପ୍ରଦାନ କରୁଛି। ସୃଷ୍ଟିର ସୁରକ୍ଷା ପାଇଁ ଅହରହ ତା'ର ପ୍ରଯତ୍ନକୁ ନିରେଖି ଦେଖିଲେ, ତା'ପାଦ ତଳେ ଆଭୂମପ୍ରଣାମ ନିମନ୍ତେ ମଥା ସ୍ୱତଃ ନଇଁପଡ଼େ। ସଭିଙ୍କୁ କେତେ ଭଲ ପାଇବାର ଗନ୍ତାଘର ଏ ପ୍ରକୃତି, ତାହା ଭାବିଲେ ମନରେ ଭାବାନ୍ତର ଆସେ।

କେବଳ ସୁରକ୍ଷା ନୁହେଁ ପୃଥିବୀକୁ ସ୍ୱର୍ଗ କରିବା ପାଇଁ, ଦେବତାଙ୍କର ଲୀଳାନଗରୀ କରିବା ପାଇଁ ପ୍ରକୃତିର ପବିତ୍ର ପ୍ରୟାସ ଅତୁଟ ରହିଛି। ଏହି ବିରାଟ କାର୍ଯ୍ୟରେ ସେ ସହାୟତା ଲୋଡୁଛି ମାନବ ସନ୍ତାନମାନଙ୍କର, ତା'ର ଅନେକ ଆଶା, ଆସ୍ଥା, ବିଶ୍ୱାସ ଓ ଭରସା ଅଛି ମାନବ ଶିଶୁ ଉପରେ। ମାନବ ତା'ର ଶ୍ରେଷ୍ଠ ସୃଷ୍ଟି ଓ ତା'ଦୃଷ୍ଟିରେ ଅପୂର୍ବ ସାମର୍ଥ୍ୟର ଅଧିକାରୀ। ମାତ୍ର ବିଡମ୍ବନାର ବିଷୟ ଏହି ଯେ ମାନବ ଶିଶୁ ଏହି ବିଶ୍ୱାସ ଓ ଭରସାର ପାତ୍ର ହୋଇପାରୁ ନାହିଁ। ସେ ସହଯୋଗ ତ କରୁନାହିଁ, ବରଂ ଅସହଯୋଗ କରିବାକୁ ଆଗେଇ ଆସୁଛି। ପ୍ରକୃତି ଉପରେ

ନାନା ପ୍ରକାରର ଅତ୍ୟାଚାର କରୁଛି ଏବଂ ପ୍ରକୃତିର ବିମଳ ପ୍ରୟାସକୁ ପଣ୍ଡ କରିଦେବାରେ ପ୍ରମୁଖ ଭୂମିକା ଗ୍ରହଣ କରୁଛି। ଧ୍ୱଂସ କରିଦେବାକୁ, ନଷ୍ଟ କରିଦେବାକୁ ସେ ବୀରତ୍ୱ ବୋଲି ବିଚାର କରୁଛି। କେମିତି ଓ କେଉଁଠି ଏ ଭାବନା ମାନବ ଶିଶୁ ଭିତରେ ସୃଷ୍ଟି ହେଉଛି, ତାହା ଭାବିଲେ ଆଶ୍ଚର୍ଯ୍ୟ ଲାଗୁଛି। ଭାଙ୍ଗିଦେବାର ମାନସିକତା ଏକ ସଇତାନୀ ବୁଦ୍ଧିରୁ ଆସୁଛି। ଏଇ ସଇତାନୀ ବୁଦ୍ଧିର ମୂଳ ରହିଛି ଅହଂରେ। ସମସ୍ତ ପ୍ରକାର ନକାରାତ୍ମକତାର ମୂଳ ହେଉଛି ଅହଂ। ନିଜକୁ ଜାହିର କରିବାର ମନୋବୃତ୍ତି ତା'ଭିତରେ ଲୁଚି ରହିଛି। ପ୍ରକୃତି ଉପରେ ଆଧିପତ୍ୟ ବିସ୍ତାର ପୂର୍ବକ ପ୍ରକୃତିକୁ ହାତମୁଠାରେ ରଖିବାର ପ୍ରଚେଷ୍ଟା ମଣିଷକୁ ରାକ୍ଷସ କରିପକାଉଛି। ପ୍ରକୃତିର ବିରୋଧରେ ଯାଇ ସେ ଜାଣିପାରୁ ନାହିଁ ନିଜର କ୍ଷତି କରୁଛି ବୋଲି। ସେ ନିଜେ ନିଜର ଓ ସମଗ୍ର ବିଶ୍ୱର ଶତ୍ରୁ ସାଜୁଛି, ଜାଣିପାରୁ ନାହିଁ। 'ଯୁଦ୍ଧଂ ଦେହି' ଆହ୍ୱାନରେ ମାଟି, ପାଣି, ପବନ, ଗଛପତ୍ର, ପଶୁପକ୍ଷୀ, ସୂର୍ଯ୍ୟଚନ୍ଦ୍ର, ଗ୍ରହ ତାରା କେହି ସମ୍ମତି ପ୍ରକାଶ କରନ୍ତି ନାହିଁ, କେବଳ ମାନବ ପ୍ରଜାତି କରିଥାଏ। ଭ୍ରମ ବଶତଃ ମଣିଷ ଭାବେ ଯେ ଏହା ହେଉଛି ପ୍ରଗତିର ଚିହ୍ନ ଓ ଶାନ୍ତିର ଦ୍ୟୋତକ, ସୁଖରେ କାଳାତିପାତ କରିବାର ବଡ଼ ଅସ୍ତ୍ର ଓ ମାଧ୍ୟମ।

ଟିକିଏ ନିରେଖି ଦେଖିଲେ ବୁଝିହେବ ଯେ ମଣିଷ ସବୁ ଜାଣି ମଧ୍ୟ ଜାଣୁନାହିଁ, ବୁଝି ମଧ୍ୟ ବୁଝୁନାହିଁ। ମନର ଏଇ ଅବସ୍ଥା ପାଇଁ ଔଷଧ ବା କାହିଁ? ନିଜେ ନବୁଝିଲେ କିଏ ବା ବୁଝାଇବ-ଏ ତ ଏକ ବିରାଟ ସମସ୍ୟା। ମଣିଷ ମନରେ ଦୟା, ସ୍ନେହ କି ଶ୍ରଦ୍ଧା ନାହିଁ ବିଶ୍ୱ ପ୍ରକୃତି ପାଇଁ କି ବିଶ୍ୱ ପାଇଁ। ସ୍ୱାମୀ ବିବେକାନନ୍ଦ ସେଦିନ ମର୍ମାହତ ହୋଇଥିଲେ ଏଇ ଶ୍ରଦ୍ଧାର ଅଭାବ ଦେଖି। ସେ ହତବାକ୍ ହୋଇଥିଲେ ଆଉ କହିଥିଲେ ଯେ ମଣିଷ ମନରେ ବିଶ୍ୱପ୍ରକୃତି ଏବଂ ବିଶ୍ୱପାଇଁ ଶ୍ରଦ୍ଧା ନଆସିଲା ପର୍ଯ୍ୟନ୍ତ କିଛି ଯଥାର୍ଥ ଅଗ୍ରଗତି ଘଟିବ ନାହିଁ। ଶ୍ରଦ୍ଧା ଏପରି ଏକ ଶବ୍ଦ ଯାହାର ଇଂରାଜୀ ପ୍ରତିଶବ୍ଦ ନାହିଁ ବୋଲି ସେ କହିଥିଲେ।

ସଭ୍ୟତାର ପ୍ରଗତିରେ ପରିପନ୍ଥୀ ନୁହେଁ ଶ୍ରଦ୍ଧା। ଶ୍ରଦ୍ଧା ରହିଲେ ସଭ୍ୟତାର ପ୍ରଗତି ହେବ ବରଂ ଅଧିକରୁ ଅଧିକ ହେବ କହିଲେ ଅତ୍ୟୁକ୍ତି ହେବନାହିଁ। ଶ୍ରଦ୍ଧାରୁ ଭକ୍ତି, ଜ୍ଞାନ, ବିଶ୍ୱାସ ଓ ଆତ୍ମୀୟତାର ସୃଷ୍ଟି। ଗୋଟିଏ ବାକ୍ୟରେ କୁହାଯାଇପାରିବ ଯେ ଶ୍ରଦ୍ଧା ହିଁ ସମସ୍ତ ସକାରାତ୍ମକତାର ଚାବିକାଠି।

ଶ୍ରଦ୍ଧାର ଆରମ୍ଭ ହେବ ଜଣରୁ, ସଞ୍ଚରିଯିବ ଗଣ ପର୍ଯ୍ୟନ୍ତ। ବିନ୍ଦୁରୁ ଆରମ୍ଭ ହୋଇ ସିନ୍ଧୁର ପରିକଳ୍ପନା। ବିନ୍ଦୁ ବଢ଼ି ବଢ଼ି ସିନ୍ଧୁରେ ରୂପାନ୍ତରିତ ହେବ। ବିନ୍ଦୁ ନାହିଁ ତ ସିନ୍ଧୁ ନାହିଁ। ଏଥିରୁ ବୁଝିହେବ ଯେ ସିନ୍ଧୁ ପାଇଁ ବିନ୍ଦୁର ମହତ୍ତ୍ୱ କେତେ ଅଧିକ।

ଅତୀତରେ ସିନ୍ଧୁ ଉପରେ ଅର୍ଥାତ୍ ଗଣ ଉପରେ ଅର୍ଥାତ୍ ସମାଜ ଉପରେ ଗୁରୁତ୍ୱ ପ୍ରଦାନ କରାଯାଇଥିଲା। ସଂପ୍ରତି ବିନ୍ଦୁ ଉପରେ ଅର୍ଥାତ୍ ବ୍ୟକ୍ତି ଉପରେ ଗୁରୁତ୍ୱ ଦିଆଯାଉଛି। 'ସମାଜ ଠାରୁ ବ୍ୟକ୍ତି ବଡ଼'- ଏକଥା ବର୍ତ୍ତମାନ ସ୍ୱୀକୃତ ହେଲାଣି। ବାସ୍ତବରେ ବ୍ୟକ୍ତି ଯଥାର୍ଥରେ ବ୍ୟକ୍ତିତ୍ୱସଂପନ୍ନ ହେଲେ ସମାଜ ଆପେ ଆପେ ଦୃଢ଼ ହେବ।

ବର୍ତ୍ତମାନ ବୁଝିବାର ସମୟ ଆସିଛି। ସମାଜକୁ ବା ଅନ୍ୟମାନଙ୍କୁ ଦୋଷ ଦେବାର ସମୟ ଆଉ ନାହିଁ। ଏହି ପରିପ୍ରେକ୍ଷୀରେ ମହାଯୋଗୀ ଶ୍ରୀଅରବିନ୍ଦଙ୍କ ଉକ୍ତି ସ୍ମରଣକୁ ଆସେ ଯେ "One man's perfection still can save the whole world"। ଗୋଟିଏ ବ୍ୟକ୍ତି ବୋଲି ସେ ହେୟ ନୁହେଁ, ସାମାନ୍ୟ ନୁହେଁ। ଗୋଟିଏ ବୈଜ୍ଞାନିକର ଉଦ୍ଭାବନରେ କୋଟି କୋଟି ଲୋକ ଉପକୃତ ହୁଅନ୍ତି। ଗୋଟିଏ ଗୁରୁଙ୍କ ଶକ୍ତିରେ କୋଟି କୋଟି ଶିଷ୍ୟ ଚେତନାରେ ଅଗ୍ରଗତି କରନ୍ତି। ଗୋଟିଏ ମଞ୍ଜିର ଗଛରୁ କୋଟି କୋଟି ଗଛର ମଞ୍ଜି ସମ୍ଭବ ହୋଇପାରେ। ବ୍ୟକ୍ତି ଭିତରେ ସକାରାତ୍ମକ ଚେତନା ଓ ସଯତ୍ନ ପ୍ରୟାସ ଆସିଲେ ବିଶ୍ୱ ପ୍ରକୃତି ଦ୍ୱାରା ତ୍ୱରାନ୍ୱିତ ହୋଇଯିବ ବିଶ୍ୱର ବିକାଶ। ବିଶ୍ୱନିୟନ୍ତାଙ୍କର ଶକ୍ତିରେ ଏହି ବିକାଶ ବହୁଗୁଣିତ ହୋଇଯିବ ଏବଂ ଏଇ ବିଶ୍ୱ ହୋଇଯିବ ଦିବ୍ୟ ଚେତନାର କ୍ରୀଡ଼ାଶିବିର।

❐❐

ଶିକ୍ଷା ଓ ମୂଲ୍ୟବୋଧ

ଶିକ୍ଷାର ଦୁଇଗୋଟି ଦିଗ ରହିଛି।ଗୋଟିଏ ହେଉଛି ଜୀବିକା ଅର୍ଜନ ଏବଂ ଅନ୍ୟଟି ହେଉଛି ଚରିତ୍ର ଗଠନ। ଚରିତ୍ର ଗଠନର ଅର୍ଥ ସାଧୁ ସନ୍ୟାସୀ ହୋଇଯିବା ନୁହେଁ ବରଂ ଅର୍ଜନ କରାଯାଇଥିବା ଜ୍ଞାନର ଯଥାର୍ଥ ପ୍ରୟୋଗ କରିବା। ସମ୍ବାଦ ସଂଗ୍ରହ ଯାହା, ଜ୍ଞାନ ଅର୍ଜନ ତାହା ନୁହେଁ। ସମ୍ବାଦ ସଂଗ୍ରହର ଭିତ୍ତିରେ ଜୀବନ ଓ ଜଗତ ସମ୍ବନ୍ଧରେ ଯେଉଁ ଚିନ୍ତା ଓ ଚେତନା ଜାଗ୍ରତ ହୁଏ, ତାହା ହେଉଛି ଜ୍ଞାନ। ସମ୍ବାଦ ସଂଗ୍ରହ କେବଳ ପାଠ୍ୟକ୍ରମ ଶ୍ରେଣୀଗୃହରେ ହୁଏ ନାହିଁ। ଏଥିସହିତ ପରଂପରାରୁ ମାଧ୍ୟମରେ ନିଜର ଅଭିଜ୍ଞତାରୁ, ଅନ୍ୟମାନଙ୍କର ଅନୁଭବରୁ ସଂଗଠିତ ହେବା ସହିତ ନିଜର ଅଭିଜ୍ଞତା ଗୁରୁହୋଇ ବହୁ ଶିକ୍ଷା ଦେଇଥାଏ, ଯଥାର୍ଥରେ ଉପଯୁକ୍ତ ମାର୍ଗ ଦର୍ଶନ କରିଥାଏ। ତେଣୁ ତ କୁହାଯାଏ 'ମଣିଷ ଠିକିଲେ ଶିଖେ, ଅନ୍ଧ ଥରେ ବାଡ଼ି ହଜାଏ'। ଅନ୍ୟମାନଙ୍କର ଉପଦେଶ ଓ ଉଦାହରଣ ଶିକ୍ଷା ଦିଗରେ ଗୁରୁତ୍ୱପୂର୍ଣ୍ଣ ଭୁମିକା ନେଇଥାଏ। ତେବେ ଉପଦେଶଠାରୁ ଉଦାହରଣ ଅଧିକ ଭାବରେ ଫଳପ୍ରଦ ହୋଇଥାଏ। ଶିକ୍ଷା ଦିଗରେ ଶାସ୍ତ୍ର ଓ କାଳ (ସମୟ)ର ଅବଦାନ ମଧ୍ୟ ଯଥେଷ୍ଟ ଅଧିକ। ମୋଟ ଉପରେ ଶିକ୍ଷା କହିଲେ କେବଳ ବହିପଢା, ବହିପାଠର ସ୍ମରଣ, ପରୀକ୍ଷା, ପ୍ରମାଣ ପତ୍ର(ସାର୍ଟିଫିକେଟ) ନୁହେଁ,ଏହାସହିତ ଅମ୍ବିଶ୍ଳେଷଣ, ଜୀବନର ଅନୁଶୀଳନ, ପରିବେଶର ଅନୁଧ୍ୟାନ, ଅନ୍ୟଠାରୁ ଭଲ କଥା ଗ୍ରହଣ ଇତ୍ୟାଦି ସମନ୍ୱିତ ହେବା ଆବଶ୍ୟକ। ଡ଼ିଗ୍ରୀର ପରିମାଣ ଉପରେ ଶିକ୍ଷା ନିର୍ଭର କରେ ନାହିଁ, ବରଂ ଜିଜ୍ଞାସାର ପରିମାଣ ଉପରେ ଶିକ୍ଷା ନିର୍ଭର କରେ। ଜିଜ୍ଞାସାର ଅର୍ଥ କେବଳ ଜାଣିବାର ଇଚ୍ଛା ନୁହେଁ, ଏଥି ସହିତ ବୁଝିବାର ଇଚ୍ଛା ଓ ପ୍ରୟୋଗ କରିବାର ଇଚ୍ଛା ସଂଯୁକ୍ତ। ଜାଣିବାର ଇଚ୍ଛା ସ୍ଥାନିତ ହୁଏ ଉଦାହରଣ ଓ ଚେତନାର ଉତ୍ତରଣର ଭିତ୍ତିରେ। ଆଉ ପ୍ରୟୋଗ କରିବାର ଇଚ୍ଛା ଉପସ୍ଥାପିତ ହୋଇଥାଏ ସ୍ଥାନ, କାଳ ଓ ପାତ୍ରର ଭିତ୍ତିରେ। ଏଇ ତିନିକଥା ଅଭ୍ୟାସର ଭିତ୍ତିଉପରେ ପ୍ରତିଷ୍ଠିତ ହୋଇଥାଏ।

ଜୀବିକା ଅର୍ଜନ ମୂଲ୍ୟ ଉପରେ ଗୁରୁତ୍ୱ ଦେଲାବେଳେ ଚରିତ୍ର ଗଠନ ମୂଲ୍ୟବୋଧ ଉପରେ ଗୁରୁତ୍ୱ ଦେଇଥାଏ। ଜୀବନ ବଞ୍ଚିବା ପାଇଁ ମୂଲ୍ୟ ଦରକାର ଏବଂ ଜୀବନ ବଢିବା ପାଇଁ ମୂଲ୍ୟବୋଧ ଦରକାର। ବଞ୍ଚିବା ଓ ବଢିବା ଉଭୟର ସମାବେଶରେ ଜୀବନର ସାର୍ଥକତା ଆସେ।

ଆଜି କାଲିର ଶିକ୍ଷାଧାରାରେ ବଞ୍ଚିବାର କଥାଟି ଅଛି ମାତ୍ର ବଢିବାର କଥାଟି ବିଶେଷ ଭାବରେ ନାହିଁ। ମୂଲ୍ୟରେ ଡ଼ିଗ୍ରୀର ମାପ ହଉଅଛି, ଜୀବନର ମାପ ହେଉଅଛି। ମୂଲ୍ୟଦ୍ୱାରା ଜୀବନର ଏକ ଅଂଶ ମାତ୍ର ମାପି ହେଉଛି, ସବୁ ଅଂଶ ମାପିହେଉ ନାହିଁ- ଏକଥା ବୁଝାପଡୁ ନାହିଁ। ତେଲ ଲୁଣର ଜୀବନଟିକୁ ମୂଲ୍ୟଦ୍ୱାରା ମାପି ହେଉଛି ସତ ମାତ୍ର ଜୀବନର ଅନ୍ୟ ଦିଗଗୁଡ଼ିକ ଅଣଦେଖା ହୋଇ ରହିଯାଉଛି। ତେଲ ଲୁଣର ଜୀବନ ହେଉଛି ବ୍ୟକ୍ତିଗତ ଜୀବନ, ଏହା ବ୍ୟତୀତ ଆମର ରହିଛି ସାମାଜିକ ଜୀବନ, ରାଷ୍ଟ୍ରୀୟ ଜୀବନ ଏବଂ ଆନ୍ତର୍ଜାତିକ

ଜୀବନ ମୂଲ୍ୟବୋଧ ଭିତ୍ତିରେ ଏଇ ତିନିଗୋଟି ଜୀବନ ଅଧିକରୁ ଅଧିକ ପ୍ରତିଷ୍ଠିତ ହୋଇଥାଏ। ସମାଜ ଦ୍ୱାରା ମୁଁ ଯେତିକି ଉପକୃତ ହୋଇଛି, ସମାଜ ମୋ ଦ୍ୱାରା: ତହିଁରୁ ଅଧିକ ଉପକୃତ ହେଉ'-ଏହି ଚିନ୍ତାଧାରାର ଜୀବନ ହିଁ ସୁସ୍ଥ ସମାଜିକ ଜୀବନର ପ୍ରତୀକ। ସମାଜକୁ ବହୁତ କିଛି (ଯେତେବେଶୀ ସମ୍ଭବ) ଦେଇ ଦେବାର ମାନସିକତା ହି ସୁସ୍ଥ ସାମାଜିକ ଜୀବନର ମାନଦଣ୍ଡ। ରାଷ୍ଟ୍ରୀୟ ଜୀବନ କହିଲେ ରାଜନୀତିରେ ଯୋଗଦେବା କଥା ଏଠାରେ କୁହାଯାଉନାହିଁ। ରାଷ୍ଟ୍ରୀୟ ଜୀବନର ମାନଦଣ୍ଡ ହେଉଛି ଦେଶାତ୍ମବୋଧର ମନୋବୃତ୍ତି। 'ଏ ରାଷ୍ଟ୍ର ମୋର, ମୁଁ ଏ ରାଷ୍ଟ୍ରର'-ଏହି ଭାବ ହିଁ ରାଷ୍ଟ୍ରୀୟ ଜୀବନର ମୂଳକଥା। ବିଶ୍ୱ ନାଗରିକତ୍ୱ ହିଁ ଆନ୍ତର୍ଜାତିକ ଜୀବନର ମୂଳମନ୍ତ୍ର। ନିଜର ସଂସ୍କୃତିକୁ ଭୁଲି 'ମୁଁ ଏଇ ବିଶ୍ୱର, ମୁଁ ଏଇ ବିଶ୍ୱର' କହି ବୁଲିବା ବିଶ୍ୱ ନାଗରିକତ୍ୱ ନୁହେଁ। ବରଂ ନିଜମାଟିରେ ଦୃଢ଼ରେ ଠିଆ ହୋଇ ଚାରି ଦିଗରୁ ଭଲ ଭଲ କଥା ସଂଗ୍ରହ କରି ନିଜକୁ ସମୃଦ୍ଧ କରିବାର ମନୋଭାବ ହିଁ ବିଶ୍ୱ ନାଗରିକତ୍ୱର ପ୍ରମୁଖ ଲକ୍ଷଣ । ଏହା ପ୍ରତ୍ୟେକ ଦେଶ ପାଇଁ ପ୍ରଯୁଜ୍ୟ। ଉଦାହରଣ ସ୍ୱରୂପ ଭାରତୀୟଟିଏ ଭାରତମାଟିରେ ଦୃଢ଼ରେ ଠିଆ ହୋଇ ଅନ୍ୟ ଆଡୁ ଭଲ ଭଲ କଥା ଆହରଣ କରିବାର ମନୋବୃତ୍ତିରେ ବିଶ୍ୱନାଗରିକତ୍ୱ ନିହିତ ରହିଛି। ସେହିପରି ଫରାସୀଟିଏ ଫ୍ରାନ୍ସ ମାଟିରେ ଦୃଢ଼ରେ ଛିଡ଼ା ହୋଇ ଅନ୍ୟଆଡୁ ଭଲକଥା ସଂଗ୍ରହ କରି ନିଜକୁ ଋଦ୍ଧିମନ୍ତ କରିବାର ଚେତନା ହିଁ ଜଗତୀକରଣର ଅସଲ ମନ୍ତ୍ର।

ନିଜଠାରୁ ନିଜକୁ ସାନ ବା ବଡ଼ ମନେ ନକରିବା, ପରିବାରରେ ସାନମାନଙ୍କୁ ଶ୍ରଦ୍ଧା ଓ ବଡ଼ମାନଙ୍କୁ ସମ୍ମାନ ଜଣାଇବା, ସମାଜରେ ପରସ୍ପର ସହିତ ସୁସଂପର୍କ ରଖିବା, ଆମ ଦେଶର ସମୃଦ୍ଧି ଓ ସମ୍ମାନ ବୃଦ୍ଧିରେ ଜାଗ୍ରତ ଯବାନ ପରି ସଦାସଚେତନ ରହିବା, ଆମ ବିଶ୍ୱ ବାରୁଦଗନ୍ଧରୁ ମୁକ୍ତ ହୋଇ ଭ୍ରାତୃତ୍ୱର ଫୁଲବାସରେ ଯୁକ୍ତ ହେଉ ବୋଲି ଅତିକମ୍ରେ ପ୍ରବଳ ଶୁଭେଚ୍ଛା ରଖିବା ଇତ୍ୟାଦି ଇତ୍ୟାଦି ମାନସିକତା ଆଜିର ପ୍ରାଥମିକ ଆବଶ୍ୟକତା। ଏଇ ମୂଲ୍ୟବୋଧର କଥା ଯେ କେବଳ ଆମ ପାଇଁ ଆବଶ୍ୟକ ତା'ନୁହେଁ, ସାରା ପୃଥିବୀର ପ୍ରତ୍ୟେକ ଦେଶର ପ୍ରତ୍ୟେକ ବ୍ୟକ୍ତି ପାଇଁ ଆବଶ୍ୟକ।

ବିଜ୍ଞାନ ଦ୍ୱାରା ବାହାର ବିଶ୍ୱର ଦୂରତା କମିଯାଇଛି, ମାତ୍ର କୌଣସି ବାଟରେ ଭିତର ବିଶ୍ୱ ଏ ପର୍ଯ୍ୟନ୍ତ ଏକ ହୋଇନାହିଁ। ବହିଃଜଗତୀକରଣରେ ପ୍ରମୁଖ ଭୂମିକା ନିମନ୍ତେ ବିଜ୍ଞାନ ଓ ବୈଜ୍ଞାନିକମାନଙ୍କୁ ଅନେକ ଅନେକ କୃତଜ୍ଞତା। ତେବେ ଆନ୍ତଃଜଗତୀକରଣ ନଆସିଲେ ଜଗତୀକରଣର ପୂର୍ଣ୍ଣତା ଆସିବ ନାହିଁ। ଆନ୍ତଃଜଗତୀକରଣ ପାଇଁ ମଣିଷ ମନର ଉଦାରତା, ପ୍ରସାରତା ସର୍ବୋପରି ମାନବିକ ମୂଲ୍ୟବୋଧର ଆବଶ୍ୟକତା ଏକାନ୍ତ ଜରୁରୀ। ଏହି ଆବଶ୍ୟକତା କେବଳ ଶିକ୍ଷାରେ ମୂଲ୍ୟ ସହ ମୂଲ୍ୟବୋଧ ସମନ୍ୱିତ ହେଲେ ପୂରଣ ହୋଇପାରିବ।

❐❐

ମାତୃତ୍ୱର ବର୍ଣ୍ଣବିଭା

ଖାଇବାକୁ ବାଢ଼ିଦେଇ ଜଳଖିଆ ସଜାଡ଼ି ସ୍କୁଲକୁ ପଠାଇ ଦେଲେ ମାଆଙ୍କର କର୍ତ୍ତବ୍ୟ ସରେ ନାହିଁ, ବରଂ ଆରମ୍ଭ ହୁଏ। କେଉଁଠାରେ ସରେ ତାହା ଏ ପର୍ଯ୍ୟନ୍ତ କେହି ଜାଣନ୍ତି ନାହିଁ। ମାଟିରୁ ଆକାଶ ପର୍ଯ୍ୟନ୍ତ ଗତିପଥ ତା'ର ବିସ୍ତୃତ। ମାଆ ହେବା ଆଗରୁ ଥାଏ ଦୁଇଟି ଆଖି, ମାତ୍ର ମାଆ ହେବା ପରେ ଆଉ ଗୋଟିଏ ଆଖି ତିଆରି ହୁଏ, ତାହା ଏକ ସୂକ୍ଷ୍ମ ଆଖି। ସେଇ ସୂକ୍ଷ୍ମ ଆଖିଟି ଅଧିକ ଭାବରେ ଉଦ୍ଦିଷ୍ଟ ଥାଏ ପିଲାଟି ପାଇଁ। ଆଗରୁ ଥାଏ ଦୁଇଟି କାନ, ମାତ୍ର ମାଆ ହେବା ପରେ ଆଉ ଗୋଟିଏ କାନ ସୃଷ୍ଟି ହୁଏ, ତାହା ଏକ ସୂକ୍ଷ୍ମ କର୍ଣ୍ଣ। ସେ ଆଖିରେ ଦେଖିହୁଏ ପିଲାର ଭିତର, ଆଉ ସେ କାନରେ ଶୁଣିହୁଏ ପିଲାର ମନର କଥା, ହୃଦୟର ବାର୍ତ୍ତା। ପିଲାଟି ଯେତେ ବଢୁଥାଏ, ସେ ଆଖିର ଶକ୍ତି ସେତେ ବଢୁଥାଏ, ସେ କାନର ଶକ୍ତି ସେତେ ବଢୁଥାଏ। ସେଇ ଆଖିଟି ପିଲା ସହିତ ବିଦ୍ୟାଳୟକୁ ଯାଏ, ସେଇ କାନ ପିଲା ସହିତ ବିଦ୍ୟାଳୟକୁ ଯାଏ। କେବଳ ବିଦ୍ୟାଳୟକୁ ନୁହେଁ, ମହାବିଦ୍ୟାଳୟ ଓ ବିଶ୍ୱବିଦ୍ୟାଳୟକୁ ମଧ୍ୟ ଯାଏ। ସେ ଆଖି ଦେଖିପାରେ ସେଠାରେ ପିଲାର ଗତିବିଧି, ଚାଲିଚାଳଣ ସବୁ କିଛି। ସେ କାନ ଶୁଣିପାରେ ତା'ର କଥାବାର୍ତ୍ତା, ତା'ର ଅନ୍ତରର ଭାଷା। ସେ କ୍ଷେତ୍ରରେ ଦୂରତା ହାର ମାନିଯାଏ।

ମନେ ପଡେ ପୁରାଣ ପୃଷ୍ଠାରୁ କଥାଟିଏ, କୌରବମାନେ କ୍ରୋଧ ଜର୍ଜରିତ ହୋଇ ଭୀମଙ୍କୁ ବିଷ ଲଡୁ ଖୁଆଇ ପାଣିରେ ପକାଇ ଦେଲା ବେଳେ ଭୀମଙ୍କର 'ମାଆ' ଡାକ କୁନ୍ତୀଙ୍କୁ ଅସ୍ଥିର କରିପକାଇଲା। କୁନ୍ତୀ ସେତେବେଳେ ଭୀମଙ୍କ ଠାରୁ ବେଶ୍ ଦୂରତାରେ ଥିଲେ। ବାସ୍ତବରେ ଭୀମଙ୍କର ଡାକ ଚର୍ମ କର୍ଣ୍ଣକୁ ନୁହେଁ, କୁନ୍ତୀଙ୍କର ମର୍ମକର୍ଣ୍ଣକୁ ଶୁଭିଥିଲା।

ମନେ ପଡ଼େ ପୁରାଣରୁ ଆଉ ଏକ କଥା। ସ୍ୱୟମ୍ବର ସଭାରେ ରାଜକୁମାରୀ ଇନ୍ଦୁମତୀ ବରଣ କଲେ ସ୍ୱାମୀ ସ୍ୱରୂପରେ ରାଜକୁମାର ଅଜଙ୍କୁ। ବିବାହ ଉତ୍ସବ ମହାସମାରୋହରେ ବିଦର୍ଭ ନଗରରେ ସମାହିତ ହେଲା। ଇନ୍ଦୁମତୀଙ୍କୁ ଆଣି ଅଯୋଧ୍ୟାକୁ ଫେରିବା ବାଟରେ ଅଜ ସମ୍ମୁଖୀନ ହେଲେ ଏକ ବିରାଟ ବିପଦର। ବିପଦଟି ଥିଲା ଏକ ଅତର୍କିତ ଆକ୍ରମଣ। ଇନ୍ଦୁମତୀଙ୍କୁ ପତ୍ନୀ ରୂପରେ ନପାଇବାରୁ ଭଗ୍ନ ମନୋରଥ ବିଷାଦ ଜର୍ଜରିତ ରାଜକୁମାରମାନେ ଏକତ୍ର ହୋଇ ମେଳି କରି ଅଜଙ୍କୁ ହଠାତ୍ ଆକ୍ରମଣ କଲେ। ଗୋଟିଏ ପକ୍ଷରେ ଅଜ ଓ ଅନ୍ୟପକ୍ଷରେ ରାଜକୁମାରଗଣଙ୍କ ମଧ୍ୟରେ ଜୋର ସଂଗ୍ରାମ ଆରମ୍ଭ ହୋଇଗଲା। ଏ ପଟେ ଅଜଙ୍କର ମାଆ ଚାହିଁଥିଲେ ଅଜଙ୍କର ଫେରିବା ବାଟକୁ। ମର୍ମଚକ୍ଷୁରେ ଦିଶିଲା ତାଙ୍କୁ ଏଇ ସଂଗ୍ରାମର ଚିତ୍ର। ଅତ୍ୟନ୍ତ ମର୍ମାହତ ହେଲେ ସେ। ତାଙ୍କ ମନେ ହେଲା ସତେ ଅବା ଖୁବ୍ ନିକଟରେ ଏତେ ବଡ଼ ସଂଗ୍ରାମ ଘଟୁଛି। ପ୍ରକୃତପକ୍ଷେ ମାଆ ପାଇଁ ଦୂରତା ବୋଲି କିଛି ନାହିଁ। ତାଙ୍କର ସ୍ଥୂଳଶକ୍ତି ସୀମିତ ହୋଇପାରେ ମାତ୍ର ତାଙ୍କର ସୂକ୍ଷ୍ମ ଶକ୍ତିର ସୀମା ସରହଦ ନଥାଏ। ସେଇଥିପାଇଁ ତ କୁହାଯାଏ 'କାଳ ଠାର କାଳ ମାଆ ଜାଣେ।' ଏପରିକି ଛୋଟ ପିଲାଟି

ନିଜର କାନ୍ଦୁଥିଲା ବେଳେ ଅନ୍ୟମାନେ ପିଲାଟିକୁ ବୁଝାଇ ନପାରିବା ବେଳେ ମାଆ ବୁଝାଇ ଦେଇପାରନ୍ତି। ମାଆଙ୍କ ପାଖରେ ସେ ଶକ୍ତିଟି ରହିଛି। କେଉଁ ଖେଳନାଟି ଦେଲେ ସେ କାନ୍ଦ ବନ୍ଦ କରିବ, କେଉଁ ଗୀତଟି ଗାଇଲେ ସେ କାନ୍ଦ ବନ୍ଦ କରିବ, ସେକଥା ମାଆ ହିଁ ଜାଣିଥାନ୍ତି। କେଉଁଠାରେ ପାଠ୍ୟକ୍ରମରେ ତାହା ପଢ଼ାହେବାର ବ୍ୟବସ୍ଥା ନଥାଏ। ସେ ଜାଣିବା ଅତ୍ୟନ୍ତ ସ୍ୱତଃସ୍ଫୁର୍ତ୍ତ ଓ ସ୍ୱତନ୍ତ୍ର। ପିଲାମାନେ ମାଆ ମନକୁ ବୁଝି ନପାରନ୍ତି ମାତ୍ର ମାଆ ଭଲକରି ବୁଝିପାରନ୍ତି ପିଲାମାନଙ୍କ ମନ। ସେ ଏକାଧାରରେ ହୋଇପାରନ୍ତି ପିଲାଟିର ବନ୍ଧୁ, ଗୁରୁ, ଦିଗ୍‌ଦର୍ଶିକା। ଅଭାବ ବେଳେ ସବୁଖାଦ୍ୟ ପିଲାକୁ ଖାଇବାକୁ ଦେଇ ସାରି ଖୁସିରେ ଯିଏ ଉପାସରେ ରହିପାରନ୍ତି ସେ ହେଉଛନ୍ତି ମାଆ। ପିଲାଟି ମୁହଁ ଶୁଖାଇବା ଆଗରୁ ଯିଏ ମୁହଁ ନଶୁଖାଇବାର ବ୍ୟବସ୍ଥାଟି କରିଥାନ୍ତି, ସେ ହେଉଛନ୍ତି ମାଆ। ଶଙ୍କରାଚାର୍ଯ୍ୟଙ୍କ ଭାଷାରେ "କୁପୁତ୍ରୋ ଜାୟେତ କ୍ୱଚିଦପି କୁମାତା ନଭବତି।'

ଅବଶ୍ୟ ପିଲାଟିକୁ ଯଥାଯୋଗ୍ୟ କରି ଗଢ଼ିବା ପାଇଁ ମାଆଙ୍କୁ କଷ୍ଟ କରିବାକୁ ପଡ଼େ। ପିଲାପାଇଁ ସମୟ, ଶକ୍ତି, ସଚେତନ, ଦୃଷ୍ଟିଭଙ୍ଗୀ ପ୍ରଭୃତି ରଖିବାକୁ ହୋଇଥାଏ। ମହାଯୋଗୀ ଶ୍ରୀଅରବିନ୍ଦ କହନ୍ତି, "ମାଆ ହେବା ଦିନଠାରୁ ସେ ମାଆ ହେବା ସଂଗେ ସଂଗେ ସାଧିକାଟିଏ ମଧ୍ୟ ହୁଅନ୍ତି, ପିଲା ଆଗରେ ଦର୍ପଣଟିଏ ହୁଅନ୍ତି।" ସେ ଯେପରି ଚଳଣି ଚଳନ୍ତି, ପିଲାଟି ଅଲକ୍ଷ୍ୟରେ ହେଉବା ଲକ୍ଷ୍ୟରେ ହେଉ ସେପରି ଚଳଣି ଶିଖିଯାଏ। ମାଆଙ୍କୁ ନିଜ ପ୍ରତି ସଚେତନ ହେବା ସହିତ ପିଲାଟି ପ୍ରତି ମଧ୍ୟ ସଚେତନ ହେବାକୁ ପଡିଥାଏ। ନିଜ ଛାଞ୍ଚରେ ନୁହେଁ, ପିଲାଟିକୁ ପିଲାଟିର ଛାଞ୍ଚରେ ପକାଇବା ପାଇଁ ଯେଉଁ କଷ୍ଟ ଦରକାର ସେହି କଷ୍ଟକୁ ମା'ଙ୍କୁ ସ୍ୱୀକାର କରିବାକୁ ପଡେ। ସେଥିପାଇଁ ବହୁତ କିଛି ତ୍ୟାଗ କରିବାକୁ ପଡେ, ନିଜର ସୁଖ ସୁବିଧାକୁ ଆବଶ୍ୟକତା ଅନୁସାରେ ଜଳାଞ୍ଜଳି ଦେବାକୁ ପଡେ।

ସେ ପ୍ରାଚ୍ୟ ଭୂଖଣ୍ଡ ହେଉ ଅବା ପାଶ୍ଚାତ୍ୟ ଭୂଖଣ୍ଡ ହେଉ ପିଲାମାନେ ପିତାମାତାଙ୍କୁ ବିଶେଷତଃ ମାଆଙ୍କୁ ବିଶେଷ ଭାବରେ ଅନୁକରଣ କରିଥାନ୍ତି। ଏହାର କାରଣ ହେଉଛି ଯେ ପିଲାମାନେ ପିତାମାତାଙ୍କୁ ମନେ ମନେ ଦେବତାଜ୍ଞାନ କରିଥାନ୍ତି। ତେଣୁ ପିତାମାତା ନିଜକୁ ଦିବ୍ୟଗୁଣର ଅଧିକାରୀ ହେବା ପାଇଁ ପ୍ରଯତ୍ନ କରିବା ଦରକାର ପଡେ। ସେ ହୁଅନ୍ତୁ ମହାତ୍ମା ଗାନ୍ଧି ଅବା ଲାଲବାହାଦୂର ଶାସ୍ତ୍ରୀ, ହୁଅନ୍ତୁ ସେ ଛତ୍ରପତି ଶିବାଜୀ ଅଥବା ଆବ୍ରାହମ ଲିଙ୍କନ୍, ସମସ୍ତଙ୍କ ମହନୀୟତା ପାଇଁ ମା'ଙ୍କର ପ୍ରଭାବ ଥିଲା ଆଲୋକର ବର୍ତ୍ତିକା ପରି।

ଆବ୍ରାହମ ଲିଙ୍କନ ଏକ ଗରିବ ପରିବାରରେ ଜନ୍ମଗ୍ରହଣ କରିଥିଲେ। ଏତେ ଅଭାବ ତାଙ୍କ ପରିବାରର ଥିଲା ଯେ ଅଧିକାଂଶ ଦିନ ନଦୀରୁ ମାଛ ଧରି ତାହାକୁ ବିକ୍ରି କରି ସେହି ପଇସାରେ ପରିବାରକୁ ଚଳାଇବାକୁ ପଡୁଥିଲା ଲିଙ୍କନ୍‌ଙ୍କୁ। ଦିନେ ସାରା ଦିନ ଜଗି ଜଗି ଗୋଟିଏ ମାତ୍ର ମାଛ ମାରିବାକୁ ସମର୍ଥ ହେଲେ ଲିଙ୍କନ। ମାଛଟିକୁ ବଜାରରେ ବିକ୍ରି ପାଇଁ ଆଣିଲ। ବେଳେ ବାଟରେ ଜଣେ ଦେଶରକ୍ଷକ ସୈନିକଙ୍କ ଅନୁରୋଧ କ୍ରମେ ଲିଙ୍କନ ମାଛଟିକୁ ସୈନିକଙ୍କୁ ପ୍ରଦାନ କଲେ। ଏପରି ସେ କଲେ କାରଣ ସେ ଭାବିଲେ ଯେ ବ୍ୟକ୍ତିଠାରୁ ଦେଶ ହେଉଛି ବଡ଼। ଦେଶର ରକ୍ଷା ଦାୟିତ୍ୱରେ ଥିବା ସୈନିକଙ୍କୁ ସେ ମନରେ ଉଚ୍ଚସ୍ଥାନ ଦେଇଥିଲେ। ସେ ବୁଝିଥିଲେ ଯେ ଦେଶର ସେବା ହିଁ ସର୍ବଶ୍ରେଷ୍ଠ ସେବା। ଖାଲି ହାତରେ ଫେରିଆସି ସବୁକଥା ଲିଙ୍କନ କହିଲେ ମା'ଙ୍କୁ। ଭାବିଥିଲେ ମା' ତାଙ୍କୁ ଗାଳିଦେବେ, ମାତ୍ର ମାଆ ତାଙ୍କୁ ବହୁତ ପ୍ରଶଂସା କଲେ ଏବଂ ଦେଶ ସେବାର ମହତ୍ତ୍ୱକୁ ଅଧିକରୁ ଅଧିକ ବୁଝାଇଦେଲେ। ଦେଶକୁ ପ୍ରାଣଭରି ଭଲ ପାଉଥିଲେ ଲିଙ୍କନ। ଘଟଣାକ୍ରମେ ସେ ଦିନେ ହୋଇଥିଲେ ଆମେରିକାର ରାଷ୍ଟ୍ରପତି।

ଆଜି ସମୟ ଅପେକ୍ଷା କରିଛି ତେଜଦୀପ୍ତ, ବୁଦ୍ଧିଯୁକ୍ତ ଓ ମାନବିକତା ବିମଣ୍ଡିତ ପିଲାମାନଙ୍କୁ। ସାରା ବିଶ୍ୱ ଏପରି ଅପେକ୍ଷାରେ ରହିଛି, ଆକାଶପରି ଉଚ୍ଚମନ ଓ ସମୁଦ୍ର ପରି ପରିବ୍ୟାପ୍ତ ହୃଦୟ ସହିତ ହିମାଳୟ ପରି ଉତ୍ତୁଙ୍ଗ ବୌଦ୍ଧିକତାର ସମନ୍ୱୟରେ ସଂଗଠିତ ଯୁବଶକ୍ତି ଆଜିର ଆବଶ୍ୟକତାକୁ ପୂରଣ କରିପାରିବେ। ପ୍ରକୃତରେ ଏହି ଆବଶ୍ୟକତା ପୂର୍ଣ୍ଣ ହେବ ମାଆମାନଙ୍କ ସହଯୋଗରେ। ମାଆମାନଙ୍କ ସହଯୋଗ ବିନା ଏଇ ଆବଶ୍ୟକତା ପୂରଣ ହୋଇପାରିବ ନାହିଁ। ଅତଏବ ମାଆମାନଙ୍କର ସଂକଳ୍ପ ଓ ସହଯୋଗ ଆଜି ଦେଶ ତଥା ସମଗ୍ର ବିଶ୍ୱର ରକ୍ଷା କବଚ। ସେହି ମାତୃ ଚେତନାର ଜୟ ହେଉ।

❐❐

ବଟରୁ କଳ୍ପବଟ

ପରିବାରରୁ ପୁଣି ପାରିବାରିକ ଶିକ୍ଷାରୁ ବହୁ ଅମୂଲ୍ୟରତ୍ନ ମିଳେ ଯାହା ଅନ୍ୟ କେଉଁଠାରୁ ମିଳେ ନାହିଁ। ଏଥି ମଧ୍ୟରୁ ଗୋଟିଏ ବହୁମୂଲ୍ୟ ରତ୍ନର ନାମ ଶ୍ରଦ୍ଧା। ପରିବାରର ଅନ୍ୟନାମ ରତ୍ନ ଖଣି କହିଲେ ଅତ୍ୟୁକ୍ତି ହେବ ନାହିଁ। ଅବଶ୍ୟ ସବୁ ଖଣିରୁ ସମାନ ପରିମାଣର ଏବଂ ସମାନ ଉଜ୍ଜ୍ୱଳତାର ରତ୍ନ ନ ମିଳିଲା ପରି ସବୁ ପରିବାରର ଶିକ୍ଷା ସମାନ ନଥାଏ। ଯେଉଁ ପରିବାରରେ ଥାଏ ପାରସ୍ପରିକତା ଅଧିକ ସେହି ପରିବାରରେ ଥାଏ ସଂସ୍କାର ଅଧିକ। ଏହି ପାରସ୍ପରିକତାର ଅନ୍ୟ ନାମ ଶ୍ରଦ୍ଧା। ଶ୍ରଦ୍ଧାରୁ ସମ୍ମାନ, ସ୍ନେହ, ଉଦାରତା, ସହନଶୀଳତାର ସୃଷ୍ଟି। ଶ୍ରଦ୍ଧା ଯୋଗୁଁ ପରସ୍ପର ଭିତରେ ସୁଖ ବାଣ୍ଟି ଦିଆଯାଏ ଏବଂ ଦୁଃଖ ବାଣ୍ଟିନିଆଯାଏ। ସୁଖ ବାଣ୍ଟି ଦେଲେ ବଢ଼ିଯାଏ ଏବଂ ଦୁଃଖ ବାଣ୍ଟିଦେଲେ କମିଯାଏ। ସେତେବେଳେ ଭକ୍ତକବି ମଧୁସୂଦନଙ୍କ କଥା ସତ ହୁଏ, ଘର ହୋଇଯାଏ ମର୍ତ୍ତ୍ୟର ବୈକୁଣ୍ଠ।

ପାଞ୍ଚ ଆଙ୍ଗୁଠି ସମାନ ନଥିଲା ପରି ପରିବାରରେ ଥିବା ପାଞ୍ଚଜଣଙ୍କର ଶାରୀରିକ ଶକ୍ତି, ମାନସିକ ଶକ୍ତି ସମାନ ନହେବା ସ୍ୱାଭାବିକ। ଅସମାନତାକୁ ଭୁଲିନଗଲେ ପାରିବାରିକ ଆନନ୍ଦ ରହେ ନାହିଁ। ଅସମାନତାକୁ ଭୁଲାଇଦିଏ ଶ୍ରଦ୍ଧା। ଶ୍ରଦ୍ଧା ଏକ ସ୍ୱର୍ଗୀୟ ଉପାଦାନ ଯାହା ଦିବ୍ୟ ଧାମରୁ ପାରିଜାତ ଫୁଲର ବାସ୍ନାନେଇ ମର୍ତ୍ତ୍ୟକୁ ଆସିଥାଏ। ଏଥିପାଇଁ ଧନ, ଯଶ, ଡିଗ୍ରୀ ଆଦୌ ମାନଦଣ୍ଡ ନୁହେଁ। ଧନ ଅର୍ଜନ ସାମର୍ଥ୍ୟରେ ତାରତମ୍ୟ ରହିବ ହିଁ ରହିବ। ମାନ, ଯଶ ଓ ଶିକ୍ଷାଗତ ଡିଗ୍ରୀରେ ତାରତମ୍ୟ ରହିବ ହିଁ ରହିବ। ଏସବୁ ତାରତମ୍ୟ ଭିତରେ ଭାରସାମ୍ୟ ଆଣେ ଶ୍ରଦ୍ଧା। ଶ୍ରଦ୍ଧା ଏସବୁ ବୁଝେ ନାହିଁ, ବୁଝେ ଆତ୍ମୀୟତା। ଶ୍ରଦ୍ଧାର ମୂଳ ଉପାଦାନଟି ହେଉଛି ମମତ୍ୱବୋଧ। 'ସମସ୍ତେ ମୋର ଓ ମୁଁ ସମସ୍ତଙ୍କର' - ଏହି ମନୋଭାବ ହିଁ ମମତ୍ୱବୋଧର ସରଳ ଅର୍ଥ। ମମତ୍ୱବୋଧ ଯେତେ ବଢ଼ିବ ସ୍ୱାର୍ଥପରତା ସେତେ କମିବ ପୁଣି ମମତ୍ୱବୋଧ ଯେତେ କମିବ ସ୍ୱାର୍ଥପରତା ସେତେ ବଢ଼ିବ। ଆଲୁଅ ଅନ୍ଧାର ପରି ଦୁଇଟିଯାକ କଥା ପରସ୍ପରର ବିପରୀତ ଧର୍ମୀ। ଗୋଟିଏ ରହିଲେ ଅନ୍ୟଟି ଅପସରି ଯିବାକୁ ବାଧ୍ୟ। ମମତ୍ୱବୋଧରୁ ସହନଶୀଳତା ଆସେ। ସହନଶୀଳତାରୁ ସହାବସ୍ଥାନର ସ୍ଥିତି ଓ ଭିତ୍ତି ଦୃଢ଼ ହୁଏ।

ପରିବାର ହିଁ ପ୍ରଥମ ଶିକ୍ଷାକ୍ଷେତ୍ର ଯହିଁରୁ ମିଳୁଥିବା ଶ୍ରଦ୍ଧାରୂପୀ ସଂସ୍କାର ପ୍ରଥମେ ପରିବାରର ପରିସରରେ ପ୍ରୟୋଗ କରାଯାଏ। ଏହି ଶିକ୍ଷା କେବଳ ଉପଦେଶମୂଳକ ହେଲେ ସମ୍ପୂର୍ଣ୍ଣ ହୁଏ ନାହିଁ, ଉଦାହରଣରମୂଳକ ହେଲେ ସମ୍ପୂର୍ଣ୍ଣ ହୁଏ। ଅନ୍ୟ ଭାଷାରେ କୁହାଯିବ ଯେ ଉପଦେଶ ସହିତ ଉଦାହରଣ ମିଶିକରି ରହିଲେ ପୂର୍ଣ୍ଣତା ଆସେ। ଆମେ ହୁଏତ ଉପଦେଶ ଦେବା ମାତ୍ର ଉଦାହରଣ ହେବା ନାହିଁ, ତେବେ ବିଶେଷ କିଛି ଲାଭ ହେବ

ନାହିଁ। କଥାଟି ପୋଥି ବାଇଗଣ ହୋଇ ରହିବଯିବ। ବରଂ ଏପରି ହୋଇପାରେ ଯେ ଉପଦେଶ ଦେବାଠାରୁ ଉଦାହରଣ ଅଧିକ ହେବାର ପରିବାରର ପିଲାଟିଏ ଅଧିକ ଶ୍ରଦ୍ଧାବାନ ହୋଇଥାଏ।

ସେ କେବଳ ନିଜ ପରିବାରକୁ ଶ୍ରଦ୍ଧାର ବନ୍ଧନରେ ବାନ୍ଧି ରଖେ, ତାହା ନୁହେଁ, ସବୁକିଛିକୁ ଶ୍ରଦ୍ଧାର ସୁନାସୂତାରେ ବାନ୍ଧିରଖେ। ସମାଜକୁ ପୁଣି ଦେଶକୁ ମଧ୍ୟ ବାନ୍ଧିରଖିବାର ସାମର୍ଥ୍ୟ ଓ ଯୋଗ୍ୟତାର ଅଧିକାରୀ ସେ ହୋଇପାରେ। ଜାତି, ଧର୍ମ ବର୍ଣ୍ଣ ନିର୍ବିଶେଷରେ ସମସ୍ତଙ୍କୁ ସେ ଭଲପାଏ। ସେ ଗୋଟିଏ ଭାଷାର ଅନ୍ତର୍ଭୁକ୍ତ ହୋଇପାରେ ମାତ୍ର ସବୁ ଭାଷା ପ୍ରତି ତା'ର ଆନ୍ତରିକତା ଥାଏ। ଗୋଟିଏ ଧର୍ମର ଅନ୍ତର୍ଭୁକ୍ତ ସେ ହୋଇପାରେ ମାତ୍ର ସବୁଧର୍ମ ପ୍ରତି ତା' ମନରେ ସମ୍ମାନ ଥାଏ। ଗୋଟିଏ ପ୍ରକାର ଚଳଣିରେ ସେ ଅଭ୍ୟସ୍ତ ହୋଇପାରେ ମାତ୍ର ସମସ୍ତ ଚଳଣି ପ୍ରତି ତା' ମନରେ ଆଦର ଓ ସମ୍ମାନ ଥାଏ। ମୋଟ୍ ଉପରେ ସେ ନିଜକୁ ବଡ଼ ବୋଲି ବିଚାରେ ନାହିଁ କି ଅନ୍ୟକୁ ସାନ ବୋଲି ବିଚାରେ ନାହିଁ। ସମସ୍ତଙ୍କୁ ନେଇ ଚଳିବାର ଆନନ୍ଦରେ ସେ ଆନନ୍ଦିତ ହୋଇ ରହିଥାଏ। ମୁଁ ସମସ୍ତଙ୍କ ଭିତରେ ଜଣେ, ମୁଁ ଅଲଗା ନୁହେଁ, ସ୍ୱତନ୍ତ୍ର ନୁହେଁ - ଏହି ଭାବଟି ମନରେ ଆସେ। ଏପରି ପବିତ୍ର ଭାବଟିଏ ମନରେ ଆସିଲେ ମନହୁଏ ଉଦାର, ମଧୁର ସର୍ବୋପରି ଆକାଶ ପରି ପରିବ୍ୟାପ୍ତ ଓ ସାଗର ପରି ଗଭୀର। 'ମୋ ଦେଶ' ସେତେବେଳେ ବଚନର ବିଷୟ ନହୋଇ ଅନୁଭବର ବିଷୟ ହୋଇଯାଏ। 'ଜନନୀ ଜନ୍ମଭୂମିଶ୍ଚ ସ୍ୱର୍ଗାଦପି ଗରୀୟସୀ' କଥାଟି ଭାଷଣର ବାକ୍ୟ ନହୋଇ ଆତ୍ମପ୍ରତ୍ୟୟର ବାକ୍ୟରେ ପରିଣତ ହୋଇଯାଏ। ସେତେବେଳେ ସବୁନଦୀ ହୋଇଯାନ୍ତି ଗଙ୍ଗାନଦୀ, ସବୁ ବଟ ହୋଇଯାନ୍ତି କଳ୍ପବଟ, ସବୁ ଶିଳା ପାଲଟି ଯାଆନ୍ତି ଶାଳଗ୍ରାମ। ପବନ ଭିତରେ ମୁଁ ଏବଂ ମୋ' ଭିତରେ ପବନ ଥିଲା ପରି ଦେଶ ଭିତରେ ମୁଁ ଓ ମୋ ଭିତରେ ଦେଶ ଯେ ଅଛି ଏହା ସହଜରେ ଅନୁଭୂତ ହୁଏ। ଶ୍ରୀଅରବିନ୍ଦଙ୍କ ବାଣୀର ପ୍ରତ୍ୟେକ ଶବ୍ଦ ଗୋଟିଏ ଗୋଟିଏ ସୁନ୍ଦର ରାଜକୁମାର ପରି ଆଗରେ ଆସି ଠିଆ ହୁଅନ୍ତି ଏବଂ ଉଚ୍ଚସ୍ୱରରେ ଆବୃତ୍ତି କରୁଥାଆନ୍ତି- "ଭାରତ ବର୍ଷ ମାଟି ଗୋଡ଼ି ପାଣି ପଥରରେ ଗଢ଼ା ଏକ ଭୂଖଣ୍ଡ ମାତ୍ର ନୁହେଁ, ଏହା ଏକ ଜୀବନ୍ତ ଦେବୀ, ଜାଗ୍ରତ ଚେତନା। ଭାରତ ହେଉଛି ପୃଥିବୀର ଆତ୍ମା।" ସେତେବେଳେ ସ୍ୱାମୀ ବିବେକାନନ୍ଦଙ୍କର ମନ୍ତ୍ରମୟୀ ବାଣୀ ଅନ୍ତରରେ ବାରମ୍ବାର ପ୍ରତିଧ୍ୱନି ସୃଷ୍ଟି କରେ- "ସଦର୍ପରେ ଡାକି କହ, ମୂର୍ଖ ଭାରତବାସୀ ମୋର ଭାଇ, ଦରିଦ୍ର ଭାରତବାସୀ ମୋର ଭାଇ। ଭାରତର ମୃତ୍ତିକା ମୋର ସ୍ୱର୍ଗ। ଭାରତର ସମାଜ ମୋର ଶୈଶବର ଶିଶୁ ଶଯ୍ୟା, ମୋର ଯୌବନର ଉପବନ, ମୋର ବାର୍ଦ୍ଧକ୍ୟର ବାରାଣସୀ।"

ଏସବୁ କଥାର ମର୍ମାର୍ଥ ଅତ୍ୟନ୍ତ ଗଭୀର। ଏହାକୁ କାର୍ଯ୍ୟରେ ପରିଣତ କରିବା ଅତ୍ୟନ୍ତ କଷ୍ଟକର। ତେବେ ଅସମ୍ଭବ ନୁହେଁ। ପ୍ରୟାସ ଓ ପ୍ରଯତ୍ନ ଫଳରେ ଏହା ସମ୍ଭବ। କାହାର ପ୍ରୟାସ ଓ ପ୍ରଯତ୍ନ ଫଳରେ ଏହା ସମ୍ଭବ ହେବ ? ଉତ୍ତରରେ କୁହାଯିବ ଯେ ପିତାମାତା, ଅଭିଭାବକ ଓ ଶିକ୍ଷକ ଶିକ୍ଷୟତ୍ରୀଙ୍କ ପ୍ରୟାସ ଓ ପ୍ରଯତ୍ନ ଫଳରେ ଏହା ସମ୍ଭବ ହେବ। ସର୍ବାପେକ୍ଷା ଅଧିକ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି ପିତାମାତାଙ୍କର ତଥା ପରିବାରର। ପିତାମାତାଙ୍କୁ ଏଥିପାଇଁ ବହୁ ତ୍ୟାଗ ସ୍ୱୀକାର କରିବାକୁ ପଡ଼ିବ। ପିଲାମାନଙ୍କୁ ପୂର୍ଣ୍ଣାଙ୍ଗ ବ୍ୟକ୍ତିତ୍ୱରେ ରୂପାୟିତ କରିବା ପାଇଁ ସେମାନଙ୍କୁ ବହୁ ସୁଖ ସୁବିଧା ଛାଡ଼ିବାକୁ ପଡ଼ିବ। ବିରକ୍ତି ନ ଦେଖାଇ ଶ୍ରଦ୍ଧାର ସହିତ ପିଲାମାନଙ୍କୁ ବହୁକଥା ବୁଝାଇବାକୁ ହେବ। ଧୈର୍ଯ୍ୟ ରଖି ଶାନ୍ତ ରହି ଉଦାହରଣ ହେବାକୁ ହେବ। କଥାକହିବାର କଳା, କର୍ମକରିବାର ଦକ୍ଷତା, ବୟସରେ ବଡ଼ ଓ ସାନମାନଙ୍କୁ ଯଥାଯୋଗ୍ୟ ବ୍ୟବହାର, ଧନମାନ ପାଇଁ ଯଥାର୍ଥ ଦୃଷ୍ଟିଭଙ୍ଗୀ, ସମଦର୍ଶୀ ଭାବ, ଦେଶାତ୍ମବୋଧ, ପାରସ୍ପରିକ ସହାନୁଭୂତି ସର୍ବୋପରି ମୂଲ୍ୟବୋଧର ପ୍ରତୀକ

ହେବାକୁ ହେବ। ତେବେ ଯାଇ ପିଲାମାନେ ଦେଖି ଦେଖି କେତେକାଂଶରେ କେତେ ଭଲକଥା ଶିଖିଯିବେ। ଆଉ କେତେ ଭଲକଥା ଶିକ୍ଷାନୁଷ୍ଠାନ ଓ ଅନ୍ୟାନ୍ୟ ଆଧ୍ୟାତ୍ମିକ ଅନୁଷ୍ଠାନରୁ ଶିଖିଯିବେ। ନିଜକୁ, ନିଜ ଦେଶକୁ ପୁଣି ସାରା ବିଶ୍ୱକୁ ବୁଝିବାକୁ ସମର୍ଥ ହେବେ। ଗୋଟିଏ ପୀଢ଼ି ନିଦା ହୋଇ ତିଆରି ହୋଇଗଲେ ପ୍ରତ୍ୟେକ ଏକ ଏକ ଦୀପ ଶିଖାରେ ପରିଣତ ହୋଇଯିବେ। ସେହି ଦୀପଶିଖାରୁ ଆଉ ଆଉ ଦୀପ ଜଳିବା ସମ୍ଭବ ହେବ। କ୍ରମେ କ୍ରମେ ଦିଗଦିଗନ୍ତ ଆଲୋକିତ ହେବ, ଅନ୍ଧକାର କ୍ରମଶଃ ଅପସରିଯିବ। ଯେଉଁ ଭାବରେ ଭାବିତ ହୋଇ ଉତ୍କଳମଣି ଗୋପବନ୍ଧୁ କହିଥିଲେ- 'ମୋ ପ୍ରାଣ ପ୍ରେମଧାରେ ଭାସିବ ଧରା ହେବ ଏ ବିଶ୍ୱ ମୋର ପ୍ରେମ ପସରା' ସେଇ ଭାବରେ ଭାବିତ ହୋଇ ବହୁ ଭାରତୀୟ ମାର୍ମିକ ଅର୍ଥରେ ବିଶ୍ୱନାଗରିକ ହୋଇପାରିବେ। ସେମାନଙ୍କ ଜୀବନ ବିଶ୍ୱଜୀବନରେ ରୂପାନ୍ତରିତ ହୋଇପାରିବ। ସେମାନଙ୍କ ପାଇଁ ପ୍ରତିବଟ ହୋଇଯିବ କଳ୍ପବଟ, ପ୍ରତି ଶିଳା ହୋଇଯିବ ଶାଳଗ୍ରାମ। ସେତେବେଳେ ଭାରତ ବର୍ଷ ହେବ ବିଶ୍ୱର ଗୁରୁ, ଦେବ ଦିଗ୍‌ଦର୍ଶନ ସାରାବିଶ୍ୱକୁ। ସେଦିନର ଅପେକ୍ଷାରେ ଆମେ ସମସ୍ତେ।

❐❐

ଶିକ୍ଷା ଓ ମୂଲ୍ୟବୋଧ

ଶିକ୍ଷାରେ ଦୁଇଗୋଟି ଦିଗ ରହିଛି। ଗୋଟିଏ ହେଉଛି ଜୀବିକା ଅର୍ଜନ ଏବଂ ଅନ୍ୟଟି ହେଉଛି ଚରିତ୍ର ଗଠନ। ଚରିତ୍ର ଗଠନର ଅର୍ଥ ସାଧୁ ସନ୍ନ୍ୟାସୀ ହୋଇଯିବା ନୁହେଁ ବରଂ ଅର୍ଜନ କରାଯାଇଥିବା ଜ୍ଞାନର ଯଥାର୍ଥ ପ୍ରୟୋଗ କରିବା। ସମ୍ବାଦ ସଂଗ୍ରହ ଯେ ଜ୍ଞାନ ଅର୍ଜନ ତାହା ନୁହେଁ। ସମ୍ବାଦ ସଂଗ୍ରହର ଭିତ୍ତିରେ ଜୀବନ ଓ ଜଗତ ସମ୍ବନ୍ଧରେ ଯେଉଁ ଚିନ୍ତା ଓ ଚେତନା ଜାଗ୍ରତ ହୁଏ, ତାହା ହେଉଛି ଜ୍ଞାନ। ସମ୍ବାଦ ସଂଗ୍ରହ କେବଳ ପାଠ୍ୟକ୍ରମ, ଶ୍ରେଣୀଗୃହରୁ ହୁଏ ନାହିଁ, ଏଥି ସହିତ ପରମ୍ପରାରୁ ନିଜର ଅଭିଜ୍ଞତାରୁ, ଅନ୍ୟମାନଙ୍କର ଅନୁଭବରୁ ସଂଗଠିତ ହୋଇଥାଏ। ନିଜର ଅଭିଜ୍ଞତା ଗୁରୁ ହୋଇ ବହୁ ଶିକ୍ଷା ଦେଇଥାଏ, ଯଥାର୍ଥରେ ଉପଯୁକ୍ତ ମାର୍ଗଦର୍ଶନ କରିଥାଏ। ତେଣୁ ତ କୁହାଯାଏ 'ମଣିଷ ଠିକିଲେ ଶିଖେ, ଅନ୍ଧ ଥରେ ବାଡ଼ି ହଜାଏ'। ଅନ୍ୟମାନଙ୍କର ଉପଦେଶ ଓ ଉଦାହରଣ ଶିକ୍ଷା ଦିଗରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନେଇଥାଏ। ଅନ୍ୟମାନଙ୍କର ଅଭିଜ୍ଞତା ସମ୍ଭୂତ ଉପଦେଶ ଫଳପ୍ରଦ ହୋଇଥାଏ। ତେବେ ଉପଦେଶଠାରୁ ଉଦାହରଣ ଅଧିକ ଭାବରେ ଫଳପ୍ରଦ ହୋଇଥାଏ। ଶିକ୍ଷା ଦିଗରେ ଶାସ୍ତ୍ର ଓ କାଳ (ସମୟ)ର ଅବଦାନ ମଧ୍ୟ ଯଥେଷ୍ଟ ଅଧିକ। ମୋଟ ଉପରେ ଶିକ୍ଷା କହିଲେ କେବଳ ବହିପଢ଼ା, ବହିପାଠର ସ୍ମରଣ, ପରୀକ୍ଷା, ପ୍ରମାଣ ପତ୍ର (ସାର୍ଟିଫିକେଟ୍) ନୁହେଁ, ଏହା ସହିତ ଆତ୍ମବିଶ୍ଳେଷଣ, ଜୀବନର ଅନୁଶୀଳନ, ପରିବେଶର ଅନୁଧ୍ୟାନ, ଅନ୍ୟଠାରୁ ଭଲ କଥା ଗ୍ରହଣ ଇତ୍ୟାଦି ସମନ୍ୱିତ ହେବା ଆବଶ୍ୟକ। ଡିଗ୍ରୀର ପରିମାଣ ଉପରେ ଶିକ୍ଷା ନିର୍ଭର କରେ ନାହିଁ, ବରଂ ଜିଜ୍ଞାସାର ପରିମାଣ ଉପରେ ଶିକ୍ଷା ନିର୍ଭର କରେ। ଜିଜ୍ଞାସାର ଅର୍ଥ କେବଳ ଜାଣିବାର ଇଚ୍ଛା ନୁହେଁ, ଏଥିସହିତ ବୁଝିବାର ଇଚ୍ଛା ଓ ପ୍ରୟୋଗ କରିବାର ଇଚ୍ଛା ସଂଯୁକ୍ତ। ଜାଣିବାର ଇଚ୍ଛା ତିଷ୍ଠି ରହେ ଅଧ୍ୟୟନ, ଅନୁସନ୍ଧାନ ଓ ଅନୁଶୀଳନର ଭିତ୍ତିରେ। ବୁଝିବାର ଇଚ୍ଛା ସ୍ଫାନିତ ହୁଏ ଉଦାରତା ଓ ଚେତନାର ଉତ୍ତରଣର ଭିତ୍ତିରେ। ଆଉ ପ୍ରୟୋଗ କରିବାର ଇଚ୍ଛା ଉପସ୍ଥାପିତ ହୋଇଥାଏ ସ୍ଥାନ, କାଳ ଓ ପାତ୍ରର ଭିତ୍ତିରେ। ଏଇ ତିନିକଥା ଅଭ୍ୟାସର ଭିତ୍ତି ଉପରେ ପ୍ରତିଷ୍ଠିତ ହୋଇଥାଏ।

ଜୀବିକା ଅର୍ଜନ ମୂଲ୍ୟ ଉପରେ ଗୁରୁତ୍ୱ ଦେଲାବେଳେ ଚରିତ୍ର ଗଠନ ମୂଲ୍ୟବୋଧ ଉପରେ ଗୁରୁତ୍ୱ ଦେଇଥାଏ। ଜୀବନ ବଞ୍ଚିବା ପାଇଁ ମୂଲ୍ୟ ଦରକାର ଏବଂ ଜୀବନ ବଢ଼ିବା ପାଇଁ ମୂଲ୍ୟବୋଧ ଦରକାର। ବଞ୍ଚିବା ଓ ବଢ଼ିବା ଉଭୟର ସମାବେଶରେ ଜୀବନର ସାର୍ଥକତା ଆସେ।

ଆଜିକାଲିର ଶିକ୍ଷାଧାରାରେ ବଞ୍ଚିବାର କଥାଟି ଅଛି ମାତ୍ର ବଢ଼ିବାର କଥାଟି ବିଶେଷ ଭାବରେ ନାହିଁ। ମୂଲ୍ୟରେ ଡିଗ୍ରୀର ମାପ ହେଉଅଛି, ଜୀବନର ମାପ ହେଉଅଛି। ମୂଲ୍ୟଦ୍ୱାରା ଜୀବନର ଏକ ଅଂଶ ମାତ୍ର ମାପି ହେଉଛି, ସବୁ ଅଂଶ ମାପି ହେଉନାହିଁ - ଏକଥା ବୁଝାପଡୁ ନାହିଁ। ତେଲ ଲୁଣର ଜୀବନଟିକୁ ମୂଲ୍ୟ ଦ୍ୱାରା ମାପି

ହେଉଛି ସତ ମାତ୍ର ଜୀବନର ଅନ୍ୟ ଦିଗଗୁଡ଼ିକ ଅଣଦେଖା ହୋଇ ରହିଯାଉଛି । ତେଲ ଲୁଣର ଜୀବନ ହେଉଛି ବ୍ୟକ୍ତିଗତ ଜୀବନ, ଏହା ବ୍ୟତୀତ ଆମର ରହିଛି ସାମାଜିକ ଜୀବନ, ରାଷ୍ଟ୍ରୀୟ ଜୀବନ ଏବଂ ଆନ୍ତର୍ଜାତିକ ଜୀବନ । ମୂଲ୍ୟବୋଧର ଭିତ୍ତିରେ ଏଇ ତିନିଗୋଟି ଜୀବନ ଅଧିକରୁ ଅଧିକ ପ୍ରତିଷ୍ଠିତ ହୋଇଥାଏ । 'ସମାଜ ଦ୍ୱାରା ମୁଁ ଯେତିକି ଉପକୃତ ହୋଇଛି, ସମାଜ ମୋ ଦ୍ୱାରା ତହିଁରୁ ଅଧିକ ଉପକୃତ ହେଉ'- ଏହି ଚିନ୍ତାଧାରାର ଜୀବନ ହିଁ ସୁସ୍ଥ ସାମାଜିକ ଜୀବନର ପ୍ରତୀକ । ସମାଜକୁ ବହୁତ କିଛି (ଯେତେ ବେଶୀ ସମ୍ଭବ) ଦେଇଦେବାର ମାନସିକତା ହିଁ ସୁସ୍ଥ ସାମାଜିକ ଜୀବନର ମାନଦଣ୍ଡ । ରାଷ୍ଟ୍ରୀୟ ଜୀବନ କହିଲେ ରାଜନୀତିରେ ଯୋଗଦେବା କଥା ଏଠାରେ କୁହାଯାଉନାହିଁ । ରାଷ୍ଟ୍ରୀୟ ଜୀବନର ମାନଦଣ୍ଡ ହେଉଛି ଦେଶାତ୍ମବୋଧର ମନୋବୃତ୍ତି । 'ଏ ରାଷ୍ଟ୍ର ମୋର', 'ମୁଁ ଏ ରାଷ୍ଟ୍ରର'- ଏହି ଭାବ ହିଁ ରାଷ୍ଟ୍ରୀୟ ଜୀବନର ମୂଳ କଥା ।

ବିଶ୍ୱ ନାଗରିକତ୍ୱ ହିଁ ଆନ୍ତର୍ଜାତିକ ଜୀବନର ମୂଳମନ୍ତ୍ର । ନିଜର ସଂସ୍କୃତିକୁ ଭୁଲି 'ମୁଁ ଏଇ ବିଶ୍ୱର, ମୁଁ ଏଇ ବିଶ୍ୱର' କହି ବୁଲିବା ବିଶ୍ୱ ନାଗରିକତ୍ୱ ନୁହେଁ । ବରଂ ନିଜ ମାଟିରେ ଦୃଢ଼ରେ ଠିଆ ହୋଇ ସମନ୍ୱିତ ହେଲେ ପୂରଣ ହୋଇପାରିବ । ଚାରିଦିଗରୁ ଭଲ ଭଲ କଥା ସଂଗ୍ରହ କରି ନିଜକୁ ସମୃଦ୍ଧ କରିବାର ମନୋଭାବ ହିଁ ବିଶ୍ୱନାଗରିକତ୍ୱର ପ୍ରମୁଖ ଲକ୍ଷଣ । ଏହା ପ୍ରତ୍ୟେକ ଦେଶ ପାଇଁ ପ୍ରଯୁଜ୍ୟ । ଉଦାହରଣ ସ୍ୱରୂପ ଭାରତୀୟଟି ଭାରତ ମାଟିରେ ଦୃଢ଼ରେ ଠିଆହୋଇ ଅନ୍ୟଆଡୁ ଭଲ ଭଲ କଥା ଆହରଣ କରିବାର ମନୋବୃତ୍ତିରେ ବିଶ୍ୱନାଗରିକତ୍ୱ ନିହିତ ରହିଛି । ଫରାସୀଟିଏ ଫ୍ରାନ୍ସ ମାଟିରେ ଦୃଢ଼ରେ ଛିଡ଼ା ହୋଇ ଅନ୍ୟ ଆଡୁ ଭଲ କଥା ସଂଗ୍ରହ କରି ନିଜକୁ ରଦ୍ଧିମନ୍ତ କରିବାର ଚିନ୍ତା ଓ ଚେତନା ହିଁ ଜଗତୀକରଣର ଅସଲ ମନ୍ତ୍ର ।

ନିଜ ଠାରୁ ନିଜକୁ ସାନ ବା ବଡ଼ ମନେ ନ କରିବା, ପରିବାରରେ ସାନମାନଙ୍କୁ ଶ୍ରଦ୍ଧା ଓ ବଡ଼ମାନଙ୍କୁ ସମ୍ମାନ ଜଣାଇବା, ସମାଜରେ ପରସ୍ପର ସହିତ ସୁସମ୍ପର୍କ ରଖିବା, ଆମ ଦେଶର ସମୃଦ୍ଧି ଓ ସମ୍ମାନ ବୃଦ୍ଧିରେ ଜାଗ୍ରତ ଯବାନ ପରି ସଦା ସଚେତନ ରହିବା, ଆମ ବିଶ୍ୱ ବାରୁଦ ଗନ୍ଧରୁ ମୁକ୍ତ ହୋଇ ଭ୍ରାତୃତ୍ୱର ଫୁଲ ବାସରେ ଯୁକ୍ତ ହେଉ ବୋଲି ଅତିକମ୍‌ରେ ପ୍ରବଳ ଶୁଭେଚ୍ଛା ରଖିବା ଇତ୍ୟାଦି ମାନସିକତା ଆଜିର ପ୍ରାଥମିକ ଆବଶ୍ୟକତା ।

ବିଜ୍ଞାନ ଦ୍ୱାରା ବାହାର ବିଶ୍ୱର ଦୂରତା କମିଯାଇଛି । ମାତ୍ର କୌଣସି ବାଟରେ ଭିତର ବିଶ୍ୱ ଏପର୍ଯ୍ୟନ୍ତ ଏକ ହୋଇନାହିଁ । ବହିଃଜଗତୀକରଣରେ ପ୍ରମୁଖ ଭୂମିକା ନିମନ୍ତେ ବିଜ୍ଞାନ ଓ ବୈଜ୍ଞାନିକମାନଙ୍କୁ ଅନେକ ଅନେକ କୃତଜ୍ଞତା । ତେବେ ଆନ୍ତଃଜଗତୀକରଣ ନ ଆସିଲେ ଜଗତୀକରଣର ପୂର୍ଣ୍ଣତା ଆସିବ ନାହିଁ । ଆନ୍ତଃଜଗତୀକରଣ ପାଇଁ ମଣିଷ ମନର ଉଦାରତା, ପ୍ରସାରତା ସର୍ବୋପରି ମାନବିକ ମୂଲ୍ୟବୋଧର ଆବଶ୍ୟକତା ଏକାନ୍ତ ଜରୁରୀ । ଏହି ଆବଶ୍ୟକତା କେବଳ ଶିକ୍ଷାରେ ମୂଲ୍ୟସହ ମୂଲ୍ୟବୋଧ ସମନ୍ୱିତ ହେଲେ ପୂରଣ ହୋଇପାରିବ ।

□□

ଆତ୍ମଶାନ୍ତିର ରୂପରେଖ

ବାହ୍ୟ ଜୀବନର ବିକାଶ ପାଇଁ ଯେପରି ଖାଦ୍ୟ, ବସ୍ତ୍ର, ବାସଗୃହ, ଔଷଧ ଆବଶ୍ୟକ, ଅନ୍ତର୍ଜୀବନର ବିକାଶ ପାଇଁ ସେପରି ଆତ୍ମବିଶ୍ୱାସ, ଆତ୍ମଶାନ୍ତି, ଆତ୍ମସନ୍ତୋଷ, ଆତ୍ମ ବିଶ୍ଳେଷଣ, ନିଜଠାରୁ ବିରାଟ ଏକ ଶକ୍ତି ସହ ଯୋଗସୂତ୍ର ସ୍ଥାପନ ଇତ୍ୟାଦିର ଇତ୍ୟାଦି କଥା ଆବଶ୍ୟକ। କେବଳ ବହିର୍ଜୀବନର ବିକାଶ ଘଟିଲେ ବ୍ୟକ୍ତି ଜୀବନ, ପାରିବାରିକ ଜୀବନ ତଥା ରାଷ୍ଟ୍ରୀୟ ଜୀବନ ଏକ ଦିଗଦର୍ଶୀ ହୋଇଯାଏ ଅପୂର୍ଣ୍ଣ ହୋଇ ରହିଯାଏ। ସୁଖ ପଛରେ ଧାଇଁ ଧାଇଁ କ୍ଲାନ୍ତ ହେବାକୁ ପଡ଼େ। ବିନିମୟରେ ଦୁଃଖଗୁଡ଼ିଏ କିଣାହୁଏ। ବହିଃ ଜୀବନ ହେଉଛି ସୁଖର ଜୀବନ ଯାହା ଇନ୍ଦ୍ରିୟ ଗ୍ରାହ୍ୟ, ଅନ୍ୟପକ୍ଷରେ ଅନ୍ତର୍ଜୀବନ ହେଉଛି ଆନନ୍ଦର ଜୀବନ ଯାହା ଚେତନାଗ୍ରାହ୍ୟ। ଇନ୍ଦ୍ରିୟ ନଷ୍ଟ ହୋଇଗଲେ ସୁଖର ଜୀବନ ଫିକା ପଡ଼ିଯାଏ, ପାଣ୍ଡୁର ହୋଇଯାଏ। ସୁଖର ଜୀବନ ଅଳ୍ପକ୍ଷଣସ୍ଥାୟୀ। କବିବର ରାଧାନାଥଙ୍କ ଭାଷାରେ ସୁଖର ପରିଭାଷା ଏହିପରି-

"ସୁଖ ବୋଲି ଯାହା ଜନ ନେତ୍ରେ ଦିଶେ
ହାତେ ଆସେ ହାତୁଁ ପଡ଼ିବା ପାଇଁ ସେ
ବସ୍ତୁ ନୁହଇ ସେ ଅଟଇଟି ଧୂମ
ଅନ୍ୟ ନାମ ତା'ର ଆକାଶ କୁସୁମ।"

ଏହା ସୂଚନା ଦିଏ ଯେ ସୁଖ ଆସେ ହାତରୁ ହାତକୁ ପଡ଼ିବା ପାଇଁ ଅର୍ଥାତ୍ ହସ୍ତାନ୍ତରିତ ହେବା ପାଇଁ। ଏହା ଏକ ବସ୍ତୁ ନୁହେଁ, ଅବସ୍ତୁ। ତା'ର ଅନ୍ୟନାମ ଆକାଶକୁସୁମ ବୋଲି କବି କହିଛନ୍ତି।

ଏପରି ମଧ୍ୟ କୁହାଯାଇପାରେ ଯେ, ମୃତ୍ୟୁ ସହ ସୁଖର ଜୀବନ ସରିଯାଏ। ଇନ୍ଦ୍ରିୟ ନଷ୍ଟ ହୋଇଗଲେ ଇନ୍ଦ୍ରିୟ ସହ ଜଡ଼ିତ ସୁଖ ଭୋଗର ଲାଳସା, ସୁଖ କାଳୀନ ସାମୟିକ ଉଲ୍ଲାସ ଓ ଶିହରଣ ନଷ୍ଟ ହୋଇଯାଏ। ମାତ୍ର ଆନନ୍ଦ ସେପରି ନୁହେଁ, ସୂକ୍ଷ୍ମ ଶରୀର, ସୂକ୍ଷ୍ମ ମନ ସହିତ ଏହା ପରପାରକୁ ଯାଏ। ଅତଏବ ଆନନ୍ଦର ସ୍ଥାନ ସ୍ୱତନ୍ତ୍ର ଓ ଅଭିନବ।

ଅବଶ୍ୟ ଏହା କହିବା ଦ୍ୱାରା ସୁଖର ଜୀବନକୁ ଅବମାନନା କରାଯାଉ ନାହିଁ, ଅଲୋଡ଼ା ବୋଲି କୁହାଯାଉ ନାହିଁ, କିନ୍ତୁ କୁହାଯାଉଛି ଯେ ଜୀବନ ଏତିକିରେ ବନ୍ଧା ପଡ଼ିବା ପାଇଁ ଆସିନାହିଁ। ସୁଖର ଜୀବନକୁ ପାଥେୟ କରି ଆଗକୁ ଯିବାକୁ ଅର୍ଥାତ୍ ଆନନ୍ଦର ଜୀବନରେ ପହଞ୍ଚିବାକୁ ଆସିଛି। ଅର୍ଥାତ୍ ସୁଖର ଜୀବନ ହେଉ ମାଧ୍ୟମ, ମାତ୍ର ଲକ୍ଷ୍ୟ ନହେଉ। ଛାତ ଉପରକୁ ଯିବା ପାଇଁ ଏକ ସୋପାନ ଶ୍ରେଣୀର ଆବଶ୍ୟକତା ରହିଛି, ସୁଖର ଜୀବନ ସେଇ ସୋପାନ ଶ୍ରେଣୀ ଏବଂ ଆନନ୍ଦର ଜୀବନ ହେଉଛି ଛାତ ସଦୃଶ, ଏହା ଆମକୁ ମନେ ରଖିବାକୁ ହେବ। ଆମେ

ପ୍ରକୃତରେ ସୁଖ ପାଇବାକୁ ପୃଥିବୀକୁ ଆସିନାହୁଁ, ଆମେ ସୁଖର ମାଧ୍ୟମରେ ଆନନ୍ଦମୟ ଜୀବନ ଯାପନ କରିବାକୁ ଆସିଅଛୁ। ଆମେ ସାଧାରଣ ପ୍ରାଣୀ ପରି ଇନ୍ଦ୍ରିୟ ସର୍ବସ୍ୱ ଜୀବନ ଯାପନ କରିବାକୁ ଆସିନାହୁଁ। ବରଂ ଇନ୍ଦ୍ରିୟାତୀତ ଚେତନାଗତ ଜୀବନଯାପନ କରିବାକୁ ଆସିଛୁ। ସୁଖଠାରୁ ଆରମ୍ଭ କରି ଆନନ୍ଦ ନଗର ପର୍ଯ୍ୟନ୍ତ ଯାତ୍ରା ନିମନ୍ତେ ଆମେ ଆସିଛୁ। ସାଧାରଣ ଜୀବନ ହେଉଛି ସୁଖ ଦୁଃଖରେ ଜୀବନ। ଦୁଃଖ ହେଉଛି ସୁଖର ଆଉ ଏକ ରୂପ। ସୁଖ ରହିଛି ଅର୍ଥ ଦୁଃଖ ତା'ର ପାଖେ ପାଖେ ଛାଇ ପରି ରହିଛି। ଗୋଟିଏକୁ ଅନ୍ୟଠାରୁ ବାଦ୍ କରାଯାଇ ପାରିବ ନାହିଁ। କେବଳ ସୁଖ ଓ ଦୁଃଖରେ ବାନ୍ଧି ହୋଇ ରହିଗଲେ ଜୀବନ ଅତି ସାଧାରଣ ଜୀବନରେ ପରିଣତ ହୋଇଯିବ। ଆଉ ଟିକିଏ ଉପରକୁ ଉଠିବାକୁ ହେବ, ଅର୍ଥାତ୍ ଚେତନାମୟ ଜୀବନ ଯାପନ କରିବାକୁ ହେବ। ଅତଏବ ସାଧାରଣ ଜୀବନର ଉନ୍ନତି ପାଇଁ ସାରାଜୀବନର ସମସ୍ତ ସମୟ ଶକ୍ତି ଓ ଦକ୍ଷତାକୁ ନିୟୋଜିତ କରିଦେବା ବୁଦ୍ଧିମାନର କାର୍ଯ୍ୟ ନୁହେଁ ବା ବିଜ୍ଞତାର ପରିଚୟ ନୁହେଁ।

ଅନ୍ତଃଜୀବନ ହେଉଛି ଚେତନାର ଜୀବନ, ଆତ୍ମବିଶ୍ଳେଷଣ ମାଧ୍ୟମରେ ନିଜ ଭିତରେ ଥିବା ନକାରାତ୍ମକତାକୁ ଖୋଜିବାକୁ ଏଥିରେ ପଡ଼େ। ନିଜ ଭିତରେ ଥିବା କ୍ରୋଧ, ଈର୍ଷା, ହିଂସା, ସ୍ୱାର୍ଥପରତା, ଛଳନା, ପ୍ରତାରଣା, ମିଥ୍ୟା ପ୍ରଭୃତିକୁ ଖୋଜି ଠାବ କରିବାକୁ ପଡ଼େ। ଆତ୍ମନିୟନ୍ତ୍ରଣ ମାଧ୍ୟମରେ ଏଗୁଡ଼ିକୁ ନିୟନ୍ତ୍ରଣ କରିବାକୁ ଚେଷ୍ଟା କରିବାକୁ ପଡ଼େ। ଆତ୍ମନିୟନ୍ତ୍ରଣ ଯେତେ ପରିମାଣରେ ଆସେ ଆତ୍ମଶାନ୍ତି ସେତିକି ପରିମାଣରେ ଆସେ। ଅତଏବ ଆତ୍ମ ନିୟନ୍ତ୍ରଣ ହିଁ ଆତ୍ମ ଶାନ୍ତିର ମୂଳ ଉତ୍ସ। ଅବଶ୍ୟ ମଣିଷ ମାତ୍ରକେ ମତ ଗୋଟିଏ। ନିଜର ବିଚାର ବୁଦ୍ଧି ଅନୁସାରେ ମତଟିଏ ଦେବା ଭୁଲ୍ ନୁହେଁ। ପରିବାରରେ ବନ୍ଧୁବାନ୍ଧବରେ ଭିନ୍ନ ଭିନ୍ନ ମତ ରହିବା ସ୍ୱାଭାବିକ, ତାହା ବିଶେଷ ଭୁଲ କଥା ନୁହେଁ, ମାତ୍ର ଭୁଲ୍ କଥାଟି ହେଉଛି ମତାନ୍ତର ସଙ୍ଗେ ସଙ୍ଗେ ମନାନ୍ତରରେ ପରିଣତ ହୋଇଯିବା ଯାହା ଫଳରେ ଜୀବନଧାରା କ୍ଷତିଗ୍ରସ୍ତ ହୋଇଯିବା।

କ୍ରୋଧ ଗୋଟିଏ କଥା ଯାହାକୁ ନିଜ ନିୟନ୍ତ୍ରଣରେ ନରଖିଲେ ତାହାଦ୍ୱାରା ସ୍ୱର୍ଣ୍ଣ ଲଙ୍କା ଘଡ଼ିକରେ ଧ୍ୱଂସ ହୋଇଯାଏ। ସମ୍ପର୍କର, ସହାବସ୍ଥାନର ବିରାଟ ସୌଧ ଘଡ଼ିକରେ ଭାଙ୍ଗିପଡ଼ି ମାଟିରେ ମିଶିଯାଏ।

ଈର୍ଷା ମଧ୍ୟ ଏକ ସାଂଘାତିକ ବ୍ୟାଧି। ସେ ବ୍ୟାଧିକୁ ଔଷଧି ଏ ପର୍ଯ୍ୟନ୍ତ ଆବିଷ୍କୃତ ହୋଇନାହିଁ। କେବଳ ଆତ୍ମ ନିୟନ୍ତ୍ରଣ ଦ୍ୱାରା ଏହି ବ୍ୟାଧିକୁ ଆୟତ୍ତରେ ରଖିହେବ। ଆୟତ୍ତରେ ରହିଲେ ଈର୍ଷା ବିଶେଷ କ୍ଷତି କରିପାରେ ନାହିଁ। ବରଂ ବ୍ୟବହୃତ ନ ହୋଇ ଦିନକୁ ଦିନ ତା'ର ଶକ୍ତି କ୍ଷୀଣ ହୋଇଯାଏ।

ଏହିପରି ବହୁ କ୍ଷତିକାରୀ ଉପାଦାନ ରହିଛନ୍ତି ଯେଉଁଗୁଡ଼ିକୁ କେବଳ ନିୟନ୍ତ୍ରଣ ଦ୍ୱାରା ଦମନ କରି ହୁଏ, ତାଙ୍କର ଜ୍ୱାଳାମୟ ବିଷମୟ କ୍ରିୟାଶୀଳତାକୁ ଧ୍ୱଂସ କରିହୁଏ।

ଅବଶ୍ୟ, ଏସବୁ କଥାରେ କହିବା ଯେତେ ସହଜ କାର୍ଯ୍ୟରେ ପରିଣତ କରିବା ସେତେ ସହଜ ନୁହେଁ, ତେବେ ଅସମ୍ଭବ ନୁହେଁ। ଅଭ୍ୟାସ ବଳରେ ଟିକିଏ ଟିକିଏ ନିୟନ୍ତ୍ରଣ କଲେ ଏମାନେ ନିୟନ୍ତ୍ରଣାଧୀନ ହୁଅନ୍ତି। ଏଥିପାଇଁ ଦରକାର ସଚେତନତା, ନିଜଠାରୁ ବିଶ୍ୱ ପର୍ଯ୍ୟନ୍ତ ଲମ୍ବିଯାଇଥିବା ସଚେତନତା। ଏଇ ସଚେତନତାର ଅଭାବ ଆଜି ବିଶ୍ୱବ୍ୟାପୀ। ଆମେ ଏଇ ଅଭାବ ପୂରଣ ସଂସ୍ଥାର ଜଣେ ଜଣେ ସଦସ୍ୟ ହେବା ନାହିଁକି ?

❐❐

'ନୂଆ ଜୀବନ : ନୂଆ ସ୍ୱାଦ'

ବିଶ୍ୱପ୍ରକୃତିରେ ଛନ୍ଦ ଅଛି । ରାତି ପରେ ଦିନ ଓ ଦିନ ପରେ ରାତି ଏକ ସୁଷମ ଛନ୍ଦରେ ଛନ୍ଦାୟିତ । ଗ୍ରୀଷ୍ମ ପରେ ବର୍ଷା ଓ ବର୍ଷାପରେ ଶରତ ପ୍ରଭୃତି ଋତୁମାନେ ଏକ ଛନ୍ଦରେ ଆତଯାତ । ଶ୍ରାବଣର ବର୍ଷାଧାରାରେ ଓ ଫଗୁଣର ପବନ ପ୍ରବାହରେ ଏକଏକ ଛନ୍ଦ ଅନୁଭୂତ ହୁଏ । ଇନ୍ଦ୍ରଧନୁର ରଙ୍ଗ ସଜ୍ଜାରେ ପୁଣି ବିଜୁଳିର ଝଲକରେ ଏକଏକ ଛନ୍ଦ ଥିବାର ଦେଖାଯାଏ । ଝରଣାର ଝରଝର ତାନରେ ଏବଂ ନଦୀର କଳକଳ ଗାନରେ ଛନ୍ଦମୟତା ଥାଏ । ଏସବୁ ଭିତରେ ରହି ମଧ୍ୟ ମଣିଷ ଜୀବନରେ ଛନ୍ଦ ନାହିଁ ବରଂ ଅଛି ବିଛନ୍ଦର ଜଟିଳତା ।

ଏଇ ଜଟିଳତାର କାରଣମାନ ଖୋଜିବାକୁ ଗଲେ ଯେଉଁ କାରଣଟି ମୁଖ୍ୟ ଭାବରେ ମିଳିବ ତାହା ହେଉଛି ଅହମିକା ଓ ଅହମିକାଜନିତ ଅଜ୍ଞାନତା । ଆଜିର ଶିକ୍ଷାର ଆଲୋକରେ ଅହମିକାର ଅନ୍ଧାର ଯାଉନାହିଁ, ବରଂ ଅଧିକରୁ ଅଧିକ ନିଜକୁ ଜାହିର କରୁଛି । ଡିଗ୍ରୀ ବଢ଼ିଛି, ଡିଗ୍ରୀଧାରୀଙ୍କ ସଂଖ୍ୟା ବଢ଼ିଛି ମାତ୍ର ଶିକ୍ଷିତ ମାନଙ୍କର ସଂଖ୍ୟା ସେଇ ଅନୁପାତରେ ବଢ଼ି ନାହିଁ । ଆଇନ୍‌ର କଟକଣା ବଢ଼ିଛି ମାତ୍ର ଚୋରି, ଗୁଣ୍ଡାମି ଓ ଡକାୟତି କମି ନାହିଁ । ଆତଙ୍କବାଦର ଘନଘଟା ବଢ଼ିଛି, ବଢ଼ି ବଢ଼ି ଆତଙ୍କବାଦ ଏକ ଆତଙ୍କରେ ପରିଣତ ହୋଇଛି । ଏହାର ଦୂରୀକରଣ ନିମନ୍ତେ ବହୁ ବ୍ୟବସ୍ଥା, ଆଲୋଚନା ଓ ପର୍ଯ୍ୟାଲୋଚନା ସମଗ୍ର ବିଶ୍ୱରେ ଅନୁଷ୍ଠିତ ହେଉଛି, ମାତ୍ର ସମସ୍ୟାର ପୂର୍ଣ୍ଣ ସମାଧାନର ଦିଗନ୍ତ ଉଦ୍‌ଘାଟିତ ହୋଇପାରୁ ନାହିଁ । ସର୍ବତ୍ର ଭୁଲ ବୁଝାମଣା ଅତି ସହଜ ହୋଇଛି, ଠିକ୍ ବୁଝାମଣା ହୋଇଛି ଦୁରୁହ ବ୍ୟାପାର । ବିଦ୍ରୋହ, ବିରକ୍ତି ଓ କ୍ରୋଧର ବାସସ୍ଥାନ ହୋଇଛି ମଣିଷର ମନ । ସହନଶୀଳତା, ସମ୍ବେଦନଶୀଳତା ସର୍ବୋପରି ସୁକୁମାରତା ସୁଦୂର ପରାହତ ହୋଇଛି । ବୟସରେ ସାନବଡ଼ ପୁଣି ସ୍ଥାନ କାଳ ପାତ୍ରର ବିଚାର ବିବେଚନା ବେଳକୁ ବେଳ କମି କମି ଯାଉଛି । ବଡ଼ପାଟିଆଙ୍କ ବାହାଦୂରିଆ କଥାକୁ ଶ୍ରୋତା ଠିକ୍ ବୋଲି ବିଚାର କରୁଛି । 'ଫମ୍ପା ମାଠିଆର ଶବ୍ଦ ବେଶୀ' - ଏକଥାର ଅର୍ଥ ଦିନକୁ ଦିନ ଫିକା ପଡ଼ି ଯାଉଛି । ବ୍ୟକ୍ତିଗତ ଲାଭର ଲାଳସା, ସ୍ୱାର୍ଥ ସିଦ୍ଧି ଜନିତ ଆସୁରିକ ଆନନ୍ଦ ପାଇଁ ଜଣେ ଅନ୍ୟ ଜଣଙ୍କର ଅଥବା ବହୁ ଜଣଙ୍କର ପ୍ରାଣ ହାନିର କାରଣ ହେଉଛି । ସେତେବେଳେ କେହି ତାକୁ ପଛରୁ ଟାଣି ଧରୁନାହିଁ, 'ନାହିଁ' 'ନାହିଁ' ବୋଲି କହୁ ନାହିଁ । 'ଯେଉଁ କଥାଟି ପଛରୁ ଟାଣି ଧରନ୍ତା, ସେଇ କଥାଟି ଅର୍ଥାତ୍ ସଚେତନତା ତଥା ସକାରାତ୍ମକତା କମିଯାଉଛି । ସଚେତନତା ଓ ସକାରାତ୍ମକତା ଗୋଟିଏ ମୁଦ୍ରାର ଦୁଇପାଖ ପରି ପରସ୍ପର ସହ ଓତପ୍ରୋତ ଜଡ଼ିତ । ଗୋଟିକରୁ ଅନ୍ୟଟିକୁ ଅଲଗା କରି ହେବ ନାହିଁ । ସକାରାତ୍ମକତା କମିଯିବାରୁ ନକରାତ୍ମକତା ବଢ଼ିଯାଉଛି । ନକରାତ୍ମକତା ବଢ଼ିଯିବାରୁ ବ୍ୟକ୍ତି ବ୍ୟକ୍ତି ଭିତରେ ଏବଂ ସଂସ୍କୃତି ସଂସ୍କୃତି ଭିତରେ ଶ୍ରଦ୍ଧା ଓ ସହଯୋଗ କମିଯାଉଛି । ପରସ୍ପର ପ୍ରତି ଅନୁମୋଦନ ରହୁନାହିଁ । ଆତ୍ମୀୟତା ପରିବର୍ତ୍ତେ ଅସହିଷ୍ଣୁତା ବଢ଼ିଯାଉଛି । ନକାରାତ୍ମକତା ଯେ ଆମକୁ ଟିକ୍ ଟିକ୍ କରି ଖାଇଯାଉଛି, ଏକଥା ଆମକୁ ଜଣାପଡୁନାହିଁ । ବିଷାଦର ଘନ କୁହୁଡ଼ିକୁ ଆନନ୍ଦର ସୂର୍ଯ୍ୟ କିରଣ ଭେଦ କରିପାରୁ ନାହିଁ । ବିଷାଦ ଓ ଅବସାଦ ଯୋଗୁଁ ମନ ଦୁର୍ବଳ ହୋଇଯାଉଛି । ଦୁର୍ବଳ ମନ ହେଉଛି କ୍ରୋଧ ଓ ବିଦ୍ରୋହର ଚାରଣ ଭୂମି । ମନସ୍ତତ୍ତ୍ୱବିତ୍‌ମାନେ କହନ୍ତି ଯେ ଯିଏ ଯେତେ ଦୁର୍ବଳ ସେ ସେତେ କ୍ରୋଧୀ ଓ ବିଦ୍ରୋହୀ ।

ବାସ୍ତବରେ ନକାରାତ୍ମକତା ହେଉଛି ଆଜି ବିଶାଳ ବିଶ୍ୱର ବିରାଟ ଶତ୍ରୁ, ବିଷମ ବ୍ୟାଧି। ଏଇ ବ୍ୟାଧି ପାଇଁ ଭେଷଜ ବିଜ୍ଞାନରେ ଔଷଧ ନାହିଁ। ମନୋବିଜ୍ଞାନରେ ଯେଉଁ ପ୍ରତିଷେଧକଟି ରହିଛି, ତାହା ହେଉଛି ସକାରାତ୍ମକତା। ଏଥିପାଇଁ ଆବଶ୍ୟକ ଯାହା ଆମର ଅଛି ଓ ଆମ ପାଖରେ ରହିଛି ସେସବୁର ତାଲିକା ପ୍ରସ୍ତୁତ କରିବା। 'ନାହିଁ'ର ତାଲିକା କରିବା ଦ୍ୱାରା ମନ ହୋଇଯାଉଛି 'ନାହିଁ ମୟ'। ଅଶାନ୍ତି, ଦୁଃଖର ହିମଖଣ୍ଡ ମନରେ ଅଜାଡ଼ି ହୋଇପଡୁଛି। ଏସବୁ ସମସ୍ୟାର ସମାଧାନର ଚାବିକାଠିଟି ହେଉଛି ଖୁସି ରହିବା। ଖୁସି ରହିବା ଆଦୌ ଧନର ପରିମାଣ ବା ବସ୍ତୁର ପରିମାଣ ଉପରେ ନିର୍ଭର କରେ ନାହିଁ। ନିର୍ଭର କରେ ମନୋବୃତ୍ତି ଉପରେ। ଭିତରେ ଖୁସିଭାବ ରହିଲେ ଅଶାନ୍ତି, ଅସନ୍ତୋଷ, ବିରକ୍ତି, କ୍ରୋଧ, ଅସହାୟତା ସମେତ ବହୁ ନକାରାତ୍ମକତା ବହୁ ପରିମାଣରେ କମିଯିବ। ଫଳତଃ ମନରେ ଆସିବ ପ୍ରସନ୍ନତା ଓ ପ୍ରଫୁଲ୍ଲତା। ଜୀବନ ଓ ପରିବେଶ ସୁସ୍ଥ ଓ ସୁନ୍ଦର ହେବ। ବହୁ ଅସଜଡ଼ା କଥା ଆପେ ଆପେ ସଜାଡ଼ି ହେବାକୁ ଆରମ୍ଭ କରିବ। ଅବଶ୍ୟ ଦିନକରେ ନୁହେଁ, ଆରମ୍ଭ କଲେ ଓ ଅଭ୍ୟାସ କଲେ ଖୁସି ଭାବଟି ଆସିବ ଓ ବଢ଼ିବ। ଆମ ଭିତରେ ଅଛି ଖୁସି ଭାବର ମଳୟ ବିଳାସ ଓ ମନ୍ଦାକିନୀ ଧାରା। ଆମେ କିନ୍ତୁ ବାଉଳା ହୋଇ ବାହାରେ ଖୋଜୁଛୁ। ଧନସମ୍ପଦ, ଯଶପ୍ରଶଂସା, ଆଧିପତ୍ୟ ଓ ପ୍ରଭୁତ୍ୱ ଭିତରେ ଖୋଜୁଛୁ। ଯାହା ଯେଉଁଠି ନାହିଁ ତାହକୁ ସେଇଠି ଖୋଜିଲେ, ତାହା ତ ମିଳୁନାହିଁ ବରଂ ନମିଳିବା ଜନିତ ଅଶାନ୍ତି ବଢ଼ିଯାଉଛି।

ଆମେ ପ୍ରତ୍ୟେକ ଏକ ଏକ କସ୍ତୁରୀ ମୃଗ। ଆମ ନାଭିର କସ୍ତୁରୀରେ ମହକ ଅଛି, ଆମେ କିନ୍ତୁ ବାହାରେ ବୁଲି ବୁଲି ପଥହରା ଓ ଦିଗହରା। ଆମ ଖୁସି ଭାବକୁ ଆମେ ଆବିଷ୍କାର କରିବା ଆମ ଭିତରେ, ଆମ ପାଇଁ କେହି ଏ କାମ କରିପାରିବେ ନାହିଁ। ଅତଏବ କଥାଟି ସତ ଯେ ଆମ ଖୁସି ଆମ ହାତରେ। କାହାକୁ ଦୋଷ ନ ଦେଇ ଅଥବା ନିଜକୁ ଦୋଷ ନ ଦେଇ ଇଚ୍ଛା କରି ଖୁସି ରହିବାକୁ ଆରମ୍ଭ କଲେ କିଛି ଦିନ ପରେ ସମସ୍ୟାସବୁର ପ୍ରକୋପ ଅଧେ କମିଯିବ। ଆଉ ଯାହା ରହିବ ତାହା ଆସ୍ତେ ଆସ୍ତେ କମିଯିବ । ଭିତରେ ଖୁସି ଭାବ ରହିଲେ ବିପଦ ଆସିଲେ ମଧ୍ୟ ତାହା ଆମକୁ ଭାଙ୍ଗି ପାରିବ ନାହିଁ, ବରଂ ଆମେ ତାକୁ ଭାଙ୍ଗି ଦେବାକୁ ସମର୍ଥ ହୋଇପାରିବା। ଅନ୍ଧାର ତ କେବଳ ଆଲୁଅକୁ ଡରେ, ଆଲୁଅ ଆସିଲେ ଅନ୍ଧାର ରହିପାରିବ ନାହିଁ, ଅପସରି ଯିବାକୁ ବାଧ ହେବ। ଚାବିକାଠିଟି ଆମ ହାତରେ ଅଛି, ମାତ୍ର ଅଜ୍ଞାନତା ବଶତଃ ଏହା ଆମେ ଜାଣିପାରୁ ନାହୁଁ। ଆଉ ଅଜ୍ଞାନତା ଆମକୁ ବେଶୀଦିନ କବଳିତ କରି ରଖିପାରିବ ନାହିଁ। ଖୁସି ଭାବର ଆଲୋକରେ ଜୀବନକୁ ଆଲୋକିତ କଲେ ଜୀବନର ସ୍ୱାଦ ବଦଳିଯିବ। ଆମେ ଅମୃତର ସନ୍ତାନ। ଅମୃତର ସନ୍ତାନ ପାଖରେ ଅମୃତର ସ୍ୱାଦ ଆଉ ଅପହଞ୍ଚ ହୋଇ ରହିବ ନାହିଁ। ଅମୃତର ସ୍ୱାଦ ମିଳିଲେ ପୃଥିବୀରେ ସ୍ୱର୍ଗୀୟ ଲାବଣ୍ୟ ଝରିପଡ଼ିବ ଓ ଦିଗଦିଗନ୍ତରେ ଆନନ୍ଦର ବର୍ଣ୍ଣବିଭା ଭରିଯିବ। ଆମେ ଏଇ ଦିବ୍ୟ ପ୍ରୟାସଟି ପାଇଁ ଆଜି ହିଁ ପ୍ରଯତ୍ନ ଆରମ୍ଭ କରିବା।

❐❐

ବିଶ୍ୱପ୍ରକୃତି ଓ ଆମେ

ବିଶ୍ୱପ୍ରକୃତି ଆମକୁ ବଞ୍ଚାଇଛି ଓ ବଢ଼ାଇଛି। ଆମେ ଆସିବା ଆଗରୁ ସେ ଏଇ ପୃଥିବୀରେ ଥିଲା। ମାଟି ହୋଇ ସେ ଅନ୍ୟ ପ୍ରାଣୀମାନଙ୍କୁ ଏବଂ ଆମକୁ ତା ଉପରେ ଲୀଳା ଖେଳା କରିବାକୁ ଅନୁମତି ଦେଇଛି। ଆମର ଅଳି ଅର୍ଦ୍ଦଳି ଅଧିକରୁ ଅଧିକ ସମ୍ଭାଳିଛି। ଗଛପତ୍ର ହୋଇ ଆମକୁ ଖାଦ୍ୟ ଯୋଗାଉଛି, ଅମ୍ଳଜାନ ହୋଇ ଆମର ବଞ୍ଚିବାର ଉପାଦାନ ଯୋଗାଉଛି, ଜଳ ହୋଇ ଆମର ଜୀବନ ରକ୍ଷା କରିଛି। ସମୁଦ୍ର ହୋଇ ନିଜେ ଉତ୍ତପ୍ତ ହୋଇ ଆମ ପାଇଁ ବର୍ଷା ସୃଷ୍ଟି କରିଛି। ବିବିଧ ସୌନ୍ଦର୍ଯ୍ୟରେ ବିମଣ୍ଡିତ ହୋଇ ଆମର ମନୋରଞ୍ଜନ କରିଛି। ଆମକୁ କରାଇଛି କବି, ଶିଳ୍ପୀ, ଅଭିନେତା, କଳାକାର ଓ ବୈଜ୍ଞାନିକ। ଅତଏବ ବିଶ୍ୱପ୍ରକୃତି ଜଡ଼ ନୁହେଁ, ସେ ଜୀବନ୍ତ ଓ ସଦା ସଚେତନ।

ଆମେ ଏସବୁ ଜାଣି ମଧ୍ୟ କିଛି ନଜାଣିଲା ପରି ତା' ପ୍ରତି ବ୍ୟବହାର କରୁଅଛୁ। ଆମର ସୁଖ ସୁବିଧା ପାଇଁ ବାୟୁମଣ୍ଡଳର ଓଜନ ସ୍ତରରେ ଛିଦ୍ର ହେବା ପର୍ଯ୍ୟନ୍ତ କେତେ କ'ଣ କରିଛୁ। ଛିଦ୍ର ହୋଇଛି ଓ ସେଇ ଛିଦ୍ରବାଟେ ସୂର୍ଯ୍ୟଙ୍କଠାରୁ ଅଲଟ୍ରା ଭାଓଲେଟ୍ ରଶ୍ମି ପୃଥିବୀକୁ ଆସିଯାଉଛି। ଫଳତଃ ଆମେ ଅଂଶୁଘାତର ଶିକାର ହେଉଛୁ। ପାଣିପବନ ବେଳକୁ ବେଳ ଅଧିକରୁ ଅଧିକ ଉତ୍ତପ୍ତ ହେବାରେ ଲାଗିଛି। ବିଶ୍ୱପ୍ରକୃତି ଏଥିରେ ବିଚଳିତ ହେବାକୁ ବାଧ ହେଉଛି। ଜଣାଯାଇଛି ଯେ ଆଣ୍ଟାର୍କଟିକାରେ ବରଫ ପୂର୍ବାପେକ୍ଷା ଦୁଇଗୁଣ ହାରରେ ତରଳୁଛି। ଏହି ବେଗରେ ବରଫ ତରଳିଲେ ସମୁଦ୍ରର ଜଳସ୍ତର ବଢ଼ିଯିବାର ସମ୍ଭାବନା ରହିଛି। ଏହାର କୁପ୍ରଭାବ ସମୁଦ୍ର ତଟ ଭୂମି ଅଞ୍ଚଳରେ ବହୁ ପ୍ରକାରେ ପଡ଼ିବ ବୋଲି କୁହାଯାଉଛି। ବିଶ୍ୱପ୍ରକୃତି ସହନଶୀଳ ଓ ସର୍ବଂସହା ହୋଇ ମଧ୍ୟ ବେଳେ ବେଳେ ବିବ୍ରତ ହେବାକୁ ବାଧ ହେଉଛି। ଏସବୁ ଘଟୁଛି ଆମର ବିଚାର ବିଭ୍ରାଟ ଯୋଗୁଁ। ପ୍ରକୃତି ଆମକୁ ବେଳେ ବେଳେ ଚେତାବନି ଦେଉଛି, ସତର୍କ କରାଉଛି ତଥାପି ଆମେ ଶୁଣୁନାହୁଁ କି ବୁଝୁନାହୁଁ। ଆମେ କହିଲେ ଏଠାରେ କୌଣସି ନିର୍ଦ୍ଦିଷ୍ଟ ଅଞ୍ଚଳର ଲୋକମାନଙ୍କ କଥା କୁହାଯାଉ ନାହିଁ, ବରଂ ସମଗ୍ର ମାନବ ଜାତିର କଥା କୁହାଯାଉଛି। ସମୁଦ୍ରରେ ଆବଶ୍ୟକତାଠାରୁ ଅଧିକ ପରୀକ୍ଷା ନିରୀକ୍ଷା କରି ଆମେ ସମୁଦ୍ରର ଜଳ ଓ ତଳଭାଗକୁ କଳୁଷିତ ଓ ବ୍ୟତିବ୍ୟସ୍ତ କରି ପକାଉଛୁ। ସମୁଦ୍ର ଜଳରେ ଥିବା ପ୍ରାକୃତିକ ରାସାୟନିକ ଉପାଦାନ ଭିତରେ ଭାରସାମ୍ୟ ରହୁନଥିବାରୁ ତାହାର ପ୍ରଭାବ ଜଳଜୀବମାନଙ୍କ ଉପରେ ପଡୁଛି। ସମୁଦ୍ରର ଜଳରାଶି ଓ ସମୁଦ୍ରର ନିମ୍ନ ଦେଶରେ ଅସ୍ୱାଭାବିକତା ରହୁଥିବାରୁ ତାହା ସମୁଦ୍ର ଭିତର ଅଂଶରୁ ଭୂମିକମ୍ପ ଅର୍ଥାତ୍ ସୁନାମିର ସୂତ୍ରପାତର ଅନ୍ୟତମ କାରଣ ହେଉଛି।

ବିଜ୍ଞାନର ଅବଦାନ ଆମ ପାଇଁ ଅବିସ୍ମରଣୀୟ ମାତ୍ର ଏହାର ଅପବ୍ୟବହାର ଜନିତ କ୍ଷତି ଅପୂରଣୀୟ। ଆମକୁ ବୁଦ୍ଧି ଓ ବିଚାର ଶକ୍ତି ମିଳିଛି ଅପପ୍ରୟୋଗ ପାଇଁ ନୁହେଁ ବରଂ ସବୁକଥାର ଯଥାର୍ଥ ପ୍ରୟୋଗ ନିମନ୍ତେ।

ଆମେ ଯଦି ତାହା ନ କରିବା ତେବେ କାହାକୁ ଦୋଷ ଦେବା, ସବୁ ଅଘଟଣ ପାଇଁ କାହାକୁ ଦାୟୀ କରିବା ? ଦେଶ ଦେଶ ଭିତରେ କେତେ ମାରଣାସ୍ତ୍ରର ପ୍ରସ୍ତୁତି ଓ ପରୀକ୍ଷା ହେଉଛି । କେବଳ ପରୀକ୍ଷା ନୁହେଁ କେତେ ଦେଶରେ ତାହାର ପ୍ରୟୋଗ ମଧ୍ୟ ବହୁ ଭାବରେ ଚାଲିଛି । ଏସବୁ କଥାର ମୂଳକଥାଟି ଆଧିପତ୍ୟ ବିସ୍ତାରର ମନୋଭାବ । ଧନ, ଜନ, ସମ୍ପଦ, ସୁବିଧା ସବୁ ବଢ଼ିଲା ମାତ୍ର ଏହା କମିଲା ନାହିଁ କି ମଣିଷ ପଣିଆ ବଢ଼ିଲା ନାହିଁ । ଦେଶ ଦେଶ ଭିତରେ, ଜାତି ଜାତି ଭିତରେ ସ୍ନେହ ଶ୍ରଦ୍ଧା ବଢ଼ିଲା ନାହିଁ । ପ୍ରତ୍ୟେକ ନିଜକୁ ବଡ଼ ଓ ଅନ୍ୟକୁ ସାନ ଭାବିବାର ରୋଗରେ ଆକ୍ରାନ୍ତ ହୋଇପଡ଼ିଲେ ।

ସତରେ ମଣିଷକୁ ଶ୍ରେଷ୍ଠ ସୃଷ୍ଟି ଭାବରେ ପୃଥିବୀକୁ ଅଣାଯାଇଥିଲା । ସେହି ଶ୍ରେଷ୍ଠ ସୃଷ୍ଟି ଭାବରେ ପରିଚିତ ଓ ପରିଗଣିତ ମଣିଷ ହେବାକୁ ବସିଛି ପୃଥିବୀର ଧ୍ୱଂସର କେତେ କାରଣ ଭିତରେ ଏକ ବିଶିଷ୍ଟ କାରଣ । ଦେଶମାନେ ବିଶେଷ କରି ବଡ଼ ବଡ଼ ଦେଶମାନେ ଏହି ଗମ୍ଭୀର ବିଷୟଟିକୁ ଯଦି ଟିକିଏ ବୁଝନ୍ତେ ତେବେ ବିଜ୍ଞାନ ଓ ଅନ୍ୟସବୁ କଥାର ସଦ୍‌ବ୍ୟବହାର କରାଯାଇ ପୃଥିବୀକୁ ଆହୁରି ସୁନ୍ଦର ଓ ମଧୁର କରାଯାଇ ପାରନ୍ତା । ଆମ ଦେଶ କୌଣସି ଦେଶକୁ ଆଗୁଆ ଆକ୍ରମଣ କରିନାହିଁ । ସେହିପରି ପୃଥିବୀର ଅନ୍ୟାନ୍ୟ ଦେଶ ଯଦି ପରସ୍ପର ଉପରେ ଆକ୍ରମଣ ନ କରନ୍ତେ ଏବଂ ପାରସ୍ପରିକ ଆଲୋଚନା ମାଧ୍ୟମରେ ସବୁ ସମସ୍ୟାର ସମାଧାନ କରନ୍ତେ ତେବେ ପୃଥିବୀ କ୍ରମେ କ୍ରମେ ଆହୁରି ସୁନ୍ଦର ହୁଅନ୍ତା, ଆନନ୍ଦ ଓ ଶାନ୍ତିର ପୁଣ୍ୟଧାମ ହୋଇପାରନ୍ତା ।

ଏକଥା ଜାଣିବା ଓ ଜଣାଇବା ଯଥେଷ୍ଟ ନୁହେଁ, କ୍ରିୟାରେ ପରିଣତ କରିବାକୁ ପ୍ରଯତ୍ନ ଏକାନ୍ତ ଜରୁରୀ । ଏ ଦିଗରେ ପ୍ରତ୍ୟେକ ଦେଶର ପ୍ରତିନିଧିମାନଙ୍କୁ ନେଇ ଏକ ବିଶ୍ୱ ସଂଘ ଗଠନ ଆବଶ୍ୟକ । ସେହି ବିଶ୍ୱସଂଘ ଜରିଆରେ ବିଶ୍ୱବାତାବରଣର ସୁରକ୍ଷା ଓ ବିଶ୍ୱଶାନ୍ତିର ପ୍ରତିଷ୍ଠାର ପ୍ରୟାସ ଆବଶ୍ୟକ । ଖାଲି ସଭାସମିତି, ଆଲୋଚନା ଚକ୍ର, ସମ୍ମିଳନୀ ଯଥେଷ୍ଟ ନୁହେଁ, ଏଥି ସହିତ ପ୍ରତ୍ୟେକ ଦେଶର ଶିକ୍ଷାନୁଷ୍ଠାନ ମାନଙ୍କରେ ପାଠ୍ୟଖସଡ଼ାରେ ପରିବେଶ ସୁରକ୍ଷା ସହିତ ପାରସ୍ପରିକ ବୁଝାମଣା ଓ ଭ୍ରାତୃଭାବର ବିକାଶ ପାଇଁ ପାଠ୍ୟକ୍ରମ ରହିବା ବାଞ୍ଛନୀୟ ।

ଆମେ ଏତିକିବେଳରୁ ସଚେତନ ନ ହେଲେ ଦିନ ଆସିବ ଯେତେବେଳେ ପରିବେଶ ସମ୍ପୂର୍ଣ୍ଣ ନଷ୍ଟ ହୋଇଯିବ ଏବଂ ଜୀବନ ଧାରଣ କଷ୍ଟ ହୋଇପଡ଼ିବ । ଏହି ସଚେତନତା ହିଁ ବିଶ୍ୱର ସୁରକ୍ଷାର ଅନ୍ୟନାମ । ଆମ ବିଶ୍ୱର ସୁରକ୍ଷା ହିଁ ଆମର ସୁରକ୍ଷା, ଏକଥା ବୁଝିବା ଆଜିର ପ୍ରଥମ ଓ ପ୍ରଧାନ ଆବଶ୍ୟକତା ।

❐❐

ଅନୁଚିନ୍ତନ

ଆତ୍ମଚେତନାର ବିବର୍ତ୍ତନରେ ଜୀବନର ସାର୍ଥକତା ନିହିତ। ଚେତନାର ବିବର୍ତ୍ତନ ହେଉଛି ରୂପ ପରିବର୍ତ୍ତନର ଭିତ୍ତି। ଡାରଉଇନ୍‌ଙ୍କ ବିବର୍ତ୍ତନବାଦ କହେ ରୂପ ପରିବର୍ତ୍ତନର କଥା। ଆତ୍ମିକ ପରିବର୍ତ୍ତନର କଥା ସେ କହେନାହିଁ। ପ୍ରକୃତରେ ଆତ୍ମିକ ପରିବର୍ତ୍ତନର ବିନା ଆଙ୍ଗିକ ପରିବର୍ତ୍ତନ ଅସମ୍ଭବ। ଆତ୍ମିକ ପରିବର୍ତ୍ତନ ହିଁ ଆଙ୍ଗିକ ପରିବର୍ତ୍ତନର ହେତୁ ବୋଲି ଶ୍ରୀଅରବିନ୍ଦ କହିଛନ୍ତି। ଚେତନାର ବିବର୍ତ୍ତନ ଫଳରେ ପ୍ରାଣୀର ପରୀକ୍ଷାଗାରରୁ ମାନବର ସୃଷ୍ଟି ହୋଇଛି। ବର୍ତ୍ତମାନ ମାନବର ପରୀକ୍ଷାଗାରରେ ଅତିମାନବର ସୃଷ୍ଟି ପାଇଁ ପ୍ରକ୍ରିୟାମାନ ଚାଲୁ ରହିଛି। ପ୍ରାଣର ପ୍ରକଟନରେ ପ୍ରାଣୀର ସୃଷ୍ଟି ଯେପରି ଘଟିଥିଲା, ମନର ପ୍ରକଟନରେ ମାନବର ସୃଷ୍ଟି ସେପରି ଘଟିଥିଲା। ମନର ପ୍ରକଟନ ଫଳରେ ପ୍ରାଣୀର ଶରୀର ରୂପାନ୍ତରିତ ହେଲା ମାନବର ଶରୀରକୁ। ଆଗ ମନର ପ୍ରକଟନ ଓ ପରେ ଶାରୀରିକ ଅବସ୍ଥାର ପରିବର୍ତ୍ତନ କିମ୍ବା ମନ ସହିତ ସମାନ ଭାବରେ ଶାରୀରିକ ଅବସ୍ଥାର ପରିବର୍ତ୍ତନ - ଏଇ ଦୁଇଟି କଥା କଥା ଭିତରୁ ଦ୍ୱିତୀୟ କଥାଟି ଅଧିକ ଯୁକ୍ତିଯୁକ୍ତ ମନେହୁଏ। ଅତଏବ ସୂକ୍ଷ୍ମ ପରିବର୍ତ୍ତନ ଯୋଗୁଁ ସ୍ଥୂଳ ପରିବର୍ତ୍ତନ ସମ୍ଭବ ହୁଏ। ଚେତନା ଏକ ସୂକ୍ଷ୍ମ ତତ୍ତ୍ୱ ଯାହାର ବିବର୍ତ୍ତନ ଘଟୁଛି ଆମେ ଜାଣୁକି ନ ଜାଣୁ। ଏହା ପ୍ରକୃତିର କ୍ରିୟା, ସ୍ୱାଭାବିକ କ୍ରିୟା। ମଣିଷର ମନ ପ୍ରାୟତଃ ବିକଶିତ ହୋଇ ସାରିଲାଣି। ଏଇ ବିକଶିତ ମନ ବୁଦ୍ଧିର ଭିତ୍ତିରେ ବିଜ୍ଞାନର ସ୍ଥିତି ଓ ଅଗ୍ରଗତି ସମ୍ଭବ ହୋଇଛି। ବିଜ୍ଞାନର ଅବଦାନ ବାହ୍ୟଜୀବନର ପୂର୍ଣ୍ଣତା ଆଣିଛି। ବାକି ରହିଛି ଅନ୍ତଃଜୀବନର ପୂର୍ଣ୍ଣତା ଓ ସମୃଦ୍ଧି। ବିଜ୍ଞାନ ବଳରେ ମଣିଷ ଉଡ଼ିପାରୁଛି ଆକାଶରେ, ଅଳ୍ପ ସମୟ ମଧ୍ୟରେ ଅଳ୍ପ ପରିଶ୍ରମରେ ପୃଥିବୀର ଗୋଟିଏ ସ୍ଥାନରୁ ଆଉ ଏକ ଦୂରତମ ସ୍ଥାନକୁ ଯାଇପାରୁଛି। ଗୋଟିଏ ସ୍ଥାନରେ ରହି ଅନ୍ୟ ଦୂରତମ ସ୍ଥାନର ଖବର ନିମିଷକେ ପାଇପାରୁଛି, ନିଜ ଦେହରୁ ନିଜପରି ଆଉ ଏକ ଦେହ ସୃଷ୍ଟି କରିପାରୁଛି, ବହୁ ଦୂରରେ ରହି ଅନ୍ୟର ଛବି ଓ କ୍ରିୟାକଳ୍ପକୁ ଦେଖିପାରୁଛି ଇତ୍ୟାଦି ଇତ୍ୟାଦି। ଏସବୁ ପୂର୍ଣ୍ଣାଙ୍ଗ ପୂର୍ଣ୍ଣତା ନୁହେଁ, ଏସବୁ ସହାୟକ ହୋଇପାରନ୍ତି ପୂର୍ଣ୍ଣାଙ୍ଗତା ପାଇଁ।

ଅନ୍ତଃ ଜୀବନର ବିକାଶ ହିଁ ବିକାଶର ଅସଲ ମନ୍ତ୍ର, ଚାବିକାଠି। ଏହାର ବିକାଶ ଘଟିଲେ ଉଭୟ ଜୀବନର ସମୃଦ୍ଧିର ସମନ୍ୱୟରେ ହିଁ ଆସିବ ଦିବ୍ୟଜୀବନ, ପୂର୍ଣ୍ଣତାର ଜୀବନ। ଅନ୍ତଃଜୀବନର ବିକାଶ ପାଇଁ ବିଭୁକୃପା ଏକାନ୍ତ ଜରୁରୀ। ଶ୍ରୀଅରବିନ୍ଦଙ୍କ ମତରେ ଶ୍ରୀମାଙ୍କର ଆଗମନ ପୃଥିବୀରେ ଏଇ ପୂର୍ଣ୍ଣତାର ଜୀବନ ନିମନ୍ତେ ଅନ୍ତର୍ଜୀବନର ବିକାଶ ନିମନ୍ତେ। କେବଳ ମା'ଙ୍କର ଶକ୍ତି ହିଁ ଆବଶ୍ୟକ ବିକାଶ ଘଟାଇପାରେ। ଆଧାରକୁ ଗଢ଼ିପାରେ ନୂତନ ରୂପରେ, ଅନ୍ଧକାରକୁ ଦୂରକରି ଖେଳାଇପାରେ ଆଲୋକର ଧାରା। ମନର ବିକାଶ ଘଟାଇ ସୃଷ୍ଟି କରିପାରେ ଅତି ମନ। ପୂର୍ଣ୍ଣଯୋଗୀକୁ କରିପାରେ ଦିବ୍ୟମାନବର ରୂପାନ୍ତରିତ।

ଏହି ଦୁରୂହ କାର୍ଯ୍ୟଟି ପାଇଁ ଶ୍ରୀମାଶ୍ରୀଅରବିନ୍ଦ ଆସିଛନ୍ତି ଅବତରି ଏହି ମର୍ତ୍ତ୍ୟର ମାଟିକୁ। ଜୀବନର ଅପୂର୍ଣ୍ଣତାକୁ ଦୂର କରିବାରେ ପ୍ରତିବନ୍ଧକ 'ଅହଂ'ର ବିରୁଦ୍ଧରେ ସ୍ୱର ଉତ୍ତୋଳନ କରୁଛନ୍ତି। ଅହଂର ରୂପାନ୍ତରରେ ହିଁ ଦିବ୍ୟଜୀବନର ପ୍ରକାଶ ଓ ବିକାଶ ସମ୍ଭବ ହେବ। ଶ୍ରୀମା ଏହି ପ୍ରସଙ୍ଗରେ କହିଛନ୍ତି "ମୁଁ ଗୋଟିଏ କଥା କହୁଛି, ତାହା ହେଉଛି ଅହଂର ବର୍ଜନ, ଅହଂର ବର୍ଜନ।" ଶ୍ରୀଅରବିନ୍ଦ ତ ଏହା ଉପରେ ପ୍ରବଳ ଗୁରୁତ୍ୱ ଆରୋପ କରିଛନ୍ତି ଆଉ କହିଛନ୍ତି "Renunciation of ego and acceptance of God in life is Yoga I teach, No other Renunciation."

ପ୍ରକୃତି ମାନବରୁ ଅତିମାନବ ତିଆରି କରିବାକୁ ଲକ୍ଷ ଲକ୍ଷ ବର୍ଷ ଲାଗିଥାଆନ୍ତା, ବହୁ କ୍ଷୟକ୍ଷତି ପୃଥିବୀର ଘଟିଥାଆନ୍ତା ଏହି ବିଳମ୍ବିତ ସମୟ ହେତୁ। ଏହି ବିଳମ୍ବିତ ସମୟକୁ ସ୍ୱଳ୍ପ କରିବା ପାଇଁ ଶ୍ରୀମା ଶ୍ରୀଅରବିନ୍ଦଙ୍କ ଧରାବତରଣ ଓ ସାଧନା ଅଭିପ୍ରେତ। ପଙ୍କକୁ ଯିଏ ଚନ୍ଦନ କରିବ ତାକୁ ପଙ୍କ ଭିତରକୁ ଆସିବାକୁ ହେବ, ଯିଏ ଅନ୍ୟର ଦୁଃଖକୁ ଦୂର କରିବ ତାକୁ ତ ଅନ୍ୟର ଦୁଃଖ ସହ ସାମିଲ ହେବାକୁ ହେବ, ଏଥିରେ ସନ୍ଦେହ ନାହିଁ। ଜଣକୁ ପାଣିରୁ ଉଦ୍ଧାର କରିବାକୁ ହେଲେ ଅନ୍ୟ ଜଣକୁ ପାଣିକୁ ଡେଇଁବାକୁ ହେବ, ଏଥିରେ ଅତିରଞ୍ଜନ ନାହିଁ। ଏହି ପ୍ରସଙ୍ଗରେ ଶ୍ରୀଅରବିନ୍ଦ କହିଛନ୍ତି -

"The day bringer must walk in darkest night
He would save the world must share its pain.
If he knows not grief, how shall he find grief's cure.
He who save the world must be one with the world

(ସାବିତ୍ରୀ)

ସ୍ୱଳ୍ପ ସମୟ ଭିତରେ ଏତେ ଦୂରତା ଅତିକ୍ରମ କରିବାକୁ ଥିବାରୁ ଗତିକୁ ତ୍ୱରାନ୍ୱିତ କରିବାକୁ ହିଁ ହେବ। ମାତ୍ର ତ୍ୱରାନ୍ୱିତ ଗତିରେ ପ୍ରଗତି ପଥରେ ଅଗ୍ରଗତି କରିବାର ସାମର୍ଥ୍ୟ ଆମ ଦେହ, ପ୍ରାଣ ଓ ମନରେ ନାହିଁ। ତେଣୁ ତ ଏ ସାଧନା ମା' ଆମ ପାଇଁ କରିବା ପାଇଁ ଆସିଛନ୍ତି ଓ କରୁଛନ୍ତି। ଅର୍ଥାତ୍ ମା' ହୋଇଛନ୍ତି ଏ ଯୋଗର ସାଧକ, ସାଧନା ଓ ସିଦ୍ଧି। ତାଙ୍କର ଶକ୍ତି ହିଁ ଆବରଣ ଛିନ୍ନ କରିଦେଇ ପାରିବ, ଆମ ଆଧାରକୁ ଗଢ଼ିତୋଳିବ ନୂତନ ରୂପରେ, ପୂର୍ଣ୍ଣତାର ବିଜୟଶ୍ରୀରେ ଆମର ସତ୍ତାଗୁଡ଼ିକର ନବନିର୍ମାଣ କରିଦେବ। ଏଠାରେ ଆମ ମନରେ ପ୍ରଶ୍ନ ଆସିବ ଯେ ଯଦି ମା' ଆମ ପାଇଁ ସାଧନା କରିଦେବେ, ତେବେ ଆମେ କ'ଣ କରିବା। ଉତ୍ତରରେ କୁହାଯିବ ଯେ ଆମେ ତାଙ୍କୁ ସହଯୋଗ କରିବା। ଆମର ସହଯୋଗ ହିଁ ଆମର ସାଧନା।

ଆମେ କିପରି ତାଙ୍କର ଏଇ ବିରାଟ ଦୁରୂହ କାର୍ଯ୍ୟରେ ସହଯୋଗ କରିବା ତାହା ବର୍ତ୍ତମାନ ଆଲୋଚନା କରିବା। ସହଯୋଗର ପ୍ରଥମ କଥାଟି ହେଉଛି ଅଭୀପ୍ସା- ଅଭୀପ୍ସା ହେଉଛି ଭଗବାନଙ୍କୁ ପାଇବାର ପ୍ରବଳ ଆକାଙ୍କ୍ଷା। ଏହା କାମନା ନୁହେଁ କି ବାସନା ମଧ୍ୟ ନୁହେଁ। ଅଧିକ ଧନ ପ୍ରାପ୍ତିର ଇଚ୍ଛା କାମନାର ବାସନାର ଅନ୍ତର୍ଭୁକ୍ତ ହୋଇପାରେ। ଯଶ, କ୍ଷମତା ପ୍ରାପ୍ତିର ଇଚ୍ଛା ମଧ୍ୟ କାମନାର ବାସନାର ଅନ୍ତର୍ଭୁକ୍ତ ହୋଇପାରେ, ମାତ୍ର ଭଗବାନଙ୍କୁ ଆବିଷ୍କାର, ଉପଲବ୍ଧି ଓ ଅଭିବ୍ୟକ୍ତିର ପ୍ରବଳ ଆଗ୍ରହକୁ ଅଭୀପ୍ସା ବୋଲି କୁହାଯିବ। ଅଭୀପ୍ସାର ଅନ୍ୟଏକ ଦିଗ ହେଉଛି ଅହରହ ତହିଁରେ ଲାଗିରହିବା। ଲୁହାକୁ ଚୁମ୍ବକ ଟାଣିଲା ପରି ଅଭୀପ୍ସା ଟାଣେ ମନକୁ। କ୍ରମେ ପ୍ରାଣକୁ ଓ କ୍ରମେ କ୍ରମେ ଶରୀରକୁ ଭଗବାନଙ୍କ ଆଡ଼କୁ। ଆତ୍ମହାର ଶକ୍ତିକୁ ନଷ୍ଟ କରିଦିଏ ଦ୍ୱନ୍ଦ୍ୱ, ସଂଶୟ, ସନ୍ଦେହ ଓ ଅବିଶ୍ୱାସ। ଆତ୍ମହା ରୂପକ ଦୀପକୁ ଜଳାଇ ରଖିବାକୁ ହେଲେ ମନକୁ ଉପରୋକ୍ତ ବିରୋଧୀ ଶକ୍ତିମାନଙ୍କ କବଳରୁ ମୁକ୍ତ ରଖିବାକୁ ହେବ। ଏହି ପ୍ରସଙ୍ଗରେ ଶ୍ରୀମା କହନ୍ତି, "ଆତ୍ମହା କରିବା ଅତି ଆବଶ୍ୟକ,

କିନ୍ତୁ କେତେକ ଲୋକ, ଭିତରେ ଏପରି ଏକ ଅନ୍ତଃଦ୍ୱନ୍ଦ୍ୱ ଥାଇ ଆତ୍ମହା କରନ୍ତି ଯେ ବିଶ୍ୱାସ ଓ ଅବିଶ୍ୱାସ ପ୍ରତ୍ୟୟ ଓ ପ୍ରତ୍ୟୟହୀନତା, ଆଶାବାଦ ଯାହା ବିଜୟ ବିଷୟରେ ନିଶ୍ଚିତ ଓ ନିରାଶାବାଦ ଯାହା ନିଜକୁ ପଚାରେ କେତେବେଳେ ବିପତ୍ତି ଓ ବିପର୍ଯ୍ୟୟ ଆସିଯିବ। ପ୍ରକୃତରେ ଯଦି ସତ୍ତା ଭିତରେ ଏପରି ଅନ୍ତଃ ଦ୍ୱନ୍ଦ୍ୱ ଥାଏ, ତେବେ ତୁମେ ଆତ୍ମହା କରିପାର, ମାତ୍ର ତୁମେ କିଛି ହେଲେ ପାଅ ନାହିଁ।"

ସମର୍ପଣ : ଭଗବାନଙ୍କର ବୋଲି ଜାଣି ସବୁ ତାଙ୍କୁ ଦେଇଦେବା ହିଁ ସମର୍ପଣ। ଏହା ଦାନ ନୁହେଁ, ତାଙ୍କୁ ଅର୍ପଣ କରାଯାଏ ବୋଲି ତାହାକୁ ସମର୍ପଣ କୁହାଯାଏ। ତାଙ୍କୁ ଦେଇଦେବା ଦ୍ୱାରା ନିଜେ ଉପକୃତ ହେବା ହିଁ ସମର୍ପଣର ଲକ୍ଷ୍ୟ। ତାଙ୍କର ଜଡ଼ର ରୂପ ଓ ଉପାଦାନରୁ ଆମର ଶରୀର ଗଠିତ ହୋଇଛି ଅର୍ଥାତ୍ ବିଶ୍ୱଜଡ଼ରୁ ଆମ ଶରୀର ନିର୍ମିତ ହୋଇଛି। ତାଙ୍କର ପ୍ରାଣର ଉପାଦାନରୁ ଆମ ପ୍ରାଣ ଗଠିତ ହୋଇଛି ଅର୍ଥାତ୍ ବିଶ୍ୱପ୍ରାଣରୁ ଏତେ ଟିକିଏ ପ୍ରାଣଶକ୍ତି ହିଁ ଆମର ପ୍ରାଣ ରୂପେ ପ୍ରକଟିତ ହୋଇଛି। ତାଙ୍କ ମନ-ଉପାଦାନରୁ ଆମ ମନ ଆସିଛି। ବିଶ୍ୱ ମନର ଆମ ମନ ହେଉଛି ଏକ କ୍ଷୁଦ୍ର ଅଂଶବିଶେଷ। ସବୁ ତାଙ୍କର ଧନ, ତାଙ୍କର ଜ୍ଞାନ, ତାଙ୍କର ଯଶ ତାଙ୍କର ପ୍ରଶଂସା। ଆମେ ବ୍ୟବହାର କରୁଛୁ ମାତ୍ର ତାହା ଆମର ନୁହେଁ। ବରଂ ଏଗୁଡ଼ିକର ସଦ୍‌ବ୍ୟବହାର ହିଁ ଆମର କର୍ତ୍ତବ୍ୟ। ଅହଂ ଆମକୁ ଏଗୁଡ଼ିକୁ ଆମର ବୋଲି କହି ଉଦ୍‌ଭ୍ରାନ୍ତ କରୁଛି। ପ୍ରକୃତରେ ତାଙ୍କ ଜିନିଷ ତାଙ୍କର ବୋଲି ବିଚାରି ବ୍ୟବହାର କରିବା ଅର୍ଥ ତାଙ୍କୁ ସୀମାହୀନ ସମ୍ମାନ ଜଣାଇବା। ତାଙ୍କୁ ତାଙ୍କ ଜିନିଷ ମନରେ ଅର୍ପଣ କରିବା ଅଯୁକ୍ତିକର ନୁହେଁ ବରଂ ତାଙ୍କ ଜିନିଷର ଏହାହିଁ ସଦବ୍ୟବହାର। ସମର୍ପଣ ତତ୍ତ୍ୱ ଅନୁସାରେ ଶରୀର ଦେଇ ଦେବ ତା'ର ସମସ୍ତ କର୍ମ, ପ୍ରାଣ ଦେଇଦେବ ତା'ର ସମସ୍ତ ଶକ୍ତି, ମନ ଦେଇଦେବ ତା'ର ସମସ୍ତ ଚିନ୍ତା। ତାଙ୍କୁ ମନେ ମନେ ସବୁ ଦେଇଦେଲେ କିଛି କ୍ଷୁର୍ଣ୍ଣ ହେବ ନାହିଁ, ବରଂ ଅପୂର୍ଣ୍ଣତା ପୂର୍ଣ୍ଣ ହୋଇଯିବ। ତାଙ୍କୁ ଆମର ସବୁକିଛିର ମାଲିକ ଭାବିବା ଦ୍ୱାରା ଓ ନିଜକୁ ତାଙ୍କର ସେବକ ଭାବିବା ଦ୍ୱାରା ସମସ୍ୟାଗୁଡ଼ିକ ଦ୍ୱାରା ଆମେ ଆଉ ଅଧିକ ଆକ୍ରାନ୍ତ ହେବନାହିଁ, ବରଂ ହାଲ୍‌କା ଅନୁଭବ କରିବା। ଶ୍ରୀଅରବିନ୍ଦଙ୍କ ମତରେ "ପୂର୍ଣ୍ଣଯୋଗର ଆରମ୍ଭ ସମର୍ପଣରେ ଓ ଶେଷ ସମର୍ପଣରେ" ଅର୍ଥାତ୍ ନିଜର ସବୁକିଛି ଦେଇସାର ଶେଷକୁ ନିଜକୁ ଦେଇଦେବାକୁ ହେବ। ନିଜକୁ ଦେଇଦେବାକୁ କୁହାଯାଏ ଆତ୍ମନିବେଦନ। ଆତ୍ମନିବେଦନର ପ୍ରଭାବ ଅନନ୍ୟ ଓ ସୁଦୂର ପ୍ରସାରୀ। ଏହା ଆଣେ ଜୀବନର ସାର୍ଥକତା। ଜୀବନର ଲକ୍ଷ୍ୟ ପୂରଣ ଦିଗରେ ଏହା ହୁଏ ସହାୟକ। ଭଲ ମନ୍ଦ, ସୁଖ ଦୁଃଖ, ଅଭାବ ଅସୁବିଧା ସବୁ କିଛିକୁ ସମର୍ପଣ କରିବାକୁ ହେବ। ଭଲ ଚିନ୍ତା ଓ ମନ୍ଦ ଚିନ୍ତା ସବୁକିଛିକୁ ମଧ୍ୟ ଦେଇଦେବାକୁ ହେବ ଆଉ କହିବାକୁ ହେବ "ମୋ ଇଚ୍ଛା ନୁହେଁ, ତୁମ ଇଚ୍ଛା ହିଁ ପୂର୍ଣ୍ଣ ହେଉ।" ପ୍ରତ୍ୟାଶାରଖିଲେ ସମର୍ପଣ ହେବ ନାହିଁ, କୌଣସି ପ୍ରତ୍ୟାଶା ନ ରଖି କେବଳ ସମର୍ପଣର ଆନନ୍ଦ ପାଇଁ ସମର୍ପଣ କରିବାହିଁ ଯଥାର୍ଥ ସମର୍ପଣ। ନିଜକୁ ଓ ନିଜର ଯାହା କିଛି ଅଛି ସହାସ୍ୟରେ ସମର୍ପଣ କରିଦେଲେ ଭାଗବତ ବାଣୀ ସହିତ କଣ୍ଠ ମିଳାଇ ମନ କହିବ।

"ସକଳ ତୀର୍ଥ ତୋ ଚରଣେ
ବଦ୍ରିକା ଯିବି କି କାରଣେ
ଆଶ୍ରମ ନାମ ବଦରିକା
ସେ କି ତୋ ଚରଣୁ ଅଧିକା।"

ସମର୍ପଣ ସହିତ ଅଭୀପ୍ସା ଓ ପ୍ରତ୍ୟାଖ୍ୟାନ ମଧ୍ୟ କ୍ରିୟାଶୀଳ ହେବା ଆବଶ୍ୟକ। ଅନ୍ୟଥା କେବଳ ସମର୍ପଣ

ଶତପ୍ରତିଶତ ଫଳପ୍ରଦ ହେବ ନାହିଁ। ସମର୍ପଣ ଭିତରେ ଆମଆଡୁ ଉପରକୁ ଉଠିବାକୁ ଚେଷ୍ଟା ରହିବ ଓ ତାହା ହେଲେ ଉପରର ଶକ୍ତି ହାତ ବଢ଼ାଇ ଆମକୁ ଉପରକୁ ଉଠାଇନେବ। ଅବଶ୍ୟ ସମର୍ପଣ ଏକା ଦିନକେ ସମ୍ପୂର୍ଣ୍ଣ ହୁଏ ନାହିଁ। ତେବେ ଦିନେ ଆରମ୍ଭ କଲେ ଓ ଅଭ୍ୟାସ ବଳରେ ତହିଁରେ ଲାଗିରହିଲେ ଫଳ ଯଥାସମ୍ଭବ ଶୀଘ୍ର ଅନୁଭୂତ ହେବ। ଏଥିପାଇଁ ଆବଶ୍ୟକ ଅସୀମ ଧୈର୍ଯ୍ୟ, ଅଶେଷ ସହନଶୀଳତା, ଅତୁଟ ଆସ୍ଥା। ସମର୍ପଣରେ ଆଡ଼ମ୍ବର ନ ଥାଏ, ନିଜକୁ ଜାହିର କରିବାର ପରମ୍ପରା ନଥାଏ। ସମର୍ପଣ ହୁଏ, ସହଜ, ସରଳ, ନୀରବ ଓ ନିର୍ମଳ।

❐❐

ପୂର୍ଣ୍ଣ ପୃଥିବୀର ଚିତ୍ର

ଆମେ ଯେଉଁଜଗତରେ ରହିଛୁ ତାହା ହେଉଛି ପ୍ରାତିଭାସିକ ଜଗତ। ପ୍ରାତିଭାସିକ ଜଗତର ଅର୍ଥ ହେଉଛି ଛାୟାର ଜଗତ। ଛାୟା ହେଉଛି କାୟାର ଛାୟା। ଛାୟା ରହିଛି ଅର୍ଥ ତା ସହିତ କାୟା ଯୋଡ଼ି ହୋଇରହିଛି। କାହାର ଏ ଛାୟା ଏବଂ କାହାର ଏ କାୟା ? ଏ ଛାୟା ହେଉଛି ଭଗବାନଙ୍କର ଏବଂ ଏ କାୟା ହେଉଛି ଭଗବାନଙ୍କର କାୟା । ସେ ଏ ଜଗତରେ ଅଦୃଶ୍ୟ ମାତ୍ର ଛାୟା ତାଙ୍କର ଦୃଶ୍ୟ। ସେ ସ୍ୱଇଚ୍ଛାରେ ଗଛଲତା ହୋଇଛନ୍ତି, ପାହାଡ଼ ପର୍ବତ ହୋଇଛନ୍ତି, ଫୁଲ, ଫଳ ନଦୀ ଝରଣା ହୋଇଛନ୍ତି, ହୋଇଛନ୍ତି କୀଟପତଙ୍ଗ ପଶୁପକ୍ଷୀ ପୁଣି ମଣିଷ। ଏସବୁ କିଛି ଯାହା ଇନ୍ଦ୍ରିୟ ଲବ୍ଧ ଜ୍ଞାନ ଦ୍ୱାରା ଉପଲବ୍ଧ ତାହା ତାଙ୍କର ଛାୟା। ଛାୟାକୁ ଧରି ରଖିଛି କାୟା। ଛାୟା ଆଡୁ ଗତି ଆରମ୍ଭ କଲେ କାୟାରେ ପହଞ୍ଚି ହେବ। ଯାହାର କାୟା ଖୋଜିବାକୁ ଆମେ ପୃଥିବୀକୁ ଆସିଛୁ, ତା'ର ଛାୟା ଅଲୋଡ଼ା ହେବ କାହିଁକି ? ଛାୟାକୁ ଅତିକ୍ରମ କରେ କାୟାର ସନ୍ଧାନ ମିଳିବ। ଛାୟାର ପ୍ରାନ୍ତ ଯେଉଁଠି କାୟାର ଆରମ୍ଭ ସେଇଠି। ଛାୟାକୁ ଅବମାନନା ନୁହେଁ ଅତିକ୍ରମ କରିବା ଆମର ଲକ୍ଷ୍ୟ। ଛାୟାକୁ ଅବମାନନା ଅର୍ଥ କାୟାର ମଧ୍ୟ ଏକପ୍ରକାର ଅବମାନନା, କହିଲେ ଅତ୍ୟୁକ୍ତି ହେବନାହିଁ।

ଛାୟାର ଜଗତ ଅର୍ଥାତ୍ ଆମର ଏଇ ଭୌତିକ ଜଗତକୁ ଅବମାନନା କଲେ, ଅଲୋଡ଼ା ବୋଲି ଭାବିଲେ କାୟାର ଅନୁଭବ ସମ୍ପୂର୍ଣ୍ଣ ହେବ ନାହିଁ। ତା'ର କାରଣ ହେଉଛି ଛାୟା ଓ କାୟାର ସମ୍ମିଶ୍ରଣରେ ପୂର୍ଣ୍ଣ ସ୍ୱରୂପର ସୃଷ୍ଟି। ପ୍ରତ୍ୟେକ କଥାର ପ୍ରକୃତ ସ୍ୱରୂପ ଜାଣିବାକୁ ହେଲେ ଆମକୁ କାୟା ସହିତ ଛାୟାକୁ ମିଶାଇ ଗ୍ରହଣ କରିବାକୁ ହେବ। ଅତଏବ ଏଇ ଜାଗତିକ ଜୀବନକୁ ଅଦରକାରୀ ଭାବିବା ଦରକାର ନାହିଁ। ଅନ୍ୟ ପକ୍ଷରେ ଏହି ଛାୟାରେ ଅଟକିଗଲେ ମଧ୍ୟ କାୟାର ଦର୍ଶନ ହେବ ନାହିଁ। ସୁତରାଂ ଏଇ ଜଗତକୁ ଆବଶ୍ୟକୀୟ ଗୁରୁତ୍ୱ ଦେବାକୁ ହେବ। ଏଇ ଜଗତର ପ୍ରତୀକ ହେଉଛି ଆମର ଦେହ, ପ୍ରାଣ ଓ ମନ। ତେଣୁ ତ କୁହାଯାଇଛି, 'ଯାହା ରହିଛି ପିଣ୍ଡେ, ତାହା ରହିଛି ବ୍ରହ୍ମାଣ୍ଡେ।' ଏହି କଥାଟିକୁ ପିଣ୍ଡ ବ୍ରହ୍ମାଣ୍ଡ ତତ୍ତ୍ୱ ବୋଲି କୁହାଯାଏ। ଦେହ ହେଉଛି ବିଶ୍ୱଜଡ଼ର ଏକ ବିନ୍ଦୁ ସ୍ୱରୂପ, ପ୍ରାଣ ହେଉଛି ବିଶ୍ୱ ପ୍ରାଣର ଏକ ଏକକ, ମନ ହେଉଛି ବିଶ୍ୱ ମନର ଏକ ଏକକ। ଏଇ ବିନ୍ଦୁକୁ ସିନ୍ଧୁରେ ପରିଣତ କରିବା ହେଉଛି ଜୀବନର ଲକ୍ଷ୍ୟ। ବିନ୍ଦୁକୁ ବଢ଼ାଇ ଚାଲିଲେ ତାହା ସିନ୍ଧୁର ରୂପ ନେବ। ଅର୍ଥାତ ଜଡ଼ର ଶକ୍ତି ଓ ଚେତନା ବଢ଼ି ବଢ଼ି ଶେଷରେ ବିଶ୍ୱଜଡ଼ର ଶକ୍ତି ଓ ଚେତନାରେ ରୂପାୟିତ ହୋଇପାରିବ। ପ୍ରାଣର ଶକ୍ତି ଚେତନା ବଢ଼ି ବଢ଼ି ଶେଷରେ ବିଶ୍ୱପ୍ରାଣରେ ପହଞ୍ଚିପାରିବ। ମନର ଶକ୍ତି ଓ ଚେତନା ବଢ଼ି ବଢ଼ି ଶେଷରେ ବିଶ୍ୱ ମନରେ ପହଞ୍ଚିବ।

ବଢ଼ିବାର କ୍ଷେତ୍ର ହେଉଛି ଏଇ ପୃଥିବୀ ଓ ପାର୍ଥିବ ଜୀବନ। ଶ୍ରୀମା କହନ୍ତି ଯେ 'ପୃଥିବୀ ହିଁ ହେଉଛି ସବୁଠାରୁ ଅଧିକ ଅର୍ଥପୂର୍ଣ୍ଣ କେନ୍ଦ୍ର।' ପାର୍ଥିବ ଜୀବନରୁ ହିଁ ବିଶ୍ୱଜୀବନ ଯାତ୍ରାର ଅୟମାରମ୍ଭ। ଭୌତିକ ଜୀବନକୁ ବାଦ୍‌ଦେଇ ଅଧ୍ୟାତ୍ମ ଜୀବନର ପୂର୍ଣ୍ଣତା ନାହିଁ। ଅତଏବ ଭୌତିକ ଜୀବନ ବା ଜାଗତିକ ଜୀବନ ହେଉଛି ପୂର୍ଣ୍ଣ ଅଧ୍ୟାତ୍ମ ଜୀବନର ଭିତ୍ତି।

ଛାୟା ଆଦୌ ଅବମାନନାର ସାମଗ୍ରୀ ନୁହେଁ କି ଅଟକି ଯିବାର ସାମଗ୍ରୀ ନୁହେଁ। ବିଜ୍ଞାନ ବେଳେ ବେଳେ ଏଇ ଛାୟାର ଜଗତକୁ ସବୁକିଛି ମନେକରି ଏଠାରେ ଅଟକି ଯିବାକୁ ଚାହେଁ, ଅନ୍ୟମାନଙ୍କୁ ଏତିକିରେ ଅଟକାଇ ଦେବାକୁ ଚାହେଁ। ଛାୟାରେ ଅଟକି ଥିଲେ ସେତିକିରେ ଘୂରି ବୁଲିବାକୁ ପଡ଼େ, ଆଗକୁ ଯାଇ ହୁଏନାହିଁ। ଅଗ୍ରଗତି ହିଁ ପ୍ରଗତିର ଅନ୍ୟନାମ। କେବଳ ଗତି ଯଥେଷ୍ଟ ନୁହେଁ ପ୍ରଗତି ଆମର କାମ୍ୟ। ତେବେ ବିଜ୍ଞାନ ଯେ ସବୁବେଳେ ଛାୟାରେ ଅଟକେ ତାହା ନୁହେଁ, ଅତିକ୍ରମ ମଧ୍ୟ କରିବାକୁ ପ୍ରୟାସ କରିଥାଏ।

ବିଜ୍ଞାନ ଛାୟାରେ ଅଟକିଗଲା ପରି ବୈରାଗ୍ୟ କାୟାରେ ଅଟକିଯାଏ। ଛାୟା ଉପରେ ଗୁରୁତ୍ୱ ଦିଏ ନାହିଁ। ଛାୟାକୁ ଅଲୋଡ଼ା ବୋଲି ବିଚାର କରେ। ଅର୍ଥାତ୍ ଏଇ ଜାଗତିକ ଜୀବନକୁ ଅଲୋଡ଼ା ଭାବି ଅବମାନନା କରି ବିଚାର କରେ। ଫଳରେ ତଥାକଥିତ ବୈରାଗ୍ୟ ଦ୍ୱାରା ଭଗବତ ସତ୍ତାର ସାମଗ୍ରିକ ସ୍ୱରୂପ ଉପଲବ୍ଧ ହୋଇପାରେ ନାହିଁ।

ଏଠାରେ ପ୍ରତିପାଦ୍ୟ ଏହା ଯେ, ଜାଗତିକ ଜୀବନକୁ ସମ୍ମାନ ଓ ଶ୍ରଦ୍ଧା ଜଣାଇ ତା'ର ପ୍ରଚ୍ଛଦପଟ୍ଟରେ ବା ତାକୁ ଧରିଥିବା ଅସଲ ସତ୍ୟର ସନ୍ଧାନ କରିବା ଓ ତାଙ୍କୁ ପ୍ରାପ୍ତ କରିବା।

କେବଳ ଦୃଶ୍ୟ ଓ ବସ୍ତୁ ଦ୍ୱାରା ନୁହେଁ, ଇନ୍ଦ୍ରିୟ ଗ୍ରାହ୍ୟ ପ୍ରତ୍ୟେକ ଉପାଦାନ ଦ୍ୱାରା କାୟାର ଆବିଷ୍କାର କରି ହେବ। ଉଦାହରଣସ୍ୱରୂପ ମଲ୍ଲୀଫୁଲର ବାସ୍ନା ହେଉଛି ଭଗବତ ସୁବାସର ଏକ ଛାୟା। ଏଇ ଛାୟାରୁ ଯାତ୍ରା ଆରମ୍ଭ କରେ ସେଇ ମଲ୍ଲୀ ଫୁଲ ନିକଟରେ ପହଞ୍ଚି ହେବ। କୋଇଲିର ମିଠାମିଠା ସ୍ୱରତାନ ସେଇ ଭଗବତ ସୁରତାନର ଏକ ଛାୟା, ଏଇ ଛାୟାରୁ ଯାତ୍ରା ଆରମ୍ଭ କରେ ସେଇ ସ୍ୱରତାନରେ ଦିନେ ନା ଦିନେ ପହଞ୍ଚି ହେବ। ସ୍ୱାଦ କ୍ଷେତ୍ରରେ ଓ ସ୍ପର୍ଶ କ୍ଷେତ୍ରରେ ମଧ୍ୟ କଥାଟି ଅନୁରୂପ ଭାବରେ ପ୍ରଯୁଜ୍ୟ।

ଏକ ଅନୁସନ୍ଧାନୀ ଦୃଷ୍ଟିକୋଣରେ ଆମର ରହିବା ଦରକାର ଏକ ସମନ୍ୱୟଧର୍ମୀ ମାନସିକତାରେ ରହିବା ଆମର ଦରକାର। ସମନ୍ୱୟ ମୂଲ୍ୟ ଓ ମୂଲ୍ୟବୋଧ ଭିତରେ, ବସ୍ତୁ ଓ ଚେତନା ଭିତରେ, ବହିଃଜୀବନ ଓ ଅନ୍ତଃଜୀବନ ଭିତରେ, କଥା ଓ କର୍ମ ଭିତରେ ଭାବ ଓ ଭାବନା ଭିତରେ, ରହିବା ବାଞ୍ଛନୀୟ।

ବର୍ତ୍ତମାନ ଆଉ ଏକଦିଗଦର୍ଶିତାର ସମୟ ନାହିଁ। ବହୁଦିଗ୍‌ଦର୍ଶିତାର ସମୟ ଆସିଛି। ସାମଗ୍ରିକତା ହେଉଛି ବର୍ତ୍ତମାନ ସମୟର ଭାବାଦର୍ଶ। ପ୍ରାଚ୍ୟ ଚେତନା ଓ ପାଶ୍ଚାତ୍ୟ ଚେତନାର ସମନ୍ୱୟରେ ସଂଗଠିତ ହେବ ନୂତନ ଏକ ଚେତନା ଯାହାକୁ ଭିତ୍ତିକରି ଗଢ଼ିଉଠିବ ନୂଆ ଏକ ପୃଥିବୀ ଯାହା ଆକୃତିରେ ପୂର୍ବପରି ଥିଲେ ହେଁ ପ୍ରକୃତିରେ ଭିନ୍ନ ହେବ। ସମନ୍ୱିତ ଚେତନା ଭିତରେ ସଂକୀର୍ଣ୍ଣତା ହ୍ରାସ ପାଇବ। ନିଜ ଦେଶ ପ୍ରତି ଆନ୍ତରିକତା ଅଧିକ ବଢ଼ିବ, ନିଜ ଦେଶକୁ ଜାତିକୁ ଗୁରୁତ୍ୱ ଦିଆଯିବ। ଏଥିସହିତ ଅନ୍ୟ ଦେଶ ଓ ଜାତି ଉପରେ ଆବଶ୍ୟକୀୟ ଗୁରୁତ୍ୱ ମଧ୍ୟ ପ୍ରଦାନ କରାଯିବ। ପୃଥିବୀରେ ପ୍ରଚଳିତ ସମସ୍ତ ଭାଷା ଓ ଚଳଣି ଉପରେ ଯଥାର୍ଥ ଗୁରୁତ୍ୱ ପ୍ରଦତ୍ତ ହେବ। ମନୁଷ୍ୟ ମନୁଷ୍ୟ ଭିତରେ ପାରସ୍ପରିକ ଶ୍ରଦ୍ଧା ଓ ସମ୍ମାନ ବଢ଼ିବ। ପାରସ୍ପରିକ ଅନୁମୋଦନ ଅଧିକରୁ ଅଧିକ ରହିବ। ଜୀବନ ହେବ ସମନ୍ୱିତ ଚେତନାର ଭିତ୍ତିରେ ଦିବ୍ୟ ଭାବନାର ଲୀଳାନଗରୀ, ସୁରମ୍ୟ ଶିବିର। ସେଠାରେ ନଥିବ ଦ୍ୱନ୍ଦ୍ୱ, ଅବିଶ୍ୱାସ, କଳହ, ଈର୍ଷା, ହିଂସା ଛଳନା, ପ୍ରତାରଣା, ପ୍ରଭୃତି ବିରୋଧୀ ଶକ୍ତିର ପ୍ରାଦୁର୍ଭାବ। ମର୍ତ୍ତ୍ୟ ହେବ ସ୍ୱର୍ଗର ଲାବଣ୍ୟରେ ବିମଣ୍ଡିତ, ଦେବତାମାନଙ୍କର ମନୋଜ୍ଞ ମହଲ। କବିଙ୍କ ଭାଷାରେ -

"ଦିବ୍ୟ ଭାବନା ଆସି କରିବ ଲୀଳା
ଆସିବ ଧରା ବୁକେ ମାହେନ୍ଦ୍ର ବେଳା,
ଦେବତା ଆଉ ସ୍ୱର୍ଗେ ରହିବେ ନାହିଁ
ଆସିବେ ସରାଗରେ ମରତ ଭୂଇଁ।"

❐❐

ବ୍ୟକ୍ତିତ୍ୱ ଓ ଅହଂକାର

କ'ଣ ହୋଇଛି କେଜାଣି ଆଜିକାଲି ଲାଭ ଲାଳସା ନ ଥିଲେ କେହି କାହାକୁ ଭଲ କଥା ପଦେ କହିବାର ଶୁଣାଯାଉ ନାହିଁ। ବହୁ କ୍ଷେତ୍ରରେ ନିଜର କର୍ତ୍ତବ୍ୟ କର୍ମ ଯଥାଯଥ ଭାବେ କରାଯାଉନାହିଁ। ଅନ୍ୟପର ପ୍ରତିଦାନର ଆଶା ପ୍ରବଳ ରହୁଛି। ଅନ୍ୟଠାରୁ ଝାମ୍ପି କରି କିଛି କିଛି ନେଇଯିବା ବା ଠକିକରି ନେଇଯିବା ଚତୁରତାର ଚିହ୍ନ ହୋଇଛି। କର୍ତ୍ତବ୍ୟରେ ଅବହେଳା ହେତୁ ବୃତ୍ତିଗତ ଜୀବନ ସମୃଦ୍ଧ ହୋଇପାରୁନାହିଁ। ଯିଏ ଯେଉଁ କାର୍ଯ୍ୟରେ ଅଛନ୍ତି ସିଏ ସେ କାର୍ଯ୍ୟରେ ସେ ସନ୍ତୁଷ୍ଟ ଥିଲା ପରି ଜଣାପଡୁ ନାହିଁ ଅବା ସେ କାର୍ଯ୍ୟରୁ ଆନନ୍ଦ ପାଇଲା ପରି ମନେହେଉନାହିଁ। ସବୁ ଚାଲିଛି, ମାତ୍ର ଯେପରି ଚାଲିବା କଥା ସେପରି ଚାଲି ନାହିଁ। କେଉଁଠି କ'ଣ ଗୋଟାଏ ଖଟକା ରହିଯାଇଛି।

କାର୍ଯ୍ୟରେ ଅମନଯୋଗିତା ଓ ଅନାଗ୍ରହ ଭାବ ସମସ୍ତଙ୍କୁ ଏକ ପ୍ରକାର ଆୟତ୍ତ କରି ସାରିଲାଣି। ଏହାର ମୂଳକାରଣ ହେଉଛି ଚେତନାର ଅଭାବ ଓ ଅହଂକାରର ପ୍ରଭାବ। ଏଥିଯୋଗୁଁ ମନରେ ଆସୁଛି ଏପରି ଚିନ୍ତାଧାରା ଯେ ସେ ସବୁ କଥା ଜାଣିଛି, ସେ ଯେତିକି ବୁଝିଛି ତାହା ଯଥେଷ୍ଟ, ଆଉ କିଛି ବୁଝିବାର ନାହିଁ ଇତ୍ୟାଦି ଇତ୍ୟାଦି।

କେବଳ ମୁଁ... ମୁଁ ଭାବନାରେ ରହି ସମୟ କଟିଯାଉଛି। 'ଆମେ' ଶବ୍ଦଟି କେବଳ ବହି ପତ୍ରରେ ରହିଯାଉଛି, ଜୀବନ କ୍ଷେତ୍ରରେ ବିଶେଷ ଲାଗୁନାହିଁ। ସାମାଜିକ ସ୍ତରରେ ପ୍ରାୟତଃ ସୁଦୂର ପରାହତ ହୋଇ ରହିଯାଉଛି 'ଆମେ' ଶବ୍ଦଟି। ଅହଂକାରକୁ ଆଜିକାଲି ବ୍ୟକ୍ତିତ୍ୱ ବୋଲି କେମିତି କେଜାଣି ବୁଝାଯାଉଛି। ପ୍ରକୃତରେ ଏହା ଗୋଟିଏ ଭ୍ରମ। ଅହଂକାର ହେଉଛି ବ୍ୟକ୍ତିତ୍ୱର ପରିପନ୍ଥୀ। ବ୍ୟକ୍ତିତ୍ୱ ଆଣିଦିଏ ସ୍ୱାଭିମାନ, ଅହଂକାର ଆଣିଦିଏ ଦମ୍ଭ ଗର୍ବ। ବ୍ୟକ୍ତିତ୍ୱ ନିଜକୁ ଅନ୍ୟମାନଙ୍କ ସହ ମିଶାଇବାକୁ ଇଚ୍ଛାକଲା ବେଳେ ଅନ୍ୟକୁ ତଥା ସମାଜକୁ କିଛି ଉପକୃତ କରିବାକୁ ଚାହିଁଲା ବେଳେ ଅହଂକାର ଅନ୍ୟଠାରୁ ତଥା ସମାଜ ଠାରୁ ସବୁକଥା ଛଡ଼ାଇ ନେବାକୁ ଚେଷ୍ଟା କରେ। ଅହଂକାର କାର୍ଯ୍ୟକାରୀ ହେଲା ବେଳେ ସ୍ଥାନ-କାଳ-ପାତ୍ରର ଜ୍ଞାନ ରହେ ନାହିଁ ମାତ୍ର ବ୍ୟକ୍ତିତ୍ୱ କ୍ରିୟାଶୀଳ ହେଲାବେଳେ ଆସିଥାଏ ରୁଚିବୋଧ, ମାର୍ଜିତ ଚେତନା ଓ ତ୍ୟାଗ ତିତିକ୍ଷାର ଭାବ। ଅହଂକାର ଦିଏ କେବଳ ମୂଲ୍ୟ ଉପରେ ଗୁରୁତ୍ୱ ଦିଏ ମାତ୍ର ବ୍ୟକ୍ତିତ୍ୱ ମୂଲ୍ୟକୁ ଅତିକ୍ରମ କରିଥିବା ମୂଲ୍ୟବୋଧ ଉପରେ ଗୁରୁତ୍ୱ ଦିଏ। ଅତିକ୍ରମ କରିବାକୁ ଅବମାନନା କରିବା ବୋଲି ଆମେ ବୁଝିବା ନାହିଁ। ଅହଂକାର ମଣିଷକୁ ସଙ୍କୁଚିତ କଲା ବେଳେ ବ୍ୟକ୍ତିତ୍ୱ କରିଥାଏ ଚେତନାରେ ପ୍ରଶସ୍ତ ଓ ପରିବ୍ୟାପ୍ତ।

ବ୍ୟକ୍ତିତ୍ୱର ବିକାଶ ପାଇଁ ଆନୁଷ୍ଠାନିକ ଶିକ୍ଷା ଅପେକ୍ଷା ପାରିବାରିକ ଶିକ୍ଷାର ଅବଦାନ ଅଧିକ। ବ୍ୟକ୍ତି ଚରିତ୍ର ଗଠନ ହୋଇଥାଏ ପରିବାରକୁ। ଏକାଠି ଚଳିବା, ଅନ୍ୟ ପାଇଁ କର୍ତ୍ତବ୍ୟ କରିବା, ଅନ୍ୟର ଜାଗାରେ

ନିଜକୁ ରଖି ବିଚାର କରିବାର ଶିକ୍ଷା ସୃଷ୍ଟି ହୋଇଥାଏ ପରିବାରରୁ। ଅନ୍ୟର ସୁଖ ଦୁଃଖରେ ସମଭାଗୀ ହେବାର ପରିବେଶ ପ୍ରଥମେ ମିଳିଥାଏ ପରିବାରରୁ । ଯେଉଁଠାରେ ପାରିବାରିକ ଚେତନା ମାର୍ଜିତ ନୁହେଁ, ପାରିବାରିକ ଶିକ୍ଷା ବଳିଷ୍ଠ ନୁହେଁ, ସେଠାରେ ଯେତେ ଆନୁଷ୍ଠାନିକ ଡିଗ୍ରୀ ଡିପ୍ଲୋମା ଥିଲେ ମଧ୍ୟ ତାହା ଯଥେଷ୍ଟ ନୁହେଁ। ଯେଉଁ ପରିବାରରେ ପିଲାଟିଏ କେବଳ ମୂଲ୍ୟର କେନ୍ଦ୍ରବିନ୍ଦୁରେ ବଞ୍ଚେ ଓ ବଢ଼େ, ସେ ପିଲାଟିକୁ ମୂଲ୍ୟବୋଧର କଥା ବୁଝାଇବା କଷ୍ଟକର ହୋଇଥାଏ। ମୂଳରୁ ତା'ର ମାନସିକତା ଏପରି ତିଆରି ହୋଇଥାଏ ଯେ ସେ ନିଜକୁ ମାପେ ମୂଲ୍ୟରେ ଏବଂ ଅନ୍ୟକୁ ମଧ୍ୟ ମୂଲ୍ୟରେ ମାପେ। ସେଇ ପିଲାଟି ପରେ ପରେ ବସ୍ତୁବାଦୀ ହୋଇ ସମାଜ ଆଗରେ ଠିଆ ହୁଏ। ଏଇ ବସ୍ତୁବାଦୀ ଭାବନା ତା' ଭିତରେ ଭରିଦିଏ ମୋଟା ମୋଟା ଅହଂକାର। ସେ ଅହଂକାରୀ ହୋଇ ନିଜ ବ୍ୟତୀତ ଆଉ କାହାକୁ ଦେଖିପାରେ ନାହିଁ, ଆଉ ଯଦି ଦେଖେ ତେବେ ବସ୍ତୁର ମାନଦଣ୍ଡରେ ତଉଲିକରି ଦେଖେ।

ସମୟର ବେଳାଭୂମିରେ ବ୍ୟକ୍ତିତ୍ୱର ପାଦଚିହ୍ନ ରହେ, ମାତ୍ର ଅହଂକାରର ପାଦ ଚିହ୍ନ ରହେ ନାହିଁ। ବ୍ୟକ୍ତିତ୍ୱ ପ୍ରତ୍ୟେକ ବ୍ୟକ୍ତି ଭିତରେ ଥାଏ, ମାତ୍ର ତାହା ଅହଂକାରର ଚାପରେ ଚାପି ହୋଇଯାଏ। ଅହଂକାର ରୂପକ ପଥର ତଳେ ବ୍ୟକ୍ତିତ୍ୱ ରୂପକ ଚାରାଗଛଟି ଚାପ ପଡ଼ିରହିଯାଏ। ସେ ପଥରଟି ମନକୁ ମନ ହଟିଯାଏ ନାହିଁ, ତାକୁ ହଟାଇବାକୁ ପଡ଼େ ଅର୍ଥାତ୍ ଅହଂକାର ପଥରଟିକୁ ହଟାଇବାକୁ ପ୍ରୟାସ ଓ ପ୍ରଚେଷ୍ଟା କରିବାକୁ ପଡ଼େ।

ଅତଏବ ଆମ ଭିତରେ ଥିବା ଅହଂକାରକୁ ଆମକୁ ଖୋଜିବାକୁ ହେବ ଏବଂ ତାକୁ ବାହାର କରି ଦେବାପାଇଁ ପ୍ରଯତ୍ନ କରିବାକୁ ହେବ। ଅହଂକାରକୁ ବାଦ୍ ଦେଲେ ଅସଲ ବ୍ୟକ୍ତିତ୍ୱ ବିକଶିତ ହେବ ଏବଂ ସେହି ବ୍ୟକ୍ତିତ୍ୱ ହେବ ଜାତି ଓ ଦେଶର ରକ୍ଷା କବଚ। ଏହି ବ୍ୟକ୍ତିତ୍ୱ ଦେବ ଆମକୁ ବିଶ୍ୱ ନାଗରିକର ଅମ୍ଲାନ ଗୌରବ। ଏହାର ଫଳସ୍ୱରୂପ ଆମେ ଏକ ସମୟରେ ଆମ ପାଇଁ, ଆମ ସମାଜ, ଦେଶ ଏବଂ ସମଗ୍ର ବିଶ୍ୱ ପାଇଁ ଅମୂଲ୍ୟ ସମ୍ପଦ ହୋଇ ରହିପାରିବା।

❐❐

ଆତ୍ମ ମିତ୍ରତା

ମଣିଷ ମନରେ ଫୁଲ ଅଛି, କଣ୍ଟା ମଧ୍ୟ ଅଛି । ମାତ୍ର ଦେଖାଯାଉଛି ଯେ ଆଜିକାଲି ଫୁଲ ସବୁ କ୍ରମେକ୍ରମେ ମଉଳିଯାଉଛି, ଆଉ କଣ୍ଟାର ମୁନ ବଢ଼ି ବଢ଼ି ଯାଉଛି । ଆଗରୁ ଫୁଲ ଭିତରେ କଣ୍ଟା ଲୁଚି ଯାଉଥିଲା, ଏବେ କଣ୍ଟା ଭିତରେ ଫୁଲ ଲୁଚି ଯାଉଛି । ସେ କଣ୍ଟାରେ ଅନ୍ୟମାନେ କ୍ଷତବିକ୍ଷତ ହେବା ସହିତ ନିଜକୁ ମଧ୍ୟ କ୍ଷତବିକ୍ଷତ ହେବାକୁ ପଡୁଛି । ଅନ୍ୟର କ୍ଷତ ବିକ୍ଷତ ହେବା ହୁଏତ ଦିଶୁଛି ମାତ୍ର ନିଜର କ୍ଷତ ଦିଶୁନାହିଁ । ନିଜର କ୍ଷତ ଅନ୍ୟର କ୍ଷତ ଠାରୁ ଊଣା ନୁହେଁ, ଏକଥା ଜାଣି ହେଉନାହିଁ । କଥାଟିରେ ଓଟ ନାଗଫେଣୀ କଣ୍ଟା ଚୋବାଇବା ନ୍ୟାୟ ରହିଛି ।

ଓଟ ନାଗଫେଣୀ କଣ୍ଟା ଚୋବାଏ, କଣ୍ଟା ସବୁ ତା'ର ମାଢ଼ିକୁ ଚିରିଦିଏ ଓ ମାଢ଼ିରୁ ରକ୍ତ ଝରେ । ଓଟ ବିଚାରେ ନାଗଫେଣୀ କଣ୍ଟାରୁ ରସ ଝରୁଛି । ଠିକ୍ ସେହିପରି ମଣିଷ ଭାବୁଛି ଅନ୍ୟକୁ ଅସୁବିଧାରେ ପକାଇ ମୁଁ ସୁବିଧାରେ ରହିବି । ମାତ୍ର ତାହା ଆଦୌ ସମ୍ଭବ ନୁହେଁ । ଓଟର ମାଢ଼ି ଦରଜ ଓ ବିନ୍ଧାରେ କ୍ଷତିଗ୍ରସ୍ତ ହେଲାପରି ଅନ୍ୟର କ୍ଷତିକାରୀ ମଣିଷ କ୍ଷତିରେ ପଡ଼େ । ନିଜକୁ ବହୁ ଭାବରେ କ୍ଷତିଗ୍ରସ୍ତ ହେବାକୁ ପଡ଼େ । ଏସବୁ ସତ୍ତ୍ୱେ ବୁଝି ହୁଏନାହିଁ କେଉଁଟି ଭୁଲ ଆଉ କେଉଁଟି ଠିକ୍, କେଉଁଟି ଭଲ ଓ ଆଉ କେଉଁଟି ମନ୍ଦ । ଭଲ ମନ୍ଦ ଓ ଭୁଲ ଠିକ୍ ଜାଣିବା ପାଇଁ ଟିକିଏ ଗହୀରିଆ ଚିନ୍ତା ଦରକାର । ସେତିକି ପାଇଁ ଆଜିକାଲି କାହାର ସମୟ ନାହିଁ ଯଦି ବା କିଛି ସମୟ ଅଛି ତେବେ ଆଗ୍ରହ ନାହିଁ ।

ଆଗ୍ରହକୁ ଭାଙ୍ଗି ଦେଉଛି ଯୁକ୍ତି । ଯଦି କେତେବେଳେ ବିବେକ କହିଲା ଯେ ଅନ୍ୟର କ୍ଷତି କଲେ ନିଜର କ୍ଷତିହୁଏ, ଅନ୍ୟ ପାଇଁ ବିପଦ ରୂପୀ ଗାତ ଖୋଳିଲେ ସେହି ଗାତରେ ନିଜକୁ ପଡ଼ିବାକୁ ହୁଏ, ତେବେ ମନ ତାକୁ ଯୁକ୍ତିରେ କାଟିଦଏ । କହେ ଏମିତି କିଛି ମାନେ ନାହିଁ, ଏହା ଏକ ଆପ୍ତବାକ୍ୟ, ଋଷି ବାକ୍ୟ, ପୁରୁଣାକାଳିଆ କଥା ଓ ଦୁର୍ବଳିଆ କଥା । ମନ ଯୁକ୍ତି କରି କହେ ଯେ ଟିକିଏ ଅଧିକ ଚତୁରତା ପ୍ରୟୋଗ କଲେ ଅନ୍ୟର ସବୁ କ୍ଷତି କରିହେବ, ମାତ୍ର ନିଜର କିଛି କ୍ଷତି ଘଟିବ ନାହିଁ । ପ୍ରକୃତରେ କଥାଟି ଏପରି ନୁହେଁ । କଥାଟି ହେଉଛି ଉଧାର ମାଣକ ପାଞ୍ଚ ପା', ଏହା ଚିରନ୍ତନ ସତ୍ୟ, ଏହା ବଦଳି ନାହିଁ କି ବଦଳିବ ନାହିଁ । ମନ ପୁଣି ବେଳେ ବେଳେ ଯୁକ୍ତିକରି କହେ ଯେ ଅନ୍ୟର କ୍ଷତି ନ କଲେ ଆଉ କେହି ଡରିବେ ନାହିଁ, ସମ୍ମାନ ଦେବେ ନାହିଁ । ଜୀବନଟା ସରଳିଆ ସରଳିଆ ସାଧା ସାଧା ହୋଇଯିବ । ପ୍ରକୃତରେ କଥାଟି ଏପରି ନୁହେଁ । କଥାଟି ହେଉଛି ଭୟରୁ ଆସୁଥିବା ଭକ୍ତି ଆଦୌ ଭକ୍ତି ପଦବାଚ୍ୟ ନୁହେଁ, ଶ୍ରଦ୍ଧାରୁ ଆସୁଥିବା ଭକ୍ତି ହିଁ ଯଥାର୍ଥରେ ଭକ୍ତି ପଦବାଚ୍ୟ । ଭୟରୁ ମିଳୁଥିବା ସମ୍ମାନ ଆଦୌ ସମ୍ମାନ ନୁହେଁ, ଅସମ୍ମାନର ଅନ୍ୟ ନାମ ମାତ୍ର । ଅନ୍ୟର କ୍ଷତି ଘଟାଇବା ବୀରତ୍ୱର

ଚିହ୍ନ - ଏକଥା କିଏ କେମିତି କେତେବେଳେ ବୁଝାଇ ଦେଇଛି କେଜାଣି ? ତେବେ ଏକଥା ଠିକ୍ ଯେ କେହି ବୁଝାଇବା ଆଗରୁ ଅହଂ ବୁଝାଇ ଦେଇଛି। ନିଜକୁ ଜାହିର କରିବା ପାଇଁ ଅହଂ ଏମିତି ପ୍ରରୋଚନା ଦେଇଛି, ତାହା ଜାଣି ହେଉନାହିଁ, ବୁଝି ହେଉନାହିଁ।

ଶ୍ରୀମଦ୍ ଭଗବଦ୍ ଗୀତାରେ ଭଗବାନ ଶ୍ରୀକୃଷ୍ଣ କହିଛନ୍ତି ଯେ ମଣିଷ ଅଜ୍ଞାନତା ଯୋଗୁଁ ନିଜେ ନିଜର ଶତ୍ରୁ ହୋଇଥାଏ ଓ ଜ୍ଞାନ ଯୋଗୁଁ ନିଜେ ନିଜର ମିତ୍ର ହୋଇଥାଏ। ବାସ୍ତବରେ ଶତ୍ରୁ ସଂଖ୍ୟା ବାହାର ଅପେକ୍ଷା ଭିତରେ ଅଧିକ, ଆଉ ଭିତରର ଶତ୍ରୁଙ୍କର ଶତ୍ରୁତା ସାଂଘାତିକ, ଏହା ଜାଣିବା ଦରକାର। ଅନ୍ୟ ବିରୁଦ୍ଧରେ ଯୁଦ୍ଧ ଘୋଷଣା ଯେ ନିଜ ବିରୁଦ୍ଧରେ ଯୁଦ୍ଧ ଘୋଷଣା, ଏହା ବୁଝିବା ବାଞ୍ଛନୀୟ।

ସର୍ବଦା ଅନ୍ୟ ସହିତ ନିଜକୁ ତୁଳନା କରି ମଣିଷ ନିଜକୁ ଭାରାକ୍ରାନ୍ତ କରିଥାଏ। ତୁଳନା ବାଟ ଦେଇ ଦୁଃଖ, କ୍ରୋଧ, ବିଦ୍ରୋହ ସମେତ କେତେ ବିରୋଧୀ ଶକ୍ତି ପଶିଆସନ୍ତି। ଏହା ହେଉଛି ଏକ ପ୍ରକାର ଆତ୍ମଶତ୍ରୁତା। ତୁଳନା ଡାକି ଆଣେ ନିଜ ଭିତରକୁ ହତାଶା, ହୀନମନ୍ୟତା, ଅଶାନ୍ତି, ଅସନ୍ତୋଷ ସମେତ ବହୁ ଅପଶକ୍ତିର ପଟୁଆରକୁ। ସମସ୍ତ ପ୍ରକାର ନକାରାତ୍ମକ ଚିନ୍ତା ଆସେ ଏହି ପ୍ରକାର ତୁଳନା ଯୋଗୁଁ, ଫଳତଃ ଶାରୀରିକ କ୍ଲାନ୍ତି ଓ ମାନସିକ ଅବସାଦ ଆସେ। କେବଳ ଆସେ ନାହିଁ, ବେଳକୁ ବେଳ ବଢ଼େ। ପ୍ରକୃତ ପକ୍ଷେ ଅନ୍ୟ ସହିତ ନିଜକୁ ତୁଳନା ନ କରି ନିଜ ସହିତ ନିଜକୁ ତୁଳନା କରିବା ଉଚିତ। ନିଜକୁ ନିଜ ସହ ତୁଳନା କରି ନିଜର ପ୍ରଗତି ଓ ଚେତନାର ବିକାଶ କରିବା ଏକାନ୍ତ କାମ୍ୟ।

ଆତ୍ମଶତ୍ରୁତାର ଆଉ ଏକ ଉପାଦାନ ହେଉଛି କ୍ରୋଧ। କ୍ରୋଧ ପ୍ରକଟିତ ହେଲେ ପରିବେଶ ଅଶାନ୍ତ ହୁଏ, ବିପର୍ଯ୍ୟସ୍ତ ହୁଏ। ଅଘଟଣ ଘଟି ସାରିଲା ପରେ ଦେଖିହୁଏ କ୍ରୋଧର ପରିଣତିକୁ। କ୍ରୋଧକୁ ବଳୁଆ ଲୋକର ଧାରୁଆ ଅସ୍ତ୍ର ବୋଲି କେତେଲୋକ କହିଥାନ୍ତି, ମାତ୍ର ଏହା ଏକ ଭ୍ରମ। କ୍ରୋଧ ଦ୍ୱାରା କୌଣସି ସମସ୍ୟାର ସମାଧାନ ହୁଏ ନାହିଁ, ବରଂ ମୂଳରୁ ବହୁ ଡାଳ ବାହାରି ବାତାବରଣକୁ ଜଟିଳରୁ ଜଟିଳତର କରିଦିଏ। କ୍ରୋଧ ଯେ ଦୁର୍ବଳ ମାନସିକତାର ଚିହ୍ନ-ଏକଥା ମନସ୍ତତ୍ତ୍ୱବିଦ୍ ମାନେ କହିଥାନ୍ତି। କ୍ରୋଧ ଆମେ ଦୁର୍ବଳ ବୋଲି ଚିହ୍ନାଇ ଦିଏ। କ୍ରୋଧ ଆମକୁ ଦୁର୍ବଳ ବୋଲି ଚିହ୍ନାଇବା ଆଗରୁ ତାକୁ ଚିହ୍ନିଗଲେ ସେ ଆଉ ନଚାଇ ପାରେ ନାହିଁ।

ଆତ୍ମମିତ୍ରତା ପାଇଁ ଯଥେଷ୍ଟ ସଚେତନତା ଦରକାର। ଅନ୍ୟ ପ୍ରତି ଶ୍ରଦ୍ଧା, ସମ୍ମାନ, ସହାନୁଭୂତି, ମମତ୍ୱବୋଧ, ଆତ୍ମୀୟତା, ଉଦାରତା, ସହନଶୀଳତା, ଆବଶ୍ୟକତା ଅନୁସାରେ କୃତଜ୍ଞତା, ସମେତ ବହୁ ସଦ୍‌ଗୁଣ ଏହାର ଅନ୍ତର୍ଭୁକ୍ତ। ଅନ୍ୟର କଲ୍ୟାଣ କାମନା ଯେ ନିଜର ମାନସିକ ଶାନ୍ତି ପାଇଁ ଅମୂଲ୍ୟ ସମ୍ପଦ, ଏହା ଜାଣିବା ବାଞ୍ଛନୀୟ। କେବଳ ଜାଣିବା ଯଥେଷ୍ଟ ନୁହେଁ, ଜାଣିବା ପରେ ଏହାର ପ୍ରୟୋଗ ବରଣୀୟ ଓ ଅଭିନନ୍ଦନୀୟ।

ବାସ୍ତବରେ ଭଲରେ ବଞ୍ଚିବା ପାଇଁ କଳାତ୍ମକତା ଆବଶ୍ୟକ ଯାହାକୁ ସାଧାରଣ ଭାବରେ ବଞ୍ଚିବାର କଳା ବୋଲି କୁହାଯାଏ। ଏହି କଳାକୁ ପ୍ରୟୋଗ ନ କରି ଯନ୍ତ୍ରଣାରେ ଜର୍ଜରିତ ହେବା ଆଦୌ ବୁଦ୍ଧିମାନର କାର୍ଯ୍ୟ ନୁହେଁ। ଏହି କଳାକୁ ପ୍ରୟୋଗ ନ କରିବା ଅର୍ଥ ଚାଲି ନ ଜାଣି ବାଟର ଦୋଷ ଦେବା, କାଟି ନ ଜାଣି କଟୁରୀର ଦୋଷ ଦେବା। ସତରେ ମଣିଷ ଆକାଶରେ ପକ୍ଷୀ ପରି ଉଡ଼ିପାରୁଛି, ଜଳରେ ମାଛ ପରି ବୁଡ଼ି ପାରୁଛି, ମାତ୍ର ମାଟିରେ ଠିକ୍ ଭାବରେ ବଞ୍ଚିପାରୁ ନାହିଁ। ବଞ୍ଚିବାର କଳା ହିଁ ଅସଲ ଜୀବନଧର୍ମୀ କଳା। ଏହି କଳାକୁ ଯଥାଯଥ ଭାବରେ ପ୍ରୟୋଗ କରି ଜୀବନ ବଞ୍ଚିବା ହିଁ ଯଥାର୍ଥ ଜୀବନ ବଞ୍ଚିବା।

❐❐

ଭଲ କାମ ଆମେ କରିବା କେମିତି

ମଣିଷ ରୂପରେ ଜନ୍ମ ହେଲେ କିଛି ନା କିଛି କର୍ମ ଅବଶ୍ୟ କରିବାକୁ ପଡ଼େ। ଅକର୍ମା ହୋଇ କେହି ଏ ସଂସାରରେ ରହିପାରନ୍ତି ନାହିଁ। କର୍ମ ହେଉଛି ଏକ ପୂଜାଫୁଲ ଭଗବାନଙ୍କ ଅର୍ଚ୍ଚନା ନିମନ୍ତେ। ଜୀବନର ଚିହ୍ନ ହେଉଛି କର୍ମ। କର୍ମ ନାହିଁ ତ ଜୀବନ ନାହିଁ। କର୍ମ ଅଛି ତ ଜୀବନ ଅଛି। କର୍ମହୀନତାକୁ ମୃତ୍ୟୁ ସହ ସମାନ ବୋଲି କୁହାଯାଇଛି।

କର୍ମରେ ଆମର ଅଧିକାର ଅଛି, ମାତ୍ର କର୍ମଫଳରେ ନୁହେଁ, ଏକଥା ଶାସ୍ତ୍ରରେ ଉଲ୍ଲେଖ କରାଯାଇଛି। କର୍ମ ହୁଏ କୁକର୍ମ ସେତେବେଳେ ଯେତେବେଳେ ତାହା କୁତ୍ସିତ ଭାବନା ସହ ଯୁକ୍ତ ହୋଇଥାଏ। ପ୍ରତ୍ୟେକ କର୍ମର ପଶ୍ଚାତରେ ଏକ ଏକ ଭାବନା ନିହିତ ଥାଏ। ଭାବନା ନ ଥାଇ କର୍ମ ନାହିଁ। ଭାବନା ବିହୀନ କର୍ମ ହେଉଛି ପାଗଳାମିର ଅନ୍ୟ ନାମ।

ଭାବନା ଯଦି ସୁଭାବନା ହୋଇଥାଏ ତେବେ କର୍ମ ସୁକର୍ମ ହୋଇଥାଏ। ଭାବନା ଯଦି କଦାକାର ଓ ମନ୍ଦ ହୋଇଥାଏ, ତେବେ କର୍ମଟି ମନ୍ଦ ହେବାକୁ ବାଧ୍ୟ ହୋଇଥାଏ। ରୁଚିକର, ଶୃଙ୍ଖଳିତ ପୁଣି ଜନ କଲ୍ୟାଣକାରୀ କର୍ମଟିଏ ଯୋଗ ପଦବାଚ୍ୟ। ତେଣୁ ତ କୁହାଯାଇଛି 'ଯୋଗ କର୍ମସୁ କୌଶଳମ୍'।

କର୍ମ ଆମର ଆୟତ୍ତାଧୀନ, କର୍ମ କରିବାର ସ୍ୱାଧୀନତା ଆମର ଅଛି। ସ୍ୱାଧୀନତାର ବ୍ୟବହାର ଆମ ଉପରେ ନିର୍ଭର କରେ। ସ୍ୱାଧୀନତାର ଅସଦ୍‌ବ୍ୟବହାର ଫଳରେ ସ୍ୱେଚ୍ଛାଧୀନତାର ସୃଷ୍ଟି ହୁଏ ଏବଂ ସ୍ୱେଚ୍ଛାଧୀନ ମନୋଭାବକୁ ଭିତ୍ତିକରି ସଂଗଠିତ କର୍ମ ହୋଇଥାଏ ସ୍ୱେଚ୍ଛାଧୀନ କର୍ମ। ସ୍ୱେଚ୍ଛାଧୀନ କର୍ମ ହିଁ ମନ୍ଦ କର୍ମ ପଦବାଚ୍ୟ ଏବଂ ସ୍ୱାଧୀନ କର୍ମ ହେଉଛି ଭଲ କର୍ମ ପଦବାଚ୍ୟ।

ଆମ ଭିତରେ ଥିବା ଅହଂଭାବ ଆମକୁ ମନ୍ଦକର୍ମ କରିବାକୁ ପ୍ରବର୍ତ୍ତାଏ ଏବଂ ଆମକୁ ବିପଥଗାମୀ କରିଥାଏ, ମନ୍ଦ କର୍ମରୁ ମନ୍ଦ ଫଳ ମିଳିଥାଏ ଯାହା ଆମକୁ ହିଁ ଭୋଗିବାକୁ ପଡ଼ିଥାଏ। ଆମେ ମନ୍ଦ ଫଳ ଜନିତ ଦୁଃଖ, କଷ୍ଟ ଓ ଯନ୍ତ୍ରଣା ପାଇଥାଉ। ଯନ୍ତ୍ରଣା ପାଇଲେ କହୁ ଯେ ଈଶ୍ୱର ଆମପାଇଁ ନିଷ୍ଠୁର, କଠୋର ଓ କୃପଣ ବୋଲି। ଏହା ଗୋଟିଏ ଭ୍ରମ। ଈଶ୍ୱର ଆଦୌ ନିଷ୍ଠୁର, କଠୋର ନୁହନ୍ତି ସେ ସର୍ବଦା ମଙ୍ଗଳମୟ, ଉଦାର ଓ ମହାଦାନୀ। ଆମର କଷ୍ଟ ହେଉଛି କର୍ମ ଫଳର ଅନ୍ୟନାମ। କର୍ମ ହିଁ ନିଜେ ଫଳ ପ୍ରଦାନ ନିମନ୍ତେ ସମର୍ଥ। ଗୀତାର ଶ୍ଲୋକ

ଆମକୁ ବିବେକ ଓ ବିଚାର ଦିଆଯାଇଛି। ଆମେ କେଉଁ ପ୍ରକାର କର୍ମ କରିବା ତାହା ଆମ ଉପରେ ନିର୍ଭର କରେ। ବିବେକ ଓ ବିଚାର ଦ୍ୱାରା ଆମେ ଭଲମନ୍ଦ ବାଛି ପାରିବା ଏବଂ ଇଚ୍ଛା କଲେ ଆମେ ଭଲ ଭଲ

କାମ କରିପାରିବା। ଅହଂ ଦ୍ୱାରା ପରିଚାଳିତ ହୋଇ ମନ୍ଦ କାମ କଲେ ଆମେ ଦୋଷ ଦେବା କାହାକୁ ? ଆମେ ନିଜେ ତ ନିଜର କ୍ଷତି ଘଟାଇବା ମନ୍ଦ କାମ ମାଧ୍ୟମରେ। ମଣିଷ ନିଜେ ନିଜର ଶତ୍ରୁ, ପୁଣି ନିଜେ ନିଜର ମିତ୍ର ବୋଲି ଶାସ୍ତ୍ରରେ କୁହାଯାଇଛି।

ଆମେ ଶାନ୍ତିରେ ରହିବାକୁ ଚାହିଁଲେ ରହିପାରିବା। ଆମର ଭଲ ଭଲ କାମ ଆମକୁ ଶାନ୍ତି ଓ ସନ୍ତୋଷ ପ୍ରଦାନ କରିବ। ଅହଂରୁ ଯେତେ ମୁକ୍ତ ହେବା ଶାନ୍ତି ସେତେ ମିଳିବ। ଅବଶ୍ୟ ଅହଂକୁ ଚିହ୍ନିବା କଷ୍ଟସାଧ୍ୟ ବ୍ୟାପାର। ସେ ଏତେ ବହୁରୂପୀ ଓ ଛଦ୍ମବେଶୀ ଯେ ତାକୁ ଚିହ୍ନିବା କଷ୍ଟକର। ସେ ଅତି ଚତୁରତାର ସହିତ ଆମକୁ କୁକର୍ମରେ ଲିପ୍ତ କରାଏ। ଆମେ ଦୁଃଖକଷ୍ଟ ପାଇଲେ ସେ ଖୁସି ହୁଏ। ଅହଂକୁ ଚିହ୍ନିଲା ବେଳକୁ ଅଘଟଣ ଘଟି ସାରିଥାଏ, ଅସୁବିଧାରେ ଆମେ ପଡ଼ିସାରିଥାଉ। ଲୋଭ, କ୍ରୋଧ, ହିଂସା, ହିଂସ୍ରତା, ଈର୍ଷା, ଛଳନା, ମିଥ୍ୟା, ସ୍ୱାର୍ଥପରତା ଏଇସବୁ ହେଉଛି ଅହଂରୂପୀ ସେନାପତିଙ୍କର ଏକ ଏକ ସୈନିକ। ଅହଂକୁ ଚିହ୍ନିବା ପାଇଁ ସୂକ୍ଷ୍ମ ଦୃଷ୍ଟି ବିଶେଷତଃ ଅଧ୍ୟାତ୍ମଦୃଷ୍ଟି ଆବଶ୍ୟକ। ପ୍ରେୟ ପଥକୁ ଛାଡ଼ି ଶ୍ରେୟ ପଥ ଗ୍ରହଣ କରିବାର ଦୃଷ୍ଟି ଦରକାର।

ଭଲ ଭଲ କାମ କରିବା ପାଇଁ ମନରେ 'ମୁଁ' 'ମୁଁ' ଭାବ ପରିବର୍ତ୍ତେ 'ଆମେ' ଭାବ ଆବଶ୍ୟକ। ଅନ୍ୟ ପ୍ରକାରେ ଏହାକୁ ଉଦାରତା ବୋଲି କୁହାଯାଇପାରିବ। ଉଦାରତା ହିଁ ଜୀବନ ଏବଂ ସଂକୀର୍ଣ୍ଣତା ହିଁ ମୃତ୍ୟୁ ବୋଲି ସ୍ୱାମୀ ବିବେକାନନ୍ଦ କହିଛନ୍ତି। ମୋର ସୁବିଧା ହେଉ ଏବଂ ଅନ୍ୟମାନଙ୍କର ମଧ୍ୟ ସୁବିଧା ହେଉ - ଏହା ହେଉଛି ଉଦାରତାରର ଚିହ୍ନ। ମୋର କଲ୍ୟାଣ ହେଉ ଏବଂ ଅନ୍ୟମାନଙ୍କର ମଧ୍ୟ କଲ୍ୟାଣ ହେଉ - ଏହାହିଁ ଉଦାରତା। ଏହି ଭାବନା ମନରେ ଆସିଲେ କୌଣସି ମନ୍ଦକର୍ମ କରିବାର ପ୍ରବୃତ୍ତି ସୃଷ୍ଟି ହେବ ନାହିଁ।

ପ୍ରତ୍ୟେକ କର୍ମ କରିବା ପୂର୍ବରୁ ପାଦଟିଏ ପଛଟିଏ ଘୁଞ୍ଚି ଆସିଲେ ମନ୍ଦକର୍ମ ଓ ଭଲକର୍ମର ସ୍ୱରୂପଟିକୁ ଚିହ୍ନି ହୁଏ। ଚିହ୍ନିଲା ପରେ ମନ୍ଦ କର୍ମରୁ ନିବୃତ୍ତ ରହିବା ସହଜ ହୁଏ ଏବଂ ଭଲ କାମରେ ଆଗେଇ ଯିବା ପାଇଁ ଅଧିକ ଶକ୍ତି ମିଳେ। ଏହା ବହୁ ଆଗରୁ ଭାଗବତ ଶାସ୍ତ୍ରରେ କୁହାଯାଇଛି। କୁହାଯାଇଛି 'ଆପଣା କଲା କର୍ମ ମାନ। ଆଗୁଁ ହୋଇବ ସାବଧାନ। ବିଶିଷ୍ଟ ଚିନ୍ତାବିତ୍‌ମାନେ ଆଜିକାଲି ଏହାକୁ 'ଷ୍ଟେପ୍ ବ୍ୟାକ୍ ଥିଓରୀ' ବୋଲି କହୁଛନ୍ତି।

କର୍ମ ମାଧ୍ୟମରେ ଜଣେ ଉଚ୍ଚଚେତନାକୁ ଯାଇପାରିବ। ମହାଯୋଗୀ ଶ୍ରୀ ଅରବିନ୍ଦ କହନ୍ତି, "କର୍ମ ହେଉଛି ଭଗବାନଙ୍କୁ ଶରୀରର ପ୍ରାର୍ଥନା।" ଭଲ ଭଲ କର୍ମ କରିବାଫଳରେ ଚେତନାର ବିକାଶ ଘଟିବା ସହିତ ଜୀବନ ଧନ୍ୟ ହୁଏ, ସାର୍ଥକ ହୁଏ। ଜୀବନର ଲକ୍ଷ୍ୟ ହେଉଛି ଶାନ୍ତି, ଆନନ୍ଦ, ସନ୍ତୋଷ, ସ୍ଥିରତା ପ୍ରଭୃତିକୁ ପ୍ରାପ୍ତ ହେବା। ଭଲ ଭଲ କାମ ଆମକୁ ଏସବୁକଥା ଦେଇପାରିବାକୁ ସମର୍ଥ ହୋଇଥିବାରୁ ସେ ଆମର ପରମବନ୍ଧୁ ବୋଲି ଆମେ ମୁକ୍ତ କଣ୍ଠରେ ସ୍ୱୀକାର କରିବା।

□□

ଆତ୍ମବିଶ୍ଳେଷଣ

ମନୁଷ୍ୟର ଶରୀର ଅତି ଚତୁରତାରେ ଗଢ଼ା ହୋଇଛି । ଲକ୍ଷ ଲକ୍ଷ ସ୍ନାୟୁ ଓ ଶିରା ଜାଲପରି ବିଛାଇ ହୋଇ ପଡ଼ିଛି ଭିତରେ ଭିତରେ ସାରା ଶରୀରରେ, ଗୋଟିଏ ମୂଳରେ ସବୁ ବନ୍ଧା ହୋଇଛନ୍ତି ଓ ଝୁଲିପଡ଼ି ଶରୀରର ଚାରିଆଡ଼କୁ ମେଲିଯାଇଛନ୍ତି । ତେଣୁ ତ ଶରୀରକୁ ଓଲଟବୃକ୍ଷର ଉପମା ପ୍ରଦାନ କରାଯାଇଛି । ଚିକିତ୍ସା ତତ୍ତ୍ୱବିତ୍ ଓ ଚିକିତ୍ସା ଶାସ୍ତ୍ରବିତ୍ ତନ୍ନ ତନ୍ନ କରି ସେସବୁ ସ୍ନାୟୁ ଶିରାର ଅନୁଶୀଳନ କରିଛନ୍ତି । କେତେ ପୁଙ୍ଖାନୁପୁଙ୍ଖ ଅଧ୍ୟୟନ କରିଛନ୍ତି ଶରୀର ତତ୍ତ୍ୱକୁ, ପାଇଛନ୍ତି କେତେ ତଥ୍ୟ । ତଥାପି ଅନୁସନ୍ଧାନ ସରି ନାହିଁ, ଚାଲିଛି । ଏ ପର୍ଯ୍ୟନ୍ତ ଯେତେ ତତ୍ତ୍ୱ ଓ ତଥ୍ୟ ମନୁଷ୍ୟର ଶରୀରର କ୍ରିୟା ପ୍ରକ୍ରିୟା ଓ ପ୍ରତିକ୍ରିୟା ସମ୍ବନ୍ଧରେ ଜ୍ଞାତ ହୋଇଛି ତାହା ସମୁଦାୟର ଏକ ଦଶମାଂଶ ମାତ୍ର, ଆହୁରି ନବ ଦଶମାଂସ ବାକି ରହିଛି ଜାଣିବା ପାଇଁ । ତଥାପି ବହୁ କଷ୍ଟ ପଡ଼ିଛି ଏତିକି ଅଧ୍ୟୟନ ଓ ଅନୁଧାନ କରିବା ପାଇଁ ଯେତିକି ଏଯାବତ୍ ଜଣାପଡ଼ିଛି । ଏଇ ଅବକାଶରେ ମୁଁ ଡାକ୍ତର ବନ୍ଧୁମାନଙ୍କୁ ଓ ଗବେଷକମାନଙ୍କୁ ଅନେକ ଅନେକ କୃତଜ୍ଞତା ଜଣାଉଛି । ଖାଲି ଜାଣିନାହାନ୍ତି, ପ୍ରୟୋଗ କରୁଛନ୍ତି ମଧ୍ୟ । ବହୁ ପ୍ରକାର ଅସୁସ୍ଥତା ଭିତରୁ ବାହାରୁ ଶରୀରକୁ ଆକ୍ରାନ୍ତ କରୁଛି । ତାହାର ପ୍ରତିକାର ମଧ୍ୟ କରିବା ପାଇଁ ସତତ ଚେଷ୍ଟିତ ଅଛନ୍ତି । ମନରେ ସେବାର ଭାବ ନଥିଲେ ଜଣେ ଆଦୌ ଭଲ ଡାକ୍ତର ହୋଇ ପାରିବ ନାହିଁ । ଆମେ ଯେତେ ଗର୍ବରେ ଫାଟିପଡ଼ିଲେ ମଧ୍ୟ ସଙ୍ଗୀନ କରି ଅସୁସ୍ଥତାର ଶିକାର ହେଲେ ପିଳେହି ପାଣି । ଶରୀର ଏକ ସଫଳ ମାଧ୍ୟମ, ବ୍ୟକ୍ତି ଚେତନାର ସ୍ଥିତି ପାଇଁ । ମଣିଷର ଜୀବନ ଶରୀର ଚେତନା, ପ୍ରାଣ ଚେତନା, ମନଚେତନା ଓ ଚୈତ୍ୟ ଚେତନାର ସମନ୍ୱୟରେ ଗଠିତ । ତେବେ ଶରୀର ହେଉଛି ମୂଳଭିତ୍ତି ଯାହା ଉପରେ ପ୍ରାଣ ଓ ମନର ସ୍ଥିତି । ଶରୀର ଚେତନାର ସଂକଟ ରହିବା ସହିତ ପ୍ରାଣ ଚେତନାର କଷ୍ଟ ଓ ମନଚେତନାର ସଂଘର୍ଷ ରହି ଜୀବନକୁ ଦୁଃଖର ଆଳୟ କରିଥାନ୍ତି । ପଶୁ ଜୀବନରେ କଷ୍ଟ ଅଛି । ସେ କଷ୍ଟ ଶରୀରର ଓ ପ୍ରାଣର । ମନ ନଥିବାରୁ ମନର କଷ୍ଟ ନାହିଁ । ଭାବନା, ନ ଥିବାରୁ କଷ୍ଟ ବହୁଗୁଣିତ ହେବାର ସମ୍ଭାବନା ନାହିଁ । ମାତ୍ର ମଣିଷ ପାଖରେ ଏସବୁ ଅଛି । ବ୍ୟାଧି ଅଛି ଶରୀର କ୍ଷେତ୍ରରେ ପୁଣି ଆଧି ଅଛି ମନର କ୍ଷେତ୍ରରେ । ତେଣୁ ଆଧି ବ୍ୟାଧିର କ୍ଷେତ୍ର ମଣିଷ ଜୀବନ ।

କଷ୍ଟ ଆସେ ଲହରୀ ପରି । ବେଳେବେଳେ ମଣିଷକୁ ଲହରୀ ଭାଙ୍ଗିଦିଏ ଆଉ ବେଳେ ବେଳେ ଲହରୀକୁ ମଣିଷ ଭାଙ୍ଗିଦିଏ । ଧୈର୍ଯ୍ୟ, ସାହସ, ସହନଶୀଳତା, ଉଦାରତା, ତ୍ୟାଗ ଓ ତିତିକ୍ଷା ସମେତ ବହୁ ସଦ୍‌ଗୁଣ ତା' ଭିତରେ ଥାଇ ଲହରୀକୁ ଭାଙ୍ଗିଦିଅନ୍ତି । ପାଦତଳୁ ମାଟି ଖସି ଯାଉଥିଲେ ହେଁ ସେ ଏକ ଅଦୃଶ୍ୟ ଶକ୍ତିକୁ ଧରି ରହିଯାଏ । ଗୋଟିଏ ଲହରୀକୁ ଭାଙ୍ଗିସାରିଲା ପରେ ଆଉ ଗୋଟିଏ ଲହରୀ ଯେ ନ ଆସେ ଏପରି ନୁହେଁ ।

ଗୋଟିକ ପରେ ଗୋଟିଏ ଲହରୀ ତାକୁ ଭାଙ୍ଗିବାକୁ ପଡ଼େ। ଗୋଟିଏ ଲହରୀ ଭାଙ୍ଗିସାରି ସେ ଯଦି ଆତ୍ମ ସମୀକ୍ଷା କରେ, ତେବେ ବୁଝିପାରେ ଯେ ଲହରୀ ଭାଙ୍ଗିବା ପାଇଁ ଶକ୍ତି କିପରି ଓ କେଉଁଠୁ ଆସିଲା ?

ମନେପଡୁଛି ସେଦିନର କଥା ଯେଉଁଦିନ ଜଣେ ବୟସ୍କ ବ୍ୟକ୍ତି ଏମିତି ଏମିତି ଚିହ୍ନା ହେଲେ। କଥା ପ୍ରସଙ୍ଗରେ ଜାଣିଲି ଯେ ସେ ଜଣେ ଅବସର ପ୍ରାପ୍ତ ହୃଦରୋଗ ବିଶେଷଜ୍ଞ। ଅବସର ପରେ କେଉଁ କାର୍ଯ୍ୟ କରୁଛନ୍ତି ବୋଲି ପ୍ରଶ୍ନ କଲାରୁ ସେ ମତେ ଯାହା କହିଲେ ତାହା ମୁଁ ଆଜି ମଧ୍ୟ ଭୁଲିନାହିଁ। କଥାଟି ଏହିପରି "ଡାକ୍ତରୀ ପାଠପଢ଼ା ଓ ଚାକିରି କାଳ ଭିତରେ ହୃତପିଣ୍ଡ ଚାଲିବାର ଦେଖିଲି। ଏବେ ଖୋଜୁଛି କିଏ ତାକୁ ଚଲାଉଛି, ସେ କେଉଁଠି ଅଛି। ତାକୁ ମନେ ମନେ କେତେ ଖୋଜୁଛି ଆଉ ଖୋଜୁଛି।"

କିଏ ସେ ଶକ୍ତି କାହାକୁ ସେ ଏତେ ଖୋଜୁଛନ୍ତି। ସେ ଏକ ଅଦୃଶ୍ୟ ସର୍ବଶକ୍ତିମାନ ସତ୍ତା। ସବୁଠାରେ ରହି ସବୁ ଦେଖନ୍ତି, ସବୁ ବୁଝନ୍ତି, ଅନୁଭବ କରନ୍ତି। ସେ ସମସ୍ତଙ୍କୁ ଦେଖିପାରନ୍ତି ମାତ୍ର ତାଙ୍କୁ କେହି ଦେଖି ପାରିନ୍ତି ନାହିଁ। ସେ ସମସ୍ତଙ୍କ କଥା ଶୁଣିପାରନ୍ତି ମାତ୍ର ତାଙ୍କୁ କେହି ଶୁଣିପାରନ୍ତିନାହିଁ। ଦେଖିପାରନ୍ତି ନାହିଁ ଅର୍ଥାତ୍ ଚର୍ମଚକ୍ଷୁରେ ଦେଖିପାରନ୍ତି ନାହିଁ। ତାଙ୍କୁ ଦେଖିବା ପାଇଁ ମର୍ମ ଚକ୍ଷୁ ଆବଶ୍ୟକ ହୋଇଥାଏ। ବୈଜ୍ଞାନିକମାନେ ବିଜ୍ଞାନ ବିଦ୍ୟାର ଗୋଟିଏ ଉଚ୍ଚତମ ଉଚ୍ଚତାରେ ପହଞ୍ଚିଲେ ସୂକ୍ଷ୍ମ ଭୌତିକ ରାଜ୍ୟରେ ଥିବା ଅସୀମ ଚେତନାର କଥା ଅଳ୍ପ କେତେଜଣ କହିପାରନ୍ତି। ବୈଜ୍ଞାନିକ ଆଇନଷ୍ଟାଇନଙ୍କ କଥା ଏଇ ପରିପ୍ରେକ୍ଷୀରେ ସ୍ମରଣକୁ ଆସେ। ସେ କହିଛନ୍ତି ଯେ ଏକ ବିରାଟ ମହାଶକ୍ତି ଯିଏ କି ସମଗ୍ର ଜଗତକୁ ଚଲାଉଛନ୍ତି, ସେ ହେଉଛନ୍ତି ଭଗବାନ। ସେହି ବିରାଟ ମହାଶକ୍ତି ଅଦୃଶ୍ୟ ମାତ୍ର ପ୍ରଯତ୍ନରେ ଦୃଶ୍ୟ। ଏହି ପ୍ରଯତ୍ନର ମୂଳ ଶବ୍ଦ ହେଉଛି ସାଧନା। ସାଧନା ବଳରେ ଗୋଟିଏ ଦ୍ୱାର ଭିତରେ ଖୋଲିଯାଏ ଏବଂ ତାଙ୍କୁ ସେଠାରେ ଦେଖିହୁଏ। ସେ ଆମର ଆତ୍ମା ସ୍ୱରୂପ ଅନ୍ତର ସ୍ତରରେ ବିଦ୍ୟମାନ। ତାଙ୍କ ନିକଟରେ ପହଞ୍ଚିବାକୁ ଯେଉଁ ପ୍ରୟାସ ରହିବା ଏକାନ୍ତ ଆବଶ୍ୟକ ତାହା କେବଳ ଆମର ଆଗ୍ରହ ଓ ଆନ୍ତରିକତା।

ସେହି ବିରାଟ ଶକ୍ତି ବାହାରେ ଅଛନ୍ତି ଏବଂ ଆମ ଅନ୍ତରରେ ମଧ୍ୟ ରହିଛନ୍ତି। ଅନ୍ତରରେ ଆବିଷ୍କାର କରିବା ପାଇଁ ଆମେ ଆସିଛୁ। ସୁଖଦୁଃଖର ଅନୁଭବ ବ୍ୟତୀତ ଆଉ ଅନେକ ଅନୁଭବ ଆଣିବାକୁ ଆମକୁ ଅଛି। ସେହି ବିରାଟ ଶକ୍ତିଙ୍କର ସାକ୍ଷାତ ଚେତନାସ୍ତରରେ ଘଟିବାର ଲକ୍ଷ୍ୟ ନେଇ ଆମର ସୃଷ୍ଟି। ସେ ଆମକୁ ଦେଖାଦେବାକୁ ଆଗ୍ରହୀ କିନ୍ତୁ ଆମେ ତାଙ୍କୁ ଦେଖିଲା ଭଳି ଆଖିର ଅଧିକାରୀ ହୋଇନାହୁଁ। ଦେଖିପାରୁନାହୁଁ ବୋଲି ଯେ ସେ ଦେଖା ଦେବେ ନାହିଁ ଏପରି ନୁହେଁ। ଆମକୁ ସେପରି ଚକ୍ଷୁ, କର୍ଣ୍ଣ ଓ ତ୍ୱଚାର ଅଧିକାରୀ ହେବାକୁ ହେବ। ଏଥିପାଇଁ ନିଜେ ନିଜକୁ ଯୋଗ୍ୟ କରିବାକୁ ହେବ। ବ୍ୟକ୍ତି ଚେତନାକୁ ବିଶ୍ୱଚେତନାରେ ପ୍ରଭାବିତ ଓ ଯୁକ୍ତ କରିବାକୁ ଆମର ଜନ୍ମ। ବସି ଶୋଇ ମରିବାକୁ ଆମ ଜନ୍ମ ନୁହେଁ। ଶରୀର ତ ମାଟିରେ ମିଶିବ ଯେକୌଣସି ପ୍ରକାରେ। ପ୍ରାଣ ତ ପ୍ରାଣଭୂମିକୁ ଚାଲିଯିବ ଏବଂ ମନ ଚାଲିଯିବ ମନଭୂମିକୁ। ରହିଯିବ ଚୈତ୍ୟସତ୍ତା। ଯେତିକି ଆନନ୍ଦ, ଆତ୍ମସନ୍ତୋଷ, ଆଗକୁ ଯିବା ପାଇଁ ପ୍ରୟାସ ଓ ପ୍ରଯତ୍ନର ଅଧିକାରୀ ହୋଇଥିବ ତାହାକୁ ସେ ନେଇଯିବ। ଆଉ ଏକ ଜନ୍ମ ପାଇଁ ବହୁ ସୂକ୍ଷ୍ମ ଉପାଦାନକୁ ପୁଞ୍ଜିକରି ସେ ଜନ୍ମ ନେବ।

ଆମକୁ ପଡ଼ିଉଠି ଚାଲିବାକୁ ହେବ ବିଶ୍ୱଚେତନାରେ ରୂପାନ୍ତରିତ ହେବା ପର୍ଯ୍ୟନ୍ତ। ସେତେଦନ ପର୍ଯ୍ୟନ୍ତ ଆମକୁ ସାହସର ସହିତ ଚାଲିବାକୁ ହେବ।

❐❐

ମନବଳର ମହତ୍ତ୍ୱ

ବଞ୍ଚିରହିବା ପାଇଁ ବଳର ଆବଶ୍ୟକତା ରହିଛି। ଏଇ ବଳ ଭିତରେ ରହିଛି ଧନ ବଳ, ଜନ ବଳ, କ୍ଷମତା ବଳ, ବାହୁବଳ ଇତ୍ୟାଦି ଇତ୍ୟାଦି। ସବୁ ବଳ ଭିତରେ ମନ ବଳ ଶ୍ରେଷ୍ଠ ଓ ବଳିଷ୍ଠ। ମନ ବଳରେ ଅସମ୍ଭବ ହୋଇପାରେ ସମ୍ଭବ। ସଂସାରରେ ଏପରି ବହୁ ବ୍ୟକ୍ତି ଅଛନ୍ତି ଯେଉଁମାନେ ଧନବଳ ନ ଥାଇ, ଜନ ବଳ ନ ଥାଇ କ୍ଷମତା ତଥା ବାହୁବଳ ନ ଥାଇ ମନ ବଳକୁ ଖଟାଇ ଅସାଧ୍ୟ ସାଧନ କରିଛନ୍ତି। ଏପରି ହୋଇଛି ଯେ ନିଜ ସଫଳତାରେ ନିଜେ ବେଳେ ବେଳେ ବିସ୍ମିତ ହୋଇଥାନ୍ତି ଓ ବହୁ ବେଳେ ଅନ୍ୟମାନଙ୍କର ଈର୍ଷାର ଶିକାର ହୋଇଥାନ୍ତି। ମନର ସ୍ଥିରତା, ଏକାଗ୍ରତା, ଅଧ୍ୟବସାୟ ଏହି ମନ ବଳକୁ ବଢ଼ାଏ। ଦୂରଦୃଷ୍ଟି ଓ ସୂକ୍ଷ୍ମଦୃଷ୍ଟି ଏହି ବଳକୁ ସମୃଦ୍ଧ କରେ।

ବିପଦ ଆସେ ସମୁଦ୍ରର ଲହରୀ ପରି। ଅନ୍ୟମାନଙ୍କୁ ସେଇ ଲହରୀ ଅଳ୍ପେ ବହୁତେ ଦାବି ଦିଏ ମାତ୍ର ମନବଳଥିବା ଲୋକ ପାଖରେ ହାରିଯାଏ। ବିପଦ ଡରେ ସାହସକୁ ଓ ସାହସୀ ଲୋକକୁ।

ମନରେ ବଳ ଥିଲେ ପାଦରେ ଶକ୍ତି ଆସେ ଦୁର୍ଗମ ପଥରେ ବାଟ ଚାଲିବା ପାଇଁ। ସୁଡ଼ଙ୍ଗ ଭିତର ଦେଇ ଚାଲିବାକୁ ପଡ଼େ, ସୁଡ଼ଙ୍ଗ ଶେଷରେ ଥାଏ ଆଲୋକର ରେଖା। ସାହସରେ ଜୀବନର ବାଟ ଚାଲିଲେ ବାଟରେ ଥିବା କଣ୍ଟାଝଣ୍ଟା ମଥାନୁଆଁଇ ଦିଅନ୍ତି। ଏପରି ଲୋକ ପାଖରେ ଥାଏ ବିବେକ ବିଚାର, ଆତ୍ମସମୀକ୍ଷା, ନୈତିକତା ସର୍ବୋପରି ମାନବିକ ମୂଲ୍ୟବୋଧ।

ମନ ବଳର ମୂଳରେ ଥାଏ ଆତ୍ମବିଶ୍ୱାସ। ଆତ୍ମବିଶ୍ୱାସ ଏବଂ ଅହଂକାର ଏକା କଥା ନୁହେଁ। ପରସ୍ପର ଠାରୁ ଭିନ୍ନ ଏପରିକି ପରସ୍ପରର ବିପରୀତଧର୍ମୀ ମଧ୍ୟ। ଆତ୍ମବିଶ୍ୱାସର ମୂଳରେ ଥାଏ ଭଗବତ ବିଶ୍ୱାସ। ସ୍ୱାମୀ ବିବେକାନନ୍ଦଙ୍କ ମତରେ ଯାହାର ଆତ୍ମବିଶ୍ୱାସ ନାହିଁ ତା'ର ଭଗବତ ବିଶ୍ୱାସ ନାହିଁ, ପୁଣି ଯାହାର ଭଗବତ ବିଶ୍ୱାସ ନାହିଁ ତାହାର ଆତ୍ମବିଶ୍ୱାସ ନାହିଁ। ଅତଏବ ଦୁଇଟି କଥା ପରସ୍ପରର ପରିପୂରକ ବୋଲି କୁହାଯାଇପାରେ। ଗୋଟିଏ ମୁଦ୍ରାର ଦୁଇପାଖ ପରି ପରସ୍ପର ଓତଃପ୍ରୋତ ଭାବରେ ଜଡ଼ିତ। କେବଳ ଭଗବତ ବିଶ୍ୱାସ ନୁହେଁ, ଏଥି ସହିତ ଭରସା ଥିବା ଦରକାର। ଭରସାର ଗୁଣ ଓ ପରିମାଣ ଅନୁସାରେ ଭଗବତକୃପା ଝରିଆସେ। ପୁରାଣ ପୃଷ୍ଠାରୁ ଏହି ପ୍ରସଙ୍ଗରେ କଥାଟିଏ କୁହାଯାଇପାରେ। ଦ୍ରୌପଦୀଙ୍କ ଭଗବାନ ଶ୍ରୀକୃଷ୍ଣଙ୍କ ପ୍ରତି ବିଶ୍ୱାସଥିଲା, ଦୃଢ଼ ବିଶ୍ୱାସ ଥିଲା, ମାତ୍ର କୁରୁ ରାଜସଭାରେ ପଞ୍ଚପାଣ୍ଡବଙ୍କ ସମେତ ଆଉ କିଛି ଗୁରୁଜନଙ୍କ ଉପରେ ଭରସା ଥିବା ପର୍ଯ୍ୟନ୍ତ ତାଙ୍କ ସମସ୍ୟାର ସମାଧାନ ହେଲା ନାହିଁ। ଯେତେବେଳେ ସବୁ ଭରସା ଅନ୍ୟମାନଙ୍କ ଉପରୁ ତୁଟି ଯାଇ ଭଗବାନଙ୍କ ଚରଣରେ ନିବେଦିତ ହୋଇଗଲା, ସେତେବେଳେ ଅନାୟାସରେ ସମସ୍ୟାର ସମାଧାନ ହୋଇଗଲା।

ଅତଏବ ବିଶ୍ୱାସ ଓ ଭରସା ଏକାଠି ହେଲେ ଯଥାଶୀଘ୍ର ବିପଦ ଦୂରୀଭୂତ ହୁଏ। ବାସ୍ତବରେ ଭରସାର ଶକ୍ତି ଅସାଧାରଣ, ଏହାର ତୁଳନା ନାହିଁ। ଭଗବାନଙ୍କ ଉପରେ ପୂର୍ଣ୍ଣ ଭରସା ଆସିଲେ ଅନ୍ତରର ଗଭୀରତମ ପ୍ରଦେଶରେ ଏକ ପ୍ରତ୍ୟୟ ଜାତ ହୁଏ। ସେହି ପ୍ରତ୍ୟୟର ନାମ ହେଉଛି ଆତ୍ମପ୍ରତ୍ୟୟ। ସେହି ଆତ୍ମପ୍ରତ୍ୟୟରୁ ଆସେ ମନର ବଳ।

ମନର ବଳରେ ବୈଜ୍ଞାନିକମାନେ କେତେ କେତେ ଆବିଷ୍କାର ଓ ଉଦ୍‌ଭାବନ କରିଛନ୍ତି। ବହୁ ବିଫଳତାକୁ ପାରି ହୋଇ ସେମାନେ ସଫଳତା ପାଇଛନ୍ତି। ବିଫଳତା ତାଙ୍କୁ ହତୋତ୍ସାହ କରି ପାରିନାହିଁ, ମନର ବଳରେ, ସେମାନେ ଆଗକୁ ଯାଇଛନ୍ତି ଏବଂ ସଫଳତା ପାଇଛନ୍ତି। ଏହାର ବହୁ ଉଦାହରଣ ଆମ ପାଖରେ ରହିଛି। ଥମାସ୍ ଏଡ଼ିସନ୍ କେତେ କେତେଥର ବିଫଳହୋଇ ଶେଷରେ ବିଦ୍ୟୁତବଲ୍‌ବର ଉଦ୍‌ଭାବନ କରିଛନ୍ତି। ଜନବୟେଡ଼ କେତେ କେତେ ବାର ବିଫଳ ହୋଇ ଶେଷରେ ଦୂରଦର୍ଶନର ଉଦ୍‌ଭାବନ କରିଛନ୍ତି।

କେବଳ ବୈଜ୍ଞାନିକମାନେ ନୁହନ୍ତି, ବହୁ ଦାର୍ଶନିକ, ଶିଳ୍ପୀ, କଳାକାର ତାଙ୍କ ନିଜ ନିଜ କ୍ଷେତ୍ରରେ ବିଫଳତାର ପାହାଚ ଚଢ଼ି ଚଢ଼ି ଶେଷରେ ସଫଳତାର ଛାତରେ ପହଞ୍ଚିଛନ୍ତି। ଏଥିପାଇଁ ଲୋଡ଼ାହୁଏ ଆଶାର ଆଲୋକ। ନିରାଶାର ଅନ୍ଧକାରକୁ ଦୂର କରିପାରେ ଏଇ ଆଶାର ଆଲୋକ। ଅତଏବ ମନବଳର ଏକ ବଡ଼ ଉପାଦାନ ହେଉଛି ଆଶା। ଯାହାର ଆଶା ଅଛି, ତା'ପାଇଁ ବହୁ ଭଲ କଥାର ସମ୍ଭାବନା ଅଛି। ମନବଳ ଥିବା ଲୋକମାନେ ଏକ ଏକ ନିର୍ଦ୍ଦିଷ୍ଟ ଲକ୍ଷ୍ୟ ପଥରେ ଅଗ୍ରସର ହୋଇଥାନ୍ତି। ସାଧାରଣ ଜୀବନର ତଥାକଥିତ ସୁଖ ଦୁଃଖ ସେମାନଙ୍କୁ ଅଧିକ ଭାବରେ ଆକ୍ରାନ୍ତ କରିପାରନ୍ତି ନାହିଁ।

କେବଳ ବୈଜ୍ଞାନିକ, ଦାର୍ଶନିକ, କଳାକାର ନୁହନ୍ତି, ସାଧାରଣ ଜୀବନରେ ବହୁ ବ୍ୟକ୍ତି ମନର ବଳରେ ବହୁ ବଡ଼ ବଡ଼ କାର୍ଯ୍ୟ କରିଥାନ୍ତି, ବହୁ ଅଗ୍ରଗତି କରିଥାନ୍ତି। ବିପଦକୁ ସାମ୍ନା କରିବାର ଶକ୍ତି ସେମାନେ ଅର୍ଜନ କରିଥାନ୍ତି। ସାଧାରଣ ଜୀବନରେ ଆସୁଥିବା ବାଧାବିଘ୍ନକୁ ସେମାନେ ଅତିକ୍ରମ କରିଯାନ୍ତି।

ସେମାନେ ବୁଝିଥାନ୍ତି ଯେ ଜୀବନ ଅଛି ତ କ୍ଷୟ କ୍ଷତି ହେବ, କ୍ଷୟ କ୍ଷତି ହେଲା ବୋଲି ଏତେ ଭାଙ୍ଗିପଡ଼ିଲେ ଚଳିବ ନାହିଁ। ଆମକୁ ତାଙ୍କ ପରି ମନେ ରଖିବାକୁ ହେବ ଯେ ପ୍ରତ୍ୟେକ ରାତିର ଏକ ପାହାନ୍ତି ଅଛି, ପ୍ରତ୍ୟେକ ଶୀତପଛରେ ଏକ ବସନ୍ତ ଲାଗିକରି ରହିଛି। ଏହା କଥାର କଥା ନୁହେଁ, ଚିରନ୍ତନ ସତ୍ୟ। ଏହି ସତ୍ୟକୁ ଗ୍ରହଣ କରି ଆମେ ମନବଳର ପୂଜାଫୁଲରେ ଜୀବନର ନିରାଜନା କରିବା ଏବଂ ପଛକୁ ନ ଚାହିଁ ଅଧାବାଟରେ ଅଟକି ନ ଯାଇ ଆଗକୁ ଯିବା। ଆମେ ସ୍ମରଣରେ ରଖିବା ସ୍ୱାମୀ ବିବେକାନନ୍ଦଙ୍କ କଥା "କୁହ ଅସ୍ତି, ଅସ୍ତି- ନାସ୍ତି, ନାସ୍ତି କହି ସବୁ ଗଲା।" ମନେପକାଇବା ଶ୍ରୀମାଙ୍କ କଥା- "ତୁ କଣ ଭଗବାନଙ୍କୁ ଜାତକଠାରୁ ଅଧିକ ଶକ୍ତିଶାଳୀ ହେବାକୁ ଦେବୁନାହିଁ? ଭଗବାନଙ୍କ ନିମନ୍ତେ କୌଣସି ଅପରିବର୍ତ୍ତନୀୟ ଜାତକ ନାହିଁ।" ଆଶା ଆଣିଦେବ ପାଦରେ ଶକ୍ତି, ପ୍ରାଣରେ ଉତ୍ସାହ, ଅନ୍ତରରେ ସାହସ ଏବଂ ମନରେ ବଳ। ମନ ବଳକୁ ଆଶ୍ରୟ କରି ଆମେ ଗିରି ଲଙ୍ଘନ କରିବା, ଏଥିରେ ସନ୍ଦେହ ନାହିଁ।

❐❐

ଅନ୍ୱେଷଣ

ମୁଁ, ଆମେ ଓ ଆମେମାନେ ସମସ୍ତେ ଭଗବାନଙ୍କୁ ଖୋଜିବା ପାଇଁ ଏଇ ପୃଥିବୀକୁ ଆସିଛୁ। ଭଗବାନ କ'ଣ ହଜି ଯାଇଛନ୍ତି କି ? ନା, ହଜିଯାଇନାହାନ୍ତି, ଲୁଚି ଯାଇଛନ୍ତି, ନିଜକୁ ଲୁଚାଇ ଦେଇଛନ୍ତି। ଲୀଳା ପାଇଁ ଆମ ସହ ଲୁଚକାଳି ଖେଳିବାରେ ତାଙ୍କର ପ୍ରବଳ ଆନନ୍ଦ। ତାଙ୍କ ଆନନ୍ଦର ସୀମା ନାହିଁ। ଅତଏବ ମଣିଷ ଜୀବନର ଏକମାତ୍ର ଲକ୍ଷ୍ୟ ହେଉଛି ଭଗବାନଙ୍କୁ ଖୋଜିବା। ଯିଏ ଯେତେ ଖୋଜି ପାରିବ, ତା' ଜୀବନ ସେତେ ସାର୍ଥକ ହେବ। ଖୋଜିଲେ ସେ ମିଳିବେ, ଆଜି ନ ହେଲେ କାଲି ମିଳିବେ। ନଖୋଜିଲେ ଆଦୌ ମିଳିବାର ଅବକାଶ ହିଁ ନାହିଁ। ସେ ତ ସେପରି ନୁହନ୍ତି ଯେ ଆପଣାଛାଏଁ ମିଳିଯିବେ, ହାତରେ ଆସି ଖସିପଡ଼ିବେ।

ଯଦି ଏହା ଜୀବନର ଏକମାତ୍ର ଲକ୍ଷ୍ୟ, ତେବେ ସେ ଲକ୍ଷ୍ୟ ସାଧିତ ହେବ କିପରି, ତାହା ଜାଣିବା ନିତାନ୍ତ ଆବଶ୍ୟକ। ଏଥିପାଇଁ ବହୁ ମତ ଅଛି ପୁଣି ବହୁ ପଥ ଅଛି। ତେଣୁ ତ କୁହାଯାଇଛି ଯେ, ଯେତେ ମତ ସେତେ ପଥ। ବାରମ୍ବାର ଜନ୍ମମୃତ୍ୟୁର ଚକ୍ରରେ ନଘୂରି ମୁକ୍ତି ପାଇଯିବାର ମତ ରହିଛି, ସେଥିପାଇଁ ପୁଣି କୃଚ୍ଛ ସାଧନାର ପଥ ରହିଛି। ବୈରାଗ୍ୟର ଅସ୍ତ୍ରରେ କାମନା ବାସନାର ବୃକ୍ଷକୁ ଛେଦନ କରିବାର କଥା ବହୁ ପୂର୍ବରୁ ପ୍ରଚଳିତ ହୋଇରହିଛି। ଏଥିପାଇଁ ଘରଦ୍ୱାର ଛାଡ଼ି ବଣ ଗମନ କରାଯାଇପାରେ, ସେ ପରମ୍ପରା ମଧ୍ୟ ରହିଛି। ଜଟାଜୁଟ ଧାରଣ କରି ଗୁମ୍ଫା ଗୁମୁଟରେ ବସି ପରମପ୍ରଭୁଙ୍କ ପାଦରେ ଲୟ ଲଗାଇଲେ ଏହି ମୁକ୍ତି ମିଳେ ବୋଲି ଶାସ୍ତ୍ରରେ କଥିତ ଅଛି। ଏ ପଥ ମଧ୍ୟ ବିସ୍ତୃତ ତଥା ପ୍ରଶସ୍ତ ହୋଇ ରହିଛି ବହୁ ଆଗରୁ। ମାତ୍ର ଏବେ ଘରଦ୍ୱାର ନଛାଡ଼ି ମଧ୍ୟ ଭଗବାନଙ୍କୁ ଖୋଜାଯାଇପାରେ, ଏପରି ଏକ ପଥ ରହିଛି। ଏହାହିଁ ପୂର୍ଣ୍ଣ ଯୋଗର ପଥ। ସେତେବେଳେ ଘରଦ୍ୱାର ବନ୍ଧୁବର୍ଗ, ଧନ ସମ୍ପଦ ବାଧକ ନହୋଇ ବରଂ ସହାୟକ ହୋଇପାରନ୍ତି ଚଲାବାଟରେ। ଏସବୁକୁ ଭଗବାନଙ୍କର ଦାନ ବୋଲି ଭାବିଲେ ଏସବୁର ଭୂମିକା ମଧ୍ୟ ଭିନ୍ନ ହୋଇଯାଏ। ପିତାମାତା, ଭାଇଭଉଣୀ, ବନ୍ଧୁବାନ୍ଧବ ସାଧନାର ପଥରେ ସୁଯୋଗର ମାଧ୍ୟମ ହୋଇଯାନ୍ତି, କାରଣ ଏସବୁ ତ ପରମ ପ୍ରଭୁଙ୍କର ଦିବ୍ୟ ଦାନ, ସେହି ଦାନକୁ ଅବମାନନା କରାଯାଇ ନପାରେ। ଧନ ସମ୍ପଦ ଆଗକୁ ଯିବାରେ ସହଯୋଗର ଉପାଦାନ ହୁଏ। ଗର୍ବ, ଅହଂକାରକୁ ବାଦ୍ ଦେଲେ ଧନ ସମ୍ପଦ ହୁଅନ୍ତି ଚେତନାର ବିକାଶ ନିମନ୍ତେ ଆବଶ୍ୟକ ଉପାଦାନ। ଏଇ ପରିପ୍ରେକ୍ଷୀରେ ମନେପଡ଼େ ଭକ୍ତକବି ମଧୁସୂଦନ ରାଓଙ୍କର ପ୍ରାର୍ଥନାର ପଂକ୍ତିଟିଏ।

'ଜନକ ଜନନୀ ସୁତ ସୁତା ଜାୟାଧବ
ସହୋଦର ସହୋଦରା ଆତ୍ମୀୟ ବାନ୍ଧବ
ପ୍ରଭୁ, ଏ ସର୍ବ ସମ୍ପଦ
ତୋର ଦୟା ନିଦର୍ଶନ ଆହେ ଆଦିକନ୍ଦ।".

ମଣିଷର ତିନିଗୋଟି ସତ୍ତା ବିକଶିତ ହୋଇଛି। ତାହା ହେଲା ଦେହ, ପ୍ରାଣ ଓ ମନ। ଦେହ ଅପେକ୍ଷା ପ୍ରାଣ ଓ ମନର ଧର୍ମ ହେଉଛି ପ୍ରମତ୍ତତା। ଏ ଦୁଇ ଉପାଦାନ ସହଜରେ ଆୟତ୍ତ ହୁଅନ୍ତି ନାହିଁ। ଏମାନଙ୍କୁ ଧ୍ୱଂସ କରିଦେବା ନୁହେଁ ବରଂ ନିଜ ଆୟତ୍ତକୁ ଆଣିବା ଆମର କର୍ତ୍ତବ୍ୟ। ଆୟତ୍ତକୁ ଆସିଲେ ଏ ଦୁହେଁ ସଫଳ ମାଧ୍ୟମ ହେବେ ଆମର ଅଗ୍ରଗତି ନିମନ୍ତେ। ଦେହ ମଧ୍ୟ ଯଥେଷ୍ଟ ସହଯୋଗ କରିବ ଯୋଗ ସାଧନାରେ। ଭଗବାନଙ୍କୁ ଖୋଜିବା ଦିଗରେ ମନର ଭୂମିକା ସର୍ବାପେକ୍ଷା ଅଧିକ ଗୁରୁତ୍ୱପୂର୍ଣ୍ଣ କାରଣ ଏହା ହେଉଛି ମଣିଷର ନିୟାମକ ତଥା ନିୟନ୍ତ୍ରକ ସତ୍ତା। ସ୍ଥିତିରେ ଅତ୍ୟନ୍ତ ସୂକ୍ଷ୍ମ ମାତ୍ର ଗତିରେ ଅତୀବ ଚଞ୍ଚଳ। ଭକ୍ତକବିଙ୍କ ଭକ୍ତିରେ -

"ଆହା କିବା ଅଦ୍‌ଭୁତ ମନର ଗତି
ଅଚିନ୍ତନୀୟ ଅଟେ ତାର ଶକତି
କ୍ଷଣ ମାତ୍ରକେ ମନ କରେ ଦର୍ଶନ
ଏହି ଅପରିସୀମ ବିଶ୍ୱଭୁବନ ।"

ଏଇ ମନ ଯଦି ସହଯୋଗୀ ହୁଏ ଅର୍ଥାତ୍ ଭଗବାନଙ୍କୁ ଖୋଜିବା ଦିଗରେ ମାଧ୍ୟମ ହୁଏ, ତେବେ ଖୋଜିବା କାର୍ଯ୍ୟଟି ସହଜ ହୁଏ, ସରଳ ହୁଏ। ମନର କାମ ହେଉଛି ସବୁକଥାକୁ ଭାଙ୍ଗି ଭାଙ୍ଗି ଦେଖିବା, ସହଯୋଗୀ ହେଲେ ସେ ଆଉ ନ ଭାଙ୍ଗି ବରଂ ଯୋଡ଼ିବାକୁ ଆରମ୍ଭ କରେ। ବୁଝିବାରେ ସାହାଯ୍ୟ କରେ ଜୀବନର ରହସ୍ୟ, ଜୀବନର ଲକ୍ଷ୍ୟ। ଉଚ୍ଚ ମନରେ ମିଳେ ଅମୃତର ସନ୍ଧାନ, ବୈକୁଣ୍ଠର ସ୍ଥିତି ଜନିତ ସନ୍ତୋଷ ଥାଏ ଉଚ୍ଚମନରେ। ମନ ଏକ ରବର ସଦୃଶ, ଏହାକୁ ଭିଡ଼ିଲେ ଏହା ପ୍ରଶସ୍ତ ହୁଏ, ଟିକିଏ କଷ୍ଟ ଅବଶ୍ୟ ଭିଡ଼ିବା ପାଇଁ ପଡ଼େ। ମନେପଡ଼େ ସ୍ୱଭାବ କବି ଗଙ୍ଗାଧର ମେହେରଙ୍କ ରଚନାରୁ ପଂକ୍ତିଟିଏ,

'ଯା ମନ ଯେପରି ତା ପାଇଁ ସେପରି
ଫଳ ଥୋଇଥାଏ ବିଶ୍ୱ
ଉଚ୍ଚ ମନା ଉଚ୍ଚେ ଅମୃତ ଲଭଇ
ନୀଚମନା ଲଭେ ବିଷ।'

ଜଳରେ ସ୍ଥଳରେ ଆକାଶରେ ବତାସରେ ସର୍ବତ୍ର ଭଗବାନଙ୍କୁ ଖୋଜିବାକୁ ପ୍ରେରଣା ଦିଏ ମନ, ଆଗେଇ ଆସେ ମନ। ନୀଳ ଆକାଶର ନିହାରିକାଠାରୁ ଧରିତ୍ରୀର ଧୂଳିକଣା ପର୍ଯ୍ୟନ୍ତ ତା'ର ଗତି ଅବ୍ୟାହତ। ତେଣୁ ସର୍ବତ୍ର ଭଗବାନଙ୍କୁ ଖୋଜିବାର ସାମର୍ଥ୍ୟ କେତେକାଂଶରେ ତାହାର ରହିଛି। ଅବଶ୍ୟ କେବଳ ତା'ର ସାମର୍ଥ୍ୟରେ ଭଗବତ ପ୍ରାପ୍ତି ସମ୍ଭବ ନ ହୋଇପାରେ, ମାତ୍ର ବିଭୁକୃପାର ଅବତରଣ ପାଇଁ ପଥ ପ୍ରସ୍ତୁତ ହୋଇଯାଇପାରେ। ଭଗବାନ ଉପଯୁକ୍ତ ପାତ୍ରରେ ଭକ୍ତ ମନର ବ୍ୟାକୁଳତା ଦ୍ୱାରା ନିଜକୁ ଦେଇ ଦିଅନ୍ତି। ଅର୍ଥାତ୍ ଭକ୍ତ ହାତରେ ଧରାଦିଅନ୍ତି। ବ୍ୟାକୁଳତାର ସ୍ଥିତି ହେଉଛି ମନରେ। ଯଦି ବ୍ୟାକୁଳତା ନାହିଁ, ତେବେ ଭଗବତ ପ୍ରାପ୍ତି ସମ୍ଭବ ନୁହେଁ। ମନହେଉଛି ଚିନ୍ତାର ଗନ୍ତାଘର। ନିଜ ଚିନ୍ତାକୁ ନିମ୍ନମୁଖୀ ନ କରି ଊର୍ଦ୍ଧ୍ୱମୁଖୀ କରିବା ଦ୍ୱାରା ସତ୍‌ଚିନ୍ତା ମନରେ ଆସେ। ଏହି ସତ୍‌ଚିନ୍ତା ଭଗବାନଙ୍କ ପ୍ରାପ୍ତି ମାର୍ଗକୁ ପ୍ରଶସ୍ତ କରିଥାଏ। ଭଗବତ ଲାଭ ପାଇଁ ବ୍ୟାକୁଳତାର ଅନ୍ୟନାମ ଅଭୀପ୍‌ସା। ଅଭୀପ୍‌ସା ଆସିଲେ ମନର ଅବସ୍ଥା ବଦଳିଯାଏ। ମନରେ ଆସେ ବିଶ୍ୱାସ, ବିଶ୍ୱାସ ହିଁ ଭଗବତ ପ୍ରାପ୍ତି ପାଇଁ ଏକ ଅନୁକୂଳ ପରିବେଶ ସୃଷ୍ଟି କରେ। ଭରସା ଆସେ ଭଗବାନଙ୍କ ଉପରେ ଏଇ ମନରୁ। ଉଚ୍ଚମନ ହୁଏ ପ୍ରାଣସତ୍ତାର ଗୁରୁ, ଦେହ ସତ୍ତାର ଦିଗ୍‌ଦ୍ରଷ୍ଟା ମଧ୍ୟ। ଉଦ୍ଦାମ ପ୍ରାଣକୁ ଯଥାଯୋଗ୍ୟ ପଥରେ

ପରିଚାଳିତ କରିବାର ଦକ୍ଷତା ତାହାର ରହିଛି । ଦେହକୁ ମଧ୍ୟ ଯଥାଯଥ ମାର୍ଗ ଦର୍ଶନ ତାଦ୍ୱାରା ସମ୍ଭବ ହୋଇପାରେ । ମନର ସ୍ଥିରତା, ପ୍ରଶାନ୍ତି, ପ୍ରସାରତା ଏଥିପାଇଁ ନିତାନ୍ତ ଆବଶ୍ୟକ । ଚଞ୍ଚଳ ମନକୁ ଅଭ୍ୟାସ ଦ୍ୱାରା ସ୍ଥିର କରାଯାଇପାରେ ବୋଲି ବହୁ ଶାସ୍ତ୍ରରେ ବହୁ ପୂର୍ବରୁ ଉଲ୍ଲେଖ କରାଯାଇଛି । ଶ୍ରୀମଦ୍ ଭଗବଦ୍ ଗୀତାରେ ଶ୍ରୀକୃଷ୍ଣ ହେଉଛନ୍ତି -

'ଅସଂଶୟଂ ମହାବାହୋ ମନୋ ଦୁର୍ନିଗ୍ରହଂ ଚଳମ୍
ଅଭ୍ୟାସେନ ତୁ କୌନ୍ତେୟ ବୈରାଗ୍ୟେଣ ଚ ଗୃହ୍ୟ ତେ ।

(୬ଷ୍ଠ ଅଧ୍ୟାୟ, ଶ୍ଲୋକନଂ୩୫)

ଏହାର ଆକ୍ଷରିକ ଅନୁବାଦ ଏହିପରି -

ମନ ଦୁଃସାଧ୍ୟ, ଚଞ୍ଚଳ ମହାବାହୋ ! ନିଃସଂଶୟ
ଅଭ୍ୟାସେ, ବୈରାଗ୍ୟ ବଳେ ହୁଅଇ ତା'ର ନିଗ୍ରହ ।'

ମନରେ ସ୍ଥିରତା ଆସିଲେ ଲକ୍ଷ୍ୟ ସାଧନର ମାର୍ଗ ସହଜ ହୁଏ । ମନର ସ୍ଥିରତାରୁ ଆସେ ଶ୍ରଦ୍ଧା ବା ଭକ୍ତି । ଭକ୍ତି ହେଉଛି ହୃଦୟ କପିଳାସର ନିର୍ମଳ ନିର୍ଝର ଯାହା ଭଗବତ ମହିମାକୁ ଅହରହ ଗାନ କରୁଥାଏ, ଏବଂ ଧ୍ୟାନ କରୁଥାଏ । ନାରଦ ଭକ୍ତି ସୂତ୍ରରେ କୁହାଯାଇଛି 'ସାନୁରକ୍ତିରୀଶ୍ୱରେ । ଅର୍ଥାତ୍ ଭଗବାନଙ୍କ ଠାରେ ଏକାନ୍ତ ଅନୁରକ୍ତି ହିଁ ଭକ୍ତି । ପ୍ରେମରସରେ ରସାଣିତ ଏଇ ଭକ୍ତି କରେ ଚିତ୍ତକୁ ନିର୍ମଳ ଓ ବିଶୁଦ୍ଧ । ଭଗବାନଙ୍କର ସାନ୍ନିଧ ପ୍ରାପ୍ତ କରାଇପାରେ ଏଇ ଭକ୍ତି । ମଣିଷ ନିଜ ନାମ, ଯଶ, ଗୁଣ, ରୂପ, କ୍ଷମତା ଓ ଆସକ୍ତିରେ ବୁଡ଼ିଥିବା ପର୍ଯ୍ୟନ୍ତ ମନରେ ଭକ୍ତି ଆସେ ନାହିଁ । ଭକ୍ତିର ମୂଳରେ ରହିଛି କୃତଜ୍ଞତା, ଭଗବାନଙ୍କ ପ୍ରତି ଏଇ କୃତଜ୍ଞତା ଉଦ୍ଦିଷ୍ଟ । ଯାହା ଆମକୁ ମିଳିଛି ସେଥିରେ ଆମର ସହାସ୍ୟ ସ୍ୱୀକୃତି ହିଁ କୃତଜ୍ଞତା । ଭଗବତ ଦାନକୁ ସାଦରେ ଗ୍ରହଣ କରିବା ପୂର୍ବକ ତାଙ୍କ ପ୍ରତି ନମ୍ରତା ପ୍ରଦର୍ଶନ ହିଁ କୃତଜ୍ଞତା । କୃତଜ୍ଞତାରୁ ଶ୍ରଦ୍ଧା ବା ଭକ୍ତି, ଭକ୍ତିରୁ ବିଶ୍ୱାସ, ବିଶ୍ୱାସରୁ ଭରସା ପ୍ରଭୃତିର ସୃଷ୍ଟି ହୁଏ । ସେଇ ଭରସା ଅତୁଟ ଓ ଅଖଣ୍ଡ ହେବା ଆବଶ୍ୟକ । ଶ୍ରୀଅରବିନ୍ଦ କହନ୍ତି 'Have faith and He will do everything for your', ଅତଏବ ମୂଳକଥାଟି ଶ୍ରଦ୍ଧା ବା ଭକ୍ତି । ଯାହାର ଭଗବାନଙ୍କ ପ୍ରତି ଶ୍ରଦ୍ଧା ନାହିଁ ତା' ଜୀବନ ନୀରସ ଓ ଶୁଷ୍କ । ସେ ଲକ୍ଷ୍ୟହରା ବିହଙ୍ଗ ସମ ଉଦ୍‌ଭ୍ରାନ୍ତ । ଭଗବାନଙ୍କ ପ୍ରତି ଶ୍ରଦ୍ଧା ଆସିଲେ ସମଗ୍ର ଜଗତ ପ୍ରତି ଶ୍ରଦ୍ଧା ଆସିବ କାରଣ ଏ ଜଗତ ହେଉଛି ତାଙ୍କର ଆତ୍ମାଭିବ୍ୟକ୍ତି । ପ୍ରତ୍ୟେକ ବସ୍ତୁ ବା ବ୍ୟକ୍ତି ତାଙ୍କର ଅଭିବ୍ୟକ୍ତିର ଏକ ଏକ ପ୍ରକାଶ । ସ୍ୱାମୀ ବିବେକାନନ୍ଦଙ୍କ କଥାରେ- "ଭଗବତ ପ୍ରେମ ଆସିଲେ ତାହା ସାଙ୍ଗେ ସାଙ୍ଗେ ତା'ର ନିଶ୍ଚିତ ଫଳ ସ୍ୱରୂପ ସର୍ବଭୂତଠାରେ ପ୍ରେମ ଆସିବ ।" ଅନ୍ତରରେ ପ୍ରେମ ଭକ୍ତି ଆସିଲେ ପ୍ରେମ, ପ୍ରେମିକ ଓ ପ୍ରେମାସ୍ପଦ ଏକ ହୋଇଯାଆନ୍ତି । କ୍ଷଣେ ତାଙ୍କ କଥା ନ ଭାବିଲେ ମନ ଯଦି ଅଥୟ ହୁଏ, ବିବ୍ରତ ହୁଏ ତେବେ ବୁଝିବାକୁ ହେବ ପ୍ରେମ ଆସିଛି । ଏହି ବିରହ ଜନିତ ଯନ୍ତ୍ରଣାକୁ ଶାସ୍ତ୍ରରେ ମଧୁର ଯନ୍ତ୍ରଣା ବୋଲି କୁହାଯାଏ । ନାମ ଜପରେ ମଧ୍ୟ ଆମେ ତାଙ୍କୁ ଖୋଜି ପାରିବା । ନାମ ଓ ନାମୀ ଅଭେଦ ବୋଲି କୁହାଯାଇଛି ବହୁଶାସ୍ତ୍ରରେ । ନାମୀଠାରେ ଯେତିକି ଶକ୍ତି ରହିଛି ତା'ର ନାମରେ ସେତିକି ବା ତା'ଠାରୁ ଅଧିକ ଶକ୍ତି ନିହିତ ବୋଲି କୁହାଯାଇଛି । କଳିଯୁଗରେ ନାମକୁ ଅଧିକ ପ୍ରାଧାନ୍ୟ ଦିଆଯାଇଛି । କଳୌ ନାମୈବ କେବଳମ୍ ଅର୍ଥାତ୍ କଳିଯୁଗରେ କେବଳ ନାମର ମହତ୍ତ୍ୱ ସର୍ବାପେକ୍ଷା ଅଧିକ । ଯେତେ ନାମରେ ଡାକିଲେ ମଧ୍ୟ ପ୍ରତ୍ୟେକ ଡାକ ସେହି ଏକ ଅଦ୍ୱିତୀୟଙ୍କ ନିକଟରେ ପହଞ୍ଚିଯାଏ । ତେଣୁ କୁହାଯାଏ ସର୍ବଦେବ ନମସ୍କାର କେଶବଂ ପ୍ରତିଗଚ୍ଛତି' । ଯଜ୍ଞ ମଧ୍ୟରେ ଜପଯଜ୍ଞ ଶ୍ରେଷ୍ଠ ବୋଲି ଶ୍ରୀମଦ୍ ଭଗବଦ୍ ଗୀତା ଗ୍ରନ୍ଥରେ ଉଲ୍ଲେଖ କରାଯାଇଛି -

'ମହର୍ଷୀଣାଂ ଭୃଗୁରହଂ ଗିରାମସ୍ମ୍ୟେ କମକ୍ଷରମ୍
ଯଜ୍ଞାନାଂ ଜପ ଯଜ୍ଞୋସ୍ମି ସ୍ଥାବରାଣାଂ ହିମାଳୟଃ ।'

(ଦଶମ ଅଧ୍ୟାୟ, ୨୫ ଶ୍ଲୋକ)

ଏହାର ଆକ୍ଷରିକ ଅନୁବାଦ ଏହିପରି -

ମହର୍ଷିକୁଳେ ମୁଁଭୃଗୁ, ଓଁକାର ମୁହିଁ ବଚନେ
ଯଜ୍ଞ ମଧ୍ୟେ ଜପଯଜ୍ଞ ହିମାଦ୍ରି ସ୍ଥାବର ଗଣେ।

ଶ୍ରୀ ଅରବିନ୍ଦ କହିଛନ୍ତି - 'Nama japa has a great power in it'. ଯେଉଁ ଦେବତାଙ୍କ ନାମ ଉଚ୍ଚାରଣ କରାଯାଏ, ସେହି ଦେବତା ହିଁ ପ୍ରକଟ ହୁଅନ୍ତି। ଶ୍ରୀଅରବିନ୍ଦଙ୍କ ପୂର୍ଣ୍ଣଯୋଗରେ ନାମ ଜପ ଉପରେ ବହୁତ ଗୁରୁତ୍ୱ ପ୍ରଦତ୍ତ ହୋଇଛି। ମନ ଓ ପ୍ରାଣର କଳୁଷ ବା ଅପୂର୍ଣ୍ଣତାକୁ ଦୂର କରିବା ପାଇଁ ନାମ ଜପ ଅଧିକ ସମର୍ଥ। ଶରୀରର ରୂପାନ୍ତର କ୍ଷେତ୍ରରେ ନାମଜପ ଅନିବାର୍ଯ୍ୟ। ଏକଥା ଶ୍ରୀମା କହିଛନ୍ତି। ଏହା ସହିତ ସେ କହିଛନ୍ତି- "ମୁଁ ଦେଖିଛି ଜପର ଅବଚେତନ ଉପରେ, ନିଶ୍ଚେତନା ଉପରେ, ଜଡ଼ ଉପରେ, ଶରୀରର କୋଷ ଉପରେ ଏକ ସଂଗଠନକାରୀ ପ୍ରଭାବ ରହିଛି।" ଶ୍ରୀମା କହିଛନ୍ତି- If something wrong happens, at once repeat my name - ma-ma- ଅର୍ଥାତ୍ ଯଦି କୌଣସି ଅସୁବିଧା ଦେଖାଦିଏ, ତତ୍‌କ୍ଷଣାତ୍ ମୋର ନାମ 'ମା' 'ମା' ଜପ କର।

ଧ୍ୟାନ ମାଧ୍ୟମରେ ମଧ୍ୟ ଭଗବାନଙ୍କୁ ଅନୁସନ୍ଧାନ କରାଯାଇପାରେ ଧ୍ୟାନ ଆଣେ ଏକାଗ୍ରତା, ଭଗବାନଙ୍କ ସହ ଯୁକ୍ତ ହୋଇ ରହିବାର ଏକ ମାନସିକତା। ଅବଶ୍ୟ ଧ୍ୟାନ କରିବାକୁ ଆଖିବୁଜିଲେ ହିଁ ନାନା ରକମର ଯାନ୍ତ୍ରିକ ଚିନ୍ତା ମନ ଭିତରକୁ ଆସେ। ସେ କ୍ଷେତ୍ରରେ ମନକୁ ଶୂନ୍ୟ କରି ଦେବାକୁ ହେବ ଯାହାଫଳରେ କି ଯାନ୍ତ୍ରିକ ଚିନ୍ତା ମନ ଭିତରକୁ ପଶିପାରିବ ନାହିଁ। ଆଖି ଖୋଲି ମଧ୍ୟ ଧ୍ୟାନ କରାଯାଇପାରେ। ଧ୍ୟାନ ପାଇଁ ଭିତରୁ ପ୍ରେରଣା ଆସିବା ଦରକାର। କେବଳ ଘଣ୍ଟା ଘଣ୍ଟା ବସିଲେ ଧ୍ୟାନ ହୁଏ ନାହିଁ। ଶ୍ରୀମା କହନ୍ତି ଧ୍ୟାନ ଆପେ ଆପେ ହୁଏ, ଯଦି ଧ୍ୟାନ ଭାଙ୍ଗିବାକୁ ଅର୍ଥାତ୍ ଧ୍ୟାନରୁ ଉଠିବାକୁ ନିଜକୁ କଷ୍ଟ ଲାଗେ, ତେବେ ଯଥାର୍ଥ ଧ୍ୟାନ ହେଲା ବୋଲି କୁହାଯିବ। ଧ୍ୟାନ ଦ୍ୱାରା ଦୃଷ୍ଟି ଅନ୍ତର୍ମୁଖୀ ହୁଏ ଏବଂ ହୃଦ୍‌କେନ୍ଦ୍ରରେ ଭଗବତ ଉପସ୍ଥିତି ଅନୁଭୂତ ହୁଏ। ଧ୍ୟାନ କରାଯାଇପାରେ ମସ୍ତକରେ ପୁଣି ହୃଦୟରେ। ମାତ୍ର ହୃଦୟରେ ଧ୍ୟାନ ଅଧିକ ସଫଳ ଓ ଉପକାରୀ ହୋଇଥାଏ। ଏହାଦ୍ୱାରା ହୃଦୟର ପଶ୍ଚାତରେ ଥିବା ପରଦାଟି ଖୋଲିଯାଏ ଏବଂ ଭଗବାନଙ୍କ ସହିତ ସାକ୍ଷାତକାର ସହଜ ହୁଏ। ବିକ୍ଷିପ୍ତ ମନକୁ ଏକାଗ୍ର କରିବା ପାଇଁ ତଥା ଭଗବତ ଅଭିମୁଖୀ କରିବାକୁ ଧ୍ୟାନ ଏକାନ୍ତ କାମ୍ୟ। ତେବେ ଜୋର୍ ଜବରଦସ୍ତି ଧ୍ୟାନ କରିବା ଉଚିତ ନୁହେଁ। ସ୍ୱତସ୍ଫୁର୍ତ୍ତ ଭାବରେ ଧ୍ୟାନ ହେବା ଆବଶ୍ୟକ। ପ୍ରାର୍ଥନା ଦ୍ୱାରା ଭଗବତ ସାନ୍ନିଧ ମିଳେ। ମଣିଷ ଆଉ ଭଗବାନଙ୍କ ଭିତରେ ପ୍ରାର୍ଥନା ଏକ ସୁବର୍ଣ୍ଣ ସେତୁ। ପ୍ରାର୍ଥନା ମାଧ୍ୟମରେ ଆମ କଥା ଭଗବାନଙ୍କ ନିକଟରେ ପହଞ୍ଚେ ଏବଂ ଭଗବାନ ଯାହା ଦେବାକୁ ଚାହାନ୍ତି ତାହା ପ୍ରାର୍ଥନାର ଉତ୍ତର ସ୍ୱରୂପ ଆମ ନିକଟରେ ଆସି ପହଞ୍ଚେ। ପ୍ରାୟ ପ୍ରତ୍ୟେକ ମଣିଷ ଅଳ୍ପେ ବହୁତେ ପ୍ରାର୍ଥନା ଜଣାଇଥାନ୍ତି। ପ୍ରାର୍ଥନାର ଅର୍ଥ କିଛି ଚାହିଁବା। ଧନ, ଜନ, ସୁଖ, ଶାନ୍ତି, ଯଶ, ପ୍ରଶଂସା, ଆୟୁ ଆରୋଗ୍ୟ ପ୍ରଭୃତି ଲାଗି ପ୍ରାର୍ଥନା କରାଯାଇଥାଏ। କୌଣସି ବିପଦ ଆପଦରେ ଉଦ୍ଧାର ପାଇବା ପାଇଁ ଆମେ ପ୍ରାର୍ଥନା କରୁ। ସେଦିନ ଶ୍ରୀରାମକୃଷ୍ଣ ପ୍ରାର୍ଥନା କରି କହିଥିଲେ ଯେ ମାଆ, ନିଅ ତୁମର ଟଙ୍କା ପଇସା, ମାନ ଯଶ ଇତ୍ୟାଦି ଇତ୍ୟାଦି। ସ୍ୱାମୀ ବିବେକାନନ୍ଦ ମା'ଙ୍କୁ ପ୍ରାର୍ଥନାପୂର୍ବକ ମାଗିଥିଲେ ବିବେକ ବୈରାଗ୍ୟ। ପ୍ରତ୍ୟେକ ଚେତନାର ବିକାଶ ପାଇଁ

ପ୍ରାର୍ଥନା ହିଁ ଯଥାର୍ଥ ପ୍ରାର୍ଥନା, ଶ୍ରୀମା କହନ୍ତି- "ଯେତେବେଳେ ପ୍ରାର୍ଥନା କରିବ ସେତେବେଳେ କହିବ- ମୁଁ ଆଜି ପର୍ଯ୍ୟନ୍ତ ଯାହାସବୁ ଜାଣିନାହିଁ, ତାହା ଯେପରି ଜାଣିପାରେ, ଯାହା କରିପାରୁନାହିଁ, ତାହା ଯେପରି କରିପାରେ, ମୁଁ ଯେପରି ଉତ୍ତରୋତ୍ତର ଏହି ଶକ୍ତି ଲାଭ କରିପାରେ।" ପ୍ରାର୍ଥନାରୁ ମିଳେ ଶକ୍ତି, ଶାନ୍ତି, ନିର୍ଭରତା, ନିର୍ଭୟତା। ମନରେ ଧୈର୍ଯ୍ୟ ଆସେ, ଭାଙ୍ଗି ପଡୁଥିବା ମନ ଟାଣ ହୁଏ। ଅନୁଭବ ହୁଏ ଯେ କିଏ ଜଣେ ମୋର ଡାକ ଶୁଣୁଛନ୍ତି, ମତେ ଦମ୍ଭ ଦେଉଛନ୍ତି, ମୋର ଅତି ଆପଣାର କିଏ ଜଣେ ନିଶ୍ଚୟ ଅଛନ୍ତି। ଶ୍ରୀମା କହନ୍ତି ଯେ ପ୍ରତ୍ୟେକ ଆନ୍ତରିକ ପ୍ରାର୍ଥନାର ଉତ୍ତର ନିଶ୍ଚୟ ମିଳେ। ପ୍ରାର୍ଥନାର ଅନ୍ୟନାମ ଭଗବାନଙ୍କ ସହ କଥାବାର୍ତ୍ତା। ପ୍ରାର୍ଥନା ଯାନ୍ତ୍ରିକ ନ ହୋଇ ଆନ୍ତରିକ ହେବା ଦରକାର। ଧ୍ୟାନ କରିନପାରିଲେ ଦୁଃଖ ନକରି ଆମେ ପ୍ରାର୍ଥନା କରିଚାଲିବା, ଅନ୍ତରରୁ ଡାକି ଚାଲିବା, ଛୋଟ ବଡ଼ ସବୁ ସମସ୍ୟା ଭଗବାନଙ୍କୁ ପ୍ରାର୍ଥନା ମାଧ୍ୟମରେ ଜଣାଇବା। କଳ୍ପନା ଶକ୍ତିର ପ୍ରୟୋଗ କରି ମଧ୍ୟ ଭଗବାନଙ୍କୁ ଖୋଜାଯାଇପାରେ। କଳ୍ପନାର ପ୍ରଭୂତ ଶକ୍ତି ରହିଛି। ଭଗବାନ ମୋ ପାଖରେ ଅଛନ୍ତି, ମୋ ସହ ଚାଲୁଛନ୍ତି, ମୋ ସହ ବସିଛନ୍ତି ଇତ୍ୟାଦି ଭାବିଲେ ତାହାର ଅନୁଭୂତି କେତେକାଂଶରେ ହେବ। ତାଙ୍କୁ ଦୟାଳୁ ବୋଲି କଳ୍ପନା କଲେ ତଦନୁସାରୀ ଫଳ ଆମକୁ ମିଳିବ। ଆମେ ଯଦି ତାଙ୍କୁ ନିଷ୍ଠୁର ବୋଲି କଳ୍ପନା କରିବା ତେବେ ନିଷ୍ଠୁରତାର ଭାବତରଙ୍ଗ ଦ୍ୱାରା ଆମେ ଆକ୍ରାନ୍ତ ହେବା। ସେ ଗଛ ଭିତରେ ଅଛନ୍ତି ଭାବିଲେ ସେ ଗଛ ଭିତରେ ଥିବାର ଅନୁଭବ ଆମର ହେବ। ପ୍ରହ୍ଲାଦ ସେଦିନ ଭଗବାନ ଅଛନ୍ତି ସ୍ତମ୍ଭ ଭିତରେ ବୋଲି କଳ୍ପନା କରନ୍ତେ, ଭଗବାନ ତହିଁରୁ ଉଦ୍‌ଭୂତ ହେଲେ। କବି କଳାକାରମାନେ ପ୍ରବଳ ଭାବରେ କଳ୍ପନାଶକ୍ତିର ଅଧିକାରୀ। ତେଣୁ କୁହାଯାଇଛି -

'କଳ୍ପନା ନାମ ସେ ଧରନ୍ତି ସୁନ୍ଦରୀ
ବୀଣାପାଣିଙ୍କର ଚିର ସହଚରୀ।'

ମନେପଡ଼େ ଓଡ଼ିଆ ସାହିତ୍ୟର ଆଧୁନିକ ଯୁଗର ବିଶିଷ୍ଟ କବି ପଦ୍ମ ଚରଣ ପଟ୍ଟନାୟକଙ୍କ କଥା, ଏହି କଳ୍ପନା ପ୍ରସଙ୍ଗରେ। ତାଙ୍କ ଭାଷାରେ, ତାଙ୍କ କଳ୍ପନାରେ ଭଗବାନଙ୍କର ସ୍ଥିତି ଏହିପରି -

"କିଏ ତୁମେ ବନ୍ଧୁ କେଉଁଠି ରହିଛ
କିଛି ନାହିଁ ମୁହିଁ ଜାଣି
କାନ ପାରି କେବେ ବସି ଶୁଣି ନାହିଁ
ତବ ବୀଣା ଜିଣା ବାଣୀ
କିଏ ତୁମେ ବନ୍ଧୁ କେଉଁଠି ରହିଛ
କେଉଁ କୁଞ୍ଜେ ଅଛ ବଢ଼ି
ରହିଛ କି ତୁମେ ବସନ୍ତ କୁସୁମେ
ଅବା ମଧୁ ମାସ କଢ଼ି
ଫୁଲରେ କେଶର ରୂପେ ଶୋହୁଅଛ
ଅବା କେଶରରେ ମଧୁ
ଯହିଁ ଥାଅ ତହିଁ ଦେଖେ କି ନ ଦେଖେ
ତୁମେ ମୋ ପରାଣ ବନ୍ଧୁ।।

ଭଗବାନଙ୍କୁ ଖୋଜିବାର ଅନ୍ୟ ଏକ ବାଟ ହେଉଛି ପ୍ରତ୍ୟାଖ୍ୟାନ। ପ୍ରତ୍ୟାଖ୍ୟାନ ଅର୍ଥ ହେଉଛି ଆମ ଭିତରେ ଥିବା ଅମାର୍ଜିତ ଚିନ୍ତା, ଚେତନା, ରୁଚି ଓ ଅଭ୍ୟାସର ପ୍ରତ୍ୟାଖ୍ୟାନ ବା ବର୍ଜନ। ଆମ ଭିତରେ ଓ ବାହାରେ ବହୁ ଅଦିବ୍ୟ ଶକ୍ତି ରହିଛନ୍ତି ଯେଉଁମାନେ କି ଆମକୁ ଭଗବତ୍ ଅନ୍ୱେଷଣ ମାତ୍ରେ ବିରୋଧ କରନ୍ତି। ତେଣୁ କହନ୍ତି- ମନ, ପ୍ରାଣ ଓ ଶରୀର ଭିତରେ ଥିବା ଅପରା ପ୍ରକୃତି ଓ ପ୍ରବୃତ୍ତିର ପ୍ରତ୍ୟାଖ୍ୟାନ ଏକାନ୍ତ ଜରୁରୀ। ଶ୍ରୀଅରବିନ୍ଦଙ୍କ କଥାରେ, "ପ୍ରତ୍ୟାଖ୍ୟାନ କରିବାକୁ ହେବ ପ୍ରାଣ ପ୍ରକୃତିର ବାସନା, ଦାବି, କ୍ଷୁଧା, ଉତ୍ତେଜନା, ଆବେଗ, ସ୍ୱାର୍ଥପରତା, ଅହଂକାର, ଗର୍ବ, କାମ, ଲୋଭ, ଈର୍ଷା, ଅସୂୟା, ସତ୍ୟ ପ୍ରତି ବିରୁଦ୍ଧାଚାର ଇତ୍ୟାଦି।" ଭଗବାନଙ୍କ ପ୍ରତି ବିଶ୍ୱାସ ଆସିଲା ମାତ୍ରକେ ଅବିଶ୍ୱାସ ଆସିଯାଏ। ସେତେବେଳେ ଦୃଢ଼ ଚିତ୍ତରେ ଅବିଶ୍ୱାସକୁ ଦୂରେଇ ଦେବା ଆବଶ୍ୟକ ହୁଏ। ଭଗବାନଙ୍କ ଆଡ଼କୁ ଟିକିଏ ଆଗ୍ରହ ପ୍ରକଟ କଲେ ବନ୍ଧୁବାନ୍ଧବ, ଆତ୍ମୀୟ ସ୍ୱଜନ ଏବଂ ପ୍ରତିବେଶୀମାନଙ୍କ ଆଡୁ ବହୁ ଅନ୍ତରାୟ ଆସିଥାଏ। କିଏ ଆମ ଆଚରଣର ନିନ୍ଦା କରନ୍ତି ତ କିଏ ବ୍ୟଙ୍ଗ ବିଦ୍ରୂପ ତଥା ଉପହାସ କରିଥାନ୍ତି। ଆମକୁ ଏଥିରେ ବିଚଳିତ ନ ହୋଇ ଏସବୁକୁ ପ୍ରତ୍ୟାଖ୍ୟାନ କରିବାକୁ ପଡ଼ିବ।

ଭଗବତ୍ ଅନ୍ୱେଷଣର ଅନ୍ୟ ଏକ ବାଟ ହେଉଛି ସମର୍ପଣ। ସମର୍ପଣର ଅର୍ଥ ହେଉଛି ନିବେଦନ। ଶ୍ରୀରାମକୃଷ୍ଣ କହୁଥିଲେ 'ବକଲମା' ଲେଖିଦିଅ ଅର୍ଥାତ୍ ଭଗବାନଙ୍କୁ ସମ୍ପୂର୍ଣ୍ଣ ଭାର ସମର୍ପଣ କରିଦିଅ। ଆମ ସତ୍ତାର ଗୋଟିଏ ଅଂଶ ଭଗବାନଙ୍କୁ ନିଜକୁ ସମର୍ପଣ କଲେ ମଧ୍ୟ ଅନ୍ୟ ଅଂଶଟି ନିଜକୁ ସମର୍ପଣ କରେ ନାହିଁ। ଶ୍ରୀଅରବିନ୍ଦ କହନ୍ତି ଯେ ଏପରି କଲେ ଚଳିବ ନାହିଁ। ସମସ୍ତ ସତ୍ତାର ସାମଗ୍ରିକ ଅଂଶର ପ୍ରୟୋଜନ ଆବଶ୍ୟକ। ସମର୍ପଣ ଯେତେ ଅଧିକ ହେବ ଭଗବାନଙ୍କ କୃପା ସେତେ ଅଧିକ କ୍ରିୟାଶୀଳ ହେବ। ଅତଏବ ସମର୍ପଣ ହେବ ସର୍ବାଙ୍ଗୀନ ଓ ପରିପୂର୍ଣ୍ଣ, ନିଜର ଯାହାକିଛି ଅଛି ତାହା ସହିତ ନିଜକୁ ପୂର୍ଣ୍ଣ ରୂପେ ଦେଇ ଦେବାକୁ ହେବ। ଶରୀର ଦେବ ତା'ର କର୍ମ, ପ୍ରାଣ ଦେବ ତା'ର କାମନାବାସନା ଓ ମନ ଦେବ ତା'ର ସମସ୍ତ ଚିନ୍ତା। ଏପରି ସ୍ତର ପର୍ଯ୍ୟନ୍ତ ସମର୍ପଣ ଉତ୍‌ଥିତ ହେବ ଯେତେବେଳେ ଶରୀରର ପ୍ରତି ରକ୍ତ ବିନ୍ଦୁ ମଧ୍ୟ ନମ୍ରନତ ହୋଇ ନିଜକୁ ସମର୍ପଣ କରିବେ। ମା'ଙ୍କ କଥାରେ 'I am absolutely and altogether. Thine, Thine without reserve' ଅବଶ୍ୟ ସମର୍ପଣ ପ୍ରଥମେ ଆଂଶିକ ଭାବରେ ହୁଏ, ପରେ ଏହାର ମାତ୍ରା ବଢ଼ି ବଢ଼ି ପୂର୍ଣ୍ଣତା ପ୍ରାପ୍ତ ହୁଏ। ଏପରି ହୁଏଯେ ମନ ଆଗ ସମର୍ପଣ କରେ ତାପରେ ପ୍ରାଣ ନିଜକୁ ସମର୍ପଣ କରେ ଏବଂ ଶେଷରେ ଶରୀର ନିଜକୁ ସମର୍ପଣ କରେ।

ଭଗବତ ଅନ୍ୱେଷଣ ପାଇଁ ଅନ୍ୟ ଏକ ମାଧ୍ୟମ ହେଉଛି କୃତଜ୍ଞତା। କୃତଜ୍ଞତା ଏକଦେବ ସୁଲଭ ଗୁଣ। ସମସ୍ତେ ଏହାର ଅଧିକାରୀ ନୁହନ୍ତି। ସଂସାରରେ ଅକୃତଜ୍ଞଙ୍କ ମାନଙ୍କ ସଂଖ୍ୟା ଅଧିକ। ଯେଉଁମାନେ ଅକୃତଜ୍ଞ ସେମାନେ କେବେ ବି ସୁଖୀ ହୋଇ ପାରନ୍ତି ନାହିଁ। ସେମାନଙ୍କ ଅନ୍ତର ସର୍ବଦା ଅଶାନ୍ତ ଓ ଅତୃପ୍ତ ରହିଥାଏ। ଶ୍ରୀମା କହନ୍ତି ଯେ ଜୀବନରେ ଯଦି ଜଣେ ସୁଖ ପାଇବାକୁ ଚାହେଁ, ତେବେ ସେ କୃତଜ୍ଞ ହୋଇ ରହିବ, ବିଶେଷତଃ ଭଗବାନଙ୍କ ପାଖରେ କୃତଜ୍ଞ ହୋଇ ରହିବ। ଶ୍ରୀମାଙ୍କ କଥାରେ 'For your heart to remain happay, keep it always filled with gratefulness. Gratefulness is the surest way to the Divine.' ଯେ ସୁଖୀ ହେବାକୁ ଚାହେଁ ସେ ତା' ଜୀବନରେ କିଛି ଭଲ କଥା ଘଟିଲେ ତାହା Bychance ଘଟିଲା ବୋଲି ନ କହି By grace ଘଟିଲା ବୋଲି କହିବ। କୃତଜ୍ଞତା ଏକ ବିଶିଷ୍ଟ ସମ୍ପଦ ଯାହାଦ୍ୱାରା ମନରେ ଆସେ ଶାନ୍ତି, ଶକ୍ତି, ଆଲୋକ ଓ ସନ୍ତୋଷ, ଆସେ ଖୁସି ଭାବ, ବିନୟ ଭାବ ଓ ଶାନ୍ତସ୍ୱଭାବ। ମା' କହନ୍ତି ଯେ

ଭଗବାନ ଆମକୁ ଯାହା ଦେଇଛନ୍ତି ତାହାର ସହାସ୍ୟ ସ୍ୱୀକୃତିର ଅନ୍ୟ ନାମ କୃତଜ୍ଞତା। ଅନ୍ତରରୁ ସ୍ୱତସ୍ଫୁର୍ତ୍ତ ଭାବରେ ଝରି ଆସିବ -

'ତୁମେ ମତେ କେତେ ଦେଇଛ ହେ ପ୍ରଭୁ
ମୁଁ କିଛି ପାରିନି ଦେଇ
କିଛି ଦେବି ବୋଲି ଭାବିଲା ବେଳକୁ
ମନ କରେ 'ନାହିଁ' 'ନାହିଁ'।

ସବୁ ବେଳେ ଖୁସି ରହିବା ହିଁ କୃତଜ୍ଞତାର ଚିହ୍ନ। କୃତଜ୍ଞତା ହିଁ ମହାନତାର ସୁବର୍ଣ୍ଣ ସ୍ମାରକୀ। ଜଣେ କେତେ ମହାନ୍, ତାହା ଜଣାପଡ଼େ ତାଙ୍କ କୃତଜ୍ଞ ସ୍ୱଭାବରୁ।

ଏସବୁ କଥା ସହିତ ଭଗବାନଙ୍କୁ ଆମ ଘରର ମାଲିକ ବୋଲି ମନେ କରିବା ଉଚିତ। ତାଙ୍କୁ ଘରର ମୁରବି ବୋଲି ଭାବି ଦୁଃଖସୁଖ ସବୁ କିଛି ତାଙ୍କ ଆଗରେ ସରଳ ଚିତ୍ତରେ କହିଦେବା ଆବଶ୍ୟକ। ଭଗବାନଙ୍କ ପାଖରେ ସରଳତା ସର୍ବାଦୌ ଆବଶ୍ୟକ। ମନର ସ୍ୱଚ୍ଛତା ଓ ଅନ୍ତରର ନିର୍ମଳତା ଭଗବତ ପ୍ରାପ୍ତି ପାଇଁ ଏକାନ୍ତ ଅପରିହାର୍ଯ୍ୟ ଉପାଦାନ। ଅନ୍ୟମାନଙ୍କ ପ୍ରତି ଶ୍ରଦ୍ଧା ଏକ ବିଶିଷ୍ଟ ସମ୍ପଦ ଯାହାର ଅଧିକାରୀ ହେଲେ ଆମକୁ ଶାନ୍ତି ମିଳିବ। ସମଗ୍ର ଜଗତ ପ୍ରତି ଶୁଭେଚ୍ଛା ଓ ସଦିଚ୍ଛା ଦ୍ୱାରା ଆମ ସତ୍ତାର ଉତ୍ତରଣ ଘଟିବ ଓ ଆମେ ଭଗବତ ପ୍ରାପ୍ତି ପାଇଁ ଯୋଗ୍ୟତା ଅର୍ଜନ କରିପାରିବା। ଏଇସବୁ କଥା ଆମେ ଜାଣିବା ଯେତିକି ଦରକାର, ଅଭ୍ୟାସ କରିବା ସେତିକି ଦରକାର, ଏଥିରେ ସନ୍ଦେହ ନାହିଁ।

❐❐

ଚିନ୍ତା, ଚେତନା ଓ ଆଚରଣ

ସେ ଅବତାର ହୁଅନ୍ତୁ, ମହାତ୍ମା ଅବା ମହାପୁରୁଷ ହୁଅନ୍ତୁ, ପ୍ରତ୍ୟେକ ନିଜ ପାଇଁ ନୁହେଁ ଅନ୍ୟମାନଙ୍କ ପାଇଁ ଅର୍ଥାତ୍ ସାରା ପୃଥିବୀ ପାଇଁ ନିଜର ଶକ୍ତି ଓ ସମୟ ଦେଇଥାଆନ୍ତି। ଶକ୍ତି ଓ ସମୟ ଦାନର ଅନ୍ୟନାମ ସେମାନଙ୍କ କ୍ଷେତ୍ରରେ ସାଧନା। ସେହି ସାଧନାର ଫଳ ସମସ୍ତଙ୍କ ପାଇଁ ଅଭିପ୍ରେତ। ନିଜର ମାଂସ ଓ ହାଡ଼ ପର୍ଯ୍ୟନ୍ତ ଆବଶ୍ୟକ ପଡ଼ିଲେ ସେମାନେ ଦେଇପାରନ୍ତି, ଦିଅନ୍ତି ମଧ୍ୟ। ସାରା ପୃଥିବୀ ପାଇଁ କରୁଣା ଓ କଲ୍ୟାଣ ସେମାନଙ୍କର ଅପରିସୀମ। ଅଧର୍ମର ବିନାଶ ଓ ଧର୍ମର ପ୍ରତିଷ୍ଠା ପାଇଁ ତଥା ମାନବିକ ମୂଲ୍ୟବୋଧର ସୁରକ୍ଷା ପାଇଁ ବହୁକଷ୍ଟ ସେମାନେ ପାଇଥାଆନ୍ତି। କେତେବେଳେ ବିଷପାନ କରନ୍ତି ତ ଆଉ କେତେବେଳେ, ନିଜର ବଂଶ ନାଶ ପାଇଁ ଅଭିଶାପକୁ ଅକାତରେ ଗ୍ରହଣ କରନ୍ତି, କେତେ ନିର୍ଯାତନା ଓ ଲାଞ୍ଛନା ସାଧାରଣ ଜନତା ଠାରୁ ସେମାନେ ପାଇଥାଆନ୍ତି ମାତ୍ର ବିନିମୟରେ ଦିଅନ୍ତି କରୁଣାର ଶୀତଳ ଚନ୍ଦନ ଧାରା।

ଶରୀରରେ କାଳ କାଳ କେହି ରହିପାରନ୍ତି ନାହିଁ। ସେମାନେ ମଧ୍ୟ ରହିପାରନ୍ତି ନାହିଁ। ସେମାନଙ୍କର ପାଦ ସିନା ଚାଲିଯାଏ, ରହିଯାଏ ସମୟର ବେଳାଭୂମିରେ ପାଦଚିହ୍ନ, ଦାଉ ଦାଉ ହୋଇ ଜଳୁଥାଏ, ସେ ପାଦ ଚିହ୍ନ ଲିଭେ ନାହିଁ। କେତେ ଉତ୍ତର ଦାୟାଦ ଆସି ସେଇ ପାଦ ଚିହ୍ନକୁ ଦେଖି ନିଜକୁ ଧନ୍ୟ ମନେ କରନ୍ତି। ଖରା, ବର୍ଷା, ଶୀତ, କାକର ସେହି ଚହ୍ନକୁ ଲିଭାଇ ପାରେ ନାହିଁ।

ଆମେ ସେମାନଙ୍କୁ ପୂଜା ଆରାଧନା କରୁ, ଅର୍ଚ୍ଚନା କରୁ, ସେମାନଙ୍କ ମହିମା ଗାନ କରୁ ମାତ୍ର ତାଙ୍କ ଦାନରେ ନିଜକୁ ସମୃଦ୍ଧ କରୁନାହିଁ। ତାଙ୍କ ନିକଟରେ ଋଣ ସ୍ୱୀକାର କରୁନାହିଁ, ଫଳତଃ ମନରେ କୃତଜ୍ଞତାର ଭାବ ପ୍ରକଟ ହୁଏ ନାହିଁ। ପୂଜାପାଠ, ଧ୍ୟାନ ଧାରଣା ଆମେ ଯାହାକିଛି କରୁ ତାହା ନିଜ ପାଇଁ। ନିଜ କଷ୍ଟକୁ ଲଘୁ କରିବାପାଇଁ ଧୂପଦୀପ ଚନ୍ଦନ ନୈବେଦ୍ୟ ଦେଉ। ତାହା ଫଳରେ ବ୍ୟକ୍ତିଗତ କଲ୍ୟାଣ ଆମର ହୁଏ। ଏହା ଦୋଷାବହ ନୁହେଁ, ମାତ୍ର ଏହାଦ୍ୱାରା ତାଙ୍କ ଭାବରେ ଭାବିତ ହବାର ବାଟ ଫିଟେ ନାହିଁ। କୃତଜ୍ଞତା ବିନା ସେମାନଙ୍କ ଭାବରେ ଭାବିତ ହେବାର ଅନ୍ୟବାଟ ନାହିଁ।

କିଏ ଭକ୍ତି, କିଏ ଜ୍ଞାନ, କିଏ କର୍ମ, କିଏ ପ୍ରେମ, କିଏ କରୁଣା, କିଏ ଆନନ୍ଦ, କିଏ କ୍ଷମା, କିଏ ମର୍ଯ୍ୟାଦା, କିଏ ସତ୍ୟ ସନ୍ଧାନର ମାର୍ଗକୁ ପ୍ରଶସ୍ତ କରିବା ପାଇଁ ଉପଦେଶ ନୁହେଁ, ଉଦାହରଣ ହେଲେ। ଲକ୍ଷ୍ୟ ତାଙ୍କର ଉତ୍ତର ଦାୟାଦ ସେଇ ମାର୍ଗରେ ଚାଲିବେ ବୋଲି। ଆମ ତାଙ୍କ ଉତ୍ତର ଦାୟାଦ। ଆମେ କେତେ ଚାଲିଲେ ତାହା ଆଲୋଚନା ସାପେକ୍ଷ।

ଫଟୋ, ମୂର୍ତ୍ତି ବା ସଙ୍କେତକୁ ନମସ୍କାର ବା ପ୍ରଣାମ ଜଣାଇଲେ ଭକ୍ତି ବଢ଼େ, ସମ୍ମାନବୋଧ ତାଙ୍କ ପ୍ରତି ବଢ଼େ ମାତ୍ର କୃତଜ୍ଞତା ପୂର୍ଣ୍ଣତଃ ଆସେ ନାହିଁ। କୃତଜ୍ଞତା ଆସିଲେ ଅନ୍ତର ବିଗଳିତ ହୁଏ, ଗଭୀରତମ ଗଭୀରତାରେ

ଅନ୍ତରରେ ସ୍ପନ୍ଦନ ଓ ଶିହରଣ ସୃଷ୍ଟି ହୁଏ; ପ୍ରାଣରେ ପୁଲକ ଓ ଦେହରେ ରୋମାଞ୍ଚ ସୃଷ୍ଟି ହୁଏ।

ଭାରତବର୍ଷ ଦେବଦେବୀଙ୍କର ଦେଶ, ଦିବ୍ୟଚେତନାର ନିର୍ବାଚିତ ଦେଶ। ଭଗବାନ ବହୁଥର ଏଠାରେ ଅବତାର ଗ୍ରହଣ କରନ୍ତି। ମାନବ ଜାତିକୁ ନୂତନ ଦିଗ୍‌ଦର୍ଶନ ଦେବା ପାଇଁ ସେମାନଙ୍କର ଅବତରଣ ଘଟେ। ଅବତାର, ମହାପୁରୁଷ, ବିଭୂତି ସମସ୍ତେ ମଣିଷ ଜାତିକୁ ଭଲପାଆନ୍ତି, ତାଙ୍କ ପାଖରେ ଧର୍ମଗତ ବିଭେଦ, ଚଳଣିଗତ ବିଭେଦ ନଥାଏ। ସମସ୍ତେ ତାଙ୍କ ନିକଟରେ ସମାନ, ସାନବଡ଼ ସାମାନ୍ୟ ଅସାମାନ୍ୟ ବୋଲି ତାଙ୍କ ନିକଟରେ କିଛି ନଥାଏ। ସମଗ୍ର ମାନବ ଜାତିକୁ ନିଜର ଆତ୍ମୀୟତାରେ ସେମାନେ ବାନ୍ଧି ଦିଅନ୍ତି। ସମସ୍ତେ ତାଙ୍କର, ସେ ସମସ୍ତଙ୍କର - ଏହି ଐଶୀ ଚେତନା ହିଁ ସେମାନଙ୍କର ମହତ୍ତ୍ୱ। ସେମାନେ ନୂଆ ବାଟ ଫିଟାନ୍ତି ଚଳଣି କ୍ଷେତ୍ରରେ ତଥା ସାଧନା କ୍ଷେତ୍ରରେ। ଅନ୍ୟମାନେ ସେଇ ବାଟରେ ଚାଲନ୍ତୁ ବୋଲି ସେମାନେ ଚାହାନ୍ତି। ପୃଥିବୀକୁ ନୂଆ ଚେତନା ତଥା ସମୃଦ୍ଧ ଚେତନାର ମଣିଷ ଆସନ୍ତୁ, ଏହା ତାଙ୍କର ଇଚ୍ଛା। ଆମେ ସେଇ ବାଟ ଚାଲିବା କଥା ପ୍ରାୟତଃ ଭୁଲିଯାଇ ଧୂପଦୀପଦେଇ ପୂଜା କରିବାରେ ସନ୍ତୁଷ୍ଟ ରହୁ। ସମଗ୍ର ମାନବ ଜାତିର ଚେତନାର ବିକାଶ ପାଇଁ ବ୍ୟକ୍ତି ଚେତନାର ବିକାଶ ମାଧ୍ୟମ ହେଉ ବୋଲି ସେମାନେ ଚାହାନ୍ତି। ଆମେ ବାହ୍ୟ ଉପଚାର ଦ୍ୱାରା ସଫଳ ମାଧ୍ୟମ ହୋଇପାରିବା ନାହିଁ। ଅନ୍ତଃ ଚେତନାର ବିକାଶ ପାଇଁ ପ୍ରୟାସ ଓ ପ୍ରଯତ୍ନ ଆମର କାମ୍ୟ।

ଉଦାହରଣ ସ୍ୱରୂପ ଶ୍ରୀରାମ ଚନ୍ଦ୍ରଙ୍କର ଜନ୍ମଦିବସକୁ ଉପବାସ ରହି କିଛି ସମୟ ଭଜନ କୀର୍ତ୍ତନ କରି କଟାଇ ଦେଲେ ଯେତିକି ଉପକାର ମିଳେ, ତାଠାରୁ ଅଧିକ ଉପକାର ମିଳେ ଅନ୍ତର ଭିତରେ ଶ୍ରୀରାମଚନ୍ଦ୍ରଙ୍କୁ ସୂକ୍ଷ୍ମ ଭାବରେ ଅନୁଭବ କରିବା ଦ୍ୱାରା, ଶ୍ରୀରାମଙ୍କ ପାଦକୁ କଳ୍ପନା ନେତ୍ରରେ ଦେଖିବା ଦ୍ୱାରା। ଶ୍ରୀରାମଙ୍କ ଉପସ୍ଥିତିକୁ ଭିତରେ ବାହାରେ ଅନୁଭବ କରିବା ଦ୍ୱାରା ପ୍ରକୃତରେ ତାଙ୍କ ପ୍ରତି ଉନ୍ମୁକ୍ତ ରହିବା ସହଜ ହୁଏ। ସେହିପରି ଜନ୍ମାଷ୍ଟମୀ ତିଥିରେ ଉପବାସ ରହି ଭାଗବତ ପଢ଼ି ଦେବା ଯଥେଷ୍ଟ ନୁହେଁ, ବରଂ ଶ୍ରୀକୃଷ୍ଣଙ୍କ ଭାବରେ ଆନନ୍ଦ ମଗ୍ନ ହେବା ଏବଂ ସମଗ୍ର ବିଶ୍ୱକୁ ମଧୁମୟ ତଥା ଆନନ୍ଦମୟ ବୋଲି କଳ୍ପନା କରିବା ହେଉଛି ପ୍ରକୃତ ଆରାଧନା।

ଅବତାର, ମହାତ୍ମା, ମହାପୁରୁଷ, ଅବତାର ବା ବିଭୂତି ମାନେ ଆସନ୍ତି ଦିବ୍ୟ ଲୋକରୁ ନର ଲୋକକୁ। ନରଲୋକରେ ଶିଡ଼ିଟିଏ ପ୍ରସ୍ତୁତ କରନ୍ତି ଆଉ ଆଶା କରନ୍ତି ଯେ ସେଇ ଶିଡ଼ି ବାଟ ଦେଇ ଲୋକମାନେ ଦିବ୍ୟଲୋକକୁ ଯାଆନ୍ତୁ। ସ୍ଥୂଳତାକୁ ଅତିକ୍ରମ କରି ସୂକ୍ଷ୍ମତାକୁ ଆମେ ଯାଉ, ଏହା ତାଙ୍କର ଇଚ୍ଛା। ସେମାନେ ଆଶା କରନ୍ତି ପୁଣି ଧୈର୍ଯ୍ୟ ସହ ଆମର ସମ୍ମତିକୁ ଅପେକ୍ଷା କରନ୍ତି। ଆମର ସହଯୋଗ ଲୋଡ଼ନ୍ତି ଭୂମିକୁ ଭୂମାଙ୍କ ସହ ଯୋଡ଼ି ଦେବାପାଇଁ, ବସ୍ତୁବାଦ ଓ ଭାବବାଦର ସମନ୍ୱୟ ପାଇଁ। ଆମ ଉପରେ ସେମାନଙ୍କର ଅନେକ ଭରସା। ଆମ ଉପରେ ବର୍ତ୍ତମାନ ନିର୍ଭର କରେ ଆମେ ସେହି ଭରସାର ଯଥାର୍ଥ ପାତ୍ର ହେବା କି ନାହିଁ ?

❐❐

ଅଭାବ-କାଲି ଓ ଆଜିର

ସ୍ୱାଧୀନତା ପୂର୍ବ ଠାରୁ ସ୍ୱାଧୀନତାର ଅବ୍ୟବହିତ ପର ପର୍ଯ୍ୟନ୍ତ ଆମ ଦେଶରେ ବସ୍ତୁର ଅଭାବ ଥିଲା। ସ୍ୱଚ୍ଛନ୍ଦରେ ଚଳିବା ପାଇଁ ବହୁତ ସୁବିଧା ନ ଥିଲା। ବହୁ ପ୍ରକାରର ଖାଦ୍ୟ, ବସ୍ତ୍ର ଓ ସାଜ ସରଞ୍ଜାମ ନ ଥିଲା। ଗମନାଗମନର ବିଶେଷ ସୁବିଧା ନ ଥିଲା। ହାତ ପାଆନ୍ତାରେ ଏତେ ଦ୍ରବ୍ୟ, ଏତେ ଔଷଧ ପତ୍ର, ଏତେ ଚିକିତ୍ସା ସୁବିଧା, ଏତେ ଯାନବାହନ ନ ଥିଲା। ଏପରିକି ସେତେବେଳେ ସାଧାରଣ ଲୋକଙ୍କ ପାଇଁ ସୁଜି, ଚିନି, ଅଟା, ଚା' ପ୍ରଭୃତି ଜିନିଷ ଏତେ ସୁଲଭ ନଥିଲା।

ଆଜି ସମୟ ବଦଳି ଯାଇଛି। ଖାଦ୍ୟ, ବସ୍ତ୍ର, ବାସଗୃହ, ଶିକ୍ଷା, ସ୍ୱାସ୍ଥ୍ୟ ଓ ମନୋରଞ୍ଜନ ପାଇଁ ବହୁ ସାମଗ୍ରୀ ଓ ଉପାଦାନ ବଢ଼ିଛି। ଗମନାଗମନର ସୁବିଧା ପାଇଁ ରାସ୍ତାଘାଟ ବଢ଼ିଛି, ପୁଣି ବଢ଼ିଛି ଯାନବାହନର ସଂଖ୍ୟା। ଚିକିତ୍ସାଳୟର ସଂଖ୍ୟା ବଢ଼ିଛି ପୁଣି ଔଷଧ ପତ୍ରର ନାମ ତାଲିକା। ଯୋଗାଯୋଗର ସୁବିଧା ବଢ଼ିଛି। ସାରା ପୃଥିବୀ ବିଜ୍ଞାନ ବଳରେ ମଣିଷର ହାତମୁଠାକୁ ଗୋଟାଇ ହୋଇ ଆସିଲାଣି କହିଲେ ଭୁଲ ହେବ ନାହିଁ। ପ୍ରାଚ୍ୟ ଓ ପାଶ୍ଚାତ୍ୟ ଆଜି ଘରର ଏ କକ୍ଷକୁ ଆର କକ୍ଷ ପରି ହୋଇଛି। ଏ କଣର ଖବର ସେ କଣକୁ ବିଜୁଳି ବେଗରେ ପ୍ରସାରିତ ହୋଇଯାଉଛି। ଏପରି ହେଉଛି ପ୍ରାଚ୍ୟର କଣରେ ବସି ପାଶ୍ଚାତ୍ୟର କଣରେ ଥିବା ମଣିଷ ସହ କଥାବାର୍ତ୍ତା ସହ ଦେଖା ମଧ୍ୟ ହୋଇପାରୁଛି। ଏତେ ଦୂରରେ ଥିବା ମଣିଷଟିକୁ ତା' ଘରକୁ ଯାଇ ଦେଖା କରିବାକୁ ଆଉ ପଡୁନାହିଁ, ନିଜ ଘରେ ବସି ତାକୁ ଦେଖି ହେଉଛି। ଆଖି ପୂରିଯାଉଛି ତାକୁ ଦେଖି ଓ କାନ ଭରିଯାଉଛି ତା'ର କଥା ଶୁଣି। ଇଚ୍ଛା କଲାମାତ୍ରେ ଦେଖି ହେଉଛି, ଯାହାକୁ ଆମେ ଇଚ୍ଛା ଦର୍ଶନ ବୋଲି କହିପାରିବା। କୋଇଲି ଲୋ କେଶବ ଯେ... ଗୀତଟି କାନ ପାଖରେ ଆଉ ଶୁଭୁନାହିଁ।

ଖାଦ୍ୟ କଥା ନ କହିଲେ ଭଲ। ସେଦିନର ଅଦିନ ପରିବା ଆଜି ସବୁଦିନ ମିଳୁଛି। ରାତି ପାହିଲେ ଖାଦ୍ୟ ଚିନ୍ତା ଆଉ ପ୍ରାୟ ନାହିଁ। ଉତ୍ପାଦନର କଳା କୌଶଳ ବଢ଼ିଛି ଏବଂ ଉତ୍ପାଦନର ପରିମାଣ ମଧ୍ୟ ବଢ଼ିଛି, ଯଥେଷ୍ଟ ବଢ଼ିଛି। ପରିମାଣ ନ ବଢ଼ିଥିଲେ ଏତେ ଖାଦ୍ୟ ଏତେ ଲୋକଙ୍କୁ ଯୋଗାଇ ହୁଅନ୍ତା ନାହିଁ। ଗୋଟିଏ ବାକ୍ୟରେ ଆମେ କହିପାରିବା ଯେ ସାଧାରଣ ଜନ ଜୀବନ ଚଳିବା ଦିଗରେ ସହଜ ହୋଇଛି। ବାହାରର ଜୀବନ ଯେତେ ସହଜ ହୋଇଛି ଭିତରର ଜୀବନ ସେତେ ସହଜ ହୋଇ ନାହିଁ। ଜୀବନରେ ଯେତେ ଶାନ୍ତି, ସନ୍ତୋଷ, ଆନନ୍ଦ ମିଳିବା କଥା ମିଳୁନାହିଁ। ବରଂ ଭିତରେ ବଢ଼ିଛି ଅଶାନ୍ତି, ଅସନ୍ତୋଷ, କ୍ରୋଧ, ଈର୍ଷା, ହିଂସା, ସ୍ୱାର୍ଥପରତା, ପ୍ରତିଶୋଧ ପରାୟଣତା, ଇତ୍ୟାଦି ଅନେକ ଆସୁରିକ ଗୁଣ। ଏସବୁର ମୂଳ ଉତ୍ସ ହେଉଛି ପ୍ରବଳ ଅହଂକାର। ସ୍ଥାନ କାଳପାତ୍ର ବିଚାର ଦୁର୍ବଳତାର ଚିହ୍ନ ହୋଇଗଲାଣି। କଥା ପଦେ ସହିବା ତ ଦୂରର କଥା, ଶୁଣିବାକୁ

କାହାର ଧୈର୍ଯ୍ୟ ନାହିଁ। କଥା କଥାରେ ତୁଣ୍ଡରେ ଶୋଭା ପାଉଛି 'ମାରିଦେବି, ହାଣିଦେବି' ଇତ୍ୟାଦି ଇତ୍ୟାଦି ଶବ୍ଦମାନ। ଅନ୍ୟକୁ ଡରେଇ ଦବାର ମାନସିକତା ବଢ଼ିଛି।

ଏସବୁ ଘଟୁଛି କାରଣ ଭିତର ଜୀବନଟି ବାହାର ଜୀବନ ପରି ସମୃଦ୍ଧ ହୋଇନାହିଁ। ଉଭୟ ଜୀବନ ଭିତରେ ଭାରସାମ୍ୟ ରହୁନାହିଁ। ଏକଥା କହି ବାହାର ଜୀବନର ବିକାଶକୁ ମୁଁ ଅବମାନନା କରୁନାହିଁ, ମାତ୍ର ସମାନ ଭାବରେ ଭିତର ଜୀବନର ବିକାଶ ଆବଶ୍ୟକ ବୋଲି କହୁଛି। ଏଥିପାଇଁ ପ୍ରୟାସ ସର୍ବାଦୌ ଆବଶ୍ୟକ ଏବଂ ପ୍ରଯତ୍ନ ଏକାନ୍ତ କାମ୍ୟ। ଏଥି ନିମନ୍ତେ ପିତାମାତାଙ୍କର ବିଶେଷତଃ ଭୂମିକା ସର୍ବାଧିକ। ପିଲାଟିକୁ ଘରେ ଯଥାଯଥ ଚାଲିଚଳଣ, ଜୀବନର ମହତ୍ତ୍ୱ ଓ ମୂଲ୍ୟବୋଧ, ଆମ ଦେଶର ଐତିହ୍ୟ ଓ ଗୌରବ, ବସ୍ତୁର ଯଥାର୍ଥ ବ୍ୟବହାର ଓ ସୁରକ୍ଷା ବିଷୟରେ ଜଣାଇବା ଏକାନ୍ତ ଜରୁରୀ। ତା' ଭିତରେ ସାନମାନଙ୍କ ପ୍ରତି ଶ୍ରଦ୍ଧା ଓ ବଡ଼ମାନଙ୍କ ପ୍ରତି ସମ୍ମାନ ବୋଧ ବଢ଼ାଇବା ପାଇଁ ପ୍ରଚେଷ୍ଟା ଦରକାର। ପିଲାଟି କିପରି ବିପଦରେ ଭାଙ୍ଗିନପଡ଼ି ବିପଦକୁ ଭାଙ୍ଗିବ - ସେ ତାଲିମ ତାକୁ ଦେବାକୁ ହେବ। ପିଲାଟି କିପରି ଜୀବନରେ ବାସ୍ତବତାର ସାମ୍ନା କରିବ, ତାକୁ ତାହା ଶିଖାଇବାକୁ ହେବ। ସର୍ବୋପରି ବଞ୍ଚିବାର କଳାଟିକ ତାକୁ ଶିଖାଇବାକୁ ହେବ। ସେଥିପାଇଁ ଆବଶ୍ୟକୀୟ ସମୟ, ଆଗ୍ରହ ଓ ଆନ୍ତରିକତା ଦେବାକୁ ହେବ। ଶିଶୁ ଓ କିଶୋରମାନଙ୍କର ବହୁ ପ୍ରଶ୍ନର ଯଥାର୍ଥ ଉତ୍ତର ଧୈର୍ଯ୍ୟର ସହ ଦେବାକୁ ହେବ, ଚିଡ଼ିଚିଡ଼ି ହେଲେ ଚଳିବ ନାହିଁ। ଏସବୁ ସତ୍ତ୍ୱେ ମୋନେ ଭୁଲ କରିଦେଲେ ସେମାନଙ୍କୁ ବୁଝାଇବାକୁ ହେବ, ଗାଳିମାଡ଼ ନ ଦେଇ ବାରମ୍ବାର ବୁଝାଇବାକୁ ହେବ। ଆମେ ସେମାନଙ୍କୁ ଯେତେ ଅବୁଝା ବୋଲି ଭାବୁଛୁ, ସତରେ ସେମାନେ ସେତେ ଅବୁଝା ନୁହନ୍ତି। କେବଳ ବୁଝାଇ ଜାଣିବା ଦରକାର। ବାସ୍ତବରେ ଆମେ ସେମାନଙ୍କଠାରୁ ବେଶୀ ଅବୁଝା।

ସେଇ ଶିଶୁ ଓ କିଶୋରମାନେ ଅତୀତର ସ୍ମୃତିରେଖା, ବର୍ତ୍ତମାନର ପ୍ରୟୋଗଶାଳା ଓ ଭବିଷ୍ୟତର କର୍ଣ୍ଣଧାର। ଗୋଟିଏ ପିଲା ଠିକ୍ ଭାବରେ ଗଢ଼ି ହୋଇଗଲେ ସୁନାର ସେତୁବନ୍ଧ ନିର୍ମାଣ ଆରମ୍ଭ ହୋଇଯିବ। ଗୋଟିଏ ପିଢ଼ି ଗଢ଼ି ହୋଇଗଲେ ସକାଳର ସୂର୍ଯ୍ୟୋଦୟ ପାଖେଇ ଆସିବ। ଗୋଟିଏ ବୋଲି ତାହା ଅପାଂକ୍ତେୟ ନୁହେଁ, ବରଂ କୋଟିଏର ଶୁଭଙ୍କର ସ୍ୱାଗତ ତୋରଣ। ଗୋଟିଏ ଦୀପ ଜଳିଲେ ସେହି ଦୀପ ଶିଖାରୁ ଲକ୍ଷ ଲକ୍ଷ ଦୀପ ଜଳିପାରିବ। ଅତଏବ ଗୋଟିଏ ପିଲାକୁ ସଜାଡ଼ିବା ଅର୍ଥ କୋଟିଏ ପିଲାଙ୍କୁ ସଜାଡ଼ିବାର କ୍ଷେତ୍ର ପ୍ରସ୍ତୁତ କରିବା। ଏକଥା କହିବା ଦ୍ୱାରା ପିଲାକୁ ପୁରୁଣାକାଳିଆ ମାନସିକତାରେ ଗଢ଼ିବା କଥା କୁହାଯାଉନାହିଁ, ବରଂ ଆହୁରି ପ୍ରଗତିଶୀଳ ମାନଦଣ୍ଡରେ ଗଢ଼ିବା କଥା କୁହାଯାଉଛି। ପିଲାଟି ଆଧୁନିକ କେବଳ ନୁହେଁ ଅତ୍ୟାଧୁନିକ ହେବାକଥା କୁହାଯାଉଛି ଯାହାର ଗୋଟିଏ ହାତରେ ଥିବ ବସ୍ତୁ ଓ ଅନ୍ୟ ହାତରେ ଥିବ ଭାବ, ଗୋଟିଏ ହାତରେ ଥିବ ବୈଜ୍ଞାନିକ କଳାକୌଶଳ ଓ ଅନ୍ୟ ହାତରେ ଥିବ ସୁକୁମାର ମାନସିକତା ସର୍ବୋପରି ଗୋଟିଏ ହାତରେ ଥିବ ମୂଲ୍ୟ ଓ ଅନ୍ୟହାତରେ ଥିବ ମୂଲ୍ୟବୋଧ। ଏ କଥାଟିକୁ ବୁଝିବାର ସମୟ ଆସିଛି।

ବିଶ୍ୱସଂସ୍କୃତିର ମାନଚିତ୍ରରେ ଆମ ଦେଶର ସଂସ୍କୃତିର ସ୍ଥାନ ସ୍ୱତନ୍ତ୍ର। 'ସର୍ବେଭବନ୍ତୁ ସୁଖୀନଃ' ମନ୍ତ୍ରର ପ୍ରଭାବ ଏବେ ମଧ୍ୟ ଆମ ବାତାବରଣରେ ଅଳ୍ପେ ବହୁତେ ଗୁଞ୍ଜରିତ। ଆମଦେଶ ପୃଥିବୀର କୌଣସି ଦେଶକୁ ଆଗୁଆ ଆକ୍ରମଣ କରିନାହିଁ - ଏକଥା ବିଶ୍ୱ ଇତିହାସ ମୁକ୍ତକଣ୍ଠରେ କହିବାକୁ ବାଧ୍ୟ। ଚେତନା ଦିଗରୁ ବିଚାର କଲେ ଆମ ଦେଶ ହେଉଛି ସାରା ବିଶ୍ୱର ମଉଡ଼ମଣି। ମନେପଡ଼େ ସ୍ୱାମୀ ବିବେକାନନ୍ଦଙ୍କ ଆଲେଖ୍ୟ, "ଭାରତ ଏକ ଭୂମି ମାତ୍ର ନୁହେଁ, ଭାଷାର ଏକ ଅଳଂକାର ନୁହେଁ, ଏହା ଏକ ଜାଗ୍ରତ ଚେତନା।" ମନେପଡ଼େ

ମହାଯୋଗୀ ଶ୍ରୀଅରବିନ୍ଦଙ୍କ କଥା, "ଭାରତ ହେଉଛି ପୃଥିବୀର ଆତ୍ମା। ଭାରତ ବଞ୍ଚିଲେ ପୃଥିବୀ ବଞ୍ଚିବ। ସାରା ବିଶ୍ୱ ଯେଉଁ ଯେଉଁ ସମସ୍ୟାରେ ଜର୍ଜରିତ, କେବଳ ଭାରତ ଦେଇପାରେ ତାହାର ଯଥାର୍ଥ ସମାଧାନ।"

ଅତଏବ ସାରା ବିଶ୍ୱ ପ୍ରତ୍ୟକ୍ଷରେ ହେଉ ବା ପରୋକ୍ଷରେ ହେଉ, ଲକ୍ଷ୍ୟରେ ହେଉ ଅଥବା ଅଲକ୍ଷ୍ୟରେ ହେଉ ନିଜର ପୂର୍ଣ୍ଣ ବିକାଶ ପାଇଁ ଭାରତବର୍ଷ ଆଡ଼କୁ ଚାହିଁ ରହିଛି ଯେଉଁଠାରେ କି ବସ୍ତୁବାଦ ଓ ଅଧ୍ୟାତ୍ମବାଦର ପବିତ୍ର ସମନ୍ୱୟ ପ୍ରଥମ କରି ଘଟିବ, ଯେଉଁଠାରୁ କି ପୂର୍ଣ୍ଣ ଜଗତୀକରଣର ପ୍ରକ୍ରିୟା ଆରମ୍ଭ ହେବ। ଆମେ କେଡ଼େ ଭାଗ୍ୟବାନ, ଆମ ସୌଭାଗ୍ୟର ଚନ୍ଦନ ବାସକୁ ଆମେ ଏତେ ବେଳେ ଆଘ୍ରାଣ କରିବା ନାହିଁ କି ?

❐❐

ବିଦ୍ୟା ଓ ଅବିଦ୍ୟା

ଆଜିକାଲି ବିଦ୍ୟାର ମାପ ଡିଗ୍ରୀର ମାପକାଠିରେ ଏକ ପ୍ରକାର ଚାଲିଛି । ମୁଁ ଏକଥା କହିବା ଦ୍ୱାରା ଡିଗ୍ରୀର ନିନ୍ଦା କରୁନାହିଁ, ବରଂ ଡିଗ୍ରୀ ସହିତ ବିଦ୍ୟାର ସମ୍ବନ୍ଧ ଆଂଶିକ ବୋଲି କହୁଛି । ବିଦ୍ୟା ଅତିକମ୍‌ରେ ସଂସ୍କାର ସୃଷ୍ଟି କରେ, ବିନମ୍ରତା, ଭଦ୍ରତା ଓ ଶୃଙ୍ଖଳା ସମେତ ବହୁ ଭଲକଥା ଦିଏ । ହିଂସ୍ରତା, ଉଗ୍ରତା, ଜଟିଳତା, ସ୍ୱାର୍ଥପରତା, ଛଳନା ସମେତ ବହୁ ବଦ୍‌ଗୁଣକୁ ଦୂରେଇ ଦିଏ । ଡିଗ୍ରୀ ନଥାଇ ବ୍ୟକ୍ତି ବିଦ୍ୱାନ ହୋଇପାରେ । ଡିଗ୍ରୀ ଥାଇ ମଧ୍ୟ ବ୍ୟକ୍ତି ମୂର୍ଖ ହୋଇପାରେ ।

ବିଦ୍ୟାଦ୍ୱାରା ଜୀବନ ଓ ଜଗତକୁ ଆକଳନ କରିହୁଏ । ବିଦ୍ୟା ଆଣେ ଏକ ପ୍ରଶସ୍ତ ଦୃଷ୍ଟିଭଙ୍ଗୀ ଯାହା ମାଧ୍ୟମରେ ନିଜକୁ ତଥା ଅନ୍ୟକୁ ଦେଖିହୁଏ, ବୁଝି ହୁଏ । ବିଦ୍ୟା ନଥିଲେ ଯାହା ମଣିଷ ପାଖରେ ଥାଏ ତାହା ହେଉଛି ଅବିଦ୍ୟା, ଅବିଦ୍ୟାର ସରଳ ଅର୍ଥ ଅଜ୍ଞାନତା, ଅଚେତନତା, ଆତ୍ମଚରିତା । ଏହି ବିଦ୍ୟା ଓ ଅବିଦ୍ୟା ସମ୍ବନ୍ଧରେ ମନେପଡୁଛି ଶ୍ରୀରାମକୃଷ୍ଣ ପରମହଂସଙ୍କ ଗୋଟିଏ କଥା । କଥାଟି ଏହିପରି ଦିନେ ଶ୍ରୀରାମକୃଷ୍ଣ କରୁଥିଲେ ଶିଷ୍ୟମାନଙ୍କ ଗହଣରେ ଅଧ୍ୟାତ୍ମଚର୍ଚ୍ଚା । ସେଦିନ ବହୁଦିନ ଅନୁପସ୍ଥିତ ରହିବା ପରେ ଜଣେ ଶିଷ୍ୟ ଲାଜ ଲାଜ ହୋଇ ପଛରେ ବସିଥାଆନ୍ତି । ଗୁରୁଦେବ ତାଙ୍କୁ ଦେଖିପକାଇ କାହିଁକି ସେ ଲାଜ ଲାଜ ହେଉଛନ୍ତି ବୋଲି ଅନ୍ୟମାନଙ୍କୁ ପଚାରନ୍ତେ ଅନ୍ୟମାନେ କହିଲେ ଯେ ସେ ବାହା ହୋଇଯାଇଛନ୍ତି ଏଥିଭିତରେ । ଏହାପରେ ସେ ତାଙ୍କୁ ପାଖକୁ ଡାକିଲେ ଓ ବୋହୂମାଆ ବିଦ୍ୟା କି ଅବିଦ୍ୟାର ଅଧିକାରୀ ବୋଲି ପଚାରିଲେ । ଶିଷ୍ୟଟି ତତ୍‌କ୍ଷଣାତ୍ ଉତ୍ତରଦେଲେ ଯେ ବୋହୂଟି ବି.ଏ ପାଶ୍ କରିଛି । ଗୁରୁଦେବ ଟିକିଏ ହସି କହିଲେ ଯେ ବି.ଏ. ପାଶ୍ କରିଛି ବୋଲି ଯେ ବିଦୂଷୀ ହୋଇଛି ଏପରି ନୁହେଁ, ତା'ର ଜୀବନ, ଜଗତ ଓ ଭଗବାନଙ୍କ ପ୍ରତି ଯଥାର୍ଥ ଦୃଷ୍ଟିଭଙ୍ଗୀ ଅଛି ତ । ତା ଥିଲେ ସେ ବିଦ୍ୟାର ଅଧିକାରିଣୀ ହୋଇଛି, ନ ହେଲେ ନୁହେଁ । ଏହି କଥାର ମର୍ମ ହେଉଛି ବିଦ୍ୟା କହିଲେ ମାନବିକ ମୂଲ୍ୟବୋଧକୁ ବୁଝାଏ ଯାହା ହେଉଛି ବ୍ୟକ୍ତିର ଅସଲ ବ୍ୟକ୍ତିତ୍ୱ ।

ବିଦ୍ୟାଥିଲେ ଜଣେ ନିଜକୁ କିଛି କିଛି ଜାଣିବା ସହ ଅନ୍ୟକୁ ମଧ୍ୟ କିଛି କିଛି ଜାଣିପାରେ । ଠକାଇ ହେବା ପୂର୍ବରୁ ଠକାମିକୁ ଚିହ୍ନିପାରେ । ଠକାମିଠାରୁ ଦୂରରେ ରହିବାକୁ ଚେଷ୍ଟା କରେ । ଆଉ କାହାର ଖୋସାମତି କଥାକୁ ସହଜରେ ବୁଝିପାରେ ଓ ତହିଁରେ ଆତ୍ମହରା ହୁଏ ନାହିଁ, ଅବାଟରେ ଯାଏନାହିଁ । ବିଦ୍ୟା ଆଣେ ଚିନ୍ତାଗତ ସ୍ଥିରତା ଅର୍ଥାତ୍ ମାନସିକ ଦୃଢ଼ତା । କର୍ତ୍ତବ୍ୟବୋଧର ଦ୍ୱାର ପ୍ରଶସ୍ତ ହୁଏ ଏବଂ ଦାୟିତ୍ୱବୋଧ ବଢ଼ିଯାଏ । କେଉଁଟା କରଣୀୟ ଏବଂ କେଉଁଟା ଅକରଣୀୟ, ତାହାର ବିଚାର ସହଜରେ କରିହୁଏ । କେଉଁଠି କେଉଁକଥା କିପରି କୁହାଯିବ, ତାହା ବୁଝିହୁଏ । ବିଦ୍ୟା ଯେପରି ହୀନ ମନ୍ୟତାକୁ ଦୂର କରେ ସେପରି ସର୍ବଜ୍ଞାନତା ଭାବକୁ ମଧ୍ୟ

ଦୂର କରେ। ଅର୍ଥାତ୍ ବିଦ୍ୱାନ ବ୍ୟକ୍ତି ନିଜକୁ ସାନ ମନେ କରେନାହିଁ କି ବଡ଼ ମନେ କରେ ନାହିଁ। ନିଜେ ଯାହା ନିଜକୁ ତାହା ବୋଲି ବିଚାର କରେ।

ଭିତରେ ବିଦ୍ୟାଥିବା ବ୍ୟକ୍ତି ଲୋକଙ୍କ କଥାରେ ବିଚଳିତ ହୁଏ ନାହିଁ। ଲୋକ କଥା ଶୁଣି ଭୁଲ ଥିଲେ ନିଜକୁ ସଂଶୋଧନ କରେ ଆଉ ଭୁଲ ନ ଥିଲେ ସେ କଥାକୁ ଭ୍ରୂକ୍ଷେପ କରେ ନାହିଁ। ତେଣୁ ସେ କଥାରେ ସେ ଆକ୍ରମିତ ବା ଆକ୍ରାନ୍ତ ହୁଏ ନାହିଁ।

ବିଦ୍ୟା ଆଣେ ପାରସ୍ପରିକ ଅନୁମୋଦନ। ଅନ୍ୟଠାରେ ଭଲ ଗୁଣଟିଏ ଦେଖିଲେ ବିଦ୍ୟାଥିବା ବ୍ୟକ୍ତି ପ୍ରଶଂସା କରେ। ଅନ୍ୟର ପ୍ରତିଭାକୁ ଅନୁମୋଦନ କରିବା ସହ ପ୍ରତିଭାର ବିକାଶ ନିମନ୍ତେ ପ୍ରେରଣା ଦିଏ। ସମ୍ପ୍ରତି ସମାଜରେ ଏହି ଅନୁମୋଦନ ଓ ପ୍ରେରଣାର ହ୍ରାସ ଘଟୁଛି। ଏହା ଅବିଦ୍ୟାର କରାମତି। ଅବିଦ୍ୟାକୁ ପରିହାର କରି ବିଦ୍ୟାର ଆବାହନ ଏତେବେଳେ ଏକାନ୍ତ ଜରୁରୀ।

ମଣିଷର ପୂର୍ଣ୍ଣତା ପାଇଁ ଦୁଇଟି କଥା ଅତି ଆବଶ୍ୟକ। ଗୋଟିଏ ହେଲା ବୌଦ୍ଧିକତା ଓ ଅନ୍ୟଟି ହେଲା ହୃଦୟବତ୍ତା। ଦୁଇଟିର ଭାରସାମ୍ୟ ଏକାନ୍ତ ଆବଶ୍ୟକ। ଏଥିରୁ ଗୋଟିଏ ବଢ଼ିଗଲେ ଓ ଅନ୍ୟଟି କମିଗଲେ ଚଳିବ ନାହିଁ। ଦୁଇଟି କଥା ପାଖାପାଖି ସମାନ ଭାବରେ ଜଣେ ମଣିଷ ପାଖରେ ରହିବା ଦରକାର। ଅର୍ଥାତ୍ ଜଣକ ପାଖରେ ଯେମିତି ବୁଦ୍ଧି, ଜ୍ଞାନ, ବହିଃ ଜୀବନ ପ୍ରତି ଶ୍ରଦ୍ଧା, ବସ୍ତୁ ପ୍ରତି ଅନୁରକ୍ତି ପ୍ରଭୃତି ରହିବ ସେମିତି ରହବ ଦୟା, କ୍ଷମା, ସ୍ନେହ, ସହନଶୀଳତା, ଶ୍ରଦ୍ଧା, ସହାନୁଭୂତି ତଥା ଅନ୍ତଃଜୀବନ ପ୍ରତି ଶ୍ରଦ୍ଧା।

ସର୍ବୋପରି ବିଦ୍ୟା ଦିଏ ବ୍ୟକ୍ତିକୁ ଅହଂକାରରୁ ମୁକ୍ତି। ତେଣୁ ତ କୁହାଯାଏ 'ସା ବିଦ୍ୟା ଯା ବିମୁକ୍ତୟେ'। ଅହଂକାରର ସରଳ ଅର୍ଥ ହେଉଛି ନିଜକୁ ଜାହିର କରିବା। ଭୁଲ କଥାରେ ନିଜକୁ ଜାହିର କରିବା ଯେପରି ଅହଂକାର, ଠିକ୍ କଥାରେ ନିଜକୁ ଜାହିର କରିବା ମଧ୍ୟ ସେପରି ଅହଂକାର। ଜାହିର କଥାଟି ସାବ୍ୟସ୍ତ ନ ହେଲା ପର୍ଯ୍ୟନ୍ତ ଅନ୍ତର ଜଳୁଥାଏ। ଆଉ ସାବ୍ୟସ୍ତ ନ ହେଲେ ଅନ୍ତରର କ୍ରୋଧ ବଢ଼ିଯାଏ, କାର୍ଯ୍ୟରେ ନକାରାତ୍ମକତା ଆସେ। ସ୍ଥାନ କାଳ ପାତ୍ରର ବିବେଚନା ରହେ ନାହିଁ, ଫଳତଃ ବହୁ ଅକଥା କହି ହୋଇଯାଏ ଓ ବହୁ ଅକାର୍ଯ୍ୟ କରି ହୋଇଯାଏ।

ସମ୍ପ୍ରତି ବିଶ୍ୱରେ ଧନର ପରମାଣ ବେଶ୍ ବଢ଼ିଛି, ସମ୍ପଦ ବଢ଼ିଛି, ଜନସଂଖ୍ୟା ବଢ଼ିଛି, ବୈଜ୍ଞାନିକ ଆବିଷ୍କାର ଓ ଉଦ୍ଭାବନ ବଢ଼ିଛ ମାତ୍ର ମଣିଷ ମନରେ ଶାନ୍ତି ଓ ସନ୍ତୋଷ ଯେତେ ବଢ଼ିବା କଥା ସେତେ ବଢ଼ିନାହିଁ। ବହିଃ ଜୀବନର ସମୃଦ୍ଧି ଘଟିଛି ମାତ୍ର ଅନ୍ତଃଜୀବନର ବିକାଶ ବିଶେଷ ଘଟିନାହିଁ। ଅନ୍ତଃଜୀବନର ବିକାଶର ଅନ୍ତରାୟ ହେଉଛି ଅଜ୍ଞାନତା। ଏହି ଅଜ୍ଞାନତା ବିନାଶ କେବଳ ବିଦ୍ୟାର ପ୍ରଭାବରେ ଘଟିପାରେ। ଅଜ୍ଞାନତା କବଳରୁ ବ୍ୟକ୍ତି ମୁକ୍ତ ହେଲେ କ୍ରମଶଃ ସମାଜ, ରାଷ୍ଟ୍ର ଏବଂ ସମଗ୍ର ବିଶ୍ୱ ମୁକ୍ତ ହେବ। ଆଉ ଏହି ମୁକ୍ତ ବିଶ୍ୱ ହେବ ସ୍ୱର୍ଗ ପରି ସୁନ୍ଦର ଓ ଶୋଭନୀୟ। ବ୍ୟକ୍ତି ଭିତରେ ଦିବ୍ୟ ଗୁଣର ବିକାଶ ଦ୍ୱାରା ପୃଥିବୀ ହେବ ବିଜୟଶ୍ରୀ ବିମଣ୍ଡିତ ଏକ ଅମୃତଭୁବନ।

❐❐

ଭାରି ଏକା ଲାଗୁଛି

ଆଜିକାଲି ଆମକୁ ଭାରି ଏକା ଲାଗୁଛି। ଆଗେ ତ ଏମିତି ଲାଗୁ ନଥିଲା, ଏବେ କାହିଁକି ଲାଗୁଛି - ବେଳେ ବେଳେ ବୁଝିହେଉଛି ତ ପ୍ରାୟବେଳେ ବୁଝିହେଉନାହିଁ। ତେବେ ବ୍ୟସ୍ତ ଲାଗୁଛି ବେଳେ ବେଳେ ଅସ୍ତବ୍ୟସ୍ତ ବି ଲାଗୁଛି। ମନେ ହଉଛି 'ମୁଁ ଭାରି ଏକା'। ମତେ ତ କେହି ଆଗ ପରି ଆଦର କରୁନାହାନ୍ତି, ଆଦର କମିଯିବାଟା ବାଧୁଛି, ଛାଡ଼, ମୋ ଭାଗ୍ୟ...। ସତରେ ଖାଇବା ପିନ୍ଧିବାରେ ଯେତେ ଅସୁବିଧା ନାହିଁ, ସେ ଏତେ ଅସୁବିଧା ଅଛି ଆଦୃତ ନ ହେବାରେ। କାହାକୁ କହି ହେଉନି, ନକହି ରହିହେଉନି, କହିଲେ କାହାକୁ କିଛି ଲାଭ ନାହିଁ ବୋଲି ଭାବି ମଧ୍ୟ ନୀରବରେ ବେଳେବେଳେ ରହିବାକୁ ହେଉଛି। ମନ ଭିତରେ ପ୍ରବଳ ଅଭିମାନ, ନୀରବ ଅଭିଯୋଗ ଯେ ମତେ କେହି ଭଲ ପାଉନାହାନ୍ତି। ସମାଜରେ ତଥା ପରିବାରରେ ଏପରି ଅନାଦୃତି ଭାବର ଶିକାର ଆମେ ହୋଇଯାଉଛୁ। ବେଳକୁ ବେଳ ଅଧିକା ଅଧିକା ଶିକାର ମଧ୍ୟ ହୋଇଯାଉଛୁ। ଆମ ମନରେ ଖୁସି ନାହିଁ, ମୁହଁରେ ହସ ନାହିଁ। କିଏ ଯେମିତି ଅଗ୍ନିରୁ ଉଷ୍ମତାକୁ, ବରଫରୁ ଶୀତଳତାକୁ, ସମୁଦ୍ରରୁ ତରଙ୍ଗକୁ ଆଉ ଜଳରୁ ସିକ୍ତତାକୁ ଚୋରାଇ ନେଇଛି। ଅଭିଯୋଗ ମନେ ମନେ ଶାଣିତ ହେଉଛି ଯେ ଆମକୁ କେହି ବୁଝୁ ନାହାନ୍ତି, ଆମେ ଯାହା କହୁଛୁ ଉଚିତ କଥା କହୁଛୁ ମାତ୍ର କେହି ଆମ କଥାର ଔଚିତ୍ୟକୁ ଅନୁଭବ କରିପାରୁ ନାହାନ୍ତି ଇତ୍ୟାଦି ଇତ୍ୟାଦି...। ଏସବୁ କଥା ଆମ ମନରେ ଗଭୀର ପ୍ରଭାବ ପକାଉଛି ଓ ଆମକୁ ଅଶାନ୍ତ କରୁଛି। ବାହାରକୁ ଦିଶୁ କି ନ ଦିଶୁ ଏହା ଏକ ସମସ୍ୟା ହୋଇ ଆମ ସହ ରହିଛି। ସମସ୍ୟା ହୋଇ ରହିଛି ବୋଲି କହିଲେ ତ ସମସ୍ୟା ଯିବ ନାହିଁ। ଆମ ସମସ୍ୟାର ସମାଧାନ ନିମନ୍ତେ ଅନ୍ୟମାନେ ଆମପାଇଁ ଏହା କରି ଦିଅନ୍ତୁ ବୋଲି ନ କହି ଆମକୁ ଏଥି ସକାଶେ କିଛି ପ୍ରୟାସ ଓ ପ୍ରଯତ୍ନ କରିବାକୁ ପଡ଼ିବ।

ପ୍ରଥମ କଥା ହେଲା ଯେ ପରିସ୍ଥିତିକୁ ବଦଳାଇବା କମ୍ ସମୟ ଭିତରେ ଆମ ଦ୍ୱାରା ସମ୍ଭବ ହେବ ନାହିଁ। ପରିସ୍ଥିତିର ଛନ୍ଦାଜାଲ ଓ ଅଡୁଆ ସୂତା ଆମପାଇଁ ଆଉ କେହି ମଧ୍ୟ ଫିଟାଇ ଦେବେ ନାହିଁ। ଏଥି ନିମନ୍ତେ ଆମକୁ ଆଉ କିଛି କଥା କରିବାକୁ ପଡ଼ିବ। ସେହି ଚାବିକାଠିଟିକୁ ଆପଣେଇବାକୁ ପଡ଼ିବ। ଆମେ ଆମ ମନର ଶାନ୍ତି ଓ ସ୍ଥିରତା ପାଇଁ ପ୍ରଯତ୍ନ କରିବା। ଅନ୍ୟଠାରୁ ଆଦୃତି ଓ ପ୍ରଶଂସା ପାଇବା ପରିବର୍ତ୍ତେ ଅନ୍ୟକୁ ଆଦର କରି ଶିଖିବା। ଅନ୍ୟ ପ୍ରତି ଶୁଭେଚ୍ଛା, ସହାନୁଭବ ଓ ନିରପେକ୍ଷତା ରଖିବା। ତେବେ ତ ଆମ ଖୁସି ଆମ ହାତରେ ରହିବ। ଆମ ଖୁସି ପାଇଁ ଅନ୍ୟ ଉପରେ ନିର୍ଭର କରିବାକୁ ପଡ଼ିବ ନାହିଁ। ନିର୍ଭର କଲାରୁ ସିନା ଆଶାନୁରୂପ ଆଦର ନ ମିଳିଲେ ମନରେ କଷ୍ଟ ହେଉଛି। ପୁଣି ଅନ୍ୟମାନଙ୍କ ଠାରୁ ଆଦୃତି ପାଇଁ ବାସନା ଓ ଅପେକ୍ଷା ରଖିଥିବାରୁ ଆମ ଭିତରେ ତୁଳନାର ମନୋଭାବ ଆସୁଛି। କିଏ ଆମକୁ କେତେ ଭଲପାଉଛି ବା ନପାଉଛି ଆମ

ମନ ସିଲଟରେ ସେଇ ଅଙ୍କ କଷା ଚାଲିଛି । ଚାଲିଛି ଯେ ଚାଲିଛି ସେ ଅଙ୍କ ସରୁନାହିଁ କି ଆମ ମନ ସିଲଟ ସଫା ହେଉନାହିଁ। ବରଂ ଅଛିଣ୍ଡା ଅଙ୍କ ତା' ଉପରେ କଷା ହୋଇ ହୋଇ ସିଲଟଟି ମଇଳା ଘଷରା ହୋଇଯାଉଛି। ଏ ଅଙ୍କ ନ କଷି ଯଦି ଆମେ ଅନ୍ୟକୁ ଯଥାର୍ଥରେ ଆଦର କରନ୍ତୁ, ତେବେ ସିଲଟଟି ଅପେକ୍ଷାକୃତ ସଫା ରହନ୍ତା ଓ ତହିଁରେ ଲେଖାଥିବା କେତେକଥା ପଢ଼ି ହୁଅନ୍ତା, ଆଉ ବୁଝି ହୁଅନ୍ତା।

ଏକଥାରୁ ଆମେ ବୁଝିବା ନାହିଁ ଯେ ଖଳ ଦୁଷ୍ଟ ଦୁର୍ଜନଙ୍କୁ ଝାମ୍ପି ପଡ଼ି ଆଲିଙ୍ଗନ କରିବା। ତାହା ଦ୍ୱାରା ଆନନ୍ଦ ପରିବର୍ତ୍ତେ ଦୁଃଖ ବଢ଼ିଯିବ, ଶାନ୍ତି ପରିବର୍ତ୍ତେ ଅଶାନ୍ତି ବଢ଼ିଯିବ, ଏକଥା ଆମକୁ ମନେ ରଖିବାକୁ ହେବ। ସେତେବେଳେ ମନେ ପକାଇବାକୁ ହେବ ଶ୍ରୀରାମକୃଷ୍ଣ ଦେବଙ୍କ କଥା। ସେ କହୁଥିଲେ, "ବାଘ ଭିତରେ ଭଗବାନ ଥିଲେ ମଧ୍ୟ ବାଘ ପାଖକୁ ଯିବା ଯେପରି ଠିକ୍ ନୁହେଁ ସେପରି ଦୁଷ୍ଟ ଲୋକ ଭିତରେ ଭଗବାନ ଥିଲେ ମଧ୍ୟ ତା' ନିକଟକୁ ଯିବା ଉଚିତ ନୁହେଁ।" ଆମକୁ ବାଛିବାକୁ ପଡ଼ିବ ଆମେ କେଉଁଠାରେ ବସିବା ଆଉ କେଉଁଠାରେ ବସିବା ନାହିଁ। ଲୋକ ଉକ୍ତିକୁ ମନେ ପକାଇବା ସେତେବେଳେ "ବନ୍ଧୁ ଦେଖିଲେ ହସିବା, ଖଳ ଦେଖିଲେ ଖସିବା" ଇତ୍ୟାଦି ଇତ୍ୟାଦି। ଯେଉଁଠାରେ ବସିବା ବୋଲି ଉଚିତ ମନେ କରିବା ସେଠାରେ ନିଜକୁ ହଜେଇ ଦେବାନାହିଁକି ହରାଇ ଦେବା ନାହିଁ। ନିଜ ଭିତରେ ନିଜକୁ ସମ୍ଭାଳି ରଖି ଅନ୍ୟକୁ ଆଦର କରିବା। ଅନ୍ୟପ୍ରକାରେ କଥାଟିକୁ ବୁଝିବା ଯେ ଯଥାଯଥ ପାତ୍ରରେ ନିଜକୁ ଯେତିକି ସମ୍ଭବ ସେତିକି ଢାଳିଦେବାକୁ ହେବ। ଅଧିକ ନୁହେଁ କି କମ୍ ମଧ୍ୟ ନୁହେଁ। ତାହାହିଁ ହେଉଛି ଯଥାର୍ଥରେ ଭଲ ପାଇବା ପାଇଁ ଭଲ ପାଇବା। ଲାଭର ଲାଳସା କି ପ୍ରତିଦାନର ଆଶା ନ ରଖିଲେ ଆମେ ଆତ୍ମସନ୍ତୋଷ ଓ ଅମଳିନ ଆନନ୍ଦ ଏଥିରୁ ପ୍ରାପ୍ତ ହେବା। ଅନ୍ୟପକ୍ଷରେ ଆଦୃତିକୁ ଅପେକ୍ଷା ନରଖି ଅର୍ଥାତ୍ ଅନ୍ୟର ଆଦୃତିକୁ ସର୍ତ୍ତ ନ ରଖି ଭଲ ପାଇଲେ ଅନ୍ୟଠାରୁ ମଧ୍ୟ ଆଦୃତି ମିଳିବ, କାରଣ ପ୍ରତ୍ୟେକ କ୍ରିୟାର ଏକ ସମତୁଲ ପ୍ରତିକ୍ରିୟା ହେଉଛି ଏ ଜଗତର ନିୟମ।

ଆମକୁ ଏକା ଏକା ଲାଗିବାର ଅନ୍ୟ ଏକ କାରଣ ହେଉଛି ସାନ ହେଉକି ବଡ଼ ହେଉ ଆମେ ଅନ୍ୟମାନଙ୍କୁ ଆମ ଛାଞ୍ଚରେ ପକାଇବାକୁ ଚାହୁଁଛୁ, ଚେଷ୍ଟା କରୁଛୁ, ବିଫଳ ହେଉଛୁ ଓ ଦୁଃଖୀ ହେଉଛୁ। ଆମେ ଜାଣିଛୁ ଯେ ମଣିଷମାନଙ୍କର ପ୍ରକୃତି ଭିନ୍ନଭିନ୍ନ, ରୁଚି ମଧ୍ୟ ଭିନ୍ନ ଭିନ୍ନ। ତେଣୁ ତ କୁହାଯାଇଛି 'ଭିନ୍ନ ରୁଚି ଲୋକାଃ'। ଏହାସତ୍ତ୍ୱେ ଆମେ ଇଚ୍ଛା କରୁଛୁ ଅନ୍ୟମାନେ ସେ ଆମ ପରିବାରର ହୁଅନ୍ତୁ ଅବା ବନ୍ଧୁବାନ୍ଧବ ହୁଅନ୍ତୁ ଆମ ପରି ଚଳନ୍ତୁ, କଥା କହନ୍ତୁ ଇତ୍ୟାଦି ଇତ୍ୟାଦି। ଆମେ ଅନ୍ତରରେ ବୁଝିବା ଉଚିତ ଯେ ଭିନ୍ନତା ରହିବ, ତତ୍ ସତ୍ତ୍ୱେ ଆନ୍ତରୀଣ ଏକତ୍ୱ ରହିବ। ଆମେ ବୁଝିବା ଉଚିତ ଯେ ମୋ' ପରି ନ ହୋଇ ସେ ତା'ପରି ହେବା ସତ୍ତ୍ୱେ ମୁଁ ଯଦି ତାକୁ ଶ୍ରଦ୍ଧା, ସ୍ନେହ ଓ ସମ୍ମାନ ଦେଇପାରିଲି, ତେବେ ସେ ଭଲପାଇବା ହିଁ ଯଥାର୍ଥ ଭଲପାଇବା। ସେଥିରେ ଅସନ୍ତୋଷ ନାହିଁ, ଗ୍ଲାନି ନାହିଁ, ଅଭିମାନ ନାହିଁ। ଅଛି ଅଶେଷ ସନ୍ତୋଷ ଓ ଅନେକ ଆନନ୍ଦ। ଏପରିପ୍ରେକ୍ଷୀରେ ଶ୍ରୀମାଙ୍କର ବାଣୀ ସ୍ମରଣୀୟ। ସେ କହିଛନ୍ତି, "ତୁମେ ଅନ୍ୟଠାରୁ ଭଲପାଇବା ଚାହୁଁଛ। ସେଇଥିପାଇଁ ତୁମକୁ ଏକୁଟିଆ ଲାଗୁଛି। କିନ୍ତୁ ତୁମେ କୌଣସି ସର୍ତ୍ତ ବା ଦାବି ନରଖି ନିଜେ ଭଲପାଇବାକୁ ଶିଖ, ଦେଖିବ ତୁମକୁ କେତେ ଭଲ ଲାଗୁଛି, ଆନନ୍ଦ ଲାଗୁଛି। ଭଲ ପାଇବାର ଏକ ଆନନ୍ଦ ଅଛି। ସେହି ଆନନ୍ଦ ପାଇଁ କେବଳ ଭଲପାଅ। ଏହି ଆନନ୍ଦ ହେଲା ବିଶ୍ୱରେ ସବୁଠାରୁ ଆଶ୍ଚର୍ଯ୍ୟକର ଆନନ୍ଦ। ତା' ହେଲେ ଦେଖିବ ତୁମକୁ କେବେବି ଏକୁଟିଆ ଲାଗିବ ନାହିଁ।" ସତରେ ଜାତି, ଧର୍ମ ବର୍ଣ୍ଣ ନିର୍ବିଶେଷରେ ଅନ୍ୟକୁ ଆଦର କଲେ ଆମେ ଅନ୍ୟଠାରୁ ଆଦୃତି ସହ ଅସୀମ ଆନନ୍ଦ ପାଇବା। ସେ ଆନନ୍ଦର ଅଭିଷେକରେ ମନରେ ଫୁଟିଯିବ ଶତଶତ

ପାରିଜାତ ଫୁଲ, ବାସ୍ନାରେ ମହକି ଯିବ ଚଉହଦି। ସେ ବାସ୍ନା ଅନନ୍ୟ ଓ ଅସାଧାରଣ। ମର୍ତ୍ତ୍ୟର ଫୁଲମାନଙ୍କର ବାସ୍ନାଠାରୁ ସେ ବାସ୍ନା ହେବ ନିଆରା। ସେଇ ସୁବାସର ଅପେକ୍ଷାରେ ରହିଛି ଏ ସାରା ପୃଥିବୀ, ରହିଛି ଆମ ଦେଶ, ଆମ ସମାଜ। ବୟସ ଓ ସାମର୍ଥ୍ୟ ନିର୍ବିଶେଷରେ ଅଧିକ ପାରସ୍ପରିକ ଶ୍ରଦ୍ଧା ଓ ଆଦରର ଅପେକ୍ଷାରେ ରହିଛି ଆମ ପରିବାର। ଆମେ ସମସ୍ତେ ସେ ଅପେକ୍ଷାରେ ରହିଛୁ ଏବଂ ବିଶ୍ୱାସ ରଖିଛୁ ଯେ ଆମ ସ୍ୱପ୍ନ ନିଶ୍ଚୟ ସାକାର ହେବ।

❐❐

ପ୍ରଗତିର ପରିଭାଷା

ଅର୍ଥନୀତି ବଦଳିଗଲେ ସବୁକିଛି ବଦଳିଯିବ, ଏହା ପୂର୍ଣ୍ଣ ସତ୍ୟ ନୁହେଁ, ଅର୍ଦ୍ଧ ସତ୍ୟ। ରାଜନୀତି ବଦଳିଗଲେ ସବୁକିଛି ବଦଳିଯିବ, ଏହା ପୂର୍ଣ୍ଣ ସତ୍ୟ ନୁହେଁ, ଅର୍ଦ୍ଧସତ୍ୟ। ସମାଜ ନୀତି ବଦଳିଗଲେ ସବୁକିଛି ବଦଳିଯିବ ଏହା ପୂର୍ଣ୍ଣ ସତ୍ୟ ନୁହେଁ, ଅର୍ଦ୍ଧସତ୍ୟ। ମଣିଷର ପ୍ରକୃତି ବଦଳିଗଲେ ସବୁକିଛି ବଦଳିଯିବ, ଏହା ପୂର୍ଣ୍ଣ ସତ୍ୟ। ତେବେ ପ୍ରଶ୍ନ ଉଠିବ ଯେ ମଣିଷର ପ୍ରକୃତି ବଦଳିବ କି ? ମଣିଷର ପ୍ରକୃତି ତ ବଦଳେ ନାହିଁ, ଆଉ ଯଦି ବଦଳେ ଟିକିଏ ଟିକିଏ ବୋଲି କୁହାଯାଇଛି। ଏପରି ସ୍ଥଳେ ଏତେ ଆଶା ପୂରଣ ହେବା କ'ଣ ସମ୍ଭବ ? ଉତ୍ତରରେ କୁହାଯାଇପାରେ ଯେ ଅବଶ୍ୟ ସମ୍ଭବ। ମଣିଷ ପ୍ରକୃତି ବଦଳିପାରେ ଯଦି ସେ ନିଜେ ଚେଷ୍ଟା କରେ। ସେ ଯଦି ବୁଝେ ଯେ ସମାଜଠାରୁ ବ୍ୟକ୍ତିଟିଏ ବଡ଼ ଯଦିଓ ସେ ସମାଜର ଏକକ।

ଏହି ବଦଳିବା ପାଇଁ ସବୁଠାରୁ ବେଶୀ ସହଯୋଗ କରେ ଶିକ୍ଷା। ଜନ୍ମଗତ ପ୍ରକୃତିକୁ ବଦଳାଇବା ପାଇଁ ନିଜର ଆଗ୍ରହ ଓ ଶିକ୍ଷାର ପ୍ରଭାବ ସବୁଠାରୁ ଅଧିକ ଗୁରୁତ୍ୱପୂର୍ଣ୍ଣ। ଶିକ୍ଷା, ସୁବର୍ଣ୍ଣ ସେତୁ ହୋଇ ବ୍ୟକ୍ତି ଜୀବନକୁ ସମାଜ-ଜୀବନ, ରାଷ୍ଟ୍ର-ଜୀବନ ଏବଂ ବିଶ୍ୱଜୀବନ ସହ ଯୋଡ଼ି ଦେଇପାରେ। ଏହି ଶିକ୍ଷା ପାରିବାରିକ ଶିକ୍ଷା ସହ ଆନୁଷ୍ଠାନିକ ଶିକ୍ଷା ପୁଣି ଅଣଆନୁଷ୍ଠାନିକ ଶିକ୍ଷାର ସହଯୋଗରେ ସମୃଦ୍ଧ ହୋଇଥାଏ। ପାରିବାରିକ ଶିକ୍ଷା ଦିଏ ସଂସ୍କାର, ମିଳିମିଶି ଚଳିବାର ମାନସିକତା। ଆନୁଷ୍ଠାନିକ ଶିକ୍ଷାଦିଏ ବିବିଧ ଦଗନ୍ତ ବିସ୍ତାରୀ ଜ୍ଞାନର ତତ୍ତ୍ୱ ଓ ତଥ୍ୟ ସହ ପ୍ରୟୋଗ କୌଶଳ। ଅଣଆନୁଷ୍ଠାନିକ ଶିକ୍ଷା ଅର୍ଥାତ୍ ସଭାସମିତି, ସମ୍ମାନ, ପ୍ରବଚନ, ଉତ୍ତମ ପୁସ୍ତକ ପଠନ, ସାଂସ୍କୃତିକ କାର୍ଯ୍ୟକ୍ରମ ପ୍ରଭୃତି ଦିଏ ଆତ୍ମବିଶ୍ଳେଷଣ ଓ ଆତ୍ମବିକାଶର ସୁଯୋଗ।

ଏତେ କଥା ପାଇଁ ଯାହା ଲୋଡ଼ା ହେଉଛି ଏହି ଅନୁଷ୍ଠାନ ମାନଙ୍କର ସଦସ୍ୟମାନେ ପ୍ରଥମେ ଶିକ୍ଷିତ ହେବା ଦରକାର। ଶିକ୍ଷିତ ହେବା ଅର୍ଥ କେବଳ ବଡ଼ ବଡ଼ ଡିଗ୍ରୀ, ବହୁ ମାନପତ୍ର, ବହୁ ପୁରସ୍କାରର ଅଧିକାରୀ ହେବା ନୁହେଁ, ବରଂ ଆତ୍ମଶିକ୍ଷିତ ହେବା ଅଧିକ ଜରୁରୀ। ପ୍ରଥମେ ପାରିବାରିକ ଶିକ୍ଷା କଥା ଦେଖାଯାଉ। ପରିବାରରେ ପିତାମାତା ଅଭିଭାବକ ଯଦି ଯଥେଷ୍ଟ ଶକ୍ତି, ସମୟ ଏବଂ ତୀକ୍ଷ୍ଣ ଦୃଷ୍ଟି ନ ଦିଅନ୍ତି ତେବେ ପିଲାଟିର ସଂସ୍କାର ବଢ଼ି ଉଠିବ ନାହିଁ। ମନ୍ଦଗୁଣ ତା ଭିତରୁ ଯିବ ନାହିଁ କି ଭଲ ଗୁଣର ବିକାଶ ହେବ ନାହିଁ। ଏଥିପାଇଁ ଯଥେଷ୍ଟ ଧୈର୍ଯ୍ୟ ସହ ଯଥେଷ୍ଟ ସମୟ ପିତାମାତା ଓ ଅଭିଭାବକଙ୍କୁ ଦେବାକୁ ହେବ। ସ୍ନେହରେ, ଶାସନରେ (ମାଡ଼ ନୁହେଁ), ବୁଝାଇବାରେ, କୁଣ୍ଠିତ ହେଲେ ଚଳିବ ନାହିଁ। ନିଜର ସୁଖ ସୁବିଧା ଦେଖିଲେ ଚଳିବ ନାହିଁ, ଉପଦେଶ ସହ ଉଦାହରଣ ହେବାକୁ ପଡ଼ିବ।

ତାପରେ ଦେଖାଯାଉ ଆନୁଷ୍ଠାନିକ ଶିକ୍ଷାର କଥା। କେବଳ ଡିଗ୍ରୀ, ଡିପ୍ଲୋମା ପ୍ରଦାନ ପାଇଁ ଆନୁଷ୍ଠାନିକ ଶିକ୍ଷା ଉଦ୍ଦିଷ୍ଟ ନୁହେଁ, କେବଳ ତଥ୍ୟ ଓ ତତ୍ତ୍ୱ ପରିବେଷଣ ସହ ପ୍ରଯୁକ୍ତି କୌଶଳ ପ୍ରଦାନ ମଧ୍ୟ ଏହାର ଉଦ୍ଦେଶ୍ୟ ନୁହେଁ। ଏଥି ସହିତ ଶିକ୍ଷାକୁ ଜୀବନମୁଖୀ ଏବଂ ଜଗତମୁଖୀ କରାଇବା ଏହାର ଉଦ୍ଦେଶ୍ୟ। ଛାତ୍ରଛାତ୍ରୀଙ୍କୁ ପାଠ

ଘୋଷି ମନେ ରଖିବାକୁ କହିବା ପରିବର୍ତ୍ତେ ବୁଝିବାକୁ ସମର୍ଥ କରାଇବାକୁ ହେବ। ସବୁ ଛାତ୍ରଛାତ୍ରୀଙ୍କୁ ସମାନ ମାନସିକତାର ବୋଲି ନ ବିଚାରି ତହିଁରେ କମ୍ ବେଶୀ ଥିବାରୁ ବିଭିନ୍ନ ପଦ୍ଧତିରେ ବୁଝାଇବାକୁ ଚେଷ୍ଟା କରିବାକୁ ହେବ। ଭିନ୍ନ ଭିନ୍ନ ସ୍ତରର ଉଦାହରଣ ଦେଇ ବୁଝାଇଲେ ଏବଂ ସେମାନେ ତାହା ବୁଝିଲେ ପାଠପଢ଼ା ରସାଳ ହେବା ସହିତ ଫଳପ୍ରଦ ମଧ୍ୟ ହେବ। ପିଲାମାନେ ଆଉ ପରୀକ୍ଷାକୁ ଡରିବେ ନାହିଁ କି ପରୀକ୍ଷାରେ ଅସାଧୁ ଉପାୟ ଅବଲମ୍ବନ କରିବାକୁ ଇଚ୍ଛା କରିବେ ନାହିଁ। ସ୍ୱାମୀ ବିବେକାନନ୍ଦ କହୁଥିଲେ "ପାଠ ଘୋଷିଲେ ହୁଏ ନାହିଁ, ପାଠ ବୁଝିଲେ ହୁଏ।"

ଅବଶ୍ୟ ଏଥିପାଇଁ ଶିକ୍ଷକ ଶିକ୍ଷୟିତ୍ରୀମାନଙ୍କୁ ପାଠକୁ ଟିକିଏ ଅଧିକ ବୁଝିବାକୁ ହେବ ଏବଂ ନିଜକୁ ମଧ୍ୟ ଅଧିକ ବୁଝିବାକୁ ହେବ। ସେମାନଙ୍କ ଭୂମିକା ଯେ କେତେ ଗୁରୁତ୍ୱପୂର୍ଣ୍ଣ ତାହା ସେମାନଙ୍କୁ ଅନୁଭବ କରିବାକୁ ହେବ। ପଢ଼ିବାର ଆଗ୍ରହ ଓ ପଢ଼ାଇବାର ଆଗ୍ରହ କେବେ ହେଲେ ବୃଥାଯିବ ନାହିଁ କାରଣ ଏହା ଏକ ଅତି ମହତ୍ତ୍ୱପୂର୍ଣ୍ଣ କାର୍ଯ୍ୟ। ଛାତ୍ରଛାତ୍ରୀଙ୍କୁ ବୁଝାଇବା ଏକ ଜାତି ଗଠନ କାର୍ଯ୍ୟ ତଥା ଜାତୀୟ କାର୍ଯ୍ୟ। କେବଳ ଜାତୀୟ କାର୍ଯ୍ୟ ନୁହେଁ, ଆନ୍ତର୍ଜାତୀୟ କାର୍ଯ୍ୟ ମଧ୍ୟ। କେବଳ ଆନ୍ତର୍ଜାତୀୟ କାର୍ଯ୍ୟ ନୁହେଁ, ଦିବ୍ୟ କାର୍ଯ୍ୟ ମଧ୍ୟ।

ଶିକ୍ଷାଦାନ ବେଳେ ଶିକ୍ଷାଦାତାର ପ୍ରଥମ ଯୋଗ୍ୟତା ହେଉଛି ଖୁସି ରହିବା। ଖୁସି ମନରେ ପାଠ ପଢ଼ାଇଲେ ପାଠର ପ୍ରଭାବ ଛାତ୍ରଛାତ୍ରୀମାନଙ୍କ ଉପରେ ଅଧିକ ପଡ଼େ। ପ୍ରଶ୍ନ ଆସିବ ଯେ ଶିକ୍ଷକ ତ ଜଣେ ମଣିଷ, ସବୁବେଳେ ଖୁସି ରହି ପାଠ ପଢ଼ାଇବା କ'ଣ ସମ୍ଭବ ? ଉତ୍ତରରେ କୁହାଯିବ ଯେ ଅନ୍ତତଃ ପାଠପଢ଼ାଇଲା ବେଳେ ଶିକ୍ଷାଦାତା ମାନଙ୍କୁ ଇଚ୍ଛାକରି ଖୁସି ରହିବାକୁ ହେବ। ପଢ଼ାଇଲା ବେଳେ ନିଜକୁ ସେହି ବିଦ୍ୟା ସହିତ ଏକାତ୍ମ କରି ଦେବାକୁ ହେବ। ନିଜେ ତହିଁରେ ମଜ୍ଜିନଗଲେ ଅନ୍ୟକୁ ମଜ୍ଜାଇବା ସମ୍ଭବ ନୁହେଁ।

ଏଥର ଦେଖିବା ଅଣଆନୁଷ୍ଠାନିକ ଶିକ୍ଷା କଥା। ଏହାର ଭୂମିକା ମଧ୍ୟ ଗୁରୁତ୍ୱପୂର୍ଣ୍ଣ। ସଭାସମିତି, ଭାଷଣ, କର୍ମଶାଳା, ପ୍ରବଚନ, ଆଲୋଚନା ଚକ୍ର, ସାଂସ୍କୃତିକ କାର୍ଯ୍ୟକ୍ରମ ମାନଙ୍କର ଅବଦାନ ମହତ୍ତ୍ୱପୂର୍ଣ୍ଣ। ତେବେ ଏ ସବୁଥିରେ ଆଚରଣ ଓ ଉଚ୍ଚାରଣରେ ସାମଞ୍ଜସ୍ୟ, ନିଃସ୍ୱାର୍ଥପରତା, ସଚ୍ଚୋଟତା, ଚରିତ୍ରବତ୍ତା ସର୍ବୋପରି ଗଭୀର ଅନୁଭବ ରହିବା ଦରକାର। ଭାଷଣ ପାଇଁ ଭାଷଣ ନୁହେଁ, ଅନୁଭବ ବାଣ୍ଟିବା ପାଇଁ ଭାଷଣ ଉଦ୍ଦିଷ୍ଟ ହେବା ଉଚିତ। ଯଶ, ପ୍ରଶଂସା, ଅର୍ଥ ଓ ସ୍ୱାର୍ଥ ପାଇଁ ଆୟୋଜିତ ଅନୁଷ୍ଠାନମାନଙ୍କର ପ୍ରଭାବ ଶ୍ରୋତା ବା ଉପଭୋକ୍ତା ଉପରେ ବିଶେଷ ପଡ଼େ ନାହିଁ, ବରଂ ସବୁକିଛି ଶୁଷ୍କ, ନୀରସ ଓ ଯାନ୍ତ୍ରିକ ହୋଇଯାଏ।

ଏ ସବୁ ସହିତ ଘରେ ପିଲାଟିର, ଅନୁଷ୍ଠାନରେ ଛାତ୍ରଛାତ୍ରୀଙ୍କର, ଅଣ ଆନଷ୍ଠାନିକ ଧାରାରେ ଶ୍ରୋତା ବା କର୍ମୀଟିର ଶିଖିବା, ଜାଣିବା ଓ ବୁଝିବା ପାଇଁ ଆଗ୍ରହ ଥିବା ଦରକାର। ଶିଖିବା ସେତେବେଳେ ସାର୍ଥକ ହୁଏ ଯେତେବେଳେ ସେ ଅନ୍ୟକୁ ତାହା ଶିଖାଇ ପାରେ। ଜାଣିବା ସେତେବେଳେ ଫଳପ୍ରଦ ହୁଏ, ଯେତେବେଳ ସେ ତାହା ଅନ୍ୟକୁ ଜଣାଇପାରେ।

ପିଲାଦିନରୁ ଦେଶ ବିଷୟରେ ଏବଂ ବୟସକ୍ରମେ ବିଶ୍ୱ ସମ୍ପର୍କରେ ଶିକ୍ଷା ଏକାନ୍ତ ଜରୁରୀ। ବିଜ୍ଞାନ ଓ ପ୍ରଯୁକ୍ତି ବିଦ୍ୟା ସହିତ ମଣିଷ ପଣିଆର ଶିକ୍ଷା ଅପରିହାର୍ଯ୍ୟ। ମୂଲ୍ୟ ସହ ମୂଲ୍ୟବୋଧର ସମନ୍ୱିତ ଶିକ୍ଷା ତଥା ବାହ୍ୟ ଜୀବନ ସହିତ ଅନ୍ତର୍ଜୀବନର ସମନ୍ୱିତ ଶିକ୍ଷା ହିଁ ଯଥାର୍ଥ ଶିକ୍ଷା ଯାହା ଦ୍ୱାରା ଜଗତୀକରଣର ପୂର୍ଣ୍ଣତା କେବଳ ସମ୍ଭବ। ଏହି ଯଥାର୍ଥ ଶିକ୍ଷାରୁ ରସ ସଂଗ୍ରହ କରି ପରିପୁଷ୍ଟ ହେବ, ରାଜନୀତି, ଅର୍ଥନୀତି ଓ ସମାଜନୀତି। ସବୁ ଅସଜଡ଼ା ସଜାଡ଼ି ହୋଇଯିବ ବିଶ୍ୱଜୀବନରେ, ଆଉ ସେଇ ସଜଡ଼ା ପରିବେଶକୁ ନଇଁ ଆସିବ ସ୍ୱର୍ଗରୁ ସୌଭାଗ୍ୟ, ସମ୍ପଦ, ଲାବଣ୍ୟ ଓ ମାଧୁର୍ଯ୍ୟ।

❐❐

ଜୀବନ ଚିନ୍ତା

ଜୀବନ ଚିନ୍ତା କହିଲେ ଅନେକ ବ୍ୟକ୍ତି ଦାନ, ଧ୍ୟାନ, ଧାରଣା, ଜପ, ତପ, ତୀର୍ଥାଟନ ପ୍ରଭୃତିକୁ ବୁଝିଥାନ୍ତି। ପ୍ରକୃତରେ ଏତିକିରେ ଜୀବନ ଚିନ୍ତା ସୀମିତ ନୁହେଁ, ଏହାକୁ ମିଶାଇ ଆହୁରି ଅନେକ କଥା ଜୀବନ ଚିନ୍ତାର ଅନ୍ତର୍ଭୁକ୍ତ ହୋଇପାରେ। ଏପରିକି ଜୀବନର ପ୍ରତ୍ୟେକ ଗତିବୃତ୍ତି ଅର୍ଥାତ୍ ଖାଇବା, ପିନ୍ଧିବା, ହସିବା, ଖେଳିବା ମଧ୍ୟ ଏହାର ଅଙ୍ଗୀଭୂତ ହୋଇପାରେ ଯଦି ସେସବୁକୁ ସଚେତନତାର ସହ ସମ୍ପନ୍ନ କରାଯାଇଥାଏ।

କର୍ମରେ ଛୋଟ ବଡ଼ର କୌଣସି ସ୍ଥାନ ନାହିଁ। ସବୁ କର୍ମର ମହତ୍ତ୍ୱ ଅଛି ଯଦି ସେଗୁଡ଼ିକ ଯଥା ସ୍ଥାନରେ, ଯଥା ସମୟରେ ଏବଂ ଯଥୋଚିତ ମନୋଭାବ ସହ ସମ୍ପାଦିତ ହୁଏ। କର୍ମ ସେତିକି ବେଳେ ଅପକର୍ମ ହୁଏ ଯେତେବେଳେ ତାହାର ଅପବ୍ୟବହାର କରାଯାଏ। ଅପବ୍ୟବହାରର ପ୍ରକ୍ରିୟା ଦୁଇଟି ମୁଖ୍ୟ ଶକ୍ତି ଦ୍ୱାରା ଘଟିଥାଏ। ସେଥିରୁ ଗୋଟିଏ ହେଉଛି ଅହଂ ଓ ଅନ୍ୟଟି ସ୍ୱାର୍ଥ। ଦୁଇଟିଯାକ ଗୋଟିଏ ମୁଦ୍ରାର ଦୁଇ ପାଖ ଭଳି ପରସ୍ପର ସହ ଓତପ୍ରୋତ ଭାବରେ ତଡ଼ିତ। ଅହଂ ପ୍ରଣୋଦିତ କର୍ମ, କର୍ମୀର ଚେତନାକୁ କଳୁଷିତ କରିବା ସଙ୍ଗେ ସଙ୍ଗେ ପରିବେଶରେ ଆସୁରିକ ପ୍ରଭାବର ପ୍ରତିଷ୍ଠା କରିଥାଏ। ସ୍ୱାର୍ଥସର୍ବସ୍ୱ କର୍ମ ମଧ୍ୟ କର୍ମୀକୁ ବିପଥଗାମୀ କରିବା ସହିତ ବାତାବରଣକୁ ବିପର୍ଯ୍ୟସ୍ତ କରେ। ଅନ୍ୟପକ୍ଷରେ ଅହଂ ଓ ସ୍ୱାର୍ଥ ମୁକ୍ତ କର୍ମ, କର୍ମୀର ଚେତନାକୁ ବିକଶିତ କରାଇବା ସହ ପରିବେଶକୁ ସମୃଦ୍ଧ, ସଂହତ ଓ ସୁସ୍ଥ କରିଥାଏ, ଯାହାର ଫଳଶ୍ରୁତି ସ୍ୱରୂପ ବ୍ୟକ୍ତି-ଜୀବନ ଓ ସମାଜ ଜୀବନ ନିଜକୁ ଅତିକ୍ରମ କରିଯିବାର ସାମର୍ଥ୍ୟ ଅର୍ଜନ କରିଥାଏ। ଏପରି କର୍ମ ଆନନ୍ଦ ପାଇଁ କରାଯାଏ ନାହିଁ, ବରଂ କର୍ମ ପାଇଁ କର୍ମ ହିସାବରେ କରାଯାଏ। ଆନନ୍ଦ ପରିବର୍ତ୍ତେ କର୍ତ୍ତବ୍ୟ ପାଳନପୂର୍ବକ ଆତ୍ମସନ୍ତୋଷ ଏଥିରେ କର୍ମୀର ପ୍ରାପ୍ୟ। ପ୍ରତିଦାନର ଆଶା ବା ଅନ୍ୟ କୌଣସି ଫଳାଭିସନ୍ଧି ଏପରି କର୍ମରେ ନ ଥାଏ। କର୍ମ ଅଧିକରୁ ଅଧିକ ସଂଗଠିତ ହେବା ସଙ୍ଗେ ସଙ୍ଗେ କର୍ମକ୍ଲାନ୍ତି ଦୂରକୁ ଦୂରକୁ ଅପସରିଯାଏ। ବିଷାଦ ଓ ଅବସାଦର ସ୍ଥାନ ଏପରି କର୍ମ ବଳୟରେ ନଥାଏ।

ସେବା ଗୋଟିଏ ମହତ ଗୁଣ। ମାନବର ସେବାକୁ ମାଧବଙ୍କର ସେବା ବୋଲି ବିଚାର କରାଯାଏ। ମାତ୍ର କଥାଟି ଏତିକିରେ ସରେ ନାହିଁ। କିଏ ସେବକ, କିଏ ସେବ୍ୟ ବୁଝିହୁଏ ନାହିଁ। କିଏ କାହାର ସେବକ ଜାଣିହୁଏ ନାହିଁ। ସେବକ ହେବାପାଇଁ କିଛି ଯୋଗ୍ୟତା ଆବଶ୍ୟକ କି ନୁହେଁ - ଏହା ମଧ୍ୟ ମନରେ ପ୍ରଶ୍ନବାଚୀ ସୃଷ୍ଟି କରେ। ଅନ୍ୟପ୍ରତି ଦୟା, କ୍ଷମା, ସହନଶୀଳତା ତଥା ଆନ୍ତରିକତା ପ୍ରଦର୍ଶନ କରିବା ମଧ୍ୟ ସେବାର ଅନ୍ତର୍ଭୁକ୍ତ। ଏସବୁ ମୂଲ୍ୟହୀନ ନୁହେଁ। ତେବେ ଏଥିନିମନ୍ତେ ଯେଉଁ ଯୋଗ୍ୟତା ଆବଶ୍ୟକ, ତାହା ବିଚାର୍ଯ୍ୟ ବିଷୟ। କହିବାର ତାତ୍ପର୍ଯ୍ୟ ଏହି ଯେ ଜଣେ ଅନ୍ୟର ସେବକ ହେବା ପୂର୍ବରୁ ପ୍ରଥମେ ନିଜେ ନିଜର ସେବକ ହେବା ଆବଶ୍ୟକ।

ବାହାର ଅଳିଆ ସଫା କରିବା ପୂର୍ବରୁ ନିଜ ଭିତରର ଅଳିଆ ଆଗ ସଫା କରିବା ଦରକାର। ଏହାର ଅର୍ଥ ହେଉଛି ସେବକ ଭିତରେ ବ୍ୟକ୍ତିଗତ ଯାବତୀୟ ଲାଭର ଲାଳସା, ଯଶ ପ୍ରଶଂସାର ବାସନାର ଅଳିଆ ଆବର୍ଜନାକୁ ସେ ନିଜେ ପ୍ରଥମେ ପରିଷ୍କାର କରିବା ଆବଶ୍ୟକ। ଅନ୍ୟଥା ସେବାର ବିଶେଷ କିଛି ଅର୍ଥ ନାହିଁ। ନିଜ ଭିତରେ ଦୁଃଖର କେନ୍ଦ୍ରବିନ୍ଦୁ, କଳହର ପ୍ରାଣକେନ୍ଦ୍ର, ଅସନ୍ତୋଷର ଭିତ୍ତିଭୂମି ରହିଛି। ସେସବୁକୁ ଚିହ୍ନି ତାକୁ ଦୂର ନ କଲାଯାଏ ଅନ୍ୟ ଭିତରୁ ତଥା ସମଗ୍ର ମାନବ ସମାଜ ଭିତରୁ ଦୁଃଖ, ଦୁର୍ଦ୍ଦଶା, କଳହ ଓ ଅସନ୍ତୋଷ ଦୂରୀଭୂତ ହେବ ନାହିଁ। ବ୍ୟକ୍ତିଟିଏ ଯେ ସମାଜ ଠାରୁ ବଡ଼, ଏକଥାଟି ଏଥିରୁ ବୁଝି ହେଉଅଛି। ନିଜର ସେବା କରିବା ଅର୍ଥ ନିଜକୁ ନିର୍ମଳ କରିବା ଏବଂ ଏହି ପ୍ରକ୍ରିୟା ଦ୍ୱାରା ସମାଜ ସେବା କରିବା ମାଧ୍ୟମରେ ବିଶ୍ୱସେବା କେବଳ ସମ୍ଭବ।

ତ୍ୟାଗ କହିଲେ ଆମେ ଆମ ପାଇଁ ଆବଶ୍ୟକୀୟ କେତେ ବସ୍ତୁର ତ୍ୟାଗକୁ ବୁଝୁ। ଏହା ଏକ ଭ୍ରମ। ପ୍ରକୃତରେ ଆମ ପାଇଁ ଅନାବଶ୍ୟକ ବସ୍ତୁ ବା ଭାବନାର ତ୍ୟାଗ ହିଁ ପ୍ରକୃତ ତ୍ୟାଗ ପଦବାଚ୍ୟ। ଭଲ ଖାଦ୍ୟକୁ ତ୍ୟାଗ କରିବା, ଦାମିକା ବସ୍ତ୍ର ପରିଧାନ ନ କରିବା, ଅର୍ଥକୁ ତ୍ୟାଗ କରିବାକୁ ଆମେ ତ୍ୟାଗୀର ବଡ଼ ସିଦ୍ଧି ବୋଲି କହୁ। ପ୍ରକୃତରେ କଥାଟି ସେପରି ନୁହେଁ। ସରଳ ଖାଦ୍ୟ ଗ୍ରହଣ କରୁଥିବା, ସାଧା ବସ୍ତ୍ର ପରିଧାନ କରୁଥିବା ଲୋକଟି ତ୍ୟାଗୀ ନ ହୋଇ ପାରେ ଯଦି ସେ କାମ, କ୍ରୋଧ, ହିଂସା, ଦ୍ୱେଷ, ପରଶ୍ରୀକାତରତା ସମେତ ବହୁ ଦୁର୍ଗୁଣକୁ ତ୍ୟାଗ କରି ନଥାଏ। ଅତଏବ ଆମର ଆନ୍ତର ଓ ବାହାରର ସଂହତିପୂର୍ଣ୍ଣ ଅଭିବ୍ୟକ୍ତି ପାଇଁ ଯାହା ବାଧକ ଆମେ ତାକୁ ତ୍ୟାଗ କରିବା ହିଁ ପ୍ରକୃତ ତ୍ୟାଗ। ଯେଉଁ ପ୍ରକାର ଚଳଣି, ଅଭ୍ୟାସ ଓ ପରିବେଶ ଆମର ଅଗ୍ରଗତିରେ ବାଧାଦିଏ, ତାହା ସର୍ବଥା ପରିତ୍ୟଜ୍ୟ, ଯେଉଁ ଦୁର୍ଗୁଣ ଆମକୁ ଯନ୍ତ୍ରଣାରେ ଜର୍ଜରିତ କରେ, ସେସବୁକୁ ତ୍ୟାଗ କରିବା ଏକାନ୍ତ କାମ୍ୟ।

ନୀରବତା ହେଉଛି ମୁନିର ଲକ୍ଷଣ। ଏହ ଭାବରେ ଭାବିତ ହୋଇ ଜଣେଜଣେ ସପ୍ତାହରେ ଏକ ଦିନ ମୌନବ୍ରତ ଅବଲମ୍ବନ କରିଥାନ୍ତି ଓ ନିଜକୁ ଜଣେ ମହତ ଜନ ବୋଲି ମନେ କରନ୍ତି। ଅନ୍ୟମାନେ ମଧ୍ୟ ଏହି ଚିନ୍ତାଧାରାକୁ ଅନୁମୋଦନ କରି ସେ ବ୍ୟକ୍ତି ଉପରେ ଅବାଞ୍ଛିତ ଗୁରୁତ୍ୱଆରୋପ କରନ୍ତି। ପ୍ରକୃତ କଥାଟି ହେଉଛି ଗୋଟିଏ ଦିନ ଆଦୌ କଥା ନକହି ସମ୍ପୂର୍ଣ୍ଣ ନୀରବ ରହିଲେ ବ୍ୟକ୍ତି ବଡ଼ ହୁଏ ନାହିଁ। ବାକ୍ ସଂଯମ ହିଁ ବ୍ୟକ୍ତିକୁ ବଡ଼ କରେ। ଯେତିକି ଆବଶ୍ୟକ ସେତିକି କଥା କହିବା, ଟିକିଏ ଅଧିକା ନ କହିବା ହିଁ ଯଥାର୍ଥ ବାକ୍‌ସଂଯମ। ଭାବନାର ସଂଯମ ଏହାର ମୂଳତତ୍ତ୍ୱ। ମନକୁ ଆୟତ୍ତ କଲେ ଭାବନାରେ ସଂଯମ ଆସେ। ଅତଏବ ଆୟତ୍ତ ମନର ଅନୁମୋଦନରେ ଆବଶ୍ୟକୀୟ ବକ୍ତବ୍ୟ ହିଁ ପ୍ରକୃତ ବକ୍ତବ୍ୟ। ତାହା ମଧ୍ୟ ଉଚ୍ଚକୋଟୀର ବାଗ୍ମିତାର ଅନ୍ତର୍ଭୁକ୍ତ। କଥା କହିବା ଆଗରୁ ଭାବିବା ମଧ୍ୟ ବାକ୍ ସଂଯମର ଅନ୍ୟ ଏକ ବିଶିଷ୍ଟ ଦିଗ। ଆମେ ସାଧାରଣତଃ କହୁ କହୁ ଅନେକ କଥା କହିପକାଉ। ପଛରେ ଭାବୁ କାହିଁକି କହିଲୁ ବୋଲି, ସେଥିପାଇଁ ବହୁ ସମସ୍ୟା ମଧ୍ୟ ବେଳେବେଳେ ଆସି ଦେଖାଦିଏ। ଆଗରୁ ଭାବି କଥା କହିଲେ ଏତେ ସମସ୍ୟାର ସୃଷ୍ଟି ହୁଅନ୍ତା ନାହିଁ ଏବଂ ବହୁ ଅଶାନ୍ତିରୁ ରକ୍ଷା ମିଳନ୍ତା। ଆମେ ପ୍ରାୟତଃ ଲକ୍ଷ୍ୟ ଓ ମାଧ୍ୟମ ଭିତରେ ପାର୍ଥକ୍ୟ ବୁଝିପାରୁ ନାହିଁ, ବୁଝିଲେ ମଧ୍ୟ ସର୍ବଦା ସ୍ମରଣ ରଖିପାରୁନାହିଁ। ଫଳତଃ ଲକ୍ଷ୍ୟକୁ ମାଧ୍ୟମ ବୋଲି ଓ ମାଧ୍ୟମକୁ ଲକ୍ଷ୍ୟ ବୋଲି ବିଚାର କରୁ। ସମୟକ୍ରମେ ସମାଜରେ ଭିନ୍ନଭିନ୍ନ ଧର୍ମଧାରା ଓ ଚଳଣି ସୃଷ୍ଟି ହୋଇଛି। ପଦ୍ଧତିରେ ଭିନ୍ନତା ଥିଲେ ହେଁ ଏସବୁର ସୃଷ୍ଟି ହୋଇଛି ମାନବ ଚେତନାର ବିକାଶ ପାଇଁ। ପ୍ରତ୍ୟେକ ଧର୍ମ, ସଂସ୍କୃତିର ଲକ୍ଷ୍ୟ ଏକ, ତାହା ହେଉଛି ମାନବ ଜାତିର କଲ୍ୟାଣ ସାଧନ। ଲକ୍ଷ୍ୟ ଉପରେ ଗୁରୁତ୍ୱ ନ ଦେଇ ମାଧ୍ୟମକୁ ଲକ୍ଷ୍ୟ ବୋଲି ବିଚାର କରିବା ହେତୁ

ମନରେ ସଂକୀର୍ଣ୍ଣତା ସୃଷ୍ଟି ହୁଏ, ଫଳ ସ୍ୱରୂପ ସାମ୍ପ୍ରଦାୟିକ କଳହ ସୃଷ୍ଟି ହୁଏ। ଆମେ ଯଦି ନିଜ ସଂସ୍କୃତିକୁ, ନିଜ ଧର୍ମକୁ ସର୍ବୋପରି ନିଜକୁ ବୁଝିଥାନ୍ତୁ, ତେବେ ଅନ୍ୟ ସଂସ୍କୃତିକୁ, ଅନ୍ୟ ଧର୍ମକୁ ତଥା ଅନ୍ୟକୁ ବୁଝିବାକୁ ଆଦୌ ଅସୁବିଧା ହୁଅନ୍ତା ନାହିଁ। ସତ୍ୟ ହେଉଛି ଏକ ଅଦ୍ୱିତୀୟ - ଏତିକି ବୁଝିଲେ ମାଧ୍ୟମକୁ ନେଇ ମତାନ୍ତର ଓ ମନାନ୍ତର କେତେ ଅପ୍ରାସଙ୍ଗିକ ତାହା ସହଜରେ ଅନୁମେୟ।

ଆଉ ଏକ ମାନସିକତା ଆମ ଭିତରେ ଅଛି ଯାହାକୁ ନେଇ ଆମେ ଭାବୁ ଯେ ସେହି ବ୍ୟକ୍ତି ହେଉଛି ମହାନ୍ ଯାହାର ଦୁଃଖ ବା ସୁଖର ଅନୁଭବ ନାହିଁ। ଏହା ଏକ ଭ୍ରମ। କଥାଟି ହେଲା ସେହି ବ୍ୟକ୍ତି ହେଲା ମହାନ୍ ଯିଏ ନିଜ ଦୁଃଖ ଓ ସୁଖକୁ ଅନୁଭବ କରି ପ୍ରତିକ୍ରିୟା ପ୍ରକାଶରେ ସଂଯମ ଆଚରଣ କରିଥାଏ। ଅନୁଭବ ଶକ୍ତି ନ ରହିଲେ ମହାନ ହେବା ତ ଦୂରର କଥା ମଣିଷ ସାଧାରଣ ମଣିଷ ହୋଇ ରହିବ ନାହିଁ। ଅନୁଭବ ହିଁ ଯଥାର୍ଥ ବ୍ୟକ୍ତିତ୍ୱର ମାପକାଠି। ଅନ୍ୟର ଦୁଃଖରେ ଦୁଃଖୀ ହେବା ଏବଂ ଅନ୍ୟର ସୁଖରେ ସୁଖୀ ହେବାର ମାନସିକତା ହେଉଛି ମହାନୁଭବତାର ଫଳଶ୍ରୁତି। ଯାହାର ଚେତନା ଯେତିକି ବିକଶିତ ସେ ସେତିକି ଅନ୍ୟ ସ୍ଥାନରେ ନିଜକୁ ରଖି ପରିସ୍ଥିତିକୁ ବିଚାର କରିପାରେ। ଅନ୍ୟର ଦୁଃଖରେ ସମଭାଗୀ ହେବା ସଙ୍ଗେସଙ୍ଗେ ଅନ୍ୟର ଦୁଃଖ ଦୂର କରିବା ପାଇଁ ନିଜ ଶକ୍ତି ଅନୁଯାୟୀ ପ୍ରୟାସ ଓ ପ୍ରଚେଷ୍ଟା ଜୀବନକୁ ଧନ୍ୟ କରିଥାଏ। ଏପରି ଯେ ଆମେ ନିଜକୁ ବଡ଼ ଓ ଅନ୍ୟକୁ ସାନ ବୋଲି ଭାବୁ। ଏହାଦ୍ୱାରା ଆମର କିଛି ଲାଭ ହୁଏ ନାହିଁ, କେବଳ ଅହଂ ସ୍ଫୀତ ହୁଏ। ଅନ୍ୟ ପକ୍ଷରେ ଅନ୍ୟକୁ ବଡ଼ ଭାବି ନିଜକୁ ତୃଣାଦପି ସୁନୀଚେନ ବୋଲି ଭାବିବା ମଧ୍ୟ ଅନ୍ୟ ଏକ ଭୁଲ କଥା। ଏଥିରେ ମଧ୍ୟ ଆମର କିଛି ଲାଭ ହୁଏ ନାହିଁ, ଛଳନାଯୁକ୍ତ ହୀନମଣ୍ୟତା କେବଳ ବୃଦ୍ଧିପାଏ। ପ୍ରକୃତ କଥାଟି ହେଉଛି ନିଜକୁ ବଡ଼ ବା ସାନ ବୋଲି ନ ବିଚାରି ନିଜେ ଯାହା ନିଜକୁ ତାହା ବିଚାରିବା ଉଚିତ। ଅନ୍ୟ ସହିତ ତୁଳନାର କୌଣସି ଆବଶ୍ୟକତା ନାହିଁ। ନିଜକୁ ଟିକିଏ ଅଧିକା ବିଚାରିବା ଯେପରି ଅସୁବିଧା ଜନକ, ଟିକିଏ କମ୍ ବିଚାରିବା ସେପରି କ୍ଷତିକାରକ। ପୁନଶ୍ଚ ଅନ୍ୟକୁ ସୁବିଧା ପାଇଲେ ଆମେ ସମାଲୋଚନା କରୁ। ଆମେ ଭଲ ଏବଂ ଅନ୍ୟମାନେ ଖରାପ ଏକଥା ଏହି ସମାଲୋଚନା ମାଧ୍ୟମରେ ପ୍ରକଟ କରୁ। ଏହାଦ୍ୱାରା ଆମର କୌଣସି ଲାଭ ହୁଏ ନାହିଁ ବରଂ ଆମ ଚେତନା କଳୁଷିତ ହୁଏ। ଆମେ ଯଦି ଅନ୍ୟକୁ ବଦଳାଇ ନ ପାରିବା ତେବେ ସମାଲୋଚନା ନିରର୍ଥକ। କାରଣ ଅନ୍ୟକୁ ଉପଦେଶ ଦେଇ ବଦଳାଇବା ଏକ ଦୂରୁହ ବ୍ୟାପାର ପ୍ରାୟତଃ ଏକ ପ୍ରକାର ଅସମ୍ଭବ କହିଲେ ଚଳେ। ଏ ଅବସ୍ଥାରେ ଅନ୍ୟକୁ ସମାଲୋଚନା କରିବାର ଅର୍ଥ ନିଜକୁ ସମାଲୋଚନା କରିବା, ନିଜର ଅଶେଷ କ୍ଷତି ସାଧନ କରିବା। ନିଜକୁ ସଂଶୋଧନ କରିବାର ଦାୟିତ୍ୱ ଓ ଅଧିକାର ଆମର ଅଛି, ଅନ୍ୟକୁ ନୁହେଁ। ଉପଦେଶ ନ ଦେଇ ଉଦାହରଣ ହେଲେ ହୁଏତ ଅନ୍ୟର ବଦଳିବାର ପଥ ପ୍ରଶସ୍ତ ହୋଇପାରେ। ଅତଏବ ଆତ୍ମବିଶ୍ଳେଷଣ ଓ ଆତ୍ମସଂଶୋଧନ ହିଁ ଅସଲ କଥା ଯାହା ଜୀବନକୁ ନବ ମୂଲ୍ୟରେ ବିମଣ୍ଡିତ କରିବ।

ସମ୍ପ୍ରତି ପୃଥିବୀରେ ସମ୍ପଦ, ସୁବିଧା ବଢ଼ିଛି, ମଣିଷ ବିତ୍ତଶାଳୀ ହୋଇଛି, ହେଲେ ଯେତେ ସୌଭାଗ୍ୟବନ୍ତ ହେବା କଥା ହୋଇନାହିଁ। ତା' ମନରେ ଅହେତୁକୀ ଭୟ ସନ୍ଦେହ ଓ ହତାଶା ଘନୀଭୂତ ହେଉଛି। ଭୟରୁ ବିଦ୍ରୋହ, ସନ୍ଦେହରୁ ସଂକୀର୍ଣ୍ଣତା ଓ ହତାଶାରୁ ଅସ୍ଥିରତା ସୃଷ୍ଟି ହୋଇ ବାତାବରଣକୁ ଭାରାକ୍ରାନ୍ତ କରୁଛି। କେଉଁଠାରୁ ଆସୁଛି ଏତେ ନକାରାତ୍ମକତାର ମେଞ୍ଚା ମେଞ୍ଚା ଅନ୍ଧାର, ବୁଝି ହେଉନାହିଁ। ମଣିଷର ମନ ନିରାଶାରେ ଜର୍ଜରିତ ହେବାରୁ ସାହିତ୍ୟରେ ସଂଗୀତରେ ସେହି ହତାଶା ଆତ୍ମ ରୂପାୟିତ ହେଉଛି, ଜୀବନ ହୋଇପଡୁଛି ଅଶାନ୍ତ ଓ ବିପର୍ଯ୍ୟସ୍ତ। ଏତେବେଳେ ଇଚ୍ଛା କରି ଆଶା, ଆଗ୍ରହ, ଅନ୍ୟପ୍ରତି ଆନ୍ତରିକତାକୁ ମନରେ ଧରି ରଖିଲେ

ମନରୁ ହତାଶା, ଅଶାନ୍ତି କ୍ରମଶଃ ଅପସରି ଯିବ। ପରିବେଶରେ ସକାରାତ୍ମକ ଭାବତରଙ୍ଗ ଭରିଯିବ। ଜୀବନ ହୋଇଉଠିବ ସ୍ୱର୍ଗର ସୁଶୀଶୋଭନ ଏକ କାରୁଶିଳ୍ପ, ଅପାର୍ଥିବ ଆନନ୍ଦର ଏକ ମଧୁଭରା କାବ୍ୟ।

ଆମର ଆଉ ଏକ ସାଧାରଣ ଅଭିଯୋଗ ଅଛି। ଆମର ଧାରଣା ଆମକୁ ଅନ୍ୟମାନେ ଯେତେ ଆଦର କରିବା କଥା ସେତେ ଆଦର କରୁନାହାନ୍ତି, ଆମକୁ ଯେତେ ଗୁରୁତ୍ୱ ଦେବା କଥା ସେତେ ଗୁରୁତ୍ୱ ଦେଉନାହାନ୍ତି। ଫଳରେ ଆମକୁ ନିଃସଙ୍ଗତାବୋଧ ଗ୍ରାସ କରିଛି, କିଛି ଭଲ ଲାଗୁନାହିଁ, ଚାରିଆଡ଼ ଖାଁ ଖାଁ ଲାଗୁଛି, ଜୀବନରେ ଆନନ୍ଦ ପରିବର୍ତ୍ତେ ବିଷାଦର ଛାୟା କାୟା ବିସ୍ତାର କରିବାରେ ଲାଗିଛି। ଏହା ଏକ ଭ୍ରମ। ପ୍ରକୃତରେ ଆମକୁ ଏକା ଏକା ଲାଗୁଛି। କାରଣ ଆମେ ଅନ୍ୟକୁ ଆଦର ନକରି କେବଳ ଆଦୃତ ହେବାକୁ ଚାହୁଁଛୁ। ଅନ୍ୟକୁ ଆଦର କଲେ ଏକାକୀତ୍ୱବୋଧ ଚାଲିଯିବା ସଙ୍ଗେ ସଙ୍ଗେ ମନରେ ଅଶେଷ ଆନନ୍ଦର ପ୍ଲାବନ ଆସିବ। ଏ ଆନନ୍ଦର ସ୍ୱାଦ ସ୍ୱତନ୍ତ୍ର ଯାହା ଅନ୍ୟ କେଉଁଥିରୁ ମିଳେ ନାହିଁ। ଏ ଆନନ୍ଦର ପ୍ରଭାବ ଏତେ ଅଧିକ ଯେ ଏହାର ପ୍ରଭାବରେ ବିଷାଦର ସ୍ଥିତି ଯେ ଦୋହଲିଯିବ ଏବଂ ବିଲୟ ଘଟିବ, ଏଥିରେ ବହୁଭାଷଣ ନାହିଁ।

ଆମର ଆଉ ଏକ ଦୁର୍ବଳତା ରହିଛି ଯେ ଆମେ ଅନ୍ୟଲୋକଙ୍କ କଥାରେ ସ୍ୱର୍ଶକାତର ହୋଇ ବିଚଳିତ ହୋଇପଡୁ। ଲୋକଙ୍କର କାମ ଯେ କହିବା, ଆମେ ତାହା ସେତେବେଳେ ଭୁଲିଯାଉ। ଲୋକେ ଯାହା କଲେ ବି କହିବେ, ଏକଥା ଆମେ ବୁଝି ମଧ୍ୟ ପାରୁନା। ବାପପୁଅ ଓ ଗଧ କଥା ତର୍ଜମା କଲେ ଏକଥାଟିର ଅର୍ଥ ଭଲ ଭାବରେ ବୁଝି ହେବ।

ବାପପୁଅ ଉଭୟ ଗଧଟିର ପିଠିରେ ବସିକରି ଗଲା ବେଳେ ଲୋକମାନେ ଗଧର ଦୁଃଖରେ ଦୁଃଖିତ ହୋଇ ବାପପୁଅ ଦୁହିଁଙ୍କୁ ନିଷ୍ଠୁର ବୋଲି କହିଲେ। ଏହା ଶୁଣି ବାପ ଓହ୍ଲାଇ ପଡ଼ି ଚାଲି ଚାଲି ଗଲେ ଏବଂ ପୁଅ ଗଧ ପିଠିରେ ବସିକରି ଗଲା। ବାପର ଚାଲିବା ଦେଖି ଲୋକମାନେ ପୁଅକୁ ଦୁଷ୍ଟ ନିଷ୍ଠୁର କୁଳାଙ୍ଗାର ଆଖ୍ୟା ଦେଲେ। ଏକଥା ଶୁଣି ପୁଅ ଓହ୍ଲାଇ ପଡ଼ିଲା ଓ ବାପ ଗଧ ପିଠିରେ ବସିଲା। ପୁଅକୁ ଚାଲିବାର ଦେଖି ଲୋକମାନେ ବାପକୁ ନିର୍ଦ୍ଦୟ ହୃଦୟହୀନ ସ୍ୱାର୍ଥପର ବୋଲି କହିଲେ। ଏହାଶୁଣି ବାପ ଓହ୍ଲାଇପଡ଼ିଲା ଏବଂ ଗଧର ଦୁଇପଟେ ଦୁହେଁ ଚାଲିବାକୁ ଆରମ୍ଭ କଲେ। ଏହା ଦେଖି ଲୋକମାନେ ପୋଷା ଗଧ ସହ ଚାଲି ଚାଲି ଯାଉଥିବାରୁ ବାପପୁଅ ଉଭୟଙ୍କୁ ବୋକାବୋଲି କହିଲେ। ଏଥିରୁ ଏହା ସ୍ପଷ୍ଟ ଯେ ଯାହା କଲେ ମଧ୍ୟ ଲୋକ କହିବେ ହିଁ କହିବେ। ଲୋକଙ୍କ କଥାରେ ନିଜକୁ ଉତ୍ପୀଡ଼ିତ ହେବାକୁ ଦେବା ଅର୍ଥ ନିଜର ଅଗ୍ରଗତିର ପଥକୁ ନିଜେ ରୁଦ୍ଧ କରିବା; ଉତ୍ପୀଡ଼ିତ ହେବାକୁ ନ ଦେବା ଅର୍ଥ ନିଜେ ନିଜକୁ ଅତିକ୍ରମ କରିଯିବା।

ଦେହରେ ଅସୁରର ଶକ୍ତି ସହିତ ହୃଦୟରେ ଓ ବୁଦ୍ଧିରେ ଦେବ ଚରିତ୍ର ଓ ଦେବଜ୍ଞାନ ସମନ୍ୱିତ ହେଲେ ଜୀବନ ପୂର୍ଣ୍ଣତା ଆଡ଼କୁ ଅଗ୍ରସର ହୁଏ। ଶରୀରର ସୁସ୍ଥତା ଓ ସାମର୍ଥ୍ୟ ସାର୍ଥକ ଜୀବନ ପାଇଁ ଏକ ଅପରିହାର୍ଯ୍ୟ ଆବଶ୍ୟକତା। ଶରୀର ହେଉଛି ଏକ ଯନ୍ତ୍ର ଯାହାକୁ ଅନେକ ଖାଲ ଢିପ ବାଟ ଦେଇ ଚାଲିବାକୁ ପଡ଼େ। ଯନ୍ତ୍ର ସୁସ୍ଥ ନରହିଲେ ଲକ୍ଷ୍ୟସ୍ଥଳରେ ପହଞ୍ଚିବା ପୂର୍ବରୁ ତାହା ଅବଶ ଓ ଅକର୍ମଣ୍ୟ ହୋଇପଡ଼େ। ତେଣୁ କୁହାଯାଏ- 'ଶରୀର ମାଦ୍ୟଂ ଖଳୁ ଧର୍ମ ସାଧନମ୍।' ଅତଏବ ଶରୀରର ଯତ୍ନ ସର୍ବାଦୌ ଆବଶ୍ୟକ। ଅବଶ୍ୟ କେବଳ ସୁସ୍ଥ ଶରୀର ଯଥେଷ୍ଟ ନୁହେଁ, ଏହା ସହିତ ଦିବ୍ୟଭାବ ଥିବା ମନ ଓ ହୃଦୟର ସମାବେଶ ସ୍ପୃହଣୀୟ। ଶରୀରର ଶକ୍ତି ଓ ପ୍ରାଣର ଶକ୍ତି ରୂପକ ଅଶ୍ୱ ନିମନ୍ତେ ଏପରି ମନ ଓ ହୃଦୟ ଲଗାମ୍ ସଦୃଶ କାର୍ଯ୍ୟ କରିଥାଏ। ଲଗାମ୍ ଯୁକ୍ତ ଅଶ୍ୱର ଗତିକୁ ପ୍ରଗତି ବୋଲି କୁହାଯିବା ବେଳେ ଲଗାମ୍ ବିହୀନ ଅଶ୍ୱର ଗତିକୁ ପ୍ରଗତି ବୋଲି ଆଦୌ କୁହାଯିବ

ନାହିଁ।

ଅର୍ଥ ଅନର୍ଥର କାରଣ ବୋଲି କିଏ କିଏ କହିଥାନ୍ତି। ଏହା ଏକ ଭ୍ରମ ଧାରଣା। ଅର୍ଥର ଅପବ୍ୟବହାର ହିଁ ପ୍ରକୃତରେ ଅନର୍ଥର କାରଣ। ଅର୍ଥ ଗୋଟିଏ ଶକ୍ତି। ଜୀବନର ଭୌତିକ ତଥା ବାସ୍ତବ ଦିଗନ୍ତର ଅଭିବୃଦ୍ଧି ଏବଂ ପରିପୂର୍ଣ୍ଣତା ନିମନ୍ତେ ଏହାର ଅବଦାନ ଅନସ୍ୱୀକାର୍ଯ୍ୟ। ଅର୍ଥ ଯେଉଁସବୁ ଆବଶ୍ୟକୀୟ ଉପକରଣ ବା ବସ୍ତୁ ଆଣିଦିଏ ତାହା ଜୀବନର ବିକାଶରେ ସହାୟତା କରେ। ଜୀବନରେ ଦାରିଦ୍ର୍ୟ ଆଦୌ ବରଣୀୟ ନୁହେଁ, ଅନ୍ୟ ପକ୍ଷରେ ଅର୍ଥ ବା ବସ୍ତୁର ଦାସତ୍ୱ ସ୍ୱୀକାର ମଧ୍ୟ ଅନୁମୋଦନୀୟ ନୁହେଁ। ଅର୍ଥ ବା ବସ୍ତୁର ମାଲିକତ୍ୱ ବଞ୍ଚିବାର କଳାକୁ ସମୁଜ୍ଜ୍ୱଳ କରେ। ମାଲିକ ହେବା ଅର୍ଥ ଏଥିରୁ ବୈରାଗୀ ପରି ସଂକୋଚରେ ମୁଖ ଫେରାଇ ନ ନେବା ଏବଂ ପକ୍ଷାନ୍ତରେ ଏସବୁ ପ୍ରତି କୌଣସି ରାଜସିକ ଆସକ୍ତି ପୋଷଣ ନ କରିବା। ଅତଏବ ଏହା ସ୍ୱୀକାର୍ଯ୍ୟ ଯେ ସତ୍ ଉପାୟରେ ଅର୍ଥ ଉପାର୍ଜନ ଆଦୌ ଦୋଷାବହ ନୁହେଁ। ଉପାର୍ଜିତ ଅର୍ଥର ଠୁଳୀକରଣ ପରିବର୍ତ୍ତେ ତାହାର ସଦ୍‌ବ୍ୟବହାର ଅଭିନନ୍ଦନୀୟ। ଏହି ସଦ୍‌ବ୍ୟବହାର ମାଧ୍ୟମରେ ବ୍ୟକ୍ତି ବିକାଶର ବେଗ ତ୍ୱରାନ୍ୱିତ ହେଇପାରେ। ସଦ୍‌ବ୍ୟବହାରର ଅର୍ଥ କେବଳ ଯଜ୍ଞାନୁଷ୍ଠାନ, ଦରିଦ୍ର ଭୋଜନ, ଧର୍ମାନୁଷ୍ଠାନ ନିର୍ମାଣ ନୁହେଁ ବରଂ ଯାହା ପ୍ରତି ଯେତିକି କର୍ତ୍ତବ୍ୟ ରହିଛି ତାହାର ପରିପୂରଣ। ଏ କର୍ତ୍ତବ୍ୟବୋଧର ପରିସର ପରିବାରଠାରୁ ସମାଜ ପୁଣି ରାଷ୍ଟ୍ର ପର୍ଯ୍ୟନ୍ତ ପରିବ୍ୟାପ୍ତ।

ଆଜି ସମାଜ ଅପେକ୍ଷା ବ୍ୟକ୍ତି ଅଧିକ ଗୁରୁତ୍ୱପୂର୍ଣ୍ଣ ଭୂମିକାର ଅଧିକାରୀ। ବ୍ୟକ୍ତିମାନଙ୍କର ସମଷ୍ଟିରେ ସମାଜର ସ୍ଥିତି। ତେଣୁ ବ୍ୟକ୍ତିଜୀବନର ମହତ୍ତ୍ୱକୁ ନେଇ ସମାଜ-ଜୀବନ ପରିପୁଷ୍ଟ ହେବା କେବଳ ସମ୍ଭବ। ଅତଏବ ବ୍ୟକ୍ତି-ଜୀବନ ଆଦୌ ଅବାଂଛିତ ବିଷୟ ନୁହେଁ, ବ୍ୟକ୍ତି ଆଦୌ ଅବହେଳାର ପାତ୍ର ନୁହେଁ। ବରଂ ସଂଗଠିତ ଓ ସୁଗଠିତ ବ୍ୟକ୍ତି ଜୀବନକୁ ଏକ ଦୀପଶିଖା ବୋଲି କୁହାଯାଇପାରେ। ଗୋଟିଏ ଦୀପର ଶିଖା ସମୟକ୍ରମେ ଶହ ଶହ ଦୀପକୁ ପ୍ରଜ୍ୱଳିତ କରିପାରେ। ସେହି ପ୍ରଜ୍ୱଳିତ ଶହଶହ ଦୀପଶିଖାର ଆଲୋକ ପାଇଁ ଆଜି ସାରା ବିଶ୍ୱ ପ୍ରତୀକ୍ଷମାଣ।

❐❐

ଧନ ଅର୍ଜନେ ଧର୍ମ କରି

'ଧନ ଅର୍ଜନେ ଧର୍ମ କରି'- କଥାଟିର ନିଗୂଢ଼ ଅର୍ଥ ରହିଛି। ସାଧାରଣ ଅର୍ଥରେ ବୁଝାଯାଏ ଯେ ଧନ ଅର୍ଜନ ଦ୍ୱାରା ଧର୍ମକାର୍ଯ୍ୟ କରାଯାଏ ଏବଂ ସେହି ଧର୍ମ କାର୍ଯ୍ୟ ଦ୍ୱାରା ଭଗବାନଙ୍କୁ ପ୍ରାପ୍ତ କରାଯାଏ। ଆହୁରି ଟିକିଏ ତର୍ଜମା କଲେ ବୁଝିହେବ ଯେ ଧନ ଦ୍ୱାରା ଯେତେ ଯେତେ କଥାହାସଲ କରାଯାଇପାରେ ସେଥି ମଧ୍ୟରୁ ଶ୍ରେଷ୍ଠ କଥାଟି ହେଉଛି ଧର୍ମ ବାଟ ଦେଇ ଭଗବତ ପ୍ରାପ୍ତି। ଆଉ ଯେତେ ଯେତେ କଥା ଅର୍ଥାତ ଯଶ, କ୍ଷମତା ଓ ପତିପ୍ରତ୍ତି ଇତ୍ୟାଦି। ଭଗବତ ପ୍ରାପ୍ତି ଅର୍ଥ ଭଗବତ କୃପା ପ୍ରାପ୍ତି।

ବର୍ତ୍ତମାନ ଦେଖିବା ଧର୍ମ କହିଲେ କ'ଣ ବୁଝାଯାଏ ? ଧର୍ମ ହେଉଛି ଏକ ଶକ୍ତି, ଏକ ସାମର୍ଥ୍ୟ ଯାହା ସବୁ କିଛିକୁ ଧାରଣ କରି ରହିଛି। ସୂର୍ଯ୍ୟ ଚନ୍ଦ୍ରଙ୍କ ଠାରୁ ଆରମ୍ଭ କରି ପଶୁପକ୍ଷୀ କୀଟପତଙ୍ଗ ପର୍ଯ୍ୟନ୍ତ ସବୁକିଛିକୁ ଧରିରଖିଛି ଧର୍ମ। ପୁଣି ସବୁ କିଛିର ମଧ୍ୟ କିଛି କିଛି ଧର୍ମ ରହିଛି। ଏଇ ଯେମିତି ଜଳର ଧର୍ମ ନିମ୍ନକୁ ଗଡ଼ିଯିବା, ଅଗ୍ନିର ଧର୍ମ ଉର୍ଦ୍ଧ୍ୱକୁ ଶିଖା ତୋଳିବା, ବୃକ୍ଷର ଧର୍ମ ଆଲୋକ ଅଭିମୁଖୀ ହେବା, ପବନର ଧର୍ମ ପ୍ରବାହିତ ହେବା, ପଶୁପକ୍ଷୀଙ୍କର ଧର୍ମ ପ୍ରକୃତି ଦ୍ୱାରା ପରିଚାଳିତ ହେବା ଇତ୍ୟାଦି ଇତ୍ୟାଦି। ଏଠାରେ ମଣିଷର କଥା କୁହାଯାଇଛି। ମଣିଷର ଧର୍ମ ହେଉଛି ବିବେକ ବିଚାର ସହ ଚଳିବା। ଅନ୍ୟ ଭାଷାରେ ଏହାକୁ ମାନବିକତା ବୋଲି କୁହାଯାଇପାରିବ ଯାହାର ଅନ୍ୟନାମ ମାନବ ଧର୍ମ।

ଧର୍ମ ସହ କର୍ମ ଜଡ଼ିତ। କର୍ମକୁ ବାଦ୍ ଦେଲେ ଧର୍ମର ଅଭିବ୍ୟକ୍ତିନାହିଁ କି ଧର୍ମକୁ ଛାଡ଼ି ଦେଲେ କର୍ମର ସ୍ଥିତି ନାହିଁ। ଉଭୟେ ପରସ୍ପରର ପରିପୂରକ। ଧର୍ମ ବିହୀନ କର୍ମ ହେଉଛି ଛିନ୍ନ ମୂଳ। ଅତଏବ ଧର୍ମ ଯେଉଁଠି କର୍ମ ସେଇଠି ଏବଂ କର୍ମ ଯେଉଁଠି ଧର୍ମ ସେଇଠି। ଧର୍ମ କହିଲେ କୌଣସି ସମ୍ପ୍ରଦାୟକୁ ବୁଝିବା ନାହିଁ, ବୁଝିବା ବିବେକାନୁମୋଦିତ ଚେତନାକୁ। ଲାଭ କ୍ଷତିର ଅଙ୍କ ନ କଷି କର୍ତ୍ତବ୍ୟ ଭାବରେ ଯେଉଁ କର୍ମ କରାଯାଏ ତାହା ହେଉଛି ବିବେକାନୁମୋଦିତ କର୍ମ। ଏ କର୍ମ ପରିବାର ପାଇଁ ହୋଇପାରେ ବନ୍ଧୁବାନ୍ଧବଙ୍କ ପାଇଁ ହୋଇପାରେ, ସମାଜ ପାଇଁ, ଜାତି ପାଇଁ ତଥା ଦେଶ ପାଇଁ ମଧ୍ୟ ହୋଇପାରେ। ପରିବାରରେ ଥିବା ଅସମର୍ଥ, ବାର୍ଦ୍ଧକ୍ୟ ପ୍ରପୀଡ଼ିତ ବ୍ୟକ୍ତି, ଅସହାୟ ତଥା ଅସୁବିଧା ଗ୍ରସ୍ତ ବ୍ୟକ୍ତିଙ୍କ ପାଇଁ ଯେତିକି ସମ୍ଭବ ଟଙ୍କା ପଇସା, ସୌଭାଗ୍ୟ ସମ୍ପଦ ଦିଆଯାଇପାରେ। ତାହା ହିଁ ତୀର୍ଥ ପର୍ଯ୍ୟଟନଠାରୁ ମଧ୍ୟ ଅଧିକ ବଡ଼କାର୍ଯ୍ୟ। ଅବଶ୍ୟ ପରିବାରରେ ଥିବା କର୍ମ ବିମୁଖ, ଆଳସ୍ୟ ପରାୟଣ ବ୍ୟକ୍ତିଙ୍କ କଥା ଏଠାରେ କୁହାଯାଉନାହିଁ। ଯେଉଁମାନଙ୍କର କର୍ମ ପାଇଁ ଆଗ୍ରହ ଅଛି, ମାତ୍ର ଅସୁସ୍ଥତା, ଅସହାୟତା, ଶକ୍ତିହୀନତା ଏବଂ ପରିବେଶଗତ ବିଶେଷ ଚାପ ଯୋଗୁ କର୍ମ କରିବା ସେମାନଙ୍କ ପକ୍ଷେ ସମ୍ଭବ ହେଉନାହିଁ, ସେହିମାନଙ୍କ କଥା ଏଠାରେ ବିଚାରକୁ ନିଆଯାଇଛି। ସେମାନଙ୍କୁ ଆର୍ଥିକ ସହଯୋଗ ବା ମାନସିକ ସହଯୋଗ ହିଁ ଏକ ଏକ ମହତ୍ତ୍ୱପୂର୍ଣ୍ଣ କାର୍ଯ୍ୟ।

ସମାଜରେ ଯେଉଁମାନେ ଅସମର୍ଥ, ଶକ୍ତିହୀନ, ଅସହାୟ ସେମାନଙ୍କୁ ସହଯୋଗ କରିବା ହିଁ ଅତ୍ୟନ୍ତ ମହତ୍ତ୍ୱପୂର୍ଣ୍ଣ କଥା। ଅବଶ୍ୟ ଦାନୀ ହେବାପାଇଁ ନୁହେଁ କି ବଦାନ୍ୟ ବ୍ୟକ୍ତିରେ ଗଣା ହେବା ପାଇଁ ନୁହେଁ। ଦେବାର ଆନନ୍ଦ ହିଁ ସବୁଠାରୁ ମହତ୍ତ୍ୱପୂର୍ଣ୍ଣ କଥା। ଅର୍ଥର ପରିମାଣ ବିଶେଷ ଗୁରୁତ୍ୱପୂର୍ଣ୍ଣ ନୁହେଁ ବରଂ ଏହା ପଛରେ ଥିବା ମନୋଭାବଟି ହେଉଛି ଅସଲ କଥା। ସେହି ମନୋଭାବର ମାପକାଠିରେ ଧର୍ମର ମହତ୍ତ୍ୱ ମପାଯାଇପାରେ। ଏହାହିଁ ଅର୍ଥର ସଦ୍‌ବ୍ୟବହାର ତଥା ଧର୍ମ ଅର୍ଜନର ଉପାୟ। ସମାଜରେ ସମସ୍ତେ ଭଲରେ ରହନ୍ତୁ - ଏହି ଚେତନା ହେଉଛି ଅତ୍ୟନ୍ତ ମହନୀୟ ଚେତନା। ଏପରି କେତେକ ଅନୁଷ୍ଠାନ ରହିଛନ୍ତି ଯେଉଁମାନଙ୍କ ପାଇଁ ଆର୍ଥିକ ସହଯୋଗ ଦରକାର ପଡ଼େ, ସେଇ ଅନୁଷ୍ଠାନମାନଙ୍କୁ ଜାଣିବା ଦରକାର। ଅର୍ଥ ଲାଭ ପାଇଁ ଯେଉଁ ସଂସ୍ଥା ସବୁ ଗଢ଼ି ଉଠିଛି ସେମାନଙ୍କ କଥା ଏଠାରେ ପଡ଼ିନାହିଁ। ଯେଉଁ ଯେଉଁ ଅନୁଷ୍ଠାନ ପ୍ରକୃତରେ ମଣିଷମାନଙ୍କର ବିପଦ ଆପଦ ତଥା ପ୍ରାକୃତିକ ବିପର୍ଯ୍ୟୟ ସମୟରେ ମଣିଷ ପାଖରେ ଠିଆ ହୁଅନ୍ତି, ସେଇ ଅନୁଷ୍ଠାନକୁ ଯେତିକି ସମ୍ଭବ ସେତିକି ଅର୍ଥ, ସମୟ ଓ ଶକ୍ତି ପ୍ରଦାନ କରିବା ହିଁ ଧର୍ମ କରିବାର ପନ୍ଥା।

ଖାଲି ଟଙ୍କା ପଇସା, ଧାନଚାଉଳ ଦେଇ ଦେଲେ ଜଣେ ଯେ ଧର୍ମ ଅର୍ଜନ କରିବ, ଏପରି ନୁହେଁ। ଭୌତିକ ଧନ ଅର୍ଥାତ୍ ପଇସା ପତ୍ର ନ ଦେଇ ମଧ୍ୟ ଜଣେ ନିଜର ଶୁଭେଚ୍ଛା, ସମୟ, କୃତଜ୍ଞତା, ଏକାତ୍ମତାବୋଧ ଦ୍ୱାରା ଧର୍ମ କାର୍ଯ୍ୟ କରିପାରିବ। ମନରେ ଆଶାବାଦ, ଅନ୍ୟମାନଙ୍କ ପାଇଁ ଶୁଭେଚ୍ଛା, ଅଧ୍ୟବସାୟ, ସହନଶୀଳତା, କ୍ଷମାଭାବ, ମଧୁର ବଚନ, ଦୟାଶୀଳତା ମଧ୍ୟ ଧନସମ୍ପଦର ଅନ୍ତର୍ଭୁକ୍ତ ଯାହାକୁ ପ୍ରୟୋଗ କରି ଧର୍ମ ଅର୍ଜନ କରାଯାଇପାରେ ଏବଂ ଏହି ଧର୍ମ ଭଗବତ ପ୍ରାପ୍ତିରେ ସହାୟତା କରିପାରେ।

ଭଲ କଥା ପଦକର ମୂଲ୍ୟ ମଧ୍ୟ ଧନ ଠାରୁ ଅଧିକ। ଆଶାପୂର୍ଣ୍ଣ କଥା ପଦେ ହତାଶା ଜର୍ଜରିତ ମଣିଷ ମନକୁ ହାଲ୍‌କା କରିପାରେ, ପାଦରେ ଦେଇପାରେ ଆଗକୁ ଚାଲିବାର ଶକ୍ତି ଓ ସାମର୍ଥ୍ୟ, ଓଠରେ ଫୁଟାଇପାରେ ଚେନାଏ ହସ। ଉପରୋକ୍ତ ଏତେ ସବୁ କଥା ଭଗବାନଙ୍କ କୃପା ପ୍ରାପ୍ତ ହେବାର ଏକ ଏକ ଉପାୟ। ମୂଳକଥାଟି ହେଉଛି ମଣିଷ ପଣିଆ, ସେଇ ମଣିଷ ପଣିଆର ଜୟ ହେଉ।

❐❐

ଆତ୍ମ ବିଶ୍ଳେଷଣର ମହତ୍ତ୍ୱ

ଟିକିଏ ନିରେଖି ଦେଖିଲେ ଆଜିର ଜୀବନ ଧାରା ଅଧିକରୁ ଅଧିକ ଏକପାଖିଆ ଲାଗୁଛି । ଘଟଣାଗୁଡ଼ିକ ଯେପରି ଘଟିବା କଥା ଘଟୁନାହିଁ । ଯେଉଁ କଥା ଯେତିକି ସହଜ ଓ ସୁଗମ ହେବାକଥା ହେଉ ନାହିଁ । ପ୍ରତି ପଦକ୍ଷେପରେ ପ୍ରତିକଥାକୁ ନ ଜଗିଲେ ତାହା ଜଟିଳ ହୋଇଯାଉଛି । ପୂର୍ବଭଳି ପରସ୍ପର ଭିତରେ ବିଶ୍ୱାସ ନାହିଁ କି ଭରସା ନାହିଁ । କାହା ଉପରେ ଟିକିଏ ଭରସା କଲେ ସମସ୍ୟା ସୃଷ୍ଟି ହେଉଛି । ବିଶ୍ୱାସ ଓ ଭରସାର ମୂଲ୍ୟ ଦେବାକୁ ଲୋକ ନାହାନ୍ତି ବୋଲି ମୁଁ କହୁନାହିଁ, ମାତ୍ର ସଂଖ୍ୟା ବହୁତ କମିଗଲାଣି । ସରଳତା ଆଜିକାଲି ହେଲାଣି ଦୁର୍ବଳତାର ଅନ୍ୟନାମ, ନମ୍ରତା ହେଲାଣି ନିରୀହତାର ଅନ୍ୟନାମ । ସବୁବେଳେ ଫଁ ଫଁ ଗଁ ଗଁ ହେବା ଗଣା ହେଉଛି ବୀରପଣିଆରେ । ସରଳତା ଯେ ଦୁର୍ବଳତା ନୁହେଁ, ଏକଥା ବୁଝିବା କଷ୍ଟକର ହେଉଛି । ବହୁତ କମ୍ ଲୋକ ଏକଥା ବୁଝୁଛନ୍ତି । ଏକଥା ମଧ୍ୟ ବୁଝାଇବା ଲୋକ ବହୁ ପରିମାଣରେ କମିଗଲେଣି । ଆଜିକାଲି କେହି ଭଲ ଭଲ କଥା ଶୁଣୁ ନାହାନ୍ତି କି ଶୁଣାଉନାହାନ୍ତି ।

ଅହଂରେ ଫାଟିପଡ଼ିବା ଲୋକଙ୍କ ସଂଖ୍ୟା ଅଧିକ । ଅନ୍ୟର ସୁଖରେ ଦୁଃଖୀ ଓ ଅନ୍ୟର ଦୁଃଖରେ ସୁଖୀ ହେବାର ଲୋକଙ୍କ ସଂଖ୍ୟା ବଢ଼ିଯାଉଛି । କେହି ନିଜକୁ ଅନ୍ୟ ଜାଗାରେ ରଖୁ ନାହିଁ, ତେଣୁ ବିଚାର ବୁଦ୍ଧି ଠିକ୍ ହେଉନାହିଁ । ଧନବଳ, ଜନବଳ, କ୍ଷମତାବଳ, ଯଶବଳ ପ୍ରଭୃତିବଳ ମଣିଷକୁ ଅଧିକ ବାଟ ବାଉଳା କରୁଛି । ଏଇସବୁ ବଳ ମଣିଷକୁ ବିଚାରବନ୍ତ କରିବା ପରିବର୍ତ୍ତେ ଅହଂକାରୀ କରାଉଛି । ଅନ୍ୟମାନଙ୍କୁ ହୀନ ଚକ୍ଷୁରେ ଦେଖିବା ପାଇଁ ପ୍ରବର୍ତ୍ତାଉଛି । ଅତୀତରେ ଏଇସବୁ ବଳ ଥିବା ଲୋକମାନେ ଏତେ ବିଶୃଙ୍ଖଳିତ ନଥିଲେ । କିଛି ପରିମାଣରେ ନୈତିକତା ତାଙ୍କଠାରେ ଥିଲା । ସେହି ନୈତିକତା ଆଣିଥିଲା ମଣିଷପଣିଆ । ସେହି ମଣିଷ ପଣିଆ ଯୋଗୁଁ ପରିବାର ଏବଂ ସମାଜରେ ସମସ୍ୟା ଏତେ ସୃଷ୍ଟି ହେଉ ନ ଥିଲା । ଯାହା ଟିକିଏ ଟିକିଏ ସମସ୍ୟା ସୃଷ୍ଟି ହେଉଥିଲା, ତାହା ଏତେ ଜଟିଳ ହେଉନଥିଲା । ଆଜିକାଲି କ'ଣ ହୋଇଛି ଯେ ଟିକିଏ ଟିକିଏ ସମସ୍ୟା ହୋଇଯାଉଛି ସର୍ବନାଶର କାରଣ । ଏସବୁ ଘଟୁଛି ଆତ୍ମବଡ଼ିମା, ଅହମିକା ଯୋଗୁଁ ।

ଆମର ଚଳଣିରେ ଆଗରୁ ଅଛି ଯାହା କହିବା ତାହା ଭାବିଚିନ୍ତି କହିବା, ସ୍ଥାନ, କାଳପାତ୍ର ବିଚାର କରି କହିବା । କହୁ କହୁ କହିଯିବା, ନିଜକୁ ସବ୍‌ଜାନତା ଭାବି ଗୁଡ଼ାଏ ଗପିଯିବା, ଅନ୍ୟକୁ ଆଘାତ ଦେବା ଭଳି କଥା କହିବା ଆଜିର ସାଧାରଣ କଥା ହୋଇଗଲାଣି । ଆଗରୁ ଏପରି ନଥିଲା, ଲୋକମାନେ ବହୁ ପାଠ ଶାଠ ପଢ଼ି ନଥିଲେ ସତ, ମାତ୍ର କାହାକୁ, କେତେବେଳେ, କେଉଁ ସ୍ଥାନରେ କେଉଁ କଥା କୁହାଯିବ ଆଉ ନ କୁହାଯିବ, ତାହାର ଜ୍ଞାନ ସେମାନଙ୍କର ଥିଲା । କଥା କହିବା ଆଗରୁ ଲୋକମାନେ ସଚେତନ ରହୁଥିଲେ । ତାଙ୍କ ପାଖରେ ଥିଲା ନୈତିକତା, ସାମାଜିକତା ସର୍ବୋପରି ମାନବିକତା । ତେଣୁ ଘର ଲାଗୁଥିଲା ବୈକୁଣ୍ଠ ପରି,

ସମାଜ ଲାଗୁଥିଲା ପାରସ୍ପରିକ ଶ୍ରଦ୍ଧା ବନ୍ଧନର ମଧୁଚକ୍ର ପରି। ଅନ୍ୟର କ୍ଷତି କରିବା ପୂର୍ବରୁ ଲୋକମାନେ କଥାଟିକୁ ଆଉ ଥରେ ତର୍ଜମା କରୁଥିଲେ। ପରସ୍ପର ଭିତରେ ସଦିଚ୍ଛା, ସହାନୁଭୂତି ଓ ସମ୍ବେଦନଶୀଳତା ଥିଲା।

ବସ୍ତୁ, ଯଶ, ଧନ, କ୍ଷମତା ଆଜି ମଣିଷକୁ ଚେତନା ଓ ଚିନ୍ତାରେ ତଳକୁ ଖସାଇ ଦେଇଛି। ଏଇସବୁ ପଛରେ ଧାଇଁ ଧାଇଁ କ୍ଷତାକ୍ତ ହୋଇଛି ମଣିଷ। ବସ୍ତୁ, ଧନ, ଯଶ, କ୍ଷମତା କେହି ହେଲେ ଶାନ୍ତି ଦେଇପାରୁନାହାନ୍ତି। ଶାନ୍ତି ହୋଇଛ ସୁଦୂର ପରାହତ। ସ୍ଥିରତା ହୋଇଛି ଏକ ପ୍ରକାର ନିର୍ବାସିତ। ମଣିଷର ମନ ହୋଇଛି ଅଶାନ୍ତରେ ଜର୍ଜରିତ ଓ ଅସ୍ଥିରତାରେ ଭାରାକ୍ରାନ୍ତ। ଅହଂକାର ଏଇସବୁ କଥାକୁ ଆଶ୍ରୟ କରି ଘର ଭାଙ୍ଗିପକାଇବା ସହିତ ସମାଜକୁ ଭାଙ୍ଗିପକାଉଛି। ଯେଉଁ କିଛି କିଛି ଭଲ ଲୋକ ଅଛନ୍ତି ସମାଜରେ, ସେମାନେ କିଛି କରିପାରୁ ନାହାନ୍ତି କି କହିପାରୁନାହାନ୍ତି। ସେମାନଙ୍କର ଗୁରୁତ୍ୱ ନାହିଁ, ମୂଢ଼ ସଭାରେ ମୂକ ହୋଇ ରହିଯାଉଛନ୍ତି ସେମାନେ। କହିଲେ ମଧ୍ୟ ବିଶେଷ କିଛି ଲାଭ ହେବ ବୋଲି କହିହେବନି, କାରଣ ଆଜିକାଲି କେହି ଶୁଣିବା ଅବସ୍ଥାରେ ନାହାନ୍ତି। ନିଜକୁ ବଡ଼ ମନେକରିବା, ଅନ୍ୟକୁ ସାନ ମନେକରିବାର ମାନସିକତା ଦିନକୁ ଦିନ ବଢ଼ି ଚାଲିଛି।

ଏତେବେଳେ ସମସ୍ୟାର ସମାଧାନ ନିମନ୍ତେ ଆବଶ୍ୟକ ଆତ୍ମସଚେତନତା ଏବଂ ଆତ୍ମବିଶ୍ଳେଷଣ। ନିଜକୁ ନିଜେ ବିଚାର ଓ ବିଶ୍ଳେଷଣର ସମୟ ଆସିଲାଣି। ଅନ୍ୟ କେହି କହିଲେ ଚଳିବ ନାହିଁ, ବରଂ ମନରେ ବିଦ୍ରୋହ ଆସିବ, କ୍ରୋଧ ଆସିବ। ନିଜକୁ ନିଜେ ବିଶ୍ଳେଷଣ କରି ନିଜର ଭୁଲ ତ୍ରୁଟିକୁ ଜାଣିବା ସବୁଠାରୁ ଅଧିକ ଗୁରୁତ୍ୱପୂର୍ଣ୍ଣ। ସିଏ ହିଁ ପ୍ରକୃତ ମଣିଷ ଯିଏ ନିଜକୁ ନିଜେ ତର୍ଜମା କରିପାରେ, ନିଜର କର୍ମଗୁଡ଼ିକୁ ନିରୋଳାରେ ବସି ବିଚାର କରିପାରେ। ନିଜ ଆଗରେ ନିଜେ ଭୁଲ ସ୍ୱୀକାର କରିପାରେ, ଭୁଲ ଥିଲେ ଆଉ ଭୁଲ ନ କରିବାକୁ ପ୍ରତିଜ୍ଞା କରିପାରେ। ନିଜର ଭୁଲକୁ ଚିହ୍ନିବା, ସ୍ୱୀକାର କରିବା ଓ ସଂଶୋଧନ କରିବା ହିଁ ଯଥାର୍ଥ ବୀର ପଣିଆ।

ଭୁଲ ଗୁଡ଼ିକ ଆମେ ସଂଶୋଧନ ନ କଲେ ଆମ ପାଇଁ ଆଉ କେହି ସଂଶୋଧନ କରିଦେବେ ନାହିଁ। ସଂଶୋଧନର ମାନସିକତା ଆସିଲେ ଭୁଲ କରିବାର ପ୍ରବଣତା ଆପେ ଆପେ କମି ଆସିବ। ଅତଏବ ବର୍ତ୍ତମାନର ସମୟ ଆତ୍ମ ଅନୁଶୀଳନର ସମୟ, ଆତ୍ମବିଚାରର ସମୟ। ଏ କ୍ରିୟାରେ ଆମକୁ ସହଯୋଗ କରିବ ସଦ୍‌ଗ୍ରନ୍ଥ ପଠନ, ସତ୍‌ସଙ୍ଗ ଓ ସତ୍‌ଚିନ୍ତା। ଆତ୍ମଚେତନା ଆସିଲେ ଆମର ବସ୍ତୁ ଥିବ ମାତ୍ର ବସ୍ତୁଜନିତ ଗର୍ବ ରହିବ ନାହିଁ, ଆମର ବ୍ୟବହାର କ୍ଷମତା ଥିବ ମାତ୍ର କ୍ଷମତାର ଅସଦ୍ ବ୍ୟବହାର ପାଇଁ ଇଚ୍ଛା ହେବ ନାହିଁ, ବସ୍ତୁପ୍ରତି ଶ୍ରଦ୍ଧା ରହିବ, କ୍ଷମତା ପ୍ରତି ସମ୍ମାନ ରହିବ, ବୁଦ୍ଧିପ୍ରତି ଗୌରବବୋଧ ରହିବ। ସର୍ବୋପରି ମଣିଷ ପଣିଆ ପ୍ରତି କୃତଜ୍ଞତାବୋଧ ରହିବ। ସତ୍‌ଚିନ୍ତା, ସତ୍‌କର୍ମ ଓ ସଦ୍‌ବୁଦ୍ଧି ଯେ ଆମକୁ ଅସଲ ସୁଖ, ଶାନ୍ତି ଓ ସନ୍ତୋଷ ଦେବ, ତାହା ଅନୁଭବ କରିହେବ।

ମଣିଷ ଜୀବନର ଲକ୍ଷ୍ୟ ହେଉଛି ଦିବ୍ୟଚେତନାରେ ବିଭୂଷିତ ହେବା। ଆମେ ନିଜର ଭଲ ଗୁଣରେ ଦିବ୍ୟ ଚେତନାରେ ଅଧିଷ୍ଠିତ ହେବାର ଗୌରବ ଅର୍ଜନ କଲେ ଈଶ୍ୱରଙ୍କ ସୃଷ୍ଟି ସୁନ୍ଦର ହେବ। ସଙ୍ଗେ ସଙ୍ଗେ ଆମ ଜୀବନ ମଧ୍ୟ ସାର୍ଥକ ହେବ।

❐❐

ଭଙ୍ଗାଗଡ଼ାର ମର୍ମ କଥା

ବହୁ କଥା ଭାଙ୍ଗି ଦେବା ଅତି ସହଜ। ଏଇ ଯେମିତି ଅନ୍ୟର ମନ ଭାଙ୍ଗିଦେବା, ଘର ଭାଙ୍ଗିଦେବା, କାଚ ଜିନିଷ ଭାଙ୍ଗିଦେବା, କପ୍‌ପ୍ଲେଟ ଭାଙ୍ଗିଦେବା ଇତ୍ୟାଦି ଇତ୍ୟାଦି। କେତେ ଦିନର ମଧୁର ସମ୍ପର୍କକୁ ଭାଙ୍ଗିଦେବା ପାଇଁ ପଦେ ଅବାଗ କଥା ଯଥେଷ୍ଟ, କେତେଦିନର ସାଇତା କାଚ ବାସନକୁ ଭାଙ୍ଗି ଦେବା ପାଇଁ ଖାଲି ଗୋଡ଼ ବା ହାତ ଟିକିଏ ଅବାଗରେ ବାଜିଯିବା ଯଥେଷ୍ଟ, କେତେଦିନର ସଜଡ଼ା ଘରଟିଏ ଭାଙ୍ଗିଦେବା ପାଇଁ ଅହଂକାରର ହାତୁଡ଼ିଟିଏ ଯଥେଷ୍ଟ। ଇତିହାସରେ ଏଇ ଭାଙ୍ଗିଯିବାର ବହୁ ଉଦାହରଣ ରହିଛି। ଯୁଗ ଯୁଗର ଗଢ଼ା କେତେ ସଭ୍ୟତା ଆସୁରିକ ଆକ୍ରମଣରେ ଅଳ୍ପ ସମୟ ମଧ୍ୟରେ ଭାଙ୍ଗି ଧୂଳିସାତ୍ ହୋଇଯାଇଛି। ସେତିକି ଗଢ଼ିବା ଏବଂ ସେମିତି ଗଢ଼ିବା ଆଉ ସହଜ ହୋଇନାହିଁ, ପ୍ରାୟତଃ ସମ୍ଭବ ହୋଇନାହିଁ।

ଏକଥା ଭାବିଲା ବେଳେ ବୁଝିହୁଏ ଯେ ଗଢ଼ିବା କେତେ କଷ୍ଟ ଆଉ ଭାଙ୍ଗିବା କେତେ ସହଜ। ବିଡ଼ମ୍ବନାର ବିଷୟ ଏହି ଯେ ବହୁ ସମୟ, ବହୁଶକ୍ତି ଓ ବହୁ ସାମର୍ଥ୍ୟର ବିନିମୟରେ କିଛି କଥା ଗଢ଼ିଥିବା ବ୍ୟକ୍ତିଟି ଚର୍ଚ୍ଚିତ ଓ ପ୍ରଶଂସିତ ହେବା ଆଗରୁ ଅଳ୍ପ ସମୟ ମଧ୍ୟରେ ଭାଙ୍ଗି ଦେଇଥିବା ବ୍ୟକ୍ତି ଚର୍ଚ୍ଚିତ ହୋଇଥାଏ। ବେଳେବେଳେ ଧ୍ୱଂସକାରୀ ନିଜକୁ ବୀର ବୋଲି ବିଚାର କରେ ଓ ଭାଙ୍ଗି ଦେବା କାର୍ଯ୍ୟଟିକୁ ବୀରପଣିଆର କାର୍ଯ୍ୟ ବୋଲି ଭାବେ।

ପ୍ରକୃତରେ କଥାଟି ଏପରି ନୁହେଁ, ଏହା ଆଦୌ ବୀରତ୍ୱର କଥା ନୁହେଁ। ଅନ୍ୟର ଦୋଷଦର୍ଶୀ ଲୋକମାନେ ହିଁ ଏହି ଭାଙ୍ଗିବା କାମଟିକୁ ଅଧିକ ପସନ୍ଦ କରିଥାନ୍ତି। ନିଜେ ଠିକ୍ ଓ ଅନ୍ୟ ଯେ ଭୁଲ - ଏହି କଥା ଭାବୁଥିବା ଲୋକମାନେ ଏପରି କରିଥାନ୍ତି। ଏହି ପ୍ରକାର ବ୍ୟକ୍ତି ନିଜର ତ୍ରୁଟି ନ ଦେଖି ଅନ୍ୟର ତ୍ରୁଟି ଦେଖିଥାନ୍ତି। ପ୍ରକୃତରେ ନିଜର ତ୍ରୁଟି ଦେଖିଲେ ଆତ୍ମ ସଂଶୋଧନର ବାଟ ଫିଟେ। ବ୍ୟକ୍ତିର ଆତ୍ମ ସଂଶୋଧନ ହିଁ ପରିବେଶର ଆତ୍ମ ସଂଶୋଧନ କରିଥାଏ। ଫଳତଃ ପରିବାର, ସମାଜ, ଦେଶ ତଥା ସାରା ବିଶ୍ୱରେ ବିଶ୍ୱାସ ଓ ପାରସ୍ପରିକ ଶ୍ରଦ୍ଧାର ଲହରୀ ଖେଳିଯାଏ। ପରିବାର ହୋଇଯାଏ ପବିତ୍ର ବୈକୁଣ୍ଠ ଭୁବନ, ସମାଜ ହୋଇଯାଏ ଦିବ୍ୟ ଭାବନାର ଅମୃତମୟ କାବ୍ୟ, ଦେଶ ହୋଇଯାଏ ସଜଫୁଟା ଫୁଲରେ ସୁସଜ୍ଜିତ ଏକ ରମ୍ୟ ଉପବନ।

ଆତ୍ମ ସଂଶୋଧନ ପାଇଁ ଆବଶ୍ୟକ ଆତ୍ମବିଶ୍ଳେଷଣ ତଥା ଆତ୍ମ ସମୀକ୍ଷଣ। ନିଜକୁ ନିଜେ ଦେଖିବା ପାଇଁ ଆଖିଟିଏ ଓ ନିଜକୁ ନିଜେ ଶୁଣିବା ପାଇଁ କାନଟିଏ ଆବଶ୍ୟକ ହୁଏ। ଏ ଆଖି ଅଲଗା ଏକ ଆଖି ଓ ଏ କାନ ଅଲଗା ଏକ କାନ। ନିଜକୁ ନିଜେ ନିରେଖି ଦେଖିଲେ ନିଜର ଦୋଷ ଚନ୍ଦ୍ରରେ କଳଙ୍କ ପରି ସ୍ପଷ୍ଟ ଦେଖାଯିବ। ନିଜର ତ୍ରୁଟିକୁ ଖୋଜି ପାଇଲା ପରେ ତାକୁ ସଂଶୋଧନ କରିବାକୁ ସଂକଳ୍ପ କରିବାକୁ ପଡ଼ିବ। ଏହି ସଂକଳ୍ପ

ଅବଶ୍ୟ ଦିନକରେ ବା ମାସକରେ ପୂର୍ଣ୍ଣତଃ କାର୍ଯ୍ୟକାରୀ ହୋଇପାରିବ ନାହିଁ। ବହୁ ସମୟ ଲାଗିବ। ତଥାପି ଆରମ୍ଭ ହେଲେ ଦିନେ ତ ଶେଷ ହେବ। ସିଡ଼ି ଚଢ଼ିବାକୁ ଆରମ୍ଭ କଲେ ତ ସମୟ କ୍ରମେ ଛାତରେ ପହଞ୍ଚି ହେବ।

ଛାତରେ ପହଞ୍ଚିବା ଅର୍ଥ ଚେତନାର ପରିବର୍ତ୍ତନ ହେବା। ଚେତନା ପରିବର୍ତ୍ତିତ ହେଲେ ଆଉ ଭାଙ୍ଗିବାକୁ ମନ ବଳିବ ନାହିଁ, ବରଂ ଗଢ଼ିବାକୁ ଇଚ୍ଛା ହେବ। ଲସିର ସ୍ୱାଦ ଚାଖିଲେ ଆଉ ଚିନିପାଣି ଭଲ ଲାଗିବ ନାହିଁ। ଫୁଲ ବାସ୍ନାରେ ଥରେ ବିଭୋର ହେଲେ ଆଉ ନର୍ଦ୍ଦମାର ଦୁର୍ଗନ୍ଧ ଆଡ଼କୁ ମନ ଯିବ ନାହିଁ।

ଆଉ କେହି ତ୍ରୁଟି ଦେଖାଇଦେଲେ ସେଇ ତ୍ରୁଟିର ସଂଶୋଧନ ସହଜ ହେବ ନାହିଁ। ନିଜର ତ୍ରୁଟିକୁ ନିଜେ ହିଁ ଖୋଜିବାକୁ ପଡ଼ିବ। ତ୍ରୁଟି ଖୋଜିପାଇଲେ ନିଜକୁ ହୀନ, ନଗଣ୍ୟ ମନେ କରିବା ଉଚିତ ନୁହେଁ କାରଣ ତ୍ରୁଟି ସମସ୍ତଙ୍କର ଅଳ୍ପେ ବହୁତେ ରହିଛି। ଏପରି କେହି ବ୍ୟକ୍ତି ନାହିଁ ଯାହାର ଆଦୌ ତ୍ରୁଟି ନାହିଁ।

ଶ୍ରୀଅରବିନ୍ଦ ଏହି କଥାକୁ ଅପୂର୍ଣ୍ଣତା ବୋଲି କହିଛନ୍ତି। ଅପୂର୍ଣ୍ଣତା ଆଦୌ ଅସାମର୍ଥ୍ୟର ଚିହ୍ନ ନୁହେଁ। ଅପୂର୍ଣ୍ଣତା ଆଦୌ ଲଜ୍ଜାକର କଥା ନୁହେଁ। ମାତ୍ର ଅପୂର୍ଣ୍ଣତାକୁ ଜାଣିବା ପରେ ପୂର୍ଣ୍ଣତା ଆଡ଼କୁ ଯିବା ପାଇଁ ଚେଷ୍ଟା ନ କରିବା ବିଡ଼ମ୍ବନାର କଥା। ମଣିଷ ମାତ୍ରେ କିଛି ନା କିଛି ଅପୂର୍ଣ୍ଣତା ଥାଏ। କାହାର ଲୋଭଥାଏ ଅଧିକ, କାହାର ଈର୍ଷା ଥାଏ ଅଧିକ। କାହାର କ୍ରୋଧ ଥାଏ ଅଧିକ ତ ଆଉ କାହାର ସ୍ୱାର୍ଥପରତା ଥାଏ ଅଧିକ। ଏହି ଅପୂର୍ଣ୍ଣତା ହିଁ ଅଶାନ୍ତିର କାରଣ ହୋଇଥାଏ। ଯାହାର ଅପୂର୍ଣ୍ଣତା ଯେତେ ବେଶୀ, ତାହାର ଦୁଃଖ କଷ୍ଟ ସେତେ ଅଧିକ। ସେ ସଚେତନ ନ ଥିବାରୁ ଏହା ଜାଣିପାରେ ନାହିଁ। ଓଟ ନାଗଫେଣୀ କଣ୍ଟା ଚୋବାଇଲା ବେଳେ ସେହି କଣ୍ଟାରେ ଚିରି ହୋଇଥିବା ମାଢ଼ିରୁ ଝରୁଥିବା ରକ୍ତକୁ କଣ୍ଟାର ରସ ବୋଲି ଭାବୁଥାଏ। ମାଢ଼ିରୁ ରକ୍ତ ଝରୁଛି ବୋଲି ସେ ଜାଣିପାରେ ନାହିଁ। ସେହିପରି ଅଚେତନ ବ୍ୟକ୍ତି ନିଜ ଅପୂର୍ଣ୍ଣତାରୁ ଯେ ଦୁଃଖ ଆସୁଛି, ତାହା ଜାଣିପାରେ ନାହିଁ। ଦୁଃଖ ଆସିଲେ ସେ ନିଜ ଭାଗ୍ୟକୁ ଅଥବା ଆଉ କାହାକୁ ଦୋଷ ଦିଏ। ଅନ୍ୟକୁ ଦୋଷ ଦେଲେ ଦୋଷ ବଢ଼େ ସିନା କମେ ନାହିଁ।

ଅତୀତ ଆଉ ଆୟତ୍ତରେ ନାହିଁ, ଭବିଷ୍ୟତ ଅନିଶ୍ଚିତ। କେବଳ ବର୍ତ୍ତମାନ ହିଁ ସତ୍ୟ ଏବଂ ଆମ ଆୟତ୍ତାଧୀନ। ବର୍ତ୍ତମାନ ହିଁ ଭବିଷ୍ୟତର ନିର୍ମାଣ କାରୀ। ବର୍ତ୍ତମାନ ହିଁ ପ୍ରସ୍ତୁତି, ଭବିଷ୍ୟତ ହେଉଛି ଏଇ ପ୍ରସ୍ତୁତିର ପରଣତି। ତେଣୁ ବର୍ତ୍ତମାନ ପ୍ରତି ସଚେତନତା ହିଁ ପ୍ରକୃତ ବୁଦ୍ଧିମାନର କାର୍ଯ୍ୟ।

ସମସ୍ତ ଅପୂର୍ଣ୍ଣତାରମୂଳ ହେଉଛି ଅହଂ। ଏହା ବାରମ୍ବାର ବେଶ ବଦଳାଏ। ଆମେ ଏଇ ଅହଂରୁ ମୁକ୍ତ ହେଲେ ପୂର୍ଣ୍ଣତାର ପଥରେ ଅଗ୍ରସର ହୋଇପାରିବା। ଅହଂ ବ୍ୟକ୍ତିକୁ ସର୍ବସ୍ୱାନ୍ତ କରାଇଦିଏ। ଅହଂକୁ ଚିହ୍ନିବା ବଡ଼ କଷ୍ଟକର ବ୍ୟାପାର। ତଥାପି ନିରେଖି ଦେଖିଲେ ଅହଂକୁ ଦେଖିହୁଏ, ଜାଣିହୁଏ। ଅହଂ ମୁକ୍ତ ହେଲେ ମିଳେ ଜୀବନରେ ଯଥାର୍ଥ ଶାନ୍ତି, ସନ୍ତୋଷ ଓ ମୂଲ୍ୟବୋଧ। ଏଥିନିମନ୍ତେ ଆମେ ଅଧିକ ସଚେତନ ହେବା ପାଇଁ ପ୍ରୟାସ ଓ ପ୍ରଚେଷ୍ଟା କରିବା।

❐❐

ଆମ ନାଭିରେ କସ୍ତୁରୀ

ଶାନ୍ତିରେ ରହିବାକୁ ସମସ୍ତେ ଚାହାନ୍ତି। ଯେତେ ଶାନ୍ତି ପାଇବା କଥା ସେତେ ପାଆନ୍ତି ନାହିଁ ବୋଲି ବ୍ୟସ୍ତ ହୁଅନ୍ତି, ତଥାପି ଖୋଜୁଥାଆନ୍ତି। ଶାନ୍ତି ପାଇବାର କେତେକ ଦିଗ ରହିଛି। ସେଥିମଧ୍ୟରୁ ଗୋଟିଏ ଦିଗ ହେଉଛି ନିଜ ମନକୁ ଟିକିଏ ପ୍ରଶସ୍ତ କରିବା। ମନ ବଢ଼ିଲେ ଶାନ୍ତି ବଢ଼େ, ଶାନ୍ତି ବଢ଼ିଲେ ଅଶାନ୍ତି କମେ ଯେପରି ଆଲୁଅ ବଢ଼ିଲେ ଅନ୍ଧାର କମେ।

ଅହଂକାର କମିଲେ ମନ ପ୍ରଶସ୍ତ ହୁଏ, ଅଶାନ୍ତି କମେ। ଅହଂକାର ହିଁ ସମସ୍ତ ଦୁଃଖ, ଅଶାନ୍ତି, କ୍ରୋଧ, ହିଂସାର ମୂଳକାରଣ। ଏହାକୁ ଚିହ୍ନିବା ବଡ଼ କଷ୍ଟକର କଥା। ଚିହ୍ନିବା ଆଗରୁ ସେ ନିଜର ରଙ୍ଗ ଓ ବେଶ ବଦଳାଇ ସାରିଥାଏ ଏବଂ ଅନ୍ୟଏକ ପ୍ରକାରେ ସମ୍ମୋହିନୀ ଶକ୍ତି ସହ ଅଭିନୟ କରେ। ତାକୁ ଚିହ୍ନିବାକୁ ଶକ୍ତି, ସମୟ ତଥା ଏକାଗ୍ରତା ଦରକାର। ଚିହ୍ନିଲାପରେ ତାକୁ ଛାଡ଼ିବା ପାଇଁ ପ୍ରଯତ୍ନ କରିବା ମାତ୍ରେ ସେ ବାରମ୍ବାର ରଙ୍ଗ ବଦଳାଏ ଏବଂ ବେଳ ପଡ଼ିଲେ ବେଶି ବେଶି ଆକ୍ରମଣ କରିବାକୁ ମଧ୍ୟ ପଛାଏ ନାହିଁ।

ତାକୁ ହଠାତ୍ ଛାଡ଼ି ନ ହେଲେ ମଧ୍ୟ ଆସ୍ତେ ଆସ୍ତେ କମାଇବାକୁ ଚେଷ୍ଟା ଲଗାଇ ରଖିବା ଆମର କାମ। ଏହି ଅହଂକାର ପିଲାଠାରୁ ବୁଢ଼ା ସମସ୍ତଙ୍କ ଭିତରେ ଅଳ୍ପେ ବହୁତେ ଥାଏ। ଆଖିକୁ ଦିଶେ ନାହିଁ ତା'ର ରୂପରେଖ ମାତ୍ର ଟିକିଏ ସଚେତନ ହେଲେ ଏହାର ପ୍ରଭାବ ଜାଣିହୁଏ। ବୟସ ଭେଦରେ ଏହାର ଅଭିବ୍ୟକ୍ତିର ସ୍ୱରୂପ ଭିନ୍ନ ଭିନ୍ନ ହୋଇଥାଏ। ଅହଂକାରର ବଡ଼ କାମ ହେଉଛି ମନାନ୍ତର ଘଟାଇବା ଓ ପରସ୍ପର ଭିତରେ କଳହ ସୃଷ୍ଟି କରାଇବା। ଏହି କଳହ ଆଉ କିଛି ନୁହେଁ ପାରସ୍ପରିକ ଅହଂର ସଂଘର୍ଷ ମାତ୍ର। ଅହଂକାର ହିଁ କ୍ରୋଧାନ୍ୱିତ ହୁଏ, ଅପମାନିତ ହୁଏ, ପ୍ରତିଶୋଧ ପରାୟଣ ହୁଏ। ମନର ଶାନ୍ତି ଭଙ୍ଗ କରେ ଓ ଅଶାନ୍ତିର ଅଗ୍ନି, ଭିତରେ ଓ ବାହାରେ ଚାରିଆଡ଼େ ଜାଳିଦିଏ।

ପରିବାରରେ ଅଶାନ୍ତି ସୃଷ୍ଟି କରେ ଅହଂକାର। ପ୍ରତ୍ୟେକ ପରସ୍ପରକୁ ଦୋଷ ଦେଉଥାଆନ୍ତି, ଆଉ ଏହି ସୁଯୋଗରେ ଅହଂକାର ନିଜକୁ ଜାହିର କରି ଚାଲିଥାଏ। ସମାଧାନ ଆଡ଼କୁ ସମସ୍ୟା ଯାଉନଥାଏ ବରଂ ବଢୁଥାଏ। ଏହାର ପ୍ରଭାବ ବିଶେଷ ଭାବରେ ପଡ଼େ ପରିବାରରେ ଥିବା ବୟସ୍କ ବ୍ୟକ୍ତିଙ୍କ ଉପରେ। ମାନସିକ ଅସ୍ଥିରତା ଓ ଶାରୀରିକ ଅସୁସ୍ଥତା ସେମାନଙ୍କର ବଢ଼ିଚାଲେ, ଜୀବନ ବଡ଼ ଦୁଃସହ ହୋଇଉଠେ। ସବୁଠାରୁ ସେମାନଙ୍କର ବଡ଼ ଦୁଃଖ ଓ ନୀରବ ଅଭିଯୋଗ ଯେ ଆମକୁ ଆଉ କେହି ମାନୁ ନାହାନ୍ତି, ଆମ କଥା କେହି ଶୁଣୁ ନାହାନ୍ତି, ଆମେ ତ ଅଲୋଡ଼ା ଇତ୍ୟାଦି ଇତ୍ୟାଦି...।

ମଝି ପିଢ଼ିର ବଡ଼ ଅଭିଯୋଗ ଯେ ଆମକୁ କେହି ଗୁରୁଜନ ବୁଝୁନାହାନ୍ତି। ତାଙ୍କ ସମୟର ସେଇ ପୁରୁଣା ଛାଞ୍ଚରେ ଯେ ଏଣ୍ଡୁରି ପିଠା ହେଉନାହିଁ ଏକଥା ସେମାନେ ବୁଝୁ ନାହାନ୍ତି। ତାଙ୍କ ପାଖରେ ଚଳିବା ବଡ଼ କଷ୍ଟ

ହେଉଛି। ଠା'କୁ ଠା ବସୁଛନ୍ତି, କିଛି କାମ ନାହିଁ, ତୁଚ୍ଛାକୁ 'ହୁଁ' 'ହୁଁ' ହେଉଛନ୍ତି। ଏଆଡୁ ସେଆଡୁ ଅଯଥା କଥା କହୁଛନ୍ତି। ତାଙ୍କ ପାଇଁ ସମୟ, ଏତେ କଥା ଆମ ପାଖରେ ନାହିଁ; କିଛି ଭଲ ଲାଗୁନାହିଁ, ବଡ଼ କଷ୍ଟ ହେଉଛି ଚଳିବା ପାଇଁ।

ଏ ସମସ୍ୟାର ସମାଧାନ ବହିରେ ନାହିଁ, ଡିଗ୍ରୀରେ ନାହିଁ। ଅଛି କେବଳ ନିଜ ଭିତରେ। ଉଭୟ ପିଢ଼ିର ସହଯୋଗରେ ଏହି ସମସ୍ୟାର ସମାଧାନ ପୂର୍ଣ୍ଣ ଭାବରେ ନହେଲେ ମଧ୍ୟ ଆଂଶିକ ଭାବରେ ହୋଇପାରିବ।

ବୟସ୍କ ଲୋକମାନେ ପାଠ ପଢ଼ି ଥାଆନ୍ତୁ କି ନଥାନ୍ତୁ, ମଝି ପିଢ଼ିର ବାଟ ଦେଇ ଆସିଛନ୍ତି ତ ନିଶ୍ଚୟ। ସେମାନେ ମଝି ପିଢ଼ିର ମାନସିକତାକୁ ଟିକିଏ ଅଧିକ ଗୁରୁତ୍ୱ ଦେଇ ନିଜର ଅଭିମାନ ଓ ଅଭିଯୋଗକୁ ଟିକିଏ କମାଇ ଦେଲେ ସମସ୍ୟା ହାଲ୍‌କା ହୋଇଯିବ। ଟିକିଏ ଏମିତି ବୁଝିଲେ ହେବ ଯେ ମଝି ପିଢ଼ି ହାତରେ କର୍ମବ୍ୟସ୍ତତା ଯୋଗୁଁ ସମୟ ଟିକିଏ କମ୍, ସେମାନେ ପୁଣି ସେମାନଙ୍କ ପିଲାମାନଙ୍କ ପାଇଁ ବ୍ୟସ୍ତ ରହିବା ସ୍ୱାଭାବିକ ଇତ୍ୟାଦି ଇତ୍ୟାଦି...। ମନରେ ଅଭିମାନ ଆସିଲେ ଟିକିଏ ଚେଷ୍ଟା କରି ଏଡ଼େଇଗଲେ ମନ ଏତେ ଭାରାକ୍ରାନ୍ତ ହେବ ନାହିଁ, ଜୀବନ ଏତେ ବଡ଼ ବୋଝପରି ଲାଗିବ ନାହିଁ।

ମଝି ପିଢ଼ିର ଲୋକମାନେ ଅଭିଜ୍ଞତା ନଥିଲେ ମଧ୍ୟ କଳ୍ପନା ନେତ୍ରରେ ବୟସ୍କ ଲୋକଙ୍କର ମନର ମାନଚିତ୍ରକୁ ଦେଖିବାକୁ ଚେଷ୍ଟା କରିବେ। ଟିକିଏ ଚେଷ୍ଟା କଲେ ବୁଝି ହେବ ଯେ ସେମାନଙ୍କର ଦେହର ବଳ କମିଗଲାଣି, ଠାଏ ଠାଏ ବହୁତ କମିଗଲାଣି, ସ୍ମରଣ ଶକ୍ତି କମିଗଲାଣି, ମନର ଧୈର୍ଯ୍ୟଶକ୍ତି କମିଗଲାଣି ପୁଣି ତାଙ୍କ ଚଳଣି ସମୟ ଚାଲିଗଲାଣି। ବୟସର ଚାପ, ଅସୁସ୍ଥତାର ପ୍ରଭାବ ଯୋଗୁଁ ଏକ ପ୍ରକାର ଅସ୍ଥିରତା ତାଙ୍କର ଆସିବା ସ୍ୱାଭାବିକ। ଏତେବେଳେ ଆମକୁ ତାଙ୍କ ପାଇଁ କିଛି ସମୟ କାଢ଼ିବାକୁ ହେବ। ଆମେ ସମୟ ନ ଦେଲେ କିଏ ତାଙ୍କ ପାଇଁ ସମୟ ଦେବ, ଆମେ ହସି କଥା ନ କହିଲେ ଆଉ କିଏ ତାଙ୍କୁ ହସି କଥା କହିବ ? ଆମ ପିଲାଙ୍କ ସହ ସେମାନଙ୍କୁ ମିଶାଇ ଦେଲେ ଆମ ପିଲାଙ୍କ ସଂଖ୍ୟା ଟିକିଏ ବଢ଼ିଯିବ, ଆଉ ସେ ବଢ଼ିଗଲେ ଆନନ୍ଦ ମଧ୍ୟ ବଢ଼ିଯିବ। ସେମାନଙ୍କ ସର୍ତ୍ତରେ ସେମାନଙ୍କୁ ବୁଝାଇ ପିଲାଙ୍କ ସହ ପିଲା କରି ଚଳାଇ ଦେଲେ ସମସ୍ୟା କମିଯିବ।

ବହୁ ସମସ୍ୟାର ସମାଧାନ ପନ୍ଥା ଆମ ହାତରେ ଅଛି। ସେ ପନ୍ଥା ଖୋଜିପାଇବା ଏକାନ୍ତ ଜରୁରୀ। ଆମ ନାଭିରେ କସ୍ତୁରୀ - ଆମେ କେଡ଼େ ବିଚଳିତ ସତେ ! ଆମ ହାତରେ ଶାନ୍ତି, ଆମେ କେଡ଼େ ଅଶାନ୍ତ ସତେ !

❐❐

ଲାଭ କ୍ଷତିର ଅଙ୍କ କଷା

ଜୀବନରେ ସବୁକଥାରେ ସବୁ ସମୟରେ ଅଙ୍କକଷା ଚଳେ ନାହିଁ। ଲାଭକ୍ଷତିର ଅଙ୍କକଷାରେ ଆନନ୍ଦ ନ ଥାଏ। ଅବଶ୍ୟ ବାଣିଜ୍ୟ ବ୍ୟବସାୟର କଥା ଏଠାରେ ପଡ଼ିନାହିଁ। ବେପାର ବାଣିଜ୍ୟରେ ତ ଲାଭକ୍ଷତିର ହିସାବ ରହିବ ହିଁ ରହିବ। ପଡ଼ିଛି ଆମ ଚଳଣିର କଥା। ସ୍ନେହ, ସଦ୍‌ଭାବ, ସଦିଚ୍ଛା, ତ୍ୟାଗ, ତିତିକ୍ଷା ଆଦି କ୍ଷେତ୍ରର କଥା।

ଲାଭକ୍ଷତିର ଅଙ୍କକଷାର ଆରମ୍ଭ ବିନ୍ଦୁ ହେଉଛି 'ମୁଁ'। ମୁଁ ମତେ ଅନ୍ୟମାନଙ୍କଠାରୁ ବଡ଼ ବୋଲି ବିଚାରିଲେ ଅଙ୍କ କଷା ଆରମ୍ଭ ହୁଏ ଅଥବା ମତେ ଅନ୍ୟମାନେ ସାନ କରି ଦେଖୁଛନ୍ତି ଭାବିଲେ ଅଙ୍କ କଷା ଆରମ୍ଭ ହୁଏ। ଅଙ୍କ କଷା ଥରେ ଆରମ୍ଭ ହେଲେ ସହଜେ ସରେ ନାହିଁ। ଗୋଟିଏ ନ ସରୁଣୁ ଆଉ ଗୋଟିଏ ଅଙ୍କ ତହିଁରେ ଯୋଡ଼ି ହୋଇଯାଏ। 'ଭାଗଶେଷ'ର ଶେଷ ନଥାଏ, 'ଭାଗଶେଷ' ହୋଇଯାଉଥାଏ ନୂଆ ନୂଆ ଅଙ୍କର ଭାଜ୍ୟ। ସବୁବେଳେ ଭାଗଫଳରେ ପଡୁଥାଏ କ୍ଲାନ୍ତି, ବିରକ୍ତି, କ୍ରୋଧ ଓ ଅବସାଦ ଇତ୍ୟାଦି ଇତ୍ୟାଦି କଣ୍ଟକିତ ଉପାଦାନ ମାନ।

କର୍ତ୍ତାପଣରୁ ଅଙ୍କ କଷା ଆଗେଇ ଚାଲେ। କର୍ତ୍ତାପଣ ଦିଏ ଅହଂଭାବ। ଏହି ଅହଂଭାବ ଏକ ବସ୍ତୁ ନୁହେଁ, ଧୂଆଁ ମିଶା ପବନ ଯାହାକୁ ଧରୁ ଧରୁ ତାହା ହାତରୁ ଖସିଯାଏ। ତା'ପଛରେ ଧାଇଁ ଧାଇଁ କିଛି ଲାଭ କ ମିଳେନାହିଁ, ମିଳେ ପ୍ରାଣପୀଡ଼ା। କର୍ତ୍ତାପଣ ପ୍ରବଳ ହେଲେ ନିଜକୁ ବିଶ୍ୱର କେନ୍ଦ୍ରବିନ୍ଦୁ ବୋଲି ଭାବନା ମନରେ ଆସେ। ମୁଁ ନଥିଲେ ସବୁ ଅଚଳ, କିଛି ଘଟିବ ନାହିଁ, ଏପରିକି 'ସୂର୍ଯ୍ୟ ଉଦିତ ହେବେ ନାହିଁ', 'ପବନ ବହିବ ନାହିଁ' 'ଫୁଲ ଫୁଟିବ ନାହିଁ' ଇତ୍ୟାଦି ଇତ୍ୟାଦି। ନିଜର ସୀମିତତା ଓ ଅସହାୟତାକୁ ଜାଣିହୁଏ ନାହିଁ। ମଣିଷ ମାତ୍ରକେ ସୀମିତ ଚେତନାର ଅଧିକାରୀ। କେତେବେଳେ କ'ଣ ଘଟିବ, କେଉଁଆଡୁ ଝଡ଼ ଝଞ୍ଜା ଆସିବ, କେଉଁ ଦିଗକୁ ତାହା ଗତି କରିବ, ତା'ର ପ୍ରଭାବରେ କାହାର କେତେ କ୍ଷୟ କ୍ଷତି ହବ ସେ ଜାଣେନାହିଁ। କେଉଁ ପରିସ୍ଥିତିରେ କ'ଣ କ'ଣ ପ୍ରତିକାର କରିବାକୁ ହେବ ସେ ସମ୍ପୂର୍ଣ୍ଣ ଭାବରେ ଜାଣିନାହିଁ। ପବନର ବେଗ ତା' ଆୟତ୍ତରେ ନ ଥିଲେ ମଧ୍ୟ ଦମ୍ଭ ହୋଇ ଛିଡ଼ା ହେବାର ଦାୟିତ୍ୱ ଓ କର୍ତ୍ତବ୍ୟ ମଣିଷର ରହିବା ଉଚିତ। ଏଥିପାଇଁ ଲୋଡ଼ା ସ୍ଥିରତା, ଏକାଗ୍ରତା, ଆତ୍ମ ବିଶ୍ୱାସ ପରି ବହୁମୂଲ୍ୟ ଉପାଦାନ। ଯେତିକି ସ୍ଥିରତା ଥାଏ ସାଧାରଣ ବ୍ୟକ୍ତିର ସେତିକି ସ୍ଥିରତା ଅହଂକାରୀ ବ୍ୟକ୍ତିର ନ ଥାଏ। ବିପଦରେ ଧୈର୍ଯ୍ୟ ଆସେ ଆତ୍ମବିଶ୍ୱାସ ମାଧ୍ୟମରେ ଭଗବତ ବିଶ୍ୱାସରୁ। ଅହଂକାରୀ ବ୍ୟକ୍ତିର ଭଗବତ ବିଶ୍ୱାସ ନ ଥିବାରୁ ସେ ଅଧିକ ବିବ୍ରତ, ବିଚଳିତ ହୋଇଯାଏ ସମସ୍ୟା ପଡ଼ିଲେ।

ଭଗବତ ବିଶ୍ୱାସୀ ବ୍ୟକ୍ତିମାନେ ସହଜରେ ଭାଙ୍ଗି ପଡ଼ନ୍ତି ନାହିଁ। ଦୁଃଖ ଓ ବିପଦର ଲହରୀ ତାଙ୍କୁ ଚାପି ଦେବାକୁ ଚାହିଁଲେ ମଧ୍ୟ ଚାପିପାରେ ନାହିଁ। କେଉଁ ଅଦୃଶ୍ୟ ହସ୍ତର ସହାୟତାରେ ଲହରୀକୁ ପ୍ରତିକ୍ରମ କରନ୍ତି ସେମାନେ। ଅକସ୍ମାତ ନୁହେଁ, ଏକ ଦିବ୍ୟ ଶକ୍ତିଙ୍କ କୃପା ବଳରେ ରକ୍ଷା ପାଇଛନ୍ତି ବୋଲି ବୁଝିପାରନ୍ତି। ସମୟ ଓ ସୁଯୋଗ ପାଇଲେ ସେହି ଦିବ୍ୟଶକ୍ତିଙ୍କ କଥାକୁ ବାରମ୍ବାର ମନେ ପକାନ୍ତି ଏବଂ ସେହି ଦିବ୍ୟସତ୍ତାଙ୍କୁ ଖୋଜିବାକୁ ଆରମ୍ଭ କରନ୍ତି। ଏକଥା କହିଲା ବେଳେ ମୋର ମନେପଡୁଛି ଅବସର ପ୍ରାପ୍ତ ସେଇ ବିଶିଷ୍ଟ ହୃଦ୍‌ରୋଗ ବିଶେଷଜ୍ଞଙ୍କର କଥା କେଇପଦ। ସେଦିନ ସେ କହିଥିଲେ ଯେ ଅବସର ପରେ ଗବେଷଣା କରୁଛନ୍ତି। ମୋର ପ୍ରଶ୍ନ ଥିଲା 'ଅବସର ପରେ ଗବେଷଣା ?' ଉତ୍ତରରେ ସେ କହିଥିଲେ- "ପାଠପଢ଼ା ଓ ଚାକିରି କାଳ ଭିତରେ ଦେଖିଲେ ହୃତପିଣ୍ଡ ଚାଲିଛି। ଏବେ ମୁଁ ଖୋଜୁଛି କିଏ ତାକୁ ଚଲାଉଛି ?"

ସିଏ ଏକା ନୁହେଁ ତାଙ୍କ ପରି କେତେ ଜଣ ଭିନ୍ନ ଭିନ୍ନ ନିଯୁକ୍ତି କ୍ଷେତ୍ରରେ ରହି ମଧ୍ୟ ତାଙ୍କୁ ଖୋଜୁଛନ୍ତି। ପାଇବାରେ ତ ଆନନ୍ଦ ଅଛି, ମାତ୍ର ପାଇବା ଆଶାରେ ଓ ଖୋଜିବା ନିଶାରେ ଅଧିକ ଆନନ୍ଦ ଅଛି ବୋଲି ସେମାନେ ଅନୁଭବ କରୁଛନ୍ତି। ସେହି ଦିବ୍ୟଶକ୍ତି 'ଅବାଙ୍ ମାନସ ଗୋଚର' ହେଲେ ମଧ୍ୟ ଅନୁଭବ୍ୟ। ଏଇ ଅନୁଭବର ମୂଳକଥା ହେଉଛି ଆଗ୍ରହ ଓ ଆକୁଳତା। ଦିବ୍ୟଶକ୍ତି ହେଉଛନ୍ତି ମହାଭାବର ଅଧିକାରୀ ଓ ପ୍ରମୂର୍ତ୍ତ ବିଗ୍ରହ। ଭାବ ଘରେ ଚୋରି ଚଳେ ନାହିଁ କି ଲାଭ କ୍ଷତିର ଅଙ୍କ କଷା ଚଳେ ନାହିଁ। ସେ ସର୍ବତନ୍ତ୍ର ସ୍ୱତନ୍ତ୍ର, ସର୍ବ ନାମର ଅଧିକାରୀ ଓ ନିଜେ ସର୍ବନାମ। 'ଯେତେ ମତ, ସେତେ ପଥ' ନ୍ୟାୟରେ ସେ ସୁଲଭ। ଗୋଟିଏ ପୋଖରୀର ଭିନ୍ନ ଭିନ୍ନ ତୁଠରୁ ସଂଗୃହୀତ ଜଳର ନାମ ଭିନ୍ନ ଭିନ୍ନ ତୁଠରେ ଭିନ୍ନ ଭିନ୍ନ ଥିଲେ ହେଁ ଜଳ ଯେ ଏକ ଓ ଅଭିନ୍ନ - ଏଥିରେ ସନ୍ଦେହ ନାହିଁ। ସେହିପରି ଦିବ୍ୟ ଶକ୍ତିର ସ୍ୱରୂପ ଭଗବାନ ଏକ ଓ ଅଭିନ୍ନ, କେବଳ ନାମ ଭିନ୍ନ ଭିନ୍ନ ହୋଇପାରେ। ସେ ସବୁକିଛିର ଭିତରେ ରହିଛନ୍ତି ଓ ସବୁକିଛି ତାଙ୍କ ଭିତରେ ରହିଛି। ସେ ସମସ୍ତଙ୍କ ଭିତରେ ରହିଛନ୍ତି ଓ ସମସ୍ତେ ତାଙ୍କ ଭିତରେ ରହିଛନ୍ତି। ସେସବୁଠାରେ ଓ ସବୁବେଳେ ଅଛନ୍ତି। ତାଙ୍କୁ ଦେଖିବା ପାଇଁ ତୃତୀୟ ଚକ୍ଷୁଟିଏ ଦରକାର।

ନିରାଶାରେ ଆଶା ସିଏ, ଅନ୍ଧାରରେ ଆଲୋକ ସିଏ। ଅନ୍ୟବ୍ୟକ୍ତିର ମାଧ୍ୟମରେ ସାନ୍ତ୍ୱନାରେ ସାମର୍ଥ୍ୟ ସିଏ ପୁଣି ଅନ୍ୟର ଶ୍ରଦ୍ଧା ସହାନୁଭୂତିରେ ଆଗକୁ ଯିବାର ପ୍ରେରଣା ସିଏ। ତାଙ୍କ ଭିତରେ ଆମେ ଓ ଆମ ଭିତରେ ସିଏ ରହିଛନ୍ତି। ଏଇ ଦିଗରୁ ଦେଖିଲେ ଅନ୍ୟମାନେ ଓ ଆମେ ଏକଇ ମୁଦ୍ରାର ଦୁଇ ପାଖ ପରି ଓତଃପ୍ରୋତ ଭାବରେ ଜଡ଼ିତ। ସୁଖ ଓ ଦୁଃଖ ଉଭୟ ସଞ୍ଚରଣଶୀଳ। ଯାହା କୁହାଯାଏ - 'ସୁଖ ବାଣ୍ଟିଲେ ବଢ଼େ, ଦୁଃଖ ବାଣ୍ଟିଲେ କମେ' - କଥାଟି ଅକ୍ଷରେ ଅକ୍ଷରେ ଠିକ୍। ଅବଶ୍ୟ ସୁଖ ବାଣ୍ଟିନେବାକୁ ଓ ଦୁଃଖ ବାଣ୍ଟି ନେବାକୁ ଆଉ ଆଉ ମଣିଷ ଥିବାର ଦରକାର। ଉଦାହରଣ ସ୍ୱରୂପ କୁହାଯାଇପାରେ ଯେ ବୟସ ଓ ଜୀବନର ନାନା ସମସ୍ୟାର ଚାପରେ ଭାରାକ୍ରାନ୍ତ ପିତାମାତାଙ୍କର ଦୁଃଖକୁ ପିଲାମାନେ ବାଣ୍ଟି ନେଲେ ତାହା କମିଯାଏ। ସେମାନଙ୍କ ମୁହଁରେ ପ୍ରସନ୍ନତାର ଭାବଟି ଫୁଲ ପରି ଫୁଟିଯାଏ। ଏହି ବଣ୍ଟନରେ ଅଙ୍କ କଷା ଚଳେ ନାହିଁ। ମନରେ ଅଙ୍କକଷା ରହିଲେ ସବୁ ମଧୁରତା ନଷ୍ଟ ହୋଇଯାଏ।

ଆମ ଭିତରେ ବାପା ମାଆ, ଭାଇବନ୍ଧୁ ସମସ୍ତେ ଅଛନ୍ତି, ଆମକୁ ନ ଦିଶିଲେ ମଧ୍ୟ ଅଛନ୍ତି। ଆମେ ସେମାନଙ୍କ ଠାରୁ ଦୂର ସ୍ଥାନରେ ଥିଲେ ମଧ୍ୟ ସେମାନେ ଆମ ପାଖରେ ଅଛନ୍ତି। ଦର୍ପଣରୁ ଧୂଳି ପୋଛି ଦେଲେ ମୋନଙ୍କ ମୁହଁ ଜକଜକ ଦିଶିବ। ଦୂରରେ ଥାଇ ଆମେ ଶୁଣି ନ ପାରିଲେ ମଧ୍ୟ ବାପା ମାଆ କହୁଛନ୍ତି- "ହାତୀ

ବନସ୍ତରେ ଥିଲେ ରଜାଙ୍କର"। ଏକଥାଟି ତାଙ୍କ ଅନ୍ତରର କଥା, ହୃଦୟର କଥା। ଏକଥାଟି ଯେପରି ଅକ୍ଷରେ ଅକ୍ଷରେ ସତ୍ୟ, ଆର କଥାଟି ମଧ୍ୟ ସେହିପରି ଅକ୍ଷରେ ଅକ୍ଷରେ ସତ୍ୟ ଯେ ରଜା ହେଉଛନ୍ତି ହାତୀର। 'ରଜା ଆଉ ହାତୀ' ପୁଣି 'ହାତୀ ଆଉ ରଜା'- ଏଥିରେ ଶବ୍ଦଗୁଡ଼ିକର ସଜ୍ଜୀକରଣ ଟିକିଏ ଅଲଗା ସିନା, ଅର୍ଥ ଦୃଷ୍ଟିରୁ ମୂଳତଃ କଥାଟି ଏକଇ ସୂକ୍ଷ୍ମ ସୂତ୍ରରେ ବନ୍ଧା। ସେ ସୂତ୍ରକୁ ଟିକିଏ ନିରେଖି ଦେଖିଲେ ସ୍ପଷ୍ଟ ଦେଖିହେବ ଏବଂ ସେହି ଅର୍ଥକୁ ଟିକିଏ ତଳେଇ କରି ବୁଝିରେ ସ୍ପଷ୍ଟ ବୁଝିହେବ। ଲାଭ କ୍ଷତିର ଅଙ୍କ କଷାରେ ଏହାକୁ ଦେଖିହେବ ନାହିଁ ଅଥବା ବୁଝି ହେବ ନାହିଁ।

❐❐

ଅବିଦ୍ୟା, ବିଦ୍ୟା ଓ ଅର୍ଥକାରୀ ବିଦ୍ୟା

ମଣିଷ ଭିତରେ ଯେତିକି ଚେତନା ସୁପ୍ତଭାବରେ ରହିଛି, ସେ ଦିବ୍ୟଦୃଷ୍ଟିରୁ ଅଧିକାରୀ ହୋଇପାରନ୍ତା । ମିଥ୍ୟାରୁ ସତ୍ୟ ଆଡ଼କୁ, ଅନ୍ଧାରରୁ ଆଲୋକ ଆଡ଼କୁ, ମୃତ୍ୟୁରୁ ଅମରତ୍ୱ ଆଡ଼କୁ ଗତିଶୀଳତାର ତା'ର ଜନ୍ମଗତ ଅଧିକାର । ସେ ଅଧିକାରକୁ କିନ୍ତୁ ସେ ସାବ୍ୟସ୍ତ କରିପାରୁନାହିଁ । ଆଲୋକ ପ୍ରତି ତା'ର ଆଗ୍ରହ ନାହିଁ, କାରଣ ଆଲୋକର କ୍ରିୟାଶୀଳତା ପ୍ରତି ସେ ବିଶ୍ୱସ୍ତ ନୁହେଁ । ନିଜର ଦୃଷ୍ଟିଶକ୍ତି ନଷ୍ଟ ହୋଇଯାଇଥିବାରୁ ଆଲୋକର ମହତ୍ତ୍ୱ ଓ ଗୁରୁତ୍ୱ ବୁଝିବା ତା ପକ୍ଷରେ ପ୍ରାୟ ଅସମ୍ଭବ ହୋଇପଡୁଛି । ଦୃଷ୍ଟିଶକ୍ତି ବିନା ଅନ୍ଧତ୍ୱ ଆସିଥାଏ । ଏହି ମାନସିକ ଅନ୍ଧତ୍ୱର ମୂଳ କାରଣ ରୂପେ ଯାହାକୁ ବିଚାର କରାଯାଏ, ତାହା ହେଉଛି ଅବିଦ୍ୟା । ଅବିଦ୍ୟା ଏକ ଦାର୍ଶନିକ ପରିଭାଷା । ଏହା ଏକ ସାଂଘାତିକ ବ୍ୟାଧି ଯାହା ବ୍ୟକ୍ତିକୁ ନଷ୍ଟକରି ତା'ର ପରିବାରକୁ ତଥା ସମାଜକୁ ନଷ୍ଟ କରିଦିଏ । 'ବୈକୁଣ୍ଠ ସମାନ ଆହା ଅଟେ ସେହି ଘର ।' ଏହି କଥାଟି କେବଳ କଥାରେ ରହିଯାଏ ଅବିଦ୍ୟାର ପ୍ରଭାବରେ । ମନୁଷ୍ୟର ନିମ୍ନ ପ୍ରକୃତିକୁ ମାଧ୍ୟମ କରି ଅବିଦ୍ୟା କାର୍ଯ୍ୟ କରିଥାଏ । ଏ କାର୍ଯ୍ୟରେ ଯେଉଁ ଦୁଇଟି ଉପାଦାନ ମୁଖ୍ୟ ଭୂମିକା ନେଇଥାନ୍ତି ସେଥିରୁ ଗୋଟିଏ ହେଲା ଅହଂ ଓ ଅନ୍ୟଟି ସ୍ୱାର୍ଥ ।

ଅହଂ ବଳରେ ମଣିଷର ନିଜକୁ ଆବଶ୍ୟକତାଠାରୁ ଅଧିକ ବଡ଼ ମନେକରେ । ଅନ୍ୟମାନଙ୍କୁ ସାନ ଓ ମୂଲ୍ୟହୀନ ବୋଲି ସେ ବିଚାର କରିଥାଏ । ଆତ୍ମ ପ୍ରଶଂସାର ଲାଳସା, ନିଜକୁ ଜାହିର କରିବାର ପ୍ରବୃତ୍ତି ତାକୁ କିମ୍ଭୂତ କିମାକାର କରିଦିଏ । ସେ ନିଜର ପ୍ରକୃତ ଗନ୍ତବ୍ୟ ପଥରେ କେବେବି ପାଦ ରଖିବାର ସୌଭାଗ୍ୟ ପାଏନାହିଁ, କେବଳ ପାଦ ରଖିବାର ଛଳନା କରୁଥାଏ । ହୀରାକୁ କାଚ ଭାବି ଦୂରକୁ ଫିଙ୍ଗିଦିଏ କାଚକୁ ହୀରା ଜ୍ଞାନକରି ଗୋଟାଇ ଆଣି ସାଇତି ରଖେ ସାମାନ୍ୟ, ସାଧାରଣ କଥାକୁ ମାଜି ମାଜି ବଡ଼କରେ ଆଉ କଥା ବଢ଼ିଗଲେ ମୁଁ, ମୁଁ, ମୋର, ମୋର ଏପରି ଶବ୍ଦର ବହୁଳ ବ୍ୟବହାର ସେ କରୁଥାଏ । ଅନ୍ୟର ସୁଖ ସୌଭାଗ୍ୟ ଦେଖିଲେ ମନ ତା'ର ହିଂସାରେ ଜଳୁଥାଏ । କ୍ରୋଧରେ ଜର୍ଜରିତ ହୋଇ ଦିନ କି ରାତି ସେ ଅନ୍ୟର ଅନିଷ୍ଟ ଚିନ୍ତା ହିଁ କରୁଥାଏ । ଈର୍ଷାକୁ ମନରେ ସ୍ଥାନଦେଇ ତାହାଦ୍ୱାରା ପରିଚାଳିତ ହୋଇ ସେ ଆସୁରିକ ଆନନ୍ଦ ପାଏ, ମାତ୍ର ସେ ଆନନ୍ଦ ପ୍ରକୃତ ଆନନ୍ଦ ପଦବାଚ୍ୟ ନୁହେଁ । ତାହା ଆନନ୍ଦର ଏକ ବିକୃତ ରୂପ । ଅନ୍ୟର ଅନିଷ୍ଟ ଚିନ୍ତା ହୃଦୟର ମଧୁରତା ଓ ଚିନ୍ତାଧାରାର ପବିତ୍ରତାକୁ ନଷ୍ଟ କରିଦିଏ । ପରିବେଶରେ ବିଷାକ୍ତ ବଳୟ ସୃଷ୍ଟି ହୁଏ ।

ସ୍ୱାର୍ଥ ଅନ୍ୟ ଏକ କଳଙ୍କିତ ଉପାଦାନ ଯାହା ମନୁଷ୍ୟକୁ ନିମ୍ନଗାମୀ କରାଇଥାଏ । ତାହା ମଣିଷର ଚେତନାର ପ୍ରଗତି ପଥରେ ଅନ୍ତରାୟ ସୃଷ୍ଟି କରେ । ଏହି ଗୁଣ ବଳରେ ମଣିଷ ନିଜର ସୁଖ ସୁବିଧାପାଇଁ ଅନ୍ୟର ଅସୁବିଧା କରିବା ପାଇଁ କୁଣ୍ଠା ପ୍ରକାଶ କରେନାହିଁ । ବରଂ ଅନ୍ୟର ଅସୁବିଧା କରି ନିଜର ସୁବିଧା କରିବାପାଇଁ କୌଶଳ ପ୍ରୟୋଗ କରିଥାଏ । ଏଥିପାଇଁ ଅନ୍ୟର ମନରେ ଦାରୁଣ ଆଘାତ ଲାଗିଲେ ମଧ୍ୟ ସେ ସେଥିରେ ଆଦୌ ବିଚଳିତ ହୁଏନାହିଁ । ଏପରିକି ଅତୀତରେ ଯେଉଁମାନେ ତାକୁ ସାହାଯ୍ୟ ସହାନୁଭୂତି ଦେଇଥିଲେ, ସେ ସମୟକ୍ରମେ ନିଜର ସୁବିଧାପାଇଁ ସେମାନଙ୍କର କ୍ଷତିକରିବାକୁ ପଶ୍ଚାତପଦ ହୁଏନାହିଁ । ନିଜ ଚିନ୍ତା ବ୍ୟତୀତ

ଅନ୍ୟମାନଙ୍କ ସମ୍ପର୍କରେ ଗଠନମୂଳକ ଚିନ୍ତା କରିବାପାଇଁ ତା'ର ସମୟ ନଥାଏ । କେବଳ ଅନ୍ୟଠାରୁ ଛଳେ, ବଳେ, କଉଶଳେ କିପରି ନିଜର ସୁବିଧା ହାସଲ କରାଯାଇପାରିବ ତାହା ହୋଇଥାଏ ତା'ର ଗବେଷଣାର ବିଷୟ । ଅନ୍ୟପାଇଁ ସମବେଦନା ତ ଦୂରର କଥା, କଥାପଦେ କହିବାକୁ ସମୟର ଅଭାବ ପ୍ରମାଣକରେ ତା'ର ସ୍ୱାର୍ଥପରତାରେ ଜର୍ଜରିତ ମାନସିକ ସ୍ଥିତି କେଡ଼େ ବିଷାକ୍ତ ଓ ଭୟଙ୍କର । ଅହଂ ଏବଂ ସ୍ୱାର୍ଥ ପରସ୍ପର ସହ ମୈତ୍ରୀବନ୍ଧନରେ ଆବଦ୍ଧ । ଗୋଟିକୁ ଛାଡ଼ି ଅନ୍ୟଟିର ସ୍ଥିତି ସୁଦୃଢ଼ ନୁହେଁ । ଦୁହିଁଙ୍କ ପ୍ରରୋଚନାରେ ବ୍ୟକ୍ତି ଚେତନା ନିମ୍ନାଭିମୁଖୀ ହୋଇଥାଏ । ଏହି ସୁଯୋଗନେଇ ଲୋଭ, କାମ, କ୍ରୋଧ, ମୋହ ଇତ୍ୟାଦି ଅନ୍ୟାନ୍ୟ ବିରୋଧୀ ଶକ୍ତିମାନେ ବ୍ୟକ୍ତିକୁ ଆକ୍ରମଣ କରିଥାନ୍ତି । ବିରୋଧୀ ଶକ୍ତିଙ୍କର ଜାଲରେ ପଡ଼ି ମନୁଷ୍ୟ ପ୍ରକୃତ ସୁଖପାଇବାରୁ ବଞ୍ଚିତ ହୁଏ । ମରୁଭୂମିରେ ଓଟ ନାଗଫେଣୀ କଣ୍ଟାଖାଇ ରକ୍ତାକ୍ତ ମୁଖରେ ପ୍ରାଣିକ ସୁଖ ଅନୁଭବ କଲାଭଳି ମନୁଷ୍ୟ ଅବିଦ୍ୟାର ପ୍ରଭାବରେ ଦାରୁଣ ଯନ୍ତ୍ରଣାରେ ଜର୍ଜରିତ ହୋଇ ପ୍ରାଣିକ ସୁଖ ଅନୁଭବ କରୁଥାଏ । ସେହି ସୁଖ ହୁଏ ତା'ର ଦୁଃଖର କାରଣ । କାରଣ ଏଥିରେ ଦୁଃଖର ବୀଜ ଲୁକ୍କାୟିତ ହୋଇ ରହିଥାଏ । ପ୍ରକୃତ ସୁଖଠାରୁ ଏହା ଗୁଣ ଓ ଧର୍ମରେ ଭିନ୍ନ । ପ୍ରକୃତ ସୁଖର ସଂଜ୍ଞା ଅଲଗା । ଏହାର ପ୍ରଭାବରେ ମନରେ ଆସେ ପ୍ରଶାନ୍ତିର ସୁଲଳିତ ସ୍ପର୍ଶ, ମାଦକତାର ସୁକୁମାର ବିଳାସ ।

ପ୍ରକୃତ ସୁଖପାଇଁ ବିଦ୍ୟାର ଆହରଣ ଏକମାତ୍ର କାମ୍ୟ । ଏହି ବିଦ୍ୟା ତଥାକଥିତ ଆନୁଷ୍ଠାନିକ ଶିକ୍ଷା ନୁହେଁ । ବିଦ୍ୟା ଏକ ଦାର୍ଶନିକ ପରିଭାଷା ଯାହା ମୁଖ୍ୟତଃ ଦୁଇଟି ବିଭବରେ ବିମଣ୍ଡିତ । ସେଥିରୁ ଗୋଟିଏ ହେଉଛି ବିବେକ ଓ ଅନ୍ୟଟି ବୈରାଗ୍ୟ । ବିବେକ କହିଲେ ମାନବିକତାକୁ ବୁଝାଇଥାଏ । ବୈରାଗ୍ୟ କହିଲେ ପଳାୟନକୁ ବୁଝାଏ ନାହିଁ । ସ୍ୱାର୍ଥ ବିହୀନ ମନୋବୃତ୍ତି ହିଁ ବୈରାଗ୍ୟର ମୂଳତତ୍ତ୍ୱ । ବିବେକ ଓ ବୈରାଗ୍ୟ ଲାଭ ନିମନ୍ତେ ଯେଉଁ ଦୁଇଗୋଟି ମାର୍ଗ ଏକାନ୍ତ ଧ୍ୟେୟ ତାହା ହେଲା ଅଭୀପ୍ସା ଓ ପ୍ରତ୍ୟାଖ୍ୟାନ । କେବେ କେବେ ସ୍ଥଳବିଶେଷରେ ପ୍ରତ୍ୟାଖ୍ୟାନ ଆଗ ଆସେ ଓ ପରେ ଅଭୀପ୍ସା ଆସିଥାଏ । ଆଉ କେବେ ଅଭୀପ୍ସା ଆଗ ଆସେ ଓ ପରେ ପ୍ରତ୍ୟାଖ୍ୟାନର ପର୍ବ ଆରମ୍ଭ ହୁଏ । ଅଭୀପ୍ସା ହେଉଛି ଇଚ୍ଛା ଶକ୍ତିର ଅନ୍ୟ ଏକ ରୂପ । ଏହା ବଳରେ ବିଦ୍ୟାଲାଭ ପାଇଁ ମନରେ ସୁଦୃଢ଼ ସଂକଳ୍ପ ସୃଷ୍ଟି ହୁଏ । ସତ୍ ମାର୍ଗରେ ଅଗ୍ରଗତି କରିବା ନିମନ୍ତେ ପ୍ରବଳ ଆକାଂକ୍ଷା ମନରେ ଆସନ ଅଧିକାର କରିଥାଏ । ପ୍ରତ୍ୟାଖ୍ୟାନ ହେଉଛି ବିରୋଧୀ ଚିନ୍ତା ଓ କ୍ରିୟାର ପରିତ୍ୟାଗ । ସଂସାରରୁ ପଳାୟନ, ପ୍ରତ୍ୟାଖ୍ୟାନର ଅନ୍ତର୍ଭୁକ୍ତ ନୁହେଁ ।

ଆଳସ୍ୟ, ଜଡ଼ତା, ଲୋଭ, ମୋହ, ଅକୃତଜ୍ଞତା, ରୁକ୍ଷତା ସମେତ ବହୁ ଦୁର୍ଗୁଣର ପ୍ରତ୍ୟାଖ୍ୟାନ ପ୍ରୟାସ ମଣିଷକୁ ଉଚିତ ମାର୍ଗ ଦର୍ଶନ କରାଇଥାଏ । ଏଠାରେ ପ୍ରଶ୍ନ ଉଠିପାରେ ଅର୍ଥ ପ୍ରତ୍ୟାଖ୍ୟାନର ଉପାଦାନ କି ? ଉତ୍ତରରେ ଏତିକି କୁହାଯାଇପାରେ ଯେ ଅର୍ଥ ଏକ ଶକ୍ତି, ଏହା ପ୍ରତ୍ୟାଖ୍ୟାନର ବିଷୟ ନୁହେଁ । କେବଳ ଏହାର ଉପାର୍ଜନ ଓ ବ୍ୟବହାରରେ ଅଧିକରୁ ଅଧିକ ସଚେତନତା ଆବଶ୍ୟକ । ମାର୍ଜିତ ରୁଚି ଓ ଚେତନାରେ ରହି ଅର୍ଥର ଅର୍ଜନ ଓ ବ୍ୟବହାର କଲେ ଅର୍ଥଶକ୍ତି ମାନବ ଜାତିର ଅଶେଷ କଲ୍ୟାଣ ସାଧନ କରିପାରିବ, ଅର୍ଥକରୀ ବିଦ୍ୟା ରହିବ । ଅର୍ଥକରୀ ବିଦ୍ୟା କହିଲେ ତଥାକଥିତ ଭୌତିକ ବିଦ୍ୟାକୁ ବୁଝାଏ ଯାହା ମଣିଷର ବିକାଶ ନିମନ୍ତେ ଅପରିହାର୍ଯ୍ୟ । ବୈଜ୍ଞାନିକ ଅନୁଚିନ୍ତା ରହିବ, ତା ନହେଲେ ମାନବ ଜାତିର ପ୍ରଗତି ବ୍ୟାହତ ହେବ, ବିଶ୍ୱ ଜୀବନର ସର୍ବାଙ୍ଗୀନ ବିକାଶ ସୁଦୂର ପରାହତ ହେବ । ସବୁ ଭୌତିକ ବିଦ୍ୟା ରହିବ, ମାନବିକତା ଯେତିକି ଯେତିକି ଅଧିକ ପ୍ରକଟିତ ହେବ, ଅବିଦ୍ୟା ସେତିକି ବିଦ୍ୟାରେ ରୂପାନ୍ତରିତ ହେବା ସଙ୍ଗେ ସଙ୍ଗେ ଅର୍ଥକରୀ ବିଦ୍ୟା ମାଧ୍ୟମରେ ବ୍ୟକ୍ତି ଜୀବନ, ରାଷ୍ଟ୍ର ଜୀବନ ତଥା ବିଶ୍ୱ ଜୀବନ ସେତିକି ସେତିକି ଅଧିକ ପରିମାଣରେ ମଧୁମୟ ହେବ ।

❐❐

ଜୀବନ ଜିଜ୍ଞାସା :
ଅତୀତ, ବର୍ତ୍ତମାନ, ଭବିଷ୍ୟତ

ଜୀବନ ହେଉଛି ଏକ ନିରବଚ୍ଛିନ୍ନ ପ୍ରବାହ, ଶାଶ୍ୱତଙ୍କ ଆଡ଼କୁ ଏକ ଏକ ଅଗ୍ରଗାମୀ ପଦକ୍ଷେପ । ଅଚେତନାରୁ ଚେତନା ଆଡ଼କୁ, ଅନ୍ଧାରରୁ ଆଲୋକ ଆଡ଼କୁ, ମୃତ୍ୟୁର ଅମରତ୍ୱ ଆଡ଼କୁ ଅଗ୍ରଗତି ପାଇଁ ଏକ ସୁବର୍ଣ୍ଣ ସୁଯୋଗ । ଜନ୍ମରୁ ମୃତ୍ୟୁ ପର୍ଯ୍ୟନ୍ତ ପରିବ୍ୟାପ୍ତ ସମୟ ସୀମାକୁ ଜୀବନ ବୋଲି କହିଲେ ତାହା ଯଥାର୍ଥ ନୁହେଁ । ଜୀବନର ପରିବ୍ୟାପ୍ତି ଦିଗନ୍ତବିସ୍ତାରୀ ଏହାକୁ ନିର୍ଦ୍ଦିଷ୍ଟ ସମୟସୀମାରେ ବାନ୍ଧିହେବ ନାହିଁ । ଭାଗବତ ଚେତନାକୁ ଅନୁଭବ କରି ତାହାକୁ ଅଭିବ୍ୟକ୍ତି କରିବା ହିଁ ଜୀବନର ଯଥାର୍ଥ ଲକ୍ଷ୍ୟ । ଜୀବନକୁ ବୁଝିବାର ଅର୍ଥ ଠିକ୍ ଅର୍ଥରେ ଭଗବାନଙ୍କୁ ବୁଝିବା । ଜୀବନକୁ ଅନୁଶୀଳନ କରିବାର ଅର୍ଥ ଭାଗବତ ଶକ୍ତି ସମ୍ପର୍କରେ ଅବହିତ ହେବା । ଯେଉଁଠି ଜୀବନ ଅଛି ସେଠାରେ ଆତ୍ମ ଅଭିବ୍ୟକ୍ତି ପ୍ରୟାସ କ୍ଷୀଣରୁ ବୃହତ୍ତର ପରିଧି ପର୍ଯ୍ୟନ୍ତ ପରିବ୍ୟାପ୍ତ ହୋଇ ରହିଛି । ମନୁଷ୍ୟକୁ ତା'ର ଜୀବନ ଏକ ଉପହାର ସ୍ୱରୂପ ଦିଆଯାଇଛି । ଜୀବନର ସଦ୍‌ବ୍ୟବହାର ହିଁ ଜୀବନର ସାର୍ଥକତା । ଜିଜ୍ଞାସା ପ୍ରାୟ ପ୍ରତ୍ୟେକ ଭିତରେ ରହିଛି । ବ୍ୟକ୍ତି ବାହ୍ୟତଃ ବହୁକଥା ଚାହୁଁଥିଲେ ହେଁ ପ୍ରକୃତ ପକ୍ଷେ ସେ ଚାହୁଁଛି ନିଜକୁ ଜାଣିବାକୁ, ଅନୁଧାନ କରିବାକୁ, ଯେତେ ବ୍ୟାବହାରିକ ଜ୍ଞାନ ଆହରଣ କଲେ ମଧ୍ୟ ଅନ୍ତର୍ନିହିତ ସ୍ତରରେ କିଛି ଅପୂର୍ଣ୍ଣତା, ସେ ଅନୁଭବ କରୁଛି ଯେ ତାହାକୁ ପୂରଣ କରିବାପାଇଁ ତା'ଭିତରେ ପ୍ରୟାସ ମଧ୍ୟ ରହିଛି । ମୁଁ କିଏ ? ମୁଁ କାହିଁକି ପୃଥିବୀକୁ ଆସିଛି ? ଦେହ ଛାଡ଼ିଦେଲେ ଆଉ କିଛି ସତ୍ତା ରହେ କି ଯଦି ରହେ ତାହାର ପରିଣତି କ'ଣ ହୁଏ ଇତ୍ୟାଦି ଅନେକ ପ୍ରଶ୍ନ ତାକୁ ବେଳେ ବେଳେ ବିଚଳିତ କରିଥାଏ । ସବୁ ସମୟରେ ଏ ଜିଜ୍ଞାସା ଥିଲା ଓ ରହିବ । ଏହା ଏକ ଚିରନ୍ତନ ପ୍ରଶ୍ନ ଯାହାର ଉତ୍ତର ନ ମିଳିବା ପର୍ଯ୍ୟନ୍ତ ପ୍ରଶ୍ନକର୍ତ୍ତାର ବିଶ୍ରାମ ନାହିଁ ।

ଉତ୍ତର ପାଇବାକୁ ପ୍ରସ୍ତୁତି ଓ ପ୍ରଚେଷ୍ଟାର ଅନ୍ୟନାମ ସାଧନା ବା ଯୋଗ ସାଧନା । ଯୋଗ କହିଲେ କିଛିକୁ କିଛି ସହିତ ଯୋଗ କରିବାକୁ ବୁଝାଏ । ଭୌତିକ ଜଗତରେ ଯେତେ ଜ୍ଞାନ ରହିଛି ସବୁଠାରୁ ଶ୍ରେଷ୍ଠ ଜ୍ଞାନ ହେଉଛି ନିଜକୁ ଜାଣିବା, ଯେତେ ଜ୍ଞାନୀ ଅଛନ୍ତି ଏ ପୃଥିବୀରେ ସବୁଠାରୁ ଶ୍ରେଷ୍ଠ ଜ୍ଞାନୀ ହେଉଛନ୍ତି ସେହି ବ୍ୟକ୍ତି ଯିଏ ବ୍ୟାବହାରିକ ଜ୍ଞାନ ସହିତ ନିଜକୁ ଜାଣିବାର ଜ୍ଞାନ (ଆଧ୍ୟାତ୍ମିକ ଜ୍ଞାନ) ହାସଲ କରିଥାନ୍ତି । ପୂର୍ବେ ଭାରତ ବର୍ଷରେ ନିଜକୁ ବୁଝିବାର ପ୍ରୟାସ ପାଇଁ ବହୁକଷ୍ଟ ସ୍ୱୀକାର କରିବାକୁ ପଡୁଥିଲା । ଅତୀତରେ ବାତାବରଣ ଏପରି ଥିଲା ଯେ ଜୀବନରେ ଭଗବାନଙ୍କୁ ପାଇବାକୁ ହେଲେ ସନ୍ନ୍ୟାସ ବରଣ କରିବାକୁ ହେଉଥିଲା । ସମାଜ, ସଂସାର, ଘରଦ୍ୱାର ସବୁଛାଡ଼ି ଜଙ୍ଗଲକୁ ଯିବାକୁ ପଡୁଥିଲା । ଜଙ୍ଗଲ ଥିଲା ଥିଲା ସାଧନା ପାଇଁ ପ୍ରକୃଷ୍ଟ କ୍ଷେତ୍ର ।

ଝରଣା ଜଳ, ବୃକ୍ଷରୁ ପତିତ ଫଳଥିଲା ସେମାନଙ୍କର ଖାଦ୍ୟ । ଗ୍ରୀଷ୍ମ କାଳରେ ଚତୁଃପାର୍ଶ୍ୱରେ ଅଗ୍ନି ଜଳାଇ ସାଧନା କରୁଥିଲେ ସାଧକମାନେ । ଶୀତକାଳରେ ପାଣିଭିତରେ ପ୍ରବେଶ କରି ଏକନିଷ୍ଠ ଭାବରେ ଈଶ୍ୱରଙ୍କୁ ଚିନ୍ତା କରିବାକୁ ପଡୁଥିଲା । ଜୀବନ-ଜିଜ୍ଞାସା ପାଇଁ ମୁଖ୍ୟକଥା ଥିଲା ସଂସାର ତ୍ୟାଗ, ସମାଜ ତ୍ୟାଗ, ତ୍ୟାଗ କହିଲେ ଠିକ୍‌ହେବ ନାହିଁ ବରଂ ପଳାୟନ ବୋଲି କୁହାଯାଇ ପାରିବ । ନିଜର ସ୍ୱାର୍ଥପାଇଁ, ସୁବିଧା ପାଇଁ ସମାଜକୁ ଛାଡ଼ିବାକୁ ପଡୁଥିଲା । ନିଜର ମୁକ୍ତି ତଥା ଆତ୍ମାକୁ ପରମାତ୍ମାଙ୍କ ସହିତ ମିଳାଇ ଦେବାର ଆକାଂକ୍ଷାରେ ଅନୁପ୍ରାଣିତ ହୋଇ ସେମାନେ ଶରୀରକୁ କଷ୍ଟ ଦେଉଥିଲେ । ବସ୍ତୁ ବିମୁଖତା ଥିଲା ଆତ୍ମଜ୍ଞାନ ପ୍ରାପ୍ତିପାଇଁ ଏକ ମୌଳିକ ସର୍ତ୍ତ । ଏହାଦ୍ୱାରା ଅନ୍ୟମାନଙ୍କର ତଥା ସମାଜର କୌଣସି ବିଶେଷ ଲାଭ ହେଉନଥିଲା । ସାମାଜିକ ଜୀବନ ପୂର୍ବପରି ରହୁଥିଲା । ସେଥିରେ କୌଣସି ପରିବର୍ତ୍ତନ ଲକ୍ଷିତ ହେଉନଥିଲା । ଗୋଟିଏ ଶବ୍ଦରେ କହିଲେ ଏକଥା ହେବ ଯେ ପୂର୍ବର ସାଧକଙ୍କ ତପସ୍ୟା ଥିଲା ସ୍ୱାର୍ଥପରତା ଭିତ୍ତିରେ ପର୍ଯ୍ୟବସିତ । ଏଥିରେ ଦେହ ପ୍ରାଣ ଓ ମନର ସ୍ୱଭାବ ସୁଲଭ ଅଭିବ୍ୟକ୍ତି ଓ ବିକାଶ ହେଉନଥିଲା । ଆତ୍ମିକ ଚେତନାର କେବଳ ବିକାଶ ହେଉଥିଲା ଓ ଅନ୍ୟ ତିନିଗୋଟି ସତ୍ତା (ଦେହ, ପ୍ରାଣ ଓ ମନ) ପ୍ରତି ଅବହେଳା ପ୍ରଦର୍ଶନ କରାଯାଉଥିଲା, ସାଧକମାନେ ସମାଜର ବିକାଶ ନିମନ୍ତେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିପାରୁ ନ ଥିଲେ । ଅବଶ୍ୟ ଏଥିରେ କାହାରି ଦୋଷ ନାହିଁ । ସମୟର ଆବେଦନ ଅନୁସାରେ ମନୁଷ୍ୟ ପରିଚାଳିତ ହେବାକୁ ବାଧ ହୁଏ । ସାଧନା ବ୍ୟକ୍ତିଗତ ସ୍ତରରେ ସୀମିତ ହୋଇ ରହିଥିଲା । ସମୟର ପ୍ରଭାବରେ ଗତକାଲିର ଜୀବନ ଜିଜ୍ଞାସା ଥିଲା ଆତ୍ମ କୈନ୍ଦ୍ରିକ, ଏବଂ ଏକଦିଗ୍‌ଦର୍ଶୀ ଆଜି କିନ୍ତୁ ଯୁଗ ଧର୍ମରେ ପରିବର୍ତ୍ତନ ଆସିଛି । ଜୀବନଜିଜ୍ଞାସା ଅନ୍ତର୍ମୁଖୀ ହେବା ପରିବର୍ତ୍ତେ ବହିର୍ମୁଖୀ ହୋଇଛି । ଇନ୍ଦ୍ରିୟଲବ୍ଧ ସୁଖ ହୋଇଛି ଆଜିର ଦେବତାର ଆସନରେ ଆସୀନ । ବସ୍ତୁଗତ ଆଧିକ୍ୟରେ ଜୀବନର ପ୍ରତିଷ୍ଠା ଓ ପ୍ରଭାବ ପରିବ୍ୟାପ୍ତ । ମଣିଷର ଯଥାର୍ଥ ମୂଲ୍ୟାୟନ ହେଉଛି ବସ୍ତୁର ବିକାଶରେ । ଇନ୍ଦ୍ରିୟଗ୍ରାହ୍ୟ ଜୀବନରେ କେତେକାଂଶରେ ବିକାଶ ସଂଗଠିତ ହୋଇଛି ସତ ମାତ୍ର ତାହା ପୂର୍ଣ୍ଣାଙ୍ଗ ପୂର୍ଣ୍ଣତା ନୁହେଁ, ମାନସିକ ଶାନ୍ତି ଦେବାପାଇଁ ତାହା ପୂର୍ଣ୍ଣଭାବରେ ସମର୍ଥ ନୁହେଁ, ତାହା ଯାହାହେବ ତାହା ହେଉଛି ପ୍ରାଣର ଶାନ୍ତି । ପ୍ରାଣର ଶାନ୍ତି ଆବଶ୍ୟକ ମାତ୍ର ଏହା ସହିତ ମନରଶାନ୍ତି ଓ ସନ୍ତୋଷ ମଧ୍ୟ ଏକାନ୍ତ କାମ୍ୟ, ଯାହା ଭବିଷ୍ୟତରେ ସଂଗଠିତ ହେବବୋଲି ପୃଥିବୀର ବିଭିନ୍ନ ଅଞ୍ଚଳର ବହୁଚିନ୍ତାବିତ୍ ମତ ଦେଇଛନ୍ତି । ସେମାନଙ୍କ ମତରେ ଆଗାମୀ ଦିନରେ ମଣିଷର ଚେତନାର ସ୍ତର ପରିବର୍ତ୍ତିତ ହେବ । ତା'ର ଆଭିମୁଖ୍ୟ ଓ ଲକ୍ଷ୍ୟରେ ମଧ୍ୟ ଯଥାଯୋଗ୍ୟ ପରିବର୍ତ୍ତନ ପରିଲକ୍ଷିତ ହେବ । ବିଜ୍ଞାନର ଅଗ୍ରଗତି ହେବ ଅଧିକର ଅଧିକ । ଏହା ସହିତ ଅନ୍ତରର ବିକାଶ ଘଟିବ । ବୌଦ୍ଧିକ ଓ ଆନ୍ତରିକ ଉଭୟ ଦିଗନ୍ତର ବିକାଶରେ ଜୀବନ ହେବ ଲଳିତ, ଦିବ୍ୟ ପ୍ରଭାବରେ ପ୍ରଭାବିତ । ବସ୍ତୁବାଦ ରହିବ ଏହା ସହିତ ଭାବବାଦର ମଧୁର ସମନ୍ୱୟ ସଂଗଠିତ ହେବ । ବସ୍ତୁ ରହିବ ଅଧିକରୁ ଅଧିକ ପରିମାଣରେ ମାତ୍ର ଆଜି ଯେପରି ରହିଛି ସେପରି ନୁହେଁ, ଆଗାମୀ ଦିନରେ ମଣିଷ ହେବ ଯଥାର୍ଥରେ ବସ୍ତୁର ମାଲିକ । ଜୀବନର ଅଭିବ୍ୟକ୍ତି ହେବ ଅଧିକ ସୁଲଳିତ ଓ ଆକର୍ଷଣୀୟ । ସାଧକର ସାଧନା ହେବ ସମାଜ ପାଇଁ ତଥା ସମଗ୍ର ମାନବ ଜାତିପାଇଁ ଅଭିପ୍ରେତ । ପଳାୟନ ତଥା ବସ୍ତୁ ବିମୁଖତା ଆଉ ସାଧନାର ମୁଖ୍ୟ ଅଙ୍ଗ ହେବନାହିଁ । ପଳାୟନ ନୁହେଁ, ଇଚ୍ଛାଶକ୍ତିର ଦମନ ନୁହେଁ ବରଂ ରୂପାନ୍ତର ହିଁ ହେବ ଯଥାର୍ଥ ମଣିଷ ନିମନ୍ତେ ବହୁମୂଲ୍ୟ ଉପାଦାନ । ଅରଣ୍ୟ ଗମନ, ମସ୍ତକ ମୁଣ୍ଡନ, ସନ୍ନ୍ୟାସ ଗ୍ରହଣ ତିଳକ ଧାରଣ ଇତ୍ୟାଦିର ଆବଶ୍ୟକତା ରହିବ ନାହିଁ । ଆବଶ୍ୟକ ହେବ ସଂସାରରେ ସମାଜରେ ରହି ଯଥାଯଥ କର୍ତ୍ତବ୍ୟପାଳନ

ଓ ସ୍ଥିତିଶୀଳ ମନୋବୃତ୍ତିର ପରିବର୍ତ୍ତନ । ବସ୍ତୁ ଭିତରେ ଈଶ୍ୱରଙ୍କୁ ଖୋଜିବାର ଆନ୍ତରିକତା ଓ ଈଶ୍ୱରଙ୍କ ଭିତରେ ବସ୍ତୁକୁ ଦେଖିବାର ଆତ୍ମୀୟତା ସ୍ପଷ୍ଟ ଅନୁଭବ କରିହେବ । ଅତୀତର ବସ୍ତୁବିମୁଖତା ନୁହେଁ କି ବର୍ତ୍ତମାନର ବସ୍ତୁସର୍ବସ୍ୱତା ନୁହେଁ, ସେତେବେଳେ ହେବ ଚେତନାର ଉତ୍ତରଣ ପାଇଁ ପ୍ରବଳ ପ୍ରୟାସ । ବସ୍ତୁ ସେଥିରେ ବାଧକ ହେବନାହିଁ ବରଂ ଆବଶ୍ୟକ ସ୍ଥଳେ ସହାୟକ ହେବ । ସମୟ ଆସିବ ସେତେବେଳେ ସ୍ପଷ୍ଟ ଭାବରେ ବୁଝିହେବ ଯେ ବାହ୍ୟଜୀବନ କେବଳ ଜୀବନ ନୁହେଁ କି ଅନ୍ତର୍ଜୀବନ କେବଳ ଜୀବନ ନୁହେଁ । ଉଭୟ ଜୀବନର ସମ୍ୟକ୍ ସମନ୍ୱୟରେ ଯେଉଁ ପୂର୍ଣ୍ଣାଙ୍ଗ ଜୀବନ ସୁଗଠିତ ହେବ ତାହାହିଁ ହେବ ଯଥାର୍ଥ ଜୀବନ, ଦିବ୍ୟଜୀବନ । ଏହି ଦିବ୍ୟ ଜୀବନର ପବିତ୍ର ମୋହନ ସ୍ପର୍ଶରେ ଏ ପୃଥିବୀ ହେବ ଦିବ୍ୟ ଚେତନାର ଲୀଳାଧାମ, କ୍ରୀଡ଼ାପ୍ରାଙ୍ଗଣ ଏବଂ ଏକ ଅର୍ଥପୂର୍ଣ୍ଣ ସୁରମ୍ୟ ତୀର୍ଥ ।

❐❐

ଆତ୍ମବିକାଶର ସ୍ୱରଲିପି

ଆତ୍ମ ବିକାଶ ପାଇଁ ମନୁଷ୍ୟର ଜନ୍ମ । ସେ ନିଜେ ହିଁ ନିଜର ଭାଗ୍ୟ ବିଧାତା । ସବୁ ଅବସ୍ଥାରେ ତା'ର ଆଗରେ ଦୁଇଟି ପଥ ରହିଥାଏ । ଗୋଟିଏ ପଥ ଊର୍ଦ୍ଧ୍ୱଚେତନା ଦିଗରେ ଓ ଅନ୍ୟଟି ନିମ୍ନ ଚେତନା ଦିଗରେ ଉନ୍ମୁକ୍ତ ଥାଏ । ତାକୁ ନିର୍ବାଚନ କରିବାକୁ ହୁଏ ପ୍ରତି ମୁହୂର୍ତ୍ତରେ ତା'ର ନିଜର ଗତିପଥ । ତେଣୁ ହିଁ କୁହାଯାଏ ଯେ ମନୁଷ୍ୟର ସାମର୍ଥ୍ୟ ଅଛି ନିଜର ଭାଗ୍ୟକୁ ନିୟନ୍ତ୍ରଣ କରିବା ପାଇଁ । ନିଜର ପ୍ରୟାସ ଓ ପ୍ରଚେଷ୍ଟା ଦ୍ୱାରା ମନୁଷ୍ୟ ବିଭିନ୍ନ ପ୍ରକାର ଆତ୍ମବିକାଶ କରିପାରେ । ନିଜର ଉତ୍ତମ କର୍ମ ଓ ବ୍ୟବହାର ଦ୍ୱାରା ସେ ନରନାରାୟଣରେ ପରିଣତ ହୋଇପାରେ । ପୁନଶ୍ଚ ଅସାଧୁକର୍ମ ଓ ଅସତ୍ ବ୍ୟବହାର ଦ୍ୱାରା ନରପଶୁ, ନରରାକ୍ଷସ କିମ୍ବା ନର ପିଶାଚରେ ମଧ୍ୟ ସେ ପରିଣତ ହୋଇପାରେ । ମନୁଷ୍ୟ ତା'ର ଗୁଣ, କର୍ମ ଦ୍ୱାରା ଅଭିନନ୍ଦିତ ହୋଇପାରେ ବା ନିନ୍ଦିତ ହୋଇପାରେ । ସେ ଚାହିଁଲେ ନିଜର ବିକାଶ କରିପାରେ, ପୁଣି ଚାହିଁଲେ ତା'ର ନିଜର ବିନାଶ ମଧ୍ୟ କରିପାରେ । ଆତ୍ମବିକାଶ ସମ୍ପର୍କରେ କେତେକ ତଥ୍ୟ ଏହି ପ୍ରବନ୍ଧର ଆଲୋଚ୍ୟ ବିଷୟ ବସ୍ତୁ ।

ଆତ୍ମବିକାଶ ପାଇଁ ପ୍ରଥମତଃ ଆବଶ୍ୟକ ଆତ୍ମବିଶ୍ୱାସ । ଆତ୍ମବିଶ୍ୱାସ ନ ଥିଲେ ଜୀବନରେ ଉନ୍ନତିର ମାର୍ଗ ପ୍ରଶସ୍ତ ହୁଏ ନାହିଁ । ମନରେ ଆନନ୍ଦ ରହେନାହିଁ । ପ୍ରାଣରେ ପୁଲକ ଆସେ ନାହିଁ । ସବୁକିଛି କେମିତି ନୀରସ ଶୁଷ୍କ ମନେହୁଏ । ଆତ୍ମବିଶ୍ୱାସ ବିନା ମନୁଷ୍ୟ ନିଜକୁ ସାନ ଓ ହୀନ ମନେକରେ । ଏହା ଏକ ପାପ । ନିଜ ଭିତରେ ଅନନ୍ତ ଶକ୍ତିର ଉତ୍ସ ବିରାଜମାନ । ସେହି ଶକ୍ତିର କ୍ରିୟା ଅପରିସୀମ ଓ ଅସାଧାରଣ । ସ୍ୱାମୀ ବିବେକାନନ୍ଦଙ୍କ ମତରେ "ଆତ୍ମବିଶ୍ୱାସୀ ବ୍ୟକ୍ତି ହିଁ ଯଥାର୍ଥରେ ପ୍ରଗତିଶୀଳ ବ୍ୟକ୍ତି । ଯାହାର ଆତ୍ମବିଶ୍ୱାସ ନାହିଁ ସେ ନାସ୍ତିକ ।"

ନିଜକୁ ଚିହ୍ନିବା, ବୁଝିବା ଓ ଜାଣିବା ସର୍ବାଦୌ ଆବଶ୍ୟକ । ସେଥିପାଇଁ ଯାହା ଏକାନ୍ତ ଜରୁରୀ ତାହା ହେଲା ଆତ୍ମଶକ୍ତି । ଆତ୍ମଶକ୍ତି ବଳରେ ମନୁଷ୍ୟ ସ୍ୱୟଂସମ୍ପୂର୍ଣ୍ଣ ହୋଇପାରେ । ଜୀବନର ମହତ୍ତ୍ୱ ଓ ମୂଲ୍ୟବୋଧକୁ ଉପଲବ୍ଧି କରିପାରେ । ଆତ୍ମଶକ୍ତି ପାଇଁ ପ୍ରାଥମିକ ଆବଶ୍ୟକତା ରୂପେ ଜ୍ଞାନକୁ ଗ୍ରହଣ କରାଯାଇପାରେ । ସବୁ ବିଷୟରେ କିଛି କିଛି ଜ୍ଞାନ ରହିଲେ ଆତ୍ମଶକ୍ତି ବୃଦ୍ଧି ପାଏ । ସନ୍ଦେହ ଏକ ବିରୋଧୀ ଶକ୍ତି ଯାହା ମନର ସରସତା ଓ ଶକ୍ତିକୁ ତିଳ ତିଳ କରି ନଷ୍ଟ କରିଦିଏ । ହତାଶା ମନରେ ଆସିଲେ ପ୍ରଗତିର ଦ୍ୱାରରୁଦ୍ଧ ହୋଇଯାଏ । ଅତଏବ ଆଶା, ଆନନ୍ଦ, ଉତ୍ସାହ ଓ ଧୈର୍ଯ୍ୟ-ଏହିସବୁ କଥା ଜୀବନରେ ଚେତନା ଆଣିଦିଏ ଓ ଆତ୍ମଶକ୍ତିର ସଞ୍ଚରଣ ପାଇଁ ଭିତ୍ତି ପ୍ରସ୍ତୁତ କରିଦିଏ । ଅବଶ୍ୟ ବିଫଳତା ଜୀବନରେ ଆସିଲେ ସେଥିପ୍ରତି ଗୁରୁତ୍ୱ ଦେବା ଅନାବଶ୍ୟକ । କାରଣ ବିଫଳତା ହିଁ ସଫଳତାର ଭିତ୍ତିଭୂମି । କୁହାଯାଏ ଯେ ଏଡ଼ିସନ୍ ବିଦ୍ୟୁତ୍ ଆବିଷ୍କାରବେଳେ

୯୦୦ ବାର ଅକୃତକାର୍ଯ୍ୟ ହୋଇଥିଲେ, ତଥାପି ସେ ସଫଳତାର ଆଶା ରଖିଥିଲେ ଓ ଶେଷରେ ସଫଳ ହୋଇଥିଲେ ଅର୍ଥାତ୍ ବିଦ୍ୟୁତ୍ ଆବିଷ୍କାର କରିଥିଲେ ।

ଆତ୍ମବିଶ୍ୱାସ ନିମନ୍ତେ ଅନ୍ୟ ଏକ ଉପାଦାନ ମହତ୍ତ୍ୱପୂର୍ଣ୍ଣ, ତାହା ହେଉଛି ଇଚ୍ଛାଶକ୍ତି । ଇଚ୍ଛାଶକ୍ତି ସର୍ବଦା ଗଠନମୂଳକ ହେବା ଆବଶ୍ୟକ । ଏହାକୁ ଅନ୍ୟ ପ୍ରକାରେ କୁହାଯାଇ ପାରେ କଳ୍ପନାଶକ୍ତି । ମଣିଷ ମନର କଳ୍ପନାରେ ଅମାପ ଶକ୍ତି ନିହିତ । ଭଲ କଳ୍ପନାରୁ ଭଲ ଫଳ ମିଳେ । ବ୍ୟକ୍ତିର କଳ୍ପନା ତତ୍ତ୍ୱ ହିଁ ତା'ର ଭବିଷ୍ୟତ ଗଠନରେ ବହୁ ସହାୟକ ହୁଏ । ଅତଏବ କଳ୍ପନାକୁ ଜୀବନ କ୍ଷେତ୍ରରେ ଗୁରୁତ୍ୱପୂର୍ଣ୍ଣ ସ୍ଥାନ ଦେବା ଉଚିତ ।

କେବଳ କଳ୍ପନା ନୁହେଁ ଏହା ସହିତ ଉଦ୍ୟୋଗକୁ ସଂଯୁକ୍ତ କରିବା ବିଧେୟ । ଉଦ୍ୟୋଗ ବିନା ଆତ୍ମବିକାଶ ହୋଇ ପାରେନାହିଁ । ଜୀବନର ଲକ୍ଷ୍ୟସ୍ଥିର କରି ଏବଂ କଳ୍ପନାଶକ୍ତିକୁ ଗୁରୁତ୍ୱ ଦେଇ ତଦନୁସାରେ କର୍ମ କରିବା ଆବଶ୍ୟକ । ଶାରୀରିକ ଶକ୍ତିର ସଦୁପଯୋଗ ହୁଏ କର୍ମରେ, ମନର ସଦୁପେଯୋଗ ହୁଏ ଭଲ ଚିନ୍ତାରେ । ଅତଏବ ଅନନ୍ଦମୟ ଜୀବନଯାପନ କରି ଆତ୍ମବିକାଶର ପଥରେ ପଥିକ ହେବା ନିମିତ୍ତ ନିଜର ମନୋନୁକୂଳ କର୍ମରେ ଜଣେ ନିଜକୁ ବ୍ୟସ୍ତ ରଖିବା ଉଚିତ । ବ୍ୟାସଦେବଙ୍କର ବାଣୀ ଅନୁସାରେ -

'ବୁଦ୍ଧି ପ୍ରଭାବ ତେଜଶ୍ଚ ସତ୍ୟମୁତ୍‌ଥାନମେବଚ
ବ୍ୟବସାୟଶ୍ଚ ଯସ୍ୟ ସ୍ୟାତ ତସ୍ୟାଃବୃତ୍ତି ଭୟଂ କୁତଃ'

ଅର୍ଥାତ୍ ବୁଦ୍ଧି, ପ୍ରଭାବ, ତେଜ, ବଳ, ପ୍ରଗତିର ଇଚ୍ଛା, ଉଦ୍ୟୋଗ ଏ ସମସ୍ତ ପୁଣି ଯାହାଠାରେ ଅଛି ତା'ର ଭୟ କ'ଣ ?

ଉଦ୍ୟୋଗ ଆରମ୍ଭ କରି ତାକୁ ଚାଲୁରଖିବା ଆବଶ୍ୟକ । ଏହାକୁ କୁହାଯାଏ ଅଧ୍ୟବସାୟ । କର୍ମର ଯୋଜନାନୁସାରେ ନିରନ୍ତର ପରିଶ୍ରମକୁ ଅଧବସାୟ କହନ୍ତି । ସାବଧାନତା ସହିତ ଲକ୍ଷ୍ୟ ଦିଗରେ ଏକନିଷ୍ଠ କର୍ମାଭ୍ୟାସ ଯୋଗୁଁ ସିଦ୍ଧି ହସ୍ତଗତ ହୁଏ । ଅଧ୍ୟବସାୟ ହେଉଛି ଏକପ୍ରକାର ସାଧନା ।

ଆତ୍ମବିକାଶ ପଥରେ ପାଦ ଦେବାକୁ ଇଚ୍ଛା କଲେ ବିରୋଧୀ ଶକ୍ତିଗଣ ବ୍ୟକ୍ତିକୁ ଅସୁବିଧାରେ ପକାଇବାକୁ ଚେଷ୍ଟା କରନ୍ତି । ବିରୋଧୀ ଶକ୍ତି କେବେ ବି ଚହାନ୍ତି ନାହିଁ ବ୍ୟକ୍ତିର ଆତ୍ମବିକାଶ, ତେଣୁ ସେମାନେ ବହୁ ଅଘଟଣ ଘଟାଇଥାନ୍ତି । ଲୋଭ, ମୋହ, କାମ ଆଦି ରିପୁଗଣ ଅଧକରୁ ଅଧିକ ଆକ୍ରମଣ କରି ବ୍ୟକ୍ତିକୁ ଆତ୍ମବିକାଶ ପଥରୁ ବିଚ୍ୟୁତ କରିବା ପାଇଁ ଚେଷ୍ଟା କରନ୍ତି । ସେତେବେଳେ ବ୍ୟକ୍ତିର ସଚେତନତା ଏକାନ୍ତ କାମ୍ୟ । ବିରୋଧୀ ଶକ୍ତିର କ୍ରିୟାକୁ ଚିହ୍ନି ସେମାନଙ୍କ ଦ୍ୱାରା ପ୍ରଭାବିତ ନ ହେବା ପାଇଁ ବ୍ୟକ୍ତି ସତର୍କ ରହିବା ଉଚିତ ।

ଦିଗ୍‌ଦର୍ଶନ ନିମନ୍ତେ ଭଲ ଭଲ ଗ୍ରନ୍ଥ ପାଠ ଏକାନ୍ତ ଜରୁରୀ । ଧର୍ମ ମତ ନିର୍ବିଶେଷରେ ସବୁଗ୍ରନ୍ଥର ସାରନିର୍ଯ୍ୟାସ ପ୍ରାୟ ଏକ କହିଲେ ଅତ୍ୟୁକ୍ତି ହେବନାହିଁ । ଏହା ସହିତ ପରିସ୍ଥିତିର ଅଧ୍ୟୟନ, ଅନ୍ୟର ଜୀବନଧାରା ଓ ଜୀବନୀର ଅନୁଶୀଳନ, ମାନବ ସ୍ୱଭାବର ଅନୁଶୀଳନ ଇତ୍ୟାଦିକୁ ଜୀବନରେ ଗୁରୁତ୍ୱ ଦେବା ଉଚିତ । ଏହାକୁ କୁହାଯାଏ ସ୍ୱାଧ୍ୟାୟ । ନିଜ ଜୀବନର ଅନୁଭୂତି ମଧ୍ୟ ବ୍ୟକ୍ତିକୁ ସଚେତନ କରିଥାଏ । ମହାତ୍ମା ଗାନ୍ଧୀଙ୍କ ମତରେ- "DEEP TRAGEDY IS THE SCHOOL OF GREAT MEN" ଅର୍ଥାତ୍ ଘୋର ପରାଜୟରୁ

ମଣିଷ ଅଧିକ ଶିକ୍ଷା ଲାଭ କରିଥାନ୍ତି । ଏହା ମଧ୍ୟ ସ୍ୱାଧ୍ୟାୟର ଅନ୍ତର୍ଗତ । ତେବେ ପାଠ ଦ୍ୱାରା ବ୍ୟକ୍ତି ବହୁ ପ୍ରକାରେ ଉପକୃତ ହୋଇପାରେ । ଏହା ଏକ କଳା । ପୁସ୍ତକରେ ଉପସ୍ଥାପିତ ତଥ୍ୟର ମର୍ମାର୍ଥ ବୁଝିବା ଉଚିତ । ସ୍ମରଣଶକ୍ତି ସବଳ ନଥିଲେ ଗ୍ରନ୍ଥ ପଠନ ଦ୍ୱାରା କିଛି ଲାଭ ହୋଇନଥାଏ । ଖାଲି ପାଠ କଲେ ଯଥେଷ୍ଟ ଉପକାର ହୁଏନାହିଁ । ଏହା ସହିତ ବିଚାରଶୀଳତାକୁ ଯୋଗ କରିବାକୁ ହୁଏ । ନ ବୁଝି କଣ୍ଠସ୍ଥ କରିଦେଲେ ବିଶେଷ କିଛି ଲାଭ ହୁଏନାହିଁ । ପୋଥିଗତ ପାଠପରି ତାହାର ପ୍ରଭାବ କିଛି ରହେନାହିଁ । ନିଜର ଆଗ୍ରହ ଓ ଆନ୍ତରିକତା ଅନୁସାରେ ସଦ୍‌ଗ୍ରନ୍ଥ ନିର୍ବାଚନ କରି ତାକୁ ଏକାଗ୍ର ଚିତ୍ତରେ ଅଧ୍ୟୟନ କଲେ ସେଥିରୁ ଚେତନାର ବିକାଶ ପାଇଁ ଯଥେଷ୍ଟ ଉପାଦାନ ମିଳିଥାଏ ।

ବିଚାରଶୀଳତା ପ୍ରୟୋଗ କରି ହୃଦୟଙ୍ଗମ କରିବା ସଙ୍ଗେ ସଙ୍ଗେ ଗ୍ରନ୍ଥଲବ୍ଧଜ୍ଞାନକୁ କ୍ରିୟାରେ ପରିଣତ କରିବା ବାଞ୍ଛନୀୟ । ଜ୍ଞାନ ବିଳାସୀ ଅପେକ୍ଷା କର୍ମଶୀଳ ବ୍ୟକ୍ତିକୁ ସମାଜରେ ଅଧିକ ସମ୍ମାନ ଓ ଶ୍ରଦ୍ଧା ମିଳେ । କୁହାଯାଏ 'ଯଃ କ୍ରିୟାବାନ୍ ସ ପଣ୍ଡିତଃ' ଅତଏବ ଏକଥା ସର୍ବବାଦୀ ସମ୍ମତ ଯେ କର୍ମଦ୍ୱାରା ହିଁ ଜ୍ଞାନ ସାର୍ଥକ ହୁଏ । କର୍ମ ମାଧ୍ୟମରେ ଜ୍ଞାନ ପରିପକ୍ୱ ହେବା ସଙ୍ଗେ ସଙ୍ଗେ ଜ୍ଞାନର ବୃଦ୍ଧି ମଧ୍ୟ ହୁଏ ।

କେବଳ ନିଜର ଅଭିଜ୍ଞତା ଓ ସ୍ୱାଧ୍ୟାୟ ଯେ ଆତ୍ମବିକାଶ ପାଇଁ ଯଥେଷ୍ଟ ତାହା ନୁହେଁ ଏହା ସହିତ ଅନ୍ୟମାନଙ୍କଠାରୁ ମଧ୍ୟ କିଛି କିଛି ଶିଖିବାକୁ ହୁଏ । ନିରଭିମାନ ହୋଇ ଅନ୍ୟଠାରୁ କିଛି ଭଲ ଗୁଣ ଶିଖିବା ପାଇଁ ଆତ୍ମପ୍ରସ୍ତୁତି ଦରକାର ।

ଆତ୍ମବିକାଶ କହିଲେ କେବଳ ନିଜର ବ୍ୟକ୍ତିଗତ ଚେତନାର ବିକାଶକୁ ବୁଝାଏ ନାହିଁ । ଏହା ସହିତ ପରିବେଶ ତଥା ସମାଜର ବିକାଶ ମଧ୍ୟ ସଂଶ୍ଳିଷ୍ଟ । ଜଣେ ମନୁଷ୍ୟ ଆତ୍ମବିକାଶ ପଥରେ ଚାଲିଲେ ତା'ର ପରିପାର୍ଶ୍ୱରେ ଏକ ଗଠନମୂଳକ ବାତାବରଣ ସୃଷ୍ଟି ହୁଏ, ଯାହାର ପ୍ରଭାବରେ ଅନ୍ୟମାନେ ପ୍ରଭାବିତ ହୁଅନ୍ତି । ବ୍ୟକ୍ତିର ଆତ୍ମବିକାଶ ବଳରେ ସମୟକ୍ରମେ ବିଶ୍ୱ ଜୀବନର ଆତ୍ମବିକାଶ ସମ୍ଭବ ହୋଇପାରେ । ଆତ୍ମସଚେତନ ବ୍ୟକ୍ତି ମାର୍ଜିତ ରୁଚି, ଅନ୍ୟମାନଙ୍କ ପାଇଁ କର୍ତ୍ତବ୍ୟବୋଧ, ସମ୍ବେଦନଶୀଳତା, ସହାନୁଭୂତି ଇତ୍ୟାଦି ମାନବିକ ସଦ୍‌ଗୁଣରେ ଭୂଷିତ ହୋଇଥାଏ । ସେ ଅରଣ୍ୟନିବାସୀ ହେବାଠାରୁ ସମାଜରେ ରହିବା ଶ୍ରେୟସ୍କର । ଭଲକଥାର ଯେପରି ପ୍ରଭାବ ଅଛି ଭଲ ବ୍ୟବହାରର ମଧ୍ୟ ସେପରି ପ୍ରଭାବ ଅଛି । ଆତ୍ମବିକାଶ ପ୍ରୟାସୀ ବ୍ୟକ୍ତି ହୁଏ ଶାନ୍ତ, ଅହଂବର୍ଜିତ, ସ୍ଥିର, ସ୍ଥିତପ୍ରଜ୍ଞ, ଈଶ୍ୱର ବିଶ୍ୱାସୀ ଓ କର୍ମପ୍ରିୟ । ଉଦ୍‌ବେଗହୀନତା ଏହାର ଅନ୍ୟଏକ ଉପାଦେୟ ଉପାଦାନ । ଆପଣା ସ୍ୱାର୍ଥର ବିଷାକ୍ତ ବଳୟ ଭିତରୁ ମୁକ୍ତ ହେବାପାଇଁ ପ୍ରୟାସ ଓ ପ୍ରଚେଷ୍ଟା ବ୍ୟକ୍ତିକୁ ବିକାଶ ନିମନ୍ତେ ସୁବିଧା ଦିଏ, ମନକୁ ପ୍ରଶସ୍ତ କରେ, ହୃଦୟକୁ ଗଭୀରତା ଆଣିଦିଏ । ସାଧାରଣ ବ୍ୟକ୍ତି ଆପଣା ଚିନ୍ତାରେ ସାରାଜୀବନ ମଜ୍ଜି ରହିଥାନ୍ତି । କ୍ଷଣମାତ୍ର ଅନ୍ୟଚିନ୍ତା କରିବାକୁ ସମୟ ସେମାନେ ପାଆନ୍ତି ନାହିଁ । ଆତ୍ମସଚେତନ ବ୍ୟକ୍ତି ସଂକୀର୍ଣ୍ଣ ସ୍ୱାର୍ଥର ପରିସୀମାରୁ ମୁକ୍ତହୋଇ ପ୍ରଶସ୍ତ ପରିବେଶରେ ରହିବା ପସନ୍ଦ କରନ୍ତି ଓ ତହିଁରୁ ଆତ୍ମସନ୍ତୋଷ ଲାଭ କରିଥାନ୍ତି ।

ଆତ୍ମବିକାଶ ପରି ଏକ ଗୁରୁତ୍ୱ ପୂର୍ଣ ପ୍ରସଙ୍ଗରେ ଆଲୋଚନା କରିବା ପାଇଁ ଏହି କ୍ଷୁଦ୍ର ପ୍ରବନ୍ଧରେ ଅବକାଶ ନାହିଁ । ତେବେ ପରିଶେଷରେ ଏତିକି କୁହାଯାଇପାରେ ଯେ ମଣିଷର ଇନ୍ଦ୍ରିୟ ସବୁ ବାହାରକୁ

ରହିଛନ୍ତି, ସେମାନଙ୍କୁ ମନର ଚିନ୍ତା ଦ୍ୱାରା ସତକାର୍ଯ୍ୟରେ ଲଗାଇଲେ ଆତ୍ମବିକାଶର ସମ୍ଭାବନା ରହେ, ଅନ୍ୟଥା ନୁହେଁ । ଇନ୍ଦ୍ରିୟଗଣ ସ୍ୱେଚ୍ଛାଧୀନ ଭାବରେ ନିଜ ନିଜର ପଥରେ ଚାଲିଲେ ଆତ୍ମବିକାଶ ବାସ୍ତବତାରେ ପରିଣତ ହୋଇପାରେନାହିଁ ।

ଆତ୍ମବିକାଶ ପଥରେ ଚାଲୁଥିବା ବ୍ୟକ୍ତି ଦିନେ ଆତ୍ମାକୁ ଆବିଷ୍କାର କରିବାକୁ ସମର୍ଥ ହୁଏ । ମଣିଷ ସେତେବେଳେ ପ୍ରକୃତ ଅର୍ଥରେ 'ବସୁଧୈବ କୁଟୁମ୍ବକମ୍' ତଥା 'ଆତ୍ମବତ୍ ସର୍ବଭୂତେଷୁ' ଭାବନାରେ ଭାବିତ ହୋଇଥାଏ । ଆତ୍ମାରେ ଥିବା ଶକ୍ତି ଅସୀମ ଓ ଅନନ୍ତ । ତା'ର ନେତୃତ୍ୱରେ ଏଯାବତ୍ ମଣିଷ ପରିଚାଳିତ ହୋଇନାହିଁ । ଏ ପର୍ଯ୍ୟନ୍ତ ମନ ହେଉଛି ପ୍ରଭୁ । ଆତ୍ମା ଯେବେ ପ୍ରଭୁ ହେବ ସେତେବେଳେ ଜୀବନ ଧାରା ପରିବର୍ତ୍ତିତ ହେବ । ଜୀବନରେ ଅମରତ୍ୱ ପ୍ରତିଷ୍ଠିତ ହେବ । ନୂଆ ଚେତନାର ମଧୁମହକରେ ଦିଗ ଦିଗନ୍ତ ଆମୋଦିତ ହେବ । ପ୍ରାଚୀନ ଭିତ୍ତି ଉପରେ ନୂତନର ସ୍ଥିତି ହେବ ଅତ୍ୟନ୍ତ ଆକର୍ଷଣୀୟ ଓ ଆଦରଣୀୟ । ମନର ବିକାଶ ଘଟି ସାରିଛି । ଏହାପରେ ଆବଶ୍ୟକ ଆତ୍ମାର ଉନ୍ମେଷ ଓ ବିକାଶ । ସୁଡ଼ଙ୍ଗ ଶେଷରେ ଆଲୋକ ରହିଛି । ଜଣେ ସୁଡ଼ଙ୍ଗ ପାରିହେଲେ ସେହି ଆଲୋକର ଦର୍ଶନ ପାଇବ । ଆତ୍ମବିକାଶ ପାଇଁ ଉଦ୍ୟମ ହେଉଛି ହିଁ ସୁଡ଼ଙ୍ଗରେ ଯାତ୍ରାରମ୍ଭ । ଅତଏବ ଆଜିର ଏ ସମୟ ଯାତ୍ରାରମ୍ଭର ସମୟ । ଏହା ବୃଥାରେ ବ୍ୟୟିତ ନ ହେଉ । ଆଜିର ପ୍ରସ୍ତୁତି ସାଜି ଦେଉ ଆଗାମୀ କାଲିର ଆତ୍ମସାକ୍ଷାତକାର ପାଇଁ ସୁଦୃଶ୍ୟ ସ୍ୱାଗତ ତୋରଣ ଓ ସଜାଡ଼ି ରଖୁ ପ୍ରଦୀପମାଳା ।

❐❐

ଆନନ୍ଦବୋଧର ଭିତ୍ତି ଓ ଭୂତି

ମନୁଷ୍ୟ ଜୀବନର ଆଦ୍ୟରେ ଆନନ୍ଦର ଅଭିଷେକ, ମଧ୍ୟରେ ଆନନ୍ଦର ଲୀଳା ବିଳାସ ଓ ଶେଷରେ ଆନନ୍ଦର ପରିପୂର୍ଣ୍ଣତା, ଏହା ବିବର୍ତ୍ତନ ଧାରାର ଚମତ୍କାର ନୀତି । ଏହା ଜୀବନପାଇଁ ଯେତିକି ସତ୍ୟ, ଭୌତିକ ଜଗତପାଇଁ ମଧ୍ୟ ସେତିକି ସତ୍ୟ । ଜଗତ ହେଉଛି ପରମେଶ୍ୱରଙ୍କର ବାହ୍ୟତମ ବ୍ୟାବହାରିକ ରୂପ । ଐଶୀ ସତ୍ତାର ସ୍ୱଧର୍ମ ଓ ସ୍ୱରୂପ ଆନନ୍ଦମୟ ହୋଇଥିବାରୁ ତାଙ୍କର ବିଶ୍ୱମୟ ରୂପ ଅର୍ଥାତ୍ ଏହି ବିରାଟ ବିଶ୍ୱ ଆନନ୍ଦର ଗନ୍ତାଘର ହେବା ସ୍ୱାଭାବିକ । ମାଟିରେ, ପାଣିରେ, ପବନରେ, ଆକାଶରେ, ବତାସରେ, ବୃକ୍ଷଲତାରେ ତଥା ଜୀବଜଗତରେ ସେହି ଆନନ୍ଦ ସଞ୍ଚରିତ ଓ ପ୍ରସାରିତ । ଆନନ୍ଦରେ ମୟୂର ନାଚେ, ଚାତକ ଉଲ୍ଲସିତ ହୁଏ, ଚକୋର ମନ୍ତମୁଗ୍ଧ ହୁଏ, ଭ୍ରମର ଗତିଶୀଳ ହୁଏ । ଆନନ୍ଦ ଏଠାରେ ସାଧନ ଓ ସାଧ୍ୟ ରୂପରେ ଦୃଷ୍ଟିକୁ ଆକର୍ଷିତ କରେ । ମନୁଷ୍ୟପାଇଁ ଆନନ୍ଦ ଭିନ୍ନ ଭିନ୍ନ ସ୍ତରକୁ ଭିନ୍ନ ଭିନ୍ନ ଧାରାରେ ଅବତରଣ କରି ଆସେ । ଦୁଃଖତା'ର ଭାଗ୍ୟଲିପି ନୁହେଁ ବୋଲି ଏବଂ ଅନ୍ୟ ପକ୍ଷରେ ଆନନ୍ଦ ତା'ର ପ୍ରାପ୍ୟ ଓ ଦାବିର ଧନ ବୋଲି ସାମାନ୍ୟ ଦୁଃଖ ମଧ୍ୟ ମନୁଷ୍ୟପାଇଁ ଅସହ୍ୟ ହୁଏ । ସୁଖର ଘନୀଭୂତ ଅବସ୍ଥାକୁ ଆନନ୍ଦ ନାମରେ ଅଭିହିତ କରାଯାଇ ପାରେ, ପୃଥିବୀର ଯେକୌଣସି ଅଂଶରେ ବ୍ୟକ୍ତିଗତ ଜୀବନକୁ ନିରେଖି ଦେଖିଲେ ସ୍ପଷ୍ଟ ଜଣାଯିବ ଯେ ସୁଖର ପରିମାଣଗତ ଆଧିକ୍ୟ ମଣିଷକୁ ବଞ୍ଚିବାପାଇଁ ପ୍ରେରଣା ଦିଏ, ଗଭୀର ଦୁଃଖରେ ଦୁଃଖୀ ବୋଲି କହି ନିଜପକ୍ଷ ସମର୍ଥନ ପୂର୍ବକ ଯେତେ ମନ୍ତବ୍ୟ ମଣିଷ ପ୍ରକାଶ କଲେ ମଧ୍ୟ ସେ ଯେ ଦୁଃଖଠାରୁ ବହୁଗୁଣିତ ସୁଖର ଅଧିକାରୀ, ଏଥିରେ ସନ୍ଦେହ ନାହିଁ । ଯେତିକି ଦୁଃଖ ଅଛି, ତାହା ଇଚ୍ଛା ବିରୁଦ୍ଧରେ ହେଲେ ମଧ୍ୟ ଆମେ ସହିବାକୁ ବାଧ୍ୟ ହେଉ । ଦୁଃଖ, ଯନ୍ତ୍ରଣା ଓ ଅଶ୍ୱସ୍ତିବୋଧର ସ୍ଥିତି ଜୀବନରେ ତଥାପି ରହିଛି, ଏହା ମୁକ୍ତ କଣ୍ଠରେ ମାନିବାକୁ ହୁଏ । ଏହାର କାରଣ ସମ୍ପର୍କରେ ସାମାନ୍ୟ ସୂଚନା ଓ ଆଲୋଚନା ବୋଧହୁଏ ଅପ୍ରାସଙ୍ଗିକ ହେବନାହିଁ । ଏହି ଦୁଃଖ କେଉଁଠାରୁ ଓ କାହିଁକି ଆସେ ? ଏ ପ୍ରଶ୍ନର ଉତ୍ତର ଦେବା ଅତ୍ୟନ୍ତ କଷ୍ଟସାଧ୍ୟ । ଏହି ବିଶ୍ୱ ତ ଭଗବତ ସତ୍ତାରେ ପରିପୂର୍ଣ୍ଣ, ଭଗବାନ ତ ଚିର ଆନନ୍ଦମୟତାର ପ୍ରତୀକ । ତେବେ ଆନନ୍ଦ ଭିତରୁ ଦୁଃଖ ଆସିଲା କିପରି ? ଏହାର ଉତ୍ତରରେ ଏତିକି କୁହଯାଇପାରେ ଯେ, ଆନନ୍ଦ ଭିତରେ ଅର୍ଥାତ୍ ଭଗବାନଙ୍କ ସତ୍ତାରେ ଦୁଃଖର ଭୂମି ନାହିଁ । ଦୁଃଖର ଭୂମି ରହିଛି ମଣିଷର ନିଜ ଭିତରେ । ତାହା ମଣିଷ ଅନୁଭବ ନ କରିପାରି ଭାବୁଛି ଦୁଃଖ ବାହାରୁ ଆସି ତାକୁ ଆକ୍ରମଣ କରୁଛି । କେତେକ ଦାର୍ଶନିକ ଓ ମହାପୁରୁଷ ଦୁଃଖର କାରଣ ସ୍ୱରୂପ କାମନା ବାସନାକୁ ଗ୍ରହଣ କରିଛନ୍ତି । ବୁଦ୍ଧଦେବଙ୍କ ମତରେ ଅସ୍ମିତାହିଁ ସବୁ ଦୁଃଖର କାରଣ । ଏ ମତ ବିଚାରଯୋଗ୍ୟ । ଏ ମତରେ କୁହାଯାଏ କାମନାର ବିନାଶରେ ଦୁଃଖର ବିନାଶ । ଦୁଃଖର ବିନାଶରେ ଆନନ୍ଦର ସମ୍ପ୍ରାପ୍ତି ।

ମଣିଷ ମନ ବାସନାର ଅନାବନାରେ ପରିପୂର୍ଣ୍ଣ । ସେହି ଅନାବନାରେ ବିଭିନ୍ନ ପ୍ରକାର ବିଷାକ୍ତ କୀଟପତଙ୍ଗ ଲୁଚିରହିବା ଯୁକ୍ତିଯୁକ୍ତ । ସେମାନେ ମନର ସ୍ୱାଭାବିକ ବିକାଶକୁ ବ୍ୟାହତ କରିବା ସଙ୍ଗେ ସଙ୍ଗେ ମଣିଷକୁ ଆନନ୍ଦ ଲାଭରୁ ବଞ୍ଚିତ କରନ୍ତି । ଏଠାରେ ମନକୁ ଆଉ ଏକ ପ୍ରଶ୍ନ ଆସିବା ସ୍ୱାଭାବିକ । ପ୍ରଶ୍ନ ହେଲା ମଣିଷ ଦୁଃଖ ଭୋଗ କରିବାପାଇଁ ଏତେ କାମନା ବାସନା ଜାଲରେ ଆବଦ୍ଧ ହେଲା କେତେବେଳେ ? ଏହାର ଉତ୍ତରରେ ଏହା କୁହାଯାଇପାରେ ଯେ କାମନା ବାସନା ଜନ୍ମ ଜନ୍ମାନ୍ତର ଧରି ଜୀବନ ସହିତ ମିଶି ରହିଥାଏ । ପୂର୍ବ ଜନ୍ମରେ ଥିବା କାମନାର ପ୍ରଭାବ ପର ଜନ୍ମରେ ମନକୁ ବିଚଳିତ କରିଥାଏ । ଗୋଟିଏ ବାସନାର ତୃପ୍ତି କରୁ କରୁ ଏକାଧିକ ବାସନା ଜାଲରେ ମଣିଷ ଆବଦ୍ଧ ହୁଏ । ଫଳତଃ ଚକ୍ରବତ୍ ଚାଲିଥାଏ କାମନାର ପୂର୍ଣ୍ଣତା ପାଇଁ ଲାଳସା ଓ ତଜ୍ଜନିତ ଦୁଃଖଭୋଗ । ତେବେ ପୁଣି ପ୍ରଶ୍ନ ଉଠେ, କେହି ତ ସ୍ୱଇଚ୍ଛାରେ ଦୁଃଖ କାମନା କରେ ନାହିଁ, ସମସ୍ତେ ସୁଖ କାମନା କରିଥାନ୍ତି । ସୁଖ ପ୍ରାପ୍ତି ତ ମଣିଷର ଦାବି । ସେ ଯଦି ସୁଖ କାମନା କରେ ତେବେ ତା'ର ଦୋଷ ରହିଲା କେଉଁଠି ଯେ ସେ ସେଥିଲାଗି ଦଣ୍ଡଭୋଗ କରିବ ? ଏହାର ଉତ୍ତରରେ କୁହାଯାଇପାରେ ଯେ ସୁଖକାମନା ପ୍ରକୃତ ଅର୍ଥରେ ମଣିଷ କରିପାରେ ନାହିଁ । ସେ ଯାହାକୁ ସୁଖ ବୋଲି ଭାବେ ତାହା ହେଉଛି ସୁଖର ଏକ ପ୍ରାତିଭାସିକ ରୂପ ଅଥବା ଛାୟାଚ୍ଛନ୍ନ ରୂପ । ଏ ସବୁର ଅନୁଭବ୍ୟ ମାଧ୍ୟମ ଭାବରେ ସେ ଇନ୍ଦ୍ରିୟମାନଙ୍କୁ ଗ୍ରହଣ କରେ ।

ଇନ୍ଦ୍ରିୟ ଲବ୍ଧ ସୁଖ ଯେ ପୂର୍ଣ୍ଣ ସୁଖ ନୁହେଁ ଏହା ସେ ସହଜରେ ବୁଝି ପାରେନାହିଁ । ଈଶ୍ୱରଙ୍କ ବିଚିତ୍ର ଲୀଳା ସହଜରେ ବୁଝି ହୁଏନାହିଁ । ସେ ଇନ୍ଦ୍ରିୟଗୁଡ଼ିକୁ ପୁରୋଭାଗରେ ରଖି ଅନ୍ତର୍ଦ୍ଦେଶରେ ପ୍ରକୃତ ସୁଖକୁ ଲୁଚାଇ ରଖିଛନ୍ତି । ଅନ୍ତରତମ ପ୍ରଦେଶରେ ନିହିତ ସୁଖକୁ ଅନୁଭବ କରିବାପାଇଁ ବାହାର ତୋରଣ ପାର ହୋଇଯିବା ବ୍ୟତୀତ ଅନ୍ୟ ପନ୍ଥା ନ ଥିବାରୁ ଇନ୍ଦ୍ରିୟଲବ୍ଧ ଜଗତ ମିଥ୍ୟା ନୁହେଁ କି, ଇନ୍ଦ୍ରିୟଲବ୍ଧ ଅନୁଭବ ପୂର୍ଣ୍ଣ ଭ୍ରମ ନୁହେଁ । ମାତ୍ର ଏହା ପୂର୍ଣ୍ଣ ସତ୍ୟ ନ ହୋଇଥିବାରୁ ଇନ୍ଦ୍ରିୟ ମାଧ୍ୟମରେ ସୁଖର କାମନା କରି ମନୁଷ୍ୟ ପୂର୍ଣ୍ଣ ସୁଖ ପାଇ ନ ପାରି ଦୁଃଖର ଜାଲରେ ପଡ଼ିଯାଇଛି । ଅତଏବ ଏହା ପ୍ରମାଣିତ ଯେ ଆନନ୍ଦଲାଭର ଅଭୀପ୍ସା ପ୍ରତ୍ୟେକ ଜୀବ ଭିତରେ ରହିଛି ଏବଂ ମନୁଷ୍ୟ ମଧ୍ୟରେ ରହିଛି । ଅସୁବିଧା ରହିଛି ତାକୁ ଚିହ୍ନିବାରେ । ପ୍ରବୃତ୍ତି ମାର୍ଗର ତୋରଣ ପାରିହେଲେ ନିବୃତ୍ତି ମାର୍ଗ ଦୃଷ୍ଟିଗୋଚର ହେଲାପରି କ୍ଷଣିକ ସୁଖକୁ ପାରି ହେଲେ ଶାଶ୍ୱତ ସୁଖର ରାଜ୍ୟ ଦୃଷ୍ଟି ପଥାରୂଢ଼ ହୋଇଥାଏ ।

ବିଶ୍ୱର ମର୍ମରେ ତଥା ଜୀବନର ମର୍ମରେ ଆନନ୍ଦ ସାଗର ପରିବ୍ୟାପ୍ତ ହୋଇରହିଛି । ଏହି ମର୍ମରେ ପ୍ରବେଶ କଲେ ସାଗରର ବିମୁକ୍ତ ସୁଷମା ଓ ଅନନ୍ତ ନୀଳିମାର ମାଧୁରିମା ସହଜରେ ଅନୁଭବ କରାଯାଇପାରେ । ଏହି ଆନନ୍ଦର ଅପେକ୍ଷାରେ ରହିଛି ବୋଲି ମଣିଷର ମନଃସ୍ତରରେ ଅମରତ୍ୱ ଆଶା ବଳବତ୍ତର ରହିଛି । ଭଗବତ ସତ୍ତାର ତିନିଗୋଟି ଦିଗ ସତ୍, ଚିତ୍ ଓ ଆନନ୍ଦକୁ ବିଚାର କଲେ ଜଣାଯିବ ଯେ ସତ୍ ଓ ଚିତ୍‌ର ମୌଳିକ ରୂପ ହିଁ ଆନନ୍ଦ । ଭଗବାନ ନିଜେ ହିଁ ଅଭିନେତା, ପୁଣି ଅଭିନୟ ଓ ରଙ୍ଗମଞ୍ଚ ଭାବରେ ବିଦ୍ୟମାନ । ତାଙ୍କ ପ୍ରକଟନର ମୂଳଲକ୍ଷ୍ୟ ହେଉଛି ଆନନ୍ଦ ଲାଭ । ଅହମିକାର ସ୍ଥିତି ଥିବା ପର୍ଯ୍ୟନ୍ତ ଜୀବ ବା ମନୁଷ୍ୟ ପ୍ରକୃତ ତତ୍ତ୍ୱକୁ ଆସ୍ୱାଦନ କରିପାରିବ ନାହିଁ । କାରଣ ଅହମିକା ମନୁଷ୍ୟକୁ ବହିର୍ମୁଖୀ କରାଏ, ଅନ୍ତର୍ମୁଖୀ କରାଏ ନାହିଁ । ଅହମିକାର ବଳୟ ଭେଦ ପରେ ପ୍ରଶସ୍ତ ଅତିଚେତନାର ସବୁଜ କ୍ଷେତ୍ରମାନ ବିସ୍ତୃତ ହୋଇ ରହିଛି ବୋଲି ଯୋଗୀ ଋଷିମାନେ କହିଛନ୍ତି । ଅହମିକାର ଅନ୍ଧକାର ମନରୁ ଦୂରୀଭୂତ ହେଲେ ଅସଲ ଆନନ୍ଦର ଭୂତି ପ୍ରକଟିତ ହେବ ଏବଂ ଆନନ୍ଦର ସ୍ନିଗ୍ଧ ଲହରୀରେ ଦିଗ ଦିଗନ୍ତ ସୁଶୋଭିତ ହୋଇ ନୟନ ମନରେ ଅପୂର୍ବ ଆକର୍ଷଣ ସୃଷ୍ଟି କରିବ ।

❐❐

ବିଶ୍ୱ ଭ୍ରାତୃତ୍ୱ ଓ ସ୍ୱାମୀ ବିବେକାନନ୍ଦ

ବୌଦ୍ଧିକ ଚେତନାର ବିକାଶ ଫଳରେ ମାନବଜାତି କେତେକ ସମସ୍ୟାର ସମ୍ମୁଖୀନ ହୋଇଛି ଏଥିରେ ଦ୍ୱିରୁକ୍ତି ନାହିଁ । ସମୟ ସ୍ରୋତରେ ଗୋଟିଏ ଦେଶର ସମସ୍ୟା ଆଉ କେବଳ ସେହି ଦେଶର ନହୋଇ ବିଶ୍ୱ ସମସ୍ୟାର ରୂପାୟିତ ହେଉଛି । ବିଶ୍ୱ ସମସ୍ୟାର ପ୍ରଭାବ ବ୍ୟକ୍ତିକୁ ଅଳ୍ପେ ବହୁତେ, ଆକ୍ରାନ୍ତ କରୁଛି । ଦେଶ ଦେଶ ଭିତରେ ପାରସ୍ପରିକ ବୁଝାମଣା, ସଦିଚ୍ଛା ଯେ ଆଜିର ପରିପ୍ରେକ୍ଷୀରେ ଏକାନ୍ତ ଆବଶ୍ୟକ, ଏକଥା କହିବା ବାହୁଲ୍ୟ ମାତ୍ର । ମଣିଷ ବୁଦ୍ଧିବଳରେ ବହୁ ନୂତନ ତଥ୍ୟ ଉଦ୍ଭାବନ କରିଛି ଯାହାକୁ ପ୍ରୟୋଗ କରି ସେ ଗୋଟିଏ ସ୍ଥାନରେ ରହି ଅନ୍ୟଦୂର ସ୍ଥାନର ସମ୍ବାଦ ରଖିପାରୁଛି । ମାତ୍ର ବ୍ୟକ୍ତି ଭିତରୁ ଆନ୍ତରିକତା, ସହାନୁଭୂତି କ୍ରମଶଃ କମି କମି ଆସୁଛି । ଦେଶ ଦେଶଭିତରେ ଚଳଣିଗତ ପାର୍ଥକ୍ୟ ରହିବା ସ୍ୱାଭାବିକ । ଭାଷାର ଭିନ୍ନତା, ଧର୍ମର ଭିନ୍ନତା, ବେଶଭୂଷଣର ଭିନ୍ନତା ସତ୍ତ୍ୱେ ମାନସିକ ସ୍ତରରେ ସମନ୍ୱୟର ଭାବ ଆସିଲେ ବହୁ ସମସ୍ୟାର ସମାଧାନ ହୋଇପାରିବ, ବ୍ୟକ୍ତି ବ୍ୟକ୍ତି ଭିତରେ, ଜାତି ଜାତି ଭିତରେ ସହନଶୀଳତା ତଥା ସହୃଦୟତା ରହିଲେ ବିଶ୍ୱକଲ୍ୟାଣ ସାଧିତ ହେବ । ପରମପୁରୁଷ ଶ୍ରୀରାମକୃଷ୍ଣ ଏହି ଭାବନା କରିଛନ୍ତି ଓ ସ୍ୱାମୀଜୀ ତାକୁ ଭାଷାରେ ରୂପ ଦେଇଛନ୍ତି । ଶ୍ରୀରାମକୃଷ୍ଣ ସୂର୍ଯ୍ୟ ହେଲେ ବିବେକାନନ୍ଦ ତା'ର କିରଣମାଳାର ମୂର୍ତ୍ତିମନ୍ତ ରୂପରେଖ । ଶ୍ରୀରାମକୃଷ୍ଣ ଅଗ୍ନି ହେଲେ ବିବେକାନନ୍ଦ ତା'ର ଦାହିକା ଶକ୍ତିର ସାମଗ୍ରିକ ରୂପ । ବିଶ୍ୱଭ୍ରାତୃତ୍ୱ ପ୍ରତିଷ୍ଠା ନିମନ୍ତେ ଶ୍ରୀରାମକୃଷ୍ଣଙ୍କ ପ୍ରୟାସ ସର୍ବ ପ୍ରଥମେ ଦୃଷ୍ଟି ଆକର୍ଷଣ କରିଥାଏ । ତାଙ୍କ ମତରେ ସବୁଧର୍ମର ସାରବତ୍ତା ଏକ ଓ ଆଭିମୁଖ୍ୟ ଏକ, ନାମରେ ଭିନ୍ନତା ରହିଛି ମାତ୍ର । ଏ ପ୍ରସଙ୍ଗରେ ସେ ପୋଖରୀର ଉଦାହରଣ ଦେଇ ସମସ୍ୟାଟିର ସରଳ ସମାଧାନ କରିଛନ୍ତି । ଯେପରି ଗୋଟିଏ ପୋଖରୀର ଭିନ୍ନ ଭିନ୍ନ ତୁଠରୁ ପାଣି ସଂଗ୍ରହ କରି ତାକୁ ଭିନ୍ନଭିନ୍ନ ନାମ ଦେଲେ ମଧ୍ୟ ସଂଗୃହୀତ ଜଳ ଭିନ୍ନ ହୁଏ ନାହିଁ, ସେପରି ଗୋଟିଏ ସତ୍ୟକୁ ଭିନ୍ନ ଭିନ୍ନ ଧର୍ମରେ ଭିନ୍ନ ଭିନ୍ନ ନାମ ଦେଲେ ହେଁ ତାହା ଭିନ୍ନ ହୁଏ ନାହିଁ ।

ସ୍ୱାମୀ ବିବେକାନନ୍ଦ ଏ ଦିଗରେ ସୁଦୃଢ଼ ପଦକ୍ଷେପ ନେଇଛନ୍ତି । ସେ ଭାରତୀୟ ଯୁବଶକ୍ତିକୁ ସଚେତନ ହେବାକୁ ପରାମର୍ଶ ଦେଇଛନ୍ତି । ଭାରତ ତାଙ୍କ ଦୃଷ୍ଟିରେ ଭାଷାର ଏକ ଅଳଙ୍କାର ନୁହେଁ, ଏକ ଜାଗ୍ରତ ଚେତନା। ଭାରତର ଉନ୍ନତିରେ ବିଶ୍ୱର ଉନ୍ନତି ସମ୍ଭବ ହେବ । ବିଶ୍ୱ ମାନବ ଜାତିକୁ ଉପଯୁକ୍ତ ମାର୍ଗ ଦର୍ଶନ ନିମନ୍ତେ ଭାରତ ନିକଟରେ ରହିଛି ଅମାପ ସାମର୍ଥ୍ୟ, ଅସୀମ ଶକ୍ତି । ଭାରତ ବର୍ଷ ସ୍ୱଇଚ୍ଛାରେ ଏହାର ସଦ୍‌ବ୍ୟବହାର କରିପାରିବ । ଭାରତ ମାଟି ତାଙ୍କପାଇଁ ସ୍ୱର୍ଗଠାରୁ ଅଧିକ ଥିଲା । ଭାରତବାସୀଙ୍କୁ ଆହ୍ୱାନଦେଇ ସେ କହିଛନ୍ତି, 'ସଦର୍ପରେ ଡାକି କହ, ଭାରତବାସୀ ମୋର ଭାଇ, ଭାରତବାସୀ ମୋର ପ୍ରାଣ, ଭାରତର ଦେବ

ଦେବୀ ମୋର ଈଶ୍ୱର, ଭାରତର ସମାଜ ମୋର ଶିଶୁଶଯ୍ୟା, ମୋର ଯୌବନର ଉପବନ, ମୋର ବାର୍ଦ୍ଧକ୍ୟର ବାରଣାସୀ, କହ ଭାଇ, ଭାରତର ମୃତ୍ତିକା ମୋ'ର ସ୍ୱର୍ଗ' । ଏପରି ଉଦ୍‌ବୋଧନରେ ଯେଉଁ ଦୀପ୍ତିମୟତା ରହିଛି ତାହାର ପଟାନ୍ତର ନାହିଁ । ଭାରତ ବର୍ଷର ଇତିହାସକୁ ପର୍ଯ୍ୟାଲୋଚନା କରି ସେ ଏହି ସିଦ୍ଧାନ୍ତରେ ଉପନୀତ ହୋଇଛନ୍ତି ଯେ ବିଶ୍ୱ ଜୀବନରେ ଯେତେବେଳେ ଚେତନାର ନବୀନ ଆଲୋକ ରେଖା ସୃଷ୍ଟି ହୋଇଛି, ତାହାର ଉତ୍‌ପତ୍ତି ସ୍ଥଳ ହୋଇଛି ଭାରତ ବର୍ଷ । ସମସ୍ତ ଜ୍ଞାନ ବିଜ୍ଞାନର ଜନ୍ମଭୂମି ବୋଲି ସେ ଭାରତକୁ ବିଚାର କରିଛନ୍ତି । ତାଙ୍କ କଥାରେ,- "ବିଶ୍ୱର ଇତିହାସ ପର୍ଯ୍ୟାଲୋଚନା କର, ଯେଉଁଠି କୌଣସି ମହାନ ଆଦର୍ଶର ସନ୍ଧାନ ମିଳିବ, ଦେଖିବାକୁ ପାଇବ ତା'ର ଜନ୍ମ ଭାରତ ବର୍ଷରେ । ସ୍ମରଣାତୀତ କାଳରୁ ଭାରତ, ମାନବ ସମାଜ ପାଖରେ ମୂଲ୍ୟବୋଧ ସମୂହର ଖଣି ସ୍ୱରୂପ ହୋଇ ରହିଛି ।"

ଊନବିଂଶ ଶତାବ୍ଦୀରେ ଭାରତୀୟ ପରିବେଶରେ କୁସଂସ୍କାରର ଅଖଣ୍ଡ ରାଜତ୍ୱ ଚାଲିଥିବା ବେଳେ ସ୍ୱାମୀଜୀଙ୍କ ଆହ୍ୱାନ ସେହି ତମସାର ଆବରଣ ଛିନ୍ନକରି ଉଷାଲୋକର ସନ୍ଧାନ ଦେଇଥିଲା । ରାଜନୈତିକ, ସାମାଜିକ, ନୈତିକ ତଥା ଧାର୍ମିକ ପରିବେଶରେ ଆବଶ୍ୟକୀୟ ପରିବର୍ତ୍ତନ ଆଣିବା ଦିଗରେ ସ୍ୱାମୀଜୀ ଯେଉଁ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିଲେ ତା'ର ତୁଳନା ନାହିଁ । ଅସ୍ପୃଶ୍ୟତା ନିବାରଣ ନିମନ୍ତେ ତାଙ୍କର ଶୁଭଙ୍କର ପ୍ରୟାସ ଯେପରି ସ୍ମରଣୀୟ ସେପରି ବରଣୀୟ । ମୋଚି, ମେହେନ୍ତର, କୃଷକ, କୁମ୍ଭାର, କମାର, ତେଲି ଇତ୍ୟାଦି ଅନ୍ୟାନ୍ୟ ବହୁ ବୃତ୍ତିର ଲୋକଙ୍କୁ ସେ ନିଜର ଭାଇଜ୍ଞାନ କରିବା ସଙ୍ଗେ ସଙ୍ଗେ ଅନ୍ୟମାନେ ସେମାନଙ୍କୁ ଭ୍ରାତୃତ୍ୱର ବନ୍ଧନରେ ଆବଦ୍ଧ କରନ୍ତୁ, ଏହା ତାଙ୍କର ଇଚ୍ଛା ଥିଲା ।

ଭାରତର ଅତୀତର ଗୌରବ ଗାଥା ସ୍ୱାମୀଜୀ ସ୍ମରଣ କରିଛନ୍ତି । ବିଭିନ୍ନ କ୍ଷେତ୍ରରେ ଭାରତର ମହତ୍ତ୍ୱ ଓ ମୂଲ୍ୟବୋଧ ସମ୍ପର୍କରେ ସେ ଆଲୋଚନା କରିଛନ୍ତି । ଗଣିତ, ଜ୍ୟୋତିଷ, ଜଡ଼ବିଜ୍ଞାନ, ରସାୟନ ବିଜ୍ଞାନ, ଶଲ୍ୟ ଚିକିତ୍ସା ଇତ୍ୟାଦି କ୍ଷେତ୍ରରେ ପ୍ରାଚୀନ ଭାରତର ସମୃଦ୍ଧି ଥିଲା ଅସାଧାରଣ । ସମଗ୍ର ବିଶ୍ୱକୁ ପ୍ରାଚୀନ ଭାରତର ଅବଦାନ ଯେ ଅସୀମ ଏହା ମୁକ୍ତ କଣ୍ଠରେ ସ୍ୱୀକାର୍ଯ୍ୟ । ବହୁ ବୈଦେଶିକ ଆକ୍ରମଣ ଏବଂ ଅନ୍ୟ କେତେକ କାରଣ ଯୋଗୁ ମଧ୍ୟଯୁଗର ଭାରତରେ ସମୃଦ୍ଧିର ମାନ ହ୍ରାସ ହୋଇଥିବା କଥା ସ୍ୱାମୀଜୀ ଉଲ୍ଲେଖ କରିଛନ୍ତି । ଆଧୁନିକ ଭାରତ ପୁନର୍ବାର ଜାଗ୍ରତ ହେବ ଏବଂ ବିଶ୍ୱକଲ୍ୟାଣ ସାଧନରେ ବ୍ରତୀ ହେବ । ଜନ ଚେତନାର ସାମଗ୍ରିକ ବିକାଶ ଆଧୁନିକ ଭାରତରୁ ଉଦ୍ଭୁତ ହେବ । ସ୍ୱାମୀଜୀଙ୍କ ମତରେ,- "ଭାରତ ପୁନର୍ବାର ଉଠିବ, କିନ୍ତୁ ଜଡ଼ର ଶକ୍ତିରେ ନୁହେଁ, ଶାନ୍ତି ଓ ପ୍ରେମର ପତାକା ଉଡ଼ାଇ ।" ଆମର ଅତୀତର ସମୃଦ୍ଧି ଆଧୁନିକ ଭାରତରେ ବହୁଗୁଣିତ ହେବ, ଏହି ଦୃଢ଼ ବିଶ୍ୱାସ ସ୍ୱାମୀଜୀ ପୋଷଣ କରିଛନ୍ତି ।

ଭାରତର ପ୍ରଗତିରେ ଜଗତର ପ୍ରଗତି ସମ୍ଭବ, ଭାରତର ପ୍ରଗତି ନହେଲେ ଜଗତର ପ୍ରଗତି ହେବ ନାହିଁ । ଭାରତର ପ୍ରଗତିର ମୂଳ ମନ୍ତ୍ର ହେଉଛି ଧାର୍ମିକ ଉନ୍ନତି । ଧର୍ମ ହିଁ ଭାରତୀୟ ଚେତନାର ଅସଲ ଚାବିକାଠି । ଏହି ଧର୍ମ ତଥାକଥିତ ଧର୍ମ ନୁହେଁ । ଏହା ଜୀବନର ଯଥାର୍ଥ ଚେତନା ବୋଲି ସ୍ୱାମୀଜୀ ମତବ୍ୟକ୍ତ କରିଛନ୍ତି । ତାଙ୍କ ମତରେ,- "ଭାରତର ଯେ କୌଣସି ଉନ୍ନତିର ଚେଷ୍ଟା କରାଯାଉ, କିନ୍ତୁ ପ୍ରଥମେ ଧର୍ମର ଉନ୍ନତି ହେବା ଆବଶ୍ୟକ । ଧର୍ମ ହିଁ ଭାରତୀୟ ଜାତୀୟ ଜୀବନର କେନ୍ଦ୍ରବିନ୍ଦୁ । ଏହା ବେଦାନ୍ତର ଧର୍ମ ଯାହା କହେ 'ଆତ୍ମନୋ ମୋକ୍ଷାର୍ଥଂ ଜଗଦ୍ଧିତାୟଚ' ଅର୍ଥାତ୍ ନିଜର ଆଧ୍ୟାତ୍ମିକ ଉନ୍ନତି ଓ ଜଗତର କଲ୍ୟାଣ ଏ ଦୁଇଟି ଏକ ସଙ୍ଗେ କରିବାକୁ ହେବ ।" ଧର୍ମ ସମ୍ପର୍କରେ ଯେଉଁ ବ୍ୟାଖ୍ୟା ସ୍ୱାମୀ ବିବେକାନନ୍ଦ ଦେଇଛନ୍ତି, ତାହାର ମୂଲ୍ୟ

ଅସାଧାରଣ । ଏଥିରେ ସଂକୀର୍ଣ୍ଣତା ନାହିଁ ବରଂ ରହିଛି ବିସ୍ତୃତିର ପରମ ପ୍ରତିଷ୍ଠା ଓ ଚରମ ପରାକାଷ୍ଠା । ତାଙ୍କ ମତରେ,- "ଅନ୍ୟର ମଙ୍ଗଳ କରିବା ହେଉଛି ଧର୍ମ, ଅନ୍ୟର କ୍ଷତି କରିବା ହେଉଛି ପାପ, ଅନ୍ୟକୁ ଆଦର କରିବା ହେଉଛି ଧର୍ମ ଅନ୍ୟକୁ ଘୃଣା କରିବା ହେଉଛି ପାପ ।"

ପ୍ରାଚ୍ୟ ଓ ପାଶ୍ଚାତ୍ୟ ଚେତନାର ମଧୁର ମିଶ୍ରଣରେ ବିଶ୍ୱ ଭ୍ରାତୃତ୍ୱର ପ୍ରତିଷ୍ଠା ସମ୍ଭବ ହେବ । ପାଶ୍ଚାତ୍ୟର ଯୁକ୍ତିବାଦ, ବୈଜ୍ଞାନିକ ଦୃଷ୍ଟିକୋଣ ସହିତ ପ୍ରାଚ୍ୟର ଆତ୍ମଚେତନା, ଆଧ୍ୟାତ୍ମିକତାର ମିଶ୍ରଣ ହେଲେ ବିଶ୍ୱ ସମସ୍ୟାର ସରଳ ସମାଧାନ ହେବା ସଙ୍ଗେ ସଙ୍ଗେ ବିଶ୍ୱ ପରିବାର ଗଠନର ପଥ ବିମୁକ୍ତ ତଥା ପ୍ରଶସ୍ତ ହେବ । ଶରୀରର ସୁସ୍ଥତା ଏକାନ୍ତ, କାମ୍ୟ ବୋଲି ସ୍ୱାମୀଜୀ ଉଦ୍‌ଘୋଷଣା କରିଛନ୍ତି । ସେ କହିଛନ୍ତି,- "ଗୀତା ପାଠ ଅପେକ୍ଷା ଫୁଟବଲ ଖେଳିଲେ ତୁମେ ସ୍ୱର୍ଗର ଅଧିକ ନିକଟବର୍ତ୍ତୀ ହେବ ।" ସୁସ୍ଥ ଶରୀର ବିନା ଜୀବନରେ ପ୍ରଗତି କରିବା କଷ୍ଟସାଧ୍ୟ ବ୍ୟାପାର । ଚିକାଗୋ ଧର୍ମ ମହାସଭାରେ ୧୮୯୩ ମସିହା ସେପ୍ଟେମ୍ବର ୧୧ ତାରିଖରେ ସ୍ୱାମୀଜୀ ନିଜର ଭାଷଣର ଆରମ୍ଭରେ 'ଆମେରିକା ବାସୀ ଭଉଣୀ ଓ ଭାଇମାନେ' ବୋଲି ଉଦ୍‌ବୋଧନ ମାଧ୍ୟମରେ ଭ୍ରାତୃଭାବର ପ୍ରତିଷ୍ଠା ପାଇଁ ଯେଉଁ କଲ୍ୟାଣମୟ ପ୍ରୟାସ କରିଛନ୍ତି ତାହାର ତୁଳନା ନାହିଁ ।

ବିଭିନ୍ନ ଦୃଷ୍ଟିରୁ ବିଚାରକଲେ ଏହା ଯଥାର୍ଥ ଯେ ସ୍ୱାମୀ ବିବେକାନନ୍ଦ ଭାରତରେ ଜନ୍ମଲାଭ କରିଥିଲେ ହେଁ ସେ ଥିଲେ ବିଶ୍ୱଭ୍ରାତୃତ୍ୱର ପ୍ରତୀକ । ତାଙ୍କର ମହନୀୟତା ତେଣୁ ଦେଶ ଭିତରେ ଆବଦ୍ଧ ନରହି ପ୍ରସାରିତ ହୋଇଯାଇଛି ବିଶ୍ୱର କୋଣ ଅନୁକୋଣକୁ । ସମଗ୍ର ବିଶ୍ୱଥିଲା ତାଙ୍କର ନିବାସ ସ୍ଥଳ । ଭାରତବର୍ଷର ଯୁବଶକ୍ତି ଉପରେ ଅସାମାନ୍ୟ ଗୁରୁତ୍ୱ ସେ ଆରୋପ କରିଯାଇଛନ୍ତି । ବିଶ୍ୱ ପରିବାର ଗଠନ ନିମନ୍ତେ ସେ ନିର୍ବାଚନ କରିଯାଇଛନ୍ତି ଭାରତବର୍ଷକୁ ଯିଏ ଏଥିନିମନ୍ତେ ଉପଯୁକ୍ତ ମାର୍ଗ ଦର୍ଶନ ଦେଇପାରିବ । ତାଙ୍କର ବାଣୀକୁ ବିଚାର ଓ ବିଶ୍ଳେଷଣ କଲେ ସେଥିରେ ଥିବା ଅମାପ ଶକ୍ତିମତ୍ତାକୁ ସଙ୍ଗେ ସଙ୍ଗେ ଉପଲବ୍ଧି କରିବାକୁ ହୁଏ । ଆଜି ଦେହରେ ନଥିଲେ ମଧ୍ୟ ସ୍ୱାମୀଜୀ ଏକ ଜାଗ୍ରତ ବିଶ୍ୱବ୍ୟାପ୍ତ ଚେତନା ହୋଇ ରହିଛନ୍ତି ।

❐❐

ଅନୁରାଗର ଅନୁଚିନ୍ତା

ଋତୁ ଯାଏ, ଋତୁ ଆସେ । ଶୀତ କମିଗଲେ ବସନ୍ତ ଆସେ । ବସନ୍ତ ବଢି ବଢି ଗ୍ରୀଷ୍ମରେ ପରିଣତ ହୁଏ । ଗ୍ରୀଷ୍ମ ପୁଣି ରୂପାନ୍ତରିତ ହୁଏ ବର୍ଷାରେ । ବର୍ଷାଋତୁର ଛାୟାଚ୍ଛନ୍ନ ପରିଣତ ରୂପେ ଶୀତ ଆସେ । କଢିମାନେ ଫୁଲ ହୁଅନ୍ତି, ଫୁଲମାନେ ବାସ୍ନାୟିତ ଡେଣା ଝାଡ଼ି ଦେଇ ଝଡ଼ି ପଡନ୍ତି । ଝରା ଫୁଲ ମାଟିରେ ମିଶି ମାଟି ହୋଇଯାଏ, ମାତ୍ର ପବନରେ ରହିଯାଏ ଫୁଲର ମହୀମୋହନା ବାସ୍ନା । ଆମ୍ବ କଷି ପାକଳ ହୁଏ, ପାଚି ଗଛରେ ଦୋଳିଖେଳେ । ସମୁଦ୍ର ଉଚ୍ଛୁଳେ । ନଈ ବହେ ମନ୍ଦ ଗତିରେ । ଆକାଶରେ ତାରାମାନେ ନୀରବ ଭାଷାରେ କଥା ହୁଅନ୍ତି । ନିଜ ନିଜର ଆଲୋକରେ ଅନ୍ୟ ତାରାମାନଙ୍କୁ ଆଲାକିତ କରୁଥାଆନ୍ତି ।

ନୀଳ ଆକାଶରେ କୃଷ୍ଣ ପ୍ରଲେପ ମାଖି ବର୍ଷା ଆସେ । ଝକ୍‌ମରା ବିଜୁଳିରେ ଅଳଙ୍କାର ପିନ୍ଧି ଶୋଭନ ଦିଶନ୍ତି ମେଘମାଳା । ଝରଝର ବର୍ଷା ଆତ୍ମମଗ୍ନା ମାଟିରେ ଅମୃତଧାରା ପରି ଝରି ପଡ଼େ । ଆଞ୍ଜୁଳା ଭରି ସେଇ ଅମୃତକୁ ପାନ କରିଥାନ୍ତି ଗଛଲତା । ଡାଳ, ପତ୍ର ଓ ଫୁଲରେ ନୂଆ ତେଜ ଆସେ । ମାଟି ଉପରେ ଘାସ ଫୁଲର ଲଳିତ କାନ୍ତି ନିରେଖିଲା ଆଖିକୁ ଜକଜକ ଦିଶେ । ବେଳେବେଳେ ଆକାଶରେ ଇନ୍ଦ୍ରଧନୁ ଭାସେ । ସାତରଙ୍ଗର ଅମର୍ତ୍ତ୍ୟଲାବଣ୍ୟ ପହଁରିଯାଏ । କାହା ବିରହ ବ୍ୟାକୁଳତା କେଉଁଠି 'ମେଘଦୂତ'ରେ ପ୍ରତିଧ୍ୱନିତ ହୁଏ ତ ଆଉ ତ କେଉଁଠି ଶୁଭେ ପ୍ରବରଷନ ଗିରିରୁ ଲକ୍ଷ୍ମଣଙ୍କ ପ୍ରତି ଶ୍ରୀରାମଚନ୍ଦ୍ରଙ୍କ ଉପଦେଶ । କେବଳ ବର୍ଷ ନୁହେଁ, ବର୍ଷସାରା ଦିଗେ ଦିଗେ ଭିନ୍ନ ରୁଚିପୂର୍ଣ୍ଣ ଦୃଶ୍ୟ ସମ୍ଭାରର ଚାରୁଚିତ୍ର ପ୍ରକଟିତ ହୁଏ ।

ବିଶ୍ୱପ୍ରକୃତିର ଏତେ ପରିକଳ୍ପନା, ପ୍ରୟୋଜନା ଓ ପରିଚାଳନା ଆଦୌ ନିରର୍ଥକ ନୁହେଁ । ସୂକ୍ଷ୍ମ ଦୃଷ୍ଟି ଦେଇ ସେ କ୍ରିୟାରତ ଓ ଚଳ ଚଞ୍ଚଳ । ସେ ଜଡ଼ ନୁହେଁ ଜୀବନ୍ତ ଜାଗ୍ରତ ଓ ଚୈତନ୍ୟଯୁକ୍ତ । ନିଜକୁ ନିଜ ଭିତରେ ହଜାର, ଖୋଜିବାର ଅନୁଭବ ତା'ର ଅଛି । ଏଇ ଅନୁଭବର ଅନ୍ୟନାମ ଅନୁରାଗ । ଏଇ ଅନୁରାଗ ହିଁ ବିଶ୍ୱ ବିକାଶର ମୂଳମନ୍ତ୍ର । ଗୁରୁ ହୋଇ ଏହା ମାର୍ଗ ଦର୍ଶନ ଦିଏ, ସଖା ହୋଇ ପାଖେ ପାଖେ ଛାଇ ପରି ରହେ, ମାଆ ହୋଇ ମୁଣ୍ଡ ଆଉଁଷି ଦେଇ ଆଶିଷ ଢାଳିଦିଏ । ଅନୁରାଗ ଦିଏ ବଞ୍ଚିବାର ନିଶା ଓ ଆଗକୁ ଚାଲିବାକୁ ପାଦକୁ ପ୍ରେରଣା । ଶ୍ରୁତିମଧୁର ସ୍ୱରଟିଏ ହୋଇ ବାଜି ଉଠେ ଅନ୍ତଃକର୍ଣ୍ଣରେ । ରମ୍ୟ ସୁଷମ ଛବିଟିଏ ହୋଇ ଦିଶେ ଅନ୍ତଃଚକ୍ଷୁରେ । ଯିଏ ଏଇ ସ୍ୱରକୁ ସ୍ପଷ୍ଟ ଶୁଣିପାରେ, ଦିଏ ଏଇ ଚିତ୍ରକୁ ଦେଖିପାରେ, ତାର ଜୀବନ ହୋଇ ଉଠେ ଏକ ସୁଶ୍ରୀଶୋଭନ କାରୁଶିଳ୍ପ । ଜୀବନାନୁରାଗ ବିବର୍ତ୍ତିତ ହୋଇ ଜଗତାନୁରାଗର ରୂପ ନିଏ । ନିଜ ଭିତରେ ଜଗତକୁ ଓ ଜଗତ ଭିତରେ ନିଜକୁ ଦେଖିବାକୁ ବଳ ଦିଏ । ଅନ୍ତରର ସୂକ୍ଷ୍ମ ତନ୍ତ୍ରୀରେ

ଝଙ୍କାର ତୋଳେ । ପୁରୁଣା କଥା ସବୁ ନୂଆ ଲାଗନ୍ତି । ନୂଆ କଥା ସବୁ ଭାଷାତୀତ ରୂପରେ ଆବିର୍ଭୂତ ହୁଅନ୍ତି । ଭୂମି ଓ ଭୂମାଙ୍କୁ ବାରମ୍ବାର ପ୍ରଣାମ କରିବାକୁ ଇଚ୍ଛା ହୁଏ । ପବନ ସେତେବେଳେ କଥା କହେ, ଝରଣା ଗୀତ ଗାଏ, ଦିଗ୍‌ବଳୟ ଦିଗ୍‌ଦର୍ଶନ ଦିଏ ନୀରବଭଙ୍ଗୀରେ । ଅତୀତର ସ୍ମୃତିଧ୍ୱନି ନିମିଷକେ ପ୍ରତିଧ୍ୱନିତୋଳେ । ଅଧିକରୁ ଅଧିକ ଆପଣାର ଲାଗେ ପତ୍ରଫାଙ୍କରୁ ଝରୁଥିବା ଜହ୍ନ କିରଣ, ନଈ ପଠାର ଗଛମାନେ ଅଧିକରୁ ଅଧିକ ଶ୍ୟାମଳ ଦିଶନ୍ତି। ଦୃଶ୍ୟକୁ ଜିଣି ଅଦୃଶ୍ୟ ଆସି ବେଳେବେଳେ ଠିଆ ହୁଏ । ସେତେବେଳେ ଭିତରେ ଓ ବାହାରେ ଅନୁପମ ଲାବଣ୍ୟର ଲେପଟିଏ ମାଖି ହୋଇଯାଏ ଜୀବନର ମାନଚିତ୍ର ଓ ମାପକାଠି ବଦଳି ଯାଏ ।

ଚେତନା ବିକଶିତ ହୁଏ ଅନୁଲମ୍ୟ ଓ ଅନୁପ୍ରସ୍ତ ଉଭୟ ଦିଗରେ ସେତେବେଳେ ଆଉ ନିଜର ସ୍ୱାର୍ଥ ପାଇଁ ଏତେ ବଡ଼ ଗଛଟିକୁ ହାଣି ତଳେ ଶୁଖାଇ ଦେବାକୁ ମନ ବଳେ ନାହିଁ, ଫୁଲ ତୋଳୁ ତୋଳୁ କଢି, ପତ୍ର ଓ ଡାଳକୁ ମୋଡି ଦେବାକୁ ହାତ ଯାଏ ନାହିଁ । ସାଇକେଲରେ ଯାଇଥିବା ପିଲାଟିର ଧେଡିଆ କୁକୁରଟିକୁ ଗୋଇଠାଟିଏ ପକାଇବାକୁ ଇଚ୍ଛା ହୁଏ ନାହିଁ । ଆଉ ଆଉ ମଣିଷର ପଦୋନ୍ନତି କଥା ଶୁଣି ମନରେ ଈର୍ଷା ଆସେ ନାହିଁ । ଅନ୍ୟ ଦ୍ୱାରା କେତେ ଆଦୃତ ହେଲି ସେ ହିସାବ ମନକୁ ଆସେ ନାହିଁ ବରଂ ଅନ୍ୟକୁ ଆଦର କରିବାର ମାନସିକତା ବଢ଼ିଯାଏ । ସ୍ମିତ ହାସ୍ୟର ମାଧୁରିମା ଓଠରେ ପହଁରିଯାଏ ଅନ୍ୟକୁ ବୁଝିଲା ବେଳେ ଓ ବୁଝାଇଲାବେଳେ ।

ସମାଜରୁ କିଛି ନେଇ ଯିବାର ମାନସିକତା ବଦଳରେ ସମାଜକୁ କିଛି ଦେଇ ଯିବାର ଆନ୍ତରିକତା ଆସେ । ଏକ ଅଦୃଶ୍ୟ ଶକ୍ତି ପ୍ରତି ପ୍ରଣାମ ଆଭୂମ ହୁଏ । ଖାଇବା, ପିନ୍ଧିବା, ଖେଳିବା ବୁଲିବା, ସବୁ କିଛି ରହେ, ମାତ୍ର ସେ ସବୁ ଜୀବନର ଲକ୍ଷ୍ୟ ନହୋଇ ମାଧ୍ୟମ ହୋଇଯାଆନ୍ତି । ମାଧ୍ୟମ ରହେ ମାଧ୍ୟମ ଭୂମିକାରେ, ଲକ୍ଷ୍ୟ ଥାଏ ଲକ୍ଷ୍ୟ ଭାବରେ । ନିଜକୁ ଅତିକ୍ରମ କରି ନିଜେ ନିଜକୁ ପାଇ ହୁଏ ଏଇ ଅନୁରାଗରେ । ବୈରାଗ୍ୟ ନୁହେଁ କି ଆସକ୍ତି ନୁହେଁ । ଏଇ ଦୁଇଟିର ଉର୍ଦ୍ଧ୍ୱରେ ଅନୁରାଗର ସ୍ଥିତି, ଯାହାର ଅନୁଚିନ୍ତା ଓ ଅନୁଭବ ଜୀବନକୁ ମୂଲ୍ୟ ଦିଏ, ଅସୀମ ସରସତାରେ ଭରିଦିଏ ଜୀବନର କୋଣ ଅନୁକୋଣ । ଦୃଷ୍ଟିଭଙ୍ଗୀକୁ ବଦଳାଇ ଦିଏ । ଜୀବନ, ଜଗତ ଓ ବିଶ୍ୱାତୀତଚେତନାକୁ ଏକ ସୂତ୍ରରେ ବାନ୍ଧେ । ଅନ୍ୟ ଭାଷାରେ କହିଲେ ଭୂମି ଓ ଭୂମା ଚେତନାର ରମ୍ୟସମନ୍ୱୟ ଘଟାଏ । ସେତେବେଳେ ବିଶ୍ୱ ହୁଏ ବିକାଶର ଚାରଣ ଭୂମି, ଓ ଜୀବନ ହୁଏ ନବ ଜ୍ୟୋତିର ଝଲସିତ ଏକ ଶୁଦ୍ଧ ସାର୍ଥକ ସତ୍ତା । ଅନ୍ଧାରୀ ଦିଗନ୍ତରେ ସିନ୍ଦୂରା ଫାଟେ, ପ୍ରଭାତର ପ୍ରଭା ଉକୁଟି ଉଠେ । ଅରୁଣ କିରଣରେ ଝଲସି ଉଠେ ପ୍ରାଚୀ ଦିଗ ପୁଣି ପରେ ପରେ ଅନ୍ୟ ଦିଗ ଓ ଦିଗନ୍ତ ।

❐❐

ଦୋଷ କେଉଁଠି ?

ଗଣ ମାଧ୍ୟମରେ ପ୍ରତିଦିନ ଯେତେ ସମ୍ବାଦ ପ୍ରକାଶିତ, ପ୍ରଚାରିତ ଓ ପ୍ରସାରିତ ହୁଏ, ତହିଁର ବହୁଳାଂଶ ଅପରାଧ ଭିତ୍ତିକ । ଦେଶର ବଡ଼ ବଡ଼ ନେତୃସ୍ଥାନୀୟ ବ୍ୟକ୍ତିଗଣ ଏଥିରୁ ବାଦ୍ ପଡନ୍ତି ନାହିଁ । କେତେବେଳେ ଲାଞ୍ଚ ମାମଲାରେ ତ ଆଉ କେତେବେଳେ ଜମି ଦୁର୍ନୀତି ମାମଲାରେ ଦୋଷୀ ସାବ୍ୟସ୍ତ ହୋଇ କାରାଦଣ୍ଡାଦେଶ ଲାଭ କରନ୍ତି । ଅଭିଯୁକ୍ତ ଆସାମୀମାନଙ୍କର ମନରେ ଦୁଃଖ ନ ଥାଏ କି ମୁହଁରେ ଅବସାଦର ଚିହ୍ନ ନଥାଏ । ଏସବୁ ସେମାନଙ୍କ ପାଇଁ ଆଭୂଷଣ, ପାରିବାର ପଣିଆ, ବୁଦ୍ଧିମତ୍ତାର ପ୍ରମାଣପତ୍ର । ସଂପ୍ରତି ଯିଏ ଯେତେ ଦୁର୍ନୀତିଗ୍ରସ୍ତ ସେ ସେତେ ବୁଦ୍ଧିମାନ, ସେ ସେତେ ବଳିଷ୍ଠ ବ୍ୟକ୍ତିତ୍ୱର ଅଧିକାରୀ । ଯେନତେନ ପ୍ରକାରଣେ ଧନୀ ହେବା ଦରକାର । ଦୁର୍ନୀତି ଏବେ ନୀତିର ପର୍ଯ୍ୟାୟଭୁକ୍ତ । ଅସଲ ନୀତି ଦୂରକୁ-ଦୂରକୁ ଅପସରି ଯାଇ କେଉଁଠି ଆତ୍ମଗୋପନ କରିଛି ଯେ ତାକୁ ଠାବ କରିବା ଏକ ପ୍ରକାର ଅସମ୍ଭବ । ଯଦି କିଏ ନୀତିରେ ଚଳିଲା ତେବେ ତା'ର ନାମ ଦୁର୍ବଳ ଲୋକଙ୍କର ତାଲିକାଭୁକ୍ତ ହେଉଛି । ନୀତି କଥା କହୁଥିବା ଯୁବକଟି ପୁରୁଣା କାଳିଆ ବୃଦ୍ଧରେ ଗଣା ହେଉଛି ।

ସମସ୍ୟାଟି ଏହିପରି ଯେ ତଥାକଥିତ ପ୍ରତିଷ୍ଠିତ ବ୍ୟକ୍ତିଗଣ ଯଦି ଏପରି ଅସାମାଜିକତାକୁ ଗଳାହାର କରନ୍ତି ଓ ତଦ୍‌ଜନିତ ସମ୍ବାଦ ପରିବେଷଣରେ ନିଜକୁ ଗୌରବାନ୍ୱିତ ମନେ କରନ୍ତି ତେବେ ସାଧାରଣ ଲୋକେ କାହାକୁ ଚାହିଁ ବାଟ ଚାଲିବେ ? ସମାଜ ଜୀବନର ସୁସ୍ଥତା ପାଇଁ ଆବଶ୍ୟକୀୟ ଏକ ଆଦର୍ଶ ଓ ଲକ୍ଷ୍ୟ । ଯଦି କିଛି ଆଦର୍ଶ ନ ରହିବ, ତେବେ ଜନ ସାଧାରଣ ଉଦ୍‌ଭ୍ରାନ୍ତ ନ ହୋଇ ଆଉ ହେବେ କଅଣ ? କଥା ପ୍ରସଙ୍ଗରେ ସେଦିନ ଜଣେ ଭଦ୍ରଲୋକ କହୁଥିଲେ "ଆଜ୍ଞା, ହିଂସ୍ରତା ଓ ବ୍ୟଭିଚାର ଏ ଦୁଇଟି ଗୋଟିଏ ମୁଦ୍ରାର ଦୁଇପାଖ ପରି ଓତପ୍ରୋତ ଭାବରେ ଜଡ଼ିତ । ଯେଉଁଠି କାମବାସନା ପ୍ରବଳ, ସେଇଠି ହିଂସତା ପ୍ରବଳ । ଗୀତାର କଥା ଅନୁସାରେ କାମାତ୍ କ୍ରୋଧ ଉତ୍ପନ୍ନ । ସେ କାମନା ଶାରୀରିକ, ପ୍ରାଣିକ ବା ମାନସିକ ହୋଇପାରେ ।"

ଅତୀତରେ କାମନା ଥିଲା ଓ ତା'ର ପରିପୂର୍ତ୍ତି ନିମନ୍ତେ କିଛି ନୀତି ନିୟମ ଥିଲା । ଏବେ କିଛି ନୀତି ନିୟମ ନ ଥିବାରୁ କାମନାର ଅଗ୍ନି ଅଧିକ ଜଳୁଛି ଓ ଚତୁର୍ଦ୍ଦିଗକୁ ଜାଳି ଦେଉଛି । ଅବଶ୍ୟ ପାଠକେ କହିବେ ପୂର୍ବ ଅପେକ୍ଷା ତ ଆଇନ ଅଧିକ ସଂଶୋଧିତ ଓ ପ୍ରଣୀତ ହେଉଛି, ଆଉ ନୀତିନିୟମ ନାହିଁ କଅଣ ? ପ୍ରକୃତରେ ନୀତିନିୟମର ସୃଷ୍ଟି ହୁଏ ଅନ୍ତର ଶିକ୍ଷାରୁ । ଭିତରୁ ନୀତି ପାଇଁ ଆନ୍ତରିକତା ନ ଆସିଲେ ଆଇନକାନୁନ୍ ବଳରେ ବିଶେଷ କିଛି ଉପକାର ହୁଏ ନାହିଁ । ଏକଥା କ'ଣ ଜ୍ଞାନୀ ଲୋକମାନେ ବୁଝିପାରୁ ନାହାନ୍ତି ? ହୁଏତ ବୁଝିଛନ୍ତି କିନ୍ତୁ ତାହାକୁ କାର୍ଯ୍ୟକାରୀ କରିପାରୁ ନାହାନ୍ତି । ହୁଏତ ଏହା ହୋଇପାରେ ଯେ ବୁଝିବା ଲୋକଙ୍କର ସଂଖ୍ୟା କମ୍ ଓ ନ ବୁଝିବା ଲୋକଙ୍କର ସଂଖ୍ୟା ଅଧିକ । ତେଣୁ ମୂଢ଼ ସଭାରେ ମୂଳ ଯଥା ଧାର୍ମିକ ନ୍ୟାୟରେ ସେମାନେ ନୀରବ ରହୁଛନ୍ତି । ମୋର କହିବା କଥା ଯେ ବୁଝିବା ଲୋକଙ୍କର ସଂଖ୍ୟା ବଢ଼ିବା ଏକାନ୍ତ ଜରୁରୀ ।

ଆଇନକାନୁନ୍ ରହୁ, ମାତ୍ର ଅପରାଧ ପ୍ରବଣତା ମଣିଷ ମନରୁ ନ କମିଲା ପର୍ଯ୍ୟନ୍ତ ସମାଜ ସୁସ୍ଥ ହେବ ନାହିଁ, ପୂର୍ଣ୍ଣ ବିକଶିତ ହେବ ନାହିଁ । ନୈତିକତାର ଭୟ ହିଁ ପ୍ରକୃତ ଭୟ । ମଣିଷ ମନର ପରିବର୍ତ୍ତନ ନ ହେଲେ ସମାଜର ପରିବର୍ତ୍ତନ ହେବ ନାହିଁ । ଉଦାହରଣସ୍ୱରୂପ ଗୋଟିଏ କଥା କୁହାଯାଇପାରେ ଯେ ନାରୀ ନିର୍ଯ୍ୟାତନା ରୋକିବା ପାଇଁ ଓ ଯୌତୁକ ନେବା ଦେବାକୁ ରୋକିବା ପାଇଁ ଆଇନ୍ ବଳରେ ସମାଜ ସୁସ୍ଥ ହୋଇଛି, ଏଥିସହିତ ଯଦି ଶିକ୍ଷାନୀତିରେ ଏହାକୁ ମାନବିକତା ଦିଗରୁ ବିଚାର କରାଯାଇ ସାମିଲ କରାଯାଇଥାଆନ୍ତା ତେବେ ସମାଜ ଅଧିକ ସୁସ୍ଥ ହୁଅନ୍ତା । ଭିତରୁ ରୋଗଜୀବାଣୁ ନ ମଲା ଯାଏ ବାହାର ମଲମ ଲଗାଇ ରୋଗ ଚାପିଦେଲେ ବିଶେଷ କିଛି ଲାଭ ହୁଏ ନାହିଁ । ଟିକିଏ ସୁବିଧା ପାଇଲେ ସେ ରୋଗ ପୁଣି ଫୁଟି ବାହାରେ ।

ଅଧିକ ଆଲୋଚନା କରିବାକୁ ମୁଁ ବସିନାହିଁ । ଗୋଟିଏ କଥା କହିବାର ଅଛି ଯେ ଗୋଟିଏ ପୀଢି ଉପଯୁକ୍ତ ଭାବରେ ଶିକ୍ଷିତ ତଥା ସଚେତନ ହେଲେ ତାକୁ ଆଦର୍ଶ କରି ହୁଏତ ପରବର୍ତ୍ତୀ ପୀଢ଼ି ଆଗେଇ ଯିବେ । ଏଥିପାଇଁ ପ୍ରସ୍ତୁତି, ନିଷ୍ଠା, ଆନ୍ତରିକତା, ଏକାଗ୍ରତା ଆବଶ୍ୟକ । ମୋ ବିଚାରରେ ଯାହା ବଳରେ ଗୋଟିଏ ସଚେତନ ପୀଢି ଗଢା ହେବ ତାହା ହେଲା ଏହିପରି ।

୧. ପାରିବାରିକ ଶିକ୍ଷା

୨. ଆନୁଷ୍ଠାନିକ ଶିକ୍ଷା

୩. କର୍ମାଭିମୁଖୀ ଶିକ୍ଷା

୪. ପାରସ୍ପରିକ ଆଲୋଚନା ।

ପାରିବାରିକ ଶିକ୍ଷା କହିଲେ ଏକଥା ଆଦୌ ବୁଝାଏ ନାହିଁ ଯେ ବାପାମାଆ ଅତିକମ୍‌ରେ ବି.ଏ ବା ଏମ୍.ଏ ପଢ଼ିଥିବେ । ପଢ଼ିଥିଲେ ଭଲ । ପଢ଼ନ୍ତୁ ବା ନ ପଢ଼ନ୍ତୁ ସେମାନଙ୍କର ମନ ଟିକିଏ ପ୍ରଶସ୍ତ ହୋଇଥିବା ଦରକାର । ନୀଚ ମନର ବାପାମାଆଙ୍କଠାରୁ ଉଚ୍ଚମନର ଓ ଉଚ୍ଚମାନର ପିଲାଟିଏ ଯଦି ସମାଜ ଆଶାକରେ ତେବେ ସେ ହତାଶ ହେବ ନାହିଁ କି ? ଉଦାହରଣଟିଏ ଦେଲେ କଥାଟି ଟିକିଏ ସ୍ପଷ୍ଟ ହେବ । ମାଆଟିଏ ତା' ପିଲାଟି ପାଇଁ ବ୍ୟସ୍ତ ଅଥଚ ପରିବାରରେ ଥିବା ଅନ୍ୟ ସଦସ୍ୟମାନେ ପିଲାଟି ପାଇଁ ବ୍ୟସ୍ତ ନୁହଁନ୍ତି । ଏହାଦ୍ୱାରା କାହାର କିଛି ଲାଭ ହୁଏ ନାହିଁ ଏପରିକି ପିଲାର ମଧ୍ୟ ବିଶେଷ କିଛି ଲାଭହୁଏ ନାହିଁ । ଆଉ ଗୋଟିଏ ଉଦାହରଣ ଦିଆଯାଇପାରେ । ନିଜ ପିଲା ପାଇଁ ବ୍ୟସ୍ତତା ଥିବ ଅଥଚ ଦାଣ୍ଡରେ ନିଜପିଲା ବୟସର ପିଲାଟିଏ ଝୁଣ୍ଟି ପଡ଼ି କାନ୍ଦିଲେ ତୁଣ୍ଡରେ ଆହାପଦ ନାହିଁ, ତେବେ ସେ କଥାଟି ଠିକ୍ ହୁଏ ନାହିଁ। ତା'ଠାରୁ ଜନ୍ମ ନେଇଥିବା ପିଲାଟି ଦରଦୀ, ସହାନୁଭୂତିଶୀଳ ହେବ କିପରି ? ବାପା ନୁହେଁ କି ମାଆ ନୁହେଁ କାହାରି ଭିତରେ ବିଶ୍ୱ ତ ଦୂରର କଥା, ନିଜ ଦେଶ ପାଇଁ, ଜାତି ପାଇଁ, ସଂସ୍କୃତି ପାଇଁ ଟିକିଏ ଆନ୍ତରିକତା ନାହିଁ, ଅଛି କେବଳ ପୁଳାଏ ଅହଂ, ଏଥିରୁ ଜନ୍ମିତ ଏହି ପରିବେଶରେ ଲାଳିତ ପାଳିତ ପିଲାଟିଏ ଉଦାର ଚେତା, ପ୍ରଶସ୍ତମନା, ପ୍ରକୃତ ଅର୍ଥରେ ସଂସ୍କୃତି ସଂପନ୍ନ ହେବା ସମ୍ଭବ କି ? ଅବଶ୍ୟ ଆପଣ କହିପାରନ୍ତି ଖତଗଦାରେ କ'ଣ ପଦ୍ମ ଫୁଟେ ନାହିଁ କି ? ଉତ୍ତରରେ କୁହାଯାଇପାରେ ଯେ ଯେତେ ପଦ୍ମ ଆବଶ୍ୟକ, ଖତଗଦା ସେତେ ପଦ୍ମ ଯୋଗାଇପାରେ କି ? ଖତଗଦାର ପଦ୍ମଫୁଲ ଉପରେ ଭରସା କରି ରହିଲେ ମହତ୍ ଲକ୍ଷ୍ୟ ପୂରଣ ହୁଏ କି ? ଅତଏବ ଏତେବେଳେ ବାପମାଆ କେତେ ସଚେତନ ହେବାକୁ ପଡିବ ତାହା ବେଶି ବୁଝାଇବ ଦରକାର ନାହିଁ । ଏପରି ସଚେତନତା ପ୍ରକୃତରେ ଦେଶ ସେବା ବା ଜାତିର ଯଥାର୍ଥ ସେବା ବୋଲି କହିଲେ ଭୁଲ ହେବ କି ?

ଆନୁଷ୍ଠାନିକ ଶିକ୍ଷାର ପ୍ରଭାବ ଅତୁଳନୀୟ । ଅନୁଷ୍ଠାନ କହିଲେ ଶିକ୍ଷକ ଓ ଶିକ୍ଷାୟତନକୁ ମୁଖ୍ୟତଃ

ବୁଝାଏ । ଶିକ୍ଷକର ପ୍ରଥମ ଗୁଣ ହେଉଛି ଅହଂଶୂନ୍ୟତା । ଅହଂ ରହିଲେ ଶିକ୍ଷା କସ୍ମିନ କାଳେ ପ୍ରଭାବଶାଳୀ ହେବ ନାହିଁ । ଶଉର ଓ ଚାଲିଚଳନର ଏକ ଭାବତରଙ୍ଗ ଅଛି । ଏ ଭାବତରଙ୍ଗ ଅହଂଦ୍ୱାରା ପ୍ରଦୂଷିତ ହେଲେ ତାହା କେବେ ସଫଳ ହେବନାହିଁ । ଶିକ୍ଷକର ଅନ୍ୟତମ ଗୁଣ ଓ ଲକ୍ଷଣ ହେଉଛି ସାମ୍ୟନୀତି । ପକ୍ଷପାତିତା ରହିଲେ ଶିକ୍ଷା ବ୍ୟବସ୍ଥା କଳଙ୍କିତ ହୁଏ ଏବଂ ଶିକ୍ଷା ନାମରେ ଅଶିକ୍ଷାର ପ୍ରେତନାଚ ବଢିଚାଲେ । 'ଏ ବଡ଼ଲୋକର ପିଲା', 'ଗରିବଘରର ଏ ପିଲା ଏପରି ସଂକୀର୍ଣ୍ଣଭାବ ଓ ଭାବନା ଥିବା ଶିକ୍ଷକଙ୍କର ଛାତ୍ର ଯେ ପ୍ରଶସ୍ତ ହେବ, ଏ ଆଶା କରିବା ବୃଥା । ନିଜର ଯଶ ଲାଭ ଓ କ୍ଷମତା ଲାଳସା ଶିକ୍ଷକତାର ବଡ଼ ଶତ୍ରୁ । ଏପରି ଲୋଭୀ ଶିକ୍ଷକଙ୍କର ଛାତ୍ର କ'ଣ ନିର୍ଲୋଭ ହେବ, ନିଃସ୍ୱାର୍ଥପର ହେବ ? ପୁନଶ୍ଚ ଶିକ୍ଷାତୟନକୁ ନିର୍ମଳ ନ ରଖିଲେ ଶିକ୍ଷା କଳଙ୍କିତ ହୁଏ । ଶିକ୍ଷା ରୂପକ ଦେବତାଙ୍କ ପାଇଁ ମନ୍ଦିର ହେଉଛି ଶିକ୍ଷାତୟନ । ଶିକ୍ଷାୟତନର ଶୁଦ୍ଧତା ଏକାନ୍ତ ଜରୁରୀ । ରାଜନୀତି ଯଦି ଶିକ୍ଷାୟତନ ଭିତରକୁ ଧସେଇ ପଶେ ଓ ଶିକ୍ଷକ ତଥା ଛାତ୍ରଙ୍କ କାନ୍ଧରେ ସବାର ହୋଇ ସେମାନଙ୍କୁ ଚାପି ଦିଏ ତେବେ ସେହି ପରିବେଶରୁ ଶିକ୍ଷାପ୍ରାପ୍ତ ଛାତ୍ର ଅର୍ଥାତ୍ ଦେଶର ଭାବି ନାଗରିକ କଳା ଅଙ୍ଗାର ହୋଇ ବାହାରିବେ ନାହିଁକି ? ଶିକ୍ଷକଙ୍କର ଭୂମିକା ମାଆର ଭୂମିକା ପରି ଅତି ମୂଲ୍ୟବାନ । ତେଣୁ ଶିକ୍ଷକଙ୍କୁ କୁହାଯାଏ ଦ୍ୱିତୀୟ ମାଆ ଏବଂ ମାଆକୁ କୁହାଯାଏ ପ୍ରଥମ ଶିକ୍ଷକ । କେବଳ ସମ୍ବାଦ ଭିତ୍ତିକ ଶିକ୍ଷାଦାନ (Information based teaching) ରେ ଶିକ୍ଷକ ସନ୍ତୁଷ୍ଟ ରହିଲେ ତେବେ ସେ ଶିକ୍ଷା ଫଳପ୍ରଦ ହୁଏ ନାହିଁ କି ସେ ଶିକ୍ଷକ ସମାଜ ଗଠନ କରିପାରନ୍ତି ନାହିଁ । ଶିକ୍ଷକ ନିଜର ଆଚାର ବ୍ୟବହାରକୁ ଉନ୍ନତ ତଥା ମାର୍ଜିତ କରିବା ଉଚିତ୍, କାରଣ ଶିକ୍ଷକଟିଏ ବୋଲି ସାମାନ୍ୟ ବ୍ୟକ୍ତିଟିଏ ନୁହେଁ, ତାଙ୍କ ଦ୍ୱାରା ଜଣେ ନୁହେଁ ବହୁ ଛାତ୍ର ପ୍ରଭାବିତ ହୋଇପାରନ୍ତି । ଅତଏବ ସଚେତନ ଶିକ୍ଷକ ହେଉଛନ୍ତି ସମାଜର ଭୂଷଣ, ଏହା ମୁକ୍ତ କଣ୍ଠରେ ସ୍ୱୀକାର୍ଯ୍ୟ ।

କର୍ମାଭିମୁଖୀ ଶିକ୍ଷାର ଆବଶ୍ୟକତା ଅଧିକରୁ ଅଧିକ ରହିଛି । କେବଳ ନୈତିକ ଶିକ୍ଷା ବା ପୋଥିଗତ ଶିକ୍ଷା ଯଥେଷ୍ଟ ନୁହେଁ । କର୍ମରେ ପ୍ରଯୁକ୍ତ ହେଉଥିବା ଶିକ୍ଷା ହିଁ ଅସଲ ଶିକ୍ଷା । ଶିକ୍ଷା ଏକ ଯୌଗିକ ପ୍ରକ୍ରିୟା ଯାହାର ପ୍ରୟୋଗ ପାଇଁ କ୍ଷେତ୍ର ହେଉଛି କର୍ମ । କର୍ମରେ କୁଶଳତା ହିଁ ଶିକ୍ଷାର ମହତ୍ ଲକ୍ଷ୍ୟ । କର୍ମରେ ବ୍ୟାପୃତ ନ ରହିଲେ ଶିକ୍ଷା ପ୍ରାପ୍ତ ଯୁବ ସମାଜର ସମୟ ଓ ଶକ୍ତିର ଅପବ୍ୟବହାର ହେବ ହିଁ ହେବ, ଯାହା ଦେଶର ଏବେ ଘଟୁଅଛି । ଯାହା କୁହାଯାଏ 'Idle mind is the evil's workshop', ତାହା କାର୍ଯ୍ୟରେ ପରିଣତ ହେଉଛି ଓ ହେବ । ଘରେ ଖାଇ ବାହାରେ ପୁଞ୍ଜି ପୁଞ୍ଜି ହୋଇ ବସି ପର ଅନିଷ୍ଟ ଚିନ୍ତାକରିବା, ଯୌନ ଆବେଗ ମୂଳକ କଥାବାର୍ତ୍ତାରେ ବ୍ୟାପୃତ ରହିବା, ଟିକିଏ ସୁବିଧା ପାଇଲେ କ୍ଷତି କରିବାର ମାର୍ଗ ପ୍ରଶସ୍ତ ହେବ । କର୍ମ ବ୍ୟସ୍ତତା ରହିଲେ ଜୀବନରେ ଏସବୁ ପାଇଁ ସମୟ ଓ ପରିବେଶ ମିଳିବ ନାହିଁ । ଶିକ୍ଷା ଦରକାର ଓ କର୍ମ ଦରକାର । ଯେଉଁ କର୍ମ ପ୍ରତି ଯାହାର ଆଗ୍ରହ ଅଛି, ତାକୁ ପ୍ରୋତ୍ସାହନ ଓ ତାଲିମ ଦିଆଗଲେ କର୍ମାଭିମୁଖୀର ଶିକ୍ଷା ଫଳପ୍ରଦ ହୋଇପାରିବ । ଶିକ୍ଷକ ଏଥିପାଇଁ ନିଜକୁ ଅଧିକ କୁଶଳୀ କରି ଗଢ଼ିବା ଦରକାର । ରାଜନୈତିକ ସ୍ତରରେ କର୍ମାଭିମୁଖୀ ଶିକ୍ଷା ନିମନ୍ତେ ଅକପଟ ଆନ୍ତରିକତା ଲୋ। ଆତ୍ମପ୍ରଚାର ପାଇଁ ଅଥବା ଯଶ ପ୍ରଶଂସା ପାଇଁ କର୍ମାଭିମୁଖୀ ଶିକ୍ଷାର ପ୍ରଚଳନ କଲେ ତାହା କଦାପି ସଫଳ ହେବ ନାହିଁ । ଅତୀତରୁ ବର୍ତ୍ତମାନ ପର୍ଯ୍ୟନ୍ତ ଏ ଦିଗରେ ବହୁ ଅନୁଭୂତି ବହୁଲୋକଙ୍କର ରହିଛି ।

ପୁନଶ୍ଚ ପାରସ୍ପରିକ ଆଲୋଚନା ମାଧ୍ୟମରେ ଲୋକ ଶିକ୍ଷାର ଭିତ୍ତି ଦୃଢ ହୁଏ । ସରାକାରୀ ଓ ବେସରକାରୀ ଉଭୟ ସ୍ତରରେ ଏହା ହେବା ଆବାଶ୍ୟକ । ଅତୀତର ବିଶିଷ୍ଟ ବ୍ୟକ୍ତିମାନଙ୍କର ଜୀବନୀ ଆଲୋଚନା ଓ

ସ୍ମୃତିଚାରଣ ଗୋଟିଏ ଜାତିକୁ ଆଲୋକ ଦେଖାଏ । ଅତୀତକୁ ଝୁରିବା ନୁହେଁ, ବରଂ ଅତୀତର ସ୍ମୃତିକୁ ଶ୍ରଦ୍ଧାର ସହ ସ୍ମରଣ ରଖି ଆଗକୁ ପାଦ ବଢାଇବା ପାଇଁ ଏପରି ଆଲୋଚନାର ଆବଶ୍ୟକତା ଅଛି । ଛାତ୍ରମାନଙ୍କ ମଧ୍ୟରେ ବିଶେଷତଃ ଶିକ୍ଷାୟତନ ମାନଙ୍କରେ ଏପରି ଆଲୋଚନା ଅତ୍ୟନ୍ତ ଜରୁରୀ । ଶସ୍ତା ସଂଗୀତ ଶୁଣି ସମୟର ଅପଚୟ ନ କରି ରୁଚିକର ସଂଗୀତ ଶୁଣିବା ଓ ବାଜେ ଗପ କରିବା ପରିବର୍ତ୍ତେ ଗଠନମୂଳକ ଆଲୋଚନାରେ ପ୍ରବୃତ୍ତ ହେବାର ମାନସିକତା ଆମର ଏ ଯାବତ ଆସିନାହିଁ । ଫଳତଃ ଆମର ଚେତନା ପ୍ରସାରିତ ହେଉନାହିଁ । ଅହଂର ପିଣ୍ଡୁଳାଟିଏ ହୋଇ ଛାତ୍ରଟିଏ ଶିକ୍ଷାନୁଷ୍ଠାନରୁ ଡିଗ୍ରୀ ପାଇ ବାହାରୁଛି ।

ବିଭିନ୍ନ ଦିଗରୁ ବିଚାର କଲେ ଏପରି ଅବସ୍ଥାରେ ପୀଢ଼ିଟିଏ ପ୍ରସ୍ତୁତ ହେବ କିପରି ? କେତେକ ଏକା ମାନସିକତାର ବୟସର ପିଲାଙ୍କୁ ନେଇ ପୀଢ଼ିଟିଏ ପ୍ରସ୍ତୁତ ହୁଏ। ପ୍ରାୟ କୌଣସି ପିଲା ଘରୁ କି ବାହାରୁ କିଛି। ବିଶେଷ ଆସ୍ତିବାଚକ ଶିକ୍ଷା ପାଉନାହାନ୍ତି । ପିଲାଟିର ସାଙ୍ଗସାଥି ଅଛନ୍ତି ମାତ୍ର ସେମାନଙ୍କ ଭିତରେ ପ୍ରକୃତ ଏକତା ବା ଆନ୍ତରିକତା ନାହିଁ । ଯାହା ଅଛି ତାହା କେବଳ ବିକୃତ ଏକତା, ଯାହା ନିଜ ନିଜର ସ୍ୱାର୍ଥ ସିଦ୍ଧି ନିମନ୍ତେ ଅଭିପ୍ରେତ । ଏହି ଏକତା ରେଳ ରୋକ, ରାସ୍ତାରୋକ, ବସପୋଡି, ଜାତୀୟସଂପତ୍ତି ପୋଡାଜଳା ତଥା ଭଙ୍ଗାରୁଜା କାର୍ଯ୍ୟରେ ଲାଗେ। ଏସବୁ ଜାଣିଲା ପରେ ଆଉ ପିଲାଟିକୁ ଦୋଷଦେବା କେତେଦୂର ଯୁକ୍ତିଯୁକ୍ତ ତାହା ବିଚାର୍ଯ୍ୟ ବିଷୟ ।

❐❐

ବିଜ୍ଞାନ ଓ ଆତ୍ମଜ୍ଞାନ

ପ୍ରଥମରୁ କହିରଖେ ଯେ ବିଜ୍ଞାନ କହିଲେ ପରୀକ୍ଷାଗାରରୁ ଲବ୍ଧ ଜ୍ଞାନ ଓ ତତ୍ତ୍ୱର ବାହ୍ୟ ପ୍ରୟୋଗ ଓ ପରିଣତିକୁ କେବଳ ବୁଝାଏ ନାହିଁ, ଏହା ସହିତ ବିଶ୍ୱସମ୍ପର୍କରେ ବିଶେଷ ଜ୍ଞାନକୁ ମଧ୍ୟ ବୁଝାଏ । ଅନ୍ୟଭାଷାରେ କୁହାଯାଇପାରେ ଯେ, ବିଜ୍ଞାନ ହେଉଛି ରହସ୍ୟମୟ ବିଶାଳ ବିଶ୍ୱ ବ୍ରହ୍ମାଣ୍ଡର ଗାଣିତିକ ତଥା ଯୁକ୍ତିଭିତ୍ତିକ ବିଶ୍ଳେଷଣ ଓ ଅନୁସନ୍ଧାନ । ଏଥିପାଇଁ ପରୀକ୍ଷାଗାର ଏକ ମାଧ୍ୟମ ମାତ୍ର ।

ଆତ୍ମଜ୍ଞାନ କହିଲେ ଧାର୍ମିକତା, ସନ୍ୟାସ, ସଂସାର ତ୍ୟାଗ, ଜଟାଧାରଣକୁ ବୁଝାଏ ନାହିଁ । ଆତ୍ମଜ୍ଞାନ କେବଳ ଆତ୍ମାସମ୍ପର୍କରେ ଜ୍ଞାନ ନୁହେଁ, ବ୍ୟକ୍ତିର ସମସ୍ତ ସତ୍ତା ସମ୍ପର୍କରେ ଜ୍ଞାନ ହିଁ ଆତ୍ମଜ୍ଞାନ । ଜୀବନର ସବୁ ଆବଶ୍ୟକତା ଓ ଅନୁଭବକୁ ଉଚିତ ଅର୍ଥରେ ଗ୍ରହଣ କରାଗଲେ, ସେସବୁ ଆତ୍ମଜ୍ଞାନର ଅନ୍ତର୍ଭୁକ୍ତ ହୋଇପାରନ୍ତି ।

ବିଜ୍ଞାନ ଓ ଆତ୍ମଜ୍ଞାନର ମୂଳକଥା ହେଉଛି ଜିଜ୍ଞାସା । ଜିଜ୍ଞାସା ହିଁ ଜୀବନର ଚିହ୍ନ । ଏପରି କୁହାଯାଇପାରେ ଯେ ଜିଜ୍ଞାସା ହିଁ ଜୀବନ ଏବଂ ଜୀବନ ହିଁ ଜିଜ୍ଞାସା । ଜିଜ୍ଞାସା ଅଛି ତ ଜୀବନ ଅଛି, ଜିଜ୍ଞାସା ନାହିଁ ତ ଜୀବନ ନାହିଁ । ବ୍ୟକ୍ତିର ଜିଜ୍ଞାସା ମୁଖ୍ୟତଃ ଦୁଇଭାଗରେ ବିଭକ୍ତ- (୧) ବିଶ୍ୱକୁ ଜାଣିବାର ଇଚ୍ଛା (୨) ନିଜକୁ ଜାଣିବାର ଇଚ୍ଛା । ଗୋଟିଏ ମୁଦ୍ରାର ଦୁଇ ପାଖଭଳି ପ୍ରତ୍ୟେକ ପରସ୍ପର ସହ ଓତପ୍ରୋତ ଭାବରେ ଜଡ଼ିତ । ଗୋଟିଏ ଥିଲେ ଅନ୍ୟଟି ତା' ପାଖେ ପାଖେ ନିଶ୍ଚୟ ଥିବ । ସାଧାରଣ ବିଚାରରେ ଉଭୟ ପରସ୍ପରର ପରିପନ୍ଥୀ । ପ୍ରକୃତରେ କଥାଟି ଆଦୌ ସେପରି ନୁହେଁ । ଉଭୟର ସ୍ଥିତି ଏକାଧାରାରେ ସ୍ୱୀକୃତ ଓ ପ୍ରତିଷ୍ଠିତ । ପ୍ରକୃତ ବିଜ୍ଞାନୀ କେବେହେଲେ ଆତ୍ମଜ୍ଞାନକୁ ଅବମାନନା କରନ୍ତି ନାହିଁ, ପ୍ରକୃତ ଆତ୍ମଜ୍ଞାନୀ କେବେହେଲେ ବିଜ୍ଞାନକୁ ଅବଜ୍ଞା କରନ୍ତି ନାହିଁ । ନିଜକୁ ଜାଣିଲେ ବିଶ୍ୱକୁ ଜାଣିବା ସହଜ ସାଧ୍ୟ, ସେହିପରି ବିଶ୍ୱକୁ ଜାଣିଲେ ନିଜକୁ ବୁଝିବା ସହଜ ସାଧ୍ୟ । ବ୍ୟକ୍ତି ହେଉଛି ବିଶ୍ୱର ଏକକ(Unit)। ବ୍ୟକ୍ତିର ମନ, ବ୍ୟକ୍ତିର ପ୍ରାଣ ହେଉଛି ବିଶ୍ୱମନ ଓ ବିଶ୍ୱପ୍ରାଣର ଏକ ଏକ ଏକକ । ବ୍ୟକ୍ତି ଭିତରେ ବିଶ୍ୱ ବିଦ୍ୟମାନ, ବିଶ୍ୱ ମଧ୍ୟରେ ବ୍ୟକ୍ତି ବିଦ୍ୟମାନ। ଭାରତୀୟ ଦର୍ଶନରେ ଏବଂ ସାହିତ୍ୟରେ ଏହି କଥାକୁ ଏକ ତତ୍ତ୍ୱରୂପରେ ଗ୍ରହଣ କରାଯାଏ । ତତ୍ତ୍ୱଟି ହେଉଛି ପିଣ୍ଡ ବ୍ରହ୍ମାଣ୍ଡ ତତ୍ତ୍ୱ । ଏହି ତତ୍ତ୍ୱ ଅନୁସାରେ ପିଣ୍ଡ ଅର୍ଥାତ୍ ବ୍ୟକ୍ତିଜୀବନକୁ ବିଶ୍ୱଜୀବନର ପ୍ରତିନିଧି ବୋଲି ବିଚାର କରାଯାଏ । ସାହିତ୍ୟରେ ଏ ତତ୍ତ୍ୱର ଅବତାରଣା ବହୁଳ ଭାବରେ ଦେଖିବାକୁ ମିଳେ । କ୍ଷିତି, ଅପ, ତେଜ, ମରୁତ, ବ୍ୟୋମ ସହିତ ଆଉ ଯେତେ କଥା ବହିଃବିଶ୍ୱରେ ରହିଛି ବ୍ୟକ୍ତି ଭିତରେ ସେସବୁ ସମନ୍ୱିତ ଏବଂ ସ୍ତରୀଭୂତ ହୋଇ ରହିଛି ।

ଅଦ୍ୟାବଧି ଏଇ ଦୁଇଟି କଥା ଯେ ଏକ ଓ ଅଭିନ୍ନ, ଏହା ଦୃଢ଼ ଭାବରେ ପ୍ରତିଷ୍ଠିତ ହୋଇପାରି ନାହିଁ । କିଛି ଲୋକଙ୍କ ଦୃଷ୍ଟିରେ ବିଜ୍ଞାନବେତ୍ତା ହେଉଛନ୍ତି ଆତ୍ମଜ୍ଞାନୀଠାରୁ ବଡ଼, ଆଉ କିଛି ଲୋକଙ୍କ ଦୃଷ୍ଟିରେ

ଆତ୍ମଜ୍ଞାନୀ ହେଉଛନ୍ତି ବିଜ୍ଞାନବେତ୍ତାଙ୍କଠାରୁ ବଡ଼ । ପ୍ରକୃତରେ ଉଭୟଙ୍କର ସ୍ଥିତି ଏକ ଉଚ୍ଚତମ ଉଚ୍ଚତାରେ ଯେଉଁଠାରେ 'ବଡ଼' ଆଉ 'ସାନ' ଶବ୍ଦର ସ୍ଥିତି ନାହିଁ । ଏତେ ବିରାଟ ଚେତନାକୁ ବୁଝାଇବା ପାଇଁ 'ବଡ଼' ଆଉ 'ସାନ' ଶବ୍ଦ ସମ୍ପୂର୍ଣ୍ଣ ଅସମର୍ଥ, ଏହା କହିବା ବାହୁଲ୍ୟ ମାତ୍ର ।

ଅହଂ ପ୍ରଣୋଦିତ ହୋଇ ବ୍ୟକ୍ତି ଏପରି ବିଭାଜନ କରିଥାନ୍ତି । ଅନ୍ୟ କଥାରେ କୁହାଯାଇପାରେ ଯେ ବିଜ୍ଞାନ ଓ ଆତ୍ମଜ୍ଞାନ ମଝିରେ ବ୍ୟକ୍ତିର ଅହଂ ହି ପ୍ରାଚୀର ସଦୃଶ ଦଣ୍ଡାୟମାନ । ଅହଂର କାର୍ଯ୍ୟ ହେଉଛି ଭୁଲ ମାର୍ଗଦର୍ଶନ । ସେ କହିଦେଉଛି ଏ ବଡ଼, ଏ ସାନ । ଫଳତଃ ବିଭେଦ ସୃଷ୍ଟି ହେଉଛି ବ୍ୟକ୍ତି ଜୀବନରେ, ସମାଜ-ଜୀବନରେ ସର୍ବୋପରି ବିଶ୍ୱ ଜୀବନରେ । ସମ୍ପ୍ରଦାୟ ଗଢ଼ି ଉଠିଛି, ଧ୍ୱଜାର ମାପରେ ଧର୍ମର ମାପ ହେଉଛି । ବିଭାଜନ ଫଳରେ ବିଶ୍ୱର ସାମଗ୍ରିକ ଜୀବନର ବହୁ କ୍ଷତି ଘଟିଛି । ଉଭୟ ମଧ୍ୟରେ ସହଯୋଗ ନ ଥିବାରୁ ଉଭୟର ଶକ୍ତି କ୍ଷୁର୍ଣ୍ଣ ହୋଇଛି । ବିଭାଜନରୁ କଳହ, କଳହରୁ ଅଶାନ୍ତି ଓ ଅଶାନ୍ତିରୁ ଅବକ୍ଷୟ ହିଁ ଘଟିଚାଲିଛି । ଅହଂ ଓ ସ୍ୱାର୍ଥ ଯୋଗୁଁ ଏତେ ଅଘଟଣ ଘଟୁଛି, ଏହା ବୁଝିବାର ସମୟ ଆସିଛି । ନିଜର ଆନନ୍ଦ ପାଇଁ ଅହଂ ଓ ସ୍ୱାର୍ଥ ଏପରି ବିଭୀଷିକା ସୃଷ୍ଟି କରିଛନ୍ତି । ଏମାନଙ୍କୁ ମନରୁ ଦୂରକଲେ ପ୍ରକୃତ ସତ୍ୟ ଉଦ୍‌ଘାଟିତ ହେବ । ଜୀବନର ଯଥାର୍ଥ ମୂଲ୍ୟବୋଧ ପ୍ରତିଷ୍ଠିତ ହେବ । ଚେତନା ଓ ଆନନ୍ଦର ମଧୁ ମହକରେ ବିଶ୍ୱଜୀବନ ମହକି ଉଠିବ, ସର୍ବାଙ୍ଗୀଣ ଉନ୍ନତିର ସୁକୁମାର ପରିବେଶ ଅଚିରେ ସୃଷ୍ଟି ହେବ ।

ଆତ୍ମଜ୍ଞାନକୁ ଅନ୍ୟ ଭାଷାରେ ଆଧ୍ୟାତ୍ମଜ୍ଞାନ ବୋଲି କୁହାଯାଇପାରେ । ଆଧ୍ୟାତ୍ମଜ୍ଞାନ ବା ଆଧ୍ୟାତ୍ମିକତା କେବେ ହେଲେ ଜୀବନକୁ ଅସ୍ୱୀକାର କରେ ନାହିଁ । ବରଂ ଅଧିକ ସ୍ୱୀକାର କରେ । ଧର୍ମ ଓ ଆଧ୍ୟାତ୍ମିକତା ମଧ୍ୟରେ ସ୍ପଷ୍ଟ ପାର୍ଥକ୍ୟ ରହିଛି । ବେଳେବେଳେ ଧର୍ମ କହେ ପଳାୟନର କଥା, ଦିଏ ଅବାଞ୍ଛିତ ବୈରାଗ୍ୟର ବାର୍ତ୍ତା । କିନ୍ତୁ ଆଧ୍ୟାତ୍ମିକତା କେବେହେଲେ ପଳାୟନ ବା ବୈରାଗ୍ୟର କଥାକହେ ନାହିଁ, କହେ ପୂର୍ଣ୍ଣତାର କଥା, ଦିଏ ଦିବ୍ୟ ଚେତନାର ବାର୍ତ୍ତା । ମହାଯୋଗୀ ଶ୍ରୀ ଅରବିନ୍ଦଙ୍କ ମତରେ "ଜୀବନ କ୍ଷେତ୍ରରୁ ପଳାୟନ ନୁହେଁ, ବରଂ ଦିବ୍ୟ ପୂର୍ଣ୍ଣତାରେ ଜୀବନକୁ ପୂର୍ଣ୍ଣାଙ୍ଗ କରି ଗଢ଼ିତୋଳିବା ହିଁ ଯଥାର୍ଥ ଆଧ୍ୟାତ୍ମିକତା ।" ପୁନଶ୍ଚ ସେ କହିଛନ୍ତି, "ସତ୍ୟର ଉପଲବ୍ଧି ପାଇଁ ଆମକୁ ଏ ପୃଥିବୀକୁ ଛାଡ଼ିଯିବାକୁ ହେବନାହିଁ, ଆତ୍ମାର ପ୍ରାପ୍ତି ପାଇଁ ବ୍ୟକ୍ତିକୁ ଜୀବନ ପରିତ୍ୟାଗ କରିବାକୁ ପଡ଼ିବ ନାହିଁ, ଭଗବାନଙ୍କ ସହିତ ସମ୍ପର୍କ ସ୍ଥାପନ କରି ପାଇଁ ବ୍ୟକ୍ତିକୁ ସଂସାର ବର୍ଜନ କରିବାକୁ ହେବନାହିଁ ।"

ସୁତରାଂ ବିଜ୍ଞାନ ଓ ଆଧ୍ୟାତ୍ମିକତା ଉଭୟେ ଜୀବନବାଦୀ । ବିଜ୍ଞାନ ଚାହେଁ ଜୀବନର ବିକାଶ ଏବଂ ଆଧ୍ୟାତ୍ମିକତା ଚାହେଁ ଜୀବନର ସାମଗ୍ରିକ ବିକାଶ । ଚିନ୍ତା ଚେତନାରେ ତଥା କ୍ରିୟା ପ୍ରତିକ୍ରିୟାରେ ଏକ ବିରାଟ ଶକ୍ତି ସହ ସମ୍ପର୍କ ସ୍ଥାପନ ହିଁ ଆଧ୍ୟାତ୍ମିକତା । ସେହି ବିରାଟ ଶକ୍ତିଙ୍କର ନାମ ଦେଶ ଭେଦରେ ଭାଷା ଭେଦରେ ଭିନ୍ନ ଭିନ୍ନ । କିଏ ତାଙ୍କୁ ଈଶ୍ୱର, କିଏ ଆଲ୍ଲା, କିଏ ଗଡ଼, ନାମରେ ତାଙ୍କୁ ଡାକନ୍ତି । ଏହାଦ୍ୱାରା ଭଗବାନ ବା ବିଶ୍ୱ ସୃଷ୍ଟିକର୍ତ୍ତା ବିଭାଜିତ ହୁଅନ୍ତି ନାହିଁ । ସେ ସର୍ବଦା ଏକ ଓ ଅଭିନ୍ନ ହୋଇ ରହିଥାନ୍ତି । ଆକାଶକୁ ଆମେ ଦେଶ ଭେଦରେ, ପୁଣି ପ୍ରଦେଶ ଭେଦରେ ପୁଣି ଅଞ୍ଚଳ ଭେଦରେ ବାଣ୍ଟି କହୁ 'ଏ ଭାରତ ଆକାଶ, ଏ ଜାପାନର ଆକାଶ, ଏ ଆମେରିକାର ଆକାଶ, ଏ ଓଡ଼ିଶାର ଆକାଶ ଇତ୍ୟାଦି ।' ଏହାଦ୍ୱାରା ଆମ ଚିନ୍ତାଧାରାର ସଙ୍କୁଚିତ ଅବସ୍ଥାଟି ଜଣାପଡ଼େ । ପ୍ରକୃତରେ ଆକାଶର କୌଣସି କ୍ଷୟକ୍ଷତି ଘଟେ ନାହିଁ । ଭଗବାନ ଆକାଶ ପରି ପରିବ୍ୟାପ୍ତ, ପବନଠାରୁ ଆହୁରି ସୂକ୍ଷ୍ମ ଭାବରେ ସର୍ବତ୍ର ବିରାଜିତ । ତାଙ୍କୁ କେବଳ ଉପଲବ୍ଧି କରାଯାଏ ଚେତନା

ମାଧ୍ୟମରେ । ଜଡ଼ବିଜ୍ଞାନ ଆଦୌ ଭଗବାନଙ୍କୁ ଅସ୍ୱୀକାର କରନାହିଁ, ଅବମାନନା କର ନାହିଁ । ବିଶ୍ୱ ବିଖ୍ୟାତ ବୈଜ୍ଞାନିକ ଆଇନ୍‌ଷ୍ଟାଇନ୍‌ଙ୍କ ଉକ୍ତିରୁ ଏହା ସ୍ପଷ୍ଟ ଭାବରେ ଜଣାଯାଏ । ତାଙ୍କ ମତରେ "ମୁଁ ଈଶ୍ୱରଙ୍କୁ ବିଶ୍ୱାସ କରେ । ସୃଷ୍ଟିର ନିୟମଗୁଡ଼ିକୁ ସେହି ଈଶ୍ୱର ନିୟନ୍ତ୍ରଣ କରନ୍ତି । ମୁଁ ସ୍ୱୀକାର କରେ ଯେ ପ୍ରକୃତିର ଅନ୍ତରାଳରେ ଏକ ଚେତନ ଶକ୍ତି କାର୍ଯ୍ୟ କରୁଅଛି । ସୃଷ୍ଟି ଅକସ୍ମାତ୍ ହୋଇଯାଇନାହିଁ । ଏହାର ନିୟମ, ପ୍ରୟୋଜନ ଓ ଉଦ୍ଦେଶ୍ୟ ରହିଛି ।"

ଆଜିର ଆଧ୍ୟାତ୍ମିକତା ହେଉଛି ପ୍ରୟୋଗବାଦୀ ଆଧ୍ୟାତ୍ମିକତା। କେବଳ ଧ୍ୟାନ ଧାରଣା ଏହାର ଅଂଗ ନୁହେଁ, ଜୀବନର ପ୍ରତ୍ୟେକ ଯଥାର୍ଥ କ୍ରିୟା ହିଁ ଆଧ୍ୟାତ୍ମିକତାର ଅନ୍ୟ ରୂପ । ଅତଏବ ବିଜ୍ଞାନ ମଧ୍ୟ ଆଧ୍ୟାତ୍ମିକତାର ଅଙ୍ଗବିଶେଷ । ଗୋଟିଏ ମୁଦ୍ରାର ଦୁଇ ପାଖ ଭଳି ପରସ୍ପର ସହ ସଂଶ୍ଲିଷ୍ଟ ବୋଲି କହିବା ଅପେକ୍ଷା ଅଧିକ ଠିକ୍ ଅର୍ଥରେ କୁହାଯାଇପାରେ ଯେ ବିଜ୍ଞାନ ହେଉଛି ଆଧ୍ୟାତ୍ମିକତାର ବଳୟଭୁକ୍ତ ଏକ ଜୀବନ ଧର୍ମୀ ଉପାଦାନ । ଉଭୟ ମଧ୍ୟରେ ଆଦୌ ବିରୋଧ ନାହିଁ, ବିଭେଦ ନାହିଁ, ପ୍ରକୃତରେ ବିରୋଧ ଅଛି, ବିଭେଦ ଅଛି ଆମ ଚେତନାରେ ।

❐❐

ଜୀବନ ସୌରଭ

କଥାରେ ଅଛି 'କଥା କହି ଜାଣିଲେ ସୁନ୍ଦର, ମଥା ବାନ୍ଧି ଜାଣିଲେ ସୁନ୍ଦର ।' ଅର୍ଥାତ୍ କହିଜାଣିବା ଉପରେ କଥାର ମହତ୍ତ୍ୱ ନିର୍ଭରକରେ ଏବଂ ବାନ୍ଧିଜାଣିବା ଉପରେ ମଥାର ସୌନ୍ଦର୍ଯ୍ୟ ନିର୍ଭର କରେ । ଠିକ୍ ସେହିପରି ଜୀବନ ଜୀଇଁ ଜାଣିଲେ ସୁନ୍ଦର । ଜୀଇଁ ଜାଣିବା ଉପରେ ଜୀବନର ମୂଲ୍ୟବୋଧ ନିର୍ଭର କରେ । ବଞ୍ଚିବା ଓ ବଞ୍ଚିବାର କଳା ଜାଣିବା ଭିତରେ ପାର୍ଥକ୍ୟ ରହିଛି । ସମାଜର ବହୁ ସମସ୍ୟାର ସମାଧାନ ବଞ୍ଚିବାର କଳା ଜାଣିବା ଉପରେ ନିର୍ଭରକରେ । କେବଳ ଆଇନକାନୁନ୍ ଦ୍ୱାରା ସବୁ ସମସ୍ୟାର ସମାଧାନ ସମ୍ଭବ ନୁହେଁ । ଭଲ କଥା ପିଲାଦିନୁ ନ ଶିଖାଇ ବଡ଼ ହେଲେ ଦୋଷୀକୁ ଦଣ୍ଡ ଦେବାର ବିଧି ବ୍ୟବସ୍ଥା ରଖିଦେଲେ କ'ଣ ସୁସ୍ଥ ସମାଜ ଗଠିତ ହୋଇଯିବ ? କହିବାର ତାତ୍ପର୍ଯ୍ୟ ଏହିକି ଯେ ଆଇନ ରହୁ ଏହା ସହିତ ପିଲାଦିନରୁ ଭଲକଥା ଶିଖାଇବାର ବ୍ୟବସ୍ଥା ମଧ୍ୟ ରହୁ । ନିଜସ୍ୱ ଚେତନା ବଳରେ ଜୀବନର ବାସ୍ତବତାକୁ ସମ୍ମୁଖୀନ ହେବାର ପ୍ରଣାଳୀ ଓ ପ୍ରକ୍ରିୟା ହିଁ ଭଲକଥାର ଅନ୍ତର୍ଭୁକ୍ତ । ଭଲକଥାରୁ ମାର୍ଜିତ ରୁଚି ଭିତ୍ତିକ ଦୃଢ଼ ମାନସିକତା ସୃଷ୍ଟି ହୁଏ । ଗୋଟିଏ ଶବ୍ଦରେ କହିଲେ ତାହାହିଁ ଯଥାର୍ଥ ସଚେତନତା ।

ସଚେତନତା ଥିଲେ ବ୍ୟକ୍ତି ଉଚିତମାର୍ଗରେ ଚାଲିପାରେ ଓ ପରିବେଶକୁ ସୁନ୍ଦର ତଥା ଶାନ୍ତିମୟ କରିପାରେ । କିନ୍ତୁ ସଚେତନତାର ଅଭାବ ଘଟିଲେ ବ୍ୟକ୍ତି ଦାରୁଣ ଦୁଃଖର ସମ୍ମୁଖୀନ ହୁଏ । ମନ ତା'ର ଅଶେଷ ଯନ୍ତ୍ରଣାରେ ଜର୍ଜରିତ ହୋଇଉଠେ। ଆନନ୍ଦର ସବୁଜ ସୁଷମ, ଦିଗଦିଗନ୍ତ ଭରିଯାଏ ଗ୍ଲାନି ଓ ହାହାକାରରେ । ଜୀବନ ତା'ର ବୋଝରେ ପରିଣତ ହୁଏ ଏବଂ ସେ ନିଜେ ହୁଏ ସମାଜର ଏକ ବୋଝ । ଏଇ ଧରାଯାଉ, ଜଣେ ଯଦି ସବୁବେଳେ ଲୋକମାନେ କ'ଣ କହୁଛନ୍ତି ବା ନ କହୁଛନ୍ତି, ସେଇ ଉପରେ ଅଧିକ ଗୁରୁତ୍ୱ ଆରୋପ କରନ୍ତି, ତେବେ ସେ କେବେହେଲେ ମାନସିକ ଶାନ୍ତି ପାଇବେ ନାହିଁ । ଲୋକଙ୍କ କହିବା ସରିବ ନାହିଁକି ତାଙ୍କର ଅନ୍ତର୍ଦ୍ୱନ୍ଦ୍ୱ ସରିବ ନାହିଁ । ଲୋକଙ୍କ କାମ ହେଉଛି କହିବା, ଯାହା କଲେ ମଧ୍ୟ ଲୋକେ କହିବେ । ସାଧାରଣ ଲୋକଙ୍କୁ ସବୁବେଳେ ସନ୍ତୁଷ୍ଟ କରିବା ଆଦୌ ସମ୍ଭବ ନୁହେଁ । ନିଜର ବିବେକାନୁମୋଦିତ କାର୍ଯ୍ୟଦ୍ୱାରା ଆତ୍ମସନ୍ତୋଷ ପ୍ରାପ୍ତି ଏକାନ୍ତ କାମ୍ୟ । ଏହି ଆତ୍ମସନ୍ତୋଷ ହିଁ ଭାଗବତ ଆରଧନା ପାଇଁ ସୁବାସିତ ସଜଫୁଲ । ଶ୍ରୀ ମା' କହନ୍ତି "ଲୋକମାନଙ୍କ କଥାରେ ନିଜକୁ ଉତ୍ପୀଡ଼ିତ ହେବାକୁ ଛାଡ଼ିଦିଅ ନାହିଁ ।"

ଅନ୍ୟପକ୍ଷରେ ଅନ୍ୟର ଅନିଷ୍ଟ ଚିନ୍ତା ଓ ଅନ୍ୟପ୍ରତି ଈର୍ଷା ଅନ୍ୟ ଅପେକ୍ଷା ନିଜର ଅଧିକ କ୍ଷତି ଘଟାଏ । ନିଜ ମନ ଏହାଦ୍ୱାରା ରୁଗ୍ଣ ଓ ଅଯଥା ଭାରାକ୍ରାନ୍ତ ହୋଇଯାଏ । ବୁମେରାଂ ଭଳି ସେ ଅସ୍ତ୍ର ନିଜ ଉପରକୁ ଲେଉଟି ଆସେ ଓ ନିଜର ବହୁ କ୍ଷତି କରିଥାଏ । ଅନ୍ୟପ୍ରତି ସଦିଚ୍ଛା ପୋଷଣ କଲେ ମନ ପ୍ରଶସ୍ତ ହୁଏ,

ଆନନ୍ଦମଗ୍ନ ହୁଏ । ଏସବୁ ହିଁ ଯଥାର୍ଥରେ ଶିକ୍ଷାର ଅନ୍ତର୍ଭୁକ୍ତ । ଏଥିପାଇଁ ଆନୁଷ୍ଠାନିକ ଶିକ୍ଷାର ଯେତିକି ଅବଦାନ ରହିଛି, ପାରିବାରିକ ଶିକ୍ଷାର ଦଦପେକ୍ଷା ଅଧିକ ଅବଦାନ ରହିଛି ।

ପରିବେଶ ସମ୍ବନ୍ଧରେ ସଚେତନତା ତଥା ରାଷ୍ଟ୍ର ସଂପର୍କରେ ସଚେତନତା ପିଲାଟି ମନରେ ଆଣିଦେବା ପାଇଁ ପରିବାରର ଲୋକେ ଅଧିକ ଯତ୍ନଶୀଳ ହେବା ଏକାନ୍ତ ଜରୁରୀ । ପିଲାକୁ ଅତିବେଶୀରେ 'ପଢ଼', 'ବହି ଧରି ବସ' କହିଦେଲେ ଅଭିଭାବକମାନଙ୍କର କର୍ତ୍ତବ୍ୟ ସରିଯାଏ । ବହି ପାଠ ସହିତ ଦେଶ, ଜାତି, ସଂସ୍କୃତି, ଆଧ୍ୟାତ୍ମିକତା ସର୍ବୋପରି ମାନବିକତା ସମ୍ପର୍କରେ କିଛି ଭଲକଥା ଶୁଣାଇବା ଦାୟିତ୍ୱ ଯେ ଅଭିଭାବକ ମାନଙ୍କର ଅଛି, ଏକଥା ସେମାନେ ଭୁଲି ଯାଇଥାନ୍ତି । ଏପରିକି ପନ୍ଦର ଅଗଷ୍ଟ ଆସେ, ଛବିଶ ଜାନୁୟାରୀ ଆସେ, ସ୍କୁଲ ବା କୌଣସି ଅନୁଷ୍ଠାନକୁ ପିଲାମାନେ ଆସନ୍ତି ପତାକା ଉତ୍ତୋଳନ ଉତ୍ସବରେ ଅଂଶଗ୍ରହଣ କରିବା ନିମନ୍ତେ । ଉତ୍ସବସବୁ କାହିଁକି ପାଳନ କରାଯାଉଛି ଓ ସେମାନେ କାହିଁକି ଆସିଛନ୍ତି ବୋଲି ପଚାରିଲେ ପିଲାମାନେ ଉତ୍ତରରେ ପ୍ରାୟ କିଛି କହନ୍ତି ନାହିଁ। କହିଲେ କହିବେ ଶିକ୍ଷକମାନେ ସ୍କୁଲରେ, ଘରେ ବା କହିବ କିଏ ? ନିଜ ତରଫରୁ ତ କହିବାର ନାହିଁ, ପିଲାମାନେ ଅନୁସନ୍ଧିତ୍ସୁ ହୋଇ ବିଭିନ୍ନ ପ୍ରଶ୍ନ କଲେ ତା'ର ଉତ୍ତର ଦେବା ପରିବର୍ତ୍ତେ କେବଳ ବିରକ୍ତି ପ୍ରକାଶ କରାଯାଏ । ଏହା ଫଳରେ ପିଲାଙ୍କର ମନ ଦବିଯାଏ ।

ଅନ୍ୟ ଦେଶର ଶିଶୁ ଓ କିଶୋର ମାନଙ୍କର ମନୋଭାବ ଅପେକ୍ଷା ଆମଦେଶର ଶିଶୁ ଓ କିଶୋରଙ୍କର ମନୋଭାବ ଭିନ୍ନ । କେତେକ ଦେଶର ପିଲାମାନେ ନିଜ ଦେଶ ସମ୍ପର୍କରେ ଅଳ୍ପେ ବହୁତେ ସଚେତନ ଥାଆନ୍ତି, ସେମାନଙ୍କୁ ସେମାନଙ୍କର ପ୍ରିୟ କଥାଟି କ'ଣ ବୋଲି ପ୍ରଶ୍ନ କଲେ କେତେକ କଥା ସହିତ ନିଜ ଦେଶର ନାମ ସେମାନେ ଉଚ୍ଚାରଣ କରିଥାନ୍ତି । ମାତ୍ର ଆମ ପିଲାମାନଙ୍କୁ ଏଇ ପ୍ରଶ୍ନଟି ପଚାରିଲେ ଉତ୍ତର ମିଳେ ଚକୋଲେଟ୍, ଖେଳଣା, ଆମଘର, ଅଜା, ଆଈ ଇତ୍ୟାଦି ଇତ୍ୟାଦି। ଏତେ କଥା ସହ ଆମ ଦେଶକୁ କେହି ଜଣେ ହେଲେ ପ୍ରାୟ ସାମିଲ ନାହିଁ । ଏଥିପାଇଁ ଅଭାବବୋଧଟି କେଉଁଠାରେ ରହୁଛି ତାହା ବିଚାର୍ଯ୍ୟ ବିଷୟ ।

ଯୁବ ସମ୍ପ୍ରଦାୟ କଥା ନ କହିଲେ ଭଲ । ସେମାନଙ୍କ ଦୃଷ୍ଟିରେ ନିୟମ ଭାଙ୍ଗିବା ହେଉଛି ବୀରତ୍ୱର ଚିହ୍ନ ଏବଂ ନିୟମ ମାନିବା ହେଉଛି ଦୁର୍ବଳତାର ଚିହ୍ନ । ଟ୍ରାଫିକ୍ ନିୟମ ଠାରୁ ଆରମ୍ଭ କରି ଅଫିସ କଚେରୀର ନିୟମ ଭାଙ୍ଗିଲେ ପ୍ରଶଂସା ମିଳେ, ମାନିଲେ ନିନ୍ଦା ଶୁଣିବାକୁ ମିଳେ । ଅନ୍ୟପ୍ରତି ଅଯଥାରେ କର୍କଶରୁକ୍ଷ ବ୍ୟବହାର କରିବା ହେଉଛି ବ୍ୟକ୍ତିତ୍ୱର ଏକ ବିଶିଷ୍ଟ ଦିଗ ବୋଲି ଆମେ ଭାବୁ । ବୟସ୍କ ବ୍ୟକ୍ତିଙ୍କୁ ନମ୍ର ବ୍ୟବହାର ପ୍ରଦର୍ଶନ କରିବା ପୁରୁଣା ପୋଥିର କଥା ହୋଇଗଲାଣି । ଏପରିକି ବେଳେବେଳେ ଅଭିଭାବକଙ୍କ ମୁଖରୁ ଶୁଣିବାକୁ ମିଳିଲାଣି "ଆ ପିଲାଟି ଧୀର ସ୍ଥିର, ହେଲେ ଏ ଯୁଗକୁ ନୁହେଁ ।" ଏବେ ହେଲାଣି ବିଶୃଙ୍ଖଳା ଯେଉଁଠି ବୀରତ୍ୱ ସେଇଠି । ଘରେ ବାହାରେ ଛୋଟ ସମସ୍ୟାଟିକୁ ଜଟିଳ କରିବା ହେଉଛି ବୀରର ଲକ୍ଷଣ । ସମସ୍ୟାଟିର ସରଳ ସମାଧାନର ପ୍ରୟାସ ଓ ପ୍ରଚେଷ୍ଟା ଏବେ ଦୁର୍ବଳତାର ଚିହ୍ନ । ଏଇ ପରିପ୍ରେକ୍ଷୀରେ 'ପ୍ରଗତି', 'ପ୍ରଗତି' ଖାଲି ଚିତ୍କାରର ବିଷୟ ଓ ଆନୁଷ୍ଠାନିକ ବାର୍ଷିକ ଉତ୍ସବରେ ପୁରସ୍କାର ବିତରଣ ନିମନ୍ତେ ପ୍ରତିଯୋଗିତାର କଥାବସ୍ତୁ ହୋଇ ରହିବାକୁ ବାଧ୍ୟ ।

ବୟସ୍କ ଲୋକମାନଙ୍କ କଥା ଆଉ ଟିକିଏ ଭିନ୍ନ । ସାଧାରଣ ଲୋକଙ୍କ କାମ ହେଉଛି ପରକଥାରେ ମୁଣ୍ଡ ଖେଳାଇବା । ନିଜ ଚିନ୍ତାକରିବାକୁ ତାଙ୍କୁ ବେଳ ନଥାଏ । ନିଜର ବହୁ ଅସୁବିଧା ପ୍ରତି ନଜର ନ ଥାଏ, ନଜରଥାଏ ଅନ୍ୟର ଟିକିଏ ଦୋଷ ତ୍ରୁଟି, ସୁବିଧା ଅସୁବିଧା ପ୍ରତି । ପରଚିନ୍ତାରୁ, ପରଚର୍ଚ୍ଚାରୁ ସେମାନଙ୍କୁ ଯେଉଁ ଆନନ୍ଦ ମିଳେ ତା'ର କଳନା ନ ଥାଏ ।

ଏସବୁ ବ୍ୟତୀତ ସାମାଜିକ ବିପର୍ଯ୍ୟୟ ପାଇଁ ଦୁଇଗୋଟି ଅଶୁଭ ଶକ୍ତି ମୁଖ୍ୟତଃ ଦାୟୀ । ତାହାହେଲା ଦାରିଦ୍ର୍ୟ ଓ ବେକାରୀ । ଦାରିଦ୍ର୍ୟ କେବଳ ଏକ ବାସ୍ତବତା ନୁହେଁ, ଏକ ମାନସିକତା ମଧ୍ୟ । ଧନୀ ହେବାର ସହଜ ମନୋଭାବ ହିଁ ଦାରିଦ୍ର୍ୟର ମୂଳ କାରଣ । ଅର୍ଥର ସଫଳ ବିନିଯୋଗରେ ଦାରିଦ୍ର୍ୟର ଦୂରୀକରଣ କେତେକାଂଶରେ ସମ୍ଭବ । ଗଚ୍ଛିତ ହୋଇ ରହି ବ୍ୟକ୍ତିର ଅହଂ ବୃଦ୍ଧି କରିବା ଅର୍ଥର କାର୍ଯ୍ୟ ନୁହେଁ। ସମାଜର କୋଣ ଅନୁକୋଣରେ ଅର୍ଥ ଶକ୍ତି ପହଞ୍ଚିବା ଆବଶ୍ୟକ । ଏହି ପହଞ୍ଚିବାର ପଦ୍ଧତି ହେଉଛି ବେକାରୀ ଦୂରୀକରଣର ଅନ୍ୟତମ ପରିଭାଷା । ଦାରିଦ୍ର୍ୟ ଦୂରୀକରଣ ଓ ବେକାରୀ ଦୂରୀକରଣ ଗୋଟିଏ ମୁଦ୍ରାର ଦୁଇପାଖ ଭଳି ଓତପ୍ରୋତ ଭାବରେ ଜଡ଼ିତ ହେଲେ ସାମାଜିକ ବିକାଶ ତଥା ରାଷ୍ଟ୍ରୀୟ ବିକାଶ ତ୍ୱରାନ୍ୱିତ ହବ ।

ଆମର ସମସ୍ୟା ସବୁକୁ ଆମେ ବିଶ୍ଳେଷଣ କରିବା ଏବଂ ସମାଧାନର ପନ୍ଥା ନିର୍ଣ୍ଣୟ କରିବାକୁ ପ୍ରୟାସୀ ହେବା ହିଁ ଆଜରି ଅନୁଚିନ୍ତା ।

❐❐

ଶେଷ କେଉଁଠି

ଶେଷ ଫୁଲଟି ଏପର୍ଯ୍ୟନ୍ତ ଫୁଟି ନାହିଁ । ଯଦିବା ପ୍ରତିଦିନ ବହୁତ ଫୁଲ ଫୁଟୁଛି । ଶେଷ ଲହରୀଟି ଏ ପର୍ଯ୍ୟନ୍ତ ଉଠିନାହିଁ ଯଦିବା ପ୍ରତିଦିନ ବହୁ ଲହରୀ ଉଠୁଛି । ଶେଷ ଶ୍ରାବଣଟି ଏ ପର୍ଯ୍ୟନ୍ତ ଆସିନାହିଁ ଯଦିବା କେତେଥର ବନ୍ୟା କେତେ ନଦୀରେ ଆସିଛି । ଶେଷ ପ୍ରେମ ଏ ପର୍ଯ୍ୟନ୍ତ ପୃଥିବୀକୁ ଆସିନାହିଁ ଯଦିବା ରାଧା ପ୍ରେମ ଶ୍ରେଷ୍ଠ ବୋଲି ସ୍ୱୀକୃତ ଓ ସମ୍ମାନିତ ହୋଇଛି । ଶେଷ କ୍ଷମା ଏ ପର୍ଯ୍ୟନ୍ତ ରୂପାୟିତ ହୋଇନାହିଁ ଯଦିବା ଯୀଶୁଖ୍ରୀଷ୍ଟ ତାଙ୍କର ହତ୍ୟାକାରୀମାନଙ୍କୁ କ୍ଷମା ଦେଇ ସାରିଛନ୍ତି । ଅହିଂସାର ଶେଷ ପ୍ରୟୋଗଟି କରାଯାଇନାହିଁ ଯଦିବା ମହାତ୍ମାଗାନ୍ଧୀ ଅହିଂସାର ଶ୍ରେଷ୍ଠ ପୂଜାରୀ ଭାବରେ ବିଶ୍ୱବିଖ୍ୟାତ ହୋଇଛନ୍ତି ।

'ଶେଷ' ଓ 'ଆରମ୍ଭ'-ଏଇ ଦୁଇ ଶବ୍ଦକୁ ନେଇ ବହୁ ପ୍ରଶ୍ନ ଜନମାନସରେ କାଳେକାଳେ ସୃଷ୍ଟି ହୋଇଛି । କଥାଟି ଯେତିକି ବୁଝି ହେଉଛି, ତା'ଠାରୁ ଅଧିକ ଅବୁଝା ହୋଇ ରହିଯାଉଛି । 'ଶେଷ' ଶବ୍ଦଟିର ଅର୍ଥ ଛାୟାଚ୍ଛନ୍ନତା ଭିତରେ ରହି ଏକପ୍ରକାର କୁହୁକ ଲଗାଇ ଦେଉଛି । ଏପଟରୁ ବୁଝିଲେ ସେପଟରୁ ବୁଝି ହେଉନାହିଁ, ସେ ପାଖରୁ ବୁଝିଲେ ଏ ପାଖରୁ ବୁଝି ହେଉନାହିଁ । କଥାଟି ଯେତିକି ବୁଝି ହେଉଛି ସେଥିରୁ ଏତିକି ଜାଣିହେଉଛି ଯେ ଗୋଟିଏ ଶେଷ ହିଁ ଅନ୍ୟ ଏକ ଆରମ୍ଭର ଦ୍ୱାରଦେଶ । ଶେଷ କଥାଟିର ଶେଷ ଯେଉଁଠି ହୁଏ, ଆରମ୍ଭର ଆରମ୍ଭ ହିଁ ସେଇଠି ହୁଏ । ଅନ୍ୟଭାଷାରେ କୁହାଯାଇପାରେ ଯେ ଶେଷର ଶେଷ ପାହାଚ ହିଁ ଆରମ୍ଭର ପ୍ରଥମ ପାହାଚ । ଆହୁରି ମଧ୍ୟ କୁହାଯାଇପାରେ ଯେ ପ୍ରତ୍ୟେକ ଶେଷ ଭିତରେ ତାହାର ଅନ୍ୟ ଏକ ଆରମ୍ଭ ଯେପରିଥାଏ, ପ୍ରତ୍ୟେକ ଆରମ୍ଭ ଭିତରେ ତାହାର ଶେଷ ସେହିପରି ସଂଗୋପିତ ତଥା ସଂଗଠିତ ହୋଇଥାଏ । ଅତଏବ ଏଥିରୁ ଏତିକି ସ୍ପଷ୍ଟ ଯେ 'ଆରମ୍ଭ'ର ବିପରୀତ ଧର୍ମୀ ଶବ୍ଦ 'ଶେଷ' ନୁହେଁ । ବରଂ ଆରମ୍ଭର ରୂପାନ୍ତରିତ ରୂପ ହେଉଛି ଶେଷ ଓ ଶେଷର ରୂପାନ୍ତରିତ ରୂପ ହେଉଛି । ଶେଷ ଭିତରେ ଆରମ୍ଭର ଉପସ୍ଥିତି ଓ ଆରମ୍ଭ ଭିତରେ ଶେଷର ସ୍ଥିତି ଅଦୃଶ୍ୟଭାବରେ ସଂଲଗ୍ନ ହୋଇ ରହିଥାଏ । ସୁତରାଂ ଆମକୁ ଯେତେ ଯେତେକଥା ଶେଷ ବୋଲି ମନେହୁଏ, ପ୍ରକୃତରେ ସେଇ ସେଇ କଥା ଶେଷ କଥା ନୁହେଁ । ପ୍ରାୟତଃ ଆମକୁ ଶ୍ରେଷ୍ଠକଥାଗୁଡ଼ିକ ଶେଷ କଥା ବୋଲି ମନେହୁଏ । ପ୍ରକୃତରେ ଶ୍ରେଷ୍ଠ ଓ ଶେଷ ଭିତରେ ଅକାଶ ପାତାଳ ତଫାତ୍ ରହିଛି । ଶ୍ରେଷ୍ଠର ପରିଚିତି ଦେଶ, କାଳ ଓ ପାତ୍ରରେ ନିର୍ଦ୍ଧାରିତ, ମାତ୍ର 'ଶେଷ'ଟି ଦେଶ, କାଳ ଓ ପାତ୍ରର ଉର୍ଦ୍ଧ୍ୱରେ ଥାଇ କ୍ରିୟାଶୀଳ । କିପରି ଆରମ୍ଭର କିପରି ଶେଷ ପୁଣି କିପରି ଶେଷର କିପରି ଆରମ୍ଭ ହେବ, ତାହା କୌଣସି ଗାଣିତିକ ସୂତ୍ରଦ୍ୱାରା ନିୟନ୍ତ୍ରିତ ନୁହେଁ ସତ୍ୟ, ମାତ୍ର ଏଥିପାଇଁ ଯେ ଏକ ନିୟନ୍ତ୍ରକ ତଥା ନିୟାମକ ଶକ୍ତି ରହିଛି, ଏହାକୁ ଅସ୍ୱୀକାର କରାଯାଇ ପାରିବ ନାହିଁ । ସେହି ଶକ୍ତିହେଉଛି ବିଶ୍ୱ ପ୍ରକୃତି । ମାନସ ବୁଦ୍ଧିର ଅଲକ୍ଷ୍ୟରେ ତାହାର କ୍ରିୟା ସମ୍ପାଦିତ ଓ ସଂଗଠିତ ହୁଏ ।

ବିଶ୍ୱପ୍ରକୃତି ନିରନ୍ତର କେତେ କଥା ଗଢ଼େ ଓ ଭାଙ୍ଗେ । ଗଢ଼େ ବୋଲି ଭାଙ୍ଗେ କି ଗଢ଼ିବା ପାଇଁ କି ଭାଙ୍ଗେ, ଭାଙ୍ଗେ ବୋଲି ଗଢ଼େ କି ଭାଙ୍ଗିବା ପାଇଁ ଗଢ଼େ, ଏ ପ୍ରଶ୍ନର ଉତ୍ତର ଏ ପର୍ଯ୍ୟନ୍ତ କାହାକୁ ମିଳିନାହିଁ । ତେବେ ଏତିକି ଲକ୍ଷ୍ୟକରି ହେଉଛି ଯେ ଯେଉଁ ବିଶ୍ୱପ୍ରକୃତି ଗଢ଼ିବାରେ ଉଲ୍ଲସିତ, ସେଇ ବିଶ୍ୱପ୍ରକୃତି ଭାଙ୍ଗିବାରେ ଉଦାସୀନ ନୁହେଁ । ଉଦାସୀନ ହେବା ପାଇଁ ତା' ପାଖରେ ସମୟ ମଧ୍ୟ ନାହିଁ । କାରଣ ସେ ଅହରହ କ୍ରିୟାରତ । ତା'ର କ୍ଲାନ୍ତି ନାହିଁ, ବିରକ୍ତି ନାହିଁ କି ବିତୃଷ୍ଣା ମଧ୍ୟ ନାହିଁ, ବରଂ ଅଛି କର୍ମ ପ୍ରବଣତା, ଅନୁରକ୍ତି ଓ ଆଗକୁ ଯିବାକୁ ଅନେକ ତୃଷ୍ଣା । ଏଇ ତୃଷ୍ଣା ତାକୁ ପ୍ରେରଣା ଦିଏ, ଉତ୍ସାହ ଦିଏ। ପ୍ରଗତି ପଥରେ ଅଗ୍ରଗତି କରିବାକୁ ଅସୀମ ଶକ୍ତି ଓ ଅଶେଷ ସାମର୍ଥ୍ୟ ଦିଏ । ଶେଷ ଓ ଆରମ୍ଭ ଭିତରେ ଆମ ପାଇଁ ଅସ୍ପଷ୍ଟ, ମାତ୍ର ତା'ପାଇଁ ସ୍ପଷ୍ଟ ସୀମାରେଖାଟି ସେ କେତେବେଳେ ଓ କିପରି ଟାଣେ, ସେକଥା ସେ ହିଁ ଜାଣେ । ପ୍ରତି କଥାକୁ ଅଧିକ ମହନୀୟ ଓ ମୋହନୀୟ କରି ଗଢ଼ିବାକୁ ସେ ଚାହେଁ । ଅନୁପମ ମୋହିନୀ ମନ୍ତରେ ମନ୍ତ୍ରାୟିତ, ମନୋରମ ସୁଚାରୁ ଛନ୍ଦରେ ଛନ୍ଦାୟିତ ସେ ଏକ ଅଦୃଶ୍ୟ ଅନୁଭବ୍ୟ ସତ୍ତା ।

ବିଶ୍ୱ ପ୍ରକୃତିର ମୁଗ୍ଧ ମଧୁରିମା ପହଁରିଯାଏ ପାଣିରୁ ପବନ ପର୍ଯ୍ୟନ୍ତ । ତରୁରୁ ତୃଣ ପର୍ଯ୍ୟନ୍ତ କଅଁଳ ପତ୍ରର ଧାରେ ଧାରେ ତାହା ମାଖି ହୋଇଯାଏ । ସବୁଜ କେଦାରର ଲହରୀରେ ଫୁଟା ଫୁଲର ପାଖୁଡ଼ାରେ, ଭ୍ରମରର ଗୁଞ୍ଜନରେ ପୁଣି ଦିଗ୍‌ବଳୟର ଗାରେ ଗାରେ ତା'ର ରୂପବିଭା ଜକ ଜକ ଦିଶେ ଓ ମଧୁର ଛନ୍ଦରେ ଝରିଝରି ପଡ଼େ । ସାତ ସମୁଦ୍ର ତେର ନଈ ଡେଇଁ ପବନ ହୋଇ ସବୁକିଛିକୁ ଛୁଇଁଯାଏ, ପୁଣି ସଭିଙ୍କ କାନରେ କହିଯାଏ ନୂଆ ନୂଆ କଥା ଓ ସଭିଙ୍କ ଅନ୍ତରରେ ଦେଇଯାଏ ନୂଆ ନୂଆ ବାର୍ତ୍ତା । ସେ କଥାର ଧ୍ୱନିମାଳା ଓ ସେ ବାର୍ତ୍ତାର ଭାବଧାରା ଅନନ୍ୟ ଓ ଅସାଧାରଣ । କାହା କଥାରେ ସିଏ ଅନୁମାନରୁ ଅନୁଭବ ଓ ଭାବନାରୁ ଭାଷା ପର୍ଯ୍ୟନ୍ତ ବିକଶିତ ଓ ବିସ୍ତୃତ । ସିଏ ପୁଣି ରୂପାୟିତ 'ଆରମ୍ଭ'ରେ ଓ 'ଶେଷ'ରେ । ଆରମ୍ଭର ଆରମ୍ଭ ସିଏ, ପୁଣି ଶେଷର ଶେଷ ମଧ୍ୟ ସିଏ । ପଥ ସିଏ, ପାଥେୟ ସିଏ ପୁଣି ପଥପ୍ରାନ୍ତର ଛାଇ ମଧ୍ୟ ସିଏ । ସେ ଚାଲେ ଓ ଚଲାଏ, ହସେ ଓ ହସାଏ, କାନ୍ଦେ ଓ କନ୍ଦାଏ, ଭାସେ ଓ ଭସାଏ । ସେ ବାଟରେ ଅଟକେ ନାହିଁ, କି କେହି ଅଟକି ଯାଆନ୍ତୁ ବୋଲି ସେ ଚାହେଁ ନାହିଁ । ଆରମ୍ଭ ତା'ପାଇଁ ଆରମ୍ଭ ନୁହେଁ କି ଶେଷ ତା'ପାଇଁ ଶେଷ ନୁହେଁ । ସେ ହିଁ ଆରମ୍ଭ, ସେ ହିଁ ଶେଷ। ସେ ହିଁ ବିଶେଷ, ସେ ହିଁ ନିର୍ବିଶେଷ । ତାକୁ ମଥାନତ ପ୍ରଣାମ ।

❐❐

ଆଲୋକର ଜୟଗାନ

ଅନ୍ଧାର ଅନ୍ଧାର ବୋଲି ଚିତ୍କାର କଲେ ଅନ୍ଧାର ଯାଏନାହିଁ। ଆଲୁଅ ଆସିଲେ ଅନ୍ଧାର ଯାଏ। ଅତଏବ ଚିତ୍କାର କରିବା ଠାରୁ ଦୀପ ଶିଖାଟିଏ ଜଳାଇବାର ପ୍ରୟାସ କରିବା ଶତଗୁଣେ ଶ୍ରେୟସ୍କର। ଅନ୍ଧାର ହୋଇଛି ଅନ୍ଧାର ହୋଇଛି ବୋଲି କେବଳ ପ୍ରଚାର କଲେ ବକ୍ତା ଓ ଶ୍ରୋତା ଉଭୟଙ୍କର ସମସ୍ତ ଶକ୍ତି, ସମୟ ଓ ଏକାଗ୍ରତା ଅନ୍ଧାର ଆଡକୁ ଯାଏ। କ୍ରମଶଃ ଅନ୍ଧାରର ଉପାସନା ଅଧିକ ହେଲେ ଅନ୍ଧାରର ଆଧିପତ୍ୟ ବଢ଼ିଯାଏ। ଆଲୋକର କଥା ପ୍ରାୟତଃ ଲୋକମାନେ ଭୁଲିଯାଆନ୍ତି। ହତାଶା, ଗ୍ଲାନି, ମିଥ୍ୟା, କପଟ, ଛଳନା, ଈର୍ଷା, ହିଂସା, କଳହ ଇତ୍ୟାଦି ଅପଶକ୍ତିମାନେ ପ୍ରବଳ ହୁଅନ୍ତି। ଜୀବନ ଏହି ଅପଶକ୍ତିମାନଙ୍କ କବଳରେ ପଡ଼ି ଛଟପଟ ହୁଏ, ଅଶାନ୍ତ ହୁଏ। ଆଜିର ସମୟ ଏପରି ଏକ ସମୟ ଯେତେବେଳେ କି ଅପଶକ୍ତିମାନେ ଜୀବନକୁ କରାୟତ୍ତ କରିରଖିଛନ୍ତି। ଅପଶକ୍ତିମାନଙ୍କୁ ଗୁରୁତ୍ୱ ଦେବାରୁ ସେମାନେ ଏତେ ପ୍ରବଳ ହୋଇଛନ୍ତି, ଗୁରୁତ୍ୱ ନଦେଲେ ସେମାନେ ଦୁର୍ବଳ ହେବାକୁ ବାଧ୍ୟ ହେବେ। ଆଲୋକର ଅଭିପ୍ସାରେ ଅନ୍ଧାରର ଶକ୍ତି ହ୍ରାସ ହେବ। ଅତଏବ ଅନ୍ଧାରର ସପକ୍ଷରେ ବହୁ କଥା କହିବା ଅପେକ୍ଷା ଆଲୋକର ସପକ୍ଷରେ ଅଳ୍ପ କଥା କହିବା ବହୁଗୁଣରେ ଅଭିନନ୍ଦନୀୟ। ପ୍ରକୃତରେ ଆଶା ଓ ବିଶ୍ୱାସ ବଳରେ ହତାଶା ଓ ଅବିଶ୍ୱାସର କଳାମେଘ ଅପସାରିତ ହୋଇପାରେ। ନବଚେତନାର ସୁଲଳିତ ମଧୁଜୋଛନାରେ ଜୀବନ ସୁଶ୍ରୀଶୋଭନ ହୋଇପାରେ। ଆନନ୍ଦର ନୀଳ କଇଁଫୁଲ ପାଖୁଡା ପାଖୁଡା ବୋଲି ଫୁଟିଯାଇପାରେ। ପରିବେଶ ପରିଣତ ହୋଇପାରେ ଅପାର୍ଥିବ ସୁକୁମାରତାର ସୁଲଳିତ କାବ୍ୟରେ।

ଦିବ୍ୟ ମାଧୁରିମାର ମୋହନ ବିଳାସ ମୂର୍ତ୍ତିମନ୍ତ ହୋଇପାରେ ବିଶ୍ୱ ପରିବେଶରେ, ଆଲୋକର ଆଗମନ ନିର୍ଭର କରେ ଆବାହନରେ ଆନ୍ତରିକତା ଉପରେ। ଆବାହନ ଯେତେ ତୀବ୍ର ହୁଏ, ଆଲୋକର ଆଗମନ ପଥ ସେତେ ସରଳ ହୁଏ। ଏଥିପାଇଁ ମୁଖ୍ୟତଃ ଜନସଚେତନତା ଉପରେ ଗୁରୁତ୍ୱ ଆରୋପିତ ହୁଏ। ଜନଶିକ୍ଷାରୁ ଜନସଚେତନତା କେତେକାଂଶରେ ସୃଷ୍ଟି ହୁଏ। ଶିକ୍ଷା କହିଲେ ଡିଗ୍ରୀକୁ ବୁଝାଏ ନାହିଁ। ଶିଖିବାର ମନୋବୃତ୍ତି ହିଁ ଶିକ୍ଷାର ମୂଳମନ୍ତ୍ର। ଶିକ୍ଷା ଆନୁଷ୍ଠାନିକ ହୋଇପାରେ ପୁଣି ଅଣଆନୁଷ୍ଠାନିକ ମଧ୍ୟ ହୋଇପାରେ। ବିଦ୍ୟାଳୟ, ମହାବିଦ୍ୟାଳୟ ତଥା ବିଶ୍ୱବିଦ୍ୟାଳୟରୁ ଜଣେ ଯେପରି ଶିକ୍ଷା ଲାଭ କରିପାରେ ସେପରି ନିଜର ପରିବାର, ସମାଜ ତଥା ପରିବେଶରୁ ମଧ୍ୟ ଶିକ୍ଷା ଅର୍ଜନ କରିପାରେ। ଶିକ୍ଷା ଏକ ନିର୍ମଳ ସ୍ୱଚ୍ଛ ପ୍ରବାହ ଯାହା ଅବିରତ ଧାରାରେ ଜୀବନ ଭୂମିରେ ପ୍ରବାହିତ ହୁଏ। ଅଭିଜ୍ଞତାରୁ ବହୁ କଥା ଶିଖିବାକୁ ହୁଏ। ବୟସ୍କ ବ୍ୟକ୍ତିଙ୍କ ଠାରୁ ବହୁ କଥା ଶିଖିବାକୁ ଥାଏ। ଆମ ସଂସ୍କୃତିରେ ଅଭିଜ୍ଞତା ଉପରେ ବିଶେଷ ଗୁରୁତ୍ୱ ଆରୋପିତ ହୁଏ। ଡିଗ୍ରୀର ମାନଦଣ୍ଡରେ ବୟସ୍କ ବ୍ୟକ୍ତିଙ୍କର ମାନସମ୍ମାନ ମପାଯାଏନାହିଁ। ଅତଏବ ପିଲାମାନଙ୍କୁ ସଚେତନ ଓ ଯଥାର୍ଥରେ ଶିକ୍ଷିତ କରିବାର ଦାୟିତ୍ୱ ଗୁରୁ ଗୁରୁଜନଙ୍କ ଉପରେ ରହିଛି, ଏହା ଅସ୍ୱୀକାର କଲେ ଚଳିବନାହିଁ। ଅନ୍ୟ ଅର୍ଥରେ

ଏପରି କୁହାଯାଇପାରେ ଯେ, ଅଭିଭାବକମାନେ ସ୍ୱଇଚ୍ଛାରେ ନହେଲେ ମଧ୍ୟ ଅନିଚ୍ଛାରେ ଅନ୍ତତଃ ଉଚିତ୍ ଅର୍ଥରେ ସଚେତନ ବା ଶିକ୍ଷିତ ହେବା ଉଚିତ୍। ପିଲାମାନଙ୍କୁ ଶିକ୍ଷିତ କରିବା ପାଇଁ ଏ କଷ୍ଟ ସ୍ୱୀକାର କରିବା ଏକ ଅପରିହାର୍ଯ୍ୟ ଆବଶ୍ୟକତା। ପିଲାମାନଙ୍କୁ ଭଲ କଥା ନ ଶିଖାଇ, ଭଲ ଶିକ୍ଷା ନଦେଇ ତାଙ୍କଠାରୁ ଭଲ ଆଶା କରିବା ବିଡମ୍ବନା ମାତ୍ର। ପିଲାଙ୍କଠାରୁ ଭଲ କଥା ନପାଇଲେ ସେମାନଙ୍କୁ ଦୋଷ ଦେବା ଏକପ୍ରକାର ଅନ୍ୟାୟ ନୁହେଁ କି ? ଖାଲି ଭଲ କଥା ଶୁଣାଇଲେ ବା ଜଣାଇଲେ ଅଭିଭାବକ ମାନଙ୍କର ଦାୟିତ୍ୱ ସରେନାହିଁ। ଭଲ କଥାକୁ କାର୍ଯ୍ୟରେ ପରିଣତ କରି ନିଜକୁ ଉଦାହରଣ ରୂପରେ ପିଲାମାନଙ୍କ ଆଗରେ ରଖିପାରିବା ହିଁ ଯଥାର୍ଥ ଅଭିଭାବକତ୍ୱ।

ଏପରି ସମୟରେ ସଂପ୍ରତି ଆମେ ବାସ କରୁଛୁ ଯେତେବେଳେ ଚତୁର୍ଦ୍ଦିଗରେ ହତାଶାର ହିମଶୀତଳ ପରିବେଶ ଅନୁଭୂତ ହେଉଛି। ଯେତେ ଅଘଟଣ ସବୁ ଘଟୁଛି, ଯାହା ସାଧାରଣ କଳ୍ପନାର ବାହାରେ ଥିଲା, ସେପରି ଘଟଣା ଘଟୁଛି। ପ୍ରକୃତରେ ଏସବୁ ଆଉ କେଉଁ ଗ୍ରହରୁ ଆମଦାନୀ ହୋଇଆସୁନାହିଁ। ମଣିଷ ମନର କେଉଁ ଏକ ଅନ୍ଧାରୀକୋଣରେ ଲୁଚି ରହିଥିବା ଅପଶକ୍ତିମାନେ ଲଙ୍ଫ ପ୍ରଦାନ ପୂର୍ବକ ଆତ୍ମପ୍ରକାଶ କରୁଛନ୍ତି। ଏହାର କାରଣ ହେଉଛି ଯେ, ମଣିଷ ମନର ପୂର୍ଣ୍ଣତା ଆସିଲାଣି। ବହୁ ଭଲ ଚିନ୍ତାର ସୁବର୍ଣ୍ଣ ସମ୍ଭାବନା ମନକୁ ଅଧିକାର କରିବାକୁ ବସିଲାଣି। ଏହି ପରିପ୍ରେକ୍ଷୀରେ ମନର ମଇଳା ସବୁ ଉପରିଭାଗକୁ ଉଠିଆସିବାକୁ ଉଦ୍ୟମ କରୁଛି। ତେଣୁ ଅଘଟଣ ସବୁ ଘଟିଚାଲିଛି। ମଣିଷର ଭବିଷ୍ୟତ ଆଉ ଏକ ଉଚ୍ଚ ମାନସିକତା। ସେଥିପାଇଁ ପ୍ରସ୍ତୁତିର ପର୍ବ ଚାଲିଛି।

ଅତଏବ ସାଂପ୍ରତିକ ଜୀବନରେ ଏସବୁ ଅଘଟଣ ଦେଖି ବିବ୍ରତ ନହୋଇ ଶାନ୍ତ ହୋଇ ନିଜର ଗୁରୁ ଦାୟିତ୍ୱକୁ ସ୍ମରଣ କରିବା ଉଚିତ୍। ଆଲୋକର ଅଭିଷେକ ପାଇଁ ଲଳିତ ସ୍ୱରରେ ସ୍ୱାଗତିକା ସହ ଶୁଭ ପ୍ରଦୀପମାଳା ସଜାଇ ରଖିବା ଆମର କର୍ତ୍ତବ୍ୟ। ଆଲୋକର କ୍ରିୟା ତ୍ୱରାନ୍ୱିତ ହେଲେ ଅତିମନର ଅଭିବ୍ୟକ୍ତି ସହଜ ଓ ସରଳ ହେବ। ପ୍ରାଚୁର୍ଯ୍ୟ ଓ ମାଧୁର୍ଯ୍ୟର ମଧୁମିଳନରେ ବିଶ୍ୱଜୀବନ ଅନୁପମ ବିକାଶର ଅଧିକାରୀ ହେବ। ଅତିମନର ପ୍ରଭାବରେ ଦିବ୍ୟସୌରଭ ବିଚ୍ଛୁରିତ ହେବ ଦିଗଦିଗନ୍ତରେ। ଭରିଯିବ ଜୀବନରେ ଅନେକ ମୂଲ୍ୟବୋଧ।

ପ୍ରକୃତିର ଅଭୀପ୍ସା ବଳରେ ପ୍ରାଣରୁ ମନର ସୃଷ୍ଟି ହେଲା। ଚତୁଷ୍ପଦ ପ୍ରାଣୀରୁ ଦ୍ୱିପଦ ପ୍ରାଣୀର ବିକାଶ ଘଟିଲା। ମନ ସୃଷ୍ଟି ହେବା ପରେ ମନର ସମୁଚିତ ବିକାଶ ନିମନ୍ତେ ଆବଶ୍ୟକୀୟ ପ୍ରୟାସ ଓ ଉଦ୍ୟମ ମନୁପୁତ୍ରକୁ ହିଁ କରିବାକୁ ପଡ଼ିବ। କେବଳ ପ୍ରକୃତିର ଅଭୀପ୍ସା ଉପରେ ନିର୍ଭର କରିହେବନାହିଁ। ନିର୍ଭର କଲେ ବହୁ ସହସ୍ର ବର୍ଷ ବିତିଯିବ। ପ୍ରକୃତିର ଅଭୀପ୍ସା ସହ ମାନବର ଅଭୀପ୍ସା ସମନ୍ୱୟରେ ବିକାଶ ହେବ ସର୍ବାଙ୍ଗୀନ ଓ ପୂର୍ଣ୍ଣାଙ୍ଗ। ଚେତନାରେ ଅଗ୍ରଗତି ପାଇଁ ସଂକଳ୍ପ କରିବାକୁ ହେବ। ସଂକଳ୍ପର ଦୃଢ଼ତା ପାଇଁ ହୃଦୟ ମନ୍ଦିରକୁ ଶୁଦ୍ଧ ରଖିବାକୁ ହେବ।

❐❐

ନିଦାଜୀବନ ହିଁ ଶ୍ରଦ୍ଧାଜୀବନ

ଶ୍ରଦ୍ଧା ଏକ ଶବ୍ଦ ମାତ୍ର ନୁହେଁ, ଏକ ବିରଳ ଅନୁଭବ। ଏ ଶବ୍ଦର ପ୍ରତିଶବ୍ଦ କି ଏ ଅନୁଭବର ପ୍ରତି ଅନୁଭବ ନାହିଁ। ଏ ଶବ୍ଦକୁ ବିଦେଶୀ ଭାଷାରେ ସହଜରେ ଅନୁବାଦ କରାଯାଇପାରିବ ନାହିଁ। ଶ୍ରଦ୍ଧାର ଅର୍ଥକୁ ଯେତେ ବୁଝାଇଲେ ମଧ୍ୟ ତାହା ଅବୁଝା ରହିବ। ସେ ତ ମହାସମୁଦ୍ର, ତାକୁ ଜାଲ ପକାଇ ଧରିବ କିଏ ? ଜାଲରେ ତ ମହାସମୁଦ୍ର ଧରି ହୁଏନାହିଁ, ଧରିହୁଏ କେତେ ବିନ୍ଦୁଜଳ।

ମା'ର ପିଲାଟି ପାଇଁ ଶ୍ରଦ୍ଧାର କଳନା ନାହିଁ, ପିଲାଟି ସୁନ୍ଦର ହେଉ ଅଥବା ଅସୁନ୍ଦର ହେଉ, ସୁଠାମ ହେଉ ଅଥବା ବିକଳାଙ୍ଗ ହେଉ, ସୁସ୍ଥ ହେଉ ଅଥବା ରୁଗ୍‌ଣ ହେଉ, ମା' ମନରୁ କାହୁଁ ଭିତରୁ ଆସି ଅଜାଡ଼ି ହୋଇପଡ଼େ ଶ୍ରଦ୍ଧା, ସେ ଗଭୀରତା ମାପିହୁଏନା। ସେ ଶ୍ରଦ୍ଧାର ସ୍ୱରୂପ ଅତ୍ୟନ୍ତ ସୁନ୍ଦର ଓ ସୁକୁମାର। ମା'ର ଶ୍ରଦ୍ଧାକୁ ପିଲାଟିଏ ଶତ ପ୍ରତିଶତ ବୁଝିପାରେନାହିଁ। ଆଉ ଯେତିକି ବୁଝେ ସେତିକି ବୁଝିବାରେ 'ଜନନୀ ଜନ୍ମଭୂମିଶ୍ଚ ସ୍ୱର୍ଗାଦପି ଗରୀୟସୀ' ନ କହି ରହିପାରେ ନାହିଁ। ପିଲାଟି ପାଖରେ ସମୟ ଓ ପରିବେଶ ଅନୁସାରେ କିଛି କିଛି ପ୍ରଲୋଭନ ଥାଇପାରେ ମା'ର ଶ୍ରଦ୍ଧାକୁ ଭୁଲିଯିବା ପାଇଁ, ମାତ୍ର ମାଆ ପାଖରେ କେବେ ହେଲେ କିଛି ପ୍ରଲୋଭନ ନଥାଏ ପିଲାକୁ ଭୁଲିଯିବାପାଇଁ। ସପ୍ତାଶ୍ଚାର୍ଯ୍ୟ ବ୍ୟତୀତ ଆଉ ଏକ ଆଶ୍ଚର୍ଯ୍ୟର କଥା ହେଉଛି ଯେ ପିଲାଟିର ବୟସ ଯେ ବଢୁଛି, ଏ କଥା ମା' ବୁଝିପାରେ ନାହିଁ।

ଶ୍ରଦ୍ଧା ଏକ ସାମଗ୍ରୀ ନୁହେଁ ଯାହାକୁ କିଣିହେବ ଅଥବା ବିକି ହେବ। ତା'ର ମୂଲ୍ୟନାହିଁ, ତେଣୁ ତ ସିଏ ଅମୂଲ୍ୟ। ତାହା ହାଟବଜାରରେ ମିଳେ ନାହିଁ କି ମଲମଣ୍ଡିରେ ମିଳେ ନାହିଁ। ଦିନ ଥିଲା ଆମ ଦେଶରେ ଏହି ଶ୍ରଦ୍ଧାର ମାନଦଣ୍ଡରେ ଜୀବନର ମାପ ହେଉଥିଲା। ଜୀବନ ଥିଲା ଶ୍ରଦ୍ଧାମୟ, ଶ୍ରଦ୍ଧାର ଅନ୍ୟନାମ ଥିଲା ଜୀବନ। ପୁରାଣରେ ଏହାର ବହୁ ଉଦାହରଣ ରହିଛି। ଶ୍ରଦ୍ଧାରେ ଭଗବାନ କଦଳୀ ଚୋପା, ଶାଗଭଜା, ଅଇଁଠା ଫଳ ଭକ୍ତହାତରୁ ଖାଇପାରନ୍ତି। ଅଇଁଠା ହୋଇନଥିବା ଫଳକୁ ନ ଖାଇ ପଚାରନ୍ତି, ତହିଁରେ ଦାନ୍ତଚିହ୍ନ କାହିଁକି ନାହିଁ ବୋଲି ?

ମାଆ ଗାଳି ଦିଅନ୍ତି, ଗଛରେ ବାନ୍ଧିଦିଅନ୍ତି ଆଉ ସେଇ ଗାଳି ଓ ଦଣ୍ଡକୁ ଭଗବାନ ଶ୍ରଦ୍ଧାରେ ଫୁଲମାଳିପରି ତୋଳି ନିଅନ୍ତି। ଭଗବାନ ପୁଣି ରାଜା ଶ୍ରଦ୍ଧାରେ ଦରିଦ୍ର ସାଙ୍ଗଠାରୁ ଖୁଦଭଜା ଛଡ଼ାଇ ଖାଇପାରନ୍ତି। ଗୋପିମାନଙ୍କର ପାଦଧୂଳିକୁ ଶ୍ରଦ୍ଧାରେ ଭଗବାନ ଦେହରେ ବୋଳି ହୋଇପଡନ୍ତି। କିମ୍ବଦନ୍ତି, ଜନଶ୍ରୁତି ଓ ଇତିହାସରେ ମଧ୍ୟ ଶ୍ରଦ୍ଧାର ବହୁ ଉଦାହରଣ ରହିଛି। ଶ୍ରଦ୍ଧାରେ ଭଗବାନ ଲେଖିଦେଇ ପାରନ୍ତି- 'ଦେହି ପଦପଲ୍ଲବ ମୁଦାରମ୍'। ଶ୍ରଦ୍ଧାରେ ସୈନିକ ସାଜି ଯାଇପାରନ୍ତି ଓ ସଂଗ୍ରାମ ଭୂମିରେ ଗଜପତିଙ୍କୁ ଜୟଯୁକ୍ତ କରାଇ ପାରନ୍ତି। ଅଇଁଠା

ଦାନ୍ତକାଠି, ଘଣ୍ଟା ହୋଇଥିବା ଖେଚେଡ଼ିକୁ ଖୁସିରେ ଖାଇପାରନ୍ତି ଓ ବାଇହାଣ୍ଡି ନାମକୁ ସାର୍ଥକ କରିପାରନ୍ତି। ଶ୍ରଦ୍ଧାରେ ବନ୍ଧୁମହାନ୍ତିଙ୍କୁ ଭୋଗ ଥାଳିଯାଚି ଦେଇ ପାରନ୍ତି ଏବଂ ଦାସିଆ ବାଉରୀ ହାତରୁ ଶ୍ରୀଫଳ ଓ ପାଚିଲା ଆମ୍ବ ନେଇପାରନ୍ତି। ଭକ୍ତର ଭଗବାନଙ୍କ ପ୍ରତି ଶ୍ରଦ୍ଧା ଓ ଭଗବାନଙ୍କର ଭକ୍ତପ୍ରତି ଶ୍ରଦ୍ଧାକୁ ଭାଷାରେ ବୁଝାଇ ହେବ ନାହି।

ଶ୍ରଦ୍ଧାରେ ଫୁଲ ଫୁଟେ, ପକ୍ଷୀଗାଏ, ଝରଣା ଝରେ, ସମୁଦ୍ରନାଚେ। ଦେଶପ୍ରତି ଶ୍ରଦ୍ଧାରୁ ସୈନିକ ଜନ୍ମଭୂମିର ସୁରକ୍ଷା ଲାଗି ଘୋର ସଂଗ୍ରାମ କରେ, ଦରକାର ପଡ଼ିଲେ ଜୀବନ ପର୍ଯ୍ୟନ୍ତ ଦେଇପାରେ। ଜନ୍ମଭୂମିପ୍ରତି ଶ୍ରଦ୍ଧାରୁ ହିଁ ପରାଧୀନ ଭାରତରେ ସ୍ୱାଧୀନତା ସଂଗ୍ରାମର ସୂତ୍ରପାତ ହୋଇଥିଲା। ଶ୍ରଦ୍ଧା ହିଁ ସବୁ ସଫଳତା ଓ ପୂର୍ଣ୍ଣତାର ମୂଳକଥା। ଯେକୌଣସି କର୍ମଟିକୁ ଯାନ୍ତ୍ରିକ ଭାବରେ ସଂପାଦନ କରିବା ଏବଂ ଶ୍ରଦ୍ଧାର ସହିତ ସଂପାଦନ କରିବା ଭିତରେ ଆକାଶପାତାଳ ତଫାତ୍। ଜାତି ପ୍ରତି ଶ୍ରଦ୍ଧା, ଦେଶ ପ୍ରତି ଶ୍ରଦ୍ଧା ସର୍ବୋପରି ବିଶ୍ୱ ପ୍ରତି ଶ୍ରଦ୍ଧା ଆଜିର ଅପରିହାର୍ଯ୍ୟ ଆବଶ୍ୟକତା ହୋଇପଡିଛି। ନିଜଠାରୁ ନିଜକୁ ମୁକ୍ତ କରିପାରିଲେ ହିଁ ଚେତନାର ପରିବ୍ୟାପ୍ତି ଘଟିଥାଏ।

ସାରା ବିଶ୍ୱ ସଂପ୍ରତି ସଂକଟମୟତାର ସମ୍ମୁଖୀନ। ବିଶୃଙ୍ଖଳା ଏହାକୁ ବାସଗୃହ କରିଛି। ବିଶ୍ୱଗ୍ରାମର ସ୍ୱପ୍ନ ସାକାର ହୋଇପାରୁନାହିଁ। ଜାତି, ଭାଷା, ସଂସ୍କୃତି ଓ ଦେଶ କ୍ଷେତ୍ରରେ ସଂକୀର୍ଣ୍ଣତା ଯୋଗୁଁ ପୂର୍ଣ୍ଣଜଗତୀକରଣ ସମ୍ଭବ ହୋଇପାରୁନାହିଁ।

ଏତେବେଳେ ସାରା ବିଶ୍ୱ ସଚେତନ ଭାବରେ ହେଉ ଅଥବା ଅଚେତନ ଭାବରେ ହେଉ ଚାହିଁରହିଛି ଭାରତ ବର୍ଷ ଆଡ଼କୁ। ବିଶ୍ୱର ପ୍ରଗତି ଭାରତର ପ୍ରଗତି ଉପରେ ନିର୍ଭର କରେ ବୋଲି କୁହାଯାଇଛି। ଶ୍ରୀଅରବିନ୍ଦଙ୍କ ମତରେ- "ଆଜି ସମଗ୍ର ପୃଥିବୀ ଯେଉଁ ସବୁ ସମସ୍ୟାକୁ ନେଇ ବିବ୍ରତ ଓ କିଂକର୍ତ୍ତବ୍ୟ ବିମୂଢ଼ ହୋଇ ପଡ଼ିଛି ଭାରତ ଦେଇପାରେ ତାର ମୀମାଂସା ଓ ଯଥାଯଥ ସମାଧାନ। ଭାରତ ହେଉଛି ପୃଥିବୀର ଆତ୍ମା, ପୃଥିବୀକୁ ବଞ୍ଚାଇବାକୁ ହେଲେ ଭାରତକୁ ବଞ୍ଚାଇବାକୁ ହେବ।" ଶ୍ରୀମା କହିଛନ୍ତି "ଭାରତ ହେବ ଆଗାମୀ ବିଶ୍ୱର ଗୁରୁ, ଦେବ ବିଶ୍ୱକୁ ଯଥାର୍ଥ ଦିଗ୍‌ଦର୍ଶନ।"

ଏସବୁ କଥାକୁ କାର୍ଯ୍ୟକାରୀ କରିବାର କ୍ଷମତା ଓ ଯୋଗ୍ୟତା ବିଶେଷତଃ ଭାରତୀୟ ଯୁବଶକ୍ତି ନିକଟରେ ରହିଛି। ଯୁବମାନସରେ କିନ୍ତୁ ଦେଶପ୍ରତି, ସଂସ୍କୃତି ପ୍ରତି ଶ୍ରଦ୍ଧା ଆବଶ୍ୟକ ପରିମାଣରେ ନରହି ଆଶାତୀତ ଭାବରେ ରହୁଛି ବସ୍ତୁପ୍ରତି। କେମିତି କେମିତି ଧାରଣା ହୋଇଯାଇଛି ଯେ ବସ୍ତୁ ଦେବ ସୁଖ, ସମ୍ମାନ, ଯଶ, କ୍ଷମତା, ସମେତ ବହୁତ କିଛି। ତେଣୁ ବସ୍ତୁ ପ୍ରତି ଶ୍ରଦ୍ଧା ବହୁତ ବଢ଼ିଛି। ମୁଁ ଏକଥା କହୁନାହିଁ ଯେ ବସ୍ତୁ ଅଲୋଡ଼ା ବୋଲି। ବସ୍ତୁର ଆବଶ୍ୟକତା ରହିଛି। ବସ୍ତୁର ଗୁରୁତ୍ୱପୂର୍ଣ୍ଣ ଭୂମିକା ଜୀବନ କ୍ଷେତ୍ରରେ ରହିଛି। ବସ୍ତୁ ଆମର ମାଲିକ ହେବା ଉଚିତ ନୁହେଁ, ବରଂ ଆମେ ବସ୍ତୁର ମାଲିକ ହେବା ଆବଶ୍ୟକ, ଅନ୍ୟପ୍ରକାରେ ଆମେ କହିପାରିବା ଯେ ବସ୍ତୁ ଆମର କାମ୍ୟ ମାତ୍ର ବସ୍ତୁବାଦ ଆମର କାମ୍ୟ ନୁହେଁ। ଯୁବମାନସରେ ଦେଶପାଇଁ ଶ୍ରଦ୍ଧା ଆହୁରି ବଢ଼ିଲେ ଆମଦେଶ ଅଧିକରୁ ଅଧିକ ପ୍ରଗତିଶୀଳ ହୋଇପାରିବ। ଯୁବଶକ୍ତିର ପ୍ରଗତି ହିଁ ଦେଶର ପ୍ରଗତି। ଏ ପ୍ରଗତି ଆଗାମୀଦିନରେ ଅଧିକରୁ ଅଧିକ ନିଶ୍ଚୟ ହେବ, ଏ ଆଶା ଓ ବିଶ୍ୱାସ ରହିଛି। ଦେବଭୂମି ଭାରତର ଜୟ ହେଉ, ଯୁବଶକ୍ତିର ଜୟ ହେଉ।

❐❐

କୃତଜ୍ଞତାର ମର୍ମକଥା

କୃତଜ୍ଞତା ଏକ ଶବ୍ଦ ମାତ୍ର ନୁହେଁ, ଏକ ଭାବ, ଏକ ଗଭୀର ଅନୁଭବ। ଜୀବନର ଚଲାପଥରେ ଆଉ କାହାର ଅହେତୁକ ଶ୍ରଦ୍ଧା, ସାହାଯ୍ୟ ଓ ସହଯୋଗ ପାଇଲେ ମନରେ ଯେଉଁ ଭାବାନ୍ତର ଆସେ, ତାହାର ଅଭିବ୍ୟକ୍ତି ହେଉଛି କୃତଜ୍ଞତାର ଅନ୍ୟନାମ। ଅହେତୁକ କହିବାର ଅର୍ଥ ହେଉଛି ବିଶେଷ କିଛି ଲାଭର ଆଶା ଓ ଲାଳସା ନ ରଖି ସାହାଯ୍ୟ ସହଯୋଗ କରିବା। ସାହାଯ୍ୟ ବା ସହଯୋଗଟି ଛୋଟ ହେଉ ବା ବଡ଼, ସେଥିରେ କିଛି ଯାଏ ଆସେ ନାହିଁ, ଅସଲ କଥାଟି ହେଉଛି ତା' ପଛରେ ଥିବା ମନୋଭାବ। ଏପରି ମନୋଭାବ ପ୍ରସ୍ଫୁତ ହୋଇଥାଏ ନୈତିକତା, ସଚେତନତା ଓ ସହାନୁଭୂତି ପ୍ରଭୃତି ଉପାଦାନ ଦ୍ୱାରା। ଏ ତ ଗଲା ସହଯୋଗ କରିଥିବା ବ୍ୟକ୍ତିର ମନୋଭାବର କଥା। ବର୍ତ୍ତମାନ ଦେଖିବା ଏହାକୁ ଗ୍ରହଣ କରୁଥିବା ବ୍ୟକ୍ତିର କଥା। କୃତଜ୍ଞତା ଏହି ଗ୍ରହଣଶୀଳତାର ଅନୁପମ ଅଭିବ୍ୟକ୍ତି। ଏପରି ବ୍ୟକ୍ତି ଅଛନ୍ତି ଯେଉଁମାନେ ଅଯାଚିତ ଅହେତୁକ ସହଯୋଗ ଓ ସାହାଯ୍ୟ ଅଳ୍ପ ଟିକିଏ ପାଇଲେ ମଧ୍ୟ ବହୁ ପ୍ରକାରେ କୃତଜ୍ଞ ହୋଇଥାଆନ୍ତି। କୃତଜ୍ଞତା ସେମାନଙ୍କର ଅନ୍ତରରୁ ପ୍ରକଟିତ ସ୍ୱତଃସ୍ଫୂର୍ତ୍ତ ଭାବପ୍ରବାହ। ସେମାନଙ୍କୁ ଏଥିପାଇଁ ବତାଲବାକୁ ପଡ଼େ ନାହିଁ ଅଥବା ମହାବିଦ୍ୟାଳୟ/ବିଶ୍ୱବିଦ୍ୟାଳୟକୁ ଯିବାକୁ ପଡ଼େ ନାହିଁ। ଡିଗ୍ରୀ, ଡିପ୍ଲୋମାର ଏହା ସହିତ କିଛି ସମ୍ପର୍କ ନାହିଁ, ଏହା ମୁକ୍ତକଣ୍ଠରେ ସ୍ୱୀକାର୍ଯ୍ୟ। ପୁଣି ଏପରି ଲୋକ ଅଛନ୍ତି ଯେଉଁମାନେ ଅନ୍ୟଠାରୁ ଉପକାର ପାଇଲେ ତାକୁ ସେମାନଙ୍କର ପ୍ରାପ୍ୟ ବୋଲି ବିଚାରିଥାନ୍ତି ଓ ଅଳ୍ପ ସମୟ ମଧ୍ୟରେ ଭୁଲି ଯାଇଥାନ୍ତି। ସେମାନେ ମନେ ମନେ ଅନ୍ୟମାନଙ୍କଠାରୁ ବଡ଼ ବୋଲି ନିଜକୁ ଭାବୁଥିବାରୁ ତାହା ଅନ୍ୟମାନଙ୍କର ତାଙ୍କ ପ୍ରତି ଅବଶ୍ୟ କର୍ତ୍ତବ୍ୟ ବୋଲି ବିଚାରିଥାନ୍ତି। ପୁଣି କେତେକ ଲୋକ ଅଛନ୍ତି ଯେଉଁମାନେ ଅନ୍ୟର ସାହାଯ୍ୟ ଉପକାରକୁ କାକତାଳୀୟ ଅଥବା ଆକସ୍ମିକ ଯୋଗାଯୋଗ ତଥା ଏକଏକ ଘଟଣା ବୋଲି ବିଚାରିଥାନ୍ତି। କୃତଜ୍ଞତାର ସାମାନ୍ୟତମ ଭାବ ସେମାନଙ୍କ ମନରେ ପ୍ରକଟିତ ହୁଏନାହିଁ, ମୁହଁରେ ପ୍ରକାଶ ପାଇବା ତ ଦୂରର କଥା। ଖାଣ୍ଟି ମଣିଷ ଅର୍ଥାତ୍ ଭଲ ମଣିଷକୁ ଚିହ୍ନିବାକୁ ହେଲେ କୃତଜ୍ଞତା ଏକ ମାନଦଣ୍ଡ, ଏହା ସ୍ୱୀକୃତ ହୋଇଛି। ଏହି ପରିପ୍ରେକ୍ଷୀରେ କବିବର ରାଧାନାଥଙ୍କ ରଚନାରୁ ପଦେ ଅଧେ ସ୍ମରଣକୁ ଆସେ-

ମହତଜନଠାରେ କରୁଣା କଲେ।
ସେ କରୁଣା ନ ଯାଏ କେବେ ବିଫଳେ॥
ଆଶୁ ସୁଫଳ ଜାତ ନିଶ୍ଚେ ହୁଅଇ।
ପୁଣି କରୁଣାପ୍ରଭା ପ୍ରତିଫଳଇ ॥

ଆମର ସୃଷ୍ଟି, ସ୍ଥିତି ଓ ସମୃଦ୍ଧି ପାଇଁ ଯେଉଁମାନଙ୍କର ଅବଦାନ ରହିଛି, ସେମାନଙ୍କ ପ୍ରତି ଅଶେଷ କୃତଜ୍ଞତା ଜ୍ଞାପନ ଆମର ପରମ କର୍ତ୍ତବ୍ୟ। ମାତାପିତା ଆମକୁ ପୃଥିବୀକୁ ଆସିବାକୁ ସୁଯୋଗ ଦେଇଛନ୍ତି, ଆମ ପ୍ରତି ଅସୀମ ଶ୍ରଦ୍ଧା ଓ ଅମାପ ସ୍ନେହ ଅଜାଡ଼ି ଦେଇଛନ୍ତି। ଆମ ଓଠରେ ଟିକିଏ ହସ ଦେଖିବା ପାଇଁ କେତେ ଯତ୍ନ କରିଛନ୍ତି, ପରିଶ୍ରମ କରିଛନ୍ତି। ପାଇବାର ଆଶା ନ ରଖି କେବଳ ଦେବାରେ ଆନନ୍ଦ ପାଇଛନ୍ତି। ନିଜ ବୟସ ଗଣିଛନ୍ତି। ମାତ୍ର ଆମ ବୟସ ଗଣିବାକୁ ଭୁଲି ଯାଇଛନ୍ତି। ଆମ ମଳିନ ମୁହଁର କାରଣ କହିବା ଆଗରୁ ବୁଝିପାରିଛନ୍ତି। ସେମାନଙ୍କ ଋଣ ତ କାଳେ କାଳେ ଅଶୁଝା, ତଥାପି କୃତଜ୍ଞତା ମାଧ୍ୟମରେ ଶୁଝିବାର ପ୍ରୟାସ ଟିକିଏ କରାଯାଇପାରେ।

ଆମ ଦେଶ ଆମ ପାଇଁ ସ୍ୱର୍ଗଠାରୁ ବଡ଼। ଆମ ପାଇଁ କେତେ ଯେ ଶ୍ରଦ୍ଧା ତା'ର ଯାହା କହିବାକୁ ଭାଷା ନାହିଁ। ସେ ମାଟିଦେଇଛି ଠିଆହେବା ପାଇଁ। ବାଟଦେଇଛି ଚାଲିବା ପାଇଁ, ପାଣି ଦେଇଛି ପିଇବା ପାଇଁ। ଶସ୍ୟ ଦେଇଛି ଖାଇବା ପାଇଁ, ଅମ୍ଳଜାନ ଦେଇଛି ପ୍ରଶ୍ୱାସ ନେବାପାଇଁ। ସେ ଆମକୁ ଦେଇଛି ପରିଚୟ, ପ୍ରତିଷ୍ଠା ଓ ସ୍ୱାଭିମାନ। ତାକୁ ଯେତେ ପ୍ରଣାମ ଜଣାଇଲେ ମଧ୍ୟ ନିଅଣ୍ଟ ହେବ। ତାକୁ ସହସ୍ର ପ୍ରଣାମ ହିଁ ତା' ପ୍ରତି କୃତଜ୍ଞତାର ଅନ୍ୟନାମ।

ଭଗବାନ ସର୍ବତ୍ର ସମାନ ଭାବରେ ବିଦ୍ୟମାନ। ଆମେ ଆମକୁ ଯେତିକି ଭଲ ପାଉ, ସେ ଆମକୁ ତା'ଠାରୁ ବହୁ ଗୁଣରେ ଅଧିକ ଭଲପାଆନ୍ତି। ଆମେ ତାଙ୍କୁ ଦାୟିତ୍ୱ ଦେଉ କି ନ ଦେଉ ସେ ଆମର ଦାୟିତ୍ୱ ନେଇଛନ୍ତି। ଏ ଦାୟିତ୍ୱ ସୁରକ୍ଷା ଓ ସମୃଦ୍ଧିର ଦାୟିତ୍ୱ। ସେ ଭିତରେ ଓ ବାହାରେ ଆମକୁ ଆବୋରି ରହିଛନ୍ତି। ଆମେ ଚିହ୍ନୁ କି ନ ଚିହ୍ନୁ ବିପଦରେ ବନ୍ଧୁ ଏବଂ ଅଭାବରେ ମାତା ହୋଇ ସେ ଆମକୁ ଚଳାଇ ନିଅନ୍ତି। ସତରେ ଆମ ଅଲକ୍ଷ୍ୟରେ ଆମ ହାତଧରି ଚଳାଇ ନେଉଥିବା ଭଗବାନଙ୍କୁ ଅସୀମ କୃତଜ୍ଞତା ଜଣାଇବା ଉଚିତ। ପୁରୁଷର ଶକ୍ତିରେ ସେ, କୁମାରୀର ଲାଜରେ ସେ, ଶିଶୁର ହସରେ ସେ, ମାଟିର ଗନ୍ଧରେ ସେ, ଫୁଲର ସୁବାସରେ ସିଏ। ସୂର୍ଯ୍ୟର ଆଲୋକ ସିଏ, ପବନର ଝଙ୍କାର ସିଏ, ସମୁଦ୍ରର ଜୁଆର ସିଏ, ଅଗ୍ନିର ଉତ୍ତାପ ସିଏ, ବରଫର ଶୀତଳତା ସିଏ। ଆମେ ତ ଆମେ, ଆମ ପ୍ରଥମ ବଂଶଧର ଆସିବାର ବହୁ ଆଗରୁ ସେମାନଙ୍କ ବଞ୍ଚିବା ଓ ବଢ଼ିବା ପାଇଁ ମାଟି, ପାଣି, ପବନ, ଆଲୋକ ଓ ତେଜ ଯିଏ ଖଞ୍ଜି ଦେଇଛନ୍ତି, ସେ ହେଉଛନ୍ତି ଭଗବାନ। ତାଙ୍କୁ କୃତଜ୍ଞତା ଜଣାଇବା ପାଇଁ ସବୁ ଶବ୍ଦ ପୃଥିବୀରୁ ସରିଯିବ, ତଥାପି ତାଙ୍କ ପାଇଁ କୃତଜ୍ଞତା ଅଧାହୋଇ ରହିଯିବ। ଦୁଇଧାର ଅଶ୍ରୁ ଅପର ଅଧାକୁ ପୁରଣ କରିବା ପାଇଁ ପ୍ରୟାସ କରିବ ମାତ୍ର।

ଅତଏବ ମାଟି, ପାଣି, ପବନ, ବୃକ୍ଷଲତା, ଆଲୋକ କେହି ଜଡ଼ ଭୌତିକ ଉପାଦାନ ମାତ୍ର ନୁହଁନ୍ତି, ପ୍ରତ୍ୟେକ ଏକ ଏକ ଚିନ୍ମୟ ସତ୍ତା। ପ୍ରତ୍ୟେକ ଭିତରେ ଅମାପ ସାମର୍ଥ୍ୟ ଓ ଅନୁପମ ଅନୁଭବ ଶକ୍ତି ରହିଛି। ପ୍ରତ୍ୟେକେ ହେଉଛନ୍ତି ଜୀବନାଶକ୍ତିର ଏକ ଏକ ଉତ୍ସ। ସେହି ଜୀବନୀ ଶକ୍ତି ଆମକୁ ଜୀବନ୍ତ କରି ରଖିଛି। ତାଙ୍କ ମହିମା ଗାଇବା ପାଇଁ ଆମ ନିକଟରେ ଭାଷା ନାହିଁ। ନୀରବତାର ଭାଷାରେ ସହାସ୍ୟ ସ୍ୱୀକୃତି ହିଁ ତାଙ୍କ ପାଇଁ ଅସଲ କୃତଜ୍ଞତା।

ଜୀବନର ଚଲାପଥରେ ଯେଉଁଠାରୁ ଏବଂ ଯେଉଁମାନଙ୍କଠାରୁ ଆମେ ଶ୍ରଦ୍ଧା ସ୍ନେହ, ସୁରକ୍ଷା ଓ ଆଶୀର୍ବାଦ ପାଇଛୁ, ତାହାର କଳନା ନାହିଁ। ପ୍ରାପ୍ତି ସ୍ୱୀକାର ସହ କୃତଜ୍ଞତା ଜ୍ଞାପନ ହିଁ ଆମର କର୍ତ୍ତବ୍ୟ। ଆମେ କୃତଜ୍ଞତା ଜ୍ଞାପନ କଲେ, ଆମ ପିଲାଏ ଆମଠାରୁ ଶିଖିବେ। ଉପଦେଶ ନ ଦେଇ ଉଦାହରଣ ହେଲେ ବାତାବରଣ ବିଶୁଦ୍ଧ ଓ ବିମୁଗ୍ଧ ହେବ। କୃତଜ୍ଞତା ଜ୍ଞାପନ ବହିର ପାଠ ନୁହେଁ, ବ୍ୟବହାରର ପାଠ। କୃତଜ୍ଞତାରେ ଶାନ୍ତି ମିଳେ। କୃତଜ୍ଞତାର ସଦ୍‌ବ୍ୟବହାରରେ ଆମେ ସମସ୍ତଙ୍କର ଏବଂ ସମସ୍ତେ ଆମର ଅତି ଆପଣାର ହୋଇପାରିବେ। 'ବସୁଧୈବ କୁଟୁମ୍ବକମ୍'- ଏହି କଥାର ମହତ୍ତ୍ୱ ସେଦିନ ଅଧିକ ବୁଝିହେବ।

❐❐

ନାସ୍ତି ନୁହେଁ ଅସ୍ତି

ଆମ ଜୀବନରେ ଯେତେକଥା ଅଛି ତାହାର ଏକ ଅସ୍ତିଦିଗ ଅଛି ପୁଣି ଏକ ନାସ୍ତିଦିଗ ରହିଛି। ତା'ର କାରଣ ହେଉଛି ଦ୍ୱୈତତତ୍ତ୍ୱ ଦ୍ୱାରା ଜୀବନ ନିୟନ୍ତ୍ରିତ, ମଣିଷର ମନ ନିର୍ମିତ। ଦୁଇଟି କଥା ଯଥା- ସୁଖ ଓ ଦୁଃଖ, ସୁବିଧା ଓ ଅସୁବିଧା, ଭଲ ଓ ମନ୍ଦ, ଲାଭ ଓ କ୍ଷତି, ଶାନ୍ତି ଓ ଅଶାନ୍ତି, ଜ୍ଞାନ ଓ ଅଜ୍ଞାନ, ଭୁଲ୍ ଓ ଠିକ ଇତ୍ୟାଦି ଇତ୍ୟାଦି କଥାକୁ ନେଇ ଜୀବନ ପରିଚାଳିତ ହେଉଛି।

କେବଳ ଭଗବାନ ଏକ ଅଦ୍ୱିତୀୟ। ସେ କେବଳ ଶାନ୍ତିର ପ୍ରତୀକ, ଆନନ୍ଦର ପ୍ରତୀକ, ଆଲୋକର ପ୍ରତୀକ ସର୍ବୋପରି ପୂର୍ଣ୍ଣତାର ପ୍ରତୀକ। ତାଙ୍କ ଭିତରେ ଅଶାନ୍ତି, ଦୁଃଖ, ଅନ୍ଧାର ଅଥବା ଅପୂର୍ଣ୍ଣତା ନହିଁ। ସବୁ ତାଙ୍କର ସୁଧାମୟ ଓ ମଧୁମୟ। ସେ ଅସ୍ତିର ପ୍ରତୀକ, ନାସ୍ତିର ନୁହେଁ। ସେ ମଧୁରତାର ପ୍ରତୀକ, ରୁକ୍ଷତାର ନୁହେଁ, ସେ ଜ୍ଞାନର ପ୍ରତୀକ, ଅଜ୍ଞାନତାର ନୁହେଁ।

ଆମ ଜୀବନର ପ୍ରତ୍ୟେକ କଥାର ଭଲ ଦିଗ ରହିଛି ପୁଣି ମନ୍ଦ ଦିଗ ମଧ୍ୟ ରହିଛି। ଉଦାହରଣ ସ୍ୱରୂପ ଧନର କଥା ଦେଖାଯାଉ। ଧନ ଏକାନ୍ତ ଆବଶ୍ୟକ, ଏହା ଏକ ଶକ୍ତି। ପାର୍ଥିବ ଜୀବନ ପାଇଁ ତାହା ଅତ୍ୟନ୍ତ ମୂଲ୍ୟବାନ। ମାତ୍ର ଏହାର ଆଧିକ୍ୟ ଅସୁବିଧାରେ ପକାଏ, ଏହାର ଅପବ୍ୟବହାର ଆମକୁ ବାଟବାଉଳା କରେ। ଅଧିକ ହେଲେ ଆହୁରି ଅଧିକ ପାଇଁ ଲୋଭବଢ଼େ, କାମନାର ଅଗ୍ନିଶିଖା ଅଧିକ ଉଚ୍ଚତାକୁ ଉଠେ। ନିଜକୁ ଅନ୍ୟଠାରୁ ବଡ଼ ବୋଲି ଓ ଭିନ୍ନ ବୋଲି ମନେ ହୁଏ। ଧନ ବଢ଼ିଲେ କ୍ଷମତା ପାଇବାର ଲାଳସା ବଢ଼େ। ଅହଂକାର ବଢ଼େ ଓ ଅନ୍ୟମାନଙ୍କୁ ହୀନ ଦୃଷ୍ଟିରେ ଦେଖିବାକୁ ବେଳେବେଳେ ଇଚ୍ଛାହୁଏ। ଏହା ଧନର ପ୍ରଭାବ ନୁହେଁ, ମନର ପ୍ରଭାବ। ଧନ ଆଦୌ କ୍ଷତିକାରକ ନୁହେଁ, ଧନର ଅପବ୍ୟବହାର ହିଁ ଯଥାର୍ଥରେ କ୍ଷତିକାରକ। ଧନ ସହିତ ଜ୍ଞାନ ଥିଲେ ଏପରି ଅବସ୍ଥା ଆସେ ନାହିଁ, ଜ୍ଞାନ ନଥିଲେ ଏପରି ଅବସ୍ଥା ହିଁ ଆସିଥାଏ।

କ୍ଷମତା ମଧ୍ୟ ଧନ ପରି ଏକ ବିଶିଷ୍ଟ ଉପାଦାନ। କ୍ଷମତା ବଳରେ ଜଣେ ଆତ୍ମସଚେତନ ହୋଇପାରେ ଅଥବା ଦୁର୍ଦ୍ଧର୍ଷହୋଇପାରେ। କ୍ଷମତା ଦାୟିତ୍ୱ ସଂପନ୍ନ କରାଏ, କରିବା ସଚେତନ କରାଏ। ଅନ୍ୟର କଲ୍ୟାଣ ନିମନ୍ତେ କ୍ଷମତା ଲାଗିପାରେ, ଅନ୍ୟର କ୍ଷତିପାଇଁ ମଧ୍ୟ ପ୍ରଯୁକ୍ତ ହୋଇପାରେ। ସବୁ ନିର୍ଭରକରେ ଆମର ବ୍ୟବହାର ଉପରେ। ସମାଜର କିଛି ଉନ୍ନତିକର କାର୍ଯ୍ୟରେ ଏହା ଲାଗିଲେ ଯଥାର୍ଥ ହୁଏ। ନିଜର ସୁଖସୁବିଧା ପାଇଁ କ୍ଷମତା ଲାଗିଲେ ତାହା କ୍ଷମତାର ଅପବ୍ୟବହାରରେ ଗଣାହୁଏ। ଅନ୍ୟର କ୍ଷତିକଳ୍ପେ କ୍ଷମତା ଲାଗିଲେ ତାହା ପୂତିଗନ୍ଧମୟ ହୋଇଯାଏ। ବ୍ୟବହାର କରି ଜାଣିଲେ କ୍ଷମତା ବଳରେ ଅନ୍ୟମାନଙ୍କ ପାଇଁ ବହୁତ କିଛି ସୁବିଧା କରାଯାଇପାରେ ମାତ୍ର ବ୍ୟବହାର କରି ନ ଜାଣିଲେ ସର୍ବନାଶ।

ବୁଦ୍ଧି କ୍ଷେତ୍ରରେ ମଧ୍ୟ କଥାଟି ସେହିପରି। ବୁଦ୍ଧିବଳରେ ବୈଜ୍ଞାନିକ ଉଦ୍ଭାବନ ଓ ଆବିଷ୍କାର ଘଟିଥାଏ। ବୁଦ୍ଧିର ବିକାଶ ଓ ବିକଶିତ ବୁଦ୍ଧିର ପ୍ରୟୋଗ ହିଁ ମାନବ ପ୍ରଗତିର ମୂଳହେତୁ। ବୁଦ୍ଧି ଆଣେ ଜିଜ୍ଞାସା, ଜିଜ୍ଞାସାରୁ

କଳ୍ପନା, କଳ୍ପନାରୁ ବାସ୍ତବତା ଓ ବାସ୍ତବତାର ସମୃଦ୍ଧି। ବୁଦ୍ଧି ମଣିଷକୁ ପକ୍ଷୀପରି ଆକାଶରେ ଉଡ଼ାଇପାରିଛି, ପାଣିରେ ମାଛ ପରି ପହଁରିବାର ସୁଯୋଗ ଦେଉଛି। ବୁଦ୍ଧି ପୁଣି ସାରା ପୃଥିବୀର ଦୂରତା କମାଇଦେଇଛି। ନିଜ ଘରେ ସାରା ପୃଥିବୀକୁ ଆଣି ରଖି ଦେଇଛି। ଦୂର ଆତ୍ମୀୟର ଇଚ୍ଛାମାତ୍ରକେ ଦର୍ଶନ କରାଯାଇଛି। ଏହି ବୁଦ୍ଧି ପୁଣି ନକାରାତ୍ମକ ବାଟରେ ଯାଇ ପ୍ରଳୟଙ୍କରୀ ହୋଇପାରୁଛି। ଘଡ଼ିକରେ ସ୍ୱର୍ଣ୍ଣଲଙ୍କା ଧ୍ୱଂସକରି ଦେଉଛି ଏହି ବୁଦ୍ଧିର ଅସଦ୍‌ବ୍ୟବହାର। ଆତଙ୍କବାଦୀର ପରମାଣୁ ବୋମା ଅଥବା ଉଦ୍‌ଜାନ ବୋମାର ବ୍ୟବହାର ଭିତରେ ରହିଛି ବୁଦ୍ଧିର ନକାରାତ୍ମକ ଦିଗ।

ଜୀବନର ଦୁଃଖର କଥା ବିଚାରକୁ ନେଲେ ଜଣାଯାଏ ଯେ ଦୁଃଖ କେତେ କେତେ ମଣିଷଙ୍କୁ ଭାଙ୍ଗିଦିଏ ଆଉ କେତେ କେତେ ମଣିଷଙ୍କୁ ଟାଣି କରି ଦିଏ। ସହନଶକ୍ତି ବଢ଼ାଏ, ମଣିଷକୁ ନିଜକୁ ନିଜେ ଅତିକ୍ରମ କରିବାକୁ ସାହସ ଦିଏ। ଜୀବନକୁ ବୁଝିବାକୁ, ଜଗତକୁ ଜାଣିବାକୁ ଶକ୍ତିଦିଏ ଦୁଃଖ, ଅନୁଭୂତି ସଂପନ୍ନ କରେ ଦୁଃଖ। ଦୁଃଖତ ସମସ୍ତଙ୍କର ଅଛି, ଏମିତି କେହି ନାହିଁ ଯାହାର ଆଦୌ ଦୁଃଖ ନାହିଁ। କାହା ଦୁଃଖ କିପରି କାହିଁକି ତାହା ଭିନ୍ନ କଥା ସୁନା ସହିତ ଖାଦ ନ ମିଶିଲେ ଅଳଙ୍କାର ଗଢ଼ିହୁଏ ନାହିଁ। ଯେପରି ସୁନା ସହିତ ଖାଦ ମିଶି ଅଳଂକାର ଗଢ଼ା ହୁଏ, ସେପରି ସୁଖ ସହିତ ଦୁଃଖ ମିଶି ଜୀବନ ଗଢ଼ାହୁଏ। ମନେପଡ଼େ ଏଇ ପ୍ରସଙ୍ଗରେ ବୁଦ୍ଧ ଦେବଙ୍କର ଗୋଟିଏ କଥା। ପୁତ୍ରହରା ମାତାର ଆକୁଳତା ଏବଂ ମୃତ ପୁତ୍ରକୁ ବଞ୍ଚାଇ ଦେବାର ବାରମ୍ବାର ଅନୁରୋଧ ଶୁଣି ବୁଦ୍ଧଦେବ କହିଲେ- "ମାଆ, ମୁଁ ତୁମ ପୁତ୍ରକୁ ବଞ୍ଚାଇ ଦେବି ଯଦି ତୁମେ ମୁଠାଏ ସୋରିଷ ଆଣିଦେବ ତାହାଙ୍କ ଘରୁ ଯାହାଙ୍କ ଘରୁ କେହି କେବେ ମୃତ୍ୟୁ ବରଣ କରିନଥିବେ।" ଦାରୁଣ ଦୁଃଖରେ ଭାଙ୍ଗି ପଡିଥିବା ମାଆ ଯାଇ ଦୁଆର ଦୁଆର ବୁଲି ଶେଷରେ ହତାଶରେ ଫେରିଆସିଲେ, ସର୍ତ୍ତଅନୁସାରେ ମୁଠାଏ ସୋରିଷ ପାଇଲେ ନାହିଁ। ଠିକ୍ ସେହିପରି ଏପରି ଜଣେ କେହି ନାହିଁ, ଯାହାର ଜୀବନ କିଛି ହେଲେ ଦୁଃଖ ନାହିଁ। ଆମକୁ ତାହା ଜଣାପଡ଼େ ନାହିଁ କାରଣ ଆମେ ନିଜକୁ ଛାଡ଼ି ଅନ୍ୟ ସମସ୍ତଙ୍କୁ ସୁଖୀ ବୋଲି ଭାବୁ। ମାତ୍ର ସେହି ମଣିଷ ନିଜେ ଯିଏ ଦୁଃଖର ଲହରୀକୁ ଭାଙ୍ଗି ଆଗକୁ ଯାଇଛନ୍ତି। ତାଙ୍କର ଚିନ୍ତାଶକ୍ତି ଭିନ୍ନ ଯାହାଙ୍କଠାରୁ ଉପଦେଶ ଓ ଦିଗଦର୍ଶନ ଅଭିନନ୍ଦନୀୟ। ତାଙ୍କୁ ଲୋକେ ଦୁଃଖୀ ବୋଲି କହିପାରନ୍ତି, ସେ ମଧ୍ୟ ନିଜକୁ ଦୁଃଖୀ ବୋଲି ମନେକରି ପାରନ୍ତି, ମାତ୍ର ସେମାନେ ଅନ୍ୟମାନଙ୍କ ମଧ୍ୟରେ ଅନନ୍ୟ, ସେମାନେ ହେଲେ ନିଦ୍ୟା ମଣିଷ। ସେମାନେ ଏକ ପ୍ରକାର ଚିନ୍ତାସିଦ୍ଧ ଓ ବାକ୍‌ସିଦ୍ଧ ବୋଲି କହିଲେ ଅତ୍ୟୁକ୍ତି ହେବନାହିଁ।

ବିବର୍ତ୍ତନ ଧାରାରେ ଚେତନାର ଅଗ୍ରଗତି ଘଟିଚାଲିଛି। କାଲିଯାହା ଅସମ୍ଭବ ଲାଗୁଥିଲା, ଆଜି ତାହା ସମ୍ଭବହୋଇଛି। ଆଜି ଯାହା ଅସମ୍ଭବ ଲାଗୁଛି, କାଲି ତାହା ସମ୍ଭବ ହେବ। ପରଦାର ଅନ୍ତରାଳରେ ଥିବା ବିଶ୍ୱଶକ୍ତି ତାହା କରିବ। ସେହିଶକ୍ତି ଆଗାମୀ ଦିନରେ ମଣିଷକୁ ଦିଗ୍‌ଦର୍ଶନ ଦେବ, ଏ ପୃଥିବୀକୁ ନୂଆ ବାଗରେ ସଜାଡ଼ି ଦେବ। ସେତେବେଳେ ଧନ, କ୍ଷମତା, ବୁଦ୍ଧି ଏବଂ ଜୀବନର ଅଭିଜ୍ଞତାର ସଦ୍‌ବ୍ୟବହାରହେବ। ଫଳରେ ଏ ପୃଥିବୀ ହେବ ସ୍ୱର୍ଗଠାରୁ ଅଧିକ ଶୋଭନସୁନ୍ଦର ଓ ଲଳିତ ଲାବଣ୍ୟଯୁକ୍ତ। ମନୁଷ୍ୟର ଜୀବନ ହେବ ଦିବ୍ୟ ଆନନ୍ଦର ଅମୃତ ଉଚ୍ଛୁଳା ସୁବର୍ଣ୍ଣ କଳସ , ସୁଷମାର ସୁରଞ୍ଜିତ ସୌମ୍ୟ ମଧୁମାସ। ସେହି ସମୟ ଶୀଘ୍ର ଆସୁ, ଏହା ଆମେ ଆଶା କରିବା ଏବଂ ଗୁଣ୍ଡୁଚି ମୂଷା ହେଲେ ମଧ୍ୟ ବିଶ୍ୱଶକ୍ତିର ସେତୁବନ୍ଧରେ ଟିକିଏ ବାଲିରେଣୁ ଝାଡ଼ିଦେବା। ସେହି ବାଲିରେଣୁର ସଂଯୋଗରେ ସେତୁ ବନ୍ଧ ପୂର୍ଣ୍ଣ ହେବ।

❐❐